ନନ୍ଦକିଶୋର ଗ୍ରନ୍ଥାବଳୀ

- ପ୍ରକାଶକ -

ଶ୍ରୀ ହେମନ୍ତ କିଶୋର ବଳ

ଶ୍ରୀ ବସନ୍ତ କିଶୋର ବଳ

Digitized by srujanika@gmail.com

ପ୍ରଥମ ସଂସ୍କରଣ : ୨୦୦୦

ସୁନିଆଁ ସନ ୧୩୭୩ (୨୮-୯-୧୯୬୬)

ମୁଦ୍ରାକର :

ଲକ୍ଷ୍ମୀନାରାୟଣ ପ୍ରେସ, କଟକ-୨

ପ୍ରଚ୍ଛଦପଟ ଓ ପ୍ରତିକୃତି ମୁଦ୍ରକ :

ମନମୋହନ ପ୍ରେସ, କଟକ ୨

ମୂଲ୍ୟ :

ବନ୍ଧାଇ ସହ ଟ ୯.୦୦

Digitized by srujanika@gmail.com

ନନ୍ଦକିଶୋର-ଗ୍ରନ୍ଥାବଳୀ

Digitized by srujanika@gmail.com

ସୂଚନା

ବହୁ ବାଧାବିଘ୍ନ ଅତିକ୍ରମ କରି ଆଜି "ନନ୍ଦକିଶୋରଗ୍ରନ୍ଥାବଳୀ" ପ୍ରକାଶିତ ହେଲା । ଏଥିରେ ପରମ କାରୁଣିକ ଭଗବାନଙ୍କର ମଙ୍ଗଳମୟ ହସ୍ତ ଯେ ନିହିତ ଅଛି, ତାହା ମୁଁ ମର୍ମେ ମର୍ମେ ଅନୁଭବ କରୁଛି । 'ଗ୍ରନ୍ଥାବଳୀ' ପ୍ରକାଶ କରିବାକୁ ଉତ୍କଳର ବହୁ ବରେଣ୍ୟ ସାହିତ୍ୟିକ ମୋତେ ସନିର୍ବନ୍ଧ ଅନୁରୋଧ କରିଛନ୍ତି । ଶ୍ରୀରାମଚନ୍ଦ୍ରଭବନରେ ଅନୁଷ୍ଠିତ କବିଙ୍କ ଚତୁର୍ବିଂଶତି ଶ୍ରାଦ୍ଧ ସଭାରେ ବହୁ ବକ୍ତା ଗ୍ରନ୍ଥାବଳୀ ପ୍ରକାଶ କରିବା ପାଇଁ ମତ ପ୍ରକାଶ କରିଥିଲେ ।

ପ୍ରକାଶିତ ପୁସ୍ତକ ଛଡ଼ା କବିଙ୍କର ଅଧିକାଂଶ ଲେଖା ବିଭିନ୍ନ ପତ୍ରପତ୍ରିକାମାନଙ୍କରୁ ସଂଗ୍ରହ କରାଯାଇଛି ଓ କବିଙ୍କ ପ୍ରକାଶିତ ପୁସ୍ତକ ମଧ୍ୟରୁ "କମଳ-କୋଇଲି" ଓ "କୃଷ୍ଣ-କୋଇଲି" ନାମକ କ୍ଷୁଦ୍ର ପୁସ୍ତିକା ଦୁଇଟି ଯଥାସାଧ୍ୟ ଚେଷ୍ଟା ସତ୍ତ୍ୱେ ନ ମିଳିବାରୁ ତାହା ଏହି ଗ୍ରନ୍ଥାବଳୀରେ ସନ୍ନିବେଶିତ ହୋଇପାରି ନାହିଁ । ଲେଖାଗୁଡ଼ିକ ସଂଗ୍ରହ କରିବାରେ ଓ କେତେକ ଆନୁସଙ୍ଗିକ ଅସୁବିଧା ହେତୁ ଗ୍ରନ୍ଥାବଳୀ ପ୍ରକାଶରେ ବିଳମ୍ବ ଘଟିଛି । ସେଥି ପାଇଁ ପାଠକମାନଙ୍କ ଠାରୁ କ୍ଷମା ଗୃହୁଛି ।

ଯେଉଁ ବନ୍ଧୁମାନଙ୍କ ଉତ୍ସାହ ଓ ପରାମର୍ଶ ଯୋଗୁଁ ଏ ଦୁରୂହ କାର୍ଯ୍ୟଟି ସମ୍ପନ୍ନ ହେବା ସମ୍ଭବପର ହେଲା, ସେମାନଙ୍କୁ ମୋର ହୃଦୟର କୃତଜ୍ଞତା ଜଣାଉଛି । ସମାଜର ସହକାରୀ ସମ୍ପାଦକ ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ, ପ୍ରଜାତନ୍ତ୍ର ପତ୍ରିକାର ଶ୍ରୀ ରମେଶଚନ୍ଦ୍ର ମହାନ୍ତି ଓ ଶ୍ରୀ ରାଜେନ୍ଦ୍ର ବର୍ମା, ଅଧ୍ୟାପକ ଶ୍ରୀ ନଟବର ସାମନ୍ତରାୟ, ଅଧ୍ୟାପକ ଶ୍ରୀ ବଂଶୀଧର ମହାନ୍ତି, ଅଧ୍ୟାପକ ଶ୍ରୀ ଶ୍ରୀଧର ଦାସ, ଅଧ୍ୟାପକ ଶ୍ରୀ ବନମାଳୀ ମିଶ୍ର ଓ କୋତପୁର ଗ୍ରାମ ନିବାସୀ ଶ୍ରୀ ବୀରକିଶୋର ପାଢ଼ୀ ଏବଂ ପ୍ରଚ୍ଛଦପଟ ଅଙ୍କନକାରୀ ଚିତ୍ରଶିଳ୍ପୀ ଶ୍ରୀ ବିଭୂତିଭୂଷଣ କାନୁନ୍‌ଗୋ ପ୍ରମୁଖଙ୍କ ଠାରେ ମୁଁ ବିଶେଷ ଭାବରେ ଋଣୀ ।

Digitized by srujanika@gmail.com

କଟକର ବରେଣ୍ୟ ସାହିତ୍ୟିକ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର ବହୁ ମୂଲ୍ୟ ସମୟ ଦେଇ ମୁଖବନ୍ଧଟି ଲେଖିଥିବା ଯୋଗୁଁ ମୁଁ ତାଙ୍କୁ କୃତଜ୍ଞତା ଜଣାଉଛି । କବିଙ୍କର ଚରଗୁଣାନୁଧ୍ୟାୟୀ ଶ୍ରୀ ସୂର୍ଯ୍ୟମଣି ଜେନା କବିଙ୍କର ଜୀବନୀ ଲେଖିଥିବାରୁ ଓ ଲବ୍‌ଧପ୍ରତିଷ୍ଠ ସାହିତ୍ୟିକ ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା କଷ୍ଟ ସ୍ୱୀକାର କରି ପ୍ରୁଫ୍ ସଂଶୋଧନ କରିଥିବା ଯୋଗୁଁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି ।

ତଗରପଡ଼ା

ଶୁନିଆଁ ସନ ୧୩୬୩

ଶ୍ରୀ କୃଷ୍ଣକିଶୋର ବଳ

ମୁଦ୍ରାକର—
ମହମ୍ମଦ ଅବଦୁଲ୍ ହାଦ
ଲକ୍ଷ୍ମୀନାରାୟଣ ପ୍ରେସ
କଟକ
୧୯୫୫

Digitized by srujanika@gmail.com

ସୂଚୀ

ବିଷୟ		ପୃଷ୍ଠା
୧ । ପଲ୍ଲୀଚିତ୍ର	(୧ମ ଭାଗ)	୧
୨ । ପଲ୍ଲୀଚିତ୍ର	(୨ୟ ଭାଗ)	୨୫
୩ । ପଲ୍ଲୀ ଚିତ୍ର	(୩ୟ ଭାଗ)	୬୩
୪ । ନିର୍ଝରିଣୀ	...	୯୭
୫ । ବସନ୍ତ କୋକିଳ		୧୫୧
୬ । ତରଙ୍ଗିଣୀ		୧୯୯
୭ । ଗୃହଚିତ୍ର	...	୨୫୭
୮ । ଜନ୍ମଭୂମି	(୧ମ ଭାଗ)	୩୦୩
୯ । ଜନ୍ମଭୂମି	(୨ୟ ଭାଗ)	୩୨୫
୧୦ । ଜନ୍ମଭୂମି	(୩ୟ ଭାଗ)	୩୬୭
୧୧ । ନିର୍ମାଲ୍ୟ	...	୪୦୫
୧୨ । ପ୍ରଭାତ ସଙ୍ଗୀତ		୪୪୩
୧୩ । ସନ୍ଧ୍ୟା ସଙ୍ଗୀତ		୫୪୧
୧୪ । ଅନ୍ୟାନ୍ୟ କବିତା	...	୬୦୯
୧୫ । ନାନାବାୟା ଗୀତ (୧ମ ଓ ୨ୟ ଭାଗ)		୬୩୫
୧୬ । ସୀତା ବନବାସ	...	୬୮୯
୧୭ । କୃଷ୍ଣକୁମାରୀ		୭୪୧
୧୮ । ଶର୍ମିଷ୍ଠା		୭୬୭
୧୯ । କନକଲତା		୮୪୭
୨୦ । ଲକ୍ଷ୍ମୀ	...	୯୩୯
୨୧ । କବି ରାଧାନାଥ ଓ ତାଙ୍କ କବିତା		୯୫୦
୨୨ । ରାୟ ମଧୁସୂଦନ ରାଓ ବାହାଦୁର		୯୭୬
୨୩ । ଉତ୍କଳ-କବି ଫକୀରମୋହନ		୯୯୬
୨୪ । 'ଛନ୍ଦମାଳା', ୧ମ ଭାଗ—ସମାଲୋଚନା		୧୦୦୫
୨୫ । 'ଛନ୍ଦମାଳା', ୨ୟ ଭାଗ—ସମାଲୋଚନା		୧୦୨୪

Digitized by srujanika@gmail.com

୨୬ । ଭାରତର ଭବିଷ୍ୟତ୍ ଭାଷା ୧୦୩୧
୨୭ । ସାମାଜିକ ଯତ୍‌କିଞ୍ଚିତ ୧୦୩୯
୨୮ । କର୍ମ ୧୦୫୮
୨୯ । ସଂଗ୍ରାମ ଓ ଜୀବନ ୧୦୭୬
୩୦ । ଉତ୍କଳ ସାହିତ୍ୟ ୧୦୮୬
୩୧ । ଚିଠିର ଉତ୍ତର ୧୦୯୮
୩୨ । ମହାରାଜ ଚନ୍ଦ୍ରଗୁପ୍ତ ୧୧୦୮
୩୩ । ଗୁରୁଙ୍କ ସ୍ମୃତି ୧୧୧୨
୩୪ । ପତ୍ରାବଳୀ ୧୧୨୧

ଚିତ୍ର ସୂଚୀ

୧ । ନନ୍ଦ କିଶୋର
୨ । ଗଞ୍ଜାମ ସମ୍ମିଳନୀ
୩ । କବି ଓ କବିପତ୍ନୀ
୪ । ଚିଲିକାର ପ୍ରତିକୃତି
୫ । ସମାଧି ମନ୍ଦିର (ପ୍ରତିଷ୍ଠା ଉପଲକ୍ଷେ ଗୃହୀତ ଚିତ୍ର)

Digitized by srujanika@gmail.com

କବିଙ୍କ ଲିଖିତ ରଚନାବଳୀର ନାମକରଣ



୯। Krusnakumari in English

[illegible]

[ନିଜ ହାତଲେଖାର ଏକ ଛବିର ଫଟୋ]

Digitized by srujanika@gmail.com

ମୁଖବନ୍ଧ

ଓଡ଼ିଆ ସାହିତ୍ୟରେ ବହୁକାଳରୁ ଯଥାର୍ଥ ଓଡ଼ିଆ ପ୍ରାୟଶଃ ଦେଖା ଦେଇ ନାହାନ୍ତି — ଏ କଥା ବିଶେଷତଃ ସର୍ଜନ ସାହିତ୍ୟରେ ସତ୍ୟ । ମୁଁ ପ୍ରସଙ୍ଗାନ୍ତରରେ କହିଥିଲି, ଗୌଡ଼ୀୟ ବୈଷ୍ଣବମାନେ ସ୍ପଷ୍ଟତଃ ପରାଧୀନ ଓଡ଼ିଶାରେ ଯେପରି ବଙ୍ଗଳାର ଧର୍ମଭାବ ସଙ୍ଗେ ବଙ୍ଗଳାର ଭାଷା, ଶୈଳୀ ଓ ବିନ୍ୟାସ-ଶୃଙ୍ଖଳା ଜାଣି ନ ଜାଣି ଭର୍ତ୍ତି କରୁଥିଲେ, ରାଧାନାଥ ସେହିପର ବଙ୍ଗଳାବାଟେ ରୋମାନ୍ କବି ଓଭିଡ୍‌ଙ୍କର କାମ-କାହାଣୀ ସବୁ ଓଡ଼ିଶାର ଜାତୀୟସାହିତ୍ୟ ବୋଲି ଓଡ଼ିଆରେ ଭର୍ତ୍ତି କରୁଥିଲେ । ଅନ୍ୟନ୍ତ ମଧୁସୂଦନ ମଧ୍ୟ ବଙ୍ଗଳାରୁ ବ୍ରାହ୍ମଧର୍ମର ତଥାକଥିତ ପବିତ୍ରଭାଷା ଓ ଭାବ ଆମଦାନି କରିବାରେ ଲାଗିଥିଲେ । ଏ କଥା ଅନେକେ ବୁଝନ୍ତି ନାହିଁ, ବୁଝିଲେ ବି ଖୋଲାକରି ପ୍ରକାଶ କରିବାରେ ହୁଏତ ସାହସ କରନ୍ତି ନାହିଁ । ଏହି ପରିସ୍ଥିତିରେ କବି ନନ୍ଦକିଶୋର ଛଟପଟ ହୋଇ ଓଡ଼ିଆର ପ୍ରାଣପ୍ରକାଶ କରିବାରେ ଲାଗିପଡ଼ିଥିବାର ସ୍ପଷ୍ଟ ସୂଚନା ତାଙ୍କ ଟିପାଖାତା (Diary) ରେ ଅଛି :—

"ମୋର ବ୍ରାହ୍ମଧର୍ମପ୍ରତି ଅବାଧ୍ୟ ଆସ୍ଥା ଓ ସହାନୁଭୂତି ଥିଲେହେଁ କେତେଗୁଡ଼ିଏ ବିଷୟରେ ମୋର ସନ୍ଦେହ ଉତ୍ପାଦନ ହୋଇଅଛି । ସେ କଥା ଶୁଣି ଅନେକ ବ୍ରାହ୍ମବନ୍ଧୁ ସୁନ୍ଦର ଯୁକ୍ତି ପ୍ରଦର୍ଶନ କରନ୍ତି, କେହି କେହି ବିଦ୍ରୂପ କରନ୍ତି, କିନ୍ତୁ ସର୍ତ୍ତ ସର୍ବଦା ସେ ବିଷୟରେ ମୋ ସହିତ ସହାନୁଭୂତି ପ୍ରଦର୍ଶନ କରୁଥିଲେ । ସେହି ସନ୍ଦେହ ମଧ୍ୟରୁ ଗୋଟିଏ ହେଉଛି ଭାଷା । ବ୍ରାହ୍ମସମାଜ ଓଡ଼ିଶାରେ ସ୍ଥାୟୀ ଓ ବିସ୍ତୃତ ହେଲେ ଓଡ଼ିଆ ଭାଷାର କି ଦଶା ହେବ ? ରାଧାନାଥ, ମଧୁସୂଦନ, ଫକୀରମୋହନ, ବିଶ୍ୱନାଥ ସମସ୍ତେ

Digitized by srujanika@gmail.com

ବ୍ରାହ୍ମଭାବାନୁପ୍ରାଣିତ ହୋଇ ସାହିତ୍ୟ ସୃଷ୍ଟି କରିଅଛନ୍ତି ସତ୍ୟ କିନ୍ତୁ ସେମାନଙ୍କ ବଙ୍ଗଜୀବନ ଓଡ଼ିଆ ଭାଷାନୁକୂଳ ବ୍ରାହ୍ମସମାଜର ବଙ୍ଗଳା-ଉପାସନା, ବଙ୍ଗଳା ପୁସ୍ତକ ପଠନ, ବଙ୍ଗାଳୀମାନଙ୍କ ସହିତ ବୈବାହିକ ମିଳନ, ସର୍ବଦା ବଙ୍ଗଳାରେ ଆଳାପ, ସମ୍ବାଦ ଲିଖନ, ପରିବାରରେ ଭାଇ, ଦେଈ ବା ଅପା, ନନା, ନାନୀ ପରିବର୍ତ୍ତେ ଦାଦା, ଦିଦି ସମ୍ବୋଧନ ବଙ୍ଗଳା ପ୍ରଭୃତି, ଏ ସବୁର ପରିଣାମ ଫଳ କି ଓଡ଼ିଆ ଭାଷାର ଅନୁକୂଳ ?" (ସ୍ୱର୍ଗଙ୍କ ସ୍ମୃତି—ନନ୍ଦକିଶୋର ଗ୍ରନ୍ଥାବଳୀ, ପୃଷ୍ଠା ୧୧୧୮-୧୯)

ଅନ୍ୟ ପ୍ରକାରରେ ଏହି ଚିନ୍ତା ଓ ଭାବର ସ୍ଫୁଟତଃପ୍ରକାଶ କରି ନନ୍ଦକିଶୋରଙ୍କଠାରୁ ବାହାରିଥିଲା, ବିଶୁଦ୍ଧ ପଲ୍ଲୀ-ପ୍ରୀତି । ରାଧାନାଥ ଚିଲିକାପରି ସାଧୁ ବର୍ଣ୍ଣନାତ୍ମକ କାବ୍ୟରେ ମଧ୍ୟ ଓଡ଼ିଶାର ପଲ୍ଲୀ, ପ୍ରାନ୍ତର, ହ୍ରଦ, ପର୍ବତ, ଉପତ୍ୟକା, ଅଧିତ୍ୟକା ଆଦିର ସୁନ୍ଦର ଚିତ୍ର ଦେଇଛନ୍ତି । ଏଇପରି ବର୍ଣ୍ଣନାର ବୈଶିଷ୍ଟ୍ୟ ରାଧାନାଥଙ୍କ ଲେଖାରେ ଅନ୍ୟତ୍ର ଅତି ରମଣୀୟ ଅଭିପ୍ରକାଶ କରିଥିବାର ଦେଖାଯାଏ । ମାତ୍ର ଯଥାର୍ଥ ପଲ୍ଲୀଚିତ୍ର ସେ ସବୁରେ ନାହିଁ । ମଧୁବାବୁ ତ ପୁରପଲ୍ଲୀରୁ ବାହାରେ । ତାଙ୍କ କଥା ସ୍ୱତନ୍ତ୍ର । ପଲ୍ଲୀଚିତ୍ର କଳ୍ପନା କରି ଯୌବନରେ ଥରେ ଦୁଏତ ସେ କହିଥିଲେ—

"ଗୁଡ଼ ବନ୍ଧୁ ନଗର ଚହଳ,
ଯିବା ଗୃହ ଯେଉଁ ସ୍ଥାନେ   ଗୋପାଳ କୃଷକମାନେ
ଆନନ୍ଦେ କାଟନ୍ତି ଦିନ, ସୁଖେନ୍ଦୁ ବିମଳ
ଯାହାଙ୍କର ଚିତ୍ତାକାଶେ ସର୍ବଦା ଉଜ୍ଜ୍ୱଳ ।"

ପୁଣି :—
"ନଦୀକୂଳେ ସରୋବର ତୀରେ
ସରଳା କୁମାରୀଚୟ   ତୋଳି ନୀଳ କୁବଳୟ
ପୂଜନ୍ତି ଦେବ ଶଙ୍କରେ ବାଲୁକା ମନ୍ଦିରେ
ଜଳାର୍ଦ୍ର କୁନ୍ତଳ ଧୀରେ କମ୍ପଇ ସମୀରେ ।"

ଏ ସବୁ ସଙ୍ଗେ ନନ୍ଦକିଶୋରଙ୍କର ଅନ୍ୟାନ୍ୟ କାବ୍ୟ ମଧ୍ୟରେ ପଲ୍ଲୀଚିତ୍ରର ଯେ କୌଣସି ସ୍ଥାନରୁ ତୁଳନା ପାଇଁ ଉଦ୍ଧାର କରାଯାଇପାରେ ।

ନନ୍ଦକିଶୋରଙ୍କ 'ନିର୍ଝରିଣୀ'—ବିଶେଷରେ ତାହାର 'କାକବାରତା' କବିତାଟି ଓଡ଼ିଶାରେ କାବ୍ୟକଳାର ଗୋଟିଏ ଅଦ୍ଭୁତ ସୃଷ୍ଟି । ଏହା ସବୁଠି ଥିଲା ଅଥଚ ତାହିଁ ନ ଥିଲା । ଆଜିକାଲି ଏହାର ଅନୁକୃତ—କୌତୁକ ପଦ

Digitized by srujanika@gmail.com

ଲେଖାମାନ ଶ୍ରେଷ୍ଠ । ଗୋଦାବରୀଶ ମହାପାତ୍ର ଯେପରି କୂଟ-ସଂକେତରେ ସମାଜ ସମାଲୋଚନାରେ ବ୍ୟବହାର କରନ୍ତି, ତାହା ଦେଖିଲେ 'ନିର୍ଝରିଣୀ' କବିଙ୍କ କାବ୍ୟ-କଳାର ଦିବ୍ୟଦୃଷ୍ଟି ପ୍ରାଣରେ ଉଲ୍ଲାସ ଅଣେ । ଏହି ଦିବ୍ୟଦୃଷ୍ଟି (vision) ଦେଖି କବିଙ୍କ ଯଥାର୍ଥ ଲୋକପ୍ରାଣତା କଳନା କରାଯାଏ । ଏ କ୍ଷେତ୍ରରେ ନନ୍ଦକିଶୋର ଓଡ଼ିଶାରେ ଏକାବେଳକେ ନମସ୍ୟ । ତାଙ୍କ 'ଜାନର ଚାନ୍ଦ' ଅମରକୀର୍ତ୍ତି ଅର୍ଜନ କରି ବସିଛି । ଏ କୀର୍ତ୍ତି ନିକଟରେ ଅତିକ୍ରାନ୍ତ ହେବାର ନୁହେଁ । ଏହା ସାଙ୍ଗକୁ ନନ୍ଦକିଶୋରଙ୍କ ପ୍ରାଣର ଅନ୍ତ ଗୋଟିଏ ନୂତନ ସ୍ଫୁର୍ତ୍ତି ହୋଇଛି ତାଙ୍କର 'ନାନାବାୟା ଗୀତ' । ମା କୋଳରେ ପିଲାକୁ ଶୁଆଇବାର ଓ ଶାନ୍ତ କରିବାର ଗୀତ ପୃଥିବୀରେ ସର୍ବତ୍ର ଅଛି । ପ୍ରଜନନରେ ସଙ୍ଗୀତର ପ୍ରଥମ ପ୍ରତିଷ୍ଠା । ଅତି ସଦ୍ୟମନୁଷ୍ୟଜୀବନର ପ୍ରାରମ୍ଭ ମଧ୍ୟ ସଙ୍ଗୀତରେ ଗଢ଼ା ହୁଏ । ଇଂରାଜୀରେ ତାକୁ କୁ 'Nursery songs'—ଓଡ଼ିଶାରେ ତାହାର ଗୋଟିଏ ସେପରି ସୁତନାମ ଜଣା ଥିବାର ମନେ ହେଉନାହିଁ । ନନ୍ଦକିଶୋର ତା ନାମ ଦେଲେ 'ନାନାବାୟା ଗୀତ' । ଖାଲି ପୂରପଲ୍ଲୀ କାହିଁକି ଓଡ଼ିଶାର ଜନ ଜ ମଧ୍ୟ ଏହି ଗୀତରେ ପୂର୍ଣ୍ଣ । ଏ ସଙ୍ଗୀତ ମାନବ ପ୍ରାଣ ଗଠନର ଉପାଦାନ । ଏହା ସର୍ବତ୍ର ଅଛି । କାନ୍ଦୁ ଖୋଜିଲେ ସହଜରେ ମିଳେ । ଏହା ଅତି ପୁରାଣ ପରମ୍ପରାରେ ପ୍ରତିଷ୍ଠିତ ହେଲେ ମଧ୍ୟ ପଦ ଏଦାର୍ଥ ଜନାରେ ଏହାର ତାତ୍ପର୍ଯ୍ୟ ସଙ୍ଗତ ନାହିଁ । ଏହା ସ୍ୱଭାବସୁନ୍ଦର । ଇନ୍ଦ୍ରଧନୁ ବର୍ଣ୍ଣ-ବିଭବ ତଥା ଦୂର ବନାନ୍ତର ଅନାଶକ୍ତ ଧୂମ୍ର ନୀଳିମା ପ୍ରକୃତି କାବ୍ୟକଳାର ସ୍ୱାଭାବିକ ଉପାଦାନ ସଙ୍ଗେ ଏହାର କଥଞ୍ଚିତ୍ ତୁଳନା କରାଯାଇପାରେ । ପଲ୍ଲୀପ୍ରାଣକୁ ଏହାକୁ ଗୁଣି ତାହାର କର ଫିଟାଇ ଦେଖା ଦେଲେ—ନନ୍ଦକିଶୋର । ଦେଖ 'କାକବାବଉ' ରେ:—

"ଜୁଅଁ ପରବତ ଧୁଅଁ ଧୁଅଁକା
ଜହ୍ନିରେ ବସିଛି ଛନା ମଞ୍ଜିକା ।
ଚେନା ଛନା ପକ୍ଷୀ ଅଠର ପକ୍ଷୀ
ଖାଉଛି ଉଡ଼ାଇ ବଜେଣ୍ଡି ଗଣ୍ଡି ।
ବଜେଣ୍ଡି ଗଣ୍ଡିରେ ପାହୁଲା ଘଣ୍ଟି,
ଗୈବ ନେଉଛନ୍ତି କଜଳପାତି ।

Digitized by srujanika@gmail.com

ଷାଠିଏ ଝଙ୍କାର ବଳଦ ମଲ,
ଏବା ଡାଳୀଗାଈ ମଥାନ ବନ୍ଧ ।'

ସେହିପରି 'ନାନାବାୟା ଗୀତ'ରୁ 'ଗୁଡ଼ିଅମୂଷା'—
"ଗୁଡ଼ିଅ ମୂଷାରେ ଗୁଡ଼ିଏର ମୂଷି
ଧାନ ଅମାରକୁ ଖାଉଥା ପଶି ।
କରୁଥା ଯାହା ତୋ ମନର ଖୁସି
ଘର ଗୁଣ୍ଡ ମୁହିଁ ଯାଉଛୁ ଚୁଷି ।
ଟିକି ଟିକି ଧାନ ଶଏ ଭରଣ,
ସାତଟା ଅମାର କଲୁଣି ଶୂନ୍ୟ ।
ଗଣେଶ ବାହନ ଅଟୁରେ ମୂଷା,
ତୋତେ ମାରିବାକୁ ନାହିଁ ଭରସା ।
ମାଠ ନ ଆସିବ ମାରିଲେ ତୋତେ
ଅବଧାନ ବେତ ମାରିବେ ମୋତେ ।
ଟୁକି ମୂଷା ରେ ଟୁକେଇ ମୂଷି
ଖାଇବୁ ଯେତେକ ଖାଉରେ ଖୁସି ।"

ଏହିପରି ଗୀତମାନ ଉଦାହରଣ ଦେଇ ଦେଖେଇଦେବା ଖେଳ ସହଜ, ଭାଷାରେ ଉଦ୍‌ଘାଟନ କରି ଏହାର ପ୍ରାଣ ପ୍ରକାଶ କରିବା ସେତେ ସହଜ ନୁହେଁ । ଶୁଣିଲେ ଲୋକେ ମନେକରିବେ, ଏ ତ ଥିଲା, ଏଥିରେ ଅଧିକା କ'ଣ ଅଛି ? ଏହିପରି କିଛି-ଥିଲା ଜିନିଷରେ ଯାହା ଅଧିକ ଥାଏ, ତାହାହିଁ ହେଉଛି ସେ ଜିନିଷର ପ୍ରାଣ । ଜୀବନ୍ତ ବସ୍ତୁରେ ପ୍ରାଣ ଥାଏ, ଜଡ଼ ବସ୍ତୁ ନ ଥାଏ । ବସ୍ତୁରେ ସେଇ ଟିକକ ଅଧିକା । ଏ କବିତାସବୁରେ ସେହି ଅଧିକା ଜିନିଷଟି ଅଧିଗମ୍ୟ, କିନ୍ତୁ ସ୍ପଷ୍ଟ ବର୍ଣ୍ଣନୀୟ ନୁହେଁ ।

ଆଉ ଗୋଟିଏ ନୂଆ କଥା କହି ଏ ଲେଖାଟି ସାରିଦେବି । ନନ୍ଦକିଶୋର ଯେତେବେଳେ ସରକାରୀ ଚାକିରି ପାଇଥିଲେ ସେତେବେଳେ ଖାଣ୍ଟି ଓଡ଼ିଆ-ଘର-ଘରର ସରକାରୀ ଚାକିରିଆ ବି ବେଶୀ ନ ଥିଲେ । ସରକାରୀ ଚାକିରି ପାଇବା ଗୋଟିଏ ଗୌରବାବହ ବିଷୟ ଥିଲା । ପୁଣି ଓଡ଼ିଆଏ ଚାକିରି ପାଇଲେ କି ନାଇଁ, ତାହା ଦେଖିବା ପାଇଁ ଅମ ଶିକ୍ଷିତ ବଶିଷ୍ଠ ଲୋକେ ଗୃହୀ ବସିଥିଲେ । ସେବୁ ଭିତରେ ପୁରୋହିତସମନ୍ୱିତ

Digitized by srujanika@gmail.com

ଗୁଣଗ୍ରାହିତା ମଧ୍ୟ ତାଙ୍କର ଉପରେ ଥିଲା ମୁଁ ନିଜ ଅନୁଭବରୁ ଜାଣେ । ପୁରୀ ଜିଲ୍ଲାରେ ଡେପୁଟି ଇନ୍‌ସ୍‌ପେକ୍‌ଟର ଥିଲାବେଳେ ମୁଁ ମୋ ନିଜ ରଚିତ 'ପ୍ରଣୟିନୀ' ଓ 'କୋଣାର୍କେ' ଦୁଇ ଖଣ୍ଡ କାବ୍ୟ ତାଙ୍କୁ ଦେଇଥିଲି । ସେ ତାକୁ ପଢ଼ିସାରି ଅସି ମୋତେ କୁଣ୍ଢାଇ ପକାଇ ଯାହା କହିଥିଲେ ସେଥିରୁ କିୟଦଂଶ ଦେଉଛି, "ନୀଳକଣ୍ଠ, କି ଅମୃତ ନିସ୍ୟନ୍ଦରେ ଭାବଧାରା ସଜ୍ଜିତ ଶବ୍ଦ ଗଳି ପଡୁଛି ? ପଢ଼ିଲେ ଛାଡ଼ି ହେଉନାହିଁ ।"

ମୋରି ପରି ବ୍ୟକ୍ତିଗତ ଭାବରେ ତଥା ସାହିତ୍ୟିକ ଭାବରେ ଜାଣିଥିବା ଅନେକ ଲୋକ ଏବେ ବି ଜୀବିତ ଅଛନ୍ତି । ତେଣୁ ତାଙ୍କ ଜୀବ ଓ ସାହିତ୍ୟର ଯଥାର୍ଥ ଆଲୋଚନାପାଇଁ ପ୍ରାଣବନ୍ତ ଯୁବକ ହିଁ ଏଠି ଦରକାର । ସେ ନିଜ କାବ୍ୟ-ସାହିତ୍ୟ କଳନାରେ ଯେଉଁ ସୂକ୍ଷ୍ମଦୃଷ୍ଟିରେ ଆତ୍ମଦାନ କରିଥିଲେ, ଆଜି ପ୍ରବର୍ଦ୍ଧମାନ ଓଡ଼ିଆ ସାହିତ୍ୟରେ ତାହାର ପ୍ରଭାବ ଓ ପ୍ରେରଣା ସେହି ପ୍ରାଣବନ୍ତ ଯୁବକମାନେ କଳନା କରି ଦେଖାନ୍ତୁ । ଶରୀର ସମ୍ବନ୍ଧରୁ ଅତୀତ ହେଲେ ବ୍ୟକ୍ତିର ନିର୍ମଳ ପ୍ରତିଭା ଓ ଆତ୍ମାର ଅନାବିଳ ପ୍ରକାଶ ଦେଖାପଡ଼େ । ସେହି ଭାବରେ ମୁଁ କହୁଛି, କବି ନନ୍ଦକିଶୋରଙ୍କ ପ୍ରଭାବ ଆଜି ହର୍ଜନ ସାହିତ୍ୟର ପୃଷ୍ଠପଟ୍ଟରୂପେ ଖୁବ୍ ଉପାଦାନ ଯୋଗାଉଛି । ତାହା ମୁଁ ଆଉ ବିଶେଷ କହି ବୁଝାଇବି ନାହିଁ । ଯୁବକମାନେ ଏଥିରେ ଯେପରି ଅଜ୍ଞାତଭାବରେ ଉଦ୍‌ବୁଦ୍ଧ ହେଉଛନ୍ତି, ତାହା ସେମାନେ ଗଭୀର ଦୃଷ୍ଟିରେ ଦେଖିଲେ ବୁଝିପାରିବେ ଓ ତାହା ଦେଖାଇବାକୁ ସମର୍ଥ ହେବେ ।

ନିଜବାଗିଚାଲି, ଭୁବନେଶ୍ୱର
ତା ୧୨ । ୫ । ୧୯୫୫

ନୀଳକଣ୍ଠ ଦାସ

Digitized by srujanika@gmail.com

ଜୀବନୀ

ଊନବିଂଶ ଶତାବ୍ଦୀ ଉତ୍କଳ ପକ୍ଷରେ ବଡ଼ ସଙ୍କଟ କାଳ ଥିଲା । କାରଣ, ଏହି ଶତାବ୍ଦୀରେ ହିଁ ଉତ୍କଳ ବାସ୍ତବରେ ପରାଧୀନତା ଦୁଃଖ ବିଶେଷଭାବରେ ଭୋଗ କରିଥିଲା । ମୋଗଲ୍ ଓ ମରହଟ୍ଟାମାନେ ଏହି ଦେଶର ଲୋକ ଥିଲେ । ସେମାନଙ୍କ ଶାସନରେ ଦେଶର ସାମରିକ ଶକ୍ତି ଏକପ୍ରକାର ଲୋପ ପାଇଥିଲେହେଁ ତାହା କଳା ଓ ସାହିତ୍ୟ ଉପରେ ସେପରି ଆଘାତ ଦେଇପାରି ନ ଥିଲା । ଏହି ଯୁଗରେ ପୁରୀ ମନ୍ଦିରର ଭୋଗମଣ୍ଡପ ନିର୍ମାଣ ସଙ୍ଗେ ସଙ୍ଗେ ଉତ୍କଳ ଦେଶର କେତେଗୁଡ଼ିଏ ଶ୍ରେଷ୍ଠ କାବ୍ୟଗ୍ରନ୍ଥ ରଚିତ ହୋଇଥିଲା । ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ ଉତ୍କଳ ଇଂରେଜ ରାଜଶକ୍ତିର ଅଧୀନ ହେଲା । ସେତେବେଳକୁ ବ୍ୟବସାୟସୂତ୍ରରେ ଇଂରେଜମାନେ ଏ ଦେଶରେ ଏକପ୍ରକାର ପରିଚିତ ହୋଇସାରିଥିଲେ । ବ୍ୟବସାୟୀସୁଲଭ ନମନୀୟତା ପରିବର୍ତ୍ତେ ରାଜଶକ୍ତିସଞ୍ଜାତ କଠୋରତା ସେମାନଙ୍କଠାରେ ଉପଲବ୍ଧି କରି ଦେଶବାସୀ କ୍ଷୁବ୍ଧ ହେଲେ ଏବଂ ସେମାନଙ୍କୁ ବହିଷ୍କାର କରିବାକୁ ଉଦ୍ୟମ କଲେ । ମାତ୍ର ତାହା ବିଫଳ ହେଲା । ଇତିହାସରେ ଏହା ପାଇକବିଦ୍ରୋହ ନାମରେ ବର୍ଣ୍ଣିତ ।

ତତ୍କାଳୀନ ସୂର୍ଯ୍ୟାସ୍ତ ନିଲାମ ଆଇନ ଅନୁଯାୟୀ ଅଧିକାଂଶ ଭୂମ୍ୟଧିକାରୀ ସେମାନଙ୍କର ପୈତୃକ ସମ୍ପଦ ହରାଇବାରୁ ଦେଶର ଅଭିଜାତ ସମ୍ପ୍ରଦାୟ ପ୍ରାୟ ଉଚ୍ଛନ୍ନ ହୋଇଗଲେ । କଳା ଓ ସାହିତ୍ୟ ଏହାଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହେଲା । ଏହା ଦ୍ୱିତୀୟ ପାଦର କଥା । ଶତାବ୍ଦୀର ତୃତୀୟ ପାଦରେ ଦିବ୍ୟସିଂହ ଦେବଙ୍କ ନବମ ଅଙ୍କରେ କରାଳ "ନଅଙ୍କ" ଦୁର୍ଭିକ୍ଷ ପଡ଼ିଲା । ତାହା ଉତ୍କଳର ମେରୁଦଣ୍ଡକୁ ଭାଙ୍ଗିଦେଲା । ଫକୀରମୋହନଙ୍କ ଲିଖିତ ବିବରଣୀ ଅନୁଯାୟୀ ଏ ଦୁର୍ଭିକ୍ଷରେ ପ୍ରାୟ ୩୦ ଲକ୍ଷ ଲୋକ କାଳଗ୍ରାସରେ ପତିତ ହୋଇଥିଲେ । ମାତ୍ର ଉତ୍କଳର ସୌଭାଗ୍ୟକୁ ଏହି ଯୁଗରେ କେତେକ ପ୍ରାତଃସ୍ମରଣୀୟ ମନୀଷୀ ଜନ୍ମଲାଭ କରି ଏହି ଜାତିକୁ ବଞ୍ଚାଇ ରଖିପାରିଥିଲେ ।

Digitized by srujanika@gmail.com

ନଅଙ୍କ ଦୁର୍ଭିକ୍ଷରେ ଉତ୍କଳ ଆର୍ଥିକ, ନୈତିକ ଓ ଜନଶକ୍ତି ଦୃଷ୍ଟିରେ ଅତି ଶୋଚନୀୟ ଅବସ୍ଥାର ସମ୍ମୁଖୀନ ହୋଇଥିବାବେଳେ ଶାସକଗୋଷ୍ଠୀ ଶାସନ ସୁବିଧାର ଛଳନାରେ ଏହାର ସାହିତ୍ୟ ଉପରେ ଏପରି ଅଘାତ ଦେବାକୁ ଚେଷ୍ଟା କଲେ ଯେ ଓଡ଼ିଆ ଜାତିର ସତ୍ତା ଲୁପ୍ତପ୍ରାୟ ହେବାକୁ ବସିଲା । "ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ" ଏହି ଯୁକ୍ତିରେ ଓଡ଼ିଶାର ସ୍କୁଲ କଚେରିମାନଙ୍କରୁ ତାହା ଉଠାଇ ଦେବାର ପ୍ରସ୍ତାବ କରାଗଲା । ସେତେବେଳେ ଜନନେତା ମଧୁସୂଦନ ଯୁବକ ଓ କଲିକତା ପ୍ରବାସୀ ଏବଂ ଦେଶରେ ସମ୍ପୂର୍ଣ୍ଣ ଅଜ୍ଞାତ । ଯୁବକ ଫକୀରମୋହନଙ୍କ ନେତୃତ୍ୱରେ ଗୌରୀଶଙ୍କର, ନନ୍ଦକିଶୋର ଦାସ, ବିଚ୍ଛନ୍ଦ ପଟ୍ଟନାୟକ ପ୍ରଭୃତି ଏହା ବିରୁଦ୍ଧରେ ତୀବ୍ର ଆନ୍ଦୋଳନ କଲେ । ମାତ୍ର ବିଦ୍ୟାଳୟମାନଙ୍କରେ ପଢ଼ାଇବାର ଗଦ୍ୟସାହିତ୍ୟ କାହିଁ ? ବିଚ୍ଛନ୍ଦ ପଟ୍ଟନାୟକ କେତେକ ବଙ୍ଗଳା ପାଠ୍ୟପୁସ୍ତକ ଓଡ଼ିଆରେ ଅନୁବାଦ କଲେ । ପଣ୍ଡିତ ପ୍ରଭାକର ଚୂଡ଼ାମଣି କେତେଖଣ୍ଡି ଶିଶୁପାଠ୍ୟ ଗଦ୍ୟପୁସ୍ତକ ମୌଳିକ ରଚନାରୂପେ ପ୍ରକାଶ କଲେ । ମାତ୍ର ଫକୀରମୋହନ ହିଁ ଓଡ଼ିଆ ଗଦ୍ୟସାହିତ୍ୟର ଜନକ ରୂପେ ଅଭିହିତ ହେଲେ । ସେ ଉଚ୍ଚଶିକ୍ଷାର ସେପରି ସୁବିଧା ପାଇ ନ ଥିଲେହେଁ ଅଧ୍ୟବସାୟ ଓ ପ୍ରତିଭା ବଳରେ ଭାରତ ଇତିହାସ ପ୍ରଭୃତି ଗଦ୍ୟପୁସ୍ତକ ରଚନା କଲେ । ଏହା ୧୮୭୦ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା । ପରେ ତାଙ୍କର ପଦାଙ୍କ ଅନୁସରଣ କରି ପ୍ୟାରୀମୋହନ ଉତ୍କଳ ଇତିହାସ ରଚନା କରିଥିଲେ । ରାଧାନାଥଙ୍କ ପ୍ରାଥମିକ ଗଦ୍ୟ ରଚନା 'ଇଟାଲୀୟ ଯୁବା' ଓ 'ବିବେକୀ' ପ୍ରଭୃତି ଟିକିଏ ମାର୍ଜିତ ଭାଷାରେ, ମାତ୍ର ତାହା ଫକୀରମୋହନଙ୍କ ଶୈଳୀ ଅନୁସରଣ କରି ଲେଖାଯାଇଥିଲା । ମଧୁସୂଦନ ରାଓଙ୍କ "ପ୍ରବନ୍ଧମାଳା" ପ୍ରଭୃତି ଉଚ୍ଚକୋଟୀର ଗଦ୍ୟ ପାଠ୍ୟପୁସ୍ତକମାନଙ୍କ ଉପରେ ବଙ୍ଗଦେଶର କାଳୀପ୍ରସନ୍ନ ଘୋଷ, ବିଦ୍ୟାସାଗରଙ୍କ ରଚିତ 'ନିଶୀଥ ଚିନ୍ତା', 'ନିଭୃତ ଚିନ୍ତା', 'ପ୍ରଭାତ ଚିନ୍ତା' ପ୍ରଭୃତି ଗଦ୍ୟ ପୁସ୍ତକମାନଙ୍କର ପ୍ରଭାବ ଅଧିକ ମାତ୍ରାରେ ପଡ଼ିଥିବାର ଜଣାଯାଏ । ତାଙ୍କର ପଦ୍ୟାବଳୀରେ ଉତ୍କଳର ପ୍ରାଚୀନ କବିମାନଙ୍କ ଅପେକ୍ଷା ବଙ୍ଗଦେଶର ମାଇକେଲ୍ ମଧୁସୂଦନ ଓ ରବୀନ୍ଦ୍ରନାଥ ପ୍ରମୁଖଙ୍କ ପ୍ରଭାବ ବିଶେଷଭାବରେ ପଡ଼ିଛି । ପ୍ରାଚୀନ ଓଡ଼ିଆ ଓ ବୈଦେଶିକ କବିମାନଙ୍କର କାବ୍ୟଗ୍ରନ୍ଥାବଳୀ ଆଦର୍ଶରୂପେ ସମ୍ମୁଖରେ ସ୍ଥାପନ କରି ଅଧୁନାତନ ସୁରୁଚିସଙ୍ଗତ ଭାବରେ ଉତ୍କୃଷ୍ଟ କାବ୍ୟଗ୍ରନ୍ଥମାନ ରଚନା

Digitized by srujanika@gmail.com

ଥିଲେ । ମାତ୍ର ଉତ୍କଳର ଜନ-ସାହିତ୍ୟ ରଚନା ଦିଗରେ ଏମାନେ ବିଶେଷ ମନୋଯୋଗ ଦେଇନାହାନ୍ତି । ତଥାପି ଶିକ୍ଷା, ସାହିତ୍ୟ ଓ ରାଜନୀତିର ପୁନରୁତ୍‌ଥାନ ଦୃଷ୍ଟିରେ ଏହାକୁ ଉତ୍କଳର Rennaissance ବା ଅଭ୍ୟୁଦୟ ଯୁଗ କୁହାଯିବ ।

ଏହି ଅଭ୍ୟୁଦୟ ଯୁଗରେ ହିଁ ଉତ୍କଳର ଆଧୁନିକ ଜନ-କବିତାର ସ୍ରଷ୍ଟା କବି ନନ୍ଦକିଶୋରଙ୍କ ଜନ୍ମ । ଏ ଦିଗରେ ଉତ୍କଳମଣି ଗୋପବନ୍ଧୁଙ୍କର ଦାନ ମଧ୍ୟ ଅନନ୍ୟସାଧାରଣ । ଏହି ଦୁଇ ବରେଣ୍ୟ ଜନ-ସାହିତ୍ୟ-ସ୍ରଷ୍ଟାଙ୍କର ଆବିର୍ଭାବ ଓ ତିରୋଭାବ ପ୍ରାୟ ଏକା ସମୟରେ ଘଟିଛି ।

ଇତିହାସପ୍ରସିଦ୍ଧ ଚୌଦ୍ୱାର ଏବଂ ଲଳିତଗିରି ଓ ଉଦୟଗିରି ପର୍ବତମାଳାର ପ୍ରତିଚ୍ଛବି ବକ୍ଷରେ ଧାରଣ କରି ପୁଣ୍ୟତୋୟା ବିରୂପା ନଦୀ ଉତ୍କଳରେ ପ୍ରସିଦ୍ଧିଲାଭ କରିଅଛି । ଏହି ବିରୂପା ନଦୀର ପୂର୍ବ ଉପକୂଳରେ ସମୃଦ୍ଧିଶାଳୀ କୁସୁପୁର ଗ୍ରାମ ଅବସ୍ଥିତ । ଏହା କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ । କୁସୁପୁର ନିକଟରେ ବିରୂପା ନଦୀ ପଶ୍ଚିମରୁ ଉତ୍ତରକୁ ବହି-ଯାଇଅଛି । ଏହାର ଅନତିଦୂରରେ ନଦୀର ଉତ୍ତରକୂଳରେ ଅଳତିଗିରି ଓ ଉଦୟଗିରି ପର୍ବତମାଳା ନିସର୍ଗର ମନୋହର ପ୍ରାଚୀରବତ୍ ଦଣ୍ଡାୟମାନ ରହିଛନ୍ତି । ପୂର୍ବଦିଗରେ କିଞ୍ଚିତ୍‌ଦୂରରେ ନଦୀର ଅପରପାର୍ଶ୍ୱରେ ଚନ୍ଦନ ତରୁରାଜିଶୋଭିତ ଲଳିତଗିରି ପର୍ବତମାଳା । ଗ୍ରାମର ଦକ୍ଷିଣଦିଗରେ ମହାମୁଣ୍ଡାଇ କେନାଲ୍ ଏବଂ ଶସ୍ୟଶ୍ୟାମଳ କ୍ଷେତ୍ର ବ୍ୟତୀତ ଦୁଇ ତିନି ମାଇଲ ବ୍ୟବଧାନରେ କୌଣସି ଜନବସତି ନାହିଁ । ପଲ୍ଲୀଟିର ଏହିପ୍ରକାର ଅବସ୍ଥାନ ଏବଂ ପାରିପାର୍ଶ୍ୱିକ ମନୋମୁଗ୍ଧକର ଦୃଶ୍ୟାବଳୀ କବିତ୍ୱ ଉନ୍ମେଷର ଅନୁକୂଳ । ଯେଉଁମାନେ ବଙ୍ଗର ଅମରକବି ବଙ୍କିମଚନ୍ଦ୍ରଙ୍କର ରଚିତ 'ସୀତାରାମ' ଉପନ୍ୟାସ ପାଠ କରିଛନ୍ତି ସେମାନେ ଉକ୍ତ ଗ୍ରନ୍ଥର ପ୍ରଥମ ଖଣ୍ଡ ଏକାଦଶ ପରିଚ୍ଛେଦରେ ଏ ଅଞ୍ଚଳର ନିସର୍ଗସୁନ୍ଦର ଦୃଶ୍ୟରାଜି କବିହୃଦୟକୁ କିପରି ମୁଗ୍‌ଧ କରିଥିଲା ତାହା ପ୍ରଣିଧାନ କରିପାରିବେ । ଏହିପ୍ରକାର ପରିବେଷ୍ଟନୀ ମଧ୍ୟରେ ଥିବା କୁସୁପୁର ଗ୍ରାମରେ ୧୮୭୫ ମସିହା ଡିସେମ୍ବର ୨୨ ତାରିଖ ୧୨୮୩ ସାଲ୍ ପୌଷ ୯ ଦିନ ବୁଧବାର କୃଷ୍ଣପକ୍ଷ ଏକାଦଶୀ ତିଥିରେ ପଲ୍ଲୀକବି ନନ୍ଦକିଶୋର ଜନ୍ମଗ୍ରହଣ କରିଥିଲେ ।

Digitized by srujanika@gmail.com

ପୂର୍ବେ ଏହି କୁସୁପୁର ଗ୍ରାମର ନାମ କୁସୁମପୁର ଥିଲା । ତାଙ୍କ ପିତା ଭଜନାନନ୍ଦ ଜେନା ନିଷ୍ଠାପର ଓ ସଚ୍ଚରିତ୍ର ବ୍ୟକ୍ତି ଥିଲେ । ଜନନୀ ସ୍ୱର୍ଣ୍ଣମୟୀ ଦେବୀ କୋମଳହୃଦୟା ଓ ଧର୍ମପ୍ରାଣା ଥିଲେ । ନନ୍ଦକିଶୋର ପିତାଙ୍କର ଚତୁର୍ଥ ପୁତ୍ର । ଶୈଶବକାଳରେ ତାଙ୍କର ପିଉସୀ ଜାନକୀ ଦେବୀ ନନ୍ଦକିଶୋରଙ୍କୁ ପୋଷ୍ୟପୁତ୍ରରୂପେ ଗ୍ରହଣ କରିଥିଲେ । ଜାନକୀ ଦେବୀ ଅଲମଚଣ୍ଡୀଗଡ଼ର ବିଖ୍ୟାତ ବଳବଂଶୀୟ ଜମିଦାରଙ୍କ ଘରେ ବିବାହ କରିଥିଲେ । ଏହି ସ୍ଥାନ କୁସୁପୁରଠାରୁ ପ୍ରାୟ ୫ ମାଇଲ ଦୂରବର୍ତ୍ତୀ । ନନ୍ଦକିଶୋରଙ୍କ ଅନ୍ୟ ଭାଇମାନଙ୍କ ନାମ ଦୟାନିଧି, ନରହରି ଓ ନିତ୍ୟାନନ୍ଦ । ଏମାନଙ୍କର ଚରିତ୍ର କବି ସ୍ୱୀୟ 'କନକଲତା' ଉପନ୍ୟାସରେ ଉଲ୍ଲେଖ କରିଥିବାର ଜଣାଯାଏ । ନନ୍ଦକିଶୋର ପିଲାଦିନେ ରସାନନ୍ଦ ନାମରେ ପରିଚିତ ଥିଲେ । ତାଙ୍କ ଜନ୍ମର ଅଳ୍ପକାଳ ପରେ ମାତା ସ୍ୱର୍ଣ୍ଣମୟୀଙ୍କର ମୃତ୍ୟୁ ହୋଇଥିଲା । ତେଣୁ ନନ୍ଦକିଶୋର ଶୈଶବ ଅବସ୍ଥାରୁ ପୋଷ୍ୟମାତା ଓ ପିଉସୀ ଜାନକୀ ଦେବୀଙ୍କ ଗୃହରେ ଲାଳିତପାଳିତ ହୋଇଥିଲେ । ପୋଷ୍ୟପୁତ୍ର ହେବାପରେ ରସାନନ୍ଦ କୌଳିକ 'ଜେନା' ଉପାଧି ତ୍ୟାଗକରି ନନ୍ଦକିଶୋର ବଳ ନାମରେ ପରିଚିତ ହୋଇଥିଲେ । ନୈସର୍ଗିକ ଆକର୍ଷଣ ଅତିକ୍ରମ କରି ନ ପାରି ନନ୍ଦକିଶୋର ସ୍ୱୀୟ ଜ୍ୟେଷ୍ଠଭ୍ରାତାମାନଙ୍କ ସହ କୁସୁପୁର ଗ୍ରାମରେ ପ୍ରାୟ ଅବସ୍ଥାନ କରୁଥିଲେ । ଜାନକୀ ଦେବୀଙ୍କ ମୃତ୍ୟୁପରେ ନନ୍ଦକିଶୋର ନିଜର ପ୍ରିୟ କୁସୁପୁର ଗ୍ରାମରେ ସ୍ଥାୟୀଭାବରେ ବସବାସ କଲେ ।

ନନ୍ଦକିଶୋରଙ୍କ ପରିବାର ଗ୍ରାମର ଏକ ବିଶିଷ୍ଟ ଅଭିଜାତ ବଂଶ । ତାଙ୍କର ପୂର୍ବପୁରୁଷ ଖୋର୍ଦ୍ଧାର ଶାସକଗୋଷ୍ଠୀଙ୍କ ସମ୍ପର୍କିତ ବ୍ୟକ୍ତି ଥିଲେ । ପ୍ରାୟ ସାର୍ଦ୍ଧ ତିନି ଶତ ବର୍ଷ ପୂର୍ବେ କବିଙ୍କ ବଂଶର ଆଦିପୁରୁଷ ଯାଦବାନନ୍ଦ ଓ ମାଧବାନନ୍ଦ ସମ୍ରାଟ୍ ପ୍ରତାପରୁଦ୍ର ଦେବଙ୍କ ସେନା ବିଭାଗରେ କାର୍ଯ୍ୟ କରୁଥିଲେ । ପ୍ରତାପରୁଦ୍ରଙ୍କ ଆଦେଶରେ ରାଜଧାନୀ ହଠାତ୍ ଖୋର୍ଦ୍ଧାର ରଥିପୁର ଦୁର୍ଗରୁ କଟକର ବାରବାଟି ଦୁର୍ଗକୁ ସ୍ଥାନାନ୍ତରିତ ହେବାରୁ ସେନାଦଳସହ ଏହି ଭ୍ରାତୃଯୁଗଳ ମଧ୍ୟ କଟକ ଆସିଲେ । ପ୍ରତାପରୁଦ୍ରଙ୍କ ପରେ ଦେଢ଼ଶ ବର୍ଷ ଅତୀତ ନ ହେଉଣୁ ଉତ୍କଳର ରାଜନୈତିକ ଅବସ୍ଥାର ବିପର୍ଯ୍ୟୟ ଘଟିଲା । ସେହି ସମୟରେ ଯାଦବାନନ୍ଦ ଓ ମାଧବାନନ୍ଦ କୁସୁମପୁର ଗ୍ରାମରେ ବାସ କରିବାକୁ ଲାଗିଲେ । କାଳକ୍ରମେ ସେମାନଙ୍କ ବଂଶଧରଗଣ କୁସୁପୁର

Digitized by srujanika@gmail.com

ଓ ତନ୍ନିକଟବର୍ତ୍ତୀ ଗ୍ରାମମାନଙ୍କର ଭୂମ୍ୟଧିକାରୀସ୍ୱତ୍ୱ ଲାଭ କଲେ । ଏହି ମାଧବାନନ୍ଦଙ୍କ ଦଶମ ପୁରୁଷରେ ଅନନ୍ତଚରଣ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଭଜନାନନ୍ଦ ଓ ଗୋପୀନାଥ ନାମରେ ଦୁଇ ପୁତ୍ର ଓ ଜାନକୀ ନାମ୍ନୀ କନ୍ୟା ଥିଲେ । ଏହି ଜାନକୀ କବି ନନ୍ଦକିଶୋରଙ୍କ ଜନନୀ । ଜନ-କଣ୍ଠତାର ସ୍ରଷ୍ଟା ନନ୍ଦକିଶୋରଙ୍କ ବ୍ୟତୀତ ଆଉ କେତେକ ଖ୍ୟାତ ବ୍ୟକ୍ତି ମଧ୍ୟ କୁସୁପୁର ଗ୍ରାମରେ ଜନ୍ମଗ୍ରହଣ କରିଛନ୍ତି । ଓଡ଼ିଶାର ପ୍ରଥମ ଡେପୁଟି କଲେକ୍ଟର ସ୍ୱର୍ଗତ ନରସିଂହଚରଣ ଦାସ ଓ ତାଙ୍କ ପୁଅ ସ୍ୱର୍ଗତ ରାୟବାହାଦୁର ନନ୍ଦକିଶୋର ଦାସ ଏହି ଗ୍ରାମରେ ଜନ୍ମଲାଭ କରିଥିଲେ । ଉତ୍କଳର ଶିଳ୍ପୀଗୁରୁ ସ୍ୱର୍ଗତ ବିମ୍ବାଧର ବର୍ମା ଏବଂ କବି ଓ ଔପନ୍ୟାସିକ ଜ୍ଞାନୀନ୍ଦ୍ର ବର୍ମା ଏହି ଗ୍ରାମର ସନ୍ତାନ । ଏମାନେ ସମ୍ପର୍କରେ ନନ୍ଦକିଶୋରଙ୍କ ପୌତ୍ର ଅଟନ୍ତି । ଶିଳ୍ପୀ ବିମ୍ବାଧର ତରୁଣ ବୟସରେ ଗ୍ରାମରେ ଅବସ୍ଥାନ କରୁଥିଲାବେଳେ ନନ୍ଦକିଶୋର ଅବସର ଗ୍ରହଣ ପରେ ସ୍ୱ ପଲ୍ଲୀର ପଲ୍ଲବମୟ ଅଙ୍କର ଆଶ୍ରୟ ଗ୍ରହଣ କରିଥିଲେ । ସେତେବେଳେ ଉଭୟଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ସ୍ଥାପିତ ହୋଇଥିଲା । ବିମ୍ବାଧର ସେତେବେଳେ ନାଟ୍ୟକାର । କବି ଓ ଶିଳ୍ପୀ ଉଭୟେ ମିଶି "ମୋଗଲ-ମହାନାୟକ" ନାମକ ଏକ ନାଟକ ରଚନା କରିଥିଲେ । ନନ୍ଦକିଶୋର ଏହି ନାଟକର ବିଷୟବସ୍ତୁ ଯୋଗାଇ-ଥିଲେ । ଏହାର ପଷ୍ଠଭୂମିରେ ଆଲମଗିର ଗଡ଼ର ଏକ ଇତିହାସ ନିବଦ୍ଧ ଥିଲା । କିନ୍ତୁ ପରବର୍ତ୍ତୀକାଳରେ ଏ ଲେଖାର ଆଉ କୌଣସି ସନ୍ଧାନ ମିଳି ନାହିଁ ।

ନନ୍ଦକିଶୋରଙ୍କ ବାଲ୍ୟକାଳରେ ଆଜିକାଲି ପରି ପଲ୍ଲୀଗ୍ରାମ-ମାନଙ୍କରେ ବିଦ୍ୟାଳୟ କିମ୍ବା ପାଠଶାଳା ନ ଥିଲା । କୌଣସି କୌଣସି ଗ୍ରାମରେ ଥିବା ଚୌପାଢ଼ୀରେ କ୍ଷେତ୍ରବଂଶୀୟ ଶିକ୍ଷକ ଜଣେ ଜଣେ ବଡ଼ ଗ୍ରାମର ମୁଖ୍ୟବ୍ୟକ୍ତିଙ୍କ ପିଲାମାନଙ୍କୁ ସେ କାଳ ରୀତିରେ ଧୁପାକଞ୍ଚତାବ ଏବଂ ଗୀତ ଭାଗବତ ଶିକ୍ଷା ଦେଉଥିଲେ । କିନ୍ତୁ ଏହି ସମୟରେ କୁସୁପୁର ଗ୍ରାମର ଚୌପାଢ଼ୀଟି ଭାଙ୍ଗିଯାଇଥିବାରୁ ଜଣେ ସ୍ଥାନୀୟ ଶିକ୍ଷକଙ୍କ ନିକଟରେ ନନ୍ଦକିଶୋର ବାଲ୍ୟପାଠ ଶେଷ କରିଥିଲେ । ଏହି ଶିକ୍ଷକଙ୍କ ନାମ ଅନନ୍ତ ମିଶ୍ର । ସେ ଅଷ୍ଟାବକ୍ରସଦୃଶ ଏବଂ ଖଞ୍ଜ ଥିଲେ । ସେ ନିଜର ଗୃହପ୍ରାଙ୍ଗଣରେ ମାଟିର ଗୋଟିଏ କ୍ଷୁଦ୍ର ବେଦୀ ଉପରେ ଅଖାପାଲି ଖଣ୍ଡିଏ ବିଛାଇ

Digitized by srujanika@gmail.com

ଛଣ୍ଡି ଉପରେ ବସି ଛାତ୍ରମାନଙ୍କୁ ଶିକ୍ଷାଦାନ କରୁଥିଲେ । ଚଳତ୍‌ଶକ୍ତିହୀନ ଥିବାରୁ ୪।୫ ହାତ ଦୀର୍ଘ ଗୋଟିଏ ବେତ ଧରି ସେ ଛାତ୍ରମାନଙ୍କୁ ଶାସନ କରୁଥିଲେ । ଏହି ଗୃହ-ପାଠଶାଳାରେ ସତରଫଳାଠାରୁ ଆରମ୍ଭ କରି ପଣକିଆ, ଶୋଧ, ଉଡ଼ାଙ୍କ, ମେଲଙ୍କ ପ୍ରଭୃତି ଗଣିତପାଠ ତାଳ ସ୍ୱରରେ ସଙ୍ଗୀତ ଭଙ୍ଗୀରେ ଆବୃତ୍ତି କରୁଁ କରୁଁ ଛାତ୍ରମାନେ ଲେଖନରେ ବ୍ୟାପୃତ ହେଉଥିଲେ । କୌଣସି ଛାତ୍ରର ସ୍ୱର ଅନୁଚ୍ଚ ହେଲେ କିମ୍ବା କେହି ଆବୃତ୍ତି ବା ଲେଖନ ପାଠ ଭଲ ନ କଲେ ଶିକ୍ଷକଙ୍କ ଦୀର୍ଘ ବେତ ଛାତ୍ରର ପୃଷ୍ଠଦେଶ ସଶବ୍ଦରେ ସ୍ପର୍ଶ କରୁଥିଲା । ଏହି ଗଞ୍ଜ ଶିକ୍ଷକଙ୍କର ଗୁରୁ ବା ଲଘୁ ଶଙ୍କା ଉପସ୍ଥିତ ହେଲେ ବୟସ୍କ ଚାଟମାନେ ଗୋଟିଏ ଗୁରୁତରବିଶିଷ୍ଟ ଛୋଟ ଗାଡ଼ିରେ ତାଙ୍କୁ ବସାଇ ଶଙ୍କା ସ୍ଥାନକୁ ନେବାଆଣିବା କରୁଥିଲେ । **Cane is the last resource** ରୂପେ ସେତେବେଳେ ପ୍ରାୟ ସବୁଦେଶରେ ଅନ୍ୟ କୌଣସି କାର୍ଯ୍ୟପାଇଁ ଅଯୋଗ୍ୟ ଶିକ୍ଷିତ ବ୍ୟକ୍ତିଙ୍କୁ ଜୀବିକାର୍ଜନ ପାଇଁ ଶିକ୍ଷକତା ଅବଲମ୍ବନ କରିବାକୁ ହେଉଥିଲା । ଏବଂବିଧ ପାଠଶାଳାରେ କବି ତାଙ୍କର ବାଲ୍ୟଶିକ୍ଷା ସାଙ୍ଗକରି ସ୍ଥାନୀୟ ଜମିଦାରୀ କଚେରିରେ ସିରସ୍ତାକାର୍ଯ୍ୟରେ ତାଲିମ ହେଲେ । ସେତେବେଳେ ତାଙ୍କର ବୟସ ୧୨ ବର୍ଷ ମାତ୍ର । ବାଲ୍ୟକାଳର ଏହି ପାଠଶାଳାର ଅନୁଭୂତି କବି ନିଜର "ପଲ୍ଲୀଚିତ୍ର" କବିତାରେ କେତେକାଂଶରେ ପରିବେଷଣ କରିଥିବାର ଦେଖାଯାଏ ।

କବିଙ୍କ ଶୈଶବକାଳରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାର ବିପୁଳ ପରିବର୍ତ୍ତନ ଘଟିଥିଲା । ସେ କାଳରେ ଶିକ୍ଷା ବିଭାଗ ଗୋଟିଏ ସ୍ୱତନ୍ତ୍ର ବିଭାଗ ହୋଇ ନ ଥିଲା । ଜିଲ୍ଲା କଲେକ୍ଟରଙ୍କ ଜଣେ ଅଧସ୍ତନ ଡେପୁଟୀ ମାଜିଷ୍ଟ୍ରେଟ୍‌ଙ୍କ ଉପରେ ଶିକ୍ଷା ସମସ୍ୟା ନ୍ୟସ୍ତ ଥିଲା । ମହାମତି ଲର୍ଡ ରିପନ୍‌ଙ୍କ ଦ୍ୱାରା ଜିଲ୍ଲା ବୋର୍ଡ, ମ୍ୟୁନିସିପାଲିଟୀ ପ୍ରଭୃତି ସ୍ୱାୟତ୍ତ ଶାସନ ବିଭାଗମାନ ଗଠିତ ହୁଅନ୍ତେ କଟକ ଜିଲ୍ଲା ପାଇଁ ସ୍ୱର୍ଗତ ମଧୁସୂଦନ ରାଓ ଶିକ୍ଷାବିଭାଗର ପ୍ରଥମ ଡେପୁଟୀ ଇନ୍‌ସପେକ୍ଟର ନିଯୁକ୍ତ ହେଲେ । କବିବର ରାଧାନାଥ ରାୟ ସେ ସମୟରେ ଓଡ଼ିଶା ଶିକ୍ଷା ବିଭାଗର ଜଏଣ୍ଟ ଇନ୍‌ସ୍‌ପେକ୍ଟର ଥିଲେ । ରାଧାନାଥ ଓ ମଧୁସୂଦନ ଶିକ୍ଷା ପ୍ରସାର ଉଦ୍ଦେଶ୍ୟରେ ଏ ଅଞ୍ଚଳକୁ ଆସିଥିଲେ । କବିଙ୍କର ଅନ୍ୟତମ ବାଲ୍ୟଗୁରୁ କୃଷ୍ଣଚନ୍ଦ୍ର ପଣ୍ଡା ତାଙ୍କୁ ନିକଟବର୍ତ୍ତୀ ଲଳିତଗିରି ଓ ଉଦୟଗିରି ତଥା ପ୍ରାଚୀନ ପୁଷ୍ପଗିରି ବିହାରର କଳାଶିଳ୍ପ

Digitized by srujanika@gmail.com

ସେତେବେଳେ ଓଡ଼ିଶା ଶିକ୍ଷା ବିଭାଗର ଆସିଷ୍ଟାଣ୍ଟ ଇନ୍‌ସ୍‌ପେକ୍ଟର ଥିବାବେଳେ ଗୋପବନ୍ଧୁ ବିହାର ଓଡ଼ିଶା କାଉନ୍‌ସିଲର ଜଣେ ନବୀନ ଉତ୍ସାହିତ ଓ ବଳିଷ୍ଠ ସଭ୍ୟ ଥିଲେ । ଶିକ୍ଷା ବିଷୟକ ପରାମର୍ଶ ଗ୍ରହଣ ଓ ଆଲୋଚନା ସମ୍ପର୍କରେ ସେ ଅନେକ ସମୟରେ ନନ୍ଦକିଶୋରଙ୍କ ଉଷବରପଡ଼ା ବାସଭବନକୁ ଆସୁଥିଲେ ।

ସେତେବେଳେ ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥାଏ । ଶିକ୍ଷା ବିଭାଗର ତତ୍କାଳୀନ ଇନ୍‌ସ୍‌ପେକ୍ଟର ଡବ୍ଲ୍ୟୁ. ଏ. ଉଜଡ୍ ଯୁଦ୍ଧରେ ଯୋଗ ଦେବାକୁ ଚାଲିଯିବାରୁ ନନ୍ଦକିଶୋର ଅସ୍ଥାୟୀରୂପେ ତାଙ୍କ ସ୍ଥାନରେ ନିଯୁକ୍ତ ହେଲେ । ଓଡ଼ିଶାର ସକଳ ଶ୍ରେଣୀର ବିଦ୍ୟାଳୟ ପରିଦର୍ଶନ ଭାର ତାଙ୍କ ଉପରେ ନ୍ୟସ୍ତ ଥିଲା । ସେ ସମୟରେ ଡବ୍ଲ୍ୟୁ. ଡବ୍ଲ୍ୟୁ. ହେଣ୍ଡରସନ୍ ରେଭେନ୍‌ସା କଲେଜିଏଟ୍ ସ୍କୁଲର ହେଡ୍‌ମାଷ୍ଟର ଥିଲେ । ସେ ଜଣେ ୟୁରୋପୀୟ ଏବଂ ଗ୍ଲାସ୍‌ଗୋ ବିଦ୍ୟାଳୟରୁ ଏମ୍. ଏ. ଡିଗ୍ରୀ ଲାଭ କରିଥିଲେ । ନନ୍ଦକିଶୋର ଇନ୍‌ସ୍‌ପେକ୍ଟର ପଦରେ ନିଯୁକ୍ତ ହେବାଦ୍ୱାରା ତାଙ୍କଠାରୁ ଉଚ୍ଚ ପଦରେ ଅବସ୍ଥାପିତ ହେଲେ । ତେଣୁ ସେ ନନ୍ଦକିଶୋରଙ୍କ ଇନ୍‌ସ୍‌ପେକ୍ଟର ପଦରେ ନିଯୁକ୍ତି ବିରୁଦ୍ଧରେ ବିହାର ଓଡ଼ିଶା ସରକାରଙ୍କଠାରେ ଆପତ୍ତି କଲେ । ଫଳରେ ନନ୍ଦକିଶୋରଙ୍କୁ ତାଙ୍କ ପୂର୍ବ କାର୍ଯ୍ୟକୁ ଫେରିଯିବାକୁ ପଡ଼ିଲା ।

ତତ୍ପରେ ଆସିଷ୍ଟାଣ୍ଟ ଇନ୍‌ସ୍‌ପେକ୍ଟର ପଦ ଉଠିଯିବାରୁ ନନ୍ଦକିଶୋର ୧୯୨୦ ମସିହାରେ ପୁରୀ ଜିଲ୍ଲା ସ୍କୁଲସମୂହର ଇନ୍‌ସ୍‌ପେକ୍ଟର ପଦରେ ପୁରୀରେ ଅବସ୍ଥାପିତ ହେଲେ । ପୁରୀରେ ଅବସ୍ଥାନକାଳରେ ସେ ପୁଣି ଉତ୍କଳମଣି ଗୋପବନ୍ଧୁଙ୍କ ନିକଟ ସମ୍ପର୍କରେ ଆସିଥିଲେ । କବି ନନ୍ଦକିଶୋର ଗୋପବନ୍ଧୁଙ୍କର ତତ୍କାଳୀନ ରଚନାଗୁଡ଼ିକ ଅତି ଆଗ୍ରହ-ସହକାରେ ପାଠ କରୁଥିଲେ । ନନ୍ଦକିଶୋର ଆଜୀବନ ଜଣେ ସ୍ୱାଧୀନ-ଚେତା ସ୍ୱଜଧର୍ମଗ୍ରସ୍ତ ଥିଲେ ଏବଂ ସେଥିଯୋଗୁ ନିଷ୍ଠାପର ଦେଶକର୍ମୀ ଗୋପବନ୍ଧୁ ଓ ତାଙ୍କ ମଧ୍ୟରେ ପ୍ରଗାଢ଼ ବନ୍ଧୁତା ଜାତ ହୋଇଥିଲା । ସେତେବେଳେ ଗୋପବନ୍ଧୁ ସତ୍ୟବାଦୀ ବନବିଦ୍ୟାଳୟ ସ୍ଥାପନ କରି ଶିକ୍ଷାଦାନ ସମ୍ବନ୍ଧରେ ଏକ ବିରାଟ ପରୀକ୍ଷା ଚଳାଉଥାନ୍ତି । ସ୍କୁଲମାନଙ୍କରୁ

Digitized by srujanika@gmail.com

କେବଳ ସରକାରୀ ଚାକିରିଆ ନ ବାହାରି ଜାତିର ଉପଯୁକ୍ତ ଦେଶସେବକ ବାହାରିବେ, ଏହା ତାଙ୍କ ଲକ୍ଷ୍ୟ ଥିଲା । ତେଣୁ ଶିକ୍ଷାର ବିଷୟ, ପ୍ରକୃତ ଓ ପ୍ରଣାଳୀ ପ୍ରଭୃତି ବିଷୟରେ ଏବଂ ଓଡ଼ିଶାର ସୀମା ସମସ୍ୟା ତଥା ଦେଶ-ମିଶ୍ରଣ ଯୋଜନା ଉଭୟଙ୍କ ଭିତରେ ଅନେକ ସମୟରେ ଆଲୋଚନା ହେଉଥିଲା । ଏ ପ୍ରସଙ୍ଗରେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ନନ୍ଦକିଶୋର ପୂର୍ବ ଜୀବନରେ ଉତ୍କଳ ସମ୍ମିଳନୀର ଜଣେ ବିଶିଷ୍ଟ ଉତ୍ସାହୀ ସଭ୍ୟ ଥିଲେ । ୧୯୦୩ ମସିହା ଅପ୍ରେଲ ମାସରେ ଖଲିକୋଟର ପୁଣ୍ୟଶ୍ଳୋକ ରାଜା ସ୍ୱର୍ଗୀୟ ହରିହର ମର୍ଦ୍ଦରାଜଦେବ ଏବଂ ପ୍ରସିଦ୍ଧ ସମ୍ପାଦକ ୰ ନୀଳମଣି ବିଦ୍ୟାରତ୍ନଙ୍କ ଯତ୍ନରେ ଯେତେବେଳେ ସର୍ବପ୍ରଥମେ ଗଞ୍ଜାମ ସମ୍ମିଳନୀ ଅନୁଷ୍ଠିତ ହେଲା (ଯାହା ଉତ୍କଳ ସମ୍ମିଳନୀର ଜନ୍ମଦାତ୍ରୀ) ସେଠାକୁ ଅନ୍ୟାନ୍ୟମାନଙ୍କ ମଧ୍ୟରେ ନନ୍ଦକିଶୋର, ଶଶିଭୂଷଣ ରାୟ ଏବଂ ଗୋପବନ୍ଧୁ ଦାସ (ଗ୍ନଙ) ଯୋଗ ଦେଇଥିଲେ ।* ନନ୍ଦକିଶୋର ବ୍ରହ୍ମପୁର-ଠାରେ ଅନୁରୁଦ୍ଧ ହୋଇ ସମ୍ମିଳନୀ ସକାଶେ ଗୋଟିଏ ଗୀତ ରଚନା କଲେ ଏବଂ ତାହା କଟକର ସଙ୍ଗୀତବିଶାରଦ ୰ଶ୍ୟାମସୁନ୍ଦରଙ୍କଦ୍ୱାରା ହାରମୋନିୟମ ସଂଯୋଗରେ ଗାନ ହୋଇଥିଲା । ତାହାର ପ୍ରଥମ ପଙ୍କ୍ତି "ଉଠ ଗୋ ଦୁଃଖିନୀ ଉତ୍କଳ ଜନନୀ ପାହୁଛି ବିଷାଦ ଯାମିନୀ ତବ ।" ସେତେବେଳକୁ କଟକ ଟାଉନ୍ ସ୍କୁଲଟି କଟକ ଟାଉନ ଭିକ୍ଟୋରିଆ ହାଇସ୍କୁଲରେ ପରିଣତ ହୋଇଗଲାଣି ଏବଂ ସେ ତହିଁର ଦ୍ୱିତୀୟ ଶିକ୍ଷକ । ଏହି ସଂପର୍କରେ ଉତ୍କଳ ଗୌରବ ମଧୁସୂଦନଙ୍କ ସହିତ ଘନିଷ୍ଠ ଭାବରେ ପରିଚିତ ହୋଇ ଆଜୀବନ ତାଙ୍କର ସ୍ନେହ ଓ ସହାନୁଭୂତି ଲାଭ କରିଥିଲେ । ସେହି ସମୟରେ ନନ୍ଦକିଶୋର ଜାତୀୟ ଭାବରେ ଉଦ୍‌ବୁଦ୍ଧ ହୋଇ ଅନେକ-ଗୁଡ଼ିଏ ଜାତୀୟ ସଙ୍ଗୀତ ରଚନା କରିଥିଲେ । ସେଗୁଡ଼ିକ ତାଙ୍କର "ଜନ୍ମଭୂମି" ୨ୟ ଭାଗରେ ସନ୍ନିବେଶିତ କରାଯାଇଛି । ଜନ୍ମଭୂମି ପ୍ରଥମ ଭାଗରେ ସପ୍ତମ ଏଡ୍‌ୱାର୍ଡଙ୍କୁ ଦୁଃଖିନୀ ଉତ୍କଳମାତାର ଗୁହାରି ଶିରୋନାମାରେ ଲିଖିତ ଲେଖାଗୁଡ଼ିକ ଉତ୍କଳର ଜାତୀୟ ସମ୍ପଦରୂପେ ଚିରଦିନ ସ୍ୱର୍ଣ୍ଣାକ୍ଷରରେ ବିରଚିତ ହୋଇ ରହିଥିବ । ଗାନ୍ଧିଜୀ ତାଙ୍କର ବିଶ୍ୱବିଶ୍ରୁତ ସତ୍ୟାଗ୍ରହ ମଧ୍ୟରେ ଲବଣ ଆଇନ ଭଙ୍ଗକୁ ପ୍ରଥମ ସ୍ଥାନ ଦେଇଥିଲେ ।

---

* ଉତ୍କଳ ସମ୍ମିଳନୀ ଗ୍ରୁପ୍ ଫଟୋ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

୧୯୦୩ ରେ ଅନୁଷ୍ଠିତ ଐତିହାସିକ ଗଞ୍ଜାମ ସମ୍ମିଳନୀ
(୧) ମଧୁସୂଦନ ଦାସ (୨) ଫକୀରମୋହନ ସେନାପତି ତାଙ୍କପାଖରେ ଶ୍ରୀ ଗୌରଶଙ୍କର ରାୟ, ସଦାଶିବ ବିଦ୍ୟାଭୂଷଣ
କବି ନନ୍ଦକିଶୋର (୩) ପଣ୍ଡିତ ଗୋପୀନାଥ ନନ୍ଦ (୪ ଚିହ୍ନିତ) ପଣ୍ଡିତ ଗୋପବନ୍ଧୁ ଦାସ (କଲେଜଛାତ୍ର)

କବି ତାହାର ୩୦ ବର୍ଷ ପୂର୍ବରୁ ଉକ୍ତ ଲେଖାରେ ଅତି ମର୍ମସ୍ପର୍ଶୀ ଭାଷାରେ ଲବଣ ଅଭାବଦ୍ୱାରା ଦୁଃଖିନୀ ଉତ୍କଳ ସନ୍ତାନର ଦୁରବସ୍ଥା ଓ ତାହାର ପ୍ରତିକାର ବିଷୟରେ ଅତି ସ୍ପଷ୍ଟଭାବରେ ସୂଚନା ଦେଇଥିଲେ । ଜଣେ ସରକାରୀ ଚାକିରିଆ ଭାବରେ ଏପରି ଲେଖା ଅତୁଳନୀୟ । ଅଙ୍କ ଯୋଜନା କମିଶନଙ୍କର ଯୋଜନାରେ ମରୁଡ଼ି ଓ ବଢ଼ିର ପ୍ରତିକାର ବିଷୟରେ ଯେଉଁ ସ୍ଥାନ ଅଛି ତାହା କବି ଅତି ଦୂରଦୃଷ୍ଟିସହକାରେ ଏହି ଲେଖାରେ ସେସବୁ ଉଲ୍ଲେଖ କରିଯାଇଛନ୍ତି । ତାଙ୍କର ଦୂରଦୃଷ୍ଟିର ଜ୍ୱଳନ୍ତ ଦୃଷ୍ଟାନ୍ତ ଭାରତର ଭବିଷ୍ୟତ ଭାଷା ଶୀର୍ଷକ ଲେଖାରେ ମଧ୍ୟ ଦେଇଛନ୍ତି । ଏହା ୧୯୦୦ ମସିହାରେ ଲିଖିତ ।

ଗଣକବି ବୈଷ୍ଣବ ପାଣିଙ୍କ ସହିତ କବି ଘନିଷ୍ଠ ସମ୍ପର୍କରେ ଆସିଥିଲେ । ତାଙ୍କର ମାର୍ଜିତ ଗୀତିନାଟ୍ୟକୁ କବି ଖୁବ୍ ଉଚ୍ଚସ୍ଥାନ ଦେଉଥିଲେ । ଥରେ କବିଙ୍କ ଚକ୍ରପାଡ଼ାରେ ପାଣିଙ୍କର "ନଳ-ଦମୟନ୍ତୀ" ଗୀତିନାଟ୍ୟ ଅଭିନୟ ହେଉଥାଏ, ଗାଁ ଓ ଆଖପାଖର ଅନେକ ଶିକ୍ଷିତ ଲୋକଙ୍କ ସହ ନନ୍ଦକିଶୋର ଯାତ୍ରା ଦେଖୁଥାନ୍ତି । ଦମୟନ୍ତୀ ଭୂମିକାରେ ଅଭିନୟ କରୁଥିବା ବାଳକଟି—ନଳ ଅର୍ଦ୍ଧବସ୍ତ୍ର ଛିନ୍ନ କରି ଚାଲିଯାଇଥିବା ଅବସ୍ଥାକୁ ଲକ୍ଷ୍ୟକରି ଗୋଟିଏ କରୁଣ ସଙ୍ଗୀତ ଗାନ କରୁଥିଲା, ଉକ୍ତ କରୁଣ ସଙ୍ଗୀତଟି ଶୁଣି ଜଣେ ବନ୍ଧୁ ମନ୍ତବ୍ୟ ପ୍ରକାଶ କଲେ—ଏହା ଆମ ଯୁଗକବି ରାଧାନାଥ ଓ ମଧୁସୂଦନଙ୍କ ଲେଖାର ସମକକ୍ଷ । ନନ୍ଦକିଶୋର ହଠାତ୍ ପ୍ରକାଶ କଲେ ରାଧାନାଥ ମଧୁସୂଦନଙ୍କ କଥା କଣ କହୁଛ ଏହା ବ୍ୟାସ ବାଲ୍ମୀକିଙ୍କ ରଚନାର ଯୋଗ୍ୟ । ଅବଶ୍ୟ ଏହାର ମୌଳିକ ଭାବ ବ୍ୟାସ ବାଲ୍ମୀକିଙ୍କ ରଚନାରୁ ଗୃହୀତ ତଥାପି ପ୍ରକାଶ ଭଙ୍ଗୀ କବିଙ୍କର ନିଜସ୍ୱ ।

ନନ୍ଦକିଶୋର ଯେତେବେଳେ ବିହାର-ଓଡ଼ିଶା ସରକାରଙ୍କର Confidential reporter of Oriya publications, ଥିଲେ ସେତେବେଳେ ପାଣିଙ୍କ ଗୀତିନାଟ୍ୟ ତାଙ୍କ ସମୀକ୍ଷଣ ପାଇଁ ଆସିଥିଲା । ପାଣି ଓଡ଼ିଆ ଯାତ୍ରାର ଅମୂଲ ସଂସ୍କାର ଆଣିଥିବାରୁ ତାଙ୍କୁ 'ରାୟ ସାହେବ' ପଦବୀ ଦେବାକୁ ସରକାରଙ୍କୁ ସୁପାରିଶ୍ କରିଥିଲେ, କିନ୍ତୁ ତତ୍‌କାଳୀନ

Digitized by srujanika@gmail.com

ପୁଲିସ ସାହେବ ରିପୋର୍ଟରେ (ପାଣି ରାଜଦ୍ରୋହୀ ଅର୍ଥାତ୍ ସେ ବ୍ରିଟିଶ୍ ସରକାର ବିରୁଦ୍ଧରେ ସଙ୍ଗୀତ ଲେଖିଥିବା ଯୋଗୁଁ) ବିରୋଧ କରିବାରୁ ସରକାର ନନ୍ଦକିଶୋରଙ୍କ ପ୍ରସ୍ତାବ ଗ୍ରହଣ କରି ନ ଥିଲେ ।

ନନ୍ଦକିଶୋର ପୁରୀ ଜିଲ୍ଲା ସ୍କୁଲସମୂହର ଇନ୍‌ସ୍‌ପେକ୍ଟର ଥିବା ସମୟରେ ତତ୍‌କାଳୀନ ବିହାର-ଓଡ଼ିଶା ଗଭର୍ଣ୍ଣର ସତ୍ୟେନ୍ଦ୍ରପ୍ରସନ୍ନ ସିଂହ (ଲର୍ଡ ସିହ୍ନା) ୧୯୨୨ ମସିହା ଅପ୍ରେଲ ମାସରେ ଓଡ଼ିଶା ଗସ୍ତରେ ଆସି ପୁରୀରେ ରହିଥିଲେ । ସେତେବେଳେ ସେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରୁ ଦୈନିକ ଚାରି ପାଞ୍ଚ ଜଣଙ୍କ ସହ ସାକ୍ଷାତ୍ କରୁଥାନ୍ତି ଏବଂ ସେଥିପାଇଁ ମୋଟେ ଦଶ ମିନିଟ ସମୟ ଧାର୍ଯ୍ୟ ଥାଏ । ଦିନେ କେତେ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରୁ ତତ୍‌କାଳୀନ ଜଗନ୍ନାଥ ମନ୍ଦିର ମ୍ୟାନେଜର ଅବସର-ପ୍ରାପ୍ତ ଡେପୁଟି ମାଜିଷ୍ଟ୍ରେଟ୍ ବାଳମୁକୁନ୍ଦ କାନୁନ୍‌ଗୋ ଓ ନନ୍ଦକିଶୋରଙ୍କୁ ଲର୍ଡ ସିହ୍ନା ସାକ୍ଷାତ ପାଇଁ ଡାକିଥିଲେ । ନନ୍ଦକିଶୋରଙ୍କୁ ପ୍ରଥମେ ଡାକରା ହେଲା । ତାଙ୍କ ସହ ଓଡ଼ିଶାରେ ନୂତନ ଶିକ୍ଷା ପ୍ରବର୍ତ୍ତିନଦ୍ୱାରା ସାଧାରଣଙ୍କର ସେଥିପ୍ରତି ମମତା ଓ ପ୍ରଚାର ଇତ୍ୟାଦି ବିଷୟରେ ଆଲୋଚନା ହେଉ ହେଉ ଦଶ ମିନିଟ୍ ସ୍ଥାନରେ ପଚିଶ ମିନିଟ ଅତିବାହିତ ହେଲା । ଆଲୋଚନାରେ ନନ୍ଦକିଶୋର ଗଭର୍ଣ୍ଣରଙ୍କୁ ଜଣାଇଲେ ଯେ ଓଡ଼ିଶାର ପ୍ରାଚୀନ ଶିକ୍ଷାଦାନ ପଦ୍ଧତିକୁ ପୂରାପୂରି ଉଠାଇ ଦେଇ ନୂତନ ଧାରା ପ୍ରବର୍ତ୍ତିନଦ୍ୱାରା ଲୋକମାନେ ତାହାକୁ ଆଦର କରିପାରୁ ନାହାନ୍ତି । ପ୍ରାଚୀନ କବିମାନଙ୍କର ଲେଖା ନୂତନ ଶିକ୍ଷାରେ ସଂଯୋଗ କରି ଶିକ୍ଷାଦାନ ବ୍ୟବସ୍ଥା କରାଗଲେ ଏବଂ ତତ୍‌ସହ ଶିଶୁ ଶିକ୍ଷା ପାଇଁ କିଣ୍ଡରଗାର୍ଟେନ ପଦ୍ଧତି ଯୋଗ କରାଗଲେ ତାହା ଲୋକଙ୍କ ଆଗ୍ରହ ଓ ସମର୍ଥନ ଲାଭ କରିବ । ନନ୍ଦ-କିଶୋରଙ୍କ ଏହି ପରାମର୍ଶକୁ ଲର୍ଡ ସିହ୍ନା । ଗ୍ରହଣ କରି ଶିକ୍ଷା ବିଭାଗକୁ ଏଥିପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହି ସମୟରୁ ପ୍ରାଚୀନ କବିଙ୍କର ଲେଖା ଓ ଜୀବନୀ ଇତ୍ୟାଦି ଓଡ଼ିଶାର ଶିକ୍ଷାଦାନ ପଦ୍ଧତିରେ ସ୍ଥାନଲାଭ କରିଛି ।

ପୁରୀ ଜିଲାର ସ୍କୁଲ୍ ଇନ୍‌ସ୍‌ପେକ୍ଟର ଥିବାବେଳେ ନନ୍ଦକିଶୋରଙ୍କୁ ୧୯୨୮ ମସିହାରେ ଇଂରେଜ ସରକାର ତାଙ୍କର କର୍ମକୁଶଳତା ଯୋଗୁଁ ରାୟସାହେବ ଉପାଧି ଦେଇଥିଲେ । ତାଙ୍କ ପୂର୍ବରୁ ରାଧାନାଥ ଓ

Digitized by srujanika@gmail.com

ମଧୁସୂଦନ ଉକ୍ତ ଉପାଧି ପାଇଥିଲେ । ଏ ଉପାଧିମାନ ତାଙ୍କ ସାହିତ୍ୟ-ସେବା କିମ୍ବା କବିତ୍ୱର ପୁରସ୍କାରରୂପେ ପ୍ରଦତ୍ତ କଥା ଘୋଷିତ ହୋଇ ନ ଥିଲା ।

ପୁରୀରେ ଅବସ୍ଥାନ ସମୟରେ କବି ଥରେ ଛୁଟିରେ ନିଜ ଗ୍ରାମ କୁସୁପୁରରେ ଥାନ୍ତି । ଏହି ସମୟରେ ନାରୀକବି କୁନ୍ତଳାକୁମାରୀ କବିଙ୍କ ଗୃହରେ ଏକ ମାସ କାଳ ଅତିଥି ହୋଇଥିଲେ । କୁନ୍ତଳାକୁମାରୀ କବି ପଲ୍ଲୀର ନିସର୍ଗଶୋଭା ଓ କବି ପ୍ରତିଭାର ଯଶୋଗାନ କରି ସେହି ସମୟରେ ସ୍ୱରଚିତ କବିତା ନନ୍ଦକିଶୋରଙ୍କୁ ଉପହାର ଦେଇଥିଲେ । ଉଭୟଙ୍କ ଭିତରେ ପିତା ଓ କନ୍ୟାର ସ୍ନେହପୂର୍ଣ୍ଣ ଘନିଷ୍ଠ ସମ୍ପର୍କ ସ୍ଥାପିତ ହୋଇଥିଲା । ସେହି କବିତାଟି ନାରୀକବି ତାଙ୍କର ଅର୍ଚ୍ଚନା ପୁସ୍ତକରେ ଲିପିବଦ୍ଧ କରିଛନ୍ତି । କବି ମଧ୍ୟ ତାଙ୍କୁ ନିଜର ଏକ କବିତା ଉପହାର ଦେଇଥିଲେ । ତାହା ଜନ୍ମଭୂମିର ତୃତୀୟ ଭାଗରେ ଦ୍ରଷ୍ଟବ୍ୟ ।

ପୁରୀରେ ପ୍ରାୟ ୨ ବର୍ଷ ରହିବାପରେ ସେ ବାଲେଶ୍ୱର ଜିଲ୍ଲାସ୍କୁଲର ପ୍ରଧାନଶିକ୍ଷକରୂପେ ସ୍ଥାନାନ୍ତରିତ ହେଲେ । ସେତେବେଳକୁ ସେ ବହୁମୂତ୍ର ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ତାଙ୍କର ଦୃଷ୍ଟିଶକ୍ତି ମଧ୍ୟ କ୍ରମଶଃ ହ୍ରାସ ପାଉଥିଲା । ବାଲେଶ୍ୱରର ଜଳବାୟୁ ଏ ଅବସ୍ଥାରେ ତାଙ୍କପ୍ରତି ଅତ୍ୟନ୍ତ ପ୍ରତିକୂଳ ହେଲା । ତେଣୁ ସେଠାରେ ବର୍ଷେ ମାତ୍ର ଅତିବାହିତ ନ ହେଉଣୁ ସେ ଦୀର୍ଘ ଛୁଟି ନେବାକୁ ବାଧ୍ୟ ହେଲେ । ୧୯୨୭ ମସିହାରେ ସ୍ୱାସ୍ଥ୍ୟହାନିବଶତଃ ସେ ସରକାରୀ କର୍ମରୁ ଅବସର ଗ୍ରହଣ କଲେ ।

ଅବସର ଗ୍ରହଣ ପରେ ନନ୍ଦକିଶୋର ସ୍ୱଗ୍ରାମରେ ଆସି ଅବସ୍ଥାନ କଲେ । ଗ୍ରାମରେ ରହି କ୍ରମେ ସ୍ୱାସ୍ଥ୍ୟଲାଭ କରିବେ ବୋଲି ସେ ଯେଉଁ ଆକାଙ୍କ୍ଷା ପୋଷଣ କରିଥିଲେ ତାହା ଫଳବତୀ ହେଲା ନାହିଁ । ସୁତରାଂ ତାଙ୍କର ଅଭିଳାଷ ଅନୁଯାୟୀ ଶେଷ ଜୀବନରେ ବାଣୀ ଆରାଧନା ମଧ୍ୟ ବିଶେଷ ଭାବରେ ସମ୍ଭବ ହୋଇ ନ ଥିଲା । ଏହି ସମୟରେ ତାଙ୍କର ଦୃଷ୍ଟିଶକ୍ତି ଅଧିକ ହ୍ରାସ ପାଇବାକୁ ଲାଗିଲା । ଫଳରେ ସ୍ୱହସ୍ତରେ ଲେଖି କବିତା ରଚନା କରିବା ପ୍ରାୟ ତାଙ୍କ ପକ୍ଷରେ ସମ୍ଭବ ହେଉ ନ ଥିଲା । କିନ୍ତୁ ଅନେକ ସମୟରେ ତାଙ୍କ ଲେଖନୀ ସ୍ଥଳରେ ଖାତା [illegible]

Digitized by srujanika@gmail.com

ଧରାପାଉଥିଲେ ସେ ନିର୍ଭୁଲ ଭାବରେ କବିତା ପଙ୍‌କ୍ତିମାନ ଲେଖି ଦେଉଥିଲେ । ଏହି ଅବସ୍ଥାରେ ତାଙ୍କ କନକଲତା ଉପନ୍ୟାସର ଶେଷ ଭାଗ ଲେଖିଥିଲେ ବୋଲି କୌଣସି ପୁସ୍ତକରେ ଉଲ୍ଲେଖ ହୋଇଛି । କିନ୍ତୁ ତାହା ଠିକ୍ ନୁହେଁ । ସ୍ୱଗ୍ରାମ ଅବସ୍ଥାନର ବହୁପୂର୍ବରୁ କେବଳ ଲେଖା ନୁହେଁ, କନକଲତାର ପ୍ରକାଶ ମଧ୍ୟ ହୋଇସାରିଥିଲା । ଦୃଷ୍ଟିଶକ୍ତି ହ୍ରାସ ଅବସ୍ଥାରେ କବିଙ୍କର ମଧ୍ୟମା କନ୍ୟା ଶ୍ରୀମତୀ ସରସ୍ୱତୀ ଅଧିକାଂଶ ଶ୍ରୁତଲିଖନ ଗ୍ରହଣ କରୁଥିଲେ । ଏହି ଶ୍ରୁତଲିଖନଦ୍ୱାରା ପ୍ରଭାତ-ସଙ୍ଗୀତ ଓ ସନ୍ଧ୍ୟା-ସଙ୍ଗୀତ ପୁସ୍ତକର କେତେକ କବିତା ରଚିତ ହୋଇଥିଲା । କବି ଏକ ଧ୍ୟାନରେ ବସି ପଙ୍‌କ୍ତି ପରେ ପଙ୍‌କ୍ତି ଡାକି ଯାଉଥାନ୍ତି ଏବଂ ଶ୍ରୀମତୀ ସରସ୍ୱତୀ ସେଗୁଡ଼ିକୁ ଲିପିବଦ୍ଧ କରୁଥାନ୍ତି ।

ନନ୍ଦକିଶୋର କ୍ରମେ ଅଧିକ ଅସୁସ୍ଥ ହେବାରୁ ପରିବାର ଓ ବନ୍ଧୁମାନେ ତାଙ୍କୁ ଚିକିତ୍ସାପାଇଁ କଟକ ନେଇଆସିଲେ । ଘରୁ ସକାଳକୁ ଉଠିଲାବେଳେ ସେ ବନ୍ଧୁମାନଙ୍କୁ ମୃଦୁ ସାନ୍ତ୍ୱନାସ୍ୱରରେ କହି ଉଠିଲେ "Let me die peacefully at my native village." ତାଙ୍କର ସେ ଆକୁଳ ଅନୁରୋଧ ରକ୍ଷିତ ନ ହୋଇ ତାଙ୍କୁ କଟକ ନିଆଗଲା । କିନ୍ତୁ ବହୁ ଚିକିତ୍ସା ସତ୍ତ୍ୱେ ସ୍ୱାସ୍ଥ୍ୟଲାଭର କୌଣସି ଲକ୍ଷଣ ଦେଖାଗଲା ନାହିଁ । ବରଂ ଅଧିକ ଅବନତି ଓ ରୋଗ ବୃଦ୍ଧି ହେବାକୁ ଲାଗିଲା । ବହୁମୂତ୍ର ରୋଗଜନିତ ନାନା ଉପସର୍ଗ ତାଙ୍କୁ ଶଯ୍ୟାଶାୟୀ କରିଦେଲା । ଏହା ଯେ ମୃତ୍ୟୁପଥର ଯାତ୍ରା କବି ତାହା ନିଶ୍ଚିତରୂପେ ଜାଣିଥିଲେ ।

ଏହିପରି ରୋଗବୃଦ୍ଧି ଭିତରେ ୧୯୨୮ ମସିହା ଜୁଲାଇ ମାସ ପନ୍ଦର ତାରିଖ ରାତି ଚାରି ଘଣ୍ଟା ସମୟରେ ଓଡ଼ିଆ ଲଘୁ କବିତାର ଯୁଗସ୍ରଷ୍ଟା ନନ୍ଦକିଶୋର ପଲ୍ଲୀର ଶାନ୍ତିପୂର୍ଣ୍ଣ ପଲ୍ଲବମୟ ଅଙ୍କ ଏବଂ ନଗରର ସମସ୍ତ ଆଡ଼ମ୍ବରର ମାୟା ତ୍ୟାଗକରି ମାତ୍ର ୫୨ ବର୍ଷ ବୟସରେ ପରଲୋକ ଯାତ୍ରା କଲେ । ଓଡ଼ିଶାର ବହୁ ମନୀଷୀ ଓ କବିମାନଙ୍କର ସମାଧିଭୂମି ସତୀଚଉରାଠାରେ କବିଙ୍କର ଶେଷକୃତ୍ୟ ସମାପ୍ତ କରାଗଲା । କଟକର ବହୁ ବିଶିଷ୍ଟ ଲୋକ ଓ ଛାତ୍ରମାନେ ତାଙ୍କର ଶୋଭାଯାତ୍ରାରେ ଯୋଗଦେଇ ବରେଣ୍ୟ କବିଙ୍କ ପ୍ରତି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ । ମୃତ୍ୟୁ ସମୟରେ କବିଙ୍କ ନିକଟରେ ତାଙ୍କର ପତ୍ନୀ ଶ୍ରୀମତୀ କୋକିଳ ଦେବୀ,

Digitized by srujanika@gmail.com

ପୁଣି କୃଷ୍ଣକିଶୋର, ହେମନ୍ତକିଶୋର ଓ ବସନ୍ତକିଶୋର, ମଧ୍ୟମ କନ୍ୟା ସରସ୍ୱତୀ ଏବଂ ଜାମାତା, କନିଷ୍ଠା କନ୍ୟା ଲକ୍ଷ୍ମୀ ରହିଥିଲେ । ନନ୍ଦକିଶୋରଙ୍କ ତିନି କନ୍ୟାଙ୍କ ଭିତରୁ ଜ୍ୟେଷ୍ଠାକନ୍ୟା ପାର୍ବତୀ ଓ କନିଷ୍ଠା କନ୍ୟା ଲକ୍ଷ୍ମୀ ବର୍ତ୍ତମାନ ଜୀବଦ୍ଦଶାରେ ନାହାନ୍ତି ।

ନନ୍ଦକିଶୋର ଗୁଣର ପୂଜାରୀ ଥିଲେ । ଗୁଣୀଲୋକମାନଙ୍କୁ ଜାତି-ଧର୍ମନିର୍ବିଶେଷରେ ଆଦର କରୁଥିଲେ । ଛାତ୍ର, ଲେଖକ ଓ ଯୁବକମାନଙ୍କୁ ଉଚ୍ଚ ଆଦର୍ଶ ଗ୍ରହଣ କରିବାକୁ ଉପଦେଶ ଦେଇ ଉତ୍ସାହିତ କରୁଥିଲେ । ତାଙ୍କର ଧର୍ମମତ ଗୀତା ଉପରେ ପ୍ରତିଷ୍ଠିତ ଥିଲା । ସେ କୌଣସି ଲୌକିକତାର ପକ୍ଷପାତୀ ନ ଥିଲେ । ହିନ୍ଦୁ ଧର୍ମ ମଧ୍ୟରେ ପଶିଥିବା ସାମାଜିକ କୁସଂସ୍କାର ଦୂର କରିବାରେ ସେ ପ୍ରୟାସୀ ଥିଲେ । ବାଲ୍ୟବିବାହ ଓ ବାଳବୈଧବ୍ୟର ବିରୁଦ୍ଧରେ ସେ ତୀବ୍ର ସମାଲୋଚନା କରିଛନ୍ତି । "କନକଲତା" ଉପନ୍ୟାସର 'ବ୍ରଜେନ୍ଦ୍ର' ଚରିତ୍ରବର୍ଣ୍ଣନା ତାଙ୍କ ନିଜ ଚରିତ୍ରର ବ୍ୟାଖ୍ୟାନ ଅଟେ । 'ବ୍ରଜେନ୍ଦ୍ର' ଜୀବନର ଆଦର୍ଶ ହିଁ ତାଙ୍କର ଆଦର୍ଶ ଥିଲା ।

ନନ୍ଦକିଶୋର ଅତି ସ୍ୱାଧୀନଚେତା ଥିଲେ । ସେ ଭାରତୀୟ ସଂସ୍କୃତିର ଉପାସକ ଥିଲେ । ବିଶ୍ୱଭାରତୀର ହିନ୍ଦୀ ଅଧ୍ୟାପକ କବିଙ୍କୁ ବାର୍ଷିକ ଶ୍ରାଦ୍ଧବାସରରେ କହିଛନ୍ତି, ପାଶ୍ଚାତ୍ୟ ନାଗରିକ ସଭ୍ୟତା ଆମର ଜାତୀୟ ଜୀବନକୁ ଗ୍ରାସ କରିବାକୁ ଯାଉଥିଲାବେଳେ ଆମର ଜାତୀୟ ସଂସ୍କୃତିର ଅଧିନେତାମାନେ ଆମର ଦୃଷ୍ଟି ପକ୍ଷି ଅନ୍ତର୍ମୁଖୀ କରିବାକୁ ଉଦ୍ୟମ କରିଥିଲେ । ରବୀନ୍ଦ୍ରନାଥ, ଗାନ୍ଧୀଜୀଙ୍କର ଏହାହିଁ ଥିଲା ଜୀବନର ଆଦର୍ଶ । କବି ନନ୍ଦକିଶୋର ମଧ୍ୟ ଏହି ଆଦର୍ଶକୁ ତାଙ୍କ ଲେଖାରେ ସଜୀବ ପ୍ରକାଶ କରିଦେଇଯାଇଛନ୍ତି ।

ଏଠାରେ ବିନମ୍ରତାର ସହ କହିବାକୁ ହୁଏ ଯେ ନନ୍ଦକିଶୋରଙ୍କ ମୃତ୍ୟୁରେ ଯେ ଏକ ବିରାଟ ଜାତୀୟ କବିଙ୍କ ଅବସାନ ଘଟିଲା ତାହା ସେତେବେଳର ଓଡ଼ିଶାର ତରୁଣ କବିମାନେ ଅନୁଭବ କରିପାରି ନ ଥିଲେ । 'ଉତ୍କଳ ସାହିତ୍ୟ' ଓ 'ମୁକୁର' ମାସିକପତ୍ର ସେତେବେଳେ ମଧ୍ୟ ଜୀବିତ ଥାଏ । ତାହାର ସୁନାମଧନ୍ୟ ସମ୍ପାଦକଦ୍ୱୟ ମଧ୍ୟ ଥାଆନ୍ତି । କିନ୍ତୁ ଏ ଘଟଣାରେ ସେମାନେ ସେପରି ସ୍ପନ୍ଦନଶୀଳ ହେବା ଦେଖାଯାଇ ନ ଥିଲା ।

Digitized by srujanika@gmail.com

ସତ କହିବାକୁ ଗଲେ ନନ୍ଦକିଶୋରଙ୍କ ମୃତ୍ୟୁ ସମୟକୁ ଓଡ଼ିଆ ସାହିତ୍ୟରେ ଏକ ସନ୍ଧିକ୍ଷଣ ପଡ଼ିଥାଏ । "ଜଙ୍ଗଲ ସାହିତ୍ୟ"ରେ ସେତେବେଳେ ନୂତନ କବିତା ନାମରେ ଅବୋଧ ସାହିତ୍ୟର ପ୍ରାଦୁର୍ଭାବ ଘଟିଥାଏ । ଜାତୀୟ ସାହିତ୍ୟରେ ଜଣେ ଭଲ ଓ ଜଣେ ମନ୍ଦ ତାହା ମଧ୍ୟ ସୁଧୀ ବିଶ୍ୱନାଥ କରଙ୍କୁ ବିଗ୍ରହ ସଙ୍କଟରେ ପକାଇଥିବା ପରି ଜଣାପଡ଼େ । ସୁତରାଂ ଏହି ସମୟ ଏକ ବିରାଟ ପ୍ରଶ୍ନବାଚକର କାଳ । ଏହି ପ୍ରଶ୍ନବାଚକତା ଭିତରେ ନନ୍ଦକିଶୋର ମହାପ୍ରସ୍ଥାନ କଲେ । ସେଥିରେ ସମ୍ବୋଧନର ଅବକାଶ ହୁଏତ ସୃଷ୍ଟି ହୋଇପାରିଲା ନାହିଁ । କିନ୍ତୁ ସୁଖର କଥା ଯେ, ଓଡ଼ିଆ ସାହିତ୍ୟର ସେ ନୈଶ୍ଚେଷ୍ଟ କାଳ ଏବେ ଅନ୍ତର୍ହିତ ହୋଇଛି ଏବଂ ତରୁଣ ସାହିତ୍ୟିକଗଣ ସେମାନଙ୍କର ପ୍ରାରମ୍ଭ କାଳର ଫେନୋଚ୍ଛ୍ୱାସ ପରେ ସାହିତ୍ୟର ଧୀର-ନିର୍ମଳ ନୀରଧାରା ପାଖକୁ ଅଳ୍ପ ଫେରିଆସି ପାରିଛନ୍ତି । ଆଜି ସେମାନେ ହୃଦୟଙ୍ଗମ କରିଛନ୍ତି ଯେ, ନନ୍ଦକିଶୋରଙ୍କ ଅହ୍ୱାନ ହିଁ ଶତାବ୍ଦୀ ଓ ଯୁଗର ଅହ୍ୱାନ । ଏ ଅହ୍ୱାନ ନିକଟରେ ଅତିକ୍ରାନ୍ତ ହେବା ସମ୍ଭବ ନୁହେଁ । ନନ୍ଦକିଶୋରଙ୍କ ଅହ୍ୱାନ ଶେଷରେ ପଲ୍ଲୀ, ଜାତି ଓ ସମାଜର ପରିସରକୁ ମଧ୍ୟ ଅତିକ୍ରମ କରିଛି । ତାଙ୍କର ସେହି ଅହ୍ୱାନ ଶାଶ୍ୱତ ମାନବିକତା ସୃଷ୍ଟିର ଅହ୍ୱାନ । ତାହାକୁ ଶିରଦାନ ସକଳ କବି ନିଜ ନିଜର କାମନା ପରଶର ବାଣୀ ରୂପେ ଗ୍ରହଣ କରି କହିବେ—

"ହେ ଈଶ୍ୱର, ହର ମୋର ସର୍ବ ଅଧୀନତା,
ଦିଅ ମୋତେ ଅକାଙ୍କ୍ଷିତ ପ୍ରାଣ-ସ୍ୱାଧୀନତା ।"

କୁସୁପୁର
ତା ୨୫ । ୪ । ୧୯୫୫

ଶ୍ରୀ ସୂର୍ଯ୍ୟମଣି ଜେନା

Digitized by srujanika@gmail.com

ସଙ୍ଗରେ ବୁଲାଇ ଦେଖାଉଥିଲେ । କୃଷ୍ଣଚନ୍ଦ୍ର ପଣ୍ଡା ମହାସିଂହପୁର ମଧ୍ୟ ଭର୍ଣ୍ଣାକୁଲର ସ୍କୁଲରେ ପଢ଼ି ଭର୍ଣ୍ଣାକୁଲର ପାସ୍ କରିଥିଲେ । ମଧୁସୂଦନଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇ ଗ୍ରାମର ବରିଷ୍ଠ ଜନପ୍ରିୟ ବ୍ୟକ୍ତି ନିତ୍ୟାନନ୍ଦ ଜେନାଙ୍କ ସମ୍ପାଦକଭାବେ ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଗଲା । କବିଙ୍କ ଜ୍ୟେଷ୍ଠାଗ୍ରଜ ଦୟାନିଧି ଜେନା ସେମାନଙ୍କର ଏ କାର୍ଯ୍ୟରେ ବିଶେଷ ସହଯୋଗ କରିଥିଲେ । ଏହା ୧୮୮୭ ମସିହାର କଥା । ନନ୍ଦକିଶୋର ଓ ତାଙ୍କର ସମବୟସ୍କ ଭେଭେକ ଯୁବକ ପ୍ରଥମେ ଏହି ସ୍କୁଲରେ ଛାତ୍ରରୂପେ ଗୃହୀତ ହେଲେ । ଜମିଦାରୀ ସିରସ୍ତାରେ ତାଲିମ ହେଉଥିବା ନନ୍ଦକିଶୋରଙ୍କ ଭାଗ୍ୟ ଏହିଠାରୁ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଗଲା । ୧୮୯୦ ମସିହାରେ ନନ୍ଦକିଶୋରଙ୍କ ସମେତ ୯ ଜଣ ଛାତ୍ର ଉ: ପ୍ରା: ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ନନ୍ଦକିଶୋର ଜିଲ୍ଲା ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଉ: ପ୍ରା: ବୃତ୍ତି ଲାଭ କଲେ । ଏହି ସମୟରେ ନନ୍ଦକିଶୋରଙ୍କ ଠାରେ ପ୍ରଥମେ କବିତାର ଉନ୍ମେଷ ଘଟିଥିଲା । ପରୀକ୍ଷା ଦେବାକୁ ସେ କଟକ ଯିବା ପୂର୍ବରୁ କୃତକାର୍ଯ୍ୟତା ନିମିତ୍ତ ପ୍ରାର୍ଥନା କରି ଗ୍ରାମଦେବତା ନାରାୟଣୀ ଚଣ୍ଡୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ସ୍ତୋତ୍ର ରଚନା କରି ଦେବତାଙ୍କ ମନ୍ଦିରରେ ପାଠ କରିଥିଲେ ।

ଏହାପରେ ନନ୍ଦକିଶୋର କଟକ ଟାଉନ ସ୍କୁଲରେ (ବର୍ତ୍ତମାନ ଭକ୍ତମଧୁ ବିଦ୍ୟାପୀଠ) ଭର୍ତ୍ତିହେଲେ । ବାଟ୍ଲୀ ବିଶ୍ୱନାଥ କର ସେତେବେଳେ ପ୍ରଧାନ ଶିକ୍ଷକ ଓ ଭକ୍ତକବି ମଧୁସୂଦନ ବିଦ୍ୟାଳୟର ସମ୍ପାଦକ । ଏହି ଦୁଇ ଜଣ ସ୍ୱନାମଧନ୍ୟ ମନୀଷୀଙ୍କ ସଂସ୍ପର୍ଶରେ ଆସିବା ଫଳରେ ନନ୍ଦକିଶୋରଙ୍କ ଶିକ୍ଷା, କବିଜୀବନ, ଚରିତ୍ର ଗଠନ ଓ ଧର୍ମମତ ଉପରେ ସେମାନଙ୍କର ଯଥେଷ୍ଟ ପ୍ରଭାବ ପଡ଼ିଥିଲା । ସେତେବେଳେ ନନ୍ଦକିଶୋରଙ୍କ ଜ୍ୟେଷ୍ଠାଗ୍ରଜ ଦୟାନିଧି ନଗର ଇନ୍ସପେକ୍ଟର ପଦରୁ ଲକ୍ଷ୍ୟରୂପେ କଟକରେ ଅବସ୍ଥାନ କରୁଥିଲେ । କଟକ ସହରରେ ତାହାଙ୍କ ତତ୍ତ୍ୱାବଧାନରେ ରହି ନନ୍ଦକିଶୋର ପଢ଼ା ଆରମ୍ଭ କଲେ । ଦୟାନିଧି ଏକାଧାରରେ ତାଙ୍କର ଅଗ୍ରଜ, ଅଭିଭାବକ, ଉପଦେଷ୍ଟା ଓ ପୃଷ୍ଠପୋଷକ ଥିବାରୁ ନନ୍ଦକିଶୋରଙ୍କ ଅଧ୍ୟୟନର ପଥ ସୁଗମ ହୋଇଥିଲା । ବିଶ୍ୱନାଥ କବିଙ୍କର କୁଳପୁରୋହିତ, ପ୍ରତିବେଶୀ ପୁଣି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବାରୁ ନନ୍ଦକିଶୋରଙ୍କ ବିଦ୍ୟାଧ୍ୟୟନରେ ସର୍ବଦା ସତର୍କ ଦୃଷ୍ଟି ରଖିଥିଲେ ଏବଂ ନନ୍ଦକିଶୋରଙ୍କ ମେଧାବୀତାରେ ବିଶେଷ ପ୍ରୀତ ହୋଉଥିଲେ ।

Digitized by srujanika@gmail.com

ନନ୍ଦକିଶୋର ଟାଉନ ସ୍କୁଲରୁ କୃତିତ୍ୱସହକାରେ ମାଇନର ପାସ୍ କରି ବୃତ୍ତିଲାଭ କଲେ ଏବଂ ଗଣିତରେ କୃତିତ୍ୱ ପାଇଁ ଗୋଟିଏ ବିଶେଷ ବୃତ୍ତି ମଧ୍ୟ ପାଇଲେ । ସେତେବେଳେ ଟାଉନ ସ୍କୁଲ୍ ଜିଲା ଇଂରାଜୀ ସ୍କୁଲ ସ୍ତରକୁ ଉନ୍ନୀତ ହୋଇ ନ ଥିବାରୁ ନନ୍ଦକିଶୋର କଟକ କଲେଜିଏଟ ସ୍କୁଲରେ ନାମ ଲେଖାଇଲେ । ମଧୁସୂଦନ ସେଠାରେ ପ୍ରଧାନ ଶିକ୍ଷକ । ଏହି ସମୟରେ ନନ୍ଦକିଶୋର ଗୁରୁ ମଧୁସୂଦନଙ୍କ ପ୍ରତ୍ୟକ୍ଷ ପ୍ରଭାବରେ ପଡ଼ିଥିଲେ । ସେତେବେଳକୁ ମଧୁସୂଦନଙ୍କ ପ୍ରଭାବରେ ପଡ଼ି ବିଶ୍ୱନାଥ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ନନ୍ଦକିଶୋର ବ୍ରାହ୍ମଧର୍ମପ୍ରତି ଆକୃଷ୍ଟ ହୋଇ ସ୍ୱାଭମତ ବ୍ରାହ୍ମ ସମାଜକୁ ଯିବାଆସିବା କଲେ । ମାତ୍ର ତାଙ୍କର ଅଭିଭାବକ-ମାନେ ଏ କାର୍ଯ୍ୟକୁ ଅନୁମୋଦନ କଲେ ନାହିଁ । ବିଶ୍ୱନାଥଙ୍କ ଧର୍ମାନ୍ତର-ଗ୍ରହଣ ସେତେବେଳେ ହିନ୍ଦୁ ସମାଜରେ ଚାଞ୍ଚଲ୍ୟ ସୃଷ୍ଟି କରିଥାଏ । ସୁତରାଂ ନନ୍ଦକିଶୋରଙ୍କ ପଢ଼ାପଢ଼ି ବନ୍ଦ କରିଦେବାର ମସୁଧା ହେଲା । କିନ୍ତୁ ଅଗ୍ରଜ ଦୟାନିଧି ଅତି ଧୀଶକ୍ତିସମ୍ପନ୍ନ ବ୍ୟକ୍ତି ଥିବାରୁ ନନ୍ଦକିଶୋରଙ୍କ ପଢ଼ାର ଅନ୍ୟ ବ୍ୟବସ୍ଥା କରିଥିଲେ । ବ୍ରାହ୍ମ ପ୍ରଭାବରୁ ଦୂରରେ ରଖିବା ପାଇଁ ନନ୍ଦକିଶୋରଙ୍କୁ ଅଗତ୍ୟା କେନ୍ଦ୍ରାପଡ଼ା ହାଇସ୍କୁଲକୁ ସ୍ଥାନାନ୍ତରିତ କରାଗଲା । ମଧୁସୂଦନ ଅତି ଦୁଃଖର ସହ ତାଙ୍କୁ ସ୍କୁଲ୍ ପରିବର୍ତ୍ତନର ଅନୁମତିପତ୍ର ଦେଇଥିଲେ । ନନ୍ଦକିଶୋରଙ୍କ ପିତା କେନ୍ଦ୍ରାପଡ଼ାଠାରେ ଏକ ଜମିଦାରୀ ଇଷ୍ଟେଟରେ ତହସିଲଦାର ଥିଲେ । ପିତାଙ୍କ ସାକ୍ଷାତ୍ ତତ୍ତ୍ୱାବଧାନରେ ରହି ଓ ସ୍ୱନାମଧନ୍ୟ ହେଡ଼ମାଷ୍ଟର ଓ୍ୟାରସିଅଲ୍‌ଙ୍କ ନିକଟରେ ଶିକ୍ଷାଲାଭ କରି ନନ୍ଦକିଶୋର ୧୮୯୭ ମସିହାରେ ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତିଲାଭ କରିଥିଲେ ।

ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନନ୍ଦକିଶୋର କଟକ ରେଭେନ୍ସା କଲେଜରେ ଅଧ୍ୟୟନ କଲେ । କିନ୍ତୁ କଟକ ଅବସ୍ଥାନଦ୍ୱାରା ପୁଣି ମଧୁସୂଦନ ଓ ବିଶ୍ୱନାଥ ପ୍ରଭୃତିଙ୍କ ପ୍ରଭାବରେ ପଡ଼ି ବ୍ରାହ୍ମଧର୍ମପ୍ରତି ଆକୃଷ୍ଟ ହେବା ଆଶଙ୍କାରେ ତାଙ୍କ ମନର ପରିବର୍ତ୍ତନ ଆଣିବା ପାଇଁ ତାଙ୍କୁ ପରିଣୟସୂତ୍ରରେ ଆବଦ୍ଧ କରାଗଲା । କଟକ ଜିଲ୍ଲାର ଅସୁରେଶ୍ୱର ପରଗଣା ଅନ୍ତର୍ଗତ ବାନ୍ତଳା ଗ୍ରାମବାସୀ ହରେକୃଷ୍ଣ ସାମଲଙ୍କ କନ୍ୟା ଶ୍ରୀମତୀ କୋକିଳ ଦେବୀଙ୍କ ସହ ବିବାହର ଶୁଭପରିଣୟ ସମ୍ପାଦିତ

Digitized by srujanika@gmail.com

ଯଥାର୍ଥ ମହାଭାରତୀୟ ଭାବ ପ୍ରକାଶ ପାଇବା ଏକପ୍ରକାର ଅସମ୍ଭବ ଥିଲା। ସେତେବେଳେ ମଧ୍ୟ ନନ୍ଦକିଶୋର 'ହିନ୍ଦୀ' ଯେ ଦିନେ ମହାଭାରତୀୟ ଜାତୀୟ ଭାଷା ହେବ, ଏହା କଳ୍ପନା କରିଥିଲେ ଓ ସେହି ଦିଗରେ କାର୍ଯ୍ୟ କରିହେଉ ବୋଲି ବିଚକ୍ଷଣ ବଙ୍ଗାଳୀମାନଙ୍କୁ ମଧ୍ୟ ଆହ୍ୱାନ କରିଥିବାର ପ୍ରମାଣ ମିଳେ। ନିମ୍ନରେ ତାଙ୍କର ସେହି ବିଷୟକ ଲେଖାଟି ଉଦ୍ଧାର କରାଗଲା :—

"ବଙ୍ଗଭାଷୀ କହନ୍ତି କି ସେମାନେ ନିଜ ସାହିତ୍ୟକୁ ... ଉନ୍ନତ
କରିଅଛନ୍ତି ? କିନ୍ତୁ ବାସ୍ତବିକ ଇଉରୋପୀୟ ଓ ସଂସ୍କୃତ ସାହିତ୍ୟର
ତୁଳନାରେ ଏପରି କି ଉନ୍ନତ ହୋଇଅଛି ଯେ ତାହାର ... ନ୍ନରେ
ମାତୃଭୂମିର ଏକତ୍ୱସାଧନ ଓ ଦୁଃଖମୋଚନ ରୂ...
ବଙ୍ଗବାସୀ ସଦୃଶ ସ୍ୱଦେଶଭକ୍ତଙ୍କୁ ବାଧାଦେବ ? ଅ...
...ବିଚକ୍ଷଣ ଓ ବୁଦ୍ଧିମାନ୍। ଅଳ୍ପଦିନ ମଧ୍ୟରେ ସେ...
ସ...ଉନ୍ନତ ଭାଷାକୁ ଅଧିକ ଉନ୍ନତତର କରିପାରିବେ ...
... କରିପାରନ୍ତି। 'ମୁକୁଳ' ନାମକ ମାସିକ ପତ୍ରିକାର ...
ଆମ୍ଭେମାନେ ପଢ଼ିଥିଲୁ ଯେ, ସ୍ୱନାମ ଧନ୍ୟ ସ୍ୱର୍ଗୀୟ
ଭାଷାରେ ବ୍ୟାକରଣାଦି ନାନା ପୁସ୍ତକ ରଚନା ...
ମହତ୍ ଉପକାର କରିଯାଇଛନ୍ତି। ଆମ୍ଭେମାନେ ଆଶା କ...
ବଙ୍ଗବାସୀ ସେହିପରି ସ୍ୱୀୟ ନାମ ଧନ୍ୟ କରି ...
ବିଶାଳ ଭାରତକୁ ଉନ୍ନତ କରିପାରିବେ ଏବଂ ଛତିଶଗଡ଼, ...
ଓ ଭାରତର ପ୍ରତ୍ୟେକ ପ୍ରଦେଶର ଅଧିବାସୀବୃନ୍ଦ ସ୍ୱଦେଶର କଲ୍ୟାଣ ପାଇଁ ସେମାନଙ୍କ ସହାୟ ହେବେ ଏବଂ ଆର୍ଯ୍ୟାବର୍ତ୍ତର ଲଳିତ ଓ ଓଜସ୍ୱିନୀ ଭାଷା 'ହିନ୍ଦୀ' ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଦେଶନିବାସୀ ପ୍ରତ୍ୟେକ ହୃଦୟକୁ ସଂଯୋଗ କରିବ।" (ଭାରତର ଭବିଷ୍ୟତ୍ ଭାଷା—ନନ୍ଦକିଶୋର-ଗ୍ରନ୍ଥାବଳୀ, ପୃ. ୧୦୩୭-୩୮)

ବ୍ୟକ୍ତିଗତ କଥା କହିବା ହୁଏତ ଠିକ୍ ନ ହୋଇପାରେ। କିନ୍ତୁ ଏଠି ପଦେ ଅଧେ କହିଦେବାକୁ ମନ ହେଉଛି, କାହିଁକି ନା, ନନ୍ଦକିଶୋର ମୋ ପକ୍ଷରେ ଏ ପର୍ଯ୍ୟନ୍ତ ପୂର୍ବାପର ଇତିହାସର ବସ୍ତୁ ହୋଇନାହାନ୍ତି। ତାଙ୍କ କବିତ୍ୱ ସଙ୍ଗେ ବ୍ୟକ୍ତିତ୍ୱ ମୋ ସ୍ମୃତିରେ ମିଶିକରି ଅଛି। ତେଣୁ ତାଙ୍କୁ

Digitized by srujanika@gmail.com

ନିଦର୍ଶନାରେ ମୋ ଦୃଷ୍ଟିଭଙ୍ଗିରେ ସମ୍ପୂର୍ଣ୍ଣ ନିରପେକ୍ଷତା ଫୁଟି ନାହିଁ ଖାଲି କେହି କେହି ମନେ କରିପାରନ୍ତି । ସେଥିପାଇଁ ମୋ ନିଜ ଅନୁଭୂତି କଥା ଟିକିଏ କହିଦେବା ମନ୍ଦ ହେବ ନାହିଁ ।

ମୁଁ ଯେତେବେଳେ କଲିକତାରେ ଏମ୍. ଏ. ଓ ବି. ଏଲ୍. ପରୀକ୍ଷା ଦେବାପାଇଁ ପଢୁଥିଲି, ସେତେବେଳେ ଓଡ଼ିଶା ଶିକ୍ଷା ବିଭାଗର ଅନ୍ୟ ଦୁଇ ତିନି ଜଣ ସହିତ ଭଲ ଶିକ୍ଷକ ହୋଇପାରିବାର ଯୋଗ୍ୟତା ଅର୍ଜନ କରିବା ଲାଗି ସେ କଲିକତାକୁ ପ୍ରେରିତ ହୋଇଥିଲେ । ମୋର ତାଙ୍କ ସହିତ ଭାବଆଳାପ ଥିଲା—ମଧ୍ୟେ ମଧ୍ୟେ ମୁଁ ବରାବର ତାଙ୍କ ବସାକୁ ଯାଉ... ମୋର ଏମ୍. ଏ. ପରୀକ୍ଷା ପାଇଁ ମନୋରଞ୍ଜନରେ ଯେଉଁସବୁ ...୍ୟ ଥିଲା, ସେହି ପୁସ୍ତକରୁ ଗଣ୍ଡେ ଅଧେ ମଧ୍ୟ ତାଙ୍କର ପାଠ୍ୟ ...ବେଳେ ସେହି ବିଦ୍ୟାର ମଧ୍ୟ ଆଲୋଚନା କରୁଥିଲୁ । ...ଅନେକ ଥର ମତେ ଦେଖାଇଛନ୍ତି ତାଙ୍କର ଲେଖା- ...ନର ଓ ସରଳ ଇଂରେଜି ବୋଲି ତାଙ୍କ ଶିକ୍ଷ... ...ଲି । ସେ ଖାଲି ଭଲ ଇଂରେଜି ଲେଖିବାର ...ନ୍ତି । ନନ୍ଦକିଶୋର ସେଥିରୁ ଜଣେ । ସେଇ ...ତା ପ୍ରସଙ୍ଗରେ ଇଂରେଜି କାବ୍ୟକବିତା କଥା ...ହୁଥିଲି । ସେଥିରେ ଓ୍ୱାର୍ଡସ୍ୱର୍ଥ ପ୍ରଭୃତି ହ୍ରଦତୀର- ...stricts) ଇଂରେଜ କବିମାନଙ୍କ ପ୍ରତି ତାଙ୍କ ...ଥିବାର ମୁଁ ଜାଣେ । ଥରେ କଥା ପଡ଼ିଥିଲି ପୋପ୍, ...ଷ୍ଟେନସନ୍ ଭଳି ବଡ଼ ବଡ଼ କାବ୍ୟ ଲେଖିବା କବିଙ୍କ ପରେ ଓ୍ୱାର୍ଡସ୍ୱର୍ଥ ପ୍ରଭୃତି ହ୍ରଦତୀରବର୍ତ୍ତୀ କବିମାନଙ୍କ ଗୋଟିକିଆ କବିତା ଲେଖା ଯେପରି ଇଂରେଜି ସାହିତ୍ୟକୁ ନିଃଶ୍ୱାସ ମାରିବାକୁ ଅବକାଶ ଦେଇଥିଲା, ଆଜି ଓଡ଼ିଶାରେ ମଧ୍ୟଯୁଗର କାବ୍ୟକଳାପରେ ସେହିପରି କବିତା ଲେଖା ହେବା ଦରକାର । ନନ୍ଦକିଶୋରଙ୍କ 'ବସନ୍ତକୋକିଳ' ଭଳି କବିତା ବହୁପରିମାଣରେ ଏହି ଭାବରେ ପ୍ରଭାବିତ ପ୍ରାଣରୁ ବାହାରିଥିବା ନିତାନ୍ତ ଅସଙ୍ଗତ ବା ଅସମ୍ଭବ ନୁହେ । ସୂକ୍ଷ୍ମ ଭାବରେ ତୁଳନା କରି ଦେଖିଲେ, ସେଥିରେ ପ୍ରକୃତି ଓ ପ୍ରକାରର ସାମଞ୍ଜସ୍ୟ ହୁଏତ ଖୁବ୍ ଦେଖାଯିବ । ସ୍ଥଳବିଶେଷରେ ଇଂରେଜି ଭାବକୁ ଶିରୋଭୂଷଣ କରି ନିଜେ ନନ୍ଦକିଶୋର କବିତା ଲେଖିଥିବାର ମଧ୍ୟ ଦେଖାଯାଏ ।

Digitized by srujanika@gmail.com

ହୋଇଥିଲା । ଏହି ବିବାହଦ୍ୱାରା ତାଙ୍କ ଜୀବନର ମାର୍ଗ ସ୍ଥିରୀକୃତ ହୋଇଯାଇଥିଲା । ଏହି ସମୟଠାରୁ ତାଙ୍କ ଜୀବନର ପ୍ରତ୍ୟେକ କାର୍ଯ୍ୟରେ କୋକିଳ ଦେବୀଙ୍କର ପ୍ରଭାବ ପଦେ ପଦେ ଅନୁଭୂତ ହୁଏ । ସେ Reformed Hindu, ତଥାପି ପୌତ୍ତଳିକ ହିନ୍ଦୁ କୋକିଳ ଦେବୀଙ୍କ ପ୍ରଭାବରୁ ଅଏଶାକୁ ମୁକ୍ତ କରିପାରି ନ ଥିଲେ । ଏହିଠାରୁ ବସ୍ତୁତଃ ତାଙ୍କର କବି-ଜୀବନ ଆରମ୍ଭ ହେଲା । ଯୌବନର ଅନ୍ତର୍ନିହିତ ଭାବୋଚ୍ଛ୍ୱାସ ବିବାହଦ୍ୱାରା ସ୍ପନ୍ଦନ-ଲାଭ କରି କବିତାରେ ରୂପାନ୍ତରିତ ହେଲା । "ବସନ୍ତ କୋକିଳ"ର ଅଧିକାଂଶ କବିତା ଏହି ନବବିବାହିତ କଲେଜ ଜୀବନରେ ରଚିତ ହୋଇଥିଲା । କଲେଜ ଅଧ୍ୟୟନକାଳରେ ତାଙ୍କ ପାଠ ସମୟର ଅଧିକ ଭାଗ ଇଂରାଜୀ ସାହିତ୍ୟ, ପ୍ରାଚୀନ ତଥା ଆଧୁନିକ ଓଡ଼ିଆ ସାହିତ୍ୟ ଏବଂ ସମସାମୟିକ ବଙ୍ଗସାହିତ୍ୟ ପ୍ରଭୃତି ଚର୍ଚ୍ଚାରେ ବ୍ୟୟିତ ହେଉଥିଲା । ଏହା ଛଡ଼ା କଲେଜ ଜୀବନ ପ୍ରାରମ୍ଭରୁ ହିଁ ସେ ସ୍ୱତନ୍ତ୍ର କବିତା ରଚନା ଆରମ୍ଭ କରିଦେଇଥିଲେ । ସେ କବି ଭାବରେ ସୁପରିଚିତ, ମାତ୍ର ସେ ଯେ ସମସାମୟିକ ଶିକ୍ଷିତଶ୍ରେଣୀରେ ଜଣେ ଉଚ୍ଚକୋଟୀର ବ୍ୟୁତ୍ପନ୍ନ ପଣ୍ଡିତ ଥିଲେ ତାହା ଯେଉଁମାନେ ତାଙ୍କର ଘନିଷ୍ଠ ସଂସ୍ପର୍ଶରେ ଆସିଛନ୍ତି ସେମାନେ ଉତ୍ତମରୂପେ ଜାଣନ୍ତି । ତାଙ୍କ ସହିତ କୌଣସି ବିଷୟ ଆଲୋଚନା କଲାବେଳେ କିମ୍ବା ତାଙ୍କର ଦୈନନ୍ଦିନ କାର୍ଯ୍ୟାବଳୀରେ ଏହାର ସୂଚନା ମିଳୁଥାଏ । କଲେଜରେ ଉପେନ୍ଦ୍ରନାଥ ମୈତ୍ର, ଏନ୍. ଏ. ହଲ୍‌ୱାର୍ଡ ପ୍ରଭୃତି ପ୍ରବୀଣ ଅଧ୍ୟାପକମାନଙ୍କ ସଂସ୍ପର୍ଶରେ ଆସି ସେ ସ୍ୱୀୟ ଜ୍ଞାନର ପରିସର ବୃଦ୍ଧି କରିଥିଲେ ।

ସେ କଲେଜରେ ତୃତୀୟ ବାର୍ଷିକ ଶ୍ରେଣୀରେ ପଢ଼ିବାବେଳେ କାଲେଜର ପଦକ ପ୍ରଦାନ ପାଇଁ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା । ପ୍ରବନ୍ଧର ବିଷୟବସ୍ତୁ ଥିଲା 'ଉତ୍କଳର ପଲ୍ଲୀଜୀବନ' । ପରୀକ୍ଷକ ଥିଲେ କଲେଜର ଅଧ୍ୟକ୍ଷ, ବିଭାଗୀୟ କମିଶନର ଏବଂ ଟ୍ରେନିଂ ସ୍କୁଲର ହେଡ୍ ମାଷ୍ଟର କବି ମଧୁସୂଦନ ରାଓ । ପ୍ରବନ୍ଧଟି ଇଂରାଜୀରେ ଲେଖାଯାଇଥିଲା । କବିଙ୍କ ପ୍ରବନ୍ଧଟି ଶ୍ରେଷ୍ଠ ବିବେଚିତ ହେବାରୁ ତାଙ୍କୁ କାଲେଜର ସ୍ୱର୍ଣ୍ଣପଦକ ପ୍ରଦତ୍ତ ହୋଇଥିଲା । ମଧୁସୂଦନଙ୍କଠାରୁ ଉଚ୍ଚ ପ୍ରଶଂସା ଏବଂ ପ୍ରେରଣା ଲାଭକରି ଉକ୍ତ ଇଂରାଜୀ ପ୍ରବନ୍ଧଟିକୁ ସେ ଓଡ଼ିଆରେ "ପଲ୍ଲୀଚିତ୍ର"

Digitized by srujanika@gmail.com

ପ୍ରଥମ ଭାଗ ନାମ ଦେଇ କବିତାରେ ରୂପାନ୍ତରିତ କରିଥିଲେ । ଏହି କବିତା ପୁସ୍ତକ ତାଙ୍କୁ ପକ୍ଷୀକର ଅଞ୍ଚଳରେ ବିଖ୍ୟାତ କରିଥିଲା । ଏତେବେଳକୁ ସେ ଉତ୍କଳ-ସାହିତ୍ୟ ପତ୍ରିକାରେ କବିତା ଓ ପ୍ରବନ୍ଧମାନ ଲେଖି ଉତ୍କଳରେ ଜଣେ ପ୍ରସିଦ୍ଧ ଲେଖକରୂପେ ଗଣ୍ୟ ହୋଇସାରିଥିଲେ ।

ନନ୍ଦକିଶୋର କଲେଜରେ ଅଧ୍ୟୟନ କରୁଥିବା ସମୟରେ ଉତ୍କଳ-ସାହିତ୍ୟର ଉନ୍ନତି ପାଇଁ ଏକ ସାହିତ୍ୟ ସଂସଦ ଗଠିତ ହୋଇଥିଲା । ଉତ୍କଳ ଇତିହାସର ଲେଖକ ଅଭିରାମ ଭଞ୍ଜ, ସୀତାବିବାହ ନାଟକର ପ୍ରଣେତା କାମପାଳ ମିଶ୍ର, ଭାଷାକୋଷ ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ, ଗୌରକୃଷ୍ଣ ଘୋଷ, ବିନୋଦବିହାରୀ ଦାସ, ରାମକୃଷ୍ଣ ନାୟକ ପ୍ରଭୃତି ଏହି ସଂସଦର କର୍ମୀ ଥିଲେ । ସନ୍ଧ୍ୟାସମୟରେ ସେମାନେ ଏକତ୍ର ହୋଇ ସ୍ୱରଚିତ ଗଳ୍ପ, କବିତା, ପ୍ରବନ୍ଧ ପ୍ରଭୃତିର ପାଠ ଓ ସମାଲୋଚନା କରୁଥିଲେ । ନନ୍ଦକିଶୋର ସେଥିରେ ଯୋଗଦେଇ ନିଜର ସାହିତ୍ୟିକ ପ୍ରତିଭାକୁ ଅଧିକ ବିକଶିତ କରୁଥିଲେ । ପରବର୍ତ୍ତୀ କାଳରେ "କଟକ ଆଲୋଚନା ସଭା" ନାମରେ ଏକ ସାହିତ୍ୟିକ ଅନୁଷ୍ଠାନ ମଧ୍ୟ ଗଠିତ ହୋଇଥିଲା । ଏହାର ବୈଠକ ସାଧାରଣତଃ କବି ମଧୁସୂଦନଙ୍କ ବାସଭବନରେ ଓ ପ୍ରିଣ୍ଟିଂ କମ୍ପାନୀ କୋଠାରେ ବସୁଥିଲା । ଏହି ଆଲୋଚନା ସଭାରେ ନନ୍ଦକିଶୋର ପ୍ରଧାନ ସମାଲୋଚକର ସ୍ଥାନ ଗ୍ରହଣ କରୁଥିଲେ । ସଭାରେ ମଧୁସୂଦନ ଓ ରାଧାନାଥ ମଧ୍ୟ ଅନେକ ସମୟରେ ଉପସ୍ଥିତ ହେଉଥିଲେ । ସେଠାରେ ନନ୍ଦକିଶୋର ରାଧାନାଥ ଓ ମଧୁସୂଦନଙ୍କ କାବ୍ୟ କବିତାର ଯେଉଁ ସମାଲୋଚନା କରୁଥିଲେ ତାହା ଗ୍ରନ୍ଥାବଳୀରେ ନିବଦ୍ଧ କରାଯାଇଛି । ସେସବୁ ଦେଖିଲେ ନନ୍ଦକିଶୋରଙ୍କ ସାହିତ୍ୟର ମାନ ସମ୍ବନ୍ଧରେ ଏକ ସ୍ପଷ୍ଟ ଧାରଣା ଜାତ ହୁଏ । ଯେତେବେଳେ ଉତ୍କଳ ରାଧାନାଥଙ୍କର କେବଳ ଯଶୋଗାନରେ ବିଭୋର ସେତେବେଳେ ତରୁଣକବି ନନ୍ଦକିଶୋର ତାଙ୍କର ଦୁର୍ବଳ ଚରିତ୍ର ସୃଷ୍ଟି ସମ୍ବନ୍ଧରେ ଯେଉଁ ବାଣୀ ଉଚ୍ଚାରଣ କରିଥିଲେ ତାହା ଏକ ଦୁର୍ଲ୍ଲଭ ଦୃଷ୍ଟାନ୍ତ ।

କଲେଜ ଶିକ୍ଷା ଶେଷ ନ ହେଉଣୁ ପିତାଙ୍କର ପରଲୋକ ହେବାରୁ ନନ୍ଦକିଶୋରଙ୍କ କବି-କଳ୍ପନା ଉପରେ ପାରିବାରିକ ଦାୟିତ୍ୱ ବହନର ଚିନ୍ତା

Digitized by srujanika@gmail.com

ଗ୍ରନ୍ଥ ପଢାଇବାକୁ ଲାଗିଲା । ତେଣୁ ସେ ୧୮୯୯ ମସିହାରେ ବି. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସଙ୍ଗେ ସଙ୍ଗେ କର୍ମକ୍ଷେତ୍ରରେ ପ୍ରବେଶ କଲେ । କବି ମଧୁସୂଦନଙ୍କ ପ୍ରତିଷ୍ଠିତ କଟକ ଟାଉନ ସ୍କୁଲରେ ସେ ଶିକ୍ଷକ କାର୍ଯ୍ୟ ଗ୍ରହଣ କଲେ । ଏହି ସମୟରେ ଟାଉନ୍ ସ୍କୁଲ୍ ଇଂରାଜୀ ସ୍କୁଲରେ ପରିଣତ ହୋଇଥିଲା ଓ ତାହାର ନାମ ଟାଉନ ଭିକ୍ଟୋରିଆ ହାଇସ୍କୁଲ ରଖାଯାଇଥିଲା । ବିଦ୍ୟାଗୁରୁ ମଧୁସୂଦନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନନ୍ଦକିଶୋର ନାମମାତ୍ର ବେତନରେ ଶିକ୍ଷକତା କରୁଥିଲେ । ସେ ଛାତ୍ରମାନଙ୍କୁ ଉତ୍ତମରୂପେ ଶିକ୍ଷା ଦେଉଥିଲେ ଏବଂ ଶିକ୍ଷାଦାନକୁ ଅର୍ଥାଗମର ଉପାୟ ସ୍ୱରୂପ ମନେ ନ କରି ଦେଶସେବାର ଅଙ୍ଗରୂପେ ଗ୍ରହଣ କରିଥିଲେ । ସେଥିପାଇଁ ସେ ଛାତ୍ର, ସହକର୍ମୀ ଓ ଜନସାଧାରଣଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଶିକ୍ଷକତା ସଙ୍ଗେ ସଙ୍ଗେ ସେ ବାଣୀ ଆରାଧନାରେ ମଧ୍ୟ ନିଯୁକ୍ତ ରହିଥିଲେ । ଏହି ସମୟରେ ତାଙ୍କର ପଲ୍ଲୀଚିତ୍ର, ନିର୍ଝରିଣୀ, ଗୃହଚିତ୍ର, ନିର୍ମାଲ୍ୟ, କୃଷ୍ଣକୁମାରୀ, ସୀତାବନବାସ ଏବଂ ଜନ୍ମଭୂମି କବିତା ଗ୍ରନ୍ଥ ରଚିତ ଓ ପ୍ରକାଶିତ ହୋଇଥିଲା ।

୧୯୦୦ ମସିହାରେ କବିଙ୍କର "ଓଡ଼ିଆ ଲଳନା" ବ୍ୟଙ୍ଗ କବିତା ଉତ୍କଳ-ସାହିତ୍ୟ ପତ୍ରିକାରେ 'ଶ୍ରୀ' ନାମରେ ପ୍ରକାଶିତ ହୋଇଥିଲା । ଏ ଯେଉଁ ଶିକ୍ଷିତ ଓଡ଼ିଆମାନଙ୍କ ମହଲରେ ଚାଞ୍ଚଲ୍ୟ ଖେଳି-ଯାଇଥିଲା । କବି ରାଧାନାଥ ମଧ୍ୟ ଏଥିରେ ବିଚଳିତ ହୋଇ ଉତ୍କଳ ସାହିତ୍ୟ ସମ୍ପାଦକ ଶ୍ରୀ ବିଶ୍ୱନାଥ କରଙ୍କୁ ହୁଗୁଳିଠାରୁ ଲେଖିଥିଲେ "ଏପରି କବିତା ପ୍ରକାଶ କରିବାଦ୍ୱାରା ବିଜ୍ଞତାର ପରିଚୟ ଦେଇନାହାନ୍ତି ।" ଶ୍ରୀ ବ୍ରଜସୁନ୍ଦର ଦାସ, ଶ୍ରୀ ଗୋପବନ୍ଧୁ ଦାସ ଓ ଶ୍ରୀ ହରେକୃଷ୍ଣ ନାୟକ "ଉତ୍କଳାବେଦିନୀ" ସଭା ପକ୍ଷରୁ ଓଡ଼ିଆ ନାରୀର ବେଶଭୂଷାର ନିନ୍ଦା କରାଯାଇଥିବାରୁ ପ୍ରତିବାଦ କରି ସାହିତ୍ୟ ସମ୍ପାଦକଙ୍କୁ ଜଣାଇଥିଲେ । କଟକର ଶିକ୍ଷିତ ଓଡ଼ିଆମାନେ ମନେ କରୁଥିଲେ କେହି ବଙ୍ଗାଳୀ ଓଡ଼ିଆଙ୍କୁ ବିଦ୍ରୂପ କରି ଏପରି ଲେଖିଅଛି । ଶ୍ରୀ ଗୋକୁଳାନନ୍ଦ ଚୌଧୁରୀ, ଶ୍ରୀ ମଦନମୋହନ ଦାସ ଉକିଲ-ମାନେ ମାନହାନି ମକଦ୍ଦମା ଦାଏର କରିବା ଉଦ୍ଦେଶ୍ୟରେ ଉତ୍କଳସାହିତ୍ୟ ସମ୍ପାଦକଙ୍କଠାରୁ ଲେଖକଙ୍କ ନାମ ଜାଣିବାକୁ ଦାବୀ କରିଥିଲେ । ସମ୍ପାଦକ ସମ୍ପାଦକୀୟ ଶିଷ୍ଟତା ରକ୍ଷାକରି ଲେଖକଙ୍କ ନାମ ଜଣାଇଲେ ନାହିଁ ।

Digitized by srujanika@gmail.com

ତେଣୁ ସମ୍ପାଦକଙ୍କ ନାମରେ ମାନହାନି ମୋକଦ୍ଦମା କରିବାକୁ ସ୍ଥିର କଲେ । ପରେ ଜଣାପଡ଼ିଲା ଯେ ଏ କବିତା ଲେଖକ ଜଣେ ଓଡ଼ିଆ ଏବଂ କବିତାଟି ସମାଜ ସଂସ୍କାର ଉଦ୍ଦେଶ୍ୟରେ ଲିଖିତ, ସେତେବେଳେ ସେମାନେ ସେ କାର୍ଯ୍ୟରୁ ବିରତ ହେଲେ । ଏହିଠାରୁ ନନ୍ଦକିଶୋରଙ୍କ ପ୍ରତି ଶିକ୍ଷିତ ସମାଜର ଦୃଷ୍ଟି ବିଶେଷ ଭାବରେ ପତିତ ହେଲା ।

୧୯୦୨ ମସିହାରେ ନନ୍ଦକିଶୋର ଭିକ୍ଟୋରିଆ ସ୍କୁଲରେ ଥାନ୍ତି । ସେତେବେଳେ ରାଧାନାଥଙ୍କ ଘରେ ସୁଢ଼ଳ ଦେବ ଅବସ୍ଥାନ କରୁଥିଲେ । ସେହିଠାରେ ତାଙ୍କର ସୁଢ଼ଳ ଦେବଙ୍କ ସଙ୍ଗରେ ସାକ୍ଷାତ ହୋଇଥିଲା । ସେହି ପ୍ରଥମ ସାକ୍ଷାତରେହିଁ ଉଭୟ ଉଭୟଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଥିଲେ । ତାଙ୍କ ଲିଖିତ ବାମଣ୍ଡା ରାଜପ୍ରଶସ୍ତି କବିତାଟି ନନ୍ଦକିଶୋରଙ୍କର କୃତଜ୍ଞତାର ନିଦର୍ଶନ ।

ସୁଢ଼ଳ ଦେବଙ୍କର ବାମଣ୍ଡାରେ ଗୋଟିଏ ରାଜସଭା ଥିଲା । ତାହା ପ୍ରାଚୀନକାଳର ବିକ୍ରମାଦିତ୍ୟଙ୍କ ରାଜସଭା ଅନୁକରଣରେ ଗଠିତ ହୋଇଥିଲା ଏବଂ ସେଥିରେ ପ୍ରାଚୀନ ଓ ଆଧୁନିକ ଉତ୍କଳ-ସାହିତ୍ୟର ଆଲୋଚନା ହେଉଥିଲା । ଅବଶ୍ୟ ସେତେବେଳେ ଓଡ଼ିଆ କବିଙ୍କ ସଂଖ୍ୟା ମୁଷ୍ଟିମେୟ ଥିଲା । କୌଣସି ଗ୍ରନ୍ଥ କେହି ଲେଖକ ଉପହାର ଦେଲେ ତାହା ସଭାରେ ଆଲୋଚନା ହେଉଥିଲା । ଥରେ ନନ୍ଦକିଶୋରଙ୍କର 'କୃଷ୍ଣକୁମାରୀ' କାବ୍ୟ ଉକ୍ତ ସଭାରେ ଆଲୋଚନା ହେଉଥିଲା । କାବ୍ୟର ପ୍ରଥମ ପଦ ହେଉଛି—"ଅଛି ଆର୍ଯ୍ୟାବର୍ତ୍ତେ ରାଜସ୍ଥାନ ନାମେ ବିଦିତ ମନୁଷ୍ୟ ଭୂଖଣ୍ଡ." କିନ୍ତୁ ତହିଁର କେତେ ପଦ ପରେ ଅଛି—"ସୁଜଳା ସୁଫଳା କରି ଯେଉଁ ଭୂମି 'ଚିତ୍ରୋତ୍ପଳା' ନଦୀ ନିରନ୍ତେ ବହେ" ଏହି ବର୍ଣ୍ଣନା ଅସଙ୍ଗତ ବୋଲି ମତ ପ୍ରକାଶ କରିଯାଇ ରାଜସଭା ପକ୍ଷରୁ ନନ୍ଦକିଶୋରଙ୍କ ନିକଟକୁ ପତ୍ର ପଠାଗଲା । ପତ୍ରର ଉତ୍ତରରେ ନନ୍ଦକିଶୋର ଅନ୍ୟାନ୍ୟ କଥା ମଧ୍ୟରେ ଲେଖିଥିଲେ—"ଗଡ଼ଜାତ ଅରଣ୍ୟ-ମୟ ପାର୍ବତ୍ୟ ଅଞ୍ଚଳ ହେଲେ କଣ ବୁଝିବାକୁ ହେବ ଯେ ଗଡ଼ଜାତରେ ସୁଢ଼ଳ ଦେବଙ୍କ ପରି ଜ୍ଞାନୀ ରାଜା ନାହାନ୍ତି, ରାଜସଭା ନାହିଁ ଏବଂ ରାଜସଭାରେ ଶାସ୍ତ୍ର ଆଲୋଚନା ହୁଏ ନାହିଁ ?" ଏଥିରୁ ବୁଝିବାକୁ ହେବ ନନ୍ଦକିଶୋର କେଡ଼େ ସୂକ୍ଷ୍ମଭାବରେ କଥାର ବିଚାର କରି ଯଥୋଚିତ ଉତ୍ତର ଦେଉଥିଲେ ।

Digitized by srujanika@gmail.com

ସେ ଉକ୍ତ ହାଇ ସ୍କୁଲରେ ତିନି ବର୍ଷ ଶିକ୍ଷକତା କରିବା ପରେ ୧୯୦୩ ମସିହାରେ କଟକ ଜିଲ୍ଲା ବୋର୍ଡ଼ ଅଧୀନରେ ସ୍କୁଲ ସବ୍‌ଇନ୍‌ସ୍‌ପେକ୍ଟର କାର୍ଯ୍ୟରେ ଯୋଗଦେଲେ । ପରିଦର୍ଶକ କର୍ମଚାରୀରୂପେ ଏହି କାର୍ଯ୍ୟରେ ରହିବା ତାଙ୍କ ସ୍ୱାସ୍ଥ୍ୟର ଅନୁକୂଳ ହେଲା ନାହିଁ । ଚାରି ବର୍ଷ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟରେ ଜିଲ୍ଲାର ନାନାସ୍ଥାନ ପରିଭ୍ରମଣ, ଖାଦ୍ୟପେୟର ଅନିୟମିତତା ପ୍ରଭୃତି କାରଣରୁ ସେ ହତୋତ୍ସାହ ହୋଇପଡ଼ିଲେ । ସାହିତ୍ୟ-ସାଧନା ମଧ୍ୟ ବାଧାପ୍ରାପ୍ତ ହେବାକୁ ଲାଗିଲା । ସେତେବେଳେ କବି ମଧୁସୂଦନ ଓଡ଼ିଶା ଶିକ୍ଷାବିଭାଗର ଇନ୍‌ସ୍‌ପେକ୍ଟର ଥିଲେ । ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆବେଦନ କରିବା ଫଳରେ ମଧୁସୂଦନଙ୍କ ସୁପାରିଶକ୍ରମେ ସେ ୧୯୦୭ ମସିହାରେ କଟକ ଟ୍ରେନିଂ ସ୍କୁଲରେ ସହକାରୀ ଶିକ୍ଷକରୂପେ ନିଯୁକ୍ତ ହେଲେ । ଶ୍ରୀ ଚନ୍ଦ୍ରମୋହନ ମହାରଣା ସେତେବେଳେ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ । ସେ ଜଣେ ଉଚ୍ଚଧରଣର ସାହିତ୍ୟସେବୀ ଓ ଶିକ୍ଷକ ଥିବାରୁ ନନ୍ଦକିଶୋର ଏହି କାର୍ଯ୍ୟରେ ନିଜକୁ ଉତ୍ସାହିତ ମନେ କରୁଥିଲେ । ଟ୍ରେନିଂ ସ୍କୁଲରେ କାର୍ଯ୍ୟ କରୁଥିବାବେଳେ ୧୯୧୦ ମସିହାରେ ସେ କଲିକତା ଡେଭିଡ୍ ହେୟାର ଟ୍ରେନିଂ କଲେଜକୁ ବି. ଟି. ପଢ଼ିବା ନିମନ୍ତେ ପ୍ରେରିତ ହେଲେ । ସେଠାରେ ଅଧ୍ୟୟନ କରୁଥିବାବେଳେ ସେ କେତେକ ଉତ୍କୃଷ୍ଟ କବିତା ରଚନା କରିଥିଲେ । 'ସନ୍ଧ୍ୟାତାରା' କବିତା ତାହା ମଧ୍ୟରୁ ଅନ୍ୟତମ । ତାପରେ ଏକ ବର୍ଷ ଅଧ୍ୟୟନ ପରେ ବି. ଟି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଟ୍ରେନିଂ ସ୍କୁଲରେ ଆସି ପୁଣି ଯୋଗ ଦେଲେ ।

ଏହାପରେ ୧୯୧୧ ମସିହାରେ ନନ୍ଦକିଶୋର ସମ୍ବଲପୁର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତ ହୋଇ କଟକରୁ ସ୍ଥାନାନ୍ତରିତ ହେଲେ । ସମ୍ବଲପୁର ଅବସ୍ଥାନକାଳରେ ତତ୍କାଳୀନ "ସମ୍ବଲପୁର ହିତୈଷିଣୀ" ପତ୍ରିକାରେ ତାଙ୍କର ବହୁ ରଚନା ପ୍ରକାଶ ପାଇଥିଲା । ବ୍ୟାସକବି, ରାଧାନାଥ ପ୍ରଭୃତିଙ୍କ ରଚନା ମଧ୍ୟ ସେତେବେଳେ ହିତୈଷିଣୀ ପତ୍ରିକାରେ ପ୍ରକାଶିତ ହେଉଥିଲା । ବାମଣ୍ଡାର ତତ୍କାଳୀନ ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ପୃଷ୍ଠପୋଷକତାରେ ଏହି ପତ୍ରିକା ପ୍ରକାଶ ପାଇ ଉତ୍କଳରେ ବିଶେଷ ଆଦରଲାଭ କରିଥିଲା । ଏହିଠାରେ କବି ଗଙ୍ଗାଧର ମେହେରଙ୍କ ସହ ନନ୍ଦକିଶୋରଙ୍କ ପରିଚୟ ଘଟିଥିଲା । ଗଙ୍ଗାଧରଙ୍କ କାବ୍ୟମନୀଷାକୁ ନନ୍ଦକିଶୋର ବିଶେଷ ଆଦର କରୁଥିଲେ ।

Digitized by srujanika@gmail.com

ଗଙ୍ଗାଧର ସେତେବେଳେ 'ଇନ୍ଦୁମତୀ', 'କୀଚକବଧ', 'ଅହଲ୍ୟାସ୍ତବ', ଲେଖିସାରି ଏକପ୍ରକାର ଲେଖା ବନ୍ଦ କରିଦେଇଥିଲେ । ନନ୍ଦକିଶୋରଙ୍କ ପ୍ରେରଣାରେ ସେ ପୁନଶ୍ଚ ଲେଖନୀ ଧାରଣ କଲେ । ନନ୍ଦକିଶୋରଙ୍କ ଏହି ଅବସ୍ଥାନକାଳରେ ମେହେରଙ୍କ ସର୍ବଶ୍ରେଷ୍ଠ କାବ୍ୟ "ତପସ୍ୱିନୀ" ଲେଖା ହୋଇଥିଲା । ସେ 'ପ୍ରଣୟବଲ୍ଲରୀ'ର ପ୍ରଥମ ସର୍ଗଟି ମାତ୍ର ଲେଖି ବନ୍ଦ କରିଦେଇଥିଲେ । ନନ୍ଦକିଶୋରଙ୍କ ବାରମ୍ବାର ପ୍ରବର୍ତ୍ତନାରେ ହିଁ 'ପ୍ରଣୟବଲ୍ଲରୀ' ସମ୍ପୂର୍ଣ୍ଣ କରି ପ୍ରକାଶ କଲେ । ସେହି ସମୟରେ ପୂର୍ବ ଲିଖିତ ମେହେରଙ୍କର ଖଣ୍ଡକବିତାସବୁ "କବିତାକଲ୍ଲୋଳ" ଆକାରରେ ପ୍ରକାଶିତ ହୋଇଥିଲା । ନନ୍ଦକିଶୋର ଉକ୍ତ ପୁସ୍ତକର ଭୂମିକା ଲେଖି ଦେଇଥିଲେ ଓ ସେଠାର ବରିଷ୍ଠ ବ୍ୟବହାରଜୀବୀ ଓ ତାଙ୍କର ବନ୍ଧୁ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ପ୍ରବର୍ତ୍ତାଇ ଏ ପୁସ୍ତକ ପ୍ରକାଶ କରାଇଥିଲେ ।

ନନ୍ଦକିଶୋର ଏହିଠାରେ ଥିଲାବେଳେ ବିଖ୍ୟାତ ବଙ୍ଗୀୟ ନାରୀ-କବି କାମିନୀ ରାୟ (ପରେ ସେନ୍)ଙ୍କ ଘନିଷ୍ଠ ସମ୍ପର୍କରେ ଆସିଥିଲେ । କାମିନୀ ସେନ୍ ବର୍ତ୍ତମାନ ନିର୍ବାଚନ କମିଶନର ସୁକୁମାର ସେନ୍ଙ୍କ ମାତା । କବି ସେହିଠାରେ ମଧ୍ୟ ବଙ୍ଗର ଭାଷାତତ୍ତ୍ୱବିତ୍ ସ୍ୱର୍ଗୀୟ ବିଜୟଚନ୍ଦ୍ର ମଜୁମଦାର ଓ ସାହିତ୍ୟରସିକ ସୋନପୁରର ମହାରାଜା ସ୍ୱର୍ଗୀୟ ବୀରମିତ୍ରୋଦୟ ସିଂହଦେବଙ୍କ ସମ୍ପର୍କରେ ଆସିଥିଲେ । ବୀରମିତ୍ରୋଦୟ କବିଙ୍କ ବ୍ୟବହାର ଓ ସୁନାମରେ ମୁଗ୍ଧ ହୋଇ ବିଜୟଚନ୍ଦ୍ରଙ୍କ ମାର୍ଫତରେ ନନ୍ଦକିଶୋରଙ୍କୁ ତିନି ଶତ ଟଙ୍କା ବେତନରେ ତାଙ୍କ ନିଜ ଷ୍ଟେଟ୍‌ର ଦେୱାନ କରିନେବାର ସୂଚନା ଦେଇଥିଲେ । କିନ୍ତୁ ନନ୍ଦକିଶୋର ସେତେବେଳେ ମାତ୍ର ମାସିକ ପଅଁସ୍ତରି ଟଙ୍କା ବେତନ ପାଉଥିଲେ ମଧ୍ୟ ଏଥିରେ ସେ ଅସମ୍ମତି ପ୍ରକାଶ କରିଥିଲେ । ଏହିଠାରେ ଅବସ୍ଥାନ ମଧ୍ୟରେ ତାଙ୍କର "ସମ୍ବଲପୁର", "ସ୍ୱର୍ଗତ ରାମଚନ୍ଦ୍ର ଭଞ୍ଜ", "ସୂର୍ଯ୍ୟମୁଖୀ ଫୁଲ", "ବାଟୋଇ", "ବର୍ଷା" ପ୍ରଭୃତି କବିତାଗୁଡ଼ିକ ଲିଖିତ ହୋଇଥିଲା ।

ସମ୍ବଲପୁରରେ ଏକ ବର୍ଷ ନ ପୂରୁଣୁ ସେ ସେଠାରୁ ପୁଣି କଟକ ଟ୍ରେନିଂ ସ୍କୁଲକୁ ପରିବର୍ତ୍ତିତ ହେଲେ । ଟ୍ରେନିଂ ସ୍କୁଲରେ ମାତ୍ର ଦୁଇ ମାସ ରହିବା ପରେ ୧୯୧୨ ମସିହାରେ ସେ ବାଲେଶ୍ୱର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକରୂପେ ସ୍ଥାନାନ୍ତରିତ ହେଲେ । ଏକ ବର୍ଷ ସେହି କାର୍ଯ୍ୟରେ ରହିବା

Digitized by srujanika@gmail.com

ପରେ ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ସମୂହର ଡେପୁଟି ଇନ୍‌ସ୍‌ପେକ୍ଟର ଭାବରେ ନିଯୁକ୍ତ ହେଲେ । ଏହି କାର୍ଯ୍ୟରେ ସେ ୧୯୧୫ ମସିହା ଫେବୃୟାରୀ ପର୍ଯ୍ୟନ୍ତ ରହିଲେ । ବାଲେଶ୍ୱର ଅବସ୍ଥାନ କାଳରେ ବ୍ୟାସକବି ଫକୀରମୋହନଙ୍କ ସହ ତାଙ୍କର ଘନିଷ୍ଠ ଆତ୍ମୀୟତା ଜନ୍ମିଥିଲା । ଫକୀରମୋହନଙ୍କ ଗୃହରେ ପ୍ରତ୍ୟହ ସନ୍ଧ୍ୟାକାଳରେ ଉଭୟେ ବସି ଓଡ଼ିଆ ସାହିତ୍ୟ ସମ୍ପର୍କରେ ନାନା ଆଲୋଚନା କରୁଥିଲେ । ବିପତ୍ନୀକ ଫକୀରମୋହନ ସେତେବେଳେ ତାଙ୍କର ପ୍ରଶସ୍ତ ବାସଭବନରେ ଏକାକୀ ବାସ କରୁଥିଲେ । ବ୍ୟାସକବିଙ୍କର ପୁତ୍ର ଅଧ୍ୟାପକ ମୋହିନୀମୋହନ ନନ୍ଦକିଶୋରଙ୍କ ସମସାମୟିକ ଓ ଅନ୍ତରଙ୍ଗ ବନ୍ଧୁ ଥିଲେ । ତେଣୁ ଫକୀରମୋହନ କବିଙ୍କୁ ପୁତ୍ରବତ୍ ସ୍ନେହ କରୁଥିଲେ । ସେ ମହା ଆଦରରେ କବିଙ୍କୁ ନେଇ ତାଙ୍କର ବାସଭବନର ଏକାଂଶରେ ରଖାଇଥିଲେ । ଦୁଇ କବିଙ୍କର ଏହି ମିଳନଦ୍ୱାରା ଉତ୍କଳ ସାରସ୍ୱତ କ୍ଷେତ୍ରର ସମୃଦ୍ଧିଲାଭ ହୋଇଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଫକୀର-ମୋହନ ତାଙ୍କ ଆତ୍ମଜୀବନୀରେ ଏହି ସାଧୁ ମିଳନର କିଞ୍ଚିତ୍ ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ନନ୍ଦକିଶୋର ତାଙ୍କର ଜଣେ ବନ୍ଧୁଙ୍କର ମାମୁଁ ତାଙ୍କ ଭଣଜା ପ୍ରତି ଯେଉଁ ଅତ୍ୟାଚାର କରିଥିଲେ ସେହି କାହାଣୀଟି ବ୍ୟାସକବିଙ୍କ ଆଗରେ ଥରେ ବର୍ଣ୍ଣନା କରିଥିଲେ । ବର୍ଣ୍ଣନାଟି ଶୁଣି ବ୍ୟାସକବି ଏପରି ମର୍ମାହତ ହୋଇଗଲେ ଯେ ସେହି କଥାକୁ ଅବଲମ୍ବନ କରି ତାଙ୍କର ପ୍ରସିଦ୍ଧ 'ମାମୁଁ' ଉପନ୍ୟାସ ରଚନା ଆରମ୍ଭ କଲେ (୧୯୧୦) । ପରନ୍ତୁ ଅପର ପକ୍ଷରେ କବି ନନ୍ଦକିଶୋର ଗୃହବାଲି ଅଞ୍ଚଳ ଗସ୍ତରୁ ଫେରି ଗସ୍ତ ବେଳେ ମଫସଲରେ ଲେଖିଥିବା ଅଖଣ୍ଡଳମଣି ଦର୍ଶନ ଗଳ୍ପ ବ୍ୟାସକବିଙ୍କୁ ଶୁଣାଇଥିଲେ । ବ୍ୟାସକବି ଉକ୍ତ ଗଳ୍ପକୁ ସେପରି ଭାବରେ ପ୍ରକାଶ ନ କରି ତାକୁ ପରିବର୍ଦ୍ଧିତ କରି ଗୋଟିଏ ଉପନ୍ୟାସ ଆକାରରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଲେ । ତାହାହିଁ କବିଙ୍କର ପ୍ରସିଦ୍ଧ "କନକଲତା" ଉପନ୍ୟାସ । ତାହା ୧୯୧୪ ମସିହାରେ ପ୍ରଥମେ ଲିଖିତ ହୋଇଥିଲା ।

କବିଙ୍କ ଲିଖିତ 'ଲକ୍ଷ୍ମୀ' ଗଳ୍ପଟି ଗୋଟିଏ ବାସ୍ତବ ଘଟଣା ଅବଲମ୍ବନରେ ଲିଖିତ । ଗସ୍ତରେ ଥିଲାବେଳେ କବି ଏହିପ୍ରକାର ଘଟଣା ଶୁଣି ଆସି ବ୍ୟାସକବିଙ୍କ ଆଗରେ ପ୍ରକାଶ କରିଥିଲେ । ଏହି କଥା ଶୁଣି ବ୍ୟାସକବି "ମାଧ ମାହାନ୍ତିଙ୍କ କନ୍ୟା ସୁନା" ଗଳ୍ପ ଲେଖିଲେ ଏବଂ କବି "ଲକ୍ଷ୍ମୀ" ଗଳ୍ପ

Digitized by srujanika@gmail.com

ଲେଖିଲେ । ବହୁ ପୂର୍ବରୁ ଅପୂର୍ଣ୍ଣ ରହିଥିବା "ଅପୂର୍ବ ମିଳନ" ଗଳ୍ପଟିକୁ ଫକୀରମୋହନ ନନ୍ଦକିଶୋରଙ୍କ ପ୍ରରୋଚନାରେ ସମ୍ପୂର୍ଣ୍ଣ କରି 'ଲଛମା' ଉପନ୍ୟାସ ନାମରେ ପ୍ରକାଶ କଲେ ।

୧୯୧୫ ମସିହାରେ କବି କଟକ ଆସିଥିଲେ । ଡେପୁଟି ଇନ୍‌ସ୍ପେକ୍ଟର ଭାବରେ ଚାରି ମାସ ରହିବା ପରେ ଓଡ଼ିଶା ଶିକ୍ଷା ବିଭାଗର ଆସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ପଦକୁ ଉନ୍ନୀତ ହେଲେ । କଟକରେ ତାଙ୍କର ଅଫିସ ଅବସ୍ଥିତ ଥିବାରୁ ସେ ପ୍ରାୟ ପାଞ୍ଚ ବର୍ଷକାଳ ଏକାଦିକ୍ରମେ କଟକରେ ଅବସ୍ଥାନ କରିଥିଲେ ।

ପରିଦର୍ଶକ କର୍ମଚାରୀ ଭାବରେ ଶିକ୍ଷକମାନଙ୍କ କାର୍ଯ୍ୟ ପରିଦର୍ଶନ କରିବା ତାଙ୍କର ପ୍ରଧାନ କାର୍ଯ୍ୟ ଥିଲା । ଅସାଧାରଣ ପାଣ୍ଡିତ୍ୟ ଓ ଜ୍ଞାନର ଅଧିକାରୀ ଥିବାରୁ ସେ ବିଦ୍ୟାଳୟ ପରିଦର୍ଶନ ସମୟରେ ଶିକ୍ଷକମାନଙ୍କୁ ଆଦର୍ଶ ଶିକ୍ଷା ପଦ୍ଧତି ବିଷୟରେ ଉପଦେଶ ଦେଉଥିଲେ । ଏ କାର୍ଯ୍ୟ ପାଇଁ ବିଭାଗର ଉଚ୍ଚ କର୍ତ୍ତା ତଥା ଅଧସ୍ତନ ଶିକ୍ଷକମାନେ ସମସ୍ତେ ତାଙ୍କର ପ୍ରଶଂସା କରୁଥିଲେ ।

ନନ୍ଦକିଶୋରଙ୍କ ରଚିତ 'ନାନାବାୟା ଗୀତ' ଏହି କଟକ ଅବସ୍ଥାନ ସମୟରେ ଲିଖିତ । ଦିନେ ଏହି ସନ୍ଦର୍ଭରେ ଲେଖକଙ୍କ ସହିତ ଆଲୋଚନା ହେଉଥିବାବେଳେ ଶିଶୁଙ୍କ ମନୋରଞ୍ଜନ ନିମିତ୍ତ ଗୋଟିଏ ଶିଶୁସଙ୍ଗୀତ ରଚନାର ସଙ୍କଳ୍ପ କଲେ । କିନ୍ତୁ ତାଙ୍କର ଅଧ୍ୟବସାୟ ଏତେ ଦୃଢ଼ ଯେ ସେ ସେହିକ୍ଷଣି କାଗଜ କଲମ ଧରି ଲେଖିବାକୁ ବସିଗଲେ । ଗାଧୁଆ ନାହିଁ, ଖାଇବା ନାହିଁ, ପିଇବା ନାହିଁ ଦିନ ୧୦ଟାରୁ ୩ଟା ଯାଏ ବସି ସେ ଚାରି ପାଞ୍ଚ ଘଣ୍ଟା ଭିତରେ ନାନାବାୟା ଗୀତ ପୁସ୍ତିକାଟି ଶେଷକଲେ । ମାତ୍ର ୪।୫ ଘଣ୍ଟା ଭିତରେ ଏହା ଲେଖା ହୋଇଥିଲେ ସୁଦ୍ଧା ଅନେକଗୁଡ଼ିଏ କବିତା ଅତି ଲୋକପ୍ରିୟ ଏବଂ ତନ୍ମଧ୍ୟରୁ କେତେକ କଲିକତା ବିଶ୍ୱବିଦ୍ୟାଳୟର ପ୍ରକାଶିତ ପାଠ୍ୟପୁସ୍ତକ (୰ ବିଜୟଚନ୍ଦ୍ର ମଜୁମଦାରଙ୍କ ସମ୍ପାଦିତ) ଓଡ଼ିଆ "ସାହିତ୍ୟସଂଗ୍ରହ" ରେ ବିଶିଷ୍ଟ ସ୍ଥାନ ପାଇଅଛି । ଆଜ୍ଞମଧ ଭୂମିକାରେ ସେ କବିଙ୍କୁ ଅତି ପ୍ରଶଂସା କରି ଲେଖିଅଛନ୍ତି ।

ଏହି ସମୟରେ ସାହିତ୍ୟକ୍ଷେତ୍ରରେ ପ୍ରଥମେ ଉତ୍କଳମଣି ଗୋପବନ୍ଧୁଙ୍କ ସହିତ ତାଙ୍କର ପରିଚୟ ଓ ଘନିଷ୍ଠତା ହୋଇଥିଲା । ନନ୍ଦକିଶୋର

Digitized by srujanika@gmail.com

ନନ୍ଦକିଶୋର

Digitized by srujanika@gmail.com

ପଲ୍ଲୀ-ଚିତ୍ର

Digitized by srujanika@gmail.com

ଉତ୍ସର୍ଗ ପତ୍ର

ପରମ ମାନନୀୟ,

ବିବିଧ-ସଦ୍‌ଗୁଣ-ନିଧାନ,

ଉତ୍କଳର ଭାବୀ ଆଶା ଓ ଗୌରବର ସ୍ଥାନ,

ଢେଙ୍କାନାଳର କିଶୋରବୟସ୍କ ଅଧୀଶ୍ୱର,

ରାଜା ଶ୍ରୀଯୁକ୍ତ ଶ୍ରୀକିଶୋରଚନ୍ଦ୍ର ବୀରବର ହରିଚନ୍ଦନ ମହାପାତ୍ର

ମହୋଦୟଙ୍କ ଗୌରବାନ୍ୱିତ ନାମରେ

ଏହି "ପକ୍ଷୀ-ଶତ" ନାମକ କାବ୍ୟ

ଗ୍ରନ୍ଥକାର ଶ୍ରଦ୍ଧା ଓ ସମ୍ମାନ

ସହକାରେ ଉତ୍ସର୍ଗ କଲା ।

Digitized by srujanika@gmail.com

ଭୂମିକା

ତାଲଚେର-ରାଜପ୍ରଦତ୍ତ "ତାଲଚେର ପଦକ"—ପ୍ରାପ୍ତି-ପ୍ରତ୍ୟାଶୀ ରେଭେନ୍ସା କଲେଜର ବି.ଏ. ଶ୍ରେଣୀଦ୍ୱୟରେ ଅଧ୍ୟୟନକାରୀ ଛାତ୍ରବର୍ଗଙ୍କୁ ପ୍ରତି ବର୍ଷ ଗୋଟିଏ ରଚନା କରିବାକୁ ହୁଏ । ସର୍ବୋତ୍କୃଷ୍ଟ-ପ୍ରବନ୍ଧ-ଲେଖକଙ୍କୁ ପଦକଟି କଟକର ଜିଲ୍ଲା-ବୋର୍ଡ଼ ଦ୍ୱାରା ପ୍ରଦତ୍ତ ହୁଏ । ଖ୍ରୀଃ ୧୮୯୭ ମସିହାରେ ଜିଲ୍ଲା-ବୋର୍ଡ଼ର ତତ୍କାଳୀନ ମେମ୍ବର୍‌ମାନ୍ ଓ ମାଜିଷ୍ଟ୍ରେଟ ପରଲୋକଗତ ଇ. ଏଫ୍. ଗ୍ରାଭସ୍ ମହୋଦୟ ଉତ୍କଳ-ଇତିହାସ, ଉତ୍କଳ-ଭୂଗୋଳ ଓ ଉତ୍କଳୀୟ ପଲ୍ଲୀଚିତ୍ର ବର୍ଣ୍ଣନ ବିଷୟରେ ପ୍ରଶ୍ନ ପଠାଇଥିଲେ । ଘଟନାକ୍ରମେ ମୋର ରଚନା ସର୍ବୋତ୍କୃଷ୍ଟ ବିବେଚିତ ହୋଇଥିଲା ।

କାର୍ଯ୍ୟସୂତ୍ରରେ ପ୍ରବନ୍ଧଗୁଡ଼ିକ ଜିଲ୍ଲା-ବୋର୍ଡ଼ର ମେମ୍ବର, କଟକ ଟ୍ରେନିଂ ସ୍କୁଲର ପ୍ରଧାନାଧ୍ୟାପକ ଭକ୍ତକବି ଶ୍ରୀଯୁକ୍ତ ମଧୁସୂଦନ ରାଓ (ରାୟ ବାହାଦୁର) ମହୋଦୟଙ୍କ ହସ୍ତଗତ ହୁଏ । କଥୋପକଥନ ବେଳେ ଉକ୍ତ ମହୋଦୟ ପ୍ରବନ୍ଧର ଶେଷାଂଶ ଅର୍ଥାତ୍ ପଲ୍ଲୀଚିତ୍ର 'ମନୋହର' ହୋଇଥିବାର କହିଥିଲେ ।

ଏଥି ପୂର୍ବରୁ ମୁଁ ପଦ୍ୟ ଲେଖିବାକୁ ଆରମ୍ଭ କରିଥିଲି । ଉକ୍ତ କଥୋପକଥନ ପରେ ସେହି ଇଂରେଜୀ ରଚନାର ଭାବରାଜିକୁ ସରଳ ମାତୃ-ଭାଷାରେ ବିସ୍ତାରିତ ଆକାରରେ ଲିପିବଦ୍ଧ କଲି । ଏହାହିଁ ଏହି ପଦ୍ୟଟିର ସମୁଦାୟ ଇତିହାସ ।

Digitized by srujanika@gmail.com

ପଲ୍ଲୀ-ଚିତ୍ର

ପ୍ରଥମ ଭାଗ

—ପ୍ରସ୍ତାବନା—

ଶାନ୍ତି-ପୂର୍ଣ୍ଣ ଅଟେର ପଲ୍ଲୀଗ୍ରାମ,
ମଧୁରିମା-ମୟ ତୋର ନାମ,
ନଗରୀର ରାଜ-ସୁଖ ମୋହ ପକ୍ଷେ ଘୋର ଦୁଃଖ;
ଅଗୋ ପ୍ରିୟ ପଲ୍ଲି ! ତୋ ପଲ୍ଲବମୟ ଅଙ୍କ,
ଛାୟାତଳ ଆଶ୍ରିବାକୁ ମୁହିଁ ସଦା ରଙ୍କ ।

ପ୍ରାଥମିକ-ମାନବ-ବସତି
ଅଟୁ ତୁ ଗୋ ସୁସରଳା ସତି,
ଗର୍ବିତ ଜଗତପଦସ୍ଥ ପାଶେ ତୁହି ଅପଦସ୍ଥ
ହେଲେ ହେଉ ଚିନ୍ତା ନାହିଁ, ଭାବୁକ ରସଜ୍ଞ
ଆଦର କରନ୍ତି ତୋତେ, ନ କରନ୍ତୁ ଅଜ୍ଞ ।

ଜାଣେଁ ତୁ ନୋହୁ ନିଷ୍କଳଙ୍କ,
ଏ ଜଗତେ କିଏ ଅକଳଙ୍କ ?
ତଥାପି ନଗର ପାପ ବିଭୀଷିକା ଦୁଃଖ ତାପ
ତୁଳନାରେ ତୋ କୁଟୀର ଅଟେ ଶାନ୍ତିମୟ,
ପଲ୍ଲୀ-ସରଳତା-ଶାନ୍ତି ରଖ କୃପାମୟ !

Digitized by srujanika@gmail.com

ସୁନିର୍ଜନ ପଲ୍ଲୀ-ଉପବନ,
ପଲ୍ଲୀ-କନ୍ୟା-ସରଳ-ଆନନ,
ଯୌବନର ପ୍ରେମ-ମଧୁ- ଗାନାସକ୍ତା ପଲ୍ଲୀବଧୂ
ତରଳ ଅପାଙ୍ଗ ଅହା କିବା ମନୋଲୋଭା,
ଧନ୍ୟ ଧନ୍ୟ ପଲ୍ଲୀ ତୋର ନୈସର୍ଗିକ ଶୋଭା ।

ପଲ୍ଲୀବାଳକର ନାନା ଖେଳ,
ପଲ୍ଲୀର ସେ ବଣଭୋଜି ମେଳ,
ପଲ୍ଲୀ-ସାମୟିକ-ହାଟ, ପଲ୍ଲୀର ସେ ସ୍ନାନଘାଟ,
ପଲ୍ଲୀ-ପଞ୍ଚାୟତ-ସଭା, ପଲ୍ଲୀ-କାରବାର,—
ପଲ୍ଲୀ-ସ୍ମୃତି ଖୋଲି ଦିଏ ଶୋଭାର ଭଣ୍ଡାର ।

କାଳ ସର୍ବନିକୃନ୍ତନକାରୀ,
କିଛି ଚିର ନ ରହେ କାହାରି,
ଯାଏ ପ୍ରିୟ ପୁରାତନ, ଆସଇ ନିତ୍ୟ ନୂତନ,
ପୁରାତନ ପଲ୍ଲୀର ସେ ଦୃଶ୍ୟ ମନୋହର
ଚିର୍ହି ପାରିବ କି ଭାଇ ନବ ଚିତ୍ରକର ?

ପ୍ରଥମ ଦୃଶ୍ୟ

(ପଲ୍ଲୀବାସୀ)

ଗ୍ରାମେ କାହିଁ ବସି କାକଗଣ
ଘନଘନ କରନ୍ତି କିସ୍ବନ,
ଆନନ ବଙ୍କିମ କରି ଗୃହ ଚାଳ ଉପର ଉପରି,
ଏ ଗୃହିଣୀ ଭଙ୍ଗି ତାଙ୍କୁ କିଏ ଶିଖାଇଲା,
କି ଗୂଢ଼ ଉଦ୍ଦେଶ୍ୟ ବହି ଏଠା ଆଇଲା ?

Digitized by srujanika@gmail.com

"ଅରେ କାକ, ଆସ ଆସ ଆସ,
ପିତା, ଭ୍ରାତା କରନ୍ତି ପ୍ରବାସ,
ବସି ଏ ତଣ୍ଡୁଳ ଭୋଗେ   ଖାଇ କାକ ଅନୁରାଗେ
କେ ବାହୁଡ଼େ ବିଦେଶରୁ କହ ଉଡ଼ିଯାଅ,
ବୃଥା ପୁଣି କାହିଁପାଇଁ ରବୁ କାଅ କାଅ ?"

କହ ଏହା ଅଳପବୟସୀ
ଯାଏ ଚୁଲି ଗୃହେ ହସି ହସି,
କହେ ତହିଁ ପରିହାସେ   ନବ ଭ୍ରାତୃବଧୂ ପାଶେ,—
"ଫେର ଆସୁଛନ୍ତି ଭାଇ ତେଜିଣି ବିଦେଶ,
ଆସ ଗୋ ସୁନ୍ଦରି, ଅଞ୍ଚ ବାନ୍ଧେ ମୁକ୍ତକେଶ ।"

ଉଡ଼ନ୍ତି ପକ୍ଷୀଏ ରବ ଦେଇ,
ଶିଶୁ ସହ ଉଭା କେମାଦେଇ,
ଅନାଇ ବିହଙ୍ଗ-ସାରି   କହେ ତାଙ୍କୁ ହସ୍ତ ଠାରି,—
"ଆସ ଆସ ଚଢ଼େଇ ରେ ମୋ ପିଣ୍ଡାରେ ବସ,
ଖାଇବାକୁ ଦେବି ଚୋଟେ ନଡ଼ିଆର ରସ ।"

ରାଜପଥେ ପଥିକ-ଦର୍ଶନେ
ବସୁରନ୍ତି ଗ୍ରାମେ ନାରୀଗଣେ,—
"କାହୁଁ ଅସେ, ଯାଏ କାହିଁ,   କେତେଦୂରେ ଅଛି ଧାଇଁ
କାହିଁ ଘର କାଟୋଇର, ଏଣେ କେଣେ ଗଲ,
କେଉଁ ଦୂର ପରବାସେ ଯାଉଅଛି ଭଲ ?"

"ଶାରୀ ଶୁଆ" ଆଦ କେତେ ଖେଳ
ଖେଳନ୍ତି ବାଳକେ ହୋଇ ମେଳ,
"ଅଳେ ଶାରି, ଅଳେ ଶୁଆ,   କାହା ହାତେ ନଡ଼ାଗୁଆ
କହ"ବୋଲି ଜଣେ କାଠି ଦିଏ କାହା ହସ୍ତେ,
ଚୋର ହେବା ଭୟେ ମୌନେ ରହନ୍ତି ସମସ୍ତେ ।

Digitized by srujanika@gmail.com

କୁଇଁ କୁଇଁ ବାଜଇ କେନ୍ଦରା,
ନାଥ ଆସି ଭିକ୍ଷା ମାଗେ ପରା ?
ଗାଇ ରାମ-ବନବାସ   କୃଷ୍ଣ ମଥୁରା-ପ୍ରବାସ-
ବେଳେ ବେଳେ ବଜାଇଣ ହରେ ଜନମନ,
ପୂର୍ଣ୍ଣ ଥାଳେ କରେ ନାଥ ସ୍ୱସ୍ଥାନେ ଗମନ ।

ଘେନି କେଳା କେଳୁଣୀଙ୍କ ସଙ୍ଗେ
ଦାଣ୍ଡେ ନାଚ୍‌ଧୁଙ୍କି କି ରଙ୍ଗେ
ବଜାଇ ଗାଉଛନ୍ତି ଗୀତ !   ଶୁଣିଣ ମୋହିତଚିତ୍ତ
ଧାଅନ୍ତି ତଣ୍ଡୁଳ ତାକୁ ବାଳକ ବାଳିକା,
କିଣନ୍ତି ତାଠାରୁ ବଂଶୀ, ଗୋବରା, କାଳିକା ।

ଶାଖାନ୍ୱିତ ବଟବୃକ୍ଷ ମୂଳେ
ପଲ୍ଲୀ ପୁଷ୍କରଣୀ-ଜଳ-କୂଳେ
ଗ୍ରାମ-ସୀମନ୍ତିନୀକୁଳ   ହୋଇଣ ସ୍ନାନାର୍ଥେ ଠୁଳ
କହୁଛନ୍ତି ପରସ୍ପର ସୁଖଦୁଃଖ କଥା,
ସ୍ନାନ ସାରି କେହି ନାରୀ ପୋଛୁଅଛି ମଥା ।

ସରସୀର ବିପରୀତ ତୀରେ
ପ୍ରତିଚ୍ଛାୟା ପକାଇଣ ନୀରେ
ବସି ହଂସ ବକରାଜି   ପନ୍ତି ପନ୍ତି ଥାନ୍ତି ସାଜି,
କୂଳେ ହିଲ୍ଲୋଳିତ-ଜଳ-ମୃଦୁଳ-ଲହରୀ
ଦେଖି ଚମକି ଉଠନ୍ତି ବକେ ଡରି ଡରି ।

ଶୁଣି ଗଉଡୁଣୀ-ଉଚ୍ଚକଣ୍ଠ
ଗ୍ରାମନାରୀମାନେ ହୋଇ ଜୁଣ୍ଟ,
ଦହି, ଦୁଧ କେ କିଣନ୍ତି,   ନ ଥିଲେ ଲୋକେ ବୋଲନ୍ତି,—
"ହାତେ ଧନ ଥିଲେ ସିନା ପୂରଇ କାମନା,
ଦୁଃଖୀର ଜୀବନ ସିନା ବିଧି-ବିଡ଼ମ୍ବନା !"

Digitized by srujanika@gmail.com

"ଲୁଣ ତେଲ ମସଲା ଗୋ ନିଅ,
ଗଡ ପାଳି କାଳି ସୁଝି ଦିଅ,"
ଶୁଣି ଏ ଜଠିଆ ଡାକ   ଘରଣୀଏ ଡାକହାକ
ହୋଇଣ ଅସନ୍ତି, ପୁଣି ହୁଏ ଦେବାନେବା
ଧାନ, ରବି, ପଇସାରେ, ମିଳେ ଯାକୁ ଯେବା ।

ବହି ଶିରେ ମେରୁସମ ଯୁଡ଼ା
କାଖେ ଧେନା ସଜ ମୁଢ଼ି ଚୁଡ଼ା
ଗୁଡ଼ିଅଣୀ, କେଉଟୁଣୀ   ପାଦେ ମୁଦି ରୁଣି ଝୁଣି
ବୁଲି ଗ୍ରାମେ ଘରେ ଘରେ ଫେରାନ୍ତି ପସରା,
ଧାନ କିବା ରବିରେ ଯେ ପାନ୍ତି ହୁଏ ଭରା ।

ଦେଖି ପ୍ରିୟ ଖାଦ୍ୟ ଶିଶୁଗଣ
ପ୍ରାଣ ତହିଁ କରନ୍ତି ଅର୍ପଣ,
ମାତା ପାଶେ କରି ଅଳି   ପୂର୍ଣ୍ଣପାନେ ଯାନ୍ତି ଚଳି
ଆନନ୍ଦେ ବିହ୍ୱଳ ପାଇ ଆକାଶର ତାରା,
ଦରିଦ୍ରସନ୍ତାନ-ନେତ୍ରୁ ବହେ ଅଶ୍ରୁଧାରା ।

ଗ୍ରାମ ମଧ୍ୟେ ଭାଗବତ ଘର
ନାନାବିଧ ଶାସ୍ତ୍ରର ଆକର,
ସନ୍ଧେ ଏହି ଠାରେ ଆସି   ବସି କେତେ ଗ୍ରାମବାସୀ
ଶୁଣନ୍ତି ମହାଭାରତ, ଗୀତା, ରାମାୟଣ,
ଅଷ୍ଟାଦଶ ପୁରାଣାଦି ଶାସ୍ତ୍ର ଅଗଣନ ।

ଗ୍ରାମ ଜମିଦାରଙ୍କର ଘର,
ଦାଣ୍ଡେ ଚାଲିବାକୁ ମାଡ଼େ ଡର !
ସାରଣି ସ୍ନାନ ପ୍ରଭାତେ   ଉଇପିଣ୍ଡାରେ ସାଆନ୍ତେ
ବସିଣ କରନ୍ତି ସେବାପୂଜାବିଧିମାନ,
ପ୍ରଜା ଗୁହାରି କଥାରେ ଡେରିଥାନ୍ତି କାନ ।

Digitized by srujanika@gmail.com

ଟଙ୍କା, ଧାନ, ସୁଧ, ମୂଳଜମା,
ସତ୍ୟ, ମିଥ୍ୟା ଯେତେ ମକଦମା,
କଳହ ଅନର୍ଥ ମୂଳ,   ସକଳ ଏଠାରେ ମୂଳ,
ମାରସ୍ଥଳ ଠେଙ୍ଗା ହାତେ ଜଗି ଚଉକିଆ,
ମାଣିରୁ ବ୍ରାହ୍ମଣ ନାହିଁ ଏଠାରେ ଅଦୟା ।

ସାଆନ୍ତାଣୀ ସଦା ଭକ୍ତିମତୀ,
ଭୋକୀ, ଶୋଷୀ, ରୋଗୀଙ୍କୁ ଲୋଡ଼ନ୍ତି,
ପାଆନ୍ତି ଜଳ ତୁଳସୀ,   ଭାଗବତ ଘରେ ବସି
ଶୁଣନ୍ତି ଭାରତ, ରାମାୟଣ, ଭାଗବତ,
ପରିବାର ମଙ୍ଗଳରେ ଅହୋରାତ୍ର ରତ ।

ବଧୂଗଣ ରୂପ-ଗୁଣ-ବତୀ,
ଗୁରୁଜନ ପାଦେ ଥାଏ ଭକ୍ତି,
ଗୃହକର୍ମ ବୁଣାଦି କାର୍ଯ୍ୟ   କରୁଥାନ୍ତି ଅନିବାର୍ଯ୍ୟ
ଚନ୍ଦନଘୋରା ଇତ୍ୟାଦି ଅନେକ ଶାନ୍ତିଣୀ,
ଦେଖିଲେ ବିଦେଶୀଙ୍କର ହେବ ବୁଦ୍ଧି ବଣା ।

ବଡ଼ଘରକୁମାରୀ-ଦୁହିତା
ଦାଣ୍ଡକାନ୍ଥୁ ଲେଖିଛନ୍ତି ତତା
ପଦ୍ମବନ୍ଧ, ନାଗବନ୍ଧ—   ଆଦି କେତେ ଚିତ୍ରବନ୍ଧ,
ଅନ୍ତର୍ଲିପି, ବହିର୍ଲିପି, ଗୋମୂତ୍ରାଦି ଛନ୍ଦ,
ଶ୍ରୀରାମ ରାବଣ—କୁରୁପାଣ୍ଡବଙ୍କ ଦ୍ୱନ୍ଦ୍ୱ ।

ଦେଖୁଛୁ ଦୈବଜ୍ଞ ଆସି କୋଷ୍ଠୀ,
ବସିଛନ୍ତି ଖଣ୍ଡାୟତ ଗୋଷ୍ଠୀ,
ଭାଲେ ଗୋରଚନା ଟୋପା,   ଶିରେ ଶୋଭେ ଗୁଚ୍ଛ ଚମ୍ପା,
ପାଚିଲା କଣ୍ଟାବାଇଁଶୀ ବାଡ଼ୀଟି ଜଙ୍ଘରେ,
ପାଚିଲା ଗାମୁଛା ବାଜେ ପଇତା ସଙ୍ଗରେ ।

Digitized by srujanika@gmail.com

କରଣ ଅଖଡ଼ା ପଲ୍ଲୀପ୍ରାନ୍ତେ
ଖଣ୍ଡାଖେଳେ ମାତନ୍ତି ବର୍ଷାନ୍ତେ,
ବଳିଷ୍ଠ ଯୁବକବର   ଚାଳନ୍ତି ଶକ୍ତ ମୁଦ୍‌ଗର
ବନାଇଟି ଛଡ଼ି ଖେଳେ ଭ୍ରାତା ସଙ୍ଗେ ଭ୍ରାତା,
ଦେଖି ଏହା ମନେ ପଡ଼େ କାଞ୍ଚୀଯୁଦ୍ଧବାର୍ତ୍ତା * ।

ଖଣ୍ଡାୟତ କରଣ-ମଣ୍ଡଳୀ
କାହିଁ ଦରବାରେ ଯାନ୍ତି ଚଳି,
କଟିରେ ଚଦର ଭିଡ଼ା,   ହାତେ ଅଛି ପାଞ୍ଚିବିଡ଼ା,
ଅଣ୍ଟାରେ ହୋଇଛି ଖୋସା ମୁନିଆଁ ଲେଖନ,
ଏହି ମୁନେ ବନ୍ଧା ସିନା ନିଖିଳ ଭୁବନ ।

ପଲ୍ଲୀ ମଧ୍ୟେ ବ୍ରାହ୍ମଣଶାସନ,
ବିପ୍ରଯୁବା କରିଣ ଅସନ
ବିଲବାଡ଼ି କଥା ଶୁଣି   ଚୁଡ଼ାଦହି ମନେ ଗୁଣି
ପଢ଼େ ମନୁ, ପରାଶର ଅବା ଅଭିଧାନ,
ବିଦ୍ୟା, ବ୍ରତ, ମନ୍ତ୍ର କିବା ସାଙ୍ଖ୍ୟ, ତନ୍ତ୍ର, ଧ୍ୟାନ ।

ବସି ବୃଦ୍ଧ ପିତାମହ ପାଶ
ନିବନ୍ଧର ସେବୁଥାନ୍ତି ନାସ !
ବିରକ୍ତ ହୋଇଣି ବୃଦ୍ଧ   କରନ୍ତି ଅଶୁଦ୍ଧ ଶୁଦ୍ଧ,
ମନେ ପଡ଼େ ପୂର୍ବ ଯୁଗେ ବ୍ରାହ୍ମଣ ପ୍ରାଧାନ୍ୟ,
ଥିଲେ ଯେବେ ଏ ବ୍ରାହ୍ମଣେ ଗୁଣେ ଗରୀୟାନ ।

* ଉତ୍କଳର ରାଜା ପୁରୁଷୋତ୍ତମ ଦେବଙ୍କ ନେତୃତ୍ୱରେ ଓଡ଼ିଆମାନେ କାଞ୍ଚୀ ଜୟ କରିଥିଲେ । ସେହି ଜାତୀୟ ବିଜୟର ସୂଚନା ଏହି ପଲ୍ଲୀପ୍ରାଙ୍ଗଣ ସାଧନାକ୍ଷେତ୍ରରେ ଦେଉଥିଲା ।

Digitized by srujanika@gmail.com

କାହିଁ ତବ ଚତୁର ଆଶ୍ରମ, *
କାହିଁ ବ୍ରହ୍ମଚର୍ଯ୍ୟ ସେ ନିର୍ମମ ?
ଦାନ ଆଦ ଷଡ଼କ୍ରିୟା ତେଜି ଚୂଡ଼ାଦହୁଶିଆ, †
"ବ୍ରହ୍ମ ଜାଣନ୍ତା ବ୍ରାହ୍ମଣ" ହୁଏ ଯେବେ ସତ୍ୟ,
ପ୍ରଣାମ କରବ ଭାଇ ତୁମ୍ଭଙ୍କୁ କେମନ୍ତ ?

ସ୍ୱର୍ଣ୍ଣଗୋସ୍ୱୀ ବିପ୍ରନାରୀଗଣ
କରି ପ୍ରାତଃସ୍ନାନ ସମାପନ
ଜଳାର୍ଦ୍ର ବସନ ଅଙ୍ଗେ ମନ୍ତ୍ରର ଗତିରେ ରଙ୍ଗେ
ଫେରୁଛନ୍ତି ଗୃହେ; ହେଲେ ବ୍ୟଞ୍ଜନ ରନ୍ଧନ
ପତି, ପୁତ୍ରେ ଆସି କର୍ମୁଁ କରିବେ ଭୋଜନ ।

ଗ୍ରାମେ କାହିଁ ମହାଜନ ସାଇ,
ବସି ପିତା, ପୁତ୍ର, ଭାଇ ଭାଇ
ବୁଣନ୍ତି ଅଖା ପଲଣି, କରନ୍ତି ପୁଣି ଦୋକାନ,
ଛାନ୍ତି କଡ଼ା ହଜାରରେ କରନ୍ତି ଗଣନା,
ବନ୍ଧା ରଖି ଖାତକର ଜମି ଶସ୍ୟକନା ।

ଅତି ମିଥ୍ୟାଗ୍ରସ୍ତ ମହାଜନେ,
କୃପଣତା ଅଶନେ ବସନେ,
ମହାଜନ ବଧୂଗଣ ପର୍ବତେ କରି ଗମନ
ଶିରେ କାଷ୍ଠ ଘେନି ଗୃହେ ଫେରୁଛନ୍ତି କ୍ଲେଶେ,
ପ୍ରକାଣ୍ଡ ସିନ୍ଦୂର ଥୋପା ଶୋଭେ ଭାଲଦେଶେ ।

---

* ବ୍ରହ୍ମଚର୍ଯ୍ୟାଶ୍ରମ, ଗୃହସ୍ଥାଶ୍ରମ, ବାନପ୍ରସ୍ଥାଶ୍ରମ ଓ ଭିକ୍ଷ୍ୟାଶ୍ରମ ପୁରାତନ ଆର୍ଯ୍ୟମାନଙ୍କର ଚତୁର୍ବିଧ ଆଶ୍ରମ ଥିଲା ।

† ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ, ପ୍ରତିଗ୍ରହ—ଏ ଷଟ୍‌କର୍ମ କ୍ରିୟାଶୀଳ ପ୍ରକୃତ ବ୍ରାହ୍ମଣଙ୍କର ନିତ୍ୟ କର୍ତ୍ତବ୍ୟ ଥିଲା ।

Digitized by srujanika@gmail.com

ପତ୍ନୀ-ପୁତ୍ର-ତନୟା ସହାୟ
ନିଜ ହାତେ ଧାନ ଉନ୍ଦୁବାୟ
କରଇ ବସ୍ତ୍ର ବୟନ ଷିପ୍ରହସ୍ତ ଛନ ଛନ;
ଦିନ ରାତି ଲାଗି ପେଟ ନ ପୂରଇ ତାର,
ଅହୋ ଜୀବନସଂଗ୍ରାମ ବିଷମ ବ୍ୟାପାର !

ନାନାଜାତି ଅଛନ୍ତି ହାଟୁଆ—
ଓଡ଼, ତେଲି, ଗୁଡ଼ିଆ, ବଣିଆ,
ଭଣ୍ଡାରୀ, ଗୌଡ଼, କମାର, ବଢ଼େଇ, ମାଳୀ, କୁମ୍ଭାର,
ଥଟାରୀ, ପାଠେରା, ଶୁଧ, କେଉଟ ଓ ତନ୍ତୀ,
ତାମ୍ବୁଲୀ, ଶଙ୍ଖାରୀ, ପୁଣି ଅସ୍ପୃଶ୍ୟ ଜାତି ।

ଚମାର, କଣ୍ଡରା, ହାଡ଼ୀ, ପାଣ,
କାଳନ୍ଦୀବୈଷ୍ଣବ, ଧୋବା ଜାଣ
ଗୋଖା, ବାଗୁଡ଼ୀ, ତିଅର, ଡମ, ଚୁହାଡ଼, ଶଅର,
ଛନ୍ଦାଜିଆ, ଶୁଣ୍ଢୀ, ମୋଚି, କାଆଁଳ ଗଉଡ଼,
ଠେକା ଅଦ, ଲେଖୁଁ ଲେଖଁ ହେବ ବେଳବୁଡ଼ ।

ଗ୍ରାମର ଅଖଡ଼ା ଏତ୍ର ସ୍ଥାନେ,
ପ୍ରତିରାତ୍ରେ ନୃତ୍ୟକାରୀମାନେ
ଶିଖନ୍ତି 'ଭାରତଲୀଳା,' 'କୃଷ୍ଣଲୀଳା,' 'ରାମଲୀଳା,'
ପର୍ବ ପାରବଣେ ଦେଶେ ବିଦେଶେ ନାଚନ୍ତି,
ଅର୍ଥ ଉପାର୍ଜନ କରି କୁଟୁମ୍ବ ପୋଷନ୍ତି,
(ରାଜା, ରାଣୀ, ମନ୍ତ୍ରୀ, ଗଧ ସମସ୍ତେ ନାଚନ୍ତି !) ।

କଳହରେ ଦୁଇ ବରାଙ୍ଗନା
ପରସ୍ପରେ କରନ୍ତି ବନ୍ଦନା !
କେ ନିର୍ଦ୍ଦୋଷ କିଏ ଦୋଷୀ ? ଦୁହେଁ ନିଜ ନ୍ୟାୟ ଘୋଷି
ବଜ୍ରନାଦେ ଅନର୍ଗଳ କରନ୍ତି ବକ୍ତୃତା,
ମାବାମ୍ ଲେ ବୀରନାରୀ, ସାବାସ୍ ବୀରତ୍ୱତା !

Digitized by srujanika@gmail.com

ମନୋହର ଉଚ୍ଚମାର ଉଚ୍ଚ
ଶୋଭେ କାହିଁ ବୈଷ୍ଣବଙ୍କ ମଠ,
ଶାନ୍ତ ଋଷି ତପୋବନ— ଯ[illegible] ରାଜେ ଉପବନ,—
ଅଶ୍ୱତ୍ଥ-ପନସ-ଚୂତ-ବଟ-ବଂଶରାଜି;
କି ନିସର୍ଗ-ଲାବଣ୍ୟରେ ଅଛି ମଠ ସାଜି !

କାଗିଜି, ନାରଙ୍ଗ ଆଦି ଫଳ
ପକ୍ୱ ହୋଇ ନିଜେ ପଡ଼େ ତଳ,
ବୈଷ୍ଣବ-ତନୟାଗଣ କରି ତାହା ଆହରଣ
ଆନନ୍ଦେ ଚଳନ୍ତି ଗୃହେ ଘେନି ପଣନ୍ତରେ,
ଦଅନ୍ତି ଜନନୀ କରେ ପ୍ରଫୁଲ୍ଲ ଅନ୍ତରେ ।

ଶୁଣିଅଛି ଏହି ମଠ ପରି
ହେଉଥିଲା ହରିନାମେ ଭରି,
ମନ୍ଦିରା, ଝାଞ୍ଜ, ମୃଦଙ୍ଗେ, ରାମତାଳି ଆଦି ରଙ୍ଗେ
ବଜାଇ, ବୈଷ୍ଣବଗଣ କରୁଥିଲେ ଗାନ
ଭକ୍ତିଭରେ ନିସନ୍ଧ୍ୟାରେ ହରିସଂକୀର୍ତ୍ତନ ।

ହରାଇ ବୈଷ୍ଣବେ ଶୁଭଦାନ
ନିଷ୍ଠା-ଅନୁଷ୍ଠାନେ ଏବେ ହୀନ !
ଯେବେ ଶିଷ୍ୟ ନିମନ୍ତ୍ରଣେ "ନେଜକେକାର୍" ଉଚ୍ଚାରଣେ
ପ୍ରକାଣ୍ଡ ପଙ୍କତି ଭୋଜନ କରନ୍ତି ଭମ୍ପନ,
ଥରେ ଯେବେ ଶୁଣାଯାଏ ଢୋମିଣା* କୀର୍ତ୍ତନ ।
(ଆହା ସେ ପ୍ରେମଧର୍ମର କି ଘୋର ପତନ !) । †

* ଢୋମିଣା—ଓଡ଼ିଆ ବଙ୍ଗଳା ମିଶ୍ରିତ ଭାଷାରେ ରଚିତ ଗୀତ ।
† ପ୍ରେମଧର୍ମ—ବିଶ୍ୱଜନୀନ ପ୍ରେମ-ପ୍ରଚୁର ବୈଷ୍ଣବଧର୍ମର ବିଶେଷ ଉଦ୍ଦେଶ୍ୟ ଥିଲା ।

Digitized by srujanika@gmail.com

ନାନାଗୀତ ଗାଇ ଗ୍ରାମଭାଟେ
ବାଇ ବଂଶୀ ଗ୍ରାମର ଗୋପାଳେ
ଗ୍ରାମପ୍ରାନ୍ତେ ଗୋଷ୍ଠ ସ୍ଥାନ   ତରୁ ତଳେ ଧରି ନାଚ
କୁଦାଟିଣି ଆନନ୍ଦରେ ଚରନ୍ତି ଗୋଧନ,
ପଦ୍ମଯୁକ୍ତ ତାଳଛନ୍ଦ ଦଣ୍ଡେ ଶୋଭାବନ ।

ଦ୍ୱିତୀୟ ଦୃଶ୍ୟ

(ଗ୍ରାମଖେଳା)

ଗ୍ରାମପ୍ରାନ୍ତେ କରି ଲୋକେ ଖେଳା
ମେଳ ଯୋଡ଼ି ଚଳାନ୍ତି ବେଙ୍ଗଳା,
ନାଳି ମଞ୍ଚା ମଧ୍ୟ ସ୍ଥାନେ   ଜଗନ୍ତି ରଜନୀରେ ଧ୍ୟାନେ,
ମିଳେ ସତେ ଦେଖିଥାନ୍ତି ଯେ ସର୍ବ ଘଟନା
କଳ୍ପନା ବଳରେ ପ୍ରାଣେ କରନ୍ତି ଜଳ୍ପନା !

ପଲ୍ଲୀ ଖେଳା ପାଶେ ଜଳାଶୟ,
ପ୍ରସ୍ଫୁଟିତ କୋକନଦଚୟ:
ନାନା ଜଳଚରଗଣ   କରୁଥାନ୍ତି ସନ୍ତରଣ,
ହଂସ କାଦମ୍ବାଦ ପକ୍ଷୀ କରୁଥାନ୍ତି ସ୍ୱନ,
ଶୁଣନ୍ତେ ସାନନ୍ଦ ହୁଏ ଭାବୁକର ମନ ।

ପ୍ରଭାତୁଁ ଉଠିଣ ଗ୍ରାମବାସୀ
ମେଳ ହୋନ୍ତି ଏହିଠାରେ ଆସି,
ଖାଏ ପିକା କେହୁ ବସି   ଗଳ୍ପ କରେ କେହୁ ହସି,
ମୁହୁର୍ମୁହୁ ଛିଙ୍କି କରେ କେ ନସ୍ୟ ଗ୍ରହଣ,
ଜଳ ତୀରେ ବସି କରେ କେ ଦନ୍ତଧାବନ ।

Digitized by srujanika@gmail.com

କ୍ଷୌରକର୍ମେ ନାପିତପ୍ରବର,
ବସି କହେ ବିଦେଶ ଖବର,
ଧର୍ମଶାସ୍ତ୍ରେ ସମରଥ   ବୃଦ୍ଧ କହେ ଧର୍ମମତ,
କେହୁ ଗୃହ କଥା, କେହୁ ବଳର ସମ୍ବାଦ,
ଅନର୍ଥକ ବିଷୟେ କେ କରନ୍ତି ବିବାଦ ।

ବିଲୁଁ କଟା ହୋଇ ଅଧା ଅଧା
ପ୍ରଶସ୍ତ ଖଳାରେ ଧାନ ଗଦା
ହୋଇଅଛି ବଦା ବଦା,   କୃଷକର ଘୋର ଧନ୍ଦା,
ସାହୁ ମହାଜନ ପୁଣି କୁଟୁମ୍ବ ପାଳିବ,
ସେହୁ ଧାନ ବିକି ପୁଣି ରାଜସ୍ୱ ଗଣିବ ।

ଅସ୍ଥିର ଏ ଭବର ବେଭାର,
କାହୁଁ ଚିର ନ ରହେ ତାହାର,
ଆଜ ଯେ ମୁକୁଟଧାରୀ   କାଲି ସେ ବାଟଭିକାରୀ,
କିନ୍ତୁ ତୁହି କୃଷକ ରେ ଚିରକାଳ ରହି
ନିଜ ରକ୍ତ ଦାନେ ପାଳୁ ଏ ବିଶାଳ ମହୀ ।

ବ୍ରାହ୍ମଣ, ସନ୍ନ୍ୟାସୀ, ଧନୀ, ମାନୀ
ହୋଇଲେହେଁ ଅମ୍ବ-ଅଭିମାନୀ
ଯେବେ ବା ତୁ ଅତି ଦୀନ   ନୋହୁ ତାଙ୍କଠାରୁ ହୀନ,
ବୈଶାଖର ଖରା ପୁଣି ଶ୍ରାବଣର ଧାରା
ମାଘମାସ ଶୀତ ସହି ଖଟୁ ବର୍ଷସାରା ।

ହେ କୃଷକ, ଅଶେଷ କଷଣ
ସହି ଅର୍ଜୁ ତୁ ଅଳପ ଧନ,
ଅକର୍ମା ଅଳସ ଜନେ   ଶୋଷନ୍ତି ନିଷ୍ଠୁର ମନେ
ଭିକ୍ଷୁକବ୍ରାହ୍ମଣ, ଯୋଗୀ, ବୈଷ୍ଣବ ରୂପରେ,
ଭୟଙ୍କର ପ୍ରବଞ୍ଚକ ଅଟନ୍ତି ହେ ନରେ ।

Digitized by srujanika@gmail.com

କର୍ମକୁଣ୍ଠୀ ଅଳସେ ତୋ ଧନ ⁕
ଦେଇ ପାପ ନ କର ଅର୍ଜନ,
ଅଛନ୍ତି ସକଳେ ହର   ଦେହ ମନ ଦାନ କର,
ସୁସ୍ଥ ଦେହେ ପର-ଧନ ଭୋଗରେ ଯାହାର
ଆଚଣ୍ଡାଳବ୍ରାହ୍ମଣରେ ନାହିଁ ଅଧିକାର ।

କିନ୍ତୁ ଦୀନ ଅସମର୍ଥ ଜନେ
ଅନାଥ ଓ ସଦାଶ୍ରୁ ନୟନେ,
ହେଲେହେଁ ବ୍ରହ୍ମଚଣ୍ଡାଳ   ନ ବିଚାରି ଦେଶ କାଳ
ସାଧ୍ୟ ଅନୁଯାୟୀ କର ତା ଦୁଃଖ ମୋଚନ,
ଧନ୍ୟ ସେ ପରାର୍ଥେ ପ୍ରାଣ କରେ ଯେ ଧାରଣ ।

କର୍ମ କର କର୍ମ କର ଭାଇ,
କର୍ମଠାରୁ ପୁଣ୍ୟ ଆଉ ନାହିଁ,
ସାଧୁ-କର୍ମ-ଲବ୍ଧ-ଧନେ   ଆନନ୍ଦେ ଯାପ ଜୀବନେ,
ଶକ୍ତି ଅନୁସାରେ ଦିଅ ଦୁଃଖି-ଭିକ୍ଷା-ପାତ୍ରେ,
ଉଦ୍‌ବୃତ୍ତ ଅର୍ଥ ସଞ୍ଚୟ କର ବିପଦାର୍ଥେ ।

କୃଷି-ଲବ୍ଧ ଶସ୍ୟ ବିକା କିଣା
କଲେ ଧନ ବୃଦ୍ଧି ହୁଏ ସିନା,
ବାଣିଜ୍ୟେ ଷୋଳଣା ଧନ,   କୃଷି କାର୍ଯ୍ୟେ ଅଠପଣ,
ରାଜକର୍ମେ ଚାରପଣ, ଭିକ୍ଷାବୃତ୍ତି ଛାର,
ଧିକ ତା ଜୀବନ ଭିକ୍ଷା ଜୀବିକା ଯାହାର !

ଧନ୍ୟ ଧନ୍ୟ କୃଷକ ରେ ତୋତେ,
ଖଟି ଖଟି ପୋଷୁଅଛୁ ମୋତେ,
ହେୟ ତୋତେ ମଣେ ଯେହୁ   ଅବଶ୍ୟ ନିର୍ମମ ସେହୁ,
ତାର ଗର୍ବେ ସଂସାରର କି ଲାଭ ହୋଇବ !
ତୋ ବିହୁନେ ଏ ସଂସାର କ୍ଷଣେ ନାଶ ଯିବ ।

⁕ କର୍ମକୁଣ୍ଠୀ—"କାମକୋଢ଼ୀ" ବା ପରିଶ୍ରମକାତର ।

Digitized by srujanika@gmail.com

ତୃତୀୟ ଦୃଶ୍ୟ

(ଗ୍ରାମ ଗୁରୁଶାଳା)

ଗ୍ରାମ ମଧ୍ୟେ ଗ୍ରାମ-ଗୁରୁଶାଳା,
ଯମଦଣ୍ଡ ଅବଧାନ ଜାଳା,
ବାଳକେ ଯେତକ ଆସିବ 'ଶୂନ୍ୟ' ଖାଇ ପ୍ରାଣ ପିବ,
'ଏକ' 'ଦୁଇ' ମାଗି ଛନ୍ଦେ ଦୁଅନ୍ତି ବାହାର,
'ଛପ ନ ଶୁଖୁଣୁ ବଧି ଖାଇ ଅସିବାର' ।

ଗୁରୁଙ୍କର ବିଦ୍ୟା ଅପ୍ରମିତ,
ଜାଣନ୍ତି ସେ ଶ୍ଳୋକ, ଛନ୍ଦ-ଗୀତ,
ମହାଜନୀ, ଜମିଦାରୀ— ହିସାବରେ ଅଣ୍ଟା ଭାରି,
ଲେଖା ଯୋଖା ଖଡ଼ି ପାଠେ ଅତି ଧୁରନ୍ଧର,
'ପୁରି' 'ଲଉରିଆ' ଲେଖା ଅପୂର୍ବ ସୁନ୍ଦର ।

ଜମିଜରିବରେ ଅଛି ଜ୍ଞାନ,
ଗ୍ରାମେ 'ଗୁଣିବିଦ୍ୟା'ରେ ପ୍ରଧାନ,
ଅପାର ତାଙ୍କ ମହିମା, ନାହିଁ ସେ ବିଦ୍ୟାର ସୀମା,
ଏକାଧାରେ ସମାବିଷ୍ଟ ଆହା କେତେ ଗୁଣ,
ଅମୂଲ୍ୟ ଅଟଇ ଅହା ଅତୁଳ ନୈପୁଣ୍ୟ !

ମନେ ପଡ଼େ ଶୈଶବର ଦିନ
(ଅତୀତ ଗର୍ଭରେ ଯାହା ଲୀନ),
ଯେବେ ମାତାଙ୍କୁ ଲୁଚାଇ ଲେମ୍ବୁ ଅଗୁର ଚୋରାଇ
ଦେଇ ବେତାଘାତୁଁ ଛନ୍ଦେ ପାଉଥିଲେ ତ୍ରାହି,
ଏ ଭଳି ସୁଯୋଗ କିଏ ଛାଡ଼ି ପାରେ ଭାଇ !

Digitized by srujanika@gmail.com

‘ଠ’—ପଢ଼େ ବସି କେହୁ କୋଣେ,
‘ସିଦ୍ଧି ରସ୍ତୁ’ ପଢ଼େ ଅନ୍ୟ ଜଣେ,
ଚର୍ଚ୍ଚା ହୁଏ ନାନା ପାଠ—   ସଙ୍ଗେ ଅପ୍ରମିତ ଶାଠ,
‘ସତରଫଳା’ ପଢ଼ିଣ ଅଳପ ବରଷେ
ଶାଢ଼ୀ ଦେଇ ‘ମାଜା ବନା’ ପଢ଼େ କେ ହରଷେ।

ପଣକିଆ-ସାଦା-କଡ଼ା-ପାହୁ,
ସୋଧି, ଓଡ଼ାଙ୍କ, ମେଲ୍ଲଙ୍କ ଗାର
ହରଗୁଣା, ଫେଡ଼ମିଶା,   ଅଙ୍କଗୁଣା, ଧର ଦଣା
ସାଦା-କାଣି-ଦସ୍ତି-ହାତ-ସମ-ବଷମାଦ—
ନଳ ପଢ଼ୁଛନ୍ତି ଥୋକେ ଛାତ୍ର କାନ୍ଦ କାନ୍ଦ।

ଭୃଆଣି, କୁଠା, ନସ୍ତୁ-ବନସ୍ତୁ,
ମହାଜନୀ-ହିସାବନିକସ୍ତୁ,
ଶେଷରେ ଅସଲ୍-ହବୁ,   ପଢ଼ିଲେ ଯା ଶେଷ ସବୁ,
ଲୀଳାବତୀସର ପୁଣି ଘୋଷେ କେଉଁ ଗୃଟ,
ମହାକୋଳାହଳେ କମ୍ପେ ଗ୍ରାମ, ବାଟ, ଘାଟ!

ଲେଖି ଅପରାହ୍ଣେ ତାଳପତ୍ର
ବୋଲି ପୁଣି ରାସ, ଭାଗବତ,
ନାନାବିଧ ଛାନ୍ଦମାନ   ଧର ଉଚ୍ଚ ତାନମାନ
ଗାଉଛନ୍ତି ଛାତ୍ରବୃନ୍ଦ ବସାଇ ରାଗିଣୀ,
ଗୃହେ ବସି ଶୁଣନ୍ତି ତା ଗ୍ରାମସୀମନ୍ତିନୀ।

ପ୍ରଦୋଷେ ବାଳକେ ଶ୍ଲୋକ, ସ୍ତୁତି
ପୂର୍ବପାଠ କରନ୍ତି ଆବୃତ୍ତି,
ନିଃଶେଷି ସର୍ବ ସାହିତ୍ୟ   ପଢ଼ନ୍ତି ପୁଣି ଗଣିତ
ଗୁରୁଙ୍କ ଭୋଜନାସନ କରଣ ବିଧାନ
ସନ୍ଧ୍ୟାକାଳେ କରନ୍ତି ସେ ସ୍ୱଗୃହେ ଗମନ।

Digitized by srujanika@gmail.com

ହାଟ ଦିନ 'ହାଟଗଣ୍ଡା' ନେଇ
ପ୍ରଣମନ୍ତି ଗୁରୁ ପାଶେ ଦେଇ,
ଛାତ୍ରଗଣ 'ବଡ଼ଗୃହେ' ଯାଉଁ ଗୃଲ ଗୁରୁ ହାଟେ
'କ-କା-କେ-କୈ' ବନନ୍ତି ସକଳ,
ସେ ଘୋର ଗର୍ଜନେ କମ୍ପେ ବ୍ରହ୍ମାଣ୍ଡମଣ୍ଡଳ ।

କେହୁ ଯେବେ ବଡ଼ଗୃହ କାମ
ନ କରିଲ ବିଧି ତାର ବାମ,
ଅସିଲେ ଗୁରୁ 'ଚିଙ୍କିଅ' 'ଏକଗୋଡ଼କିଅଂଠିଅ'
'ମତୁଆ-ଶାଙ୍ଖୁଳ' ଅଦ କେତେ କେତେ ଦଣ୍ଡ
ଦେଇଣ କରନ୍ତି ତାକୁ ମହାଲଣ୍ଡଭଣ୍ଡ ।

ଯେଉଁ ଦିନ ପଡ଼ଇ କମାଇ
ଶିଷ୍ୟଗଣ ଇନ୍ଦ୍ରସୁଖ ପାଇ
ଗୁଡ଼ ଖଡ଼ ମେଣ୍ଢା ଧରି ଗାଅନ୍ତି ରାଗିଣୀ ଧରି
ଭଞ୍ଜ-ଦୀନକୃଷ୍ଣ-କୃତ ଛନ୍ଦବନ୍ଧମାନ,
ସେ ଗୀତ ଶ୍ରବଣେ ଅହା ମୋହିତ ମୋ ପ୍ରାଣ ।

ଭାଦ୍ରେ ପକ୍ଷେ ଗଣେଶଚତୁର୍ଥୀ
ଧରନ୍ତି ବାଳକେ ମହାସ୍ଫୂର୍ତ୍ତି,
ଦେଇ ନାନା-ଉପାଦାନ ସଜାଡ଼ ଗୁଙ୍ଗଡ଼ାମାନ,
'ପେଡ଼ଲୁଗା' ପିନ୍ଧି, ଶିରେ ଦେଇଣ ଚନ୍ଦନ,
ଇଷ୍ଟପୂଜା ଅର୍ଥେ ହର୍ଷେ କରନ୍ତି ଗମନ ।

ପୁଣ୍ୟ-ଶ୍ରୀପଞ୍ଚମୀ ମାଘମାସେ
ପୂଜନ୍ତି ସେ ଇଷ୍ଟ ଉପବାସେ,
ଦେଇ ଚର୍ବି ନାରକେଳ ହୋଇ ଛାତ୍ରବୃନ୍ଦ ମେଳ
ନାନାରଙ୍ଗେ ଗାଇ ଗୀତ ଫେରି ଘରେ ଘରେ
ଅର୍ଜନ୍ତି ଗୁର୍ବର୍ଥେ ଅର୍ଥ ମହାହର୍ଷଭରେ ।

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ

(ଗ୍ରାମତୋଟା)

ଗାଆଁ ତଳେ ଘନ ଅମ୍ବତୋଟା,
ଅଛି ଗଛ ଅଛୁ ଗୋଠା ଗୋଠା,
ଦୀନଦୁଃଖୀଙ୍କ ସନ୍ତାନ ଧରି ଉଚ୍ଚ ତାନମାନ
ହରନ୍ତି ହୃଦୟ ବନ-ଶୈଳ-ଗୀତ ଗାଇ,
ଗୋଠାନ୍ତି ପଥର ଜାଳ ଘେନିଣ ଠୋକାଇ ।

ବୃକ୍ଷଡାଳେ ବସି ଶୁକଗଣ
କରୁଛନ୍ତି ସୁମଧୁର ସ୍ୱନ,
ପକ୍ୱଧାନ ଖାଇ ଦିନ କାଟନ୍ତି ହୋଇ ସ୍ୱାଧୀନ
ଅସି କାଣ୍ଡନଳ ବନ୍ଧି କେଳା ତାଙ୍କୁ ଧରେ,
ବିକି ମୂଲ୍ୟ ନେଇ ନିତି ଯାଏ ଗୃହି ଘରେ ।

ବନଫଳ-ନଦୀଜଳାହାରୀ
ପିଞ୍ଜରେ ଆବଦ୍ଧ ଶୁକ ଶାରୀ
"ପଢ଼ ହରେ ରାମ କୃଷ୍ଣ ଆତ୍ମାରାମ କୃଷ୍ଣ କୃଷ୍ଣ"
କହି ତାଙ୍କୁ ଦିଏ କିଏ ବିବିଧ ଆହାର,
ରବି ପକ୍ଷୀ ଭବେ ଯନ୍ତ୍ର ହେବାକୁ ବାହାର ।

ସ୍ୱର୍ଗସୁଖ ଦିଏ ସ୍ୱାଧୀନତା,
ଦାରୁଣ ଭୀଷଣ ଅଧୀନତା,
ହୋଇ କ୍ଷୁଦ୍ର ବିହଙ୍ଗମ ଜାଣୁ ସ୍ୱାଧୀନତା ମର୍ମ,
ନ ଉଡ଼ିବୁ ଆଉ ତୋର ବିଶାଳ ଗଗନେ,
ବିହରିବୁ ନାହିଁ ଆଉ ପ୍ରିୟା ସଙ୍ଗେ ବନେ ।

Digitized by srujanika@gmail.com

ଗଲେ ଭୁଲି ପକ୍ଷୀ କିଛି ଦିନ
ନ ହେବୁ ତୁ ପରାଧୀନେ ଦୀନ,
ଦାସତ୍ୱ-ଶୃଙ୍ଖଳେ ରୁଦ୍ଧ ଗଲେ କିଛି କାଳ ବଦ୍ଧ
ନ ପଡ଼ିବ ମନେ ଅଭ୍ର ପ୍ରଶସ୍ତ ଗଗନ,
ଅବଦ୍ଧ ପାଠକୀ ପାପପିଞ୍ଜରେ ଯେସନ ।

ପଞ୍ଚମ ଦୃଶ୍ୟ

(ଗ୍ରାମଦେବତା)

ଗ୍ରାମପ୍ରାନ୍ତେ ମନୋରମ ସ୍ଥାନ
ଗ୍ରାମଦେବତାଙ୍କ ଅଧିଷ୍ଠାନ;
ଶ୍ରୀଫଳ ଅଶ୍ୱତ୍ଥ ବଟ କରୁଛନ୍ତି ଝଟମଟ
ମଧ୍ୟନେ ବ୍ରତତିପନ୍ତି ହୋଇଛନ୍ତି ଛନ୍ଦ
ଫୁଟି ସୁଶୋଭିତ ଧାଡ଼େ ପୁଷ୍ପ ଛନ୍ଦ ଛନ୍ଦ ।

କାହିଁ 'ହରିବୋଲ-ବଟମୂଳେ'
ପୂର୍ଣ୍ଣିମା, ସଙ୍କ୍ରାନ୍ତି ରାତ୍ରେ ଠୁଳେ
ଗ୍ରାମ 'ସତପନ୍ଥୀ'ଗଣ ରାନ୍ଧି ମହୋତ୍ସବ ଅନ୍ନ
ଭେଦାଭେଦ ନ ବିଚାରି ଭୁଞ୍ଜନ୍ତି 'ପ୍ରସାଦ',
ଗାଉଥାନ୍ତି 'ମନବୋଧ ଚଉତିଶା' ଛନ୍ଦ ।

ଖଞ୍ଜଣି ବଜାଇ ବୃଦ୍ଧଜନ
ଗାଉଥାନ୍ତି ଚୌପଦୀ ଭଜନ
ଗଞ୍ଜାନିଶାରେ ଉନ୍ମତ୍ତ ହୋଇ ଭଗବତଭକ୍ତ
ବିପଦକାଳରେ ବସେ 'ସଭା' ଏହି ସ୍ଥାନେ,
ଶୁଣନ୍ତି ଶାସ୍ତ୍ରୀୟ ଗାଥା ଗ୍ରାମବାସୀମାନେ ।

Digitized by srujanika@gmail.com

ଷଷ୍ଠ ଦୃଶ୍ୟ

(ଗ୍ରାମ-ମହାଦେବ)

ଗ୍ରାମ-ମହାଦେବଙ୍କ ବସତି,
ପବିତ୍ର ପ୍ରଶାନ୍ତ ସ୍ଥାନ ଅତି,
ବେଲ୍ଫଳ-ନାରିକେଳ- ଗୁବାକାଦି ବୃକ୍ଷ ମେଳ
ଶୋଭଣ ଦିଶନ୍ତି ଅହା ବଡ଼ ମନୋରମ,
ଏସ୍ଥାନେ ବସିଲେ ଅପେ ଆସଇ ସଂଯମ ।

ଶିବଚତୁର୍ଦ୍ଦଶୀ ନିଶାପର୍ବେ
ଗ୍ରାମ-ସୀମନ୍ତିନୀ ଆସି ସର୍ବେ
ମାଗନ୍ତି ପ୍ରଦୀପ ଜାଳି ଶିବେ କେତେ ବର ବାଳି,
ପ୍ରତିଦିନ, ବାର ପର୍ବେ, ଗ୍ରାମବାସିଗଣ
ଭକ୍ତିଭରେ ମହାଦେବ କରନ୍ତି ଦର୍ଶନ ।

ବେଲପତ୍ରୀ ପାଦୁକ ଚନ୍ଦନ
ଘେନି ବିପ୍ର କରନ୍ତି ଭ୍ରମଣ
ପଲ୍ଲୀ-ଗ୍ରାମେ ଘରେ ଘରେ ଦେଇ ଯଜମାନ କରେ
ପଞ୍ଚାମୃତ ଆଦି କରି ଦେବତା-ପ୍ରସାଦ,
ଯାହା ସେବି ଛୁଟିଯାଏ ପରମ ପ୍ରମାଦ ।

ସପ୍ତମ ଦୃଶ୍ୟ

(ଗ୍ରାମଶ୍ମଶାନ)

ଦେଖି ଦେଖି ପଲ୍ଲୀ-ଗ୍ରାମ-ଶୋଭା
କି ସୁନ୍ଦର ଅହା ମନୋଲୋଭା !
ଭୁଞ୍ଜି ଶୋଭା ମଧୁରିମା ଛାଡ଼ିଅଛୁ ଗ୍ରାମସୀମା
ଗ୍ରାମସୀମା ଦେଇ ବହେ ନିର୍ଜନେ ସରିତ,
ନଦୀ-ବକ୍ଷେ ଭାସିଯାଏ ବିଦେଶୀ-ବୋଇତ ।

Digitized by srujanika@gmail.com

ତଟିନୀ-ପୁଳିନ ଉଚ୍ଚଦେଶେ
ନିର୍ଜନ ନିସ୍ତବ୍ଧ ଗ୍ରାମ ଶେଷେ
ନାନା ପ୍ରକାଣ୍ଡ ବିଟପୀ ଘନ ଗୁଳ୍ମ ଲତା ଝେପି
କାହିଁ ଉଚ୍ଚ ହୋଇଛନ୍ତି ଭେଦ ଅଭ୍ରଦେଶ,
କ୍ଷୁଦ୍ର ଜନ ମଧ୍ୟେ ଯେହ୍ନେ ମହାତ୍ମା ବିଶେଷ ।

ଏହି ସ୍ଥାନେ ଗ୍ରାମର ଶ୍ମଶାନ,
ଥିଲେ ଗ୍ରାମେ ଦୀନ ଭାଗ୍ୟବାନ,
ତେଜିଣ ସଂସାରମାୟା ଯେବେ ବିସର୍ଜିଲେ କାୟା
ଏହି ସ୍ଥାନେ ହେଲେ ସର୍ବେ ଭସ୍ମେ ପରିଣତ;
ସ୍ମୃତିପଟେ ଉଦ୍ଭାସଇ ଅଦ୍ଭୁତ ଜଗତ ।

କି ବର୍ଣ୍ଣିବି ସେ ମୃତ୍ୟୁ-ସଂସାର,
ଅତୀତ ସେ କ୍ଷେତ୍ର ବର୍ଣ୍ଣନାର,
ଅପୂର୍ବ ବିଷାଦ ଆସି ମୋର କ୍ଷୁଦ୍ର ପ୍ରାଣ ଗ୍ରାସି
ଢୋଳିଲା ନିମେଷ ମଧ୍ୟେ ନିଖିଳ ଜଗତ,
ମୃତ ପ୍ରିୟଜନ ସ୍ମୃତି ହୃଦୟେ ଜାଗ୍ରତ ।

କ୍ଷୁଦ୍ର ଗ୍ରାମେ କେତେ ପରିବାରେ
ନିକ୍ଷେପିଣ ଶୋକ-ଅନ୍ଧକାରେ
ଜନକ ଜନନୀ କେହି, ସନ୍ତାନେ ପରମସ୍ନେହୀ,
ଭ୍ରାତା ଭଗିନୀ ବା ପ୍ରିୟେ ତେଜିଣ ଏ ସ୍ଥାନେ
ଅଛନ୍ତି ବିଲୟ ଲଭି ଭୀଷଣ ଶ୍ମଶାନେ ।

ପ୍ରାଣପ୍ରିୟା ଶିଶୁ ସୁସନ୍ତାନ
ତେଜି ମାତା କରିଛି ପ୍ରୟାଣ,
ପ୍ରିୟତମ ପରିବାର ଛାଡ଼ି ଗୃହସ୍ଥ ତାହାର
ଆସି ଏଥି ଶୋଇଅଛି ଅଚେନ୍ତା ନିଦ୍ରାରେ,
ଭସାଇ କୁଟୁମ୍ବବର୍ଗେ ଶୋକ-ପାରାବାରେ ।

Digitized by srujanika@gmail.com

କାର୍ଯ୍ୟଦକ୍ଷ ପ୍ରବୀଣ ସଂସାରୀ
ଅତୁଳ ସମ୍ପଦ-ଅଧିକାରୀ
ନିଜ ସୁଦୀର୍ଘ ଜୀବନେ   ଯାପିଣ ଅର୍ଥୋପାର୍ଜନେ
କେତେ ପ୍ରତିବାସୀ ଗଳା ଚିପିଲା ସେ ହେଲେ,
କି କଲା ସେ ପାପଧନ ତାର ଶେଷ ବେଳେ ?

ଦେଖ ଦୁଃଖେ ରଙ୍କପ୍ରାଣଧନ
ଲଭିଅଛି ଶଧ୍ୱଂସ କୃପଣ,
ସହିଣ ଉଦର କ୍ଳେଶ   ଧରିଣ ମଳିନ ବେଶ
ବହୁତ ସମ୍ପତ୍ତି ଯତ୍ନେ ସମ୍ପାଦି ସେ ଥିଲା,
ପ୍ରାଣ ଗଲାବେଳେ କିଛି ସଙ୍ଗେ ନ ଘେନିଲା !

ସୁମଧ୍ୟମା ଯୁବତୀ ନବୀନା
ଅପାଙ୍ଗେ ପ୍ରଣୟୀ ଯାର କିଣା,
କାହିଁ ଗୁରୁ ଲୋଳ ଭୁରୁ   କାହିଁ ତାର ପୀନ ଉରୁ !
ଦେଖ ଭୋଗତୃଷ୍ଣା କେଉଁ ବିଦେଶେ ଲୁଚିଛି,
ତା ଚୂର୍ଣ୍ଣକୁନ୍ତଳ ଏଥି ପଡ଼ି ତ ରହିଛି ।

ସୁହାସିନୀ ନବୀନା-କାମିନୀ
ନବକାନ୍ତ-ପ୍ରାଣ-ପ୍ରଣୟିନୀ
ଦେଖ ତା ମନ୍ଥର ଗତି   ଚହଚହ ହାସ୍ୟ ଅତି,
ଦେଖ ତା ନବସଂସାର ନେଇଛି ଅଣସ୍ତୁ
ଏକା ଏ ନିର୍ଜନେ, କେହି ନାହାନ୍ତି ତା ସହ ।

ବିକଟାଳ ସ୍ଥଳ ଏ ଶ୍ମଶାନ,
ପଡ଼ିଅଛି ଶବ ଅସ୍ଥିମାନ,
ବସେ ଶରକୁଣୀମାନେ   ସେବନ୍ତି ନିଜ ସନ୍ତାନେ,
ବିକଟେ ଗୋମାୟୁଗଣ କରି ଅଟ୍ଟହାସ
କୁହାଟେ ଝୁଣନ୍ତି କେବେ ଶବ ସଢ଼ାମାଂସ ।

Digitized by srujanika@gmail.com

ଅତି ନିସ୍ତବ୍ଧ ଏ ମଶାଣି,
ବିହରନ୍ତି ଭୂତ ଓ ଡାଆଣୀ,
ବୃକ୍ଷ କରେ ଝଡ଼ମଡ଼, ପକ୍ଷୀ ପକ୍ଷ ଧଡ଼ପଡ଼,
ବୃକ୍ଷେ ବସି ସ୍ୱରେ କେବେ କାକ 'କାଅ କାଅ',
ପ୍ରାଣୀକୁ ଶ୍ମଶାନ କିବା ଡାକେ 'ଆଅ ଅଅ' ।

ବୃଥା ଏ ପାର୍ଥିବ ଅଭିମାନ,
ଜାତି, କୁଳ, ଧନ, ଜନ, ମାନ,
ଜୀବନ-ଯୌବନ-ଗର୍ବ, ରାଜ୍ୟ, ବିଦ୍ୟା, ଯଶ ସର୍ବ
କାଳବଳେ ଏକାବେଳେ ଭଜନ୍ତି ବିଲୟ,
ଚରମ କାଳରେ କେହୁ ନ ଗମନ୍ତି ସହ ।

କହ ନଦ ! କେଉଁ ଉଦ୍ଦେଶେ
କାହୁଁ ଆସୁ ଯାଉ କେଉଁ ଦେଶେ ?
ଆଦ ଅନ୍ତ ତୋର ମୋର ଘୋଟିଛୁ ଅନ୍ଧାର ଘୋର,
ଜ୍ଞାନିଜନେ ଦେଖିଛନ୍ତି ତୋର ଅଦ ଶେଷ,
କେ କହି ପାରିବ ନଦ ! ମୋହର ସନ୍ଦେଶ ?

ଅଷ୍ଟମ ଦୃଶ୍ୟ

(ଗ୍ରାମ-ହାଟ)

ଗ୍ରାମେ କାହିଁ ବସେ ପାଳିହାଟ
ପୂରି ଯାଏ ଗ୍ରାମ ବାଟ ଘାଟ;
ଅସିଣା ଦୋକାନୀମାନେ ବସି ନିଜ ନିଜ ସ୍ଥାନେ
ଯେ ଯାହାର ସଉଦା ସେ କିଣନ୍ତି ବିକନ୍ତି,
ପଇସା କଉଡ଼ି, ରବ ବଦଳ ରଖନ୍ତି ।

Digitized by srujanika@gmail.com

ପାନ, ଗୁଆ, ମିଠାଇ, ଉଖୁଡ଼ା,
ଖଜା, ମୁଆଁ, ମୁଢ଼ି, ଗୁଡ଼, ଚୁଡ଼ା,
ହଳଦୀ, ତେଲ, ନଡ଼ିଆ, କଦଳୀ, ମାଛ, ଶୁଖୁଆ,
କାଠ, ହାଣ୍ଡି, ଲ୍ଲଣ, ବବ, ପଋବା, ଗୁଭଲ—
ଆଦି ବିକା କିଣା ହୁଏ, ଶୁଭଇ ଚହଳ ।

ବହୁଜନ ମିଳନ୍ତି ଯେଠାରେ,
କଳିଗୋଳ ଲାଗଇ ସେଠାରେ,
ଅଛଇ ହାଟଦଣ୍ଡିଆ ହୋଇ ହାଟ ମଧ୍ୟେ ଠିଆ,
କଳିଗୋଳ ହେଲେ ହାଟେ ସେହୁ ଭାଙ୍ଗିଦିଏ,
ଦୋକାନୀମାନଙ୍କଠାରୁ ତୋଳା କରି ନିଏ ।

ସରିଗଲେ ସଉଦାଟି ହାଟେ
ଚାଲିଯାଏ ଯେହୁ ଯାହା ବାଟେ,
ଦେଖି ଏସନ ସ୍ୱଭାବ ମୋ ମନେ ଜାଗେ ଏ ଭାବ—
ଏ ଭବ ଅଟଇ ହାଟ, ସରିଲେ ବେଭାର
ବାଟ ଧରି ଚାଲିଯାନ୍ତି ସର୍ବେ ଯେ ଯାହାର ।

Digitized by srujanika@gmail.com

ପଲ୍ଲୀ-ଚିତ୍ର

ଦ୍ୱିତୀୟ ଭାଗ

Digitized by srujanika@gmail.com

— ପ୍ରସ୍ତାବନା —

ଅସ ଅସ ଭବ-ପଥଶ୍ରାନ୍ତ ପାନ୍ଥ !
ବସ ମୋ ପାଶରେ କ୍ଷଣେ,
ଶୁଣିଯାଅ ମୋର ଶୈଶବ ସ୍ୱପନ
ମୋର କ୍ଷୀଣ ବଂଶୀ ସ୍ୱନେ ।
ଉତ୍କଳ-ଭାରତୀ-କବିତା କାନନେ
ରସିକ ଭ୍ରମଣକାର,
ଅସ ମୋ ଶ୍ୟାମଳ ପଲ୍ଲବ ନିକୁଞ୍ଜେ
କାବ୍ୟରସ-ପାନ-କାର,
ଦେଖ ମୋ ସୀମାନ୍ତେ ବହି ଯାଉଅଛି
ପ୍ରୀତି-ନଦୀ କଳକଳେ,
ଦାରୁଣ ସଂସାର ଦୁଃଖ-ଶିଖା ତପ୍ତ
ସ୍ନାନ କର ତାଂର ଜଳେ ।

ମୋ କୁଞ୍ଜେ ପ୍ରଫୁଟିତ କାନନ କୁସୁମ
ଇଚ୍ଛା ହେଲେ ତୋଳିନିଅ,
ବିମୀତ, ଶଙ୍କିତ ମୋ ଭାବନାଚୟ
ଉପେକ୍ଷାରେ ଜନେ ନ ଦିଅ ।
ମୋ ବାଲ୍ୟ-ଜୀବନ ଥିଲା ମଧୁମୟ
ନିସର୍ଗ ସୁନ୍ଦର ସ୍ଥାନ,
ଦେଇଥିଲେ ମୋତେ ଦୟାମୟ ପ୍ରଭୁ
ଅଜସ୍ର ଅମୂଲ୍ୟ ଦାନ ।
ଶୈଶବ-ଜୀବନ କ୍ଷୁଦ୍ର ପଲ୍ଲୀଗ୍ରାମେ
କାଟିଲି ମହା ଆନନ୍ଦେ
ଗିରି, ବନ, ନଦୀ, ପଲ୍ଲବ, ପ୍ରସୂନ
ଶ୍ୟାମଳ ନିକୁଞ୍ଜ ମଧ୍ୟେ ।

Digitized by srujanika@gmail.com

ନିକାଞ୍ଚନେ କେତେ ଦେଖୁଥିଲି ଋଷି
ଘନ ବନ, ଗିରିଶ୍ରେଣୀ
ବିସ୍ତୀର୍ଣ୍ଣ ପ୍ରାନ୍ତରେ ଗିରି ପଦପ୍ରାନ୍ତେ
ଗିରି ନଦୀ ନୀର ବେଣୀ ।
ପାଖେ ଥିଲା ତୋଟା, ଦଣ୍ଡା, ବିଲ, ଜୋର
ଚୂତକୁଞ୍ଜ, ବଂଶବନ,
ନିରନ୍ତର ଶୁଣୁଥିଲି ନାନାଜାତି
ବନ ବିହଙ୍ଗମ ସ୍ୱନ ।
ସାନ ସାନ ଗ୍ରାମ-ଶିଶୁଙ୍କ ସଙ୍ଗତେ
କରୁଥିଲି ଧୂଳିଘର,
ମନେ ପଡ଼େ ମୁଗ୍ଧ ଅନତ ନୟନ
ଜାନପଦ ବଧୂଙ୍କର ।
ମଧୁର କବିତାପୂର୍ଣ୍ଣ ଥିଲା ଆହା
ସେ କ୍ଷୁଦ୍ର ପଲ୍ଲୀ-ଜୀବନ,
ଅଛି ପଲ୍ଲୀ ଆହା ନାହିଁ ମୋହ ପକ୍ଷେ
ତା'ରୂପ ମନମୋହନ ।

ଶୈଶବ ଗଗନ, ଶୈଶବ ଭୁବନ
ଥିଲା ମୋହମୟ ଦେଶ,
ସେହି ପ୍ରିୟ-ପଲ୍ଲୀ ନ ଦେଖାଏ ଆଜ
ମୋତେ ତ ମୋହନ ବେଶ ।
ପଲ୍ଲୀ-ସୀମନ୍ତିନୀ ହୁରୁ ଦେଖି ମୋତେ
ଗୃହରେ ଲୁଚନ୍ତି ଯାଇଁ,
ପଲ୍ଲୀ-ଶିଶୁଗଣ ନିକଟେ ଦେଖିଲେ
ଭୟରେ ଖେଳନ୍ତି ନାହିଁ ।
ପଲ୍ଲୀ-ଲଲାଟରେ ଗୋଧୂଳି ତାରକା
ପାଉଥାଏ କେଡ଼େ ଶୋଭା,
କଳ୍ପନା ପଟରେ ସେ ଅତୀତ ଚିତ୍ର
ଚିର ପ୍ରାଣ-ମନୋଲୋଭା ।

Digitized by srujanika@gmail.com

ନାନାଜାତି ପକ୍ଷୀ ଉଡ଼ିଯାଉଥାନ୍ତି
ପଙ୍‌କ୍ତି ବାନ୍ଧି ସେ ଗଗନେ,
ଯାଉଅଛୁ ଉଡ଼ି ମୋ ବାଲ୍ୟ-ବିହଙ୍ଗ
ତା ଗୀତ ବାଜେ ଶ୍ରବଣେ ।
ଇଚ୍ଛା ହୁଏ ଥରେ ଦଉଡ଼ି ଯାଇଣ
ଦେଖି ମୁଁ ଆସିବି ତାହା,
ଦୀର୍ଘ କାଳସ୍ରୋତ ମଧ୍ୟେ ବ୍ୟବଧାନ
କେସନେ ଟପିବି ଅହା ?
ଉଜାଣି ସନ୍ତରି ଯୁଗ-କାଳସ୍ରୋତ
ନ ଯାଇ ପାରିବି ଅଉ,
ମଧୁର ଶୈଶବ-ଜୀବନ-ସ୍ୱପନେ
ମୋର ଏ ଜୀବନ ଯାଉ ।

ଆସ ଆସ ପ୍ରିୟ ସମଧର୍ମୀ ବନ୍ଧୁ,
ବାଲ୍ୟର ବିଗତ ସୁଖ
ଭୁଲି କ୍ଷଣକାଳ ପାସୋରିବା ମିତ୍ର,
କଠୋର ଜୀବନ ଦୁଃଖ ।
ନାହିଁ ମୋର ରମ୍ୟ ରାଜେନ୍ଦ୍ର ଭବନ
ଅଥବା ତ୍ରିଦଶ ଧାମ,
ଯୋଗ୍ୟତା କଲଣି ଉତ୍କଳ-ଭାରତୀ
ଦେଲେ କ୍ଷୁଦ୍ର ପଲ୍ଲୀଗ୍ରାମ;
କିନ୍ତୁ ଭାଇ ସିନ୍ଧୁ ନଗରୀ ତ୍ରିଦିବ
ହେଲେହେଁ ଗୌରବାନ୍ୱିତ,
ଦରିଦ୍ର କୃଷକ ନିଳୟ ପଲ୍ଲୀର
ସ୍ଥାନ ଏ ଭବେ ଅଛି ତ ?
ଗ୍ରାମୀଣ ଜୀବନେ ମନ ମୋର ଅଉ
ନ ହୁଅଇ ସେତେ ସୁଖୀ,
ବାଧୁଅଛି ତାର ବିଚ୍ଛେଦ ବେଦନା
ମୋ ପ୍ରାଣ ବିଧୁରି, ଦୁଃଖୀ ।

Digitized by srujanika@gmail.com

କିନ୍ତୁ ଦସ୍ୟୁକର କଳ୍ପନା-ସୁନ୍ଦରୀ
ଦେଇଛନ୍ତି ମୋତେ ବର,
ସୁନ୍ଦର ଶୈଶବ ଛବିରାଜି ହୃତ୍ତୁ
ଦଶଇ ସୁନ୍ଦରତର ।
ଅଜ୍ଞାତେ ଭୁଞ୍ଜିଲି ଯେ ସୁଖ ଶୈଶବେ
ଏବେ ଏ ଯୌବନେ ତାହା
ହୃଦ ଗିରପ୍ରାନ୍ତୁ କଳ୍ପନା ନୟନେ
କିବା ମନୋରମ ଅହା !

ସ୍ଥାନେ ଅଛି ପଲ୍ଲୀ କାଳେ ନାହିଁ ବୋଲି
ସେ ଛବି ନେବେ ନ ଦଶେ,
ସ୍ମୃତି ଦିଏ ସୁଖ କିନ୍ତୁ ମୋ ସଂଶୟ
ଚିର ସ୍ଥିର ରହେ କିସେ ?
ଶୈଶବେ ଜୀବନ୍ତ ଛବି ଦେଖିଥିଲି
ଯୌବନେ ଦେଖେଁ କଳ୍ପନା,
ଜରା ଆସି କାଳେ ପୁରାତନ ମିଳେ
କରିଦେବ ପଥ ମନା ।
ତେଣୁ ବନ୍ଧୁ ବାଲ୍ୟ-'ପଲ୍ଲୀ-ଛବି' ପୁଣି
ଅଙ୍କିଲି ତୁଳିକା ଧରି,
ବାର୍ଦ୍ଧକ୍ୟରେ ବନ୍ଧୁ, ମରଣେ ସ୍ମାରକ
ହେବ ଏ ତୁମ୍ଭ ମୋହର ।

Digitized by srujanika@gmail.com

ଗ୍ରୀଷ୍ମ

ବୈଶାଖ ମାସରେ ପଣା ସଙ୍କରାନ୍ତି
ହୁଅଇ ପଣା ଛତୁଆ,
କାଠ-ଗୋଡ଼ ପିନ୍ଧି ଦଙ୍ଗଲା ମୁଣ୍ଡାଇ
ନାଚନ୍ତି ଘଣ୍ଟପାଟୁଆ ।

ଏହି ମାସେ ହୁଏ ଚନ୍ଦନ ଯାତରି
ନାରକେଳି ଏହି ମାସେ,
ନାବ କେଳି କରି ଯୁବକେ ମଉଜ
କରୁଥାନ୍ତି କ୍ରୀଡ଼ା ହାସେ ।

ରାଣୀଫୁଲ ପରି ପଡ଼ୁଥାଏ ଜହ୍ନ
ପଦା ପାହାଭିଗେ ବସି
ପଲ୍ଲୀ-ସିମନ୍ତିନୀ ଗୃହିଣୀ ରାତିରେ
କରନ୍ତି ଆଳାପ ହସି ।

ବୃଦ୍ଧା ପିତାମହୀ କୋଳେ ଘେନି ଶିଶୁ
ଜହ୍ନମାମୁଙ୍କୁ ଡାକନ୍ତି,
ଶିଶୁକୁ ଶୁଣାଇ ଗୀତ ଶୁଣିବାକୁ
ଅନକୁ ମନା କରନ୍ତି ।
"କେଣେ ଭାସିଯାଉ ଆରେ ଜହ୍ନମାମୁ ?
ମୋଧନ ଘରକୁ ଆ ଆ,
ପାଟଲଗା ପିନ୍ଧି ମୋ ଧନ ସଙ୍ଗତେ
କ୍ଷୀରପିଠା ଖାଇ ଯାଆ ।"

କଳାବତୀ-କନ୍ୟା, ଅସୁରୁଣୀ-ବୁଢ଼ୀ—
କୁମ୍ଭୀର-ଗହ୍ୱର ଗାତ,
ରଜା-ମନ୍ତ୍ରୀ-ସାହୁ-କଟୁଆଳ-ପୁଅ
ଅଭିନ୍ନ ଗୁରୁ ସଙ୍ଗାତ ।

Digitized by srujanika@gmail.com

ବଡ଼ବଣୀ ସାନବଣୀ ସାତ ଯାଅ
ସବା ସାନ ଭୁଅସୁଣୀ,
ସୁନାନାକୀ ଝୁଅ, ଅଥବା ମଣ୍ଡପ,
ଅମୂଲ୍ୟ ପରଶମଣି—
କେତେ କେତେ କଥା ଅଦ୍ଭୁତ ବଚନ
କାହିଁ ବୃଦ୍ଧାଗଣ କହି
ହସାନ୍ତି ଡରାନ୍ତି ଶିଶୁଙ୍କୁ; ଉଠଇ
କୋଳାହଳ ରହି ରହି ।
ବୈଶାଖ ମାସର ପାଟ ତଇଲାରେ
ହୁଏ ଡାଲୁଅ ଫସଲ,
ଗମ୍ଭୀର ପାଟରେ ଖାଲ୍ ହିଁସୁଅରେ
ଫଳେ ପରା ଧାନ ଭଲ୍ ।
ଦୋଫସଲ୍ ଜମି ଚଷିଣ କୃଷକେ
ବୁଜୁଥାନ୍ତି କଣ୍ଟା ବାଡ଼େ,
କରିଥାନ୍ତି କପା, ଫୁଟି, ତରଭୁଜ
ପାଳ ଜମି ନଈଦାଢ଼େ ।

କୁଢ଼ିଆ ମାରଣୀ କପା-କିଆରିରେ
ପୋତି କୁଟା-ଜଗୁଆଳ,
ରାତରେ ଜଗଇ ନିଜେ ଚଷାପୁଅ
ଦିନରେ କୃଷକ-ବାଳ ।
ଗମ୍ଭୀର ପାଟରେ ମନ ଆନନ୍ଦରେ
ଗାଆନ୍ତି ହଳିଆ ଗୀତ,
ନିର୍ଜନ ନିଶୀଥ-ମୃଦୁ ବାତ ତାହା
ବହିଣ ହରଇ ଚିତ୍ତ ।
ନିସ୍ତବ୍ଧ ନିଶୀଥ ନିର୍ମଳ ଜ୍ୟୋତ୍ସ୍ନାରେ
ଶୁଭଇ ଦୂର କୁହାଟ,
ଶଗଡ଼ିଆମାନେ ସାତ ପାଞ୍ଚ ମିଳି
ରାତେ ଚାଲୁଥାନ୍ତି ବାଟ ।

Digitized by srujanika@gmail.com

ଝାକରି ଫୁଟାଇ ବଳଦ ଅଡ଼ାଇ
ନାଚେଇ ନାଚେଇ ଗୀତ,
ରାମାୟଣ ଅବା ମହାଭାରତରୁ
ଗାଇଣି ହରନ୍ତି ଚିତ୍ତ ।
ପାଟଳ ଧୂଆଁପତ୍ର, ପାନ ବାଇଗଣ,
ଲଙ୍କାମରିଚ, କଖାରୁ,
ବାଡ଼ରେ କୋଶଳା, ଉହ୍ନ ବାଇଗଣ,
ପିଡ଼ଙ୍ଗ, ଚେଳିଆ ସାରୁ ।
ଏମାନ ଅମଳ କରଣି କୃଷକ
ନେଇଣି ହାଟେ ବିକଇ,
ନ ଖାଇ ନ ପିଇ ଅତି କଷଣିରେ
ବିଙ୍କ କଉଡ଼ି ସଞ୍ଚଇ ।

ଗଣେ ରାଜକର, ଜଳକର, ପଥ,
ପ୍ରଦେଶୀୟ, ଚୁଲିକର ।
ଧାନ ଖାତା, ତମସୁକ ଶରାଏ ସେ
ଯାଇ ମହାଜନ ଘର ।
ଝିଅ, ପୁଅ ବଡ଼ ହୋଇ ଯାଇଥିଲେ
ହୁଏ ତାଙ୍କ ବାହାଘର,
ବାର ମାସେ ତେର ପାରବଣ ଶ୍ରାଦ୍ଧ,
ସଙ୍କୁଳା, ପୁଅଣୀଘର ।
ଏହାପରେ କେତେ ଅନ୍ଦୋଳି, ଜଞ୍ଜାଳ
ସହଇ କୃଷକ ଭାଇ,
କଳା କୁଡ଼ିଆ ଯେ କଳଙ୍କ କୁଡ଼ିଆ
କହିଲେ ସରେ ନାହିଁ ।
ଜ୍ୟେଷ୍ଠ ମାସେ ରଜସଙ୍କରାନ୍ତି ଯାଉ
ଶିଶୁ, ଯୁବା, ବଧୂ, କନ୍ୟା—
ନରନାରୀ ଯାତ୍ରା ଦେଖିବାକୁ ଯାନ୍ତି
ପଥେ କି ଲାବଣ୍ୟ-ବନ୍ୟା ।

Digitized by srujanika@gmail.com

ପିନ୍ଧି ପେଡ଼ି-ଲୁଗା, ନାକେଣି ଗହଣା
ଯାଆନ୍ତି ସୁନ୍ଦରୀଗଣ,
ବିବିଧ ବସନ, ବିବିଧ ଆନନ
ରମେ ଦର୍ଶକ-ନୟନ ।
ଚମ୍ପକବରଣ ସରୋଜ ସଙ୍କାଶ
କାହାର ମୁଖମଣ୍ଡଳ
ପଙ୍କଜ ପଳାଶ-ଅପୂର୍ବ ନୟନ
ଦିଶୁଥାଇ ଚଳ ଚଳ ।
ସରଳ ଆକାର, ଗଣ୍ଡିଗଣ୍ଡିକା ନା।
କେହୁ ଧୀର କେ ଚଞ୍ଚଳ,
କୋଇଲି କାଳିଆ, କେହୁ ବା ଶ୍ୟାମଳ
ଲାବଣ୍ୟ ତନୁ ଉଜ୍ଜ୍ୱଳ ।
କୋମଳ ରସାଳ ସୁଢଳ କା' ବପୁ,
କା ବର୍ଣ୍ଣ ହଳଦୀଗଣ୍ଠି,
ରମ୍ଭା-ତରୁ ସମ କାହା ଗୋଡ଼-ଭଣ୍ଡା,
କେ ତନ୍ୱଙ୍ଗୀ କମ୍ବୁକଣ୍ଠୀ ।

କାହାର ସପ୍ରେମ ସ୍ନିଗ୍ଧ ନେତ୍ର ବୋଲି
ଦିଅଇ ପ୍ରାଣେ ଚନ୍ଦନ,
କାହାର ଲାବଣ୍ୟମୟ ପଦ୍ମାନନୁଁ
ନ ଫେରେ ଆଉ ନୟନ ।
କାର ବ୍ରୀଡ଼ାନତ ପାଟଳ ଆନନ
ବିଲୋଳ ବେନି ଲୋଚନ,
ଥରେ ଦେଖିଲେ ସେ ନେତ୍ରର ସମ୍ପତ୍ତି
ହୁଅଇ ସାର୍ଥ ଜୀବନ ।
ଲଜ୍ଜାବତୀ ଲତା ପ୍ରାୟ କେହୁ ଯାଏ
ପୁରୁଷ ଦେଖି ମଉଳି,
କାହିଁବା ନିର୍ଲଜ୍ଜା ଅଣ୍ଡିରାଚଣ୍ଡୀକୁ
ଦେଖି ଯାଏ ହାଡ଼ ଜଳି ।

Digitized by srujanika@gmail.com

ରଜ ଭନାଦନ ଖାଇ ପୋଡ଼ପିଠା
ଗ୍ରାମ ଅମ୍ବତୋଟା ତଳେ,
ଖେଳନ୍ତି ଉଦ୍ଧାମେ ବାଗୁଡ଼ି, ଦାଣ୍ଡିଅ
ପଲ୍ଲୀ-ଯୁବକ ସକଳେ ।
ବାଘ, ଛେଳି, ଶାଗ୍ର-ଶୁଆ, ଧାନଓଁଷା
ଅବା ଲୁଚକାଳି ଖେଳ,
ଖେଳୁଥାନ୍ତି ଜହ୍ନ ରାତିରେ ଶିଶୁଏ
ହୋଇ ଦାଣ୍ଡେ ଏକ ମେଳ ।
ଗ୍ରୀଷ୍ମେ ପାଚେ ଅମ୍ବ, ପଣସ, ସପୁରି,
ଦୁଃଖୀଜନ-ପ୍ରାଣଧନ,
ସ୍ୱାଦୁ ଥାଉ ତେଣେ ହୁରୁଁ ପକ୍ୱ ଫଳ
ଦଶେ କେଡ଼େ ଭୋଗିବନ ।
ରାତି ପାହାନ୍ତାରୁ ଦୁଃଖୀ ପଲ୍ଲୀବାସୀ
ଅମ୍ବ ସାଉଁଟନ୍ତି ଯାଇ,
କଅଁତରେ ଭୁଣ୍ଡେ ସୁଆଦ ପାଆନ୍ତି
କିଣିବାକୁ ଧନ କାହିଁ ?

ବର୍ଷା

ନିଦାଘ ଗ୍ରୀଷ୍ମ ଅନ୍ତେ ବର୍ଷାଋତୁ,
ବରଷେ ମେଘ-ଅସାର,
ବହନ-ଓଳିଆ ପିଠାଇ କୃଷକ
ମେଲାଏ ଆଶା-ପସରା ।
ଘୋର ବର୍ଷାଦିନେ ଭଉ ଆକାଶରେ
ଝକା ବଉଦାର ଶୋଭା,
ପର୍ବତଶିଖରେ ଧୂମାଳିଆ ମେଘ
ଦଶେ ଅତି ମନୋଲୋଭା ।

Digitized by srujanika@gmail.com

ପହ୍ଲଲ୍ଲ ଅଷାଢ଼େ ଘୋଟଇ ଅକାଶେ
ବଉଦ କଳାହାଣ୍ଡିଆ,
ତଳି ଉପାଡ଼ିଣ ଓଦ ଜମି ବାଡ଼ି
ଲଗାନ୍ତି ଗୃହୀ ମାଣ୍ଡିଆ ।
ମାଣ୍ଡିଆ ବାଡ଼ିର ଚଉପାଶ ବାଡ଼େ
ଡାଳ ପତର କଅଁଳ,
ସେ ବାଡ଼ ଉପରେ ମାଡ଼ଇ ସଘନେ
କେତେ ଜାତି ଫୁଲ, ଫଳ ।
ଅଙ୍କୁ ନକଜଡ଼ା ହିଙ୍କାଳିଆ ବାଡ଼େ
ମାଡ଼ଇ କୁଅମଇତା,
କେହ୍ୱ କେହ୍ୱ ଲଗେ ପୋଡ଼ିଲେ ମଧୁର
କେହ୍ୱ କେହ୍ୱ ଲଗେ ପିତା ।
ଏହ୍ନାପରି ସିନା ଏକ ରକ୍ତ, ମାଂସ,
ଅସ୍ଥିରେ ଗଠିତ ଜନ,
କେହ୍ୱ କେହ୍ୱ ସାଧୁ ସୁଜନ ହୁଅନ୍ତି
କେହ୍ୱ ବା ପାପୀ ଦୁର୍ଜନ ।

ଘଡ଼ଘଡ଼ ଶୁଣି କାଙ୍କଣ ହାଣ୍ଡିରୁ
କାଙ୍କଣ ମାରଇ ଗଜା,
ସଲଗ୍ନ ବାଡ଼କୁ ମଡ଼ାଏ କୁଟଳ —
ଧରଣୀ ଦେଇଣି-ରଞ୍ଜା ।
ଫଳଇ କୋଳେ ନେଉଅ, ପିଜୁଳି,
ପିଅଳ୍, ଅତ, କାକୁଡ଼ି,
ବୋଇତ କଖାରୁ; ବରଗଡ଼ା କୁନ୍ଦି,
ରଞ୍ଜା ପୀଢ଼ା ଯାଏ ବୁଡ଼ି ।
ପୀଢ଼ା ବାଡ଼େ ଫୁଟେ ଲେନ୍ତୁ ଜହ୍ନିଫୁଲ
ଝୋଟ୍ ହଳଦିଆ ବନ,
ଦଶଇ ଯେସନ ତର୍-ଜମଣ୍ଡିତ
ଶାରଦ ନୀଳ ଗଗନ ।

Digitized by srujanika@gmail.com

ଜହ୍ନିଫୁଲ ତୋଳି ଶିଶୁଏ ଗାଆନ୍ତି
"ଜହ୍ନି ଫୁଲ ଠୋଉ ଠାଅ"
ରୁଷିଆ ମୂଷା ଯେ କହୁ ଯାଉଅଛି
ରୁଜଳ ମୁଠେ ଦେଇଯା" ।
ତୋରା ଗୋରା ବନ ହଳଦିଆ ଦିଶେ
ଜହ୍ନିଫୁଲ ଫୁଟି ବାଡ଼େ,
ବାସି ହୋଇଗଲେ ମଉଳିଯାଏ ସେ
ତା ଶୋଭା ଲଭରେ କୁଆଡ଼େ ।
ଏହିପରି ସିନା ରୂପ ଯଉବନ
ଅଟଇ ଅଚିରସ୍ଥାୟୀ,
ଆଜି ତୋରା ଗୋରା ଶୋଭାର ପସରା
ରହୁଁ ରହୁଁ କାଲି ନାହିଁ ।
ରୁଳି ଯାଏ ରୂପ ରହିଥାଏ ସ୍ମୃତି
ପ୍ରେମୀ ମାନସ-ପଟେ,
ଅସ୍ତମିତ ରବି ପ୍ରତିବିମ୍ବ ଯେସନେ
ଇନ୍ଦୁ ସୁଧାସିନ୍ଧୁ ତଟେ ।

ଏହି କାଳେ ହୁଏ ଅଷାଢୁଆ ଫଳ,
ଠୋକେଇ କୁଣ୍ଡେଇ ଫୁଲ,
ଅତେବଥୁ ଡାଳେ ମଡ଼ମଡ଼ କାର
ପିଲଏ ବୁହନ୍ତି ମୂଲ ।
କଇଁଆ ଗଛରେ ଶିଅଣ୍ଡିର ଲଟା
ମାଡ଼ି ବସେ ବାଘ ପରି,
ଆସି ରହେ ବାଘ ହାକୁଟି ମାରଇ
ଘୋର ଗରଜନ କରି ।
ନଳିତା ହୁଅଇ ମଧୁ ପିତା ଦୁଇ
ଲାଲ ଧଳା ଦୁଇ ବନ,
ନଳିତାରୁ ମିଳେ ଝୋଟ, କାଉଁରିଆ
ଦରିଦ୍ରର ଗଣ୍ଠିଧନ ।

Digitized by srujanika@gmail.com

ହିଲ କାଆବଣେ ନିବିଡ଼ କଣ୍ଟକେ
କଅଁଫଳ ମହକଇ,
ବନଶ୍ରୀ ପର୍ଯ୍ୟନ୍ତେ ଲଟେ ସେ ଉଡ଼ାଲେ
ବାସ ତାର ଚହଟଇ ।
କୋଇ, ପୋଖରୀରେ କୁମୁଦ, କହ୍ଲାର,
ପୁନ୍ନାଗ, ମାଳତୀ, ଜାତି,
କଦମ୍ବ, କାମିନୀ, ଚମ୍ପା, କୁରୁଣ୍ଟକ
ଫୁଟେ, ଫୁଲ ନାନା ଜାତି ।
ଗଜା ବଉଦକୁ ପ୍ରବଳ ପବନ
ଉଡ଼ାଇ ନିଏ ଦହନ,
ଦାଣ୍ଡ ତାଳଗଛ ବସାରେ ଦୋହଲି
ବାୟା ରବେ ଘନ ଘନ ।
ତା' ଶୁଣି ବାଳକେ ଗାଆନ୍ତି ପୁଲକେ,
"ହୋଓ ରେ ବାଇଆ ହୋଓ
ଯେଉଁ କିଆରିରେ ବହୁତ ଧାନ ତୁ
ସେଇ କିଆରିରେ ଶୋଓ ।"

ବାୟା ଚଢ଼ାଇର କାଯ ଯାଉଛି ସେ
ବାଆ କଲେ ଦୋହଲୁଛି,
ଉଚ୍ଚ ତାଳଗଛ ବାଉଁ ବରଡ଼ାରେ
ବସା କରି ଅଛି ଲଟ ।
ଅଙ୍କୁ ବୁଦାମୂଳେ ବସି ଗାଏ ଗୀତ
ଆନନ୍ଦେ ଘରଚଟିଆ,
ଦେଉଳ ଅସିଜୁ-ଫୁଲେ ଗାଏ ବସି
ଭଅଁର ଫୁଲରସିଆ ।
ବାଲକାମ ସାରି ଗୀତ ଗାଇ ଗାଇ
ବାହୁଡ଼ଇ ଚଷା ଘରେ,
ପୋଡ଼ପିଠା, ମୁଢ଼ି ଖାଇ ମହାସୁଖେ
ବସିବ ପଲ୍ଲୀ-ମଣ୍ଡପରେ ।

Digitized by srujanika@gmail.com

ନୀଡ଼ଭ୍ରଷ୍ଟ ବନସ୍ତ କରେ ଉଡ଼ମଡ଼
କିଏ ସେ ଭାଙ୍ଗଇ ଜାଣି,
ବଗ ଡାକ ଦେଲା ଶୁଣି ଲୋ ବଗୁଲି,
ସାଥି ହେଲା ଯିବା ଚାଲି ।
ବେଳ ବୁଡ଼ି କରି କୃଷକ-ଘରଣୀ
ଯାଏ ଲଗୁଆଣୀ କରି,
ଖେଳାଏ କୋଠାରେ ଥା ବାଡ଼ୁଅ ଝିଅ
ପିଲା ଭାଇ କୋଳେ ଧରି ।
ବରଷା ଋତୁରେ ମେଘ ଢାଙ୍କଡ଼ରେ
ଖରା ନ ଦିଏ ଦର୍ଶନ,
ଜହ୍ନିଫୁଲଫୁଟା ଦେଖି ବଧୂଗଣ
ଚୁଲ୍ଲୀ ଲଗାନ୍ତି ବଦନ ।
ଲେମ କରେ ଯେବେ ମୁହଁ-ଅନ୍ଧାରରେ
ଉଠେ ସନ୍ଧ୍ୟାଦୀପ ଜଳି,
ବୃନ୍ଦାବତୀ ପାଶେ ସଞ୍ଜ ଦେଇସାରି
ଲଗାନ୍ତି ବଧୂଏ ଚୁଲି ।

ସନ୍ଧ୍ୟା ଆକାଶରେ ସନ୍ଧ୍ୟାର ପ୍ରଦୀପ
କେମନ୍ତ ରୁଚିର ଦିଶେ,
ଇନ୍ଦ୍ରନୀଳମଣି-ଶାଢ଼ୀରେ ଜଡ଼ିତ
ହୀରକ ମାଣିକ୍ୟ କି ସେ ?
ଦୂରୁ ପଥିକର ନିରଖ ନୟନେ
ପ୍ରଦୋଷ-ପ୍ରଦୀପ-ଶୋଭା,
ପଲ୍ଲୀ-ସୀମନ୍ତିନୀ-କର-ପଲ୍ଲବରେ
କେମନ୍ତେ ସୁମନୋଲୋଭା ।
ମୃଦୁବାତାଘାତେ ମନ୍ଦ-ଆନ୍ଦୋଳିତ
ଦୀପଶିଖା ଶୋଭାବନ,
ମୃଦୁଗତି ଯୋଗୁଁ ଯୁବତୀ ବକ୍ଷୋଜ—
ବେନି ମୃଦୁ ନିସ୍ପନ୍ଦନ ।

Digitized by srujanika@gmail.com

ବ୍ରୀଡ଼ାଭରେ ବାଳା ଅଞ୍ଚଳ ଭ୍ରୂଲତା-
ଅପାଙ୍ଗ ଟାଣିଲା ବେଳେ,
କୁଙ୍କୁମଗଉରୀ ତା ଅଙ୍ଗ-ଯଷ୍ଟିରେ
ଲାବଣ୍ୟର ଛାୟା ଖେଳେ ।
ସୁବର୍ଣ୍ଣ କାସାରେ ସୁବର୍ଣ୍ଣ କମଳ
ମଣିମୃଣାଳରେ ଦୋଳେ,
ସରୋଜେ ଷଟ୍‌ପଦ ସମ ମୁଖପଦ୍ମେ
ବେନି ନୀଳନେତ୍ର ଡୋଳେ ।
ସନ୍ଧ୍ୟାର ପ୍ରଦୀପ ଦେଲା ନୀଳ ନେତ୍ରେ,
ନବୀନ ବକ୍ଷୋଜ ବେନି,
କ ଏସେ ସୁନ୍ଦର, କେ ସୁନ୍ଦରତର
ତୁଳିବ କବି କି ଧେନି ।

ଚାଲ ମୁଣ୍ଡେ ବସି ଦରିଦ୍ର କୃଷକ
ପୁଅ, କନ୍ୟା କୋଳେ ଧରି,
କୃଷକଘରଣୀ କଥା ଶୁଣୁଥାଏ
ରନ୍ଧାବଢ଼ା କାମ କରି ।
ନଈବାଡ଼ି ଜଳେ ଭିଜି ଆସିଥିବା
କାଠ ଥାଏ ଅମୁଳିଆ,
ଚୁଲିରେ ପଡ଼ଣ ଜଳୁଥିବା ବେଳେ
ହେଉଥାଏ ସେଏଁ ସାଅଁ ।
ବହ୍ନିଦହ୍ୟମାନ ଶୋକାର୍ତ୍ତ ଇନ୍ଧନ
କାନ୍ଦେ କି ବିନାଶ ଦୁଃଖେ,
ସ୍ମରି କାନନର ଶ୍ୟାମ ମାତୃ-ଅଙ୍କ
ଶୈଶବ-ଯୌବନ-ସୁଖେ !
କାହିଁ କୁଟୀରର ପ୍ରକୋଷ୍ଠ-କୋଣରେ
ମିଞ୍ଜି ମିଞ୍ଜି ଜଳେ ଦୀପ,
ପ୍ରଦୀପ-ଅଦୂରେ ଜନନୀ କୋଳରେ
ସୁପ୍ତ ତା କୁଳ-ପ୍ରଦୀପ ।

Digitized by srujanika@gmail.com

ପ୍ରାଣର କୁମର ପିଠି ଗୃହୁଡ଼ାଇ
ଶୁଅନ୍ତି ଜନନୀ ଧୀରେ,
ଶିଶୁ ଜନକର ମଧୁର ମୂରତି
ନାଚଇ ହୃଦ-ମନ୍ଦିରେ ।
ଗୁନ ଗୁନ ସ୍ୱନେ ଗାଉଥାନ୍ତି ମାତା
"ହୋଉରେ ବାପୁା-ହୋ,
ଯେଉଁ କିଆରିରେ ଗହଳ ଧାନ ଗୁ
ସେହି କିଆରିରେ ଶୋଉ ।"
ତରୁଣୀ ନିରଖ ବିଦେଶରେ ପତି
ଅସକ୍ତ ଆନ ନାରୀରେ,
କିନ୍ତୁ ସତୀ ଘୋର ଦୁଃଖେ ପଡ଼ୁଥାଏ
ତା' ଛବି ପ୍ରାଣ-ମନ୍ଦିରେ ।

ନିଶୀଥର ରାତି ବନ୍ଧୁଅଣେ ଗୀତ
ଶୁଭେ ନିଶା ଗର୍ଜ୍ଜନ,
ଗାଆଁ ଭଳ ଦଣ୍ଡାଅଡ଼ୁ ଶୁଭୁଥାଏ
ବିକଟ ଫେରଣ୍ଡା ସ୍ୱନ ।
ସେ ଶବ୍ଦ ଶୁଣନ୍ତେ ଭାଙ୍ଗିଯାଏ ସ୍ୱପ୍ନ
ଶିଶୁ ଉଠଇ ଚମକି,
ବୋଲିଣି 'ମୋ ଧନ' କରନ୍ତି ଚୁମ୍ବନ
ମାତା ଶିଶୁ କୋଳେ ଯାକି ।
ଏବେ ମଶକର ଗୁଣୁ ଗୁଣୁ ସ୍ୱନ
ମୋଡ଼ଇ ମୋହର ମନ,
ଗୁଣ୍ଡା ଧୂଆଁ ହେବା କବାଟ କିଳିବା
ପରେ ଶିଶୁର ଶୟନ ।

ଶରତ୍

ଭାଦ୍ରମାସେ ପଡ଼େ ଖୁଦୁକୁଣୀ ଓଷା
ମାସେ ପାଅଁ ପାଳି ହୁଏ,
ପୁଚିଖେଳ ଖେଳି ଭାଇପାଇଁ ବୋଲି
ଓଷା କରୁଥାନ୍ତି ଝିଏ ।
ନାନା ସରଞ୍ଜାମେ ସଜାଡ଼ି ଚୁଙ୍ଗୁଡ଼ା
ଝୁଲୁଥାଏ ତହିଁ ଝୁରି,
ଭାଲୁକୁଣୀ ପୂଜା ପାଇଁ ଲେଉଡ଼ା ଫୁଲ
ହଳାସ୍ତି, ହରଗଉରୀ ।
ପୁଚିଖେଳ ଖେଳି ଦେଇ ହୁଳହୁଳି
ବଢ଼ିଲରୁ ପାଅଁ ପାଳି,
ମନାସିଣ ବର ବିଧାଦେ ପ୍ରତିମା
ବିସର୍ଜନ୍ତି ସର୍ବ ବାଳୀ ।

ଭାଦ୍ରମାସେ ପଡ଼େ ଦ୍ୱିତୀୟା ଉପାସ
ଝାଣି ଓଷା ସେ ବରଷେ,
ଏକବାର ଦିନ ବଢ଼ାଯାଏ ପଣ
ଚାଲି ଶିଆଳୀ ଉଦ୍ଦେଶେ ।
ଦତୀ-ଅଦତୀଙ୍କ କଥା ପଡ଼େ ତହିଁ
ଶୁଣୁଥାନ୍ତି ଓଝୁଆଳୀ,
ଥରେ ଛାଡ଼ିଦେଲେ ବାର ବର୍ଷକାଳ
ଝୁରୁଥାନ୍ତି ବସି ବାଳୀ ।
ଭାଦ୍ରମାସେ ପଡ଼େ ଇନ୍ଦୁପୂର୍ଣ୍ଣିମା ଯେବେ
ଗଗନରେ ପୂର୍ଣ୍ଣ ଇନ୍ଦୁ,
ଶାରଦ ଚନ୍ଦ୍ରିକା ଦଶେ ଦାଉ ଦାଉ
ବରଷେ କି ସୁଧାବିନ୍ଦୁ ।

Digitized by srujanika@gmail.com

କୌମୁଦୀ ସାଗରେ ଚକୋର ଚକୋରୀ
ଜ୍ୟୋତ୍ସ୍ନା-ସୁଧା କରି ପାନ,
ସ୍ୱର୍ଗ-ମନ୍ଦାକିନୀ-ସୁଧା ଧାରି ସମ
ବହାନ୍ତି ଲହରୀ ତାନ ।
ଆଶ୍ୱିନ ମାସରେ ଦଶହରା ପର୍ବ
ବର୍ଷର ଶ୍ରେଷ୍ଠ ପାର୍ବଣ,
ଛମାସେ ବରଷେ ସ୍ୱଗ୍ରାମେ ଫେରନ୍ତି
ବିଦେଶୁ ପ୍ରବାସୀଗଣ ।
ଗୃହକ ପର୍ଯ୍ୟେ ବିରହିଣୀମାନେ
ଥାନ୍ତି ପ୍ରିୟ ପଥ ଚାହିଁ
ଦିନ ଗଣୁଥାନ୍ତି ନବ ତରୁଣୀଏ
ବେଳ ତାଙ୍କ ସରେ ନାହିଁ ।
ପଚରିଲ ସାହି-ପିଲାଙ୍କୁ ଘେନଣ
କେବେ କଟକ ମିଠାଇ
ଘେନି ପିତା ଭ୍ରାତା, ଆସିବେ ଗ୍ରାମକୁ
ସର୍ବେ ଥାନ୍ତି ବାଟ ଚାହିଁ ।

ପ୍ରଣୟୀ ଆଗମେ ପ୍ରଣୟିନୀ ପାନ୍ତି
ହାତେ ଆକାଶର ଜହ୍ନ,
ଆନନ୍ଦରେ ଖାଦ୍ୟ ଯୋଗାଡ଼ କରନ୍ତି
ଅହ୍ଲାଦେ ନ ରୁଚେ ଅନ୍ନ ।
ପତିପ୍ରାଣାଗଣ ପ୍ରିୟ ଅଦର୍ଶନେ
ନ ପିନ୍ଧନ୍ତି ଅଳଙ୍କାର,
ଦୀର୍ଘକାଳ ଅନ୍ତେ ପେଡ଼ି ଲୁଗା ସଙ୍ଗେ
ଗହଣା ହୁଏ ବାହାର ।
ଶିଶୁଏ ପ୍ରବାସୀ-ଗତ ପିତା, ଭ୍ରାତା,
ଖୁଡୁତାମାନଙ୍କ ସଙ୍ଗେ
ସ୍ନାନ ଭୋଜନାଦି କରି ନବବସ୍ତ୍ର
ପିନ୍ଧିଣ ବୁଲନ୍ତି ରଙ୍ଗେ ।

Digitized by srujanika@gmail.com

ବାଡ଼ୁଅ କୁମାରୀ ବାପଭାଇଙ୍କର
ସେବାରେ ଯାଆନ୍ତି ଲାଗି
ଲୁଗା କୁଞ୍ଚାଇଣ ଚନ୍ଦନ ଘୋରିଣ
ଠାଆ କରି ପାନ ଭାଙ୍ଗି ।
ଯଥାକାଳେ ହୁଏ ଦଶହରା ପର୍ବ
ଭଳ ଧନ ହୁଏ ଯାତ,
'ଖାଇଲେ ଖାଅ ବା ପାରିବଣେ ଖାଅ'
ତାକରି ପୁରା ପ୍ରବାଦ ।
ଚତୁର୍ଥି ଦିବସେ ଉଠଇ କଳସ
ବାଜିଗଲା ବେଳେ ବେଳ
ଚଉପାଢ଼ୀ ଦାଣ୍ଡେ ପଡ଼ଇ ଚହଳ
ହେଉଅଛି ଖଣ୍ଡାଖେଳ ।
ପ୍ରତି ଖଣ୍ଡାୟୁଧସାହିରେ କଳସ
ବସି ହୁଏ ଖଣ୍ଡାଖେଳ,
ମୁଦ୍‌ଗର, ବନାଟି, ଛଡ଼ି, ବାଡ଼ିବୁଲା,
ମାଲ୍‌କୁସ୍ତି ହାତମେଳ ।

ପଞ୍ଚା ଲଢ଼ାଲଢ଼ି, ସଗଡ଼ ସାଧନ,
ଶୁଭଇ ମହୁରୀ, ଢୋଲ,
ଗବାକ୍ଷୁଁ ପୁରନ୍ଧ୍ରୀ ଶତ ହୁଳହୁଳୀ
ଶତ କଣ୍ଠୁ ହରିବୋଲ ।
ବାଜେ ରଣଝାମ୍ପ, ଯୋଡ଼ ନାଗରା ବା
ବାଜେ ବୀରବାଜା ଘନ,
ଦ୍ୱିଗୁଣ ଉତ୍ସାହେ ବାହୁସ୍ଫୋଟ ମାରି
ଜନ୍ମତ୍ତ ଖେଳାଳିଗଣ ।
କେହୁ ଖେଳେ ଖଣ୍ଡା, କେହି ଛଡ଼ ବାଡ଼ି,
କେହି ବୁଲାନ୍ତି ମୁଦ୍‌ଗର,
ବନାଟି ବୁଲାଏ କେହି, କାହିଁ ହୁଏ
କସରତ ବେନାଙ୍କର ।

Digitized by srujanika@gmail.com

ଆଜ ଖଣ୍ଡାୟୁତମାନଙ୍କ ଦୁର୍ଦ୍ଦଶା
ଦେଖି ଖେଦ ହୁଏ ମନେ,
ନିଜ ବାହୁବଳେ ଶାସିଲେ କଳନ
ଯେଉଁ ଶୂରବୀରଗଣେ ।
ଉତ୍ତରେ ଜାହ୍ନବୀ ଯାମ୍ୟେ ଗୋଦାବରୀ
ପୂର୍ବେ ଦଗେ ସାଗର,
ପଶ୍ଚିମେ ଭାର୍ଗବ-ଅଭ୍ରଂ-ଲିହ-ଗିରି
ନର୍ମଦା ସୃତକାଗାର ।
ଯାଏ ଯେଉଁ ବୀରେ ନିଜ ଭୁଜବଳେ
ଉତ୍କଳେଣ ପଦତଳେ,
ନତ କରାଇଲେ ଆଜି ସେ ଜାତିର
କି ପତନ କାଳବଳେ ।
କାଞ୍ଚି, ସେତୁବନ୍ଧେ ରାମେଶ୍ୱରେ ପୁଣି
ଗଙ୍ଗାକୂଳେ, ଗୌଡ଼ଦେଶେ,
ପ୍ରୋଥିତ କଲେ ଯେ ବିଜୟ-ନିଶାଣ
ହେଲେ କିବା ଅବଶେଷେ ।

ଅଶ୍ୱିନ ମାସରେ କୁମାରପୂର୍ଣ୍ଣିମା
କୁଅଁର ପୂନେଇ ଜହ୍ନ,
ଯାହା ସୃଷ୍ଟି କରି ତେଜେ ଦାଉ ଦାଉ
ପଡ଼ୁଥାଇ ଘନଘନ ।
ତାଳଗଜା, ଖଇ, ନଡ଼ିଆ, ଉଖୁଡ଼ା,
ଛେନାରେ ଗଢ଼ିଣ ଜହ୍ନ,
ପୋଖରୀକୂଳରେ ଜହ୍ନକୁ ଅନାଇ
ହୁଏ କରନ୍ତି ଭକ୍ଷଣ ।
ନୂଆ ଲୁଗା ପିନ୍ଧି କୁମାର ପ୍ରତିମା
ବର ମନାସିଣ ମନେ,
ଗୃହଁଡ଼ା ସଜାଡ଼ି ତୁଳସୀ ଚଉଁରୀ
ପୂଜନ୍ତି କୁମାରୀଗଣେ ।

Digitized by srujanika@gmail.com

ମନେ ପଡ଼େ ଦିନେ ଭାଦ୍ର ଶୁକ୍ଳ ପକ୍ଷ
ଗମ୍ଭୀର ନିସ୍ତବ୍ଧ ନିଶି,
କରୁଥିଲୁ ଭୋଜୀ ଗ୍ରାମ ସୀମା ଘଟରେ
ସାତ ପାଞ୍ଚ ସଖା ମିଶି ।
ଦୁର ବନ୍ଧୁ ମିଳି ବରୁଆ-ପୁଳିନେ
କଲୁ ନିର୍ଜନ ଭ୍ରମଣ,
ଜ୍ୟୋତ୍ସ୍ନା-ସମୁଦ୍ରରେ ପ୍ରଫୁଲ୍ଲ ପ୍ରାଣରେ
କଲୁ ନୈଶ ସନ୍ତରଣ ।
ନିଶୀଥ-ଗଗନେ ବିହରି ବିହଙ୍ଗ
ଗାଉଥିଲା କଳ ଗୀତ,
ବାଲ୍ୟଗଗନର ସେ ଦୂର ସ୍ମୃତିରେ
ଜଳିସି ଉଠଇ ଚିତ୍ତ ।
ଚନ୍ଦ୍ରିକା-ସାଗରେ ସନ୍ତରଣ ପକ୍ଷୀ
ଗାଇଲା କରୁଣ ଗୀତ,
ଶୁଣି ତା ବିଷାଦେ ସିକ୍ତ ହୋଇଗଲା
ମୋ କ୍ଷୁଦ୍ର ବାଳକ ଚିତ୍ତ ।

ପୁଛିଲି ମିତ୍ରଙ୍କୁ "ବନ୍ଧୁ ଏ କି ପକ୍ଷୀ,
ଗାଉଛି କି ଦୁଃଖେ ଗୀତ ?
ଉଠିଣି ଉଚ୍ଚରେ ନିସ୍ତବ୍ଧ ନିଶିରେ
ଆକାଶ ପ୍ରତିଧ୍ୱନିତ ।"
କହିଲେ ବନ୍ଧୁ "ସେ ଚୈଶ୍ଲୋଇ ଚଢ଼େଇ
'ଏ କିଏ ସେ' 'ଏ କିଏ ସେ',
ଗାଉଛି ଅଦୂରେ ଦେଖିଣ ମନୁଷ୍ୟ
କମ୍ପାଇ ଆକାଶଦେଶେ ।
ଯେତେବେଳେ ରାମ ମୃଗୟାରୁ ଫେରି
ନ ଦେଖିଲେ ବଇଦେହୀ,
ସେତେବେଳେ 'ଏହି କିଏ ସେ' 'କିଏ ସେ'
ଗାଉଥିଲା ଦୂରେ ଏହି ।

Digitized by srujanika@gmail.com

ଯେ ଦିନେ ରାବଣ ସୀତାଙ୍କୁ ହରିଣ
ରଥେ ଘେନି ଥିଲା ଯାଇ,
ଘନଘନ ରାବ ପଥ କଢ଼ାଇଲା
ଶ୍ରୀରାମେ ଏଥି ଚଢ଼ାଇ।
ସେହିଦିନୁ ବର ପାଇଅଛି ପକ୍ଷୀ
ପ୍ରାଣୀ ଦେଖି ସୁନର୍ଜନେ
ଯାମିନୀ ସମୟେ ରାବଇ ନିଷ୍ଠୁରେ
'ଏ କିଏ ସେ' ଏହି ସ୍ୱନେ।"
ବନ୍ଧୁଙ୍କ ଅଦ୍ଭୁତ କଥା ଶୁଣି ମନେ
ଅଦଭୂତ ଭାବାବେଶ,
ମନେ ହେଲା ସୀତା-କରୁଣ ବେଦନ
ଶ୍ରବଣେ କି ପରବେଶ।
ବକ୍ଷନ୍ତ ହୃଦୟେ ଫେରିଲୁ ଉଭୟେ,
ଦେଖିଲୁ ସେ ପାରି ଜଳେ,
ଜଳପାନ କରେ ବିଶାଳ ଶ୍ୱାପଦ
ଘାଣ୍ଟି ଜଳ କଳକଳେ।
ଦ୍ରୁତ ପଦଗତେ ଆସି କିଛି ଦୂରେ
ଦଉଡ଼ିଗଲା ସ୍ୱସ୍ଥାନେ,
ବ୍ୟାଘ୍ର କି ଶୃଗାଳ ଚିହ୍ନିନାହୁଁ କେହି
ଚତୁଷ୍ପଦ ଅନୁମାନେ।

ଶରତରେ ହୁଏ ବିଅଳି ଫସଲ
ଭାଦ୍ରୁଏ ହୁଏ ଅମଳ,
କେତେ ଜାତିକା ସେ ଭାଦେଇ ଫସଲ
ଦୁଃଖୀ କୃଷକ ସମ୍ବଳ।
ଦେଖୁଁ ଦେଖୁଁ ଧାନ ପାଚିଯାଏ ବିଲେ;
ନାନା ଜାତି ପକ୍ଷୀଗଣ,
ଝାଙ୍କେ ଝାଙ୍କେ ଆସି ସୁନାକ୍ଷେତେ ବସି
କରନ୍ତି ଶସ୍ୟ ଭକ୍ଷଣ।

Digitized by srujanika@gmail.com

କୁଡ଼ିଆ ମାରଣା କଲା କନାଖଣ୍ଡ
ଉଡ଼ାନ୍ତି କୃଷକଗଣ,
କୃଷକ-ବାଳିକା ନଗି ବାଡ଼ି ଧରି
କରେ ପକ୍ଷୀ ବିତାଡ଼ନ ।
ଲୁଲ୍ ଗୁଲ୍‌ଗୁଲ୍ ପାଚିଗଲେ ଧାନ
ଶୁଭଦିନ କରି ସ୍ଥିର,
ସୁବାସ ଚାଉଳ, ଦୁଧ, ଗୁଡ଼ ନେଇ
'ନୂଆ', ରାନ୍ଧେ ଖୋଲି ଦ୍ୱାର ।
ସୁବର୍ଣ୍ଣ ବରଣ ପକ୍ୱ ଧାନକ୍ଷେତେ
ଉଠେ ଧୂମ ସ୍ତମ୍ଭାକାରେ,
ଭୋଜନର ଅର୍ଘ—ଆଘ୍ରାଣ ନେଇକି
ଯାଏ ସେ ଆକାଶ ପାରେ !
ଅବା କୃଷକର କୃତଜ୍ଞତା, ଭକ୍ତି
ଘେନି ଚାଲିଯାଏ ବହ୍ନି,
ଆକାଶ ଉପରେ ଯେଉଁ ସ୍ୱରଗରେ
ମହାପ୍ରଭୁ ଛନ୍ତି ବହି ।

'ନୂଆ' ଘେନି ଫେରୁଁ କୃଷକ ଦୂରରୁ
ଶୁଣେ ଘରେ ତାର ଝିଅ,
ଗାଉଅଛି ଗୀତ ଘେନିଣ କୋଳରେ
ତାର ସବା ସାନ ପୁଅ ।
ଶୁଭୁଅଛି ଗୀତ କୃଷକ ଗୃହରୁ
'ହୋଓ ରେ ବାଇଆ ହୋଓ,
ଯେଉଁ କିଆରିରେ ଗହଳ ଧାନ ତୁ
ସେଇ କିଆରିରେ ଶୋଓ ।'
ରବି ଅସ୍ତଗଲେ ପଡ଼ାରୁ ଗୋପାଳ
ଧେନୁପଲ ବାହୁଡ଼ାଇ,
ଘରେ ଘରେ ଦିଏ ଅଡ଼ାଇଦେଇ ସାହି—
ଦାଣ୍ଡରେ ଧୂଳି ଉଡ଼ାଇ ।

Digitized by srujanika@gmail.com

ଖଳା ଦାଣ୍ଡେ ମେଇ ପୋତି ଗୋରୁ ଯୋଚି
କୃଷୀ ବେଙ୍ଗଳା ପକାଏ,
ଅମଳ କରଣ ଧାନ ଉଁଷାଇଣ
ଦିନ ଧରି ନୂଆ ଖାଏ ।
ହାଟପାଲି ଦିନ ହାଟେ ଯାଇ କିଣେ
ହାଣ୍ଡି, ମଣଲ୍, ପରିବା,
ନୂଆଖିଆ ଦିନ ଶିଶୁଙ୍କ ଆନନ୍ଦ
ବର୍ଣ୍ଣନ କରିବ କିବା !
ଭାଇ କୁଟୁମ୍ବଙ୍କୁ କରି ନିମନ୍ତ୍ରଣ
ନବାନ୍ନ କରି ରନ୍ଧନ,
ବଢ଼ିବାରୁ ପାକ ନିଜେ ଡାକେ ପ୍ରଭୁ—
ଗୃହକୁ କରି ଗମନ ।
ମାନ, ଅଭିମାନ ଥିଲେ କାହାରି ସେ
ବସେ ଅଡ଼ିବାଙ୍କ ଧରି,
ନିଉନ ହୋଇଣ ହାତ ଯୋଡ଼ି ଧରି
ନିଅଇ ନେହୁରା କରି ।

ସଭ୍ୟ ଦେଶେ ପରି ଗୃହସ୍ଥ ଗୃହିଣୀ
ଅତିଥିଙ୍କ ରାଜରାଣୀ,
ଏ ଦେଶେ ନିମିତ୍ତେ୍ୟ ନିମନ୍ତ୍ରଣକାରୀ
କରଇ କାକୁତି-ବାଣୀ ।
ସମସ୍ତଙ୍କୁ ଆଣି ଭୋଜନ କରାଇ
ସରିଲାରୁ ଆଚମନ,
ଆସନେ ବସିଲେ ହୁଏ ଧୂଆଁ ପାନ
ଅବା ତାମ୍ବୁଲ ଚର୍ବଣ ।
ଧୋବା, ଭଣ୍ଡାରୁଣୀ, ଦଣ୍ଡୁଆସି, ଯୋଗୀ,
ଭିକାରୀ ପାଆନ୍ତି ଅନ୍ନ,
ଦେଇ ପିଣ୍ଡି ଅନ୍ନ ଭୁଞ୍ଜନ୍ତେ ଗୃହସ୍ଥ
ନାରୀ କରନ୍ତି ଭୋଜନ ।

Digitized by srujanika@gmail.com

ସର୍ବଶେଷେ ଗୃହ-ଅନ୍ନପୂର୍ଣ୍ଣା ଲକ୍ଷ୍ମୀ
କରନ୍ତି ଗ୍ରହଣ ଜଳ,
ଏଥିପାଇଁ ପିନା ଗୃହସ୍ଥ ଆଶ୍ରମ
ନିଖିଳ ଆଶ୍ରୟସ୍ଥଳ ।
ଏଥିପାଇଁ କୃଷ୍ଣ କହିଥିଲେ ପାର୍ଥେ
"ଗୃହକର୍ମ ଯେବେ କର,
ବାହ୍ୟତ ରୂପରେ ସେ କଥା ଗୋଟାକୁ
ନୁହେଁ କେହି ସମସର ।"

ହେମନ୍ତ

କାର୍ତ୍ତିକ ମାସରେ ଆମିଷ ଛାଡ଼ଣ
କରନ୍ତି ହବିଷ୍ୟ ଜନେ,
ରବି ପାହାନ୍ତାରୁ ବଢ଼ାନ୍ତି ସେ ସ୍ନାନ
ରହନ୍ତି ପବିତ୍ର ମନେ ।"

ମାସକଯାକ ଯେ ପାଳି ନ ପାରନ୍ତି
ପଞ୍ଚୁକେ ପାଳନ୍ତି ସେହି,
ପୂର୍ଣ୍ଣିମା ଦିନକ ମାତ୍ରକେ ପାଳନ୍ତି,
ନ ପାଳନ୍ତି ଅବା କେହି ।
ରୋଗଶଯ୍ୟାଗତ ଅବା ଅସମର୍ଥ
ହୋଇ କେ କରନ୍ତି ସ୍ନାନ,
ରୋଗ ବଢ଼େ କାର, କେ ଭଜେ ମରଣ
ଭୁଞ୍ଜି ସେହି ହବିଷ୍ୟାନ୍ନ ।
ଦେହ ହିତ ଅର୍ଥେ ଏ ସବୁ ଭିଆଣ
ହୋଇଥିଲା ପୂର୍ବକାଳେ,
ଏ ଦେହ ଆତ୍ମାର ପୂତ ବାସଗୃହ
ବିସ୍ମୃତ ହେଲୁ ତା କାଳେ ।

Digitized by srujanika@gmail.com

ଦେହକୁ ଯାତନା ଦେଇ ଛଦ୍ମଜନେ
କରନ୍ତି ପୀଡ଼ା ଅର୍ଜନ,
ଦେହେ ଦେଇ କଷ୍ଟ ଅବା କର ନଷ୍ଟ
ଦେଶକାଳ ବିବେଚନ ।
ଏ ମାନବ ଦେହ ନୁହେ ମାନବର
ଏହା ପୂତ ନ୍ୟାସ ପର,
ଦୁର୍ଲଭ ଶରୀରେ ଅସ୍ୱାରୂପେ ନିକେ
ବହନ୍ତୁ ଅଛନ୍ତି ହର ।
କାଯ୍ୟମନୋବାକ୍ୟ ପବିତ୍ରତା ମଧ୍ୟେ
ଅଟେ ସାର ମାନସିକ,
ମାନସିକ ହେଲେ ଅପେ ହୁଏ ଅସି
ବାଚନିକ, ଶାରୀରିକ ।
ମାସକ ଆକାଶ-ଦୀପ ଜଳୁଥାଏ
ଦଣ୍ଡେ ଯେଉଁନ୍ତେ କୁଅଡାର୍,
ଦେଖିଣ ଆକାଶେ ସେ ଆକାଶ-ଦୀପ
ଅମ୍ଭା ଭେଳେ ଭବ-କାର୍ ।

ଦୀପାବଳୀ ଅମାବାସ୍ୟା ଦିନ ଜଳେ
ଦୀପାବଳୀ ନାନାସ୍ଥାନେ
ପର୍ଯ୍ୟାଁଶ୍ରାଦ୍ଧ ଦେଇ ବଡ଼ବଡ଼ୁଆଙ୍କୁ
ଡାକନ୍ତି ହାନ୍ତୁଅମାନେ ।
କାର୍ତ୍ତିକ ପୂର୍ଣ୍ଣିମା ଦିନ ଭକ୍ତମାନେ
ବଢ଼ାନ୍ତି କାର୍ତ୍ତିକ ସ୍ନାନେ,
କାଯ୍ୟମନୋବାକ୍ୟେ ପବିତ୍ର ହୁଅନ୍ତି
କାର୍ତ୍ତିକ ମହାତ୍ମ୍ୟ ଧ୍ୟାନେ ।
ସୀମନ୍ତିନୀଗଣ ସ୍ରୋତସ୍ୱିନୀ ନୀରେ
ନିଶି ନ ପାହୁଣୁ ଯାଇ;
ସ୍ନାନକରି ଶେଷେ ପୂର୍ଣ୍ଣିମା ପ୍ରଭାତେ
ଦିଅନ୍ତି ବତୀ ଭସାଇ ।

Digitized by srujanika@gmail.com

ଜଳାର୍ଦ୍ର ବସନେ ତଟିନୀ ପୁଳିନେ
ବସିଣ କୁମାରୀଗଣ,
ଜଳସିକ୍ତ ବାଲି ଚମ୍ପକାଙ୍ଗୁଳିରେ
ଆଣି କରନ୍ତି ଗଠନ ।
ବାଲୁକା ଈଶ୍ୱରେ ଯୋଡ଼ି ବେନି କର
ମାଗନ୍ତି ଇପ୍ସିତ ବର,
ଏସନେ ପାର୍ବତୀ ପୂଜି ପସ୍ରି ଶିବେ
ପାଇଲେ ବାଞ୍ଛିତ ବର ।
ବାଳ, ବୃଦ୍ଧ, ଯୁବା ବହୁ ଜଳକୂଳେ
କର ନାମସଙ୍କୀର୍ତ୍ତନ,
ତିଳକ କାଟି କେ କାର୍ତ୍ତିକ-ମହାତ୍ମ୍ୟ
ଗୀତ କରନ୍ତି ଶ୍ରବଣ ।
ତଟିନୀ ସୈକତେ ହୁଏ ବାଲିଯାତ୍ରା
ନଦୀତଟ ବଟମୂଳେ,
ଗ୍ରମାନ ସଙ୍ଗତେ ସଙ୍କୀର୍ତ୍ତନ ଦଳ
ମିଳନ୍ତି ଆସିଣ ତୂଳେ ।

ନାଚନ୍ତି, ଗାଆନ୍ତି କର ଟେକି ଭକ୍ତେ
କେହୁ ଅବା ଯାଏ ଘୁମ,
ଏ ଭବସାଗର ତରଣେ ତରଣୀ
ଏକମାତ୍ର ହରିନାମ ।
ନାନାଦ୍ରବ୍ୟ ହୁଏ କଣାବିକା ଏଥି
ହୁଏ ଗହଳଚହଳ,
ଦୋକାନୀମାନେ ଯେ କଉଡ଼ି ଅରଜି
ଫେରନ୍ତି ହୋଇ ସଫଳ ।
ଏ ଭବ ଅଟଇ ମହାଯାତ୍ରା ପୀଠ
କି ଉଦ୍ଦେଶ୍ୟେ କେହୁ ଆସେ,
କେହୁ ତୁଷ୍ଟ ଶୁଦ୍ଧ ନିଃସ୍ୱାର୍ଥ ଭକ୍ତିରେ,
କିଏବା ଫଳ ମନାସେ ।

Digitized by srujanika@gmail.com

କାର୍ତ୍ତିକ ମାସରେ ପଡ଼େ ବଡ଼ଓଷା
ସବୁ ଓଷା ମଧ୍ୟେ ସାର,
ନଡ଼ିଆ, ମଣ୍ଡା, ଅଟକାଳୀ ପିଠା
ଛେନା-ଖସା-ଚଣା-ପୂର ।
ଓଷେଇତୁଣିଏ ହବିଷ୍ୟ କରନ୍ତି
ଅରୁଆ ଅନ୍ନ ଖାଇଣି,
ପାଳଦଉଡ଼ିଟା ପକାନ୍ତି ବେକରେ
ଗଜମଣ୍ଡା ମନାସିଣ ।
ଦିନେ ଜଣେ ଚୋର ନେଉଥିଲା ପଶି
ପର ବଳଦ ଚୋରାଇ,
ବଳଦବୁଆଳ ଖପ୍ କରି ତାକୁ
ଧଇଲା ବାଟରେ ଯାଇ ।
ଡାକିଲା ସେ ଚୋର ବିକଳେ ପ୍ରଭୁଙ୍କୁ
"ଆଜି ନ କରିବି ଚୋରି,
କଳା ବଳଦକୁ ଦିଅ ଧଳା କରି
ମହାପ୍ରଭୁ କୃପା କରି ।"

ତା' ବିକଳ ଦେଖି ଦେଉଳ ଠାକୁର
ପୂର୍ଣ୍ଣ କଲେ ତା ବାସନା,
ଚୋରି ନ କରି ସେ ସେହିଦିନଠାରୁ
କଲା ଦେବ-ଉପାସନା ।
ବଳିବର୍ଦ୍ଦ ସ୍ୱାମୀ ନିକଟକୁ ଯାଇ
ବୋଇଲା, "ମୁହିଁ ସେ ଚୋର,
ନିଅ ତୁମ୍ଭ ଧନ, ଦିଅ ମୋତେ ଦଣ୍ଡ
ମନ ଫେରିଅଛି ମୋର ।"
ବଳଦବୁଆଳ ନ ଦଣ୍ଡି ତାହାକୁ
ବୋଇଲା, "ପୁଣ୍ୟାତ୍ମା ଭାଇ,
ସାଧୁ ସୁପୁରୁଷ ହୋଇଅଛ ଏବେ
ଲୋଭ ଭୟ ତବ ନାହିଁ ।"

Digitized by srujanika@gmail.com

ସେହି ଘଟଣାରୁ ଏ ଓଷା ଉଆଁଶ
ଓଷାର କରଣୀ ଭାରି,
ଚଣ୍ଡାଳ-ବ୍ରାହ୍ମଣ-ଉଚ୍ଚଭେଦ ବିଚାର
ନ କରନ୍ତି ନରନାରୀ ।
ଥରେ ନୀଚ-ହାତୁଁ ନ ପାଉଁ ବ୍ରାହ୍ମଣ
ଏହି ବଡ଼ଓଷା ଭୋଗ,
ବଡ଼ଦେଉଳର ଠାକୁର ନିନ୍ଦୁକେ
ହେଲା ପରି ବଡ଼ ରୋଗ ।
ଭାଇ-ଭାଇ ମଧ୍ୟେ ଭେଦ ବିଚାରିଲେ
ଏହିପରି ହୁଏ ଦଣ୍ଡ,
ଜାତିଭେଦ ଯୋଗୁଁ ଏ ଭାରତ ଦେଶ
ପରାଧୀନ ଖଣ୍ଡ ଖଣ୍ଡ ।
ଅହା କାହିଁ ଗଲା ସେ ଦିନ ଭାରତୁଁ
ବୌଦ୍ଧଧର୍ମ ବାନାତଳେ,
ହିମାଦ୍ରି ପ୍ରାନ୍ତରୁ କୁମାରିକା ଯାଏ
ଏକ ଥିଲା ଧର୍ମବଳେ ।

ଶୀତ

ହେମନ୍ତର ଶେଷେ ମାର୍ଗଶୀର ପୌଷେ
ପାଚଇ ଶାରଦ ଧାନ,
ନିଶି ଅର୍ଦ୍ଧଯାମେ ଦଣ୍ଡୁଆସି ଡାକେ
ଅଥିରି ପଡ଼ଇ କାନ ।
ମଞ୍ଚା ବାନ୍ଧି କେହି ନିପୁଣ କୃଷକ
ଧାନ ଜଗେ ନିଜ ବଳେ,
ଦାରିଦ୍ର-ସଙ୍ଗିନୀ ରୌଦ୍ର କର ଘେନି—
ଯିବ କାଏମେ ନୋହିଲେ ।

Digitized by srujanika@gmail.com

ବିରବୋଡି, ଧଳା, ସରଗଡ଼ା, ବଙ୍ଗୀ
ବାଙ୍କିଶ ଝିଲ, ଗ୍ରିବଣା,
ସୁନାଝିଲ୍, ତେଲ୍ ସାଗର୍, ମୋଠର୍
କିଏ କରିବ ଗଣନା ।
ତିନି ଓର ଚଷି କାଦା ମନ୍ଥି ଦେଇ
କଛ ମାରି ବାଛୁ ଙ୍କର,
ଖେତୁଆ କଢ଼ାଣି ଅଧ ବେଉଷଣି
କହିଲେ ତାହା ନ ସରି ।
ବୁଣିଲା ଦିନରୁ ଅମଳ ପର୍ଯ୍ୟନ୍ତ
ଧାନକୁ ବିପଦ କେତେ,
ମରୁଡ଼ି, ଅକାଳ-ଝଂର, ଧୋଇ, ପୋକ,
ପକ୍ଷୀ, ଗୋରୁ, ଚୋର ଯେତେ ।
ଦିନରେ ଚଢ଼େଇ, ରାତ୍ରେ ବଣପଶୁ
ଖାଆନ୍ତି ପାଚିଲା କ୍ଷେତ,
କ୍ଷେତ ନୁହେଁ ଦୁଃଖୀ କୃଷକ କୁଟୁମ୍ବ
ଜୀବନ-ନାଟିକା ସେ ତ ।

ପାଚିଲାରୁ ଧାନ ଅଗକଟା କରି
ପକାନ୍ତି ବିଲରେ ନଡ଼ା,
କେହି ଅବା ମୂଳୁଁ କାଟି ଭାର ଭାର
ଆଣନ୍ତି କରି କରଡ଼ା ।
ବିଆଳି ଧାନକୁ କୁଟା କରିବାକୁ
ପକାନ୍ତି ଚାଷୀ ବେଙ୍ଗଳା,
ଶାରଦ ବାଡ଼ାନ୍ତି ଘୋଡ଼ିଆ ଉପରେ
ଲିପିପୋଛି ବାଡ଼ିଖଳା ।
ପାଞ୍ଚ ସାତ ମିଳି କେହି ପାଟବିଲେ
କେହି ଗ୍ରାମ ସୀମାପ୍ରାନ୍ତେ,
ଖଳା କରି, ମାରି କୁଣ୍ଡିଆ ସେଠାରେ
ଜଗନ୍ତି ଧାନକୁ ରାତ୍ରେ ।

Digitized by srujanika@gmail.com

ଲମ୍ବା ଲମ୍ବା ନିଅଁ-ବରଅ ଜାଳିଣ
ଭୂତ, ବାଘ, ଭୈରବ, ଛତୀ,
ମଣିଚୂଳ ସର୍ପ, କୁମ୍ଭୀର, ରାଘବ-
ମାଛ କାହାଣୀ କହନ୍ତି ।
ଏହିପରି ଧୀନ କୃଷକ ନିଶିଳ
ମାନବେ ଯୋଗାଏ ଅନ୍ନ,
ନୋହିଲେ ସମସ୍ତ ସମାଜ ହୁଅନ୍ତା
କ୍ଷଣକ୍ ମଧ୍ୟେ ଉଚ୍ଛନ୍ନ ।
ଯେଉଁ ବର୍ଷ ଫଳେ କ୍ଷେତେ ଧାନ ଭଲ
ବହୁ ବିଭା ପର୍ବ ହୁଏ,
ବିଦାୟ ହୁଅନ୍ତି ବାଡ଼ୁଅ କନ୍ୟାଏ
ବିବାହ କୁମାରୀ ଝିଏ ।
ଡାଳ ଘାଟିଅଡ଼୍ଡ଼ୁ ଖାଇ ପକ୍ୱଧାନ
ଗେଣ୍ଡାଳିଆ ପନ୍ତି ପନ୍ତି,
ମଙ୍ଗଳ ବିବାହ ସୂଚନା କରିଣ
ନଭେ ଚିବ ଉଡ଼ିଯାନ୍ତି ।

ପନ୍ତି ପନ୍ତି ହୋଇ ସୁନୀଳ ଗଗନେ
କେଉଁଆଡ଼େ ସେ ଯାଅନ୍ତି,
ନବୀନା ଯୁବତୀ ସତୃଷ୍ଣ ନୟନେ
ସେମାନଙ୍କୁ ଗୁହିଥାନ୍ତି ।
ପ୍ରାଣପ୍ରିୟା ସଖୀ ପଛୁଁ ଅସି ଦେଖି
ନେଇ ଅବର କହଇ—
"ହେବ ବିଭାଘର ଭାବନା ନ କର
ମନେ ରଖିଥିବୁ ସହି !"
ପହିଲେ ସଙ୍ଗାତେ କରଇ ଭର୍ତ୍ସନା
ମଧୁର କପଟ ରାଗେ,
ପଛେ ତୁନି ତୁନି ଗୁପତ ବାରତା
କହଇ ସଙ୍ଗାତ ଅଗେ ।

Digitized by srujanika@gmail.com

ମାମୁଘର ଗ୍ରାମେ ଭାବୀ ପ୍ରାଣେଶଙ୍କୁ
ଦେଖିଥିଲି ପିଲାବେଳେ,
ପଢ଼ିଥିଲି ଏକସଙ୍ଗେ, ନେଳ-ମେଳ
ହୋଇଥିଲି ଖେଳ ମେଳେ ।
ମଧ୍ୟସ୍ଥ ସଙ୍ଗରେ 'ବରଘର-ଦେଖା'
ଯାନ୍ତି ଦୁଇ ତିନି ଜଣ,
ଜ୍ୟୋତିଷୀ ଡକାଇ ଧରି ଦିନ ବାର
ସ୍ଥିର ହୁଏ ବିଭା-ଲଗ୍ନ ।
ଅଳଙ୍କାର, ବସ୍ତ୍ର, ବାସନ, ଯୌତୁକ,
ସାଆନ୍ତ-ମର୍ଯ୍ୟାଦାମାନ,
ଦିଆନିଅଁ ସବୁ ଜବାବ ହୋଇଲେ
ସଭାରେ ହୁଏ 'ବାଗ୍‌ଦାନ' ।
'ସ୍ୱୀକାର', 'ସମ୍ମତି' ଦିନାକେତେ ଗଡ଼ି
ଶେଷେ ଯାଏ ବରଧରା,
'ବରଯାତ୍ରୀ' ସଙ୍ଗେ ଆସୁଁ ବର ହୁଏ
ରୋଶନାଇ ବାଣ ମରା ।

ସୋଲ ଫୁଲଗଛ, ଫାନ୍‌ସ, ଦୀପସିଢ଼ି
ଗଛ-ବାଣ, ତୁବ୍ରି-ବାଣ,
ହାଉଳି, ଚରକୀ, ଖଇ ଅଦ କାତି
ଚନ୍ଦ୍ରଉଦଆ ପ୍ରମାଣ ।
ରୋଷଣି ସରିଲେ ହୁଏ ବନ୍ଦାପନା
ଶୁଭେ ହୁଳହୁଳି ସ୍ୱନ,
ଚଉପାଢ଼ୀ ଘରେ ବସିଲେ ହୁଅଇ
'ମହାପ୍ରସାଦ' ବଣ୍ଟନ ।
ବିଷାଦ ପ୍ରତିମା ଅଳଙ୍କୃତା କନ୍ୟା
'କୋଇଲିବୁଡ଼ି' ପଶଇ,
'ସ୍ତ୍ରୀ ଥଗୁର' ସାରି ଦେଇ ହୁଳହୁଳି
ଦିଅନ୍ତି ଘରୁ ପଠାଇ ।

Digitized by srujanika@gmail.com

ଦିଆ ହେଲେ ଫୁଲ, ଚନ୍ଦନ, ତାମ୍ବୁଳ
ବେଦକୁ ନିଅନ୍ତି ବର,
ବର, କନ୍ୟା ବସୁଁ ପୁରୋହିତଗଣ
ପଢ଼ନ୍ତି ଉଚ୍ଚେ ମନ୍ତ୍ର ।
ଅଗ୍ନିରେ ଅଞ୍ଜଳି ଦେଇ, ହସ୍ତଗଣ୍ଠି
ପଡ଼ି ହେଲେ ସମର୍ପଣ,
ପୁରନ୍ଧ୍ରୀ ସମାଜେ ଆଉ ଖେଳ ହୁଏ
ବର-ବଧୂ ଆଗମନ ।
ସ୍ନାନାନ୍ତେ ଭୋଜନ ସରିଲାରୁ ହୁଏ
'ବେଭାର'ର ଚଳାଚଳ,
'ବେଭାରକ' ଛଡ଼ା ଆନ ସେ କଠିନ
କର୍ମକୁ ନ ପାରେ କଳି ।
ସର୍ବଶେଷେ ବାଜେ ମେଲାଣି ବାଜଣା
ଢୋଲ, ଝାମ୍ପ, ଶଙ୍ଖ, ତୂରୀ,
ଟେଲିଙ୍ଗି ବାଇଦ, ରଣଝାମ ବାଜା,
ଯୋଡ଼ିନାଗରା, ମହୁରୀ ।

ଅନ୍ତଃପୁରେ ଉଠେ ବିଳାପର ତେଜ
ବାହୁନି କାନ୍ଦନ୍ତି ବାଳୀ,
ନର କେଉଁ ଛାର ସେ ବିଳାପ ଶୁଣି
ପାଷାଣ ଯିବ ତରଳି ।
ସାହି ପଡ଼ୁସୁଣୀ, ସଖୀ, ସଙ୍ଗାତୁଣୀ,
ମିତ, ବଉଳ, ଅଶୋକ,
ଅଭଡ଼ା, ତୁଳସୀ, ଗଙ୍ଗାଜଳ ଆଦି
ସମସ୍ତେ କରନ୍ତି ଶୋକ ।

Digitized by srujanika@gmail.com

ବସନ୍ତ

ଶୀତ ଅନ୍ତେ ଆସେ ମଧୁର ବସନ୍ତ
ବହେ ଦକ୍ଷିଣା ପବନ,
ଆମ୍ବ ବଉଳର ଗନ୍ଧେ କୋଇଲି
କରଇ କଳ ଗାୟନ ।

ବଉଳ ଖାଇଣ କୋକିଳ ମଧୁରେ
ଗାଆନ୍ତି ଆନନ୍ଦଭୋଳେ
ଦେଖୁଁ ଦେଖୁଁ ଆମ୍ବଚଣା କସି ହୋଇ
ଲେମ୍ବୁ ଲେମ୍ବୁ ହୋଇ ଦୋଳେ ।

ବନପ୍ରିୟ ଯୁବା ସହକାର ଶାଖେ
ଘନ ଭଙ୍ଗ ମଧୁତାନେ
ଗାଆନ୍ତେ ଅପିଣ, ବାଞ୍ଛଣ ବରନ୍ତି
ତରୁଣୀ କୋକିଳାମାନେ ।

ଜୀବନ-ସଂଗ୍ରାମେ ଯୋଗ୍ୟତମ ଜୟୀ
ହୁଏ ପିନା ଏହୁପର
ଜଡ଼-ଜଦ୍ଭିଦରେ, ପ୍ରାଣୀ ଜଗତରେ
ଶକ୍ତିହୀନ ଯାଏ ସର ।
ବାଡ଼ମାନଙ୍କରେ ପାଳଧୁଆ ଫୁଲ
ରକ୍ତକାନ୍ତି ହରେ ମନ,
ଶିମୂଳି କୁସୁମ ଦଶେ ଦାଉ ଦାଉ
ତୋଷି ରକତ ବରଣ ।
ଅଶୋକ, ନାଅଳୀ, କଣଅର, ମନ୍ଦ୍ର
ଫୁଟି ହସେ ଦଶି ଦଶି,
ସେ ବାସ ଚହଟି ହରେ ପ୍ରାଣୀ ମନ
ମଳୟ ସଙ୍ଗତେ ମିଶି ।

Digitized by srujanika@gmail.com

ଫଗୁଣ ମାସରେ ଦୋଳ ପୂର୍ଣ୍ଣିମା ସେ
ଶ୍ରେଷ୍ଠ ପର୍ବ ଓଡ଼ିଶାର,
ଗୃହର, କୋଠିଆ ଯାଆନ୍ତି ଗୃହସ୍ଥ
ଗ୍ରାମ ଘରେ ଯେ ଯାହାର ।
ଦୋଳପୂର୍ବ ସନ ବର୍ତ୍ତିନ ନେଇଣ
ରହନ୍ତି ବର୍ଷକ ପାଇଁ,
କେହ୍ନ ବା ଅଧିକ ଅର୍ଜ୍ଜନ ଆଶାରେ
କଲିକତା ଯାଏ ଧାଇଁ ।
ବଙ୍ଗଦେଶବାସୀ ଏହି ଗୋପାଳଙ୍କୁ—
ଦେଖିଣ ଭାବନ୍ତି ମନେ,
'ଓଡ଼ିଶା ବେହେରାମାନଙ୍କର ଦେଶ
ଭଦ୍ରଲୋକ ନାହିଁ ଜଣେ ।'
ଗୋପାଳମାନଙ୍କ ପର୍ବ ଏହି ଦୋଳ,
ଆନନ୍ଦ ପିଠା କରନ୍ତି,
ଛଡ଼ି ଧରି ବେକ ହୋଇ ଠେଲାଠେଲି
ଓଗାଳ ଗାଇ ବୁଲନ୍ତି ।

ନାନା ଗ୍ରାମେ ହୁଏ ବିମାନ ମେଳଣ,
ନାଟ, ନାମସଂକୀର୍ତ୍ତନ,
ଫଗୁଖେଳେ ମାତି ପିଚକାରି ମାରି
ସର୍ବେ ଲୋହିତ ବରଣ ।
ପଞ୍ଚଦୋଳେ ଅମ୍ବଡାଳେ ଆମ୍ବ ଦୋଳେ
କି ସୁନ୍ଦର ପେନ୍ଥି ପେନ୍ଥି,
ବିମାନ ଖିଲଣେ ଓହଳାନ୍ତି ଆଣି
ସେ ଅମ୍ବକୁ ଲେନ୍ତି ଲେନ୍ତି ।
ଅବିର ଗୁଣ୍ଡିରେ ହୋଇ ବିମଣ୍ଡିତ
ଦିଶେ ତା' ଲୋହିତ ବନ,
ଚୂତ ଶାଖେ ଯେହ୍ନେ ଦିଶଇ ସେ ଫଳ
ପଡ଼ି ବାଳାର୍କ-କିରଣ ।

Digitized by srujanika@gmail.com

ଚଇତ ମାସରେ କୈବର୍ତ୍ତମାନଙ୍କ
ଚଇତି ଘୋଡ଼ା ନାଚଇ,
ଗ୍ରାମପ୍ରାନ୍ତେ ଘୋଡ଼ା-ମେଲଣ-ଯାତର
ଗୀତ ଗହଳେ ଶୁଭଇ ।
ସେ ଗୀତେ ପ୍ରମାଣ କରନ୍ତି କୈବର୍ତ୍ତେ—
ସର୍ଜନାର ପୂର୍ବକାଳେ,
କଇବର୍ତ୍ତଗଣ ସୃଷ୍ଟ ହୋଇ ଅଗେ
ପ୍ରଳୟ ପୟୋଧିଜଳେ
ନାବ ଚଳାଇଲେ, ନତୁବା ଏ ସୃଷ୍ଟି
କିପରି ରହନ୍ତା ତେବେ
କେଉଟପୋନେ ଯେ କାଠମାରି ଡଙ୍ଗା
ନ ସମ୍ଭାଳିଥିଲେ ଦମ୍ଭେ ।
ହୋଇଣ ଚଢ଼େୟା ଚଢ଼େୟାଣୀ ବେଶ
କରନ୍ତି ସୁଅଙ୍ଗ ଯେତେ
ବ୍ରହ୍ମା ତ କୈବର୍ତ୍ତ ତତ୍ତ୍ୱ ନ ପାଇଲେ
ମୁଁ ଛାର ବର୍ଣ୍ଣିବି କେତେ ?

ଡଙ୍ଗା, କାଠ ଜନ୍ମ କେଉଁଠାରୁ ହେଲା,
କେଉଟ ଜନ୍ମିଲା କେହ୍ନେ,
କେଉଟୁଣୀ ଚୂଡ଼ା ଯେ ହାଣ୍ଡିରେ ଭାଜେ
ବାଇକି ହାଣ୍ଡି ସେ ଯେହ୍ନେ ।
କିପରି ଶ୍ରୀକୃଷ୍ଣ କାଳିନ୍ଦୀଘାଟରେ
ଗୋପାଙ୍ଗନା କଲେ ପାରି,
କିପରି କାଳିଆ ବୃଷଭାନୁସୁତା
ଭକତରେ ଥିଲେ ହାରି ।
ଏହିପରି ସିନା ବ୍ରହ୍ମାଣ୍ଡଠାକୁର
ଭବସିନ୍ଧୁ-କର୍ଣ୍ଣଧାର,
ଭକତମାନଙ୍କୁ ପୂର୍ଣ୍ଣ୍ୟନାବେ ନେଇ
କରନ୍ତି ଭବାବ୍ଧି ପାର ।

Digitized by srujanika@gmail.com

ରାଧା ଅରାଧନାକାରୀ ଏ ଜୀବାତ୍ମା
ଏ ଭବ ଯମୁନା-ତୀର,
ଚନ୍ଦ୍ରସେଣା ସିନା ଏ ମାୟା ସଂସାର,
ରାଧା-ନନ୍ଦୁକେ ସଂସାରୀ ।

ଭକତ ସଂସାର, ଜାତି, କୁଳ, ମାନ
ତେଜି ଭଜେ ଭଗବାନେ,
ଆତ୍ମା, ପରମାତ୍ମା ଲୀଳା ବର୍ଣ୍ଣିଛନ୍ତି
ଏ ଭବେ ଭାବୁକମାନେ ।

Digitized by srujanika@gmail.com

ପଲ୍ଲୀ-ଚିତ୍ର

ତୃତୀୟ ଭାଗ

Digitized by srujanika@gmail.com

ଚିତ୍ରମାଳା

ଉତ୍କଳ-ଶିଳ୍ପୀ

ଉତ୍କଳ-ଶିଳ୍ପିଏ ପାସୋରି ଅଛ କି
ତୁମ୍ଭ ପିତୃପୁରୁଷର
ବ୍ରହ୍ମାଣ୍ଡବିଖ୍ୟାତ ତୁମ୍ଭ ଶିଳ୍ପକଳା
ଜନନେତ୍ର-ମୁଗ୍ଧକର ?
ପିତୃ, ପିତାମହ ଜାଣ ତ ତୁମ୍ଭର
କୋଣାର୍କ, ଭୁବନେଶ୍ୱର,
ଶ୍ରୀକ୍ଷେତ୍ର, କଟକ, ଯାଜପୁରେ ତୋଳି
ଦୁର୍ଗ, ମନ୍ଦିର ସୁନ୍ଦର ।
ଖୋଳିଲେ ସୁନ୍ଦର ପର୍ବତ କନ୍ଦର
ବାନ୍ଧିଲେ ପାଷାଣ ବନ୍ଧ,
ଦେଖି ଅଜି ଯାହା ସଭ୍ୟ ଯାମାନଙ୍କେ
ଲାଗି ଯାଉଅଛି ଛନ୍ଦ ।

ଅଦ୍ୟାପି ସେ କୀର୍ତ୍ତି କାଳ-ଦର୍ପ ଚୂରି
ଉଡୁଛି ଆକାଶଦେଶେ,
ତୁମ୍ଭର କପାଇଁ ପେଟେ ଦାନା ନାହିଁ
କାନ୍ଦୁଛ କାଙ୍ଗାଳି ବେଶେ ।
ଭୁଲିବ କି ଭାଇ ପ୍ରାଚୀନ ଗୌରବ
ଆଉ କି ଉଠିବ ନାହିଁ,
ପୁଣି କି ତୁମ୍ଭର କୌଶଳ ନିରେଖି
ବିଶ୍ୱ ସ୍ତବ୍ଧ ହେବ ଭାଇ ?
ଅହା ସେ କାଳର କି ମହା ପ୍ରଭାବ
କାଳ ପାରେ ସବୁ କରି,
ଉତ୍କଳେ ଲଳିତ-କଳା-ପ୍ରୀତି ସେହୁ
କାଳ ଯିନା ନେଲା ହରି !

Digitized by srujanika@gmail.com

କିନ୍ତୁ ପରିହର ପାରି ନାହିଁ କାଳ
ଷୋଳଅଣା ସେ ପ୍ରତିଭା,
ନୋହିଲେ କଟକ ନଗରୀକୁ ବେଢ଼ି
ବିରାଜିବ ଏତେ କିବା !
କୀର୍ତ୍ତି-ଙ୍ଗସାରେ ରାଜଚକ୍ରବର୍ତ୍ତୀ
ମର୍କତକେଶରୀ ଯିଏ,
କାଠଯୋଡ଼ୀ ମହାନଦୀ ବନ୍ଧ ତାଙ୍କ
ରହିଅଛି ଅକ୍ଷୟ ଏ ।
ଶଙ୍ଖ, ଚକ୍ର, ଗଦା, ପଦ୍ମ ଶୁଭଷେନ
ଭକ୍ତିଲ ନରେଶାଦେଶେ,
ପ୍ରତି ପଲ୍ଲୀରୁ ହିଁ ବିଚକ୍ଷଣ ଶିଳ୍ପୀ
ତୋଳିଣ ଥିଲେ ସ୍ୱଦେଶେ ।
ତାଙ୍କର ଦାୟାଦ ଏକାଳେ ଅଳସ,
କଥାରେ ସ୍ଥିରତା ନାହିଁ,
ପଦାର୍ଥ ଦେବାରେ କରେ ଶୁଭ ମାସ
କହି ଶୁଭଦନ ପାଇଁ ।

ପ୍ରତିଜ୍ଞା ଭାଙ୍ଗିଣ କଥା ନ ରଖିଣ
ଲଙ୍ଘି ସତ୍ୟ ଶିଳ୍ପିଦଳ
ଅଣ୍ଟାକୁ ନ ମିଳେ କନା, ଉଦରକୁ
ନ ମିଳଇ ଅନ୍ନଜଳ ।
ନେଇ ନ୍ୟାଯ୍ୟ ମୂଲ୍ୟ ରଖିଣ ପ୍ରତିଜ୍ଞା
ବ୍ୟବସାୟ କର ଭାଇ,
ଜାଣିଥା ନିଶ୍ଚୟ ଅସିବ ସୌଭାଗ୍ୟ
ଦୁର୍ଦ୍ଦିନ ରହିବ ନାହିଁ ।
ଘିବର୍ଷି ଖାଇଲେ ଦିନେ ତ ଖାଇବ,
ପ୍ରତୀକ୍ଷ ବୁଡ଼ିଲେ ଥରେ
ସେ ଯାଗାରେ ଅଉ ବସି ନ ପାରିବ
ଜନ୍ମ ସାରା ଜୀବନରେ ।

Digitized by srujanika@gmail.com

'ବାଣିଜ୍ୟରେ ଲକ୍ଷ୍ମୀ ଖୋଳଣା ମିଳନ୍ତି
ଏହି ଶାସ୍ତ୍ରବାକ୍ୟ ଭୁଲି,
ଅହେ ଶିଳ୍ପୀ ଭ୍ରାତା କପାଇଁ ହେଉଛ
କୃଷିକ୍ଷେତ୍ରେ ଯାଇଁ କୁଲି ?
ପିତୃପିତାମହ ବ୍ୟବସାୟ ଧରି
ଉନ୍ନତି ତାହାର କର,
ପାଶ୍ଚାତ୍ୟ ଆଦର୍ଶ କରଣି ମିଶ୍ରିତ
ଯିବ ଏହି ଦୁଃଖ ଡମ୍ବର ।

ଉତ୍କଳ କୃଷକ

ରାତି ବାତି ଜମି ପଡ଼ୁଛି ପଡ଼ିଆ
ନ ଖାଆନ୍ତି କୃଷୀ ଚଷି,
ନ କରଣି ଜଳ-ଭଣ୍ଡାର ବର୍ଷାକୁ
ଅନାଇ ଥାଆନ୍ତି ବସି ।

ଇନ୍ଦ୍ରରଜା କୃପା କଲେ ହୁଏ ଶସ୍ୟ
ବଞ୍ଚନ୍ତି ପିଲ୍ଲା, ବାଳକ,
ନୋହିଲେ ଦୁର୍ଭିକ୍ଷେ ମରନ୍ତି ଅନେକ
ପଡ଼ିଲେ ଘୋର ମଡ଼କ ।
ସର୍ବେ ହୋଇ ଗୁଣ୍ଡ କର ଜଳ-ଭଣ୍ଡ
କରିଥିଲେ ବର୍ଷା ବେଳେ,
କାପଟ ଉପଜ କାହାଁ କଦାଘେ
କାର୍ଯ୍ୟରେ ଅସନ୍ତା ହେଲେ ।
ତାହା ନ କରଣ ଏ ଦେଶୀୟ କୃଷୀ
ଇନ୍ଦ୍ରକୁ ଭରସା କରି
ବର୍ଷକୁ ବରଷ ଅନ୍ନାଭାବେ କେତେ
ଯାଉଛନ୍ତି ଆହା ମରି !

Digitized by srujanika@gmail.com

ଦଶ ଗୁଣ ସୁଧ ନିଏ ମହାଜନ
କୃଷକ ବଞ୍ଚୁ ବା ମରୁ,
କୃଷି-ପାଣି ହେଲେ ଡରନ୍ତେ କୃଷକେ
ମହାଜନ ହାବୁଡ଼ରୁ ।
ବଡ଼ ବଡ଼ ଲୋକେ ଅଳପ ଦିନର
ଦୁଇ ଦିନେ ବଡ଼ ସାନ,
କାଲି ଯେହୁ ଥିଲା ବାଟ ଭିଖାରି ସେ
ଆଜି ପାଏ ସନମାନ ।
କିନ୍ତୁ ଏ କୃଷକ ସର୍ବଦା ସମାନ
ଶାଗ-ଭାତ ଗଣ୍ଡା ଖାଇ,
ଅଢ଼େଇ ଦିନକୁ ବଢ଼େଇ ଗୁଣର
ଦୁଃଖୀ କୃଷକର ନାହିଁ ।
କିନ୍ତୁ ଉଚ୍ଚ ଆଶା ନୁହେଁ ନିନ୍ଦନୀୟ
ସନ୍ତୁଷ୍ଟ କରିଣ ଚିତ୍ତ,
ନ କରିଣ ହିଂସା ସାଇପଡ଼ୋଶୀଙ୍କୁ
ଉପାର୍ଜ୍ଜନ କର ବିତ୍ତ ।

ନ ଅର୍ଜିଲେ ଧନ ହେବ ହୀନମାନ
ମାନ୍ୟ ନ କରିବେ କେହୁ;
ପୁତ୍ର, କନ୍ୟାମାନେ ଅଯୋଗ୍ୟ ରହିବେ
ଘୃଣା କରିବେ ଯେହୁ ସେହୁ ।
ଦୁର୍ଭିକ୍ଷ ସମୟେ ହେବ ହଟହଟା
ଅଳ୍ପ ବିତ୍ତ ଯିବ ସରି,
ପିଲା, ବାଳକ ଯେ ପର ଓଳି ବୁଲି
ଅନ୍ନାଭାବେ ଯିବେ ମରି ।
ଚଳିଲା ଭଳିକି କର ପରିଶ୍ରମ
ବସୁଚ ଆଲସ୍ୟେ ଭାଇ,
ସାରା ବର୍ଷ ଲାଗି ଦୁର୍ଦ୍ଦିନ ସକାଶେ
ଧାନ କିମ୍ବା ମଞ୍ଜି ନାହିଁ ?

Digitized by srujanika@gmail.com

କୃଷି, ବ୍ୟବସାୟ କରି ସଞ୍ଚି ଧନ
ବିଦେଶେ ପଠାଅ ମୂର୍ଖ,
ବାଣିଜ୍ୟ-ବିଜ୍ଞାନ ଶିକ୍ଷା କରଣେ ସେ
ବଢ଼ାଉ ମର୍ଯ୍ୟାଦା, ବିତ୍ତ ।
ବିଦେଶୀୟେ ଆସି ବାଣିଜ୍ୟେ ଏ ଦେଶ
ଧନ ନେଉଛନ୍ତି ଲୁଣ୍ଠି,
ବକ ବକ କରି ଅନାଇ ଅଛନ୍ତି
ଏ ଦେଶୀୟ ଧନୀ, ମାନୀ ।
ବୁଦ୍ଧିମାନଜନେ ନିବୋଧେ ଭଣନ୍ତି
ଜାଣନ୍ତି ଭିତର କଥା,
ହୃଦୟ ଭିତରେ କରି ହେୟଜ୍ଞାନ
ହସୁଥାଅନ୍ତି ମଥା ।

ଉତ୍କଳ-ଲଲନା

କରୁଣ ପ୍ରତିମା ଉତ୍କଳ-ରମଣୀ
ଅନ୍ନପୂର୍ଣ୍ଣା ଲକ୍ଷ୍ମୀବତୀ,
ଉଦର ପୂରାଇ ସ୍ୱାମୀ ପୁତ୍ରେ ଦେଇ
ଉପବାସୀ ରହେ ସତୀ ।
ପ୍ରଭାତୁଁ ନିଶୀଥଯାଏ ଗୃହଲକ୍ଷ୍ମୀ
ସହିଷ୍ଣୁତା ମୂର୍ତ୍ତିମତୀ,
କରଣ ଗୃହର ଯାବତ ପାଉଛି
ଅପମାନ ସହେ ସତୀ ।
ଏତେ ସହି ମୁଖେ କଥାଟି ନ ଥାଏ
ସେହି ସ୍ୱାମୀ-ପୁତ୍ର-ଦାସୀ,
ଗୃହେ ଥିଲେ ସେବେ ଦେଇ ମନପ୍ରାଣ
କାହେ ହେଲେ ପ୍ରବାସୀ ।

Digitized by srujanika@gmail.com

ବିଷାଦ-ପ୍ରତିମା ଉତ୍କଳ-ଅଙ୍ଗନା
ଦୟା, କ୍ଷମା ମୂର୍ତ୍ତିମତୀ,
ଦେଶାଗ୍ନିର ଘୋର ନିଦୟ ଝଗଡ଼େ
ଦେଖି ହୁଏଁ ଦୁଃଖୀ ଅତି ।
କମ୍ବୁକଣ୍ଠ ତାର ନିସର୍ଗ-ସୁନ୍ଦର
କାହାଁ ତହିଁ ସୌମ୍ୟମାଳା,
ବର୍ବର ଜଗତ ଅଲଙ୍କାର ବସ୍ତ୍ରେ
ବିରୂପା ସ୍ୱରୂପା ବାଳା
ହେମପଦ୍ମନିଭ ସୁନ୍ଦର ଆନନ
କାହାଁ ତହିଁ ଶତାକୁଠା,
ବକ୍ଷ, ବାହୁ, ପାଦ, ଭ୍ରୂଲତା, ପାମ୍ବୁଲ
ଖେଳୁଣୀ କୁଅଁରେ ଫୁଟା ।
ଉତ୍କଳ-ମନ୍ଦିରେ ସୁନ୍ଦର ଭୂଷଣ
ଅଛୁ ଦ୍ରବମୂର୍ତ୍ତି କେତେ,
କେସନ ଅଦର୍ଶ-ଉନ୍ନତା ଉପଲୁ
ପଡ଼ିଲୁ ଉତ୍କଳ ଏତେ ?

ଯେଉଁ ନାରୀ ଥିଲେ ଶୂର-ଅଙ୍କଲକ୍ଷ୍ମୀ,
ବୀରପୂଜ୍ୟା ବୀର-ମାତା,
ଏସନ ଦୁର୍ଦ୍ଦଶା କଲେ ଆହା ତାଙ୍କୁ
କାହିଁ ମଙ୍ଗଳଧାତା !
ଯେଉଁ ବୀରଙ୍ଗନା ପତି, ପୁତ୍ରେ ଅପେ
ପ୍ରେରୁଥିଲେ ରଣାଙ୍ଗନ,
ଆଜ କାହାଁ ସେହୁ ସ୍ୱଜନ-ପ୍ରବାସେ
ବିଲପେ ନ ଭୁଞ୍ଜି ଅନ୍ନ ।
ଏହୁ ମନ ଯେବେ ପ୍ରସନ୍ନ ହୁଅଇ
ଦିଅଇ ଅଭୟ ବର,
ଏହୁ ମନ ଯେବେ ହୁଅଇ ବିଷଣ୍ଣ
ହୁଏ ଅମଙ୍ଗଳ-ଘର ।

Digitized by srujanika@gmail.com

ଏହି ନାରୀ କାଳେ ଖେଳୁଥିଲେ କୋଳେ
ବୀର ପତି, ବୀର ସୁତ,
ଏହି ନାରୀ ଏବେ ଜାତ କଲେ ଭୀରୁ,
ପରିବର୍ତ୍ତନ ଅଦ୍ଭୁତ ।
ଉଠ ବୀରମାତା, ଉଠ ବୀର ପତ୍ନୀ,
ଦିଅ ଦିଅ ନବ ବୀର,
ଜ୍ଞାନ, ଧର୍ମେ ଦୁଃଖ ଦୂର କରନ୍ତୁ ସେ
ଏ ଉତ୍କଳ-ଜନନୀର ।
କେତେ ଦୁଃଖ ସହେ ଉତ୍କଳ-ଲଳନା
ସନ୍ଧ୍ୟା-ବତୀ ଦେଣ୍ଟୁ ଜାଳି
କହେ ଭକ୍ତିଭରେ "ବୃନ୍ଦାବତୀ ମାତା !
ନାରୀ-ଜନ୍ମ କର ପାରି ।"
କହନ୍ତି ଋଷି 'ଯେଉଁ ପରିବାରେ
ରମଣୀ-ଲୋତକ ଝରେ,
ମହାଲକ୍ଷ୍ମୀ ତାଙ୍କୁ ଛାଡ଼ି ଚାଲିଯାନ୍ତି
ମହାଦୁଃଖ କ୍ଷୋଭ ଭରେ ।

ଯେଉଁ ପରିବାରେ ରମଣୀ ସୁଖିନୀ
ଉନ୍ନତି-ପୁଷ୍ପକ-ରଥେ
ଚାଲି ସେହି ବଂଶ ଅନୁଦିନ ହୁଏ
ଅଗ୍ରସର ଉନ୍ନତି-ପଥେ ।
କାନ୍ଦିବା ବାଳିକା ହୁଏ ବିବାହିତା
ପିତୃମାତୃ କୋଳ ଛାଡ଼ି,
ନିଜ ପ୍ରିୟ ଗ୍ରାମ, ଭାଇ, ଭଉଣୀଙ୍କୁ
ସଖୀ-ସଙ୍ଗ, ଘରବାଡ଼ି,
ବିଶାଳ ଆକାଶ, ବନ, ଉପବନ,
ଗ୍ରାମବୀଥି, ଦାଣ୍ଡ, ବିଲ,
ବଟ, ଜମ୍ବୁ, ବଂଶ, ଅଶ୍ୱତ୍ଥ, କଦମ୍ବ,
ତମାଳ, ବକୁଳ, ଶୈଳ,

Digitized by srujanika@gmail.com

କେତେ ଗ୍ରାମଖେଳ, କେତେ ପକ୍ଷୀ ମେଳ,
କେତେ ନଦୀନୀର ସ୍ନାନ,
କେତେ ବାଲି-ଘର, କେତେ ଗ୍ରାମକୁଳ,
କେତେ ମାନ, ଅଭିମାନ,
ଅସମୟେ ତେଜି ଅଜ୍ଞାତ ବିଦେଶେ
ଅଜ୍ଞାତଜନଙ୍କ ଘରେ
ବନ୍ଦିନୀ ହୋଇଣ ଗଞ୍ଜଣା ସହିଣ
ପଡ଼ିରହେ,ଦୁଃଖଭରେ ।
ଅଲପ ବୟସେ କେହି ବୃଦ୍ଧ ବର-
ହସ୍ତେ ହୁଏ ସମର୍ପିତ,
କିଛି ଦିନ ଅନ୍ତେ ହୁଏ ସେ ବିଧବା
ସହେ ଦୁଃଖ ଅପ୍ରମିତ ।
ବିପତ୍ନୀକ ହେଲେ ଷଷ୍ଠିପ୍ରାନ ବୃଦ୍ଧ
ଅଳ୍ପ ଧନେ ହୁଏ ବନ୍ଧ୍ୟା,
ବାଳିକା ବୟସେ ଶର ବଇଧବ୍ୟ
ଦାରୁଣ ବିଧାନ କିବା !

ଥୋଡ଼କେ ନାରୀ କିବା ଅକଥ୍ୟ ଭାଷାରେ
ପରସ୍ପରେ ଦେଇ ଗାଳି,
ରାକ୍ଷସୀ ମୂରତି ଧରିଣ ବୋଲନ୍ତି
ନାରୀ-ଚରିତରେ କାଳି ।
ଅଳପ କଥାରେ କରନ୍ତି କଳହ
ମୁଣ୍ଡ କୋଡ଼ି ଡକା ପାଡ଼ି,
ନଦୀ ସରସୀରେ ବୁଡ଼ି ମରନ୍ତି ସେ,
ଦୋଷାରେ ପୁଲିସ, ହାଡ଼ି ।
ଶିକ୍ଷା ଅଭାବରେ ହୁଅଇ ଏ ଦଶା
କପଟ ପାଶବ ପ୍ରାଣେ,
ପୃଥିବୀ ସ୍ୱଭାବ କିଛି ନ ଜାଣନ୍ତି
ଜଙ୍ଗଲ-ଅଙ୍ଗନାମାନେ ।

Digitized by srujanika@gmail.com

ବିଶାଳ ଧରଣୀ, ଦେଶ, ନଗ, ନଦୀ,
ନଗର, ନୀରଧି କଥା,
ଧରଣୀ ଅତୀତ ଘଟନାନିଚୟ
ଅଛି ଇତିହାସେ ଯଥା ।
ସାହିତ୍ୟ, ଗଣିତ, ଲଳିତ କଳାର
କିଛି ନ ପାଆନ୍ତି ସ୍ୱାଦ,
ତେଣୁ କ୍ଷୁଦ୍ର ନୀଚ ଅସାରେ ମାତିଣ
କରନ୍ତି କଳହ, ବାଦ ।
ସୁଶିକ୍ଷିତା ହେଲେ ମହିଳାମଣ୍ଡଳୀ
ଦିଗ୍‌ବିଜୟୀ ସୁପଣ୍ଡିତ
ବୀରପୁତ୍ରବର୍ଗ ବୀରାଙ୍ଗନାଗଣ
କରିପାରନ୍ତି ପାଳିତ ।
ନାରୀ-ମଙ୍ଗଳରେ ନରର ମଙ୍ଗଳ
ନାରୀ-ଦୁଃଖେ ଦୁଃଖୀ ନର,
ରମଣୀ-ପତନେ ପୁରୁଷ ପତନ
ବିଧାନ ବିଧାତାଙ୍କର ।

ଉଠିଲେ ରମଣୀ ଉଠିବେ ପୁରୁଷେ,
ସମାଜର ଚକ ଦେନି,
ଜୀବନ-ସ୍ୟନ୍ଦନ ଚଳିବ ନାହିଁଟି
ଏକ ନର-ଚକ ଘେନି ।
ବୀରାଙ୍ଗନାକୁଳ ବୀର ସୁତସୁତା
ପ୍ରସବ କରନ୍ତି ଶତ,
ସ୍ତନ୍ୟ ସଙ୍ଗେ ତାଙ୍କୁ ମହା ଦୀକ୍ଷା ଦେଇ
କର୍ତ୍ତବ୍ୟେ କରନ୍ତି ରତ ।

Digitized by srujanika@gmail.com

ବାଲ୍ୟ ବିଧବା

ପଲ୍ଲୀଗ୍ରାମେ ଦେଖେ ବିଧବା ବାଳିକା
ଜୀବନ୍ମୃତେ ଅଛି ପଡ଼ି,
କାନନ ମଧ୍ୟରେ ଶୁଷ୍କ କାଷ୍ଠ ପରି
ରହିଛି ବିଷାଦେ ଜଡ଼ି ।
ପ୍ରଭାତେ ତା ମୁଖ ନ ଗୃହାନ୍ତି କେହି
ଡରରେ ରହନ୍ତି ଦୂରେ,
ପତିପୁତ୍ରବତୀ ଅନନ୍ଦେ ମାତନ୍ତି
ଦେଖି ତାହା ବାଳା ଝୁରେ ।
ଗୃହ ଅଳଙ୍କାର ଶାଢ଼ୀ ପରିଛଦ
ତା ସଧବା ସଖୀ ପାଏ,
ଦେଖି ତା ନିର୍ଜନେ କରମାରୀ ବାଳା—
ନେତ୍ରୁ ନୀର ଝରୁଥାଏ ।

ସରଳା ବାଳିକା କହେ ମନେ ମନେ
ଦାରୁଣ କଷଣ ସହି,
"କେଉଁ ସୁଖ ପାଇଁ ନିର୍ଲଜ ପରାଣ
ଅଛି ଏ ଦେହରେ ରହି !
ମାତା, ପିତାମହୀ, ଭ୍ରାତୃଜାୟା, ସଖୀ
ସମସ୍ତେ ଭୁଞ୍ଜନ୍ତି ସୁଖ,
କେଉଁ ଜନମର କେଉଁ ପାପ ଫଳେ
ମୋର ଏ ଦାରୁଣ ଦୁଃଖ !
ହା ବିଧାତା ! ମୋତେ କେଉଁ ଉଦ୍ଦେଶ୍ୟରେ
ଜନ୍ମ ଦେଇ ବଞ୍ଚାଇଛ,
କୃପାସିନ୍ଧୁ ହୋଇ ଏ ଦାରୁଣ ଦଣ୍ଡ
ଏମା ପ୍ରତି କିମ୍ପା ବିଧିଛ ?"

Digitized by srujanika@gmail.com

ଝୁରି ଝୁରି ବାଳା ଗଳଇ ନେତ୍ରକ
ତନୁ-ଯଷ୍ଟି କ୍ଷୀଣ କରେ,
ଅଥବା ନିର୍ଘାଟେ ନଦୀ ସରୋବରେ
ତନୁ ବିସର୍ଜନ କରେ ।
ବିଧବା ବାଳାର ଜନନୀ ନିର୍ଦ୍ଦୟ
ନୋହିଲେ କପଟ ନାଟକେ,
ପତି, ପୁତ୍ର ଯେନ ପ୍ରସୂତି ହୋଇଣ
ଗୃହିଣୀ ରୂପେ ସେ ବିକେ ।
ନୟନ-ପିତୁଳା ତରୁଣୀ ତନୟା
ତାହାର ନୟନ ଅଗେ,
ନିଷ୍ଠୁର ସମାଜ ବର୍ବର ବିଧାନେ
ଶ୍ମଶାନକୁ ଠାଇଁ ମାଗେ ।
ମାତା-ପ୍ରାଣେ ଯେବେ ଥାଆନ୍ତା ବାତ୍ସଲ୍ୟ
ନେଉନ୍ତା ସେ ପତିକୋଳେ,
ବିଧବା ଯୁବତୀ ତନୟା ଯାତନା
ଦେଖି ନିତ ନେତ୍ରଲୋଳେ ?

ମାତା ପ୍ରାଣେ ଯେବେ ଥାଆନ୍ତା କରୁଣା
ସମାଜ ବିଧନ୍ତା ସୁତା,
ସରଳା ବାଳା କି ଅଳପ ଦିବସେ
ନ ହନ୍ତା ସୁପତିଯୁତା ?
ପିତାମାତା ଯେବେ ନୁହନ୍ତେ ନିର୍ଦ୍ଦୟ
ବୃଦ୍ଧେ ଶିଶୁ କନ୍ୟା ଦେବ,
ସ୍ୱର୍ଣ୍ଣ ଅର୍ଥ ବଳେ ଇଚ୍ଛା ବିରୁଦ୍ଧରେ,
କିଛୁ କାଳେ ଯାନ୍ତେ ମରି ?
ସମାଜରେ ଯେବେ ନ୍ୟାୟ, ଦୟା ଥାନ୍ତା
ଦନ୍ତହୀନ ବୃଦ୍ଧ ବର,
ସ୍ୱର୍ଣ୍ଣ ଅର୍ଥ ଦେଇ, ଯୁବତୀ କନ୍ୟାଙ୍କୁ
କରୁଥାନ୍ତା ହରବର ?

Digitized by srujanika@gmail.com

ମନୁଷ୍ୟର ଯେବେ ଥାନ୍ତା ମନୁଷ୍ୟତା
ସୁନ୍ଦରୀ ତରୁଣୀ ବାଳା,
ବୃଦ୍ଧ ଅଙ୍କେ ରହୁ ଅତୃପ୍ତ ହୋଇ
ପିନ୍ଧନ୍ତା କଳଙ୍କ ମାଳା ?
ସମାଜର ଯେବେ ଥାଅନ୍ତା ପ୍ରଭାବ
ପିତାମାତା ଛନ୍ଦ ବେଶେ,
ବୃଷସ-ବୃଷସୀ ବିକନ୍ତେ ତରୁଣୀ
ବୃଦ୍ଧଲୋକ କୋଳଦେଶେ ।
ସମାଜରେ ଯେବେ ଥାଅନ୍ତେ ପ୍ରେମିକ
ନ ଥାନ୍ତା ଦୃଶ୍ୟ ଅଭୂତ,
ଅବହାତ୍ରା ଯୁବା ବାନପନ୍ଥୀ ସର
ବୃଲଣ ହୁଅନ୍ତା ଭୂତ ।
ସୁନ୍ଦରୀ ତରୁଣୀ ବୃଦ୍ଧେ ବଳାତ୍କାରେ
କରୁଥାନ୍ତେ ହସ୍ତଗତ,
ପାଳୁଅ, ଦାନ୍ତୁଅ ଥର ଥର ତାଙ୍କୁ
କରୁଥାନ୍ତେ ଅଙ୍କଗତ ?

ସମାଜରେ ଯେବେ ସାଧୁଜନ ଥାନ୍ତେ
ରକ୍ଷସ-ବୃକ୍ଷସୀ-ଚ୍ୟାକେ,
ବିନା ଅପରାଧେ ବାଳିକାମାନଙ୍କୁ
ସଜାନ୍ତେ ଗଣିକା ସାଜେ ?
ଥିଲେ ଏ ଭାରତେ ସ୍ୱଦେଶ-ପ୍ରେମିକ
କୋଟି କୋଟି ପୁଷ୍ପବତୀ,
ଯୁବତୀ ନୁହନ୍ତେ ନିସର୍ଗ ବିଧାନେ
ପତି-ପୁତ୍ର-କନ୍ୟାବତୀ ?
ଏ ଅର୍ଦ୍ଧ ସମାଜେ ଅଧିକ ନୋହିଣ
ଊଣା ହୋନ୍ତା ଜନସଂଖ୍ୟା,
ବିନାଶ ପଥରୁ ସ୍ୱଦେଶେ, ସ୍ୱଧର୍ମେ
ନ କରନ୍ତେ କେହି ରକ୍ଷା ?

Digitized by srujanika@gmail.com

ପ୍ରାଚୀନ ଭାରତରେ ଉନ୍ନତ ଯୁଗରେ
ଥିଲା ବିଧି ପ୍ରଚଳିତ,
ସୁସଭ୍ୟ ପ୍ରତୀଚ୍ୟ ଜଗତରେ ଯେ ବିଧି
ଅଛଇ ସମାଜୋଚିତ ।
ଏହି ଭାରତରେ କୋଟି କୋଟି ନାରୀ
କରନ୍ତେ ଯାହା ଅଭ୍ୟାସ,
ସମାଜ-ଶୃଙ୍ଖଳା ଭାଙ୍ଗି ଯାଉ ନାହିଁ
ହେଉନାହିଁ ସର୍ବନାଶ ।
କେତେଭଳି ଜାତିରେ ସେ ବିଧି କିମ୍ପାଇ
ହେବ ନାହିଁ କାର୍ଯ୍ୟକାରୀ ?
ସେ ଜାତିରେ ବୃଦ୍ଧ ହୋଇବେ ବିବାହ,
ନୋହିବେ ଯୁବତୀ ନାରୀ !
ପୁଣ୍ୟ ସିନା ମନେ ବଳାତ୍କାରେ କେହି
କେବେ ହୁଏ ପୁଣ୍ୟବତୀ ?
ବିବାହ ନୋହିଲେ ହୁଏ କି ବିଧବା
ନିର୍ମଳା ସାବିତ୍ରୀ ସତୀ ?

ଯେଉଁ ନାରୀ ନିଜ ପତି ହରାଇଣ
ନୋହିବ ନିଷ୍ପାପ ପ୍ରାଣ,
ତାହାଙ୍କୁ ସମାଜ-ପୁରୁଷ ହସ୍ତରେ
କରୁ ପରିଣୟେ ଦାନ ।
ନୋହିବାରୁ ତାହା ଅସଂଖ୍ୟ ବିଧବା
ପାପିନୀ କଳଙ୍କ ଭୀତା,
ଅଗଣିତ ଭ୍ରୂଣ ବଧେ କରୁଛନ୍ତି
ପୁଣ୍ୟଭୂମି କଳଙ୍କିତା,
କେହି ନିଜ କନ୍ୟା ଅଜ୍ଞାତ ପୁରୁଷେ
ବାଲ୍ୟେ ବିବାହ ଦଅଇ,
କେହି ଶିଶୁ କନ୍ୟା କୁଣ୍ଢାଇ ବିବାହେ
ଶିଶୁ ସଙ୍ଗତେ ବାନ୍ଧଇ ।

Digitized by srujanika@gmail.com

କେହୁ ଅର୍ଥ ନେଇ ତନୟାକୁ ଅର୍ପେ
ବୃଦ୍ଧେ ଅଣି ବରପଣ,
ଗୁଣୀ ଗୁଣହୀନା କନ୍ୟା, ଗୁଣବତୀ
କନ୍ୟା ପାଏ ମୂର୍ଖ ବର ।
ବିଷମ ସମସ୍ୟା ଏ ଦେଶେ ବିବାହ-
ପଦ୍ଧତି, ନସ୍ଫୁରେ ବୁଦ୍ଧି,
ଏସନ କୁସ୍ୱଣ୍ଠ ଚଳୁଥିବା ଯାଏ
ହେବ କି ଦେଶର ଋଦ୍ଧି ?
ବିବାହର ଅର୍ଥ ସ୍ୱାଧୀନ ପ୍ରଣୟ
ପ୍ରାଣେ ପ୍ରାଣେ ସ୍ୱୟମ୍ବର,
ଦୁଇ ଦେହୀ ପ୍ରେମେ ହେବେ ଏକ ଆତ୍ମା
ଉଦ୍ଦେଶ୍ୟ ଏ ବିବାହର ।
ନବୀନ ଯୌବନେ ମଧୁର ପ୍ରଣୟେ
ଦେଇ ଦାନ ପରସ୍ପରେ
ବେନି ନରନାରୀ ଦେହ-ପ୍ରାଣ-ମନ
ଗୁନ୍ଥିବେ ପ୍ରେମ-ସୂତ୍ରରେ ।
ତାହିଁ ଆହା ସେହୁ ଆଦର୍ଶ ବିବାହ
ଥିଲା ଯାହା ଏ ଭାରତେ,
ଯାହା ଯୋଗୁ ଗଣ୍ୟ ପ୍ରାଚୀନ ଭାରତ
ଉନ୍ନତ ସଭ୍ୟ ଜଗତେ !
'ଭିନ୍ନ ରୁଚି ଲୋକ' ଅଟୁ ଆପ୍ତ ବାଣୀ,
ବିବାହ ନୁହଇ ଖେଳ,
ସାରା ଜୀବନରେ ଦୁଃଖସୁଖ-ସାଥୀ
କର୍ମ-ପ୍ରେମ-ଜ୍ଞାନେ ମେଳ ।
ଯୁଗଳ ଶରୀର ଏକ-ଆତ୍ମା ହେବ
ଏହା ତ ତାହାର ମର୍ମ,
ଅଜଣା, ଅଦେଖା ଭାବେ ଯୋଡ଼ି ହେବା
ଅଟେ କି ନିସର୍ଗ-ଧର୍ମ ?

Digitized by srujanika@gmail.com

ପଲ୍ଲୀର କ୍ଷୁଦ୍ରତା

ଗ୍ରାମବାସୀମାନେ ନିଜ କ୍ଷୁଦ୍ର ଦେଶେ
ମଣନ୍ତି ପୃଥିବୀ ଶେଷ,
ଅନ୍ୟ ଗ୍ରାମ ସଙ୍ଗେ କରନ୍ତି କଳହ
ପୋଷି ପ୍ରାଣେ ହିଂସା, ଦ୍ୱେଷ ।
ନିଜ ଗ୍ରାମେ ପୁଣି ଭିନ୍ନ ଜାତି, ଧର୍ମ,
ଗୋଷ୍ଠୀ, ବଂଶ, ପରିବାର,
ମଧ୍ୟରେ ବିବାଦ ଲାଗି ରହିଥାଏ,
ଲୋକଙ୍କ ଏ କାରବାର ।
ଦେଖିଣ ମୀରତା ଫେଡ଼ିଣ ନୟନ
ଅନାଅ ବିଶାଳ ଭବେ,
ଦେଖ ସ୍ୱଦେଶର ଦୁର୍ନୀତି, ଦୁର୍ଗତି
ଲାଜ ନା ଭଳାଡ ଭବେ !

ଭେଙ୍ଗ କ୍ଷୁଦ୍ର ସ୍ୱାର୍ଥ ବରଜ ହୀନତା
ଫେଡ଼ ହେ ହୃଦୟ-ଦ୍ୱାର,
ବହି ଯାଉ ପ୍ରାଣୁ ସ୍ୱଦେଶେ, ବିଦେଶେ
ଦୟା-ପ୍ରୀତି-ପାରିବାର ।
ବିଶ୍ୱେ ଏକ ଅତ୍ମା ସର୍ବ ଘଟେ ହରି
ଏକ ବ୍ରହ୍ମ, ଦୁଇ ନାହିଁ,
ଏ ଶାଶ୍ୱତ ଅର୍ଯ୍ୟଶାସ୍ତ୍ରର ଘୋଷଣା
ଭୁଲି ଯାଇ କାହିଁପାଇଁ ?
କାନ୍ଦ ହେ ସ୍ୱଦେଶ ଦୁଃଖେ ଦୁଃଖୀ ହୋଇ
କାନ୍ଦ ଏ ଜଗତ ପାଇଁ,
ଏକ ହରି ପିତା, ନାରୀ ନର ଯେତେ
ଭୂମ୍ବର ଭଉଣୀ, ଭାଇ ।

Digitized by srujanika@gmail.com

ପାତକୀକୁ ଦୟା, ପାତକକୁ ଘୃଣା,
ଦୁର୍ବଳେ କରୁଣା ଦାନ
ଅଟେ ସାର ଧର୍ମ, ଦୁଷ୍ଟ ନିବାରଣ,
ସାଧୁ-ସନ୍ତୁ-ସୁପାଳନ ।

ପଲ୍ଲୀର କୁସଂସ୍କାର

ଅସାବଧାନରେ କେହି ଯେବେ ଗାଈ,
ମାର୍ଜାର ମାରଇ ଗ୍ରାମେ,
ଲୁଣ୍ଠନ୍ତି ବ୍ରାହ୍ମଣେ ରଙ୍କ ଗଣ୍ଠିଧନ
ପାପ-ପ୍ରାୟଶ୍ଚିତ୍ତ ନାମେ ।
ପ୍ରାୟଶ୍ଚିତ୍ତକାରୀ ବ୍ରାହ୍ମଣେ ପୃଚ୍ଛଇ
କହ ଦେଇ ବକ୍ଷେ ହସ୍ତ,
ତୁମ୍ଭେ କି କଦାପି କରନାହିଁ ପାପ,
ପୂର୍ଣ୍ଣ-ପୁଣ୍ୟ ସତ୍ୟବ୍ରତ ?

ଅଜ୍ଞାତରେ ଯେବେ ଦୀନ ଗ୍ରାମବାସୀ
କରିପକାଇଲା ଭ୍ରାନ୍ତି,
ଅନୁତପ୍ତ ପ୍ରାଣ-ସଙ୍ଗେ କାହା ଧାର-
ଦଅ, ଏ କି ମହାଭ୍ରାନ୍ତି ।
ପାପ ଜ୍ଞାନକୃତ, ତାର ପ୍ରାୟଶ୍ଚିତ୍ତ
ନିଷ୍କପଟ ଅନୁତାପ,
ତଣ୍ଡୁଳ ତେଜକି ଚକ୍ଷୁ ଯେଉଁ ବ୍ୟକ୍ତି,
ଏ କି ଦେବ ଅଭିଶାପ ?
ଲାମ୍ପଟ୍ୟ, ଅନ୍ୟାୟ, ମିଥ୍ୟା ସାକ୍ଷ୍ୟ ଜାଲ
ଦୁର୍ବଳ ପ୍ରହାର, ଧନ—
ଲୁଣ୍ଠନେ, ସବଳ ପିଠି ଅଣ୍ଡିପିଣ
ଅତ୍ୟାଗ୍ରହ ଦୀନଜନ ।

Digitized by srujanika@gmail.com

ଢେଙ୍କିଲାଙ୍କ ମସ୍ତକେ ଚାଳ ହେ ଉଠିଲ,
ଦୁଷ୍ଟେ ତୋଷାମୋଦ କର,
ନିଃସହାୟ ଦେଖି ସବ ଶାସ୍ତ୍ର ଦ୍ରୋହ,
ଏହା କି ବିଧି ଶାସ୍ତ୍ରର ?
ପ୍ରକୃତ ପାତକେ ନାହିଁ ଶାସ୍ତ୍ର ଦଣ୍ଡ,
ତୁଅଁ କ୍ରିୟା ପାନାହାରେ,
ସ୍ୱର୍ଣ୍ଣଖଣ୍ଡ ଅଦ ଦାନର ବ୍ୟବସ୍ଥା
କଲେ ମନୁ, ପରାଶରେ ।
ସ୍ୱଜାତୀୟ ଜନେ ଇତରେ ମାରିଲେ
ହୁଅନ୍ତେ ସ୍ୱଜନେ ସାହା,
ତାହା ନୋହି ଦଣ୍ଡ ଦିଏ ପ୍ରହାରିତ
ଜାତି ନ୍ୟାୟ ବାହା ବାହା ।
ଏମନ୍ତ ଜାତିକୁ ଦୂରରୁ ଜୁହାର,
ଏ କିସ ଅପୂର୍ବ ବିଧି !
ଏମନ୍ତ ସମାଜେ ସୁସଂସ୍କାର ଲୋଡ଼ା,
କଠୋର ସାଧନେ ସିଦ୍ଧି ।

ପଲ୍ଲୀର ବିଳାସୀ ଯୁବକ

ହେ ବିଳାସୀ ଧନୀ ଯୁବକମଣ୍ଡଳ !
ପ୍ରଦୋଷ-ପ୍ରଭାତକାଳେ
ଭ୍ରମଣ ବେଳାରେ ପଲ୍ଲୀବାଳାକୁଳେ
ଅନାଅ କି ଭାବ ତାଳେ ?
ବିଂଶୀ ଉଡ଼ାଳେ ଲଜ୍ଜାପଣ୍ଟ ତାଳେ
ଆବୃତ ନୀଳସୃପନ୍ତ,
ଚଳ ଚଳ ନୀଳ ନେତ୍ରେ ପଲ୍ଲୀବାଳା
ନିଜ କର୍ମେ ରତ ସତୀ ।

Digitized by srujanika@gmail.com

ସୁକୁମାରପ୍ରାଣା ସରଳା ବାଳିକା
ଯେସନ ସାନ ଭଗ୍ନୀ, ଭାଇ,
ସଞ୍ଚି ଘଞ୍ଚି କୁଞ୍ଜେ ମଞ୍ଜୁ ବଞ୍ଜୁଳରେ
କୋଳ ଛୋଲେ ଭୟ ନାହିଁ ।
ତରୁଣ ଯୌବନ ଟଳ ଟଳ ଅସ୍ୟ
ସୁନୀଳ ନୟନ ବେନି,
ତରଳ ଚଞ୍ଚଳ ଢୋଲ'ର ପିଞ୍ଜୁଡ଼ା
କୋଳ ଅଙ୍ଗଯଷ୍ଟି ଯେସନି ।
ମୃଦୁ ଆନ୍ଦୋଳିତ ତା ଚୂର୍ଣ୍ଣ କୁନ୍ତଳ
କମଳ-ଆନନ ତାର,
କୁଞ୍ଚିତ ଭ୍ରୂଲତା ଘନ କୃଷ୍ଣ କେଶ
ଦଶର କିବା ବାହାର ।
ସେଥିପାଇଁ କିହେ ତରୁଣ କିଶୋର
କରିବ ତା' ସର୍ବନାଶ ?
ଜାଣିଥା ନିଶ୍ଚୟ ତା ସତୀତ୍ୱ ନାଶେ
ହୋଇବ ନରକବାସ ।

ଜାଣିଅଛୁ ଦୁଃଖୀ ବାଳା ଅଙ୍କଲକ୍ଷ୍ମୀ
ତୁମ୍ଭର ତ ହେବ ନାହିଁ,
ତେବେ କିସ ପାଇଁ ତା ମୁଖ-ପଙ୍କଜେ,
ବହାଉଛ ସନ୍ତପ୍ତେ ଗୁହିଁ ?
ସେ ଗୁହାଁଣି ଦେଖି ମଜ୍ଜିବ ସରଳା
ଆଗ ପଛ ନ ବିଗୁରି,
ଥିବ ସୁନା ପୂଅ କୁଳକଳଙ୍କିନୀ
ହେବ ପିନା ସେ ବିଗୁରି ।
ତେଣୁ ହେ ଯୁବକ ଧର୍ମ-ବାଡ଼ ମାନି
ନିଃସହାୟେ ହୋଇ ସାହା,
ଦରିଦ୍ର ଗୃହସ୍ଥ ସୁଖ ହରନାହିଁ,
ରଖ ତାର ସୁଖ ଗୃହା ।

Digitized by srujanika@gmail.com

କିବା ଦୁଃଖୀଜନ ଅନ୍ତରେ ପାଉଁଶ,
ସୁଧାଭାଣ୍ଡେ ବିଷ ଦେଇ,
ସୁଗୃହିଣୀ, ସୁଜନନୀ ଯେ ହୁଅନ୍ତା
ବିଶ୍ୱାସଘାତିନୀ ସେହି ।
ଦରିଦ୍ର ଭବେ କାଞ୍ଚନ ନାହିଁ ଧନ,
ଦୁଃଖୀ ଥାର ଧନ ସତୀ,
ନ କଲା ଦଣ୍ଡିତ ସେ ରତନୁଁ ତାକୁ
ନ ଭଜି ନିଜେ ଦୁର୍ଗତି ।

ପଲ୍ଲୀବାସୀ ଖଣ୍ଡାୟତ

ଦଶହରା ବାସି ଖଣ୍ଡା ଖୋଲେ ରଖି
ଗୋରଚନା ମାରି ଶିରେ,
ମଇଳା ମାଜଣା ଦ' ଦୋହର କରି
କାନ୍ଧରେ ପକାନ୍ତି ଥରେ ।

ସୁନାକଣ୍ଠି ନାଇ, ଗାଲମୁଣ୍ଡ ରଖି
ହାତେ ଧରି ଚମ୍ପାଫୁଲ,
ସତ୍ତ୍ୱହୀନ ଯଷ୍ଟି ବାମେତର କରେ
ଧରିଣ ବଢ଼ାନ୍ତି ମୂଲ ।
ଚୌପାଢ଼ୀରେ ବସି ପଶା, ତାସ ଖେଳ
ପ୍ରକାଶନ୍ତି ନିଜ ଠେକ,
କିପରି ସେମାନେ କ୍ଷତ୍ରିୟବଂଶଜ,
କିପରି ପୂଜ୍ୟାଭିଷେକ,
କିପରି ସେମାନେ ନଅ କର୍ମେ ବଡ଼ୁ
ହୋଇଥିଲେ ପୂର୍ବ ବଂଶେ,
ଥିଲା ରାଜବଂଶ ସଙ୍ଗେ କୁଟୁମ୍ବିତା,
ବସିଗଲେ କାଳବଶେ ।

Digitized by srujanika@gmail.com

କେହେ ଶୁଦ୍ଧ ମହା-ନାୟକ ସେମାନେ
ଅନ୍ୟମାନେ ଖଣ୍ଡାୟତ,
ତାଙ୍କ ପୂର୍ବବଂଶ ମରହଟ୍ଟା ଫଉଜକେ
କରିଥିଲେ ପରାଜିତ ।
କେହେ ଅଛୁ ତାଙ୍କ ଘରେ ନାଗପୁର-
ମରହଟ୍ଟାଙ୍କ ତମ୍ବାପଟା,
ଆଜଯାଏ ରାଜ-ଦତ୍ତ ଜାଗିରରେ
ଚଳୁଛନ୍ତି ସଠାବଠା ।
ପରୁଛୁ, ଆଜ ପୂର୍ବ କଥା ସ୍ମରି
ଅସାର ଗର୍ବରେ ଭାଇ,
ଧରାନଶି ବୃଥା ଆଳସ୍ୟ, ବଳାସେ
କାଳ ଗମାଅ କିପାଇଁ ?
ଯାଉଅଛୁ ଜାତ ଯିବ ତାହା ମୂର୍ତ୍ତୁ
ରହିବ ଗୁଣ କେବଳ,
ଆଳସ୍ୟ ବରଜ ଅଭିମାନ ତେଜ
ଅର୍ଜ ଜ୍ଞାନ-ଧର୍ମ-ବଳ ।

ଜନ୍ମ ଯେବେ ତବ ଉତ୍କୃଷ୍ଟ ଜାତିରେ
ଦେଖାଅ ସୁକାର୍ଯ୍ୟେ ତାହା,
କର୍ମ ଛଡ଼ାକେହ୍ନ ତୁମ୍ଭ ଆଭିଜାତ୍ୟ
ସ୍ୱୀକାର ନ କରେ ଅହା !
କେତେଦିନ ଅଉ ଜାଗିର ରଖିଣ
ବସି ଖାଉଥିବ ଭାଇ,
'ବସି ଖାଇଲେ ତ ନଈବାଲି ସରେ'
ଅଉ ତ ମିଳିବ ନାହିଁ ।
ନାହାନ୍ତି ପ୍ରାଚୀନ ରାଜନ୍ୟମଣ୍ଡଳୀ,
ନାହିଁ ପୂର୍ବ ରାଜପଣ,
ବାହୁଲ ରକ୍ଷଣ, ଖଣ୍ଡା ବୁଲାଇଣ
କରିବ ଜୀବିକାର୍ଜନ ।

Digitized by srujanika@gmail.com

ଯାଉଛୁ ପ୍ରାଚୀନ ଆସୁଛୁ ନୂତନ
ବାଧି-ବାଧି ଅନୁଯାୟୀ,
ଯୁଗ ଧର୍ମ ପାଳି କର୍ମ-ଭକ୍ତି-ଜ୍ଞାନ-
ଯୋଗ ସାଧ ଜେଲ ନାହିଁ ।
ଚେଷ୍ଟା ପୁରାତନେ ସମ୍ପ୍ରତି ନୂତନେ
ଯୁଗ ଧର୍ମ ସାଧ ଭାଇ,
ଜାତୀୟ ଗୌରବ ପୁଣି ପାଇପାର
ବାଟ୍ଟ ଦରେ ତେବେ ଯାଇଁ ।
ନବ ସଭ୍ୟତାରେ ସବୁ ପଞ୍ଚେ ଆହା
ରହିଅଛ ଏବେ ପଡ଼ି,
ଅନ୍ୟ ଭାଇମାନେ ଉନ୍ନତ କରନ୍ତି,
ଆଳସ୍ୟରେ ଅଛ ଜଡ଼ି ।
କଳହ, ମାମଲା, ଦଙ୍ଗା, ମାଡ଼ଗୋଳେ
ଅହୋରାତ୍ର ଅଛ ରତ,
ପ୍ରକୃତ ଉନ୍ନତ ପନ୍ଥାକୁ କିପାଁଇ
ପାସୋରି ଅଛ ସତତ ?

ବୃଥା ଗର୍ବେ ମାତି ବିବାହ ପର୍ବରେ
ଅଜସ୍ର ଫିଙ୍ଗିଣ ଟଙ୍କା,
ଦରିଦ୍ର ହୋଇଣ ଜମିବାଡ଼ି ବିକ
ବସୁଛ ଯେସନେ ବକା ।
ଦରିଦ୍ର କୃଷକ, ଭସ୍ମାକୁ ହାଟୁଆ-
ଠାରେ କର ଅତ୍ୟାଚାର,
ଉପାର୍ଜନକ୍ଷମ ବ୍ରାହ୍ମଣ, ବୈଷ୍ଣବେ
କରୁଛ ଦାନ-ଅପାର ।
'ହିଁସ୍ତିକା ମାରଣ ବଣୀ ପୋଷୁଅଛ'
ଭଣ୍ଡ ଶପି ଦରିଦ୍ରର,
ସ୍ବର୍ଗେ ଚଢ଼ିବାକୁ ବାନ୍ଧୁଅଛ ସିଢ଼ି
ନାହିଁ କି ଧର୍ମର ଜ୍ଞାନ ?

Digitized by srujanika@gmail.com

'ପାପଧନ ସିନା ଯିବ ପ୍ରାୟଶ୍ଚିତ୍ତେ'
ନୋହିବ ତ ଧର୍ମ ଲଭ,
କହୁଛେ ପୂରିଲେ ଜୀବନ-ନଉକା
ବୁଡ଼ିଯିବ ସିନା ନାବ ।

ପଲ୍ଲୀବାସୀ କରଣ

ହେ କରଣ ଭାଇ ! ଉତ୍କଳର ଅଣ୍ଟା,
ଶୁଣିଲି ମୁଁ ଜନରବ,
ଲେଖନୀର ମୁନେ ଅନେକଙ୍କୁ ଅନ୍ତେ
ମାରି କରି ନାଶ ସର୍ବ ।
ଥୋକେ ନିଜ ଠେକ, ପର ନିନ୍ଦା ଘୋଷି
ଭେଦ ସଂଘଟନ କରି,
ମାଲିମାମଲାର ସର୍ଜନା କରିଣ
କର ଲୋକେ ହରବର ।

ଘରେ ଭାତ ନାହିଁ ତଥାପି ହେ ଭାଇ,
ମନ ନ ଧରଇ ଧୀର,
ପାଞ୍ଚ ଟଙ୍କା ଅପେ୍ୟ କନ୍ୟା ବିବାହରେ
ପାଞ୍ଚ ଶତ ବ୍ୟୟ କର ।
ଜମି ବିକ୍ରି ଗଢ଼ି ଦିଅ ଅଲଙ୍କାର
କେହି ବା ମହିଳାଙ୍କର,
ସତ୍ୟ କି ଏ କଥା ଅବା ମିଥ୍ୟାବାଣୀ
ଗୀତ ପର ନିନ୍ଦୁକର ?
ଥାଏ ଯେବେ ଦୋଷ କର ପରିହାର
ଦେଖି ରାଜଦରବାରେ
ଲଭିଣି ପ୍ରତିଷ୍ଠା ଅମୃତ କରଣେ
ସର୍ବଶ୍ରେଷ୍ଠ ଓଡ଼ିଶାରେ ।

Digitized by srujanika@gmail.com

ତମ ଗୃହରକୁ ଦେଖ ଭାଇ, କର
ଆୟ ଅନୁଯାୟୀ ବ୍ୟୟ,
ଧର୍ମମତେ କର କର୍ମ ଅନୁଷ୍ଠାନ,
ଧର୍ମେ ଜୟ, ପାପେ କ୍ଷୟ ।

ପଲ୍ଲୀର ସମର୍ଥଭିକ୍ଷୁକ

ଅକର୍ମା ଅଳସ କର୍ମକୁଣ୍ଠୀ କେତେ
ଅଛନ୍ତି ଯୋଗୀ ଭିକାରୀ,
ହୃଷ୍ଟପୁଷ୍ଟ, ସୁସ୍ଥ ମାଗି ବୁଲନ୍ତି ସେ
କରଣା କରଣୀ ଜାରି ।
'ଦେଲାଠାରୁ ପୁଣ୍ୟ, ନେଲାଠାରୁ ହାନି
ନାହିଁ' ସେ ବୋଲନ୍ତି ଜନେ,
ବ୍ରହ୍ମାଙ୍କର ମୁଖୁଁ ଭିକାରୀ ବ୍ରାହ୍ମଣ-
ରୂପରେ ଭୁଲଲେ ବଳେ ।

କେଳା, ଯୋଗୀ, ଷଣ୍ଢ, ଭିକାରୀ, ଜମାତ
ଦୁଃଖୀ କୃଷକେ ଲୁଣ୍ଠନ୍ତି,
'ମାଗି ଖାଇବ ସେ ଲାଗି ନ ଖାଇବ'
ଏହା ପ୍ରମାଣ କରନ୍ତି ।
ଛଦ୍ମବେଶୀ ଉଗ୍ର ପଶ୍ଚିମା ଜମାତ
ସାଧୁ, ନାଗା, ବଇଷ୍ଣବ,
ଦୁଃଖୀ ପଲ୍ଲୀଜନେ କରନ୍ତି ଅସ୍ଥିର
ଖାଇଣ ଲୁଟନ୍ତି ସର୍ବ;
ପରିଶ୍ରାନ୍ତ କ୍ଳାନ୍ତ ଗୃହସ୍ଥ ଦିନାନ୍ତେ
ବିଲରୁ ଅସିଣ ଫେରି,
ଦେଖେ ଚଣ୍ଡମୂର୍ତ୍ତି ରାକ୍ଷସ ତା ଦ୍ୱାରେ
କରୁଅଛନ୍ତି 'ଭେଣ୍ଡ ମେଣ୍ଡ' ।

Digitized by srujanika@gmail.com

ପେଜ ପଖାଳରେ ଶାଗ ପୋଡ଼ା ସିଝା
ଖାନ୍ତି ତା ପିଲ୍ଲ ବାଳକ,
ଅଟା, ଘିଅ, ମୁଗ, ଛେନା ତାହାଠାରୁ
ଆଦାୟ କରେ ସେ ଠକ ।
ହାତଯୋଡ଼ି କହେ ସରଳ କୃଷକ,
"ପ୍ରଭୁ, ମୁଁ ଦରିଦ୍ର ଅତି,
ସାଧୁସେବା ପାଇଁ ଶକ୍ତି ମୋତେ ଦେଇ-
ନାହାନ୍ତି ଜଗତପତି ।"
ସାଧୁ ଭଗମୂର୍ତ୍ତି 'ସ୍ୱୀକାର' 'ସମ୍ମତ'
ବିନା କୃଷକ ଭଗିନୀ,
ବାଣ, ବାଦ୍ୟ ବିନା ବିବାହ କରଇ
ଗାଳରେ ଭଗ ଗୃହିଣୀ ।
ଗାଳରେ ନ ହେଲେ ଚମୁଟା ପ୍ରହାରେ
ଅବା ଗୋଇଠା ଅଘାତେ,
ଜର୍ଜ୍ଜରିତ ହୋଇ ରଙ୍କଗଣ୍ଡିଧନ
ଦିଏ ସେ ବାଉଁଳ ହାତେ ।

ଗଲାବେଳେ ସାଧୁ କଲ୍ୟାଣ କରନ୍ତି,
'ଓଡ଼ଅସେ ଦାଢା ନାହିଁ,
ମାରେ ବିନା ଦେବତା ନାହିଁ' ଏହା କହି
ଅନ୍ତର୍ହିତ ହୁଏ କାହିଁ ।
ବୈଷ୍ଣବ ଗୋସାଇଁ 'ହରେ ନାମ' ମହା-
ମନ୍ତ୍ର ଫୁଙ୍କିଣ କାନରେ
'ହରେ କୃଷ୍ଣ ରାମ କୃଷ୍ଣ କୃଷ୍ଣ ରାମ
ହରେ ରାମ ହରେ ହରେ ।'
ମାଳା, ଛିଟା ଦେଇ ଶିଷ୍ୟ କଣ୍ଠ, ଶିରେ
ହିବାର ଘେନି ପ୍ରଣାମ,
ବର୍ଷ ବର୍ଷ ଧରି ମାମୁଲ ଅଷୁଲ
ଭରନ୍ତି ଏ ଭକ୍ତଧାମ ।

Digitized by srujanika@gmail.com

ଉପରେ ଉଦ୍ଭଙ୍ଗ ବାହାର କରନ୍ତି
ଶୁଖୁଆ ପୋଡ଼ି ଖାଅନ୍ତି,
ମରମ କହିଲେ ଆଖି ନାଲ କରି
ଗୋସାଇଁ ରାଗି ଯାଆନ୍ତି ।
'ମଚ୍ଛପୁର' ହେଲେ ଦଶ ପାଞ୍ଚ କୋଶ
ସ୍ୱଚ୍ଛନ୍ଦେ ଧାଇଁଯାଆନ୍ତି,
ପଙ୍‌କ୍ତିରେ ବସିଣ କେ କେ କାଉ କରି
ଶୁଙ୍ଘିଲି ଭାତ ଖାଆନ୍ତି ।
ଖାଇ ସାରି ନିଜେ ଲାଳମିଶା ଭାତ—
'ଅଧରାମୃତ' ସେବନେ,
ନିଃସଙ୍କୋଚ ଭାବେ ଦୂର ସେ ପକାନ୍ତି
ଭକତ ସ୍ୱଶିଷ୍ୟଗଣେ ।
କଳିଆ ଲଗାନ୍ତି ଧୂଆଁ ପଣ ପାଇଁ
ଝାଞ୍ଜ, ମୃଦଙ୍ଗର ତାଳେ,
କେ ପାଇବ ଫୁଲ-ପାଖୁଡ଼ା, କିଏବେ
ପାଇବ ଫାଳେ ବା ମାଳେ ।

ଓଡ଼ିଆ ମିଶ୍ରିତ ବଙ୍ଗଳା ସଙ୍ଗୀତ
ଗାଆନ୍ତି ବୈଷ୍ଣବଗଣି,
ମାତୃଭୂମି, ମାତୃ-ଭାଷା ଦଶା ଭାଳି
ବ୍ୟାକୁଳ ମୋହର ମନ ।
ସେ ଗୀତ ଶ୍ରବଣେ ଉତ୍କଳ ଭାଷାର
ଉଡ଼ି ପଳାଏ ଜୀବନ !
କପଣ୍ଟ ସେ ମହା-ବୈଷ୍ଣବ ଧର୍ମର
ହେଲା ଏ ଘୋର ପତନ !
ପଇସା ଅଧଲା ପାଇଁ ଗୋସାଇଁଙ୍କ
ଲାଗେ ମହା ହଟାପଟା,
ସଂସାର-ବିରାଗୀ ବୈଷ୍ଣବଙ୍କ ମୁଣ୍ଡ
ଅଧଲାକ ପାଇଁ ଫଟା !

Digitized by srujanika@gmail.com

ସମ୍ପଦ ପ୍ରଭୁତ୍ୱ ପାଇଣ ମହନ୍ତେ
ଶିର ହୁଏ ବିଘୂର୍ଣ୍ଣିତ,
ମାମଲା, କଳହ, ସତୀତ୍ୱ ନାଶରେ
ଥୋକାଏ ହୁଅନ୍ତି ଲିପ୍ତ ।
ତୁମ୍ଭ ଉପଦ୍ରବେ ଦରିଦ୍ର ଗୃହସ୍ଥ
ଧନ, ଦାରା ହୁଏ ନଷ୍ଟ,
ହେ ନରପିଶାଚ ! କାହାର କାହାର
ପ୍ରାଣ ନିଅ ଦେଇ କଷ୍ଟ ।
ହୃଷ୍ଟପୁଷ୍ଟ ଦେହ ସବଳ, ସକ୍ଷମ,
ଯତ ପରିଶ୍ରମ କଲେ,
ନିଜେ ପୋଷି ହୋଇ ଅନ୍ୟ ପାଞ୍ଚ ପ୍ରାଣୀ
ପ୍ରତିପୋଷୁଥାନ୍ତ ଭଲେ ।
ତାହା ତେଜି କମ୍ପା ଭିକ୍ଷାବୃତ୍ତି କରି
ପର ଗଳଗ୍ରହ ହୋଇ
ପରଦାରା ହରି କଳଙ୍କ ହୋଇଣ
ଗଞ୍ଜା ଖାଅ, ବସି ଶୋଇ !

ତୁମ୍ଭ ମଧ୍ୟେ ସାଧୁ ପ୍ରକୃତ ସନ୍ନ୍ୟାସୀ
ଅଧିକ ତ ଦେଖା ନାହିଁ,
ଆଳସ୍ୟେ ଏ ଦେଶ ଲୁଣ୍ଠିଣ ଖାଉଛ
କାହିଁ ଧର୍ମଭୟ ଭାଇ !
ସଂସାର ତେଜିଣ ବିଷମ ସଂସାରେ
ଆସକ୍ତ ନାମେ ସନ୍ନ୍ୟାସୀ,
କରିଣ ସନ୍ନ୍ୟାସ-ବାନା କଳଙ୍କିତ
ହେବ କି ନରକବାସୀ ?
ସ୍ୱାର୍ଥନାଶ ବିନା ପ୍ରକୃତ ବୈରାଗ୍ୟ
ତୁମ୍ଭେ ପୂର୍ଣ୍ଣ ସ୍ୱାର୍ଥପର,
ଆଳସ୍ୟେ ଅଧର୍ମେ ଜୀବନ କଟାଇ
ନାମ୍ନା କଳଙ୍କିତ କର ।

Digitized by srujanika@gmail.com

ଭସ୍ମ ବୋଳି ଅଙ୍ଗେ ଲେଇଛନ୍ତି ମାରଣ
ଜଟା ଭାର ବନ୍ଧି ଶିରେ
ସନ୍ନ୍ୟାସେ ନାଦଣ୍ଡ କରିଅ ଲୋକଙ୍କେ .
ପେଟୁକ, ଲମ୍ପଟ ବାଟର !
ଏହାଠାରୁ ଗୃହୀ ହୋଇଣ ରହିବା
କୋଟିଗୁଣେ ଶ୍ରେୟସ୍କର,
ଗୃହସ୍ଥ-ଆଶ୍ରମ ଅଟେ ଶ୍ରେଷ୍ଠତମ
ଗୃହହିଁ କ୍ଷେତ୍ର ପୁଣ୍ୟର ।
ନିଜ ଗୃହେ ରହି ସ୍ୱକର୍ତ୍ତବ୍ୟ କର
ଆତ୍ମା ମଧ୍ୟେ ଦେଖି ହରି,
ଶଠତା ତେଜିଣ ଶୁଦ୍ଧ ଭ୍ରାତୃଗଣ,
ଯିବା ଏ ସଂସାରୁ ତରି ।
ବୃଥା ଆଡ଼ମ୍ବର ପର ପ୍ରବଞ୍ଚନା
ନିଜ ମୁକ୍ତି ସ୍ଥିର ନାହିଁ,
ନିଜେ ପାପୀ ଥାଇଁ ପରଧନ ଖାଇ
ତାକୁ ପ୍ରବଞ୍ଚ କିପାଁଇ ?

ନିଜ ମୁକ୍ତି ପାଇଁ ସର୍ବେ ନିଜେ ଦାୟୀ,
ଗୁରୁ, ବୈଷ୍ଣବ, ବ୍ରାହ୍ମଣ
କେହି ଦେବେ ନାହିଁ କେବଳ ଉପାୟ
ପବିତ୍ର ଭକ୍ତ ଜୀବନ ।
ନିଃସହାୟ, ରୋଗୀ, କାଙ୍ଗାଳୀ, ପଥିକ
ଦାନ-ସତ୍ପାତ୍ର ଅଟନ୍ତି,
ନିଃସ୍ୱାର୍ଥ ସାତ୍ତ୍ୱିକ ଦାନରେ ଈଶ୍ୱର
ନିଜେ ସନ୍ତୁଷ୍ଟ ହୁଅନ୍ତି ।
ଅପାତ୍ରେ, ଅଳସେ ଦାନ କଲେ ନିଶ୍ଚେ
ଦାତା ଅଧିକାରୀ ପାପେ,
ଦାତା ବଳୀ ରାଜା ସ୍ଥାପ୍ୟେ ପାତାଳରେ
ପ୍ରବେଶ ହୁଏ ସେ ଅପେ ।

Digitized by srujanika@gmail.com

"ସୁବିଶାଳ ଏହି ଜଗତ ସଂସାର
ପବିତ୍ର ଦେବ-ମନ୍ଦିର,
ହୃଦ-ଗୁହା ଅଟେ ସୁନିର୍ମଳ ତୀର୍ଥ,
ସତ୍ୟ ଶାସ୍ତ୍ର ଅନଶ୍ୱର ।
ବିଶ୍ୱାସ ଅଟଇ ଧର୍ମ ମୂଳଭିତ୍ତି,
ପ୍ରୀତି ସ୍ୱଧର୍ମସାଧନ,
ସ୍ୱାର୍ଥନାଶ ଅଟେ ପ୍ରକୃତ ବୈରାଗ୍ୟ
ଏ ଶ୍ରେଷ୍ଠ ସାଧୁ ବଚନ ।"
ସଂସାରେ ଚିହ୍ନଣି ସ୍ୱକର୍ତ୍ତବ୍ୟ କର
ଦେଖି ବ୍ରହ୍ମ ପରମାତ୍ମା
ମାନବସମାଜ ବିରାଟ ପ୍ରକୃତ
ଅବର ଏହି ଜୀବାତ୍ମା—
ଏ ବ୍ରହ୍ମାଣ୍ଡେ ଦେଖି ତାଙ୍କର ପ୍ରକାଶ
ଅହଙ୍କାର କରି ନାଶ
ମାୟା-ଆବରଣ ଭେଦଣ ଶାଶ୍ୱତ
ଜୀବନ ଲଭିବା ଆସ ।

ପଲ୍ଲୀବାସୀ ବ୍ରାହ୍ମଣ

ନର-ସେବା-ବ୍ରତ ବ୍ରାହ୍ମଣର ବ୍ରତ,
ତା ଜନ୍ମ ପରାର୍ଥ ପାଇଁ,
ସୃଷ୍ଟି ବ୍ରହ୍ମମୟ ଦେଖନ୍ତି ବ୍ରାହ୍ମଣ
ତାଙ୍କ ନେତ୍ରେ ଭେଦ ନାହିଁ ।
ବ୍ରାହ୍ମଣ ବଳରୁ ଉନ୍ନତ ଭାରତ,
ବ୍ରାହ୍ମଣ ପାପେ ପତିତ,
ତେଜ କ୍ଷୁଦ୍ର ସ୍ୱାର୍ଥ ପୁଣି ହେ ବ୍ରାହ୍ମଣେ !
କର ସ୍ୱଦେଶେ ଉନ୍ନୀତ ।
ବ୍ରହ୍ମ ଶକ୍ତି ଯେବେ ଥୋକାଏ ବ୍ରାହ୍ମଣ,
ଅନ୍ୟେ କି ନ ହେବେ ତାହା,
ବିନ୍ଦୁ ପରିମାଣେ ସେ ସପ୍ତ ବିତସ୍ତି
ଶୁଦ୍ଧ ପରିମାଣେ ଯାହା ।

Digitized by srujanika@gmail.com

ତୁମ୍ଭ ପରି ବଳ, ବୁଦ୍ଧି, ଇଚ୍ଛା ଶୂଦ୍ରେ
ଦେଇଛନ୍ତି ଜଗଦୀଶ,
ମାନବ-ମାନବ ମଧ୍ୟେ ଦ୍ୱେଷ, ହିଂସା
କରି ଲଭିଛ କାହିଁ କସ ?
କେତା-ଯୁଗ୍ରେପୀୟଙ୍କଠାରୁ ହେ ବ୍ରାହ୍ମଣେ
ସମ-ଅଧିକାର ଯେତେବ
ଆଶା କରିପାରି, ସ୍ୱଦେଶବାସୀଙ୍କୁ
ନ ଦେବ କି ତାହା ତେବେ ?
ମଧ୍ୟ-ଏସିଆରୁ ଯେତେବେଳେ ଆର୍ଯ୍ୟେ
ଆସିଲେ ଏହି ଭାରତେ,
ଇନ୍ଦ୍ର, ସୂର୍ଯ୍ୟ, ଅଗ୍ନି ଆଦି ଦେବେ ପୂଜି
ସମାନ ଥିଲେ ସମସ୍ତେ ।
ଅନାର୍ଯ୍ୟ ସଙ୍ଗତେ ଯୁଦ୍ଧ ଲାଗିବାରୁ
ପୂଜା ଯଜ୍ଞେ ଅଳ୍ପ ବେଳ
ନମିଙ୍କୁ ଉପାସ୍ୟ କରିଥିଲେ ସର୍ବ
ଆର୍ଯ୍ୟସୁତ ହୋଇ ମେଳ;

କେହି ଧର୍ମକାର୍ଯ୍ୟ, କେହି ଯୁଦ୍ଧକାର୍ଯ୍ୟ,
କେହି ବା ବାଣିଜ୍ୟ, କୃଷି
କରୁଁ କରୁଁ କାଳେ ହେଲେ ତିନି ଜାତି
ସେହି ଏକ ଆର୍ଯ୍ୟଋଷି ।
ବିଜିତ ଅନାର୍ଯ୍ୟ ଶୂଦ୍ର ରୂପେ ସେବା
କଲେ ଆର୍ଯ୍ୟ ତିନି ଜାତି,
ଉପବୀତ ଘେନି ବେଦ ପଢ଼ି ତିନି
ବିବାହରେ ଥିଲେ ଜ୍ଞାତି ।
ଜନ୍ମେ ଶୂଦ୍ର, ଉପନୟନରେ ଦ୍ୱିଜ,
ବିପ୍ର ଶାସ୍ତ୍ରପାଠ ମାନେ
ବ୍ରହ୍ମଙ୍କୁ ଜାଣିଲେ ହୁଅନ୍ତି ବ୍ରାହ୍ମଣ,
ଲେଖା କି ନାହିଁ ତା ଶାସ୍ତ୍ରେ ?

Digitized by srujanika@gmail.com

ଅନାର୍ଯ୍ୟ ସହିତେ ଯୁଦ୍ଧ ନାହିଁ ଆଜ
ବହିବ ଭେଦ କପାଇଁ,
ଶାସ୍ତ୍ର ପଢ଼ି ବୃଥା ହିଂସା, ଦ୍ୱେଷ କପାଁ
କରୁଅଛ ଭାଇ-ଭାଇ ?
ସର୍ବଦେଶେ ଥିଲେ ପୁରୋହିତ ଶ୍ରେଷ୍ଠ,
ଜାତିଗତ ପୌରହିତ୍ୟ
ଆଧୁନିକ ଯୁଗେ ସାରା ଜଗତରେ
ହୋଇଅଛି ଅନ୍ତର୍ହିତ ।
ଯେତେବେଳେ ଥିଲା ଭାରତେ ସୁଦିନ
ନ ଥିଲା ତ ଭେଦନୀତି,
ଏକଦେଶବାସୀ ମଧ୍ୟେ ଭେଦଦୃଷ୍ଟି
ପତିତ ଜାତିର ସ୍ଥିତି ।
ଅଜ୍ଞାନ-ତମିରେ ଥିବାବେଳେ ଯାହା
ହେବାର ତା ହୋଇଥିଲା,
ଜାଣିଶୁଣି ପୁଣି ମନୁଷ୍ୟ-ମନୁଷ୍ୟ
ମଧ୍ୟେ କା ଭେଦ ବହିଲା !

ଯେବେ କହ ତୁମ୍ଭେ ଭାରତ-ରକ୍ଷକ
ଆର୍ଯ୍ୟଧର୍ମ ସଂସ୍ଥାପକ,
କହେ କେହି ତୁମ୍ଭେ ଜଟିଳ ଅନର୍ଥ
କ୍ରିୟାକାଣ୍ଡ ସମ୍ପାଦକ ।
ଏକମାତ୍ର ଆର୍ଯ୍ୟଧର୍ମର ରକ୍ଷକ
ନ ଥିଲେ କେବେ ବ୍ରାହ୍ମଣ,
ବ୍ରହ୍ମଜ୍ଞାନଲାଭେ ବିପ୍ର ସମକକ୍ଷ
କ୍ଷତ୍ରିୟାଦି ଜାତିଗଣ ।
ରାଜର୍ଷି ଜନକେ ଗୁରୁ କରିଥିଲେ
ଯାଜ୍ଞବଲ୍କ୍ୟାଦି ବ୍ରାହ୍ମଣ,
କୃଷ୍ଣ ବାସୁଦେବ କର୍ମ, ଭକ୍ତି, ଜ୍ଞାନ-
ଯୋଗ କଲେ ସଂସ୍ଥାପନ ।

Digitized by srujanika@gmail.com

ବୁଦ୍ଧ ଶାକ୍ୟସିଂହ ଏ ଭାରତେ କଲେ
ଯେ ସାମ୍ୟ ଧର୍ମ ପ୍ରଚାର,
ସମଗ୍ର ମେଦିନୀ ମୋହିତ ହୋଇଲା
ନିର୍ବାଣ-ତତ୍ତ୍ୱ ତାହାର ।
ଏହି ଉତ୍କଳରେ ଅରକ୍ଷିତ ଦାସ
ଥିଲେ ନରେଶକୁମର,
ଅଚ୍ୟୁତାଦି ବହୁ ଧର୍ମପ୍ରଚାରକ
ନ ଥିଲେ ବିପ୍ରକୁଳର ।
ଭୀଷ୍ମ, ଅଭିମନ୍ୟୁ, କୃଷ୍ଣସିଂହ ଆଦି
ଅନେକେହିଁ ତ କ୍ଷତ୍ରିୟ,
ଜାତୀୟ-ଜଗତ-ଗୌରବ କିପାଇଁ
ଏକାକୀ ବ୍ରାହ୍ମଣେ ଦିଅ ।
ନିଜେ ନୋହୁ ପାପୀ ଅନେ ପାପୁଁ ମୁକ୍ତ
କିପରି ପାରିବେ କରି,
ବ୍ରାହ୍ମଣ ଚଣ୍ଡାଳ ସ୍ୱକର୍ମ ବିଚାର
ଉଦ୍ଧାର କରିବେ ହରି ।

ଚାଲ ସର୍ବେ ଜ୍ଞାନ, ଭକ୍ତି, ପୁଣ୍ୟ ଅର୍ଜି
ହୋଇ ହାତ ଧରାଧରି,
ପୂଜା କରି ଏକ ଜଗତ-ପତିଙ୍କୁ
ଦିବା ସ୍ୱକର୍ତ୍ତବ୍ୟ କରି ।
ପ୍ରାଚୀନ ପଦ୍ଧତି ସୁବିଧା ଅଣିଣ
କିପାଇଁ ବାଛିବୁ ଶ୍ରେଷ୍ଠତ୍ୱ,
ଶୁଦ୍ଧ ମନୁଷ୍ୟତ୍ୱ ଜ୍ଞାନ, ଭକ୍ତି, କର୍ମେ
ଲଭ ହେ ଭାଇ ମହତ୍ତ୍ୱ ।

Digitized by srujanika@gmail.com

ନିର୍ଝରିଣୀ

ଯାଆନ୍ତୁ କମଳା-ସ୍ୱର୍ଣ୍ଣ-ସୌଧେ ସଖାଗଣ,
ଦରିଦ୍ର-କୁଠୀରେ ତବ ଯାପିବି ଜୀବନ ।
ସାରସ୍ୱତ ଭଣ୍ଡାରରୁ କବୀନ୍ଦ୍ର ବନ୍ଦିତା
ବାଣ୍ଟୁ ଦିଅ ଭାରତି ଗୋ ! ଦୁର୍ଲ୍ଲଭ କବିତା ।

Digitized by srujanika@gmail.com

ଉତ୍ସର୍ଗ ପତ୍ର

ପରମ ମାନନୀୟ,

ଲକ୍ଷ୍ମୀ ସରସ୍ୱତୀ ଉଭୟଙ୍କର ପ୍ରିୟପୁତ୍ର,

ଉପଯୁକ୍ତ ପିତାଙ୍କର ଉପଯୁକ୍ତ ସନ୍ତାନ,

ମାୟାଶବରୀ ଓ ସ୍ୱପ୍ନ, ଅଳଙ୍କାରସାର,

ରସରହସ୍ୟ, କୁମାରଶିକ୍ଷା ପ୍ରଭୃତି

କାବ୍ୟ, ଅଳଙ୍କାର, ଭାଷାଶିକ୍ଷା

ଇତ୍ୟାଦି ବିଷୟକ ଗ୍ରନ୍ଥ ସକଳର ପ୍ରଣେତା,

ସ୍ୱଦେଶୀୟ ରାଜକୁମାରବର୍ଗଙ୍କ ଆଦର୍ଶସ୍ଥାନୀୟ,

ବାମଣ୍ଡା ଆଲୋଚନାସଭାର ସଭାପତି,

ଗୁଣଗ୍ରାହୀ ବାମଣ୍ଡା ଯୁବରାଜ

ଶ୍ରୀଲ ଶ୍ରୀଯୁକ୍ତ ଟିକାୟତ ସଚ୍ଚିଦାନନ୍ଦ ଦେବ ମହୋଦୟଙ୍କ

ଗୌରବାନ୍ୱିତ ନାମରେ

ଏହି ନିର୍ଝରିଣୀ ନାମଧେୟ

ଖଣ୍ଡକବିତା-ପୁସ୍ତକ

ଶ୍ରଦ୍ଧା ଓ ସମ୍ମାନ ସହକାରେ

ଉତ୍ସୃଷ୍ଟ ହେଲା ।

Digitized by srujanika@gmail.com

"ନିର୍ଝରିଣୀ" ସମ୍ବନ୍ଧରେ
ଭକ୍ତକବି ଗୁପ୍ତ ମଧୁସୂଦନ ରାଓବାହାଦୁର
ମହୋଦୟଙ୍କ ମନ୍ତବ୍ୟ

ପରମପ୍ରୀତିଭାଜନ ଶ୍ରୀମାନ୍ ନନ୍ଦକିଶୋର ବଳଙ୍କର ରଚିତ "ନିର୍ଝରିଣୀ" ନାମଧେୟ ପୁସ୍ତକର ଅନ୍ତର୍ଗତ ଅଧିକାଂଶ କବିତା ମୁଁ ପଢ଼ିଅଛି । "ନବବର୍ଷା ଭାବନା" ଓ "କାକବାରତା" ଶୀର୍ଷକ କବିତାଦ୍ୱୟ ପଢ଼ି ମୁଁ ଅପୂର୍ବ ପ୍ରୀତି ଓ ଆନନ୍ଦ ଲାଭ କରିଅଛି । ସ୍ୱଦେଶୀୟ ଭାବ-ମାଧୁରୀ-ସୁସିକ୍ତ, ସ୍ୱଦେଶୀୟ ଶତ ବାଲ୍ୟସ୍ମୃତି-ପବିତ୍ରିତ ଏବଂ ଓଡ଼ିଶାର ଅକୃତ୍ରିମ ଜାନପଦଭାବୋଚ୍ଛ୍ୱାସସମ୍ବଳିତ ଏପରି ମଧୁମୟ ମର୍ମସ୍ପର୍ଶୀ ଝଙ୍କାର କଳସଙ୍ଗୀତ ଆଧୁନିକ ଉତ୍କଳସାହିତ୍ୟକୁଞ୍ଜରେ ଇତିପୂର୍ବେ କ୍ୱଚିତ ହୋଇ ନ ଥିଲା, କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀମାନ୍ ନନ୍ଦକିଶୋର ନବୀନ କବି ହେଲେହେଁ "ଉତ୍କଳ-ସାହିତ୍ୟ" ଓ ଅନ୍ୟ କେତେକ ସାମୟିକ ପତ୍ରିକାରେ ନିଜର ଅନେକଗୁଡ଼ିଏ ସୁନ୍ଦର କବିତା ପ୍ରକାଶ କରି ଓ "ପଲ୍ଲୀଚିତ୍ର" ନାମକ କ୍ଷୁଦ୍ର କବିତା-ପୁସ୍ତକ ପ୍ରଣୟନ କରି ଉତ୍କଳର ସାରସ୍ୱତ ଧାମ ମଧ୍ୟରେ ସ୍ୱାଗତ ସମ୍ଭାଷଣ ସହକାରେ ଗୃହୀତ ହୋଇଅଛନ୍ତି ଏବଂ ମୋର ସମ୍ପୂର୍ଣ୍ଣ ଆଶା ଓ ବିଶ୍ୱାସ ଏହି ଯେ, କବି ନନ୍ଦକିଶୋର ଏକ ସମୟରେ ସେହି ଧାମରେ ପୂର୍ଣ୍ଣ୍ୟଗୌରବମୟ ଅମୃତ ଯଶୋମାଲ୍ୟ ଧାରଣ କରି ସୁକବିମାନଙ୍କ ସଙ୍ଗେ ଏକାସନରେ ବସି ବିଶେଷରୂପେ ଉତ୍କଳ-ସାହିତ୍ୟର ମୁଖ ଉଜ୍ଜ୍ୱଳ କରିବେ ।

୪ । ୮ । ୧୯୦୦ — ଶ୍ରୀ ମଧୁସୂଦନ ରାଓ

Digitized by srujanika@gmail.com

ନବବର୍ଷାଭାବନା

—୧—

ଦଗ୍ଧେ ଗ୍ରୀଷ୍ମଋତୁ ସ୍ୱକର୍ମ ସମ୍ପାଦ
ଯାଉଁ ଧର୍ଧାମ ଛାଡ଼ି,
ପ୍ରବଳ ବେଗରେ ଘୋର ବୃଷ୍ଟିକାଳ
ଆସିଲା ସଂସାର ମାଡ଼ି ।
ଭବଇଁ ଦେଖିଣ ମହାପରିବର୍ତ୍ତି
ଅଚିରେ ଧରଣୀମୁଖେ
ଚିରକାଳ ସିନା ଏ ନର-ସଂସାର
ପୂରିଅଛି ଦୁଃଖ ସୁଖେ ।
ଆଜ କଥା କାଲ୍ ଅନ୍ତର ତ ପୁଣି
ମୁହୂର୍ତ୍ତେ ମୁହୂର୍ତ୍ତେ ଭେଦ,
ନଶ୍ୱର ବିଶ୍ୱର ଏ ଅସ୍ଥିର ଭାବ
ମନେ ଦିଏ ଘୋର ଖେଦ ।

ସୁଦୂର ଅତୀତ ଗୁରୁ ଛବିରାଜି
ଚିତ୍ରପଟେ ଉଦ୍ଭାସଇ,
ସୁମଧୁର ବାଲ୍ୟ-ଭାବ ଗୋଟି ଗୋଟି
ଆଜି ମୋ ମନେ ପଡ଼ଇ ।
ଆହା ରେ ସେ ସୁଖ ଏ ଜୀବନେ ଆଉ
କେବେ ତ ମିଳିବ ନାହିଁ,
ରେ ନିଷ୍ଠୁର କାଳ ! କି ଦୋଷେ ମୋଠାରୁ
ନେଲୁ ସେ ସୁଖ ଛଡ଼ାଇ !
ଅତି ଶୈଶବରେ ଜନନୀ ମୋହର
ଗଲେ ଛାଡ଼ି ଚାଲି ମତେ;
ଏକ ଗଲେ ଦୂରେ ଆନ ସ୍ୱର୍ଗପୁରେ
ଭଗିନୀଏ ଭାଗ୍ୟମତେ ।

Digitized by srujanika@gmail.com

ବରଷାକାଳରେ ଜନନୀ-କୋଳରେ
ଶୋଇଥିଲି ସୁଖେ ଯେବେ,
ଗମ୍ଭୀର ନିଶୀଥେ ଗୀତ ଶୁଣୁଥିଲି,
ମନେ ପଡ଼େ ତାହା ଏବେ—
"ମେଘ ବରଷିଲା ଟପର ଟପର
କେଣ୍ଡୁଅ ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା
ଢେଲିଙ୍ଗି ବାଇଦ୍ର ବଜା ।"

—୨—

ମେଘ ବରଷିଲା ମୂଷଳ-ଧାରରେ
ସ୍ରୋତରେ ବହିଲା ଜଳ,
ଜଳମଧ୍ୟେ କଲେ ଭୈରବ ନିନାଦ
ଗହନେ ବର୍ଷାଭୂଦଳ ।

ନବ ନୀର ପାଇ ଦର୍ଦ୍ଦୁର-ଦମ୍ପତି
ପାଇଲେ ବୈକୁଣ୍ଠ-ସୁଖ,
ସର୍ପଗର୍ତ୍ତେ ଏବେ ପ୍ରବେଶିଣ ଜଳ
ଦେଲା ତାଙ୍କୁ ଘୋର ଦୁଃଖ ।
'କାର ପୌଷମାସ କାର ସର୍ବନାଶ'
ସିନା ଏ ସଂସାର ଗତି;
କିବା ଖଳମତି ସର୍ପ ବୋଲି ଏହା
ଦୈବଦଣ୍ଡ ତାହା ପ୍ରତି ।
ବଧିର ବିପାକ ସହିଣ ଭୁଜଙ୍ଗ
ବାଟେ ଘାଟେ ଯାଇ ରହେ;
ସୁଯୋଗ ପାଇଲେ ନର ଶ୍ୱାପଦର
ବିଷ-କୋପେ ପ୍ରାଣ ଦହେ ।
ପାପର ଉଚିତ ଦଣ୍ଡ ପାଇ ଦୁଷ୍ଟ
ନ ଛାଡ଼େ ନିଜ ଦୁର୍ମତି,
ପ୍ରବଳ ଗଞ୍ଜଣା ସହି ସେ ଦୁର୍ବଳେ
ଗଞ୍ଜେ, ଏ ସଂସାର ଗତି ।

Digitized by srujanika@gmail.com

ଚିନ୍ତା କରିବାକୁ ନବୀନ ବରଷା
ଘଟାଏ ଅପୂର୍ବ ଯୋଗ;
ଚିନ୍ତା କରୁଁ କରୁଁ ମନେ ପଡ଼େ ମୋହ
ଶୈଶବର ସୁଖଭୋଗ ।
ଶ୍ରାବଣ ମାସରେ ସଙ୍ଗ ଗହଳରେ
ଖେଳୁଥିଲେ ଶିଶୁ ଯେବେ,
ନବବର୍ଷା ଦେଖି ଗାଉଥିଲେ ଗୀତ,
ମନେ ପଡ଼େ ତାହା ଏବେ—
"ମେଘ ବରଷିଲା ଟପର ଟପର
କେଶୁର ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା
ଦେଇଗି ବାଇଦ ବଜା ।"

—୩—

ନର ଅଶ୍ୱ ହସ୍ତୀ ରଥ ସାଜି ମେଘ
ଗୁଲଇ ଆକାଶେ ଉଚେ;
ଜ୍ୱଳା ହେମ ଛଟା ବିସ୍ତାରି ଚପଳା
ଦେଖୁଁ ଦେଖୁଁ କାହିଁ ଲୁଚେ !

ଘୋର ଘଡ଼ଘଡ଼-ଘଡ଼ ଘଡ଼ ରଡ଼ି
କମ୍ପେ ପ୍ରାଣ ମୋର ଶୁଣି;
କେବେ କେବେ କାହିଁ ବୃକ୍ଷ, ଜନ୍ତୁମାନେ
ପୋଡ଼ି ଯାଉଥାନ୍ତି ପୁଣି ।
ବିଚିତ୍ର ରହସ୍ୟ ଏ ଅଦ୍ଭୁତ ଦୃଶ୍ୟ
ଦର୍ଶନେ ହୁଅଇ ମନେ,
ଚତୁରଙ୍ଗ ସେନା-ଶ୍ରେଣୀ-ସହ ମେଘ
ବିଜେ ବିଜୟ ଗମନେ ।
ଦିଗ୍‌ବିଜୟୀ ବୀର ବିଜିତ ଦେଶରେ
ପ୍ରକାଶେ ପ୍ରଭୁତା ଯେସନେ,
ନିଜ ବୀର୍ଯ୍ୟବଳ ଦେଖାଇ ହୁଏ କି
ନୂଆ ରଜା ମେଘ ତେସନେ ?

Digitized by srujanika@gmail.com

କାଞ୍ଚି-ବିଜୟରେ ତ୍ରିବେଣୀ-ଯୁଦ୍ଧରେ
ଏଦୃପର ପର ହେଲ,
ରଖିଲ ଏ ମନ ସୁଯୋଗ ପାଇଣ
କେତେ କଥା ଭରି ନେଲ ।
ଗ୍ରୀଷ୍ମର ବେଳକୁ ବରଷାର ନୀର
ଝରୁଅଛି ଝର ଝର;
ସୁଲ୍ ସୁଲ୍ ପୁଣି ବହଇ ପବନ
ଝୁଲୁଛି ବଟପିକର ।
ମେଘୁଆ ପାଗରେ ଜନନୀ କୋଳରେ
ହସି ହସି ଶିଶୁ ଯେବେ
ମନ ଆନନ୍ଦରେ ଗୀତ ଗାଇଥିଲି
ମନେ ପଡ଼େ ତ ହା ଏବେ—
"ମେଘ ବରଷିଲି ଟପର ଟପର
କେଉଁଠି ମାଇଲି ଗଜା,
କେଉଁ ରାଇଜରେ ରହିଲେ ମୋ ରାଜା
ତେଲିଙ୍ଗି ବାଇଦ ବଜା ।"

—୪—

ଟିକି ନୂଆବୋହୂ ଜଳ ଆଣୁ ଆଣୁ
ପାଦ ତାର ଗଲା ଖସି,
ଦେଖିଲେ ପିଲମାନେ ଦାରୁଣ ଆନନ୍ଦେ
କରତାଳି ହସି ହସି;
ଶଅରୁଣୀଙ୍କର ଜାମୁଡ଼ାଳି ନାଚ
କେଳାର ହାବୁଡ଼ା ଖେଳ,
ଭୋଦୁଅ ମାସର ଜହ୍ନିଫୁଲ ଗୀତ
ଖୁଦୁରୁଣି-ଓଷା-ମେଳ;
ଟାଡ଼କା ରାକ୍ଷସୀ-ବଶିଷ୍ଠ-ବିଶ୍ୱାମିତ୍ର-
ରାମ-ହନୁମାନ-ସାଜ,
ଭୀମ-ଦୁର୍ଯ୍ୟୋଧନ-ଶ୍ରୀକୃଷ୍ଣ-ଅର୍ଜୁନ-
ବେଶ ମନେ ପଡ଼େ ଆଜ ।

Digitized by srujanika@gmail.com

ସାଧବ ଘରର ଝିଅ କଥା ଆଉ
ରଜାଘର ପୁଅ କଥା,
ଚକୁଳିଆପଣ୍ଡା-କଥା ସଙ୍ଗେ ପୁଣି
ଆନ ଆନ କେତେ କଥା ।
ବାଉଁଶ ବଣର ଭୂତକଥା ଶୁଣି
କାନ୍ଦେ ଦେଖି ନିଜ ଛାଇ,
ବାଲିଆଡ଼ୁଁ ଶୁଣି ବାଲୁଅଙ୍କ ରଡ଼ି
ପିଣ୍ଡେ ପ୍ରାଣ ଥାଏ ନାହିଁ ।
ଗ୍ରାମଦାଣ୍ଡେ ଗ୍ରାମ-ଦଣ୍ଡୁଆସି ଡାକ
ଶୁଣି ସେ ଆତଙ୍କ ବଢ଼େ,
ଘୋର ଭୟ ସଙ୍ଗେ ଘୋର ନିଦ୍ରା ଆସେ
ନିମିଷେ ମୁଁ ଶୋଇପଡ଼େଁ ।
ଘୋର ବରଷାରେ ସେ ଛଳ-ନିଦ୍ରାରେ
ମୋ ପ୍ରାଣ-ଜନନୀ ଯେବେ
ପେଠି ଆଉଁସିଣ ଗୀତ ଗାଉଥିଲେ
ମନେ ପଡ଼େ ତାହା ଏବେ—
"ମେଘ ବରଷିଲା ଟପର ଟପର
କେଣୁର ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା
ତେଲଙ୍ଗି ବାଇଦ ବଜା ।"

—୫—

ମେଘ ବରଷଇ ବିଜୁଳି ମାରଇ
ପବନ ବହଇ ଖରେ;
ତରୁଣ ଯୌବନେ ପରାଣ-ପ୍ରତିମା
ଛାଡ଼ି ଆସିଅଛି ଘରେ ।
ଭାବର ଆବେଶେ ଦୂର ପରବାସେ
ମନେ ପଡ଼େ ପ୍ରିୟ ଯାହା;
ତାହାର ସଙ୍ଗତେ ଦରଶନ ଦଏ
ଅତୀତ-ଜୀବନ-ଛାୟା ।

Digitized by srujanika@gmail.com

ଅମ୍ବ ବଗିଚ୍ଚାରେ ଶିଅର ଲଟାରେ
ଯେବେ ଦୋଳି ଖେଳୁଥାଇଁ,
ପର୍ବତ ଶିଖରେ ଲଟା ଚିର ମେଘ
ମହାବେଗେ ଆସେ ଧାଇଁ ।
କ୍ରୀଡ଼ା ତେଜି ଶିଶୁ ଦେଇ ହରିବୋଲ
ଦୌଡ଼ି ଯାଆନ୍ତେ ଘରେ,
ଅର୍ଦ୍ଧପଥେ ମେଘ ଗୋଡ଼ାଇ ଧରଣି
ଝିପିଯାଏ ତାଙ୍କୁ ଖରେ ।
କେତେ ହ୍ରଦ ନଦୀ କେତେ ଗିରି ବନ
କେତେ ଘର ଗ୍ରାମ ତେଇଁ,
ଦେଶଦେଶାନ୍ତରେ ଯାଏ ଚୁଲି ମେଘ
କେବଣ ସନ୍ଦେଶ ନେଇ ?
ଦେଖୁଁ ଦେଖୁଁ ମେଘ ଚଉଦଗେ ଘୋଟେ
ଅଣ୍ଟୁଆଣି ହୋଇ ପାଣି
ସ୍ନାନାର୍ଥେ ଆଗତା ସାଧବ ବୋହୂଙ୍କୁ
ଭସାଇ ନିଏ କି ଟାଣି !

ଜଳ-ବୁଦ୍‌ବୁଦକୁ ଅନାଇଁ ଅନାଇଁ
ଶୈଶବ-ନିଳୟେ ତେବେ
ବସି ଗୃହମାଁସ୍ୟା-ଗୀତ ଶୁଣିଥିଲି
ମନେ ପଡ଼େ ତାହା ଏବେ—
"ମେଘ ବରଷିଲା ଝିପର ଝିପର
କେଶୁର ମାଇଲା ଗଜା,
କେଉଁ ବାଇଜରେ ରହିଲେ ମୋ ରଜା
ତେଲିଙ୍ଗି ବାଇଦ ବଜା ।"

—୭—

ପ୍ରଭାତୁଁ କଠିଣ ଯାନ୍ତି ଯେଣ୍ଟା ଦୁଃଖେ
ଦୁଃଖୀ ଗ୍ରାମବାସୀମାନେ,
ସାରି ବାସି କାମ ସାତ ପାଞ୍ଚ ମିଳି
ବଧୂମାନେ ଯାନ୍ତି ସ୍ନାନେ ।

Digitized by srujanika@gmail.com

ହୁଙ୍କା-ବାଲ୍-ବଲେ ଫୁଟିଉଠେ ଛତୁ
ଘୋର-ଘନ-ନୀର ପାଇ;
ସାନ ସାନ ପିଲା ଛତୁ ତୋଳୁଥାନ୍ତି
ପ୍ରଭାତରୁ ଉଠି ଯାଇ;
ତୋଟା ବେତବଣେ ବସି ଶାରୀ ଶୁଆ
ହରଷଭରେ ରାବନ୍ତି;
ପକ୍ୱ ଫଳ ଘେନି ବନ-ମହୋତ୍ସବ
କରନ୍ତି ବାୟସପନ୍ତି ।
ପଲ୍ଲୀ-ଉପବନେ କାଇଁଅ ଲତିକା,
ସାହାଡ଼ା ତରୁର ତଳେ
ମନେ ଅଛି ସେହି ବାଲମହୋତ୍ସବ
ସଙ୍ଗିବୃନ୍ଦଙ୍କ ଗହଳେ ।
ବିଶ୍ୱାମିତ୍ର ସଙ୍ଗେ ଶ୍ରୀରାମ ଲକ୍ଷ୍ମଣ
ସାଜି କେହି ଗୃହେ ଗୃହେ,
ନାଚି ନାଚି ବାଳେ ଗୃହେ ଯାଉଥାନ୍ତି
କି ରଙ୍ଗେ ମିଥିଳାଦାଣ୍ଡେ ।

ଭୀମ ସାଜି କେହି ବିରାଟ-ରାଜ୍ୟରେ
କୀଚକ ସହିତେ ରଣ
କରୁଥିଲେ ପରା କପଟ ଭାବରେ
କ୍ରୀଡ଼ାସଙ୍ଗୀ ଦୁଇ ଜଣ ।
ମାୟାମୃଗରୂପୀ ମାରୀଚ ପଛରେ
ଗୋଡ଼ାନ୍ତେ ରଘୁପ୍ରବର;
ମେଘ ପାଣି ଦେଖି ଗୀତ ଗାଉଥିଲେ
ହସ୍ତେ ଧରି ଧନୁଶର—
"ମେଘ ବରଷିଲା ଟପରି ଟପରି
କେଶୁରି ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା
ତେଲିଙ୍ଗି ବାଇଦ ବଜା ।"

Digitized by srujanika@gmail.com

—୭—

ଗ୍ରୀଷ୍ମସନ୍ଧ୍ୟା ଆହା କି ମଧୁର !
ସେ ଛବି ଦର୍ଶନ କରି
ଭାବୁକ-ହୃଦୟେ ଉଚ୍ଛୁଳି ଉଠଇ
ଅସଂଖ୍ୟ ଭାବ-ଲହରୀ ।
ମନେ ଅଛି ସେହି ଶୈଶବର କଥା
ଶୁଭଇ ସେ ଶବ୍ଦ କାନେ,
ସେ ମଧୁର ଧ୍ୱନି ବାଜିଣ ଉଠଇ
ହୃଦୟ-ନିଭୃତ-ଠାନେ ।
ପଶ୍ଚିମ ଗଗନେ ଅସ୍ତ ଯାଉଥିଲ
ନୀରବ ଭାବରେ ଭାନୁ;
ଓହ୍ଲାଇ ଆକାଶୁଁ ଟାଙ୍କିଥିଲ ମେଘ
ଅଭ୍ରଭେଦୀଗିରି-ସାନୁ ।
ପଲ୍ଲୀ-ବଧୂଗଣ ନୀର-ଆହରଣେ
ଘେନି ଯାଉଥିଲେ ଗରା;
କୁଉଁ କୁଉଁ କୁଉଁ ବାଜିଲ କେନ୍ଦରା,
ନାଥ ଭିକ୍ଷା ମାଗେ ପରା ।

ମିଠି ମିଠି ଅଗ୍ନି ନୂଆ ବୋହୂଟିଏ
ସଜାଉଥିଲ ଜାଳିଣି;
ବାଡ଼ ଉହାଡ଼ରୁ କୁଆମଇଚାଟି
ଡୋକୁଥିଲ ତା ସଙ୍ଗିନୀ ।
ତାଳ ବାହୁଙ୍ଗାରେ ଲୁଚି କୁମ୍ଭାଟୁଆ
ରାବୁଥିଲ ହୁଉଁ ହୁଉଁ;
ଝିପି ଝିପି ମେଘ ବରଷି ଆସିଲ
ଦେଖୁଁ ଦେଖୁଁ ଦୁମୁ ଦୁମୁ ।
ବାପ୍ପା ମେଘ ଦେଖି ବାପ୍ପା ପରି ହୋଇ
ନାଚି ନାଚି ଶିଶୁମାନେ
କରତାଳି ଦେଇ ଗୀତ ଗାଉଥିଲେ
ଘୋର ଉଚ୍ଚ ତାନମାନେ—

Digitized by srujanika@gmail.com

"ମେଘ ବରଷିଲା ଝପର ଝପର
କେଶୁର ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା
ଢେଲିଙ୍ଗି ବାଇଦ ବଜା ।"

—୮—

ବିଲ, ଢୋଢା, ପାଳି, ବାଟ, ଘାଟ ସବୁ
ଯାଉଥିଲା ପୂରି ଜଟଳ,
ଦୂରୁ ଶୁଭୁଥିଲା କୃଷକ-ଗୋପାଳ—
ଗୀତ-ଲହରୀ ଚହଲେ ।
ଘନ-ନୀର-ସିକ୍ତ ମଥାନ ଭେଦଣି
ଉଠୁଥିଲା ଧୂମ ଘନ;
ଗ୍ରାମ ବଡ଼ଦାଣ୍ଡ ଆଡ଼ୁଁ ଶୁଭୁଥିଲା
କୋକଣିଆଳଙ୍କ ସ୍ୱନ ।
ପଲକେ ପ୍ରଦୋଷ ଉଭେଇଣି ଗଲା
ଘୋଟିଲା ଘୋର ଅନ୍ଧାର;
କିଏ କେଉଁ ଆଡ଼ୁଁ ଫେରିଲେ ଉଦ୍‌ବେଗେ
ନିଳୟେ ଯେହ୍ନୁ ଯାହାର ।

ଭାଗବତ ଘରେ ରାମାୟଣ ପୋଥି
ଗାଉଥିଲେ ମୁରବିବୃନ୍ଦ;
ଘୋର ବରଷାରେ ଅଶୋକବନରେ
ସତୀ ବୈଦେହୀ-ଚରିତ ।
ଭାଗୀରଥୀ-ତୀରେ ଗହନ କାନ୍ତାରେ
ଦେବର ଲକ୍ଷ୍ମଣ ଥରେ;
ରଥୁଁ ଅବତାରି ସୀତାଙ୍କୁ ଏକାକୀ
ଦେଇ ଫେରିଲେ ନଗରେ ।
ପ୍ରଥମ ଯାମରେ ଗାଆଁ ତଳ ବିଲେ
ବେଲବଣ-ଅଭିମୁଖେ
ନୈସର୍ଗିକ ଘଣ୍ଟା ବଜାଇ ଉଠିଲେ
ଶିବାଗଣ ହୁକେ ହୁକେ ।

Digitized by srujanika@gmail.com

ଭାଗବତ ଘରୁ ମାଆଙ୍କ ସଙ୍ଗରେ
ଫେରନ୍ତେ ଶିଶୁ ଘରେ,
ନୂଆବୋହୂ ପାଶେ ବସି ବର୍ଷାଗୀତ
ଗାଇଲା ଚଳି-ମୁଣ୍ଡରେ—
"ମେଘ ବଲଥିଲା ତପଲ ତପଲ
କେଥିଲ ମାଇଲା ଗଦା,
କୋଡ଼ ଲଇଦଲେ ଲଇଲେ ମୋ ଲଦା
ତେଲଙ୍ଗି ବାଇଦ ବଦା ।"

ଅଦିନ ମେଘ

ମଧୁ ମାସ ଶେଷେ ବଇଶାଖ ମାସେ
ବରଷେ ଅଦିନ ମେଘ,
ତା ଦେଖି ଶିଶୁଏ ଗୀତ ଗାଉଥାନ୍ତି
ଚଢ଼େ ଅତ ଜଦବେଗ ।

ପାଣି ସଙ୍ଗେ ପଡ଼େ ସ୍ୱରଗ ପଥର
ତା ଦେଖି ବାଳକମାନେ,
ସାଉଣ୍ଟି ଖାଇଣ, ଗୀତ ଗାଉଥିଲେ
ଘୋର ଉଚ୍ଚ ତାନମାନେ—
"ଖରା କରୁଅଛୁ ମେଘ ବରଷୁଛୁ
ଶିଲୁଅ ହେଉଛୁ ବାହା !"
ଅଦିନ ବର୍ଷା କେଡ଼େ ଶୋଭାବନ
କା ବଚନ ଲୀଳା ଅହା !
କାହୁଁ ଅସିଲ ରେ ଅକାଳ ବରଷା
କପାଇଁ ଦେଲୁ ତୁ ଦେଖା ?
ତୋ ଅସିବା ବାର୍ତ୍ତା ଦେଇ ତ ନ ଥିଲା
ଋତୁ-ଚକ୍ର-ବିଧି ଲେଖା ।

Digitized by srujanika@gmail.com

ତୋ ଦର୍ଶନେ ଶୁଭେ ମେଘରେ ମୋ କର୍ଣ୍ଣେ
କାହାର ଦୂର ଆହ୍ୱାନ ?
ଅତୀତ ଗଳ୍ପର ଅସ୍ପଷ୍ଟ ମୂରତି
ପରଶେ ମୋର ପରାଣ !
ବିଷାଦର ଛାୟା ପଡ଼ିତ ହୁଅଇ
ହୃଦକ୍ଷେତ୍ରେ ଘନ ଘନ,
ବିଗତ ଜନ୍ମର ସୁଖସ୍ମୃତି ଅବା
ଅଲକ୍ଷ୍ୟେ ଦହେ ମୋ ମନ ।
କି ଅବା ଦୂରସ୍ଥ ପ୍ରାଣବନ୍ଧୁ କେହୁ
ମନେ କରେ କଥା ମୋର,
ଗୁପତେ ମୋ ଆତ୍ମା ବନ୍ଦନା କରୁଛି
ସେ ସ୍ମୃତି ଗୁପତ ଚୋର ।
ଚିନ୍ତାର୍ଣ୍ଣବେ ବୁଡ଼େ ମନ-ମୀନ ମୋର
ତୋତେ ଦେଖି ନବଘନ,
କାହିଁ ବସି କିଏ ଗାଇଲା ସଙ୍ଗୀତ
ଭାବରେ ବିଭୋର ମନ,—

"ଉବି ଉବି ବାଜେ ଯୋଡ଼ି ନାଗରା ହୋ
କାଉ ଡାକେ କାଆ କାଆ,
ଖରା କରୁଅଛି ମେଘ ବରଷୁଛି
ବିଲୁଆ ପୁଅର ବାହା ।"

ବର୍ଷାମଙ୍ଗଳ

—୧—

ନିଭୃତ ନିଗୂଢ଼ ନିବେଦନେ ନିଦାଘ
ବିସର୍ଜି ଗଲା ଏ ଧରା,
ଅଦୃଶ୍ୟ ଭାବରେ କେଉଁଣେ ଲୁଚିଲା ସେ
ନିଦାଘ ନିଷ୍ଠୁର ଖରା ?

Digitized by srujanika@gmail.com

କି‌ଦିବ ଧାମରୁ ଓହ୍ଲାଇ ପ୍ରାବୃଟ
ବେଢ଼ିଲ ନଭ ଭବନ
ଘୋର ରଣେ ହାର ଚଗନ ବରଜ
ଭସ୍ମେ ଲୁଚଲେ ତପନ ।
ଦାରୁଣ ନଦାଘ-ତାପେ ବସୁନ୍ଧର।
ଥିଲ ମୃତକଳ୍ପା ହୋଇ,
ଅଦୃଶ୍ୟ ବଦେଶୁଁ ବାହୁଡ଼ି ପ୍ରାବୃଟ
ଦେଲ ତପ୍ତ ତନୁ ଧୋଇ ।
ସଞ୍ଜୀବନ-ମନ୍ତ୍ର ପଢ଼ି ସୁଧା ବର୍ଷେ
ସ୍ୱର୍ଗଦୂତ ନୀରଦର,
କ ଅହ୍ଲାଦେ ପିଏ ସେ ସୁଧା ବସୁଧା
ସଞ୍ଚାଳ ବଟପି-କର !
ପ୍ରସୂନ ମଳୟ ରକ୍ତ କଣଳୟ
ଗହଣେ ଅସଇ ମଧୁ,
ସହକାରକୁଞ୍ଜେ ପିକବର ସଙ୍ଗେ
କୁହରଇ ପିକ-ବଧୂ ।

ଶାରଦ ଅକାଶେ ବିମଳ ଚନ୍ଦ୍ରକା
ଅହା କବା ମନୋଲୋଭା !
ଉତ୍‌କ୍ଷିପ୍ତ ପରାଣେ ଜନୁଡ଼ି ଅହ୍ଲାଦେ
ପିଏଁ ମୁଁ ସେ ଗୃରୁ ଶୋଭା ।
ସୁଖର ବସନ୍ତ ଶରଦ ହେ ବର୍ଷା
ସୁଖୀପାଇଁ ସେହ ଶୋଭା,
ବଷାଦ-ଜନନୀ ତୋହର ମୂରତ
ଦୁଃଖୀ-ଦଗ୍ଧମନୋଲୋଭା ।
ସୁଗମ୍ଭୀର ମନ୍ଦ୍ରେ କ ବଷାଦ-ଗୀତ
ଗାଅ ହେ ପ୍ରାବୃଟ କବ ?
ଅନନ୍ତ ପ୍ରଣବ ଗମ୍ଭୀର ଝଙ୍କାରେ
ରଟେ ତବ ସାନ୍ଦ୍ର ଛବ ।

Digitized by srujanika@gmail.com

—୨—

ନବ ପ୍ରାବୃଟର ପୃଷ୍ଠରେ ଆର୍ଦ୍ର
କ୍ଷେତର ସୁରଭି ଗନ୍ଧ
ବହୁଣା ବହଇ ମନ-ବିନୋଦନ
ଗନ୍ଧବହ ମନ୍ଦ ମନ୍ଦ ।
ସେ ରଜ ସୁବାସ ବିକୀରଇ ବାତ
ଭ୍ରମି ଭ୍ରମି ଦଣେ ଦଣେ,
ନୀରଦ-ରଜାଙ୍କୁ ଧରଣୀ-ରାଣୀର
ଅର୍ଘ୍ୟ ଧୂପ ଗନ୍ଧ କି ସେ ?
ନୀରରେଖାବିଦ୍ଧ ଶୁଷ୍କରଜବୃନ୍ଦ
ଯାଉଅଛନ୍ତି ଉଡ଼ି ଉଡ଼ି,
ସେ ରଜ ସଂସ୍ପର୍ଶେ କିବା ଶୋଭିବନ
ଦିଶଇ ପାଣିକେନ୍ଦୁଡ଼ି ।
ନବ ନୀରଧର-ନୀରପାନେ ବ୍ୟସ୍ତ
ଶାଖୀଗଣ ହଲି ହଲି,
'ସ୍ୱାଗତ ହେ ବର୍ଷା !' ବୋଲିଣ କର କି
ସଞ୍ଚାଳନ୍ତି ଦ୍ରୁମାବଳୀ ?
ଝିପି ଝିପି ପଡ଼େ ବରଷାର ନୀର
ସୁଲୁ ସୁଲୁ ବହେ ବାୟୁ,
'କାଆ କାଆ' ବସି ରାବ ଦେଉଅଛନ୍ତି
ବନସ୍ପତି ଡାଳେ କାଉ ।
ବଣ-ଉପବନୁ ଡାକଇ ଡାହୁକ,
ଦର୍ଦ୍ଦୁର ରବେ ସେ ମିଶି,
କୁମ୍ଭାଟୁଆ ଡାକ ସହ ସେ ଶବଦ
ସଞ୍ଚରଇ ଦିଶି ଦିଶି ।
ଘନକୃଷ୍ଣ ନଭେ ନବ ନୀରଦର
ଦର୍ଶନେ ନୃତ୍ୟ ଉତ୍ସବେ
ବନ ପର୍ବତରେ ମୟୂର ମୟୂରୀ
ଡାକନ୍ତି ଷଡ଼ଜ ରବେ ।

Digitized by srujanika@gmail.com

କଳକଳନାଦେ ବହେ ସ୍ରୋତସ୍ୱିନୀ,
ବକ୍ଷେ ପଡ଼େ ତାର ବାରି;
ପାହାଡ଼ିଆ ଗିରି ଘାଡ଼ି ନାଚିଗୁଆ
କରୁଛି ପଞ୍ଚାର ପାର ।

—୩—

ନିଦାଘ-ଶେଷରୁ ଘଡ଼ଘଡ଼ାଇ ଘନ
ବିବାହ କରେ କି ରଙ୍ଗେ
ଲକ୍ଷ୍ମୀଦେବୀଙ୍କର ପ୍ରଭବ ଉଦ୍ଦେଶେ
ଧରଣୀ-ରମଣୀ ସଙ୍ଗେ ?
ବରଷା ଋତୁରେ ବରଷେ ଆସାର,
ପୂରଇ ବିଲ ପୋଖରୀ,
ନୀର-ଆସ୍ତରଣେ ବସନ୍ତ କମଳା
ଶ୍ୟାମଳ ମୂରତି ଧରି ।
ନଭେ କାଦମ୍ବିନୀ-କୋଳେ ଇରମ୍ମଦ
ହେମପ୍ରଭା ଜିଣି ଦଶେ,
ନିଦବ-ଦେବତା ସୁନାଗିରଙ୍କର
କନକ-କାର୍ମୁକ କି ସେ ?

ବ୍ରହ୍ମାଣ୍ଡ-ମଣ୍ଡଳ କମ୍ପାଇ ଦେଉଛି
ବଜ୍ର ମନ୍ଦ୍ର ଘଡ଼ଘଡ଼,
ଦିଗ୍‌ବଳୟ ପାରେ ମିଳାଇ ଯାଉଛି
ଚଉଦିଗ ରଡ଼ମଡ଼ ।
ହରି ବନସ୍ଥଳୀ ଡାକ ଦେଉଅଛି
ଘନଘୋଷେ ‘ଘୋଓଁ ଘୋଓଁ’,
କି ବିଚନ ସାଜେ ସାଜିଛି ପ୍ରକୃତି
ଫେଣ୍ଡ଼ି ନେଇ ଗୃହିଁ ହୋଓଁ ।
ଗିରି-ଗହନରେ ଝରଇ ନିର୍ଝର
ଝର୍ଝର ଶୁଭଇ ଧ୍ୱନି,
ଗମ୍ଭୀର ଗର୍ଜ୍ଜରେ ଗିରିକନ୍ଦରରେ
ଶୁଭେ ଘୋର ପ୍ରତିଧ୍ୱନି ।

Digitized by srujanika@gmail.com

ରବି ପ୍ରତିମୁଖେ ଦିଶେ ଇନ୍ଦ୍ରଧନୁ
ବର୍ଣ୍ଣଛଟା ରମେ ଚକ୍ଷୁ,
ଶତ ଇନ୍ଦ୍ରଧନୁ ଝଲସି ଉଠଇ
ଜଳ ନିର୍ଝରର ବକ୍ଷୁଁ ।
ଫେଡ଼ି ସୁରବାଳା ଇନ୍ଦ୍ର ନୀଳ-ଦ୍ୱାର
ଯୁକ୍ତସୁବର୍ଣ୍ଣତୋରଣ
ଅର୍କ ବାରିଦର ବିଚିତ୍ର ଅମ୍ବର
ସ୍ୱର୍ଗୁଁ କରନ୍ତି ଦର୍ଶନ ?

—୪—

ଅତି ପ୍ରତ୍ୟୁଷରୁ ଜନପଦ-ବଧୂ
ଶୁଣି ତାମ୍ରଚୂଡ଼ ସ୍ୱନ
ଭିନ୍ନ ବରଷାରେ ସାରି ନିତ୍ୟକର୍ମ
ସ୍ନାନେ କରନ୍ତି ଗମନ ।
ପଲ୍ଲୀ-ଉପବନେ ବଂଶ-ନିକୁଞ୍ଜରେ
ବକୁଳବୃକ୍ଷର ମୂଳେ
ଲାବଣ୍ୟ-ପସରା ଗୃହ-ଅଙ୍ଗନାଗଣ
ପଲ୍ଲୀ-ପୁଷ୍କରଣୀ-କୂଳେ

ବିଶୁଦ୍ଧ ଚିତ୍ତରେ ହେମ-ଗୌର-ଅଙ୍ଗେ
ବସି ହରିଦ୍ରା ଲେପନ୍ତି,
ପୂର୍ବ ତପସ୍ୟାର ଫଳ ପାଆନ୍ତି କି
ସରସୀ-ସୋପାନପନ୍ତି ?
ସରସୀ ତଟରୁ ଅନାଇ ସୁନ୍ଦରୀ
ପିତୃଗୃହ-ଅଭିମୁଖେ
ବାଲ୍ୟ-ଲୀଳାପୁର ସୁଖଶାନ୍ତି ଚିନ୍ତି
ନିଃଶ୍ୱାସ ଛାଡ଼ନ୍ତି ଦୁଃଖେ ।
ପ୍ରଭାତୁଁ ଉଠିଣ ଯେ ଯାହା ଦୁଃଖରେ
କ୍ଷେତ୍ରେ କରନ୍ତି ଗମନ
ତାଳ-ଆତପତ୍ର ମସ୍ତକେ ଧରିଣ
ଦୁଃଖୀ ଗ୍ରାମବାସୀଗଣ ।

Digitized by srujanika@gmail.com

ବରଷା-ବ୍ୟାପାକେ ବଢ଼େ ସ୍ରୋତସ୍ୱତୀ
ମାଡ଼ଇ ସ୍ରୋତ ପ୍ରଖର,
ଦେଖୁଁ ଦେଖୁଁ ଜଳ ପ୍ରବେଶେ ସରସୀ
ବିଲ, ବାଡ଼ି, ଦ୍ୱାର, ଘର ।
'ସୁପକ୍ୱ ଶାଳୀକୁ ଭସାଇ ନିମ୍ନଗା,
ଭେଟଣେ ଘେନି ଚାଲିଯାଉ,
ସ୍ୱାଧୀନ କୃଷକ-ସଙ୍ଗେ ବାଦ ସାଧି
ତୁ ତୁମ୍ଭ କେଉଁ ଯଶ ପାଉ ?
ଭୁକ୍ତିଲ ଅନ୍ନରେ ଭସ୍ମ ନିକ୍ଷେପିଣ
ଦେଖାଉ କେଉଁ ମହତ୍ତ୍ୱ ?'
ଅଟେ ସୃଷ୍ଟିକର୍ତ୍ତା ବିଷମ ସମସ୍ୟା
ତୁମ୍ଭର ଏ ସୃଷ୍ଟିତତ୍ତ୍ୱ !

—*—

ପ୍ରାବୃଟ ଯାମିନୀ ହୃଦପ୍ରହ୍ଲାଦନୀ
ବିବିଧ ସ୍ୱରେ ସଙ୍ଗୀତ
ଧ୍ୱନି ସଙ୍ଗେ ଗାଇ ସଖୀ ପ୍ରତିଧ୍ୱନି
ହରଇ ଭାବୁକ-ଚିତ୍ତ ।
ଛତିରାଗ ସଙ୍ଗେ ଛତିଶ ରାଗିଣୀ
ଶୁଣାଇ କଳ୍ପନା-ନାରୀ,
ନିଜବଳେ ଯୋଷା ଧରଣୀ ଗଗନ
ପଲକେ ବୁଲିଅଇ ପାରି ।
ଅପାର୍ଥିବ ରାଜ୍ୟେ କରି ବିଚରଣ
ଶୁଣେ ଅପାର୍ଥିବ ବାଣୀ,
ନିଜ ଭାବେ ନିଜେ ବିଭୋର ହୋଇ ସେ
ନିଜ ରାଜ୍ୟେ ହୁଏ ରାଣୀ ।
ସୁଦୂର ପଲ୍ଲୀରେ ତମିସ୍ରା ନିଶାରେ
ଘୋର ନିଶୀଥ କାଳରେ
ଶୁଭେ ଝିଲ୍ଲୀସ୍ୱନ ନିଶାର ଗର୍ଜ୍ଜନ,
ସୁଷୁପ୍ତ ଯେ ଯାହା ଘରେ ।

Digitized by srujanika@gmail.com

ମଥାନ ଉପରେ ଲତା ପଲ୍ଲବରେ
ଥପ ଥପ ପଡ଼େ ନୀର,
ଶୁଣି ତା ବିରହ-ବିଧୁରା ଲଲନା
ବିଚ୍ଛେଦ-ଦୁଃଖେ କାତର ।
ସୁନୀଚ କୁଟୀର ପ୍ରକୋଷ୍ଠ କୋଣରେ
ମିଞ୍ଜି ମିଞ୍ଜି ଜଳେ ଦୀପ,
କାନ୍ଦୁଛି ବିକଳେ ନବୀନା ତରୁଣୀ !
ନିଭିଛି ତା ସୁଖ-ଦୀପ ।
ଜୀବନ-ବସନ୍ତେ ପ୍ରଣୟୀ ତାହାର
ଯାଇଅଛି ଗୃହ କାହିଁ,
ବିଧବା ଯୁବତୀ ହୃଦୟ ବେଦନା
ଦେଖୁ ନା କି ବିଶ୍ୱସାଇଁ ?

ଚିରଦୁଃଖିମାନଙ୍କୁ କେଉଁ ଉଦ୍ଦେଶ୍ୟରେ
ସୃଜିଲ ବ୍ରହ୍ମାଣ୍ଡପତି ?
ଅଜ୍ଞାନ ନର ମୁଁ କେମନ୍ତେ ବୁଝିବ
ତୁମ୍ଭ ବିଶ୍ୱସୃଷ୍ଟି-ରୀତି !

ଅତୀତ ଚିନ୍ତା

କି ଅପୂର୍ବ ପ୍ରହେଳିକା ମାନବଜୀବନ,
କି ଗଭୀର ରହସ୍ୟ ଏ ମନୁଷ୍ୟର ମନ !
ବସିଅଛି ଏବେ ମୁହିଁ ନିଷ୍ଟଳେ ନିର୍ଜନେ,
କେତେ ଭାବୋଚ୍ଛ୍ୱାସ ଅହା ଉଠଇ ମୋ ମନେ !
ଅତି କ୍ଷୁଦ୍ର ଅଟେ ଏ ଯେ ପରାଣ ମୋହର,
ଉଚ୍ଛୁଳି ପଡ଼ଇ ଏଥି ଭାବର ଲହରୀ ।
କେତେ ଭାବ ଲୁଚିଥିଲେ ବିସ୍ମୃତି ଗହ୍ୱରେ,
ଆସି ଏବେ ଦେଲେ ଦେଖା ମୋର ସ୍ମୃତିନଭେ ।

Digitized by srujanika@gmail.com

ବିକଳ ବିହ୍ୱଳ ଚିତ୍ତ ଏସନ ଭାବଇ,—
ଅତୀତ ନାମରେ ରାଜ୍ୟ ସୁଦୂରେ ଶୋଭଇ ।
ମନ ବିନା ଆନ ପାଇଁ ନାହିଁ ତହିଁ ପଥ,
ଯାଇ ପାରେ ମନ ତହିଁ ଚଢ଼ି ଚିନ୍ତାରଥ ।
ଦେଖି ପାରେ ମନ ଭୂତ ନୟନପ୍ରତିମା,
ଭୁଞ୍ଜି ପାରେ ମିଳନର ମୃଦୁ ମଧୁରିମା ।
କାଳବଳେ ଯାହା ତେଜି ଯାଇଛନ୍ତି ସଂସାର,
ଅତୀତ ବିଦେଶେ ମନ ପାଏ ଭେଟ ତାର ।
କିନ୍ତୁ ସେହି ସ୍ମୃତିରଥେ ଚଢ଼ି ସେ ମନୁଆ
ଫେରିଆସି ସଂସାରକୁ ହୁଏ କୁଅବୁଆ ।
ଯାଇଥାଏ ମନ ରଖି ଶରୀର ସଂସାରେ,
ଜଡ଼ପିଣ୍ଡମାତ୍ର ତାକୁ ସକଳେ ଓଟାରେ ।
ତହିଁ ପାଇଁ ନର ମନ ବିସୋରି ସଂସାରେ,
ପ୍ରିୟ-ସମାଗମ-ସୁଖ ଭୁଞ୍ଜିଣ ନ ପାରେ ।
ସେ ରାଜ୍ୟେ ଥାଅନ୍ତା ଯେବେ ସଦେହ ପ୍ରବେଶ,
ଧରିପୃଷ୍ଠେ ନ ଥାନ୍ତା ତ ବିଷାଦର ଲେଶ ।

ଆରେ ରେ ଅତୀତ ! ତୁହି କି ଦାରୁଣ ଚୋର,
ଜୀବନର କେତେ ସୁଖ ହରିଛୁ ତୁ ମୋର ।
ଯେତେ ଯେତେ ଇନ୍ଦୁ ମୋର ରଖିଛୁ ଲୁଚାଇ,
କୃପା କରି ତହୁଁ କିଛୁ ଦେବୁ କି ଫେରାଇ ?

ବାଲ୍ୟସ୍ମୃତି

ସରଳା କୁମାରୀକୁଳ କହୁଣ କାହାଣୀ
ହସି ଖେଳି ଦେଖାଇଲେ କି ମୋହନ ଠାଣି !
ସୁଖର ସେ ହାଟ ଏବେ ଭାଙ୍ଗିଯାଇଅଛି,
କେଉଁ ଅଡ଼େ କିଏ କେବେ ଚାଲିଯାଇଅଛି !

Digitized by srujanika@gmail.com

ସଧବା ସିନ୍ଦୂର ଫୋଟା ଥିଲା ଯେ ମସ୍ତକେ,
ଶିରେ ମଥାମଣି ଗୁଚ୍ଛ ବେଣୀ ଯା ଅଳକେ,
କଣ୍ଠେ ହେମହାର କରେ ବଳୟ ମଧୁର,
ନିତମ୍ବରେ କାଞ୍ଚି ଦାମ ଚରଣେ ନୂପୁର,
ହେମବସ୍ତ୍ର ସୁବାସିତ ଚନ୍ଦନେ ଚର୍ଚ୍ଚିତ
ମହକାଇ ଦେଉଥିଲା ଦର୍ଶକଙ୍କର ଚିତ୍ତ ।
ଷୋଳକଳା ଥିଲା ଯହିଁ ସଧବା ଲକ୍ଷଣ,
ସଦର୍ପେ ବୈଧବ୍ୟ ତହିଁ କରେ ସ୍ୱଜପଣ !
କାହିଁ ଗଲା ଅହା ସେହି ସୁଖର ଭୁବନ,
ଲାଗଇ ସେ ମୋତେ ଯେହ୍ନେ କାଲିର ସ୍ୱପନ !

କାକ ବାରତା

—୧—

"ଡାମରାକାଉ ରେ ଡାମରାକାଉ,
ଭୂଇଁ ପରବତେ ବୋବାଉଥାଉ ।

ଜୁଈ ପରବତ ଘୁଞ୍ଚିଘୁଞ୍ଚିକା,
ତହିଁରେ ବସିଛନ୍ତି ତିନିମଞ୍ଜିକା ।
ତିନି ତିନି ପଣ ଅଠର ପଣ,
ଭାଇଙ୍କି ଡାକାଇ କଉଡ଼ି ଗଣ ।
କଉଡ଼ି ଗଣାରେ ପାହିଲା ରାତି,
ଗୋରୁ ନେଇଗଲା ଜଜଲପାତି ।
ଖାଟିଏ ଠେଙ୍କାର ବଳଦ ମଲା,
ଏକା ଢାଳୀଗାଈ ମଥାନ କଲା ।
ଆସ ଗୋ ସଙ୍ଗାତ ଗାଧୋଇଯିବା,
କାଇଞ୍ଚିକାକୁଡ଼ି ତୋଳି ଆଣିବା ।
କାଇଞ୍ଚିକାକୁଡ଼ି ମୁଣ୍ଡରେ ପିଠା,
ନିଅ ନୋହୁଙ୍କର ନିଅ ନୁହାତା ।"

Digitized by srujanika@gmail.com

କାଳେ ଛଅ କନ୍ୟା ଯୁବତୀ ହେଲେ
ଛଅ ବର ଆସି ତାହାଙ୍କୁ ନେଲେ ।
କାନ୍ଦନ୍ତି ବାଳକେ କହଣ ମାତା—
"ନିଷ୍ଠୁର ଅଟଇ ତୋ ବିଧି ଧାତା ।"
ଡାମରିକାଉ ରେ ଡାମରିକାଉ,
ଜନନୀ ନିକଟେ କି ଗୀତ ଗାଉ ?
ଏ ମାୟା-ସଂସାର-ତତ୍ତ୍ୱ-କାହାଣୀ
କହୁ କି ରେ କାକ ତହିଁ ବଖାଣି ?
"ସଂସାର ଅଟଇ ବିଷମ ମାୟା,
କାୟା ଛଳେ ତାହା ଅସାର ଛାୟା ।"
ଡାମରିକାଉ ରେ ଡାମରିକାଉ,
ସତ ମିଛ କହୁ କି ଯଶ ପାଉ ?

—୨—

ଡାମରିକାଉ ରେ ଡାମରିକାଉ,
ବନ ପର୍ବତରେ ତୁ ବୁଲୁଥାଉ ।
ସେ ବନ-ପର୍ବତ କୁଞ୍ଜ-କୁଞ୍ଜ ଛାଁ,
ଲୋଟଇ ତା ଶିରେ ବନ ଲତିକା ।
ଫୁଟେ ଲତା-ଅଙ୍ଗେ ସଜ ସୁମନ,
ବହେ ଦକ୍ଷିଣରୁ ମନ୍ଦ ପବନ ।
ଦୁଳି ଦୁଳି ହୋଇ ସଘନ ଲତା,
କେତେ ସୁହାଗରେ କହନ୍ତି କଥା ।
ସେ ନିର୍ଜନ ଦେଶେ ମନ୍ଦ ପବନ,
ପୁଷ୍ପ-ଗୁଚ୍ଛଗଣ୍ଡେ କରେ ଚୁମ୍ବନ ।
ଗୁଣୁ ଗୁଣୁ ସ୍ୱନେ ଆସେ ଭ୍ରମର,
ମଞ୍ଜୁ ଗୁଞ୍ଜେ ପୁଷ୍ପେ କରେ ଆଦର ।
ଗିରି-ନିର୍ଝରଣୀ ଗିରି-କନ୍ଦର,
ପ୍ରସାରନ୍ତି ତହିଁ ଶୋଭାପସରା ।
ନିରେଖି ନିର୍ଝରେ କିପାଁ ରେ କାଉ,
ଉଡେ ଘନ ଘନ ତୁ ବୁଲୁଥାଉ ?

Digitized by srujanika@gmail.com

ମଳନ୍ଦ-ପବନ-କୁସୁମ-ସ୍ତବ
କହୁଣି ମଧୁପେ ଦେଉ କି ରବ ?
"ବୃଥା ପ୍ରେମେ ଅଳି ଭୁଲୁ କାହିଁକି,
ସର୍ବେ ସ୍ୱାର୍ଥପର ଜାଣୁ ନାହିଁକି ?
ନିଜସୁଖ ସର୍ବେ ଲୋଡ଼ନ୍ତି ଭବେ,
ପର ନେନେ ଧୂଳି ଦଅନ୍ତି ଲବେ ?"
ଅବିଶ୍ୱାସ-କଥା ଶୁଣି ତୋ ମୁଖେ,
ମ୍ରିୟମାଣ ହୁଏ ଦ୍ୱିରେଫ ଦୁଃଖେ ।
ସାତ ପାଞ୍ଚ ପାଖୁଁ ଚେକି ସୁମନେ
ଯାଏ ଉଡ଼ି କାହିଁ ବିରସ ମନେ ।
ଡାମର୍‌କାଉ ରେ ଡାମର୍‌କାଉ,
ହଉ ମିଛ କହୁ କି ଯଶ ପାଉ ?

—୩—

ଡାମର୍‌କାଉ ରେ ଡାମର୍‌କାଉ,
ଗହନକାନ୍ତାରେ ତୁ ରବୁଥାଉ ।
ପ୍ରାବୃଟରେ ବନ ନବୀନ ଛବି
ଧରେ ଯା, ନ ବର୍ଣ୍ଣି ପାରନ୍ତି କବି ।
ନୀଳ ନଭେ ଦେଖି ନବ ନୀରଦ,
ଉଚ୍ଛେ ବର୍ହୀ ଗ୍ରୀବେ ଷଡ଼ଜ ଶବ୍ଦ ।
ଉତ୍ପୁଚ୍ଛ-କଳାପି-ଆନନ୍ଦ-ସ୍ୱନ
ଶୁଣିଣ ମୟୂରୀ ହୁଏ ଉଚ୍ଛନ୍ନ ।
ଗହନ ଅରଣ୍ୟ ପ୍ରକୃତି ଶୋଭା
ସଂସାରବିରାଗିଜନମନଲୋଭା ।
ନିଭୃତ ନିକୁଞ୍ଜ-ଗହନ-ବନେ
କ୍ରୀଡ଼େ ନିର୍ଜନତା ନିବିଷ୍ଟ ମନେ ।
ବିଗତ ଯୁଗରୁ ରାଜେ ସରସୀ,
ହସେ ସରୋଜିନୀ ତା ଅଙ୍କେ ବସି ।
ବିକଚ-କମଳ-କୋଷ-ବାସାର
କି ସେ ପଦ୍ମାଳୟା-ଛାୟା-ଆଧାର ?

Digitized by srujanika@gmail.com

ସରସୀ ସକାଶେ ମୃଗଦମ୍ପତି
ଭୁଞ୍ଜନ୍ତି ମଧୁର ପ୍ରେମ-ସମ୍ପତ୍ତି ।
ମୃଗେ ମୃଗବଧୂ ଲୋଲଲୋଚନା
ବୋଲଇ "ହେ-କାନ୍ତ, ପାଶୁଁ ଯାଅ ନା ।"
ପିତୃକୁଳ ତେଜି ଧାଏଁ ତଟିନୀ
ହେବାକୁ ସୁଦୂର ସିନ୍ଧୁ ସଙ୍ଗିନୀ ।
ତଟିନୀତଟରେ ତୁଙ୍ଗ ବିଟପୀ
ଜଡ଼ି ଘନ ଗୁଳ୍ମଲତାକୁ ଚପି ।
ପାଦତଳେ ତାର ସ୍ୱପ୍ନତରତା
ଲୋଟଇ ଲଳିତ ଲବଙ୍ଗଲତା ।
ଲତାଯୁକ୍ତ ସେହି ଉତ୍ତୁଙ୍ଗ ବୃକ୍ଷେ
ରଥାଙ୍ଗ-ମିଥୁନ କ୍ରୀଡ଼ନ୍ତି ସୁଖେ ।
ଅଦୂରଦର୍ଶିନୀ ପ୍ରେମଗର୍ବିଣୀ
ରଙ୍ଗେ ନାଚେ ଚକ୍ରବାକ-ଗୃହିଣୀ ।
ତାମ୍ରଚୂଡ଼ ରେ ତାମ୍ରଚୂଡ଼,
ସେ ପ୍ରେମରାଜ୍ୟେ ତୁ କି ଗୀତ ଗାଉ ।

ପ୍ରେମାନ୍ଧ ଦମ୍ପତି ହୃଦୟ ଜାଣି
ବର୍ଣ୍ଣୁ କି ରେ କାଳ ତତ୍ତ୍ୱକାହାଣୀ ?
"ଅନ୍ଧା କି ଭ୍ରାନ୍ତିରେ ମୂର୍ଚ୍ଛେ ଜଗତ,
କିପାଇଁ ସଂସାରେ ଏତେ ଉତ୍ପାତ !
ଯାଉଛନ୍ତି ପ୍ରାବୃଟ ଆସେ ଶରଦ,
ରହିବ ନାହିଁ ତ ବର୍ଷି-ଆନନ୍ଦ ।
ଆସିବ ବାସର ଅନ୍ତେ ଯାମିନୀ,
ହସିବ କି ସେ କାଳରେ ପଦ୍ମିନୀ ?
ନିଷାଦ ବାଗୁରୀ ଯେବେ ପାତିବ,
ହରଣୀକୁ ଛାଡ଼ି ହରଣ ଯିବ ।
ଧାଏଁ ନଦୀ ସିନ୍ଧୁ-ପ୍ରଣୟେ ବାଇ,
ସେ ତାକୁ ଫିଙ୍ଗଇ ଝଙ୍କି ଲେଉଟାଇ,

Digitized by srujanika@gmail.com

ବିଟପି-ଅଙ୍ଗରେ ଲତା ଲୋଟଇ,
ବାଟେ ସେ ତାହାକୁ ତଳେ ପିଙ୍ଗଇ ।
ଦିନାନ୍ତେ ଆସିବ ଯହୁଁ ରଜନୀ,
କି କରିବ ଚକ୍ରବାକ-ଘରଣୀ ?''
ଡାମରିକାଉ ରେ ଡାମରିକାଉ,
ସତ କି ଛ ବନ୍ଧୁ କି ଯଶ ପାଉ ?

—୪—

ଡାମରିକାଉ ରେ ଡାମରିକାଉ,
ସୁଦୂର ପ୍ରାନ୍ତରେ ତୁ ବିବୁଥାଉ ।
ଦାରୁଣ ନିଦାଘେ ଘୋର ପ୍ରାନ୍ତରେ
ମଧ୍ୟାହ୍ନରେ ପାନ୍ଥ ଗମଇ ଖରେ ।
ପ୍ରିୟ ପରିଜନେ ଦେଖି ନୟନେ
ପରାଣ ତୋଷିବ ଏ ଭବ ବନେ ।
ଗହ ଗହ ପାଟ ମାଡ଼ଇ ଡର,
ମଡ଼ ମଡ଼ ଶୁଷ୍କ ପତ୍ର ତୃଷର ।
ନିରାଟ ସେ ଦେଶ, ନ ମିଳେ ଜଳ,
ହସି ମୃଗତୃଷ୍ଣା ଦେଖାଏ ଛଳ ।
ଧୂଳ ଧୂଳ ବହେ ତପତ ବାୟୁ,
ତା ପରଶେ ତୁଟେ ପ୍ରାଣିର ଆୟୁ ।
ପରିଶ୍ରାନ୍ତ ପାନ୍ଥ କରେ ବିଶ୍ରାମ,
ତୁଣ୍ଡେ ନିଏ ବାରେ ଶ୍ରୀହରିନାମ ।
ଚୂତବୃକ୍ଷ ତାଙ୍କୁ ପତ୍ରଗହଳଁ,
ଧୂଳିବ ବଟ-ତୁଙ୍ଗ-ଚୂଡ଼ା ଉପରୁ;
ରହି ରହି ଗୃହିଁ ପାନ୍ଥ-ଆନନ,
ରବୁ ରେ ବାୟସ ତୁ ଘନ ଘନ ।
ପରିଶ୍ରାନ୍ତ ପାନ୍ଥ ଅବସ୍ଥା ଜାଣି,
ଗାଉ କି ରେ କାକ ତନ୍ତ୍ର କାହାଣୀ ।
"ସଂସାରର ପ୍ରେମ ଅବଳ ଭାଇ,
ନିର୍ମଳ ପ୍ରେମ ଏ ସଂସାରେ ନାହିଁ ।

Digitized by srujanika@gmail.com

ଯେତେ ଧନ କର ଅର୍ଥ ଅର୍ଜନ
କରବୁ କୁଟୁମ୍ବ ପ୍ରତିପାଳନ,
ସେତେ ଧନ ପାନ୍ଥ କୃତଜ୍ଞ ମନେ
କରିବେ ଆଦର ଅମ୍ଭୀପୂଜନେ ।
ହେଲେ ବେଳ ଆସି ଘୋଟିବ ଜରା,
ସେବେଳ ଏବେଳ ଅମେଳ ପରା ।
ହଟିଯିବ ବଳ ତୁଟିବ ଶିରା,
ବୋଲୁଥିବେ ଲୋକେ ଅମ୍ଭ ଉମିର ।
ଅକର୍ମୀ ହୋଇଲେ ଚରମକାଳେ
ନ ଗୁହିଁବେ କେହୁ ତୋ ମୁଖ ଡାଳେ
ରୋଗେ ହେଲେ ଦେହ ନରକବାସ
ନାସିକା କୁଞ୍ଚାଇ ଛାଡ଼ିବେ ପାଶ ।
ବୋଲିବେ ଏ ବୃଦ୍ଧ ତୁରନ୍ତ ମରୁ,
ଭାଇ ବନ୍ଧୁଙ୍କର ଭାବନା ସରୁ ।"
ଶୁଣି କାକ ତୋର ଦାରୁଣ କଥା,
ବିନ୍ଧିଲେ ପାନ୍ଥର ଭ୍ରମଇ ମଥା ।

ନିର୍ବାଣ ପର୍ଣ୍ଣେ ଶୂନ୍ୟ ଅନ୍ତରେ
ମନ୍ଦଗତି ପାନ୍ଥ ଗୁଲେ ପଥରେ ।
ଅପ୍ରିୟବାଦୀ ତୁ ଅଟୁ ରେ କାଉ,
ସତ ମିଛ କହୁ କି ଯଶ ପାଉ ?

—୪—

ଡାମରିକାଉ ରେ ଡାମରିକାଉ,
ଗ୍ରାମେ ଗ୍ରାମେ ଉଡ଼ି ତୁ ବୁଲୁଥାଉ ।
ଅଳପ ଅଳପ ପଡ଼ିଛୁ ଖରା,
ଶରବଦନ କି ପିନ୍ଧିଛୁ ଧରା ।
ଶିଶିର ପ୍ରଭାତେ ବାଡ଼ି ଭିତରେ
ବସି ବାମାଗଣ ହରଷଭରେ
ନାନା କଥା କରି ରମନ୍ତି ଚିତ୍ତ,
ନାଥ ଆସି ବାଣ୍ଡେ ଅରମ୍ଭେ ଗୀତ—

Digitized by srujanika@gmail.com

ଅଶୋକ କାନନେ ଭ୍ରମଇମଣୀ
ବୀର ହନୁମାନେ ବୈଦେହୀବାଣୀ,
ନଳ-ଦମୟନ୍ତୀ-ବିଚ୍ଛେଦ-ଗାଥା,
ଯମ-ସତ୍ୟବାନ-ସାବିତ୍ରୀ-ବାର୍ତ୍ତା,
କୈଳାସ ପର୍ବତେ ଗିରିଜା ପ୍ରତି
ତପସ୍ୱୀ ଶିବଙ୍କ କଠୋର ମତି ।
ଭିକ୍ଷା ଦେନି ନାଥ ଅନ୍ୟନ୍ତ ଗମେ,
ପ୍ରେମଗୀତ ବାଜେ ବାମା ମରମେ ।
ଅଳପ ବୟସେ ପ୍ରବାସୀ ପତି,
ପତି ଭିନ୍ନ ତାର କେବଣ ଗତି ?
ତୁନି ତୁନି କର ସଖୀ ଅଗରେ
କହେ କି ବାରତା ସାଶ୍ରୁନୟନରେ ।
ବାଡ଼ିର ବକୁଳେ ପଦଗହଳେ
ରହୁ କି ବାରତା ତୁ ରବ ଛଳେ ?
ଅବଳ ଭ୍ରୂଲତାଯୁକ୍ତା ତରୁଣୀ
ଅଧୀର ହୁଅଇ ତୋ ରବ ଶୁଣି ।

ଦେଇଣ ଅଧାର ପୃଚ୍ଛେ ତୁରନ୍ତ
ସୁହୃଦସ୍ଥ ପ୍ରାଣବନ୍ଧୁ-ଉଦନ୍ତ ।
ତା କରକମଳୁଁ ତଣ୍ଡୁଳ ଖାଇ,
ନୈରାଶ୍ୟର ଗୀତ ଦେଉ ରେ ଗାଇ—
"ତୁ ଯାକୁ ଦେଇଛୁ ଜୀବନ ମନ,
ଅନ୍ୟେ ସେ କରଛୁ ପ୍ରାଣ ଅର୍ପଣ ।"
ଅଶିଷ୍ଟାଗୃହ ତୁ ଅଟୁ ରେ କାଉ,
କୁଳବଧୂ ପାଶେ କି ଗୀତ ଗାଉ ?
କୃତଘ୍ନ ବୟସ ତା ମନ୍ଦ ଗାଉ,
ଅଳଦାସୀକୁ ତୁ ଦୁଃଖେ ଭସାଉ ।
ନବୀନା ଯୁବତୀ କୋମଳମନା,
ଲବଣୀପିତୁଳା ଲୋଲଲୋଚନା ।

Digitized by srujanika@gmail.com

ଛି ଛି କାକ ହାଣି ତୋର ପ୍ରକୃତି,
କଠୋର ନୁହଇ ସରଳା ସତୀ ।
ନ କହ ଏସାର ହାଣି ବାରତା,
କୋମଳମନା ସେ ହେବ ଅଲ୍‌ତା ।
ଚକ୍ଷୁଲଜ୍ଜା ତୋର ନାହିଁ ରେ କାଉ,
ପର କଥା କହୁ କି ଲାଭ ପାଉ ?

— ୭ —

ଡାମରାକାଉ ରେ ଡାମରାକାଉ,
ସ୍ୱଦେଶେ ବିଦେଶେ ତୁ ବୁଲୁଥାଉ ।
ଶୀତ ଅନ୍ତେ ଆସେ ନବ ବସନ୍ତ,
ଦିଶଇ ଭୁବନ ଲାବଣ୍ୟବନ୍ତ ।
ମୃଦୁ ମନ୍ଦ ବହେ ମଳୟାନିଳ,
କୁହୁ କୁହୁ ଡାକେ ଡାଳୁଁ କୋକିଳ ।
ନବୀନ ପଲ୍ଲବ କୁସୁମେ ସାଜି
ସୁଶୋଭିତ ଲତା ବିଟପିରାଜି ।
ଝୁଲଇ ବଉଳ ଚୂତଡାଳରେ,
ଚହଟେ ସୁବାସ ଉଦ୍ଦଗରେ ।

ସୁଦୂର ପ୍ରବାସେ ଉଠିମୀତଟେ
ବସି ନବ କାନ୍ତ ହୃଦୟପଟେ
ପୂର୍ବସ୍ମୃତି ତରଙ୍ଗ ଆଙ୍କି ବିଖାଦେ,
ଦେଶକାଳେ ଭିଦେ ସେ ଭାବନନ୍ଦେ ।
ସହଜେ ତ ପ୍ରେମ ଅତି ମଧୁର,
ପ୍ରେମସ୍ମୃତି ଅହା ତହୁଁ ମଧୁର,
ସେ ମନ୍ତ୍ରେ ଦୀକ୍ଷିତା ରାମରମଣୀ
ବୃଥା କଲେ ରାବଣର କରଣୀ ।
ସେ ମୋହରେ ମୁଗ୍ଧା ପାର୍ବତୀ ସତୀ
ଦାରୁଣ ତପସ୍ୟା କଷଣେ ବ୍ରତୀ ।
ସେ ଶକ୍ତିବଳରେ ନଳଗୃହିଣୀ
ନିଷ୍ଠ ହେଲେ ଗହନବନଚାରିଣୀ ।

Digitized by srujanika@gmail.com

ସେ ମଦ୍ୟେ ଡ଼ୁଲୁଣ୍ଡ ସାବଶୀ ସଡୀ
ମରଣ ହସ୍ତରୁ ଛାଡ଼ିଲେ ପତି ।
ଶକୁନ୍ତଳା ମଜ୍ଜି ସେ ପ୍ରେମରସେ
ପଡ଼ିଲେ ଦୁର୍ବାସାଶାପର ବଶେ ।
ପର୍ବତଶିଖରୁ, ତରୁ-ଶାଖାରୁ
ହେଲେ କି ଭାବନା ଭାବି ବାହାରୁ ।
ଡେଇଁ ଘର, ଗ୍ରାମ, ନଦୀ, ପୋଖରି,
ତୋଟା, ପାଟ, ଦଣ୍ଡା ହେଉ ତୁ ପାରି ।
ଅନନ୍ତ ନୀଳିମାମୟ ଗଗନେ,
ଉଡ଼ ଉଡ଼ ଅଧୁ 'କାଅକା' ସ୍ୱନେ ।
ବରଷ୍ଟି ନିକଟେ ବସି ତୁ ଯାଉ,
ମନ ଫେଡ଼ି କାକ କି ଗୀତ ଗାଉ ?
ସଉ ରଉ ସ୍ୱରେ ସବୁ ବାୟସ,
ଗ୍ରବର୍ୟାଜେ ଫେଡ଼ୁ କବା ରହସ୍ୟ ।
"ପ୍ରଣୟ-କଣ୍ଟକ ପ୍ରେମ-ସୁମନ
କରିଅଛୁ ଘନଗ୍ରବେ ଅଛନ୍ନ ।
ଯହିଁରେ ନିହିତ ଯେତିକି ସୁଖ,
ତହିଁ ପ୍ରଚ୍ଛନ୍ନଟି ତେତିକି ଦୁଃଖ ।
ସୀତା ଶକୁନ୍ତଳାଙ୍କର କଥଟି,
ପାସୋରି ଅଛୁ କି ତୋ ମୁଗ୍ଧ ମନ ?"
ଶୁଣି ତୋର ବାଣୀ ରସିକ ଜନ
ବିଷାଦେ କରଇ ଗୃହେ ଗମନ ।
ଅତି ନିଷ୍ଠୁର ତୁ ଅଟୁ ରେ କାଉ,
ସତ ମିଛ କହି କି ସୁଖ ପାଉ ?

—୭—

ତାମର୍ଗ୍ରକାଉ ରେ ତାମର୍ଗ୍ରକାଉ,
ବିଦ୍ୟାମନ୍ଦରେ ତୁ ଗ୍ରବୁଣି ଥାଉ;
ଯେ ମନ୍ଦରେ ବସି ପଣ୍ଡିତଗଣ
କରୁଥାନ୍ତି ପ୍ରକୃତଜ୍ଞ ଜ୍ଞାପନ ।

Digitized by srujanika@gmail.com

ଜ୍ଞାନସିନ୍ଧୁ ଜ୍ଞାନୀ କରି ମନ୍ଥନ
କରନ୍ତି ଉଦ୍ଧାର ଜ୍ଞାନ-ରତନ ।
ବିଗତ ଯୁଗର ପୂର୍ବ କାହାଣୀ,
ବୀରଗାଥା ଶୌର୍ଯ୍ୟ-ବିକ୍ରମ ବାଣୀ,
ସାମ୍ରାଜ୍ୟଗଠନ, ରାଜ୍ୟପତନ,
ଦିଗ୍‌ବିଜୟୀ ବୀର-ଅଭିନନ୍ଦନ
ରାଜନୀତିବିଜ୍ଞ-ପ୍ରତିଭା-ବଳ,
ସାମ୍ରାଜ୍ୟ-ଶାସନ-ବୁଦ୍ଧି କୌଶଳ,
ନବରାଜ୍ୟ-ଅବସ୍ଥାର ବାରତା
ବିଭିନ୍ନ ରାଜ୍ୟର ବିଚିତ୍ର କଥା,
ଲଳିତସୁନ୍ଦର କାବ୍ୟ-କାହାଣୀ,
ସୁନ୍ଦର-ରଚନା-ବିଚିତ୍ର-ଠାଣି,
ଅସଂଖ୍ୟ ବ୍ରହ୍ମାଣ୍ଡ-ଜ୍ୟୋତିଷ୍କଗଣ,
ଅସୀମ ଅନନ୍ତ ସୃଷ୍ଟି-ଲକ୍ଷଣ,
ମହାମେରୁଠାରୁ ଅଣୁଟି ଯାଏ
ଜ୍ଞାନବଳେ ଜ୍ଞାନୀ ସନ୍ଧାନ ପାଏ ।

ଜଡ଼-ତୃଣ-ପ୍ରାଣୀ-ମାନବ ସୃଷ୍ଟି
ବିଶ୍ଳେଷଣ କରେ ବିଜ୍ଞାନ-ଦୃଷ୍ଟି ।
ଜ୍ଞାନଭକ୍ତିକର୍ମ-ନିୟୋଗ-ତତ୍ତ୍ୱ,
ସାମାଜିକ, ରାଜନୈତିକ ତଥ୍ୟ,
ନୀତିମନସ୍ତତ୍ତ୍ୱ, ନ୍ୟାୟ, ଦର୍ଶନ,
ଜିଜ୍ଞାସୁ କରଇ ସମାଲୋଚନ ।
ତହିଁ ଅଛି ବସି ଋଷି ବାୟସ,
ଶିବ-ବ୍ୟାସେ ଫେଡ଼ୁ କିବା ରହସ୍ୟ ?
"ଜ୍ଞାନ-ପଥ ସଂଶୟରେ ଆଚ୍ଛନ୍ନ,
ସନ୍ତତ କଠିନ ଜ୍ଞାନ-ଅର୍ଜନ,
ଭିନ୍ନ ଋଷିଙ୍କର ଭିନ୍ନ ବ୍ୟବସ୍ଥା,
ବୈଷମ୍ୟ ଦ୍ୱନ୍ଦ୍ୱ ଅକୃତକାର୍ଯ୍ୟତା,

Digitized by srujanika@gmail.com

ଶ୍ରାନ୍ତ ଅସାମର୍ଥ୍ୟ ରୋଗ ବିଦ୍ୱେଷ,
ବୈରାଗ୍ୟ ଅପମାନ ଅସନ୍ତୋଷ—
ଏତେ ବିଘ୍ନେ ପୂର୍ଣ୍ଣ ଜ୍ଞାନର ପଥ,
ଲକ୍ଷ୍ମୀ ସରସ୍ୱତୀ ଅରି ନିତ୍ୟ ।
ଅନ୍ତହୀନ ବିଦ୍ୟା ସାନ୍ତହିଁ କାଳ
ଅତିକ୍ରିତେ ପୁଣି ଆସଇ କାଳ ।
ସଂଶୟ-ତମିସ୍ରେ ଅଛନ୍ତି ଶେଷ,
କିବା ଏ ଜୀବନେ ଜ୍ଞାନ-ଉଦ୍ଦେଶ୍ୟ ?"
ଡାମରିକାଉ ରେ ଡାମରିକାଉ,
ସତ୍ୟ ମିଥ୍ୟା କହୁ କି ଲାଭ ପାଉ ?

— ୮ —

ଡାମରିକାଉ ରେ ଡାମରିକାଉ,
ଯହିଁ ତହିଁ ବସି ତୁ ରାବୁଥାଉ ।
ନାହିଁ ତୋର କାକ ଅସାର ସାର,
ଭେଦାଭେଦ ଉଚ୍ଚନୀଚ-ବିଚାର ।
ପୁଣ୍ୟ-ଦେବାଳୟେ ଶବ-ଶ୍ମଶାନେ
ବସି ରାବୁଥାଉ ତୁ ସର୍ବସ୍ଥାନେ ।

ଗହନ ବିପିନେ ହରିଣୀ-ସଖା,
ନବକୁଳବଧୂ କୁସୁମଗନ୍ଧା,
ଅବାରିତଗତି ହୋଇ ରେ କାକ,
ଦେଖି ଉଡୁ ଛୁଡ଼ି କର୍କଶ ଡାକ !
ନବ କାନ୍ତ କାନ୍ତା ନିର୍ଜନେ ସଙ୍ଗେ
ଯହିଁ ବିହରନ୍ତି ବିବିଧ ରଙ୍ଗେ,
ତହିଁ ବସି ତୁହି କି ଗୀତ ଗାଉ ?
ଭଲ ନିର୍ଲଜ୍ଜ ତୁ ଅଟୁ ରେ କାଉ !
ସୁହାଗିନୀ ନାରୀ ଭୋଟେ ରେ କାକ
ଘଉଡ଼ାଇ କହେ, "କର୍କଶ ଡାକ,
ଅତି ଅସୁନ୍ଦର ରୂପ ତୋହର,
ଝୋଇଥାନ୍ତୁ ପିଞ୍ଜ ପା'ନ୍ତୁ ଅନ୍ଧାର !"

Digitized by srujanika@gmail.com

ନ ଶୁଣି ସେ ବୋଲ ସବୁ ବାୟସ,
ଗବଚ୍ଛଲେ ଫେଡ଼ୁ କିବା ରହସ୍ୟ ?
"ତତ୍ତ୍ୱବାଣୀ ଶୁଣି ପାର୍ଥିବ ଜନେ,
ସଜ୍ଜନେ ତଡ଼ନ୍ତି ସକୋଧ ମନେ ।
ସତ୍ୟସମ କଟୁ ବଚନ ନାହିଁ,
ମିଥ୍ୟାଠାରୁ ମିଠ ମଧୁର କାହିଁ ?
ମିଥ୍ୟାସ୍ତୁତି ଶୁଣି ଭ୍ରାନ୍ତ ଏସାର,
ନିଜ ଶୁଭାଶୁଭ ନ ପାରେ ବାର ।
ପ୍ରକୃତବାଦୀକୁ ଦୂରୁଁ ତଡ଼ଇ,
ପରିଣାମ ତାର କାଳେ ଲଭଇ ।
ତୋର ତୋଷାମୋଦପାଇଁ ରେ ନର,
ଦୀକ୍ଷା ଦେଇ ନାହିଁ ଗୁରୁ ମୋହର ।
ଭ୍ରମକାନ୍ତ ସମାବେଶେ ଏ ଧରା,
କୃଷ୍ଣ ଶୁକ୍ଳପକ୍ଷେ ମାସକ ପରା ।
ଗାଇ କୋକିଳ, ଗାଇ ମୁହିଁ,
ନ ବୁଝି ସକ୍ରୋଧ ହେଉଛୁ ତୁହି ।

ଆସିବ ନିଦାଘ ଯିବ ତ ମଧୁ,
କାହିଁ ଉଡ଼ିଯିବ ତୋ ପିକବଧୂ ।
ଜୀବନ-ଦୁର୍ଦ୍ଦିନେ ବଢ଼ିବ ଦାକ,
କାହିଁ ଥିବ ତୋର ସ୍ତୁତିଗାୟକ ?
କିଏ ଅସୁନ୍ଦର କିଏ ସୁନ୍ଦର,
ଘୋର ଭ୍ରାନ୍ତି-ଗର୍ତ୍ତେ ପଡ଼ିଛୁ ନର ।
ଚର୍ମ ଦଣ୍ଡେ ସିନା ସୁନ୍ଦର ସାର,
ଦେଖ ତା ଭିତରେ କି ନାରଖାର !
ତୋର ଗୋରା ଦଣ୍ଡେ ଅଙ୍କ ରେ ଯାହା,
କି ବିଷାଦମୟ ଚରମେ ତାହା !
ମିଛେ କିଆଁ ଭୁଲ୍ ପାର୍ଥିବ ପ୍ରେମେ,
ବିସୋର ଅସାର ସ୍ୱର୍ଗୀୟ କ୍ଷେମେ ?

Digitized by srujanika@gmail.com

ଜୀବନ-ସଂଗ୍ରାମ ଅତି କଠୋର,
ଜାଗେ ଅହର୍ନିଶ ଯୁଦ୍ଧରେ ଘୋର ।”
ଶୁଣି କାକ ଚୋର ତତ୍ତ୍ୱ-କାହାଣୀ,
ସରସ୍ୱୀ ଅନ୍ତରେ ବୋଲେ ଏ ବାଣୀ,—
“ପ୍ରେମଡୋର ମୋର ପରାଣ ନାଡ଼ି,
ପ୍ରାଣ ଥାଉଁ ତାହା କେ ପାରେ କାଢ଼ି ?
ପ୍ରେମ-ବନ୍ଧୁ ମୋର ପରାଣସାଥି,
ଦୁଃଖ ସନ୍ତାପର ଘୋର ଅରାତି ।
ଛାୟାରୂପେ କାୟା ସଙ୍ଗେ ଭ୍ରମଇ,
ଦୁଃଖ-ଦୁର୍ଦ୍ଦିନର ପାଶେ ଲୁଚଇ ।

ପାହିଲେ ବିପଦ ଘନ ଅନ୍ଧାର,
ପୁଣି ମୁଁ ଦର୍ଶନ ପାଏ ତାହାର ।
କେମନ୍ତେ ସେ ପ୍ରେମେ ବିଦାୟ ଦେଇ
ବଞ୍ଚିବି ମୁଁ ଶୂନ୍ୟ ପରାଣ ନେଇ ।
କାନ୍ତ ସେହ୍ନ ପୁଣି ନେଇଛି କାଳେ,
ଏ ପ୍ରାଣେ ଦୁଃସହ ଗରଳ ଢାଳେ ।
ଯେବେ ଏ ଜୀବନେ ପ୍ରେମ-ପିପାସା
ନ ପୂରିବ, ତେବେ କପାଁ ଦୁରାଶା ?”
କଳ୍ପନା-ଜଗତେ ବୈରାଗ୍ୟ-ଧାର,
ଏସନେହିଁ ଦିଏ ସତ୍ୟର ତାର ।

ଉପବନ-ଗ୍ରବନା

ନାନାବିଧ ପୁଷ୍ପ ଉପବନେ
ସୁଶୋଭିତ ଶିଶିରମଣ୍ଡନେ,
ପାଇ କାଞ୍ଚନ ବରଣ ବାଳମିହିର-କିରଣ
ମୃଦୁଧୀର ସମୀରେ କମ୍ପେ କିବା ମନୋଲୋଭା !
ଧରାଧାମେ ଅବତୀର୍ଣ୍ଣ ନନ୍ଦନର ଶୋଭା ।

Digitized by srujanika@gmail.com

ବିବାହେ ହୁଅନ୍ତି ଯେସନ୍ତେ ଦୂଲ
ମନୋରମା ସୀମନ୍ତିନୀକୁଳ,
ଆନନ୍ଦ-ମିଶ୍ରିତ-ଦୁଃଖ ଲୋତକ-ମଣ୍ଡିତ-ମୁଖ
ଅପୂର୍ବ-ଭାବ-ଆବେଶ ଦଶେ ଗୁରୁତର,
ସହଜେ ସ୍ୱକର୍ମେ ସର୍ବେ ସଦା ତରତର ।

ବାସିଫୁଲ ଉପେକ୍ଷିଣ ଅଳି
ଯାଏ ସଜ ପୁଷ୍ପ ପାଶେ ଚଳି,
ତେଣୁ ନରେ ପୁରାତନ ଅନୁସରନ୍ତି ନୂତନ,
ପତିପ୍ରାଣା ନିଜ ନାରୀ ତ୍ୟଜେ ବିଟଜନ,
କରଇ ସେ ସୁଧା ତ୍ୟଜି ଉଚ୍ଛିଷ୍ଟ ଭୋଜନ ।

ପୁଷ୍ପୁଁ ପୁଷ୍ପାନ୍ତରେ ଭୃଙ୍ଗ ଉଡ଼ି
ପାନ କରେ ମଧୁ ରସେ ବୁଡ଼ି,
ରସ ଥିଲେ ସର୍ବେ ପାଶେ, ସର୍ବେ ଦୂରେ ରସନାଶେ,
କପଟ ବନ୍ଧୁଏ ଯେସନ୍ତେ ସମ୍ପଦର ସାଥି
ବିପଦେ ପାସୋରି ଯେଣ୍ଟା ବାଟ କାଟି ଯାନ୍ତି ।

ସଦ୍ୟ ପ୍ରସ୍ଫୁଟିତ ଏକ ଫୁଲ
ରସଭରେ ହୋଇଛି ଉତ୍ଫୁଲ୍ଲ,
ଯୌବନରେ ନରନାରୀ ପରିଣାମ ନ ବିଚାରି
ଯେସନ୍ତେ ଦେଖାଇ ହୁଅନ୍ତି ସୌନ୍ଦର୍ଯ୍ୟସମ୍ପଦ,
ବିଷମ ଉନ୍ମାଦ ପିନା ଯୌବନର ମଦ ।

କାହିଁ ଏକ ସୁମନ ବିନମ୍ରୀ
ଝୁଲି ଝୁଲି ଲତରେ ଲଜ୍ଜା ବହି,
ନିସର୍ଗସୁନ୍ଦର ଯେହୁ ଆନନ୍ଦନିଲୟ ସେହୁ,
ବିନମ୍ର ମିଶି ଲାବଣ୍ୟ ହୁଏ ଦ୍ୱିଗୁଣିତ,
ସମ୍ପଦେ ଅନତ ହେବା ମହତ ଚରିତ ।

Digitized by srujanika@gmail.com

ପ୍ରଭାହୀନ ଅନେକ ସୁମନ
ହୋଇଛନ୍ତି କି ବ୍ରୀଡ଼ାରେ ମଗନ ?
ଧନୀପାଶେ ନିର୍ଦ୍ଧନର   ଏସନ ହିଁ ଅନାଦର
ଦୁଃଖୀ-ଦୁଃଖ ବୁଝିପାରେ ସିନା ଦୁଃଖୀଜନ
ହୀନତା ଅଟଇ ଏକା ବିନମ୍ର-କାରଣ ।

ବାସିଫୁଲ ଯାଉଛନ୍ତି ମଉଳି,
ବିଷାଦେ କି ପଡ଼ୁଛନ୍ତି ଝାଉଁଳି ?
ଅସିଣ ଗ୍ରାସିଲେ ଜରା   ଏସନ ବିଷାଦେ ଭରା
ଶ୍ଳଥଚର୍ମ ପକ୍ୱକେଶ ଅସ୍ତମିତବଳ
ନିସ୍ତେଜ ହୁଅନ୍ତି ସିନା ମାନବ ସକଳ ।

କେଉଁ ପୁଷ୍ପ ପଡ଼ିଅଛି ଖସି,
କିଏ ଅବା ଫୁଟେ ହସି ହସି,
କାହାର ଅଛୁଟି ଦିନ   କେ ଅକାଳେ ପ୍ରଭାହୀନ,
ଉଦ୍ଭିଜ୍ଜ ଜଡ଼ ଚେତନ ସମସ୍ତେ ଅସ୍ଥିର
ଧନୀ ନିର୍ଦ୍ଧନ ପଣ୍ଡିତ ମୂର୍ଖ ଭୀରୁ ବୀର ।

କୁଳିଶ-କଠୋର-ଦ୍ରୁମଚୟ
ସୁକୋମଳ-ବ୍ରତତୀ-ଆଶ୍ରୟ,
ସାହସୀ ନର ଶରଣେ   ଅବଳା ନାରୀ ଯେସନେ
ନିଶ୍ଚିନ୍ତେ, ନିର୍ଭୟେ, ସୁଖେ କାଟନ୍ତି ଦିବସ
ପୁରୁଷନାରୀ ମଧ୍ୟେ ଏ ବିଚିତ୍ର ରହସ୍ୟ ।

ଦୁଃଖୀର ସଂସାର

(ଜୀବନ-ସଂଗ୍ରାମ)

ଏ ସଂସାରେ ନୁହନ୍ତି କେହି କାହାର,
ସ୍ୱାର୍ଥ ଲୋଡ଼ି ବୁଲନ୍ତି ଯେଝା ଯାହାର ।

Digitized by srujanika@gmail.com

କାହା ଅଙ୍ଗକୁ କେହୁ ଅନାଇ ନାହିଁ,
ନିଃସ୍ୱାର୍ଥ ଉପକାର ମିଳିବ କାହିଁ ?
ଜୀବନଯୁଦ୍ଧେ ଜୟ ଲଭିବାପାଇଁ,
ଭାଇ ଗଳାରେ ଛୁରି ଦେଉଛି ଭାଇ ।
ଆପଣା ସୁଖ-ଅର୍ଥେ ଧାଉଁଛି ପ୍ରାଣୀ,
ପରର ସୁଖ-ଦୁଃଖ ଜାଣି ନ ଜାଣି ।
ଉଦରତୃପ୍ତି-ଅର୍ଥେ ପ୍ରବଳ ପ୍ରାଣୀ
ନିର୍ବଳ ଜନ୍ତୁ ସୁଖେ ଭକ୍ଷଇ ହାଣି ।
ପାଶବ ବଳେ ବଳୀ ନିଷ୍ଠୁର ନର-
ଅତ୍ୟାଚାରେ ଅବଳା ଶରଜର୍ଜ୍ଜର ।
ଶକ୍ତି ଯାହାର ତବେ ରାଜ୍ୟ ତାହାର
ନୁହନ୍ତି ଏ ସଂସାରେ କେହୁ କାହାର ।

ଧନ ସମ୍ପଦ ଅର୍ଥେ କରଇ ନର
ଭ୍ରାତା ଭଗିନୀ ପିତା ମାତାଙ୍କୁ ପର ।
ରାବଣ ହରେ କାହିଁ ଶ୍ରୀରାମସତୀ,
ଅହଲ୍ୟା ଏଡ଼େ କାହିଁ ଗୌତମ-ପତି
ପରପୁରୁଷମୁଖେ ଅନାଏ ସୁଖେ,
ଭସ୍ମ ନିକ୍ଷେପି ପ୍ରେମବିଶ୍ୱାସ-ମୁଖେ ।
ଧର୍ମନିୟମ ସବୁ ହୁଏ ବିଫଳ,
ନୁହେ ସଂସାର ସୁଖଶାନ୍ତିର ସ୍ଥଳ ।
ତଥାପି ଆରେ ପ୍ରାଣ ନୁହ ତୁ ଭୀତ,
ଅଛି ପାପର ପ୍ରାୟଶ୍ଚିତ୍ତ ଜଗତ ।

Digitized by srujanika@gmail.com

ଅତୃପ୍ତ ପ୍ରେମ

କାହିଁ ବିଶ୍ୱସଂସାର ଏଡ଼େ ସୁନ୍ଦର—
ନିର୍ଜୀବ ଅଚେତନ ଚେତନ ନର ?
କାହିଁ ବାର ମାସରେ ପ୍ରକୃତିରାଣୀ
ପ୍ରକାଶନ୍ତି ଅଶେଷ ଲାବଣ୍ୟଠାଣି ?
କିପାଇଁ ଊଷା ସନ୍ଧ୍ୟା ମୋହନ ବେଶେ
ହସନ୍ତି ଆସି ନିତ ଏ ବିଶ୍ୱଦେଶେ ?
ନୀଳଘନ-ଅଙ୍କରେ ଚପଳାସର
ମଣ୍ଡଇ ଧରି କାହିଁ ନାରୀ ସୁନ୍ଦରୀ ?
କିପାଇଁ ରବେ 'କୁହୁ କୁହୁ' କୋକିଳ,
କାହିଁକି ବହେ ମୃଦୁ ମଳୟାନିଳ ?
କିପାଇଁ କଅଁଳଇ ଦ୍ରୁମଲତିକା,
କିପାଇଁ ଚହଟଇ ପୁଷ୍ପକଳିକା ?
ରବେ କିପାଇଁ ବସି ବିହଙ୍ଗ ଡାଳେ,
କାହିଁ ଗଗନୁ ଇନ୍ଦୁ ଅମୃତ ଢାଳେ ?

କାହିଁକି ବିଶ୍ୱପ୍ରାଣ ବିମୁଗ୍ଧ କରି
ରମଣୀ-କଣ୍ଠୁ ଉଠେ ତାନଲହରୀ ?
ଏ ସୁଖେ ମୋ ପ୍ରାଣର ତୃପତି ନାହିଁ,
ଅନ୍ତର ଲୋଡ଼େ ଯାହା ସେ ମୋର କାହିଁ ?
ଥିଲେହେଁ ବହୁ ତୋୟ ନଦୀ, ସାଗରେ,
ଚାତକ-ଆଶା ମିଟା ଘନ-ନୀରରେ ।
ମେଣ୍ଟିବାର ନୁହଁଇ ମୋ ପ୍ରାଣ-ଆଶ,
ନୈରାଶ୍ୟ-ସିନ୍ଧୁଜଳେ ଦେଉଛି ଝାସ ।
ବିସ୍ମୃତି-ନୀରେ ଭାସିଗଲା ମୋ ଆଶା,
ପ୍ରକାଶି ନ ପାରଇ ମୋ ଦୁଃଖ ଭାଷା ।
ଛିନ୍ନ ହୋଇଛି ମୂଳୁଁ ମୋ ସୁଖ-ଦ୍ରୁମ
ପଡ଼ୁଛି ବୃନ୍ତୁଁ ଝଡ଼ି ପ୍ରୀତି-କୁସୁମ ।

Digitized by srujanika@gmail.com

କାହା ଅଡ଼କୁ କେହୁ ଅନାଇ ନାହିଁ,
ନିଃସ୍ୱାର୍ଥ ଉପକାର ମିଳିବ କାହିଁ ?
ଜୀବନଯୁଦ୍ଧେ ଜୟ ଲଭିବାପାଇଁ,
ଭାଇ ଗଳାରେ ଛୁରି ଦେଉଛି ଭାଇ ।
ଆପଣା ସୁଖ-ଅର୍ଥେ ଧାଉଁଛି ପ୍ରାଣୀ,
ପରର ସୁଖ-ଦୁଃଖ ଜାଣି ନ ଜାଣି ।
ଉଦରତୃପ୍ତି-ଅର୍ଥେ ପ୍ରବଳ ପ୍ରାଣୀ
ନିର୍ବଳ ଜନ୍ତୁ ସୁଖେ ଭକ୍ଷଇ ହାଣି ।
ପାଶବ ବଳେ ବଳୀ ନିଷ୍ଠୁର ନର-
ଅତ୍ୟାଚାରେ ଅବଳା ଶରଜର୍ଜ୍ଜର ।
ଶକ୍ତି ଯାହାର ଭବେ ରାଜ୍ୟ ତାହାର
ନୁହନ୍ତି ଏ ସଂସାରେ କେହୁ କାହାର ।

ଧନ ସମ୍ପଦ ଅର୍ଥେ କରଇ ନର
ଭ୍ରାତା ଭଗିନୀ ପିତା ମାତାଙ୍କୁ ପର ।
ରାବଣ ହରେ କାହିଁ ଶ୍ରୀରାମସତୀ,
ଅହଲ୍ୟା ଏଡ଼େ କାହିଁ ଗୌତମ-ପତି
ପରପୁରୁଷମୁଖେ ଅନାଏ ସୁଖେ,
ଭଗ୍ନ ନିକ୍ଷେପି ପ୍ରେମବିଶ୍ୱାସ-ମୁଖେ ।
ଧର୍ମନିୟମ ସର୍ବ ହୁଏ ବିଫଳ,
ନୁହେ ସଂସାର ସୁଖଶାନ୍ତିର ସ୍ଥଳ ।
ତଥାପି ଅରେ ପ୍ରାଣି ନୁହ ତୁ ଭ୍ରାନ୍ତ,
ଅଛି ପାପର ପ୍ରାୟଶ୍ଚିତ୍ତ ଜଗତ ।

Digitized by srujanika@gmail.com

ଅତୃପ୍ତ ପ୍ରେମ

କିପାଁ ବିଶ୍ୱସଂସାର ଏଡ଼େ ସୁନ୍ଦର—
ନିର୍ଜୀବ ଅଚେତନ ଚେତନ ନର ?
କିପାଁ ବାର ମାସରେ ପ୍ରକୃତିରାଣୀ
ପ୍ରକାଶନ୍ତି ଅଶେଷ ଲାବଣ୍ୟଠାଣି ?
କିପାଇଁ ଊଷା ସନ୍ଧ୍ୟା ମୋହନ ବେଶେ
ହସନ୍ତି ଆସି ନିତ ଏ ବିଶ୍ୱଦେଶେ ?
ନୀଳଘନ-ଅଙ୍କରେ ଚପଳାସର
ମଣ୍ଡିଇ ଧରି କିପାଁ ନାରୀ ସୁନ୍ଦରୀ ?
କିପାଇଁ ରାବେ 'କୁହୁ କୁହୁ' କୋକିଳ,
କାହିଁକି ବହେ ମୃଦୁ ମଳୟାନିଳ ?
କିପାଇଁ କଅଁଳଇ ଦ୍ରୁମଲତିକା,
କିପାଇଁ ଚହଟଇ ପୁଷ୍ପକଳିକା ?
ରାବେ କିପାଇଁ ବସି ବିହଙ୍ଗ ଡାଳେ,
କିପାଁ ଗଗନୁ ଇନ୍ଦୁ ଅମୃତ ଢାଳେ ?

କାହିଁକି ବିଶ୍ୱପ୍ରାଣ ବିମୁଗ୍ଧ କରି
ରମଣୀ-କଣ୍ଠୁ ଉଠେ ତାନଲହରୀ ?
ଏ ସୁଖେ ମୋ ପ୍ରାଣର ତୃପତି ନାହିଁ,
ଅନ୍ତର ଲୋଡ଼େ ଯାହା ସେ ମୋର କାହିଁ ?
ଥିଲେହେଁ ବହୁ ତୋୟ ନଦୀ, ସାଗରେ,
ଚାତକ-ଆଶା ମିଟା ଘନ-ନୀରରେ ।
ମେଣ୍ଟିବାର ନୁହଁଇ ମୋ ପ୍ରାଣ-ଆଶ,
ନୈରାଶ୍ୟ-ସିନ୍ଧୁଜଳେ ଦେଉଛି ହାସ ।
ନିଭୃତ-ନୀରେ ଭାସିଗଲା ମୋ ଆଶା,
ପ୍ରକାଶି ନ ପାରଇ ମୋ ଦୁଃଖ ଭାଷା ।
ଛିନ୍ନ ହୋଇଛି ମୂଳୁଁ ମୋ ସୁଖ-ଦ୍ରୁମ
ପଡ଼ୁଛି ବୃନ୍ତୁଁ ହାୟ ପ୍ରୀତି-କୁସୁମ ।

Digitized by srujanika@gmail.com

ଗଲ୍ପ କଥା ଭାବିଲେ କି ହେବ ଆଜି ?
ବସନ୍ତ ଗରବେ ସେ ଉଭେଇ ଯାଇ ।
ଉଜାଣି ସନ୍ତରଣି କାଳସ୍ରୋତର,
ବାଞ୍ଛିତ ଧନ ପାଇ ପାରେ କି ନର ?
ଦେଲ କାମନା ଯେବେ ହେ ଭଗବାନ,
ନୈରାଶ୍ୟେ ଭାଙ୍ଗିଦେଲ କିପାଁ ଏ ପ୍ରାଣ ?
ଯେ ଯାହା ଲୋଡ଼େ ଭବେ ନ ମିଳେ ତାହା,
ପ୍ରବଞ୍ଚେ ପ୍ରାଣ ତାର ଆଶାର ମାୟା ।
ତୃଷାରେ ଜର୍ଜ୍ଜରିତ ହୁଏ ଅନ୍ତର,
ଆଶା-ମରୀଚିକାରେ ବିଭ୍ରମେ ନର ।
ଯାହାକୁ କରିଥାଇଁ ପ୍ରାଣର ଧନ,
ଏଡ଼ି ସେ ନିଜପଥେ କରେ ଗମନ ।
ଜୀବନ ବସନ୍ତରେ ପ୍ରେମର କଢ଼ି,
ଫୁଟି ଅକାଳେ ତଳେ ପଡ଼ଇ ଝଡ଼ି ।
ନୈରାଶ୍ୟେ ଭଗ୍ନ ହୁଏ ଆଶାୟୀ-ପ୍ରାଣ,
ନୁହେ ସଂସାର ସୁଖଶାନ୍ତିର ସ୍ଥାନ ।

ତଥାପି ଭାଙ୍ଗି ନ ଯା ଆରେ ଅନ୍ତର,
ମହା ଶୁଭ ଉଦ୍ଦେଶ୍ୟ ଏ ବ୍ରହ୍ମାଣ୍ଡର ।

ରିପୁ-ବିପ୍ଳବ

ନୁହେଁ ସଂସାର ସୁଖଶାନ୍ତିର ସ୍ଥାନ,
ଭୁଞ୍ଜଇ ନର ଏଥି କଷଣମାନ ।
ଘୋର ବିକଟ ଷଡ଼ରିପୁ ଦାନବେ,
ବ୍ୟଥିତ କରୁଛନ୍ତି କ୍ଷୁଦ୍ର ମାନବେ ।
ଆରକ୍ତନେତ୍ର କ୍ରୋଧ-ଅଜ୍ଞାନ ନର
ବଜ୍ରମନ୍ତ୍ରେ ବିନ୍ଧଇ କୁବାକ୍ୟ-ଶର ।

Digitized by srujanika@gmail.com

ସେ ଅଗ୍ନିବାଣେ ବିଦ୍ଧ ଶିଷ୍ଟହୃଦୟ
ବିକଳ ହୋଇ ହୁଏ ରୁଧିରମୟ ।
ଲୋଭେ ହୋଇ ମନୁଷ୍ୟ ପାପପଙ୍କିଳ,
ଜୀବାତ୍ମାପୁରୁଷଙ୍କୁ କରେ ଅବିଳ ।
ନଶ୍ବର ସଂସାରର ମୋହରେ ଅନ୍ଧ,
ମାୟା-ଜାଲ-ପାଶରେ ହୁଏ ଆବଦ୍ଧ ।
ଧନ-ଜନ-ଯୌବନ-ମାନରେ ମତ୍ତ
ଅକର୍ମେ ହୁଏ ନର ସନ୍ତତ ରତ ।
ମତ୍ସରଭାବେ ହୋଇ ବିକୃତ ନର
ଦେଖି ନ ପାରେ ତାଲେ ଶୁଭ ପରର ।
କାମେ ହୁଅଇ ନର କ୍ଷଣେ ଅଜ୍ଞାନ,
ନୁହେଁ ସଂସାର ସୁଖଶାନ୍ତିର ସ୍ଥାନ ।
ତଥାପି ଦମି ନ ଯା ଅରେ ମୋ ଚିତ୍ତ,
ଅଛୁ ପୁଣ୍ୟର ପୁରସ୍କାର ଜଗତ ।

ନିୟତି-ପୀଡ଼ନ

ନିୟତି-ଗତି ଅହୋ କୁଟିଳା ଅତି,
ପ୍ରାଣୀ-ପୀଡ଼ନେ ତାର ଉତ୍କଟ ରତି ।
ଅଜର ମିତ୍ର କାଲି ବିଷମ ଅରି,
କାଳଚକ୍ରର କ୍ରୂର ଗତି ଏପରି ।
ଧନ-ଜନ-ଯୌବନ-ବଂଶାଭିମାନ,
ରାଜ୍ୟ-ଗୌରବ, ରୂପଲାବଣ୍ୟ, ଜ୍ଞାନ,
ଅଜି ଯେ ସୁଖ ସୁଧା କରେ ବର୍ଷଣ,
କାଲି ସେ ଦୁଃଖକାଳକୂଟ-କାରଣ ।
ବିକଚ କୁସୁମକୁ କଣ୍ଟକ ସର
ସୁଖକୁ ଦୁଃଖ ସଦା ଅଛି ଆଦର ।

Digitized by srujanika@gmail.com

ଅଜ୍ଞାନ ତିମିରରେ ଅଛନ୍ତି ପ୍ରାଣୀ
ପ୍ରକୃତ ତତ୍ତ୍ୱପଥ ନ ପାରେ ଜାଣି ।
ପରମୁହୂର୍ତ୍ତ-କଥା ନାହିଁ ତା ଜ୍ଞାନ,
ଭବ-ଅନ୍ଧକୂପରେ ଘୋର ଅଜ୍ଞାନ ।
ସୃଷ୍ଟିର ତତ୍ତ୍ୱ ତାକୁ ରହସ୍ୟମୟ,
ବିଷମ ସମସ୍ୟାହିଁ ନିଜ ହୃଦୟ ।
ଧନ-ଯୌବନ-ଜ୍ଞାନ-ଗର୍ବରେ ଭରି
ଅଜ୍ଞାନ ନର ଧରି ମଣିଇ ସରି ।
ଅପ୍ରେମେ ଜରଜର ବିକୃତରୁଚି
ନରକୁ ଛୁଇଁ ନର ହୁଏ ଅଶୁଚି ।
ବିଳାସେ ଭ୍ରମି ଏକ କାଟେ ଜୀବନ,
ନିରନ୍ନ ହୋଇ ଆନ ଭଜେ ମରଣ ।
ଅତୃପ୍ତ ପ୍ରେମେ କେହୁ ଚିର ତୃଷିତ,
ସନ୍ତାନହୀନ କେହୁ ଘୋର ଦୁଃଖିତ ।
‘କାହାର ପୌଷମାସ କା ବଂଶନାଶ’
ହା ହନ୍ତ କି ବିଷମ ଅସାମଞ୍ଜସ୍ୟ !

ନିଜ ସୁଖରେ ସର୍ବେ ଅତନ୍ଦ୍ର ଧାଇଁ,
ପ୍ରେମ, ସ୍ନେହ, ତିତିକ୍ଷା ମିଳିବ କାହିଁ ?
ଏତେ କଷଣ ସହି ସଂସାରୀ ନର
ଆଶାତରୁତଳରେ ତୋଳଇ ଘର ।
ସହସା କାହୁଁ ଆସି ବିପଦ-ଘନ
ବରଷି ତା ସଂସାର କରେ ଉଚ୍ଛନ୍ନ ।
ଦୁଃଖ-ଦାରିଦ୍ର୍ୟ କ୍ଳିଷ୍ଟ ନିଖିଳ ଧରା
‘ତ୍ରାହି ତ୍ରାହି’ ନିନାଦେ ସତତ ଭରା ।
ଶାନ୍ତ ଶିଷ୍ଟ ମନୁଷ୍ୟ ପ୍ରବଳ ପାଶେ
ଅବମାନିତ ହୋଇ ଫେରେ ନିରାଶେ ।
ଶକ୍ତି ଯାହାର ଭବେ ରାଜ୍ୟ ତାହାର,
ନୁହନ୍ତି ଏ ସଂସାରେ କେହି ତାହାର ।

Digitized by srujanika@gmail.com

ଧର୍ମ-ଆସନେ ବସି ନୀତିଙ୍କ ପ୍ରଭୁ,
କୂଟ ତର୍କେ ଦଣ୍ଡନ୍ତି ନିର୍ଦ୍ଦୋଷସବୁ ।
ଦୁର୍ଭାଗ୍ୟ-ପ୍ରପୀଡ଼ିତ ନିରାଶ ଜନ,
ଆତ୍ମଘାତୀ ହେବାକୁ ବଳାଏ ମନ ।
ତଥାପି ହେ ମନୁଷ୍ୟ, ବିଚାର କର,
ମୃତ୍ୟୁ ତ ନୁହେଁ ପରିଣାମ ଜୀବର ।
ପରକାଳର ଚିନ୍ତା ନ ଥାନ୍ତା ଯେବେ,
ସହଜେ ପ୍ରାଣ-ଦୁଃଖ ଫେଡ଼ନ୍ତି ତେବେ ।
ଅଚିନ୍ତ୍ୟ-ନିଦ୍ରା ସିନା ଲୋଡ଼ୁଛ ଭାଇ,
ସେ ଶେଷ-ନିଦ୍ରାରେ କି ଦୁଃସ୍ୱପ୍ନ ନାହିଁ ?
ଯେବେ ସେ ନିଦ୍ରା କେହୁ ଭଙ୍ଗାଇ ଦେବ,
ଦୁଃଖ ଏଡ଼ିବା ଯତ୍ନ ବିଫଳ ହେବ ।
କୃତ କର୍ମର ଜ୍ଞାନେ ବିଧୁର ହେବ,
ଦ୍ୱିଗୁଣ ଯନ୍ତ୍ରଣା ତ ନିଶ୍ଚିତ ଦେବ ।
କ୍ଷାନ୍ତ ହୁଅ ଏ କର୍ମୁଁ ହେ ପ୍ରିୟ ଭାଇ !
ଧୂମରୁ ଅଗ୍ନି କୁଣ୍ଡେ ଡେଇଁବ ନାହିଁ ।

ନିରାଶ୍ରୟ-ଆଶ୍ରୟ ଶ୍ରୀ ଭଗବାନ
ଦୁଃଖର ମହୌଷଧି ଶ୍ରୀହରି ନାମ ।
ଯୁଗକୁ ଯୁଗ ସାଧୁମହାତ୍ମାମାନ
ଦେଖେ ଦେଖେ ଜନମି ଦେଲେ ପ୍ରମାଣ ।

ଜରା-ମରଣ

ତ୍ରିତାପେ ତାପିତ ଏ ମାନବ ପ୍ରାଣ,
ନିୟତି ହସ୍ତେ ଅହା କି ହତମାନ !
ନରଶରୀର ଜରା-ବ୍ୟାଧିର ଘର,
ଯାହା ଜ୍ୱାଳାରେ ସଦା ଜଳେ ଅନ୍ତର ।
ଲାବଣ୍ୟେ ଢଳଢଳ ତରୁଣୀ-ତନୁ,
ଜରାରେ ଦେଖିଲେ ଯାହା ନ ଯାଏ ମନୁଁ ।

Digitized by srujanika@gmail.com

ବ୍ୟାଧି-ଜରା-ସଂସ୍ପର୍ଶେ ଅସନ୍ତେ ତାହା,
କିବା ନରସ ଶୁଷ୍କ ହୁଅଇ ଅହା !
ସିଂହର ଶକ୍ତି ଥାଏ ନରଦେହରେ
ଅଲକ୍ଷେ ବ୍ୟାଧିଜରା ହରଣ କରେ ।
ସହସା ବୁଦ୍ଧି ଆଦ ପ୍ରବୃତ୍ତି ଦଳ
ଜରା-ବ୍ୟାଧିରେ ସର୍ବ ହୁଏ ନିର୍ବଳ ।
ଗୁପ୍ତ ବେଶରେ ଜଗି ବସି ମରଣ
ଅକାଳେ ପ୍ରେମପାତ୍ର କରେ ହରଣ ।
ନବକାନ୍ତ-ଅଙ୍କରୁ ନବୀନା ନାରୀ
ଛିଣ୍ଡି ଆଣଇ ଯମ ବଜ୍ର ପ୍ରହାରି ।
ଯୌବନ-ପ୍ରଭାତରେ ସୁନ୍ଦରୀ ସତୀ
ହରାଇ ବସେ ହାହାକାରେ ସ୍ୱପତି ।
ପୂର୍ଣ୍ଣେନ୍ଦୁନିଭାନନ ପ୍ରାଣ-ନନ୍ଦନ
ସନ୍ତାନବର୍ଗେ ମୃତ୍ୟୁ କରେ ହରଣ ।
ଶୋକେ ବିଦୀର୍ଣ୍ଣ କରି ସନ୍ତାନ-ପ୍ରାଣ,
ମାତା ପିତା କରନ୍ତି ସ୍ୱର୍ଗେ ପ୍ରୟାଣ ।
ଶୂନ୍ୟ ନୀରସ କରି ବିଶ୍ୱସଂସାର
ବିସର୍ଜି ଯାଏ ବନ୍ଧୁ ବନ୍ଧୁଙ୍କୁ ତାର ।
ମୃତ୍ୟୁ-ହସ୍ତେ ସଂସାର କି ସ୍ଥାନମାନ
ନୁହେଁ ସଂସାର ସୁଖ ଶାନ୍ତିର ସ୍ଥାନ ।
ତଥାପି ଅଛୁ ଅରେ ପରାଣ-ପକ୍ଷି,
ଆଶାବୃତ୍ତିରୁ ମନେ ଥାଅ ତୁ ରକ୍ଷି ।

ଡାଆଣିଆ ଖରା

—୧—

"ଡାଆଣିଆ ଖରା ପଡ଼ୁଛି ବେଲ ଯାଉଛି ବୁଡ଼ି,
କି ସୁନ୍ଦର ପାରା ଯୋଡ଼ିଏ ଯାଉଅଛନ୍ତି ଉଡ଼ି ।
ଆସ ଆସ ପାରା ଯୋଡ଼ିକ ମୋର ପିଣ୍ଡାରେ ବସ,
ଖାଇବାକୁ ଦେବି ତୁମ୍ଭଙ୍କୁ ମୁହିଁ ନଡ଼ିଆ-ରସ ।

Digitized by srujanika@gmail.com

ପିଇବାକୁ ଦେବ ତୁମ୍ଭଙ୍କୁ ପଦ୍ମ-ପୋଖରୀ-ପାଣି,
ଶୋଇବାକୁ ଦେବ ଖଟୁଲି ମାଳଧର ମୁଁ ଆଣି ।
ମାଳଧର ଖଟୁଲିରେ ଯେ ବାଉଁଶର ପାଉଆ,
ପାଆ ଝିଅଙ୍କର ଗୋଡ଼ରେ ରତନର ଝୁଣ୍ଟିଆ ।
ଶାରୀ ପଚାରିଲା ଶୁଆ ରେ କେଉଁ ଦାଣ୍ଡରେ ଯିବା,
ଶୁଆ ବୋଲେ ଶାରୀ ଚାଲ ଗୋ ବଡ଼ଦାଣ୍ଡରେ ଯିବା ।
ବଡ଼ଦାଣ୍ଡେ ଦାଣ୍ଡେ ଯାଆନ୍ତେ ପାଉଁ ଗୋବରଲିଣ୍ଡି,
ଲିପି ପୋଛି ଦେଇ ଯାଆ ମା ପୂଜି ମଙ୍ଗଳଚଣ୍ଡୀ ।"

— ୨ —

ତାଆଣିଆ ଖରା ପଡ଼ୁଛି ବେଳ ଯାଉଛି ବୁଡ଼ି,
ଅସ୍ତାଚଳ-ଶିଖେ ତପନ ଯାଉଛନ୍ତି ବାହୁଡ଼ି ।
କଉଣ ବର୍ଣ୍ଣର ବୋଇତ ପ୍ରାନ୍ତେ ଶୋଭା ପ୍ରକାଶି
ବାରୁଣୀ-ଗଗନେ ବଉଦ କେତେ ଯାଉଛି ଭାସି ।
ଧଳା, କଳା, ନୀଳ, ଲୋହିତ ବର୍ଣ୍ଣେ ସ୍ତରକୁ ସ୍ତର
ପନ୍ତି ପନ୍ତି ସାଜି ବଉଦ ଅହା କି ମନୋହର !

ପଶୁ, ପକ୍ଷୀ, ନର, ପର୍ବତ, ଲତା, ପାଦପ, ସାଜି
ବିବିଧ ବର୍ଣ୍ଣରେ ରାଜନ୍ତି ନଭେ ବଉଦ ରାଜି ।
ପ୍ରତୀଚୀ ଗଗନେ କି ଶୋଭା ଢାଳେ ଲୋହିତ ରବି
ନିକଟେ ଧବଳ ବାଦଲ କିବା ରଚନ୍ତି ଛବି !
କନକ-ତୋରଣି ଫେଡ଼ି କି ସ୍ୱର୍ଗୁଁ ସୁରତନୁଜା
ସ୍ଫଟିକ ପାତ୍ରରେ ଅର୍ପନ୍ତି ସୂର୍ଯ୍ୟେ ନୈବେଦ୍ୟପୂଜା ?

— ୩ —

ତାରା-ମଥାମଣି ପିନ୍ଧିଣ ସ୍ୱର୍ଗୁଁ ସନ୍ଧ୍ୟା-ସୁନ୍ଦରୀ
ନିଦ୍ରା-ସ୍ୱପ୍ନ ସହ ଓହ୍ଲାନ୍ତି ଦିଗ ଅନ୍ଧାର କରି ।
ସୁରଦେଶୁଁ ସୁରତନୟା କୃଷ୍ଣବର୍ଣ୍ଣ ରଥରେ
ଅବତରି କିବା ମୋହନ୍ତି ବିଶ୍ୱ ମାୟାମନ୍ତ୍ରରେ ?
ବିସର୍ଜିଣ ଦେବ ତପନ ଗଲେ ଧରଣୀମାୟା,
ବିସର୍ଜଇ ଯଥା ଜୀବାତ୍ମା ମୃତମାନବକାୟା,

Digitized by srujanika@gmail.com

କି ଅବା ଯେମନ୍ତ ଯୌବନ ଜରାଗ୍ରସ୍ତ ତନୁକୁ,
ଅଥବା ଯେସନ ବିବେକ ପାପଗ୍ରସ୍ତ ମନକୁ ।
ପ୍ରଦୋଷର ମୂର୍ତ୍ତି ଦିଶଇ ଶାନ୍ତ ବିଷାଦମୟ,
ଗତ ସୁଖସ୍ମୃତି କରୁଛି ଆନ୍ଦୋଳିତ ହୃଦୟ,
ନସ୍ତୃତ ମେଲଣି ଲଗିଛି ଅହା ଏ ବିଶ୍ୱଦେଶେ,
ଫାଟିଯିବ କରେ ହୃଦୟ ଦୁଃଖଭାର-ଅବେଶେ ?

—୪—

ତାଆଣିଆ ଖରା ଗଲାଣି ବେଳ ଗଲାଣି ବୁଡ଼ି,
ବସାଗଛ ଅଭିମୁଖରେ ପକ୍ଷୀ ଯାଉଛି ଉଡ଼ି ।
କିସ ତୋର ହୃଦଭାବନା ଅରେ ବିହଙ୍ଗବର,
ଦୁଃଖଭାରେ ନତ ହୁଏ କି ତୋର କ୍ଷୁଦ୍ର ଅନ୍ତର ?
ନିତ ନିତ ଉଡ଼ି ଅସିଣ କେଉଁ ସଙ୍ଗୀତ ଗାଉ,
କି ଉଦ୍ଦେଶ୍ୟ ସାଧି ପକ୍ଷିରେ ପୁଣି ଫେରି ତୁ ଯାଉ ?
ତୋ ମନୋଭାବନା ନ ଜାଣି ହୃଦ ହେଉଛି ହାଣି,
ଅସି ମୋ ପାଶରେ ବସିଣ କହନ୍ତୁ ତୋ କାହାଣୀ ।

ମୋ ଦୁଃଖ ଫେଡ଼ି ମୁଁ କହନ୍ତି ଶୁଣିଯାଆନ୍ତୁ ବାରେ,
କିନ୍ତୁ ନାହିଁ ନାହିଁ ଉଡ଼ି ଯା କାର୍ଯ୍ୟ ନାହିଁ ତୋଠାରେ ।
ନିଜ ଦୁଃଖଭାରେ ଅନତ ଭବେ ସକଳ ପ୍ରାଣୀ
କି କାର୍ଯ୍ୟ ସେ ଭାରେ ମିଶାଇ ଅନ ବିଷାଦ ଆଣି ?

—୫—

ଗୋଧନ ଘେନିଣ ଗୋପାଳ ଫେରି ଗଲାଣି ଘରେ,
ହଲକାମ ସାରି କୃଷକ ଫେରି ଯାଉଛି ଖରେ ।
ଗ୍ରାମେ ଶିଶୁଗଣ ଗାଆନ୍ତି ଗୀତ ଗ୍ରାମୀୟ ତାଲେ,
ଲଭି ପ୍ରତିଧ୍ୱନି ଗାଏ ତା ପଲ୍ଲୀ-ବନାନ୍ତଃସ୍ଥଳେ ।
ଉଠିଲା କୁଟୀର-ମଥାନ ଭେଦି ଧୂମ ସଘନେ,
ପରସ୍ପାରେ ଅସ୍ପା ପ୍ରାପ୍ତେକ ମିଶିଗଲା ଗଗନେ ।
ଶତସନ୍ଧ୍ୟାଦୀପ ଜାଳିଲେ ଜନପଦ-ଗୃହିଣୀ,
ଶୁଭିଲା ପ୍ରଦୋଷ-ଜଣାଣ ସ୍ୱର୍ଗ-ସଙ୍ଗୀତ କ୍ୱଣି ।

Digitized by srujanika@gmail.com

ଶଙ୍ଖ ଘଣ୍ଟା ବାଜି ଉଠିଲା ପ୍ରତି ଦେବମନ୍ଦିରେ,
ଭକ୍ତି-ମନ୍ଦାକିନୀ ବହିଲା ଭକ୍ତ-ହୃଦ-କନ୍ଦରେ ।
ଅବିଶ୍ୱାସୀ ମନ, ପ୍ରଣମ ବିଶ୍ୱସ୍ରଷ୍ଟାଚରଣେ,
ଦିଅ ପଦାଶ୍ରୟ ହେ ପ୍ରଭୋ, ପାପୀ ଅଧମଜନେ ।

ପ୍ରଭାତ-ଅବକାଶ

—୧—

ପାହି ଆସୁଅଛି ଧୀରେ ସୁପ୍ତା ନିଶୀଥିନୀ,
ଶୁଭୁଅଛି ଦୂରଦେଶୁଁ ବିଷାଦ-ରାଗିଣୀ,
ଦାରୁଣ ବିଷାଦଗୀତ୍ କରେ ମୋର ଆନ୍ଦୋଳିତ,
କାହିଁ କିବା ହଜିଅଛି ନାହିଁ ପ୍ରାପ୍ତି-ଆଶା,
ମେଣ୍ଟିବାର ନୁହେଁ ମୋର ଏ ପ୍ରାଣପିପାସା ।

—୨—

ମୃଦୁ ମୃଦୁ ବହୁଅଛି ପ୍ରଭାତ-ପବନ
ବିଟପି-ଶାଖାରେ କରି ପତ୍ର ସଞ୍ଚାଳନ,
ଫୁଟିଛି ନଭେ ସିନ୍ଦୂର, ବୃଦ୍ଧିଅଛି କୁଅତର
ଅନନ୍ତ ଗଗନପଥେ ଦେବକନ୍ୟା ଊଷା
ପିନ୍ଧି ଚାଲିଯାଉଅଛି ଅପରୂପ ଭୂଷା ।

—୩—

ଅଶାନ୍ତ-ସ୍ରୋତରେ ଶତ ଦୁଃଖ ବିକ୍ଷୋଭିତ,
କାହିଁ କିଏ ଗାଏ ବସି ପ୍ରଭାତୀ ସଙ୍ଗୀତ,
କି ଥିଲି କି ହୋଇଅଛି ଭବିଷ୍ୟତେ କିବା ଅଛି,
ଜନ୍ମ ମୃତ୍ୟୁ କରୁଛନ୍ତି ପଥେ ପଥ ମନା,
ପ୍ରତିପଦେ ହତଚେଷ୍ଟ ପଥିକ-କଳ୍ପନା ।

—୪—

ଧ୍ୱାନ୍ତ-ପ୍ରଭା-ସମାବେଶେ ବିଭାତ-ସମୟ,
ଅବିଶ୍ୱାସ ବିଶ୍ୱାସର ମିଳନେ ସଂଶୟ,
ଭାଙ୍ଗିଛି ସୁଖସ୍ୱପନ, ଅସେ କଠୋର ଜୀବନ,
ଅଶ୍ୱତ୍ଥତରୁଶାଖାରେ ସୁପ୍ତୋତ୍ଥିତା ପକ୍ଷିଣୀ,
ଶୁଭୁଅଛି ମୃଦୁ ମୃଦୁ ବିଭାସ-ରାଗିଣୀ ।

Digitized by srujanika@gmail.com

—୫—

ଶୁକ୍ଳପକ୍ଷ ପୂର୍ଣ୍ଣଜ୍ୟୋତ୍ସ୍ନା ବନଭୂଷଣୀ,
ତଟ-ବିଟପୀରେ କାନ୍ଦେ ଚକୋର-ଗୃହିଣୀ,
ଆସଇ ନବପ୍ରଭାତ ଅସ୍ତମିତ ନିଶାନାଥ,
ସମାଗମକାଳ ଅଟେ ସୁଖର ସମୟ,
ବିଦାୟ-ଲୋତକ ଆହା କି ବିଷାଦମୟ ।

—୬—

ଦୁଃଖ ସୁଖ ମିଶାମିଶି ଏ ବିଶ୍ୱସଂସାରେ,
କିଏ କେଉଁଠାରେ ବେଶି ଭାଗ୍ୟ ଅନୁସାରେ,
ଦେଖ ଏ ପ୍ରକୃତିଚିତ୍ର କି ଉଦାର କି ବିଚିତ୍ର !
କେହୁ ଦେଖେ ଏଥି ଘୋର ବିଷାଦର ରୂପ,
କେହୁ ବା ଦେଖୁଛି ପୁଣି ହର୍ଷ ଅନୁରୂପ ।

—୭—

ମୁହିଁ ଘୋର କଳଙ୍କୀ ରେ ତେଣୁ ଏ ପ୍ରକୃତି
ଦେଖାଏ ସତତ ମୋତେ ବିଷାଦ-ମୂରତି,
ବହିଲା ପ୍ରଭାତବାୟୁ, ଛୁଟିଲା ନିଶାର ଆୟୁ,
ନବ ଅତିଥିଆଗମେ ଅଛି ଯେବେ ସୁଖ,
ଗଲା ପ୍ରିୟ ପୁରାତନ ଏ ବିଷମ ଦୁଃଖ !

—୮—

ନାଚଇ ବସନ୍ତ ପୁଣି ହସଇ ଶରତ,
ବରଷା-ବିଷାଦେ କିନ୍ତୁ ମୋ ହୃଦୟ ରତ,
ସୁନ୍ଦରୀ ବାସନ୍ତୀ ଉଷା ଶାରଦଯାମିନୀ ଭୂଷା,
ବରଷା-ନିଶୀଥ କିନ୍ତୁ ମୋ ହୃଦୟନିଧି,
ହୁଅଇ ଉଦ୍‌ବେଳ ଯେବେ ବିଷାଦ-ବାରିଧି ।

—୯—

ହସଇ ବିଭାତ ସହ ସରେ।ଜ ମଳୟ,
ଖେଳଇ ବାସର ଶରକୋଳାହଳମୟ,
ମଧ୍ୟାହ୍ନ ଗଗନେ ରବି ବିସ୍ତାରେ ଦାରୁଣ ଛବି;
ମୋ ମନୋମୋହନ କିନ୍ତୁ ପ୍ରଦୋଷ ସମୟ,
ଗାମ୍ଭୀର୍ଯ୍ୟବିଷାଦ ଯେବେ ଘୋଟଇ ହୃଦୟ ।

Digitized by srujanika@gmail.com

—୧୦—

ହେମଗୌର ତୋର ତନୁ ଢଳଢଳ ହରଷ,
ତରଳ ଅପାଙ୍ଗେ ଶୁଭ୍ର ନବୀନ ବୟସେ,
ଚଞ୍ଚଳ ପଦକ୍ଷେପଣେ ଅଳଙ୍କାର ଝଙ୍କରଣେ;
ବିଷାଦର ଛାୟା ଯେଉଁ ଯୌବନେ ଫଳିତ
ସେ ଗମ୍ଭୀର ମୂର୍ତ୍ତି କିନ୍ତୁ ଆକର୍ଷେ ମୋ ଚିତ୍ତ।

—୧୧—

ବିଷାଦ ହରଷ ନୁହେଁ ଜୀବନ ଉଦ୍ଦେଶ,
ଏ ଜଗତେ ଦୁହିଙ୍କର ଶୁଭ ସମାବେଶ,
ବୁଦ୍ଧି-ଇଚ୍ଛା-ଅନୁଭବେ ନିତ୍ୟୋନ୍ନତି ଏ ପୂଣ୍ୟ ଭବେ
ଲଭୁ ନର ଜ୍ଞାନ-କର୍ମ-ପ୍ରୀତିର ପରଣି,
ବିଶ୍ୱବିଧାତାର ଏହା ଜୀବନ ବିଧାନ।

—୧୨—

ବିଷାଦ-ସଙ୍ଗୀତ କିମ୍ପା ଗାଅ ତେବେ କବି !
ଶୁଣାଅ ଆଶାର ଗୀତ, ନବ କର୍ମ-ଛବି,
ଯାଉ ଭ୍ରାନ୍ତ ପୁରାତନ, ଆସୁ ଆଶାପ୍ରୀ ନୂତନ,
ଆସ ହେ ନବୀନ କବି ! ଗାଅ ନବଗୀତ,
ଆଶାର ସଙ୍ଗୀତ ଗାଇ ହର ମୋର ଚିତ୍ତ।

ନିଶୀଥଶୋଭା

ଶାନ୍ତି-ପୂର୍ଣ୍ଣ ଜନପଦ ନିଦ୍ରାନିମଗନ,
ମୃଦୁମନ୍ଦ ବହିଆସେ ଦକ୍ଷିଣା ପବନ।
କଳ କଳ ଢଳ ଢଳ ସରିତଜୀବନ,
ମରମର ପତ୍ର ପତ୍ର ତରୁପଲ୍ଲବଗଣ।
ପ୍ରଶାନ୍ତ କୌମୁଦୀସ୍ନାତ ନିଖିଳ ଭୁବନ,
ତାରକା-ଖଚିତ ନୀଳ ନିର୍ମଳ ଗଗନ।
ଜଗତ ମୌନେ ମୂକବତ ଗ୍ରାମ ଗୃହପନ୍ତି,
ମିଞ୍ଜି ମିଞ୍ଜି ଡାକୁ ଛନ୍ତି ନେଇ ନିବେଶନ୍ତି।

Digitized by srujanika@gmail.com

ସୁଷ୍ଟୁ ପ୍ରିସମସ୍ତେ କବା ଦେବତା-ନୟନ
ନିଃସହାୟ ମାନବଙ୍କୁ କରେ ସଂରକ୍ଷଣ ।
ସହଜ ସରଳ ମନେ ଏ ଶୋଭା ନିରେଖି,
ଯୋଗମଗ୍ନ ଋଷି ତୁଲ୍ୟ ପ୍ରକୃତିକୁ ଦେଖି
ବନ୍ଧକରେ ବନ୍ଦିଲି ମୁଁ "ନମୋ ଦିଗମ୍ବର,
ନମସ୍ତେ ପବିତ୍ର ଶିବ ନମସ୍ତେ ସୁନ୍ଦର ।
ତାରକାଖଚିତ ନୀଳ ନିର୍ମଳ ଆକାଶେ
ଶୁଭ୍ର ସୁମଧୁର ସ୍ନିଗ୍ଧ କୌମୁଦୀ ପ୍ରକାଶେ,
ଶାନ୍ତିଦାନକାରୀ ମୃଦୁ ମଳୟ ପବନେ,
ସୁପ୍ରସନ୍ନ ସୁନିର୍ମଳ ସରିତ-ଜୀବନେ,
ପଲ୍ଲବକୁସୁମଶୋଭୀ ଉଦ୍ଭିଦ-ଆହ୍ଲାଦେ,
ସୁପ୍ତି ମୌନ ଜନପଦ-ନୀରବ-ପ୍ରସାଦେ
ଯେ ଦେବତା ପରିପୂର୍ଣ୍ଣ ସୌନ୍ଦର୍ଯ୍ୟ ସମ୍ପଦେ
ବିରାଜୁଛି, ନମୋ ନମଃ ତବ ପୂତପଦେ !"

କବିର ଆଧିପତ୍ୟ

ବିଚିତ୍ର ବିଶାଳ ନଭଃ ମନୋରମା ବସୁମତୀ,
ସୁଗମ୍ଭୀର ନୀଳ ରତ୍ନାକର,
ତୁଙ୍ଗ ଗିରି ଘନ ବନ ଶ୍ୟାମଳ କେଦାରପନ୍ତି,
ଦୀର୍ଘ ନଦୀ ବିସ୍ତୀର୍ଣ୍ଣ ପ୍ରାନ୍ତର;
ସୁପ୍ରଶାନ୍ତ ଜନପଦ, ସୁଉଜ୍ଜ୍ୱଳ ରାଜଧାନୀ,
ତରୁ ଲତା କୁସୁମ ମଞ୍ଜରୀ,
ବିଚିତ୍ରାଙ୍ଗ ପଶୁପନ୍ତି, ମଧୁକଣ୍ଠ ବିହଙ୍ଗମ
ଅହେ କବି, ସମସ୍ତ ତୁମ୍ଭର ।
ଦିଗ୍‌ବିଜୟୀ ବୀର୍ଯ୍ୟବନ୍ତ ମୁକୁଟମଣ୍ଡିତ ନୃପ
ଅଛି ତାଙ୍କ ଆଧିପତ୍ୟ ସୀମା
ସୁବିଶାଳ ବିଶ୍ୱସୃଷ୍ଟି ସର୍ବତ୍ର ତୁମ୍ଭର ରାଜ୍ୟ,
ଧନ୍ୟ କବି ତୁମ୍ଭର ଗରିମା !

Digitized by srujanika@gmail.com

ପ୍ରକୃତିର ପ୍ରିୟପୁତ୍ର ଜଡ଼ ସୃଷ୍ଟି ଅଧିକାରୀ,
ରାଜ୍ୟ ତବ ହେଲେହେଁ ମହାନ,
କୋଟି ଗୁଣେ ଗରୀୟାନ ମାନବ-ମାନସ-ରାଜ୍ୟ
କି ଦୁର୍ଲ୍ଲଭ ଅହୋ ଭାଗ୍ୟବାନ !
ବିଶ୍ୱଜୟୀ ପ୍ରୀତି ସ୍ନେହ, କରୁଣା ଭକତି ଧୈର୍ଯ୍ୟ,
ପବିତ୍ରତା ସାହସ ବିଶ୍ୱାସ—
ଦେବଗୁଣେ ବିଭୂଷିତ ନର ନାରୀ କର ସୃଷ୍ଟି
ଜଗତର ପାପଭ୍ରାନ୍ତି ନାଶ ।

ମାତୃମଙ୍ଗଳ

ମାତୃସ୍ନେହ ସମ କି ଅଛି ସଂସାରେ
ଅଟେ ତା ସ୍ୱରଗସୁଧା,
ଅନନ୍ତ ଅକ୍ଷୟ ଅମୃତ-ଭଣ୍ଡାର
ପାନେ ନ ମେଣ୍ଟଇ କ୍ଷୁଧା ।

ଅଛି ଏ ଜଗତେ ନାନା ସ୍ନେହ ପ୍ରୀତି,
ଯା ଯୋଗୁଁ ସ୍ୱରଗ ଧରା,
ନିର୍ମଳ ନିଃସ୍ୱାର୍ଥ ମାତୃ ସ୍ନେହ ସର
ଆଉ କେହି ନୁହେଁ ପରା ।
ଅଛି ପ୍ରୀତି ସଙ୍ଗେ ବିରାଗ ସଂଶୟ
କୁସୁମେ କଣ୍ଟକ ପରି,
ବଢ଼େ ପ୍ରୀତି ରୂପ ଗୁଣ ଅନୁସରି,
ପ୍ରିୟ ଦୋଷେ ଯାଏ ସରି ।
ଦୁଃଖେ ପାପେ ସବୁ ସାଂସାରିକ ପ୍ରୀତି—
ଟାଣ ପଡ଼ଯାଏ ଜଣା,
କିନ୍ତୁ ମାତୃ ସ୍ନେହ ଦୋଷ ଗୁଣେ ସମ,
ନାହିଁ ତାହାର ତୁଳନା ।

Digitized by srujanika@gmail.com

ବରଷାରେ ପୂର୍ଣ୍ଣ ନଦୀ ପୁଷ୍କରଣୀ
ଗଭୀରତା ଗ୍ରୀଷ୍ମେ କଣା,
ପ୍ରାବୃଟେ ନଦୀରେ ସମାନ ସେ ସିନ୍ଧୁ,
ନ ହୁଏ ତାର କଳନା ।

ସରସ୍ୱତୀ-ଆବାହନ

ନବଜ୍ୟୋତି ସହକାରେ ସୁରସୁତା ଉଷା
ବିଶାଳ ଗଗନେ ହସେ ପିନ୍ଧି ଶୁଭ୍ର ଭୂଷା ।
ଆନନ୍ଦ-ଆକୁଳ ହୁଏ ଜଗତ-ଜୀବନ,
ତବ ଶୁଭ୍ର ପଦାମ୍ବୁଜ କରେ ମୁଁ ସ୍ମରଣ ।
ମଧ୍ୟାହ୍ନ ଅମ୍ବରେ ଦୀପ୍ତ ଭାନୁ-ତପ୍ତକର
ବିଦାରେ ଧରଣୀ-ଅଙ୍ଗ ଯେହ୍ନେ ତୀକ୍ଷ୍ଣ ଶର ।
ଲୋଡ଼ନ୍ତି ଆଶ୍ୱାସ ସର୍ବେ ଶୀତଳ ବିଳାସେ,
ମୋ ହୃଦୟ ଥାଏ ତବ ସିଂହାସନ ପାଶେ ।

ପ୍ରଦୋଷେ ପଶ୍ଚିମେ ଦେଖି ଲୋହିତ ନୀରଦ
ଧ୍ୟାଏଁ ମାତଃ ସରସ୍ୱତୀ, ତବ ଦିବ୍ୟପଦ ।
ଗମ୍ଭୀର ନିଶୀଥେ ହୁଏ ସୁଷୁପ୍ତ ଜଗତ,
ତବ ପୂଜା ପାଇଁ ମୁଁ ଯେ ଏକାକୀ ଜାଗ୍ରତ ।
ଭକ୍ତିଭରେ ବନ୍ଦେ ବାଣୀ କବୀନ୍ଦ୍ର ବନ୍ଦିତା,
ଅଣି ଦିଅ ଜନନି ଗୋ, ଦୁର୍ଲ୍ଲଭ କବିତା ।

ନିର୍ଝରଣୀ

ପର୍ବତ-କନ୍ଦର ଏକେ ଶୁଷ୍କ ନିଦାଘ ଦିନେ,
ଦୁଜେ ନିଦାଘର ତାପ ପୋଡ଼େ ପବନ ଭୂଣ;

Digitized by srujanika@gmail.com

ବାଧିର ବାଧାନେ ପୁଣି ବରଷାର ନୀର
ପଡ଼ୁଁ ତା ଉପରେ ପ୍ରାଣ ହୁଏ ତା ଅସ୍ଥିର ।
ଗିରିର କନ୍ଦରୁଁ ଝର ଗିର-ନିର୍ଝରିଣୀ
ବନ୍ଧୁଯାଏ ହେବାକୁ ସେ ସାଗର-ସଙ୍ଗିନୀ ।
ତା ତଟେ ବୃଟପିଣାଖେ ପଞ୍ଚମ ଲଳିତ
ତାଳ ପିକ 'କୁଉ'ସ୍ୱନେ ରମେ ବଣ୍ଣ ଶତ୍ତ;

ତା ତୀରେ ମାଳତୀ, ମଲ୍ଲୀ, ମରୁଆ, ସେବତୀ
ଫୁଟି ଚହଟାଏ ବାସ ମନୋରମ ଅତି;
ମୋ ହୃଦ କନ୍ଦରୁଁ ବହେ ଶନ୍ତ୍ରା-ନିର୍ଝରିଣୀ,
ହେବ ପ୍ରିୟ ! ତବ ମନ-ସାଗର-ସଙ୍ଗିନୀ ।
ଇଚ୍ଛା ହେଲେ ରଖ ତାକୁ ଧରି ହୃଦୟରେ,
ନୋହିଲେ ଅଶ୍ରୟ ଲଭୁ ତ୍ୱ ପାଦତଳରେ ।

Digitized by srujanika@gmail.com

ବସନ୍ତ-କୋକିଳ

Digitized by srujanika@gmail.com



କବ ଓ କବପତ୍ନୀ ଶ୍ରୀମତୀ କୋକଳ ଦେବୀ
(ତାଙ୍କର ପୁତ୍ରକନ୍ୟାଙ୍କ ସହ)

Digitized by srujanika@gmail.com

ନବଶତାବ୍ଦୀର ନିମନ୍ତ୍ରଣ

ଉତ୍କଳ-ଆକାଶେ ନବ ଦିନମଣି
ଉଠ ନିଦ୍ରା ତେଜି ଭାଇ,
ଅରୁଣ-ଗଗନେ ତରୁଣ ତପନ,
ଯାମିନୀ ଯାଉଛି ପାହି ।
ନବୀନ ଶତାବ୍ଦୀ ନବ ନିମନ୍ତ୍ରଣ
ଆଣିଛି ଉତ୍କଳ ପାଇଁ,
ଜଗତ ଅହ୍ୱାନ ଶୁଭଇ ଦୁଆରେ
ନ ଶୁଅ ନ ଶୁଅ ଭାଇ ।
ଚହଳ ଚହଳ କଳ କୋଳାହଳ
ଗୃହଦ୍ୱାରେ ଶୁଭେ ବୋଲି,
କାଳନିଦ୍ରା ତେଜି ଆଳସ୍ୟ ବରଜି
ଆସ ଆସ ଦ୍ୱାର ଖୋଲି ।
ଅଛି ଇତିହାସ ଅଛି ବୁଦ୍ଧି ବଳ
ଅଛି ଅତୀତ ବିଭବ,
ଆଳସ୍ୟ ତେଜିଣି ଲଭି ଜ୍ଞାନ ଧର୍ମ
ଫେରାଅ ପୂର୍ବ ଗୌରବ ।
ପିତୃ ପିତାମହ ଅକ୍ଷୟ କୀରତି
ରଖି ଯାଇଛନ୍ତି ଗୁଳି,
ତାହାର ଉନ୍ନତି ନ କରଣ କିପାଁ
ଭଜୁଅଛ ନାମ ଖାଲି ?
ଏହି ଦେଶେ ଜନ୍ମି କବିସୂର୍ଯ୍ୟ, ଭଞ୍ଜ,
ଦୀନକୃଷ୍ଣ ଆଦ କବି
ରଚି ଯାଇଛନ୍ତି ଉତ୍କଳ-ମାତାଙ୍କ
ଅହା କି ବରେଣ୍ୟ ଛବି !
ଏକାମ୍ରେ କୋଣାର୍କେ ଚନ୍ଦ୍ରଭାଗାତୀର୍ଥେ
ତବ ପିତୃ ପିତାମହ,
ନୀଳାଚଳେ ଯେଉଁ କୀର୍ତ୍ତି ରଖିଛନ୍ତି
ଧାଏ ସେ ମନେ ବିସ୍ମୟ ।

Digitized by srujanika@gmail.com

ଏହି ଦେଶେ ଜନ୍ମି ମର୍କଟକେଶରୀ
ବାନ୍ଧିଲେ ପାଷାଣ ସେତୁ,
ଯଯାତି, ଲଲାଟ ଭୋଳା ମନ୍ଦରାଦି
ଉଡ଼ାଇଲେ କୀର୍ତ୍ତି-କେତୁ ।

ଏହି ଦେଶେ ଆସି ବୁଦ୍ଧ-ଶିଷ୍ୟଗଣ
ଉଡ଼ାଇଲେ ସାମ୍ୟଧ୍ୱଜା,
କନ୍ଦରେ କନ୍ଦରେ ଲେଖିଲେ ଆଦେଶ
ଅଶୋକ ଧାର୍ମିକ ରାଜା ।

ଧଉଳି-ଲଳିତ- ଅଳତି-ଉଦୟ
ଖଣ୍ଡଗିରି ଆଦି ଗିରି
ଅତୀତ ଗୌରବ ମୂକ ସାକ୍ଷୀ ରୂପେ
ଘଗୁବନ୍ତି ପୂର୍ବ ଶିରୀ ।

ପଞ୍ଚ ସଖା ଆଦି କେତେ କେତେ ସାଧୁ
ଜନମି ଏହି ଉତ୍କଳେ
ତେଜି ଗୃହ, ଦ୍ୱାର, ରାଜ୍ୟ, ପରିବାର
ମାତିଥିଲେ ଦଳେ ଦଳେ ।

କପିଳେନ୍ଦ୍ର ଦେବ, ଶ୍ରୀ ପୁରୁଷୋତ୍ତମ,
ପ୍ରତାପରୁଦ୍ର ନୃପତି
ଟେକିଲେ ତ୍ରିବେଣୀ- କାଞ୍ଚୀ ସେତୁବନ୍ଧେ—
ଗଡ଼ଜେ, କର୍ଣ୍ଣାଟେ ଛତ୍ର ।

ଅଛି ସେହି ଦେଶ ସେହି ଗିରି ନଦୀ
ସେହି ବିଶାଳ ଗଗନ,
ଘୋର-ଅବସାଦ- ଜଡ଼ିମା-ଜଡ଼ିତ
କିପାଁଇ ଓଡ଼ିଆ-ମନ !
କିବା ଦ୍ୱେଷ ଘୃଣା କିପାଁ ହୀନ ହିଂସା
କିପାଁ ଭିନ ଭିନ କଥା,
କିପାଁ ବକଦୃଷ୍ଟି କିପାଁ ଦ୍ୱେଷ-ଦୃଷ୍ଟି !
ଉଠାଅ ସଳଖେ ମଥା ।

Digitized by srujanika@gmail.com

ସଂକୀର୍ଣ୍ଣତା ପଙ୍କେ   କିପାଁ ଲଟପଟ
ଆସ ମିଥ୍ୟା ବିଜପଥେ,
କ୍ଷୁଦ୍ର ସୀମା ବାନ୍ଧ   ଅଲଗା ଅଲଗା
କିପାଁ ଭାଇ ଭାଇ ମଧ୍ୟେ !
କୂପଭେକ ପ୍ରାୟ   କ୍ଷୁଦ୍ର ଅଭିଜାତ୍ୟେ
କିପାଁ ଅଛ ବୁଡ଼ି ଭୁଲ !
ଉଦାର ଆକାଶ   ପୂରବେ ବାହିକେ
ଦେଖ ଦେଖ ଉର୍ଦ୍ଧ୍ୱେ ଚାହିଁ ।
ବିଶ୍ୱଯାତ୍ରିଦଳ   କରି କୋଳାହଳ
ବିଶ୍ୱଗୀତ ଉଚ୍ଚେ ଗାଇ
ଯାଉଛନ୍ତି ଅହା   ଅନନ୍ତ-ପଥରେ,
ଚାଲ ସାଥି ହେବା ଭାଇ !
ତେଜ କ୍ଷୁଦ୍ର ଦ୍ୱେଷ   ଲିଭା ହିଂସାନଳ
ଭୁଲ ନୀଚ ଅଭିମାନ,
ଭାଇ ଭାଇ ହୋଇ   ହାତ ଧରାଧରି
କର ମହା-ଅଭିଯାନ ।
ଉତ୍କଳ-ଦୁଆରେ   ଶୁଭୁଛି ଶବଦ
ଶୁଣ ଶୁଣ ଡେରି କର୍ଣ୍ଣ,
ନିଖିଳ ଜଗତ   ପଠାଇ ଅଛନ୍ତି
ମହାଦରେ ନିମନ୍ତ୍ରଣ ।
ନବୀନ ଶତାବ୍ଦୀ   ନବ ନିମନ୍ତ୍ରଣ
ଆଣିଛି ଉତ୍କଳ ପାଇଁ,
ଜଗତ-ଆହ୍ୱାନ   ଶୁଭଇ ଦୁଆରେ
ଉଠ ନିଦ୍ରା ତେଜି ଭାଇ ।

Digitized by srujanika@gmail.com

ଶ୍ରୀକ୍ଷେତ୍ର

ଏହି ସେହି ପୁଣ୍ୟକ୍ଷେତ୍ର ! ଯା ଦର୍ଶନ ପାଇଁ
ଦିଗଦିଗନ୍ତରୁ ଯାତ୍ରୀ ଆସୁଛନ୍ତି ଧାଇଁ ।
ଏହି ସେହି ଶଙ୍ଖକ୍ଷେତ୍ର ନୀଳାଦ୍ରିକନ୍ଦର,
ଚତୁର୍ଧାମ ମଧ୍ୟେ ଯାହା ଶ୍ରେଷ୍ଠ ଭାରତର ।
ଏହି ସେହି ପୁରୀ ପୁରୀ-ପ୍ରଧାନ ପୁରାଣ,
ଶୋଭାବତୀ ଉତ୍କଳର ସୁଷମା-ଉଦ୍ୟାନ ।
ଏହି ସେହି ନୀଳାଚଳ ଯାହାର ଚରଣେ
ଧୌତ କରେ ନୀଳ ସିନ୍ଧୁ ସୁଗମ୍ଭୀର ସ୍ୱନେ ।
ଏହି ସେ ନଗର ପୁରାତନ ପୁଣ୍ୟଶ୍ଳୋକ
ଗୀର୍ବାଣ ଯାହାର ଖ୍ୟାତ ଏ ଭାରତଲୋକ ।
ଏହି ସେହି ପୁଣ୍ୟ ତୀର୍ଥ ନୀଳାଚଳଧାମ,
ଚୈତନ୍ୟ-ମୂରତିର ସଙ୍ଗେ ଜଡ଼ିତ ଯା ନାମ ।
ନରେନ୍ଦ୍ର-ସରସୀ ଏହି ପବିତ୍ର ସଲିଳା,
ଯା ନୀରେ କରନ୍ତି ସ୍ନାନ ଶ୍ରୀକ୍ଷେତ୍ର-ମହିଳା ।

ଏହି ସେହି ବଡ଼ଦାଣ୍ଡ ଉଦାର ପ୍ରଶସ୍ତ
ଶାରଦ ଗଗନେ ଯେହ୍ନେ ଶୋହେ ଛାୟାପଥ ।
ଏହି ସେହି ଜଗନ୍ନାଥ-ସୁତୁଙ୍ଗ-ମନ୍ଦିର
ଉଡ଼ିଭା ବିଜୟସ୍ତମ୍ଭ ଉତ୍କଳବାସୀର ।
ଏହି ସେହି ତ୍ରିକ୍ଷ୍ଟ ଭୂମି ଯାହାର ଅତୀତ—
ଗୌରବ ସ୍ମରିଲେ ହୁଏ ଚିତ୍ତ ବ୍ୟାକୁଳିତ ।
ପ୍ରବଳ ହୃଦୟାବେଗ ଦୁର୍ବଳ ଲେଖନୀ,
କେସନେ ବର୍ଣ୍ଣିବ ସେହି ପୁରାଣ କାହାଣୀ !
ଥିଲା ଦିନ ଯେବେ ଭାଗ୍ୟବନ୍ତ ଏ ଉତ୍କଳ,
ହୋଇଛି କେସନ ହୀନ ପତିତ ଦୁର୍ବଳ !
ବଳିଷ୍ଠ କେଶରୀ ଗଙ୍ଗ-ବଂଶୀୟେ ଶାସନ
କରି କଲେ କେତେ ପୁଣ୍ୟ କୀରତି ସ୍ଥାପନ ।

Digitized by srujanika@gmail.com

ମହାନଦୀ-କାଠଯୋଡ଼ି-ତୀରେ ଶିଳାସେତୁ
ବାନ୍ଧି, ଉଡ଼ାଇଲେ ବିଶ୍ୱେ ପ୍ରତିଭାର କେତୁ ।
ଶ୍ରୀକ୍ଷେତ୍ର-ଏକାମ୍ର-ଯାଜପୁର-କୋଣାର୍କରେ
ଶଙ୍ଖ-ଚକ୍ର-ଗଦା-ପଦ୍ମ ଗୃହ କ୍ଷେତ୍ରବରେ
ସ୍ଥାପିଣି, ଉତ୍କଳ-କୀର୍ତ୍ତି-ସ୍ତମ୍ଭ ସଂସ୍ଥାପନ
କରି, ଉଡ଼ାଇଲେ ଶିଳ୍ପକଳାର କେତନ ।
ଏହି ମହୋଦଧି-ତଟୁଁ କରି ଜଳଯାତ୍ରା
ବାହାରି ବୋଇତ ବାଲି, ଯାଭା ଓ ସୁମାତ୍ରା,
ଉତ୍କଳ-ବଣିକବର୍ଗ ବାରିଧି-ବକ୍ଷରେ
ବାଣିଜ୍ୟ କରିଲେ ଯାଇଁ ଦ୍ୱୀପଦ୍ୱୀପାନ୍ତରେ ।
ସେହି ଦେଶେ ଆଜି ଅହା ପୋତ-ଅନ୍ୱେଷଣ
ହୁଏ ସବେଶତ ଜାତି-ନାଶର କାରଣ !
ଜୟଲବ୍ଧା କାଞ୍ଚୀରାଜକନ୍ୟା ପଦ୍ମାବତୀ
ଏହିଠାରେ ବଣିପୋତୁଁ ଓହ୍ଲାଇଲେ ସତୀ ।
ଏ ସିନ୍ଧୁ-ପୁଳିନୁ ଛାଡ଼ି ପୋତ ଉଡ଼ିଆଏ
ଯାଇଥିଲେ ଜଳଯାନେ ତମଲୁକଯାଏ ।

ଦାକ୍ଷିଣାତ୍ୟେ କାଞ୍ଚୀ ସେତୁବନ୍ଧରାମେଶ୍ୱର,
ଉତ୍ତରେ ତ୍ରିବେଣୀ ତମଲୁକ ଅଧିକାର
କରିଥିଲେ ଉତ୍କଳଏ, ଅହା କି ପ୍ରଭାବରେ
ସେ ସ୍ମୃତି ଉଭେଇ ଗଲା ବୁଦ୍‌ବୁଦ ଆକାରେ !
ଉତ୍କଳ-କୈବର୍ତ୍ତେ ଜୟ କଲେ ଯେଉଁ ଦେଶ,
ସେହି ଦେଶ କହେ ଆଜି "ଉତ୍କଳଏ ମେଷ" !
ଅଛୁ ମେ ନୀଳାଦ୍ରି, ଅଛୁ ଜଳଧି-ପୁଳିନ,
ଯେ ଅଦମ୍ୟ ମନୁଷ୍ୟତା ହେଲା କାହିଁ ଲୀନ !
ବିଜୟ-ଗମନେ ଏହିଠାରୁ ବୀରଗଣ
ଯାତ୍ରା କରି ପରାଜିଲେ ଅସଂଖ୍ୟ ଯବନ ।
ଶତ ଶତ ବର୍ଷ ବିତି ଗଲା, ଶତ୍ରୁ ଥାଟ
ଭାଙ୍ଗି ନ ପାରିଲେ ଓଡ୍ର-କୃପାଣ-କପାଟ !

Digitized by srujanika@gmail.com

ଅହିଂସା ପରମ ଧର୍ମ-ପ୍ରଚାରକ ବୁଦ୍ଧ
ସ୍ଥିତ ଅବତାରରୂପେ ନବମ ବରେଣ୍ୟ ।
ପୌରୋହିତ୍ୟ-ଅତ୍ୟାଚାର ଜାତି-ଅଭିମାନ
ବୌଦ୍ଧ ଧର୍ମ କରଥିଲା ଏଥି ଅବସାନ ।
ହିନ୍ଦୁ-ବୌଦ୍ଧ-ସମନ୍ୱୟ-ଭୂମି ନୀଳାଚଳ,
ଯା ଲଗି ଭାରତେ ଧନ୍ୟ ଦରିଦ୍ର ଉତ୍କଳ ।
ଏତେ ପ୍ରିୟ ସ୍ମୃତି ଯହିଁ ଉଦିତ ମାନସେ,
ପ୍ରଣମ ସମ୍ଭ୍ରମେ ପ୍ରିୟ ସେ ତୀର୍ଥ ଉଦ୍ଦେଶେ ।

ବନପ୍ରିୟ

We look before and after,
And pine for what is not ;
Our sincerest laughter
With some pain is fraught :
Our sweetest songs are those
That tell of saddest thought.
To A Sky Lark—P. B. Shelley.

ଋତୁରାଜ-ଅୟନେ ବସନ୍ତ ଆଗମନେ
ଏ ବିଶ୍ୱେ ବିମୋହିତ କରି
ବସି ଫଳ ଗହଳେ ମଧୁକଣ୍ଠ ଚହଲେ
ତାନ୍ତୁରେ ପଞ୍ଚମ ଲହରୀ;
କୁହରୁ ପିକ ଘନ ଘନ,
ଶୁଭିଲ କୁହୁ କୁହୁ ସ୍ୱନ,
ଶୁଣନ୍ତେ ତୋ ଗାୟନ ବିକଳ ପ୍ରାଣୀ ମନ
ବିଚ୍ଛେଦ-ବିଦଗ୍ଧ ମୋହର ରେ ବନପ୍ରିୟ । ୧ ।

Digitized by srujanika@gmail.com

କାହୁଁ ତୁ ଆସି ଉଡ଼ି   ପନଗହଳେ ବୁଡ଼ି
ସୁମର ମଧୁର ସ୍ୱଦେଶ
ଫେଡ଼ ହୃଦୟଦ୍ୱାର   ଝଙ୍କାରୁ ବାରମ୍ବାର ?
ତୋ ସ୍ୱନ ଭେଦେ ହୃଦଦେଶ;
ସ୍ୱଦେଶୁଁ ମୋ ହୃଦୟ-ରାଣୀ
ପଠାଇଛନ୍ତି କିବା ବାଣୀ ?
ତୋ ଘନ ଘନ ସ୍ୱନେ   ମୋ ମାୟାମୁଗ୍‌ଧମନେ
ଦୁଅଇ ବିରହ-ଆବେଶ । ୨ ।

କରେ ତୋ ସୁଧା-ସ୍ୱନ   ଅତୀତ-ଉଦ୍‌ବୋଧନ
କି ଅର୍ଥ ଅଛି ସେ ସୁଧାରେ !
ବଜାଏ ତୋର ଗୀତ   ବିରହର ସଙ୍ଗୀତ
ମୋ ହୃଦତନ୍ତ୍ରିବୀଣାତାରେ;
ଆହା କି ମଧୁର ସେ ଧ୍ୱନି !
ଭାବୁକ-ହୃଦ-ସ୍ୱର୍ଣ୍ଣମଣି,
ଶୁଣି ତୋ କୁହୁ-ସ୍ୱନ   ଉଦାସ ପ୍ରାଣ ମନ
ବିବଶ ବିଷାଦର ଭାରେ । ୩ ।

ଉନ୍ମାଦଭରା ଧ୍ୱନି   ଶୁଣି ମତ୍ତ ଧରଣୀ
କି ମନ୍ତ୍ର ପଢ଼ୁ ଗାଇ ଗାନ,
କି ମାଧୁରି ସ୍ୱର୍ଗର   ବିକୀରଇ ତୋ ସ୍ୱର
ଲଳିତ ପଞ୍ଚମ-ସୁତାନ ?
ଶୁଣି ତୋ ଗୀତ ସୁଧାମୟ
ବହଇ ସୁମନ୍ଦ ମଳୟ,
କଅଁଳେ କିଶଳୟ   କିବା ବିକ୍ରମାମୟ !
ଉଲ୍ଲସି ଉଠେ ବିଶ୍ୱପ୍ରାଣ । ୪ ।

ସୁଲଳିତ ପଞ୍ଚମ   ଆହା କି ମନୋରମ
ଅମୃତ ଝଣିଣା ମଧୁର !
କିପାଇଁ ତାକୁ ସୁଧା   ବଢ଼ାଇ ପ୍ରାଣକ୍ଷୁଧା ?
ନାଶିଲ ସ୍ୱର୍ଗ ତୁଏ ଜାହ୍ନ

Digitized by srujanika@gmail.com

ପ୍ରବେଶି ସେ ସୁଧା ମୋ କାନେ
ଦୁଃସହ କଷ୍ଟ ଢାଳେ ପ୍ରାଣେ,
ପିଇ ଅମୃତ ତୋର ଜଳଇ ହୃଦ ମୋର
ମୋ ପ୍ରିୟା-ବିରହେ ବଧିର । ୫ ।
ଶାନ୍ତ ସୁନ୍ଦର ନୀଳ ଆକାଶ ରେ କୋକିଳ,
ମୋ ବୋଲ ପିକ କ ଶୁଣିବୁ,
ଘର ଗ୍ରାମ ନଗର ହୃଦ ତଟିନୀ ସର
ଗିରି କାନନ ଡେଇଁ ଯିବୁ ?
ମୋହିବୁ ତାଳ ଗୀତମଧୁ
ପ୍ରୋଷିତ-ଜନ-ନବବଧୂ,
ସ୍ୱକାନ୍ତ-ପ୍ରଣୟିନୀ କଙ୍କଣ କଣିକଣି
ନେବ ଉତ୍କଣ୍ଠ କରାଇବୁ । ୬ ।
ପିକ ତୁ ଉଡ଼ିଯିବୁ ପ୍ରିୟା ପାଶେ ରବିବୁ
କଠିନ ପ୍ରାଣ ତରଳିବ,
ତୋ ରବ ଶୁଣି ମିତ ହୋଇ କରୁଣଚିତ୍ତ
କ୍ଷଣେ ବା ମୋ କଥା ଭାଳିବ;
କହିଲେ ଉଦନ୍ତ ଘେନିବୁ,
ତାଳେ ତୁ ବାହୁଡ଼ି ଆସିବୁ,
ଶୁଣିଣ ତୋ ସନ୍ଦେଶ ତୁଟିବ ମୋ ସନ୍ଦେହ,
ତୋ ମା ଜନ୍ମ ସାର୍ଥକ ହୋଇବ ରେ ବନପ୍ରିୟ । ୭ ।

କୋକିଳପ୍ରତି

ହେ ନବୀନ ଅତିଥି ସଦା-ଅନନ୍ଦ,
ଶୁଣନ୍ତେ ତବ ସ୍ୱନ ମନ ସାନନ୍ଦ ।
ରେ ବନପ୍ରିୟ ଅଟୁ ତୁ ବ୍ୟୋମଗୃହୀ,
ଅବା ଶବ୍ଦବଶେଷ ଭ୍ରମଣକାରୀ ?
ତୃଣ ଉପରେ ଯେବେ କରେ ଶୟନ,
ଶୁଭଇ 'କୁହୁ' 'କୁହୁ' ଉଚ୍ଚ ନିସ୍ୱନ;

Digitized by srujanika@gmail.com

ଯାଏ କି ପର୍ବତରୁ ପର୍ବତାନ୍ତରେ
ଏକାବେଳକେ ପାଶେ ପୁଣି ଅନ୍ତରେ ?
ଯଦବା ଗିରିଗୁହା ପ୍ରତିଧ୍ୱନିତ
କରି, ଗାଉ ଅଲୌକିକ-କୁସୁମ-ଗୀତ,
ତୋ ଗୀତ ଶୁଣି ମୋର ହୁଏ ସ୍ମରଣ
ଶୈଶବ ବାର୍ତ୍ତା ସ୍ୱପ୍ନାବେଶ-ଅଚ୍ଛନ୍ନ ।
ସ୍ୱାଗତ ହେ ବସନ୍ତ-ସଖା ନିବାରେ !
ସାମାନ୍ୟ ପକ୍ଷୀ ତୁହି ନୋହୁ ମୋଠାରେ,
ଅଦ୍ୟାପି ତୁହି ମାତ୍ର ବସ୍ତୁ ଅଦୃଶ୍ୟ,
କେବଳ ବାଣୀ ଅବା ଗୂଢ଼ ରହସ୍ୟ ।
ମୋ ଶୈଶବକାଳରେ—ଏହି ସେ ସ୍ୱନ—
ଯାହା ଶୁଣି ମୁଁ ଡେରୁଥିଲି ଶ୍ରବଣ,
ସହସ୍ରବାର ଏଣେ ତେଣେ ଅନାଇ
କୁଞ୍ଜବିଟପୀ-ନୀଳ ଗଗନେ ଚାହିଁ
ବୁଲୁଥିଲି ମୁଁ ତୋତେ ଲୋଡ଼ିବାପାଇଁ
କାନନ-ପ୍ରାନ୍ତରକୁ ନିତ୍ୟ ଯାଇଁ ।

ସତତ ଥିଲୁ ଆଶା ପ୍ରୀତି ସମାନ
ପ୍ରାଣ-ଭର ଉପସ୍ଥିତ ଅଦୃଶ୍ୟମାନ ।
ଏବେ ମଧ୍ୟ ଶୋଇଣ ଶସ୍ୟକେଦାରେ
ତୋର ସୁଧା ସଙ୍ଗୀତ ମୁଁ ଶୁଣି ପାରେ ।
ଶୁଣି ଶୁଣି ତୋ ସ୍ୱନ ହୁଏ ସ୍ମରଣ
ମୋର ସୁବର୍ଣ୍ଣ-ଯୁଗ ବାଲ୍ୟ ଜୀବନ ।
ଧନ୍ୟ ଧନ୍ୟ ରେ ପକ୍ଷି ! ଏହି ଧରଣୀ—
ଶୁଣି ତୋ ସୁଧା ଗୀତ—ପୁଣି ମୁଁ ମଣି
ରୂପରେଖାବିହୀନ ଅପ୍‌ସରାଦେଶ
ତୋହର ଉପଯୁକ୍ତ ବାସ ପ୍ରଦେଶ ।

—*Wordsworth.*

Digitized by srujanika@gmail.com

କୋକିଳ

— ୧ —

ସ୍ୱାଗତ ସୁନ୍ଦର ନିକୁଞ୍ଜ-ରସିକ,
ସ୍ୱାଗତ ବସନ୍ତଚର !
ଖାଇଛନ୍ତି ବନ୍ଧୁ ତୋର ପକ୍ଷୀ-ଧାମ
ଡାକଇ ବନ ସାଦର ।

— ୨ —

ହେଲେ ଶ୍ୟାମ କ୍ଷେତ୍ର ପୁଷ୍ପବିମଣ୍ଡିତ
ଖାଲି ସୁନିଶ୍ଚିତ ସ୍ୱନେ,
ଅଛି କି ତାରକା ଋତୁପରମ୍ପରା
ଅବା ପଥ ପ୍ରଦର୍ଶନେ ?

— ୩ —

ପ୍ରଫୁଲ୍ଲ ପଥିକ ତୋହର ସଙ୍ଗତେ
ସମ୍ଭାଷେ କୁସୁମକାଳେ,
ଶୁଣାଇ ନିକୁଞ୍ଜ-ନିବାସୀ ବିହଙ୍ଗ
ମଧୁର ସଙ୍ଗୀତ ତାଳେ ।

— ୪ —

ଗୋଲାପ କୁସୁମ-ଚୟନ ଅନ୍ୱେଷେ
ଭ୍ରମୁ ଭ୍ରମୁ ଶିଶୁ ବନେ
ଚମକି ପଡ଼ଇ ଶୁଣି ତୋର ସ୍ୱନ,
ଅନୁକରେ ତୋ ଗାୟନେ ।

— ୫ —

ମଞ୍ଜରୀ-ଅଙ୍କୁର ବିକଶି ଆସିଲେ—
ସଘନ ଗୁହା ବରଜୁ
ବର୍ଷ ପରେ ପୁଣି ଆଜ କେଉଁ ଦେଶେ
ଆନ ଋତୁରାଜେ ଭଜୁ ।

Digitized by srujanika@gmail.com

—୭—

ପ୍ରିୟ ପକ୍ଷି ! ସଦା ଶ୍ୟାମ ତୋ ନିକୁଞ୍ଜ,
ତୋ ନଭ ନିର୍ମଳ ତର;
ସଙ୍ଗୀତେ ତୋହର ନାହିଁ ତ ବିଷାଦ,
ତୋ ବର୍ଷେ ନାହିଁ ଶିଶିର ।

—୭—

ଅହା ! ଶକ୍ତି ଥିଲେ ଉଡ଼ି ମୁଁ ପାଆନ୍ତି
ବସନ୍ତ-ବନ୍ଧୁ ତୋ ସଙ୍ଗେ;
ଧରଣୀ ଉପରେ ବାର୍ଷିକ ଭ୍ରମଣ
କରନ୍ତୁ ବେନିଏ ରଙ୍ଗେ !

Logan.

ପ୍ରବାସୀ

"O tell her, brief is life but love is long,
O swallow, flying from the golden woods,
Fly to her, and pipe and woo her,
and make her mine.

The Princess—Tennyson.

ଧୀରେ ମାଉଅଛୁ ଧର ଋତୁରାଜ ମଧୁ,
ମଧୁଭାନେ ଡାକ ଦଏ ମଧୁବନ-ବଧୂ ।
ଦକ୍ଷିଣରୁ ମୃଦୁ ମନ୍ଦ ବହୁଛୁ ମଳୟ,
ଲତା-ଦ୍ରୁମେ ବିକଶିନ୍ତି ନବ କିଶଳୟ ।
ମଞ୍ଜୁକୁଞ୍ଜେ ମଧୁକର ଗୁଣୁ ଗୁଣୁ ଗୁଞ୍ଜେ,
ପ୍ରଫୁଲ୍ଲ ପ୍ରସୂନ ଘଠା-ପଥ-ତୋଟା-କୁଞ୍ଜେ ।

Digitized by srujanika@gmail.com

ଏକାଳେ ବିଦେଶୀ ଏକ ସୁଦୂର ପ୍ରବାସେ
ପିକ କଣ୍ଠେ ପଠାଉଛନ୍ତି କାନ୍ତା ପ୍ରିୟା ପାଶେ ।
କହିବୁ କୋକିଳ, ଯେବେ ତାଠାରୁ ମେଲାଣି
ବିରହ-ବିଧୁର ପ୍ରାଣ ହୁଏ ମୋର ହାଣି ।
ଇଚ୍ଛା ନ ଥିଲେହେଁ ଦୁଃଖେ ଆଣିଛି ବିଦାୟ,
ପ୍ରାଣ ତାହା ପାଖେ, ଏଥି ଅଛି ମାତ୍ର କାୟ ।
ଅର୍ଦ୍ଧପ୍ରାଣେ ପଡ଼ିଅଛି ବିଷାଦ-ପ୍ରବାସେ
ବିଚ୍ଛେଦ-ବହ୍ନିବିଦଗ୍ଧ ହୋଇବା ସକାଶେ ।
ସୌଦାମିନୀ ଜିଣି ତାର ଝଟ ଝଟ ତନୁ
ପାସୋରି ନ ଯିବ ପ୍ରାଣ ଥିବାଯାଏ ମନୁ ।
ଚଳ ଚଳ ତା ମୂରତି ହସ ହସ ମୁଖ
ଦେଖି ହାତେ ପାଏଁ ପିକ, ଦେବଭୋଗ୍ୟ ସୁଖ ।
କଠୋର କର୍ତ୍ତବ୍ୟ-କ୍ଷେତ୍ରେ କର୍ମ କଲାବେଳେ
ତା ରୂପ-ମାଧୁରୀ ମୋର ମନେ ପଡ଼େ ହେଲେ ।
ରୋଗେ ସ୍ୱାସ୍ଥ୍ୟେ ଦୁଃଖେ ସୁଖେ ଥାଏଁ ଯଥା ତଥା,
ବଳେ ମନେ ପଡ଼ୁଥାଏ କୋକିଳ, ତା କଥା ।

ରୋଗ-ଶଯ୍ୟା ପାଶେ ତାର ବିଷଣ୍ଣ ବଦନ
ତପ୍ତ ବାରି-ବିନ୍ଦୁ ସେବା ସ୍ନେହପରିପୂର୍ଣ୍ଣ,
କି ଦେଇ ପ୍ରେୟସୀ-ଋଣ-ପାଶୁଁ ମୁକ୍ତ ହେବି,
କେମନ୍ତେ ସେ ପ୍ରୀତିର ମୁଁ ପରିଶୋଧ ଦେବି ?
ପ୍ରଥମ ଦିନର ସେହି ନବୀନ ପ୍ରଣୟ
ନ ଭୁଲିବ ପ୍ରାଣ ଥିବାଯାଏ ଏ ହୃଦୟ ।
ନିସ୍ପୃହ ତାର ସେହି ଆତ୍ମବିସର୍ଜନେ
ଅତୁଳ ସମ୍ପଦରୂପେ ସମ୍ପାଦୁଛି ମନେ ।
ଆଚ୍ଛାଦିଲେ ଚିଦାକାଶ ବିଷାଦ-ଅନ୍ଧାର,
ତା ପୀରତି-ସ୍ମୃତି ସୁଖ-ମୟୂଖର ଧାର ।
ନିରାଶା-ଦୁର୍ଦ୍ଦିନ ହୃଦାକାଶେ ଦେଲେ ଦେଖା,
ତା ମଧୁର ପ୍ରୀତି ଆଶା-ଚପଳାର ରେଖା ।

Digitized by srujanika@gmail.com

କିନ୍ତୁ ପିକ, ବନ୍ଧୁ ଯେବେ କରିଦେବ ପର,
ବିଫଳ ଲଭିବା ମୋର ନର-କଳେବର ।
ଭାବହୀନ ନେତ୍ର ତାର ଦେଖିଲେ କୋକିଳ,
ହୃଦ-ବୃନ୍ତୁଁ ପ୍ରୀତି-ପୁଷ୍ପ ପଡ଼େ ଖସି ତଳ ।
ନଶ୍ୱର ଯୌବନ ପୁଣି ନଶ୍ୱର ଜୀବନ,
ନିଷ୍କପଟ ପ୍ରୀତି କିନ୍ତୁ ଅଟେ ଚିରନ୍ତନ ।
କଠୋର ଜୀବନ-ପଥ କଠୋର ସଂସାର,
ଘୋର ବାତ୍ୟା-ବିତାଡ଼ିତ ଭବ-ପାରାବାର ।
ମୃଗତୃଷ୍ଣା ପ୍ରବଞ୍ଚିତ ଧରା-ମରୁଦେଶ,
ବିପଦସଙ୍କୁଳ ଏଯେ ସଂସାର-ବିଦେଶ ।
ସୁଖେ ଦୁଃଖେ ପାଶେ ଦୂରେ କହିବୁ ରେ ପକ୍ଷି,
ଯେ ମୋହର ମୁଁ ତାହାର ମନେ ଥିବ ରଖି ।

ବିରହିଣୀ ଲତା

O that 't were possible
After long grief and pain
To find the arms of my true love
Round me once again !

Maud : Tennyson.

ଦୁଇ ଭ୍ରମର ମିଳି ପ୍ରବାସ କରି ଗଲେ
ଭ୍ରମିଲେ ସୁଦୂର ବିଦେଶେ,
ଏମନ୍ତେ ବହୁ କାଳ ବହିଣ ଗଲା ଚାଲି
ବାହୁଡ଼ି ନଇଲେ ସ୍ୱଦେଶେ ।
ଏକର ବାଲ୍ୟ ସଖୀ କ୍ଷୀର-ନୀର-ବାନ୍ଧବୀ
ଲତା ଏ ଥିଲା ; ଦିନ ଯାଉଁ
କୋମଳ ଅଙ୍ଗରେ ଯେ କଳିଟି ହୋଇଥିଲା
ଫୁଟି ସେ ଦିଶେ ଦାଉଁଦାଉଁ ।

Digitized by srujanika@gmail.com

ପ୍ରଭାତ-ସମୀରଣେ ଦୋହଲୁଥାଏ ଲତା
ଶାଖାରେ ବସି ପକ୍ଷୀ ଗାଏ,
ଶିଶିପାତ ନୀହାର- ଛଳେ ସେ ଗୁଳ୍ମଲତା-
ନୟନୁଁ ଧାର ଝରୁଥାଏ ।
ବେଳ ଯାଆନ୍ତେ ବୁଡ଼ି ମାଡ଼ି ଆସେ ଅନ୍ଧାର,
ଫେରନ୍ତି ଗୋଗୋଷ୍ଠେ ଗୋଧନ,
ପଥେ ପଥିକମାନେ ପୁଷ୍ପିତା ଲତା-ଅଙ୍ଗେ
ଫେରାନ୍ତି ସତୃଷ୍ଣ ନୟନ ।
କୃଷକ ନିଜ କ୍ଷେତ୍ରୁଁ ହାଟୁଆ ଗ୍ରାମ-ହାଟୁ
ପଠାରୁ ଗୋପାଳ ଫେରଇ,
ବନ-ଅନ୍ତରାଳରୁ ଚକ୍ରବାକ ମିଥୁନ
ଡାକ ଦଅନ୍ତି ରହି ରହି ।
ମେଲଣି-ଗୀତ ଗାଇ ବସା-ଗଛ ଅଡ଼କୁ
ଆକାଶେ ଉଡ଼ିଯାଏ ପକ୍ଷୀ ।
କଣ୍ଠେ ବାହୁ ଛନ୍ଦଣି ଲତା ବିତାନ-ତଳେ
ବୁଲନ୍ତି ଅସି ସଖା ସଖୀ ।
ଆଲୋକ-ଅନ୍ଧକାର- ରମ୍ୟ ମଧୁମିଳନ
ଦେଖନ୍ତେ ଏକାକିନୀ ଲତା
ମଧୁପୂର୍ଣ୍ଣ କୁସୁମ ପୀଡ଼େ ଲତାର ଅଙ୍ଗ,
ବିଚ୍ଛେଦେ ହୁଏ ସେ ଅରତା ।
ଏମନ୍ତେ ବହୁକାଳେ ଏକଇ ଷଟ୍‌ପଦ
ବାହୁଡ଼ି ଅଇଲା ସ୍ୱଦେଶେ,
ସ୍ୱବନ୍ଧୁ-ଅଦର୍ଶନେ ଚଳିପଡ଼ିଲା ଲତା
ଦାରୁଣ ବିଷାଦ ଆବେଶେ !

Digitized by srujanika@gmail.com

କେମାଦେଈ

—୧—

"ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ି ଦେଲେ ପଶି,
କେମାଦେଈ କାନ୍ଦୁଛନ୍ତି ବୁଢ଼ା ବର ଦେଖି ।
ବାପା ବୋଇଲେ ଝିଅ ମୋର ବାର ବରଷର,
ମା ବୋଇଲେ ଝିଅ ମୋର କୋଠାକୁ ସୁନ୍ଦର
ଭାଇ ବୋଇଲେ ଭଉଣୀ ମୋର କଣ୍ଠ ପାଶେ ଥାଉ
ହଂସିକା ଭାଉଜ କହେ ଦୂର ଦେଶେ ଯାଉ ।"

—୨—

ଉଡ଼ିଗଲେ ଟେଣ୍ଡାଳିଆ ଝାଡ଼ିଦେଲେ ଫର,
କେମାଦେଈଙ୍କର ବର ଅଶି ବରଷର ।
ଝାଡ଼ିଦେଲେ ଫର ଉଡ଼ିଗଲେ ଗେଣ୍ଡାଳିଆ,
କେମାଦେଈଙ୍କର ବର କୋଇଲିକାଳିଆ ।
ଜଗନ୍ନାଥଙ୍କର ସିନା ଅଛି ବଡ଼ାଇ,
କାହାକୁ ଦଅନ୍ତି ପାଟ କାହାକୁ ଗଡ଼ାଇ ।

—୩—

ରୂପର ଗରିମା ସିନା ହୁଏ ଯୁବାକାଳେ,
ଯୁବାକାଳ ଗଲେ ରୂପ ନ ଫେରଇ ଟାଳେ !
ଗ୍ରାମ-ଶେଷ-ମୁଣ୍ଡ-ଘର ଅଛି ଗୋରକୁ,
ବୁଢ଼ାକାଳ-ବାଘ୍ର ପଥ ଅଛି ପରକୁ ।
ନବୀନ ବୟସ ସିନା ପୀରତି-ସମୟ,
ଘର ନ ଧରଇ ମନ ହୁଏଟି ଅଥୟ ।

—୪—

ସହକାର-ଡାଳେ ମାଡ଼େ ମାଧବୀ ଲତିକା,
ବାହୁ ଛନ୍ଦ ହସୁଥାନ୍ତି ରସିକ ରସିକା ।
ରଜା-ପୁଅ ଯୋଗୀ ହେଲେ ନ ହୁଅଇ ଜଣା,
ନ ଥିଲେ ପାଶରେ କାନ୍ତ ଲାଗୁଥାଏ ବଣା ।
ଉଡ଼ିଗଲେ ଗେଣ୍ଡାଳିଆ ଉଚ୍ଚ ଆକାଶରେ,
କେମାଦେଈ କାନ୍ଦୁଛନ୍ତି ମଧୁଶଯ୍ୟାଘରେ ।

Digitized by srujanika@gmail.com

—୫—

ଛାଡ଼ିଗଲେ ଗେଣ୍ଡାଳିଆ ଝାଡ଼ ଦେଲେ ପର,
କେମାଦେଇ ହରାଇଲେ ଅଳି ବୁଢ଼ାବର !
ବାଳଗ ଗୋଲାପେ ଆସି ବସିଥିଲା କୁଆ
ଉଡ଼ି ଗୁଡ଼ିଗଲା କାହିଁପାଇଁ ନୂଆ ନୂଆ !
ପୋଡ଼ିଗଲା ଛଅଣରେ ସୁଅଦ ନ ଥାଏ,
ନ ଫୁଟୁଣୁ ପଦ୍ମକଢ଼ି ମଉଳିଣ ଯାଏ ।

—୬—

ଛାଡ଼ିଗଲେ ଗେଣ୍ଡାଳିଆ ଝାଡ଼ ଦେଲେ ପର
କେମାଦେଇ କାନ୍ଦୁଛନ୍ତି ଝୁରି ବୁଢ଼ା ବର ।
ଗୀତ ଗାଇ ଯାଅ କଏ ବାଟୋଇ ପଥିକ,
ମୋତେ ଦେଖି ଗାଉଛ କି ଅଚହ୍ନା ରସିକ ?
ପାଣି ଅଣିବାକୁ ଯାଏ ପଡ଼ା-ପୋଖରୀକି,
ହସନ୍ତି ଯୁବକମାନେ ମୁରୁକି ମୁରୁକି ।

—୭—

ପୋଖରୀକୂଳରେ ସେହି ବଉଳମୂଳରେ
ରାବଇ କୋଇଲି 'କୁହୁ' 'କୁହୁ' ଥରେ ଥରେ ।
ଦକ୍ଷିଣା ପବନ ବହିଯାଏ ଝୁଲି ଝୁଲି,
ଛାତି ମୋର କାହିଁ ପାଇଁ ପଡ଼େ ଦୁଲି ଦୁଲି !
ପ୍ରେମମୂଳ ଠାକୁରାଣୀ ଉଠାଇ ମୋହର,
ପୋଡ଼ୁରେ ନିଲଜ ପ୍ରାଣ ସୁହାଗ ତୋହର ।

—୮—

ଭାସିଗଲେ ନଦୀଜଳେ ବଉଳର ମାଳା,
କି କରିବ କାହିଁଯିବ ମୁଁ ଷୋଡ଼ଶୀ ବାଳା ?
କଏ ସଖୀ ରୁକ୍ଷକେଶୀ, ପୁଷ୍କରଣୀ ତୀରେ
ନଇମାଣି ନାଗ୍ରି ସଙ୍ଗେ ଗୁଲି ଧୀରେ ଧୀରେ ?
ଠାରୁଛି କରୁଛ କି ମୋତେ ସୁହାଗିନୀ ଯୋଷା,
ପିନ୍ଧିଛୁ କପାଇଁ ତୋହୋ କୁସୁମର ଖୋଷା ?

Digitized by srujanika@gmail.com

ଅହା ଅହା ନୁହେ କେହ୍ବ, ମୋହର ଏ ଘର,
ଛି ଛି ଦର ପୋଡ଼ା ପରାଣ ମହୁତ ତୋ ନାହିଁ !
ମୋର ବାପ ଭାଇ ମାଆ ଜନମ-କଂସେଇ,
ଅଗାଧ ପାଣିରେ ମୋତେ ଦେଲେ ଗୋ ଭସାଇ!
ନିଷ୍ଠୁର ସମାଜ ତୋର କି ଦୋଷ ମୁଁ କଲି,
ଏ ବୟସେ ଏ ବେଣକୁ କପାଁ ମୁଁ ବହିଲି ?

ବ୍ୟର୍ଥପ୍ରଣୟ

'Ah! why was love to mortals given,
'To lift them to the heights of heaven,
'Or dash them to the depths of hell ?
'Yet I do not reproach thee dear !'

P. B. Shelley.

କପାଁ ଅଜ ଦଅ ଦେଖା ମୋ ପ୍ରାଣ-ରମଣି ?
ବସନ୍ତ-ଗରବେ ସବୁ ଦଅ ବିସର୍ଜନ ।
ଦେଖି ତବ ମଧୁମୁଖ ଦୁଏ ମୋ ଦାରୁଣ ଦୁଃଖ,
ପୋଡ଼ିଯାଏ ପ୍ରାଣ ଦେଖି ସେ ରମ୍ୟ ନୟନ ।
ଦେଖି ମୂରତି ମୋହନ ଦୁଅଇ ମନ ଉଛନ୍ନ,
ଡରଲି ଯାଏ ସୁନ୍ଦର ! ନବୀନ ଯୌବନ ।
ଭାବେଁ ତେଣୁ ଏ ସଂସାର ନିଦାରୁଣ କାରାଗାର
ଜୀବନ ଯୌବନ ମାନ କରେଁ ସମର୍ପଣ ।
ପଲକେ ସଲଜ୍ଜ ଭୟ ଘୋଟେ ମୋ ପରାଣମୟ
ଗୃହକୋଣେ ଯାଏଁ ଗୃଲି ରହେଁ ମାରି ମନ ।
ନିତ୍ୟକର୍ମେ ଦେଇ ମନ ରୋଧେ ଉନ୍ମତ୍ତ ଯୌବନ
ପୁଣି କପାଁ ଦଅ ଦେଖା ହେ ମନମୋହନ ?
ଦାରୁଣ ସଂସାର-ନୀତି, ଦାରୁଣ ପୀରତି-ଘାତି,
ଏ ଜୀବନେ ତୁମ୍ଭ ମୋର ନୋହିବ ମିଳନ !

Digitized by srujanika@gmail.com

ପଲ୍ଲୀପଥ

ଶୀତଶେଷେ ଗ୍ରାମବଧୂଗଣ
କରି ପ୍ରାତଃସ୍ନାନ ସମାପନ
ଥରି ଥରି ଦଶନରେ   ଗୁନ ଗୁନ ନିସ୍ୱନରେ
ଦୁଃଖ-ସୁଖ କହି ଆସୁଥିଲେ ବାଳାଗଣ,
ବହୁଥିଲା ମୋ କର୍ଣ୍ଣେ ସେ ସ୍ୱନ ସମୀରଣ ।

ଏ ସମୟେ ତେଜି ନିଦ୍ରାଶଯ୍ୟ
ଶୂନ୍ୟପ୍ରାଣେ ଛାଡ଼ିଲି ନିଳୟ
ବଗୃହ ଅବା ଭ୍ରମଣେ   ଶାନ୍ତି ବାଞ୍ଛିବ ମନେ;
ଦେଖିଲି ଗଗନପଥେ ପୁରବଧୂ ଊଷା
ପିନ୍ଧି ହୋଇଅଛି ଉଭା ଶୁଭ୍ର ଶୁକ୍ଳଭୂଷା ।

ଊଷାସମ ଗ୍ରାମପଥେ କିଏ ?
ଏକୁଟିଆ ନବବଧୂଟିଏ
ଦୂରୁଥିରୁ ହୁଏ ଜାଡ଼େ   ପଥୁ ଘୁଞ୍ଚି ହୁଏ ଆଡ଼େ !
ମୁଁ ଆଡ଼ ହୁଅନ୍ତେ ପାଦେ ବାଙ୍କି ଲଜକୁଳୀ
ବ୍ରୀଡ଼ାବତୀ ସେ ବ୍ରତତୀ ପଡ଼ିଲା ଝାଉଁଳି !

ଅଳପ ଅଳପ ପଡ଼ି ଖରା
ଅପରୂପ ଶୋଭାବତୀ ଧରା,
ବସିଣ ବାଡ଼ି ଭିତରେ   ନାଚିଏ ହୃଷ୍ଟଚିତ୍ତରେ
ସେବୁଥିଲେ ପ୍ରାଚୀପୃଷ୍ଠା ହୋଇ ରବିକର,
ଅଳପ-ଜଳ୍ପ ଯୋଗୁଁ ତନୁ ଥରଥର ।

ଅହା କିଏ ଏସନଙ୍କ କାଳେ
ଘନସାନ୍ଦ୍ର ତମାଳର ଡାଳେ
ଶରପରଶିତ ସ୍ୱନେ   ସୁଦୁର୍ଲ୍ଲଭ ସ୍ୱର୍ଗବର୍ଣ୍ଣେ
ସୁଧାସ୍ୱନେ ଡାକେ ଆସି ନବୀନ ଅତିଥି ?
କାଳ-ବାରିଧିରେ ବର୍ଷେ ଯାଇଅଛି ବିତି !

Digitized by srujanika@gmail.com

କାହିଁ ଥିଲୁ ବର୍ଷେ ପରଭୃତ,
କପାଁ ଗନ୍ତୁ ରେ ବସନ୍ତଦୂତ !
କେତେ ସୁଖ ଦୁଃଖ ବିତ   ଯାଇଅଛି ନିତି ନିତି,
ସ୍ମୃତି ତାର ଦିଗନ୍ତରେ ଲୁଚି ରହୁଥିଲା,
ତୋ ସ୍ୱନ ଶୁଣନ୍ତେ ଅହା ବାହାରି ଉଠିଲା !
ହେମ-ଅଙ୍ଗୀ ନୀଳକେଶୀଗଣ
ଚମକିଣ ଡେରିଲେ ଶ୍ରବଣ,
ଶୁଣି ଅପରୂପ ଗାନ   ଆବେଶେ ବିହ୍ୱଳପ୍ରାଣ
ଚଞ୍ଚଳିତ ହେମ-ଅଙ୍ଗେ ଉଚ୍ଛୁଳି ପଡ଼ିଲା,
ମୂର୍ତ୍ତି-ପଟେ ଗୂଢ଼ ଚିତ୍ର କିଏ ସେ ଅଙ୍କିଲା ?

ଗ୍ରୀଷ୍ମ

—୧—

କାଲେ ଋତୁରାଜ ବସନ୍ତ ତେଜି ଯାଅନ୍ତେ ଧରା,
ଦୁର୍ଦ୍ଦାନ୍ତ ଗତିରେ ଅଇଲା ମାଡ଼ି ଦାରୁଣ ଖରା ।
କ୍ରମେ ପିକ-କୁହୁ-ଶବଦ ଅନ୍ତର୍ହିତ ହୋଇଲା,
ଦିଗ-ଅନ୍ତରାଳୁ ଝିଙ୍କାରୀ ରହି ରହି ରାବିଲା ।
ବହିଲା ରୁଧିର-ଶୋଷଣକାରୀ ତପ୍ତ ପବନ,
ବିରଳପଲ୍ଲବ ହୋଇଲେ ଲତା ବିଟପିଗଣ ।

ମଧ୍ୟାହ୍ନେ ସୁଦୂର ସୈକତେ ସୁବିସ୍ତୀର୍ଣ୍ଣ ପ୍ରାନ୍ତରେ
ଗମ୍ଭୀର ବାଲିରେ ପାଟରେ ନଦୀଶଯ୍ୟା ଉପରେ
ବହେ ତପ୍ତ ବାୟୁ ନାଚଇ ମରୀଚିକାର ଜଳ,
ଦେଖି ଧାଏଁ ଯେବେ ତୃଷାର୍ତ୍ତ ହୁଏ ଆଶା ବିଫଳ !
ଡାକି କହେ ଶୂନ୍ୟେ ବୈରାଗୀ
"ଅରେ ରେ ମୁଗ୍ଧ ମନ !
ଭବେ ମୋହ ମୃଗତୃଷ୍ଣିକା ଆଶା ତପ୍ତ ପବନ !

Digitized by srujanika@gmail.com

ଜୀବନ-ନିଦାଘ-ମଧ୍ୟାହ୍ନେ ଏସନେହିଁ ଦିଶନ୍ତ,
ହେଲେ ମୋହ-ମୁଗ୍ଧ ମାନବେ ପ୍ରବଞ୍ଚନା କରନ୍ତ ।

—୨—

"ଲୁଚକାଳି" ଖେଳ ଖେଳନ୍ତ ଶିଶୁଗଣ ପ୍ରଦୋଷେ,
ଲୁକୁକାଳି କିବା ଖେଳନ୍ତ ମେଘମାନେ ଆକାଶେ ?
ଠାବେ ଠାବେ ବସି ବୟସୀ ଗାଉଛନ୍ତ ଭଜନ,
କେଉଁଠାରେ କିଏ କଲ୍ପୁଛି 'ବତିଶସିଂହାସନ' ।
କିଏ କେଉଁଠାରେ ଗାଉଛି 'କାନ୍ତକୋଇଲିଗୀତ',
'ବୀରସିଂହ ଚନ୍ଦ୍ରଚରଣ' କାହିଁ ମୋହୁଛି ଚିତ୍ତ ।
କୋଡ଼ି କୋଡ଼ି ଦିଶେ ଆକାଶେ ଧଳା ବଗଦିପନ୍ତି,
ବୈଦିକ ଋଷିଏ ମର୍ତ୍ତ୍ୟ କି ସ୍ୱର୍ଗେ ଗୃହ କରନ୍ତ ?
'ବଡ଼ଦାଣ୍ଡ' ପର ଦିଶଇ 'ଖର୍ଦାଣ୍ଡି' ଗଗନେ,
ଅମୃତ-ଭାର କି ବହନ୍ତ ତହିଁ ଦେବତାଗଣେ ?
ଧଳା କଳା ନୀଳ ବଉଦେ ଝପି ଯାପନ୍ତ 'ସ୍ୱର୍ଗ',
ଜୀବନେ ଯେସନ ଆସ୍ମାଙ୍କୁ ଝପେ ଯନ୍ତ୍ରଣାବର୍ଗ ।
କ୍ଷଣେ ଦିଶେ ଜହ୍ନ କ୍ଷଣକେ ହୁଏ ମେଘେ ଅଚ୍ଛନ୍ନ,
ଏହିପରି ସିନା ବିଷାଦ-ହର୍ଷେ ପୂର୍ଣ୍ଣ ଜୀବନ !

—୩—

ନିଶିରେ ଆକାଶ ଦିଶଇ କେଡ଼େ ସୁନୀଳବର୍ଣ୍ଣ,
ତହିଁ ମିଟିମିଟି ଅନାନ୍ତ ତୋଷି ତାରକାଗଣ ।
ଜଗତଜୀବନସୁକୃତଚକ୍ଷୁ ପରି ଏମାନେ,
ହେଲେ ଜନରବ ଏ ବାଣୀ କହି ଦିଏ ମୋ କାନେ ।
ପ୍ରିୟାବକ୍ଷେ ଲେପି କର୍ପୂର ବେଣାରେବ ଚନ୍ଦନ
ଗଳେ ମଲ୍ଲୀହାର ଲମ୍ବାନ୍ତ ପଲ୍ଲୀ-ରସିକଗଣ ।
ପରସ୍ପର-ହସ୍ତୁଁ ବଞ୍ଚଣା ଛଡ଼ାଛଡ଼ି ହୁଅନ୍ତ,
ଜେଡା ବଞ୍ଚି କିବା ଉଡ଼ାଏ ପ୍ରେମ-ବଇଜୟନ୍ତୀ ?
ଆଳାପେ ରଜନୀ କଟାଉ କାନ୍ତକାନ୍ତା ଜନିଦ୍ର,
ଯାମିନୀ-ପାହାନ୍ତା-ପ୍ରହରେ ମାଡ଼ି ଆସଇ ନିଦ ।

Digitized by srujanika@gmail.com

କାନ୍ତକୋଳେ ସୁପ୍ତା ନବୀନା, ବହେ ଖର ନିଶ୍ୱାସ,
ପୃଥୁଳ କନକ-ଉରସୁ ଖସି ଯାଇଛି ବାସ,
ଘନ କୃଷ୍ଣକେଶ କମ୍ପାଏ ମୃଦୁ ମନ୍ଦ ପବନ,
ସୁଖ-ସ୍ୱପ୍ନେ ଦୋଳା ଗୋଲାପୀ ଓଷ୍ଠ ହୁଏ କମ୍ପନ;

ଅନନ୍ତ-ଅଙ୍କରେ ସୁପ୍ତା ଦାନ୍ତ ବସୁନ୍ଧରା,
ଉଚ୍ଚ ଅଭ୍ରଭେଦୀ ଶୃଙ୍ଗାଦ୍ରି, ନାହିଁ ବାସର ଖରା,
ନଭେଁ ଆନ୍ଦୋଳିତ ହୁଅନ୍ତି କୃଷ୍ଣବାରିଦଗଣେ,
ଧୀରେ ମନ୍ଥୁରହେ ସ୍ପନ୍ଦିତ ନିଶାନ୍ତର ପବନେ ।

ଏକାଟିଆ ଚଷାଗୀତ

—୧—

ଦେଖୁଁ ଦେଖୁଁ ମାଡ଼ି ଆସେ ଘନ ବରଷା,
ବିଲ୍‌କାମ ସାରି ଗୃହ୍ଲ ଗଲେଣି ଚଷା
ଗଗନେ ଗରଜେ ଘନ,
ବହଇ ଖର ପବନ,
ଘୋର ବଢ଼ି ଘଡ଼ଘଡ଼ି ଜଡ଼େ ଭରସା,
ଦେଖୁଁ ଦେଖୁଁ ମାଡ଼ି ଆସେ ଘନ ବରଷା ।

—୨—

ନିଘୁଟିଅ ପାଠବିଲ୍ ମାଡ଼ଇ ଡର,
ଠକ ଠକ ପଡ଼େ ମୁଣ୍ଡେ ସ୍ୱର୍ଗପଥର,
ଚଉଦିଗ ଚକ ଚକ
ଦଣେ ବିଜୁଳି ଚମକ,
ଗିରିବନେ ଗରଜନ୍ତି ଲଢ଼ାପଢ଼ର,
ଚହ ଚହ ପାଠବିଲ, ମାଡ଼ଇ ଡର ।

Digitized by srujanika@gmail.com

—୩—

ଏକାଠିଆ ଚଷା ମୁହିଁ ସାହା ମୋ ନାହିଁ,
ସାଥୀ ଚଷାମାନେ ମୋତେ କରନ୍ତି ଠାହୁ,
ନବୀନ-ବରଷାକାଳେ
ଡାକଇ ଡାହୁକେ ଡାଳେ,
ନ ଘୁଡ଼ିଲେ ପ୍ରେୟସୀକୁ ତା ବାପ ଭାଇ,
ଏକାଠିଆ ଚଷା ମୁହିଁ ସାହା ମୋ ନାହିଁ ।

—୪—

ନୀଳ ଅକାଶରେ ଧଣେ କଳା ବଉଦ,
ଗମ୍ଭୀର ବଲ-ମଞ୍ଚିରେ ବେଣୀର କୁନ୍ଦ,
ଅକାଶ ଟାଙ୍କଇ ଘନ,
ବହଇ ଖର ପବନ,
ଇନ୍ଦ୍ରନୀଳମଣିବର୍ଣ୍ଣ ଦେବ-ସଉଧ
ନୀଳ-ଅକାଶରେ ଧଣେ କଳା ବଉଦ ।

—୫—

ପର୍ବତଶିଖରେ ମେଘ ଚରଇ ଲଠା,
ନଈକୂଳେ ଧୁଏ ଧାନକିଆରୀ କଠା,
ଦୂର କୂଳ ଖାଇ ନଈ
ଯାଏ କେଉଁ ଦେଶେ ବହି,
ଘୋର ବରଷାର ଅଗ୍ନି କି ଘନଘଟା !
ପର୍ବତଶିଖରେ ମେଘ ଚରୁଛନ୍ତି ଲଣ୍ଠା ।

—୬—

ଯାଏ ସିନ୍ଧୁ ପାଶେ ମତ୍ତ ଯୌବନଭରା
ଦୂର କୂଳ ଖାଇ ନଈ, ଖସେ ଅଧରା,
ଏ ବୟସେ ସେ ଯୁବତୀ
ନାହିଁ ଯାହା ମୋର କତି !
ଉଦ୍ଦାମ ଯୌବନେ ଧନୀ ସେ ଦେଖୁଁ ପରା
ଆସେ ମୋର ପାଶେ ମତ୍ତ ଯୌବନଭରା ।

Digitized by srujanika@gmail.com

—୭—

ଅକାଶେ ଘଣର ମେଘ କଳାହାଣ୍ଡିଆ,
ସେପାରିରେ ତାଟକେ କିଏ ହୋଇଣ ଠିଆ ?
ଦୂର ଦେଶର ବାଟୋଇ,
ନାହିଁ ମୋର ହାଥୀ କେହି,
ନାବ ବହି ଅଣ ବେଗେ ଏ ନାଉରିଆ,
ଅକାଶେ ଘଣର ମେଘ କଳାହାଣ୍ଡିଆ ।

—୮—

କେତେ ଗୀତ ଗାଉ ଅରେ ନାଉରୀ ଭାଇ !
ତୁରିତେ ଏ ପାରି ନାବ ଅଣ ତୁ ବାଇ ।
ଝର ଝର ଝରେ ନୀର,
କଳ କଳ ନଦୀତୀର,
ମାଝି ଅସୁଛୁ ଅନ୍ଧାର ବେଳ ତ ନାହିଁ,
ବାଇ ଅଣ ବେଗେ ନାବ ନାଉରୀ ଭାଇ ।

ଅର୍ଜ୍ଜୁନୋର୍ବଶୀ

ସୁନାଶିର-ଚର-ଶତସେନ ଗିର କହିଲ "ଉର୍ବଶି !
ଅଦେଶ କୁଳଶୀ ଶୁଣ ଗୋ ସୁକେଶି-ପୁରୁବଂଶ ଶଶୀ
କଣ୍ଠୀ ନର୍ତ୍ତନେ ନନ୍ଦନକାନନେ ଏକାକୀ ବଦେଶୀ,
ଯାଇଁ ପାର୍ଥ-ପାଶ ସୁରସରେ ରସ ଶୋଭାଙ୍ଗୀ ସୁକେଶୀ—"

ଶୁଣି ଦୂତଠାରୁ ଉର୍ବଶୀ ରମ୍ଭୋରୁ ବାଞ୍ଛି ତ ବାରତା
ବାଧୂଶିଲ୍ପସୀମା-ସୁତନୁମଧ୍ୟମା ତନୁବେଶରତା ।
ଚୁମ୍ବିଛି ଚରଣ ଘନ-ନୀଳବର୍ଣ୍ଣ-କୁଞ୍ଚିତ-ଚିକୁର,
କରିଛି ଅଞ୍ଚଳ ନିତମ୍ବ ଜଘନ ଉରୁ ନାବୀ ଉର ।

Digitized by srujanika@gmail.com

ବିକଚନୀଳାବ୍ଜ-ପଳାଶ-ସଙ୍କାଶ ବେନି ଲୋଚନରୁ
ବରଷୁଛି ଅଶ୍ରୁ, ଇନ୍ଦୁ ମ୍ଳାନପ୍ରଭ, ଲୋଳ ଭ୍ରୂ ସରୁ ।
ଶୁଭ୍ରକମ୍ବୁକଣ୍ଠୀ ଉଦ୍‌ଗ୍ରୀବଉତ୍କଣ୍ଠୀ ପ୍ରିୟଦର୍ଶନେ,
ଗୃହିଣୀ ମୁକୁରେ ନିଜ ଲାବଣ୍ୟରେ ବିଜେ ସୁଗମନେ ।
ବେନି ପୀନସ୍ତନ ମୃଦୁ ନିସ୍ପନ୍ଦନ ବିଲୋଳ ଚଳନେ,
ଚଳିତ ଚରଣ ବିପଥେ ପତନ ଚଞ୍ଚଳିତ ମନେ ।
ପୃଥୁନିତମ୍ବିନୀ ପୀନପଦ୍ମିନୀ ସୁଦତୀ ରମ୍ଭୋରୁ
ଚମ୍ପକବରଣା କମଳଲୋଚନା ସୁକେଶୀ ଲୋଳଭ୍ରୂ ।
ପ୍ରିୟ-ଅଭିସାରେ-ପ୍ରଣୟ-ଆଶାରେ ତ୍ରିଦଶସୁନ୍ଦରୀ
କ୍ଷିତ ସ୍ୱର୍ଗପଥେ ଚଳିଲା ଅଜ୍ଞାତେ ଅତିକ୍ରମ କରି ।
ତ୍ରିଦିବବିଭବନେ ନନ୍ଦନକାନନେ ପୂର୍ଣ୍ଣେନ୍ଦୁକିରଣ,
ପାରିଜାତଚ୍ୟୁତସୁରଭିବନରୁ ବହଇ ପବନ ।
ଚନ୍ଦ୍ରିକାସାଗରେ ପ୍ରଫୁଲ୍ଲ ମନରେ ଚକୋରୀ ଚକୋର
ପ୍ରଣୟ-ସଙ୍ଗୀତେ ଚମତ୍କାର ଚିତ୍ତେ ତନ୍ମୟ ବିଭୋର ।
ନିସ୍ତବ୍ଧ ସକଳ ମନ୍ଦାକିନୀ-ଜଳ ବୀଚିକଳକଳ,
ତଥିପରେ ପଡ଼ି ଉଜ୍ଜ୍ୱଳ କୌମୁଦୀ ବିଲୋଳ ଚଞ୍ଚଳ ।

ପ୍ରଲମ୍ବକୁନ୍ତଳା ଅପ୍‌ସରୀଲଲାମ ତ୍ରିଦିବସୁନ୍ଦରୀ
ପଥ ଅତିକ୍ରମି ଯାଏ ଚଳି ଦଶ କଲ୍ଲୋଳିତ କରି ।
ଅମରୀ-ସୁଲଭ-ଅଭ୍ରରେ କୌମୁଦୀ ହୁଏ ଆଲୋକିତ,
ସୁଧାମଦେ ନେତ୍ର ଲୋହିତ, କସ୍ତୁରୀ ଗନ୍ଧେ ଆମୋଦିତ ।
ସୁରସୁନ୍ଦରୀର ଚାରୁ ନୟନର ଯେ ସ୍ଥାନେ ପଡ଼ଇ,
ସ୍ୱର୍ଗ ଲକ୍ଷ୍ମୀ ତହିଁ ଖେଳିକଳା ଯେହ୍ନେ ଉଲ୍ଲାସେ କ୍ରୀଡ଼ଇ ।
ମାନସ-ଜଳଧି-ବେଳା-ଭୂମି ବଳି ଭାବ ଉର୍ମିରାଶି
ତ୍ରିଦିବ ନିଶୀଥ-ନିସ୍ତବ୍ଧ ଗଗନେ ଲୀନ ହୁଏ ଆସି ।
ମୃଦୁପଦଚାରେ ଝଣଝଣତ୍କାରେ ସତୃଷ୍ଣେ ସହାସେ
ଉର୍ବୀ ଚାରୁଶୀଳା କଳାବତୀ ବାଳା ପାର୍ଥବାସ-ପାଶେ ।
ରତ୍ନସିଂହାସନେ ନିଃଶବ୍ଦେ ନିର୍ଜନେ ମଧ୍ୟମପାଣ୍ଡବ
ଉପବିଷ୍ଟ; ପ୍ରାଣେ କୌରବ-ଜାତବ ଘଟାଏ ତାଣ୍ଡବ ।

Digitized by srujanika@gmail.com

ତେଜି ମର୍ତ୍ତ୍ୟପୁର ସୁଦୂର ସୁଦୂର ସ୍ୱର୍ଗପୁରେ **ଅସି**
ହୋଇଛନ୍ତି ବୀର ତରୁଣକିଶୋର ଚିରହପ୍ରବାସୀ ।
ମୃଦୁପଦେ ଚଳି ଅପ୍‌ସରମଣ୍ଡଳୀ ସ୍ନିଗ୍ଧ ଜ୍ୟୋତି ପାଶେ,
ଅନନ୍ତଯୌବନ-ତ୍ରିଦଶ-ଈପ୍‌ସିତ-ତନୁ-ଦାନ-ଆଶେ ।
ସମ୍ମୁଖେ **ଆସନ** ତେଜି ସବ୍ୟସାଚୀ ଦେଖାଇ ସମ୍ମାନ
କହନ୍ତି ବିନମ୍ରେ, "ହେ ସୁରସୁନ୍ଦରି ! ଆଜ୍ଞା କର ଦାନ ।"
ଚପଳା ଚଞ୍ଚଳା **ଆସ୍ତୃତନପୃନା** ଅନନ୍ତଯୌବନା
ବରିରେଖା ଶ୍ୟାମା ଚମ୍ପୋରୁ ମୃତନ୍ୱୀ ବିଦ୍ୟୁତବରଣା ।
କହେ ସୁରବାମା ଓମ୍ବୁନ୍ନମଧ୍ୟମା, "ତରୁଣ ସୁନ୍ଦର !
ଜୀବନ ଯୌବନ ତନୁ ପ୍ରାଣ ମନ ଅର୍ପିଲି ମୋହର ।"
ଅଞ୍ଜଳି ପିଠାଇ କର୍ଣ୍ଣେ ହସ୍ତ ଦେଇ କହନ୍ତି ପୌରବ :—
"କୁରୁକୁଳମାତଃ ପ୍ରଣାମେ, ନ ଲଙ୍ଘ ବଂଶର ଗୌରବ ।
ପୁରୁରବାପ୍ରିୟା ପୌରବଜନନୀ ତୁମ୍ଭେ ଆଗୋ ମାତଃ !"
ସ୍ତମ୍ଭିତା, ମୂର୍ଚ୍ଛିତା, ପତିତା, ଉର୍ବଶୀ ବୋଲି 'ଅହା ନାଥ !'
ଚେତନା ପାଇଣି କହେ ସୁରଯୋଷା, "ତେବେ କିସ ପାଇଁ
ଦେବ-ସଭା-ନୃତ୍ୟେ ଥିଲ ମୋହ ଅଙ୍ଗେ ସତୃଷ୍ଣେ ଅନାଇ ?"

କହନ୍ତି ଫାଲ୍‌ଗୁନୀ, "ପୌରବ-ଜନନୀ ଏହି ସୁଲକ୍ଷଣୀ—
ଏହା ମନେ କରି ପୂତନେତ୍ରେ ଚାହିଁଥିଲି ଗୋ ଜନନି !
ଦଶଦିଗପାଳ ବ୍ରହ୍ମର୍ଷିମଣ୍ଡଳ ଶୁଣନ୍ତୁ ତ୍ରିଦଶ—
ବ୍ରହ୍ମଚର୍ଯ୍ୟବ୍ରତୀ ଅର୍ଜୁନ ଉର୍ବଶୀ ନ କରିବ ସ୍ପର୍ଶ ।"
କହେ କାମମୁଗ୍ଧା-ବାମା ସ୍ନିଗ୍ଧନେତ୍ରା," ତୁମ୍ଭ ସେ ଦର୍ଶନେ
ମନୋଭବ-ଇଷୁ କଲା ଜର୍ଜରିତ ମୋର ପ୍ରାଣମନେ ।
ଏବେ ନିଦାରୁଣ କଲ ପ୍ରତ୍ୟାଖ୍ୟାନ, ଶୁଣ ମୋର ବାଣୀ,
ଦେଲି ଅଭିଶାପ ତେଜି ପୁରୁଷତ୍ୱ ହୋଇବ ରମଣୀ ।"
"ପୁଣ୍ୟପୁରସ୍କର୍ତ୍ତ୍ରୀ ପାପଦଣ୍ଡଦାତା ଅଛନ୍ତି ବିଧାତା,
ଆଶୀର୍ବାଦ କର ଅଧମ ସନ୍ତାନେ ଯାଅ ଫେରି ମାତା ।"

Digitized by srujanika@gmail.com

ସପତ୍ନୀ

ଇନ୍ଦ୍ରପ୍ରସ୍ଥ ଅଙ୍ଗ ଯାଉଛି ମୁଦ-ସମୁଦ୍ରେ ବୁଡ଼ି,
ଦୀର୍ଘ ବନବାସୁଁ କିରୀଟୀ ଆସିଛନ୍ତି ବାହୁଡ଼ି ।
ଧର୍ମ-ଅର୍ଥେ ସତ୍ୟ ଲଙ୍ଘିଣ ବୀର ପୃଥାନନ୍ଦନ
ରାଜ୍ୟ ଗୃହ ତେଜି ଗମିଣ ଥିଲେ ଗହନ ବନ ।
ନାନା ତୀର୍ଥ ଅଧ୍ୱ ଅଟବୀ ନଗ ନଗରୀ ଭ୍ରମି
କେତେ କାଳ ପୁଣି ଗମିଲେ ତୀର୍ଥ-ପ୍ରଭାସେ ରମି ।
ଶ୍ରୀକୃଷ୍ଣ-ସଙ୍ଗତେ କ୍ରୀଡ଼ିଲେ ରୈବତକ ପର୍ବତେ,
ଛଟକେ ହରଣି ସୁଭଦ୍ରା ବସାଇଲେ ସ୍ୱରଥେ ।
ପୁଷ୍କରାଦ ତୀର୍ଥ ଭ୍ରମିଣ ଇନ୍ଦ୍ରପ୍ରସ୍ଥେ ମିଳିଲେ,
ଗୁରୁଜନ ପଦେ ପ୍ରଣମି କୃଷ୍ଣା ପାଶେ ଗମିଲେ ।
ପତି ମୁଖ ଚାହିଁ କହନ୍ତି ଦୁଃଖେ ଦ୍ରୁପଦ-କନ୍ୟା,
"ଆଜ କାହିଁପାଇଁ ଏଠାରେ ଅହେ ଗାଣ୍ଡୀବଧନ୍ୱା !
ତୁଅଁ ନା ତୁଅଁ ନା ଅର୍ଜୁନ, ଆଜ ମୋ ଅପଘନ,
ଅନ୍ୟନାରୀ ସହ ହୋଇଛି ତୁମ୍ଭ ପାଣି-ପୀଡ଼ନ ।

ଯାଅ ନବକାନ୍ତା ସୁଭଦ୍ରା-ପ୍ରେମ ସମ୍ଭୋଗେ ସୁଖେ
ସୁଖାର୍ଣ୍ଣବେ ଦୋ ଭାସିବ ମୋତେ ନିହଣି ଦୁଃଖେ ।
ପୁରାଣ ନିର୍ମଳ ପଣରେ ବନ୍ଧ ଯେଉଁ ପଦାର୍ଥ,
ନବପାଟଣ ଦୃଢ଼େ ବାନ୍ଧିଲେ ତାହା କି ହୁଏ ପାର୍ଥ ?
ନବ ଯୁବତୀର ପ୍ରୀତିରେ ବନ୍ଧ ତୁମ୍ଭ ହୃଦୟ,
ନିଷ୍ଠୁର ନିଷ୍ଠୁର ! ପାସୋରି ଅଛ ପୂର୍ବ ପ୍ରଣୟ ।
ସଜଫୁଲ ପାଇ ମଧୁପ ବାସିଫୁଲେ କି ରସେ,
ସୁଭଦ୍ରାକୁ ଛାଡ଼ି ଆଜ କି ରହି ପାର ମୋ ପାଶେ ?
ହେ ନବରସିକ, ପ୍ରଣୟ-କଥା ପଛେ ଭୁଲିବ,
ପରିଣୟ କଥା ହୃଦରୁଁ ପୋଛି ନ ପକାଇବ ।
ଯେଉଁ ରୂପ ମୋତେ କରିଛି ! ଲକ୍ଷ୍ୟ ଭେଦ ଜିଣିଲ,
କି ନିର୍ଦ୍ଦୟପ୍ରାଣେ ପ୍ରାଣେଶ ! ହେଲେ ତା ବିସୋରଣ ?

Digitized by srujanika@gmail.com

ବହୁବେଶଧାରୀ ତୁମ୍ଭର ଉତ୍ତରୀୟ-ଧାରଣେ
ଅନୁସରିଥିବା ଘଟନା ରହିଥିବ ସ୍ମରଣେ ।
ପଦତଳେ ତବ ଶୋଇଲି ମୋର ପିତୃନଗରେ
ଭକ୍ତାବଲମ୍ବିତା ହୋଇଣ ସେହୁ କୁଟୀର ଘରେ ।
ହେମ ଇନ୍ଦ୍ରକୋଷ ବରଜ ଧରାତଳେ ଶୋଇଲି,
ତୁମ୍ଭ ପାଇଁ ସିନା ଅର୍ଜୁନ, ପଞ୍ଚ ପତି ବରିଲି !
ଏକରୂପେ ପାଞ୍ଚଭାଇଙ୍କୁ ଏକଭାବେ ଦେଖଇ,
ବୀର ! ତୁମ୍ଭ ପ୍ରତି ଦୁର୍ବଳ ଚିତ୍ତ ବଳେ ଧାବଇ ।
ଅତୀବ ଦାରୁଣ ହୃଦୟ ସଖା, ଅଟେ ତୁମ୍ଭର,
କି ଦୋଷେ ଦାସୀକି ତେଜିଲ ଅହେ ପ୍ରେମିକବର ?
ସୌଭାଗ୍ୟବତୀ ସେ ସୁଭଦ୍ରା ଧନ୍ୟ ଧନ୍ୟ ଅଙ୍ଗନା !
ବଳେ ଧନୁର୍ଦ୍ଧାରୀ ବୀରଙ୍କ ହେଲା ଅଙ୍କ-ଶୟନା ।
କେମନ୍ତେ ସହିବି ଏ ଦୁଃଖ ଅହେ ପରାଣ-ସାଇଁ ?
ପ୍ରାଣ ରଖି ଯାହା ଦେଲ ହେ ଦୁଃଖାର୍ଣ୍ଣବେ ଭସାଇ !
ମନେ କରିଥିଲି ଜୀବନେ ଯେଉଁ ଦୁଃଖ ପଡ଼ିବ,
ବୀର ଧନଞ୍ଜୟ କୃପାରୁ ପଲକରେ ତୁଟିବ ।

ଆଜ ଯେଉଁ କ୍ଳେଶ ଦେଲ ହେ ଦଗ୍ଧ ପ୍ରାଣେ ମୋହର,
ଶାନ୍ତି ନୀର କିଏ ସିଞ୍ଚିବ ଅହେ ସୁଭଦ୍ରାବର !"
ଦ୍ରୁପଦ-ଦୁଲଣୀ ଯାତନା ଦେଖି ଗାଣ୍ଡୀବଧନ୍ୱା
କୋମଳ ବଚନେ ତାହାଙ୍କୁ ଦେଲେ ବହୁ ସାନ୍ତ୍ୱନା ।
ନିଜ ଉତ୍ତରୀୟେ ପୋଛିଣ ପ୍ରିୟା-ନୟନୁଁ ନୀର,
ଚୁମ୍ବି ଚିବୁକରେ ଭାଷିଲେ ପୃଥ୍ୱୀ-ପ୍ରଖ୍ୟାତ ବୀର,
"ନିଜଗୁଣେ ଦେବୀ, କୃପାରେ କ୍ଷମ ଆପଣା ଜନେ,
ଚିରକାଳ ପୂଜା ପାଇବ ମୋର ହୃଦୟାସନେ ।
ତୁମ୍ଭ ପ୍ରତି ପ୍ରୀତି ସତୀ ଗୋ ! ଊଣା ନୋହିବ କେବେ
ପିଣ୍ଡେ ପ୍ରାଣ ଥାଉଁ ସେ ପ୍ରେମ ଭୁଲିବା କି ସମ୍ଭବେ ?"
ପାଶୁଁ ବୀର ପାର୍ଥ ଯାଆନ୍ତେ ଘୋର-ଦୁଃଖ-ତିମିର
ଘୋଟି ବିକ୍ଷୋଭିଲା ହୃଦୟ; ଚକ୍ଷୁଁ ଝରିଲା ନୀର ।

Digitized by srujanika@gmail.com

ନିମିଷ ମଧ୍ୟରେ ସୁଭଦ୍ରା ଯାଜ୍ଞସେନୀ-ପଦ୍ମରେ
ଅପି ପ୍ରଣମିଲେ ସାଷ୍ଟାଙ୍ଗେ ଗୋପାଙ୍ଗନୀ-ବେଶରେ ।
ସନମ୍ର କହନ୍ତି ସୁଭଦ୍ରା "ଦେବି ! ଦାସୀପଣରେ
"ଅସିଛି ରଖ ଗୋ ଅନ୍ୟଥା ନ ଭାବିବ ମନରେ ।"
ଅସନ୍ତୁଁ ଉଠିଣ ନରେଣ—ଦ୍ରୁପଦର ଦୁଲଣା
ବୀରପତ୍ନୀ ବୀରଭଗ୍ନୀର କଲେ ସେ ଅଭ୍ୟର୍ଥନା ।
ସସ୍ନେହେ ଅଙ୍କେ ଅମଳ ଗଣ୍ଡେ ଦେଇ ଚୁମ୍ବନ
ସପତ୍ନୀଙ୍କୁ ନାରୀଲଲାମ ଦେଲେ ଆଶୀର୍ବଚନ,
"ଅସପତ୍ନ ହୋଇ ଦେବି ଗୋ, ଭୁଞ୍ଜ ସୁଖେ ସ୍ୱପତି;"
ସାନନ୍ଦେ ଭଣିଲେ 'ତଥାସ୍ତୁ' ବାଣୀ ସାତ୍ତ୍ୱିକୀ ସତୀ ।

ନିନ୍ଦୁକପ୍ରତି କବିର ନିବେଦନ

"I pray you mar no more of my verses with reading them ill-favouredly."

Shakespeare.

ଲାବଣ୍ୟ ସୁନ୍ଦର ଅହା ଧରାସଂସାର !
ଦେଖି ଉଚ୍ଛୁଳି ଉଠେ ମୋ ଗୀତଭଣ୍ଡାର ।
ଛଳଛଳ ଟଳଟଳ ନାରୀ-ନୟନ
ଦେଖି ମୋ କବିତା-ପକ୍ଷୀ କରେ ଗାୟନ ।
ପୀରତି-ବୋଳା ତରୁଣୀ-କନକ-ବକ୍ଷ
ଦେଖି ମୋ କବିତା-ପକ୍ଷୀ ମେଲଏ ପକ୍ଷ ।
ହୃଦୟ-ଆବେଗ ରୋଧି ନ ପାରେଁ ଭାଇ,
ଭବେ ଭୋଳ ହୋଇ ଗୀତ ଯାଏଁ ମୁଁ ଗାଇ ।
ସଂସାର-ତାପେ ତାପିତ ହେଲେ ମୋ ମନ
ହୃଦ ଫେଡ଼ି ଗୁଣୁଗୁଣୁ କରେଁ ଗାୟନ ।
ଜାଣନ୍ତା ପ୍ରମାଣେ ଦୋଷ ନାହିଁ ମୋ କିଛି,
ହଠ କରି କିନ୍ତୁ କିପାଁ ରଙ୍ଗିତ ଛିଛି !

Digitized by srujanika@gmail.com

ରଖିଦେ ରଖିଦେ ତୋର ଅଛା ନକଲ
ମୋ କାର୍ଯ୍ୟେ କଣ୍ଟକ ହେବା ନୁହେ ତୋ ଭଲ ।
କପାଁ ବାଟ ଗୃଜ୍‌ଗଲେ ହସୁ କୋତଲ,
କପାଁ ଥଣ୍ଡା ପାଣି ତାଙ୍କୁ ଛଳାଇ ସଲ ?
ମୋ ଘର କରେଁ ମୁଁ ହାଇ, ତୁହି ତୋ ଘର,
କପାଁଇ ମନ୍ଦାସ କରୁ ମୋ ହଇବର ?
ଛାଡ଼ଦେ ଛାଡ଼ଦେ ପଥ ସ୍ୱଚ୍ଛାନେ ଯାଏଁ,
ମନମୁଖେ ମନ ଗୀତ ମୋର ମୁଁ ଗାଏଁ ।
ଜାନି ହେ ! ମୋ ଗୀତ ପଛେ ତୁମ୍ଭେ ନ ଶୁଣ,
ଗରଣାତର କର ନା ତା ପୁଣ ପୁଣ ।
ଗୀତ ଶୁଣି ହୁଏ ଯେବେ କାଁଅତ ସୁଖ,
ଶୁଣିଲେ ଶୁଣନ୍ତୁ ପଛେ ମୂଳଅ ମୂର୍ଖ ।
ଥିବ ଯେବେ ସେ ଗୀତରେ କାଁଅତ ସାର,
ରଖିବ ତା ମନେ କଛୁ ଦନ ସଂସାର ।
ପ୍ରାଣୁଁ ପ୍ରାଣାନ୍ତରେ ହୋଇ ପ୍ରତଧ୍ୱନତ
ମୀରବେ ରଚବ କାଳେ କାଁତ୍ତିମୂ ଗୀତ ।

ମୂଲ୍ୟହୀନ ହୋଇଥିଲେ ଜାଣ ନିଶ୍ଚୟ,
ଜୀବନ-ଯୁଦ୍ଧରେ ଅପେ ହେବ ବଳୟ ।
ବନ୍ଧୁର ପ୍ରଶଂସା କବା ନନ୍ଦା ତୁମ୍ଭର,
ଲଭ୍ କ୍ଷତ ନ କରିବ ତଳେ ମାତର ।
କୁଟିଳ କଟାକ୍ଷେ କମ୍ପା ହଂସାରେ ଭାଇ !
କଳୁଷିତ ହୁଅ ନଜେ ଏଇଥିପାଇଁ ?

Digitized by srujanika@gmail.com

ସଫଳ ସ୍ୱପ୍ନ

ଶୈଶବ-ସୀମାନ୍ତେ ଯେବେ ଭବ ଧୂଳିଘର
କ୍ରୀଡ଼ାରେ ଅସକ୍ତ ଥିଲି ସାଥି-ସଙ୍ଗ ଧର,
କେବଣ ଅଜ୍ଞାତ ଲୋକେ ଗୋ ସୁରସୁନ୍ଦର,
ଦେଖିଥିଲି ସେ ଲାବଣ୍ୟ ବେଣି ନେତ୍ର ଭର !
ନୀଳନଭେ କୃଷ୍ଣଘନେ ଲୋଳ ସୌଦାମିନୀ—
ରୂପେ ଦେଖିଥିଲି ତୋତେ ଲୋ ରୂପଗର୍ବିଣି !
ଶାରଦଚନ୍ଦ୍ରିକାଧୌତ ଅନ୍ତରୀକ୍ଷଦେଶେ
ବୁଲୁଥିଲୁ ବରଙ୍ଗିରେ ! ଜ୍ୟୋତ୍ସ୍ନାଶୁଭ୍ରବେଶେ ।
ଦେଖିଥିଲି ବସ୍ତନରେ ! ସେ ବିଧୁକିରଣେ
ତୋ ଅନିନ୍ଦ୍ୟ ମଧୁରିମା ଅପତୃପ୍ତନୟନେ ।
କାଳକ୍ରମେ ଆଗମିଲା ମଧୁର ଯୌବନ,
ବହିଲା ହୃଦୟବନେ ଦକ୍ଷିଣା ପବନ ।
କାହୁଁ ଉଡ଼ିଆସି ତୁ ରେ ବସନ୍ତକୋକିଳ !
ସେ ବନେ ବଲ୍ ତୋ ସ୍ୱନେ ଆନନ୍ଦ-ଅକୁଳ ?

ସ୍ରୋତ-ସଙ୍ଗମ

ଅଜ୍ଞାତ ପର୍ବତଗୁହା ଭେଦ କରୁଦେଶେ
ବିଭ୍ରମିଲି କେତେ କାଳ ଅଜ୍ଞାତ ବିଦେଶେ ।
ବହୁ ଦୂରେ ଜନ୍ମଗୁହା ହେଲା ଅନ୍ତର୍ହିତ,
ଉଦାସ ଉଦାସ ହେଲା ମୋର କ୍ଷୁଦ୍ର ଚିତ୍ତ ।
ଏମନ୍ତ ବହୁତ ପଥ ଯାଆନ୍ତେ ମୁଁ ବହୁ,
ସେ ଏକାକୀ ନିର୍ଜନତା ନ ପାରିଲି ସହୁ ।
କାଳକ୍ରମେ ଭେଟିଲି ମୁଁ ଏକଇ ନିର୍ଝର,
ଏତେ ଦିନେ ପାଇଲି ମୋ ପ୍ରାଣର ଦୋସର ।
ସେ ପ୍ରେମ-ନିର୍ଝରେ ପଶି ମୋ ଜୀବନ-ସ୍ରୋତ
ବିଶ୍ୱସଂସାରକୁ ଦୋଟିଗଲା ଓତଃପ୍ରୋତଃ ।

Digitized by srujanika@gmail.com

ସେ ନିର୍ଝର ସଙ୍ଗେ ହେଉଁ ଅସ୍ମିତାସ୍ଫୁରଣ,
ଉଦାର ସୁଦୀର୍ଘତର ହେଲା ପ୍ରାଣମନ ।
ସେହି ସ୍ରୋତ ଯାଏ ପୁଣି ଅନନ୍ତ ସାଗର,
ଯହିଁ ନର ପାସୋରଇ ଭେଦ ଆତ୍ମପର ।

ମଧୁଶଯ୍ୟା

"O heartfelt raptures bliss beyond
compare !"
R. Burns.

"O blessed bond of board and bed !"
Shakespeare.

ଆବେଗେ ହୃଦୟ ପୂରିଛି, ଜଳଇ ଦୀପ;
ରଖା ଅଛି ହୋମ ନଡ଼ିଆ ଶଯ୍ୟା ସମୀପ ।
ଏମନ୍ତ ସମୟେ କିଏ ସେ ଗୃହର ବାଟ,
ରଣିହଣି ପଦକ୍ଷେପଣି, ଖୋଲେ କବାଟ !

ପେଲିଦେଇ କିଏ କାହାକୁ, ପଦାରେ ଥାଇଁ
କହେ ଅଜାଡ଼ି କବାଟ, "ଫେରନ୍ତୁ ନାହିଁ ।"
ବାସ-ଚନ୍ଦନରେ ମସ୍ତକ ପଡ଼ୁଛି ନୁଇଁ,
ଚରଣେ ଅଳତା, ସୁନ୍ଦରୀ କୋଣରେ ଠିଆ ।
କରେ କର ଧରି ନିଅନ୍ତେ, ଲାଜେ ଯୁବତୀ
ଘର୍ମାର୍ଦ୍ର ସକଳ ଶରୀର, କମ୍ପିତା ଅତି ।
ବିଶ୍ରମ୍ଭ-ଆଳାପେ ଗମନ୍ତେ କିଛିତ କାଳ;
ବିଶ୍ରାନ୍ତା ନବୀନା, ବହଇ ଶରମ-ଢାଳ ।
ମନେ କଲି ଅଙ୍ଗ ନିଝୁମ, ଏବେ କି ହେଲା !
ଟିପିଟିପି-ଟିପା-ଶବଦ ଦ୍ୱାରେ କେ ଖେଳା ।

Digitized by srujanika@gmail.com

ସଫଳ ସ୍ୱପ୍ନ

ଶୈଶବ-ସୀମାନ୍ତେ ଯେବେ କରି ଧୂଳିଘର
କ୍ରୀଡ଼ାରେ ଅସକ୍ତ ଥିଲି ସାଥି-ସଙ୍ଗତର,
କେବଣ ଅଜ୍ଞାତ ଲୋକେ ଗୋ ସୁରସୁନ୍ଦରି,
ଦେଖିଥିଲି ସେ ଲବଣ୍ୟ ବେଣୀ ନେତ୍ର ଭରି !
ନୀଳନଭେ କୃଷ୍ଣଘନେ ଲୋଳ ସୌଦାମିନୀ—
ରୂପେ ଦେଖିଥିଲି ତୋତେ ଲୋ ରୂପଗର୍ବିଣି !
ଶାରଦଚନ୍ଦ୍ରକାଧୌତ ଅନ୍ତରୀକ୍ଷଦେଶେ
ବୁଲିଥିଲୁ ବରଙ୍ଗିରେ ! ଜ୍ୟୋତ୍ସ୍ନାଶୁଭ୍ରବେଶେ ।
ଦେଖିଥିଲି ବରାନନେ ! ସେ ବିଧୁକିରଣେ
ତୋ ଅନନ୍ୟ ମଧୁରିମା ଅପତ୍ରପନୟନେ ।
କାଳକ୍ରମେ ଆଗମିଲା ମଧୁର ଯୌବନ,
ବହିଲା ହୃଦୟବନେ ଦକ୍ଷିଣା ପବନ ।
କାହୁଁ ଉଡ଼ିଆସି ତୁ ରେ ବସନ୍ତକୋକିଳ !
ସେ ବନେ କଲୁ ତୋ ସ୍ୱନେ ଆନନ୍ଦ-ଆକୁଳ ?

ସ୍ରୋତ-ସଙ୍ଗମ

ଅଜ୍ଞାତ ପର୍ବତଗୁହା ଭେଦ କରିଦେଶେ
ବିଭ୍ରମିଲି କେତେ କାଳ ଅଜ୍ଞାତ ବିଦେଶେ ।
ବହୁ ଦୂରେ ଜନ୍ମଗୁହା ହେଲା ଅନ୍ତର୍ହିତ,
ଉଦାସ ଉଦାସ ହେଲା ମୋର କ୍ଷୁଦ୍ର ଚିତ୍ତ ।
ଏମନ୍ତ ବହୁତ ପଥ ଯାଅନ୍ତେ ମୁଁ ବହି,
ସେ ଏକାକୀ ନିର୍ଜନତା ନ ପାରିଲି ସହି ।
କାଳକ୍ରମେ ଭେଟିଲି ମୁଁ ଏକଇ ନିର୍ଝର,
ଏତେ ଦିନେ ପାଇଲି ମୋ ପ୍ରାଣର ଦୋସର ।
ସେ ପ୍ରେମ-ନିର୍ଝରେ ପଶି ମୋ ଜୀବନ-ସ୍ରୋତ
ବିଶ୍ୱସଂସାରକୁ ଘୋଟିଗଲା ଓତଃପ୍ରୋତଃ ।

Digitized by srujanika@gmail.com

ସେ ନିର୍ଝର ସଙ୍ଗେ ହେଉଁ ଅସ୍ବବସ୍ମରଣ,
ଉଦାର ସୁହାର୍ଦ୍ଦଭର ହେଲ ପ୍ରାଣମନ ।
ସେହୁ ସ୍ରୋତ ଯାଏ ପୁଣି ଅନନ୍ତ ସାଗର,
ଯହିଁ ନର ପାସୋରଇ ଭେଦ ଆତ୍ମପର ।

ମଧୁଶଯ୍ୟା

"O heartfelt raptures bliss beyond compare !"
R. Burns.

"O blessed bond of board and bed !"
Shakespeare.

ଅବେରେ ହୃଦୟ ପୂରିଛି, ଜଳଇ ଦୀପ;
ରଖା ଅଛି ହୋମ ନଡ଼ିଆ ଶଯ୍ୟା ସମୀପ ।
ଏମନ୍ତ ସମୟେ କିଏସେ ଗୁଲଇ ବାଟ,
ରଣଝଣ ପଦକ୍ଷେପଣି, ଖୋଲେ କବାଟ !

ପେଲିଦେଇ କିଏ କାହାକୁ, ପଦାରେ ଥାଇଁ
କହେ ଅଜଜାଇ କବାଟ, "ଫେରନ୍ତୁ ନାହିଁ !"
ବାସ-ଚନ୍ଦନରେ ମହକ ପଡ଼ୁଛି ହୁଅ,
ଚରଣେ ଅଲତା, ସୁନ୍ଦରୀ କୋଣରେ ଠିଆ ।
କରେ କର ଧରି ନିଅନ୍ତେ, ଲାଜେ ଯୁବତୀ
ଘର୍ମାର୍ଦ୍ର ସକଳ ଶରୀର, କମ୍ପିତା ଅତି ।
ବିଶ୍ରମ୍ଭ-ଆଳାପେ ଗମନ୍ତେ କିଛିତ କାଳ;
ବିଶ୍ରାନ୍ତା ନବୀନା, ବହଇ ଶରମ-ଝାଳ ।
ମନେ କଲି ଅଙ୍ଗ ବିଞ୍ଚିବି, ଏବେ କି ହେଲ !
ଟିପିଟିପି-ଟିପା-ଶବଦ ଦ୍ୱାରେ କେ ଦେଲ ।

Digitized by srujanika@gmail.com

ତରୁଣୀତନୁ

"**Beauty is truth, truth beauty.**"
Keats.

ଜ୍ଞାନ-ଆନନ୍ଦର ଦ୍ୱାର ପଞ୍ଚ-ଇନ୍ଦ୍ରିୟର
ନୟନ ଅଟଇ ନିଶ୍ଚେ ସାର ଶ୍ରେଷ୍ଠତର ।
ବର୍ଣ୍ଣି କିବା ଅଛି ତହିଁରେ ମନୋହର ଅତି—
ଲୋଚନବିଷୟୀଭୂତ ଲାବଣ୍ୟ-ମୂରତି,
ଶ୍ୟାମଳ କେଦାର, ଅବା ସୁନୀଳ ଗଗନ,
କୁସୁମ, ବିହଙ୍ଗ, ଶୁଭ୍ର ମାନବ-ଆନନ—
ସମସ୍ତ ସୁନ୍ଦର, କିନ୍ତୁ ତରୁଣୀର ତନୁ
ବାରେ ନିରେଖିଲେ ଆଉ ନ ପାସୋରେ ମନୁ ।
କି ପୀୟୂଷ ବିଶ୍ୱକର୍ମା ଢାଳିଅଛି ତହିଁ !
ସେତିକି ସୁନ୍ଦର ଦଣେ ଯେତେ ନିରେଖଇ ।
ତନୁର ଲାବଣ୍ୟ କି ଗୋ ହେୟ ଅତିଶୟ,
ସୃଷ୍ଟ ତହିଁ ପାପ-କାଳକୂଟ କାମମୟ ?

ଅଛି ରୂପ ଅପଚୟ; ନାହିଁ ତା କାହାର ?
ତଥାପି ତରୁଣୀ-ଶୋଭା ସଂସାରେ ସୁସାର ।
ଅଛଇ ତହିଁରେ ଦିବ୍ୟପବିତ୍ରତା-ଛବି,
ସାକ୍ଷୀ ତାର ଜଗତର ସର୍ବଶ୍ରେଷ୍ଠ କବି ।

ନୟନର ଭାଷା

ନିବଦ୍ଧ ପାର୍ଥିବ-ଅର୍ଥେ ମାନବର ଭାଷା
ନ ପାରେ ପ୍ରକାଶି ପ୍ରାଣ ଅନ୍ତଃସ୍ଥଳ-ଆଶା ।
ନିତାନ୍ତ କୋମଳ ପ୍ରେମ ନିତାନ୍ତ ତରଳ,
ପ୍ରକାଶିବ ବାକ୍ୟ ତାହା କାହୁଁ ତାର ବଳ !

Digitized by srujanika@gmail.com

ଅତି ସୂକ୍ଷ୍ମ ପ୍ରେମ, ତାହା ନ ସହଇ ଭାଷା,
ବାକ୍ୟପ୍ରକାଶିତ ପ୍ରେମେ ନ ମେଣ୍ଟଇ ଆଶା ।
ମେଣ୍ଟାଇବା ଲାଗି ପ୍ରାଣ-ପ୍ରଣୟ ପିଆସା
କ୍ଷଣ ମାତ୍ରେ ପ୍ରଣୟିନୀ-ନୟନର ଭାଷା ।
ଚପଳାର ଅଭ୍ରଦୀପ୍ତ ପ୍ରିୟାର ଲୋଚନ,
କିବା ଦିବ୍ୟସୁଧାସିକ୍ତ କରେ ପ୍ରିୟ ମନ !
ନୟନେ ନୟନେ ହୁଏ କଥାବାର୍ତ୍ତା ଯାହା,
ପ୍ରଣୟୀଯୁଗଳଛଡ଼ା କେ ବୁଝିବ ତାହା ।
ପୀୟୂଷ ପ୍ରଣୟୀ-ନେତ୍ରୁଁ ପିଇଛନ୍ତି ଯେ ଜନ,
ଅର୍ଥବଦ୍ଧ ବାକ୍ୟେ ତାର ନ ମାନଇ ମନ ।

ମାନସୀମୂର୍ତ୍ତି

ଦୂରେ ଥାଅ ଉପସ୍ଥିତ ହେ ନ ଅସ ମୋ ପାଶ,
ମୋହ-ମରୀଚିକା ମୋର ନ କର ବିନାଶ ।
ପାଦ୍ୟଅର୍ଘ୍ୟ ଦେଇ ସଦା ହେ ରମ୍ୟ ସୁନ୍ଦର !
ସେ ବରେଣ୍ୟ ପ୍ରତିମାକୁ କରି ନମସ୍କାର,
ପ୍ରାଣର ଗଭୀର ଦେଶେ କରିବି ମୁଁ ସ୍ତବ,
ଦେଖିବି ସେ ଶୁଭ୍ର ମୂର୍ତ୍ତି ଚିର ଅଭିନବ ।
ଧାଅ ନାହିଁ ଧରି ବନ୍ଧୁ ନ ଭାଙ୍ଗ ମୋ ମୋହ,
ନ ଘଟାଅ କ୍ଷୁଦ୍ର ପ୍ରାଣେ ଦାରୁଣ ବିଦ୍ରୋହ ।
ପରଶେ ମଳିନ ହୁଏ ବିକଚ ପ୍ରସୂନ,
ଅପସରି ଯାଏ ମାୟା ମରୀଚିକାପୂର୍ଣ୍ଣ ।
ଭକ୍ତି-ପୁଷ୍ପାଞ୍ଜଳି ଢାଳି ମୋ ମୁଗ୍ଧ ହୃଦୟ
ଦୂରରୁ ପ୍ରଣମୁ ସଖା ଶ୍ରୀଚରଣଦ୍ୱୟ ।
ଅପସାରି ମୋହ ମୃଗତୃଷ୍ଣିକା ଉପସ୍ଥିତ !
ସେ ମଧୁର ସୁଖୁଁ ସଖା ନ କର ବଞ୍ଚିତ ।

Digitized by srujanika@gmail.com

ସ୍ମୃତି

"Tears, idle tears, I know not what they mean,
Tears from the depth of some divine dispair.
Rise in the heart and gather to the eyes,
In looking on the happy Autumn-fields,
And thinking of the days that are no more."

Tennyson.

ନିର୍ଜନେ ବୁଲୁଥିଲି ମୁଁ ଗହନ କାନନେ,
ଦେଖୁଥିଲି ତରୁତଳେ ଛାୟା ମନେ ମନେ ।
ଝର ଝର ଝରୁଥିଲା ନିର୍ଝରୁ ଝରଣା,
ଧବଳ ରେଖ ସମ ବନ ଯାଉଥିଲା ଜଣା ।
କୋକିଳ ପଞ୍ଚମେ ଦୂରେ କରୁଥିଲା ସ୍ୱନ,
ପୂର୍ବସ୍ମୃତି ବିଜଡ଼ିତ ହେଲା ମୋର ମନ ।
ବିକଚପଦ୍ମ ଫୁଟିଥିଲା ବନ ସରୋବରେ,
ରଥାଙ୍ଗମିଥୁନ ଭ୍ରମୁଥିଲେ ତା ତଟରେ ।
କଳସ୍ୱନେ ଗିରିନଦୀ ଯାଉଥିଲା ବହି,
ଲତାପୁଷ୍ପେ କମ୍ପୁଥିଲେ କ୍ଷଣେ ରହି ରହି ।
ହଳଦବସନ୍ତ-ଶୁକ-ଶାରିକା-ଭରତ—
ସ୍ୱନେ ବନପ୍ରାଣ ହେଉଥିଲାକ ଉଷତ ।
ଏମନ୍ତ ପ୍ରକୃତି-ଛବି ଦେଖି କିପାଁ ମନ
ଅତୀତସ୍ମୃତିରେ ଅନ୍ଧ ହୋଇଲା ବିଷଣ୍ଣ ।

Digitized by srujanika@gmail.com

ଉତ୍କଳଭାରତୀ

ଉତ୍କଳଭାରତୀ ଦେବି ! ସ୍ୱଭାବସୁନ୍ଦରି !
ଭକତବାଞ୍ଛିତ ପୂର୍ଣ୍ଣ କର କୃପା କରି ।
ଘେନ ଯାଅ ମୋତେ ସେହି ଅତୀତ ନିକୁଞ୍ଜେ,
କବିତାକୁସୁମେ ଯହିଁ କବି-ଅଳି ଗୁଞ୍ଜେ ।
ବିଦେହନନ୍ଦିନୀ ଯହିଁ ଅଶୋକବିପିନେ
ରାକ୍ଷସୀବେଷ୍ଟିତା ହୋଇ ବିଳାପନ୍ତି ଦିନେ ।
ଅଥବା ଜାହ୍ନବୀତୀରେ ମୁନିତପୋବନେ
ଭ୍ରମନ୍ତି ଦୋହଦବତୀ ଗହନ ଅରଣ୍ୟେ ।
ଅବା ଗିରିପତିସୁତା ଘୋରତପୋରତ
ନିଦାଘ ଶିଶିର ବର୍ଷା କରନ୍ତି ବାହିତ ।
କିବା କଣ୍ୱ ତପୋବନେ ଶକୁନ୍ତଳା ସତୀ
ଦୁଷ୍ୟନ୍ତଭାବନା-ନୀରେ ବୁଡ଼ି ରହିଛନ୍ତି ।
ଅବା ଯହିଁ ଘୋରାରଣ୍ୟେ ତ୍ୟକ୍ତା ଦମୟନ୍ତୀ
ପ୍ରିୟତମ ନଳ-ନାମ ଉଚ୍ଚାରି କାନ୍ଦନ୍ତି ।

ସୀତା

ବିପୁଳ ଭାରତ ମଧ୍ୟେ କ୍ଷୁଦ୍ରାଂଶ ବିକେହେ
କ୍ଷୁଦ୍ରତର ରାଜପୁରେ କ୍ଷୁଦ୍ରତମ ଗେହେ
ଜନ୍ମିଥିଲ ଦୂର—ଅତି ଦୂର ଅତୀତରେ,
ପାରି ହେଲ ମହୀ କେତେ ଯୁଗଯୁଗାନ୍ତରେ,
ମିଶିଗଲା କେତେ କଥା ବିସ୍ମୃତି-ଉଦରେ,
କେତେ ପୂର୍ବ କୀର୍ତ୍ତି ରାଜେ ଦିଗଦିଗନ୍ତରେ ।
ସତୀ ସାଧ୍ୱୀ ରାଜରାଣୀ ନାରୀଶିରୋମଣି
ଜନମ ଦୁଃଖିନୀ ମାତଃ ପଥଭିକାରିଣୀ ।
ଅପାର ଯନ୍ତ୍ରଣା ସହି ନୃପତି-ଲଲନା
ଦେଶେ ଦେଶେ ଉଡ଼ାଉଛ କୀର୍ତ୍ତିର ବାନା ।

Digitized by srujanika@gmail.com

ନାରୀତ୍ୱର ସତୀତ୍ୱର ଗରିଷ୍ଠ ଆଦର୍ଶ
ସ୍ଥାପିଛ, କରିଛୁ ତାହା ଦେବଲୋକ ସ୍ପର୍ଶ ।
ଯାବତ ସତୀତ୍ୱ ଭକ୍ତେ ପାଉଥିବ ପୂଜା
ସର୍ବାଗ୍ରେ ନମସ୍ୟା ସାଧ୍ୱୀ ବିଦେହତନୂଜା ।

ପାର୍ବତୀ

ଜନକନଦେଶେ କଲ୍ ହିମାଦ୍ରିତନୁଜା !
ଧୂର୍ଜଟିଲେପିତତପସ୍ୱିବପଦ-ପୂଜା ।
ତରଳାକ୍ଷି ! ପ୍ରତ୍ୟାଖ୍ୟାନ କରୁଁ ତପୋଧନ
ଗହନ ବିପିନେ ହେଲ ତପୋନିମଗନ ।
ନିରେଖି ଦେବସ୍ତ୍ରିମାଳୀ ଅଯୁତଲୋଚନେ
ପ୍ରଚଣ୍ଡ ନିଦାଘ ଋତୁ ଯାପିଲ ସେ ବନେ ।
ପରିହିତ ହେଲ ପୀନ ନିତମ୍ବେ ଲେଙ୍ଗୁଟି,
ଡରିଲ ସସାର ଦେଖି ପଞ୍ଚାଗ୍ନି ଭ୍ରୁକୁଟି ।
ତପାତ୍ୟୟେ ସୁକୁମାରି ! ସାନ୍ଦ୍ର ଶିର ବନ,
କଲ୍ ଝଙ୍କାଳିଆ ତରୁତଳରେ ସାଧନ ।
ଶିଶିରେ ଗୁଞ୍ଜିଗୁଞ୍ଜିକା ଗିରିଝରଜଳେ
ବୁଡ଼ିଲ ତନୁମଧ୍ୟମା ତୁଣ୍ଡାଳକ ତଳେ ।
ତପେ ତପୀ ପିନାକୀଙ୍କୁ କିଣିଲ ଅବଳା !
ଚିର ଯୁଗେ ସତୀଯଶ ତୁମ୍ଭର ରହିଲା ।

ଦମୟନ୍ତୀ

କଳିପ୍ରରୋଚିତ ନଳ ଅନୁଜ ସଙ୍ଗତ
ଦ୍ୟୂତବ୍ୟସନରେ ମାତି ହାରିଲେ ସମସ୍ତ ।
ନିର୍ବାସିତ ରାଜା ତବ ଜନକଭବନ-
ପ୍ରସ୍ଥାଣେ ନଯୋଗି ଆପେ ବାହାରିଲେ ବନ ।
ବନଯାତ୍ରା ନଳରାଜା ଯେତେ କଲେ ମନା,
ମୃଢ଼ ପାଶେ ସେବ୍ରତ ଅଳି କଲ ସୁଲୋଚନା ।

Digitized by srujanika@gmail.com

ପଥେ ଜଳପ୍ରସ୍ରେଶତ ଦୁର୍ବୁଦ୍ଧି ସ୍ୱଜନ
ଏକାକିନୀ ତେଜି କାହିଁ କଲେ ପଳାୟନ !
ବିଜନ ଗହନ ବନେ ଓଗାଳିଲା ଅନ୍ଧ,
ବ୍ୟାଧ୍ ନାଶ କଲା ତାକୁ ଅନ୍ତରାଳେ ରହି !
ଲାବଣ୍ୟବଳିତ ତନୁ ଗୃହିଣୀ ଶବର
କରୁଥିଲା କାମମୂଢ଼ ହୋଇ ଅତ୍ୟାଗ୍ରହ ।
ସାଧ୍ୱୀଦର୍ପେ ସେ ଲମ୍ପଟେ କଲା ପରାଜିତ,
ପତିପଥ ଗ୍ରହି କଲା ସମୟ ଯାପିତ ।

ଶକୁନ୍ତଳା

ପ୍ରଚଣ୍ଡ ମଧ୍ୟାହ୍ନ କାଳ ଦୃପ୍ତ ରବିକର
ନିର୍ବେଦନିମଗ୍ନ ବନବିଟପିନୀକର ।
ରୋମନ୍ଥନିଯୁକ୍ତ ପଶୁ ତରୁ-ଛାୟା-ତଳେ,
ନିଃଶବ୍ଦ ନିଶ୍ଚଳ ପକ୍ଷୀ ପଲ୍ଲବଗହନେ ।

ମାଲିନୀପୁଳିନେ କଣ୍ୱମୁନି-ତପୋବନେ
ବସିଛୁ ଏ କିଏ ବାମା ବିଷଣ୍ଣବଦନେ ।
ଭାବନା-ବାରିଧି-ନୀରେ ଅଛି ପ୍ରାଣ ବୁଡ଼ି,
କଳ୍ପନା-ଗଗନେ ଅବା ଯାଉଅଛି ଉଡ଼ି ।
ପୁରତେ ପ୍ରବେଶି ତେଜୋରୂପୀ ତପିବର
ଗର୍ଜନ୍ତି "ଅୟମହଂ ଭୋଃ," ନାହିଁ ତା ଉତ୍ତର !
"ଅବହେଳୁ ଯେ ଦୁଷ୍ୟନ୍ତେ ଭଲି-ତପୋଧନେ,
ନ ଚହ୍ନିବ ସ୍ମରିତ ସେ ହୋଇ, ବଦେତନେ"—
ଭଷିଣ ଦୁର୍ବାସା କୋଧୀ ଚାଲିଗଲେ କାହିଁ,
ସତୀର ସମାଧି ଆହା ଟଳିଲା ତ ନାହିଁ !

Digitized by srujanika@gmail.com

ଯୁଗ୍ମଚନ୍ଦ୍ର

— ୧ —

ସରଯୂ-ତଟିନୀ-ତଟେ ସାକେତ-ନଗରୀ,
ସୁରଧୁନୀ-ତୀରେ ଯେହ୍ନେ ସ୍ୱର୍ଗବିଦ୍ୟାଧରୀ ।
ଏଥି ରାମ ନରେଶ୍ୱର ମହିଷୀ ସଙ୍ଗତ
ତେଜି ରାଜ୍ୟ ଯାନ୍ତି ବନେ ପାଳି ସତ୍ୟବ୍ରତ ।
ବଦ୍ଧ ଚୀର କଉପୀନ ଜଟା ମହାବୀର,
ଭକ୍ଷି ବନ-ଫଳମୂଳ, ସୁଖ-ଦୁଃଖେ ଧୀର ।
'ହା ରାମ ଲକ୍ଷ୍ମଣ' ଝୁରି, ଝୁରି 'ରାମ ସୀତା'
ସତ୍ୟାର୍ଥେ ତେଜନ୍ତି ପ୍ରାଣ ଦଶରଥ ପିତା ।
ତରୁଣୀ ଉର୍ମିଳା ତେଜି ତରୁଣ ଲକ୍ଷ୍ମଣ
ଅରଣ୍ୟେ ଅଗ୍ରଜ ସହ କରନ୍ତି ଗମନ ।

ମାତୁଳ-ଆଳୟୁଁ ଫେରି ଭରତ-ନରେଶ
ଧାବନ୍ତି ଶ୍ରୀରାମ ପଛେ ଧରି ଯତିବେଶ ।
ପ୍ରଧାନ ବଶିଷ୍ଠ ଏଥି ତତ୍ତ୍ୱଜ୍ଞ ବ୍ରାହ୍ମଣ,
ହୋମ-ଆଜ୍ୟ-ଗନ୍ଧ କରେ ମାନସ ହରଣ ।

— ୨ —

ଅଗାଧ ଜଳଧି ମଧ୍ୟେ ସ୍ୱର୍ଣ୍ଣଲଙ୍କାପୁରୀ,
ନୀରସ୍ଥ-ଗହ୍ୱରେ ଯେହ୍ନେ ମାୟାବୀ ଅସୁରୀ ।
ଲମ୍ପଟ କ୍ରୋଧାନ୍ଧ ଏଥି ରକ୍ଷେଶ ରାବଣ
ଛଦ୍ମବେଶେ ପରନାରୀ କରଇ ହରଣ ।
ଅତୁଳ କାଞ୍ଚନ-ଗଡ଼ ଅପୂର୍ବ ସୁନ୍ଦର,
ହୀରକ-ମାଣିକ୍ୟ-ମୁକ୍ତା-ମଣ୍ଡିତ ନଗର ।
ଅସଂଖ୍ୟ-ରମଣୀ ସଙ୍ଗେ କାମରସେ ରତ
ଧେନୁ ମଧ୍ୟେ ବୃଷ ସମ ରାବଣ ଉନ୍ମତ୍ତ ।
ରାକ୍ଷସଭଗିନୀ ଏଥି ସୂର୍ପଣଖା ନାରୀ
ପର-ପୁରୁଷଙ୍କୁ ଦେଖି ହୁଏ କାମେ ଘାରି ।

Digitized by srujanika@gmail.com

ସହୋଦର-ବନ୍ଧୁତ୍ୱପଣ-ହିତ-ଉପଦେଶ
ଶୁଣି ଅପମାନ ଦିଏ ପାତକୀ ରକ୍ଷେଶ ।
ଅସିହସ୍ତେ ସୈନ୍ୟବୃନ୍ଦ ଏ ପୁରେ ପ୍ରଧାନ,
ମନ୍ଦର ନାନ୍ଦରେ ପୂର୍ଣ୍ଣ ଏଥି ବିଷମାନ ।

ସୁଲକ୍ଷଣାଦେବୀ

ଧନ୍ୟ ସୁଲକ୍ଷଣା ଦେବି ସୁଲକ୍ଷଣବତୀ !
ପବିତ୍ର ବୈକୁଣ୍ଠ-ଧାମୁଁ ଘେନ ମୋ ପ୍ରଣତି ।
ଦରିଦ୍ର ପତିତ ହୀନ ଲାଞ୍ଛିତ ଉତ୍କଳେ
ଜନ୍ମିଥିଲ ଭାଗ୍ୟବତି ! କେଉଁ ପୁଣ୍ୟବଳେ ?
ଥିଲ ଗୀତକୁଞ୍ଜ-ପଦ୍ମ ଶ୍ମଶାନ-ତୁଳସୀ
ଥିଲ ତୁମେ ଅନ୍ଧକାରେ ପ୍ରତିପଦ-ଶଶୀ ।
ଉତ୍କଳ-ଭାରତୀ-କଣ୍ଠେ ଉତ୍କଳୀୟ ବାଳା
ଲମ୍ବାଇଛ ମାତଃ ! ଗୁନ୍ଥି 'ପାରିଜାତମାଳା' ।
ପ୍ରକୃତିର ପ୍ରିୟଶିଷ୍ୟା ଥିଲ କିମ୍ବାବତି !
ଉଡ଼ାଇଛ ନାରୀ-ପ୍ରତିଭାର ବୈଜୟନ୍ତୀ ।
କେଉଁ ଦେବକନ୍ୟା ଆସି ଜନ୍ମି ଏ ଉତ୍କଳେ
ଦେଇଅଛ ମହାଶିକ୍ଷା ଗୀତକାବ୍ୟ ଛଳେ ।
ତୁମ୍ଭ ସମ ବୁଦ୍ଧିମତୀ ନାରୀ ଯେଉଁ ଦେଶେ
ଜନ୍ମନ୍ତି, ଉନ୍ନତି ତାର ହେବ ଅବଶେଷେ ।

ଉତ୍କଳ-କବି
ରାୟ ରାଧାନାଥ ରାୟ ବାହାଦୁର

—୧—

ମାତୃଭୂମି-ପ୍ରିୟକବି ରାୟ ରାଧାନାଥ,
ଧନ୍ୟ ତବ ଜନ୍ମଭୂମି ଧନ୍ୟ ମାତା ତାତ !
କପିଶା-କୂଳରୁ ଅଜି ଚିଲ୍କାହ୍ରଦ ଯାଏ
ଉଦ୍‌ଘୋଷିତ ହୁଏ, 'ଧନ୍ୟ ରାଧାନାଥ ରାଏ !'

Digitized by srujanika@gmail.com

ତୁଙ୍ଗପର୍ବତ-ଶିଖେ କରି ଆରୋହଣ
କରୁଛ ଦୁନ୍ଦୁଭି-ମନ୍ଦ୍ର ବୀର-ଉନ୍ମାଦନ,
ମୋହନ ମୁରଲୀ କେବେ ବାଇ ତରୁ-ତଳେ
ତରୁଣ-ତରୁଣୀ-ମନ ମୋହୁଅଛ ହେଳେ
ନିର୍ଜନ ଶ୍ମଶାନେ କେବେ ହେ ବୈରାଗୀ କବି !
ଉଭା ହୋଇ ଚିନ୍ତ ଭବ-ନଶ୍ବରତା-ଛବି ।
ନବରସ-ବର୍ଣ୍ଣନାରେ ହେ ରସିକବର !
କାବ୍ୟରାଜ୍ୟପୂର୍ଣ୍ଣ ହୋଇ ରହିଛି ତୁମ୍ଭର ।
ପ୍ରତିଭା କବିତ୍ବ ବିଦ୍ୟା ବିନୟ କରୁଣା—
କେଉଁ ଗୁଣେ ରାଧାନାଥ ! ନୁହ ତୁମ୍ଭେ ଊଣା ।

—୨—

ପାର୍ବତୀ, କେଦାରଗୌରୀ, ଯଯାତିକେଶରୀ,
ଉଷା, ମହାଯାତ୍ରା ସଙ୍ଗେ ନନ୍ଦିକା-ଈଶ୍ୱରୀ,
ତୁଳସୀସ୍ତବକ, ଚନ୍ଦ୍ରଭାଗା, ଦରବାରୀ,
ଚିଲିକା, କବିତାବଳୀ ଲେଖିଅଛ ବସି,
ମେଘଦୂତ-ଅନୁବାଦ କରିଅଛ କବି,
ଚିତ୍ରିଅଛ ଦଶରଥ-ବିୟୋଗର ଛବି ।

ସିନ୍ଧୁ, ହ୍ରଦ, ନଦୀ, ବନ, ପର୍ବତ, ପ୍ରାନ୍ତର,
କେଦାର, ମନ୍ଦର, ଦୁର୍ଗ, ପଥ, ଘାଟ, ଘର,
ଇତିହାସ-କାବ୍ୟକୁଞ୍ଜେ ସଞ୍ଚିତ ରତନ
ଉଦ୍ଧାରି ଉତ୍କଳେ କବି ! କରିଛ ଅର୍ପଣ ।
ତେଣୁ ଗିରି ବନେ ଦୋଳି ଖେଳି ବନବାଳା,
ବନଦେବୀ ଆରୋହଣି ସିନ୍ଧୁବୀଚମାଳା,
ପୁରାତନରୁଚିଯୁକ୍ତ ପଣ୍ଡିତସମାଜ,
ନବ୍ୟଶିକ୍ଷାପ୍ରାପ୍ତ ଯୁବା ଉତ୍କଳୀୟ ଆଜ
କବିବର ! ତବ ଯଶ ଗାଆନ୍ତି ସମସ୍ତେ,
ନମସ୍ତେ ସ୍ୱଦେଶ-କବି ! ନମସ୍ତେ ନମସ୍ତେ ।

Digitized by srujanika@gmail.com

— ୩ —

ଏ ଜଗତେ ସଦା ବୀଣାପାଣି-ଭକ୍ତଗଣ
ଦରିଦ୍ରତା-ଅନାଦରେ ଯାପିବେ ଜୀବନ –
ଏହି ଅଙ୍କ କବି-ଭାଲେ ହୋଇଛି ଲିଖିତ,
ସର୍ବ କବି-ଜୀବନରେ ଏହା ପ୍ରମାଣିତ ।
ବିଶେଷେ ଉତ୍କଳଭୂମି ଅଶିକ୍ଷିତ, ଦୀନ,
ଶିକ୍ଷିତ, ପଦସ୍ଥ, ଧନୀ ଏଥି ଉଦାସୀନ ।
କିନ୍ତୁ ଅଛେ ସୁପଣ୍ଡିତ ସୁଯୋଗ୍ୟତାବଳେ,
ପଡ଼ି ନାହିଁ ଦରିଦ୍ରତା-ଦାରୁଣକବଳେ ।
ଦରିଦ୍ର ଉତ୍କଳ ; କିନ୍ତୁ ଭକତ-ସମ୍ମାନ
ତୁମ୍ଭଙ୍କୁ ସେ କବିବର ! କରୁଛି ପ୍ରଦାନ ।
ଘେନ ଦୂର୍ବାକ୍ଷତ-ଯୁକ୍ତ ଅର୍ଘ୍ୟର ଡାଲିଆ,
ପୁଷ୍ପଚନ୍ଦନାଦି-ପୂର୍ଣ୍ଣ ବନ୍ଦାଣ-ଥାଳିଆ,
ଘେନି, ଦେଖ ଦିବ୍ୟନେତ୍ରେ, ଭକ୍ତି-ପୁଷ୍ପହାର ।
ତବ କଣ୍ଠେ ପ୍ରିୟ କବି, ଦିଏ ଉପହାର ।

ଜନନୀଙ୍କ ସ୍ମୃତି

"Faithful remembrancer of one so dear,
O welcome guest, though unexpected here !'
W. Cowper.

— ୧ —

କି ମଧୁର ସ୍ମୃତି ଆଜି ପଡ଼ଇ ହେ ମନେ,
କି ବରେଣ୍ୟ ମୂର୍ତ୍ତି ମୋର ନାଚଇ ନୟନେ !
ମୋ ପ୍ରାଣ-ଜନନୀଙ୍କର ମଧୁରମୂରତି—
ସୁଦୂର ଶୈଶବ-ସ୍ମୃତି ଅସ୍ପଷ୍ଟ ତ ଅତି ।
ବିଧିର ଦାରୁଣ ବିଧି ଶିରୋଧାର୍ଯ୍ୟ କରି
ଶୈଶବରୁ ଛାଡ଼ିଗଲେ ମୋତେ ଜନନୀ ମୋହରି ।

Digitized by srujanika@gmail.com

ଅମୃତ-ମଧୁର ତାଙ୍କ କୋମଳ ବଚନ,
ଦୟା-ସରଳତା-ବୋଳା ଅପୂତଲୋଚନ,
ପ୍ରଶାନ୍ତ ସରଳ ମୂର୍ତ୍ତି, ଗମ୍ଭୀର ଗମନ,
ଗୃହକର୍ମେ ତତ୍ପରତା, ସଖୀ-ସମ୍ଭାଷଣ,
ସହାସ-ଆନନ ଅଗ୍ନ ସାଧୁ ଆଚରଣେ,
କଠୋରତା-ପୂର୍ଣ୍ଣ ଦଣ୍ଡ ଦୋଷ-ବାରଣନେ,
ବିଗତ ଜନମ-ବାଞ୍ଛା-ଅସ୍ପଷ୍ଟ ସ୍ୱପନ—
ଆଜି ମୋ ମାନସ ପଥେ କରେ ବିଚରଣ ।

—୨—

ଅତି ପ୍ରତ୍ୟୁଷରୁ ମାତା ତେଜିଣ ଶୟନ,
ପ୍ରାତଃକାଳୁଁ କରୁଥିଲେ ସ୍ନାନ ସମାପନ ।
'ଭାଗବତ-ଗୋସାଇଁ'ଙ୍କ ଭୋଗ-ଆୟୋଜନ
କରିଥାନ୍ତି ନ ଆସୁଣୁଁ ପୂଜକ ବ୍ରାହ୍ମଣ ।
ଅପାର ଆନନ୍ଦ ମାତା ପାଉଥିଲେ ତୋଷି—
ନ ଖାଇ ନ ପିଇ ଯୋଗୀ, ଦୁଃଖୀ, ଭୋକୀ, ଶୋଷୀ ।
ରଖୁଁ ଥାଏ ପୋଡ଼ପିଠା, ଦୁଧ, ଦୁଧସର,
ଦିଅନ୍ତି ପ୍ରଭାତେ ମୋତେ ଜନନୀ ମୋହର ।
କହୁଥିଲେ ମାତା ଥରେ ଧରି ମୋତେ କୋଳେ,
'ରଖିବୁ ତୁହି ମୋ ନାମ' ଚୁମ୍ବି ମୋ କପୋଳେ,
ଅଧମ ସୁତର ମାତଃ ଦେଖି କି ଲକ୍ଷଣ,
କହୁଥିଲ ଏହିପରି ଭବିଷ୍ୟ ବଚନ ।
କହନ୍ତୁ ଏ କଥା ସବୁ ତବ ସଖୀଗଣ,
ତେଜି ମୋତେ କାହିଁ କଲ ଅକାଳେ ଗମନ ?

Digitized by srujanika@gmail.com

ଭଗିନୀଙ୍କ ଉପହାର

'They sin who tell us love can die.'
Southey.

କି ମହାର୍ଘ-ଉପହାର ଆଣିଲୁ ରେ ଚର,
ଅଛନ୍ତି ତ ଭଲ ପ୍ରାଣ-ଭଗିନୀ ମୋହର ?
ଅଭାଗା ଭ୍ରାତାକୁ ଏତେ ଦିବସେ ଭଉଣୀ,
ପାସୋରି କିପାଁଇ ମନେ ପକାଇଲେ ପୁଣି ?
ନିୟତି ନିଦେଶେ ଯେବେ ଘେନିଣ ବିଦାୟ,
ଆତ୍ମା-ପକ୍ଷୀ ଉଡ଼ିଯିବ ତେଜି ଏ କୁଳାୟ ।
ସେତେବେଳେ ଭଗିନୀ କି ଅଧମ ସୋଦରେ
ସଜଳନୟନେ ମନେ ପକାଇବେ ଥରେ ?
ମୃତ୍ୟୁ ପରେ ଜଣେ ହେଲେ କରିବ ସ୍ମରଣ,
ଏ ଚିନ୍ତାରେ ଆନନ୍ଦିତ ହୁଏ ମୋର ମନ ।

ଜ୍ଞାନିଜନେ କହୁଥାନ୍ତି 'ପ୍ରୀତି ଅନଶ୍ୱର',
ସ୍ୱର୍ଗେ କି ରହିବ ସ୍ନେହ ତାଙ୍କର ମୋହର ?
କହିବୁ ତୁ ଭଗିନୀଙ୍କି ଦରିଦ୍ର ଭ୍ରାତାର
ନାହିଁ ଶକ୍ତି ଦେବ ତାଙ୍କୁ ପ୍ରୀତି-ଉପହାର ।

ବିଷାଦିନୀ

"Like a high-born maiden
In a palace tower
Soothing her love-laden
Heart in secret hour
With music sweet as love,
which overflows her bower."
Shelley.

Digitized by srujanika@gmail.com

ଶରତ-ବସନ୍ତ-ବର୍ଷା-ଗ୍ରୀଷ୍ମ-ହିମ-ଶୀତେ
ପ୍ରଭାତ-ପ୍ରଦୋଷକାଳ-ମଧ୍ୟାହ୍ନ-ନିଶୀଥେ
କିଏ ତୁମ୍ଭେ ବିଷାଦିନି ! ସୁକରୁଣ ସ୍ୱନେ
ସ୍ମରଣ କାହାକୁ ଗୀତ ଗାଅ ମନେ ମନେ ?
କି ଗୀତ ଗାଉଛ ଅହା ଦିବ୍ୟ ସୁଧା ଜିଣି
ମଧୁର ପଞ୍ଚମ ସ୍ୱରେ ବିଷାଦରଙ୍ଗିଣୀ !
ଯେତୁ ଇଚ୍ଛା ହୁଅ, କିନ୍ତୁ ସତୀ ଶୁଦ୍ଧଶୀଳା !
କୋଟିକେ ଗୋଟିଏ ମିଳେ ଏପରି ମହିଳା ।
ଜୀବନ-ବସନ୍ତେ ପରି ପ୍ରାଣର ପ୍ରଣୟୀ
ତେଜିଣ ତୁମ୍ଭଙ୍କୁ ଯାଇଛନ୍ତି ପ୍ରେମମୟି !
ଧନ୍ୟ ତବ ପିତା ମାତା ! ଧନ୍ୟ ସେହି ବଂଶ !
ଏମନ୍ତ ଦୁହିତାରତ୍ନ ଯହିଁ ଅବତଂଶ ।
ଶତଗୁଣେ ଭାଗ୍ୟବନ୍ତ ପ୍ରିୟତମ ଜନ,
ଦିବ୍ୟ ଧାମୁଁ ତୁମ୍ଭଙ୍କୁ ଯେ କରନ୍ତି ଦର୍ଶନ ।

ଉତ୍କଳ-ଲକ୍ଷ୍ମୀ

ତୁଙ୍ଗ ଗିରି ଘନ ବନ ଦୀର୍ଘ ନଦୀରାଜି—
ଭୀମକାନ୍ତ ବେଶେ ଅଛୁ ଅପଘନ ସାଜି ।
ଶ୍ୟାମଳ କେଦାରପନ୍ତି ଦିଗନ୍ତବିସ୍ତାରୀ,
ଦେଖି ସ୍ୱର୍ଣ୍ଣବର୍ଣ୍ଣ ଫଳ ପ୍ରାଣଦାନକାରୀ,
ଦିଗଦିଗନ୍ତରୁ ଆସି ବୈଦେଶିକଗଣ
କରନ୍ତି ସ୍ୱଚ୍ଛନ୍ଦେ ସୁଖେ ଜୀବିକା ଅର୍ଜନ ।
କୋଟି ସୁତେ ଘୋର ଦୁଃଖେ ଖଟି ବାରମାସ
ବେଳେ ଖାଇ ଦୁଇବେଳ ରହନ୍ତି ଉପାସ ।
ଔଦାସୀନ୍ୟ-ଅବସାଦ-ନିଦ୍ରା-ନିଗମନ,
ଅସାର ସଙ୍କୀର୍ଣ୍ଣ ଗର୍ବେ ଅନେ ବିଚେତନ ।

Digitized by srujanika@gmail.com

ସ୍ୱଜାତି-ସିନ୍ଧୁକେ ଦେଇ ଭକ୍ତି, ପାନାହାର
ତୋର ବରପୁତ୍ରଗଣ ଉଦାସ ଉଦାର ।
କେବେ ପାର ହେବ ଦୁଃଖ-ଦଶା ମା ତୋହର,
ତୋ ସୁତେ କରିବେ ନିଜ ଧନେ ନିଜ ଘର ?

ବସନ୍ତ-କୋକିଳ

—୧—

ବସନ୍ତନିଶାନ୍ତେ ରବି ଅନନ୍ତେ ଉଦିତ,
ନୀରବେ ନିସର୍ଗ ଗାଏ ଜୀବନସଙ୍ଗୀତ ।
ଦୂରଗ୍ରାମପ୍ରାନ୍ତେ ବହେ କ୍ଷୀଣ-ତରଙ୍ଗିଣୀ,
ତା ତଟ-କୁଟୀରେ ସୁପ୍ତ ପଲ୍ଲୀସୀମନ୍ତିନୀ ।
ବସନ୍ତ-କୋକିଳ ! ତହିଁ ପଞ୍ଚମ-ରଙ୍ଗିଣୀ
ତାନ୍ତୁ; ନୀଳଗଗନରେ ବହେ ମନ୍ଦାକିନୀ ।
ଗାଉ 'କୁହୁ' 'କୁହୁ' ପିକ, କି ଅପୂର୍ବ ତାନେ !
ଜୀବନ-ଜାହ୍ନବୀଧାରି ବହେ ବିଶ୍ୱପ୍ରାଣେ ।

ଶୁଣିନ୍ତେ ସୁନୀଳକେଶୀ ତରଳଲୋଚନା,
ପଦ୍ମ ଅସ୍ୟ ଟେକି ଗୃହେଁ ଚମ୍ପକବରଣା ।
ଲାବଣ୍ୟ ନିର୍ମଳତନୁ ହୁଏ ଆନ୍ଦୋଳିତ,
ନବୀନ ବକ୍ଷୋଜ ପୀନ ମୃଦୁ ପ୍ରକମ୍ପିତ ।
ବାସନାବନ୍ଧୁରି ପ୍ରାଣେ ଉଦ୍ଦାମ ଯୌବନେ
କି ବାରତା ଦେଉ ପିକ ! ସୁଦୂରେ ନିର୍ଜନେ ?

—୨—

ଥାଆନ୍ତା ମୋ ଗୀତେ ଯେବେ ତୋର ମଧୁରିମା,
ଥାଆନ୍ତା ମୋ ଗୀତେ ଯେବେ ସ୍ୱର୍ଗୀୟ ଗରିମା,
ପାର୍ଥିବ-ଅର୍ଥର କ୍ଷୁଦ୍ର ସୀମା ଅତିକ୍ରମି
ବିଶାଳ କଳ୍ପନା-ଦେଶେ କିଛୁ ଦୂର ଭ୍ରମି

Digitized by srujanika@gmail.com

ଧସ୍ତ ଧୂଳି ତେଜି ନୀଳ ନିର୍ମଳ ଗଗନେ
ଗାଆନ୍ତୁ ତୋ ସଙ୍ଗେ ଦେବ୍ୟ ଅମୃତନିଃସ୍ୱନେ ।
ଗୀତେ ମୋର ସଞ୍ଚରନ୍ତୁ ପ୍ରୀତି-ମଧୁରିମା,
ସଞ୍ଚରନ୍ତୁ ଜନ୍ମଭୂମି-ଅତୀତ-ମହିମା ।
ଶୁଣି ତା ଜାଗନ୍ତୁ ସୁପ୍ତା ଉତ୍କଳଜନନୀ;
ତୋ ଗୀତେ ଜାଗଇ ଯେହ୍ନେ ପଲ୍ଲୀସୀମନ୍ତିନୀ ।

କିନ୍ତୁ ହାୟ ବୃଥା ଆଶା ! ମୋ ପ୍ରାଣର ଭାଷା
ଅବିଳସଲିଳା ଯେହ୍ନେ ନଦୀ କର୍ମନାଶା ।
ପିକ ତୋର 'କୁହୁ' ଧ୍ୱନି ସ୍ୱର୍ଗମନ୍ଦାକିନୀ,
ତା ନୀର କରନ୍ତୁ ପାନ ସୁରସୀମନ୍ତିନୀ ।

Digitized by srujanika@gmail.com

ତରଙ୍ଗିଣୀ

Digitized by srujanika@gmail.com

ପ୍ରଣୟ-ସ୍ମୃତି

ତରୁଶିରେ ଅସ୍ତୋନ୍ମୁଖ ରବି-ରଶ୍ମି-ରେଖା
ମୁମୂର୍ଷୁ ମେଲଣି ଦୃଶ୍ୟ ସମ ଯାଏ ଦେଖା !
ଦୂରେ ଚକ୍ରବାଳ ତଳେ ସନ୍ଧ୍ୟାସୀମନ୍ତିନୀ
ଓଢ଼ଣା ଓଟାରି ଉଭା ହେଲେ ତାମସିନୀ ।
ସପ୍ତଶଯ୍ୟା ଶିରେ ଦିବା ଅସ୍ତମାନ ମୂର୍ତ୍ତି
ଘୋଟେ ଚିତ୍ତ, ଅସୁଖିର ଯଥା ସୁଖସ୍ମୃତି ।
କେତେ ଥର ଏହି ଦୃଶ୍ୟେ କେତେ ଭାବରାଶି
ମୋ ହୃଦୟେ ଲୀଳା କଲେ ଅନୁଦିନ ଆସି !
ନିସନ୍ଧ୍ୟା ବାସର ଜାଣି ସପ୍ତଶଯ୍ୟା ଗିରି
ଦେଖାଇଛୁ କେତେ ଚାରୁ ନିସର୍ଗର ଶିରୀ !

ମଧୁର ଶୈଶବ ସ୍ମୃତି, ଯୌବନର ମାୟା,
ଜୀବନର ଭବିଷ୍ୟ ଦୃଶ୍ୟ, ପରକାଳ-ଛାୟା,
ଶିଖରସମାଜ ସଙ୍ଗେ କାଠଯୋଡ଼ୀ ତଟେ
ଚିତ୍ରିତ ହୋଇଛୁ ଏ ମୋ ମୁଗ୍ଧ ଚିତ୍ତ-ପଟେ !

* * *

ଆଜି ମନେ ପଡ଼େ ମୋର ନବଯୌବନର
ଲୁକ୍କାୟିତ ଯାହା କାଳ-କବଳ-ଉଦର !
ପ୍ରେୟସୀ-ପ୍ରଥମ-ପ୍ରୀତି, ମଧୁର-ଚୁମ୍ବନ,
'ଭଲ ପାଅ କି ନା ପ୍ରିୟେ' ପ୍ରଣୟ-ପ୍ରଶନ,
ଶ୍ରବଣେ ନବୀନା ଗଣ୍ଡ-ପାଟଳ-ବରଣ
ବ୍ରୀଡ଼ାଭରେ ନିରୁତ୍ତରେ ପାଶୁଁ ପଳାୟନ ।
ଯେତେ ପଶୁରିଲେ ଥିଲା ତା ଚିର ନବୀନ,
ଦିନୁ ଦିନ ସେହି ମୁଖ ଦିଶୁଥିଲା ଭିନ୍ନ ।
କିପାଇଁ ଗଲା ସେ ମୋହ ନେଉଟିଲା ନାହିଁ,
ଗଲା ଯେବେ ପ୍ରୀତି-ସ୍ମୃତି ପଢ଼ୁଛୁ କିପାଇଁ ?

* * *

Digitized by srujanika@gmail.com

ତଥାପି କପାଇଁ ତୃପ୍ତ ନୁହେ ରେ ହୃଦୟ,
କାହିଁ ଗଲ ପ୍ରଣୟର ମୋହ ମାୟାମୟ !
ନବୀନ ପ୍ରଣୟ ! ଅରେ ପ୍ରାଣସ୍ପର୍ଶମଣି,
ଅଟୁ ତୁହ ଅକଳଙ୍କା ଲାବଣ୍ୟର ଖଣି ।
ମହୀରେ ସୁନ୍ଦର ତୋହ ବିନା ନାହିଁ ଆଉ,
କି ମାୟା-ସଙ୍ଗୀତ ତୁ ରେ ପ୍ରାଣାକାଶେ ଗାଉ ?
ସେ ସ୍ୱର୍ଗୀୟ ମନ୍ତ୍ରେ ମୁଗ୍‌ଧ ଏ ବିଶ୍ୱସଂସାର
ତରୁଣ ତରୁଣୀ ନେନେ ଦଣେ କି କାହାର !
ଦିବ୍ୟ ପ୍ରେମାଞ୍ଜନ ବୋଳୁଁ ମାନବନୟନ
ଦେଖେ ସୃଷ୍ଟି ଅପରୂପ ମାନସମୋହନ ।
ଗୃଲିଗଲେ ତୁ ପ୍ରଣୟ ! ଯାଏ ସବୁ ମାୟା,
ରହୁଥାଏ ମାତ୍ର ଆହା ଘୋର-ସ୍ମୃତି-ଛାୟା !
ପ୍ରଣୟ ତୁ ଶରବନ ରହୁ କେଉଁ ଦେଶ,
କେଉଁ ଦେଶେ ନ ତୁଟଇ ପ୍ରଣୟ-ଆବେଶ ?
ତନୁ-ଲାବଣ୍ୟରେ ଜାଣେ ନ ମେଣ୍ଟଇ ଆଶା,
କାହିଁରେ ପୂରଇ ପ୍ରାଣ-ପ୍ରଣୟ-ପିଆସା ?

ଶାଶ୍ୱତ ପ୍ରଣୟ ନୁହେ ମୋହ ଜଗତର,
ତୃଷାର୍ତ୍ତ ପରାଣ ବାଞ୍ଛେ କିବା ନିରନ୍ତର !
କି ମହା ଅଭାବ ଏହୁ ମାନବ ଅନ୍ତରେ,
ନିଶି ଦିବା କାହିଁପାଇଁ ବ୍ୟାକୁଳିତ କରେ !
କାହିଁ ସେହୁ ନିତ୍ୟ ସୁଖ ଯା ଲାଗି ଏ ମନ
ପିଆସୀ ଚାତକ ପ୍ରାୟ ନିରତେ ଉଚ୍ଛନ୍ନ !

Digitized by srujanika@gmail.com

ପ୍ରତ୍ୟାଖ୍ୟାତ

—୧—

ଏତେ ତ ସଙ୍ଗାତ କର ନ ଥିଲଇଁ ଆଶା,
ବଢ଼ାଇଲ ନିଜେ ପ୍ରୀତି-ଅଦମ୍ୟ-ପିପାସା ।
ଚଢ଼ାଇଲ ଯେବେ ତୁଙ୍ଗ ଗିରିଶୃଙ୍ଗଶିଖରେ,
ଫିଙ୍ଗି ଦେଲ ପୁଣି କିମ୍ପା ଗଭୀର ଗହ୍ୱରେ ?
ଶାନ୍ତ ନିବିଡ଼ କୁଞ୍ଜ ଗୃହ ମଧୁ ବଂଶୀ ସ୍ୱନେ,
କିପାଇଁ ଠେଲିଲ ପୁଣି ଗହନ କାନନେ ?
କଳ୍ପତରୁ-ଛାୟା ତଳେ ବସାଇଲ ଯେବେ,
କ୍ଷୁଧାର୍ତ୍ତ ବ୍ୟାକୁଳ ପ୍ରାଣ କିପାଁ ମୋର ତେବେ ?
ଉଦ୍ଦାମ କଲ୍ଲୋଳେ ଚଳେ ସୁର ତରଙ୍ଗିଣୀ,
ଶୁଷ୍କକଣ୍ଠତାଳୁ ପ୍ରାଣ ମୋର ବେଁ ସଙ୍ଗିନି !
ବସନ୍ତ ମଳୟାନିଳ ବହଇ ନିରତ,
ଶ୍ୱାସ ବାୟୁ ବିନା କିପାଁ ମୁହିଁ ମୃତବତ ।
ସୁରଧୂନୀ-ତୀରେ ବସି ତୃଷା ନ ମେଣ୍ଟଇ,
କିଏ ଦେଲା ବଜ୍ରବାଡ଼ ତୋ ମୋ ମଧ୍ୟେ ସନ୍ଧି ?

—୨—

ଦେଖାଇ ହରିଲ କିପାଁ ମୋହ-ମରୀଚିକା,
ଅକ୍ଷୟ କୋଠ ଭଣ୍ଡାରୁଁ ଦେଲ ନାହିଁ ଭିକ୍ଷା ।
ନ ଥାନ୍ତା ପ୍ରଣୟ ଯେବେ ତୋ ହୃଦ-ଭଣ୍ଡାରେ,
ପାଇଣ ନ ଥାନ୍ତି ମୁହିଁ ତା ସନ୍ଧାନ ବାରେ,
ତୋ ଦ୍ୱାରେ ଭିକ୍ଷାର୍ଥୀ ହୋଇ ନ ଥାନ୍ତି ମୁଁ କେବେ
ଦେଖାଇ ହରିଲ ତେଣୁ ମୃତକଳ୍ପ ଏବେ ।
ପିଆଇଲ ପ୍ରେମମଦ ବଢ଼ିଲା ପିପାସା,
ନ ହେଲା ସାଧନେ ସିଦ୍ଧି ନ ମେଣ୍ଟିଲା ଆଶା ।
ବୃଶ୍ଚିକ ଦଂଶନ ସମ ପୂର୍ବ ସ୍ମୃତି ଜାଗେ,
ମୋ ମର୍ମବେଦନା ବାର୍ତ୍ତା କହିବ କା ଆଗେ ?

Digitized by srujanika@gmail.com

ଯେ ନେତ୍ର-ବିଭ୍ରମେ କ୍ଷଣପ୍ରଭା କଲା ବୀଡ଼ା,
ମୋହରି କନ୍ୟାବାଡ଼ି ଦେଖୁଥିଲା ମଧୁବ୍ରୀଡ଼ା,
ନାହିଁ ପ୍ରାଣ ଅଛି ଦେହ ଲୋକହୀନ ଗୁମ୍ଫା,
ପାଷାଣି ରେ ! ମେଣ୍ଟାଇବ ଅଶାପୂରି ଅଶା ?

ହତାଶ ପ୍ରଣୟୀ

ଗଲାକାଳି ! ଶୁଣୁଥିଲୁଁ ଯୋଗ୍ୟ ମୋର କଥା,
କାହା ଘର କୋଣେ ଯାଇଁ ଲୁଚୁଇଲୁ ମଥା !
ମୋ ବାରତା ତୋ ଶ୍ରବଣେ ପହଞ୍ଚେ କି ନାହିଁ,
ତଥାପି ତୋ କଥା ଭୁଲ ଝୁରେଁ କାହିଁପାଇଁ ?
ତୋ ବିରହେ ମୃତ ମୁହିଁ ନାହିଁ ଭବଧାମେ,
ଚମକେ ମୋ ଚିତ୍ତ ତେବେ କପାଁ ତବ ନାମେ ?
ହାଣିଥିଲୁ ଏହି ବକ୍ଷେ ଯେ ଅପାଙ୍ଗ-ଶର,
ସେ କ୍ଷତ ଶୁଖି ତ ନାହିଁ ଅଜୟାଁ ମୋହର ।

ସ୍ମୃତିଘାତେ ଦର ଦର ଧାରେ ବହୁବାର
ରେ ନିଠୁରେ ! ବହେ ତହୁଁ ରୁଧିର-ଅସାର ।
ଇଚ୍ଛା ହୁଏ 'ତୁହି ମନ' ପାଞ୍ଚ ସ୍ୱା ମନରେ
ବିସର୍ଜିବି ସ୍ମୃତି ତବ ବିସ୍ମୃତି-ସାଗରେ ।
ନୀଳନେତ୍ର ପଡ଼େ ମନେ, ବିଷାଦ ପ୍ରବଳ,
କହିବି କି 'କଷା ପକ୍ୱ ଦ୍ରାକ୍ଷାଲତା ଫଳ' ?
ଢଳ ଢଳ ନୀଳନେତ୍ର ବେନି ତବ ପ୍ରିୟା,
ମନେ ପଡ଼ି ଦଗ୍ଧ ହୋଇଯାଏ ଏ ମୋ ହିଆ ।
ସେ ନେତ୍ର-ଅପାଙ୍ଗେ କାହା ମୁଖେ ପ୍ରେମଭରେ
ଅନାଇ କରୁଛୁ ସୁଖୀ କେଉଁ ଧନ୍ୟ ନରେ !
କୋମଳ କୁସୁମ ସମ କପୋଳମଣ୍ଡଳ,
ଲାବଣ୍ୟ ସରସୀ ସମ ସ୍ୱଚ୍ଛ ଢଳ ଢଳ,

Digitized by srujanika@gmail.com

କିଏ ସେହ୍ନ ଗଣ୍ଡେ ଦେଇ ସପ୍ରେମ ଚୁମ୍ବନ
ବକ୍ଷେ ଚୁପି କରୁଥିବ ଗାଢ଼ ଆଲିଙ୍ଗନ !
ଘନ ନୀଳ ଘଟନ ତୋର ସୌଦାମିନୀ ସମ
ଘନକୁନ୍ତ ମୀରେ ତୋର ପ୍ରଫୁଲ୍ଲ କୁସୁମ
ସମାନ ଗୁମ୍ଫିତ ଘନ କୃଷ୍ଣ କେଶ ତଳ
ଫୁଟଇ ଗଭୀର ତବ ଆନନମଣ୍ଡଳ,
କଳ୍ପନା-ଗଗନ ତଳେ ହୋଇ ସମୁଦିତ
ସ୍ୱର୍ଗୀୟ ସ୍ୱପନ ସମ ହୁଏ ରେ ପ୍ରତୀତ ।
ସ୍ୱର୍ଣ୍ଣଶଙ୍ଖ ସମ ତବ ସୁକୁମାର ଗଳା
ବେଢ଼ି ଝୁଲୁଥାଏ ଯହିଁ ଗଜମୋତି ମାଳା,
ପ୍ରେମ-ସୁଧା-ପୂର୍ଣ୍ଣ ତୁଙ୍ଗ ବିଦବ ଯୁଗଳ
ଲାବଣ୍ୟଲେପିତ ନବ ପ୍ରୀତି ଢଳ ଢଳ
ପ୍ରଣୟୀ-କଳ୍ପନା-ନୀଡ଼ ଉତ୍ତୁଙ୍ଗ ବାସନା
ବିଧି-ଶିଳ୍ପ-ସୀମା ଯାହା ଜୀବନ-କାମନା
ରସାଣିତ ସୁବଳିତ ସୁଗୋଲ ସରଳ
ରସିକ ନୟନ ଧ୍ୟାନ ଚରଣଯୁଗଳ,

ସୁଢ଼ଳ ମନ୍ଥର ଗତି ତରଳ ଗୃହାଣୀ,
କଳକଣ୍ଠସ୍ୱନ ବୀଣାଜିଣା ମଧୁବାଣୀ,
ଅସରନ୍ତା ପ୍ରଣୟର ଅକ୍ଷୟ ଭଣ୍ଡାର
ପ୍ରଣୟି-ଲୋଚନେ ଦିଶେ ଏ ସଂସାରେ ସାର
ଯାଇଛି ସଙ୍ଗାତ କିନ୍ତୁ ତବ ସ୍ମୃତିଶେଷ
କଳ୍ପନାରେ ବୋଳିଅଛି ମଧୁର ଆବେଶ !

ନିରଣ ପ୍ରଣୟ ସ୍ମୃତି

ମଧୁର ପ୍ରଣୟ କଢ଼ି ଆସୁଥିଲା ବଢ଼ି ବଢ଼ି,
ପଥର ପଥିକର ଆଶା ବଢ଼ାଇଲା ମନ !
ଫୁଟିଣି ଲାବଣ୍ୟ ଫୁଲ ଦେଲା ସେ ପ୍ରୀତିର ମୂଲ,
ପ୍ରୀତି-ରତନେ ରଣୀ କରି ଚଳିଲା ସେ ଗମନ !

Digitized by srujanika@gmail.com

ଏବେ ଚହଟାଇ ବାସ ମହକାଇ ରଜପାଶ
ଫୁଟିଲୁ ସୁମନ କହିଁ ନ ଫେରେ ସେ ଜନ !
ଯୌବନ କୁସୁମ ଝଡ଼ି ଦୁଇଦନେ ଯିବ ପଡ଼ି,
ଦାରୁଣ ସଂସାର ତାହା ଦଳିବ ଚରଣ !
ଆଶା-ଆକାଶର ଇନ୍ଦୁ ନ ଦେଲା ରେ ସୁଧାବିନ୍ଦୁ,
ନୟନ-ଲୋତକ ଆହା ଶୁଖିଲା ନୟନ !
ଯାହାକୁ ଜୀବନ-ତଟ ଥିଲି ଅରପଣ କରି,
ଠେଲି ଚାଲିଗଲା ସେ ଯେ ବାରିଧି ଜୀବନ !

ଯୌବନ ବାକେଣୀ ବୀଣା ନିଦବ ସଙ୍ଗୀତଝଙ୍କଣା
ଛିନ୍ନତାର ହୋଇ ଆହା ହେଲା ରେ ମଉନ !
ଯାଏ ପ୍ରଭା ପ୍ରଭାତର ମାଡ଼ି ଆସେ ଖରତର
ମଧ୍ୟାହ୍ନ ଦାରୁଣ ଖରା ମଉଳେ ସୁମନ !
ପୁଷ୍ପବତୀ ଗୁରୁ ଲତା, ଶୁଣ ଦୀନ କବି କଥା,
ପ୍ରୀତି ଦିଏ ସୁଖ ହେଲେ ବିଚ୍ଛେଦେ ମିଳନ ।
ବିଚ୍ଛେଦ ଅଟଇ ଜଳ ସଂସୃତି ହଳାହଳ,
ଆଶା ବିଶ୍ୱାସେ ରଜନୀ ପ୍ରୀତି ନିର୍ବାନ ।

ଶେଫାଳିକା ପ୍ରତି ଅଳି

ଅଗୋ ଶେଫାଳିକା,
ତୋହଠାରେ ମୋର ପ୍ରାଣବିକା ।
ସରୁ ସୁକୁମାର ତୋ ଶ୍ରୀଅଙ୍ଗ
କି ସୁନ୍ଦର ପଦ୍ମରାଗ-ରଙ୍ଗ !
ଶୁଭ୍ର ସୁଶୋଭନ ତନୁ-ଅପଘନ
ମନୁ ନ ଯାଏ ମୋ ପ୍ରାଣାଧିକା ।

Digitized by srujanika@gmail.com

ଶ୍ରୀଅଙ୍ଗ-ସୁଷମା ସୁକୋମଳ,
ତହିଁ ନୀରବନ୍ଧୁ ଢଳ ଢଳ ।
ତହିଁ ରତ୍ନାକର ମଣ୍ଡି କି ସୁନ୍ଦର !
ପାସୋର ନ ଯିବ ସୁରସିକା ।
ନିର୍ମଳ ମଧୁର ଉଷାକାଳେ
ଶୋଭୁଥାଉ ଯେବେ ଧରାତଳେ,
ଫୁଲଶେଯ ତୋର ଦଣ୍ଡେ କି ରୁଚିର
ଶୋଭେ ତୋର ଦେହେ ନାଲି ଟିକା ।
ଅଙ୍ଗ ଯଷ୍ଟି ରଙ୍ଗ ସୁକୁମାର,
ସୁବାସ ତାହାର କି ବାହାର !
ଲପନ ତୋହର ପଦ୍ମିନୀ ସୁନ୍ଦର !
ବାସୀ ହେଲେ ଅଙ୍ଗ ଦଣ୍ଡେ ଫିକା ।

ପିକ

କାହିଁକି ରବୁ ରେ ପିକ, ବନେ କୁହୁ କୁହୁ ସ୍ୱନେ
ତୋ ରବ ଶୁଣି ରେ ମଣି ପଡ଼େ କାହା କଥା ମନେ !
ମଧୁର ବାସନ୍ତୀ ଉଷା ପିନ୍ଧଣି କୁସୁମ ଭୂଷା
ଅସି ଉଭା ହୁଏ ସେ ଯେ ନିର୍ମଳ ନୀଳ ଗଗନେ ।

କାହିଁକି ରସାଳ-କୁଞ୍ଜେ ଡାକୁ ତୁ ପଞ୍ଚମ-ତାନେ,
ତୋ ରବ ଶୁଣନ୍ତେ କିପାଁ ବିଷାଦ ହୁଏ ପରାଣେ ?
ମନ୍ଦ ମନ୍ଦ ସମୀରଣ ବକୁଳ-ଗନ୍ଧ ବହନ
ମହକାଇ ଦିଏ ଯେବେ ହେଲେ ବିଶ୍ୱବାସିମନେ ।
କାହିଁକି ଗହନବନେ ରବୁ ତୁ ପଞ୍ଚମ-ତାନେ
କେଉଁ ବିଗତ-ସ୍ୱପନ-ରାଜ୍ୟ-ଛାୟା-ପଡ଼େ ପ୍ରାଣେ ?
କାହୁଁ ଆସିଲ ଏ ଜୀବ ? କାହିଁ ଏ ଚରମେ ଯିବ ?
କି ଉଦ୍ଦେଶ୍ୟ ଏ ଜୀବର ? ମନ ବୁଡ଼େ ଏହି ଧ୍ୟାନେ ।

Digitized by srujanika@gmail.com

ବସନ୍ତ ଓ ଧରଣୀ

ଋତୁରାଜ ବସନ୍ତ ରେ ଆସ ରେ ଅବନୀ-ଘରେ
ଏତେ କାଳ ଥିଲୁ କାହିଁ ଭୁଲି କା ପ୍ରେମ ମନ୍ତ୍ରରେ ?
ତୋ ବିରହେ ତୋ ପ୍ରେୟସୀ ଭାଳୁଥିଲା ବସି ବସି
ସହୁଣି ନିଦାଘ-ତାପ ବରଷା-ଧାର ଶିଶିରେ ।
ତୋହ ବିଚ୍ଛେଦେ ଧରଣୀ ହୋଇ ଯେହ୍ନେ ବୈରାଗିଣୀ
ଦିନ ଗଣୁଥିଲା ଧନୀ ବହୁ ଘୋର ଯାମିନୀରେ ।
ତୋ ଆଗମନେ ବସନ୍ତ ଦିଶେ କେମନ୍ତ ଶ୍ରୀମନ୍ତ,
ହସିଣ ଉଠଇ ଧନୀ କଣ୍ଠଲଗ୍ନ କୁସୁମହାର ।
ପାଆନ୍ତେ ପରାଣପତି ହେଲାଣି କୁସୁମବତୀ,
ତା ତନୁ ସୁରଭି ଅତି ରସାଳ ବକୁଳ ଭରେ ।
ପିକ-ରବ ଛଳେ ଧନୀ କଲା ହୁଳହୁଳି ଧ୍ୱନି,
ଯେଜାଣି ପୂର୍ଣ୍ଣେନ୍ଦୁ ଥାଳି ବନ୍ଦିଲା ପତି-ପଦରେ ।

କୁସୁମିତ ଉପବନେ ପୂଜିଲା ପତି-ଚରଣେ
ମଳୟ-ପଟାନ୍ତ-କାନି ବାନ୍ଧିଲା କାନ୍ତ-ଅଙ୍ଗରେ ।
ଅଳି-ଗୁଞ୍ଜନ-ଛଳନା ବାଳୀ-ପ୍ରେମ-ଜଳପନା
ମାନବତୀ-ମାନଘେନା ସୁଦୀର୍ଘ ବିଚ୍ଛେଦ ପରେ ।

ଉଷା ଓ ସୂର୍ଯ୍ୟ

— ୧ —

ବିପିନେ ଗାବନ୍ତି ବନବିହଙ୍ଗେ,
ବହେ ତା ସୁରଭିତ ପବନ ସଙ୍ଗେ,
ନୀଳକାନ୍ତ ନଭେ କେମନ୍ତ ରଙ୍ଗେ
ଉଭା ଉଷା-ଯୋଷା କନକେ !

Digitized by srujanika@gmail.com

—୨—

ଶୁଭ୍ର ସୁଶୋଭନ ଶାଢୀ ଶ୍ରୀଅଙ୍ଗେ
ପିନ୍ଧ ଦେବ-ଜ୍ୟୋସ୍ନା ଉଭ୍ର ନିଭଙ୍ଗେ,
ଶୁକ୍ଳମଣି ଶୋଭେ ତା ଉତ୍ତମାଙ୍ଗେ,
ହରଷ-ସୁଷମା ଆନନେ ।

—୩—

ବହୁଛନ୍ତି ପବନ ଖେଳ ତରଙ୍ଗେ,
ହସି ହସି ଫୁଲ ହଲଇ ରଙ୍ଗେ,
ହସୁଛନ୍ତି କି ଯୋଷା ଗୃହିଁ ଅପାଙ୍ଗେ,
ନାଚ ଯାଉଛନ୍ତି କି ଭୁବନେ ।

—୪—

ଭାନୁ ଦେଖି ତାର ମୋହନ ଢଙ୍ଗେ
ଗୋଡ଼ାଇ ଆସନ୍ତି ତା ସଙ୍ଗେ ସଙ୍ଗେ,
ପଳାଇ ଗଲା କି ବାମା ଅଢଙ୍ଗେ
ତରଣି ପ୍ରଚଣ୍ଡ କିରଣେ ?

ଗଳ୍ପ କଥା

ଥିଲା ଯାହା ମଧୁର ସ୍ୱପନ
ହେଲା ଏବେ ଦୃଢ଼ ଜାଗରଣ !
ଯାଇଛି; ତଥାପି ଗଳ୍ପକଥା-
ସ୍ମୃତି କିପାଁ ପ୍ରାଣେ ଦିଏ ବ୍ୟଥା !
ମୋହ ଯେବେ ଅଛଇ ସ୍ୱପନେ,
ଆନନ୍ଦ କି ନାହିଁ ଜାଗରଣେ ?

Digitized by srujanika@gmail.com

ସ୍ମୃତି ଓ ପ୍ରଣୟ

ମଉନନ୍ତେ ମଧୁସ୍ୱନ, ସଙ୍ଗୀତ
ସ୍ମୃତି-ସୌଧେ ହୁଏ ପ୍ରତିଧ୍ୱନିତ ।
ମଉଳନ୍ତେ ଫୁଲ, ସୁରଭି ବାସ
ମହକାର ପ୍ରାଣେ କରଇ ବାସ ।
ଝାଉଁଳି ପଡ଼ିଲେ ଫୁଲ ଗୋଲାପ
ପଲ୍ଲବ ପ୍ରିୟାଙ୍କ ହୁଏ ତଳପ ।
ସେହ୍ନ ସଖି ତୋର ବିରହେ ସହି !
ସ୍ମୃତି ଶେଯେ ଥିବ ପ୍ରଣୟ ଶୋଇ ।

ସ୍ମୃତି ଓ ଆଶା

—୧—

ସ୍ମୃତି ମୋର କହେ କାନେ କାନେ
ସେ ତ ହୃଦ ଅତୀତର କଥା;
ଆଶା ମୋର ବହି ଆଣେ ପ୍ରାଣେ
ପ୍ରୀତି-ସ୍ନିଗ୍ଧ ଅମୃତ ବାରତା ।

—୨—

ଆସିଥିଲା କେଉଁ ପୁଣ୍ୟବଳେ,
କରିଥିଲା ଏ ପ୍ରାଣ ମଧୁର;
ଚାଲିଗଲା ଖଣ୍ଡ ତପ ଫଳେ,
କରିଗଲା ବିରହ-ବିଧୁର ।

—୩—

ବିହଙ୍ଗମ ତେଜିଣି ପିଞ୍ଜର
ନନ୍ଦନ-କାନନ-କଳ୍ପ-ବଟେ
ତେଜି ମୋହ-ବନ୍ଧନ ଭବର
ଉଡ଼ିଗଲା ମନ୍ଦାକିନୀ-ତଟେ ।

Digitized by srujanika@gmail.com

—୪—

ବନପ୍ରିୟ ଯୌବନ-ବସନ୍ତେ
ରାବିଗଲ ପ୍ରାଣ-କୁଞ୍ଜବନେ,
ପୂର୍ଣ୍ଣ-ଇନ୍ଦୁ ହସିଲ ଶରତେ
ମେଘମୁକ୍ତ ସୁନୀଳ ଗଗନେ ।

—୫—

ଫୁଟିଥିଲ ପୀରତି-ପ୍ରସୂନ
ଜୀବନର ନନ୍ଦନ-କାନନେ,
ଶୁଭୁଥିଲ ସଙ୍ଗୀତ-ସୁତାନ
କଲ୍ପନାର ବମୁଗ୍ଧ-ଶ୍ରବଣେ ।

—୬—

ଜଗତରେ କିଛି ନୁହେ ସ୍ଥିର,
ଅଢ଼ାଇ ଦିନର ଭବଖେଳା;
ଜୀବନ ଯୌବନ କାହିଁ ଚିର ?
ତା କେବଳ ମାୟାମୋହମେଳା !

—୭—

ବସନ୍ତର ଦକ୍ଷିଣ ମଳୟ
ଗୃହୁଁ ଗୃହୁଁ ଗଲ ତ ଉଭାଇ,
ଇନ୍ଦୁ-କଳା ଭଜନ୍ତେ ବିଲୟ
ସୁଧା ଆଉ ବରଷଇ ନାହିଁ !

—୮—

କୁସୁମ-ଲତିକା ହସୁ ନାହିଁ,
ଶୁଭୁ ନାହିଁ ସଙ୍ଗୀତ ସୁସ୍ୱର,
ସୁଷମା ସଂସାର ଗଲ କାହିଁ,
କାହିଁ ଗଲ ମୋହ ଯୌବନର !

—୯—

ତଥାପି ସେ ଯାଇ ଯାଇ ନାହିଁ,
ପବଣେ ସେ ବୋଳଛି ଅବେଶ,
ଜୀବନର ସାର ଗଲ କାହିଁ ?
କାହିଁ ଗଲେ ପାଇବ ସନ୍ଦେଶ ?

—୧୦—

ସ୍ମୃତି ମୋର କହେ କାନେ କାନେ—
ସେ ଯେ ଦୂର ଅତୀତ କାହାଣୀ,
ପ୍ରୀତି ମୋର ବହି ଅଣେ ପ୍ରାଣେ
ଆଶା-ଗୀତ-ମୃତ୍ୟୁସ୍ୱପ୍ନ-ବାଣୀ ।

Digitized by srujanika@gmail.com

ବର୍ଷା ଓ ଶରତ୍

ପ୍ରଥମ ଅଷାଢ଼େ ଦୁର୍ଦ୍ଦାମ ଆବେଗେ
ବହୁଯାଏ ନିର୍ଝରିଣୀ,
ଶିଳାବନ୍ଧ ଡେଇଁ ଫେଣ ଟେକାଇ
ଉଚ୍ଛଳଇ ତରଙ୍ଗିଣୀ,
ଉପାଡ଼ି ଯେତେ ତୀର-ତରୁ-ବ୍ରଜ
ଧାଏଁ ଖର ସ୍ରୋତସ୍ୱତୀ,
ଉଦ୍ଦାମ-ଆବେଗେ ପ୍ରବଳ ପ୍ରବେଗେ
ଦେଖିବାକୁ ସରିତ୍‌ପତି ।
ଆପଣା ମଙ୍ଗଳ ନୋଡ଼ି ମତ୍ତ ମନ୍ଦ୍ରେ
ଯାଉଥାଏ ପଥେ ଧାଇଁ,
କିନ୍ତୁ ଶାରଦୀୟା ବିମଳା ତଟିନୀ
ବହେ ତୃଷାତୁରପାଇଁ ।
ମେହ୍ନପରି ସତ୍ୟ ! ଉଦ୍ଦାମ ଯୌବନ
ନିଜ ସୁଖେ ଯିବା ବାଟେ,
ପରିଣତ ବୟେ ଢାଳଦେବା ପ୍ରିୟେ
ଜୀବନ ପରର ହିତେ !

ବସନ୍ତ ଓ ନିଦାଘ

ସଂସାର ଦହନ ନିଦାଘ ପବନ
ଅସିଲାଣି ଖରେ ବହି,
ଅତି ସୁକୁମାର ପୀରତି-ବଲ୍ଲରୀ
ଶୁଖି ଯିବ ପରି ସହି !
ଫୁଟିଥିଲା ଫୁଲ ଜୀବନ-ବସନ୍ତେ
ଲଳିତ ଲତିକାଡାଳେ,
ବହୁଥିଲା ମୃଦୁ ମଳୟ ସମୀର
ପିକ ରବୁଥିବା କାଳେ ।

Digitized by srujanika@gmail.com

ଗତକଥା ଭୁଲି ସ୍ମୃତି-ସୁଧା ଢାଳି
ପୀରତି-ବଲ୍ଲରୀ-ମୂଳେ
ମେଣ୍ଟାଅ ତୃଷ୍ଣା ବସି ଦଣ୍ଡେ ବନ୍ଧୁ
ସ୍ମୃତି-ନିର୍ଝରଣୀ-କୂଳେ ।

ପୁଷ୍ପ ଓ ଫଳ

ଯୌବନ-ପ୍ରଭାତର ମଧୁମୋହ-ଆବେଶ
ଗଲାଣି, ନ ଆସିବ ଆଉ,
ନବୀନ ବସନ୍ତର ନବ ଫୁଟନ୍ତ ଫୁଲ
ଝଡ଼ି ଗଲାଣି; ଝଡ଼ି ଯାଉ ।
ଦୁଃଖ-ସୁଖରେ ପ୍ରିୟେ ବେନିଙ୍କର ଜୀବନ
ସଂସାରେ ହୋଇଛି ସଫଳ,
ଉତ୍ତାପ-ମଳୟରେ ବିକଚ କୁସୁମରେ
ଧରିଛି କି ସୁନ୍ଦର ଫଳ

କାୟା ଓ ଛାୟା

(ଅତି) ଦୂରେ ଥାଇ ସଖା ! ମୋହ-ମରୀଚିକା
ଦେଖିବ ହେଉଛି ମନ ?
(ନା) ମଧୁର ଶୀତଳ ତୃପ୍ତିପ୍ରଦ ଜଳ
ପାନେ ତୋଷିବ ଜୀବନ ?
(ମୋର) ସୁନ୍ଦର ମୋହନ ତୋର ଅପଘନ
ମୁଗ୍ଧ ନେତ୍ରେ ଥିବ ଚାହିଁ ?
(ଏହୁ) ପ୍ରେମ ଟଳଟଳ ଅସ୍ପର୍ଶ ଅତଳ
ପ୍ରାଣ ପରଶିବ ନାହିଁ ?

Digitized by srujanika@gmail.com

(ମୋର) ସୁନ୍ଦର ମୋହନ ନବ ଯଉବନ
ଅଳପ ଦିନର ଧନ,
(ତାହା) ଗଲେ ଗୁଳି କାଲେ, ନ ଗୁହିଁବ ତାଲେ,
ଆଶଙ୍କିତ ମମ ମନ ।
(ଯେସନ୍ତେ) ବିକଚ କୁସୁମେ ମକରନ୍ଦ ପ୍ରେମେ
ରୋଳମ୍ବ କରେ ଗୁଞ୍ଜନ,
(ସଖୀ) ମଉଳି ସୁମନ ହୁଅନ୍ତେ ମଳିନ
ତଳେ କି ମିଳିନ୍ଦ-ମନ ?
(ତେସନ୍ତେ) ଦୁଇଦିନେ ଆହା ତୁଟିଯିବ ମାୟା
ଉଭେଇଣ ଯିବ ଛାୟା,
(ମୋତେ) ବାଧୁଥିବ ସିନା ବିରହ ବେଦନା,
କିଏ ହେବ ମୋର ସାହା ?
(ଏହୁ) ମୋହ ମରୀଚିକା ତୁଟିଯିବ ସଖୀ-
ରହେ କେତେକାଳ ମାୟା ?
(ତେଣୁ) ପରାଣେ ଆଶଙ୍କା କାଲେ ପ୍ରାଣସଖୀ,
ଛାୟା ସଙ୍ଗେ ଯିବ କାୟା !
(ଡାକେଁ) ଆସ ହେ ପ୍ରାଣେଶ ! ପରାଣେ ପ୍ରବେଶ
ପାନ କର ପ୍ରେମନୀର,
(ଆଜ) ଅକ୍ଷୟ ରତନ ପ୍ରେମ ଶରନ୍ତେନ
ଘେନ ପ୍ରେମ ପୟୋଧର ।
(ମୁଁ ଯେ) ତବ ଅନୁରକ୍ତ ବିନ୍ଦୁ ବିନ୍ଦୁ ରକ୍ତ
ତବ ପ୍ରେମେ ଜରଜର,
(ମୋର) ସର୍ବସ୍ୱ ତୁମ୍ଭର ହେ ଜୀବିତେଶ୍ୱର !
ଭୁଞ୍ଜ ତାହା ହେ ସୁନ୍ଦର !
(ଏବେ) ମୋତେ ତେଜି ମନ ରୂପେ ପ୍ରିୟତମ !
ନ ବଳାଅ କେବେଁ ମନ,
(ପୁଣି) ତେଜି ମୋର କାୟା ନ ନେଜ ତା ଛାୟା
ମୋହ ଘେନି ପ୍ରାଣଧନ !

Digitized by srujanika@gmail.com

ଅନାବିଲ ସ୍ନେହ

ପ୍ରଥମ ପ୍ରଣୟେ କହିଥିଲ ବିଷାଦିନୀ,
"ମୁହିଁ ତବ ସ୍ୱାର୍ଥହୀନ ସ୍ନେହଭିଖାରିଣୀ,
ପିତା ମାତା ଭ୍ରାତାଙ୍କର ଅତୁଳ ଶରଧା-
ଧାରାରେ ଧଉତ ମମ ପ୍ରାଣ ମନ ସଦା ।
ତଥାପି ମୁଁ ସୁପବିତ୍ର ସ୍ନେହର ରଙ୍କୁଣୀ ।"
ଲଭେ ଯେତୁ ଲୋଡ଼େ ସେତୁ ସଂସାରେ ଯା ଶୁଣି ।
ଥିଲାଘର ପିଲା ଲୋଡ଼େ ସନ୍ଦେଶ ମିଠାଇ,
ନ ଲୋଡ଼େ ଯେ ଥରେ ତାର ସ୍ୱାଦ ପାଇ ନାହିଁ ।
ସ୍ନେହ ସେହିପରି ପାଇଥାଏ ଯେଉଁ ଜନ,
ସେ ସ୍ନେହ ପାଇବା ପାଇଁ ସେ ହୁଏ ଉନ୍ମନ ।
ରଖିଛୁଁ ସେ କଥା ମନେ ଗୋ ପ୍ରିୟ ସଙ୍ଗିନୀ,
ମୋ ଗଭୀର ସ୍ନେହ ଅଛି ସଂସାରକୁ ଜିଣି ।
ସେ ପବିତ୍ର ସ୍ନେହ ସଖି, ବନ୍ଧୁ ଗୋ ମୋହର,
ପ୍ରୀତିପୂତ ମନେ ଏହି ଆଶୀର୍ବାଦ କର ।

ସଂଶୟେ

ମଣିଲ କି ସତି ! ମମ ପ୍ରଥମ ପ୍ରଣୟ
ପାପରେ ପଙ୍କିଳ ସ୍ୱାର୍ଥ ହଳାହଳମୟ ?
ନାହିଁ ନାହିଁ, ନୁହଇଁ ମୁଁ ଏତେ ନୀଚମନା,
ତୁମ୍ଭଠାରେ ଆରୋପିବି ଏମନ୍ତ କଳ୍ପନା ।
ତୁମ୍ଭେ ଦେବୀ ସ୍ନେହ-ପ୍ରେମ-ପବିତ୍ରତାବତୀ
ସଂସାର-ଊର୍ଦ୍ଧ୍ୱରେ ସଦା ତୁମ୍ଭ ମତିଗତି ।
ନିଭିଗଲା କେବେ କପାଁ ସେହି ସ୍ନେହ-ଶିଖା ?
କେଉଁ ନ ପାଇଲା ସ୍ନେହ ଦାରିଦ୍ର୍ୟ-ପରୀକ୍ଷା ?
କପାଁ ମଣି ମୁଁ ଅଯୋଗ୍ୟ କଲ ଅବହେଳା,
ମାନ ଦେବି ! ନୁହେ ପ୍ରୀତି ବାଳ-ଧୂଳି-ଖେଳା ।

Digitized by srujanika@gmail.com

ପିଅଇଲ୍ କପାଁ ବାରେ ତବ ସ୍ନେହ-ବାରି,
ସେ ସ୍ନେହ-ବିଚ୍ଛେଦ ମୋତେ ବାଧୁଅଛି ଭାର !
ଛଲେ ଛଲ୍ ପର କାନ୍ତୁ ଏ ସାର୍ ଜୀବନ
ଦଅ ଅଧିକାର ଦେବ ! କରିବି ସ୍ମରଣ ।

ଦଗ୍ଧ ପଦ୍ମବନ

—୧—

ପ୍ରାଚୀ-ଅଙ୍କେ ଉଷାଦେବୀ ଠହ ଠହ ହସି
ଅପୂର୍ବ ଲାବଣ୍ୟ-ସୃଷ୍ଟି ବାଣ୍ଟୁଛନ୍ତି ବସି ।
ଏମନ୍ତ କାଳେ ମୁଁ ଦିନେ ସରସୀର ତୀର
ଅପିଣ ଦେଖିଲ୍ ଅହା କେମନ୍ତ ରୁଚିର,
ନୀଳ ଜଳେ ନୀଳ-ରକ୍ତ-ଧବଳ କମଳ
ଫୁଟି ଏକାମେଳେ ହେଉଥିଲେ ଟଳ ଟଳ ।
ତଟେ ଅରବିନ୍ଦ-ଗନ୍ଧେ ସୁରଭି ଅନିଳ
ଆମୋଦିତ କରୁଥିଲା ଶ୍ୟାମଶସ୍ୟ ବିଲ୍ ।
ତଟ-ବଟମୂଳେବସି ମରାଳ ବାମିତ
ମୃଣାଳ ସେବାରେ ମୁଦ ଲଭୁଥିଲେ ଅତି ।

ନିସର୍ଗ-ଲାବଣ୍ୟ-ଲୁବ୍ଧ କବି ଭକ୍ତଗଣେ
ପୂତ କଲେ ନେତ୍ର କରି ଏଥି ଆଗମନ ।
ହୁତଳେ ଅତୁଳ ପୂର୍ଣ୍ଣ ପ୍ରଫୁଲ୍ଲ ପୁଷ୍କର—
ସହ ମିଳିଥିଲେ ପୁଷ୍ପମହାଳାନିକର ।
ମଳୟ-ସ୍ପର୍ଶ-ସୁବ୍ଧ ପଦ୍ମବନ ବିକମ୍ପିତ
ପ୍ରାତଃସ୍ନାନେ ପୁରାଙ୍ଗନା ଅଙ୍ଗ ଆନ୍ଦୋଳିତ ।
ଟଳ ଟଳ ସୁଚିରଳ ପୁଷ୍କରିଣୀ ଜଳ,
ତହିଁ ମଧ୍ୟେ ଟଳ ଟଳ ଅଗଣ୍ୟ ମରାଳ,
ଝଲ ଝଲ ତରୁଣୀଙ୍କ ଆନନ କମଳ,
ତହିଁ ମଧ୍ୟେ ଟଳ ଟଳ ନୟନଯୁଗଳ ।

Digitized by srujanika@gmail.com

ତହିଁ ତଳେ ତଳ ତଳ ପୀନ ପୟୋଧର,
କିଏସେ ସୁନ୍ଦର ଏଥି କେ ସୁନ୍ଦରତର,
ପଦ୍ମଭବ ପାଏ ଏଥି କବି-କଳପନା,
ଲଜ୍ଜାଭରେ ଲୁଚ ଯାଏ ଉପମା ତୁଳନା ।
ପ୍ରିୟ ଶିଷ୍ୟେ ଆଣି କବି ଗୌରବ-ସୁଦନେ
ଦେବିଙ୍କୁ ଶିଖାଇଥିଲେ ସରଃ, ତୋ ପୁଳିନେ ।

—୨—

ବହୁଦିନ ପରେ ପୁଣି ଉଦ୍ୟାନ-ଭ୍ରମଣେ
ଅପିଲ ଦେଖିଲି ଦଗ୍ଧ କମଳ-କାନନେ ।
ନୀହାରକଣପାତେ ଅହା ନଷ୍ଟ ପଦ୍ମବନ
ଦେଖିଣ ବିପନ୍ନ ହେଲା ମୋର ପ୍ରାଣ ମନ ।

ଦେଖିଥିଲି ପୂର୍ବେ ଯଥା ଷୋଡ଼ଶୀ ଯୁବତୀ
କାଞ୍ଚନ କମଳକାନ୍ତି ଲାବଣ୍ୟ ମୂରତି,
ବୈଧବ୍ୟ-ବିଧୁରା ବାଲା କାରୁଣ୍ୟ ପ୍ରତିମା
ଯୌବନରକ୍ତିମା ନାହିଁ ରୂପମଧୁରିମା,
ଶୋକ-ନୀହାର କି ଅହା ଦହି ସୁଖବନେ
କରିଅଛି ପରିଣତ ଶୋଭାର ଶ୍ମଶାନେ ।
ଏ ଶୋଭା-ଶ୍ମଶାନେ ଦୃଶ୍ୟ ସଂସାର ନଶ୍ୱର
ବଜ୍ରଶକ୍ତି ସହ ପ୍ରାଣେ ଉଦିଲା ମୋହର
ପାଇଁଲି ପୁଣି ତ ପର ବର୍ଷ ଏହୁପର
ଜଳ ପୁଷ୍ପେ ପୂର୍ଣ୍ଣ ହେବ ଏ ପଦ୍ମ ପୋଖରୀ ।
କାରଣ ପ୍ରଣୟୀ ଅଜ ପାଇବ କି ତାହା,
ହୃଦୟ ଭାଙ୍ଗିଣ ବାହେ ଯାଇଅଛି ଯାହା ।

Digitized by srujanika@gmail.com

କେତକୀ ଝର *

—୧—

ନିକଞ୍ଜନ-ନିବାସୀ କେତକୀ ଝର !
ପିଆସୀ ହୋଇ ଗଲି ତବ ପାଶର ।
ନୀଳ ନିର୍ମଳ ତନୁ କରି ପ୍ରଦାନ
ମୋହିଲୁ ତୃପ୍ତ ଜନ ପରି ମୋ ମନ ।
ପରର ଉପକାର ମହତ ଗୁଣ,
କେସନେ ସୁଝିବି ତୋ ଅମୂଲ୍ୟ ଋଣ ।
ଦରିଦ୍ର କବି ମୁହିଁ ତୋ ନାମେ ଗୀତ
ଗାଇଣି ସୁମରିବି ନାମ ହେ ମିତ !
ଘନ ନିକୁଞ୍ଜବନେ କେତକୀ-କୁଞ୍ଜ,
ଶୁଭୁଥିଲା ଝରତେ ମିଳନ୍ଦ-ଗୁଞ୍ଜ ।
ତୋ ଅଙ୍କେ ବିକଶିତ ସୁରଭି କଞ୍ଜ
ଯାଇଛି ଦିନ ତୋର ଆସିଛି ସଞ୍ଜ ।

ତୋ ତଟ-ଚୂତ-ତରୁ-ଶାଖେ ବକୁଳ—
ଆମୋଦେ ଦିଗଙ୍ଗନା ଥିଲେ ଆକୁଳ ।
କୋମଳ କିଶଳୟ ଲୋହିତ ରଙ୍ଗେ
କୋଳିଥିଲା ଅମ୍ବର ଅବନୀ ଅଙ୍ଗେ ।
ନବବସନ୍ତ ଗୁରୁ ମଳୟ-ବାତ
ଦେଉଥିଲା ଦେହରେ ଅମୃତ ସିଞ୍ଚି ।
ପଲ୍ଲବ-ଗହଳରୁ ଯୁବା କୋକିଳ
କୁହୁ ସୁତାନେ କଲା ପ୍ରାଣ ଆକୁଳ ।
କାହିଁ କେତକୀ-କୁଞ୍ଜ କେତକୀ-ଗୋଷ୍ଠି
ପରଶି ନିଧି ତୋର କେ କଲା ଚୋର ?

* କେତକୀ ଝର କଟକ-ଗଞ୍ଜାମ ପକ୍କା ରାସ୍ତା ଉପରେ ଖୋର୍ଦ୍ଧାର କଛୁପୁରଠାର ଦକ୍ଷିଣକୁ ଅବସ୍ଥିତ ।

Digitized by srujanika@gmail.com

— ୨ —

ଦେଖିଲି ଏବେ ଦିନେ ପ୍ରଦୋଷ ବେଳେ
ନିର୍ଜନତା ସଙ୍ଗତେ ବିଷାଦ ଖେଳେ !
ପ୍ରତୀଚୀ-ଅଙ୍କେ ଯେବେ ଲୁଚିଲେ ରବି
ବିଷାଦ-ଛାୟା ଢଙ୍କା ନିସର୍ଗ-ଛବି ।
ବସା ଗଛ ଅଡ଼କୁ ବିହଙ୍ଗଗଣ
ବିଷାଦଗୀତ ଗାଇ କଲେ ଗମନ ।
ଗୋଧୂଳିକାଳେ ଘନ ଧୂଳି ଉଠାଇ
ହମ୍ବାରଡ଼ି ଗୁଡ଼ିଣ ଯାଆନ୍ତି ଗାଈ ।
ବାରୁଣୀ ଗଗନରେ ଶବ ବିଶବ
ଦିଶଇ ଠହ ଠହ ଜଳଦ-ଶବ ।
ନୀଳ ଶ୍ୟାମଳ ରଙ୍ଗ ପାଠଳ ରଙ୍ଗ
ପୀତ ବାଇଗଣିଆ ଦିଶେ କି ରଙ୍ଗ !
ଏମନ୍ତ ଶବ ଦେଖି ହେଲା ମୋ ମନେ,
କାହିଁକି ମାୟାମୁଗ୍ଧ ହୁଅନ୍ତି ଜନେ ?

— ୩ —

କୂଳେ କରୁଣେ ରାବେ କପୋତ-ନାରୀ
କବି ମନକୁ ପବି ପରି ବିଦାରି,
"ଉଠ ରେ ପୁତା" ରାବ କରୁଣ ସ୍ୱନ ।
ଶୁଣିନ୍ତେ ପଥିକର ବିକଳ ମନ ।
ଗୋଧୂଳିକାଳେ ପକ୍ଷୀ ମେଲିଣି ଗୀତ
ଗାଇଣି ବିଷାଦିତ କରଇ ଚିତ୍ତ ।
ତୋ ନୀର ତୀର ଶାନ୍ତି-ଶୀତଳ-ଛାଇ—
ତଳେ ରହନ୍ତି ପାନ୍ଥେ, ଚୁଲି ଲଗାଇ
ଶଗଡ଼ିଆ ଭାଇ ତା ଗାଡ଼ି ଫିଟାଇ
ପିତଳରନ୍ଧା ଅନ୍ନ ବ୍ୟଞ୍ଜନ ଖାଇ
ତାମ୍ବୁଳ ଗୁବାକ ସେ ଭାଙ୍ଗିଲା ବେଳେ
ଗୃହେ ତରୁଣୀ-କଥା ବିଷାଦେ ଭାଳେ ।

Digitized by srujanika@gmail.com

ଚମ୍ପକ-ଗୋଷ୍ଠୀ-ପ୍ରାଣେ ଚେତଣେ ଭୁଲେଣି,
ଦେଖନ୍ତି ସ୍ୱପନ ସେ ବେନିଙ୍କୁ ବେନି ।
ନିର୍ମଳ ପ୍ରେମେ ସିନା ଅମ୍ବା ମିଳନ,
ବେନିଙ୍କୁ ବେନି କରୁଥାନ୍ତି ଦର୍ଶନ ।
ପୁଲିନ ଏହୁଅବ କେତେ ତରୁଣ—
ତରୁଣୀ-ସ୍ୱପନରେ ତୋର କରୁଣ !
ଯେତେ ଅଟର ପଟ୍ଟ ହେଉ ପ୍ରଣୟ,
ସଂସାର କରେ ତାହା ମାଧୁର୍ଯ୍ୟମୟ !

ବଡ଼ବୋଉ ଝର *

କେଉଁ ଅତୀତ ଯୁଗେ ଝର ! ତୋ କୂଳେ,
ଝଙ୍କାଳିଆ ଗଛର ଶୀତଳ ତଳେ
ବସିଣ ବଡ଼ବହୂ ତେଲ ହଳଦୀ
ବଢ଼ାଇ ସ୍ନାନ ବସ୍ତ୍ର ପିନ୍ଧିଲେ ଖଦି ।
ନାହିଁ ସେ ଯୁଗ ଅଉ ସେ ଶାଖୀ ନାହିଁ,
ସେ ବଡ଼ବହୂ-ରୂପ-ଲାବଣୀ କାହିଁ !
ମାତ୍ରକ "ବଡ଼ବୋଉ ଝର" ଅଛଇ,
ତା ନାମ ସଙ୍ଗେ ତାର ଛାୟା ଦିଶଇ ।
କିବା ଲାବଣ୍ୟମୟୀ ସେ ନବବଧୂ
ଅମରଲକ୍ଷ୍ମୀ ଦେଇ ଯାଇଛି ମଧୁ !
ସେ ଝର ସଙ୍ଗେ ତାର ଅମର ଛାୟା
ଲାଗି ରହିଣ ବିସ୍ତାରୁଛି କି ମାୟା !
ଅସରନ୍ତା ସେ ଝର-ନୀର ଯେସନ
ଅସରନ୍ତା ସେ ନାମସୁଧା ତେସନ !
କେସନ ଝର ସଙ୍ଗେ ତୋ ନାମ ବଧୂ
ମିଳଣି ବୋଲାଉଛି ତୋ ନାମେ ମଧୁ ?

---

* ବଡ଼ବୋଉ ଝର ଖୋର୍ଦ୍ଧା ମଧ୍ୟରେ । କେତକୀ ଝର, ନାଙ୍ଗୁଡ଼ ଝର, ସାଦାଡ଼ା ଝର ପ୍ରଭୃତି ଖୋର୍ଦ୍ଧା ନିକଟରେ ଅବସ୍ଥିତ ।

Digitized by srujanika@gmail.com

ଶୈଶବ ସୁଖ ପିତୃ-ଗୃହେ ଭୁଲିଣ
ଅବା ଏ ଝର ଅଙ୍ଗେ ହୋଇଲ ଲୀନ ?
ନବ ଯୌବନେ ଅବା ଧୋଇଣ ପଦ
ତବ ଯୌବନ ସମ ହେଲ ଏ ପଦ ?
ଅବା ନୀଳାଠ ଶିଳା ତଳେ ସେ ଥିଲ
ତବ ଚରଣ ଲାଗି ସ୍ତବ ଉଠିଲ ?
ଶ୍ୟାମା-ପଦ-ପ୍ରକ୍ଷେପେ ଅଶୋକ ଯେସନେ *
ଫୁଟଇ, ନିର୍ଝର କି ଫୁଟିଲ ତେସନେ ?
ଅବା ଫୁଲ ତୋଳିଣ ଗଢ଼ି ପ୍ରତିମା
ବସନ୍ତି ଥିଲ ଏଥି ରୂପସୀ କେମା ?
ଅଥବା କଲ ଏଥି ବାଲିର ଘର,
ନାମ ସଙ୍ଗତେ ରଖି ନେଲ ନିର୍ଝର ?
କି ଅବା ଅନାବୃଷ୍ଟି ହେଲା ଦେଶରେ,
ଝର ସ୍ରବିଲା ତବ ପଦ ସ୍ପର୍ଶରେ ?
ଅବା ମିଳନାନନ୍ଦ ନିବିଡ଼ କେତେ
ପ୍ରବେଶି ଝର ହର-ଜଟା ସଙ୍କଟେ;
ପାଇଅଛି ଅମର ନାମ ମଧୁର,
ସୁତଟ-ଦୂର୍ବାଦଳ ଅବା ଅଙ୍କୁର !
ତବ ଅଙ୍ଗସୁଲଭ ଶୀତେ ଉତପତ
ନିଦାଘେ ଶୀତଳତା ଝରେ ପ୍ରାପତ । †
ତବ ଅଭ୍ରମେ ଯେବେ ଏତେ ସୁଷମା,
ଥିଲ କି ଶୋଭାବତୀ ମର୍ତ୍ତ୍ୟରେ ରମା ?
ଲାବଣ୍ୟମୟୀ ବାମା ତୋ ବଡ଼ ବନ୍ଧୁ !
ଝର-ସଙ୍ଗୀତେ ତବ ସୁଷମା ବନ୍ଧୁ ।

---

* ଷୋଡ଼ଶୀ ତରୁଣୀମାନଙ୍କ ପଦପ୍ରହାରରେ ଅଶୋକ ପ୍ରସ୍ଫୁଟିତ ହେବାର ପ୍ରାଚୀନ କିମ୍ବଦନ୍ତୀ ଅଛି ।

† ଶ୍ୟାମା ସ୍ତ୍ରୀ ଓ କୂପୋଦକ ପ୍ରଭୃତିର ଶୀତକାଳରେ ଉଷ୍ଣତା ଓ ଗ୍ରୀଷ୍ମକାଳରେ ଶୀତଳତା ସମସ୍ତଙ୍କ ଜ୍ଞାତ ।

Digitized by srujanika@gmail.com

କବିର ଦୁଇ ପତ୍ନୀ

ଦୁର୍ଭାଗ୍ୟ କି ସୌଭାଗ୍ୟ ମୁଁ ଜାଣେ ନାହିଁ
କବି ମୁହିଁ ମମ ପତ୍ନୀ ବେନି,
ଇଚ୍ଛା ମମ କରିବଇଁ ଘର ଦ୍ୱାର
ସୁଖେ ମୋର ସେ ବେନିଙ୍କୁ ଘେନି ।
ଚିରନ୍ତନ ଶ୍ରୁତିମତେ ପତ୍ନୀ ବେନି
ନହେ ସପତ୍ନୀ ଏକ ଅରେକର
ଚିର ଅରି, କିନ୍ତୁ ମୁହିଁ ବେନିଜନ-
ଶ୍ରୀଚରଣ-ସେବକ କୋମ୍ପର ।
ବେନି ପାଶେ ବେନି ପ୍ରିୟା ସଦା ଅଧା
ମହାଚିନ୍ତା ଚଳିବି କପର ?
ଏକ ସୁଗୃହିଣୀ ସଦା ଉପାର୍ଜନ-
ଆକାଙ୍କ୍ଷିଣୀ, ଆନ ଅର୍ଥ-ଅରି !
ଏକ ପୃଥ୍ୱୀ-ପ୍ରବାସିନୀ ଦେବକନ୍ୟା
ଆନ ଧରା-ମାନବ-ନନ୍ଦିନୀ;
ଏକ ପରିଣୀତା ଭାର୍ଯ୍ୟା, ଆନ ମମ
ସ୍ୱୟମ୍ଭୂତା କବିତା କାମିନୀ ।

କବିତା ପ୍ରତି

—୧—

ଯାଅ ରେ କବିତା ମମ ପ୍ରିୟତମା-ଘରେ,
ଧରନ୍ତୁ ଚମ୍ପକାଙ୍ଗୁଳିଯୁତ ଶୁଭ୍ର କରେ ।
ପଙ୍କଜପଲାଶ-ନେତ୍ର ପଡ଼ୁ ତୋ ଉପର,
ଚନ୍ଦନ ସୁରଭି ଶ୍ୱାସେ ହୁଅ ପବିତର ।
ଘନକୃଷ୍ଣ ବେଣୀ ତାଙ୍କ ପଡ଼ୁଥିବ ଲୋଟି,
ତା ପାଶେ ବସିଛି ଯାଅ ଗଉରବ କୋଟି ।

Digitized by srujanika@gmail.com

ଯଦି ନେତ୍ରପ୍ରାନ୍ତ ହେଲେ ଈଷତ ଚଞ୍ଚଳ,
କବିତା-ଜନମ ତବ ହେବ ରେ ସଫଳ ।
ପଢ଼ନ୍ତୁ ବା ନ ପଢ଼ନ୍ତୁ ତୋତେ କେହି ଆନ,
ପଢ଼ିଣି କରନ୍ତୁ ମୋତେ ପ୍ରିୟା ଯୋଗ୍ୟ ଜ୍ଞାନ ।
ସେ କରକମଳେ ଯେବେ ପାଇ ପାରୁ ଠାଇଁ,
ଧନ, ପଦ, ଯଶ ମମ ପ୍ରୟୋଜନ ନାହିଁ ।
ନାହିଁ ନାହିଁ ଠାଇଁ ତୋର ପଣ୍ଡିତ-ଆଳୟେ,
ହେବୁ ଧନ୍ୟ ପାଇ ସ୍ଥାନ ପ୍ରେୟସୀହୃଦୟେ ।

କବିତା ପ୍ରତି କବି

— ୧ —

କମଳା-ସ୍ତବଧ ବରଜି ଆସି ବାଣୀ-ଭବନେ,
ଦରିଦ୍ରତା-ସଖୀ କବିତା ବରି ନେଲି ଜୀବନେ ।
ପିତା ମାତା ବନ୍ଧୁ କୁଟୁମ୍ବ ଯେତେ ଆତ୍ମୀୟ ଜନ
ଆଶାୟୀ ହୋଇଣି ଅଛନ୍ତି ଅର୍ଜିବି ମୁଁ ଧନ ।
ହେବି ଦଶ ଜଣ ସଙ୍ଗତେ ଲୋକ ମୁଖିଆ ଜଣେ,
ଅନ୍ନବସ୍ତ୍ରେ ତାଙ୍କୁ ତୋଷିବି ମାନେ ଗୌରବେ ଧନେ ।
ଅହା କି ଦୁର୍ଭାଗ୍ୟ ହେଲା ଏ ଭାଲେ ଯା ଲେଖା ଥିଲା,
କୁଳିଶ-ପ୍ରହାରେ ଜର୍ଜର ଆଶା-ଲତା ହୋଇଲା !
କାହିଁ ଗଲା ଉଚ୍ଚ ଆଶ୍ରୟ କାହିଁ ସମ୍ମାନ ଧନ,
କବିତା-ମୋହରେ ଆସକ୍ତ ହେଲା ମୋହର ମନ ।
ଛଡ଼ ଛଡ଼ ମୋତେ ସୁନ୍ଦରି ! ଦରବାରେ ମୁଁ ଯିବି,
ଉପାର୍ଜନ କରି ଭଉଡ଼ି ଘରଦ୍ୱାର କରିବି ।
ନଥି ଦବା ଆଉ ପଣତେ ବାନ୍ଧ ନ ରଖ ମୋତେ,
ଦେଖ ପରଜନେ ମୋ ମୁଖେ ଚାହିଁଛନ୍ତି ସନ୍ତତେ ।
ଦିନ ପରେ ଦିନ ଯାଉଛି ମାସ ଉପରେ ମାସ,
ସଂକ୍ରାନ୍ତି, ସଂକ୍ରାନ୍ତି, ପୂର୍ଣ୍ଣିମା ପରେ ଅସେ ଉଆଁସ ।

Digitized by srujanika@gmail.com

ନ ଗୃହିଁ ପରକୁ ପଳାଏ ବର୍ଷ ପରେ ବରଷ,
ଧନାକେତେ ଗଲେ ତୁଟିବ ମୋର ବଳ ବୟସ ।
ପାଣି ପ୍ରସାରଣ ସ୍ୱଜନେ ଅତି ଉଦ୍‌ବିଗ୍ନ ମନେ
ନିରେଖିଅଛନ୍ତି ମୋ ଆଡ଼େ ତୃଷ୍ଣାଯୁତ ନୟନେ ।
ରିକ୍ତ ହସ୍ତେ ପ୍ରିୟେ କେସନେ ତାଙ୍କୁ ବାହୁଡ଼ାଇବି ?
ସୁଚିରପୋଷିତ ଭରସା କେହ୍ନେ ବ୍ୟର୍ଥ କରିବି ?
ଛାଡ଼ ଛାଡ଼ ମୋତେ ପ୍ରେୟସି ! ଆଜ ନ ଧର ଗଳା,
ଏ ମୋ ଘର ଶୂନ୍ୟ କରିଣ ଗୃହେ ଅନ୍ୟନ ପଳା ।
ନିଶ୍ଚିନ୍ତ ମନରେ ପଇସା ଟଙ୍କା ମୁଁ ଅରଜିବି,
ମନ ଖୁସି କରି ସ୍ୱଜନେ ଅନ୍ନ ବସ୍ତ୍ରେ ପୋଷିବି ।
ପ୍ରବୋଧି ମେଲଣି ଦେନବି ଏହା ଭାବିଲି ମନେ
ଏତେ ଦିନେ ରକ୍ଷା ପାଇଲି ବୋଲି ସାନନ୍ଦ ମନେ ।
ନିଶ୍ଚିନ୍ତ ନିଦ୍ରାରେ ଶୋଇବି ଆଜି ହେଲା ମୋ ମନ,
ନିଦ୍ରାରେ ଦେଖିଲି କବିତା-ସୁନ୍ଦରୀଙ୍କୁ ସ୍ୱପନ ।
ହସି ହସି ଆସି ମୋ କଣ୍ଠେ କରି ସ୍ନେହାଲିଙ୍ଗନ
ମୋହନ ମୂରତି ଦେଖାଇ କହେ ପ୍ରିୟବଚନ,
"ପ୍ରଥମ ଯୌବନେ ସଖା ହେ ଗମାଇଲି ମୋ ସହ
କେମନ୍ତେ ସହିବ ଜୀବନେ ମୋର ଦୀର୍ଘ ବିରହ ?"

—୨—

ଅଚ୍ଛା ଲୋକ ପାଲେ ପଡ଼ିଲି, ଭଲ ନିଶା ଖାଇଲି,
ବୃଥାର୍ଥେ ଦୁର୍ଲଭ ଜୀବନ ଜଳେ ମୁଁ ଭସାଇଲି !
ବିଷମ ଫାଶରେ ପଡ଼ିଲି ଏଥୁଁ ମୁକ୍ତି-ଉପାୟ
ଦେଖୁ ନାହିଁ ଆଜ, ହେ ପ୍ରଭୋ ! ହୁଅ ମୋର ସହାୟ ।
ଚିର ଦରିଦ୍ର ମୁଁ ବହିଲି ପଡ଼ି ଆସକ୍ତି-ପାଶେ,
କୁଟିଳ କଟାକ୍ଷେ ସଂସାର ମୋତେ ସଦା ହିଙ୍ଗାସେ ।
ଦରହାସେ ଥୋକେ କୋଣେଇ ମୋତେ ଗୃହାନ୍ତି ପିଲା,
ଶୁଣି ଶୁଣି ଲୋକେ କହନ୍ତି "ଏ ତ ଅକର୍ମ ଶିଳା,
ଏହା ସଙ୍ଗ ଲୋକେ କଉଡ଼ି ଅର୍ଜି ମନୁଷ୍ୟ ହେଲେ,
ନିର୍ଲଜ୍ଜ ପଣରେ ଏ ଗୀତ ବାନ୍ଧି ଗମାଏ ବେଳ ।"

Digitized by srujanika@gmail.com

—୩—

ହେଉ ବା ନ ହେଉ ସଂସାର ମୋର ପରାଣ ଧନ,
ତବ ପ୍ରେମ-ଅଙ୍କେ ପ୍ରେୟସି ! ଯାଉ ଏ ମୋ ଜୀବନ ।
ପ୍ରାଣର ଗଭୀର ବେଦନା ନ ପାରଇଁ ମୁଁ ସହି,
ଅକୂଳ ଅବେଗେ ନିରତେ ମୁଁ ଯେ ହୁଅଇ ଦହି ।
କେତେ କେତେ ଜନ ଜଡ଼େଇ ଯିବେ ଦୁଇ ଦିନରେ,
ମୋ ପ୍ରାଣ-ସୌରଭ ମହକୁ ଥିବ ଏ ଭୁବନରେ ।
ଏହି ଆଶା ଧରି ଭରତ ! ନ ଛାଡ଼ିବି ତୋ ପାଶ,
ନିଭାଇବ କୃପା-କଣିକା ଏ ମୋ ପ୍ରାଣ-ପିଆସ ?
ପ୍ରଥମ ଯୌବନେ ପ୍ରେୟସି, କଟାଇଲି ତୋ ସହ,
କେମନ୍ତେ ସହିବି ଜୀବନେ ତୋର ଘୋର ବିରହ ?
ହେଉ ଯା ହେବାର ପ୍ରେୟସି, ନ ଛାଡ଼ିବି ତୋ କର,
ଧର୍ମ ଅର୍ଥ କାମ ମୋକ୍ଷ ତୁ ଚତୁର୍ବର୍ଗ ମୋହର ।
ନ ବାଜୁ ପଛକେ ଦୌଦିଗେ ମୋର ବିଜୟ-ତୂରୀ,
କୀର୍ତ୍ତି-ବଜାରରେ ନ ବାଜୁ ପଛେ ଶଙ୍ଖ ମହୁରୀ ।
ଗୁଣି-ଗଣନାରେ ନ ପଡ଼ୁ ପଛେ କଠିଣୀ ଗୁନ୍ତେ,
ନିନ୍ଦା-ବଜାରରେ ପଡ଼ିଲେ ପଡ଼ୁ ସଂସାର-ଦାନ୍ତେ ।
ଉଦରଚିନ୍ତାରେ ଲଲାଟେ ସ୍ୱେଦ ବହିଲେ ବହୁ,
ଉତାରି କପଟ ଗଞ୍ଜଣା ପ୍ରାଣ ଦହିଲେ ଦହୁ ।
ନିନ୍ଦୁକର କୂଟ ବିଦ୍ରୂପ ତାକୁ ଶୀତଳ ଜଳ,
ତଥାପି ଦିଅ ଗୋ କବିତା, ତୁଳୁ ପଦ-କମଳ ।
ନୋହୁ ପଛେ ଯଶ କୀରତି ମାନ ସମ୍ଭ୍ରମ ଧନ,
ତବ ଅଙ୍କେ ଶିର ନିହିତ ଯାଉ ଏ ମୋ ଜୀବନ ।
ତୋହର ପାଇଁ ମୁଁ ସୁନ୍ଦରି ! ଜନ୍ମିଅଛି ମହୀରେ,
ତବ ପୂତ-ପୀଠେ ଡାକଣି ବାନ୍ଧ ମୁକୁଟ ଶିରେ ।
କମଳା-ସଦନ ବରଣି ଆସିଅଛୁଁ ତୋ ଘରେ,
ପ୍ରାଣକୁ ମୋର ଗୋ ବାଧିଛି, ଡାକ ନିଅ ଭିତରେ ।
ବିଜୟମୁକୁଟ ମୋ ଶିରେ ବାନ୍ଧି ଦିଅ ଗୋ ଦେବି,
ଧନ୍ୟ ହେଉ ମମ ଜୀବନ ତବ ଚରଣ ସେବି ।

Digitized by srujanika@gmail.com

ଏ ମମ ଜୀବନ-ଉଦ୍ଦେଶ୍ୟ ଦେଇ ନିଃସ୍ୱାର୍ଥ ପ୍ରୀତି,
ପ୍ରଭୁଙ୍କ ଆଦେଶ ପାଳିବି ଗାଇ ପରାଣ-ଗୀତ ।
ସର୍ବେ ଏକାକାର କରିବି ଭୁଲାଇଣି ବିଭେଦ,
ନୋହିଲେ ବାସର ଯାମିନୀ ହୃଦ ଦହିବ ଖେଦ ।
ଅଗୁରୁ-ଧୂପର ପରାଏ ନିରନ୍ତର ମୁଁ ଜଳି
ବିତରିବି ବାସ ଜଗତ ଜନେ ସ୍ୱାର୍ଥକୁ ଦଳି,
ଅତକମି ମୁଁ ଏ ଉଦାର ଲଭି ଶାଶ୍ୱତ ଧନ
ଲୌହ ପ୍ରାଣ ଦେଇ ପାଇବି ମୁହିଁ ହୈମ ଜୀବନ ।

ତନୁ ଓ ମନ

ତନୁ ଅଣି ଦଏ ସିନା ମାନସ-ବାରତା,
ନେତ୍ର ବେଣୀ ନ କହେ କି ପ୍ରୀତି-ଗୁପ୍ତକଥା ?
ଶ୍ରେୟ-ପୂଜା-ଯୋଗ୍ୟ ନାରୀ ବକ୍ଷେ ବେଣୀ ସ୍ତନ
ଲଜେ ମରେ ବସ୍ତ୍ରାଞ୍ଚଳେ ଲୁଚେ ଦେଖି ଜନ ।
ନ କହେ କି ସେ ଅନ୍ତର-ନିଭୃତ-ବାସନା,
ଏକନିଷ୍ଠ-ପ୍ରାଣ-ଇଷ୍ଟ-ପ୍ରେମ-ଉପାସନା ?
ବିମଳ ଲାବଣ୍ୟ ସ୍ୱଚ୍ଛ ଉରସସରସୀ—
ସ୍ନାତ ପ୍ରେମ ହୃଦସିଂହାସନେ ଥାଏ ବସି ।
ସୁବିମଳ ଗଣ୍ଡସ୍ଥଳ, ବିଲୋଲ ନୟନ,
ତଦୁପରେ ଘନ ସାନ୍ଦ୍ର ଚିକୁର ଶୋଭନ ।
କହନ୍ତି ସେ ପ୍ରେମରାଜ୍ୟ-ରହସ୍ୟକାହାଣୀ,
ତନୁ ସ୍ଫୁରଇ କେଉଁ ପ୍ରେମରାଜ୍ୟ-ବାଣୀ ?
ତନୁତଳେ ଅନ୍ତରର ପ୍ରେମରାଜ୍ୟ ଛବି
ଆଭାସ ପାଇଣି ମୁଗ୍ଧ ବିଶ୍ୱେ କୋଟି କବି ।
ଗନ୍ଧେ ଆମୋଦିତ ତନୁ ଏମନ୍ତ ସୁନ୍ଦର,
ମାନସକୁସୁମ ଆହା କି ସୁନ୍ଦରତର !

Digitized by srujanika@gmail.com

ନବବଧୂ

ସରଳା ଚପଳା ପଲ୍ଲୀବାଳିକା ରୂପରେ
ଖେଳୁଥିଲୁ ନିଃସଙ୍କୋଚେ କାଲି ଗୌରଗର୍ବେ,
କି ମନ୍ତ୍ର ପଢ଼ିଲା ଆସି କେବଣ ଦେବତା,
କେଉଁ ଦିବ୍ୟ ମୁକୁଟରେ ହେଲୁ ବିଭୂଷିତା ?
କେଉଁ ପୁଣ୍ୟ ସିଂହାସନେ ହେଲୁ ଅଭିଷିକ୍ତ,
ନୟନ ନିବେଶି ଦେଖେ ଭୁବନ ଚକିତ ।
ପାଇଲୁ ଦେବବାଞ୍ଛିତ ପଦ କେଉଁ ବଳେ,
ପୁଣ୍ୟଦର୍ଶନ-ଲାଳସେ ଉନ୍ମୁଖ ସକଳେ ।
ସିକ୍ତ ଶୁକ୍ଳଭୂଷା ଦୀପ୍ତ ବରାଙ୍ଗନାମାନେ
ତବ ତନୁ ନିରେଖନ୍ତି ସହାସ ନୟନେ ।
ଦିବ୍ୟ ସ୍ନିଗ୍ଧ ବାସେ ମସ୍ତକର ଅପଘନ,
ପୂତ ହୋମବହ୍ନି-ଧୂମେ ରକ୍ତିମ ନୟନ ।
ନବ ରକ୍ତ ପରିଚ୍ଛଦ ଧରଣୀ ଚୁମ୍ବଇ,
ସଭରଭେ ଚଳଦିଗ ମସ୍ତକ ଉଠଇ ।

ହରିଦ୍ରା-ଲେପିତ ତନୁ, ଚନ୍ଦନ-ଚର୍ଚ୍ଚିତ
ଶିର ବକ୍ଷ, ବଦ୍ଧ ବେଣୀ, ଅଲକ୍ତ-ରଞ୍ଜିତ
ନୂପୁର-ଶିଞ୍ଜିତ ଶୁଭ୍ର ଚରଣ ଯୁଗଳ,
ଚମ୍ପକ-ଅଙ୍ଗୁଳି-କଳି କବୀନ୍ଦ୍ରସମ୍ବଳ ।
ଧନ୍ୟ ନବବଧୂ ଆଜି ଜୀବନର ଧନ !
ଧନ୍ୟ ଲୀଳାମୟ ପ୍ରଭୁ ତୁମ୍ଭର ବିଧାନ !
ଉଦ୍‌ବାହ-ଉତ୍ସବକାଳେ ଆଗୋ କୁଳବଧୂ,
ବର ସଙ୍ଗେ ହେଉ ତବ ଶୁଭମେଳ ମଧୁ ।
ଲାଗିଥାଉ ଯୁଗ୍ମ ପ୍ରାଣେ ପ୍ରେମ-ମହୋତ୍ସବ,
ଏହି ଆଶୀର୍ବାଦ କରେ ଦୀନ କବି ତବ ।

Digitized by srujanika@gmail.com

ନିଃସ୍ୱାର୍ଥ ସରଳ ପ୍ରେମେ ବେନିଏ ବନ୍ଧନ
କରଣ ବେନିଙ୍କୁ କର ଜୀବନ ଯାପନ ।
ଯୁଗ୍ମ ଅଙ୍ଗେ ଏକ ଆତ୍ମା ହୋଇ ଏକାକାର
ଆଲିଙ୍ଗନ କରୁ ପ୍ରେମେ ଏ ବିଶ୍ୱସଂସାର ।

ସ୍ୱପ୍ନେ

ଘୋର 'ଭାଦ୍ରବଦେ' ଘନେ ଥିଲି ଅଚେତନେ,
ସ୍ୱପ୍ନଦେବୀ ବିଳସିଲେ ଆସି ମମ ମନେ ।
ବହୁଦିନୁଁ ରୋଗଶଯ୍ୟାଶାୟିନୀ ପ୍ରେୟସୀ,
କରୁଥିଲି ପରିଚର୍ଯ୍ୟା ପାଶେ ସ୍ୱପ୍ନେ ବସି ।
ଦେଖିଲି ପଲକେ ମୋର ହେଲା ସର୍ବନାଶ,
ଚକିତେ ବୁଡ଼ିଲା ମୋର ସଂସାରର ଆଶ ।
ତା ମୁଖମଣ୍ଡଳ ଦିଶୁଥିଲା ପାଣ୍ଡୁବର୍ଣ୍ଣ,
ଅଙ୍ଗଯଷ୍ଟି ଦୀର୍ଘରୋଗେ ହୋଇଥିଲା କ୍ଷୀଣ ।
ତଥାପି ସ୍ୱର୍ଗୀୟ ଆଭା-ପୂର୍ଣ୍ଣ ସେ ଆନନ,
ବିବର୍ଣ୍ଣ ଦେଖିଣ ଦୁଃଖେ କଲି ମୁଁ ରୋଦନ !
ତାହା ଦେଖି ହସିଲା, କି ଦାରୁଣ ଆହ୍ଲାଦ !
ଭାଙ୍ଗିଗଲା ନିଦ୍ରା, ଦେଖେଁ ପ୍ରିୟା ସେବେ ପାଦ ।
କୋଟିଗୁଣେ ପ୍ରେମ ମମ ହେଲା ଜାଗରଣ,
ତା ଅମଳ ଗଣ୍ଡେ ଦେଲି ମୁଁ ସାନ୍ଦ୍ର ଚୁମ୍ବନ ।
ଭାଳିଲିଁ ଅଶ୍ରୁସିକ୍ତ ଲାଗେ ମୂଲ୍ୟହୀନ,
ହଜିଲେ ସେହି ତା ପ୍ରାଣ ହୁଏ ଶୂନ୍ୟ ଦୀନ ।

Digitized by srujanika@gmail.com

ବରହ୍ମଣୀ ସ୍ୱଣ

—୧—

ବସନ୍ତେ ମେଘମୁକ୍ତ ବତାନେ ଗୃହି
ସଙ୍ଗ ହୃତାଙ୍କୁ କହେ ବରଡ଼ୀ ସ୍ୱଣ ଯେ ।
ବସନ୍ତ-ଦୂତ ପିକ 'କୁହୁ'—ନିସ୍ୱନେ
ପୁଣି ସ୍ୱନିଲ ସଖି ! ନିକୁଞ୍ଜବନେ ଗୋ ।
କୁହୁକ ସବୁ କୁହୁ ସହୁ ଗୋ, ଶସ୍ୱ
ବଦାଳୁ ଅଛୁ ଦାହୁ ପବ ଯେପରୁ ଗୋ ।

—୨—

ଶ୍ରାବଣେ ମାପଡାଲେ ବରହ୍ନ-ସ୍ୱନ
ଶ୍ରବଣେ ବୃଷଭାନୁ-ଜେମା ଭନ୍ଦନ ଯେ ।
ଯାଅ ଗୋ ଦୂତ, ନନ୍ଦକିଶୋର ପାଶେ,
କହ କଦମ୍ବେ ଶିଖୀ ଧଇର୍ଯ୍ୟ ନାଶେ ଗୋ ।
ସେ ଭାବବିନୋଦଆ-ମୁରଲୀ-ସ୍ୱନ—
ଶ୍ରୁତରେ ଧୃତ ମନ ପ୍ରାଣ ଉଚ୍ଛନ୍ନ ଗୋ ।
ଆଶ୍ୱିନେ ଶ୍ୱେତ କାଶକୁସୁମପନ୍ତ
ଶାରଦ ଶୋଭା-ସରେ କ ସନ୍ତରନ୍ତ,
ସୁଷମାରାଶି ଧୃତ ହରନ୍ତ ମୋର
ଘେନିଯାଅ ଦୂତ, କିନା ପ୍ରାଣ ଦୋସର ଗୋ ।
ନିଖିଳ ଋତୁ ଶୋଭା ପ୍ରିୟ-ବିଚ୍ଛେଦେ
ପରଣିତ ହୁଅଇ ବିଷମ ଖେଦେ ।

ବିଚ୍ଛେଦେ

ମେଘ ବରଷଇ ବିଜୁଳି ମାରଇ
ବାଆ ବହେ ସୁଲୁ ସୁଲୁ,
ଘୋର ଅନ୍ଧକାର ବରଷାର ନୀର
ଝରୁଥାଇ ଝୁରୁ ଝୁରୁ ।

Digitized by srujanika@gmail.com

ପଡ଼ି ଝର୍ଝର ଗଡ଼ିଯାଏ ଜଳ
ନାଳେ ନାଳେ କୁଳୁ କୁଳୁ,
ଝିଲ୍ଲି ଡାଳେ ଡାଳେ ଉଡ଼ି ମାଳେ ମାଳେ
ଜୋନାକୀଏ ଜୁଳୁ ଜୁଳୁ ।
ଜଳବିନ୍ଦୁ ଦଳେ ତରୁଲତା ଦଳେ
ପଡ଼ୁଁ ଟପ ଟପ ସ୍ୱନ,
ଅଳପବୟସୀ ଦୂରପରବାସୀ
ଶୁଣିନ୍ତେ ଉଦାସ ମନ ।
କେଉଁ ଦୋଷେ ଦୋଷୀ ହେଲେ ପରବାସୀ
କରନ୍ତି ବିଧାତା ଜନେ,
ଏହା ମନେ କରି ଦୁଃଖୀ ନରନାରୀ
ବିଧି ନିନ୍ଦେ ମନେ ମନେ ।
କବି କହେ ଧାଇଁ, ଶୁଣ ଶୁଣ ଭାଇ,
ବିଧି କି ନ ନିନ୍ଦ ଗ୍ରନ୍ଥେ,
ନୁହ ଉଚିତର ସୁଧୀରେ ବିଚାର
ବିଧିଲୀଳା ବିଶ୍ୱଦାଣ୍ଡେ ।

ବିଚ୍ଛେଦ ମିଳନ ସୋଦର ସମାନ
ଏକ ପାଶେ ଥାଏ ଆନ,
ଅଭିନ୍ନ ଅନ୍ତର ବିବାଦ ତାଙ୍କର—
ବିଚିତ୍ର ବିଧିବିଧାନ ।
ମିଳନେ ଜନ୍ମଇ ବିଚ୍ଛେଦେ ବଢ଼ଇ
ପ୍ରୀତିର ଏହି ଲକ୍ଷଣ,
ପୀରତି-କନକ ଦହଣେ ଜକ ଜକ
ବିରହ-ବହ୍ନି-କଷଣ ।
ପ୍ରଥମ ଦର୍ଶନେ ଜାତ ହୁଏ ମନେ
ଅପୂର୍ବ ପ୍ରୀତି-ଅଙ୍କୁର,
ଗୁପ୍ତଚକ୍ଷୁ-କୋଣେ ମଧୁର ମିଳନେ
ପିଏ ସେ ରସ ମଧୁର ।

Digitized by srujanika@gmail.com

କାଳେ ସେ ଜଳ୍ପାଏ କେଣେ ଗୁଳ୍ପାଏ;
ମିଳନ ଅନ୍ତେ ବିରହ,
କବି ପଗୁରଇ, ଏହି କାଣ୍ଡ ଭାଇ,
କେଉଁଠି ନ ହୁଏ କହ ?
ସତୀ ଦମୟନ୍ତୀ ଜାନକୀ ପାର୍ବତୀ
ଶକୁନ୍ତଳା ଅବ ଯେତେ,
ବିଚ୍ଛେଦେ ମିଳନ ଜଗତ-ଜୀବନ
ବର୍ଣ୍ଣିବି ମୁଁ ଅଜ କେତେ ?
ଗୋପପୁରବାସ ମଥୁରାପ୍ରବାସ
ପ୍ରଭାସ-ମିଳନ-ଲୀଳା,
ଅଯୋଧ୍ୟା-ଜୀବନ ଲଙ୍କା-ଅପମାନ
ଅନ୍ତେ ଅଭିଷେକଖେଳା ।
ଏହି ପ୍ରୀତିସ୍ରୋତ, ଯୁଗ ଯାଏ ବିତ,
ଯାଆଁଳା ଭାଇ ସେ ଦୁହେଁ
ବିଚ୍ଛେଦ-ମିଳନ ବିଧାତା-ନନ୍ଦନ
ଭଲି ଭଲି କବି କହେ ।

ପ୍ରୀତିର କପଟତା

ବିଷମ ଏ କପଟତା,
(କାହାଁ) ଲୁଚୁଏଁ ପରାଣ ବ୍ୟଥା,
ନ ଦେଖିଲେ ଯାକୁ ପ୍ରାଣ କାନ୍ଦେ, ତାକୁ
ଦେଖିଲେ ନ କହେଁ କଥା ।

ପ୍ରାଣର ଯେ ପ୍ରିୟତମ,
(ଦେଖି) ଛାତି ପଡ଼େ ଦମଦମ,
ନ ଚାହିଁଲି ପ୍ରାୟେ ଗୁଳି ଯାଉଥାଏଁ,
(ଏ ଯେ) ପଡ଼ଣା ବସାଇ ତମ !

Digitized by srujanika@gmail.com

କପାଁ ଏ ଯାତନା ସହେଁ,
କପାଇଁ ଦୂରେ ମୁଁ ରହେଁ,
ପରାଣ ପେଶଣ ପରାଣ ବେଦନା
କାହିଁକି ତାକୁ ନ କହେଁ ?

ସେ କି ନ ବୁଝେ ମୋ ଢଙ୍ଗ ?
ସେ କି ନ ଜାଣେ ଏ ରଙ୍ଗ ?
ଫେରାଏଁ ନୟନ ଲଜ୍ଜାଛନ୍ଦନ
ହେଲେ ତା ମୋ ନେତ୍ର ସଙ୍ଗ !

ଗମ୍ଭୀର ନିର୍ମଳ ପ୍ରୀତି,
ପ୍ରୀତି-ସାଥୀ ବ୍ରୀଡ଼ା ଭୀତି,
ଜଳ ଜଳ କର ଗୁହିଁବା ନୁହଇ
ନିର୍ମଳ ପ୍ରୀତିର ରୀତି ।

ନୁହୁଁକି ତ ପ୍ରିୟତମ
ପ୍ରାଣେର ବାରତା ମମ,
ହସି ହସି ଅସ ହୃଦ ପରେ ବସ,
ଯାଉ ଏ ଲଜ୍ଜା ସରମ !

ଜନ୍ମ ଜନ୍ମାନ୍ତେ ଦର୍ଶନ,
ତୃପତ ନୁହଇ ମନ,
ପ୍ରାଣ-ସିଂହାସନ କର ଆରୋହଣ
ପ୍ରାଣକ୍ଷୁଧା ତୃଷ୍ଣା ମେଣ୍ଟ ।

ଦେଖିଛ କମଳାନନ
ପଦ୍ମପଲାଶ-ନୟନ
ଅଗାଧ ପ୍ରଣୟ— ଜଳଧିନିଳୟ
କଲ୍ପ କଲ୍ପାନ୍ତ ଜୀବନ ।

Digitized by srujanika@gmail.com

ଅୟି ପ୍ରିୟତମ ଆସ,
କର ମୋ ପ୍ରାଣରେ ବାସ,
ଦାରୁଣ ବିରହ ଏ ମୋର ଦୁଃସହ
ହର ମୋ ବିଚ୍ଛେଦତ୍ରାସ ।

ସୁକ୍ଷଣେ ଭେଟ

କେତେ ଯୁଗ ଅନ୍ତେ କେତେ କର୍ମ-ସୂତ୍ରେ
ଭେଟ ହୋଇଅଛୁ ତୁମ୍ଭ ମୋହର,
ମୁହଁ ନ ଫେରାଇ, ପଦେ କଥା କହ
ସାର୍ଥ କର ବଧୂ, ପ୍ରାଣ-ଦୋସର ।
କିଏ କେଉଁ ଆଡ଼େ ଯିବା ପୁଣି ଚାଲି
ଭେଟ ପୁଣି କେବେ ହେବ କି ନାହିଁ,
କିଏ ଜାଣେ ଅବା କେତେ ଯୁଗ ଅନ୍ତେ;
ମନ ଖୋଲି କଥା କହ ରେ ଆଳି ।

ପ୍ରାଣ ଖୋଲି ମୁହେଁ ଚାହିଁବ ନାହିଁ
ପ୍ରେମାନନ୍ଦେ କ୍ଷଣେ ହସିବ ନାହିଁ ?
ପ୍ରାଣଭରି ପ୍ରୀତି ଦେବ କି ନାହିଁ ?
ଭେଟ ହେଲା ତେବେ କେଉଁଥିପାଇଁ ?
ସାର୍ଥ କର ବିଧି-ବିଧାନ ଆଳି ।
ଏ ସୁଯୋଗ କେଭେ ପାଇବା ନାହିଁ ।
ଚକ୍ଷୁ ଅନ୍ତରାଳେ କ୍ଷଣ ପରେ କିଏ
କେଉଁ ଆଡ଼େ ଯିବା କାହିଁ ଉଭାଇ ।
ଅନନ୍ତ ଆକାଶେ ଗ୍ରହ ତାରା ପରି
କେଉଁ ଦିଗେ କିଏ ଛୁଟୁଛେଁ ଧାଇ ।
ଜୀବନ ଅସ୍ଥିର ଅଟଇ ଚଞ୍ଚଳ
କିଛି କାହିଁ ସ୍ଥିର ରହୁ ତ ନାହିଁ ।

Digitized by srujanika@gmail.com

ଗଲେ ଏ ଯୋଗଟା ଆଜ ପୁଣି ଭାଇ
ଏ ପ୍ରାଣ ମିଳନ ଘଟିବ ନାହିଁ ।
ମନ ତ ଚଞ୍ଚଳ ଧନ ତ ଚଞ୍ଚଳ
ଚଞ୍ଚଳ ଜୀବନ ଯୌବନ ଭାଇ ।
କଏ ଜାଣେ ବନ୍ଧୁ କେଉଁ ଆଡ଼େ ଦୁହେଁ
ଦିନାକେତେ ପରେ ଯିବା ଉଭାଇ ।

ପୁରୁଷ ଓ ପ୍ରକୃତି

ରାମ ସୀତା ବିହରନ୍ତି ପୁର-ଉପବନେ,
ବିହଙ୍ଗ-ବିହଙ୍ଗୀ-କଥା ପ୍ରବେଶେ ଶ୍ରବଣେ ।
କହେ ପକ୍ଷୀ, "ମହାରାଜା ମାରିଲେ ରାବଣ,"
ପକ୍ଷିଣୀ କହଇ, "ରାଣୀ-ଯୋଗେ ତା ନିଧନ ।
ରାମ ଯେବେ ମାରିଥିଲେ ଲଙ୍କାର ରାବଣ,
ମାରନ୍ତୁ ସେ ଭଲ ଯାଇଁ ବିଲଙ୍କା-ରାବଣ ।"
ଶୁଣି ନୃପ କହିଲେ, "ଏ ଆଶ୍ଚର୍ଯ୍ୟ-ବିଷୟ ।"
କହନ୍ତି ଜାନକୀ, "ନାଥ ! ନ କର ସଂଶୟ ।

ନିଜର ଅପୂର୍ବ ମାୟା ଅଛଇ ଏ ପ୍ରଭୁ !
ତୁମ୍ଭେ ମୋ କରତା ଭର୍ତ୍ତା ତୁମ୍ଭେ ମୋର ସବୁ ।
ମୋର ଏ ଜୀବନ ନାଥ ତୁମ୍ଭ ଶ୍ରୀପଦ୍ମରେ,
ଏ ଦାସୀ ମାରିବ ରକ୍ଷ ପୁଣି କି ପ୍ରକାରେ ?
ଅସୁର ନିପାତ କଲ, ତେଣୁ ମାୟା-ରୂପେ
ବିହଙ୍ଗ-ବିହଙ୍ଗୀରୂପୀ ଭଣନ୍ତି ଏରୂପେ,
ମାୟା-ମୃଗରୂପେ ଯେସନ୍ତେ ଭଣ୍ଡିଲେ ଅସୁରେ,
ପକ୍ଷୀରୂପେ ପୁଣି ପ୍ରଭୁ ଆସିଲେ ଏ ପୁରେ ।"
ଯେତେ ବୁଝାଇଲେ ସୀତା ନ ବୁଝିଲେ ରାମ,
ବୋଇଲେ ପ୍ରମାଦ ସତୀ, ବିଧି ହେଲେ ବାମ ।

Digitized by srujanika@gmail.com

ଯୁଝିଲେ ସହସ୍ରଶିର ରାବଣ ସହିତ,
ବର୍ଷ ବର୍ଷ ବିତଗଲା ନୋହିଲା ସେ ହତ ।
ଲକ୍ଷଶିରପୁତ୍ର-ଶତଶିରନାତି-ଯୁତ
ରାମସୈନ୍ୟ କ୍ଷୟ କଲା ଅଯୁତ ଅଯୁତ ।
ସୀତାରୂପ ବର୍ଣ୍ଣୁଥିଲା ଦିନେ ଗୁପ୍ତ ଦୂତ,
ସେ ଲାବଣ୍ୟେ ରକ୍ଷ-ମତ ହେଲା ଅଭିଭୂତ ।
ଶ୍ରୀରାମ-ଶିବିରେ ଛଦ୍ମବେଶେ ଉପଗତ
ପାବନୀ-ପୀଡ଼ିତ ହୋଇ ହେଲା ବହିର୍ଗତ ।
ସେ ପାପେ ହଟିଲା ବଳ ହେଲା ତା କୁମତି,
ତପୋବଳ-କ୍ଷୟ ହେଲା, ଘଟିଲା ଦୁର୍ଗତି ।
ସୀତା-ଅପମାନେ ରାମ ହେଲେ ରାଗାନ୍ୱିତ,
ଲଙ୍କାର ଅଧିପତି ହେଲା ଭୂଲୁଣ୍ଠିତ ।
ବର ଦେଲେ ରାବଣାରି, "ଏ ଗୃହ ଯୁଗରେ
ପ୍ରକୃତିବଳରେ ଲୀଳା ହେବ ଘରେ ଘରେ ।"
ଗୃହିଣୀ ବନ୍ଧୁନେ ଗୃହ ଅରଣ୍ୟ ସମାନ;
ଅଣା ଅସକ୍ତିରେ ନର ହୁଏ ଯନ୍ତ୍ରବାନ ।

ବିଦେଶିନୀ

କଲିକତା ନଗରୀରେ ବାଜେ ସନ୍ଧ୍ୟା-ରାଣୀ,
ଗହ ଗହ ଡାକ ଦିଏ ବଙ୍ଗରାଜଧାନୀ ।
ଘର୍ଘର ନିନାଦେ ଛୁଟେ ନାନାବିଧ ରଥ,
ଗହଳ ଚହଳ ମହାଭିଡ଼ ରାଜପଥ ।
ଶୁଣିଣ ବାଷ୍ପୀୟ ରଥ ଘର୍ଘର ନିନାଦ
ବାଷ୍ପୀୟ ବୋଇତ ଗର୍ଜେ ଜଳେ କରି ବାଦ ।
ବିଦ୍ୟୁତ-ଆଲୋକେ ଦିଶେ ଦିଗ ଦାଉ ଦାଉ,
ଗୃହଅଡ଼େ ସ୍ତମ୍ଭଅଗ୍ରୁ ଖାଲି ହାଉ ହାଉ ।
ବନି ଚଢ଼ି ବାବୁ ବିବି ଧାଇଁଛନ୍ତି ବସି
କେହୁ ବା ଗମ୍ଭୀର ମୂର୍ତ୍ତି କେହୁ ହସି ହସି ।

Digitized by srujanika@gmail.com

ତମହଲ୍ଲ ଇମାରତେ ମାଣ୍ଡିଅ ପକାଇ
କହେ କଥା ଚୀନା ଝୁଟି ହଲଇ ହଲଇ ।
ଝୁଣ୍ଟିଆଁ କଟର୍ ମଟର୍ ହୋଇ ଗୋରାମାନେ
ଯାଉଛନ୍ତି କଥା କହି ମିସି ମେମ୍ କାନେ ।
ହାଙ୍କି ହାଙ୍କି ଗୁଲ୍‌ଯାଏ ଖୁଜୁରା ବେପାରୀ,
'ଅସ ଅସ' ଡାକେ ମାଉବାରୀ ଦୋକାନ୍‌ଦାରୀ ।
ବିପଣୀ ସାଥିକା ଦେଖି ଦେଖି ବେନି ମିତ୍ର *
ଅପୂ ଅପୂ ଦେଖିଲେଁ ଯେ ପଦାର୍ଥ ବିଚିତ୍ର !
ଗୁଧିବଲେଇତ ବନ ହେଉ ଗୁଲ୍ଲସଙ୍କାଶ
ମହକାଇ ଦେଶ ତହୁଁ ଚହଟୁଛି ବାସ ।

ସୁନ୍ଦର ସାବନ ବୋଲ୍ ମୂଲଇଲେଁ ତାହା,
ପଇସାକୁ ଗୋଟା, ଏହା କେଡ଼େ ହେଲା ଅହା !
ଲେଭେ ପଡ଼ି ବହୁଖଣ୍ଡ ନେବୁଁ କଲେଁ ସ୍ଥିର,
ଅହରୁଁ ଶୁଭିଲା 'ପାନ୍ ନନ୍' ସୁଆଟିର ।
ଦେଖିଲେ ହସୁଛି ଝଟ ଝଟ ନାରୀମୂର୍ତ୍ତି;
ଗୃଲ୍ ଗଲେଁ; ଅଛି ମନେ ବିଦେଶିନୀ ସ୍ମୃତି ।
ଯେତେ ହୋ ପତିତା, ନାରୀ, ତୁ ମାନବମିତ୍ର,
ପ୍ରବଞ୍ଚକ ନରଠାରୁ ଶ୍ରେଷ୍ଠ ତୋ ଚରିତ୍ର ।

---

* ଉତ୍କଳସାହିତ୍ୟ ସମ୍ପାଦକ ଓ ଲେଖକ ।

Digitized by srujanika@gmail.com

କଳଙ୍କିନୀ

—୧—

ଉଡ଼ି ଗଲେ ଗେଣ୍ଡାଳିଆ ଝାଡ଼ିଦେଲେ କେଶ,
ମୁଁ ଛାଡ଼ିଲି ବାପ ଭାଇ, ତୁ ଛାଡ଼ିଲୁ ଦେଶ ।
ଯାହା ମନ ଯାହାଠାରେ ଲାଗି ଯାଏ ରସେ,
ତା ପର ନ ଦେଖେ କେହି ରହେ ସେ ତା ବଶେ ।
ସଂସାର ତ ସୁଖବାଇ, ଲୋଡ଼େ ଯେଝା ସୁଖ,
ଅନ୍ଧ ହୋଇ ଆନେ ପୁଣି ଦେଉଥାନ୍ତି ଦୁଃଖ ।
ପିଇଦେଲେ ପ୍ରେମ-ମଦ ନ ଦିଶଇ ବାଟ,
ନିଶାଖୋରେ ବାଟ ଛାଡ଼ି ଗୁଳନ୍ତି ଅବାଟ ।
ନିଶାଙ୍କେ ହଜିଯାଏ ମାନବଚେତନା,
ପ୍ରୀତିରସେ ବୁଡ଼ିଯାଏ ସମାଜ-ମାନନା ।
ଅଗ ପଛ ନ ବିଚାରି ହୋନ୍ତି ନୁଡଲୁଣା,
ହାଇରେ ଏଇଥିପାଇଁ ସୁନାଘର ଚୂନା ।
ଲୁଟି ପଡ଼ିଯାଏ ପାପପ୍ରୀତି-ସଜଦ୍ୱାରେ,
ଅଢ଼େଇ ଦିନରେ ପଡ଼େ ବଢ଼େଇ ପଦାରେ ।

ଆହା ମୋ ଜନମଭୂମି କୁଆଡ଼େ ରହିଲ,
ମୁହିଁ ଲୁଚିଗଲି ପିନା ଯେ ଯୁଆଡ଼େ ଥିଲ ।
ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ିଦେଲେ କେଶ,
ମୁଁ ଛାଡ଼ିଲି ବାପ ଭାଇ, ତୁ ଛାଡ଼ିଲୁ ଦେଶ ।

—୨—

କାପର କହିବ କେଉଁ କୁହୁକରେ ଭୁଡ଼ି,
କଳଙ୍କ-ସମୁଦ୍ର-ଜଳେ ଗଲି ମୁହିଁ ବୁଡ଼ି ।
ଜାତି କୁଳ ମାନ ଆହା ହରାଇ ବସିଲି,
ବାପଭାଇଙ୍କର ମୁହଁ ତଳକୁ ମୁଁ କଲି !
ବୈକୁଣ୍ଠ ସମାନ ଘରେ ବାପଭାଇ ସେବା,
ସାନ ଭାଇ ଭଉଣୀଙ୍କ କାମରେ ଲାଗିବା,

Digitized by srujanika@gmail.com

ସାଇପଡ଼ଶାଙ୍କ ମେଳେ ନିର୍ମଳ ଜୀବନ,
ଲାଗୁଅଛି ମୋତେ ପୂର୍ବଜନମ-ସ୍ୱପନ !
ତ୍ରିଜଗତେ ମୋର ଅଛି କେହୁ ନାହିଁ ସାହା,
କେହୁ ନାହିଁ କହିବାକୁ ପଦେ ମୋତେ 'ଅହା' ।
ଶବରେ ଠିଆ ହେଲେ ଯେ ଘରକୁ ଡାକିବ,
ପଡ଼ ଏ ଅପରାନ୍ତରେ ସାହା ଉଡ଼ିଯିବ ।
ହାଡ଼ ଘୋଷାରିବ ପିନା ଛୁଇଁଣ ଏ ଅଙ୍ଗ,
କିପାଇଁ ତେଜିଲି ଜାତ କୁଟୁମ୍ବଙ୍କ ସଙ୍ଗ ।
କି କରିବ କାହିଁ ଯିବ ନିରମାଣୀ ନାରୀ,
ମୋଠାରେ ସଂସାରେ ଦୟା ନୋହିବ କାହାରି !
ହାଇ ରେ ! ମୁଁ ଜାଣିଥିଲେ ବେଳହୁଁ ଏ କଥା,
ନୁଆଁଇ ନ ଥାନ୍ତି ବାପଭାଇଙ୍କର ମଥା ।

—୩—

ଅହା ରେ ! କିଅବା ଯେବେ ମୋତେ ସମାଜରେ
ଅଗ୍ନିରେ ବହନ୍ତି ଯାଇଁ ପୁଣି ମୁହିଁ ଘରେ ।
ଦିବସାନ୍ତେ ପୁଣି ମୁହିଁ ହବିଷ୍ୟାନ୍ନ ଖାଇ
ସ୍ୱଜନ ସେବାରେ ପ୍ରାଣ ଦିଅନ୍ତି ଲଗାଇ ।
ପରମପୁରୁଷେ ଭଜି ପ୍ରତି ତ୍ରିସନ୍ଧ୍ୟାରେ
ପର ପୁରୁଷ-ମୁଖକୁ ନ ଅନାନ୍ତି ବାରେ ।
ହେ ମାତଃ ସାବିତ୍ରୀ ସୀତା ଦମୟନ୍ତୀ ସତୀ,
ତବ କୁଳେ ଜାତ ଏହୁ ଅଧମ ସନ୍ତତି ।
ନାରୀତ୍ୱ-ସତୀତ୍ୱ-ତେଜ କଣିକାଏ ଦେଇ
ପୁଣ୍ୟନଦୀ ନୀରେ ବାରେ ଦିଅ ଗୋ ବୁଡ଼ାଇ ।
ନ ଦେଲେ ସମାଜ ନାହିଁ ପାପୀକୁ ଶରଣ,
ନ ଛଡ଼ିବ ପାପ ସେବି ଶ୍ରୀହରିଚରଣ ।
ଜୀବିକା-ଅର୍ଜନ କରି ସୁପବିତ୍ର ମନେ,
ପରହିତ ପରସେବା ସାଧି ପ୍ରାଣପଣେ,
ପୁଣ୍ୟ ନୀରେ ଏ ଜୀବନ ଦେବି ମୁଁ ଭସାଇ,
ଅସ ହେ ସଂସାରେ ଯେତେ ମୋ ଭଉଣୀ ଭାଇ ।

Digitized by srujanika@gmail.com

ସେ ଅନ୍ତ ଯେଠାରେ ପ୍ରାଣୀ ପାଶେ ଅବା ଦୂରେ
ପୂଜିବ ଚରଣ ତବ ମମ ପ୍ରାଣପୁରେ,
ଅନୁତାପେ ଜଳ ମୋର ନବୀନ ପରାଣ,
ବିଶ୍ୱ ଧରେ ମୋତେ ପୁଣ୍ୟ ସୁନ୍ଦର ଭୁବନ ।
ପ୍ରଭୁଙ୍କର ଲୀଳା-ପୀଠ ଏ ବିଶ୍ୱସଂସାର,
ଜୀବନ ପରୀକ୍ଷା-ଭୂମି ସ୍ୱର୍ଗର ଦୁଆର ।

ଚମ୍ପାବତୀ ରାଜକନ୍ୟାର ସ୍ୱପ୍ନ

—୧—

ଚମ୍ପାଫୁଲଟିଏ ପାଇଲି ବନ ହଳଦ ପ୍ରାୟେ,
ଶିବ ଉପାସନା କରିବି କାନ୍ତ ଅସିବାଯାଏ ।
ଚମ୍ପାବତୀ ରାଜକୁମାରୀ ସେ ଯେ ନବ ତରୁଣୀ
ଗୀତ ଗାଏ ନିଜ ନବରେ ନିଜ ମନରେ ଗୁଣି ।
ସଖୀମେଳେ ଖେଳୁଥିଲଇଁ ମହା ହରଷଭରେ,
ଜନକ ଜନନୀ ସେନେହ ଭାସି ନିଶି ବାସରେ ।

କେଉଁ ଦେଶୁଁ ଆସି କି ମନ୍ତ୍ର ପଢ଼ି ନବ ଯୌବନ
ଅବ୍ୟକ୍ତ ବିଷାଦେ ବ୍ୟାକୁଳ ହେଲା ଏ ମୋର ମନ
ବାଲ୍ୟ-ଚପଳତା ଉଭେଇ ଗଲା କେଣେ ମୋହର,
କେଉଁ ନବ ରାଜ୍ୟେ ଅଇଲି ନୋହୁଲ ତ ଗୋଚର ।
ଖେଳ ହସ ଖୁସି ଆଜ ତ ମୋତେ ନ ଲାଗେ ସୁଖ,
ନିଭୃତ ଅନ୍ତରେ ପଶିଲା କାହୁଁ ଅବ୍ୟକ୍ତ ଦୁଃଖ ।
କାହିଁ କିବା ଛାଡ଼ି ଆସିଲା ପ୍ରାୟ ଲାଗଇ ମୋତେ,
କିଏ ଛାଡ଼ିଦେଇ ଯାଇଛି ମୋତେ ବିଦେଶେ ସତେ ।
ଲାଗୁଛି ପରାଣ ଅପୂର୍ଣ୍ଣ ଯେସନେ ଶୂନ୍ୟ ସଂସାର,
ମୁହିଁ ଯେସନେ ମୋର ନୁହଇ ସତେ ଆଜ କାହାର !

Digitized by srujanika@gmail.com

ଆହା କି ହେଲା ରେ ଏ ମନ, ଧିକ ଏ ପ୍ରାଣ ଯାଉ,
ଜନକ ଜନନୀ ସେନେହେ ମନ ନ ମାନେ ଆଉ ।
ଭ୍ରମାନ୍ତର କପାଁ ହେଲା ରେ ବୁଝି ନ ପାରେ କିଛି,
ଜାଣିଲେ ଜନକ ଜନନୀ କିବା ବୋଲିବେ ଛି ଛି !
ପକ୍ଷୀଏ ବା କିସ କହିବେ ଜାଣି ପାରିଲେ କଥା,
ନ କହୁ ତାଙ୍କୁ ବା ସହିବି କେଉଁପରି ଏ ବ୍ୟଥା ।
ନିଜ ରୂପ ନିଜେ ନିରେଖି ମୋତେ ମାଡ଼ଇ ଲାଜ,
ତରୁଙ୍କ ତରସେ ଜାହାର ଅଛି କେବଣ କାର୍ଯ୍ୟ !
ଏ ନବ ଯୌବନ ଏକାକୀ କିସ କରିବି ଆହା,
କିଏ ମୋ ଜୀବନବଲ୍ଲଭ ତାଙ୍କୁ ଦେବଇଁ ତାହା ।
ଚମ୍ପାଫୁଲଟିଏ ପାଇଲି ବନ ହ୍ରଳଦ ପ୍ରାନ୍ତେ,
ଶିବ ଉପାସନା କରିବି କାନ୍ତ ଅସିବାପାଏ ।

—୨—

କାହା ଲାଗି ପ୍ରାଣ ଉଦ୍‌ବିଗ୍ନ ଛନଛନ ମୋ ମନ,
କେଉଁ ଦେଶ ରାଜକୁମରେ ଦେଖିଲଇଁ ସ୍ୱପନ ।
କିବା କୁଳ ଶୀଳ ତାଙ୍କର ସେ ଯେ କାହା ନନ୍ଦନ,
କାହାକୁ ସ୍ୱପନେ ଦେଖିଣ ମୁଁ ଯେ ହେଲି ଉନ୍ମନ ।
କହିଲେ ବିଦେଶୀ କୁମର ସ୍ୱପ୍ନେ ମଧୁ ବଚନ,
ଟଳଟଳ ତାଙ୍କ ଗୃହାଣୀ କିଣି ନେଲା ମୋ ମନ ।
ଲାଜରେ ଜୀବନ ଯୌବନ ନ ସମ୍ପିଲି ପଦ୍ମରେ,
କାହିଁ ଗଲେ ନବ ତରୁଣ, ଏବେ ଝୁରଣ ମରେଁ !
ମନଚୋରର ମନ ଚୋରିଇ କାହିଁ ଗଲେ ନିମିତେ,
ଅକୁଳ ପରାଣ ମୋହର ତାଙ୍କ ବିନା ଏ ଦେଶେ ।
ଏ ମୋର ସ୍ୱପୁର ଲାଗଇ ସେଦ୍ଧେ ହୂର ପ୍ରବାସ,
ତାଙ୍କ ସଙ୍ଗେ କରି ପାରଇ ଘୋର ଗହନବାସ ।
ପାରିଧିରୁ ବେନି ସୋଦରେ ବାହୁଡ଼ନ୍ତି ଦନାନ୍ତେ,
ଦେଖି ଭାବେଁ, ଦେଖିଛନ୍ତି କି ସେ ମୋ ପରାଣକାନ୍ତେ ।
କିଏ ସେ କି ନାମ ତାଙ୍କର କେଉଁ ଦେଶରେ ଘର,
ଜାଣେ ନାହିଁ ସବୁ ବୃତ୍ତାନ୍ତ, କିନ୍ତୁ ଲୋଡ଼େ ଅନ୍ତର ।

Digitized by srujanika@gmail.com

କେବେ ହେବ ପ୍ରିୟଦର୍ଶନ ଏହି ନବ ଯୌବନେ,
ଅରପିବି ମୁଁ ଏ ପରାଣ ତାଙ୍କ ପବିତ୍ର ଚରଣେ ।

—୩—

ଚମ୍ପାଫୁଲ ଫୁଟିଏ ପାଇଲି ବନ ବନ ଜଳଦ ପ୍ରାସ୍ରେ,
ଦେବ ଅରାଧନା କରିବି କାନ୍ତ ପାଇବାପାଏ ।
କାହା ଲାଗି ପ୍ରାଣ ଉଦାସ ଛନଛନ ମୋ ମନ,
କେଉଁ ଦେଶ ରାଜକୁମରେ ଦେଖିଲିଇଁ ସ୍ୱପନ ।
ଜଳୁଥିଲା ରତ୍ନ ପ୍ରଦୀପ, କଳାଥିଲ କବାଟ,
ଏ ପୁରେ କେମନ୍ତେ ପଶିଲେ ପାଇ କେବଣ ବାଟ ।
ନିଦ୍ରାବେଶେ ଥିଲି, ହା ଲଜ ! ମୁଁ ଯେ ଅଣାଅୟତ୍ତେ,
ଖସିଥିଲା ବାସ ଅଙ୍ଗରୁ ଦେଖିଲିଇଁ ଜାଗ୍ରତେ ।
ଦୀପାଲୋକେ ଦେଖିଥିବେ ସେ ମୋର ଏ ସ୍ରସ୍ତ ବେଶ,
ଦେଖିଥିବେ ସିନା ବସନମୁକ୍ତ ଉରସ ଦେଶ ।
ଚମ୍ପାଫୁଲେ କେଶ ମଣ୍ଡାଇ ହାର କଣ୍ଠେ ଲମ୍ବାଇ
ଅସ୍ପଷ୍ଟ ସ୍ୱପନେ ସୁନ୍ଦର କେଉଁଣେ ଗଲେ ଉଭାଇ ।

—୪—

ଚମ୍ପାଫୁଲ ଫୁଟିଏ ପାଇଲି ବନହଳଦ ପ୍ରାସ୍ରେ,
ଦେବ ଅରାଧନା କରିବି କାନ୍ତ ପାଇବାପାଏ ।
ଶ୍ୟାମଳ ସୁନ୍ଦର ଧରଣୀ ଗ୍ରହି ନୀଳ ଆକାଶ
ଶୀତ ପ୍ରେମବାରି ମାଟିଣି କରେ ସ୍ୱତାପ ନାଶ ।
ପିତୃକୋଳ ତେଜି ତଟିନୀ ଯାଏ ବାରିଧି ପାଶେ,
ଉଲ୍ଲୁ ଜୀବନ-ଜୀବନ ପଦେ ଢାଳିବା ଆଶେ ।
ସୁକୁମାରୀ ଲତା ବୀଟପୀ-ଅଙ୍ଗେ ଲୋଡ଼ି ଆଶ୍ରୟ
ଆଲିଙ୍ଗନ କରେ ସପ୍ରେମେ ତେଜି ସକଳ ଭୟ ।
ଭାନୁ-କରେ ନବ ନଳିନୀ ଫୁଟି ଲଭଇ ମୁଦ,
ବିଧୁ-ବନ୍ଧୁ ପାଇ ହସଇ ନିମୀଳିତ କୁମୁଦ ।
ଢଳ ଢଳ ପ୍ରେମ ଚପଳା ଖେଳେ ନବୀନ ଘନେ,
ଯୁଗ୍ମେ ଯୁଗ୍ମେ ବାନ୍ଧି ଗଞ୍ଜିଛୁ ସବେ ଖିଳ ଭୁବନେ ।

Digitized by srujanika@gmail.com

ଏକାକିନୀ ମୁହିଁ କି ଦୋଷେ କାଟେ ନବ ଯୌବନ,
ଉଚ୍ଛ୍ୱସିତ ଏ ମୋ ପ୍ରଣୟ ରଖି ନ ପାରେ ମନ ।
ଏ ବିଶ୍ୱବାଜେଣୀ ବୀଣାରେ ମୋ ବିରହ ଗାୟନ
ଏକ ତାନେ ଯେତେକେ ଉଠଇ ଶୁଣି ହୁଏ ଉନ୍ମନ ।
ସୁନ୍ଦର ବିହଙ୍ଗ ସୁତାନ କୁସୁମିତ ବଲ୍ଲରୀ
ସହାସେ ସୂଚନ୍ତି "ବିଫଳ ଏ ଯୌବନ ମୋହର",
କାହାନ୍ତି ସେ ମୋର ଈପ୍ସିତ ମୋର ଜୀବିତେଶ୍ୱର,
ନିତେବିଶିର ଦଗ୍ଧ ବକ୍ଷରେ ଯାଙ୍କ ଦାବ୍ୟ ପଯ୍ୟର ।
ଅପଣାକୁ ଦେଇ ଯାହାଙ୍କୁ କରିନେବି ନିଜର,
ଏହି ମୋ ଯୌବନ ଉଦ୍ଦେଶ୍ୟ ସାର ଏ ଜୀବନର ।
ଚମ୍ପାଫୁଲଟିଏ ପାଇଲି ବନ ହଳଦ ପ୍ରାୟେ,
ଦେବ-ଆରାଧନା କରିବି କାନ୍ତ ପାଇବାଯାଏ ।

ରାଜପୁତ୍ରର ସ୍ୱପ୍ନ

— ୧ —

ସ୍ୱପନେ ଅପୂର୍ବ ରାଜକନ୍ୟା
ରୂପ ଦେଖି ମୁଗ୍ଧ ରାଜସୁତ,
କଳ୍ପନା-କନକ-ଗଢ଼େ ବୀର
ପ୍ରେମକୁଞ୍ଜ ସ୍ୱପନ ଅଦ୍ଭୁତ ।
ପ୍ରିୟା ମମ କି ଲାବଣ୍ୟମୟୀ !
ଚଳ ଚଳ ତା ଅଙ୍ଗ-ଯୌବନ,
ଶ୍ୟାମା ଲତା ତନୁରେ କୁସୁମ
ହସୁଥାଇ ଫୁଟିକି ଯେସନ ।
ପ୍ରିୟା ମମ ନବୀନା ତରୁଣୀ
ବୟଃସନ୍ଧି ହୋଇଛି ତାହାର,
ଲାବଣ୍ୟ-କାସାରେ ପଦ୍ମ ସର
ତନୁ ତାର କେମନ୍ତ ବାହାର !

Digitized by srujanika@gmail.com

ପ୍ରିୟା ମମ କି ଲାବଣ୍ୟବତୀ
ନେହ ବେଳା ପ୍ରେମ-ତଳତଳ,
ସୁବର୍ଣ୍ଣ-ସରସୀ-ଉରେ ଯେହ୍ନେ
ଆନ୍ଦୋଳିତ ନୀଳାବ୍ଜ ଯୁଗଳ ।
କୁଞ୍ଚିତକୁନ୍ତଳା ପ୍ରିୟା ମମ
ତା ଚିକୁର ଆଜାନୁଲମ୍ବିତ,
ସ୍ୱର୍ଣ୍ଣବର୍ଣ୍ଣ ସୌଦାମିନୀ ଯେହ୍ନେ
ନୀଳ ଘନ ଅଙ୍ଗେ ସୁଶୋଭିତ ।
ପ୍ରିୟା ମମ ଆୟତଲୋଚନା
ଆକର୍ଣ୍ଣଲମ୍ବିତ ତା ନୟନ,
ଗଣ୍ଡ ତାର ସୁବର୍ଣ୍ଣଫଳକ
ଅପଘନ ଚମ୍ପକବରଣ ।
ପଦଯୁଗ୍ମ ବିଦଳ-ସରୋଜ
ଅଙ୍ଗୁଳି ତା ଚମ୍ପକର କଳି,
ଅଙ୍ଗଯଷ୍ଟି ପ୍ରୀତି-ଉଚ୍ଛଳ
ବାତ-ଆନ୍ଦୋଳିତ ନବ ବଲ୍ଲୀ ।

—୨—

ମୋ ବାସନା, ଅଙ୍ଗରାଗରୂପେ
ରହନ୍ତୁ ମୁଁ ପ୍ରିୟା-ଅପଘନେ,
କଜ୍ଜଳପାତିର କଳା ହୋଇ
ରହନ୍ତୁ ମୁଁ ଆୟତ ନୟନେ ।
ଫଗୁଆର ସିନ୍ଦୂର ହୋଇଣ
ରହନ୍ତୁ ମୁଁ ପ୍ରିୟତମା ଭାଲେ,
ତିଳକର ଚୋପା ରୂପ ଧରି
ଲାଗନ୍ତୁ ମୁଁ ପ୍ରେୟସୀ କପାଳେ ।
ଚନ୍ଦ୍ରହାର ହୋଇଣ ନିତମ୍ବ—
ଜଘନ ମୁଁ ମଣ୍ଡନ୍ତୁ ପ୍ରିୟାର,
ଚୁମ୍ବୁଥାନ୍ତି ପୀନ ପୟୋଧର
ହୋଇଣ ତା ଗଳାରତ୍ନହାର ।

Digitized by srujanika@gmail.com

କର୍ଣ୍ଣେ ଝୁଲି ସ୍ୱର୍ଣ୍ଣଫୁଲରୂପେ
ଚୁମ୍ବନ୍ତି ତା ହେମ ଗଣ୍ଡସ୍ଥଳ,
ବଳୟରୂପରେ ହସନ୍ତି ମୁଁ
ରୁଦ୍ଧ ପ୍ରିୟାଚରଣଯୁଗଳ ।
ବାଜୁବନ୍ଧରୂପେ ବେଢ଼ନ୍ତି ମୁଁ
ପ୍ରିୟା ବାହୁମୃଣାଳଯୁଗଳ,
ଉପାଧାନ ହୋଇ ମୁଁ ରହନ୍ତି
ଘନ-କୃଷ୍ଣ-କେଶ ଶିରତଳ ।
ଫୁଲ ହୋଇ ହରନ୍ତି ମାନସ,
ମଣ୍ଡନ୍ତି ମୁଁ କର-କର୍ଣ୍ଣ-କେଶ,
ପଡ଼ନ୍ତି ତ ସ୍ୱର୍ଣ୍ଣ ତନୂପର
ହୋଇ ଶୁଭ୍ର କୌମୁଦୀର ବେଶ ।
ପାଟି ହୋଇ ପଡ଼ିଥାନ୍ତି ତଳେ
ପ୍ରିୟା ମୋ ଶୁଲନ୍ତା ମୋ ଉପରେ,
ଭାଙ୍ଗି ମୋତେ ଜାଳନ୍ତା ଶ୍ରୀକରେ,
ଜଳନ୍ତି ମୁଁ ଇନ୍ଧନରୂପରେ ।

ହୁଅନ୍ତି ମୁଁ ବାସିତ କୁସୁମ
ବାସ ପ୍ରିୟା କରନ୍ତା ଗ୍ରହଣ,
ମଧୁରୂପେ ଲଜବତୀ ଶ୍ୟାମା
କରନ୍ତା ମୋ ସ୍ୱାଦ ଆସ୍ୱାଦନ ।
ଛବିରୂପେ ଦେଖନ୍ତା ସେ ମୋତେ,
ପକ୍ଷୀରୂପେ ଶୁଣନ୍ତା ମୋ ଗୀତ,
ଏତେରୂପେ ହେଲେହେଁ ତା ସଙ୍ଗୀ
ହୁଅନ୍ତା କି ତୃପତ ମୋ ଚିତ୍ତ ?
ତନୁ ତାର ହେଲେହେଁ ସୁନ୍ଦର
ଦୂର ହେବ ବହୁ ଅପଘନେ,
ମନ ତାର ଅଧିକ ସୁନ୍ଦର
ସ୍ୱପ୍ନେ ତାର ପଶନ୍ତି କି ମନେ ।

Digitized by srujanika@gmail.com

ନାହିଁ ନାହିଁ ପ୍ରବେଶିଲେ ମନେ
ଅଜ୍ଞାତେ, ମୋ ନ ମେଣ୍ଟିବ ଆଶା,
ଜ୍ଞାନେ ଯେବେ ଇଚ୍ଛାବତୀ ବାଳା
ମୋହଠାରେ ବଢ଼ାନ୍ତା ପିଆସା !
ରୂପ ତ ଅଳପ ଦିନସ୍ଥାୟୀ,
ଅଢ଼ାଇ ଦିନରେ ଯିବ ତାହା,
ଧନ ଯଉବନ ତ ଚଞ୍ଚଳ,
ଗୃହୁଁ ଗୃହୁଁ ଗୃଲ୍ପାଏ ଆହା !
ଏମନ୍ତ ଅସ୍ଥିର ଧନ ରୂପେ
ମୁଗ୍ଧା ବାଳା ଦୁଇ ଦିନ ପରେ
ଜାଣିପାରି ପ୍ରବଞ୍ଚିତା ବୋଲି
ଝୁରନ୍ତା ସେ ଅସାର ରୂପରେ ।
କେଉଁରୂପେ ଲାବଣ୍ୟମୟୀର
ଯୋଗ୍ୟ ହେବ କାହିଁ ତାର ନାଟ ?
ଏ ଜଗତେ ବସିଅଛ ମହା—
ରୂପବନ୍ତ ରାଜପୁତ୍ରହାଟ ।

ଭୁବନବିଜୟୀ ବାହୁବଳ-
ବୃତ୍ତାନ୍ତ ମୋ ରଟନ୍ତା ସଂସାରେ,
ଲକ୍ଷ ରାଜା ଉପେକ୍ଷିଣ ବାଳା
ଲମ୍ବାନ୍ତା କି ମାଳା ମୋ ଗଳାରେ ।
ମହାଧନୁ ଭାଙ୍ଗନ୍ତେ ସବଳେ
ପ୍ରିୟା ମୋତେ କରନ୍ତା ବରଣ
ଅସାଧ୍ୟସାଧନ ଲକ୍ଷ୍ୟ ଭେଦୁ
ପାଣି ମମ କରନ୍ତା ଗ୍ରହଣ ।
ପିତା ତାର ବିବାହ-ସଭାରେ
କରିଥାନ୍ତା ବିଭା ଆୟୋଜନ,
ମୋତେ ଝୁରି ମୋର କୀର୍ତ୍ତିମୁଗ୍ଧା
ପାଶେ ବାର୍ତ୍ତା କରନ୍ତା ପ୍ରେରଣ ।

Digitized by srujanika@gmail.com

ଈର୍ଷ୍ୟାନଳେ ଜଳି ତାର ପିତା
ମୋ ମୂର୍ତ୍ତିକୁ ଦ୍ୱାରରେ ରଖିଲା,
ମଦ୍ଗତ ହୃଦୟା ବୀରବାମା
ପିତୃ-ଶତ୍ରୁ-ମୂର୍ତ୍ତିକୁ ବରିଲା ।
ସ୍ୱୟମ୍ବରସଭାରୁ ତାକୁ ଘେନ
କଟାକ୍ଷେ ମୁଁ କରନ୍ତି ଗମନ,
ଛନ୍ଦିପଣ ଗୃହିଁଣ ତଟସ୍ଥେ
ରହୁଥାନ୍ତେ ମହାବୀରଗଣ!
ଶୁଣେ ମୁଗ୍‌ଧା ବାଳା ଗୁଣବତୀ
ରୂପହୀନ ଜାଣି ମୋତେ ସତୀ
ବରରୂପେ ବରିବାର ପାଇଁ
କରୁଥାନ୍ତା ତପ କଷ୍ଟେ ଅତି ।
ଛଦ୍ମବେଶେ ନିଜକୁ ନିନ୍ଦନ୍ତେ
ନାମ ଗୁଣ ଜପି ବାଳାମଣି
କହନ୍ତା, "ହେ ମୋ ପତିନନ୍ଦନ,
ତୁମ୍ଭେ ଏଥୁଁ ଯାଅ ଏହୁକ୍ଷଣି ।"

ମମ ଗୁଣେ ତୃପତହୃଦୟା
ଅଳ୍ପାୟୁ ବୋଲିଣ ମୋତେ ଜାଣି,
ପିତୃ-ଋଷି-ବଚନ ଲଙ୍ଘିଣ
କରନ୍ତା ଗ୍ରହଣ ମୋର ପାଣି ।
ରୂପଗୁଣମୁଗ୍‌ଧା ରାଜବାଳା
ତେଜି ଇନ୍ଦ୍ର ଆଦି ଦେବଗଣ
ନିମନ୍ତ୍ରିତ ଲକ୍ଷ ନରପତି
ମଧ୍ୟେ ମୋତେ କରନ୍ତା ବରଣ ।
କର୍ମଦୋଷେ ହୋଇ ବନବାସୀ
ସଙ୍ଗିନୀକୁ କରିଣ ବର୍ଜନ
କରନ୍ତେ ମୁଁ ଦାରୁଣ ହୃଦୟେ
ଘୋରବନେ ଏକା ପଳାୟନ ।

Digitized by srujanika@gmail.com

କର୍ମଦୋଷେ କାଟି ଘୋଡ଼ାଘାସ
ଯାପୁଥାନ୍ତି କୁତ୍ସିତ ଜୀବନ,
ନାନାଦି କୌଶଳେ ରାଜବାଳା
ଖୋଜିନେଇ ଘଟାନ୍ତି ମିଳନ ।
ଶତ୍ରୁ କୂଟେ ଦୀର୍ଘ-ବନବାସୀ
ହୁଅନ୍ତି ମୁଁ ସୋଦର ସହିତ,
କପଟ ଭର୍ତ୍ସନା କର ସ୍ନେହେ
ସେବୁଥାନ୍ତି ପଦ ପ୍ରାଣମିତ ।
ସତ୍ୟ-ନିଷ୍ଠା ମର୍ଯ୍ୟାଦା ବୁଝିଣ
ମନେ ମନେ ଥାଆନ୍ତି ସନ୍ତୁଷ୍ଟ,
ହାସ୍ୟମୁଖେ ଜଙ୍ଗଲ କୁଟୀର
ବ୍ୟାଜଭରେ ହେଉଥାନ୍ତି ରୁଷ୍ଟ ।
ପିତୃ-ସତ୍ୟ ପାଳି ବନେ ଯାନ୍ତି,
ସଙ୍ଗେ ପ୍ରିୟା କରନ୍ତି ଗମନ,
ମମ ଗୁଣମୁଗ୍‌ଧା ରାଜସୁତା
ବନ କଷ୍ଟ ନ ଧରନ୍ତି ମନ ।

ଘୋଷିଲେହେଁ ତାହାର କଳଙ୍କ
ସାଧାରଣ ସଂସାର ଜନତା,
ତାଙ୍କ କାର୍ଯ୍ୟେ ତାଙ୍କ କଥା ବର୍ଣ୍ଣି
ବୁଝିଥାନ୍ତି ତାର ନିର୍ଦ୍ଦୋଷତା ।
ସେ ମୋତେ ଜାଣନ୍ତି ମୁଁ ତାହାକୁ,
ଦୁହେଁ ବୁଝି ପରସ୍ପର ମନ
ନିଃସ୍ୱାର୍ଥ ଭାବରେ ହୃଦେ ବଦ୍ଧ
କରୁଥାନ୍ତୁଁ ସ୍ୱଧର୍ମ ପାଳନ ।
ମୋର ସତ୍ୟ ନିଷ୍ଠା ନ୍ୟାୟ ବୁଦ୍ଧି
ଧ୍ରୁବ ଜାଣି ମଦଗତମନା
ମୋ ହସ୍ତେ ଦାରୁଣ ଦଣ୍ଡ ପାଇ
ନ ରୁଷନ୍ତି ନପଣ୍ଡ-ଦୂଷଣା ।

Digitized by srujanika@gmail.com

ପଗ୍ରୁର ଆନ୍ତି ବାରେ ଅଧମ ଦୀନ
ତୁମ୍ଭ ବିନା କେସନ କାଟିବ ଦିନ ?
ଶେଷ ବିଦାୟ-ସ୍ମୃତି ହୃଦରେ ଧରି,
ଯଦି ଥାଆନ୍ତି ଯପ-ମାଳିକା ପରି ।
ସେ ସୁଖୁଁ ନିର ଜାଳ କଲ ବର୍ଜିତ,
ଭୁଲି ସେ କଥା ଘାଣ୍ଟି ହେଉଛୁ ଚିତ୍ତ ।
କରିଥିଲେହେଁ ଯତ୍ନ ସ୍ୱଜନଗଣ,
ତଥାପି ନ ମାନଇ ଏ ମୋର ମନ ।
କରିଥାଆନ୍ତି ହେଲେ ନିଜେ ଯତନ,
ପାଇ ଥାଆନ୍ତି କାଳେ ସର୍ଗ ! ଜୀବନ ।
କି ସୁଖ ଅର୍ଥ ପାଇଁ ଗଲି ବିଦେଶେ,
ହରାଇ ବସିଲି କି ରତନ ଶେଷେ
କରି ଗଲ ଏକାକୀ କେଉଁ ଦୋଷରେ,
କେଉଁ ପ୍ରାଣରେ ଗଲ ନ କହି ଥରେ !
ହେଉଅଛୁ ମୁଁ ଦେବି, ଏତେ ବିକଳ,
ଝରୁଛି ତୁମ୍ଭ ଲାଗି ନୟନୁ ଜଳ,

ତଥାପି ଦେବି, କାହିଁ ଦାରୁଣ ମନା
ଦେଉନାହଁ ଦୁଃଖୀକୁ ସୁପ୍ରବୋଧନା ?
ଜାଣଇଁ ଯେ ଦେଶକୁ ଅଛ ଗୋ ଯାଇ,
ସେ ଦେଶୁଁ ପ୍ରାଣୀ ଅଜ ଫେରଇ ନାହିଁ ।
ତଥାପି ନ ବୁଝଇ ଅବୋଧ ମନ,
ନିରବେ ଝରେ ସର୍ଗ, ବେନି ନୟନ ।
ନରର ସୁଖ ଦୁଃଖ ସ୍ୱର୍ଗଲୋକରେ
ଅସଇ ନାହିଁ କି ରେ ପ୍ରିୟ ଗୋଚରେ ?
ଏତେ ପ୍ରଣୟ ଥିଲା ଯାହା ସଙ୍ଗତେ,
କ୍ଷଣକେ ବିସ୍ମୃତ ସେ ହେଲା କି ସତେ !
ଏ ଯେ ଦାରୁଣ କଥା ନୁହେ ବିଶ୍ୱାସ,
ଦାମ୍ପତ୍ୟ ପ୍ରଣୟ ହୋଇ ପାରେ କି ନାଶ !

Digitized by srujanika@gmail.com

ଶୁଣି ଅଛଇ ସାଧୁ-ଶାସ୍ତ୍ର-ବଚନ,
ମାନବ ଆତ୍ମାର ଯେ ନାହିଁ ମରଣ ।
ଅଛ କି ତୁମ୍ଭେ କେଉଁ ଉଚ୍ଚ ଲୋକରେ ?
ପୂର୍ବ କଥା କି ମନେ ନ ପଡ଼େ ଥରେ ?
ଅଥବା ଜାଣି ଧରା ଜନର ଶୋକେ
ଦୁଃଖିତ ନୁହେ ମୁକ୍ତ ଆତ୍ମା ସ୍ୱର୍ଲୋକେ ।
ନୁହଇ ଏ କଥା ତ ପ୍ରଣୟ ରୀତି,
ତେଣୁ ଦାରୁଣ କଥା ନୋହେ ପ୍ରତୀତ ।
ଦେଖି ମୋ ଦୁଃଖ ତୁମ୍ଭେ ନୁହ ଦୁଃଖିତ,
ନ ମାନେ ଏ କଥାରେ ସଖି, ଏ ଚିତ୍ତ ।
ନିଧି ଧନ ବ୍ୟାକୁଳ ମୁହିଁ ଯା ପାଇଁ,
ତାହା ମନରେ ଦୁଃଖ ଲବେ କି ନାହିଁ !
ନିରତେ ଝରୁଥିବା ନୟନ ଜଳେ
କେମନ୍ତେ ସଖି, ଦେଖୁଅଛ ଅଟଳେ ?
ବିଚ୍ଛେଦେ ହେବ ଯେବେ ଏତେ ଅନ୍ତର,
କିପାଇଁ ହେଲ ତେବେ ପର ନିଜର !

ପ୍ରଣୟ ପରିଣାମ ଯେବେ ଏସନ,
କିପାଁ ପ୍ରଣୟ ତେବେ ହେଲା ସର୍ଜନ ?
ଖସି ପଡ଼ିବ ଘନ ଧରାରେ ଯେବେ,
କିପାଁ ଚପଳା-କୋଳେ ଖେଳଇ ତେବେ ?
ଗୃହୁଁ ଗୃହୁଁ ଯେବେ ରେ ହେବ ବିନାଶ,
କିପାଇଁ ଫୁଟେ ଫୁଲ, ଚହଟେ ବାସ !
ସଂସାରେ ସାର ଯେବେ ଜନ୍ମ ମରଣ
କିପାଇଁ ଦେଖେ ନର ପ୍ରୀତି-ସ୍ୱପନ !
ଏତେ ଚାଖିଲେ ମଧୁ ସରିବ ଯେବେ,
କିପାଇଁ କୁହୁ ସ୍ୱନ ଶୁଭଇ ତେବେ !
ନବ ପଲ୍ଲବେ ନବ କୁସୁମରାଶି
କିପାଇଁ ହସେ ନବ ଶୋଭା ପ୍ରକାଶି !

Digitized by srujanika@gmail.com

ଘୋଟିବ ଯେବେ ଘୋର ଅନ୍ଧାର ରାତି,
କିପାଇଁ ବିଭାସିବ ଭାନୁର ଭାତି !
ନିଶି ପରେ ଆସିବ ପୁଣି ବାସର,
ପୁଣି କି ହେବ ଭେଟ ତୁମ୍ଭ ମୋହର ?
କହନ୍ତି ଜ୍ଞାନୀ ପ୍ରୀତି ଅବିନଶ୍ୱର,
ହେବ କି ମେଳ ପୁଣି ତୁମ୍ଭ ମୋହର ?
ପୋଷିଣ ଏହି ଆଶା ଏ ଦଗ୍ଧ ପ୍ରାଣେ
କାଟିବି ନିଶି ଦିବା ତୁମ୍ଭର ଧ୍ୟାନେ ।
ନାହିଁ ସିନା ଶରୀର ଆଜି ପାଶରେ,
ବସିଛ ରାଣୀ ହୃଦ-ସିଂହାସନରେ ।
ଭସ୍ମ ହୋଇଛି ଦେହ, ଶୋଭାର ରାଣି,
ଉଜ୍ଜ୍ୱଳ ଦିଶେ ତୁମ୍ଭ ସୁନ୍ଦର ଠାଣି ।
କିନ୍ତୁ ଦେଖିଲେ ସଖି, ଶୂନ୍ୟ ଭବନ
ଆକୁଳ ହୁଏ ମୋର ପରାଣ ମନ ।
ତବ ତ୍ୟକ୍ତ ଭୂଷଣ ତ୍ୟକ୍ତ ବସନ
ଦେଖି ବିଷାଦ-ନୀରେ ମଗନ ମନ ।

ଅର୍ଦ୍ଧ ଶୂନ୍ୟ-ଶଯ୍ୟାରେ ଶୋଇ ନିର୍ଜନେ
ବହେ ଲୋତକ-ଧାର ବହେ ନୟନେ ।
ଭୋଜନ ବେଳେ ସଖି, ତୁମ୍ଭ ବିଚ୍ଛେଦ
ପୂର୍ବସ୍ମୃତି ଜଗାଇ ଦିଅଇ ଖେଦ ।
ମୋର ଆହାରେ ଯେତେ କର ଯତନ,
ମନେ ପଡ଼ିଲେ ହୃଦ ହୁଏ କଠିନ ।
ଜାଗ୍ରତେ ତବ ସ୍ମୃତି ସ୍ୱପ୍ନ ଶୟନେ,
ଯାଇ ରହିଛି ବ୍ୟାପି ଏ ମୋ ଜୀବନେ ।
ଦିନେ ତୁମ୍ଭର କଥା କହି ଭାଳେଣି
ତିନ୍ତିଲା ଶଯ୍ୟା ଫୁଲି ନୟନ ବେଣି ।
ଶାନ୍ତିରେ ନିଦ୍ରା ଆସୁଁ, ଦେଖେଁ ସ୍ୱପନ,
ମଞ୍ଜାଳି ଦେଉଅଛ ମୋର ଚରଣ ।

Digitized by srujanika@gmail.com

ହରଷେ ଦୁଃଖ ହେଲ ଡାକଲ୍ ପାଶ,
ଭଙ୍ଗି ଯାଅନ୍ତେ ନିଦ୍ରା ହେଲ୍ ନିରାଶ ।
ସେ ପେ ଯାତନା ହେଲ ଦୁଃଖୀର ପ୍ରାଣେ,
ଅନ୍ତର୍ଯ୍ୟାମିଙ୍କ ବିନା ଅନ କେ ଜାଣେ ?
ବିଷୟେ ଆଉ ମନ ପ୍ରବେଶେ ନାହିଁ,
ମାୟାରେ ଘାଣ୍ଟି ହେବ ଆଉ କିପାଇଁ !
ବିଳାସ କୋଳାହଳେ ନାହିଁ ମାନସ,
ଲୋଡ଼ଇ ନାହିଁ ମନ ସମ୍ପଦ ଯଶ ।
ତୋ ଲାଗି ପ୍ରିୟେ ଯଶ, ତୋ ଲାଗି ଧନ,
ଏକାକୀ ସମ୍ଭୋଗରେ ଅତୃପ୍ତ ମନ ।
ବ୍ୟର୍ଥ ତୁମ୍ଭ ବିନା ଜୀବନ ମୋର,
ଘୋଟି ଆସୁଛି ଜରା-ବିଷାଦ ଘୋର ।
ରୋଗ ଶୋକରେ ଶାନ୍ତ ପ୍ରାଣର ସନ୍ଧୁ,
ଯାଉଛି ପ୍ରାଣ, ଜଡ଼ ପଡ଼ୁଛି ଦେହ ।
ଶୂନ୍ୟ ଜୀବନ ମମ, ଶୂନ୍ୟ ଭବନ,
ନୀରସ ଏ ସଂସାର, ଭଗ୍ନ ଏ ମନ ।

କିଛିହିଁ ଆଉ ଭଲ ଲାଗଇ ନାହିଁ,
ଜୀବନର ଆଲୋକ ଗଲା ମୋ କାହିଁ ?
ହେ ପ୍ରଭୁ, ଦେଇଥିଲ ପ୍ରଣୟ-ରତ୍ନ,
ହୃଦୟେ ମଣ୍ଡିଥିଲ କରଣି ଯତ୍ନ ।
ମୋ ଗଳା-ମାଳା ଏବେ କଲ ହରଣ,
ରଖିଛ କିମ୍ପା ଏହୁ ଅର୍ଦ୍ଧ ଜୀବନ !
କି ସୁଖ ଅଛି ଆଉ ଘୋର ସଂସାର,
ଗଲା ଆଲୋକ, ଏ ଯେ ଘୋର ଅନ୍ଧାର ।
କିପାଇଁ ରଖିଅଛ ଆଉ ଏ ପ୍ରାଣୀ,
ହେ ଇଚ୍ଛାମୟ ! ତାହା ତୁମ୍ଭେ ଟି ଜାଣ ।
ନେଲ ପ୍ରଣୟ-ପାତ୍ର ଯେବେ ହେ ହରି,
ଦିଅ ଏ ଦଗ୍ଧ ପ୍ରାଣ ଶୀତଳ କରି,

Digitized by srujanika@gmail.com

ସିଞ୍ଚି ସାନ୍ତ୍ୱନା-ନୀର ଏ ଦଗ୍ଧ ପ୍ରାଣେ,
ନିବାର ତାପ ଶାନ୍ତି-ଅମୃତ ଦାନେ ।
କାଳ-ବାଣାଘାତରେ ପ୍ରାଣ-ହରିଣ
ବିକଳ ହେଉଅଛି, ତା କଣ୍ଠ କ୍ଷୀଣ ।
ଦିଅ ଶାନ୍ତି-ଔଷଧ ହେ ଭଗବାନ,
ନତୁବା ନିଅ ଦଗ୍ଧ-ଏଣ-ପରାଣ ।
ଯାଇଛି ଭୁଲି ପ୍ରେମାସ୍ପଦ ମୋହର,
ଦେଖା ସେ ମଧୁ ମୂର୍ତ୍ତି ସାରା ବିଶ୍ୱର ।
ସକଳ ପ୍ରଣୟର ତୁମ୍ଭେ ଆଧାର,
ସୃଷ୍ଟି ପିନ୍ଧିଛି ତୁମ୍ଭ ପ୍ରଣୟ ହାର,
ତୁମ୍ଭର ଚନ୍ଦ୍ର ସୂର୍ଯ୍ୟ ତୁମ୍ଭର ଧରା,
ପବିତ୍ର ପ୍ରେମେ ଅଛି ନିୟତ ଭରା ।
ନଦୀ ପର୍ବତ ବନ ଗିରି କନ୍ଦର
ନିତ୍ୟ ପ୍ରୀତିରସମୟ, ଈଶ୍ୱର !
ସୁଶ୍ୟାମଳ କେଦାର ଶୁଭ୍ର ନିର୍ଝର
ଗମ୍ଭୀରନାଦୀ ସିନ୍ଧୁ ହ୍ରଦ ଗହ୍ୱର ।
ସୀମାହୀନ ଗଗନ କିବା ସୁନ୍ଦର !

ବିହଙ୍ଗ କଲତାନ ବିଜନ ଗୀତ
ଦିବା ନିଶି ପ୍ରଭୁ ହେ ହରଇ ଚିତ୍ତ ।
ବିକଚ କୁସୁମର ପବିତ୍ର ପ୍ରଭା
ନୀଳାକାଶେ ଯେସନ ତାରକା-ସଭା ।
ତରୁ ବଲ୍ଲରୀ ପଶୁ ବିହଙ୍ଗ ସୃଷ୍ଟି
ଆକର୍ଷୁ ମୋର ଶୁଷ୍କ ମାନସ-ଦୃଷ୍ଟି ।
ମାନବ ସମାଜର ଚିର ଜୀବନେ
ନିବେଶେଁ ଅହେ ପ୍ରଭୋ ! ଏ ଭଗ୍ନ ମନେ ।
ଏବେ ଅବଦ୍ଧ ଥିଲା ଏ ମୋ ଜୀବନ,
ଆଲିଙ୍ଗନ କରୁ ସେ ବିଶ୍ୱ ଭୁବନ ।

Digitized by srujanika@gmail.com

ରୋଗୀ ଦୁଃଖୀ ଅତୁର ପାତକୀ ଜନ
ସେବାରେ ନିୟୋଜିତ ହେଉ ଜୀବନ ।
ସ୍ୱଜନ କୁଟୁମ୍ବଙ୍କ ସକଳ ଦୁଃଖ
ହର ହେ ହର ! ହେଉ ମୋହର ସୁଖ ।
ସ୍ୱଦେଶ ସ୍ୱଜାତିର ସେବା ସୁବ୍ରତ
ପାଳନ କରି ପ୍ରାଣ ହେଉ ମହତ ।
ପରାର୍ଥେ ପୁଣ୍ୟ ବ୍ରତ କର ଗ୍ରହଣ
ସ୍ୱାର୍ଥକୁ ଜଳାଞ୍ଜଳି କରେଁ ଅର୍ପଣ ।
ପରାର୍ଥେ ହେଉ ସ୍ୱାର୍ଥ, ପରୋପକାର,
କରଣି ହୃଦେ ହେଉ ମୁଦ ଅପାର ।
ଚଉପାଶେ ପ୍ରେମ୍ୟସୀ-ମୂର୍ତ୍ତି ଦର୍ଶାଇ,
ପରାର୍ଥ-ପଥ ମୋତେ ଦିଅ ସେ କହି ।
ପ୍ରଭୁ ହେ, ତୁମ୍ଭ ଇଚ୍ଛା ଏ ମୋ ଜୀବନ
ଜ୍ଞାତସାରରେ ସଦା କରୁ ପାଳନ ।
ତୁମ୍ଭର ଇଚ୍ଛା ବଳେ ମୁଁ ଦୂରେ ଗଲି,
ଅମୂଲ୍ୟ ରତ୍ନ ହରାଇଣି ବସିଲି ।
ହେ କର୍ତ୍ତବ୍ୟ, ତୁହି ତ ହେଲୁ ମୋ ବାମ,
ତୁହି ମୋ ଧର୍ମ ଅର୍ଥ ତୁହି ମୋ କାମ ।
କର୍ମରୂପୀ ବିଧାତା ବଜ୍ର-କଠୋର,
ଉତ୍ସର୍ଗିଲି ପାୟରେ ସର୍ବସ୍ୱ ମୋର ।
ଯାଅ ପ୍ରଣମ୍ୟ ଏବେ ବିଦାୟ ନିଅ,
ରହୁ ନୀରସ କର୍ମ, ଯାଅ ହେ ପ୍ରିୟ ।
ନିଦାରୁଣ ଶ୍ମଶାନ ଏ ମୋ ଜୀବନ,
କରିବଇଁ ଏଥି ମୁଁ ତପ ସାଧନ ।
ଜଳଉ କର୍ମ-ଯଜ୍ଞ-ଅନଳ ଘୋର,
ନିହବ ଆଜ୍ୟରୂପେ ବାସନା ମୋର ।
କର୍ତ୍ତବ୍ୟ ! ଦେଖିଥିଲି ଜୀବନେ ଥରେ
ପ୍ରାଣେଶ୍ୱରୀର ସେବା ଭୋଗରୂପରେ ।
ଶିଖାଇଛନ୍ତି ସତୀ କର୍ମ-ସାଧନ,
ପରାର୍ଥେ କରି ସର୍ବ ସୁଖ ଅର୍ପଣ

Digitized by srujanika@gmail.com

ପରୋପକାରେ ଥିଲା ତାହାଙ୍କ ସୁଖ,
ଭ୍ରମି ସେ ପଥେ ପାସୋରିବାଇଁ ଦୁଃଖ ।
ମୋର ସେବାରେ ସତୀ କାଟି ଜୀବନ
କରିଇଛନ୍ତି ମୋତେ ପଥ-ଦର୍ଶନ ।
ଧରି ପ୍ରଶାନ୍ତ ସୁବିଷଣ୍ଣ ମୂରତ
ପରୋପକାର ବ୍ରତେ ହେବାକୁ ବ୍ରତୀ ।
ପାଳେଁ କର୍ତ୍ତବ୍ୟ, ଯାଅ ଯାଅ ପ୍ରଶାନ୍ତ,
ହେଉ ଏ ସୃଷ୍ଟି ଶୁଷ୍କ ବୈରାଗ୍ୟମୟ ।
ନାହାନ୍ତି ସତୀ, ନାହିଁ ପୀରତି ଆଉ,
କର୍ମ ସାଧନେ ଶୁଷ୍କ ଜୀବନ ଯାଉ ।
ସଂସାର ନୁହେ ଶର୍ବ, ସଂସାର ସୁଖ
ପଛରେ ଲୁକ୍କାୟିତ ଦାରୁଣ ଦୁଃଖ ।
ପଥିକ ଆଶ୍ରା ପାନ୍ଥଶାଳା ଏ ଭବ,
ବିସୋରି ନର ଏଥି ଲୋଡ଼େ ବିଭବ ।
ପ୍ରିୟଜନ ବିୟୋଗ ଦେଲା ଯେ ଶିକ୍ଷା,
ମନର ମୁହିଁ ଯେହ୍ନେ ସଦ୍‌ଗୁରୁ-ଦୀକ୍ଷା ।
ଗଲା ସଜନୀ, ଯିବ ମୁହିଁ ସେ ଠାବେ,
ଯାଉ କେତେକ ଦିନ ନିଷ୍କାମ ଭାବେ ।
ଲୋଡ଼େ ଯେ ଏ ସଂସାରେ ଶାଶ୍ୱତ ଶାନ୍ତି,
ଭାଙ୍ଗିବ ଦିନେ ତାର ବିଷମ ଭ୍ରାନ୍ତି ।
ସଂସାରେ ନାହିଁ ନାହିଁ ଶାଶ୍ୱତ ସୁଖ,
ନୁହେ ପ୍ରାଣୀର ଲକ୍ଷ୍ୟ ସୁଖ କି ଦୁଃଖ ।
ଦୁଃଖ ସୁଖ ମଧ୍ୟରେ କର୍ତ୍ତବ୍ୟ କର୍ମ
ସାଧିବା ମାନବର ଶାଶ୍ୱତ ଧର୍ମ ।
ପ୍ରଭୁଙ୍କ ଇଚ୍ଛା ପାଳି ନିଷ୍କାମ ଭାବେ
ତରୁ ଭବାବ୍ଧି ନର କର୍ତ୍ତବ୍ୟ-ନାବେ ।
ଏ ମହାଜ୍ଞାନ ହେଲା ପ୍ରିୟବିୟୋଗେ,
ତରିଦିନ ନ ଯାଏ ସୁଖ ସମ୍ଭୋଗେ ।

Digitized by srujanika@gmail.com

ସ୍ୱରୂଚିତ୍ର

Digitized by srujanika@gmail.com

ଉତ୍ସର୍ଗ

ଉଦାରଚରିତ, ସରଳହୃଦୟ, ପବିତ୍ରଚରିତ୍ର, ନିରାଡ଼ମ୍ବର ସ୍ୱଭାବ, ବଦାନ୍ୟପ୍ରବର, ସ୍ୱଦେଶହିତୈଷୀ "ଖଲ୍ଲିକୋଟ କଲେଜ"ର ରକ୍ଷାକର୍ତ୍ତା, "ଖଲ୍ଲିକୋଟ ଟାଉନ ହଲ"ର ପ୍ରତିଷ୍ଠାତା, ଉତ୍କଳ ସାହିତ୍ୟର ଉତ୍ସାହଦାତା, ପାଶ୍ଚାତ୍ୟ ସଭ୍ୟତାଲୋକପ୍ରାପ୍ତ ଖଲ୍ଲିକୋଟ ଓ ଅଷ୍ଟାଦୁର୍ଗାଧିପତି ଚୌହାନ ବଂଶାବତଂଶ ଶ୍ରୀଲଶ୍ରୀଯୁକ୍ତ ରାଜା ଶ୍ରୀ ହରିହର ମର୍ଦ୍ଦରାଜ ଦେବ ମହୋଦୟଙ୍କ ଗୌରବାନ୍ୱିତ ନାମରେ ଏହି "ଗୁରୁଚରଣ" ନାମକ କବିତା ପୁସ୍ତକ ଭକ୍ତି ଓ ସମ୍ମାନସହକାରେ ଉତ୍ସର୍ଗ କଲି ।

ବିନୟାବନତ

ଶ୍ରୀ ନନ୍ଦକିଶୋର ବଳ

Digitized by srujanika@gmail.com

ଭୂମିକା

ମତ୍ପ୍ରଣୀତ "ପଲ୍ଲୀଚିତ୍ର", "ନିର୍ଝରଣୀ", "ସୀତାବନବାସ"; "କୃଷ୍ଣକୁମାରୀ" ଓ "ବସନ୍ତ-କୋକିଳ" ନାମକ ପାଞ୍ଚଖଣ୍ଡି କବିତା ପୁସ୍ତକ ଇତଃପୂର୍ବେ ପ୍ରକାଶିତ ହୋଇ ସମଗ୍ର ଉତ୍କଳବାସୀ ଦେଶଖଣ୍ଡରେ ବିଶେଷତଃ ସମ୍ବଲପୁର ଓ ଗଞ୍ଜାମରେ ଆଦୃତ ହେଉଥିବାରୁ ମୁଁ ବର୍ତ୍ତମାନ ଏହି "ଗୃହଚିତ୍ର" ପ୍ରକାଶ କଲି ।

ସମ୍ବଲପୁର ଓ ଗଞ୍ଜାମ ରାଜନୈତିକ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଥିଲେହେଁ ମୋର ବିଶ୍ୱାସ, ଅକୃତ୍ରିମ ମାତୃଭାଷାନୁରାଗରେ ପ୍ରୋକ୍ତ ଦୁଇ ଜିଲ୍ଲା ଓଡ଼ିଶାକୁ ଜଣି ଅଛନ୍ତି । ମୁଁ ସମ୍ବଲପୁର, ଗଞ୍ଜାମ କାନ୍ତିବାସିଗଣଙ୍କୁ ସର୍ବଦା ଏକ ଓଡ଼ିଆ ଜାତିର ଅନ୍ତର୍ଗତ ବୋଲି ମନେ କରିଥାଏଁ । ରାଜନୈତିକ ଭାବରେ ବିଚ୍ଛିନ୍ନ ହେଲେହେଁ ଆମ୍ଭେମାନେ ସମସ୍ତେ ଏକ ମାତୃଭାଷାରୂପ ପବିତ୍ର ବନ୍ଧନ-ସୂତ୍ରରେ ଆବଦ୍ଧ । ସ୍ୱଦେଶହିତୈଷୀ ସମ୍ବଲପୁର-ଅଧିବାସିବୃନ୍ଦଙ୍କ ପଦାଙ୍କ ଅନୁସରଣ କରି ଆମ୍ଭେମାନେ ସମବେତ ଭାବରେ ବିଚ୍ଛିନ୍ନ-ଉତ୍କଳ ଭୂମିଖଣ୍ଡକୁ ଏକୀଭୂତ କରିବା ସକାଶେ ନ୍ୟାୟଶୀଳ ବ୍ରିଟିଶରାଜଙ୍କ ଠାରେ ବାରମ୍ବାର ଅଳି କଲେ ଭଗବାନଙ୍କ କୃପାରେ ସୁଦିନ ଆସିବ । ଅବାନ୍ତର ହେଲେହେଁ ମୁଁ ଅଦ୍ୟ ପ୍ରାଣର ଚିରପୋଷିତ ବାଞ୍ଛାକୁ ସ୍ୱଦେଶୀୟ ଭ୍ରାତୃମଣ୍ଡଳୀଙ୍କ ନିକଟରେ ପ୍ରକାଶ କରି ନିଜକୁ କୃତକୃତ୍ୟ ମଣିଲି ଏବଂ ବିଚ୍ଛିନ୍ନ ଗଞ୍ଜାମବାସୀ ସ୍ୱଜାତୀୟ ଭ୍ରାତୃବୃନ୍ଦଙ୍କୁ ବିଶେଷ ଭାବରେ ପ୍ରୋକ୍ତ ନିବେଦନପୂର୍ବକ ଜନୈକ ଗଞ୍ଜାମ ଅଞ୍ଚଳୀୟ ସ୍ୱଦେଶହିତୈଷୀ ସାହିତ୍ୟ-ରସିକ ନୃପତିଙ୍କ ନାମରେ "ଗୃହଚିତ୍ର" ଉତ୍ସର୍ଗ କଲି ।

ଡଗରପଡ଼ା
୨ । ୪ । ୧୯୦୨

ପ୍ରଣେତା

Digitized by srujanika@gmail.com

ଉତ୍କଳ

(ଗୀତ ଶଙ୍କରାଭରଣ)

ଶୁଣ ହେ ଉତ୍କଳବାସି ! ନବ-ଆଶା-ଗୀତ
ଶୁଣି ଯାହା ଉଦ୍‌ବୋଧିତ ମୋର କ୍ଷୁଦ୍ର ଚିତ୍ତ ।
ଦେଖୁଥିଲି ମୁଁ ସ୍ୱପନ,
ଶୂନ୍ୟପଥୁଁ ଶୁଭିଲା ଏ ମଧୁର ଗାୟନ ।

ଉଠ ହେ ଉତ୍କଳବାସି ! ବାନ୍ଧ ହେ ସାହସ,
ଚଢ଼ିବ ଯଶ-ସୋପାନେ ଅଶ୍ୱେ ଅଶ୍ୱା କସ,
କେବେ ନିରାଶ ନ ହୁଅ,
ଯୁଝ ଜୀବନ-ସଂଗ୍ରାମ ହେ ଓଡ଼ିଆ-ପୁଅ ।

ଫେଡ଼ି ନେଇ ଚିହ୍ନା ବାରେ ତୋ ପୂର୍ବ-ଗୌରବେ,
ନୁହେ କି ଦୁର୍ଲ୍ଲଭ ତାହା ଏ ନିଖିଳ ଭବେ ?
ଦେଖ ଚିନ୍ତା କର, କବି,
କି ସୁନ୍ଦର ଚିତ୍ରିଛନ୍ତି ଉତ୍କଳର ଛବି !

ପବିତ୍ର ଉତ୍କଳଭୂମି ସୌନ୍ଦର୍ଯ୍ୟଶାଳିନୀ,
ପୁଣ୍ୟବତୀ ଆହା ଯଥା ରୂପସୀ କାମିନୀ,
ଦକ୍ଷ ସ୍ୱର୍ଣ୍ଣକାରକର—
ନିର୍ମିତାଲଙ୍କାରେ ତନୁ କେମନ୍ତ ସୁନ୍ଦର !

କୋଣାର୍କ-ଏକାମ୍ର-ଚିତ୍ର ଅବା ଶ୍ରୀକ୍ଷେତ୍ରର
ସାରା ମେଦିନୀ ମଧ୍ୟରେ ନାହିଁ ପଟାନ୍ତର,
ଅଗଣିତ କୀର୍ତ୍ତିରାଶି
ଶୋଭନ୍ତି ଉତ୍କଳ-ଅଙ୍କେ ଚିହ୍ନ ସାଜେ ସାଜି ।

ଉତ୍କଳର ସ୍ଥାନେ ସ୍ଥାନେ ମନ୍ଦିର ରାଜନ୍ତି,
କାଳ-ସଂହାର-ମୂରତି ଚିହ୍ନି କି ହସନ୍ତି !
ପୂର୍ବ ଗୌରବର କଥା
ହେମବର୍ଣ୍ଣେ ମୁଦ୍ରିତ କି ମନ୍ଦିରଙ୍କ ମଥା ।

Digitized by srujanika@gmail.com

ଉତ୍କଳର ଅଙ୍କେ ଜନ୍ମି ଭଞ୍ଜ ବୀରବରେ
ସାହିତ୍ୟ-ପଟେ ଲେଖିଲେ ଅମର-ଅକ୍ଷରେ
ଦ୍ୱାପଞ୍ଚାଶ କାବ୍ୟଚୟ,
କବିତ୍ୱ-ପାଣ୍ଡିତ୍ୟ-ମେଳ ମୋହନ ବିଷୟ ।

କବିସୂର୍ଯ୍ୟ, ବିଶ୍ୱମ୍ଭର, କବି ଅଭିମନ୍ୟୁ
ତୋଳିଲେ କାବ୍ୟ-କୁସୁମ କବିତା-କାନନୁ,
ଗୁନ୍ଥି ପ୍ରେମ-ପୁଷ୍ପହାର
ଭକ୍ତିଭରେ ଲମ୍ବାଇଲେ ଉତ୍କଳ-ଗଳାର ।

ଭକ୍ତକବି ଜଗନ୍ନାଥ ଗାଇ ବିଷ୍ଣୁନାମ
ଗଙ୍ଗା-ଗୋଦାବରୀ ଯାଏ କଲେ ଦିବ୍ୟଧାମ,
ଘରେ ଘରେ ହରି-ଲୀଳା
ଗୀତ ହୁଏ; ଶୁଣେ ଯାହା ନାରୀ ଶୁଦ୍ଧଶୀଳା ।

କବି କୃଷ୍ଣସିଂହ ପୁଣି କବି ବଳରାମ
ଗାଇଲେ ଅର୍ଜୁନ-କୃଷ୍ଣ ସୀତା-ରାମନାମ,
ଓଜଃସ୍ୱରେ ଭାଷାଦାସ
ଗାଇଲେ ମହାଭାରତ ଶ୍ରୀ ସାରଳାଦାସ ।

ଉତ୍କଳଜନନୀ ବହୁ ବୀରପ୍ରସବିନୀ,
ଦିଗ୍‌ବିଜୟେ ବଙ୍ଗ ଦାକ୍ଷିଣାତ୍ୟ ଥିଲେ ଜିଣି,
ଦିଲ୍ଲୀ-ମୋଗଲ-ସମ୍ରାଟେ
ଅସିମୁନେ ଠେଲି ରଖିଥିଲେ ଶୂରଗୃହେ ।

ବୀରଦର୍ପେ ଟଳମଳ ହେଲା ଉତ୍ତରଦେଶ,
ଥରହର କମ୍ପୁଥିଲେ ବିଦେଶୀ ନରେଶ,
ଲକ୍ଷ ଲକ୍ଷ ଖଣ୍ଡାଯୁତ
ଉତ୍କଳେଶ ତଳେ କଲେ ଦେଶ ସୁଶାସିତ ।

ସର୍ବ-ଧର୍ମ-ଲୀଳାସ୍ଥଳ ଉତ୍କଳ ଶରୀର,
ସାମ୍ୟଧ୍ୱଜା ଉଡ଼ାଇଲେ ଏଥି ବୌଦ୍ଧବୀର
ପ୍ରେମବୀର ଶ୍ରୀ ଚୈତନ୍ୟ
ଗାଇ ହରିନାମ କଲେ ଏ ଉତ୍କଳେ ଧନ୍ୟ ।

Digitized by srujanika@gmail.com

ଉତ୍କଳନଗରଙ୍କୁଁ କେତେ ସାଧୁଭକ୍ତସୁତ,
ଜନମି କରିଲେ ଚିରି ମାତୃକୋଳ ପୂତ,
ପଞ୍ଚସଖା ଆଦି ଭକ୍ତ *
ଘୋଷି ସାମ୍ୟମନ୍ତ୍ର କଲେ ଏ ଦେଶ ପବିତ୍ର ।

ଥିଲା ଯେ ଉତ୍କଳ କାଳେ ଗୌରବ-ନିଧାନ,
ହେଲା ତାହା ଘୋର ଅବସାଦେ ମ୍ରିୟମାଣ,
ଗତ ଗୌରବର ରବି,
ଘୋଟିଲା ଦେଶେ ଦୁଃଖ-ଅମାନିଶା-ଛବି ।

ଜାତି-ଭେଦ ବୁଦ୍ଧି ପୌରୋହିତ୍ୟ-ଅତ୍ୟାଚାର,
ସ୍ୱଦେଶୀନୃପଙ୍କ ହିଂସା ଘୋର ଅନାଚାର,
ବର୍ଗୀ-ମୋଗଲ୍-ପଠାଣ,
କରିଥିଲେ ଓଡ଼ିଶାକୁ ଶ୍ମଶାନ ସମାନ ।

ଶ୍ୱେତଦ୍ୱୀପୁଁ ଆସି ବୀର ଦେବଦୂତ ସମ
ବିଦୂରିତ କରିଛନ୍ତି ଘୋର ଦୁଃଖ-ତମ,
ବହେ ପ୍ରଭାତ-ପବନ
ଆଜି ନ ରହୁ ବିଷାଦ-ନିଦ୍ରା-ନିମଗନ ।

କିଏ ଅଛି ଏ ଉତ୍କଳେ ଉତ୍ସାହୀ ବୀର !
ବହନ ବିନାଶ କରି ଦୁଃଖୀ ଜନନୀର,
ଫେରୁ ଗୌରବ-ତପନ,
ହସୁ ଉତ୍କଳ-ମାତାଙ୍କ ପଙ୍କଜ-ଆନନ ।

---

* ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ଉତ୍କଳ ଭାଗବତ ପ୍ରଣେତା ଜଗନ୍ନାଥ-ଦାସ ଏବଂ ଉତ୍କଳ ରାମାୟଣ ପ୍ରଣେତା ବଳରାମ ଦାସ, ଏହି ପାଞ୍ଚ ସାଧୁ "ବୈଷ୍ଣବଙ୍କର ପଞ୍ଚସଖା" ନାମରେ ଉତ୍କଳରେ ପ୍ରସିଦ୍ଧ । ପ୍ରଥମୋକ୍ତ ତିନ ଜଣଙ୍କ ବୃହତ୍ ଗ୍ରନ୍ଥସବୁ ଅପ୍ରକାଶିତ ରହିଅଛି ।

Digitized by srujanika@gmail.com

ପ୍ରଭାତ

ସୁପ୍ତ, ବିନିଦ୍ରିତ, ଏବେ ନିଖିଳ ଧରଣୀ
ଉତ୍କଣ୍ଠ କଳ୍ପନା ଶୁଣେ ଶୂନ୍ୟେ ଦିବ୍ୟଧ୍ୱନି,
ବାଜଇ କି ଦିବ ଯନ୍ତ୍ର, ମୃତସଞ୍ଜୀବନୀ-ମନ୍ତ୍ର
ଉଠାଇ ବିଶ୍ୱ-ବିଧାତା, ତାଳ ଶାନ୍ତିବାରି,
ବରଷନ୍ତି ଜ୍ଞାନାମୃତ ସର୍ବମୋହହାରୀ ।
ପ୍ରଶାନ୍ତ ପବନ ଏ ଯେ ନିଶାନ୍ତ-ସମୟ,
ମନ୍ଦ ମନ୍ଦ ବହୁଅଛି ସୁସ୍ନିଗ୍ଧ ମଳୟ,
ଯେନ ଲଲାଟ ବିମଳ ଶତବୃତ୍ତି ସୁନିର୍ମଳ
ଜାଗ୍ରତ ମାନବକୁଳ ଘେନି ନବବଳ;
ଭୟେ ପଳାନ୍ତି ଉଲୂକ ନିଶାଚରଦଳ ।

ପୂର୍ବାଶା-ଲଲାଟେ ଶୋଭେ ଶୁଭ୍ର ଶୁକତାରା,
ବରଷେ କି ବିଶ୍ୱଧାମେ ଅମୃତର ଧାରା !
ପ୍ରାଚୀନଭ-ସିନ୍ଦୂରିମା ପ୍ରକାଶେ ଶୋଭାଗରିମା,
ଧନ୍ୟ ଧନ୍ୟ ପ୍ରକୃତି ଗୋ ଧନ୍ୟ ଗୁରୁଶୀଳା,
କେ ବର୍ଣ୍ଣି ପାରିବ ତୋର ଅପରୂପ ଲୀଳା !
ଶୁଣିଲଣି ବାୟସର କାଆ କାଆ ସ୍ୱନ,
ଶଯ୍ୟା ତେଜି ଉଠ ଏବେ ରେ ଅଳସ ମନ ।
ସୁକୁମାରୀ ବଧୂଗଣ ତେଜି ପତି-ଆଲିଙ୍ଗନ
କରନ୍ତି ସେ ଅନ ମନେ ନିତ୍ୟକର୍ମମାନ ।
ଦୂରୁ ଶୁଭେ ତାମ୍ରଚୂଡ଼-ଉଚ୍ଚତାନମାନ ।
ପୂର୍ଣ୍ଣଭାବେ ପ୍ରଭାତନ୍ତି ଏବେ ନିଶୀଥିନୀ,
କି ବସନ ସାଜେ ଅହା ସାଜିଛି ମେଦିନୀ !
ପ୍ରାଚୀ-କୋଳେ ବାଳରବି ଉଇଁ ବର୍ଷେ ଗୁରୁ ଛବି
ବିସ୍ତାରଣି, ଦେଲା ତାଙ୍କୁ ନୂତନ ଜୀବନ,
ନବପ୍ରାଣ ଲଭି ସତେ ହସେ କି ଭୁବନ !

Digitized by srujanika@gmail.com

କହି ପାର ମନୁଷ୍ୟ ତହିଁ କେବଣ ଉଦ୍ଦେଶ୍ୟେ
ଥିଲ ଏ ପ୍ରାଣିଜଗତ ଘୋରନିଦ୍ରାବେଶେ ?
ଯେସନ ତନୟାସୁତ କବିର ନିଦ୍ରାଭିଭୂତ
ପ୍ରିୟସଖୀ ସଙ୍ଗେ ରମେ ବିଶ୍ରାନ୍ତା ରମଣୀ,
ଶାନ୍ତି-ସହ ଥିଲେ ତେହ୍ନେ ଧରଣୀ-ଜନନୀ ?
ଅବା ଯେହ୍ନେ ସୁଚତୁର ମୀତଙ୍କ ନୃପତି
ସୁଗୁପତେ ସଭା କରି ମନ୍ତ୍ରଣା କରନ୍ତି,
ତେସନ ସୁରସମାଜ ସମାଧନେ ସୃଷ୍ଟିକାର୍ଯ୍ୟ
ବସନ୍ତି ଆକାଶେ ଆସି ଚନ୍ଦ୍ରତାରାରୂପେ;
ନ ବୁଝେ ମାନବ ପଶୁ ଭବ-ଅନ୍ଧକୂପେ !
ନୀଡ଼ ଛାଡ଼ି ନାନାବିଧ ବିହଙ୍ଗମାବଳୀ
କଳରବେ କରୁଛନ୍ତି ମଧୁର କାକଳୀ,
ଏକ ଦିଗୁଁ ଦିଗାନ୍ତରେ ଏକ ବୃକ୍ଷୁ ବୃକ୍ଷାନ୍ତରେ
ଗମନ୍ତି, ବସନ୍ତି, ପୁଣି କରନ୍ତି କୂଜନ,
କେ କହି ପାରିବ କାହିଁପାଇଁ ଘନଘନ !

ଲତା-ଦ୍ରୁମେ ସୁଶୋଭିତ ପୁଷ୍ପପଲ୍ଲବର
ମିହିକା ଦିଶଇ ଅହା କେମନ୍ତ ସୁନ୍ଦର !
ପତି-ବିରହ-ଶୋକରେ ତ୍ରିଯାମା ସ୍ୱଲୋଚନରେ
ସିକ୍ତ କରିଥିଲା କିଏ ଧରଣୀର କାୟା ?
ତନୁ ବିସର୍ଜିଲା ପୁଣି ତେଣୁ ନିଜ ମାୟା !
ଦେବାଳୟେ ହେଉଅଛି ମଙ୍ଗଳ-ଆରତି ।
ଆରତି-ବାଜଣା ଜୋରେ ବାଜୁଅଛି ଅତି ।
ଘଣ୍ଟା ବାଜେ ଘଣ୍ଟ ବାଜେ ତୁରୀ ଭେରୀ ଶଙ୍ଖବାଜେ,
ଅସ୍ଫୁଟେ ଶୁଭଇ ପୁଣି ଆରତି-ଗାୟନ,
ସେ ଗୀତ ଶ୍ରବଣେ ମୋର ଦ୍ରବିଯାଏ ମନ !
କାହିଁ କ୍ଷୁଦ୍ର ପକ୍ଷୀଗ୍ରାମେ ତଟିନୀର ତଟେ
ତରୁ-ଶାଖେ ବିହଙ୍ଗମ ମଧୁ ତାନେ ରଟେ !

Digitized by srujanika@gmail.com

ଉର୍ଦ୍ଧ୍ୱେ ବିଶାଳଗଗନେ ପ୍ରଭାତର ଆଗମନେ,
ହିଲ୍ଲୋଳେ ଛଟିଣିବଷ ସୁଧୀର ସମୀର
ଜାଗ୍ରତ ନିସର୍ଗଡାକେ ସୁପ୍ତ କୁଟୀର ।
ଲଲାଟେ ସିନ୍ଦୂରଟୋପା ଗ୍ରାମସୀମନ୍ତିନୀ
ଗୌର-ଅଙ୍ଗୀ ଶୁଭ୍ରବସ୍ତ୍ରା ନୀଳ କୁନ୍ତଳିନୀ
ଘେନି, ନିଜନିତ୍ୟଧର୍ମ ପରିବାର ଶୁଭ-କର୍ମ
ସମ୍ପାଦନ ଅଣେ ହୋଇ ଉଭା ଗୃହପାଶ
ମଧ୍ୟେ ମଧ୍ୟେ ମାରେ ଧନୀ ମୃଦୁ ମନ୍ଦ ଶ୍ୱାସ ।
ଅରୁଣ ସିନ୍ଦୂର-ଟୋପା ଉଷାସୀମନ୍ତିନୀ
ଶୁଭ୍ରଦିଗବସ୍ତ୍ରା ନୀଳନଭ କୁନ୍ତଳିନୀ
ଘେନି, ବିଶ୍ୱହିତବ୍ରତ କରିବେ କି ଧ୍ୟେବ ନିରତ,
ଏ ଉଦ୍ଦେଶ୍ୟେ ଉଭା ଧନୀ ବିଶ୍ୱଗୃହପାଶ,
ସୁରଭି ପ୍ରଭାତ-ବାୟୁ ଅଟେ କି ତା ଶ୍ୱାସ ?

ଶୁଣ କର୍ଣ୍ଣ ଡେରି ବାରେ ଜୀବନ-ସଙ୍ଗୀତ,
ହୁଏ ଯାହା ଇଚ୍ଛା-ରଜ୍ଜୁଁ ଯୁଡେ ଉଦ୍‌ବୋଧିତ,—
"ହେ ଜଗତ-ଅଧିବାସି ! ବିସର୍ଜି ଆଳସ୍ୟରାଶି
ସାଧ କର୍ମଯୋଗ, ଯେବେ ତରି ଭବାର୍ଣ୍ଣବ
ଭୁଞ୍ଜିବ ଶାଶ୍ୱତ ଶାନ୍ତି ବୈକୁଣ୍ଠବିଭବ ।"

ମଧ୍ୟାହ୍ନ

ସ୍ଥାଣୁ-ଶିଖୁଁ ଶୁଭୁଅଛି ଶଙ୍ଖଚିଲ-ସ୍ୱନ,
ଟାହିଁ ଟାଏ ଟମକୁଛି ନିଖିଳ ଭୁବନ ।
ଉଷ୍ଣ ଉଷ୍ଣ ବହୁଅଛି ତପତ ପବନ,
ସ୍ଥିରପକ୍ଷ ଚିଲ୍ ଦିଶେ ଭ୍ରୂଲତା ଯେସନ ।
ଧୀରେ ଧୀରେ କମ୍ପୁଅଛି ଅଶ୍ୱତ୍ଥ ବିଟପୀ,
(କୁଣ୍ଡୁଳିଏ ଚଢ଼ୁଛନ୍ତି ଯହିଁ ଛପ ଛପି ।)

Digitized by srujanika@gmail.com

ଝିମେଇଁ ଝିମେଇଁ ଝୁଲେ ବଗ୍ରହ ଗ୍ରଷପ.
ତୋଳାଇ ପଡ଼ୁଛୁ କବା ହୋଇ ନିଶାବଶ !
ଦୋହୋଲଉ'ଛନ୍ତି ଦ୍ରୁମେ ଦୀର୍ଘ ଘନ ଡାଳ
ବାହୁ ସଞ୍ଚାଳନ୍ତି କବା ପ୍ରେତ ବକଟାଳ ।
ଏକ ବୃକ୍ଷ ଶାଖା ସ୍ପର୍ଶେ ଆନ ବୃକ୍ଷେ ନଇଁ,
ବିକଟ ହେସ୍ୟ କବା ହୋନ୍ତି କହା କହ୍ଭ ।
ଗମ ଗମ ବହ୍ନ ଯାଏ ଅପଘନ୍ଲ ସ୍ୱେଦ,
ସମଗ୍ର ବ୍ରହ୍ମାଣ୍ଡ କବା ଲଭୁଛୁ ନିର୍ବେଦ !

ସନ୍ଧ୍ୟା

ବୁଡ଼ଅଛୁ ଭାଅଣିଆ ଖର୍
ହୋଇଛୁ ଦନର ଅବସାନ,
ଅଳସ ଅବଶ ଏବେ ଧର୍,
ଅବସନ୍ନ ପ୍ରକୃତି-ପରାଣ ।

ହୃଦୟ୍ଭିତ ନଦୀ-ସୈକତରେ
ଦୀର୍ଘ ଛାୟା ଦଗନ୍ତପଟରେ
ମିଶି ଯାଇଅଛୁ ନୀରବରେ,
ହେମପଦ୍ମ ଭାନୁ ଅସ୍ତମାନ ।

ଦବସର କୋଳାହଳ ନାହିଁ,
ପକ୍ଷୀ ଉଡ଼ ଗୃଲ୍ ଗଲ କାହିଁ !
ବଗତ ଜୀବନମୁଖେ ଗୃହିଁ
ଶୁଣି ଶୁଣି ସ୍ତୁତି ଗାଏ ଗାନ ।

ସନ୍ଧ୍ୟାଦେବୀ ଧୂସର-ଅମ୍ବର
ଢେଙ୍କି ଗୃଲ୍ ଯାଉଛନ୍ତି ଧର୍,
ଆସିଛନ୍ତି ନିଶି କୃଷ୍ଣାମ୍ବରା,
ବାହ୍ ନୁହେ ଅଉ ବଡ଼ ସାନ ।

Digitized by srujanika@gmail.com

ବହ ବହ ପ୍ରଦୋଷପବନ
କରେ ତୁମେ ପଥ ସଞ୍ଚାଳନ,
ପ୍ରକୃତିର ଜ୍ୟୋତ୍ସ୍ନା ଘନ ଘନ
ଅନନ୍ତକୁ କରଇ ପ୍ରୟାଣ ।

ଚେତନା ଲଭନ୍ତି ଦୂର ବନେ,
ଶାନ୍ତ ଅପି ଘୋଟିଅଛି ମନେ ।
ଶାନ୍ତି-ଦେବୀ ଅନନ୍ତ ଗଗନେ
କରୁଛନ୍ତି ଅନନ୍ତର ଧ୍ୟାନ ।

ଅରେ ମୋର ଶାନ୍ତ ମୁଗ୍ଧ ମନ,
କାହିଁ ଦୂରେ କରୁ ରେ ଭ୍ରମଣ ।
ଫେଡ଼ ବାରେ ଜ୍ଞାନର ନୟନ,
କର୍ମସ୍ରୋତେ ନୁହ ଭାସମାନ ।

ନିଶୀଥ

—୧—

ଦେଖ ଏ ନିଶୀଥକାଳ କେମନ୍ତ ନୀରବ,
ସ୍ଥିର ବନନ୍ଦ୍ରିତା ଏବେ ନିଖିଳ ଧରଣୀ,
ନାହିଁ ନରକୋଳାହଳ, ନାହିଁ ପକ୍ଷୀରବ,
ସୁଖସ୍ୱପ୍ନ ଦେଖି ହସେ ସୁପ୍ତା ଅବନୀ ।
ନିନାଦ କରନ୍ତି ମଧ୍ୟେ ମଧ୍ୟେ ନିଶାଚର,
ପଲ୍ଲବେ ଶବଦ ପୁଣି ହେଉଛି ସ୍ତମ୍ଭିତ;
(ଧରଣୀ-ଅଙ୍ଗନା କିବା ଲେଉଟାଏ କର)
ପୂର୍ବ ନୀରବତା ତହୁଁ ହୁଏ ଦ୍ୱିଗୁଣିତ ।
ଏହି ଯେ ବାଟପିପନ୍ତି ନିଶ୍ଚଳ ନୀରବ
ନିଶୀଥ ଗଗନ ଭେଦ ଠେକିଛନ୍ତି ମଥା,
ପ୍ରଗ୍ଲଭନ୍ତି ନାହିଁ କି ସେ ଜ୍ଞାନ ଅଭିନବ,
କଳ୍ପନା-କର୍ଣ୍ଣରେ ଚେଏ କି ନ କହନ୍ତି କଥା ?

Digitized by srujanika@gmail.com

ସୁମନ୍ଦ-ସମୀର ବ୍ୟାଜେ ଏ ମୋର ବିଶ୍ୱାସ
ପ୍ରକୃତି-ରମଣୀ ଖେଳେ ମାରଇ ନିଶ୍ୱାସ ।

—୨—

ମୋହିଁ କଳ୍ପନାର ନେତ୍ରେ ଅନାରେ ମାନବ,
ନୁହେ ଏ ଜଗତ କେବେ ଜଡ଼ର ସର୍ଜନା;
ଭାବର ସମ୍ଭାର ଏ ଯେ ଚିର ଅଭିନବ,
"ଧୂଳିର ସହିତ ମିଶ୍ର"—ଭାବ ନା ଭାବ ନା ।
ଊର୍ଦ୍ଧ୍ୱେ ଦୀପ୍ତିର ଅର୍ଣ୍ଣବେ ବାରଦ-ବୋଇତ
ଭାସି ଚାଲି ଯାଉଛନ୍ତି କାହିଁ ଦିଶେ ଦିଶେ;
ଅସଂଖ୍ୟ ଜ୍ୟୋତିଷ୍କ କତ ନଭ ଉଦ୍ଭାସିତ,
ଅବିଶ୍ରାନ୍ତ ଭ୍ରାମ୍ୟମାଣ ଅଜ୍ଞାତ ଉଦ୍ଦେଶେ ।
ଅନନ୍ତ ଅପାର ଏ ଯେ ସୁନୀଳ ଗଗନ,
ଏ ବିଶ୍ୱସୃଷ୍ଟି-ପ୍ରାରମ୍ଭୁ ପ୍ରସାରିଛି କାୟା,
କି ଅଶବ୍ଦ ସାମଗୀତ କରେ ସେ ଗାୟନ,
ଭୂମା ବରେଣ୍ୟ ଦେବର କି ବିରାଟ ଛାୟା !
ଏ ସବୁ କେବଳ କି ହେ ଅଣୁର ସଂସାର,
ନୁହଇ କି ପ୍ରାଣମୟ ଚୈତନ୍ୟ-ଆଗାର ?

ଆକାଶ

—୧—

ହେ ନଭ ସୁନୀଳ ସୁନ୍ଦର,
ଅସଂଖ୍ୟ ଗ୍ରହଙ୍କର ଘର ।
ରବି, ଚନ୍ଦ୍ରମା, ଧରା, ତାରା,
ପବନ, ବରଷାର ଧାରା,
ତୋ ମଧ୍ୟେ ସମସ୍ତଙ୍କ ବାସ
ଅହା କି ସୁନ୍ଦର ଆକାଶ !

—୨—

ହେ ବ୍ୟୋମ ଅନନ୍ତ ଅସୀମ,
ଅପାର ଅଚିନ୍ତନ ଭୀମ;
କ୍ଷୁଦ୍ର ମୁଁ ବୁଝିବା ସକାଶ
ସସୀମ ଦିଶୁ କି ଆକାଶ ?
ସୁନୀଳ ଶିଳଣି ସମାନ,
ହେଉ ଅନନ୍ତ ଦୃଶ୍ୟମାନ;

Digitized by srujanika@gmail.com

ଯେତେକ ହୁଏ ଯାଏ ମୂର୍ଦ୍ଧ
ସେତେକ ଘୁଞ୍ଚି ଯାଉ ଊର୍ଦ୍ଧ୍ୱ ।
ମୋତେ ତୁ ଜାଣି କ୍ଷୁଦ୍ରମନା
କରୁ କି ବ୍ୟୋମ ପ୍ରବଞ୍ଚନା ?
ତୁ ଅଟୁ ମହାନ ଅମ୍ବର,
ମୁଁ ଅଟେ ଅତି କ୍ଷୁଦ୍ର ନର
ଅହେ ! ବିଶାଳ ବିହାୟସ,
ଛଳାଇ କ୍ଷୁଦ୍ରେ କେଉଁ ଯଶ ?
ଅଥବା ନୁହେଁ ଏ ଅକୀର୍ତ୍ତି,
ମହତ ଜନର ଏ ରୀତି;
ପାଣ୍ଡିତ୍ୟ ତେଜେ ଜ୍ଞାନୀ ଜନ
ମୋହନ୍ତି ଶିଶୁ-ଜନ-ମନ;
ଶିଶୁ ବଞ୍ଚିତ ହେଲେ ଜ୍ଞାନେ,
ଜ୍ଞାନୀଙ୍କୁ ଶ୍ରେଷ୍ଠତର ଜାଣେ;
ଯେତେ ସେ ହୁଏ ଅଗ୍ରସର
ଜ୍ଞାନୀଙ୍କୁ ଦେଖେ ଦୂରତର;
ପ୍ରବୀଣ ଜ୍ଞାନୀ ବ୍ୟୋମ ତୁହି,
ଅନନ୍ତ ରାଜ୍ୟେ ଶିଶୁ ମୁହିଁ ।

—୩—

ନୀଳ ଲୋହିତ ପୀତ ରଙ୍ଗ
କରେ ଶୋଭା ତୋ ଶୁଭ୍ର ଅଙ୍ଗ
ଅସଂଖ୍ୟ-ତାରକା-ଖଚିତ,
ହେ ଅନ୍ତରୀକ୍ଷ କି ଶୋଭିତ !
ସନ୍ଧ୍ୟା, ପ୍ରଦୋଷ, ନିଶା, ଉଷା,
ପିନ୍ଧୁ ତୁ ଆନ ଆନ ଭୂଷା ।
ଗ୍ରୀଷ୍ମ, ବରଷା, ଶରତ,
ହେମନ୍ତ, ଶିଶିର, ବସନ୍ତ,
ଷଡ଼-ଋତୁରେ ଦେଶେ ଦେଶେ
ସାଜୁ ତୁ ନବ ନବ ବେଶେ ।

ଦିବସେ ବାସର-ସଜନ ;
ଲଭନ୍ତି ବିଜୟ-ଗମନ ।
ପ୍ରଦୋଷେ ଲୋହିତ ଅମ୍ବର
ଉଡ଼ାଇ ତାଳ ରକ୍ତକର ।
ନିଶୀଥେ ଚନ୍ଦ୍ର ତାରାରାଶି
ହସନ୍ତି ତୋ ଦୁଆରେ ଆସି
ନିଶାନ୍ତେ ପିନ୍ଧି ଶୁକ୍ଳଭୂଷା,
ତୋ ଘରେ ଦେଖା ଦଏ ଉଷା ।
ଗ୍ରୀଷ୍ମେ ପ୍ରଚଣ୍ଡ ମାର୍ତ୍ତଣ୍ଡ
ବୃଷାଇ କିରଣ ପ୍ରଚଣ୍ଡ ।
ଦିବସେ ଘୋର ଧୂଳି ଉଡ଼ି,
ତୋର ଉଦରେ ଯାଏ ବୁଡ଼ି ।
ରାତରେ ଚନ୍ଦ୍ର ତାରାରାଶି,
ଖେଳନ୍ତି ତୋ ବକ୍ଷରେ ଭାସି ।
ବରଷା ଆସିଲାରୁ ଘନ
ତୋ ମୁଖେ କରେ ଆଚ୍ଛାଦନ ।
ବିବିଧ ବାରିଦର ପନ୍ତି
ତୋ ବକ୍ଷେ ଭାସିଣ ଗମନ୍ତି ।
ମାର୍ତ୍ତଣ୍ଡ ବିପରୀତ ଦିଶେ
ତ୍ରିବର୍ଣ୍ଣୀ ଇନ୍ଦ୍ରଧନୁ ଦିଶେ ।
ଚପଳା କନକ-ପ୍ରଭାରେ
ରହି ରହିଣ ଉଙ୍କି ମାରେ ।
ଘଡ଼ଙ୍କି ଘଡ଼ ଘଡ଼ଘଡ଼ି,
ରଡ଼ଇ ଛାଡ଼ି ଘୋର ରଡ଼ି ।
ବହଇ ଶୀତଳ ପବନ,
ହୁଅଇ ବାରିର ପତନ ।
ପଡ଼ିଲେ ମଡ଼େ ଟିପି ଟିପି,
ହୁଅଇ ଭୂମି ଛପି ଛପି ।

Digitized by srujanika@gmail.com

ତା ପଛେ ଝରଇ ଝର୍ଝର
ବରଷା ଧାର୍ ଖରତର ।
ପଛତ ବରଷାର ଧାର
କ୍ଷିତିରେ ଖୋଲଇ ମାଧୁରୀ ।
ପ୍ରବାହ-ନଦୀ-ନାଳାଙ୍କରେ
ବହଇ ଜଳ ପାରିବାରେ ।
ଶରତେ ନିର୍ମଳ ଚନ୍ଦ୍ରମା
ପ୍ରକାଶେ ଅତୁଳ ସୁଷମା ।
ହେମନ୍ତ-ପ୍ରଭାତେ କୁହୁଡ଼ି
ଘୋଟନ୍ତେ ଆଶା ଯାଏ ବୁଡ଼ି ।
ଉଦିତ ହୁଅନ୍ତେ ତପନ
ଝରେ କୁହେଳି ପଳାୟନ ।

ମୋହ-କୁଜ୍ଝଟି ହୃଦାକାଶେ
ଏସନେ ପୁଣ୍ୟ-ଆଶା ଗ୍ରାସେ ।
ବିବେକେ ପ୍ରକାଶନ୍ତେ ପ୍ରଭୁ
ପଳାଇ ଯାଏ ପାପ୍ ସବୁ ।
ଶିଶିରେ ଦଗ୍ଧ ପାଣ୍ଡୁବର୍ଣ୍ଣ
ଜରା ଗ୍ରାସିଲେ ଯେସନ୍ତେ ଜନ ।
ବିମଳ ପୁଣି ତୁ ବସନ୍ତେ
ସିଦ୍ଧାତ୍ମା ଯେସନ୍ତେ ମୁକ୍ତି-ଅନ୍ତେ ।
ବିରବ ସୁନ୍ଦର ଅମ୍ବର
ଅନନ୍ତ ଉପମାର ଘର ।
କହ ଆକାଶ କହ ମୋତେ
ଦେଲ ଏ ରୂପ କିଏ ତୋତେ ?

ପୁଷ୍ପ

ଅତୁଳ ସୌନ୍ଦର୍ଯ୍ୟସୃଷ୍ଟି ତୁହି ରେ ସୁମନ,
ତୋହ ସଙ୍ଗେ ହୁଏ ଭବେ ଦୁଇଟି ତୁଳନ—
ଶିଶୁର ନିର୍ମଳ ସୌମ୍ୟ ବଦନମଣ୍ଡଳ,
ସତୀର ପବିତ୍ର-ପ୍ରେମ-ସିକ୍ତ ଗଣ୍ଡସ୍ଥଳ ।
ସ୍ୱର୍ଗୀୟ ଶୋଭାର ସୃଷ୍ଟି ଜଗତେ ଅତୁଳ,
ନିଖିଳ-ସୌନ୍ଦର୍ଯ୍ୟ-ସାର ଏକାଧାରେ ଫୁଲ ।
ରାଜଲକ୍ଷ୍ମୀ ନୁହନ୍ତି ତ ସର୍ବଦା ସୁଲଭା,
ସୁପ୍ରସିଦ୍ଧା ଯେଣୁ ଧନୀ ସୌଭାଗ୍ୟବଲ୍ଲଭା ।
କିନ୍ତୁ ତୁହି ପ୍ରସୂନ ରେ ସାଧାରଣ ଧନ,
ତୋତେ ଦେଖି ମୁଗ୍ଧ ହୁଏ ସର୍ବଜନ ମନ ।
ନାହିଁ ଯାର ରାଜ୍ୟସୁଖ ପାର୍ଥିବ ବିଭବ
ତୋତେ ଦେଖି ଭୁଞ୍ଜେ ସେହି ସୁଖ ଅଭିନବ ।

Digitized by srujanika@gmail.com

ନାହିଁ ଯାର ନର ଶିଶୁ ଅବା ସତୀ ନାରୀ
ତୋଠାରେ ପାଇ ତୃପ୍ତ ହୁଏ ପରାଣ ତାହାର ।
ତମିର-ଅଚ୍ଛନ୍ନ କାରା ଦୁଃଖିର ସଂସାର,
ସେ କାରାଭବନେ ତୁହି ମୟୂଖର ଧାର ।
ପଥବଣା ହୋଇଣ କି କେଉଁ ଦେବକନ୍ୟା
କରୁଅଛୁ ପାପପୂର୍ଣ୍ଣ ଭବଭୂମି ଧନ୍ୟା !
ଦୁଷ୍ମନ୍ତ-ଚିନ୍ତା-ନିମଗ୍ନ ଅବା ଶକୁନ୍ତଳା
ଦ୍ୱିତୀୟ ଦୁର୍ବାସାଶାପେ ପୁଷ୍ପ ହୋଇ ଗଲା !
ଅହେ ପୁଷ୍ପ ବନସ୍ଥର ଅଟୁ ଅଦରଶ,
ତୋର ଦରଶନେ ମନେ ଜନ୍ମେ ହରଷ ।
ତୋ ରୂପ ସଙ୍ଗରେ ନାହିଁ ତୁଳନା ଏ ଭବେ,
ସେଥି ପାଇଁ ଗରବ ତ ନାହିଁ ତୋର ଲବେ ।
ନୀରବ ଭାବରେ ପ୍ରୀତି ଜନମନ ହରୁ,
ହସି ହସି ନମ୍ରଭାବେ ସ୍ୱକର୍ତ୍ତବ୍ୟ କରୁ;
ଯଥାକାଳେ ହେଉ ପୁଣି ବୃନ୍ତଚ୍ୟୁତ ପତିତ,
ସମସ୍ତ ନଶ୍ୱର ଏହା ଶିଖାଉ ଜଗତ ।

ଘଟନା-ସୂତ୍ରରେ ଆସି ଠେକିଛୁ କି ଶିର,
ନ ସାଧି ଜୀବନବ୍ରତ ତେଜିବୁ ଶରୀର ?
ନୁହେ କି ଉଦ୍ଦେଶ୍ୟପୂର୍ଣ୍ଣ ଅସ୍ତିତ୍ୱ ତୋହର,
ନୋହୁ କି ଅତୁଳ ସୃଷ୍ଟି ବିଶ୍ୱକର୍ମାଙ୍କର ?
ଦକ୍ଷିଣରୁ ମନ୍ଦ ମନ୍ଦ ବହୁଛି ପବନ,
ଇତସ୍ତତଃ କରୁଅଛି ତୋତେ ଆନ୍ଦୋଳନ ।
ଯେ ଛବି ଦେଖି ମନକୁ ଏମନ୍ତ ଆସୁଛି
ତୁଠେ ମୁଗଧ ବାୟୁ ପ୍ରେମ ଭିକ୍ଷା କି କରୁଛି ।
ପବିତ୍ର ସତୀତ୍ୱ-ଧର୍ମ ସୁରକ୍ଷିବା ପାଇଁ
ପବନକୁ ଅଙ୍ଗଭଙ୍ଗୀ କହୁ "ନାହିଁ ନାହିଁ ।"
ସେ ଲକ୍ଷ୍ୟୁର ବୈରାଗ୍ୟରୁ ଶିଖେ ମୁଗଧ ନର
ପାପପାଇଁ ସୃଷ୍ଟି ନୁହେ କେବେ ସୌନ୍ଦର୍ଯ୍ୟର ।

Digitized by srujanika@gmail.com

ଗୃହ ମୁକ୍ତି ଅଟୁ ତୁ ରେ ସୁନ୍ଦର ସୁମନ,
ସଜନ ସ୍ଥାନରେ ବଦ୍ଧ ମୋହ ପ୍ରାଣିମନ,
କିନ୍ତୁ ପୁଷ୍ପ କି ଉଦ୍ଦେଶ୍ୟେ ନିର୍ଜନ ପ୍ରଦେଶେ
ଫୁଟି ତୋଷୁ କାହା ମନ ସୁବାସେ ସୁବେଶେ ?
ଘୋର ଗହନ କାନନେ ପର୍ବତ କନ୍ଦରେ,
ଗଭୀର ଗହ୍ୱରେ କିମ୍ବା ବିସ୍ତୀର୍ଣ୍ଣ ପ୍ରାନ୍ତରେ
ନାହିଁ ଘର ଗ୍ରାମ ଯହିଁ ନରକଣ୍ଠଶବ୍ଦ,
ଅବା ଯହିଁ ନ ଶୀଡ଼ଇ ତୋ ବନ୍ଧୁ ଷଟ୍‌ପଦ,
ଚଳ ଚଳ ପ୍ରୀତି ତୋର ଜନ୍ମରେ କା ପ୍ରତି,
ନିର୍ଜନ ପ୍ରଦେଶେ କରୁ କାହାକୁ ଭକତି ?
କହ ପୁଷ୍ପ ଅଟେ ତୋର କିଏ ପ୍ରାଣନାଥ,
ବିପଦ କାଳରେ ତୋତେ କିଏ ଦିଏ ସାଥ ?
ମାଡ଼େ ଯେବେ ଖର ସ୍ରୋତ ବିଶ୍ୱପରମାଦୀ,
ବହଇ ଝଞ୍ଜା ପବନ ଗମ୍ଭୀରେ ନିନାଦ,
ଟଳି ଟଳି କାହା କୋଳେ ଲୁଚୁ କହ ମୋତେ,
ଅଶବଦ ଶବଦେ ସେ କି ବୋଧନ୍ତି ତୋତେ ?

କହ ପୁଷ୍ପ ପ୍ରାଣପତି କାହିଁ ତୋ ଅଛନ୍ତି,
କି ଭାବେ ସେ ଏ ବିଶ୍ୱର ଶୁଭ ଆଚରନ୍ତି ?
କାହାନ୍ତି ସେ ଶାନ୍ତି ମୂର୍ତ୍ତି ପ୍ରେମର ଆଧାର
ଯା ବିହୁନେ ଏ ଜୀବନ ସ୍ୱପନ-ଅକାର ?
କାହିଁ ସେ ଅଗମ୍ୟ ଉଚ୍ଚ ଆରେ ପୁଷ୍ପବର
ଯହୁଁ ସମ୍ଭବଇ ସୃଷ୍ଟି ତୋହର ମୋହର ?
କି ଉଦ୍ଦେଶ୍ୟେ ସୃଷ୍ଟ ଏହି ମାନବ ଜୀବନ
କେଉଁ ଗମ୍ୟ ସ୍ଥାନେ ବିଶ୍ୱ କରଇ ଗମନ ?

Digitized by srujanika@gmail.com

ମାନବ

ଜଟିଳ-ସମସ୍ୟା ଅଟେ ମାନବଜୀବନ,
ଯାହା ଭାବି ସ୍ତବ୍ଧ ହୁଏ ମୋର ପ୍ରାଣ ମନ ।
ସ୍ୱର୍ଗୀୟ ନାରକ ଭାବ ଠୁଳ ଏକାଧାରେ,
ଦୁଇ ପାର୍ଶ୍ୱେ ଶୋଭେ ତାର ଆଲୋକ ଅନ୍ଧାରେ ।
କେତେବେଳେ କେଉଁ ଭାବ ଦେଖାଏ ମାନବ —
ନରକ-ଦୁସ୍ପୃଷ୍ଟ ପୁଣି ତ୍ରିଦିବ-ବିଭବ ।
ଧନ୍ୟ ହେ ଅଦ୍ଭୁତ ବସ୍ତୁ ନମସ୍କାର ତତେ,
ତୋ ଗୂଢ଼ ରହସ୍ୟ ମୁହିଁ ବୁଝିବି କେମନ୍ତେ !
ଶ୍ରୀମକାନ୍ତସମାବେଶ ଏକତ୍ରେ ମନୋହର—
ସାହସ, ସାଧୁତ୍ୱ ପୁଣି ତିତିକ୍ଷା, ବିକ୍ରମ,
ପବିତ୍ର ଦାମ୍ପତ୍ୟ ପ୍ରୀତି, ପିତୃମାତୃଭକ୍ତି,
ସୋଦର-ସନ୍ତାନ-ସ୍ନେହ ସଖା-ଅନୁରକ୍ତି,
ଦୟା ସଙ୍ଗେ ନ୍ୟାୟ, ଧର୍ମ, ପୁଣ୍ୟ, ପବିତ୍ରତା—
ଏତେ ରତ୍ନେ ବିଭୂଷିତ ମାନବ ଦେବତା ।

ସ୍ୱର୍ଗୀୟ-ସୁଷମା-ସୃଷ୍ଟି ମାନବ ପରାଣୀ,
ଶୋଭାର ଅକ୍ଷୟ ଉତ୍ସ କେ ପାରେ ବଖାଣି !
ସୁନ୍ଦର ପାଶେ ବିଭତ୍ସ ଦିଶେ ଅସୁନ୍ଦର,
ରାମ ପାଶେ ଘୃଣ୍ୟ ଅତି ଦୃଶ୍ୟ ରାବଣର ।
ଗୁରୁ ଦିବ୍ୟ ଶୋଭାଧାମ ମାନବ ଅନ୍ତର
ଦେଖାଏ ବିଭତ୍ସ ଶୋଭା ଘୋର ନରକର ।
ହିଂସ୍ରତା, ଅବିଶ୍ୱସ୍ତତା, ପୁଣି ନିର୍ମମତା,
ଅସମ୍ମାନ, ସ୍ୱାର୍ଥଶୀଳଭାବ, କୃତଘ୍ନତା,
ନିଷ୍ଠୁରତା, ଦ୍ୱେଷହିଂସା, ଅନ୍ୟାୟ, ଅଧର୍ମ,
ଅପୁଣ୍ୟ, ଅପବିତ୍ରତା-ପୂର୍ଣ୍ଣ ନରକର୍ମ ।
ଜ୍ଞାନସିନ୍ଧୁ ପାର ହୁଏ ନର ବୁଦ୍ଧିବଳେ,
ଅଧ୍ୟବସାୟେ ଭ୍ରମଇ ଭୁବନ-ମଣ୍ଡଳେ,

Digitized by srujanika@gmail.com

ଜଗତକୁ ଜ୍ଞାନାଲୋକ କରଇ ପ୍ରଦାନ,
କରଇ ଲୋକ ଆଦର୍ଶ ଜୀବନ ଯାପନ;
ଅଜ୍ଞାନ-ତିମିରେ ପୁଣି ପଡ଼େ ସେହି ନର,
ମଦୀଭୂତ କରେ ଗତ ସ୍ୱୀୟ ସମାଦର—
ଏକାଧାରେ ସମାବିଷ୍ଟ ଆଲୋକ ଅନ୍ଧାର,
ଦେବତ୍ୱ-ପଶୁତ୍ୱ-ବେନି-ବୃତ୍ତିର-ଆଧାର ।
ଲାବଣ୍ୟମୟୀ ମୂରତି ଧରଇ ମାନବ,
ସେହି ପୁଣି ଭୟାବହ ବିକଟ ଦାନବ ।
କର୍ମ-ଭକ୍ତି-ଜ୍ଞାନେ ନର ଲଭଇ ଦେବତ୍ୱ,
କେତେବେଳେ ପୁଣି ଭଜେ ନରକକୀଟତ୍ୱ ।
ମହାନ୍-ଆଦର୍ଶୁଁ ନର ହୋଇଣ ପତିତ
ହେଲେହେଁ କଳଙ୍କ-ପଙ୍କେ କ୍ଷଣେ କଳୁଷିତ,
ସତ୍-ଚିତ୍ ଆନନ୍ଦର ଜୀବନ୍ତ ମୂରତି,
ଅନନ୍ତର ଶିଶୁ, ଲଭ ଅନନ୍ତ ଉନ୍ନତି ।

ନାରୀ

"Here woman reigns; the mother, daughter, wife,
Strews with fresh flowers the narrow way of life,
In the clear heaven of her delightful eye,
An angel-guard of loves and graces lie;
Around her knees domestic duties meet,
And fireside pleasures gambol at her feet."

— *Montgomery.*

ଅୟି ନାରି ! ଆଦ୍ୟଶକ୍ତି ସଂସାରକାରଣି,
ଭୂତଧାତ୍ରି ଜନନି ଗୋ ଜୀବର ଜୀବନ ।
ଜଗତଜନନୀ ମା ଗୋ ନିଖିଳ ସଂସ୍ଥିତି,
ତୋ ବିହୁନେ ସଂସାରର ନାହିଁ ସୃଷ୍ଟି ସ୍ଥିତି ।

Digitized by srujanika@gmail.com

ସୃଜନ, ପାଳନ, ଲୟ ତବ ପୂତ କୋଳେ,
ଜନମେ ଜୀବ ଅଙ୍କେ ଜୀବ କନ୍ଦନର ରୋଳେ ।
ସୁଧାସମ ଦୁଗ୍ଧଧାରେ ପାଳ ତାର ପ୍ରାଣ,
ସେ ଦୁଗ୍ଧ ସଙ୍ଗତେ ଦିଅ ମହାଦୀକ୍ଷା ଦାନ;—
"ଏହିରୂପେ ସନ୍ତାନ ରେ ଏ ବିଶ୍ୱ ଭୁବନ,
ପାଳି କର ଏ ଦୁର୍ଲ୍ଲଭ ଜୀବନ ଯାପନ ।"
ସସ୍ନେହେ ସନ୍ତାନଗଣ୍ଡେ ଦେଇଣ ଚୁମ୍ବନ,
ପ୍ରଚାର ଗୋ ଆଦ୍ୟମାତଃ ପବିତ୍ର ବଚନ;—
"ଏହିରୂପେ ଅରେ ଶିଶୁ ବିପୁଳ ଧରଣୀ
ଏକୀଭୂତ କର ଦେଇ ସ୍ନେହ, ଭକ୍ତି, ପ୍ରୀତି ।"
ନେଇ ହସ୍ତ ଧରି କହ ଆଦର ବଚନ,
ଅକ୍ଷୟ ଜ୍ଞାନର ଦ୍ୱାର କର ଉଦ୍‌ଘାଟନ ।
"ଅନନ୍ତ ବିସ୍ତୃତ ଏ ଯେ ଜ୍ଞାନ-ପାରାବାର,
ମନ୍ଥି ଜ୍ଞାନରତ୍ନ ସୁଖ କର ରେ ଉଦ୍ଧାର ।"

ଯେଉଁ ଜ୍ଞାନ-ଭକ୍ତି-ପୁଣ୍ୟ-ବୀଜକୁ ବପନ
କର ଶିଶୁପ୍ରାଣକ୍ଷେତ୍ରେ, ତହିଁରୁ ଉତ୍ପନ୍ନ
ବିରାଟ ଚିରସ୍ଥ-ବୃକ୍ଷ, ଯହିଁ ପ୍ରାଣିଗଣ
କରନ୍ତି ତା ଛାୟାତଳେ ତା ଫଳ ଭକ୍ଷଣ ।
ପୀୟୂଷପ୍ରତିମ ସେହି ଫଳ ଖାଇ ଜନେ
ଆନନ୍ଦରେ ପଥ ଯାନ୍ତି ଘୋର ଭବବନେ ।
ଯେବେ ପାପକାଳକୂଟ ଢାଳିଦିଅ ମଦନ,
ସେ ବିଷ ନ ଝଡ଼େ ଅଜ ସନ୍ତାନଜୀବନେ ।
ରୋଗ ମୃତ୍ୟୁ ପାପ ତାପ ହସ୍ତୁଁ କୋଟିବାର,
ନିଶି ଜାଗି ଜୀବେ ମାତଃ କର ଗୋ ଉଦ୍ଧାର ।
ଅନ୍ତିମ ମୁହୂର୍ତ୍ତେ କର ଯେ ଅଙ୍କେ ଶୟନ
କରେ ପ୍ରାଣୀ ଦେବ, ଶେଷେ ନେତ୍ର ନିମୀଳନ ।
ଦିଅ କୌଶଲ୍ୟା, ସୁମିତ୍ରା, ସୁଭଦ୍ରାଙ୍କ ପରି,
ପୁତ୍ର ଶ୍ରୀରାମ, ଲକ୍ଷ୍ମଣ, ଅଭିମନ୍ୟୁ ସରି ।

Digitized by srujanika@gmail.com

ନରର ଅର୍ଦ୍ଧାଙ୍ଗଭୂତା ରମଣୀ ସୁନ୍ଦର,
ହୁଅ ତା ସହଧର୍ମିଣୀ ତା ପ୍ରେମୁ ଅଚର ।
ଗୃହଲକ୍ଷ୍ମୀ ହେ ଅଙ୍ଗନା ଦେବୀ ଅନ୍ନପୂର୍ଣ୍ଣା,
ଅପନୋଦ ମାନବର ଘୋର କ୍ଷୁଧା ତୃଷ୍ଣା ।
ତୋ ନୟନବାଷ୍ପ ଯହିଁ ପତିତ ଅବଳା,
ସ୍ୱର୍ଗଲକ୍ଷ୍ମୀ ଖେଳେ ତହିଁ ଘେନି ଷୋଳକଳା ।
ତୋ କଟାକ୍ଷ ଲଭି ଅଣେ ପ୍ରେମମୟୀ ନାରୀ,
ହୁଏ ଭୀରୁ କାପୁରୁଷ ବୀର ଧନୁର୍ଦ୍ଧାରୀ ।
ଯୁଗେ ଯୁଗେ ଦେଶେ ଦେଶେ ନାରୀ ପତିବ୍ରତା,
ଜନମି ପ୍ରଚୁର ବକ୍ଷେ ପ୍ରେମ ପବିତ୍ରତା ।
ତବ ପ୍ରେମେ ହୁଏ ମାତଃ ପ୍ରାଣିର ଉତ୍ପତ୍ତି,
ତବ ପ୍ରେମେ ହୁଏ ଭବେ ଜୀବର ସ୍ଥିତି ।
ଲକ୍ଷ୍ମୀରୂପେ ବିଷ୍ଣୁପତ୍ନୀ କ୍ଷୀରସିନ୍ଧୁଜଳେ,
ଚରଣ ମଞ୍ଜାଳ ବସି ପତିପଦତଳେ ।
ସତୀରୂପେ ଦକ୍ଷଯଜ୍ଞେ ଶିବ-ଅପମାନ
ନ ସହି ବହ୍ନିରେ ଦେଲୁ ତନୁ ବିସର୍ଜନ ।

ଗିରିରାଜ-ଗୃହେ ପୁଣି ପାର୍ବତୀ ସୁନ୍ଦରୀ
ପ୍ରତ୍ୟାଖ୍ୟାତା ହେଲୁ ତପୀ ଶଙ୍କରଙ୍କୁ ବରି ।
ଅଦ୍ଭୁତ ତପଶ୍ଚରଣ କଲୁ ପ୍ରେମଶୀଳା,
ସେ ଅପୂର୍ବ ତପେ ଶିବ-ଆସନ ଟଳିଲା ।
ହର-ଅଙ୍କେ ରହି ଗୌରୀ ଅର୍ଦ୍ଧାଙ୍ଗରୂପରେ
ପ୍ରୀତିର ଚରମା ପ୍ରଚାରୁଛ ଜଗତରେ ।
ସାବିତ୍ରୀରୂପରେ ସତ୍ୟେ ସତ୍ୟବାନ-ନାରୀ
ପାତିବ୍ରତ୍ୟ-ଧର୍ମ ଗଲୁ ମହୀରେ ପ୍ରଚାରି ।
ଯେ ସତୀତ୍ୱେ ନିଜେ ଯମ ହୋଇ ଲଣ୍ଡଭଣ୍ଡ
କଲେ ପ୍ରତ୍ୟାଖ୍ୟାନ ମହାଭୀମ କାଳଦଣ୍ଡ ।
ସତ୍ୟଯୁଗେ ନଳପ୍ରାଣା ଦମୟନ୍ତୀ ସତୀ
ପତିସଙ୍ଗେ ଘୋର ବନେ କଲୁ ଗୋ ବସତି ।

Digitized by srujanika@gmail.com

ତେଜୁଁ ସ୍ୱାମୀ ଅନୁମିଲ ବଙ୍କର ଶବର,
ସାଧ୍ୱୀ-ଦର୍ପେ ସେ ଲମ୍ଫେ କଲ ଜରଜର ।
ତ୍ରେତା ଯୁଗେ ରାଜ-ଋଷି ଜନକ-ଭବନେ
ଜନ୍ମିଲ ଜାନକୀରୂପେ ଅତୁଳ ଲାବଣ୍ୟେ ।
ପତି ସଙ୍ଗେ ରଘୁବଧୂ ଭ୍ରମିଣ କାନନେ
ପ୍ରୀତି-ଜୟ-ବାନା ଉଡ଼ାଇଲ ତ୍ରିଭୁବନେ ।
ପଞ୍ଚବଟୀ ବନୁ ଲଙ୍କାନରେଶ ରାବଣ
ହରି ନେଇ ଦେଖାଇଲା ଭୟ ପ୍ରଲୋଭନ ।
ସେ ସବୁକୁ ତୁଚ୍ଛ କରି ଶ୍ରୀରାମ-ବନୀତା,
ସୁବନରେ କରାଇଲ ସତୀତ୍ୱେ ବନ୍ଦିତା ।
ବଶିଷ୍ଠସହଧର୍ମିଣୀ ଅରୁନ୍ଧତୀ ନାରୀ
ପାତିବ୍ରତ୍ୟ-ଧର୍ମ ଗଲ ମର୍ତ୍ତ୍ୟରେ ପ୍ରଚାରି ।
ଦ୍ୱାପରେ ହସ୍ତିନା-ରାଣୀ ସୁଶୀଳା ଗାନ୍ଧାରୀ
ଅନ୍ଧ ସ୍ୱାମୀ ପାଇଁ ହେଲ ନିଜେ ଅନ୍ଧ ନାରୀ ।

କଳିଯୁଗେ ରାଜସ୍ଥାନେ ଭୀମସିଂହ-ନାରୀ
ଲାବଣ୍ୟମୟୀ ପଦ୍ମିନୀ ବିଦର୍ଭ-ସୁନ୍ଦରୀ
କାମାତୁର ଯବନର ଦୁର୍ଗେ ଯାଇଁ ପଶି
ଡାକିଲ ସ୍ୱପତି ତହୁଁ ଅବଳା ରୂପସୀ ।
ମାତୃଭୂମି ପାଇଁ ବୀରାଙ୍ଗନା ଦୁର୍ଗାବତୀ
ସମ୍ମୁଖ-ସମରେ ପ୍ରାଣ ସମର୍ପିଲ ସତୀ ।
ଦୁହିତାରୂପରେ ନାରୀ ଋଷିଜନ ଘରେ
ଗୋଦୋହନ କରିଥିଲ ବୈଦିକ ଯୁଗରେ ।
ପୂର୍ବକାଳେ ରୋମ-ରାଜ୍ୟେ ସାଇମନ ବୃଦ୍ଧ
ନୃପାଦେଶେ ହୋଇଥିଲ କାରାଗାରେ ରୁଦ୍ଧ ।
ତନୟା ଜାନ୍ଥିପୀରୂପେ ବୃଦ୍ଧପିତା-ପ୍ରାଣ
ରଖିଲ ଗୁପତେ ଦେଇ ସ୍ତନଦୁଗ୍ଧ ଦାନ ।
ଜ୍ଞାନେ ଗାର୍ଗୀ, ମୈତ୍ରେୟୀ, ଖନା, ଲୀଳାବତୀ,
ଉଡ଼ାଇଛ [illegible]ରୀ-ପ୍ରତିଭାର ବୈଜୟନ୍ତୀ ।

Digitized by srujanika@gmail.com

ହେ ନାରୀ ! ମିନତି ମୋର ତବ ଶ୍ରୀପଦ୍ମରେ—
ଦେଖା ଦିଅ ମୋତେ ସତୀ-ସାଧ୍ୱୀ-ସ୍ୱରୂପରେ ।
ରମଣୀ ସୁନ୍ଦରୀ ଦେଖି ତୋ ଅସତୀ-ବେଶ
ପ୍ରାଣ ଯାଏ ଫୁଟି, ଭବ ଦିସେ ମରୁଦେଶ ।
ସୀତା ସାବିତ୍ରୀଙ୍କ ରୂପେ ଗୃହେ ଗୃହେ ରହ
ସ୍ୱର୍ଗସମ କର ନାରୀ ! ଏ ଭୂମିର ମହୀ ।

ନର-ନାରୀ

"The woman's cause is man's : they rise or sink
Together; dwarfed or godlike, bond or free
Not like to like, but like in difference."

—*Tennyson*.

ବୁଦ୍ଧି-ଭାବବୃତ୍ତି-ଇଚ୍ଛା-ଦେଇ ବିଶ୍ୱସାଇଁ,
ରମଣୀ ପୁରୁଷେ ଛନ୍ତି ଜଗତେ ପଠାଇ ।
ସମାଜରେ ପୁରୁଷଙ୍କୁ କ୍ଷମା ଶତଗୁଣ,
ଥିଲେହେଁ ସହସ୍ର ଦୋଷ ରଟେ ତାର ଗୁଣ ।
ରମଣୀର ଶତଗୁଣ ଲୁଚେ ଦୋଷସ୍ରୋତେ
ବିଷମ-ଅସାମ୍ୟ-ରାଜ୍ୟ ଏ ଭାରତଲୋକେ ।
ନାରୀ ଯେବେ ହେବ ସର୍ବଗୁଣବିଭୂଷିତା,
ଉଚିତ ହେବାର ତାର ବିଶେଷ ଶିକ୍ଷିତା ।
ଦୁର୍ବଳ ମନୁଷ୍ୟ ମନ ରିପୁବିକ୍ଷୋଭିତ
ଶିକ୍ଷାଧର୍ମ-କବଚରେ ବେଢ଼ିବା ଉଚିତ ।
ପଶୁସମ ମୂର୍ଖଭାବେ କରଣ ବର୍ଦ୍ଧିତ
କହୁଛ ନାରୀଙ୍କୁ "ହୁଅ ଧର୍ମେ ବିମଣ୍ଡିତ ।"
ସ୍ୱଦେଶୀୟ ଭ୍ରାତୃବୃନ୍ଦ ! ଏହା କେଉଁ ନୀତି,
ଘାଟେ ବିଷ ଦେଇ ଇଚ୍ଛ ଅମୃତ ପ୍ରୀତି ।

Digitized by srujanika@gmail.com

ଭଗିନୀଙ୍କୁ ଜ୍ଞାନ ଧର୍ମ କର ଭାଇ ଦାନ,
ସଙ୍ଗେ କର ସୁଚରିତ୍ର-ପ୍ରଦର୍ଶ ପ୍ରଦାନ ।
ଘଟିବ ପ୍ରମାଦ ଯେବେ ହୋଇ ସାବଧାନ
ସମ୍ଭାଳିବେ ନିଜ ସୃଷ୍ଟି ପ୍ରଭୁ ଭଗବାନ ।
ସତ୍ୟ ନ୍ୟାୟ ଜୟୀ ହେବ ଜାଣିବ ନିଶ୍ଚୟ,
ଅଛୁ ପାପ-ଘୋରଦଣ୍ଡ, କରନାହିଁ ଭୟ ।
ପାପୀ ହୋଇ କେହୁ କେବେ ପାଇ ନାହିଁ ସୁଖ,
ପାପୀୟସୀ ନାରୀ ଭୋଗେ ନରକର ଦୁଃଖ ।
"ଯତୋଧର୍ମସ୍ତତୋଜୟଃ" କରିଣ ବିଶ୍ୱାସ,
ସ୍ୱକର୍ତ୍ତବ୍ୟ କରି ଯାଅ ଖଟାଇ ପ୍ରୟାସ ।
ଜ୍ଞାନରୁ ବଞ୍ଚିତ ହେବେ ରମଣୀନିକର
ଏ ଉଦ୍ଦେଶ୍ୟ ଥାନ୍ତା ଯେବେ ବିଶ୍ୱପତିଙ୍କର ।
ମାନସିକ ବୃତ୍ତି କପାଁ ଦେଲେ ତାଙ୍କୁ ତେବେ ?
ନରଠାରୁ ନାରୀ ବୁଦ୍ଧି ନୁହେ ନ୍ୟୂନ କେବେ ।
ଦେଇଛନ୍ତି ବିଶ୍ୱକର୍ତ୍ତା ତାଙ୍କୁ ଇଚ୍ଛା ଜ୍ଞାନ,
ବିକାଶ ନିମନ୍ତେ କର ସୁଯୋଗ ପ୍ରଦାନ ।

ଏତେ କାଳ ରମଣୀଙ୍କୁ ଶାସ୍ତ୍ରିକ ବଳେ
ରଖିଅଛ ଅଜ୍ଞାନତା-କଣ୍ଟକବଳେ ।
ସୁବିଧା ସହାୟ ଯେତୁ (ଯତ୍ନ ପାଇଛନ୍ତି,
ଉଡୁଅଛି ତାଙ୍କ ଜ୍ଞାନ-ଜୟ-ବୈଜୟନ୍ତୀ ।
ଅତ୍ରେୟୀ ମୈତ୍ରେୟୀ ଗାର୍ଗୀ ବିଶ୍ୱବାରା ଲୀଳାବତୀ,
ଖନା ଦୁର୍ଗାବତୀ ଲକ୍ଷ୍ମୀବାଈ ଶକ୍ତିମତୀ,
କୋବିଦ-ସମାଜେ ଅବା ଆହବ-ଅଙ୍ଗନେ
ଜୟମାଲ୍ୟ ପାଇଛନ୍ତି ଜ୍ଞାନୀ-ବୀର-ବନେ ।
ସମାନେ ସମାନେ ମିଳି ପୀରତି ମଧୁର,
ନିକୃଷ୍ଟ ଜନରେ ପ୍ରେମ ହୁଏ ଶୀଘ୍ର ଦୂର ।
ଦିଅ ଶିକ୍ଷା ସ୍ୱାଧୀନତା ସୀମନ୍ତିନୀଗଣେ,
ଭୁଞ୍ଜିବ ଅତୁଳ ସୁଖ ପ୍ରେୟସୀଗହଣେ ।

Digitized by srujanika@gmail.com

ସ୍ୱାଧୀନେ ସ୍ୱେଚ୍ଛାରେ ଦତ୍ତ ପୀରତି ଅନ୍ତର,
ଅବନୀ ମଧ୍ୟରେ ତାର ନାହିଁ ପଟାନ୍ତର ।
ଦାସୀରୂପେ ନୀତା ଉପୃସ୍ତବ୍‌ଧା ଅଧୀନୀର
ବାହ୍ୟ ପ୍ରେମ ବିଷକୁମ୍ଭ ମୁଖେ ମାତ୍ର କ୍ଷୀର ।
ବୁଦ୍ଧିମତୀ କାମିନୀର କ୍ଷଣକର ପ୍ରେମ,
ଅଜ୍ଞାନ ନାରୀର କୋଟି ବର୍ଷ ପ୍ରେମ ସମ ।
ଅନନ୍ତ-ଉନ୍ନତି-ଶିଶୁ ମାନବ ମାନବୀ
ଶିକ୍ଷା ରବି ଦଏ ତାଙ୍କ ମୁଖେ ଦିବ୍ୟ ଛବି ।
ଜ୍ଞାନ-ବୃକ୍ଷ-ଫଳୁଁ କର ଅଙ୍ଗନା ବଞ୍ଚିତ
ଆତ୍ମହତ୍ୟା-ପାପେ ନରେ ନୁହ କଳଙ୍କିତ ।
ପିତା ମାତା ଗୁଣ ଦୋଷେ ହୋନ୍ତି ନର ନାରୀ
ବୈଜ୍ଞାନିକ-ବିଧି-ବଳେ ଉତ୍ତରାଧିକାରୀ * ।

ଅଶିକ୍ଷିତା ଅନୁନ୍ନତା ରମଣୀ-ଉଦରେ
ଜନ୍ମିବେ କି ଜଗଜ୍ଜୟୀ ଗୁଣୀ ନାରୀ ନରେ ?
ଅତେହୁଁ ଜନନୀ ଥିଲେ ଗୁଣ-ବିଦ୍ୟାବତୀ
ଶୈଶବୁଁ ପାଇବେ ଶିକ୍ଷା ସନ୍ତାନ ସନ୍ତତି ।
ସମ ଅଧିକାର ହେଲେ ନାରୀର ସମାଜେ
ପୁରୁଷକୁ ବାଧା ଦେବେ ନାରୀ ପାପ କାର୍ଯ୍ୟେ ।
ପୁରୁଷ ତପସ୍ୱୀ ନାରୀ ତା ସହଧର୍ମିଣୀ,
ହରଗୌରୀ ଯୁଗ୍ମ-ଅଙ୍ଗ ଗୃହସ୍ଥଗୃହିଣୀ ।

ନାରୀ ଶିକ୍ଷା

ପୁରୁଷ-ସହଧର୍ମିଣୀ ଅର୍ଦ୍ଧାଙ୍ଗ ଅଙ୍ଗନା
ଅହୋ କି ଘୋର ଅଜ୍ଞାନ-ତମିରେ ଅଚ୍ଛନ୍ନା !
ନର ଉଚ୍ଚଶିକ୍ଷାପ୍ରାପ୍ତ ଉଚ୍ଚଚିନ୍ତାରତ,
ନାରୀ ନିରକ୍ଷରୀ କ୍ଷୁଦ୍ର ବିଷୟେ ଅସକ୍ତ ।

---

* Law of heredity.

Digitized by srujanika@gmail.com

ବିଜ୍ଞାନ ଦର୍ଶନେ ନର ସତତ ମୋହିତ,
ନାରୀ ପ୍ରତିବେଶୀ ସହ କଳହରେ ଲିପ୍ତ ।
ଜ୍ଞାନ ପ୍ରେମ କର୍ମ ବିଷୟେ ଆଦାନ ପ୍ରଦାନ
ମାନବ ମାନବୀ ମଧ୍ୟେ ମିଳିତାନଦାନ ।
ସତ୍ୟ, ନର ନାରୀ କର୍ମ କ୍ଷେତ୍ର ଅଟେ ଭିନ୍ନ,
ମାନସୀ ଶକ୍ତିରେ କିନ୍ତୁ ବନଏ ଅଭିନ୍ନ ।
ନର କାର୍ଯ୍ୟକ୍ଷେତ୍ର ଅଟେ କଠୋର ସଂସାର,
ନାରୀ କର୍ମଭୂମି ମଧୁମୟ ପରିବାର ।
ଜ୍ଞାନ କିନ୍ତୁ ବେନିଙ୍କର ସମ ଆବଶ୍ୟକ,
ଦୁହିଙ୍କୁ ଦୁଶ୍ଛେଦ୍ୟସଂଶୟବନ୍ଧନକାରକ ।
କି କୁକ୍ଷଣେ କେଉଁ ଭ୍ରାନ୍ତ କରିଲା ପ୍ରଚାର—
ନାରୀଶିକ୍ଷା ଅଟେ ମହା-ଅଶୁଭ-ଆଗାର !
ଏ ଉତ୍କଳେ ଥିଲା ଯାହା ସନାତନ ପ୍ରଥା
କେଉଁ କାପୁରୁଷ ତାର ଭାଙ୍ଗି ଦେଲା ମଥା !

ନାରୀଶିକ୍ଷା ଅଟେ ମହାମଙ୍ଗଳ-ନିଦାନ,
'ପାରିଜାତମାଳା' ତାର ଜ୍ୱଳନ୍ତ ପ୍ରମାଣ ।
ଉତ୍କଳତନୟା କବି 'ମାଳତୀ' ରମଣୀ
ବୈଦେଶିକ ବଙ୍ଗଭାଷେ ଥିଲେ କାବ୍ୟ ଧନୀ ।
କ୍ଷତ୍ରିୟ-କରଣ-ଗୃହେ ଅଦ୍ୟାପି ଅଛନ୍ତି
କାବ୍ୟ-କୁଞ୍ଜ-ବିହାରିଣୀ ଧୀମନ୍ତିନୀ ସତୀ ।
ଏହା ଦେଖି କେଉଁ ଅନ୍ଧ କରେ ଅସ୍ଫାଳନ—
ନାରୀଶିକ୍ଷା ଅସତୀତ୍ୱ-ବୈଧବ୍ୟ-କାରଣ ।
କିନ୍ତୁ ନୀତି-ଧର୍ମ-ହୀନ ନିରୀଶ୍ୱର ଜ୍ଞାନ
ଅଟଇ ବିପଦ-ପାପ-ଦୁଃଖର ନିଦାନ ।

Digitized by srujanika@gmail.com

ବାଲବିଧବା

ଶୁଣ ଶୁଣ ଅରେ ଆର୍ଯ୍ୟ-କୁଳାଙ୍ଗାର ହିନ୍ଦୁ,
ପ୍ରାଣେ ତୋର ନାହିଁ କି ରେ କରୁଣାର ବିନ୍ଦୁ
ଫେଡ଼ କୃପା-ନେତ୍ର ବାରେ ଚାହାଁରେ ନିର୍ଦ୍ଦୟ,
ନାହିଁ ପ୍ରାଣେ ନ୍ୟାୟ-ବୁଦ୍ଧି, ନାହିଁ ଧର୍ମ ଭୟ ?
ନବ-ଗଳାବନ୍ଧହାର ନାରୀ ସୁକୁମାରୀ
କି ଘୋର ଯାତନା ଦେଉ ପରାଣେ ତାହାର !
କି ନୃଶଂସ ହୃଦ ତୋର କାପୁରୁଷ ନର,
ପୁରୁଷତ୍ୱ ନାହିଁ କି ରେ ଅନ୍ତରେ ତୋହର ?
ସ୍ତ୍ରୀ-ଦୁଃଖ ନ ସହଇ ପୁରୁଷ-ପରାଣ,
ପଶୁ-ପକ୍ଷୀ ଦିଅନ୍ତି ରେ ଏହାର ପ୍ରମାଣ ।
ଶ୍ରେଷ୍ଠ ଜୀବ ନର ପରା ଜଗତେ ପ୍ରସିଦ୍ଧ,
ନାରୀ-ଦୁଃଖ-ଶେଳେ ବଷ ନୁହେ କିଆଁ ବିଦ୍ଧ ?
ଫେଡ଼ ଫେଡ଼ ନାରୀ-ଦୁଃଖ ଉଦାସ ରହ ନା,
କି ବିଷାଦ-ମୂର୍ତ୍ତି ବାଳ-ବିଧବା ଲଳନା !

ବୃଦ୍ଧବିବାହ

ପିତାମହବର୍ଷୀ ବୃଦ୍ଧ ହେଲେ ବିପତ୍ନୀକ,
ସପ୍ତମବର୍ଷୀୟା କରେ ବିବାହ ରସିକ !
ଯୌବନରେ ରୂପ-ତୃଷ୍ଣା ନିସର୍ଗ-ନିୟମ,
ବୟସ, ବାସନା, ଏଥି ସକଳ ବିଷମ !
ବିଳାସ-ବାସନା ନବ ତରୁଣୀର ମନେ,
ବିରକ୍ତ ନୀରସ ବୃଦ୍ଧ ଜରା-ଆକ୍ରମଣେ !
ଷୋଡ଼ଶୀ ନବୀନା ପାଏ ଉଦ୍ଦାମ ଯୌବନ,
ଭବସିନ୍ଧୁ-ଅଙ୍କେ ବୃଦ୍ଧ ନୀର-ନିମଗନ !

Digitized by srujanika@gmail.com

କେ ବାଳିକା କାହାର ବା ଯୌବନ ପ୍ରଥମ,
ତଥାପି ତାହାର ନାହିଁ ବିବାହ-ନିୟମ !
ବୃଦ୍ଧଙ୍କୁ ବିବାହ-ବିଧି, ବାଳିକାଙ୍କୁ ନାହିଁ !
କେଉଁ ନ୍ୟାୟ-ନୀତି ଏହା ସାମାଜିକ ଭାବ !
ଏସନ ବୈଷମ୍ୟପୂର୍ଣ୍ଣ ଯେବଣ ସମାଜ,
ସ୍ୱୀକାର ନ କରି ଜୟ ଗାଅ, ନାହିଁ ଲାଜ ?

ଏକତା

ଧନ୍ୟ ଗୋ ଏକତା ମହିମା ତୋର
ବର୍ଣ୍ଣି ତା ପାରେ କି ଲେଖନୀ ମୋର ?
ନର ଯେବେ ତୋତେ ପାଇ ନ ଥାନ୍ତା,
ଆଜି ତା ଅବସ୍ଥା କି ହୋଇଥାନ୍ତା !
ସତ୍ୟ-ନ୍ୟାୟ-ଭେରି
ଶୁଣୁ ନ ଥାନ୍ତା ସେ ଶ୍ରବଣ ଡେରି ।

ଘୋର ଅତ୍ୟାଚାର ହେଲେ ପ୍ରବଳ,
ଐକ୍ୟ ବୀରତ୍ୱ ସହିଁ ନିର୍ବଳ,
ତୁହି ଗୋ ଉଡ଼ାଇ ଧର୍ମର ଧ୍ୱଜା
ଦୁଷ୍ଟ ମାରି ପାଳୁ ସନ୍ଥ ପରଜା,
ଯାଏ ପାପରାଶି,
ସାମ୍ରାଜ୍ୟ କରେ ଶାନ୍ତି ସୁଖେ ଆସି ।

ଆର୍ଯ୍ୟକୁଳ ଯେବେ ଭାରତେ ଆସି
ହୋଇଲେ ଶତଦ୍ରୁ ତଟନିବାସୀ,
ଅନାର୍ଯ୍ୟ ବିପକ୍ଷେ ବିଷମ ରଣେ
ସହାୟ ହେଲୁ ତୁ ସେ ଆର୍ଯ୍ୟଗଣେ,
ତୋ ଜୟ-ଗାୟନ
ଗାନ କଲେ ବୈଦିକ ଋଷିଗଣ ।

Digitized by srujanika@gmail.com

ଯଦୁ, ବିରାଟ, ପଞ୍ଚାଳ, ପାଣ୍ଡବ
ଭୀଷଣ ଅହବେ ମାରି କୌରବ
ମନ୍ତ୍ରରେ ଘୋଷିଲେ ନ୍ୟାୟମହିମା,
ଗୀତେ ଗାଇଲେ ଯା ବ୍ୟାସ ମଣିମା,
ପାର୍ଥେ କରି ରାଜା *
ବଜାଇଲ ଧର୍ମ-ବିଜୟ-ବାଜା ।

କିଷ୍କିନ୍ଧ୍ୟା ନଗରେ ବୈଦେହୀନାଥ
ସାଧୁ ସୁଗ୍ରୀବଙ୍କୁ ହୋଇଲେ ସାଥ,
ପାପୀ ଅତ୍ୟାଚାରୀ ବାଳିକୁ ମାରି,
ଅଧର୍ମରୁ କପି ରାଜ୍ୟ ଉଦ୍ଧାରି,
ମିତେ ଅଭିଷେକ
କରି, ପ୍ରଚାରିଲେ ତୋହର ଠେକ ।

ମାୟାବଳେ କଲ ଲଙ୍କା-ରାବଣ
ଦଣ୍ଡକ ବିପିନୁ ସୀତା ହରଣ,
ରଘୁବୀର ଯହୁଁ କାତର ହେଲେ,
ତୋତେ କି ଗୋ ଦେବେ ପଠାଇଦେଲେ
ଦୈତ୍ୟନାଶ ପାଇଁ,
ଅସମର୍ଥ ଯହିଁ ବୈଦେହୀ-ସାଇଁ ?

ବିଭୀଷଣ ସହ ସୁଗ୍ରୀବ ରାଏ,
ହନୁମାନ ସହ କପିସେନାଏ,
ନିଦବଦେବତା ରାମ ଲକ୍ଷ୍ମଣ,
ନାଶିଲ ରାବଣ ହୋଇ ମିଳନ;
ବାଲ୍ମୀକି ଯାହା
ଗାଇଲେ, ତୋ ଯଶ ନୁହେ କି ତାହା ?

---

* ପାର୍ଥ=ଯୁଧିଷ୍ଠିର ।

Digitized by srujanika@gmail.com

ଯା ଯୋଗୁଁ ଜଗତେ ମଙ୍ଗଳ ଯେତେ,
ତାର ଅପଚୟ ହୁଅଇ ସେତେ,
କେଶ ଯେ ଏକତା ଶୁଭ-ଆଧାର,
ସେହୁ ପୂର୍ଣ୍ଣ ହୁଏ ବିଷ-ଭଣ୍ଡାର,
'ଠକ' ଦସ୍ୟୁଦଳ
ନ କଲେ ଘରତେ କି ଚଣ୍ଡଗୋଳ !

ଜୟସିଂହ ଓ ଭଗ୍ନମନ୍ଦିର

ପ୍ରବଳ ପ୍ରତାପ ସମ୍ରାଟ-ପ୍ରେରିତ
ଜୟସିଂହ ଏ ଜଙ୍ଗଲେ
ଆସିଥିଲେ ଯେବେ ବିଜୟ-ଯାତାରେ,
ଦେଖିଲେ ନିର୍ଜନ ସ୍ଥଳେ ।

କନ୍ଦର୍ପ ପୁରାଣ ବିଜୀର୍ଣ୍ଣ ଦେଉଳ
ନୀରବ ବାଣୀ ନିର୍ଜନେ,
ଶୁଣିଲେ ବିଜେତା ବୀର ଜୟସିଂହ
ସେ ଭାଷା ତେଉର ଶ୍ରବଣେ ।—

"ଶୁଣ ମୃଦୁ ମନ୍ଦ ବୀର ଜୟସିଂହ !
ମୋ ନୀରବ ବାକ୍ୟ ଶୁଣି,
ତୁମ୍ଭେ ଆର୍ଯ୍ୟସୁତ, ଏହା ଆର୍ଯ୍ୟଦେଶ,
ନୁହ ଜଙ୍ଗଲ ଦାରୁଣି ।

ଏ ଜଙ୍ଗଲ ତୁମ୍ଭ ରାଜସ୍ଥାନ ପ୍ରାୟ
ଥିଲା ବୀରର ଜନନୀ,
କାଳବଳେ ସେହି ରାଜସ୍ଥାନ ସମ
ପଡ଼ି ଯାଇଅଛି ଧନୀ ।

Digitized by srujanika@gmail.com

କେତେ ଶୂରବୀରେ ଏହି ଉତ୍କଳରେ
ଜନ୍ମିଥିଲେ ବୀରମଣି,
ସୈକତ-ସିକତା-ସଂଖ୍ୟାସମ ତାହା
ନ ପାରିବ କେହି ଗଣି ।
ବିଜୟ-ପ୍ରୟାଣେ ଉତ୍କଳୀୟ ବୀରେ
ଦଶଦିଗରେ ବାହାରି,
ଗଙ୍ଗା ଗୋଦାବରୀ—ନୀରଧି ନର୍ମଦା
ସୀମାକୁ ଥିଲେ ବିସ୍ତାରି ।
ଗଉଡ଼ କର୍ଣ୍ଣାଟ ତାମ୍ରଲିପ୍ତ କାଞ୍ଚୀ
ସେତୁବନ୍ଧ ରାମେଶ୍ୱରେ
ପ୍ରୋଥିତ କଲେକ ଜୟବୈଜୟନ୍ତୀ
ଏହି ଉତ୍କଳୀୟ ବୀରେ ।
ପ୍ରତିଭା ବଳରେ ଉତ୍କଳୀୟ ଶିଳ୍ପୀ
ଅଗଣ୍ୟ ସେତୁ ମନ୍ଦିର
ସ୍ଥାପିଥିଲେ ଦେଶ ସକଳ-ଅଂଶରେ,
ଦେଖୁଅଛ ତାହା ବୀର !

ଅସଂଖ୍ୟ ଦେଉଳ ବିଧର୍ମୀ ବିଜେତା
କଲେଣି ଭୂତଳଶାୟୀ,
ବଞ୍ଚିତା ଲୁଣ୍ଠିତା ଅବୀରା ଭୂମିର
ବାଧାଦାନେ ବଳ ନାହିଁ !
ଶୁଣ ଦିବା ରାତ୍ରୁ, ଏ ଉତ୍କଳ ଧରା
କାନ୍ଦୁଛି ମହାବିକଳେ,
ଲୋହିତଲୋତକ ହାହାକାର ଧ୍ୱନି
ଝରେ ବିହାୟସ-ତଳେ ।
ପ୍ରତି ପଦ ଭୂମି ବୀରରକ୍ତେ, ବୀର,
ହୋଇଅଛି ସିକ୍ତ ପୂତ,
ବିଧର୍ମୀ ସମାନ ଭ୍ରାତୃ ଭଗ୍ନୀ ବଧ
ନ କର ଉବିମାଭୂତ ।

Digitized by srujanika@gmail.com

ଜଡ଼-ଉଦ୍ଭିଦରେ ପଶୁପକ୍ଷୀଠାରେ
ଅଥବା ମାନବପ୍ରାଣେ,
ଜନ୍ମିଲେ ମରଇ ନଷ୍ଟେ ସୃଷ୍ଟ ବସ୍ତୁ
ବିଧି ଅଟଳ ବିଧାନେ ।
ଦିଗ୍‌ବିଜୟୀ ମହାବୀର ସେକନ୍ଦର
ଜୟ କଲେ ଏହି ମହୀ,
ନାହାନ୍ତି ସେ, ଭବ-ଭଙ୍ଗୁରତା-ସାକ୍ଷୀ
ତାଙ୍କ କଥା ଅଛି ରହି ।
ଏ ଭାରତେ ଆସି ସେକନ୍ଦର ଆଦି
କଲେ ବିଜୟ ବିସ୍ତାର,
ତାଙ୍କ ନିଜ ଦେଶେ ଆନ କେଉଁ ଜାତି
କରଅଛି ଅଧିକାର ।
କେତେ କେତେ ଜାତି ଏହି ଭାରତରେ
ପୋତିଲେ ବିଜୟଧ୍ୱଜା,
ତାଙ୍କ ବଂଶଧରେ ପରାଧୀନ ଆନେ
ହେଲେ ତାଙ୍କ ଦେଶେ ରଜା ।”

ଜୀର୍ଣ୍ଣ ଦେଉଳର ଏ ନୀରବ ବାଣୀ
ଜୟସିଂହ ବୀର ଶୁଣି
ପୁନର୍ଯ୍ୟମ ତ୍ୟାଗି ବିଜିତ ନରେଶେ
ଦେଇ ଗଲେ ରାଜ୍ୟ ପୁଣି ।

ବୀରତ୍ୱ

ଯଶ-ଲାଳାୟିତ ଗର୍ବିତ ନର
ଅଧର୍ମପଥକୁ ନ ଲଙ୍ଘ ଡର,
ଶୁଣି ଏ ମହୀରେ ବିଗ୍ରହ-ପଙ୍କ୍ତି
ଶାନ୍ତି-ବୃଷିବଲେ ଦଅଇ ଗଞ୍ଜି ।

Digitized by srujanika@gmail.com

ହାହାକାର ଶୁଭେ ଏ ଧରାଦେଶେ
ଉଚ୍ଚସ୍ୱେ ସକଳେ ରହନ୍ତି ଶେଷେ ।
ବଢେ ଧୂମକେତୁ ଚଳାଏ ପୁଚ୍ଛ,
ସଘନେ ଖସଇ ଉଲ୍‌କାର ଗୁଚ୍ଛ,
ଦନେ ଶିବାପଲ ଛାଡନ୍ତି ରଡ଼.
ବନା ମେଘେ ରଡ଼େ ଖେ ଘଡ଼ଘଡ଼;
ରଡ଼ି ବାଡ଼ି ବାଡ଼ି ଉଡ଼ି ପେଚକ
ନିରତେ ଗୃହସ୍ଥେ ଦିଅଇ ଦିକ;
ବର୍ଷୀୟସୀ ନାରୀ ମୁଖେ ଅନାଇ
ଡାମସ କୁଅଠା ହୁଏ ଖେତାଇ;
ନିଶୀଥେ ଅଗ୍ନିଣ ବାଉଁଶବୁଦା
କୁହାଟିଣି ଭୂତେ ମାରନ୍ତି କୁଦା;
ପାହୁଁ ବିଭୀଷିକାମୟୀ ରଜନୀ
ପ୍ରଭାତେ ଶୁଭଇ ପ୍ରଳୟଧ୍ୱନି;
ଅମ୍ବର ଝଣ୍‌ଝଣା ରେ ରେ ନିର୍ଘୋଷ,
କାର୍ମୁକଟଙ୍କାର ଘର୍ଘର ଘୋଷ,

ବୃଂହିତ ଶବଦ ହ୍ରେଷା ନିନାଦ,
ନୃର କଳକଳା ହୁଙ୍କାର ନାଦ !
ଚହଲେ ବାଜିଣୀ ବଜୟଡଙ୍କା
ସରୋଷେ ଶାନ୍ତିକୁ ଦିଅଇ ଧକ୍କା;
ଦର୍ପେ ବୈଜୟନ୍ତୀ ଉଡ଼ଇ ଉଚ୍ଚେ,
ତା ଦେଖି ବିନୟ ସଲଜ୍ଜେ ଲୁଚେ;
ରେ ରେ ଡାକ ଛାଡ଼ି ଧାଏଁ ମରଣ,
ଦିଗ୍‌ବଳୟପାରେ ଲୁଚେ ଜୀବନ;
ହସି ଚୋଡ଼ାଇଣି ତାକୁ ଦାରୁଣି
ବହ୍ନି ତାର ପ୍ରାଣ କରଇ ଚୂର୍ଣ୍ଣ;
ବୀଭତ୍ସର ବୁଲି ହୋଇ ଉଲଙ୍ଗ,
ସଭ୍ୟେ ସତୀତ୍ୱ ଦିଅଇ ଭଙ୍ଗ;

Digitized by srujanika@gmail.com

ଶାନ୍ତିସନ୍ଧ ସୁଖ ପଳାଏ କାହିଁ,
ଅବଲମ୍ବେ ଫେର ଅସର ନାହିଁ !
ଦୋଷୀ ନିର୍ଦ୍ଦୋଷର ନାହିଁ ପ୍ରଭେଦ,
ଅନ୍ୟାୟ ନ୍ୟାୟର ଯେଣୁ ଅଭେଦ;
ବିବାଦ ଉତ୍ସବେ ଜଳଇ ଚିତା,
ନ ବର୍ଜିନ୍ତ ବାଳ ବୃଦ୍ଧ ବନିତା;
ହାୟ ରେ ମାନବ ଏସନ କର୍ମ
କେଉଁ ନ୍ୟାୟେ ମଣୁ ବୀରତ୍ୱ ଧର୍ମ !
କାହାନ୍ତି ସିଜର ନେପୋଲିଅନ,
ଦିଗ୍‌ବିଜୟୀ ସେକନ୍ଦର ରାଜନ,
ନାହାନ୍ତି ତ ପଞ୍ଚେ ଶାରବାଲଦ,
ବାଦ ସାଧି କାଳ କରନ୍ତି ବଧ !
କାହିଁ ଗ୍ରୀସ ରୋମ ପୂର୍ବ ପ୍ରତିଭା
ମିଶର ଭାରତ ପାରସ୍ୟ କିବା !
ଥିଲେ କିବା ଅଳ ହୋଇଛି କିସ,
ଏହି ତ ମାନବ-ବୀରତ୍ୱ-ଶେଷ !
ଏଥିପାଇଁ କିପାଁ ହୋଇ ଉନ୍ମତ୍ତ
ବିସୋର ମାନବ ଧର୍ମ ଶାଶ୍ୱତ ?

ମହାପୁରୁଷ

ପ୍ରାଚୀନ ଭାରତ ପୁଣ୍ୟର ଧାମ,
କୋଟି ସୁତପୂର୍ଣ୍ଣ ଯାହାର ନାମ,
ପବିତ୍ର ପୁରାଣ କୀରତିମୟ,
ଜ୍ଞାନ-କର୍ମ-ପ୍ରେମ-ଯୋଗ-ଆଳୟ,
ନିଜେ ଲୀଳାମୟ ହରି
ବ୍ରହ୍ମଜ୍ଞାନ ରତ୍ନଭଣ୍ଡାର ସ୍ୱରୂପେ
ବାଛିନେଲେ କୃପା କରି ।

Digitized by srujanika@gmail.com

ଜନକାଦ ଋଷି ଏ ଦେଶେ ଅସି
ଗଲେ ଅଦଶାସ୍ତ୍ର ବେଦ ପ୍ରକାଶି,
ରାମାୟଣ ମହାଭାରତ ବ୍ୟାସ
ବାଲ୍ମୀକ ଏ ଦେଶେ କଲେ ପ୍ରକାଶ,
ସାଂଖ୍ୟାଦ ଷଡ଼ଦର୍ଶନ
କପିଳାଦ ଋଷି ଜନ୍ମି ଏହ୍ନ ଦେଶେ
କରଥିଲେ ପ୍ରଣୟନ ।
ମହାକର୍ମଯୋଗୀ ବୁଦ୍ଧ ଗୌତମ
ପ୍ରଚାରି 'ଅହିଂସା ପରମଧର୍ମ,
ରପୁନାଶ କର୍ମନିର୍ବାଣ ହେତୁ,'
ଉଡ଼ାଇଲେ ସାମ୍ୟ-ଗୌରବ-କେତୁ,
ରାମାନୁଜ ଶ୍ରୀ ଚୈତନ୍ୟ
'ନାମେ ଭକ୍ତି ଜୀବେ ଦୟା' ଉପଦେଶି
ଏହ୍ନ ଦେଶେ କଲେ ଧନ୍ୟ ।

ପୁରାଣଗାୟକ ଶୁକ ସନକ,
ମନୁ ପରାଶର ସ୍ମୃତକାରକ,
ଭବଭୂତ କାଳଦାସାଦ କବ,
ଭୂତଳେ ଅତୁଳ ଭାରତଛବ,
ରାମ କୃଷ୍ଣ ଯାର ବୀର,
ଜ୍ଞାନ-ଗରମାରେ ଭାରତ ସମାନ
କେଉଁ ଦେଶ ପୃଥିବୀର ?
ନାନକ, କବୀର, ତୁଳସୀ ଦାସ,
ତୁକାରାମ, ବା ଜଗନ୍ନାଥ ଦାସ,
ନାନା ଯୁଗେ ନାନା ସାଧୁ ସଜ୍ଜନ,
ସମାଜସଂସ୍କାର କଲେ ସାଧନ,
ଦେଶେ ଘୋର ବଶୃଙ୍ଖଳା
ଘୋଟେ ଯେବେ ତେବେ ଜନ୍ମନ୍ତ ମହାତ୍ମା
ଦେଖି ପରମାତ୍ମା କଳା ।

Digitized by srujanika@gmail.com

ପୁଣି ଏ ଭାରତ ଦୁର୍ଭାଗ୍ୟ ବଳେ
ପଡ଼ୁଥିଲା ଅବନତି-କବଳେ,
ଏମନ୍ତ ସମୟେ ଜଗତଗୁରୁ
ଅଭୟ ଦଇ ନିଦ୍ରାରୁ ପ୍ରଭୁଙ୍କୁ
ପାଶ୍ଚାତ୍ୟ ଜ୍ଞାନ-ରତନ
ଅମାନିଶା-ଧ୍ୱାନ୍ତେ ଭାସ୍କର ପରାଏ
ଭାରତେ କଲେ ପ୍ରେରଣ ।

ଏକେଶ୍ୱରବାଦ-ପୁନଃସ୍ଥାପକ
ଜାତିଗତ ପୌରୋହିତ୍ୟ-ନାଶକ
ସ୍ୱଦେଶବତ୍ସଳ ଉଦାରଚେତା
ସୁସଂସ୍କୃତ ନବ ଧର୍ମପ୍ରଣେତା
ଯୁଗଧର୍ମ ସଂସ୍ଥାପନ
କଲେ ଶାସ୍ତ୍ରଦର୍ଶୀ-ସୁଜ୍ଞ-ସଂସ୍କାରକ
ଦୟାନନ୍ଦ ରାମ୍‌ମୋହନ ।

ଛାତ୍ରଚର୍ଯ୍ୟ

"Fame is the spur that the clear spirit doth raise
To spurn delight and live laborious days."

"The heights by great men reached and kept,
Were not attained by sudden flight ;
But they while their companions slept
Were toiling upward in the night."

"ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।"

ମେରୁଦଣ୍ଡ-ଅବଚ୍ଛିନ୍ନେ ଭୂପୃଷ୍ଠ-ଅର୍ଦ୍ଧାଂଶ
ହୋଇ କ୍ରମେ ବ୍ୟାବର୍ତ୍ତିତ, ଭାସ୍କରବିମ୍ବର
ଧରା ଅର୍ଦ୍ଧାଂଶର ମଧ୍ୟେ ଅପର ଅର୍ଦ୍ଧର
ହୁଅନ୍ତି ବ୍ୟବଧାନ; ଧୀରେ ନଶିର ଅନ୍ଧାର

Digitized by srujanika@gmail.com

ଓଙ୍କାର ଘୋଷିଲ୍ଲ ନଭ । ପ୍ରଥମ ଯାମରେ
ନିଃଶେଷି ଯେ ଯାହା କର୍ମ ନିଦ୍ରାଦେବୀ-ଅଙ୍କ
ଅଶ୍ରିଲେ ମାନବେ । ବେଳ ପାଇ ନିଶାଚରେ
ବହିର୍ଗତ ହୋଇ ଏବେ ଭ୍ରମିଲେ ଭୂପୃଷ୍ଠେ;
ଶୁଣାଯାଏ ମଧ୍ୟେ ମଧ୍ୟେ ହିଂସ୍ରଶ୍ୱାପଦର
କର୍କଶ ଶବଦ; ସ୍ତବ୍ଧ ଅନ୍ୟଥା ଧରଣୀ ।
ହସ୍ତିନା ଅସ୍ତ୍ର-ପ୍ରାଙ୍ଗଣେ କର୍କଶ ଶଯ୍ୟାରେ
ସୁଷୁପ୍ତ ଗୁରୁଗହଣେ ପୌରବ-ପ୍ରଦୀପ
ପୃଥା-ପଞ୍ଚପୁତ୍ରେ, ଧୃତରାଷ୍ଟ୍ର-ଶତସୁତେ,
ଗୁରୁସୂନୁ ଅଶ୍ୱତ୍ଥାମା, ଷାଠିଏ ସହସ୍ର ବ୍ରତୀ
ସର୍ବେ, ଶାନ୍ତ ଦିବସର ବ୍ୟାୟାମ-କ୍ଲାନ୍ତିରୁ ।
ଏକାଳେ ଜାଗ୍ରତ ଦ୍ରୋଣ ସନ୍ଦଗ୍ଧ ଅନ୍ତର—
ସୂଚିଭେଦ୍ୟ ଅନ୍ଧକାର, ଅଗାଧ ତମିସ୍ର,
ନିସ୍ତବ୍ଧ ନିଶୀଥ, ସୁପ୍ତା ହସ୍ତିନା ନଗରୀ
ସୁଖେ ଶାନ୍ତ-ଅଙ୍କେ; ଯେଣୁ ବୀରଦର୍ପଭରେ
ଥିଲ୍ଲ ସେ ବିବଶା ଧନୀ ସମସ୍ତ ବାସର,

ଗମ୍ଭୀର ନିଶୀଥ-ଶାନ୍ତ-ସାମ୍ରାଜ୍ୟ ଅଦ୍ୟମି
ଶୁଭେ ଶତ୍ରୁଶ୍ୱନ ! ଶନ୍ତେ କୁରୁକୁଳଗୁରୁ...
ବିକ୍ରମୀ ଅଜିତ କିବା କୌରବ-ସାମ୍ରାଜ୍ୟ
ଆକ୍ରମିଲ୍ଲ ? ଏ ଭାରତଖଣ୍ଡେ ବୀର୍ଯ୍ୟବନ୍ତ
କିଏ ଅଛି, ଏ ଅସାଧ୍ୟ ସାଧନେ ସମର୍ଥ ?
ପଞ୍ଚାଳ, ମଗଧ, କାଶୀ, ବିରାଟ, କୋଶଳ
ଆଦି ଯେତେ ଯେତେ ରାଜ୍ୟ ଭାରତମଧ୍ୟେ
ବିରାଜନ୍ତି, ଗୁପ୍ତ ନୁହେ କାହା ଶୌର୍ଯ୍ୟବୀର୍ଯ୍ୟ
ମୋ ନିକଟେ, ନାହିଁ କେହି ରାଜନ୍ୟମଣ୍ଡଳେ
ପ୍ରତାପୀ ଭୀଷ୍ମ ପ୍ରତାପ ଅଜ୍ଞାତ ଯାହାର,
ଶୁଣି ନାହିଁ ଯେହୁ ପାର୍ଥ-ନବୀନ-ବିକ୍ରମ-
ବାର୍ତ୍ତା, ପୌରବୀୟ ଧ୍ୱଜା ଜଗଜ୍ଜୟ ଯାର

Digitized by srujanika@gmail.com

ହୁତ୍‌କମ୍ପ ନ କମ୍ପୂଜାଏ ! ତେବେ ଏ କିଣୀଥେ
ଅହ୍ନରେ ଧନୁଷ୍ଟଙ୍କାର ଶବ୍ଦ କରେ କିଏ ?
ସନସନ ଶବ୍ଦେ ଶର ନିଶୀଥ-ଗଗନ
ଶବ୍ଦାପ୍ଲିତ କରେ ମୁହୁଃ,' ଏ ଘନ ତମିସ୍ରେ
ସ୍ଥିରଲକ୍ଷ୍ୟ ହୋଇ ଭେଦ ପାରେ ଯେ ଶରବ୍ୟ,
ନୁହେ ସେ ସାମାନ୍ୟ ଯୋଦ୍ଧା କିନ୍ତୁ ଦୁଃସାହସେ
ଅସିଛୁ ଯମୁକ ଯେବେ ହର୍ଷଂଷବାହ୍ଣୁ,
ଶିକ୍ଷି ଯାଜ ଶିକ୍ଷା କିଛୁ ଶରକାଳପାଇଁ ।
ଏସନ ବିଗ୍ଭର ଘେନ କାର୍ମୁକ କିଷଙ୍ଗ
ଶବ୍ଦ-ଅଭିମୁଖେ ଚଳି, ରହିଣ ଅହ୍ନିରେ
କହିଲେ ବିନୀତ ଦର୍ପେ "ନୈଶ ପର୍ଯ୍ୟଟକ !
"କିଶିଯୋଗେ ଭ୍ରମଣ ଏ ହସ୍ତିନା-ଉଦ୍ୟାନେ
ନୁହଇ ଲକ୍ଷଣ କେବେ ପ୍ରାଣତ୍ରପ୍ସାସୀର ।
ମିତ୍ର ହେଲେ ପରିଚୟ ପଗ୍ଭରେ ବିନୟେ,
ଅରି ହେଲେ ଅହ୍ୱାନୁଛି ଗାବତ୍ରିର ନାମେ,
କୁରୁକୁଳ ନାମେ, ପୁଣି ଶ୍ରୀପୃ ଗୁରୁ ନାମେ
ଆହବାର୍ଥେ ଏକାକୀ ବା ସୁକଣ୍ଠଦ ସହ ।"

ଶୁଣି ଅସ୍ତ୍ରଗୁରୁବାଣୀ ସଲଜ୍ଜେ ଫାଲ୍‌ଗୁନୀ
ରଖିଦେଇ ଶରାସନ ସାତ୍ୱିକ ଭୂପୃଷ୍ଠେ
ବଦ୍ଧାଞ୍ଜଳ ହୋଇ ବାଣୀ ବୋଇଲେ ବିନୀତେ
"କ୍ଷନ୍ତବ୍ୟ ମୋ ଗୁରୋ ଶରଦାସ-ଅପରାଧ
ତବ ଆଜ୍ଞା ଶିରୋଧାର୍ଯ୍ୟ କରି, ନିତ୍ୟପ୍ରତି
ଅଲୋକେ ଅନ୍ନ ବ୍ୟଞ୍ଜନ ଭୁଞ୍ଜୁଥିଲା ଦାସ,
ପ୍ରଭଞ୍ଜନ ବେଗେ ଦନେ ଲିଭିଲା ପ୍ରଦୀପ
ଦୈବଯୋଗେ, ଅଭ୍ୟାସର ବଳେ ଭୁଞ୍ଜି ଅନ୍ନ
ଜାଣିଲି ଲକ୍ଷ୍ୟ ଭେଦିବା ଅଭ୍ୟାସେ ଏସନ ।
ଅଲକ୍ଷ୍ୟେ ଦୂରସ୍ଥ ରିପୁ ଭେଦନାର୍ଥେ ପ୍ରଭୋ
ଅଦୃଷ୍ଟଲକ୍ଷ୍ୟେ ମୁଁ ଶରଗ୍ଭଳନସାଧନେ

Digitized by srujanika@gmail.com

ଲିପ୍ତ ଥିଲି । ଗୁର୍ବାଦେଶ ବନ୍ଧନେ ଏ ବ୍ରତେ
ବ୍ରତୀ ମୁହିଁ ଯେଣୁ, ଶିରୋଧାର୍ଯ୍ୟ ହେବ ମୋର
ସେ ଦଣ୍ଡ, ଯେ ଦଣ୍ଡ ହେବ ଶ୍ରୀମୁଖରୁ ଆଜ୍ଞା ।"
ଆକର୍ଣ୍ଣି କରୁଣିବାଣୀ ଶରଗୁରୁ ଦ୍ରୋଣ
ନୟନୁ ଝରାଇ ନୀର ଚୁମ୍ବି ଶିଷ୍ୟଶିର
ବୋଇଲେ "ହେ ସବ୍ୟସାଚି ! ଧନ୍ୟ ତବ ମାତା
ତବସମ ପୁତ୍ର ଯାହା ଗର୍ଭେ ସେ ଧରିଲେ,
ଧନ୍ୟ ତବ ପିତା, ଧନ୍ୟ ଧନ୍ୟ ଚନ୍ଦ୍ରବଂଶ,
ଧନ୍ୟ ମୁଁ ଶିଖାଏ ଯାହା ତୋତେ ଧନୁର୍ବେଦ !
ଅଶ୍ୱତ୍ଥାମାସ୍ନେହବଶୁଁ କହିଲି ତୁମ୍ଭଙ୍କୁ
ସତତ ଅଲେକେ ଅନ୍ନ ଭୁଞ୍ଜିବା ସକାଶ
ଶିଷ୍ୟଠାରୁ କ୍ଷମାଭିକ୍ଷା କରିବି କେମନ୍ତେ ?
ନିଜ ଗୁଣେ ପୁତ୍ରଠାରୁ ହେଲ ପ୍ରିୟତର ।

କଠୋର କର୍ମର ଯୋଗେବ୍ରତୀ ଯେଉଁ ଯୋଗୀ
ଏ ବିଶାଳ ବିଶ୍ୱବନେ, ନ ହୁଏ ବିଫଳ
କଦାପି ତପସ୍ୟା ତାର; ସୁଦୀର୍ଘ ଜୀବନେ
ଏହି ପ୍ରତ୍ୟକ୍ଷତା ମୁହିଁ ଲଭିଛୁ ଜଗତେ ।
ଅଦ୍ଭୁତ ପୁରୁଷ ଅହୋ ! ବ୍ୟାପିବ ବ୍ରହ୍ମାଣ୍ଡେ
ତବ ଯଶ, ହେବ ପୂଜ୍ୟ ଏ ଭାରତଖଣ୍ଡେ ।
ତୋ ରଣକୌଶଳ ଗାଇ ଧନ୍ୟ ହେବେ କବି,
ହସ୍ତିନା-ଉଦ୍ୟାନେ ଏହି ତମିସ୍ର ନିଶୀଥେ
ତୋ ଧନୁଷ୍ଟଙ୍କାର-ଶବ୍ଦ ଭେଦବ ଶ୍ରବଣି
ଭବିଷ୍ୟତ ଭାରତର; ହୋଇବ ଜାଗ୍ରତ
ଏ ଧନୁଷ୍ଟଙ୍କାରେ କାଳେ ନିଦ୍ରିତ ଭାରତ ।"

ମହାରାଣୀ ଭିକ୍ଟୋରିଆ

(ରାଗ—ଧନାଶ୍ରୀ)

ଅହା ଭିକ୍‌ଟୋରିଆ ରାଜରାଜେଶ୍ୱରୀ
ରମଣୀ-ମୁକୁଟ-ମଣି,
ଚଉଷଠି ବର୍ଷ କରି ରାଜପଣ
ତେଜିଗଲ ଏ ଧରଣୀ
ତବ ଶୋକେ ବିଷଣ୍ଣ
ହାହା କରେ ନିଖିଳ ଭୁବନ ।

ସତ୍ୟପରାୟଣା ସତୀଚୂଡ଼ାମଣି
କରୁଣାକୋମଳପ୍ରାଣା,
ଭଈବ୍ୟର ଶିଷ୍ୟା ମହାମନଃସ୍ୱିନୀ
ଥିଲ ବିଭୁପ୍ରେମେ ଧନ୍ୟା,
ନାରୀକୁଳ-ଗୌରବ,
ତବ କୀର୍ତ୍ତିଗୀତେ ପୂର୍ଣ୍ଣ ଭବ ।

ଧର୍ମ ଅର୍ଥ କାମ ମୋକ୍ଷ ଚତୁର୍ବର୍ଗ
ସଫଳ ତୁମ୍ଭ ଜୀବନେ,
ସାମ୍ୟ-ମୈତ୍ରୀ ମନ୍ତ୍ର ପ୍ରଚାରିଛ ଦେବି,
ସ୍ୱକାୟମନବଚନେ,
ସାଧୁ ସାଧୁ ଅବଳା !
ଥିଲ ଭାଗ୍ୟବତୀ ଷୋଳକଳା ।

ସଂସାରେ ଅଛନ୍ତି ଭାଗ୍ୟଧରଗଣ
ଗୁଣେ ଶ୍ରେଷ୍ଠ ନୁହନ୍ତି,
ତୁମ୍ଭ ଜୀବନରେ ଏ ବିଶ୍ୱାସ ଦୃଢ଼
ହୋଇଅଛି ମହାସତୀ,
ସାଧୁ ଦୃଷ୍ଟାନ୍ତ ତବ
ଅହା କି ସୁନ୍ଦର ଅଭିନବ !

Digitized by srujanika@gmail.com

ଚତ୍ୱାଅଶୀବର୍ଷ   ପୂର୍ବେ ଜନ୍ମିଥିଲ
କେଉଁ କ୍ଷୁଦ୍ର ପ୍ରାସାଦରେ,
ଜ୍ୟାନରୁ ପେରୁ   ଯାଏ ଅଛ ତବ
ପୂଜା ହୁଏ ଘରେ ଘରେ,
ଧନ୍ୟ ଧନ୍ୟ ରମଣି !
ସୁମାତା ସୁରାଣୀ ସୁଘରଣୀ ।
ଜାତି ଗୋତ୍ର ଧର୍ମ   ବର୍ଣ୍ଣ ନିର୍ବିଶେଷେ
ସକଳେ ଭାରତ ସୁତ
ଗୁଣ-ଅନୁରୂପେ   ହେବେ ତବ ରାଜ୍ୟେ
ରାଜକର୍ମରେ ନିଯୁକ୍ତ—
ଉଦ୍‌ଗୃରଣ ଘୋଷଣା
ମୋହିଲ ଏ ଦେଶେ ଦେବକନ୍ୟା ।
ଏ ଭବେ ସକଳେ   ପ୍ରଣମି ସଦନେ
ଦାଳନ୍ତି ଦୂର୍ବଳେ ଗର୍ବେ,
ଭେଳାଙ୍କ ମସ୍ତକେ   ଟାଳନ୍ତି ଚରଣ,
ନ ଗୃହାନ୍ତି ଧାନେ ଲବେ,
ଥିଲ ବନ୍ଧୁ ଦୁଃଖୀର,
ହୋଇ ମହାରାଣୀ ଧରଣୀର ।
ଯେଉଁ ଦେଶେ ଗଲ   ମାତା ଲ୍‌ଭକ୍‌ଟୋରିଆ
ସେ ଦେଶୁଁ ନ ଫେରେ ପ୍ରାଣୀ,
ଫେରାଇ ପାରନ୍ତେ   ମଧ୍ୟ ନ ଫେରନ୍ତୁ,
ଅଗୋ ଭାଗ୍ୟବତୀ ରାଣି !
ଦୁଃଖପୂର୍ଣ୍ଣ ଭୂର୍ଲୋକ,
ତବ ଉପଯୁକ୍ତ ପୁଣ୍ୟଲୋକ ।
ଗୁଲ୍‌ଗଲ ମାତଃ !   ସ୍ୱେ ପୁଣ୍ୟଜନକସ୍ୱେ,
ଯହିଁ ଛନ୍ତି ପ୍ରାଣପତି,
ଦିବସ ଯାମିନୀ   ଝୁରୁଥିଲ ଯାଙ୍କୁ
ହରାଇ ଯୌବନେ ସତି,
କାସ୍ତୁ-ବ୍ରହ୍ମଗୃହିଣୀ,
ପଦ୍ମଭଲ୍ଲ ଶକ୍ତିଦ ଯାମିନୀ ।

Digitized by srujanika@gmail.com

'ବିଶ୍ୱବନ୍ଦନୀୟା ରାଣୀ ଭିକ୍ଟୋରିୟା'
ଲିଖିତ ଧରାବକ୍ଷରେ,
ଯାବତ ଚନ୍ଦ୍ରାର୍କ ଉଦ୍‌ଘୋଷିତ ହେବ
ଜଳଦଗମ୍ଭୀର ସ୍ୱରେ,
ତାର ମୃଦୁ ନିସ୍ୱନ,
ଦିବ୍ୟଲୋକ କରିବ ସ୍ପନ୍ଦନ । *

ବାମଣ୍ଡାଧୀଶ୍ୱର ସର୍ ବାସୁଦେବ ସୁଢ଼ଳ ଦେବ,
କେ.ସି.ଆଇ.ଇ. ଏବଂ ଯୁବରାଜ ଶ୍ରୀ ସଚ୍ଚିଦାନନ୍ଦ ଦେବ

(ରାଗ—ଶ୍ରେଷ୍ଠ)

ଜୟ ବାମଣ୍ଡା-ମଣ୍ଡନ ସୁଢ଼ଳଦେବ ରଞ୍ଜନ
ଧୀର ବୀର ଦାତା କବି ଶ୍ରୀ ବାସୁଦେବ,
ସ୍ଥାପିଛ କୀର୍ତ୍ତି ଅକ୍ଷୟ 'ଅଳଙ୍କାରବୋଧୋଦୟ',
'ଶବ୍ଦାଃପ୍ରଭା', 'ବୀରବାମା' ରଚିଣ ଦେବ ।
ଗାଏ ତବ ଜୟ ହେ ଭୂପ
'ହିତୈଷିଣୀ', 'ଆଲୋଚନା' ସଙ୍ଗେ 'ମଧୁପ' ।
ସ୍ୱାଗତ ବାମଣ୍ଡା-ପତି ଆଜି ଅଭିରଣେ ଯତି,
ତବ ଶୁଭ-ଆଗମନେ ଆମ୍ଭେ ଉଥିତ;
ଜ୍ଞାନକର୍ମସମାବେଶେ ଅର୍ଜିଛ ଦେଶେ ବିଦେଶେ
ଅକ୍ଷୟ କୀରତି, ଯାହା ଘୋଷେ ଭାରତ,
ପ୍ରମାଣିଛୁ ତବ ଜୀବନ
'ରାଜା ରାଜ୍ୟାଶ୍ରମ-ଋଷି'—ବୁଧବଚନ ।

---

* ଏହି ପଦ୍ୟଟି ମୋହର ସହୋଦରପ୍ରଥମ ବନ୍ଧୁ କଟକ ରେଭେନ୍‌ସା [illegible]ବାଳିକାବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କୃଷ୍ଣପ୍ରସାଦ ଚଉଧୁରୀଙ୍କ ଅନୁରୋଧରେ ଲିଖିତ ହୋଇ ୧୯୦୧ ଖ୍ରୀଷ୍ଟାବ୍ଦରେ ଉକ୍ତ ବିଦ୍ୟାଳୟର ପୁରସ୍କାରବିତରଣ ଉପଲକ୍ଷରେ ଦୁଇ ଗୋଟି ବାଳିକାଙ୍କ ଦ୍ୱାରା ଗୀତ ହୋଇଥିଲା ।

Digitized by srujanika@gmail.com

ଥିଲା ସମୃଦ୍ଧ ଉତ୍କଳ   ହୋଇଛନ୍ତି ହୀନ ଦୁର୍ବଳ
ଶୌର୍ଯ୍ୟ ବୀର୍ଯ୍ୟ ବିଦ୍ୟା ବୁଦ୍ଧି ଯାଇଛନ୍ତି ବାହିଁ,
ହରାଇ ଗୌରବ-ପ୍ରାଣେ ପଡ଼ିଛନ୍ତି ଶବ-ଶ୍ମଶାନେ,
ତା ଦୁଃଖକୁ ଟାଳେ କେହୁ ଗୃହୁଁ ତ ନାହିଁ !
ଜନ୍ମି ଏ ଉତ୍କଳେ ରାଜନ,
କର ମୃତସଞ୍ଜୀବନମନ୍ତ୍ରୋଚ୍ଚାରଣ ।

ଅତି କଷଟେ ଅର୍ଜିତ   ଦରିଦ୍ର କୃଷକବୃନ୍ଦ
ଲୁଣ୍ଠନ କର ମହିମା ନଶ୍ୱରରୂପେ,
ଅସାର ଧାତୁଭୂଷଣ   କର ଶ୍ରୀଅଙ୍ଗେ ଧାରଣ
ବିଳାସ-ଛଳେ ନିନ୍ଦିତ ସ୍ୱଦେଶୀ ଭୂପେ ।
'ରାଜା ପ୍ରଜାହୃଦରଞ୍ଜନ';
ଏହା ଜାଣି ଛାମୁ କର ରାଜ୍ୟଶାସନ ।

ଦୁର୍ଲ୍ଲଭ ଅସନ ଭକ୍ତି   ସପତ୍ନୀ ଭାବ ବରଜି
ବିଶାଳବକ୍ଷେ ଲୋଟନ୍ତି କମଳା-ରାଣୀ;
ବିନୀତା ଭାରତୀ ସତୀ   ଅଟନ୍ତି ଶ୍ରେୟସୀ ଅତି
ସାମ୍ରାଜ୍ୟ-ଲକ୍ଷ୍ମୀ ଯଦବା ପ୍ରେୟସୀ ରାଣୀ,
ବୁଝିଛ ଏ ମର୍ମ ନରେଶ,'
ଘୋଷେ ତବ ଯଶ ତେଣୁ ଉତ୍କଳଦେଶ ।

ଜୟ ଶ୍ରୀ ସଚ୍ଚିଦାନନ୍ଦ—   ଦେବ କବି ସଦାନନ୍ଦ
ବନସ୍ଥୀ ଅମୃତଭାଷୀ ଉଦାରହୃଦ,
ସାହିତ୍ୟକୁଞ୍ଜବିହାରୀ   ଦର୍ଶକହୃଦସ୍ପୃହାରୀ
ତବ ଦରଶନେ ହୁଏ ହୃଦୟେ ମୁଦ;
ଯୋଗ୍ୟ ପିତା ଯୋଗ୍ୟ ନନ୍ଦନ
ପିନାକୀ ପାର୍ଶ୍ୱେ ସେନାନୀ ପ୍ରାୟ ଶୋଭନ ।

Digitized by srujanika@gmail.com

ତବ ଦରିଦ୍ର ଉତ୍କଳ   ନାହିଁ ଧନ ବିଦ୍ୟାବଳ
ସଙ୍ଗ ଛାଡ଼ି ଗଲେ ତେଣୁ ଅନ୍ୟ ଭଗିନୀ,
ତବାଦ୍ଭୁତ ସୁସନ୍ତତି   ଯୋଗେ ହୋଇ ପୁଣ୍ୟବତୀ
ଉତ୍କଳ ଭାରତୀ କିପାଁ ତବଦୁଃଖିନୀ ?
ବର୍ଷି ତବ କୃପା-ଆସାର
ପଲ୍ଲବିତ କରୁ ତନୁ ମାତୃଭଣ୍ଡାର । *

ଓଡ଼ିଆ ରାଜାଙ୍କ ନିକଟରେ ଓଡ଼ିଆର ଗୁହାରି

ଦୁର୍ବଳ ଓଡ଼ିଆ ଜାତି ଅତି କ୍ଷୁଦ୍ରବୁଦ୍ଧି,
ନାହିଁ ଶାସ୍ତ୍ରରେ ଶ୍ରମ ନାହିଁ ଜ୍ଞାନ ବୃଦ୍ଧି,
ତହିଁରେ ଓଡ଼ିଆ ରାଜା ଉଦାର ଉଦାସ,
ଉତ୍କଳ-ଉନ୍ନତି ଚେଷ୍ଟା ବିଫଳପ୍ରୟାସ !
ସପ୍ତ ପୁରୁଷରୁ ଯେଉଁ ଖାଉଥିଲେ ଦାନା,
ବୈଦେଶିକେ ମନା କଲେ ତାଙ୍କୁ ମାଲଖାନା;
ସିଂହର ବିଭାଗ ଏବେ ନେଲେ ବିଦେଶୀଏ,
ପାଇଲେ ଶୃଗାଳ ଅଂଶ କ୍ଷୁଦ୍ର ସ୍ୱଦେଶୀଏ,
ମାଛ ଲୁଚି ଗାଡ଼ି ଘୋଡ଼ା ବିଦେଶୀଙ୍କୁ ଭୋଗ,
ଉପବାସେ ସ୍ୱଦେଶୀଙ୍କୁ ଜୀବନ୍ମୃତ୍ୟୁ ଯୋଗ ।
ସ୍ୱଦେଶୀ ନୃପତି ! ଏହା କେଉଁ ନ୍ୟାୟ-ନୀତି,
ଦୁର୍ବଳେ ସହାୟ ପରା ସଜ୍ଜନଙ୍କ ରୀତି ?
ଜନନୀ ଜନମଭୂମି ମହତ ସ୍ୱର୍ଗରୁ,
ଦାତାପଣ ଆରମ୍ଭଇ ଆପଣା ଗୃହରୁ ।

---

* ଏହି ପଦ୍ୟଟି ୧୯୦୦ ଖ୍ରୀଷ୍ଟାବ୍ଦରେ ବାମଣ୍ଡାଧିପତି ଓ ବାମଣ୍ଡା ଯୁବରାଜଙ୍କ କଟକ ଟାଉନସ୍କୁଲ ପରିଦର୍ଶନବେଳେ ଦୁଇ କୋଡ଼ି ଶିଶୁ ସମସ୍ୱରରେ ଆବୃତ୍ତି କରିଥିଲେ ।

Digitized by srujanika@gmail.com

ସମାଜ ।

ମାନବସମାଜ ଘୋର ସଂଗ୍ରାମ-ପ୍ରାଙ୍ଗଣ,
ଯୋଗ୍ୟତମ ଜୟୀ ହୋଇ ଯାପନ୍ତି ଜୀବନ,
ବଳେତା ଉଡ଼ାଏ ଦର୍ପେ ଜୟବୈଜୟନ୍ତୀ,
ଦୁର୍ବଳେ ସ୍ୱପଦତଳେ ନିର୍ଦ୍ଦୟେ ଦଳନ୍ତି,
ଅନ୍ନମୁଷ୍ଟି-ଅର୍ଥେ ଏଥି ଯୁଝନ୍ତି ସକଳ,
ଦୁର୍ବଳ ବଞ୍ଚିତ ହୋଇ ସେ ଥାଏ ନିଷ୍ଫଳ,
ଜୀବନ୍ମୃତ ହୋଇ କେତେ ଗମଇ ଶ୍ମଶାନ,
ଅକାଳେ ନିର୍ବଳ ପ୍ରାଣ କରେ ତା ପ୍ରୟାଣ,
ତଥାପି ମାନବ-ସଙ୍ଗ କରି ମୁଁ ବର୍ଜନ
ଜୀବନ-ସଂଗ୍ରାମ-ଭୟେ ନ ଯିବଇଁ ବନ,
ସଂଗ୍ରାମ ଜୀବନ ବିନା, ନିଶ୍ଚେଷ୍ଟ ପରାଣ
ଅଟଇ ଶ୍ମଶାନସ୍ଥିତ ଶବର ସମାନ,
ଜୀବନ-ସଂଗ୍ରାମ ଅଟେ ନିୟତିର ବିଧି,
ଯୁଝି ଘୋର କର ଭ୍ରାତ ସର୍ବ କର୍ମ ସିଦ୍ଧି ।

ଗ୍ରହଚକ୍ର

ଧନ୍ୟ ଗୋ ପ୍ରକୃତି ଧନ୍ୟ ଗ୍ରହଶ୍ରେଣୀରେ
ଧନ୍ୟ ତୋ ଶକ୍ତିଲୀଳା,
ସୃଷ୍ଟି-ପ୍ରାରମ୍ଭରୁ ତୋ ଗୂଢ଼ ରହସ୍ୟ
କେହି ଭେଦ ନ ପାରିଲା !
କାହାର ଆଦେଶେ ଏ ଆକାଶ-ଦେଶେ
ଗ୍ରହଗଣର ପ୍ରୟାଣ, !
କାହାର ଆଜ୍ଞାରେ ଶୋଭେ ଶୂନ୍ୟ-ଦେଶେ
ସୁନୀଳ ନଭ-ଖଣ୍ଡ ?
କେଉଁ ଉଦ୍ଦେଶରେ ଶୂନ୍ୟ ଗଗନରେ
ଟେକିଅଛୁ ଶିର ମଥା,

Digitized by srujanika@gmail.com

କାହା ଆଜ୍ଞା ପାଳି ଶୋଭେ ମହୀ-ବକ୍ଷେ
ବନସ୍ପତି ସଙ୍ଗେ ଲତା ?
କାହା ଆଜ୍ଞା ବଳେ ଚଳଚଳ ଜଳେ
ବହି ଯାଏ ସ୍ରୋତସ୍ୱତୀ,
କେଉଁ ଶକ୍ତି ଭୟେ ବହଇ ଅନିଳ
ପ୍ରବଳ ବା ଧୀରଗତି ?
କାହା ଆଦେଶରେ ଜଳେ ଅବିରତ
ଅଗ୍ନି ଏ ମହୀମଣ୍ଡଳେ,
କାହାର ବିଧାନେ ବିଚରନ୍ତି ପ୍ରାଣୀ
ମହୀତଳେ—ଜଳେ ସ୍ଥଳେ ?
ନିସର୍ଗର କର୍ମ କେମନ୍ତ ନୀରବ
କେମନ୍ତ ବୈଚିତ୍ର୍ୟମୟ;
କେମନ୍ତ କୌଶଳେ ହୋଇଛନ୍ତି ସଂଯୁକ୍ତ
ସୃଷ୍ଟି ସ୍ଥିତି ସଙ୍ଗେ ଲୟ !
ଦିବା ନିଶି ଉଷା ମଧ୍ୟାହ୍ନ ପ୍ରଦୋଷ
ନିଶୀଥ ଆଦି କେମନ୍ତ
ନିଦାଘ ପ୍ରାବୃଟ ଶରତ ହେମନ୍ତ
ଶିଶିର ପୁଣି ବସନ୍ତ

ଆସନ୍ତି ଯାଆନ୍ତି ଅଲକ୍ଷ୍ୟ ଭାବରେ
ନୀରବେ ସ୍ୱକର୍ମ ସାଧି;
ହେ ଅଜ୍ଞେୟ ପ୍ରଭୋ ଧନ୍ୟ ବିସ୍ତାରିଛ
ଏ ବିଶ୍ୱେ ବିଶାଳ ଅଧି !
ଧନ୍ୟ ସତ୍ୟ ଶିବ ସୁନ୍ଦର ଦେବତା
ଅନନ୍ତ ଶାନ୍ତ ପବିତ୍ର,
ଆଶୀର୍ବାଦ କର ଯାଉ ଏ ଜୀବନ
ଦେଖି ସୃଷ୍ଟି-ଗୂଢ଼ଚିତ୍ର ।

Digitized by srujanika@gmail.com

ଜନ୍ମଭୂମି

ପ୍ରଥମ ଭାଗ

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"

Digitized by srujanika@gmail.com

ଉତ୍ସର୍ଗ

ମାତୃଭୂମି ଓ
ମାତୃଭାଷାର ପରମ ଭକ୍ତ,
ଉଦାରହୃଦୟ ନୀରବ କର୍ମବୀର
ପାରଳାଖେମୁଣ୍ଡିର ରାଜକୁମାର
ସୁକବି ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ପଦ୍ମନାଭନାରାୟଣ ଦେବ
ମହୋଦୟଙ୍କ ପବିତ୍ର ନାମରେ ଲେଖକର
ଶ୍ରଦ୍ଧା ଓ ସମ୍ମାନ ସହକାରେ
ଏହି କ୍ଷୁଦ୍ର ଗ୍ରନ୍ଥ ଉତ୍ସୃଷ୍ଟ
ହେଲା ।

Digitized by srujanika@gmail.com

ଭୂମିକା

ଗତବର୍ଷ ପ୍ରବଳପ୍ରତାପ ସପ୍ତମ ଏଡ୍‌ଵାର୍ଡ଼ଙ୍କ ଅଭିଷେକ ପୂର୍ବରୁ ଖାଲେଶ୍ୱର ଜିଲ୍ଲାର କେନ୍ଦ୍ରାପଡ଼ାସ୍ଥ "ରାଧାନାଥ ଲାଇବ୍ରେରୀ"ର ସମ୍ପାଦକ 'ନବୀନ ସମ୍ରାଟଙ୍କ ନିକଟରେ ଉତ୍କଳମାତାର ଗୁହାରି' ନାମକ ପ୍ରବନ୍ଧର ଶ୍ରେଷ୍ଠ ଲେଖକଙ୍କୁ ପୁରସ୍କାର ଦେବା ନିମିତ୍ତ ବାମଣ୍ଡାର 'ସମ୍ବଲପୁର ହିତୈଷିଣୀ'ରେ ବିଜ୍ଞାପନ ଦେଇଥିଲେ । ଏହି ପଦ୍ୟ-ପ୍ରବନ୍ଧଟି ଉକ୍ତ ପୁରସ୍କାର ପ୍ରାପ୍ତ ହୋଇ 'ହିତୈଷିଣୀ'ରେ ଧାରାବାହିକରୂପେ ପ୍ରକାଶିତ ହୋଇଥିଲା ଏବଂ ପରେ ବ୍ରହ୍ମପୁରର 'ଗଞ୍ଜାମ ହିତବାଦିନୀ' ପତ୍ରିକାରେ ଧାରାବାହିକରୂପେ ଉଦ୍ଧୃତ ହୋଇଥିଲା । ବର୍ତ୍ତମାନ ଏହା ପୁସ୍ତିକାକାରରେ ପ୍ରକାଶିତ ହେଲା । "ରାଧାନାଥ ଲାଇବ୍ରେରୀ"ର ସ୍ଥାପୟିତା ଶ୍ରୀଯୁକ୍ତ ବାବୁ ଶଶିଭୂଷଣ ରାୟ ମହାଶୟ ଏହି ପଦ୍ୟକୁ ପୁସ୍ତକାକାରରେ ପ୍ରକାଶ କରିବାର ଅନୁମତି ଦେଇଥିବାରୁ ତାଙ୍କୁ ଆନ୍ତରିକ କୃତଜ୍ଞତା ଅର୍ପଣ କରୁଅଛୁଁ ।

୩୦ । ୧୨ । ୧୯୦୩
କଟକ

ଗ୍ରନ୍ଥକର୍ତ୍ତା

Digitized by srujanika@gmail.com

ନବୀନ ସମ୍ରାଟଙ୍କ ନିକଟରେ
ଉତ୍କଳ-ମାତାର ଗୁହାରି

ଅଜେୟ ବ୍ରିଟିଶ ରାଜ୍ୟ-ଅଧିପତି
ଭାରତ-ସମ୍ରାଟ ଇଂଲଣ୍ଡେଶ୍ୱର,
ଯା ରାଜ୍ୟେ ସବିତା ଶିର ସମୁଦିତ
ଅର୍ଦ୍ଧ ଧରାର ଯେ ମଣ୍ଡଳେଶ୍ୱର,

ଅବତର ଦେବ— ଧାମୁଁ ସୌଦାମିନୀ
ଯା ରାଜ୍ୟେ ଖଟନ୍ତି ଦାସୀରୂପରେ,
ପ୍ରବଳ ପ୍ରତାପେ ଭ୍ରମେ ଯାର ତରୀ
ନିଖିଳ ନୀରଧି-ବରୁଣ ଘରେ ;

ସେହୁ ଷଷ୍ଠୀଜନ୍ମା ସପ୍ତମ ଏଡ୍‌ବାର୍ଡ
ହେବେ ରାଜସିଂହାସନାଭିଷିକ୍ତ,
ପାଇ ନିଜ ଜଣେ ଉତ୍ସବ-ଉଦ୍‌ଯୋଗ
କରୁଛନ୍ତି, ମହା ଉତ୍ଫୁଲ୍ଲ ଚିତ୍ତ ।

ସର୍ବ ଧରାପୃଷ୍ଠ- ଅଭିଷେକ-ବିଧି
କି ବର୍ଣ୍ଣିବ ତୁ ରେ କ୍ଷୀଣା ଲେଖନୀ,
ଥିଲେ ଥିବ ଦେବେ ଉତ୍ସବ-ଉପମା
ଦୁର୍ଲ୍ଲଭ ସେ ଦୃଶ୍ୟ ମଧ୍ୟେ ଅବନୀ ।

କୋଟି କୋଟି ମୁଦ୍ରା ହେଉଛି ବ୍ୟୟିତ
ନାନା ରାଜୋଚିତ ବିଳାସ ପାଇଁ ;
ଦେଲେ ମୁଦ୍ରା କୋଟି କୋଟି ମୁକ୍ତହସ୍ତେ
ଦରିଦ୍ର ସେବାର୍ଥେ ବ୍ରିଟେନସାଇଁ ।

ଘୋର ରାଜସିକ ଉତ୍ସବେ ଏ କି ରେ
ସାତ୍ତ୍ୱିକ ସୁଦାନ-ଦେବ ପ୍ରସାଦ !
ଭାରତର ଜୟ- ଯୁକ୍ତ ଏ ସମ୍ରାଟ
ଭିକ୍ଟୋରିଆଙ୍କର ଯୋଗ୍ୟଦାୟାଦ ।

Digitized by srujanika@gmail.com

ଦୀନସେବା ପୁଣ୍ୟ   ବ୍ରତ-ପୁରସ୍କାର
ଦିବ୍ୟ-ଶାନ୍ତି ପ୍ରାଣେ ହେଲା ବର୍ଷଣ,
ଯଥାକାଳେ ନୃପ   ବିଷ୍ଣୁ-ଧ୍ୟାନ କରି
ଅଟ୍ଟାଳି-ପଲଙ୍କେ କଲେ ଶୟନ ।

ଅଦ୍ୟ ପ୍ରସାଦର   ଚିର ସହଚର
ଦୁର୍ନୀତି-ପାପ-ମିଥ୍ୟାର ଅରି
ସୁନିଦ୍ରା ଆସିଣ   ସମ୍ରାଟ-ସଦନେ
ବରଷିଲେ ଶାନ୍ତି ବର୍ଷଣ କରି ।

ଦୀନ-ଦୁଃଖୀ-କଥା   ଭୁଲି ନରେଶ୍ୱର
ହେଲେ କେତେ ଗାଢ଼ ନିଦ୍ରା-ମଗନ ;
ଉତ୍ସବ-ଉଦ୍‌ବେଗ-   ମାନସେ ସମ୍ରାଟ
ଦେଖିଲେ ଅପୂର୍ବ ଏକ ସ୍ୱପନ ।

ହୀରକ-ରତନ-   ମଣି-ମାଣିକ୍ୟରେ
ଗଠିତ ଏକଇ ସୁ-ସିଂହାସନ,
ପାତ୍ରମନ୍ତ୍ରୀ ସହ   ଅସଂଖ୍ୟ ଜନତା-
ମଧ୍ୟେ ଲଭିଛନ୍ତି ଆପେ ଆସନ ।
ଦେଶ-ଦେଶାନ୍ତରୁ   ଆସିଛନ୍ତି ପ୍ରଜା
ନିଜ ନିଜ ଅର୍ଜି କରିବା ପାଇଁ,
ତହିଁ ମଧ୍ୟେ ଦୀନା   ବିଷଣ୍ଣ ପ୍ରତିମା
ବସିଅଛି ନାରୀ କୋଣରେ ଯାଇଁ ।

ଜଣ ଜଣ ହୋଇ   ସର୍ବ ସଙ୍ଗୀ ଯାଇଁ
ନୋଇଁ ଶିର ନିଜ କଥା କହିଲେ,
ସର୍ବୋତରେ ସେହୁ   ବିଷଣ୍ଣା ପ୍ରତିମା
ଶ୍ରୀଛାମୁରେ ଯାଇଁ ମଥା ନୋଇଁଲେ ।

ଶ୍ଲଥ କେଶପାଶ   ପାଣ୍ଡୁର କପୋଳ
ଛିଣ୍ଡା ମଳିନ ବସନ ରାଜି,
ଆକୃଷ୍ଟଲେ ତା ପ୍ରତି   ଦୃଷ୍ଟାନ୍ତ ସକଳେ,
ନିରେଖି କେତେକ ଦଏ ସେ ତାଳି ।

Digitized by srujanika@gmail.com

ମଧ୍ୟ ଭାରତେ କରା   ହେଲା ଲେଖ୍ୟପତ୍ର,
ଜନତା-ସିନ୍ଧୁ କି ହେଲା ଉଦ୍ବେଳ,
ଗର୍ଜିଲେ ସକଳେ   କିଏ "ସେ ଏଡ଼ୁଟା
କିଏ ସମ୍ରାଟଙ୍କ ମହାର୍ଘ ବେଳ ?
ଖିଲ ଖିଲ ହସା   ଗଗନେ ଉଚ୍ଛୁଳୁ
ଭୁଲା କରୁଅଛୁ ବଶି ହେ ମତେ,
ହାତୀ ଘୋଡ଼ା ପଛୁଁ   ବୁଡ଼ି ମରୁଛନ୍ତି
ରେଳ କହେ ପାଣି ଠୋରେ କେତେ !

ସୁବର୍ଣ୍ଣର ଜରି-   ଜଡ଼ିତ କୌଷେୟ,
ରତନ-କାଞ୍ଚୁଲି, ସ୍ୱର୍ଣ୍ଣ-ମଣ୍ଡନ,
ପିନ୍ଧି ଅଛନ୍ତି   ରାଣୀ ମହାରାଣୀ,
ତାଙ୍କ କଥା ହୋଇ ଯାଉଛି ଦୂର ।
ମଳିନ ବସନେ   କିଏ ରେ ଏଇଟା
ସମ୍ରାଟ-ସମ୍ମୁଖେ କରେ ଗମନ ?
ନବୋଧ ଦଉଡ଼େ   ସେଠାକୁ, ଯେଠାରେ
ଯିବାକୁ ଡରନ୍ତି ଦେବତାଗଣ ।"
ଦରିଦ୍ର-ଜନନୀ   ସତୀ-ଶିରୋମଣି
ଭିକ୍ଟୋରିୟାଙ୍କର କୁଳନନ୍ଦନ
ଜନତା-ଉପରେ   କଟାକ୍ଷ ନିହାରେ
ଦାମିନୀ-ଭାସ୍ୱର-ଦୃପ୍ତ-ନୟନ ।

ରହିଲା ତଟସ୍ଥେ   ସମଗ୍ର ଜନତା
ଉଚ୍ଛୁଳିଲା ଜଳେ ପଡ଼ି କି ଢେଲ;
ଛୁଟିଲା ଉଗ୍ରାଢ଼   ବ୍ରୀଡ଼ା-ଭୟ-ଭରେ,
ଉଷ୍ମା ଖାଇଲା କି ସିନ୍ଧୁ ଉଦ୍ବେଳ ?
ଉଠିଲା କାମିନୀ   "ପ୍ରବଳ ପ୍ରତାପ
ନିଖିଳ-ଅବନୀ-ଅଧି-ଈଶ୍ୱର,
ମୋ ନାମ ଉତ୍କଳ   ଘର ଆର୍ଯ୍ୟାବର୍ତ୍ତ-
ଦାକ୍ଷିଣାତ୍ୟ-ସନ୍ଧିସ୍ଥଳେ ମୋହର,

Digitized by srujanika@gmail.com

ଉତ୍ତରେ କପିଶା ପୂର୍ବେ ନୀରନିଧି,
ଦକ୍ଷିଣେ ଶଲ୍ଲଭା ନୀଳମାମୟ,
ପଶ୍ଚିମେ ମୋହର ମଧ୍ୟ ପ୍ରଦେଶାନ୍ତ,
ମୋର ପଶ୍ଚିମାଂଶ ପର୍ବତମୟ ।

ପାହାଡ଼ ଭିତରେ ବଜା ବାନ୍ଧ ପ୍ରଦେ
ସୁଖେ କରୁଥିଲ ସ୍ତ୍ରୀ ଦସବାସ,
ମୋ ଘରେ ଯାବତ୍ ପଶିଲେ ଯବନେ,
ଘୋଟାଇଲେ ନାଥ ମୋ ସର୍ବନାଶ ।

ପ୍ରାଚୀନ କାଳରେ ଥିଲା ମୋ ଗୌରବ
ଭାସ୍କର୍ଯ୍ୟ, ସ୍ଥାପତ୍ୟ, କାବ୍ୟ, ପୁରାଣ,
ଅସଂଖ୍ୟ ଦେବଦେ- ବାଳୟା ବନ୍ଧ, ଅଛି
ଅଛି ମଧ୍ୟ ପୂର୍ବ କୀର୍ତ୍ତି-ପ୍ରମାଣ ।
ଭୁବଣ ମନ୍ଦର ଶିବ-ବିଷ୍ଣୁ-ସୂର୍ଯ୍ୟ-
ଶକ୍ତି-କ୍ଷେତ୍ର, ବୌଦ୍ଧ କୀର୍ତ୍ତିରାଜି,
ଏତେ ମଧ୍ୟରେ ହେ ଭାରତ-ସମ୍ରାଟ !
କରନ୍ତେ ଜଗତର ଗୌରବ ଅଙ୍ଗ ।

ତଥାପି ମୋ ସୁତେ ପଡ଼ି ଯାଉଛନ୍ତି !
ଅବନତି-ଗର୍ତ୍ତୁ ଉଠି ନ ପାରି
ଗଭୀର ବେଦନା- ଭରେ କୋଟି ସୁତେ
ନିଶି ଦିବା ହେଉଅଛନ୍ତି ଘାରି ।
ଅଛି ପୂର୍ବ ଯଶ, କିନ୍ତୁ ଗତ କଥା
କହି କେବେ କେହି ନ ହୁଏ ବଡ଼,
ସଦା ମୋ ଗୃହରେ ବସିଅଛି ଏବେ
ଦାରିଦ୍ର୍ୟ ଜଡ଼ତା ଅଧର୍ମ ଝଡ଼ ।

କୋଟି ସୁତେ ମୋର ଅଳସ ଅଜ୍ଞାନ
ବେଳେ ଖାଇ ବେଳେ ଶୋଇ ଉପାସ;
ନାହିଁ ବୁଦ୍ଧି ବଳ ନାହିଁ ତତ୍ପରତା
ହୋଇଅଛି ତେଣୁ ମୋ ସର୍ବନାଶ ।

Digitized by srujanika@gmail.com

ବାଟି ବାଟି ମୋର ପଞ୍ଜରୁ ପଞ୍ଜର
ଚଷି ନ ଖାଅନ୍ତି ମୋ ସୁତେ ତାହା,
ସେତୁ ମନ୍ଦବୁଦ୍ଧ ଭ୍ରମି ମୋ ଯାଅନ୍ତି
ନ ବୁଝନ୍ତି କେହୁ ତେଣିକି ଅହା !
ଜନମିଲେ ମୋର କୋଳେ କବିସୂର୍ଯ୍ୟ
ଭଞ୍ଜ ଦୀନକୃଷ୍ଣ ଏ ଅଦ କବ
ମଳିନ ଦିଶୁଛି ଏ ଯୁଗେ ହେ ପ୍ରଭୁ !
ଉତ୍କଳସାହିତ୍ୟ ଅନନ-ଛବି ।

ପଠାଣ ମୋଗଲ ମହରହଟ୍ଟାଗଣ
ନିଦାରୁଣ ହେଲେ ମୋ ସୁଖ ପ୍ରତି,
ମୋ ପୂର୍ବ ପ୍ରତିଭା ହୋଇଗଲା ଜଡ଼,
ପଡ଼ିଗଲି ମୁହିଁ ଗର୍ଭରେ ଅତି ।
ଶତ ବର୍ଷ ପୂର୍ବେ ବିଧି କୃପାବଳେ
ଉଦ୍ଧାରିଲେ ମୋତେ ଇଂଲଣ୍ଡବାସୀ,
ଭଅଁଳିଲା ଅଗ୍ନି ମାରିଲି ନିଶ୍ୱାସ
ଶତ ଶତ ବର୍ଷ ପରେ ମୁଁ ଆସି ।
ଅର୍ଦ୍ଧ ଶତ ବର୍ଷ ପୂର୍ବେ ମୋ ଗୃହରେ
ପଡ଼ିଲା ଦୁର୍ଭିକ୍ଷ ଦାରୁଣ ଘୋର,
କଲବଲ ହୋଇ ନିଦାଘ କର୍ଦ୍ଧାତେ
ମଲେ ଦଶ ଲକ୍ଷ ସନ୍ତାନ ମୋର ।

ସେହୁ ଦିନଠାରୁ ବ୍ରିଟିଶରାଜଙ୍କ
କରୁଣା କଟାକ୍ଷ ହେଲା ମୋ ପ୍ରତି,
ପାଶ୍ଚାତ୍ୟ ସଭ୍ୟତା— ଦେବଦୂତେ ତେଣୁ
ପଠାଇ ଦେଲେ ସେ ଦରିଦ୍ର କତି ।

ସେତୁ ନାନା ବନ ବିଦ୍ୟାଳୟ ଖୋଲି
କଲେ ରାଜା ମୋର ଯେ ଉପକାର,
ଦରିଦ୍ର ପ୍ରଜା ମୁଁ କୃତଜ୍ଞତା ବିନା
ଜାଣେ ନ ଆନ ପ୍ରତ୍ୟୁପକାର ।

Digitized by srujanika@gmail.com

ପଶ୍ଚିମୁଁ ଆସିଣ ଖ୍ରୀଷ୍ଟ-ଶିଷ୍ୟଗଣ
ସ୍ୱର୍ଗୁଁ ପ୍ରେରିତ ଦୂତ ସକାଶ,
ବିଦ୍ୟାଳୟ ଛପାକଳ ଆଦି ସ୍ଥାପି
ପାଶ୍ଚାତ୍ୟ ସଭ୍ୟତା କଲେ ପ୍ରକାଶ ।

ନଗରେ ନଗରେ ଗ୍ରାମେ ଗ୍ରାମେ ବୁଲି
ମହର୍ଷି-ଈଶାଙ୍କ ଦିବ୍ୟ ଜୀବନ,
ଶ୍ରବଣ ସୁମିଷ୍ଟ କରଣି ପ୍ରଚୁର
ମୋ ଘରେ ସୁଜ୍ଞାନ କଲେ ବର୍ଣ୍ଣନ ।

ପ୍ରାତଃ ସ୍ମରଣୀୟ ରେଭେନ୍ସା ସାହେବ
କଲେ କୃପାରେ ମୋ ଯେ ଉପକାର,
ଯୁଗଯୁଗାନ୍ତର କାଳକାଳକୁ ମୋ
ସୁତେ ଭୁଞ୍ଜୁଥିବେ ସୁଫଳ ତାର ।

ମୋର ଯୋଗ୍ୟ ସୁତ ଶ୍ରୀ ଚନ୍ଦ୍ରଶେଖର
'ସିଦ୍ଧାନ୍ତଦର୍ପଣ' କରି ପ୍ରକାଶ,
କରିଛି ମୋ ସୁତ ସୂରିର ସଞ୍ଚିତ
ଅବୋଧ କଳଙ୍କ କଞ୍ଚିତ ନାଶ ।

ଜ୍ୟୋତିଷ-ଜଗତ— ପର୍ଯ୍ୟବେକ୍ଷଣରେ
ଅଧୁନିକ ନବ ଯୁଗ ବିଜ୍ଞାନ
ସହାୟ ନ ଘେନି ବୈଜ୍ଞାନିକ ସତ୍ୟ
ପ୍ରତିଭାରେ ପାଇଅଛି ସନ୍ଧାନ ।

ମୋର ଯୋଗ୍ୟ ପୁତ୍ର ଶ୍ରୀ ମଧୁସୂଦନ
ଦେଶହିତବ୍ରତ କରି ଗ୍ରହଣ
ନାନା ସେବା କରି ମୋର ହିତ-ଅର୍ଥେ
ଆସି ଏ ଇଂଲଣ୍ଡେ କଲା ଭ୍ରମଣ ।

ଦେବାଲାଗି ଶିର— ସ୍ଥାୟୀ ବନ୍ଦୋବସ୍ତ
ଯେ ପ୍ରତିଜ୍ଞା କଲେ ବ୍ରିଟିଶରାଜ,
ମୋ ସୁତ ବହୁତ ଗୁହାରି କଲେହେଁ
ପାଇ ନାହିଁ ସେହି କୃପା ମୁଁ ଆଜ ।

Digitized by srujanika@gmail.com

ଇଂଲଣ୍ଡ ନେଉଛି ଶ୍ରୀ ମଧୁସୂଦନ
କରିବାପାଇଁ ମୋ ଦୁଃଖ ମୋଚନ
ଶିଳ୍ପାଗାର ଖୋଲି ସ୍ୱଦେଶ ସାମଗ୍ରୀ
କରନ୍ତି ସୁଦୂର ସ୍ଥାନେ ପ୍ରେରଣ ।

ରଜତ କନକ ମାଣିକ୍ୟ ଲପଣୀ,
ଲାଟ କମିଶନର ଯାଆନ୍ତି ନେଇ,
ଶ୍ୱେତାଙ୍ଗ ମହିଳା ରାଜରାଣୀ କଣ୍ଠେ
କନକହାର ଅଛଇ ବନ୍ଧି ।

ହେମା ସୁଦନ ଅବା ଫେର ଅସିପାରେ
ମୋର ସରପ୍ରୀତି ଶତଯତନେ,
କିନ୍ତୁ ଜଣକର ଯତନେ କି ହେବ
ନ ଜାଗିଲେ ମୋର ସର୍ବ ନନ୍ଦନେ ।

ରାଧାନାଥ, ମଧୁ, ଫକୀରମୋହନ
ରାମଶଙ୍କରାଦ ଲେଖକ କବି
ଫେରାଇ ଆଣନ୍ତି କହିଦେ ମୋହର
ପୁରାତନ ଯୁଗ ଗୌରବ-ରବି ।

ନ୍ୟସତ୍ତ୍ୱ ମନ୍ଦବାଦ କରନ୍ତି ସଂସ୍କାର
କିଛି କିଛି ରାଜପ୍ରତିନିଧିଏ,
ଇଂରେଜଙ୍କ ବିନୁ ମୋ ଘୋର ବିପାକ
ଅନ୍ତ ଦୂର କରିପାରିବ କିଏ ?

କଲେହେଁ ନୃପତି କିଛି ଉପକାର
ମୋ ଘୋର ଦୁର୍ଦ୍ଦଶା ଘୁଞ୍ଚଇ ନାହିଁ,
ଶତ ଦୁଃଖ କଷ୍ଟ ଦୀନତା ଲକ୍ଷ୍ମିନା
ବହିଅଛି ମୋର ବାତ୍ସନେସାଇଁ ।

ଏକୋଟି ସୁତମାତା ହୋଇ ମୁଁ ସମ୍ରାଟ,
ଅର୍ଦ୍ଧ କୋଟି ସୁତ ଅଛି ହସଇ,
ସଞ୍ଚୋମ ସମ୍ବଳ- ମୂର କାନ୍ତି ନେଲେ
ପାଖାଣ୍ଡ, ପଶୁ, ଚଣ୍ଡ ଛଡ଼ାଇ ।

Digitized by srujanika@gmail.com

ଅଙ୍ଗହୀନା ହୋଇ ପଡ଼ିଅଛୁ ମୁହିଁ
ନିତାନ୍ତ ଦୁର୍ବଳ ଦରିଦ୍ର ହୀନ,
ଏତେଟା ଅଗ୍ରରେ ମୋହର ସୁତଗଣ
ସେବୁଝି ନାହାନ୍ତି ପୂର୍ବ ସୁଦିନ ।
ହାତଠାରୁ ହାତ ହୋଇଣ ବିଚ୍ଛିନ୍ନ
ସମବେତ ଚେଷ୍ଟା କରି ନ ପାରି,
ଜୀବନ ସଂଗ୍ରାମେ ଅନ୍ୟାନ୍ୟ ପ୍ରଦେଶ
ସଙ୍ଗେ ପଦେ ପଦେ ଯାଅନ୍ତି ହାରି ।

ବଙ୍ଗ ମହାରାଷ୍ଟ୍ର- ମାନ୍ଦ୍ରାଜ ପଶ୍ଚିମ
ପଞ୍ଜାବ ଗୁର୍ଜର ରାଜପୁତାନା,
ବ୍ରିଟିଶ ଜାତିଙ୍କ ପଛରେ ଚାଲନ୍ତି
ଘେନିଣ ଉନ୍ନତି-ବିଜୟବାନା ।
ମୁହିଁ ଏକା ରହୁ ଅଙ୍ଗହୀନା ହୋଇ
ନ ପାରିଲି ଚାଲି ତାଙ୍କ ସଙ୍ଗତେ,
ପୂର୍ଣ୍ଣାଙ୍ଗ ନବୀନ ଶକ୍ତି ଦେଇ ଭୂପ !
ଜଡ଼ତା-ଜମ୍ବାଳୁଁ ଉଦ୍ଧାର ମତେ ।

ଥିଲି ଦିନ ଯେବେ ଏ ଭାରତେ ମୁହିଁ
ପାଇଥିଲି ଉଚ୍ଚ ଆସନ ଏକ,
ସତେ କି ବ୍ରିଟିଶ ସିଂହାସନ ଛାୟା—
ତଳେ ଫେରିବ କି ମୋ ସେ ପୂର୍ବ ଟେକ !
ଏକ ରାଜଛତ୍ର ତଳେ ରହି ଯେବେ
ସର୍ବ ପୁତ୍ର କନ୍ୟା ଧରିଲି ଅଙ୍କେ,
ଦଶ ଜଣ ସଙ୍ଗେ ଜଣେ ହୋଇ ମୁହିଁ
କଲି ଘରଦ୍ୱାର କେତେ ନିଶଙ୍କେ !

ଆଜି ଥୋକେ ସୁତ ହେଲେଣି ତେଲଙ୍ଗା
ଥୋକାଏ ଖୋରଣ୍ଠା ଥୋକେ ବଙ୍ଗାଳୀ,
ନିଜ ଘର ଛାଡ଼ି ହୋଇ ନାରଖାର
ଭ୍ରମନ୍ତି ଯେସନେ ନାଗ ବାଙ୍ଗାଳୀ ।

Digitized by srujanika@gmail.com

ଭଗିନୀସୁତ ମୋ   ଦଣ୍ଡ ବଙ୍ଗ ଯେତେ
ରାଜକର୍ମଯାକ ବସନ୍ତି ମାଡ଼ି,
କୋଟି ପୁତ୍ର ମୋର   ଦୂରେ ଦୂରେ ଆଜ
ଦୂଲ ଲଗ୍ନଛନ୍ତି ଯେସନ ହାଡ଼ି ।

ଉନ୍ନତ ଇଂରେଜ   ଗର୍ବିତ ହୃଦତ,
ବୋଲି କ୍ଷୁଣ୍ଣ ଯେଣ୍ଣି ଭାରତ ସୁତ,
ନିଜ ଭ୍ରାତା ପ୍ରତି   ଗର୍ବିତ ଉଦ୍ଧତ,
ଦୁଅନ୍ତି ଏ କଥା ବଡ଼ ଅଦ୍ଭୁତ ।
ଦୁର୍ବଳ-ସହାୟ   ଲଜ୍ଜା ନିବାରଣ
ସ୍ୱାଧୀନତା-ନ୍ୟାୟ-ଧର୍ମବ୍ରତାର,
ମହାସ୍ୱାର୍ଥ-ତ୍ୟାଗେ   ହେ ବ୍ରିଟିଶସିଂହ
କୀତ ଦାସଗଣେ କଲ ଉଦ୍ଧାର ।

କେତେ କେତେ ଦେଶେ   ଦେଲ ଜ୍ଞାନଶକ୍ତି
ଅତ୍ୟାଗ୍ରହ ଉପଧର୍ମକୁ ତଡ଼ି,
ତବ ବାନାଙ୍ଗୁଃ-   ତଳେ କି ଉତ୍କଳ
ଅବସାଦ-ପଙ୍କେ ରହିବ ପଡ଼ି ?
ସମଗ୍ର ଉତ୍କଳ-   ଭୂମି ଦେଶ ଖଣ୍ଡେ
ଏକୀଭୂତ କର ଭବ ସଦଳ,
ଏକ ଶାସକଙ୍କ   ତଳେ ଥାଉ ଶକ୍ତି
ମନାସନ୍ତୁ ମୋର ସୁତ ସକଳ ।

ଉଡ଼ିଆ ଏ ହୋଇ   ହାତ ଧରାଧରି
ପରସ୍ପରେ କର ସାହାଯ୍ୟ ଦାନ,
ସମବେତ ଚେଷ୍ଟା   କର ଯେନେ, ଯେନେ
କରନ୍ତୁ ଉନ୍ନତି-ମାର୍ଗେ ପ୍ରୟାଣ ।
ଜାତୀୟତା-ନାଶ   ଅବନତି-ମାର୍ଗ,
ଜାତୀୟ-ମମତା ଉନ୍ନତି-ହେତୁ ।
ପ୍ରାଚୀନ ଗୌରବ   ଜ୍ଞାନଧର୍ମ ଶୀଳ
ଫେରାଇ ଉଡ଼ାଅ ବିଜୟକେତୁ ।

Digitized by srujanika@gmail.com

ସ୍ୱତନ୍ତ୍ର-ସାଧନ କର ଜୁଲାଇୟେ
ବଙ୍ଗ-ମହାମନ୍ତ୍ରୀ ସଙ୍ଗତେ ଯାଇଁ
ଏକାସନେ ବସି ସ୍ୱଦେଶ-ଉନ୍ନତି
କରିବେ ଯେସନ କରନ୍ତୁ ସ୍ଥିର ।
ବହିଭୂତ ହୋଇଣ ଚିରକାଳ ଯେବେ
ରହିବ ଏମନ୍ତେ ଉତ୍କଳ ଦେଶ,
ହୀନ, ଅନୁନ୍ନତ, ପତିତ ହୋଇବ,
ନ ଘୁଞ୍ଚିବ ତାର ମଳିନ ବେଶ ।

ଦିଗନ୍ତ ବିହାରୀ ଶୁଣିବାକୁ ଆଶା
ହେଉ ହେ ସମ୍ରାଟ ରାଜରାଜେଶ,
ବଙ୍ଗଦେଶ ପରି ଚିରସ୍ଥାୟୀ ହେଉ
କର-ବନ୍ଦୋବସ୍ତ ଉତ୍କଳ-ଦେଶ ।
ନ୍ୟାୟ-ଅବତାର ବ୍ରିଟିଶ-କେଶରୀ
ବଙ୍ଗ-ଭଗିନୀକୁ ଦେଲେ ଯେ ବର,
ଯେ ଦିବ୍ୟ ଦାନରେ ବଙ୍ଗବାସିଗଣେ
ଦିନୁଁ ଦିନ ହୋନ୍ତି ଉନ୍ନତତର ।

ଅଭାଗୀ ଉତ୍କଳ ଘୋର ଦୀନତାରେ
ସତୃଷ୍ଣ-ନୟନେ ରହନ୍ତୁ ଚାହିଁ,
କୃପା-କଟାକ୍ଷରେ ଏତିକ ପ୍ରଦେଶେ
ହେ ଭୂପତି ତାରେ ଚାହିଁବ ନାହିଁ ?
ମୋ ବଙ୍ଗ-ଭଗିନୀ ତୁମ୍ଭଙ୍କ ପ୍ରସାଦେ
ପୁତ୍ର କନ୍ୟା ଘେନି କରଇ ଘର,
ଥିଲି ମୁହିଁ କିବା, ହେଲା ମୋ କି ଦଶା
ଭାଳିଣି କରିଛି ହୁଏ ଅନ୍ତର !

ନ୍ୟାୟ ସତ୍ୟଶୀଳ ଶ୍ୱେତଦ୍ୱୀପବାସୀ
କହିଥିଲେ ଥରେ ଏ ସତ୍ୟପଣି;
"ଯାବଦେହୁଁ ଚିର- ସ୍ଥାୟୀବନ୍ଦୋବସ୍ତ
ନିଖିଳ-ଉତ୍କଳ-ବାସୀଙ୍କ" ।

Digitized by srujanika@gmail.com

ନିରାଟ ନିର୍ଜନ   ଅନୁର୍ବର ଶୁଷ୍କ
ପାହାଡ଼ିଆ, ଠେଙ୍ଗ, ଢୋଇଆ, ଜମି
ଦ୍ୱିଗୁଣ ହୋଇ-   ଗଲା ବନ୍ଦୋବସ୍ତେ
ଥିଲା ଯାହା ଜମା କଥିତ କମି ।

ଢୋଇଆ ମୁଲକ   ଓଡ଼ିଶା ପ୍ରଦେଶେ,
ଧୋଇଯାଏ ଯେଉଁ ପାଟଲା ଧାନ,
କୂଳ ଲଙ୍ଘି ନଦୀ   ଗୃହ ଧନ ଜନ
ଭସାଇଣି କରେ ସିନ୍ଧୁ ପ୍ରୟାଣ ।

ଏ ଭଳି ଦେଶରେ   କର ବୃଦ୍ଧି ହେବା
ଅଟେ ନ୍ୟାଯ୍ୟ-ରାଜ ନୁହେ ଉଚିତ,
ସହି ନ ପାରଣି   କର ଗୁରୁଭାର
ସ୍ୱଭୂମି କରଇ ସ୍ୱାମୀ ବର୍ଜିତ ।

ଧୋଇ ସଙ୍ଗେ ପୁଣି   ଅକାଳ ମରୁଡ଼ି
ନାଶେ କୃଷକର ଉଆର ଧାନ,
କେଉଁ ବର୍ଷ ପୁଣି   ଦାରୁଣ ନିଦାଘେ
ବିଲରେ ଲଙ୍ଗଳ ନ ପାଏ ସ୍ଥାନ ।

ସ୍ଥାନେ ସ୍ଥାନେ ହେଉ   ଜଳର ଭଣ୍ଡାର,
ତୃଷାର୍ତ୍ତ ଗୁହାରି ମୋର ସ୍ୱଜନ,
ସେ ଜଳ-ଭଣ୍ଡାରୁ   ଶୁଷ୍କ କେଦାରକୁ
ହେଉ ନିଦାଘରେ ନୀର-ବଣ୍ଟନ ।

ମୋର ବାଡ଼ିପାଶେ   ବରୁଣ-ନିଳୟ
ଅଜସ୍ର-ଲବଣ-ନୀର-ନିଧାନ,
ସେ ଜଳ ରାନ୍ଧଣି   ଲୁଣ ଖାଉଥିଲେ
ଭିକ୍ଷା-ଗ୍ରାସେ ମୋର ଦୁଃଖୀ ସନ୍ତାନ ।

ମହିମା-ବାରିଧି   ଅତୁଳ-ସମ୍ପଦ—
ଅଧିକାରୀ ଅଟେ ବ୍ରିଟିଶ-ରାଜ,
ଲୁଣଗଣ୍ଡା ପାଇଁ   କରିଦେଲେ ମନା,
କହିବାକୁ ମତେ ମାଡୁଛି ଲାଜ ।

Digitized by srujanika@gmail.com

ମୋ ବାଡ଼ିଭିତରେ ଲୁଣର ଅମଳ,
ଅଲଣା ଖାଅନ୍ତି ଦୁଃଖୀ ଓଡ଼ିଆ,
ଲୁଣର ଖାଇଲେ ପକଡ଼ି ନିଅନ୍ତି
ଖୋଲ୍‌ଟି କହି ତାଙ୍କୁ ମାଲପଗଡ଼ିଆ ।
ଦୁଃଖୀ ରଙ୍କ ଲୋକେ ଧରିନେବେ ବୋଲି
ଅଛନ୍ତି ଅସଂଖ୍ୟ କରମଚାରୀ,
ଶହ ଶହ ଟଙ୍କା ଦରମା ପାଆନ୍ତି,
ଲୁଣଚୋରାପାଇଁ ଜୁଲୁମ ଜାରି ।

ନ୍ୟାୟ ଦୟାଶୀଳ ବ୍ରିଟିଶକେଶରୀ
ଚତୁର୍ଥ ଗୁହାରି ଏହା ମୋହର
ନିମକଟିକସ କରିଦିଅ ମାଫି,
ରହି ଥାଉ ମହାକୀର୍ତ୍ତି ତୁମ୍ଭର ।
ପଙ୍ଗାଲୁଣ ହୁଏ ମୋ ଘରେ ଅମଳ,
ଗୋଡ଼ାଲୁଣ ହୁଏ ବିଦେଶ ଦାଣ୍ଡେ,
ଟିକସ ହେବାରୁ ଦାମୀ ପଙ୍ଗାଲୁଣ,
ଗୋଡ଼ାଲୁଣ ଶୋଷେ ସମସ୍ତ ଗଣ୍ଡେ ।

ପଞ୍ଚମ ଗୁହାରି ଏ ମୋର ସମ୍ରାଟ
ସ୍ୱଦେଶ-ଶାସନେ ଓଡ଼ିଆଗଣ
ବିଦ୍ୟା ବୁଦ୍ଧି ବଳେ ପାଉ ନ୍ୟାଯ୍ୟ-ଅଂଶ
ରାଜକର୍ମେ ତାଙ୍କୁ କର ଗ୍ରହଣ ।
ଶାସନ ବିଭାଗେ ଶିକ୍ଷା ରେଲ୍ ଡାକ-
ସବୁ ଇଲାକାରେ ହୋଇ ନିଯୁକ୍ତ,
ମୁରବି ବଳରେ ବିଦେଶୀୟେ ଆସି
ଓଡ଼ିଆଙ୍କ ଟଙ୍କା ନେଲେ ବହୁତ ।

ପାଠ ପଢ଼ି ଘାସ କାଟନ୍ତି ଓଡ଼ିଆ,
ବିଦେଶୀ ପାଆନ୍ତି ଉଚ୍ଚ-ଚାକିରି
ଚାକିରି ନ ପାଇ ନିରନ୍ନ ଓଡ଼ିଆ,
ବାହୁନେ ବିକଳେ ଓଡ଼ିଆ-ନାରୀ ।

Digitized by srujanika@gmail.com

ନୌକର ନ ପାଇ ଶିକ୍ଷି ନ ପାରନ୍ତି,
କାର୍ଯ୍ୟକ୍ଷମ ଜାତି ହୋଇବ କାହିଁ,
ବେକାରେ ପଡ଼ିଲେ ବଳେଇ ଶିଖନ୍ତି,
କୂଳେ ଥାଇଁ କେହି ପହଁରେ ନାହିଁ ।
ତୁମ୍ଭ ଦେଖାଦେଖି ଏ ଦେଶୀୟ ନୃପେ
ଗରବ ଓଡ଼ିଆ ବଇତ-ଟଙ୍କା
ଓଡ଼ିଆ ନ ରଖି, ସ୍ୱଦେଶୀୟ ଭୃତ୍ୟେ
ଦଅନ୍ତି ନ କରି କରୁଣା, ଶଙ୍କା ।
ନ୍ୟାୟ-ରାଜ ଅଟେ ଭାରତ-ସମ୍ରାଟ
ଦୁର୍ବଳ-ସହାୟ ଇଂରେଜ ଜାତି,
ଉତ୍କଳ-ପ୍ରଦେଶୁଁ ଆସି ବୈଦେଶିକ
ଘେନି ନେଉଛନ୍ତି ଦରବ-ଥାତି ।
"ଓଡ଼ିଆଙ୍କ ପାଇଁ ଓଡ଼ିଶା-ପ୍ରଦେଶ"*
ପ୍ରବର୍ତ୍ତିତ ହେଉ ଏ ନ୍ୟାୟନୀତି;
ଗାଇବ ଉତ୍କଳ ଯାବତ ଚନ୍ଦ୍ରାର୍କ
ବ୍ରିଟିଶ ରାଜାଙ୍କ ନ୍ୟାୟ-କୀରତି ।
ଅଛି ମୋ ପ୍ରାଚୀନ ସାହିତ୍ୟ ଭଣ୍ଡାର
ବିସ୍ମୃତି-ଅନ୍ଧାରେ ବୁଡ଼ୁଛି ତାହା,
ପିତୃ ପିତାମହ- ସଞ୍ଚିତ ରତନ
ଦେଖି ତା ଓଡ଼ିଆ ନ ଦେଖେ ଅହା ।
ଜାତୀୟ ସାହିତ୍ୟ- ଉନ୍ନତି ନୋହିଲେ
ଜାତୀୟ-ଉନ୍ନତି ନ ହୁଏ କେବେ,
ସାହିତ୍ୟ ଜାତୀୟ- ଜୀବନ-ଆଦର୍ଶ,
ଉଠିଲେ ହେ ଜାତି ଉଠଇ ତେବେ ।

* 'Assam for the Assamese' ଏହି ନୀତି ଅବଲମ୍ବନପୂର୍ବକ ଗୋଟିଏ ସୁଦ୍ଧା କାର୍ଯ୍ୟ ବଙ୍ଗୀୟ ଆବେଦନକାରୀ ବନ୍ଧୁମାନଙ୍କୁ ଦେଇ ନ ଥିଲେ ବୋଲି ଆସାମ ଶାସନକର୍ତ୍ତା ମହାମନା କଟନ୍ ସାହେବ ସ୍ୱୀୟ ବିଦାୟ ବକ୍ତୃତାରେ କହିଥିଲେ ଅଥଚ ବଙ୍ଗବାସିଗଣ ତାହାଙ୍କୁ ଦେବତୁଲ୍ୟ ଭକ୍ତି କରନ୍ତି ।

Digitized by srujanika@gmail.com

ଜଗତର ଇତି- ହାସେ ଦେଖାଯାଏ,
ରଜା ସାହିତ୍ୟର ପୃଷ୍ଠପୋଷକ,
ଥିଲେ ଅଗଷ୍ଟସ ବିକ୍ରମ-ଆଦିତ୍ୟ
ଏଲିଜାବେଥ୍ ତା ପୁଷ୍ଟପୋଷକ.
ପ୍ରାଚୀନ ଉତ୍କଳ- ସାହିତ୍ୟ ଉଦ୍ଧାର
ପାଇଁ କର ନୃପ, ଉତ୍ସାହ ଦାନ;
ରଜାଙ୍କରୁ କିଛୁ ଅଂଶ ଦେଲେ ହେବ
ବର୍ଦ୍ଧିତ ଦେଶୀୟ ସାହିତ୍ୟମାନ ।

ବଙ୍ଗ ପ୍ରଦେଶରୁ ରାଜ ସରକାର
ଉତ୍ସାହ ଦେଲରୁ ବଙ୍ଗଳାଭାଷା,
ସାହିତ୍ୟବିଭବେ- ସମୃଦ୍ଧିଶାଳିନୀ
ଶ୍ରେଷ୍ଠ ସ୍ଥାନେ ଅଛି ବଳାଏ ଅଶା ।

ଅଛି ମଧ୍ୟ ବଙ୍ଗେ ରାଜସରକାରୁଁ
ଲେଖକ କବିଏ ପାଆନ୍ତି ବୃତ୍ତି,
ଚନ୍ଦ୍ରଶେଖରଙ୍କୁ ରାଜ୍ୟପଦ ଦେଇ
ଲିଭିଲ୍ ନୃପେଣ କପାଁ ନାହିଁ !
ଶତାସମ ଜପ- ଦାସରଣି ଶନ୍ତା
ସାମନ୍ତଙ୍କୁ ବୃତ୍ତିନିଯୁକ୍ତ ଦାହେ,
ସ୍ୱଦେଶୀୟ ଦାନ ସଙ୍ଗେ ରାଜକୀୟ
ଦାନ କିଛୁ ମିଶୁ ଦୀନମିନ ହେ ।
ବଙ୍ଗ କବିପର 'ସିଦ୍ଧାନ୍ତଦର୍ପଣ'—
ଲେଖକ ପାଆନ୍ତୁ ରାଜାନୁଗ୍ରହ,
ଉତ୍କଳସାହିତ୍ୟ ଦରିଦ୍ର ସେବକେ
ହେ ବ୍ରିଟିଶରାଜ ହୁଅ ସହାୟ ।

ପ୍ରାଚୀନ ଉତ୍କଳ- ସାହିତ୍ୟର ଏକ
ଇତିହାସ ହେଉ ଲେଖା ଉତ୍କଳେ,
ଉତ୍କଳ ଭାଷାର ହେବ ସମୁତ୍ଥାନ
ଜାଗିବେ ଭାରତୀ ନବୀନ ବଳେ ।

Digitized by srujanika@gmail.com

ତୁମ୍ଭ ଦେଖାଦେଖି ଏ ଦେଶୀୟ ଧନୀ
ଦେଶୀୟ ସାହିତ୍ୟେ ବଳାଇ ମନ,
ରାଜା ମହାରାଜା- ପଦଲାଭ ଆଶେ
କରିବେ ତୁମ୍ଭଙ୍କୁ ଅନୁକରଣ ।

ତାଙ୍କ ଅହଙ୍କାର- ପରିତୃପ୍ତି ଛଳେ
ହୋଇବ ଉତ୍କଳସାହିତ୍ୟୋନ୍ନତି,
କ୍ଷୁଦ୍ର କାର୍ଯ୍ୟ ସୂତ୍ରେ ମହତ ବ୍ୟାପାର
ସାଧନ କରନ୍ତି ଜଗତପତି ।

ମୋ ଷଷ୍ଠ ଗୁହାରି ଏହା ଶ୍ରୀ ଗୁମୂରେ
ହେଉ କୃଷିବ୍ୟାଙ୍କ୍" ବୋଲ୍ଲି ଉତ୍କଳ,
ଏହି ସମୟରେ ହେଲା କୋଳାହଳ,
ରାଜସଭା ହେଲା ଟଳମଟଳ ।

ଗର୍ଜିଲେ ସମସ୍ତେ "ଏ ବଡ଼ ଅନ୍ୟାୟ,
ଜଣେ କପାଁ ନେବ ଏତେ ସମୟ,
ନଠେଇ ନଠେଇ ଲମ୍ବା ତେଲ କଥା
ମାଇପିଟା କହେ ନ କର ଭୟ ।

ଦଣ୍ଡି ମଥାମଣି ଚନ୍ଦ୍ରିକା ନାରଣି
ପିନ୍ଧି ଖଣ୍ଡେ ଲୁଗା ମାଣିଅବନ୍ଧ,
ବ୍ରିଟିଶ ସମ୍ରାଟ ମହା ଦରବାରେ
ଏତେବେଳଯାଏ କରିବ ବନ୍ଦ" ।

କହିଲେ ଏକାଳେ ରାଜକୀୟ ମନ୍ତ୍ରୀ
ସମୟ ହୋଇଛି ଯାଅ ଉତ୍କଳ,
ଏକା ନୁହ ତୁମ୍ଭେ କରିବେ ଗୁହାରି
ସାମ୍ରାଜ୍ୟର ଯେତେ ପ୍ରଜା ସକଳ ।

କହିଲେ କାମିନୀ, "ଯାଉଛି ହେ ବାବୁ,
ନ କର ଦୁଃଖୀକୁ ଥଟ୍ଟା ନକଲ,
ଏଥି ପାଇଁ ତରେ ଆସୁ ନ ଥିଲି ମୁଁ,
ଆସି ହେଲି ଏଥି କି ବଲବଲ !

Digitized by srujanika@gmail.com

ରାଣୀ ମହାରାଣୀ ଉଠେ ଥରହର,
ଅତ କଷ୍ଟ ମୁହିଁ କହିବି ନାହିଁ,
ଚୁପୁଡ଼ିଲେ ଅତ ଲେମ୍ବୁ ହୁଏ ତିତା,
ଅସନ୍ତୁଷ୍ଟ ହେବେ ବ୍ରିଟିଶସାଇଁ ।
ବାଲେଶ୍ୱର ଯଧା— ନାଥ ଜାଇବ୍ରେରି
ସ୍ଥାପୟିତା ରାୟ ଶଶିଭୂଷଣ,
ଦଶ ଟଙ୍କା ମୋତେ ଦେଇ ବାଟଖର୍ଚ୍ଚ
ଏତେ ଦୂର ଦେଶେ କଲେ ପ୍ରେରଣ ।

ଯାଉଛୁ ପଳାଇ ବହିବି ଲକ୍ଷଣ
ନୀରବେ କରିବି ଲୋଚକପାତ,
ଶୁଣିଲେ ଶୁଣିବେ ଗୃହାସ୍ୱୀ ସମ୍ରାଟ
ନୋହିଲେ ଭରସା ଜଗନ୍ନାଥ ।
ଚିରକାଳ ମୁହିଁ ଅଟେ ରାଜଭକ୍ତ
ରାଜ-ଅନୁଗ୍ରହ ମୋହର ବଳ,
ଶୁଣିଲେ ଶୁଣନ୍ତୁ ନ ଶୁଣିଲେ ନାହିଁ
ମୋର ଏ ଗୃହାସ୍ୱୀ, ଥାନ୍ତୁ କୁଶଳ ।
ନୃପ ନରରୂପୀ ମହତୀ ଦେବତା,
ସ୍ମୃତିକାର ମନୁ ଅଛନ୍ତି ଭାଷି,
ତେଣୁ ଦୁଃଖୀ ସୁଖୀ ରାଜ-ଅନୁରକ୍ତ
ଚିର ରାଜଭକ୍ତ ଭାରତବାସୀ ।
ମୁଁ ପୁଣି ଉତ୍କଳ ଯାତନା-ଜଞ୍ଜାଳେ
କେତେ ହୋଇଥିଲି ଦୁଃଖେ ପୀଡ଼ିତ,
ଇଂରାଜ-ରାଜତ୍ୱେ ପୂର୍ବ ଅତ୍ୟାଚାର
କୁସଂସ୍କାର ହୋଇଅଛି ଦୂରିତ ।
ତେଣୁ ମୁହିଁ ଦୁଃଖେ ସୁଖେ ରାଜଭକ୍ତ
ଇଂରାଜ ମଙ୍ଗଳେ ମୋର ମଙ୍ଗଳ,
ଜୟ ମହାରାଜ ଜୟ ହେ ସମ୍ରାଟ"
କହିଣ ମେଲାଣି ନେଲେ ଉତ୍କଳ ।

Digitized by srujanika@gmail.com

ସ୍ୱପ୍ନ ସିନା ସଦା ଦରଦ୍ର ସହାୟ
ଚଢ଼ିଲେ ଉଜ୍ଜ୍ୱଳ କଳ୍ପନା ରଥେ,
ମହାସିନ୍ଧୁ ଡେଇଁ ପଶିଲେ ନଭରେ
କେତେ ଦେଶ ଟପି ଅକାଶପଥେ ।
ଏମନ୍ତ ସମୟେ ଭାଙ୍ଗିଗଲା ନିଦ୍ରା
ପ୍ରବୁଦ୍ଧ ସମ୍ରାଟ ଉଦ୍‌ବିଗ୍ନମନ
ସାମ୍ରାଜ୍ୟ କାର୍ଯ୍ୟରେ ନିବେଶିଲେ ଚିତ୍ତ
ପାସୋରିଲେ ପରା ନିଶି-ସ୍ୱପନ !

Digitized by srujanika@gmail.com

ଜନ୍ମଭୂମି

ଦ୍ୱିତୀୟ ଭାଗ

Digitized by srujanika@gmail.com

"Land of my sires! what mortal hand
Can e'er untie the filial band,
That knits me to thy rugged strand!
Still as I view each well-known scene.
Think what is now, and what hath been,
Seems as, to me, of all bereft
Sole friends thy woods and streams were left;
And thus I love them better still,
Even in extremity of ill."

—*Sir W. Scott.*

Digitized by srujanika@gmail.com

ଉତ୍ସର୍ଗ

ସ୍ୱଦେଶ-ପ୍ରେମିକ, ଉତ୍କଳର ବିବିଧ ହିତାନୁଷ୍ଠାତା, ଚିର-ଜୀବନ
ସ୍ୱଦେଶ ସେବାରେ ନିଯୁକ୍ତ, ଉତ୍କଳ-ସମ୍ମିଳନୀ ସଭାର
ପ୍ରତିଷ୍ଠାତା ଓ ପ୍ରଧାନ ଅବଲମ୍ବନ, ମାନ୍ୟବର
ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି.ଆଇ.ଇ.
ମହୋଦୟଙ୍କ ଗୌରବାନ୍ୱିତ
ନାମରେ ଲେଖକପ୍ରତି
ତାଙ୍କର ଅଯାଚିତ ସ୍ନେହନିମିତ୍ତ ଯତ୍‌କିଞ୍ଚିତ କୃତଜ୍ଞତାର
ନିଦର୍ଶନସ୍ୱରୂପ ଏହି "ଜନ୍ମଭୂମି" ପୁସ୍ତିକା
ଉତ୍ସୃଷ୍ଟ ହେଲା ।

ପ୍ରଣେତା

Digitized by srujanika@gmail.com

ଭୂମିକା

ଉତ୍କଳର ବର୍ତ୍ତମାନ ଅବସ୍ଥାରେ ଆଧୁନିକ ସାହିତ୍ୟ ପୁସ୍ତକପ୍ରତି ପାଠକସାଧାରଣର ବିଶେଷ ଆଦର ଅନୁଭବ ନ କରି ଲେଖକ ତାଙ୍କ ଅପ୍ରକାଶିତ ପୁସ୍ତକ-ପ୍ରକାଶରୁ ବିରତ ହୋଇଥିଲେ । ମାତ୍ର କେତେକ ପୁସ୍ତକ ବିଜ୍ଞାପିତ ହୋଇ ଅପ୍ରକାଶିତ ଓ କେତେକ ପ୍ରକାଶିତ ପୁସ୍ତକ ବହୁ ବର୍ଷରେ ନିଃଶେଷ ହୋଇଥିବାରୁ ଇତମଧ୍ୟରେ କେହି କେହି ପ୍ରକୃତ ସାହିତ୍ୟୋତ୍ସାହୀ ବ୍ୟକ୍ତି ଆକ୍ଷେପ ପ୍ରକାଶପୂର୍ବକ ପତ୍ର ଲେଖି ଅଛନ୍ତି । କିନ୍ତୁ ବର୍ତ୍ତମାନ ଅବସ୍ଥାରେ ପୁସ୍ତକ ପ୍ରକାଶ କରିବା ଲେଖକଙ୍କ ପକ୍ଷରେ ଅବସ୍ଥାତିରିକ୍ତ ଅର୍ଥବ୍ୟୟ ମାତ୍ର । ଅନେକଙ୍କର ନୀତି ଏହି ଯେ କବିତା କେତେଗୁଡ଼ିଏ ମଧୁର ବାକ୍ୟମାତ୍ର, ସୁତରାଂ ମଧୁର ବାକ୍ୟଦ୍ୱାରା ଲେଖକଙ୍କୁ ଆପ୍ୟାୟିତ କଲେ ଯଥେଷ୍ଟ ପ୍ରତିଦାନ ହେଲା । "କବିତା ରଚନାରେ ସମୟର ଅପଚୟ ହୁଏ ଏବଂ ଛପାଇବାଦ୍ୱାରା ନିପଟ ଆର୍ଥିକ କ୍ଷତି ହୁଏ," କାରଣ ପୁସ୍ତକ ବିକ୍ରୟରେ ପ୍ରକାଶବ୍ୟୟ ପରିପୂରିତ ହେବାର ଆଶା ସୁଦୂରପରାହତ । ଆଶାକରୁଁ ଏହା ବିବେଚନା କରି ସହୃଦୟ ପତ୍ରଲେଖକମାନେ ସନ୍ତୁଷ୍ଟ ହେବେ । ଯାହାହେଉ ବର୍ତ୍ତମାନ ବିଜ୍ଞାପିତ ଦ୍ୱିତୀୟ ଭାଗ 'ଜନ୍ମଭୂମି' ପ୍ରକାଶିତ ହେଲା ।

ଏଥିରେ ସନ୍ନିବିଷ୍ଟ ୨୩ ଗୋଟି ପଦ୍ୟ ମଧ୍ୟରୁ ପ୍ରାୟ ସବୁଗୁଡ଼ିକ ଗଞ୍ଜାମ ଜାତୀୟ ସମିତି, ଉତ୍କଳସାହିତ୍ୟ ସମାଜ, ଉତ୍କଳସମ୍ମିଳନୀ ସଭା, କଟକ ସାରସ୍ୱତ ସମିତି, ଗଞ୍ଜାମ ଛାତ୍ର ସମିତି, ସାମନ୍ତରାପୁର ଛାତ୍ର ସମିତି ପ୍ରଭୃତିଙ୍କ ଅନୁରୋଧରେ ଉତ୍କଳର ନାନା ଶୁଭାନୁଷ୍ଠାନ ଉପଲକ୍ଷରେ ରଚିତ ହୋଇ ଏକାଧିକ ଥର ବ୍ୟବହୃତ ଏବଂ ସ୍ୱତନ୍ତ୍ରଭାବରେ ଉତ୍କଳସାହିତ୍ୟ ଓ ମୁକୁର ପ୍ରଭୃତି ସାମୟିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ସମ୍ପ୍ରତି ଏକ ପ୍ରକାର ଭାବୋଦ୍ଦୀପକ ଉକ୍ତ ବିକ୍ଷିପ୍ତପଦ୍ୟ ଓ ସଙ୍ଗୀତଗୁଡ଼ିକ ଏକତ୍ର ସମାବେଶପୂର୍ବକ ପୁସ୍ତକାକାରରେ ପ୍ରକାଶ କରି ସ୍ୱଦେଶବାସୀମାନଙ୍କ ସମ୍ମୁଖରେ ଉପସ୍ଥାପିତ କଲୁଁ । ଆଶାକରୁଁ ସେମାନେ ପୁସ୍ତକର ବିଷୟ ଓ ମର୍ଯ୍ୟାଦାର ଅନୁରୂପ ଆଦର ପ୍ରଦର୍ଶନ କରି ଲେଖକଙ୍କୁ ଉତ୍ସାହିତ କରିବେ ,ଏବଂ ନିଜ ନିଜର ଉପଯୁକ୍ତ ସାହିତ୍ୟସେବାର ସାର୍ଥକତା ସମ୍ପାଦନ କରିବେ ।

୨୭ । ୧୨ । ୧୯୦୮ — ଶ୍ରୀ ବ୍ରଜସୁନ୍ଦର ଦାସ

Digitized by srujanika@gmail.com

ଉତ୍କଳ ପ୍ରଭାତ

ଉଠ ଗୋ ଦୁର୍ଦ୍ଦିନୀ ଉତ୍କଳ ଜନନି !
ପାହୁଛି ବିଷାଦ ଯାମିନୀ ତବ,
ଉଠି ଦେଖ ନଭେ ନବ ଦିନମଣି
ଶୁଣ ସୁପ୍ରଭାତେ ବିହଙ୍ଗରବ ।
ନବୀନ ଚେତନେ ନବୀନ ଉଦ୍ୟମେ
ଜାଗି ଉଠିଛନ୍ତି ଜଗତଜନ,
ତୁମାଇଁ କହ ଗୋ ପ୍ରିୟ ମାତୃଭୂମି
ଅଛ ଅବସାଦ-ନିଦ୍ରା ମଗନ ?
ଜାଗିଛି ୟୁରୋପ ଜାଗିଛି ମାର୍କିନ
ଉଡ଼ାଇ ଉନ୍ନତି-ବିଜୟ ଧ୍ୱଜା,
ଆଦ୍ୟ-ମଧ୍ୟ-ଯୁଗ- ଅଜ୍ଞାନ-ଆଲସ୍ୟ
ତେଜି କରୁଛନ୍ତି ସଭ୍ୟତା ପୂଜା ।
ଜାଗିଛି ଜାପାନ ଏହି ନିକଟରେ
କରିଣ ସାହସେ ରୁଷ ମର୍ଦ୍ଦନ,
ଆଦର ସମ୍ମାନେ ପାଉଅଛି ସର୍ବ
ସଭ୍ୟଜାତି ସହ ସମ-ଆସନ ।
ଅବସାଦ ତେଜି ଅଳପ ଅଳପ
ଜାଗୁଛନ୍ତି ନିଜେ ପ୍ରିୟ ଭାରତ,
ବଙ୍ଗ ମହାରାଷ୍ଟ୍ର ଦ୍ରାବିଡ଼ ପଞ୍ଜାବ
ନବଜ୍ଞାନ-ଭାନୁ-କର ପ୍ରାପତ ।
କିପାଁ ତେବେ ପ୍ରିୟ ଉତ୍କଳ ଜନନି
ଅବସାଦ-ନିଦ୍ରା ନ ଭାଙ୍ଗେ ତବ,
ଫୁଟିଛି ପବନ ଧର୍ମ-କୁସୁମ
ଶୁଭଅଛି ପୁଣ୍ୟ ପ୍ରଭାତ-ସ୍ତବ ।
ବିଜ୍ଞାନ-ଭାସ୍କର- ସମୁଜ୍ଜ୍ୱଳ କରେ
ଧର ମୁଖ ତବ ଦିଶେ ଉଜ୍ଜ୍ୱଳ,
ବିଜୟୀ ହୁଅନ୍ତି ସେହିମାନେ ଯେହୁ
ଜୀବନ-ସଂଗ୍ରାମେ ଖଟାନ୍ତି ବଳ ।

Digitized by srujanika@gmail.com

କର୍ମ୍ମ ଅସି କରେ   ଧର ହୁଙ୍କାରଣ
ଉନ୍ନତ ପଥରେ ଯାଅନ୍ତୁ ଜନେ,
ଦିବସେ ସୁଷୁପ୍ତ   ବୋଲି କେତେ ଲୋକ
ହସନ୍ତି ଗୃହିଣୀ ତୋହ ଆନନେ ।
ଉନ୍ନତ ସବଳ   କର୍ମିଷ୍ଠ ଜଗତେ
ଏ ଭାରତ ସର୍ବ ପୃଷ୍ଠେ ପତିତ,
ତୁ ପୁଣି ଅଧମ   ଦେଶରେ ଅଧମ
ତେଣୁ ସବୁଠାରେ ତୁହି ଲଞ୍ଛିତ ।
ତଥାପି ନୈରାଶ୍ୟ-   କଥା ନ କହିବ,
ଶତ ଅବସନ୍ନ ସୁପ୍ତ ସ୍ୱଦେଶ,
କାହା ଚିର ଦିନ   ନ ଯାଏ ସମାନ,
ହେବ ଦିନେ ତବ ଦୀନତା ଶେଷ ।
ଲଗିଅଛି ଦୁଃଖ   ସୁଖର ସଂସାରେ
ଚକ୍ରନେମି କ୍ରମେ ପରିବର୍ତ୍ତିନ,
ତୋପରି ବସୁଧା   ସକଳ ଦେଶର
ହୋଇଯାଇଅଛି ପତନୋତ୍ଥାନ ।
କର୍ମ୍ମହିଁ ଜୀବନ   କର୍ମ୍ମହିଁ ଉଦ୍ଦେଶ୍ୟ
ଜଡ଼ତା ଜୀବନ୍ତ ମରଣ ସିନା,
ଦୁର୍ଲ୍ଲଭ ମାନବ   ଜନମ ବ୍ୟର୍ଥ
ଜୀବନ-କର୍ତ୍ତବ୍ୟ ସାଧନ ବିନା ।
ଉଠ ପ୍ରିୟ ଭ୍ରାତା   ଉଠ ଗୋ ଭଗିନୀ,
ମାତୃଭୂମି ଦୁଃଖ ଦୀନତା ନାଶ,
ବାଞ୍ଛିତ ଚିତ୍ତରେ   ତବ ପୂତ ପଦେ
ନିବେଦିଲି କବି ପ୍ରାଣ-ଉଚ୍ଛ୍ୱାସ ।

Digitized by srujanika@gmail.com

ଶୁଭଯୋଗ

ଫୁଟିଛି ଉଜ୍ଜ୍ୱଳ   ନିସର୍ଗ-ଉପବନେ
    ନବପ୍ରାଣ-ପାରିଜାତ-ପ୍ରସୂନ,
ଶୁଭୁଛି ଉଜ୍ଜ୍ୱଳ-   ଦାରୁଣ ଶ୍ମଶାନେ
    ମଙ୍ଗଳ-ବାଜଣା ଶୁଣ ହେ ଶୁଣ ।
ପାହୁଛି ସୁଦୀର୍ଘ   ବିଷାଦ ଯାମିନୀ
    ଉଇଁଛିରେ ଆଜ ସୌଭାଗ୍ୟ ରବି,
ଯାଉଛି ପ୍ରାଚୀନ   ନିବିଡ଼ ଅନ୍ଧାର
    ଦେଖ ଜନନୀଙ୍କ ବିମଳ ଛବି ।
ପୂର୍ବ ଅତ୍ୟାଚାର—   ପାଷାଣର ଭାର,
    ହୋଇନାହିଁ ତା ନଷ୍ଟ ଅପସାରିତ,
ଜାତୀୟ ଜୀବନ   ଉଠିଛି ଅଙ୍କୁର,
    ଶୁଭୁଅଛି ଦୂରୁଁ ଆଶା ସଙ୍ଗୀତ ।
ଶତ ଶତ ବର୍ଷ—   ମୋହ ନିଦ୍ରା ଅନ୍ତେ
    ଉଠି ବସିଛନ୍ତି ଦୁଃଖିନୀ ମାତା,
ଅବହେଳା ତେଜି   ମାତାମୁଖ ହେରି
    ଭ୍ରାତାହସ୍ତ ଆଜ ଧରେ ରେ ଭ୍ରାତା ।
ଚଉଦିଗେ ଜାଗେ   ନବୀନ ଜୀବନ
    ଚଉଦିଗେ ଶୁଭେ ଆଶାର ବାଣୀ,
ଅବସାଦ ନିଦ୍ରା   ଯାଉଅଛି ଭାଙ୍ଗି
    ପଡ଼ିଅଛି ମନେ ପୂର୍ବକାହାଣୀ ।
କି ଥିଲୁ ! କି ହେଲୁ !   କି ହେବ ! ବୋଲି,
    ଶୁଭୁଅଛି ଏକ ଅସ୍ପଷ୍ଟ ସ୍ୱନ,
ଘୋର ଘନ ଘୋଟେ   ଜାତୀୟ ଗଗନେ
    କମ୍ପାଇ ଧରା ସେ ଉଠୁ ବହନ ।
ହୋଇଅଛି କେବେ   କେବେ ଭେଟାଭେଟି,
    ଗୃହବନ୍ଧୁ ପ୍ରାନ୍ତେ ପୀରତ ମେଳ,
ବରକଣ୍ଠେ କନ୍ୟା   ବରଣମାଳିକା
    ଲମ୍ବାଇବ, ଖଟେ ଅଛୁଛି ବେଳ ।

Digitized by srujanika@gmail.com

ଏହା କି ସ୍ୱପନ, କବି-କଳପନା,
ସତ୍ୟ କି ଏଥିରେ କିଛିହିଁ ନାହିଁ ?
କେମନ୍ତେ ମୁଁ ଏଥେଁ କରିବି ସଂଶୟ,
ଏତେ ବିଳାପ କି ଛଳନା ଭାଇ ?
କ୍ରନ୍ଦନେ ନିଷ୍ଫଳ ହେବ ନାହିଁ କିଛି,
କେତେ କ୍ରନ୍ଦନ ମୁଁ କରଇଁ ନିତ,
ଏକା ପ୍ରୀତି-ବାଳା ନୁହେ ଫଳବତୀ,
ବର୍ଷ ପରେ ବର୍ଷ ଯାଏ ରେ ବିତି ।
କବି-କଳପନା କର୍ମେ ପରିଣତା
କରି ପାରି କିଏ ଜାତୀୟ ବୀର,
ଅଛ ସୁପୁରୁଷ ! ପଣ କର୍ମାଙ୍ଗନେ,
ମରି ଅମରତା ଲଭ ମହୀର ।
ଏ ନବୀନ ଯୁଗେ ଏହି ଶୁଭ ଯୋଗେ
ସ୍ୱାର୍ଥତ୍ୟାଗ ସଙ୍ଗେ ସ୍ୱଦେଶପ୍ରୀତି
ଶୁଭ ବିବାହରେ କର ସମ୍ମିଳନ,
ଗାଇ କବି ତବ ଗୌରବ-ଗୀତି ।

ଭାରତୀ-ଉଦ୍ବୋଧନ

(ରାମକେରୀ—ରାଗିଣୀ)

ନିମଗ୍ନ ଅଛଇ ଉତ୍କଳ ଅବସାଦ-ନିଦ୍ରାରେ,
କିଏ ସେ ତା ନାମ ଗାଇଣି ଅପି ଡାକଇ ଦ୍ୱାରେ !
ସୁଧାକ୍ଷଣା ବୀଣା ବାଜଇ ଶୁଭେ ମଧୁ ଗାୟନ,
ଯେ ଗୀତ ଶ୍ରବଣେ ସ୍ମରଣ ହୁଏ ଗତ ଜୀବନ ।
ଶୁଭୁଅଛି ହୃଦୁଁ ଅତୀତ-ଉଦ୍ବୋଧନ ସଙ୍ଗୀତ,
ଶ୍ରବଣେ ବିଷାଦ-ମିଶ୍ରିତ ସୁଖେ ବିଷ୍ଟୁରୁ ଶତ ।
“ଯଯାତିକେଶରୀ ଲଲାଟ-ଇନ୍ଦୁ ଏକାମ୍ରବନ—
ଅପୂର୍ବ ସୁନ୍ଦର ମନ୍ଦିର କଲେ ପରି ସ୍ଥାପନ;

Digitized by srujanika@gmail.com

ମାର୍ତ୍ତଣ୍ଡକେଶରୀ ପାଷାଣ ବନ୍ଧ ବାନ୍ଧି କେତେ
ଗୌରବ କେତନ ଉଡ଼ାଇ ଗଲେ କାଳଜାଲକେ,
ନୀଳାଦ୍ରି କନ୍ଦରେ କୋଣାର୍କେ କୀର୍ତ୍ତି-କେତୁ ଉଡ଼ାଇ
ଅନଙ୍ଗ ନୃସିଂହ ମନ୍ଦର ଦେଇଥିଲେ ତୋଳାଇ,
ଶୂରବୀରପଣେ ଏହାର ସୁତେ କଲେ ଉନ୍ନତ,
କେମନ୍ତେ ହରାଇ ବସିଲୁ ଏବେ ପୂର୍ବ ସମ୍ପଦ !
ଉତ୍କଳ କୋଳେ ତ ଜନମି କବି ଉପେନ୍ଦ୍ରଭଞ୍ଜ
ଅରପି ଥିଲେ ତା ଚରଣେ ତୋରି କବିତା-କଞ୍ଜ,
ଦୀନକୃଷ୍ଣ ଅଭିମନ୍ୟୁ ତ ବଢ଼ି ଏହାର କୋଳେ,
ଗାଇଥିଲେ ସୁଧା-ସଙ୍ଗୀତ ପ୍ରେମ ଉଚ୍ଛ୍ୱାସ ଭୋଳେ;
ଶୂଦ୍ରମୁନି ଭକ୍ତ ସାରଳା ଜଗନ୍ନାଥାଦି ଭକ୍ତ
ହରିଭକ୍ତି ଗୀତେ କଲେକ ସାରା ଦେଶ ଉନ୍ମତ୍ତ !
କେମନ୍ତେ ହା ବିଧି ହରେଇ ଦେଲୁ ଗୌରବରବି,
କେମନ୍ତେ ବିଷାଦମଳିନ ଦିଶେ ଉତ୍କଳ ଛବି !
ଆଜି ସେହି ଦେଶ ବିଶାଳ ନଦୀ ଗିରି କାନନ,
ଘୋର-ଅବସାଦ-ଜଡ଼ିତ କିପାଁ ଓଡ଼ିଆ-ମନ !

ଏହା ସଙ୍ଗେ ପୁଣି ଶୁଭଇ ଗୀତ ଅମୃତଝରା
ନବ-ଆଶା-ସୁଧା-ମଧୁର-ମନ-ପରାଣ-ହରା—
"ପାହିଗଲା ବିଷାଦ ରଜନୀ ଉଠ ଉଠ ଉତ୍କଳ !
ହୃଦୟେ ଧରଣି ନବୀନ ଆଶା ନବୀନ ବଳ ।
ପାଶ୍ଚାତ୍ୟ ବିଜ୍ଞାନ-ଅମୃତ ପିଇ କୋଟି ନନ୍ଦନ
ତୋ ଦଶା ଫେରିବେ ଏଣିକି ଲଭି ନବ ଜୀବନ ।"
କି ଥିଲୁ କି ହେଲୁ କି ହେବୁ ବୋଲି ଶୁଭୁଛି ବାଣୀ,
ସ୍ୱପନ କି ଅବା ସତ୍ୟ ଏ ନ ପାରଇ ସେ ଜାଣି !
ସତେ କି ଉତ୍କଳ ନନ୍ଦନେ ଲଭି ନବ ଜୀବନ
ଜାତୀୟ ଗୌରବେ ଲଭିବେ ଧରା ଅଭିନନ୍ଦନ ?
ପାହିଲାଣି କି ଦୁଃଖ ଯାମିନୀ ଭାଙ୍ଗିଅଛି କି ଧ୍ୱାନ୍ତ,
ପରାଚୀ ଦିଗନ୍ତେ ଉଇଁଛି କିବେ ଉଷାର କାନ୍ତ !

Digitized by srujanika@gmail.com

ଅଣା ମାୟାବିନୀ କି ଅବା ଇନ୍ଦ୍ରଜାଲ ବିସ୍ତାରି
ଦେଖାଉଛୁ ମାୟାକାନନ ଅହା କି ମନୋହାରି !
ନିମଗ୍ନ ଥିଲି ଏ ଉତ୍କଳ ଅବସାଦ ନିଦ୍ରାରେ,
କିଏ ସେ ତା ନାମ ଗାଇଣି ଅସି ଡାକିଲା ଦ୍ୱାରେ !
ଜାଣିଛୁ ଜାଣିଛୁ ଭାରତି ଏହା ତୋହର ସ୍ୱନ,
ତୁହି ତ ମା ବାନ୍ଧି ରଖିଛୁ କୋଟି-ଓଡ଼ିଅ-ମନ ।
ଭାଷା ବିନା ଦୀନ ଦେଶର କିବା ଅଛି ନିଜର ?
ଝାଣେ ଏକ ପାଣେ ଅନନ୍ତ ମାତଃ ! ମାୟା ତୋହର ।
ବୀଣାପାଣି କର କରୁଣା ମେଣ୍ଟୁ ଉତ୍କଳ-ତୃଷା,
ଫିଙ୍ଗାଇ ଦିଅ ମା ତା ଭାଲେ ତବ ଗୌରବଭୂଷା ।
ମୃତ୍ୟୁଞ୍ଜୟୀ ବୀଣା ବଜାଅ ବାଣୀ ! ଉତ୍କଳେ ଥରେ,
ସେ ସ୍ୱନ ଶ୍ରବଣେ ଏ ସୁପ୍ତ ଦେଶ ଉଠୁ ମା ଘରେ ।

ଉତ୍କଳମଙ୍ଗଳଗୀତ

(ରାଗ — ରସକୁଲ୍ୟା)

ଅଜି ଶୁଭଦିନେ ଏ ଶୁଭସ୍ଥାନେ
କେତେ ଶୁଭସ୍ମୃତି ଜାଗ୍ରତ ପ୍ରାଣେ,
ଶତ ଶତ ଯୁଗ କବିସମାଜ
ଶୁଭ ମେଳେ ବିଜେ ଏ ସ୍ଥଳେ ଅଜ,
ଶୁଭେ କି ସୁଧା ସଙ୍ଗୀତ,
ବର୍ତ୍ତମାନ ସଙ୍ଗେ ମିଳାଇ ଦିଏ ଯା
ଭବିଷ୍ୟ ହୃଦ ଅତୀତ !
ପ୍ରାଚୀନ ଉତ୍କଳ ପୁଣ୍ୟର ଧାମ
କୋଟି ବୃତ୍ତପୂର୍ଣ୍ଣ ଯାହାର ନାମ,
ପୁରାଣ ପବିତ୍ର କୀରତିମୟ
ଜ୍ଞାନ-କର୍ମ-ପ୍ରେମ-ଯୋଗ-ଅଳୟ,
ନିଜେ ଲୀଳାମୟ ହରି
ଧର୍ମସମନ୍ୱୟ ପ୍ରୀତି ପୀଠରୂପେ
ବାଛିନେଲେ କୃପା କରି ।

Digitized by srujanika@gmail.com

ବୁଦ୍ଧଶିଷ୍ୟେ ଏଥି ପ୍ରଚାର 'ଧର୍ମ —
ପ୍ରାଧାନ୍ୟ' 'ଅହିଂସା ପରମ ଧର୍ମ'
'ବାସନା ବିନାଶ ନିର୍ବାଣ ହେତୁ'
ଉଡ଼ାଇଲେ ସାମ୍ୟ ଗୌରବ କେତୁ
ଖଣ୍ଡଗିରି ଜୌଗଡ଼ରେ
ଶ୍ରୀକ୍ଷେତ୍ରେ ଅଦ୍ୟାପି ବୌଦ୍ଧଧର୍ମ ଜୟ
ବାଜେ ଉଚ୍ଚଳାଷରେ ।
ପୁଣ୍ୟଭୂମି ଜାଣି ସ୍ୱାମୀ ଶଙ୍କର
ନାନକ କବୀର ଭକ୍ତପ୍ରବର—
ନାନାଯୁଗେ ନାନା ସାଧୁ ସନ୍ୟାସୀ
ପୂତ କଲେ ପୁଣ୍ୟ ଉତ୍କଳେ ଆସି
ପ୍ରେମ ବୀର ଶ୍ରୀ ଚୈତନ୍ୟ
ଗୋପ ସୁମରଣ ଅନ୍ତିମ ଜୀବନ
ଯାପି ହେଲେ ଏଥି ଧନ୍ୟ ।

ଶୂଦ୍ରମୁନି ସ୍ୱାମୀ ଶାରଳା କବି
ଉତ୍କଳ ସାହିତ୍ୟେ ତରୁଣ ରବି,
ବିଷ୍ଣୁ "ପଞ୍ଚସଖା" ପୁରାଣକାର
କଠୋର ସାଧନେ ସିଦ୍ଧି-ଯାହାର,
ଜଗନ୍ନାଥ ବଳରାମ
ଅବା ଯେତେ ସାଧୁ ଗାଇଲେ ପୁରାଣ
କେ ଗଣିବ ତାଙ୍କ ନାମ ।
ବାଣୀବର-ପୁତ୍ର, ଉପେନ୍ଦ୍ର କବି,
ସାହିତ୍ୟ-ଗଗନେ ପ୍ରଦୀପ୍ତ ରବି;
ଦୀନକୃଷ୍ଣ, ଅଭିମନ୍ୟୁ ସାମନ୍ତ,
କବିସୂର୍ଯ୍ୟ ବଳି, ସଂଖ୍ୟା ଅନନ୍ତ,
ବାଣୀ-ବନରେ ବିହାର
କରି ମାତୃ-କଣ୍ଠେ ଲମ୍ବାଇଦେଇ ଗଲେ
କବିତା-କୁସୁମହାର ।

Digitized by srujanika@gmail.com

ଯଯାତି ଲଲାଟ-ଇନ୍ଦୁ ମର୍ତ୍ତ
ଅନଙ୍ଗ ନୃସିଂହ ଥିଲେ ଭକତ,
ପ୍ରତାପ, କପିଳ, ପୁରୁଷୋତ୍ତମ
ଶୃଙ୍ଗାରଦର୍ପଣେ ସେ ନିରୁପମ,
ସେତୁବନ୍ଧ ରାମେଶ୍ୱର
କାଞ୍ଚୀକାବେରୀରେ ଉଡ଼ିଥିଲା ଦର୍ପେ
ବିଜୟ-ବାନା ଯାଙ୍କର ।
ବିରଜାପୀଠରେ କମ୍ବୁ-କଟକେ,
ଏକାମ୍ର କାନନେ ପୁଣ୍ୟ କୋଣାର୍କେ,
ଶଙ୍ଖ ଚକ୍ରଅଦ ଗୁରୁ କ୍ଷେତ୍ରରେ
ଉତ୍ତୁଙ୍ଗ ମନ୍ଦିର ବିରାଜ କରେ,
ଅତୁଳ ସେ ଶିଳ୍ପକଳା !
କହ କହ କାଳ ଉତ୍କଳ-ସୌଭାଗ୍ୟ
କେଉଁ ଅନ୍ତେ ଅସ୍ତା ଗଲା !

କିପାଁ ଏ ଉତ୍କଳ କି ପାପ-ଫଳେ,
ପଡ଼ିଗଲା ଅବନତି-କବଳେ
ବିଚ୍ଛିନ୍ନ ବିଭିନ୍ନ ଉତ୍କଳ ଦେଶ,
ଦାରିଦ୍ର୍ୟ ଲାଞ୍ଛିତ ମଳିନବେଶ,
କାନ୍ଦେ ହୋଇ ଅତି ଦୀନ
ଫେରିବ କି ତାର ସେ ପୂର୍ବ ଗୌରବ
ହେବ କି ପୁଣି ସୁଦିନ ?
ନାହିଁ ତାର କିଛି ସେ ଅକିଞ୍ଚନ,
ଆଳସ୍ୟ ଅଜ୍ଞାନେ କ୍ଷୀଣ ଜୀବନ,
ବଜା ମା ଭାରତି ! ତୋ ବୀଣା ଥରେ,
ନବ ପ୍ରାଣ ଲଭି ଉଠୁ ସେ ଥରେ,
ଅତୀତ-ଗୌରବ-ବାଣୀ
ଶୁଣା ଶୁଣା ବାଣୀ ! ନବ ଆଶା ପ୍ରାଣେ
ଢାଳ ମାତଃ ବୀଣାପାଣି ।

Digitized by srujanika@gmail.com

ମୃତସଞ୍ଜୀବନୀ ତୋ ବିଦ୍ୟାବଳେ,
ବଞ୍ଚିଅ ଭାରତ ! ମୃତ ଉତ୍କଳେ,
ଜାଗ ସଂଗଠନ-ସୁମନ୍ତ୍ର ପଢ଼ି,
ଅବିଦ୍ୟା-ଆଳସ୍ୟ ଦଅ ମା ଛାଡ଼ି,
ଉଠୁ ଏ ପ୍ରାଚୀନ ଦେଶ
ଉନ୍ନତ ସମାଜେ ପାଉ ଉଚ୍ଚ ସ୍ଥାନ
ଧରଣା ନବୀନ ବେଶ ।

ସଙ୍ଗୀତ

(ରାଗ—ଆଶାବରୀ)

ଉଠ ଜନନି ଗୋ ପାହିଲା କାଳଯାମିନୀ,
ଆଶା-ରବିକାଳେ ଭାଗ୍ୟଭାନୁ ଛବି
ନବପ୍ରାଣ-ପ୍ରଦାୟିନୀ । ଘୋଷା ।
ନିଖିଳ ଭୁବନେ ମା ତୋର ସମାନେ
କିଏ ଅଛି ଅଭାଗିନୀ,
କେଉଁ ଆଡ଼େ ଗଲା ତୋର ସେ ସୁଦିନ
ହେଲୁ ମା ଚିରଦୁଃଖିନୀ !
ଗଙ୍ଗା-ଗୋଦାବରୀ- ନୀରଧି-ନର୍ମ୍ମଦା
ମଧ୍ୟେ ହୋଇ ବିରାଜିତ
ଋଷି ଭକ୍ତ ଜ୍ଞାନୀ କବି ବୀର ସୁଜ୍ଞ
କଲୁ କୋଳେ ସୁପାଳିତ ।
କେଉଁ ବିଧି ବଶେ, କି ଗୂଢ଼ ଉଦ୍ଦେଶେ
ଭାଗ୍ୟରବି ଅସ୍ତମିତ,
ଭୀଷଣ ବିପଦେ ପଡ଼ିଲୁ ଜଳଧେ
କଟିଲା ଦୀର୍ଘ ଅତୀତ ।

Digitized by srujanika@gmail.com

ଅଛୁ ସେହି ଦେଶ ସେହି ଗିରି ନଦୀ
ସେ ସୌଭାଗ୍ୟ ଗଲା କାହିଁ,
ଘୋର-ଅବସାଦ- ଜଡ଼ିମା-ଜଡ଼ିତ
ଉତ୍କଳ-ଶକ୍ତି କିପାଇଁ ?
ସୁଦୀର୍ଘ-ବିଷାଦ- ନିଶି-ମହାନ୍ଧାରେ
ଶୁଣ ମାତଃ ଶୁଣ ହୃଦେ,
'ଉଠ ଗୋ ଉତ୍କଳ !' 'ଉଠ ଗୋ ଉତ୍କଳ !'
ଡାକେ କେ ଧୀରେ ମଧୁରେ ।

ତୋର ସଖୀମାନେ ଉନ୍ନତି-ସୋପାନେ
କରୁଛନ୍ତି ଆରୋହଣ,
ଥିବୁ କେତେ ଦିନ ଆଳସ୍ୟ ଅଙ୍ଗନ
ମୋହନିଦ୍ରା ନିମଗନ !
ଏ ଯୁଗ ନବୀନ ନବ ନିମନ୍ତ୍ରଣ
ଆଣିଛୁ ମା ତୋହ ପାଇଁ,
ଜଗତ-ଆହ୍ୱାନ କରଣି ଶ୍ରବଣି
ନିଦ୍ରାଳସ ରହ ନାହିଁ ।

ପାହି ଯାଉ ଦୀର୍ଘ ବିଷାଦ-ଯାମିନୀ
ଉଇଁ ଆସୁ ଭାଗ୍ୟ-ରବି,
ଘୁଞ୍ଚି ଯାଉ ଘୋର ନିବିଡ଼ ଅନ୍ଧାର
ଦିଶୁ ଉଷା-ନବ-ଛବି ।
ଶତ-ଶତ-ବର୍ଷ ଅବସାଦ ଅନ୍ତେ
ଉଠ ଗୋ ଉତ୍କଳ-ମାତା !
ଅବହେଳା ତେଜି ମାତା ମୁଖ ହେରି
ଭ୍ରାତା ହସ୍ତ ଧରୁ ଭ୍ରାତା ।

ଉଦ୍ଦବେ ଜାଗୁ ନବୀନ ଜୀବନ
ଉଦ୍ଦଗେ ଆଶା-ବାଣୀ ।
ଅବସାଦ-ନିଦ୍ରା ଦିଅ ଭାଙ୍ଗି ବନ୍ଧୁ !
ଶୁଣାଅ ଏହ କାହାଣୀ ।

Digitized by srujanika@gmail.com

ଧର୍ମ୍ମ କର୍ମ୍ମ ଜ୍ଞାନେ ଉନ୍ନତି-ସୋପାନେ
କରଣ ଅଧିରୋହଣ,
ସୁସଭ୍ୟ ସମାଜେ ଉତ୍କଳ-ସନ୍ତାନେ
ପାଉନ୍ତୁ ଉଚ୍ଚ-ଆସନ ।

ଉତ୍କଳ ଜନନୀଙ୍କ ଆହ୍ୱାନ

(ରାଗ—ଅଡ଼ା ଠେକା)

ଡାକନ୍ତି ଉତ୍କଳ ମାତା କୋଟି ସନ୍ତାନେ ତାଙ୍କର,
କେ ରହି ପାରନ୍ତି ଦୂରେ ଶୁଣି ଡାକ ମାତାଙ୍କର,
କହନ୍ତି ଡାକିଣ ମାତା "ମୋର ପ୍ରାଣ-ସୁତସୁତା !
କିପାଁ ହେଲ ଅରକ୍ଷିତ ତେଜି ନିଜ ପ୍ରିୟ ଘର !
ନଦୀ ହ୍ରଦ ଗିରି ବନ ମୋ ତନୁରେ ସୁଶୋଭନ,
ନିରନ୍ତର ନୀରନିଧି ପଖାଳନ୍ତି ମୋ ପୟର ।
କେତେ କର୍ମ୍ମ-ଧର୍ମ୍ମ-ବୀର ଜନମିଲେ ମୋ କୋଳର,
ନ ଥିଲି ମୁଁ କାଙ୍ଗାଳୁଣୀ, ଅଛି ଗୌରବ ପୂର୍ବର ।
ବୌଦ୍ଧ ଶୈବ ବଇଷ୍ଣବ ଦେଲେ ମୋତେ ନବ ନବ
ଯୁଗଧର୍ମ୍ମ, ଦେଖ ଚିହ୍ନ ମନ୍ଦର ଗିରି କନ୍ଦର ।

ଭଞ୍ଜଆଦି କବିଗଣ ଭ୍ରମି ଭାରତୀ-ଭୁବନ
କବିତା କମଳ-ମାଳା ଲମ୍ବାଇଲେ ମୋ କଣ୍ଠର ।
ନାହିଁ ମୋର ସେ ସୁଦିନ ଏବେ ମୁଁ ଯେ ଦୀନହୀନ,
ଅକିଞ୍ଚନ ବୋଲି ମୋତେ ହେଲଇ ସାରାସଂସାର ।
ସୁମରି ପୂର୍ବ ସୁଦିନ କାନ୍ଦେ ମୁହିଁ ନିଶିଦିନ,
ଥାଉଁ କୋଟି ସୁତ ଏହି ଦୁଃଖ କି ନ ଯିବ ମୋର ?
ମିଳିଲେ ସକଳ ଭାଇ ମା ଦୁଃଖ ରହିବ ନାହିଁ,
ଭୁଲିଣ ସକଳ ଭେଦ ପୋଛ ମା ନୟନ ନୀର ।"

Digitized by srujanika@gmail.com

ଉତ୍କଳ ବନ୍ଦନା

(ଲକ୍ଷ୍ନୌ ଠୁଂରି)

ଜୟ ମା ଉତ୍କଳ ପୁଣ୍ୟ ପବିତ୍ର,
ଜୟ ମା ଉତ୍କଳ ସୁନ୍ଦର ଚରିତ୍ର,
ଗଙ୍ଗା ଗୋଦାବରୀ ମହେନ୍ଦ୍ର-ନୀରଧି
ଚୌଦିଗେ ଝାଣ୍ଟି ତୋ ଘୋଟେ ନିରବଧି,
କଳନାଦିନୀ ତୋ ଶତ ସ୍ରୋତସ୍ୱିନୀ,
ପଦ ଧୌତ କରେ ତୋ ନୀଳାମ୍ବୁରାଶି,
ଶତ ଗିରିବନ ତୋ ତନୁରେ ରାଜେ,
କୋଟି ତୀର୍ଥକ୍ଷେତ୍ର ଉରସେ ବିରାଜେ,
ଜୟ ମା ଉତ୍କଳ କବିବୀର-ମାତା,
କୋଟି ଶିଳ୍ପମାତା ଅବନୀ ବିଖ୍ୟାତା,
ଜୟ ମା ଉତ୍କଳ ପୁଣ୍ୟ ପବିତ୍ର,
ଜୟ ମା ଜୟ ମା ସୁନ୍ଦର ଚରିତ୍ର ।

ଜୟ ମା ଜୟ ମା ଉତ୍କଳ ଜନନୀ,
ପ୍ରାଚୀନ ଗୌରବ ବିଭବଶାଳିନୀ,
ଭୀମକାନ୍ତ ଦୁଟଣୀ ରୁଦ୍ର ସୁହାସିନୀ,
ପୂର୍ବେ ଭାଗ୍ୟବତୀ ଅଜି ହା ଦୁଃଖିନୀ ।
ଅନ୍ନ-ନୀର-ଦାତ୍ରୀ ଶୁଭ-ପ୍ରଦାୟିନୀ,
ସର୍ବ ସୁଖ-ଦାତ୍ରୀ ପୁଣ୍ୟ ବିଧାୟିନୀ,
ଯଶଃକୀର୍ତ୍ତିବତୀ କୋଟି ପୁତ୍ର-ମାତା,
ପତିତା ଲଙ୍ଘିତା ଚରଣେ ଦଳିତା,
ପାହୁ ଯାଉ ଗୋ ମା ତୋର ଦୁଃଖନିଶା,
ଅବସାଦେ ଆଉ ରହ ନା ବିବଶା ।
ଜୟ ମା ଜୟ ମା ଉତ୍କଳ ଜନନୀ,
ଉଠୁ କୋଟି କଣ୍ଠୁ ଜୟ ଗୀତ ଧ୍ୱନି,

Digitized by srujanika@gmail.com

ପୁରୀ ବାଲେଶ୍ୱର କଟକ ଗଞ୍ଜାମ,
କାନ୍ତି ସମ୍ବଲପୁର ଗାଜ ମା ତୋ ନାମ,
ସର୍ବ ଝାଡ଼ଖଣ୍ଡ ଗଡ଼ଜାତ ଦଶି,
ପ୍ରତିଧ୍ୱନି କରୁ ନାମ ମା ତୋହର,
କପିଳାସ ମାଲ୍ୟଗିରି ମେଘାସନ
ଗନ୍ଧମାର୍ଦ୍ଦନରୁ ଉଠୁ ଏ ଗାୟନ,
ଶୋଲେଙ୍କ ଭୂଲେଷ୍ଟ କରୁ ନିନାଦିତ,
ଏହି ଗୀତ ହେଉ ଆକାଶେ ଉତ୍‌ଥିତ,
ଧୌଳି କୌଗଡ଼ରେ ଖଣ୍ଡଗିରି ଶିରେ
ସାରଙ୍ଗଗଡ଼ରେ ଉଦୟଗିରିରେ
ସପ୍ତକୋଣୀ ଗଣ୍ଡେ, ପ୍ରଧାନ ପାଟରେ,
ଉଠୁ ଏହି ଗୀତ ଗମ୍ଭୀରସ୍ୱରରେ ।

ମାତୃଭୂମି

ଜନନୀଙ୍କ ଜନନୀ ଗୋ ଜନ୍ମଭୂମି ମମ !
ତୋ ମୋ ମେଳ ଗୂଢ଼, ଗୂଢ଼ତର, ଗୂଢ଼ତମ ।
କେତେ ପୂରୁଷରୁ ପାଳୁ ଅଛ ହେ ସ୍ୱଦେଶ,
ପିତୃ ପିତାମହଗଣେ ନାହିଁ ତାର ଶେଷ ।
ତବ ରକ୍ତ ମାଂସେ ପୁଷ୍ଟ ମମ ଅପଘନ,
ତୁମ୍ଭର ଶକତି ଅନୁପ୍ରାଣିତ ଜୀବନ ।
ଜନମି ତୋ ଅଙ୍କେ ମାତଃ ଖାଇ ତୋର ଅନ୍ନ,
ଲୋଟି ତୋ ଧୂଳିରେ ମାଗୋ ହେଲି ମୋ ବର୍ଦ୍ଧନ ।
ଜନମି ପାଳିତ ହେଲି ମାତଃ ଅଙ୍କେ ତବ,
ଅଶିବ ଚରମେ କୋଳ ମୋର ମୃତ ଶବ ।
ବଢ଼ାଇ ତୁମ୍ଭର କୋଳେ ସୁନ୍ଦରୀ ତରୁଣୀ,
ଯୌବନର ସଖୀ କରି କରିଇଛ ଋଣୀ ।
ଧୂଳିଘର କରି ଯେବେ ଖେଳୁଥିଲି ଦାଣ୍ଡେ,
ଜାଣିଥିଲି ପିଲାଖେଳ ଭାଙ୍ଗିଯିବ ଗୁଣ୍ଡେ;

Digitized by srujanika@gmail.com

ପ୍ରିୟତର ଧୂଳିଘର ପାଇଁ ଦୟାବତୀ,
ପାଳୁଥିଲ ଯେଉଁ କୋଟିଏ ବାଳା କଳାବତୀ ।
ମିଳି ଏବେ ଯୂଟେ ଯୂଟେ ଯେତ୍ରୁଁ ପ୍ରେମ ଭୋଳେ,
ଖାଇ ତବ ଅନ୍ନ ନାଚି କୁଦ ତବ କୋଳେ ।
ଜାଣିଅଛ ନ ବହୁବ ଚିର ଏହି ଖେଳା,
ଭବିଷ୍ୟ ଖେଳାଳୀ ହୁଳୁଅଛ ବୁଝି ଦେଳା ।
ସୁତ ହିତ ପାଇଁ ହିବଦେଶୀ ନାଗ୍ରିନର,
ପୋଷ୍ୟ ପୁତ୍ର କନ୍ୟା କର ରଖ ନିଜ ଘର ।
ମାତଃ ଏତେ କରୁଅଛ ଆମ୍ଭ ହିତ ପାଇଁ,
ତୁମ୍ଭ ଲାଗି ପ୍ରାଣ ଦେଇ ନ ପାରୁଁ କପାଇଁ ?
ଏକ କୋଳେ ବଢ଼ି ଖେଳି ବୁଲି କାହିଁପାଇଁ,
ନ ହୁଅନ୍ତି ପ୍ରେମ-ସୂତ୍ରେ ବନ୍ଧା ଭାଇ ଭାଇ ?
ଏକ ଭ୍ରାତୃ ବନ୍ଧନରେ ବନ୍ଧ ଭ୍ରାତାଗଣ,
ନ କରନ୍ତି କପାଁ ମାତୃ-ଗୌରବ ବର୍ଦ୍ଧନ ?
ଏକ କୋଳେ ଜନ୍ମି ଏକ ଘରେ ଅନ୍ନ ଖାଇ,
ଏକ ଭାଷା କହୁ ଭିନ୍ନ ଭିନ୍ନ ଭାଇ ଭାଇ !

ମାତୃଭୂମି ତେଜି ଯେଉଁ ଗର୍ବିତ ଯୁବକ,
ହୁଏ ବିଦେଶୀୟଙ୍କର ଭକତ ସେବକ;
ସେହି ମାତୃପିତୃଦ୍ରୋହୀ ଅସ୍ୱଦ୍ରୋହୀ ଜନ,
ନୋହିବ କେବେହେଁ କାହା ସମ୍ମାନ ଭାଜନ ।
ସ୍ୱାର୍ଥ,, ଅହଙ୍କାର, ବୃଥା ଲଜ୍ଜା, ଅଭିମାନେ
ମାତୃଦ୍ରୋହୀ ହୋଇ ଯାଇ ପାରନ୍ତି ଯେମାନେ.
ସୁଧୀଜନେ ଜାଣନ୍ତି ସେ ପଶୁର ସ୍ୱଧର୍ମ
ସ୍ୱାର୍ଥ ପାଇଁ କରିବ ସେ ସବୁ ହୀନ କର୍ମ ।
ମାତା ଯେବେ କୁମରକୁ ଆଦରେ ବଢ଼ାଇ
ଖୁଦ କୁଣ୍ଡା ଦେଇ ତାକୁ ଯତନେ ପଢ଼ାଇ
ଭବିଷ୍ୟତ ଉଦ୍ଧାରେ ବାନ୍ଧେ ଆଶା ମନେ,
ପୂନଟେକ ଗାଇ ବୁଲେ ପଡ଼ଶା ଭବନେ,

Digitized by srujanika@gmail.com

ସେ କୁମର ବଡ଼ି ଯେବେ ଅର୍ଜି ଜ୍ଞାନ ଧନେ
ବୁଲ୍ ପ୍ରଭବାସୀ ଧନପୁତ୍ରଙ୍କ ଗହଣେ
ଦୁଃଖିନୀ ଜନନୀ କି ସେ ଅନ୍ନ ନ ପଶୁରେ
ସେ କୁପୁତ୍ରେ କି କହନ୍ତି ସମସ୍ତେ ହସାଇ ?
ସେହିପରି ସ୍ୱଦେଶୀୟ ଶିକ୍ଷିତ ଯୁବକ
ବିଦେଶୀୟମାନଙ୍କର ସ୍ତାବକ ସେବକ
ହୋଇ ଯେବେ 'ଓଡ଼ିଆ' ଏ ନାମେ ସମ୍ବୋଧିତ
ହେବାକୁ ହୁଅନ୍ତି ଜନସମାଜେ ଲଜ୍ଜିତ,
ଓଡ଼ିଆ ଭାଷାକୁ କରି ହେୟେ ପଦାଘାତ
ବିଦେଶୀୟ ଭାଷାକୁ ସେ କରି ପ୍ରଣିପାତ,
ସେପରି ଉତ୍କଳ ସୁତେ ସୁସଭ୍ୟ ବ୍ରହ୍ମାଣ୍ଡ
କହନ୍ତି 'ଏ କାପୁରୁଷ ଅକାଳକୁଷ୍ମାଣ୍ଡ' ।
ସମସ୍ତେ ସ୍ୱଦେଶ ଭକ୍ତ ଏହି ଜଗତରେ
କିପାଇଁ ବିଦେଶ ଭକ୍ତ ଉତ୍କଳୀୟ ନରେ !

ତୁଙ୍ଗଗିରି ଘନବନ ଦୀର୍ଘନଦୀଯୁତ
ରତ୍ନହ୍ରଦେ ଅଛୁ ଦେଶ ! ଅପଘନ ସାତ,
ଭୀମକାନ୍ତ ବେଶେ ବସୁ ହେ ରୁଦ୍ରସୁନ୍ଦର !
ନୀରନ୍ତର ନୀରନିଧି ଧୁଅନ୍ତି ପୟର ।
କୋଟି କୋଟି ବୌଦ୍ଧ ଶିବ ବିଷ୍ଣୁ ତୀର୍ଥସ୍ଥଳ
ପୂର୍ବ ଗୌରବ ତୋର ପ୍ରଗୃବନ୍ତି ଅଳ,
କେତେ କର୍ମ ଧର୍ମ ବୀର ଜନମିଲେ କୋଳେ,
କେତେ କବି ଗାଇଗଲେ କାବ୍ୟାବଳୀ ଲୋଳେ !
ନିଖିଳ ଭାରତେ ଶ୍ରେଷ୍ଠ ଠାବ ତୁ ଉତ୍କଳ
ଅଟୁ ପୁଣ୍ୟ-ଜ୍ଞାନ-ଭକ୍ତିସମନ୍ୱିତ ସ୍ଥଳ ।
ସମଗ୍ର ଭାରତେ କରି ଭ୍ରାତୃତ୍ୱେ ବନ୍ଧନ
ଶ୍ରୀକ୍ଷେତ୍ରେ କରୁ ମା ସାମ୍ୟଧର୍ମ ସଂରକ୍ଷଣ ।
ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ,
ଅବଶିଷ୍ଟ ଦାସ, ଚୈତନ୍ୟ, ଯଶୋବନ୍ତ,

Digitized by srujanika@gmail.com

ତୋହର କୋଳେ ମା ଜନ୍ମି ଘୁମି ଗ୍ରାମେ ଗ୍ରାମେ
ପ୍ରଚୁର ପ୍ରଚାର କଲେ ପୁଣ୍ୟ ହରି ନାମେ ।
ଦେଖାଇ ବିଶେଷ ଦୃଶ୍ୟ ତୁହି ମା ଉତ୍କଳ !
ବୌଦ୍ଧ ଜୈନ ଶୈବ ବଇଷ୍ଣବ ଏ ସକଳ
ମହା ସମନ୍ୱୟ ଧର୍ମେ ହସ୍ତ ଧରାଧରି
ହୋଇଣ କ୍ରୀଡ଼ନ୍ତି ମାତଃ ବକ୍ଷରେ ତୋହର ।
ବୌଦ୍ଧ ଧର୍ମ ଭାରତରୁ ହେବ ନିର୍ବାସିତ
ତୋ ଉଦାର ଗର୍ଭେ ମାତଃ ରହିଲା ସଞ୍ଚିତ ।
ତୋହ କୋଳେ ଜନ୍ମିଥିଲେ କେତେ ଶିଳ୍ପୀ ବୀର
କୀର୍ତ୍ତି ଯାର ଅଜ ମଧ୍ୟ ଖ୍ୟାତ ପୃଥିବୀର ।
ଥିଲା ଦିନ ଯେବେ ତୁହି ଉତ୍କଳେ ଭାରତେ
ଲଭିଥିଲୁ ସ୍ଥାନ ଶ୍ରେଷ୍ଠ ଜାତିଙ୍କ ସଙ୍ଗତେ ।
ବଢ଼ାଇ କେଶରୀ ଗଙ୍ଗ ବଂଶୀୟେ ଶାସନ
କରି କଲେ କେତେ ପୁଣ୍ୟ କୀରତ୍ତି ସ୍ଥାପନ !
ଶିଳାବନ୍ଧ ମହାନଦୀ କାଠଯୋଡ଼ୀ ତୀରେ
ବାନ୍ଧି ଉଡ଼ାଇଲେ କୀର୍ତ୍ତିକେତୁ କର୍ମବୀରେ ।

ଏକାମ୍ରେ ଶ୍ରୀକ୍ଷେତ୍ରେ ଯାଜପୁରେ କୋଣାର୍କରେ
ଶଙ୍ଖ ଚକ୍ର ଗଦା ପଦ୍ମ ଗୃହକ୍ଷେତ୍ର ବରେ ।
ସ୍ଥାପିଣ ତୋ ସୁତେ କୀର୍ତ୍ତିସ୍ତମ୍ଭ ସଂସ୍ଥାପନ
କରି ଉଡ଼ାଇଲେ ଶିଳ୍ପକଳାର କେତନ ।
ଉତ୍ତାଳ ସାଗରେ ହେଲେ କରି ଜଳଯାତ୍ରା
ବାହୁଣ ବୋଇତ ବାଲି ବୋର୍ଣ୍ଣିଓ ସୁମାତ୍ରା ।
ତୋହର ବଣିକବର୍ଗ ବାରିଧି ବକ୍ଷରେ
ବାଣିଜ୍ୟ କଲେ ମା ଯାଇ ଦ୍ୱୀପ ଦ୍ୱୀପାନ୍ତରେ ।
ଜୟଲବ୍ଧା କାଞ୍ଚି ରାଜଜେମା ପଦ୍ମାବତୀ,
ଥିଲେ ବୀର୍ଯ୍ୟ ପୁରସ୍କାରରୂପା ରୂପବତୀ
ସମୁଦ୍ର କୂଳନୁ ଛାଡ଼ି ପୋତ ଓଡ଼ିଆଏ
ଯାଉଥିଲେ ଜଳଯାନେ ତାମ୍ରଲିପ୍ତି ଯାଏ ।

Digitized by srujanika@gmail.com

ଦକ୍ଷିଣେ କର୍ଣ୍ଣାଟ ସେତୁବନ୍ଧ ରାମେଶ୍ୱର
ଉତ୍ତରେ ମଗଧ ଗୌଡ଼ଦେଶ ଅଧିକାର
କରିଥିଲେ ଜନ୍ମଭୂମି ବୀରସୁତଗଣ,
ଘୋର ଯୁଦ୍ଧେ ପରାଜିଲେ ଅସଂଖ୍ୟ ଯବନ ।
ଶତ ଶତ ବର୍ଷ ବିତିଗଲା ଶତ୍ରୁଥାଇ
ଭାଙ୍ଗି ନ ପାରିଲେ ଓଡ୍ର କୃପାଣୀ କପାଇ ।
ତୋହର କୋଳରେ ଜନ୍ମ ଭଞ୍ଜ ବୀରବରେ
ଭଣିଗଲେ କେତେ କାବ୍ୟ ଅମର ଅକ୍ଷରେ ।
କବିସୂର୍ଯ୍ୟ ବିଶ୍ୱମ୍ଭର କବି ଅଭିମନ୍ୟୁ
କବିତା କୁସୁମ ତୋଳି ଭାରତୀ-କାନନୁ,
ଭକ୍ତକବି ଜଗନ୍ନାଥ ଗାଇ ହରିନାମ
ଗଙ୍ଗା ଗୋଦାବରୀ ଯାଏ କଲେ ଦିବ୍ୟ ଧାମ ।
ଶ୍ରୀ ସାରଳାଦାସ କୃଷ୍ଣସିଂହ ବଳରାମ
ଗାଇଲେ ଅର୍ଜ୍ଜୁନ କୃଷ୍ଣ ସୀତା ରାମ ନାମ ।
କେତେ କବି ଗୁନ୍ଥି ଅଛି ଭାବ୍ୟ-ପୁଷ୍ପହାର
ଭକ୍ତିଭରେ ଲମ୍ବାଇଲେ ମା ତୋର ଗଳାର ।

ଯା ଚରଣ ଚୁମ୍ବି ଯାଏ ଅସୀମ ସାଗର
କଳତାନେ ଶତନଦୀ ବହେ ଯା ବକ୍ଷର,
ଲତା ଦୋଳାସନେ ବସି ବନ ଦେବୀଗଣ
ଗିରିବନେ ଗାଆନ୍ତି ଯା ବିଜୟ ଗାୟନ,
ଶତବୀର ଶିଳ୍ପୀ କବି ଭକ୍ତ ଯେଉଁ ଦେଶେ,
ଜାତହୋଇ କୀର୍ତ୍ତି ଗୁନ୍ଥିଗଲେ ଦିବ୍ୟବେଶେ ।
କୋଣାର୍କ ଏକାମ୍ର ନୀଳାଚଳର ମନ୍ଦିର
କାଠଯୋଡ଼ି ବନ୍ଧ ଜୟ କୀର୍ତ୍ତି ନିବେଶୀର
କରିଥିଲେ ଦାକ୍ଷିଣାତ୍ୟ ଆର୍ଯ୍ୟାବର୍ତ୍ତ ଦେଶେ
କେଜିବଯାଏ ଯେ ଉତ୍କଳ-ସୁତ ବୀରବେଶେ
ସେହୁ ଅମ୍ଭ ଜନ୍ମଭୂମି ତେବେ କିପାଁ ହାଇ
ଓଡ଼ିଆ, ଏ ନାମେ ଲଜ୍ଜାନତ ହେଉଥାଇଁ ?

Digitized by srujanika@gmail.com

ଉତ୍ଥାନ ପତନ ସଦା ଲାଗିଛି ଜଗତେ,
ସୁଖଦୁଃଖ ଲୀଳାଭୂମି ସଂସାର ସତତେ ।
ନିଜର ଗୌରବେ ମାତ୍ର ଗୌରବ ବଢ଼ାଇ
ପ୍ରୀତିଚ୍ଛନ୍ଦେ ବନ୍ଧ ହୁଅ ହେ ଭଉଣୀ ଭାଇ ।
ପୌରବ ଗୌରବ କୁରୁ ପାଣ୍ଡବ ଗହଣେ
ଛୁଞ୍ଚ ଭର ସଙ୍ଗ-ଅଗେ ଗ୍ରାମ ଅଗ୍ରମାନେ
ମହାବୀର କର୍ଣ୍ଣ ଯେସନେ ରାଜନ୍ୟମଣ୍ଡଳେ
ପ୍ରଣିପାତ କଲେ ସୂତ ପିତା ପଦତଳେ,
ସେହିପରି ଦୀନ ଉତ୍କଳର କେ ଠିସୁତେ !
ବିଶାଳ ଜଗତ ଦାଣ୍ଡେ ନିର୍ବିକାର ଚିତ୍ତେ
ସୁଖ ଦୁଃଖେ ଗଭୀରବେ ଲଙ୍ଘିନା ସମସ୍ତେ
'ଓଡ଼ିଆ' ଏ ନାମ ଶିରେ ଘେନ ହେ ନିର୍ଭୟେ ।
ସେ ନାମକୁ ମହାପ୍ରାଣ କରିବା ସକଳେ
ଜ୍ଞାନ ଭକ୍ତି ଧର୍ମ ଅର୍ଜି ନିଜ ବୁଦ୍ଧିବଳେ ।
ଅଚିର ଏମନ୍ତ କାଳ ଏ ମହୀମଣ୍ଡଳ—
ମଧ୍ୟେ ସମ୍ମାନିତ ହେବ ଦରିଦ୍ର ଉତ୍କଳ ।

କର୍ଣ୍ଣ ଯେସନେ ହୋଇଥିଲେ ଅଙ୍ଗମହୀପତି
ସେହିପରି ଉଠିବ ଏ ଉତ୍କଳ ଉଡ଼ନ୍ତ ।
ଇଂଲଣ୍ଡ କି ଥିଲା ଚିରଦିନ ସମୁନ୍ନତ
ନ ଥିଲା କି ସେହି ଦେଶେ ଦୀନତା ବହୁତ ?
କିନ୍ତୁ ଶ୍ୱେତଦ୍ୱୀପବାସୀ ମନୁଷ୍ୟତା ଫଳେ
ଜଗତେ ସୁପୂଜ୍ୟ ଅଛି ଜ୍ଞାନ ବୀର୍ଯ୍ୟ ବଳେ ।
କରନ୍ତି ମାନବ ଯାହା କରିବ ମାନବ,
ଏ ଜଗତେ କିଛିମାତ୍ର ନୁହେ ଅସମ୍ଭବ ।
ଥିଲା ଏହି ଉତ୍କଳର ଗୌରବ ସୁଦିନ,
ଧନାଢ୍ୟେତେ ହେଲା ଏହି ଦେଶ ହେଲା ଦୀନ ।
ମା ଜନନୀ ଜନ୍ମଭୂମି ! ଦୀନ ହୀନ ବେଶେ
କେତେକାଳେ ରହିଁ ତ ତୁ ବେ ଏତ [illegible],

Digitized by srujanika@gmail.com

କପାଁ ସୁତ ନେବେ ତବ ମୋହିନୀ ପ୍ରତିମା
ବୋଲି ଦେଉଅଛୁ ମାତଃ ନିଦାବ ମହିମା ?
କେହୁ ତ ନ ମାନେ ତବ ଗୌରବ ସମ୍ମାନ
ଶୁଣି ତବ ଜୟ ଥୋକେ କରନ୍ତି ଲୁଣ୍ଠନ
ନ ଶୁଣିଲେ ନାହିଁ କେହୁ ନ କରବ ଭୟ,
ଅମରଣ ଗାଇବି ଗୋ ଜନନି ତୋ ଜୟ ।
ଏ କ୍ଷୀଣ କଣ୍ଠର ଧ୍ୱନି ନ ଶୁଭିଲୁ ନାହିଁ,
ଜନ୍ମିବେ ତୋ କୋଳେ ମୋର ଯୋଗ୍ୟତର ଭ୍ରାତ ।
ଏ ଗୀତର ପ୍ରତିଧ୍ୱନି—ଘୋର ଘନ ଘୋଷ
ଶୁଣି ସ୍ୱର୍ଗେ ବୃନ୍ଦାରକେ ଲଭିବେ ସନ୍ତୋଷ ।
କାଳ ନିରବଧି ସୃଷ୍ଟି ବିପୁଳ ଅଶେଷ,
ଅବଶ୍ୟ ଉଠିବୁ ପତନେ ହେ ଦୀନ ସ୍ୱଦେଶ ।

ନିବେଦନ

ହେ ପ୍ରିୟ ଉତ୍କଳବାସି ! ଉଠ ନିଦ୍ରା ତେଜି
ଅନାଥ ସ୍ୱଦେଶେ,
ଦେଖ ଦେଖ ମାତୃଭୂମି ପୋଛନ୍ତି ଲୋତକ
କି ବିଷାଦ-ବେଶେ !
କେତେ କାଳ ଭ୍ରାତୃବର୍ଗ ରହିବା ଉଦାସ
କ୍ଷୁଦ୍ର ସ୍ୱାର୍ଥେ ଲୋଟି,
ଚିରଦିନ ମାତୃଭୂମି ରହିଥିବ ଦୀନ
ଥାଉଁ ସୁତ କୋଟି ?
ଅର୍ଥ କି ଜୀବନେ ସାର ଯିବ କି ତା ସଙ୍ଗେ
ପରିଣାମ ବେଳେ,
ଅସାର ଅର୍ଥର ଲୋଭେ ସ୍ୱଦେଶ-ଦୁର୍ଦ୍ଦଶା
ନ ଦେଖୁଛ ହେଳେ !

Digitized by srujanika@gmail.com

ଦୁର୍ଲ୍ଲଭ ମାନବ ଜନ୍ମ ପାଇ ସ୍ୱଦେଶିଏ
ଭ୍ରାନ୍ତ ବିଶ୍ୱାସରେ
ପୂଜନ୍ତି ଉଦ୍ଭିଦେ ଜଡ଼େ ପଶୁ ପକ୍ଷୀ ପ୍ରେତେ
ଭକ୍ତି ନାସ୍ତି ନରେ ।

ସହସ୍ର ବିଧନା ବାଣୀ— ବିକଳ ବିଳାପ
ଶୁଣି ଶୁଣି ଭ୍ରାନ୍ତ,
ଜୀବନ କି ସ୍ୱାର୍ଥଭୋଗ ? ଅନ୍ୟ କର୍ତ୍ତବ୍ୟ କି
ମାନବର ନାହିଁ ?
ମନୁଷ୍ୟତା-ବିବର୍ଜିତ ହୋଇ କାଳବଳେ
ଅସ୍ତ ସ୍ୱାଧୀନତା
ନିଜ ଶକ୍ତି ଗୌରବ ପାସୋରି ଅଛନ୍ତି
ସ୍ୱଦେଶ-ଜନତା ।

ଅଜ୍ରବସ୍ତୁ ବ୍ରହ୍ମଶକ୍ତି ନିଷ୍କର୍ମ ନିସ୍ତେଜ
କୁସଂସ୍କାର ଭାବେ,
ମହା ଶକ୍ତିମାନ ବହ୍ନି ଭସ୍ମ ସମାବୃତ
ହୁଏ ଯେ ପ୍ରକାରେ ।
ସର୍ବ ସୃଷ୍ଟି ମଧ୍ୟେ ଏକା ମାନବ ପ୍ରଧାନ,
ମନ ମାନବର
ନିଖିଳ ଅବନୀ ପୂଜ୍ୟ ଯେଣୁ ସେ ମନରେ
ପ୍ରକାଶ ଈଶ୍ୱର ।
ଉଦ୍ଭିଦେ ମାନବେ ଜଡ଼େ ବିରାଜିତ ବ୍ରହ୍ମ,
ଏହା ସତ୍ୟମାନେ
କୋଟିଗୁଣେ ଶ୍ରେଷ୍ଠରୂପେ ନାହାନ୍ତି କି ବ୍ରହ୍ମ
ତବ ନିଜ ପ୍ରାଣେ ।

ଆତ୍ମ ସମ୍ମାନକୁ ତେଜି କପାଳେ ମନୁଜ
ମସ୍ତକ ଅନତ
ବିଶ୍ୱବର୍ତ୍ତନ ସମସ୍ତଙ୍କ ଭର ପାଦ ପୂଜା
ସଞ୍ଚିତ ସତତ !

Digitized by srujanika@gmail.com

ଅମୃତର ପୁତ୍ର ନର ବିସ୍ମରିଣ ତତ୍ତ୍ୱ
ନୀରବତା ହୀନତା
ବିଷ ପତାଇଣ ନେଇ ନିସ୍ୱଣ ନିର୍ବୀର୍ଯ୍ୟ
ସ୍ୱଦେଶ ଜନତା !

ଉଠାଅ ମସ୍ତକ, ଯାହା ଭରିଛୁ ମାନବ
କରିବ ମାନବ,
ଅପଭସ୍ମ ତେଜ, ଉଡ଼ୁ ନ୍ୟାଯ୍ୟ ସତ୍ୟ ଧ୍ୱଜା,
ଚତ୍ତୁ ଧର୍ମନାବ ।

ଅସ୍ତ୍ର-ଅଧିକାର ଅସ୍ତ୍ର— ସ୍ୱତ୍ୱ ଭର ଦାବୀ
ମାନବ ମାନବୀ;
ଅନ୍ୟେ ଦାସ ଦାସୀ କରି ନିଜେ ହେଲ୍ ଦାସ
କହେ ସତ୍ୟ ଭବ୍ୟ ।

ହୋଇଣ ଉଦାର ଅନ ଅଧିକାର ମୂଲ୍ୟ
ବୁଝି ପ୍ରାପ୍ୟ ଦଅ,
ନ ଦେଲେ ନ ମିଳେ, ଜାଣି ପର ପ୍ରାପ୍ୟ ଦେଇ
ନିଜ ପ୍ରାପ୍ୟ ନିଅ ।

ସରଳ ନିର୍ଭୀକ ପ୍ରାଣେ ଜନ୍ମଭୂମି ଦଶା
ଫେଡ଼ ନାସ୍ୱନର !
ଚଳିଯିବ କାଳ, ଦେଶେ ରହିବ ସୁନାମ
ସୁକୀର୍ତ୍ତି ତୁମ୍ଭର ।

ସଂସାର ସୈକତ ଭୂମେ ଭବାବ୍ଧି ଉର୍ମିରୁ
ଭଗ୍ନପୋତ ଭାଇ
ଅନୁସର ସଦାଙ୍କକୁ ଜୀବନ ଜଳଧି—
କହୁଁ ହେବ ସାଧି ।

ମୃତ୍ୟୁ-ତଟେ କୃତକୃତ୍ୟ ଜୀବନକୁ ସ୍ମରି
ସାନ୍ତ୍ୱନା ପାଇବ,
ଭବିଷ୍ୟତ ଜୀବନରେ ଉନ୍ନତ ଲୈବଲେ
ସମ୍ମାନ ଲଭିବ ।

Digitized by srujanika@gmail.com

ମାତୃଭୂମି ସେବା କର   ହୋଇ ଯେତେ ଶକ୍ତ,
ଜ୍ଞାନୀ ହୋଉ ଜ୍ଞାନ,
ବଳ ହୋଉ ବଳବାନ   ପୁଣ୍ୟ ପୁଣ୍ୟବାନ,
ବଡ଼ କରା ସାନ,
ଧନୀ ଧନ, ମାନୀ ମାନ   ମାତୃପୂଜା ପାଇଁ,
କାବ୍ୟ ହୋଉ କବି,
ବାକ୍ୟ ହୋଉ ବାଗ୍ମୀ   ଓଲ୍‌ଟି ଯିବ ଅଳ୍ପ ଦିନେ
ଜନ୍ମଭୂମି-ଛବି ।

ଉତ୍କଳଦଶା

ଦେଖ ଶୁଭ ନବଯୁଗେ ବ୍ରିଟିଶସୁରାଷ୍ଟ୍ରେ
ପଞ୍ଜାବ ଦ୍ରାବିଡ଼ ଅନ୍ଧ୍ର ବଙ୍ଗ ମହାରାଷ୍ଟ୍ରେ
ନବୀନ ଚେତନା ଲଭି ନବକର୍ମେ ବ୍ରତୀ
ଉତ୍ସାହେ ମାତିଣ ସର୍ବେ କରନ୍ତି ଉନ୍ନତି ;
କେବଳ ଉତ୍କଳ ଦୂରେ—ଅତିଦୂରେ ପଡ଼ି
ଦାରିଦ୍ର୍ୟ-ଅଜ୍ଞାନ-ଅବସାଦେ ଅଛି ଜଡ଼ି,
କୋଟି ସୁତେ ଥାଇଁ ଅଜି ଉତ୍କଳ ପତିତ,
ଘର ଘର ଭିନ୍ନ ହୋଇ ଲାଞ୍ଛିତ ଦଳିତ ।

ଶିଳ୍ପ ବ୍ୟବସାୟୁ ଜ୍ଞାନ ଧର୍ମେ ସର୍ବେ ବଳୀ,
ହୀନ ହୋଇ ପଡ଼ିଛନ୍ତି କେବଳ ଉତ୍କଳୀ ;
ଶ୍ରେଷ୍ଠ ଜ୍ଞାନୀ କବି ଶିଳ୍ପୀ ଥିଲେ ତ ଏଥିର—
ପ୍ରମାଣ ପ୍ରାଚୀନ ସେତୁ, ସାହିତ୍ୟ, ମନ୍ଦିର ;
ଥିଲା ଦିନ ଯେବେ ଏହି ଉତ୍କଳ ଭାରତେ
ଲଭିଥିଲା ମାନ ଶ୍ରେଷ୍ଠ ଜାତିଙ୍କ ସଙ୍ଗତେ ;
ପୁଣି କି ଫେରିବ ନାହିଁ ଗୌରବ ସମ୍ମାନ,
ଉନ୍ନତ ସମାଜେ ଏହା ନ ପାଇବ ସ୍ଥାନ ?

Digitized by srujanika@gmail.com

ଇଷ୍ଟଦେବୀ-ଆବାହନ

(ସଗ—ଗୈଷ୍ଠ)

—୧—

ଜୟ ଇଷ୍ଟଦେବୀ, ଜୟ   ବନ୍ଦେଁ ଶ୍ରୀଚରଣଦ୍ୱୟ
ଆସ ଆସ ମାଗୋ ଆଜି ଦୀନ ଭବନେ,
ତୋ ଭକ୍ତ ସନ୍ତାନଗଣ   ନୈବେଦ୍ୟ ଭକ୍ତି ଚନ୍ଦନ
ପୂଜିବେ ଏ ଶୁଭଦିନେ ତୋ ଶ୍ରୀଚରଣେ;
କଲ୍ୟାଣି କର ମା ଅଭୟା,
ଆସି ପୁଣି ସମ୍ବତ୍ସରେ କରଣି ଦୟା ।

—୨—

ଘନକାଳ ଅବସାନ   ଦାଉ ଦାଉ ଦଗମାନ
ଛାୟାପଥେ ସୁଶୋଭନ ନୀଳ ଗଗନ,
ଶାରଦ-ଆକାଶେ ଜହ୍ନ   ଦେଖିଣ ସିନ୍ଧୁ ଉଚ୍ଛଳ
ଉଚ୍ଛ୍ୱସିତ ଊର୍ମ୍ମିଛଳେ ବନ୍ଦେ ଚରଣ,
ଆସ ମା ବୈକୁଣ୍ଠୁ ଓହ୍ଲାଇ
ସିନ୍ଧୁ-ଊର୍ମି-ସୋପାନରେ ପଦ ପକାଇ ।

—୩—

ମହୀ ଶିଶିରମଣ୍ଡନା   ଉଷା ଶାରଦବସନା
ନୀଳନଭେ ଉଭା ଧନୀ ପଦ୍ମାଙ୍କ ମନ,
ବନ୍ଧୁ ପୁଷ୍ପ ସଜାଡ଼ି   ସାଜିଛନ୍ତି ଶତ ଶୃଙ୍ଗେ
ଶ୍ୱେତକାଶ ଗୁଚ୍ଛରେ ସେ କରେ ବ୍ୟଜନ,
ବଜାନ୍ତି ବାଜଣା ବିହଙ୍ଗେ
ଆସ ମାଭୈଃ ଶିବଘରୁ ଓହ୍ଲାଇ ରଙ୍ଗେ ।

Digitized by srujanika@gmail.com

—୪—

ଥିଲ ଶୁଭଦିନ ଯେବେ   ଏହି ଉତ୍କଳରୁ ତେବେ
ଯାଉଥିଲେ ଦିଗ୍‌ବିଜୟେ କ୍ଷତ୍ରିୟ ବୀରେ,
ସେତୁବନ୍ଧ ରାମେଶ୍ୱରେ   କାଞ୍ଚୀ ଗଉଡ଼ ଦେଶରେ
ଉଡ଼ାଇଲେ ଜୟବାନା ନୀରଧିନୀରେ
ବିଜୟ ଲକ୍ଷ୍ମୀ ! ତୋ ବଳରେ
ସୁମାତ୍ରା ବୋର୍ଣ୍ଣିଓ ବାଲି ଯବଦ୍ୱୀପରେ ।

—୫—

ଥିଲ ଦେବି, ଶୁଭକାଳେ କାହିଁ ଲୁଚିଲୁ ତା ତାଳେ
ଧନଧାନ୍ୟେ ପୂର୍ଣ୍ଣ ଥିଲା ଏହି ଉତ୍କଳ,
ଏହି ଉତ୍କଳୀୟମାନେ   ଭକ୍ତ ତବ ବୀରପଣେ
କୀର୍ତ୍ତିବାନା ଉଡ଼ାଇଲେ ମହୀମଣ୍ଡଳ,
କାହିଁ ଗଲା ମାତଃ ସେ ଦିନ,
ଏବେ ଉତ୍କଳର ଦଶା କି ଦୀନହୀନ ।

—୬—

ଥିଲ ଶୁଭଦିନ ଯେବେ   ତବ ପୂଜା ପାଇଁ ତେବେ
କରୁଥିଲୁଁ ଆୟୋଜନ ଯୋଗ୍ୟ ବିଧାନେ,
ପଡ଼ିଛୁ ଏବେ ଦୁର୍ଦ୍ଦିନ   ଧନ ବିଦ୍ୟା ବୁଦ୍ଧି ହୀନ
ଉତ୍କଳ ବିହ୍ୱଳ ଘୋର ମୋହ-ସ୍ୱପନେ,
ନବଭାନୁକରେ ଜନନି !
ଉଦ୍ଭାସିତ ହେଉ ପୁଣି ଜନ୍ମ-ଅବନୀ !

—୭—

ଥିଲୁ ମାତଃ ସୁଖେ   ଅଛୁ ଏବେ ପୁଣି ଦୁଃଖେ
ଦୁଃଖବେଳେ ଲୋଡ଼ା ସିନା ବନ୍ଧୁ ସଙ୍ଗୁଳା,
ଦୁଃଖେ ସୁଖେ ମା ଜନନି   ତୁମ୍ଭେ ବିପଦତାରଣୀ
ଯୁଗଯୁଗେ ଖ୍ୟାତା ମାତଃ ମହାମଙ୍ଗଳା;
ଆସିଣ ବିରାଜ ଜନନି;
ତବ ଆବିର୍ଭାବେ ହେଉ ସୁସ୍ଥ ଧରଣୀ ।

Digitized by srujanika@gmail.com

—୮—

ଧନ୍ୟ ହେଉ ପଦ ସେବି ଆସ ଆସ ଇଷ୍ଟଦେବି,
ଲକ୍ଷ୍ମୀରୂପେ ଧନଧାନ୍ୟେ ଏ ଦେଶ ଭର,
ସରସ୍ୱତୀ ରୂପେ ଜ୍ଞାନ ବିଦ୍ୟା ବୁଦ୍ଧି କର ଦାନ,
ଶକ୍ତିରୂପେ ବାହୁବଳ ବିଧାନ କର,
ଜନ୍ମଭୂମି ରୂପେ ଅଭୟେ,
ପବିତ୍ର ଶ୍ରୀପଦ ତବ ସେବୁଁ ନିର୍ଭୟେ ।

—୯—

ଜୟ ଜନ୍ମଦେ ଅନ୍ନଦେ ଜୟ ସୁଖଦେ ଜ୍ଞାନଦେ
ଜୟ ଜୟ ଶାନ୍ତି ମୁକ୍ତି ଶୁଭ ଦାୟିନି,
ଚିର ନୁହେ ଏ ଜୀବନ ସ୍ଥିର ନୁହେ ଧନ ଜନ
ରହୁ ମନେ ଏ କଥା ମା ପାପନାଶିନି,
ପବିତ୍ର ହେଉ ମା ଜୀବନ,
ପ୍ରାଣାନ୍ତେ ପାଉ ମା ଯେପରି ତୋ ଶ୍ରୀଚରଣ ।

ଉତ୍କଳ କବିକୁଳଗୁରୁ ଉପେନ୍ଦ୍ରଭଞ୍ଜ

ସୁପଣ୍ଡିତ ହେ ଉପେନ୍ଦ୍ର ଭଞ୍ଜ ବୀରବର !
କବିକୁଳପତି ତୁମ୍ଭେ ଅଟ ଉତ୍କଳର ।
ରାଜସିଂହାସନ ସୁଖ ତେଜି ମହାମନା !
କଲ କେତେ କେତେ କାବ୍ୟ ସଙ୍ଗୀତ ରଚନା ।
ତୁମ୍ଭ ଯେନ ମାତୃଭାଷା ସାହିତ୍ୟ-ଶାଳିନୀ
ତୁମ୍ଭ ଯୋଗୁଁ ମାତୃଭାଷା ଅଟଇ ହେ ମାନିନୀ ।
କ୍ଷୁଦ୍ରରାଜ୍ୟ ସୁଖ ତେଜି ପଣ୍ଡିତ ମହାନ
ଉତ୍କଳ-ଭାଷାକୁ ଦେଇଗଲ ଜୀବଦାନ ।
ହୋଇଥାନ୍ତି ସିନା କ୍ଷୁଦ୍ର-ଖଣ୍ଡ ନରେଶ୍ୱର
ସମଗ୍ର ଉତ୍କଳେ ଅଟ ନିଜସ୍ୱ ତୁମ୍ଭର ।
ଗଞ୍ଜାମ ସମ୍ବଲପୁର ଓଡ଼ିଶା ଦେଶର
ଚଳି ସ୍ୱଦେଶ ମାଲ୍ୟଅଛ ମନେ ଭବିବର ।

Digitized by srujanika@gmail.com

ଅଗୁରୁର ଧୂପ ସମ ନିଜର ଦହନେ
ସୌରଭରେ ଭରିଛ ଆମୋଦିତ ଧରାଜନେ ।
ତୁମ୍ଭବିନା ହସାଇଣ ଜାତୀୟ-ସାହିତ୍ୟ
ଉତ୍କଳ-ସନ୍ତାନେ ହୋଇ ଥାଆନ୍ତେ ପତିତ ।
ତୁମ୍ଭ ରକ୍ତ-ସିକ୍ତ-ଭୂମି-ଜାତ-ତରୁ-ଫଳ
ଗାଉଣ ଜୀବନ ଦାନ ପାଇଛନ୍ତି ଉତ୍କଳ ।
ମହାଜନ ରକ୍ତପାତ ନୁହଇ ନିଷ୍ଫଳ
ତୁମ୍ଭ କାବ୍ୟବୃକ୍ଷ ନିଶ୍ଚେ ଫଳିବ ସୁଫଳ ।
ଉତ୍କଳ-ସାହିତ୍ୟ-ତରୁ ଅନୁଦିନ ବଢ଼ି
ଉତ୍କଳର ଦୀନ ଦଶା ଦେବ ନିଶ୍ଚେ ଛଡ଼ି ।
ଦ୍ୱାପଞ୍ଚାଶ କାବ୍ୟ କବି କରିଛ ରଚନ
କବିତ୍ୱ ପାଣ୍ଡିତ୍ୟ ମଣି-କାଞ୍ଚନ ମିଳନ ।
ଗଙ୍ଗା ଗୋଦାବରୀ-ସିନ୍ଧୁ-ରେବା ବନ୍ଦ୍ୟ ଭବ
ଉତ୍କଳ ସାହିତ୍ୟାକାଶେ ଶର ଦୀପ୍ତ ରବି ।
ଭାରତ-ନିକୁଞ୍ଜ ସୁତରୁଣ ପିକବର
ସାହିତ୍ୟ-କାସାରେ ଫୁଲ୍ଲ ସୁରଭି ପୁଷ୍କର ।
ଦେଖ ଦେଖ ଦରୁଁ ମାତୃଭୂମି-ପ୍ରିୟକବି
ଉତ୍କଳ-ଜନନୀ ଦୀନ ମ୍ଳାନ ମୁଖ ଛବି ।
ଜନ୍ମ ଯହିଁ ଦେଲ ଭାଷା ନିମନ୍ତେ ଜୀବିତ
ଉତ୍କଳରୁ ହୋଇଅଛି ତାହା ବିତାଡ଼ିତ ।

ଶ୍ରୀଧରସ୍ୱାମୀ

ଶ୍ରୀଧର ଜନମି ଥିଲେ ଏ ଦୀନ ଉତ୍କଳେ
କହିବୁ ମା ଜନନୀ ଗୋ କି ସାହସ ବଳେ !
ମହାନ ପଣ୍ଡିତ ସେ ଯେ ଜ୍ଞାନୀ ଭାଷ୍ୟକାର
ଥିଲେ ଏଥି ତାରା ମଧ୍ୟେ ଚନ୍ଦ୍ରମା ପ୍ରକାର ।
ଚାହିଁଛନ୍ତି ତାଙ୍କ ବଂଶ ଶତ୍ରୁ ତାଙ୍କ ବାହିଁ
ତାଙ୍କ ବଂଶଧରଠାରେ ତାଙ୍କ ରକ୍ତ ନାହିଁ !

Digitized by srujanika@gmail.com

ତଥାପି ନ ଥିଲୁ ମା ଉତ୍କଳ ! ଚିରଦିନ
ଅଜ୍ଞପର ମୂକ ସୁପ୍ତ ଶବ ଦୀନ ହୀନ ।
ତୋର କୋଳେ ବଢ଼ିଥିଲେ କେତେ ଶିଳ୍ପୀ ସାଧେ
କାର୍ତ୍ତି ଯାଙ୍କ ଅଙ୍କ ମଧ ଖ୍ୟାତ ପୃଥିବୀରେ ?
କୋଣାର୍କ—ଏକାମ୍ର-ନୀଳାଚଳର ମନ୍ଦିର
କାଠଯୋଡ଼ି ବନ୍ଧ, ଜମ୍ବୁ କାଞ୍ଚି ଦେଶାଦର ।
ଓଡ଼ିଆ ତ କରଥିଲେ ? ତେବେ କପାଁ ମାତୀ
ଧର ପାରନ୍ତି ନୋହି ଓଡ଼ିଆଙ୍କ ଭ୍ରାତା ?

'ସିଦ୍ଧାନ୍ତଦର୍ପଣ' ପ୍ରଣେତା
ମହାମହୋପାଧ୍ୟାୟ
ସାମନ୍ତ ଶ୍ରୀ ଚନ୍ଦ୍ରଶେଖର ସିଂହ

—୧—

ହେ ଚନ୍ଦ୍ରଶେଖର ନବ ଉତ୍କଳ-ମଣ୍ଡନ
ନବଯୁଗେ ଜ୍ଞାନବୀର କୁଳସୁନନ୍ଦନ,
ଶ୍ମଶାନ-ତୁଳସୀ ଦେବ ତୁମ୍ଭେ ଏ ଉତ୍କଳେ
ତୁମ୍ଭ ପେନ୍ନି ଏ ଉତ୍କଳ ଖ୍ୟାତ ଭୂମଣ୍ଡଳେ,
ସ୍ୱାର୍ଥ ଧୂଳି-ବିଲୁଣ୍ଠିତ ଯେ ଦେଶନିବାସୀ,—
ସେହି ଦେଶେ ଜନ୍ମି ଜ୍ଞାନ-ଅମ୍ବରବିଳାସୀ,
ଜ୍ୟୋତିଷ-ଜଗତ ସଙ୍ଗେ କରିଣ ସମ୍ପର୍କ,
ସିଦ୍ଧାନ୍ତ-ଦର୍ପଣ ତତ୍ତ୍ୱ କଲ ହେ ପ୍ରକାଶ,
ସାଧୁ ସାଧୁ ! ସୁପଣ୍ଡିତ ଦେବ-ଅବତାର,
ମହା ଦୈନ୍ୟେ ମହା ସତ୍ୟ କରିଛ ପ୍ରଚାର,
ସଭ୍ୟଦେଶେ କରିଥିଲେ ଜନମ-ଗ୍ରହଣ,
ସୁଯୋଗେ ଥାଆନ୍ତ କର କେତେ ଉଦ୍ଭାବନ,
ଦୁର୍ଦ୍ଦୈବେ ପଡ଼ିଣ ଘୋର ଅରଣ୍ୟେ ଉତ୍କଳ,
ପ୍ରତିଭା-ହୀରକ-ପ୍ରଭା ମଳିନ ତୁମ୍ଭର ।

Digitized by srujanika@gmail.com

—୨—

ତଥାପି ଗହନ ବନେ ଯଥା ବିକଶିତ
ସୁରଭି ପ୍ରସୂନ କରେ ଦିଗ ଆମୋଦିତ,
ପଙ୍କଜ ମୃଣାଳେ ଯେସନ୍ତେ ପ୍ରଫୁଲ୍ଲ ସୁନ୍ଦର
ଶୈବାଳ ସଙ୍ଗତେ ସୁଦ୍ଧା ଦିଶଇ ସୁନ୍ଦର,
ସେହିପରି ଦିବ୍ୟ ଜ୍ୟୋତି ତବ ପ୍ରତିଭାର
ଉଦ୍ଭାସିତ କରି ଅଛି ଜ୍ୟୋତିଷ-ସଂସାର ।
ଦେବଦୂତ ସମ ଆଶା ଦେଇ ହେ ସାମନ୍ତ !
ଅବସନ୍ନ ଉତ୍କଳକୁ ଦେଲ ଏ ଉଦନ୍ତ,

ନବ ବୈଜ୍ଞାନିକ-ଉଦ୍ଭାବନ-ନବଜ୍ଞାନ
ମଧ୍ୟେ ଉତ୍କଳର ମଧ୍ୟ ଅଛି କିଛି ସ୍ଥାନ,
ନୈରାଶ୍ୟରେ ଆନ ଜାତି ପଦସେବା କରି
ମଣ୍ଡିବ ଓଡ଼ିଆ-ଜାତି ଯିବ ନାହିଁ ମରି,—
ଧନ୍ୟ ସୁପଣ୍ଡିତ ଦୁଃଖ ରୋଗେ ବହୁ ମ୍ଳାନ
ସ୍ୱଦେଶକୁ ଦେଲ କିଣି ସଭ୍ୟ ଲୋକେ ସ୍ଥାନ ।

ସ୍ୱର୍ଗୀୟ କବିବର ରାୟ ରାଧାନାଥ ରାୟବାହାଦୁର

(ରାଗ — ଗୈରିକ)

—୧—

ସତେ କି ହେ କବିବର   ମଧୁ ମୂରତି ଭ୍ରମର
ଚିରକାଳକୁ ଲୁଚିଲ ଧରଣୀତଳୁଁ,
ସେ ସୌମ୍ୟ ସୁନ୍ଦର ଆନନ   ଦେଖିବ ନାହିଁ ନୟନ
ଅଜ ଏ ଜୀବନେ ଅନ୍ଧ ଅଭାଗ୍ୟ ବଳୁଁ !
ତବ ଶୋକେ ବିଶ୍ୱ ଉତ୍କଳ
ହୃଦୟବିଦାରୀ ଦୁଃଖେ ଘୋର ବିକଳ ।

Digitized by srujanika@gmail.com

—୨—

ପଣ୍ଡିତ ସୁଜନ ଧୀର   ଜ୍ଞାନୀ କବି କର୍ମବୀର
ବିନୟୀ ମଧୁରଭାଷୀ ସରଳମନା,
ବୈଚିତ୍ର୍ୟର ପ୍ରବର୍ତ୍ତକ   ସାହିତ୍ୟର ସଂସ୍କାରକ,
ଚିରସଙ୍ଗୀ ଥିଲେ ତବ ଦେବୀକଳ୍ପନା,
ବୀଣାପାଣି ବରସନ୍ତାନ !
ବଢ଼ାଇଲ ତୁମ୍ଭେ ଉତ୍କଳର ସମ୍ମାନ ।

—୩—

ଅର୍ଦ୍ଧ ତପୋଧନ ସମ   ଧୀର ଅଟଳ ସଂଯମ
ପବିତ୍ର ସାହିତ୍ୟ ବ୍ରତ କଲ ପାଳନ,
ମାଦକ ଉନ୍ମାଦେ ଯେମନ୍ତେ ହୁଏ ନର ତୁମ୍ଭେ ତେମନ୍ତେ
ସାହିତ୍ୟେ ଆସକ୍ତ ଥିଲ ସାରା ଜୀବନ,
ଏକତାନମନେ ହେ ଜ୍ଞାନୀ !
କବିତାକୁ ପ୍ରିୟପଣେ ଥିଲ ତ ମାନି ।

—୪—

ଏତେ ଜ୍ଞାନୀ ସୁପଣ୍ଡିତ ହେଲେହେଁ ଥିଲ ବିନୀତ
ଅହଙ୍କାର ଦର୍ପ ଗର୍ବ ନ ଥିଲ ଜାଣି,
ସରଳ ଶିଶୁ ସମାନ   ଗୁଣଗ୍ରାହୀ ଗୁଣବାନ
ଚିରକାଳ ଶାନ୍ତିପ୍ରିୟ ଥିଲ ହେ ଜ୍ଞାନୀ !
ମଧୁର ଚରିତ୍ର ପ୍ରଭାବେ
ଅସିଛୁ ଯେ ବାରେ ମିଶି ଅଛୁ ସେ ଭାବେ ।

—୫—

ଜ୍ଞାନୀ ମୂର୍ଖ ଧନୀ ହୀନ   ମାନୀ ଅବା ମାନହୀନ
ସର୍ବ ଜନପ୍ରିୟ ଥିଲ ହେ ସୁଧୀବର,
ହେ ଅଦମ୍ୟ ଜ୍ଞାନବୀର   ଥିଲ ଉଦାସୀନ ଚିର,
ନୀରବରେ ପର ଦୁଃଖେ ଥିଲ କାତର,
ଦେବଦୁର୍ଲ୍ଲଭ ସେ ସ୍ୱଭାବ
ବିସ୍ମାରୁ ଉତ୍କଳ କ୍ଷୀଣ ପ୍ରାଣେ ପ୍ରଭାବ ।

Digitized by srujanika@gmail.com

—୬—

ଉତ୍କଳର ଧୂଳିରେଣୁ   ମଣୁଥିଲ ରତ୍ନ-ରେଣୁ
ତବ ନେତ୍ରେ ପୂତ କ୍ଷୁଦ୍ର ତୃଣ ଉତ୍ପଳ,
ହ୍ରଦନଦୀ ଗିରିବନ   ନିକୁଞ୍ଜ ମନ୍ଦିରଗଣ
ହରାଇ ପ୍ରଣୟୀ ହୋଇଛନ୍ତି ବିକଳ,
"ସାରସ୍ୱତ ଧାମେ ଯୌବନା
ଅଜହୁଁ ଉତ୍କଳ-ଦୀପ ନିଭିଲା ସିନା" ।

—୭—

'ବସନ୍ତ-ପୂର୍ଣ୍ଣିମା ନିଶି ଖେଳେ ଜ୍ୟୋତ୍ସ୍ନା ଦଶ ଦିଶି,
ହସେ ଦିଗବାଳା ଶୁଭ୍ର କୌମୁଦୀ ସ୍ନେହେ,
ଚିର ଭକ୍ତ ସୌନ୍ଦର୍ଯ୍ୟର   ପ୍ରିୟତମ କବିବର
ଏମନ୍ତ ସମୟେ ଗଲ ତ୍ରିଦିବ ଗେହେ,
ବିମଳ ପ୍ରଭାତ ସମୟ
ହୋଇଗଲା ସ୍ୱର୍ଣ୍ଣତନୁ ବିଭୂତିମୟ ।

—୮—

ଭସ୍ମସାର ହେଲ ଶବ— ସେ ସୁନ୍ଦର ତନୁ ତବ,
ଚିନ୍ମୟ ଦେହରେ ଯାଇଅଛ ତ୍ରିଦିବେ,
ତବ ପ୍ରିୟ "ଗ୍ରନ୍ଥାବଳୀ"   ଉତ୍କଳବାସିମଣ୍ଡଳୀ
ଯାବତ ଚନ୍ଦ୍ରାର୍କ ନିଷ୍ଠେ ସଞ୍ଚି ରଖିବେ
ଦେଇ ଭକ୍ତି ପୁଷ୍ପ ଚନ୍ଦନ
ତବ ଉଦ୍ଦେଶରେ କରି ଅର୍ଘ୍ୟ ଅର୍ପଣ ।

—୯—

ଶୂନ୍ୟ କରି ଯେଉଁ ସ୍ଥାନ କଲ ହେ ମହା ପ୍ରସ୍ଥାନ
ରହିଲା ଅପୂର୍ଣ୍ଣ ସିନା ସେ ସିଂହାସନ,
ସେହି ଅଗାଧ ପାଣ୍ଡିତ୍ୟ   ସେହି ଅତୁଳ କବିତ୍ୱ
ହରାଇଲେ ଅଙ୍କଠାରୁ ଉତ୍କଳ ଜନ,
କେବେ ତବ ମହା ଆଦର୍ଶ
ଉତ୍କଳ ପ୍ରାଣକୁ କବି କରିବ ସ୍ପର୍ଶ ?

Digitized by srujanika@gmail.com

ଭକ୍ତକବି ରାୟବାହାଦୁର
ଶ୍ରୀଯୁକ୍ତ ମଧୁସୂଦନ ରାଓଙ୍କ ପ୍ରତି

"ଉତ୍କଳର ଋଷି" ଶ୍ରୀ ମଧୁସୂଦନ
ପର-ଉପକାରୀ ସାଧୁଚରିତ,
ଭଲେ ଭଣିଅଛ ଛନ୍ଦ ସୁଲଳିତ
ତବ ଗ୍ରନ୍ଥରାଜି ପୂତ ବିରଚିତ ।

କିବା ଛନ୍ଦମାଳା କି ସଙ୍ଗୀତମାଳା
ବସନ୍ତ ଗାଥା ବା କୁସୁମାଞ୍ଜଳି
କି ଉତ୍କଳଗାଥା କି ପ୍ରବନ୍ଧମାଳା
ମଧୁର ଗମ୍ଭୀର ରଚନ ବଳି ।

ସ୍ୱଦେଶର ପୁଣ୍ୟ— ରମ୍ୟ ଗ୍ରାମ୍ୟ ଛବି
ଶିଶୁ କଣ୍ଠେ "ଛନ୍ଦମାଳା"ର ଗୀତ
ଅହା କି ସୁନ୍ଦର ଅହେ ଭକ୍ତ କବି !
ରହିବ ଉତ୍କଳେ ଚିର ଜୀବିତ ।

ଜ୍ଞାନେ କର୍ମେ ପ୍ରେମେ ଶ୍ରୀ ମଧୁସୂଦନ
"ଉତ୍କଳ-ଆଦର୍ଶ" ଘୋଷଇ ଦେଶ,
ସୁକଠୋର ନ୍ୟାୟ ମଧୁର ଦୟାର
କେମନ୍ତ ସୁନ୍ଦର ସୁସମାବେଶ ।

ବିନୀତ ଗମ୍ଭୀର ପ୍ରଶାନ୍ତ ପ୍ରଫୁଲ୍ଲ
ଦାତା ସୁଜାଗ୍ରତ ଦ୍ୱିତୀୟାଶ୍ରମୀ,
ପବିତ୍ର ଜୀବନେ ବ୍ରହ୍ମପଦେ ଭକ୍ତି
ନିରତେ ରଖିଛ ଅହେ ସଂଯମ !

Digitized by srujanika@gmail.com

—୬—

ଉତ୍କଳର ଧୂଳିରେଣୁ   ମଣୁଥିଲ ରତ୍ନ-ରେଣୁ
ତବ ନେତ୍ରେ ପୂତ କ୍ଷୁଦ୍ର ତୃଣ ଉତ୍ପଳ,
ହ୍ରଦନଦୀ ଗିରିବନ   ନିକୁଞ୍ଜ ମନ୍ଦିରଗଣ
ହରାଇ ପ୍ରଣୟୀ ହେଉଛନ୍ତି ବିକଳ,
"ସାରସ୍ୱତ ଧାମେ ସ୍ଥାପନା
ଆଜହୁଁ ଉତ୍କଳ-ଦୀପ ନିଭିଲା ସିନା" ।

—୭—

ବସନ୍ତ-ପୂର୍ଣ୍ଣିମା ନିଶି ଖେଳେ ଜ୍ୟୋତ୍ସ୍ନା ଦଶି ଦଶି,
ହସେ ଦିଗବାଳା ଶୁଭ୍ର କୌମୁଦୀ ସ୍ନେହେ,
ଶର ଭକ୍ତ ସୌନ୍ଦର୍ଯ୍ୟର   ପ୍ରିୟତମ କବିବର
ଏମନ୍ତ ସମୟେ ଗଲ ତ୍ରିଦିବ ଗେହେ,
ବିମଳ ପ୍ରଭାତ ସମସ୍ତ
ହୋଇଗଲା ସ୍ୱର୍ଣ୍ଣତନୁ ବିଭୂତିମସ୍ତ ।

—୮—

ଭସ୍ମସାର ହେଲା ଶବ— ସେ ସୁନ୍ଦର ତନୁ ତବ,
ଶନ୍ନ୍ୟସ୍ତ କ୍ଷେତ୍ରରେ ଯାଇଅଛ ବିଦରେ,
ତବ ପ୍ରିୟ "ଗ୍ରନ୍ଥାବଳୀ"   ଉତ୍କଳବାସିମଣ୍ଡଳୀ
ଯାବତ ଚନ୍ଦ୍ରାର୍କ ନିଷ୍ଠେ ସଞ୍ଚି ରଖିବେ
ଦେଇ ଭକ୍ତି ପୁଷ୍ପ ଚନ୍ଦନ
ତବ ଉଦ୍ଦେଶରେ କରି ଅର୍ଘ୍ୟ ଅର୍ପଣ ।

—୯—

ଶୂନ୍ୟ କରି ଯେଉଁ ସ୍ଥାନ କଲ ହେ ମହା ପ୍ରସ୍ଥାନ
ରହିଲା ଅପୂର୍ଣ୍ଣ ସିନା ସେ ସିଂହାସନ,
ସେହୁ ଅଗାଧ ପାଣ୍ଡିତ୍ୟ   ସେହୁ ଅତୁଳ କବିତ୍ୱ
ହରାଇଲେ ଆଜିଠାରୁ ଉତ୍କଳ ଜନ,
କେବେ ତବ ମହା ଆଦର୍ଶ
ଉତ୍କଳ ପ୍ରାଣକୁ କରି କରିବ ସ୍ପର୍ଶ ?

Digitized by srujanika@gmail.com

ଭକ୍ତକବି ରାୟବାହାଦୁର
ଶ୍ରୀଯୁକ୍ତ ମଧୁସୂଦନ ରାଓଙ୍କ ପ୍ରତି

"ଉତ୍କଳର ଋଷି" ଶ୍ରୀ ମଧୁସୂଦନ
ପର-ଉପକାରୀ ସାଧୁଚରିତ,
ଭଲେ ଭଣିଅଛ ଛନ୍ଦ ସୁଲଳିତ
ତବ ଗ୍ରନ୍ଥରାଜି ପୂତ ବରେଣ୍ୟ ।

କିବା ଛନ୍ଦମାଳା କି ସଙ୍ଗୀତମାଳା
ବସନ୍ତ ଗାଥା ବା କୁସୁମାଞ୍ଜଳି
କି ଉତ୍କଳଗାଥା କି ପ୍ରବନ୍ଧମାଳା
ମଧୁର ଗମ୍ଭୀର ବଚନ ବଳି ।

ସ୍ୱଦେଶର ପୁଣ୍ୟ— ରମ୍ୟ ଗ୍ରାମ୍ୟ ଛବି
ଶିଶୁ କଣ୍ଠେ "ଛନ୍ଦମାଳା"ର ଗୀତ
ଅହା କି ସୁନ୍ଦର ଅହେ ଭକ୍ତ କବି !
ରହିବ ଉତ୍କଳେ ଚିର ଜୀବିତ ।

ଜ୍ଞାନେ କର୍ମେ ପ୍ରେମେ ଶ୍ରୀ ମଧୁସୂଦନ
"ଉତ୍କଳ-ଆଦର୍ଶ" ଘୋଷଇ ଦେଶ,
ସୁକଠୋର ନ୍ୟାୟ ମଧୁର ଦୟାର
କେମନ୍ତ ସୁନ୍ଦର ସୁସମାବେଶ ।

ବିନୀତ ଗମ୍ଭୀର ପ୍ରଶାନ୍ତ ପ୍ରଫୁଲ୍ଲ
ଦାତା ସୁଜାଗ୍ରତ ଦ୍ୱିତୀୟାଶ୍ରମୀ,
ପବିତ୍ର ଜୀବନେ ବ୍ରହ୍ମପଦେ ଭକ୍ତ
ନିରତେ ରଖିଛ ଅହେ ସ୍ୱଧର୍ମ ।

Digitized by srujanika@gmail.com

କବି ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କ ପ୍ରତି

"ଉତ୍କଳର ବ୍ୟାସ" କବି ଫକୀରମୋହନ !
ତୁମ୍ଭ ସୁକବିତାରସ ସୁନ୍ଦର ମୋହନ ।
ପ୍ରସାଦ-ମାଧୁର୍ଯ୍ୟ ଗୁଣେ ସରଳ ତରଳ,
କରୁଣ-ପ୍ରଶାନ୍ତ-ହାସ୍ୟ-ରସେ ଢଳ ଢଳ ।
ସ୍ୱଭାବୋକ୍ତି-ଅଳଙ୍କାରେ ସଦା ସୁମଣ୍ଡିତ,
ମାତୃଭାଷା-ମାତୃଭୂମି-ପ୍ରେମେ ପରିସିକ୍ତ ।
ବେଦ-ମହାକାବ୍ୟ-ଗୀତା-ପୁରାଣ-ପ୍ରକାଶି
ଆପ୍ୟାୟିତ କରିଅଛ ସ୍ୱଦେଶନିବାସୀ ।
ବିବିଧଘଟନାପୂର୍ଣ୍ଣ ସୁଦୀର୍ଘଜୀବନେ
ସଞ୍ଚିତ ଅମୂଲ୍ୟ ଅଭିଜ୍ଞତା ସଂଯୋଜନେ
ଲେଖିଛ ଯେ ଉପନ୍ୟାସ ଖଣ୍ଡି ଓଡ଼ିଆରେ
ରହିବ ସେ ଚିରଦିନ ଉତ୍କଳ-ସଂସାରେ ।
ସ୍ୱଦେଶ ପ୍ରେମିକ ଏକପତ୍ନୀ ବ୍ରତେ ବ୍ରତୀ
ମାତୃଭୂମି-ପ୍ରିୟକବି ! ଘେନ ମୋ ପ୍ରଣତି ।

ଉତ୍କଳହିତୈଷୀ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି.ଆଇ.ଇ.ଙ୍କ ପ୍ରତି

ଦୁଃଖିନୀ ଓଡ଼ିଶା-ସୁଯୋଗ୍ୟ ସୁତ ମଧୁସୂଦନ !
ଦେଖି ତୁମ୍ଭ ଲାଗି ପ୍ରଫୁଲ୍ଲ ଜନ୍ମଭୂମି-ବଦନ ।
ମାତୃଭୂମି କୁଳପାବନ ସୁସନ୍ତାନ ରତନ,
କୋଟି ସୁତ ଏଡ଼ି ଗୃହୀନ୍ତି ମାତା ତୁମ୍ଭ ବଦନ ।
ନିର୍ଭୀକ ଚତୁର ପଣ୍ଡିତ ବକ୍ତା ଉଦ୍ୟମୀ ଦାତା,
ବିପନ୍ନ-ଦରିଦ୍ର-ସହାୟ ଜନଶୁଭାନୁଷ୍ଠାତା !

Digitized by srujanika@gmail.com

ତୁମ୍ଭ ପରି ପୁତ୍ର ପାଇଣ ଜନ୍ମଭୂମି ଜନନୀ
ପୁତ୍ରବତୀ ବୋଲି ମଣଇ ଆପଣାକୁ ସେ ଧନୀ ।
ଜନ୍ମଭୂମି-ଦୁଃଖ ଜଣାଉଅଛ ବ୍ରିଟେନ ପାଶେ,
ଶିଳ୍ପ ବ୍ୟବସାୟେ ଲଗିଛ ଦେଶ-ଉତ୍ଥାନ-ଆଶେ ।
ଅହେ କର୍ମବୀର ସ୍ୱଦେଶ ପାଇଁ କରିଛ ଯାହା,
ଅଳପ ହେଲେହେଁ ଏ ଦେଶ ପକ୍ଷେ ଦୁର୍ଲ୍ଲଭ ତାହା ।
ସର୍ବ ଓଡ଼ିଆଙ୍କ ମିଳନେ ଜାତି-ଉନ୍ନତି ପାଇଁ
ଜାତୀୟ ସମିତି କଲ ହେ ଜ୍ୟେଷ୍ଠ ସୁବିଜ୍ଞ ଭାଇ !
ପଡ଼ିଛି ଦୁଃଖିନୀ ଓଡ଼ିଶା ଘୋର ବିଷାଦ-ପଙ୍କେ,
ଉଦ୍ଧରେ କେବେ ଗୁହିଁବ ଉଠି ବସି ନିଃଶଙ୍କେ ?
ଘୋର ଅମାନିଶା-ଅନ୍ଧାର-ମଗ୍ନ ଉତ୍କଳଦେଶ
ହସିବ କି ନବ ପ୍ରଭାତେ ପିନ୍ଧି ବିମଳ ବେଶ ?
ଯେତେକାଳ ଥିବ ଓଡ଼ିଆ ଜାତି; ଇତିହାସରେ
ଥିବ ତୁମ୍ଭ ନାମ ଅଙ୍କିତ ହେମମୟ ଅକ୍ଷରେ ।
ଗୁଲି ଯିବେ ସର୍ବେ ରହିବେ ନାହିଁ କେହି ମହୀରେ
ଯଶୋଦେହେ ବଞ୍ଚି ରହିବେ ମାତ୍ର ନିଃସ୍ୱାର୍ଥ ବୀରେ ।

ବକ୍ତା ଶ୍ରୀଯୁକ୍ତ ବିଶ୍ୱନାଥ କର

"ବିବିଧ ପ୍ରବନ୍ଧ"—ସାର ସନ୍ଦର୍ଭ ରଚକ,
"ଉତ୍କଳ ସାହିତ୍ୟ" ପ୍ରତିଷ୍ଠାତା ସମ୍ପାଦକ ;
ସତ୍‌କାବ୍ୟ-ଗୁଣଗ୍ରାହକ ଶଙ୍କାହୀନଚିତ୍ତ
ଅପ୍ରିୟ ସତ୍ୟକଥନେ ସଦା ଅକୁଣ୍ଠିତ;
ସରଳନିର୍ଭୀକ ପ୍ରାଣ ସତ୍ୟରାଜ୍ୟବାସୀ,
ମିଷ୍ଟଭାଷୀ ସଦାଳାପୀ ସଂସ୍କାରପ୍ରୟାସୀ;
ତେଜସ୍ୱୀ ସୁବକ୍ତାପଣେ ବିଖ୍ୟାତ ଦେଶରେ,
ମହାନନ୍ଦେ ଯା ବକ୍ତୃତା ଶୁଣୁଥାନ୍ତି ନରେ,
ବ୍ରହ୍ମପଦେ ସଦା ଯାର ଅଚଳାଭକତି,
ପର-ଉପକାରେ ସଦା ଥାଏ ଯାର ମତି ।

Digitized by srujanika@gmail.com

ପ୍ରତିବାସୀ, ବାଲ୍ୟଗୁରୁ, ସଖା ଯୌବନର !
ଭକ୍ତ, କୃତଜ୍ଞତା ମୋର ଅର୍ପିଲି ଶ୍ରୀକର ।
ତାହିଁ ଗଲ ସେ ମଧୁର ସ୍ନେହ ଅତୀତର,
କିନ୍ତୁ ନୁହେ ଶର ଭବେ ସମସ୍ତ ନଶ୍ୱର ।

କନିକାଧୀଶ୍ୱର
ଶ୍ରୀଯୁକ୍ତ ରାଜେନ୍ଦ୍ରନାରାୟଣ ଭଞ୍ଜଙ୍କ
ଭାରତ-ପ୍ରତ୍ୟାଗମନଉପଲକ୍ଷରେ ରଚିତ

—୧—

ଉତ୍କଳ-ଜନନୀ ଆଜ ଅହ୍ଲାଦେ
ଭକ୍ତି-ଅଶ୍ରୁ ବର୍ଜି ଶ୍ରୀହରି-ପାଦେ,
ବିସୋରଣି ଘୋର ଦାରିଦ୍ର୍ୟ ଦୁଃଖେ
ବାହୁ ପ୍ରସାରଣି ଗଦ୍‌ଗଦ ମୁଖେ,
ଦିଅନ୍ତି ସ୍ନେହାଲିଙ୍ଗନେ
ମହାସିନ୍ଧୁପାରୁଁ ଶୁଭେ ପ୍ରତ୍ୟାଗତ
ତାହାର ପ୍ରିୟ ନନ୍ଦନେ ।

—୨—

ଦେବବାଳା ଗାଇ ସ୍ୱାଗତ ଗାନ,
ସଜାଡ଼ି ନୈବେଦ୍ୟ ଗୁଙ୍ଗୁଡ଼ାମାନ,
ବନ୍ଦାପନା-ଥାଳୀ ଶ୍ରୀକରେ ଧରି,
ପୁଷ୍ପବୃଷ୍ଟି କରି ମସ୍ତକୋପରି,
କରନ୍ତି ପ୍ରେମେ ଆରତି
ଶ୍ରୀ ରାଜା-ରାଜେନ୍ଦ୍ର— ନାରାୟଣ ଭଞ୍ଜ
କନିକାସୁନ୍ଦରୀ ପତି ।

Digitized by srujanika@gmail.com

—୩—

ଚହନ୍ତ ଉଜ୍ଜଳ ଶୁଭ୍ର ନନ୍ଦନ,
ଶୁଭେ ବିଦେଶରୁ ପ୍ରତ୍ୟାଗମନ
ପୂଣ୍ୟ ଧର୍ମବଳେ କଲ୍ଲ ତୋ ସୁତ !
ଦେଖି ଆସିଲ୍ଲ ସେ ରାଜ୍ୟ ଅଦ୍ଭୁତ,
ମହା କର୍ମ-ଯଜ୍ଞ-ସ୍ଥଳ
ଜ୍ଞାନ-ରତ୍ନବସୁ ଯହିଁ ପ୍ରତିଭାତ
ଝଲସାଏ ଭୂମଣ୍ଡଳ ।

—୪—

କେତେ କର୍ମବୀର ଶୂରପ୍ରବର
ବାଗ୍ମୀ କବି ଋଷି ଜ୍ଞାନୀ ଅମର
ଜନମି ଯେ ମହା ଦେଶ-ଅଙ୍କରେ
ଦେବତ୍ୱ ସ୍ଥାପିଲେ ଏ ଭୁବନରେ;
ତ୍ରିଦିବ-ଦେବତାଗଣ
ବିଜ୍ଞାନ-ଗୁମାନେ ଅଦ୍ଭୁତ ବିଧାନେ
କଲେ ପଦ୍ମଚରପଣ ।

—୫—

ପ୍ରାଚ୍ୟ-ପ୍ରତୀଚ୍ୟର ଶୁଭ-ସଙ୍ଗମେ
ଜ୍ଞାନଭକ୍ତି ସହ ଚେଷ୍ଟାଅ କର୍ମେ,
ଅଧ୍ୟାତ୍ମ-ଉନ୍ନତି ବିଷୟ କର୍ମ
ସାତ୍ତ୍ୱିକ ସହିତେ ରାଜସ ଧର୍ମ
କର ମହା ସମନ୍ୱୟ
କ୍ଷୁଦ୍ର ସ୍ୱାର୍ଥ ଭେଦ ଘୁଞ୍ଚାଅ ବିକନେ
ହେଉ ଭବେ ଧର୍ମ ଜୟ ।

Digitized by srujanika@gmail.com

— ୭ —

କ୍ଷୁଦ୍ର ଜାତି-ବର୍ଣ୍ଣ ଜାତି-ବିଭେଦ
ମାନବେ ମାନବେ ଅସାର-ଭେଦ
ହୋଇଯାଉ ଦୂର ଘଣଯ୍ଯୁ ଭୟ;
ମହୋଦାର ମନୁଷ୍ୟତାର ଜୟ
ହେଉ ଏ ମାନବାବାସେ,
ସାମ୍ୟ-ମୈତ୍ରୀ-ସ୍ୱାଧୀନତା-ଧ୍ୱଜା-ଉଡ଼ୁ
ଶାଶ୍ୱତ ବ୍ରହ୍ମାଣ୍ଡାକାଶେ ।

ପ୍ରବଳପ୍ରତାପ ଭାରତସମ୍ରାଟ ସପ୍ତମ ଏଡ଼୍‌ଉଆର୍ଡ଼ଙ୍କ ଅଭିଷେକ-ଗୀତ

(ରାଗ—ଧନାଶ୍ରୀ)

— ୧ —

ଜୟ ଇଂଲଣ୍ଡେଶ ଭାରତସମ୍ରାଟ,
ଅର୍ଦ୍ଧଧରା-ଅଧିପତି !
ଶୁଭ ଅଭିଷେକ ଉଦ୍ଦେଶ୍ୟରେ ତବ
ଆନନ୍ଦ ହୁଅଇ ଅତି,
ନବ ଇନ୍ଦ୍ରପ୍ରସ୍ଥରେ—
ଭାରତର ଦିଗଦିଗନ୍ତରେ ।

— ୨ —

ଭିକ୍ଟୋରିଆ ସତୀ ମାତା ଦୟାବତୀ
ଥିଲେ ଭାରତର ମିତ୍ର,
ଶ୍ରୀଙ୍କମୁ ଭ୍ରମିଣ ଭାରତ-ଭୂମିରେ
କରିଛ ଅନୁଗୃହୀତ
ଭାରତୀୟ ରାଜନେ
କରି ସମ୍ମାନିତ ନିମନ୍ତ୍ରଣେ ।

Digitized by srujanika@gmail.com

—୩—

ପ୍ରାଚୀନ ସଭ୍ୟତା — ଗୌରବ-ମଣ୍ଡିତ
ସନାତନ ଏ ଭାରତ,
ବିଧାତା ଅନୁଦେଶେ ମଙ୍ଗଳ ଉଦ୍ଦେଶେ
ଆଜି ତବ କରଗତ,
ନବ ସଭ୍ୟ ବିଧାନେ
ଆରୋହେ ସେ ଉନ୍ନତି-ସୋପାନେ ।

—୪—

ନବ-ଜ୍ଞାନ-ନବ ବିଜ୍ଞାନ-କୌଶଳ
ନବୀନ ସ୍ୱଦେଶ-ହିତ
ନବୀନ ସଭ୍ୟତା- ଆଲୋକେ ପ୍ରାଚୀନ
ଭୂଭାରତ ଉଦ୍ଭାସିତ,
ସର୍ବ ଭାରତ ସୁତ
ଭୁଲି ଭେଦ, ଭ୍ରାତୃ-ଭାବେ ଯୁତ ।

—୫—

ପ୍ରସିଦ୍ଧ ପବିତ୍ର ଏ ଉତ୍କଳ-ଭୂମି
ପଡ଼ିଥିଲା ଦୁଃଖ-ପଙ୍କେ,
ଶାନ୍ତ କୋହିନୂର ସ୍ରେ ଇଂରେଜ ରାଜ
ଦେଇଅଛି ଆସି ଅଙ୍କେ,
ବିଶ୍ୱ ଭାରତ ସହ
ଗାଏ ଏ ଉତ୍କଳ ତୁମ୍ଭ ଜୟ ।

—୬—

ଦୁଃଖୀ ଉତ୍କଳର ବିବିଧ ଅଭାବ
ନ ରହିବ କିଛି ଆଜ,
ବିଚ୍ଛିନ୍ନ ଓଡ଼ିଆ— ଭାଷୀ ଦେଶ ଖଣ୍ଡେ
କର ଯୁକ୍ତ ମହାରାଜ
ଭାଇ ଭାଇ ମିଳନ
କରୁ ଦ୍ୱିଗୁଣ ଜୟ ଗାୟନ ।

Digitized by srujanika@gmail.com

ଜନ୍ମଭୂମି

ତୃତୀୟ ଭାଗ

Digitized by srujanika@gmail.com

ପରଲୋକଗତ ମଧୁସୂଦନ

—୧—

କାହିଁ ଗଲ ଅହେ ଶ୍ରୀ ମଧୁସୂଦନ
ଦେଖ କର୍ମମୟ ଧରଣୀ
ତୁମ୍ଭ ବିଚ୍ଛେଦରେ ବିଷାଦ କାତରେ
କାନ୍ଦନ୍ତି ଉତ୍କଳ ଜନନୀ,
କାଳ ରେ ! କି ଦାରୁଣ ତୋ' ଏ ବାଧି
କହ କହ କାଳ ଲୁଚାଇଲୁ କାହିଁ
ଅମୂଲ୍ୟ ସମ୍ପଦ ସେ ନିଧି ?

—୨—

ଉତ୍କଳ ଗଗନୁଁ ଖସି ପଡ଼ିଲା ରେ
ଉଜ୍ଜ୍ୱଳ ଜ୍ୟୋତିଷ୍କ ସୁନ୍ଦର
ଉତ୍କଳ ଗଳାରୁ ରତନ ମାଳାରୁ
ହଜିଲା ମାଣିକ୍ୟ ମଧୁର,
ଆହା ରେ ! ଉତ୍କଳ-ନନ୍ଦନକାନନୁ
ପୂଜା-ପାରିଜାତ ଝଡ଼ିଲା, ନିଭିଲା
ରତ୍ନଦୀପ ବାଣୀ ଭବନୁ ।

—୩—

ଉତ୍କଳ-ବାଣୀଙ୍କ ବାଜେଣୀ ବୀଣାରୁ
ଝଡ଼ିଗଲା ତା'ର ସୁସ୍ୱର
ଭାରତ ମାନସେ ଉତ୍କଳ-ପଦ୍ମିନୀ
ହେଲେ ମଧୁହୀନା ନିକର,
ହେ ମଧୁ ! ମଧୁହୀନ ଏବେ ଜୀବନ
ମଧୁହୀନ ହେଲା କଟକ ନଗର,
ମଧୁହୀନ ବିଶ୍ୱଭୁବନ ।

Digitized by srujanika@gmail.com

—୪—

ଜଣଙ୍କ ବିହୁନେ କେତେ କେତେ ସ୍ଥାନ
ଶୂନ୍ୟ ହୋଇଗଲା ଏ ଦେଶେ,
କେତେକାଳ ଅହା ଶୂନ୍ୟ ଥିବ ତାହା
ପୂର୍ଣ୍ଣ ତା କରିବ କିଏ ସେ ?
ବନ୍ଧୁ ହେ ! ବିଚିବ ତୁମ୍ଭର ବିଧାନ,
ତବ ଶୁଭ ଇଚ୍ଛାବଳେ ଯଥାକାଳେ
ପଠାଇଲ ସ୍ୱର୍ଗୁଁ ଆହ୍ୱାନ ।

—୫—

ଚିର ବ୍ରହ୍ମନିଷ୍ଠ ଏକେଶ୍ୱରବାଦୀ
ନିରାକାର ବ୍ରହ୍ମୋପାସକ,
ବଙ୍ଗୀୟ ଉତ୍କଳ ଧର୍ମପ୍ରଚାରକ
ସମାଜର ସୁସଂସ୍କାରକ ;
ଋଷି ହେ ! ପୁରାଣ ବ୍ରହ୍ମତତ୍ତ୍ୱଦର୍ଶୀ,
ଉତ୍କଳର ବ୍ରାହ୍ମ ନକ୍ଷତ୍ରମଣ୍ଡଳ
ମଧ୍ୟେ ଶାରଦ ରାକା ଶଶୀ ।

—୬—

ପ୍ରାଚ୍ୟ ଜ୍ଞାନଭକ୍ତି ପ୍ରତୀଚ୍ୟ କର୍ମର
ଶୁଭ ସମାବେଶ ସୁନ୍ଦର,
ସୁକଠୋର ନ୍ୟାୟ, ସୁକୋମଳ ଦୟା
ଶୁଭ ପରିଣୟେ ମଧୁର ;
ଉଦାର, ଅସଙ୍କୀର୍ଣ୍ଣ ବିଶ୍ୱଜନୀନ
ନିଖିଳ ମାନବମଣ୍ଡଳୀ ମଧ୍ୟରେ
ଆତ୍ମ-ପର-ଜ୍ଞାନବିହୀନ ।

Digitized by srujanika@gmail.com

—୭—

ଭକ୍ତିପ୍ରସ୍ରବଣ ଥିଲ ମହାପ୍ରାଣ
ମନ୍ଦିର ବ୍ରହ୍ମ ପୂଜାବେଳେ
ଦର ଦର ଧାରେ ପ୍ରେମାଶ୍ରୁ ପ୍ରବାହ
ବହଇ ଶୁଭ୍ର ଗଣ୍ଡସ୍ଥଳେ ;
ଭକ୍ତ ହେ ! ଥିଲ ବ୍ରହ୍ମନିଷ୍ଠ ବୈରାଗୀ,
ନିର୍ଲିପ୍ତ ସଂସାରୀ ଦାତା ମିତାଚାରୀ
ଜନପ୍ରେମୀ ସ୍ୱାର୍ଥ-ତ୍ୟାଗୀ ।

—୮—

ପିତୃମାତୃଭକ୍ତ ସଂଯତ ଚରିତ
ସୋଦର-ସନ୍ତାନବତ୍ସଳ,
ବନ୍ଧୁଜନ ପ୍ରିୟ ପରଦୁଃଖକାତରୀ
ସ୍ୱଦେଶପ୍ରେମିକ ସରଳ ;
ଗୁଣୀ ହେ ! ଦାନ କରୁଥିଲ ଗୋପନେ
କାହା ପ୍ରାଣେ କେବେ ନ ଦେଇଣ ବ୍ୟଥା
ତୋଷୁଥିଲ ମଧୁ ବଚନେ ।

—୯—

ଆଦର୍ଶ ଶିକ୍ଷକ ତେଜସ୍ୱୀ ନିର୍ଭୀକ
ସ୍ନେହଶୀଳ କୃପା କରୁଣ,
ବଜ୍ର-ଦୃଢ଼-ହୃଦ କୁସୁମ-କୋମଳ
ଭୀମକାନ୍ତ ମଧୁ ମିଳନ ;
ଜ୍ଞାନୀ ହେ ! ଗଭୀର ପାଣ୍ଡିତ୍ୟ ଆଧାର,
ସାହିତ୍ୟ, ଗଣିତ, ଭାଷା, ଧର୍ମତତ୍ତ୍ୱ
ଆଦି କେତେ ଜ୍ଞାନଭଣ୍ଡାର ।

Digitized by srujanika@gmail.com

—୧୦—

ଜ୍ଞାନ, ବୁଦ୍ଧି ବଳେ କ୍ରମଶଃ ଉତ୍କଳେ
ଶିକ୍ଷା ଶୀର୍ଷସ୍ଥାନ ମଣ୍ଡିଲ,
ଜ୍ଞାନାର୍ଜନ ତୃଷ୍ଣା, ସ୍ୱକର୍ତ୍ତବ୍ୟନିଷ୍ଠା—
ଆଦର୍ଶ ଦେଖାଇ ଚଳିଲ ;
କର୍ମୀ ହେ ! କରୁଣା କୋମଳ ଦେହରେ
ଜ୍ଞାନଚର୍ଚ୍ଚା ସ୍ରୋତ କଲ ପ୍ରବାହିତ
ନିଖିଳ ଉତ୍କଳ ସଂସାରେ ।

—୧୧—

ବୀଣାପାଣି ବରପୁତ୍ର ଭକ୍ତକବି
ପବିତ୍ର ଗମ୍ଭୀର ରଚନା,
ଉତ୍କଳୀୟ ଗ୍ରନ୍ଥେ ପ୍ରବନ୍ଧ ସଙ୍ଗୀତେ
କଲ ନବଯୁଗ ସୂଚନା;
କବି ହେ ! ତପସ୍ୱିନୀ ସମ କଳ୍ପନା
ସବଙ୍କି ପବିତ୍ର ସଂଯତ ସାହିତ୍ୟ
କଲ ବାଣୀ ଅର୍ଘ୍ୟ ରଚନା ।

—୧୨—

ଉତ୍କଳର ଗ୍ରାମେ ଗ୍ରାମେ ତବ ନାମ
ଘୋଷିତ ହୁଅଇ ହେ କବି,
ପ୍ରତି ବିଦ୍ୟାଳୟେ, କୋମଳ ହୃଦୟେ
ବିମ୍ବିତ ତବ ଜ୍ଞାନ-ରବି ;
ଗୁରୁ ହେ ! ସାହିତ୍ୟକ୍ଷେତ୍ରେ ମହାରଥୀ,
ତବ ସମ ସୁତ ଅଙ୍କେ ଧରି ସିନା
ମାତୃଭୂମି ଯେ ସୁତବତୀ ।

Digitized by srujanika@gmail.com

— ୧୩ —

ରାଧାନାଥ ସଙ୍ଗେ ହେ ମଧୁସୂଦନ,
ଶତ୍ରୁସଖ୍ୟ, ଶତ୍ରମିଳନ,
ଯୌବନେ, ବାର୍ଦ୍ଧକ୍ୟେ, ଗୃହେ, କର୍ମକ୍ଷେତ୍ରେ
ଯେସନ ନରନାରାୟଣ ;
ପ୍ରାଣାନ୍ତେ, ଏକତ୍ର ଦେବଙ୍କ ସମାଧି
ଦେବଏ ଏକତ୍ର ଲଭିଲ ବିରାମ
ଏକତ୍ର କର୍ମଯୋଗ ସାଧି ।

—୧୪—

କେତେ ଥର କେତେ ମୃତ୍ୟୁଶଯ୍ୟା ପାଶେ
କରୁଥିଲ ଦେବ ପ୍ରାର୍ଥନା,
ପ୍ରାଣସ୍ପର୍ଶୀ ବାଣୀ ଲଭୁଥିଲେ ଶୁଣି
ମୁମୂର୍ଷୁ ଅଭୟ ସାନ୍ତ୍ୱନା ;
ବିଶ୍ୱାସୀ ! ଅଭୟ ବ୍ରହ୍ମପାଦପଦ୍ମେ,
ସାରା ଜୀବନରେ ସଞ୍ଚିତ ପୁଣ୍ୟରେ
ଆଶ୍ରୟ ଲଭ ଦିବ୍ୟ ସଦ୍ମେ ।

—୧୫—

ଭବ ପରପାରେ ବ୍ରହ୍ମର୍ଷିମଣ୍ଡଳେ
ପାଇ ସ୍ନେହ ପ୍ରେମାଲିଙ୍ଗନ,
ଦିବ୍ୟଧାମେ ଦେବ ସୁର ସଭାମଧ୍ୟେ
ପାଇଅଛ ଦିବ୍ୟ ଆସନ ;
ଦେବ ହେ ! ପବିତ୍ର ମଧୁର ଜୀବନ
ନିଖିଳ ଉତ୍କଳ ମାନବମଣ୍ଡଳ
କରୁଁ ସର୍ବେ ଅନୁକରଣ ।

Digitized by srujanika@gmail.com

—୧୬—

ସେ ସୁନ୍ଦର ମୂର୍ତ୍ତି, ସେ ସୌମ୍ୟ ବଦନ
ମଧୁର କୋମଳ ବଚନ
ସହାନୁଭୂତିରେ ସଦା ପୂର୍ଣ୍ଣ ପ୍ରାଣ
ନ କରିପାରେ ବିସ୍ମରଣ ;
ହେ ଦେବ ! ନ ଦେଇ ପାରିବି ବିଦାୟ,
ସମ୍ପଦେ, ବିପଦେ, ସ୍ମରେ ତବ ପାଦେ
ହୁଅ ହେ ମୋ ଚିର ସହାୟ ।

—୧୭—

ହେ ବରେଣ୍ୟ ଦେବ ଶ୍ରୀଚରଣେ ତବ
ହୁଏଁ ମୁଁ ଭୂମିଷ୍ଠ ପ୍ରଣତ,
ଯାବତ ଜୀବନ ଆଦର୍ଶ ସ୍ୱରୂପେ
ବିରାଜ ମୋ’ ପ୍ରାଣେ ସତତ ;
ହେ ଦେବ ! ଉତ୍କଳର ଇତିହାସରେ
“ଶ୍ରୀ ମଧୁସୂଦନ ଭକ୍ତକବି” ନାମ
ରହିବ ସୁବର୍ଣ୍ଣ ଅକ୍ଷରେ ।

ଋଷି ମଧୁସୂଦନ

(ରାଗ—କଳହଂସକେଦାର)

ନାହାନ୍ତି ଆଜ ପ୍ରାଣେ ମଧୁସୂଦନ
ନ ଦେଖିବ ନେତ୍ର ସେ ଗୁରୁ ବଦନ ।
ସୁନ୍ଦର ସହାସ ସେ ରୂପ ମୋହନ
ନ ଦେଖିବ ଆଜ ଏ ଲୋକଲୋଚନ ।
ଅଚିନ୍ତା ନିଦ୍ରା ଦେବ ଡାକିଲ କାହିଁ,
ସେ ନିଦ୍ରାରେ କି ସ୍ନେହ ମମତା ନାହିଁ ?

Digitized by srujanika@gmail.com

ନାନା ଦୁଃଖେ ଦୁଃଖିନୀ ଉତ୍କଳ-ମାତା
ତା ଦୁଃଖ କିଏ ନେବ ହେ ପୂଜ୍ୟଭ୍ରାତା !
କିଏ ଭକ୍ତବତ୍ସଳ ଶ୍ରୀପଦେ ଆଜ
ଜଣାଇବ ଉତ୍କଳ ଦୁର୍ଭାଗ୍ୟ ଦାଜ ?
ଦେଶର ନାନା ପାପତାପ ଦୀନତା,
ଦୁଃଖିତ ହେବ କିଏ କହ ସେ କଥା ?
କିଏ ଅଗ୍ରୁସୀ ଆଜ ବ୍ରହ୍ମୋପାସନା,
କର ଉତ୍କଳେ ଦେବ ଶିକ୍ଷା ସାନ୍ତ୍ୱନା ?
ସେ ଗମ୍ଭୀର ପବିତ୍ର ସୁନ୍ଦର ଲେଖା
ଆଜ କି ଭକ୍ତକବି ନ ଦେବ ଦେଖା ?
ଋଷି ସ୍ୱଦେଶଭକ୍ତ କବି ପଣ୍ଡିତ !
ଏ କଥାରେ କି ଆଜ ହେବ ଉଦିତ ?
କର୍ତ୍ତବ୍ୟନିଷ୍ଠା ଚରିତ୍ରର ମହିମା
ସାଧୁଶୀଳତା ଗାଢ଼ ଜ୍ଞାନ ଗରିମା,
ଅମୃତ ପ୍ରିୟବାଣୀ ସହାନୁଭୂତି,
ଅତଥିସେବା ଶିଷ୍ଟ ବିଗ୍ରହ ଯୁକ୍ତି ?

ଉତ୍କଳ ଭାରତୀଙ୍କ ପ୍ରିୟ ନନ୍ଦନ,
ଉତ୍କଳପ୍ରବନ୍ଧର ସୃଷ୍ଟି କାରଣ,
ବ୍ରହ୍ମ ସଙ୍ଗୀତ ଆଦ ସୁପ୍ରଗ୍ରହକ
ଭାଷାତତ୍ତ୍ୱର ଆଦ-ସୁପ୍ରବର୍ତ୍ତକ,
କେଉଁଆଡ଼େ ଗଲ ହେ ପଣ୍ଡିତ କବି
ଦଶି ଯାଉଛି ତବ ସୁନ୍ଦର ଛବି ।
କିଛି ତ ଦୋଷ ଦଶୁ ନାହିଁ ତୁମ୍ଭର
ଦେବତାରୂପେ ଦଶ ନେନେ ଓମାହର ।
ଆଦର୍ଶରୂପେ ଅହେ ସାଧୁ ମନୀଷୀ
ମୋ ପ୍ରାଣେ ବିଭୂଷିତ ଦିବସ ନିଶି ।
ଜାଗ୍ରତେ ମଧୁ ଦେଖେଁ ମଧୁ ସ୍ୱପନେ,
ପ୍ରଭାବିତ କର ମୋ ସାରା ଜୀବନେ ।

Digitized by srujanika@gmail.com

ଭକ୍ତ ଜୀବନ ଭକ୍ତ-ଚିନ୍ତା-ବଚନ
ଭକ୍ତ ଲେଖନୀ ଭକ୍ତ ଭଙ୍ଗି ସ୍ୱପନ ।
ବ୍ରହ୍ମୋପାସନା ବେଳେ ନୟନୁଁ ନୀର
ଝର ସ୍ୱର୍ଗୀୟ ଦୃଶ୍ୟ ସୃଜେ ମହୀର ।
ସେ ଦିବ୍ୟ ଦୃଶ୍ୟ କହେ ଶିବ ଜୀବନ
ଆଜ ଦେଖିବ ନାହିଁ ମର ନୟନ ?
ସ୍ୱର୍ଗ ବିହଙ୍ଗ ତେଜି ଦେହ-ପିଞ୍ଜର
ତେଜି ମୋହ ବନ୍ଧନ କ୍ଷୁଦ୍ର ଭବର
ରଚିଛି ନୀଡ଼ ମନ୍ଦାକିନୀର ତଟେ
କେଉଁ ନନ୍ଦନ ବନେ କଳପ ବଟେ ।
ଆଜ ତ ନାହିଁ ତାର ଫେରିବା ଆଶା
ସେ ଦେଶୁଁ ଏ ଦେଶକୁ, କପାଁ ଦୁରାଶା !
ସଂସାର ଦୁଃଖ ତାପ ରୋଗ ଜଞ୍ଜାଳ,
ଆଜ ସେ ପ୍ରାଣେ କରୁନାହିଁ କଣ୍ଟାଳ ।
ମହା ବିକ୍ରମେ ଯୁଝି ଭବ-ସଂଗ୍ରାମେ
ଲଭିଛି ଶରଣାନ୍ତ ସ୍ୱର୍ଗୀୟଧାମେ ।

ସଂସାର ଖେଳ ସାରି ଶିଶୁ ଅଥୟ
ମାତୃ-ଅଭୟ ଅଙ୍କ ନେଲା ଆଶ୍ରୟ ।
ଆଗ ପଛ ହୋଇଣ ସମସ୍ତେ ଯିବା
ସେହି ଅଙ୍କାତଳେକେ ସର୍ବେ ମିଳିବା ।
ଯେତେ ଏ ଭବେ ନଦନଦୀ ଅଛନ୍ତି
ସମସ୍ତେ ଶେଷେ ସିନ୍ଧୁ ଗର୍ଭେ ମିଶନ୍ତି ।
ସୁରଭି ଫୁଲ ବୃନ୍ତୁଁ ପଡ଼ୁଛି ଝଡ଼ି,
ଉଜ୍ଜ୍ୱଳ ତାରା ନଭୁଁ ଯାଉଛି ପଡ଼ି ।
ଯାଉଛି ଛିଡ଼ି ମଧୁବୀଣାର ତାର
ଶୁଖି ଯାଉଛି ନିର୍ଝରିଣୀର ଧାର ।
ଏ ଜଗତେ ନୁହେଁ ତ କିଛି ହିଁ ଥିର
ତେବେ ରେ ପ୍ରାଣ କପାଁ ହେଉ ଅଥିର ?

ଯାଇଛୁ ଫୁଲ ଅଛୁ ସୁବାସ ତାର
ଯାଇଛୁ ତାରା ପ୍ରଭା ଅଛୁ ତାହାର ।
ନୀରବ ବୀଣା, ସ୍ୱର ସ୍ମୃତି-ଶ୍ରବଣେ,
ଶୁଣିଛୁ ଧାରା ବହେ ବିଶ୍ୱ ଜୀବନେ ।
କହନ୍ତି ସାଧୁ ଆତ୍ମା ସ୍ୱରଗ ପୁରୁଁ,
ପବନ ବାଣୀ ପ୍ରାଣେ ପ୍ରବେଶେ ଦୂରୁଁ ।
ତରୁ ବଲ୍ଲରୀ ପଶୁ ପକ୍ଷୀ ଜୀଅନ୍ତି,
ସାଧୁ ମରଣେ ମୃତ୍ୟୁଞ୍ଜୟ ହୁଅନ୍ତି ।
ସୁକୃତମନ୍ତ୍ର ସାଧୁ ବଞ୍ଚିବ ଚିର,
ସ୍ଥାପ ଆଦର୍ଶ ମୂର୍ତ୍ତି ପ୍ରାଣ ମନ୍ଦର ।
ଜୀବନେ ନ ଶୁଣିଲ ମୋର ବଚନ,
ବିଫଳ କଲ ମୋର ଯେତେ ଯତନ ।
ଏବେ ଜୀବନେ ପାଳ ମୋ ଉପଦେଶ,
ନ କର ଏ ଜୀବନ ଉଦାସେ ଶେଷ ।
ଦୁର୍ଲ୍ଲଭ ଏ ଜୀବନ ପ୍ରଭୁ ପ୍ରସାଦ
ବିଭୁଙ୍କ ଇଚ୍ଛା ଏହୁ ଜୀବନେ ସାଧ ।

ଦେଖ ଦେଶର କେତେ କେତେ ଦୁର୍ଦ୍ଦଶା
କେତେ ଦୁଃଖେ ଜନମଭୂମି ବିବଶା !
ସହସ୍ର ମଧ୍ୟୁଁ ହର କଲେ ଆହ୍ୱାନ,
ତାଙ୍କର ଶ୍ରୀଚରଣେ ସମର୍ପ ପ୍ରାଣ ।
ମହାନ ଭବିଷ୍ୟତ ଦେଖ ଅଗ୍ରତେ,
ଜୀବନ ବ୍ୟର୍ଥ କେବେଁ ନୁହେଁ ଜଗତେ ।
ଶୁଣ ଅମୃତପୁତ୍ର ମାନବଗଣ !
ବ୍ରହ୍ମ ହିଁ ମାନବର ଲକ୍ଷ୍ୟ ସାଧନ ।
ଭାରତର ସମ୍ବଳ ସେ ବ୍ରହ୍ମଜ୍ଞାନ,
ଭାରତର କଲ୍ୟାଣ ବ୍ରହ୍ମ ବିଧାନ
ଏକ ସେ ବ୍ରହ୍ମ ସର୍ବ ମାନବ ପିତା,
ସକଳ ନରନାରୀ ଭଗିନୀ ଭ୍ରାତା ।

Digitized by srujanika@gmail.com

ଭକ୍ତବତ୍ସଳ ହରି ଶ୍ରୀପଦ ତଳେ
ବସ ଭକତ ସଙ୍ଗେ ମନ ନିର୍ମଳେ ।
ସେ ପଦେ ଇହ ପର ପ୍ରଭେଦ ନାହିଁ,
ଚିରଜୀବନ ଲୀଳା ମରଣ କାହିଁ ?
ସ୍ବର୍ଗ-ସୋପାନ ମୃତ୍ୟୁ ସେ ପଦତଳେ,
ଲୀଳା କରନ୍ତି ହରି ଭକ୍ତମଣ୍ଡଳେ ।
ସେଠାରେ ମୋତେ ସଦା କର ଦର୍ଶନ,
ବିକଳ ହେଲେ ସେଥି କର ଗମନ ।
ଏହି ଆଦର୍ଶେ କର ସାଧୁ ଜୀବନ,
ଆଦର୍ଶରୂପେ ଯାପ ନିଜ ଜୀବନ ।
ମୋର ଜୀବନେ ଫଳ ଫଳିବ ଯେବେ,
ଯଥାର୍ଥ ଶ୍ରାଦ୍ଧ ହେବ ମୋହର ତେବେ ।
ହେ ଗୁରୁ ଅପରାଧୀ ମୁଁ ଶ୍ରୀଚରଣେ,
ବିଫଳ କଲି ମୁହିଁ ସ୍ନେହ ଯତନେ ।

ମୁଁ ଯେ ଦୁର୍ବଳ ଅବିଶ୍ବାସୀ ଅଜ୍ଞାନ
ଶ୍ରୀମୁଖେ ସ୍ବର୍ଗୁଁ ମୋତେ କର କଲ୍ୟାଣ ।
ହେ ଦେବ ! ପ୍ରତିଷ୍ଠି କର ଜୀବନେ
ଉଦ୍‌ବୋଧିତ ହୁଏ ମୁଁ ତବ ବଚନେ ।
ପ୍ରାର୍ଥନାଶୀଳ ହେଉ ଏ ମୋର ପ୍ରାଣ,
ସ୍ବାର୍ଥ ଆଶଙ୍କା ଦୂରେ କରୁ ପ୍ରୟାଣ ।
ପ୍ରତି ବଚନ ମୋତେ ଅଭ୍ରାନ୍ତ ବେଦ,
ଯାଇଛ ଚାଲି ବୋଲି ନ ରହୁ ଖେଦ ।
ସ୍ବାର୍ଥ ମମତା ଖେଦ ତେଜୁ ଏ ଚିତ୍ତ,
ଥାଉ ସଂଯୋଗ ହେଉ ଚିର ସ୍ଥାପିତ ।

Digitized by srujanika@gmail.com

ସ୍ୱର୍ଗତ ମହାରାଜା ଶ୍ରୀରାମଚନ୍ଦ୍ର

କି ଘୋର ଅଶନି ପାତେ   ଲୁଣ୍ଠିର ବସନ୍ତେ
ବିକମ୍ପିତ ଉତ୍କଳ ଭୁବନ,
କି ଘୋର ତମିସ୍ର ଆସି   ଅକାଳରେ ଗ୍ରାସି
ଆଚ୍ଛାଦିଲା ଉତ୍କଳ-ଗଗନ ।

ଅକାଳେ କିପାଇଁ ଆହା   ଉତ୍କଳ-ଅମ୍ବରୁଁ
ବିଭ୍ରଷ୍ଟ ଏ ସମୁଜ୍ଜ୍ୱଳ ଚନ୍ଦ୍ର,
ଏ କି ନିଦାରୁଣ ବାର୍ତ୍ତା   ନାହାନ୍ତି ଏ ଭବେ
ମହାରାଜ ଭଞ୍ଜ ରାମଚନ୍ଦ୍ର !

ପ୍ରବେଶିଛ ଦିବ୍ୟଲୋକେ   ପୁଣ୍ୟ ମହିମାରେ
ଆରୋହଣ ହିରଣ୍ମୟ ରଥ,
ଚିର ହସ ହସ ମୁଖେ   ପବିତ୍ର ହୃଦୟେ
ଆଲୋକଣି ତ୍ରିଦିବର ପଥ ?

ସତେ କି ଶ୍ରୀରାମଚନ୍ଦ୍ର   ତେଜି ଧରାଧାମ
ଯାଇଅଛ ଅଜ୍ଞାତ ବିଦେଶେ
ସେ ତ୍ରିଦିବ ପୁରେ ଦେବ   ତୁଙ୍ଗ ସିଂହାସନେ
ବସିଅଛ ରାଜ ଋଷି ବେଶେ ?

କେମନ୍ତ ସରଳ ପ୍ରାଣ   ସରସ ହୃଦୟ
ସୁପବିତ୍ର ଆତ୍ମା ନିଷ୍କଳଙ୍କ,
ସୁଧୀର ପ୍ରଶାନ୍ତ ବୀର   ହିଂସା ଦ୍ୱେଷ-ମୁକ୍ତ
କି ସୁନ୍ଦର ବିନୀତ ନିଃଶଙ୍କ !

ଥରେ ଯେ ଦେଖିଛି ସେହି   ଚନ୍ଦ୍ରମାବଦନ
ଇନ୍ଦିବର-ନିନ୍ଦୀ ସେ ନୟନ,
ଶୁଣିଛି ଅମୃତବାଣୀ   କଳିଛି ସେ ଜ୍ଞାନ
ପରଶିଛି ଶାନ୍ତ ପୂତ ମନ ।

Digitized by srujanika@gmail.com

ନ ପାରେ ପାସୋରି ସେହି   ଦିବ୍ୟ ରୂପ ଗୁଣ
କେମନ୍ତେ ହେ ପ୍ରିୟ ପରିଜନ
ତୁମ୍ଭ ବିଚ୍ଛେଦରେ ଦେବ   ଧରିବେ ସେ ଧୈର୍ଯ୍ୟ
କେମନ୍ତେ ସେ ହେବେ ଶାନ୍ତ ମନ ?
ବିଜ୍ଞାନ ଦର୍ଶନ-ଜ୍ଞାନ   ସାହିତ୍ୟ ରହସ୍ୟ
ଏକାଧାରେ ଥିଲା ସମାବେଶ,
କ୍ରୂରକାଳ ଅକାଳେ ତା   ହରି ନେଇ ଅହା
ଉତ୍କଳର କଲା ସର୍ବଶେଷ ।

ପବିତ୍ର-ଗୃହସ୍ଥ୍ୟଗୁଣେ   ବିଶାଳ ଉତ୍କଳେ
ନାହିଁ ନାହିଁ ତବ ପଟାନ୍ତର,
କୁସଂସ୍କାର ମୁକ୍ତ ଧର୍ମ   ବୀର ବିକ୍ରମରେ
ସାଧିଲ ଜୀବନେ ବୀରବର ।
ବିନୟ କରୁଣା ଧୈର୍ଯ୍ୟ   ସଂଯମ ଆଦର୍ଶ
ଦେଖାଇଲ ହେ ସୁଧୀ ଅଗ୍ରଣୀ,
ତବ ସମ କୃତୀ ପୁତ୍ର   ଧରି ନିଜ ଅଙ୍କେ
ଧନ୍ୟା ହେଲେ ଉତ୍କଳଜନନୀ ।
"ନୃପତି ବିଳାସ ଅର୍ଥେ   ପ୍ରକୃତି ସର୍ବସ୍ୱ
ପ୍ରଜା-ଅର୍ଥ-ନାଶ-ନୃପପାଇଁ",
ପୁରାତନ ଏ ସଂସ୍କାର   ସମୂଳେ ଉପାଡି
ଯାଇଅଛ ଆହେ ନରସାଇଁ ।
ରାଜବେଶେ ଯୋଗିବର   ପବିତ୍ର ଚରିତ୍ର
ଜ୍ଞାନ ଭକ୍ତି କର୍ମ-ସମାବେଶେ,
ମହତ ଉଦାର ଶିକ୍ଷା   ଅଙ୍କି ଯାଇଅଛ
ନୃପକୁଳେ ଏ ଉତ୍କଳ ଦେଶେ ।
"ରାଜା ରାଜ୍ୟାଶ୍ରମ ଋଷି"   ଏ ବୁଧ ବଚନ
ପ୍ରମାଣିତ କଲ ସ୍ୱଜୀବନେ,
"ରାମରାଜ୍ୟ" ସ୍ମୃତି ଦେବ   ହେଲା ଉଦ୍‌ବୋଧିତ
ଶାନ୍ତ ସମୁନ୍ନତ ସୁଶାସନେ ।

Digitized by srujanika@gmail.com

ନୃପ-ଧର୍ମେ ଅପୂର୍ଣ୍ଣ ଆଶା ଥିଲା କି ସ୍ମୃତିରେ !
'କିନ୍ତୁ "ମନୁଷ୍ୟତ୍ୱ"-ମୋହପାଶେ
କାହିଁ ପ୍ରତିଦ୍ୱନ୍ଦ୍ୱୀ ତବ ଦରିଦ୍ର ଉତ୍କଳେ,
ଭାରତେ ଅନୁପ ମଧ୍ୟ ଜଣେ ।

ପଶୁରକ୍ତେ କଳଙ୍କିତ ଅବନୀର ଅଙ୍କ
'ଶୁଣିଲ ନା ପଶୁର ଆରତ,
କମ୍ପିଲା ହେ ମହାରାଜ ତବ ସିଂହାସନ
ଉଛାଳିଲା ଅଭୟ-ଭାରତୀ ।

ଧର୍ମନାମେ ପଶୁହତ୍ୟା କୋମଳ ପରାଣ
ନ ସହିଲା ଅହେ ମହାବାହୁ
ତବ ଧର୍ମରାଜ୍ୟ ଦେବ ପଶୁରକ୍ତ ସ୍ରୋତେ
ସିକ୍ତ କଳଙ୍କିତ ନୁହେଁ ଅଙ୍ଗ !

ତୁମ୍ଭର ଉତ୍ସାହ-"ପ୍ରଭା" କଲା ବିଭାସିତ
ଭାରତୀଙ୍କ ଦରିଦ୍ର କୁଟୀର,
ସେହି ସମୁଜ୍ଜ୍ୱଳ "ହସ" କଲା ଉଦ୍ଭାସିତ
"ଅଳଙ୍କାର" ଅଲେଖ୍ୟ ରୁଚିର ।

ତୁମ୍ଭର ଉତ୍ସାହ ମନ୍ତ୍ରେ ଅପୂର୍ବ-ଅନ୍ୱେଷଣେ
"ଋଷିପ୍ରାଣେ ଦେବାବତରଣ",
ତୁମ୍ଭର ରାଜସଭାରେ ଉତ୍କଳ ଭାଷାରେ
ଅଦପର୍ବ ଭାରତ ଗାୟନ ।

କବିଙ୍କ ଭବିଷ୍ୟବାଣୀ ପୂର୍ଣ୍ଣରୂପେ ଦେବ
ସ୍ୱଜୀବନେ ନ କରୁଁ ପାଳନ,
ଛଡ଼ାଇ ଉତ୍କଳ ଧରା ଅହେ ବୀରମଣି
କଲ କେଉଁ ଦେଶକୁ ଗମନ ?

ନାନା ଦୁଃଖେ ଦୁଃଖିନୀ ଯେ ଉତ୍କଳ ଜନନୀ
କେମନ୍ତେ ହେ ତାକୁ କଲ ତ୍ୟାଗ,
ଭୁଞ୍ଜିବ ଅଚିନ୍ତ୍ୟା-ନିଦ୍ରା ଅଶାନ୍ତି-ଉତ୍କଳ
ଅଶାନ୍ତସ୍ଥଳ ଅହେ ମହାଭାଗ ।

Digitized by srujanika@gmail.com

ସହାସ ବଦନ ମୁଖ ଶାନ୍ତରୁଦ୍ଧ ଦେହ
ହେମନ୍ତବୀର ସୁନ୍ଦର ମୂରତି,
ଅପାର ଗୁଣ-ଗରିମା ଦିବ୍ୟ ଜ୍ଞାନରାଶି
ମୁଗ୍ଧ ଦିଏ ହୃଦୟ କରଇ ।
ଫୁଟନ୍ତ କୁସୁମ ସମ ପୂର୍ଣ୍ଣ ଯୌବନରେ
ନାହୁଡ଼ିଲ ପ୍ରିୟ ମହାରାଜ,
ତ୍ରିଦିବ ନନ୍ଦନ ଯୋଗ୍ୟ ପୂଜା ପାରିଜାତ
ତୁଳିଗଲ ସାରି ନିଜ କାର୍ଯ୍ୟ ।
ଲକ୍ଷ୍ମୀହୃଏ ମହାଯତ୍ନ ତବ ଯୋଗ୍ୟ ପୀଠ
ଗଢ଼ି ଏକ ତୁଳସୀ ଚଉରେ,
ଚିରକାଳ ସମ୍ଭରିବଇଁ ଭକତି ନନ୍ଦରେ
ସ୍ମୃତି ତବ ସାଧୁ ଆଦର୍ଶରେ ।
ଯାଅ ଯାଅ ମହାରାଜ ସେହି ଦିବ୍ୟଲୋକେ
କିଣିଛ ଯା ସୁକୃତିର ବଳେ,
ପବିତ୍ର ମଧୁର ତବ ସୁନ୍ଦର ଆଦର୍ଶ
ପୂଜା ପାଉ ଦରିଦ୍ର ଭକ୍ତଲେ ।
ଯାଅ ସେହି ପୁଣ୍ୟଲୋକେ ଯହିଁ ବିରାଜନ୍ତି
ରାଜା ହରିଶ୍ଚନ୍ଦ୍ର, ରାମଚନ୍ଦ୍ର,
ମହୀୟାନ ସୂର୍ଯ୍ୟବଂଶ ରାଜର୍ଷିମଣ୍ଡଳେ
ଗୁଣାରାମ ଭଞ୍ଜ ରାମଚନ୍ଦ୍ର,
ନିଜ ପୂତ ବଂଶ ଭବେ ସ୍ନେହ ପରବଶ
ନେବେ କର ପାଣି ପ୍ରସାରଣ,
ସେହି ପୁଣ୍ୟଧାମପ୍ରାନ୍ତେ ଯୋଗ୍ୟ ସିଂହାସନେ
ବସାଇବେ କରି ଆଲିଙ୍ଗନ ।

Digitized by srujanika@gmail.com

ସ୍ୱର୍ଗତ ଅଭିରାମ ଭଞ୍ଜ

ଅହା କି ଦାରୁଣ ବାର୍ତ୍ତା ଶୁଭିଲାରେ
କଣ୍ଟକରେ ଦବା ଦୁଇ ଶ୍ରବଣରେ,
ଉତ୍କଳ-ଆକାଶୁଁ ଖସି ପଡ଼ିଲା ରେ
ଉଜ୍ଜ୍ୱଳ ଜ୍ୟୋତିଷ୍କ ଅସମୟରେ !
ପ୍ରାଣ ଅଭିରାମ ଥିଲ ଅଭିରାମ
ମାଙ୍କି ଦେଇ କେଉଁ ଅଡ଼େ ହେ ଗଲ ?
ଝୁରି ଝୁରି ତବ ଜ୍ଞାନ ଗୁଣଗ୍ରାମ,
ବିକଳେ କାନ୍ଦଇ ଦୀନ ଉତ୍କଳ ।
ସର୍ବଜନପ୍ରିୟ ଥିଲ ଯୋଗ୍ୟ ଥାଇ,
ଉଦାର ବିନୟ ମଧୁରଭାଷୀ ;
ତେଣୁ ସିନା କରୁଛନ୍ତି 'ହାଇ' 'ହାଇ'
ତବଲାଗି ସର୍ବ ସ୍ୱଦେଶବାସୀ ।
କଠୋର ସାଧନେ ଜ୍ଞାନ ଉପାର୍ଜନେ
ବ୍ରହ୍ମଚର୍ଯ୍ୟାଶ୍ରମ ଯାପିଲ ଥାଇ
ଗୃହସ୍ଥ ଆଶ୍ରମେ ପ୍ରବେଶୁଁ ପ୍ରବେଶୁଁ
କେଉଁଅଡ଼େ ପ୍ରିୟ ଗଲ ପଳାଇ ?

ତୁମ୍ଭ ପରିବାର କିବା ନାରଖାର
ସନ୍ତାପେ ମଗନ ବନ୍ଧୁ ସ୍ୱଜନ,
ତୁମ୍ଭ ବିଚ୍ଛେଦରେ ଉତ୍କଳ ସଂସାର
ବିଷାଦ-ସାଗର-ନୀରେ ମଗନ !
ଦେଖ ହୃଦଗତପ୍ରାଣ ବୃଦ୍ଧପିତା
କି ଦଶା ଲଭନ୍ତି ତବ ବିରହେ,
ବାଳିକା ବନିତା ସତୀ ଯେସନ୍ତ ସୀତା
ତାହା ଦୁଃଖ ପ୍ରାଣ କେମନ୍ତେ ସହେ ?
ଗୋଟି ଗୋଟି କରି ନିରମାଣୀବାଳା
ତିନୋଟି ସନ୍ତାନ ଥିଲ ଧରାଇ

Digitized by srujanika@gmail.com

କାଟି ପୁଣି ଗଲା ଗଲ ଗଳାମାଳା
ତା' ପର ଦୁଃଖିନୀ ସଂସାରେ କାହିଁ ?
ଦାରୁଣ ଦୁର୍ଦ୍ଦୈବ-ନିର୍ଘାତ ବାରତା
ଶୁଣି ପରଜନେହେଁ ଲୋତକ ବହେ,
ଦେଖୁନା କି ଭାଇ ପରଲୋକେ ରହି
ସତୀପତ୍ନୀ ତବ କି ଦୁଃଖ ସହେ ?
ଶ୍ମଶାନ-ତୁଳସୀ ସମ ଥିଲ ଭାଇ
ମହାନାୟକଙ୍କ ମୁକୁଟମଣି
କି କାରଣ ଗଲ ଦାନ କାହା ପାଇଁ
ଶବ ଲୁଣ୍ଠ ଯାର ପୂର୍ବକରଣୀ !
ତୁଳନ କନକୀ ଦୀନାହୀନା ଅତି
ଅଭାଗିନୀ ମାତା ହାହାସ ସାରେ,
ତୁମ୍ଭଲାଗି ହୋଇଥାନ୍ତା ଭାଗ୍ୟବତୀ
ତେଣୁ ଦୁଃଖ ଲେଖ କପାଳେ ମାରେ ।

ଏ ମର୍ତ୍ତ୍ୟମଣ୍ଡଳେ ଜନ୍ମ ଲଭି ଭାଇ
କେତେ କାଳ ଅବା ବଞ୍ଚିବ କିଏ ?
ଭେଟିବା ସକଳେ ବେଳେ ସେହିଠାରେ
ଆଗପଛ ହୋଇ ଯାଇଁ ସଭିଏଁ ।
କିନ୍ତୁ ଭ୍ରାତ ଭବଲୀଳାଖେଳା ତବ
ଅଳପ ଦିବସେ ଯାଅନ୍ତେ ସରି
ଝୁରି ହେଉଅଛୁ ଗୁଣ ଗହ୍ୱରକ
ମହାନ ଅନନ ମୂରତି କରି ।
ସଂସାର ସଉଦା ଅଳପ ଦିନରେ
ସରିଲେହେଁ ତବ ଏ ଭବହାଟେ
ସୁନ୍ଦର ଆଦର୍ଶ ଦେଶବାସୀ ନରେ
ଦେଖାଇ ଗମିଲ କିସ୍ପୃତ ବାଟେ ।
ଯେଉଁ ବେଳକାଳେ ଗମନ୍ତି ସକଳେ
ସେ ଦେଶେ ଯେଉଁଠାକୁ ଅଛ ହେ ଯାଇ,

Digitized by srujanika@gmail.com

ଧନ୍ୟ ତା ଜନମ ଏ ମହୀମଣ୍ଡଳେ
ଯାଇପାରେ ଯେହୁ ସର୍ବେ କନ୍ଦାଇ !
ଯାଅ ଯାଅ ବନ୍ଧୁ, ସ୍ୱର୍ଗ ତୋରଣରେ
ଡାକୁଛନ୍ତି ନିଅନ୍ତୁ ଅସି ଅମର
ଭୁଞ୍ଜ ଶାନ୍ତି, ସୁଖ ସେ ସ୍ୱର୍ଗଲୋକରେ
ଅବା ପୁଣ୍ୟଲୋକେ ପୁଣି ବାହର ।

ସ୍ୱର୍ଗତ କବି ଫକୀରମୋହନ

"ଉତ୍କଳର ବ୍ୟାସକବି" ଫକୀରମୋହନ
କରିଛନ୍ତି ଦିବେ ପ୍ରୟାଣ,
"ଅନ୍ଧାରେ ବୁଡ଼ିବି" ବୋଲି ମହାଶୋକାକ୍ରାନ୍ତ
କାନ୍ଦୁଅଛି ଜନନୀର ପ୍ରାଣ ।
ଉତ୍କଳଜନନୀ ଅଙ୍କୁ ଗୋଟି ଗୋଟି କରି
ଚାଲିଗଲେ ତା କୃତୀସନ୍ତାନ,
ଗଲେ ଯେହୁ ଅନ୍ଧାରିଣ ଉତ୍କଳ ଭବନ,
କରି ଶୂନ୍ୟ ପଡ଼ିଲା ସେ ସ୍ଥାନ ।

ଅଭାଗିନୀ ଜନନୀର ଅଳପ ତ ପାଣି
ସରିଗଲା ଦେଖୁଁ ଦେଖୁଁ ଅସି,
ରାଧାନାଥ, ମଧୁସୂଦନଙ୍କ ପଛେ ପଛେ
ଶ୍ରୀ ଗୌରୀଶଙ୍କର ସ୍ୱର୍ଗବାସୀ ।
ଏବେ ପୁଣି ଗଲେ ଚାଲି ଫକୀରମୋହନ
କରି ଶୂନ୍ୟାସ୍ଥିତ ମାତୃପ୍ରାଣ,
ଅଭିଶପ୍ତ ଉତ୍କଳର ଉନ୍ନତିର ଆଶା
ଏହାପରି ହେଲା ଅନ୍ତର୍ଦ୍ଧାନ ।
ହେଲେହେଁ ଜନନୀ ବହୁ ଯୋଗ୍ୟସୁତ-ମାତା
ପୁତ୍ରଶୋକ ନ ପାରଇ ସହି
ମା ଜନନୀ, ତୋର ଅବା କେତୋଟି ରତନ
ତୋର ଦଶା କହୁ ନ ସରଇ !

Digitized by srujanika@gmail.com

ଶୂନ୍ୟ ହେଲା ତୋ କୋଳେ ମା ଯେଉଁ ସ୍ଥାନ ଆଜି
କିଏ ତାହା କରିବ ପୂରଣ,
ହେ ପ୍ରଭୁ ମଙ୍ଗଳଧାତା ! ଯୁକ୍ତ ପ୍ରତିନିଧି
କେତେ କାଳେ କରିବ ପ୍ରେରଣ !
ଉତ୍କଳ-ସାହିତ୍ୟ-ନଭଁ ପ୍ରସନ୍ନ ଚନ୍ଦ୍ରମା
ହୋଇଗଲା କିବା ଅସ୍ତଗତ
ରତ୍ନଦୀପ ନିଭିଲା କି ସାହିତ୍ୟ-ମନ୍ଦିରେ
ହୀନପ୍ରଭ ସାହିତ୍ୟ-ଜଗତ ।
ଘୋର ଅମାଧ୍ୱାନ୍ତପୂର୍ଣ୍ଣ ଦୁର୍ଦ୍ଦିନ-ଯାମିନୀ
ଗ୍ରାସିଥିଲା ଉତ୍କଳ-ସଂସାର,
ଉତ୍କଳଭାରତୀ କଣ୍ଠେ ଛୁରିକା ବସାଇ
ଦେଲେ ଯେବେ ଛଳମିତ୍ର ତାର,
ଭାଷାହୀନ ପରପଦ-ଅଶ୍ରିତ ଭିକ୍ଷାର୍ଥୀ
ହୋଇ ଯାଉଥିଲା ଏ ଉତ୍କଳ,
ମାତୃଭାଷାହୀନ ହୋଇ ହରାଇ ଥାନ୍ତା ସେ
ମନ ଖୋଲି କାନ୍ଦିବାର ବଳ ।

ସେ ଘୋର ଦୁର୍ଦ୍ଦିନ ବେଳେ ଉଦ୍ଦାମ ସାହସେ
ଲଜ୍ଜା, ଶଙ୍କା ଫିଙ୍ଗି ମହାମତି,
ଯୁଝିଲ ଅସମ ରଣେ, ଲଭିଲ ବିଜୟ,
ଧନ୍ୟ ଧନ୍ୟ ଧନ୍ୟ ସେନାପତି !
ଉତ୍କଳ-ଭାଷା-ମନ୍ଦିର କରଣ ପ୍ରତିଷ୍ଠା
କଲ ଯେଉଁ ଶୁଭ ଶଙ୍ଖଧ୍ୱନି,
ମୃତ୍ୟୁସଞ୍ଜୀବନ ମନ୍ତ୍ର ଭଳି ଉଚ୍ଚାରଣ
ଜଗାଇଲ ଉତ୍କଳ ଅବନୀ ।
କାଳେ ସେ ମନ୍ଦିରେ ପୁଣି ପଞ୍ଚପୁରୋହିତ
ରୂପେ ଅହା ପୂଜିଲ ଭାରତୀ
ଦେଲେ କେତେ ଦିବ୍ୟ ବର ଅଚଳ ଭକ୍ତିରେ
ତୁଷ୍ଟା ସେହି ଦେବୀ ସରସ୍ୱତୀ ।

Digitized by srujanika@gmail.com

ରାମାୟଣ ହରିବଂଶ ଶ୍ରୀମହାଭାରତ
ବେଦ, ଗୀତା-ପୁଣ୍ୟମୟ ବାଣୀ
ସରଳ, ସହଜ ପୁଣି ସରସ ଭାଷାରେ
ବ୍ୟାସକବି ଯାଇଛ ବଖାଣି ।
ସରଳ ସୁନ୍ଦର ପଦ୍ୟ 'ପୁଷ୍ପମାଳା' ଗୁନ୍ଥି
ଦେଲ ଜନନୀଙ୍କ ଶ୍ରୀଚରଣେ,
ପ୍ରାଣପତ୍ନୀ କୃଷ୍ଣକୁମାରୀଙ୍କ ସ୍ମୃତି ଫୁଲେ
'ଉପହାର' ରଚିଲ ଯତନେ ।
ରାଜପୁତ୍ର ଶାକ୍ୟସିଂହ ଅତୁଳ୍ୟ ବୈରାଗ୍ୟ
'ଅହିଂସା ପରମଧର୍ମ' ଶିକ୍ଷା
ଅଗୁଣ୍ଡାଳବ୍ରାହ୍ମଣଙ୍କ ପ୍ରଚଳିତ ଭାବେ
ନିଷ୍କାମ କର୍ମର ଦିବ୍ୟ ଦୀକ୍ଷା,
ଗାଇଲ "ବୌଦ୍ଧାବତାରେ" ହେ ସନ୍ନ୍ୟାସୀ କବି,
ଭାରତର "ଇତିହାସ" କଥା,
"ଉତ୍କଳ ଭ୍ରମଣ", "ପୂଜାଫୁଲ," "ଧୂଳି" ସଙ୍ଗେ
"ଅବସରବାସରେ" ସୁଗାଥା ।

ବିଚିତ୍ର ଘଟଣାପୂର୍ଣ୍ଣ ସୁଦୀର୍ଘ ଜୀବନେ
ତୁଲ ତବ ଯେତେ ଅଭିଜ୍ଞତା
ଖଣ୍ଡି ଖଣ୍ଡି ଉଡ଼ଅରେ କରି ଦେଇଛ ଗଚ୍ଛିତ
ଅପୂର୍ବ ସେ ଉପନ୍ୟାସ କଥା ।
"ଛମାଣ ଅଠଗୁଣ୍ଠ", "ମାମୁଁ", "ପ୍ରାୟଶ୍ଚିତ୍ତ,
"ଲଛମା", "ଗଳ୍ପସ୍ୱଳ୍ପ", "ସ୍ୱଚରିତ"
ଯାବଚନ୍ଦ୍ରାର୍କ ତବ ଘୋଷୁଥିବେ କୀର୍ତ୍ତି
ସାଧୁଥିବେ ଜଗତର ହିତ ।
ତବ ମାଟିଦେହ ସିନା ମିଶିଛି ମାଟିରେ
ଚିନ୍ମୟ ସେ କୀର୍ତ୍ତିମୟ ପ୍ରାଣ,
ଗୃହେ ଗୃହେ ପ୍ରାଣେ ପ୍ରାଣେ ପାଉଥିବ ପୂଜା
ଦିନୁଁ ଦିନ ହୋଇ ମହୀୟାନ ।

Digitized by srujanika@gmail.com

ଆସିବ ସେ ଦିନ, ଯେବେ ସେ "ଶାନ୍ତିକାନନ"*
ହେବ ଉତ୍କଳର ତୀର୍ଥଧାମ,
ସ୍ୱର୍ଣ୍ଣାକ୍ଷରେ ଲେଖା ହେବ ତାର ସିଂହଦ୍ୱାରେ
"ଫକୀରମୋହନ" ଏହି ନାମ ।
ନିଃସ୍ୱାର୍ଥ ତପସ୍ୟାମୟ ଜୀବନ-ଆଦର୍ଶ
ଶତ ଶତ ଯୁବକଙ୍କ ପ୍ରାଣେ
ସୃଜିବ ମହତ ପ୍ରାଣ କର୍ମୀ, ତବ କାଳେ
ମହାପ୍ରଭୁ-ମଙ୍ଗଳ-ବିଧାନେ ।
ସରଳ ମଧୁର ତବ ସୁନ୍ଦର ସ୍ୱଭାବ
ହେ ସୁଜନ ଯେ ଦେଖିଛି ଥରେ,
ଅମାୟିକ ଭାବ ତବ ପ୍ରେମପୂର୍ଣ୍ଣ ପ୍ରାଣ
ବିସୋରିବ ନାହିଁ ଜୀବନରେ ।
ଦରିଦ୍ରସଙ୍ଗୀଳ ଧନ ସଦୟ ହୃଦୟ
ଦାତା, ବନ୍ଧୁବତ୍ସଳ, ଉଦ୍ୟମୀ,
ବାର୍ଦ୍ଧକ୍ୟରେ ଯୁବକର ବଳେ ବଳୀୟାନ
କର୍ମବୀର, ବିଶ୍ୱାସୀ, ସଂଯମୀ ।

ପ୍ରାଚୀନ ମହତ ଆର୍ଯ୍ୟ ହୃଦୟ ସହିତ
ସମାବେଶ ଉନ୍ନତ-ଆଶୟ,
ପ୍ରାଚ୍ୟ ପ୍ରତୀଚ୍ୟର ଅହା ଅପୂର୍ବ ସଂଯୋଗ
ସାଧିଲ ଜୀବନେ ମହାଶୟ ।
ଥିଲ ଏକାଧାରେ କେତେ ସଦ୍‌ଗୁଣ ନିଧାନ
ସ୍ୱଦେଶହିତୈଷୀ ମହାପ୍ରାଣ,
ପଢୁଥିଲେ ଉତ୍କଳର ସାହିତ୍ୟର କଥା
ହରାଉଥି ଥିଲ ବାହ୍ୟଜ୍ଞାନ ।

* ଫକୀରମୋହନଙ୍କ ଗୃହ ନିକଟରେ ପ୍ରତିଷ୍ଠିତ ଉପବନ ।

ପ୍ରେମପୂର୍ଣ୍ଣ ହୃଦୟରେ ସମଗ୍ର ଜୀବନେ
ମାପିଅଛ କର୍ମମୟ ପ୍ରାଣ,
ତ୍ରିସନ୍ଧ୍ୟାରେ ପୂତମନେ କରିଅଛ ସାଧୁ,
ପରାତ୍ପର ବ୍ରହ୍ମପଦ ଧ୍ୟାନ ।
ଆଦର୍ଶ ଜୀବନ ଯାପି ହେ କର୍ମୀପ୍ରବର,
ଯାଇଅଛ ଦିବ୍ୟଧାମେ ଏବେ,
ଥିଲ ରାଧାନାଥ ମଧୁସୂଦନଙ୍କ ସଙ୍ଗେ
ଚିର ସଖା ପାଶ୍ଚେଟି ସେ ନେବେ ।
ଜୟଚନ୍ଦ୍ର, ଦୀନକୃଷ୍ଣ, ଅଭିମନ୍ୟୁ, ରାଧୁ,
ମଧୁ ସଙ୍ଗେ ଏକାସନେ ବସି
ଉତ୍କଳର ସୁଖେ ସୁଖୀ ହେବ କି ହେ କବି
ତା ଉପରେ ଆଶୀର୍ବାଦ ବର୍ଷି ।

ସ୍ୱର୍ଗତ ପଣ୍ଡିତ ମୃତ୍ୟୁଞ୍ଜୟ

— ୧ —

ମୃତ୍ୟୁବିଜୟୀ ବୀର ହେ ମୃତ୍ୟୁଞ୍ଜୟ !
ଅପ୍ରତ୍ୟାଶିତଭାବେ ନେଲ ବିଦାୟ !
ଦୀନ କୁଟୁମ୍ବ ଦୀନ ସାହିତ୍ୟ ସହ
କା ହାତେ ଦେଇଗଲ ହେ ସୁଧି କହ ?
ଦୀନ ଉତ୍କଳଭାଷା ତପସ୍ୟା କରି
ନିଷ୍ଠାପର ସାଧକ ତୁମ୍ଭରି ପରି
ପାଇଥିଲା କେତେ ବରଷ ପରେ,
ହରାଇଲା ତା ପୁଣି କେତେ ସତ୍ୱରେ !
ଭାଷା-ବିଜ୍ଞାନ ପ୍ରତ୍ନତତ୍ତ୍ୱ-ରତନ
କିଏ କରିବ ଆଜି ବାଣୀଭୂଷଣ ହେ !,

Digitized by srujanika@gmail.com

—୨—

ମଧୁର ହାସ ହସ ହସ ଆନନ,
ସରଳ ସୁମଧୁର ବାଣୀ-ଭୂଷଣ,
ବିଜୁଳି ପରି ଉଭି ବୁଲି ଆସିବା,
ଜଣିଦିବସ ଖଟି କର୍ମ କରିବା,
ଅଦମ୍ୟ ଉତ୍ସାହରେ ସଭା, ସମିତି
କରି କରାଇ ପ୍ରବର୍ତ୍ତାଇବା ରୀତି,
ସାରା ଦିବସ ସାମାଜିକ ସାଧନା
ସାରା ଯାମିନୀ ବାଣୀ-ସୁଆରାଧନା,
ଦୀନ ପରିବାରର ଉନ୍ନତିକାମ,
ଅର୍ଜିବା ଧନ ଯଶ ସାହିତ୍ୟେ ନାମ,
ସବୁ ବନ୍ଧୁଙ୍କୁ ସଦା ସଙ୍ଗୁଳିଥିବା,
ସ୍ମିତ ହାସ୍ୟେ ସଭିଙ୍କ ମନ ତୋଷିବା,
ଅଗାଧ ଜ୍ଞାନ ସହ ସରଳ ଛବି,
ଚିରକାଳକୁ ଦିନା ଲୁଚିଲା କବି !

—୩—

ଅକ୍ଲାନ୍ତ ଉତ୍କଳଭାଷା, ନୋହିଲେ
ବଛି ବଛି ସୁକର୍ମୀ ଅକାଳେ ଗଲେ !
ଶ୍ରୀ ରାଧାନାଥ-ମଧୁସୂଦନ କବି
ଫକୀରମୋହନଙ୍କ ବରେଣ୍ୟ ଛବି,
ରାମଚନ୍ଦ୍ର-ମୃତ୍ୟୁଞ୍ଜ-ଶ୍ରୀ ପଦ୍ମନାଭ
ଶ୍ୟାମସୁନ୍ଦର-ଗୋପୀନାଥ-ଅଭାବ,
ପାସୋର ନ ଯାଉଣୁଁ ହେ ମୃତ୍ୟୁଞ୍ଜୟ !
ଗଙ୍ଗାଧର ସଙ୍ଗତେ ନେଲ ବିଦାୟ !

—୪—

ବିଯୋଗ ନୋହିଲେହେଁ ଅମୂଲ୍ୟ ନିଧି !
ଅଲଙ୍ଘ୍ୟ ଅଟଳ ବିଧି-କଠୋର-ବିଧି ।
ଆଗ ପଛ ହୋଇଣ ସବେ ଚଳିବା,
ଏହା ଯୁଗର ନିତ୍ୟ କାର୍ଯ୍ୟ ଭବିବା ।

Digitized by srujanika@gmail.com

ସ୍ୱର୍ଗୀୟ ଜ୍ଞାନୀ କବି ସାଧୁ ପ୍ରଭାବ
ପ୍ରାଣେ ପ୍ରାଣେ ଉଠାଅ ନବୀନ ଭାବ ।
ନବ ଉତ୍ସାହେ ଯୁବାଯୁବତୀଗଣ
ଉଠି ଠିଆ ହେଉନ୍ତୁ ଜଣକୁଜଣ ।
ଏହା କି ଅସମ୍ଭବ—କୋଟି ସନ୍ତାନେ
ଉଦ୍ଧାରିବେ ସତେ କି ଜନନୀ-ମାନେ ?
ଯେ ଯାଏ ସେ ଠାବ ତ ନ ପୂରେ ଆଉ,
ଯେ ଯାହା ଷେବେ କର୍ମ କରିଣ ଯାଉ ।
ନିଷ୍ଠାରେ କର୍ମ କଲେ ଶ୍ରୀ ଭଗବାନ
ଉଦ୍ଧାରିବେ ନିଜର ଉତ୍କଳ-ମାନ ।

ପରଲୋକଗତଙ୍କ ଜୀବନାଦର୍ଶ
ସ୍ୱଦେଶବାସୀ-ପ୍ରାଣ କରିଣ ସ୍ପର୍ଶ
ଅନୁକରଣକାରୀ କଲେ ଅହ୍ୱାନ,
ସଫଳ ହୁଏ ତବେ ତାହାଙ୍କ ପ୍ରାଣ
ହେ ମୃତ୍ୟୁଞ୍ଜୟଶିଷ୍ୟ ! ହୁଅ ଜାଗ୍ରତ,
ଜଣକ ସ୍ଥାନେ ଶତ ହେଉ ପ୍ରାପତ;
ସେହିପରି ନିଷ୍ଠାରେ ଅରଜ ଜ୍ଞାନ,
ସେହିପରି ସାହିତ୍ୟେ ଦିଅ ହେ ଧ୍ୟାନ ।
'ଜୀବନରୁ ଜୀବନ ହୁଏ ଉତ୍ପନ୍ନ'
ଉତ୍କଳେ ହେବ ନାହିଁ କି ପ୍ରତିପନ୍ନ ?

ସ୍ୱର୍ଗତ ନୀଳମଣି ବିଦ୍ୟାରତ୍ନ

ଅହେ ନୀଳମଣି ! ଉତ୍କଳର ମଣି,
ଅକାଳରେ ଗଲ ଏ ଭବ ତେଜି ।
ତୁମ୍ଭ କାର୍ଯ୍ୟ ଭଲ ତୁମ୍ଭ ଗୁଣ ଗୁଣି
ବ୍ୟାକୁଳ ହେଉଛୁଁ ତୁମ୍ଭଙ୍କୁ ହେଜି ।

Digitized by srujanika@gmail.com

"ହିତୈଷିଣୀ", "ପ୍ରଜାବନ୍ଧୁ" ପ୍ରକାଶିଣ
କଲ ଏ ଦରିଦ୍ର-ଉତ୍କଳ ହିତ,
"ଉତ୍କଳ-ମଧୁପ" ପ୍ରକାଶ କରିଣ
କଲ କେତେ କେତେ ଜ୍ଞାନ ସଞ୍ଚିତ ।
ଥିଲ ସ୍ୱଦେଶର ହିତେ ସଦା ରତ,
ସାହିତ୍ୟ ସେବାରେ ଉଦ୍‌ଗତମନ,
ଯେତେବେଳେ ଯେଉଁ କାର୍ଯ୍ୟେ ଲଗୁଥିଲ
ପ୍ରାଣପଣେ କରୁଥିଲ ସାଧନ ।
ତୁମ୍ଭର ଯତନେ "ପ୍ରଜାବନ୍ଧୁ" ମୁଖେ
"ଉତ୍କଳମିଳନ" ପାଇଁ ଘୋଷଣା,
ପ୍ରଥମ "ଉତ୍କଳସମ୍ମିଳନୀ" ପାଇଁ
ତୁମ୍ଭର ପ୍ରାଣରୁ ହେଲା ପ୍ରେରଣା ।
ଦରିଦ୍ର ଗୃହରେ ଜନ୍ମି ନୀଳମଣି
ଅଳ୍ପ ଶିକ୍ଷା ପାଇ କରିଛ ଯାହା,
ଧନାଢ୍ୟ ସନ୍ତାନ ସୁଶିକ୍ଷିତ ପକ୍ଷେ
ନୁହଇ କି ସୁଧି ! ଅସାଧ୍ୟ ତାହା !

ସଂସାରରେ ନୁହେ ପୂର୍ଣ୍ଣ ସୁଖୀ କେହି,
ଏ ଜଗତେ ନାହିଁ ପୂର୍ଣ୍ଣତା କାହିଁ,
ପ୍ରାଣେ କେଉଁ ସ୍ଥାନେ ଥିଲା ଦୁର୍ବଳତା,
ତାହାପାଇଁ ଅଜ ନିନ୍ଦବୁଁ ନାହିଁ ।
ଯାଅ ଯାଅ ଭାଇ, ସେ ଦେଶେ ଯେ ଦେଶେ
ଅଭାବ ଯାତନା ବାଧିବ ନାହିଁ,
ସ୍ୱକୃତ-ସୁକୃତ-ସୁଫଳ ଭୁଞ୍ଜିଣ
ଥାଅ ବିଭୁପଦପଙ୍କଜ ଧ୍ୟାୟି ।
ଯେଉଁ ସ୍ୱଦେଶର ଶୁଭ ମନାସିଣ
ସାରା ଜୀବନଟା କଲ ଯାପନ,
ମଧୁପ ସମାନ ସତ୍‌କର୍ମ-ସଦ୍‌ଗୁଣ—
ମଧୁ ସେ ଉତ୍କଳ କରୁ ଗ୍ରହଣ ।

Digitized by srujanika@gmail.com

"ଇନ୍ଦୁମତୀ" କାବ୍ୟ ପ୍ରଣେତା ମେହେର

ଅହେ ଭ୍ରାତ ! ତୁମ୍ଭଙ୍କୁ ମୁଁ କେବେ ଦେଖିନାହିଁ,
ତବ କଥା ମନେ ମୋର ପଡ଼ଇ କିପାଇଁ ?
ଚିହ୍ନ କି ନ ଚିହ୍ନ ମୋତେ ତୁମ୍ଭେ, ଜାଣେ ନାହିଁ
ତୁମ୍ଭଙ୍କୁ ମଣଇ କିନ୍ତୁ ମୁହିଁ ନିଜ ଭାଇ ।
ଲୋଡ଼େ ନାହିଁ ଦେଖିବାକୁ ମୁଁ ତୁମ୍ଭ ମୂରତି
ଦେଖି କାଳେ ତୁଟିଯିବ ମାୟା ତୁମ୍ଭପ୍ରତି,
ପଢ଼ିଅଛୁ 'ଇନ୍ଦୁମତୀ' କାବ୍ୟ କେତେଥର
ସେହିଠାରେ ପରିଚୟ ତୁମ୍ଭର ମୋହର ।
ଲାବଣ୍ୟ-କାସାର-ହଂସ, ପୁରୁଷ ଅଦ୍ଭୁତ
କାଳିଦାସ ଭାରତୀୟ ବାଣୀ-ବର ପୁତ୍ର
ଯୋଗ୍ୟ ଅନ୍ତେବାସୀ ତୁମ୍ଭେ ଅଟ ତାହାଙ୍କର
ବଳିହାରି, ଗୁରୁପ୍ରତି ସମ୍ଭାର ଅର୍ଘ୍ୟର ।
ପବିତ୍ର ପ୍ରୀତ୍ୟୁ ଏ ମୋ ଭାରତୀ-ନନ୍ଦନ
ମହାର୍ଘ ଭାବନୀ ପ୍ରିୟ କର ହେ ଗ୍ରହଣ ।

ସଂସାର ଅଖିଳ ସୂତ୍ର ହାଟେ ଘାଟେ ମିଳେ
ଏ ମୋହର ସ୍ନେହେ ନାହିଁ ସ୍ୱାର୍ଥଭାବ ଛଳେ ।
ଖଣ୍ଡେ କାବ୍ୟ ଲେଖିଦେଇ ରହିଲ ନିଶ୍ଚିନ୍ତ
ଐଶୀଶକ୍ତି ନାଶି କର୍ମେ ହେଲା କି ଉଚିତ ?
ଶୁଣିଅଛି ଦରିଦ୍ରତା କଠୋର ନିର୍ଘାତ
ସହି କଷ୍ଟେ କବି, ତୁମ୍ଭେ କର ଦିନପାତ ।
ସୁଦୂରେ ତୁମ୍ଭର ପରି ମୁହିଁ ଅଭାଜନେ
ଦାରୁଣ ଦୁଃଖ ପ୍ରହାରେ ବସେଁ କ୍ଷୁଣ୍ଣମନେ ।
ଅଛି କବିବାଣୀ, "ଦୁଃଖୀ ପାଇଁ ଦୁଃଖୀଜନ
ଯେଉଁ ସୁଖପାଏ, ନ ପାଏ ତା' ସୁଖୀଜନ ।"
ତେଣୁ ମୋର ତୁମ୍ଭପ୍ରତି ଏ ସହାନୁଭୂତି ।
ନାଚଇ ମୋ ନେନେ "ଇନ୍ଦୁମତୀ"-କବି ମୂର୍ତ୍ତି ।

Digitized by srujanika@gmail.com

ଜନ୍ମିଥାନ୍ତ ଯେବେ ସଭ୍ୟ ଭାରତ ଦେଶରେ
ବାଜୁଥାନ୍ତା ନାମ ତବ ଦଗଦିଗନ୍ତରେ ।
ଅବାଳବୃଦ୍ଧବନିତା ଦୁଃଖୀ ପ୍ରିୟ କବି
ହୃଦ ମଧ୍ୟେ ରଖିଥାନ୍ତେ ତବ ଧ୍ୟାନ ଛବି ।
ପୂର୍ବ ସୁକୃତ ବିହୀନେ ପଡ଼ି ଏ ଉଷର
ସୁପ୍ରଫୁଲ୍ଲ ମଣିଅଛି ବିନଷ୍ଟ ତୁମ୍ଭର ।
କବିତା-ଲତାରେ ଏକମାତ୍ର ଫୁଲ ଫୁଟି
ଅନାଦରେ ସେ ଲତିକା ଗଲା କି ଉକୁଟି !
ଶୁଣିଅଛୁ ଅଟ ତୁମ୍ଭେ ସୁଶୀଳ ବିନୀତ
ତେଣୁ ତୁମ୍ଭ ନାମେ ଅଜି ଭଣିଲି ଏ ଗୀତ ।
କଠୋର ଶୃଙ୍ଖଳ ଫିଙ୍ଗିଦିଅ ବିଷାଦର
ପଦାଘାତ କର ଅତ୍ୟାଚାରେ ସମାଜର ।
ଦରିଦ୍ରତା ନୁହେ କବି ପ୍ରତିଭା-ନାଶକ
ବହ୍ନି ବିନା ଦେଲି ଖାଣ୍ଟି ସୁନା ପରୀକ୍ଷକ ।
ପବିତ୍ର ସୁନ୍ଦର କାବ୍ୟ ଲେଖି ପ୍ରିୟ କବି !
ସମୁଜ୍ଜ୍ୱଳ କର ମାତୃଭୂମି ମୁଖ ଛବି ।

କର୍ମନାଶା-ନୀରେ ହେଉ ଜାତି ବିସର୍ଜନ
ବୈଶ୍ୟଠୁଁ ଶିଖନ୍ତୁ ଅଜି କ୍ଷତ୍ରିୟ ବ୍ରାହ୍ମଣ ।
ଭିକ୍ଷୁକ ସଙ୍ଗତେ ନୃପ-ମୁକୁଟ-ମଣ୍ଡିତ
କାଳବଳେ ହେବେ ସର୍ବେ ଭବୁଁ ଅନ୍ତର୍ହିତ ।
କିନ୍ତୁ ତୁମ୍ଭେ ଧୀନ କବି ରହିବ ଜୀବିତ
ଯେତେଦିନ ଭବେ ଥିବ ଓଡ଼ିଆ ସାହିତ୍ୟ ।
ଯେତେ ଛପାଇଲେ ନ ଲୁଚଇ ଅଗ୍ନି, ସତ୍ୟ,
ଲୁଚଇଲେ କି ଚମ୍ପୁକବି ବଳଦେବ ରଥ ?

Digitized by srujanika@gmail.com

କବି ଗଙ୍ଗାଧର

—୧—

ସ୍ୱର୍ଗୀୟ ରଙ୍ଗାଜୀବ ହେ ଗଙ୍ଗାଧର !
ଗଙ୍ଗାର ନୀର ସମ ତୁଳନା ତୁମ୍ଭର,
ଯାହା ସେ ପରଶିଲ କଲା ପବିତ୍ର
ବାଣୀମନ୍ଦରେ ତବ ପର୍ବ ବିଚିତ୍ର
ଗୁନ୍ଥି ନୀରବେ କାବ୍ୟ-କବିତା-ହାର
ଦେଲ ଜନନୀ କଣ୍ଠେ ଯେ ଉପହାର,
ରହିଲା ତାହା ଏବେ କାଳ କାଳକୁ
ନାହିଁ ଉପମା କାହିଁ ମାନ ମାନକୁ ।
ଭାଷା ସୂତ୍ରରେ ଭକ୍ତି ଛନ୍ଦେ ବନ୍ଧନ
ଖଣ୍ଡକୁ ଖଣ୍ଡ ଶାନ୍ତି କରି ରଚନ
ପିନ୍ଧାଇ ଦେଇ ଅଛ ଜନନୀ ଅଙ୍ଗେ
ସୁଷମ ଅଳଙ୍କାରେ ସାଜି କି ରଙ୍ଗେ !
କାହିଁ ଗଲେ ଆଜ ତା ପଟାନ୍ତର
ତେଣୁ ଜନନୀ ତବ ଶୋକେ କାତର ।

—୨—

ଦୀନ କୁଟୀର କୋଣେ ଜନମ ଲଭି
ସାରି ଗଲେ ଖ୍ୟାତି ଲଭିଛ କବି !
କାବ୍ୟ କବିତା ପୁଣି ମହତପଣ
ଉଡ଼ାଉଅଛୁ ଗଉରବ କେତନ ।
ଗୃହସ୍ଥ ବଳେ କାଳ-ଅପର-ପାରେ
ପ୍ରସାଦ ଲଭୁଥିବ ଏ ପରକାରେ ।
ବେଣି ଲୋକ ସାଧନୀ ତବ କରଣି
ଲଭୁଛନ୍ତି ଲୋକମୁଖରୁଁ ବିଜୟଧ୍ୱନି ।
ଇହଲୋକର ହାହାକାର ଶବଦ
ସଙ୍ଗେ ମିଶଇ ପର-ଦେବାଶୀର୍ବାଦ ।

Digitized by srujanika@gmail.com

ଘଟିବ ଏଡ଼ା କେତେ ଜଣଙ୍କ ଭାଗ୍ୟେ ?
ଦୈନ୍ୟ ଦୁର୍ଭାଗ୍ୟ ପରିଣତ ସୌଭାଗ୍ୟେ ।
ଫେର ବୈକୁଣ୍ଠେ ଫେର ହେ କବିବର ।
ଆଶୀର୍ବାଦ ଘେନିଣ ଜନନୀଙ୍କର ।

—୩—

"ତପସ୍ୱିନୀ" ଅଙ୍କିଲ ତପସ୍ୱୀ ସମ
ରଘୁ-ବଧୂଙ୍କ ଦେଖି ଦଶା ନିର୍ମମ
ଦେଖି ତପୋବନର ପ୍ରଣୟ ଛବି
'ପ୍ରଣୟ-ଅଙ୍କୁର'କୁ ରୋପିଲ କବି !
ପାଣ୍ଡବ ପାଟରାଣୀ ଦ୍ରୌପଦୀ ଯୋଷା
ବିରାଟ ଘରେ ତାର ଦେଖି ଦୁର୍ଦ୍ଦଶା
କାନ୍ଦିଲ ତବ ସାଧୁ ପ୍ରାଣ ବିକଳେ
"କୀଚକବଧ" ଭାଷା ଲତାରେ ଫଳେ ।

କବିହୃଦୟ-ବଧୂ କର ଦର୍ଶନ
"କବିତା-କଲ୍ଲୋଳର" ହେଲା ସ୍ଫୁରଣ,
"ଇନ୍ଦୁମତୀ" ପ୍ରଣୟ ବିରହ ବାଣୀ
କବିତା କଣ୍ଠେ କବି ଆଣିଲ ଟାଣି ।
ଉତ୍କଳଲକ୍ଷ୍ମୀଙ୍କର ସୁହାସ ଛବି
ମୋହିଲା ଦେଶଭକ୍ତ ବଙ୍କିମୀ କବି
"ମହିମା" ବର୍ଣ୍ଣେ ଦେଖି ସୁପ୍ରକାଶିତ
କାବ୍ୟ ସନ୍ଦର୍ଭେ କଲ ସୁପ୍ରକାଶିତ ।

Digitized by srujanika@gmail.com

ନାରୀକବି କୁନ୍ତଳାକୁମାରୀ

କୁନ୍ତଳନୀକୁଳମଣି କୁନ୍ତଳାକୁମାରୀ
ଉତ୍କଳରମଣୀକବି କୁନ୍ତଳ ଭୂଷଣ
ନାନାଗୁଣେ ଅଲଙ୍କୃତା ମନସ୍ୱିନୀ ନାରୀ
କବିତା ସଙ୍ଗୀତ ବିଶ୍ୱଭକ୍ତି ପ୍ରେମେ ଧନ୍ୟ ।
ନାରୀଶିକ୍ଷକ ସେବାଧର୍ମେ ସୁଦୀକ୍ଷିତା
ସ୍ୱକୀର୍ତ୍ତିବ୍ୟଞ୍ଜସ୍ଥାବତୀ ସୁଦକ୍ଷା ଗୃହିଣୀ
କବିତାରସଜ୍ଞା ନାନାଭାଷେ ସୁପଣ୍ଡିତା
କାବ୍ୟସୁଧାପାୟୀ ବିଶ୍ୱପ୍ରେମ ବିବର୍ଦ୍ଧିନୀ ।
ସ୍ୱଦେଶର ପୂର୍ବଗୌରବେ ଗରବିତା
ନିସର୍ଗଲାବଣ୍ୟମୁଗ୍ଧା ଅୟି ପ୍ରେମମୟି !
କି ଅପୂର୍ବ ପ୍ରତିଭାରେ ହୋଇ ସନ୍ଦୀପିତା
ଏ ଦୀନ ଉତ୍କଳେ ଅବତୀର୍ଣ୍ଣା ଶକ୍ତିମୟି !
ଧନ୍ୟ କଲ ମୋ କୁଟୀର ତବ ଆଗମନ
ନିଃସମ୍ବଳ ସ୍ନେହ ଭେଣ୍ଟି କଲି ନିବେଦନ ।

କବିବର ରାଧାନାଥ

ସତେ କି ଭେଙ୍ଗି ସ୍ୱର୍ଣ୍ଣ ଦେହ-ପଞ୍ଜର
ଉଡ଼ି ଯାଇଛି ଆତ୍ମା-ପକ୍ଷୀ ତୁମ୍ଭର ?
ସତେ କି ସେହୁ ସୌମ୍ୟ ମୁଖ ସୁନ୍ଦର
ଲୁଚି ଯାଇଛି କବିବର ତୁମ୍ଭର ?
ପୁଣ୍ୟ ପ୍ରଭାତକାଳେ ପୂତ ପ୍ରଦୋଷେ
ମୋ ଦ୍ୱାରେ କେ ଡାକିବ ମଧୁର ଘୋଷେ ?
ଦରିଦ୍ର କୁଟୀରେ ସେ ପଦ-ପୁଷ୍କର
ପଡ଼ିବ ନାହିଁ ଆଉ ହେ କବିବର !
କାବ୍ୟ-ଆଲାପେ ଯାପି ଯାମ ପ୍ରହର
ବୁଲିବା ନାହିଁ ଆଉ ପଣ୍ଡିତବର ?

Digitized by srujanika@gmail.com

ସେହୁ ମଧୁର ମୂର୍ତ୍ତି ମଧୁର ବାଣୀ
ସେ ଟଳ ଟଳ ହସ ସରଳ ବାଣୀ
ନୋହିବ ଆଉ ତାହା ନୟନ ପଥିକ,
ଏଥୁଁ କି ଦୁଃଖ ଆଉ ଅଛି ଅଧିକ ?
ହେମନ୍ତ ଅନୁରାଗ ସାହିତ୍ୟ-ରସେ,
ସେ ଏକତାନ ମନ ଜ୍ଞାନ-ଆବେଶେ,
ହେଉ ନାହିଁ ତ ଆଉ ତୋ ପରି କାହିଁ,
କିଏ କହିବ ପୁଣି ହେବ କି ନାହିଁ ?
କବିଭାବମୋହିନୀ ମୂରତି ଦେଖି
ସଂସାର ସୁଖ ଚନ୍ଦନ ଉପେକ୍ଷି
କାବ୍ୟ-ସୌନ୍ଦର୍ଯ୍ୟେ ହୋଇ ଉଦ୍‌ଭ୍ରାନ୍ତ ଚିତ୍ତ
ବୁଲୁଥିଲ ଭାରତୀ କୁଞ୍ଜେ ସତତ ।

ବିହଙ୍ଗମ-କାକଳୀ ତରୁ ବ୍ରତତୀ
ବନ ଗିରି ନଦୀ ତଟିନୀ ତତି
ପଲ୍ଲୀ ପ୍ରାନ୍ତର କ୍ଷେତ୍ର ନିକୁଞ୍ଜ ସବ
ଶ୍ମଶାନ ଉପବନ ହ୍ରଦ ସାଗର ।
ଉଜ୍ଜ୍ୱଳ ଉଡ଼ୁରାଜ ମଣ୍ଡଳ ଗଣି
ଜ୍ୟୋତିଷ୍କ ବ୍ୟତୀତ ନୀଳଗଗନ—
ସବୁରି ସଙ୍ଗେ ତବ ଆତ୍ମା ଅମର
ସଂଯୁକ୍ତ ଦିଶୁଅଛୁ ହେ କବିବର !

ରାଜା ରାମମୋହନ ରାୟ

ପ୍ରାଚୀନ ଭାରତ ପୁଣ୍ୟର ଧାମ,
କୋଟିସ୍ମୃତିପୂର୍ଣ୍ଣ ଯାହାର ନାମ,
ପବିତ୍ର ପୁରାଣ କୀରତିମୟ,
ଜ୍ଞାନ କର୍ମ ପ୍ରେମ ଯୋଗ ଆଳୟ,
ନିଜେ ଲୀଳାମୟ ହରି
ବିନ୍ଦୁ ଜ୍ଞାନ-ରତ୍ନ— ଭଣ୍ଡାର ସ୍ୱରୂପେ
ବାନ୍ଧି ନେଲେ ଜ୍ଞମା କରି ।

Digitized by srujanika@gmail.com

ଜନକାଦି ଋଷି ଏ ଦେଶେ ଆସି
ଗଲେ ଆଦି ଶାସ୍ତ୍ର ବେଦ ପ୍ରକାଶି,
ରାମାୟଣ ମହାଭାରତ ବ୍ୟାସ
ବାଲ୍ମୀକି ଏ ଦେଶେ କଲେ ପ୍ରକାଶ,
ସାଙ୍ଖ୍ୟାଦି ଷଡ଼ ଦର୍ଶନ
କପିଳାଦି ଋଷି ଏହି ଦେଶେ ଜନ୍ମି
କରିଥିଲେ ପ୍ରଣୟନ ।

ମହାକର୍ମ-ଯୋଗୀ ବୁଦ୍ଧ ଗୌତମ
ପ୍ରଚୁର "ଅହିଂସା ପରମ ଧର୍ମ,
ଶୂନ୍ୟନାଶ କର୍ମ-ନିର୍ବାଣ ହେତୁ"
ଉଡ଼ାଇଲେ ସାମ୍ୟ-ଗୌରବ-କେତୁ,
ମହାପ୍ରେମିକ ଚୈତନ୍ୟ
"ନାମେ ଭକ୍ତି ଜୀବେ ଦୟା" ଉପଦେଶି
ଏହି ଦେଶେ କଲେ ଧନ୍ୟ ।

ବ୍ରହ୍ମଗାୟକ ଶୁକ ସନକ,
ମନୁ ପରାଶର ସ୍ମୃତିକାରକ,
ଭବଭୂତି କାଳିଦାସାଦି କବି,
ଭୂତଳେ ଅତୁଳ ଭାରତ-ଛବି
ରାମ କୃଷ୍ଣ ଯାର ବୀର,
ଜ୍ଞାନ-ଗରିମାରେ ଭାରତ ସମାନ
କେଉଁ ଦେଶ ପୃଥିବୀର ।

ନାନକ କବୀର ତୁଳସୀ ଦାସ,
ତୁକାରାମ ବା ଜଗନ୍ନାଥ ଦାସ
ନାନା ଯୁଗେ ନାନା ସାଧୁ ସଜ୍ଜନ
ସମାଜ ସଂସ୍କାର କଲେ ସାଧନ,
ଦେଶେ ଘୋର ବିଶୃଙ୍ଖଳା
ଘୋଟେ ଯେବେ ତେବେ ଜନ୍ମନ୍ତି ମହାତ୍ମା
ବହନ ପରମାତ୍ମା କଳା ।

Digitized by srujanika@gmail.com

ପୁଣି ଏ ଭାରତ ଦୁର୍ଭାଗ୍ୟବଳେ
ପଡ଼ୁଥିଲା ଅବନତି-କବଳେ
ଏମନ୍ତ ସମୟେ ଜଗତଗୁରୁ
ଅଭୟ କଚାର ବିଦବ ପ୍ରଭୁ
ମହାପୁରୁଷ-ରତନ
ଅମାନିଶାଧ୍ୱାନ୍ତେ ଭାସ୍କର ପରାଏ
ଭାରତେ କଲେ ପ୍ରେରଣ ।

ଏକେଶ୍ୱରବାଦ-ପୁନଃସ୍ଥାପକ,
ସ୍ୱାଧୀନତା-ଶରପର ପୋଷକ,
ମହାନ ପଣ୍ଡିତ ଦରଦ୍ରମିଦ,
ଜ୍ଞାନକାନ୍ତସମାବେଶ-ଚରିତ,
ସତ୍ୟନ୍ୟାୟବିଭୂଷଣ
ଶାସ୍ତ୍ର-ଅନ୍ତଦର୍ଶୀ ପୁଣ୍ୟ ସଂସ୍କାରକ
ରାଜା ଶ୍ରୀ ରାମମୋହନ ।

ଜ୍ଞାନ କର୍ମ ପ୍ରେମ ବୀର ବିକ୍ରାନ୍ତ,
ବହ୍ନି ସିନ୍ଧୁ ସମ ତେଜସ୍ୱୀ ଶାନ୍ତ,
ସ୍ୱଦେଶବତ୍ସଳ ଉଦାରଚେତା,
ମହାସମନ୍ୱୟ-ଧର୍ମପ୍ରଣେତା,
ରମଣୀ-ଶରସହାୟ
ପ୍ରାଚ୍ୟ ପ୍ରତୀଚ୍ୟର ସମନ୍ୱୟକାରୀ
ଶ୍ରୀ ରାମମୋହନ ରାୟ

ସମ୍ବଲପୁର

ସମ୍ଲେଇ-ପାଳିତ ସମ୍ବଲପୁର
ଘୋର କାନନ ସ୍ଥଳ ହୁଅଁ ସୁଦୂର ।
ନିସର୍ଗ-ଗୁରୁ ତୋର ସୁନ୍ଦର ଶରୀ,
ନଟରଙ୍ଗ ନବ-ନେହ ମୃଗ ପଞ୍ଚନ ।

Digitized by srujanika@gmail.com

ଦକ୍ଷିଣେ ଶଙ୍ଖୋପମା ଜଳ ନିନାଦେ
ବହଇ ଧୋଇ ବାର ପର୍ବତ ପାଦେ ।
ଶିଳାବନ୍ଧୁର ନଦୀ ସିକତାଶଯ୍ୟା
ଶଙ୍କର ତୁଳକ ଦଅଇ ଲଜ୍ଜା ।
ପାଷାଣେ ପରିଚ୍ଛନ୍ନ ତଟିନୀ ତୀର
ପୁଲନେ ଶୋହେ ସୋମନାଥ ମନ୍ଦିର ।
ସ୍ୱଦେଶ ସେବାବ୍ରତ ବ୍ରଜମୋହନ—
ସେତୁ ସୋପାନ ଦଣେ କେଡ଼େ ଯତନ । (୧)
ପଖାଳି ସେ ମନ୍ଦିର ପୂତ ଚରଣ
ସ୍ୱଚ୍ଛୋଦ ସର ଦଣେ କି ଶୋଭାବନ !
ଶତ ସହସ୍ର ତହିଁ ଫୁଲ୍ଲ କମଳ
ନୀଳ ନିର୍ମଳ ଜଳେ କି ଟଳଟଳ !
ନୀଳ ସଲିଳେ ରକ୍ତ କମଳଗଣ
ତରଣୀ ଗୃଳ ମାଳୀ କରେ ରଚନ ।

ବାରୁଣୀ ଦଣେ ଦଣେ ବାର ପର୍ବତ,
ଶୋଭଇ ପ୍ରାକୃତିକ ପ୍ରାଚୀରବତ ।
ବାରପର୍ବତପ୍ରାନ୍ତେ ବୁଢ଼ାଇ ରବ
ପ୍ରଦୋଷେ ପ୍ରକଟିଣ ରୁଶର ଛବ ।
ଅକଳନ୍ତା ସିନା ସେ ବର୍ଣ୍ଣବିଭବ,
ବଖାଣି ପାରେ କିଏ ସେ ଦୃଶ୍ୟ ତବ !
ତଟିନୀତୀରେ ଭଗ୍ନ ରାଜନଗର (୨)
କେଡ଼େ ପ୍ରାଚୀନ ପୁଣି କେଡ଼େ ଜର୍ଜର !
ଏଡ଼େ କଠିନ ଦୃଢ଼ ଗଡ଼କୁ କର
ଏତୁଣି ଥିଲେ ପର ନୃପତି ଅର ।

(୧) ପରଲୋକଗତ ବ୍ରଜମୋହନ ପଟ୍ଟନାୟକଙ୍କ ବହୁ ଯତ୍ନ ଓ ଅର୍ଥଦ୍ୱାରେ ଏହି ବନ୍ଧ ଓ ପାବଚ୍ଛ ନିର୍ମିତ ହୋଇଥିଲା ।

(୨) ମହାନଦୀତୀରସ୍ଥ ସମ୍ବଲପୁର ରାଜାଙ୍କର ପୁରାତନ ସୁଦୃଢ଼ ଦୁର୍ଭେଦ୍ୟ ଦୁର୍ଗ ଅଧୁନା ସୋନପୁର ମହାରାଜାଙ୍କ ଅଧିକୃତ । ଏହା ସମ୍ବଲପୁରର ଗୋଟିଏ ଦର୍ଶନୀୟ ସ୍ଥାନ ।

Digitized by srujanika@gmail.com

ବେଢ଼ା ଭିତରେ ବଡ଼ ବଡ଼ ବିଟପୀ
ଭେଦି ଯୁଗ ଯୁଗାନ୍ତ ଗଗନ ଟିପି ।
ଏ ବୃକ୍ଷେ ବସି ଅତିଦୂର ଅତୀତେ
ତୋଷୁଥିଲେ ବିହଙ୍ଗେ ମଧୁରଗୀତେ
ଅନ୍ତଃପୁରସ୍ଥା ନୃପଯୋଷାମାନଙ୍କୁ,
କାନ୍ତ ବାରତା ଆଣି ଦେଇଣ ତାଙ୍କୁ ।
ରାଜମହିଷୀ ରାଜଜେମା ସକଳେ
ମାର୍ଜନା କରୁଥିଲେ ଯେ କୂପଜଳେ,
ଅଦ୍ୟାପି ରାଜେ ତାହା ଦୁର୍ଗ ଭିତରେ,
ଶିଳାସୋପାନ ଶୋଭେ ତତ୍‌ପାଶରେ ।
ଦୁର୍ଗ ଚୌଦଗେ ଥିଲା ଦୁର୍ଗ ପରିଖା,
ଅତଳଜଳ ସର ଅଦ୍ୟାପି ଦେଖା ।

କିମ୍ବଦନ୍ତୀ କହଇ ଏ ସର ଖାଇ—
ଛୁଟେ ବିରାଜୁଥିଲା ଚୌଦଗେ ଥାଇ ।
କାଳ-କାମୋଡ଼େ ଖଣ୍ଡ ଖଣ୍ଡ ପରିଖା
'ନଶ୍ୱର ଏ ସଂସାର' ଦିଏ ଏ ଭାଷା ।
ଗଡ଼ ନିକଟେ କେତେ 'ଗୁଡ଼ି' ସୁନ୍ଦର (୩)
ପୂର୍ବଗୌରବ ମୂକସାକ୍ଷୀ ତୋହର ।
ଦୁର୍ଗସୀମାନ୍ତେ ଘନ ବଂଶନାକୁଞ୍ଜ,
ମହୀଗର୍ଭେ ଗୁପ୍ତ ଗହ୍ୱର ପୁଞ୍ଜ,
ପ୍ରାଚୀନ ଭଗ୍ନଦୁର୍ଗ ସଙ୍କେତମାନ,
କରନ୍ତି ପୂର୍ବକୀର୍ତ୍ତି ସଙ୍ଗୀତ ଗାନ ।
ଜଗତରେ 'ବୁଢ଼ା ରଜା' ପ୍ରଶସ୍ତି ପରି
ଜଗି ରହିଛି ଶୋଭାଧନ ତୋହର ।
ପର୍ବତ ପଦପ୍ରାନ୍ତେ ବିଟପୀ ବଲ୍ଲୀ
ଶ୍ୟାମସମ୍ଭାର ଘେନି ହସଇ ପଲ୍ଲୀ !

---

(୩) ସମ୍ବଲପୁରରେ ଅସଂଖ୍ୟ ଛୋଟ ମନ୍ଦିର ଅଛି । ଗୁଡ଼ି—ମନ୍ଦିର । ଏହା ସମ୍ବଲପୁରୀ ଭାଷାର ଗୋଟିଏ ନିଦର୍ଶନ ।

Digitized by srujanika@gmail.com

ଶସ୍ୟଶ୍ୟାମଳ କ୍ଷେତ୍ର ନେତ୍ରମୋହନ,
ରସାଳଡାଳେ ଡାଳେ ବିହଙ୍ଗସ୍ୱନ ।
ନେତ୍ରଶ୍ରବଣମୋହି ଏ ଶୋଭାରାଜି
ଘେନି ତୋ ଅପଘନ ଅଛୁ ତୁ ସାଜି ।
ଶତଶତମନ୍ଦିରପୂତ ନଗରୀ
ପୁରାଣକୀର୍ତ୍ତିରତ୍ନହାରୀ ସୁନ୍ଦରୀ ।
ଶସ୍ୟଶ୍ୟାମଳା ଶ୍ୟାମଗୌରକୁନ୍ତଳା
ଦେଶବିଦେଶ-ଅନ୍ନପୂର୍ଣ୍ଣା କମଳା । (୪)
ଏ ଶୋଭା ଲୋଭେ ଅଗା ଭକ୍ତବତ୍ସଳ
ମଣ୍ଡିବେ ଭବିଷ୍ୟେ ତୋ ଅଙ୍କସ୍ଥଳ । (୫)
ଶୈଳବନ୍ଧୁର ରମ୍ୟ ରନ୍ୟ ନଗର
ଉଜ୍ଜ୍ୱଳ ଭବିଷ୍ୟତ ଅଛୁ ତୋହର ।

ବୈକୁଣ୍ଠ, ନୀଳକଣ୍ଠ, ବ୍ରଜମୋହନ
କରିଗଲେ ତୋହର ଅଙ୍କ ମଣ୍ଡନ ।
ଅସନ୍ତୁ ତାଙ୍କ ପଛ ପଦ୍ୱୀପକାରୀ
ଦେଶପ୍ରେମିକ ଜନଯାତନାହାରୀ ।
ଏତେ ମାଗୁଣୀ ତବ ଚରଣେ ମୋର
କର ଶିଳାପୁତୁଳ ସନ୍ତାନେ ତୋର ।
ଦୃଢ଼ ପରାଣେ ସାଧି କର୍ତ୍ତବ୍ୟମାନ
ରଖନ୍ତୁ ତୋ ସନ୍ତାନେ ତୋର ସମ୍ମାନ ।
ଯେ ତୋତେ ଅନୁନ୍ନତ କହିବ କହୁ,
ତୋ ଗୁରୁ ତୃଣ୍ୟ ସ୍ମୃତିପଥେ ମୋ ରହୁ ।

---

(୪) 'ସମ୍ବଲପୁରୀ ଗୁଡ଼ଳ' ନାନାସ୍ଥାନକୁ ରପ୍ତାନି ହୁଏ । କଟକ ଅଞ୍ଚଳରେ ଏହି ଗୁଡ଼ଳ ବହୁକାଳରୁ ପ୍ରସିଦ୍ଧ ।

(୫) କଳ୍କୀ ଅବତାର ସମ୍ବଲପୁରରେ ହେବାର ପୌରାଣିକ ଉକ୍ତି ପଞ୍ଚୁଛି-ବାଦ ଅଭିଧାନରେ ଅନୁସନ୍ଧେୟ ।

Digitized by srujanika@gmail.com

ନିର୍ମାଲ୍ୟ

Digitized by srujanika@gmail.com

ଉତ୍ସର୍ଗ

ମୟୂରଭଞ୍ଜାଧୀଶ୍ୱର ଶ୍ରୀ ଶ୍ରୀ ଶ୍ରୀ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ମହୋଦୟ ପୁଣ୍ୟଶ୍ଳୋକେଷୁ—

ନିବେଦନମିଦଂ—

ଶ୍ରୀମନ୍ମହାରାଜ,

ଶ୍ରୀଛାମୁ ସ୍ୱୀୟ କର୍ତ୍ତବ୍ୟନିଷ୍ଠା, ସୁଶୃଙ୍ଖଳ ରାଜ୍ୟଶାସନ, ସଂଯତ ଚରିତ୍ର, ଜ୍ଞାନୋଜ୍ଜ୍ୱଳ ଧର୍ମବିଶ୍ୱାସ, ଅଦମ୍ୟ ଜ୍ଞାନାର୍ଜ୍ଜନପିପାସା, ଉତ୍କଳ-ସାହିତ୍ୟପ୍ରତି ଉତ୍ସାହ ପ୍ରଦର୍ଶନଦ୍ୱାରା ଉତ୍କଳର ମୁଖୋଜ୍ଜ୍ୱଳ କରିଅଛନ୍ତି । ଏତନ୍ନିମିତ୍ତ ମୁଁ ଆପଣଙ୍କ ଚିରଭକ୍ତ ।

ପ୍ରୋକ୍ତ ଭକ୍ତିର ନିଦର୍ଶନସ୍ୱରୂପ ଅଦ୍ୟ "ନିର୍ମାଲ୍ୟ" ନାମଧେୟ ଏହି କବିତାସଂଗ୍ରହ ଶ୍ରୀଛାମୁଙ୍କ ପବିତ୍ର ନାମରେ ଉତ୍ସର୍ଗ କଲି । ନିର୍ମାଲ୍ୟ ପ୍ରଦାନରେ ଉଚ୍ଚ ନୀଚ ବିଚାର ହୁଏ ନାହିଁ ଏବଂ ଏହା ଆନ୍ତରିକ ଭକ୍ତିର ନିଦର୍ଶନ, ଏହା ଭାବି ଶ୍ରୀଛାମୁ ଏହା ଗ୍ରହଣ ଓ ପାଠ କଲେ ଚିରବାଧିତ ହେବି । ଇତି ।

ବିନୟାବନତ
ଶ୍ରୀ ନନ୍ଦକିଶୋର ବଳ

Digitized by srujanika@gmail.com

ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ

ଭାରତୀ-କାନନ-କୁଞ୍ଜ-ବିହାର-ରସିକ,
ଉତ୍କଳସାହିତ୍ୟ-ଚିର-ଉତ୍ସାହ-ଦାୟକ,
ପ୍ରକୃତିରଞ୍ଜନ ପ୍ରିୟଦର୍ଶୀ ନରପତି,
ଉଦ୍ଦାମ ଯୌବନେ ଶାନ୍ତ ସୁସଂଯତ ଯତି,
ଭୂଭାରତେ ଉତ୍କଳର ମୁଖୋଜ୍ଜ୍ୱଳକାରୀ,
ପଦେ ନୃପ, ମନେ ଜ୍ଞାନଯୋଗୀ ବ୍ରହ୍ମଋଷି,
ଯାହ ତେଜେ ଶୂର ବୀର ଭାସ୍କର ବଂଶୀୟ,
ପାଶ୍ଚାତ୍ୟ ସଭ୍ୟତାଲୋକପ୍ରାପ୍ତ ଉତ୍କଳୀୟ,
ନବ ଯୁଗ ପ୍ରଭାତରେ ଜାଗ୍ରତ ସକଳ,
ହୀନ ହୋଇ ପଡ଼ିଅଛି କେବଳ ଉତ୍କଳ,
ଦୁଃଖିନୀ ଜନମ-ଭୂମି ଶ୍ରୀମ୍ଳାନ-ଶ୍ରୀମୁଖ
ଅନାଇ ସ୍ୱପନ ଦେଖେ ଭବିଷ୍ୟତ-ସୁଖ ।
ତୁହିଁ ଦେବ ! ସ୍ୱଜାତୀୟ-ଉନ୍ନତି-କାରଣେ
ଜାତୀୟ ସାହିତ୍ୟ ପ୍ରତି କରୁଣା-ନୟନେ ।

Digitized by srujanika@gmail.com

ନିର୍ମାଲ୍ୟ ସମ୍ବନ୍ଧରେ କେତେକ ମତ

"ଆପଣଙ୍କ ନିର୍ମାଲ୍ୟ ପୁସ୍ତକ ପଢ଼ି ଆପଣଙ୍କ ରଚନା ପୂର୍ବାପେକ୍ଷା ଭଲ ହୋଇଥିବାର ଦେଖି ଅତ୍ୟନ୍ତ ଆନନ୍ଦିତ ହେଲୁଁ ।"

ରାଜା ସର୍ ସୁଢ଼ଳ ଦେଓ
କଲ୍ଲେ ବାମଣ୍ଡା ।

"I Lave read through your little book with pleasure and have marked the spirit of purity and sanctity which pervades it. It is very desirable that our literature should divert into this channel."

Shriram Chandra Deo
Maharaja of Mayurbhanj.

'It is an excellent produotion of specimens of best Oriya. versification This is indeed an acquisition to the present Oriya literature."

S. P. Narayan Deo
Second Prince, Parlakemedi.

Digitized by srujanika@gmail.com

ତୀର୍ଥଯାତ୍ରା

ଖେଳୁଥିଲି କରି ଧୂଳିଘର
ବନ୍ଧୁ ଅସି କହିଲେ ମୋହର,
"ଚାଲ ଯିବା ତୀର୍ଥଯାତ୍ରା କରି
ଆନନ୍ଦଧାମରେ ଯହିଁ ହରି ।"
ଭ୍ରମିଲଇଁ କେତେ କେତେ ଦେଶ
ନ ମିଳିଲା ତାହାଙ୍କ ସନ୍ଦେଶ ।
ଜଡ଼-ପ୍ରାଣୀ-ଉଦ୍ଭିଦ ଜଗତେ
ଲୋଡ଼ିଲି ମୁଁ ତାଙ୍କୁ କେତେ କେତେ ।
ବିଚିତ୍ର, ଲାବଣ୍ୟମୟୀ ଧରା
ଶର ନବ ଋତୁ ପରମ୍ପରା
ସୂର୍ଯ୍ୟ-ଇନ୍ଦୁ-ଲୋଳ-ସାନ୍ଦ୍ର-ଘନ—
ଇନ୍ଦ୍ରଧନୁମଣ୍ଡିତ ଗଗନ,
ସୂର୍ଯ୍ୟ, ଚନ୍ଦ୍ର, ତାରକା, ସାଗର,
ଗିରି, ନଦୀ, କାନନ, ପ୍ରାନ୍ତର,
ପଲ୍ଲବ କୁସୁମ, ତରୁଲତା—
ସମସ୍ତଙ୍କୁ ପୁଚ୍ଛିଲି ବାରତା ।
ବିହଙ୍ଗମ ମଧୁର ନିସ୍ୱନ,
ନରନାରୀ ସୁନ୍ଦର ଆନନ,
ଅବନୀର ଅତୀତ କାହାଣୀ,
ଜ୍ଞାନୀ-କବି-ଉପଦେଶ ବାଣୀ,
ଖୋଜି ଖୋଜି ହେଲି ମୁଁ ନିରାଶ
ପ୍ରାଣ ମୋର ଉଦାସ ଉଦାସ ।
ନ ପାଇଣ ପ୍ରାଣର ଆଶ୍ରୟ
ମନ ହେଲା ପାପପଙ୍କମୟ ।
କିନ୍ତୁ ଶୁଣି କାହାର ଆହ୍ୱାନ
ଧରା-ଧୂଳି-ଅତୃପ୍ତ ମୋ ପ୍ରାଣ ?
ଅଲକ୍ଷିତେ ବୋଇଲା କେ ଗିର—
"ଖୋଜ ଖୋଜ ହୃଦୟ-ମନ୍ଦର ।
ବାହାରର ତେଜି ଆଡ଼ମ୍ବର
ପ୍ରବେଶ ତୁ ଅନ୍ତରେ ନିଜର
ନ ଦେଖିଲେ ହୃଦୟ କନ୍ଦରେ
ନ ମିଳିବ ବିଶ୍ୱବ୍ରହ୍ମାଣ୍ଡରେ ।"
ଦେଖିଲି ମୁଁ ଅନ୍ତରକୁ ଚାହିଁ—
ଅନ୍ଧକାର ଛଡ଼ା କିଛି ନାହିଁ ।
ଥିଲା ଯାହା ଜ୍ଞାନ ମୋ ସଞ୍ଚିତ
ସଂଶୟ ସେ କଲା ଦ୍ୱିଗୁଣିତ ।
ନୈରାଶ୍ୟରେ ଜର୍ଜ୍ଜରିତ ପ୍ରାଣ
ହେଲା ପୁଣି ଦୁଃଖେ ମ୍ରିୟମାଣ ।
ସଂସାରର ସୁଖ ସଖ୍ୟ ଜ୍ଞାନ
ପ୍ରାଣେ ଶାନ୍ତି ନ କଲା ପ୍ରଦାନ ।
ଶୁଣିଲି ମୁଁ ଅଜ୍ଞାତେ ଆଦେଶ—
"ଶୁଦ୍ଧ କର ହୃଦୟ ପ୍ରଦେଶ,
ପବିତ୍ର ନ କଲେ ପ୍ରାଣ ମନ
ପାପୀ ସତ୍ୟ ନ କରେ ଦର୍ଶନ ।"
ମନ ରିପୁ କବଳୁଁ ବାହାର—
କରିବା ତ ବିଷମ ବ୍ୟାପାର ।
ବିଷମ ସଂଗ୍ରାମେ ପରାଜିତ
ବାରମ୍ବାର ହେଲଇଁ ବ୍ୟଥିତ ।
ବୋଇଲି ବିକଳେ "କୃପାକର
ତାରି ମୋତେ ପାପ-ପଙ୍କୁ ହରି ।"
ହେଲକ୍ଷୁ ମୋ ଗରବ ଗଞ୍ଜନ
ଅହଙ୍କାର-ମାନ-ବିନାଶନ
ଶୁଭକ୍ଷଣେ ଦୟାମୟ ହରି
ଦେଲେ ପଥ ପରିଷ୍କାର କରି ।

Digitized by srujanika@gmail.com

ଛୁଟିଗଲା ସଂଶୟ ବନ୍ଧନ
ମୋହ ଧ୍ୱାନ୍ତ କଲା ପଳାୟନ ।
ଦେଖିଲି ପଙ୍କରେ ପଦ୍ମ ପରି
ପ୍ରାଣୀ ମଧ୍ୟେ ବିରାଜନ୍ତି ହରି ।
ଜ୍ଞାନ-ପ୍ରେମ-ପୁଣ୍ୟରୂପୀ ହରି
ଦିଅନ୍ତି ମୋ ପାପ ଧୌତ କରି ।
ସାରା ସୃଷ୍ଟି କରି ସଞ୍ଜୀବିତ
ଅଛନ୍ତି ଅନନ୍ତ ବିରାଜିତ,
କିନ୍ତୁ ଲୀଳାମୟ ପ୍ରଭୁ ହରି
ନିଜ ରୂପ ନିଅନ୍ତି ସମ୍ବରି ।
"କାହିଁ ଗଲେ, କାହିଁ ଗଲେ ?" କହୁ
ମାଣେ ଥାଇଁ ଦେଖି ନ ପାରଇ ;
ଘନ ବନେ କୁସୁମ ଯେସନ
ବିକଶିଣ ପ୍ରମୋଦେ କାନନ
ଭୃଙ୍ଗ ସେହି ମଧୁଗନ୍ଧେ ମତ୍ତ
ଧନ୍ଦ ହେଉଥାଏ ଇତସ୍ତତଃ ।
ସେହିପରି ଏ ମୋର ହୃଦୟ
ତାଙ୍କ ପାଇଁ ହୁଅଇ ଅଥୟ ।
ସେ ଏଡ଼େ ନିଷ୍ଠୁର ପ୍ରଭୁ ଯେବେ
ବ୍ୟାକୁଳିତ ପ୍ରାଣ କିପାଁ ତେବେ ?

ନିରାଶେ ବିଷୟ-ବିଷ ପିଇ
ପାଶେ ପାଈ ଦିନ ଯିବ ଜୀଇଁ ।
ବିଷ ପାନେ ପ୍ରାଣ କଲବଲ
ଏ ସଂସାର ନ ଲାଗଇ ଭଲ ।
କିନ୍ତୁ ପ୍ରଭୁ କିପାଁଇ କେଜାଣି,
ନିଅନ୍ତି ଡୋରରେ ପୁଣି ଟାଣି !
ପାଇ ତାଙ୍କ ଦିବ୍ୟ ସୁଧା ସ୍ୱାଦ
ଭୁଲିଯାଏଁ ସକଳ ବିଷାଦ ;
ପାସୋରଇ ସଂସାରର ଦୁଃଖ
ଦୁଃଖୀ ମୁହିଁ ଭୁଞ୍ଜେ କେତେ ସୁଖ !
ଏହିପରି ଜୀବ ଆତ୍ମା ସଙ୍ଗେ
ଲୀଳା କରୁଛନ୍ତି ହରି ରଙ୍ଗେ ।
ତୀର୍ଥଯାତ୍ରା ଲାଗିଅଛି ସଦା
ସୁଭାବ-ନିର୍ମାଲ୍ୟ ଗଦା ଗଦା,
ଅଜ୍ଞାନ ମୁଁ ଧରି ହରି ନାମ
ବାହାରିଛି ଜଗନ୍ନାଥ ଧାମ ।
ଧର୍ମ ବଡ଼ଦାଣ୍ଡେ ଯାହା ବିକା
ସାଉଣ୍ଟୁଛି "ନିର୍ମାଲ୍ୟ କଣିକା" !
ନିର୍ମାଲ୍ୟରେ ନାହିଁ ତ ବାରଣ
କର ପ୍ରିୟ ଏହାକୁ ଗ୍ରହଣ ।

ଏକାକାର

ନରନାରୀ, ଗୃହୀ, ବୈରାଗୀ, ଶୂଦ୍ର, ବ୍ରାହ୍ମଣ ଭେଦ
ଧନ୍ଧା ଧନ୍ଧା ମୋର କବିତା ! ତୁଟୁ ଭ୍ରାନ୍ତି-ବିଚ୍ଛେଦ ।
ସକଳେ ଶିଖନ୍ତୁ ମହାନ ଶିକ୍ଷା ଧର୍ମ ଭଣ୍ଡାର—
ଘଟେ ଘଟେ ଆତ୍ମା ପ୍ରକାଶ ସାରା ବିଶ୍ୱ ସଂସାର ।

Digitized by srujanika@gmail.com

ବାଲୁକା ରେଣୁରୁ ବିଶାଳକାୟ ଜ୍ୟୋତିଷ୍କ ଯାଏ
ତୃଣ-କୀଟ-ବ୍ରହ୍ମ-ଚଣ୍ଡାଳ-ଜଡ଼-ପରାଣି-କାୟେ ।
ଗିରି-ବନ-ନଦୀ-ସାଗର-ଚନ୍ଦ୍ର-ତାରା-ସବିତା,
ଜଳେ, ସ୍ଥଳେ, ପ୍ରାଣେ, ଆକାଶେ ସେହି ଏକ ଦେବତା ।
ସେହି ଏକ କଥା ନାନାଦି ଋଷି ନାନା ବଚନେ
ପ୍ରକାଶି ଅଛନ୍ତି ନାନାଦି ଯୁଗେ ବିଶ୍ୱ ଭୁବନେ ।
ଜଡ଼, ଉଦ୍ଭିଦ ବା ପରାଣୀ କୀଟ ପଶୁ ବିହଙ୍ଗ
ଶିଶୁ, ବୃଦ୍ଧ, ଯୁବା, ଯୁବତୀ-ବିଶ୍ୱ ସେ ବ୍ରହ୍ମ-ଅଙ୍ଗ ।
ସେହି ଏକ ଆତ୍ମା ମାନସ-ଜଗତେ ଦେଦୀପ୍ୟମାନ,
ବିଭିନ୍ନ ଦେଖେ ଯେ, କେଣେ ମୁଁ, ସେ ଯେ ମାୟାମଗନ,
ଭାଇ-ଭାଇ, ଭାଇ-ଭଗିନୀ ଆତ୍ମା-ଆତ୍ମାର ଭେଦ
ମିଥ୍ୟା ଭେଦବୁଦ୍ଧି କଲିଗି ଘୃଣା ସ୍ପର୍ଶ ନିଷେଧ ?

ଚରମେ ସେ ସତ୍ୟବିଭକ୍ତି ସର୍ବେ ଲୋଡ଼ିବେ ଭାଇ
ଉଚ୍ଚ, ନୀଚ, ଧନୀ, ଦରିଦ୍ର ରକ୍ତେ ପ୍ରଭେଦ ନାହିଁ ।
ଏକ ପରମାତ୍ମାରୁ ଜୀବାତ୍ମା ସ୍ଫୁରି ବହୁ ପ୍ରକାରେ
ଲୀଳା କରି ଶେଷେ ମିଶିବେ ସେହି ଏକ-ଆତ୍ମାରେ ।
ସୃଷ୍ଟି, ସ୍ଥିତି, ଲୟ ତାଙ୍କର ଲୀଳା ବିଶ୍ୱବ୍ରହ୍ମାଣ୍ଡେ
ବହୁ ରୂପେ ବ୍ରହ୍ମ ଖେଳନ୍ତି ଅହା ଏ ବିଶ୍ୱଭାଣ୍ଡେ !
ମୋହ ଆବରଣ ଫେଡ଼ିଣ ଥରେ ମୋ' ଭ୍ରାନ୍ତ ମନ
କର କର ବିଶ୍ୱବ୍ରହ୍ମାଣ୍ଡେ ଏକ ଆତ୍ମା ଦର୍ଶନ ।

କ୍ରମୋନ୍ନତି

ଜଗତର ଇତିହାସେ ମାନବ-ସମାଜେ
କ୍ରମେ ନ୍ୟାଯ୍ୟ, ସତ୍ୟ, ସୁଖ, ବିଜୟ ବିରାଜେ,
ଥିଲେ ଯେ ମନୁଜେ କାଳେ ବନପଶୁ ପରି
ଅଛନ୍ତି ଉନ୍ନତ ହୋଇ ଦେବ ଶିଶୁ ସରି ।

Digitized by srujanika@gmail.com

ଯାହାର କୃପାରୁ ପଶୁ ପକ୍ଷୀ ଜୀବଜନ୍ତୁ,
ସୁନ୍ଦର ପ୍ରାସାଦେ ନରେ ବସତି କରନ୍ତୁ ।
ଜନ୍ମରୁ ଉଦ୍ଭିଦ, ପଶୁ, ପକ୍ଷୀ, ନରନାରୀ
କ୍ରମୋନ୍ନତ ନିୟମରେ ଅଛନ୍ତି ସଞ୍ଚରି ।
ପରିବର୍ତ୍ତନ ଶକ୍ତିରେ ହୋଇଣ ଚାଳିତ
ଅନନ୍ତ ଆଦର୍ଶ ପଥେ ସୃଷ୍ଟି ପ୍ରଧାବିତ ।
ଅସତ୍ୟ, ଅନ୍ୟାୟ, ଉପଧର୍ମ ଅତ୍ୟାଚାର
କରିଥିଲା ମନୁଜର ଗୋଷ୍ଠୀ ଛାରଖାର ।
ପ୍ରାଣୀହତ୍ୟା ଜଡ଼-ନର-ପୂଜା ବିବାସିତ
ସତ୍ୟ, ଶିବ, ସୁନ୍ଦରର ପୂଜା ପ୍ରତିଷ୍ଠିତ !

ମୋ ଦେବତା

ବୁଦ୍ଧି-ଇଚ୍ଛା-ଭାବ-ବୃତ୍ତି-ଆଦର୍ଶ ରୂପରେ
ଅଛନ୍ତି ଦେବତା ମୋର ଏ ମମ ଅନ୍ତରେ ।
ଜ୍ଞାନ, କର୍ମ, ପ୍ରୀତିରୂପ ପ୍ରଭୁ ଭଗବାନ
ସତ୍ୟ, ଶିବ, ସୁନ୍ଦର ସେ ଦେବତା ମହାନ ।

ଜ୍ଞାନ, ପୁଣ୍ୟ, ପ୍ରେମ ସେହୁ ଅଧିଷ୍ଠାତ୍ରୀ ପ୍ରଭୁ
ନିର୍ମଳ, ପବିତ୍ର, ଶାନ୍ତ ଚିନ୍ତାଧାରେ ସବୁ,
ବିକଚ କୁସୁମ ବନ ବିହଙ୍ଗମ ଗାନ
ମଧ୍ୟରେ ଆନନ୍ଦ ରୂପେ ପ୍ରଭୁ ଭଗବାନ ।
ସୁନୀଳ ଗଗନେ ସେହୁ ଭୂମା ବିଶ୍ୱପତି
ଅନନ୍ତ ବିଶାଳରୂପେ ପ୍ରକାଶିତ ଛନ୍ତି
ବିଶ୍ୱ, ପ୍ରକୃତି ଅବା ମାନବ ସଂସାର
କରିଛନ୍ତି ସେହୁ ଏକ ଆତ୍ମା, ଏକାକାର ।
ଏକ ଆତ୍ମା, ଏକ ଶୁଭଲୀଳା, ଏକ ଶକ୍ତି
ମୁକ୍ତ ହୁଅ ମନ କର ପୂଜା ପ୍ରୀତି ଭକ୍ତି ।

Digitized by srujanika@gmail.com

ପ୍ରକୃତି ଓ ଆତ୍ମା

ବହିଛନ୍ତି ସତ୍ୟଶିବସୁନ୍ଦର ମୋ ପ୍ରାଣେ
ତାଙ୍କ ଦତ୍ତ ଜ୍ଞାନେ ମୁହିଁ ତାଙ୍କ ସତ୍ତା ଜାଣେ ।
ଏହି ଯେ ମୋ' ମନେ ଅଛି କର୍ମ, ଜ୍ଞାନ, ପ୍ରେମ
ଆଦର୍ଶ ରୂପରେ, ଅନ୍ତର୍ଦ୍ଧାନ ଯାର କ୍ଷେମ ।
ପବିତ୍ର ନିର୍ମଳ ମନେ ଧ୍ୟାନ କରେଁ ଯେବେ
ଜ୍ଞାନ ପୁଣ୍ୟ ପ୍ରେମରୂପେ ଦେଖେଁ ତାଙ୍କୁ ତେବେ ।
ଜ୍ଞାତାଜ୍ଞାତରୂପେ ଛନ୍ତି ସମଗ୍ର ସଂସାରେ
ନୋହିଲେ ମୁଁ ବିଷୟକୁ କେମନ୍ତେ ଜାଣିପାରେ ?
ଯା' ମଧ୍ୟେ ମୋ ଆତ୍ମା ନାହିଁ ମୁହିଁ ତା' କେମନ୍ତ
ସମ୍ଭୋଗ କରିଣ ହୁଏଁ ତହିଁ ଅନୁରକ୍ତ ?
ସୁଦୂର ନକ୍ଷତ୍ରଲୋକ, ବିଚିତ୍ର ଭୁବନ,
ସଙ୍ଗୀତ ସଙ୍ଗୀତ୍ୱ, ନବ ବିଶ୍ୱ ଆନନ,
ପୁଣ୍ୟାତ୍ମା ଚରିତ୍ର, ଯେ ସତ୍ୟ, ମଙ୍ଗଳ, ସୁନ୍ଦର
ମମ ଆତ୍ମା ମଧ୍ୟେ ସେହି ପ୍ରଭୁ ପରାତ୍ପର ।

ସ୍ୱର୍ଗଦୂତ

ସଂସାରେ ସଂସାରୀ ସଙ୍ଗେ ହୋଇଣ ଜଡ଼ିତ
ବିଷୟାବିଷର ପାନେ ମନ ମୋହଗତ
ଭାଳେଁ ବନ୍ଧୁବାନ୍ଧବ ବା ପ୍ରିୟପରିଜନ—
ସ୍କନ୍ଧେ ଭାର ନିକ୍ଷେପିଣ ଯାପିବି ଜୀବନ,
ସହିବେ ସେମାନେ ସର୍ବ ଅର୍ଦ୍ଧେକ ଜଞ୍ଜାଳ
ଏହିପରି ଏ ସଂସାରେ କଟିଯିବ କାଳ ।
କିନ୍ତୁ ପ୍ରଭୋ ! ପରୀକ୍ଷାରେ କରିଣ ଘୋଷଣ
କୁହି ଦେଖାଅନ୍ତୁ ଆପଣଙ୍କର ପ୍ରାଣପଣ ।

Digitized by srujanika@gmail.com

ରୋଗ, ଦୁଃଖ, ବିପଦାପଦ, ଦିବ୍ୟ ଅନୁଚର
ଅପି କହି ଦେଇଯାନ୍ତି "ସକଳ ନଶ୍ୱର",
ତୁହିନରେ ସନ୍ତରଣ ଗଗନ ପ୍ରସୂନ
ଚୟନେ ବଳାଇ ଚିତ୍ତ, ହୁଏଁ ଶେଷେ କ୍ଷୁନ୍ନ;
ହେ ସତ୍ୟ, ମଙ୍ଗଳମୟ, ଦିଅ ବଳ ଦାନ
ତୁମ୍ଭ ଇଚ୍ଛା ପୂର୍ଣ୍ଣ କରୁ ଏ କ୍ଷୁଦ୍ର ପରାଣ ।

ସ୍ୱାଧୀନତା

ହେ ଈଶ୍ୱର, ହର ମୋର ସର୍ବ ଅଧୀନତା
ଦିଅ ମୋତେ ଆକାଙ୍କ୍ଷିତ ପ୍ରାଣ-ସ୍ୱାଧୀନତା
ରିପୁ-ଦର୍ପ, ଜନ-ଭୟ ମୋର ଭୀରୁ ପ୍ରାଣେ
ପରିଣତ କରିଛନ୍ତି ଜୀବନ୍ତ ଶ୍ମଶାନେ,
ହୃଦରେ ପ୍ରତ୍ୟୁତ୍ତରେ କରନ୍ତି ଗର୍ଜନ
ଭୀରୁ ଦେଖି, ମୋତେ କରି ଘୋର ଆସ୍ଫାଳନ ।

ପ୍ରଶାନ୍ତ, ପବିତ୍ର ତୁମ୍ଭେ ବ୍ରହ୍ମାଣ୍ଡ ଗୋସାଇଁ
ନ ଜାଣିବି କିମ୍ପା ତାଙ୍କୁ ତବ ମୁଖ ଚାହିଁ ?
ବାହାରେ ଲୋକଙ୍କ ଭୟେ ଲୁଚି ବୁଲୁଥାଇ
ନିଶିଦିନ ପର ଆଜ୍ଞା ପାଳିବି କିପାଇଁ ?
ସୁବୁଦ୍ଧିରେ ଯାହା ମୁହିଁ ଜାଣିଲି ନିର୍ଦ୍ଦୋଷ,
ସରଳ ଅନ୍ତରେ ତା'ର ଅଛି କେଉଁ ଦୋଷ ?
ବୁଝିଲି ଯା' ସତ୍ୟ ତବ ପ୍ରଦତ୍ତ ଆଲୋକେ
ନିର୍ଭୀକ ଭାବରେ କିପାଁ ନ କହିବି ଲୋକେ ?
ହେ ଈଶ୍ୱର ! ହର ମୋର ସର୍ବ ଅଭିମାନ
ଦିଅ ମୋତେ ସତ୍ୟସାର ଦିବ୍ୟ ତତ୍ତ୍ୱ ଜ୍ଞାନ ।
ବିବେକ ଆଲୋକେ ଯାହା ନ ବୁଝିବି ସତ୍ୟ
ଆନ ବୋଲେ ନ କରିବି କର୍ମେ ପରିଣତ ।

Digitized by srujanika@gmail.com

ଅଭ୍ରାନ୍ତ ଗୁରୁ ବା ଶାସ୍ତ୍ର ମୋର ଅସ୍ଥା ନାହିଁ,
ଦେଖାଅ ସତ୍‌ପଥ ନିଜେ ବ୍ରହ୍ମାଣ୍ଡଗୋସାଇଁ ।
ଏକୋଇ ମନ୍ଦର, ଶତ ସେ ମନ୍ଦର ପଥ
ଏକ ସିଦ୍ଧି ତୁମ୍ଭେ; ପଥ ସାଧନର ଶତ ।
କାହାକୁ କେଉଁଣ ପଥେ ନିଅ ତୁମ୍ଭେ ଟାଣି
ଜ୍ଞାନ ଅଭିମାନୀ ତାହା ନ ପାରଇ ଜାଣି ।
ଭୁଲେ ସେ ଏ ଜନ ମୋର କଥା ନ ଶୁଣିଲ
ପାପମାର୍ଗେ ଗମି ଘୋର ନରକେ ପଡ଼ିଲ ।
ଯାହା ଇଚ୍ଛା ଯାର ପ୍ରଭୁ ସେ ତା' କହୁଥାଉ
ଅଶ୍ରା ଦଅ ନ ଶୁଣିବ ବୃଥା ହାଉ ହାଉ ।

ଦାନ ଓ ଭିକ୍ଷା

ଅଛି ମୋ ପରାଣେ ପ୍ରୀତି ଅନନ୍ତ ଅକ୍ଷୟ
"କାହାକୁ ଦେବଇଁ ?" ଏହା ପୁଛଇ ହୃଦୟ,
ଆସ ହେ ନିଖିଳ ବିଶ୍ୱ ନିଅ ମମ ପ୍ରୀତି,
ନ ହେବି କୃପଣ ଦାନେ ନ ବାଢ଼ିବି ସୀତ ।
ନ ଲୋଡ଼ିବି ପ୍ରତିଦାନ, ନେଜଠା କାମନା
ଏ ମୋର ଅନ୍ତର ମୋତେ କରେ ତାହା ମନା ।
ପ୍ରତିଦାନେ ପ୍ରୀତି ? ସେ ତ ପଣ୍ୟ ବ୍ୟବସାୟ
ଉଦାର ନିର୍ମଳ ଭାବେ ଢାଳିବି ହୃଦୟ ,
ନିକ୍ଷୋଭ, ନିଷ୍କାମ ହୋଇ ବାଣ୍ଟିବି ସକଳେ,
ନ ମାଗୁଣୁ ଭିକ୍ଷା କେହୁ ବାଣ୍ଟିବଇଁ ବଳେ ।
ପାଏଁ ଅବଶାନ୍ତ ଧାରେ ଯେଉଁ ବଦାନ୍ୟତା
ହୀନଭାବେ କ୍ୱଚିଁ ମୁଁରେ କରେ କୃପଣତା,
ଆସ ହେ ଭଉଣୀ, ଭାଇ, ନିଅ ସବୁ ଢାଳି
ଦାତାକର, ହେ ଈଶ୍ୱର, ନ କର ଭିକାରୀ !

Digitized by srujanika@gmail.com

ଶିଷ୍ଟାଚାର ଓ ସ୍ୱାଧୀନତା

ବହୁ ଅତ୍ୟାଚାରେ ନରନାରୀ ଭୂଲୁଣ୍ଠିତ,
ଶିଷ୍ଟାଚାର ଅତ୍ୟାଚାରେ ଦ୍ୱିଗୁଣ ତାଡ଼ିତ,
ଦୁଃଖ-ଶୋକ-ଜରା-ରୋଗ-ଦରିଦ୍ରତା-ଭୟ-
ଅତ୍ୟାଚାରେ ନର ନିଶିବାସର ଅଥୟ ।
ତଦୁପରି ଶିଷ୍ଟାଚାର ଊର୍ଦ୍ଧ୍ୱ ସ୍ଫୀତ ଶିରେ
କହୁଅଛି ମନୁଷ୍ୟକୁ ଦୁର୍ବିନୀତ ଗିରେ,
"ପଥଘାଟ, ସଭା, ନିଜଗୃହ, ବନ୍ଧୁବାସେ
ନତ କର ଶିର ଭକ୍ତି, ସ୍ୱାର୍ଥ, ଲୋଭ, ତ୍ରାସେ ।"
ଭକତି ତ ମାନବର ହୃଦୟ ରତନ
ହାଟେ ବାଟେ ତା' ଦର୍ଶନେ ଏତେ କିମ୍ପାଁ ମନ ?
ଦାସତ୍ୱପ୍ରୟାସୀ ଯେହୁ ନିକୃଷ୍ଟ କୋଟିରେ
ସେହୁ ପୁଣି ଭୂଲୁଣ୍ଠିତ ଉତ୍କୃଷ୍ଟ ପଦରେ ।

ଏକ ବ୍ରହ୍ମ ସର୍ବ ନାରୀନରେ ପ୍ରକାଶିତ—
ଏ ଜ୍ଞାନ ତାମସ ଦର୍ପ ଧୂମେ ଆଚ୍ଛାଦିତ ।
ଦୟା ନାହିଁ ମାୟା ନାହିଁ, ଅତି ଶିଷ୍ଟାଚାର
କର ଦେବୋଚିତ, ବୀରୋଚିତ ବ୍ୟବହାର ।
ଦେବଶିଶୁ ମାନବର ସଦା ଭୂଲୁଣ୍ଠନ
ଖର୍ବ କରେ ତା' ଦେବତ୍ୱ, ଛଦ୍ମ ନାରାୟଣ ।
ଅନ୍ତର ଭକତି ସଦା କରନ୍ତି ଆଦର,
ଆଦର୍ଶ ତାହାହିଁ ହେଉ ସର୍ବ ମାନବର ।
ଉଚ୍ଚ ଊର୍ଦ୍ଧ୍ୱେ ଶିର ସଦା ବିନମ୍ର ଗମ୍ଭୀର,
ଯେସନ ମଣ୍ଡନ ନମ୍ର ଶୃଙ୍ଗ ହିମାଦ୍ରିର ।
ଦେବ ଦେବ ପରଂବ୍ରହ୍ମ ସର୍ବ ବିଶ୍ୱପତି ।
ତୁମ୍ଭର ସମ୍ମୁଖେ ପ୍ରଭୋ କରଇ ପ୍ରଣତି,

Digitized by srujanika@gmail.com

ତୁମ୍ଭ ଜ୍ଞାନ, ପ୍ରୀତି, ପୁଣ୍ୟ ଯହିଁ ପ୍ରକାଶିତ
ସେହିଠାରେ ନତ ହେଉ ସଦା ମମ ଶିର ।
ଜଡ଼, ଭଣ୍ଡ, ପଶୁ, ମୂର୍ଖ, ପାପୀ, ଗର୍ବୀ ନର
ପାଶେ ନୋହୁ ନତ ମୋର ଶିର ହେ ଈଶ୍ୱର

ମଥୁରାମେଲଣି

''ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନାୟ ଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ''
—ଗୀତା

ସାଙ୍ଗ ମମ ବାଲକ୍ରୀଡ଼ା, ଗୋପଧୂଳି-ଖେଳା
ଭାବାବେଶେ କ୍ରୀଡ଼ା ସାଥି ସହ ଭାଣ୍ଡେ ମେଳା ।

ଶେଷ ମୋର ଗୋପବାଳା ସସ୍ନେହ ମାଧୁରୀ
ଗୋପବନେ ନୃତ୍ୟଗୀତ, ଚରି ଗୋବାଛୁରୀ
ଗୋପିକା ନିଳୟୁଁ କ୍ଷୀର, ଲବଣୀ ହରଣ
କାଳିନ୍ଦୀ-ପୁଳିନେ ବଂଶୀ-ବାଦନ, ଗାୟନ
ସରିଅଛୁ ଯଶୋଦାଙ୍କ ପାଶେ ମୋର ଅଳି
କଠୋର ମଥୁରା ଯୁଦ୍ଧେ ଯିବି ଏବେ ଚଳି ।।
ସାଙ୍ଗ ଶୈଶବର ଧୂଳିଖେଳ ଭାବାବେଶ
ସୁକଠିନ ଧର୍ମାହବେ କରିବି ପ୍ରବେଶ,
ଦୁର୍ଦ୍ଦାନ୍ତ ଅସୁରଙ୍କର ପ୍ରଭାବେ ବ୍ୟାକୁଳ
ଆଜ; ଦୁଷ୍ଟତାପେ ତପ୍ତ ଶିଷ୍ଟ ସାଧୁକୁଳ ।
ଦୁର୍ବିନୀତ ଦୁର୍ଯ୍ୟୋଧନ ପାପେ ଶିଷ୍ଟ ପାର୍ଥ
ରାଜ୍ୟଶ୍ରୀ-ବଞ୍ଚିତ ନିର୍ବାସିତ ହୃତ ସ୍ୱାର୍ଥ,
ନଷ୍ଟ ହେବେ ଦୁଷ୍ଟ ସର୍ବେ ଭୀଷଣ ସମରେ
ମେଲଣି ମାଗଇ ତେଣୁ ମୁଁ ଗୋପ ନଗରେ ।

Digitized by srujanika@gmail.com

ଯୌବନ ମଧ୍ୟାହ୍ନ

ସରଳ, ସହଜ ମଧୁମୟ ଥିଲା ମୋ ବାଲ୍ୟ ଜୀବନ
ପ୍ରକୃତି ପଟରେ ଥିଲେ ପ୍ରକାଶିତ ଦେବ ନାରାୟଣ,
ଯାଉଥିଲା ଦିନ ନୃତ୍ୟ ଗୀତେ, ଧୂଳିଖେଳେ, ମିଳମେଳେ,
ପ୍ରବଚନ, ଉପନ୍ୟାସ, ଗୀତ ଶୁଣୁଥିଲି ରାତି ବେଳେ ।
ମାତା, ପିତା, ଭ୍ରାତା, ଭଗ୍ନୀ ସ୍ନେହେ ଥିଲା ପ୍ରାଣ ପ୍ରମୋଦିତ
କ୍ଷୁଦ୍ରଗ୍ରାମାକାଶତଳେ କ୍ଷୁଦ୍ର ରବି, ଶଶୀ ସମୁଦିତ
ହୋଇ କ୍ରୀଡ଼ୁଥିଲେ ମୋର ଖେଳସଙ୍ଗୀ ବାଲୁକା-ଅଗାରେ
ଭାଙ୍ଗୁଥିଲି, ଗଢ଼ୁଥିଲି ମୁହିଁ ମୋର ଶୈଶବ ସଂସାରେ,
ପ୍ରଭାତ ଗଲାଣି କ୍ରମେ ମାଡ଼ି ଆସୁ ପ୍ରଦୀପ୍ତ ମଧ୍ୟାହ୍ନ
ଜୀବନ ସଂଗ୍ରାମ ବହ୍ନି ପ୍ରାଣ-ଖାଣ୍ଡବରେ ଘୋଟେ ଘନ ।
ପିତା, ମାତା ନିଜେ ଦେଲେ ନିଜ ନିଜ ଗୃହଭାର ଶିରେ
ଲୁଚିଗଲେ ପରଂବ୍ରହ୍ମ "ଦର୍ଶନ"ର ଦୁର୍ଭେଦ୍ୟ-ମନ୍ଦିରେ
ତଥାପି ସେ ଗଗନ୍ଥ ଗହ୍ୱରର ସୁରସେବ୍ୟ ସୁଧା ସୁପ୍ରସାଦ
କୋଟି ଗୁଣେ ଜାଣି ଶ୍ରେଷ୍ଠ ଶିଶୁସେବ୍ୟ ମାତୃସ୍ତନ୍ୟ-ସ୍ୱାଦ ।

କର୍ମ ଓ ବିଳାସ

ଛାଡ଼ ଛାଡ଼ ପ୍ରେୟସୀ ଗୋ ! ଫେଡ଼ ବାହୁଲତା
ଆଲିଙ୍ଗନେ ବାନ୍ଧି ଆଜ ନ ରଖ ଲଳିତା ।
ହୋଇଛନ୍ତି ଅକୁଳ ପ୍ରାଣ, ଯିବି କର୍ମାଙ୍ଗନେ
ନ ଲୁଚିବି ତୋ' ଅଞ୍ଚଳ ତଳେ ଲୋ ଲଳନେ !
କୁସୁମ ତଳପେ ଶୋଇ ହୋଇଅଛି ଶ୍ରାନ୍ତ
ବିଷସମ ଲାଗୁଅଛି ତବ ନେତ୍ରପ୍ରାନ୍ତ ।
ଲୋଡ଼ା ନାହିଁ ତବ କୋଳେ କୋମଳ ଶୟନ
ଲୋଡ଼େ ପ୍ରାଣ ସୁକଠିନ ଶିଳାରେ ଭ୍ରମଣ ।
ନ ଲୋଡ଼େ ଅମଳ ଗଣ୍ଡେ ଚୁମ୍ବନ ତୋହର
ଲୋଡ଼େଁ ଏବେ ଚର୍ମ-ବର୍ମ-ଅସି-ଧନୁଶର,

Digitized by srujanika@gmail.com

ନ ଲୋଡ଼େ ଚନ୍ଦନ ତୈଳ, ବେଶାବେଶ, ଚୁଆ
ଲୋଡ଼େଁ ଫର, ବାଡ଼, ଛଡ଼, ଜମ୍ବାଲ-ପଡ଼ିଆ ।
କର୍ଷାଙ୍ଗନେ ଯାଉ ଏ ମୋ ଦୁର୍ଲଭ ଜୀବନ
ନାସ୍ତି-ଅଙ୍କେ ନ ଦେଖିବ ବିଳାସ-ସ୍ୱପନ ।

ସୁଖ ଓ କର୍ମ

ଶୋଇଥିଲି ସୁଖନିଦ୍ରା ହୋଇ ଶ୍ରାନ୍ତମନ
ଦେଖିଲି ଅପୂର୍ବ କେଡ଼େ ମଧୁର ସ୍ୱପନ,
ସେ ସୁଖନିଦ୍ରାରେ ମନ ହେଲା ନିମଗନ
ଜାଗରଣେ ମୋ ପରାଣ ହେଲା ଛନ ଛନ,
କି ଅଭାବ ଅଛି ମୋର ? ଯାଉ ନାହିଁ ଜଣା
ଭେଦନ୍ତି ବିଷାଦ ମମ ପ୍ରାଣ ତନ୍ତ୍ରିକଣା,
ଜୀବନ ଅତୃପ୍ତିମୟ, ବିଷାଦ ଆଗାର
ଅଟେ କି ମଙ୍ଗଳ ବିଧି ବିଶ୍ୱ ବିଧାତାର ?
ଏ ପ୍ରାଣ ଉଦ୍ଦେଶ୍ୟ ଅଟେ ଅନନ୍ତ ବର୍ଦ୍ଧନ,
ଅଳପେ ସନ୍ତୁଷ୍ଟି ତୃପ୍ତି ମରଣ ଲକ୍ଷଣ ।

ନିବୃତ୍ତି ଆରାମେ ନାହିଁ ଚିରସ୍ଥାୟୀ ସୁଖ
ସୁଖକୁ ଲୋଡ଼ିଲେ ମିଳେ ମୁଖ-ସଖା ଦୁଃଖ,
ରେ ସୁପ୍ତପ୍ରାଣ ! ଯେବେ ଲୋଡ଼ୁ ସୁଖଭୋଗ
ସୁଖେ ପଦାଘାତ କରି ସାଧ କର୍ମ-ଯୋଗ ।

ପ୍ରଣୟ ଓ କର୍ତ୍ତବ୍ୟ

ଏକ ଆଡ଼େ ସ୍ୱର୍ଣ୍ଣଦାମ କୁଞ୍ଚିତ ଚିକୁର
ବିଳାସ-ବିଲୋଳ ନେତ୍ର, ବଚନ ମଧୁର
ଈଷତ-ହସିତ-ଆସ୍ୟ, ସନ୍ତୁଷ୍ଟ ଗୃହିଣୀ
ମୋହ-ମଦାଳସା-ତନୁ, ଅଣାୟୀର ଠାଣି,

Digitized by srujanika@gmail.com

ଚଞ୍ଚଳ, ଚପଳ ଚାଣୀ ବୁଣି ମୋହ ମାୟା,
ଭୁଲିବ କି ଦେଖି ଏହି ଅସାରର ଛାୟା ?
ଅନ୍ୟଅଙ୍କେ ରୁକ୍ଷଦେହ, ରୁକ୍ଷ ହାସ୍ୟ ବେଶ
ସୁସ୍ଥିର, ସୁତୀବ୍ର ଦୃଷ୍ଟି ଜ୍ଞାନ କର୍ମବେଶ,
ଅତୀନ୍ଦ୍ରିୟ ଧନେ ଧନୀ ମୋହ ବିବର୍ଜିତ
ମଙ୍ଗଳ ବିଶୁଦ୍ଧ ଭାବ, ଆଦର୍ଶେ କଳିତ ।
ଏକ ଅଙ୍କେ ଧରଣୀର ମୋହନ ବିଳାସ
ଅନ୍ୟଅଙ୍କେ ଅକଳନ୍ତ୍ରା ନିଦ୍ରବ ହୁତାଶ,
ବିଳାସ ମଦର ପ୍ରଭୁ; ନ ଲୋଡ଼ଇ ଅନ୍ୟ
ଗମ୍ଭୀର ସେ ରୁକ୍ଷ ମୂର୍ତ୍ତି ହୃଦେଶ ପୂଜା ପାଉ ।

କବିତା ଓ କର୍ତ୍ତବ୍ୟ

ରହି ଯେବେ ଶିର ମମ ପ୍ରିୟତମା କୋଳେ
ସୁଖସ୍ୱପ୍ନ ଦେଖୁଥାଏଁ ପ୍ରେମାବେଶ ଭୋଳେ
ଗଗନ କନକ ଚନ୍ଦ୍ରୁଁ ଯେପରି ନୟନ –
ଧୂଳିଧୂସରିତ ନର ଶିର-ସମାଚ୍ଛନ୍ନ
କହେ, "ଭାଇ ଦିଅ ଯେବେ ଅଛି ଅନ୍ନଜଳ
ଉପବାସେ ପ୍ରାଣ ମୋର ହେଉଛି ବିକଳ";
କଳ୍ପନା-ନନ୍ଦନ-ବନୁଁ ପ୍ରସୂନ ଚୟନ
ବେଳେ, ଯେବେ ଦୁଃସ୍ଥ ପାନ୍ଥ କରେ ସମ୍ବୋଧନ
"ଦୂରାଗତ ପ୍ରବାସୀ ମୁଁ, କହି ଦିଅ ଭାଇ,
ହରାଇଛି ପଥ, କେଣେ ଯିବି ଜାଣେ ନାହିଁ";
ଆରୋହି ଉଦ୍ଧତା-ଗର୍ବ-ଅହମିକା-ରଥେ
ପରିଚ୍ଛନ୍ନ ହୋଇ ଯେବେ ଯାଉଥାଏଁ ପଥେ
ଜନମଧ୍ୟେ ନିଃସହାୟ ବୃଦ୍ଧ ଭାରବାହୀ
କହେ, "ମୋ ମୁଣ୍ଡକୁ ବୋଝ ଦେଇଯାଅ ଭାଇ";
ପ୍ରଭୁ ହେ ! କଲ୍ୟାଣ କର, କରେ ଯେହ୍ନେ ତାହା
ବିଭୋର ମୁହୂର୍ତ୍ତେ ମମ କଳପନା ମାୟା ।

Digitized by srujanika@gmail.com

ନିନ୍ଦୁକ ଓ କବି

ହୃଦବୃନ୍ତେ ମୋର ସ୍ୱପ୍ନ-କଳିମାନ
ଫୁଟି ଉଠେ ବେଳେ ବେଳେ,
ଶୈଳ ବାଡ଼ ମୂର୍ଦ୍ଧ୍ନି ତୋଳି ନ ରଖିଲେ
ଝୁରି ପଡ଼ିଯାଏ ତଳେ ।
ପଡ଼ିଗଲେ ତାକୁ ନ ଦେଖନ୍ତି କେହୁ
ନିର୍ଜନେ ଝାଉଁଳି ଯାଏ,
ତୋଳି ରଖି ବାଣ୍ଟେ ଭାଇ ଭଉଣୀଙ୍କୁ
ସମଧର୍ମୀ ସ୍ନେହେ ଗାଏ ।
କେହୁ କହେ ଭଲ, କେହୁ ମନ୍ଦ କହେ,
ଭିନ୍ନ ରୁଚି ଏ ଭୁବନ,
ଏ କଥା ନ ବୁଝି ନିନ୍ଦା ଶୁଣି କିପାଁ
ଦୁଏ ମୁଁ ନିର୍ଗୁଣ ମନ ?

କେହୁ ପ୍ରଶଂସିବେ, କେହୁବା ନିନ୍ଦିବେ
ଦୁହେଁ ତ ଭଉଣୀ ଭାଇ,
ଉଭୟଙ୍କ ସହ ଅଚ୍ଛେଦ୍ୟ ସମ୍ବନ୍ଧ
କିପାଁ ମନ ବୁଝେ ନାହିଁ !
ଜଗତବାସୀଙ୍କ ମନୁଷ୍ୟତା ସ୍ଫୂର୍ତ୍ତି
ଏ ମୋ କବିତାର ଲକ୍ଷ୍ୟ,
ଯେହୁ ଭଲ କହେ, ଯେବା ମନ୍ଦ କହେ
ବେନିଙ୍କ ରୁଚି ପାର୍ଥକ୍ୟ ।
ମୋ କବିତା ପାଠେ ବିକଶିତ ହୋଇ
ନିଜ ଲକ୍ଷ୍ୟ ଆଡ଼େ ଧାଏଁ
ବିଶେଷେ ନିନ୍ଦୁକଠାରୁ ନିଜ ଦୋଷ
ତ୍ୟାଗର ସୁଯୋଗ ପାଏଁ ।

Digitized by srujanika@gmail.com

ନିନ୍ଦୁକ ବଚନରେ ମନୁଷ୍ୟତା ମୂର୍ତ୍ତି
ଘସାରେ ହୁଅଇ ନାହିଁ,
ଉପକାରୀ ଲମ୍ବ ପର ନିନ୍ଦା, ତେଣୁ
ପ୍ରଣମେ ନିନ୍ଦୁକ ଭାଇ ।
ରତ୍ନୁବକ ହୃତ ପିକ ଗାୟକର
ସମାନ ପ୍ରଶଂସାକାରୀ
ବିପଦ ମରଣ କ୍ରୂର ବାଞ୍ଛାହର
କାକ ସମ ନିନ୍ଦାକାରୀ ।

ପ୍ରିୟତମ

ପାଇଛି ପ୍ରିୟବନ୍ଧୁ, କାହିଁ ରଖିବି ତାକୁ
ଶୈଳ ତଳରେ ହୁଏ ଭୟ,
ବାସର ଶିଯାମାରେ ଘରର ଅବା ବାହାରେ
ତାହାର ଠାରେ ମୋର ଲୟ ।

କଏ ଶୈଶବ ନେବ କାଳେ ମୋ ଜୀବ ଯିବ
କେହ୍ନେ ବଞ୍ଚିବି ତାହା ବିନା,
କାହା କୁଟକେ ପଡ଼ି ବିଗିଡ଼ିଯିବ କାଳେ
ମୋ ପ୍ରାଣ ଭଙ୍ଗିଯିବ ସିନା !
ପାଣରେ ଥାଏଁ ସୁଖେ ପାଖରୁ ଗଲେ ଟିକେ
ମନ ମୋ ହୁଏ ଛନଛନ,
ନେଣ ଅନ୍ତରାଳରେ ହୁଏ ମୁଁ ହାଣ୍ଡିପାଇଁ
ଦେଖିଲେ ଭଲ ଥାଏ ମନ ।
ବିଶ୍ୱାସୀ ଜମାରେ ବି ଶତ୍ରୁ ମୋ ଦକ୍ଷଦକ୍ଷ
କାଅଣ ହୋଇଯିବ ପର,
କଳ୍ପନା ନୟନେ ହିଁ ସେ ରତନ ଅଭାବେ
ଭରିଁ ମୋ ଧୋଇଯାଏ ଧର ।

Digitized by srujanika@gmail.com

ଅତି ସନ୍ତର୍ପଣରେ ସେ ରତ୍ନ ଲଭି ମୁଁ ଯେ
ସଭିଙ୍କି ଡରିଥିବି ଚଳେ,
ହାତେ ମାପି ଗୃହଖଣ୍ଡେ ଗୃହେଲେ ମୁଁ ବିଶ୍ୱବ୍ରହ୍ମାଣ୍ଡେ
ସନ୍ଦେହ କରଣ ସକଳେ ।
ଏତେ ସଂଶୟ ସ୍ୱାମୀ ସହୁ ନ ପାରିବଇଁ
ସନ୍ଦେହ ନାମ ହିଁ ନରକ,
କାହାଠିଁ ରଖିଦେଲେ ଏ ମୋ ପ୍ରିୟ ରତନ
ଗୃହଲ ଯିବ ଏ ଦଣ୍ଡକ ?
ସଭିଙ୍କର ଅଭାବ ଅଛଇ ଏ ସଂସାରେ
ଅଛୁ ସଭିଙ୍କ ଲୋଭ ମୋହ,
ସାଧୁ ସଜ୍ଜନଙ୍କର ଷଡ଼ରିପୁସମୂହ
କରନ୍ତି ସମୟେ ବିଦ୍ରୋହ ।
ପବିତ୍ର ନିର୍ବିକାର ବିଶ୍ୱଚକ୍ଷୁ ପ୍ରଭୁ
ତୁମ୍ଭର ପ୍ରଦତ୍ତ ରତନ
ରଖିଲି ତୁମ୍ଭ ପାଶେ ଯା ଇଚ୍ଛା କର ତାହା
ଯାପିବି ନିଶ୍ଚିନ୍ତ ଜୀବନ ।

ମୋହାନ୍ତେ

ଥିଲି ମୁହିଁ ନିଦ୍ରା ନିମଗନ
ଦେଖୁଥିଲି କେବଣ ସ୍ୱପନ !
କେତେ କ୍ଷଣେ ମୋ ନିଦ୍ରା ଗଲା ଭାଙ୍ଗି
ସେ ସ୍ୱପନ ଅଛୁ ପ୍ରାଣେ ଲାଗି ।
ଦେଖୁଥିଲି କେସନ ସ୍ୱପନ—
ନିଦ୍ରାଭଙ୍ଗେ ହେଲି ବିସ୍ମରଣ,
କିନ୍ତୁ ତା'ର ଅସ୍ପଷ୍ଟ ଆଭାସ
କରିଅଛୁ ସିକ୍ତ ହୃଦଦେଶ ।

Digitized by srujanika@gmail.com

ଅସ୍ପଷ୍ଟ ବିଷାଦମୟ କାୟା
ପ୍ରାଣପଟରେ ପକାଉଛି ଛାୟା,
ବିଷାଦର ବନ୍ୟା ସୁପ୍ରବଳ
ଅନ୍ତ୍ରସ୍ଥା ହେଉଛି ବିକଳ ।
ଉଠୁଅଛି ପ୍ରାଣୁଁ ହାହାକାର
ନ ଜାଣଇ ହେତୁ ମୁଁ ତାହାର,
ବିଗତ ଜୀବନ ଦୁଃଖରାଶି
ଆସୁଛି କି ସ୍ମୃତି-ସ୍ରୋତେ ଭାସି ?
ହୃଦସ୍ଥିତ ବିରହର ବଂଶୀ-
ସ୍ୱନ ପ୍ରାଣ ଅଛି କି ସ୍ପରଶି ?
ଅବା ପ୍ରାଣ-ଗମ୍ଭୀର ପ୍ରଦେଶ
ତୀକ୍ଷ୍ଣ ଶଲ୍ୟ କରୁଛି ପ୍ରବେଶ,
ଯାଉଛି ରୁଧିର ଧାର ବହି
ଯାତନା ମୁଁ ନ ପାରଇ ସହି ।
ଏତେବେଳେ ହେଲା ମୋ ସ୍ମରଣ
ନିଦାରୁଣ ବିଷାଦ କାରଣ ।

ପଢୁଥିଲି ପ୍ରଣୟ-ଚରିତ
ସୁଧାରସେ ଅନ୍ତର ଥିଲା ରତ ।
ଶେଷେ "ବିଷକୁମ୍ଭ ପୟୋମୁଖ"
ଦେଖି ପ୍ରାଣେ ନିଦାରୁଣ ଦୁଃଖ ।
ଜଣକର ବିମଳ ପ୍ରଣୟ
ଆନ ଅବିଶ୍ୱାସ ବିଷମୟ ।
ପଢ଼ି ପଢ଼ି କୃପା-ହାହାକାରେ
ହୋଇଥିଲି ନିମଗ୍ନ ନିଦ୍ରାରେ ।
ବିଷାଦ କାହାଣୀ ଭଗବାନ
ଶୁଣାଇଲ; ଦୁର୍ବଳ ପରାଣ
ସହିବଇଁ ଭାର ବିଷାଦର
ବଳଦାତା ! ବଳ ଦାନ କର ।

Digitized by srujanika@gmail.com

କ୍ଷମା

ଗଲଣି ତ ଗଲକଥା ପ୍ରାଣେ ତା' ଦାରୁଣ ବ୍ୟଥା
ପୋଡ଼ୁଯାଏ ବେଦନାରେ ଅଙ୍ଗ,
ନ ଜାଣି ଖସିଲା ଗୋଡ଼ ଅନ୍ୟରେ ଯାତନା ବଡ଼
ଘୃଣାରେ କି ତେଜିବ ତା ସଙ୍ଗ ?
ଅସତର୍କେ ଯେବେ ତୋର ହୋଇଗଲା ଥରେ ଭ୍ରମ
କାହାର ଏ ଦଣ୍ଡେ ନାହିଁ ଭ୍ରାନ୍ତି ?
ଆସ ତୋ ତପତ ପ୍ରାଣେ ସିଞ୍ଚିବି କରୁଣା ବାରି
ଶ୍ମଶାନେ ଗଢ଼ିବ ସୁଖ ଶାନ୍ତି ।
ଏ ଭବ ଗହନ ବନେ ବିପନ୍ନ ପଥିକ ରୁଗ୍ଣ
ଭେଟିଣ ପୁଚ୍ଛଇ ଯେବେ ପଥ
ତେଜି ଘୃଣା ଧର ହସ୍ତ କଢ଼ାଇ ନେବଣି ପଥ
ନୋହିଲେ ସେ ପ୍ରାଣୀ ହେବ ହତ ।
ହାତ ବୁଲଇଣ ଦେହେ ଘୁଞ୍ଚାଇବ ରୋଗକଷ୍ଟ
କାଳେ ରୋଗୀ ଲଭିବ ଆରୋଗ୍ୟ,
ମାନସିକ ବ୍ୟାଧି ତାର ତ୍ରୁଟି ଅସ୍ଥା ହେତ ସାର
ହେନ ସେ ପଙ୍କଜ ଦେବଯୋଗ୍ୟ ।
କରନ୍ତୁ ସେ ମହା ଭୁଲ୍ ତେଜି ତେଜି ଦ୍ୱେଷଘୃଣା
ପୀଡ଼ିତର ଔଷଧି ପ୍ରହାର ।
ଅଜ୍ଞାତେ ସେ ମୁଗ୍ଧାବାଳା ଅମୃତେ ଗରଳ ହେଲା
ମୋହ ମାୟା ନାହିଁରେ କାହାର ।
ବିଶ୍ୱାସଘାତିନୀ ମୂଢ଼ା ! ରଖ ରଖ ଖୋଲଖଣ୍ଡା
ଭୁଲ ଦଣ୍ଡେ କରନ୍ତୁ ସେ କ୍ଷମା
ତୁମ୍ଭ ହାତେ ନିଜ ସ୍ୱର୍ଣ୍ଣ ମଣିନ୍ତି ସେ ପ୍ରିୟତମ
ନାହିଁ ଆଉ ପ୍ରିୟ ତୁମ୍ଭ ସିନା ।
ଦେଖ ଭ୍ରାନ୍ତ ପ୍ରାଣେ ତାର ପଙ୍କେ ପଦ୍ମପୁଷ୍ପ ପ୍ରାୟ
ବିରାଜଇ ଦେବତ୍ୱ ମହାନ,
ଜାଣିବା ଏ ବନ୍ଧୁ କୃପା ଷଣ ତୀବ୍ର ଅନୁତାପ
ସ୍ୱର୍ଗେ ତାକୁ କରିବ ଉତ୍ଥାନ ।

Digitized by srujanika@gmail.com

"Nothing so defileth and entangleth the heart of man as the impure love of things created."

Christ.

ପବିତ୍ରତା

ଶୁଣ ନାଥ ! କହିବି ଅଜ ହୃଦୟବାରତା ମମ
ଅନ୍ତରର ଦୁଃସହ ଯାତନା,
ନ କହିବ କଥାରେ ତା' କହିବ ଗ୍ରୀଷ୍ମତନେଜ
ଘୃଣାଭରେ ଗୃହେ ପଳାଅନା ।
ଯେତେବେଳେ ଯାଅ ସତ ! ଦେଖିଲ ମାନବକେ ମୋତେ
ହାଣେ ମୋର ତୀକ୍ଷ୍ଣ ଶର ବାଜେ,
ନମା ଚରନେ ଦୋଷାରୋପ କର ; ମୁଁ ଅପୂତ ନେଜ—
ଭାବ ମିଯ୍ରମାଣ ହୁଏଁ ଲାଜେ ।
କେଉଁଦିନ ଅଗୋ ସତ, କହିବ ସୁପବିତ୍ର ଶିକ୍ଷ
ପ୍ରାଣଶୁଦ୍ଧି ବାହାରିବ ନେନେ
ଦେଖିଲେହେଁ ସତୀ ସାଧ୍ୱୀ ନିର୍ଭୟେ ନିଃଶଙ୍କ ମନେ
ଆସି ଟିଅ ହେବେ ସମକ୍ଷେନେ ।

କି ଅପୂତ ଭାବ ମମ ଅଛୁ ଏ ନୟନକୋଣେ
ନେଜଭଙ୍ଗୀ ଭାଷାରୁ ପ୍ରବଳ,
ହୃଦ ଅନ୍ତ-ସ୍ଥଳ-ଭାବ ମରଦେହ ଅତନ୍ମି
ଠିଲେ ନେନେ ଧଣେ ଜଳ ଜଳ ।
କହିଲେହେଁ ଭଲ କଥା,କଲେହେଁ ନାନା ବାହାନା
ହୃଦେ ପାପକୀଟ କଲବଲ
ଗୁହିଲେ ମହିଳା ମୁଖେ ସତୀ ତା' ବୁଝେ ନୟନେ
ଲୁଚେ, ମନେ ହସି ଖିଲ୍‌ଖିଲ୍ ।
ରେ ନିର୍ଲଜ ପ୍ରାଣ ମମ ! ନ ସହ ଏ ଅପମାନ
ଶୁଦ୍ଧ କର ଶୁଦ୍ଧ କର ମନେ,
ପବିତ୍ର ସୁନ୍ଦର ହେଲେ ଅନ୍ତରତମ ପ୍ରଦେଶ
ଛାୟା ତାର ପଡ଼ିବ ନୟନେ ।

Digitized by srujanika@gmail.com

ସେତେବେଳେ ଜାଣ ନିଷ୍ଠେ ଗଲେ ତୁ ସତୀସମାଜେ
ଦେଖି ସେ ନ ପଳାଇବେ ଘର,
ପ୍ରକୃତ ମନୁଷ୍ୟ ବୋଲି—ପୂତମନା ଭ୍ରାତା ବୋଲି
କରିବେ ରେ ସେନେହ ଆଦର ।
ପବିତ୍ର ସୁନ୍ଦର ବନ୍ଧୁ ପବିତ୍ର ବିଶ୍ୱସଂସାର
ନୀଳନଭ ସୁନ୍ଦର ପବିତ୍ର,
ତଳତଳ ନୀଳନୀର ନିର୍ମଳ ସୁନ୍ଦର ପୂତ
ବୃକ୍ଷଲତା ପବିତ୍ର, ବିପିନ ।
ତହୁଁ ବଳି ସତୀ ପ୍ରାଣ ସୁନ୍ଦର ପବିତ୍ରତର
ଛୁଅଁ ନା ଛୁଅଁ ନା ପାପ ରକ୍ଷେ,
ହୃଦୟ ପବିତ୍ର କର ପବିତ୍ର ନୟନ ଧର
ବୁଲ ଏହି ଧରଣୀର ବକ୍ଷେ ।
ପବିତ୍ର ସୁନ୍ଦର ହର ! ଏ କଳୁଷରାଶି ହର
ମନ ମୋର ହେଉ ସୁପବିତ୍ର,
ନୟନ ବାହାରେ ମୋର ଅନ୍ତରତମ ପ୍ରଦେଶୁଁ
ପ୍ରତିଫଳୁ ସୁନ୍ଦର ଚରିତ୍ର ।

ଉତ୍କଳ-ଭାରତୀ

ଉତ୍କଳଭାରତ ! ତବ ନିକୁଞ୍ଜେ ନିଭୃତ
ବଲେ କୁହୁରତ କେତେ କବି ପରଭୃତ ।
ପଢ଼ିଲେ ଅଯୋଧ୍ୟା ଲଙ୍କା ବିଷମ-ସମର
ଦୁର୍ଜୟ ମହାଘୋରାହବ କୁରୁ-ପାଣ୍ଡବର,
ରାମ ଲକ୍ଷ୍ମଣଙ୍କ ଶୌର୍ଯ୍ୟ-ସଂଯମ-ସଙ୍ଗୀତ
କୌଶଲ୍ୟା-ସୁମିତ୍ରା-ସୀତା-ସତୀତ୍ୱ-ଚରିତ,
ଭୀଷ୍ମ-ଦ୍ରୋଣାର୍ଜ୍ଜୁନ-ଅଭିମନ୍ୟୁ-ବୀର୍ଯ୍ୟ କଥା
କୃଷ୍ଣ-ଯୁଧିଷ୍ଠିର ନ୍ୟାୟ ସତ୍ୟର ବାରତା,
ନଳ-ଦମୟନ୍ତୀ, ସତ୍ୟବାନ-ସାବିତ୍ରୀର,
ହର-ଗୌରୀ ବିଷ୍ଣୁ-ଲକ୍ଷ୍ମୀ ସୁମଧୁର ଗିର,

Digitized by srujanika@gmail.com

ଦେବାସୁର-ଯକ୍ଷ-ନାଗ-ଗନ୍ଧର୍ବ-କିନ୍ନର
ଦେବର୍ଷି-ବ୍ରହ୍ମର୍ଷି-ରାଜଋଷି ନିରନ୍ତର
ଗାଉଛନ୍ତି କେତେ ତବ କଳକଣ୍ଠ ଗୀତ;
ଅଛି ତବ ନିକୁଞ୍ଜରେ ବିଭବ ଅଧିକ—
ବେଦାନ୍ତର ବ୍ରହ୍ମତତ୍ତ୍ୱ ଆତ୍ମା ପରମାତ୍ମା
ପ୍ରଭୃତି ଅଛନ୍ତି ପଞ୍ଚସଖାଦି ମହାତ୍ମା,
କର୍ମଗାଥା ରାମାୟଣ ମହାଭାରତର
ଜୀବାତ୍ମା ପରମାତ୍ମା ଜ୍ଞାନ ଷଡ଼ ଦର୍ଶନର,
ଅଷ୍ଟାଦଶ ପୁରାଣର ଗଭୀର ଭକତି-
ଭଣ୍ଡାରେ ସଞ୍ଚିତ ତବ ଉତ୍କଳ-ଭାରତୀ !
ବୌଦ୍ଧଧର୍ମ-ସାମ୍ୟ-ମୈତ୍ରୀ-ପ୍ରାଣିହିତ-ଗୀତି
ତୋ' ଶ୍ୟାମଳ କୁଞ୍ଜେ ମାତଃ ! କରେ ନିନାଦିତ
"ମହିମାଧର୍ମ"ର ଏକେଶ୍ୱରବାଦାମୃତ
ପଞ୍ଚସଖା ଭକ୍ତିଗୀତେ ତୋ ନିକୁଞ୍ଜ ପୂତ ।
କିନ୍ତୁ ବାମ-ଗୀତେ ମତ୍ତ ଉତ୍କଳ-ସନ୍ତାନ
ଅଧରସ ମଦରସକୁ କରୁଛନ୍ତି ପାନ ।

ଶୁଭୁଅଛି ମାତଃ, ସୁମଧୁର ବଂଶୀ ସ୍ୱନ
ବିଳାସୀ-ରସିକଜନ-ମନବିମୋହନ ।
କେବେ ମା ଶୁଭିବ ଦେବପୂଜା ଶଙ୍ଖ ସ୍ୱନ,
ଭେରୀ ଦୁନ୍ଦୁଭିର ଘୋର ଗମ୍ଭୀର ଗର୍ଜନ ?
ଶିଶୁ ସମ ବାଲ୍ୟୋଚିତ ସଙ୍ଗୀତେ ମୋହିତ
କେବେ ହେବୁ ମହାରାଣୀ ମୁକୁଟମଣ୍ଡିତ,
ଉନ୍ନତି-ସାହିତ୍ୟ ସହ ବସି ଏକାସନେ
ବୀରମାତା ସମ ହାସ୍ୟମୁଖେ ହୃଷ୍ଟମନେ ?
ଯେସନେ ଦ୍ରୋଣଗୁରୁଠାରୁ ଅସ୍ତ୍ରଶସ୍ତ୍ର ଶିକ୍ଷା
ସାଙ୍ଗ କରି ଦେଲେ ଶୌର୍ଯ୍ୟବୀର୍ଯ୍ୟର ପରୀକ୍ଷା
କୌରବ ପାଣ୍ଡବଗଣ ଅପୂର୍ବ, ଅଦ୍ଭୁତ
ବୀରମାତା କଲେ ନେତ୍ରୁଁ ଆନନ୍ଦାଶ୍ରୁଚ୍ୟୁତ ;

Digitized by srujanika@gmail.com

ତେବେ ଦେବେ ତବ କୋଟି ନିଦ୍ରିତ ସନ୍ତାନ
ସେହିପରି ଜନନୀ ଗୋ ! ପରୀକ୍ଷା ପ୍ରଦାନ ?
ଅଛୁ ତୋ ନିସର୍ଗ-ଶକ୍ତି ନୋହୁ ତୁହି ଦୀନା
କେବଳ ପ୍ରତିଭାଶାଳୀ ସୁପୁତ୍ରବିହୀନା ।
କିନ୍ତୁ ମାତଃ ! ସବୁଦିନେ ଥିବୁ କି ଏପରି
ନୋହିବୁ କି ବୀରକବିମାତା ରାଣୀ ସରି ?
ଉଠ ହେ ଉତ୍କଳବାସି ! ପାହନ୍ତି ରଜନୀ
ନିଖିଳ ଜଗତୁଁ ଆସି ଅଛଇ ବରଣୀ,
ପ୍ରାଚ୍ୟ-ପ୍ରତୀଚ୍ୟର ଏହି ସମନ୍ୱୟସ୍ଥଳେ
ନବସାହିତ୍ୟର ଜନ୍ମ ହେଉ ଏ ଉତ୍କଳେ,
ମହାକାବ୍ୟ ଇତିହାସ ବିଜ୍ଞାନ ଦର୍ଶନ
କରୁ ତବ ଗୃହ ତନୁ ମାତଃ ! ବିମଣ୍ଡନ ।
ବୁଝନ୍ତୁ ମା ଉତ୍କଳୀୟେ ଜାତୀୟ-ଜୀବନ
ଜାତୀୟ ସାହିତ୍ୟ ବିନା ନ ହୁଏ ଗଠନ ।
ଜ୍ଞାନୀ ଦେଉ ଜ୍ଞାନ, ଭକ୍ତ ଭକ୍ତି, ଧନୀ ଧନ
କରନ୍ତୁ ଉତ୍କଳବାସୀ ସାହିତ୍ୟ ଗଠନ ।
"ଜ୍ଞାନ ପ୍ରୀତି, ଧର୍ମ ସଙ୍ଗେ ବିଷୟ ଉନ୍ନତି
ପ୍ରକୃତ ଉନ୍ନତି" ଏହା ଘୋଷ ମା ଭାରତି !

ନବଯୁଗ

ନବଯୁଗେ ନବ ସାଜେ ସାଜି ବୀରବେଶେ
ନବଧ୍ୱଜା ଧରି କରେ ଉନ୍ନତି ଉଦ୍ଦେଶେ
ସର୍ବ ଧରା ଅଧିବାସୀ ନବ ତାନେ ଗାଇ
ନବୀନ ଉତ୍ସାହେ ମାତି ଦେଖ ଯାନ୍ତି ଧାଇଁ ।
ହେ ଉତ୍କଳ ! କିପାଁ ତୁହି ଧୂଳି-ଧୂସରିତ,
ନବୀନ ପ୍ରଭାତେ କାହିଁ ମୂକବତ ସ୍ଥିତ ?
ନାହିଁ କିଛି ନବଗୀତ କଣ୍ଠେ ହେ ପତିତ !
ନବ ଜ୍ୟୋତି ହେଉନାହିଁ ନେତ୍ରେ ଉଦ୍ଭାସିତ ?

Digitized by srujanika@gmail.com

ତୋ ଚରଣ ଚୁମ୍ବି ଗାଏ ଅସୀମ ସାଗର
କଳ କଳତାନେ ନଦୀ ବହେ ତୋ ବକ୍ଷର,
ଲତାଦୋଳାସନେ ବସି ବନଦେବୀଗଣ
ଗିରିବନେ ଗାଆନ୍ତିରେ ବିଶଦ ଗାୟନ,
ଦେଖୁନାହିଁ ହା ନାସ୍ତିକ ! ସୁନ୍ଦର ମହାନ
ତେଣୁ ତୋ ନୀରବ କଣ୍ଠୁ ନ ଉଠଇ ତାନ ।
ସର୍ବ ସୃଷ୍ଟି ପ୍ରାଣରୂପୀ ଯେଉଁ ଭଗବାନ
ଖଣ୍ଡ ଖଣ୍ଡ କର ତାଙ୍କୁ ଦେଖୁ ଅନ ଅନ,
ନୀତିରୁ ଧର୍ମକୁ କର ବିଚ୍ଛିନ୍ନ ବିଭିନ୍ନ
ବୃଥା ବାହ୍ୟ କ୍ରିୟାକାଣ୍ଡେ ରତ ନିଶିଦିନ ।
ମାନବ ଆତ୍ମାର ସାର ସ୍ୱାଧୀନତା ଧନ
ଗୁରୁ ପୁରୋହିତ କରିଅଛନ୍ତି ହରଣ,
ସହସ୍ର ବର୍ଷର କୁସଂସ୍କାର ଏକତ୍ରିତ
ହୋଇ ଶିରେ, କରେ ତୋତେ ନତ, ଭୂଲୁଣ୍ଠିତ ।

ଲମ୍ପଟତା, କପଟତା, ମିଥ୍ୟା; ଲୋକଭୟ
ଅନ୍ତଃସାର କରିଅଛୁ ତୋହର ହୃଦୟ ।
ପ୍ରକୃତି, ସମାଜ ପୁଣି ମାନବର ଆତ୍ମା
ମଧ୍ୟେ ପ୍ରକାଶିତ ଏକ ଅଖଣ୍ଡ ପରାତ୍ମା ।
ଜାତିଭେଦ ଜଡ଼ପୂଜା କର୍ତ୍ତବ୍ୟହୀନତା
ଅପଭୟ ତେଜି, ପୂଜ ମହାନ ଦେବତା ।

ନବବର୍ଷେ

ରହୁଁ ରହୁଁ ପୁଣି ବର୍ଷେ କାଳ-ପାରାବାରେ
ନୀରବେ ଉଭେଇ ଗଲା ବୁଦ୍‌ବୁଦ ଆକାରେ ।
ଅଜ୍ଞାତେ ଜୀବନସ୍ରୋତେ ଆସୁଥିଲି ଭାସି,
ଚମକି ପଡ଼ିଲି ଅଜ୍ଞ ବର୍ଷଶେଷେ ଆସି ।

Digitized by srujanika@gmail.com

ଆଜି ମନେ ପଡ଼େ ମୋର ବିଗତ ବତ୍ସର
ତା ସଙ୍ଗେ ଅତୀତ-ଗର୍ଭେ ଯୁଗଯୁଗାନ୍ତର ।
ଶୁଭେ ହୃଦ ପଶ୍ଚାତରେ ବିଷାଦ ସଙ୍ଗୀତ,
ଅଭିହାହାକାର ମର୍ମ୍ମେ ହୁଅଇ ଉତ୍‌ଥିତ ।
ଅତୀତ ବର୍ଷରେ ଯେତେ ଭଗ୍ନ ସ୍ତୂପରାଜି
ବ୍ୟର୍ଥ ଆଶା ପ୍ରାଣେ ତୀବ୍ର କ୍ଲେଶ ଦିଏ ଆଜି ।
ମଳିନ ହିମାଂଶୁ କାନ୍ଦେ ପଶ୍ଚିମାଶା ତଟେ
ଅଙ୍କିତ ଅତୀତ-ମୃତ-ଶବ ସ୍ମୃତିପଟେ ।
କିନ୍ତୁ ସମ୍ମୁଖରେ କର ନବ ଉଦ୍ଭାସିତ
ପ୍ରାଚୀକୋଳେ ବାଳଭାନୁ ଉଦ୍ଦାମେ ଉଦିତ ।
ମଧୁ ବ୍ରୀଡ଼ାନତ ନେତ୍ରେ ମୁଗ୍ଧା ଦେବବାଳା,
ଲମ୍ବାଇ ପ୍ରଣୟୀ ଗଳେ ବରଣର ମାଳା
ନବୀନ ଭବିଷ୍ୟ ଗେହେ ନବୀନ ଜୀବନ
ନବ ପରିବାର ଆଣେ କରେ ଆୟୋଜନ ।
ଦେଖିଣ ଏ ମଧୁମେଳ ମୋହିତ ମୋ ମନ
ପୂର୍ବ କ୍ଷୋଭ ବିସ୍ମୃତିର ନୀରେ ନିମଗନ ।

ଦେଖିଲି ବିବାହୋତ୍ସବେ ସର୍ବ ସଖୀଗଣ
ଉତ୍କଳେ ନ ଦେଖି କ୍ଷୁବ୍ଧ ହେଲ ପୁଣି ମନ ।
ପୁଚ୍ଛିଲି ପଥିକବରେ କହପାର ଭାଇ,
ଉତ୍ସବେ ଉତ୍କଳ ମାତା କିପାଁ ଆସିନାହିଁ ?
ବୋଇଲେ, "ଉତ୍କଳ ହୋଇଅଛି ଅଙ୍ଗହୀନା
ଗଞ୍ଜାମ, ସମ୍ବଲପୁର, କାନ୍ତିରୁ ବିଚ୍ଛିନ୍ନା" ।
ଭାବିଲି କିଏ ସେ ଅଛି ଏ ମହୀମଣ୍ଡଳେ
ପୂର୍ଣ୍ଣାଙ୍ଗ ନବୀନ ବଳ ଦେବ ମା ଉତ୍କଳେ ?

Digitized by srujanika@gmail.com

ଖଣ୍ଡଗିରି

ନିଭୃତ ନିର୍ଜନ ଏହି ପୁଣ୍ୟ ଖଣ୍ଡଗିରି
ଥିଲା ଦିନେ ଏ ଗିରିର କିବା ପୁଣ୍ୟ ଶିରୀ !
ଶ୍ରମଣ ବେଶରେ କେତେ ନୃପତି କୁମରେ —
କେତେ ବୌଦ୍ଧଭିକ୍ଷୁ ବସି ଏ ଗିରି କନ୍ଦରେ,
ଅଚଳ, ଅଟଳ ଅଦ୍ରି ତୁଲ୍ୟ ଯତିବେଶେ
ସାଧିଲେ ନିର୍ବାଣ ତତ୍ତ୍ୱ ଏହି ଦିବ୍ୟଦେଶେ,
କୋଟିକଣ୍ଠ-କଳକଳେ ପର୍ବତକନ୍ଦର
କୁହରିତ କରୁଥିଲା "ଲଳିତ ବିସ୍ତର ।"
ମଧୁର ମହାନ ଗୀତେ, ଶତକଣ୍ଠ ଶବ୍ଦ
ଶୁଣି ଏଣାଏଣୀଗଣ ହେଉଥିଲେ ସ୍ତବ୍ଧ ।
କାହିଁ ଯାଇଛନ୍ତି ବୌଦ୍ଧ ଋଷିଯୋଗୀ ଆଜି
ମଉନ ବିଷଣ୍ଣ ଅହା ଗିରିବନବକ୍ଷ ।
କାହିଁ ଗଲା ଗୌତମଙ୍କ ମହାଧର୍ମ ଦୀକ୍ଷା
'ଅହିଂସା','ପୁରୁଷକାର','ସାମ୍ୟ', 'ମୈତ୍ରୀ' ଶିକ୍ଷା,
ଶିଳାଖୋଳା ବଳମାଳା କିବା କ୍ଷୁଦ୍ର ଗୁମ୍ଫା
ସେ ପୂତ ସଂସ୍ପର୍ଶେ ହୋଇଥିଲା ପୁଣ୍ୟେ ଭରି
ଅପାର୍ଥିବ ପୁଣ୍ୟ ଧୂଳି ସ୍ତୂପ ସହ ସ୍ମୃତି
ହେଇ କରିଥିଲା ତାହା ମୁକୁଟମଣ୍ଡିତ ।

ଚାଲିଗଲା ପୁଣ୍ୟ ପ୍ରାଣ, ରହି ଜଡ଼କାୟା
ଯୁଗଯୁଗାନ୍ତର ବହିଅଛି ଶୂନ୍ୟମାୟା ।
ଏ ପୁଣ୍ୟ ସମାଧି-କ୍ଷେତ୍ରେ ହେ ଉତ୍କଳବାସି !
ବସି ପିତୃପୁରୁଷଙ୍କୁ ସ୍ମରଯାଅ ଆସି ।
ବୃଥା କି ରହିବ ପଡ଼ି ଏ ପୂତ ଶ୍ମଶାନ
ନ ହେବକି ବୀରଭକ୍ତ ଜ୍ଞାନୀଙ୍କ ଉତ୍ଥାନ ?
"ଉତ୍ତିଷ୍ଠ" ବୋଲିଣ ଆସ୍ଥା ଗାଢ଼ ହେ ଚହଳ
ପ୍ରବୁଦ୍ଧ ଜାଗ୍ରତ ହେଉ ପତିତ ଉତ୍କଳ !

Digitized by srujanika@gmail.com

ନବ ନୀଳାଚଳ

"ସବେ ହୋଇବେ ଏକାକାର
ନ ଥିବ ବେଦର ବିଗ୍ଭର" ।

—ଭାଗବତ ।

ପୁରାଣ ପବିତ୍ର ଥିଲା ନୀଳାଚଳଧାମ,
ଭୂଭାରତେ ଧର୍ମବୀର ଖ୍ୟାତ ଯାର ନାମ ।
କାହିଁ ଗଲା ଗୌତମଙ୍କ ମହାଧର୍ମ ଦୀକ୍ଷା—
"ଅହିଂସା ପରମ ଧର୍ମ" ଏ ମହତୀ ଶିକ୍ଷା ।
ଆଚଣ୍ଡାଳ ବ୍ରାହ୍ମଣ ହିଁ ସମସ୍ତେ ସମାନ
ବାସନା ବିନାଶେ ନର ଲଭଇ ନିର୍ବାଣ ?
ସ୍ୱାର୍ଥାନ୍ଧ ଦ୍ୱିଜାତିଙ୍କର କ୍ରୂର ନୀତିବଳେ
ଭେଦନୀତି ହେଲା ପୁଣି ସ୍ଥାପିତ ଉତ୍କଳେ ।

କାହିଁ ଗଲା ଗୌତମଙ୍କ ବରେଣ୍ୟ ନିର୍ବାଣ
ଶଙ୍କରାଚାର୍ଯ୍ୟଙ୍କ ତତ୍ତ୍ୱ ବେଦାନ୍ତ ମହାନ ?
ବ୍ରହ୍ମଙ୍କ ଶଙ୍କରାଚାର୍ଯ୍ୟ ବିଶ୍ୱାସୀ କବୀର
ଶ୍ରୀଚୈତନ୍ୟ, ରାମାନନ୍ଦ ଆଦି ପ୍ରେମବୀର;
ହରିଦାସ, ଜଗନ୍ନାଥ, ତୁଳସୀ, ଅଚ୍ୟୁତ
କରିଥିଲେ ଏହି ଭୂମି ଜନ୍ମୀବିତ ପୂତ ।
ନିଖିଳ ଭାରତେ ଶ୍ରେଷ୍ଠ ଠାବ ଏ ଉତ୍କଳ
ଥିଲା ଜ୍ଞାନ-ପୁଣ୍ୟ-ଭକ୍ତି-ସମନ୍ୱୟ ସ୍ଥଳ ।
ସମଗ୍ର ଭାରତେ କରେ ଭ୍ରାତୃତ୍ୱେ ବନ୍ଧନ
ଶ୍ରୀକ୍ଷେତ୍ର କରଣ ସାମ୍ୟଧର୍ମ ସଂରକ୍ଷଣ ।
ଶତବୀର ଶିଳ୍ପୀ କବି ଭକ୍ତ ଯେଉଁ ଦେଶେ
ଜନ୍ମିଲେ, ପତିତ ସେହି ଅହା ଦୀନବେଶେ !
ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ,
ଅରକ୍ଷିତ ଦାସ, ବୀରସିଂହ, ଯଶୋବନ୍ତ,
ଏ ପୁଣ୍ୟ ଉତ୍କଳେ ଜନ୍ମି ଭୂମି ଗ୍ରାମେ ଗ୍ରାମେ
ପଗ୍ଭର ପବିତ୍ର କଲେ ପରଂବ୍ରହ୍ମ ନାମେ ।

Digitized by srujanika@gmail.com

ସାମ୍ୟ ଆଲୋକରେ ଦୀପ୍ତ ଉତ୍କଳମଣ୍ଡଳ
ପଡ଼ିଗଲା ସଙ୍କୀର୍ଣ୍ଣତା କରାଳ କବଳ !

ପ୍ରାଚୀନ ଭାରତେ ତାର ଥିଲା ଯେଉଁ ସ୍ଥାନ
ଫେରିବ କି ଉତ୍କଳର ସେ ମହା ସମ୍ମାନ ?

ଶ୍ରେଷ୍ଠ ତୀର୍ଥ ହେବ ଏହା ନବ ଯୁଗ ଧର୍ମେ
ଜଗତ-ଆଦର୍ଶ ଜ୍ଞାନ-ପୁଣ୍ୟ-ଯୋଗ କର୍ମେ ?

ଅଭ୍ରଭେଦୀ ସୁବିଚିତ୍ର ଉତ୍ତୁଙ୍ଗ ମନ୍ଦିର
ଖଣ୍ଡ ଦେବତାଙ୍କୁ ପୂଜୁଥିଲା ସେ ଯୁଗର ;

ମାନବ ମାନସ ପୀଠ ମହାନ ବିଚିତ୍ର
ସତ୍ୟ-ଶିବ-ସୁନ୍ଦରର ପ୍ରତିମା ପବିତ୍ର

ହେବ ଏ ଦେଶୀୟଙ୍କର, ଦିଗଦିଗନ୍ତରେ
ପ୍ରଚାରିତ ହେବ ତାହା ଅବନୀ ମଧ୍ୟରେ ?

ନବଯୁଗେ ନବତୀର୍ଥ, ନବ ଧର୍ମବଳ,
ଧରି ହୃଦେ ବିରାଜିବ ନବୀନ ଉତ୍କଳ ?

ପୁରାଣ ଶ୍ରୀକ୍ଷେତ୍ର ହେବ ନବତୀର୍ଥସ୍ଥଳ
ଦିଗଦିଗନ୍ତରଗତ ଯାତ୍ରୀରେ ଗହଳ ।

ଆସିବ କି ସେହି ଶୁଭଦିନ ଏ ଉତ୍କଳେ
ବୌଦ୍ଧ, ବୈଷ୍ଣବ, ଶୈବ, ଜୈନ ଏ ସକଳେ
ମହାସମନ୍ୱୟ ଧର୍ମେ ହସ୍ତ ଧରାଧରି
ହୋଇଣ, ଦେଖିବେ ବିଶ୍ୱମୟ ଏକ ହରି ?
"ସର୍ବେ ହେବେ ଏକାକାର, ନ ଥିବ ବେଦର
ବିଚାର" ଏ ବାଣୀ ସତ୍ୟ ହେବ କି ଶାସ୍ତ୍ରର ?
ଉପଧର୍ମ କୁସଂସ୍କାର ଜାତିଭେଦ ଜ୍ଞାନ
ପବିତ୍ର ଉତ୍କଳୁଁ ଦୂରେ କରିବ ପ୍ରୟାଣ ?
ଉତ୍କଳୀୟେ ଏକଜାତିରୂପେ ପରିଣତ
ହୋଇ ଜଗତରେ ପୁଣି ହେବେ ସୁମହତ ?
ସକଳ ଉତ୍କଳ ପୁଣି ନିଖିଳ ଭାରତ
ବିଶାଳ ଧରଣୀ ସଙ୍ଗେ ହେବ ସୁମହତ ?
ଜ୍ଞାନ, କର୍ମ, ପ୍ରେମେ ଭାରତୀୟେ ସମୁନ୍ନତ
ସାଧିବେ ସୁସଭ୍ୟ ଜାତି ସଙ୍ଗେ ବିଶ୍ୱହିତ ?

Digitized by srujanika@gmail.com

ସିନ୍ଧୁପ୍ରତି

ଉଦାର ପବନ ସ୍ୱଚ୍ଛ ଗଭୀର ଗମ୍ଭୀର
ଅନନ୍ତ ଅସୀମ ଭୂମା ଅଗମ୍ୟ ଅଲଙ୍ଘ୍ୟ
ଅକ୍ଷୟ ଅମର ଚିର ଅଜେୟ ଅପାର
ବିଶାଳ ନୀଳୋର୍ମିମାଳା ଉଦ୍ଦାମ ଉନ୍ମତ୍ତ
ଉତ୍ତୁଙ୍ଗ ତରଙ୍ଗୋଚ୍ଛ୍ୱାସୀ ଅଭ୍ରଭେଦୀ ଶିର,
ନଭଶ୍ଚୁମ୍ବୀ-ଅମ୍ବୁରାଶି-କଲ୍ଲୋଳବିଳାସୀ
ବୀଚିମାଳ କଳକଳ ତରଳ ଚପଳ
ଫେନିଳ ଚଞ୍ଚଳ ଚଳ କୋମଳ ମୃଦୁଳ,
ଟଳ ଟଳ ଢଳ ଢଳ ଉଚ୍ଛଳ କମ୍ପଳ
ଅତଳ ଅକୂଳ ଭୀମ ଦୁର୍ଗମ ଦୁଃସହ
ଚକ୍କଣ ବନ୍ଧୁର ଉଚ୍ଚ ନୀଚ ବହୁରୂପୀ
ରେ ସିନ୍ଧୁ ! କି ମହାଭାବେ ତୁ ଅନୁପ୍ରାଣିତ ?
କି ଗୂଢ଼ ଉଦ୍ଦେଶ୍ୟ ସଦା ହେ ରହସ୍ୟମୟ !
ଧରଣୀ-କର୍ଣ୍ଣରେ କହୁ ନିରତେ କି ବାର୍ତ୍ତା ?

ମହୀ-ଦେହେ ମୁଣ୍ଡ ପିଟି ଫେଡ଼ୁ କି ରହସ୍ୟ ?
ଉନ୍ମତ୍ତ ଧୂର୍ଜଟୀ ସମ ପ୍ରଳୟ-ପ୍ରୟାସୀ
ପ୍ରଚଣ୍ଡ ତାଣ୍ଡବ ନୃତ୍ୟେ ପ୍ରକାଣ୍ଡ ବ୍ରହ୍ମାଣ୍ଡ
ମତାଇବୁ କେତେ ଅହା କେତେ ପୁରାତନ
ତୋର ଏହ ବର ବପୁ ଯୁଗଯୁଗାନ୍ତର
ପ୍ରକାଶିତ ନୀଳାକାଶ ତଳେ ନୀଳସିନ୍ଧୁ !
କେତେ ରତ୍ନ, ମୁକ୍ତା, ମଣି, ମାଣିକ୍ୟ, ପ୍ରବାଳ,
ସଞ୍ଚିତ ହେ ରତ୍ନାକର ତୋ ମହା ଉଦରେ !
କେତେ କେତେ ଜାତି, କେତେ ସାମ୍ରାଜ୍ୟ, ନଗରୀ
ତୋ ଜଳ ବୁଦ୍‌ବୁଦ୍ ସମ ତୋ ପୁଳିନେ ହସି
କାଳର କବଳୋଦରେ ଗଲେ ଯେ ଉଭେଇ
କାନ୍ଦ, କାନ୍ଦ, ତା କଳନା ନାହିଁ ନୀରନିଧି !

Digitized by srujanika@gmail.com

ଅନନ୍ତ ବିସ୍ତୃତ ତୋର ନୀର-ଅସ୍ତରଣ
ଅନାଇ ଗାଅନ୍ତି ନନ୍ଦୁଁ ବିହଙ୍ଗମଗଣ;
ପୂର୍ଣ୍ଣିମାରେ ନୀଳବକ୍ଷୁଁ ଉଠଇ ଉଚ୍ଛୁଳି
ନୀରପୁଣି ନୀରନିଧି ! ସମଗ୍ର ହୃଦୟ
ତରଳ ପ୍ରଣୟରୂପେ ଉଠେ କି ଉଚ୍ଛୁଳି ?
ପ୍ରସାରିଣ ଶୀତକର ଅଦରେ ଚନ୍ଦ୍ରମା
ଯେମନ୍ତେ ଅହ୍ୱାନଇ ତୋତେ ବ୍ୟାକୁଳେ ବାରିଧି !
କେଉଁ କବା ଅପଣାକୁ ଉଚ୍ଚେ ଫିଙ୍ଗିବାକୁ ?
ତୋ ଉଦାର ରୂପ ଦେଖି ଫୁଲ୍ଲ ବିସ୍ଫାରିତ
ଧରିଧୂଳି ପୃଥିବୀର କ୍ଷୁଦ୍ର ସ୍ୱାର୍ଥ ବର୍ଜି
ବିଶାଳ ଅମ୍ବରେ ଶତ୍ରୁ କ୍ଷଣ ରେ ଉଡ଼ିଥିତ ।

କାହିଁକି ଅସକ୍ତ ବଦ୍ଧ ମୋର କ୍ଷୁଦ୍ର ପ୍ରାଣ,
କହ୍ମାଇ ଭାରତବାସୀ ଶୁଷ୍କ ମ୍ରିୟମାଣ ?
ତୋ ମହାଗ୍ରବରେ ଧନେ ମାତ୍ର ଭାରତୀୟେ
ଦୂରେ ଫିଙ୍ଗି ଧୂଳି ନୀଡ଼ୁଥିଲେ ତୋ ବକ୍ଷରେ,
ଦୁର୍ଦ୍ଦିନେ ହବଇ ବସି ତୋ ସ୍ୱର୍ଗୀୟ ପ୍ରୀତି
ପଲ୍ୱଳ ମଣ୍ଡୂକ ପରି ସଙ୍କୀର୍ଣ୍ଣ ଅବଦ୍ଧ,
ତୋ ପବିତ୍ର ତୋୟ୍ୟ ସ୍ପର୍ଶେ ଯାଏ ତେଣୁ ଜାତି,
ତୋ ଉଦାର ସୌନ୍ଦର୍ଯ୍ୟରେ ନ ମାନଇ ମନ,
ଧାତ୍ରୀ ଅଲଙ୍କାରେ ତେଣୁ ମଣ୍ଡନ୍ତି ସ୍ୱବପୁ,
ନମ୍ନେ ନୀଳସିନ୍ଧୁ, ଉଚ୍ଚେ ନୀଳ ମହାକାଶ,
ଘକା ରଜନୀରେ ଶୁଭ୍ର କୌମୁଦୀ ପ୍ରକାଶ,
ଏ ବିମୁକ୍ତ ଲାବଣ୍ୟରେ ସରଳତା ବୋଳା—
ପ୍ରୀତି ସ୍ପର୍ଶି ନ ପାରୁଛି ସ୍ୱଦେଶ-ହୃଦୟ,
ଖଡୁ ନୋଲି କଣ୍ଠି ସୂତା କୁଣ୍ଡଳାଦ ନାଇ
ଘୋର ଶୃଙ୍ଖଳିତ ଦେଶାଗୃରେ ଲୋକାଗୃରେ
ପରସ୍ପର ବିସମ୍ବାଦୀ ବହୁ ଶାସ୍ତ୍ରାଗୃରେ ;

Digitized by srujanika@gmail.com

ଜୀବାତ୍ମାର ମୁକ୍ତ ଜ୍ଞାନ ଅସ୍ତ୍ର ସ୍ୱାଧୀନତା
ଲୁଚଅଛି ଯାହିଁ ମିଥ୍ୟା ଲମ୍ପଟତା ଦ୍ୱେଷେ !
ହା ଭାରତ ! ଧନମାନବଲ-ଲୁଣ୍ଠିତ ଅଙ୍କ
ପର-ଉପଜୀବୀ ଦଣ୍ଡ ତୋଡ଼ତଳେ ପଡ଼ି !
ତାହାଙ୍କ ବରେଣ୍ୟ ଭର୍ଗ ବାୟୁ ବରୁଣ,
ଯା ଦର୍ଶନ ସିନ୍ଧୁ ମଧ୍ୟେ ଲଭି ପିତୃଗଣ
ବୈଦିକଯୁଗରେ ପୂଜୁଥିଲେ ଦେବରୂପେ
ମହାଶକ୍ତିଶାଳୀ ପାଣି ଲକ୍ଷ୍ମୀଙ୍କ ଜନକ ?
ବହୁସ ଉଦାର ସିନ୍ଧୁ ତୋ ବିସ୍ତୀର୍ଣ୍ଣ ବକ୍ଷେ
କେତେ ଧନ ସୁସମ୍ପଦ ବହୁ ବିଦେଶରୁ
କେତେ ରତ୍ନ, ମଣି, ମୁକ୍ତା ତୋ ଗମ୍ଭୀର ଗର୍ଭୁଁ
ଉଦ୍ଧାରଣ ସୁମଣ୍ଡିତ କଲେ ନିଜ ଗେହ !
ପରମାତ୍ମା-କଳା-ପ୍ରକାଶକ ମନ୍ତ୍ରାଦିରୁ,
ବସିଷ୍ଠ ପ୍ରମୁଖଙ୍କର ଗୁମ୍ଫା ତୋ ତଟରେ,
ଉନ୍ନତ ମରୁତୋଚ୍ଛ୍ୱାସ ମଧ୍ୟେ ମହାଶକ୍ତି,
ମଧୁର ମଳୟାନିଳେ କରୁଣା ପ୍ରସାଦ,

ଯାଙ୍କ ସେ ବରେଣ୍ୟ ଭର୍ଗ ସର୍ବବ୍ୟାପୀ ଦେବ
ସର୍ବଶକ୍ତିମାନ ସର୍ବଦର୍ଶୀ ଅନ୍ତର୍ଯ୍ୟାମୀ
ସର୍ବଘଟେ ଜଡ଼ୋଦ୍ଭିଜ୍ଜ ପ୍ରାଣିଗଣ ମଧ୍ୟେ
ବିରାଜନ୍ତି ଭାବ ଜ୍ଞାନ ଇଚ୍ଛାଶକ୍ତିରୂପେ;
ଭକ୍ତି ଜ୍ଞାନ କର୍ମରୂପେ ମାନବ ମନରେ
ସୁସୌନ୍ଦର୍ଯ୍ୟ ସତ୍ୟ ପୁଣ୍ୟ ପବିତ୍ରତାରୂପେ
ସତ୍ୟ ଶିବ ସୁନ୍ଦର ସେ ଦ୍ୟୁଲୋକ ଭୂଲୋକେ
ଅନ୍ତରୀକ୍ଷେ ଜଳେ ସ୍ଥଳେ ବିଶ୍ୱବ୍ରହ୍ମାଣ୍ଡରେ
ବ୍ରହ୍ମରୂପେ ଏକ ଅତ୍ମା ପ୍ରେମ-ପବିତ୍ରତା
ଧନେ ଧନ୍ୟ ଜ୍ଞାନୀଗଣ ଦେଖନ୍ତି ସେ ଦେବେ,
ଦେଖୁଥିଲେ ମୁକ୍ତିକାଳେ ଭାରତୀୟ ଋଷି,
ତେଣୁ "ଏକମେବ-ଅଦ୍ୱିତୀୟଂ" ମହାଜ୍ଞାନ

Digitized by srujanika@gmail.com

ସ୍ଫୁରିଥିଲା ଋଷି କଣ୍ଠୁ ପ୍ରଣବର ଛନ୍ଦେ
ଜାହ୍ନବୀ ଯମୁନା ପୂତ ବ୍ରହ୍ମାବର୍ତ୍ତ ଧାମେ
ଜନ୍ମହୋଇ ଋଷି ପୁଣ୍ୟ ଦୃଷଦ୍‌ବତୀ ତଟେ
ମହାନ ଗମ୍ଭୀର ମନ୍ତ୍ରେ ପ୍ରଶାନ୍ତ ପ୍ରଭାତେ
'ସତ୍ୟମେବ ଜୟତେ' ଏ ମହାଧ୍ୱନି ଧରି,
ନୀଳାକାଶେ ଧରିତ୍ରୀର ପର୍ବତେ କାନନ
ସ୍ରୋତସ୍ୱତୀ ଝଙ୍କାରରେ ସିନ୍ଧୁ ! ତୋ କଲ୍ଲୋଳେ
ବିହଙ୍ଗମ କାକଳୀରେ ପର୍ଜ୍ଜନ୍ୟ ଗର୍ଜ୍ଜନେ
ଶୁଣିଥିଲେ ସେଦିନ ଏକ ମହାନ ଶବଦ ।
ଭାରତ ହୋଇ ଅଛି ସେ ମହାନ ଧନେ
ହେତୁ ଅଛି ଧରିତ୍ରୀର ସର୍ବଲୋକମଧ୍ୟେ ।
ଖଣ୍ଡ ଖଣ୍ଡ କରି ଏକ ମହାନ ଦେବତା
କ୍ଷୁଦ୍ର ନଦୀ ପଲ୍ୱଳକୁ ତୋ ଜଳରୁ ଯେସନେ
କ୍ଷୁଦ୍ର ଶିଳା ଇନ୍ଧନରେ, ବନ୍ଧ ରଖି ପ୍ରାଣ
ଭେଦ ବୁଦ୍ଧି ବଗୃହଣ ଆତ୍ମା ଆତ୍ମା ମଧ୍ୟେ
ଅଶୃତ ମଣିଲ ଏକ ଅନ୍ୟ ସଂସ୍ପରଣେ !

ହେ ରେ ସିନ୍ଧୁ ହେ ରେ ସର୍ବ ଏକାକାର କରି
ସର୍ବଘଟେ ବିରାଜନ୍ତି ପରମାତ୍ମା ହରି ।
ମହାନ ଦେବତା ଭକ୍ତ ହୋଇ କିମ୍ପା ଅର୍ଥେ
ଆଚରିବେ ହୀନ ବୁଦ୍ଧି ଅଜ୍ଞାନ ସମାନ ?
ଯାର ପ୍ରଭୁ ଯେତେ ତାର ମନ ହୁଏ ତେତେ,
କିପାଁ ତେବେ ଆଚରିବ ହୀନ କ୍ଷୁଦ୍ର ବୁଦ୍ଧି ?
ସଂସାର ଠାଣିର ନିଜ ସ୍ୱାର୍ଥ-ଜମ୍ବାଳକୁ,
ନିଅ ମହାସିନ୍ଧୁ ମୋତେ ପୁଣ୍ୟ ବେଦବକୁ ;
ଦୂର ତୋତେ ପ୍ରସାରିତ ହେଉ କ୍ଷୁଦ୍ର ଶତ—
ସଂସାରର କ୍ଷୁଦ୍ର କ୍ଷୁଦ୍ର ବିପତ୍ତିରେ ଭ୍ରାନ୍ତ;
ତୋ ମଧ୍ୟେ ଯେ ଭୂମା ପ୍ରଭୁ ଶର ପ୍ରକାଶିତ
ତାଙ୍କ ଉପାସନା ରସେ ମଗ୍ନ ରହୁ ଚିତ୍ତ ।

Digitized by srujanika@gmail.com

ତୋତେ ଦେଖି କ୍ଷୁଦ୍ର ଗଙ୍ଗା ଯମୁନାର ନୀର,
ଅନ୍ଧ ନାରୀ ଶିଶୁ ସମ ନବୋଲେ ଶରୀର,
ଅମ୍ବା କର ପବିତ୍ରିତ ଅମ୍ବାରୂପୀ ଦର
ନିଜମଧ୍ୟେ ଜଗତରେ କରେଁ ମୁଁ ଦର୍ଶନ ।
ତୋ ତୀରେ ଅସିଛୁ ସିନ୍ଧୁ ଦେ'ରେ ଶାନ୍ତି ମୂର୍ତ୍ତି,
ସ୍ୱାର୍ଥ-ହିଂସା-ରିପୁ-ତାପ-ମୁଷ୍ଟ-ଜରା-ଭୀତି
ଅଳଙ୍କାର ବ୍ୟତିକ୍ରମ ଯତିଭଙ୍ଗ ଭୀତି—
ସର୍ବ-ଅପଭୟୁଁ ସିନ୍ଧୁ ଦେ'ରେ ସ୍ୱାଧୀନତା,
ତୋ ତରଙ୍ଗ ତାଳେ ତାଳେ ନାଚଉ୍ ପ୍ରାଣ,
ପଦାଘାତ କରେ ଶୀଘ୍ର ସଂସାର-ଭ୍ରୁକୁଟୀ,
ପ୍ରଚଣ୍ଡ ତାଣ୍ଡବେ ମାତି ଉଠୁ ଏ ଭାରତ,
ପୌରହତ୍ୟ ଜାତିଭେଦ ବାଳିକାବୈଧବ୍ୟ,
ବୃଦ୍ଧ ବାଳିକାର ଘୃଣ୍ୟ ବିଷମ ବିବାହ
ପୁତ୍ତଳିକା କ୍ରୀଡ଼ା ସମ ବାଳିକା ବିବାହ,

ଅନ୍ଧ ଜଡ଼ ପୂଜା, ମୂର୍ଖ ନର ପାଦପୂଜା,
ଔଦାସିନ୍ୟ କପଟତା ମିଥ୍ୟା ରିପୁ-ସେବ ।
ଲୋକ-ଭୟ କୁସଂସ୍କାର, ନାରୀ-ଦୁର୍ବଳର—
ଆତୁରକ ଅତ୍ୟାଚାର, ପ୍ରଳୟ-ଉଚ୍ଛ୍ୱାସେ
ଭାସି ଯାଉ ମହାସିନ୍ଧୋ ! ଚିରକାଳ ସର ।

ଗୀତ ଓ ସେବା

ଗୀତେ କି ଏ ଜନ୍ମ ହେବ ମୋ ଅନ୍ତ,
ଗାଇ ଗାଇ ହେବ ମୁଁ ଭାଗ୍ୟବନ୍ତ ?
ଗାୟନ ମାତ୍ର ତ ନୁହେଁ ଜୀବନ,
ଜୀବନ କର୍ତ୍ତବ୍ୟ ସୁସମ୍ପାଦନ ।

Digitized by srujanika@gmail.com

ଗାଇ ଗାଇ ଯେତ୍ତୁ ଭକ୍ତେ ମରଣ
ଅଟଇ ଜୀବନ ତା ଅକାରଣ ।
ଜୀବନ ନ ଥିଲେ ଖାଲି ସ୍ୱପନ
ତାହାର ନ କରେ ହିତ ସାଧନ ।
ଅସ ବନ୍ଦୀ, ରୋଗୀ, କ୍ଷୁଧାର୍ତ୍ତ, ଦୀନ
ରୋଗେ ପାପେ ଯେହୁ ମଳିନ ହୀନ ।
ସେବା କର ହେଉ ଧନ୍ୟ ଜୀବନ,
ହେବ ସେ ଜୀବନ୍ତ ବାକ୍ୟ ରଚନ,
କର ତାହା ଜନେ ଅନୁକରଣ
କରବେ, ଏ ଭବେ ସ୍ୱର୍ଗ ସ୍ଥାପନ ।

ବ୍ରାହ୍ମ ମୁହୂର୍ତ୍ତ

ବ୍ରାହ୍ମମୁହୂର୍ତ୍ତରେ ବାପ୍ରେ ! ଯେ ଦିବ୍ୟ ବିଭବ
ତବ କୃପା ଗୁଣେ ଚିତ୍ତେ କରେଁ ଅନୁଭବ,
ବିଭୁ ସେ ବୈକୁଣ୍ଠରୁ ହେ ମମ ଦେବତା !
ବିଷୟୀ ବିଷୟରେ ମତ୍ତ ହେଲେ କମ୍ପା ରେଖା ?

କଥା ଓ ଜୀବନ

କେତେ କେତେ ଉଚ୍ଚ କଥା କହେଁ ମୁଁ ବଚନେ,
କେତେ କେତେ ଦୁର୍ବଳତା ଅଛି ମୋର ମନେ,
ଅନ୍ତର୍ଯାମି ! ଜାଣ ସବୁ ମୋ ପ୍ରାଣଦୀନତା,
କେବେ ହେବ ପ୍ରଭୁରେ ! କଥା-ଜୀବନ-ସମତା ?

Digitized by srujanika@gmail.com

ଆଦର୍ଶ ଗୀତ

କି ଗୀତ ଗାଇଲେ ମୋର ଧନ୍ୟ ହେବ ପ୍ରାଣ
କି ଗୀତ ଗାଇଲେ ମୃତେ ଦେବି ଜୀବ ଦାନ,
କି ଗୀତ ଗାଇଲେ ନିଜେ ପ୍ରାଣ ପାଇବଇଁ,
ସେହି ଗୀତ ପାଇଁ ମୋର ହୃଦ ହୁଏ ଦହି ।
ସେ ଗୀତ ଗାଇଲେ ଅନ୍ୟ ନ ଗାଇବି ଗୀତ,
ସେ ଗୀତ ଗାଇଲେ ହେବ ଚିରତୃପ୍ତ ଚିତ୍ତ,

ସେ ଗୀତ କୋକିଳ-କଣ୍ଠେ ନବୀନ ବସନ୍ତେ,
ଅସ୍ତମାନ ଭାନୁ ଗାଏ ନିତ୍ୟ ଦିବା-ଅନ୍ତେ,
ସେ ଗୀତ ଗାଆନ୍ତି ସଦା-ଋତୁ-ପରମ୍ପରା,
ଘୂରନ୍ତି ସେ ଗୀତ ଗାଇ ସସାଗରା ଧରା ।
ସେ ଗୀତ ପ୍ରକୃତି ଗାଇ ହୁଏ କୃତକାମ,
ସେ ଗୀତେ ମୁମୁକ୍ଷୁ ପାନ୍ତି ଶିବ ମୋକ୍ଷ-ଧାମ,
ସେ ଗୀତ ନ ପାଇ ସଦା ବ୍ୟାକୁଳ ମୋ ମନ,
ହେବ କି ସେ ଗୀତେ ଧନ୍ୟ ମୋ ଭବ ଜୀବନ ?

Digitized by srujanika@gmail.com

ପ୍ରଭାତ-ସଙ୍ଗୀତ

Digitized by srujanika@gmail.com

ଉତ୍ସର୍ଗ

ପରମାରାଧ୍ୟ ପିତୃଦେବ ମହୋଦୟ ଓ ପରମାରାଧ୍ୟା ମାତୃଦେବୀ ମହୋଦୟାଙ୍କ ଶ୍ରୀଚରଣସରୋଜ ଉଦ୍ଦେଶ୍ୟରେ ଏହି ଶିଶୁଗୀତରୂପ ପୂଜାପୁଷ୍ପ ନିବେଦନ କଲି ।

ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ
ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ ।

ପୂଜ୍ୟପାଦ ପିତୃଦେବ !

ଆପଣଙ୍କ ସନ୍ତାନବାତ୍ସଲ୍ୟର ଶତ ଦୃଷ୍ଟାନ୍ତ ଉଲ୍ଲେଖ କରିବି ନାହିଁ । ତାହା ସ୍ମୃତି-ମନ୍ଦିରରେ ପୂଜା ପାଉଥାଉ । ଆପଣ ପ୍ରତିଦିନ ଉଷାର ପ୍ରାକ୍‌କାଳରୁ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟା ତ୍ୟାଗ କରି ପ୍ରାତଃସ୍ନାନ ସମାପନାନ୍ତେ ପୁଷ୍ପ ଆହରଣପୂର୍ବକ ଏକ ଅଧ୍ୟାୟ ଭାଗବତ ଆବୃତ୍ତି କରି "ନିର୍ମାଲ୍ୟ ସେବା" କରୁଥିଲେ । ପବିତ୍ର ପ୍ରଭାତ କାଳରେ ସେହି ପବିତ୍ର ପୂଜାଭାବ ଶୈଶବରୁ ମୋ ହୃଦୟରେ ଅଙ୍କିତ ହେଲା । ମନୁଷ୍ୟ ଚରିତ୍ର ଘଟଣାର ଫଳ । ମାନବର ଭବିଷ୍ୟତ ଶୈଶବର ଘଟଣାବଳୀ ଦ୍ୱାରା ଗଠିତ ହୁଏ । ଭଲ ହେଉ ବା ମନ୍ଦ ହେଉ, ମୁଁ ଯେଉଁ ଓଡ଼ିଆ ପଦ୍ୟଗୁଡ଼ିଏ ଲେଖିଅଛି, ତହିଁରେ ଶୈଶବସ୍ମୃତି ଜଡ଼ିତ ରହିଅଛି । ଆପଣଙ୍କ ପବିତ୍ର ସ୍ମୃତି ସର୍ବଦା ହୃଦୟତଳେ ଜାଗ୍ରତ ଅଛି । ମୁଁ ଅତୀତର ଭକ୍ତ; ସେହି ଅତୀତ ସହିତ ଅଙ୍କି ତାହା ପ୍ରକାଶ କରି ଆତ୍ମପ୍ରସାଦ ଲାଭ କରୁଅଛି ।

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"

ମାତୃଦେବି !

ମୋର ଶୈଶବକାଳରେ ତୁମ୍ଭେ ପରଲୋକ ଗମନ କଲ । କିନ୍ତୁ ତୁମ୍ଭର ଅସ୍ପଷ୍ଟ ସ୍ମୃତି ମୋ ହୃଦୟରେ ଅଙ୍କିତ ଅଛି । ତହିଁରେ ଗୁରୁଜନମାନଙ୍କଠାରୁ ଶ୍ରୁତ ବିଷୟମାନ ସମ୍ମିଶ୍ରିତ ହୋଇ ଅପୂର୍ବଭାବରେ ପରିଣତ ହୋଇଅଛି ।

Digitized by srujanika@gmail.com

ତୁମ୍ଭେ ଅତି ପାହାନ୍ତାରୁ ଉଠି "ଭାଗବତ ଗୋସାଇଁ"ଙ୍କ ବାସନ ମାଜି ସ୍ନାନାନ୍ତେ ସ୍ୱହସ୍ତେ ଘର ଲିପିପୋଛି ଦେଇ ତାଙ୍କର ଭୋଗର ଆୟୋଜନ କରିଦେଉଥିଲ । ପରିବାରର ସମସ୍ତଙ୍କ ଭୋଜନାନ୍ତେ ଭୃତ୍ୟ-ମାନଙ୍କର ଓ ଦାଣ୍ଡରେ କେହି ଭୋକଶୋଷୀ ଅଛି କି ନାହିଁ ଦେଖି "ଜଳ ତୁଳସୀ" ପାଇ ଆହାର କରୁଥିଲ । ପବିତ୍ର ସନ୍ଧ୍ୟାକାଳରେ "ସନ୍ଧ୍ୟାବତୀ"ର ବ୍ୟବସ୍ଥା କରାଇ "ଭାଗବତ" ଶୁଣିବାକୁ ଆସୁଥିଲ । ତୁମ୍ଭର ଜାଗରିତ ଯେଉଁ ଅପୂର୍ବ ଭାବ ଜଗତ୍ ମାନସପଟକୁ ଉଦ୍ଭାସିତ କରେ, ତାହା ମୁଁ କିପରି ବର୍ଣ୍ଣିବି ? ସେହି ଶୈଶବଭାବ ମୋର ଜୀବନକୁ ପ୍ରଭାବିତ କରିଅଛି । ଶୈଶବ ମୋର ବଡ଼ ପ୍ରିୟ । ମୁଁ ତୁମ୍ଭ ଯୋଗୁଁ କବି ।

ଆଜି ସେହି ଭାଗବତ ଗାଦି ଅଛନ୍ତି । ସେହିପରି ପୂଜା ହୁଏ । କିନ୍ତୁ ଗୃହିଣୀ ବାସନ ମାଜେ । ଗୁଡ଼ିଅ ଖଣ୍ଡାଭୋଗ ଦିଏ । ଗୃହର ଦୀପ ଜାଳି ଦିଏ । ସମ୍ପ୍ରତି ଅର୍ଦ୍ଧଶିକ୍ଷିତ ଭଗବାନ ଦାସ ଗୋସାଇଁଙ୍କ ପରିବର୍ତ୍ତେ ଭର୍ଣ୍ଣାକ୍ୟୁଲର ପରୀକ୍ଷୋତ୍ତୀର୍ଣ୍ଣ କୃଷ୍ଣଚନ୍ଦ୍ର ପଣ୍ଡା ବାରମାସ ଭାଗବତ ବୋଲନ୍ତି । କିନ୍ତୁ ସେ ପବିତ୍ର ଭାବ, ସେ ମାଧୁର୍ଯ୍ୟ ନାହିଁ । ତୁମ୍ଭେ ଯାଇଅଛ । ତୁମ୍ଭ ସଙ୍ଗେ ସଙ୍ଗେ ତାହା ଚିରକାଳ ପାଇଁ ଅସ୍ତମିତ ହୋଇଅଛି । ଆଉ ଫେରିବ ନାହିଁ । ମୁଁ କେବଳ ସେହି ପବିତ୍ର ସ୍ମୃତି ହୃଦୟରେ ଜାଗ୍ରତ ରଖି ନିଜକୁ ଧନ୍ୟ ମଣିଛି ।

ପିତାମାତାଙ୍କ ନିକଟରେ ପୁତ୍ର ଚିରକାଳ ଶିଶୁ । କ୍ରୀଡ଼ାରତ ଶିଶୁ କୁସୁମ ଚୟନ କଲାପରି ମୁଁ ବୀଣାପାଣିଙ୍କ ଭବନରୁ ଯେଉଁ କୁସୁମମାନ ଚୟନ କରିଅଛି ତାହା ଆପଣମାନଙ୍କ ଦାନ ଜାଣି ସୁଦ୍ଧା ପୁଣି ସେହିଗୁଡ଼ିକ ପୂଜାପୁଷ୍ପରୂପେ ଆପଣମାନଙ୍କ ଶ୍ରୀଚରଣକମଳରେ ଭକ୍ତିଗଦ୍‌ଗଦ ହୃଦୟରେ ଅର୍ପଣ କଲି । ଯେବେ ଆତ୍ମା ଅମର ହୁଅନ୍ତି, ଯେବେ ସ୍ୱର୍ଗଲୋକ ଅଛି, ତେବେ ଏହି ଅଧମ ସନ୍ତାନକୁ ଆଶୀର୍ବାଦ କରି ଏହା ଗ୍ରହଣ କରନ୍ତୁ ।

ଅକିଞ୍ଚନ ସନ୍ତାନ

Digitized by srujanika@gmail.com

ପ୍ରଭାତ-ସଙ୍ଗୀତ

କି ଗୀତ ଗାଇବା ପ୍ରଭାତରୁ ଆଜି
ହେ ପ୍ରିୟ ପାଠକ-ପାଠିକାମାନେ !
ଚାଲ ଆଜି ତାଙ୍କ ନାମକୁ ଗାଇବା
ପ୍ରଭାତ ଅସିଛି ଯାହା ବିଧାନେ ।
ପ୍ରଭାତ ତପନ ପ୍ରଭାତ ଗଗନ
ପ୍ରଭାତ ପବନ ପ୍ରଭାତ ବନ,
ପ୍ରଭାତ ପ୍ରସୂନ ସୁବାସ ମୋହନ
ପ୍ରଭାତ ବିହଙ୍ଗ ମଧୁର ସ୍ୱନ,
ପ୍ରଭାତର ଯେତେ ଶିଶିର-ମଣ୍ଡିତ
ତରୁଲତାରାଜି ଦିଶେ ଶୋଭନ,
ପ୍ରଭାତର ଯେତେ ପବିତ୍ର ସୁଷମା
ଯେ ପ୍ରଭୁଙ୍କ ଗୁଣ କରେ ଗାୟନ,
ପ୍ରଭାତେ ପାଇଲେ ନବୀନ ଜୀବନ
ଯାହାଙ୍କ ପ୍ରସାଦେ ପ୍ରାଣୀନିକର,
ନବୀନ ଉତ୍ସାହେ ଜାଗିଲା ଜଗତ
ନବ କର୍ମେ ହେଲେ ସର୍ବେ ତତ୍ପର ।
ଚାଲ ପ୍ରିୟ ବନ୍ଧୁ ସେ ପ୍ରଭୁଙ୍କୁ ନମି
କରିବା ଯେ ଯାହା କର୍ତ୍ତବ୍ୟ କର୍ମ,
ପ୍ରତି ପ୍ରଭାତରେ ପ୍ରଭୁଙ୍କୁ ସୁମରି
ଶୈଶବ କାଳରୁ ସଞ୍ଚିବା ଧର୍ମ ।
ହୃଦୟରେ ସଦା ଭଲଭାବ ଥାଉ
ସଦା ଭଲକଥା ଏ ମୁଖ କହୁ,
ସଦା ଭଲକାର୍ଯ୍ୟ କରୁଥାଉ କର
ପ୍ରଭୁ ପଦେ ସଦା ଭକତି ଥାଉ ।
ସାରା ଦିବସରେ ସାଧୁକାର୍ଯ୍ୟ କରି
ରଜନୀରେ ଶାନ୍ତ ସୁନିଦ୍ରା ପାଇ,
ସାରା ଜୀବନଟା ସାଧୁକର୍ମ କଲେ
ତାହାକୁ କାହିଁକି ଡରିବା ଭାଇ ?

Digitized by srujanika@gmail.com

ପ୍ରଭାତ ବିହଙ୍ଗ

କି ଗୀତ ଗାଉ ରେ ପ୍ରଭାତ ବିହଙ୍ଗ
କି ଗୀତ ପ୍ରଭାତୁଁ ଗାଉ,
ଢାଳିଦେଇ ମଧୁ— ସୁତାନର ଧାର
ତରୁଡାଳେ ଲୁଚିଥାଉ ।
ତୋ ସ୍ୱନ ଶ୍ରବଣେ ପଡ଼େ କି ରେ ମନେ
ଯୁଗଯୁଗାନ୍ତର ବାଣୀ,
ଲୋକଲୋକାନ୍ତର ସୁଦୂର ବାରତା
ଭୂତ-ଭବିଷ୍ୟ-କାହାଣୀ ?
କେଉଁ ଦେବତାର କି ଦିବ୍ୟ ବିଧାନେ
ଉଠିଣ ପ୍ରଭାତ କାଳୁଁ,
କେଉଁ ମନ୍ତ୍ରବଳେ କି ସାଧନ ଫଳେ
ଅପୂର୍ବ ସୁତାନ ଢାଳୁ ।
ଅନ୍ଧାର ସଙ୍ଗତେ ଅରୁଣ ସଂଗ୍ରାମ
ଆରମ୍ଭ ହୋଇ ନ ଥାଏ,
କେମନ୍ତେ ତୋ ଜ୍ଞାନ ଉଷା ଆଗମନ
ଅଜ୍ଞାତ ବାରତା ପାଏ !
ଦୂର ସିନ୍ଧୁ ପାରେ ପ୍ରାଚୀ-ଆକାଶରେ
ରବିଙ୍କର ଆଗମନ,
କେମନ୍ତେ ଜାଣି ରେ କ୍ଷୁଦ୍ର ବିହଙ୍ଗମ
କରୁ ବନ୍ଦନା ଗାୟନ ?
କେଉଁ ଘଣ୍ଟା ଦେଖି କେଉଁ ଲେଖା ଲେଖି
ଏତେ ଭ୍ରମଶୂନ୍ୟ ଭାବେ
ଆଲୋକେ ଅନ୍ଧାରେ ଗ୍ରୀଷ୍ମ ବର୍ଷା ଶୀତେ
ଶୁଣାଉ ତୋ ଧ୍ରୁବ ରବେ ।
କେମନ୍ତେ ତୋହର ଭାଙ୍ଗିଯାଏ ନିଦ୍ରା
ଛଅଋତୁ ବାରମାସେ
ନିଶା-ଶେଷ-ପ୍ରାନ୍ତେ ବ୍ରାହ୍ମ ମୁହୂର୍ତ୍ତରେ
ଶୁଣି ତାର ମଙ୍ଗଳାଣେ ।

Digitized by srujanika@gmail.com

ଧନେହେଁ କି ହେଲେ ରୋଗ ଶୋକ ଦୁଃଖେ
ହୁଏ ନାହିଁ ତୋ କମାଇ,
କି କର୍ତ୍ତବ୍ୟ-ନିଷ୍ଠା ଅଦମ୍ୟ ଉତ୍ସାହ
ଦେଲେ ତୋତେ ବିଶ୍ୱସାଇଁ !
କି ଅର୍ଥ ଅଛି ରେ ତୋ ଅମୃତ ତାନେ
କି ଗୂଢ଼ ରହସ୍ୟରାଶି
ଅପୂର୍ବ ଆବେଗେ ସିକ୍ତ ହୁଏ ଆତ୍ମା
ସଂସାର ମୋହ ବିନାଶି !
ନିତି ନିତ ଆସି ଲୋକାଳୟେ ବସି
ଉଦ୍‌ବୋଧୁ ଅମୃତ ସ୍ୱନେ,
ତୋ ସ୍ୱନ ଶ୍ରବଣେ ଏବେ ଧନ୍ୟହୃତ
ପଡ଼େ କି ସ୍ୱର୍ଗେ କି ମନେ ?
ଅବିଦ୍ୟା-ଅନ୍ଧାରେ ଜଡ଼ିତ ମାନବ
ତୋ ସ୍ୱର୍ଗୀୟ ସୁଧାପାନେ
ଉଦ୍‌ବୁଦ୍ଧ ହୁଅଇ ନବୀନ ଜୀବନେ
ଉଠେ ଲଭି ନବପ୍ରାଣେ ।
କେଉଁ ଦୂରଦେଶ ବାରତା ଦେଇ ରେ
କେଉଁ ଦେବଦେଶୁଁ ଆଣି,
ଅପୂର୍ବ ଆବେଶେ ଆବିଷ୍ଟ ପରାଣେ
ଜାଗନ୍ତି ଜନ ପରାଣୀ ।
ନ ଥିଲେହେଁ ସ୍ୱରେ ସଂସାରର ଅର୍ଥ
ଅସରନ୍ତି ଅର୍ଥେ ଭରା,
ମୋହନ ମନ୍ତ୍ରର ମୋହାବେଶ-ପୂର୍ଣ୍ଣ
ଅନନ୍ତ-ଆକାଶ ପରା ।
ବିଶାଳ ଆକାଶ ଅବ୍ୟକ୍ତ ଅବ୍ୟୟ
ନାହିଁ ତା ବର୍ଣ୍ଣ ବିକାଶ,
ତଥାପି ଯେସନ ବର୍ଣ୍ଣ-ବଇଭବ
ରବିକରେ ସୁପ୍ରକାଶ;

Digitized by srujanika@gmail.com

ସେହିପରି ତୋର   ଅସ୍ପଷ୍ଟ ସଙ୍ଗୀତେ
ନ ଥିଲେହେଁ କିଛି ଅର୍ଥ,
ଭାବ-ଭାନୁକରେ   ହୋଇ ପ୍ରତିଭାତ
ପ୍ରକାଶେ ଅନନ୍ତ ଅର୍ଥ ।
ଥାଆନ୍ତା ଯେବେ ରେ   ମୋର ଏ ସଙ୍ଗୀତେ
ସେହିମତ ଗୂଢ଼ ତତ୍ତ୍ୱ
ଦିବ୍ୟଗୀତ ଗାଇ   ମୋ କବି-ଜୀବନେ
ହୁଅନ୍ତି ମୁହିଁ ମହତ୍ତ୍ୱ !

ପ୍ରଭାତ

ସୁଲୁ ସୁଲୁ ପବନ   ବହୁଛି ଘନ ଘନ
ଲତାପତ୍ର ମରମର ଥରଥର କମ୍ପନ ।
ରକ୍ତପିଣ୍ଡ ସମାନ   ରବି ଉଦୀୟମାନ
ପୂର୍ବ-ଗଗନ ଅହା ଦିଶେ ଅତି ଶୋଭନ ।
ଚଳଦଳ ପିପ୍ପଳ—   ଡାଳ ଢଳେ ଢଳଢଳ
ଗମ୍ଭୀର ମୂରତି ଉଚ୍ଚ ହୁଏ ପର୍ବତଗଣ ।
ହମ୍ବାରଡ଼ି ଛାଡ଼ିଣ   ଗୋ-ଗୋଷ୍ଠେ ଗାଭୀଗଣ
ଛୁଟନ୍ତି ବାଛୁରି ପାଶେ ହୋଇ ଉଚ୍ଛନ୍ନ ମନ ।
ବାଳାର୍କର କିରଣ   ଦୀର୍ଘଛାୟା ପତନ
ହରିତ ବିଟପୀଗଣ ପିନ୍ଧେ ପୀତବସନ ।
ନୀଡ଼ ଛାଡ଼ି ଚଢ଼େଇ   ପେଢ଼ା ବାଡ଼େ ବସଇ
ଟେକି ଟେକି ଉଡ଼ି କରେ ମଧୁତାନେ ଗାୟନ ।
ବାଡ଼ି ଧରି ହାତରେ   ବଳୀବର୍ଦ୍ଦ କାନ୍ଧରେ
ହଳ ଯୋଖି କୃଷକ କରେ ବିଲେ ଗମନ ।
ଖଡ଼ି ଧରି କରରେ   ମୁଢ଼ି ଧରି ଅଣ୍ଟିରେ
କଳକଣ୍ଠ ପିଲାମାନେ ଚାଟଶାଳୀ ଗମନ ।
ଦେଖି ଦେଖି ଏ ଛବି   ଲେଖି ଅଛ ହେ କବି
କିପରି ସୁନ୍ଦର ଆହା ଅଟଇ ଏହି ଭୁବନ ।

Digitized by srujanika@gmail.com

ବର୍ଷ ମେଲଣି

ଅନାଇଁ ଅନାଇଁ ଅତୀତ ବରଷ
ନୀରବେ ଆରୋହି ଦ୍ରୁତଗ ରଥେ,
ନୀରବେ ସମାପି ଆପଣା ସାଧନା,
କାହିଁ ଚାଲିଗଲା ଅଦୃଶ୍ୟ ପଥେ ।
କାହାର ନୟନୁଁ ଝରାଇ ଲୋତକ,
କାହା କଣ୍ଠୁଁ କାଢ଼ି କାଞ୍ଚନମାଳା,
ଜାଳି ହୃଦବନେ ଶ୍ମଶାନ ଅନଳ
କାହା ପ୍ରାଣେ ଢାଳି ବିଷମ ଜ୍ୱାଳା,
ପ୍ରଣୟ-ପିଆସା ଅତୃପ୍ତ ରଖିଣ
କାହାକୁ ବିଚ୍ଛେଦ-ବିଷରେ ଦହି,
ଅନନ୍ତ ସିନ୍ଧୁକୁ ଅତୀତ ବରଷ
କି କର୍ମ ସାଧୁଣ ଗଲା ରେ ବହି ।

ପୀୟୂଷେ ଗରଳ ଢାଳି ଦେଇ ଅହା
ଗଲା ପୁରାତନ ବରଷ କାହିଁ,
ସିନ୍ଧୁଗତ ସ୍ରୋତ, ରଜନୀର ରଥ,
ଗଲା କଥା ଆଉ ବାହୁଡ଼େ ନାହିଁ ।
ବରଷ ପଡ଼ିଲେ ଆଶାମ୍ଭୀ ସାଧକ
ଅଦୃଷ୍ଟ ଅଙ୍କତେ ନିହାଳି ମନ,
ଗୁହୁଁ ଗୁହୁଁ ଗଲା ବରଷକ ବିତ,
ନୋହିଲା ରେ ତାର ଲକ୍ଷ୍ୟ-ସାଧନ ।
ବରଷ ଆରମ୍ଭେ ସ୍ୱଦେଶ-ସେବକ
କେତେ ଆଶା ରଖି ଉଦ୍ଦାମ ଚିତ୍ତେ,
ବାନ୍ଧିଲା ସାହସ, ଅନ୍ତରର ଭୁଲି
ବିସର୍ଜିବ ପ୍ରାଣ ଜନନୀ ହିତେ ।
ଯେଉଁଠାରେ କର୍ମ ସେହିଠାରେ ଅନ୍ତ,
ଅତୀତ ବରଷ ଗଲା କହିଛ;

Digitized by srujanika@gmail.com

ଉତ୍ସାହ ଉଦ୍ୟମ ଆଶା ପରପ୍ରୀତି
ସେମାନଙ୍କ ନିଜ ସ୍ରୋତେ ଭସାଇ ।
କେତେ ନବବୀର ଅଗ୍ନିମନ୍ତ୍ର ଜପି
ବୁଡ଼ିଲେ ହତାଶ-ଅତଳ-ଜଳେ,
ପଶିଲେ ଜୀବନ-ଅର୍ଣ୍ଣବେ ସାରଣି
ନିରାଶା-ମରଣ-କ୍ରୂର କବଳେ ।
କେତେ ସୁଜନ ହୋଇ ଲୋଭ-କଣ୍ଟକରେ
ସ୍ୱାର୍ଥ-ଜମ୍ବାଳରେ ପଡ଼ିଲେ ବାଟର
ଅସିଥିଲେ ଶୁଭ୍ରଯଶ ଅଶେଷ ଅହା
ଅପଯଶ ବୋଝ ବହିଲେ ଶିରେ ।
ଅତୀତ ବରଷ କେତେ ଲୀଳାଖେଳା
ଦେଖାଇ ମଞ୍ଚରୁ ମେଲାଣି ନେଲ,
କେଉଁ ଦେଶୁଁ ଆସି ହରଷ ବିଷାଦ
ଏ ବର୍ଷେ ବରଷ ବାଣ୍ଟିଣ ଗଲ ।

କେତେ ବ୍ୟଥା ଦେଲ କେତେ ହୃଦୟରେ
ଦାରୁଣ ଅତୀତ ବରଷ ଅହା !
କାଳ-ଶିଶୁ ସେ ଯେ କଠିନ ତା ହୁଅ
ବାଣ୍ଟିଗଲ ତାହା ନିୟତି ଯାହା ।
ଯାଅ ରେ ଅତୀତ ଘେନି ସୁଖ ଦୁଃଖ,
ସୁଖ ଦୁଃଖ ନୁହେ ଜଗତୋଦ୍ଦେଶ,
ଜଗତ ଭାବନା ଭରାଇ ଅତୀତ
ମୋର ବର୍ତ୍ତିମାନେ ନ କର ଶେଷ ।
ତୋର ଶବ ତୁହି କର ରେ ସତ୍କାର,
କର ନିଜ ପ୍ରେତକ୍ରିୟା ଶ୍ମଶାନେ;
ଆଶା-ଚକ୍ରବାଳେ ଦଶେ ନୀଳଚକ୍ର
ଯିବ ରେ ଧାମକୁ କଠୋର ପ୍ରାଣେ ।
ଦେଲେ ଦେଇଅଛୁ ଯେ ଦୁଃଖ ଦେବାର,
ହରଲେ ହରିଛୁ ପରଶ ଧନ;

Digitized by srujanika@gmail.com

ଶୁଣିଥିଲୁ ଆଜ ବିକଳ ବିଳାପ,
ଧରୁ ଧୈର୍ଯ୍ୟ ଦୀର୍ଘ ଦିବସେ ମନ ।
ବନ୍ଧିଲେ ବନ୍ଧନ୍ତୁ ଚରଣେ କଣ୍ଟକ,
ଝରିଲେ ଝରନ୍ତୁ ନୟନୁଁ ଜଳ,
ଚାଲିବି ସୁଦୀର୍ଘ ପଥରେ ମୁଁ ପୁଣି
ହୃଦୟେ ଧରିଣ ନବୀନ ବଳ ।
ନବୀନ ଉଦ୍ୟମେ ନବୀନ ଉତ୍ସାହ
ଦେଇ ନବଆଶା ହୃଦୟେ ଧରି
ଚାଲିବି ପାଷାଣକଠୋର ପଥରେ,
ଯେତେ ଦିନ ପଥ ନ ଥିବ ସରି ।
ସରିବ କେଉଁଠି ଏ ଜୀବନ-ପଥ,
ଉଦ୍ଦେଶ୍ୟ ଏହାର କେବଣି ଠାଇଁ ?
ସଂଶୟ-ଦୋଳାରେ ଆନନ୍ଦ ଲାଭ ଗତି,
ସାହା ହୁଅ ମୋର ସତୀର୍ଥ ଭାଇ ।

ହସ୍ତ ଧରାଧରି ହୋଇ ଯିବା ମିତ,
ନୈରାଶ୍ୟ-ଅନ୍ଧାର ବାଧିବ ନାହିଁ,
ପଡ଼ିଲେ ବିପଦ-କଣ୍ଟକ ପଥରେ,
ଭ୍ରାନ୍ତି-ପାଷାଣରେ ଝୁଣ୍ଟିଲେ କାହିଁ ।
ସଂଶୟ-ଝଞ୍ଜାରେ ହେଲେ ବିକ୍ଷୋଭିତ
ଏକ ଅପରେକର ଆନନ ଚାହିଁ,
ଏ ଭବ-ଗହନ-ବିପିନରେ ପାନ୍ଥ
ଯିବା ଚାଲି ଆଶା-ସଙ୍ଗୀତ ଗାଇ ।
ଗାଅ ଗାଅ ନବ ଆଶାଗୀତ ଏବେ,
ନବୀନ ବରଷେ କର ବନ୍ଦନା,
ନବ କାଳ-ଶିଶୁ ଆଣିଥିବ କାଲେ
ଯାହା ବିଶ୍ୱ-ବାଞ୍ଛା ନବ-କଳ୍ପନା ।

Digitized by srujanika@gmail.com

ନବବର୍ଷେ (୧)

ହେ ନୂତନ ହେ ଅପୂର୍ବ ହେ ଦୁର୍ବୋଧ୍ୟ ହେ ଚିରବାଞ୍ଛିତ !
ତୋହ ପଛେ ପଛେ କିପାଁ ମୁଗ୍ଧବତ ଧାଏଁ ମମ ଚିତ୍ତ ?
ପାଶେ ଯାହା ଅଛି ମୋର ପାଇଅଛି ଯାହା ମୁଁ ଅନ୍ତରେ,
ନାହିଁ ମାୟା ତାହା ପ୍ରତି ମୋହ ମମ ଅଜ୍ଞାତ ରାଜ୍ୟରେ ।
ସେ ସୁଦୂର ସେ ନିଭୃତ ପୁରେ ମମ ପ୍ରବେଶ-ବାସନା,
ଛାୟାବାଜୀ ସମ ଯେଉଁ ମାୟା-ରାଜ୍ୟ ସୃଜଇ କଳ୍ପନା
ବଦ୍ଧ ତୃପ୍ତ ବର୍ତ୍ତମାନ ଜ୍ଞାତ ରାଜ୍ୟେ ନ ମାନଇ ମନ,
ହେ ନୂତନ ଅନନ୍ତର ଛାୟା ତୁହି ହେ ମନୋମୋହନ ।
ନବବର୍ଷ ପ୍ରଭାତରେ ଅର୍ଘ୍ୟଥାଳି ଧରି ବଦ୍ଧ ହସ୍ତେ
ତବ ପ୍ରତୀକ୍ଷାରେ ଅଛି ଉଭା ହୋଇ ରହିଛି ସନ୍ତ୍ରସ୍ତେ ।

ହେ ନୂତନ ହେ ଅପୂର୍ବ ହେ ଅନନ୍ତ ହେ ଚିରବାଞ୍ଛିତ,
ତବ ଅନୁରକ୍ତ ମୁହିଁ କର କର୍ମ୍ମ-ଚଞ୍ଚଳ ମୋ ଚିତ୍ତ ।
ଏ ପୂର୍ବ-ଉଦଧି ତଟେ ନବ-ଉଷା କି ନବ ଉଦନ୍ତ—
ଧରି ଗର୍ଭେ ବିଚିତ୍ରର ଉଜଳଣ ପରାଚୀ ଦିଗନ୍ତ ।
ନୀରବରେ ନବ ବର୍ଷ ଦୂତ କେଉଁ ନବ ସମାଚାର
ଉଦାର ଆକାଶେ ଉଠେ ନୀରବରେ କରିବ ପ୍ରଚାର ।
ବାରିଧିର ବାରିରାଶି ଉଚ୍ଛ୍ୱସିତ ପେଷେ ନିରନ୍ତର
କଠିନ ସୀମାକୁ ଅତିକ୍ରମି ଯିବାପାଇଁ କି ତତ୍ପର ।
ଚତୁପାଶେ ସୀମାବଦ୍ଧ ହେଲେହେଁ ମୋ ସଙ୍କୀର୍ଣ୍ଣ ଶକତି,
ହେ ଅନନ୍ତ ! ତୋତେ ଚାହିଁ ରହିଥିବ ସ୍ୱକର୍ତ୍ତବ୍ୟ-ବ୍ରତୀ ।

Digitized by srujanika@gmail.com

ବନପ୍ରିୟ

—୧—

ପୁଣି ବର୍ଷକ ପରେ ବସନ୍ତ ନିଶାନ୍ତରେ
ଶୁଭିଲା ପଞ୍ଚମ ସୁସ୍ୱର !
ପୁଣି ଶୁଣି ସେ ସ୍ୱନ ଭୁବନ ବିମୋହନ
ଉଦାସ ପରାଣ ମୋହର !
ସ୍ମରଣ ହୁଏ ଗତ କଥା
ଅତୀତ ଜୀବନ ବାରତା,
ଅପୂର୍ବ ଅଭ୍ୟାଗତ କାହୁଁ ତୁ ସମାଗତ
ନବ-ବସନ୍ତ-ବାର୍ତ୍ତାହର ରେ ବନପ୍ରିୟ !

—୨—

ପିକ ! ତୋ "କୁହୁ" ସ୍ୱନେ ପଡ଼ଇ ମୋର ମନେ
ମଧୁର-ଶୈଶବ-ଜୀବନ
ଦେଖେ ନଦୀ-ପ୍ରାନ୍ତର ଘର-ଗ୍ରାମ-ନଗର
କେଦାର-ସର-ଗିରିବନ ।
ବିଗତ ଜୀବନ-ସ୍ୱପନ
ହୁଏ ମୋ ଅସ୍ପଷ୍ଟ ସ୍ମରଣ,
ହୁଏ ଜନ୍ମାନ୍ତରର ବିଷାଦଯୁକ୍ତ ସ୍ୱର
ଶୁଣେ ମୋ କଳ୍ପନା-ଶ୍ରବଣ ରେ ବନପ୍ରିୟ !

—୩—

ଯୁଗଯୁଗାନ୍ତରର ସ୍ମୃତି ପଡ଼େ ମନର
ସ୍ୱଦେଶ-ପୂର୍ବ-ଗୌରବ—
ସ୍ମରି ହୁଏ ହୃଦୟ ଘୋର ବିଷାଦମୟ
ଉଦିତ ହୁଏ ଆଶା ନବ ।
ନ ହେଉଁ ଆଶା ମୁକୁଳିତ
ସଂଶୟ-ବାତେ ପର୍ଯ୍ୟୁଷିତ
ଉତ୍ସାହପୂର୍ଣ୍ଣ ସ୍ୱରେ ଉଠାଅ ପିକ ! ନରେ
ଫେରନ୍ତୁ ସେ ଅତୀତ ଗୌରବ ରେ ବନପ୍ରିୟ !

Digitized by srujanika@gmail.com

— ୪ —

ଏ ଜଗତ ମାନବେ   ବିଦ୍ୟାବଳ ବିଭବେ
ଲଭନ୍ତି ଶାନ୍ତି ସୁଖମାନ,
ବିଶାଳ ଏ ଭାରତ   ପ୍ରାଚୀନ ସମୁନ୍ନତ
ହେବ ସେ ଭବିଷ୍ୟେ ମହାନ।
ପିକ ! ତୁ ଗାଉ 'କୁହୁ' ସ୍ୱନ
ଭାରତେ କର ଉଦ୍‌ବୋଧନ
ପ୍ରବୁଦ୍ଧ ସୁଜାଗ୍ରତ   ହେଉ ବିଶ୍ୱ ଭାରତ
ବିସ୍ମରି ବିଦ୍ୱେଷ ଅଜ୍ଞାନ ରେ ବନପ୍ରିୟ !

— ୫ —

ପିକ ! ତୋ ଦିବ୍ୟସ୍ୱନେ   ଅବିର ପଡ଼େ ମନେ
କବି ଅସ୍ପଷ୍ଟ ଦୂର ଗୀତ
କ୍ଷୁଦ୍ର ସଂସାର ବିତ୍ତ   ତୃପ୍ତ ନ କରେ ଚିତ୍ତ
ଅପୂର୍ଣ୍ଣ ତୃଷାର୍ତ୍ତ ମୋ ଚିତ୍ତ ।
ଅନନ୍ତ ଆଶା ମୋ ପ୍ରାଣରେ
ସଂସାର ନ ମେଣ୍ଟାଇ ପାରେ
କି ଦିବ୍ୟ ଧନ ପାଇ   କି ଦିବ୍ୟ ଗୀତ ଗାଇ
ତୃପତ ହେବ ଏ ମୋ ଚିତ୍ତ ରେ ବନପ୍ରିୟ !

— ୬ —

ଧନ-ସମ୍ଭୋଗ ମାନ   ଜନ-ସମ୍ଭ୍ରମ ଜ୍ଞାନ
କାହିଁରେ ନ ମେଣ୍ଟଇ ଆଶା,
ତୃଷା ବଢ଼ଇ ଭୋଗେ   ସାଗର ଜଳ ଯୋଗେ
ଯେସନ ବଢ଼ଇ ପିପାସା ।
ଏ ଭବେ ସୁଖଶାନ୍ତି ନାହିଁ
ଶାଶ୍ୱତ ସୁଖ ଅଛି କାହିଁ ?
ସଂଶୟ-ହଳାହଳ   ପିଇ ପ୍ରାଣ ଦୁର୍ବଳ
କେ ଦେବ ମମ ପ୍ରାଣେ ଆଶା ରେ ବନପ୍ରିୟ !

Digitized by srujanika@gmail.com

—୭—

ଛନ୍ତି କି ଏ ବିଶ୍ବର ଜ୍ଞାନମୟ ଈଶ୍ବର ?
କିବା ଏ ସୃଷ୍ଟି-ପରିଣାମ ?
କାହୁଁ ଆସିଲା ଜୀବ ? କାହିଁ ତା ଶେଷେ ଯିବ ?
ଅଛି କି ଜୀବ-ଚିରଧାମ ?
କିବା ଘଟନାଚକ୍ର-ବଳେ
ତୋ ମୋହ ସୃଷ୍ଟି ଏ ସମ୍ବଳେ ?
ଜଡ଼ଦେହ-ବର୍ଜନ ସଙ୍ଗେ ଏ ଅସ୍ବାମନ
ତେଜିବେ ସ୍ବଗୁଣ ସ୍ବନାମ ରେ ବନପ୍ରିୟ !

—୮—

ଛନ୍ତି କି ଏ ବିଶ୍ବର ଜ୍ଞାନମୟ ଈଶ୍ବର
ପୂରୁଷ ପରାତ୍ପର ସୁନ୍ଦର ?
କି ରୂପେ କେଉଁ ଭାବେ ଅଛନ୍ତି କେଉଁଠାବେ
ପାଏ କି ତାଙ୍କୁ ପାପି-ନର ?
ପିକ ! ତୋ ଶାନ୍ତାକାନ୍ତା ସ୍ଵନ
ଗାଉ ସେ ସଙ୍ଗୀତ ମୋହନ,
କାପର ଏ ସଂସାର— ସାଗର ହେବ ପାର
ପାଇବ ଶାଶ୍ବତ-ଜୀବନ ରେ ବନପ୍ରିୟ ।

—୯—

ଦେଖନ୍ତି କି ସେ ପ୍ରଭୁ ଏ ମନୋଦୁଃଖ ସବୁ ?
ବିଚାରା କେ ପାପ ପୁଣ୍ୟର ?
ପାପି-ଗୁହାରି ଶୁଣି ଦୟା ବିତୁରେ ପୁଣି ?
ପାଏ କି ତ୍ରାଣ ପାପି-ନର ?
କିବା ସେ ନିଜ ବିଧିବଶେ
ନ୍ୟାୟର ବିଚାର ଆଦର୍ଶେ
ଦୟାକ୍ଷମାର ସ୍ଥାନ ନାହିଁ ନା ତହିଁ ତ୍ରାଣ
ସ୍ବ-କର୍ମ ଫଳୁଁ ଏ ଜୀବର ରେ ବନପ୍ରିୟ !

Digitized by srujanika@gmail.com

ଭରତ ପକ୍ଷୀ ପ୍ରତି

—୧—

ଭରତ ! ତୁ ଗାଉ ରେ କି ଗୀତ
କାହୁଁ ତୁ ଦେଖିଲୁ ମମ ଚିତ୍ତ ?
ମୋ ପ୍ରାଣୁ ନେଇ ଛଡ଼ାଇ   ତରୁଶାଖେ ବସି ଗାଇ
ଗୁପତ ଗୀତ ମୋ କରୁ ଦେଲୁ ରେ ପ୍ରକାଶ;
ମୋ ପରି ବିହଙ୍ଗ ତୋର ପ୍ରାଣେ କି ହତାଶ ?

—୨—

ପ୍ରତି ସ୍ୱନେ ବିରହ-ଆବେଶ,
ବିଷାଦର ନାହିଁ ଯେହ୍ନେ ଶେଷ,
କି ଯେହ୍ନେ ଲୋଡ଼ି ନ ପାଇ   କି ପ୍ରାପ୍ତିର ଆଶା ନାହିଁ
କିଏ ଯେହ୍ନେ ତେଜି ହୃଦେ କାହିଁ ଅଛି ଯାଇ
କାନ୍ଦେ ପ୍ରାଣ ବିକଳରେ ଯେହ୍ନେ ତାହା ପାଇଁ ।

—୩—

କେତେ ନଦୀ ପର୍ବତ ପ୍ରାନ୍ତର
ପ୍ରିୟତମ ମୋ ମଧ୍ୟେ ଅନ୍ତର
ମନୋଦୁଃଖେ ହୃଦ ବନ-   ମଧ୍ୟେ କରି ମୁଁ ଗମନ
ପ୍ରାଣ-ଆଶା ତେଜି ପ୍ରିୟତମର ସନ୍ଦେଶ
କରୁଁ ଅଛି, ଏ ଦୁଃଖ କି ମୋର ହେବ ଶେଷ ?

—୪—

ମନେ ହୁଏ ଅତୀତ ବିଦେଶୁଁ
ଅଶେଷ ବିଗତ ଜନ୍ମ ଶେଷୁଁ
କେତେ କେତେ ପ୍ରିୟବରେ   ମୋ ବିଚ୍ଛେଦେ ବ୍ୟାକୁଳରେ
ଅସି ଡୁଙ୍ଗି ମାରୁଛନ୍ତି ସ୍ମୃତି-ଗବାକ୍ଷରେ
ଦୋ-ଦୋ-ଚିହ୍ନା କରି ତାଙ୍କୁ ଚିହ୍ନି ମୁଁ ନ ପାରେ ।

Digitized by srujanika@gmail.com

—୫—

ନିରାଶା ନିଶ୍ୱାସ ମାରି ଯାନ୍ତି ମିତ୍ରମାନେ
ଦୂରବଂଶୀ ନାଦ ପରି ଶୁଭେ ସ୍ୱର କାନେ
କେତେ ଜନ୍ମଜନ୍ମାନ୍ତରେ କେତେକେତେ ପ୍ରିୟବରେ
"କେଉଁ ଅଡ଼େ ଗଲ କଏ" କାନ୍ଦି ମୁଁ ମରଇ
ଦେଖିଲେ ଦଣ୍ଡେ ମୁଁ କପାଁ କଥା ନ କହଇ ?

—୬—

ଦୂର ବନ୍ଧୁ ଅସିଣ ମୋ ପାଶେ
ଫେରିଯାନ୍ତି ଅହା ! ରେ ନିରାଶେ
ଦେଖନ୍ତି ସେ, ତାଙ୍କୁ ଡେକ   ବିଷଣ୍ଣ ବନ୍ଧୁଙ୍କୁ ହେଳ
ଦୋ-ଦୋ-ଶବ୍ଦାହୋଇ ତାଙ୍କୁ ମୁହିଁ ନ ପରୁରେଁ
ନେଉଛି ଯାଅନ୍ତି ତେଣୁ ଦୂର ନଦୀ ପାରେ ।

—୭—

ଶନ୍ତ୍ରା ଡେକ ତରୁଶିରେ ଗୁହିଁ
ଦେଖେ ତହିଁ ପକ୍ଷୀ ଅଉ ନାହିଁ
ତାହିଁ ଉଡ଼ିଗଲା ପକ୍ଷୀ   ମନକଥା ମନେ ରଖି
ଚଳିଲି ବେଳକୁ ବେଳ ବିଷଣ୍ଣ ପଥରେ
ଦିବ୍ୟଧାମୁଁ ଯାଉଅଛୁ କଳ୍ପନା-ରଥରେ ।

—୮—

ଧର୍ମ-ବଡ଼ଦାଣ୍ଡେ ଯାତ୍ରୀଦଳ
ଶୁଭେ ଦୂରୁଁ କଳ-କୋଳାହଳ
ପରିଚିତ ସ୍ୱନ ଶୁଣି   ଚମକି ଲେଉଟେ ପ୍ରାଣୀ
ସମଧର୍ମୀ ସହଯାତ୍ରୀ ଏ ଭବ-ଗହନେ
ତେଣୁ ରେ ତ୍ୱରିତ ! ମଣେ ମଧୁର ତୋ ସ୍ୱନେ ।

Digitized by srujanika@gmail.com

ନିସର୍ଗ-ଶୋଭା

କି ସୁନ୍ଦର ନିସର୍ଗର ଗୌରବ ପ୍ରତିମା
ଭାବୁକ-ନୟନେ ଭାତି କିବା ମଧୁରିମା
ଜଟିଳ କୁଟିଳ ନୀଚ ସ୍ୱାର୍ଥ ମାନବର,
ପ୍ରଶାନ୍ତ ଉଦାର ରୂପ ପ୍ରକୃତି, ତୋହର ।
ସତତ ଗମ୍ଭୀର ଶୁଭ୍ର ପ୍ରକୃତି-ଆନନ
ଶାନ୍ତି-ନେତ୍ରେ ଦିଶେ ସଦା ସୁନ୍ଦର ମୋହନ ।
ହେଲେହେଁ ପ୍ରବଳ ପ୍ରିୟ-ଆସଙ୍ଗ-ପିପାସା
ଦଣ୍ଡେ ବିସୋରିବି ସର୍ବ, ବଳେ ମମ ଆଶା ।
ହୃଷ୍ଟ ପ୍ରକାଶ୍ୟ ରାଜଦାଣ୍ଡେ ଦ୍ୱିପ୍ରହରେ
ନ ମାନେ ମୋ ମନ ଯେହ୍ନେ ବ୍ୟକ୍ତ ସ୍ୱରୂପରେ !
ଅସ୍ଥିର ଜଟିଳ ସ୍ୱାର୍ଥ ନର-ସମାଜର
ବାହାରି ନିମଗ୍ନ ହେବି ନିସର୍ଗ ମଧ୍ୟର ।
କେମନ୍ତ ନୀରବ ସ୍ନିଗ୍ଧ ପବିତ୍ର ସୁନ୍ଦର
ଦେଖିଲେ ହୃଦତ କେତେ ଲାଗେ ମନୋହର ।
ଶ୍ୟାମଳ ପ୍ରଶାନ୍ତ ସ୍ନିଗ୍ଧ ଉଦ୍ଭିଦର ଶୋଭା
ପତ୍ର ପୁଷ୍ପ ଫଳେ ଅହା କିବା ମନୋଲୋଭା !

ପ୍ରାନ୍ତର, ସରସୀ, ନଦୀ, ହ୍ରଦ, ବନ, ଗିରି
କେମନ୍ତ ସୁନ୍ଦର ଅହା ନିସର୍ଗର ଶିରୀ !
ଉପରେ ନିର୍ମଳ ନୀଳ ଅନନ୍ତ ଗଗନ ;
ତାରକା ନକ୍ଷତ୍ର ଚନ୍ଦ୍ରେ ମଣ୍ଡିତ ମୋହନ ।
ନିସର୍ଗ-ସୁଷମା-ଶାନ୍ତି ସ୍ଥିର ଚିରନ୍ତନ
ଆସକ୍ତ ତହିଁରେ ତେଣୁ ଯୋଗି-ଋଷି ଜନ ।
ଅଥିର ଚଞ୍ଚଳ ଏହି ସଂସାର-ବିଷୟ
ମଳିନ ଜଡ଼ିତ ସ୍ୱାର୍ଥେ କାମଭୋଗ ମୟ ।
ଆସୁଅଛି ମୃତ୍ୟୁ ନର ଯେତିକି ନିକଟେ
ଧରେ ନର ସଂସାରକୁ ସେତିକି ଅପଟେ
ଆସକ୍ତି-ବିଚ୍ଛିନ୍ନ କରି ମରଣ ନିକର ,
ଝିଙ୍କି ନେଇ ନିଷ୍ଠେ ଆଶା ଭାଙ୍ଗିବ ନିର୍ଭର ।

Digitized by srujanika@gmail.com

ନିଶ୍ଚେ ଦିନେ ଭାଙ୍ଗିଯିବ ଯେବେ ମୋହ ଆଶା
କିପାଁ ବଢ଼ାଇବ ଏହି ସତ୍ୟ-ପିପାସା ?
ମରଣର ଅନୁରୂପ ନିସର୍ଗ ପ୍ରତିମା
କେହୁ ନ ପାରଇ ଧରି ତାହାର ଉପମା
ସଂସାର-ସୌନ୍ଦର୍ଯ୍ୟ-ପ୍ରୀତି ରଖିନ ଅନ୍ତର
ଚିରନ୍ତନ ସ୍ଥିର ରହେ ଶୋଭା ପ୍ରକୃତିର ।
ସତ୍ୟ-କୃତ୍ରିମ-ଭାବୁଁ ଏ ମନେ ଫେରାଇ
ଅନୁଦିନ ପ୍ରକୃତିରେ ଦେବି ପ୍ରବର୍ତ୍ତାଇ ।

ଭାରତୀ ବନ୍ଦନା

ଭାରତ ! ତବ ପଦାରବିନ୍ଦେ ମନ୍ଦ ଅନ୍ଧ ବନ୍ଦେ
ବନ୍ଦିଥିଲେହିଁ ପଦାରବିନ୍ଦେ କି ସୁନ୍ଦର ଛନ୍ଦେ ।
ଅନ୍ଧ ହେଲେହିଁ ମନ୍ଦର ମେଳେ ମନ୍ଦରୁ ଗଲି ଦୂରେ
ସୁନ୍ଦର ଛନ୍ଦ ହୃଦ ମନ୍ଦିରେ ଅଛି ତ ନ ସ୍ଫୁରେ ।

ନବବର୍ଷେ (୨)

(ରାଗ କଳହଂସ କେଦାର)

—୧—

କି ନବମନ୍ତ୍ର ପଢ଼ ନବବରଷ,
କି ଅପୂର୍ବ ମୋହନ ତବ ପରଶ !
ନବୀନ ହରଷରେ ସବୁରେ ମାତି
ନବୀନ ଗୀତ କେତେ ରଙ୍ଗେ ଗାଆନ୍ତି ।
କେଉଁ ଦେଶରୁ ଆସି ନବ ଅତିଥି,
କିବା କାହାଣୀ କହ, ଗାଅ କି ଗୀତ,
ନବ ଆନନ୍ଦେ ମାତି ନବ ଜୀବନ—
ତଥି ନବ ଉଲ୍ଲାସେ କର ଗୁଞ୍ଜନ !

Digitized by srujanika@gmail.com

— ୨ —

ମୁହିଁ କି ଏକା ପଡ଼ିଥିବି ବିଜନେ
ଅତୃପ୍ତ ପରାଣରେ ଅଶାନ୍ତ ମନେ !
ଅରଣ୍ୟ-ଶୁଷ୍କଚମ୍ପା ପରାଏ ହାଇ,
ଅନ୍ତ ଅଗ୍ନିରେ ମୋତେ ଗ୍ରହିବ ନାହିଁ ?
ଥିଲା ମୋହର ଦିନ ବେଳେ ଏମନ୍ତ,
ଅତିଥି ଦେଖି ହେଉଥିଲି ହୃଷିତ ।
ଆନନ୍ଦେ ଅର୍ଘ୍ୟ ଦେଇ କରି ଆଦର
କୁଟୀରେ ନେଇ ଯାଉଥିଲି ସତ୍ୱର,
ନବଯୌବନ ନବ-ଉତ୍ସାହ-ଜଳେ
ଧୋଉଥିଲି ଅତିଥିପଦକମଳେ,
ବରେଣ୍ୟ ପଦେ କରୁଥିଲି ଅରପି
ଦେଇ ନବଯୌବନ ପୂର୍ଣ୍ଣ ପୀରତି ।
ପୁଣି କି ସେ ଦିନ ମୋ ଫେରିବ ନାହିଁ,
ଉତ୍ସାହ-ଅଗ୍ନି ଲିଭିଗଲା କିପାଇଁ ?
ତୁମ୍ଭେ ହେ, ମୁହିଁ ପରା ପୁରୁଣା ଦାସ,
ମୋ ଘରେ ଦିନେ ହେଲେ କରିଛ ବାସ ।
ଅଛି କି ନାହିଁ ତାହା ତବ ସ୍ମରଣେ,
ଚରଣ-ରେଣୁ ଦେଲ କୁଟୀର କଣେ ।

ରାଜରାଜେଶ, କରିଥିଲ କରୁଣା,
ମୋ ନିଜ ଦୋଷେ ହେଲା କରୁଣା ଊଣା ।
ନାଁ ଡାକୁଁ ମିଳିଥିଲ ଏ ଅକିଞ୍ଚନେ,
ଏବେ ଦୁର୍ଲ୍ଲଭ ହେଲ ମୋ ଆକିଞ୍ଚନେ ।
ଶକ୍ତି ନ ଥିଲି ଥିଲି ଅପରଜିତ,
ଶୈଶବେ ଅଧିକାର କଲି ଏ ଚିତ୍ତ ।
ପବିତ୍ର ବାଲ୍ୟକାଳେ ଏ ପ୍ରାଣେ ମମ
ବିହରିଲ ବିଶ୍ୱାସେ ହେ ପ୍ରିୟତମ !
ମଧୁର ସୁମୋହନ ରୂପ ସୁନ୍ଦର
ନିରେଖି ଅଶ୍ରୁ ଝରୁଥିଲା ମୋହର ।

Digitized by srujanika@gmail.com

ତୁଚ୍ଛ ତା ପାଶେ ସୁଖ ସ୍ୱଜ୍ୟେଶ୍ୱରର
ଯେ ସୁଖ ଦେଇଥିଲ ହେ ପ୍ରାଣେଶ୍ୱର !
ଏବେ ରହିଲ ଯାଇଁ କେଉଁ ଗହନେ,
ଅନ୍ଧ ହୋଇ ବୁଲେଁ ମୁଁ ଭବ-ବନେ ।
ପଥ ହରାଇ ଭବ-ମରୁପ୍ରାନ୍ତରେ
ଘୋର ଦୁଃଖରେ ପଡ଼ିଅଛି କାଳରେ ।
ଜାଣିବା ନାହିଁ ପ୍ରଭୁ, ତୁମ୍ଭ ମହିମା
ତେଣ ତୁମ୍ଭଙ୍କୁ ବୋଲି ହେଲି କାଳିମା ।
ବିରାଜୁଥିଲ ଯେଉଁ ପବିତ୍ର ବାସେ
ଏବେ ବନ୍ଦୀଛ କ୍ଷୁଦ୍ର ବିଷୟ ପାଶେ ।
କଳୁଷରାଶି ଲାଗି ଗଲା ସ୍ୱଚ୍ଛତା,
ଏ ପ୍ରାଣେ ନାହିଁ ଆଉ ସେ ପବିତ୍ରତା ।
ତେଣୁ ନେବେ ନ ଭାଉ ହେ ପ୍ରଭୁ, ଅଜ୍ଞ,
ବଳି ପଡ଼ୁଛି ମୋର ଦୁର୍ଭାଗ୍ୟ ଦାଉ ।
ପତିତପାବନ ତ ନାମ ତୁମ୍ଭର
ପାପ ସସୀମ କୃପା ଅଟେ ଅପାର ।

କରୁଣା-ନୀରେ ଧୋଇ ଜୀର୍ଣ୍ଣ କୁଟୀରେ
ବିରାଜ ଆସି ଏହି କ୍ଷୁଦ୍ର ମନ୍ଦିରେ ।
ହେଉ ସାର୍ଥକ ଜନ୍ମ ଧନ୍ୟ ଜୀବନ,
ମୂର୍ତ୍ତି କର ଦୀନର ଏ ଅକିଞ୍ଚନ ।
ତବ ଦୟାରେ ଦାବୀ ନାହିଁ ମୋହର,
କ୍ଷମ ସମସ୍ତ ଦୋଷ ଦୟାସାଗର !
ତବ ଚରଣପ୍ରାନ୍ତେ ଦିଅ ହେ ସ୍ଥାନ,
"ହରି ହେ" ବୋଲି ପିଣ୍ଡୁଁ ଯାଉ ଏ ପ୍ରାଣ ।
ନିଜ ଗୁଣରେ ତାର ହେ କୃପାମୟ,
ଅନ୍ତେ ସେ ପଦପ୍ରାନ୍ତେ ଦିଅ ଆଶ୍ରୟ ।

Digitized by srujanika@gmail.com

ଭାବକୁସୁମ

ଯେଉଁ ଦିନ ଚାଲିଗଲେ ଆଉ ନ ଫେରିବ,
ଏ ଭାବଟି ହଜିଗଲେ ଆଉ ନ ମିଳିବ ।
ଏ ଫୁଲଟି ଝଡ଼ିଗଲେ ଆଉ ନ ଫୁଟିବ,
ଏ ଦୀପଟି ଲିଭିଗଲେ ଆଉ ନ ଜଳିବ ।
କେତେ ନୂଆ ନୂଆ ଦିନ ଜଗତେ ଆସିବ,
କେତେ ନୂଆ ନୂଆ ଭାବ ପରାଣେ ଉଦିବ ।
କେତେ ନୂଆ ନୂଆ ଫୁଲ ଜଗତେ ଫୁଟିବ,
କେତେ ନୂଆ ନୂଆ ଦୀପ ନିଶୀଥେ ଜଳିବ ।
ଯେ ଗଲା ସେ ଗଲା ଅହା, ଆଉ ନ ଫେରିବ,
ପୁଣି କି ରୁକ୍ମିଣୀରଥ ବାହୁଡ଼ି ଆସିବ ?
ଯେ ଭାବ-କୁସୁମ ମମ ଭାବ-ଉପବନେ
ଫୁଟି ଉଠୁଥିବ ତେଣୁ ବିଧିର ବିଧାନେ ।
ତୋଳି ରଖୁଥିବ ଯତ୍ନେ ନିଶୀଥ-ବର୍ତ୍ତିକା—
ନିର୍ବାଣ ଅଗୁଁ, ନ ପଡ଼ୁଁ ପ୍ରାଣ-ଯବନିକା ।

କି ଗୀତ ଗାଇବ ?

"ଗାଅ ଗାଅ ବନ୍ଧୁ ଗୀତଟିଏ ଗାଅ,
ଶୁଣିବାକୁ ଅସ୍ଥ ହେଉଛି ମନ,
ଭିନ ହୋଇ କେତେ ଘରେ ବସିଥାଅ,
ଗାଅ, ପୁଣି ଗାଉଥିଲ ଯେସନ ।"
ଛଳିତ କାଳରେ ପୁରାତନ ମିତ୍ର
ପଦାରଜେ ଦ୍ୱାର କଲେ ପବାସ,
ବସିଲେ ହସିଲେ ଭାଷିଲେ ସୁରଙ୍ଗେ
ବୋଇଲେ "ବନ୍ଧୁ ମୁଁ ବଡ଼ ଦୁଃଖିତ
କି ହେଲା ଆମ୍ଭର ଦାମ୍ପତ୍ୟ-ସଂସାର
ଜୀବନ ସ୍ପନ୍ଦନ ଆଉ ତ ନାହିଁ

Digitized by srujanika@gmail.com

ଜୀବନ ଲକ୍ଷ୍ୟ କି ଅନ୍ଧାର ବାହାର ?
ଅଜ୍ କଳୁ ଭୁଲ୍ କରିବା ଭାଇ ।
ଯେ ଯାହାର 'ସୁଖେ' ସଂସାର ସେବାରେ
ମଗ୍ନ ରହୁଛନ୍ତି ସ୍ୱଦେଶ ଜନେ
କାହାର ତ ମନେ ପଡୁନାହିଁ ବାରେ
ଦିନ ଯାଉଅଛି କି ଅକାରଣେ !
ସମସ୍ତେ ତ ଯିବା ସେ ଦେଶେ ଯେ ଦେଶୁଁ
ଗଲେ କେବେ କେହି ଫେରନ୍ତି ନାହିଁ
ଆସିଥିଲେ ଭବେ ଯେ ମହା ଉଦ୍ଦେଶ୍ୟ
କେତେ ବା ସଫଳ ହେଲା ତା ଭାଇ ?"
କହିଲି ବନ୍ଧୁଙ୍କୁ ସଂସାର ଜମ୍ବାଳ
ଲେଟି ପ୍ରାଣ ମମ ଘୋର ଅବଳ
ବାନ୍ଧି ମମ କଣ୍ଠ ନ ସ୍ଫୁରଇ ତାଳେ
ସରସ ସଙ୍ଗୀତ ପ୍ରାଣୀ ପଞ୍ଚଳ ।

ସହୃଦ୍'ନେ ଭାଇ, ସଙ୍ଗୀତ ମୁଁ ଗାଇ
କରିବଇଁ ତବ ଚିତ୍ତ ଶାନ୍ତ,
ସାନନ୍ଦ ଚିତ୍ତରେ ବାହୁଡ଼ିଲେ ଘରେ
ଅଭିନ୍ନ-ହୃଦୟ ପ୍ରାଣର ମିତ ।
ପଡ଼ିଲା ଭାବନା କେସନେ କାମନା
ସିଦ୍ଧ ହେବ ମିତ୍ର ଶୁଣିବେ ଗୀତ,
ଘେନି ଏ ବାସନା ବାଣୀ-ଆରାଧନା
କଲି, ଛନ ଛନ ମନ ଚିନ୍ତିତ ।

ଗୀତ

ଗାଇଥିଲି ଗୀତ ଦିନେ ଦେବୀ ବୀଣାପାଣି !
ଦୁର୍ଲ୍ଲଭ କବିତା ଯେବେ ଦେଇଥିଲ ଆଣି ।
ମଧୁର ଯୌବନେ ମମ କବିତାର ସ୍ୱନ,
ଶୁଣି ତୃପ୍ତ ହେଉ ପାଖ ପଡ଼ଶାଙ୍କ ମନ ।

Digitized by srujanika@gmail.com

ଏବେ କହୁଛନ୍ତି "ଶୁଣ ଶୁଣ ପଦେ ଗୀତ,
ଶୁଣି ତୃପ୍ତ ହେଉ ଯେନ୍ତେ ହୋଇଥିଲ ଚିତ୍ତ ।"
କାହିଁ ସେ ସମସ୍ତ ମୋର କାହିଁ ସେ ଶକତି ?
କପଟ ତୋଷିବ ତାଙ୍କୁ ଶଙ୍କା ମମ ଅତି ।
କି ସ୍ୱରେ ଗାଇବି ଗୀତ ଶୁଣିବ ହେ ମିତ ?
ମୋ କବିତା ଶୁଣି ତବ ତୃପ୍ତ ହେବ ଚିତ୍ତ ?
ବାଣୀ ଆରାଧନା ତେଜି ସେବିଲି ସଂସାର
ମନା ହୋଇଗଲା ମୋତେ ଶ୍ରୀକୋଠଭଣ୍ଡାର ।
କବିତା ଲେଖିବ ବିନା ଏକାନ୍ତ ଅନ୍ତର
ନୋହିଲେ କି ହେବ ଯୋଡ଼ି ଶବଦ ମାତର ।
କେତେବେଳେ କି ହୋଇଲା ନ ପାରିଲି ଜାଣି;
ଗୀତ ବୋଲି ଯାଉଥିଲି ଲେଖଣୀକୁ ଟାଣି ।
ନାହିଁ ହେ ଅଭ୍ୟାସ ଅଛି ଦେବୀ-ଅନୁଗ୍ରହ,
ନାହିଁ ସେ ଆବେଶ ଅଛି ଶବଦ ନିବନ୍ଧ ।
ଶ୍ରୀମନ୍ଦର ଦ୍ୱାରେ ଆଉଁ ଗାଇବଇଁ ଗୀତ,
ଫେଡ଼ଦଅ ଦ୍ୱାର ପୁଣି କାରୁଣିକ ଚିତ୍ତ !
ଶୁଣିଛୁ ଚଣ୍ଡାଳ ଘରେ ଯାନ୍ତି ବିଷ୍ଣୁପ୍ରିୟା,
ଭକତର ବନ୍ଦନରେ ସେ କୋମଳ ହିୟା ।

ସାହିତ୍ୟ-ରତ୍ନ

ଦେଖିଲି ନୟନେ ଭାରତୀ ଭୁବନେ
କେତେ କେତେ ମହାରତ୍ନ ସଞ୍ଚିତ,
ବାଲ୍ମୀକି ବ୍ୟାସ କବି କାଳିଦାସ
ଭବଭୂତି ଆଦି କବି ବିଦିତ ।
କିଏ କେତେ ରତ୍ନ ଜ୍ଞାନ-ରତ୍ନାକରୁଁ
ଘେନି ଆଣିଦେଲେ, ପୂଛିଲି ଦିନେ,
ଅହା ରେ ଦଇବ ! ଧିକ ଆମ୍ଭ ଜାତି
କହୁଛର ମୋତେ କହିଲେ ଦୀନେ ।

Digitized by srujanika@gmail.com

ଉଠ ଉଠ ଭାଇ, ନ କର ହେ ମଠ
ଲାଗିଯାଅ ଯେଣ୍ଟା ଶକ୍ତି ପଣେ,
କହୁ କହୁ ଦେଲେ ଭାରତୀ ଚରଣେ
କବୃ ମିଶି ଭାଇ, ଦେବ ହେ ପଣେ ।

ଚନ୍ଦ୍ର, ତାରା ଓ ଖଦ୍ୟୋତ

କହନ୍ତି ବାନ୍ଧବମାନେ ପ୍ରଭୁ ! "ଗୀତ ଗାଅ ଗୀତ ଗାଅ କବି !
ଶିଖି ଦଅ ଦେଶବାସୀ ଆଗେ ନବ ନବ ମହାଦର୍ଶ ଛବି ।"

କି କରିବି କି କରିବି ପ୍ରଭୁ, ଶୂନ୍ୟାୟିତ ଏ ମମ ପରାଣ
ନାହିଁ ତ ସମ୍ବଳ ଏ ହୃଦୟେ ପଡ଼ଶାଙ୍କୁ କି କରିବି ଦାନ ?

ସାଧନା-ଭାବନା-ସାଧୁ ଚିନ୍ତା-ସାଧୁ କର୍ମ-ଫଳ ବିନା ଗୀତ
ନ ଥିଲେ କେବେହେଁ ହେବ ନାହିଁ ମୁଗ୍ଧ ମମ ଶ୍ରୋତାଙ୍କର ଚିତ୍ତ ।

ପରଠାରୁ ଶ୍ରେଷ୍ଠ କର ଭାବ ପଡ଼ଶାଙ୍କୁ ଦେଲେ ଦେଇପାରେଁ,
ଶ୍ରୋତା ବକ୍ତା ବେନିଙ୍କ ମଧ୍ୟରେ ଲଭ କାହିଁ କାହାର ତହିଁରେ ?

ରବି ଶଶୀ ତାରକା ନକ୍ଷତ୍ର ସ୍ୱକିରଣ କରଣ ବିସ୍ତାର
ଈଶ୍ୱର ସଙ୍କେତ ମହାପ୍ରଭୁ କରୁଥାନ୍ତି କର୍ମ ଯେ ଯାହାର—

ଖଦ୍ୟୋତ ସମାନ ଝିକି ଝିକି କ୍ଷୀଣ ପ୍ରଭା କରଣ ବିସ୍ତାର ।
ଏ ସଂସାର ସରଣୀ ପାର୍ଶ୍ୱରେ ବନ୍ଧୁ ପ୍ରଭୁ, ଲଭେଁ ମୁଁ ନିସ୍ତାର ।

କେହୁ କେବେ ସେ ଅଭ୍ର ନିଚେରି ପ୍ରାଣେ ଯେବେ ଲଭେ ତଳେ ସୁଖ
ମରବ ନିଶୀଥଦୀପ ପାଶେ ଜୀବନର ଏହୁ ମୋର ସୁଖ ।

Digitized by srujanika@gmail.com

ଗ୍ରନ୍ଥକାର ଓ ସମାଲୋଚକ

ପଢ଼ିଲି ସମାଲୋଚନା ସମ୍ବାଦପତ୍ରରେ,
ବଡ଼ ଦୁଃଖ ହେଲା ଅହା ଏ ମମ ଅନ୍ତରେ ।
ରୂଢ଼ ଆଲୋଚନାରେ ମୋ ଦୁଃଖ କିଛି ନାହିଁ,
ପଚ୍ଛୁନ୍ତୁ ଥରେ ଗ୍ରନ୍ଥ ପଢ଼ିଛ କି ଭାଇ ?
ନୁହନ୍ତା ଯାତନା କିଛି ଏ ତୀବ୍ର କଟାକ୍ଷେ,
ପଢ଼ିଥାନ୍ତ ଗ୍ରନ୍ଥ ଯେବେ ବାରେକ କଟାକ୍ଷେ ।
କେତେ ଅଭ୍ୟାସରେ ଗ୍ରନ୍ଥ ଲେଖି ଗ୍ରନ୍ଥକାର
କେତେ ଅର୍ଥବ୍ୟୟ କରି କଲା ତା ପ୍ରଚାର ।
ନ ପଢ଼ି ଆମୂଳ ଥରେ ତୀବ୍ର ଆ‌ଲୋଚନା
ବ୍ୟକ୍ତିଗତ ଜୀବନର ଘଟନା ବର୍ଣ୍ଣନା ।
ଗ୍ରନ୍ଥକାର କଳଙ୍କରେ ଲିପ୍ତ ଅଛି ବହୁ
ବିଶେଷରେ ଏ ଦେଶରେ ସଦା ଦୃଶ୍ୟ ଏହୁ ।

ଗ୍ରନ୍ଥକାରଠାରୁ ସେହୁ ବଡ଼ ଆଲୋଚକ,
ଦୁର୍ବିଳ ମାସକ ଦେଖେ ଗ୍ରନ୍ଥର ପାଠକ ।
ପଢ଼ି ଯେବେ ଗ୍ରନ୍ଥକାର ସମସ୍ତ ପୁସ୍ତକ
ଦୋଷ ଦିଅ, ମୁଣ୍ଡାଇବି ନୁଆଁଇ ମସ୍ତକ;
ଗ୍ରନ୍ଥେ ଅଧ ପଢ଼ି ଯେବେ ନିଅ ମତ ଗଢ଼ି
ପକ୍ଷବାଦିତା-ଲଙ୍କନ ଗର୍ବେ ଯାଇ ପଡ଼ି;
ବର୍ଷି ବାକ୍ୟ-ବାଣ ସ୍ତମ୍ଭେ ସମ୍ବାଦପତ୍ରର,
ତହିଁରେ କି ଗୁଣ ଅଛି ହେ ବନ୍ଧୁ, ମୋହର ?
କହିବାକୁ ଗ୍ରନ୍ଥକାର ସ୍ଥାନ ନିରୂପଣ
ସମଗ୍ର ଗ୍ରନ୍ଥ ତାହାର କର ଅଧ୍ୟୟନ ।

Digitized by srujanika@gmail.com

ବିଶ୍ୱ ବନ୍ଦନା

ତାଳେ ତାଳେ ନାଚି ତୁମ୍ଭର ନାମ
ଗାଉଛନ୍ତି ନିରନ୍ତେ ଏ ବିଶ୍ୱଧାମ
କୋଟି କୋଟି ଗ୍ରହ ଭ୍ରମନ୍ତି ସ୍ୱପଥେ
ଅନନ୍ତ ନୀଳ ବିମାନେ ।

ତୁମ୍ଭର ଲାବଣ୍ୟ କୁସୁମବନେ
ତୁମ୍ଭର ମହିମା ନୀଳ ଗଗନେ
ବିଜୟ ତୁମ୍ଭର ଯୁଗ ଯୁଗାନ୍ତର
ବିଶାଳ ମାନବ ମନେ ।

ସତୀର ପୁଣ୍ୟରେ ତୁମ୍ଭର ପୁଣ୍ୟ
ଶିଶୁ ଶୁଭ୍ରାନନେ ତବ ଲାବଣ୍ୟ,
କର୍ମୀର କରମେ ମହାଜ୍ଞାନି-ଜ୍ଞାନେ
ତୁମ୍ଭର ଶ୍ରୀକର ଚିହ୍ନ ।

ଭକ୍ତ-ରସନାରେ ତୁମ୍ଭର ନାମ
ବିହଙ୍ଗ-ସୁକଣ୍ଠେ ତବ ସୁତାନ
ପର୍ବତ-କନ୍ଦରେ, ଦେବତା ମନ୍ଦିରେ
ବନ୍ଦିତ ତୁମ୍ଭର ନାମ ।

ବସନ୍ତ ମଳୟେ ତୁମ୍ଭର ଗାଥା
ଶାରଦ ଜ୍ୟୋସ୍ନାରେ ତବ ବାରତା
ମହାସିନ୍ଧୁଜଳେ ଚନ୍ଦ୍ରମାମଣ୍ଡଳ
ତୁମ୍ଭର ଆନନ୍ଦ ଛବି ।

ପ୍ରାବୃଟେ ପ୍ରବଳ ପବନ ବେଳେ
କାଦମ୍ବିନୀ କୋଳେ ଚପଳା ଖେଳେ
ନବ ମଧୁକାଳେ ସହକାର ଡାଳେ
ପିକ ତବ ତାନ ଟାଳେ ।

Digitized by srujanika@gmail.com

ପତ୍ର ପୁଷ୍ପ ଫଳେ ତରୁଣନିକରେ
ଅନମିତ ଶିରେ ତବ ପଦ୍ମରେ
ସୁରଭି ସମ୍ଭାର ଦେଇ ଉପହାର
କୋଟି ବନ ବନାନ୍ତରେ ।
ହେ ପ୍ରଭୁ, ତୁମ୍ଭର ପବିତ୍ର ନାମ
ଧରଣୀ ଶ୍ରୀପଦେ କରି ପ୍ରଣାମ
ଭକ୍ତେ ତରିଗଲେ ଏ ସଂସାର ଭୟେ
ଯୁଗେ ଯୁଗେ ବିଶ୍ୱଜୟୀ ।

ପ୍ରାର୍ଥନା

ହେ ସତ୍ୟ ! ହେ ଶିବ ସୁନ୍ଦର !
ଦିଅ ହେ ପ୍ରଭୁ ! ଏହି ବର ।
ତୁମ୍ଭ ପବିତ୍ର ଶ୍ରୀଚରଣ
ନିରତେ କରୁଥାଏଁ ଧ୍ୟାନ ।
ତୁମ୍ଭ ଶ୍ରୀକର-ସଙ୍କେତରେ
ପାଳେଁ କର୍ତ୍ତବ୍ୟ ଜୀବନରେ ।
ତୁମ୍ଭ ଶ୍ରୀମୁଖ-ଶୋଭା ଦେଖି
ମୋ ମନ ରହୁଥାଉ ଲାଖି ।

ବିଭୁ ପ୍ରେମ (୧)

କଳ କଳ ତାନେ ଗହନ ବନେ
ଶୁଣିଛ କି ବନ୍ଧୁ, ଜଳ-ଚଳନେ—
ଗମ୍ଭୀରେ ଉପଲ-ଶଯ୍ୟା ଉପରେ
ନିର୍ମଳ ମଧୁର ସଙ୍ଗୀତ ସ୍ୱରେ ?
ଶୁଣିଛ କି ମିତ୍ର ପ୍ରଭାତ କାଳେ
ବିହଙ୍ଗ ମଧୁର ସଙ୍ଗୀତ ତାଳେ—
ସୁରଭି ମୃଦୁଳ ମଧୁ ପବନେ
ମର ମର ସ୍ୱନେ କୁଞ୍ଜକାନନେ ?

Digitized by srujanika@gmail.com

ଶୁଣିଛ କନକ କିରଣ ପରେ
ମଧୁମକ୍ଷିକା ଯେ ଗୁଞ୍ଜନ କରେ ?
ସଙ୍ଗୀତେ ଭରି ଏ ସାରା ସଂସାର
ବିହଙ୍ଗମ, ମଧୁମକ୍ଷିକା, ନୀର,
ବିଶ୍ୱର ମଧୁର ସଙ୍ଗୀତ ତାନ
ମଧୁମୟ କରି ଦେଇ ସେ ପ୍ରାଣ ।
ଧନ୍ୟ ବିଶ୍ୱପତି, ଧନ୍ୟ ତୋ ନାମ
ବିତରୁଛ ନିଶି ଦିବସ ପ୍ରେମ ।

ବିଭୁ ପ୍ରେମ (୨)

ଚନ୍ଦ୍ରିକା-ସାଗରେ ସନ୍ତରି ଚକୋର
ଗାଉଥାଏ ଯେଉଁ ଗୀତ
ଶାରଦ-ନିଶୀଥେ କବିଭକ୍ତ ଚିତ୍ତେ
କରୁଥାଏ ବିମୋହିତ ।
ନବୀନ ବସନ୍ତେ ରସାଳ ନିକୁଞ୍ଜେ
ଅନ୍ତରାଳେ ପିକବର
ବକୁଳ-ଆମୋଦ—ସଙ୍ଗତେ ବରଷେ
ଯେଉଁ "କୁହୁ"-ସୁଧା ସ୍ୱର,
ଚମ୍ପକ ଗୋଲପ ହେନା ଶେଫାଳିକା
ମାଲତୀ କେତକୀ ବନୁଁ
ପ୍ରସରଇ ଯେଉଁ ସୁରଭି ସୁଷମା
ବିସୋର ନ ଯାଏ ମନୁଁ ।
ସୁନୀଳ ଗଗନେ ଶଶି ଅସ୍ତରାଗ—
ରଞ୍ଜିତ ବାରୁଣୀ ଦେହ
ବୋଲିଦଏ ଯାହା ଗୃହିଁଲମାନଙ୍କେ
ଅର୍ଦ୍ଧ-ନୟନେ ସ୍ନେହ ।

Digitized by srujanika@gmail.com

ନିଦାଘ କାଳର ଚନ୍ଦନ ଉଶୀର
ଅବା ଶୀତଳ ପବନ
ଧବଳ ଅମଳ ମଲ୍ଲି ଫୁଲମାଳ
ଶୀତଳାଏ ଅପଘନ ।
ଋତୁସ୍ରଜ ମଧୁ ଭୃଙ୍ଗ ପିକବଧୂ
ସଦା ସଙ୍ଗେ ସଙ୍ଗେ ଥାଏ,
କାଦମ୍ବିନୀ ଅଙ୍ଗ ସୌଦାମିନୀ ରଙ୍ଗ
ମିଶି ସଙ୍ଗେ ସଙ୍ଗେ ଯାଏ ।
ଶରତ ଋତୁରେ ନଦୀପଠା ପରେ
ଧବଳ ଅମଳ କାଶ
ପବନ-ତରଙ୍ଗେ ଖେଳି କିବା ରଙ୍ଗେ
ଯେ ଶୋଭା କରେ ପ୍ରକାଶ ।
ସ୍ୱଚ୍ଛୋଦ ସରସୀ-ନୀରେ କୋକନଦ
ଶତଦଳଦଳ ଶୋଭା
ବିତର ସୁବାସ ସୁବର୍ଣ୍ଣ-ବିକାଶ
କ୍ଷଣେ କେଡ଼େ ମନୋଲୋଭା !
ବିଶଦ ଗଗନେ ସୁନ୍ଦର ଭୁବନେ
ଯେତେ ଯେତେ ଏ ଲାବଣ୍ୟ
ତବ ପ୍ରେମ ବିନା ବୃଥା ସବୁ ସିନା
ସବୁ ଶୂନ୍ୟ—ମହାଶୂନ୍ୟ !

ଶୁଭ ବିଧାନ

ବ୍ୟାକୁଳେ ବୋଇଲି ଦିନେ "ଅନ୍ତର୍ଯାମୀ ପ୍ରଭୁ !
ଶିର ରୁକ୍ଷ ମରୁଭୂମି ରୂପେ ଫଳହୀନ
ହେଲା ସିନା ଏହୁ ପ୍ରାଣ, ବ୍ୟର୍ଥ ହେଲା ସବୁ
ବାହୁଡ଼ିବ ଏ ମହୀରୁ ଭକ୍ତପ୍ରାଣ ଦୀନ ।

Digitized by srujanika@gmail.com

ଧର୍ମୀଙ୍କର ପରା ମହା ପରୀକ୍ଷାର ସ୍ଥାନ,
ଅନନ୍ତ ଜୀବନ-ଅଂଶ, ତପୋବନ ଘୋର
ମହତ-ମଙ୍ଗଳ-ବୃଦ୍ଧି-ଉଦ୍ଦେଶ୍ୟ ମହାନ
ସାଧନାର ପୀଠ, ଅବା ସାଗର ଦୁସ୍ତର;
ଏମନ୍ତ ମହତ ସ୍ଥଳେ ସୁମହତ ବ୍ରତେ
ପଠାଇଲ ପ୍ରଭୁ, ଯେବେ ଦେଇ ଗୁରୁ ଭାର,
ଭୁଲି ସେ ଉଦ୍ଦେଶ୍ୟ ଉଚ୍ଚ ବିସୋରି ସେ ମନ୍ତ୍ର
ଭମିଲି ଭ୍ରମରେ ଅହା ବୃଥା ଏ ସଂସାର !
କୁସୈନିକ କୁଶିଷ୍ୟ ମୁଁ, କୁସାଧକ ଅହା
ଗଲା ମୋ ଜୀବନ ବୃଥା ବିଫଳ ଅସାର ।
ରକ୍ଷା କର ରକ୍ଷା କର ପ୍ରଭୁ ବିଶ୍ୱ-ନାହା
ତୁମ୍ଭ ପଥେ ଘେନ ମୋତେ ପୋଡ଼ୁ ଏ ସଂସାର ।”
ନିଷ୍ଫଳ-ଅନୁତାପ ପୂତ ଏ ଅବସ୍ଥା
ଧୋଇଦେଲା ଅଶ୍ରୁନୀରେ ସକଳ ସନ୍ତାପ,
ହୃଦୟ-କନ୍ଦରେ ମନ୍ଦ୍ର ଗମ୍ଭୀର ଭାରତୀ
ଶୁଣିଲେ ଖଣ୍ଡିଲା ମୋର ସର୍ବ ପାପ ତାପ—

“ରେ ନର, ନ ହୁଅ ଭୀତ ଅଛୁ ମୁଁ ସତତ
ଏ ସଂସାର ନୁହେ ମମ ସୌରାଜ୍ୟ ଅତୀତ,
ହୋଇଥାଅ ଶକ୍ତିମତେ ସ୍ୱକର୍ତ୍ତବ୍ୟ-ରତ
ନିଷ୍କାମ ନିର୍ଲିପ୍ତ ଭାବେ, ଜୟ ତୋ ନିଶ୍ଚିତ ।
ପଡ଼ି ଉଠି ଯେତେ ଥର କରିଛୁ ତୁ ଯାହା
ମୋ ଦୃଷ୍ଟିର ଅନ୍ତରାଳେ କିଛି ଯାଇ ନାହିଁ,
ଚିତ୍ରଗୁପ୍ତ ପଞ୍ଜିକାରେ ଲେଖାଅଛି ତାହା
ବୃଥା ଅନୁଶୋଚନା ତୁ କରୁ କାହିଁପାଇଁ ?
ଏବେ ମଧ୍ୟ ଅଛି କାଳ, କର ଶୁଭ କର୍ମ,
ସତ୍ୟ ଶିବ ସୁନ୍ଦରର ହୁଅ ଅନୁଗାମୀ,
ଚିତ୍ତଶୁଦ୍ଧି କର ଆଶ୍ରି ସତ୍ୟ ପୁଣ୍ୟ ଧର୍ମ
ଅନ୍ତରେ ନିରେଖି ଜାଣ ମୁହିଁ ଅନ୍ତର୍ଯାମୀ ।

Digitized by srujanika@gmail.com

ବାହାରକୁ ଗୃହୁଁ ଯେବେ ଭଣ୍ଡିବୁ ଲୋକଙ୍କୁ
ହେବ ସର୍ବ କାର୍ଯ୍ୟ ତୋର ଲୋକ-ଦେଖାଣିଆ
କାଳେ ଯିବ ଜୀବ, କିଛି ନ ଥିବ ପଥକୁ
ରହିବ ସଂସାର—ଗଳ୍ପ ଜଣେ ବାହାପିଆ ।
ସଂସାର ମୋହର ରାଜ୍ୟ, ଶତ୍ରୁ ଶୁଭକାରୀ,
ଶୁଭ ବନ୍ଧୁ ମଣ ସଦା ବିପଦେ ମରଣେ ।"
ବୋଇଲି ବିନୀତ ପ୍ରାଣେ, "ହେ ଭବକାଣ୍ଡାର !
ତୁମ୍ଭ ଇଚ୍ଛା ହେଉ ପୂର୍ଣ୍ଣ ଏ ମମ ଜୀବନେ ।"

ସୁଖ କାହିଁ ?

ଅନନ୍ଦରେ ନାହିଁ ସୁଖ; ଉଲ୍ଲଢ ରହିଲ ତାହା
ସୁସଂଯତ ବିଷାଦରେ ସୁଖ,
ସୁଖେ ସୁଖ ନାହିଁ ନାହିଁ କାମ ଭୋଗମୟ ତାହା
ସୁଖେ ଦୁଃଖସ୍ମୃତି ଦିଏ ସୁଖ ।
ମିଳନରେ ନାହିଁ ସୁଖ, ଦେଖି ଦେଖି ତୁଟେ ତାହା
ବିରହାନ୍ତେ ମିଳନ ମଧୁର,
ସୁଖେ ବୁଡ଼ି ରହିଥିଲେ କଳି ନୁହେଁ ସୁଖ-ସୀମା
ଦୁଃଖେ ପ୍ରୀତି ଶରତ-ବଧୁର ।

ସ୍ଥୂଳ ଓ ସୂକ୍ଷ୍ମ

ଜ୍ୱଳନ୍ତ ଯୌବନେ ଯୁବା ରୂପ ରୂପ ହୋଇ ମାତେ
ସୂକ୍ଷ୍ମ ଗୁଣ ତାକୁ ନ ଦିଶଇ,
ଦୁଇ ଦିନ ନ ଯାଉଣୁଁ ରୂପର ମୋହିନୀ-ବୀଣା
ତା ଶ୍ରବଣେ ଅନ୍ୟ ନ ଶୁଭଇ !
ଅପଘନ-ଶୋଭାରାଶି ଭୋଗ-ସ୍ରୋତେ ଯାଏ ଭାସି
ମଧୁର ସେ ନ ଲାଗଇ ଆଉ,
ଅଦୃଶ୍ୟ ଗୁଣ ଗରିମା ପ୍ରଭାତର ତାରା ପରି,
ପ୍ରାଣାକାଶେ ଉଦେ ଧାଇଁ ଧାଇଁ !

Digitized by srujanika@gmail.com

ପାପେ ଜୀବର ସୁଖ-ଆଶା ନ ମେଣ୍ଟଇ କାହାର ରେ
ଅଛି ଭ୍ରାନ୍ତି ନାହିଁ ତହିଁ ଶାନ୍ତି,
ନିବୃତ୍ତି ମଧ୍ୟରେ ସୁଖ ଅଦୃଷ୍ଟ ଅସ୍ପଷ୍ଟ ଥାଏ
ଶେଷେ ବିଭ୍ରମର ଦିବ୍ୟକାନ୍ତି !
ପୁଣ୍ୟେ ସୁଖ ଅସମ୍ଭବ ମଣି ଭ୍ରାନ୍ତ ନରନାରୀ
ଯାନ୍ତି ପାପ-ମାର୍ଗ ଅନୁସରି,
ଶେଷେ ଆଶା ଚୂର୍ଣ୍ଣ କରି ବୁଡ଼େ ଶାନ୍ତି-ସୁଖ-ତରୀ
ନୁହେ ସୁଖୀ କେହୁ ପାପ କରି ।

କି ଅଦ୍ଭୁତ ସୃଷ୍ଟି ଲୀଳା ଏତିକି ଦୁର୍ବଳ ଯାହା
କେମନ୍ତେ ସେ ଶେଷେ କରେ ଜୟ,
ଅସ୍ପଷ୍ଟ ମଧ୍ୟରେ ସ୍ପଷ୍ଟ ଦେଖା ଦିଏ ନିତ୍ୟପ୍ରଭ
ଅହେ ପ୍ରଭୁ ଅହେ ଦୟାମୟ !
ଦେଖି ସେ ପୁଣ୍ୟ ମୂରତି ଅହେ କରୁଣ-ଲୋଚନ
ମୁହିଁ ପୁଣ୍ୟ ମାର୍ଗ ଅନୁସରେଁ,
ମୋହନ ରୂପରେ ମୁଗ୍ଧ ଦୁଷ୍ଟ-ପଙ୍କେ ନ ବୁଡ଼ି
ରଖ ପ୍ରଭୁ ଦୁର୍ବଳ ପାମରେ !

ଜୟ ଓ ପରାଜୟ

ଗର୍ବଗଞ୍ଜନ ହେ ମହାପ୍ରଭୋ ଗର୍ବଗଞ୍ଜନ ନାଥ !
ହୋଇଛି ମୁଁ କୋଟି ବାର ପରାଜିତ ଲୋଟିଛି ଧୂଳିରେ ମାଥ ।
କେତେ ଥର ହେଲା ପ୍ରତିଜ୍ଞା ଭଗନ କେତେ ଥର ଗଲି ପଡ଼ି,
କ୍ଷଣକେ ଉଡ଼ିଲା ସକଳ ଭରସା ପୁରାତନ ପାପେ ଜଡ଼ି ।
ତୋଳିଲି ମୁଁ କେତେ ଥର ଗୃହ ଦୁର୍ଗ କେତେ ଆଶା ପ୍ରାଣେ ଧରି,
ଆସି ଭାଙ୍ଗି ଦେଲା ପାପ-ପ୍ରଭଞ୍ଜନ ସକଳ ଭରସା ହରି ।
ନିରାଶା-ବିଷାଦେ ଜଡ଼ ମ୍ରିୟମାଣ ହେଲି ଧୂଳି-ବିଲୁଣ୍ଠିତ,
ପୁଣ୍ୟାଶ୍ରୟ ଛାଡ଼ି ସ୍ଥାନ ଅରକ୍ଷିତ ହେଲି ପାପ-କଳଙ୍କିତ ।

Digitized by srujanika@gmail.com

ଅହେ କୃପାମୟ ପତିତପାବନ, ପ୍ରେମମୟ ତୁମ୍ଭେ ହରି
ସଙ୍ଗେ ସଙ୍ଗେ ଥାଇ ସୁପଦେ ପଢାଇ ଶିକ୍ଷା ଦେଲ ହେ ଶ୍ରୀହରି ।
ଶେଷେ ପଙ୍କିତ ପାପ-କଳଙ୍କିତ ହେଲରୁ ହେ ଦୀନସାନ୍ଧା,
ସଂସାର-ମରୁରେ ବିଜନ ପଥରେ ଦେଖାଇଲ ନାଥ, ସାନ୍ଧା ।
ଜାଣିଁ ହାରିଲି ବର୍ଷିଅଛ ତୁମ୍ଭେ ଅହେ ପ୍ରଭୁ ଭଗବାନ !
ପାପ-କବଳରୁ ତ୍ରାଣ ପାଇ ତେଣୁ ଗାଏଁ ତବ ଜୟଗାନ ।

ଧର୍ମର ଜୟ

ଏ ଜଗତ ପାପପୂର୍ଣ୍ଣ କାହିଁ ଏଥି ପୁଣ୍ୟ ଶାନ୍ତି
କୁଟିଳ ଲମ୍ପଟେ ପୂର୍ଣ୍ଣ ଧରା,
'ସ୍ୱାର୍ଥ' 'ସ୍ୱାର୍ଥ' ହୁରି ଛାଡ଼ି ଧାଆନ୍ତି ରେ ନରନାରୀ
ରାକ୍ଷସ-ରାକ୍ଷସୀ-ମୂର୍ତ୍ତି ପରା !
'ଉଦର' 'ଉଦର' ହୋଇ ଅତୃପ୍ତ କାମନା-ମୂଢ଼
ଛିନ୍ନ କରେ ଭ୍ରାତୃ-କଣ୍ଠ ଭାଇ,
ବିଳାସ-ସ୍ରୋତରେ ଭାସି ମୁମୂର୍ଷୁ ସୋଦର ମୁଖଁ
ଛିଙ୍କି ନିଏ ଅନ୍ନ ହାଇ ହାଇ !

ତଥାପି ଏହାରି ମଧ୍ୟେ ଅହେ ପ୍ରଭୁ ପୁଣ୍ୟମୟ
କେଉଁ ସ୍ଥାନେ ଲୁଚିଅଛ ରହି
କି ପ୍ରବଳ ପୁଣ୍ୟ-ସ୍ରୋତେ ମାନବର ପାପ ମଳ
ମୁହୂର୍ତ୍ତିକେ ଯାଏ କାହିଁ ବହି !
ଦୃଶ୍ୟମାନ ସ୍ଥୂଳ ଯାହା ଜୟୀ ହେଉନାହିଁ ତାହା
ହେଲେହେଁ ତା ଗିରି ପରିମାଣ
କଣିକାଏ ପୁଣ୍ୟ ବହ୍ନି ଜାଳିଦିଏ ପାପସ୍ତୂପ
ଧନ୍ୟ ଧନ୍ୟ ପବିତ୍ର ମହାନ !

Digitized by srujanika@gmail.com

'ଯତୋ ଧର୍ମ ସ୍ତତୋ ଜୟଃ'

ଭରଡ଼ଅ ଚଢ଼ାଇଙ୍କୁ ଘୋଡ଼ାଇଲ ଘଣ୍ଟ,
ନିସ୍ତାରିଲ ଗଜ ପ୍ରଭୁ କାଟି ଗ୍ରାହା-ଅଣ୍ଟ ।
ଗର୍ଭିଣୀ ହରିଣୀ ତାର ମାରିଲ ଶବର
ଭକ୍ତକୁ ତାରିଲ ପ୍ରଭୁ ଯୁଗ ଯୁଗାନ୍ତରେ ।
ଏକାଦଶ ଅକ୍ଷୌହିଣୀ-ନାହା ଦୁର୍ଯୋଧନ
ସାହା ଯାର ଭୀଷ୍ମ ଦ୍ରୋଣ ଅଶ୍ୱତ୍‌ଥାମା କର୍ଣ୍ଣ ।
ରଣରେ ହାରିଲେ ଶେଷେ ଜିଣିଲେ ପାଣ୍ଡବେ
ଧର୍ମ ଯହିଁ ଜୟ ତହିଁ ବିଶ୍ୱ-ଧର୍ମୀ ହବେ ।
ସୁବର୍ଣ୍ଣ ଲଙ୍କାର ରାଜା ପ୍ରତାପୀ ରାବଣ,
ପୁତ୍ର ଇନ୍ଦ୍ରଜିତ ଯାର ଭ୍ରାତା କୁମ୍ଭକର୍ଣ୍ଣ;
ଅସୁରୀ ମାୟାରେ ବଳୀ ଦୋର୍ଦ୍ଦଣ୍ଡ ପ୍ରତାପ
ବୀର୍ଯ୍ୟ ବିକ୍ରମରେ ଦେଲ ଦେବାସୁରେ ତାପ ।

ରାଜ୍ୟଭ୍ରଷ୍ଟ ଜଟାବଲ୍କଳଧାରୀ ରାମ
ଶାଖାମୃଗସଖା ପର୍ଣ୍ଣକୁଟୀର ଯା ଧାମ ।
ଧର୍ମବଳେ ବଳୀ ତେଣୁ ଜିଣିଲେ ସମରେ
କୀର୍ତ୍ତି ରହିଅଛି ତାଙ୍କ ଯୁଗ ଯୁଗାନ୍ତରେ ।
ସୁରୁଚିର କଟୁ କଥେ ଧ୍ରୁବର ଯାତନା
ଶେଷେ କିନ୍ତୁ ପାଇଲା ସେ ମହା ଆଶ୍ୱାସନା ।
ହିରଣ୍ୟକୁ ମାରି ପ୍ରଭୁ, ରଖିଲ ପ୍ରହ୍ଲାଦେ
ଧର୍ମର ବିଜୟ ନିଷ୍ଠେ ଧର୍ମାଧର୍ମ ବାଦେ ।

ରାମ-ରାବଣ ଯୁଦ୍ଧ

ଲାଗିଅଛି ରାମ— ରାବଣ ଯୁଦ୍ଧ ହେ
ଏହି ମନେ ନିରନ୍ତର,
ମାନବର ମତି ଅଟେ ସୀତା ସତୀ
ଧର୍ମରୂପୀ ରାମଙ୍କର ।

Digitized by srujanika@gmail.com

ପାତକ-ରାବଣ ଛଳେ ଭକ୍ତଙ୍କେ
ହର ନେଇଯାଏ ସିନା
ମାନବ ଏମନ୍ତ ଯଥା ସୀତା ସତୀ
ଧର୍ମେ ହୁଟୁଥାଏ କିନା ।

ସେତୁ-ବନ୍ଧ ବାନ୍ଧି ଯେସନ ଶ୍ରୀରାମ
ଜାନକୀ ଉଦ୍ଧାର କଲେ,
ପୁଣ୍ୟ କର୍ମେ ସାଧୁ ତେସନ ଯତନେ
ମତିକୁ ଉଦ୍ଧାରେ ଭଲେ ।

ଯେସନେ ଜାନକୀ ପବିତ୍ର ଦୀପିତ
ହେଲେ ଅଗ୍ନି ପରୀକ୍ଷାରେ,
ପାପୁଁ ଉଦ୍ଧାରଣ ବିଶୁଦ୍ଧ ପବିତ୍ର
ଦିଶେ ଅତ୍ମା ସେ ପ୍ରକାରେ ।

ଯେସନେ ସୀତାଙ୍କୁ ସଂଶୟ ବର୍ଜିଲେ
ଅଜ୍ଞାନରେ ପ୍ରଜାଜନ,
ସେରୂପର ଅତ୍ମା— ନିର୍ମଳତା ଦେଖି
ନ ପାରନ୍ତି ମୂର୍ଖଜନ ।

ଯେସନେ ଋଷିଏ ଜାଣିଲେ ଜାନକୀ
ମହାସତୀ ଅକଳଙ୍କ,
ତେସନେ ଜ୍ଞାନୀଏ ଅତ୍ମାକୁ ଜାଣନ୍ତି
ସଦା ଶୁଦ୍ଧ ନିଷ୍କଳଙ୍କ ।

ଏରୂପର ରାମ— ରାବଣ-ସଂଗ୍ରାମ
ଲାଗିଅଛି ନିରନ୍ତର,
ଟିକେ ମୁଁ ଭଣିଲି ଅଭ୍ ଯେତେ କଥା
ବୁଝ ଜ୍ଞାନ ! ଏ ପ୍ରକାର ।

Digitized by srujanika@gmail.com

କୁରୁ-ପାଣ୍ଡବ ଯୁଦ୍ଧ

ଏହି ପ୍ରାଣେ ମମ କୁରୁକ୍ଷେତ୍ର ଯୁଦ୍ଧ
ନିରନ୍ତର ଲାଗିଅଛି ହେ ପ୍ରଭୁ !
ଅନୁକ୍ଷଣ ହାରି ଯାଉଅଛି ଆହା
ଜଗତ୍ପିତା ହେ କୃଷ୍ଣ, ରହିଛ କାହିଁ ?
ପାଞ୍ଚ ଭାଇ ଯେତେ ପାଞ୍ଚାଳୀଙ୍କ ଠାରେ
ପ୍ରେମ ବନ୍ଧି ରହୁଥିଲେ ନିୟତ,
ମୋର ପାଞ୍ଚ ମନ ଏକମନ ହୋଇ
ଭାଗ୍ୟଲକ୍ଷ୍ମୀ ଭୁଞ୍ଜୁଛନ୍ତି ସତତ ।
ଶତ ଭ୍ରାତା ଦୁଷ୍ଟ ଦ୍ରୋଣ ସପ୍ତରଥୀ
ଏକାଦଶ ଅକ୍ଷୌହିଣୀ ସେନାଣୀ
ତଥାପି ହାରନ୍ତି ବଳଯୁକ୍ତ ପାଣ୍ଡବେ
ଯେମନ୍ତ ଅଦ୍ଭୁତ ଏହି କାହାଣୀ ।
ପର୍ବତ ପ୍ରମାଣ ବଳେ ବଳୀୟାନ
ଏ ପ୍ରାଣର କେତେ ପାପ ଗଞ୍ଜନ
ହାରି ନ ଯାନ୍ତି କି ? କ୍ଷଣେ ଧର୍ମ ପୁଣ୍ୟ
ଲାଗିଅଛି ବକ୍ଷେ ଏହି ମଞ୍ଜନ ।
ନୁହ ଭୀଷ୍ମ ଦ୍ରୋଣ ନୁହ ଶଲ୍ୟ କର୍ଣ୍ଣ
ନୁହ ଅଶ୍ୱତ୍ଥାମା ହସ୍ତିନାପତି
ତୁଅ ଯୁଧିଷ୍ଠିର ହେଉନ୍ତୁ ଅଗ୍ରଣୀ
ଶ୍ରୀକୃଷ୍ଣ ହେଉନ୍ତୁ ତୁମ୍ଭ ସାରଥୀ ।

ଏକାନ୍ତ ନିର୍ଭର

—୧—

କୁରୁସଭା ତଳେ ପାଞ୍ଚାଳୀ ସତୀ,
ଡାକନ୍ତି ବିକଳେ—"ବୈକୁଣ୍ଠପତି ହେ,
ଦୁଃଶାସନ ହରେ ବାସ ଅଙ୍ଗର
ଏ ଲଜ୍ଜା ନିବାର କମଳାବର ହେ !

Digitized by srujanika@gmail.com

ମାଗି ଯାଉ ଅଣି ବାଟ ଭିକାରୀ,
ଲଜ୍ଜା ନିବାରଣ କରେ ତାହାର ।
କରିତ-କାମିନୀ ବୃକ୍ଷ ବଲ୍କଳେ
ଲଜ୍ଜା ନିବାରନ୍ତି ହେଲେ ଜଙ୍ଗଲେ ।
ବାଳକ ବାଳିକା ଧୂଳି ଖେଳନ୍ତି
ସେମାନେ ସ୍ୱଦେହେ ବସ୍ତ୍ର ରଖନ୍ତି ।
ନିର୍ଜନ ନିଶାରେ ମାନବଗଣ,
ଶଯ୍ୟାରେ କରନ୍ତି ବସ୍ତ୍ର ଧାରଣ ।
ଏ ଯେ କୌରବଙ୍କ ବିରାଟ ମେଳ
ଅସଂଖ୍ୟ ଜନତା, ଦିବସ ବେଳ ହେ !
ମୁଁ ପାଞ୍ଚାଳଜେମା ପାଣ୍ଡବରାଣୀ
ଏ ଘୋର ବିପତ୍ତି କେ ଦେଲା ଆଣି ଯେ !
ଦେଖି ଶୁଣି ନାହିଁ ନେତ୍ର ଶ୍ରବଣ,
ରକ୍ଷା କର ମୋତେ ଜଗଜ୍ଜୀବନ ହେ !
ଦୁଃଶାସନ ଅଙ୍ଗେ ଭିଡ଼ଇ ବାସ
ଉପୁଜେ ମୋ ପ୍ରାଣେ ବିଷମ ତ୍ରାସ ହେ !"

—୨—

ବୈକୁଣ୍ଠେ କେଶବ କମଳା ସଙ୍ଗେ
ପଶା ଖେଳୁଛନ୍ତି ବିବିଧ ରଙ୍ଗେ ।
ଟଳ ଟଳ ଟଳ ବୈକୁଣ୍ଠପୁରୀ
କମ୍ପିଲା ସଘନେ ଶୁଭିଲା ହୁରି ।
କହନ୍ତି କମଳା, "ଶୁଣ କେଶବ,
ବିପଦେ ପଡ଼ିଲା ଭକତ ତବ ହେ !
ଖେଳ ଛାଡ଼ି ତାକୁ ଉଦ୍ଧାର କର,
କଳଙ୍କ ନ ରହୁ ନାମେ ତୁମ୍ଭର ହେ !"
କହନ୍ତି କେଶବ ମଧୁର ହାସେ
"ଦୁଃଶାସନ ହରେ ଦ୍ରୌପଦୀ-ବାସେ ଗୋ !

Digitized by srujanika@gmail.com

କୁରୁସଭା ତଳେ ପାଞ୍ଚାଳସୁତା
ଡାକୁଅଛୁ ମୋତେ ଭକତସୁତା ଗୋ !”
ଚମକି କହନ୍ତି ମାଧବପ୍ରିୟା—
“କେଡ଼େ ନିଦାରୁଣ ତୁମ୍ଭର ହିଆ ହେ !
ଚାଲ ଚାଲ ହରି, ସେ ସ୍ଥାନେ ଯିବା
ନାରୀ ଅପମାନ ଲଜ୍ଜା ହରିବା ହେ !”
ଗରୁଡ଼-ପୃଷ୍ଠରେ ଚଢ଼ି ଶ୍ରୀପତି
ଉଡ଼ିଲେ କଟାକ୍ଷେ ଦ୍ରୌପଦୀ କତି ।
ଶୂନ୍ୟେ ରହି ହରି ଇନ୍ଦିରା ସଙ୍ଗେ
କୁରୁସଭାରଙ୍ଗ ଦେଖିଲେ ରଙ୍ଗେ ।
ଦୁଃଶାସନ ଭିଡ଼େ ଦ୍ରୌପଦୀ-ବାସ,
ଡାକନ୍ତି ଦ୍ରୌପଦୀ, “ହେ ଶ୍ରୀନିବାସ !”
ଦୁଇ ହାତେ ଟାଣୁଛନ୍ତି ସ୍ୱବାସ
ଦୁଃଶାସନ ଟାଣେ, ହେଲେ ନିବ୍ରଣ ।

ଏକ କରେ ବସ୍ତ୍ର ଟାଣି ଧରନ୍ତି,
ଅନ୍ୟ କର ଟେକି ଡାକନ୍ତି ସତୀ—
“ଏ ଲଜ୍ଜା ନିବାର କମଳାବର,
ନୋହିଲେ ଏ ଦେହ ବିଭୂତି କର ହେ !”
କହନ୍ତି କମଳା ନ ସହି ଖେଦ—
“ସୁଦର୍ଶନ ଚକ୍ରେ ଦୁଃଶାକୁ ଛେଦ ହେ !”
ହସିଣ କହନ୍ତି, “ଶୁଣ କମଳା,
ଏକ ହସ୍ତେ ବାସ ଧରି ଅବଳା
ନିଜ ବଳେ କରିଅଛୁ ନିର୍ଭର
ବିକଳ ଜଣାଣ କଥା ମାତର ସେ ।
ନିଜକୁ ତ ନିଜେ କରେ ରକ୍ଷଣ
ମୋହର ଛନ୍ଦିରେ କି ପ୍ରୟୋଜନ ଗୋ !”

Digitized by srujanika@gmail.com

ଶେଷେ ଦୁଃଶାସନ ବଳରେ ହାରି
ବେନି ନେତ୍ରୁଁ ଢାଳି ଲୋତକ ବାରି ସେ;
ବେନି କର ତୋଳି ଡାକନ୍ତି ସତୀ—
"ରଖ ମୋତେ ରଖ ଗୋଲୋକପତି ହେ ।
ଅବଳାର ଲଜ୍ଜା ଶ୍ରେଷ୍ଠ ରତନ
ଏ ବିପଦେ ହରି କର ରକ୍ଷଣ ହେ !"
ନିଜଠାରେ ଦେଖି ପୂର୍ଣ୍ଣ ନିର୍ଭର
ଉପାୟେକ କଲେ କମଳାବର ସେ ।
ଯେତେ ବସ୍ତ୍ର ନିଏ ଓଟାରି ଦୁଃଶା
ବାହାରେ ଭିତରୁ ତେତିକି ଭୂଷା ଯେ ।
ଉଡ଼ି ଉଡ଼ି ଦୁଷ୍ଟ ପଡ଼ିଲା ଥକି
ଅଦ୍ଭୁତ ଭିଆଣେ ପଡ଼େ ଚମକି ସେ !
ଯାହାର ସହାୟ ଶ୍ରୀ ଭଗବାନ
କି କରି ପାରଇ ଶକତିମାନ ସେ !

ଭକ୍ତ ଓ ଭଗବାନ

ବୈକୁଣ୍ଠରେ ବିଷ୍ଣୁ କରନ୍ତି ମଣୋହି
ଲକ୍ଷ୍ମୀ କରୁଛନ୍ତି ପରିବେଷଣ,
ହାସ ପରିହାସ ଲାଗିଛି ବେନିଙ୍କ
କମଳା ତୋଷନ୍ତି ପତିଙ୍କ ମନ ।
ତେଜିଣ ଭୋଜନ ଧରି ସୁଦର୍ଶନ
ଦଉଡ଼ିଲେ ବିଷ୍ଣୁ ହୋଇ ଉଚ୍ଛନ୍ନ,
କିଛିକ୍ଷଣ ପରେ ଫେରିଆସି ଘରେ
ସୁଦର୍ଶନ ରଖି କଲେ ଭୋଜନ ।
ହସି ହସି ଲକ୍ଷ୍ମୀ ପୁଚ୍ଛିଲେ ମାଧବେ,
"ଅନ୍ନ ଛାଡ଼ି କାହିଁ ଗଲ ଦଉଡ଼ି ?"
କହନ୍ତି କେଶବ, "ଭକ୍ତ ଜଣେ ତବ
ପାଞ୍ଚ ଖାଇ ମୋତେ ଗଡ଼ିଲା ଦୂର—

Digitized by srujanika@gmail.com

'ତୁଅ ମୋର ସାହା ଅଛେ ଚଳବାହା,
ବିପଦରେ ମୁହିଁ ଯାଉଚ୍ଛି ବୁଡ଼ି ।'
ନ ସହୁ ତା ଦୁଃଖ ଭୋଜନର ସୁଖ
ଛେଡ଼ି ଚକ ଘେନି ଗଲି ଦଉଡ଼ି ।

× × × ×

ମୋର ନାମ ଗୁଣ୍ଡ଼ ନିକେ ଧରି ବାଡ଼ି
ଭକ୍ତବର ଶତ୍ରୁ କରଇ ଜୁର,
ଅଧ ବାଟୁଁ ଦେଖି ଭକତେ ଉପେକ୍ଷି
ବାହୁଡ଼ି ଆସିଲି ବୈକୁଣ୍ଠପୁର ।
ନିଜ ଶତ୍ରୁ ଯେବେ ଦଣ୍ଡିଲା ଭକତ
ମୋର ଆଉ କିସ କାର୍ଯ୍ୟ ସେଠାର,
ମୋ ଉପରେ କଲେ ଷୋଳଣା ନିର୍ଭର
ମୁହିଁ ବିନା କାର୍ଯ୍ୟ ତୁଲନ୍ତି ତାର !"

ଉଦ୍ଧବ କହନ୍ତି, "ହେ ବୈକୁଣ୍ଠନାଥ,
ସଦା ତୁମ୍ଭେ ଭକ୍ତ ବୋଲରେ ଥାଅ
ଛଳେ ମଳିନତା ଦେଖିଲେ କରତା
ଘୋର ନିରଶାରେ ଭକ୍ତେ ପକାଅ ।
ବଡ଼ ଈର୍ଷା ତବ ଅଛେ ଭକ୍ତସବ,
ଷୋଳଣା ଭକତ ମୁହିଁ ଭକ୍ତର
ଛଳେ ହେଲେ ଜଣା ନ ଦିଅ କରୁଣା
ଖଣ୍ଡାଧାରେ-ଚଢ଼ା-ନୀତି ତୁମ୍ଭର !

ଏକଲବ୍ୟ

—୧—

ହସ୍ତିନା ନଗରୀରାଣୀ କୁରୁ-ରାଜଧାନୀ,
ଧରାର ଅମରାବତୀ ଦୃପ୍ତ-ପାଟରାଣୀ ।
ଭୀଷ୍ମ ବାହୁ-ଛାୟାତଳେ ଶର ଉଦ୍ଧମନ୍ତ
ନିର୍ଭୀକ ନିଶ୍ଚିନ୍ତ ଦୃପ୍ତ ପ୍ରଦୀପ୍ତ ଶ୍ରୀମନ୍ତ ।

Digitized by srujanika@gmail.com

ପୂର୍ବ-ଉପକଣ୍ଠ ସ୍ଥାନ ନିରୋଳ ନିର୍ଜନ,
ଯାଦବରସେଁ ବଢ଼ି ଏଥି ରାଜପୁତ୍ରଗଣ ।
ଆଚାର୍ଯ୍ୟ-ତିଳକ ଦ୍ରୋଣ ପ୍ରଭୁ ମହାପ୍ରାଣ,
ନାନା ଅସ୍ତ୍ର ଶସ୍ତ୍ରେ ଶିକ୍ଷା କରନ୍ତି ପ୍ରଦାନ ।
ଦେଶେ ଦେଶେ ଖ୍ୟାତି ଯାର ଅଛି ପ୍ରଚାରିତ,
ଏହି ସେହି ଶିକ୍ଷାଗାର ବୀରବୃନ୍ଦ-ବନ୍ଦିତ ।
କୌରବପାଣ୍ଡବ ବୀର ସତୀର୍ଥ-ସେବିତ
ଯହିଁ କେତେ ଚିତ୍ରରାଜି ଅଛି ସୁସଜ୍ଜିତ—
ବୀରତ୍ୱ ଶୂରତ୍ୱ କେତେ ଅମର ବାରତା
ଦେବାସୁର ରାମ ରାବଣଙ୍କ ଯୁଦ୍ଧ କଥା ।

— ୨ —

ସୌମ୍ୟଶାନ୍ତ ସ୍ମିତହାସ୍ୟ ତରୁଣ ମୂରତି,
ଆଚାର୍ଯ୍ୟଙ୍କୁ ଆସି କଲା ସାଷ୍ଟାଙ୍ଗ ପ୍ରଣତି ।
ଯୋଡ଼ି ବେନି ପାଣି ରହି ସତୃଷ୍ଣ ନୟନେ
ଯାଚିଲା ଶିଷ୍ୟତ୍ୱ ଭିକ୍ଷା ଦ୍ରୋଣ ସନ୍ନିଧାନେ ।

ପୁଚ୍ଛିଲେ ଆଚାର୍ଯ୍ୟ "ସୌମ୍ୟ, କି ଗୋତ୍ର ତୁମ୍ଭର ?
ଏଥି ମାତ୍ର ଶିକ୍ଷା ଅଧିକାର କ୍ଷତ୍ରିୟର ।"
କହିଲା ସରଳ ଯୁବା, "ଭ୍ରମି ବନେ ବନେ
ଗୋତ୍ର କୁଳଗୋଷ୍ଠି ପଡ଼ିନାହିଁ ଏ ଶ୍ରବଣେ ।
ପୁଚ୍ଛିଣ ମାତାଙ୍କୁ ଏଥି ଆସିବି ମୁଁ କାଲି,"
କହି ଦିବ୍ୟ ସ୍ୱପ୍ନସମ ଦ୍ରୁତ ଗଲା ଚାଲି ।
ନିବିଡ଼ ନିର୍ଜନ ଭୀମ ଅଟବୀ ମହାନ
ତରୁଛାୟା ତଳେ ପଶି ହେଲା ଅନ୍ତର୍ଦ୍ଧାନ ।
ପରଦିନ ପ୍ରଭାତରେ ପ୍ରଣମିଲା ଆସି
"ନିଷାଦଗୋତ୍ରକୁ ନିଜେ ନିର୍ଭୀକେ ପ୍ରକାଶି
ଦୁର୍ବିନୀତ କ୍ରୁଦ୍ଧ ଦୁର୍ଯ୍ୟୋଧନ ଦୁଃଶାସନ—
ଅତି ହେୟଜ୍ଞାନ ତାକୁ କଲେ ପ୍ରଦର୍ଶନ ।

Digitized by srujanika@gmail.com

କହିଲେ ଅଗ୍ରଜ୍ୟ ଦ୍ରୋଣ, "ନିଷାଦକୁମର !
ଏଥି ଶିକ୍ଷା-ଅଧିକାର ମାତ୍ର କ୍ଷତ୍ରିୟର ।"
ପଦାହତ ଲଜ୍ଜାବତୀ-ଶାଖା-ପତ୍ର-ସମ
ମଉଳେ ଗଲା ସେ ଶୁଣି ଏ ବାକ୍ୟ ନିର୍ମମ ।
ମହାମନା ଧନଞ୍ଜୟ ଶ୍ରେଷ୍ଠ ବୀର
ନିଷାଦ-ତନୟ-ଦୁଃଖେ ସୁଦ୍ଧା ଅସ୍ତ ଧୀର ।

—୩—

ବହୁଦିନ ଅନ୍ତେ ଦିନେ ଅରଣ୍ୟ ଭ୍ରମଣେ
ରତଛନ୍ତି ଅନ୍ତେବାସୀ ଗୁରୁଙ୍କ ସହିତେ ।
ଶନଶନ ବାଣସ୍ୱନ କମ୍ପାଇ ଗଗନ
ଚଞ୍ଚଳ କୋଟିଅଛି ଯେପରି ଘୋର ଘନ ।
ଅବାସ ହୃଦୟେ ବାସ ଖୋଜି କୁଞ୍ଜବୀରେ
ଯାଇଣ ଭେଟିଲେ ଏକ ଯୁବକଙ୍କୁ ଧୀରେ ।
ଶରାସନୁ ଶର ଅସି ଓଗାଳିଲା ବାଟ
ଅନାମ୍ବତେ ଠିଆ ହେଲେ ଅଗ୍ରଜ ଓ ଗୃହ ।

ଶର ଏକ ଅପି କଲା ଗୁରୁଙ୍କୁ ପ୍ରଣାମ
ପୁଚ୍ଛିଲେ ଅଗ୍ରଜ,"କହ ତବ ଗୁରୁନାମ ।"
ଦେଖାଇଲା ଯୁବା ଦ୍ରୋଣ-ମୃଣ୍ମୟ-ମୂରତି
କହିଲା, "ନିଷାଦ-ପୁତ୍ର ଗଲା ତବ କତି ।
ନିଷାଦର କ୍ଷାତ୍ରଚର୍ଯ୍ୟେ ନାହିଁ ଅଧିକାର
ବୋଲି ପ୍ରତ୍ୟାଖ୍ୟାନ କଲ ମୋହର ଶିକ୍ଷାର ।
ମୂର୍ତ୍ତି ତବ ସ୍ଥାପି କଲି ଅସ୍ତ୍ରଶସ୍ତ୍ର ଶିକ୍ଷା
ଏ ମୃଣ୍ମୟ ମୂର୍ତ୍ତି ଦେଲେ ମୋତେ ସବୁ ଦୀକ୍ଷା ।"
କହିଲେ ଅଗ୍ରଜ, "ଗୁରୁ କଲ ମୋତେ ଯେବେ
ଗୁରୁର ଦକ୍ଷିଣା ବତ୍ସ ଦେବ କିନା ତେବେ ।"
"ଅବଶ୍ୟ" ବୋଲିଣ ବୀର ହେଲେ ବଦ୍ଧାଞ୍ଜଳି
କହିଲେ ଅଗ୍ରଜ, "ଭଦ୍ର, ଦିଅ ବୃଦ୍ଧାଙ୍ଗୁଳି ।"

Digitized by srujanika@gmail.com

ହାସ୍ୟମୁଖେ ବୃଦ୍ଧାଙ୍ଗୁଳି ବୀର କାଟିଦେଲ
ଆକାଶରୁ ଘନଘନ ପୁଷ୍ପବୃଷ୍ଟି ହେଲ ।
"ଧନ୍ୟ ଧନ୍ୟ ଏକଲବ୍ୟ" ହେଲ ଶୂନ୍ୟବାଣୀ,
ଯୁଗେ ଯୁଗେ ରହିଛି ତା ଚରିତ୍ର କାହାଣୀ ।

ମୁନୀନ୍ଦ୍ରମଙ୍ଗଳ *

ବ୍ରହ୍ମର୍ଷି ମହର୍ଷି ମଧ୍ୟେ ଦେବର୍ଷି ନାରଦ ଏକଦିନ
ପାରିଜାତ-ପ୍ରମୋଦିତ ଦେବସଭା ମଧ୍ୟେ ସମାସୀନ ।
ବୀଣାପାଣି ମୁଖ ଚାହିଁ ପଚାରନ୍ତି, "ଦେବୀ ସରସ୍ୱତୀ ।
ଆଜି ସୁର-ସଭା ମଧ୍ୟେ ଗୀତ ହେବ କା ପୁଣ୍ୟ କୀରତି ?
କିଏ ସେ ପୁରୁଷ ଧନ୍ୟ ଦୟା-କ୍ଷମା-ତ୍ୟାଗ-ଅବତାର,
କିଏ ସେ ପୁରୁଷୋତ୍ତମ ଦେବତା-ଦୁର୍ଲ୍ଲଭ କୀର୍ତ୍ତି ଯାର,
ହିମାଦ୍ରି-ମହତ୍ତ୍ୱ ସିନ୍ଧୁ-ଗଭୀରତା ଥିଲେ ମୂର୍ତ୍ତିମାନ,
ପ୍ରଦୀପ୍ତ ମାର୍ତ୍ତଣ୍ଡ ସଙ୍ଗେ ଚନ୍ଦ୍ରମାର ଅପୂର୍ବ ସନ୍ଧାନ ?
ରାଜକୁଳେ ଜନ୍ମି ଧର୍ମ-ଅଧିପତ୍ୟ ଦଳିଲ ଚରଣେ,
ତରୁଣୀ-କନକବକ୍ଷ କେ ଦେଖିଲ ବୈରାଗ୍ୟ ନୟନେ ?

ଧନଧାନ୍ୟେ ପରିପୂର୍ଣ୍ଣ-ଗୃହାଶ୍ରମ କିଏ କଲେ ତ୍ୟାଗ,
ନବଜାତ ଶିଶୁମାୟା ତ୍ୟାଗ କଲେ କେଉଁ ମହାଭାଗ ?
ତେଜିଣ କନକଦୀପ-ହୁଲସିତ-ପୁରୀ, ଗଜ ହୟ,
ଅନ୍ଧକାର ଅରଣ୍ୟାନୀ- ବନବୀଥି କେ କଲା ଆଶ୍ରୟ ?
ରତନପର୍ଯ୍ୟଙ୍କ-ସୁପ୍ତା ପ୍ରେମବତୀ ଲାବଣ୍ୟମୟୀକୁ
ବିସର୍ଜିଣ କେ ଚାଲି ହେଲେ କିଏ ବଜ୍ର କରି ବୁକୁ ?
ନବନୀତ-ସୁକୁମାର ଅଙ୍ଗେ କିଏ ବଜ୍ର-ଦୃଢ ବ୍ରତ
ନିର୍ମମ ନିଷ୍ଠୁରଭାବେ କଠୋର ତପସ୍ୟାକ୍ଲେଶେ ରତ ?
ନୃତ୍ୟଶ୍ରାନ୍ତା-ସ୍ରସ୍ତବାସା-ମୁକ୍ତକେଶୀ-ତରୁଣୀ- ରମଣୀ
ବିନିଦ୍ରିତା ନଗ୍ନତନୁ ଦେଖି କେଉଁ ଯୁବାବୀରମଣି ?

---

* ମୁନୀନ୍ଦ୍ର—ବୁଦ୍ଧଦେବ । ମଙ୍ଗଳ —ମାହାତ୍ମ୍ୟ ।

Digitized by srujanika@gmail.com

ନିର୍ବିକାର ଚିତ୍ତେ କଲେ କଠୋର ବୈରାଗ୍ୟ ଅଲିଙ୍ଗନ,
ସହସ୍ର ଫଣା-କାମନା-କାଳୀୟର ଅପୂର୍ବ ଦଳନ ?
କିଏ ଦେବ ମହାବୋଧିସତ୍ତ୍ୱମୂଳେ ମହାଧ୍ୟାନେ ରତ;
ନିର୍ବାତ ନିଷ୍କମ୍ପ ସିନ୍ଧୁ ସମ କିଏ ପ୍ରଶାନ୍ତ ପବିତ ?
ପଶୁରକ୍ତ-ପରିପ୍ଲୁତା ମେଦିନୀର ବକ୍ଷେ ହୋଇ ଉଭା
"ଅହିଂସା ପରମୋ ଧର୍ମ" ମହାମନ୍ତ୍ର ଉଚ୍ଚାରନ୍ତେ ଯୁବା
ଦାବାଗ୍ନି ସଙ୍କାଶ ତେଜେ ବ୍ୟାପିଗଲା ମହାଧର୍ମ ଶିକ୍ଷା,
ଧନୀ ଦୀନ ଜ୍ଞାନୀ ହୀନ ଉଚ୍ଚ ନୀଚେ ହେଲା ମହାଦୀକ୍ଷା,
କରୁଣ ନୟନ ଯାର ଦେଖି ଦୂରୁଁ ପାପିତାପିବ୍ରଜ
କଠୋର କର୍ତ୍ତବ୍ୟ ଯୋଗଲଭ୍ୟ ମୁକ୍ତି ମଣିଲେ ସହଜ ।

ପବିତ୍ରତା-ପ୍ରଭା-ଦୀପ୍ତ ନିଷ୍ପାପ ମାର୍ତ୍ତଣ୍ଡ ସେ ନିର୍ମମ,
ଯା ପାବନୀ ନେତ୍ରବହ୍ନି ଗ୍ରହିଁଣ ପତଙ୍ଗ ବହ୍ନିସମ
କୋଟି କୋଟି ନରନାରୀ ପ୍ରାଣ ହେଲା ଅକୃଷ୍ଟ ଅକୁଳେ
କିଏ ସେ ବରେଣ୍ୟ ପୂଜ୍ୟ ଦେବ-ବନ୍ଦନୀୟ ନରକୁଳେ ?
ମୁକୁଟ-ମଣ୍ଡିତ-ଶିର ମହାତପା ନୃପକୁଳେ ଧନ୍ୟ
ଚରଣ ନଖର ପାଇ, ଫିଙ୍ଗିଦେଲେ ରତ୍ନସିଂହାସନ ।

ଯା ଉଦାର ଶିକ୍ଷାଗୁଣେ ପୁତ୍ରଶୋକେ ଉଦ୍ଭ୍ରାନ୍ତା ଜନନୀ
ପାସୋରିଣ ପୁତ୍ରଶୋକ ହେଲେ ହେଲେ ବୌଦ୍ଧସନ୍ନ୍ୟାସିନୀ;
ତୁଚ୍ଛ କରି ସିଂହାସନ ରତ୍ନମୌଳି ନରପତିଗଣେ
ଭିକ୍ଷାପାତ୍ର ନେଲେ ହସ୍ତେ ହସି ହସି, ନିର୍ବିକାର ମନେ ।

କାହା ହୃଦୁଁ ବହିଷ୍କ୍ରାନ୍ତ ବ୍ରହ୍ମ-ଅଗ୍ନି ଦିଗଦିଗନ୍ତର
ପାତକ ଖାଣ୍ଡବ-ଦହି ବ୍ୟାପିଗଲା ମେଦିନୀମଣ୍ଡଳ,
ଉତ୍ତୁଙ୍ଗ ହିମାଦ୍ରି ଟପି ତିବ୍ବତ ତାତାର ଚୀନେ ଥାଇଁ
ସୁଦୂର ଅସୀମ ଗୋବି ମରୁଭୂମି ଦେଲା ସେ କମ୍ପାଇ,
ବ୍ରହ୍ମ ଶ୍ୟାମ ମାଳୟର ତଟଭୂମି ଅତିକ୍ରମ କରି
ସୁମାତ୍ରା ବୋର୍ଣ୍ଣିଓ-ଯବ-ବାଲିଦ୍ୱୀପେ ଥିଲା ଯା ସଞ୍ଚରି,

ହିମାଦ୍ରି-ତୁଷାର ଶୁଭ୍ର ପ୍ରାଙ୍ଗଣରେ ଦେବକନ୍ୟାଗଣ
କାହା ପଦ ସରୋଜରେ ପାରିଜାତ କଲେ ସମର୍ପଣ ?

Digitized by srujanika@gmail.com

ସିନ୍ଧୁ ଙ୍କାଚ ସମ୍ଭୂରଣ ନାଗବାଳା କଳକଳ ତାନେ
କାହାର ନିର୍ମଳ ଯଶ ପ୍ରତିଧ୍ୱନି ସଙ୍ଗେ କଲା ଗାନ ?
ହେ ଭାରତ ! କହ କହ କାଏ କର୍ମ ଧର୍ମବୀର ଶୁଦ୍ଧ ।”
କହେ ବାଣୀ ଧନ୍ୟ ହେଲି ଉଚ୍ଚାରଣି ‘ଶାକ୍ୟସିଂହ ବୁଦ୍ଧ’ ।
ଅଦ୍ୟାପି ଯା ପୁଣ୍ୟଧର୍ମ ପଞ୍ଚାଶତକୋଟି ଅଲଙ୍ଗିତ,
ଯା ନାମ ଜଗତ ମଧ୍ୟେ ଦୟାବୀର ନାମେ ସୁବିଦିତ ।
ଜପଧର୍ମ-ପୌରୋହିତ୍ୟ-ଅତ୍ୟାଗ୍ରହେ ଶରକଣ୍ଟକିତ
ଭୂଭାରତେ ଜାତିନିର୍ବିଶେଷେ ଯାର ଧର୍ମ ସମ୍ବୃତ ।
ମନୁଷ୍ୟେ ମନୁଷ୍ୟ ରୂପେ ଯାର ମୈତ୍ରୀ କରେ ଆଲିଙ୍ଗନ,
ନମସ୍ତେ ନମସ୍ତେ ବନ୍ଦେ ଅମିତାଭ ତବ ଶ୍ରୀଚରଣ ।
ଅନନ୍ତ ଗଗନପଥେ ଦେବର୍ଷି ଧରି ଦିବ୍ୟବୀଣା,
କରନ୍ତି ଗାୟନ ନିତ୍ୟ ସୁଧାବର୍ଷିଗୀତ ମୁର୍ଚ୍ଛନା ।
ନମୋ ନମଃ ଅମିତାଭ ହେ ଗୌତମ ଶାକ୍ୟସିଂହ ବୁଦ୍ଧ,
ତବ ନାମ ସ୍ମରି କାୟମନୋବାକ୍ୟ ହେଉ ମମ ଶୁଦ୍ଧ ।”

ଗୌତମ

—୧—

ଓଁ ବୁଦ୍ଧ-ସଂଘ-ଧର୍ମ ଓଁ କର୍ମ ନିର୍ମାଣ
କହିବି ନିର୍ବାଣ-ତତ୍ତ୍ୱ କର ଅବଧାନ
ପ୍ରଣାମଇ ଅମିତାଭ-ପୂତ-ଶ୍ରୀଚରଣେ
ନିର୍ବାଣ ତତ୍ତ୍ୱ ଯେ କଲେ ପ୍ରଚାର ଭୁବନେ ।
ଶାକ୍ୟକୁଳ ସୁନନ୍ଦନ ଗୌତମ ପାବନ
ଯାଗଯଜ୍ଞ ଜପଧର୍ମ କଲେ ଯେ ଦମନ ।
ନବୀନ ଯୌବନେ ନବପ୍ରଣୟିନୀ ଜାୟା
ଲାବଣ୍ୟମୟୀଙ୍କ ଅଙ୍କେ ଶିଶୁ ପୁତ୍ର ମାୟା;
ରାଜସିଂହାସନ ଭୋଗ ବିଳାସ-ବାସନା—
ସର୍ବ ତେଜି ହେଲେ ଯୋଗୀ କଉପୀନ ଘେନା ।

Digitized by srujanika@gmail.com

ପଥର ଲେଖାରୂପେ ସଦ୍‌ବଂଶ ତନୟ,
ବାସନା-ବିନାଶୀ ଶିଷ୍ୟଙ୍କୁ ଇତେଦ୍ରୟ ।
ଦେଖାଇ ଜ୍ୱଳନ୍ତ ମହାନ୍ଭାବନ୍ତ ଦୃଷ୍ଟାନ୍ତ
ଜଗତରେ ପ୍ରଗ୍ରୁବଲେ କି ଅମୃତ-ସନ୍ତ୍ୟ !
ପୌବେହତ୍ୟ ଅତ୍ୟାଗ୍ରେରେ ଦଳିତ ମଥିତ
ହେଲ ଏହି ସନାତନ ଭୂମି ସୁପବିତ୍ର ।
ପଶୁରକ୍ତେ ଥିଲ ଏହି ମେଦିନୀ-ପ୍ଲାବିତ
"ଅହିଂସା ପରମୋ ଧର୍ମ" ହେଲ ବିଘୋଷିତ ।
ସେ ମହାଦୀକ୍ଷାରେ ମାତି ସମଗ୍ର ଭାରତ
ଦେଶ ବିଦେଶରେ ତାହା କଲ ସୁଜାଗ୍ରତ ।
ଗଙ୍ଗାଗୋଦାବରୀ ତଟ ମହୀଷାମଣ୍ଡଳ,
କାଶ୍ମୀର ସୌରାଷ୍ଟ୍ର ମହାରାଷ୍ଟ୍ର ହିମାଚଳ—
ଦେଖୁଁ ଦେଖୁଁ ଦେଶ ମହାସତ୍ୟ ଦେଲ ପ୍ରତ୍ୟକ୍ଷ,
ଅର୍ଯ୍ୟାବର୍ତ୍ତ ଦାକ୍ଷିଣାତ୍ୟ ମହୋଦଧି ତଟ;
ଜମ୍ବୁଦ୍ୱୀପୁଁ ଲଙ୍କା ବ୍ରହ୍ମ ପାରସ୍ୟ ଗାନ୍ଧାର,
ଚୀନ ଗ୍ରୀସ ଏସିରସ ସିରିଆ ମିଶର;
ତାତାର କାବୁଲ ସଙ୍ଗେ ତିବ୍‌ବତ ଯାପାନ—
ନାନାଦେଶେ ଉଡ଼ିଲ ସେ ସାମ୍ୟ-ଧ୍ୱଜାମାନ ।

ଦାବାଗ୍ନି-ସଙ୍କାଶ ତାହା ଘୋଟିଲ ଭୁବନ
ସେ ତାପେ ଫାଟିଲ ଦୁରାଗ୍ରହ ଦୁର୍ଗବନ ।
ସୁକୁମାରୀ ନାରୀଗଣ ମହୋତ୍ସାହେ ଚଳି
ସାଂସାରିକ ସୁଖ ଅଶେ ଦେଇ ଜଳାଞ୍ଜଳି
ରାଜକନ୍ୟା ସଙ୍ଘମିତ୍ରା ହେଲେକ ଭିକ୍ଷୁଣୀ
ନିର୍ମମ କଠୋର ଭ୍ରମ ସଂଯମର ଧର୍ମ
ଅନଳେ ପତଙ୍ଗବତ ପଡ଼ିଲେକ ତେଜି
ପ୍ରଗ୍ରୁରିତ ନବଧର୍ମ ମତାଇଲ ବିଶ୍ୱ
କୋଟି କୋଟି ନର କଲେ ସେ ଧର୍ମ ଗ୍ରହଣ
ଅର୍ଦ୍ଧାଂଶ ମାନବ ନବଧର୍ମ ସୁଦୀକ୍ଷିତ ।

Digitized by srujanika@gmail.com

—୨—

ପ୍ରବଳପ୍ରତାପ ମୌର୍ଯ୍ୟବଂଶ-ଅବତଂସ,
ଚନ୍ଦ୍ରଗୁପ୍ତ ପୌତ୍ର, ରାଜା ବିମ୍ବିସାର ପୁତ୍ର,
ନୃଶଂସ ଚଣ୍ଡାଳ "ଚଣ୍ଡାଶୋକ" ନାମେ ଖ୍ୟାତ
କୋଟି କୋଟି ବୌଦ୍ଧ ବଧି ଜୀବନ୍ତ ଉଦ୍ଧତ
ଶୁଣିଣ ଶ୍ରମଣ ମୁଖୁଁ ସଂଯମ କାହାଣୀ
ହକାର ଗହଣେ ତାଙ୍କୁ କଲେ ସଦାଳାପ ।
ନବଧର୍ମେ ମଜ୍ଜିଗଲେ ହେଲେକ ଦୀକ୍ଷିତ
ନାନାତୀର୍ଥ ଭ୍ରମି କଲେ ମାନସ ପବିତ୍ର —
ଲୁମ୍ବିନୀ-ଉଦ୍ୟାନେ ଯହିଁ ଶାକ୍ୟସିଂହ ଜାତ,
କପିଳବାସ୍ତୁ ନଗରୀ ଯହିଁ ସେ ଲାଳିତ;
ପୁଣ୍ୟତୋୟା ଅନୋମାତଟିନୀତଟ, ଯହିଁ
ଗୃହ ତେଜି ଭୃତ୍ୟେ ବସ୍ତ୍ର ଆଭରଣ ଦେଇ
ଖଡ଼ଗେ ମୁଣ୍ଡନ କଲେ ଭୂମିସ୍ପର୍ଶୀ କେଶ,
ବିମ୍ବିସାର ରାଜ୍ୟସ୍ଥିତ ରାଜଗୃହ ଦେଶ

ନାନା ମୁନି ଅଚରୁଣ ଥିଲେ ତପୋବଧି
ଯାଙ୍କ ପୁଣ୍ୟ ସହବାସେ ଥିଲେ ତପୋନିଧି
ଶାକ୍ୟମୁନି ଷଡ଼ବର୍ଷ ହୋଇଥିଲେ ଯତ
ଉରୁବିଲ୍ୱପଲ୍ଲୀ ଯହିଁ ପ୍ରାଚୀନ ପଦ୍ଧତି
ଧ୍ୱଂଶାଭ୍ରରେ ତେଜି ପଞ୍ଚ ବ୍ରାହ୍ମଣ ଗହଣେ
ଘୋର ତପ ଅଚରିଲେ ସିଦ୍ଧାର୍ଥ ଆପଣେ,
ନୈରଞ୍ଜନା ନଦୀତଟେ ପ୍ରାଗୁପ୍ତ ପ୍ରଣାଳୀ
ଭ୍ରାନ୍ତମଣି ଶୀର୍ଣ୍ଣତନୁ ଥିଲେକ ପଖାଳି,
ସୁଜାତା ପ୍ରଦତ୍ତ ଅନ୍ନ ଭୁଞ୍ଜି ଜ୍ଞାନବନ୍ତ
ଯେ ଅଶ୍ୱତ୍ଥପଦପ୍ରାନ୍ତେ ନିହୁଲେ ଶରୀର ;
ବୁଦ୍ଧି ଯୋଗ ସାଧନେ ସେ ଲଭିଲେ ନିର୍ବାଣ
ବୁଦ୍ଧଗୟା ମଧ୍ୟସ୍ଥିତ ସେ ଅଶ୍ୱତ୍ଥ ପୁଣ୍ୟ

Digitized by srujanika@gmail.com

କାଶୀଧାମେ ମୃଗଦାବ ନିବଡ଼ ଅରଣ୍ୟ
କୁଶୀନଗର୍ଣ୍ଣରେ ସମ୍ବରଣ ଅପଘନ
ଲଭିଲେ ନିର୍ବାଣ ବୁଦ୍ଧ-ଏ ତୀର୍ଥସମାଜ
ଭକ୍ତିପୂତଚକ୍ଷେ ଭ୍ରମି ଅଶୋକ ନୃରାଜ
ସ୍ଥାପି ସ୍ତୂପଚୟ—ସଂଖ୍ୟା ଚୌରାଅଶି କୋଟି
ଷାଠିଏ ସହସ୍ର ଶ୍ରମଣ ନିୟୋଗିଣ
ଦେଶେ ଦେଶେ ଉଡ଼ାଇଲେ ବୌଦ୍ଧ-ବୈଜୟନ୍ତୀ
ଗୁମ୍ଫା ଗୁମ୍ଫା ଖୋଳାଇଲେ ବୌଦ୍ଧଲିପିଚୟ
ଅଦ୍ୟାପି ଯା କାଳ ପ୍ରତି ପକାଏ ଭ୍ରୂକୁଟି
* ବର୍ଣ୍ଣି ଦେବପ୍ରିୟ ପ୍ରିୟଦର୍ଶୀ ନ୍ୟାୟନିଷ୍ଠାପଣ ।
ସତ୍ୟ ନ୍ୟାୟ ଶିକ୍ଷା ଦୀକ୍ଷା ସମତା ତିତିକ୍ଷା
ପୁଣ୍ୟକୀର୍ତ୍ତି ନରମଣି କରିଲେ ପ୍ରଚାର;
ସଂସାରର ସୁଖ ତେଜି ସନ୍ନ୍ୟାସିନୀ ଧନୀ
ହୋଇଗଲେ ରାଜକନ୍ୟା ଯୌବନେ ଭିକ୍ଷୁଣୀ ।

ତିଷ୍ୟରକ୍ଷିତା ନାମରେ ପ୍ରିୟା ପାଟରାଣୀ
ଅଲୋକସାମାନ୍ୟରୂପା ବାଟପୀ ରାକ୍ଷସୀ
ରୂପଲାବଣ୍ୟରେ ମୋହି ମହାରାଜ ମନ
କନିଷ୍ଠା ହେଲେହେଁ ହେଲେ ରାଜପ୍ରିୟତମା ।
କୁନାଲଙ୍କ ଶୁଭ୍ର ବପୁ ସୁନ୍ଦର ଆନନ
ପଙ୍କଜପଲାଶନେତ୍ର ଦେଖି କାମବଶେ
ଜଘନ୍ୟ ପାତକେ ମଜ୍ଜି ସେ ପାପ ବାସନା
ଧର୍ମାତ୍ମା କୁନାଲପାଶେ କଲା ପ୍ରକାଶ ।
ସମ୍ମତ ନୁହନ୍ତେ ରାଜପୁତ୍ର, ପାପୀୟସୀ
ସମ୍ରାଟଙ୍କ କରାଙ୍କିତ ଛଦ୍ମ ଆଜ୍ଞାପତ୍ର
ବଳରେ ସେ ରାଜପୁତ୍ରେ କରାଇଲା ଅନ୍ଧ !

* ଦେବପ୍ରିୟ ପ୍ରିୟଦର୍ଶୀ— ଅଶୋକ ।

Digitized by srujanika@gmail.com

— ୩ —

ନିବିଡ ନିଶୀଥକାଳେ ଶୁଣି ବଂଶୀସ୍ୱନ
ହେଲେ ଜମ୍ବୁଦ୍ୱୀପ-ସ୍ୱାମୀ ଉଦାସୀନ ମନ ।
ପରଶତ ବଂଶୀସ୍ୱନ ପ୍ରିୟତମ ସୁତ
ନିସ୍ତବ୍ଧ ନିର୍ଜନ ସ୍ଥାନେ ବଜାଏ କିମ୍ପାଇଁ;
ହଠାତ୍ ପୁଚ୍ଛନ୍ତେ ହେଲା ସେ କଥା ପ୍ରକାଶ
କେମନ୍ତେ ଲେଖନୀ ମୋର ବର୍ଣ୍ଣିବ ସେ ଦୁଃଖ ?
ଉଦାର ସୁନ୍ଦର ସେହି ସୁନୀଳ ଲୋଚନ
କପଟ ନିଷ୍ଠୁର ଶରବର୍ଷୀ ଲୀଳାରେ !

× × ×

ଅସମ୍ପୂର୍ଣ୍ଣ

କୃଶା ଗୌତମୀ

ପୁତ୍ର-ଶୋକାତୁର ତରୁଣୀ ଗୌତମୀ
ପୁତ୍ରଶବ ଧରି ବକ୍ଷେ ହିଁ ରୁ
ଏକାକିନୀ ଶ୍ରାନ୍ତ ପଥକ୍ଲାନ୍ତ ହୋଇ
ଆସିଅଛି ଦୂର ଶ୍ରାବସ୍ତୀ ପୁରୁଁ ।
ଏକମାତ୍ର ସୁତ ମୃତ ହେଲା, ତେଣୁ
ଘରଦ୍ୱାର କୁଳମାନ ବରଜି
ହେଲା ଉନ୍ମାଦିନୀ, ପରାଣର ନିଧି
ଦରିଦ୍ର ରତନ ଲୋ ମୋ ହଜି ।
କହ ହେ ସନ୍ନ୍ୟାସୀ ! ମୋ ପ୍ରାଣର ଧନ
କେମନ୍ତେ ପାଇବି ହଜିଲା ନିଧି ?
ଯେଉଁ ପାପେ ମୋତେ ଏ ଅସହ୍ୟ ଶୋକ
ବଞ୍ଚିବାର ନାହିଁ ଦାରୁଣ ବିଧି ।

Digitized by srujanika@gmail.com

ଖଣ୍ଡ ଖଣ୍ଡ ହୋଇ ଶବଦେହୁଁ ମାଂସ
ଗଲା ଯାଇଅଛୁ ଏ ଦୀର୍ଘ ପଥ,
ନାହିଁ ଶ୍ୱାସବାୟୁ ହୃତ୍‌ଯନ୍ତ୍ରର ଗତି,
ବହୁଦିନ ରହୁ ଗଲାଣି ରଥ ।
ତଥାପି ମୋହର ପରତେ ନ ହୁଏ
ମରିଅଛୁ ମୋର ପରାଣଧନ,
ପୀଡ଼ାର ଔଷଧ କଏସେ ହେ ଦେଇ
ରଖ ମମ ପ୍ରିୟ ସୁତ ଜୀବନ !
କହଇ ସନ୍ନ୍ୟାସୀ "ଅଟଗୋ ଉନ୍ମାଦିନି !
ଯାଅ ଜେତବନେ ବୁଦ୍ଧ ସକାଶେ,
ଯହିଁ ବଂଶବନେ ସ୍ୱଶିଷ୍ୟ ଗହଣେ
ଅଛନ୍ତି ସେ ଗୃହଭୂମିସ୍ୟ-ଆବାସେ ।"
ଯାଇଣ ଯୁବତୀ ଶାକ୍ୟମୁନି କତି
ଶ୍ରୀଚରଣେ ତାଙ୍କ ପଡ଼ିଲା ଗଡ଼ି
ନର କିବା ସ୍ଥିର ପାଷାଣ ହେଲେହେଁ
ତରଳନ୍ତ ଶୁଣି ତରୁଣୀ ରଡ଼ି !

"ତବ ଯଶ ଶୁଣି ବହୁଦୂର ପଥୁଁ
କରିଅଛୁ ଏଥି ମୁଁ ଆଗମନ
ଦିଅ ପିତା, ସେହି ଔଷଧ ଯା ଖାଇ
ଉଠିଣ ବସିବ ମୋ ପ୍ରାଣଧନ !"
କହନ୍ତି ମୁନୀନ୍ଦ୍ର, "ଶାନ୍ତ ହୁଅ ମାତଃ
ଆଣ ଯା ସର୍ଷପ-ମୁଷ୍ଟି ମୋ ପାଶ
ସେ ଘରୁଁ, ଯେ ଘରେ କେବେ ନ ମରିଛି
ନରନାରୀ ଶିଶୁ ଦାସୀ ବା ଦାସ ।"
ଅତି ଆନନ୍ଦରେ ପୁତ୍ର ଶବ ଧରି
ଦଉଡ଼ିଲା ନାରୀ ସର୍ଷପ ଆଶେ
ଯହିଁ ପୁଚ୍ଛେ ତହିଁ ଶୁଣେ ସେ ଦୁଃଖିନୀ
କେହି-ହେଲେ-ଗତ ଯମ ଆବାସେ ।

Digitized by srujanika@gmail.com

ମାୟାମୁଗ୍ଧ ମନେ କର୍ମସୂତ୍ର ଗୁଣେ
ପଡ଼ି ଜ୍ଞାନାଲୋକ ନାଶିଲି ଧ୍ୱାନ୍ତ,
ଦେଖି ପୁତ୍ର ଶବ କହେ, "ଅମିତାଭ !
ଉଦ୍ଧାରିଲ ମୋତେ ହେ ସିଦ୍ଧ ଶାନ୍ତ !
ଦିଅ ଶ୍ରୀଚରଣ-ପ୍ରାନ୍ତେ ସ୍ଥାନ ମୋତେ,
ଶରଣ ମାଗଇ ଏ ଅଭାଗିନୀ;
ଆଶ୍ରା ଦିଅ ତବ ପୂତ-ଧର୍ମ-ସଂଘ—
ଛାୟାତଳେ ହୁଏ ମୁଁ ସନ୍ନ୍ୟାସିନୀ !"
ତା ପବିତ୍ରହୃଦୁଁ ପବିତ୍ର ନୟନୁଁ
ନେତ୍ର ବିଶ୍ୱ ତାର ନିରେଖି ବୁଦ୍ଧ
ଦୀକ୍ଷା ଦେଲେ ତାକୁ, ହେଲା ସେ ଭିକ୍ଷୁଣୀ
ସକଳ କଳୁଷ ହେଲା ତା ଶୁଦ୍ଧ ।

ଭାବୀରାଜା

(ପିଙ୍ଗଳ ଓ ଅଶୋକ)

ନରପତି ବିମ୍ବିସାର ପିଙ୍ଗଳେ କରି ହକାର
କହନ୍ତି ହେ ବିଦ୍ୟାଗୁରୁ କହ ନିକର,
ଆମ୍ଭର କେଉଁ ନନ୍ଦନ ମଗଧର ସିଂହାସନ
ଆମ୍ଭ ଅନ୍ତେ ଅଭିଷିକ୍ତ ହେବ ମୁକର ।
କରି ଶୁଭଦିନ ସ୍ଥିର ସକଳ ରାଜକୁମର
ଡକାଇଲେ ଗୁରୁ ଏକ ସଜ୍ଜିତ ସ୍ଥାନେ,
ଅରୋହି ବିବିଧ ଯାନେ ମାଣିକ୍ୟ-ଗଢ଼ା ବିମାନେ
ପ୍ରବେଶିଲେ ବିମ୍ବିସାର-ତନୟମାନେ ।
ଦେଖି ରତ୍ନ-ସିଂହାସନ କରିଣ ଉପବେଶନ
କଲେ ସେ ଭୋଜନ ନାନା ସୁଖାଦ୍ୟମାନ,
ପିତାଙ୍କର ବୃଦ୍ଧ କରି-ପୃଷ୍ଠେ ଆଗମନ କରି
ଭୂତଳେ ଅଶୋକ କଲେ ଗୋଦୁଗ୍ଧ ପାନ ।

Digitized by srujanika@gmail.com

କହୁଲେ ପିଙ୍ଗଳ,"ନୃପ! ସେହୁ ଯୁବା ହେବେ ଭୂପ
ଯାହାଙ୍କର ଶ୍ରେଷ୍ଠ ପୀଠ, ଅହାର, ଯାନ ।"
କହନ୍ତ ଅଶୋକ, "ମାତା ! ମୁହିଁ ହେବି ପୃଥ୍ୱୀପାତା
ମୋ ଆସନ ବସୁନ୍ଧରା କ ଗଜସ୍କାନ,
ପିତାଙ୍କର ପାଟହାତୀ ତା ସମ କେହୁ ନୁହନ୍ତ
ମୋ ପାନୀୟ ଦୁଗ୍ଧ ବିଶ୍ୱ-ପ୍ରାଣୀର ପ୍ରାଣ ।"

କୁନାଳ ଓ ତିଷ୍ୟରକ୍ଷିତା

ପରମ ସୁନ୍ଦର ଯୁବା ଧୀର ବୀରମଣି,
ଅପାର ସଦ୍‌ଗୁଣ-ରତ୍ନ-ଅସରନ୍ତା ଖଣି ।
ସଦା ସତ୍ୟବାଦୀ, ଦାତା ପ୍ରଜା-ପ୍ରାଣଧନ;
କୁନାଳ ଅଶୋକଙ୍କର କୁଳର ନନ୍ଦନ ।
ମୁଗ୍ଧ ସବେ ପୁରବାସୀ, ନିଖିଳ ମଗଧ,
ଜଣେ ମାତ୍ର ଏ ଯଶରେ ହିଂସା-ବ୍ୟାଧଗଧ ।
କୁନାଳ-ବିମାତା ତିଷ୍ୟରକ୍ଷିତା ସୁନ୍ଦରୀ
ସପତ୍ନୀ-ଈର୍ଷା-ବିଷ ପ୍ରାଣେ ଅଛୁ ଭରି ।

କୁନାଳ ସାଧୁତା ଯଶ ବିସ୍ତାରେ ଯେତିକି
ଈର୍ଷ୍ୟାନଳେ ପାପୀୟସୀ ଜଳଇ ସେତିକି ।
କେସନ ବିନଷ୍ଟ ହେବ କୁନାଳ ଜୀବନ
ନିଶିଦିବା ଖଣୀ ଯତ୍ନ କରେ ପ୍ରାଣପଣ ।
କୁନାଳକୁ ଅନ୍ଧ କଲା ପିଶାଚୀ କୌଶଳେ,
ଫଳେ ମୃତ୍ୟୁଞ୍ଜୟ ହେଲେ ସାଧୁ ଭୂମଣ୍ଡଳେ ।
ଭକତର ବଜ୍ରସେହ୍ନା ପ୍ରଭୁ ଭଗବାନ
କି କରିପାରନ୍ତି କେବେ ତାର ବଳବାନ !

Digitized by srujanika@gmail.com

ନୀଳାଦ୍ରି-କନ୍ଦର

—୧—

ବିରାଟ-ନୀଳାବ୍ଧି-ତଟ-ପ୍ରାନ୍ତେ
ଉଭ ଉଚ୍ଚ ନୀଳାଦ୍ରି-କନ୍ଦର,
ବିଶାଳ-ବାରିଧି-ତୀର-ଦେଶେ
ତୀର୍ଥରାଜ ଅପୂର୍ବ ସୁନ୍ଦର !
ଶୌଭରେ ବିସ୍ତାରି ଦିବ୍ୟବପୁ
ବିରାଜଇ ସୈକତପ୍ରାନ୍ତର,
ଗମ୍ଭୀର-ନିର୍ଘୋଷୀ ମହାସିନ୍ଧୁ
ବ୍ୟାପି ଅଛି ଦିଗ ଦିଗନ୍ତର ।
ପ୍ରଶାନ୍ତ ପାବନ ସୁଗମ୍ଭୀର
ଅସୀମ ଅନନ୍ତ ଜଳରାଶି,
ଫେନୋଦ୍‌ଗାରି ଯା କଲ୍ଲୋଳଜାଳ
ଷଣେ ଅବା ପିବ ବିଶ୍ୱ ଗ୍ରାସି ।

ଯାହା ତୀରେ ମହା ଗର୍ବୀ ନର—
ଶିର ହୁଏ ସ୍ୱତଃ ଅବନତ,
ଭୂମାବିଶ୍ୱପତିଙ୍କର ସ୍ମୃତି
ଉଦ୍‌ବୋଧିତ କରେ ଯା ସନ୍ତତ ।
ଫେନିଲ-କରାଳ-ଚଳ-ଲୋଳ—
ଟଳ ଟଳ-ଜଳ ନୀଳସିନ୍ଧୁ
ଜଣାଏ ଯେ ମାନବେ ଲଭେ ଯେହ୍ନ
"ବିଶ୍ୱେ ତୁରେ କି ନଗଣ୍ୟ ବିନ୍ଦୁ !"
ଏହିଠାରେ ସ୍ଥୂଳ ଶେଷ ସୀମା !
ଅବଧି ଏ ଭୂମା ବାରିଧିର,
ମେଲୁଥାଏ ବିରାଟ-ବିସ୍ତାର
ନୀର ଭିନ୍ନ ଅଂଶ ଅବନୀର ।

Digitized by srujanika@gmail.com

ଦେଶେ କାଳେ ସୁନ୍ଦର ପବିତ୍ର
ବରିଷ୍ଠ ବିଶଦ ଭବେ ଯାହା,
ବିଶ୍ୱପତି-ପୂଜା-ଅନୁକୂଳ
ଯୁଗେ ଯୁଗେ ଦେଶେ ଦେଶେ ତାହା ।
ମହାସିନ୍ଧୁ-ସୁପବିତ୍ର- କୂଳ
ବିଶ୍ୱପାତା-ପୂଜା-ଅନୁକୂଳ
କେଉଁ ଯୁଗେ, କେଉଁ ଶୁଭକ୍ଷଣେ
ଭକ୍ତପ୍ରାଣ କଲ୍ପକ ଅକୂଳ ।
ସୁବିଶାଳ-ସିକତା-ପ୍ରାନ୍ତରେ
ବିସ୍ତୀର୍ଣ୍ଣ ଏ ମହାସିନ୍ଧୁ-ତଟେ
ତୋଳିଲା କେ ଜିଉଙ୍କ ମନ୍ଦର,
ନୀଳାଚଳେ ମହାବ୍ୟୋମପଟେ ।
ଧନ୍ୟ ଧନ୍ୟ ହେ ଭକ୍ତପ୍ରବର !
ସତ୍ୟ-ଶିବ-ସୁନ୍ଦର-ସ୍ୱପନ
ନରେଶଙ୍କ କି ଶୁଭନିଦ୍ରାରେ
ଭକ୍ତିପୂତ ତବ ଜଗ ମନ ।

— ୨ —

ବିଶାଳ ଏ ନୀଳାବ୍ଧି-ପୁଳିନେ
ପବିତ୍ର ସିକତାମୟ ସ୍ଥାନ,
ସୁନ୍ଦର ଏ ନୀଳାଦ୍ରିକନ୍ଦରେ
ଜିଉଙ୍କ ମନ୍ଦର ମହୀୟାନ ।
କି ଶୁଭମୁହୂର୍ତ୍ତେ ଭକ୍ତପ୍ରାଣେ
ଏ ଦିବ୍ୟ ସଙ୍କଳ୍ପ ଅବତୀର୍ଣ୍ଣ
ହିମାଦ୍ରିରୁ କୁମାରିକା ଯାଏ
ହେଲା କାଳେ ଯା ପ୍ରଭା ବିକୀର୍ଣ୍ଣ ।
କେତେ ଯୁଗ-ଯୁଗାନ୍ତରବଧି,
କେତେ ଦେଶ ଦେଶାନ୍ତରବାସୀ
ଭକ୍ତଗଣ ଅକୂଳ-ଅନ୍ତରେ
ଧନ୍ୟ ହେଲେ ଏ ସୁତୀର୍ଥେ ଆସି ।

Digitized by srujanika@gmail.com

ନିସର୍ଗ-ସୁନ୍ଦର ଏ ଶ୍ରୀକ୍ଷେତ୍ରେ
ଶ୍ରୀ ମନ୍ଦିର ସୁନ୍ଦର ପାବନ,
ହିନ୍ଦୁ-ବୌଦ୍ଧ-ଶୈବ-ଶାକ୍ତ-ମତ—
ସମନ୍ୱୟ-କ୍ଷେତ୍ର ଏ ବାଚନ ।
ସତ୍ୟ ଶିବ ସୁନ୍ଦରଙ୍କ ପୂଜା
ସଚ୍ଚିଦାନନ୍ଦଙ୍କ ମହାଧ୍ୟାନ,
ନୀଳାଚଳେ ଲୀଳାମୟ ହରି
ହେବ ମୁଗ୍ଧ ସଦା ଭକ୍ତପ୍ରାଣ ।
ଶ୍ରୀଚୈତନ୍ୟ ପ୍ରେମମୟ-ପ୍ରାଣ
ଭକ୍ତଗଣ ଗହଣେ ଶ୍ରୀକ୍ଷେତ୍ରେ
ସଙ୍କୀର୍ତ୍ତନେ ମାତି ଗୌରଚନ୍ଦ୍ର
ପ୍ରାଣ ହରି ହେଉଥିଲେ ସ୍ୱନେତ୍ରେ ।
ମହୋଦଧି ମହା-କଲ୍ଲୋଳରେ
ପାଇଣ ସେ ପ୍ରାଣର ଦୋସର
ବିଶ୍ୱମୟ ହେବ ବିଶ୍ୱେଶ୍ୱରେ
ମିଶିଗଲେ ତାଙ୍କ ସଙ୍ଗତର ।

ଜଗନ୍ମୟ ଦେଖି ଜଗନ୍ନାଥ
ପରମରେ ସ୍ଥିତ ଏ ଜୀବର,
ଏ ବିଶ୍ୱ ସଂସାରେ ଓତପ୍ରୋତ
ଭାବେ ଯେଣୁ ଛନ୍ତି ବିଶ୍ୱେଶ୍ୱର ।
ଏହିପରି ଏହି ପୁଣ୍ୟତୀର୍ଥେ
କେତେ କେତେ ସାଧୁ ମହାଜନ
ପୂତ କରି ପୂତ ହୋଇ ନିଜେ
ନୀଳାଚଳେ କଲେ ବିଚରଣ ।

—୩—

ଜଗତରେ ବଡ଼ 'ଜଗନ୍ନାଥ'
ପୂଜା ପାନ୍ତି ଏ 'ବଡ଼ ଦେଉଳେ',
'ରତ୍ନସିଂହାସନ' ତାଙ୍କ ବଡ଼,
'ବାଇଶିପାହାଚ' ବଡ଼ ଠୁଳେ,

Digitized by srujanika@gmail.com

'ମେଘନାଦ ପ୍ରାଚୀର' 'ଯେ ବଡ଼
ବଡ଼ ତ ସହଜେ 'ବଡ଼ଦାଣ୍ଡ',
ସେବା ପୂଜା ଧୂପ ସବୁ ବଡ଼,
ସବୁ କଥା ପ୍ରଶସ୍ତ ପ୍ରକାଣ୍ଡ ।
'ବଡ଼ପଣ୍ଡା' ସେବା କର ବଡ଼
ବଡ଼ ଅଟେ ନରେନ୍ଦ୍ର ଆକାର,
ମହୋଦଧି ନାମେ କାର୍ଯ୍ୟେ ବଡ଼
ଶୁଣାନଛି ଏଥି 'ସ୍ୱର୍ଗଦ୍ୱାର' ।
ଏ 'ମହାପ୍ରସାଦ' 'ଅବଗ୍ରେ
ସେବନ କରନ୍ତ ଅକୁଣ୍ଠିତ
ଜାତିକୁଳନିର୍ବିଶେଷେ ସର୍ବେ
ଏକ ପାତେ ଭୁଞ୍ଜନ୍ତି ସମସ୍ତେ ।
ସକଳ ଆଦର୍ଶ ଏଥି ବଡ଼
ଏହାହିଁ ତ ଆଦର୍ଶ ଧର୍ମର ।
ସାନ୍ତ ନର କରେ ସଦା ପୂଜା
ମହାନ ସେ ଭୂମା ଅନନ୍ତର ।
ଧନ୍ୟ ଏହି ମହାନ ଆଦର୍ଶ,
ଧନ୍ୟ ଅହେ ଭକ୍ତ ନୃପବର !
ଧନ୍ୟ ଏହି ବିଶାଳ କଳ୍ପନା,
ଧନ୍ୟ ମହା ସଙ୍କଳ୍ପ ତୁମ୍ଭର !
ଧନ୍ୟ ହେ ଉତ୍କଳ ଶିଳ୍ପି ! ଧନ୍ୟ
ଧନ୍ୟ ତବ ଧୈର୍ଯ୍ୟ କଉଶଳ
ଧନ୍ୟ ଏହି ମନ୍ଦିର ଗଠନ,
ପୂଜାବିଧି, ଧନ୍ୟ ମା ଉତ୍କଳ !

—୪—

ହିମାଦ୍ରିର ଉପକଣ୍ଠ-ଦେଶେ
ଭାରତର ଉତ୍ତର ଅଞ୍ଚଳେ
ଅବତରି ଶାକ୍ୟସିଂହ ବୁଦ୍ଧ
ସାମ୍ୟମୈତ୍ରୀ-ଧର୍ମ ପ୍ରଚ୍ଚରିଲେ ।

Digitized by srujanika@gmail.com

ନିଖିଳ ଭାରତେ ଯା ସଞ୍ଚାର
କରିଦେଲା ପୌରୋହିତ୍ୟ ଚୂର୍ଣ୍ଣ,
ଅହିଂସା-ଧର୍ମର ମହାଘୋଷା—
ଜ୍ଞାନେ କଲା ଏ ଭୁବନ ପୂର୍ଣ୍ଣ ।
କିନ୍ତୁ ପୁଣି ବ୍ରାହ୍ମଣ୍ୟ-ପ୍ରତାପ
ଅତ୍ୟାଗ୍ରହେ ହେଲା ଜର୍ଜ୍ଜରିତ,
ହିମାଚଳୁଁ କନ୍ୟା-କୁମାରିକା—
ଯାଏ ହେଲା ଭାରତୁଁ ତାଡ଼ିତ ।
ଧନ୍ୟ ମା ଉତ୍କଳ ! ତୁହି ଧନ୍ୟ
ସାମ୍ୟର ସେ ପୁଣ୍ୟ ବୈଜୟନ୍ତୀ
ତବ ଅଙ୍କେ ତବ ଦୀନ ସୁତେ
ଅଜ୍ଞ ଯାଏ ସ୍ତୋକେ ଧରିଛନ୍ତି ।
କୋଶଳ, ମଗଧ, ଅଙ୍ଗ, ବଙ୍ଗ,
ଦ୍ରାବିଡ଼ ଓ କର୍ଣ୍ଣାଟ ଏମାନ
ମହାରାଷ୍ଟ୍ର, ଗୁର୍ଜ୍ଜର, ପଞ୍ଜାବ
ରାଜସ୍ଥାନ ସେ ଧର୍ମ-ସମ୍ମାନ
ବିସୋରିଛନ୍ତି, ମାତ୍ର ମା ଉତ୍କଳ !
ରଖିଛୁ ତା ପୁଣ୍ୟ ନ୍ୟାସ ସମ,
ଧନ୍ୟ ମା ଉତ୍କଳ ! ଶତ ଧନ୍ୟ
ସନ୍ତର୍ପଣେ ସଞ୍ଚିଲୁ ସେ ଧର୍ମ

—୫—

ମାନବ ମାନସେ ତିନି ଶକ୍ତି
ଇଚ୍ଛା-ବୁଦ୍ଧି-ଭାବ ସମ୍ମିଳିତ,
ଏ ଶକ୍ତି-ବିଭବ-ବହିଃସ୍ଫୁର୍ତ୍ତି
କର୍ମ-ଜ୍ଞାନ-ପ୍ରେମେ ପ୍ରକାଶିତ ।
ଏ ତିନି ବିଦ୍ୟାର ମହାଲକ୍ଷ୍ୟ
ସତ୍-ଚିତ୍-ଆନନ୍ଦ ବିଭବ
ଜୀବେ ସାନ୍ତ ପରମେ ଅନନ୍ତ
ସତ୍ୟ-ଶିବ-ସୁନ୍ଦର ଅକ୍ଷୟ ।

Digitized by srujanika@gmail.com

ନିର୍ଗୁଣ, ନିରଞ୍ଜ, ତ୍ରିଶକ୍ତି
ତ୍ରିଯୋଗର ମହା ସମାବେଶ,
ଶ୍ରୀକ୍ଷେତ୍ରେ ଅନନ୍ତ ମତଭେଦ
ଅଶେଷ ଦ୍ୱନ୍ଦ୍ୱର ଅବଶେଷ ।
ବୌଦ୍ଧ-କର୍ମ, ଦର୍ଶନର ଜ୍ଞାନ,
ପୁରାଣର ଭକ୍ତିଲୀଳା ଠୁଳେ ।
ସର୍ବେ ହୋଇ ମେଳ ଏ ଶ୍ରୀକ୍ଷେତ୍ରେ
କି ସୁନ୍ଦର ନୀଳ ସିନ୍ଧୁକୂଳେ ।
ତିନି ଲୀଳା ସୃଷ୍ଟି-ସ୍ଥିତି-ଲୟ,
ତିନି ଗୁଣ ସତ୍ତ୍ୱ-ରଜ-ତମ,
ବୁଦ୍ଧ-ଧର୍ମ-ସଂଘ ତିନି ରତ୍ନେ
ପୂଜା ପାନ୍ତି ଜୀବ ଓ ପରମ ।
ସାଧନା ଯାହାର ଯେଉଁପରି,
ସିଦ୍ଧି ହୁଏ ତାହାର ତେମନ୍ତ,
ସଗୁଣ ନିର୍ଗୁଣ ଏକ ବ୍ରହ୍ମ
ବିଶ୍ୱମୟ ବ୍ୟାପ୍ତ ସେ ଅନନ୍ତ ।

ଭିତରେ ବାହାରେ ସେହୁ ଅଛୁ
ସାକାର ଓ ନିରାକାର ହରି,
ବିରାଜନ୍ତି ବିଶ୍ୱ-ରନ୍ଧ୍ରେ ରନ୍ଧ୍ରେ
ପୂର୍ଣ୍ଣ-ବିଶ୍ୱ ଅତିକ୍ରମ କରି ।
ଅନନ୍ତ ସେ ସର୍ବଶକ୍ତିମାନ
ସର୍ବବ୍ୟାପୀ ବ୍ରହ୍ମ ସର୍ବଦର୍ଶୀ,
ସର୍ବ ଘଟେ ବିହରନ୍ତି ପୁଣି
ପ୍ରାଣେ ପ୍ରାଣେ ପ୍ରୀତିଭକ୍ତିର ସ୍ପର୍ଶୀ ।
ଅସୀମ ଅନନ୍ତ ଭୂମା ବିଶ୍ୱେ
ରତ୍ନାତୀତ ଯେଉଁ ଜଗନ୍ନାଥ,
ମନ୍ଦିରେ ବା ହୃଦୟ-କନ୍ଦରେ
ପୂଜା ପାନ୍ତି ସେହୁ ପ୍ରାଣନାଥ ।

Digitized by srujanika@gmail.com

ବଳୀସ୍ୱାବନ୍ଧନ, ଛିଦାଡୋଳା
ବସେ ଚନ୍ଦ୍ର-ସିଂହାସନୋପର,
ସର୍ବଶକ୍ତିମାନ, ସର୍ବଦର୍ଶୀ,
ବରଜନ୍ତ୍ର ଶସ୍ତ୍ର ପୂର୍ଣ୍ଣ କର ।

ନବବର୍ଷେ (୩)

ନବୀନ ବରଷେ ଅଛି ଦେଖ ଦେଖ ଭାଇ !
ନବୀନ ମୁକୁର ମୁଁ ଆଣିଛି ତୁମ୍ଭପାଇଁ ।
ତୁମ୍ଭର ଆନନ ଛବି ଦେଖ ନୁହେ ଅନ୍ୟ
ଧର ଏ ମୁକୁର ନିଜେ ମୁହିଁ ଅଛି ଧନ୍ୟ ।
ଦେଖ ଦେଖ ଭାଇ ଏଥି ନିଜ ମାତୃମୁଖ
ଦେଖିଲେ ନିକର ହେବ ଦୁର୍ଦ୍ଦିନର ଦୁଃଖ ।
ପୁରାତନ ବର୍ଷ ଶେଷ-ନିଶି ହେଲା ଗତ
କୋଟି କୋଟି ମୁଖ ନୂଆ ହୋଇ ପ୍ରକାଶିତ ।

ପାହିଛି ବିଗତ ନିଶି ଉଇଁଅଛି ରବି,
ନବୀନ ମୁକୁରେ ଦେଖ ନବ ମୁଖଛବି ।
ପୁଣ୍ୟଭୂମି ଏ ଉତ୍କଳ ପବିତ୍ର ପୁରାଣି
ଅମ୍ଭ ଜନ୍ମଭୂମି ଭାଇ ନୁହେଁ ଏ ସାମାନ୍ୟ ।
ଅମ୍ଭର ଦୋଷରୁ କିନ୍ତୁ ଅଟେ ଅଭାଗିନୀ
ସୁତଦୁଃଖ ଅପରିହାର୍ଯ୍ୟ ହୁଅନ୍ତି ଦୁଃଖିନୀ ।
ଆଜ ହେ ସକଳ ଭାଇ ଲଭି ମନୁଷ୍ୟତା
ଫିଟିଦେବା ଦୂରେ ଥାଣ-ଜନନୀ-ଦୀନତା ।
ଛିଡ ଧୂଳିକଣା ତାର ସ୍ୱର୍ଣ୍ଣରେଣୁ ମଣି
ବନ୍ଦିବା ମସ୍ତକେ ଯେସନେ ମୁକୁଟରେ ମଣି ।
ଜନ୍ମଥାନ ଅଟେ ପୁଣ୍ୟ ଉତ୍କଳ ଦେଶର
ଏହା କି ଅଳପ ଭାଗ୍ୟ ଅମ୍ଭମାନଙ୍କର !

Digitized by srujanika@gmail.com

ନବଯୁଗ

ବାହାରନ୍ତୁ ବାହାରସି ଉଦିତ ଉଜ୍ଜ୍ୱଳ
ହିରଣ୍ମୟ ଅଂଶୁମାଳୀ ସୃଷ୍ଟି-ଦିଙ୍ମଣ୍ଡଳ ।
ତାମସୀ ଯାମିନୀ ଏବେ ଯାଉଅଛି ପାହି
ପ୍ରାଚୀନ ବୈଷମ୍ୟ ଦ୍ୱେଷ ଦେଖ ଅଉ ନାହିଁ ।
ଶତ ଶତ ବର୍ଷ ଘୋର ମୋହନିଦ୍ରାଗତ
ନବଯୁଗ-ସୁପ୍ରଭାତେ ପ୍ରବୁଦ୍ଧ ଭାରତ ।
ନିଖିଳ ଜଗତୁଁ ପାଇ ଶୁଭ-ନିମନ୍ତ୍ରଣ
ଉଦ୍‌ବୁଦ୍ଧ ଭାରତ ଲଭେ ନବ ଜାଗରଣ ।
ଜଗତର ରାଜପଥେ ମହାକୋଳାହଳ
ଗମନ୍ତି ଉନ୍ନତି-ପଥେ ମାନବ-ମଣ୍ଡଳ ।
ପାଇଣ ପଶ୍ଚିମ ଦେଶୁଁ ନବ ନିମନ୍ତ୍ରଣ
ଭାରତ ଉନ୍ନତି-ପଥେ କରୁଛି ଗମନ ।
ପୂର୍ବର କାହାଣୀ ଏବେ ପଡ଼ିଅଛି ମନେ
ଭ୍ରାତା ହସ୍ତ ଧରି ଭ୍ରାତା ଉଦ୍ୟତ ଗମନେ ।

ଅଙ୍ଗ ବଙ୍ଗ କଳିଙ୍ଗ ଯେ ଦ୍ରାବିଡ଼ ସୌରାଷ୍ଟ୍ର
କୋଶଳ ଗୁର୍ଜ୍ଜର ସିନ୍ଧୁ ସହ ମହାରାଷ୍ଟ୍ର ।
ଜାତିବର୍ଣ୍ଣନିର୍ବିଶେଷେ ଏକଛତ୍ର ତଳେ
ବନ୍ଧୁତା-ବନ୍ଧନେ ଶୁଭେ ମିଳିତ ସକଳେ ।
ଇଂରେଜ ଭାରତବାସୀ ନୁହନ୍ତି ତ ପର
ଏକ ଆର୍ଯ୍ୟବଂଶୁଁ ସମ୍ଭବ ଦୁହିଁଙ୍କର ।
ପଶ୍ଚିମ ବିଜ୍ଞାନୋଜ୍ଜ୍ୱଳ ଯୌବନ ଉଦ୍ଦୀପ୍ତ
ଜ୍ଞାନବୃଦ୍ଧ ଏ ଭାରତ ଭକ୍ତି ବିଭୂଷିତ ।
ପଶ୍ଚିମର କର୍ମଯୋଗେ କମ୍ପିତ ଜଗତ
ଭକ୍ତି-ପୁଷ୍ପଫଳ-ତତ୍ତ୍ୱ ପ୍ରାଚୀନ ଭାରତ ।
ପଶ୍ଚିମେ ଜାଗ୍ରତ ଘୋର ଉଦ୍ଦାମ ପ୍ରବୃତ୍ତି
ପ୍ରାଚ୍ୟର ପ୍ରଧାନ ଧନ ସଂଯମ ନିବୃତ୍ତି ।

Digitized by srujanika@gmail.com

ପଶ୍ଚିମ ଏ ବର୍ତ୍ତମାନ ଭବେ ଜୟଯୁକ୍ତ
ପ୍ରାଚ୍ୟ ପାରତ୍ରିକ ମୁକ୍ତି ଅର୍ଜନେ ନିଯୁକ୍ତ ।
ଭକ୍ତି କର୍ମେ ପୂର୍ଣ୍ଣ ନୁହେ ମାନବ ଜୀବନ
ସର୍ବାଙ୍ଗୀନ ଉନ୍ନତିରେ ଦୁଇ ପ୍ରୟୋଜନ ।
ପୂର୍ବ ପଶ୍ଚିମର ଏହି ଶୁଭ ସମନ୍ୱୟ
ମଣିକାଞ୍ଚନର ଯୋଗ ସମ ପ୍ରଭାମୟ ।
ଜଗତ-ଦୁଆରେ ଏହି ଶୁଭ ସମନ୍ୱୟେ
ଉଭୟର ହସ୍ତ ଧର ଧନ୍ୟ ସେ ଉଭୟେ ।
ଏ ଶୁଭ ପ୍ରଭାତେ ଜଗତର ପାପରାଶି
ଅବିଦ୍ୟା ଅନ୍ୟାୟ ଘୃଣା ଯାଉ ଶୀଘ୍ର ଭାସି ।
ସୃଷ୍ଟି-ସିଂହଦ୍ୱାରେ ମହାକାଳ-ସିନ୍ଧୁତୀରେ
ନବ ଅଭିଷେକ ହେଉ ନବୀନ ବିଧିରେ ।
ଦୁଇ ବହ୍ନିବେଦୀ ହେଉ ଦୁଇ ପାଶେ ସ୍ଥିତ
ଜ୍ଞାନ ଭକ୍ତି ଦେବୀ ହେଉ ତହିଁ ପ୍ରତିଷ୍ଠିତ ।
ଉଡୁ ଊର୍ଦ୍ଧ୍ୱେ ସାମ୍ୟମୈତ୍ରୀ-ଧ୍ୱଜା ଅଭିନବ
ଆନନ୍ଦେ ମିଳନ୍ତୁ ତହିଁ ନିଖିଳ ମାନବ ।

ଜ୍ଞାନ ବିଦ୍ୟା ଥିଲା ବନ୍ଧ କତିପୟ ଜନେ
ବର୍ଜିତ ଜନମଣ୍ଡଳୀ ସେ ମହାରତନେ ।
ଜାତିବର୍ଣ୍ଣନିର୍ବିଶେଷେ ଧନୀକ ନିର୍ଦ୍ଧନ
ପୁରୁଷ ରମଣୀ ଏବେ କରନ୍ତି ଅର୍ଜନ ।
ବେତ୍ରହସ୍ତେ ଯମବତ ଗୁରୁନାମ ଧରି
ବିଭ୍ରାନ୍ତ ସନ୍ତ୍ରସ୍ତ ଶିଶୁ ନିର୍ଦ୍ଦୟେ ପ୍ରହାରି ,
କଣ୍ଟକିତ ଜ୍ଞାନପଥ ବିଭୀଷିକା-ପୂର୍ଣ୍ଣ
କରୁଥିଲେ ବିଦ୍ୟାଳୟ ବିଳାପ କରୁଣ,
ଆନନ୍ଦଧାମରେ ତାହା ହେଉ ପରିଣତ
କ୍ରୀଡ଼ାଚ୍ଛଳେ ଶିଶୁ ଜ୍ଞାନ କରୁ ସାଧାୟତ୍ତ ।
ପିତା ମାତା ଭ୍ରାତା ନିଜେ ଘୋର ଶତ୍ରୁ ସରି
ବାଅନ୍ତି ଅମୃତ ଭାଣ୍ଡେ ବିଷ ପୂର୍ଣ୍ଣ କରି ।

Digitized by srujanika@gmail.com

ତାମସ ଅଜ୍ଞାନ ରାଜ୍ୟେ ଜ୍ଞାନଦୀପ ଧରି
ମାନବ ଉନ୍ନତି ପଥେ ଯାଅ ଅନୁସରି ।
ସମବେଦନାରେ ପ୍ରାଣ ପରିପୂର୍ଣ୍ଣ କରି
ଦୁର୍ଗମ ପଥରେ ତାର ନିଅ ଦୁଃଖ ହରି ।
ନିସର୍ଗ ନିର୍ଦ୍ଦିଷ୍ଟ ପଥ କରି ଅବଧାନ
ବିକଶିତ କର ତାର ପୂଣ୍ୟ ଭକ୍ତି ଜ୍ଞାନ ।
ପ୍ରଚ୍ଛନ୍ନ ଶକତି ତାର କରାଇ ଜାଗ୍ରତ
ଉଚ୍ଚତର ଆଦର୍ଶକୁ ଦେଖନ୍ତୁ ସତତ ।
ମହତ କର୍ତ୍ତବ୍ୟ ଏହୁ ଶିକ୍ଷକ ଅଗ୍ରତେ
ବିଶାଳ ଏ କର୍ମକ୍ଷେତ୍ର ପବିତ୍ର ଭାରତେ ।
ଜାତିଧର୍ମନିର୍ବିଶେଷେ, ଭୁଲି ଭେଦ ବୁଦ୍ଧି,
ପବିତ୍ର କର୍ତ୍ତବ୍ୟ ଜ୍ଞାନେ କରି ଚିତ୍ତଶୁଦ୍ଧି,
ଯେ ଯାହାର କ୍ଷୁଦ୍ର ଶକ୍ତି କରି ସମର୍ପଣ
କରନ୍ତୁ ସାର୍ଥକ ପୂତ ମାନବ ଜୀବନ ।
ସତ୍ୟ ଏ କର୍ତ୍ତବ୍ୟ ଗୁରୁ, କ୍ଷୁଦ୍ର ଅମ୍ଭ ଶକ୍ତି
ତଥାପି ଏ କର୍ମକର୍ତ୍ତା ପ୍ରଭୁ ଜଗତ୍ପତି ।

କେତେ କ୍ଷୁଦ୍ର ଆରମ୍ଭରୁ କେତେ ମହାଫଳେ
ସମୁଦ୍ଭୂତ ହୋଇଥାନ୍ତି ବ୍ରହ୍ମାଣ୍ଡ ମଣ୍ଡଳେ ।
ସାମାନ୍ୟ ତ ବୀଜ, କିନ୍ତୁ ବୃକ୍ଷ ତ ବିଶାଳ
ଏହାହିଁ ତ ହୋଇ ଆସୁଅଛି ଚିରକାଳ ।
ମହାନ ମଙ୍ଗଳ ବିଧି ଶୁଭ ଇଚ୍ଛା-ମତେ
ହୁଏ ପ୍ରଧାବିତ ସୃଷ୍ଟି ଉନ୍ନତିର ପଥେ ।
ପୂତ ଶିକ୍ଷାଦାନ କାର୍ଯ୍ୟ ଉଦାର ମହାନ
ଏ ଜଗତ କର୍ମଭୂମି ତପସ୍ୟାର ସ୍ଥାନ ।

Digitized by srujanika@gmail.com

ପାର୍ବଣ

—୧—

ଅଜି ପୁଣ୍ୟ ପାରବଣେ ଯାତ୍ରା-ଦେଖାଳି
ନଈକୂଳ ପଥ ବାଟେ ଯାଆନ୍ତି ଚଳି ।
ପେଣ୍ଡଲ୍‌ଟା ପିନ୍ଧି ଦେହେ ଘେନି ଗହଣା
ଗହଳେ ଗମନ୍ତି, ପଥ ନ ଯାଏ ଜଣା ।
ହସହସ ମୁଖେ ପାନ ସମସ୍ତଙ୍କର
ନାହିଁ ଘରଜଣ ଶାଶୁ ନଣନ୍ଦ ଡର ।
ଏକାବେଳେ ଘରଜଣ-ପଣା ବେଭାର
ଏକାବେଳେ ପୁଣି ଦାଣ୍ଡ ଘାଟେ ବାହାର !
ସବୁ କଥା ଧୀରେ ସିନା କଲେ ସୁନ୍ଦର,
ନୋହିଲେ ପ୍ରମାଦ ପଡ଼େ ଜାଣି ନକର ।

—୨—

ଅଜି ପୁଣ୍ୟ ପାରବଣେ ଧାର୍ମିକଗଣେ
'ମାନସିକ' ବୋଦା ଘେନି ଯାନ୍ତି ଗହଣେ ।
ତାହା ପୁଅ ମଲୁ ମଲୁ ବଞ୍ଚିଲା ବାରେ;
'ମାନସିକ' କଲା ବୋଦା ଚଣ୍ଡୀଙ୍କଠାରେ ।
ଜନ୍ତୁଟିଏ ନେଇ ଦେବୀ ପାଶେ ମାରିବ
ମେଏଁ ମେଏଁ ହୋଇ ପ୍ରାଣୀ ପ୍ରାଣ ତେଜିବ ।
ଅଖିବାଟେ ଝଲବଲେ ଜୀବ ଛାଡ଼ିବ
ଛଟମଟ ଡରିଟି ତା ମୁଣ୍ଡ ଚୁହିଁବ !
ଛଟପଟେ କବନ୍ଧ ଯେ କୁଦ ନାଚିବ
ଗଳଗଳ ହୋଇ ରକ୍ତସ୍ରୋତ ବହିବ !
ପୁଅଝିଅ ସଙ୍ଗେ ନାରୀ ଦେଖିବ ତାହା,
ତେବେ ତା ମନସ୍କାମନା ପୂରିବ ଅହା !
କୋମଳ ପରାଣ ତବ ଏହୁ କି ନାରୀ !
ଏଥିପାଇଁ ଡାକୁଥାଅ ନୟନବାରି !
ନିର୍ଦ୍ଦୋଷ ପ୍ରାଣୀକୁ ମାରି ହୁଏ କି ଧର୍ମ ?
ଧର୍ମ ନାମେ ପ୍ରାଣିବଧ ଘାତକ କର୍ମ !

Digitized by srujanika@gmail.com

—୩—

ଏଇ ପାରବଣେ ଯେତେ ପିଲା ସଭିଏ
କିଣନ୍ତି କୁଣ୍ଡାଇ ଥୋକେ ମିଠାଇ କିଏ ।
ମନ ଆନନ୍ଦରେ ଖାଇ ବୁଲନ୍ତି ଖେଳି,
କେବେ ନାଚ ଗାଉଥାନ୍ତି ଧରଣୀ ମେଳି ।
ଏଣେ ନିରମାଣି ଝିଅ ଭାଇଟି କାଖେ
ଠିଆ ହୋଇଅଛି ଦୁଃଖେ ଗୋଟିଏ ପାଖେ ।
ଛଳ ଛଳ ଦୁଇ ଆଖି ମଳିଣ ମୁଖ;
ଫାଟି ପଡୁଅଛି ତାର ଦାରୁଣ ଦୁଃଖ ।
ଛିଣ୍ଡାଲୁଗା ଦେହେ, ପେଟେ ନାହିଁ ତା ଅନ୍ନ
ଉପବାସେ ମୁହଁ ତାର ପାଣ୍ଡୁର ବର୍ଣ୍ଣ !
ନିଜ ଦୁଃଖ ବଳି ସାନ ଭାଇର ଦୁଃଖ
ଭାଳି ଶୁଖି ଯାଉଅଛି ତାହାର ମୁଖ !
କଥାଟିଏ ନାହିଁ ମୁହେଁ ଚାହିଁଛି ଖାଲି,
ଦେଖେ ଲୋକ ସେହିବାଟେ ଯାଆନ୍ତି ଚାଲି ।
କେହି ଡାକୁ ନାହିଁ, କେହି ନ କହେ କିଛି—
କି କଥା ଭାଳିଣ ଅନ୍ଧା ଠିଆ ହୋଇଛି !
କେହି କି ଏ ବାଳିକାର ନୟନ-ଭାଷା
ବୁଝି ମେଣ୍ଟାଇବ ନାହିଁ ତା ମନ-ଆଶା ?
ଏତେ ଜନ ଗହଣରେ ନାହାନ୍ତି କି ଜଣେ,
ଚାହିଁବ ଏ ବାଳିକାକୁ କୃପାନୟନେ !
ହା ଜନନି ! ଇଷ୍ଟଦେବ ! ଏ କି ବିଧାନ,
ନ କାନ୍ଦେ ସନ୍ତାନ ଦୁଃଖେ ତୋହର ପ୍ରାଣ ?
ଏତେ ବଡ଼ ପର୍ବ ଏହା ଯୋଗୁଁ ବ୍ୟର୍ଥ,
ଅପୂର୍ଣ୍ଣ ଆନନ୍ଦ ସିନା ! ହାଇରେ ଅର୍ଥ !
ଧୂଳିରେ ବିକାର ତୁଚ୍ଛ ତୁଚ୍ଛ ଅସାର,
ତୁ ପୁଣି ମାନବେ ଦେଉ ଏତେ ପ୍ରହାର !
ମନେହୁଏ ଅନ୍ନପୂର୍ଣ୍ଣା ବାଳିକା ବେଶେ,
ଦୁଃଖୀ ହୋଇ ଭିକେ କରୁଛନ୍ତି ଏ ଦେଶେ ।

Digitized by srujanika@gmail.com

ବାଡ଼ନ୍ତି ଦୀନବତ୍ସଳା ଭକତ ମନ
ଦରିଦ୍ରର ଦୁଃଖ କିଏ କରେ ମୋଚନ ।
ଏ ବାଳିକା ତୁଷ୍ଟ ହେଲେ ଅନ୍ନବସନେ
ତୁଷ୍ଟ ହେବେ ଦାତାଠାରେ ଦେବୀ ଆପଣେ ।

—୪—

ଆଜ ପୂଣ୍ୟ ପାର୍ବଣେ ଭକତଗଣ
କରନ୍ତି ଦେବୀଙ୍କୁ ଷୋଳପୂଜା ଅର୍ପଣ ।
ବାଜେ ଶଙ୍ଖ, ଘଣ୍ଟା, ତୁରୀ, ଭେରୀ, କାହାଳୀ,
କଂସାଳ, ମୃଦଙ୍ଗ ସିନ୍ଧୁ-ଗର୍ଜନ ବଳି ।
ମନ୍ତ୍ର ଯନ୍ତ୍ର ପଞ୍ଚ ଧୂପ ନୈବେଦ୍ୟମାନ
ଆଡ଼ମ୍ବରେ ପୁରୋହିତ କରେ ପ୍ରଦାନ ।
ଅସଂଖ୍ୟ ମହିଷ-ଛାଗ-ମେଷ ହନନ—
ଯୋଗେ ଧରଣୀର ବକ୍ଷ ହୁଏ ପ୍ଲାବନ ।
ପ୍ରଜାଙ୍କର ଭଣ୍ଟି ଚିପି କରି ମାଗଣ,
ଦରିଦ୍ରର ଭିଟାମାଟି କରି ଉଚ୍ଛନ୍ନ,
ପୁଣ୍ଡା ପୁଣ୍ଡା 'ଭଦ୍ରଲୋକ' 'ସାଧୁ' 'ବ୍ରାହ୍ମଣ',
କାହାଣ କାହାଣ ଦେଲେ ଭୂରି ଭୋଜନ ।

ଜମିଦାରର ଧନୀଙ୍କର ରାଜସ ଧର୍ମ
"ଝିଙ୍କିକା ମାରଣ ବଣି ପୋଷିବା" କର୍ମ ।
"ତେଲିଆ ମୁଣ୍ଡରେ ତେଲ ଢାଳିବା" ବିଧି
ପାଳଣି ଯିବ କି ତର ଭବ-ବାରିଧି ?
କାହିଁଗଲା ପୁରାତନ ଶାସ୍ତ୍ର ବଚନ—
"ଦରିଦ୍ରଙ୍କୁ ଦିଅ ଧନୀ ନ ପାଇ ଧନ" ।
ହେ ଈଶ୍ୱର ! କି ବିଷମ ଅବିଧି ମାନ
ଏ ଘୋର ଅନ୍ୟାୟ ପ୍ରଭୁ ତୁମ୍ଭ ଭିଆଣ ?
କାହିଁ ସେ ଅଧ୍ୟାତ୍ମ ତତ୍ତ୍ୱ ନିଷ୍କାମ ଧର୍ମ,
ଦୟାଦାକ୍ଷିଣ୍ୟାଦ ଶ୍ରେଷ୍ଠ ସାତ୍ତ୍ୱିକ କର୍ମ ?
ହୃଦ-ବେଦୀ ପରେ ଦେବୀ-ଶୁଭାଧିଷ୍ଠାନ,
ନିର୍ମଳ ପବିତ୍ର ପ୍ରୀତି ଭକ୍ତି ପ୍ରଦାନ,

Digitized by srujanika@gmail.com

ନିଖିଳ ବ୍ରହ୍ମାଣ୍ଡ ପୁଣି ଅମ୍ବା ମନ୍ଦିରେ
ଦେବୀ-ଲୀଳା ଦେଖି ଭାସି ନୟନ ନୀରେ,
ବିଶ୍ୱମାତା କୋଟଳ ଦେଖି ବିଶ୍ୱ ସଂସାର
ମାୟା-ବନ୍ଧନରୁ ସିନା ମିଳେ ଉଦ୍ଧାର ।
ଦେବୀଙ୍କ ସନ୍ତାନ ସର୍ବ ମାନବଗଣ;
ଦେବୀଙ୍କ ବନ୍ଦନା କରେ ବିଶ୍ୱଭୁବନ ।
ବିଶାଳ ନକ୍ଷତ୍ରମଣ୍ଡଳ ଘୋର ସାଗର,
ପର୍ବତ କାନନ ହ୍ରଦ ପଲ୍ଲୀ ନଗର,
ସୁରଭି କୁସୁମ ମଧୁ ବିହଙ୍ଗ ତାନ,
ବିଚିତ୍ର ସୁନ୍ଦର ଧରା ତାଙ୍କ ଭିଆଣ !
ମାନବର ସେବାପ୍ରୀତ ଚିନ୍ମୟୀ ଦେବୀ
ପ୍ରସାଦ ମିଳଇ ଦୀନ ଦରିଦ୍ର ସେବି ।
ଜନହିତ ସାଧୁ ନୀତି ଲୋକ କଲ୍ୟାଣ —
ସାଧନ ଅଟଇ ଦେବୀ ପୂଜା ବିଧାନ ।
ଦୀନେ ଅନ୍ନ ଜଳ ବସ୍ତ୍ର ବିଦ୍ୟା ପ୍ରଦାନ,
ରୋଗୀକୁ ଔଷଧ, ଦେବୀ ପୂଜା ବିଧାନ ।

ପ୍ରାୟଶ୍ଚିତ୍ତ

— ୧ —

ଦନାଇ ତନ୍ତୀର ହଜିଲା ଗାଈ
ଗାଆଁ ବନ୍ଦ ବନ୍ଦ ଖୋଜିଲା ଯାଇ ।
ନ ପାଇ ଦନାଇ ହୋଇ ହତାଶ
ଶୋଇଲା ସେ ରାତି ବୁଢ଼ା ଉପାସ ।
ସକାଳୁ ଗାଆଁରେ ହୁରି ପଡ଼ିଲା,
ଦନାଇର ଗାଈ ପଦାରେ ମଲା ।
ଗୋବିନ୍ଦ ଷଡ଼ାଙ୍ଗୀ ଗାଆଁ ପଣ୍ଡିତ
ବ୍ୟବସ୍ଥା ଖୋଜିଣି କଲେ ବିହିତ ।
ଅଢ଼ାଇଶ ଟଙ୍କା ଦନାଇ ଦେବ,
ତେବେ ଯାଇଁ ପ୍ରାୟଶ୍ଚିତ୍ତ ହୋଇବ ।

Digitized by srujanika@gmail.com

ବ୍ରାହ୍ମଣୀର ପାଟ, ବାସନମାନ,
ଭୂମି, ଘୋଡ଼ା, ସୁନା ଏ ଅନ୍ନ ଦାନ ।
ଗରବ ଦେଖାଇ କମି ବଞ୍ଚିଲା,
ପ୍ରାୟଶ୍ଚିତ୍ତ ସାରି, ଦେଶ ଘେନିଲା ।

—୨—

ଛକାଡ଼ୀ-ବଳଦ ଯୁଗ ଚୋଟାର
କରୁଥିଲା ତାଙ୍କ ହଳ ଉଦ୍ଧାର ।
ହଡ଼ା ହେଲା ଏବେ ନ ପାରେ ଚାଲି,
ଛକାଡ଼ୀ କହନ୍ତି, "ଶୋଇଛୁ ଖାଲି ।
କୁଣ୍ଡେ କୁଣ୍ଡେ କୁଣ୍ଡା ଦେଉଛୁ ଖାଇ
କାମବେଳେ ବଳ କଢ଼ାଏ ନାହିଁ ।
ନେଇଯାଅ ତାକୁ ବୁଲିଅ ହଳ
ପାଞ୍ଚଟି-ପାହାଟରେ ବାହାରେ ବଳ ।"

ହଡ଼ାକୁ ନେଇଣ ବାଟେ ମୂଲିଆ
ଲଞ୍ଜ ମୋଡ଼ି ଦେଲେ ଠେଙ୍ଗା-ବାଡ଼ିଆ ।
ଶିଭ କାଢ଼ି ହଡ଼ା ପଡ଼ିଲା ଶୋଇ
ଛକାଡ଼ୀ କହନ୍ତି, "ଶୋଇବା ଖୋଇ !
ଏ ହଡ଼ା ନେଇଣ ହାଟକୁ ଦିବ,
କଂସେଇ ଏଠାରେ ବିକ୍ରି ଅସିବ ।"
ସେ ଟଙ୍କା ମାରଣ ଅସ୍ତ୍ରରେ ନଟେ *
ନାଏ ଗୁଣି ଗଲେ ବ୍ୟବସ୍ଥା-ଦାନେ ।
ଅଛି କେତେ ଶଅ ବରଷ ନନା
ଭବ ସମାଜେ ଏ ପ୍ରବଞ୍ଚନା ?

---

* ନଟେ—ଏଠାରେ ଏହ ଶବ୍ଦଟି ଛକାଡ଼ୀଙ୍କ ଉଦ୍ଦେଶ୍ୟରେ ଜନାଏ
ବା ନନା ଅର୍ଥରେ ପ୍ରଯୁକ୍ତ ।

Digitized by srujanika@gmail.com

ତୀର୍ଥ-ଯାତ୍ରା

(ଭୁବନେଶ୍ୱର)

ଆରେ ହୋ ଓଡ଼ିଆ ଭାଇ, କର୍ମ-ଅବକାଶ
ପାଇଲେ ଭୁବନେଶ୍ୱର ଯାଇଁ ବୁଲିଆସ ।
ଅନୁକୂଳ କଲାବେଳେ ଘରର ଘରଣୀ
ଲଗାଇବେ ଅଳି, ସଙ୍ଗେ ଯିବାପାଇଁ ଘେନି ।
ଘନ କୃଷ୍ଣବେଣୀ ଏଣୀ-ନୟନ ନଚାଇ
ଛଳ ଛଳ ଲୋଚନରେ ଲୋତକ ପୂରାଇ
କହିବେ, "ଏ କଣେ ପଶି ଗଲା ଏ ଜୀବନ,
ଈଶ୍ୱର ପାଷାଣ ! ଧିକ ଧିକ ନାରୀଜନ୍ମ !
ନାରୀଜନ୍ମୁ କର ପାର, ଇଚ୍ଛା ହୁଏ ଅହା !
ଜନ୍ମି ପକ୍ଷୀଜନ୍ମେ ଯେସନ୍ତେ ଏହି ଶାରୀ ଶୁଆ
କପୋତ କପୋତୀ ପରି, ଉଡ଼ି ଉଡ଼ି ଯାଇଁ
ଆକାଶ ଉପରେ କେତେ ଘର ଗ୍ରାମ ଡେଇଁ
କେତେ ବନ ପର୍ବତ କେତେ ଗ୍ରାମ ହାଟ,
କେତେ ହ୍ରଦ ପୁଷ୍କରିଣୀ କେତେ ବାଟ ଘାଟ,

କେତେ ନଈ ସମୁଦ୍ର ଦେଶଦେଶାନ୍ତର,
କେତେ କେତେ ଭଲ ଲୋକ ନୂଆ ନୂଆ ଢଙ୍ଗ,
କେତେ ପଦ୍ମବଣ ଗୁଳଚଦଳ ଗହଣା
ଦେଖି ଚକ୍ଷୁ ବେନି ଆମ୍ଭ ହୁଅନ୍ତା ସାର୍ଥକ
ପିଲାଦିନେ ଥିଲୁଁ ଆହା କେମନ୍ତେ ସ୍ୱାଧୀନ
ସଙ୍ଗମେଳେ ଯାଉଥିଲୁ ଠାକୁର ଯାତ୍ରାକୁ,
କେତେ ହସି ଖେଳି ଯାଉଥିଲୁ ସାର ବୁଲି
ଘରକୋଣେ ପଶି ଏବେ ହେଉଛୁ ସନ୍ଧୁଳା ।"
କିନ୍ତୁ ଯେତେ ସକେଇଲେ ନ ଭୁଲିବ କେବେ,
କହିବ, "ଗଉଡ଼ିଆ ଗଙ୍ଗା ମନ ତହ୍ନ କଲେ,
ରେଲଗାଡ଼ି ମାଇପଙ୍କୁ ଭାର ଅଟକିଅ,
କେତେ ଲୋକ ମେଳା ମେଳା ଇଷ୍ଟେସନଠାରେ

Digitized by srujanika@gmail.com

ହାଉ୍ ହାଉ୍ କରୁଥାନ୍ତି ସାହେବଗୁଡ଼ାକ,
ଭଣ ଭଣ ମଦ ଗନ୍ଧ ବାହାରେ ଛୁଣ୍ଡରୁ,
ଦହକେ ନାହାନ୍ତି ଶୁଣି ଦାନ୍ତବସା ନାମ,
କଲିଅ ଗରୁଡ଼ ବୃଷପାନ ତାଙ୍କ ପାଇଁ,
ସାହେବଙ୍କ ଖିବ ଟେଣ୍ଟା ମେଣ୍ଟା ହେଉଥାନ୍ତି
ପାଣି ଯେ ପଠାଣ ହାଣ୍ଡି ବାଉଗ୍ରି କଣ୍ଡରୁ !
ଚଣ୍ଡାଳ ବ୍ରାହ୍ମଣ କିଛି ନାହିଁ ତ ଚିହ୍ନଣା;
ମଦ ଖାଇ କେହୁ ହୋଇଥାନ୍ତି ମତୁଆଲା,
ହେଞ୍ଜଡ଼ା, ଥୋବରା, ପାଜି, ଠକ, ବଦ୍‌ମାସିଆ,
ବାଛିଆ, ବାଘୁରା, ଗେହ୍ଲର, ଅଜଗ, ବାଳୁଙ୍ଗା
ଠୁଳ ହୋଇଥାନ୍ତି ଆସି ଇଷ୍ଟେସନଠାରେ,
ଭଲଲୋକ କେହୁ ଛିଅ ବେମହତ୍ତି ହୋନ୍ତି,
ବାଜେ ଏ ଖବର ବନ୍ଧୁବାନ୍ଧବଙ୍କ ଗ୍ରାମେ,
"ଟମ ବାଇଦ ତ କୋଣେ, ଛିଣ୍ଡର ବାଇଦ
ସହସ୍ର-କୋଶ, ଏ କଥା ବାଜି ଚଉଦଗ,
କେତେ କେତେ ଜିଲ୍ଲଗୁଣା ଉଠିବ କୁଆରେ,

କାହିଁ କଥା କାହିଁ ଯାଇଁ ଉଠିବ ଶେଷକୁ,
ଚିକିଶାଳ କଥା ଯାଇଁ ହେବ ଟଙ୍କାନାଲେ ।
ଲେଉଡ଼ର ଚୋରଣୀ ଯିବ କହୁଣୀକି ବୋଝ,
ଉବ ଉବ ଅପବାଦ-ନାଗର ବଢିବ,
ବାପ ଭାଇ ନାମ ଯାଇ ପଡ଼ିବ ଦାଣ୍ଡରେ,
'ଦୁହିତା ଦୁଇ କୁଳକୁ ହିତା ଅବା ପିତା,
ବୁଡ଼ାଇବ ବାପ ଶାଶୁ ଦୁଇ ଘର ନାମ,
ମୁଣ୍ଡ ଟେକି ବାଟ ଚାଲି ନ ପାରବେ ସେହୁ,
ଲାଗିବ କଳଙ୍କ ଅହା ଚନ୍ଦ୍ରପର କୁଳେ !"
ଏହିପରି ଛଳେ ବଳେ କଉଣଲେ ଭାଇ,
ଛଣ୍ଡାଇ ପ୍ରିୟାଙ୍କୁ-କେବେ ନେବ ନାହିଁ ସଙ୍ଗେ,
ନେଲେ ପଛେ ମୁଣ୍ଡ ବୋଝ ହେବାକୁ ପଡ଼ିବ,

Digitized by srujanika@gmail.com

ଝଗଡ଼ ପିଟେଟି ଗଲେ ଯାତ୍ରୀ ଗାଡ଼ିକୁ,
ନିର୍ଲଜ୍ଜ ବେହୁଦା ହେବେ ଗ୍ଳଡ଼ବେ ମଦନ,
ମୂଠାରୁ ବାହାର କୁଳମର୍ଯ୍ୟାଦା ଏଡ଼ିବେ,
ସବୁ ଯାଉ କିନ୍ତୁ ଭାଇ ମହତଟି ଥାଉ,
ମହତ ଗଲେଟି ଭଲେ ନ ଅସର ଅଉ,
ବଲ୍ ବଲ୍ ଭର ଟେକ ମୁଣ୍ଡିକୁ ଅନାଇ
ତୁମ୍ଭ ମୁଣ୍ଡେ ବାଲି ଦଣ୍ଡେ ଦେବେଟି ଲଗାଇ,
ଅତି ନଜରୁଣୀ ସିନା ଏ "ମାଇପି ଜାତି,
ନାକ ନ ଥିଲେ ସେ ବଳେ ଅଖାଦ୍ୟ ଖାଆନ୍ତି,"
କେଉଁଠାରେ ହଗି ମୁତି ପିବାକୁ କହିବେ,
ରେଲ୍‌ଗାଡ଼ିରେ ସେ ହବବର୍ କରାଇବେ ।
ଗୁଲ୍ ନ ପାରଣ ପଛେ ପଡ଼ି ବାଲ୍‌ବାଟେ,
ଦନବ ବାଟକୁ ଦେଢ଼ ଦନ ହିଁ କରିବେ ।
ଖାଇବେ କେଜାଣି କେତେ, କହନ୍ତି ପଣ୍ଡିତେ
'ଅହାରଂ ଦ୍ୱିଗୁଣଂ ସ୍ତ୍ରୀଣାଂ' ଡାକେ ଶାସ୍ତ୍ରବାଣୀ,
ଭୁଲାକୁ ତ ଏତେ, ବାଟ ଗୁଲ୍‌ଲେ ବଢ଼ିବ ।

କେଉଁଠି ରହିବେ ଯାଇଁ, କେମନ୍ତେ ଚଳିବେ
ମହାମ୍ଳାନସ୍ତା କଥା ସେ, କହିଲେ ନ ସରେ ।
ଅର୍ଦ୍ଧପୁରୁଷପଣିଆ ପ୍ରବାସେ ତୁମ୍ଭର
ଦେଖି ଢେରେ ଅସି ଅଜ ନ କରିବେ ମାନ୍ୟ ।
ସମସ୍ତେ ତ 'ଗାଁଆ ବାଢ' କଳିଆ ଦ୍ୱାହାରେ,
ସହରେ ତ ତାଙ୍କୁ ତୁମ୍ଭେ ଦେଖା ନିଜ ରୂପ,
ସେଥିରୁ ସେ ଜାଣିଛନ୍ତି ତୁମ୍ଭପରି ବୀର
ନାହିଁ ନ ଥିବଟି ଏହି ଚଉଦ ଭୁବନେ,
ବିଦେଶେ ଦେଖିବେ ଯେବେ ନୁହଁ ତୁମ୍ଭେ କିଛି
ଜୀବନରେ ଆଉ ସେ କି ତୁମ୍ଭଙ୍କୁ ମାନିବେ ?
ପୁନଶ୍ଚ ମାଇପେ ଥିଲେ ସଙ୍ଗରେ ନିଶ୍ଚୟ
ପଣ୍ଡା ମଢିଅସା ନେବେ ଲୁଟି ଦୁଇବର୍ଣ୍ଣ

Digitized by srujanika@gmail.com

ଓଲ୍ଡ ବନାଇଣି ନାକ ବାଳ ଧସ୍ୱଇବେ,
ମାଇପେ ତ ସଙ୍ଗେ, ଭଲ୍ଲ ଯିବ କେଉଁଆଡ଼େ ।
ଏକୁଟିଆ ଥିଲେ ଯିନା ନିଶ୍ଚିନ୍ତ ମନରେ
ମଣ୍ଡ୍ରାଙ୍କୁ କାଟିବ ରଢା ନ କର ଭ୍ରୂକ୍ଷେପ,
ଠକ ବ୍ରାହ୍ମଣଙ୍କୁ ଅଡ଼ ଅଣିବେ ନ ଗୃହେଁ,
ପଟା ପାହୁଲ ନ ଦେବ, କଲେ ସେ ନେହୁରା,
ନ ଘୁଞ୍ଚିଲେ କଚ୍ଛି ଦେଇ ଦେବ ବଦା ଭଳି ।
ଆଜି ଯେ ଗୋଟିଏ କଥା ଅଡ଼ୁଆ ରେ ଭାଇ,
ତୁମ୍ଭେ ତ ଇଂରେଜୀ ପଢ଼ି ହୋଇଛ ସୁସଭ୍ୟ,
କାଟିଅଛ ଟେର, ପିନ୍ଧିଅଛ ପଚଚଣ୍ଟୁ,
ମାଡ଼ିଅଛ ବୁଟ୍ ଜୋତା, ପିନ୍ଧିଛ କୁରୁତା,
ଦଶୁଛ ସତେ କି ବଲାତରୁ ଆମଦାନୀ,
ଏଥିକି ଯେ ପଟ ନ ପଡ଼ିବେ ସାଆନ୍ତାଣୀ,
ହଳଦ ସିନ୍ଦୂର ମେଥି ମୋଟ ମୋଟ ଶାଢ଼ୀ
ଅଳଙ୍କାର ବୋଝେ ହେଲେ ବାହାରବେ ଘରୁ,
ସ୍ୱାମୀ ସ୍ତ୍ରୀ ଦୁହିଙ୍କି ଯେ ଦେଖିବେ ଦାଣ୍ଡରେ
ଏ ସ୍ୱାମୀକି ନୁହେଁ ଯୋଡ଼ି ବୋଲି ଦେବେ ହସି ।

ଏକେ ତ ଅଡ଼ୁଆ ସଙ୍ଗେ ନେଲେ ମାଇପଙ୍କୁ,
ତହିଁ ପୁଣି ଦେହ ତାଙ୍କ ଥିବ ଯେବେ ଭାରି,
କେଉଁ ଢଙ୍ଗେ ନେବ ନାହିଁ ହେ ଓଡ଼ିଆ ଭାଇ,
ହୁରନ୍ତୁ ଜୁହାର କରି ଯିବ ଏକୁଟିଆ
ନୋହିଲେ ଜାଣିଥା ତଥ୍ୟ ହେବ କୁଅବୁଅ ।
ହକେଇ ଚକେଇ ହେଲେ ରେଳଗାଡ଼ି ମଧ୍ୟେ
ହୋଇଯିବ ଯାହା, ତାହା ନ ହେଉ ଶସକୁ ।
ଭେକା ଭର ଦେବ ବେକ ନ ଦଶିବ ବାଟ,
କଅଣ କରବ କାହିଁ ଯିବ, ନ ଦଶିବ
ବୁଦ୍ଧି, ଗାଲେ ଗୁପ୍ପୁଡ଼ାଠି ମାର ହେବ ଭାଇ,
ଏହୁ କଥାମାନ ଭାବ ବାହାରବ ଏକା ।

Digitized by srujanika@gmail.com

କିନ୍ତୁ ନ ଛାଡ଼ିବ ସଙ୍ଗ ପୁରୁଷ ବନ୍ଧୁଙ୍କ,
(ହଟହଟା ଜନମ ତ ନୁହଇ ତାଙ୍କର !)
ବଗି ଭଡ଼ା ଅଳ୍ପ ହେବ, ବାଟ ଗପସପ
ଥଟାମଜା କଥାବାର୍ତ୍ତା ଗୀତ ପାନଖିଆ —
ଅଧ ମଜଲରେ ଜଣା ଯିବ ନାହିଁ ଜମା ;
ନୋହିଲେ ଠାକୁର ଦେଖି ନୋହିବ ମଜଲ ।
ବଗି ଥୟ କରିଥିବ ପୂର୍ବ ସଞ୍ଜବେଳୁଁ,
ବଡ଼ଭୋରୁ ହିଁ ବନ୍ଧୁ ଘରେ ଯିବ ବଗି ।
ଦୁଇ ମିତ୍ର ନେବ ଥୋଡ଼ା ସନ୍ଦେଶ ମିଠେଇ,
ବାଟେ ଯାଉଁ ଯାଉଁ ଯେବେ ଦେଖି ପଡ଼ିବ —
ବନ୍ଧୁ କେହି ଅଣ୍ଟା କସି ଭିଡ଼ିଛି ଗାମୁଛା,
ଧପାଲିକୁ ମୁଣ୍ଡେ ମସ୍ତ ଟିକା ଚୋଗି ମାରି,
ଯେବେ ଜଣାଥିବ ତାକୁ ଗୋଲକ ସ୍ୱମୂର୍ତ୍ତି,
ଏକୁଟିଆ ଥିଲେ ତାଙ୍କ ବଗି କରି ଠିଆ,
କିନ୍ତୁ ତାଙ୍କ ସଙ୍ଗେ ଥିଲେ ଜଣେ ଦୁଇଜଣ,
ତାକ ନାହିଁ, ମନ ଉଣା ହେବ ଅନ୍ୟଙ୍କର ।

ବସିଲେ ସେ, ଗାଡ଼ିବାଲା ହାଙ୍କିବ ଅଧିକ
ପଇସା, ନ କହି କିଛି ଚୋକିବ ତାଙ୍କ କଥା,
ଯେତେ ସେ କହିବ, ତାକୁ ଦେବ ବଗୁଲେଇ,
କହିବ "ବେଳର ବେଳ ହେଲା, ଚଲ, ଚଲ,
ଗୁଲିଗାଲି ରେଳ ଗାଡ଼ି ନ ଦେବୁ କଉଡ଼ି ।"
ବାଟସାରା ନିର୍ବାଣ ହୋଇ ଚଳାଇବ ଗାଡ଼ି,
ଇଷ୍ଟେସନଠାରେ ତାକୁ ଦେବ ତା ପଇସା,
ହାତ ପତାଇଣ ଦାନ୍ତ ନିକୁଟି ତେଲଙ୍ଗା
ମାଗିବ ସେ ବକସିସ ତାକୁ ଦେବ ଦୁଇ ଗୁଣ ।
ବଗିରୁ ଓହ୍ଲାଇ ବଖିଦେଇ ଛତାବାଡ଼ି
ଟହଲିବ ଏଣେ ତେଣେ ଛାତିକୁ ଫୁଲାଇ,
ନ ବସିବ ଚୌକାଡ଼ିପରି "ବେକନ" ସାହେବ

Digitized by srujanika@gmail.com

ମନା କରିଛନ୍ତି ତାହା "ରଚନା ପୁସ୍ତକେ"
ପାନଖିଆ ଲାଲ ଦାନ୍ତେ ମୃଦୁ ହାସ୍ୟ କରି
କେହି କେହି ବନ୍ଧୁ ଆସି କରେ 'ଶେକ ହ'ଣ୍ଡ'
ପଚାରିବେ "ଭଲ ଅଛ" କହିବି "ହଁ ଭାଇ;
ଏକପ୍ରକାରରେ ଅଛି, ତୁମ୍ଭର ଭଲ ତ ?"
ଇଂରେଜୀରେ ପଚାରିଲେ ଦେବ ଧନ୍ୟବାଦ
ଉତ୍ତର ନ ଦେଇ କିଛି, ତୁଣ୍ଡକାସିଙ୍କର
ଉତ୍ତର-ପ୍ରତ୍ୟାଶା ନାହିଁ, ଫ୍ୟାଶନ ସେହିଠା,
ବାଧିବଟା ଲକ୍ଷ୍ୟ, ତୁମ୍ଭେ ମଧ୍ୟ ରଖ ବାଧି ।
ଦେଖିବେ ଯେବେ ଥିବେ ତହିଁ ହାଇସ୍କୁଲବାଲା,
ଗୌରାଙ୍ଗୀ-ଯୁବତୀ-କଟାଶିଆ-ପିଙ୍ଗଳାକ୍ଷୀ-
ଲମ୍ବମୁହିଁ-ସରୁ ଅଣ୍ଟା-କହରଆ ବାଳ
ଛଡ଼ି ତୁମ୍ଭ ଆଖି ଦଟା ବୋହୂ ବର୍ଗର
ମୁଣ୍ଡଠାରୁ ଗୋଡ଼ଯାଏ ଚଢ଼ିଯିବ ପ୍ରତ୍ୟେ,
ବିଶେଷେ ଓଢ଼ଣା ହାତେ ଥିଲେ ତା ଉପରେ,
ସେଥିରୁ କି ଲଭପାଇଁ ଅଦ୍ଧା ମୁହୂର୍ତ୍ତ
ଧଉଡ଼ିବ ବଗା ଆଖି ଓଢ଼ଣା ତଳକୁ ।
ମନେ ହେବ ଭାଳେ ଏହି ଓଢ଼ଣା-ଆବୃତା
ହେବ ରବିବର୍ମାଙ୍କର "ମଦାଳସା" ପରି,
ଅଥବା "ଲାବଣ୍ୟବତୀ" ଉପେନ୍ଦ୍ରଙ୍କର,
ଅବା ସ୍କଟ୍ ଭବଙ୍କର "ରେବେକା ସୁନ୍ଦରୀ",
ବୃଥା ଆଶା ! ଲମ୍ବ ଓସାରିଆ ମାଠ ତଳୁ
ସାଧ୍ୟ କାର, ଦେଖିବ ସେ ଅସୂର୍ଯ୍ୟମ୍ପଶ୍ୟାଙ୍କୁ ।
କିନ୍ତୁ ନଷ୍ଟେ ଜାଣେ ମୁହିଁ ବାଢ଼ିଲେ ଓଢ଼ଣା,
ମନ ହୋଇଯାନ୍ତା କ୍ଷଣେ ଶିଶୁପାଳପରି,
କଣ ଦେଲାପରି ତାଙ୍କୁ ନ ଅନାନ୍ତା ଆଉ ।
ପଚାରୁଛ, ଦେଖିଅଛ ମୁହିଁ ସେ ଲୋକଙ୍କୁ ?
ଦେଖିଥିଲେ ଦେଖିଥିବି, ନୋହିଲେ ଅହାଜ
କହିଦେଲି, ସମସ୍ତେ କି ଶକୁନ୍ତଳାପରି ?

Digitized by srujanika@gmail.com

ତୁମ୍ଭ ଘରେ ଯେଉଁମାନେ ତୁମ୍ଭଙ୍କୁ ପଚାରି,
ଓଢ଼ଣା ପକାଇ ଅଣ, ଦେଖିବ ସମସ୍ତେ
ଅନାଇବେ ସ୍ନେହ କରି ସନ୍ତୁଷ୍ଟେ ସେ ଅଛେ।
ମାନବ ଚରିତେ ଏହା ଗଭୀର ରହସ୍ୟ,
ଲୁଚାଇବ ଯାହା ତାହା ଲୋଡ଼ିବାକୁ ଇଚ୍ଛା
ଦ୍ୱିଗୁଣରେ ବଳବତୀ ହୋଇଥାଏ ସିନା।
ସ୍ୱାଧୀନ ପ୍ରକାଶ୍ୟ ଯାହା ସହିଯାଏ ଆଖି,
ଦୈନନ୍ଦିନ ଘଟଣାରେ ମିଶିଯାଏ ତାହା,
କୋଟି ଦ୍ରବ୍ୟ ସଙ୍ଗେ ତାହା ହୋଇଯାଏ ଗୋଟା।
କହ ଅରେ ବେରସିକ, ଏହି ନୀଳାକାଶ,
ଏହି ଦଗବଧୂ, ଏହି ବିକଚ କୁସୁମ,
ଏହି କଳକଣ୍ଠ ସ୍ଫୁର୍ତ୍ତ ବିହଙ୍ଗମଠାରୁ
ଅଧିକ ଲାବଣ୍ୟବତୀ ? ତେବେ କିପାଁ ଅହା
ତାହା ଅଟେ ନରଲୋକ ଗୃହେଁ ସ୍ନେହ କର !
ଏହି ଦେଖ କୁଞ୍ଚ କୁଞ୍ଚ କୃଷ୍ଣ କେଶରାଶି
କୃଷ୍ଣାଙ୍ଗୀ ଭୁଜଙ୍ଗୀ ସମ, କି ଆଲୁଳାୟିତ,

ନବୀନ ଯୌବନ, ଗୁରୁ-ନୀଳ ନେତ୍ର ବେନି
ସୁଗୋଲ ସୁଗୌର ଗୁରୁ ଚିକ୍କଣ କପୋଳ,
ଯା ବର୍ଣ୍ଣନେ ନାହିଁ କାଳି କଲମ କବିର,
ସୁଚାଳ ମୂରତି, ଚାଲି ଦେବ କନ୍ୟା ଶଚୀ,
ସୁଗୁରୁ ବାର୍ଣ୍ଣିସ ଯୋତା ପିନ୍ଧି ପାଦ-ପଦ୍ମେ
ଚଟ ଚଟ ଚାଲିଯାଏ ଏଣେ ତେଣେ ଚାହିଁ,
କାହାର କାହାର ସଙ୍ଗେ କର ହ୍ୟାଣ୍ଡସେକ;
ଏହାକୁ ତ କେହି କାହିଁ ନ ପଚାଏ ଗିଲା,
ଅବା କେହି ଟେକି କାହିଁ ଧେନ ନ ପକାଏ।
(କହୁଛ, ମୁଁ ସାପ୍ତାହିକ ଖବରକାଗଜ
ପଢ଼େ ନାହିଁ ? ପଢ଼ିଅଛୁ ରେଳ-ଦୁର୍ଘଟଣା,
ମଦୁଆ ପାଜିଙ୍କ ନାରୀ-ଅପମାନ-କଥା

Digitized by srujanika@gmail.com

ପଢ଼ିଛି; ପଢ଼ିଛି ମଧ୍ୟ ଗ୍ରାମେ ଲୋକଘରେ
ପଶି କୁତ୍ସେ ରମଣୀର ନାଶନ୍ତି ସତୀତ୍ୱ;
ଘର ଛାଡ଼ି ଯିବାକୁ କି ଦେବ ଉପଦେଶ ?
ପଢ଼ିଛି ଡାକ୍ତରୀଧର୍ମ ଭଲ କରୁଁ କରୁଁ
ରୋଗିଣୀ ଭୁଲାଇ ନିଏ, ଗୁରୁର ଶିଷ୍ୟକି
ଶିକ୍ଷା ଦେଉଁ ଦେଉଁ ନିଏ ଛାତ୍ରୀକୁ ଭୁଲାଇ—
ବେଗରେ ଚିକିତ୍ସା ଅବା ବିଦ୍ୟା-ଅଧ୍ୟୟନ
ବନ୍ଦ କରିବାକୁ ସର୍ବେ ଦେବ ପରାମର୍ଶ ?
ସାବଧାନେ ସବୁ କଥା ହୁଏ କରିବାକୁ,
ସାବଧାନେ ନାରୀ ସଙ୍ଗେ ଯିବ ବିଦେଶକୁ,
"ଶଙ୍କର ଶିହାର ରୂପ"—ଶକ୍ତି ରୂପରକ୍ଷୀ,
ଅନ୍ଧପଟଳ ତ ନୁହେ ଲାବଣ୍ୟ-ପ୍ରଦର୍ଶୀ ।)
ଓଢ଼ଣା ହରିବ କଥା, ନାହିଁ ମୁଣ୍ଡେ ଲୁଗା,
ବଗି ଚଢ଼ି ଏହିଁ ଦେଖ ଦୁଜନ ଢଙ୍ଗରେ
ଚାଲିଗଲା ଠିକଣାକୁ ମହାରାଣୀ ପରି;
ଛୁଟିଲେ କପାଁ ସସ୍ତ ଏତେ ଘରଣୀଙ୍କ ପାଇଁ !

ଜଣାଯାଏ ମୋତେ ଏଇ ମହିଳା ଶିକ୍ଷିତା
ବଙ୍ଗବାଳା ପଢ଼ିଅଛି ବେଥୁନ କଲେଜ;
କିମ୍ବା ଦେଖ ତେଲିଙ୍ଗୀଆ ସୁନ୍ଦରୀ ରୂପସୀ
ଖୋସା ମାରି ମୁଣ୍ଡେ, ପିନ୍ଧି ନାଲିଆ ଘାଗରା,
ଟଙ୍ଗ ଟଙ୍ଗ ଚାଲିଯାଏ ସ୍ୱଜନ ଆଗରେ;
ଦେଖ ଏ ପାର୍ଶ୍ୱେ ମହିଳା ଚମ୍ପା ଦେଇ ଚକ୍ଷେ
ଟକ ଟକ ସରୁ ଦେହ, ହାଡ଼ ମାଂସ ମିଶି
ହେବ ନାହିଁ ଦଶ ପଳ, ଯାଉଅଛି ଚାଲି,
ଅଜ ଠିକେ ବେହାରଙ୍କ ହୋଇଥିଲେ ଦେହ
ବିବି ବୋଲି ଭାବିଥାନ୍ତେ ଦର୍ଶକସମାଜ,
ଅବା ଦେଖ ମହାରାଷ୍ଟ୍ରୀ ମହିଳା ଏ ବାଳା
ସ୍ୱାଧୀନ ନିଶ୍ଚିନ୍ତଭାବେ ବସିଅଛି ରେଲେ,

Digitized by srujanika@gmail.com

କାନରେ ଲବଙ୍ଗ, କୋଳେ ଘେନି ନିଜ ଶିଶୁ,
ଏମାନେ ସମସ୍ତେ କି ରେ ଅଟନ୍ତି ଅସତୀ ?
ନର ଦେଖି ନାରୀ ଯେବେ ହେଲା ଦୋଷଦୁଷ୍ଟଣୀ
ଘରେ ପଶି ଯେଉଁମାନେ ଦିଅର ଶ୍ୱଶୁର,
କୁଣିଆ ଆସିଲେ ତାହା ସଙ୍ଗେ କାଳିବାର
କରନ୍ତି, ସେମାନେ କିପାଁ ହେବେ ସବେଁ ସତୀ ?
ମନୁଷ୍ୟର ମନ ପ୍ରତିହଂସାପରାୟଣ,
ଲୁଚାଇବ ଯାହା ତାହା ପାଇବାକୁ ଇଚ୍ଛା
ଦ୍ୱିଗୁଣରେ ବଳବତୀ ହୋଇଥାଏ ସିନା ।
ଶିଶୁକୁ ଜନନୀ ଯାହା ଛପାଇଣି ରଖେ
ତାହା ପାଇବାକୁ ଶିଶୁ ନୁହେ କୌତୂହଳୀ ?
ଚୁନୁଖାଇ ଦେଲେ ସେ ତା ଫିଙ୍ଗିଦିଏ ଦୂରେ
ଗୁଆକାତି ଲାଗି ଦୁଷ୍ଟ ପ୍ରସାରଇ କର !
ରେ ମମ ଦୁର୍ବୃତ୍ତ ଚିତ୍ତ ! ସାଧ ରେ ସଂଯମ,
ନାରୀ ଅଙ୍ଗେ ନ ଫେରାଅ ଅପବିତ୍ର ନେତ୍ର,
ଯେବେ ଦେଖ ନାରୀମୁଖ, ଜନନୀ ଭଗିନୀ
ମୁଖ ପରି ଦେଖ ତାହା ପବିତ୍ର ନିର୍ମଳ ।

ଦେଖ ଯେବେ ଲୋଳ ଚଳ ଅପୂର୍ବ ଅପାଙ୍ଗ
ଘୃଣାଭରେ ପଦାଘାତ କର ମନେ ମନେ ।
ନେତ୍ରେ ନେତ୍ରେ ତିରସ୍କାର ଦିଅ ସେ ଦୁଷ୍ଟାଙ୍କୁ,
ଜାଣ ପାପୀୟସୀ ସବୁ ସ୍ଥାନେ ଏ ଜଗତେ
ନୁହେଁ ପାପ ଜନ୍ୟ, ଏହି ପୁଣ୍ୟ ପୃଥିବୀରେ
ନାହିଁ ପାପସ୍ଥାନ ଲେଶ, ଅଛନ୍ତି ବିଧାତା,
ନିତ୍ୟ ପବିତ୍ରତାରୂପେ ସମାଜ ଶୋଣିତେ,
ସାଧୁଜନ-ନେତ୍ରେ, ରାଜଦଣ୍ଡ ନ୍ୟାୟଦଣ୍ଡେ;
ଏପରି ରମଣୀ ଯେବେ ତୁମ୍ଭ ହସ୍ତ ଧରି
ବିବାହିତ ହୋଇଥାନ୍ତା, ଜୀବନ କି ଧନ୍ୟ
ମଣିଥାନ୍ତ ? ତେବେ କିମ୍ପା ଉପେକ୍ଷା ତାଙ୍କୁ ?

Digitized by srujanika@gmail.com

ଘୋର ଚର୍ମ ତଳେ, ତାର ପଚନ୍ତି ଦୁର୍ଗନ୍ଧ—
ପାତକ-ଦୁର୍ଗନ୍ଧ ତାହା, ହେୟତମ ଭବେ !
ଅବିଶ୍ୱାସ, ବିଶ୍ୱାସଘାତ, କୃତଘ୍ନତା, ପାପେ—
କର୍ମେ କୁଳକଳଙ୍କିନୀ, ରୂପେ କୁଳବଧୂ ।
ଦେହେ ସ୍ୱର୍ଗ, ଚରିତ୍ରରେ ଭୀଷଣ ନରକ !
ଦେଖିବ ବସିଣି ଜଣେ ଇସ୍କୁଲିଆ ବାବୁ;
ମହା ଦୁର୍ବିନୀତ ଶଠ, ନୟନେ ପ୍ରଚଣ୍ଡ,
ଲୋଡ଼ା ନାହିଁ ଯାହା ତାର ରସିକତା ବିନୁ,
ଉପରକୁ ମୁହଁ ଟେକି ଘୂରଇ ଫୁଲାଇ,
ବିନା କାମେ ଅକାରଣେ କରେ ଦୌଡ଼ାଦୌଡ଼ି
ଘସି ହେଉଥାଏ ଯହିଁ ଥାଅନ୍ତି ଲଳନା !
ଗଳା ବସାଇଣି କଥା କହୁଥାଏ ହସି,
ଦେଖି ଯା ପାଙ୍କିଲପଣ ଜଳିଯାଏ ହାଡ଼
ଏହିମାନେ ଜ୍ଞାନାର୍ଜନ କରନ୍ତି ହା କାଳ !
ଏହିମାନେ ଭାରତର ଭବିଷ୍ୟ ଭରସା !
ଯାଙ୍କ ଯୋଗୁଁ ଏ ଭାରତ ପାପ-ରସାତଳୁଁ
ଉଠିବ ଉଦ୍ଧାର ପାଇ ସପ୍ତମସ୍ୱରଗେ !

କାହିଁ ଗଲା ଭାରତର ଆର୍ଯ୍ୟ ବ୍ରହ୍ମଚର୍ଯ୍ୟ,
କଠୋର ବୈରାଗ୍ୟାନଳେ ଷଡ଼ରିପୁ-ଅହୁତି ?
ଆଶା ଅଛି ସ୍ୱଦେଶର ସେହି ବ୍ରହ୍ମଚର୍ଯ୍ୟେ,
ସେହି ସଦା ମନୁଷ୍ୟତା, କଠୋର ସଂଯମ,
ନିର୍ମମ ବୈରାଗ୍ୟ, ଆତ୍ମସୁଖ-ବଳିଦାନ ।
ପାରେ ଯେବେ ନେଉଥାଇ ସେ ବୈରାଗ୍ୟ କେହି,
ଯେ ବୈରାଗ୍ୟେ ପୂର୍ଣ୍ଣ ଯୁବା କଚ ମହାଚେତା
ପୂର୍ଣ୍ଣାଙ୍ଗୀ ଯୁବତୀ ଦେବଯାନୀ ପ୍ରୀତି-ପାଶ
ହେଳେ କାଟି ସାଧିଥିଲେ କଠୋର କର୍ତ୍ତବ୍ୟ
ମହାଶ୍ରେୟ ଏଡ଼ି ଲୋଡ଼ି ମହା ଶ୍ରେୟ ପଥ,
ବିଷମ କର୍ତ୍ତବ୍ୟ-ବହ୍ନି ଜଳାଇ ହୃଦୟେ

Digitized by srujanika@gmail.com

ନିଜ ପ୍ରିୟତମ ଇଚ୍ଛା ବାସନା କାମନା
ପକାଇଲେ ହୋମ-ଅଜ୍ୟ ନବ ଯୁବ୍ରାହ୍ମଣ ।
ମୃତସଞ୍ଜୀବନ ମନ୍ତ୍ର ସାଧି ବ୍ରହ୍ମଋଷି
ଦେବଲୋକେ ଛିଣାଇଲେ ଦାନବ-ଉପରେ ।
ଏହି ଭଳି ଘାଉଁ ଘାଉଁ ଘୋର ଘର୍ଘରଣ
ଭେଁଓଁ ଭେଁଓଁ ବୋବାଳିଣି, ଉଦ୍‌ଗାରଣ ଧୂମ,
ଘନଘଟା, କ୍ଷୁଦ୍ର ମେଘ ବଜ୍ରଧ୍ୱନି ହୁଙ୍କି
ଗର୍ଜିଣି ବାତୁଳା ହାତୀ ପରି ଛଡ଼ି ଆସି
ମାତି, ସର୍ବେ ପଶୁ ପକ୍ଷୀ ପିଲଙ୍କୁ ମତାଇ
ଉତ୍‌କର୍ଣ୍ଣ କରାଇ, କ୍ଷୁଦ୍ର ପ୍ରଳୟ ଘଟାଇ,
କଟା କଳା ଧଳା ମୂର୍ତ୍ତି ପଦାକୁ ଦେଖାଇ,
କେତେ ଭଲ ନରନାରୀ ଉଦରେ ପୂରାଇ,
ଚଅଁରେ ଅଲଟ-ନୀଳ ପତାକା ଉଡ଼ାଇ,
ଟିକେଟ ବିକେତା ମନ ଅସ୍ଥିର କରାଇ,
ତା ଅର୍ଥ ଉଙ୍କାଇ ତାକୁ ରଗାଇ ମଗାଇ
ଯାତ୍ରିଗଣେ ପରସ୍ପରେ କହୁଣୀ ମରାଇ,

ଟିକେଟ ଝରକା ପାଖେ ବେଦମ କରାଇ,
ଝରକା ସନ୍ଧିରେ କେତେ ହାତକୁ ପୂରାଇ,
ସେ ହାତକୁ କରାଣୀର ହାତରେ ମରାଇ,
ଠକ୍ ଠାକ୍ ଟିକଟକୁ ତର୍ ତର୍ କଟାଇ,
ଷ୍ଟେସନକୁ ଚପ୍‌ରାଶିର ମୂର୍ଦ୍ଧିରେ ଉଙ୍କାଇ,
ଫାଟକ ପାଖରେ ବହେ ଲଢ଼ାଇ ଲଗାଇ,
କୁଲି ମୁହେଁ "କୁଲି" "କୁଲି" ଚିତ୍କାର କରାଇ,
ବୋହୂମାନଙ୍କର ମୁଖୁଁ ଓଢ଼ଣା ଉଠାଇ
ଚରୁଥିବା ଗୋରୁଗାଈ ଦୂରେ ତରକାଇ,
ଗାର୍ଡ଼ ସାହେବର ମୁଖେ ଚୁରଟ ଗୁଞ୍ଜାଇ,
ପ୍ଲାଟ୍‌ଫର୍ମ ଉପରକୁ ତାହାକୁ ଓହ୍ଲାଇ,
କେତେ ଲୋକଙ୍କର ଦାନ୍ତ ପଦାକୁ ଦେଖାଇ,

Digitized by srujanika@gmail.com

କେତେ ଲୋକଙ୍କର ହାତ ମୁଣ୍ଡରେ ରଖାଇ;
କେତେ "ଲେଡ଼ି"ଙ୍କର ହାତେ ରୁମାଲ୍ ଜଡ଼ାଇ,
ହଲ୍‌ଥିବା ରେଲେ ହୋଇ ହକେଇ ଚକେଇ,
ଶୋଇଥିବା ଯାତ୍ରୀଙ୍କର ସୁନିଦ୍ରା ଭଙ୍ଗାଇ;
ଯାତ୍ରୀ ହାତ ଡାକ୍ତରେ ପରୀକ୍ଷା କରାଇ, *
ଲେଡ଼ି ଡାକ୍ତରେ ମାଇପଙ୍କୁ ପରଖାଇ,
ଅସିବ ଅଗ୍ନେୟ ରଥ ବିଜୁଳି ବେଗରେ ।
ଟଙ୍କାଟାଏ ଛାଡ଼ି ଦୁଇ ଟିକଟ ପଢ଼ିଲେ
ବସିଯିବ ଗାଡ଼ି ମଧ୍ୟେ ଅଗମୁହାଁ ହୋଇ,
ସାବଧାନେ ଥିବ ଗୁଣ୍ଡି ପଥର ହୋଇଲା
ଆଖିରେ ପଶିଣ କରିଇବ ଲଣ୍ଡଭଣ୍ଡ ।
ଧାଇଁ ଧାଇଁ କରୁଅଛୁ ବଡ଼େ ଲୌହରଥ,
କିନ୍ତୁ ଚମକିବ ନାହିଁ ପିଇଛୁ ସେ ପାଣି,
ଶୋଷେଇଛୁ ଏତେ ବାଟ ଦାଜଣ ଦାଜଣ ।
କେଉଁକ୍ଷଣି ରହୁ ଇଷ୍ଟେସନ ନାମ ସାର,
ଠଣାଠଣ ତିନିଥର ବଜାଇଣ ଘଣ୍ଟା,
ଭେଁଓ ଭେଁଓ ରାବ ଦେଇ ଛାଡ଼ିବ ଷ୍ଟେସନ,
ସାଇଁ ସାଇଁ ଧୂଆଁ ଧଡ଼ ଧଡ଼ ଗାଡ଼ିରକ
ବାତୁଳ ପରାୟେ ରେଳ ଧାଇଁଯିବ ଛୁଟି,
କ୍ଷିପ୍ତ ଧୂର୍ଜଟିଙ୍କ ସମ ପ୍ରଚଣ୍ଡ ତାଣ୍ଡବେ
ମାତି ମତାଇବ ସର୍ବେ ଗରୁଡ଼ ହଲାଇ,
ଜଠାଇ ପକାଇ କର ହକେଇ ଚକେଇ;
କଅଣ କରିବ ତୁମ୍ଭେ ବସ ଥିବ ହୋଇ
ତୁନି ହୋଇ ଟେକାମାଲି, ଗୋଡ଼ ବା ଲମ୍ବେଇ,
ତୁମ୍ଭ ଅଭିଅର ଏଥି ନାହିଁ କିଛି ଭାଇ,
ପର ଇନ୍ତିଜାର କଥା ହୁଏ ଏହିପରି ।

* କବିତାଟି ଲେଖା ହୋଇଥିବା ସମୟରେ ପ୍ଲେଗ୍ ପ୍ରାଦୁର୍ଭାବ ଯୋଗୁଁ ଷ୍ଟେସନରେ ଯାତ୍ରୀମାନଙ୍କ ହସ୍ତ ପରୀକ୍ଷା ହେଉଥିଲା ।

Digitized by srujanika@gmail.com

ସାଞ୍ଜ ମନେ ପାଞ୍ଚ ଏହା, ବସିବ ଗୁମାନେ,
କାହାର ମୁଣ୍ଡକୁ ନ ହାଣିବ "ଅନୁରାଗେ ।"
କାହାର ଅନଷ୍ଟ କଷ୍ଟ ନ କରିବ ପଥେ,
ଅନ୍ୟାସ କାରଣେ କେହ୍ନ ତୁମ୍ଭକୁ ଦଣ୍ଡିଲେ,
ଗୋଖର ସାପର ବ୍ରତ ଆଚରିବ କିନ୍ତୁ ।
ସର୍ପ ତାର ଯାଉଥାଏ ମୁଣ୍ଡ ତାର ପୋତି,
ତାକୁ କେ ମାଡ଼ିଲେ, ବିକଟାଳ ଫଣା ଟେକି,
ଦାଏ ହାଣି ଏକାଥରେ ମନକୁ ମନାଇ,
ନରମେ ଗରମେ କାମ କରନ୍ତି ହାସଲ
ପାନ ଖଣ୍ଡେ ପକେଟରୁ କରଣ ବାହାର,
ଦେଖି ଥିଲେ ସଙ୍ଗୀ ବନ୍ଧୁ ଅବଶ୍ୟ ପାଇବେ,
ନ ଥିଲେ ମୁହଁରେ ଗୁଞ୍ଜିଦେବ, ଥରେ ଯାଉ,
ଛଳେ ବଳେ କଉଶଳେ ମାରି ନେବ କାମ
କହିବ, "ଦୁଃଖର କଥା, ଅଜ ଜମା ନାହିଁ
ପାଣି ଟକ ଟକ ହେଲ, କଲି ଠାଉ ଠାଉ
ମଦବ୍ୟବହାର ତାର, ସାପ ଯେଲ୍ଲେ ବେଙ୍ଗେ ।"

ଅସନ ଜମାଇ ଅନାଇବ ଦୁଇଅଡ଼େ,
ଧାଇଁ ଥିବେ ଦ୍ରୁତେ ଦୁଇ ପାଶେ ଗଛ ଲଟା
ଯେଉଁ ନୀଳାକାଶ ତୁମ୍ଭ ବିପରୀତ ଦିଗେ
ହୁଦ୍ ଗିରବର୍ଚ୍ଚ ତୁମ୍ଭ ସଙ୍ଗେ ଦଉଡ଼ିବେ ।
ଧନ୍ୟ ହେ ଇଂରଜ-ରାଜ ଧନ୍ୟ ହେ କରଣୀ,
ଧନ୍ୟ ଆମ୍ଭେମାନେ ହେଲୁଁ ତୁମ୍ଭର ପରଜା,
ଧନ୍ୟ ଧନ୍ୟ ବିଜ୍ଞାନର ଅଦ୍ଭୁତ ଶକତି,
ଅଦଭୁତ ଉଦ୍ଭାବନ—କଳର ପୁଷ୍ପକ,
ଶତ ଶତ ବର୍ଷ ପ୍ରପୀଡ଼ିତ ଏ ଭାରତେ
ସ୍ଥାପିଛ ଅକ୍ଷୟ କୀର୍ତ୍ତି, ମହାସମନ୍ୱୟ
ବହିଛ ଭୁ-ଭାରତେ, ଗୈରିକ ଉଡ଼ାଇଛେ
ପୂର୍ଣ୍ଣ ଥିଲ ବାଟଘାଟ, ଅଛି ଲର୍ଡ଼ୟୁରେ

Digitized by srujanika@gmail.com

ଯାଏ ନର ଦେଶଦେଶାନ୍ତରେ ଯାତ୍ରା ତୀର୍ଥେ,
ସଙ୍କୀର୍ଣ୍ଣତା କୁସଂସ୍କାର ତାଡ଼ିଅଛି ଭାଗି,
ଚମ୍ପଟ କରୁଛି ଜାତିଭେଦ ଦ୍ୱେଷ ବୁଦ୍ଧି,
ବିରାଟ ସାମ୍ରାଜ୍ୟ ପରିଣତ ଏ ଭାରତ,
ପରସ୍ପର ଧର୍ମ ନୀତି ବୁଦ୍ଧି ରୀତି ଢଙ୍ଗ
ଦେଖି ଭୁଲିଯାଏ ଦିନୁଦିନ ଘୃଣା ଦ୍ୱେଷ;
ମହାସମନ୍ୱୟକାଙ୍କ୍ଷୀ ବିଶ୍ୱଗ୍ରାସୀ ଭାଷା
କରେ ଏକ ପରିବାରେ ପୃଥ୍ୱୀ ପରିଣତ ।
ଗାଢ଼ ଭୁଲିଁ ମନେ ପଡ଼ି ପ୍ରିୟା-ଚନ୍ଦ୍ରାନନ
ଷୋଭ ହେବ କାହା ଘରୁ ବାହାରିଲା ବେଳେ
ଛରଛରେ ଲୁହଗଣ୍ଡ ଚୁମ୍ବି ନ ଆସିଲା,
ଏଥୁ କାଳେ ହୋଇପାରେ ଅକ୍ରମ ମେଲଣି ।
ପାଶେ ଥିଲେ ଯାହା ଲାଗୁଥାଏ କଡ଼ାକର,
ଲକ୍ଷକୋଟି ଗୁଣେ ମୂଲ୍ୟ ବଢ଼େ ଦୂରେ ତାର,
ବିରହ-ଚନ୍ଦ୍ରଙ୍କୁ ଦେଖି ପ୍ରବାସ-ମୂର୍ତ୍ତିମା
ପ୍ରଣୟ-ପୟୋଧି ସିନା ଉଚ୍ଛୁଳି ଉଠଇ ।

ତେଣୁ ଭାଇ ବିଚ୍ଛେଦର ଭମାବଶାଳରେ
ପ୍ରଣୟ ପଟେଇ ନେଉଥିବ ମଝେ ମଝେ,
ବରଷା ଦିନର ପାଗେ ପଟର ପଟର
ପାଣି ମୂଲ୍ୟ ଜାଣି ନ ପାରଇ କୃଷୀବଳ,
କିନ୍ତୁ ଯେବେ ଝାଣଖରା ଫଟାଏ ବିଲକୁ,
ଝାଇଁ ଝାଇଁ ଖରା ଶାଗ ଖରଡ଼ିଲା ମର
ଝଁଉଁଳି ପଡ଼ଇ ଶୁଆପଣିଆ ଢିଅସି,
ସେତେବେଳେ ଊର୍ଦ୍ଧ୍ୱେ ନେତ୍ରେ ଅନାଇ ମେଘକୁ
ଝୁରଇ କୃଷାଣ ଯେସନ୍ତେ ତୃଷାର୍ତ୍ତି ଚାତକ;
ପାଖେ ଥିଲେ ପାଖଦଶା ହୋଇଥାଏ ଲୋକ,
ଗାଁଅକନ୍ୟା ସବୁଦିନେ ସିଙ୍ଘାଣୀନାକୀଠା,
ଅତି ପରିଚୟେ ହୁଏ ଗଉରବ ନଷ୍ଟ ।

Digitized by srujanika@gmail.com

ନବୀନ ପ୍ରଣୟ ବେଳେ ପ୍ରିୟା ନ ଆସିଲେ
ନିକେ ପାନ ଭାଙ୍ଗି, ତାହା ହୋଇଥାଏ ଥିଅ
କାଳିଯାଏ, ଏଥିପାଇଁ ଲାଗେ କେତେ କଳି,
ଘରେ ଏଥିପାଇଁ କେତେଥର ରୁଷି ରୁଷି
ଗତ ରାତିକଥା ହୁଏ ଗୁପତେ ପ୍ରକାଶ,
ରନ୍ଧି ବାଢ଼ି ସମସ୍ତଙ୍କୁ ପରଷିଣ ସାରି,
ଶାଶୁ ଯାଆଙ୍କର ସେବା କରି ପାନ ଭାଙ୍ଗି
ଉତ୍ତରରେ ଅସିବାରୁ କେତେ ଅଭିମାନ,
ଗୃହକ ସମାନ ପ୍ରିୟା ହୁଣ୍ଡିଆ ଶବଦ
କାଚ ଝମ ଝମ ଗୃହିଁ ନ ମାଡ଼ଇ ନିଦ,
ସେ ଦିନ ଗଲାଣି କେବେ ଅତୀତରେ ବୁଡ଼ି,
ସ୍ମୀରକୁ ଅନ୍ଧାରେ ମାରି ହେଲାଣି ଗୋଟାଳ ।

ଅଚ୍ଛକାଳି ଅଧା ରାତି ଦଶଘଡ଼ି ଯାଏ
ଲେଖାପଢ଼ା ନ ସରଇ, ହାୟ କି ଦୁର୍ଦ୍ଦୈବ !
ଜୀବନ ଅସ୍ଥାୟୀ ପାଣି-ଫୋଟକା ସମାନ
ସାପ କାମୁଡ଼ିବା ଅବା ଝୁଣ୍ଟି ପଡ଼ିବାରେ
ପୋଲଭଙ୍ଗା ଦୁଇ ରେଲଗାଡ଼ି ସଂଘର୍ଷଣେ
ସାହା ଉଡ଼ିଯାଇ ପାରେ, ଏ ଜୀବନ ଲାଗି
କେତେ ରାଗ କେତେ ହିଂସା କେତେ ଦ୍ୱେଷ ଈର୍ଷା,
କଳହ ଅନର୍ଥ ଖଣି ଏହି କ୍ଷୁଦ୍ର ସ୍ୱାର୍ଥ !
ଆଖି ବୁଜି ଦେଲେ କେହି ନାହିଁ ସଂସାରେ,
ଅଚ୍ଛି ମଲେ କାଲି ଦୁଇ ଦିନ ହୋଇଯିବ,
ଭୁଲିଯିବେ ସର୍ବେ, ଲିଭିଯିବ ସବୁ କାର୍ଯ୍ୟ,
ବୁଡ଼ିଯିବ ନାମ, ଲୋକେ ଭୂତ ପ୍ରେତ ସଙ୍ଗେ
ଏକାସନେ ବସାଇଣ କରିବେ କଳ୍ପନା,
ଭଲ ମନ୍ଦ କାର୍ଯ୍ୟ ମାନ ରହୁ କିଛି ଦିନ
ପ୍ରଚାରିବ ଯଶ ଅପଯଶ ଏ ମହୀରେ ।
ପ୍ରିୟଜନମାନେ ମଧ୍ୟ ପାସୋରିବେ କାଳେ,
ସଦବ୍ୟବହାର ଶେଳ ଶଳ୍ପିବ ଦାରୁଣି
କେବେ କେବେ ସ୍ମୃତିବକ୍ଷେ, ଉଠୁଥିବ କୋହ,

Digitized by srujanika@gmail.com

ବାନ୍ଧବ ବାନ୍ଧବେ ଅବା କହିଁ ବନ୍ଧୁଗଣେ
ମାନସ ବେଦନା କିଛି କରାଇବେ ଲଘୁ,
ମନ୍ଦ ବାକ୍ୟ ମନ୍ଦ କର୍ମ ସୁମରଣ କେହି
ସ୍ମୃତିପଟୁଁ ପକାଇବେ ପୋଛି ମୃତନାମ ।
ଏକା ଏହିପରି ଦିନେ ଯିବାକୁ ତ ହେବ
ସେ ଲୋକ ଯେ ଲୋକୁଁ କେହି ଫେରି ନାହିଁ କେବେ,
ଅଜ୍ଞାତ ଅଜ୍ଞେୟ ରାଜ୍ୟ, ଅଚିହ୍ନା ଅଜଣା
ସଙ୍ଗୀ ମାତ୍ର ଥିବେ ସେହି ପ୍ରଭୁ ଅନ୍ତର୍ଯାମୀ
ଯାଙ୍କଠାରୁ ଏ ସଂସାର ପ୍ରତି ମୁହୂର୍ତ୍ତିରେ
ଲକ୍ଷ କୋଟି କର ପ୍ରସାରଣ ଅଣେ ଟାଣି
ଦେଇଣ ବିଷୟ-ବିଷ-ମୋଦକ ଭଣ୍ଡାଏ;
ଯାଁ ଅଭାସ ପାଏ ଦୂର ଅନ୍ତର-ଆକାଶେ,
ଅଳସ ଅଭ୍ୟାସ, କେବେ ଆଖି ବୁଜି ବୁଜି
ଶୂନ୍ୟ ଶୁଷ୍କ ହୃଦୟରେ ଫେରିଆସେ ଘରେ ।
ପାପାସକ୍ତ ମାୟାମୁଗ୍ଧ ମନେ କେତେଦିନ
ବୃଶ୍ଚିକ ଦଂଶନ ସମ ବିବେକ ଦଂଶଇ
କିନ୍ତୁ ଆହା କୃପା କରି କୃପାମୟ ହରି
କଣିକା ପ୍ରସାଦ ଦେଇ ସକଳ କଳୁଷ
କଟାକ୍ଷରେ ପଖାଳନ୍ତି ଅପାର ଦୟାରେ
ଅଛି ମୋ କ୍ଷୁଦ୍ରତା-ସୀମା, ପାପପରିମାଣ,
ନାହିଁ ତାଙ୍କ ଅସରନ୍ତା କରୁଣାର ଅନ୍ତ,
ବ୍ରାହ୍ମମୁହୂର୍ତ୍ତର ପରଂବ୍ରହ୍ମଙ୍କ ଦର୍ଶନ
ନିର୍ବାକ ନିସ୍ତବ୍ଧ ଧ୍ୟାନେ ନିସର୍ଗ ସନ୍ନିଧେ
ମଗ୍ନ ହୋଇ ଯେ ସମ୍ଭୋଗ, ଶତବର୍ଷଯାଏ
ଜନ୍ମର ମୃଦଙ୍ଗମାଡ଼ ନାଚରୁ ଗରିଷ୍ଠ ।
ଏହିପରି ଭାବୁଁ ଭାବୁଁ ଗଡ଼ିଯିବ ବେଳ,
ଭୁବନେଶ୍ୱର ଷ୍ଟେସନେ ପହଞ୍ଚିବ ଗାଡ଼ି ।

ଅସମ୍ପୂର୍ଣ୍ଣ

Digitized by srujanika@gmail.com

ନିକୁଞ୍ଜଲତା

କାନନ-ମଣ୍ଡନା ନିକୁଞ୍ଜଲତା
ବନ୍ଧୁ କି ଅପୂର୍ବ ପ୍ରେମବାରତା !
ମୃଦୁ ମନ୍ଦବାତ ହରଇ ଚିତ୍ତ,
କୁହୁ କୁହୁ ପିକ ଗାଏ ସଙ୍ଗୀତ ।
ଗୁଣୁ ଗୁଞ୍ଜୁ ସ୍ୱନେ ଉଡ଼େ ଭ୍ରମର,
ଶୁଣେ ତୋ ରହସ୍ୟ ମଧୁମର୍ମର ।
ତୋର ଶ୍ୟାମଳ ଅଙ୍ଗେ ଫୁଟଇ କଳି,
କେଉଁ ବିଧି ତାହା ଅଛଇ ଗଢ଼ି ?
ବୋଲି ହୋଇ ଅଭିନବ ଯୌବନ
କଢ଼ି ଫୁଟି ହୁଏ ସଜ ସୁମନ ।
ଦିଗ ଚହଟଇ ତାର ସୌରଭେ,
କିଏ ହେବ ତାର ତୁଳନା ଭବେ ?
ନିକୁଞ୍ଜଲତା ଗୋ ନିକୁଞ୍ଜଲତା,
କେତେ ସୁହାଗରେ କହୁ ତୁ କଥା !
ଟଳ ଟଳ ତୁହି ଝୁଲ ପବନେ
ଲାଗି ରହୁଥାଏ ତାହା ମୋ ମନେ ।

କୋମଳ ସୁନ୍ଦର ତୋହର ତନୁ ।
ପାସୋର ନ ଯାଏ ଏ ମୋର ମନୁଁ !
ଥିଲେ ଏ ଗୀତରେ ତୋର ସୌରଭ
ହୁଅନ୍ତା ଙ୍ଗସାରେ ତାର ଗୌରବ ।
ନିଜେ ବିଶ୍ୱକର୍ମା ପୂତ ପାବନ
ଧୁଅନ୍ତି ଲାବଣ୍ୟେ ତୋ ଅପଘନ ।
ମୁହିଁ ତ ସଂସାରେ ନଗଣ୍ୟ କବି
ଚିତ୍ରିବି ତୋ ସମ କେବଣ ଛବି ?
ତଥାପି ତୋ ନାମ ଧରଣି ଲତା,
ଗାଇବି ଏ ମମ ମର୍ମ ବାରତା ।

Digitized by srujanika@gmail.com

ଶତ୍ରୁ ମିତ୍ର

ସ୍ଥିର ହ୍ରଦେ ଦିନେ ହରିଣ ଦେଖି ଶୃଙ୍ଗର ଛାୟା,
ବଖାଣି ସୁନ୍ଦରପଣ ତା ହେଲା ଅହ୍ଲାଦେ ବାୟା ।
କିନ୍ତୁ ସରୁ ପାଦ ଦେଖିଣ ମନେ ଲଭିଲା ଦୁଃଖ,
କହିଲା, "ହାଇରେ ବିଧାତା, କେଡ଼େ ନିର୍ବୋଧ ମୂର୍ଖ !
ଏ ସୁନ୍ଦର ଶିଙ୍ଗ ସହିତେ ଦେଲୁ କୁତ୍ସିତ ପାଦ,
"ନାଶଇ ଏ ଶୋଭା ସମ୍ପଦ, ହୁଏ ହର୍ଷେ ବିଷାଦ !"
ଏମନ୍ତ ସମୟେ ଆସିଲା ବ୍ୟାଧ ମୃଗେ ଗୋଡ଼ାଇ;
ଧନୁର୍ବାଣ ଦେଖି ତ୍ରାସେ ମୃଗ ଗଲା ପଳାଇ,
କ୍ଷିପ୍ର ପଦକ୍ଷେପେ ହରିଣ ଗଲା ଦଉଡ଼ି ବନେ,
ଲାଗି ଯାଉଁ ଶୃଙ୍ଗ ଲତାରେ କହେ ବିଷଣ୍ଣ ମନେ,
"ଧିକ ଧିକ ଏ ମୋ ଶୃଙ୍ଗକୁ ଏ ମୋ ପ୍ରାଣ ବଇରି,
ନିନ୍ଦୁଥିଲି ପାଦେ, ନରେଖି' ସିନା ଏ ଶୃଙ୍ଗ ସିରି ।
କିନ୍ତୁ ସେ ପାଦ ମୋ ସହାୟ, ଶୃଙ୍ଗ ଭଗାଏ ତାଳେ,
ବିପରୀତ ସିନା ହୁଅଇ ବୁଦ୍ଧି ବିନାଶ-କାଳେ !"

ପିତା ପୁତ୍ର

(୧)

ପିଲାମିଅଁ ଅନାଇଣ ଆକାଶର ଜହ୍ନ
"ଏ କସ," "ଏ କସ" ବୋଲି ପୁଚ୍ଛଇ ପ୍ରଶନ ।
ବଡ଼ମିଅଁ କହୁଥାନ୍ତି ଯେତେଥର 'ଜହ୍ନ'
ଛୁଆମିଅଁ ପଚାରନ୍ତି, "କଅଣ," "କଅଣ" !
କାଳକ୍ରମେ ସାନମିଅଁ ହେଲେ ବଡ଼ମିଅଁ,
ବଡ଼ମିଅଁ ବୁଢ଼ା, ଚଳେ ଏସନ ଦୁନିଆ ।
ଦିନେ ମିଅଁ ପୁଅ ଗୁଣ ବଢ଼ିବା କାରଣ
ଚନ୍ଦ ଦେଖି ପଚାରନ୍ତି, "ଏ କସ ?" ପ୍ରଶନ ।

Digitized by srujanika@gmail.com

ତିନିଥର ମିଆଁ "ଗୃନ୍ଦ" ଦେଲେକ ବଢାଇ,
ଗୃହଥରେ ବେକେ ବାଧା ଦେଲେକ ବସାଇ !
ବୁଢ଼ା କହେ, "ଅଲ୍ପାୟୁଷ ! ଥିଲୁ ଯେବେ ପିଲା,
କହୁଥିଲି ଶଏଥର ନ କରିଲି ଢିଲା ।
ଗୃହଥର ପରୁବନ୍ତେ ଧୈର୍ଯ୍ୟଚ୍ୟୁତ ହେଲୁ
ବୁଢ଼ାବାପ ପିଠିରେ ତୁ ଏତେ ବାଧା ଦେଲୁ ?
କବି ବୋଲେ ଦୁନିଆଁଟି ବୁଲି ମୁଁ ଅଇଲି
ଘରେ ଘରେ ଏହି ଲୀଳା ସର୍ବତ୍ର ଦେଖିଲି ।

—୨—

ଗ୍ରାମ ପାଠଶାଳା ପାଠ ସାଙ୍ଗ କରି ହରି
କଟକ ଆସିଲା ଦିନେ ପିତା ପଛ ଧରି ।
ଛନ୍ନ ଛନ୍ନ ହରି ମନ ଦେଖିଣ ନଗର
ଭୟରେ ଅଧୀର ପିଲା ଅନ୍ତରେ କାତର ।
ବୋଧ ଶୋଧ କରି ବାପ ଗଲା ରଖି ଦେଇ
ଚୂଟି କାଟି ହରିବାବୁ କାଟିଲେ ଫେରେଇ ।
ଖଡ଼ୁ ନୋଳି ଛାଡ଼ି ହରି ପିନ୍ଧି ଶାର୍ଟ କୋଟ
ବାର୍ନିସ ଚଷମା ପିନ୍ଧି ହେଲେ ସେ ବସ୍ମୋଟ ।

ସଙ୍ଗୀନ୍ବାବୁଗଣ ସଙ୍ଗେ ବୁଲନ୍ତି ବଜାର
ଲଜ୍ଜାରେ ବାପାଙ୍କୁ ହରି ନ ହେଲେ ଜୁହାର ।
କଟକେ ସେ ବର୍ଷେ ହେଲା ବସନ୍ତ ପ୍ରବଳ
ହରିବାବୁ ଶଯ୍ୟାଶାୟୀ ଅତ୍ୟନ୍ତ ଦୁର୍ବଳ;
ବୁଝିଲେ ସୁଖର ସାଥୀ ସଙ୍ଗାତ ମହଜନ
ପିତୃପଦଧୂଳି ଧନ ହେଲେ ସେ ପଲ୍ବନ ।

ଅକର୍ମାର ଆତ୍ମଗର୍ବ

ନିର୍ମଳୀ କହଇ, "ବୃକ୍ଷ ! ମୋଠାରୁ ତୁ ହୀନ,
ମୃତ୍ତିକାରୁ ରସ ଶୋଷୁଥାଉ ନିଶିଦିନ ।
ସଂସାରେ ସାମାନ୍ୟ କାର୍ଯ୍ୟ ଯେହୁ କରୁଥାଉ,
ଲୋକରେ ସେ ଘୃଣ୍ୟ ହୁଏ, ନୀଚ ସେ ବୋଲାଇ ।"
କହଇ ଆକ୍ଷେପି ବୃକ୍ଷ, "ମୁହିଁ ନିରନ୍ତର
ସାଧୁ କର୍ମେ ଜୀବନକୁ ସମର୍ପେ ମୋହର ।
ନିର୍ମଳୀର ମୂଲ ନାହିଁ, ମୋ ଦେହର ରସ
ପିଇ ଆନନ୍ଦରେ ଦିଶେ ସୁନ୍ଦର ସରସ ।
"ମୋର ଖାଇ ମୋତେ ଏହୁ ଘୃଣା ଯେ କରଇ,
ଏ ବିଷମ କଥା କପାଁ ସଂସାରେ ଘଟଇ !"
ପକ୍ଷୀ ଏକ ବସିଥିଲା ସେ ବୃକ୍ଷ ଉପର ।
କହିଲା, "ହେ ବୃକ୍ଷ ! ତୁହି ଆକ୍ଷେପ ନ କର
ନିଜ ଶିଙ୍ଗେ ମାଟି ଖୋଳୁ, ନୋହୁ ତୁହି ହୀନ,
ନୀଚ ସେହି ପରଅନ୍ନେ ବଞ୍ଚେ ଯେହୁ ଦୀନ ।"

ଅଗ୍ନି ଓ ଧୂମ

ଧୂମ କହେ, "ଅଗ୍ନି ଦେଖ ମୁହିଁ କେଡ଼େ ଉଚ୍ଚ
ମୋ ଉଚ୍ଚତା ତୁଳନାରେ ତୁମ୍ଭ କେତେ ତୁଚ୍ଛ !
ଘରଦ୍ୱାର, ତରୁଲତା, ବନଗିରି ଟପି
ଆକାଶେ ଉଠଇ ମୁହିଁ, ତୁହି ଅଛୁ ଛପି ।
ଆଙ୍କି ବାଙ୍କି ବାହାୟୁସେ ଉଡ଼େଁ ମୁଁ କେସନ,
ଦେଖନ୍ତି ଜଗତଜନ ବିସ୍ଫାର ନୟନ ।"
ଅଗ୍ନି କହେ, "ଅହେ ଧୂମ ତୋହର ଅସ୍ତିତ୍ୱ
ଜ୍ଞାନୀଏ ଜାଣନ୍ତି ଅଟେ ମୋହର କୃତିତ୍ୱ !"

Digitized by srujanika@gmail.com

ଏକ କାର୍ଯ୍ୟର ଭିନ୍ନ ଫଳ

ଏକ ଦିନେ ଦୁର୍ଯୋଗରେ ମାଧବ ଗୃହରେ
ଲାଗିଯାଇ ଅଗ୍ନି ଜଳେ ଖର ପବନରେ ।
ସାଧବର ସାନ ପୁଅ ଦାସୀକୋଳେ ରହି,
ଅଗ୍ନି ଦେଖି ଆନନ୍ଦରେ ନାଚଇ ଖେଳଇ ।
କଷ୍ଟ ଉପାର୍ଜ୍ଜିତ ଧନ ହୁଏ ଭସ୍ମୀଭୂତ,
ଦେଖିଣ ସାଧବ ଘୋର ଦୁଃଖେ ଅଭିଭୂତ ।
ଗର୍ଜ୍ଜିଣ ଆସିଲା ଅଗ୍ନି-ନିର୍ବାପକ କଳ
ଦେଖି ଦୂରୁଁ ସାଧବର ପ୍ରାଣେ ପଶେ ବଳ
ଶୁଣିଣ ଅଚହ୍ନା ସେହି କଳର ଗର୍ଜ୍ଜନ
ସଭୟେ ସାଧବ ପୁଅ କରଇ କ୍ରନ୍ଦନ ।
ଏକ କାର୍ଯ୍ୟ ଦୁହିଙ୍କର ମନର ଉପରେ
ବିପରୀତ କାର୍ଯ୍ୟ କଲା ଅଦ୍ଭୁତ ରୂପରେ ।
ହୃଦୟନିହିତ ପୂର୍ବଜ୍ଞାନ-ଅନୁସାରେ
ଏକ କାର୍ଯ୍ୟ ବିଭାତଇ ବିଭିନ୍ନ ପ୍ରକାରେ ।

ଗ୍ରୀଷ୍ମ ଓ ବର୍ଷା

ବର୍ଷା କହେ, "ଖରା ! ତୁହି ବଡ଼ ନିଦାରୁଣ,
ଶୁଖାଉ ତୁ ଜଳାଶୟ ପୋଡୁ ପତ୍ରତୃଣ;
ଦେଖ ମୁଁ ଅଜସ୍ର ଜଳଧାରା କରି ଦାନ
ବଞ୍ଚାଏ କପର ଖିଳ ପ୍ରକୃତିର ପ୍ରାଣ ।
ତୋ ରାଜ୍ୟ ଶ୍ରୀହୀନ ଅତି ମରୁଭୂମି ସର
ଧୁଉ ଧୂଉ ଜଳେ * ଧରା, ପତ୍ର ପଡ଼େ ଝର ।
ମୋ ରାଜ୍ୟ ଶ୍ରୀମନ୍ତ କେଡ଼େ, ନନ୍ଦନର ସର
କଳ କଳ ଜଳେ † ଧର ନିର୍ଝରରୁ ଝର ।

---

* ଜଳେ—ପ୍ରଜ୍ୱଳିତ ହୁଏ । † ଜଳେ—ଜଳଦ୍ୱାରା ।

Digitized by srujanika@gmail.com

ମୁହିଁ କେଡ଼େ ଦାତାପଣ୍ ତୁ କେଡ଼େ କୃପଣ,
ନେଉ ପ୍ରାଣ, ଦଏ ମମ ଜୀବନ * ଜୀବନ †।"
କହେ ଗ୍ରୀଷ୍ମ, "କିପାଁ ବର୍ଷା କରୁ ବୃଥା ଗର୍ବ,
ମୋ ଯୋଗୁଁ ତୋହର ସିନା ଏ ସମ୍ପଦ ସର୍ବ !
ଧରାବକ୍ଷୁଁ ବାରି ଯେବେ ନ ନିଅନ୍ତି ନଭେ
ପାଆନ୍ତୁ କି ଜଳ ତୁହି ବରଷାରେ ଲଭେ ?"

ନର ଓ ବ୍ୟାଘ୍ର

"ହେ ବ୍ୟାଘ୍ର ! ତୁ ନର ଖାଉ, ଅଧର୍ମୀ ତୁ ଅଛି,
ତୋତେ କିପାଁ ସୃଜିଥିଲେ ପ୍ରଭୁ ଜଗପତି ?
ଏ ବଡ଼ ଅଦ୍ଭୁତ, ବୁଝି ନ ପାରଇ ମୁହିଁ;
ଜଗତର କିସ ଉପକାର କରୁ ତୁହି ?"
କହେ ବ୍ୟାଘ୍ର, "ହେ ମାନବ ! କର ତ ବିଚାର
ତୁ କି ମେଷ, ଛାଗ, ମତ୍ସ୍ୟ ନ କରୁ ଆହାର ?

ତାଙ୍କର କି ପ୍ରାଣ ନାହିଁ ? ତାହା କିପାଁ ଧର୍ମ,
ମୋ ଜୀବିକା ହେଲା କିପାଁ ଉତ୍କଟ ଅଧର୍ମ ?
ନିରପେକ୍ଷ ବିଚାରେ ମୁଁ ଯେବେ ଭୟଙ୍କର,
ନୁହଁ ତୁମ୍ଭେ ମାନବ କି ଭୟଙ୍କରତର ?
ମୁଁ ସିନା ଜାଙ୍ଗଲ ଜନ୍ତୁ ନିପଟ ଅଜ୍ଞାନ,
ନାନା ଶାସ୍ତ୍ର ପଢ଼ି ପରା ଅର୍ଜିଅଛ ଜ୍ଞାନ ?
କେତେ ଜୀବ ମାରି କର ସତତ ଆହାର
ଜୀବନ୍ତରେ ଶତୋଧିକ କର ଅତ୍ୟାଚାର !"

---

* ଜୀବନ—ଜଳ । † ଜୀବନ—ପ୍ରାଣ ।

Digitized by srujanika@gmail.com

ନର ଓ ନାରୀ

ନର—ଅଗୋ ନାରି ! ଅଟ ତୁମ୍ଭେ ଅତୀବ ଅଜ୍ଞାନୀ,
ନାରୀ—ତୁମ୍ଭ ଅତ୍ୟାଚାର ଫଳ ନୁହେଁ କି ତା ଜ୍ଞାନ ?
ନର—ନାରୀ ତୁମ୍ଭ ମଧ୍ୟେ ବହୁ ଅଛନ୍ତି ଅସତୀ,
ନାରୀ—କିଏ ତାହା କରାଇଲା ଅହେ ପତି-ଜାତି ?
ନର—ନାରୀଏ କଳହପ୍ରିୟା, ଜଗତେ ବିଖ୍ୟାତ,
ନାରୀ—ଶିକ୍ଷା ଅଭାବରୁ ନୁହେ କି ଏ ଦୋଷ ଜାତ ?
ନର—ନାରୀଙ୍କୁ ବିଶ୍ୱାସ ଶାସ୍ତ୍ରେ ଅଟେ ଅବହୃତ,
ନାରୀ—ସେ ମଧ୍ୟେ ତୁମ୍ଭର ମାତୃଦେବୀ ଅଛନ୍ତି ତ ?
ନର—ନାରୀଏ ସନ୍ତାନ ମଳ ସ୍ୱହସ୍ତେ ପୋଛନ୍ତି
ନାରୀ—ତା ନୋହିଲେ ଶିଶୁବେଳେ ବଞ୍ଚନ୍ତି କିମନ୍ତ ?
ନର—ସ୍ୱାମି-ପୁତ୍ର-ପକ୍ଷପାତୀ ସଙ୍କୀର୍ଣ୍ଣ ସେ ମନ,
ନାରୀ—ସେ ଦୋଷ କି ଗୁଣ ରୂପେ ନ ହୁଏ ଗ୍ରହଣ ?
ନର—ଅଳପ କଥାରେ ନାରୀ କରନ୍ତି କ୍ରନ୍ଦନ,
ନାରୀ—ନିଃସହାୟ ଅବସ୍ଥା କି ନୁହେଁ ତା କାରଣ ?

ଆଲୋକ ଓ ଅନ୍ଧାର

ଆଲୋକ କହଇ, "ତୁରେ ଅନ୍ଧାର ତୁ କଳା
ଦେଖ ମୁହିଁ କି ଉଜ୍ଜ୍ୱଳ, ଗୌରବର୍ଣ୍ଣ, ଧଳା !
ସର୍ବେ ମୋତେ ସୁଖ ପା'ନ୍ତି, ମୁହିଁ ଜୀବମିତ୍ର,
ତୁ ଅଟୁ ପ୍ରାଣୀର ଅରି ଅତୀବ କୁତ୍ସିତ !
ଉଦ୍ଭିଦ, ମାନବ, ଶିଶୁ, ବୃଦ୍ଧ, ଯୁବାଜନ
ସମସ୍ତେ ମୋହର ଭକ୍ତ, ମୁଁ ଜୀବ ଜୀବନ ।"
ଅନ୍ଧାର କହଇ, "ସତ ଭବେ ତୋ ଆଦର
ତାହାର କାରଣ କିନ୍ତୁ ଅସ୍ତିତ୍ୱ ମୋହର ।

Digitized by srujanika@gmail.com

ମୋ ଅସ୍ତିତ୍ୱ ଯେବେ ବନ୍ଧୁ ସଂସାରେ ନ ଥାନ୍ତା,
କିଏ କହଁ। ତୋର ଗୁଣ ଜଣିକା ଲୋଡ଼ନ୍ତା ?
ମୁହିଁ ନିନ୍ଦା ପକ୍ଷପାତୀ, ଅପୁରୁଷ୍ଟିକାଶ୍ୱ,
ମୋତେ ଲୋଡ଼ଥାନ୍ତି ବେଳକାଳେ ନରନାରୀ ।
ଅତ୍ୟନ୍ତ ଗର୍ହିତ ସର୍ବ—ଏ ଅସ୍ତ୍ର ବଚନ,
ସମସ୍ତଙ୍କ ଲୋଡ଼ା ଭବେ, ଗର୍ବ ଅକାରଣ ।"

ଛୁଞ୍ଚି ଓ ଚାଲୁଣୀ

ଚାଲୁଣି କହଇ, "ଛୁଞ୍ଚି ରେ, ତୋର ଛିଦ୍ରକୁ ଅନା
ବଡ଼ ଲାଜକଥା ସିନା ଏ । ଧିକ ବଧିକୁ ନାନା ।
କରୁ ତୁହି ଲଗା ସିଲେଇ ସତ ମାନୁଛି ମୁହିଁ,
ଏ ଦୁର୍ବହ ଲଜ୍ଜା ମାନକ ସହି ଥାଉ ତ ତୁହି ।
କେମନ୍ତେ ଲାଞ୍ଛନା ଘୁଞ୍ଚିବ ସଦା ମୋର ଭାବନା ।"
ଛୁଞ୍ଚି କହୁଅଛି, "ଗୋଦର ! ନିଜ ଗୋଡ଼କୁ ଅନା ।

ସହସ୍ର ଛିଦ୍ର ଯେ ନିଜର ! ତାହା ଦେଖି ନ ଦେଖ,
ଗୋଟିକ ଛିଦ୍ର ଏ ମୋହର, ତାକୁ ବାହୁନି ଲେଖୁ ।
ସାରା ସଂସାର ଏ ବେଭାର ତୁ ବା କରବୁ କସ,
ବଷଦ୍ଗୁଣ କହଁ। ଏ ସୃଷ୍ଟି କଲ ହେ ଜଗଦୀଶ ।"
ସାରା ଶ୍ରେଷ୍ଠଜୀବ ମାନବ ମଧ୍ୟେ ଏହି ବେଭାର,
ନିରନ୍ତର ଦେଖା ଯାଉଛି ସ୍ୱାର୍ଥ କାରଣ ତାର ।
ନିଜ ଦୋଷ ଦେଖି ମାନବେ ପର ଦୋଷ ବିଚାର,
କରୁଥିଲେ ସ୍ୱର୍ଗ ପାଲଟି ଯା'ନ୍ତା ଏହି ସଂସାର ।

Digitized by srujanika@gmail.com

ପ୍ରକୃତି ଓ ସମାଜ

(୧)

ବୁଲୁଥିଲି ପଲ୍ଲୀପଥେ ନିର୍ଜନ ଭ୍ରମଣେ,
ଗଛହଣା ଶବ୍ଦ ଦୂରୁ ଶୁଣିଲି ଶ୍ରବଣେ ।
ଜନପଦ ଉପକଣ୍ଠେ ଥିଲା ଉପବନ
ନାନାଜାତି ଲତାଦ୍ରୁମେ ନୟନ-ରଞ୍ଜନ ।
କେତେ ଥର ଦେଖି ତୃପ୍ତ ହୋଇଥିଲା ଚିତ୍ତ
ଦେଖିଲଇଁ ଆଜି ଅହା ଦୃଶ୍ୟ ବିପରୀତ ।
ହାଣି ଗଛା ପଦା କଲେ କରୁଛି ସେ ସ୍ଥାନ
ଚଉକତି ଚଷି ପୁଣି ବୁଣିଅଛି ଧାନ ।
ମଝିରେ ଝୁମୁକାଝାଟି ବଢା କାଠ ଜାଳ
ପୋଡି ଠିଆ କରଅଛି କୁଟୀର କଙ୍କାଳ ।
ଦେଖି ହେଲା ଦୁଃଖ, ଆସି ଓଳଗିଲା ଚଷା—
"ବାବୁ ତୋଳୁଅଛି ଘର, ଗୁମ୍ଭ ତ ଭରସା ।

ଶୁଣି ତାର କଥା ମୋର ଜଳିଗଲା ହାଡ଼,
କହିଲି, "ଦୂର ହୋ ମୂର୍ଖ ଅଜ୍ଞାନ ଗୁହାଡ଼ ।"

(୨)

ଗୃହେ ଫେରି ଗୁମାସ୍ତାକୁ କଲି ତିରସ୍କାର—
"ମୋ ବିନା ଆଦେଶେ କପାଁ କଲ ଏ ପ୍ରକାର ?"
କହିଲା, "ସଲାମି କର ମିଳିଯିବ କିଛି
ହାତରୁ ରାଜସ୍ୱ ଗଣି ଦେବାକୁ ହେଉଛି ।"
ବିଚାରିଲି, 'ଏ ଦେଶରେ ନାହିଁ ମନୁଷ୍ୟତା
ନାହିଁ ସୌନ୍ଦର୍ଯ୍ୟର ଜ୍ଞାନ କରିବାକୁ କ୍ଷମତା ।'
ଗଲା କିଛିକାଳ ବହି, ଗଲି ମୁଁ ଭ୍ରମଣେ
ଡାକି ନେଲା ସେ କୃଷକ ମୋତେ ତା ଅଙ୍ଗନେ ।

Digitized by srujanika@gmail.com

କେତେ ଜାତି ଲତା ବୃକ୍ଷେ ଫଳିଅଛି ଫଳ,
ନାସ୍ତି ଏକ ଅଳବାଳେ ଟାଳୁଅଛି ଜଳ ।
କୁଟୀର ଅଗଣେ ବନ୍ଧା ଗାଈ ଦୁଇ ଗୁର
କୃଷକ ବାଳିକା ଘରେ ପଢ଼ାଉଛି ସାସ୍ତ ।
କୃଷକର ସାନପୁଅ ରଖି ମେଷ ଛାଗ,
ଗ୍ରାମଦଣ୍ଡା ଅଞ୍ଜୁ ଘାଉଅଛି ଗ୍ରାମ-ବାଗ ।

(୩)

ଅଖା ଖଣ୍ଡେ ଅଣାଇ ସେ ପିଣ୍ଡାରେ ବିଛାଇ,
ବସିବାକୁ କହିଲା ସେ, କଲି ମୁହିଁ ନାହିଁ ।
ଗାଳିଦେଲା ପୁଅକୁ ସେ—"ବାବୁ ଯେ ପାଠୁଆ
ଅଖା ଅଣିଦେଲୁ ତାଙ୍କୁ, ଏଡ଼େ ନିର୍ବୁଦ୍ଧିଆ ।"
ପିଢ଼ା ଖଣ୍ଡେ ଅଣି ତହୁଁ ଦେଲା ତାର ପୁଅ,
ଧୂଆଁପତ୍ର ପିକା ବଳି ଆଣିଲା ତା ଝୁଅ ।
ମୁଣ୍ଡ ହଲା ଦେଖି ଗଲା ମୋ ମୁଖେ ଅନାଇଁ—
"ମନୁଷ୍ୟ ହୋଇ ଏ ପୁଣି ପିକା ଖାଏ ନାହିଁ ;"
ତାର ମନ କଥା ଜାଣି ହସି ମନେ ମନେ
ଚାଲିଗଲି ପ୍ରାତ୍ୟହିକ ପ୍ରଦୋଷ ଭ୍ରମଣେ ।
ସୁନ୍ଦର ସଂସାର ସେହି ଦୁଃଖି-କୃଷକର,
ଅଙ୍କିଦେଲା ଚିତ୍ରପଟ ପରାଣେ ମୋହର !
ବାଟ୍ଟରଲି ଏ ପ୍ରକୃତି ହେଲେହେଁ ସୁନ୍ଦର,
ନୁହେଁ କି ମାନବ-ଗୃହ ମନୋହରତର ?

ସଂସାର ଓ ସ୍ୱର୍ଗ

"କହ ପ୍ରଭୁ, କହ ତବ ସ୍ୱର୍ଗଧାମ କାହିଁ ?
ସେହି ସ୍ୱର୍ଗପୁର-ସୁଖ ମୁହିଁ ଜାଣେ ନାହିଁ ।
ଅଛି କି ସେ ସ୍ୱର୍ଗଧାମ ବୈକୁଣ୍ଠ ଭୁବନେ ?
ଅବା ପାରିଜାତ-ଫୁଲ-ନନ୍ଦନ-କାନନେ ?

Digitized by srujanika@gmail.com

ଅମରାବତୀରେ କିବା ଅପ୍‌ସରା-ସେବିତ,
ଅଥବା କୈଳାସପୁରେ ଅମର-ବାଞ୍ଛିତ ?
ଅଛଇ ତା ଯୋଗିଜନ ଜ୍ଞାନୋଜ୍ଜ୍ୱଳ-ମନେ,
ଭକ୍ତର ଭକତି-ଧୌତ ହୃଦ-ପଦ୍ମାସନେ ?
ପୃଥିବୀର ପାପତାପଠାରୁ ବହୁଦୂରେ
ଅଛଇ କି ବ୍ରହ୍ମଲୋକେ ନିର୍ବାଣପୁରେ ?
ଗିରିଗୁହା ଘନବନ ସୁରମ୍ୟ ସମାଜେ
କହିଦିଅ ସ୍ୱର୍ଗଧାମ କେଉଁଠାରେ ରାଜେ ?
ଭୁଲି ସ୍ୱର୍ଗଧାମ କଥା ପରିଶ୍ରାନ୍ତ ଚିତ୍ତ,
ନିଦ୍ରା-ଅଙ୍କ ଆଶ୍ରି ହେଲି ସ୍ୱପ୍ନ-ବିମୋହିତ ।
ଚକିତେ ଉଠିଲି ଚିତ୍ତେ ସ୍ୱପ୍ନ ବିମୋହିତ,
ସାମାନ୍ୟ କୁଟୀରେ ଏକ ପରିପରିଚିତ ।
କୋଳେ ଏ ଶିଶୁଙ୍କୁ ଘେନି ଶିଶୁଙ୍କ ଜନନୀ,
ବିଷଣ୍ଣ ପରାଣେ କାଟେ ଦିବସ ରଜନୀ ।
ତରୁଶାଖେ ଆସି ତହିଁ ବିହଙ୍ଗମଗଣ,
ବସି ଗୀତ ଗାଇ କାହିଁ କରନ୍ତି ଗମନ ।

ଶିଶୁ ଏ ପକ୍ଷୀଙ୍କୁ ଦେଖି ହସନ୍ତି ଖେଳନ୍ତି,
ନାନା ଲୀଳା କରି କ୍ଷୁଦ୍ର ଗୃହ ଆଲୋକନ୍ତି ।
ମୁହିଁ ଯେବେ ଚାଲିଯାଏ ସୁଦୀର୍ଘ ପ୍ରବାସେ,
ଚିନ୍ତେ ଥାଆନ୍ତି ମମ ଆଗମନ ଆଶେ ।
ଉଜ୍ଜ୍ୱଳ ଚନ୍ଦ୍ରମା ଜଳେ ସୁନୀଳ ଆକାଶେ,
ମଧୁର ମଳୟ ବହେ ଆଣେ ଫୁଲବାସେ;
ମଧୁର ପ୍ରକୃତି ସ୍ନେହୁଁ ଅଧିକ ମଧୁର,
ବିଚାରିଲି ଏହି ତ ମୋ ପ୍ରିୟ ସ୍ୱର୍ଗପୁର ।

Digitized by srujanika@gmail.com

ସିନ୍ଧୁ ସଙ୍ଗୀତ

ପାନ୍ଥ—

ଗମ୍ଭୀର ନିର୍ଘୋଷେ ସିନ୍ଧୁ ! କି ବାରତା କହୁ ?
ନିରନ୍ତର ଘୋଷୁଥାଉ, ଦଣ୍ଡେ ତ ନ ରହୁ ।
ଧରିପୃଷ୍ଠେ ମୁଣ୍ଡ ପିଟି, ଫେନ ଉଦ୍‌ଗାରଣି,
କି ବାରତା କହୁ ସିନ୍ଧୁ ! ନିତ୍ୟତ ଘୋଷିଣି ?
ଚଞ୍ଚଳ ସମ୍ବାଦ ନିଷ୍ଟେ; କହୁଛି ସେ କଥା,
ନୋହିଲେ କିପାଇଁ ସିନ୍ଧୁ ! ପିଟୁଥାଉ ମଥା ?

ସିନ୍ଧୁ—

ଶୁଣ ହେ ଉତ୍କଣ୍ଠ ନର ! ମୁଁ ରତ୍ନ-ଆକର,
ଗୁଣି ପକା ରତ୍ନରାଶି, ଗୁଣି ଜପା କର ।

ପାନ୍ଥ—

ନାହିଁ ନାହିଁ ସମୁଦ୍ର ହେ ! କି କରିବି ତାହା,
ମୋ ଅମର ଆତ୍ମା ତଳେ ନ ପରଶେ ଯାହା ?
ଏହି ଶିକ୍ଷା ଦେଇଛନ୍ତି ମୋ ଭାରତ-ମାତା,
ପଢ଼ାଇ ଚିରଦିନ ଔଦାସୀନ୍ୟ ଗାଥା ।

ସିନ୍ଧୁ—

ମିଥ୍ୟା କଥା, ମିଥ୍ୟା ତୁମ୍ଭ ପୂର୍ବ କୃଷ୍ଟଗଣ
ମୋ ବକ୍ଷେ ନିଃଶଙ୍କଚିତ୍ତେ କର ବିଚରଣ,
ସିଂହଳ ସୁମାତ୍ରା ବାଲି ବୋର୍ଣ୍ଣିଓ ଦ୍ୱୀପରେ
ବାଣିଜ୍ୟ କରନ୍ତି କେତେ ଧନ ନେଲେ ଘରେ ।
କେତେ ଧନରତ୍ନ ମଣିମୁକ୍ତା ଆଣି ଦେଶେ
ବିପଣୀବୀଥିକା ସାଜି ଦେଲେ ଉତ୍ସବବେଶେ !
ଫେରୁଥିଲେ ଯେବେ ବୀରେ ସ୍ୱଦେଶେ, ସୁବାଳୀ—
ବନ୍ଦାପନା କରୁଥିଲେ ଦେଇ ଅର୍ଘ୍ୟସ୍ଥାଳୀ !
ହୁଳହୁଳି ହରିବୋଲେ ଦିଗ ଉଚ୍ଛୁଳାଇ
ଧ୍ୱନି କରୁଥିଲେ ଲୋକେ ତାଙ୍କ ଯଶ ଗାଇ !

Digitized by srujanika@gmail.com

ପାନ୍ଥ—

ବିସ୍ତୀର୍ଣ୍ଣ ସୁନ୍ଦର ସିନ୍ଧୁ ବିଶାଳ ଅମ୍ବର,
ଏକ ସଙ୍ଗେ କେମନ୍ତ ମିଳି କର କି ପ୍ରଗ୍ଭର ?
କି ସୁନ୍ଦର ଦିଶେ ଦୂରେ ଚକ୍ରବାଳ-ରେଖା !
କି ବିଚିତ୍ର, କି ବରେଣ୍ୟ, ବିଧି ଚିତ୍ରଲେଖା !

ସିନ୍ଧୁ—

ଦେଖ ଦେଖ ନର ! ମମ ଅନନ୍ତ ବିସ୍ତାର
ଅସ, ଗ୍ଭଲି ଅସ, ଗ୍ଭହେଁ ହୁଅ ହେ ବାହାର ।
ବିପୁଳ ବ୍ରହ୍ମାଣ୍ଡେ କେତେ ଦେଶଦେଶାନ୍ତର
କି ଉଦାର, କି ବିଚିତ୍ର, କିବା ମନୋହର ।
ଅସି ଦେଖ, ବିସ୍ଥାରିତ କର ହେ ଅନ୍ତର
ନାରଦୀୟ * ଶ୍ୱେତଦ୍ୱୀପ ଯା'ବା ମନେ କର ।
କର ଜ୍ଞାନାର୍ଜ୍ଜନ କର ସାର୍ଥକ ଜୀବନ,
ବୃଥା ନ କର ହେ ନର, ସମୟ ଯାପନ !

ପାନ୍ଥ—

ହେ ଅନନ୍ତ ସିନ୍ଧୁ ! ତବ ଭୀଷଣ ବିସ୍ତୃତି,
ବାତ୍ୟା-ବିକ୍ଷୋଭିତ ଘୋର ବିପଦ-ସଂହତି !
ଭୟ ହୁଏ ମନେ, ଯେବେ ଯିବ ଏ ଜୀବନ,
ସେ ମହାର୍ଘ ଜ୍ଞାନେ ମମ କିବା ପ୍ରୟୋଜନ ?

ସିନ୍ଧୁ—

ଛି ଛି ! ଭୀରୁ, କେତେ ଦିନ ଧରିବ ଜୀବନ,
ଅମର କି ହେବ ? ନିଶ୍ଚେ ଆସିବ ମରଣ ।

---

* ନାରଦଙ୍କ ଶ୍ୱେତଦ୍ୱୀପ ଭ୍ରମଣ ପୁରାଣରୁ ଦେଖ ।

Digitized by srujanika@gmail.com

ଦେଖ କେତେ ଜ୍ଞାନବୀର, କର୍ମବୀରଗଣ,
ମୋ ବକ୍ଷେ ଅମର ନାମ କଲେ ଉପାର୍ଜ୍ଜନ ।
ଲଭିଲେ ମୋ ବକ୍ଷେ ମର୍ ଅମର ଜୀବନ
ଯନେ ହେଲେ ମାନବ ହେ ଯିବ ତ ଜୀବନ ।
କର୍ମୀର ମୁହୂର୍ତ୍ତବ୍ୟାପୀ ସୁମହତ ପ୍ରାଣ—
ଅକର୍ମୀର ଶତବର୍ଷଠାରୁ ଗରୀୟାନ ! !

ନିକୁଞ୍ଜ ଲତା

ନିକୁଞ୍ଜ କହଇ ଅଗୋ ଲତା ! ତୋହ ଯୋଗୁ ମୁହିଁ ହେଲି ଧନ୍ୟ,
ଲତିକା କହଇ ମୋ ଅସ୍ତିତ୍ୱ ତୋହ କୃପା ବିନା ନୁହେଁ ଅନ୍ୟ ।
ନିକୁଞ୍ଜ କହଇ ମୋର ତନୁ ତୋହ ଯୋଗୁଁ ଶୋଭାଯୁକ୍ତ ସିନା,
ଲତିକା କହଇ ମୋର ଜନ୍ମ ଅସମ୍ଭବ ତୋ ଅସ୍ତିତ୍ୱ ବିନା ।
ପଡ଼ିଥାନ୍ତି ଅପୂର୍ବର ହୋଇ ଉପର ବୋଲନ୍ତି ପ୍ରାଣିଗଣ,
ଆଦର ତ ନ କରନ୍ତେ କେହୁ ନ ଗୃହାଁନ୍ତେ କେହୁ ମୋ ଅନନ ।
ତୋହ ଯୋଗୁଁ ପୁଷ୍ପଫଳଯୁକ୍ତ ସୁଷମାସୁବାସଯୁତ ମୁହିଁ
ଆନନ୍ଦ ପ୍ରଫୁଲ୍ଲ ଶାନ୍ତି-ସୁଧା-ପୂର୍ଣ୍ଣ ହୋଇ ଧନ୍ୟ ସିନା ମୁହିଁ !

Digitized by srujanika@gmail.com

ସନ୍ଧ୍ୟା-ସଙ୍ଗୀତ

Digitized by srujanika@gmail.com

ଇନ୍ଦୁ-ତାରକା ସୁନ୍ଦର ଆଜି
ପବନ ମନ୍ଦ ମନ୍ଦ,
ବିଧୁନିତ ହୃଦ-ମନ୍ଦରେ ମମ
ମୁକ୍ତ ମଧୁର ଛନ୍ଦ ।
ସିନ୍ଧୁ-ହିଲ୍ଲୋଳ-ସିକ୍ତ-ପବନ
କୁଞ୍ଜ-କାନନ-ଚନ୍ଦ ହର୍ଷଣ
ଛନ୍ଦେ ଛନ୍ଦେ ନାଚଇ ବିଶ୍ୱ
ବନ୍ଦଇ ଅଦଳନ୍ଦ ।

ନନ୍ଦନ ବନ ମନ୍ଦାର ଫୁଲ୍ଲ
ବିତରଇ ମଧୁ ଗନ୍ଧ,
କୋକନଦ ବନେ ମତ୍ତ ମଧୁପ
ପିଇ ପିଇ ମକରନ୍ଦ ।
ସୁନ୍ଦର ଆଜି ବିଶ୍ୱ ଭୁବନ,
ବିମୋହିତ ଖିଳ ମାନବର ମନ,
ପ୍ରେମ ଚନ୍ଦନ-ଚର୍ଚ୍ଚିତ କର ସୁନ୍ଦରେ ଅଙ୍ଗ ବନ୍ଦ ।

Digitized by srujanika@gmail.com

ସନ୍ଧ୍ୟା-ଆରତି

ବାସର-ତମିସ୍ରା-ମହା-ଅଦ୍ଭୁତ-ସନ୍ଧିରେ
ଶଙ୍ଖ ଘଣ୍ଟା ବାଜି ଉଠେ ମନ୍ଦିରେ ମନ୍ଦିରେ ।
ବିଶ୍ୱ-ବଡ଼ଦାଣ୍ଡେ ଅହୋ ମମ ପାନ୍ଥ-ପ୍ରାଣ !
କର୍ମସ୍ରୋତେ ଏତେକାଳ ଥିଲୁ ଭାସମାନ ।
ବଡ଼ ଦେଉଳରେ ଜଳି ଉଠେ ସନ୍ଧ୍ୟାବତି ;
ଦେଖି ଗାଅ ଶ୍ରାନ୍ତ ମନ ! ସନ୍ଧ୍ୟାର ଆରତି,
ରେ ମନ ଭ୍ରମର ! ବୁଡ଼ି ଯାଅ ହୃଦ-ପଦ୍ମେ,
ଶାନ୍ତି କରୁ ବିଶ୍ୱ-ଉତ୍ସ ପଶି ଅନ୍ତସଦ୍ମେ ।

ସନ୍ଧ୍ୟା ତାରା

— ୧ —

ଅପାର ଅଗମ୍ୟ ଏହି ଅସୀମ ଗଗନ,
କୋଟିଏ ତାରକା ତହିଁ କିବା ଶୋଭାଜନ !
ପଶ୍ଚିମ ଆକାଶେ ରବି ଯାଉଅଛି ବୁଡ଼ି,
ଗାଇଣ ଦେଲଣି ଗୀତ ପକ୍ଷୀ ଯାଏ ଉଡ଼ି ।
କି ସୁନ୍ଦର କି ବିଚିତ୍ର ବିଶାଳ ଆକାଶ,
କେ କହିବ କେବୁଁ ଏହା ରହିଛି ପ୍ରକାଶ !

ବୈଦିକ ଋଷିଏ ବାଲ୍ମିକୀ, କାଳିଦାସ,
ଭବଭୂତି, ଆଦିକବି ଚହିଲେ ଆକାଶ,
ହୋମର୍, ବର୍ଜିଲ୍, ଦାନ୍ତେ, ପିତ୍ରାର୍କ, ମିଲ୍ଟନ୍—
ଏ ସୁନ୍ଦର ନଭେ ଦେଖି ହେଲେ ମୁଗ୍ଧମନ,
ଅମୃତ ମଧୁର ସ୍ୱରେ ବିଚିତ୍ର ଭାବରେ
ଚହିଗଲେ କେତେ କବି କବୀନ୍ଦ୍ର ଅମ୍ବରେ ।
ତଥାପି ଅନନ୍ତ ଶୋଭା-ଶ୍ରୀକୋଠଭଣ୍ଡାର
ଅକ୍ଷୟ ଅଖଣ୍ଡ ହୋଇ ରହିଛି ଏହାର ।

Digitized by srujanika@gmail.com

କି ଅମୃତ ତାଳ ତାକୁ ଗଢ଼ିଅଛୁ ବନ୍ଧୁ,
କି ଅମୂଲ୍ୟ ରତ୍ନ ତହିଁ ଅଛୁ ଧାରା ଲହୁ !
ସତ୍ର ନାହିଁ ନ ସରିବ ତା ଅନନ୍ତ କାଳେ
ଯେତେ ଦାନ ଥିବ ନବ ହୃଦୟ କଙ୍କାଳେ ।

— ୨ —

ବହୁଅଛୁ ମୁହିଁ ଅଜ ଦୂର ପ୍ରବାସରେ,
ପ୍ରାଣପ୍ରିୟ ଯାହା ଛାଡ଼ି ଅସିଅଛୁ ଘରେ ।
ସେ ସ୍ଥାନ ଏ ସ୍ଥାନ ମଧ୍ୟେ ଦୂର ବ୍ୟବଧାନ,
କେବଳ ରହୁଛୁ ଏକ ଅନନ୍ତ ଗଗନ ।
ଦଣେ ଏହୁ ସନ୍ଧ୍ୟାତାରା ପଶ୍ଚିମ ଅକାଶେ,
ସମ ଦୂରବର୍ତ୍ତୀ ତାହା ସ୍ୱବାସେ ପ୍ରବାସେ ।
ନୀରବେ ନିରେଖେଁ ମୁହିଁ ଯେ ତାରା କିରଣେ
ପଡ଼ୁଥିବ ସେହି କର ମୋ ଗୃହ ପ୍ରାଙ୍ଗଣେ ।

ଅନନ୍ଦରେ ନାଚୁଥିବେ ଦାଣ୍ଡେ ଶିଶୁଗଣ,
ଅଣୁଥିବେ ଗୋପବୃନ୍ଦ ଗୋଗୋଷ୍ଠୁଁ ଗୋଧନ,
ବିଲକାମ ସାରି ଚଷା ଫେରୁଥିବ ଘରେ,
ସନ୍ଧ୍ୟାଦୀପ ଜାଳୁଥିବେ ଘରଣୀ ଏ ଘରେ ।
ପାଠସାରି ପିଲମାନେ ଦାଣ୍ଡେ ଗାଇ ଗୀତ
ଫେରୁଥିବେ ପାଠଶାଳୁଁ ହୋଇ ଅନନ୍ଦିତ,
ହାଟରୁ ହାଟୁଅମାନେ କଥା କହି କହି
ପିଠିରେ ଗଣ୍ଠିଲି ପଥ ଯାଉଥିବେ ବାହି ।
ନିତ ନିତ ଯାହା ଦେଖି ନ ଥିଲି ଅଦର,
ଅଜି କଳ୍ପନା ହୁଉଛୁ ତାହା ଦଣଇ ସୁନ୍ଦର !
କି ଗଭୀର ପ୍ରହେଳିକା ମାନବ ଜୀବନ,
'ଅଣ୍ଟୋସୁନା ଭେଣ୍ଡି' ଖାଣ୍ଟି ସତ୍ୟ ଏ ବଚନ ।
ଅତୀତ ଜୀବନ ହୁଏଁ ଦଶଇ ସୁନ୍ଦର,
ଥିଲବେଳେ ହାତେ ତହିଁ ନ ଥିଲ ଆଦର,
ଆଜ ଯାହା ଲଗୁଅଛୁ ସାମାନ୍ୟ ନଗଣ୍ୟ,
ଭବିଷ୍ୟ ଜୀବନେ ତାହା ହୋଇମାବେ ଧନ୍ୟ ।

Digitized by srujanika@gmail.com

—୩—

ଏହି ଯେ ସଭ୍ୟ ପୁରୀ ନଗରୀର ରାଣୀ,
ବିପଣୀ-ବୀଥିକା-ପୂର୍ଣ୍ଣ ବଙ୍ଗ ରାଜଧାନୀ,
ଶିର ପ୍ରବାହିନୀ ଯାର ଜୀବନ ନାଡ଼ିକା,
ସସାର ଚରଣେ ଯାର ମନପ୍ରାଣ ବିକା,
ଅଗଣ୍ୟ-ଅକ୍ଷୟ-ଧନରତ୍ନେ ସମନ୍ୱିତା,
ଜନସଘ-ଜଳ-ଯାନ-ବାହନେ ପୂରିତା,
ନଭଶ୍ଚୁମ୍ବୀ ସ୍ତମ୍ଭ ଧୂମରାଶି-ସମୁଦ୍‌ଗାରୀ,
ଅଗଣନ ହର୍ମ୍ୟ ତୁଙ୍ଗ ଅମ୍ବରସଂସ୍ପୃଶୀ ।
ନାନା ଦେଶୁଁ ସମାଗତ ବିବିଧ ମାନବ
ନାନା ସାଜସଜ୍ଜା ସୁବିଚିତ୍ର ନବ ନବ ।
ନାନା ଭାଷା-ଭାଷୀ ଏହି ମହାଜନ ସ୍ରୋତ,
ଭାସିଯାଏ ନେତ୍ର ଅଗେ ଚଞ୍ଚଳ ସତତ ।

ଘର୍ଘର ଘୁରଇ ଚକ୍ର ଉଦ୍‌ଗାରି ଅନଳ,
ଅହୋରାତ୍ର ହୁଏ ଯାହା ମୋର କର୍ଣ୍ଣଶୂଳ —
ଏହିମାନେ ଭବିଷ୍ୟତେ ବିଚ୍ଛେଦ ସମୟେ
ପୂର୍ଣ୍ଣ ଚେହିରବେ ପୁଣି ଉଇଁବେ ହୃଦୟେ ।
ପାଦେ ଠେଲିବାକୁ ଇଚ୍ଛା ହୁଏ ଏହିକ୍ଷଣି,
ଝୁରିବ ଏହାଙ୍କୁ ପୁଣି ସୁଦୁର୍ଲଭ ମଣି !

—୪—

ଗମ୍ଭୀର ନିଗୂଢ଼ ଏହି ପ୍ରକୃତି ଜୀବନ,
ପରିପୂର୍ଣ୍ଣ ଚିଦାନନ୍ଦ ଆତ୍ମା ସନାତନ,
ଓତଃପ୍ରୋତଃ ପୂର୍ଣ୍ଣ ଏହା ଅକ୍ଷୟ ଆନନ୍ଦେ,
ଗାଏ ଏ ଆନନ୍ଦ ଗୀତି କି ସୁନ୍ଦର ଛନ୍ଦେ ।
ଧନ୍ୟ ଅହେ ଧନ୍ୟ ତବ ଦୟା ବିଶ୍ୱପତି
କ୍ଷୁଦ୍ର ନରେ ଦେଇଅଛ ବୁଝିବା ଶକତି ।
ଅତଳ ଅଗାଧ ଏହି ପ୍ରକୃତିର ଶୋଭା
କବି ଭକ୍ତମାନଙ୍କର ଚିର ମନୋଲୋଭା,

Digitized by srujanika@gmail.com

ଧନ୍ୟ ହୁଏ ପ୍ରାଣ ପାଇ କଣିକା ତାହାର
ଦୈନନ୍ଦିନ ଜୀବନଟି କେମନ୍ତ କାହାର !
ପ୍ରକୃତିର ଶିଳ୍ପ ଭଣ୍ଡେ ଯେ ଶୋଭାସମ୍ପଦ
ନଗଣ୍ୟ ତା ସଙ୍ଗେ ଧନରତ୍ନ ରାଜପଦ ।
ଜଡ଼ ତରୁଲତା ପଶୁପକ୍ଷୀ ନରନାରୀ
ସମସ୍ତେ ଏ ସମ୍ପଦର ସମ ଅଧିକାରୀ ।
ପଥେ ଚାଲିଯାଏ ଯେଉଁ ଦୀନ ଦୁଃଖୀଜନ
କିଏ ରଖେ ତା ଜୀବନ-ସମ୍ବାଦ ନଗଣ୍ୟ ?
ତୁଚ୍ଛ ବା ସାମାନ୍ୟ ତାକୁ ମଣିଲେହେଁ ଆନ
ଅଛି ତାହା ପ୍ରାଣେ ସୁଖ-ଅକ୍ଷୟ-ନିଧାନ,
ବିହାୟସେ ବିହଙ୍ଗମ ଉଡ଼ଇ ଆନନ୍ଦେ,
କି ସୁଖେ ଗାଉଛି ଗୀତ କି ମଧୁର ଛନ୍ଦେ !
ପ୍ରକୃତି କୋଠଭଣ୍ଡାରେ ଅଛଇ ଯେ ଧନ,
ପ୍ରତ୍ୟେକେ ପାଆନ୍ତି ତାହା ନ ଦେଖଇ ଅନ୍ୟ ।

ତେଣୁ ସର୍ବେ ସ୍ୱଜୀବନେ ମହାର୍ଘ ମଣନ୍ତି,
ନିଜ ସୁଖ ଦେଖି ପର ସୁଖ ନ ଦେଖନ୍ତି ।
ମୋହ ପକ୍ଷେ ମୋ ଜୀବନ ଦୁର୍ଲଭ ଯେପର,
ଆନ ପକ୍ଷେ ତା ଜୀବନ ସିନା ସେହିପର ।
ମନେ ହୁଏ ମୋ ଜୀବନ ମହାଲକ୍ଷ୍ୟପୂର୍ଣ୍ଣ,
ଜଡ଼ ତାର, ଅସ୍ତିତ୍ୱ ତା ଅବା ଲକ୍ଷ୍ୟ ଶୂନ୍ୟ !
କିନ୍ତୁ ରେ ତାରକା ! ଅଛି ଉଦ୍ଦେଶ୍ୟ ତୋହର
ଏକ ସୂତ୍ରେ ବନ୍ଧ ଲକ୍ଷ୍ୟ ଆମ୍ଭ ଦୁହିଁଙ୍କର
ସଂସାରର କ୍ଷୁଦ୍ର ନର ମୁଁ ଧୂଳିଲୁଣ୍ଠିତ,
ଆକାଶର ସନ୍ଧ୍ୟାତାରା ଉଚ୍ଚେ ସମୁଦିତ,
ଦୁହିଁଙ୍କୁ ଏକତ୍ର କର କି ଶକ୍ତି ମହାନ
କରିଅଛି ଦୂର ଦେଶ କାଳ ବ୍ୟବଧାନ !
ଲକ୍ଷ କୋଟି ଯୁଗ ପୂର୍ବେ ଏ ତାରକା, ମୁହିଁ,
ଏକ ଦେହ ଏକ ପ୍ରାଣ ଥିଲୁ ଆମ୍ଭେ ଦୁଇ ।

Digitized by srujanika@gmail.com

ଏକ ପିଣ୍ଡ ଏକ ପ୍ରାଣ ହେଲ ଦ୍ୱିଖଣ୍ଡିତ,
ସ୍ୱଚ୍ଛନ୍ଦ ପରସ୍ପର ପାଶୁଁ ହୃଷ୍ଟାଭୂତ !
ତେଣୁ ରେ ତାରକା ! ତୋତେ ଦେଖି ମୁଗ୍ଧପ୍ରାଣ
ତୋର ମୋର ଲକ୍ଷ ଏକ ସମାନ ନିଦାନ ।
ତୁହି ଧନ୍ୟ ମମ ପ୍ରାଣ ଆନନ୍ଦ ବଢ଼ାଇ
ମୁହିଁ ଧନ୍ୟ ପ୍ରୀତି ନେବେ ତୋତେ ରେ ଅନାଇ ।

ଆଜିର ମେଳାଣି

— ୧ —

ଦିନ ଯାଉଛି ବୁଡ଼ି ଆସଇ ସଞ୍ଜ
ଭାନୁ-ଆନନେ ରହିଁ ବିବଶ କଞ୍ଜ
ବସା-ଗଛ-ଆଡ଼କୁ ଯାନ୍ତି ବିହଙ୍ଗେ,
ପନ୍ତି ପନ୍ତି ବାନ୍ଧିଣ ବିବିଧ ରଙ୍ଗେ ।
ନୀଳ ଗଗନ ଦିଶେ କେଡ଼େ ନିର୍ମଳ,
ଉଡ଼ି ଯାଆନ୍ତି ତହିଁ ବିହଙ୍ଗ ଦଳ ।
ତୁଙ୍ଗ ନଭେ ବିହଙ୍ଗ ଏବେ ସୁନ୍ଦର,
ପନ୍ତି ବାନ୍ଧି ଯିବାରୁ ସୁନ୍ଦରତର ।
ଯେସନ୍ତେ କବିତା ମନୋରମ ସ୍ୱଭାବେ,
ସୁନ୍ଦରତର କାବ୍ୟକଳା ପ୍ରଭାବେ ।

— ୨ —

ଅସ୍ତ-ଉନ୍ମୁଖ-ରବି କିରଣଜାଳେ
ଶୋଭା-ସଂସାର ହେଲ ଉନ୍ମୁକ୍ତ ତାଳେ ।
ସରବ ପଶୁପକ୍ଷୀ ନର ସରବେ
ପୂର୍ଣ୍ଣ ଦିଗବିଦିଗ ବିବିଧ ରବେ ।
ଏ ରବ ଶେଷ କୋଳାହଳ ଦିନର,
ପ୍ରାଣ ଯେସନ ଶେଷେ ତୁଏ ପ୍ରଖର ।

Digitized by srujanika@gmail.com

ଅସର ବନ୍ଧ ମନ୍ଦ ମନ୍ଦ ପବନ,
ତରୁ ବଲ୍ଲରୀ କର କର କମ୍ପନ ।
ନୀଳ ଲୋହିତ ପୀତ ଶ୍ୱେତ ହରିତ
ଏ ଆଦି ବର୍ଣ୍ଣେ ବିହାୟସ ପୂରିତ ।
କେଡ଼େ ସୁନ୍ଦର କେଡ଼େ ବିଚିତ୍ର ଛବି !
ବର୍ଣ୍ଣି ପାରିବେ କି ତା ସହସ୍ର କବି ?
ସୃଷ୍ଟି-ଆଦ୍ୟରୁ ଜନ୍ମି କବୀନ୍ଦ୍ର କେତେ,
ଶେଷ କଲେକି ଏହା ବର୍ଣ୍ଣିଣ ଏତେ ?
କେଉଁ ତୁଳିକା ଧରି କେଉଁ ବିନ୍ଧାଣି,
କେସନ ଗଢ଼ିଲା କି ସାମଗ୍ରୀ ଆଣି ?
ରାଜରାଜେନ୍ଦ୍ର ଧନପତି ଧରିର
ତୋଳି ପାରିବ କିଏ ଶୋଭା-ସଂସାର ?

ଏହା ଆଦର୍ଶେ ସିନା ଧରା-ଧନେଶ
ବର୍ଣ୍ଣି ବିନ୍ୟାସି କରେ ବିଚିତ୍ର ବେଶ
ହର କରି ନଗରୀ ତରୀ ବଲ୍ଲରୀ
ନାନା ପ୍ରକାରେ ଘନ ନଭେ ସଞ୍ଚରି
କେଉଁଆଡ଼େ ଯାଉଛନ୍ତି କି ଅଭିଯାନେ,
ଦେବତାଏ ଯାନ୍ତି କି ପୁର ବିମାନେ ?

—୩—

ଚିର ତ ନୁହେଁ ଦିନ ଆସୁଛି ରାତି
ନିଭିବ ନେତ୍ର ବିଭା, ପରାଣ-ଭୀତି ।
ସ୍ଥିର ନୁହେଁ ଆଲୋକ, ଆସେ ଅନ୍ଧାର,
ଦେଖି ନିଅ ହେ ପାନ୍ଥ ଶୋଭା-ସଂସାର ।

—୪—

ଲୁହୁଁ ଲୁହୁଁ ଉଇଁଲେ ତାରା ଗଗନେ,
ହୀରା ଫୁଲ କି ଅହା ସୁର-ପ୍ରାଙ୍ଗଣେ
ବିଞ୍ଚି ପଡ଼ିଛନ୍ତି ଦେବକନ୍ୟା-ଅଞ୍ଚଳୁଁ
ମନ୍ଦାକିନୀ ପାଶେ ଦେବୀ ଚଞ୍ଚଳ ଚଳୁଁ ।

Digitized by srujanika@gmail.com

ଅବା ପ୍ରକୃତି-ଅଗମନ-ଆଶାରେ
ରତ୍ନ-ପ୍ରଦୀପ ଜାଳି ଦେଲ୍ ସ୍ଵକରେ ?
କିବା ପ୍ରକୃତ ଦେବୀ ସତେ ମୋରନେ
ଦଣେ ଫୁଟନ୍ତା ଫୁଲ ନନ୍ଦନ ବନେ ?

—✱—

ଛ ମନ୍ଦ ଅସି ନିଶା କଲା ପଠନ,
ହେଲେ ମାନବଗଣ ହତ-ଚେତନ ।
ଦେହ ପିଞ୍ଜର ତେଜି ଅଜ୍ଞାତ ଲୋକେ,
ପ୍ରିୟ ପରିଜନଙ୍କୁ ଭସାଇ ଶୋକେ,
ଗଲ ପଥିକ ତେଜି ପାନ୍ଥନିବାସ,
ପଡ଼ିଛୁ ସେହି ଧରା ସେହି ଆକାଶ ।

ଚାଲିଗ ଲୋକଙ୍କ କି ଶିଶିର ଛଳେ
ଚିର ମେଲିଣି ଘେନି 'ଅଙ୍କର' ଚଳେ ?
କେତେ ସୁନ୍ଦର ଏହି ବିଶାଳ ଧରା
ତେଣୁ ଏଥିରୁ ମାୟା ନ ଯାଉଛି ପରା ?
ଯେ ଯାଏ "ସେହି" ପୁଣି ବାହୁଡ଼େ ପ୍ରାଣେ ?
ଲକ୍ଷ୍ମୀ-ରଥ ଫେରିବାର କେ ଜାଣେ ?
ସିନ୍ଧୁରେ ବିନ୍ଦୁ ଯାଇଁ ଯେବେ ମିଶିବ,
ପୁଣି ସେ "ବିନ୍ଦୁ" କି ପ୍ରକାରେ ଫେରିବ ?
ଏସନ ଦନେ ମୁହିଁ ଯିବି ତ ଚାଲି,
ଏ ଧରା ଏ ଆକାଶ ରହିବ ଖାଲି ।
କେଉଁ ଦେଶ ସେ, କେତେ ଦୂର, କିପରି ?
ଦୁଃଖ-ସୁଖେ ସୁନ୍ଦର ଏ ଧରା ପରି ?
କିଏ ଅଛ ହେ ତୁମ୍ଭେ ଅଜ୍ଞାତପୁରେ
ଆହ୍ଵାନ ଦେବା କି ହେ ଏ ପାନ୍ଥେ ଦୂରେ ?

Digitized by srujanika@gmail.com

ତାରକା

— ୧ —

ମେଘମୁକ୍ତ ସୁନିର୍ମଳ ନିଦାଘ-ଗଗନ,
ଉଜ୍ଜ୍ୱଳ ଚନ୍ଦ୍ରମା ତହିଁ ଦିଶେ ସୁଶୋଭନ ।
ଇନ୍ଦ୍ରନୀଳମଣି ମଧ୍ୟେ ଜଡ଼ିତ ଯେସନ
ହୀର ନଭେ ସ୍ୱାଂଶ୍ତ୍ର ସମ କି ଶୋଭନ ।

— ୨ —

ମର୍ତ୍ତ୍ୟର ମାନବ ଶିଶୁ ନିରେଖି ନୟନେ
ଉଜ୍ଜ୍ୱଳ ବିଶାଳ ଏହି ନିର୍ମଳଗଗନେ
କି ଗୌରବମୟ ଏହି ବିଶାଳ ସାମ୍ରାଜ୍ୟ !
ବିସ୍ମିତ ହୃଦୟେ ଗୁହିଁ ପୂଜ ବିଶ୍ୱରାଜ ।

— ୩ —

ପ୍ରତ୍ୟେକ ଇନ୍ଦ୍ରପୁରନ୍ଧ୍ରେ ନ କରେ ପ୍ରଚାର
ଆଶ୍ଚର୍ଯ୍ୟ ମହିମା ସର୍ବଶକ୍ତିମୟଙ୍କର !
ଦେଖୁନାହିଁ କି ହେ ତଥି ଉଜ୍ଜ୍ୱଳ ଅକ୍ଷରେ
ସର୍ବଶକ୍ତିମୟ ନାମ ଖୋଦିତ ବକ୍ଷରେ !

— ୪ —

ଅକ୍ଷୟ ଆଲୋକ ଏହି ଦୀପ ଅପ୍ରମିତ
ଯାମିନୀର ଶୂନ୍ୟକୁ ଯା କରେ ପ୍ରଭାନ୍ୱିତ !
କର ନିରୀକ୍ଷଣ, କହ କେଉଁ ଗର୍ବୀଜନ
ଏ ଜ୍ୟୋତିଷ୍କଜାଳେ କରିପାରିବ ଗଣନ ?

— ୫ —

ଦେଖ ଏ ପ୍ରତ୍ୟେକ ତାରା ଯାହାର କିରଣ
ବହୁଦୂରୁଁ ସୁଗୌରବେ କର ସନ୍ଦର୍ଶନ,
ବିଶାଳ ଜଗତ ବିଶ୍ୱରାଜ-ସୁପାଳିତ
ଅନାଦି ଅନନ୍ତକାଳୁଁ ଯେଉଁ ବିରାଜିତ ।

Digitized by srujanika@gmail.com

—୬—

ମହୀ ଅଲୋକିବା ପାଇଁ ନୁହେଁ ତା ଶସ୍ୟଳ
ପ୍ରତ୍ୟେକର ଅଛୁ ଏକ ଗ୍ରହର ମଣ୍ଡଳ ।
କେତେ ପ୍ରାଣୀ ଯାହାଙ୍କର ଅସ୍ତିତ୍ୱ-ଆଧାର,
ଅଟନ୍ତି ସେ ରାଜ-ରାଜ ବିଶ୍ୱ-ମୂଳାଧାର ।

—୭—

ସେ ଗୌରବମୟ ପ୍ରାଣୀ ନ ଜାଣନ୍ତି ପର
ପାତକ-କାଳିମା କିବା ବିଷାଦାଶ୍ରୁଧାର,
କିନ୍ତୁ ନିରନ୍ତର ଗାଇ ଭକତି-ସଙ୍ଗୀତ
ବିଭୁପ୍ରେମେ ମତ୍ତ ହୋଇ ସଦା ତୁଷ୍ଟ ଚିତ୍ତ ।

—୮—

ହେ ଧରାର ଶିଶୁ ! କହ ବିଶାଳ ବ୍ରହ୍ମାଣ୍ଡେ
କିଏ ତୁହି, କେତେ କ୍ଷୁଦ୍ର ବିଶ୍ୱ ବଡ଼ଦାଣ୍ଡେ !
ପ୍ରଭଞ୍ଜନ ମଧ୍ୟେ କ୍ଷୁଦ୍ର ପତଙ୍ଗମ; ସିନ୍ଧୁ—
ବିଶାଳ ବିସ୍ତୃତ ମଧ୍ୟେ ନୀହାରିକା-ବିନ୍ଦୁ ।

—୯—

ତଥାପି ହେ ନୁହ ଭୀତ, ସେହି ମହାଶକ୍ତି
ସୃଷ୍ଟି ଯାର ମହାସିନ୍ଧୁ, ବିଶାଳ ଧରଣୀ,
ଶୂନ୍ୟେ ଯା ଜ୍ୟୋତିଷ୍କଗଣେ କରି ଭ୍ରାମ୍ୟମାଣ
ସେହି ପୁଣି ତୁମ୍ଭ ପିତା ପ୍ରେମମୟ ପ୍ରାଣ ।

—୧୦—

ଶାନ୍ତ ହୁଅ, ସର୍ବଦର୍ଶୀ ସେ ଦିବ୍ୟ ନୟନ
ବ୍ୟାପ୍ତ ଯାହା ମହୀ, ବାୟୁମଣ୍ଡଳ, ଗଗନ,
ଯେ ଦୃଷ୍ଟିକି କେହି ଏଡ଼ି ନ ପାରେ କେବେହେଁ,
ବିନ୍ୟସ୍ତ ସେ ତବୋପରି ସତତ ସସ୍ନେହେ ।

Digitized by srujanika@gmail.com

ସୂର୍ଯ୍ୟମୁଖୀ ଫୁଲ

ଦୁଆର ଅଗରେ ଲତା ଝୋଲିଥିଲା
ସୂର୍ଯ୍ୟମୁଖୀ ଗଛଟିଏ,
ଯଥାକାଳେ ଗଛେ ଫୁଟନ୍ତେ କୁସୁମ
ଦେଖନ୍ତି ଆସି ସଭିଏଁ ।

ପଛ ଦୁଆଡ଼ରୁ ସୂର୍ଯ୍ୟମୁଖୀ ଫୁଲ
କେମନ୍ତ ସୁନ୍ଦର ଦିଶେ,
କଳାମେଘ କୋଳେ ଖେଳି ହସୁଅଛି
ସ୍ଥିର ସୌଦାମିନୀ କି ସେ ?

କେତେ ଦୂରେ ସେହି ସବିତା ଦେବତା
ସୂର୍ଯ୍ୟମୁଖୀ କେତେ ଦୂରେ !
ପ୍ରେମପୂର୍ଣ୍ଣ ନେତ୍ରେ ଅନାଇ ରହିଛି
ସେହି ପୂର୍ବାଭିମୁଖରେ ।

କୋଟିଏ ଯୋଜନ ହେଲେହେଁ ଦୂରତା
ପ୍ରେମ ପାଶୁଁ କେ ବାହାର ?
ଚନ୍ଦ୍ର-କୁମୁଦିନୀ ସୂର୍ଯ୍ୟ-ସୂର୍ଯ୍ୟମୁଖୀ
ଯେ ଯାହାର ସେ ତାହାର ।

ଗଣ୍ଡି ଗଣ୍ଡି ଗଛେ ଫୁଟିଅଛି ଫୁଲ
ପୁଷ୍ପଭାରେ ଅବନତ,
ଧନ ଭାରେ ଧନୀ ଜ୍ଞାନ ଭାରେ ଜ୍ଞାନୀ
ବିନମ୍ରେ ଏସନ ନତ ।

ବହନ୍ତେ ପବନ ହୋଇ ଛନ ଛନ
ନଇଁ ପଡ଼େ ସୂର୍ଯ୍ୟମୁଖୀ,
ପୁରୁଷ-ପରଶେ ଲଜ୍ଜାର ଆବେଶେ
କାତର କିବା ସୁମୁଖୀ ।

Digitized by srujanika@gmail.com

ପାଗଳ ପବନ   ଛନ୍ଦୁ ଅପଘନ
ଏଣେ ତେଣେ ଦୋହୋଲାଏ,
"ନାହିଁ ନାହିଁ ଦୂରେ   ଯା ଯା ରେ" ବୋଲଣି
ଫୁଲ ତା ମୁହଁ ହଲାଏ !

ଭୁହାଇ ଭୁହାଇ   ବରଷଇ ଘନ
ନୀରପାତେ ସୂର୍ଯ୍ୟମୁଖୀ
ବୃନ୍ତଚ୍ଛେଦ କାତର   ଲଜ୍ଜାତରତର
ମେଘ ଦେଖି ହୁଏ ଦୁଃଖୀ ।

ଟପ ଟପ ସ୍ୱନ   ମନ୍ଦ୍ର ଗରଜନ
ପବନ ଗହଣେ ନୀର
ଝର ଝର ଝର   ଫୁଲ ଦେହେ ପଡ଼ି
ଧମକୁ କରେ ଅସ୍ଥିର ।

ନୀରକୁ କହେଣି   ବୋଲେ ସୂର୍ଯ୍ୟମୁଖୀ
"ମୋର ସଙ୍ଗେ କିପାଁ ବାଦ ?"
କହେ ନୀର "ବାଦ   ନୁହେ ଯୋଗ୍ୟଦଣ୍ଡ,
କଲୁ ଯେଣୁ ଅପରାଧ,

ହ୍ରଦ ପୁଷ୍କରଣୀ   ନିମ୍ନଗା ନୀରଧି
ଅଙ୍ଗ ଶୋଭୁଥିଲି କାଳେ,
ପୋଡ଼ି ଜଳ ବାଷ୍ପ   ରୂପେ ଉଡ଼ାଇଲୁ
ତପନ କିରଣ ଜାଳେ ।

ଯେ ମୋହର ଏତେ   ଦଶା ଘଟାଇଲା,
ସେହୁ ପୁଣି ପ୍ରିୟ ତୋର,
ମୋର ଧନେ ବଢ଼ି   ମୋ ଶତ୍ରୁ ସୁହାଗୀ
ଛୁଟୁ ଛୁଟୁ କୃତଘ୍ନତା ତୋର ।"

Digitized by srujanika@gmail.com

ଭଣେ ସୂର୍ଯ୍ୟମୁଖୀ "ବିଧାତା ବିଧାନେ
ନ ବୁଝି ଦେଉଛୁ ଗାଳି,
କେମନ୍ତେ ବଞ୍ଚନ୍ତା ଜଗତ ଜନତା
ଜୀବନ ନ ଦେଲେ ତାଳି ?"

କେଡ଼େ ଶୋଭାବତୀ ଫୁଲ ସୂର୍ଯ୍ୟମୁଖୀ
ଜନମନ ନେତ୍ର ମୋହେ,
କେମନ୍ତ ସୁନ୍ଦର ତୋର ଗୋର ଦେହ
ଅଙ୍ଗନ-ଅଙ୍ଗରେ ଶୋହେ ।

କି ହେଲା କି ହେଲା ଫୁଲର ପାଖୁଡ଼ା
ଗୋଟି ଗୋଟି କରି ଝଡ଼େ,
ମହା ପ୍ରସ୍ଥାନରେ ପାଞ୍ଚାଳୀ ପରାଏ
ଭ୍ରଷ୍ଟ ହୋଇ ତଳେ ପଡ଼େ ।

ଉପର ଫୁଲର ଦେଖିଣ ଏ ଦଶା,
ମଞ୍ଜିଫୁଲ କହେ ହସି,
ଗରବି ସୁହାଗେ ଫୁଲ ଉଠୁଥିଲୁ
ତଳେ କିପାଁ ପଡୁ ଖସି ?

ଫୁଟୁ ଫୁଟୁ ହୋଇ କହେ କଳି ଗର୍ବେ
"ତୋର ଦିନ କାଳ ଆସେ"
କୁଆଡିଏ ଉଡ଼ି ଗୀତ କହିଗଲା
"କିବା ଶର ଧରିବାସେ ?"

Digitized by srujanika@gmail.com

ବର୍ଷା ସ୍ମୃତି

ଅସ ଅସ ବର୍ଷାରେ ସ୍ୱରଗର ସୁଧାରାଶି
ତୋ ପାଇଁ ବରଷା ଅଛୁ ଚାତକ ପକ୍ଷୀ ପିଅସୀ ।
ଟାଳ ଟାଳ ବରଷା ରେ ଶୂନ୍ୟରୁ ଅମୃତ ଧାରା,
ତୋତେ ଦେଖି ଘନ ବନେ ନାଚନ୍ତି ମୟୂର ପାରା ।
ଅଣ ଅଣ ବରଷା ରେ ବିସ୍ମୃତ ଭାବନା ମନେ,
ନିରେଖନ୍ତି ନେନେ ତୋତେ କୃଷ୍ଣ ଙ୍କ ନିକୁଞ୍ଜ ବନେ ?
ସିଞ୍ଚୁ ଦଅ ବରଷା ରେ ପଦ୍ମ ଫୁଲେ ଶୀତ ଜଳ,
ତରୁ ଲତା ପାଉନ୍ତୁ ରେ ପରଶେ ଆନନ୍ଦ ବଳ ।
ଧୋଇ ଦଅ ବରଷାରେ ନବ ନୀରେ ମହୀ ଦେହେ,
ମହୀରୁ ଜାନକୀ-ଲକ୍ଷ୍ମୀ ଉଠିବେ ଅଛି ସେନେହେ ।
ଉଡ଼ି ଯାଉଛନ୍ତି କୋକିଳ ତୋତେ ଦେଖି ବରଷାରେ
ଉପବାସୀ ଚାତକର ଶୁଷ୍କ କଣ୍ଠ ତୃଷ୍ଣାରେ ।

ଗଡ଼ି ପଡ଼ୁ ମଥାନରୁ ରକ୍ତ-କାନ୍ତି ଧାରା ବାର,
ହୀରାପରି ଫୁଟି ଫୁଲ ଓଳି ତରଳ ଧାର ଧାର ।
ତୋ ଦୟାରେ ବରଷା ରେ ବାଟପୀ ଉଠେ ବିକଶି,
ତୋ ଜଳ ପାଇଲେ କେତେ ଲତା ଧରେ ଫୁଲ କସି,
ସଖାସହ ଗୋପୀନାଥ ବୁଲୁଥିଲେ କୁଞ୍ଜବନେ,
ଗହନ କାଳନ୍ଦୀକୂଳେ ବର୍ଷିଲୁ ଝର୍ଝର ସ୍ୱନେ ।
ସପତ ଦନ ଗୋପରେ ବରଷି ଥିଲୁ ଦ୍ୱାପରେ
ଧରିଥିଲେ ନରହରି ଗୋବର୍ଦ୍ଧନ ଗିରିବରେ ।
ସାଗରୁଁ ନେଇଣ ନୀର ସୂର୍ଯ୍ୟ କରନ୍ତି ତୋ ସୃଷ୍ଟି
ଅନନ୍ତ କାଳୁଁ ବରଷା କରୁଛୁ ଏପରି ବୃଷ୍ଟି ।
ତୁ ଆସନ୍ତେ ଦୁର୍ବାଦଳେ ପିନ୍ଧିଣ ଲୋହିତ ଶାଢ଼ୀ
ସାଧବାଣୀ ବୋହୂମାନେ ବସନ୍ତି ଧାଡ଼ିକି ଧାଡ଼ି ।
କେଉଁ ଦେଶୁଁ ବରଷାରେ ଦଉଡ଼ି ଆସିଲୁ ତୁହି ।
ଝର ଝର ସ୍ୱରେ ତୋର ଶରକାଳ କଣା ମୁହିଁ ।

Digitized by srujanika@gmail.com

ବରଷି ତୁ ଛାଡ଼ିଗଲେ ଆନନ୍ଦ ଯାଏ ବରଷା !
ନିତ୍ୟାନନ୍ଦ ପାଇବଇଁ କି ଉପାୟ କି ଭରସା ;
ଛାଡ଼ିଗଲେ ବରଷା ତୁ ଗୀତେ ନ ରହେ ଆନନ୍ଦ
ଭଜନ ଭବ କି ନାମ ପାଇବଇଁ ନିତ୍ୟାନନ୍ଦ ।
ହେମନ୍ତ ବସନ୍ତ ବର୍ଷା ଅଛ ତୁମ୍ଭେ ଛଅ ଭାଇ
ନାଚୁଅଛ ଚିରକାଳ ଅନନ୍ତ ଭଜନ ଗାଇ ।
ଥାଉ ବର୍ଷା ସବୁଦିନେ ପୃଥିବୀରେ ଠାଇଁ ଠାଇଁ
ମିଛଟାରେ ଭାଳୁଥାଏଁ ନନ୍ଦ ଯେସନ୍ତେ କୃଷ୍ଣ ପାଇଁ ।
ତୋତେ ଦେଖି ବରଷା ରେ ନାଚ ଉଠେ ମୋର ଚିତ୍ତ
କଣ୍ଠେ ବସି ସରସ୍ୱତୀ ଗାଉଥାନ୍ତି କେତେ ଗୀତ ।
ମୁକ୍ତାନନ୍ଦ ଜଳବିନ୍ଦୁ ଖସିପଡ଼େ ଗଗନରୁ
ସୁଶୀଳା ଦୁଲଣୀମାନେ ଦେଖୁଥାନ୍ତି ତାହା ଘରୁ ।

ବର୍ଷା-ରାତ୍ରି

ନବୀନ ପ୍ରାବୃଟେ ଗମ୍ଭୀର ନିଶୀଥେ
ଘୋଟଇ ଗଗନେ ଘନ,
ଦକ୍ଷିଣାଶା ଠାରୁଁ ବହଇ ହିଲ୍ଲୋଳ
ଜନୁପଦ ବିକମ୍ପନ ।

ଗୁହୁଁ ଗୁହୁଁ ଘନ ଝଣ ଝପ ସ୍ୱନେ
ଚଉଦିଗେ ପଡ଼େ ଢଳେ
ସୁପ୍ତ ଜନ ପ୍ରାଣୀ, ଫେଡ଼ିଣ ଗବାକ୍ଷ
ଭାଳିଲଇଁ ସୁନିଷ୍ଟଳେ ।

ଚମକେ ଦାମିନୀ ଭେଦ ଧ୍ୱାନ୍ତ-ଦେହ,
କୁନ୍ଦଣେ ଦଗ ସ୍ପନ୍ଦନ,
ଫର୍ଫର ଫରର ଘନ-ଗୀର-ଠାସି
ଝିଲ୍ଲୀ ପ୍ରତିଧ୍ୱନିତ ।

Digitized by srujanika@gmail.com

ସଦା ଦିନେ ମୁଁ ଯେ   ବରଷାର ରଙ୍ଗ
ମେଘ ଦେଖି ଫେଡ଼େ ମନ,
ଝର୍ଝର ଶବଦ   ଉଦ୍ବେଳିତ ହେଲେ
ବିଷଣ୍ଣ ହୁଏ ମୋ ମନ ।
ନିରେଖି ନିବିଡ଼   ନିଶୀଥ ଗଗନ
ଭାବମଗ୍ନ ହେଲ ଚିତ୍ତ,
ଅସଂଖ୍ୟ ଅତୀତ   ଘଟନା ହୃଦୟ
ଅନମ୍ବରେ ସମୁଦିତ ।

ମନେ ପଡ଼େ ସେହି   ବୈଦିକ ଯୁଗର
ଶାନ୍ତ ରସାସ୍ପଦ ବନ,
ବଟଚ୍ଛାୟା ତଳେ   ପର୍ଣ୍ଣକୁଟୀ ମଧ୍ୟେ
ଋଷି ପତ୍ନୀ କନ୍ୟାନନ ।
ଶାନ୍ତ ତପୋବନ   ସାନ୍ଦ୍ର ତରୁ ଲତା
ରୁଚିର ପର୍ଣ୍ଣ କୁଟୀର,
ଋଷି-ପରିଜନ   ସରଳ-ପରାଣ
ପ୍ରଶାନ୍ତ ପ୍ରଫୁଲ୍ଲ ଧୀର ।
ପୂତ ହୋମ-ବହ୍ନି   ଗମ୍ଭୀର ପ୍ରଣବ
ବେଦମନ୍ତ୍ର ଜପ ପୂତ,
ତପୋବନେ ସନ୍ଧ୍ୟା   ବିହଙ୍ଗମ ପନ୍ତି
ନୀଳାକାଶେ କଳରୁତ ।

କରୁଣ-ନୟନ   ଏଣ-ଏଣୀଗଣ,
ଦିନାନ୍ତେ ଗୋଷ୍ଠୁଁ ଆନୀତ,
ହୋମ-ଧେନୁ-ଦୁଗ୍ଧ   ଋଷି ଦୁହିତାଙ୍କ
ବରାଙ୍ଗୁଳି-ଅକର୍ଷିତ ।
ହୋମ-ବହ୍ନି-ଧୂମ   ଗମ୍ଭୀର ପ୍ରଣବ
ସାନ୍ଧ୍ୟବାତ-ସଞ୍ଚାଳିତ,
ଆଶ୍ରମ-ପଦର   ସାନ୍ଦ୍ର-ଲତା-ଦ୍ରୁମ
ସ୍ୱର୍ଗେ ହୁଏ ସମୁତ୍ଥିତ ।

Digitized by srujanika@gmail.com

ସ୍ମରଣ ହୁଅଇ ଶିବଗତପ୍ରାଣ
ପ୍ରତ୍ୟାଖ୍ୟାତା ଗିରିସୁତା,
ଘୋର ପ୍ରାବୃଟ୍ଟେଣ୍ୟ— ତପସ୍ୟାନିମଗ୍ନା
ପିନାକ-ପ୍ରଣୟ-ଯୁତା !
ନଳ-ଦତ୍ତ-ଚିତ୍ତ ସତୀ ଦମୟନ୍ତୀ
ନିବିଡ଼ ନିର୍ଜନ ବନେ,
ପ୍ରିୟତମେ ଚକ୍ଷୁ— ଲତା-ଅନ୍ତରାଳେ
ଲୋଡ଼ନ୍ତି ଅକୁଳ ମନେ ।
ମନେ ପଡ଼େ ଯେବେ କଷ୍କିନ୍ଧ୍ୟା-କାନନେ
ତେଜିଣି ଅଯୋଧ୍ୟା ଧାମ,
ଘୋର ପ୍ରାବୃଟ୍‌ରେ ଝୁରି ବୁଲୁଥିଲେ
ବୈଦେହୀ ବିରହେ ରାମ ।
"ଦଣ୍ଡକା ଅରଣ୍ୟେ ରାଜ୍ୟଭ୍ରଷ୍ଟ ଦୀନ—
ଅନୁଧାବନକାରିଣୀ
ବନବାସ ବନ୍ଧୁ ସୁତନୁ ମଧ୍ୟମା
କାହାନ୍ତି ପ୍ରାଣସଙ୍ଗିନୀ ?"
ଅଶୋକ ବିପିନେ ମହାସତୀ ସୀତା
"ରାମ" ନାମ ଜପ କରି,
ରାକ୍ଷସୀବେଷ୍ଟିତା ଯାପୁଥିଲେ ଯେବେ
ସୁଦୀର୍ଘ ଘୋର ଶର୍ବରୀ ।
ଅବର ବାଲ୍ମୀକି— ତପୋବନେ ଦନେ
ଦାରୁଣତର ଯାତନା,
ଅବସାଦ ଘନ— ତମସେ ଅବୃତ
ପୂର୍ଣ୍ଣଚନ୍ଦ୍ର ନିଭାନନା ।
ନୀଳାବ୍ଜ ନୟନୁ ଝରି ବାରିଧାରା
ବକ୍ଷ ଯାଉଥିଲା ଭିଜି,
ବସୋରୁ ଥିଲେ ସେ ଆପଣା ଅସ୍ତିତ୍ୱ
ପ୍ରାଣେଶ-ପ୍ରମାଦ ଚିନ୍ତି ।

Digitized by srujanika@gmail.com

ଅଚ୍ଛେଦ-ସରସୀ ତଟେ ମନେ ପଡ଼େ
ମହାଶ୍ୱେତା ରାଜସୁତା,
ଝୁରି ଝୁରି ପ୍ରିୟ— ତମ ପୁଣ୍ଡରୀକ—
ଶୋକେ ଘୋର ଅଭିଭୂତା ।
ଅଶରୀରୀ-ବାଣୀ- ଶ୍ରବଣେ ପୋଷଇ
ପ୍ରିୟ-ପ୍ରାପ୍ତି-ଆଶା ଚିତ୍ତେ,
ଦିନ ପରେ ଦିନ ମାସ ପରେ ମାସ
ବର୍ଷ ପରେ ବର୍ଷ ବିତେ ।

ମନେ ପଡ଼େ ମୋର ମୃତ ଚନ୍ଦ୍ରାପୀଡ଼
ମସ୍ତକ ରଖିଣ କୋଳେ,
ରହିଁ ରହିଁ ନେତ୍ରୁଁ ମୁଞ୍ଚନ୍ତି ଲୋତକ
କାଦମ୍ବରୀ ପ୍ରେମଭୋଳେ ।
ମନେ ପଡ଼େ ମୃତା ପ୍ରସୂନ-ପରଶେ
ଇନ୍ଦୁମତୀ ସୁକୁମାରୀ,
ଝୁରି ଝୁରି ଅଜ ଝୁଅନ୍ତି ବିକଳ
ନେତ୍ରୁଁ ବହୁଥାଏ ବାରି ।

ଦିନେ ଅଗଣନ ନୃପତିଙ୍କୁ ହେଳି
ସେ ମନ୍ତ୍ରୀମଣ୍ଡନା ବାଳା,
ବୋଳି ଦେଲା ପ୍ରାୟେ ଗୋଳି ଚନ୍ଦନକୁ
ମଙ୍ଗଳ-ବରଣ-ମାଳା,
ପ୍ରେମସୁଧାସିକ୍ତ ଲମ୍ବାଇ ଗଳାରେ
ଅନତ ଆନନେ ଜିଭା,
ରହିଁ ମୁଗ୍‌ଧନେତ୍ରା ନିଷଧ ଜେମାଙ୍କୁ
ମୁଗ୍‌ଧ ହେଲେ ଅଜ ଯୁବା ।

ସେହି ଏକଦିନ ଏହି ଏକଦିନ
କି ଦାରୁଣ ଭେଦ ଅହା,
କାହିଁ ବା ନୋହିବ ଶାଶ୍ୱତ ବିଧାନ
ମିଳନ ବିଚ୍ଛେଦ-ଗାହା ।

Digitized by srujanika@gmail.com

ଏହା ଜାଣିଶୁଣି   କିପାଇଁ ମାନବ
ହୁଅଇ ସଂସାର-ଦାସ,
ଦେଖି ନ ଦେଖିଲା   ପ୍ରାୟେ ମୁଗ୍ଧ ପ୍ରାଣୀ
ପିନ୍ଧେ କଣ୍ଠେ ମୋହ-ପାଶ ।
ଅସାର ମଧ୍ୟରେ   ସାର ସତ୍ୟ ଯାହା
ନ ବୁଝିଣ କିପାଁ ଜନେ
ପ୍ରିୟ-ବିୟୋଗରେ   ବିଫଳ ଆଶାରେ
ଶୋକଯୁକ୍ତ ଅକାରଣେ ।
ବିକାର ମଧ୍ୟରେ   ନିର୍ବିକାର ତତ୍ତ୍ୱ
ପରିବର୍ତ୍ତେ ଅଗଣନ,
ସ୍ଥିର ଧୀର ଯାହା   ଅଟଳ ଅଚଳ
ଏକ ବିଭୁ ସନାତନ ।
ଜୀବନେ ମରଣେ   ଇହ ପରକାଳେ
ଦୁଃଖେ ସୁଖେ ସୁସମାନ,
ମିଳନେ ବିଚ୍ଛେଦେ   ଶକ୍ତି ଦିଅ ମୋତେ
ଅହେ ପ୍ରଭୁ ଭଗବାନ !

ଶାନ୍ତିଧାର

ଶୁଖି ଯାଇଥିଲା ପରାଣୁଁ ପ୍ରେମ-ଅମୃତଧାରା,
ଶୁଷ୍କ ମରୁସମ ଲାଗିଲା ମୋତେ ସଂସାର ସାରା ।
ଅରଣ୍ୟର ଶୁଷ୍କ ପାଦପ ପ୍ରାୟେ ରହିଲି ପଡ଼ି,
ପର୍ଯ୍ୟୁଷିତ ପଦ୍ମ ପରାଏ ଶାନ୍ତି ପଡ଼ିଲା ଝଡ଼ି ।

ଲିଭି ଯାଉଥିବା ପ୍ରଦୀପ ପରି ତେଜୋବିହୀନ
ଦିନମଣି ହୀନ ଦିବସ ସମ ଗଲା ମୋ ଦିନ ।
ଶିଶିର-ନିପାତେ ଦଗଧ ଯେହ୍ନେ କମଳ-ବନ
ଶାନ୍ତିହୀନ ହେଲା ତେସନ ମମ ପରାଣ ମନ ।

Digitized by srujanika@gmail.com

ଦାରୁଣ ନିଦାଘ-ଉତ୍ତାପେ ଯେସନ୍ତେ ମହୀ କାତର,
ଅଶାନ୍ତ-ତାପରେ ତେସନ ଦଗ୍‌ଧ ଚିତ୍ତ ମୋହର,
ରହୁଥିଲି ପ୍ରଭୁ ଅନାଇ ମୁହିଁ ତୃଷିତପରି,
ଢାଳିଦେଲ ସ୍ୱାମୀ ମୋ ପ୍ରାଣେ ଶାନ୍ତି ବାରିଦ ବାରି ।
ଦେବକନ୍ୟା ଦେବତନୟ ପେଷିଦେଲ ମୋ ପାଶେ
ଶାନ୍ତି ସୁଖ ଭୁଞ୍ଜେ ରହୁଣି ମୁହିଁ ତାଙ୍କ ସକାଶେ ।

ମନବୋଧ

କାହିଁକି ମନ ଅଟେ ହୋଇଛୁ ଦୁଃଖୀ
କିଏ ଏହି ସଂସାରେ ହୋଇଛି ସୁଖୀ ?
କାହାର ମୁଖେ କେହି ଅନାଇ ନାହିଁ
ତା'ଲାଗି ଭାବୁ ମନ ଦୁଃଖ କିପାଇଁ ?
ଖଟି ଦିବସ ଯାମୀ କର କରମ
ଖଟିବା ବିନା ମାନବର ଧରମ ।

ଖେଳ ନୁହଇ ମାନବର ଜୀବନ ।
ଖଣ୍ଡା ଧାରରେ ଚଲ ସ୍ଥିତ ଏ ମନ ।
ଗୃହ ସଂସାର ଅଟେ ସାଧନା କ୍ଷେତ୍ର
ଗମ ନିର୍ଲିପ୍ତ ଭାବେ ଫେଡ଼ିଣ ନେତ୍ର,
ଗିରି ଉପର ଦେଶେ ଚଢ଼ିବୁ ଯେତେ,
ଗମିବ ଗିରି ଶୃଙ୍ଗ ଉଚ୍ଚକୁ ତେତେ ।
ଘୋର ଜୀବନ ଯୁଦ୍ଧ ଯୁଝରେ ଘୋର
ଘେରି ଅଛନ୍ତି ଦେଖ ଅରି ତୋର ।
ଘନ ଗହନ ପଥ ଏକାକୀ ପାନ୍ଥ
ଘର ବହୁତ ଦୂର ଜାଣ ଏକାନ୍ତ ।
ନବ ନବ ଦିବସେ ନୂତନ କର୍ମ
ନ ରହିଣ ଅଳସ୍ୟ ସାଧିବ ଧର୍ମ ।
ନିର୍ଲିପ୍ତ ଜୀବନରେ ନିଷ୍କାମ ମନ,
ନିତ୍ୟ ଶ୍ରୀହରି କାର୍ଯ୍ୟ କର ସାଧନ ।

Digitized by srujanika@gmail.com

ଚର୍ମ ଦେଖିଛୁ ସିନା ଚକ୍ଷୁପାଶରୁ,
ଚର ଭିତରେ ଦେଖ କି ନାରଖାର ।
ଚକ୍ରନେମି କ୍ରମରେ ଏ ଜଗତରେ,
ଚଳଇ ଭାଗ୍ୟ ତଳେ ପୁଣି ଉପରେ ।
ଛପି ଛପିକା କାଳ ସଙ୍ଗେ ଚଳଇ
ଛାଡ଼ିଲେ ସତ୍ୟପଥ ମାଡ଼ି ବସଇ ।
ଛାଡ଼ିଯିବ ଜୀବନ ବୁଢ଼ିବ ବେଳା
ଛିଣ୍ଡିଯିବ ସମ୍ପର୍କ ସବୁ ସେ ବେଳା ।
ଜଗଜ୍ଜୀବନ ପଦେ ପଶ ଶରଣ,
ଜାଣିବୁ କାଳେ ତୁହି ନିତ୍ୟ ଜୀବନ ।
ଜଗନ୍ନାଥ ଶରଣ ପଶିବୁ ଯେବେ,
ଝଣି ଝଡ଼ ଅଇର ଡରିବୁ ତେବେ ।
ଝୀନ ପତନ ଅଙ୍ଗେ ପାଇବ ଶୋଭା,
ଝଟକେ ତୋର ତନୁ କି ମନୋଲୋଭା ।
ଝାଡ଼ ଜଙ୍ଗଲ ଭୂମି ଅରଜ ଧନ
ଝଟକ ବନ୍ଧୁ ପର ଯିବ ଜୀବନ ।
ନିନ୍ଦନୀୟ କରମ କରିବୁ ଯେବେ,
ନଗଣ୍ୟ ଜୀବନକୁ ଲଭିବୁ ତେବେ ।
ନ କଲେ ପାପ ପଥେ କେବେ ଗମନ
ନ ହେବ କେବେ ତୋର ଅଧଃପତନ ।
ଟେକିଲେ ଧ୍ରୁବ ପ୍ରଭୁ କରନ୍ତି ଦାନ୍ତୁ,
ଟାଣ ଗର୍ବୀ ଲୋକର ଭାଙ୍ଗନ୍ତି ମେରୁ ।
ଟିକକ କର୍ମ ନିଷ୍ଠା ସହ କରିବୁ,
ଟପି ପର୍ବତ ତେବେ ତେଇଁ ପାରିବୁ ।
ଠଣ ସୁନ୍ଦର ପ୍ରଭୁ କେଡ଼େ ପବନ
ଠିକେ ତାହାଙ୍କ ସୃଷ୍ଟି ବଡ଼ ବଚନ ।
ଠୁଲ ଏ ଜଗତରେ କେତେ ସୁଷମା,
ଠାବେ ଠାବେ ଝରୁଛି କି ମଧୁରିମା ।

Digitized by srujanika@gmail.com

ଶୈଶବ ସ୍ମୃତି

ମନେ ପଡ଼େ ଏବେ କିପାଁ ଶୈଶବ ଜୀବନ,
ଅତୀତ ଗହ୍ୱରେ ଲୀନ, ନାହିଁ ଯାର ଚିହ୍ନ ?
ମନେ ପଡ଼େ ମୋର ସେହି ଘର ଦ୍ୱାର ବାଡ଼,
ଯାହାକୁ କରାଳ କାଳ ନେଇଅଛି କାଢ଼ି !
ଖେଳୁଥିଲି ବୁଲୁଥିଲି ସଙ୍ଗ ଗହଳରେ,
ଲୁଚିଛି ସେ କାଳ ଏବେ କାଳ ଗରଭରେ !
ଆସୁଥିଲା ନବବଧୂ ସେ ଗୃହ ପ୍ରାଙ୍ଗଣେ,
ଦେଖୁଥିଲେ ବାମାମାନେ ସୁନ୍ଦର ଆନନେ ।
ପ୍ରଫୁଲ୍ଲ ଫୁଲ ପରାଏ ଦିଶୁଥିଲା ଗୋରା,
ଚମ୍ପାଫୁଲ ପରି ଦେହ ଦିଶୁଥିଲା ଗୋରା !

କାଳକ୍ରମେ ସେହି ଏବେ ହୋଇଅଛି ବୁଢ଼ୀ,
ମଥାରେ ସିନ୍ଦୂର ନାହିଁ, ହାତେ ନାହିଁ ଚୂଡ଼ି !
ସେ ବୋହୂ ତ ଏହୁ ନୁହେ, ଏ ତ ଅନ୍ୟ ଜନ,
କଳ୍ପନା-ରାଜ୍ୟେ ବାସରେ ସେ ରୂପ ଆନନ ।
ସେ ଘର ତ ନାହିଁ ଆଉ ଏ ତ ଅନ୍ୟ ଘର
ସେ ବାଡ଼ ତ ଏହୁ ନୁହେ, ସବୁ ସ୍ୱତନ୍ତର ।
ମୋ ସ୍ମୃତି ଜଗତେ ଭାତେ ସେ ଗୃହ-ପ୍ରାଙ୍ଗଣ,
ସେହି ଲତା ଦ୍ରୁମ ସେହି ବିହଙ୍ଗମ-ସ୍ୱନ ।
ମାଟି ଦେହ ମିଶିଯିବ ଯେବେ ପଞ୍ଚଭୂତେ,
ପିଣ୍ଡୁଁ ପ୍ରାଣ ଉଡ଼ିଯିବ ଅଜଣା ଜଗତେ,
ତେବେ ଅବା ସେ ମୋହନ ସ୍ମୃତି ପ୍ରିୟତମ
ଲୁଚି ଯାଇପାରେ, ଏବେ କି ଉଜ୍ଜ୍ୱଳତମ ।

Digitized by srujanika@gmail.com

ଦକ୍ଷିଣା ପବନ

ଅ ଅରେ ଦକ୍ଷିଣା ବାୟୁ ବହୁ ଅ ଛୁ ଝିର ଝିର
ମୋ ଅଙ୍ଗ ଶୀତଳ କରି ଧାଇଁ ଯାରେ ଧୀର ଧୀର ।
ମୁଁ ଯେ ଅତପ-ତାପିତ   ଦେହେ ମନେ ସନ୍ତାପିତ
ଗୃଲ୍ ଯା ତୋ ବାଟେ ବାଟେ ମୋ ତନୁ ଶୀତଳ କରି ।
ମଳୟ ତୋହର ଘର   ବହୁ ସାଗର ଶୀକର
ଅଣୁ ତୁ ସୁଧା-ସମ୍ଭାର ମୋ ପ୍ରାଣ ପରଶ କରି ।
ସୁରଭି କୁସୁମ ବନ—   ବାସ କରି ଅହରଣ
ମହକାଇ ପ୍ରତି ପ୍ରାଣ ଯାଅ ଗୃଲ୍ ତୁ ବିତରି ।
ସୁରଭି କୁସୁମ ବନ—   ବାସ କର ଅହରଣ
ସୁରଭି ସମ୍ଭାର ଦେନି ପ୍ରାଣମନ ତୋଷ କର ।
ପଚଶିଣ ପଦ୍ମବନ,   ହରି ମକରନ୍ଦ-ଧନ
କରି ତୋଷ ବିଶ୍ୱମନ ବହୁଯାଅ ଧୀର ଧୀର ।

ନଶ୍ୱରତା

ଜଡ଼ ଉଦ୍ଭିଦରେ   ପଶୁ ପକ୍ଷୀଠାରେ
ଅବା ମାନବ ଜୀବନେ
ଜନ୍ମିଲେ ମରଇ   ନିଶ୍ଚେ ସୃଷ୍ଟ ପ୍ରାଣୀ
ବିଧି ଅଟଳ ବିଧାନେ ।
ଦିଗ୍‌ବିଜୟୀ ମହା-   ବୀର ସେକନ୍ଦର
ଜୟ କଲେ ଏହି ମହୀ
ନାହାନ୍ତି ସେ ଭବ-   ଭଙ୍ଗୁରତା ରୂପେ
ତାଙ୍କ କଥା ଅଛି ରହି ।
ଏ ଭାରତେ ଆସି   ସେକନ୍ଦର ସାହ
କଲେ ବିଜୟ ବିସ୍ତାର
ତାଙ୍କ ନିଜ ଦେଶେ   ଆଜି ଦେଉଁ ଜାତି
କରିଅଛି ଅଧିକାର ।

Digitized by srujanika@gmail.com

କେତେ କେତେ ଜାତି ଏହି ଭାରତରେ
ପୋତିଲେ ବିଜୟ-ଧ୍ୱଜା
ତାଙ୍କ ବଂଶଧରେ ପରକ୍ଷଣ ଅନେ
ହେଲେ ଏ ଦେଶର ରାଜା ।

ପ୍ରକୃତି ଓ ମନ

ପ୍ରକୃତି ତୁ ଶତ ବହୁରୂପା ମନ, ନାହିଁ ତୋର ବିଶେଷତ୍ୱ କିଛି,
ଯେତେବେଳେ ଯାହା କହେ ମୁହିଁ ସେ କଥାରେ ରାଜି ହେଉ ଛୁ ଛି !
ଯେତେବେଳେ କାର୍ଯ୍ୟ କରେ ମୁହିଁ କିପାଇଁ ନ ଧରୁ ହାତ ମୋର,
କିପାଁ ଲଘୁଶକ୍ତି ନ ହଟାଏ ସୁମହତୀ ଶକତି ଲୋ ତୋର ।

ଯେତେବେଳେ ପୁଚ୍ଛଇଁ ପ୍ରକୃତି ! ଏହି କାର୍ଯ୍ୟ କରିବଇଁ ଅଛି ?
ଶତବାହୁ ଉର୍ଦ୍ଧ୍ୱେ ଉଠାଇଣ ହଁ ହଁ ଭରି ହୋଇଯାଉ ରାଜି
ରକ୍ତ ଯେବେ ତାତି ଉଠେ କେବେ ପୁଣ୍ୟ ଧର୍ମ ହୁଏ ବିସ୍ମରଣ,
ପ୍ରକୃତି ! ତୁ ହୋଇ ରକ୍ତମୟୁ କାମନାର ନ ଲୋଡ଼ୁ ମରଣ !

କହୁ ତୁ ଯା ଭାଲଅଛୁ ନର ! ଅଗହୁଁ ମୁଁ ଅଛୁ ତାହା କରି,
ଭୀରୁ ପ୍ରାଣେ ଅଟକିଯାଏ କିପାଁ କରୁନାହୁଁ ତୁ ରେ ଉରି ଡରି ?
ମୋହ ଦୀକ୍ଷା ପାଇ ଗତଯୁଗେ କଲେ ଏହା କେତେ କେତେ ଜନ,
ଜଗତର ଅତୀତ କାହାଣୀ କେତେ ଶାସ୍ତ୍ରେ ଅଛୁ ତା ବର୍ଣ୍ଣନ ।

ଜନୁଭବାବଶ ପାଶେ ଯେସନ୍ତେ ପଡ଼ିଯାଏ ମୁହିଁ ତୋ କଥାରେ ;
ଜ୍ୱଳନ୍ତ ପ୍ରଦୀପ-ଶିଖା ମଧ୍ୟେ ପଡ଼ି ଯାଏଁ ପତଙ୍ଗ ପ୍ରକାରେ ।
ମନ୍ତ୍ରମୁଗ୍ଧ ଭୁଜଙ୍ଗମ ପରି ହୁଏଁ ଇନ୍ଦ୍ରଜାଲ୍-ପେଟୀ ଗତ,
ସଙ୍ଗୀତ ମୋହିତ କୁରଙ୍ଗମ-ସରି ବ୍ୟାଧ-ବାଗୁରାରେ ହତ ।

ଲମ୍ପଟ-କପଟ-ବାଣୀ-ମୁଗ୍ଧା ସୁସରଳା କୁଳବାଳା ଭଳି
ଅପକର୍ମ କରି ଅନୁତାପ-ବହ୍ନି ମଧ୍ୟେ କଲବଲେ ଜଳି
ଅନାଇଲେ ତୋ ମୁଖେ ପ୍ରକୃତି ! ବିଜ୍ଞଜନୋଚିତ ଗମ୍ଭୀରତା
ଧରି ଦେଉ ତତ୍ତ୍ୱ-ଉପଦେଶ, କହୁ ପୁଣି କେତେ ହିତ କଥା ।

Digitized by srujanika@gmail.com

କହୁ "ଅରେ ଅଜ୍ଞାନ ମାନବ ଅଳ୍ପକ୍ଷଣସ୍ଥାୟୀ ସୁଖ ଲାଗି
ଅଗପଛ ନ ବିଚାରୁ ମୂଢ଼ ! ନୋହିଲୁ ତୁ କେତେ-ଦୁଃଖ-ଭୋଗୀ !
ନ ଦେଖିଲୁ ତୋହ ଆଗେ କେତେ ମହାଜନ ଛାଡ଼ି ଦୁଃଖପଥ
ବେଳୁଁ ନିରାପଦ ପନ୍ଥା ଲୋଡ଼ି ଚଳାଇଲେ ସ୍ୱଜୀବନ ରଥ ।

ଦେଖ କୋଟି କୋଟି ସୁଦୃଷ୍ଟାନ୍ତ କେତେ ଶାସ୍ତ୍ରେ ହୋଇଅଛି ଲେଖା
ଶାସ୍ତ୍ର ପଢ଼ି ଅନ୍ଵସମ କର୍ମ୍ମ ନ ଥିଲା ତ କେଉଁ ଯୁଗେ ଦେଖା ।"
ଯେତେବେଳେ ଯାହା ମୁଁ କରଇ ସେତେବେଳେ ସେହି ତା ସରଳ,
ଭାବେଁ ମୋହପର ଦବାନଳି ଚଳୁଅଛି ବ୍ରହ୍ମାଣ୍ଡମଣ୍ଡଳ ।

ମତେ ଯେତେ ଲମ୍ପଟ ପୁରୁଷ ସର୍ବ ନାରୀ ଅଟନ୍ତି ଦୁଃଶୀଳା,
ପାଶବ ଶକତି କାଢ଼ିନେଲେ ହୋଇବେ ସମସ୍ତେ ପାଂଶୁଳା,
ଭାଲେ ପୁଣି ଶୁଦ୍ଧଶୀଳ ସାଧୁ ଜଗତରେ ସର୍ବେ ସାଧ୍ୱୀ ସତୀ
ଅନିଚ୍ଛାରେ ଦୁର୍ଯୋଗରେ କେହି ଦୁରିତରେ ପଡ଼େ କଷ୍ଟେ ଅତି ।
ବହୁରୂପୀ ପ୍ରକୃତି ଲୋ ତୁହି ଦୁଇ ପାର୍ଶ୍ୱ ଅଛୁ କି ତୋହର ?
କେଉଁ କର ମୋତ୍ତୁ କେତେବେଳେ କି ପ୍ରକାରେ ହେବ ମୋ ଗୋଚର ?
ଯେଉଁଅଙ୍ଗୁ ଛାଡ଼ୁଥାଏ ମେଘ ସେହିଅଙ୍ଗେ ଧରୁ କି ଲୋ ଛତା ?
ମନପାଏ ତୁହି ମାର ସବୁ ଅଦଭୁତ ପ୍ରକୃତି ତୋ କଥା ।

ମନ ମୋର କରେ ସର୍ବ କର୍ମ ତୁହି ତାକୁ ନ କହୁ ଲୋ କିଛି,
ଏତେ ବଡ଼ ପ୍ରକୃତି ତୋହର ଏ କେବଣ ବେଭାର ଲୋ ଛିଛି !
କ୍ଷୁଦ୍ରମନ କରିଯାଏ ସବୁ ତୁ କେବଳ ହଲାଉ ଲୋ ମଥା,
ମନ କହେ ଯାହା ଯେତେବେଳେ ପ୍ରତିଧ୍ୱନି କରୁ ତାହା କଥା ।
ଦୁଇ ପଦ ହେଲେ ଅଗ୍ରସର ଝୁଣ୍ଟି ମନ ପଡ଼ିଯାଏ ତଳ,
କମା ତାକୁ ବେଳୁଁ ନ ତଆର ହଠ ଦେଖୁ କଷ୍ଟୁ ତାର ବଳ ।

ଯେତେବେଳେ କାର୍ଯ୍ୟ କରେଁ ମୁହିଁ କିପାଁ ଝିଙ୍କୁନାହିଁ କେଶ ମୋର
କିପାଁ କ୍ଷୁଦ୍ର ବାସନା ଅଙ୍କୁର ନ ଭାଙ୍ଗଇ ଶକତି ଲୋ ତୋର ?
ଦୁରିତ-ଶାଙ୍ଖରେ କାଳକ୍ରମେ ତାଳପତ୍ର କଅଁଳଇ ଯେବେ,
ନରକର ଭୀମ ଗୃଧ୍ରଗଣ ବସନ୍ତି ସେ ତରୁଶାଖେ ତେବେ,
ପାପଦ୍ରୁମେ ହଳାହଳ-ଫଳ ଫଳାଉଛୁ ପ୍ରକୃତି, କିପାଇଁ,
ଦେଇ ଲଜ୍ଜା ଷଦ୍ର ମାନବଙ୍କୁ ଉଚ୍ଚ ଉଚ୍ଚ ଉଣ୍ଡିମ ବଜାଇ !

Digitized by srujanika@gmail.com

ପ୍ରକୃତିର ଗମ୍ଭୀର ପ୍ରାଣରୁ ଉଠୁଅଛି ନିରନ୍ତର ବାଣୀ
କପଁା ଦୋଷ୍ ମାନବରେ ତାକୁ ସତ୍ୟ ଜାଣୁ ଯେସନ ନ ଜାଣି ।
ଜାଣି ନ ଜାଣିଲ ପ୍ରାଏ ଜୀବ, ପଥ ବୁଢ଼୍ଡ଼ୁ ଥାଉ ଥାଉ ଜ୍ଞାନ,
ଅସ୍ଥା କରି ପବିତ୍ର ସୁନ୍ଦର କର କର ବ୍ରହ୍ମପଦ ଧ୍ୟାନ ।

ଚନ୍ଦ୍ରୋପୂଳା ତଟେ ସନ୍ଧ୍ୟା

—୧—

କର୍ମକ୍ଲାନ୍ତ ଶିରେ ଅଞ୍ଜ ଗଲି ଚନ୍ଦ୍ରୋପୂଳା-ତୀରେ,
ଦେଖିଲି ପଶ୍ଚିମଦିଗୁଁ ସନ୍ଧ୍ୟା ଚାଲିଆସେ ଧୀରେ ।
ଦମ୍ଭାରଡ଼ ଛାଡ଼ି ପଥେ ବାହୁଡ଼ନ୍ତି ଗୋରୁ ପଲ,
ପାଷାଣ ବନ୍ଧୁର ପଥେ ମନ୍ଥର-ଶକଟ-ଦଳ ।
ପଲ ପଲ ପିଲମାନେ ଯୋଡ଼ି ଯୋଡ଼ି ଯୁବାଜନ,
ଖେଳନ୍ତି ନଗର ପ୍ରାନ୍ତେ, କରନ୍ତି ସାନ୍ଧ୍ୟ ଭ୍ରମଣ ।
ନିଦବ ପ୍ରାଙ୍ଗଣତଳେ ଫେଡ଼ି ସ୍ୱରଗ ତୋରଣ,
ଖେଳନ୍ତି କି ଦିବ୍ୟବାସ ପିନ୍ଧି ଦେବ ଶିଶୁଗଣ ।
ନୀଳସିକ୍ତ-ରକ୍ତବାସ- ଜଡ଼ିତ ମଣ୍ଡିତ ଅଙ୍ଗେ
ସ୍ନାନାନ୍ତେ କଳସୀ-କରେ ନାରୀଗଣ ଯାନ୍ତି ରଙ୍ଗେ ।
ରଞ୍ଜିତ ବାରୁଣୀ ନଭେ ଉଭା ଅବା ପୁରବାଳା
ଧରାକୁ ଅତିଥି ରବି ପାଶେ ଧରି ଅର୍ଘ୍ୟଥାଳି ।
ଅବା ଚନ୍ଦ୍ରୋପୂଳା ନୀର ନିଅନ୍ତି ସୁର ଘରଣୀ
ସୁବର୍ଣ୍ଣ କଳସୀ କରେ ବସନେ ଖଚିତ ମଣି ।
ହେମନ୍ତ ଆସିବା ଦେଖି ନିଦାଘ ଭୟେ ଉଠିନୀ,
ଭବିଷ୍ୟ ବିପଦ-ଛାୟା- ପାତେ ତନ୍ୱୀ ବିଷାଦିନୀ ।

—୨—

ଗୃହକୁଁ ଗୃହକୁଁ ଉଠିବିଏ ଦେଖି ଦେଖା ନୀଳ ନଭେ,
ଦେଖୁଁ ଦେଖୁଁ ଗୋଟି ଗୋଟି ଗଲେ କିଏ ବାନ୍ଧି ସବେ ।
ଜନତା-ନାଟିକା-ରଙ୍ଗ-, ହେଲା ଧୀରୁଁ ଧୀରତର,
ନିର୍ଜନ ପ୍ରକୃତି ପ୍ରାଣେ ସଞ୍ଚରିଲା ଶାନ୍ତିତର ।

Digitized by srujanika@gmail.com

କର୍ମକ୍ଳାନ୍ତ ପ୍ରାଣୁଁ ମମ ଘୁଞ୍ଚନ୍ତେ ବିଷୟୁ ବିଷ,
ସିଞ୍ଚିଲେ ପ୍ରକୃତି ଦେବୀ ସୁଧୀରେ ଶାନ୍ତି-ଆଶିଷ ।
ତଟୋପଳଶିଳାଶଯ୍ୟା ଝିଟିଲୁଁ କଳ ଝର୍ଝର,
ପ୍ରଦୋଷ ସମୀର ସଙ୍ଗେ ଶୁଭିଲା ପ୍ରକଟତର ।
ବାରୁଣୀ ବର୍ଣ୍ଣ ବିଭବ ଘୁଞ୍ଚୁଁ ଘୁଞ୍ଚୁଁ ଲୁଚିଗଲା,
ରକ୍ତ ପୀତ ନୀଳ ଶୁକ୍ଳ ସବୁ ହୋଇଗଲା କଳା !
ମାୟାନେତ୍ରେ ବିଭ୍ରମର ଭିନ୍ନ ଭିନ୍ନ ଏ ସଂସାର,
ପରିଣାମେ ତତ୍ତ୍ୱଦର୍ଶି- ନେତ୍ରେ ସର୍ବ ଏକାକାର ।
ବହ୍ନିହ୍ରଦେ ଜଳୁଅଛି ସନ୍ଧ୍ୟାଦୀପ ପରପାରେ,
ଏ ସଂସାର-ଅନ୍ଧକାରେ ସାଧୁପ୍ରାଣ ପରକାରେ ।
ମିଞ୍ଜି ମିଞ୍ଜି ହୃଦେ ଦୀପ ମିଞ୍ଜି ମିଞ୍ଜି ନଭେ ତାରା,
ଅସ୍ପଷ୍ଟ ହେ ମହାପ୍ରଭୁ, ଯେମନ୍ତେ ଏ ତଟିନୀ ଧାରା ।
ହେ ରୁଦ୍ରସୁନ୍ଦର ପ୍ରଭୁ ତଥାପି ଦେଖି ପ୍ରକୃତି,
ବାଜି ଉଠେ ହୃଦତନ୍ତ୍ରୀ ଗାଏ ବିଶ୍ୱ ତବ ସ୍ତୁତି ।
ଗଗନ-ନୀଳିମା, ପକ୍ଷି- କଳଗୀତି, ନୀଳନୀର,
ଲତାଦ୍ରୁମେ ଫୁଲଫଳ ଅନନ୍ତ ସମୁଦ୍ରତୀର,
ବନଗିରି ହ୍ରଦନଦୀ ପ୍ରାନ୍ତର ପଲ୍ଲୀନଗର,
ଦେଖିଲେ ହେ ବିଭୋ ପ୍ରାଣେ ପଡ଼େ କି ଛାୟା ତୁମ୍ଭର ?

— ୩ —

ଚଉଦିଗେ ଅନ୍ଧକାର ଘୋଟି ଯାଇଅଛି ଧରା,
ଆକାଶରେ କୋଟି କୋଟି ଫୁଟି ଉଠିଛନ୍ତି ତାରା ।
ନଦୀକୂଳେ ବଟମୂଳେ ଅଗ୍ନି ଜାଳି ବେନି ପାନ୍ଥ,
କରନ୍ତି ରନ୍ଧନ ଅନ୍ନ ବାକ୍ୟହୀନ ପଥଶ୍ରାନ୍ତ ।
ପଚାରିଲା ଜଣେ "ଭାଇ ଏକ ପାକ ହେବ କି ହେ ?"
ଉତ୍ତରିଲା ଅନ "ମୁହିଁ ଓଡ଼ିଆ ହାଡ଼ିଆ ନୁହେ ।"
ଭାଇ ଭାଇ ଠାଇଁ ଠାଇଁ ଏତ କି ଭେଦ ବେଭାର,
ଉଦର କି ସର୍ବସାର, ନୁହେ କି କେହି କାହାର ?
ଶିଳା-ସୋପାନରେ ମୁହିଁ ବସିଅଛି ନୀରବରେ,
ବିଭିନ୍ନ ସେ ଦୁଇ ପାନ୍ଥ କରନ୍ତି ପାକ ସ୍ୱକରେ ।

Digitized by srujanika@gmail.com

କେହୁ ତ କାହାକୁ କହୁ କହୁନାହିଁ କେଉଁ କଥା,
ଅନମନେ ଯେ ଯାହାର ସ୍ୱଦୁଃଖ ପୋଷଣ ମଥା ।
ବସ୍ତୁବଳ ଅଦ୍‌ଭୁତ ଜାତିର ଏ ଭେଦନୀତି,
ମାନବ ମାନବ ମଧ୍ୟେ ଘଟାଇଅଛି ଅପ୍ରୀତି ।
ଦୁର୍ବେ ହିଁ ଦରିଦ୍ର ଦୁର୍ବେ ପଥଶ୍ରାନ୍ତ ନିଃସହାୟ,
ଏକତ୍ର କରିଲେ ପାଇ ହୁଅନ୍ତା କିବା ଅନ୍ୟାୟ ।
ପଶୁପକ୍ଷୀ ଦଳ ବାନ୍ଧି ରହନ୍ତି ଗହନ ବନେ,
ସମାଜେ ଥାଇଣ କପାଁ ଭେଦବୁଦ୍ଧି ନରମନେ ?
ପ୍ରକୃତିକୁ ଠେଲି କପାଁ ଧରିଛି ବିକୃତ ବୁଦ୍ଧି ?
ସ୍ୱଭାବବାଦୀ ବିଚାରେ ମଣୁଅଛି ଚିତ୍ତଶୁଦ୍ଧି ।
ଦୁଇଘଡ଼ି ହେଲ ଜଣା, ପଛ କରି ସମଲ୍ଲିଇ,
ଠେଲିଣ ସମାଜତନ୍ତ୍ର ଡେଶକୁ ଗଲି ପଳାଇ ।

ବର୍ଷା-ଅବକାଶ

ଝର ଝର ଝରେ ନଭୁଁ ଇନ୍ଦ୍ର ବରଷଇ ବାରି
ମୋତେ ମନେ କର ମନ ଝୁରେ କି ହୃଦେ କାହାର ?
କେଉଁଠାରେ ଅଛି କିଏ ମୋ ପ୍ରାଣବାଞ୍ଛିତ ଧନ,
ତାହା କଥା ମନେ ପଡ଼ି ମୋ ମନ ଏତେ ଉଚ୍ଛନ୍ନ ।
ଉଦାସ ଉଦାସ ମନ କିଛି ଭଲ ଲାଗୁନାହିଁ,
ତଥାପି ଅପୂର୍ବ ସୁଖ ବରଷା ଧାରକୁ ଚାହିଁ ।

ବର୍ଷାବର୍ଭର ଏ ସୁଖ ଅଦ୍‌ଭୁତ ବିଭୁଦାନ,
ଓତଃପ୍ରୋତଃ ଘୋଟିଅଛି କେମନ୍ତ ମୋ ମନପ୍ରାଣ !
ହେ ନାଥ କେଉଁଠି ଅଛ କେଉଁ ଭାବେ ମହାପ୍ରଭୁ !
ଦେଖାଦିଅ ଦୀନବନ୍ଧୁ, ଯାଉ ଏ ସଂଶୟ ସବୁ !
ସୁନ୍ଦର ବରଷା ଧାର ଫୁଟାଏ କୁସୁମ କଢ଼ି
ଏ ବରଷା ପରଶରେ ହୃ ମଲତା ଯାଏ ବଢ଼ି ।

Digitized by srujanika@gmail.com

ଅସ୍ପଷ୍ଟ ରୂପେ ହେ ନାଥ ! ତା ମଧ୍ୟେ ଅଛ ପ୍ରଚ୍ଛନ୍ନ,
ତେଣୁ କି ଅପୂର୍ବ ଭାବେ ପୂର୍ଣ୍ଣ ମମ ପ୍ରାଣ ମନ ।
ତବ ଆବିର୍ଭାବେ ବନ୍ଧୁ ତୁମ୍ଭର ଏ ଅସ୍ଥାମନ,
ଅଦୂର ପରଶେ ଅବା ଅପୂର୍ବ ଭାବେ ମଗନ ?
କିନ୍ତୁ କପାଁ ପାଶେ ଥାଇ ଦୂରେ ଅଛ ହେ ଗୋସାଇଁ
କାହିଁକି ଏ ବଜ୍ରବାଡ଼ ତୁମ୍ଭ ମୋ ମଧ୍ୟେ ହେ ସାଇଁ ?
ଅବା ପାପକଳୁଷିତ ଏହି ହୃଦସିଂହାସନ,
କପଟି ପବିତ୍ର ପ୍ରଭୁ କରିବ ଉପବେଶନ ?
ଆସ ଆସ ଅନ୍ତର୍ଯ୍ୟାମି ! ଧୋଇଦିଅ କୃପାନୀରେ,
ବିମଳ ହୃଦୟ ପୀଢ଼େ ବସ ଆସି ପ୍ରଭୁ ଧୀରେ ।
ତୁମ୍ଭେ ତ କୃପାବାରିଧି ମୋ ପାପର ଅଛି ଅନ୍ତ,
ସାନ୍ନିଧ୍ୟ ଲଭିଣ ତବ ମୋ ପାପର ହେଉ ଅନ୍ତ ।

କୃପାମୟ କୃପା କରି ପୂର୍ଣ୍ଣ କର ଆକିଞ୍ଚନ,
ବିତର କରୁଣା ବାରି ମୁଁ ଯେ ଅତି ଅକିଞ୍ଚନ ।
ବେଳେ ବେଳେ ମନେ ଜାଗେ ଯେଉଁ ପବିତ୍ର ବାସନା,
ସ୍ଥାୟୀ ହେଉ ସେ ସର୍ବଦା, ଯାଉ କଳୁଷ କାମନା ।
ପାପଚିନ୍ତା, ପାପକଥା, ପାପକର୍ମୁ ନିରନ୍ତର
ବଳେ କେଶ ଆକର୍ଷଣେ ପ୍ରଭୁ ମୋତେ ରକ୍ଷା କର ।
ତୁମ୍ଭ ପ୍ରେମ ପବିତ୍ରତା ପାରିଜାତ-ସଉରଭେ,
ମହକୁ ମୋ ମନପ୍ରାଣ, ସାର୍ଥ ହେଉ ଜନ୍ମ ଭବେ ।

ହୈମନ୍ତିକ-ସନ୍ଧ୍ୟାଚିନ୍ତା

— ୧ —

ଅବତୀର୍ଣ୍ଣ ଅବନୀରେ ସୁକାନ୍ତ ହେମନ୍ତ,
ଧରଣୀ ଦିଶଇ ଅଦ୍ୟ କେମନ୍ତ ଶ୍ରୀମନ୍ତ !
'ଶ୍ଳୋକ ଚମ୍ପା'-ଲଦୁଧାନ ପାଚଇ କେଦାରେ,
ଭରେ ଭରେ କୃଷକ ତା ବହୁଥାନ୍ତି ଘରେ ।

Digitized by srujanika@gmail.com

ସୁନ୍ଦର ଦାଣର ଧାନ ପାଚ ଝୁଣ୍ଟୁ ଝୁଣ୍ଟୁ,
କେତେ ଆଶା ବାନ୍ଧେ ଚଷା ରବ ବୁଣ୍ଟୁ ବୁଣ୍ଟୁ ।
ନଦୀ ବନ୍ୟା ଯେ ଫସଲ୍ ଧୋଇ ନେଇଥାଏ,
ହୈମନ୍ତିକ ଫସଲ ତା ସ୍ଥାନକୁ ପୂରାଏ ।
ଅଟର ଫସାରେ କଷ୍ଟ ଶର ନ ରହଇ,
ଆଶା-ବୈତରଣୀ ନଦୀ ପ୍ରାଣ ଶୀତଳଇ ।
ନଦୀ-ନାଳୁ ଜଳ ନିଏ ଚଷା ମାଲ୍ ବାନ୍ଧି,
ପିଇ ବଢ଼ିଧାନ ବାହୁରଇ କାନ୍ଧ କାନ୍ଧ ।
ପବନେ ଦୋହଲୁଥାଏ ଆନନ୍ଦେ କେଦାର,
ପ୍ରତିଧ୍ୱନି କରେ ପ୍ରାଣ-ଆନନ୍ଦ ଚଷାର ।
ବହନ୍ତି ପବନ ଛଳେ ପଣନ୍ତର କାନି,
ମାନବ-ପ୍ରାଣ-ଦାୟିନୀ ଲକ୍ଷ୍ମୀଠାକୁରାଣୀ ?
ଗୃହେ ଥାଏ ଦେହ ସିନା ବିଲେ ଥାଏ ପ୍ରାଣ,
ନିଶିଦିବା କୃଷକର କ୍ଷେତେ ଥାଏ ଧ୍ୟାନ ।

—୨—

ପବିତ୍ର କାର୍ତ୍ତିକେ କରି ପ୍ରଭାତରୁ ସ୍ନାନ
ପବିତ୍ର କରନ୍ତି ଭକ୍ତଗଣ ମନପ୍ରାଣ ।
ଅମିଷ ଆହାର ତେଜି କରନ୍ତି ହବିଷ୍ୟ,
ମରଣାନ୍ତେ ସ୍ୱର୍ଗବାସ ମନାସି ଭବିଷ୍ୟ ।
କାର୍ତ୍ତିକ ମାହାତ୍ମ୍ୟ ପୁଣି ନାମସଂକୀର୍ତ୍ତନ,
ଜନପଦ ଦାଣ୍ଡେ ଭକ୍ତେ କରନ୍ତି ଭ୍ରମଣ ।
ଊର୍ଦ୍ଧ୍ୱେ ବାହୁ ତୋଳି କ୍ଷିପ୍ତ ଗତି ହୋଇ କେହୁ,
ହାତ ତାଳି ଦେଇ ଦେଇ ନାଚେ ଧେଇ ଧେଇ ।
'ଧିକ୍ ତାନା ଧିକ୍ ତାନା' ମୃଦଙ୍ଗର ସ୍ୱନ
'କହେ ତାକୁ ଧିକ୍' ଯେ ନ ନିଏ ହରିନାମ ।
ହରିନାମ ଅଟେ ଭାଇ ଭବାବ୍ଧି-ତରଣୀ
ଅଦ୍ଭୁତ ଅଟଇ ହରି ନାମର କରଣୀ ।

Digitized by srujanika@gmail.com

ନାମେ ମାତ୍ର ଅଜାମିଳ ତରେ ଭବସିନ୍ଧୁ
କି ନ ହେବ ତହିଁ ଯୁକ୍ତ ହେଲେ ଭକ୍ତବନ୍ଧୁ ।
ପର୍ବତ ଲଙ୍ଘଇ ପଙ୍ଗୁ, ମୂକ ହୁଏ ବକ୍ତା,
ଅସୁର ହୁଅଇ ଦେବଦ୍ୱିଜଭକ୍ତିସଂଯୁକ୍ତା ।

—୩—

ପ୍ରଦୋଷେ ଗମିଲି ଦିନେ ପ୍ରଦୋଷ-ଭ୍ରମଣେ
ମୁଗ୍ଧ ମମ ପ୍ରାଣମନ ପ୍ରକୃତି ଦର୍ଶନେ ।
ନିସର୍ଗ-ସୁଷମା ଅହା କିବା ମନୋଲୋଭା,
ରୁଚି-ଭକ୍ତ-କବି-ପ୍ରିୟ ସ୍ୱଭାବର ଶୋଭା ।
ବାରୁଣୀ ଗଗନ ଦିଶେ କିବା ଶୋଭାବନ,
ବର୍ଣ୍ଣ ବୈଭବର କିବା ବିଚିତ୍ର ଭବନ !
ପଲ୍ଲୀର ପଶ୍ଚିମ ପ୍ରାନ୍ତ ବିରୂପାର ତଟେ
ଅସ୍ତୋନ୍ମୁଖ ରକ୍ତ-ରବି ସାନ୍ଧ୍ୟ ବ୍ୟୋମ ପଟେ ।
ପ୍ରତ୍ୟହ ପ୍ରଦୋଷ ପର ମହତ ବ୍ୟାପାର,
ଚକିତ କରଇ ପ୍ରାଣ, ଗର୍ବ ମାନେ ହାର ।
ମିଳନ-ମେଳଣି ବେଳ ବିଧିର ସର୍ଜନା
ବିସ୍ମାରିତ କରଇ ଏ କବି-କଳପନା ।
ଦୈନନ୍ଦିନ ଜୀବନର ସାମାନ୍ୟ ଘଟନା,
ପ୍ରାଣ କରେ ଉଦାସୀନ ଗମ୍ଭୀର ଭାବନା ।
ସୁନ୍ଦର ବିସ୍ମୟକର ସବୁରି ସଂସାର
ଦେଖି ପ୍ରତିଦିନ ଲାଗେ ସାମାନ୍ୟ ବ୍ୟାପାର ।
ନିସର୍ଗେ ସ୍ୱର୍ଗୀୟ ଶୋଭା ଦିଶଇ ଅସ୍ପଷ୍ଟ,
ଅତି ପରିଚୟେ ସିନା ଗଉରବ ନଷ୍ଟ—
ଏହିପରି ଭାବୁ ଭାବୁ ଘୋଟିଲା ଅନ୍ଧାର,
ପ୍ରକୃତିକୁ ଢାଙ୍କି ବାହୁଡ଼ିଲି ସ୍ୱ-ଆଗାର ।
ଗୃହୁଁ ଗୃହୁଁ ଜନପଦ ମଉନ ଲଭିଲା,
ଯାହା ଥିଲା ସ୍ପଷ୍ଟ ତାହା ଅସ୍ପଷ୍ଟ ହୋଇଲା ।
ଗୃହେ ଗୃହେ ନିର୍ବାପିତ ପ୍ରଦୀପ-ବର୍ତ୍ତିକା,
ମୁହୂର୍ତ୍ତେ ମୁହୂର୍ତ୍ତର ହେଲା ଜୀବନ-ନାଟିକା ।

Digitized by srujanika@gmail.com

ଅସ୍ପଷ୍ଟ ଯା ଥିଲା ତାହା ହେଲା ସ୍ପଷ୍ଟତର,
ଏକ ପଟ ପଡ଼ୁ ଉଠିଗଲା ପଟାନ୍ତର ।
ଦେବକନ୍ୟାଗଣ ଜାଳି ରତ୍ନଦୀପ ତାରା,
ଝଲକାଇ ଦେଲେ ଦେବ ଦାଣ୍ଡ ବ୍ୟୋମ ସାରା ।
ସାମାନ୍ୟ ଜନତା ହେଲା ନିଦ୍ରାରେ ବିହ୍ୱଳ,
ଉଠିଲେ ଜାଗ୍ରତ ହୋଇ ଭକ୍ତକବି ଦଳ ।
ଯାହା ନିଶା ହୁଏ ସର୍ବଭୂତ ମଣ୍ଡଳର,
ତହିଁ ଜାଗରଣ କବି ଭାବୁକ-ଦଳର ।
ଏହିପରି ଦିନ ରାତି ଯାଏ ଜଗତରେ,
ଜନ୍ମ ଜନ୍ମାନ୍ତର ଲୀଳା କେଉଁ ଉଦ୍ଦେଶ୍ୟରେ ?

ବିରୂପା ତଟେ

(ରାଗ—ରାମକେରୀ)

ନଦୀ ନାମ ଶୁଣି ବିରୂପା ନାମ ପଡ଼େ ମୋ ମନେ,
କୋଟି ବାଲ୍ୟସ୍ମୃତି ଝଲସି ଉଠେ ସ୍ମୃତିକାନନେ ।
ତୋର ରମ୍ୟ ତଟେ ବିରୂପା ଘୋଷେ ଚକ୍ରଧୂଆର,
"କାଳ ପ୍ରତାପରେ ମାନବ କୀର୍ତ୍ତି କେତେ ଅସାର ।"
ତୋ ରମ୍ୟ ପୁଳିନେ ନିମ୍ନଗା ଶୋଭେ ଅସଂଖ୍ୟ ଗ୍ରାମ,
ଉଭା ନୈସର୍ଗିକ ଶୋଭାରେ ତୀର ଦକ୍ଷିଣ ବାମ ।
ପଲ୍ଲୀ-ସୀମନ୍ତିନୀ ପ୍ରଭାତୁଁ ଆସି ତୋ ରମ୍ୟ ତୀରେ,
ସ୍ନାନ କରୁଁ କରୁଁ ହର୍ଷିତ ବାଣୀ ଭାଷନ୍ତି ଧୀରେ ।
ଧଳା କଳା ନୀଳ ଲୋହିତ ଶାଢ଼ୀ ନବୀନାମାନ,
ପିନ୍ଧି ଆସି ନୀରେ ପ୍ରବେଶି ବସି କରନ୍ତି ସ୍ନାନ ।
ଶାଶୁ ନଣନ୍ଦଙ୍କ ଗଞ୍ଜଣା କଥା ଯୁବତୀଗଣ,
ପରସ୍ପରରେ ଗୁପ୍ତେ କରନ୍ତି ତୁଠେ ଅଭିଭାଷଣ ।
ସ୍ୱକାନ୍ତ ସୁହାଗ ବାରତା ସୁହାଗିନୀ କହନ୍ତି,
ଅଭାଗିନୀମାନେ ବିଷାଦେ ନେତ୍ରୁଁ ନୀର ପୋଛନ୍ତି ।
ବୃଦ୍ଧାଗଣ ବଧୂମାନଙ୍କ ଦୋଷଗୁଣ ବଖାଣି
କଳିକାଳ ଢଙ୍ଗ ନିନ୍ଦି ସୂର୍ଯ୍ୟେ ଟେକନ୍ତି ପାଣି ।

Digitized by srujanika@gmail.com

ଯୁବାଗଣ ନୀରେ ସନ୍ତରି ବୁଡ଼ି ଖେଳନ୍ତି ଖେଳ
କେତେବେଳେ ଅବା ବିଭିନ୍ନ କେବେ ହୋଇଣ ମେଳ ।
ବିରୂପା ପଠାରେ ଗୋପାଳେ ରଖି ମେଷ ଗୋଧନ,
ରଖୁଥିଲ ଗୀତ ହରଷେ କରୁଥାନ୍ତି ଗାୟନ ।
ମନେ ପଡ଼େ ଯେବେ ବିରୂପା ତୀର ଶୈଶବ ତଟେ,
ଅହା କି ସୁନ୍ଦର ସେ ଛବି ମୁଗ୍ଧ ହୃଦୟ ପଟେ ।
ଗ୍ରାମ ଗୃହଶାଳୀ ତୋ ତଟେ, ଗୃହ ଥିଲଇଁ ତହିଁ
ତୋ ସ୍ରୋତ ସମାନ ସେ କାଳ ଅହା ଗଲଣି ବହି ।
'ଦୁଇ' ମାଗି ଯାଇଁ ଗୁରୁଙ୍କୁ ବସି ତୋ ଗୃହ ତୀରେ,
ଜଅସ ପ୍ରାଚୀର ଏ ଅଦ ଗଢୁଥିଲି ବାଲିରେ ।
ଗୁରୁଙ୍କ ଭୟରେ ସେ ଖେଳ ଛାଡ଼ି ପଳାଇଁ ଫେରି
ପାଇଁ ପାଇଁ ବେତ ବସିବ ଯେବେ ହୋଇବ ଡେରି ।
ବାଲିଘର ତଢ଼ା ଏ ଭବ ସିନା ଏହି ପ୍ରକାର
ବିଶ୍ୱଗୁରୁଦେବେ ବିଲମ୍ବ ହେଲେ ଦୁଃଖ ପ୍ରହାର ।
ଅଜ୍ଞ ଘର କାଲି ଭାଙ୍ଗିଣି ଯାଏ ଜଳ ପବନେ,
କାଲି ପୁଣି ଅସି ଗଢ଼େ ମୁଁ ସେହି ବାଲି-ଭବନେ ।

ସେହିପରି କେତେ ଆଶାରେ କରେ ଗୃହ ସଂସାର
ବିପଦ ପବନ ବିପକ୍ଷ ନୀର କରେ ସଂହାର ।
ତୋ ପୁଲିନ ବାଲି କଅସ କାହିଁ ଗଲା ଉଭାଇ,
ସେ ଜଳ ବାଲୁକା ସେ ସ୍ଥାନେ ଅଜ ସେ ରୂପେ ନାହିଁ ।
ଅଛି ମାତ୍ର ସ୍ମୃତି ମୋ ପ୍ରାଣ କାହିଁ ଉଭାଇ ଯିବ,
ଜନସ୍ମୃତିପଟେ ମୋ ଗୀତ କେତେ ବଞ୍ଚି ରହିବ !
ପଶ୍ଚିମାଦ୍ରି ତଟେ ବୁଡ଼ଇ କ୍ଳାନ୍ତ ଲୋହିତ ରବି,
ସନ୍ଧ୍ୟା ଦୀପାବଳୀ ବିକାଶେ ବିଶ୍ୱେ ବିକୋଳ ଛବି ।
ଦବେ ଦେବକନ୍ୟା ଦବାନ୍ତେ ନୀଳ ନଭ ଭୁବନେ,
ଜାଳନ୍ତି କି ତାରା-ପ୍ରଦୀପ ବିଶ୍ୱେଶ୍ୱର ଚରଣେ ।
କେତେ ପୁଷ୍ପବନେ ତୋ ତୀରେ ଫୁଲି ନିର୍ଜନେ ଫୁଟି,
ନୀରବେ ହସିଣ ନୀରବେ ଯାଉଅଛି ଜକୁଟି ।

Digitized by srujanika@gmail.com

କେତେ ସ୍ୱର୍ଣ୍ଣ-ଗୋଷ୍ଠୀ ତୋ ତୀର ଗ୍ରାମେ ନବ ଯୌବନେ
ବିଧବା ହୋଇଣ ବଞ୍ଚନ୍ତି ଦୀନ ବିଷଣ୍ଣ ମନେ ।
କେତେ ଫୁଲ୍ ଖେଳି ପବନ ସଙ୍ଗେ ରମି ହସନ୍ତି,
କେତେ ନବବାଳା ଯୁବକ କାନ୍ତ କୋଳେ ରମନ୍ତି ।
ଦିନ ନ ସରଇ ଅହା ରେ ! ନବ ତରୁଣୀଙ୍କର
ନିର୍ଜ୍ଜନ ଶ୍ମଶାନେ ଝରିଲ ବାଳା ଲୋଚନୁଁ ଝର ।
ମୃତପତି ସ୍ମୃତି ସଙ୍ଗୋଳି କରି ନବୀନା ସତୀ,
କ୍ଷିଣିର-ପଦ୍ମିନୀ ପରିଏ ବଞ୍ଚେ ବିଷାଦେ ଅତି ।
କେତେ ଦୀନ ସାଧୁ ପୁରୁଷେ ପଲ୍ଲୀଗ୍ରାମ ନିବରେ
ଅପ୍ରଗଲ୍‌ଭେ ପର-ମଙ୍ଗଳ ସାଧି ସ୍ୱଜୀବନରେ
ଜୀବନ ମୁଞ୍ଚିଣ ଯାଆନ୍ତି ଲୋକେ କରନ୍ତି 'ଅହା'
ଦିଗ୍‌ବିଜୟୀ ବୀର ପ୍ରାଣାନ୍ତେ ପାଇ ନ ପାରେ ଯାହା ।
ଅଛି ଆପ୍ତ ବାକ୍ୟ "ପ୍ରାଣୀର ଭଲ ମନ୍ଦ ଯା ବାଣୀ,
ମରଣ କାଳରେ ସଂସାର ଲୋକେ ପାରନ୍ତି ଜାଣି ।"
ଭଲ ପାଏ 'ଭଲ' ପଦବି ମନ୍ଦ 'ମନ୍ଦ' ବଚନ,
'ମନ୍ଦ' ନାମ ଘେନି ମଲେ ବ୍ୟର୍ଥ ଯାଏ ଜୀବନ ।

ତୋ କୂଳ ବକୁଳ ତମାଳ ତଳେ ଗହଳ କୁଞ୍ଜେ,
ଗୁଣୁ ଗୁଣୁ ଅଳି ଉଡ଼ନ୍ତି ନିକାଞ୍ଚନରେ ଗୁଞ୍ଜେ ।
ଏହୁ ସେ ବିରୂପା ଯା ତଟେ ମୋର ବାଲ୍ୟ-କୁଟୀର,
ଯା ତୀରେ କାନନ ପର୍ବତ ଦିଶୁଥିଲା ସୁନ୍ଦର ।
ମନେ ପଡ଼େ ଦେଖୁ ଥିଲଇଁ ବାଲ୍ୟେ ନିସର୍ଗ ଶିରୀ,
'ଅସିଆ', 'ଅଳତି', 'ଉଦୟଗିରି', 'ଲଳିତଗିରି'
ସେ 'ଛଟିଅକୁଦ', 'ଛତର ତୋଟା', 'ହାଡୁଅପାଳ'
ଯା ଦର୍ଶନେ ଫେରି ଆସଇ ପ୍ରିୟ ଶୈଶବକାଳ ।
ଏହୁ ପାଳକୁଦ ତୋଟାରେ ପରି ଡାଆଣୀମାନେ
ସେକୁଥାନ୍ତି ନିଆଁ ଜଳାଇ ନିଜ ନିଜ ସନ୍ତାନେ ।
ମଶାଲ ହାତରେ କୂଳରେ ବାସୁଳେଇ ଦଉଡ଼ି,
ଖରକୁଣୀ ବୁନ୍ଦୁଁ ବୃଷାନ୍ତେ ପାଉଥିଲା ସେ ଉଡ଼ି ।

Digitized by srujanika@gmail.com

"ପିଞ୍ଜୁଲେଇ ବର ଭେଡ଼ା"ରୁ କୋକିଶିଆଳୀ ସ୍ୱନ
କି ରହସ୍ୟପୂର୍ଣ୍ଣ ଆବେଶ କରୁଥିଲା ଉତ୍ପନ୍ନ ।
"ବେଲ ଗଡ଼ିଆ"ର ଶ୍ମଶାନେ ସୂରେ ଫେରଣ୍ଡା ରବ,
ଭଲ୍ରିପଥର ବାଘର ଆସୁଥିବା ସମ୍ଭବ ।
ମହାବଳ ଘୋର ନିଶୀଥେ କରୁଁ ଘୋର ଗର୍ଜନ,
"ବିଲ ଛୋଟା" କଥା ବଣରେ; ଆତଙ୍କିତ ମୋ ମନ ।
ଶୋଇ ପଡ଼ିଥିଲି ଦାଣ୍ଡରେ ଏକୁଟିଆ ମୁଁ ଥରେ,
ନାମ ଧରି ମୋର ଡାକିଲା କିଏ ରଜନି-ଅର୍ଦ୍ଧରେ ।
ତହିଁଆର ଦିନ ସକାଳୁଁ ସୀତା ଅପା କହିଲା,
"ଏହା ନାମ ଧରି ରଜନିରେ କିଏ ଏତେ ଡାକିଲା ?"
"ତୁଣ୍ଡରୁ ବାହାରିଲା ତା ମାତା ଡାକୁଥିଲା ତାହାକୁ"
ବଳିଗଲା ମୋର ଆତଙ୍କ ମୃତ ମାତୃ-ମାୟାକୁ ।
କାନ୍ଦିଲେ ଜନନୀ ଡରାନ୍ତି 'କକରୁଆ' ନାମରେ,
କକରୁଆ କିନ୍ତୁ ନୟନେ ନ ଦେଖିଲି ମୁଁ ଥରେ ।
ଶୁଣିଲି ତା ଶବ୍ଦ ରଜନିରେ ଥରେ ଉହଁଠବେଳେ,
କିନ୍ତୁ ଜାଣେ ତାହା "କୁମୁଦ ଅପା" ଉଠାଣି ଛଳେ ।

ଥରେ "ତାଳଚଣ୍ଡେ" ବାଉଁଶ ଭଡ଼ା ଉପରେ ପାରି,
ଦେଖିଁ, କେତେ ଥିଲି ମନାସ ଉଡ଼ି ମାଡ଼ିଲା ଭରି ।
ପଛୁଦେ ଥାଇଁଶି ସାଧବ ଅପା ତାହା ଶୁଣିଲା,
ଯଥାସମୟରେ ସଭିଙ୍କ ଆଗେ କହି ହସିଲା ।
ଶୁଣି ତା ଯେ ଲଜ୍ଜା ହୋଇଲା ତାର ନାହିଁ ବର୍ଣ୍ଣନ
ବଡ଼ଦିନେ ଲାଜ ମାଡ଼ଇ ତାହାହେଲେ ସ୍ମରଣ !
ମନେ ଅଛି ଥରେ ଗୁଡ଼ଉଣି ମାତା ପୁରୁଷୋତ୍ତମ—
ଯେବେ ଯାଇଥିଲେ, ମୋ ମନ ହୋଇଥିଲା ଉଚ୍ଛନ୍ନ ।
ଯେବେ ରାମଲୀଳା ଯାତରା ହୁଏ ଗ୍ରାମ ଦାଣ୍ଡରେ,
ପଲକ ନ ପଡ଼େ ସେ ରଜନେ ଆଜ ମୋର ନେତ୍ରରେ ।
ରାମ ଲକ୍ଷ୍ମଣଙ୍କ ଚରିତ ସୀତା ଦେବୀ କଷଣ
ଶୁଣି ନେତ୍ରୁ ନୀର ଝରଇ ରକ୍ଷସ ଯେ ଭୀଷଣ ।

Digitized by srujanika@gmail.com

ପିଲାଦିନେ ଥିଲା ପ୍ରଗାଢ଼ ନିଷ୍ଠା ଦେବତାପ୍ରତି
ନ ଫେରିଲା ଆଜି ଏ ପ୍ରାଣେ ସେହି ଦୃଢ଼ ଭକତି ।
ପ୍ରତି ସୋମବାର "ଈଶାନେଶ୍ୱର" ଦେବଙ୍କ କତି
ଯାଇ ଅଣୁଥିଲି ଚନ୍ଦନ ଭୋଗ ଶ୍ରୀ ବିଲ୍ୱମଞ୍ଜରୀ ।
ରଜ ଯାତ୍ରାଦିନ ଥରେ ମୁଁ ଗଲି ଅଲତଗିରି
ଗିରିଶିଖେ ଚଢ଼ି ଦେଖିଲି ନେନେ ନିସର୍ଗ ଶିରୀ ।
ନୀଳ ବେଣୀ ସମ ଦିଶିଲ ତୁମ୍ଭେ ଗୋ ସ୍ରୋତସ୍ୱତି !
ପ୍ରଶସ୍ତ କେଦାର ଯେସନ ଶାକ ପଟାଳୀ ତଥି ।
କେତେ କେତେ କଥା ବିରୂପା ତାଳ ଅତୀତ ସ୍ରୋତେ
ତୋ ଜଳ ବୁଦ୍‌ବୁଦ ସମାନ ଏବେ ଅଦୃଶ୍ୟ ମୋତେ ।
'ପୋତା ପୋଖରୀ'ର କୂଳରେ ମଲା ମଣିଷ ମୁଣ୍ଡ
ତାର ଚଉପଟି କଙ୍କାଳ ଅସ୍ଥି ବ୍ୟାଦାନ ତୁଣ୍ଡ ।
ଅଣ୍ଟା ଗୋଡ଼ ହାଡ଼ ଶୃଗାଳେ ସବୁ ପଡ଼ ଯା ଥିଲା
ରାତେ ସେ ସ୍ୱପନେ ଆସିଣ ଯଷ୍ଟି ଧରି ନାଚିଲା ।
ମରିଥିଲା ଜଣେ ତରୁଣୀ ସନ୍ନିପାତ ରୋଗରେ,
ପାଉଁଶିଆ ବର୍ଣ୍ଣ ଦେଖିଣ ଥିଲି ପାଣ୍ଡୁ ଗଣ୍ଡରେ ।

କେମନ୍ତ ସୁନ୍ଦର ଥିଲା ନମ୍ର ଚମ୍ପା ଗଉର ଦେହ,
କରିଥିଲା ମୋତେ ଶୈଶବେ ସେହୁ କେତେ ସେନେହ ।
କେଉଁରୂପେ କେଉଁ ଅଜଣା ଦେଶେ ଗଲା ସେ ଚାଲି
ବିରୂପା ଶଯ୍ୟାରେ ଶୋଇଣ ବୃଦ୍ଧି କଲା ତା ବାଲି ।
କୁମ୍ଭୀର ଗଭୀର ଗାତରେ ମନ୍ତ୍ରୀ ଘରର ଝିଅ
ନରମୁଣ୍ଡମାନ ଦେଖିଲା ହଉଥିଲେ ସଭିଏଁ ।
କହିଲେ ଅମ୍ଭଙ୍କୁ ଆଣିଣ ତୋହପର ରଖିଲା,
ଶେଷକୁ ଖାଇଣ ଅମ୍ଭର ମୁଣ୍ଡ ଏଠି ଟାଙ୍ଗିଲା,
ପଳା ପଳା ଯେବେ ନୋହିବୁ ତୁ ଲେ ଜୀବନ ତ୍ୟାଗୀ,
ତୋ ପାଇଁ ସୁନ୍ଦର ! ରଜାର ପୁଅ ହୋଇଛୁ ଯୋଗୀ ।
ମାରାତ୍ମକ ରୋଗ-ସଙ୍କଟେ ପଡ଼ନ୍ତେ ମୋ ଜୀବନ
ଦେବତାଙ୍କ ପଦେ ଜନନୀ କଲେ ମୋତେ ଅର୍ପଣ ।

Digitized by srujanika@gmail.com

କହିଲେ, "ମୋ ପୁତ୍ର ବଞ୍ଚିଲେ ଏଥୁଁ ଗାଦିଗୋସାଇଁ
ନବମ ବରଷେ ବୈରାଗୀ ତାଙ୍କୁ ଦେବ କରାଇ ।"
ସେହି ହେତୁ କିବା ଜନନୀ ଏ ମୋ ଉଦାସ ପ୍ରାଣ,
ସଂସାର ମର୍ଯ୍ୟାଦା ସମ୍ପଦେ ନ ବଳଇ ମୋ ମନ ।
କିପାଁ ତେବେ ପ୍ରାଣ ଜନନୀ ! ଲୋକେ ଧନ ଅର୍ଜ୍ଜନ-
ପାଇଁ କରୁଛନ୍ତି ଦିବସ ଯାମୀ ସମୁତ୍ତେଜନ ?
ଦାଣ୍ଡି ଗୋଡ଼ିବାଣ ମାଳତୀ ଜାମୁ ନାରଙ୍ଗ ଡାଳ
ପିଜୁଳି ପିଅସ୍ର ନଅରକୋଳି ବେତ ରସାଳ ।
ନଳିତା ବାଡ଼ିର ବାଡ଼ରେ କଣ୍ଟିଆଳୀ କାକୁଡ଼ି
ମୋ ସ୍ମୃତି ଗଗନେ କାହିଁକି ଆସେ ବଳେ ଦଉଡ଼ି ।
କାଲିର ସ୍ୱପନ ପରି ଏ ମୋତେ ଲାଗଇ ସବୁ
ଚିର ବିଦାୟ ସେ ନେଇଛନ୍ତି କିନ୍ତୁ ବାସ୍ତବ ଭବୁଁ ।
ଗୁଡ଼ିଆ ସାଇର ବଉଳ ଗଛ, ମଠ ତମାଳ
'ବାଲିଗଡ଼' ବୋଲି ସେପାରି ଗ୍ରାମେ କମାରଶାଳ ।
'ଗାଆଁ ତଳ' 'ବେଲ ଗଡ଼ିଆ' ନାଳ ବନ୍ଧେ ମହାଳ
'ଛତ୍ର ତୋଟା' ଅମ୍ବ ବଗିଚୁ 'ଦର୍ଘା ପର୍ବତ' ଡାଳ ।

ଡାକ ଚଣ୍ଡି ପୋଡା ପୋଖରୀ ବୋଲି ତୋଟା ପଡ଼ିଆ
ମାଣ୍ଡିକା ପାହାଡ଼, ଅଲମ ଗିରି, ସଙ୍ଗେ ଅସିଅ,
ଲଳିତଗିରିରେ ଚନ୍ଦନ, ଗୁମ୍ଫା ଉଦୟଗିରି,
କ୍ଷୋଭ ପୁଅ ମାଅ ପର୍ବତ ବାଙ୍କେ ତୋ ତୀର ଶିରୀ !
ନାରାୟଣ-ଚଣ୍ଡୀ ତନୟା ପିଙ୍ଗୁଳେଇ ସୁନ୍ଦରୀ
ଘୋଡ଼ା ଚଢ଼ି ପରି ନାଶୀଥେ ଗ୍ରାମେ ଥାନ୍ତି ପ୍ରହରୀ !
ନିଃଶବ୍ଦ ରାତିରେ ମଶାଲ ଜଳେ ନିଶା ଗର୍ଜନେ
ଦାଣ୍ଡେ ନଈ ନାଳ-ବନ୍ଧରେ ଗୁଲିଯାନ୍ତି ଝଣଝଣେ ।
ସାତଣ୍ଟ ତରୁଣ ଡାଙ୍କୁଣୀ ଯୋଗିନୀଙ୍କ ଭଜଣୀ
ଅସିଲେ କାଳସୀ ଲାଗଇ, ଦୁଏ ଅତଙ୍କ ଶୁଣି ।
ବୁଢ଼ୀ ଖାଏ ପିଲା ଭେଣ୍ଡିଆ ରାଣ୍ଡି ସଧବା ବାଳା,
ସଙ୍ଗାତ୍ରୀରେ ଯାନ୍ତି ମଶାଣି ଶବ ମାଳାକୁ ମାଳା ।।

Digitized by srujanika@gmail.com

"ହରି ହରି ବୋଲ" ଶୁଣିଥେ ନଭେ ପ୍ରତିଧ୍ୱନିତ,
ଶୁଣି କଣ୍ଠାଗ୍ରତ ଜୀବନ ଥର ଉଠଇ ଶତ୍ରୁ ।
ଚରଡ଼ା ପତର ସମାନ ଥରେ ଅଷ୍ଟାଙ୍ଗ ଶିର
ଘୁଞ୍ଚୁଣି ବାନ୍ଧବୀ ଜନନୀ କରୁଥାଆନ୍ତି ସ୍ଥିର ।
ସପ୍ତା ହୋମ ଯଜ୍ଞ ମାର୍ଜନା ହୋନ୍ତି ଗ୍ରାମର ଚଣ୍ଡୀ
ଡମୁହାଣୀ ଛଳେ ଦିଅନ୍ତି ଛେନା ପଣାର ହାଣ୍ଡି ।
ଅଦଭୁତେ ଅସି ଡାକୁଣୀ ପଣା ପିଇ ଦିଅଇ
ଝୁଣା ଗୋଗୁଳର ଗନ୍ଧରେ ଗ୍ରାମ ମହକୁଥାଇ ।
କାଳସୀ କହଇ, 'କା' ଘରୁ ଯିବ କେତେଟା ମୁଣ୍ଡ,
କାହା ପାପଫଳେ ଘଟିଲା ଏହି ଦଇବ ଦଣ୍ଡ ।
"ହଟୁ ନାହାନ୍ତି ସେ ଡାକୁଣୀ କରୁଅଛନ୍ତି ଅଳି
ଅତିକଷ୍ଟେ ନିଜ ଗ୍ରାମକୁ ରଖୁଅଛନ୍ତି ବାଳୀ ।"
ଅନ୍ୟ ଗ୍ରାମ ପ୍ରାନ୍ତେ ନେଇଣ ଛୁଡ଼ି ଦେଇ ଅସନ୍ତି
ସେ ଦିନୁ ସେ ଗ୍ରାମେ ଲାଗିଯାଏ ଝାଡ଼ା ଓ ବାନ୍ତି ।
କାହିଁ ଗଲା ବୁଢ଼ୀ ଡାକୁଣୀ କାହିଁ ଗ୍ରାମଦେବତା
ବିଜ୍ଞାନେ ପଢ଼ିଲି ବ୍ୟାଧିର ହେତୁ ବୀଜାଣୁ କଥା ।

ନାହିଁ ଆଜ ଭୟ ଅଛଇ ସେହି ଶୈଶବ ସ୍ମୃତି
ସ୍ୱପ୍ନ-ଦୃଷ୍ଟ ଭୟ ସମାନ ଛୁଟିଅଛି ସେ ଭୀତି ।
ସୁଦୂରେ ବସିଲେ ଯେ ଛବି ବାଲ୍ୟଜୀବନତଟେ
ଉଭାସଇ କପାଁ ଆହା ସେ ଆଜ ମୋ ସ୍ମୃତି-ପଟେ ।
ସେ ମଧୁର ବାଲ୍ୟଜୀବନ ମଧୁ-କବିତାମୟ
ବିଷମ ଜୀବନ-ସଂଗ୍ରାମ ବେଳ ଯୁବା ସମୟ ।
ମନେ ପଡ଼େ ଯେବେ ଶୈଶବେ ବସି ଉଷାକାଳରେ
ନିବେଶୁଥିଲି ମୁଁ ନୟନ ଦୂର ଚକ୍ରବାଳରେ
କି ଅପୂର୍ବ ଭାବ ମୋ ହୃଦେ ଦଗବଳୟ ରେଖା
ଆଣି ଦେଉଥିଲା ଅଛଇ ସ୍ମୃତିପଟେ ତା ଲେଖା ।
ସେ ଲେଖା ଦେଖାଇ ପାରନ୍ତି ଯେବେ ପ୍ରାଣୁଁ ଉଙ୍କାଇ
ମନ ପୂରଇଣ ଦେଖନ୍ତେ ସର୍ବ ଦେଖଣାହାର ।

Digitized by srujanika@gmail.com

ଚନ୍ଦ୍ରବାଳରେଖା ଦେଖାଉଥିଲି ଅନନ୍ତ ପ୍ରୀତି
ପ୍ରକୃତିଦେବୀଙ୍କ ନିଃଶବ୍ଦ ଚିର ପ୍ରାଣସ୍ପୃ ଗୀତି ।
ତୁଙ୍ଗ ବିହାୟସେ ଦେଖଇ ଯେବେ ବିହଙ୍ଗପନ୍ତି
ଶୈଶବ ସ୍ମୃତିଏ ହୃଦୟାକାଶେ ଉଡ଼ି ଅସନ୍ତି ।
ଆଶାୟୀ ମାନବ ଭବିଷ୍ୟ ଅଙ୍କେ ଭୁଞ୍ଜଇ ସୁଖ,
ମୋର ଅନ୍ତରାତ୍ମା ନିରତେ ସ୍ମରେ ବିଗତ ସୁଖ ।
ଅତୀତ ହସ୍ତରୁ ନିଜକୁ ନ ପାରଇ ଛଡ଼ାଇ,
ଅତୀତର ଦାସ ମୁହିଁ, ମୋ ସୁଖ ଅନ୍ୟତ୍ର ନାହିଁ ।
କେତେ ଦ୍ୱୀପ ଦେଶ ଦେଶାନ୍ତ ପୋତ-ବାଣିଜ୍ୟ ଯାଏ
ଚଞ୍ଚଦଗେ ଚଉକୋଣକୁ କେତେ ମୁଖ ଫେରାଏ ।
ଅୟସ୍କାନ୍ତ-ମଣି ଯେସନ ସଦା ଉତ୍ତରମୁଖୀ
ଅତୀତ ଜୀବନ ଅଡ଼କୁ ଚାହିଁ ହୁଏ ମୁଁ ସୁଖୀ ।
ଅତୀତ-ଗର୍ଭେ ଅଛଇ ଯେତେ ସ୍ମୃତି-ସଞ୍ଚିତ,
ଟାଣିଲେ ବହୁତ ବରଷ ନ ସରିବ ମୋ ଗୀତ ।
ନିସର୍ଗର ଲୀଳାକ୍ଷେତ୍ରରେ ବିଧାତାଙ୍କ କୃପାରୁ
ପାଳିତ ହେଉଛି କଳ୍ପନା ଅତି ଶୈଶବକାଳୁଁ !

ନିର୍ଜ୍ଜନକୁଟୀରୁଁ ବାହାରି ହେଲେ ନୟନ ଅଗେ
ଗିରିନଦୀ ବନପ୍ରାନ୍ତର ନାଚୁଥିଲେ ସରାଗେ ।
ପଶ୍ଚିମାଶାତଟେ ତପନ ଯେବେ କାଞ୍ଚନ ଥାଳି
ଚାହିଁ ନିର୍ନିମେଷ ଭୁଲଇ ବାଲ୍ୟ-ଘଟଣାବଳୀ,
ଏ ଛବି ମଧ୍ୟରେ ପଡ଼ଇ ପୁରାତନର ଛାୟା
କେହି ନ ପୁଛଇ ଯାହାକୁ କପାଁ ଏତେ ତା ମାୟା ।
ତୋ ତଟପଠାରୁ ବିରୂପା ଫେରେ ଗୋଷ୍ଠେ ଗୋଧନ
ଗୋଧୂଳି ଗଗନ ହୁଅଇ ଧୂଳି-ଧୂମ-ଆଚ୍ଛନ୍ନ ।
ଦୀର୍ଘଛାୟା ଯାଏ ମିଳାଇ ଘନ ଛାୟାନ୍ଧକାର
କାନନକନ୍ଦର ଖୋଲରୁ କ୍ରମେ ହୁଏ ବାହାର ।
ମିହିର ବିମ୍ବକୁ ଅନାଇ ଗଛ ବାଡ଼ ଉହାଡ଼େ
ଭାବେ କ୍ଷଣେ ଦିବ୍ୟଦୃଷ୍ଟିକୁ ଏଡ଼ି ଯିବ କୁଆଡ଼େ !

Digitized by srujanika@gmail.com

ନିମେଷେ ନିର୍ଭୟେ ବାହାର ଘୋଟିଯାଏ ଭୁବନ
ନଦୀ ପରପାରେ ସେ ଧ୍ୱାନ୍ତେ କରେ ଶିଶୁ ଦର୍ଶନ,
ଯେସନ ନୂତନ ପାତକୀ ପାପ ବାସନା-ଧ୍ୱାନ୍ତ
ବିବେକ-ଭାସ୍କରେ ଅନାଇ ଭୀତ ହୁଏ ଏକାନ୍ତ ।
କିଛୁକ୍ଷଣେ ପୁଣି ବାହାର ଘୋଟେ ପ୍ରାଣ-ଆକାଶ
ଆନନ୍ଦ-ଆଲୋକ ଜୀବନାକାଶୁଁ କରେ ବିନାଶ ।
ଧ୍ୱାନ୍ତ-ଅନ୍ତେ ଇନ୍ଦୁଚନ୍ଦ୍ରିକା ଧାର ଢାଳେ ଯେସନ
ପାପ ଅନ୍ତେ ବିଭୁ କରୁଣା ଶାନ୍ତି-ସୁଧା ତେସନ ।
ଭୀତି ସଙ୍ଗେ ମଧ୍ୟ ଜଡ଼ିତ ମଧୁମୟ ଆନନ୍ଦ
ନ ଲଭିବ ଫେରି ଆସିଲେ ମୋତେ ଶୈଶବ ମନ୍ଦ ।
ଶୈଶବ, ହରଷ, ବିଷାଦ, କ୍ରୀଡ଼ା, କୌତୁକ, ଭୟ,
ସ୍ନେହ, ପ୍ରେମ, ହାସ୍ୟ, ରୋଦନ, ନୃତ, ମୋହେ ହୃଦୟ ।
ବାର ମାସେ ତେର ପାର୍ବଣ ଓଷାବାର ବିବାହ
ନବଶିଶୁ ଜନ୍ମ ନବାନ୍ନ ଗୃହ-ପ୍ରତିଷ୍ଠାଚୟ.
ଶ୍ରାଦ୍ଧ, ନବବଧୂ-ଆଗମ, ପଞ୍ଚାମୃତ, ବଣ୍ଟୋରା,
ବନ୍ଧୁ-କୁଣିଆଙ୍କ ଆଗମ କିବା ଆନନ୍ଦଭର !

* *

ଭୁଲିଯାଏ ଯାହା ସଂସାରୁ ହୁଏ ସେ ପୁରାତନ
ସଂସାରି ନୂତନ-ନିବନ୍ଧ ନ ଫେରାଏ ନୟନ ।

କିନ୍ତୁ ରେ ଏ କିସ ଆଶ୍ଚର୍ଯ୍ୟ ! ସେହି ମୃତ ଅତୀତ
ସ୍ୱପ୍ନ ଛାୟା ପରି କରଇ ଅଭିଭୂତ ମୋ ଚିତ୍ତ ।
ନିସ୍ତବ୍ଧ ନିଶୀଥେ ନିର୍ଜ୍ଜନେ ନିଶା କରେ ଗର୍ଜ୍ଜନ
ମନେ ପୁରାତନ ସେ ସ୍ୱନେ କରେ ହୃଦେ ବେଦନ ।
ତରୁଣ ତପନ ଅରୁଣ ପଛେ ଆସି ଭୁବନେ
ଚୁମ୍ବନ୍ତି କାଞ୍ଚନ-ବିଭାରେ ହେମମୟ କିରଣେ ।
ସେ ଦ୍ୟୁତିରେ ସେହି ଅତୀତ ନିହୁଥାଏ ତା ଛାୟା,
ଭୁଲିଗଲି ଯାହା କିପାଁଇ ଏବେ ତାହାର ମାୟା !

Digitized by srujanika@gmail.com

ବିଭାତେ ବିହଙ୍ଗ-ନିସ୍ୱନେ ଶୁଣେ ଅତୀତ-ବାଣୀ
କୁହୁ ସ୍ୱନେ 'କୁହୁ' ଛଳିଛି ଶୁଣି ପାରେ ମୁଁ ଜାଣି ।
ପ୍ରଫୁଲ୍ଲ ପ୍ରସୂନ କହଇ ପୁରାତନ ବାରତା,
ଅସ୍ତୋନ୍ମୁଖ-ଭାନୁ ମଣ୍ଡଳେ ଲେଖା ଅତୀତ କଥା ।
କୁଳୁ କୁଳୁ ନାଦେ ବିରୂପା ବହେ ସିନ୍ଧୁ-ସଙ୍ଗମେ
ସୁଲ୍ ସୁଲ୍ ସ୍ୱନେ ପବନ ହୁଏ ଦିକ୍‌ଦେଶେ ଗମେ ।
ସବୁରି ମଧ୍ୟରେ ଅତୀତ କହେ ନିଜ କାହାଣୀ,
ଦୂର ବଂଶୀସ୍ୱନ ପରିଏ ସଦା ଶୁଭେ ସେ ବାଣୀ ।
ପ୍ରାବୃଟେ ନବୀନ ନୀରଦେ ପୁରାତନର ସ୍ମର,
ଅହା ଗୁଲ୍‌ଗଲ୍ ଥରେ ଯେ ପୁଣି ଫେରଇ ନାହିଁ ।
କାନନ କାସାର କୂଳରେ ଊର୍ଦ୍ଧ୍ୱ ଶାଖ ବକୁଳ
ପୁଂସ୍କୋକିଳ କଳ ନିସ୍ୱନେ ବନବାଳା ଆକୁଳ;
ଗ୍ରାମବାଳା ଜଳ-କଳସୀ କରେ ଶୁଣେ ସେ ସ୍ୱରେ
କୂଳରେ ବକୁଳ ମୂଳରେ ବସି ତୁଠ ଉପରେ;
ଊର୍ଦ୍ଧ୍ୱେ ନୀଳ ନଭ, ଚୌଦିଗେ ନୀଳଗିରି ନିକର
ପ୍ରକଟେ ଶୋଭଇ ଦିଗନ୍ତ-ବ୍ୟାପୀ ଶ୍ୟାମ ପ୍ରାନ୍ତର,

କାଞ୍ଚନ କେଦାରେ କାଞ୍ଚନ-କାନ୍ତି ସୁପକ୍ୱ ଶାଳି
କି ଲାବଣ୍ୟମୟ ଦିଶଇ ଭୁଲି ଯିବ କି ଥାଳି,
କାହିଁ ଅବା ଧାନ୍ୟ-କେଦାର ଦିଶୁଥାଇ ସାଗୁଆ
ପନ୍ନ ଛିନ୍ନ ଛିନ୍ନ କଅଁଳ ଭୁଲି ଶୁଆପକ୍ଷିଆ ।
ତାହାରି ମଧ୍ୟରେ ଦେଖଇଁ ଅତୀତର ମୁଁ ଛାୟା,
ପ୍ରାଣ ମୋର କିଣି ନେଇଛି ସେହି ଅତୀତ ମାୟା ।
ଯେଉଁ ଆସ୍ଥା ମୋହ ମଧ୍ୟରେ ସେହି ବିଶ୍ୱ ସଂସାରେ
ମହୀ ଅନ୍ତରୀକ୍ଷ ବ୍ୟାପିଣ ସାରା ଏ ଚରାଚରେ,
ଗିରି ଜନପଦ ନଗରେ ଜଳେ କାନନେ ସ୍ଥଳେ
ସଜନେ ବିଜନେ ତଟିନୀ ତଟେ ଜଳଧି ତଳେ,
କଠିନ ତରଳ କୋମଳ ଚଳ ଚଞ୍ଚଳ ସ୍ଥିରେ
ଦୀପ୍ତ-ଧ୍ୱାନ୍ତେ ପ୍ରାଣେ ମରଣେ ନିସ୍ତବ୍ଧତା ବା ଗିରେ,

Digitized by srujanika@gmail.com

ସୁନ୍ଦର ତାରକା-ଲୋକରେ ତୁଚ୍ଛ ଧୂଳି-କଣାରେ
ତରୁଲତା ପୁଷ୍ପ ପଲ୍ଲବେ ବଂଶୀ ବାଦ୍ୟ ବୀଣାରେ
ସେହି ଏକ ଆତ୍ମା; ନୋହିଲେ ମୋ ଆତ୍ମାରେ କିପାଇଁ
ସାରା ସଂସାରର ମାୟାରେ ଯାଏ ମୋ ପ୍ରୀତି ଧାଇଁ ?
ସେମାନେ ଯା, ଥିଲି ପୂର୍ବେ ମୁଁ ତା ହୋଇ ଅତୀତେ,
ତେଣୁ ଆକର୍ଷଣ ତାଙ୍କର ବସ୍ତାରେ ବା ମୋ ଚିତ୍ତେ ।
ମୋ ମଧ୍ୟେ ଯା ଅଛି ଅଛଇ ଜଡ଼ ଉଦ୍ଭିଦ ଲୋକେ,
ଚିନ୍ତାଇ ଭୁଞ୍ଜଇ ଜଗତ ମୁଁ ମୋ ଆତ୍ମା-ଆଲୋକେ ।
ଜ୍ଞାନ ଇଚ୍ଛା ପ୍ରେମ ସ୍ୱରୂପେ ଆତ୍ମାରେ ଯେ ଅଛଇ
ମୋର ଲୋମକୂପେ ସେ ଆତ୍ମା ସଞ୍ଜୀବିତ କରଇ ।
କି ଲୋଡ଼େ ଏ ପ୍ରାଣ ମୋହର ମୁଁ ଯେ ନ ପାରେ କଳି
ଅନୁଦିନ ପ୍ରାଣ ପ୍ରୟାସ ଯାଏ କଳ୍ପନା ବଳି;
ଉଦ୍ଦାମ ଅନ୍ତର ଏ ମୋର ଆଳେ ବୋଧ ନ ମାନେ,
କେଉଁ ଦୂର ଦେଶେ ଗମଇ ଚଢ଼ି କଳ୍ପନା-ଯାନେ;
ଗିରି ନଦୀ ବନ ପ୍ରାନ୍ତର ବସୁନ୍ଧରା ବାରିଧି
ରବି ଚନ୍ଦ୍ର ତାରା ନକ୍ଷତ୍ର ସୌର ସୃଷ୍ଟି ପରିଧି—

କେଉଁ ଅବଜ୍ଞାତ ଲୋକରେ କରେ ମନ ଭ୍ରମଣ,
କେଉଁ ଦୂର ଦେଶ ବାରତା ଶୁଣେ ମୋର ଶ୍ରବଣ !
ଅଛି ଯାହା ତହିଁ ମୋ ମନ ନ ମାନଇ କିପାଇଁ,
ଶୁଭୁଅଛି ଦୂର ଆହ୍ୱାନ ଜାଣି ପାରଇ ନାହିଁ
ଅସ୍ପଷ୍ଟ ଛବି ଏ କାହାର ଦେଖୁଅଛି ନୟନ
ସୁସ୍ପଷ୍ଟଭାବରେ ନ ଦେଖା ଦିଏ ମନ-ମୋହନ ।
ଯେତେ ଦୂର ଯାଏ ତେତିକି ଦିଗବଳୟ ରେଖା
ଅପସରି ଯାଇ ସୁଦୂରେ ମୋତେ ଯାଏ ରେ ଦେଖା ।
ଦଉଡ଼ି ଦଉଡ଼ି ତାହାକୁ ନ ପାରଇ ମୁଁ ଧରି
ଚକ୍ରବାଳ ପଛେ ଧାଇବା କେବେ ନ ଯାଏ ସରି ।
ଏହା କି ବିଧାତା ବିଧାନ ଯେତେ ଦୂର ଯେ ଯାଏ
ଦୂରତର ଦେଶ ସୌନ୍ଦର୍ଯ୍ୟ ତାର ନୟନ ପାଏ ।

Digitized by srujanika@gmail.com

ଯେଉଁ ପକ୍ଷୀ ଯେତେ ଉଡ଼ଇ ସେତେ ଦୂର ଦେଶର
ବାର୍ତ୍ତା ବହ୍ୱାପ୍ରସ-ଚରକୁ ହୋଇଥାଏ ଗୋଚର ।
ଆତ୍ମା ବିହଙ୍ଗମ ଉଡ଼ଇ ଭୂମା କଳ୍ପନାମ୍ବରେ
ଯେତେ ଦୂର ଉଡ଼େ ସେତକି ଆଶା ଜାଗେ ଅନ୍ତରେ ।
ଅନନ୍ତ ଆକାଶେ ଅନନ୍ତ କାଳ ଉଡ଼ିବ ପରା,
ଅନନ୍ତ ଉନ୍ନତି ତା ଲକ୍ଷ୍ୟ କେବେ ନ ଦେବ ଧରା ।
ଧରା ଦେଲେ ହେବ ସନ୍ତୁଷ୍ଟି, ସନ୍ତୁଷ୍ଟି ହିଁ ମରଣ,
ମରଣ-ଅତୀତ ଶାଶ୍ୱତ ମାନବର ଜୀବନ ।

* * * *

କେଉଁ କବିତା ମୁଁ ଲେଖିବି କିସ ବାଛି ନେବଇଁ,
କି ଚିର ସୌଭାଗ୍ୟ ମୋ ଭାଗ୍ୟେ ଅଛି ଭବିଷ୍ୟେ ରହି ?
କେଉଁ କାବ୍ୟ ଲେଖି ମୋର ଏ କ୍ଷୁଦ୍ର କବି ଜୀବନ
ଚରିତାର୍ଥ ହେବ ଜାଣିବା ପାଇଁ—ଉଦ୍‌ବିଗ୍ନ ମନ !
ପ୍ରାଣେ କି ଅବ୍ୟକ୍ତ ଆବେଗ ଉଠୁଅଛି ନିୟତ,
ସେତେ ଜଳାଜ୍ୱଠେ ସେ ବନ୍ଧି ଯେତେ କରେ ସଂଯତ ।

ଜାଣେ ମୁଁ ଜୀବନ-ଉଦ୍ଦେଶ୍ୟ ମୋର ଏହି ଲେଖନୀ,
ମୃତ୍ୟୁ ପରେ ମନେ ରଖିବ କିଛି ଦିନ ଧରଣୀ,
ଏ ମୋର ପରାଣ-କାମନା ହେଲେ ହେବ ସଫଳ
ନ ହେଲେ ମୋ ଜନ୍ମ ଧରାରେ ହୋଇଯିବ ବିଫଳ !

ଭୀମ ଠାଙ୍ଗୀ

ହେ ଭୈରବ ଭୀମ ଠାଙ୍ଗୀ ତୋର ଦର୍ଶନରେ,
ଗଲି ଥରେ ବୈଶାଖର ଭୀମ ମଧ୍ୟାହ୍ନରେ ।
କି କରାଳ କି ଭୀଷଣ ସ୍ୱରୂପ ଦେଖିଲି !
ପ୍ରଳୟଦେବତା ରୁଦ୍ରଯୋଗ୍ୟ ପୀଠସ୍ଥଳୀ ।

Digitized by srujanika@gmail.com

କି ଜନ୍ମର ବାତାବର୍ତ୍ତ ଭୀଷଣ ଘୂର୍ଣ୍ଣନ,
ଘୋର ଘୋଷେ ମହାଦ୍ରୁମ-ମୂଳ-ଉତ୍ପାଟନ ।
ଜନ୍ମର ଧୂର୍ଜ୍ଜଟି କାଳ-ହିକ୍ଷିପକ ଖେଳ,
ସୃଷ୍ଟି-ପାରାବାର ଯେଉଁଠେ କସିଲ ଉଦ୍‌ବେଳ ।
ତପ୍ତ-ତୋୟା ନଦୀ ଶୂନ୍ୟ ତଡ଼ାଗ ପଲ୍ୱଳ,
କାଳ-ଅହି ଫୁତ୍‌କାରଇ ଜସ୍ତ ହଳାହଳ ।
ଲୋଳ ଜିହ୍ୱା କୃଷ୍ଣ ଜିହ୍ୱା ମଶୀଚକା-ଛଳେ ।
ତୃଷ୍ଣାର୍ତ୍ତ ଅଶାନ୍ତି-ପ୍ରାଣ ଓଷ୍ଠାରେ ସବଳେ ।
ପତ୍ରହୀନ ତରୁତୃଣ ମହାଦୁଃଖଭରେ
ଶୋଚନ୍ତି ଅଭ୍ୟସ୍ତ ଅନ୍ତଥେମୃତା ଅନ୍ତରେ ।
ଦାରୁଣ ନିଦାଘ ତାଙ୍କ ସଦ୍‌ଗୁଣ ସୁମର,
ଦଏ ତାଙ୍କୁ ଅବା ଦଣ୍ଡ ଦ୍ୱିଗୁଣିତ କରି ।
ମହାରୁଦ୍ର କେଳିପୀଠ ଏକାମ୍ର-ପ୍ରାନ୍ତର,
ଭୀମ ଠାଙ୍ଗୀ ସିଂହାସନ ଅଟେ ସେ ପୀଠର ।
ତପ୍ତ ବାତାବର୍ତ୍ତ ବହୁଥାଏ ହାଉ ହାଉ,
ଜଳି ଉଠେ ଶତାଗ୍ନି ତା ସ୍ପର୍ଶେ ଦାଉ ଦାଉ ।

ଆହବ ପ୍ରେତଗଣ କରି ଘୋର କିଳିକିଳା,
ଫୋପଡ଼ା ଫୋପଡ଼ି ହେଉଥାନ୍ତି ଖଣ୍ଡ ଶିଳା ।
ରୌଦ୍ର ବିଭତ୍ସ ରସର ଦେଖି ନିଦର୍ଶନ,
ଭୀମ ଠାଙ୍ଗୀ ତୋ ପାଶରୁ କଲି ପଳାୟନ ।
ବହୁ ଦିନେ ତୋର ସ୍ମୃତି ନିଶୀଥ ସମୟୁ
ଭରେ ମୋର ମନୋବୀଥି ବର୍ତ୍ତିକାମୟ ।
ମାନ ଦିନେ ରୌଦ୍ର-ବୀର-ଶାନ୍ତ-ଅଦ-ଅଦ
ଶାଶ୍ୱତରେ ଲଭବଟି ନିରବ ସମାଧି ।

Digitized by srujanika@gmail.com

ସୁଖ ଦୁଃଖ

—୧—

ସୁଖେ ପ୍ରଭୁ ସହଜ ତୋ ପୂଜା, ରଖିଥାଅ ସୁଖେ ସଦା ମୋତେ,
ଦୁଃଖ-ଅଭିଭୂତ ହେଲେ ବିଭୁ ! କାଳେ ଭୁଲିଯିବି ପ୍ରଭୁ ତୋତେ ।

ଦୁଃଖ-ଅଶ୍ରୁ-ପୂରିତ ଲୋଚନେ ପ୍ରଭୁ କାଳେ ଦିଶିବ ଅସ୍ପଷ୍ଟ
ତେଣୁ ନିବେଦଇଁ ପାଦପଦ୍ମେ ନ ଦିଅ ହେ ପ୍ରଭୁ ଅତି କଷ୍ଟ ।

ସୁଖେ ଯଦି ହରାଏ ତୁମ୍ଭଙ୍କୁ ପ୍ରଭୁ ହେ ସେ ସୁଖ ନାହିଁ ଲୋଡ଼ା,
ତୁମ୍ଭଙ୍କୁ ପାଇବା ପାଇଁ ପ୍ରଭୁ ଦିଅ ଦୁଃଖ ସୁଖ ଥୋଡ଼ା ଥୋଡ଼ା ।

—୨—

ସୁଖ ଯେତେ ଦେଇଅଛ ପ୍ରଭୁ, ଭୁଞ୍ଜିଅଛି ଆନନ୍ଦରେ ସେବେ,
ଦୁଃଖ ଯେତେ ଦେଇଅଛ ସବୁ ନ ସହିବି କିପରି ବା ତେବେ ?

ନେବା ନ ନେବାରେ କିଛି ନାହିଁ ଅଲଙ୍ଘ୍ୟ ତ ତୁମ୍ଭର ବିଧାନ,
ଶକ୍ତି ଦିଅ ସହିବାର ପାଇଁ ଅନ୍ତର୍ଯାମୀ ସର୍ବଶକ୍ତିମାନ ।

ଧନ ଜନ ମାନ ସ୍ୱାସ୍ଥ୍ୟ ଜ୍ଞାନ ଅଯାଚିତରେ କଲ ଯେବେ ଦାନ
ଆନନ୍ଦରେ ପାଣି ପ୍ରସାରିଣ ଶିରେ ନେଲି ପ୍ରଭୁ ଭଗବାନ ।

ଏବେ ଦୁଃଖ ଶୋକ ଅପମାନେ ଦେଖି ପ୍ରଭୁ ହୁଏ ମୁଁ କାତର,
ସହିବାକୁ ମୋ ଦୁର୍ବଳ ପ୍ରାଣେ ବଳ ଦିଅ ପ୍ରଭୁ ପରାତ୍ପର ।

ସୁଖ ଦୁଃଖ କର୍ମବୃକ୍ଷ ଫଳ ଅଟନ୍ତି ସେ ନିଜର ଭିଆଣି,
କରନ୍ତି ସେ ଅସ୍ୱାର ମଙ୍ଗଳ ବିଧିର ଏ ଶାଶ୍ୱତ ବିଧାନ ।

ଦୁଃଖ ବିନା ସୁଖ ଅସମ୍ଭବ ଅନ୍ଧାର-ଆଲୋକ ବେନି ଭାଇ,
ବିଚ୍ଛେଦ କଷଣ ନ ସହିଲେ ମିଳନର ମାଧୁରିମା କାହିଁ ?

ସୁଖଦୁଃଖ ଯମଜ ସୋଦର ଏକ ସଙ୍ଗେ ଅସେ ନିଶ୍ଚେ ଆନ
ଏକ ଭାବେ ଦେଖିବି ବେନିଙ୍କୁ ବଳ ଦିଅ ପ୍ରଭୁ ଭଗବାନ ।

ବାଲ୍ୟ ଖେଳା ଯୌବନ ସମ୍ଭୋଗ ଆନନ୍ଦରେ ନେଲି ବନ୍ଧବରେ
ଆଶୀର୍ବାଦ କର ଲୀଳାମୟ ଜରାବ୍ୟାଧି ନିଏଁ ସମାଦରେ ।

Digitized by srujanika@gmail.com

ଆସିବ ତ କଠୋର ମରଣ ଯିବ ତ ଏ ସଂସାରକୁ ଛେଡ଼ି,
ତେବେ କିପାଁ ଚିନ୍ତା ଅକାରଣ ? ବଞ୍ଚିବ ମୁଁ ଶେଷଦିନ ହେଉ !
ସୁଖଦୁଃଖମଧ୍ୟରେ କେବଳ କର୍ତ୍ତବ୍ୟ ସାଧନ ମହାବ୍ରତ,
କହ ପ୍ରଭୁ ଅଚଳ ଅଟଳ ସବୁ ମିଥ୍ୟା ତୁମ୍ଭେ ମାତ୍ର ସତ ।

ତଅପୋଇ

—୧—

ଠିକି ଠିକି ଧାନ ଶଏ ଭରଣ,
ବାପାଙ୍କ ଅଣ୍ଟାରେ ସୁନା ଲେଖନ ।
ଭାଇଙ୍କ ହାତରେ ସୁନା ଲେଖଣୀ,
ଭାଉଜଙ୍କ-ଅଙ୍ଗେ ଝିନପଟନୀ ।
ଏକ ଭଉଣୀ ମୁଁ ସାତ ଭାଇରେ
ମୋ ପରି ଅଲ୍ପିଳ କିଏ ମହୀରେ ?
ଶୁଣ ତଅପୋଇ ନ କର ଗର୍ବ,
ଗାଲି ସହନ୍ତି, ନ ସହନ୍ତି ଗର୍ବ ।

—୨—

ଅହା ମୋ ପିଅର କୁଅଡ଼େ ଗଲେ,
ଜନକ ସଙ୍ଗତେ ଜନନୀ ମଲେ ।
ସାତ ଭାଇ ଗଲେ ବୋଇତ ବାହି,
ଅହା କହିବାକୁ ସାହା ମୋ ନାହିଁ ।
ଏ ଘୋର ବନସ୍ତେ ଛେଳି ରଖିଲି,
କି ପରି ହେଲି ମୁଁ କି ପରି ଥିଲି !
ଶୁଣ ତଅପୋଇ ନ କର ଶୋକ
ସୁଖ ଦୁଃଖେ ପୂର୍ଣ୍ଣ ଏ ଧରାଲୋକ ।

—୩—

ଏ ଘୋର ବନସ୍ତ ଘୋର ବରଷା
ବାଘ ଭାଲୁଙ୍କର ଏ ବନେ ବସା ।

Digitized by srujanika@gmail.com

ଏକାକିନୀ ମୁହିଁ ଏ ଘନ ବନେ,
କେମନେ ବଞ୍ଚିବି ହୀନ ଜୀବନେ ?
କ୍ଷୁଧାରେ ମୋହର ଉଡ଼ଇ ହଂସା
ହାଇ ରେ ଦଇବ ଦେଲୁ ଏ ଦଶା !
ଶୁଣ ଝିଅପୋଇ ନ କର ଦୁଃଖ
ସୁଖ ପରେ ଦୁଃଖ ତା ପରେ ସୁଖ ।

—୪—

ଗଡ଼ ଗଡ଼ ଡାକେ ଲଢାପଥର,
ଠକ ଠକ ପଡ଼େ ସ୍ୱର୍ଗପଥର ।
ଶିର ଶିର ବହେ ଶୀତ ପବନ,
ଶୀତେ ଥରୁଅଛୁ ମୋ ଅପଘନ ।
ଘଡ଼ଘଡ଼ ଶବ୍ଦେ କମ୍ପଇ ବନ,
ବିଜୁଳି ବୁଜାଇ ଦିଏ ନୟନ ।
ଶୁଣ ଝିଅପୋଇ ନ କର ଦୁଃଖ,
ଦୁଃଖ ପରେ ପୁଣି ଆସଇ ସୁଖ ।

—୫—

ପାରିଧିରେ ବିଜେ ରଜାର ପୁଅ,
ଦେଖିଲେ ବନସ୍ତେ ସାଧବ ଝିଅ ।
ସାତ ଭାଇ କାଳେ ଫେରିଲେ ଘରେ,
ଦେଲେ ସେ କନ୍ୟାକୁ ନୃପ କୁମରେ ।
ଝିଅପୋଇ ହେଲା ରଜାର ବୋହୂ
ଭାଉଜଙ୍କ ଦଶା ଶତ୍ରୁଙ୍କୁ ନୋହୁ ।
ନ ହୁଅ ବିପତ୍ତି-ବେଳେ କାତର,
ନ କର ସମ୍ପତ୍ତି-ବେଳେ ଗୁମର ।

Digitized by srujanika@gmail.com

ନବ ବଧୂ

କେ ଦେଖିବ ଦେଖୁ ଅସି ଓଡ଼ିଆର ବୋହୂ,
ଶଙ୍ଖଚୁଡ଼ି ଜନ୍ମାନ୍ତର ତା ଦୁର୍ଦ୍ଦଶା ନୋହୁ ।
ରାତି ନ ପାହୁଣୁ ବୋହୂ ଉଠେ ସବା ଅଗ,
ବାସି ପାଇଟି ସାରିଣ ରାନ୍ଧେ ତୁଣ ସାଗ ।
ବାର ମାସେ ସୁକୁମାରୀ କରେ ସନ୍ଧ୍ୟୁଁ ସ୍ନାନ,
ହାଡ଼ଭଙ୍ଗା ପରିଶ୍ରମ—ଦାରୁଣ ବିଧାନ ।
ସଭିଙ୍କୁ ପରଷି ସବା ପଛେ ତୁଚ୍ଛା ଭାତ
ଖାଇଣ ମେହନ୍ତ କରୁଥାଏ ଦିବାରାତ ।
ଏଣୁ ତେଣୁ ସବା ପଛେ ପିଇଣ ତୋରାଣି
ନର୍ଦ୍ଦମ ଖସିରେ ହାଣ୍ଡି ଧୁଏ ସେ ରାନ୍ଧୁଣୀ ।
ବେଳ ବୁଡ଼ୁଁ ଜଳଖିଆ, ପଖାଳ ସକାଳୁ,
ସଞ୍ଜବେଳେ ସଞ୍ଜବତୀ ବଳି ଦୀପ ଜାଳି,
ଲଗୁଆଣୀ କରି ଚୁଲି ଲଗାଏ ଫୁଙ୍କିଣ,
ଗୁଣ୍ଡି ଓଦା ଥିଲେ ଲୁହ ଯାଉଥା’ ବହୁଣ ।

କେତେ କଷ୍ଟେ ରାନ୍ଧି ବାଢ଼େ ପରଶେ ସକଳେ,
ଶାଶୁ ଯାଆ ସମସ୍ତଙ୍କ ଗୋଡ଼ ଘଷେ ମଳେ ।
ଅଧରାତି ଗଡ଼ିଗଲେ ନିଶା-ଗରଜନେ
ଦୁଇ ପହରିଆ ଢୁକେ ଢୁକେ ଘଣ୍ଟା ସ୍ୱନେ,
ସମସ୍ତଙ୍କ ନାକ ଘଡ଼ ଘଡ଼ ଶୁଣି ସାରି,
ହାଣ୍ଡି ପଖାଳିଣ ଶେଷଘର କାମ ସାରି ।
ବେଢ଼ାଣ ବଦଳି ଲମ୍ବା ଶାଢ଼ୀ ଖଣ୍ଡେ ପିନ୍ଧି
ଗୋଡ଼ ଟିପି ଟିପି ଯାଏ ଚିପିଣ ଦୋକଣ୍ଠି,
ଦୁମୁ ଦୁମୁ ଛାତି, ପଶେ ସ୍ୱାମୀର ମନ୍ଦିରେ,
ତତ୍ପରେ ହୁଅଇ ଟିଏ କବାଟ ସନ୍ଧିରେ ।
ଏତେ କଷଣରେ ପାଇ ନୁହେ ତାର ଶଙ୍କା
ଶାଶୁ ନଣନ୍ଦ ଘଟାନ୍ତି ଅଦ୍ଭୁତ ଦୁର୍ଦ୍ଦଶା ।

Digitized by srujanika@gmail.com

ଯେବେ ସନ୍ତୁଁ ଉଠୁଁ ଉଠୁଁ ବଢ଼ି ଯିବ ଦ୍ରେନ
ଦଶ ପାଞ୍ଚ ମାଇପେ ଯେ ହୋଇଯିବେ ମେଳ,
ମଡ଼କୁ ଶାଗୁଣାପରି ଠିକ ଠିକ କଳ
ଖାଇଯିବେ ବରକର୍ତ୍ତାଙ୍କ ନୃଶଂସ ପାମର ।
ଯେବେ ସନ୍ଦେ ଦେହ ଭାର ଶୁଣିଥିବେ ତୁଣ୍ଡ
ସକାଳୁ ମାଇପେ ଥୋକେ ହୋଇଯିବେ ଜୁଣ୍ଡ,
ବାପ ଅଜା ସନ୍ତାନରେ ପୁରୁଷରୁ ଶୋଧି
ପେଇ ଦେବେ ସେହିଦିନ ଅବ୍ୟର୍ଥ ଔଷଧି ।
ଏ ଜାଳା ନ ସହି କେତେ ଅଜ୍ଞାନା ସରଳା
ଅକାଳେ ମରନ୍ତି ଭିଡ଼ି ଦଉଡ଼ିରେ ଗଳା ।
କେହି ନଈ ପୋଖରୀରେ ଡେଇଁଣ ପଡ଼ନ୍ତି
କେତେ ସହି ହୁଏ ରକ୍ତ ମାଂସ ଦେହ ବନ୍ଧ !
ପଚ୍ଛିରୁଷ୍ଟ ଶାଶୁମାନେ ଝିଅ ଜନ୍ମ କରି
କେମନ୍ତେ ଅକାଟ ଏତେ ହୁଏ ତୁମ୍ଭ ଶଣ୍ଠ ?
ପର ଝିଅ ନିରଣ୍ଡସ୍ତେ ଅଛି ତୁମ୍ଭ ଘରେ,
ଛୁ ଛୁ କେତେ କଷ୍ଟ ଦଅ ନିର୍ଦ୍ଦୟ ରୂପରେ !

ଛୁଞ୍ଚିଲ୍ କାଖିଲ୍ ସବୁ ଧରେଇ କରୁଛ,
ତୁମ୍ଭ ନିଜ କନ୍ୟା ପ୍ରତି ଅଦୁଣୀ ହେଉଛ ।
ମନେ ରଖ ପର ଝିଏ ଦେଉଅଛ ଯାହା,
ସୁଧ ସଙ୍ଗେ ନିଜ ଝିଅ ପାଇବଟି ତାହା ।
ଛଳେ ଭାଲ କର ଏତେ ଦେଉଛ କଷଣ,
ନାହିଁ ମନେ ଧର୍ମଭୟ ନରକ ଭୀଷଣ ।
ବୁଝିଥାଅ ଦିନ ରାତି କରୁଅଛୁ ଜଣେ,
ନିକଟରେ ତୁଲା ହେବ ଏହାସବୁ ଦିନେ ।
ବୃଦ୍ଧକାଳେ ସେହି ବଧୂ ତୁମ୍ଭର ଆଶ୍ରୟ,
କେଉଁ ମୋହେ ଏ କଥାଟି କରୁନାହିଁ ଲକ୍ଷ୍ୟ ?

Digitized by srujanika@gmail.com

ଆଶୀର୍ବାଦ

ଧନ୍ୟ ଧନ୍ୟ ମହାପ୍ରଭୁ ଆଶୀର୍ବାଦ ତବ,
ପବିତ୍ର ଏ ଗୃହ ଅଙ୍ଗ, ଦୃଶ୍ୟ ଅଭିନବ ।
ସହାସ ନୟନ ଶିଶୁ ଦରେଟିଅ କଥା
କେଉଁ ଦୂର ସ୍ୱରଗର ଦିଅଇ ବାରତା ।
ବଢ଼ ମା ଆନନ୍ଦେ ସୁଖେ ସାଧୁ-ଆଚରଣେ
ମହତ୍ତ୍ୱ ଚରିତ୍ର ଗୁଣ ଏ ବିଶ୍ୱ ଭୁବନେ ।
ପିତୃକୁଳ ପତିକୁଳ କର ମା ପବିତ୍ର
ଲଭ ମା ସତୀର ପୁଣ୍ୟ ସତୀର ଚରିତ୍ର ।

ଭୋକୀ ଶୋଷୀ ଅତିଥି ମା ନ ଫେରନ୍ତୁ ଦ୍ୱାରୁଁ,
କଲ୍ୟାଣ ଲଭ ମା ଦୀନ ଦରିଦ୍ରଙ୍କ ଠାରୁ ।
ଅନ୍ନପୂର୍ଣ୍ଣା ରୂପେ ମାତା ବାଣ୍ଟି-ଅନ୍ନପାନ
ସ୍ୱଜନ କୁଟୁମ୍ବେ କର ସନ୍ତୋଷ ବିଧାନ ।
ଚଳ ହେଉ କାଳ ହୁଅ ପତି ମୂହବତୀ
ଏ କଲ୍ୟାଣ କରନ୍ତୁ ମା ! ପ୍ରଭୁ ଜଗତପତି ।

ବାଞ୍ଛାବତୀ

(ରୂପକ)

ପ୍ରେୟସୀ କାମିନୀ ସଦା ସୁହାଗିନୀ
ନଣିଦବା ମୁଁ ତା ସେବାରେ ଥାଏଁ,
ଚରଣ କୋୟୂର ପ୍ରେମ ଭିକାରୀ ମୁଁ
କ୍ଷଣେ ହିଁ ମୁଁ ତାର ମନ ନ ପାଏ ।
ଗୃତକ ପରିଏ ପଥ ଗୃହିଁ ଥାଏଁ
ଅଡ଼ ଆଖିରେ ସେ ମୋତେ ନ ଗୃହେଁ,
ବିବିଧ ଯତନେ ବିବିଧ ସାମଗ୍ରୀ
ସଜାଡ଼େ, ସଜନୀ ଠେଲିଣ ଯାଏ ।

Digitized by srujanika@gmail.com

ଅନନ୍ତ ମୋହନ — ପଞ୍ଚ ପରସ୍ତର
ପ୍ରାଣପ୍ରିୟା ସେବା କରନ୍ତି ନିତ୍ୟ,
ନବ ଅନୁପମ — ମୋ ପ୍ରାଣସଙ୍ଗିନୀ
କେସନ ଜନ୍ମିବ ପ୍ରେୟସୀ ପ୍ରୀତି ?

ଏକ ଅନୁଚର — ଅନନ୍ତ ଗଗନୁଁ
ସୂର୍ଯ୍ୟ ଚନ୍ଦ୍ର ତାରା ଜ୍ୟୋତିଷ୍କଗଣ,
ବନ ଉପବନୁଁ — ବିବିଧ କୁସୁମ
ତରୁଲତା ତାଙ୍କୁ କରେ ଚୟନ ।

ବିବିଧ ବିହଙ୍ଗ — ବିବିଧ ଦେଶରୁ
ଧରି ଆଣି ରଖେ ହେମ ପିଞ୍ଜରେ,
ଶ୍ରେଷ୍ଠ ସୁନ୍ଦର — ନେତ୍ର ତୃପ୍ତିପ୍ରଦ
ଯେତେକ ଦୃଶ୍ୟରାଜି ସଞ୍ଚିତ କରେ ।

ଅନ୍ୟ ପରସ୍ତର — ବିଶ୍ୱ ଚରାଚରୁଁ
ଆଣିଣ ଶୁଣାଏ ବିବିଧ ତାନ,
ବିହଙ୍ଗ କାକଳି — ନଦୀ କଳ କଳ
ସିନ୍ଧୁ ଗରଜନ ସୁକଣ୍ଠଗାନ ।

ତୃତୀୟ କିଙ୍କର — ସ୍ପର୍ଶ ସୁଖକର
କୋମଳ ଚିକ୍କଣ ପଦାର୍ଥରାଶି,
ପ୍ରିୟା ପାଦ-ପଦ୍ମେ — ବିଛାଇଣ ଥାଏ
ପାଦ ଦଳେ ତା ମୋ ମାନସବାସୀ ।

ଚତୁର୍ଥ ସଜନୀ — ଚୟନ କରଇ
ସୁବାସ କୁସୁମ ଚୁଆ ଚନ୍ଦନେ,
ପଞ୍ଚମ ପରଜା — ଯୋଗାଏ ନିୟତ
ସୁସ୍ୱାଦ ଅହାର ଗୃହୁ ଭରଣେ ।

କିନ୍ତୁ ଅଦ୍ଭୁତ — କିବା ସେ ଯୋଷିତ
ନବ ଅନୁପମ ତାହାର ଚିତ୍ତ,
ସାରା ଜୀବନ ମୁଁ — କରେ ପଦ ପୂଜା
କେସନ ତପତ ହେବ ମୋ ମିତ ।

Digitized by srujanika@gmail.com

କି ଉପାୟେ କଲେ   ମାନମୟୀ ଭଲେ
ମୋ ଘରେ ରହିବ ସନ୍ତୁଷ୍ଟ ମନେ,
ପଞ୍ଚ ସଖୀସଙ୍ଗ   କଳେବର ନୃପ
ସେବେ ବାଞ୍ଛାବତୀ ଗୃହୁ ଚରଣେ ।
କିନ୍ତୁ ଇଚ୍ଛାବତୀ   ନୁଅ ପକ୍ଷପାତୀ
ପୁରୁଣା ତାହାକୁ ନ ଲାଗେ ଭଲ,
ଏ ଶରୀର ଭେଦ   କଳିକାଳ ବେଦ
ଭଣଇ ଶ୍ରୀ ନନ୍ଦକିଶୋର ବଳ ।

କବିର ପ୍ରାର୍ଥନା

ପ୍ରଭୁ ! ମୋତେ ଦାନ କର କବିର ଜୀବନ,
ଦିଅ ମୋତେ ମହାପ୍ରଭୁ ! ପବିତ୍ରତା ଧନ ।
ମୋ ଭାବ-ପ୍ରବଣ ଚିତ୍ତ କର ଶୁଦ୍ଧପୂତ,
ଗରଳ ଜାରଣ ତାଳ ଦିଅ ପ୍ରେମାମୃତ ।

ମୋ କବିତା-ମୁଗଧ ଯୁବା ଯୁବତୀ ଯେସନେ
ପିଇ ମୋ କବିତା ରସ ସୁପବିତ୍ର ମନେ
ମଧୁମୟ ପ୍ରାଣେ ପୂତ କରନ୍ତୁ ଭୁବନେ,
ଦିଅ ପ୍ରଭୁ ପୂତ ଭାଷା ପୁଣ୍ୟ ଚିନ୍ତା ମନେ ।
ପ୍ରଭୁରୁ କବିତା ମମ ପୁଣ୍ୟ ଅଦରଣ,
ତା ଠାରୁ ଅଧିକ ଦେଇ ମୋ ପ୍ରାଣ-ପରଶ ।
ହେ ଶୁଦ୍ଧ ଅପାପବିଦ୍ଧ, ହେ ସଚ୍ଚିଦାନନ୍ଦ,
ମହକି ଯାଉ ମୋ ଗୀତେ ମୋ ପ୍ରାଣ-ସୁଗନ୍ଧ ।
କବିର ଜୀବନ ସଙ୍ଗେ ସାଧୁର ଜୀବନ
ଦିଅ ଅନ୍ତର୍ଯ୍ୟାମୀ ନାଥ ପତିତପାବନ ।

Digitized by srujanika@gmail.com

ଅକିଞ୍ଚନର ଆକିଞ୍ଚନ

ଖରଚର ଧନ ମୋର ଯାଉଅଛି ବହି,
ମୃତ୍ୟୁ-ଅଭିମୁଖୀ ପଥେ ଚାଲେ ନଚି ନଚି ।
ଏଥୁପର କିଛିକାଳେ ସରିବ ମୋ ଯାହା ଥାଳେ
ଆଉ ନ ଚାଲିବ ପଥ, ଆସିବ ଅନ୍ଧାର
ସେ ଅନ୍ଧାରେ ବନ୍ଦ ହେବ ଭବ-କାରବାର ।

—୨—

ସରିବ ମୋ ସଞ୍ଚିତା ସେ ଧନ ଭବହାଟେ,
ଆଉ ନ ଚାଲିବ ପ୍ରିୟ ପରିଚିତ ବାଟେ,
ଏ ସଂସାର-ଉପବନ କି ମୋହନ ସୁଶୋଭନ
ଆଉ ନ ତୋଳିବ ଫୁଲ ସୁରଭି ସୁନ୍ଦର
ନ ଭୁଞ୍ଜିବ ରୂପ ରସ ଗନ୍ଧ ସ୍ପର୍ଶ ସ୍ୱର ।

—୩—

ସୁନ୍ଦର ସଂସାର ମୋର ପ୍ରିୟ ପରିଜନ
ନିଦାରୁଣ କାଳବଳେ କରିବି ବର୍ଜନ,
ବିଚ୍ଛେଦ-ଆଶଙ୍କା ଯେଣୁ ପ୍ରିୟତର ଦିଶେ ତେଣୁ,
ଯେତିକି ମୁଁ ମୃତ୍ୟୁପଥେ ହୁଏ ଅଗ୍ରସର,
ସେତିକି ସଂସାର ମୋତେ ଦିଶେ ପ୍ରିୟତର ।

—୪—

ପ୍ରଭୁ ହେ କରୁଣା କରି ହୁଅ ମୋର ସାହା,
ବେଳଥାଉଁ ଦେଖାଅ ମୋତେ ଧର୍ମ-ପୁଣ୍ୟ-ରାହା,
ବୈରାଗ୍ୟ ବାରିରେ ପ୍ରଭୁ ଧୋଇଦିଅ ମୋହସବୁ
ପୁଣ୍ୟବଳେ ପଦତଳେ ପାଏଁ ଯେସନେ ଠାଇଁ,
ଭଲ ମନ୍ଦ ଚିନ୍ତା ଆଉ ଜନ୍ମାନ୍ତର ନାହିଁ ।

Digitized by srujanika@gmail.com

— ୫ —

ବେଳସୁଁ ବ୍ୟବସ୍ଥା ମୋର କର କୃପାସିନ୍ଧୁ
ସରସ କରୁ ମୋ ପ୍ରାଣ କରୁଣାର ବନ୍ଧୁ
ନାଶ ମମ ମୋହଧ୍ୱାନ୍ତ   କର ପବିତ୍ର ପ୍ରଶାନ୍ତ
ଯାଉ ସବୁ ଅବିଳତା ସଂସାର-ଜମ୍ବାଳ,
ମୋ ମଳିନ ମନେ ତବ ପ୍ରେମବାରି ଢାଳ ।

— ୬ —

ପବିତ୍ର କର୍ତ୍ତବ୍ୟ ପାଳି ମୋର ଦିନ ଯାଉ
ତବ ଶ୍ରୀପଦପଙ୍କଜେ ଚିତ୍ତଭୃଙ୍ଗ ଥାଉ,
ନିଷ୍କାମ ନିର୍ଲିପ୍ତଭାବେ   କରେଁ କର୍ମ ସର୍ବଠାବେ
କାୟମନୋବାକ୍ୟେ କରି ସତ୍ୟ ଆଚରଣ,
ପ୍ରଭୁ-ଇଚ୍ଛା ଅନୁସରି ଯାଉ ଏ ଜୀବନ ।

ସନ୍ଧ୍ୟା-ଚିତ୍ର

ଅସ୍ତୋନ୍ମୁଖ ରକ୍ତକର ସହସ୍ର ଦୀଧିତି,
ଧୀରେ ମାଡ଼ି ଆସେ ସନ୍ଧ୍ୟା ପ୍ରାଚୀ ନଭକୋଣୁଁ,
ହମ୍ବାରଡ଼ି ଘଉଡ଼ି ଧେନୁ ବାହୁଡ଼େ ଗୋଗୋଷ୍ଠୁଁ,
ଅସ୍ଥିର ତରୁଅଡ଼କୁ ଉଡ଼େ ବିହଙ୍ଗମ,

ପଲ୍ଲୀ ଦାଣ୍ଡେ ନ ଖେଳନ୍ତି ଗ୍ରାମ ଶିଶୁବୃନ୍ଦ,
ନୀର-ପୂର୍ଣ୍ଣ ପାତ୍ରେ ବଧୂ ବାହୁଡ଼ନ୍ତି ଗୃହେ,
ଫେରିଯାଏ କୃଷୀବଳ କେଦାରୁ ସ୍ୱବାସେ,
ହାଟରୁ ହାଟୁଆମାନେ ଫେରନ୍ତି ଆବାସେ,
ତୁରି ଭେରି ଶଙ୍ଖ ଘଣ୍ଟା ବାଜଇ ମନ୍ଦିରେ,
ପ୍ରଦୋଷ ପବନ ବହୁଆସେ ଧୀରେ ଧୀରେ,
ଥିଲା ଯା ପ୍ରକାଶ ଏବେ ହେଲାଣି ନୀରବ,
ଥିଲା ଯା ନୀରବ ଏବେ ହେଉଛି ପ୍ରକଟ

Digitized by srujanika@gmail.com

ବେଗେ ଚାଲ ପାନ୍ଥ ! ମାଡ଼ି ଆସୁଛି ଅନ୍ଧାର,
ଶର ତ ନୁହଇ ଲୋକଲୋଚନ-ଆଲୋକ
ନ ରହିବ ଏ ସୁଯୋଗ ଏ କିରଣ ତାପ
ଆସୁଛି ଅନ୍ଧାର ସଙ୍ଗେ ଶୀତ ଅସାଢ଼ତା,
ଦେଖିନଅ ଏ ସୁନ୍ଦର ସଂସାର-ସୁଷମା,
ଲିଭିଯିବ ନେତ୍ରବହ୍ନି ଚରମ ତାମସେ,
ସ୍ନେହ ଦିଅ ସଙ୍ଗୀପାନ୍ଥେ ନ ମିଳିବ ବେଳ;
ନ ବସ ହେ ଧନୀ ଅତି ବିଳାସ ଆଳସ୍ୟ,
ଧାଇଁ ଧାଇଁ ଦେଖିଅସ ହରିତାଭ ସୃଷ୍ଟି,
ବିଚିତ୍ର ସୁନ୍ଦର ଏହି ଧରଣୀର ତନୁ,
ଶର ତ ନୁହଇ ଦିନ ଆସିବ ଯାମିନୀ,
ଲିଭିଯିବ ସୂର୍ଯ୍ୟଦୀପ, ନୟନ ପ୍ରଦୀପ,
ନ ଭାଙ୍ଗିବ ନେତ୍ରେ ଅତି ମୋହନ ସ୍ୱପନ,
କେଉଁ ଅନ୍ଧକାର ଲୋକେ ଯିବ ରେ ଏ ଜୀବ
ଅନ୍ଧାରେ ସାଧିବ, ତେବେ ତାମସ ତପସ୍ୟା,
ଦିଅ ଦିଅ ଏ ଆଲୋକେ ସକଳ ମେଲାଣି,

ଆସୁ ଅନ୍ଧକାର ତାକୁ ଆଣ ହେ ପାଖେଟି,
ଆଲୋକ ଅନ୍ଧାର ଦୁହେଁ ବିଶ୍ୱେଶ୍ୱର ଦୂତ ।
ଶୂନ୍ୟ କର ପ୍ରାଣ, ଯାଉ ସଂସାର ଭାବନା,
ସ୍ଥାପ ଅଗ୍ରେ ମୃତ୍ୟୁ-ମୂର୍ତ୍ତି, ତେଜ ହେ କାମନା,
ଯାଉ କାର୍ଯ୍ୟ, ଯାଉ କଥା, ବୃଥା ବିଡ଼ମ୍ବନା,
ସଂସାର ଜଞ୍ଜାଳ ବୃଥା କଳ୍ପନା ଜଳ୍ପନା ।
ନିଃଶବ୍ଦ ନିଷ୍କାମ ହୋଇ ନିସ୍ପୃହ ନିର୍ଦ୍ୱନ୍ଦ୍ୱ
ବସ ହେ ଏକାକୀ ଯେସନେ ଅସିଥିଲ ଶିବ ।

Digitized by srujanika@gmail.com

ପୌଷ ମାସେ

ରାଗ—କଳହଂସ କେଦାର

କେଡ଼େ ସୁନ୍ଦର ସଖୀ ଏ ପୌଷ ମାସ,
ସ୍ୱର୍ଣ୍ଣ-ଶସ୍ୟ-ଆଗମେ ଦୁଃଖ ବିନାଶ ହେ ।
ଆନନ୍ଦେ ଗୀତ ଗାଇ କୃଷକଗଣ
ପ୍ରଫୁଲ୍ଲ ମନେ କଲେ ଶସ୍ୟ ଚୟନ ସେ ।
କାହାର ପୌଷ ମାସ, କା ବଣ ନାଶ—
ପୌଷ ପୌରୁଷ-ଭୂଷ କରେ ପ୍ରକାଶ ସେ ।
ଶୀତ-ରଜନୀ-ସୁଖେ-ଧନାଢ୍ୟଜନ
ଭୁଅନ୍ତି ସୁଖ-ନିଦ୍ରା ଅଙ୍କ ମଗନ ସେ ।
ମିଠା ମିଠା ଖାଇକୁ ପିଠି ଦେଖାଇ
ପ୍ରାଣିଏ ସୁଖ ପାନ୍ତି ସେ ଖରୀ ଖାଇ ଯେ ।
କେଦାରେ ପକ୍ୱଶସ୍ୟ କର ଦର୍ଶନ
ଗଗନେ ସଞ୍ଚରନ୍ତି ବିହଙ୍ଗଗଣ ।
ପନ୍ତି ପନ୍ତି ସଜ୍ଜିତ ବିହଗ ଦଳେ,
ଉଡ଼ିଯାଆନ୍ତି ନୀଳଆକାଶ ତଳେ ସେ ।

କି ରଙ୍ଗେ ପକ୍ଷୀ କେଉଁଆଡ଼େ ଚଳନ୍ତି,
ଶୋଭା-ଜଣିକା ଅବା ବାୟୁ ବୁଲନ୍ତି ସେ ।
ନିରେଖି ଗଗନର ନୀଳିମା ଶିରୀ
ଅନୁକରେ ସେ ଶୋଭା ହୃଦସ୍ଥ ଗିରି ଯେ ।
ପ୍ରଦୋଷେ ବ୍ୟୋମ ପଟେ ପ୍ରଭାରୀ-ତଟେ
କି ଶବ୍ଦ ବର୍ଣ୍ଣ ଅଭ୍ର ଅହା ପ୍ରକଟେ !
ସୁନ୍ଦର ପୂର୍ଣ୍ଣ ଇନ୍ଦୁ ହସେ ଗଗନେ,
ରଜନୀରାଣୀ ବରେ ପ୍ରଫୁଲ୍ଲ ମନେ ।
ପୂର୍ଣ୍ଣଶସ୍ୟ କେଦାରେ ବାତ-ହିଲ୍ଲୋଳ
ଖେଳାଇ ଦେଇଯାଏ ଶୋଭା-କଲ୍ଲୋଳ କି ?
ସୁନ୍ଦର ଶତବର୍ଗ ଶେଫାଳୀ ଶୋଭା
କନକ କାନ୍ତି ଜିଣି କି ମନୋଲୋଭା ହେ ।

Digitized by srujanika@gmail.com

ଏ ସୁଖ ଶୋଭା ଦେଖି କପାଁ ଏ ପ୍ରାଣେ
ପଡ଼େ ବିଷାଦ-ରେଖା ମୁହିଁ ନ ଜାଣେ ହେ ।
ଏସନ ପୌଷ ମାସେ ଏକ ଦିନରେ
ଅର୍ପିଣ ଥିଲି ମୁହିଁ ଏ ଧରା ପରେ ।
ମୋତେ ନିରେଖି ଯେତୁ ଲଭିଲେ ସୁଖ
ଛାଡ଼ି ଗଲେ ସେମାନେ ଏହୁ ମୋ ଦୁଃଖ ଯେ ।
ଜନନୀ ପିଅର ମୋ ଭଉଣୀ ଭାଇ,
ଏକେ ଏକେ ସଂସାରୁ ଗଲେ ଉଭାଇ ।
ଥିଲେହେଁ ଜାୟା-ସୁତ-ତନୟା-ସୁଖ,
ଗଲେ ଯେ ତାଙ୍କୁ ଝୁରି ହୁଏ ମୋ ଦୁଃଖ ।
ଏହିରୂପେ ସଂସାର ଚଳଇ ନିତ,
ଦୁଃଖ ସୁଖରେ ଦିନ ଯାଉଛି ବିତ ।
କେବଣ ଦିନେ କଥା ଶୁଣିବ ଭାଇ,
ପୁଷ-ମାପିଅ ଅଭ ସଂସାରେ ନାହିଁ ।
ଛଣିଛୁ ମାଟି ମୁହିଁ କେଉଁ ଠାବର
ଜଣା ତ ନାହିଁ ମୋତେ କିଛି ଖବର ।

କେବଣ ଦେଶେ ଯିବ କେତେ ହୁବ ସେ
କାହା ସଙ୍ଗେ ରହିବ କେଉଁ ବଭସେ ।
କେବଳ ମାସ ଦିନ ଫରକ ସିନା
ସଭଙ୍କର ଅଟଇ ଏ ଦଶା ଜନା ହେ ।
ଧନୀ ଦରିଦ୍ର ମୂର୍ଖ ପଣ୍ଡିତ ଜନ
ସଭଙ୍କର ଭାଇ ହେ ଦଶା ଏସନ ।
ପ୍ରଭୁ ହେ ଏ ଜୀବନ ଏପରି ଯାଉ,
ତୁମ୍ଭର ଇଚ୍ଛା ପୂର୍ଣ୍ଣ ହେଉଣ ଥାଉ ହେ ।

Digitized by srujanika@gmail.com

ବର୍ଷା ଛନ୍ଦ

ଘୋର ଗର୍ଜ୍ଜନେ ଆସୁଛି ବରଷା ମେଘ ମନ୍ଦ୍ରି ଗଗନେ,
ଚପଳା ଚମକେ ଦିଗ ଚମକିତ ଶୁଭେ ମର୍ମର କାନନେ ।
ଝରେ ଝର୍ଝର ଗିରି ନିର୍ଝର କଳସଙ୍ଗୀତେ ତଟିନୀ
ପ୍ରେମ ଚଞ୍ଚଳେ ଯାଏ ଉଚ୍ଛଳେ ହେବାକୁ ସିନ୍ଧୁବାସିନୀ ।
ଗିରି-ଉପବନେ ନାଚଇ ବର୍ହୀ ହୋଇ ଉନ୍ମନ ସୁନ୍ଦର,
ଭେକା କଳରବେ ମୁଖରି ଦିଗ୍‌ବଧୂ ଅହା କି ନବୀନ ସୁନ୍ଦର ।
ମେଘ ବର୍ଷଇ ପବି ଗର୍ଜ୍ଜଇ ଚମକେ ଶମ୍ପା ତରାସେ,
ବାତ୍ୟା ତାଡ଼ିତ ଜଳ ବ୍ୟାହତ ତେଜ କମ୍ପଇ ଆକାଶେ ।
ଦ୍ରୁମ ପଙ୍କିତ ଜଳ ସଙ୍ଗତ ଦୋହଲି ପିଅଇ ନୀରତେ
ଭେକ ଦମ୍ପତି ନୀର ସମ୍ପଦି ଭୋଗେ ଉନ୍ମତ ଯୌବନେ ।
ମେଘ ମେଦୁର-ନଭ ମୟୂର ଦେଖି ନାଚଇ ଆନନ୍ଦେ,
ଗାଏ ସୁଖରେ ଗିରି ଶିଖରେ ପ୍ରାବୃଟ-ଗୀତ ଛନ୍ଦେ ।

ମନ ଚଇତନ କୋଇଲି ଚଉତିଶା

କୋଇଲି ! କହେ ମନ ଚୈତନ୍ୟକୁ ଗୁହିଁ,
କାହିଁ ମୁଁ ଅଇଲି କାହିଁ ଯାଉଅଛି ମୁହିଁ ଲୋ କୋଇଲି । ୧ ।
କୋଇଲି ! ଖେଳ ପାଞ୍ଚି ମୋର ଷଡ଼ ଅରି,
ଖେଳାଇଲେ ଏ ସଂସାରେ ଖେଳଘର ପରି ଲୋ । ୨ ।
କୋଇଲି ! ଗଲା ବେଳ ଦେଖୁଁ ଦେଖୁଁ ମୋର,
ଗୁରୁ ଗରଜନେ ମେଘ ଘୋଟି ଆସେ ଘୋର ଲୋ । ୩ ।
କୋଇଲି ! ଘୋର ଅନ୍ଧକାର ଦିଶଦିଶ,
ଘନଘନ ଘଡ଼ଘଡ଼ି ବିଜୁଳି କୁଳିଶ ଲୋ । ୪ ।
କୋଇଲି ! ନ ଦିଶଇ ପଥ କାହିଁ ଯିବି,
ନିଭିବ ଜୀବନ ଦୀପ ସଂସାର ତେଜିବି ଲୋ । ୫ ।
କୋଇଲି ! ଚଞ୍ଚଳ ଅଚିର ଏ ଜୀବନ,
ଚପଳ ଯେସନ ପଦ୍ମ ପଲ୍ଲବେ ଜୀବନ ଲୋ । ୬ ।

Digitized by srujanika@gmail.com

କୋଇଲି ! ଛଦ୍ମବେଶେ ଲୁଚିଛୁ ଶମନ,
ଶଯ୍ୟାପରି କାଷ୍ଠା ପଛେ କରଇ ଗମନ ଲୋ । ୭ ।
କୋଇଲି ! ଜଳଜ ଦଳରେ ଯେ ଜୀବନ,
ଜୀଇ ଥିବା ତଥା ସିନା ସଂସାରେ ତେସନ ଲୋ । ୮ ।

କୋଇଲି ! ଝଂଟକରି ଜୀବ ଅଟେ ସୁଖୀ,
ହିଁକି ନେଇ ଜନ୍ମ-ମୃତ୍ୟୁ ଦିଏ କେତେ ଦୁଃଖ ଲୋ । ୯ ।
କୋଇଲି ! ନାହିଁ ନାହିଁ ମରଣୁଁ ନିସ୍ତାର,
ନେବା ଅଗୁଁ ପ୍ରଭୁପାଶେ କର ତୁ ଗୋଚର ଲୋ । ୧୦ ।
କୋଇଲି ! ଟେକ ହୁବ କରନ୍ତୁ ସେ ଦାରୁ,
ଟାକ ରହୁଥାଅ ତାଙ୍କୁ ସେ ତ ମହାମେରୁ ଲୋ । ୧୧ ।

କୋଇଲି ! ଟିକେ ମୁଁ ତ ତାଙ୍କର କୋଯୁର,
ଠାବ କର ଅସ ଯାଇ ପ୍ରଭୁଙ୍କ ପୟର ଲୋ । ୧୨ ।
କୋଇଲି ! ଡରିଅଛୁ ପାତକ ମରଣେ,
ତାକୁ ଅଣ ପାଶେ ମୋର ପତିତପାବନ ଲୋ । ୧୩ ।

କୋଇଲି ! ତମ ଦେଖାଉଛୁ ଘଡ଼ ଅବ,
ଚାଳି ଦିଅ ପ୍ରାଣେ ମୋର ଶାନ୍ତି-ସୁଖ-ବାରି ଲୋ । ୧୪ ।
କୋଇଲି ! ନ ଡରିବି ବିପଦ ମରଣେ,
ନିଖିଳନାଥଙ୍କୁ ଭଜୁଥିବି ମୁଁ ନିର୍ଜ୍ଜନେ ଲୋ । ୧୫ ।

କୋଇଲି ! ତରିଯିବି ଏ ଭବ ସଂସାର,
ତରିବାର ଦେଉଥିବୁ ମୋତେ ବାରମ୍ବାର ଲୋ । ୧୬ ।
କୋଇଲି ! ଥୟ କର ହରିଠାରେ ମନ,
ଥିବ ମନେ ସାଧୁ କାର୍ଯ୍ୟେ ଯାପିବି ଜୀବନ ଲୋ । ୧୭ ।

କୋଇଲି ! ଦରିଦ୍ର-ରତନ ଦେବ ହରି,
ଦର୍ଶନ କରଣି ଦୁଃଖୁଁ ଯିବି ମୁଁ ଉଦ୍ଧରି ଲୋ । ୧୮ ।
କୋଇଲି ! ଧର୍ମପଥେ କଲେ ମୁଁ ଗମନ,
ଧରିବେ କରୁଣାମୟ ଗଲେ ଏ ଜୀବନ ଲୋ । ୧୯ ।
କୋଇଲି ! ନ ମଜ୍ଜିବି ବିଷୟେ ମୁଁ ଆଉ,
ନିର୍ଲିପ୍ତ ନିଷ୍କାମ ହେବେ ମୋର ଦିନ ଯାଉ ଲୋ । ୨୦ ।

Digitized by srujanika@gmail.com

କୋଇଲି ! ପରାପର ନ କରିବ ଅଜ୍ଞ,
ପରାତ୍ପର ପାଦେ ମୋର ସଦା ମତି ଥାଉ ଲୋ । ୨୧ ।
କୋଇଲି ! ଫଳଠାରେ ନ ରଖିବ ଆଶା,
ଫଳ-ହୀନ ଭାବେ ମୁହିଁ କରିବ ବ୍ୟବସା ଲୋ । ୨୨ ।
କୋଇଲି ! ବଡ଼ କରେ ସାମାନ୍ୟେ ଅମାନ୍ୟ,
ବଡ଼ ଉପରକୁ ସ୍ୱର୍ଗେ ବସିବ ସାମାନ୍ୟ ଲୋ । ୨୩ ।
କୋଇଲି ! ଭବପୁରେ ପାପୀ ଗଣ୍ୟମାନ୍ୟ,
ଭବ ପରପାରେ ହୁଏ ସେ ଜୀବ ଅମାନ୍ୟ ଲୋ । ୨୪ ।
କୋଇଲି ! ମାତି ଯେଣୁ ଧନ ଜନ ମାନ,
ମଣିବ ନାହିଁ ମୁଁ ଧନ୍ୟ କରି ସବୁ ଜ୍ଞାନ ଲୋ । ୨୫ ।
କୋଇଲି ! ଯେଣୁ ଏ ଜୀବନ ଅଳ୍ପସ୍ଥାୟୀ,
ଯିବ ଏ ଜୀବନ ପଥେ ବ୍ରହ୍ମପଦ ଧ୍ୟାୟି ଲୋ । ୨୬ ।
କୋଇଲି ! ରହିବ ନାହିଁ ମୁଁ ଚିରକାଳ,
ରହିଥିବା ବେଳେ କର୍ମ କରିବ ସକଳ ଲୋ । ୨୭ ।
କୋଇଲି ! ଲଭେ ନିମିଷରେ ପ୍ରଭୁଠାରେ,
ଲୟ ରଖି ସଦା କାର୍ଯ୍ୟ କରିବ ସଂସାରେ । ୨୮ ।
କୋଇଲି ! ବଡ଼ ଅବିଶ୍ୱାସୀ ଅଟେ କାଳ,
ବଞ୍ଚିଥିବା ପ୍ରାଣୀକୁ ସେ କରୁଛି ଉଡ଼ାଳ ଲୋ । ୨୯ ।
କୋଇଲି ! ଶମନ ସଦନେ ଯାଇ ଯେତେବେ,
ଶାନ୍ତିରେ ରହିବ କର୍ମ କରିବ ମୁଁ ତେତେବେ ଲୋ । ୩୦ ।
କୋଇଲି ! ସଦା ଜୀବ ସାଧୁ କାର୍ଯ୍ୟ କଲେ,
ସଂସାର ତେଜନ୍ତେ ସ୍ୱର୍ଗେ ଯିବ ସିନା ଭଲେ ଲୋ । ୩୧ ।
କୋଇଲି ! ଷଡ଼ ରିପୁ ହେଲେ ମୋ ଅୟତ୍ତ,
ଷଡ଼ ମିତ୍ର ରୂପେ ସିନା ହେବେ ପରିଣତ ଲୋ । ୩୨ ।
କୋଇଲି ! ହୁସିୟାର ନୋହି ଯେବେ ଥିବ,
ହୁଡ଼ି ପଥ ଏ ଜୀବନ ବୃଥା ଗମାଇବ ଲୋ । ୩୩ ।
କୋଇଲି ! କ୍ଷମା ମୋତେ କରିବେ ଈଶ୍ୱର,
କ୍ଷେମ ହୀନ ଭାବେ ଗୀତ ଶ୍ରୀ ନନ୍ଦକିଶୋର ଲୋ । ୩୪ ।

Digitized by srujanika@gmail.com

ଚିତ୍ତ ରହୁ ଏକ ସ୍ଥାନେ

ହରି ହରି କୃଷ୍ଣ ଡାକୁଅଛନ୍ତି କେହି
ବ୍ରହ୍ମା ବିଷ୍ଣୁ ଶିବ ରାମ,
କେହି ଡାକେ ଖୋଦା କେହି ଡାକେ ଗଡ୍
ସେହି ଜଣକର ନାମ ।
କାହିଁ ସେ ଅଛନ୍ତି କେତେ ଦୂର ଦେଶେ
ଖୋଜୁଛନ୍ତି ଜ୍ଞାନୀମାନେ;
ଅଣୁ ପରମାଣୁ ବ୍ୟାପି ରହିଛନ୍ତି
ଲୀଳା କରି ପ୍ରାଣେ ପ୍ରାଣେ ।
କିପରି ପାଇବି କି ତପସ୍ୟା ବଳେ
କର୍ମେ ପ୍ରେମେ ଅବା ଜ୍ଞାନେ,
ଏକାନ୍ତ ସାଧନେ ତଦ୍‌ଗତ ମନେ
ଚିତ୍ତ ରହୁ ଏକ ସ୍ଥାନେ ।

ଦୁର୍ଦ୍ଦିନେ ସିନ୍ଧୁ ତଟେ

—୧—

କର୍ମ-ସ୍ରୋତେ ଭାସି ଆସି ଜୀବନ-ବୋଇତ
ଲାଗି ଯାଇଅଛି ଆଜି ଏଥି କ୍ଷଣ ମିତ ।
ବସିଅଛି ଏ କୁଟୀରେ ଏକାକୀ-ନିର୍ଜନେ,
କେତେ କେତେ ପୂର୍ବ ସ୍ମୃତି ପଡ଼େ ମୋର ମନେ ।

ଆକାଶ ଆବୃତ ଆଜି ମହା ଘୋର ଘନେ,
କେତେ ଭାବ ଭାସି ଆସେ ମାନସ-ଗଗନେ ।
ଗୁରୁ ଗୁରୁ ଗରଜଇ ପ୍ରମତ୍ତ ପବନ,
ଥର ଥର ଥରୁଅଛି ବାର୍ଦ୍ଧ ଜୀବନ ।
ଗୋଟିଏ ମାନବ ଏ ଦୁର୍ଦ୍ଦିନେ ଦେଖା ନାହିଁ,
ପଦାର୍ଥ ଦୁର୍ଲଭ ହେଲେ ପ୍ରିୟ ହୁଏ ଭାଇ ।

Digitized by srujanika@gmail.com

ଏ ପଥେ ପଥିକ କେତେ ଚାଲି ଯାଉଥାନ୍ତି,
କେତେ ଗୀତ ଗାଇ କେତେ କଥା କହୁଥାନ୍ତି ।
ଗହଳ ଚହଳ ଲାଗୁଥାଏ ବର୍ଷ ସାରା,
ଅଳସ ବିଳାସ କର୍ମେ କଣ୍ଠକର ସାରା ।
ଆଜି କେହି ଦେଖା ନାହିଁ ଏ ରାଜପଥରେ,
ଘଟଇ ଘଟନା-ସ୍ରୋତେ ସବୁ ଜଗତରେ ।

—୨—

ଚୌଦିଗେ ସିକତାମୟ ବିଶାଳ ପ୍ରାନ୍ତର,
ଝାଉଁବୃକ୍ଷଶ୍ରେଣୀ ତହିଁ ଦିଶନ୍ତି ସୁନ୍ଦର ।
କୁଟୀର ସମ୍ମୁଖେ ଛନ୍ତି ବଟବୃକ୍ଷ-ପନ୍ତି,
ଗୋଷ୍ଠଚର ଧେନୁ ତହିଁ ସୁଖେ ବିହରନ୍ତି ।
ଗୃହ ମଧ୍ୟେ ଶୀତବାସ ଘୋଡ଼େ ମୁଁ ଶୀତରେ,
ଆନନ୍ଦେ ଅଡାୟୀ ଗ୍ରବେ ବଟପୀ ଉପରେ ।
ଧନ୍ୟ ଧନ୍ୟ ମହାପ୍ରଭୁ ତୋ ମଙ୍ଗଳ ବିଧି,
କଳ୍ପତରୁ ଚିନ୍ତାମଣି ଦୀନ ବାଞ୍ଛାନିଧି !
ଧନ୍ୟ କାରୁଣିକ ବିଧି ! ତବ ସୁବିଧାନ,
ଯାହାର ଯେଉଁଠି ଲୋଡ଼ା କରିଛ ପ୍ରଦାନ ।

—୩—

ଶୁଭୁଅଛି ଘନଘୋଷେ ସିନ୍ଧୁର ଗର୍ଜ୍ଜନ,
ଶ୍ରବଣ ବିବର ଭେଦି ପରଶେ ତା ମନ ।
କି ଗମ୍ଭୀର କି ପବିତ୍ର କି ଅପୂର୍ବ ରବ !
ହେ ଭୂମା ବ୍ରହ୍ମାଣ୍ଡ ସ୍ୱାମୀ ମହା ସୃଷ୍ଟିଭବ,
କେମନ୍ତ ସୁନ୍ଦର ଅହା କି ଲାବଣ୍ୟମୟ !
ଅତି ପରିଚୟେ ଲାଗେ ସୁଷମାନିଚୟ ।

—୪—

ଶୈଶବେ ସରିତ-ତଟେ ସରିତେ ଅନାଇ
ମନେ କରୁଥିଲି "କୂଳେ କୂଳେ ଯିବି ଧାଇଁ,
କାହିଁ ଏହା ଅନ୍ତ ତାହା କରିବି କଳନ",
ଏବେ ପ୍ରଭୁଙ୍କ ଇଚ୍ଛାରେ ଏଥି ଆଗମନ ।

Digitized by srujanika@gmail.com

ସର୍ବ-ସରିତ୍‌ପତି ସିନ୍ଧୁ ତଟେ ଦେଶ-ଶେଷ,
ଦର୍ଶନ ଏହାର ସିନା ସୌଭାଗ୍ୟ ବିଶେଷ ।
ପୃଷ୍ଠେ କେତେ ଦେଶ ମଧ୍ୟେ ଅଛି ବ୍ୟବଧାନ,
ଵ ଅନନ୍ତ ମହାସିନ୍ଧୁ ଅଗ୍ରେ ବିଦ୍ୟମାନ !
ଛାଡ଼ ଯା ଆସିଲି ପୁଣି ଅଛି ଯା ପୁରତେ,
କୋଟି ଅଂଶୁଁ ଅଂଶେ ସୁଦ୍ଧା ନାହିଁ ମୋ ଅପୃଷ୍ଟେ ।
କୋଟି ଜନ୍ମ ଜନ୍ମାନ୍ତରେ ନୋହିବ ପୂରଣ,
ଅଜ ତ କେତେଟା ଦିନେ ସରିବ ଜୀବନ ।
କ ଉଦ୍ଦେଶ୍ୟେ ଆସିଥିଲି ଏହି ଉବ ଦେଶେ,
ପାଥିଲି କେତେ ବା ଅଷ୍ଟ-ଚତ୍ୱାରିଂଶତ୍ ବର୍ଷେ ।

ଜଣାଣ

—୧—

ଅନନ୍ତ ଅପାର ଅସୀମ ଦେଶ-କାଳ-ଅତୀତ,
ଅନନ୍ତ କୋଟିଏ ବ୍ରହ୍ମାଣ୍ଡ ଲୋମକୂପେ ଆଶ୍ରିତ ।
ଗ୍ରହ-ଉପଗ୍ରହ-ନକ୍ଷତ୍ର-ତାରା ଜ୍ୟୋତିଷ୍କ ପନ୍ତ—
ସମ୍ବଳିତ ସୌର ଜଗତ କୋଟି କୋଟି ଭ୍ରମନ୍ତ ।
କଳ୍ପକଳ୍ପାନ୍ତରୁ ଜ୍ୟୋତିଷ୍କ ଦେହୁ ଜ୍ୟୋତି-କିରଣ,
କଟାକ୍ଷେ ସହସ୍ର ସହସ୍ର କୋଶ କରି ଭ୍ରମଣ
ଅଦ୍ୟାଏ ପ୍ରଭୁ ପହଞ୍ଚି ନାହିଁ ପୃଥିବୀ ପାଶେ,
ଧନ୍ୟ ବିଶ୍ୱପତି ମହିମା ସୃଷ୍ଟି ମଧ୍ୟେ ପ୍ରକାଶେ ।
ଅନନ୍ତ ଅଚିନ୍ତ୍ୟ ହେଲେହେଁ ପ୍ରଭୁ କୃପା ନିଧାନ,
ଭକ୍ତ ସଙ୍ଗ କରି ବିହାରି ହୋଇ ପ୍ରାଣୀର ପ୍ରାଣ ।
ତୁମ୍ଭ ନାମ ପ୍ରଭୁ ଗାଇଣ କିଏ କରିବ ଶେଷ,
ତୁମ୍ଭ ଗୁଣ କିଏ ବର୍ଣ୍ଣିବ ତାହା ଅଟେ ଅଶେଷ ।
କେତେ ଋଷି ମୁନି ମୁନୀନ୍ଦ୍ର ତୁମ୍ଭ ଅନନ୍ତ ଜ୍ଞାନେ,
ନ ପାଇଲେ କୂଳକିନାର ଯୁଗଯୁଗାନ୍ତ ଧ୍ୟାନେ ।

Digitized by srujanika@gmail.com

ପତିତ-ପାବନ-ବାନା ହେ ଭକ୍ତବତ୍ସଳ ହରି,
ଭବବିନୋଦିଅ ଠାକୁର କୃପା ବଳରେ ତର ।
ଦୀନବନ୍ଧୁ କୃପାସିନ୍ଧୁ ହେ ଦୀନ-ଦୁଃଖି-ଆଶ୍ରୟ,
ଭକ୍ତଜନ ବକ୍ର-ସେନ୍ଧା ହେ ବନ୍ଧୁ କରୁଣାମୟ !
ଠେକି ଦୂର କର ଦାରୁ ହେ ଭାଙ୍ଗ ଠାଣି ମେଳୁର,
କେତେ ଲୀଳା ଲୀଳାମୟ ହେ କର ପ୍ରାଣ-ଦୋସର ।
ତବ ନାମ କିବା ମଧୁର ଗାଇ ନୁହେ ତୃପତି,
ତବ ସଙ୍ଗ କେତେ କୋମଳ ଅହେ ପରାଣ-ପତି ।
ଗଣି ତବ ଗୁଣ ନାଥ ହେ, ହେଉ ଏ ରାତି ଭୋର,
ତୋର ନୃତ୍ୟ ଅନୁକୃତ୍ୟ ଏ ଦୀନ ନନ୍ଦକିଶୋର ।

—୨—

ଯୁଗେ ଯୁଗେ ପ୍ରଭୁ ଘେନିଣ ଭକ୍ତଦଳ ସଙ୍ଗରେ,
ଲୀଳା କଲ ଦେବ ! ଭୁବନେ ଅହା କେତେ ରଙ୍ଗରେ ।
ବୁଦ୍ଧ ମହମ୍ମଦ ଶଙ୍କର ଈଶା ମୂଷା ଚୈତନ୍ୟ,
କେତେ ସାଧୁ ଭକ୍ତ ବୈରାଗୀ ହେଲେ ଏ ଧରା ଧନ୍ୟ ।
କେତେ ଯୁଗ ଧର୍ମ ସୃଜିଲ କେତେ ନବ ବିଧାନ,
ଧରା ହେଲା ସ୍ୱର୍ଗ ପରାଏ ପାଇ ନବ ପରାଣ ।

ଗୋଟିକ ମଞ୍ଚରେ ପ୍ରଭୁ ହେ ! ପଠିଆଇଲ ଅଜ
କେତେ ଲୀଳା ଖେଳା କରୁଛ ଅହେ ଶ୍ରୀମହାବାହୁ ।
ବଳୀଆରଭୁଜ ପ୍ରଭୁ ହେ ! କେତେ ରଙ୍ଗ ନ ଜାଣି,
କେତେ ନୂଆ ନୂଆ ଖେଳ ହେ କେତେ ନୂଆ ଭିଆଣ ।
ମାତା ଯେହ୍ନେ ନୂଆ ଖେଳଣା ଦିଏ ଶିଶୁକୁ ତାର,
ମନ ଭାଙ୍ଗିଗଲେ ଦିଅଇ ଆଣି ଆନ ପ୍ରକାର,
ସେହିପରି ପରା ଜନନୀ, ଜଗନ୍ମାତା ଚିନ୍ମୟି !
ଖେଳାଉଛ ତବ ସନ୍ତାନେ ଅନ୍ତରାଳରେ ରହି
ଏକ ରବିକର ଯେସନ ସପ୍ତ ବର୍ଣ୍ଣ ବିକାଶେ,
ଏକ ସୃଷ୍ଟି ତେହ୍ନେ ମାନବେ ବହୁରୂପେ ପ୍ରକାଶେ ।
ସୃଷ୍ଟିବାର ପୁରା କାହାଣୀ ପ୍ରଭୁ ! କର ପ୍ରଚାର,
ମଙ୍ଗଳମୟ ହେ ତୁମ୍ଭର ଶୁଭ ସୁସମାଚାର ।

Digitized by srujanika@gmail.com

ଯେଉଁଠାରେ ଯାହା ଲୋଡ଼ା ହେ ସତ୍ୟ-ଶିବ-ସୁନ୍ଦର !
ଯୁଗେ ଯୁଗେ ଅଣି ଦେଉଛ ଶୁଭ ବଧୂ ଡୁମ୍ବର ।
ସାଧୁ ପରିତ୍ରାଣ ଦୁରିତ ନାଶ ଅଶେଷ ଶ୍ରୀହରି,
ଯୁଗରୁ ଯୁଗ ଏ ଜଗତେ ଥାଅ ପ୍ରଭୁ ବିହରି ।

—୩—

ଜଡ଼ ଉଦଭିଦ ପଖିଣୀ ପଶୁ ନର ସୃଜନ,
କରିଅଛ କେଡ଼େ କୌଶଳେ ପ୍ରଭୁ ଜଗନ୍ମୋହନ ।
ବହୁ ବହୁ ଏକ ମଧ୍ୟରେ ଦେଖି ରହୁଛୁ ଲୟ;
କେଡ଼େ ଶୋଭିକିନ ସୃଜନ ଜନ ନେତ୍ରେ ଦଶୁଛୁ ।
ଅହେ ପ୍ରେମମୟ ଶ୍ରୀହରି ଧନ୍ୟ ଭକ୍ତବତ୍ସଳ !
ଦାସାନୁଦାସ ତୋ ସେବକ ନନ୍ଦକିଶୋର ବଳ ।

—୪—

ମଧୁର ବିହଙ୍ଗ କାକଳି ଏଣି ଏଣୀଙ୍କ ରଙ୍ଗ,
ମଧୁଲୁ ନବୀନ ବସନ୍ତେ ଜଡାପନ ସୁରଙ୍ଗ ।
ସୁରଙ୍ଗ ସୁରଭି କୁସୁମ ଘନ ନିକୁଞ୍ଜ ପନ୍ତି,
ପ୍ରଭୁ ହେ ଶ୍ରୀକର ପରଶେ କି ସୁନ୍ଦର ଦଶନ୍ତି ।

ଅନନ୍ତ ଜ୍ୟୋତିଷ୍ମ ମୂରତି ସୁବିଶାଳ ଆକାଶ
ଅନନ୍ତ ମହିମା କରଇ ନିରନ୍ତର ପ୍ରକାଶ ।
ଶାରଦ ବାସନ୍ତ ନିଶୀଥେ ନଭ ନୀଳ ନିର୍ମଳ
ଅନନ୍ତ ତାରକା ଖଚିତ ଶୁଭ୍ର ଚନ୍ଦ୍ରମଣ୍ଡଳ ।
ଗୀତ କଳକଳ ଫେନିଲ ତରଙ୍ଗାପ୍ଲୁତ ସିନ୍ଧୁ,
ଅନନ୍ତ ଅତଳ ବିସ୍ତାର ତବ ଶକ୍ତିର ବିନ୍ଦୁ ।
ଶିଶୁ ସୁପ୍ରଫୁଲ୍ଲ ବଦନ ଦରୋଟିଆ ବଚନ,
ଲାବଣ୍ୟମୟୀର ପବିତ୍ର ସୁଧାମୟ ଯୌବନ,
ଧରଣୀ ଗଗନ କାନ୍ତାର ନଦୀ ବନ ପ୍ରାନ୍ତର
ପ୍ରଭାତ ପ୍ରଦୋଷ ଦିବସ ନିଶି କିବା ସୁନ୍ଦର ।
ଶରତ ବସନ୍ତ ଏ ଆଦି ଋତୁ ପର୍ଯ୍ୟାୟ ହରି !
ପ୍ରସ୍ପର କରନ୍ତି ବର୍ଦ୍ଧନ ଶୋଭା ପଦ୍ମ ଡୁମ୍ବରି ।

Digitized by srujanika@gmail.com

ଜନ୍ମ ମୃତ୍ୟୁ ବନ୍ଧୁ କୁଟୁମ୍ବ ଲୀଳା ଏ ସଂସାରର,
ତୁମ୍ଭ ଶୁଭ ବାର୍ତ୍ତା ପ୍ରକାଶ କରେ ହେ ମହେଶ୍ୱର ।
ଦେଇଛ ଯଥେଷ୍ଟ ପ୍ରଭୁ ହେ ଧନ୍ୟ ଧନ୍ୟ ଶ୍ରୀହରି,
କୋଟି ଦଣ୍ଡବତ ସ୍ୱାମୀ ହେ ତବ ଚରଣ ଧରି ।
ସବୁ ତ ଦେଇଛ ହେ ପ୍ରଭୁ ଦିଅ ଦର୍ଶନ ଥରେ,
କାହିଁଅଛ ହରି ଲକ୍ଷଣ ଦେଖାଦିଅ ପ୍ରାଣରେ ।
ପତିତପାବନ ଶ୍ରୀହରି ଅହେ କରୁଣାସିନ୍ଧୁ
ନିଜ ଗୁଣେ ନାଥ ତାରି ଏ ଦୀନେ ହେ ଦୀନବନ୍ଧୁ !
ଅତି ଦୀନହୀନ ପାତକୀ ଅଟେ ତୁଚ୍ଛ ଏ ପ୍ରାଣୀ
ଶରଣ-ବତ୍ସଳ ରଖ ହେ ତବ ଚରଣେ ଟାଣି ।
ଦିଅ ପଦରେଣୁ ମସ୍ତକେ ଯାଉ ଏ ପାପୀ ତରି,
ଜୟ ଭକ୍ତଜନ-ବଲ୍ଲଭ ଦୀନ-ଦୁଃଖୀଙ୍କ ହରି ।
ଅନ୍ଧର ଲଉଡ଼ି ପ୍ରଭୁ ହେ ଦରିଦ୍ରର ସମ୍ବଳ
ତବ କୃପା ବାରି ପ୍ରଭୁ ହେ ଦିଅ ଉପରେ ଢାଳି ।
ଅସ୍ପୃଷ୍ଟ ସେଦିନ ତେଜିବି ଧରା-ଧନ-ସ୍ୱଜନ,
ପ୍ରିୟତମ ଏହି ଜୀବନ ମଧୁମୟ ଭୁବନ ।

କେଉଁ ଅନ୍ଧକାର ଅଜ୍ଞାତ ରାଜ୍ୟେ ହେବ ମୋ ବାସ,
ବେକୁ ଅଙ୍କ କରି ଶ୍ରୀମୁଖୁଁ ଦାସେ ହେ ଶ୍ରୀନିବାସ !
କାହିଁପାଇଁ ଅଜ ଭୁଲିଣି ବୁଲିବାଇଁ ସଂସାରେ
ତେଜି ଯିବାକୁ ତ ହେବ ହେ ନିଶ୍ଚେ ଏ ସ୍ଥାନ ବାକେ ।
କେଉଁଦିନ ମୃତ୍ୟୁ ଆସିବ ଜଣା ନାହିଁ ତ କିଛି
ତାହିଁ ପାଇଁ କେଉଁ ଦମ୍ଭରେ ତାକୁ ଭୁଲି ରହୁଛି ।
ତୁମ୍ଭ ପଥେ ପ୍ରଭୁ ରଖ ହେ ବଳେ ଆକର୍ଷି ଧରି,
ଅନ୍ତଃକାଳେ ପଦେ ରଖ ହେ ପାପହାରୀ ଶ୍ରୀହରି ।

Digitized by srujanika@gmail.com

ଅନ୍ୟାନ୍ୟ କବିତା

Digitized by srujanika@gmail.com

ମହା-ସୃଷ୍ଟି

(ଅନୁବାଦ)

—୧—

ମେଘମୁକ୍ତ ସୁନିର୍ମଳ ନିଦାଘ-ଗଗନ
ଉଜ୍ଜ୍ୱଳ ଚନ୍ଦ୍ରମା ତହିଁ କିବା ସୁଶୋଭନ ।
ଇନ୍ଦ୍ରନୀଳମଣି ମଧ୍ୟେ ହୀରକ ଯେସନ
ହୁଏ ନୀଳନଭେ ଇନ୍ଦୁ ଉଜ୍ଜ୍ୱଳ ତେସନ ।

—୨—

ମହୀର ମାନବ ଶିଶୁ ନିରେଖ ନୟନେ
ଉଜ୍ଜ୍ୱଳ ବିଶାଳ ଏହି ନିର୍ମଳ ଗଗନେ,
କି ଗୌରବମୟ ଏହି ଅନନ୍ତ ସାମ୍ରାଜ୍ୟ
ବିସ୍ମିତ ହୃଦୟେ ଗୃହିଁ ପୂଜ ବିଶ୍ୱରାଜ ।

—୩—

ପ୍ରତ୍ୟେକ ଇନ୍ଦ୍ରପୁରନ୍ଧ୍ରେ ନ କରେ ପ୍ରଚାର
ଅଦ୍ଭୁତ ମହିମା ଏହା ଶକ୍ତିମୟଙ୍କର ?
ଦେଖୁନାହିଁ କି ହେ ତଥି ଜ୍ୱଳନ୍ତ ଅକ୍ଷରେ
ସର୍ବଶକ୍ତିମାନ ନାମ ଖୋଦିତ ବକ୍ଷରେ ?

—୪—

ଅକ୍ଷୟ ଆଲୋକ ଏହି ଦୀପ ଅପ୍ରମିତ
ଯାମିନୀର ଗ୍ରୀବାକୁ ଯା କରେ ପ୍ରଜ୍ୱଳିତ
କର ନିରୀକ୍ଷଣ ! କହ କେଉଁ ଗର୍ବୀଜନ
ଏ ଜ୍ୟୋତିଷ୍କ ଜାଳେ କରି ପାରିବ ଗଣନ ?

—୫—

ଦେଖ ଏ ପ୍ରତ୍ୟେକ ତାରା ଯାହାର କିରଣ
ବହୁଦୂରୁଁ ସୁଗୌରବେ କର ସନ୍ଦର୍ଶନ
ବିଶାଳ ଜଗତ ବିଶ୍ୱ-ରାଜ ପ୍ରତିପାଳିତ
ଅନାଦି ଅନନ୍ତ କାଳୁଁ ନେତ୍ର ବିକଶିତ ।

Digitized by srujanika@gmail.com

—୬—

ମହୀ ଅଲୋଡ଼ିବା ପାଇଁ ତୁମ୍ଭେ ତା' ଶରୀର
ପ୍ରତ୍ୟେକର ଅଛି ଏକ ଗ୍ରହର ମଣ୍ଡଳ,
ଯେତେ ପ୍ରାଣୀଙ୍କର ଯାହା ଅସ୍ତିତ୍ୱ ଅଧାର
ଅଟନ୍ତି ସେ ରାଜରାଜ ବିଶ୍ୱ ମୂଳାଧାର ।

—୭—

ସେ ଗୌରବମୟ ପ୍ରାଣୀ ନ ଜାଣନ୍ତି ପରି
ପାପର କାଳିମା କିବା ବିଷାଦାଶ୍ରୁଧାର !
କିନ୍ତୁ ନିରନ୍ତର ଗାଇ ଭକତି ସଙ୍ଗୀତ
ବିଭୁ ପ୍ରେମେ ମତ୍ତ ହୋଇ ସଦା ହୃଷ୍ଟଚିତ୍ତ ।

—୮—

ହେ ଧୂଳିର ଶିଶୁ ! କହ ପ୍ରକାଣ୍ଡ ବ୍ରହ୍ମାଣ୍ଡେ
କିଏ ତୁମ୍ଭ ! କେଡ଼େ କ୍ଷୁଦ୍ର ବିଶ୍ୱ ବଡ଼ବାଣ୍ଡେ
ପ୍ରଭଞ୍ଜନ ମଧ୍ୟେ କ୍ଷୁଦ୍ର ପତଙ୍ଗମ; ସିନ୍ଧୁ
ବିଶାଳ ବିସ୍ତୃତି ମଧ୍ୟେ କ୍ଷୁଦ୍ର ନୀର ବିନ୍ଦୁ ।

—୯—

ତଥାପି ହେ ନୁହ ଭୀତ ସେହି ମହାଶକ୍ତି
ସୃଷ୍ଟି ଯାର ମହାସିନ୍ଧୁ ବିଶାଳ ଧରଣୀ
ଶୂନ୍ୟେ ଯା' ଜ୍ୟୋତିଷ୍କଗଣେ କଲ ଭ୍ରାମ୍ୟମାନ
ସେହି ପୁଣି ତୁମ୍ଭ ପିତା ପ୍ରେମମୟ ପ୍ରାଣ ।

—୧୦—

ଶାନ୍ତ ହୁଅ, ସର୍ବଦର୍ଶୀ ସେ ଦିବ୍ୟ ନୟନ
ବ୍ୟାପ୍ତ ଯାହା ମହୀ, ବାୟୁମଣ୍ଡଳ, ଗଗନ
ଯେ ଦୃଷ୍ଟିକି କେହି ଏଡ଼ି ନ ପାରେ କେବେହେଁ
ବିନ୍ୟସ୍ତ ସେ ତବୋପର ସତତ ସସ୍ନେହେ ।

Digitized by srujanika@gmail.com

ପାଷାଣୀ

—୧—

ଜୟ ଗୋ ଭୁବନେଶ୍ୱରୀ ତ୍ରିପୁରତାରଣୀ,
ବନ୍ଦେ ଦକ୍ଷସୁତା ସତୀ ଶଙ୍କରଗୃହିଣୀ,
ଜ୍ଞାନେ ପ୍ରୀତି, ବ୍ରହ୍ମେ ମାୟା, ପୁରୁଷେ ପ୍ରକୃତି
ନରେ ନାରୀରୂପେ ସ୍ଥିତା, ଈଶ୍ୱରେ ପାର୍ବତୀ,
ଦକ୍ଷଯଜ୍ଞେ ଦେଖି ସତୀ ପତି ଅପମାନ
ବିସର୍ଜିଲ ଅନଳରେ ବର ଅପଘନ ।
ତୀବ୍ର ଯୋଗୀ ଶମ୍ଭୁ ପ୍ରେମେ ହୋଇଥିଲ ବାଇ
ଅସାର ବିଭବେ ଚିତ୍ତ ବଳାଇଲ ନାହିଁ ।
ଏଡ଼େ ବଡ଼ ଦେବତାର ହେଲ ଗୋ ଘରଣୀ
ଯୋଗୀଶ୍ରେଷ୍ଠେ ବାନ୍ଧି ପ୍ରେମେ ଧନ୍ୟ ତୋ କରଣୀ ।
ଗିରିରାଜସୁତା ବାଳା ପିନାକୀଙ୍କ ଜାୟା,
ଅନ୍ନଦା, ପାର୍ବତୀ, କାଳୀ, ଦୁର୍ଗା ମହାମାୟା,
ତ୍ରିଶୂଳୀ ଶଙ୍କରଙ୍କର ଅଙ୍କଲକ୍ଷ୍ମୀ ସତୀ,
ସଂହାରକର୍ତ୍ତାଙ୍କ ପ୍ରିୟା, କ୍ଷମାଦୟାବତୀ,

ଧାର୍ମିକ, ଦୁଃଖୀର ହର ଦୁଃଖ, କ୍ଲେଶ ନାଶ
ମହିଷମର୍ଦ୍ଦିନୀ ଦୁର୍ଗା ପାପୀଜନ ତ୍ରାସ ।
କେଉଁ ଯୁଗେ ଥିଲ ସତ୍ୟ କି ଅବା କଳ୍ପନା
କବିର କବିତ୍ୱ ପୀଠେ ଅରୂପ ସ୍ଥାପନା ।

—୨—

ପ୍ରତ୍ୟକ୍ଷେ ଦେଖିଛୁ କିନ୍ତୁ ପାଷାଣୀ ପ୍ରତିମା,
ମୃତସଞ୍ଜୀବନ ମନ୍ତ୍ର କେଉଁ ବିଶ୍ୱକର୍ମା
ପଢ଼ି ଜୀବନ୍ୟାସ ଦେଲା ଶିଳା ଅପଘନେ !
ସୁସ୍ପଷ୍ଟ ଜାଗ୍ରତ ହୋଇ ଉଭା ଶୁଭ୍ରାନନେ ।
ଏଡ଼େ ବଡ଼ ମନ୍ଦିରର ଅଛୁ ଶ୍ରେଷ୍ଠ ମୂର୍ତ୍ତି
କେଉଁ ଯୁଗୁ ଅଛୁ ରହି ଧରି ଦିବ୍ୟସ୍ଫୂର୍ତ୍ତି ।

Digitized by srujanika@gmail.com

କେତେ ପଣ୍ଡା ପଢ଼ିଆରୀ କେତେ ପୁରୋହିତ
ଋତ୍ୱିକ ବ୍ରାହ୍ମଣେ ତବ ଚରଣେ ଆଶ୍ରିତ
କେତେ ଦାଗ ଦାଗନ୍ତର ଦେଶ ଦେଶାନ୍ତର—
ଦର୍ଶକ ଯାତ୍ରୀଙ୍କ ହରୁଅଛୁ ଗୋ ଅନ୍ତର
ବକ୍ଷେ ଉଚ୍ଚ କୁଚ ଯୁଗ୍ମ, ପୀନ ସଞ୍ଚ ଘଞ୍ଚ
କଙ୍କଣ ବରଞ୍ଚି ପାଞ୍ଚ ଦଶଇ ସୁସଞ୍ଚ ।
ସରୁ କଟୀ ମଧ୍ୟ ଶାଠି, ପିହୁଳ ନିତମ୍ବ
ଜଘନ ଯୁଗଳ ତଳେ ଊରୁ ରମ୍ଭା ସ୍ତମ୍ଭ ।
ବାହେ ବାଜୁବନ୍ଧ କରେ ସୁଗୁହ୍ଲ ବଳୟ
ସୃଷ୍ଟ ଶିଳ୍ପ ଭଙ୍ଗି ନାହିଁ ଯୁଗାନ୍ତେ ବିଲୟ
ଏ ପାଷାଣୀ ମୂର୍ତ୍ତି ଦେଖି ଯୁଗାନ୍ତର ସ୍ଥିତ
ଅହଲ୍ୟା ମୂରତି ସ୍କୃତି-ନଭେ ସମୁଦିତ ।
କେଉଁ ମର୍ତ୍ତ୍ୟ ବିଶ୍ୱକର୍ମା ଗଢ଼ିଲା ମୂରତି
ଈଶ୍ୱର ମନ୍ଦିରେ ଶ୍ରେଷ୍ଠ ପ୍ରତିମା ପାର୍ବତୀ
କଳାପାହାଡ଼ର ଦୃଷ୍ଟି ଏଡ଼ି ସର୍ବ ଶିଳା
ମୋହିନୀ ମୂରତି ପ୍ରତି ସ୍ୱଭାବେ ପଡ଼ିଲା ।

ତେଣୁ ସର୍ବ ଅପକୃଷ୍ଟ ପ୍ରତିମା ପଠାଣ
ଛୁଇଁ ଭ୍ରଷ୍ଟା ମୂର୍ତ୍ତି ଭଙ୍ଗିଦେଲା ଶିରଃଠାଣ
ନିଖିଳ ଉତ୍କଳବାସୀ ଗୃହଲକ୍ଷ୍ମୀ ସତୀ
ସମସ୍ତଙ୍କ ପ୍ରତିମୂର୍ତ୍ତି ଏ ଦେବୀ ପାର୍ବତୀ ।
ଏହାଙ୍କ ମହତ୍ତ୍ୱ ନେଇଗଲା ସେ ଯବନ
ଲକ୍ଷ୍ମୀ ଛାଡ଼ିଗଲେ ତେଣୁ ଉତ୍କଳ-ଭବନ ।
ସେହିଦିନୁ ଉତ୍କଳର ଭାଗ୍ୟ-ରବି ଅସ୍ତ
ଶୌର୍ଯ୍ୟ ବୀର୍ଯ୍ୟ ଶିଳ୍ପ କଳା ଚଲ ରେ ସମସ୍ତ ।
ଯାଇଛି ଦେବତା ପଡ଼ିଅଛି ରେ ପ୍ରତିମା,
ଅଛନ୍ତି ମନୁଷ୍ୟେ, ନାହିଁ ସେ ଗୁଣଗରିମା ।

Digitized by srujanika@gmail.com

ସ୍ୱର୍ଗଧାମ

— ୧ —

କହ ପ୍ରଭୁ କହ ତବ ସ୍ୱର୍ଗଧାମ କାହିଁ ?
ସେହି ସ୍ୱର୍ଗପୁର ସୁଖ ମୁହିଁ ଜାଣେ ନାହିଁ ।
ଅଛି କି ସେ ସ୍ୱର୍ଗଧାମ ବୈକୁଣ୍ଠଭୁବନେ,
ଅବା ପାରିଜାତ ଫୁଲ ନନ୍ଦନକାନନେ ?
ଅମରାବତୀରେ କିବା ଅପ୍ସରିସେବିତ,
ଅଥବା କୈଳାଶପୁରେ ଅମର ବାଞ୍ଛିତ ?
ଅଛଇ ତା ଯୋଗୀଜନ-ଜ୍ଞାନୋଜ୍ଜ୍ୱଳ ମନେ
ଭକ୍ତର ଭକତି-ଧୌତ ହୃଦ ସିଂହାସନେ ?
ପୃଥିବୀର ପାପତାପ ଠାରୁ ବହୁଦୂରେ
ଅଛି କି ତା' ବ୍ରହ୍ମଲୋକେ ନିର୍ବିକାର ପୁରେ,
ଗିରିଗୁହା, ଘନବନ, ଧସୁଭ୍ୟ ସମାଜେ
କହଦିଅ ସ୍ୱର୍ଗରାଜ୍ୟ କାହିଁ ସଦା ରାଜେ ?
ଭାଳି ସ୍ୱର୍ଗଧାମ କଥା ପରିଶ୍ରାନ୍ତ ଚିତ୍ତ
ନିଦ୍ରା ଅଙ୍କେ ଆସି ହେଲି ସ୍ୱପ୍ନ-ବିମୋହିତ ।

— ୨ —

ଦେଖିଲି ଉଦିଲା ଚିତ୍ତେ ସ୍ୱପ୍ନବିମୋହିତ
ସାମାନ୍ୟ କୁଟୀର ଏକ ଶିରି ପରିବୃତ,
ଯୋଡ଼ିଏ ଶିଶୁଙ୍କୁ ଘେନି ଶିଶୁଙ୍କ ଜନନୀ
ବିଷଣ୍ଣ ପରାଣେ କାଟେ ଦିବସ ରଜନୀ ।
ତରୁଶାଖେ ଆସି ତହିଁ ବିହଙ୍ଗମଗଣ
ବସି ଗୀତ ଗାଇ କାହିଁ କରନ୍ତି ଗମନ !
ଶିଶୁଏ ପକ୍ଷୀଙ୍କୁ ଦେଖି ହସନ୍ତି, ଖେଳନ୍ତି
ନାନା ଲୀଳା କରି କ୍ଷୁଦ୍ର ଗୃହ ଆଲୋକନ୍ତି ।
ମୁହିଁ ଯେବେ ରହିଲି ପାଏଁ ସୁଦୀର୍ଘ ପ୍ରବାସେ
ଚିନ୍ତନ୍ତି ଥାଆନ୍ତି ମମ ଆଗମନ ଆଶେ ।

Digitized by srujanika@gmail.com

ଉଜ୍ଜ୍ୱଳ ଚନ୍ଦ୍ରମା ଜଳେ ସୁନୀଳ ଆକାଶେ
ମଧୁର ମଳୟ ବହି ଆଣେ ଫୁଲବାସେ
ମଧୁର ପ୍ରକୃତି-ସ୍ନେହ ଅଧିକ ମଧୁର
ବଗ୍ନବଲ୍ ଏହି ତ ମୋ ପ୍ରିୟ ସ୍ୱର୍ଗପୁର !

ନିଶୀଥ ଶୋଭା

ଶାନ୍ତିପୂର୍ଣ୍ଣ ଜନପଦ ନିଦ୍ରାନିଗମନ
ମୃଦୁମନ୍ଦ ବହିଅସେ ଦକ୍ଷିଣା ପବନ,
କଳ କଳ ଚଳ ଚଳ ସରିତ-ଜୀବ,
ମର ମର ପତ ପତ ତରୁ ପତ୍ରଗଣ,
ପ୍ରଶାନ୍ତ କୌମୁଦୀସ୍ନାତ ନିଖିଳ ଭୁବନ
ତାରକା ଖଚିତ ନୀଳ ନିର୍ମଳ ଗଗନ,
ଭଗ୍ନ ମୌନେ ମୂକବତ ଗ୍ରାମ ଗୃହ ପନ୍ତ
ମଞ୍ଚ ମଠି ତାବ୍ର ତହିଁ ନେଜ ନିବେଶନ୍ତ ।
ସୁଷୁପ୍ତି ସମୟେ କିବା ଦେବତା ନୟନ
ନିଃସହାୟ ମାନବଙ୍କୁ କରେ ନିରୀକ୍ଷଣ ?
ସହଜ, ସରଳ ମନେ ଏ ଶୋଭା ନିରେଖି
ଯୋଗମଗ୍ନ ରହିଥିବା ପ୍ରକୃତିକୁ ଦେଖି
ବନ୍ଦ କରେ ନର୍ମଲ୍ ମୁଁ ନମୋ ଦିଗମ୍ବର,
ନମସ୍ତେ ପବିତ୍ର ଶିବ, ନମସ୍ତେ ସୁନ୍ଦର ।
ତାରକାଖଚିତ ନୀଳ ନିର୍ମଳ ଆକାଶେ
ଶୁଭ୍ର ସୁମଧୁର ସ୍ନିଗ୍ଧ କୌମୁଦୀ ପ୍ରକାଶେ
ଶାନ୍ତିଦାନକାରୀ ମୃଦୁ ମଳୟ ପବନେ
ସୁପ୍ରସନ୍ନ ସୁନିର୍ମଳ ସରିତ ଜୀବନେ
ପଲ୍ଲବ-କୁସୁମ ଶୋଭା ଉଦ୍ଭିଦ-ଆହ୍ଲାଦେ
ସୁପ୍ତି-ମୌନ-ଜନପଦ ନୀରବ ପ୍ରସାଦେ
ଯେ ଦେବତା ପରିପୂର୍ଣ୍ଣ ସୌନ୍ଦର୍ଯ୍ୟ ସମ୍ପଦେ
ବିରାଜୁଛ, ନମୋନମଃ ତବ ପୂତ ପଦେ ।

Digitized by srujanika@gmail.com

ପ୍ରବାସୀର ପତ୍ର

ଧୀରେ ମାଡ଼ିଅଛି ଧରା ଋତୁରାଜ ମଧୁ,
ତରୁଡାଳେ "କୁହୁ" "କୁହୁ" ରାବେ ପିକବଧୂ ।
ଦକ୍ଷିଣରୁ ମନ୍ଦ ମନ୍ଦ ବହୁଛି ମଳୟ,
ଲତାଦ୍ରୁମେ କଅଁଳୁଛି ନବକିଶଳୟ ।
ଏ କାଳେ ବିଦେଶୀ ଏକ ସୁଦୂର ପ୍ରବାସେ
ଲେଖୁଛି ବିରହ ଲେଖ ପ୍ରିୟତମା ପାଶେ ।
ସେ ଗୁପତ ପତ୍ର କିବା ଗୁପତେ ପଢ଼ିଲ ;
ପରଛିଦ୍ରାନ୍ୱେଷୀ ହେଲେ ଲେଖନୀ ରହିଲ ।
ଲେଖିଛି ପ୍ରବାସୀ, "ପ୍ରିୟେ ଘେନଣ ମେଲାଣି,
ବିରହ ବଧୂର ପ୍ରାଣ ମୋର ହୁଏ ହାଣି ।
ଇଚ୍ଛା ନ ଥିଲେହେଁ ଦୁଃଖେ ଅଣିଛି ବିଦାୟ
ପ୍ରାଣ ତବ ପାଶେ ଏଥି ଅଛି ଜଡ଼କାୟ ।
ଅର୍ଦ୍ଧପ୍ରାଣେ ପଡ଼ିଅଛି ଦୁଃଖର ପ୍ରବାସେ
ବିଚ୍ଛେଦ-ବହ୍ନିବିଦଗ୍ଧ ହୋଇବା ସକାଶେ ।

ସୌଦାମିନୀ କିଣି ତୋର ଝଟ ଝଟ ତନୁ
ପ୍ରାଣ ଥିବାଯାଏ ନ ପାସୋର ଯିବ ମନୁ ।
ଚଳ ଚଳ ତୋ ମୂରତି ହସ ହସ ମୁଖ
ଦେଖି ହାତେ ପାଏଁ ପ୍ରିୟେ ବୈକୁଣ୍ଠର ସୁଖ ।
କଠୋର କର୍ତ୍ତବ୍ୟକ୍ଷେତ୍ରେ କର୍ମ କଲାବେଳେ
ତୋ ଗୁଣ ମାଧୁରୀ ମୋର ମନେପଡ଼େ ହେଳେ ।
ରୋଗେ ସ୍ୱାସ୍ଥ୍ୟେ ଦୁଃଖେ ସୁଖେ ଥାଏ ଯଥାତଥା,
ବଳେ ମନେ ପଡ଼ୁଥାଏ ସଜନି ତୋ କଥା ।
ରୋଗଶଯ୍ୟା ପାଶେ ତୋର ବିଷଣ୍ଣ ବଦନ,
ତତ୍ପରତାର ବିନ୍ଦୁ ସେବା ସ୍ନେହପରିପୂର୍ଣ୍ଣ ।
କି ଦେଇ ହେ ଦେବି ! ଋଣପାଶୁ ମୁକ୍ତ ହେବି
ତେମନ୍ତ ମୁଁ କିସ ପୀରତିର ପ୍ରତିଶୋଧ ଦେବି ?

Digitized by srujanika@gmail.com

ପ୍ରଥମ ଦିନର ସେହି ନବୀନ ପ୍ରଣୟ
ପ୍ରାଣେ ଥିବାଯାଏ ନ ଭୁଲିବ ମୋ ହୃଦୟ ।
ନିଷ୍ପଟ ତୋର ସେହି ଆତ୍ମବିସର୍ଜନ
ଅତୁଳ ସମ୍ପଦ ବୋଲି ସମ୍ଭାଉଛି ମନ ।
ଆଚ୍ଛାଦିଲେ ଚିଦାକାଶ ବିଷାଦ ଅନ୍ଧାର,
ତୋ ପୀରତି ସ୍ମୃତି ସୁଖ ମୟୂଖର ଧାର ।
ନୈରାଶ୍ୟ ଦୁର୍ଦ୍ଦିନ ହୃଦାକାଶେ ଦେଲେ ଦେଖା
ତୋ ମଧୁର ପ୍ରେମ ଆଶା ଚପଳାର ରେଖା ।
କିନ୍ତୁ ସଖୀ ତୁହି ଯେବେ କରିଦେବୁ ପର
ବିଅର୍ଥ ଲଭିବ ମୋର ନର କଳେବର ।
ଭାବହୀନ ନେତ୍ର ତୋର ଦେଖି ଲୋ ପ୍ରେୟସି !
ହୃଦ-ବୃନ୍ତୁ ପ୍ରେମ-ପୁଷ୍ପ ପଡ଼େ ତଳେ ଖସି ।
ନଶ୍ବର ଜୀବନ ପୁଣି ନଶ୍ବର ଯୌବନ,
ନିଷ୍ପଟ ପ୍ରୀତି କିନ୍ତୁ ଅଟେ ଚିରନ୍ତନ ।
କଠୋର ଜୀବନ ବ୍ରତ କଠୋର ସଂସାର,
ବିପଦ-ବାତ୍ୟା-ତାଡ଼ିତ ଭବ-ପାରାବାର ।

ମୃଗତୃଷ୍ଣା-ପ୍ରବଞ୍ଚିତ ଭବ ମରୁଦେଶ,
ବିପଦସଙ୍କୁଳ ଏ ଯେ ସଂସାର ବିଦେଶ ।
ସୁଖେ ଦୁଃଖେ ଯଥାତଥା ଅଟଗୋ ପ୍ରାଣବଲ୍ଲୀ,
ମୁଁ ତୋହର ତୁହି ମୋର ମନେଥିବୁ ରଙ୍ଗି ।"

କାମ ଓ ପ୍ରେମ

କାମେ ପ୍ରେମେ ବହୁଦୂର ଯୋଜନ ଯୋଜନ
କାମ ଜାଣ, ପ୍ରେମ କି ତା ଜାଣେ କେଉଁ ଜନ ?
କାମ ପଙ୍କପୋକ ପଙ୍କ ଭଲ ପାଏ ବାସେ
ପ୍ରେମ ସେ କପୋତ ଯେଣ୍ଣେ ଉଡ଼ଇ ଅକାଶେ ।

Digitized by srujanika@gmail.com

କାମ ଯେସନ୍ତେ କୁଜ୍‌ଝଟିକା ଧରାରେ ଲୋଟଇ
ପ୍ରେମ ଯେସନ୍ତେ ସୂର୍ଯ୍ୟରଶ୍ମି ଜଳଦେ କ୍ରୀଡ଼ଇ ।
କାମ ବରଷାର ଗଙ୍ଗା, ଡୁବୁ ପଙ୍କ ଲାଗେ
ପ୍ରେମର ପରଶେ ପ୍ରାଣେ ନବ ପୁଣ୍ୟ ଜାଗେ ।
କାମ ଯେସନ୍ତେ କାରାବାସ, ଘୋର ଅଧୀନତା
ସ୍ୱାଧୀନ କରଇ ପ୍ରେମ, ବଢ଼ାଏ ଉଚ୍ଚତା ।
କାମ ଗିଲ୍‌ଟି ସୁନା, ପାଇ ଦୋକାନେ ଦୋକାନେ,
ପ୍ରେମର ହୀରକ ମିଳେ ଦୁଇ ଏକ ସ୍ଥାନେ ।
ପ୍ରଚଣ୍ଡ ଗୁଆଁର କାମ ବଳରେ ନିର୍ଭର,
ବଳରେ ନାମରେ ପ୍ରେମ ସରମେ କାତର ।
କାମ ମୁଖେ ସ୍ୱର୍ଗ ଦଏ ଡୁବାଏ ନିରୟେ
ସ୍ୱର୍ଗେ ନେଇଯାଏ ପ୍ରେମ ଦେଖିଲେ ନିରୟେ ।
ସ୍ୱାତନ୍ତ୍ର୍ୟ ରଖଇ କାମ, ଭୋକ୍ତା ଆଉ ଭୋଗ୍ୟ
ପ୍ରେମେ ଦୁଇ ଏକ ହୋନ୍ତି ଯେଉଁଠି ଯା ଯୋଗ୍ୟ ।
ନିକଟେ ଜାଗଇ କାମ, ଭୁଲେ ନେତ୍ର ଅଢ଼େ,
ଦୂରତ୍ୱ ନ ମାନେ ପ୍ରେମ, ବିଚ୍ଛେଦେ ସେ ବଢ଼େ ।

ଶୁଭଯୋଗେ ଶୁଭଲଗ୍ନେ ଦେଖାଦେଖି ହୁଏ
ଦୁଇ ପ୍ରାଣେ ଏକ ସ୍ୱର ଦୁଇ ପ୍ରାଣେ ଲୟ ।
ତବେ ପଶି ଏକ ହୁଏ ଯୁଗଳ ମୂରତି,
କି ଜାଣେ ତାହାର ମର୍ମ କାମ ସ୍ଥୂଳମତି ?
ଅହା କି ବିଶଦ ପ୍ରେମ ପ୍ରେମର ପ୍ରଭାବେ,
ଏକର ଶକତି ଯାଏ ଅନ୍ୟର ସ୍ୱଭାବେ ।
ଶକତି ଶକତି ମିଳି ଲଗଇ ଜୁଆର
ନଦନଦୀ ତବେ ମିଳି ହୁଏ ସେ ହୁଙ୍କାର ।
ଏକ ଠାରୁ ଅନେ ନିଅ, ତବେ ଶକ୍ତିହୀନ
ଝଙ୍କାର ସହିତ ଯଥା ତଟାନ୍ତେ ବିଲୀନ ।

Digitized by srujanika@gmail.com

ଦୁଇ ଅଙ୍ଗ ସର୍ବାଙ୍ଗ ଯଦ୍ଦ ଫୁଟି ଥାଏ ପାଶେ
ଜଗତ ସଂସାର ପ୍ରେମ ଭୁଲେ ଅନାୟାସେ ।
ସେ ଦୁଇ ସ୍ୱରୂପ ହେଲେ ଭୁବନ ଅନ୍ଧାର
ଲକ୍ଷ କୋଟି ନରନାରୀ ଧୂଳିସ୍ତୂପାକାର ।
କାମ ରମଣୀରେ ଦେଖେ ପୁଷ୍ପର ଅଘ୍ରାଣ
ବାସି ହେଲେ ଫିଙ୍ଗି ଦେଇ ଅନ୍ୟେ ଲଗା ଟାଣ ।
କାମ ଦୁଷ୍ଟ ମୁଖେ ମିଷ୍ଟ ନାରୀକୁ ଭୁଲାଇ
ବିଷମ ପଙ୍କିଳ ହ୍ରଦେ ଅସେ ଗୋ ବୁଡ଼ାଇ ।
ମଧ୍ୟେ ବାଟ ଯାଏ ଡଆଁ ନୁହେଁ ମାରିବାକୁ
ଅଳି ଯଥା ଯାଏ ଫୁଲ ସୁଖ ମାଗିବାକୁ
ନିଜ ସୁଖ ଲୋଡ଼େ କାମ ଅନ୍ୟ ସୁଖ ପ୍ରେମ
କାମ ଦେଖେ ଭୋଗ ମାତ୍ର ପ୍ରେମ ଦେଖେ କ୍ଷେମ ।
ପ୍ରେମ ରମଣୀକୁ ପୂଜେ, ତାହାର ସମ୍ମାନ
ରଖିବାକୁ ଦେଇପାରେ ଦେହ ମନ ପ୍ରାଣ ।
ଲଘୁଚିତ୍ତ ନୁହେଁ ପ୍ରେମ, ତାର ସନ୍ନିଧାନେ
ଶତ ସାଧୁ ଚିନ୍ତା ଜାଗେ ସେ ଜନର ଧ୍ୟାନେ ।

ମୂର୍ଖା ନାରୀ ଧୂର୍ତ୍ତ ଚର କୁହୁକେ ଭୁଲିଣ
ପ୍ରେମେ ବୋଲି କାମେ ପୂଜେ ହୃଦୟେ ସ୍ଥାପିଣ ।
ଅସାର ସେ ଗୃହଁ ବାନ୍ଧେ ହୁଏ ଅସ୍ୱହରି
କାମେ ଭୁଲି ନ ଦେଖେ ସେ ପ୍ରେମର ଝଙ୍କାର ।
ଶେଷେ ଯେତେବେଳେ ଜାଗେ କାନ୍ଦେ ରାତ୍ରି ଦିନେ
ଜୁଆରର ମଡ଼ା ଯେସନେ ଭଟ୍ଟାର ପୁଲିନେ ।
ସାଧ୍ୱୀ ଶତ୍ତ୍ୱ ନାରୀ ପ୍ରେମେ ପାରେ ଗୋ ଚିହ୍ନିଣ
ଆପଣାକୁ ଦିଏ ତେଣୁ ଅନ୍ୟେ ଛଡ଼ାଇଣ ।
ନିଜକୁ ହରାଇ ଜଡ଼େ ପାଏ ପରସ୍ପରେ
ଦାମ୍ପତ୍ୟ ମହତ୍ତ୍ୱ ମାତ୍ର ଦେଖି ଗୋ ଏଠାରେ ।
କାମ ଭାଙ୍ଗେ ପ୍ରେମ ଗଢ଼େ ଗୃହ ପରିବାର
ପ୍ରେମେ ପ୍ରେମ ଜାଣ ମିତ୍ର ଭବେ ନିଃସ୍ୱାର୍ଥ ।

Digitized by srujanika@gmail.com

ହୃଦୟ ପଟେ ନି ଦୂର ଅନ୍ଧାର ନାଶୁନ
ଖୋଲିଯାଏ ଦେଖାଦଏ ଧର୍ମ ସନାତନ ।
ତେଣୁ କହେ କାମେ ପ୍ରେମେ ବହୁ ବ୍ୟବଧାନ
କାମ ଏହୁ ସ୍ଥୂଳ ସୃଷ୍ଟି ପ୍ରେମ ଭଗବାନ ।

ଉଷା ଓ ସୂର୍ଯ୍ୟ

—୧—

ବିପିନେ ଗାଉନ୍ତି ବନ ବିହଙ୍ଗେ,
ବହେ ତା ସୁରଭିତ ପବନ ସଙ୍ଗେ ।
ନୀଳକାନ୍ତ ନଭେ କେମନ୍ତ ରଙ୍ଗେ,
ହସି ଉଷା ଯୋଷା ବିଜନେ ।

—୨—

ଶୁଭ୍ର ସୁଶୋଭନ ଶାଢ଼ୀ ଶ୍ରୀଅଙ୍ଗେ
ପିନ୍ଧି ଦେବଯୋଷା ଉଭା ତ୍ରିଭଙ୍ଗେ,
ସୁନ୍ଦମଣି ଶୋଭେ ତା ଉତ୍ତମାଙ୍ଗେ,
ହରଷ-ସୁଷମା ଆନନେ ।

—୩—

ବହୁଛି ପବନ ଖେଳି ତରଙ୍ଗେ,
ହସି ହସି ଫୁଲ ହଲଇ ରଙ୍ଗେ,
ହସୁଛି କି ଯୋଷା ଶୃଙ୍ଗ ଅପାଙ୍ଗେ,
ନାଚି ଯାଉଛି କି ଭୁବନେ !

—୪—

ଭାନୁ ଦେଖି ତାର ମୋହନ ଢଙ୍ଗେ,
ଗୋଡ଼ାଇ ଆସନ୍ତି ତା ସଙ୍ଗେ ସଙ୍ଗେ,
ପଳାଇ ଗଲା କି ବାମା ଆତଙ୍କେ,
ତରୁଣ ପ୍ରଚଣ୍ଡ କିରଣେ ?

Digitized by srujanika@gmail.com

ଓଡ଼ିଆ ଲଳନା

କେ ଦେଖିବ ଦେଖ ଆସି ଓଡ଼ିଆ ଅବଳା
ଅଙ୍ଗ ଢୋଣ୍ଡୁ ଢାକଯାଏଁ ନାଇଛୁ ସେ କଳା,
ମଥାରେ ସିନ୍ଦୂର ଟୋପା ଅଢ଼େଇ କରସି
କେତେ କଷ୍ଟେ ନାଇଛୁ ସେ ଦେଖିଣ ଆରସି ।
ଝଲେ ସିନ୍ଥି, ମଥାମଣି, କସ୍ତାପଟୀ ଶିରେ
ମଲ୍ଲୀକଢ଼ୀ, ଗୋଞ୍ଜ କାଠି, ସଯୁକ୍ତ କଞ୍ଚିରେ
ଝନ ଗୁବଗଣ୍ଡା ମୁଣ୍ଡେ ଭିଡ଼ା ପାଟପୁଲ୍
ବାର ଓହଳ ସମାନ ପଛେ ଅଛି ଝୁଲି ।
ଓ୍ୱାଟର୍ ସେଡ୍ (watershed) ସମମାଙ୍ଗ; ବେଣୀ ଶିବଜଟା
ମାସେ ଖଣ୍ଡକରେ ମୁଣ୍ଡ ଧୁଏ ଥରେ ଫିଟା ।
ଦଣ୍ଡି, ନଥ, ଫୁଲ, ଗୁଣା, ବସଣୀ ନାକର
କାହାର କାହାର ଥାଏ ବେଶରୀ, ବେଶର ।
କାନେ କାପ, ମଲ୍ଲକଢ଼ୀ, ଚଉକା, ବାଉଳି,
ଲବଙ୍ଗ, ବାଲିଆ, ନୋଳି, ଗୋଖରୀ, କୁଣ୍ଡଳୀ,

ବେକେ ଚମ୍ପାକଢ଼ୀ, କଣ୍ଠି, ଧାନ, ଗୁପସରୀ
ମୋହନ ମାଳା ଇତ୍ୟାଦି ଲେଖିଲେ ନ ସରି ।
ହାତେ ତାଡ଼, ବାଜୁ, ଚୂଡ଼ି, ଛାଇତ, ଖାସିଆ
ପଇଁଛି, ମଗରମୁଣ୍ଡି, ଶଙ୍ଖା, ତେଉଁରିଆ ।
ଦେହଯାକ ଗହଣାରେ ପୂର୍ଣ୍ଣ ଷୋଳ କଳା
କେ ଦେଖିବ ଦେଖ ଆସି ଓଡ଼ିଆ ଅବଳା ।
କେ ଦେଖିବ ଦେଖ ଆସି ଓଡ଼ିଆ ଅବଳା,
ଗୋଟିଏ ଗୁଡ଼ଲେ ଯେଉଁ ଦେହଟି ଛା' ତଳା ।
ମୋଟା ଶାଢ଼ୀ, ଓମୁଣ୍ଡିଆ, ହଳଦୀ ଗର୍ଗର
ମାସେ ଦୁଇ ମାସେ ଥରେ ଯାଏ ଧୋବାଘର,
ପନ୍ଦର ହାତ ଶାଢ଼ୀକୁ ନ'ହାତ ଅଣ୍ଟାରେ
ମୁହଁରେ ହାତେ ଓଢ଼ଣା ଅଣ୍ଟା ସଦାଃ ର ।

Digitized by srujanika@gmail.com

ଓସାର ଅଢ଼େଇ ହାତୁ, ହାତକ ପୂଡ଼ାକୁ
ପିଠି ଅଧିକ ପଛରେ ଦଶୁଛି ପଦାକୁ,
ଗୁରବେଣ ଚନ୍ଦ୍ରହାର, ସୂତା ଅବା ଗୋଠ,
ଲମ୍ବରେ କୂଅ ଦଉଡ଼ିଠାରୁ କଣ୍ଟୁ ଘେଣ୍ଟ ।
ଗୋଡ଼ରେ ପାହୁଡ଼, ଖଡ଼ୁ, ବଳା, ବେଙ୍ଗପାଟିଆ
ଦଶ ଅଙ୍ଗୁଳିରେ ଅଛୁ କୋଡ଼ିଏ ଝୁଣ୍ଟିଆ ।
ପାଦପଦ୍ମ, ପାଇଜୁଡ଼ୀ, ଅଳତାର ପାଟି
ଝୁମୁକା ଲଗା ମୁଦଟା କରେ ସ୍ୱର ପାଟି ।
ଧାଇଁଗଲେ ଗରବଣୀ ନ ଦଶଇ ପଥ
ବଡ଼ଦାଣ୍ଡେ ଗଲେ ଯେସନ୍ତେ ଜଗନ୍ନାଥ ରଥ ।
ଗୁଣ୍ଡିମିଶା ପାନ ଖିଲେ ଗାଲ୍ ଯାଏ ଫାଟି,
ପାନବୋଳ ଲାଗି କଳା ଦଶେ ଦାନ୍ତ, ପାଟି ।
ଏପରି ରମଣୀ ଯେବେ ନ ଦେଖିଛ ଭାଇ,
ଦେଖ ଦେଖ ଓଡ଼ିଆଣୀ, ଧାଇଁ ଗଲୁଥାଇ ।
କେ ଦେଖିବ ଦେଖ ଆସି ଓଡ଼ିଆ ରମଣୀ
ହଦ କାରିଗର ଢାର, ହଢରେ ଘରଣୀ ।

ଭାତ, ତୁଣୀ, ଡାଲି, ଭଜା, କାଞ୍ଜି, ଖିରି, ପିଠା,
ଆମ୍ବିଳ, ସନ୍ତୁଳା, ଶାଗ ଭାଜି, ଜାଉ, ମିଠା
ରାନ୍ଧେ ବାଢ଼େ ଭିତରରେ ଲକ୍ଷ୍ମୀ ରୂପେ ବାଳୀ
ବିଭାପର୍ବେ ଓଷାବାରେ କରେ ଅଠକାଳୀ,
ଚକୁଳି, ଗଇଁଠା, ମଣ୍ଡା, ଅରିଷା, କାକରା,
ଏଣ୍ଡୁରି, ଛୁଞ୍ଚିପତର, ଘାଣ୍ଟିଆ, ସାକରା ।
ରଜାପୁଅ, ମନ୍ତ୍ରୀ ଝିଅ, ସାହୁବୋହୂ କଥା
ଚଗଡମାଳୀ, ପ୍ରବାଦ, ବ୍ରତ ଉପକଥା
ବୁଧବାର, ଯମ ଓଷା, ଭଅପୋଇ ବ୍ୟଥା,
ଦ୍ୱିତୀୟା ଓଷା କଥାରେ ମହାସମରଥା ।
ଅନ୍ନଲିପି, ବସ୍ତ୍ରଲିପି, ମେଷ ଯୁଦ୍ଧ ଅବା
ପଦ୍ମବନ୍ଧ, ନାଗବନ୍ଧ, ଗୋମୂତ୍ର ଛନ୍ଦାଦ,

Digitized by srujanika@gmail.com

ରାମ ସୀତା ଶାଢ଼ି ଅବା ଅଭିମନ୍ୟୁ ବ୍ୟୂହ
ଚଉପାଢ଼ୀ ଢାଙ୍କୁ ଲେଖେ ଯେନ ପୁଅ, ଝିଅ ।
ଝାଞ୍ଜଣା ବୁଣାରେ କେହୁ ନାହିଁ ସମସର
ଚାଇଁଶ ଗୁଙ୍ଗୁଡ଼ି ବୁଣା ହଦ୍ଧ କାରଗର ।
ଚନ୍ଦନ ଘୋରବା, ଲଗାକୁଞ୍ଜା, ପାନଭଙ୍ଗା,
ଧାନମେଣ୍ଟି ବୁଣି ଘର ମଥାନରେ ଟଙ୍ଗା,
ଦନଭର ତିନି ଥର ହଳଦୀ ଲଗାଇ
ପର ଘର ନିନ୍ଦା କହୁ ବୁଲେ ସାଇ ସାଇ ।
ଖାଉଥାଏ ଭାତ, ଗୋଡ଼ ଲମ୍ବାଇଣ ବସି,
ସଙ୍ଗୁଡ଼ି ପାଖରେ ଦୁଇ ତିନି ଘଡ଼ି ବସି ।
ଏପରି ରମଣୀ ଯେବେ ନ ଦେଖିଛ ନନା,
ଦେଖ ଦେଖ ଧାଇଁଅସି ଓଡ଼ିଆ ଲଲନା ।
କେ ଦେଖିବ ଦେଖ ଅସି ଓଡ଼ିଆ ରମଣୀ
ଓଡ଼ିଆଙ୍କୁ ଯନ୍ତ କରେ କାଟ ଝଣଝଣି ।
ଅଶେଷ ଯୌତୁକ ବାପଘରୁ ନେଇ ଯାନ୍ତି,
କଣ୍ଟିରେ ଊଣା ହେଲେ ଗାଡ଼କୁ ପଠାନ୍ତି ।

ଯାହାର ଖାଆନ୍ତି, ତାର ରଟନ୍ତି ବଦ୍‌ନାମ ।
ସରି ଗଲେ ମୁଣ୍ଡଖୋଡ଼ ଅର୍ଜନ୍ତି ଲେକ୍‌ନାମ ।
କହୁଳବେଳେ ବାଟୁଲି ନ ଲଗଇ ତୁଣ୍ଡେ
କଉଅରେ ହାରଗଲେ ପିନ୍ଧୁଥାନ୍ତି ମୁଣ୍ଡେ
ଓଷାବାରେ, ବନ୍ଧପର୍ବେ, ବର୍ତ୍ତମାନ ବଳି
ସାତ, ପାଞ୍ଚ ମିଳି ଦେଉଥାନ୍ତି ହୁଳହୁଳି ।
ହମେସା କନ୍ଦଳ କରି ଯାଅ, ବୋହୂ ସଙ୍ଗେ
ଦୁଃଖେ ଶୋକେ ରଗିଣୀରେ ବାହୁନନ୍ତି ରଙ୍ଗେ ।
ବୃଥାରେ ଠେଙ୍ଗାନ୍ତି ପିଲ୍ଲ କରି ଘୋର ଗୋଳ,
ଅନ୍ୟ ଛୁଇଁ ଦେଲେ ହାତ କ୍ଷମ କନ୍ଦଳ ।
ବସାନ୍ତି ସେ ପାର୍ଲାମେଣ୍ଟ ମିଳି ଯଥାତଥା
ଗାଧୁଆଘାଟରେ ହୁଏ ଅବୁ ସବୁ କଥା ।

Digitized by srujanika@gmail.com

ବନ୍ଧୁ ବାମ ହେଲେ ଯେବେ ରଡ଼ିଯାନ୍ତି ବାଳୀ
ଝଣ୍ଟୁଣୀ, ଗୋଈଣା ମଧ୍ୟ ଖାଉଥାନ୍ତି ଗାଳି ।
ବାଇଶ ପାହାଚେ ଯାଇଁ ସଙ୍ଗାତ ବସଇ
ପ୍ରାଣାନ୍ତେ ସଙ୍ଗାତ ନାମ ତୁଣ୍ଡେ ନ ଧରଇ ।
ଗୁରୁଜନ ଥିଲେ ଡାକେ "ଟୁଇ ଟୁଇ" କରି,
ଅତି ଅଳପ ଲୋକଙ୍କୁ ଡାକେ ନାମ ଧରି ।
ଘରେ ଥିଲାବେଳେ ଲାଜେ ପଶି, ସଢ଼ି ଯାନ୍ତି,
ଯାତ୍ରା ତୀର୍ଥେ ଗଲେ ଘୋର ନିର୍ଲ୍ଲଜ ହୁଅନ୍ତି ।
ନିସ୍ତବ୍ଧ ରାତରେ ଲୁଚି ସ୍ୱାମୀ ପାଶେ ଯିବା,
ହାଇଁ ସାଇଁ କରି ଘର ଗୁଗୁଲି ଜଗିବା ।
ରାତି ନ ପାହୁଣୁ ତହୁଁ ଲୁଚିଣି ପଳାଇ
କାଳେ କେହି ସ୍ୱାମୀ ସଙ୍ଗେ ଦେବ ତାକୁ ଗୁହାଁ ।
ଶାଶୁଘର ଜଣେ ପଶି, ଲାଜେ ମିଳୁଥାଇ
ବାପ ଘରେ ପାନ ଖାଇ ବୁଲେ ସାଇ ସାଇ ।
ଏସବୁ ରମଣୀ ଯେବେ ନ ଦେଖିଛ ଜନା,
ଦେଖ ଦେଖ ଧାଇଁଅସି ଓଡ଼ିଆ-ଲଳନା ।

ସୀତାରାମ

ରାଜକାର୍ଯ୍ୟ ସମାପନେ ଶ୍ରୀରଘୁନନ୍ଦନ
ବିଶ୍ରାମ ଆଳୟେ କଲେ ନିଶୀଥେ ଗମନ ।
ବିଷଣ୍ଣ-ଆନନ ରାମ ଅବସନ୍ନ-ମନ,
ମଉଳିଯାଇଛି ରୂପ, କ୍ଷୀଣ ଅପଘନ ।
ମୁକୁଟମଣିର ଜ୍ୟୋତି ଦିଶୁଛି ମଳିନ,
ଶୁଦ୍ଧାନ୍ତର ଶିରୀ ତୁଟି ଦିଶେ ଦୀନହୀନ ।
ହିରଣ୍ମୟୀ ସୀତା ମାତ୍ର ହସୁଛନ୍ତି ସୁଖେ,
ତାହାଛଡ଼ା ହାସ୍ୟ ଆଉ ନାହିଁ କାହା ମୁଖେ ।
ନିର୍ଜନ ଅଯୋଧ୍ୟାପୁରେ ରଘୁପତି ରାମ,
ଭାଳି ନିଜ ଦଶା ହେଲେ ଗଳ ଘର୍ମ ଧାମ ।

Digitized by srujanika@gmail.com

କାନ୍ଦନ୍ତି ମହାଶୋକେ ସୀତାଙ୍କ ଗୁଣ ଗୁଣି,
ପାଷାଣ ତରଳିଯିବ ସେ ବିଳାପ ଶୁଣି ।
ସୀତାଶୋକ ହୃଦେ ବହି ରାମ ବିଚେତନ,
ନିଦ୍ରାରେ ଦେଖିଲେ ବୀର ଅପୂର୍ବ ସ୍ୱପନ ।
ଜୀବ ପାଇ ସ୍ୱର୍ଣ୍ଣସୀତା ନିଶା ଶେଷଯାମେ,
ଦିଅନ୍ତି ହରଷମୁଖେ ସାନ୍ତ୍ୱନା ଶ୍ରୀରାମେ ।
"ଯେ ଶାଶ୍ୱତ ଯେବେ ଆମ୍ଭ ଦେହିଙ୍କ ମିଳନ,
କିଏ କରିପାରେ ସଖା ଛିନ୍ନ ସେ ବନ୍ଧନ ?
ମୁଁ କି ଜାଣେ ନାହିଁ ପ୍ରଭୁ ସେ ମହତ ପ୍ରାଣ;
ସେ ପୂତ ଚରଣ ତେଣୁ କରେ ଅନୁଧ୍ୟାନ ।
ବୀର ଶୂର ଶୁଦ୍ଧଚେତା ଅଟନ୍ତି ଯେ ପତି,
ତାହାଙ୍କୁ ଆଶ୍ରୟ ସଦା କରେ ସତୀମତି ।
ବିଳାସୀ ଦୁର୍ବଳ ଚେତା ଅଟେ ଯେଉଁ ବ୍ୟକ୍ତି,
ପାଇପାରେ ବିଳାସିନୀ-କାମିନୀ-ଆସକ୍ତି ।
କିନ୍ତୁ ସତୀସାଧ୍ୱୀଙ୍କର ଆସ୍ୱାଦ ଆକାଙ୍କ୍ଷା,
ସାହସିକ ବୀରଙ୍କ ପଦେ ଆଶା କରେ ଭିକ୍ଷା ।

ଜଗତ ସମ୍ପର୍କ ବିନା ତୁଟିଲା ହେ ପ୍ରଭୁ,
ତୁମ୍ଭେ ମୋତେ ଦେଇଅଛ ଅନ୍ତର୍ଯ୍ୟାମୀ ସବୁ ।
ବିଶାଳ ହୃଦୟ ତବ ଅଟେ ସୀତାମୟ,
ଏହାଠାରୁ ବଳି ନାଥ, ସୁଖ କାହିଁ କହ ।
ନୁହେଁ ମୁଁ ସାମାନ୍ୟ ନାରୀ ସମ ବିଳାସିନୀ,
ଯୁଗେ ଯୁଗେ ତୁମ୍ଭେ ତପୀ, ମୁଁ ସହଧର୍ମିଣୀ ।
ମୋ ମାନସକ୍ଷେତ୍ରେ ଯେଉଁ ଆଦର୍ଶ ଉଦୟ,
ତବ କର୍ମକ୍ଷେତ୍ରେ ପ୍ରଭୁ ତାର ଅଭିନୟ ।
ପ୍ରକୃତିପୁଞ୍ଜଙ୍କୁ ପ୍ରଭୁ କର ପ୍ରବଞ୍ଚନା,
କରିଥାନ୍ତ ସ୍ୱାମୀ ଯେବେ ନାରୀ-ଆରାଧନା,
ସୀତା-ଅନ୍ତରାତ୍ମା ତହିଁ ନ ଲଭନ୍ତା ଶାନ୍ତି,
ଯୁଗେ ଯୁଗେ ଧରାଜନେ ଭଜିଥାନ୍ତେ ଭ୍ରାନ୍ତି ।

Digitized by srujanika@gmail.com

ଦେଖାଇଣ ସ୍ନେହେଣ ଜନେ ଅମ୍ଭର ଦୃଷ୍ଟାନ୍ତ,
କର୍ତ୍ତବ୍ୟ ବିଭ୍ରଷ୍ଟ ହୋଇ ହୋଇଯାନ୍ତେ ଭ୍ରାନ୍ତ ।
ତୀବ୍ର ତପ କରି ପ୍ରଭୁ ଅହେ ସୀତାପତି,
"ରାମ-ରାଜ୍ୟ" ସ୍ଥାପିଅଛ ରାଜ୍ୟାଶ୍ରମେ ଯତି ।
ରକ୍ତମାଂସ ଦେହ ସିନା ଲଭିଛୁ ଯାତନା,
ସାତ୍ତ୍ୱିକ ସଂଯତ ଆତ୍ମା ଲଭିଛି ସାନ୍ତ୍ୱନା ।
ଶରୀର-ସମ୍ବନ୍ଧ ମଧ୍ୟ ନୋହୁଲା ବିଫଳ,
ଲବକୁଶ କରିଛନ୍ତି ତା ସାର୍ଥ ସଫଳ ।
ଧର୍ମ ଅର୍ଥ କାମ ମୋକ୍ଷ ଚତୁର୍ବର୍ଗ ଫଳ,
ତବ ସାଥେ ପାଇ ନାଥ, ଜୀବନ ସଫଳ ।
ଅଯୋଧ୍ୟା ଭବନେ ନାଥ, କୃତ୍ରିମ ବିଳାସେ
ଥାଇ ଯାହା ନ ମିଳନ୍ତା, ହେଲା ବନବାସେ ।
ତାରକାଖଚିତ ନୀଳ ନିର୍ମଳ ଗଗନ,
ପର୍ବତ, ସରିତ ସ୍ରୋତ ବିସ୍ତୀର୍ଣ୍ଣ କାନନ ।
ବିଚିତ୍ର ବିହଙ୍ଗପନ୍ତି-ମଧୁର ସୁତାନ,
ସୁନ୍ଦର ପବିତ୍ର ମହାପ୍ରକୃତିର ପ୍ରାଣ—

ବାହାରେ ଏମନ୍ତ ଦୃଶ୍ୟ ନୟନାଭିରାମ,
ଭିତରେ ଧାର୍ମିକ ସ୍ୱାମୀ ପ୍ରେମ ପ୍ରାଣାରାମ—
ଇହଲୋକେ ପାଇଥିଲି ଦିବ୍ୟଲୋକ ସୁଖ,
ତୁମ୍ଭ ଶିକ୍ଷ୍ୟା ଜାନକୀର ନାହିଁ ତିଳେ ଦୁଃଖ ।
ନିର୍ଲିପ୍ତ ସଂସାରୀ ପିତା ରାଜର୍ଷି ଜନକ,
ରାଜ୍ୟାଶ୍ରମ ଋଷି ସ୍ୱାମୀ ଶ୍ରୀରଘୁନାୟକ ।
ତୁମ୍ଭର ସହଧର୍ମିଣୀ ହେବାପାଇଁ ପ୍ରଭୁ,
ପ୍ରକୃତି ତ କରିଥିଲା ଆୟୋଜନ ସବୁ ।
ନାହିଁ ମୋର ଲବେ କ୍ଳେଶ, ନାହିଁ ମୋର ଦୁଃଖ ।
ଏ ଭାବନା ଭାବି ପ୍ରଭୁ, ରଖି ପ୍ରାଣେ ସୁଖ ।
ତୁମ୍ଭଠାରୁ ମୁହିଁ ଲବେ ନାହିଁ ତ ଅନ୍ତର,
ଏକ ଆତ୍ମା ଏକ ଲକ୍ଷ୍ୟ ଆମ୍ଭ ଦୁହିଁଙ୍କର ।

Digitized by srujanika@gmail.com

ବେନି ଦେହେ ଏକ ଅତ୍ମା ଥିଲଇଁ ଜୀବନେ,
ଏକ ଦେହେ ବେନି ଅତ୍ମା ହେଲ ମୋ ମରଣେ ।
ସୀତା ପ୍ରାଣ ରାମମୟ ରାମ ସୀତାମୟ,
ଦୁଇ ଅତ୍ମା ହୋଇଅଛୁ ଶାଶ୍ୱତେ ବିଲୟ ।"
ଯୋଗଯୁକ୍ତ ରାମଚନ୍ଦ୍ର ପ୍ରାତଃକୃତ୍ୟ କରି,
ସିଂହାସନେ ବିଜେ ହେଲେ ନରେନ୍ଦ୍ର-କେଶରୀ ।

ପିକ

—୧—

କାହିଁକି ରାବୁ ରେ ପିକ ବନେ କୁହୁ କୁହୁ ସ୍ୱନେ,
ତୋ ରବ ଶୁଣି ରେ ମଣି ପଡ଼ଇ କାହା କଥା ମନେ ?
ମଧୁର ବାସନ୍ତୀ ଉଷା ପିନ୍ଧଣି କୁସୁମ ଭୂଷା,
ଅସି ଉଭା ହୁଏ ଯେବେ ନିର୍ମଳ ନୀଳ ଗଗନେ ।

—୨—

କାହିଁକି ରସାଳ କୁଞ୍ଜେ ତାନ୍ତୁ ତୁ ପଞ୍ଚମ ତାନେ,
ସୁଧାମିଶା ହଳାହଳ ତୋ ସ୍ୱନ ତାଳେ ପରାଣେ ।
ମନ୍ଦ ମନ୍ଦ ସମୀରଣ ବକୁଳ ଗନ୍ଧ ହରଣ,
ମତ୍ତକାରି ଦଏ ଯେବେ ହେଲେ ବିଶ୍ୱବାସୀଗଣେ ।

—୩—

କାହିଁକି ଗହନ ବନେ ରାବୁ ତୁ ପଞ୍ଚମତାନେ,
କେଉଁ ବିଗତ ସ୍ୱପନରାଜ୍ୟ ଛାୟା ପଡ଼େ ପ୍ରାଣେ ?
କାହୁଁ ଅସିଲି ଏ ଜୀବ, କାହିଁ ତା ଚରମେ ଯିବ,
କି ଉଦ୍ଦେଶ୍ୟ ଏ ଜୀବର ମନ ବୁଡ଼େ ଏହି ଧ୍ୟାନେ ।

Digitized by srujanika@gmail.com

କୁସୁମମାଳା

ଫୁଲ୍ ଫୁଟେ ମୋର ପ୍ରାଣ କାନନେ
ମାଳା ଗୁନ୍ଥି ମୋର ମନ ଟପ ଗଳଇ
ଅରପିବି ପ୍ରିୟ ତବ ଚରଣେ ।
ଲମ୍ବାଇ ଦିଏ ମୁଁ ତୁମ୍ଭର ଗଳାରେ
ଏ ସୁମନ ହାର ନିଅ ହେ ପ୍ରିୟ,
ମୋ ପ୍ରାଣର ଧନ, କୁସୁମମାଳାରେ
ସୁମନେ ସେନେହେ ସୁମନେ ନିଅ ।

ଲୌହ ଓ ବୃକ୍ଷ

ଲୌହ କହେ, "ବୃକ୍ଷ ! ତୋର ହାଣେ ମୁହିଁ ବାହା,"
ବୃକ୍ଷ କହେ, "ନୁହେଁ ସତ୍ୟ କହୁଲୁ ତୁ ଯାହା ।"
"ଶାଖା ମୋର ବେଣ୍ଟରୂପେ ସଙ୍ଗେ ନ ମିଶିଲେ,
ବାହା ଛେଦିବାକୁ ମୋର ତୁ ପାରନ୍ତୁ ଭଲେ ?"
ସ୍ୱଜାତି ପରସ୍ପରଙ୍କ ବିଖ୍ୟାତ ଜଗତ
ଅକ୍ଷରେ ଅକ୍ଷରେ ଏହୁ ବଚନଟି ସତ ।
ଆର୍ଯ୍ୟଜାତି ମଧ୍ୟେ ଈର୍ଷା ଯେବେ ନ ପଶନ୍ତା
ଯବନ କି ଏ ଭାରତେ ରାଜ୍ୟ ବିସ୍ତାରନ୍ତା ?
ପୃଥ୍ୱୀରାଜ ଜୟଚନ୍ଦ୍ର କଳହ ବ୍ୟତୀତ,
ମହମଦ୍ ଘୋର କି ପଶନ୍ତା ଭାରତ ?
ଭାଇ ଭାଇ ହରାଇଣ ଏକତା ରତନ
ଏ ସଂସାରେ ହୋଇଥାନ୍ତି ଦୁଃଖୀ ଦୀନ ହୀନ ।
ଅତଏବ ଏକତା ହିଁ ଅମୂଲ୍ୟ ରତନ
ସର୍ବ ଅବସ୍ଥାରେ ଏହା ରଖିବ ସ୍ମରଣ ।

Digitized by srujanika@gmail.com

ଶରତ୍ ଶୋଭା

କଳା ଶାଢ଼ୀ-ପିନ୍ଧା ବରଷାରାଣୀ,
ମନ୍ଦିରୁ ଘେନିଲ ଧୀରେଁ ମେଲାଣି ।
ବିକଶିତ କାଶ କୁସୁମ ହାସ
ଶରତ ମହିଷୀ କଲା ପ୍ରକାଶ ।
ବିକଶିତ କାଶ ଶ୍ୱେତ ଚାମରେ,
ଢାଳୁ ଅଛନ୍ତି ସଦା ମହା ଶ୍ରମରେ ।
ଶରତ ରାଣୀଙ୍କୁ କରିବ ପୂଜା,
ଅବା ଉଡ଼ାଇଛି ଧବଳ ଧ୍ୱଜା ।
ବିକଶିତ ଶୁଭ୍ର ଚନ୍ଦ୍ରିକା ହାସ,
ମୁଦେ ନିଶିଥିନୀ କଲା ପ୍ରକାଶ ।
ଶରତ ସୁନ୍ଦରୀ ସୁନ୍ଦର ମୂର୍ତ୍ତି,
ସୁନୀଳ ବିମାନେ ବଢ଼ିବ ବୀଥି ।
ବିମଳ ଗଗନେ ତାରକା ଦଳେ,
ଶରତ ସୁକେଶେ କୁସୁମ କଳେ ।

ବିଚାର

ଅସ୍ତ୍ରଶିକ୍ଷା କରୁ କରୁ ଗ୍ୟାସଉଦ୍ଦିନ୍ ସୁଲତାନ
ଅଜ୍ଞାତେ ବଧି ଅଛନ୍ତି ବିଧବା-ନନ୍ଦନ ପ୍ରାଣ ।
କାଜି କହେ, "କଟୁଆଳ ! ତାଙ୍କୁ ଆଣ ସୁଲତାନ
ଧର୍ମାଧିକରଣେ ହେବ ସୁବିଚାର ସାବଧାନ ।"

—୨—

ଧର୍ମାଧିକରଣେ କାଜି ଉପବିଷ୍ଟ ସୁବିଚାରେ
ଗ୍ୟାସଉଦ୍ଦିନ୍ ସୁଲତାନ, ଉଭା ମୌନେ ଧୀରସ୍ଥିରେ ।
କହନ୍ତି ବିଚାରପତି, "ବଧିଛ ବିଧବା ସୁତ,
ଦେବାକୁ ପ୍ରଚୁର ଅର୍ଥ ଅଛ କି ନାହିଁ ପ୍ରସ୍ତୁତ ?

Digitized by srujanika@gmail.com

ଅଜ୍ଞାତେ କରିଛ ହତ୍ୟା, ତେଣୁ ହେଲା ଏ ବିଧାନ
ନୋହିଲେ ନରହତ୍ୟାର ଦଣ୍ଡରେ ଦିଅନ୍ତି ପ୍ରାଣ ।" !
ବହୁ ଅର୍ଥେ ତୃପ୍ତ ହୋଇ ବିଧବା ନେଲା ମେଲାଣି
ଗାଜୀ ଠେକି ହେଲେ କାଳି ଜଣେ ଯୋଦ୍ଧୃ ସେନାପାଣି ।

—୩—

'ଖୋଲିଣ ଶାଣିତ ଛୁରିକା, ପରିଚ୍ଛଦ ଅଭ୍ୟନ୍ତରୁ
କହନ୍ତି ଦେଖାଇ, "କାଜି ! ଏହା ଧାର କେଡ଼େ ସରୁ !
କାଜି ଆଜ୍ଞା ଶିରେ ଧରି ଅପିଲ୍ ଅଧିକରଣ
ଦେଖିଥିଲେ ଅନ୍ୟାୟ ତୋ' ଶିର କରନ୍ତି କର୍ତ୍ତନ ।"
ଧରି କରେ କଶା କାଜି କହନ୍ତି, "ହେ ସୁଲତାନ,
ନ ରଖି ଥାଅନ୍ତି ଯେବେ ରାଜ୍ୟ-ବିଧାନ-ସମ୍ମାନ
କଶାଘାତେ ତବ ଅଙ୍ଗ ହୁଅନ୍ତା କ୍ଷତ ବିକ୍ଷତ
ଧନ୍ୟ ଆଜ୍ଞା ! ହେଲା ସେହି ଦୁର୍ଦ୍ଦଶା ପ୍ରତିହତ ।"

ଜୀବନ ସ୍ୱପ୍ନ

ବହିର୍ଦ୍ଦେଶେ ଭ୍ରମିଣ ତୁ ଅଭ୍ୟନ୍ତରେ ନ ଯାଉ
ନିଜ ଦୋଷ ନ ଦେଖିଣ ତାଙ୍କ ଦୋଷ ତୁ ଖୋଜୁ ।
ଦେଶ ଦେଶାନ୍ତରେ କିପାଁ ବୁଲୁ ତାଙ୍କ ଉଦ୍ଦେଶେ
ଖୋଜୁ ନାହୁଁ କିପାଁ ତାଙ୍କୁ ତୋ ହୃଦୟ-ପ୍ରଦେଶେ ।
କାହୁଁ ତୁ ଆସିଲୁ କାହିଁ ଯିବୁ ତୁ ରେ ଶେଷରେ
କାହା କରୁଣା ବଳରେ ଅଛୁ ଧରା-ଦେଶରେ ।
ଜନନୀ-ଜଠରୁ ତୁ ରେ ଜାତ ହେବା ପୂର୍ବରୁ
ମାତୃସ୍ତନେ ଅମୃତ କେ ଆଣିଦେଲା ସ୍ୱର୍ଗରୁ ?
ଏ ବିଚିତ୍ର ନରଦେହ ନିର୍ମିଣିଲା କା ହସ୍ତ
ଅପୂର୍ବ ଇନ୍ଦ୍ରିୟଗଣେ କଲା ତହିଁ କେ ନ୍ୟସ୍ତ ?
କାହା କୃପାଗୁଣୁ ପାଇଅଛୁ ଧନ ସ୍ୱଜନ
କିଏ ଦେଲା ଭବ ଭୋଗେ ଏ ମାନବ ଜୀବନ ?

Digitized by srujanika@gmail.com

ଯାହା ପ୍ରସାଦେ ପାଇଲୁ ବଳ ବୁଦ୍ଧି ଜ୍ଞାନାଦ
କିଏ ଦିଏ ତୋତେ ନିତ ଅନ୍ନ ଜଳ ପାନାଦ ?
କୋଟି ବ୍ରହ୍ମାଣ୍ଡ ଚଳାଏ ଯାହା ଆଜ୍ଞା ବଚନ
ନିରପେକ୍ଷ ଭାବେ କରେ କିଏ ବିଶ୍ୱ ପାଳନ ?

ମୃତ୍ୟୁ

ମୃତ୍ୟୁ ତୋର ଭୟଙ୍କର ରୂପ ଭାବି ମନେ
କି ବିସ୍ମୟ ଭାବ ଆଜି ଜାଗଇ ମୋ ମନେ ।
କି ବିକଟ କରାଳ ଆକାର ତୋହର
ଦେଖି ତାହା ଦମିଯାଏ ହୃଦୟ ମୋହର ।
ବିରାଟ ମୂରତି ତୋର ମହା ଭୟଙ୍କରୀ
ଉଦ୍‌ଗାରୁଛି ଶତାନଳ ଭ୍ରୂଲତା ତୋହରି ।
ପକ୍ୱ କେଶେ ଶ୍ଳଥ ଚର୍ମ କୃଷ୍ଣକାୟ ଭ୍ରମ
ଘୋଟିଛି ଅଲଙ୍ଘ୍ୟ ଭାବେ ବ୍ରହ୍ମାଣ୍ଡ ଅସୀମ ।
ଦକ୍ଷ ପାର୍ଶ୍ୱେ ଶୂଳେ ହତ୍ୟା ଦକ୍ଷେତରେ ବ୍ୟାଧି
ଅଗ୍ରେ ଧାବମାନ କାଳ ବିସ୍ତାରଣ ଅଧି ।

ଈଶ୍ୱର

ଫୁଲ ଫୁଟି ବାସ ଆସଇ
ତା ବାସନା ମୁହଁ ନାକେ ଶୁଙ୍ଘଇ ।
ଗଛଲଟା ସବୁ ଦିଶେ ସୁନ୍ଦର
ଭଲ ଦିଶୁଅଛି ତାଳପତର ।
ପକ୍ଷୀ ରବୁଅଛି ଡାଳରେ ବସି
ପିଲ୍ଲ ଖେଳୁଛନ୍ତି ଦାଣ୍ଡରେ ହସି ।
ଗଛମୂଳେ ମୁହିଁ ଦେବଇ ଜଳ
ଗଛରେ ଫଳିବ ସୁନ୍ଦର ଫଳ

Digitized by srujanika@gmail.com

ତୋଳ ଆଖି ମୁହିଁ ଧରବି ଫଳ
ହାତକୁ ଲଗିବ ତାହା କଅଁଳ ।
ସେ ଫଳ ପାଚଲେ ଖାଇବି ମୁହିଁ
ମାଗିଲେ ମୋଠାରୁ ପାଇବୁ ତୁହି ।
ଭଲ ଭଲ କରି ବହୁଛୁ ନଈ
କୂଳେ ଚରୁଛନ୍ତି ବାଛୁରି ଗାଈ ।
ମେଣ୍ଢା ଛେଳିମାନେ ଚରନ୍ତି ପାଶେ
ଛେଳି ଛୁଆ ମୁହିଁ ଧରିବି କାଶେ ।
ଉଡ଼ି ଯାଉଛନ୍ତି ଚଢ଼େଇମାନେ
ତାଙ୍କ ଗୀତ ମୁହିଁ ଶୁଣଇ କାନେ ।
ଆଖି ଫେରାଇଲେ ମଥା ଉପର
ନୀଳ ଆକାଶ ଯେ ଦିଶେ ସୁନ୍ଦର ।
ସମସ୍ତ ଗଢ଼ିଛ ଅହେ ଈଶ୍ୱର
ଦଣ୍ଡବତ ନେଇ ପ୍ରଭୁ ମୋହର ।

Digitized by srujanika@gmail.com

ନାନାବାୟା ଗୀତ

ପ୍ରଥମ ଓ ଦ୍ୱିତୀୟ ଭାଗ

Digitized by srujanika@gmail.com

DEDICATED

TO

Robert Mc. Combe Esqr., B. A. (T. C. D.)

Inspector of Schools, Orissa Division

As a token of the Author's

heart-felt respect for

him for his devotion to duty,

sincere sympathy, and the unexpected

improvements he brought about in

the education of the division

during his short stay

amongst us.

Digitized by srujanika@gmail.com

ବାୟାଚଢ଼େଇ

ବାୟା ଚଢ଼େଇ ରେ ବାୟା ଚଢ଼େଇ ତୁ
କୃଷ୍ଣ ଦୁଆରକୁ ଆ—
କୃଷ୍ଣ ସଙ୍ଗତରେ ଖେଳ ବୁଲ ସାଙ୍ଗ
ଦୁଧ ପିଇଦେଇ ଯାଅ ।
ବାୟା ଚଢ଼େଇ ରେ ବାୟା ଚଢ଼େଇ ତୁ
କୃଷ୍ଣ ସଙ୍ଗତରେ ଥିବୁ,
ଅଙ୍ଗ ଦୁଃଖକର କୃଷ୍ଣ ଶୋଇଲେ ତୁ
ବସାକୁ ଉଡ଼ିଣ ଯିବୁ ।
ତୋ ବସା ବାଇଆ ଉଚ ଡାଳଗଛେ
ବାଅ ବହିଲେ ଦୋହଲଇ
ଘୋର ବରଷାରେ ତୋ ବସା ଭିତରେ
ପାଣି ପଶି ନ ପାରଇ ।
ନଈ ବଢ଼ି ଘୋର ଗରଜନ କଲେ
ତୋତେ ନ ମାଡ଼ଇ ଡର,
ଏତେ ବିପଦରୁ ତୋତେ ଯେ ରଖନ୍ତି
ଧନ୍ୟ ଧନ୍ୟ ସେ ଈଶ୍ୱର ।

ବଣୀ ଚଢ଼େଇ

ବଣୀ ଚଢ଼େଇ, ବଣୀ ଚଢ଼େଇ,
କେଉଁ ବଣେ ତୋର ଘର ?
ଅସ ଅସ ଅମ ଘରକୁ
କରିବା ଖେଳ ଘର ।
ଖାଇବାକୁ ଦେବା ଦୁଧଭାତ
ପିଇବୁ ନବାତ-ପଣା;
ରହିବୁ ଖାସା ପିଞ୍ଜରାରେ
କିଛି ନ ଯିବ ଜଣା ।
ପୋକ ଜୋକ ଖୁଣ୍ଟି ଖାଇ
ବୁଲ ବିଲ ବାଡ଼ି,
ରହ ରେ ଅସି ମଉଜରେ
ଅମ ପାଖବାଡ଼ ।

Digitized by srujanika@gmail.com

ସଞ୍ଜ ସକାଳେ ସଙ୍ଗ ହୋଇ
ବୁଲିବାକୁ ଯିବା,
ଏକା ସଙ୍ଗେ ଖେଳି ବୁଲି
ସାଙ୍ଗ ହୋଇ ଥିବା ।

ଉଡ଼ିଗଲା ବଣୀ ଉତ୍ତରେ
କହି "ନାହିଁ ନାହିଁ,
ଲୋଡ଼ା ନାହିଁ ଘର ବୁଲାଇ,
ବଣ ଭଲ ଭାଇ ।"

ପୋଷା କୁକୁର

ଅରେ ମୋର ପୋଷା କୁକୁ,
ଛୋଟେ କି କରୁଛୁ ଭୁକ ?

ଦାଣ୍ଡ ଅଗେ ଶୋଇଥାଉ,
ଭାତ ଦେଲେ ଗଣ୍ଡେ ଖାଉ ।

ରାତିସାରା ଜଗିଥାଉ,
ଭୁକୁଥାଉ ଭୋଉ ଭୋଉ ।

ବାଘ ଗରଜଇ ବଣେ,
ଅମେ ଥାଉଁ ଘରକଣେ ।

ଛୋଟେ କି ନ ମାଡ଼େ ଡର,
ଧନ୍ୟ ଧନ୍ୟ ଛାତି ତୋର !

ଚୋର ଯେବେ ଅସେ ଘରେ,
ପଳାଏ ସେ ତୋର ଡରେ !
ତାକୁ ଦେଖି ଭୁକୁଥାଉ,
ପଛେ କାମୁଡ଼ି ଗୋଡ଼ାଉ ।
ଡରେ ପଳାଏ ସେ ଚୋର,
ଆ ଆ ରେ କୁକୁର ମୋର ।
ପେଟପୂରାଇ ତୁ ଖାଅ,
ଦାଣ୍ଡରେ ଶୋଇଣ ଥାଅ ।
ମୁହିଁ ଯେ ସଞ୍ଜ ସକାଳେ
ବୁଲି ଯିବି ନଈକୂଳେ,
ମୋ ସଙ୍ଗରେ ଯିବୁ ତୁହି,
ସଙ୍ଗେ ସଙ୍ଗେ ଥିବୁ ରହି ।

ବଲେଇ ନାନୀ

ବଲେଇ ନାନୀ ଲୋ ବଲେଇ ନାନୀ,
ମୂଷା ଧରି ଖାଅ ପଢଲାକାନୀ ।
ବଲେଇ ନାନୀ ଲୋ ବଲେଇ ନାନୀ,
ଚୋରି କରି ଖାଉ ତୁ ସର ଲବଣୀ ।

କାଳିଆ ଗଛୁଡ଼ି ବାଘ ବଖଣିଲେ,
ଗୁଣ୍ଡିଦେଇ କେହି ଜଗି ନ ଥିଲେ,
ଅଣ୍ଡି ବୁଣି ଖାଇ ଦୁଧ ଲହୁଣୀ,
ନ ଦେଖିବେ କେହି ଅଖାଇନାଣୀ ।

Digitized by srujanika@gmail.com

ଏତେ ବୁଦ୍ଧି ତୋର ବିଲେଇ ନାନୀ,
ସେଥିପାଇଁ ଖାଉ ଠେଙ୍ଗା କତୁଣୀ ।
ବିଲେଇ ହାତରେ ପୋଡ଼ଲି ପିଠା,
କେମନ୍ତେ ମଉଜ ଧୋଇଛାକଟା ।
ଦିନବେଳେ ଅଖି ଥାଏ ତୋ ଗାର,
ଗୋଟାଲି ପରିର ହୁଏ ଗ୍ରିତର ।
କହୁର ଓଲଅ କାଟେ ରୂଟିଅ,
ଚୁଲିକନ୍ଧାରେ ତୁ ଶୋଇଛୁ କ୍ୱାଥିଁ ?
ବୋବାଉଛୁ ତୁହି "ମିଆଉଁ ମିଆଉଁ,
ଦୁଧଭାତ କରି ଗୁଣ୍ଡିଏ ଦେଉଁ ।
ପେଟ ପୂରି ଯେବେ ହୋଇବ ଥଣ୍ଡା,
ମୂଷା ମାରି ଦେବି ଗଣ୍ଡାକୁ ଗଣ୍ଡା ।"
ମାନ କଲେ ରାଣୀ ରଜାଙ୍କ ପାଇଁ,
ଟମ୍ଭୀର ଭିତରେ ଶୁଅନ୍ତି ଯାଇଁ ।
ଢ଼କାଷ୍ଟି କଲିଣ ଶୁଅନ୍ତି ରାଣୀ,
ନ ପାରନ୍ତି ରଜା ସେ କଥା ଜାଣି ।

କହୁ ରେ ବିଲେଇ 'ମିଆଁଉଁ ମିଆଁଉଁ,
ଦୁଧ ଭାତ କରି ଗୁଣ୍ଡିଏ ଦେଉଁ ।
ମନ ଖୁସି କରି ପେଟେ ଖାଇବି
ଗମ୍ଭୀରକୁ ବାଟ କଢ଼ାଇ ନେବି ।"
ଦୁଧ ପିଏ ନାହିଁ କହ୍ନାଇ ଯେବେ,
"ମିଆଉଁ" "ମିଆଁଉଁ" ବୋବାଉ ତେବେ ।
ନାହିଁ ନାହିଁ ବିଲି ଅସିବୁ ନାହିଁ,
ପିଇଦେବ ସବୁ ଦୁଧ କହ୍ନାଇ ।
"ବାଘ ଜୋର ତୁ ହେଉ କି ଦେଇ,
"ବାଘ ନ ଦେଖିଲେ ଦେଖ ବିଲେଇ ।"
ଛକି ଛକି କରି ବିଲେଇ ପିରୁ,
ଗାତ ପାଖେ ମୂଷା ମାଡ଼ି ବସିବୁ ।
କାଟାସିଅ ଅଖି ଲମ୍ବିନଶୁଅ,
ଛୁଅ ଖାଇଯାଏ ବାମୁଡ଼ି ଭୁଆଁ ।

Digitized by srujanika@gmail.com

ଚୂଟିଆ ମୂଷା

ଚୂଟିଅ ମୂଷା ରେ ଚୁଟେଇ ମୂଷି,
ଧାନ ଅମାରକୁ ଖାଉଥା ପଶି ।
କରୁଥା ଯାହା ତୋ ମନର ଖୁସି,
ଘର ଗାଣ୍ଡ଼ ମୁହିଁ ଯାଉଛୁ ରୁଷି ।
ଟିକି ଟିକି ଧାନ ଶଏ ଭରଣ,
ସାଉଁଟା ଅମାର ହେଲଣି ଶୂନ୍ୟ ।
ଗଣେଶ ବାହନ ଅଟୁ ରେ ମୂଷା,
ତୋତେ ମାରିବାକୁ ନାହିଁ ଭରସା ।
ପାଠ ନ ଅସିବ ମାରିଲେ ତୋତେ
ଅବଧାନ ବେତ ମାରିବେ ମୋତେ ।
ଟୁଲୁ ମଷା ରେ ଟୁଲେଇ ମୂଷି ।
ଖାଇବୁ ଯେତେକ ଖାରେ ଖୁସି ।

ଦୁଧ ପିଇବାକୁ କାନ୍ଦଲେ କୃଷ୍ଣ,
କାନ କାଟି ନେଇ ଯିବୁ କି ଦୁଷ୍ଟ !
ଅମାରେ ଯେତେକ ଧାନ ତୁ ଖାଅ,
ଚୂଉଲ ହାଣ୍ଡିରୁ ଚୂଉଲ ନେଅ ।
ବାହନ ହେଲିଅ କାହୁଁ କିପାଇଁ,
ଏତେ ଖାଇ ପେଟ ପୂରଇ ନାହିଁ !
ସଡରେ ବାହାର ହୁଟୁ ହୁଟୁ,
କଣାରୁ ଗଛଟି ମୂଳରୁ କାଟୁ ।
ଝାଉଁଳ ପଡ଼ଇ ପିଢ଼ା କଣାରୁ,
କେତେ କଷିଫୁଲ ମୂଷା ରେ ମାରୁ !
ଖସି ଗଡ଼ିଯାଏ ବୁଡ଼ଇ ବେଳ,
ଭାଙ୍ଗ ସିଲ୍ପାଟେ ବୋଇଣ ମେଳ.

Digitized by srujanika@gmail.com

ଗୀତ ଗାଇ ଗାଇ ବୁଲନ୍ତ ବାଆଁ,
"କଣ୍ଢିଫୁଲ୍ ଫୁଟେ ଠୋ-ଠା ।
ଝିଅ ମୂଷା କନ୍ଦୁ ଯାଇଛୁ
"ଶୁଖିଲ ମୁଠିଏ ଦେଇ ଯା ।"

ବେଙ୍ଗୁଲୀ ରାଣୀ

ବେଙ୍ଗୁଲୀ ବେଙ୍ଗୁଲୀ ପାଣି ଦେ,
ନଈ ସମୁଦର ଭରେଇ ଦେ ।
ଇନ୍ଦ୍ର ରଜାଙ୍କର ବେଙ୍ଗୁଲୀ ରାଣୀ,
ବୋବେଇ ଦେଲେ ସେ ବରଷେ ପାଣି ।
ବେଙ୍ଗୁଲୀ ବସଇ ସାରୁମୂଳରେ,
ଛଜି ଧରିଅଛୁ ସାରୁ ପତରେ ।
ବେଙ୍ଗୁଲୀ ବୋବାଏ କେଁ କଟର,
ଆଣିରେ ଭସଇ ଦୁଆର ଘର ।

ପାଣି ପଶିଗଲା ସାପ-ଗାତର,
ସାପମାନେ ହେଲେ ଛନିଛତର ।
ଖରାଦିନେ ସାପ ବେଙ୍ଗ ଖାଇଲା,
ବରଷାଦିନରେ ଫଳ ପାଇଲା ।
ଇନ୍ଦ୍ରଦେବତାଙ୍କ ବେଙ୍ଗୁଲୀ ରାଣୀ,
ସାପ କାମୁଡ଼ିଲା ତାଙ୍କ ଘରଣୀ ।
ଇନ୍ଦ୍ର ରଜା ପାଣି ବରଷି ଦେଲେ,
ନଈ ସମୁଦର ଭସାଇ ଦେଲେ ।
ସାପଘରେ ପଶିଗଲା ରେ ପାଣି;
ହୁଲହୁଲି ଦେଲା ବେଙ୍ଗୁଲୀ ରାଣୀ ।
ପାଟି ପାକୁ ପାକୁ କରି ବେଙ୍ଗୁଲୀ
ଏଣର ତଣର ଯାଉଛି ବୁଲି ।

Digitized by srujanika@gmail.com

ଇନ୍ଦ୍ରବରଙ୍କର ହୋଇ କନିଅ
ମନ୍ଥୁକୁବ କରୁ ଧରଣ ଇଅ ।
ନଳାମୁହେଁ ପଶି ପିଉ ତୋରଣି,
ଏତେ ଅସନା ତୁ ବେଙ୍ଗୁଲି ରାଣୀ ?
ହୋଇ ପଡ଼େ ଇନ୍ଦ୍ରରଜାଙ୍କ ରାଣୀ,
ନ ଅସିବୁ ଅମ ଘରକୁ ପୁଣି ।
ଭାଜିତନ୍ତୁ ଶୁଣି କେଏଁ କଟର,
ରାଗରେ ମାଡ଼ଇ କୁମ୍ଭକୁ ଭର ।
ଯେ ଘରେ ବେଙ୍ଗୁଲି ବହଇ ଯାଇଁ
ପଶେ ତହିଁ ସାପ ଅଧାରପାଇଁ ।
ତେଣୁ ବେଙ୍ଗ ଦେଖି ମାଡ଼ଇ ଭର,
ବେଙ୍ଗ ପଗ ଜନ୍ତୁ କେତେ ମାଉର ।
ତତେ ମୁହିଁ ମାର ପାରଇ ନାହିଁ,
"ଶରଣୋଷୀ ପରାଣୀ ମାରନ୍ତ ନାହିଁ ।"
ମାରଲେ ତୁଅନ୍ତ ଢ଼ାଲ ଅଟର,
ବେଙ୍ଗ ବେଙ୍ଗୁଲିଙ୍କୁ ହୁଲୁ ଜୁହାର ।

ବାଲୁଆ ଗ୍ରାଗ

ବାଲୁଅ ଗ୍ରାଗ ରେ ବାଲୁଅ ଗ୍ରାଗ,
ଏତେ ବୋବାଉ ତୁ କୋଉଥି ପାଇଁ ?
ବୋବାଉ ଜଠୁ ତୁ "ହୁକେ ହୋ ।"
କୁକୁର ଭୁକଇ "ଭୋଉ ଭୋଉ" ।
ଗୋଟାଏ ଡାକିଲେ ଉପାୟ ନାହିଁ,
ଡାକନ୍ତି ଯେତେ ବାଲୁଅଗ୍ରାଗ ।
ନ ଡାକଲେ ଛାତ ଫାଟେ କ ସତେ ?
ଏ କଥା ତ ମତେ ନୁହେ ପରତେ ।
'ହୁକେ ହୋ ରେ ହୁକେ ହୋ ।'
ଏତେ ବୋବାଳିକୁ ଶୋଉ ରେ ଶୋ ।

Digitized by srujanika@gmail.com

ଗାଈ ଦେଖି ତୋତେ ଡର କି ମାଡ଼େ,
ଗୀତ ଦିନେ ଅବା କୁହାନ୍ତୁ କାଢ଼େ ?
ବାଲୁଅ ଭାଇ ରେ ବାଲୁଅ ଭାଇ,
"ହୁକେ ହୁକେ" ଛଡ଼ା ଗୀତ କି ନାହିଁ
ସ୍ୱଭାବ ଏ ତୋର ବାଲୁଅ ଭାଇ,
ଅଜ କିଛି କଥା ଏଥିରେ ନାହିଁ ।
ସଞ୍ଜବେଳେ ଭାଉଣିଆ ପହରେ,
ରାତି ଅଧେ, ପାହାନ୍ତିଆ ପହରେ,
ପହରକେ ତୁହି ବୋବାଉ ଥରେ,
ଗୃହଥର ଡାକୁ ଗୃହ ପହରେ ।
ପହର ଗଣି ତୁ ଡାକୁ କେମନ୍ତେ,
ଅଚମ୍ଭିତ ଲାଗେ ଏ କଥା ମତେ ।
ଦିନେ ଯେବେ ଡାକୁ ହୋଇ ଖଚେଇ,
ଛ ମାସେ ଛ ପକ୍ଷେ ମରଇ କେହି ।
ଖରା ଥାଉଁ ପଡ଼େ ବରଷା ଯେବେ,
ତୋ ପୁଅର ବାହା ହୁଏ କି ତେବେ ?

"ଖରା କରୁଅଛି ମେଘ କରୁଛି,
"ବାଲୁଅ ପୁଅର ବାହା ହେଉଛି ।"
"ବାଲୁଅ ନନା ରେ ବାଲୁଅ ନନା,
"ଘର ପୋଡ଼ିଗଲା ପଛକୁ ଅନା ।"
ପିଲାଏ ଗାଆନ୍ତି ବଜାଇ ତାଳି,
ରାତିରେ ବୋବେଇ ଦେଉ କି ଗାଳି ?
ପୁଅ ବାହା କଲୁ ବାଲୁଅ ଭାଇ,
ଡାଲି ଭାତ ଦିବୁ ପିଠା ମୋ ଖାହିଁ ?
ବାଲୁଅ ଭାଇ ରେ ବାଲୁଅ ଭାଇ,
ଅଜ ତୋ ଗୀତ ମୁଁ ଗାଇବି ନାହିଁ ।

Digitized by srujanika@gmail.com

ବାଘ ଗୀତ

ଅଇଲା ମହାବଳ ବାଘ ମାଇଲା ଛେଳି ମେଣ୍ଢା,
ଗଛପାଙ୍କ ବୋବେଇ ଉଠିଲେ ଗାଁ ମୁଣ୍ଡେ ଭେବଣ୍ଡା ।
ପର୍ବତରୁ ଗଡ଼ ବାଘ ଖୋଳ କୋଣ ବୁଲି,
ବଳଟେ ମଣିଷ ଗୋରୁ ଦେଖିଲେ ଉଠେ ଫୁଲି ।
ପଦାରେ ମଣିଷ ବୁଲୁଥିଲେ ବାଘ ଯାଏ ଖାଇ,
ଘରେ ପଶି ଢାଙ୍କରେ ପକାଇ ନିଏ ଟୋକୁ ଟାଣି ।
ଶିକାରୀମାନେ ବନ୍ଧୁକ ଧରି ବାଘକୁ ପକାନ୍ତି ମାରି,
ବାଘ ମାରି ବାଘମୁଣ୍ଡ ଟାଙ୍ଗନ୍ତି ଧାରି ଧାରି ।
ବଡ଼ ହେଲେ ପେମ କେତେ ମ'ହେବ ମହାବଳ,
ଘିଅ, ଦୁଧ ଡାଲି ଭାତ ଖାଇଲେ ହେବ ବଳ ।

ସକାଳ

ସକାଳ ହେଲାଣି ଉଠ ଲୋ ପାରା,
କାନ୍ଥ ବାଡ଼ ଗଛେ ପଡ଼ିଲା ଖରା ।
ଗଛ ଡାଳେ ବସି ରାବଇ କାକ,
ଉଠିଲେଣି ପିଲା ଶୁଣି ତା ଡାକ ।
ତା ରବ ଶୁଣନ୍ତେ ଜଗତ ଜନ,
ଉଠି ନିଜ କାମେ ଦିଅନ୍ତି ମନ ।
ପିଲାମାନେ ଉଠି ଖେଳନ୍ତି ଦାଣ୍ଡେ,
ବଡ଼ ପିଲା ଯାନ୍ତି ଚାହାଳୀ ଗୁଣ୍ଡେ ।
ନୂଆ ବୋହୂମାନେ ପିଣ୍ଡା ଦୁଆର,
ଖରକି ପକାନ୍ତି ପାଣି ଗୋବର ।
ବାସନ ମାଜିଣି ଚଙ୍କା ଦେଇ,
ସାତ ପାଞ୍ଚ ମିଳି ଯାନ୍ତି ଗାଧୋଇ ।
ଚଷାମାନେ ହଳ ବଳଦ ନେଇ,
ବିଲକୁ ଯାଆନ୍ତି ହଳ ବୁଲେଇ ।

Digitized by srujanika@gmail.com

ଗହଳ ନଅର ଗୋରୁ ଗୋଠଙ୍କୁ,
ହାତୁଅ ଗଣ୍ଡିର ନଏ ହାଟଙ୍କୁ ।
ମୁଢ଼ି ଚୁଡ଼ା ତେଲ ଲୁଣ ପସରା
ସାହୁ ସାହୁ ଅସି ବୁଲନ୍ତି ତ୍ୱରା ।
ଦରବାରେ ଗଲେ ଦାଣ୍ଡଗାରଅ,
ହିସାବ କରନ୍ତି ମହାଜନଅ ।
ସ୍ନାଅନ ସାରିଲେ ଭକତମାନେ,
ଦେବ-ସେବା ପୂଜା କଲେ ବ୍ରାହ୍ମଣ ।

ବେଳବୁଡ଼

ଖରା ନଇଁଲାଣି ପଦାକୁ ଯିବା,
ପଦାରେ ସମସ୍ତେ ଖେଳି ବୁଲିବା ।
ଫୁଲ ଫୁଟିଅଛି ବାସ ଆଗର,
ତା ବାସନା ମୁହିଁ ନାକେ ଶୁଙ୍ଘିବ ।
ଗଛ ଲତା ସବୁ ଦିଶେ ସୁନ୍ଦର,
ଢଳ ଦିଶୁଅଛି ଡାଳ ପତର ।
ପକ୍ଷୀ ରହୁଅଛି ଡାଳରେ ବସି,
ପିଲା ଖେଳୁଛନ୍ତି ଦଉଡ଼ି ହସି ।
କଳ କଳ କରି ବହୁଛି ନଈ,
କୂଳେ ଚରୁଛନ୍ତି ବାଛୁରି ଗାଈ ।
ମେଣ୍ଢା ଛେଳିମାନେ ଚରନ୍ତି ପାଖେ,
ଛେଳି ଛୁଆ ମୁହିଁ ଧରିବି କାଖେ ।
ଉଡ଼ି ଯାଉଛନ୍ତି ଚଢ଼େଇମାନେ,
ତାଙ୍କ ଗୀତ ମୁହିଁ ଶୁଣିବି କାନେ ।
ଅଖି ଫେରାଇଲେ ମଥା ଉପର,
ନୀଳ ଆକାଶ ଯେ ଦିଶେ ସୁନ୍ଦର ।
ସମସ୍ତ ଗଢ଼ିଛି ଅଛେ ଈଶ୍ୱର,
ଦଣ୍ଡବତ ଦେନ ପ୍ରଭୁ ମୋହର ।

Digitized by srujanika@gmail.com

ମୋର ଅଧେ, ତୋର ଅଧେ

ଚେନ୍ଦିଏ ଦଣେ କେଡ଼େ ସୁନ୍ଦର,
କେମନ୍ତ ସୁନ୍ଦର ଡାଳ ପତର !
ନଇଁ ପଡ଼ିଅଛି ଫୁଲ୍‌ରେ ଡାଳ,
ଫୁଲ୍ ତୋଳି ଅସ ଗୁନ୍ଥିବା ମାଳ ।
ଚେମ୍ବୂଳେ ମୁହିଁ ଢାଳିବି ଜଳ,
ଚେରେ ଫଳିବ ସୁନ୍ଦର ଫଳ ।
ସେ ଫଳ ପାଚିବ ଅଳପକାଳେ,
ପାଚି ଝୁଲୁଥିବ ପବନ ଡାଳେ ।
ତୋଳି ଅଣି ମୁହିଁ ଧରିବି ଫଳ,
ଭାଇଙ୍କୁ ଲଗିବ କେଡ଼େ କଅଁଳ ।
ସେ ଫଳ ପାଚିଲେ ଭାଙ୍ଗିବି ମୁହିଁ,
ଅଧେ ମୁଁ ଖାଇବି, ଅଧେକ ତୁହି ।

ସତ୍ୟଯୁଗ ଫଳ

ଆମ୍ବ ବଉଳଇ ଫଗୁଣ ମାସେ,
ଦଗ ଦହଟଇ ତାର ସୁବାସେ ।
ଗୁଣୁ ଗୁଣୁ କରି ମହୁମାଛିଏ,
ବସନ୍ତ ଆସିଣ ବହଳ ଦେଦେ ।
ମହୁ ଯେନି ଉଡ଼ି ଯାଆନ୍ତି ଗୃହି,
ନ ଖାଇ ନ ପିଇ ସଞ୍ଚନ୍ତି ଖାଲି ।
ପତ୍ର ଗହଳରେ କୋକିଳ ବସି
"କୁହୁ" "କୁହୁ" ତାନ ଦିଏ ବସିଣି ।
ଟଣା ଧରି ଆମ୍ବ ଢୁଙ୍ଗିର କଷି,
ଲେନ୍ତ୍ରି ଲେନ୍ତ୍ରି ଡାଳେ ଝୁଲଇ ହସି ।
ଝୁଣୁ ଝୁଣୁ ପାଚି ହଳଦିବନ,
ଖାଇବାର ଥାଉ, ଦଣେ ଯତନ !
ଆମ୍ବ କି ମଧୁର କେଡ଼େ ସୁନ୍ଦର,
ଏ ଫଳ ଅଟେ କି ସତ୍ୟଯୁଗର ?

Digitized by srujanika@gmail.com

ବର୍ଷାଗୀତ

ମେଘ ଗରଜର ଟପର ଟପର
ଶୁଭେଶୁର ମାଦଳ ବଜା,
କେଉଁ ସାଜକରେ ବାହୁଲେ ରଜା ଗୋ
ବେଙ୍ଗଙ୍କ ବାଇଦ ବଜା ।

ମେଘ ବରଷର ଟପର ଟପର
ସୁଅରେ ବହଇ ପାଣି,
ପାଣିରେ ଭାସନ୍ତି କେଉଁ କଟର ହୋ
ବେଙ୍ଗ ଓ ବେଙ୍ଗଲି ରାଣୀ ।

ନୂଆ ପାଣି ପାଇ ଦାଣ୍ଡେ ଦୁବଘାସ
ଚଢା ଚଢା ଉଠିଲା,
କାଳି ଗୁଲୁଗୁଲୁ ପାଟଶୋଢ଼ୀ ପିଛ
ସାଧବବୋହୂ ହୁଟିଲା ।

ଅଳତା ସମାନ ରକତ ବରନ
ଓଳପାଣି ପଡ଼େ ଝଳେ,
ଝଳ ପାଣି ସଙ୍ଗେ ମିଶିଗଲା ବୋଟନ
ମୋତି ଫୁଲ ପରି ଝଁଲେ ।

ପାଣିର ଫୁଟୁକା ଫୁଟି ଯାଏ ଭାସି
କ୍ଷଣକେ କାହିଁ ହଜାଏ,
'ସାଧବ ଘରର ବୋହୂ ବୁଡ଼ି ମଲା'
ବୋଲି ନାଚନ୍ତି ପିଲାଏ ।

ନୂଆ ପାଣି ପାଇ ଫୁଟି ଉଠେ ଛତୁ
ହୁଙ୍କା ବାଲିଥିବା ବଲେ,
ମଙ୍କାଙ୍କୁ ଭେଟିଣ ଗୃଙ୍ଗଡ଼ା ଧରଣ
ପିଲାଏ ଛତୁ ତୋଳିଲେ ।

ଦୋଳି ଗୀତ

ଦୋଳ ଦୋଳ ଧନମଣି, ଦୋଳ ଅଛ ଉଚ୍ଚେ,
ନାହିଁ କିଛି ଡର ଧନ, ମା ଅଛନ୍ତି ପଛେ ।
ହସି ହସି ଦୋଳ ଧନ, ଦୋଳି ଦୋଳି ହସ,
ଯେତେ ଉଚ୍ଚେ ପାରୁ ଧନ, ସେତେ ଉଚ୍ଚେ ବସ ।
ହେଉ ଗୁଲ୍ ଯା ଉପରକୁ, ହେଉ ଗୁଲ୍ ଯା ତଳ,
ଦୋଳି ଖେଳି ଖେଳି ଧନ, ବଢ଼ିଯିବ ବଳ ।
ଦୋଳ ଦୋଳ ଧନମଣି, ପାଖେ ଅଛନ୍ତି ମା,
ଯା ଗୁଲ୍ ଯା ଉପରକୁ, ଅ ପାଖକୁ ଆ ।

ନାଚ ଗୀତ

ଥେଇ ଥେଇ ନାଚ ଧନ, ନାଚ ଥେଇ ଥେଇ,
ଉଠେଇ ପକେଇ ଗୋଡ଼ ଉଠେଇ ପକେଇ ।
ଧିନ୍ନା ତାକ ଧିନ୍ନା ତାକ ଧିନ୍ନା ତାକ ଧେଇ,
ହସି ହସି ନାଚ ଧନ, ଥେଇ ଥେଇ ଥେଇ ।
ନାଚ ନୀଳମଣି ଗୀତ ଗାଉଛନ୍ତି ମାଆ,
ଧିନ୍ନା ତାକ ଧିନ୍ନା ତାକ ଥେଇ କଟ ତାଅ ।

ମୁହିଁ ଦୁହିଙ୍କର

ଏଡ଼େ ଟିକେ ସରସ୍ୱତୀ ହସ ହସ ମୁଖ,
ତା ହସ ଦେଖିଲେ ହୁଏ ମନେ କେତେ ସୁଖ ।
ପାରି ଯେବେ ମୁହିଁ ହଲାଇ କହେ ତାକୁ କଥା,
ଠୋ ଠୋ ହସୁଥାଏ ହଲାଇଣ ମଥା ।
କୃଷ୍ଣ କହେ "ମୋ ଭଉଣୀ", ପାରି କହେ "ମୋର",
ସବ କହେ, କାଖେଇଲେ ମୁହିଁ ଦୁହିଙ୍କର ।

Digitized by srujanika@gmail.com

କାଉ ଓ ବାଳକ

ବାଳକ—ଡାମରା କାଉ ରେ ଡାମରା କାଉ,
କାଥ କାଥ ରାବ କୁଆଡ଼େ ଯାଉ ?
କାଉ—ପାବଂତୀ ଦେଈ ଗୋ ପାବଂତୀ ଦେଈ,
ବନ ପରବତେ ମୁହିଁ ଯିବଇ ।
ବାଳକ— ଡାମରା କାଉ ରେ ଡାମରା କାଉ,
ନଈ ସମୁଦ୍ରର କେମନ୍ତେ ଡେଇଁ ?
କାଉ—ପାବଂତୀ ଦେଈ ଗୋ ପାବଂତୀ ଦେଈ,
ଉଚ୍ଚ ଅକାଶରେ ମୁହିଁ ଉଡ଼ଇ ।
ନଈ ସମୁଦ୍ରର ବହନ୍ତି ତଳେ,
ଉଡ଼ି ଗଲ୍ୟାଏ ମୁଁ ଜଳେ ଥଳେ ।
ବାଳକ—ଡାମରା କାଉ ରେ ଡାମରା କାଉ,
ବନଯାକ ଉଡ଼ି କଅଣ ଖାଉ ?
କାଉ—ପାବଂତୀ ଦେଈ ଗୋ ପାବଂତୀ ଦେଈ,
ନାନାଜାତି ଫଳ ଗଛେ ପାଚଇ ।
ମନ ଖୁସି ହୋଇ ମୁଁ ତାହା ଖାଏ,
ସଞ୍ଜ ବେଳ ହେଲେ ବସାକୁ ଯାଏ ।
ବାଳକ—ଡାମରା କାଉ ରେ ଡାମରା କାଉ,
ଜାଡ଼ରେ ଫୁଙ୍ଗୁଳା କେମନ୍ତେ ଶୋଉ ?
କାଉ—ପାବଂତୀ ଦେଈ ଗୋ ପାବଂତୀ ଦେଈ,
ଜାଡ଼ ଲାଗା ମୁହିଁ ଲୋଡ଼ଇ ନାହିଁ ।
ବାର ମାସ ମୋର ଏ ଡେଣା ପର,
ରକ୍ଷା କରେ ମୋତେ ଖରା ଶୀତର ।
ବାଳକ—ଡାମରା କାଉ ରେ ଡାମରା କାଉ,
ରାତି ଗୋଟାପାକ କେମନ୍ତେ ଶୋଉ ?
କାଉ—ପାବଂତୀ ଦେଈ ଗୋ ପାବଂତୀ ଦେଈ,
ରାତି କାଟେଁ ମୁହିଁ ଗଛରେ ଶୋଇ ।
ବାଳକା—ଡାମରା କାଉ ରେ ଡାମରା କାଉ,
ଦେଖ ବାଳକାରେ କେମନ୍ତେ ଶୋଉ ?

Digitized by srujanika@gmail.com

ଭାବ—ପାର୍ବତୀ ଦେଈ ଗୋ ପାର୍ବତୀ ଦେଈ,
ଚନ୍ଦ୍ର ଭାଳେ ଶୁଏଁ ଗୋଡ଼ ଲମ୍ବେଇ ।
ବନ ପରବତ ଡାଳ ପତରେ,
ଶୋଇପଡ଼େ ମୁହିଁ ରାତିକାଳରେ ।
ରାତି ପାହାନ୍ତାରୁ ମୁହିଁ ଉଠଇ,
ପିତା ଗଛ ବାଡ଼େ ବସି ରାବଇ,
ମୋ ଡାକ ଶୁଣିଣ ଜଗତଜନ
ଉଠି ନିଜ କାମେ ଦଅନ୍ତି ମନ ।

ପାରା ଯୋଡ଼ିକ

ଗୃଲ୍ଲଣି ଚଲଉଁ ଚଲଉଁ ପାଇଲଇଁ ମୁଁ ଗୋଡ଼ି;
କି ସୁନ୍ଦର ପାରା ଯୋଡ଼ିକ ଯାଉଅଛନ୍ତି ଉଡ଼ି ।
ଆସ ଆସ ପାରା ଯୋଡ଼ିକ ମୋର ପିଣ୍ଡାରେ ବସ,
ଖାଇବାକୁ ଦେବି ତୁମକୁ ମୁହିଁ ନଡ଼ିଆ ରସ ।
ପିଇବାକୁ ଦେବି ତୁମକୁ ବେଣ୍ଟ ପୋଖରୀ ପାଣି,
ଶୋଇବାକୁ ଦେବି ଖଟୁଲି ମାଳୀଘରୁ ମୁଁ ଆଣି ।
ମାଳୀଘର ଖଟୁଲିରେ ଯେ ବାଉଁଶର ପାଉଆ,
ରଜାଘର ଝିଅ ଗୋଡ଼ରେ ରତନର ଝୁଣ୍ଟିଆ ।
ରତନଝୁଣ୍ଟିଆ ମଝିରେ ଥିଲା ମାଣିକ୍ୟ ମରି,
ଖସିଗଲା ଝୁଣ୍ଟିଆରୁ ସେ ଝୁଣ୍ଟି ନେଲା ତା ଶାରୀ ।

ଶାରୀ ପଚାରିଲା ଶୁଆ କେଉଁ ବାଟରେ ଯିବା,
ଶୁଆ ବୋଲେ ଶାରୀ ଚାଲ ମୋ ସ୍ୱର୍ଗଦ୍ୱାରେ ଯିବା ।
ସ୍ୱର୍ଗଦ୍ୱାରେ ଯାଉଁ ଯାଉଁ ମୁଁ ପାଏ ଗୋବର ଲଣ୍ଡି,
ଲିପି ପୋଛି ଦେଇ ଯାଅ ମା ପୂଜୁ ମଙ୍ଗଳଚଣ୍ଡୀ ।
ମଙ୍ଗଳଚଣ୍ଡୀ ଗୋ ମଙ୍ଗଳଚଣ୍ଡୀ କଥାଏ କହୁ,
ଲିପି ପୋଛି ଏଥି ଦେଇଛୁ ମା ଦଣ୍ଡିକ ରହୁ ।
କିସ୍ କଥା କିସ୍ କଥା ସେ ରଜା ପୁଅର କଥା,
ହୁଁ ଭରୁଥିବ ଶୁଣିବ ହାତେ ବଢ଼ିଣ ମଥା ।

Digitized by srujanika@gmail.com

ଗୁଲ୍ଣୀ ଚଲନ୍ତ ଚଲନ୍ତ ପାଉଲଇଁ ମୁଁ ଟୋକି,
ଥରଣ୍ଟି ମଣି ଧରି ପାରୁ ଏ ଯାଉଥିଲା ସେ ଭଡ଼ି ।
ମଣି ଘେନି ଭଡ଼ ଯାଅନ୍ତେ ଥଣ୍ଟୁ ପଡ଼ିଲା ଖସି,
ରାଜାପୁଅ ବକେ ପାରିଧି ଘୋଡ଼ା ଉପରେ ବସି ।
ଘୋଡ଼ା ଝଂପଟାଇ ସେ ମଣି ରଜାପୁଅ ଧଇଲା,
ରାଜକନ୍ୟା ରୂପ ମଣିରେ ଅଙ୍କା ଥିଲା ଦେଖିଲା ।
କେଉଁଣି ଦେଶେ ସେ ରଜାର ଘର ମନରେ ଭାଳି,
ଛନି ସଙ୍ଗାତଙ୍କୁ ଘେନିଣ ଘୋଡ଼ା ଦେଲା ସେ ଗୁଳି ।
ଅଣୀ କୋଣେ ରାତି ହୁଅନ୍ତେ ଘୋଡ଼ା ବାନ୍ଧି ସଙ୍ଗାତେ,
ପହରକେ ଜଣେ ଜଗିଲେ ଯାପିବାକୁ ସେ ରାତେ ।
ପହିଲୁ ପହରେ କଟ୍ୱାଳ-ପୁଅ ଶୁଣିଲା କାନ୍ଦ,
ବୁଝିଲା ମନେ ମନେ ସେ ଭୂତଙ୍କର ଏ ଫାନ୍ଦ ।
ସାଧବପୁଅ ଦ୍ୱିପହରେ ଶୁଣେ ବନସ୍ତେ କାନ୍ଦ,
ବୁଝିଲା ମନେ ମନେ ସେ ଦେବଙ୍କ ଏ ଫାନ୍ଦ ।
ମନ୍ତ୍ରୀପୁଅ ତିନି ପହରେ ଶୁଣି ବନସ୍ତେ କାନ୍ଦ,
ବୁଝିଲା ମନେ ମନେ ସେ ଅସୁରଙ୍କ ଏ ଫାନ୍ଦ ।

ରଜାପୁଅ ଶେଷ ପହରେ ଶୁଣି ବନସ୍ତେ କାନ୍ଦ,
ଆକାଶକୁ ଚାହିଁ ଦେଖିଲା ହସେ ପୁନେଇ ଚାନ୍ଦ ।
ଚାନ୍ଦମୁଖେ ଦେଖେ ହଉଛି ସେହି ରଜାର ଝିଅ,
ଘୋଡ଼ା ଚଢ଼ି କାନ୍ଦ ଅଡ଼କୁ ଗଲା ରଜାର ପୁଅ ।
ଦେଖେ ଗଜଦନ୍ତ ପଲଙ୍କେ ବସି କାନ୍ଦେ ସୁନ୍ଦରୀ,
ରୂପ ଝଟକଇ ଯେସନ ମର୍ତ୍ତ୍ୟେ ସ୍ୱରଗ-ପରୀ ।
ପୁଚ୍ଛଇ ସେ ରାଜକୁମର ସେହି କନ୍ୟାକୁ ଧୀରେ,
"କେମନ୍ତେ ଏକାକୀ ଆସିଲ ଏହି ନିର୍ଜନ ପୁରେ ।"
ରାଜକନ୍ୟା କହେ, "ଅଛଇ ଏକ ଅସୁରୀ ବୁଢ଼ୀ,
ଚରିବାକୁ ଯାଏ ରାତିରେ ଦିନେ ଆସଇ ଉଡ଼ି ।
ଖାଇଗଲା ବାପ ମାଆଙ୍କୁ ମାରି ସପତ ଭାଇ,
ମୋ ବିନା ଦେବାକୁ ଏ କୁଳେ ପାଣି କେହି ତ ନାହିଁ ।

Digitized by srujanika@gmail.com

ଘୋଡ଼ାଶାଳୁ ଘୋଡ଼ା ଯାଉଛି ହାତୀଶାଳରୁ ହାତୀ,
ସୁବର୍ଣ୍ଣ ପୁରୀ ତ ପଡ଼ିଛି ଜନ ପ୍ରାଣୀ ନାହାନ୍ତି ।
ଏତେ ରାଜକୁଳ ଜନ୍ମିଲି, ଧିକ ମୁଁ ଅଛି ବଞ୍ଚି;
ରାତିପାଙ୍କ ଘୋର ନିର୍ଜନେ ବଞ୍ଚିଲି ମୁଁ କାନ୍ଦଇ ।
ସବୁଘରେ ମୁହିଁ ଯାଉଛି ଏକ ଘର ଯେ ମନା,
ନିଶା ଗରଜିଲେ ସେ ଘରୁ କଥା ଯାଉଛି ଶୁଣା ।”
କବାଟ ଭାଙ୍ଗିଣ ରଜାର ପୁଅ ଘରେ ପଶିଲା,
ଦେଖି ତାକୁ କଳା ଘୋଡ଼ାଟା ଥାର ବଶ ଯେ ହେଲା ।
କାନ ଫୁଙ୍କି ରାଜକୁମାର ପିଠେ ଅଞ୍ଜିସି ଦେଲା,
କହ୍ୟାଙ୍ଘେ ଦୁରନ୍ତ ଘୋଡ଼ାଏ ତଳେ ଟାପୁ ମାରିଲା ।
ଘୋଡ଼ାଟାପୁ ତଳେ ଖୋଳିଣ ତଳେ ଦେଖିଲା ପକ୍ଷୀ,
ଅନେକ୍ଷଣ ମନ୍ତ୍ର କହିଲେ ତାକୁ ବିକଟେ ହସି ।
“ଚୋଦ୍ଦପର ଦନେ ଅସୁର ଥିଲା ବକତ ମାଂସ,
ଗୋଟି ଗୋଟି କର ଅସୁରୀ ହାତେ ଗଲା ଟି ନାଶ ।
ତୋତେ ଖାଇ ଶଏ ପୂରିବ, ପଳା ନେଇ ଜୀବନ ।”
“କିପରି ଅସୁରୀ ମରିବ” ଯୁବା ପୁଚ୍ଛେ ତକ୍ଷଣ ।

“ଶଏ ଯୋଜନରେ ଅଥଗା ମଣ୍ଡପରେ ନଅର,
ପୋଖରୀ ଭିତରେ ସେ ପୁରୀ, ଜଗେ ତା ଅଜଗର ।
ଅଜଗର ଶିରେ ମାଣିକ୍ୟ ଅସୁରୀର ଜୀବନ,”
ପକ୍ଷୀରାଜେ ଚଢ଼ି ଯୁବକ କଲା ତହିଁ ଗମନ ।
ଆଣି ସେ ମାଣିକ୍ୟ ମାରିଣି ସେହି ବୁଢ଼ୀ ଅସୁରୀ,
ବିଭା ହୋଇ ରାଜକନ୍ୟାକୁ ଭୋଗ କଲା ସେ ପୁରୀ ।
ସାହସରେ ମର, ସାହସେ ଘୋର ବିପଦେ ତର,
ସାହସରେ ଭାଇ ସଂସାରେ ଘର ଦୁଆର କର ।

ସୁନାପଇତା

କାଶୀରଜା ଝିଅ ଲୋ ତୁ ନଳରଜା ବୋହୂ,
ନଳରଜା ବୋହୂ ଲୋ ତୁ ନଈକୁ ଗାଧୋଇ ଯାଉ ।

ନଈକି ଗାଧୋଇ ଯାଉ ଯାଉ ପାଇଲୁ ଗୋଡ଼ବଳା,
ଛେଳି କିଣିବାକୁ ନେଇ ଗଲୁ ସେହି ବଳା ।

ଟିପିଟିପିକା ଛେଳି ଅଛି ପାତାଳ ଭିତରେ,
ରଜାପୁଅ ଖୋଜୁଅଛି ବନସ୍ତ ମଧ୍ୟରେ ।

ବନସ୍ତ ଭିତରେ ଅଛି ରଜାର ନଅର,
ରତନ ପଲଙ୍କ ଅଛି ନଅର ଭିତର ।

ପଲଙ୍କେ ଅଇଲି ଗୁଡ଼ି ସୁନ୍ଦର ଫରୁଆ,
କିଏ ଗ୍ରୈବ କରିନେଲା ସିନ୍ଦୂର ଫରୁଆ ।

ମୋ ସୁନ୍ଦର ଫରୁଆଟି ନେଲା ରଜାପୁଅ,
ବାହୁନି ବାହୁନି କାନ୍ଦେ ରଜାଘର ଝିଅ ।

ଖୋଜି ଖୋଜି ରଜାପୁଅକୁ ବନସ୍ତେ ପାଇଲି,
ରଜାପୁଅ ବହିବ ବୋଲି ଦେଉଳ ତୋଳାଇଲି ।

ଦେଉଳ ଗୁରୁପିଠିଯାକ କଉଡ଼ି ମଣ୍ଡାଇଲି,
କଡ଼େ କଉଡ଼ି ଊଣା ହେଲା କନ୍ୟା ମୂଲ୍ଲାଇଲି ।

କନ୍ୟା ହାତରେ କାଚ ଯୋଡ଼ିକା ରୁଣୁଝୁଣୁ ବାଜେ,
ବୋଉ ବେକରେ ସୁନା ପଇତା ଖଣ୍ଡେହିରକୁ ସାଜେ ।

ଯେତେତେହେଲେ ସୁନାପଇତା ଗୁଣ ଯେବେ ନାହିଁ,
ବ୍ୟର୍ଥ ଜୀବନ ତେବେ ବହୁ କାହିଁପାଇଁ ?

ଡାମର କାଉ

— ୧ —

ଡାମରା କାଉ ରେ ଡାମରା କାଉ,
କେଉଁ ପରବତେ ବୋବାଉଥାଉ ।
କେଉଁ ପରବତ ଧୁଅଁଧୁଅଁକା
ତହିଁରେ ବସିଛୁ ଛନ୍ନ ମଞ୍ଜିକା ।
ଛନ ଛନ ପଣ ଅଠର ପଣ,
ଭାଇଙ୍କୁ ଡକାଇ କଉଡ଼ି ଗଣ ।
କଉଡ଼ି ଗଣାରେ ପାହିଲା ରାତି,
ଚୋର ନେଇଗଲା କଜଳପାତି ।
ଷାଠିଏ ଟଙ୍କାର ବଳଦ ମଲା,
ଏକା କାଳି ଗାଈ ମଥାନ କଲା ।
ଆସ ଗୋ ସଙ୍ଗାତ ଗାଧୋଇ ଯିବା,
କଇଁଆକାକୁଡ଼ି ତୋଳି ଆଣିବା ।
କଇଁଆକାକୁଡ଼ି ମୁଣ୍ଡରେ ପେଡ଼ା,
ଛଅ ବୋହୂଙ୍କର ଛଅ ଦୁହିତା ।

ମଞ୍ଜିଅଁ ତୋହ୍ନ ଯେ ଲବଙ୍ଗଲତା,
ସବା ସାନବୋହୂ ଗଜମୁକୁତା ।
ଲବଙ୍ଗଲତାକୁ ଗଜମୁକୁତା,
କହିଲେ ଭଉଣୀ କହ ଲୋ କଥା ।
ସୁଖ କହିବ କି ଦୁଃଖ କହୁଛ,
ଅଙ୍ଗେ ନିଭାଇବା କଥା କହୁଛ ।

— ୨ —

ସାଧବ ଘରର ଛଅଟି ପୁଅ,
ରଜାଘରେ ଥିଲେ ଛଅଟି ଝିଅ ।
ଛଅ ଭାଇ ଯାକ ବୋଇତେ ଗଲେ,
ଦେଶ ବିଦେଶରେ ବଣିଜ କଲେ ।

Digitized by srujanika@gmail.com

ଅଷ୍ଟଧାତୁ ନବରତନ କେତେ,
କାହାକେ ଭରିଲେ ଯାହାକୁ ଯେତେ ।
ମଣି ଝରଅରେ ଝୁଞ୍ଜ ବନ୍ଧୁଳ,
ଅଥପା ମଣ୍ଡପେ ବୋଇତ ଗନ୍ଧ ।
ଅଥପାମଣ୍ଡପେ ଅସୁର ପୁଅ,
ଜଗିଅଛୁ ଛଅ ରଜାର-ଝିଅ ।
ଅସୁରଙ୍କୁ ମାରି ହୋଇଲେ ବାହା,
ଛଅ ଭଉଣୀ ଯେ ଛଅଟି ଯାଆ ।

ପରଶ ପଥର ମାଆ ଯେ ଦେଲେ,
ଛଅ ଝିଅମାନ ପଣତେ ନେଲେ ।
ପକ୍ଷୀରାଜ ଘୋଡ଼ା ଛଅଟି ଆଇ,
ରଜାଘରୁ ନେଲେ ଯୌତୁକ ପାଇ ।
ଛଅ ବର କନ୍ୟା ଚଢ଼ିଣ ଗଲେ,
ଆପଣା ରାଇଜେ ମିଳିଲେ ଭଲେ ।
ହୁଳ ବରକୋଳି ବନ୍ଦାଣଥାଳି,
ବନ୍ଦାଇଲେ ସାତ ସଧବା ବାଳୀ ।
ଧନରତ୍ନ ନେଇ ଗଲେ ସେ ଘର,
ସରିଗଲା ଏଠି କଥା ମୋହର ।

ନାନାବାୟା ଗୀତ

ବରଷା ରତିରେ ଯେ ଯାହାର ଘରେ
ଶୁଅନ୍ତି ସମସ୍ତେ ଯାଇଁ,
କେଉଁଠାରେ କିଏ ଗୀତ ଗାଉଥାଏ
ପିଲା ଶୁଆଇବା ପାଇଁ ।
ଝିଲ୍ଲି ଅଷାଢ଼େ ବରଷଇ ମେଘ
ଅଣ୍ଟୁଆଣି ହୁଏ ପାଣି ।
ଖାଣିରେ ରହନ୍ତି ଫକର ଫକର
ବେଙ୍ଗ ଆଉ ବେଙ୍ଗରାଣୀ ।

Digitized by srujanika@gmail.com

ଗଧିନେ ବାଜଇ   ଯୋଡ଼ି ମହୁରୀ ଗୋ
ଘନ ଘନ ସ୍ୱରେ କାକ,
ବୋହୂ ବାପ ଘରୁ   ଭାର ଅଣୁଛନ୍ତି ହୋ
ଶୁଭଇ ଉଠିଅ ଡାକ ।

ଅକାଶରେ ଘୂରେ   କଳାବଜ୍ରଦ ଗୋ
ସୁଲ୍ ସୁଲ୍ ବହେ ବାଅ,
ବସା ଚଢ଼ି ଅଡ଼େ   ଉଡ଼ିଯାଏ କାଉ
ରବ ଦେଇ କାଅ କାଅ ।

ଜୁକୁଜୁକୁ ଜକେ   ଜୁକୁ ଜୁଳଅ ଗୋ
ଶାଶୁଘରେ ଗଲେ ଡର,
ମାଅ ଯାଇଛନ୍ତି   ମାମୁଁ ଘରକୁ ଗୋ
ତୁରତେ ଅସବେ ପର ।

ଦୁଙ୍କା ଘୂରପିଠି   ଫୁଟିଛି ଛତୁ ଗୋ
କିଏ ସେ ଛତୁ ତୋଳିଲା,
ଦୁଇକୂଳ ଖାଇ   ପର୍ବତ ପ୍ରମାଣେ
ନଈ ତ ମାଡ଼ି ଅସିଲା ।

ଅକାତ ପାଣିରେ   ଶାଶୁ ନଣନ୍ଦଙ୍କ
ଗଞ୍ଜଣା ସହି ନ ପାରି,
ବିସର୍ଜନ ଦେଲା   ସୁବର୍ଣ୍ଣପ୍ରତିମା
କାହାର ଏ ନବନାରୀ ?

ଶ୍ରାବଣର ଧାରି   ଶୋକପସରୀ ଗୋ
ବାଟ ଘୂଲେ ବଳଦଅ,
କେଣେ ଯାଉଛ ରେ   ବଳଦଅ ଭାଇ
ମେଘ ତ କଳାହାଣ୍ଡିଅ ।

ଗାଅଁ ତଳ ବଲେ   ମଇଁଷି ପଲ ଗୋ
କୁହାଟେ ମଇଁଷିଅଳ,
ମଇଁଷି ଦୁଧକୁ   ବାସ୍ ଘୂଉଳ ଗୋ
ଜାଲବାକୁ ଘଷିଫାଳ ।

Digitized by srujanika@gmail.com

ପୋଖରୀ ହୁଡ଼ାରେ ଧୂଷୁରୀପଲ୍ ଗୋ
କିଏ ସେ ଢଣ୍ଢା ମାଡ଼ିଲା,
ଗମ୍ଭୀର ବିଲରେ ଗୀତ ଗାଏ ଚଷା
ପବନ ଖେରେ ବହୁଳ ।
ନଈ ସେପାରିରେ ଘୋର ଅନ୍ଧାର ଗୋ
କିଏସେ ଗୀତ ଗାଉଛି,
ରହ ରହ ଅହୋ ବିଦେଶୀ ବାଟୋଇ
ମେଘ ତ ମାଡ଼ି ଆସୁଛି ।
ଶ୍ରାବଣ ମାସରେ ଘୋର ବରଷା ହୋ
ଶୁଭେ ଘନ ଗରଜନ,
ପର୍ବତ ନାସୀର ମହାବଳ ବାଘ
ଷେପି ବୁଲେ ଗ୍ରାମ ବନ ।
ଗିରି ଗହନରେ ଝରଇ ଝରଣା
ମୟୂର ରବ ଦିଅଇ,
ପର୍ବତ ଖୋଲକୁ ଠେଙ୍କି ଯାଏ ନଈ
ଦୂର ସିନ୍ଧୁ ପାଶେ ବହି ।
ପଶୁ ପକ୍ଷୀ ନର ଗୃହ ଘରଦ୍ୱାର
ଭାସିଯାଏ ଜଳ ସଙ୍ଗେ,
ଜଳମଗ୍ନ ଦେଶେ ଚଢ଼ିଦରୀଯାକ
ପିଲା ଗୀତ ଗାନ୍ତି ରଙ୍ଗେ ।
ମେଘ ବରଷିଲା ଝପର ଝପର
କେଶୁର ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା
ଠେଲୁଙ୍ଗି ବାଇଦ ବଜା ।

ହୋଓ ରେ ବାଇଆ ହୋଓ

ବିଲରେ ପାଚିଲା ରଙ୍ଗଣୀ ଧାନ ଗୋ
ହୋଓରେ ବାଇଅ ହୋଓ,
ଯେଉଁ କିଆରିରେ ବହୁତ ଧାନ ତୁ
ସେଇ କିଆରିରେ ଶୋଓ ।

ଝୁଣ୍ଟୁ ଝୁଣ୍ଟୁ ପାଣି ବାସନା ଧାନ ଟୋ
ନାଲି ଗୁଲ୍ଭ ଗୁଲ୍ଭ ଦିଶେ,
ଥାଳ ଗୃଳ ହେଲେ ଗୋଟିଏ ପାଖରୁ
ଚୂଲିଣ ଆସିବ କି ସେ । ୧ ।

ଭାଦ୍ରଅ ମାସରେ ମାଣ୍ଡିଆ ପାଚିଲା
ହୋ ରେ ବାଇଅ ହୋଓ,
ଯେଉଁ କିଆରିରେ ଟହଲ ମାଣ୍ଡିଆ
ସେଇ କିଆରିରେ ଶୋଓ । ୨ ।

ମାଣ୍ଡିଆ ବାଡ଼ରେ ଶଲ୍ୟା ବାଡ଼ ଗୋ
ଟୋକେଇ କୁଣ୍ଡେଇ ଫୁଲ,
ଟୋପଲି ଧରିଣ କୃଷ୍ଣ ତୋଳିବ ଗୋ
କିଏ ଦେବ ତାର ମୂଲ ?

ଥିର ଥିର କରି ତୋଳିବୁ କୃଷ୍ଣ ରେ
କଣ୍ଟା ପଶିଯିବ ହାତେ,
ଲମ୍ବେ ଚମ୍ପା ଦେଇ କେତେ ଅଗ୍ଗୁରରେ
ଧନ ରେ ପାଇଛୁ ତୋତେ । ୩ ।

ବାଡ଼ ଗୃର ପାଖେ କଣ୍ଟେଇ କୋଳି ଗୋ
କୃଷ୍ଣ ତୋଳି ଯିବ କୋଳି,
କୋଳି ଖାଇଁ ଖାଇଁ ଶିଆଳି ଲଟାରେ
କୃଷ୍ଣ ଖେଳୁଥିବ ଦୋଳି ।

ଶିଅଳିବଣରେ ବାଇଅ ବସା ଗୋ
ହୋଓ ରେ ବାଇଅ ହୋଓ,
ଯେଉଁ କିଆରିରେ ଟହଲ ଧାନ ତୁ
ସେଇ କିଆରିରେ ଶୋଓ । ୪ ।

Digitized by srujanika@gmail.com

ନାଳିଆ ପୁଅର   କସ ଯାଉଛୁ ସେ
ବାଅ ଭଲେ ଦୋହଲୁଛୁ,
ଲମ୍ବ ତାଳଗଛ   ବାଇଁ ବରଡ଼ାରେ
ବସାରେ ବସିଛୁ ଲୁଚ ।
ଗଜା ବଉଦକୁ   ଖର ପବନ ଗୋ
ଉଡ଼ାଇ ନିଏ ବହନ,
ଦାଣ୍ଡ ତାଳଗଛ   ଦୋହଲ ଦୋହଲ
ବାଦ୍ୟ ଶୁବେ ଘନ ଘନ । ୫ ।
ଦୁଇ କୂଳ ଖାଇ   ବଢ଼ିଅଛୁ ନଈ
ପାଳରେ ପାଉଛୁ ଧାନ,
ପଲ ବାନ୍ଧ ପକ୍ଷୀ   ଅକାଶେ ଉଡ଼ନ୍ତି
ଶୁଭୁଥାଏ ତାଙ୍କ ଗାନ ।
ତା ଶୁଣି ପିଲାଏ   ଗାଉଛନ୍ତି ଗୀତ
ହୋଓ ରେ ବାଇଆ ହୋଓ,
ଯେଉଁ କିଆରରେ   ଗଦଲ ଧାନ ତୁ
ସେଇ କିଆରରେ ଶୋଓ । ୬ ।

ମାତୃସ୍ନେହ

କହୁଛନ୍ତି ମାତା   କୃଷ୍ଣଙ୍କୁ ବୁଝାଇ
ବାତୁଳ ଉତ୍କଣ୍ଠପଣ,
ଏମନ୍ତ ଉତ୍କଣ୍ଠ   କାହିଁକି ହେଲୁ ତୁ
ଆରେ ମୋର ଗଣ୍ଠିଧନ !
ମାଆ ତୋର କୃଷ୍ଣ   ଏକବାଣିଆ ରେ
ତୁହି ହେଲୁ ସେହୁପର,
ଦିନେହେଁ ତମ   ସେବା ନ ସରଇ
ବାପ ପୁଏ ଏକା ସର ।

Digitized by srujanika@gmail.com

ମୁହିଁ ଯେବେ ପୁଛ, ମାମୁଘର କିବା
ଚଳିବୁ କି ବାପଧନ,
ଖାଇବୁ ଘରକୁ କିଏ ଡାକିବ କି
ଆରେ ମୋ କୁଳନନ୍ଦନ ।

ଅଫିଟା ଖଣି ମୋ ମହୁଡ଼ମଣି ରେ
ମୋ ଚମ୍ପାଗୁଣ୍ଡୁଡ଼ି ତୁହି,
ଭାତ ନ ରୁଚଇ ନିଦ ନ ମାଡ଼ଇ
ପାଖେ ନ ଦେଖିଲେ ମୁହିଁ ।

ଚନ୍ଦ୍ରମାବଦନୁଁ ଝାଳ ବୋହୁଥିଲେ
ପଣତେ ପୋଛିବ କେହୁ,
ବଳେଇ ବଳେଇ ଭାତ ଖୋଇ ଦବ
ଧୂଳି ଝାଡ଼ି ଦେଇ ଦେହୁଁ ।
ପିଠି ଆଉଁଷିଣ କୋଳେ ବସାଇଣ
ଆଖିରୁ ପୋଛିଣ ଲୁହ,
ମୁହିଁ ଚୁମି ଚୁମି ଗୀତ ଗାଇ ଗାଇ
ବୋଧ ଦେବ କିଏ କହ ।

କାଖ କରି କିଏ ସାଇ ବୁଲାଇବ
ଗଛୁଁ ଦେବ ଫୁଲ ତୋଳି,
ଚଢ଼େଇଙ୍କ ଗୀତ କିଏ ଶୁଣାଇବ
କିଏ ଖେଳାଇବ ଦୋଳି ?
ନଈ ପୋଖରୀକୁ ଗାଧୋଇ କେ ନେବ
କିଏ ଦେଖାଇବ ଜହ୍ନ,
ମୁହିଁକି ଅନାଇଁ ଭୋକବେଳ ଜାଣି
ଖୋଇବ ମନାଇ ମନ ?

ମାତା ମୁଖ ଚାହିଁ କହୁଛନ୍ତି କୃଷ୍ଣ
ମାମୁଘର ତୁ ନ ଯିବୁ,
ମାମୁଘର ଗଲେ ତୋହ ସଙ୍ଗତରେ
ମତେ ସିନା ନେଇଯିବୁ ।

Digitized by srujanika@gmail.com

ମତେ ଘୁଞ୍ଚଗଲେ   କେମନ୍ତ ପ୍ରକାରେ
ଏକୁଟିଆ ମୁଁ ବଞ୍ଚିବି,
ଥିବ ହୋଇ ଏବେ   ଗାଧୋଇ ଖାଇବା
ଅଙ୍ଗ ଭୂଷଣ ନୋହିବ ।

ଦ୍ୱିତୀୟ ଭାଗ

କୁଜିକାଉ

କୁଞ୍ଜି କାଉ ରେ କୁଞ୍ଜି କାଉ,
କାଆ କାଆ ରବ କରୁଣ ଗାଉ ?
ପାର୍ବତୀ ଦେଶ ଗୋ ପାର୍ବତୀ ଦେଶ,
ବାରତା ଦିଅଇ ସଭିଙ୍କୁ ନେଇ ।
ବନ ପରବତ ଡେଇଁ ମୁଁ ଯାଏ,
ଘର କଥା ନେଇ ଛରାସେ ଦାଏ ।
ମୋ ରବ ଶୁଣନ୍ତେ ପ୍ରବାସୀ ଜନ,
ଘରକଥା ଭାଳି ବିବଶ ମନ ।

ବିଦେଶୀ ବାରତା ଶୁଣି ମୁଁ ଆସେ,
ଉଡ଼ି ଯିବେ ଆସି ତା ଘର ପାଶେ ।
ଜୁଳଲ ଅଧାର ପାଇଲେ ମୁହିଁ,
ସବୁର ବାରତା ଦିଅଇ କହି ।
କୁଢ଼ କୁଢ଼ ଦେଲେ ଅଧାର ମତେ,
ଅଗ ଖାଇ ମୁହିଁ କହିବି ସତେ ।
କୁଞ୍ଜି କାଉ ରେ କୁଞ୍ଜି କାଉ,
ବାପାଙ୍କ କଥକ ସତେ କି ଯାଣୁ ?
ମୋ ବାପା ଅଛନ୍ତି ବହୁତ ଦୂରେ,
ଉଡ଼ି ଯାଅ କାକ ସମ୍ବଲପୁରେ ।
ଦେଉଛି ଅଧାରୁ କାଉ ରେ ଖାଅ,
ବାପାଙ୍କ ବାରତା କହି ତୁ ଯାଅ ।

Digitized by srujanika@gmail.com

ଢେଢେ ଥର ଖାଇ ଯାଉ ଅଧାର,
ବାପା ତ ଅସନ୍ତି ନାହିଁ ରେ ଘର ।
ଦାଣ୍ଡଦୁଆରେ ମୁଁ ଅନାଇଥାଏଁ,
ରାତି ହେଲେ ଦୁଃଖେ ଘରକୁ ଯାଏଁ ।
ବାକଳ ହୁଏ ମୋ ମନ ଯେସନ,
ନୁହେ କି ସେପର ବାପାଙ୍କ ମନ ?
ତେବେ କପାଁ ବାପା ଅସନ୍ତି ନାହିଁ,
ସାହେବ ଦୂରକୁ ଦେଲ ପଠାଇ ?
କୁଢକାଉ ରେ କୁଢକାଉ,
ମତେ ମିଛ କହ କି ଯଶ ପାଉ !
ଏଥର କହୁଛୁ କାଉ ରେ ସତ,
ଖାଇବାକୁ ଦେବି ବାସନା ଭାତ ।
ପିଇବାକୁ ଦେବି ନଡ଼ିଆ ପାଣି,
ବାପାଙ୍କ ବାରତା ଦେବୁ ତୁ ଆଣି ।
ଏଥର ଅସିଲେ ବାପା ଘରକୁ,
ନ ଛାଡ଼ିବି ଆଉ ବିଦେଶେ ତାଙ୍କୁ ।

ଯେବେ ସେ ମୋ କଥା ନ ମାନି ଯିବେ,
ପୁଣି ଆମ ଘରେ କିପାଁ ଅସିବେ ?
ଯେବେ ଯିବ ତେବେ ସଙ୍ଗରେ ଯିବି,
ବାପାଙ୍କ ସଙ୍ଗତେ ସର୍ବଦା ଥିବି ।
ତାଙ୍କର ସଙ୍ଗରେ ଗାଧୋଇ ଖାଇ,
ତାଙ୍କର କୋଳରେ ପଡ଼ିବି ଶୋଇ ।
ମତେ ସଙ୍ଗେ ସଙ୍ଗେ ଘେନି ବୁଲିବେ,
ସଞ୍ଜବେଳେ ତାଙ୍କ ଗୀତ ଶୁଣିବେ ।
ଆରେ କାଉ ତୁହି ଉଡ଼ିଣ ଯିବୁ,
ବାପାଙ୍କୁ ମୋ ମନ କଥା କହିବୁ ।
ବୋଉ ମୋତେ ମାରେ ଖାଇବାପାଇଁ,
ବାପା କପାଁ ଧାଇଁ ଅସନ୍ତି ନାହିଁ ।

Digitized by srujanika@gmail.com

ତାଙ୍କୁ ଦେଖି ନୋଜ ମାଉର ନାହିଁ,
ଚଇଁଲ ଚଇଁଲ ଦେବ ମୁଁ ଖାଇ ।
ଭାତ ଖାଇ ତାଙ୍କ ସଙ୍ଗେ ଯାଆନ୍ତି,
ନଈ ନାଳକୂଳ ବୁଲି ଆସନ୍ତି ।
ସଞ୍ଜ ହେଲା କାକ ଯାଅ ରେ ଉଡ଼ି,
ସୂର୍ଯ୍ୟଦେବତା ତ ଗଲେଣି ବୁଡ଼ି ।

ଘରଚ୍ଛାଆଳୀ

ଘରଚ୍ଛଅଳୀ ରେ ଘରଚ୍ଛଅଳୀ ତୁ
କେଉଁ ଦେଶେ ତୋର ଘର ?
ସଙ୍ଗୀ ହେନି କାହୁଁ ଆସିଣ ଓଲ୍ଲୁ
କାହ୍ନୁ ଘର କି ସୁନ୍ଦର !
ତୁହି ଯେତେବେଳେ ଓଲ୍ଲୁ ରେ ଘର
କାହ୍ନୁ ଯାଏ ଆନ ଘର,
ପର ହୋଇ ତୁହି ରହୁ କାହ୍ନୁ ଘରେ
ନିଜ ଘରେ କାହ୍ନୁ ପର ।
ପିତା ମାତା ଭାଇ , ନ କହନ୍ତି କିଛୁ
ଆପଣା ଘର ଗୃକର,
ଘର ଟିକି ପୁଣି କୁମ୍ଭୀର ହୋଇ ସେ
ତୋ ସଙ୍ଗେ ଓଲ୍ଲରେ ଘର ।
କାହ୍ନୁ କହେ କାନ୍ଦି, ଏ ଘରଚ୍ଛଅଳୀ
କପାଁ ଆମ୍ଭ ଘର ଭାଙ୍ଗେ,
କି ସୁନ୍ଦର ଘର କି କଲା ସେ ଆସି
ମାରିବି ମୁଁ ତାକୁ ଡାଙ୍ଗେ,
କବାଟକଣରେ ଲୁଚି ନୂଆ ବୋହୂ
କାଇଁଚ ଗୁଙ୍ଗଡ଼ା ବୁଣି,
"ଧୂଅଙ୍କର ବୁଦ୍ଧି ଦେଖ ସାଆନ୍ତାଣି"
କହେ କାହ୍ନୁ କଥା ଶୁଣି ।

Digitized by srujanika@gmail.com

ତାଙ୍କ ହସ ଦେଖି ତାହା ହୁଏ ତାଙ୍କୁ
ହସୁଥାନ୍ତି ପିତା ଭ୍ରାତା,
ଆଖି ଛଳ ଛଳ ଦେଖି ଚୁମା ଦେଇ
କୋଳକୁ ନିଅନ୍ତି ମାତା ।
ଘରଛୁଆଳୀ ରେ ଘରଛୁଆଳୀ ତୁ
କେଉଁଅଡ଼େ ତୋର ଘର,
ସମସ୍ତେ ତୋହର ତାଙ୍କୁ ହେଲୁ ଏକା,
ଏଥିରେ ଜୟ ତୋହର ।
ଚିନ୍ତା କରି କରି ଶୋଇ ପଡ଼େ ତାଙ୍କୁ
ମନେ ଥାଇ ଯୁଗ ଭାବ,
ସ୍ୱପନରେ କ୍ଷଣେ— ବାଡ଼ା ଧରି ଘର-
ଛୁଆଳୀଙ୍କୁ ଦିଏ ମାର ।
ନିଦ୍ରାରେ ଏ ଚେଷ୍ଟା ଦେଖିଣ ଜନନୀ
କରନ୍ତି ତା ଜାଗରଣ,
ଉଠି ଶୁଣେ ତାଙ୍କୁ ନୂଆ ବୋହୂଙ୍କର
ହିହି ହିହି ହସସ୍ୱନ ।
ଦେଖେ ମାତ୍ର ସତ୍ୟ ବୋହୂଙ୍କର ହସ
ଆଉ ତ ସବୁ ସ୍ୱପନ,
ଘର ଛୁଆଁ ଘର ଠିଆ ହୋଇଅଛୁ
କେବଳ ଧବଳ ବନ ।
ଲିପା ପୋଛା ହେଲେ [illegible]ଖାବାଡ଼ି ବୋହୂ
ଡାଲି ଭାତ ପରଷନ୍ତି,
ତାଙ୍କୁ ବାଳୋଚିତ [illegible] ସ୍ନେହରେ
ଇଙ୍ଗିତ କରି ହସନ୍ତି ।
କେଉଁଅଡ଼େ ଗଲେ ପିଲା ଦିନ କଥା
କେଉଁଅଡ଼େ ପିତା ମାତା,
ଭାଇବିବାଦରେ ସେହୁ ଭ୍ରାତୃଜାୟା
ତାଙ୍କୁ ନ କହେ କଥା ।

Digitized by srujanika@gmail.com

ପଥିକ ଓ ବରଗଛ

ଦିନେ ଏକ ପାନ୍ଥ ହୋଇ ପଥଶ୍ରାନ୍ତ
ଶୋଇ ବରଗଛ ତଳ,
ଭାବଇ "ବିଧାତା କିବା ଅବିବେକୀ
ନାହିଁ ତା ବିଚାର ବଳ;
ଏଡ଼େ ବଡ଼ ମହା- ତରୁ ବରଗଛ
ଫଳ ତାର କେଡ଼େ ସାନ,
ନାଜନଠା କେଡ଼େ ସରୁ କନ୍ଦୁ ତାର
କେଡ଼େ କେଡ଼େ ଫଳମାନ !"
ଏମନ୍ତ ସମୟେ ପଥିକ ହୃଦୟେ
ଟିଏ ବରଫଳ ପଡ଼ି,
"କେମନ୍ତେ ଦୟାଳୁ ତୁମ୍ଭ ଭଗବାନ"
ବୋଲିଣ ଛାଡ଼ିଲା ରଡ଼ି ।
"ବରଫଳ ଯେବେ ବଡ଼ ହୋଇଥାନ୍ତା
ଯେସନେ ଟିଙ୍କିଅ ନାଉ,
ମୋ ଛାତି ଉପରେ ପଡ଼ି ଯାଇଥିଲେ
ବଞ୍ଚି ଥାଆନ୍ତି କି ଆଉ ।"
କବି କହେ, "ସବୁ ବିଧାତା ବିଧାନ
ଜଗତ ମଙ୍ଗଳ ପାଇଁ,
ଅଳ୍ପ ଜ୍ଞାନୀ ହୋଇ ଜ୍ଞାନର ବଡ଼େଇ
ନ କର ପଥିକ ଭାଇ ।"

ଅଦିନ ମେଘ

ଖରା କରୁଅଛି ମେଘ ବରଷୁଛି
ବିଲୁଆ ପୁଅର ବାହା,
ଗାତରୁ ବାହାରି ହୁଡ଼ରେ ଚଙ୍କଡ଼ା
ଖରା ପୁଇଁଛନ୍ତି କିବା !

Digitized by srujanika@gmail.com

ଘୋର ଘଡ଼ଘଡ଼ି   ଘଡ଼ଘଡ଼ ଝଡ଼
କମ୍ପେ ପ୍ରାଣ ତାହା ଶୁଣି
"ଗରଜିଲା ମେଘ   ନ ବରଷେ ପାଣି"
କିଏ କହୁଥାଏ ପୁଣି ।

ଜଳ ଜଳ ମେଘ   ଦିଶଇ ବିଜୁଳି
ତାଳଟେ ଯାଏ ଜଳି,
ପିଲାଏ ଶୁଣିଣ   ମେଘ ଗରଜନ
ଛାଡ଼ନ୍ତି ଡଙ୍କ ଝଳ ।

ବିଜୁଳି ଘେନଇ   ଜୀବର ଜୀବନ
ଦଣ୍ଡେ ସୁନାଲଟା ପରି
ଶବଦ ମାତର   ଘଡ଼ଘଡ଼ି ସିନା
ତାହାକୁ କିପାଇଁ ଡରି ।

ପାଣି ସଙ୍ଗେ ପଡ଼େ   ସ୍ୱରଗ ପଥର
ତାହା ଦେଖି ପିଲାମାନେ
ସାଉଁଟି ଖାଇଣ   ଗୀତ ଗାଉଥାନ୍ତି
ନାଚ କୁଦ ତାନମାନେ ।

ପାହାନ୍ତା

ରାତି ପାହିଲାଣି   କାଳ ରାତ୍ରି ଗଲାଣି
ପୂରୁବ ଆକାଶ ସିନ୍ଦୂରମୟ
ବହଇ ଶୀତଳ   ପାହାନ୍ତା ପବନ
କି ସୁନ୍ଦର ଆହା ଏହି ସମୟ ।

ପକ୍ଷୀମାନେ ଅଛି   ଡାଳେ ଡାଳେ ବସି
ଗାଉଛନ୍ତି ଗୀତ କିବା ସୁନ୍ଦର,
ଶୁଣିଲେ ସେ ଗୀତ   ଲାଗିଯାଏ ଚିତ୍ତ,
ଉଠ ଉଠ ଆଉ ଶୁଅ ନ କହି ।

Digitized by srujanika@gmail.com

ଚଉତ୍ରୁ ଆକର   ପଡ଼େ ଝର ଝର
ବିନ୍ଦୁ ବିନ୍ଦୁ ମଣ୍ଡି ଘାସ ଉପର,
ଇନ୍ଦ୍ରନୀଳମଣି   ଗଛରେ ଫଳନ୍ତି
ସ୍ୱଚ୍ଛ ହୀର ଫଳ କିବା ସୁନ୍ଦର !
ନାନାଜାତି ଫୁଲ   ଫୁଟି ଚହଟଇ
ଦିଗ ମହକଇ ଫୁଲ ସୁବାସେ,
ମିଠା ମିଠା ଖର୍   ପିଢ଼ା ଗଛ ପରେ
କିବା ବୃନ୍ଦାବନ ଶୋଭା ପ୍ରକାଶେ ।
ଏ ନୀଳ ଆକାଶ   ସୁନ୍ଦର ପୃଥିବୀ
ଯାହାଙ୍କ ମହିମା ପ୍ରଚାର କରେ,
ସେ ପ୍ରଭୁଙ୍କ ନାମ   ଚାଲ ହେ ଗାଇବା
ଏ ପବିତ୍ର କାଳେ ଭକତିଭରେ ।

ବାଟୋଇ ଓ ନାଉରିଆ

ବାଟୋଇ—
ମେଘ ବରଷଇ   ବିଜୁଳି ମାରଇ
ପବନ ବହଇ ଖର,
ବାଟ ଚାଲି ଚାଲି   ପଡ଼ିଛି ମୁଁ ଥକି
ଦୂର ଦେଶ ମୋର ଘର ।
ଘୋର ଗରଜନେ   ଦିଗ ଚମକଇ
ନେଇ ତ କଲାହାଣ୍ଡିଆ,
ଅନେକ ଦୂରର   ବିଦେଶୀ ବାଟୋଇ
ନାଉ ଅଣ ନାଉରିଆ ।

ନାଉରିଆ—
ଦୁଇ କୂଳ ଖାଇ   ଉଛୁଳଇ ନଈ
ଖରେ ବହୁଅଛି ବାଆ,
ମେଘ ଗରଜଇ   ବିଜୁଳି ମାରଇ
କେମନ୍ତେ ମୁଁ ନେବି ନାଆ ?

Digitized by srujanika@gmail.com

ଭଙ୍ଗିର ଖେଳାର ଫେଣ ଚକ୍ରାକାର
ଘୋର ଗରଜଇ ନଈ,
ଅକାତ ପାଣିରେ ଅତୁଳ ନ ମାନେ
କେମନ୍ତେ ନାବ ନେବଇଁ ।

ବାଟୋଇ—

ଗଢ଼ ଗଢ଼ ପାଟ ଏପାର ପାଲରେ
ମିର ସିର ବହେ ବାଅ,
ନାହିଁ ଜନ ପ୍ରାଣୀ କାଉ କୋଇଲ ରେ
ନାହିଁ କରେ ତୋର ମାୟା ?
ଠକ ଠକ ପଡ଼େ ସ୍ୱରଗ ପଥର
ସାଙ୍ଗେ ସାଥୀ କେହି ନାହିଁ,
ତହୁ ଦୟା ଭର ବାହୁଅଣ ନାବ
ଅବେ ନାଉରିଆ ଭାଇ ।

ନାଉରିଆ —

ଚନସ୍ତେ ଗରଜେ ଲଟା ପତର ହୋ
ଅକାଶେ ଗରଜେ ଘନ,
କେମନ୍ତେ ବାହିବି ସେପାରକୁ ନାଅ ?
ବହେ ପୂବେଇ ପବନ ।
ଡରୁଅଛୁ ଅରେ ବାଟୋଇ ଭାଇ ତୁ
ଦେଖି ବଳ ଲଗୁଛିଆ,
କେଉଁ ଘଡ଼ିରେ ମୁଁ ବାହି ନେବ ନାବ
ନଈ ବଢ଼ ଗମ୍ଭୀରଆ ।

ବାଟୋଇ—

ବହୁତ ଦନରୁ ହୁର ପରବାସୀ
ମନ ମୋର ଛନ ଛନ,
ଘରେ ଛନ୍ଦ୍ର ମୋର ନୟନଫିଭିଳା
ଦେଖିବାକୁ ବଡ଼ ମନ ।

Digitized by srujanika@gmail.com

ମୁଣ୍ଡ ଗୁଞ୍ଜିବାକୁ ନାଇ ଏପାରରେ
ନାହିଁ ନାହିଁ ଭଲେ ଠାଇଁ,
ଥର ଡରୁଅଛୁ ପାଣି ପବନରେ,
ନାବ ଅଣା ବେଗେ ବାନ୍ଧ ।

ନାଉରିଆ —

ଛୁହାଇ ଛୁହାଇ ମେଘ ବରଷଇ
ନଈରେ ଭ ଖର ସୁଅ,
କେଉଁ ଘାଟରେ ମୁଁ ନାବ ବାନ୍ଧ ନେବି
ମୁହିଁକୁ ନ ଦିଶେ ମୁହିଁ ।
ଦେଖିବୁ ଘରେ ତୁ ନୟନପିତୁଲି
ତେଣୁ ଉଛୁନ୍ନ ତୋ ମନ,
ଛାତା ଓଲି ତଳେ ଠିଆ ହେବେ ପିଲ,
ଯେବେ ଯିବ ଏ ଜୀବନ ।

ବାଟୋଇ—

କୁଳର ଅଙ୍କୁର ନୟନପିତୁଲା
ଅବ-ନଉଢ଼ ମୋହର
ଏତେକାଇର ବଳା ବସିଦେଖଣ ମୋ
କରୁଅଛୁ ତାକୁ ଜର ।
ମାଆ ତାର ହୋଇ ବାଇଅଣୀ ପରି
ଦେଖି ବାନସ୍ତୁ ପଥର,
ବସିଲ ଠାବରୁ ଉଠି ଅସିବାକୁ
ପଠାଇ ଥିଲ ଖବର ।
ମଜ୍ଜଧି ନେଇ ଥର ଥର ହୋଇ
ନ ମାନି ପାଣି ପବନ;
ଦୂର ବିଦେଶରୁ ଯାଉଅଛୁ ଘରେ
ରଖିବ ତାର ଜୀବନ ।

Digitized by srujanika@gmail.com

ନାଉରିଆ—

ବରଷୁ ପଛକେ   ଘୋର ବରଷା ରେ
    ବହୁ ପଛେ ଖର ବାଆ,
ଯୁଅ ପାଣି ପଛେ   ଡଙ୍ଗା ନେଇ ଯାଇ
    ତଳକୁ ତଳକୁ ନାଆ ।
ପଡ଼ୁ ପଛେ ମୋତେ   ଘୋର ବିପଦ ରେ
    ପାର କରିଦେବି ତୋତେ,
ଦୟାମୟ ହରି   ଦୀନେ ଦୟା କରି
    ଉଦ୍ଧାରିବେ ଭିଡ଼ି ମୋତେ ।
ବିପଦ ପଡ଼ିଲେ   ବାଟଘାଟ ଭିଡ଼ ରେ,
    ସାହା ଯେ ନୋହେ ଆନକୁ,
ତାହାର ଜୀବନ   ମରଣ ସମାନ,
    ଧିକ ତାହା ଜୀବନକୁ !

ବାଳିକା ଓ ପକ୍ଷୀ

ବାଳିକା—

ସାନ ଚଢ଼େଇ ରେ   ସାନ ଚଢ଼େଇ ତୁ
    ମୋ ପାଖକୁ ଆସ ଧାଇଁ,
ଏ ଗୁଆ ବଣର   ପିଞ୍ଜରାଟିଏ ମୁଁ
    ରଖିଛି ତୋହର ପାଇଁ ।
ଅନେକ ସୁନ୍ଦର   ତୋରା ଫୁଲମାନ
    ଦେବି ମୁହିଁ ତୋତେ ଆଣି,
ପାଚିଲା ପିଜୁଳି   ଦେବି, ଲଗିଥିବ
    ଯହିଁରେ କାକର ପାଣି ।

ପକ୍ଷୀ—

ଧନ୍ୟ ଧନ୍ୟ ମୋର   ସାନ ବାଳିକା ଗୋ,
    ତୁମରି ଯତନପାଇଁ,'
ନିର୍ମଳ ଶୀତଳ   ପବନ ସମାନ
    ମୋର ପ୍ରିୟ ଆଉ ନାହିଁ ।

Digitized by srujanika@gmail.com

ପୁରାତନ ବର— ଗଛେ ଯେଉଁ ସାନ
ବିଜନ ବସା ଅଛଇ,
ସୁନା ପିଞ୍ଜରାର ସୁଖଠାରୁ ତାହା
ଅନେକ ଭଲ ଅଃଇ ।

ବାଳକ—

ସାନ ଚଢ଼େଇ ରେ ସାନ ଚଢ଼େଇ ତୁ
କେଉଁଠାକୁ ଯିବୁ ଉଡ଼ି,
ଯେତେବେଳେ ସବୁ ବିଲବାଡ଼ି ଯିବ
ବରଷା ଜଳରେ ବୁଡ଼ି ।
ଓଦା ହୋଇଯିବ ପୁରାତନ ବର—
ଗଛ ବରଷାଜଳରେ,
ସାନ ଚଢ଼େଇ ରେ ସାନ ଚଢ଼େଇ ତୁ
ରହ ମୋହର ସଙ୍ଗରେ ।

ପକ୍ଷୀ—

ନାହିଁ ନାହିଁ ନାହିଁ ସାନ ବାଳକ ଗୋ,
ଉଡ଼ି ଚାଲିଯିବି ମୁହିଁ,
ଶ୍ୟାମଳ ବନର ବିଲ ଅଛି ପୁଣି
ନିର୍ମଳ ଆକାଶ ଯହିଁ ।
ଯେତେବେଳେ ନବ ବସନ୍ତ ଫେରିବ
ଦକ୍ଷିଣା ପବନ ସଙ୍ଗେ,
ସେତେବେଳେ ମୋର ଆନନ୍ଦ ସଙ୍ଗୀତ
ପୁଣି ମୁଁ ଗାଇବି ରଙ୍ଗେ ।

ବାଳକ—

ସାନ ଚଢ଼େଇ ରେ ସାନ ଚଢ଼େଇ ତୋ
କିଏ ଦେଖାଇବ ପଥ ?
ନିର୍ଜନ ପର୍ବତ ପଥ ଭୟଙ୍କର
ବିଜନ ସମୁଦ୍ର ପଥ ।

Digitized by srujanika@gmail.com

ନିର୍ବୁଦ୍ଧିଆ ପକ୍ଷୀ   ଆ ଆ ରେ ମୋ ଘରେ
ମୋହର ସାଥିରେ ଥିବୁ,
ନ ମାନି ମୋ ବୋଲ   ଗୁଲିଗଲେ କିଷ୍ଟେ
ଜାଣିଥା ପଥ ହୁଡ଼ିବୁ ।

ପକ୍ଷୀ—

ସାନ ବାଳକ ଗୋ   ସାନ ବାଳିକା ମୋ
ପଥ ଦେଖାନ୍ତି ଈଶ୍ୱର,
ନିର୍ଜନ ପର୍ବତ   ଅବା ଜନପ୍ରାଣୀ—
ଶୂନ୍ୟ ସମୁଦ୍ର ଉପର ।
ପ୍ରଭାତ ପବନ   ସମାନ ସ୍ୱାଧୀନ
ହୋଇ ମୁହିଁ ଉଡ଼ିଯିବି,
ସୂର୍ଯ୍ୟକିରଣର   ପଛେ ପଛେ ଯିବି
କେଭେ ପଥ ନ ହୁଡ଼ିବି ।

ଘରଚଟିଆ

—୧—

ଘରଚଟିଆ ରେ ଘରଚଟିଆ,
ଠିକ ଚଢ଼େଇଟି ଅଟୁରେ ତୁହି;
ତୋତେ ଦେଖିଲେ ରେ ପୁରୁଣା ବନ୍ଧୁ
ପିଲାଦିନ କଥା ଭାବଇ ମୁହିଁ ।
ଖପ ଖପ କରି ଡେଇଁ ଡେଇଁ ଯାଉ
ଉଡ଼ିଯାଇ ପିଢ଼ା ବାଡ଼ରେ ବସୁ,
ଯେତେ ଯତ୍ନ କରେ ତୋତେ ଧରିବାକୁ
ଗୁହୁଁ ଗୁହୁଁ ତୁହି ହାତରୁ ଖସୁ ।
ଏଡ଼େ ଠିକ ପକ୍ଷୀ କେତେ ତୋର ବଳ
ଦେଇଛନ୍ତି ତୋତେ ପରମେଶ୍ୱର;
ଯେତେ ବୁଦ୍ଧିବଳ ଥାଉ ମନୁଷ୍ୟର
ଉଡ଼ିବା ଶକତି ନାହିଁ ତାହାର ।

Digitized by srujanika@gmail.com

ହାତୀ ଘୋଡ଼ା ବାଘ ବଡ଼ ସେ ହେଉନ୍ତୁ
ତୋପରି ଷମତା ନାହିଁ ତାଙ୍କର;
ପାଖେ ବସିପାରି ଧାନ ଖୁଣ୍ଟି ଖାଇ
ଉଡ଼ି ବସୁ ପିଢ଼ା ବାଡ଼ ଉପର ।
ଧନ୍ୟ ସେ ଈଶ୍ୱର ବଳ ଦୁର୍ବଳର
ଯାହାର ଯା ଲୋଡ଼ା ଦଅନ୍ତି ତାହା;
ହାତଯୋଡ଼ି ତାଙ୍କୁ ଜଣାଉଛି ମୁହିଁ
ଜ୍ଞାନବଳେ ମୋର ହୁଅନ୍ତୁ ସାହା ।
ତୁମ୍ଭେ ରେ ଯେପରି ଉଡ଼ି ଯାଇକରି
ନିରାପଦେ ରହୁ ଗଛଉପରେ;
ମୁହିଁ ସେହିପରି ଜ୍ଞାନଲାଭ କରି
ପ୍ରବଳ ହାତରୁ ତରିବି ଥରେ ।

— ୨ —

ତୋତେ ଦେଖି ପକ୍ଷୀ ମୋ ମନେ ପଡ଼ଇ
କେତେ କେତେ କଥା ପିଲାଦିନର;
ସଖାସଖୀ ମେଳ ପିଲାଦିନ ଖେଳ
ଭାଇ ଭଉଣୀଙ୍କ ସଙ୍ଗ ସ୍ନେହର ।
ପିତାମାତାଙ୍କର ମଧୁର ମୂରତି
ଖଣ୍ଡ ଖିରି ଅଧ ଖାଇବା ରୀତ,
ପାଚିଲା ଧାନର କଅଣ୍ଟି କୋଣରେ
ଦୁଧ ଗୁଡ଼ ଦେଇ ରାନ୍ଧିବା ନିତ ।
ତୁମ୍ଭେ ଯେତେବେଳେ ଧାନ ଖାଉଥାଅ
ଆମେ ଖାଉଥାଉଁ ମଧୁର ଖିରି;
ତୋତେ କେମନ୍ତେ ରେ ଭଲ ଲାଗୁଥାଏ
ଗିଳିଦେଉ ଧାନ ହରଡ଼ ବରି ।
ଯାହାକୁ ଈଶ୍ୱର ଯାହା ଦେଇଛନ୍ତି
ତହିଁରେ ମିଳଇ ତାହାର ସୁଖ,
ଏ କଥା ଭାବିଣ ମୋ ଦୁଃଖଦଶାରେ
ସବୁବେଳେ ପାଉଥିବି ମୁଁ ସୁଖ ।

Digitized by srujanika@gmail.com

—୩—

କେଉଁଆଡ଼େ ଗଲେ ପିଲାଦିନ ସାଥୀ
କେଉଁଆଡ଼େ ଗଲା ଗ୍ଭଲି ସେ ଦିନ,
ଏହା ଜାଣି ମୁହିଁ ଦୁଃଖରେ ଶୋକରେ
ନୋହିବି ରେ ପକ୍ଷୀ ଅତ୍ୟନ୍ତ ଦୀନ ।
ସବୁ ଯାଇଅଛି ଅଛନ୍ତି ଈଶ୍ୱର
ଏ କଥା ସୁମରି କରି ସାହସ,
ଈଶ୍ୱରଙ୍କଠାରେ ରଖିବି ବିଶ୍ୱାସ
ସବୁ ଦୁଃଖ ସେ ମୋ କରିବେ ନାଶ ।

—୪—

ଧୂଳି-ସ୍ନାନ କଲେ ଘରଚଟିଆ ତୁ
ବରଷା ହୁଅଇ କହନ୍ତି ଜନେ,
ତୋର ଧୂଳି-ସ୍ନାନ ଦେଖି ଆରେ ପକ୍ଷୀ
ବରଷା-ଭରସା ବାନ୍ଧନ୍ତି ମନେ ।
ସ୍ୱଭାବର ଶିଶୁ କ୍ଷୁଦ୍ର ବିହଙ୍ଗରେ
ତେଣିଁ ତେଉଁ ଆସି ଧୂଳିରେ ବସୁ,
ନଖରେ ଥଣ୍ଟରେ ଧୂଳି ଉଡ଼ାଇଣି
ଆନନ୍ଦ ମନରେ ତହିଁରେ ପଶୁ ।

—୫—

ତୋହପରି ପିଲାଦିନରେ ପକ୍ଷୀ ରେ
ମୁହିଁ ହେଉଥିଲି ଧୂଳିଧୂସର,
ଧୂଳି ବୋଲି ହୋଇ ଧୂଳିଘର କରି
ଖେଳୁଥିଲି ଧୂଳି ସାଥୀ ସଙ୍ଗର ।
ଧୂଳିରୁ ସଂସାରେ ସବୁ ହୋଇଅଛି
ଧୂଳିରେ ସମସ୍ତ ମିଶିଣ ଯିବ,
ତୋର ମୋର ଦେହ ଧୂଳି ହୋଇଯିବ,
କିଛି ହିଁ ତହିଁରେ ଭେଦ ନ ଥିବ ।

Digitized by srujanika@gmail.com

ଶିଶୁର ପ୍ରଥମ ଶୋକ

ଶିଶୁ—ଡାକଅଣ ମୋର ଭାଇକି ମୋ ପାଶେ
ଏକା ମୁଁ ନ ପାରେ ଖେଳି,
ଫୁଲ ମହୁମାଛି ବସନ୍ତ ଆସଇ
କାହିଁ ଗଲା ଭାଇ ବୁଲି ?
ପାଚଂଗା ଚଢ଼େଇ କଜଳ ଦଶଇ
ମିଠା ମିଠା ଖଡ଼ି ପାଇ,
ଶୋଡ଼ାଇବାକୁ ମୋ ମନ ହେଉ ନାହିଁ,
ସଙ୍ଗତେ ନାହିଁ ମୋ ଭାଇ ।
ବଗିଚାରେ ଫୁଲ ଗଛ ଲଗାଇଲୁଁ
ଉଜୁଡ଼ି ଗଲାଣି ତାହା,
ବାହାଳ ବଉଳ ଭାଙ୍ଗିପଡ଼େ ଡାଳ,
କେଉଁ ଦେଶେ ଭାଇ ଅହା !
ମାତା—ଅରେ ବାବୁ ସେ ମୋ କଥା ନ ଶୁଣିବ
ଆଉ ସେ ଫେରିବ ନାହିଁ,
ହସୁଥିଲା ଯଥା ଫୁଟନ୍ତା ଫୁଲ ସେ
ଜୀବନେ ନାହିଁ ସେ ଭାଇ ।
ଫୁଲ ପରି ଫୁଟି ଝଡ଼ି ପଡ଼ିଲା ସେ
ଥିଲା ଫୁଲର ଜୀବନ,
ଭାଇ ତୋର ଅଛି ସ୍ୱରଗପୁରରେ
ଏକା ଖେଳ ପ୍ରାଣଧନ ।
ଶିଶୁ—ବଗିଚାର ଫୁଲ ବଣର ଚଢ଼େଇ
ଛାଡ଼ି ବୁଲିଗଲା ଭାଇ,
ଏକା ହୋଇ ଦାଣ୍ଡେ କେମନ୍ତେ ଖେଳିବି
ଡାକ କି ଶୁଣିବ ନାହିଁ ?
ନଈକୂଳେ ଅବା ନିକୁଞ୍ଜ ବନରେ
ଆଉ କି ବୁଲିବୁଁ ନାହିଁ ?
ଅହା ଭଲ ପାଇ— ଥାନ୍ତି ମୁଁ ଅଧିକ
ପ୍ରାଣେ ଥିଲା ଯେବେ ଭାଇ ।

Digitized by srujanika@gmail.com

ମହୁମାଛି

ଶିଶୁ—ଅରେ ମହୁମାଛି, ଗାଉଅଛୁ ତୁହି
ଗୁଣୁ ଗୁଣୁ କାହିଁପାଇଁ ?
ମହୁମାଛି—ମୋର ମନ ଅଜି ଭାରି ଖୁସି ଅଛି,
ବସନ୍ତ ଆସିଛି ଧାଇଁ ।
ମୁହିଁ ଭଲ ପାଏ ନବୀନ ବସନ୍ତ
ଦକ୍ଷିଣା ମିଠା ପବନ,
ଗୁରିଅଛେ ଫୁଟି ତୋର ଫୁଲମାନ
ଆକାଶ ଜଙ୍ଗଲ ବନ ।
ଏକୁ ଉଡ଼ି ତାକୁ ତାକୁ ଉଡ଼ି ଏକୁ
ସବୁ ଫୁଲେ ବୁଲେ ଉଡ଼ି,
କେବେହେଁ ମୁହିଁ ଗୋ ନ କରେ ଉଛୁର
ନୁହଇ ମୁଁ କାମକୁଡ଼ି ।
ଲାଗିପଡ଼ି ମୁହିଁ କାମ କରୁଥାଏଁ
ଭଲ ଥିବାଯାଏ ବେଳ,
ଚତୁର୍ମାସ୍ୟାପାଇଁ ସଞ୍ଚି ରଖେ ମୁହିଁ
ମଧୁର ମହୁଭଣ୍ଡାର ।
ଶିଶୁ— ଅରେ ମହୁମାଛି ଉଡ଼ିଯାଅ ତୁହି
ତୋର ମହୁଫେଣା ଘରେ,
ଜାଣିଲି ନିଶ୍ଚେ ରେ ଭଲ ହେବ ତୋର
ଲାଗିଛୁ ନିଜ କାମରେ ।

ଈଶ୍ୱର

ଦେଖନ୍ତି ଈଶ୍ୱର ମୋତେ ପ୍ରତିଦିନ
କାର୍ଯ୍ୟ କରେ ଖେଳେ ଯେବେ,
ପାଠ ପଢ଼େଁ ଅବା କଥା କହେଁ ମୁହିଁ
ଘରେ ଧାଏଁ ବୁଲେଁ ଯେବେ,

Digitized by srujanika@gmail.com

ଭାତ ଖାଏ ଅବା ଜଳ ପିଏଁ ମୁହିଁ
ବସି ବସି ଭାବେଁ ଯେବେ,
ସୁଖେ ହସେ ଅବା କାନ୍ଦେଁ; ନିକଟରୁ
ଦେଖନ୍ତି ଈଶ୍ବର ତେବେ ।

ଯେବେ ଥାଏ ଶାନ୍ତ କି ଅବା ଦୁର୍ଦ୍ଦାନ୍ତ,
ଯେବେ ଭଲ, ମନ୍ଦ ଯେବେ,
ଯେବେ ଅନନ୍ଦିତ, ଯେବେ ବିଷାଦିତ,
ଯେବେ ଦୁଃଖୀ, ସୁଖୀ ଯେବେ,

ଛିଣ୍ଡାଏ ସୁନ୍ଦର ଉପବନେ ଥିବା
ସୁରଭି କୁସୁମ ଯେବେ,
ଯେବେ କ୍ଷୁଦ୍ର ମାଛି ଦଳେଁ; ଅକାଶରୁ
ଦେଖନ୍ତି ଈଶ୍ବର ତେବେ ।

ସୂର୍ଯ୍ୟ ଉଏ ଯେବେ କିମ୍ବା ଅଲୋକ
ତୋଷି ତାରି ଜଳେ ଯେବେ,
ଯେବେ ମୋ ଶେଯରେ ଚନ୍ଦ୍ରାଲୋକ ପଡ଼େ
ଅନାନ୍ତି ଈଶ୍ବର ତେବେ ।

ଦିବାନିଶି ହାଟ ଦେବ ମନ୍ଦିରେ ବା
ଅତି ପାଶେ ପ୍ରଭୁ ଥାନ୍ତି,
ଦେଖନ୍ତି ଯାହା ମୁଁ କରଇଁ କହଇଁ
ସତପଥ ସେ ଦେଖାନ୍ତି ।

ଦୁଇ କର୍ଣ୍ଣ ଏକ ମୁଖ

ବେନି କର୍ଣ୍ଣ ତବ ମାତ୍ର ଏକ ମୁଖ
ଜାଣ କି ଏହା କାରଣ ?
ନ କର ପ୍ରକାଶ ସବୁରିଙ୍କ ପାଶ
ଯାହା କରିବ ଶ୍ରବଣ ।

Digitized by srujanika@gmail.com

ଅଛୁ ବେନି ନେତ୍ର ଏକ ମୁଖ ମାତ୍ର
ଜାଣ କି ଏହା କାରଣ ?
ନ କର ପ୍ରକାଶ ସବୁରଙ୍କ ପାଶ
ଯାହା କରିବ ଦର୍ଶନ ।

ଶୁଣ ହୋ

ଶୁଣ ହୋ ଶୁଣ ହୋ ଢେଉ ଅସେ ମାଡ଼ି
ଫେଣ ଦଶେ ଧଳାବନ,
ଗର୍ଜନ ମଧ୍ୟରେ କାର୍ଯ୍ୟରତ ପିଲା,
ଘରେ ଶୋଇଛି ମୋ ଧନ ।
ଶୁଣ ହୋ ପବନ ଧାଇଁ ଧାଇଁ ଅସ
କର ଘୋର ଗରଜନ,
ଯାଇ ଖୋଜୁଛନ୍ତି ହଜିଲା ମେଘକୁ,
ଘରେ ଶୋଇଛି ମୋ ଧନ ।
ଶୁଣ ହୋ ବରଷା ଝିପି ଅସେ ଚଳେ
ଶୁଭେ ଶବ୍ଦ ସନସନ,
ଦୌଡ଼ି ଯାଉଛନ୍ତି ଗାଈ ଖୋଜିବାକୁ
ଘରେ ତ ଶୋଇଛି ଧନ ।

କୃଷକ

ସୁସ୍ଥ ଦେହ ବୃନ୍ଦ କୃଷକ ସୁବଳ
ଅତି ସୁଖୀ ତାର ଚିତ୍ତ,
ଭଣ୍ଡାର ଭରିତ ସଙ୍ଗେ ଶଯ୍ୟା ଚେଙ୍କ
ଆନନ୍ଦେ ଗାଏ ସେ ଗୀତ ।
ଅତୀବ କର୍ମଠ କୃଷକ ସୁବଳ
ପ୍ରତିଦିନ କର୍ମେ ଯାଏ,
ହଳ ବୁଲା ବେଳେ ବୁଣିବା ବେଳେ ସେ
ଆନନ୍ଦରେ ଗୀତ ଗାଏ ।

Digitized by srujanika@gmail.com

ସନ୍ତୁଷ୍ଟ-ଅନ୍ତର କୃଷକ ସୁବଳ
ସ୍ୱାଧୀନ, ସୁଖୀ, ନିଶ୍ଚିନ୍ତ,
ଶୀତଳ ବରଷା ଉଜ୍ଜ୍ୱଳ ଗ୍ରୀଷମେ
ଅନନ୍ଦେ ଗାଏ ସେ ଗୀତ ।

ଘଣ୍ଟା ଗୀତ

ଶୁଣ ହେ ସଙ୍ଗୀତ ଘଣ୍ଟା ଗାଏ ଗୀତ—
ବାଳକାଳବେଳେ ସେ ଗାଏ,
କହବ କଏ ସେ କାହିଁକ କ ଗୀତ
"ଠଣ୍ ଠଣାଠଣ" ଗାଏ ?
ଏହ ତା ସଙ୍ଗୀତ ଗାଏ ସେ ଏ ଗୀତ
ଏହ ଶବ୍ଦ ବାଜେ କାନେ—
"ଖେଳ ଶେଷ ହେଲ କାର୍ଯ୍ୟ ଅରମ୍ଭିଲ
ଖେଳ ଭୁଙ୍ଗ ପିଲମାନେ ।"
ଶୁଣ ହେ ସଙ୍ଗୀତ ଘଣ୍ଟା ଗାଏ ଗୀତ
ବାଳକାଲବେଳେ ସେ ଗାଏ,
କହବ କଏ ସେ କାହିଁକ କ ଗୀତ
"ଠଣ୍ ଠଣାଠଣ" ଗାଏ ।
ଏହ ତା ସଙ୍ଗୀତ ଗାଏ ସେ ଯେ ଗୀତ
ଏହ ଶବ୍ଦ ବାଜେ କାନେ—
"ଦନ ଶେଷ ହେଲ ଖେଳ ବେଳ ହେଲ
ଖେଳ ଅସି ପିଲମାନେ ।"

Digitized by srujanika@gmail.com

ଅଧ୍ୟବସାୟ

ଅଣ୍ଟ କଚ୍ଛ କଷ୍ଟା ମାର ହେ ବାଳକେ
ଡାକୁରେ କର ପ୍ରହାର,
ଡାଇଲ୍ ଉପରେ ମାଇଲ୍ ଭଲ୍ ହେ
ଯଥାସାଧ୍ୟ ବଳେ ମାର ।
କର୍ମ କରିବାର ଥିଲେ ହେ ବାଳକେ
ମନ ଦେଇ ତାହା କର,
ଶିଖରେ ପହଞ୍ଚି ଅଛୁ ଯେ ବାଳକେ
ତନ୍ତୁଁ ଚଢ଼ିଛୁ ଶିଖର ।
ତଳେ ଠିଆ ହୋଇ ଅକାଶ ଅନ୍ତକୁ
ବାଳକେ ରହିଲେ ଚାହିଁ
ଯତନ ନ କଲେ ପର୍ବତ ଶିଖରେ
ଚଢ଼ି ତ ପାରିବ ନାହିଁ ।
ଚାଲୁ ଚାଲୁଁ ଝୁଣ୍ଟି ପଡ଼ିଲେ ବାଳକେ
ହତାଶ ନୋହିବ କେବେ,
ଲାଗିପଡ଼ି କର ଯତନ ବାଳକେ
ସାଧନାରେ ସିଦ୍ଧି ତେବେ ।

ପଢ଼ାଶୁଣା

ପଢ଼ିଲା ବେଳରେ ପଢ଼ ହେ ବାଳକେ
ଖେଳିଲା ବେଳରେ ଖେଳ,
ଏହିପରି ପଢ଼ି ଖେଳ ଆନନ୍ଦରେ
ବିତିଯାଉ ତବ ବେଳ ।
ବଡ଼ ଲୋକ ହେବ ମଟର ଚଢ଼ିବ
ଜଜ୍ କଲେକ୍ଟର ହେବ,
ଟଙ୍କା ସୁନା ପାଇ ବଡ଼ ଲୋକ ହୋଇ
ସା'ବ ଟୋପି ମୁଣ୍ଡେ ଦେବ ।

Digitized by srujanika@gmail.com

ନ ପଢ଼ିଲେ ପାଠ   ହାଣିବ ରେ କାଠ
ଖାଇବାକୁ ନ ପାଇବ,
ଲୁଗା ନ ମିଳିବ   ଘର ଭାଙ୍ଗିଯିବ
ବଡ଼ କଷ୍ଟ ହେ ପାଇବ ।
ତେଣୁ ମନଦେଇ   ପଢ଼ାଶୁଣା କର
ହୋଇବ ସଂସାରେ ସୁଖୀ,
ଦାନ ଧ୍ୟାନ କର   ପାଳି ଭୋକୀଶୋଷୀ
ସେବିବ ହେ ରଙ୍କୀଦୁଃଖୀ ।

ଗଛ ଓ କାଠୁରିଆ

ରହ ଅରେ କାଠୁରିଆ ନ ପକାଅ ହାଣି,
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।
ନ ଫୁଟୁ ପଛକେ ବାସ-ଫୁଲ୍ ଗଛ ଦେହେ,
ନ ଉଡୁ ପଛକେ ମଧୁମକ୍ଷିକା ସେନେହେ ।
ବସି କୁହୁ କୁହୁ ତାନେ ନବ ମଧୁକାଳେ,
ନ ଗାଉ କୋଇଲି ପଛେ ଫୁଲ୍‌ଭରା ଡାଳେ ।
ନ ଫଳୁ ପଛେ ଏ ଗଛେ ମିଠା ମିଠା ଫଳ,
ଖରାବେଳେ ବାଟୋଇ ତ ବସେ ଏହା ତଳ ।

ଛାଡ଼ିଯାଅ କାଠୁରିଆ ନ ପକାଅ ହାଣି,
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।
କାଠୁରିଆ ନ ହାଣ ସେ ଗଛ ରହୁ ରହୁ
ତାହାକୁ ଲଗାଇ ଗଲେ ପିତୃପିତାମହ ।
କେତେ ଦୁଃଖ ସୁଖ ସେ ଯେ ଦେଖିଛି ଅମ୍ଭର,
କେତେ ନୂଆ ପୁଅ, କେତେ ଯାତ, ବାହାଘର ।
ମନେ ପଡ଼େ ପିଲାଦିନେ ଏହାରି ମୂଳରେ
ଖେଳୁଥିଲି ମୁହିଁ ଖେଳ ସାଥୀ ଗହଳରେ ।

Digitized by srujanika@gmail.com

ଏବେ ବାଲ୍ୟକାଳେ ପୋଥି ଧରି ଯାଉଥିଲେ,
ବସିଣ ପଢ଼େ ମୁଁ ସଞ୍ଜ ସକାଳେ ନିଷ୍ଠଳେ ।
କାଠୁରିଆ ନ ହାଣ ସେ ଗଛ ରହ ରହ,
ଦେଖିଅଛୁ ଏ ଗଛ ମୋ ପିତୃ ପିତାମହ ।
ନ ହାଣ ଏ ଗଛ ଶୁଣ ଶୁଣ ମୋର ବାଣୀ,
ଥାଉଁ ମୁଁ ଜୀବନେ ଗଛ ନ ପାରିବ ହାଣି ।
ଦେଖି ତାକୁ କେତେ କଥା ହୁଏ ମୋ ସ୍ମରଣ,
ତା ସଙ୍ଗେ ଜଡ଼ିତ ମୋର ବିଗତ ଜୀବନ ।
ପଶ୍ଚିମ ଆକାଶେ ସୂର୍ଯ୍ୟ ଯାଉଥାଏ ବୁଡ଼ି,
ଏହି ବସା ଗଛେ ପକ୍ଷୀ ଆସୁଥାନ୍ତି ଉଡ଼ି ।
ପୂର୍ବ ଆକାଶେ ସୂର୍ଯ୍ୟ ଉଦେ ପ୍ରଭାତରେ,
ଉଠନ୍ତି ପକ୍ଷୀଏ ରବି ଏହାର ଡାଳରେ ।
ଯାଅ ଯାଅ କାଠୁରିଆ ଏ ଗଛ ନ ହାଣି,
ରଖିବି ଏ ଗଛ ମୁହିଁ ସତ୍ୟ ମୋର ବାଣୀ ।
ଯାହା ନେବୁ ତାହା ଦେବି, ଏ ଗଛ ନ ହାଣ,
ମୁଁ ଥାଉଁ ଏ ହଣା ହେବ, ନ ସହିବ ପ୍ରାଣ ।

ଏ ଛୋକାଟି କିଏରେ

ଶେଯେ ଶୋଇ ହସୁଥାଏ ଏ ଛୋକାଟି କିଏ ରେ,
କଜଳପାତି କହିଯାଇଛୁ ମୁଣ୍ଡରେ ଲୁଗା ଦେ ରେ ।
ଠୁକୁରୁ ଠୁକୁରୁ ଗୁଲୁଥାଏ ନାଥୁ ନାଥୁ ପଡ଼ି,
କିଛି ଦନେ ସାହି ଦାଣ୍ଡେ ଦଉଡ଼େ ଗିଡ଼ ଗିଡ଼ି ।
“ଅ ଅରେ ଜହ୍ନମାମୁ” ଡାକେ ହାତ ଠାରି
ଖାଇବୁ ମୋର ସଙ୍ଗେ ଡାଲି ଭାତ ତରକାରି ।”
ନାନାଜାତି ଫୁଲ ତୋଳି ପଶୁରେ କେ କି ବନ,
ଶିଖେ ନାନାଜାତି ପକ୍ଷୀ ଶୁଣି ତାଙ୍କ ସୁସ୍ୱନ ।
ସ୍ୱପ୍ନରେ ତାରି ଶିହ୍ନୁ ଥାଏ ଏ ଛୋକାଟି କିଏ ରେ,
କଜଳପାତି କହିଯାଇଛୁ ମୁଣ୍ଡରେ ଲୁଗା ଦେ ରେ ।

Digitized by srujanika@gmail.com

ସକାଳୁ ଉଠି ଚଟଶାଳୀକୁ ଯାଏ ସବା ଆଗ,
ସାଥୀ ପିଲା କହନ୍ତି ତାକୁ "ଆଗ ସୁନା ପାଗ" ।
କାହାକୁ କଟୁ ଅବା ମିଛ କଥା କହେ ନାହିଁ,
ସାଥୀ ପିଲାମାନଙ୍କୁ ସେ ମଣେ ଯେସନ୍ତେ ଭାଇ ।
ଅଙ୍କ ପାଠ ଅଙ୍କ ପଢ଼ି ବୁଝି କରେ ପାଣି,
ନ ଜାଣିଲା କଥା ବୁଝେ ପାଠୁଆ ଲୋକ ଜାଣି ।
ପଢ଼ିଲାବେଳେ ପଢ଼ି ପାଠ ଖେଳିଲାବେଳେ ଖେଳେ,
ପରୀକ୍ଷାରେ ପହିଲା ହୁଏ ସଭିଙ୍କୁ ଜିଣି ହେଲେ ।
ପହିଲା ହୋଇ ପାଇଲା ବୃତ୍ତି ଏ ଟୋକାଟି କିଏ ରେ,
ସବୁବେଳେ ମନ ଲଗାଇ ପାଠ ପଢ଼ୁଥିଲା ଯେ ରେ ।
ଗୃହର କର କଉଡ଼ି ଅର୍ଜି ପୋଷେ ପରିବାର,
ପାଖ ପଡ଼ଶା ଦୁଃଖୀରଙ୍କର କରେ ଉପକାର,
ଘରେ ପରେ ହାଟେ ବାଟେ ରାଜଦରବାରେ,
ଧର୍ମଭୀରୁ ସତ୍ୟବାଦୀ ବିଶୁଦ୍ଧ ଆଗୃରେ,
ବିଶ୍ୱାସଘାତକେ କରେ ଦୂରରୁ ଜୁହାର,
ସାଧୁଜନେ ମଣେ ଯେସନ୍ତେ ଭାଇ ଆପଣାର ।

ଯେ ଆଡ଼େ ଯାଏ ଆଦର ପାଏ ଏ ଲୋକଟି କିଏ ରେ,
ସ୍ୱାର୍ଥ ତେଜି ପର ଉପକାର କରେ ଯେ ରେ ।
ଶହ ହଜାର ମିଳି ସଭା, ତଟସ୍ଥ ସଭିଏ,
ଉଭା ହୋଇ ଧୀର ପର କଥା କହେ କିଏ ।
କେତେ ଗ୍ରନ୍ଥ କେତେ କାଳ କେତେ ଦେଶୁଁ ଯାଇ
ତୋଳି ଆଣି କଥା କହେ ଗନ୍ଥାଇ ଗନ୍ଥାଇ ।
କି ଅପୂର୍ବ କଥା କହେ ହସାଇ କନ୍ଦାଇ,
ସଭାଜନେ ଦଅନ୍ତି ତାଳି ତୁହାଇ ତୁହାଇ ।
ମନୁଷ୍ୟ ପର ମନୁଷ୍ୟଟାଏ ଏ ଲୋକଟି କିଏ ରେ,
ପିଲାଦିନେ ମନ ଦେଇ ତପ କରୁଥିଲା ଯେ ରେ ।
ତ୍ରିସନ୍ଧ୍ୟାରେ ଇଷ୍ଟଦେବ ନାମ କରେ ଧ୍ୟାନ,
ନାନାଶାସ୍ତ୍ର ପଢ଼ି ଅର୍ଜୁଥାଏ ଧନ ଜ୍ଞାନ,

Digitized by srujanika@gmail.com

ଅତିଥିସେବାରେ ବଡ଼ ଅନ୍ନ ବସ୍ତ୍ର ଦାନ,
ଜନହିତେ ସମର୍ପଣ କରେ ଧନ ପ୍ରାଣ,
ଦେଶ-କୁଳ-ଧନ୍ୟକାରୀ କର୍ମବୀର କିଏ ରେ,
ତୁଳସୀ ପରି ଦୁଇ ପତରୁଁ ବାସୁଥିଲା ଯେ ରେ ।

ଚନ୍ଦ୍ରତାରା

କେତେ ଚନ୍ଦ୍ର ତାରା ଅଛି ଆକାଶରେ
ଆଣିଦେବ ବାପଧନ,
ଚନ୍ଦ୍ରମା ତାରକା ଘେନି ଖେଳିବାକୁ
ହେବ ଯେବେ ତୋର ମନ ।

ତୋ ଆଖିରେ ତାରା ଦେଖି ଲୁଚିଯିବେ
ଆକାଶର ତାରା କାହିଁ,
ତୋ ମୁହଁଚନ୍ଦ୍ରମା ଦେଖି ଲାଜେ ଚନ୍ଦ୍ର
ମୁହଁ ଦେଖାଇବ ନାହିଁ ।

ଚନ୍ଦ୍ରମା ତାରାଙ୍କ କଥା କହୁବେ ସେ
ଯେତେ ହେଲେ ଜକଜକ,
ଚନ୍ଦ୍ର ତାରା ତେଣୁ ଭଲ ନ ଲାଗଇ
ମୁଁ ତୋ ମୁଖନେହରଙ୍କ ।

ପାଠପଢ଼ା

କାହିଁକି କାନ୍ଦୁ ରେ ମୋର ପ୍ରାଣଧନ
କିଏ ମାରିଲା କି ତତେ
ମଣିଷ ହୋଇ ତୁ ଘର କରିବୁ ରେ
କେବେ କି ଦେଖିବି ସତେ ?

Digitized by srujanika@gmail.com

ମାଠ ପଢ଼ିବୁ ତୁ ବଡ଼ଲୋକ ହେବୁ
ପାଲିଙ୍କି ପାଟର ଛତା
ଘୋଡ଼ା ହାତୀ ଦାସ ଦାସୀ ହେବେ ତୋର
ମାଡ଼ି ଚାଲୁଥିବୁ ଜୋତା ।
ଏ ଘର ଦୁଆର ଦିଶିବ ସୁନ୍ଦର
ଧବଳମୟ ଏ ପୁର,
ଦେଖିଣ ଡରିବେ ଶତ୍ରୁ ଶଙ୍କି ଯିବେ
ଲାଜେ ହୋଇଯିବେ ଦୂର ।

ଜଜୁବୁଆ

ଜଗିବେ ରେ ଦୁଧ ଫୁଟିବ ରାନ୍ଧିଲ
ଜଜୁବୁଆ ଅଛି ବନେ,
ମୋ ର ବାଇଧନ ନ କର କନ୍ଦନ
ଆସିବ ସେ ଘର କଣେ ।
ଚୁପ ହୋ ଚୁପ ହୋ ଅରେ ପ୍ରାଣଧନ,
ବଡ଼ ଦୁଷ୍ଟ ଜଜୁବୁଆ,
ତୋର କାନ୍ଦ ଶୁଣି ବଣରୁ ଆସିବ
କରିବ ବଡ଼ ଅଡୁଆ ।
ଚୁପ ହୋଇ କୃଷ୍ଣ କହନ୍ତି ମାତାଙ୍କୁ
"ଜଜୁବୁଆ କି କରିବ,
ବଣରୁ ଆସିଲେ ଆମ ଘରକୁ ସେ
ମାଡ଼ ଖାଇ ଚାଲି ଯିବ ।"

ନିଦ

କାହିଁ ସେ ମା'ଇବ ମୋ ବାଇଧନକୁ
କାହିଁ କାନ୍ଦୁ କହି କହି,
ନିଦେ ପ୍ରାଣଧନ ସପନ ଦେଖି କି
ଚମକିଲ ରହି ରହି ।

Digitized by srujanika@gmail.com

ଅଫିଟା ଫଣି ମୋ   ମଞ୍ଜୁମଣି, ଧୂଷ
ଦରିଦ୍ର ଘର ରତନ,
ଅନ୍ଧର ନଇଡ଼ି   ଜମ୍ଭାର-ଗୁଞ୍ଜ
ମୋର ପ୍ରାଣର ଚନ୍ଦନ ।
ନନ୍ଦେ ପ୍ରାଣଧନ   ହସୁଛୁ କାନ୍ଦୁଛୁ
ଅଗୋ ଷଠଦୁସୀ ମାଅ,
କାହିଁକି କନ୍ଦାଇ   ହସାଉଛୁ ତାଙ୍କୁ ?
କଲ୍ୟାଣ କରଣ ଯାଅ ।

ନିଦ ମାଉସୀ

ନିଦ ମାଉସୀ   ନିଦ ମାଉସୀ
ହେମ ଘରକୁ ତୁ ଅଅ,
ଆଖି ଦୁଇଟି   ବୁଜେଇ ଦେଇ
ଶୋଇ ପଡ଼େଇ ଯାଅ ।
ନିଦ ମାଉସୀ   ନିଦ ମାଉସୀ
ଦୋଳି ଖେଳାଇବୁ,
ଝୁଲେଇ ଝୁଲେଇ   ହେମକୁ ଆମର
ନିଦରେ ହସାଇବୁ ।
ନିଦ ମାଉସୀ   ନିଦ ମାଉସୀ
ହେମ ପାଖରେ ଥିବୁ,
ଯେତେକଯାକ   ଭଲ ସ୍ୱପନ
ହେମକୁ ଦେଖାଇବୁ ।
ନିଦ ମାଉସୀ   ନିଦ ମାଉସୀ
ହେମ ଆଖିରେ ଥିବୁ
କାଅ କାଅ କର   କାଉ ସବୁଙ୍କେ
ଘରକୁ ବାହୁଡ଼ିବୁ ।

Digitized by srujanika@gmail.com

ହୋଓରେ ବାଇଆ ହୋଓ

ଦିନ ତ ଯାଇଛି   ରାତି ତ ଆସିଛି
ହୋଓରେ ବାଇଆ ହୋଓ,
ଫଙ୍କାଳିଆ ଗଛେ   ଗହଳିଆ ଡାଳେ
ତୁନି ହୋଇ କର ଶୋଓ ।
ଦିନ ତ ଯାଇଛି   ରାତି ତ ଆସିଛି
ହୋଓରେ ବଲେଇ ହୋଓ,
ହାଣ୍ଡିଶାଳ ପାଖେ   ଚୁଲି ମୁଣ୍ଡରେ ତୁ
ଜଗୁମ ଜାଗାରେ ଶୋଓ ।
ଦିନ ତ ଯାଇଛି   ରାତି ତ ଆସିଛି
ହୋଓରେ କୁକୁର ହୋଓ,
ଦାଣ୍ଡ ପାଅଁଚଳେ   ପଥର ପାହାଚେ
କାନ ଡେରିକରି ଶୋଓ ।
ପକ୍ଷୀ ନ ଗଢ଼ୁଛି   ପହଡ଼ ପଡ଼ୁଛି
ହୋଓରେ ବ[illegible]ଆ ହୋଓ,
ବଣବୁଦା ତଳେ   ଦୁଡ଼ୁଡାଳ ଗାଛେ
ଦୁକେ ଦୁକେ କର ଶୋଓ ।
ଶଙ୍ଖବେଲ ଗଛ   ନିଶା ଗରଜିଲା
ହୋରେ ବାଘମାମୁ ହୋଓ,
ଗହନ ବନସ୍ତେ   ଷୋଳ କୋଶ କ୍ଷେତ
ଝରଣା ପାଖରେ ଶୋଓ ।
ଦିନ ତ ଯାଇଛି   ରାତି ଆସିଅଛି
ହୋଓରେ ବାଇଆ ହୋଓ,
ଘମସ୍ତେ ଶୋଇଲେ   ବାଇଆ ଧନ ତୁ
ଆଖି ବୁଜିକରି ଶୋଓ ।

Digitized by srujanika@gmail.com

ସୀତା-ବନବାସ

Digitized by srujanika@gmail.com

ପ୍ରଥମ ସର୍ଗ

ସରସ୍ୱତୀ-ଆବାହନ

ସରଯୂ ତଟିନୀ ତଟେ ଅଯୋଧ୍ୟାନଗରୀ,
ସୁରଧୁନୀତୀରେ ଯେସନ୍ତେ ସ୍ୱର୍ଗବିଦ୍ୟାଧରୀ,
ଅଯୋଧ୍ୟା ନଗରୀ ଧନ୍ୟା ଯୋଧେନ୍ଦ୍ରଜନନୀ,
ଯା ଯଶ ଆନନ୍ଦେ ଗାଏ ନିଖିଳ ଅବନୀ;
ଜଗତ-ନୟନ-ଭାନୁ-ସୁପବିତ୍ର-ବଂଶ
ଇକ୍ଷ୍ୱାକୁ ମାନ୍ଧାତା ମନୁ ଯାର ଅବତଂସ;
ମୃତ୍ୟୁଞ୍ଜୟ ଦିଲୀପ ଯେ ରଘୁ ଦିଗ୍‌ବିଜୟୀ,
ଅପ୍‌ସରାମୋହନ ଅଜ ଜନ୍ମିଥିଲେ ଯହିଁ;
ପ୍ରକୃତିରଞ୍ଜନେ ସାର୍ଥ ପୂତ ରାଜା ନାମ,
ଅପୂର୍ବ ଆଦର୍ଶ ଯାର ରଘୁପତି ରାମ;
ପ୍ରଜାହିତ ଅର୍ଥେ ପତ୍ନୀ-ବନନିର୍ବାସନ
ନାହିଁ ପଟାନ୍ତର ଯାର ନିଖିଳ ଭୁବନ;

ଅଦ୍ଭୁତ ଚରିତ ସେ ମଧୁ ରାମାୟଣ
ଏ ସାରା ସଂସାରେ ଯାହା ଅମୂଲ୍ୟ ରତନ;
କେତେ କବି କବୀନ୍ଦ୍ର ଯେ ମଧୁ ବୀଣାସ୍ୱନେ
ଗାଇଗଲେ ମଧୁଗାଥା; ମଧୁ ପାରବଣେ
ମଧୁର ଶୈଶବକାଳେ ଯେ ଗୀତ ଶ୍ରବଣେ
ବହୁଥିଲା ବାରିଧାରା ମୋ ଶିଶୁ ନୟନେ;
ସରଳ ଭାଷାରେ ଆଜି ଗାଇବି ସେ ଗୀତ,
ଶୁଣି ଯାହା ତୃପ୍ତ ହେବ ଭାବୁକଙ୍କ ଚିତ୍ତ ।
ବନ୍ଦେ ବାଣୀ ବରଦେ ଗୋ ଭୁବନମୋହିନି,
ଜଗତପାବନି ମୃତ୍ୟୁଭୟବିନାଶିନି !
ହୃଦପଦ୍ମେ ଆଣି ଦିଅ କଳ୍ପନା ସମ୍ପଦ,
କଣ୍ଠେ ବସି ଯାଅ ଗୋ ମୋତେ ଛନ୍ଦ ଦିଅ ପଦ ।

Digitized by srujanika@gmail.com

ଦ୍ୱିତୀୟ ସର୍ଗ

ରାମରାଜ୍ୟ

ଚତୁର୍ଦ୍ଦଶ ବର୍ଷ ରାମ ସମାପ୍ତ କାନନେ
ବ୍ରତ ଅନ୍ତେ ପ୍ରତ୍ୟାଗତ ଅଯୋଧ୍ୟାଭୁବନେ,
ସୀତା ସହ ସାକେତର ରାଜସିଂହାସନ
ବିହିତ ବିଧାନେ ରାମ କଲେ ଆରୋହଣ ।
ତିନି ଭାଇ ସଙ୍ଗେ ସଦାଗତ ରାମ ରାୟେ
ସାମ ଦାନ ଭେଦ ଦଣ୍ଡ ଉପାୟ ପସରେ ।
ରାଜ୍ୟର ବିବିଧ ହିତେ ନିଯୋଜିତ ମତି
ଶାନ୍ତିସୁଖେ ପାଳି ପ୍ରଜା ଅଯୋଧ୍ୟା-ନୃପତି ।
ଶ୍ରୀରାମ ଚରିତେ ଶ୍ୟାମ-କାନ୍ତ ଗୁଣାବେଶ,
ଦୁଷ୍ଟ-ଅରି ଶିଷ୍ଟ-ମିତ୍ର ଧର୍ମାତ୍ମା ନରେଶ ।
ପାପୀ ପ୍ରତି ଦୟା ପୁଣି ନ୍ୟାୟ ପାପ ପ୍ରତି
ବିହିଣି ପାଳନ୍ତି ପ୍ରଜା ନୀତିଜ୍ଞ ନୃପତି ।

ପ୍ରବୀଣ ନରେଶ ନିଯୋଜିଣ ଗୁପ୍ତଚର
ବୁଝୁଥାନ୍ତି ଦୁଃଖ ସୁଖ ପ୍ରକୃତିପୁଞ୍ଜର ।
ଅସ୍ତ୍ରଶସ୍ତ୍ର ବେଦବିଦ୍ୟା ହୁଏ ଆଲୋଚନା,
ଜ୍ଞାନ ପାଇଁ ଜ୍ଞାନୀ କରେ ଜ୍ଞାନ ଆରାଧନା ।
ସପ୍ତାଙ୍ଗ ସାମ୍ରାଜ୍ୟ ତାଙ୍କ ଲଭେ ସମୁନ୍ନତି,
ରଘୁରାଜ୍ୟଲକ୍ଷ୍ମୀ ଏବେ ଷୋଳକଳାବତୀ ।
ରତ୍ନଗର୍ଭା ବସୁନ୍ଧରା ବହୁ ଶସ୍ୟବତୀ,
ଧେନୁଗଣ ରାମରାଜ୍ୟେ ବହୁ ଦୁଗ୍ଧବତୀ ।
ମୃଦୁ ମନ୍ଦ ପ୍ରବାହିତ ଶୀତଳ ପବନ
ପତ୍ର ପୁଷ୍ପ ଫଳେ ତରୁଲତା ବିମଣ୍ଡନ ।
ଦୁର୍ଭିକ୍ଷ ଅକାଳମୃତ୍ୟୁ ଦୁଃଖଶୋକମାନ
ନିର୍ଲୋଭ ଶୋଭନ୍ତ ରାମ-ରାଜ୍ୟେଁ ଅନ୍ତର୍ଦ୍ଧାନ ।

Digitized by srujanika@gmail.com

ତସ୍କର ପାତକୀ ରାମ-ସୁଶାସିତ ଦେଶେ
ରହିଲେ ଶବ୍ଦ ମାତ୍ର ହୋଇ ଅବଶେଷେ ।
ଅଳଙ୍କାର ରୂପେ ରାମ-ସେନା ସୁରକ୍ଷିତ,
କେବଳ ପ୍ରଭାବେ ଦୃଢ ରାଜ୍ୟ ସୁଶାସିତ ।
ସାମନ୍ତ ସ୍ୱରୂପେ ସର୍ବ ସ୍ୱାଧୀନ ନୃପତି
ରାମ ପଦ୍ମପଦ ତଳେ ଅର୍ପିଲେ ଭକତି ।
ସଂଯମୀ ନୃପତି ରାଜ୍ୟାଶ୍ରମ ଋଷିରୂପେ
ସମ୍ପାଦନ୍ତି ରାଜକାର୍ଯ୍ୟ ତପସ୍ୟା ସ୍ୱରୂପେ ।
ଅନ୍ତର୍ଯ୍ୟାମୀରୂପେ ହୋଇ ଅଦୃଶ୍ୟ ମୂରତି
ଜାଣନ୍ତି ହୃଦ୍‌ଗତ ଭାବ ସୀତାଙ୍କ ନୃପତି ।
ମହତୀ ଦେବତାରୂପେ ଲଭନ୍ତି ଗରିମା,
ଆସମୁଦ୍ର ବିଘୋଷିତ ଶ୍ରୀରାମ-ମହିମା ।
'ବିଶ୍ୱାମିତ୍ର ସହ ଯାତ୍ରା, ଅହଲ୍ୟା-ପ୍ରସଙ୍ଗ,
ତାଡ଼କା ସୁବାହୁ ବଧ, ହର ଧନୁର୍ଭଙ୍ଗ,
ପିତୃସତ୍ୟ ପାଳନାର୍ଥ ଦୀର୍ଘ ବନବାସ,
କାନନେ ବିଶିରା ଖର-ଦୂଷଣ ବିନାଶ,

କିଷ୍କିନ୍ଧ୍ୟାର ମହାବଳ ବାଲିବିନାଶନ,
ସର୍ବଶେଷ ରାବଣ ବଧ, ସୀତା ଉଦ୍ଧାରଣ'—
ଲୋକୋତ୍ତର କୀର୍ତ୍ତିରାଜି ହେଉଁ ପ୍ରଗୃହୀତ,
ଦଶି ଦିଶି ହୋଇଗଲା ତାହା ବିଘୋଷିତ ।
ଲତା ଦୋଳାସନେ ବସି ବନଦେବୀଗଣ
ଘନବନେ ରାମନାମ କରନ୍ତି ଗାୟନ ।
ଗିରିଗୁହା ପ୍ରତିଧ୍ୱନି ପର୍ବତକନ୍ଦରେ
ପ୍ରଭଞ୍ଜନ ରାମନାମ ଗାଏ ଉଚ୍ଚସ୍ୱରେ ।
ଜଳଦେବୀ ଖେଳି ସିନ୍ଧୁ-ଊର୍ମି ତାଳେ ତାଳେ,
ତରଙ୍ଗିଣୀ କୋଳେ ଚଳ ଚଳ ବୀଚିମାଳେ,
ଗାଏ ରାମନାମ ଗୀତ ସୁନ୍ଦର ମୋହନ,
ସ୍ଥାବର ଜଙ୍ଗମ ପ୍ରିୟ ପ୍ରଶାନ୍ତ ପାବନ ।

Digitized by srujanika@gmail.com

ନାବ ବାହି ନାଉରିଏ ଗାଆନ୍ତି ସେ ଗୀତ,
ଗୋଗୋଷ୍ଠେ ଗୋପାଳ ଗାଇ ହୁଅନ୍ତେ ଜନହିତ ।
ଗାଆନ୍ତି ପଥିକେ ତାହା କାନ୍ତାରେ ପ୍ରାନ୍ତରେ,
ପଳାନ୍ତି ଶ୍ୱାପଦେ ଶୁଣି ଫିସ୍ତ ଅନ୍ତରେ ।
ବୁଲେ ଶିଶୁ ଗ୍ରାମଦାଣ୍ଡେ ରାମନାମ ଗାଇ,
ସେ ନାମେ ଦଉଡନ୍ତି ଶିଶୁ ମାତାଏ ବୋଧାଇ ।
ପଥ ଓଗାଳନ୍ତେ ବୃଷ ଅବା ବିଷଧର
ପାଇଯାନ୍ତି ମୁକ୍ତି ଜପି ସେ ନାମ ମନ୍ତ୍ର ।
ପ୍ରପୀଡ଼ିତ ହୁଏ ଯେବେ ଏକାନ୍ତ ଦୁର୍ବଳ
ଉଚ୍ଚାରନ୍ତେ ରାମ ନାମ ପରାସ୍ତ ସବଳ ।
ସତ୍ୟସନ୍ଧ ଶୁଦ୍ଧଚେତା ରାମ ପୁଣ୍ୟନାମ
ଧରଣ ମୁମୂର୍ଷୁ ତେଜି ଯାନ୍ତି ଧରାଧାମ ।

ତୃତୀୟ ସର୍ଗ

ଶୁଦ୍ଧାନ୍ତ-ସୁଖ

(ରାଗ—ରାମକେରୀ)

ରାଣୀ ସଙ୍ଗେ ସୀତା ଶୀତାଂଶୁମୁଖୀ ସାକେତପୁରେ
ବସି ବନବାସ-ବାରତା ବାହୁନନ୍ତି ମଧୁରେ ।
ଯୋଡ଼ି କର ପରସ୍ପରକୁ ଅସି କହେ ବାରତା,
"ବିଜେ ହେବେ ପୁରେ ନୃପେନ୍ଦ୍ର ରଘୁକୁଳବରତା ।"
ଶୁଣି ଅଳିବ୍ରଜ ରାଣୀଙ୍କ ପାଶୁଁ ହେଲେ ଅନ୍ତର,
ଭାନୁଉଦେ ଯଥା ପଦ୍ମିନୀ-ପୁଞ୍ଜୁଁ ତାରାନିକର ।
ପ୍ରଶାନ୍ତ ମୂରତି ଶ୍ରୀରାମ ସୁପ୍ରସନ୍ନ ଶ୍ରୀମୁଖ,
ରାଜୀବନୟନା ଜାନକୀ ଗୃହେ ଲଭନ୍ତି ସୁଖ;
ପ୍ରଶାନ୍ତ ସୁନୀଳ ଅମ୍ବରେ ଶୋଭିବନ୍ତୀ ଧରଣୀ
ବିକଚକୁସୁମ ଲୋଚନେ ନିରେଖଇ କି ଧନୀ ?

Digitized by srujanika@gmail.com

ଅସନ୍ତେ ପ୍ରାଣେଶ ପାଶକୁ ଉଠି ଅଗ୍ରସେ ସତୀ
କୋକନଦ କରେ ନମନ୍ତି କାନ୍ତେ ଦୋହଦବତୀ ।
"ବସ, ବସ" ବୋଲି ଶ୍ରୀରାମ ଅସି କଲେ ବାରଣ,
ନିରେଖିଲେ ସ୍ନିଗ୍ଧ ନୟନେ ପ୍ରିୟା-ଚନ୍ଦ୍ରବଦନ ।
ଭାନୁକରେ ନବନଳିନୀ ଯେସନେ ଉଠଇ ହସି,
କାନ୍ତଦରଶନେ ତେସନ ହେଲେ ରାମ-ପ୍ରେୟସୀ ।
କୁଶଳ-ପ୍ରଶନ ପଚାରି ବସି ଅଯୋଧ୍ୟା-ରାଣୀ
କଉତୁକ-କଥା କହିଲେ ତୋଷି ପ୍ରେୟସୀ-ପ୍ରାଣ ।
ନବଘନ ପାଶେ ଯେସନ ଶୋହେ ଚୋରା ଦାମିନୀ,
ରାମ ପାଶେ ତେସନେ ଶୋଭନ୍ତି ସୀତା ବରବର୍ଣ୍ଣିନୀ ।
ପ୍ରିୟାଙ୍କୁ ସେନେହେ ଶ୍ରୀରାମ ବୋଲୁଛନ୍ତି ବଚନ,
"କହ ଗୋ ପ୍ରେୟସି ! କି ଦ୍ରବ୍ୟେ ତବ ବଳୁଛି ମନ ?"
ଶୁଣି ତା ଜନକ-ତନୁଜା-ଗଣ୍ଡ ଲଜ୍ଜା-ଆକୁଳ,
ମଧୁ ଦରହାସେ ଜାନକୀ ଶିର ପୋତନ୍ତି ତଳ ।
କହନ୍ତି ଶ୍ରୀରାମ, "ସୁନ୍ଦର ! ଏତେ ଲଜ୍ଜା କିପାଇଁ,
'ନାହିଁ ନାହିଁ' କର ଈଷତ ହସି ମୁହଁ ହଲାଇ ।"

ବୋଲନ୍ତି ବୈଦେହୀ, "ହେ ପ୍ରଭୋ ! ନାହିଁ କାହିଁରେ ମନ,
ତୁମ୍ଭ ଶ୍ରୀଚରଣ ଗୃହିଁଣ ଯାଉ ଏ ମୋ ଜୀବନ ।
ତୁମ୍ଭ କୋଳେ କୁଳନନ୍ଦନ ରଖି ହେ ରଘୁରାଣ,
ତୁମ୍ଭ ମୁଖ ଦେଖି ହେ ସ୍ୱାମି, ଯାଉ ଏ ଦାସୀ-ପ୍ରାଣ ।"
ପୋଛୁ ପ୍ରେମ-ଅଶ୍ରୁ ଶ୍ରୀରାମ ବୋଲୁଛନ୍ତି ଆଦରେ,
"କହ କହ ପ୍ରିୟେ ! ଶରଧା ତବ କେଉଁ ଦ୍ରବ୍ୟରେ ?
ଯେତେ ଦୁର୍ଲ୍ଲଭ ତା ହେଲେହେଁ ଆଣି ଦେବଇଁ ମୁହିଁ
କହ କହ ଫେଡ଼ି ମୋ ରାଣ ଗୃହୁ ଚନ୍ଦ୍ରମାମୁହିଁ ।"
କହନ୍ତି ଜନକ ତନୁଜା, "ନାଥ ! ହେଉଛି ମନ,
ଋଷି-ତପୋବନ-ସୁଷମା କରନ୍ତେଇଁ ଦର୍ଶନ ।
ବନବାସକାଳେ ହେ ନାଥ ! ଦେଖିଥିଲଇଁ ଯାହା,
ପୁଣି କିପାଁ ମନ ହେଉଛି ଯାଇଁ ଦେଖନ୍ତି ତାହା ।

Digitized by srujanika@gmail.com

ମୁନିକନ୍ୟାମାନେ ତଟିନୀତଟେ ବଢ଼ାଇ ସ୍ନାନ,
କରନ୍ତି ନୀବାର-ତଣ୍ଡୁଳ ମଧୁ-ଅର୍ଘ୍ୟ ପ୍ରଦାନ;
ଏକ-ହସ୍ତୁଁ ଅନ୍ନ ଛଡ଼ାଇ କରୁଥାନ୍ତି ଭୋଜନ,
ହାସ୍ୟ-କଉତୁକ ତାଙ୍କର ଦରଶନେ ମୋ ମନ ।
ଗର୍ଭାଳସା ଏଣୀ ଅସିଣ ଖାଇ ତଣ୍ଡୁଳ ବଳେ
କରନ୍ତି ରୋମନ୍ଥ ଶୋଇଣ ତଟ-ବିଟପିତଳେ ।
ତରୁଶାଖେ ବସି ବିହଙ୍ଗେ ଗାଉଥାନ୍ତି ସୁସ୍ୱରେ,
ଉଡ଼ି ଆସି ବସି ଯାଆନ୍ତି ମୁନି-ତନୟା-କରେ ।
ତପୋବନ ହବିଃ-ସୌରଭେ ସଦା ସୁପ୍ରମୋଦିତ,
ତରୁଶିର ଭେଦ ସମିଧ ଧୂମ ହୁଏ ଉତ୍‌ଥିତ ।
ପୁଣ୍ୟ ବେଦଗୀତେ ପବିତ୍ର ସଦା ସେ ତପୋବନ,
ଫଳ-ପୁଷ୍ପ ଭରେ ଅନତ ତରୁ ବ୍ରତତୀଗଣ ।
କାଲି ବନେ ତୁମ୍ଭ ସଙ୍ଗତେ କରନ୍ତି ତା ଦର୍ଶନ,
କାନନସିକତାପୀଠରେ କରି ଉପବେଶନ ।
ଦାସ ଅଳଙ୍କାର ବିତରି ମୁନି-ତନୟାଗଣେ,
ଆଶୀଃ ରଖି ଘେନ ଆସନ୍ତି ପୁଣି ତୁମ୍ଭ ଗହଣେ ।"

ପ୍ରିୟାବାଣି ଶୁଣି କହନ୍ତି ରଘୁପତି ବଚନ,
"ସୁଚରିତେ ସୁନ୍ଦରି! କରିବି ତବ ବାଞ୍ଛା ପୂରଣ ।
କିଛି ନାହିଁ ମୋର ଅଦେୟ, ଦେଇପାରେଁ ଜୀବନ,
"କାଲି ପ୍ରାତେ ଯାଇଁ କରିବ ତପୋବନ ଦର୍ଶନ ।"
ଏମନ୍ତ ସମୟେ ପ୍ରବେଶୁଁ ଭଦ୍ର ନାମେ ଦୂତକ,
ଗଦିଲେ ଗୁପତ-ମନ୍ତ୍ରଣା-ଗୃହେ ରଘୁନାୟକ ।

Digitized by srujanika@gmail.com

ଚତୁର୍ଥ ସର୍ଗ

ଜନାପବାଦ

ପ୍ରବେଶିଣ ରାଜ୍ୟେଶ୍ୱର ଗୁପତ ଭବନ
ଗୁପ୍ତଚର ଭଦ୍ରମୁଖେ ପୃଚ୍ଛନ୍ତି ପ୍ରଶନ ।
"କି ସମ୍ବାଦ ଅଛେ ଭଦ୍ର ଅଣିଅଛ ପୁଣି ?"
କହେ ଚର, "ଅଛିଲି ମୁଁ ତବ ଯଶ ଶୁଣି ।"
କହନ୍ତି ନରେଶ, "ଦୂତ, ପ୍ରତିଦିନ ଅଣି
ଦେଉଥାଅ ମୋତେ ହର୍ଷେ ମୋହୋ ଯଶୋବାଣୀ ।
ଅଜ କାହିଁପାଇଁ ମୁଖ ଦିଶୁଛି ବିମର୍ଷ,
ରାଜ୍ୟେ କି ଘୋଷିତ ହୁଏ ମୋର ଅପଯଶ ?
କେହୁ କି ମୋହର ଅଙ୍ଗେ ରଚିଅଛି ଦୋଷ ?
କହ ହେ ଡଗର ସତ୍ୟ, ନ ବହିବି ରୋଷ ।
ବିଶ୍ୱାସ ଅଟଇ ଦୂତ-ଶ୍ରେଷ୍ଠଗୁଣ ଜାଣ,
ବିଶ୍ୱାସବିହୀନ ଦୂତ ଫଣସର୍ପ ସମାନ ।
ନ କହିଲେ ସତ୍ୟ, ରାଜ୍ୟବିଧି ଅନୁସାରେ
ଅବଦ୍ଧ ହୋଇବ ଦୂତ ରାଜକାରାଗାରେ ।"

କହେ ଦୂତ ବନ୍ଦି ଅଙ୍ଘ୍ରି, "ରାଜରାଜେଶ୍ୱର,
ସର୍ବଦ ଘୋଷିତ ହୁଏ ସୁକୀର୍ତ୍ତି ତୁମ୍ଭର ।
କହନ୍ତି ସମସ୍ତେ 'ରାମ ନରପତି ପର
ତ୍ରିଜଗତେ ନାହିଁ ନ ଥିବଟି ସମସର ।
କିନ୍ତୁ ଇନ୍ଦୁକଳା ପରି ରାଣୀଙ୍କ କଳଙ୍କ
ଲାଗି କୃଷ୍ଣ ଦିଶେ ସୂର୍ଯ୍ୟବଂଶ ନିଷ୍କଳଙ୍କ ।
ନିର୍ଜନ ବିପିନୁ ରକ୍ଷ ଜାନକୀଙ୍କୁ ଧରି
ରଥେ ବସାଇଣ ପାଶେ ନେଲା ସ୍ନେହ କରି ।
ନିଜ ଗଡ଼େ ବହୁ ଦିନ ରଖିଲା ରାବଣ,
ମାତ୍ର ତାଙ୍କୁ ରାମ କଲେ ସୀତାଙ୍କୁ ଗ୍ରହଣ ।
ରାଜଧର୍ମ ଅନୁସରି ପ୍ରଜାଏ ଚଳନ୍ତି,
ପ୍ରଜାଙ୍କ ଆଦର୍ଶ ପିତା ହୁଅନ୍ତି ନୃପତି ।

Digitized by srujanika@gmail.com

ନୃପତି କରିବେ ଯେବେ ଆପେ ଅନାଚାର,
ଦୁରାଚାର ନିବାରିବେ କେମନ୍ତେ ପ୍ରଜାର ?
ଯେ ନାରୀ ହୋଇଲେ ପରପୁରୁଷେ ସେବିତା,
ସେହୁ ହେଲେ ଅମ୍ଭ ରାଣୀରୂପେ ଅଭିଷିକ୍ତା ।
କୁଳନାରୀମାନେ ଆଜ ନ ମାନିବେ ପତି,
ଅଯୋଧ୍ୟାରେ ନ ରହିବେ ଆଜ କେହୁ ସତୀ ।'
ଏ ବାର୍ତ୍ତା ଶ୍ରବଣେ ଛାମୁ ଶ୍ରୀପଦ-ଦର୍ଶନ
କରିବାକୁ ନ ବଳିଲା ଏ ଦାସର ମନ ।
ଗୁପ୍ତ ଦୂତ-ଧର୍ମ ଘୃଣା-ଭୀତି-ସମ୍ବରଣ,
ଅନୃତ-ବର୍ଜନ, ରାଷ୍ଟ୍ର-ଶାନ୍ତି-ସଂରକ୍ଷଣ,
ସତ୍ୟପ୍ରିୟ ସରସ୍ୱତୀ ସୁଦୁର୍ଲ୍ଲଭ ଜାଣି
ନିବେଦିଲି ସ୍ୱାମି ସତ୍ୟ ଅପ୍ରିୟ ଏ ବାଣୀ ।
'ରାଜାଙ୍କ ଅଲଙ୍ଘନୀୟ' ସ୍ମରଣ ହେଉ ପ୍ରଭୁ,
କର୍ତ୍ତବ୍ୟର ଅନୁରୋଧେ ନିବେଦିଲି ସବୁ ।
ଏତେଦିନେ ହେଲା ପ୍ରଭୋ ବିଫଳ ମୋ ନାମ ।'
ପ୍ରବୋଧି ବିଦାୟ ଦେଲେ ଦୂତେ ରାଜା ରାମ ।

ପଞ୍ଚମ ସର୍ଗ

ବନବିବାସନ

ଶୁଣି ଗୁପ୍ତଚର ମୁଖୁଁ ସୀତା ଅପଯଶ
ସର୍ବାଙ୍ଗ ରାମଙ୍କ ହେଲା ଅଚଳ ଅବଶ ।
ଦୁଃଖେ ସୁଖେ ଧୀର ସଦା ଅଚଳ ଅଟଳ
ହିମାଦ୍ରି ପ୍ରତିମ ରାମ ହୋଇଲେ ବିକଳ ।
"ଅହା ସୀତେ !" ବୋଲି ଶୋକେ ଶ୍ରୀରଘୁନନ୍ଦନ
ନିର୍ଜନେ ବସିଣ କଲେ ବିକଳ ରୋଦନ ।
"ରାଜେନ୍ଦ୍ର ଜନକ-କନ୍ୟା ସୁଖେ ସୁପାଳିତା
ଅତି ସୁକୁମାର-ଅଙ୍ଗୀ ପତିପ୍ରାଣା ସୀତା ।
ଅଭିଷେକ ଦିବସରେ ଗଲେ ଘୋରବନେ,
କେତେ କ୍ଲେଶ ସହିଲେ ସେ ଗହନ କାନନେ ।

Digitized by srujanika@gmail.com

ହରି ନେଇ ବନ୍ଦୀ କଲା ପାପିଷ୍ଠ ରାବଣ,
କଲା ନିଷ୍କଳଙ୍କ ଚନ୍ଦ୍ରେ କଳଙ୍କ ଲେପନ ।
ଜାଣେ ମୁଁ ମଦ୍‌ଗତପ୍ରାଣା ମୈଥିଳୀଙ୍କୁ ଅତ,
କଠିନ ପରୀକ୍ଷା ଦେଲେ ଲଙ୍କାଠାରେ ସତୀ ।
ବିନା ଦୋଷେ ସତୀ ତ୍ରାଣ୍ଠ ମୋର ଅସମୟେ
କେମନ୍ତେ ବର୍ଜିବି ମୁହିଁ ଦାରୁଣ ହୃଦୟେ ?"
ଅବଶେଷେ ମହର୍ଷୀଙ୍କ ବିଜନ କାନନେ
ନିର୍ବାସିବେ ବୋଲି ରାଜା ସ୍ଥିର କଲେ ମନେ ।
ଭରତ ଲକ୍ଷ୍ମଣ ସହ ଶତ୍ରୁଘ୍ନେ ହକାରି
କାନ୍ଦନ୍ତି ବିକଳେ ରାମ ନିଜକୁ ଧିକ୍କାରି ।
ଦେଖି ତିନି ଭାଇ ଭୟେ କଥା ନ କହନ୍ତି,
ଅବଶେଷେ ଆରମ୍ଭିଲେ ରଘୁକୁଳପତି ।
"ରୌଦ୍ର କରି ନେଇଥିଲା ସୀତାଙ୍କୁ ରାବଣ,
ତେଣୁ ସର୍ବଂଶେ ମୁଁ ତାକୁ କଲି ବିନାଶନ ।
ବହୁକାଳ ରକ୍ଷୋଗୃହେ ବନ୍ଦୀ ଥିଲେ ସୀତା,
ସର୍ବସମକ୍ଷରେ ତେଣୁ ହେଲେ ପରୀକ୍ଷିତା ।

ସର୍ବସମ୍ମତରେ ସୀତା କଲି ମୁଁ ଗ୍ରହଣ,
ଅଛ ତାର ସାକ୍ଷୀ ତୁମ୍ଭେ ନିଜେ ତ ଲକ୍ଷ୍ମଣ ।
ଦୁର୍ବୁଦ୍ଧି ଯୋଗରୁ ଅସି ଅଯୋଧ୍ୟାରେ ଯାହା
ପରୀକ୍ଷା ନ କରି ଲଙ୍କାଠାରେ କଲି ତାହା ।
ଜାନକୀ ଚରିତ୍ରେ ସନ୍ଦିହାନ ପ୍ରଜାଗଣ,
ଅତଠାରୁ କଲି ମୁହିଁ ସୀତାବିସର୍ଜନ ।
କାଲି ପ୍ରାତେ ଲକ୍ଷ୍ମଣ ହେ ତୁମ୍ଭର ଗହଣେ
ନେଇଯାଇ ଛାଡ଼ି ଅସ ସୀତା ଘୋରବନେ ।"
କହନ୍ତି ସୌମିତ୍ରି, "ଅଜ୍ଞ ଅଶିକ୍ଷିତ ଜନ
ନୁହନ୍ତି ଶାସ୍ତ୍ରଜ୍ଞ କିବା ପ୍ରଜ୍ଞାପରାୟଣ,
ନ୍ୟାୟାନ୍ୟାୟ ସତ୍ୟାସତ୍ୟ ବିଚାରେ ଅଶକ୍ତ,
ଧରନ୍ତି ପାଶବ ବୁଦ୍ଧି, ପଶୁମାଂସରକ୍ତ ।

Digitized by srujanika@gmail.com

ପଶୁସମ ନିର୍ଗୁଣ ଜ୍ଞାନହୀନ ନର,
ପଶୁଠାରୁ ଥୋକେ ନର ଭୟଙ୍କରତର ।
ପ୍ରଶଂସନ୍ତି ଅଛି ଯାହା ଜନସାଧାରଣ,
କରନ୍ତି ତାଠାରେ ଖାଲି ଦୋଷ-ଅନ୍ୱେଷଣ ।
ନିଜେ ମୁଁ ଦେଖିଛି ସୀତା ଅଦ୍ଭୁତ ପ୍ରକାରେ
ସତୀତ୍ୱ ପ୍ରମାଣିଛନ୍ତି ଅଗ୍ନି-ପରୀକ୍ଷାରେ ।
ନିର୍ବୋଧଜନଙ୍କ କଥା ଅନୁସାରେ ଆର୍ଯ୍ୟ !
କେବେହେଁ ନ କର ଏହି ଅନୁଚିତ କାର୍ଯ୍ୟ ।”
କହିଲେ ନରେନ୍ଦ୍ର ରାମ, “ପ୍ରଜାତୁଷ୍ଟି ପାଇଁ
ତେଜି ପାରେଁ ପ୍ରାଣ ପ୍ରାଣାଧିକ ଜନି ଭାଇ ।
ରାଜାର ଜୀବନ ଧନ ସର୍ବ ପ୍ରଜାପାଇଁ,
ଆତ୍ମ-ପରିବାର-ସ୍ୱାର୍ଥ ନୃପତିର ନାହିଁ ।
ରାଜାର କର୍ତ୍ତବ୍ୟ ଭାଇ ପ୍ରକୃତିରଞ୍ଜନ,
କର୍ତ୍ତବ୍ୟବିଭ୍ରଷ୍ଟ ହେଲେ ବିଫଳ ଜୀବନ ।
କୀର୍ତ୍ତିମାନ ମରି ଭବେ ଲଭଇ ଜୀବନ,
କଳଙ୍କିତ ପ୍ରାଣେ ଭାଇ କିବା ପ୍ରୟୋଜନ ?

କଳଙ୍କିତ ହେବ ନିଷ୍କଳଙ୍କ ସୂର୍ଯ୍ୟବଂଶ,
ରଟିବ ସଂସାରେ ମୋର ଘୋର ଅପଯଶ,
ଏମନ୍ତ ଜୀବନ ଘେନି ବଞ୍ଚିବି କେସନ,
ଏ ହୀନ ଜୀବନେ ଭାଇ କିବା ପ୍ରୟୋଜନ ?
କର୍ତ୍ତବ୍ୟ ପାଳି ଯେ ସୁଖ ଲଭେ କର୍ମବୀର,
ସେ ସୁଖ ଲଲାଟେ ଲେଖା ନାହିଁ କଳଙ୍କିର ।
କଠିନ କର୍ତ୍ତବ୍ୟେ ଅଛି ସଞ୍ଚିତ ଯେ ସୁଖ,
ଜାଣିଛି ସେ ମମ ଦୀର୍ଘ ବନବାସ ଦୁଃଖ ।
ଯେ କର୍ତ୍ତବ୍ୟ ପ୍ରେରଣାରେ ତେଜି ସିଂହାସନ,
ପ୍ରିୟତମ ଭରତର ବ୍ୟାକୁଳ କ୍ରନ୍ଦନ,
ଏଡ଼ି ମୁଁ ନିର୍ମମ ସମ ଭ୍ରାତା ଭାର୍ଯ୍ୟା ସହ,
ସହିଲି ଅରଣ୍ୟ-ବାସ-କ୍ଲେଶ ଦୁର୍ବିସହ,

Digitized by srujanika@gmail.com

ଉମିଳା ଉଷୁକବେଶେ ଭୀଷଣ କାନନେ,
ଗର୍ଜୁଅଛୁ ସେ କର୍ତ୍ତବ୍ୟ 'ପ୍ରେର ସୀତା ବନେ' ।"
ବୁଝାଇ ଲକ୍ଷ୍ମଣ ଅଦ ଭାଇ ତିନି ଜଣ
ଏ ଦାରୁଣ କର୍ମୁଁ ଯେତେ କଲେ ନିବାରଣ,
ତଥାପି ଶ୍ରୀରାମ ରାଜା ପ୍ରକୃତିରଞ୍ଜନ
କଲଙ୍କ ଭୟରେ ଦେଲେ ସୀତା ନିର୍ବାସନ।
ଋଷିକନ୍ୟା ସହ ବନ-ଶୋଭା-ଦରଶନେ
ଯିବାପାଇଁ କହୁଥିଲେ ସୀତା ତପୋବନେ ।
ନେଇଗଲେ ସେହି ବ୍ୟାଜେ ଅନୁଜ ଲକ୍ଷ୍ମଣ
ସନ୍ତପ୍ତହୃଦୟେ ଦେବାପାଇଁ ନିର୍ବାସନ ।
ଋଷି-କୁମାରୀଙ୍କ ପାଇଁ ବାସ ଅଭରଣ
ସଙ୍ଗେ ଘେନି ସୀତା କଲେ ରଥେ ଅରୋହଣ ।
ରଥ ଚଳୁଁ ସୀତାଦେବୀ କହନ୍ତି, "ଲକ୍ଷ୍ମଣ,
ବାଞ୍ଛାକଳ୍ପତରୁ ପ୍ରଭୁ ଅଯୋଧ୍ୟାରଞ୍ଜନ ।
ପ୍ରାର୍ଥନା ମାତ୍ରକେ ତପୋବନ-ସନ୍ଦର୍ଶନ—
ବାଞ୍ଛା ପୂର୍ଣ୍ଣ କଲେ ପ୍ରଭୁ ଶ୍ରୀରଘୁନନ୍ଦନ ।

କିନ୍ତୁ ଅଜ ନ ଅସିଲେ ମୋ ସଙ୍ଗେ କିପାଇଁ ?
ରାଜକାର୍ଯ୍ୟୁ ଅବା ତାଙ୍କୁ ଅବକାଶ ନାହିଁ ।"
ପଥେ ସତୀ ପଚାରନ୍ତି ବିବିଧ ପ୍ରଶନ,
ଦଅନ୍ତି ବିଷଣ୍ଣମୁଖେ ଉତ୍ତର ଲକ୍ଷ୍ମଣ ।
ଦେଖିଣ ଜାନକୀ ତାଙ୍କୁ ପୁଚ୍ଛନ୍ତି କାରଣ,
ଲଜ୍ଜାଦୁଃଖେ ନ କହନ୍ତି କିଛିହିଁ ଲକ୍ଷ୍ମଣ ।
ଯାଉଁ ଯାଉଁ ଅହେତୁକୀ ଅକୁଳତା ମନ
ସତୀଙ୍କର ଆସି କଲ୍ଲ ସଶଙ୍କ-ଅଚ୍ଛନ୍ନ ।
କହନ୍ତି "ଲକ୍ଷ୍ମଣ ଭାଇ ! ଚଞ୍ଚଳ ମୋ ମନ,
ସୁଦୂର ବିଳାପ-ଧ୍ୱନି ବାଜଇ ଶ୍ରବଣ ।
ଶୁଣିଥିଲି ଥରେ ଯେଉଁ ପଞ୍ଚବଟୀ ବନେ
ହୃଦ୍‌ଗତ ମାୟାମୃଗ-ବିକଳ କ୍ରନ୍ଦନେ;

Digitized by srujanika@gmail.com

ସେ ଦୃଶ୍ୟପର ପୁଣି ଭୁଲ ଉଦ୍‌ବିଗ୍ନ ମୋ ମନ,
ସ୍ୱମରୁଅଚନ୍ତ କବା ମୋତେ ପ୍ରାଣଧନ,
ଅବା ପ୍ରାଣେଶଙ୍କୁ କିଛୁ ପଡ଼ିଲା ବିପଦ,
ତପୋବନ-ଦରଶନେ ନାହିଁ ଆଉ ମନ;
ନେଉଟାଇ ରଥ ଏବେ ନିଅ ବୀରବର !
ଅଚିରେ ଦେଖାଅ ମୋତେ ରାମ-ଶ୍ରୀପଦ୍ମର ।"
କହୁ କହୁ ରଥ ଭାଗୀରଥୀ ହେଲା ପାର,
ଲକ୍ଷ୍ମଣ-ନୟନୁ ବାରି ଝରେ ଦୁର୍ନିବାର ।
ବୈଦେହୀ-ବଚନ ଶୁଣି ଶୋକାର୍ତ୍ତ ଲକ୍ଷ୍ମଣ
ସଭୟେ ଭାଷିଲେ ବାଣୀ ସଜଳନୟନ ।
"ଏକାକିନୀ ଥିଲ ଦେବି ! ରାବଣଭବନ,
ସନ୍ଦିଗ୍ଧ ତହିଁରେ ତବ ରାଜ୍ୟବାସିଗଣ ।
ଅପବାଦ ଶୁଣି ରାମ କଳଙ୍କଭଞ୍ଜନେ
ତେଜିଲେ ତୁମ୍ଭଙ୍କୁ ଦେବି ! ଗହନ କାନନେ ।"
ପାଳଣ ଅଲଂଘନୀୟ ଆଜ୍ଞା ଗୁରୁଙ୍କର,
ବାହୁଡ଼ିଲେ ଦାରୁଣ-ପ୍ରାଣ ଶେଷ ବୀରବର ।

ଶ୍ରବଣେ ହତଚେତନା ହୋଇ ସତୀ ସୀତା
ବାତାହତା ହେମଲତା ପ୍ରାୟେ ଭୂପତିତା ।
ଦେଖି ହତବୁଦ୍ଧି ବୀର ସୁଧୀର ଲକ୍ଷ୍ମଣ
କରାଇଲେ ଭୂଲୁଣ୍ଠିତା ସୀତାଙ୍କୁ ଚେତନ ।
ଚେତନା ପାଇଣ ସତୀ ବିଚଳିତା ଦୁଃଖେ,
ଚାହିଁଲେ ସୁସ୍ଥିର ନେତ୍ରେ ଲକ୍ଷ୍ମଣଙ୍କ ମୁଖେ ।
ହତବୁଦ୍ଧି ଚିତ୍ରାର୍ପିତ ପରାୟେ ଲକ୍ଷ୍ମଣ
ଚାହିଁଲେ ଅବନୀତଳେ, ସଜଳନୟନ ।
କ୍ଷଣ ପରେ ସୀତା ନେତ୍ରୁଁ ପ୍ରବଳବେଗରେ
ବହିଲା ଲୋତକ, ଶ୍ୱାସ ଚଳିଲା ପ୍ରଖରେ ।
କମ୍ପିଲା କୋମଳ ତନୁ, ବିହ୍ୱଳ ଲକ୍ଷ୍ମଣ
ହତବୁଦ୍ଧି ପ୍ରାୟ କିଛି ନ ସ୍ଫୁରେ ବଚନ ।

Digitized by srujanika@gmail.com

କିଛି କ୍ଷଣେ ଧୈର୍ଯ୍ୟେ ସୀତା ବୋଇଲେ ବଚନ,
"ତାହାକୁ ଦୋଷିବି, ଏ ମୋ ଲଲାଟ-ଲିଖନ ।
ପିତା ମୋ ମିଥିଳାନାଥ ରାଜର୍ଷି ଜନକ,
ମୋ ଶ୍ୱଶୁର ଦଶରଥ ଅଯୋଧ୍ୟାନାୟକ,
ନିଷ୍କଳଙ୍କ ସୂର୍ଯ୍ୟବଂଶେ ବଧୂତ୍ୱ ମୋହର,
ପତି ମୋ ଶ୍ରୀରାମଚନ୍ଦ୍ର ରାଜରାଜେଶ୍ୱର ।
ତଙ୍କାକ୍ରୁଶୀ ପ୍ରାୟେ ମୁହିଁ ବାଟଭିକାରୁଣୀ,
ଜନପଦ-ଅଯୋଗ୍ୟା ମୁଁ ଅଶୁଦ୍ଧଚାରିଣୀ ।
ରାଜସୁତା, ରାଜବଧୂ ନୃପତିଘରଣୀ,
କହ ମୋହୋ ସର କିଏ ଜନମଦୁଃଖିନୀ ?
ନାରୀଜନ୍ମ ଦେଇଅଛି ଧାତା ଅଜୀବନ
ସହିବାକୁ ଦୁର୍ବିଷହ ଦାରୁଣ କଷଣ ।
ଅବଶେଷେ ଘଟିବ ଯେ ଏ ଦଶା ମୋହର,
ତାହାକୁ ବିଧାତା ! ଏହା ଥିଲାଟି ଗୋଚର ?
ବହୁକାଳେ ହେଲା ସ୍ୱାମୀ ସହିତେ ମିଳନ,
ଭାଳିଲି ଏଠାରୁ ହେଲା ମୋ ଦୁଃଖ-ମୋଚନ ।

କିନ୍ତୁ ଶତଗୁଣେ ଦୁଃଖ ଲେଖିଛୁ ବିଧାତା,
ସ୍ୱପନେ ତ ଜାଣି ନାହିଁ ଦାରୁଣ ବାରତା ।
ଅହୋ ରେ ବିଧାତା ! ଏହା ଥିଲା ତୋହ ମନେ ?"
କହିଣ ଧରଣୀତଳଗତା ବିଚେତନେ ।
ଚେତୁଯନ୍ତେ ଦୀର୍ଘଶ୍ୱାସ ତେଜି ଶୋକଭରେ
କହନ୍ତି, "ଲକ୍ଷ୍ମଣ, କରିଥିଲି ଜନ୍ମାନ୍ତରେ
କେତେ ମହାପାତକ ମୁଁ, ନୋହିଲେ ବିଧାତା
ଏତେ ଦୁଃଖ ମୋ କପାଳେ ଲେଖି ନ ଥାଆନ୍ତା
ଅଥବା କି ଅପରାଧ ଅଛି ବିଧାତାର,
ସମସ୍ତେ ଭୁଞ୍ଜନ୍ତି କର୍ମଫଳ ଆପଣାର ।
ପୂର୍ବଜନ୍ମେ ମୁହିଁ କରିଥିଲି ମହାପାପ,
ଭୋଗୁଅଛି ତାହା ଫଳେ ଏ ଘୋର ସନ୍ତାପ !

Digitized by srujanika@gmail.com

ପତିପ୍ରାଣା କାମିନୀକୁ କଲି ବିଯୋଜିତ ।
ଜନ୍ମାନ୍ତରେ, ଅଛି ତାର ହେଲା ପ୍ରାୟଶ୍ଚିତ୍ତ ।
ନତୁବା ପ୍ରାଣେଶ ସ୍ନେହଦୟାପୂର୍ଣ୍ଣ ଚିତ୍ତ,
ମୋତେ ପତିପ୍ରାଣା, ଶୁଦ୍ଧଚାରିଣୀ ବିଦିତ ।
ତଥାପି ଏସନ କାଳେ ତେଜିଲେ ନିର୍ଦ୍ଦୋଷେ
ଘଟିଲା ଏ ପୂର୍ବଜନ୍ମାର୍ଜିତ କର୍ମଦୋଷେ ।
ବତ୍ସ ! ମୁଁ କାତର କେବେଁ ନୁହେ ବନବାସେ,
ଥିଲି ବହୁକାଳ ବନେ ସୁଖେ ତାଙ୍କ ପାଶେ ।
ଯାବତ ଜୀବନ ପ୍ରାଣେଶ୍ୱର ସହବାସ
ବନବାସେ ଥିଲେ ନ ଥାଆନ୍ତା ଦୁଃଖ କ୍ଲେଶ ।
ଯେବେ ମୋତେ ପଚ୍ଛରିବେ ମୁନିକନ୍ୟାଗଣ,
'କେଉଁ ଦୋଷେ ହେଲା ତୁମ୍ଭ ବନ-ନିର୍ବାସନ ?'
କରୁଣାସାଗର ରାମ ଜାଣନ୍ତି ସମସ୍ତେ,
କହିଲେ ପ୍ରକୃତ ହେତୁ ନ ଶିବେ ପରତେ ।
'ବୋଲିବେ ଅବଶ୍ୟ ଗୁରୁ ପାପ କଲେ ସୀତା,
ବିଜନ ବନରେ ତେଣୁ ହେଲେ ନିର୍ବାସିତା ।

ବତ୍ସ ! କି କହିବ ରାମ-ସନ୍ତାନ ଏ ଉଦରେ
ନ ଥିଲେ, ପ୍ରବେଶି ଏହି ଜାହ୍ନବୀଜଳରେ,
ଏହି ମୁହୂର୍ତ୍ତରେ ତେଜି ଏ ଦଗ୍ଧ ପରାଣ
ଏ ଦୁଃସହ ଲଜ୍ଜା ଦୁଃଖ କରନ୍ତି ନିର୍ବାଣ ।
ଅଜ ଏ ଜୀବନେ ମୋର କିବା ପ୍ରୟୋଜନ,
ଜଗତ କି ଏ ଦଶାରେ ରଖିବା ଜୀବନ ?
ଅଶ୍ଚର୍ଯ୍ୟ ପ୍ରାଣେଶ କଲେ ମୋତେ ପରିତ୍ୟକ୍ତ,
ଶୁଣି ଏହା ପ୍ରାଣ ମୋର ନ ହେଲା ନିର୍ଗତ ।
ଏପରି କଠିନ ପ୍ରାଣ ଅଛି କାହିଁ ନାହିଁ;
ନତୁବା ଏକ୍ଷଣି ଉଡ଼ି ନ ଯାଏ କିପାଇଁ ।
ସୁଖରଦୁଃଖିନୀ ଅବା କରିବା କାରଣ
ଫଳିଲା କଠିଣ ଧାତା ଦେଲେ ମୋ ଜୀବନ ।

Digitized by srujanika@gmail.com

ସଂକଳ୍ପ ବିଫଳ ହେବ ହେଲେ ମୋ ମରଣ,
ଏଥିପାଇଁ ଲକ୍ଷ୍ମଣ ହେ ନ ଯାଏ ଜୀବନ ।"
ଏସନ ଅକ୍ଷେପି ସୀତା ବିଳାପି ବିକଳେ
"ଅହା ରାମଚନ୍ଦ୍ର !" ବୋଲି ପଡ଼ିଲେ ଭୂତଳେ ।
ଦେଖି ଶୁଣି ସୀତା ଦୁଃଖ ଲକ୍ଷ୍ମଣ ସୁଧୀର
ନିତାନ୍ତ କାତର ଦୁଃଖେ ହେଲେ ସେ ଅଧୀର ।
ଦୁଃଖ ଶୋକେ ଅଭିଭୂତ ଏକାନ୍ତ ଲକ୍ଷ୍ମଣ,
ଅବିରଳଧାରେ ଅଶ୍ରୁ କଲେ ବିସର୍ଜନ ।
"ପ୍ରକୃତିରଞ୍ଜନ ଅଶେ ଦାରୁଣ ନୃପତି
ନିର୍ଦ୍ଦୋଷେ ତେଜିଲେ ଅହା ବନେ ସୀତା ସତୀ ।
କେତେ କଷ୍ଟ ସହିଥିଲେ ସୁକୁମାରୀ ବନେ,
ରାବଣ ବନ୍ଦିନୀ ହୋଇ ଅଶୋକ କାନନେ ।
ଦୁର୍ବିଷହ ଦୁଃଖ ସହି ଲଙ୍କାର ସଂଗ୍ରାମ
ଯୁଝିଲ୍‌ କି ଏଥିପାଇଁ, ହା ନୃଶଂସ ରାମ !"
ଏସନେ ଅକ୍ଷେପି ବହୁ ସୁଶୀଳ ଲକ୍ଷ୍ମଣ
ଜାହ୍ନବୀ-ଜୀବନେ କଲେ ସୀତାଙ୍କୁ ଚେତନ ।

ସଚେତନା ମହାସତୀ କହନ୍ତି ବଚନ,
"ଅଯୋଧ୍ୟାକୁ ଫେରିଯାଅ ସୁଧୀର ଲକ୍ଷ୍ମଣ ।
ହୋଇଥିବେ ରାମଚନ୍ଦ୍ର ମୋ ତ୍ୟାଗେ ଉନ୍ମନା,
ବାହୁଡ଼ି ଲକ୍ଷ୍ମଣ ତାଙ୍କୁ ଦେବ ପ୍ରବୋଧନା ।
ଏକାକୀ ରହିଲେ ହେବେ ଶ୍ରୀରାମ କାତର,
ସର୍ବଦା ସୌମିତ୍ରି ଥିବ ତାଙ୍କ ସଙ୍ଗତର ।
ନିଜ ଦୁଃଖେ ଯେତେ ନୁହେ ଅକୁଳ ମୋ ଚିତ୍ତ,
ମୋ ବିରହେ ଶ୍ରୀରାମଙ୍କ ଦୁଃଖେ ମୁଁ ଚିନ୍ତିତ ।
ଭାର୍ଯ୍ୟାପଣୁଁ ଦାସୀ ସିନା ହେଲି ବହିର୍ଭୂତ,
ପ୍ରଜାପଣୁଁ ନ କରିବେ ହୃଦରାଜ୍ୟୁଁ ଚ୍ୟୁତ ।
ସସାଗରା ଧରଣୀରେ ରାମଚନ୍ଦ୍ର ରାଜା,
ସେଣ୍ଠିଠାରେ [illegible] ବୁଝି ତାଙ୍କର ପରଜା ।

Digitized by srujanika@gmail.com

ତାଙ୍କର ରାଜ୍ୟରେ ପାଳ ତାଙ୍କର ସନ୍ତାନେ
ବଞ୍ଚିବି ଗହନବନେ ତାଙ୍କ ପଦ ଧ୍ୟାନେ ।
ହେଲେହେଁ ତାଙ୍କ ବିଚ୍ଛେଦେ ଦୁର୍ବିଷହ ଦୁଃଖ,
ତାଙ୍କ ଶୁଭ ସମ୍ବାଦରେ ପାଇବି ମୁଁ ସୁଖ ।
ସ୍ନେହଶୀଳା ଊର୍ମିଳା ଦ ମୋ ପ୍ରାଣ ଭଗିନୀ
ମୋହ ପାଇଁ ହେବେ ନିଶ୍ଚେ ହୃଦୟେ ଦୁଃଖିନୀ ।
ନ ଦେଇ ଅଘାତ ତାଙ୍କ କୋମଳ ହୃଦୟେ,
ରଖିବ ମୋ ଭଗିନୀଙ୍କୁ ସସ୍ନେହେ ସଦୟେ
ମୁହିଁ ତ ଚିରଦୁଃଖିନୀ, ଭଗିନୀଙ୍କ ସୁଖ—
ବାରତା ଶୁଣିଣ କିଛି ଘୁଞ୍ଚିବ ମୋ ଦୁଃଖ ।
କୌଶଲ୍ୟା ସୁମିତ୍ରା ଆଦି ପୂଜ୍ୟ ଗୁରୁଜନ,
ନିବେଦିବ ମୋ ପ୍ରଣତି ତାଙ୍କ ଶ୍ରୀଚରଣ ।
କହିବ ମୋ ଲାଗି ଅଜ ଦୁଃଖ ନ କରିବେ,
ସ୍ମୃତି-ପଟୁଁ ସୀତା ନାମ ପୋଛି ପକାଇବେ ।"
ଶୋକେ ଉଚ୍ଛଳିତ ପ୍ରାଣ ଶୁଣି ସତୀବାଣୀ,
ପ୍ରଣମି ଲକ୍ଷ୍ମଣ ଦୁଃଖେ ଘେନିଲେ ମେଲାଣି,

ବନ୍ଧକରପୁଟେ ବୀର ବିକଳ ବଚନେ,
"ହେ ସତି, କରିବ କ୍ଷମା ପାଷଣ୍ଡ ଲକ୍ଷ୍ମଣେ ।"
ଶୁଣିଣ କହନ୍ତି ସୀତା, "ନାହିଁ ତବ ଦୋଷ,
କିପାଇଁ କହିବି ତୁମ୍ଭଠାରେ ବୃଥା ରୋଷ ?
ଅଗ୍ରଜଙ୍କ ଆଜ୍ଞାବହ ସୁଶୀଳ ସୁଧୀର,
ଲେଶମାତ୍ର ଦୋଷ ତବ ନାହିଁ ଏଥି ବୀର ।
ଜନ୍ମେ ଜନ୍ମେ ତୁମ୍ଭପରି ସୁଶୀଳ ଦେବର
ମିଳୁ ମୋତେ, ଏ ମିନତି ପ୍ରଭୁଙ୍କ ପୟର ।"
ଏକାନ୍ତେ ଶ୍ରୀରାମଗତପ୍ରାଣା ତାଙ୍କୁ ଜାଣି
କାନ୍ଦନ୍ତି ଲକ୍ଷ୍ମଣ ଶୁଣି ବୈଦେହୀଙ୍କ ବାଣୀ ।
ବୋଇଲେ, "ରେ ବଜ୍ରହୃଦ ! ହୁଅ ତୁ ବିଦୀର୍ଣ୍ଣ,
ଏହିକ୍ଷଣି ତ୍ୟଜ ପ୍ରାଣ ନୃଶଂସ ଲକ୍ଷ୍ମଣ ।"

Digitized by srujanika@gmail.com

କହନ୍ତି ବୈଦେହୀ, "ବତ୍ସ, ନ କର ରୋଦନ,
ଲଙ୍ଘିବ ଅବଶ୍ୟ ମୁହିଁ କପାଳଲେଖନ ।"
ରୋରୁଦ୍ୟମାନା ସୀତାଙ୍କୁ ତେଜିଣ କାନନେ
ଭାଗୀରଥୀ ପାର ହୋଇ ସଜଳନୟନେ
ଅନାଇ ପଛକୁ ଥରେ ଶୋକାର୍ତ୍ତ ଲକ୍ଷ୍ମଣ
ରଥେ ଚଢ଼ି ଅଯୋଧ୍ୟାକୁ କଲେ ସେ ଗମନ ।

ଷଷ୍ଠ ସର୍ଗ

ଶ୍ରୀରାମଙ୍କ ଅନୁଶୋଚନା

ଶୁଣି ସଉମିତ୍ରି-ମୁଖୁଁ "ସୁକୁମାରୀ ସୀତା
ନିର୍ବାସନ ଦଣ୍ଡେ ଅହା ଦାରୁଣ ବ୍ୟଥିତା !"
"ଅହା ସୀତେ !" ବୋଲି ହସ୍ତ ରଖି ଶିରତଳେ
ଆକ୍ଷେପି କହନ୍ତି ବାଣୀ ଶ୍ରୀରାମ ବିକଳେ ।
"ବିଦେହନରେଶ ଜ୍ଞାନୀ ଜନକ ରାଜର୍ଷି
ମୁନିଜନପୂଜ୍ୟ ବିଶ୍ୱଗୂଢ଼ତତ୍ତ୍ୱଦର୍ଶୀ ।
କିପାଇଁ ଏ ମୂର୍ଖ ରାମେ କଲେ କନ୍ୟାଦାନ,
ତୁଳସୀଲତାକୁ କଲେ ଭୁଜଙ୍ଗେ ପ୍ରଦାନ ।
ରାଜସୁତା, ରାଜବଧୂ, ରୂପଗୁଣବତୀ,
କେତେ କ୍ଳେଶ ସହିଲ ଗୋ ସୁକୁମାରୀ ସତି !
କନକଲତିକା ସମ ସୁକୁମାର ଅଙ୍ଗ
କିପାଇଁ ବିଧାତା କଲା ଏ ଭୁଜଙ୍ଗ ସଙ୍ଗ ।
ତେଜି ଗୃହ-ସୁଖ ପୁଣି ଆତ୍ମୀୟ-ସ୍ୱଜନ
ସଙ୍ଗେ ମୋର ଗମିଥିଲ ଗହନ କାନନ ।
ଅଶେଷ କଷଣ ସହି ଜନକତନୁଜା,
ସେ ଗହନବନେ ମୋର କଲ ପାଦପୂଜା ।
ପାପିଷ୍ଠ ରାବଣ ଯେବେ ଏକାକିନୀ ତୋର,
ପଞ୍ଚବଟୀ ବନୁଁ କର ଘେନିଗଲା ଚୋର ।

Digitized by srujanika@gmail.com

ସୁବର୍ଣ୍ଣ ଲଙ୍କାର ରାଜା ବଳିଷ୍ଠ ରାବଣ
ରାଣୀ କରିବାକୁ ଦେଖାଇଲା ପ୍ରଲୋଭନ ।
ସେ କଥାକୁ ମହାସତି, ବିଷ ମନେ କରି
ରହି ଦିନ ଯାପିଥିଲ ରାମନାମ ଧରି ।
ବନବାସୀ ଭିକାରୀ ଯେ ଅଭାଗା ଶ୍ରୀରାମ,
କିପାଇଁ ଜପିଲ ଦେବି, ଦୁଃଖି-ରାମ-ନାମ ?
ଚାହିଁଲ ରାବଣ-ନାଶ, ମୋ ସଙ୍ଗେ ମିଳନ,
ବାରିଦେ ଚାତକ ପକ୍ଷୀ ଚାହିଁଥା ଯେସନ,
ବନ୍ଦିନୀ କରିଲ ଘୋର ଅଶୋକକାନନ
ଦାରୁଣ ଯାତନା ଦେଲା ପାତକୀ ରାବଣ ।
ଦୀର୍ଘ କାରାବାସେ ଦୁଃଖ ନ ହେଲା ନିଃଶେଷ,
ଜନଙ୍କ ଭୟରେ ଦେଲି ବର୍ଜନ-ଆଦେଶ ।
ଦୁଃସହ ଯାତନା ଭୋଗିଥିଲ କାରାବାସେ,
ତେଜିଲ ଜୀବନ-ଆଶା ପ୍ରତ୍ୟାଖ୍ୟାନାଦେଶେ ।

ଚଳ ଚଳ ନେତ୍ରେ ସତି, ଚାହିଁଲ ମୋ ମୁଖ,
ସେ ନେତ୍ର ସୂଚିଲା ହୃଦେ ଦୁର୍ବିଷହ ଦୁଃଖ ।
ବିଭୀଷଣ ସୁଗ୍ରୀବ ଯେ ବନ୍ଧୁ ସେନାପତି
ଲକ୍ଷ ଲକ୍ଷ ଲୋକେ ଲଙ୍କା ଲୋକାରଣ୍ୟ ଅତି ।
ସମସ୍ତଙ୍କ ଆଗେ ପ୍ରିୟେ ଦୁଃଖଲଜ୍ଜାଭରେ
ପ୍ରବେଶିଲ ପ୍ରଜ୍ୱଳିତ ପାବକ ଭିତରେ ।
ଧନ୍ୟ ଧନ୍ୟ ସତି, ପତିପ୍ରାଣା, ପତିବ୍ରତା,
କେମନ୍ତେ ମୁଁ ପାସୋରିବି ତବ ଗୁଣ କଥା ?
ରାବଣ ଅଶୋକବନେ ବନ୍ଦିନୀ କରାଇ
ଶତ ଶତ ଦାସୀଗଣେ ଥିଲାକ ଜଗାଇ ।
ନିଷ୍ଠୁର ଶ୍ରୀରାମ ନେଇ ଗହନ କାନ୍ତାରେ
ସମର୍ପଣ କଲା ସୀତା ହିଂସ୍ରଜନ୍ତୁଠାରେ ।
ବୈଦେହି ! ବିବାହ କଲି ଯାହା ହସ୍ତ ଧରି
ରକ୍ଷଠାରୁ ସେ ତୁମ୍ଭର ଘୋରତର ଅରି ।

Digitized by srujanika@gmail.com

ମଧ୍ୟମାସ ଅନ୍ତଃସତ୍ତ୍ୱା ହେଲେ ଯେବେ ସତୀ,
ଇଚ୍ଛା ଅନୁସାରେ ଥାନ୍ତ ନାନା ସାଧ ଭୁଞ୍ଜି ।
ଅବୋଧଜନଙ୍କ ନିନ୍ଦା ଶୁଣି ସତୀ ସୀତା
ବିନାଦୋଷେ କଲ ଘୋରବନେ ନିର୍ବାସିତା ।
ଭରତ ଶତ୍ରୁଘ୍ନ ପୁଣି ସୁବୁଦ୍ଧି ଲକ୍ଷ୍ମଣ
ପାପ ଅନୁଷ୍ଠାନୁଁ କେତେ କଲେ ନିବାରଣ ।
ନୃଶଂସ ରାକ୍ଷସ ପରି କହିଲ ଲକ୍ଷ୍ମଣେ,
'ସୀତାଙ୍କୁ ନିର୍ବାସି ଅସ ଗହନ କାନନେ ।'
ସୁଧୀର ଲକ୍ଷ୍ମଣ ନେଇ ଭାଗୀରଥୀ ପାରେ
ବିସର୍ଜି ଅସିଲେ ଦୁଃଖେ ଗହନ କାନ୍ତାରେ ।
ତବ ବିନା ପ୍ରାଣେଶ୍ୱର, ନିଦାରୁଣ କ୍ଲେଶ
ବିଦୀର୍ଣ୍ଣ କରୁଛି ଏବେ ଏ ହୃଦୟଦେଶ ।
ତାହିଁ ନେଇ ସୀତା ଭେଳ ଅସିଲ ଲକ୍ଷ୍ମଣ,
ଏ ଜୀବନେ ଅଉ ସତେ ପାଇବି ଦର୍ଶନ ?

ଭାଇ ହେ ଲକ୍ଷ୍ମଣ, କାହିଁ ଛନ୍ତି ସୀତା ସତୀ,
ନ ଦେଖି ତାହାଙ୍କୁ ସ୍ଥିର ହେଉ ନାହିଁ ମତି ।
କେଉଁ ଘୋରବନେ କଲ ତାହାଙ୍କୁ ବର୍ଜନ,
କେମନ୍ତେ ବଳାଇ ମନ ତୁମ୍ଭର ଲକ୍ଷ୍ମଣ ?
ପାପିଷ୍ଠ ରାକ୍ଷସ ପରି ମୁହିଁ ପିନା ଭାଇ,
ଦୟା କ୍ଷମା ମୋ ହୃଦରେ ଲେଶେ ଥିବା ନାହିଁ ।
ସୁବୁଦ୍ଧି ସୁଶୀଳ ତୁମ୍ଭେ ସଦା ତ ଲକ୍ଷ୍ମଣ,
ଘୋରବନେ କଲ ସୀତା କପର ବର୍ଜନ ?
ଅଥବା ମୋ ଅଜ୍ଞାବହ ସୁଧୀରପ୍ରବର,
କି ଦୋଷ ଏଥିରେ ଅଛି ବୀର ହେ ତୁମ୍ଭର ?
ନୟନପ୍ରତିମା ମୋର ରହିଛନ୍ତି ଯହିଁ
ଛାଡ଼ି ଅସ ଲକ୍ଷ୍ମଣ ହେ ମୋତେ ନେଇ ତହିଁ ।
ଅଯୋଧ୍ୟାର ସିଂହାସନେ ବସ ହେ ଭରତ,
ବନେ ଯାଇ ଆଚରେ ମୁଁ ବାନପ୍ରସ୍ଥ-ବ୍ରତ ।

Digitized by srujanika@gmail.com

କର ଏହୁକ୍ଷଣି ଅଭିଷେକ-ଅୟୋଜନ,
ମନ୍ତ୍ରିପଣ କର ତୁମ୍ଭେ ବଧିଙ୍କ ଲକ୍ଷଣ,
କରିଲେ କରନ୍ତୁ ନିନ୍ଦା ରାଜ୍ୟ ପ୍ରଜାଗଣ,
ସୀତା ବିନୁ ନ ରହିବ ଏ ମୋର ଜୀବନ ।
ଅହା ସୁକୁମାରୀ ହୋଇଥିବେ ତ ମୂର୍ଚ୍ଛିତା,
ବନ୍ୟପଶୁଗଣେ ହୋଇଥିବେ ବା ଭକ୍ଷିତା ।"
'ଅହା ସୀତେ !' ବୋଲି ରାମ ଗଲେ ବତୁକ୍ଷଣ,
ବ୍ୟଜନେ ସଚେତ କଲେ ଭାଇ ତିନିଜଣ ।
ଝରେ ଅଶ୍ରୁ ସୌମିତ୍ରିଙ୍କ, ବାକ୍ୟ ନାହିଁ ମୁଖେ,
ବୋଧନ୍ତି ଭରତ ଭ୍ରାତେ ଦୁଃଖୀ ହୋଇ ଦୁଃଖେ ।
କହନ୍ତି, "ଶ୍ରୀରାମ ତୁଲ୍ୟ ପ୍ରକୃତି-ରଞ୍ଜନ
ନାହିଁ, ନ ଥିଲ, ନୋହିବ ନିଖିଳ ଭୁବନ ।
ଏ ବୟସେ ବନେ ଯିବା ନୁହଁ କୁଳରୀତି,
ନିଷ୍କଳଙ୍କ ଭାନୁବଂଶେ ରଟିବ ଅକୀର୍ତ୍ତି ।

ତୃତୀୟ ଅଶ୍ରମ ବନେ ଯିବେ ତ ଅପଣ,
କାନନେ ସତୀଙ୍କ ସଙ୍ଗେ ହେବ ସମ୍ମିଳନ ।
ଋଷିଜନେ ଦେଖି ସୀତା ନେଇ ତପୋବନେ
ରଖିବେ ଅଶ୍ରମେ ତାଙ୍କୁ ଅଦରେ ଯତନେ ।
ବହ୍ନିସମା ମହାସାଧ୍ୱୀ ହିଂସ୍ରଜନ୍ତୁଗଣ
ଦେଖିଣ କରିବେ ପାଶୁଁ ନିଶ୍ଚେ ପଳାୟନ ।
ଜନକ ତନୁଜା ପୁଣ୍ୟବଳେ ଶକ୍ତିମତୀ,
କଦାପି ବିପଦେ ନ ପଡ଼ିବେ ମହାସତୀ ।"

ସପ୍ତମ ସର୍ଗ

ବନବାସ

ରଥ ଯହୁଁ ନେତ୍ରପଥୁଁ ହେଲ ଅନ୍ତର୍ହିତ,
ବାତାହତା ଲତା ପ୍ରାୟ ବୈଦେହୀ ମୂର୍ଚ୍ଛିତ ।

Digitized by srujanika@gmail.com

କେତେକ୍ଷଣେ ସଜ୍ଞା ଲଭି ଜନ୍ତୁ ଉଠି ବସି,
କାନ୍ଦଲେ କୁରଙ୍ଗୀ ପରି ଶ୍ରୀରାମ-ପ୍ରେୟସୀ ।
ଶିରେ କର ମାରି ଉଚ୍ଚେ ବିଳପି ଡାକଲେ
ରହିଲେ ଏଣୀ ଏ ତେଜି ତା ତୃଣକବଳେ ।
"ହା ନାଥ ! କା ମୁଖ ଚାହିଁ ଯାପିବି ଜୀବନ ?"
ବୋଲି ବଇଦେହୀ ପୁଣି ହେଲେ ବିଚେତନ ।
କେତେକ୍ଷଣେ ଉଠି ପୁଣି ବିଦେହ-ଦୁଲଣୀ
ବିକଳେ କାନ୍ଦନ୍ତି ବନେ ଶ୍ରୀରାମ ଘରଣୀ,
'ରାଜରାଣୀ ହୋଇଣ ମୁଁ କଲି ବନବାସ,
ବନେ ବନେ ବୁଲିଲି ମୁଁ ଚଉଦ ବରଷ ।
ହରି ନେଇ ବନ୍ଦ କଲା ପାପିଷ୍ଠ ରାବଣ,
କଲା ଶୁଭ୍ର ସୂର୍ଯ୍ୟବଂଶେ କଳଙ୍କ ଲେପନ ।
ମୂର୍ଦ୍ଧା ବିଚ୍ଛେଦ ଅନ୍ତେ ସ୍ୱାମି-ସମ୍ମିଳନ,
ଅସମୟେ ହେଲା ପୁଣି ତାହା ଉ ଖଣ୍ଡନ ।
ଦୁଃଖ ଭୁଞ୍ଜିବାକୁ ମୁହିଁ ପାଇଛି ଜୀବନେ,
ଆହା ରେ ଦଇବ ଏହା ଥିଲା ତୋର ମନେ !

କେମନ୍ତେ ବୁଡ଼ିବ ବେଳ ସରିବ ମୋ ଦିନ,
ନୀର ବିନା କେମନ୍ତେ ହା ବଞ୍ଚିବ ଏ ମୀନ ।
ଅନ୍ତର୍ଯ୍ୟାମୀ ପ୍ରଭୁ ତୁମ୍ଭେ କରୁଣହୃଦୟ,
କେମନ୍ତେ କଲ ଏ କାର୍ଯ୍ୟ ପ୍ରଭୁ ଦୟାମୟ !
ଶ୍ରୀକରେ ଅଭାଗୀ-ପ୍ରାଣ ଘେନିଥାନ୍ତ ଯେବେ,
ଭାଗ୍ୟବତୀ ବୋଲି ମନେ ମଣିଥାନ୍ତି ତେବେ ।
କେତେକାଳ ବହିବି ମୁଁ ଏ ଜୀବନ-ଭାର,
ତୁମ୍ଭ ବିନା ଯାହା ପ୍ରଭୁ ବିଫଳ ଅସାର ।
ଚିରକାଳ ପ୍ରାଣେଶ୍ୱର ତେଜିଲ କି ସତେ,
ଇହ ତୁମ୍ଭ ବିନା ଦିନ ବଞ୍ଚିବ କେମନ୍ତେ ?
ସରୋଜିନୀ ବଞ୍ଚିଲ କି ମୃଣାଳବିଚ୍ଛିନ୍ନା,
ବଞ୍ଚିଲ କି ପ୍ରଭୁ ମୀନ ହୋଇ ନୀରହୀନ ?

Digitized by srujanika@gmail.com

ସୌଦାମିନୀ ପାରଇ କି ରହି ଘନ ବିନା,
ବଞ୍ଚିଇ କି ଛାୟା କେବେ ହୋଇ କାୟାହୀନା ?
କେମନ୍ତେ କହ ହେ ନାଥ, ଶ୍ରୀପଦନଳିନ—
ଦର୍ଶନ-ବଞ୍ଚିତା ସୀତା ବଞ୍ଚିବ ତା ଦିନ ?
ଅଳପ କାଳରେ ପ୍ରଭୁ ତବ ଶ୍ରୀଚରଣ
ଲାଗିଲାଣି ମୋତେ ଯେହ୍ନେ ଅସ୍ପଷ୍ଟ ସ୍ୱପନ,
ଏ ଦୀର୍ଘ ଜୀବନପଥ ହୋଇ ଏକାକିନୀ
ଚାଲିବ ସହାୟହୀନା କେହ୍ନେ ଅଭାଗିନୀ,
କେଉଁ ପ୍ରାଣେ ଲକ୍ଷ୍ମଣ ହେ ନେଇଗଲ ରଥ,
କେଉଁ ଆଡ଼େ ଯିବି ଅହା ନ ଜାଣଇଁ ପଥ ।
ଅଛି ତବ ବଜ୍ରସେନା ଶରଣପଞ୍ଜର,
ଏକାନ୍ତ ଅଧୀନା ଏହୁ ଦାସୀର ଭୁମ୍ବର
କିଏ ଏ ଗହନ ବନେ ହେବଟି ଆଶ୍ରୟ ?"
ବୋଲନ୍ତେ ବିଦୀର୍ଣ୍ଣ ଶୋକେ କାନନ ହୃଦୟ !
ଏ ସମୟେ ଅଦୂରବ ବାଲ୍ମୀକି ମହର୍ଷି
ଦେଖିଲେ କାନ୍ଦନ୍ତି ବନେ ଶ୍ରୀରାମ-ପ୍ରେୟସୀ ।

ପ୍ରଣମିଲେ ଋଷିପଦେ ହୋଇ ସୀତା ଭୂମି,
ପ୍ରବୋଧି ଆଶ୍ରମପଦେ ଘେନିଗଲେ ମୁନି ।
ତାପସ-କୁମାରୀଚୟ ସଜଳନୟନ
ଅଞ୍ଚଳେ ପୋଛିଲେ, ବୋଲି ପ୍ରବୋଧବଚନ
ଥାପିଲେ ସନ୍ତାପେ ଦିନ ଶ୍ରୀରାମପ୍ରେୟସୀ,
କ୍ଷୀଣ ଦିନୁଦିନ ଯେହ୍ନେ କୃଷ୍ଣପକ୍ଷ-ଶଶୀ ।
କାଳକ୍ରମେ ଜାତ ହେଲେ ଯାମଳ ତନୟ,
ହର୍ଷେ ନିମଜ୍ଜିତ ହେଲା ସତୀଙ୍କ ହୃଦୟ ।
ପୁତ୍ରମୁଖ ଚୁହିଁ ସୀତା ବିଷାଦିତା ଅତି,
ଅବିରଳ ନେତ୍ରୁ ଧାର ବରଷିଲେ ସତୀ ।
ଭାଳିଲେ, ଏ ସୁସମ୍ବାଦେ ଅଯୋଧ୍ୟାଗଗନ
ଉତ୍ସବ-ବାଦ୍ୟନାଦେ କମ୍ପୁଥାନ୍ତା ଘନଘନ ।

Digitized by srujanika@gmail.com

ଶୁକ୍ଳପକ୍ଷ ଶଶିପ୍ରାୟେ ବଢ଼ିଲେ ନନ୍ଦନ,
ସ୍ୱର୍ଣ୍ଣ ସୁଖେ ନିମୀଳିତ ଜାନକୀ ନୟନ ।
ଶୁଣି ପୁତ୍ରଙ୍କର ଉଚ୍ଚରିତ 'ମା ମା' ସ୍ୱନ,
କୋଳେ ଧରି ମୁଖେ ସୀତା ଦଅନ୍ତି ଚୁମ୍ବନ ।
ଭାଳନ୍ତି, "ମୋ କର୍ମଦୋଷେ ଅଭାଗା କୁମରେ,
ନୋହିଲେ ଥାଆନ୍ତେ ବସି ନରେଶ ଅଙ୍କରେ ।
ନିଜ ପୁତ୍ରେ ପ୍ରାଣେଶଙ୍କ କୋଳେ ଦେବା ସୁଖ
ହରନ୍ତି ଦାରୁଣ ବିଧି ହୋଇଣ ବିମୁଖ ।"
ଯେତେ ଦିନ ନିଃସହାୟ ଥିଲେ ଦୁଇ ବାଳ,
ସେମାନଙ୍କ ଲାଳନରେ ଗଲା ବହୁ କାଳ ।
କାଳକ୍ରମେ ଜନନୀଙ୍କ ସତର୍କ ପାଳନ
ନୋହିଲା ଶିଶୁଙ୍କ ଅତି ତେତେ ପ୍ରୟୋଜନ ।
ସେତେବେଳେ ହେଲେ ସୀତା କର୍ମଶୂନ୍ୟହସ୍ତା,
ବିଶେଷେ ଶ୍ରୀରାମେ ଝୁରି ହେଲେ ଶୋକଗ୍ରସ୍ତା ।
ଦିନ କାଟୁଥିଲେ ଋଷିକୁମାରୀ ସଙ୍ଗରେ
ବିଚ୍ଛେଦ-ବିଧୁରା ସୀତା ଦୁଃସହ ଦୁଃଖରେ ।

ରାମ ସହ ଘୋର ବନେ ପତିବ୍ରତା ସୀତା
କେତେ ସୁଖେ କାଳ କାଟୁଥିଲେ ବିନୋଦିତା ।
ସତୀ-ପରିବୃତା ଭୟଶୂନ୍ୟ ତପୋବନ,
ନ ପାରେ କିପାଇଁ ମୋହି ମୈଥିଳୀଙ୍କ ମନ ।
ଧନ୍ୟରେ ପ୍ରଣୟ ଧନ୍ୟ ସଂସାରେ ସୁସାର,
ଅମୃତ-ନିଦାନ ପୁଣି ବିଷର ଆଧାର !
ଦିବସେ ତପସ୍ୟା କରି ଜନକତନୁଜା,
ମନାସି ଶ୍ରୀରାମ ଶୁଭ କଲେ ଦେବ-ପୂଜା ।
ବାଲ୍ମୀକି-ରଚିତ ମଧୁ ରାମାୟଣ-ଗୀତି
ଗାଇ ଲବ କୁଶ ମୋହୁଥିଲେ ମାତା-ଚିତ୍ତ ।
ରାମ ସୀତା ଗୁଣରାଶି ପ୍ରଶଂସି ନନ୍ଦନେ
ଆଣାଇ ଆନନ୍ଦ ଦେଉଥିଲେ ମାତା-ମନେ ।

Digitized by srujanika@gmail.com

ନିଜ ପରିଚୟ ଦେବାପାଇଁ ଜାନକୀଙ୍କି
ମନା କରିଥିଲେ ବେଳୁଁ ଋଷି ବାଲ୍ମୀକି ।
ରାତି ଅଧୁଁ କାଳ ଅବେ ପତିପ୍ରାଣା ସୀତା
ଦୁଃସହ ବିଷାଦେ ହେଉଥିଲେ ବିଚଳିତା ।
ଘନ ନିର୍ଝରିରୁ, ସାନ୍ଦ୍ର ତରୁ ଗିରି ବନ,
ଲୁହାଇ ଲୁହାଇ ବାରି ବରଷଇ ଘନ ।
ପଡ଼େ ପଲ୍ଲବରେ ନୀର ଝର ଝର ସ୍ୱନେ,
ଆନ୍ଦୋଳିତ ତରୁଲତା ଚଞ୍ଚଳ ପବନେ ।
ନିବିଡ଼ ନିଶୀଥେ ସର୍ବେ ଘୋର ନିଦ୍ରାଗତ,
ଏକାକିନୀ ରାମନାରୀ ଥାଆନ୍ତି ଜାଗ୍ରତ ।
ଦର ଦର ଧାରେ ସତୀ ନୟନରୁ ନୀର
ବହୁଥିଲା ଅବିଶ୍ରାନ୍ତଭାବେ ଦୁର୍ନିବାର ।
ଶୈଶବ-ନିଳୟ, ପୁଣି ଅଯୋଧ୍ୟା-ଜୀବନ,
ବନବାସ-କାଳ ସଙ୍ଗେ ରାବଣ ହରଣ,
ଶ୍ରୀରାମ ମଧୁର ମୂର୍ତ୍ତି ପ୍ରଣୟବଚନ
ବାରେକେ ବାରାପି ସତୀ କରନ୍ତି ସ୍ମରଣ ।

ଶାରଦଚନ୍ଦ୍ରିକା ଦେଖି ବିରହିଣୀ ସୀତା
ଅଯୋଧ୍ୟା ପ୍ରାସାଦ-ନୀଡ଼ା ସ୍ମରି ବିଷାଦିତା ।
ବାତ-ଆନ୍ଦୋଳିତ କାଶଫୁଲ ଦରଶନେ
ଅଯୋଧ୍ୟା-ଶ୍ୱେତଚାମର ପଡ଼େ ରାଣୀ ମନେ ।
ଚକ୍ରବାକ-ପ୍ରେୟସୀର କରୁଣ ନିଃସ୍ୱନ
ଶୁଣି ସୀତା କରୁଥାନ୍ତି ତାଙ୍କୁ ସମ୍ବୋଧନ ।
"ଯାମିନୀ ପାହିଲେ ହେବ ପ୍ରିୟ-ମିଳନ,
ତେବେହେଁ ବିହଙ୍ଗି, ଏତେ କରୁଛ ରୋଦନ ।
ଆମରଣ କାଳ ହୋଇ ପତି-ପରିହୃତା,
ନିଷ୍ଠୁର ପରାଣେ ମୁହିଁ ରହିଛି ଜୀବିତା ।"
ଶିଶିର-ନିଶାରେ ସିକ୍ତ ବଳ୍କଳ-ବସନ
ଶ୍ରୀରାମଙ୍କ ଅଙ୍କ ସତୀ କରନ୍ତି ସ୍ମରଣ ।

Digitized by srujanika@gmail.com

ନବୀନ ବସନ୍ତେ ସବେ "କୁହୁ କୁହୁ" ପିକ
ସେ ସ୍ୱନ ଶୁଣନ୍ତେ ହୁଏ ବିଷାଦ ଅଧିକ ।
ମଳୟ ବହନ୍ତେ ତରୁ ଲତା ପଲ୍ଲବିତ,
ବୋଟିବୁଣେ ସୀତା-ଶୋକ ହୁଏ ଉଚ୍ଛୁଳିତ ।
ଭଲନ୍ତି କହନ୍ତେ ଏ ବସନ୍ତ ଆଗମନ
କମନୀୟ କିଂଶୁକ-କୁସୁମେ କାନନ ।
ମୋ ପ୍ରାଣେ ବସନ୍ତ ବାୟୁ ନ ବହିବ ଆଜ,
ସ୍ୱଳ୍ପିତା ମୋହଠାରେ ଦୁର୍ଭାଗ୍ୟର ଦାଜ !
ଚଳିଲ ବାରିଦମାଳ ବିଧୁକୁ ଅନାଇ
ନିଦାଘକାଳର ନିଶା ଯାଉଥାଏ ପାହି ।
ଭଲନ୍ତି ଗଗନେ ଚାହିଁ ଶ୍ରୀରାମବନିତା—
"ଦୁଃଖେ ସୁଖେ ସିନା ସୃଷ୍ଟି ରହିଛି ପ୍ରଥିତା ।
ନୀରଦପଟଳ କ୍ଷଣେ ଚନ୍ଦ୍ର ଅନ୍ତରନ୍ତି,
ମୁକ୍ତ କରି ପରକ୍ଷଣେ ଦଗନ୍ତେ ଗମନ୍ତି ।
ସୁଖ ପରେ ଦୁଃଖ ପୁଣି ଦୁଃଖ ପରେ ସୁଖ,
ମୁହିଁ ଏକାକିନୀ ଭୁଞ୍ଜିବଇଁ ଚିରଦୁଃଖ ।

ମୋ ଦୁଃଖ-ମେଘର ଆଉ ନୋହିବ ମୋଚନ,
ମୋ ସୁଖ ଚନ୍ଦ୍ରମା ଚିରକାଳ ମେଘାଚ୍ଛନ୍ନ ।
ଦିନ ସନ୍ଧ୍ୟା ନାହିଁ ମୋର ବେଳ ବୁଡ଼ୁ ନାହିଁ !
ଆହା ମୋର ପ୍ରାଣେଶ୍ୱର ରହିଛନ୍ତି କାହିଁ ।
ଦର୍ଶନେ ଦେଖନ୍ତି ମୁଁ ବାରେ ଶ୍ରୀଚରଣ,
ଲଗୁଅନ୍ତୁ ମୋତେ ଯାହା ଅପୂର୍ବ ସ୍ୱପନ ।
ଜାଣିଥାନ୍ତି ଯେବେ ସ୍ୱାମି, ଦାସୀର ଏ ମନ,
ପର କଥାରେ କି ମୋତେ କରନ୍ତି ବର୍ଜନ ?
ପ୍ରଭବନ୍ଧୁ ରକ୍ତେ ମୋର ତୁମ୍ଭର ପ୍ରଣୟ,
କେମନ୍ତେ ଦାସୀକି ପାସୋରିଲ ଦୟାମୟ !"
ଅତି ଦୁଃଖେ ମହାସତୀ କ୍ଷଣେ ଗଲେ ଝାମ,
ଦେଖିଲେ ଅଯୋଧ୍ୟାପୁରେ ରଘୁପତି ରାମ

Digitized by srujanika@gmail.com

ରାମଚନ୍ଦ୍ର ମହାଶୋକେ-ସୀତା ଗୁଣ ଗୁଣି,
ପାଷାଣ ତରଳ ଯିବ ସେ ବିଳାପ ଶୁଣି ।
ବିଷଣ୍ଣ-ଆନନ ଶ୍ରମ ଅବସନ୍ନ-ମନ,
ଝଡ଼ି ଯାଉଛି ରୂପ କ୍ଷୀଣ ଅପଘନ ।
ମୁକୁଟର ମଣି-ଜ୍ୟୋତି ଦିଶୁଛି ମଳିନ,
ଅଯୋଧ୍ୟାର ଶିରୀ ତୁଟି ଦିଶେ ଦୀନହୀନ ।
ତାହା ମୁଖେ ହସ ମନେ ସୁଖ ଆଉ ନାହିଁ,
ଏଡ଼େ ବଡ଼ ପୃଥ୍ୱୀ ସୁଖ ଗଲା ଅହା କାହିଁ !
ସବୁପ୍ ଉଠିଲା ତହିଁ ନିଶା ଶେଷ ଯାମେ
ଦିଅନ୍ତି ବଶିଷ୍ଠ ଋଷି ସାନ୍ତ୍ୱନା ଶ୍ରୀରାମେ ।
“ଶରୀର-ସମ୍ପର୍କ ସିନା ତୁଟିଛି ରାଜନ,
ଆତ୍ମା-ଆତ୍ମା ମଧ୍ୟେ ଅଛି ଅଚ୍ଛେଦ୍ୟ ବନ୍ଧନ ।
ପ୍ରଜା ପାଳି କରୁଅଛ କୀର୍ତ୍ତି ପୁଣ୍ୟାର୍ଜ୍ଜନ,
ଭବିଷ୍ୟତ ରାଜା ସୀତା କରନ୍ତି ପାଳନ ।
କଠୋର କର୍ତ୍ତବ୍ୟ-ଯୋଗେ ମହାରାଜ ବ୍ରତୀ,
କୋମଳ ଭକତି-ଯୋଗେ ରତ ମହାସତୀ ।

ଚେତନ ସମଧର୍ମୀ ଦୁଇ ଯୋଗ ଏକ ମିଳି
କର୍ମଫଳ ସଞ୍ଚୁଅଛ ରାଘବ ମୈଥିଳୀ ।
ସେ ପୁଣ୍ୟମହିମା କେବେଁ ନୋହିବ ମଳିନ,
ଯୁଗ ଯୁଗାନ୍ତର ତାହା ରହିବ ଅକ୍ଷୁଣ୍ଣ ।
ଦେଶ ଦେଶାନ୍ତର ତାହା ହେବ ବିସ୍ତାରିତ,
ସର୍ବଜନ ସର୍ବଦା ହେବ ସର୍ବଥା ବନ୍ଦିତ ।
ସର୍ବଶ୍ରେଷ୍ଠ ସେ ଆଦର୍ଶ ଜାଣି ଏ ଭୁବନେ
ଜୀବନ-ତରଣୀ ଚଳାଇବେ ଧର୍ମ-ଜନେ ।
କୀର୍ତ୍ତିମୟ ଜୀବନ ତ ଏ ସଂସାରେ ସାର
ଶରୀର-ସମ୍ପର୍କ ବଡ଼ ନୁହେ ଦୁନିଆର !”
ଦିନ ପରେ ଦିନ ଯାଏ, ମାସ ପରେ ମାସ,
ବର୍ଷ ପରେ ବର୍ଷ, ନୁହେ ବିଷାଦର ହ୍ରାସ ।

Digitized by srujanika@gmail.com

ଏହିପରି ବାର ବର୍ଷେ ପତିପ୍ରାଣା ସୀତା
ଶିଶିର-ପଦ୍ମିନୀ ପ୍ରାୟେ ହେଲେ ନିମୀଳିତା !
ପାପିଷ୍ଠ ସଂସାର ଧିକ ଧିକ ତୋ ବିଚାରେ,
ବନବାସେ ବୈଦେହୀଙ୍କୁ ଦେଖି ଅପି ଭାରେ ।
କଳଙ୍କିନୀ ନୁହନ୍ତି ରେ ସତୀ ବଇଦେହୀ,
ତାହାର ପ୍ରମାଣ ନିଜେ ଅଚିନ୍ତ୍ର ରେ ସେହି ।

ଅଷ୍ଟମ ସର୍ଗ

ଅଶ୍ୱମେଧ ଯଜ୍ଞ

କାଳକ୍ରମେ ଲବ କୁଶେ ଏକାଦଶ ବର୍ଷେ
ବହୁ ଶାସ୍ତ୍ର ଶିକ୍ଷା ଦେଲେ ଋଷି ମହାହର୍ଷେ ।
ବୟସ ଦ୍ୱାଦଶ ବର୍ଷ ହେଲା ପୁତ୍ରଙ୍କର,
ଦେଖିଣ ବାଲ୍ମୀକି ମୁନି ଶାନ୍ତ-ଅନ୍ତର ।
ଉପଯୁକ୍ତ ଅସ୍ତ୍ରଶସ୍ତ୍ର ଶିକ୍ଷା କ୍ଷତ୍ରିୟର
ତପୋବନେ ରହି ପାରି ନାହାନ୍ତି କୁମର ।

ଅଯୋଧ୍ୟା-ନରେଶ ସୀତା କଲେ ନିର୍ବାସନ,
କରିବେ କି ନାହିଁ ସୀତାପୁତ୍ରଙ୍କୁ ଗ୍ରହଣ ?
କିପରି ଏ ଦୁହିଙ୍କର ଦେବ ପରିଚୟ ?
ଏମନ୍ତ ବିଚାରେ ଋଷି ଚିନ୍ତିତହୃଦୟ ।
ଏ ସମୟେ ଶ୍ରୀରାମଙ୍କ ଘେନି ନିମନ୍ତ୍ରଣ
ଦୂତ ଏକ ଆଶ୍ରମକୁ କଲା ଆଗମନ
ଗୋମତୀତଟରେ ପୁଣ୍ୟ ନୈମିଷ ଅରଣ୍ୟେ
ଅଶ୍ୱମେଧ ଯଜ୍ଞେ ବାଲ୍ମୀକିଙ୍କ ଆମନ୍ତ୍ରଣେ ।
ଆମନ୍ତ୍ରଣ ଘେନି ଋଷି ଅତିଥି ସତ୍କାର
କରିଣ ପୁଚ୍ଛିଲେ ସର୍ବବାର୍ତ୍ତା ଅଯୋଧ୍ୟାର ।
ପଚାରିଲେ ଦୂତେ ଋଷି, "ମହାରାଜ ରାମ
ଏକପତ୍ନୀବ୍ରତ, ପୁଣ୍ୟମନା, ସତ୍ୟକାମ ।

Digitized by srujanika@gmail.com

ପରୀକ୍ଷାନ-ଯଜ୍ଞକାର୍ଯ୍ୟ କହିଛି ଶାସ୍ତ୍ରରେ,
ରାଜା କି ବିବାହ କଲେ ବ୍ରତ ଉଦ୍ଦେଶ୍ୟରେ ?"
କହଇ ସନ୍ଦେଶହର "କୁଳଗୁରୁହିତ
ବହୁ ଅନୁରୋଧ କଲେ ବିବାହ ନିମିତ୍ତ ।
ଅଟଳଚିତ୍ତଙ୍କ ରାମ ନୋହିଲେ ସମ୍ମତ,
ସ୍ୱର୍ଣ୍ଣସ୍ତ୍ରୀ ସୀତା ଗଢ଼ି କଲେ ଯଜ୍ଞବ୍ରତ ।"
ଏ ସମୟେ ଲବ କୁଶ ରାମାୟଣ ଗାଇ
ରାମ ଗୁଣ ଗୁଣି ଆନନ୍ଦିତ ଦୁଇ ଭାଇ ।
ଦୂତଠାରୁ ଶ୍ରୀରାମଙ୍କ ସବୁ ସମାଚାର ।
ଶୁଣି ପ୍ରଶଂସିଲେ ମନେ ତାହାଙ୍କୁ ଅପାର
"ଧନ୍ୟ ଧନ୍ୟ" ବାଣୀ ଭାଷି ଉଭୟ କ୍ରମରେ
ବାଲମ୍ଭେ ମିଳିଲେ ଯାଇଁ ଜନନୀ ପାଶରେ ।
ଅଛିର ଅନ୍ତରେ ସୀତା ପର୍ଣ୍ଣକୁଟୀ ଦ୍ୱାରେ
ଉଭା ହୋଇଛନ୍ତି ପୁତ୍ରଙ୍କର ପ୍ରତୀକ୍ଷାରେ ।
ବ୍ୟାକୁଳା ଶ୍ରୀରାମ-ନାରୀ କିଛି ଁ କ୍ରମରେ
ଚାହୁଁଥିଲେ ନାହିଁ ଅଙ୍ଗ ଯଥାସମୟରେ ।

ଏ ସମୟେ ଲବ କୁଶ ହାସ ପରିହାସେ
ଆନନ୍ଦେ ମିଳିଲେ ଆସି ଜନନୀଙ୍କ ପାଶେ ।
ପୁତ୍ରେ କୋଳେ ଧରି ସୀତା ଦିଅନ୍ତି ଚୁମ୍ବନ,
ସସ୍ନେହେ ବୋଲନ୍ତି ମାତା ଆଦର-ବଚନ ।
"ଦରିଦ୍ରଙ୍କ ଗୋଲ ମୋର ଅନ୍ଧର ଲଉଡ଼ି,
ସ୍ୱବର୍ଣ୍ଣର ଅଣ୍ଟାକୁଥା, ଚମ୍ପାର ଗୁଣ୍ଡୁଡ଼ି,
ଦଙ୍କୁଣୀ-ରତନ ମୋର ମସ୍ତକର ମଣି,
ନୟନପିତୁଳ ତୁମ୍ଭେ ମୋ ଅଙ୍ଗଠା ଖଣି ।
ଏତେବେଳଯାଏ ଅଲି ଥିଲ କେଉଁଠାରେ,
କେତେବେଳୁଁ ବସିଅଛି ତୁମ୍ଭ ପ୍ରତୀକ୍ଷାରେ ।"
କହନ୍ତି ଯାମଳ ଭାଇ "ଶୁଣ ଗୋ ଜନନି,
ରାମାୟଣ-ନାୟକ ଯେ ରାମ ରଘୁମଣି ।

Digitized by srujanika@gmail.com

ପବିତ୍ର ନୈମିଷାରଣ୍ୟେ ଗୋମତୀତଟରେ
କରୁଛନ୍ତି ଅଶ୍ୱମେଧ ମହା ଆଡ଼ମ୍ବରେ ।
ଗୁରୁଙ୍କୁ ଆମନ୍ତ୍ରିଛନ୍ତି ଅଯୋଧ୍ୟା ନୃପତି,
ଶ୍ରୀରାମ ଦର୍ଶନେ ମାତଃ ଇଚ୍ଛା ଯଦି ଅଛି ।”
ପତ୍ନୀହୀନ ହୋଇ ଯଜ୍ଞ ନ କରନ୍ତି କେହି—
ତେବେ ଚନ୍ଦ୍ରାହତା ହେଲେ ସତୀ ବଇଦେହୀ ।
ହେଲେହେଁ ଗହନବନେ ନିର୍ବାସିତା ସତୀ,
ଜାଣନ୍ତି ସ୍ୱାମିଙ୍କ ପ୍ରେମ ଅଛି ତାଙ୍କ ପ୍ରତି ।
ଜନ-ଅପବାଦେ ସିନା ତେଜିଲେ ଶ୍ରୀରାମ,
ତଥାପି ସ୍ମୃତିରୁ ଲିଭି ନାହିଁ ସୀତା-ନାମ ।
ଯଜ୍ଞ କଥା ଶୁଣି ସୀତା ରହିଲେ ନୀରବେ
ରାମ ବିବାହିତ ହେଲେ ଭାଳି ନିଜ ମନେ ।
ଜନନୀଙ୍କୁ ନିରୁତ୍ତର ଦେଖି ବେନି ଭାଇ
କହନ୍ତି, “ଜନନି, କେବେ ନ କର ଗୋ ନାହିଁ
ଶ୍ରୀରାମ ନୃପତି ଅଟ୍ଟା କେଡ଼େ ଗୁଣବାନ !
ଏ ଜଗତେ ନାହିଁ କେହି ତାହାଙ୍କ ସମାନ ।

ପିତୃସତ୍ୟ ପାଳି ରାମ ଗଲେ ଘୋରବନ,
ବନମଧ୍ୟେ କଲେ ବୀର ଦୁର୍ବୃତ୍ତ ଶାସନ ।
ପ୍ରକୃତିରଞ୍ଜନ ପାଇଁ ସ୍ୱପ୍ରାଣ-ପ୍ରେୟସୀ
ଦେଲେ ବନ-ନିର୍ବାସନେ ରଘୁକୁଳଶଶୀ ।
ଇଚ୍ଛା କରିଥିଲେ ତେବେ ରାମ ରଘୁମଣି
ପାରନ୍ତେ ବିବାହ କରି ସହସ୍ର ରମଣୀ ।
କିନ୍ତୁ ନିର୍ବାସିତା-ସୀତା-ସୁବର୍ଣ୍ଣ-ମୂରତି
ଗଢ଼ାଇଣ କରୁଛନ୍ତି ଯଜ୍ଞ ସୀତାପତି ।”
ସୁବର୍ଣ୍ଣ-ବିଗ୍ରହ କଥା ଶୁଣି ସତୀ ସୀତା
ରାମ-ପ୍ରେମ ସ୍ଥିର ଜାଣି ହେଲେ ଆନନ୍ଦିତା ।
ସୌଭାଗ୍ୟ-ଗର୍ବରେ କ୍ଷଣେ ରାଘବପ୍ରେୟସୀ
ବନବାସ କଷ୍ଟରାଶି ବିସୋରିଲେ ହସି ।

Digitized by srujanika@gmail.com

ଏ ସମୟେ ବାଲ୍ମୀକି ସେଠାରେ ମିଳିଲେ,
"କି ଅଛି ଚରନ୍ତି ପିଲା ବୋଲି ପଚାରିଲେ ।
କହନ୍ତି ଉତ୍ତର ଶୁଣି, ରାଜନିମନ୍ତ୍ରଣ
ଆସିଅଛି, ଯଜ୍ଞେ ଅମ୍ଭେ କରିବୁଁ ଗମନ ।
ତବ ମୁଖେ ବସ୍ତ୍ରେ ତହିଁ ଯିବୁଁ ସଙ୍ଗେ ଘେନି ।"
ଜନନୀ ସ୍ୱୀକାରେ ଯଜ୍ଞେ ଗଲେ ସୁତ ବେନି ।
କହିଲେ ବାଲ୍ମୀକି ଋଷି, "ଯଜ୍ଞସ୍ଥାନେ ଯିବ,
ମଧୁରତାନେ ରାମାୟଣ ଗାଇଣ ବୁଲିବ ।
ସିଂହଦ୍ୱାରେ, ଯଥା ତଥା କରିବ ଗାୟନ,
ନୃପତି ଡାକିଲେ ତହିଁ କରିବ ଗମନ ।
କହିଲେ ସମ୍ମୁଖେ ତାଙ୍କ କରିବ ଗାୟନ,
ବିଶେଷରେ ରାମସୀତା-ପ୍ରଣୟ-ବର୍ଣ୍ଣନ ।
ଶୃଙ୍ଖଳା କରିବ ତ୍ୟାଗ, ଲୋଭ ସମ୍ବରଣ,
କରିବ ମହତ୍ତ୍ୱ ନୃପ ପାଶେ ପ୍ରଦର୍ଶନ ।"

ନବମ ସର୍ଗ

ଯଜ୍ଞସଭା

ନୈମିଷ-ଅରଣ୍ୟେ ଅତି ଘୋର କୋଳାହଳ,
ଗହ ଗହ ଚଉଦଗେ ଶୁଭଇ ଚହଳ ।
ଅଶ୍ୱମେଧ କରୁଛନ୍ତି ଚକ୍ରବର୍ତ୍ତୀ ରାମ,
ଦେଶେ ଦେଶେ ପ୍ରଚାରିତ ପୁଣ୍ୟ ରାମନାମ ।
ଏମନ୍ତ ସମୟେ ଆସି କହେ ବାର୍ତ୍ତାହର,
"ଶୁଣିବାକୁ ଆଜ୍ଞା ହେଉ ରାଜରାଜେଶ୍ୱର !
ବାଲ୍ମୀକି ଋଷିଙ୍କ ଶିଷ୍ୟ ଯାମଳ ସୋଦର,
ତରୁଣ ବୟସ ତନୁ ଅପୂର୍ବ ସୁନ୍ଦର ।
ବୀଣା ସଙ୍ଗେ ମିଶାଇଣ ବୀଣାଜିଣା ସ୍ୱନ
କରୁଛନ୍ତି ରାମାୟଣ-ସଙ୍ଗୀତ ଗାୟନ ।

Digitized by srujanika@gmail.com

ଶୁଣିଣ ପାଷାଣ-ମନ ହେଉଅଛି ଚଳିତ,
ଯେତକ ଶୁଣୁଅଛି ସେତକ ହେଉଅଛି ମୋହିତ ।
ବାଲ୍ମୀକିରଚିତ ତବ ଅପୂର୍ବ କୀର୍ତ୍ତି
ଶୁଣିବାକୁ ମହାରାଜ ହେଉ ଅନୁମତି ।"
ତାହା ଶୁଣି ନରେଶ୍ୱର ବରଗିଲେ ହୃତ,
ଅଜ୍ଞା ଦେଲେ "ସଭା ମଧ୍ୟେ ଅଣ ଋଷିସୁତ ।"
ରାଜସମୀପକୁ ଅସି ଗାଇଲେ କୁମରେ
ରାଜ-ଅଜ୍ଞାମତେ ରାମାୟଣ ମଧୁସ୍ୱରେ ।
ଯେଉଁଠାରେ ସୀତା ରାମ ପ୍ରେମର ବର୍ଣ୍ଣନ,
ଗୁରୁ ଅଜ୍ଞା ସ୍ମରି ତାହା କଲେ ସେ ଗାୟନ ।
ଶୁଣି ରାମ ମନେ ମନେ ହୋଇଲେ ବ୍ୟଥିତ;
ଫାଟିଯାଏ ବକ୍ଷ କିବା ଦଗ୍‌ଧ ହୁଏ ଚିତ୍ତ !
ସଭାରେ ବହୁତ ବେଳ ରାମ ରଘୁବୀର
ନ ପାରିଲେ ବସି, ଶୋକେ ହେଲେ ସେ ଅଧୀର ।
ପ୍ରକାଶ୍ୟେ ଜଣାଇ ତୁଷ୍ଟି ଶ୍ରୀରାମ ନରେଶ
ବହୁ ଅର୍ଥ ଦାନେ କଲେ ଲକ୍ଷଣେ ଅଦେଶ ।

ଦାନ-କଥା ଶୁଣି ଶିଷ୍ୟେ କହନ୍ତି ବଚନ,
"ବନେ ଥାଉଁ, ବନଫଳ କରଇ ଭକ୍ଷଣ,
ସୁବର୍ଣ୍ଣ ନେଇଣ କି କରିବୁଁ ଅମ୍ଭେମାନେ,
କାନନେ ରଖିବୁ ତାହା ନେଇ କେଉଁ ସ୍ଥାନେ ?"
ରାମ "ଧନ୍ୟ, ଧନ୍ୟ" ଭାଷି ପର ଦିବସରେ
ସମସ୍ତ ଶୁଣିବେ କହି ଗଲେ ଶଯ୍ୟା-ଘରେ ।
ଝୁରିଲେ ସୀତାଙ୍କୁ ରାମ ଲେଟିଣ ଶଯ୍ୟାରେ,
ଯାମିନୀ ଯାପିଲେ ରାଜା ଶୋକ-ହାହାକାରେ ।
ଋଷିଶିଷ୍ୟ ବେଣୀଠାରେ ତେଜଃ କ୍ଷତ୍ରିୟର,
ସୀତାଙ୍କ ନୟନ ଠାଣି, ଗଠନ ଶରୀର
ଦେଖି ରାମ ଗର୍ଭବତୀ ସୀତାଙ୍କୁ ସ୍ମରଣ
କରି ମନେ କଲେ "ଏ କି ଜାନକୀନନ୍ଦନ ?"

Digitized by srujanika@gmail.com

ପୁଣି ସେ ପାଈନ୍ତ୍ର, ସ୍ୱଚ୍ଛସ୍ରୋତା ନଦୀ ତ୍ୟଜି
କଳ୍ପନା-ମସୀଚିତ୍ରାରେ କିପାଁ ଅଛୁ ମଜ୍ଜି ।
ଅଣାୟ୍ତୀ ସମସ୍ତ ପିନା ମଣେ ଅସ୍ତଗତ,
କଳ୍ପନା-କନକ-ଗଣ୍ଡେ ଶୋଭିଣି ଉପତ ।
ଭ୍ରମନ୍ତି ଶ୍ରୀରାମ ଯେବେ ଋଷି ଶିଷ୍ୟଗଣ
ହୋଇଥିବେ ଜାନକୀଙ୍କ ଯାମଳ ନନ୍ଦନ,
ତପୋବନେ ଥିବେ ଯେବେ ପ୍ରେୟସୀ ଜୀବନେ,
ପ୍ରତିଗ୍ରହ କରିବ ମୁଁ ସମାତା ନନ୍ଦନେ ।
ପୁଣି ବର୍ତ୍ତବନ୍ତ ରାମ ରାଜ୍ୟ-ପ୍ରଜାମାନ
ପ୍ରତିଗ୍ରହେ ନ କଲେ ସେ ସମ୍ମତି ପ୍ରଦାନ,
କପର ପ୍ରିୟାଙ୍କୁ ମୁହିଁ କରିବ ଗ୍ରହଣ,
ବ୍ୟର୍ଥ ହୋଇଯିବ ପିନା ଦୁହିଙ୍କ କଷଣ ।
ଯେଉଁ ଅପଯଶ ଭୟେ ମୁଁ ନିଷ୍ଠୁର ମନେ
ନିର୍ବାସିଲି ପ୍ରେୟସୀଙ୍କୁ ଗହନ କାନନେ,
ସେହି ଅପବାଦ ଯେବେ ଘୋଷିବ ସଂସାର,
କାହିଁକି ସହିଲେ ସୀତା ଯାତନା ଅପାର ?

ନୋହିଲେ ଭରତେ କରି ରାଜ୍ୟ ସମ୍ପ୍ରଦାନ
ବାନପ୍ରସ୍ଥେ ସୀତା ସହ କରିବ ପ୍ରସ୍ଥାନ ।
"ଅସତୀ ଭାର୍ଯ୍ୟାର ପାଇଁ ରାଜ୍ୟ ସିଂହାସନେ
ତ୍ୟଜି ରାମଚନ୍ଦ୍ର ଗଲେ ବନନିବାସନେ ।
ଭାର୍ଯ୍ୟା ପାଇଁ ସ୍ୱକର୍ତ୍ତବ୍ୟ ଏଡ଼ିଲେ ଶ୍ରୀରାମ,"
ଏ କଳଙ୍କେ ହେବ ଚିର ଲେପିତ ମୋ ନାମ ।
ହାୟ ! ରାଜସିଂହାସନେ କି ବିପଦ ଦୁଃଖ,
ଏ ଜଗତେ ନୃପତିର ନାହିଁ ତିଳେ ସୁଖ ।
ଏହିପରି ଭାବୁଁ ଭାବୁଁ ପାହିଲା ରଜନୀ,
ନିତ୍ୟକୃତ୍ୟେ ବ୍ରତୀ ହେଲେ ରାମ ରଘୁମଣି ।

Digitized by srujanika@gmail.com

ଦଶମ ସର୍ଗ

ରାମାୟଣ ଗୀତ

ଅରୋହି ମଣିଚମାଳ ସ୍ୱର୍ଣ୍ଣ-ରତ୍ନରଥେ
ଅବସ୍ଥିଲେ ଦୈନନ୍ଦନ ଯାତ୍ରା ଶୂନ୍ୟପଥେ ।
ଜନସ୍ରୋତ ବହେ ପଥେ ପ୍ରାବୃଟେ ଯେସନ,
ସିନ୍ଧୁମୁଖେ ମହାନଦୀ କରଇ ଧାବନ ।
ଲୋକେ ଲୋକାରଣ୍ୟ ଅଜ ଯଜ୍ଞସଭାସ୍ଥାନ,
ଯଜ୍ଞପୀଠେ ହେବ ଅଜ ରାମାୟଣ ଗାନ ।
ଜନକଳନାଦେ ପୂର୍ଣ୍ଣ ଗୋମତୀର ତୀର,
ମଧୁଚକ୍ରେ ଲୋଷ୍ଟ୍ରପାତ ସମାନ ଅସ୍ଥିର ।
ଲକ୍ଷେ ସେ ଜନସିନ୍ଧୁ ବହିଲ ଉଚ୍ଛ୍ୱାସେ,
ନିଶ୍ୱାସ ନେବାକୁ ଯେବେ କ୍ଷଣକ ସମସ୍ତେ ।
ମେଘାସନ ଗିରି ସମ ଅବିଚଳ ଧୀର,
କୀରକ ମୁକୁଟଶିର ରାମ ରଘୁବୀର,
ହେମସିଂହାସନେ ରାଜା ଉପବିଷ୍ଟ ଯାଇଁ,
ବସିଲେ ଦକ୍ଷିଣପାର୍ଶ୍ୱେ ଅନ୍ୟ ତିନି ଭାଇ ।

ବଶିଷ୍ଠ, କାଶ୍ୟପ, ବାମଦେବ, ସୁମନ୍ତ୍ରାଦି,
ସୁଗ୍ରୀବ, ଅଙ୍ଗଦ, ହନୁ, ବିଭୀଷଣ ଆଦି,
ଅନ୍ୟ ପାର୍ଶ୍ୱେ କୌଶଲ୍ୟାଦି ବୃଦ୍ଧା ରାଣୀଗଣ,
ଊର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତି ବଧୂଜନ;
ଯଥାସ୍ଥାନେ ଅବନ୍ତତଭାବେ ଉପବିଷ୍ଟ,
ସଶିଷ୍ୟ ବାଲ୍ମୀକି ଋଷି ସଭାରେ ପ୍ରବିଷ୍ଟ ।
ସସମ୍ମାନେ ଉଭା ହେଲେ ସର୍ବ ସଭାଜନ,
ବାଲ୍ମୀକି ସଶିଷ୍ୟ କଲେ ଆସନ ଗ୍ରହଣ ।
ଶ୍ରୀରାମଙ୍କ ଅନୁରୋଧେ ବାଲ୍ମୀକି-ଆଦେଶେ
ରାମବେଣୁସୁତ ବେନି ଋଷି-ଶିଷ୍ୟବେଶେ
ମଧୁ ରାମାୟଣ ଗୀତ ମଧୁତାନେ ଗାଇ
ମୋହିଲେ ସକଳେ ଲବ କୁଶ ବେନିଭାଇ ।

Digitized by srujanika@gmail.com

ରାମ-ଲକ୍ଷ୍ମଣାଦି-ଜନ-ବାଲକ୍ରୀଡ଼ା-ଶିକ୍ଷା,
ଯଜ୍ଞରକ୍ଷା ଅର୍ଥେ ବିଶ୍ୱାମିତ୍ର-ରାମଭିକ୍ଷା,
ତାଡ଼କା-ସୁବାହୁ-ବଧ, ଶିବଧନୁର୍ଭଙ୍ଗ,
ସୀତା ଊର୍ମିଳା ଆଦିଙ୍କ ବିବାହ-ପ୍ରସଙ୍ଗ,
ପଥେ ପର୍ଶୁରାମ ଜୟ, ଅଯୋଧ୍ୟାଗମନ,
ରାମାଭିଷେକ-ପ୍ରସ୍ତାବ, କୈକେୟୀ ମନ୍ତ୍ରଣ,
ରାମବନବାସ, ଚିତ୍ରକୂଟଗିରିବାସ,
ସୁମନ୍ତ୍ର-ପ୍ରତ୍ୟାଗମନ, ଦଶରଥ-ନାଶ,
ପଞ୍ଚବଟୀବାସ, ସୂର୍ପଣଖା ଆଗମନ,
ଖର-ଦୂଷଣ-ତ୍ରିଶିର-ରାକ୍ଷସ ନିଧନ,
ସୁବର୍ଣ୍ଣର ମାୟାମୃଗ, ବୈଦେହୀ ହରଣ,
ମିତ୍ରତା ସୁଗ୍ରୀବ ସହ, ବାଳିବିନାଶନ,
ସୀତାଠାବ, ସିନ୍ଧୁପାର, ଲଙ୍କାଗଡ଼ରଣ,
ଜାନକୀ-ଉଦ୍ଧାର-ଅଗ୍ନିପରୀକ୍ଷା-ଗ୍ରହଣ,
ବିଭୀଷଣ-ଅଭିଷେକ, ଅଯୋଧ୍ୟାଗମନ,
ସୀତାସହ ସିଂହାସନେ ରାମ-ଆରୋହଣ,
ପ୍ରଜାଜନ-ଅପବାଦେ ସୀତା ବନବାସ—
ଶୁଣି ରାମ ତ୍ୟାଗ କଲେ ବିଷାଦ-ନିଶ୍ୱାସ !

ଏକାଦଶ ସର୍ଗ

ଲବକୁଶ ପରିଚୟ

ବଧୂ ଦୁଃଖେ ସନ୍ତାପିତା ଶ୍ରୀରାମଜନନୀ,
ଅଧୀର ହୋଇଣ ଶୋକେ ପଡ଼ିଲେ **ଅବନୀ** ।
'ଅହା ସୀତେ !' ବୋଲି ମାତା ହେଲେ **ଅଚେତନ**,
ସୁମିତ୍ରା ଊର୍ମିଳା ଆଦି କଲେ ସଚେତନ ।
କହନ୍ତି ଚେତନା ପାଇ ଦୁଃଖେ ବୃଦ୍ଧା ରାଣୀ,
"ଶ୍ରୀରାମଗଠନ ସୀତାନୟନର ଠାଣି

Digitized by srujanika@gmail.com

ସ୍ୱପ୍ନରୂପେ ଦେଖେଁ ମୁହିଁ ଏ ବେନି ବାଳୁକେ,
ନିଶ୍ଚୟ ଅଟନ୍ତି ସୀତାପୁତ୍ର ବେନି ସୁତେ ।"
ଲକ୍ଷ୍ମଣେ ଉଚ୍ଚାଇ ମାତା କହନ୍ତି ବଚନ,
"ଜଣାଯାଏ ମୋତେ ଏହୁ ଶ୍ରୀରାମନନ୍ଦନ ।"
ନିଜେ ସଜମିନି ଏହା ପାଞ୍ଚିଥିଲେ ମନ,
ବଶିଷ୍ଠ, ଭରତ, ନିଜେ ରାଜା, ଶତ୍ରୁଘ୍ନ ।
ସଭା ଭାଙ୍ଗି ସଜମିନି ଉଭୟ କୁମରେ
ଆଣି ଉଭା କରାଇଲେ କୌଶଲ୍ୟା ପାଶରେ ।
ଅତି ସ୍ନେହେ ରାଣୀ ତାଙ୍କୁ କୋଳେ ବସାଇଲେ,
ନାମ ଧାମ ପିତାମାତା ନାମ ପଚାରିଲେ ।
ଉତ୍ତରିଲେ ବେନି ଭାଇ, "ଜାହ୍ନବୀ-ତଟରେ
ବାଲ୍ମୀକି ଋଷିଙ୍କ ତପୋବନର ଭିତରେ
ଥାଉଁ ଅମ୍ଭେ ବାଲ୍ମୀକିଙ୍କ ଶିଷ୍ୟ ଦୁଇ ଭାଇ,
ଜନନୀ ଜାନକୀ, ଆଉ କିଛି ଜାଣୁ ନାହିଁ ।"
ଜନନୀଙ୍କ ସ୍ୱାସ୍ଥ୍ୟ-କଥା କୌଶଲ୍ୟା ପୁଛନ୍ତେ,
ମୁକ୍ତାନିନ୍ଦୀ ଅଶ୍ରୁବିନ୍ଦୁ ଝରି ନେତ୍ର-ଅନ୍ତେ

କହନ୍ତି, "ଦୁଃଖିନୀ ମାତା ଦିନୁଦିନ କ୍ଷୀଣ
ନୟନୁଁ ତାଙ୍କର ନୀର ଝରେ ଅନୁଦିନ ।"
ବାଲ୍ମୀକି-ଋଷିଙ୍କି ଡାକି ଆଣିଲେ ଲକ୍ଷ୍ମଣ,
ସବିଶେଷ ବିବରଣ ଜାଣିବା କାରଣ ।
ପୁଛନ୍ତେ କହିଲେ ଋଷି, ଗହନକାନନେ
ଦେଖି ତ୍ୟକ୍ତା ଜାନକୀଙ୍କୁ ନିର୍ବାସନ-କ୍ଷଣେ
ପ୍ରବୋଧି ଆଶ୍ରମପଦେ ନେଇ ରଖାଇଲି,
ଋଷିକନ୍ୟା ପେଷି ପରିଚର୍ଯ୍ୟା କରାଇଲି,
ଯଥାକାଳେ ଜାତ ହେଲେ ଯାମଳ ତନୟ,
ଶ୍ରୀରାମ-ତନୁଜ ଲବ କୁଶ ଏ ଉଭୟ ।
ଜାଣନ୍ତି ଏ ବାର୍ତ୍ତା ନିଜେ ବୀର ଶତ୍ରୁଘ୍ନ,
ଲବଣ ଦାନବ ଜପେ ଥିଲେ ତପୋବନ ।"

Digitized by srujanika@gmail.com

ଶୁଣି ଲବ କୁଶେ ମୁନି ବାଲ୍ମୀକିଙ୍କ ମୁଖେ
ନାଶିଲ ନରେଶପ୍ରଶ୍ନ ଅପରୂପ ସୁଖେ ।
କହନ୍ତି ବାଲ୍ମୀକି ଗୁରୁ ଲବ କୁଶେ ଚାହିଁ,
"ନୃପତି-ଶ୍ରୀରାମ-ସୁତ ଅଟ ବେନି ଭାଇ ।
ଯେଉଁ ରାମ ସୀତାଙ୍କର ପୁଣ୍ୟମୟୀ ବାଣୀ
ରାମାୟଣେ ପଢ଼ିଛ ସେ ତବ ପିତା ମାତା ।
ଅଗ୍ରଜବତ୍ସଳ ବୀର ଲକ୍ଷ୍ମଣ ସୁଧୀର,
ତୁଳନା ଯାହାଙ୍କ ନାହିଁ ସାରା ପୃଥିବୀର,
ଏହୁ ସେ ପିତୃବ୍ୟ ତବ ତୁମ୍ଭର ଅଗରେ,
ପଢ଼ିଛ ଯାହାଙ୍କ କଥା ମୋ ରାମାୟଣରେ ।"
ଶୁଣିଣ "ଲକ୍ଷ୍ମଣ" ନାମ ଉଭୟ ବାଳକ
କୌତୂହଳେ ଚାହିଁ ତାଙ୍କ ଆପାଦମସ୍ତକ,
ସାଷ୍ଟାଙ୍ଗେ ପ୍ରଣାମ କଲେ ମହାଭକ୍ତିଭରେ
ପୂର୍ବ କୀର୍ତ୍ତିମାନ ତାଙ୍କ ସ୍ମରଣ ମନରେ ।
ଭରତ ଶତ୍ରୁଘ୍ନ ଆଦି ଖୁଡ଼ୁତାମାନଙ୍କୁ
କୌଶଲ୍ୟା ସୁମିତ୍ରା ଆଦି ମହିଷୀଗଣଙ୍କୁ

ଚିହ୍ନି ଲବ କୁଶ ବେନି ପ୍ରଣାମାଦି କରି
ପଚାରନ୍ତି ମାତାଙ୍କ କଥା କହନ୍ତି ବିବରି ।
କୌଶଲ୍ୟା ଶ୍ରୀରାମେ ଡାକି କହନ୍ତି ବଚନ,
"ଲବ କୁଶ ରାମଚନ୍ଦ୍ର ! ତୋହର ନନ୍ଦନ ।
କହିଲେ ବୈଦେହୀ ପାଶେ ଦୂତ ବରଗିବ,
ଦୁଃଖିନୀ ବଧୂକୁ ମୋର ଫେରାଇ ଆଣିବ ।"
ଶ୍ରୀରାମେ ଦେଖିଣ ମାତା ମଉନ ବଷଣ୍ଣ
ଚଳିଗଲେ ଦୂତ, ଜାଣି ସମ୍ମତି-ଲକ୍ଷଣ ।
ଆଗହୁଁ ଶ୍ରୀରାମ ଚିହ୍ନିଥିଲେ ସ୍ୱସନ୍ତାନେ,
ନ କହି ମଉନ ହେଲେ ମାତା ବଦ୍ୟମାନେ ।
ବାଲ୍ମୀକି ଋଷିଙ୍କି ଡାକି ଶ୍ରୀରାମ ନିର୍ଜନେ
କହନ୍ତେ କୃତଜ୍ଞ "ସାକେତର ସିଂହାସନେ

Digitized by srujanika@gmail.com

ସମର୍ପିଲ୍ ଅଧିକାର ତବ ଶ୍ରୀଚରଣେ;
ତେଣୁ ମୁନି ସଂଶୟ ନାହିଁ ସୀତାଙ୍କୁ ମୋ ମନେ,
ଜନ-ଅପବାଦୁଁ ତାଙ୍କୁ କଲ୍ ନିର୍ବାସନ,
କିପରି କରିବ ଏବେ ତାହାଙ୍କୁ ଗ୍ରହଣ ?
ଯଜ୍ଞସ୍ଥାନେ ବୃନ୍ଦ ହେବେ ଜାଲ୍ ଋଷିଜନ,
ନିମନ୍ତ୍ରିତ ରାଜବୃନ୍ଦ ରାଜ୍ୟ ପ୍ରଜାଗଣ ।
ସର୍ବସମକ୍ଷରେ ଭାଲ୍ ମହର୍ଷି ଆପଣ
ସୀତା-ନିର୍ଦ୍ଦୋଷତା ନିଜେ କରିବେ ଘୋଷଣ ।
ସର୍ବସମ୍ମତରେ ହେଲେ ସୀତାପରିଗ୍ରହ,
ସୂର୍ଯ୍ୟବଂଶ-ପୁଣ୍ୟଯଶ ରହିବ ଅକ୍ଷୟ ।
ନ କଲେ ପ୍ରକୃତିଗଣ ସମ୍ମତି ପ୍ରଦାନ,
ସୀତାଙ୍କୁ ଦେବାକୁ ହେବ ସତୀତ୍ୱ-ପ୍ରମାଣ ।”
“ତଥାସ୍ତୁ” ବୋଲିଣ ଋଷି ଫେରିଲେ ସ୍ୱବାସେ,
ସୁଦଗ୍ଧେ ଶ୍ରୀରାମ ଗଲେ ବିଶ୍ରାମ-ଆବାସେ ।

ଦ୍ୱାଦଶ ସର୍ଗ

ଜାନକୀ-ପ୍ରତ୍ୟାଗମନ

ଦୂତଠାରୁ ଯଜ୍ଞ-ସଭା ସର୍ବ ବିବରଣ,
ସ୍ୱାମୀ ଅନୁମତ ଶ୍ୱଶ୍ରୂ-ଅନୁଜ୍ଞା-ବଚନ
ଶୁଣି ସୀତା ମନେ କଲେ ଶ୍ରୀରାମ ଗ୍ରହଣ
କରିବେ, ନୋହିଲେ କପାଁ ଦୂତଙ୍କୁ ପ୍ରେରଣ
କରନ୍ତେ କୌଶଲ୍ୟା ? ଭାବି ଏହା ସୀତା ସତୀ
ଯାନେ ଚଢ଼ି ଅସୁଁ ଚିତ୍ତ ଆନ୍ଦୋଳିତ ଅତି ।
“ଏତେ ଦିନେ ବିଧି ପୁଣି ହେଲେ ଅନୁକୂଳ
ଗୃହକୁ ଦେଖିବ ଅଙ୍କ ବାରିଦ ବଦନ !
ସତେ କି ଏ ଦାସୀ ପୁଣି ପ୍ରାଣେଶ-ଚରଣ
ଧରି ଅଶ୍ରୁମାନେ ଦୁଃଖେ କରିବ କ୍ଷାଳନ !”

Digitized by srujanika@gmail.com

କଳ୍ପନାନୟନେ ସୀତା ଦେଖନ୍ତି ପ୍ରାଣେଶେ
ଲବ କୁଶେ ବସାଇ ଯେ ଛନ୍ତି ଅଙ୍କଦେଶେ ।
ତଥାଇ ସୁବର୍ଣ୍ଣସୀତା ଯଜ୍ଞାର୍ଥୀ ନରେଶ
ସୀତାଙ୍କୁ ବସାଇଛନ୍ତି ନିଜ ବାମଦେଶ ।
ଅନ୍ତଃପୁରେ ରାମଚନ୍ଦ୍ର ସୀତାହସ୍ତ ଧରି
ସ୍ୱୀକାର କରନ୍ତି ଦୋଷ କ୍ଷମା ଭିକ୍ଷା କରି ।
ଅଭିମାନେ ସୀତା ତାଙ୍କୁ କଥା ନ କହନ୍ତି—
ଯାନ ଅସି ପ୍ରବେଶିଲା ଯଜ୍ଞସ୍ଥାନ କତି ।
ପଶ୍ଚିମାଶା-ଅଙ୍କେ ବହୁକ୍ଷଣୁଁ ଅଂଶୁମାଳୀ
ଯାଇଥିଲେ କ୍ଷୋଭେ ଦୁଃଖେ ରକ୍ତକର ଢାଳି,
ବାଲ୍ମୀକି-ଋଷିଙ୍କ ପାଇଁ ଯେ ବାସମନ୍ଦିର
ନିର୍ଦ୍ଦିଷ୍ଟ ହୋଇଣ ଥିଲା ଗୋମତୀର ତୀର,
ବେଳମୁକ୍ତ ବେନି ତହିଁ ଶ୍ରୀରାମଗୃହିଣୀ
ବାଲ୍ମୀକି-ଆଦେଶମତେ ଯାପିଲେ ଯାମିନୀ ।
କହିଲେ ବାଲ୍ମୀକି "ରଜା ପ୍ରକୃତି-ରଞ୍ଜନ
ଜନ-ଅପବାଦେ କଲେ ତବ ନିର୍ବାସନ ।

ନୋହିଲେ ତାହାଙ୍କ ମନୁଁ ପୂର୍ବର ପ୍ରଣୟ
ତୁମ୍ଭଠାରୁ ତିଳେମାତ୍ର ଲଭି ନାହିଁ କ୍ଷୟ ।
ସର୍ବସମକ୍ଷରେ କାଲି ଶ୍ରୀରଘୁନନ୍ଦନ
ଯଜ୍ଞପୀଠେ ରାଣୀରୂପେ କରିବେ ଗ୍ରହଣ ।"
ପ୍ରଜା କେହି ନ ହୋଇବେ କେବେଁ ଅସମ୍ମତ,
ଭବ ଋଷି ନ କହିଲେ ପରୀକ୍ଷା-ବୃତ୍ତାନ୍ତ ।
ଲବ କୁଶଠାରୁ ସବେ ପରିଚୟ-ବାଣୀ
ଶୁଣି ସେହି ନିଶା ପୁହାଇଲେ ରାମରାଣୀ ।

Digitized by srujanika@gmail.com

ତ୍ରୟୋଦଶ ସର୍ଗ

ବୈଦେହୀ-ବିୟୋଗ

(ରାଗ ରସକୁଲ୍ୟା)

ଅଯୋଧ୍ୟାର ରାଣୀ ଜନକତନୟା
ସତୀ-ସମାଜରେ ସଂସାରେ ଧନ୍ୟା
ଅପବାଦୁଁ ରାମ ଦାରୁଣ ମନେ
ନିର୍ବାସିଣ ଥିଲେ ଗହନବନେ
   ବହୁ ଦୀର୍ଘ ବନବାସେ
ଆଜି ଶୁଦ୍ଧଶୀଳା ଆସୁଛନ୍ତି ଫେରି
   ପୁଣି ପ୍ରାଣକାନ୍ତ ପାଶେ । ୧ ।

ରଟିଲା ଏ ନବବାର୍ତ୍ତା ବହନେ
ଘୋର କୋଳାହଳ ନୈମିଷାରଣ୍ୟେ
ପୁଣ୍ୟ ଯଜ୍ଞପୀଠେ ଗୋମତୀ-ତୀରେ
ଆସୁଛନ୍ତି ସତୀ ବିଷାଦେ ଧୀରେ
   ଦର ଅଶ୍ରୁବାରି ଧାର
ବହୁଯାଇଁ ପଦ୍ମପଲାଶନୟନୁ
   ବକ୍ଷେ ପଡ଼େ ଝର ଝର । ୨ ।

ସ୍ୱର୍ଣ୍ଣ ସିଂହାସନେ ରଘୁନନ୍ଦନ
ପାଶେ ଭରତ ଶତ୍ରୁଘ୍ନ ଲକ୍ଷ୍ମଣ,
ଏକ ପାର୍ଶ୍ୱେ ବିଜେ ନୃପତିଗଣ,
ନିମନ୍ତ୍ରିତ ସର୍ବ ଋଷି ବ୍ରାହ୍ମଣ,
ଅନ୍ୟ ପାର୍ଶ୍ୱେ ରାଣୀଗଣ,
ସମ୍ମୁଖରେ ଭବ୍ୟ ପୁରପ୍ରଜାଗଣ,
   ସଭା ଲୋକେ ଲୋକାରଣ୍ୟ । ୩ ।

Digitized by srujanika@gmail.com

ସମସ୍ତେ ସନ୍ତ୍ରସ୍ତ ସମସ୍ତେ ତୂଷ୍ଣୀ,
ଜାନକୀ ସଙ୍ଗତେ ବାଲ୍ମୀକି ମୁନି,
ସଙ୍ଗେ ଛନ୍ତି ଲବ କୁଶ କୁମରେ,
ଚକିତେ ପ୍ରବିଷ୍ଟ ସଭା ମଧ୍ୟରେ,
ଠିଆ ହେଲେ ସର୍ବଜନ
ବିଷାଦପ୍ରତିମା ପ୍ରିୟାଙ୍କୁ ଅନାଇ
ଶ୍ରୀରାମ ବିକଳ ମନ । ୪ ।

କ୍ଷୀଣ-ଚନ୍ଦ୍ରକଳା ସମା ସୁଦୀନା
ଅଧୋଦୃଷ୍ଟି ସତୀ ଔତ୍କଣ୍ଠ୍ୟହୀନା,
ସ୍ୱର୍ଣ୍ଣା ପୁନେ ପାଇଁ ଅଯୋଧ୍ୟାପତି
ଭ୍ରାତା ଗହଣରେ ପ୍ରଣମ୍ୟ ଯତି
ବଶିଷ୍ଠ ପୂତବଚନେ
ଲବ କୁଶ ପରିଚୟ ପ୍ରଦାନେଣ
ଯାଚିଲେ ସୀତା ଗ୍ରହଣେ । ୫ ।

ବୋଲନ୍ତି ବାଲ୍ମୀକି ଗମ୍ଭୀର ସ୍ୱରେ,
"ଅବଧାନ କର ସମ୍ଭ୍ରାନ୍ତ ନରେ,
ପବିତ୍ରହୃଦୟା ବୈଦେହୀ ସତୀ,
ଅକୁଣ୍ଠିତେ ସର୍ବେ ଦିଅ ସମ୍ମତି,
ସତୀଙ୍କୁ ରଘୁନନ୍ଦନ,
କର ପ୍ରତିଗ୍ରହ ରାଜ-ପରିବାର
ଦୁଃଖ କରନ୍ତୁ ମୋଚନ" । ୬ ।

ଏକକଣ୍ଠେ ଋଷି ରାଜମଣ୍ଡଳୀ,
ଉଭା ହୋଇ କର ବଦ୍ଧଅଞ୍ଜଳି
ସମ୍ମତି ଜଣାଇଁ, ରଘୁନନ୍ଦନ
ଜନତାରେ ନିବେଶିଲେ ନୟନ,
ନିଷ୍କମ୍ପ ନୀରବ ପ୍ରାୟେ
ମଉନେ ରହିଲ ବିଶାଳ ଜନତା,
ଅକୁଳ ଅଯୋଧ୍ୟା-ହ୍ରଦୟେ । ୭ ।

Digitized by srujanika@gmail.com

ବାଲ୍ମୀକି-ଆନନେ ସୀତାରମଣ
ଅନାନ୍ତି, ସନ୍ତୁଷ୍ଟ ହେଲି ନୟନ ।
ସାଗ୍ରହଚିତ୍ତରେ ସତୀ ବୈଦେହୀ
ପତିଗ୍ରହ ଆଶେ ଥିଲେକ ରହି,
  ଦେଖୁଁ ପ୍ରଜା-ଅସମ୍ମତି
ଶତବଜ୍ର ଅବା ପଡ଼ିଲା ମସ୍ତକେ
  ମୃତକଳ୍ପା ହୁଣା ସତୀ । ୮ ।

ସୀତା ପତିଗ୍ରହ ପ୍ରକୃତିଗଣ
କେବେହେଁ କରିବେ ନାହିଁ ବାରଣ,
ଏହି ପ୍ରତୀତରେ ବାଲ୍ମୀକି ରହି
ପରୀକ୍ଷାବୃତ୍ତାନ୍ତ ନ ଥିଲେ କହି,
  ସୀତାଙ୍କୁ ଏ ତ୍ରିଭୁବନ
ଶୂନ୍ୟ ଦେଖାଗଲା କି କରିବେ କାହିଁ
  ଯିବେ ? ବିକଳ ଜୀବନ । ୯ ।

ସୀତାଙ୍କୁ ବାଲ୍ମୀକି ଗୃହେଁ କହନ୍ତି
"ତୁମ୍ଭଙ୍କୁ ନୃପତି ଜାଣନ୍ତି ସତୀ
ପୁରପ୍ରଜାଗଣ ଠୂଳ ଏ ସ୍ଥାନେ
କୁଣ୍ଠିତ ସେମାନେ ସମ୍ମତିଦାନେ,
  ଦଅ ଏମନ୍ତ ପରୀକ୍ଷା,
ରାଜ୍ୟବାସୀ ମନୁଁ ତୁଟୁ ଦୁଃଶଙ୍କ
  ଶ୍ରୀରାମଙ୍କ ଏହି ଭିକ୍ଷା । ୧୦ ।

ପୁଣ୍ୟର ପ୍ରତିମା ବୈଦେହୀ ସତୀ
ଘୋର ଲଜ୍ଜା ଦୁଃଖେ ବିଷଣ୍ଣା ଅତି,
ସର୍ବସମକ୍ଷରେ ଏହି ପ୍ରକାରେ
ପରୀକ୍ଷିତା ହୋଇଥିଲେ ଲଙ୍କାରେ ।
  ସ୍ମରି ପୂର୍ବ ଦୁଃଖମାନ
ମନ୍ଥି ହୋଇଗଲା ସତୀଙ୍କ ପରାଣ
  କପୋଳ ଦିଶିଲା ମ୍ଳାନ । ୧୧ ।

Digitized by srujanika@gmail.com

ଦୀର୍ଘବନବାସେ ଦୁଃଖିନୀ ସତୀ
ହୋଇଥିଲେ କ୍ଷୀଣା ବିଷଣ୍ଣା ଅତି,
ଅନୁକ୍ଷଣ ଦେବୀ ସ୍ୱପ୍ରତିଗ୍ରହ
ରୁନ୍ଧି ରହିଥିଲେ ଅଗ୍ରହ ସହ,
ସମିଧେ ବହ୍ନି ଯେସନ
ଅପମାନେ ସତୀ ବ୍ୟଥିତ ପରାଣ
ଜଡ଼ଥାନେ ହେଲ ଉଚ୍ଛନ୍ନ । ୧୨ ।

ସହିଷ୍ଣୁତା ମୂର୍ତ୍ତି ବିଦେହସୁତା
ନ କହିଲେ କଥା ଦୁଃଖାଭିଭୂତା,
କିନ୍ତୁ କୋଟି ଗୁଣ ପ୍ରଗଲ୍‌ଭ ଗିର
ପ୍ରକାଶିତ କଲା ନୟନନୀର,
ବିଷାଦପ୍ରତିମା ସତୀ
ନିରେଖି ସେ ରୂପ ଟଳିବ କୁଳିଶ
କାରୁଣ୍ୟ କି ମୂର୍ତ୍ତିମତୀ ! ୧୩ ।

ଋଷିଶିଷ୍ୟାର୍ପିତ ଜାହ୍ନବୀ-ନୀରେ
ଆଚମନ କରି କହନ୍ତି ଧୀରେ
"କାୟମନୋବାକ୍ୟେ ସ୍ୱାମୀଙ୍କୁ ଯେବେ
ଅଚିନ୍ତମି ନାହିଁ ଜୀବନେ କେବେ
ପତିପଦେ ଯେବେ ପ୍ରାଣ
ସମର୍ପି ଥିବି ମୁଁ ଏକାନ୍ତ ଚିତ୍ତରେ
ଦିଅ ମା ଧରଣି ! ସ୍ଥାନ । ୧୪ ।

ଚିରଦୁଃଖିନୀ ମୁଁ ହେ ପ୍ରାଣସାଇଁ,
ଲଲାଟେ ମୋ ସୁଖ ଲିଖିତ ନାହିଁ,
ବହୁ ହୀନମାନ ସୀତା ପରାଣ
ଅଦୃଶ୍ୟେ ଅଛି ସେ କରୁ ପ୍ରୟାଣ,
ଚିରଦୁଃଖିନୀ ହେ ପ୍ରଭୁ
ତୁମ୍ଭରି କୃପାରେ ଜନ୍ମଜନ୍ମାନ୍ତରେ
ତୁମ୍ଭ ଶ୍ରୀଚରଣ ଲଭୁ" । ୧୫ ।

Digitized by srujanika@gmail.com

କଟାକ୍ଷେ ବର୍ଦ୍ଧିଣ୍ଡ ଅବନୀତଳ,
ନିର୍ଗମିଲ ତହୁଁ ପ୍ରଭାମଣ୍ଡଳ,
ପ୍ରଭାପୂର ମଧ୍ୟେ ଦିବ୍ୟ ବିମାନ,
ପୃଥ୍ୱୀଦେବୀ ତହିଁ ବିରାଜମାନ,
ସ୍ନେହେ କଲେ ଆଲିଙ୍ଗନ,
ପତିପ୍ରାଣା ସୀତା ନିବେଶିଲେ ପ୍ରେମେ
ସ୍ୱାମୀ ଶ୍ରୀମୁଖେ ନୟନ । ୧୬ ।
ପତିହୃଦ-ଜ୍ୟୋତ୍ସ୍ନା ରାମରମଣୀ
ସତୀସମାଜର ମୁକୁଟମଣି
ନୀରଦେ ଯେସନେ ମିଶେ ଚଞ୍ଚଳା,
ଦଶିଲେ ତେସନେ ମହୀ-କମଳା;
ରାମ ବଜ୍ରାହତ ପ୍ରାୟେ
"ହା ହା ସୀତା" ବୋଲି ଧରଣୀତଳରେ
ପଡ଼ି ମୋହ ଗଲେ ରାୟେ । ୧୭ ।
ଚୈତନ୍ୟ ଲଭିଣ ଅଯୋଧ୍ୟାରାଣ
ଧରଣ ଙ୍କରମ୍ଭେ ସ୍ୱଧନୁବାଣ
ପ୍ରଳୟ କରାଳ ରୂପେ ଗର୍ଜ୍ଜନ
କରନ୍ତି କମ୍ପେ ଚତୁର୍ଦ୍ଦଶ ଭୁବନ ।
ତ୍ରିକାଳଜ୍ଞ ପୁରୋହିତ
"ଦୈବ-ଦୁର୍ଘଟନା ଦୁର୍ନିବାର" ଅସ୍ତ୍ର—
ବାକ୍ୟେ କଲେ ଶାନ୍ତ ଚିତ୍ତ । ୧୮ ।

ଚତୁର୍ଦ୍ଦଶ ସର୍ଗ

ଶ୍ରୀରାମଙ୍କ ଅନ୍ତିମ ଜୀବନ

ଦିନ-ଶ୍ରମ-ଅନ୍ତେ ଆସି ଶ୍ରୀରାମରାଜନ
ବିଶ୍ରାମ-ଭବନେ ଏକା କରନ୍ତି ଶୟନ ।
ନାନାରତ୍ନେ ଖଚିତ ସେ ଅତୁଲ୍ୟ ଭବନ,
ଲଜ୍ଜା ପାଏ ତାହା ପାଟଣ ସତାର ଗଗନ ।

Digitized by srujanika@gmail.com

ଜଳଇ ସେ ଗୃହେ ଶତ ରତ୍ନଦୀପାବଳୀ
ପୂର୍ଣ୍ଣିମା-ଗଗନ ସମ ସେ ପୁରେ ଉଜଳି ।
ଶିରୋପର ଅଛୁ ଉଭା ସୁବର୍ଣ୍ଣମୟୀ ସୀତା
ଯେଉଁ ଦିନୁଁ ଦୁଃଖେ ସତୀ ହେଲେ ଅନ୍ତର୍ହିତା ।
ଏସନ ଶୟନ-ଗୃହେ ଅଯୋଧ୍ୟାରାଜନ
ଅର୍ଦ୍ଧଶୂନ୍ୟ ଶଯ୍ୟା ପରେ କରନ୍ତି ଶୟନ ।
ଘୋର ଅରଣ୍ୟରେ ସତୀ ବୈଦେହୀ ସଙ୍ଗରେ
ତାପସ ବେଶରେ କ୍ଷୁଦ୍ର ପର୍ଣ୍ଣକୁଟୀରରେ
କାଟୁଥିଲେ କାଳ ଯେଉଁ ରାମ ରାଜା ସମ
ମଣନ୍ତି ଅଯୋଧ୍ୟା ଏବେ ଅରଣ୍ୟ ବିଷମ ।
ସୁବର୍ଣ୍ଣ-ସୀତାକୁ ଚାହିଁ ଶ୍ରୀରାମ ଅଧୀର
ଭାଳନ୍ତି ନରେଶ, ନେତ୍ରୁ ବହିଯାଏ ନୀର ।
କେଣେ ଛାଡ଼ି ଗଲ ମୋତେ ମୋ ହୃଦୟେଶ୍ୱରି,
କି ସୁଖ ରହିଲା ଆଜ ଜୀବନେ ମୋହର !
ବିଶ୍ରମ୍ଭ-ଅଳାପ-ବେଳେ କହିଥିଲ ସତ,
ଶିବଧନୁ ଯେବେ ମୁହିଁ ଭାଙ୍ଗି ନ ପାରନ୍ତି,

ଚିରତପସ୍ୱିନୀ ହୋଇ କାଟନ୍ତି ଜୀବନ,
ଅବା ମୋତେ ଝୁରି ଝୁରି ଭଜନ୍ତି ମରଣ ।
ଯାହାପାଇଁ ଧନୁପଣ ନିନ୍ଦା କରିଥିଲ,
ସେ ରାମକୁ କେଉଁ ପ୍ରାଣେ ପ୍ରେୟସି ତେଜିଲ ?
ହେଉଥିଲ ଲବେମାତ୍ର ବିଚ୍ଛେଦେ ବ୍ୟଥିତା,
କେମନ୍ତେ ଏତେ ଅନ୍ତର କରି ଦେଲ ସୀତା ?
କେଉଁ ହୃଦଦେଶେ ଯାଇଁ କଲ ସୁଖଧାମ ?
ଦେଖ ବାରେ କି ଯାତନା ଭୋଗେ ଦୁଃଖୀ ରାମ ।
ବନବାସେ ହେବ ବୋଲି କହିଁଥ କଷଣ,
ସେବା ପାଇଁ କଲ ସଙ୍ଗେ ଅରଣ୍ୟେ ଗମନ ।
ଦାରୁଣ ଯାତନା ଆଜି ରାମପ୍ରାଣେ ଜାଳେ,
ଦାସପ୍ରତି ନ ଅନାଅ କିପାଁ ଦେବି ତାଳେ ?

Digitized by srujanika@gmail.com

ଗୋଦାବରୀ-ତଟ-ବନେ ଗୃହିଣୀ ସ୍ୱଜରେ
ଚଳି ମୋ ଅଙ୍କରେ ପ୍ରିୟେ କହୁଥିଲ ଥରେ
ଘଡ଼ିକ ଅନ୍ତର ମୋର ନ ହୁଅଇ ସହ୍ୟ,
କେଉଁ ହୃଦଦେଶେ ଅଛି ଅଛ ପାଇଁ ବହ୍ୟ ?
ଜାନକୀ ସଙ୍ଗତେ ତ୍ୟଜି ରାଜ୍ୟ ସିଂହାସନ
ଗହନକାନନେ କିପାଁ ନ କଲ ଗମନ ?
କିପାଁ ଧର୍ମେ ସାକ୍ଷୀ କରି ନେଲ ରାଜ୍ୟଭାର,
ଅର୍ପିଲ ପ୍ରଜାଙ୍କୁ କିପାଁ ଅପ୍ରୂପରବାର ?
କି କଠିନ ରାଜକାର୍ଯ୍ୟ ଦୁଃସାଧ୍ୟ ବ୍ୟାପାର,
କି ନିର୍ମମ ନିଦାରୁଣ ଲୋକବ୍ୟବହାର !
ସ୍ୱୀରକମୂଳୁଠ ସହ ଦୁଃସହ କଷଣ
ଅସ ସିଂହାସନପ୍ରାର୍ଥୀ, କର ମୋ ବହନ !
ରାଜ୍ୟ ପାଇଁ ସ୍ନେହ, ପ୍ରେମ, ମମତା ବିସର୍ଜି
ଅଗାଧ ସନ୍ତାପନୀରେ ଅଛୁ ମୁହିଁ ମଜ୍ଜି ।
ଭବିଷ୍ୟକାଳକୁ ଲୋକେ "ଶ୍ରୀରାମ ନୃଶଂସ"
ବୋଲିଣ ରଟିବେ ମୋ ଘୋର ଅପଯଶ ।

ଅଶ୍ୱମେଧଯଜ୍ଞ କଲ ନୈମିଷ-ଅରଣ୍ୟେ,
ଗୋମତୀତଟରେ ଆମନ୍ତ୍ରିଣ ଋଷିଜନେ ।
ବାଲ୍ମୀକି ସଙ୍ଗତେ ଦେଖି ତବ ବେନି ସୁତ
ଚିତ୍ତଗ୍ରହ-ଅଣେ ତବ ବରଗିଲ ହୃତ ।
ରମଣୀ ମାନିନୀ ଏହା ଖ୍ୟାତ ଏ ଭୁବନ
ଫେରିଲ ଜାନକୀ ପାଲି ମୋ ଅଙ୍କ-ବଚନ ।
ସୁବର୍ଣ୍ଣ ଜିଣିଣ କାନ୍ତି ତରୁଣ ମୂରତି,
ଦ୍ୱାଦଶ ବରଷ ଶୋକେ କ୍ଷୀଣମ୍ଳାନ ଅତି
ଲାବଣ୍ୟ ପ୍ରତିମା ଅହା ମୋ ବରତ୍ତେ କ୍ଷୀଣ,
ଦେଖି ଏ ପାଷାଣବକ୍ଷ ନୋହିଲା ବିଦୀର୍ଣ୍ଣ !
ଜାଣି ତ ନ ଥିଲ ଦୀର୍ଘକାଳ ପରେ ଅଣି
ଚଣ୍ଡାଳ ପରୀକ୍ଷେ ପୁଣି ଅଜବକା ରାଣୀ,

Digitized by srujanika@gmail.com

ଦୁଃଖ ଶୋକେ ସୁକୁମାର ଥିଲ ମ୍ରିୟମାଣ,
ଯଜ୍ଞସଭା-ଅପମାନେ ଜଡ଼ିଗଲା ପ୍ରାଣ ।
ଥରେ ଭଲ କହିଥାନ୍ତ ଅନ୍ତରର ବ୍ୟଥା,
ନ କହି ଥାଆନ୍ତି ହେଲେ ପରୀକ୍ଷାର କଥା ।
ଶରଅପରାଧୀ କଲି କେତେ କେତେ ଦୋଷ,
କେବେ ସତୀ-ଶିରୋମଣି ନ ବହିଲ ରୋଷ !
ଭୁଲିଥିଲି ପ୍ରଜାଗଣ ନ ଦେଲେ ସମ୍ମତି
ତବ ପ୍ରତିଗ୍ରହେ, କରି ଭରତେ ନୃପତି,
ତବ ସଙ୍ଗେ ବାନପ୍ରସ୍ଥେ ଗହନ କାନନେ
ବିଜନେ କାଟିବି ମୋର ଉତ୍ତର ଜୀବନେ ।
ଏ କଥା ସମୟେ ମୁହିଁ କିପାଁ ନ କହିଲି,
ପ୍ରାଣପ୍ରିୟା ସୀତାଙ୍କୁ ଯେ ହରାଇ ବସିଲି !
ସରଳା ଜନକସୁତା ସତୀଶିରୋମଣି,
ହୋଇଥାନ୍ତ ଗୃହଲକ୍ଷ୍ମୀ ନରେଶଘରଣୀ ।
ନୃଶଂସ ଶ୍ରୀରାମ ହରି ତବ ରାଜ୍ୟସୁଖ
ପରାଣେ ମାରିଲା ଦେଇ ଦୁର୍ବିଷହ ଦୁଃଖ !

ନାରୀହତ୍ୟା-ଭାର୍ଯ୍ୟାହତ୍ୟା-ସତୀହତ୍ୟା-ପାପ,
ଦଂଶନ କରନ୍ତି ମୋତେ ଯେସନ୍ତେ କାଳସାପ ।
ଯେ ପାଷଣ୍ଡ ତବ ପ୍ରାଣେ ଦେଲା ଏ କଷଣ,
ନିଜ ହସ୍ତେ କର ତାକୁ ନରକେ କ୍ଷେପଣ,
ସେ ନରକେ ଯାଉ ରାମ ସଡ଼ି ଅବା ଜଳି,
ନରକଦଣ୍ଡରୁ ଓହୋ ! ଏ ଯନ୍ତ୍ରଣା ବଳି !
ଫାଟିଯାଅ ହୃଦୟ ରେ ଯାଉ ଏ ଜୀବନ,
ନ ସହି ପାରିବି ଏ ଯେ ଅସହ୍ୟ କଷଣ !
ବିଳାପି ବିଳାପି ରାମ ହେଲେ ଅବସନ୍ନ,
ନିଦ୍ରାରେ ଦେଖନ୍ତି ରାଜା ମଧୁର ସ୍ୱପନ ।
ମସ୍ତକେ ସିନ୍ଦୂର, ଅଙ୍ଗେ କୁଙ୍କୁମ ଲେପିତ,
ଚରଣେ ଅଳକ୍ତ, ସୀତା କବରୀ ଲମ୍ବିତ ।

Digitized by srujanika@gmail.com

କହନ୍ତି ଶ୍ରୀରାମେ ଅତି ମଧୁର ବଚନ,
ଅପୂର୍ବ ଅମୃତ ସିକ୍ତ କର୍ଣ୍ଣରସାୟନ—
"ଯେ ଶାଶ୍ୱତ କ୍ଷେତ୍ରେ ଅମ୍ଭ ଦୁହିଙ୍କ ମିଳନ,
କିଏ କରିପାରେ ସଖା ଛିନ୍ନ ସେ ବନ୍ଧନ ?
ମୁଁ କି ଜାଣେ ନାହିଁ ପ୍ରଭୁ ସେ ମହତ ପ୍ରାଣ ?
ସେ ପୂତ ଚରଣ ରେଣୁ କରେଁ ଅନୁଧ୍ୟାନ ।
ବୀର ଶୂର ଶୁଦ୍ଧଚେତା ଅଟନ୍ତି ଯେ ପତି
ତାହାଙ୍କୁ ଅନ୍ତରୁ ସଦା କରେ ସତୀ-ମତି ।
ବିଳାସୀ ଦୁର୍ବଳଚେତା ଅଟେ ଯେଉଁ ବ୍ୟକ୍ତି
ପାଇ ପାରେ ବିଳାସିନୀ କାମିନୀ-ଅଶକ୍ତି ।
କିନ୍ତୁ ସତୀ ସାଧ୍ୱୀଙ୍କର ଅନ୍ତର ଅକାଙ୍କ୍ଷା
ସାତ୍ତ୍ୱିକ ବୀରଙ୍କ ପଦେ ଆଶ୍ରା କରେ ଭିକ୍ଷା ।
ଶରୀର ସମ୍ପର୍କ ବିନା ତୁଟିଲା ହେ ପ୍ରଭୁ !
ତୁମ୍ଭେ ମୋତେ ଦେଇଅଛ ଅନ୍ତର୍ଯ୍ୟାମୀ ସବୁ ।
ବିଶାଳ ହୃଦୟ ତବ ଅଟେ ସୀତାମୟ,
ଏହାଠାରୁ ବଳି ନାଥ ସୁଖ କାହିଁ କହ !

ନୁହେଁ ମୁଁ ସାମାନ୍ୟ ନାରୀ ଅବା ବିଳାସିନୀ,
ଯୁଗେ ଯୁଗେ ତୁମ୍ଭେ ତପୀ ମୁଁ ସହଧର୍ମିଣୀ ।
ମୋ ମାନସକ୍ଷେତ୍ରେ ଯେଉଁ ଆଦର୍ଶ ଉଦୟ,
ତବ କର୍ମକ୍ଷେତ୍ରେ ପ୍ରଭୁ ତାର ଅଭିନୟ ।
ପ୍ରକୃତିପୁଞ୍ଜଙ୍କୁ ପ୍ରଭୁ କରିଣ ବଞ୍ଚନା
କରିଥାନ୍ତି ସ୍ୱାମୀ ଯେବେ ନାରୀ-ଆରାଧନା
ସୀତା ଅନ୍ତରାତ୍ମା ତହିଁ ନ ଲଭନ୍ତା ଶାନ୍ତି
ଘୋର ଯୁଗେ ଧରାଜନେ ଭଜି ଥାନ୍ତେ ଭ୍ରାନ୍ତି ।
ଦେଖାଇଣ ସ୍ତ୍ରୈଣ ଜଣେ ଆତ୍ମର ଦୃଷ୍ଟାନ୍ତ
କର୍ତ୍ତବ୍ୟବିଭ୍ରଷ୍ଟ ହୋଇ ହୋଇଯାଆନ୍ତେ ଭ୍ରାନ୍ତ ।
ତୀବ୍ର ତପ କରି ପ୍ରଭୁ ଅହେ ସୀତାପତି !
"ରାମ ରାଜ୍ୟ" ସ୍ଥାପିଅଛ, କଲ୍ୟାଣମେ ଯତି ।

Digitized by srujanika@gmail.com

କହନ୍ତି ରାଘବେ ଅତି ମଧୁର ବଚନ,
ଅପୂର୍ବ ଅମୃତ ସିକ୍ତ କର୍ଣ୍ଣରସାୟନ—
"ଯେ ଶାଶ୍ୱତ କ୍ଷେତ୍ରେ ଅମ୍ଭ ଦୁହିଙ୍କ ମିଳନ,
କିଏ କରିପାରେ ସଖୀ ଛିନ୍ନ ସେ ବନ୍ଧନ ?
ମୁଁ କି ଜାଣେ ନାହିଁ ପ୍ରଭୁ ସେ ମହତ ପ୍ରାଣ ?
ସେ ପୂତ ଚରଣ ରେଣୁ କରେଁ ଅନୁଧ୍ୟାନ ।
ବୀର ଶୂର ଶୁଦ୍ଧଚେତା ଅଟନ୍ତି ଯେ ପତି
ତାହାଙ୍କୁ ଅନ୍ତରୁ ସଦା କରେ ସତୀ-ମତି ।
ବିଳାସୀ ଦୁର୍ବଳଚେତା ଅଟେ ଯେଉଁ ବ୍ୟକ୍ତି
ପାଇ ପାରେ ବିଳାସିନୀ କାମିନୀ-ଅଶକ୍ତି ।
କିନ୍ତୁ ସତୀ ସାଧ୍ୱୀଙ୍କର ଅନ୍ତର ଅକାଙ୍କ୍ଷା
ସାତ୍ତ୍ୱିକ ବୀରଙ୍କ ପଦେ ଆଶ୍ରା କରେ ଭିକ୍ଷା ।
ଶରୀର ସମ୍ପର୍କ ବିନା ତୁଟିଲି ହେ ପ୍ରଭୁ !
ତୁମ୍ଭେ ମୋତେ ଦେଇଅଛ ଅନ୍ତର୍ଯ୍ୟାମୀ ସବୁ ।
ବିଶାଳ ହୃଦୟ ତବ ଅଟେ ସୀତାମୟ,
ଏହାଠାରୁ ବଳି ନାଥ ସୁଖ କାହିଁ କହ !

ନୁହେଁ ମୁଁ ସାମାନ୍ୟ ନାରୀ ଅବା ବିଳାସିନୀ,
ଯୁଗେ ଯୁଗେ ତୁମ୍ଭେ ତପୀ ମୁଁ ସହଧର୍ମିଣୀ ।
ମୋ ମାନସକ୍ଷେତ୍ରେ ଯେଉଁ ଆଦର୍ଶ ଉଦୟ,
ତବ କର୍ମକ୍ଷେତ୍ରେ ପ୍ରଭୁ ତାର ଅଭିନୟ ।
ପ୍ରକୃତିପୁଞ୍ଜଙ୍କୁ ପ୍ରଭୁ କରଣ ବଞ୍ଚନା
କରିଥାନ୍ତି ସ୍ୱାମୀ ଯେବେ ନାରୀ-ଆରାଧନା
ସୀତା ଅନ୍ତରାତ୍ମା ତହିଁ ନ ଲଭନ୍ତା ଶାନ୍ତି
ଗୁର ଯୁଗେ ଧରାଜନେ ଭକ୍ତ ଥାନ୍ତେ ଭ୍ରାନ୍ତି ।
ଦେଖାଇଣ ସ୍ତ୍ରୈଣ ଜଣେ ଆମ୍ଭର ଦୃଷ୍ଟାନ୍ତ
କର୍ତ୍ତବ୍ୟବିଭ୍ରଷ୍ଟ ହୋଇ ହୋଇଯାନ୍ତେ ଭ୍ରାନ୍ତ ।
ତୀବ୍ର ତପ କର ପ୍ରଭୁ ଅହେ ସୀତାପତି !
"ରାମ ରାଜ୍ୟ" ସ୍ଥାପିଅଛ, ରାଜ୍ୟାଶ୍ରମେ ଯତି ।

Digitized by srujanika@gmail.com

ରକ୍ତ-ମାଂସ-ଶରୀ ବିନା ଲଭିଛୁ ଯାତନା,
ସତ୍ତ୍ୱିକ ସଂଯତ ଆତ୍ମା ଲଭିଛୁ ସାନ୍ତ୍ୱନା ।
ଶରୀର ସମ୍ପର୍କ ମଧ୍ୟ ନୋହିଲା ବିଫଳ,
ଲବ କୁଶ କରିଛନ୍ତି ତା ଅର୍ଥ ସଫଳ ।
ଧର୍ମ ଅର୍ଥ କାମ ମୋକ୍ଷ ଚତୁର୍ବର୍ଗ ଫଳ
ତବ ସଙ୍ଗେ ପାଇ ନାଥ ଜୀବନ ସଫଳ ।
ଅଯୋଧ୍ୟାଭବନେ ନାଥ କୃତ୍ରିମ ବିଳାସେ
ଥାଇ ଯାହା ନ ମିଳନ୍ତା, ହେଲା ବନବାସେ ।
ତାରକାଖଚିତ ନୀଳ ନିର୍ମଳ ଗଗନ,
ପବିତ୍ର ସରିତ ସ୍ରୋତ ବିସ୍ତୀର୍ଣ୍ଣ କାନନ,
ବିଚିତ୍ର-ବିହଙ୍ଗ-ପନ୍ତି-ମଧୁର-ସୁତାନ,
ସୁନ୍ଦର ପବିତ୍ର ମହା ପ୍ରକୃତିର ପ୍ରାଣ—
ବାହାରେ ଏମନ୍ତ ଦୃଶ୍ୟ ନୟନାଭିରାମ,
ଭିତରେ ଧାର୍ମିକ-ସ୍ୱାମୀ-ପ୍ରେମ-ପ୍ରାଣାରାମ,
ଇହଲୋକେ ପାଇଥିଲି ଦିବ୍ୟଲୋକ ସୁଖ,
ତୁମ୍ଭ ଶିଷ୍ୟା ଜାନକୀର ନାହିଁ ନାହିଁ ଦୁଃଖ ।

ନିର୍ଲିପ୍ତ ସଂସାରୀ ପିତା ରାଜର୍ଷି ଜନକ
ରାଜ୍ୟାଶ୍ରମ ଋଷି ସ୍ୱାମୀ ହେ ରଘୁନାୟକ,
ତୁମ୍ଭର ସହଧର୍ମିଣୀ ହେବାପାଇଁ ପ୍ରଭୁ,
ପ୍ରକୃତ ତ କରିଥିଲି ଅୟୋଜନ ସବୁ ।
ନାହିଁ ମୋର ଲବେ କ୍ଳେଶ ନାହିଁ ମୋର ଦୁଃଖ,
ଏ ଭାବନା ଭାବି ପ୍ରାଣେ ରଖ ପ୍ରଭୁ ସୁଖ ।
ତୁମ୍ଭଠାରୁ ମୁହିଁ ଭଲେ ନାହିଁ ତ ଅନ୍ତର,
ଏକ ଆତ୍ମା ଏକ ଲକ୍ଷ୍ୟ ଆମ୍ଭ ଦୁହିଙ୍କର ।
ବେନି ଦେହେଁ ଏକ ଆତ୍ମା ଥିଲୁଁ ତ ଜୀବନେ,
ଏକ ଦେହେଁ ବେନି ଆତ୍ମା ହେଲୁ ମୋ ମରଣେ ।
ସୀତା-ପ୍ରାଣ ରାମମୟ ରାମ ସୀତାମୟ
ଦୁଇ ଆତ୍ମା ହୋଇଅଛୁ ଶାଶ୍ୱତେ ବିଲୟ ।”

Digitized by srujanika@gmail.com

ଶବଦ ଶୁଣନ୍ତେ ରାମ ହେଲେ ସଚେତନ ।
ଦେଖିଲେ ହସଇ ସୀତା ଜନକ-ନନ୍ଦନ ।
ମନେ ପଡ଼ିଗଲା ସକଳ ଘଟନା ପୂର୍ବର,
ଉଚ୍ଛୁଳି ଉଠିଲା ପୁଣି ବିଷାଦ-ସାଗର ।
ଏକାଳେ "ଶ୍ରୀରାମ ଜୟ" ଶବଦ ଶୁଭିଲା,
ପ୍ରଭାତୀ ସଙ୍ଗୀତ ଅସି ବନ୍ଦୀ ଆରମ୍ଭିଲା ।
"ଜୟ ଶ୍ରୀ ରଘୁକୁଳକେତୁ, ତାଡ଼କାବିଧ୍ୱଂସି,
ଜୟ ଶିବଧନୁର୍ଦ୍ଧାରି, ସୀତାହୃଦ ଶଶି ।
ଜୟ ଜୟ ପରଶୁରାମ-ଦର୍ପଚୂର୍ଣ୍ଣକାରି,
ଜୟ ଜୟ ନାରାୟଣ, ଜୟ ରାବଣାରି,
ଜୟ ପ୍ରଜାଜନପ୍ରିୟ, ଦୀନବନ୍ଧୁ ଜୟ,
ଜୟ ଦୁଷ୍ଟନିବାରକ, ସାଧୁଜନାଶ୍ରୟ ।"

ପ୍ରାତଃକୃତ୍ୟ ସାରି ରାମ ବ୍ରତପରାୟଣ
ଅରୋହଣ କଲେ ଯାଇଁ ସ୍ୱର୍ଣ୍ଣସିଂହାସନ ।
ରାଜଦଣ୍ଡ ଗ୍ରହି ପ୍ରଜାହୃଦୟରଞ୍ଜନ,
କରନ୍ତି ପାଳନ ସନ୍ତ, ଦୁଷ୍ଟ ନିବାରଣ ।
ଏହିପରି ରାମରାଜା ପାଳନ୍ତି ଧରଣୀ,
ପ୍ରାଣେ ତାଙ୍କ ଜଳୁଥାଏ ସୀତା-ଶୋକ-ବହ୍ନି ।
ଯାଇଥିଲେ ସୀତା, ପୁଣି ଗଲେ ତ ଶ୍ରୀରାମ,
ଏ ଜଗତେ ରହିଅଛି ସୀତାରାମ ନାମ ।

Digitized by srujanika@gmail.com

କୃଷ୍ଣକୁମାରୀ

Digitized by srujanika@gmail.com

ଉତ୍ସର୍ଗପତ୍ର

ପରମ ସମ୍ମାନାସ୍ପଦ,
ପରମୋତ୍ସାହୀ, ନୀତିକୁଶଳ, କର୍ମବୀର, "ବୀରବାମା"
"ଛନ୍ଦୋମାଳା" ଏବଂ "ଅଳଙ୍କାରବୋଧୋଦୟ"ର
ପ୍ରଣେତା, "ସମ୍ବଲପୁରହିତୈଷିଣୀ"ର
ଜନ୍ମଦାତା ଓ ପୋଷଣକର୍ତ୍ତା, ଓଡ଼ିଆ
ସାହିତ୍ୟର ପ୍ରଧାନ ଉତ୍ସାହଦାତା,
ଗୁଣଗ୍ରାହୀ, ପ୍ରଖ୍ୟାତଯଶା,
ବାମଣ୍ଡାଧିପତି
ଶ୍ରୀଯୁକ୍ତ ସର୍ ବାସୁଦେବ ସୁଢ଼ଳ ଦେବ, କେ. ସି. ଆଇ. ଇ,
ମହୋଦୟଙ୍କ ଗୌରବାନ୍ୱିତ ନାମରେ, ବିଗତ
ବର୍ଷ କଟକ ଅବସ୍ଥାନ ବେଳେ କବିତା
ରଚନା ବିଷୟରେ ଲେଖକ
ପ୍ରତି ତାହାଙ୍କ ପ୍ରଦର୍ଶିତ
ଉତ୍ସାହରେ
ଲେଖକର ଆନ୍ତରିକ ଭକ୍ତି, ସମ୍ମାନ ଓ କୃତଜ୍ଞତାର ନିଦର୍ଶନ-
ସ୍ୱରୂପ ଏହି "କୃଷ୍ଣକୁମାରୀ" ନାମକ କ୍ଷୁଦ୍ର
କବିତାଗ୍ରନ୍ଥ ଉତ୍ସୃଷ୍ଟ ହେଲା ।

୧୧ । ୭ । ୧୯୦୧
କଟକ

"କୃଷ୍ଣକୁମାରୀ" ସମ୍ବନ୍ଧରେ ମନ୍ତବ୍ୟ

'କୃଷ୍ଣକୁମାରୀ'ର ପ୍ରତ୍ୟେକ ପୃଷ୍ଠା କବିତାପୂର୍ଣ୍ଣ । 'ସୀତା-ବନବାସ'ରେ କବି ବିୟୋଗାନ୍ତ ବିଷୟରେ ଯେ ସିଦ୍ଧହସ୍ତତା ଦେଖାଇଅଛନ୍ତି, 'କୃଷ୍ଣକୁମାରୀ'ରେ ମଧ୍ୟ ସେଥିର ପରିଚୟ ଅସୁଲଭ ନୁହେ । 'କୃଷ୍ଣକୁମାରୀ' ନନ୍ଦକିଶୋରଙ୍କର ପ୍ରତିଷ୍ଠାର ଅନୁପଯୁକ୍ତ ହୋଇନାହିଁ ।

କଟକ,
୧୯ । ୬ । ୧୯୦୧ } ଶ୍ରୀ ରାଧାନାଥ ରାୟ

Digitized by srujanika@gmail.com

ପ୍ରଥମ ସର୍ଗ

ଅଛି ଆର୍ଯ୍ୟାବର୍ତ୍ତେ 'ରାଜସ୍ଥାନ' ନାମେ
ଗିରିସଙ୍କଟମରୁମୟ ଭୂଖଣ୍ଡ,
ଜନ୍ମଭୂମି-ଅନୁ— ରୂପ କାମ୍ୟମାନ
ଯେ ଦେଶବାସିର ଉଗ୍ର ପ୍ରଚଣ୍ଡ,
ଅତୀତ ମହତ୍ତ୍ୱ— ଚୂଳ ଚାହିଁଲୁ ଯେ
"ଆରାବଲ୍ଲୀ" ଯହିଁ ଟେକିଛି ମଥା,
ଦିଗନ୍ତବ୍ୟାପୀ ମରୁ ସ୍ତୂପ-ପ୍ରଦର୍ଶରେ
କହୁଛି ବିଗତ ଗୌରବ କଥା,
ପବିତ୍ର "ପୁଷ୍କର" ସର ଯେଉଁ ଦେଶେ
ପାପି-ପାପରାଶି ପଖାଳି ଶୋଧେ,
ସୁଜଳା ସୁଫଳା କରି ଯେଉଁ ଭୂମି
"ଶତଦ୍ରୁ" ନଦୀ ନିରତେ ବହେ,
ଯହିଁ ନିକାଞ୍ଚନେ "ବିରସ"-ପୁଳିନେ
ବସି କଂପ୍ରସ୍ତୁପକାମିନୀଗଣ
ଚୌହାନ ରାଠୋର ଶିଶୋଦୀୟ ଯଶ
ଗାଇ କରୁଥିଲେ ପିୟୂଷ ପାନ,
ଯେ ଦେଶେ "ବୃନୋସ" ଉଠେ ମନ୍ତ୍ରବନେ
ଗନ୍ଧର୍ବ ଲଳନା କରି ଗାୟନ
ନିନାଦିତ କରୁ— ଥିଲେ "ଆରାବଲ୍ଲୀ"
"ବ୍ୟାଘ୍ରମେରୁ" "ଗ୍ଲାସିୟାର" ଗହନ,
ମୂର୍ତ୍ତିମନ୍ତ ଷଣ— ଧର୍ମ ଅବତଂସ—
ବୀରବୃନ୍ଦ ଯହିଁ ଦଳେ ଅହବ,
ଅସହାୟା, ହୀନା, ଅବୀରା ପତିତା
ଦେଖ ସେହି ଭୂମି ଶ୍ମଶାନଶବ !
ଚୌହାନତିଳକ ବୀର "ପୃଥ୍ୱୀରାଜ"
କରିଥିଲ ଯାହା ଅଙ୍କେ ଧାରଣ,
ନିର୍ଭୀକ ତେଜସ୍ୱୀ "ରାଜସିଂହ"ଙ୍କ ନ୍ଦି—
ହୋଇଥିଲ ଯାହା ରଣପ୍ରାଙ୍ଗଣ,

Digitized by srujanika@gmail.com

ସର୍ବଶିରୋମଣି "ପଦ୍ମିନୀ ସୁନ୍ଦରୀ"
ପ୍ରେମିକା "ଦୁର୍ଗାବତୀ" ବୀରରମଣୀ
ସ୍ଵପତିଙ୍କ ତଳେ ଯେଉଁ ଦେଶେ ଜନ୍ମି
ସାଧ୍ଵୀ ପତିବ୍ରତାମୁକୁଟମଣି,
ଯେ ଦେଶ ସାହସ, ସ୍ଵଦେଶବାତ୍ସଲ୍ୟ
ଆତ୍ମତ୍ୟାଗ, ବୀର୍ଯ୍ୟ, ଅବନୀତଳେ,
ଥିଲା ଅତୁଳନ ସେ ସବୁ ତାହାର
ବିଲୁପ୍ତ ହୋଇଛି କାଳକବଳେ ।
ଯେଉଁକି ବାୟୁ ଗ୍ଳଡ଼ି ଯାଏ ଅସ୍ଥା ଜଡ଼ି
ଅଦୃଶ୍ୟ ବିଦେଶେ ବିଶ୍ଵେ କଦାଚିତ୍,
ସେ ଦିବ୍ୟ ଗୌରବ ଏବେ ତେଉଁକି ଅହା
ଯାଇଛି ରେ ତାକୁ ଗ୍ଳଡ଼ି ପଳାଇ !
ଯେ ରାଜସ୍ଥାନର ବିକ୍ରମ ସାହସ
ଥିଲା ଅପ୍ରତିମ ଏ ଧରାଧାମେ,
ଅମରାବତୀରେ ନନ୍ଦନ-କାନନ
ସମ ତହିଁ ଦେଶ "ମିବାର" ନାମେ ।
ଶୂର ବୀର ବାପ୍ପା ରାଜ୍ୟ କଲେ ଯହିଁ
ଅ... ହିନ୍ଦୁ ବଂଶ ସ୍ଥାପନ
ଅଚଳ ଅଟଳ ମହୀଧରସମ
ଯେ ଦେଶବାସୀର ଶରୀର ମନ
ସମର ପ୍ରାଙ୍ଗଣେ ଦେଶସ୍ଥ "ସମର"
ପୃଥ୍ଵୀରାଜ ସହ କରଣ ରଣ
ରଣଚଣ୍ଡୀଙ୍କୁ ଯେ "ଦୃଷଦ୍ଵତୀ" ନଦୀ
ସ୍ଵୀୟ ରକ୍ତେ କଲେ ଅର୍ଘ୍ୟ ଅର୍ପଣ,
ଯେ ଦେଶେ ଜନମି "ସତ୍ତୁପ" "ହାମୀର"
ପୂତ ଖାତ୍ରବ୍ରତ କଲେ ପାଳନ,
ଅତୁଳ ସତ୍ୟ ପାଳି ଚଣ୍ଡତେଜା "ଚଣ୍ଡ"
ରାଜସିଂହାସନ ତ୍ୟଜିଲେ ଜନ୍ମ ।

Digitized by srujanika@gmail.com

ସଂଗ୍ରାମେ ଅଜେୟ "ସଂଗ୍ରାମ ସିଂହ" ସେ
ଦେଶପାଇଁ କରି ବିଷମ ରଣ,
ଶୁଭ୍ରଯୋଦ୍ଧା ଦୃପ— ଦ୍ୱଜା ଜୀବେ ଭଲେ
ମାତୃଭୂମି ପାଦେ ପ୍ରାଣ ଅର୍ପଣ

ବୀରାଗ୍ରଣୀ "ସଙ୍ଗ" ମୋଗଲ୍ ଅଗ୍ରଣୀ
"ବାବର" ସଙ୍ଗତେ କଲେ ସୁରଣ,
ଯାର ସୂନୁ "ରତ୍ନ" ନିଜେ ମର ଦାସ-
ବୈରି "ସୂର୍ଯ୍ୟମଲ୍ଲେ" କଲେ ନିଧନ,

ସ୍ୱଦେଶପ୍ରେମିକ ଅସ୍ତ୍ରତ୍ୟାଗୀ ବୀର
ବିକ୍ରାନ୍ତ ସୁଧୀର ଯାର "ପ୍ରତାପ",
ପ୍ରବଳପ୍ରତାପ ଦିଲ୍ଲୀ ସିଂହାସନ
ଯା ପ୍ରତାପେ ବଡ଼ ପାଇଲା ତାପ ।

ସ୍ୱଦେଶପ୍ରେମିକ ଯେଉଁ ରାଜପୁତେ
ଜୀବନର ମାୟା କଲେ ବର୍ଜନ,
ଅନ୍ତିମକାଳରେ ନୀଳାମ୍ବର ସିଙ୍ଗ
ଏକକ କଷଣ "ବୀର" ଗ୍ରହଣ*

ଅଦମ୍ୟ ବିକ୍ରମେ ଯବନ ସେନାନୀ
ସହ ଘୋର ରଣାମଦରେ ମାତି
ବୀରଚୂଡ଼ାମଣି ଯେଉଁ ରାଜପୁତ
ସମ୍ମୁଖ ସମରେ ପାଇଲେ ମୃତ,

ଥିଲେ ନ ହଟିଣ କୋଟି କୋଟି ଶିର
ଆହବ ହୋମରେ ଆହୁତି ଦେଲେ,
ଅସଂଖ୍ୟ ବଇସି ମାରି ମାରି ନିଜେ
ଅମର ଆଖ୍ୟାରେ ମଣ୍ଡିତ ହେଲେ ।

* "ବୀର"—ବିଦାୟସୂଚକ ତାମ୍ବୁଳ ।

Digitized by srujanika@gmail.com

ଯେଉଁ ରାଜପୁତ ବୀରାଙ୍ଗନାଗଣ
ଦେଖି ପତିପୁତ୍ର-ଅନ୍ତିମ-କାଳ
ଅସଂଖ୍ୟ ଅନଳ କୁଣ୍ଡ ଜଳାଇଲେ
ନିରେଖି ସଭୟେ କମ୍ପିଲା କାଳ ।

ହୁହୁ କରୁଥିଲା ଘୋର କୃଷ୍ଣଜିହ୍ୱା
କରାଳ ବଦନ କରି ବ୍ୟାଦାନ
ବାଜୁଥିଲା ବୀର- ବାଜା ରଣରଙ୍ଗେ
ଗୀତ ହେଉଥିଲା ସଂଗ୍ରାମ-ଗାନ,
ପ୍ରାଣପ୍ରିୟତମା ତରୁଣୀ କନ୍ୟାକୁ
କରୁଥିଲେ ମାତା ଦେଇ ଚୁମ୍ବନ,
"ପ୍ରବେଶ ବହ୍ନିରେ ଏଡ଼ା ମ୍ଲେଚ୍ଛହସ୍ତ
ନିରେଖୁ ବିସ୍ମୟେ ମ୍ଲେଚ୍ଛନନ୍ଦନ ।

ବାନ୍ଧିଅଛି ମ୍ଳେଚ୍ଛ ମନେ ବଡ଼ ଆଶା
ଗଢ଼ିଛି ଆକାଶେ କନକଗଡ଼,
କଣି ରକ୍ତେ ତୋର ଚୁମ୍ବିବ ଚିବୁକ
ରଖିଅଛି ମନେ ଭରସା ବଡ଼,

ଗଲେ ପଛେ ଯାଉ ଏ ଛାର ପରାଣ
ଥାଉ ତୋ ସତୀତ୍ୱ ପରମ ଧନ,
ଦେଖି କେତେ ଶକ୍ତି ମ୍ଳେଚ୍ଛ ଯବନର
ସତୀର ଶ୍ରୀଅଙ୍ଗ କରେ ସ୍ପର୍ଶନ ।"

ଧପ ଧପ ଜଳେ "ଜହର" ଅନଳ
କରାଳ କବଳ କରି ବ୍ୟାଦାନ,
ବାଜେ ଘନଘୋଷେ ସମର ବାଜଣା
ଘନେ ଗୀତ ହୁଏ ସଂଗ୍ରାମ-ଗାନ ।

ସରୋଜନୟନା ଚମ୍ପକବରଣା
ଶତ ଶତ ରାଜପୁତଯୁବତୀ
ଗାଉଥିଲେ ଅହା ଜହର ସଙ୍ଗୀତ
ଦେଖିଣ ସଂଗ୍ରାମେ ଜନନୀ ପତି ।

Digitized by srujanika@gmail.com

"ଜଳ ଜଳ ଅଗ୍ନି ଦ୍ୱିଗୁଣ ଜଳ ରେ
ଅବଳାର ଅଙ୍ଗ ଦହନ କର,
ତୋ ଭୀମ ରସନା- ଠାରୁ ଯବନର
କୁସୁମତଳପ ଭୀଷଣତର ।
ଜଳ ଜଳ ବହ୍ନି ପ୍ରଳୟ ପ୍ରତାପେ
ପାଉ ଅଭାଗିନୀ ସ୍ଥାନ ତୋ ଅଙ୍କେ,
ଛାରେ ପରିଣତ ହେଉ ଛାର ଦେହ
ନ ମଳିବ ସତୀ ଘୋର କଳଙ୍କେ ।

ସତୀର ପରମ ରତନ ସତୀତ୍ୱ
ହରାଇଲେ ଆରେ ନ ମିଳେ ଆଉ,
ଉଡ଼ି ଯାଉ ପଛେ ଅସାର ଜୀବନ
ସତୀତ୍ୱ ଗରିମା ସଂସାରେ ଥାଉ ।
ପଶୁ ପକ୍ଷୀ ମଧ୍ୟ ବିପଦେ ସ୍ୱଜନେ
ନ ଛାଡ଼ି ସଙ୍ଗତେ ପ୍ରାଣ ଅର୍ପନ୍ତି,
ମାନବୀ ଜନମେ ଯବନକୂଳବଧୂ
ହୋଇବେ କିପାଇଁ ଅଧମ ଗତି ।
ଅନ୍ତେ ଥିଲେ କାଳେ ସ୍ୱାମିପୁତ୍ରଗଣ
ଅମ୍ଭପାଇଁ ନିଜ ପ୍ରାଣ ରଖିବେ,
ପୂତ ପ୍ରତିଷ୍ଠିତ ଯବନଧର୍ମ ଇଚ୍ଛି
ସ୍ୱାଧୀନତାରତ୍ନେ ମ୍ଳେଚ୍ଛେ ବିକିବେ ।

କୀର୍ତ୍ତି ଗୌରବରେ ହୁଅ ଲୋ ମଣ୍ଡିତ
କୀର୍ତ୍ତିମନ୍ତ ଜନେ ଭବେ ଜୀବିତ,
ଅଯଶ-ରୌରବେ ସଂଯୋଗେ ସତୀଏ
ଛାର ପ୍ରାଣପାଇଁ ନୁହ ପତିତ ।
ମନସ୍ୱିନୀ ସତୀ ପ୍ରାଣେରଙ୍କ ହେବା
ଦେଖେ କାଳେ ଶାସ୍ତ୍ର ନୁହେ ବିହିତ,
ପତି-ଅପମାନେ ଦକ୍ଷସୁତା ସତୀ
ଜ୍ୱଳନ୍ତ ଅନଳେ ହେଲେ ପତିତ ।

Digitized by srujanika@gmail.com

ରାବଣେ ବଧିଣ ଶ୍ରୀରାମ ନୃପତି
ଉଦ୍ଧାର କରଣ ସତୀ ବୈଦେହୀ
କଳଙ୍କ ଭୟରେ ପ୍ରତ୍ୟାଖ୍ୟାନ କରୁଁ
ଅଗ୍ନିରେ ମୈଥିଳୀ ପଡ଼ିଲେ ଯେଉଁ ।
ଜଳ ରେ ପାବକ ଦ୍ୱିଗୁଣ ଜଳ ରେ
ନିଅ ତୋ କୋଳକୁ ବୀରରମଣୀ,
ମିଶୁ ପଞ୍ଚଭୂତେ ଏ ଅମର ତନୁ
ଘୋଷୁ ଅମ୍ବ ଯଶ ତିଳ ଅବନୀ ।

ଜଳ ଜଳ ଅଗ୍ନି ଦ୍ୱିଗୁଣ ଜଳ ରେ
ତୋ ଗରଭେ ସତୀ କରୁ ପ୍ରବେଶ,
ଶାନ୍ତିର ନିଳୟେ ନ ପରଶୁ ତାକୁ
ଦାରୁଣ ଯାତନା-ଲାଞ୍ଛନା କ୍ଲେଶ ।"

ଯେଉଁ ରାଜପୁତ- ବୀରତ୍ୱ-କାହାଣୀ
ଅମର ସଙ୍ଗୀତେ ହୋଇ ଗ୍ରଥିତ
ଚାରଣବୃନ୍ଦର ଉଚ୍ଚ କଣ୍ଠନାଦେ
ଚଉଦିଗେ ହେଉଥିଲା କୀର୍ତ୍ତିତ ।

ସ୍ରୋତସ୍ୱିନୀ ତୀର, ଗହନ କାନ୍ତାର
ତୁଙ୍ଗ ମହୀଧର, ହ୍ରଦ ଗଭୀର,
ପ୍ରତିଧ୍ୱନି-ବ୍ୟାଜ- ବିଜୟ-ଗୀତରେ
ଦେଉଲ୍ ଯା ଉତ୍ତର ଧୀର ଗମ୍ଭୀର ।

ନିର୍ଜନେ ତଟିନୀ କଳ କଳ ସ୍ୱନେ
ପ୍ରଚାରୁଥିଲା ଯା ଜୟବାରତା,
ସୁବିସ୍ତୀର୍ଣ୍ଣ ମରୁ- ତପ୍ତ-ପ୍ରଭଞ୍ଜନ
ସନେ ଘୋଷୁଥିଲା ଯା ପୁଣ୍ୟକଥା ।

ଗମ୍ଭୀର ନିଶୀଥେ ବନଲତାକୁଞ୍ଜେ
ଦୋଳି ଖେଳ ରତ ବନ-ଅଙ୍ଗନା,
ଦୃଗ୍‌ଦେଶୁଁ ଅଗତ ଅନଳ ସଙ୍ଗତେ
କହୁଥିଲେ ଯାର ଗୁଣବର୍ଣ୍ଣନା ।

Digitized by srujanika@gmail.com

ଅଭ୍ରଭେଦୀଶୃଙ୍ଗ ଯେଉଁ ପ୍ରଫୁଲ୍ଲିତ ଥିଲ
ଯାହା ଯାହାର ହିମଗିରିଶିଖର,
ଯହିଁ ଚନ୍ଦ୍ର, ତାରା, ନକ୍ଷତ୍ର ଜଗତେ
ବନ୍ଦୁଥିଲ ଯାର ଅସ୍ପଷ୍ଟ ସ୍ୱର ।
ସେହି ବୀରପ୍ରସୂ ମିବାର ମାତାର
ଅଜି କପାଁ ଏତେ ମଳିନ ଦଶା,
ଅବସାଦ-ଘନ ତମସେ ଆବୃତ
କପାଇଁ ମିବାର ଦୁଃଖେ ବବଶା ?
କପାଇଁ ଚତୋର- ଚଜସିଂହାସନେ
ବସିଛନ୍ତି ରାଣା ବିମର୍ଷ ମନେ,
କପାଇଁ ଅଛନ୍ତି ନୃପରଥ୍ନାନନ
ଏ ଘୋର ନୈରାଶ୍ୟ-ବିଷାଦ-ଘନେ ?
ସମ୍ମୁଖସମରେ ପ୍ରାଣ ବିସର୍ଜିବା
ଯାର ଶରନ୍ତନ ପ୍ରଥା ଅଟଇ,
କିବା ଅଛି କାହିଁ ଏ ଘର ଭୁବନେ
ରାଜପୁତ ଯାହା ଭୟ କରଇ ?
ତେବେ କିପାଁ ଏହି ବିଷାଦ ତମିର
ଘୋଟିଅଛି ଅଜି ମିବାର-ପୁର,
ରାଜପରିବାରୁ ଜାଣି 'ହାହା' ରବ
ଘୋଟିଯାଏ କପାଁ ଦୂର ସୁଦୂର ?
ଶିଶୋଦୀୟ ଶୌର୍ଯ୍ୟ, ଶିଶୋଦୀୟ ବୀର୍ଯ୍ୟ,
ଶିଶୋଦୀୟ ଜାତି ସତ୍ୟଶୀଳତ୍ୱ,
କାଳକାଳେ କାଳ— କରାଳ କବଳେ
ହୋଇଛି ସକଳ ଲୟ ପ୍ରାପତ !
ଧିକ ତୋତେ କାଳ ଧିକ ତୋ ବିଗ୍ରହ
ଧିକ ଧିକ ତୋର କୁଟିଳା ଗତି !
ସାରକୁ ଅସାର ଅସାରକୁ ସାର
କରାଇ କାଳ ରେ ତୁହି ପ୍ରାପତି !

Digitized by srujanika@gmail.com

ଥିଲେ କେତେ ଜାତି   ଅସଭ୍ୟ ବର୍ବର
ହୋଇଛନ୍ତି ଏବେ ବୀରାଗ୍ରଗଣ୍ୟ,
ଛୋଟି ବୀରପ୍ରସୂ-   ଭାରତ-ସନ୍ତାନ
ଅଜ୍ଞ ଦୀନ ହୀନ କେଡ଼େ ନଗଣ୍ୟ !
ଅଛି ସେହି ଦେଶ   ଅନା ରେ ନୟନ
ସେହି "ଅରାବଲ୍ଲୀ" ଟେକିଛି ମଥା,
ଦିଗବ୍ୟାପୀ ମରୁ   କଳ୍ପନାକର୍ଣ୍ଣରେ
କହୁଛି ଅତୀତ ଗୌରବ କଥା !
ଅଛି ସେ ସଙ୍କଟ *   ଯହିଁ ମ୍ଳେଚ୍ଛ ଥାଟେ
କରିଲେ "ପ୍ରତାପ" ମରଣ ବୃଷ୍ଟି,
ନାହିଁ ଯେ ମହତ୍ତ୍ୱ   ଯା ବାର୍ତ୍ତା ଶ୍ରବଣେ
ଡେରୁଥିଲା କର୍ଣ୍ଣ ନିଖିଳ ସୃଷ୍ଟି !

ଦ୍ୱିତୀୟ ସର୍ଗ

ବୀର ଲୀଳାଭୂମି-   ମିବାର ରାଜ୍ୟର
ରାଣା ଭୀମସିଂହ ନାମେ ରାଜନ;
ବୀର ରାଜପୁତ—   ନାମେ ଅଭିହିତ
ହେବାକୁ ନୁହନ୍ତି କାହୁଁ ଭାଜନ ।
ଜନ୍ମ ପିତା ଶୂର—   କୁଳେ ଲଭିଥିଲେ
ବିପଦେ ପଡ଼ିଲେ ଜନ୍ମକାଳରୁ;
କୂଟ, ଷଡ଼ଯନ୍ତ୍ର,   ମିଥ୍ୟା, ପ୍ରବଞ୍ଚନା
ଘେରିଥିଲା ତାଙ୍କୁ ଯେଣ୍ଟା ବେଳରୁ ।
ଅର୍ଥଲୁବ୍ଧଗଣେ   ଭୁଲି ବୀରଧର୍ମ
ବନମୀ ସିଂହ ବଳୀ ଦୁଲ୍ହାର,
ମହାବୀର ବଂଶେ   ଜାତ ରାଜପୁତେ
ଦୁର୍ଦ୍ଦିନେ କରନ୍ତି କି ନାରଖାର !

* ହଳଦିଘାଟ ଗିରିସଙ୍କଟ ।

Digitized by srujanika@gmail.com

କୃଷକ ଠିକାଦାର   ଗୃହସ୍ଥଙ୍କ ଘର
ପଣ୍ୟ ବଣିକର କରି ଲୁଣ୍ଠନ,
ରମଣୀର କଣ୍ଠୁଁ   ସ୍ୱଧର୍ମୀ ପାଷଣ୍ଡେ
କଲେ ଅହା ଅଳଙ୍କାର ହରଣ,
ଅର୍ଥଗୃଧ୍ନୁ ଅର୍ଥ—   ଗୃଧ୍ନୁ ଦସ୍ୟୁଙ୍କର
ଚରିତାର୍ଥ ହୋଇ ନାହିଁ ତଥାପି,
ବୀରମାତା 'ରାଜ—   ବାରି' ରାଜଧାନୀ
ଚଟୋରେ ପଶିଲେ ଜମ୍ବୁକ ପାପୀ ।
ରାଜକୋଷ ଶୂନ୍ୟ   କରି ଭୀମସିଂହ
କୋଟି କୋଟି ମୁଦ୍ରା ପ୍ରଥମେ ଦେଲେ,
ଦଶଦଗଶୂନ୍ୟ   ଦେଖି ମହାରାଣୀ
ନାରୀସମ ହସ୍ତ ମସ୍ତକେ ଦେଲେ ।
ରାଣୀ-ରାଜକନ୍ୟା-   ରାଜବଧୂ-ଅଙ୍ଗୁଁ
ଅଳଙ୍କାରରାଶି ସଂଗ୍ରହ କରି
ଦସ୍ୟୁଗଣଙ୍କର   ଅର୍ଥଗୃଧ୍ନୁ ରାଣା
ବାରମ୍ବାର କଲେ ତୃପତ ତର ।
ହେ ମହାରାଷ୍ଟ୍ରୀୟେ   ଅଛ ପରା ତୁମ୍ଭେ
ସ୍ୱଦେଶୀୟ ପୁଣି ସ୍ୱଧର୍ମୀ ବୀର,
ମହାକୁଳ ଜାତ   ଏତେ ଅତ୍ୟାଚାର
କେମନ୍ତେ ସହିଲା ତୁମ୍ଭ ଅନ୍ତର !
ବିଦେଶୀୟ ହୋଇ   ଥିଲେହେଁ ତ ନାରୀ—
ଉପରେ ନୁହନ୍ତା ସେ ଅତ୍ୟାଚାରୀ;
ରାଜପୁତକୁଳ-   ବଧୂ ହିନ୍ଦୁବୀରେ !
ନୁହନ୍ତି କି ତୁମ୍ଭ କୁଳର ନାରୀ ?
ତୁମ୍ଭ କୁଳ ବୀର—   କେଶରୀ 'ଶିବାଜୀ'
ନାରୀ ନିଗ୍ରହକୁ ବିଷନୟନେ
ଦେଖୁଥିଲେ ପରା,   ହେ ବଂଶବିଦ୍ରୋହୀ !
ନାହିଁକି ସେ କଥା ତାହାର ମନେ ?

Digitized by srujanika@gmail.com

ନଶ୍ବର ଦେହିଙ୍କ   ବଳେ କପାଁ ମତ୍ତ ?
    ଅଛଇ ନଷ୍ଟେ ସେ ଅଛ ଅଚର,
ଧର୍ମବଳେ ବଳୀ   ହୋଇଥିଲେ ନିତ୍ତ୍ୟ
    ରହିଥାନ୍ତା ରାଜ୍ୟ ଭାରତେ ସ୍ଥିର ।

ଧର୍ମପଥେ ଗଲ—   ଥିଲେ ମହାରଥୀ
    କୀର୍ତ୍ତି ରହିଥାନ୍ତା ଚିରଯୁଗରେ,
ସତ୍ୟଯୋଷୀ ଇନ୍ଦ୍ର—   ବୃଥା ତୁମ୍ଭ କାର୍ଯ୍ୟ
    ବୁଡ଼ାଇଛୁ ଅପଯଶ-କୁଣ୍ଡରେ ।
ଶରଧନ କାନ୍ଧ   ସମାନ ନ ଥାଏ
    ତୁମ୍ଭ ପରାକ୍ରମ ଯିବ ତ ସରି;
ଦେଖ ଦେଖ ଦୂରେ   ସ୍ବର୍ଗଦୂତସମ
    ଆସୁଛି ଭାରତେ ବୀରକେଶରୀ ।

ସପତ ବାନ୍ଧି   ଭେଦି ତରଙ୍ଗିଣୀ
    ବ୍ରିଟିଶକେଶରୀ ତେଣିଁ ଅସିଛି;
ତୁମ୍ଭ ଅତ୍ୟାଚାରେ   ସ୍ବଦେଶୀ ହିନ୍ଦୁଏ
    ନ୍ୟାୟର ବଧାତା ତୋର ବାନ୍ଧିଛି ।
ଅତୁଳନ ଭୁଜ-   ବିକ୍ରମେ ବକ୍ରାନ୍ତ
    ହେ ବୀର ପ୍ରତାପ ଦେଖ ତ ଅସି,
ଅବାଯ, ସହାୟ—   ହୀନା ହୋଇ ତବ
    ଜନ୍ମଭୂମି ହେଲ ବହିଭରସି ।

ଘର ବଂଶେ ଜାତ   ହୋଇ ଭୀମସିଂହ
    ତୁଚ୍ଛି ତୁଚ୍ଛି କବା ବୀର୍ଯ୍ୟବହୀନ ହେଲେ;
କୋଟିବୀରପୁତ   ଶିଶୋଦୀୟ କୁଳେ
    କଳଙ୍କକାଳିମା ଲେପିଣ ଦେଲେ ।

ହେ ବଧାତଃ ଦଅ   କପାଇଁ ଦୁର୍ବଳେ
    ବିଫଳ ଜନମ, ମୃତ ଜୀବନ,
ଆତ୍ମରକ୍ଷାବ୍ରତେ   ଅସମର୍ଥ ନର-
    ହସ୍ତେ ପୁଣି ରାଜଦଣ୍ଡ ସ୍ଥାପନ !

Digitized by srujanika@gmail.com

ରାଜ୍ୟରକ୍ଷା-ମନ୍ତ୍ରା- ବ୍ରତେ ଦେହ ପ୍ରାଣ
ଯେ ରାଜା ନ ପାରେ କରି ଅର୍ପଣ,
ଶତ୍ରୁ-ଉପାନହ — ଲେହନ ସକାଶ
କି ଫଳ ଥାଇ ସେ ବ୍ୟର୍ଥ ଜୀବନ ?
ଗିହ୍ଲୋଟ କୁଳର ରୁଧିର ଧମନୀ—
ମଧ୍ୟେ କି ତୁମ୍ଭର ନୁହେଁ ଚାଳିତ,
ପ୍ରତାପସିଂହଙ୍କ ବଂଶଧର ବୋଲି
କେଉଁ ମୁଖେ ହେଉଅଛ ଗର୍ବିତ ?
ଜଡ଼ ଉଦ୍ଭିଦରେ ପଶୁ ପକ୍ଷୀଠାରେ
ନାରୀ-ରକ୍ଷାବ୍ରତ ହୁଏ ପାଳିତ,
କ୍ଷତ୍ରିୟ-ଅଗ୍ରଣୀ — ଧାରୀ ଭୀମସିଂହ
କିପାଇଁ କଲ ହେ ତା ବପସ୍ତିଛ ?
ସକଳ ଗୌରବ— ଭ୍ରଷ୍ଟ ହୋଇ ରାଣା
ରାଜପଦବାରେ କରି ରକ୍ଷଣ,
ଅର୍ଥହୀନ ମାନ- ହୀନ ହୋଇ କଲେ
ଦୁଃଖଭାରାନତ ପ୍ରାଣ ଧାରଣ ।
ହସ୍ତଗତ ଥିଲେ ଧନ ମାନ ରାଣା
ଜନନୀର ଥିଲା ସ୍ୱାଧୀନତା ଲକ୍ଷ୍ମୀ,
ବିପଦ ଆସିଲେ ଏକାକୀ ନ ଆସେ
ସର୍ବନାଶ ତେବେ ଘଟାଏ ବିଧି ।

ତୃତୀୟ ସର୍ଗ

କାଳକ୍ରମେ ରାଣା ଭୀମସିଂହଙ୍କର
ସୁତନୟା ନାମେ କୃଷ୍ଣକୁମାରୀ
ଶତୋର ଧାମକୁ କଲେ ଦିବ୍ୟ ଧାମ
ନିଜ ଦିବ୍ୟ ପ୍ରଭା ଭଙ୍ଗୀ ବିସ୍ତାରି ।

Digitized by srujanika@gmail.com

ଉପବନ ମଧ୍ୟେ କରଇ ବିହାର
ସେ ଲାବଣ୍ୟନିଧି ଏଣୀନୟନା,
ତ୍ରିଦିବଭବନେ ନନ୍ଦନକାନନେ
କ୍ରୀଡ଼ା କରେ ଯେସନେ ବିଦ୍ୟାଧରକନ୍ୟା ।

ଦଶେ ହେମଗୌରି ସେ ନବ କିଶୋରୀ
ଚଞ୍ଚଳ କାଞ୍ଚନ ମୂର୍ତ୍ତି ଯେସନ,
କନକମୃଣାଳେ କନକକମଳ
ଫୁଟି ହରେ ଅବା ଦର୍ଶକ ମନ,
ରୂପୁ ଅପଘନ ଶୋଭନ ଆନନ
ଲତା ଲାବଣ୍ୟେ କି ପ୍ରୀତିପ୍ରସୂନ,
ଲାବଣ୍ୟଲଳିତ ବପୁ ପାଶେ କବି-
ମାନସୀ ମୂରତି ହେବ ମଳିନ ।

କନକଗଞ୍ଜିତ ନବୀନକିଶୋରୀ
କନକପ୍ରତିମା ସ୍ୱରୂ ଶୋଭନ,
କନକମୃଣାଳେ କନକକମଳ
ସମ ଅଙ୍ଗଯଷ୍ଟିଲଗ୍ନବଦନ ।

ପ୍ରବେଶୁଁ ଯୌବନ ତନୁ ସୁଶୋଭନ
ଖେଳିଲା କି ଶୋଭା-ସରେ କଲ୍ଲୋଳ
ବିଧିଶିଳ୍ପସୀମା ତନୁ-ଅଙ୍ଗୀ ଶ୍ୟାମା
ନୀଳନେତ୍ର ପରେ ଭ୍ରୂଲ୍ଲ ବିଲୋଳ,
ଘନ ନୀଳକେଶ— ତଳେ ସୁନ୍ଦରୀର
ଅଧିକ ଭ୍ରୂଲତା କିବା ଶୋଭିତ !
ତୁଙ୍ଗ ବିହାପ୍ରସେ ନୀଳଘନତଳେ
ସ୍ଥିରପକ୍ଷ ପକ୍ଷୀ କି ଅବା ସ୍ଥିତ ।

ଧନ୍ୟ ପିତା ମାତା ଧନ୍ୟ ଜନ୍ମଭୂମି
ଏ ବାମା ଯେ କୋଳେ ଅଛନ୍ତି ଧରି,
କୋଟିଗୁଣେ ଧନ୍ୟ ସେ ନରେନ୍ଦ୍ର ଯାଙ୍କ
ଅଙ୍କଲକ୍ଷ୍ମୀ ହେବେ ଏହି ସୁନ୍ଦରୀ ।

Digitized by srujanika@gmail.com

ଯେ ଯାହାର ଯୋଗ୍ୟ ତାହା ପ୍ରଜାପତି
ରଖିଛନ୍ତି ସିନା ବେଶ୍ତୁଁ ଘଟାଇ,
ବିଷ୍ଣୁଙ୍କ ନିମନ୍ତେ କ୍ଷୀରାବ୍ଧି-ସଲିଳେ
ଥିଲ କମଳାଙ୍କୁ କିଏ ଲୁଚାଇ !
ମୃଡାଣୀରେ ରତି ପିନାକୀଙ୍କ ସତୀ
ବହ୍ନି ଦେବେ ସ୍ୱାହା ସଙ୍ଗତେ ବାନ୍ଧ
କନ୍ଦର୍ପଙ୍କୁ ରତି ସବିତାଙ୍କୁ ଛାୟା-
ସଙ୍ଗପାଇଁ ଛନ୍ତି ବିଧାତା ଥୋଇ ।
ତୃଣସଙ୍ଗଯୋଗ୍ୟା ମାଧବୀ ଲତିକା
ସିନ୍ଧୁସଙ୍ଗଯୋଗ୍ୟା ସେ ସ୍ରୋତସ୍ୱିନୀ,
ସୁକୁମାରୀ ଫୁଲ— ରଣୀସଙ୍ଗୀ ଭୃଙ୍ଗ,
ଅଭ୍ର-ଅଙ୍କଯୋଗ୍ୟା ସେ ସୌଦାମିନୀ ।
ବାଭବସୁବଂଶୀ ଜୟପୁରପତି
କରିବେ କୃଷ୍ଣାଙ୍କ ପାଣିପୀଡ଼ନ—
ଜଗତସିଂହଙ୍କ ଅଙ୍କଲକ୍ଷ୍ମୀ ଜେମା
ହେବେ, ହେଲ ଏହା ସ୍ଥିର ରଚନା ।
ଅଦୃଶ୍ୟ ଭବିଷ୍ୟ— ଗର୍ଭ ନ ଭେଦନ୍ତି
ଆନନ୍ଦେ ମାତିଲେ ଶତୋବନରେ,
ନ ଜାଣିଲେ କ୍ରୂର କୁଟିଳ ନିୟତି
ଦେଖାଇବ ଅଶା କେସନେ ହବେ ।

ଚତୁର୍ଥ ସର୍ଗ

ପ୍ରାର୍ଥୀ ହେଲେ ଜେମା— ପାଣିପୀଡ଼ନରେ
ମାନସିଂହ ଯୋଧପୁରର ରାଜା,
ଲାଗିଲା ବିବାଦ ହୋଇଲା ସମର
ବାଜିଲା ସଘନେ ସଂଗ୍ରାମବାଜା ।

Digitized by srujanika@gmail.com

ଉପହାର ସହ ତ୍ରିଂଶ ଶଙ୍ଖ ସୈନ୍ୟ
ପେଷିଥିଲେ କୃଷ୍ଣା-ପ୍ରାର୍ଥୀ ଜଗତ,
ତ୍ରିଂଶ ଶତ ଚମୂ ପ୍ରତିଦ୍ୱନ୍ଦ୍ୱ ପାଇଁ
ଯୋଧପୁର ରାଜ୍ୟ ହେଲେ ଅଗତ ।
ରମଣୀ ! ତୋହର ସ୍ୱର୍ଣ୍ଣସୂଚ୍ୟ-ଅଗ୍ରେ
କି ନ କରିପାରେ ଅଶାନ୍ତି ନର ?
ତୋ ମୃଣାଳବାହୁ- ଲତା ଅଗ୍ରେ ନର
ନ ମାନଇ ବହ୍ନି ଗିରି ସାଗର ।
ସୀତାପାଇଁ ରାମ ରାବଣ ମଧ୍ୟରେ
ହୋଇଥିଲା ଥରେ ଘୋର ଆହବ,
କୃଷ୍ଣା ଅପମାନେ କୁରୁକ୍ଷେତ୍ର ରଣେ
ଯୁଝିଲେ ଦ୍ୱାପରେ କୁରୁପାଣ୍ଡବ ।
ବାଜେ ବୀରବାଜା ଉଡ଼େ ରଣଧ୍ୱଜା
କମ୍ପେ ଅଭ୍ରଭେଦୀ ଗିରି, କାନନ,
ମାର ମାର ରଡ଼ି ଛାଡ଼ି କି ମରଣ
ଅନାଇ ମାର୍ଗରେ କରେ ଭ୍ରମଣ !
ପୂର୍ବେ ସିନ୍ଧିଆ ଅର୍ଥ-ପ୍ରାର୍ଥୀ ଥିଲେ;
ନ ପାଇଁ ଜଗତସିଂହ-ବିପକ୍ଷ
ଅମ୍ବର-ଚମୂକୁ ବାହୁଡ଼ିବା ପାଇଁ
ଆଦେଶିଲେ ହୋଇ ବିପକ୍ଷପକ୍ଷ ।
ସିନ୍ଧିଆ-ଆଦେଶ ନ ହେଲା ପାଳିତ
ଅଗ୍ରବର୍ତ୍ତୀ ଯେବେ ହେଲା ସଂଗ୍ରାମ,
ରାଣା ନିଜ ସେନା ସହ ଜୟପୁର—
ଚମୂ ହୋଇଗଲା ବିଫଳକାମ ।
ପରାସ୍ତ ହୋଇଣ ଅମ୍ବରଦୂତଙ୍କୁ
ବାହୁଡ଼ାଇ ଦେଲେ ରାଣା ନିରାଶେ,
ସ୍ୱ-ଅଷ୍ଟସହସ୍ର ଅନୀକିନୀ ସହ
ରହିଲେ ସିନ୍ଧିଆ କଠୋର ପାଶେ ।

Digitized by srujanika@gmail.com

ଅପମାନେ ମ୍ଳେଚ୍ଛ ଦ୍ୱାବିଂଶ ଅଯୁତ
ସେନା ସହ ବିଜେ କଲେତ ଆପେ ।
ଷଡ଼ାୟୁତ ସେନା ସହ ମାନସିଂହ
ବିଧ୍ୱସ୍ତ ହୋଇଲେ ଶତ୍ରୁ ପ୍ରତାପେ,
ଦାରବୈଶ୍ୱ ପଛେ ପଛେ ଅମ୍ବରେଶ
ଯୋଧପୁର ରାଜ୍ୟ କଲେ ପ୍ରବେଶ,
ଶତ୍ରୁ ଦୁର୍ଗ ଧନ କରନ୍ତା ଲୁଣ୍ଠନ
ପଠାଉଥିଲେ ସେ ଆପଣା ଦେଶ ।
ମାର୍ଗରେ ରାଠୋର ବୀରଗଣ ମିଳି
ଛଡ଼ାଇ ନେଲେ ସେ ପଦାର୍ଥରାଶି,
ବିଜୟଲକ୍ଷ୍ମୀ ଯା ପ୍ରତିକୂଳା ହେବେ
ପୌରୁଷ କି କରିପାରେ ପ୍ରକାଶି ।
ଅର୍ଦ୍ଧ ବର୍ଷକାଳ ଯୋଧପୁର ଦୁର୍ଗ
ଅବରୋଧ କରି ରହିଲେ ବୀର
ଏମନ୍ତ ସମୟେ ସ୍ୱୀୟ ସ୍କନ୍ଧାବାର
ଅନ୍ତର୍ବିବାଦରେ ହେଲା ଅସ୍ଥିର ।
ସୁଯୋଗ ପାଇଣ ରାଠୋର ସୈନିକେ
କୁଶାବହଗଣେ କଲେ ବିନାଶ,
ନ ଦେଖି ଉପାୟ ଅମ୍ବର-ନୃପତି
ବାହୁଡ଼ିଣ ଗଲେ ହୋଇ ନିରାଶ ।
ଭାଗ୍ୟଚକ୍ରେ ପଡ଼ି କେତା ଜୟସିଂହ
ଘୋର ଅବସାଦେ ଫେରିଣ ଗଲେ
'ନଶ୍ୱର ଏ ଭବ- ଭାବ' ଏ ବିଶ୍ୱାସ
ତହିଁଦ୍ୱାରା ସିଏ ସୁଦୃଢ଼ କଲେ ।
ମ୍ଳେଚ୍ଛ ନରାଧମ କ୍ରୂର ଅମିର ଖାଁ
ଥିଲା ପୂର୍ବେ ମାନସିଂହବିଦ୍ୱେଷୀ,
ଦେଖି ଜୟପୁର ଭାଗ୍ୟ-ବିପର୍ଯ୍ୟୟ
ନେଲା ଶତ୍ରୁ ପକ୍ଷ ସେ ଛଦ୍ମବେଶୀ ।

Digitized by srujanika@gmail.com

ବିଶ୍ୱାସଘାତକ- ପଣ କରି ନୃପ
ମାରି ପକାଇଲ ବନ୍ଧୁସେନାନୀ,
ଏହିରୂପେ ସିନା ଏ ମହୀମଣ୍ଡଳେ
ପ୍ରଖ୍ୟାତ ଲଭନ୍ତି ନୃଶଂସ ମାନୀ ।

ବନ୍ଧୁ ବିରହିତ ସେନାପତିତ୍ୟକ୍ତ
ଜୟପୁର ରାଜା ହୋଇଣ ପରାସ୍ତ,
ବାହୁଡ଼ିଣ ଗଲେ ଜୟପୁର ଦେଶେ
ସକଳ ଭରସା ହେଲା ବିଧ୍ୱସ୍ତ ।

ଧନ୍ୟ ଭାଗ୍ୟଚକ୍ର- କଉଶଳଅବଧି
କେ ପାରେ କଳିଣ ଭାଗ୍ୟର ଗତି !
ମାନସିଂହ ଅଦ୍ୟ ବିପଦବିମୁକ୍ତ
ପରାଜିତ ଧ୍ୱସ୍ତ ଅମ୍ବରପତି !
ଦେଖି ହିନ୍ଦୁଙ୍କର ସ୍ୱଗୃହବିଚ୍ଛେଦ
ଲମ୍ପଟ ଅମିର ଚିନ୍ତିଲେ ମନେ—
ସୁବୁଦ୍ଧି ଖଟାଇ ଚିତୋରେ ଯାଇଁ ମୁଁ
ଲଭିବି ସୁନ୍ଦରୀ-କନ୍ୟା-ରତନେ ।
'ବୀର-ଅଙ୍କଲକ୍ଷ୍ମୀ ହୁଅଇ ସୁନ୍ଦରୀ'
ଏହି ଜନବାଦ ହୋଇବ ସାର,
'ଅଛି ଶକ୍ତି ଯାର ହେବ ଜୟ ତାର'
ନୁହନ୍ତି ସଂସାରେ କେହି ବାହାର ।

ଚିତୋରେ ଆସିଣ କହିଲା ପଠାଣ
"ହେଉ କୃଷ୍ଣା ଯୋଧପୁରର ରାଣୀ,
ନୋହିଲେ ସଂସାରୁ ବିଦାୟ ନେବ ସେ
ବୀର ଅମିରଙ୍କ ଏ ଧ୍ରୁବବାଣୀ !"

ଖାଁଅଙ୍କ ସଙ୍ଗତେ ଷଡ଼ଯନ୍ତ୍ର କରି
ରାଣାଙ୍କର ମନ୍ତ୍ରୀ ଭୀରୁ ଅଜିତ,
ଶିଶୋଦୀୟ କୁଳେ କଳଙ୍କ ଲଗାଇ
ସମ୍ମତି କହିଲା ହୋଇଣ ଭୀତ ।

Digitized by srujanika@gmail.com

ମୀରବଂଶୋଦ୍ଭୂତ ମାନସିଂହ ଯେଣୁ
ରାଠୋର କୁଳରେ ତାହାର ଜନ୍ମ,
ମନ୍ତ୍ର ପଢ଼େ କୃଷ୍ଣା ଥାଇ ଜାତିମାନ—
ଏହି କୁମନ୍ତ୍ରଣା ଦେଲା ନିର୍ମମ ।

ରାଜସେନାପତି ଦୌଲତ ସିଂହକୁ
ହତବୁଦ୍ଧି ରାଣା ଦେଲେ ଆଦେଶ,
"ବିଗ୍ରହ-ନିଧାନ କନ୍ୟା ବଧି ବୀର
ରଖ କୁଳ ଧର୍ମମାନ ସ୍ୱଦେଶ !"

ବୀରଦର୍ପଭରେ କହନ୍ତି ଦୌଲତ
"ଧିକ ଶତ ଧିକ ରାଜ-ଆଦେଶେ,
ଧିକ ଶତ ଧିକ ମୋର ରାଜଭକ୍ତି
ନାହିଁ ନାହିଁ କାର୍ଯ୍ୟ ମୋର ସ୍ୱଦେଶେ !
ନାରୀହତ୍ୟା ସଙ୍ଗେ କନ୍ୟାହତ୍ୟା ପାପ
କେମନ୍ତେ ବହିବ ହେ ଭୀମସିଂହ !
କପାଁ ତୁମ୍ଭ ସର ବ୍ୟାଘ୍ର ଶୃଗାଳ
ଜନ୍ମ କରିଥିଲା କ୍ଷତ୍ରିୟସିଂହ ।

କ୍ଷତରୁ ରକ୍ଷିତା କ୍ଷତ୍ରିୟ ଅଟଇ
ଆପଣା କନ୍ୟାକୁ ରକ୍ଷି ନ ପାର,
କେଉଁ ଆଶାରେ ହେ ଭୀରୁ ଭୀମସିଂହ
ରହିଅଛୁ ତୁମ୍ଭ ଜୀବନ ଧ୍ରୁବ ?
କେଉଁ ମୁଖେ ତୁମ୍ଭେ ବୀର ପ୍ରତାପଙ୍କ
ବଂଶଧର ବୋଲି କର ଗୌରବ,
ଦେଖ ଆସି ବୀର— କେଶରୀ ପ୍ରତାପ
ତୁମ୍ଭ ବଂଶ ଅଙ୍କ କି ନାରଖାର !"

ଯବାନ୍ ଦାଟେଖ କଲେ ଅନ୍ଧ ରାଣା ଭୀମ
ଦେଶରକ୍ଷା ନାମେ ନେଲେ ସେ ଅସି,
ନିର୍ଜନେ ନେଇ ସେ ସୁପ୍ତା କୃଷ୍ଣାଙ୍କୁ
ଖଡ୍ଗ କଲୁ ତାଙ୍କ ଗଡ଼ିଲା ଶିର !

Digitized by srujanika@gmail.com

ବିଫଳବାସନା ହୋଇ ଯିବାନ୍ ଦାସ
ନିବେଦିଲେ ଯାଇଁ ରାଣୀ-ଚରଣ,
"ଏ ନିର୍ଦ୍ଦୟ ଅଜ୍ଞା ନ ପାଳିବ ଦାସ
ଗଲେ ଯାଉ ପଛେ ତାର ଜୀବନ ।"
ଖାଆଁ-କୁମନ୍ତ୍ରଣେ ରାଣା ଭୀମସିଂହ
ବିଷଦାନ କଥା ସ୍ଥିର କରିଲେ,
ନାରୀମହଲକୁ ସନ୍ଦେଶ ପଠାଇ
କୋମଳ କରେ ଏ ଭାର ଅର୍ପିଲେ !
ସୁକୁମାରି ନାରି ! ତୋ ହୃଦ କୋମଳ
ସଂସାର-ମରୁରେ ସ୍ୱଚ୍ଛତଟିନୀ,
କେସନେ ବାଘୁଣୀ— ରୂପ ଧରି କାଳେ
ହେଉ ପୁଣି ନରନାରୀଘାତିନୀ ?
ଧିକ ଅମିର ଖାଁ ଧିକ ରେ ନିଷ୍ଠୁର !
ଦୟା ମାୟା କି ତୋ ହୃଦୟେ ନାହିଁ !
ବୃଥା ତୋର ଆଶା ବୃଥାରେ ଲମ୍ପଟ
ହିନ୍ଦୁବାଳା ତୋତେ ବରିବ ନାହିଁ ।
ବୀର-ପକ୍ଷପାତୀ ସର୍ବଦା ସୁନ୍ଦରୀ
ପାଷଣ୍ଡ ନୃଶଂସ ନୁହଇ ବୀର,
ଦୟା କ୍ଷମା ଧର୍ମ ସାଧୁତା ବିଶ୍ୱାସେ
ଅଳଙ୍କୃତ ସଦା ପ୍ରକୃତ ବୀର ।

ପଞ୍ଚମ ସର୍ଗ

ରାଣୀହଂସପୁରେ ପ୍ରବେଶୁଁ ବାରତା
କମ୍ପିଲା ରାଣୀଙ୍କ ସର୍ବ ଶରୀର,
କୋଟି ବଜ୍ର ଅବା ଏକତ୍ରିତ ହୋଇ
ତ୍ରାଟିଲା ଅପି ଜନନୀ-ଶିର !

Digitized by srujanika@gmail.com

ଚେତନା ଲଭିଣ କହନ୍ତି ଜନନୀ
"ଦାରୁଣ ବିଧାତା କି ଦୋଷେ ମୋର
ପରାଣେ ନ ମାରି ମରମେ ମାରୁଛୁ
ଦେଇଣ ଏସନ ଦଣ୍ଡ ଘୋର ?"

କହିଣ ଏତେକ ବଚନ ମହିଷୀ
ପଡ଼ିଗଲେ ପୁଣି ଧରଣୀତଳ;
ପ୍ରଶାନ୍ତ ସମୁଦ୍ରେ ଚଳନ୍ତା ନାବର
ପ୍ରଳୟ-ଜଳକୁ କେବଣ ବଳ ?
ଉଠି ବସି ପୁଣି କାନ୍ଦନ୍ତି ମହିଷୀ
ତନୟାର ଲୀଳା ଶୁଣିଲେ ତାହା,
"ଅଗ୍ନି ଲଙ୍ଘି ଛାଡ଼ି ପଥର କରଣ
କେମନ୍ତେ ବଞ୍ଚିବ ତେଜି ତୋ ମାୟା ?
ଜାଣିଲି ନିଶ୍ଚୟ ବହୁକାଳ ତୋତେ
ଛାଡ଼ି ଏ ସଂସାରେ ରହିବି ନାହିଁ,
ଯେଉଁ କେତେ ଦିନ ରହିବି ମାଆ ଲୋ
କହ ଦିନ ନେବି କା ମୁଖ ଚାହିଁ ?

ଦଶ ମାସ ତୋତେ ଗରଭେ ଧରିଣ
ସହିଲି ଅସହ୍ୟ ଯାତନା ଘୋର,
ଆଶା କରିଥିଲି ସୁଖ ଦେଖି ତୋର
ପାସୋରି ଯିବ ସେ ଦଣ୍ଡଣ ମୋର,
ଶୁଭ ସ୍ୱୟମ୍ବରେ ନୃପତି ଗଳାରେ
ଲମ୍ବାଇ ଥାଆନ୍ତୁ ବରଣମାଳା,
ଦେଖି ତା ପରିଣ ଭୂପତି ଦୁଅନ୍ତା
ପାସୋରି ପକାନ୍ତି ସକଳ ଜାଳା ।

କ୍ଷୁଧିରପେଣ୍ଡୁଲ ପାଳିଥିଲି ତୋତେ
ଭରି ଭରି କେତେ ଦେବ ମାନବେ,
ତୋ ମୁଖ-ଚନ୍ଦ୍ରମା ଉଇଁଲା ବେଳରେ
ଘୋର ମେଘ କାହୁଁ ଘୋଟିଲା ନଭେ !

Digitized by srujanika@gmail.com

ଜାତମ୍ବରୁ ସୁନା-   ସୁତା କାଢ଼ିନେଇ
ଦେଖାଇ ହସୁ ତେ ଲାବଣ୍ୟନିଧି,
ଭୁଞ୍ଜିଲୁ ଅନଳରେ   ହସ୍ତ ନିକ୍ଷେପିଣ
କି ଯଶ ଅର୍ଜୁରେ ଦାରୁଣ ବିଧି ?

ସଖୀ-ସଙ୍ଗତରେ   ଉଦ୍ୟାନ-କ୍ରୀଡ଼ାରୁ
ଫେରଅସି ଆଉ କେବେ ଲୋ କୃଷ୍ଣା,
'ମାଅ ବୋଲି ବାରେ   ଡାକି ନ ହସିବୁ
ଶରଦୁଃଖିନୀର ପରାଣ-ତୃଷ୍ଣା !

ବୀଣାଜିଣାକଣ୍ଠି   ପିକବଚନା ରେ
ନ ଶୁଣିବି ତୋର ମଧୁର ସ୍ୱନ,
ପୂର୍ଣ୍ଣ-ଇନ୍ଦୁମୁଖୀ   ତୋ ପଦ୍ମବଦନ
ନ ଦେଖିବ ମୋର ଦଗ୍ଧ ନୟନ !

ମୋ ଆଗରେ ତୋତେ   ଜୀବନ୍ତେ ମାରିବେ
କେମନ୍ତେ ଏ ଦୃଶ୍ୟ ଦେଖିବି ଚକ୍ଷେ,
ଶତଧା ବିଦୀର୍ଣ୍ଣ   ହୁଅ ଗୋ ଧରଣି
ପାଉ ଅଭାଗିନୀ ଠାଇଁ ତୋ ବକ୍ଷେ !

ରକ୍ତରି ରକତ   ମାଂସର ମୋ ମାଂସ
କି ଦୋଷେ ମୋ କୋଳୁ କରିବ ଛିନ୍ନ ?
ରକ୍ଷାକର ତୁମ୍ଭେ   ହେ ଦିବ୍ୟପୁରୁଷ
ଆକାଶରେ ଯେତେ କରୁଛ ଦନ ।

ଅହା ମୋର କୃଷ୍ଣା   ହା କ୍ରୂର ଅଜିତ
ହା ନିର୍ଦ୍ଦୟ ମ୍ଲେଚ୍ଛ ହାତ ରେ ବନ୍ଦୀ !
ଦୁଃଖିନୀପରାଣ-   ତନୟାର ଘାତେ
ଏ ଦାରୁଣ ଦୁଃଖ ଥିଲା ତୁ ଲହୁ ।

ଯେଣ ଉଦ୍ଧାରିଲି   ପଥେ ପଥେ ବୁଲି
ଭିକ୍ଷା ମାଗି ପଛେ କାଟିବି ଦିନ,
ପୂଜ୍ୟଗତପ୍ରାଣ।   ଲଭିବାମାତ୍ରରୁ
ନା ଜାଣ କରିକଚକୁସୁମ ଛିନ୍ନ ।

Digitized by srujanika@gmail.com

କାଟେନ୍ୟା ପ୍ରମାଣେ ଜଗତେ ତାହାର
ଦୋଷ କେବେ ମୁହିଁ କରୁ ତ ନାହିଁ,
ବିନା ଅପରାଧେ ମୋପ୍ରାଣଦୁହିତା
ସଙ୍ଗେ ମୋତେ ମାରୁଅଛ କିପାଇଁ ?

ବାଟଭିକାରୁଣୀ ଘୋରଚଣ୍ଡାଳୁଣୀ
ଭିକ୍ଷା-ଅନ୍ନେ ହେଲେ ବଞ୍ଚାଏ ପ୍ରାଣ,
ରାଜକନ୍ୟା ହୋଇ ମୋର ଦୁହିତାର
ଏ ଜଗତେ କିଲେ ନାହିଁକି ସ୍ଥାନ ?”

କାନ୍ଦୁଁ କାନ୍ଦୁଁ ରାଣୀ ମୂର୍ଚ୍ଛିତା ହୋଇଲେ,
ଏହୁ ଅବସରେ ଅଙ୍ଗନାଗଣ
କୃଷ୍ଣକୁମାରୀଙ୍କୁ ଜନନୀ ସିଂହ୍ୱାର
ପାଶୁଁ ଟାଣିନେଇ କଲେ ଗମନ ।

ମାତା ଶୋକ-ଛଳେ କାନ୍ଦିଲ ପ୍ରକୃତ
କାନ୍ଦିଲ ବିକଳେ ମିନାବଧରା
ରମଣୀ ଲଲାମ ବୈଦେହୀବିୟୋଗେ
ଯେସନେ ସାକେତ ଶୋକରେ ଭରା !

ଶୋକାର୍ତ୍ତା ମାତାଙ୍କୁ ବୋଧୁଥିଲେ କୃଷ୍ଣା
“କାନ୍ଦ ନା ଜନନି କାନ୍ଦ ନା ଆଉ,
ଥାଆନ୍ତୁ ଜନକ ନିରାପଦେ ବନ୍ଧୁ
ଗଲେ ପଛେ ମୋର ଜୀବନ ଯାଉ ।

ନ ଫୁଟୁଣୁ କଳି ପଡ଼େ ବୃନ୍ତୁଁ ଝଡ଼ି *
ବଡ଼ ସ୍ଥାନମାନ ନାରୀଜନମ,
ଏତେ କାଳ ଯାହା ବର୍ତ୍ତିଲ ପରାଣେ
ଅଟଇ ମାତା ତା ପିତାଙ୍କ ଧର୍ମ ।

---

* ଏଠାରେ ରାଜପୁତାନାରେ ପ୍ରଚଳିତ କନ୍ୟାହତ୍ୟା ପ୍ରଥାକୁ ଲକ୍ଷ୍ୟ କରା ହୋଇଅଛି ।

Digitized by srujanika@gmail.com

ତବ ଆଶୀର୍ବାଦେ ପ୍ରାଣର ଜନନି
ଅଜଠାରୁ ଦୁଃଖ ସବୁ ମୋ ଯାଉ;
ଭୀଷଣ କନ୍ଦର୍ପ ଅଟେ ଏ ସଂସାର,
କାନ୍ଦ ନା ଗୋ ମାତଃ କାନ୍ଦ ନା ଆଉ ।

ଭଙ୍ଗୁର ଏ ଭବ— ଭଗିନୀ ମାଆ ଲୋ !
ସଂସାରର ମାୟା ଦୁଇ ଦିନର;
ଘୋର ଦୁଃଖଶୋକେ ପୂର୍ଣ୍ଣ, ତାହା ପୁଣି
ନ ଘଟଇ ଭାଗ୍ୟେ କର୍ମହୀନର ।

ନୁହେ କି ମୁଁ ତୋର ତନୁଜା ଜନନି !
ଡରିବି କି ମୁହିଁ ଛାର ମରଣେ ?
ଶାନ୍ତିରେ ରହୁ ଲୋ ଏ ମୋର ସ୍ୱଦେଶ
ଥାଅ ତୁମ୍ଭେମାନେ ଆନନ୍ଦମନେ ।”
ଏଥୁଅନ୍ତେ ପିତୃ— ନାମେ ବିଷପାତ୍ର
ସମର୍ପିଲା ଆଣି ପରିଚାରିକା,
ପିତାଙ୍କ ଉଦ୍ଦେଶ୍ୟେ କରିଣ ପ୍ରଣାମ
ପାନ କଲେ ତାହା ବୀରବାଳିକା ।

ପିତାଙ୍କ ଆଦେଶେ ଚଉଦ ବରଷ
ଯେସନ ଯେହ୍ନେ ରାମ ଭ୍ରାତା ସଙ୍ଗେ
ଗହନ ବିପିନେ ଭ୍ରମିଥିଲେ ଯାହା
ଆଦିକାବ୍ୟେ ଗଲେ ବାଲ୍ମୀକି ଗାଇ;
ପିତୃଆଜ୍ଞା ପାଳି ସତ୍ୟବ୍ରତ ଯେହ୍ନେ
ରହିଲେ କୁମାର ଚିରଜୀବନ,
ଜନକ ଆଦେଶେ ଯେହ୍ନେ ବୀର ଚଣ୍ଡ
ରାଜସିଂହାସନ କଲେ ବର୍ଜନ ।

ନୃଶଂସ ମାନବ କଲା ଯେଉଁ କର୍ମ
ବିଷ କଲା ତହିଁ ଦୟା ବହୁର,
ଉଦ୍ଦାମ ଯୌବନେ କାଳ-ହଳାହଳ
ନ ନେଇ ପାରିଲା ପ୍ରାଣ କୃଷ୍ଣାର ।

Digitized by srujanika@gmail.com

କୃଷ୍ଣାରକ୍ତ[illegible] ଅମିଅ-ଅନ୍ୱେଷଣେ
ଦେଲେ ପୁଣି ବିଷ ହ୍ଲେଖାପୁବାର,
ଶିଶୁପଟେଭା[illegible]ଳ ଭରୁଣ ଭନ୍ନରେ
ପୁଣି ଜାଳବନ୍ଧ ମାଗିଲ ହାବ ।

ବାବ ବାବ [illegible] ଭନ ବାବ ବିଷ
ନିସ୍ତୃ[illegible] ବିନାଶେ ହାଠ,
ଭତୁର୍ଥ ବାବ[illegible] ବିଷପାନେ ଗଲେ
ଭଗ[illegible] କୃଷ୍ଣକୁମାରୀ ।

ଶୁଦସ୍ୱପ୍ନ[illegible]— ଅନ୍ତେ ଯେ ବହନ୍ତେ
ନବବାଞ୍[illegible] ଗର୍ଭ [illegible]ନ,
ହଳାହଳପାନେ ଦାରୁଣଶ୍ମଶାନ-
ଚୋ[illegible]ଳ [illegible]ଲେ ଆତ୍ମା ଭରଣପୁନ ।

ଶର୍ମିଷ୍ଠା

Digitized by srujanika@gmail.com

ପ୍ରଥମ ସର୍ଗ

ନହୁଷ ନନ୍ଦନ ନୃପେନ୍ଦ୍ର ଯଯାତି
ଶାନ୍ତିରେ ପାଳନ୍ତି ଦେଶ,
ଋତୁ-ଆବର୍ତ୍ତନେ ଋତୁରାଜ ମଧୁ
ପୃଥିବୀରେ ପରବେଶ ।
ବିହଙ୍ଗ-ବନ୍ଦିତ କିଶଳୟ ଧ୍ୱଜ
ଋତୁରାଜ କୁଳପତି,
ପ୍ରଫୁଲ୍ଲ ପ୍ରସୂନ ଧରନ୍ତି ତା ଶିରେ
ସ୍ୱକୋଶିତ ପାଟଛତି ।
ଦକ୍ଷିଣ ମଳୟ ପରିଚର ତାର
ପିକ-ପଞ୍ଚମ ତା ତୂରୀ ।
ସୁରଭି କୁସୁମ ଚନ୍ଦନର ବାସ
ମନ୍ଦାକାଏ ତା ମାଧୁରୀ ।
ସହକାର ଦ୍ରୁମେ ମାଧବୀ ଲତିକା
ଦୋଳୁଅଛି ନାଚୁ ଛନ୍ଦ,
ଯୁଗଳ ମିଳନ ଜୟ ଗାଉଅଛି
ପାରୁଶେ ମିଳିନ୍ଦ ବନ୍ଦୀ ।

ଅଶୋକ ବକ୍ଷରେ ସ୍ତବକ ସ୍ତନର
ଗୁଚ୍ଛଭରେ ଅନମିତ,
ଶାଖା ଅନ୍ତରାଳେ ମଧୁର ପଞ୍ଚମେ
ଗାଏ ପିକ ପ୍ରେମ-ଗୀତ ।
ପ୍ରଫୁଲ୍ଲ ପଳାଶ ପ୍ରସୂନ ବିପିନେ
ବିକୀରେ ଲାବଣ୍ୟ ଧନ,
ଝିଲ୍ଲୀ-ଝଙ୍କାରିତ ମଞ୍ଜୁଳ ବଞ୍ଜୁଳ
ନିବିଡ଼ ନିକୁଞ୍ଜବନ ।
କର୍ଣ୍ଣିକାର ପୁଷ୍ପ ଦଶେ ଅନୁପମ
ଶିବ ଶିରର କିବା ଶୋଭା !
ଅଶେଷ ସୁଷମା ପୂର୍ଣ୍ଣ ହୋଇଅଛି
ଜନମନନେତ୍ରଲୋଭା ।

Digitized by srujanika@gmail.com

ଏମନ୍ତ କାଳରେ ହସ୍ତିନା ନରେଶ
ଘେନି ଅନୁଚର ସଙ୍ଗେ
ମୃଗୟା-ଅନ୍ୱେଷେ ବିଜେ ବୀରବର
ଆରୋହି ତୁଙ୍ଗ ତୁରଙ୍ଗେ ।
ପୃଷ୍ଠେ ତେଜି ଦଳ ଝଁପଟାଇ ହସ୍ତ
ପରିକ୍ରମି ଗଲେ ଚଳି,
କାନନ-ଲକ୍ଷ୍ମୀଙ୍କ ପ୍ରିୟ କେଳିପୀଠେ
ଦେଖିଲେ ବିବିକ୍ତ ସ୍ଥଳୀ ।
ନିଚୁଳ କିଂଶୁକ ନୀପ ଚୂତ ବଟ
ପିଅଳ ତମାଳ ତାଳ
ନାରିକେଳ ପୂଗ ଖର୍ଜ୍ଜୁର ପନସ
ଅଶ୍ୱତ୍ଥ ଅଶନ ଶାଳ ।
ତିନ୍ଦୁକ ଇଙ୍ଗୁଦ ଶାଲ୍ମଳ ଅର୍ଜ୍ଜୁନ
ଶୃଙ୍ଗାରହାର ଟଗର,
ବେଣୁ ଧବ ଜମ୍ବୁ ନିମ୍ବ ବିଲ୍ୱ ଲୋଧ୍ର
ଗୋଡ଼ିବାଣ କନିଅର,

ତିନିଶ ପଦ୍ମକ ବିଭୀତକ ପ୍ଲକ୍ଷ
କୁରବକ ଆମଳକ,
ହରୀତକୀ ହାଣ୍ଡି ଅଗସ୍ତି ତିନ୍ତୁଡ଼ି
ସୁରତରୁ ଶାଖୋଟକ,
ମନ୍ଦାର ବକୁଳ ବନ୍ଧୂଲି ପୁନ୍ନାଗ
ଖଦିର ହାଣ୍ଡି ବଦର,
ଅଶୋକ ଶିରୀଷ ଚମ୍ପକ ଶିଂଶପା
ମୁଚକୁନ୍ଦ ଉଡ଼ୁମ୍ବର ।
ମାଧବୀ ମହୁଆ କାମିନୀ କଅଳି
ଯୂଇ ଜାଈ କୁନ୍ଦ ମଲ୍ଲୀ,
ପୁଷ୍ପଫଳଯୁତ ବିଟପୀ ବଲ୍ଲରୀ
କିଅଁ ଲେଖୁ କାହିଁ କଳି ।

Digitized by srujanika@gmail.com

ଗାଢ଼େ ଛନ୍ଦାଚ୍ଛନ୍ନ   ବଲ୍ଲୀ ବନସ୍ପତି,
ଭାନୁକର ପ୍ରତିହତ,
ବିଜନତା ସଙ୍ଗେ   ଖେଳନ୍ତି ସଗର୍ବେ
କାନନ-ଲକ୍ଷ୍ମୀ ଜଗତ ।
ଶ୍ରୀମନ୍ତ ବସନ୍ତ-   ଆଗମେ ପ୍ରଫୁଲ୍ଲ
ବିଟପି-ନକ୍ଷସ୍ୱପନ୍ତ
ନବବିବାହିତ   ବରବଧୂ ସମ
ଯୁଟନ୍ତେ ଯୁଟନ୍ତ ନିବସନ୍ତି ।
ତରୁ-ଆଲିଙ୍ଗିତା   ବାତ-ଆନ୍ଦୋଳିତା
ଲଳିତ ଲବଙ୍ଗଲତା
ଦ୍ରୁମଗଣ୍ଡ ଚୁମ୍ବି   ମୁହଁ ହଲାଇଣ
କହେ କି ପ୍ରଣୟ-କଥା ?
ତାରକାଖଚିତ   ଗଗନ ସମାନ
ଶ୍ୟାମବନ ଶୋଭିବନ,
ତାରକା ପରିଚୟେ   କାନନକୁସୁମ
କିଏ କରିବ ଗଣନ !

ବନ ସରସୀରେ   ବାତ-ଆନ୍ଦୋଳିତା
ଶୋଭିବତୀ କୁମୁଦିନୀ,
ସୌଗନ୍ଧିକ ଗନ୍ଧେ   ପ୍ରମୋଦିତ ଦିଗ
ହସେ ବନକମଳିନୀ ।
ବିଜନ ଗହନ   ଝିଲ୍ଲୀଝଙ୍କାରିତ
ବିହଙ୍ଗମନିଷେବିତ,
ତରୁତଳେ ଗତ   ଫଳ ପତ୍ର ପୁଷ୍ପ
ଆସ୍ତରଣରୂପେ ସ୍ଥିତ ।
ରତନସନ୍ନିଭ   ବିବିଧ ପର୍ବତ
ବିହଙ୍ଗକୂଜିତ କୁଞ୍ଜ,
ଅମ୍ବରଚୁମ୍ବିତ   ସୁନୀଳ ଉତ୍ତୁଙ୍ଗ
ଶିଖରଶିଖରପୁଞ୍ଜ ।

Digitized by srujanika@gmail.com

ସରୋବର ବାପୀ ପଲ୍ୱଳ ତଡ଼ାଗ
ତୃଣୋଦସ୍ତ ତରଙ୍ଗିଣୀ,
ବରଷ ଯୁଦ୍ଧର ତୁଙ୍ଗ ଗିରିକୂଟ
ଜଳଗିର ନିର୍ଝରଣୀ ।
ଅବୃତ ନୟନେ ଏ ଅପୂର୍ବ ଶୋଭା
ନିରେଖି ସୁଷମା ହାଟେ
ତନ୍ମୟ ବରୋର ହୋଇ ପୂର୍ବାର୍ଦ୍ଧ
ଗମିଲେ ଜାଙ୍ଗଲ ବାଟେ ।
ନିବିଡ଼ ବିପିନେ ଅଳକ୍ଷ ସ୍ଥଳୁ
ଅବଳା-ବିଳାପ-ଧ୍ୱନି
ଶୁଣି ଫେରିଗଲେ ସେଣୁ ଅଢ଼େ ଦଣ୍ଡୁ
ଶ୍ୱସୁତ୍ରର ନରମଣି ।
ଦେଖିଲେ ନିକଟ ଘୋରୋଦର କୂପେ
ବସିଛେ ମଞ୍ଜୁଭାଷିଣୀ,
ହେମଗୌର ଅଙ୍ଗ-ଯଷ୍ଟି ଶୋଭେ ଯେସନେ
ଅଭ୍ରେ ସ୍ଥିର ସୌଦାମିନୀ ।

ଋଷି-ଅଭିଶାପେ କିବା ସ୍ୱର୍ଗଭ୍ରଷ୍ଟା
ଭୂପତିତା ଦେବକନ୍ୟା,
ଅବା ନାଗବାଳା ବାହୁବଣା ହୋଇ
ଧରଣୀ କରନ୍ତି ଧନ୍ୟା !
ଅଙ୍ଗ-ପ୍ରଭାପୂରେ ଆଲୋକିତ କରେ
ସେ କରାଳ କୂପୋଦରେ,
ପ୍ରଫୁଲ୍ଲ ପଙ୍କଜ ବିରାଜଇ ଯେସନେ
ପଙ୍କିଳ ଜଳାଶୟରେ ।
ଦୁଃଖପରଭାଗୀ କ୍ଷୁବଧି ବିହଙ୍ଗୀ
ପ୍ରାପ୍ତ କାନ୍ଦୁଥିଲା ଦୀନା,
ଶୁଭୁଥିଲା ତାର ମଧୁର ସୁସ୍ୱର
ଯଥା ବାଦ୍ୟରାଣୀ ବୀଣା ।

Digitized by srujanika@gmail.com

ଲାବଣ୍ୟ-ତରଳ ଚଳ ଚଳ ମୁଖେ
ନୀଳ ନୟନଯୁଗଳ,
ସ୍ୱର୍ଣ୍ଣଦୀ ଜଳସେ ଅନ୍ଦୋଳିତ ହୁଏ
କି ଅବା ନୀଳକମଳ !
କଣ୍ଟକିତ ଅଙ୍ଗେ ବାଳା ସ୍ୱିନ୍ନକର
କରନ୍ତି ନୃପ ଧାରଣ
ଜଙ୍ଘାର ଉପରୁ ଦେଇ ପ୍ରବୋଧନା
କଲେ କୁଶଳ ପ୍ରଶନ ।
ପୁଚ୍ଛନ୍ତି ପରିଚୟ ନୃପତି ବାଳାର
ଲଜ୍ଜା ଦୁଃଖେ ଗଲା ମରି,
ପିତୃ ପରିଚୟ ନ ଦେଲା କୁମାରୀ
ନିଜ ଦୁର୍ଦ୍ଦଶା ସୁମରି ।
ଅତି କଷ୍ଟେ ବାଳା କହିଲା, "ହେ ଦେବ,
ଏହି ବାଳା ମାତୃହୀନା,
ଶ୍ରୀପଦ ଦର୍ଶନ ଏହି ବନେ ପୁଣି
ବାରେ ସେ ପାଇବ କି ନା !"

ହସ୍ତିନାକୁ ଗଲେ ନରେଶ ବିଷଣ୍ଣ
ରକ୍ଷୀ ଦେଇ ଶ୍ୟାମା ସଙ୍ଗେ,
ଗଲାବେଳେ ମୁଗ୍‌ଧା ଅନାଇଣ ଥିଲା
ସତୃଷ୍ଣେ ନୃପେ ଅପାଙ୍ଗେ ।
ସେ ବିଜନ ବନେ ସେ ମନୋମୋହନ
ରୂପେ ସେ ସୁଧା ବଚନେ,
ସେ ସୁଧା ପରଶେ ଦ୍ରବିଲା ଅବଶେ
ମୃତ ସାଜୁ କି ଲକ୍ଷଣେ ।
ରହି ରହି ଚାହିଁ ପଛକୁ କାମିନୀ
ଇତର-ନିମିତ୍ତ-ବ୍ୟାଜେ
ସତୃଷ୍ଣ ତରଳ ଅପାଙ୍ଗ ଚାହାଣି
ନିକ୍ଷେପି ତରୁଣରାଜେ ।

Digitized by srujanika@gmail.com

ଯୋଗ୍ୟ ପାତ୍ର ସଙ୍ଗେ ଭେଟ ହେଲେ ଘଟେ
କଟାକ୍ଷେ ପ୍ରାଣପ୍ରଦାନ,
ଏକବର୍ଣ୍ଣ ସଙ୍ଗେ ଥିଲେ, ସମଧର୍ମୀ
ନୋହିଲେ ସେ ଅନ ଅନ ।
ଘନୀଭୂତ ପ୍ରୀତି ଉଛୁଳେ ନୟନେ
ହୃଦ ହେଲେ ଉଦବେଳ,
ଜନକର ବର ପ୍ରଣୟି-ଯୁଗର
ନେତ୍ରେ ନେତ୍ରେ ହେଲା ମେଳ ।
ଶିବ-ଧନୁଧାରୀ ରଘୁବୀର ସମେ
ବୈଦେହୀ କଲେ ବରଣ,
ଦେବୀ ହୃଦୟକୁ ସଂଯୋଗ କରଣେ
ଅପାଙ୍ଗ ହେଲା କାରଣ ।
ବଧୂକଣ୍ୱବଧୁ ଦୁଷ୍ମନ୍ତନରେଶ-
ଶକୁନ୍ତଳା ସୁମିଳନେ
ନେତ୍ରେ ନେତ୍ରେ ପିନା ବାନ୍ଧିଲେ ପରାଣ
ଦେହଙ୍କୁ ସେ ଦେହ ଜନେ ।

ଅଜ-ଇନ୍ଦୁମତୀ— ସ୍ୱୟମ୍ବର ବେଳେ
ଲକ୍ଷ ନୃପଗହଳରେ
ବୈଦର୍ଭୀ ହୃଦୟ ଅପାଙ୍ଗେ ବାନ୍ଧିଲେ
ପରାଣ-ଈପ୍ସିତ ବରେ ।
ବିଦର୍ଭ-ତନୁଜା ଦମୟନ୍ତୀ ସାଧ୍ୱୀ
ସମାଗତ ସୁର ନରେ,
ଅପାଙ୍ଗେ ଆସକ୍ତା ଦେଲେ ନଳକଣ୍ଠେ
ବରଣମାଳା ଶ୍ରୀକରେ ।
ଇନ୍ଦ୍ରକୋପିତ ଶ୍ମଶାନବିଳାସୀ
କୁଣ୍ଡଳ-ଭୂଷା ସନ୍ନ୍ୟାସି—
ପଦତଳେ ଜାନ୍ତ ପ୍ରଣୟପସରା
ହୋଇଥିଲେ ବନବାସୀ

Digitized by srujanika@gmail.com

ରମଣୀଲଲାମ ଗୌରବାଜନେମା
ତେଜି ସର୍ବ ଅଭିମାନ
ସେବିଣ ତାପସେ ହେଲେ ତପସ୍ୱିନୀ
ପାଇ ପତି-ପ୍ରତ୍ୟାଖ୍ୟାନ ।
ଅଶ୍ୱପତିସୁତା ନୃପେନ୍ଦ୍ର-ତନୁଜା
ବିପନ୍ନ କାନନଗୃହୀ
ବୃଦ୍ଧ-ଅନ୍ଧ-ପିତା— ମାତା-ଅପତ୍ୟଙ୍କୁ
ବର ହେଲେ ତାଙ୍କ ନାରୀ ।
ପ୍ରେମିକ-ନୟନ ସାର ଦରପଣ
ଅନ୍ତର ପରୀକ୍ଷା ପାଇଁ,
ନାହିଁ ଯେବେ ପ୍ରେମ ହୃଦ ଅଭ୍ୟନ୍ତରେ
ଛାୟା ବା ପଡ଼ିବ କାହିଁ ?
ପ୍ରେମିକ-ନୟନ ସ୍ୱଚ୍ଛ ସରୋବର
ପ୍ରେମ ଆକାଶର ଚନ୍ଦ୍ର,
ପ୍ରେମ ଅଟେ ପୂର୍ଣ୍ଣ ଶାରଦ ଚନ୍ଦ୍ରମା
ନେତ୍ର ଉଚ୍ଛ୍ୱସିତ ସିନ୍ଧୁ ।

ଏ ଅନ୍ଧ ଭୁବନେ ଭେଦଦରଶନେ
ପ୍ରୀତି ବିନା ସୁ-ଅଞ୍ଜନ,
ଆନ ଦେଖି ଯାହା ନ ପାରଇ ତାହା
ପ୍ରଣୟୀ କରେ ଦର୍ଶନ ।

ଦ୍ୱିତୀୟ ସର୍ଗ

ଉଦ୍ଧାର ଲଭିଣ କୂପୁଁ ଦେବଯାନୀ
ମୃତକଳ୍ପା ଅପମାନେ
ସଖୀ ଘୂର୍ଣ୍ଣିକାକୁ ପେଷିଲେ ମାନିନୀ
ଜନକଙ୍କ ସନ୍ନିଧାନେ ।

Digitized by srujanika@gmail.com

ଶୁଣି ଶୁକ୍ରଗୁରୁ ତୁରନ୍ତ ମିଳିଲେ
ପ୍ରାଣପ୍ରିୟା ସୁତା ପାଶେ,
ପ୍ରଣମି ସେ କୂପ- ପତନ-ବୃତ୍ତାନ୍ତ
ନିବେଦେ ପିତୃ ସକାଶେ ।
"ପିତଃ ! ଜଳକ୍ରୀଡ଼ା ସମାପି ସମସ୍ତେ
ତଟବଟମୂଳେ ଯାଇ
ଦେଖିଲୁଁ, ବସନ ନିଜ ନିଜ ସ୍ଥାନେ
ପୂର୍ବ ପର ଅତ୍ର ନାହିଁ ।
ଭ୍ରମବଶେ ସ୍ୱଜ— ଜେମା ମୋ ବସନ
ପିନ୍ଧନ୍ତେ ଲାଗିଲା କଳି,
ଜେମା ସେବାଦାସୀ ମୋତେ ତିରସ୍କାର
'କୂପେ ଠେଲି ଗଲା ଚାଲି ।
ମୃଗୟା-ଉଦ୍ଦେଶ୍ୟେ ହସ୍ତିନା-ଈଶ୍ୱର
ପ୍ରବେଶିଥିଲେ କାନନ,
କୂପୁଁ ଉଦ୍ଧାରଣି ରଖିଲେ ନୃପେନ୍ଦ୍ର
ତାତ ! ମୋର ଏ ଜୀବନ ।"

ଶୁଣି ପ୍ରବୋଧିଲେ ବିଜ୍ଞ ଦୈତ୍ୟଗୁରୁ,
"ଅରଣ୍ୟରେ କୂପ ତଳେ
ପଡ଼ିଲୁ, ତନୟେ ! ନ କର ଶୋଚନା,
ନିଜକୃତ କର୍ମଫଳେ ।
ଏ ଜଗତେ ସର୍ବ କର୍ମର ଅଧୀନ,
କର୍ମ ଦୁଃଖସୁଖ ହେତୁ,
କର୍ମ କରେ ସ୍ୱର୍ଗ ନରକ ରଚନା,
ଭୋଗ ଜାତ କର୍ମକ୍ଷେତୁଁ ।
ଯୋଗବଳେ ମୁହିଁ ଜାଣିଲି ଆତ୍ମଜେ !
କୁ-ଉଦ୍ଦେଶ୍ୟ ପୁରନ୍ଦର
ମରୁତେ ବରଗ ସମାହୃତ କଲେ
ବାସ ତୁମ୍ଭମାନଙ୍କର ।"

Digitized by srujanika@gmail.com

କହେ ଶୁକସୁତା, "ଯାହାହେତୁ ଏବେ
ବୃଷପର୍ବାସୁତା ମତେ
'ସ୍ତାବକତନୟା' ବୋଲି କୂପେ ଠେଲି
ଦେଲା, ମୁଁ କି ତାହା ସହେ ?"
ଉତ୍ତରନ୍ତି ଦାନବ— ଗୁରୁ ଶୁକ୍ରାଚାର୍ଯ୍ୟ
ବିଜ୍ଞ ବୃଦ୍ଧ ଶୁଦ୍ଧଚେତା,
"ନହୁଷତନୟ, ଇନ୍ଦ୍ର, ବୃଷପର୍ବ,
ଜାଣନ୍ତି ଦାନବନେତା,
ସ୍ତାବକସୁତା ତୁ ନୋହୁ ଦେବଯାନୀ,
ନୁହେ ମୁହିଁ ଚାଟୁକାର,
ଧରାର ଭାରତ ମନୀଷିମଣ୍ଡଳୀ
ସ୍ତାବକ ତୋହ ପିତାର ।
ଅଚିନ୍ତ୍ୟ ନିର୍ଦ୍ୱନ୍ଦ୍ୱ ପରମବ୍ରହ୍ମହିଁ
ଏ ଜଗତେ ମୋର ଶକ୍ତି,
ଜୀବହୃଦେ ରତି ସ୍ୱୟମ୍ଭୁ ବିଧାତା
ମୋତେ କରିଥାନ୍ତି ଭକ୍ତି ।

ଶର୍ମିଷ୍ଠା ଅଜ୍ଞାନା ବାଳିକା ତା କଥା
ଧରିବା ନୁହେ ବିହିତ,
ସଖୀ ତୋର ସେହୁ, ତା ଦୋଷ, ତନୁଜେ !
କ୍ଷମା କରିବା ଉଚିତ ।
ଯେହୁ କ୍ଷମାଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଅମୃତ
ଝୁଅଇ ତାହାର ଲବେ ।
ଅଶ୍ୱରଶ୍ମି ଗ୍ରାହୀ ସାଧୁସମାଜରେ
ପ୍ରକୃତ ସାରଥି ନୁହେ,
ଅଶ୍ୱସମ ଉଠେ— ଜିତ କ୍ରୋଧେ ଜଣେ
ସେହୁ ଟେକ ସାରଥି ହୁଏ ।

Digitized by srujanika@gmail.com

ଦୁର୍ବଳ ଦ୍ୱେଷାଗ୍ନି ’ପରେ କ୍ଷମାବାରି
ସେଚନ କରି ଯେ ପାରେ,
ଜନ୍ମି ହୁଏ ସେହି ସ୍ଥାବର-ଜଙ୍ଗମ—
ଦୃଷ୍ଟେ ଏହି ବସୁଧାରେ ।
ପର କୁକର୍ମରେ ପର ସିନା ଦୋଷୀ
ଭୁଞ୍ଜିବ ସେ ପାପଫଳ,
ତାହା ଅପରାଧେ ତୋ ଅନ୍ତର କିପାଁ
ହେବ କୋପେ ଜରଜର ?
ଭୁଜଙ୍ଗ ନିର୍ମୋକ ତେଜିଲା ପରାଏ
କରେ ଯେ କ୍ରୋଧ ବର୍ଜନ,
ଜିତେନ୍ଦ୍ରିୟ ବୋଲି ସେହି ମହାଜନେ
ପୂଜନ୍ତି ଜଗତ ଜନ ।
ଶତ ବର୍ଷ ଯଜ୍ଞ ପ୍ରତିମା ପୂଜାରେ
ଯେ ଧର୍ମ ନୁହେ ସଞ୍ଚିତ,
ତାହା ପ୍ରତି କେବେ କୁପିତ ନୋହିଲେ
ହୁଏ ସେ ପୁଣ୍ୟ ଅର୍ଜିତ ।

ବିଜ୍ଞଜନେ କେବେଁ କ୍ରୁଦ୍ଧ ନ ହୁଅନ୍ତି
କ୍ଷମା ଧୈର୍ଯ୍ୟ ବିଭୂଷିତ,
କ୍ଷମତା ସ୍ୱର୍ଗୀୟ, କ୍ରୋଧ ନାରକୀୟ,
ସ୍ଥିର କର ସୁତା ଚିତ୍ତ ।
କ୍ଷମା କଲେ ଝିଅ ! କ୍ଷମା ତ ମିଳଇ,
କ୍ଷମାର ନ ମିଳେ ଅନ୍ତ,
କ୍ଷମାର ଗ୍ରହିତା କ୍ଷମାଦାତା ଦୁହେଁ
ଏ ଭୁବନେ ଭାଗ୍ୟବନ୍ତ ।
ଦିବ୍ୟ ଧାମୁଁ ସୁଧା— ତରଙ୍ଗିଣୀ ତହୁଁ
ଓହ୍ଲାଇ ଆସିଛି କ୍ଷମା
ପ୍ରାଣିହିତକର ବାରିଦଜୀବନ
ସୁନିର୍ମଳ ଧାରାସମା ।

Digitized by srujanika@gmail.com

ବଇକୁଣ୍ଠ ଗଙ୍ଗା— ଯହୁଁ କୈବଲ୍ୟ କି
ତ୍ରିଡ଼ଙ୍କ ପଞ୍ଜରୁ ଢଳେ ?
ସ୍ୱର୍ଗୀୟ କରଇ ଏହି ଦିବ୍ୟ କ୍ଷମା
ପାର୍ଥିବ ଶରୀର ବଳେ ।
ସିଂହାସନାରୂଢ଼— ନୃପତି-ମୁକୁଟ—
ମଣି ମହାମୂଲ୍ୟ ଲଭେ,
ନୃପ-ହୃଦବେଦୀ— ଅଭିଷିକ୍ତା କ୍ଷମା
ଅଟଇ ଅମୂଲ୍ୟ ଭବେ ।
ରାଜଦଣ୍ଡ ସିନା ଉପୁଜାଏ ଭୀତି,
କ୍ଷମା ଭକତି-କାରଣ,
କ୍ଷମାମୟ ହରି ଅନନ୍ତ କ୍ଷମାରେ
ପାଳନ୍ତି ବିଶ୍ୱଭୁବନ ।
ନ୍ୟାୟେ ପାପୀ ନର ନ ପାଇବେ ମୁକ୍ତି,
କ୍ଷମା ମୁକ୍ତିଦାନେ କ୍ଷମ;
ପାର୍ଥିବ ଶକତି କ୍ଷମାସୁସଙ୍ଗତ
ହୁଏ ଦିବ୍ୟଶକ୍ତି ସମ ।

ଦେଉଥିଲେ କ୍ଷମା ମିଳେ ତା ଅଧିକ,
ବୁଣିଥିଲେ ପାଇ ଫଳେ,
ଅପୂର୍ଣ୍ଣ ଏକାକୀ ଜୀବାତ୍ମା ତରଇ
ମୃତ୍ୟୁନଦୀ କ୍ଷମାବଳେ ।
ଦୋଷ ପିପୀଲିକା— ଦଂଶନ ପରସ୍ପେ
ଘଟିଥାଏ ଅନୁକ୍ଷଣ,
ଏକକୁ ମାରିଲେ ଇତର ଦଂଶଇ,
ଜୀବବଧ ଅକାରଣ ।
ଏକ ଅନନ୍ତ ଅଟେ ଅନ ପିପୀଲିକା
ମାରିବା ହୁଏ ବିଫଳ,
ପରହିଂସାବେଗରେ ନ ହୋଇ ବିକୃତ,
ହୃଦୟ କର ନିର୍ମଳ ।

Digitized by srujanika@gmail.com

କହିବା ଲୋକ ତ   ମହତ ନୁହଇ,
  ମହତ ସହିବା ଜନ,
ସହସ୍ର ଭାସ୍ୱାନ   କାଳର ବାଳକ
  ତୁଅନ୍ତି କୋଧେ ଅଜ୍ଞାନ ।
କହେ ଋଷି-କନ୍ୟା,   "ତବ ଉପଦେଶେ
  ଜାଣଇ କ୍ଷମାମହତ୍ତ୍ୱ
ଜାଣେ ଶତ୍ରୁ ସଙ୍ଗେ   ମିତ୍ରତା ସୁନ୍ଦର,
  ଶୁଣିଛି ଶ୍ରୀମୁଖୁଁ ତତ୍ତ୍ୱ ।
କିନ୍ତୁ ଯେଉଁ ଶିଷ୍ୟା   ଅଶିଷ୍ୟା ପରାଏ
  କରେ ଦର୍ପ-ବ୍ୟବହାର,
କେଉଁ ମୁଖେ ମୁହିଁ   ହୀନ ଭାବେ ଯାଇଁ
  ସଙ୍ଗତେ ରହିବି ତାର ?
ବିଭବ ଅଗୁର   ବଂଶ ଜାତି ମାନ
  ଯେବେ ଯେତେ ନିନ୍ଦା କରେ,
ତାର ଅସ୍ଫାଳନ   ଶୁଣୁଁ ଶୁଣୁଁ ବେଳେ
  ରହିବଇଁ ତାହା ଘଟିବ ?

ସହିଂ ଋଷି-ବର   ମାନବ ଅସହ୍ୟ
  ବାଲ୍ୟ ବର୍ବର ଚିତ୍ର,
ଦେଖିଥାଇ ତାର   ଦାସୀ ଗର୍ବବାଣୀ
  ଅନ୍ତର କରେ ସନ୍ତପ୍ତ ।
ଲଭ-ଅର୍ଥେ ଯେଉଁ   ଖାଇ କ୍ଷୀବଜନ
  ସହେ ଧନ-ଅପମାନ,
ସେ ହୀନ ପଥରେ   ବଞ୍ଚିଥିବା ଠାରୁ
  ଶ୍ରେୟସ୍କର ଯିବା ପ୍ରାଣ ।"
ଏମନ୍ତ ସମୟେ   ଦାନବ-ଈଶ୍ୱର
  ମିଳିଲେ ସେହି ସ୍ଥାନରେ,
ଦାନବେଶ ଗୁରୁ   ମାଗିଲେ ମେଲାଣି
  ଦାନବରାଜ ପାଶରେ ।

Digitized by srujanika@gmail.com

'ଅସୁରେଶ ! ଏତେ ଦିନ ରହି ଏଥି
ସଞ୍ଜୀବନ-ମନ୍ତ୍ର ଯୋଗେ,
ଏ ଦାନବ ଦେଶ ଦେବ ଉପଦ୍ରବୁଁ
ରଖିଲଇଁ ତୁମ୍ଭ ଭୋଗେ ।
ଆମ୍ଭେ ତବ ହିତେ ଥାଉଁ ରତ ସଦା
ତବ ଅନୁଚରଗଣ
ଆମ୍ଭ ଅମଙ୍ଗଳ ଘଟାନ୍ତି ସତତ,
କରବୁଁ ଏଥୁଁ ଗମନ ।
ଦେବଗୁରୁସୁନୁ ଶୁଦ୍ଧଚେତା କଚ
ଶିଷ୍ୟତ୍ୱ କରୁଁ ସ୍ୱୀକାର
ବଧିଲେ ଅସୁରେ ଶୁଦ୍ଧ ଶାନ୍ତଚେତା
ମୋ ଶିଷ୍ୟକୁ ବାରମ୍ବାର ।
ସଞ୍ଜୀବନ-ମନ୍ତ୍ର— ପ୍ରଭାବରେ କଲି
ଦିବାର ଜୀବନ ଦାନ;
ଏବେ ତବ କନ୍ୟା ହରୁଥିଲେ ମମ
ସୁତା ଦେବଯାନୀ-ପ୍ରାଣ ।"

ବୋଲନ୍ତି ଦାନବ— ବଂଶ-ଅଧିପତି
"ଶୁଣ ଗୁରେ ! ମମ ବାଣୀ,
ତୁମ୍ଭର ଏ ରାଜ୍ୟ ଏ ସୁକୃତପୁଞ୍ଜ
ଏ ଅସୁରରାଜଧାନୀ ।
କହିଲ ତ୍ୟଜଇ ଅଛୁ ପୁରନ୍ଦର
ମିଶାଇ ସର୍ବ ବସନ,
ଅପଯଶ ମୋର ରଟିବ ସଂସାରେ
କଲେ ହେ ଗୁରେ ! ଗମନ '
ବୋଲିବେ ସଂସାରେ ଦାନବ ନଗରେ
ଗୁରୁ-ଦକ୍ଷିଣା ଏସନ
ଗୁରୁ-ଅପମାନ, ଗୁରୁ-ଅସନ୍ତୋଷ
ତହିଁ ସଙ୍ଗେ ନିର୍ବାସନ ।

Digitized by srujanika@gmail.com

ସମ୍ମୁଖ ସମରେ ଅସମର୍ଥ ଦେବେ
କରନ୍ତି କୌଶଳେ ହତ
ଅଧର୍ମ ଯୁଦ୍ଧରେ ଦଇବୀ ମାୟାରେ
ମୋର ପ୍ରଜା କେତେ ଶତ ।
ସମୁଦ୍ର ମନ୍ଥନେ ଏହୁ ଦେବଗଣେ
କଲେ ଭ୍ରାତୃ-ପ୍ରବଞ୍ଚନ
ଶାନ୍ତରେ ବରାହ ଭୁଅର ଚଉର୍ଫେ
କଲେ ଅମୃତ ଭୋଜନ ।
ଐରାବତ ହସ୍ତୀ ଉଚ୍ଚୈଃଶ୍ରବା ଅଶ୍ୱ
ଲକ୍ଷ୍ମୀ କଉସ୍ତୁଭ ମଣି
ପାରିଜାତ ପୁଷ୍ପ ଅମ୍ବର ଅଗରେ
ସମସ୍ତ ହିଁ ନେଲେ ଗଣି ।
ମନ୍ଦର ଗିରିରେ ସିନ୍ଧୁମନ୍ଥନରେ
କଲୁଁ ଅମ୍ଭେ ଯେତେ ଶ୍ରମ
ଜାଣି ତ ଅପଣ, ଫଳୁ ବେଣ୍ଟି ନେଲେ
ସମସ୍ତ ହୋଇ ସ୍ୱଧମ ।

ବୃଷପର୍ବ୍ବ ଦାନବ ମହର୍ଷି ଆପଣ
କରନ୍ତୁ ବାଳିକା ଦୋଷ,
କ୍ଷମା କର ଗୁରୋ ! ଶମିବ ଶର୍ମିଷ୍ଠା
ସଖୀ-ଦେବଯାନୀ-ଦ୍ୱେଷ ।"
ବୋଲନ୍ତି ଭାର୍ଗବ, "ହେଲେ କନ୍ୟା ତୁଷ୍ଟା
ନାହିଁ ମୋର ଅପମାନ ।"
ଦେବଯାନୀ ପାଶେ ସ୍ନେହ ମଧୁ ଭାଷେ
କହନ୍ତି ଦାନବରାଣୀ ।
"ହେ ଗୁରୁନନ୍ଦନ ! ଶର୍ମିଷ୍ଠା ସଜନୀ,
ତା ପ୍ରତି ଏତେକ ରୁଷ୍ଟା !
କେଉଁ ପ୍ରତିକାର କଲେ ତା ଦୋଷର
ହେବ ତାହା ପ୍ରତି ତୁଷ୍ଟା ?

Digitized by srujanika@gmail.com

ସତ୍ୟ କଲ ମୁହିଁ   କରବ ସେ ତାହା,
ତେଜ ଏହୁ ଅଭିମାନ ।”
ବୋଲେ ଦେବଯାନୀ, “ହେଲେ ସେ ମୋ ଦାସୀ
ପାସୋରବ ଅପମାନ ।
ଶରଧନ ସେ ମୋ   କରବ ଦାସୀତ୍ୱ
ଯିବ ସେ ମୋ ପତିଗୃହେ,
ହେବେ ସଦା ମୋର   ଅଧୀନ ତାହାର
ଗର୍ବିତା ଦାସୀସମୂହେ ।”
ବୃଷାଦେ ସୁଦୀର୍ଘ   ନିଶ୍ବାସ ତେଜଣ
ଫେରଲେ ଦାନବ ଗୃହେ,
ଭାଳନ୍ତ ମାନସେ   “କେତେ ଷଦ୍ର କାର୍ଯ୍ୟ—
ଫଳ କେତେଦୂର ଯାଏ ।
ନିଜ କର୍ମଭଞ୍ଜି   ନର ନାଶ୍ୱ ସିନା
ଦୁଃଖ ସୁଖ ହେତୁ କର୍ମ,
କିନ୍ତୁ ସେ କର୍ମର   କି ମୂଳ କାରଣ
କେ କହୁ ପାରବ ମର୍ମ ?

ରାଜା ରାଜ୍ୟଦାସ   ‘କାହିଁ ସ୍ନେହସ୍ଥାନ
ସେ ପରପଦେ ବିକୀତ,
ସ୍ନେହ ଅହଙ୍କାର   କର୍ତ୍ତବ୍ୟପୀଠରେ
ହୋଇଛନ୍ତି ମୋ ସମର୍ପିତ ।
ଜଗତର ଦାସ   ହେଲେ ଯାର ପ୍ରଭୁ-
ପଣକୁ ଭଜନ୍ତ ଜନ,
ବାନ୍ଧେ ଯା ପ୍ରଭୁତ୍ୱ   ସ୍ୱରୂପେ ସିନା ସେ
ସର୍ବ ସ୍ୱାର୍ଥବିସର୍ଜନ ।

Digitized by srujanika@gmail.com

ତୃତୀୟ ସର୍ଗ

[redacted]ନଭୁଟି ବୃଷପର୍ବା ଯେମା
ନିଜ ଅବାଞ୍ଛିତ କର୍ମେ
ଲଜ୍ଜିତା ;ହାରଣ ହେଲେ ଅନୁତପ୍ତା
ବାହ୍ଲ ବିବେକ ମର୍ମେ ।
ଦାସୀହଃ ସ୍ତ୍ର ପିଛ୍— ସନ୍ନିଧେ ପେଷିଲେ
ଦୁଃଖେ ବିନମ୍ରମତର.
"ବିପିନ ୍ର ଦେବ— ଯାମୀ ସଜନୀଙ୍କୁ
କୂପରୁ ଉଦ୍ଧାର କର ।
କୋପେ ଧର୍ମୀଧର୍ମ— ବିଗୁର ହବାର
ସାବଧାନ ନୋହି ଲବେ,
ସଖୀ ଅ୍ୟାଗ୍ଯରେ ହେଲ୍ ଦେଲ ଦାସୀ
ସଖୀଙ୍କୁ କୂପଗରଭେ ।
ଉଦ୍ଧାର, ଜନକ ! ଆଣ ଗୁରୁସୁତା
ବରଗି ବିଷ୍ମୟ ଚଉ,
ଇଚ୍ଛାମତେ ତାର ପୂର୍ଣ୍ଣ କର ବାଞ୍ଛା
ତାହା କୋପ ଶାନ୍ତ କର ।
ଏ ଅଭାଗୀ ପାଇଁ ଅସୁରକୁଳରେ
କଳଙ୍କ ନୋହୁ ହେ ପିତଃ,
କୃତକର୍ମ ଲାଗି ସହିବ ଏ ପ୍ରଜା
ଯେ ଦଣ୍ଡ ହେବ ବିହିତ ।
କହୁଁକ୍ଷଣ ଅନ୍ତେ ଆବତ ବୃତ୍ତାନ୍ତ
ଦାସୀ କଲ ନିବେଦନ,
ବଜ୍ରାହତା ପ୍ରାୟେ ଦାରୁଣ ବାରତା
ନୃପଜା କଲେ ଶ୍ରବଣ ।
ନୂତନ ଦାସୀତ୍ୱ ବାଧିବ ବୋଲିଣ
ଶୁକାଗ୍ରୁଫି ମହାମନା
ଦେବଯାନୀ ପାଖେ ନୃପନନ୍ଦିନୀଙ୍କୁ
ଆସିବାକୁ କଲେ ମନା ।

Digitized by srujanika@gmail.com

କ୍ଷମ ବିପଦା   ଦାନବେଶକନ୍ୟା
ଛଟପଟ ହେଲ ପ୍ରାଣି,
ନିର୍ଜନ ଗହନେ   ରମ୍ପି ନିଶି ଦିନ
ସୁଖ ଦୁଃଖେ ଛଡ଼ଲେ ଧ୍ୟାନ ।
ବାଲ୍ୟଦୀକ୍ଷାଗୁରୁ   ମହା ଉଦାସୀନ
ଥିଲେ ଋଜକେମାଙ୍କର,
ବିଭୂତିଭୂଷିତ   ସର୍ପବିମଣ୍ଡିତ
ଅରଣ୍ୟ ତାପସବର ।
ଏକାକୀ ବସିଣ   ଶିଷ୍ୟକୁ ସେ ତପୀ
କି ମନ୍ତ୍ର ପଢ଼ାନ୍ତି ବନେ,
ବେତେଭଦନ ଅନ୍ତେ   ସୁବେଶୀ ନୃପଜା
ପାଇଲେ ସନ୍ତୋଷ ମନେ ।
ବଙ୍କ ଦୀକ୍ଷାଗୁରୁ   ଯେ ଧର୍ମ ବୁଣିଲେ
ଶର୍ମିଷ୍ଠା ମହତ ମନେ,
ଅଙ୍କୁର ଉଠିଲା   ଅଳପ ଦିନରେ
ଦୁଃଖମେଘ ବରଷଣେ ।

ନୃପଜା ସ୍ୱର୍ଣ୍ଣ—   ହୃତ ସୁମରଣ
ପିତୃପଣ ପାଶ୍ରି ଶତ୍ରେ,
ହେଲେ ହୃଷ୍ଟମନ   ଅସ୍ମଦୃଷ୍ଟ ତର
ଉପଯୁକ୍ତ ପ୍ରାୟଶ୍ଚିତ୍ତେ ।
ଆତ୍ମସୁଖ ଆଶେ   ଜଳାଞ୍ଜଳି ଦେଇ
ଦାନବଶେଖର-ସୁତା
ଆଖି ଲୁହା ସ୍ମୃତ   ପଥର କରଣ
ଭବ ସ୍ମୃତ ହେଲେ ମୃତା ।
ଅସ୍ୱକୃତ ଦୋଷ   ପ୍ରାୟଶ୍ଚିତ୍ତ ପାଇଁ
କଲେ ସେ ଭୀଷଣ ପଣ,
ସ୍ୱକୁଳର ହିତେ   ପିତୃସତ୍ୟ କୃତେ
ସମ୍ପିଲେ ଜୀବନ ମନ ।

Digitized by srujanika@gmail.com

ଦେବଯାନୀ ପଦେ ହେଲେ ଶରଦ୍ଧାସୀ
ଦେବଯାନୀ ସୁଖେ ସୁଖୀ,
ତା ହସେ ହସିଲେ ତାହା ଦୋଷପାଇଁ
ତାହା ଦୁଃଖେ ହେଲେ ଦୁଃଖୀ ।
ଦେଖି ତନୟାର ବିଷାଦବେଦନା
କାନ୍ଦନ୍ତି ଜନନୀ ଦୁଃଖେ,
ଯୋଡ଼କରେ କେମା ପ୍ରବୋଧେ ମାତାଙ୍କୁ
ରହିବାକୁ ନିଜ ସୁଖେ ।
କହଇ, "ଜନନି ! ସ୍ୱାମୀ ପୁତ୍ର ରାଜ୍ୟ
ସମ୍ପଦ ଅଛି ତୋହର,
ସମସ୍ତଙ୍କୁ ଘେନି ସାନନ୍ଦ ମନରେ
ସୁଖେ ତୁହି ଘର କର ।
ଅଭାଗୀ ତନୟା— କଥା ଜନନି ଲୋ
ପୋଛି ପକା ସ୍ମୃତି-ପଟୁଁ,
ତପସ୍ୱିନୀ ଭାଗ୍ୟେ ପାପ ଗ୍ରହ୍ ଅଛି
ଯାହା ଇଚ୍ଛା ତାହା ଘଟୁ ।

ଶୋଚନା ନାହିଁ ଲୋ ଜନନି ତହିଁ ମୋ
ସ୍ୱଜାତି ସ୍ୱଧର୍ମ ପାଇଁ
ଦଏ ଯେହୁ ନିଜ ଜୀବନ, ତାଠାରୁ
ପୁଣ୍ୟବନ୍ତ କେହି ନାହିଁ ।
ପିତୃସତ୍ୟ ଜାଗି— ସ୍ୱାଧୀନତା ଲାଗି
ସମର୍ପିଛି ଏ ଜୀବନ,
ଦାନବକୁଳରେ ଲାଗିବ କଳଙ୍କ
ନ ଦେଖା ମା ପ୍ରଲୋଭନ ।
ମୋର ପାଇଁ ମାତଃ ଏ ଦାନବବଂଶ
ହେବ କି କି ପରାଧୀନ,
କେଉଁ ସୁଖ ଅଛି ଏ ଜୀବନଭାର
ସହି ହେବା ତବେ ଦୀନ ?

Digitized by srujanika@gmail.com

ତୋର ସ୍ପୃହା ଯୋଗୁଁ ଏ ବିଶାଳ କୁଳ
ସମୂଳେ ହେବ ମା ନଷ୍ଟ !
କେତେ ନାରୀ ହେବେ ପତିପୁତ୍ରହୀନା,
ହେବ ତାଙ୍କ କେତେ କଷ୍ଟ !
ମୁଁ ସିନା ଗୋଟିଏ ସ୍ପୃହା ତୋର ମାତଃ,
ଅଗଣିତ ପ୍ରଜାବଂଶ
ରାଣୀ ଗୋ ତୋହର ଅଶ୍ରିତ ସନ୍ତାନ
ହୋଇଯିବେ ପରା ଧ୍ୱଂସ ।
ଜୀବନର ଖେଳା ଦୁଇ ଦିନର ମା
ଦେଖୁଁ ଦେଖୁଁ ଯାଏ ସରି,
କେତେ ନର ନାରୀ ଗଲେଣି ମା ମରି,
କେତେ ଶବ ଯିବେ ମରି !
ତାହାର କଳନା କରନ୍ତୁ କିଏ ମା,
କରିବ କଳନା କିଏ ?
ମରଣ ସମସ୍ତେ— ମୁହିଁ, ତୁହି, ମା ଲୋ !
ମରିବେ ଭବେ ସଭିଏଁ ।

କ୍ଷଣିକ ଜୀବନ, କ୍ଷଣିକ ଯୌବନ,
କ୍ଷଣିକ ଏ ଧନ ଜନ,
ନଶ୍ୱର ଜଗତ— ଲୀଳା ଦେଖ ମାତଃ
ସ୍ଥିର କର ଆସ୍ଥା ମନ ।
ଅସାର ଯୌବନ— ବିଳାସ ପାଇଁ ମା
କରୁ କିଅଁ ଏତେ ଶୋକ ?
ହୃଦପଦ୍ମ ସ୍ଥିର କର ଦେଖ ମାତଃ
ଅଦ୍ଭୁତ ଏ ବିଶ୍ୱଲୋକ ।
ନଶ୍ୱର ଦେହରେ ଯୌବନ-କୁସୁମ
ଫୁଟି ଦୁଇ ଦିନେ ଝଡ଼େ,
ଗୋଡ଼ରେ ଅଡ଼େଇ ଦିଏ ତା ସଂସାର
ଖାତକୁଢ଼େ ତାହା ପଡ଼େ ।

Digitized by srujanika@gmail.com

ରୋଗ-ଶୋକ-ଜରା— କୀଟ ସେ ଯୌବନ-
କୁସୁମେ ବିକୃତ କର
ଅନ୍ନଭାଗ୍ୟ ଭଜନ୍ତି, ନ ଗୃହେଁ କେ ତାଙ୍କୁ,
ନୀରବେ ପଡ଼ଇ ଫଳ ।
ସୁଖ ବୋଲି ଯାକୁ କହନ୍ତି ଜଗତେ
ଆକାଶକୁସୁମ ତାହା,
ଅସୁର ସାମ୍ରାଜ୍ୟ— ଅଧୀଶ୍ୱରୀ ହୋଇ
ଜାଣୁ ମାତଃ ସୁଖ ଯାହା ।
ପ୍ରବଳପ୍ରତାପ ଦାନବଶେଖର
ବୃଷପର୍ବା ଛତ୍ରପତି
ରାଜା ହୋଇ, ଜାଣୁ କି ଘୋର ବିଷାଦେ
ଜନକ କାଳ କାଟନ୍ତି ।
ଦିବାନିଶି ପିତା ନ ପାନ୍ତି ବିଶ୍ରାମ,
ଲଭେ ଚିନ୍ତା ଛାଡ଼ ନାହିଁ,
କେତେ ବଜ୍ରପାତ ନ କରନ୍ତି ମାରି
ଦେବାସୁର ଭାଇ ଭାଇ ।

ଭାଇ ଗଲା ଭାଇ କାଟି ପକାଉଛନ୍ତି
ପ୍ରତିଦିନ ଶତ ଶତ,
ଖାଲି ଯାଏ ସୁତ— ଭ୍ରାତା ହସ୍ତେ ଭ୍ରାତା
ହୋଇଛନ୍ତି କେତେ ହତ !
ସହସ୍ର ରମଣୀ ସ୍ୱାମି-ସୁତହୀନା
ମୃତକଳ୍ପା ନିରାଶ୍ରୟେ
କେନ ପଞ୍ଚରୁ ମା ମରନ୍ତି ଯେମାନେ
କିବା ଲଭ ତାଙ୍କ ଜୟେ ?
ରାଜେନ୍ଦ୍ର ଭିକ୍ଷୁକ ପ୍ରଭେଦ ଜନନୀ !
ମୋ ନେତ୍ରେ ଦିଶଇ ନାହିଁ,
ଏହି ତ ସଂସାର ଏହାପାଇଁ ଏତେ
କାହିଁ ମାତା ତୁମ୍ଭେ ବାଇ ?

Digitized by srujanika@gmail.com

ଦେଖେଁ ମୁଁ ସଂସାରେ ସରବେ ତ ଦୁଃଖୀ—
କେ ଦରିଦ୍ର କେହୁ ରୋଗୀ,
କେହୁ ଶୋକାତୁର, ପୁତ୍ରକନ୍ୟାହୀନ,
କେ ପାତକୀ ହୋଇ ଭୋଗୀ ।
ଜଗତ-ଜନତା ହାହାକାର କରି
ଡାକୁଛନ୍ତି 'ତ୍ରାହି' 'ତ୍ରାହି',
ଏହା ଦେଖି ହେମ— ଇନ୍ଦ୍ରକୋଷେ ନିଦ୍ରା
ମୋତେ ଭଲ ଲାଗୁ ନାହିଁ ।
ଜଗତ-ବିଷାଦ ମୋର ଶିରେପରି
ଭାର ଲାଗେ କାହିଁପାଇଁ ?
ସେହି ଗୁରୁ ଭାର ତୁଳନାରେ ନିଜ
କ୍ଷୁଦ୍ର ଦୁଃଖଭାର କାହିଁ ?
ମୋର କ୍ଷୁଦ୍ର ଦୁଃଖ ଜଗତ ଦୁଃଖରେ
ଯାଉଛି ଗଭୀରେ ବୁଡ଼ି,
ଚାହେଁ ଜଗତର ଦୁଃଖଭାର ହ୍ରାସ
ନିଜ କ୍ଷୁଦ୍ର ସ୍ୱାର୍ଥ ଛୁଡ଼ି ।

•

ଏ ସଂସାର ଅଟେ ମହାଶିକ୍ଷାଭୂମି,
ତ୍ୟାଗ ମହାନ ସାଧନ,
ଇତର ପ୍ରାଣୀ ସମ ନର ହେଲେ
ଜନମ ତା ଅକାରଣ ।
ସୁଖ ଦୁଃଖ ନୁହେ ଏ ଜୀବନ ଲକ୍ଷ୍ୟ,
ଏକା କର୍ତ୍ତବ୍ୟସାଧନ ।
ମାନବ-ଜୀବନ — ଅର୍ଣ୍ଣବ-ତରଣେ
ହୁଅଇ ସିନା କାରଣ ।"
ଏସନ ବଚନ ଶୁଣି ତନୁଜାର
ବୃଷପର୍ବପାଟରାଣୀ
ଝର ଝର ଅଶ୍ରୁ ନୟନୁଁ ଝରନ୍ତି
ତୁଣ୍ଡୁ ନ ସ୍ଫୁରଇ ବାଣୀ ।

Digitized by srujanika@gmail.com

କହନ୍ତି "ମଆ ଲୋ ! ଏ ଅସୁର ଘରେ
ଜନ୍ମିଅଛୁ କିଏ ତୁହି ?
ଛୋପର ତନୟା ଗର୍ଭେ ଧରଣି ଲୋ
ତିନିଲୋକେ ଧନ୍ୟା ମୁହିଁ ।
ଦ୍ୱାପର ସାଧିଲି କଠୋର ବୈରାଗ୍ୟ
କା ମନ୍ତେ ତାପସୀ ହେଲି,
ନୃପକୁଳେ ଜନ୍ମି ତପସ୍ୱିନୀ ହୋଇ
ମୋତେ ତ ଭସାଇ ଦେଲି !
ପାଇଁଥିଲି ତୁ ଲୋ ହେବୁ ସ୍ୱୟମ୍ବର
ରତନମାଣିକ୍ୟଯୁତା,
ଘାଖିଥିଲି ମନେ ଦେଖିବି ଜାମାତା,
ତୋ କୋଳେ ତନୟ ସୁତା ।
କେଉଁ କୁକ୍ଷଣରେ ତନୁଜା ଲୋ ମୋର
ଦେବଯାନୀ ଗୁରୁସୁତା
ନୋଷବେଳ କଥା ସତ୍ୟ ମଣି ଦାସୀ
ହଲା ହୃଦପଧଗତା ।

ଏଡ଼େ ଭଲ ଏଡ଼େ ଶାନ୍ତ ଶିଷ୍ଟ ହୋଇ
କେମନ୍ତେ ହେଲୁ ଏ ଭାବ,
କିଏ ସେ କୁବୁଦ୍ଧି ଦେଲା ମାତା ତୋତେ,
ହେଲା କାର ଏଥି ଲାଭ ?
ଗଲେ ଯାଇଥାନ୍ତେ ଦେବଯାନୀ ଶୁକ୍ର,
ହେବାର ଯା ହୋଇଯାନ୍ତା,
ଦୈବ କୂଟଯୁଦ୍ଧେ ଏ ଦାନବବଂଶ
ନଷ୍ଟ ହେଲେ ହୋଇଥାନ୍ତା ।
ଯେଉଁ ଅର୍ଯ୍ୟମାନେ ଦେବତା ନାମରେ
କଲେ ମୋତେ ମାନହୀନ,
ଧର୍ମ ଜାଣେ ତାଙ୍କ ଲଲାଟେ ଘଟିବ
ଘୋର ପ୍ରତିହିଂସା-ଦନ ।

Digitized by srujanika@gmail.com

ଥିଲେ ମୋ ପ୍ରକୃତ— ପୁଞ୍ଜ ଶାନ୍ତିସୁଖେ
କେଉଁ ଦେଶୁଁ ଅସି ଅର୍କେ
ଘଟାଇଲେ ଘୋର ଅଶାନ୍ତି ବିଗ୍ରହ
ଉପୁଜାଇ ମୋର ରାଜ୍ୟେ ।
ଦେବଦେବ ମହା— ଦେବ ଜାଣନ୍ତି ଏ
ହୃଦୟ ଗଭୀର ଖେଦ;
ଘଟାଇବ ମୋର ଅବକୁଳ ଘରେ
ଘୋର ଦୁଃଖ ଭ୍ରାତୃଭେଦ ।
ମୋର ସ୍ୱାଧୀନତା ରାଜ୍ୟଲକ୍ଷ୍ମୀ ହର
ନେଲେ ଯେ, ଅସିବ ଦିନ,
ତାଙ୍କ ବଂଶଧରେ ଏହିପରି ହେବେ
ଲକ୍ଷ୍ମୀଚ୍ୟୁତ ପରାଧୀନ ।"
କହନ୍ତି ଶର୍ମିଷ୍ଠା, "ପରାଣ ଜନନି !
ଦିଅ ନାହିଁ ଅଭିଶାପ,
ଶତ୍ରୁ ପଛେ ହେଉ ଅଶୁଭ ପାଞ୍ଚିଲେ
ହୁଅଇ ମହତ ପାପ ।

ଭାଗ୍ୟେ ଭୋଗ୍ୟା ଏହି ବସୁନ୍ଧରା ଧନୀ
ନୁହନ୍ତି ମାତଃ କାହାର,
ବୁଦ୍ଧି-ବଳେ ଯେହୁ ହେବ ଶ୍ରେଷ୍ଠତର
ଭାଗ୍ୟଲକ୍ଷ୍ମୀ ହେବେ ତା'ର ।
କେତେ ଜାତି ଯିବେ, କେତେ ଜାତି ହେବେ
ଯାଏ ଚାଲି ପୁରାତନ,
ପୁରାତନ ସ୍ଥାନେ ଯୁଗଧର୍ମମତେ
ଆସଇ ମାତ୍ର ନୂତନ ।
ଚକ୍ରନେମି-ଗତ— କ୍ରମେ ଦୁଃଖ ସୁଖ
ଉପରେ ଅଥବା ତଳେ,
ଶତ ପରିବର୍ତ୍ତି ଲାଗିଛି ଜଗତେ,
ଏପରି ସଂସାର ଚଳେ ।

Digitized by srujanika@gmail.com

ପ୍ରାଣିର ପରୀକ୍ଷା— କେବଳ ଏହି ଚିନ୍ତା
ଭଲ ମନ୍ଦ ଏଥି ଜଣା,
ତତ୍ତ୍ୱଜ୍ଞାନ ବୃଦ୍ଧି ଚଳିଲେ ମୁକତି,
ମୋହମୁକ୍ତ ହୁଏ ବଣା ।
ମୋପାଇଁ ଶୋଚନା ନ କର ଜନନି !
ମୋ ମନ ତୋ ଦେଖି ସୁଖୀ,
ତୋ ନେତ୍ରେ ଲୋତକ ଦେଖିଲେ ମାଅ ଲୋ !
ମୋ ପରାଣ ହୁଏ ଦୁଃଖୀ ।
ଯାହା ପାଇଁ ଯାହା ଲୋଡ଼ା ହୁଏ ଭବେ
ବିଧାତା କରନ୍ତି ତାହା,
ତୋର ସେ ସାମ୍ରାଜ୍ୟ ମୋର ଏ ବୈରାଗ୍ୟ;
ନ କାନ୍ଦ ମୋ ରାଣୀ ମାଅ !
ସ୍ୱଜାତି-ଜଗତ— ସୁଖେ ମୋର ସୁଖ,
ମୋର ନିଜ ସୁଖ ନାହିଁ,
ଲୋଡ଼ା ନାହିଁ ଯାହା କାହୁଁ କିଆଁ ମିଳେ
ମାତା ମୋର ତାହାପାଇଁ ।"

ଚତୁର୍ଥ ସର୍ଗ

ନିଦାଘ ନିଶୀଥେ ବୃଷପର୍ବପୁରୀ
ଧରିଛି ମଉନ ବ୍ରତ,
ନିସ୍ତବ୍ଧ ସକଳ ନାହିଁ କୋଳାହଳ
ନିଶା ମାତ୍ର ସୁଜାଗ୍ରତ ।
ଝାଇଁ ଝାଇଁ ଶବ୍ଦେ ନିଶା-ଗରଜନ
ଝିଲ୍ଲୀ ରବେ ଝିଁ ଝିଁ ସ୍ୱରେ,
ଶାନ୍ତିସୁଧାଙ୍କରେ ସ୍ୱପ୍ନଦେବୀ ଆସି
ବାନ୍ଧୁଛନ୍ତି ବକ୍ଷରେ ।

Digitized by srujanika@gmail.com

ଉତ୍କର୍ଷ ବହ୍ନ୍ୟୁତ୍ସେ ତାରକାର ବେଶେ
ସ୍ଫୁରେ କି କରନ୍ତି ମେଳ,
ଦୀପ୍ତିବିଭୂଷିତା ବିଦ୍ୟୁଲ୍ଲତା
ତବେ ବା କରନ୍ତି କେଳି ?
କୌମୁଦୀମଣ୍ଡିତ ଗଗନ ଶୋଭୁଛି
ଘେନି ଗ୍ରହ ଋକ୍ଷ ଇନ୍ଦୁ,
ସ୍ୱର୍ଲ୍ଲୋକର କି ସେ ରତନ ପୂରିତ
ସୁନିର୍ମଳ ସୁଧାସିନ୍ଧୁ ?
ଅଭ୍ର-ଅର୍ଣ୍ଣବରେ ବାରିଦ-ବହିତ୍ର
ଯାଉଛି ସୁଦୂରେ ଭାସି,
ଅଶାନ୍ତି ମାନବ— କଳ୍ପନା-ଗରବେ
ଯେସନେ ବାସନାରାଶି ।
ଚଳ ମେଘ ସଙ୍ଗେ ପବଂଶବଂଶ୍ରଣ
ଖରତରେ ଛନ୍ତି ଧାଇଁ,
ଅଭ୍ରମୁବଲ୍ଲଭ ପୃଷ୍ଠେ ବସି କିବା
ଯାଉଛନ୍ତି ଶଚୀସାଇଁ ?

ଖଣ୍ଡ ଖଣ୍ଡ ମେଘ ସଙ୍ଗେ ତାରାଦଳ
ଗୋଡ଼ାନ୍ତି ପଛେ ଅମ୍ବରେ,
ଦେବଯାନେ ବସି ଅନୁଚରରୂପେ
ଚଳନ୍ତି କିବା ଅମରେ ।
ବିପଣୀ ବୀଥିକା ବସିଛି କି ବ୍ୟୋମେ
ଗହଳ ସୁର-ସଂସାରେ;
ବାଷ୍ପୀୟଯାନରେ ଦଉଡ଼ନ୍ତି ଦେବେ
ଏଣେତେଣେ ସଉଦାରେ ?
ମଧ୍ୟେ ମଧ୍ୟେ ନଭେ ସ୍ୱରଇ ଚକୋର
କରୁଣ ମଧୁର ସ୍ୱନେ,
ଗାଇ ଉଡ଼ିଯାଏ ଦିଗନ୍ତାଭିମୁଖେ
ନିନାଦ ତାଳ ଶୁଣବେ ।

Digitized by srujanika@gmail.com

ପ୍ରାଣିର ପରୀକ୍ଷା— ଯେମନ୍ତ ଏହୁ କ୍ଷିତି
ଭଲ ମନ୍ଦ ଏଥି ଜଣା,
ତତ୍ତ୍ୱଜ୍ଞାନ ବୃଦ୍ଧି ଚଳିଲେ ମୁକତି,
ମୋହମୁକ୍ତ ହୁଏ ବଣା ।
ମୋପାଇଁ ଶୋଚନା ନ କର ଜନନି !
ମୋ ମନ ତୋ ଦେଖି ସୁଖୀ,
ତୋ ନେତ୍ରେ ଲୋତକ ଦେଖିଲେ ମାଆ ଲୋ !
ମୋ ପରାଣ ହୁଏ ଦୁଃଖୀ ।
ଯାହା ପାଇଁ ଯାହା ଲୋଡ଼ା ହୁଏ ଭବେ
ବିଧାତା କରନ୍ତି ତାହା,
ତୋର ସେ ସାମ୍ରାଜ୍ୟ ମୋର ଏ ବୈରାଗ୍ୟ,
ନ କାନ୍ଦ ମୋ ରାଣୀ ମାଆ !
ସ୍ୱକାନ୍ତ-ଜଗତ— ସୁଖେ ମୋର ସୁଖ,
ତୋର ନିଜ ସୁଖ ନାହିଁ,
ଲୋଡ଼ା ନାହିଁ ଯାହା ଚାହୁଁ କିପାଁ ମନ୍ତେ
ମାତା ମୋର ତାହାପାଇଁ ।"

ଚତୁର୍ଥ ସର୍ଗ

ନିଦାଘ ନିଶୀଥେ ବୃଷପର୍ବପୁରୀ
ଧରିଛି ମଉନ ବ୍ରତ,
ନିସ୍ତବ୍ଧ ସକଳ ନାହିଁ କୋଳାହଳ
ନିଶା ମାତ୍ର ସୁଜାଗ୍ରତ ।
ଥାଇଁ ଥାଇଁ ଶୁଭେ ନିଶା-ଗରଜନ
ଝିଲ୍ଲୀ ରବେ ଝିଁ ଝିଁ ସ୍ୱରେ,
ଶାନ୍ତିସୁଧାଙ୍କରେ ସ୍ୱପ୍ନଦେବୀ ଆସି
ବାଣ୍ଟୁଛନ୍ତି ବଶ୍ୱରେ ।

Digitized by srujanika@gmail.com

କେତେ କେତେ ଯୁଗ— ଯୁଗାନ୍ତର ସ୍ମୃତି-
ସେ ସ୍ୱପ୍ନେ ପଡ଼ଇ ମନେ,
ଜନ୍ମଜନ୍ମାନ୍ତର— ବିଷାଦ-ବାର୍ତ୍ତା କି
ବିଜଡ଼ିତ ସେ ଗାନେ !
ଏମନ୍ତ ଜାଣିଥେ ଶଯ୍ୟାଗତା ସେହି
ବିରହିଣୀ ଶୁକ୍ରସୁତା,
ପ୍ରିୟଗତପ୍ରାଣା ଜୀବନସଂଶୟେ
ବିଚ୍ଛେଦ-ବିଷାଦଯୁତା ।
ଦିନୁ ଅନୁଦିନ ରମ୍ୟ ତନୁ ତାର
ପ୍ରିୟଙ୍କୁ ଝୁରି ଝୁରି
ପାଣ୍ଡୁ ଗଣ୍ଡ, ପଦ୍ମ— ପଲାଶ ଲୋଚନେ
କାରୁଣ୍ୟ ବହୁଛି ପୂରି ।
ପ୍ରାଣପ୍ରିୟା ସେହି ସଙ୍ଗିନୀ ଶର୍ମିଷ୍ଠା
ପରିଚର୍ଯ୍ୟା କରେ ପାଶ
ମୃଣାଳେ ବଳୟ ପଙ୍କଜପଲ୍ଲବେ
କଳପ କରଣ ନ୍ୟାସ ।

୮

ଶୀତଳ ଶଯ୍ୟାରେ ଶୋଇ ଦେବଯାନୀ
ଛଟପଟ ହୁଏ ତାପେ
ମନସିଜ ତାପ ଦହେ ଅନ୍ତଃସ୍ଥଳ
ମିଳନେ ଆରୋଗ୍ୟ ଅଟେ ।
କି ହେବ ଜଣୀରେ ଶତଦଳଦଳେ
ସୁରଭି ମଳୟାନିଳେ,
ବାହ୍ୟ ଉପଚାରେ ଅନ୍ତର ସନ୍ତାପ
ଘୁଞ୍ଚଇ କି କେବେ ଛଳେ ?

Digitized by srujanika@gmail.com

ପଞ୍ଚମ ସର୍ଗ

ନିବିଡ଼ ପ୍ରାବୃଟେ ଘୋର ଘନଘଟା
ଅମ୍ବରେ ଆକାଶ ଅଙ୍ଗେ,
ଘନ-ଅପଘଟନେ ସ୍ଫୁର୍ତ୍ତ ସୌଦାମିନୀ
ବିହରେ ବିବିଧ ରଙ୍ଗେ ।
ହିମାଦ୍ରି ଶୃଙ୍ଗରୁ ଶ୍ୟାମଳ-ଆଷାଢ଼
ଅବତରି ଆସେ ଖରେ,
ଅକସ୍ମାତ ବଢ଼ି ଲଙ୍ଘନ୍ତି ପୁଳିନ
ଶାନ୍ତ ନିମ୍ନଗାନିକରେ ।
ତଟ-ଅରଣ୍ୟର ଶୀର୍ଣ୍ଣତରୁଗଣ
କରି ମୂଳୁଁ ଉତ୍ପାଟନ;
ଅସହ୍ୟ ଅନ୍ତରୀ— ବେଗେ ମତ୍ତ ମନ୍ଦ୍ରେ
ଗରଜନ୍ତି ମେଘଗଣ ।
ନବୀନ ନୀରଦ ଦରଶନେ ହୃଷ୍ଟ—
କଳାପୀ କଳାପକୁଳ
ବିସ୍ତାରି ନାଚନ୍ତି କେକା ତାଳେ ଡାକେ
ଚିତ୍ର ବନେ ହୋଇ ଠୁଳ ।

ନିବିଡ଼ ନୀରଦେ ଘୋର ଇରମ୍ମଦ
ବଜ୍ରଧ୍ୱନି-ମହାଗାନେ
ଚକିତ କୁଞ୍ଜର ଘୋର କୁହରିତ
ଅଟବୀ ପୂରଇ ତାନେ ।
ମଞ୍ଜୁଳ ଉଞ୍ଜିଳ ନିକୁଞ୍ଜେ ସ୍ୱବନ୍ତ
ବନ ପଶୁ ପକ୍ଷିଗଣ,
ସପ୍ତସ୍ୱର-ତାଳେ ନାଚେ କି ଦିଗ୍‌ବଧୂ,
ଝଙ୍କାରଣ ଗିରି ବନ ?
ନଦାଧରପୁଞ୍ଜ ଘଉଡ଼ାଇ ଘନ
ବିତାନ୍ତ କରେ କି ରଙ୍ଗେ,
ଲକ୍ଷ୍ମୀଦେବୀଙ୍କର ପ୍ରଭବ-ଉଦ୍ଦେଶେ
ଧରଣୀ-ରମଣୀ ସଙ୍ଗେ ?

Digitized by srujanika@gmail.com

ବରଷା ଋତୁରେ ବରଷେ ଆସାର
ପୂରଇ ଖାଲ ପୋଖରୀ,
ନୀଳ-ଅମ୍ବରଣେ ବସନ୍ତି କମଳା
ଶ୍ୟାମଳ ମୂରତି ଧରି ।
ନଭେ କାଦମ୍ବିନୀ— ଖେଳେ ଇରମ୍ମଦ
ହେମପ୍ରଭା କ୍ଷଣି ଦଣେ,
ନୀଳତନୁ ବକ୍ଷୁ ଦୋଳରେ ରମନ୍ତି
ବାରିଧିତନୟା କି ସେ ?
ଗିରିଗହନରେ ଝରଇ ନିର୍ଝର
ଝର୍ଝର ଶୁଭଦ ଧ୍ୱନି,
ଗମ୍ଭୀର ଗହ୍ୱରେ ପର୍ବତ କନ୍ଦରେ
ଶୁଭେ ତାର ପ୍ରତିଧ୍ୱନି ।
ଭାନୁମୁଖେ ସପ୍ତ— ବର୍ଣ୍ଣୀ ଶକ୍ରଚାପ
ରଞ୍ଜଇ ଦର୍ଶକ ଚକ୍ଷୁ,
ଶତ ଇନ୍ଦ୍ରଧନୁ ଝଲସି ଉଠଇ
ଲୋଳ ନିର୍ଝରର ବକ୍ଷୁଁ ।

ଫେଡ଼ି ଦେବ ବାଳା ଇନ୍ଦ୍ରନୀଳଦ୍ୱାରି—
ସଂଯୁତ ରତ୍ନ-ତୋରଣ
ଅର୍କ ବାହେଡ଼ର ରଚନ ଅହ୍ନବ
ଦବୁଁ କରନ୍ତି ଦର୍ଶନ ?
ଚୂର୍ଣ୍ଣପଲ୍ଲବନା କୁସୁମକାମିନୀ
ବାରିବିନ୍ଦୁବିମଣ୍ଡିତ
ଅନ୍ତରାଳେ ବସି ବାବହୂକ ହେଙ୍କ
କରେ କଣ୍ଠ ନିନାଦିତ ।
ଘନା ଡ଼ଭଦକୁ ପ୍ରବଳ ପବନ
ଉଡ଼ାଇ ଘେନି ଯାଏ,
ଶୀତଳ ଅନିଳ ବହୁଁ ଫୁଲ୍ଲ ଫୁଲ୍ଲ
ପୁଣି ଘନ ଘୋଟିଯାଏ ।

Digitized by srujanika@gmail.com

ବିସ୍ତୀର୍ଣ୍ଣ ପ୍ରାନ୍ତରେ   ସୁଦୂର ବିଦେଶୀ
ଯାଏ ଗାଇ ଗାଇ ଗୀତ,
ସେ ଗୀତ ଶ୍ରବଣେ   ଅପୂର୍ବ ମଧୁର
ବିଷାଦ ଘୋଟଇ ଚିତ୍ତ ।
ଏମନ୍ତ କାଳରେ   ଯଯାତି ନୃପତି
ରାଜକର୍ମ ସମାପନେ
କର କପୋଳରେ   ଭାର କରିନ୍ୟସ୍ତ
ଭାଳୁଛନ୍ତି ସୁନର୍ଜନେ ।
ଯଯାତି ତ ଆଜି   ନୁହନ୍ତି ସେ ନିଜେ
ନିଜତ୍ୱ ତ ବିସର୍ଜନ
ଦେଇ କା' ପଦ୍ମରେ,   କାହାର ଦୋସ୍ତର
ହେଲେ କପାଁ ସେ ରାଜନ ।
ଛାଡ଼ି ସବୁ ଚିନ୍ତା   ଦୂରି ଅସ୍ୱଚ୍ଛନ
ବୁଡ଼ି ସ୍ମୃତି-ସିନ୍ଧୁ-ନୀର
କି ଭାବନା ଭାଳି   ଯୁବା ବୀର ଅଛି
ଅଚଳ ଅଟଳ ଧୀର ।

ଚଞ୍ଚଳା ପ୍ରବୃତ୍ତି   ନ ମାନି ଶାସନ
ବସିଲଣି ଗ୍ରାସିବାକୁ
କୋଟି ଦୁର୍ନୀତିରେ   ଶାସନ୍ତି ଯେ ନୃପ
ନ ପାରିଲେ ଶାସି ତାକୁ ।
ପ୍ରବୋଧୁଁ ପ୍ରବୋଧୁଁ   ପ୍ରବୋଧ ହେଲଣି
ବିସ୍ତାରିଲା ନିଜ ଠେକ,
ହଟାଇ ହଟାଇ   ନ ହଟିଣ ସେ ଯେ
ମୋଡ଼ିଲା ବିବେକ-ବେକ ।
ଲୂତାତନ୍ତୁ ସମ   ଥିଲା ଆଦ୍ୟେ ଯାହା
ହେଲା ମେରୁ ମହାକାୟ,
ରେଣୁ ପରିମାଣେ   ଥିଲା ଯେ ପହିଲେ
ହେଲା ଗିରି ହିମାଳୟ ।

Digitized by srujanika@gmail.com

ଅଙ୍ଗୁଳି ଦେଖାଇ   ବାହା ସେ ଗଳିଲ
ମନୋଭବ-ଇକ୍ଷୁ ଅଣ୍ଡି,
ଦଗା ଦେଇ ଗଲା   କାଟିଲା କନ୍ଦର୍ପ
ହୃତଚାପ୍ତି ମିଳ ସାଙ୍ଗ ।
କି କରିବେ କିଛି   ବୁଦ୍ଧି ନ ଦିଶିଲ
ନ ପାଇଲେ ସ୍ଥଳ କୂଳ,
ପ୍ରବୃତ୍ତି ପ୍ରବାହେ   ଭାସି ଗଲେ ନୃପ
ଉପୁଡ଼ୁଁ ବିବେକମୂଳ ।
ବଳିଲ ପ୍ରାପ୍ତେ ସେ   ବାଳାବରବପୁ,
ହେମପଙ୍କଜବରଣୀ—
ଚମ୍ପକ-ଅଙ୍ଗୁଳି—   ଟୁଟ ଟୁଟ ଗୋସ୍ତ—
ସଉଦାମିନୀବରଣୀ—
ପୀବର ଉରସୁଁ   ଖସି ପଡ଼ିଥିଲ
ନସ୍ତ୍ରେ ବାଂସ୍ତ୍ର ଝିନବାସ,
ହୃଦୟ-ଆବେଗେ   କମ୍ପୁଥିଲ ବକ୍ଷ
ଖରେ ବହୁଥିଲ ଶ୍ୱାସ ।

ପ୍ରଥମ କଟାକ୍ଷେ   ପ୍ରବେଶି ପ୍ରଣୟ
ପ୍ରାଣେ ପଚାଇଲ ଗ୍ଲପ୍ସା,
ବିରହେ ବାଳାର   ରୂପ ଗୁଣ ଧ୍ୟାନେ
ବିସ୍ତାରିଲା ନିଜ ଛାୟା ।
ତରୁଣୀ-ଲଳିତ—   ତନୁ ଟିପି ନୃପ—
ନେଇ ନ ପାରିଲ ଯାଇଁ
ସୁଗୋଲ ନିତମ୍ବ   ମଣ୍ଡି ଘଣ୍ଟି ଦକ୍ଷ
ପାସୋରି ପାରିଲେ ନାହିଁ ।
ବାଳାବପୁ ବଡ଼—   ଶୀତେ ନୃପ-ମନ—
ମୀନ ହୋଇଗଲ ଛନ୍ଦ,
ଯୁବତୀ ଯୌବନ—   ବାଗୁରରେ ଶତ୍ରୁ—
ବିହଙ୍ଗମ ହେଲ ବନ୍ଦୀ ।

Digitized by srujanika@gmail.com

ଏଥୁପର ବର୍ଷା ଋତୁ ଗଲା ବହି
ବିରହି-ହୃଦୟ ଦହି,
ବିମଳ ଶରତ ମୃଗୟାସହାୟ
ଆସିଲା ମାଡ଼ିଣ ମହୀ ।
ପାରିଧିକି ବିଜେ କଲେ ନୃପବର
ମନ-ଦୁଃଖ ଫେଡ଼ିବାରେ,
କର ନ ଚଳିଲା ଏଣ ଏଣୀ ଅଙ୍ଗେ
ତୀର ଲକ୍ଷ୍ୟ କରିବାରେ ।
ହରିଣୀ-ବିଲୋଳ ଲୋଚନେ ପ୍ରେୟସୀ—
ଗୃହିଁଣୀ ସାଦୃଶ୍ୟ ଗୃହିଁ
ଖସି ପଡ଼ିଗଲା କାର୍ମୁକରୁ ଶର,
ଉଠାଇ ପାରିଲେ ନାହିଁ ।
ଆକାଶ ଧରଣୀ ହ୍ରଦ ଗିରି ବନ
ସ୍ରୋତସ୍ୱିନୀ ଉପବନ
ସର୍ବେ ହୋଇଗଲେ ଦେବଯାନୀମୟ,
ଆନ ନ ଦେଖେ ନୟନ ।

ଘନ-କୃଷ୍ଣ-ଘନେ ପ୍ରେୟସୀ-ଚିକୁର
ଚପଳାରେ ପ୍ରିୟାବର୍ଣ୍ଣ,
ପିକପଞ୍ଚମରେ ଦେବଯାନୀସ୍ୱନ
ଶୁଣଇ ଯଯାତି କର୍ଣ୍ଣ ।
ଖଞ୍ଜପୁଚ୍ଛେ ଗୃହି ପ୍ରିୟା-ପରିଚ୍ଛଦ—
ଭ୍ରମି ପଡ଼େ ନୃପ ମନେ,
ପ୍ରେୟସୀ-ନୟନ ପ୍ରଭା ସେ ଦେଖନ୍ତି
ନିବିଡ଼ ନୀଳ ଗଗନେ ।
ଚନ୍ଦ୍ରମଣ୍ଡଳେ ପ୍ରେୟସୀ-ବଦନ
ଚମ୍ପକେ ଅଙ୍ଗୁଳିଗଣ
ଫୁଲ୍ଲ ପଦ୍ମ ଛାଲେ ଦେଖନ୍ତି ଯଯାତି
ପ୍ରିୟା ପୀନ ବେଣୀ ସ୍ତନ ।

Digitized by srujanika@gmail.com

ନବୀନ ନୀରଦ ତନ୍ଦ୍ରିଣୀ-ଅବୃତ
କ୍ଷଣପ୍ରଭା ଶୋଭା ବନ
ଦେଖି ନରନାଥ ସ୍ମରନ୍ତି ପ୍ରେୟସୀ—
ଘନକେଶାବୃତାନନ ।
ଶାରଦ ଗଗନେ ବିମଳ ଚନ୍ଦ୍ରିକା
ଗୃହିଣୀ ବିଷାଦ-ସୁଖେ
କ୍ଷୀଣ ସ୍ୱପ୍ନ ସମ ସ୍ମରନ୍ତି ପ୍ରିୟାର
କଳ୍ପିତ ସହାସ ମୁଖେ ।
ଶାରଦ ଉଷାରେ ପ୍ରିୟାବରବପୁ
ବାରକେ ବାରିଜାନନ
ମଧୁର ସଙ୍ଗୀତେ ମଧୁ କଣ୍ଠସ୍ୱନ
ଶୁଣେ ସେ ଯୁବା-ଶ୍ରବଣ ।
ପ୍ରେମିକ ନୟନ ପ୍ରଣୟ-ପ୍ରତିମା
ସର୍ବତ୍ର କରେ ଦର୍ଶନ,
ପୀରତି ସଂସାରେ ସାର୍ଥ ସଂସାରରେ
ଅପୂର୍ବ ପରିବର୍ତ୍ତନ ।

ସଦା ନୃପମନ ଉଦାସ ଉଦାସ
ବିଷାଦ-ଭାରେ ଅନତ,
ଦେବଯାନୀଗତ- ପ୍ରାଣ ହୋଇଥିଲେ
ଏକାନ୍ତ ହସ୍ତିନାନାଥ ।
ବେଳେ ବେଳେ ନୃପ କରନ୍ତି ସଂଶୟ
ଦେବଯାନୀର ପ୍ରଣୟ,
ମନେ ପଡ଼େ ପୁଣି ସତୃଷ୍ଣ ଅପାଙ୍ଗ
ଗଲ୍ପ ବେଳ ଠାଣିଚୟ ।
ଅଣାୟୀ ସକଳ ମଣେ ଅନୁଗତ
ଖ୍ୟାତ ଏହା ପ୍ରୀତି-ଶାସ୍ତ୍ରେ,
ନିଜ ମନୋଭାବ ଅରୋପେ ପ୍ରଣୟୀ
ମୁଗ୍ଧ ପ୍ରାଣେ ପ୍ରିୟପାତ୍ରେ ।

Digitized by srujanika@gmail.com

ଷଷ୍ଠ ସର୍ଗ

ଏବେ ନରନାଥ ଗହନ କାନନେ
ମୃଗୟା ଉଦ୍ଦେଶେ ଗଲେ,
ପିପାସା-ଆତୁର ନହୁଷନନ୍ଦନ
ମିଳିଲେ ବିବିକ୍ତ ସ୍ଥଳେ ।
ଲାବଣ୍ୟର ହାଟ ବସିଛି ଯହିଁରେ
ଫୁଟେ ଶୋଭାଫୁଲ ମାଳା,
ବନକ୍ରୀଡ଼ା ଅବା କରୁଛନ୍ତି ବନେ
ଶର୍ମାଗୋଷ୍ଠୀ ବନବାଳା ।
ଅଳପବୟସୀ ଅଳପକେ ହସି
ଟଳମ କରନ୍ତି ବସି,
ଛନ ଛନ ମନ ନବ ଯଉବନ—
ନବରସେ ଛନ୍ତି ରସି ।
ଧନ୍ୟ ରେ ଯୌବନ ଧନ୍ୟ ତୋ ଉନ୍ମାଦ
ଧନ୍ୟ ତୋ ମୋହ-ଆବେଶେ,
ଯାହା ଯୋଗୁଁ ବିଶ୍ୱ ବିଭାସଇଁ ଜନ-
ନେତ୍ରେ ମଧୁମୟ ବେଶେ !

•

ଲତିକାଗହଳେ ତରୁଶାଖାତଳେ
ନବଯୌବନା ତିନି ଶ୍ୟାମା
ନିବିଷ୍ଟଭାବରେ ବିଶ୍ରବ୍ଧ ଆଳାପେ
ରତ ସେ ନବୀନା ରମା ।
ଏକ ଅଟେ ଗୁରୁ ଶୁକ୍ରାଚାର୍ଯ୍ୟ ସୁତା
ଦେବୀ ପ୍ରାୟ ସହଚରୀ,
ଇତର ସଖୀଏ ମଧୁପାନରତା
ଧିହୂର ବନେ ବିଚରି ।
ଦୈତ୍ୟଗୁରୁ ଶୁକ୍ର— ସୁତା ଦେବଯାନୀ
ଧରିଛି ସଜନୀ-କର,
ଚନ୍ଦ୍ରମୁଖ ଦର୍ଶେ ଅଧିକ ସୁନ୍ଦର
ଲଭି ଗର୍ବ ବିଷାଦର ।

Digitized by srujanika@gmail.com

ଅନ୍ତରାଳେ ରହି   ବିଶ୍ରମ୍ଭ-ଆଳାପ
ଶୁଣିଲେ ହସ୍ତିନାରାଣ,
ଶିରେ ଉଠେ ନୃପ—   ହୃଦସ୍ଥ ଶୋଣିତ
କୋଟିମୁଖେ ତାଙ୍କ ତାନ ।
ପ୍ରିୟା-ସୁଧାବାଣୀ   ପିଇ ଯାଆନ୍ତି ସେ
ତୋଷ ସବ ଇନ୍ଦ୍ରପୁରେ,
ପ୍ରିୟା-ତନୁ-ଶୋଭା   ନେନ୍ତ ମାନ ନହାଇ
ଦେଖନ୍ତି ଅପଲକରେ ।
ପୁଚ୍ଛଇ ସଜନୀ   "ସଖି ଦେବଯାନି,
କହ ଏ ରୋଗ ନିଦାନ,
ଅନୁଦିନ ସହି !   ଶୁଖିଯାଉ କାହିଁ
କହ ତୋତେ ମୋହ ରାଣ ।
କହ ସଖି ! ଆଉ   ନ ଲୁଚାଅ ମୋତେ
କାହିଁ ତୋ ମଳିନ ମୁଖ,
ଥିଲୁ ଗରବିଣୀ   ଚିର ହରଷିତା
ଭୋଗୁ କି ନୀରବ ଦୁଃଖ ?"

ସଖୀ ମଧୁବାଣୀ   ଶୁଣି ଦେବଯାନୀ
କହେ ବ୍ରୀଡ଼ାନତମୁଖେ,
"ଆଉ କେତେ କାଳ   ବିଷ ପେଟେ ଭରି
ରହିଥିବି ସଖି ! ଦୁଃଖେ ?
ନ କହି କଥା ଆରେ   କା ଆଗେ କହିବି ?
ତୁ ଦୁଃଖଭାଗିନୀ ମୋର,
ମରଣବେଦନା   ଊଣା ହେବ ନହେଲେ
କହିଲିଣି ଆଗେ ତୋର ।
ଯେଉଁ ଦିନୁ ସହି !   ଅଜ୍ଞାତ ପଥିକ
ଛୁଇଁଲେ ଏ ମୋର ତନୁ,
ମନ୍ତ୍ର ଇନ୍ଦ୍ରଜାଲ   କୁହୁକେ ଯେସନ
ସୁଖ ଉଚ୍ଛଳିଲା ମନୁ ।

Digitized by srujanika@gmail.com

ଅଧିକ ଦିନ ମୁଁ   ବଞ୍ଚିବ ନାହିଁ ଲୋ
ଝରବେଳେ ମୃତ୍ୟୁପଥେ
ଯାଉଛୁ ଏ ପ୍ରାଣ   ସଖି ! ଅନୁଦିନ
ବିରହ-ନୀରବ-ରଥେ ।
ବନ ପୋଡ଼ିଗଲେ   ଜାଣନ୍ତି ସକଳେ,
ନୀରବରେ ପୋଡ଼େ ମନ,
ମନ ପୋଡ଼ିଗଲେ   ସଙ୍ଗେ ସଙ୍ଗେ ହୁଏ
ଦଗଧ ବିଶ୍ୱଭୁବନ ।
ମନ ସିନା ସବୁ   ସୁଖର ନିଦାନ
ମନଟି ଦୁଃଖ କାରଣ,
ମନେ ଯେବେ ନାହିଁ   ସୁଖ ଏ ସଂସାରେ
ସବୁ ହୁଏ ଅକାରଣ ।
ନାହିଁ ଯାହା ପିଣ୍ଡେ   ନାହିଁ ତା ବ୍ରହ୍ମାଣ୍ଡେ
ସୃଷ୍ଟି ମନ-ଅନୁଯାୟୀ
ଯାବ ସୃଷ୍ଟି ଶୂନ୍ୟ   ଶୁଷ୍କ ମରୁସର
ମନେ ଯେବେ ସୁଖ ନାହିଁ ।

ପ୍ରାଣପ୍ରିୟତମ   ପାଶେ ଯେ ସୁଧାଂଶୁ
ଅମୃତ ଚନ୍ଦ୍ରିକା ଢାଳେ,
ସେ କୌମୁଦୀ ପୁଣି   ହୁଏ ହଳାହଳ
ପ୍ରଣୟି-ବିରହ-କାଳେ ।
ସୁଖେ ଯାହା ଯୋଗେ   ସୁଖ ବଢ଼େ, ଦୁଃଖେ
ଦୁଃଖ ବଢ଼େ ତାହାପାଇଁ,
ଗରଳୁଁ ଅମୃତ   ହଳାହଳୁଁ ସୁଧା
ମିଳେ-ଭାଗ୍ୟ-ଅନୁଯାୟୀ ।
ଯାହାନ୍ତି ଜନନୀ   ମନ-କଥା ଜାଣି
ଜନକଙ୍କୁ ଯେ ବୁଝାନ୍ତେ,
ଅଭାଗୀ ମୁଁ ସଖି !   ଅତି ଶିରମାଣୀ
ଗଲେ ମାତା ମୋ ଜନ୍ମାନ୍ତେ ।

Digitized by srujanika@gmail.com

କପଟ କହୁରୁ ପିତାଙ୍କୁ ଲୋ ମୋର
ଶରଭକ୍ତ ତାଙ୍କ ସୁତା
ଅଜ୍ଞାତ ମୁହୂର୍ତ୍ତେ ପରାଣ ଅରପି
ହେଲ ତାଙ୍କ ଅଙ୍କଗ୍ରୀତା ।
ପାଇବ ଯେବେ ସେ ପ୍ରିୟ ଦରଶନ
ପଦେ ପ୍ରାଣ ସମର୍ପିବ,
ନୋହିଲେ ଅଜହୁଁ ସଂହାର ବରଜି
ମୁନିବ୍ରତ ଆଚରିବ ।
ଅବା ଏ ଜୀବନ— ଚନ୍ଦ୍ର କାଳସ୍ରୋତେ
ଖସି ପଡ଼ି ଯିବ ବୁଡ଼ି,
ପ୍ରାଣବିହଙ୍ଗମ ନିମଜ୍ଜିତ ନୀଡ଼
ତେଜି ଯିବ ଶୂନ୍ୟେ ଉଡ଼ି ।”
ବିରହିଣୀ ବାଣୀ ଶୁଣି ନୃମଣିଙ୍କ
ଦୁଲୁ ଦୁଲୁ ପଡ଼େ ଗାତ୍ର ;
ହୃଦୟହିନ୍ଦୋଳାରେ ଦୋଳାୟିତ ଶିରେ
ଆଶାୟୀ ଯୁବା ଯଯାତି ।

ପୁଚ୍ଛିଲେ ମନକୁ କେଉଁ ଭାଗ୍ୟବନ୍ତ
ରମାହୃଦସିଂହାସନେ
ଅଭିଷିକ୍ତ ? ନିଜେ ନିଜକୁ ବସାନ୍ତି,
ଉଦ୍‌ଭ୍ରାନ୍ତ ସନ୍ଦଗ୍ଧ ମନେ ।
କହଇ ଚପଳା ବିଧବା ମଲ୍ଲିକା
ପରିହାସମୟୀ ବାଳା,
ହସି ହସି ଯେତେ ଶୁଣି ସଖୀବାଣୀ
ଗୁନ୍ଥୁଥିଲା ବନମାଳା ।
ପ୍ରିୟତମା ସଖୀ— ବିଷମ ସଙ୍କଟ
ଦେଖିଣ ଚନ୍ଦ୍ରମନା।
ପ୍ରେମେ ତା ନିବୃତ୍ତି ଆଶେ କଲା ବ୍ୟାଜେ
ନୟନେ ନଂଳସ୍ତୁ ସୂଚନା ।

Digitized by srujanika@gmail.com

"କହିବା କେମନ୍ତେ ଏକେବାରେ ମିଥ୍ୟା
ଗୁରୁଙ୍କ ଆଗରେ ଯାଇଁ,
ଏ ସଂସାରେ କେହୁ ଅଜ୍ଞାଯାଏ ସହୁ !
ବରହେ ତ ମର ନାହିଁ ।
କେତେ ନରନାରୀ ମରୁଛନ୍ତି ଭବେ,
ଦେଖୁଅଛୁ ମୁହିଁ ନିତି,
ରୋଗ, ଜରା, ଜନ୍ତୁ— ଦଂଶନ, ଦୁର୍ଯୋଗ;
ତା ହେତୁ, ନୁହଇ ପ୍ରୀତି ।
ତେବେ ଶୁଣି ନାହିଁ, ବରହେ ପ୍ରେମି—
ପ୍ରେମିକା-ତନୁତ୍ୟାଗ,
ଅନୁରାଗେ ସତୀ ନ ମରନ୍ତି କେବେ,
ଦଗ୍‌ଧ ନୋହୁଁ ଦେହ ଅଗ ।
ରତି ଦମୟନ୍ତୀ ପାର୍ବତୀ ସାବିତ୍ରୀ
ଦୁଃଖେ ମଲେ କେତେଜଣ,
ପ୍ରେମ ଅନୁଭୂତି ଯୌବନର ଗୁଣ,
ରକ୍ତ-ଅସଂଯତପଣ ।

କାମ ପ୍ରେମ ଦୁହେଁ ପ୍ରୀତି-ଛନ୍ଦାଛନ୍ଦ
ଅନୁରାଗ ହୁଏ ଅଙ୍ଗେ,
ଦେଖୁଁ ଦେଖୁଁ ସଙ୍ଗ- ଲାଲସା ଜନ୍ମଇ
ପ୍ରେମିର ଅଙ୍ଗ ସଙ୍ଗେ ।
ଦର୍ଶନେ ପୀରତି ବିଚ୍ଛେଦେ ବସ୍ତୁତ
ପ୍ରୀତି-ରହସ୍ୟ ମୁଁ ଜାଣେ,
ତେଣୁ କାହା ମୁଖ ଦେଖି ହେଲେ ସୁଖ
ସ୍ଥାନ ନ ଦଏଁ ତା ପ୍ରାଣେ ।
ଅଙ୍ଗରାଗ ସୁଖ ଅଢ଼େଇଦିନର,
ଉଡ଼ଇ ଅଳପକାଳେ,
ସମ୍ଭୋଗେ ବିତୃଷ୍ଣା ଜନ୍ମେ କାଳକ୍ରମେ
ମୋହ ତୁଟିଯାଏ ତାଳେ ।

Digitized by srujanika@gmail.com

ଦେଖିଅଛୁ ମୁହିଁ   କରି ବିବାହରେ
ହୋଇଥିଲ ସତି ! ବାଳ,
ପଳିଲୁ ଜଳି ତୁ   ପ୍ରାଣ ବିସର୍ଜନ,
ଡର ବଇଧବ୍ୟପାଇଁ ।
ଗଲ୍ପ କଥା ସତି !   ଗଲଣି ବିଭାଇ,
ଜଗତର ଏ ବେଭାର,
ସର୍ବେ ସ୍ୱାର୍ଥବଶ   ବାସନାର ଦାସ
ନୁହନ୍ତି କେହି କାହାର ।
ଶଙ୍କର ବିବାହେ   ଦ୍ୱିତୀୟ ବିବାହ
ମଣି କାଞ୍ଚନରେ ମିଶି,
ତୋର ଶୁଭ୍ରଯଶ   ଯୁଗ ଯୁଗାନ୍ତର
ରହିଥିବ ଦିଶି ଦିଶି !
ଭୁଲିଯାଏ ଯାହା   ନ ପଡ଼ୁରେ କେହି
ଏ ଜଗତ ବିନଶ୍ୱର,
ଅବ୍ୟର୍ଥ ଔଷଧ   ବିସ୍ମୃତି ସଖି ଲୋ !
ଭବେ ସର୍ବ ବିଷାଦର ।

ଯଯାତି ନୃପତି   ଶଚିଦାରି-ପତି,
ନୃପତିଙ୍କ ପ୍ରୀତି କାହିଁ ?
ଶିଶିରେ ସନ୍ତ୍ରସ୍ତ   ବୃଥା କିପାଁ ସଖି !
ସପତ୍ନୀ ହେବାକୁ ବାଇ ?
ନ ବାଦ ନ କାନ୍ଦ   ପ୍ରିୟ ସଜନି ଲୋ !
ଛଦ୍ମବେଶେ ମୁହିଁ ଯିବି,
ଯଯାତି ନୃପତି   ଚରଣ ଲୋଟିଣି
ତୋହର ଦୁଃଖ ନିବେଦିବି ।
କହିବି "କୁମାରୀ   ସଖୀ ନଗ୍ନ ତନୁ
କୂପୁଁ ଉଠାଇ ସ୍ୱଜନ !
କରିଣ ଗାନ୍ଧର୍ବ   ବିଧାନେ ବିବାହ
କଲ କିପାଁ ବରଜନ ?

Digitized by srujanika@gmail.com

ଯେବେ ଆସ ତାକୁ   ନୋହିଲେ ମୁଁ ଆଜ
ହସ୍ତିନା-ଅଧିକରଣେ
ଆବେଦନ କରି   ଦିଆଇବି ଦଣ୍ଡ
ମହାଧର୍ମସିଂହାସନେ ।
ନ ଶୁଣିଲେ ମୋର   ଗୁହାରି ରାଜନ
ଦେଶେ ଦେଶେ ମୁଁ ବୁଲିବି,
ନାରୀହନ୍ତା ବୋଲି   ଅକୀର୍ତ୍ତିନାଗରା
ବଜାଇବି ଉଚ୍ଚ ରବ ।"
କହନ୍ତି ସଜନୀ,   "ସଖି ଦେବଯାନି !
ବିଷମ ସମସ୍ୟା ହେଲା,
ଅଙ୍କ ପରି ମନ   କନ୍ଦର୍ପ ଚଣ୍ଡାଳ
ଅମୃତେ ଗରଳ ଦେଲା ।
କପଟ ସନ୍ଧ୍ୟ ଲୋ !   ବିକଳ୍ପ ପରାଣ
ଏତେ ଗୃଣ୍ଡେ ଏ ପ୍ରକାରେ,
ଏଡ଼େ ପଥରକୁ   ଘୁଣ ପଶାଇବା
ଦେଖା ନାହିଁ ଏ ସଂସାରେ ।

ଯଯାତି କ୍ଷତ୍ରିୟ   ତୁ ବ୍ରାହ୍ମଣକନ୍ୟା
ବିଷମ ସମସ୍ୟା ହେଲା,
ବିଷମ କ୍ଷେତ୍ରରେ   ବିଷମବିଶିଖ
ଫୁଲଶର ପେଷି ଦେଲା ।
ଅଗାଧ ଜଳକୁ   ଗୋଡ଼ ବଢ଼ାଇଲୁ
ବୁଡ଼ି ଯିବୁ ନ ଉଠିବୁ ?
ଗୁରୁବର୍ଣ୍ଣଶ୍ରେଷ୍ଠ   ବ୍ରାହ୍ମଣ କୁଳରେ
କଳଙ୍କ କାଳି ଲେପିବୁ ?
ତୋର ପିତା ଗୁରୁ   ଶୁକ୍ରାଚାର୍ଯ୍ୟ, ଦେବ
ଦାନବେ ଯା ଅନୁଚର,
ଛତ୍ରପତି ଦାନବେଶ   ବୃଷପର୍ବା
ଅଟନ୍ତି ଶିଷ୍ୟ ତାଙ୍କର ।

Digitized by srujanika@gmail.com

ଦୁଷ୍ମମୁଖୁଁ ଶୁଣ । ଅଛୁ ନରେଶ୍ୱର
ଶଙ୍କା ନ ଦେଇ ଯେ ଧୀର
କହୁଁ ହୁଅନ୍ତିଲେ ଛୋଟେ ସେ ଯଯାତି
ହସ୍ତିନାଧିପତି ବୀର ।
ବ୍ରାହ୍ମଣତନୟା ନ ଜାଣି ନ ଶୁଣି
କ୍ଷତ୍ରିୟ ପୁରୁଷେ ଅନ୍ଧା
ବିକଳ୍ପ ପରିଣ— ପରସ୍ତ୍ରୀ ସଜନି !
ଧର୍ମଭୀରୁ ନରନାହା ।
ଗୁରୁ ଶୁକ୍ରାଚାର୍ଯ୍ୟ ଶାସ୍ତ୍ରରେଖଦର୍ଶୀ
ଶଙ୍କର ବିବାହମତେ
ଏଡ଼େ କୁଳାଙ୍କୁର ନିକୃଷ୍ଟ ବିବାହ
ଦେବେ ଛୋଟେ ସେ କେମନ୍ତେ ।”
ସଖୀ ବାଣୀ ଶୁଣି କ୍ଷୁଣ୍ଣା ଦେବଯାନୀ
ଭଟକ୍କ ବିଷଣ୍ଣ ବଦନେ,
“ଯତେ ସାର ଦେଇ କପାଁ ପ୍ରାଣସଖୀ !
ଦହୁ ଏ ଦଗଧମନେ !

ମନାଇଲି ଯେତେ ଅବୋଧ ମନକୁ
ମନା ତ ମାନିଲା ନାହିଁ,
କହ ସଖି ! କେଉଁ ରାଜ୍ୟ ପଳାଇବି
ପ୍ରୀତି ଦାଉ ନାହିଁ କାହିଁ ?
ଗଲା ଜାତି ମାନ ଗୁରୁ ଗଉରବ
ପ୍ରୀତି କଲା ଏତେ ଖର,
ଏଡ଼େ ବଡ଼ କୁଳେ କଳଙ୍କ ଲେପିଲି
ନ ଗଲି କପାଁ ମୁଁ ମରି !
ସମ ଜାତି କୁଳେ ସମ ଅବସ୍ଥାରେ
ପ୍ରୀତି ସିନା ସୁଶୋଭନ,
ମୋର ପ୍ରୀତି ସମ ହଟହଟା କଥା
ନ ଥିବ ଏ ତ୍ରିଭୁବନ ।

Digitized by srujanika@gmail.com

କେଉଁ ଦୋଷେ ମୋତେ   ନିଦାରୁଣ ବିଧି
ଠେଲିଲେ ପାପକର୍ମମାନେ,
ବିରହେ ବିଦଗ୍ଧ   ହେଉଅଛି ହୃଦୟ
ମେଣ୍ଟିବ କି ତୃଷା କାଳେ ?
ମୁହୂର୍ତ୍ତିକ ମଧ୍ୟେ   କୋଟି ଯୁଗ ସର
କି କରିବ ଯିବ ଚାହିଁ,
ରଖିବ କି ଏଥୁ   ପରାଣ ଟେକିବ,
କିଛି ବୁଦ୍ଧି ଦିଶୁନାହିଁ ।
ହାୟ ପ୍ରାଣସଖି !   ସେ ସ୍ୱର୍ଗଲୋକରେ
ପ୍ରୀତି-ଦାଉ ଅଛି କି ନା,
ପ୍ରାଣେଶ-ବିଚ୍ଛେଦେ   ନିଦବ ବିଭବ
ଅଶାନ୍ତି-ନରକ ସିନା ।
ପୂର୍ବଜନ୍ମକର୍ମ—   ଫଳେ କି ପଡ଼ିଲି
ଘୋର ପାପ-ସିନ୍ଧୁ ଜଳେ,
ଉଠିବାକୁ ମୋର   ମନ ବଳୁ ନାହିଁ
ବୁଡ଼ିଯାଉଛି ଅତଳେ !

ପାପ ବୋଲି ଯାହା   କହନ୍ତି ଜାତିମାନ
ଲାଗେ ମୋତେ ପୁଣ୍ୟଫଳ,
ତେଣୁ ପ୍ରେୟ ସଖି !   ଅଶ୍ରିବାକୁ ଶ୍ରେୟ
ପରାଣେ ମୋ ନାହିଁ ବଳ ।
ମରିବାକୁ ମୋର   ପ୍ରିୟ ସଜନୀ ଲୋ !
କେବେଁ ସତ ବଳୁନାହିଁ,
ମରେ ଆଶା-ହୀନ   ମରୁକ ସେ କାହିଁ
ପ୍ରେମେ ଯେ ହୋଇଛି ବାଇ ।
ଚଉଦ ଭୁବନ   ପୂର୍ଣ୍ଣ କରେ ପ୍ରେମ
କିଛି ଶୂନ୍ୟ ନ ଦିଶଇ,
ପ୍ରେମିକ ପ୍ରେମିକା   ପରସ୍ପରେ ଭୁଲି
ନ ପାରନ୍ତି ଚାହିଁ ରହି ।

Digitized by srujanika@gmail.com

ପ୍ରୀତି ନ ମାନଇ   ଜାତି ସଜନି ଲୋ !
ପ୍ରୀତି ନ ଲୋଡ଼ଇ ପଦ,
ଦେଶ କାଳ ପାତ୍ର—   ବିଚାର ନ ରହେ
ପିଇଦେଲେ ପ୍ରୀତିମଦ ।
ପ୍ରଣୟି-ନୟନେ   ସଂସାର-ସମ୍ପତ୍ତି
ଦିଶଇ ତୃଣ ସମାନ,
ଜ୍ଞାନ ହୁଅଇ   ଧର୍ମ ଅର୍ଥ ମୋକ୍ଷ
ଅପମାନ ଅଭିମାନ ।
ପ୍ରେମିକ-ନୟନ   ପରାଣି ପ୍ରତିମା
ସର୍ବତ୍ର କରେ ଦର୍ଶନ,
ପ୍ରେମେ ଘଟିଯାଏ   ସାରା ସଂସାରରେ
ବିଷମ ପରିବର୍ତ୍ତନ ।
ଦେଖିଲି ସେ ଯେଉଁ   ମଧୁର-ମୂରତି
ଛୁଇଁଲି ସେ ଯେଉଁ ତନୁ,
ଏ ପିଣ୍ଡେ ପରାଣ   ଥିବାଯାଏ ସହି !
ପାସୋର ନ ଯିବ ମନୁ ।

ଦେଖିଛି କେତେଥେ   ଚନ୍ଦ୍ରମା ମୂରତି,
ଦେଖିଛି ମଧ୍ୟାହ୍ନେ ରବି,
ମଧୁରିମା ତେଜେ   ବଳିଛି ସେ କିଏ
ଇନ୍ଦୁ-ଅର୍କ ଯୁଗ୍ମ ଛବି ।
ଛାର ଜାତି ମାନ   ରୂପ ଯଉବନ
ଛାର ଏ ଦଗ୍ଧ ଜୀବନ,
ଏ ଯୌବନ ଦାନେ   ପାଅନ୍ତି ସଖି ମୁଁ
ଯେବେ ସେ ଅମୂଲ୍ୟ ଧନ ।
ସତେ କି ଲଲାଟେ   ଲେଖିଅଛି ବିଧି
ସେ ସ୍ୱର୍ଗୀୟ ସୁଧାଧାର,
ଫାଟିଯିବ ଚକ୍ଷୁ   ଦରବପୁ ଭୋଗ
ଦେଖିଲେ ଲୋ ଆଜ ତାହାର ।

Digitized by srujanika@gmail.com

ନୀରବ ଲକ୍ଷଣ   ଚାହିଁଲ ପ୍ରଣୟୀ
ପ୍ରିୟତମେ ଷୋଳଅଣା,
ଆନ ଠାବେ ଲେଶ   ଥିଲେ ଅନୁରାଗୀ
ଲାଗେ ପୃଥ୍ୱୀ ବଣା ବଣା ।
ସମ୍ମୁଖିଲ ମୁହିଁ   ସଖୀ ଶର୍ମିଷ୍ଠାଙ୍କୁ
କୃପାଗତ ଭଲ ଯେଣୁ,
ସେହି ସ୍ୱର୍ଗ ସୁଖ   ଯୋଗ ମୋତେ ସହି
ଘଟାଇଲ ସିନା ତେଣୁ ।
ଦୁଃଖ ପାଇ ସିନା   ଦରଶନ ସୁଖେ
ଜୀବନ ସଫଳ ହେଲା,
ତପେ ବର ପାନ୍ତି   ମୁନି, ମୋତେ ବାଧି
କୋପେ ବର ବର ଦେଲା ।
ଶାଲପ୍ରାଂଶୁ ସେ ଯେ   ଗମ୍ଭୀର ମୂରତ
ମହୀଧର ସମ ଧୀର,
ଅସୀମ ସାହସେ   ଉଦ୍ଧାରିଲେ ମୋତେ
ତେଜିଁ କୂପ ସୁଗଭୀର ।

ସେ ଅଟଳ ଦ୍ରୁମେ   ଆଜଇ ପଡ଼ିଛି
ଯେବେ ମୋ ପ୍ରାଣ-ବଲ୍ଲରୀ,
ଆସୁ ପଛେ କୋଟି   ପ୍ରଳୟ ପବନ
ସେ ଅଙ୍କ ଥିବ ଧରି ।
ପୂଜୁଥିବ ସଦା   ସେ ଦେବତା ଯେବେ
ପାଇଛି ପ୍ରସାଦ ତାର,
ନିଭିଯାଉ ପଛେ   ପର୍ଣ୍ଣ-ପ୍ରଦୀପ
ସତେ ତଇଳ ଅଶାର ।
ମନ-ଅନୁରୂପେ   ଲଭିଲା-ସୁବତୀ
ତିଭୁବନ ଲୋଡ଼ି ନାଏ,
ଯଉବନ ଧନ   ଅରପି ତା ପଦେ
ଅନ୍ତେ ସଞ୍ଜୀବନ ଦଏ ।

Digitized by srujanika@gmail.com

ପ୍ରୀତି ନ ମାନଇ ଜାତି ସଜନି ଲୋ !
ପ୍ରୀତି ନ ଲୋଡ଼ଇ ପଦ,
ଦେଶ କାଳ ପାତ୍ର— ବିଚାର ନ ରହେ
ପିଇଦେଲେ ପ୍ରୀତିମଦ ।
ପ୍ରଣୟି-ନୟନେ ସଂସାର-ସମ୍ପତ୍ତି
ଦିଶଇ ତୃଣ ସମାନ,
ତୁଚ୍ଛନ ହୁଅଇ ଧର୍ମ ଅର୍ଥ ମୋକ୍ଷ
ଅପମାନ ଅଭିମାନ ।
ପ୍ରେମିକ-ନୟନ ପଶ୍ୟନ୍ତି ପ୍ରତିମା
ସର୍ବତ୍ର କରେ ଦର୍ଶନ,
ପ୍ରେମେ ଘଟିଯାଏ ସାରା ସଂସାରରେ
ବିଷମ ପରିବର୍ତ୍ତନ ।
ଦେଖିଲି ସେ ଯେଉଁ ମଧୁର-ମୂରତି
ଛୁଇଁଲି ସେ ଯେଉଁ ତନୁ,
ଏ ପିଣ୍ଡେ ପରାଣ ଥିବାଯାଏ ସତ୍ୟ !
ପାଶୋର ନ ଯିବ ମନୁ ।

ଦେଖିଛୁ ନିଶୀଥେ ଚନ୍ଦ୍ରମା ମୂରତି,
ଦେଖିଛୁ ମଧ୍ୟାହ୍ନେ ରବି,
ମଧୁରିମା ତେଜେ ବଳିଛି ସେ କିଏ
ଇନ୍ଦୁ-ଅର୍କ ଯୁଗ୍ମ ଛବି ।
ସ୍ଥିର ଜାତି ମାନ ରୂପ ଯଉବନ
ସ୍ଥିର ଏ ଦଗ୍ଧ ଜୀବନ,
ଏ ଯୌବନ ଦାନେ ପାଅନ୍ତି ସଖି ମୁଁ
ଯେବେ ସେ ଅମୂଲ୍ୟ ଧନ ।
ସତେ କି ଲଲଟେ ଲିହୁଅଛି ବିଧି
ସେ ସ୍ୱର୍ଗୀୟ ସୁଧାଧାର,
ଫାଟିଯିବ ବକ୍ଷ ଦରଦପ୍ର ଭୋଗ
ହେଲେ ଲୋ ଆଜ ତାହାର ।

Digitized by srujanika@gmail.com

ମୀରତ ଲକ୍ଷଣ ବାଞ୍ଛିତ ପ୍ରଣୟୀ
ପ୍ରିୟତମେ ଷୋଳଅଣା,
ଆନଠାରେ ଲେଶ ନହଲେ ଅନୁରାଗୀ
ଲଗେ ପୃଥ୍ୱୀ ବଣା ବଣା ।
ସମ୍ଭୂଥିଲି ମୁହିଁ ସଖୀ ଶର୍ମିଷ୍ଠାକୁ
କୃପଗତ କଲ ଯେଣୁ,
ସେହୁ ସ୍ୱର୍ଗ ସୁଖ ଯୋଗ ମୋତେ ସହୁ
ଘଟାଇଲ ସିନା ତେଣୁ ।
ଦୁଃଖୀ ପାଇ ସିନା ଦରଶନ ସୁଖେ
ଜୀବନ ସଫଳ ହେଲା,
ତପେ ବର ପାନ୍ତ ମୁନି, ମୋତେ ବଧି
କୋପେ ବର ବର ଦେଲା ।
ଶାଳପ୍ରାଂଶୁ ସେ ଯେ ଗମ୍ଭୀର ମୂରତି
ମହୀଧର ସମ ଧୀର,
ଅସୀମ ସାହସେ ଉଦ୍ଧାରିଲେ ମୋତେ
ତେଉଁ ନୃପ ସୁଗଭୀର ।

ସେ ଅଚଳ ଦ୍ରୁମେ ଆଜନ୍ମ ପଡ଼ିଛି
ଯେବେ ମୋ ପ୍ରାଣ-ବଲ୍ଲରୀ,
ଅସୁ ପଛେ କୋଟି ପ୍ରଳୟ ପବନ
ସେ ଆଶ୍ରୟ ଥିବ ଧରି ।
ପୂଜୁଥିବ ସଦା ସେ ଦେବତା ଯେବେ
ପାଇଛି ପ୍ରସାଦ ତାର,
ନିଭିଯାଉ ପଛେ ପରାଣ-ପ୍ରଦୀପ
ସବୁ ଭଇଲ ଅଣାର ।
ମନ-ଅନୁରୂପେ ଲଭିଲା-ସୁବର୍ତ୍ତୀ
ଉତୁବର ଲୋଡ଼ି ନାଏ,
ଯଉବନ ଧନ ଅରପି ତା ପଦେ
ଅନ୍ତେ ସଞ୍ଜୀବନ ଦାଏ ।

Digitized by srujanika@gmail.com

ବସନ୍ତେ ଯାବନ୍ତ   ବିହଙ୍ଗମ ପୁଂସେ
ଗାନ କରି ମଧୁ ତାନେ,
ନିଜ ଇଚ୍ଛାମତେ   ଡାକୁଣି ବରନ୍ତି
ବିହଙ୍ଗକାମିନୀମାନେ ।
ମାନବୀ ହୋଇଣ   କିପାଇଁ ସଖି ମୁଁ
ସେ ଦିବ୍ୟ ଅଧିକାରରୁ
ନିର୍ଦ୍ଦୋଷେ ବଞ୍ଚିତ   ହୋଇ ପରାଣିକୁ
କରିବି ଭୀଷଣ ମରୁ ।
ଯାଇ ପଡ଼େ କୁଳ   ଯାଉ ଜାତି ମାନ
ଦେଇଛୁ ଜଣକୁ ପ୍ରୀତି,
କୁଳଟା ସମାନ   ନ ଭଜିବି ଅନେ
ନୁହେ ତା ସତୀର ରୀତି ।
କୁମୁଦିନୀ ଧନୀ   ଇନ୍ଦୁ-ଅସ୍ତଗତେ
ହୋଇଯାଏ ନିମୀଳିତ,
ସ୍ୱାଧି ଦରଶନେ   ଫୁଲ୍ଲ ବିସ୍ଫାରିତ
ନେତ୍ର ଭରେ ଉନ୍ମୀଳିତ ।

ସରୋଜିନୀ ସତୀ   ଭାନୁ ବିରହରେ
ହୁଏ ସଦା ବିଷାଦିତା ।
ରବି-ଆଗମନେ   ପୁଣି କମଳିନୀ
ହୁଏ ପୂର୍ଣ୍ଣ ହରଷିତା ।
ଗିରି ଅଙ୍କ ତେଜି   ଯାଏ ତରଙ୍ଗିଣୀ
ଦୂର ଜଳଧି ଆଶାରେ,
ଯାଉ ବନ୍ଧୁ ଏ ମୋ   ପ୍ରାଣସ୍ରୋତସ୍ୱିନୀ
ସେ ଅଜ୍ଞାତ ଭରସାରେ ।
ହୃଦୟ ଆବେଗ   ନ ପାରିବି ରୋଧି
ନ ବାର ନ ବାର ସଖି !
ମଧୁରମୂରତି   ବିଦେଶୀ ପଥିକ
କେଉଁଠାରେ ଛନ୍ତି ରଖି !

Digitized by srujanika@gmail.com

ନିଷ୍ଠୁର ଯଯାତି ! ତୁମ୍ଭର ଲାଗି ହେ
ସହେଁ ମୁଁ ଏତେ ଯାତନା,
ହେ ସ୍ୱାମୀ ହେ ପ୍ରଭୁ ଅହେ ଜୀବିତେଶ !
ତୁମ୍ଭଙ୍କୁ ଅଛୁ କି ଜଣା ?
ଦେଖା ହେଲେ ଅହା ଗ୍ରୀତ ଜାଟି ନାଥ
ମୋ ଦୁଃଖ ଦେଖାନ୍ତି ଥରେ,
ଶରଣପଞ୍ଜର ଦେଖନ୍ତ ଦାସୀର
ଏ ଦୁଃଖ କରୁଣାଭରେ ।
ମୋ ଦୁଃଖରେ ତୁମ୍ଭ ଦୁଃଖୀ ଦେଖି ପ୍ରାଣ
ହୁଅନ୍ତା ମୋର କି ସୁଖୀ,
ନିଶ୍ଚିନ୍ତ ଚିତ୍ତେ ଯେ ଭୁଞ୍ଜେ ରାଜ୍ୟସୁଖ
ମୁଁ ସିନା ତାପାଇଁ ଦୁଃଖୀ !"
ଏ ସମୟେ ଏକ ଭୀଷଣ ଶାର୍ଦ୍ଦୁଳ
ବିକଟ ଦନ୍ତ ଦେଖାଇ
ଭୀଷଣ ଗର୍ଜନେ ସେହି ବନପଥେ
ଭୀମବେଗେ ଗଲା ଧାଇଁ ।

•

ତତ୍କ୍ଷଣେ ନୃପତି ତୀକ୍ଷ୍ଣ ଶର ପେଷି
କଲେ ତା ଜୀବନ ନାଶ,
ଅଭୟ ପ୍ରଦାନେ ବାମାଗଣେ ବୀର
ମିଳିଲେ ଆସିଣ ପାଶ ।
କରପଦ୍ମ ଯୋଡ଼ି କହିଲେ ସଖୀଏ,
"ହେ ଦେବ ! ରଖିଲ ପ୍ରାଣ,
ଅଜଠାରୁ ଏହି ଜୀବନ ଆମ୍ଭର
ତୁମ୍ଭର ପଦେ ଅର୍ପଣ ।"
ଅଘଟନ ସଂଘଟନ ପର ବାଳା
ଦେଖିଣ ନୃପତିବରେ
କହୁଥିଲା କଥା ହେଲା ମ୍ରିୟମାଣ
ହେଲା ବିଷମ ଲାଜରେ ।

Digitized by srujanika@gmail.com

ଉଠି ନ ପାରିଲ ତନ୍ତ୍ର ନିତମ୍ବିନୀ
ଭାଳିଲ, "ମା ବସୁମତି !
ଫାଟିଗଲେ ଦୁଇ ଫାଳ ହୋଇ ତୁହି
ତା ମଧ୍ୟେ ମୁହିଁ ପଶନ୍ତି ।"
ଭାଳଇ ଭାବିନୀ, "ସ୍ଥିର ହୋ ରେ ମନ !
'କପାଁ ଛାତି ଦମ ଦମ,
କପାଁ ପ୍ରାଣ ତୁ ରେ ଲଜ୍ଜିତ ବାଞ୍ଛିତ
ଏହୁ ତ ପ୍ରାଣେଶ ମମ ।
ମୋ ନେତ୍ର-ପ୍ରତିମା ନେତ୍ର ଅଗେ ଉଭା
ଦେଖେଁ ନେତ୍ର ଫେଡ଼ି ଥରେ,
ଝୁରି ଝୁରି ଯାଙ୍କୁ ଝୁରଇ ଲୋଚନ
ଉଭା ସେ ମୋର ଅଗରେ !
ଧନ୍ୟ ହେ ପ୍ରାଣେଶ ବାଞ୍ଛାକଳ୍ପତରୁ !
ଦେଲ ଅସି ଦରଶନ
ଦାସୀ ଦଗ୍ଧ ପ୍ରାଣ ଦାରୁଣ ଯାତନା
ଜାଣି କି ପ୍ରିୟଦର୍ଶନ ?"

ଅନାୟତେ ବାଳା ନୃପ ପଦ୍ମାନନ
ଥରେ ଥରେ ଦଏ ଚୁହିଁ,
ଚାରି ଚକ୍ଷୁ ମେଳ ହେଉଥିଲେ ଖରେ
ନେତ୍ର ନଏ ନେତ୍ରଠାଇଁ ।
ବାପଙ୍କୁ ଉଦ୍ଧାରି କୁଶଳ ପଚାରି
କହିଲେ ନୃପଶିମଣି,
"ସଖୀଙ୍କୁ ଘେନିଣ ବାହୁଡ଼ ସ୍ୱପୁରେ,
ଅସ୍ତୋନ୍ମୁଖ ଦିନମଣି ।
ଗୁରୁ ଶୁକ୍ରାଚାର୍ଯ୍ୟେ କହିବ, ଯଯାତି
ହସ୍ତିନାର ଅଧୀଶ୍ୱର
ସଭକ୍ତି ପ୍ରଣାମ ଅଜସ୍ର ନିବେଦ
ହେ ଗୁରେ ! ତୁମ୍ଭ ପଦ୍ବର ।"

Digitized by srujanika@gmail.com

ନୃପତି ମେଲାଣି ବେଳ ହେବା ଜାଣି
ବାଳାମନ ଗଲା ମରି,
ସତୃଷ୍ଣେ ଚାହିଁଣ ହେଲେ ଅନ୍ତର୍ହିତ
କଟାକ୍ଷେ ନୃପକେଶରୀ ।
ଯାଅନ୍ତେ ନରେଶ, ମନ ହେଲା କୋଟି
ନେତ୍ର ପାଉଥାଆନ୍ତା କି,
ପ୍ରଣୟି-ଆନନେ କୋଟି କୋଟି ଯୁଗ
ବସି ରହୁଥାନ୍ତା ଚାକି ।
ପ୍ରଣୟିନୀ ସ୍ୱତ କାହେ ନ ଦେଖିଲେ
ଦେଖିଲେ ନ କହେ କଥା,
କୋଟିନିଧି ଯାକୁ ମଣୁଥାଏ ପ୍ରାଣେ
ତା ପାଶେ ନ ଟେକେ ମଥା ।
ଜଳଜଳ କରି ଚାହିଁବା ନୁହଇ
ପ୍ରୀତି-ସ୍ୱତ, ତହିଁ ବ୍ୟାଜ,
ତେରଚ୍ଛ ଚାହାଁଣୀରେ ଅପାଙ୍ଗ ଚାଳିବା,
ଚାହିଁଲେ ପ୍ରଣୟୀ ଲାଜ ।

ପ୍ରଣୟି-ପବନ ବନସ୍ଥଳୀ ତାକୁ
ଲାଗିଲା ତୀର୍ଥ ସମାନ,
ସେ ପୁଣ୍ୟ ପରଶେ ରଜରେଣୁ ସମ
ମଣିଲା ବାଳା ସେ ସ୍ଥାନ ।
ଭୁଲିଲା ଏ ପ୍ରାଣ ଦୁଇଥର ଶୁଣି
ଅଯତ୍ନେ ଦେଖି ନୃମଣି,
କଷନ୍ତି କି ମୋର ପ୍ରଣୟ ପ୍ରାଣେଶ,
ଦାରୁଣ ନୃପ କରଣୀ !
କଠିଣ ପ୍ରଣୟ ପରାଣ ଭକତି
ଜଣାଇ ପାରିଲି ନାହିଁ,
କି ଅବା ଧୃଷ୍ଟତା ଦେଖି କୋପ କଲେ
ବୀରମଣି ନରସାଇଁ ।

Digitized by srujanika@gmail.com

ଅଙ୍କଲକ୍ଷ୍ମୀରୂପେ ନେବା ପିନା ତାଙ୍କ
ଇଚ୍ଛା ଅନିଚ୍ଛାର କଥା,
ଶ୍ରୀଚରଣ ଧ୍ୟାନ ପ୍ରାଣ ସମର୍ପଣ
ତାହା ତ ମୋ ହାତ କଥା ।
ଯେଉଁସ୍ଥାନେ ନୃପ ହୋଇଥିଲେ ଠିଆ
ସେ ସ୍ଥାନେ ଲୀଳା-କମଳ,
ପକାଇ ସାଉଁଟି ଆଣି ପୁଣି ରେଣୁ
ବୋଳିଲି ଗଣ୍ଡମଣ୍ଡଳ ।
ଧନ୍ୟ ରେ ପ୍ରଣୟ ଧନ୍ୟ ତୋ କରଣି
ଧନ୍ୟ ତୋ ବାଜୀକରଣେ,
କି ମୋହ ଅଞ୍ଜନ- ବୋଳିଦେଉ ଆଣି
ଯୁବା-ଯୁବତୀ-ନୟନେ !
ଯା ଯୋଗୁଁ ସେମାନେ ଦେଖନ୍ତି ଏ ବିଶ୍ୱ
ସୁଧାମୟ ମୋହାବେଶେ,
ସଂଶୟ-ବିଚ୍ଛେଦ— ମୁକ୍ତ ହୋଇ ରହୁ
ପ୍ରଣୟ ! ତୁ କେଉଁ ଦେଶେ ?

ସପ୍ତମ ସର୍ଗ

ବାଳା-କୁଳଶୀଳ ନ କଲି ନୃପତି
ହୋଇଥିଲେ ମୁଗ୍ଧଚିତ୍ତ,
ଜାଣିଲେ ଯହୁଁ ସେ ଶୂଦ୍ରାଗର୍ଭ-କନ୍ୟା
ହେଲେ ପୁଣି ଧର୍ମଭୀତ ।
ପ୍ରୀତିମଧୁ ସ୍ୱପ୍ନେ ମଗ୍ନ ଥିଲେ ମନ
ବିସୋରନ୍ତି ସବୁ ନୃପ,
ଭାଙ୍ଗନ୍ତେ ପ୍ରଣୟ— ସ୍ୱପନ, ଦେଖନ୍ତି
ବାସ୍ତବ ଘଟନାରୂପ ।

Digitized by srujanika@gmail.com

ଦମିଯାଏ ଚତ୍ତ ଘୋଟଇ ବିଷାଦ,
ନିବଶ ନରେଶ ମନ;
ନୃପମର୍ମସ୍ଥଳୁଁ ଉଠେ ନିଶବଦ—
ଶବଦରେ ହା ହା ସ୍ୱନ ।
ବିଦ୍ଧ ଯାଇଥିଲ ଅସକ୍ତ-କଣ୍ଟକ
ହୃଦୟଗଭୀରଦେଶେ,
ଉପାଡ଼ିବାପାଇଁ କଲୁଁ ସେ ଯତନ
ହେଲ ଯାତନା ଅଶେଷେ ।
ହୋଇଥିଲ ଅସ୍ଥି- ମଜ୍ଜାଗତ ଶ୍ୟାମା—
ପୀରତି ନରେଶାନ୍ତରେ,
ରକ୍ତେ ମିଶି ପ୍ରୀତି— ବିଷ ନ ଛାଡ଼ିଲା
ଭୀତି-ବୈରାଗ୍ୟ-ମନ୍ତ୍ରରେ ।
ପ୍ରଣୟ-ପର୍ବତ— ଉତ୍ତୁଙ୍ଗ ଶିଖରେ
ସଂଶୟ-କଣ୍ଟକ ବିନ୍ଧୁଁ,
ପ୍ରଣୟ-ଶିଖରୁଁ ପଡ଼ି ମଗ୍ନ ହେଲେ
ନୃପ ଘୋର ଦୁଃଖ-ସିନ୍ଧୁ ।

ଭାଳନ୍ତି ଯଯାତି କ୍ଷତ୍ରିୟ ହୋଇ ମୁଁ
ବିପ୍ରକନ୍ୟା ବରିବି କି ?
ନିଜର ମର୍ଯ୍ୟାଦା ବିଧୁବଂଶଯଶ
ଦେବି ପ୍ରୀତି-ପଦେ ବଳି ?
କି କହିବେ ମୋତେ ବ୍ରହ୍ମର୍ଷିମଣ୍ଡଳ
କି କହିବେ ଶୁକ୍ରଗୁରୁ,
ଦେଖିଲେ ଏମା ରଥ ଆଶୀର୍ବାଦ ଅର୍ଥେ
କର ଉଠାନ୍ତି ଯେ ଦୂରୁଁ,
କି କହିବେ ମୋତେ ଜଗତ-ଜନତା
ମୋହର ପ୍ରକୃତିବର୍ଗେ,
କି. କହିବେ ଧ୍ରୁବ ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ
ଏ ଅଦ ନିକଣେ ସ୍ୱର୍ଗେ ।

Digitized by srujanika@gmail.com

କି ବୋଲିବେ ମୋତେ ପୂର୍ବ ପିତୃକୁଳ,
ସତୀସାଧ୍ୱୀଙ୍କ ସମାଜ,
ସର୍ବୋପରି ମୋର ଅନ୍ତରାତ୍ମା ନିଜେ
ଦେଉଛନ୍ତି ମୋତେ ଲାଜ !
ଯାଅ ଗୁରୁ ପ୍ରୀତି ଯାଅରେ ଲାବଣ୍ୟ,
ହେ କନ୍ଦର୍ପଦେବ ଯାଅ,
ଅଭାଗା ଯଯାତି— ଠାରୁ ଚିରଦିନ
ଦୂର ହୋଇ ରହି ଥାଅ ।
ପ୍ରଣୟ-ପଥରେ ବିବେକକୁ କେବେଁ
ବଳି ମୁହିଁ ଦେବି ନାହିଁ,
ଶୁଷ୍କ ମରୁ ସିଏ ପ୍ରୀତିହୀନ ପ୍ରାଣ
ଯାପିବି ସ୍ୱରାଜ୍ୟପାଇଁ ।
ଦେବଯାନୀ ପିନା ସରଳା ଅବଳା
ତା ପ୍ରାଣ ପିନା ତା କରେ,
ମୁଁ ଯେ ରାଜ୍ୟଦାସ ରାଜ୍ୟ-ଶୁଭାଶୁଭ
ଭାର ମୋ ଶିର ଉପରେ !

ଅଷ୍ଟମ ସର୍ଗ

ଶାରଦ ଗଗନେ ହିମାଂଶୁ ତାରକା
ଲଭିଲେ ପାଣ୍ଡୁ ବରଣ,
ବହିଲା ଶୀତଳ ପରିମଳମୟ
ଧୀର ମଳୟ ପବନ,
କୂଜିଲେ କାନନ— ପକ୍ଷୀ ସୁପ୍ରୋତ୍ଥିତ
ପୂତ ସ୍ୱନେ ଉଲ୍ଲସିଲେ,
ଶୁଭିଲା ଉଦାସ ଭରତ-ନିଃସ୍ୱନ
ଗହନ ମଞ୍ଚ ଉଚ୍ଚାଳେ,

Digitized by srujanika@gmail.com

ନଗର ପ୍ରାନ୍ତରୁ ସଘନେ ଶୁଭିଲା
ତାମ୍ରଚୂଡ଼ ତୂରସ୍ୱନ,
ବୃକ୍ଷେ ବାସଗୃହେ ବସିଣ ରାବିଲେ
କାକଗଣ ଘନଘନ,
ଫୁଟିଲା ସିନ୍ଧୁ— ସ୍ୱଚ୍ଛୋଦ-ମୁକୁରେ
ପ୍ରଶାନ୍ତ ନିଶାନ୍ତ-ଛବି,
ପୂର୍ବାଶା-ଲଲାଟେ ପ୍ରଭାତ-ମୁକୁଟେ
ଫୁଟିଲେ ରକ୍ତ ରବି,
ସଦ୍ୟସିନ୍ଧୁସ୍ନାତା ଉଷାଦେବୀ କିବା
ଯାଆନ୍ତି ପ୍ରତୀଚୀଦେଶେ,
ପ୍ରାଚୀଦ୍ୱାରେ ଉଭି ଦେବ ଗ୍ରହପତି
ନିରେଖନ୍ତି ପ୍ରେମାବେଶେ ।
ନିଶି ପାହାନ୍ତାରେ ହସ୍ତିନାନଗରେ
ବାଜିଲା ପାହାନ୍ତି ବାଜା,
ସାରି ପ୍ରାତଃକୃତ୍ୟ ରତ୍ନସିଂହାସନେ
ବିଜେ ହେଲେ ମହାରାଜା ।

ଅନମ୍ବରଦେଶେ ଶୁଭିଲା ସଙ୍ଗୀତ,
ହେଲା ଦିବ୍ୟ ପୁଷ୍ପବୃଷ୍ଟି,
ନନ୍ଦନ-ସୌଗନ୍ଧେ ଆମୋଦିତ ଦିଗ,
ଦେଲେ ନୃପ ଊର୍ଦ୍ଧ୍ୱେ ଦୃଷ୍ଟି ।
ଅଦେୟ ଦିବ୍ୟ-ପ୍ରଭା ଫୁଟିଲା ନେତ୍ରେ
ଦୀପ୍ତମୂର୍ତ୍ତି ତତପର
କ୍ଷଣେକେ ଅନ୍ତରୀକ୍ଷେ ଭାସ୍ୱର ପୁରୁଷ
ଦେଖିଲେ ନୃପତିବର ।
ବିଦଗ୍ଧ-ବିବେକ ଦେବର୍ଷି ନାରଦ
ଦିବ୍ୟ ବୀଣା କରେ ଧରି
ନିଜ ଦିବ୍ୟ ବପୁ— ପ୍ରଭାବେ ଅମ୍ବର—
ଦେଶ ଉଦ୍ଭାସିତ କରି

Digitized by srujanika@gmail.com

ନନ୍ଦନଜଗତେ କେଉଁଣ ଅକୂଳ
ଉପବନ ଅଳକୂଳେ,
ପୂତଜଟାଜୂଟ— ବିମଣ୍ଡିତ-ଶିର
ଅବତୀର୍ଣ୍ଣ ମହାତଳେ ।
କଣ୍ଠରେ ରୁଦ୍ରାକ୍ଷ- ମାଳ ବିଲମ୍ବିତ
ଉଚ୍ଚାରନ୍ତି ବ୍ରହ୍ମ ମନ୍ତ୍ର,
ସୁଖାନେ ବଜାନ୍ତି ବିଧବ ବିପଞ୍ଚୀ
ଭବ ମୋହହାରୀ ଯନ୍ତ୍ର ।
"ହେ ସଚ୍ଚିଦାନନ୍ଦ ପବିତ୍ର ପ୍ରଶାନ୍ତ
ସତ୍ୟ ଶିବ ହେ ସୁନ୍ଦର,
କୋଟିସୃଷ୍ଟିପତି ଅଜ୍ଞେୟ ଅନନ୍ତ
ଅନ୍ତରୁଁ ଅନ୍ତରତର ।
ସର୍ବଶକ୍ତିମାନ ସର୍ବଦର୍ଶୀ ପ୍ରଭୋ
ନିରଞ୍ଜନ ନିରାମୟ,
ଅନନ୍ତ ଅମୃତ ଆନନ୍ଦନିଧାନ
ସର୍ବଭୁବନ ଆଶ୍ରୟ ।

ହେ ସତ୍ୟସ୍ୱରୂପ ଅଦ୍ୱିତୀୟ ବ୍ରହ୍ମ
ତୁମ୍ଭେ ଏ ସୃଷ୍ଟି କାରଣ,
କୋଟି କୋଟି ବିଶ୍ୱ କୋଟି କୋଟି ପ୍ରାଣୀ
କରିଛ ତୁମ୍ଭେ ଧାରଣ ।
ତୁମ୍ଭ ଜ୍ଞାନ ଏହ ବିଶ୍ୱ ବ୍ରହ୍ମାଣ୍ଡରେ
ସମୁଜ୍ଜ୍ୱଳେ ପ୍ରକାଶିତ,
ଚିନ୍ମୟ ଜଗତେ ତୁମ୍ଭ ଶୁଭ ଇଚ୍ଛା
ହୋଇଛୁ ପ୍ରତିବିମ୍ବିତ ।
କି ଶୁଭ ଉଦ୍ଦେଶେ ଭିଆଇଛ ସୃଷ୍ଟି
ନ ଗଲେହେଁ ସ୍ପଷ୍ଟ ଜଣା,
ମହାନ ଉଦ୍ଦେଶେ ଧାଉଁଛୁ ଜଗତ
ଏଥେଁ ନାହିଁ କିଛି ବଣା ।

Digitized by srujanika@gmail.com

ବିଶାଳ ଏ ସୃଷ୍ଟି   ବିଶାଳ ଆକାଶ
ଅନନ୍ତ ଏ କାଳ ସ୍ଥାନ,
ଅନନ୍ତ ଆଦର୍ଶ   ମାନବ ଅଗ୍ରାହ
ଅହେ ପ୍ରଭୁ ଭଗବାନ ।
ଅନନ୍ତ ଅନନ୍ତେ   ଅଗଣ୍ୟ ଜ୍ୟୋତିଷ୍କ
ନିରେଖି ହେ ମହାପ୍ରଭୁ,
ଅବନତ ହୁଏ   ଏ କ୍ଷୁଦ୍ର ଧରଣି
ଯାଏ ଗର୍ବ ମାନ ସବୁ ।
ହୃଦ ଅନ୍ତଃସ୍ଥଳେ   ହେ ବିଶ୍ୱ-ଦେବତା
ତୁମ୍ଭର ସ୍ୱରୂପ ଦେଖି
ଜାଣିପାରେଁ ଆତ୍ମା   ପରମାତ୍ମାକଳା,
ଅଭୟ ପାଏଁ ନିରେଖି ।"
ସିଂହାସନ ତେଜି   ବନ୍ଦିଲେ ନୃବର
ଦେବର୍ଷିପୂତଚରଣେ,
ପାଦ୍ୟ ଅର୍ଘ୍ୟ ଦେଇ   ଆସନେ ବସାଇ
ବସିଲେ ସେ ସିଂହାସନେ ।

ସମ୍ଭାଷଣ ଶେଷେ   ଦେବର୍ଷି ନାରଦ—
ପ୍ରଶ୍ନ-ବ୍ୟାଜ-ଉପଦେଶ
ଶୁଣିଲେ ଯଯାତି   ଭଦ୍‌ଗତ ହୃଦୟେ
ମନୋଯୋଗେ ନିର୍ନିମେଷ ।
"ଷଡ଼ରିପୁ ଦମି   ଅହେ ନରେଶ୍ୱର !
କର ତ ରାଜ୍ୟଶାସନ,
କ୍ଷୁଦ୍ର ସ୍ୱାର୍ଥ ଭୁଲି   ନିଷ୍କାମ ହୃଦୟେ
କର କର୍ତ୍ତବ୍ୟ ପାଳନ ।
ଅହେ କ୍ଷଣଜନ୍ମା   ନୃପରୂପୀ ଦେବ
ନ୍ୟାୟଦଣ୍ଡ କରେ ଧରି
ଦୁଷ୍ଟ-ନିବାରଣ   ଶିଷ୍ଟ-ସୁପାଳନ
କର ଦୟାମୟେ ସ୍ମରି ।

Digitized by srujanika@gmail.com

ନୃପ ନରରୂପୀ ମହତୀ ଦେବତା,
ରାଜ୍ୟାଶ୍ରମ-ଋଷି ନୃପ,
ରାଜା ରାଜ୍ୟ-ଦାସ ପ୍ରକୃତିରଞ୍ଜନ
ଧର୍ମ ପ୍ରତିନିଧି ଭୂପ ।
ପ୍ରଜାହିତ ବହ୍ନେ ରାଜସ୍ୱାର୍ଥ ଆଜ୍ୟ
ଯଜ୍ଞେ ନୃପ ପୁରୋହିତ,
ରାଜ୍ୟ କୃଷିକ୍ଷେତ୍ର ନ୍ୟାୟ ଧର୍ମେ କୃଷ୍ଟ
ଶାନ୍ତିଫଳେ ସୁଶୋଭିତ ।
ପ୍ରାଣଦାନକାରୀ ମହାପ୍ରାଣ ପାଏ
କାପୁରୁଷ ଜୀବନ୍ମୃତ,
କୋଟିବାର ମରେ ଭୀରୁ ଏ ଜୀବନେ
ନ ଅସୁଣୁ ଯମଦୂତ ।
ଭାମିନୀକାଞ୍ଚନ— ସେବତ-ଦୁରତ-
ମାର୍ଗ ପିଚ୍ଛିଳ ସରଳ,
ଶ୍ରେୟ ସୁକଠୋର ପ୍ରେୟ ସୁମୋହନ,
ଗୃହସ୍ଥ୍ୟ ଶ୍ରେଷ୍ଠ ଆଶ୍ରମ ।

ଜୀବପଥେ ପାନ୍ଥ ସଂଯମ-ଅସିରେ
ଛିଣି ଷଡ଼ରିପୁବଳ
କୃତକର୍ମଫଳେ ଚରମେ ଲଭଇ
ଆତ୍ମା-ମହା-ଲକ୍ଷ୍ୟସ୍ଥଳ ।
ପ୍ରବୃତ୍ତି ପ୍ରଥମେ ସହଜ ସୁନ୍ଦର
ଅନ୍ତେ ଅଶାନ୍ତିର ହେତୁ,
ନିବୃତ୍ତିପଥରେ କଣ୍ଟକାସ୍ତରଣ
ଚରମେ ବିଜୟକେତୁ ।
ହେ ନୃପସତ୍ତମ ଇନ୍ଦ୍ରିୟଦମନ
ତେଣୁ ସଦା ଶାନ୍ତିପଥ,
ସଂଯମରେ ଶାନ୍ତି ସମ୍ଭୋଗେ ପିପାସା
ପ୍ରବଳ ହୁଏ ସତତ ।

Digitized by srujanika@gmail.com

ଯାବ ବସୁନ୍ଧର— ତରୁଣୀ ଲଲାମ
ଭୋଗ କଲେହେଁ ନୃପବ !
ତୃପ୍ତ ନୋହି ଧୃତା— ହୁତ ଯୋଗେ ବହ୍ନି
ସମ ତୃଷ୍ଣା ଘୋରତର ।
ସମ୍ଭୋଗେ ପ୍ରବୃତ୍ତି- ବର୍ଦ୍ଧିତ ନିଶ୍ଚିତ,
ସଂଯମେ ସମ୍ଭୋଗ-ତୃଷ୍ଣା
ଦୁର୍ବଳ ହୁଅଇ ଅନୁଭବ ନୃପ !
ବିଳାସେ ବଢ଼େ ବିତୃଷ୍ଣା ।
କାଳେ ସେ ବିତୃଷ୍ଣା ଅସ୍ୱସ୍ତିପ୍ରସାଦ
ପରିଣାମେ ମହାସୁଖ
ଦିଏ ଜୀବାତ୍ମାକୁ ଶାନ୍ତି ଭୂମାନନ୍ଦ,
ପଳାଏ ତ୍ରିତାପ ଦୁଃଖ ।
ଶୁକ୍ରଶିଷ୍ୟା ଅର୍ପି ପ୍ରଣତ ନୃପବରେ
ମେଲାଣି ମାଗିଣ ମୁନି
ଅନ୍ତରୀକ୍ଷ-ପଥେ ହେଲେ ଅନ୍ତର୍ହିତ,
ନିସର୍ଗ ଭଞ୍ଜିଲା ତୁନି ।

•

ସହଜେ ତ ନୃପ ପ୍ରବୃତ୍ତି-ପାବକ
ରୋଧୁଥିଲେ ସାବଧାନେ,
ଦେବର୍ଷିଙ୍କ ଦିବ୍ୟ ବାଣୀ ବର୍ଷି ଦେଲା
ଶାନ୍ତି-ସୁଧାଧାର ପ୍ରାଣେ ।
ବୁଝିଲେ ସଂଯମୀ ଧର୍ମାହବେ ସଦା
ସହାୟ ବିଶ୍ୱକାରଣ,
ଯୁଗ ଯୁଗେ ଏହା ପ୍ରମାଣି ଅଛଇ
ନିଖିଳ ସାଧୁଜୀବନ ।
ଶୁକ୍ର ଅନୁମତ— ବିନା ଶୁକ୍ରସୁତା—
ପାଣି ପରଶିବେ ନାହିଁ,
ସୁଦୃଢ଼ ସଙ୍କଳ୍ପ ମନାସି ମାନସେ
ପାଳିଲେ ସେ ନରସାଇଁ ।

Digitized by srujanika@gmail.com

ନବମ ସର୍ଗ

ଦିନେ ମହାରାଜା ଦୈନନ୍ଦନ କାର୍ଯ୍ୟେ
ବସିଛନ୍ତି ସିହାସନେ,
ପାତ୍ର ମିତ୍ରଅବା ପାରିଷଦଗଣ
ଅଛନ୍ତି ନୃପଗହ୍ୱଣେ ।
ଧର୍ମାଧିକରଣେ ଯଯାତି ନୃବର
କରୁଛନ୍ତି ରାଜକର୍ମ,
ଦିବ୍ୟ ସିଂହାସନେ ବସି ସ୍ୱ ହିଦବେ
ବିଚାରନ୍ତି ଦେବ ଧର୍ମ ।
ଦୁଷ୍କୃତି-ଦମନ ସୁକୃତି-ପାଳନ
ଉପବିଷ୍ଟ ସୁବିଚାରେ,
ଶିଳ୍ପ ବସ୍ତୁ କିବା ଜ୍ଞାନ ଭାବବୃତ୍ତି-
ଯୁଗ୍ମମୂର୍ତ୍ତି ଏକାଧାରେ ।
ଦକ୍ଷେ ନ୍ୟାୟ ମୂର୍ତ୍ତି ତୁଳାଦଣ୍ଡ ଧର
ନିରେଖି ଗୃହାନ୍ତି ଧୀର,
ସବ୍ୟେ ଶାନ୍ତ ନେତ୍ରା ପ୍ରସାରିତ ପାଣି
ପ୍ରତିମା ଦୟାଦେବୀର ।

ପ୍ରଶାନ୍ତ ଗମ୍ଭୀର ମୂର୍ତ୍ତି ଯଯାତିଙ୍କ
ହୃଦୟେ କି ଶରସୂଳ,
ଶୁଭ୍ର ସମୁଜ୍ଜ୍ୱଳ ନିଟୋଳ ଲଲାଟ—
ତଳେ କିବା ଅଛି ଦୁଃଖ ?
ହୃଦଅନ୍ତଃସ୍ଥଳେ ଦେବଯାନୀ-ସ୍ମୃତି
ଅଲକ୍ଷ୍ୟେ ଅଛଇ ଛପି,
ହୈମନ୍ତିକ ପଦ୍ମ— ମୃଣାଳ ଯେସନ
ନୀରେ ସେ ଲୁଚଇ ଛପି ।
ଅବକାଶ ବାଢ଼ କହେ ପ୍ରତିହାରୀ
ପବନ ପ୍ରତୀକ୍ଷେ ଦ୍ୱାର !
ଦୈତ୍ୟଗୁରୁ ଶୁକ୍ରା— ଚାର୍ଯ୍ୟଙ୍କ ପ୍ରେରିତ
ଆସିଛନ୍ତି ସନ୍ଦେଶହର ।

Digitized by srujanika@gmail.com

ଶ୍ରବଣେ ନରେଶ ସର୍ବୋତ୍ତର ବାର୍ତ୍ତା
ଅସ୍ପନ୍ଦତ ହେଲ ହେଲେ,
ଭାଳିଲେ କପାଇଁ ଏ ଶତ୍ରୁ ସମୁଦ୍ର
ପୁଣି ପୂର୍ଣ୍ଣବେଳା ହେଲେ ?
ପୁଣି କପାଁ ଗୁରୁ— ଶୁକ୍ର-ନାମ ଶୁଣି
ଶତ୍ରୁ ମମ ବଚଳାଉ,
ପୁରାତନ ସ୍ମୃତି— ଛତ୍ରୁଁ ବାଜିଯାଉଛି
ରୁଧିର ହୁଏ ଝରଣ ?
ନୀବାର ହୃଦୟ— ଉଦ୍‌ବେଳ-ଉଚ୍ଛ୍ୱାସ
ଆଦେଶିଲେ ରାଜେ୍ୟଶ୍ୱର,
"ଯୋଗ୍ୟ ବିଧିମତେ ଅଗ୍ରୁର୍ଯ୍ୟଙ୍କ ଦୂତେ
ସଯତ୍ନେ ସତ୍କାର କର ।
ରାଜକର୍ମ-ଅନ୍ତେ ଯାବନ୍ତ ବାରତା
ଶୁଣିବା ସନ୍ଧ୍ୟାବସରେ,"
କହି ନୃପ ପୁଣି ନିବେଶିଲେ ମନ
ଅବର୍ତ୍ତ ରାଜକାର୍ଯ୍ୟରେ ।

ଦିବାନ୍ତେ ଦୂତଙ୍କୁ କୁଶଳ ସମ୍ଭାଷି
ପୃଚ୍ଛିଲେ ହସ୍ତିନା-ପତି,
"କହ ହେ ସନ୍ଦେଶ— ହର କପାଁ ତୋତେ
ବରଗଲେ ଶୁକ୍ର ଯତି ?"
ଜିହ୍ୱା ହୋଇ ବନ୍ଧ— କରପୁଟେ ଦୂତ
ବୋଇଲା ବିନୀତବାଣୀ,
"ଭୋ ନୃପ ଅଛନ୍ତି ଭୃଗୁନନ୍ଦନଙ୍କ
ପ୍ରିୟା କନ୍ୟା ଦେବଯାନୀ,
ଅପୂର୍ବ ଲାବଣ୍ୟ— ବଟି ଗୁରୁକନ୍ୟା
ଅନବଦ୍ୟାଙ୍ଗୀ ଯୁବତୀ,
ମୃଗୟାବସରେ ଦେଖି ଶ୍ରାନ୍ତମୁଖୁଁ
ଆହ୍ଲା ମହିମା ଛନ୍ତି ।

Digitized by srujanika@gmail.com

ଅନୁଦିନ ସନ୍ଧା ସ୍ନେହର ପ୍ରତିମା
ତନୟାର ମନ ଜାଣି
ବରଗି ଅଛନ୍ତି ଶିଷ୍ୟମୁକ୍ତ ଗୁରୁ,
ନବେଦଲ୍ ଆଜ୍ଞା-ବାଣୀ ।”
କହନ୍ତି ଷିଟାଶ “ବ୍ରାହ୍ମଣୀ-ତନୟା
ଦେବଯାନୀ ଶୁଚିସ୍ମିତା,
କ୍ଷତ୍ରିୟର କରେ କେଉଁ ବିଧିମତେ
ହେବେ ଧନୀ ସମର୍ପିତା,
ଶାସ୍ତ୍ର-ଅନ୍ତର୍ଦର୍ଶୀ ବିପ୍ରଶ୍ରେଷ୍ଠ ଅଗ୍ରଣୀ
କହିଲେ ଏମନ କଥା
କେମନ୍ତେ ହେ ଦୂତ ! ଫେଡ଼ ମୋ ସଂଶୟ
ବୋଲଣି ତଥ୍ୟ ବାରତା ।”
“ସଂଶୟ ଫେଡ଼ିବା କାରଣେ ହେ ନାଥ
ଧର୍ମଭୀରୁ ମହାବୀର,
ସ୍ୱକର-ଅଙ୍କିତ ଆଶିଷ-ପତ୍ରିକା
ଲେଖିଛନ୍ତି ମହାଧୀର ।”

ପତ୍ରିକା ପଢ଼ିଲେ କଣ୍ଟକିତ କରେ
ହସ୍ତିନାର ଅଧୀଶ୍ୱର
ରାଜ୍ୟଲକ୍ଷ୍ମୀ ଶୁଭ ବିଜୟ କଲ୍ୟାଣ
ବାଞ୍ଛା ପୃଷ୍ଟ ଗୁରୁଙ୍କର ।
“ପତ୍ରେ ତୁମ୍ଭଙ୍କୁ ବରଅଛି ମୋର
ପ୍ରିୟ କନ୍ୟା ଦେବଯାନୀ,
କରୁଛି ପ୍ରଦାନ ସକଳେ ତୁମ୍ଭଙ୍କୁ
ସେ କନ୍ୟାର ଯୋଗ୍ୟ ଜାଣି ।
ବିଧିରେ କ୍ଷତ୍ରିୟ ବ୍ରାହ୍ମଣତନୟା
ଧାରେ ପତ୍ନିଶୟ କର,
କଲ ସମ୍ପ୍ରଦାନ ଏ କନ୍ୟା ତୁମ୍ଭଙ୍କୁ,
ମୁଗ୍ଧା ସେ ଗୁଣେ ତୁମ୍ଭର ।

Digitized by srujanika@gmail.com

ସୁଭଦ୍ରା କନ୍ୟା   ହେଲେ କଷ୍ଟମାଧୀନା
ଅବାଧିତ ପ୍ରତ୍ୟାଖ୍ୟାନ,
ଏ ଅନବଦ୍ୟାଙ୍ଗୀ   ଅଙ୍ଗନାଙ୍କୁ କର
ସଧର୍ମିଣୀ ନରପତି !
ବ୍ରାହ୍ମଣ କ୍ଷତ୍ରିୟ   ବୈଶ୍ୟ ଏକ ଜାତି,
ଭେଦବୁଦ୍ଧି ଅନୁଚିତ,
ଏ ଭେଦବୁଦ୍ଧିରେ   ନଷ୍ଟ ହେବ ଭାରେ
ସ୍ୱର୍ଣ୍ଣପ୍ରସୂ ଭୂଭାରତ ।
କୈଳାସ ଉତ୍ତରୁଁ   ଯେତେବେଳେ ଆର୍ଯ୍ୟ
ଆସିଥିଲେ ଏ ଭାରତେ,
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ   ଅଗ୍ନି ଆଦ ପୂଜି
ସମ ଥିଲେ ସେ ସମସ୍ତେ ।
ଅସୁର-ସଙ୍ଗତେ   ସଂଗ୍ରାମ ହେବାରୁ
ଧର୍ମ-ଆଚରଣେ ବେଳ
ନ ମିଳୁଁ ଉପାୟ   କରିଥିଲେ ସର୍ବେ
ଆର୍ଯ୍ୟସୂତେ ହୋଇ ମେଳ,

ବେଦ ଯଜ୍ଞ ହେତୁ   ଶତ୍ରୁ-ଜୟ ହେତୁ
ତଦନ୍ତେ ବାଣିଜ୍ୟ କୃଷି,
କ୍ରିୟାଭେଦେ ତାଳେ   ହେଲେ ତିନି ଜାତି
ସେହୁ ଏକ ଆର୍ଯ୍ୟ ଋଷି ।
ଜେତା ଆର୍ଯ୍ୟଙ୍କର   ସେବା ଶୂଦ୍ରରୂପେ
କଲେ ସେ ଅନାର୍ଯ୍ୟ ଜାତି,
ଉପବୀତଧାରୀ   ବେଦାଧ୍ୟାୟୀ ତିନି
ଥିଲେ ପରସ୍ପରେ ଜ୍ଞାତି ।
ବ୍ରାହ୍ମଣ କ୍ଷତ୍ରିୟ   ବୈଶ୍ୟ ଏକ ଜାତି
ଭେଦବୁଦ୍ଧି ଅନୁଚିତ,
ଏ ଭେଦବୁଦ୍ଧିରେ   ଛାରଖାର ହେବ
ଜମ୍ବୁଦ୍ୱୀପ ଆର୍ଯ୍ୟକୃତ ।

Digitized by srujanika@gmail.com

ଏକ ଜାତି ମଧ୍ୟେ ବହି ଭେଦବୁଦ୍ଧି
ହେବ ବିଜାତୀୟ ଦ୍ୱେଷ,
କାଳେ ସମସ୍ତେ ଯେ ଏକ ଥିଲେ ଏହା
ବିସୋରିବେ ଅବଶେଷ ।
ଏ ଶୁଭ ବିବାହେ ତବ ଔରସରେ
ଜାତ ହେବେ ପଦ୍ମବୀର,
ତାଙ୍କ ଅଂଶେ ଜନ୍ମି ମହାବୀର ଭୀର
ହବବେ ଏ ଧରଣୀର ।
ପ୍ରଚାରିବେ ମହା— ସମନ୍ୱୟ-ଧର୍ମ
ହେବେ ସେ ନିଯୋଗାରୂର୍ଣ୍ଣ,
ତାଙ୍କ ମହାମନ୍ତ୍ରେ ହେବେ ପରିଣତ
ମହାଜାତିରୂପେ ଅର୍ଣ୍ଣ ।
ଦେଶରକ୍ଷା ବ୍ରତ ମହାବାହୋ ତବ
କର ଏ ବ୍ରତ ପାଳନ,
ବ୍ରାହ୍ମଣ କ୍ଷତ୍ରିୟେ କୁଟୁମ୍ବ ଜାଣନ୍ତୁ
ଜମ୍ବୁଦ୍ୱୀପବାସିଗଣ ।

ପୂରୁବ ଏକତା ଅଭେଦ୍ୟ ସମ୍ବନ୍ଧ
କାଳେ ସେ ସ୍ମରଣ କରି,
ଭେଦବୁଦ୍ଧି ଭୁଲି ମିଳିବେ ଏକତ୍ର
ଭ୍ରାତୃପ୍ରୀତି ପ୍ରାଣେ ଧରି ।”
ଏ ପ୍ରେମ୍ଭ ସମ୍ବାଦେ ଆନନ୍ଦିତ-ମନ
ବିକ୍ଷେଳ ନୃପ-ନୟନ,
ସରସୀ-ଗଭୀର— ନୀରେ ମୀନ ଚଞ୍ଚୁଁ
ଦୋହଲେ ପଦ୍ମ ଯେସନ ।
ଅଗ୍ନି ବୋଲି ଯାହା ମଃ ନୃପ ହୃଦ୍ଦେ
ଥିଲେ ଅଶଙ୍କିତମନ,
କର୍ଣ୍ଣବମଣ୍ଡନ ନୟନରଞ୍ଜନ
ହେଲା ପୁଣି ସେ ବଚନ ।

Digitized by srujanika@gmail.com

ବଡ଼ୁଡ ଯତନ ଲବଧ ରତନ
ଜଗତ ଅମୂଲ୍ୟ ଧନ,
ସ୍ବରଗର ଶିରୀ ବର୍ଣ୍ଣ ଶୋଭାଙ୍କର
ନୁହେ ତାହା ସମସର ।
ସର୍ପଶିରମଣି ଗଜ ମୁକୁତା ବା
ସିନ୍ଧୁଗର୍ଭଜ ପ୍ରବାଳ
ସୀମନ୍ତିନୀମଣି କର ଶିରେମଣି
କଣ୍ଠେ ବା କରନ୍ତୁ ମାଳ ।
ଦୂର ପରାହତ ଅଶାର ଅତୀତ
ସୁନ୍ଦରୀମଣିର ଲଭ
ମଣିଲେ ନୃପେନ୍ଦ୍ର ଅକୂଳ ସମୁଦ୍ର
କୂଳେ କି ଲାଗିଲା ନାବ ?

ଦଶମ ସର୍ଗ

ଶୁଭ୍ର ଶରଦଭ୍ର- ଚନ୍ଦ୍ରାତପ ତଳେ
ବୀର ଯଯାତିଙ୍କ ସହ
ବିହିତ ବିଧାନେ ଦେବଯାନୀଙ୍କର
ହେଲା ଶୁଭ ପରିଣୟ ।
ପୁରସ୍ତ୍ରୀସମାଜ କଲେ ପୁରକୃତ୍ୟ
ପ୍ରଗଳ୍ଭରେ ଅନୁଷ୍ଠାନ,
ହୁଳହୁଳିଧ୍ୱନି ଶଙ୍ଖଘଣ୍ଟାନାଦେ
କମ୍ପେ ଦୈତ୍ୟ ସୌଧମାନ ।
ଋତ୍ୱିକ ପୁରୋଧା ପଢ଼ି ବେଦମନ୍ତ୍ର
କଲେ ହୋମ ଅନୁଷ୍ଠାନ
ବରବଧୂକରେ ଦେଲେ ଲଜାଞ୍ଜଳି
ହସ୍ତଗ୍ରନ୍ଥି କଲେ ଦାନ ।

Digitized by srujanika@gmail.com

ତୂରୀ ଭେରୀ ଶଙ୍ଖ   ପଟହ କାହାଳୀ
ବିବିଧ ବାଦ୍ୟସ୍ୱଣି
କକୁଭକୁହର   ହଲ୍ଲ ନିନାଦିତ
ମତ୍ତ ଶିଶୁ ପୁରବାସୀ ।
ସମାଗତ-ଋଷି-   ଦାନବମଣ୍ଡଳୀ-
ମଧ୍ୟେ ନହୁଷନନ୍ଦନ
ଦକ୍ଷିଣ କର   ଅର୍ପିଣ ଭାର୍ଗବେ
କଲେ ସେ କନ୍ୟା ଗ୍ରହଣ ।
ଶୁଭ-ଅନୁଷ୍ଠାନେ   ଦାସୀରୂପେ କେମା
ହୃଷ୍ଟମନେ ଦେଲେ ଯୋଗ,
କାହା ଲଲାଟରେ   ଲେଖା ଅଛି ସୁଖ
କାହା ଭାଲେ ଦୁଃଖଭୋଗ ।
ବାଧ୍ୟମତେ ସାଙ୍ଗ   ଉଦ୍‌ବାହ-ଉତ୍ସବ,
ପତିଗୃହେ ଦେବଯାନୀ
ଗହଣେ ଶର୍ମିଷ୍ଠା   ଗଲେ ଦାସୀପଣେ
ଚନ୍ଦ୍ରକୁଳରାଜଧାନୀ ।
ସ୍ୱଜାତି ହିତାର୍ଥେ   ଦାନବେନ୍ଦ୍ରଜେମା
ହେଲେ ଚିରସେବାଦାସୀ,
ଅଦ୍ଭୁତ ଦେଇଣ   ଅଳ୍ପସୁଖେ ହେଲେ
ସଖୀ-ସ୍ୱାମି-ଗୃହବାସୀ ।

ଏକାଦଶ ସର୍ଗ

ଫେରିଲେ ଯଯାତି   ହସ୍ତିନା ନଗରେ,
ଗହଣେ ଭାର୍ଗବସୁତା
ରାଜକନ୍ୟା ସଖୀ—   ସହସ୍ର ଯୁବତୀ —
ବିପୁଳଯୌତୁକଯୁତା ।
ପୁରନ୍ଦର ପୁର   ସମ ରାଜପୁରେ
ସୁମଧ୍ୟମା ଦେବଯାନୀ
ରହିଲେ ସହସ୍ର   ଦାସୀପରିବୃତା
ହସ୍ତିନାର ପାଟରାଣୀ ।

Digitized by srujanika@gmail.com

ପୁଚ୍ଛନ୍ତେ ନୃବର ପ୍ରିୟ ସଖୀଙ୍କର
ସବିଶେଷ ବିବରଣ,
ଦେବଯାନୀଙ୍କର ଇଙ୍ଗିତ ଲକ୍ଷି
ଚଳିଲା କଲ୍ଲ ବର୍ଣ୍ଣନ ।
"ଏ ଲାବଣ୍ୟବତୀ ବୃଷପର୍ବା—
ଦାନବକୁଳଶେଖର—
କନ୍ୟା ଜେମାମଣି ଦେବଯାନୀ-ଦାସୀ
ଶର୍ମିଷ୍ଠା ନାମ ତାଙ୍କର ।"
ପୁଚ୍ଛିଲେ ବିସ୍ମୟେ ଚନ୍ଦ୍ର କୁଳଚନ୍ଦ୍ର
"ରାଜସୁତା କାହିଁପାଇଁ
ଗୁରୁସୁତାଙ୍କର ହେଲେ ଅନୁଚରୀ
ମୁଁ ଯେ ବୁଝି ପାରୁ ନାହିଁ ।"
ବୋଲଇ ଚଳିଲା "ପିତୃପଣ ପାଳି
ନିଜ କୃତ କର୍ମପାଇଁ
ଦାସୀପଣ କରି ପାପପ୍ରାୟଶ୍ଚିତ୍ତ
କରନ୍ତି ଏ ନରସାଇଁ !

ଦିନେ ଜଳକେଳି ବଢ଼ାଇ ସମସ୍ତେ
ବଟବଟମୂଳେ ଯାଇଁ
ଦେଖିଲେ ବସନ ନିଜ ନିଜ ସ୍ଥଳେ
ପୂର୍ବ ପର ଅଛି ନାହିଁ ।
କ୍ରମେ ରାଜଜେମା ଦେବଯାନୀ ବାସ
ପିନ୍ଧନ୍ତେ ଲାଗିଲା ବାଦ,
ଆକ୍ଷି ଦେଲେ ଜେମା 'ଦାସୀ ତା ଗୃପଣ୍ଡି
ପିନ୍ଧିବାର ଭଲେ ସାଧ ।'
ଯା'ନ୍ତେ ଜେମା ଅଙ୍କ ସଖ୍ୟ ମଣି ଦାସୀ
ହୃଦହିଂସାନଳେ ଜଳି,
ଦେବଯାନୀ ସଙ୍ଗେ କଲ୍ଲ ଝିଙ୍କାଝିଙ୍କି
ମଞ୍ଜିଲଲ ଏ କୂପେ ଠେଲି ।

Digitized by srujanika@gmail.com

ମୃତସ୍ପୃହା-ଅନ୍ୱେଷେ ସେହୁ ବିପିନକୁ
ଭ୍ରମୁ କରଥିଲେ ବନେ,
କଚ୍ଛାରଣ କୂପୁଁ ଦେବଯାନୀ ଜୀବ
ରକ୍ଷିଲେ ମଣିମା ନିଜେ ।
ଶିଷ୍ୟା ଅପମାନେ ରୋଷେ ଦେବଯାନୀ
ଭେଜୁଣିଥିଲେ ନବର,
ଦେବାସୁର ଯୁଦ୍ଧେ ସାହା ଆଚାର୍ଯ୍ୟଙ୍କୁ
ମିନତି କଲେ ନୃବର ।
ଅନୁତାପ କରି ଶର୍ମିଷ୍ଠା ସୁନ୍ଦରୀ
କଲେ ଏ ଦାରୁଣ ପଣ,
''ଦାନବ-ସଂସାର ରକ୍ଷଣ ନିମନ୍ତେ
ସମର୍ପିବି ଏ ଜୀବନ ।
ଦେବଯାନୀ ପହିଁ ହେବେ ପରତନ୍ତ୍ର
କରିବଇଁ ମୁହିଁ ତାହା,
ମୋ ଛାର ଅବଳା ଲାଗି ବଂଶେ ନାଶ
ହେବେ କିପାଁ ନରନାହା ।''

ବୋଇଲେ ମାନିନୀ ଦେବଯାନୀ ଧନୀ
"ହେଉ ଜେମା ମମ ଦାସୀ,
ଭୁଲ ଅଭିମାନ ହେବୁଁ ପିତା ସୁତା
ଦାନବ ନଗରବାସୀ ।''
ପିତୃକୂଳ ହିତେ ବିଷମ ପ୍ରତିଜ୍ଞା
ପାଳ ଏ ରାଜତନୁଜା
ସେହୁ ଦିନୁଁ ଦାସୀ— ପଣେ କରୁଁଛନ୍ତି
ଦେବଯାନୀ ପାଦପୂଜା ।''
ବେନାଙ୍କୁ ଚାହିଁଣି ତାଙ୍କ ଦୁହିଙ୍କି ନୃପ
ବରୁବନ୍ତି ହୃଦଗତେ—
''ଦେଖ ବାଳା ମଧ୍ୟେ ପ୍ରଭେଦ ଲକ୍ଷଣ
ଅପୂର୍ବ ଜଗତ ସତେ ।

Digitized by srujanika@gmail.com

ଏକ ଭାନୁକର— ଫୁଲ୍ଲ କମଳିନୀ,
କ୍ଲାନ୍ତା କୁମୁଦିନୀ ଆନ,
ଏକ ନିଦାଘର ଖର ରୌଦ୍ରତାପ
ଶାରଦ ଚନ୍ଦ୍ରିକା ଆନ ।
ଏକ ପ୍ରଭାତରେ ଉଇଁ ଆସୁଥିବା
ବାଳଭାନୁ ଦୀପ୍ତକର,
ଆନ ପୂର୍ଣ୍ଣିମାର ସୁଧାଂଶୁ କିରଣ
ସ୍ନିଗ୍ଧ ଜ୍ୟୋତ୍ସ୍ନା ଶରତର ।
ଏକ ଖର ତୀବ୍ର ଅବେଗେ ଦୁଃସହ
ଉଦ୍ଦାମ ମରୁତୋଚ୍ଛ୍ୱାସ,
ଆନ ମଧୁମୟ ମୃଦୁ ମନୋରମ
ସୁରଭି କୁସୁମବାସ ।
ଏକ ବର୍ଣ୍ଣ ଗନ୍ଧେ ମହକାଇ ଦିଗ
ଚହଟଇ ଗୃହଅଙ୍ଗେ,
ଆନ ଅପ୍ରଗଳ୍ଭ ବନଫୁଲ ପରି
ଲୁଚଇ ଲତା ଉହାଡ଼େ ।

ଏକ ଶୁଭ୍ର ଶ୍ୱେତ ପ୍ରବଳ ଜାହ୍ନବୀ,
ଆନ ଅସିତବରଣା ।
ତନୁ ନୀରବେଣୀ ବିଷାଦ ଗମ୍ଭୀର
ମରୀଚିମାଳୀଙ୍କ କନ୍ୟା ।
ଏକ କର୍ମ ହେତୁ ଇଚ୍ଛାଶକ୍ତିପ୍ରାୟ
ଦର୍ପିତ ଦୁଃସହ ଠାଣି,
ଶରସ୍ତର ସ୍ନିଗ୍ଧ ଉଚ୍ଚ ଭାବବୃନ୍ଦ
ଦୟା-କ୍ଷମା-ସମା ଆନ ।
ଏକ ଅନୁତୃଷ୍ଣା ଉଦ୍ଦାମ ପିପାସା
ତୀବ୍ର ସମ୍ଭୋଗକାମନା,
ଆନ ସ୍ୱାର୍ଥହୀନ ମହତ ନିବୃତ୍ତ
ଶୁଦ୍ଧ ନୀରବ ବାସନା ।

Digitized by srujanika@gmail.com

ଏକ ପ୍ରବୃତ୍ତିର ପିଚ୍ଛିଳ ପରଖା,
ଆନ ପନ୍ଥା ନିବୃତ୍ତିର,
ଏକ ସ୍ଥୂଳ ଦେହ, ଆନ ସୂକ୍ଷ୍ମ ଆତ୍ମା
ଅବିନଶ୍ୱର ଗମ୍ଭୀର ।
ଦେଖିଥିଲି ବନେ ଏ ବାଳାକୁ ଦିନେ
ଲୁଣ୍ଠିତ ଲତାନ୍ତରାଳେ,
ମାଦକତାହୀନ ଏ ରୂପମାଧୁରୀ
ବୁଝି ନ ଥିଲି ସେ କାଳେ ।
ଦେବଯାନୀ-ରୂପ— ଦୀପ୍ତିରେ ଏ ପ୍ରଭା
ବୁଡ଼ି ଯାଉଥିଲା କି ସେ,
ବାଲ୍ୟବସ୍ଥ ଭେଦେ ମୃଦୁ ଇନ୍ଦୁ କଳା
ଯେସନ ନକ୍ଷତ୍ର ଦେଶେ ।
ଅପୂର୍ବ ରହସ୍ୟ— ମାଧୁରୀ ସେ ରୂପ
କାଳକ୍ରମେ ରସାଣିଲା,
ମାନସ-ସୁଷମା ରୂପଲାବଣ୍ୟରେ
ମୋହ-ଆବେଶ ବୋଳିଲା ।

ଅଛଇ ସୌନ୍ଦର୍ଯ୍ୟ ପଡ଼ନ୍ତେ ନୟନ
ଜନମେ ପ୍ରଥମେ ରାଗ,
ଦୈନନ୍ଦିନ ପରି- ଚୟ ସଂଘର୍ଷେ
ତୁଟଇ କ୍ରମେ ଅନୁରାଗ ।
ଅଛି ପୁଣି ଶୋଭା ପ୍ରଥମ ଦର୍ଶନେ
ଅସ୍ପଷ୍ଟ ମଧୁର ପ୍ରୀତି,
ସଂସ୍ପର୍ଶେ ଆସିଲେ ବଢ଼େ ଅନୁଦିନ
[illegible] ଗଭୀର ପ୍ରୀତି ।
ଅଛି ଏକ ଶୋଭା ପ୍ରାଣ-ମନୋଲୋଭା
ଜନ୍ମାଏ ଭୋଗ ପିପାସା,
ଅଛି ଶୋଭା ଅନ୍ୟା ଦେଖି ହୁଏ ଯାହା
ହୃଦୟ ମୁକତା ଆଶା ।”

Digitized by srujanika@gmail.com

ପୁର-ଉପକଣ୍ଠେ ବୈଭ୍ରାଜସଙ୍କାଶ
ନିବଡ଼ ଅଶୋକ ବନେ
ଅଷ୍ଟଧାତୁ ନବ ରତନେ ଖଚିତ
ଗଢ଼ିଲେ ନବ ଭବନେ ।
ବୃଷପର୍ବ ଜେମା— ଗଜରଦ କାଣି
ଦ୍ଭଣନାଙ୍କ ବାଣୀ ପୂର
ଦାସ ଦାସୀ ଧନ ସମ୍ପଦେ ନବର
ଦେଲେ ନୃପ ପୂର୍ଣ୍ଣ କର ।
ଗୁଳ୍ମ ତରୁ ଲତା ପୁଷ୍କର ବିହଙ୍ଗ
ରଚନ ସୁନ୍ଦର ଯାହା
ରାଜବାଳାଭୋଗ୍ୟ ବିଭୂର ନୃପେନ୍ଦ୍ର
ଆଣି ଖଞ୍ଜି ଦେଲେ ତାହା ।
ସେମନ୍ତ ନବରେ ବୃଷପର୍ବସୁତା
ଶୋଭାବତୀ ରାଜବାଳା
ବସିଣ ଗୁଳନ୍ତି, ନୃପସେବାପାଇ
ଗୁନ୍ଥି ଗୁନ୍ଥି ବନମାଳା ।

"ନୀରବ ସୁସ୍ନିଗ୍ଧ ହରଷକୌମୁଦୀ
ମୋ ଆନନେ ପ୍ରସ୍ଫୁଟିତ,
ମୋର ଅନ୍ତଃସ୍ଥଳେ ଅତୃପ୍ତି ଅନଳ
କିନ୍ତୁ ହୁଏ ପ୍ରଜ୍ୱଳିତ ।
ଦେଖନ୍ତି ସକଳେ ମୋତେ ହରଷିତ,
ନ ଜାଣନ୍ତି ପ୍ରାଣପୁର
ବିଷାଦସବିତ— ସ୍ରୋତେ ନିମଜ୍ଜିତ
ମୋର ସୁଖ-ଶସ୍ୟ ଜୂର ।
ପୋଡ଼ି ଯାଉଅଛି ପରାଣସୁହାଗ,
ଶୁଖିଛି ମୋ ସୁଖଧାର,
ମୋ ଜୀବନ ସିନା ଚିର ଅନ୍ଧକାର
ଅସ୍ତମିତ ସୁଖ-ତାର ।

Digitized by srujanika@gmail.com

ତାଏ ରଙ୍ଗେ ମୋର ଜୀବନସମ୍ବାଦ,
ତାଏ ବୁଝେ ମୋର ମନ,
କେହୁ ଜାଣି ନାହିଁ ମୋ ଅନ୍ତରଦେଶ
ତାହା ଲାଗି ସୁବଚଣ୍ଡ ।
ଦାସୀଙ୍କୁ ବରଜି ନିଜ ଇଚ୍ଛାମତେ
ଧ ସାର କରିବାପାଇଁ
ସଖୀ ଦେବଯାନୀ କଲ୍ପ ଲୋଡେ ଥିଲା,
ତଲ୍ ତାହିଁପାଇଁ ନାହିଁ ।
ପିତା ମାତା ସଖୀ କେହି ନ ଜାଣନ୍ତି
ଜାଣନ୍ତି ଏକା ସେ ପ୍ରଭୁ,
ନ ଜାଣନ୍ତି ସୁଖ ରାଜର୍ଷି ସେ ଦୁଃଖ
ଯା ଲାଗି ତେଜିଲ୍ ହରି ।
ନ ଜାଣିଲେ ନାହିଁ ତାଙ୍କ ସେବା କର
ତାଙ୍କ ଆଜ୍ଞା ଶିରେ ଧର,
ଅଜ୍ଞାତେ ତାଙ୍କର ଶ୍ରୀପଦ ଚରଣେ
ଯାଜ ମୋର ଧନ ସର ।

ତାଙ୍କର ପାଇଁ ମୁଁ ର ନିଃସ୍ୱାର୍ଥ
ଧରିବ ଏହୁ ଜୀବନ,
ଦାସୀର ଏ ଭବେ ନାହିଁ ଅନ୍ୟ ସୁଖ,
ଏ ସେ ଶ୍ରୀପଦେ ବନ୍ଦୀତ ।
ସ୍ଥାଣ ତ୍ରିଯୁତମ ରାଜରାଜେଶ୍ୱର,
ବିଭବ ନ ସରେ କହୁ,
ମହାରାଣୀ ପଦେ ନାହିଁ ମମ ବାଞ୍ଛା,
ଦାସୀପଣେ ଥିବ ବନ୍ଧୁ ।
ଅଙ୍କେ ତାଙ୍କ ଶିର ନିଦ୍ରିବା କାମନା
ନାହିଁ ନାହିଁ ମୋର ମନେ,
ଶ୍ରୀଚରଣ ସ୍ମୃତି ଥିବ ଏହୁ ଦାସୀ
ସ୍ଥାପି ଦାଗ୍ଧ ହୃଦାସନେ ।

Digitized by srujanika@gmail.com

କେତେ ହ୍ରଦ ନଦୀ ସରସୀ ସମୁଦ୍ର
ନାହିଁ ଏ ଅବନୀ-ତଳେ ।
ସବୁ ଆଶା ତେଜି ନିବେଶେ ଚାତକ
ଆଶା ଜଳଧର-ଜଳେ ।
ଜଳଦ-ଆଶାରେ ଯୋଜନ ଦୂରରୁ
ତୃଷ୍ଣାବହ୍ନି ଜାଳି ବକ୍ଷେ
'ଫଟିକ ଜଳ ଦେ' 'ଫଟିକ ଜଳ ଦେ'—
ଡାକଇ, ସନ୍ତୁଷ୍ଟ ନହେ ।
ନୀରଦର ପ୍ରେମ— ବାରିବିନ୍ଦୁ ପାନେ
ଧରେ ଯଥା ସେ ଜୀବନ,
ଯାଚିବି ଜୀବନ ତଥା ତାଙ୍କ ପଦେ
ନିବେଶି ଏ ଦଗ୍ଧ ମନ ।
ଦେଖିଲି ଯେ ଦିନ କାନନେ ନୃପଙ୍କୁ
ପ୍ରଥମ ଦର୍ଶନ ତାହା,
କେତେ ତାଙ୍କୁ ସେ ଯେ ଶର ପରିଶତ
ପରାଏ ଦଶିଲେ ଆହା !

ଜଣାଗଲା ମୋତେ ଜନ୍ମଜନ୍ମାନ୍ତରୁଁ
ସେ ମୋହର ମୁଁ ତାଙ୍କର,
ଶରଣ ପଶିଲା ପ୍ରାଣ ଶ୍ରୀପଦ୍ମେ
ଯେସନ କଣା ଭୋମ୍ବର ।
ସୁରଲୋକାଗତ ଦେବତା ପରାଏ
ମଣିଲି ମୁଁ ସେ ଅତିଥି,
କି ଭାବ ଜନ୍ମିଲା ପରାଣେ ସେ ଦିନୁ ?
ଅଛଇ କି ତାହା ପ୍ରୀତି ?
କେମନ୍ତେ ଦେବି ମୁଁ ପୀରତି ତା ନାମ,
ପୀରତି ଦେବଯାନୀର,
ଯହିଁରେ ଜନ୍ମଇ ତାହିଁ ଭଲ ବାଳା
ନରେଶ୍ବରଙ୍କ ଶରୀର ।

Digitized by srujanika@gmail.com

ସେ କହେ ଯଯାତି ଷୋଳପଣ ତାର,
ଶର ସମ୍ଭୋଗ୍ୟ ସେ ତାର;
ପ୍ରାଣେଶ ତାହାଙ୍କୁ ଯାମିନୀ ବାସର
କଣ୍ଠେ ଗଳାର ହାର !
ଦାସୀପଣେ ତାଙ୍କ ପଦ ସେବିବାକୁ
ମୋତେ ମାଡୁଅଛି ଡର,
ଦୁଲ୍ଲ ଦୁଲ୍ଲ ସ୍ଥିତ ଦ୍ୱନ୍ଦ୍ୱେ ମୋହର
ସୁନ୍ଦର ଗୁଣ ତାଙ୍କର ।
କଥା କହିବାକୁ ମାଡ଼େ ମୋତେ ଲଜ୍ଜା
ସଦା ପଳେ ହୃଦୁ ପ୍ରାଣେ,
ପ୍ରଣାମ କରେ ମୁଁ ଚରଣ ଉଦ୍ଦେଶ୍ୟେ
ବଞ୍ଚେ ମୁଁ ତାଙ୍କର ଧ୍ୟାନେ ।
ଧରଣୀ ଗଗନ ତରୁ ଲତା ବନ
ଗିରି ନଦୀ ସରୋବର
ଯଯାତିମୟ ମୋ ନୟନେ ଦିଶନ୍ତି
ଭୁବନ ପୁର ଘର ।

ଏହୁପରି ତାଙ୍କ ଶରଣେ ଜୀବନ
ଯାପିବଇଁ ଦାସୀଭାବେ,
ଯଯାତି ବହୁନେ ଚଉଦ ଭୁବନେ
ନାହିଁ ଅଣା କେଉଁଠାବେ ।
ଅଙ୍ଗ-ଭୋଗ-ଆଶା ନ ପୋଷଇ ମୁହିଁ
ମିଳନ ସମ୍ଭୋଗେ ପ୍ରୀତ,
ପ୍ରଣୟ-କୁସୁମ ଫୁଟିଲେ ମନରେ
ଶରନ୍ତେ ପ୍ରୀତସ୍ରୋତ ।
ପ୍ରୀତି ଦିବ୍ୟ ପକ୍ଷୀ, କାମନା-ଜମ୍ପାଳେ
ନ ପାରଇ ତାହା ବନ୍ଧି,
ସ୍ୱାର୍ଥ ହାତ ଦେଲେ ପ୍ରୀତି ଲଜ୍ଜାବତୀ-
ଲତା ଝାଉଁଳି ପଡ଼ଇ ।

Digitized by srujanika@gmail.com

ଶୁଣିଥିଲି ବାଲ୍ୟେ   ଦେବୀ ଗୁଣଗାଥା
  କୋଟିମୁଖୁଁ ରାଜାଙ୍କର,
ମୋ ପ୍ରେମ-ବାରିଧି   କହୁଥିଲ ଝଟିଲ
  ସ୍ପର୍ଶି ଗୁଣ-ସୁଧାକର ।
ନୀରବେ ଧାଇଲି   ତାଙ୍କ ନାମ ଗୁଣି
  ଅଶ୍ରିଣ ନାମ ତାଙ୍କର,
ଦେଖି ଦିବ୍ୟ ରୂପ   ଗୁଣି, ମେଣ୍ଟିଗଲା
  ବିଷାଦ ଚକ୍ଷୁ କର୍ଣ୍ଣର ।
ସେ ମଧୁର ହାସ   ସେ ମଧୁର ଭାଷ
  ସେ ମଧୁର ଶାନ୍ତ ଦୃଷ୍ଟି
ଗୁଣ ଅନୁରୂପ   ମୋହନ ମୂରତି
  କଲା ପ୍ରାଣେ ସୁଧା ବୃଷ୍ଟି ।
ଦୁଃଖି-ଦୁଃଖ ଦେଖି   ଦୟା-ପ୍ରେମସିକ୍ତ
  ମନସେ ମନାସେଁ ଯାହା,
କର୍ମଯୋଗୀ ବୀର   ଅଭିସାଣ ନୃପ
  ସଂସାରେ ସାଧନ୍ତି ତାହା ।

ମୋ ପ୍ରାଣସଙ୍ଗୀତ   ତାଙ୍କ କର୍ମବୀଣା
  ବଜାଏ କେଉଁ ପ୍ରକାରେ !
ସେ ମୋ ସମଧର୍ମୀ   ମୁଁ ସମଧର୍ମିଣୀ
  ଶାଶ୍ୱତ ପ୍ରେମସଂସାରେ ।
ଅଙ୍ଗସଙ୍ଗ ଭୋଗ   ଅଚଢ଼ିଲ ଦିନର
  ନଶ୍ୱର ଯୌବନ ଶୋଭା,
ଶେଷ ଜରା ଆସି   ବିକଳ କରିବ
  ଯାହା ଦିଶେ ମନୋଲୋଭା ।
ନଶ୍ୱର ଦେହରେ   ଯୌବନ-କୁସୁମ
  ଫୁଟି ଦୁଇ ଦିନେ ଝଡ଼େ,
ଚିରନ୍ତନ ପ୍ରୀତି   ବୈଭବ କୁସୁମ
  ଫୁଟି ଦିନୁଁ ଦିନ ବଢ଼େ ।

Digitized by srujanika@gmail.com

ଏ ଜଗତ ଅଛି ଚର୍ମଚକ୍ଷୁ ଦ୍ୱାରେ
ଯାହା ଦେଖେଁ ଭବେ ନିତ,
କାମଭୋଗ ତୃଷ୍ଣା ରୂପକ ମୋହ ସେ
ନୁହଇ ନିଃସ୍ୱାର୍ଥ ପ୍ରୀତି ।
ପୀରତି ସ୍ୱର୍ଗୀୟ, କାମ ନାରକୀୟ,
କାମ ନୁହେ ପ୍ରେମ ସର,
ପ୍ରେମ କାମ ମଧ୍ୟେ ପ୍ରଭେଦ ବିଶେଷ
ସ୍ୱରଗ ନରକ ପର ।
କାମ ଅମାନିଶା ଘନକୃଷ୍ଣ ଧ୍ୱାନ୍ତ,
ପ୍ରେମ ପୂର୍ଣ୍ଣେନ୍ଦୁ କିରଣ,
କାମ ପ୍ରାବୃଟର ଘୋର ଘନ, ପ୍ରେମ
ଶାରଦ ଚନ୍ଦ୍ରିକା-ବନ ।
କାମ ନିଦାଘର ଖର ରୌଦ୍ର ତାପ,
ପ୍ରେମ ଜ୍ୟୋସ୍ନା ଶୀତଳର,
କାମ ଅଟେ ଘୋର କୃଷ୍ଣବର୍ଣ୍ଣ, ପ୍ରେମ
ସ୍ୱଚ୍ଛ ଶୁଭ୍ର ପବିତର,

ଭୋଗେ ବଢ଼େ କାମ, ତ୍ୟାଗେ ବଢ଼େ ପ୍ରେମ,
ମିଳନେ ପ୍ରଗାଢ଼ କାମ,
ବିଚ୍ଛେଦେ ବଢ଼ଇ ନିର୍ମଳ ପୀରତି
ଅଶ୍ରିଣ ପ୍ରଣୟି-ନାମ ।
ସ୍ୱାର୍ଥ ତ୍ୟାଗେ ବଢ଼େ ବିମଳ ପ୍ରଣୟ,
ସମ୍ଭୋଗେ କରେ ସେ ଭୟ,
ସ୍ୱାର୍ଥ ହସ୍ତ ଦେଲେ ପୀରତି ତନୁରେ
ପ୍ରୀତି ପାଇଯାଏ ଲୟ ।
ପ୍ରେମିକ-ହୃଦୟ ସ୍ୱଚ୍ଛ ସରୋବର,
ପ୍ରେମ ଗଗନର ଇନ୍ଦୁ,
ପ୍ରେମ ଅଟେ ପୂର୍ଣ୍ଣ ପୂର୍ଣ୍ଣିମା-ଚନ୍ଦ୍ରମା
ହ୍ରଦ ଉଚ୍ଛ୍ୱସିତ ସିନ୍ଧୁ ।

Digitized by srujanika@gmail.com

ଅମଳ ଅମ୍ବରେ ଶାରଦ ଚନ୍ଦ୍ରିକା
କହେ କେବେ କି ବଚନ,
ତେବେ କାହିଁପାଇଁ ସେ ବଧୂ ଦର୍ଶନେ
ଉଛୁଳେ ସିନ୍ଧୁ ଜୀବନ ?
ନବୀନ ବସନ୍ତେ ଚୂତଶାଖେ ଶୁଭେ
"କୁହୁ" "କୁହୁ" ପିକ-ରବ,
କେଣ ବର୍ଣ୍ଣେ ବନ୍ଧୁ କହିଛି ଅବା କି
ଅକ୍ଷୟ ପ୍ରେମ-ବିଭବ !
ସେ ପ୍ରେମ-ଗୌରବ ବୁଝଇ କେବଳ
ଋତୁରାଜ ମଧୁ ସିନା,
ତାହା ଜାଣି ପିକ ନ ଦିଅଇ ପ୍ରେମ
ଆନେ ସେ ବସନ୍ତ ବିନା ।
ପ୍ରେମିକ ଯେ ଜନ ପ୍ରେମ ସେହି ଦେଖେ,
ଆନ ଅନ୍ଧ ଚକ୍ଷୁ ଥାଇ,
ବିଶ୍ବାସେ ପ୍ରଣୟ ଉଜ୍ଜ୍ୱଳ, ସଂଶୟେ
ନୟନେ ଦିଶଇ ନାହିଁ ।

ଏ ଅନ୍ଧ ଭୁବନେ ହୃଦ ଦରଶନେ
ପ୍ରୀତି-ସିନା ସୁ-ଅଞ୍ଜନ,
ଆନ ଦେଖି ଯାହା ନ ପାରଇ ତାହା
ପ୍ରେମିକ କରେ ଦର୍ଶନ ।
ଜଗତ ଜୀବନ— ସ୍ମୃତି-ବୀଚିମାଳେ
ହୃଦ ସିନ୍ଧୁ ଉଦବେଳ,
ବୈରାଗ୍ୟେ ରୋଧନ୍ତି ମନସ୍ୱିନୀ ବାଳା
ଯେସନ ବେଳା-ଅଚଳ ।
ନିଜ ଦୁଃଖ ଦଶା ଛପୋଇ ଭୁଲନ୍ତି
ଦୁଃଖିଜନ ଦଶା ସ୍ମରି,
ପଙ୍କଜପଲାଶ ଲୋଚନୁଁ ଲୋତକ
ଝରଝର ପଡ଼େ ଝରି ।

Digitized by srujanika@gmail.com

ସୃଷ୍ଟି ଦୁଃଖୀ ସ୍ୱର ବୃଷପର୍ବକେମା
ଭାସୁଥାନ୍ତି ନାନାରୂପେ,
“ସହସ୍ର ପରାଣୀ ଘୋର ଦୁଃଖେ କାଳ
କାଟୁ’ଛନ୍ତି ଭବକୂପେ ।
ଦୁର୍ବଳେ କରନ୍ତି ପ୍ରବଳ ଲୋକଙ୍କ
ଅତ୍ୟାଚାରେ ହାହାକାର,
ବାସର ଯାମିନୀ ଜଗତେ ବ୍ୟୋମ ଭେଦ
ବିକଳ ନିନାଦ ତାର ।
କୋଟି କୋଟି ପ୍ରାଣୀ ବ୍ୟାଧି ଜରା ଶୋକେ
ଡାକୁଛନ୍ତି ନାଥ ନାଦେ,
କେତେ ନର ନାରୀ ପାଅନ୍ତି ଯାତନା
ଦୈବଦତ୍ତ ପରମାଦେ ।
କେହୁ ଦୁଃଖୀ ଧନେ କେହୁ ଦୁଃଖୀ ଜନେ
କେହୁ ମନେ କେହୁ ମାନେ,
କେ ସୁବର୍ଣ୍ଣେ କେହୁ ଧର୍ମ ପୁଣ୍ୟ ପ୍ରେମେ
କେହୁ ସ୍ନେହେ କେ ଅଜ୍ଞାନେ ।

ତାହାର କପାଳେ ଷୋଳକଳା ସୁଖ
ସମଦର୍ଶୀ ନ୍ୟାୟ ବନ୍ଧୁ,
ଦେହ ମନ ଆତ୍ମା ସର୍ବ ବିଷୟରେ
କହିଁ ତ ନାହାନ୍ତି ଲିପ୍ତ !
ତେବେ କିପାଁ ମୁହିଁ ନିଜ ଦୁର୍ଦ୍ଦଶାରେ
ହେଉଅଛି ଦହ୍ୟମାନ,
ମୋହଠାରୁ ମଧ୍ୟ ଅଛନ୍ତି ମହୀରେ
ନରନାରୀ ହୀନମାନ ।
ବନ୍ଧୁ ତାହା ପରେ ଅଜାଡ଼ି ନାହାନ୍ତି
ପାତ୍ର-ପୂର୍ଣ୍ଣ ସୁଖ-ସୁଧା,
ସାରା ସଂସାରରେ ମେଣ୍ଟିଅଛନ୍ତି କାହା
ତାହା ସୁଖଲୋଭକ୍ଷୁଧା ।

Digitized by srujanika@gmail.com

ଏକା ଶୁକ୍ଳପକ୍ଷେ ଧରଣୀ ସୁନ୍ଦରୀ
ମାସ ନ ପାରନ୍ତି ଭାତି,
ବିଧାତା ବିଧାନେ ଅଛି କୃଷ୍ଣପକ୍ଷ
ଧଏ ଇନ୍ଦୁକଳା ଭାତି ।
ତ୍ରିୟାମା-ଆଗମେ ରଥାଙ୍ଗମିଥୁନ
ଅନ୍ୟୋନ୍ୟାନୁଁ ଅନ୍ତର ହୋଇ
ବିକଳ କାଃସ୍ୱନେ ବିଳାପୁ ଥାଆନ୍ତି
ପ୍ରତିକୂଳ କୂଳେ ଶୋଇ ।
ଉଷା-ଆଗମନେ ଚକ୍ରଜନୀ ଧନୀ
ନବଭାନୁ ରପେ ଦେଖି
ବିସୋରି ସୁଦୀର୍ଘ ଯାମିନୀ ଯାତନା
ବିକସି ଉଠଇ ହସି ।
ନିଶା-ଆଗମନେ ପୁଣି ସେ ପଦ୍ମିନୀ
ନେତ୍ର ଭରେ ନିମୀଳତ,
ନିଶାନାଥେ ଦେଖି କୁମୁଦନୀ ଧନୀ
ହୁଏ ପ୍ରେମେ ଉନ୍ମୀଳତ ।

ନିଶାତ୍ୟୟେ ସେହି କୁମୁଦ କୁସୁମ
ମଉଳି ପଡ଼ଇ ତଳେ,
ଏହିପରି ସୁଖ ଦୁଃଖେ ସମସ୍ତଙ୍କ
କାଳ ଯାଉଅଛି ଚଳି ।
ନବ ପ୍ରାବୃଟରେ ଜୀମୂତପଟଳ
ଅମ୍ବରେ ଦର୍ଶନ କରି
ମତ୍ତ ଉତ୍କଣ୍ଠସ୍ୱରେ କଳାପିମିଥୁନ
କରୁଥାନ୍ତି ନୃତ୍ୟ କରି ।
ମୂଷଳ ଧାରରେ ବରଷୁଁ ପର୍ଜନ୍ୟ
ବର୍ଷାଭୂଦମ୍ପତୀ ମୁଦେ
ଧୈବତ ସ୍ୱରେ ସେ ଗର୍ଜନ୍ତି ଗହଳେ
ନୀରବେଣୀରମ୍ୟ କୂଳେ ।

Digitized by srujanika@gmail.com

ବଳାହକପ୍ରିୟ ଦାତ୍ୟୂହ କପୋତ
ଆଉ ସବେଁ ନେଞ୍ଚି ନୃତ୍ୟ
ନଭେ କାଦମ୍ବିନୀ ଅଦୃଶ୍ୟ ହୁଅନ୍ତେ
ବରଜନ୍ତି ବର୍ଷାକୃତ୍ୟ ।
ଶବଳ ଶରତେ ଛୋଟା ଶ୍ୱେତ ବାଦ୍‌ଡ଼
ପଠା କୁଦ ନଦୀତଟେ
ଶରତ ରାଜାଙ୍କ ମୁକୁଟ ଉପର
ଶ୍ୱେତଛତ୍ର ପରକଟେ ।
ମାନସ-ପ୍ରବାସୀ ମରାଳ ମିଥୁନ
ନଭେ ବାନ୍ଧି ଦୀର୍ଘ ପନ୍ତି
ପଦ୍ମକଳଗ୍ନତେ କଇ ସୁନିର୍ମଳ
ଗଗନରେ ସନ୍ତରନ୍ତି ।
ବିମଳ ବିଭାତେ ଶିଶିର-ମଣ୍ଡନ
ଧରଣୀ ହରତ ଅଙ୍ଗେ
ରାବନ୍ତି କଳ୍ପ୍ୟନ— ପକ୍ଷୀ କୁଞ୍ଜବାକ
ଦମ୍ପତ୍ତି ମୁନିଅ ରଙ୍ଗେ ।

ତୁଙ୍ଗ ବଣୀ ଟିଅ ଶ୍ୟାମା ତାମ୍ରଚୂଡ଼
ଭରତ ଶାରକା ଶୁକ
ହଳଦବସନ୍ତ କାଳିକା ଟେଣ୍ଟେଇ
ସାର ଅବ ବାବହୁକ ।
ସିଜୁ ଅଙ୍କୁ ବାଡ଼େ ଲଜ୍ଜାପିଢ଼ା ଡାଳେ
ଫୁଟେ ତୋରି କନ୍ଦିଫୁଲ,
ବାଡ଼ ପାଖେ ପଥ, ନୀଳ ନଭେ ତାଗ
ଛାୟାପଥ ଯାର ତୁଲ ।
କୋଟି କୋକନଦ ନବୀନା ଯୁବତୀ
ଏମ ଉମି ଜନଚକ୍ଷେ,
ଗୃହ୍ଯ ତାମରସ ଲଭନ୍ତି ହରଷେ
ଚଳନ୍ତି ସରସୀ ବକ୍ଷେ ।

Digitized by srujanika@gmail.com

ଆସନ୍ତେ ହେମନ୍ତ   ବସୁନ୍ଧରା ଶିରୀ
ତୁଟି ଯାଏ ପଲକରେ,
ଅଳପ ଦିବସେ   ଦିଶେ ମହୀ ମ୍ଳାନ
ଶୀତ ବିଧି ବିଧାନରେ ।
ଏହିପରି ଜଡ଼   ଉଦ୍ଭିଦ ମାନବେ
ଲାଗିଛି ହର୍ଷ ବିଷାଦ,
ତେବେ କାହିଁ ମୁହିଁ   ଭାଗ୍ୟକୁ ଆଦରି
ନ ତେଜିବି ଅବସାଦ ।
ଅଛି ପିତୃକୁଳ   ଛନ୍ତି ପିତାମାତା
ଭ୍ରାତା ଭ୍ରାତୃଜାୟା ସଖୀ,
ଅଛଇ ସ୍ୱଜାତି   ସ୍ୱଦେଶର ସେବା
ଥିବି ଏ ଜୀବନେ ରଖି ।
ଅଛଇ ଦାରୁଣ   କଷଣ ମୋ ଭାଲେ
ସହିବି ଲଲାଟ ଲେଖା,
କରିବି କଠିନ   ଏ କୋମଳ ହିଆ
ରଖିବି ସତ୍ୟର ଟେକ ।

'ସୁଖ' 'ସୁଖ' ହୁରି   ଘୁଡ଼ନ୍ତି ନରନେ
ସୁଖ ନୁହେ ଚିରସ୍ଥାୟୀ,
ସୁଖକୁ ଲୋଡ଼ିଲେ   'ସୁଖ' 'ସୁଖ' ରଡ଼ି
ସୁଖ ସେ ମିଳଇ ନାହିଁ ।
କଠିନ କର୍ତ୍ତବ୍ୟ   ପର-ଉପକାରେ
ଅଛଇ ସଞ୍ଚିତ ସୁଖ,
ସଂସାରେ ନିର୍ଲିପ୍ତ   ହୋଇ ଦୂରେ ଥାଇ
ଏଡ଼ି ପାରେ ନର ଦୁଃଖ ।
ବିଷୟ-ବିଷକୁ   ପିଇଲେ ବିଷାଦ-
ଜମ୍ବାଳେ ବୁଡ଼ନ୍ତି ନରେ,
ବୈରାଗ୍ୟ-ଶିଖରୁଁ   ଭକ୍ତି-ଲୀଳା-ନଶାହ୍ୱ
ଜନ ଦରଶନ କରେ ।

Digitized by srujanika@gmail.com

ଶ୍ୱାନ ସର୍ପ ବୃଶ୍ଚି- ଦଂଶନେ ଯେ ପ୍ରାଣ
ପାରେ ଲଭେ ଜଡ଼ ଯାଇ,
ଯେ ନଶ୍ୱର ପ୍ରାଣେ ସ୍ୱଜାତି ସେବାରେ
ନ ଅର୍ପିବ ତାହିଁପାଇଁ !
କେତେ ଜନମିବେ କେତେ ବା ମରିବେ
ଜନ୍ମିଲେ ମରଇ ଜୀବ;
ଧର୍ମ-ଶାସ୍ତ୍ରେ ମମ ସ୍ୱାର୍ଥତ୍ୟାଗ ବ୍ରତ
ଯାବତ ଚନ୍ଦ୍ରାର୍କ ଥିବ ।

ନିରାଶ ମାନବ ଦୁଃସହ ଦୁଃଖରେ
ପଢ଼ି ମୋ କାହାଣୀ ଶୁଣି
କାଳସିନ୍ଧୁ ନୀରେ ଜୀବନ ତରଣୀ
ଚଳାଇବ ଧୀରେ ପୁଣି ।
ଅଭାଗ୍ୟୀ ମାନବ ଆଶା-ପୋତ ହେଲେ
ଭବସିନ୍ଧୁ ନିମଗନ
ହେବ ଆଶାନ୍ୱିତ ହେରି କାଳ ବେଳା
ପଦଚିହ୍ନ ଦରଶନ ।

Digitized by srujanika@gmail.com



(କବିଙ୍କ ହସ୍ତାକ୍ଷରର ପ୍ରତିକୃତି)

ବରେଣ୍ୟ ଶିଳ୍ପୀ ସ୍ୱର୍ଗତ ବି : ବର୍ମାଙ୍କ ଦ୍ୱାରା ଅଙ୍କିତ
ତୈଳ ଚିତ୍ରର ପ୍ରତିକୃତି ।
(ଉତ୍କଳ ସାହିତ୍ୟ ସମାଜ ସଂପାଦକଙ୍କ ସୌଜନ୍ୟରେ ପ୍ରାପ୍ତ ।)

Digitized by srujanika@gmail.com

ଶ୍ୱାନ ସର୍ପ ବୃକ- ଦଂଶନେ ଯେ ପ୍ରାଣ
ପାରେ ଲଭେ ଛଡ଼ି ଯାଇ,
ସେ ନଶ୍ୱର ପ୍ରାଣେ ସ୍ୱଜାତି ସେବାରେ
ନ ଅର୍ପିବ କାହିଁପାଇଁ !
କେତେ ଜନମିବେ କେତେ ବା ମରିବେ
ଜନ୍ମିଲେ ମରଇ ଜୀବ;
ଧର୍ମ-ଶାସ୍ତ୍ରେ ମମ ସ୍ୱାର୍ଥତ୍ୟାଗ ବ୍ରତ
ଯାବତ ଚନ୍ଦ୍ରାର୍କ ଥିବ ।

ନିସ୍ୱଣ ମାନବ ଦୁଃସହ ଦୁଃଖରେ
ପଢ଼ି ମୋ କାହାଣୀ ଶୁଣି
କାଳସିନ୍ଧୁ ନୀରେ ଜୀବନ ତରଣୀ
ଚଳାଇବ ଧୀରେ ପୁଣି ।
ଅଜ୍ଞାନୀ ମାନବ ଅଶା-ପୋତ ହେଲେ
ଭବସିନ୍ଧୁ ନିମଗନ
ହେବ ଅଶାନ୍ତିତ କର କାଳ ବେଳା
ପଦ୍ମଚନ୍ଦ୍ର ଦରଶନ ।

Digitized by srujanika@gmail.com

କନକଲତା

Digitized by srujanika@gmail.com

ବିଜ୍ଞାପନ

ଚତୁର୍ବର୍ଷ ପୂର୍ବେ "କନକଲତା"ର ପ୍ରଥମ କତିପୟ ପରିଚ୍ଛେଦ "ଉତ୍କଳ-ସାହିତ୍ୟ" ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେତେବେଳେ ଉତ୍କଳର ବ୍ୟାସକବି ଫକୀରମୋହନ ସେନାପତି ଏବଂ ଉତ୍କଳ-ସାହିତ୍ୟର ସମ୍ପାଦକ ମହାଶୟମାନେ ତଥା ବହୁମାନ୍ୟଗଣ୍ୟ ପାଠକପାଠିକା ଏହାକୁ ସ୍ନେହଚକ୍ଷୁରେ ଦେଖି ମୋତେ ଅଭିନନ୍ଦନ କରିଥିଲେ; କିନ୍ତୁ କିଛି କାଳ ପରେ ମୁଁ ବିଦ୍ୟାଳୟସମୂହର ଡିଷ୍ଟ୍ରିକ୍ଟ-ଇନ୍‌ସ୍ପେକ୍ଟର ଓ ବିଭାଗୀୟ ଅସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ପ୍ରଭୃତି ପରିଦର୍ଶନ କର୍ମଚାରୀରୂପେ ନିଯୁକ୍ତ ହୁଅନ୍ତେ ମୋର ଅବକାଶ ଓ ଅନୁକୂଳ ଅବସ୍ଥାର ଅଭାବନିବନ୍ଧନ ଗଳ୍ପଟି ଅପୂର୍ଣ୍ଣ ରହିଥିଲା । କିଛିକାଳପୂର୍ବେ ଖୋର୍ଦ୍ଧା ସବ୍‌ଡିଭିଜନାଲ୍ ଅଫିସର ରାୟ ସାହେବ ଅଜୟଚନ୍ଦ୍ର ଦାସ ମହାଶୟଙ୍କ ବସାଠାରେ ମୋ ସହିତ ସାକ୍ଷାତ୍ ସମୟରେ ଅଧ୍ୟାପକ ମିଃ ପ୍ରାଣକୃଷ୍ଣ ପରିଜା ଓ ମିଷ୍ଟର ଶ୍ୟାମଚରଣ ତ୍ରିପାଠୀ ମହାଶୟଦ୍ୱୟ "କନକଲତା"ର ଅପୂର୍ଣ୍ଣତା ବିଷୟରେ ଆକ୍ଷେପ କଲେ ଏବଂ ମୁଁ ବହୁ ପାଠକପାଠିକାଙ୍କ ସନିର୍ବନ୍ଧ ଅନୁରୋଧ ପ୍ରାପ୍ତ ହେଲି । ସୁପାଠକର ଉତ୍ସାହ ଓ ଅନୁକୂଳ ମନ୍ତବ୍ୟ ଲେଖକର ରଚନା-କାନନରେ ବସନ୍ତର ଦକ୍ଷିଣମଳୟସ୍ୱରୂପ କାର୍ଯ୍ୟ କରେ । ଏହି ଉପନ୍ୟାସକୁ ପୂର୍ଣ୍ଣ କରିବାର ବାଞ୍ଛା ହୃଦୟରେ ଜାଗ୍ରତ ହେଲା । "ଉତ୍କଳ-ସାହିତ୍ୟ"ର ସମ୍ପାଦକ ମୋର ବାଲ୍ୟଗୁରୁ ଶ୍ରୀଯୁକ୍ତ ବିଶ୍ୱନାଥ କର, ଏମ୍. ଏଲ୍. ସି. ମହାଶୟଙ୍କ ବାରମ୍ବାର ପୁଣ୍ୟ ପ୍ରବର୍ତ୍ତନା ମୋର ଏହି ସମୁଦିତ ଇଚ୍ଛାକୁ ବଳବତୀ କଲା । ଉଦୀୟମାନ କବି ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ, ବି. ଏ. ଓ ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀ, ବି. ଏ. ମଧ୍ୟ "କନକଲତା"କୁ ଅତି ଉଚ୍ଚ ସ୍ଥାନ ଦେଇ ସମାଲୋଚନା କଲେ । ଏହି ଉତ୍ସାହଦାତାମାନଙ୍କୁ ଆନ୍ତରିକ କୃତଜ୍ଞତା ଅର୍ପଣ କରୁଅଛି । ମୋର ପରମାତ୍ମୀୟ ଶ୍ରୀମାନ୍ ସୂର୍ଯ୍ୟମଣି ଜେନା ମୁହୁର୍ମୁହୁ ପ୍ରବର୍ତ୍ତନା ଦେବା ବ୍ୟତୀତ ବହୁକାଳର "ଉତ୍କଳସାହିତ୍ୟ"ରୁ ଏବଂ ବିକ୍ଷିପ୍ତ ଜୀର୍ଣ୍ଣ ପାଣ୍ଡୁଲେଖ୍ୟରୁ ପରିଚ୍ଛେଦମାନ ଉଦ୍ଧାରପୂର୍ବକ ପୁସ୍ତକ ପ୍ରକାଶରେ ସାହାଯ୍ୟ କରିବାରୁ ମୁଁ ତାଙ୍କଠାରେ ବିଶେଷ ଭାବରେ କୃତଜ୍ଞ ।

ଯେଉଁ ସହୃଦୟ ପାଠକପାଠିକାମାନଙ୍କ ଉତ୍ସାହବାଣୀ ଯୋଗୁଁ ଆଜି "କନକଲତା" ପୂର୍ଣ୍ଣ ହେଲା, ସେହିମାନଙ୍କ ଶ୍ରୀକରକମଳରେ ତାହା ସମର୍ପିତ ହେଲା । ଆଶାକରେ, "କନକଲତା"ର ଜନ୍ମବେଳେ ସେମାନେ ଯେଉଁ ସ୍ନେହ ପ୍ରକାଶ କରିଥିଲେ, ତାହାର ବିକଶିତ ଜୀବନ ଦେଖି ଏବେ ଅନ୍ତତଃ ସେହିପରି ସ୍ନେହ ପ୍ରକାଶ କରିବେ । ଇତି ।

ଝୁସୁପୁର, ତା ୫ । ୧୦ । ୧୯୨୫   ଶ୍ରୀ ନନ୍ଦକିଶୋର ବଳ

Digitized by srujanika@gmail.com

ପ୍ରଥମ ପରିଚ୍ଛେଦ

ଶୀତକାଳ । ପ୍ରଭାତ ହୋଇଅଛି । ଶିଶୁମାନେ ପ୍ରଭାତରୁ ଉଠି ଫୁଲ ତୋଳୁଛନ୍ତି । କେହି କେହି ଦଉଡୁଛନ୍ତି । ଦଉଡ଼ିଲେ ଶୀତ ଭଙ୍ଗା ହୁଏ, ଏ ବୈଜ୍ଞାନିକତତ୍ତ୍ୱ ଶିଶୁମାନଙ୍କୁ ଜଣା ନାହିଁ । ସେମାନେ ପ୍ରବୃତ୍ତି-ପରିଚାଳିତ ହୋଇ ଦଉଡ଼ୁଛନ୍ତି । ଦେଖୁଁ ଦେଖୁଁ ଖରା ବରଗଛ ତାଳଗଛ ଅଗରୁ ଖସି ପୀଢ଼ା, ବାଡ଼ ଶେଷକୁ ଶ୍ୟାମପୁରର ବଜ୍ରଧର ହରିଚନ୍ଦନଙ୍କ ଦାଣ୍ଡ ପାହାଚ ଓ ବାଡ଼ିଅଡ଼ ଓଳିତଳେ ପଡ଼ିଲା । ଦୁଇଅଡ଼େ ଦୁଇ ଲୀଳା ଲାଗିଗଲା । ଦାଣ୍ଡରେ ପୁରୁଷମେଳା ଓ ହାଲବାଡ଼ି କଥା । ବାଡ଼ିଅଡ଼େ ସ୍ତ୍ରୀସଭା ଓ ଘରକଥା । ଏକ ଗଦ୍ୟ, ଅନ୍ୟଟି ରସମୟୀ କବିତା । ଏକ କର୍ମ, ଅନ୍ୟଟି ପ୍ରୀତି । ଏକ ଉତ୍ତୁଙ୍ଗ ପର୍ବତ, ଅନ୍ୟଟି କଳନାଦିନୀ ତରଙ୍ଗିଣୀ । ପାଠକ ଅବଧାନଙ୍କ ଦୃଷ୍ଟି କେଉଁଅଡ଼କୁ ପ୍ରଥମେ ଆକୃଷ୍ଟ ହେଉଅଛି ? ଆମ୍ଭେମାନେ ବାଡ଼ିଅଡ଼ କଥା ଆଗେ କହିବୁଁ ।

ଶୁକଷଣୀ ପାଠ ବାସନ ମାଜୁଛି । ମାଜୁ ମାଜୁ ତାହାର ପୂର୍ବପୁରୁଷ(?) ମନୁଷ୍ୟର ଅନୁକରଣ କରି ଛୁଦ୍ରକଥା କହୁଛି । ଯାହା ଘରେ କଳକଣ୍ଠ ନାହିଁ ସେ ସିନା ଶୁକଷଣୀ ରଖେ । ଆଗେ ବୋହୂମାନେ କଂସାବାସନ ମାଜୁଥିଲେ । ଏବେ ମଧ୍ୟ ନ ଥିଲା ଘରର ବୋହୂଝିଅମାନେ ମାଜିବାଟି ଛାଡ଼ି ନାହାନ୍ତି ; କିନ୍ତୁ ହରିଚନ୍ଦନଙ୍କ ଘର ପରି ବଡ଼ ଘରେ ଶୁକଷଣୀ ନୋହିଲେ ନୁହେ । ଅବସ୍ଥାନୁସାରେ ବ୍ୟବସ୍ଥା ସିନା । ସମ୍ଭ୍ରାନ୍ତ ପରିବାରର ନବବଧୂମାନେ ଗୃହକର୍ମ କଲେ ଛନ୍ଦ ପୋଥି ବା ଉପନ୍ୟାସ ପଢ଼ିବ କିଏ ? ଥାଉ ସେ କଥା । ହରିଚନ୍ଦନଙ୍କର ତିନିବୋହୂ । ସାନ ପୁଅର ବିବାହ ହୋଇନାହିଁ । ଗୋଟି ଗୋଟି କରି ସମସ୍ତେ ଆସି ମିଳିଲେ । କେହି ଗଇଣ୍ଠା ପାଉଁଶ, କେହି କଅଁଳ ପିଜୁଳିପତ୍ର, କେହି ଅବା ସାହାଡ଼ା ଦାନ୍ତକାଠି ଘେନି ଦାନ୍ତ ଘଷି ବସିଲେ । ଗୁଡ଼ାଖୁପାଏ ଯାଇ ନାହିଁ । ପିବାକୁ କେତେ ବାଟ ! ହରିଚନ୍ଦନଙ୍କ ଘରଣୀ ଆସି କହିଲେ, "ଆଜି ସମସ୍ତେ ଚଞ୍ଚଳ ଗାଧୋଇ ପଡ଼, ପିଠାପଣା ହେବ । କନକର ଆଜି ଜନ୍ମଦିନ ।" ପାଠ କହିଲା, "ଶୁଭ ଘଡ଼ିରେ କୋଳପୋଛା ଝିଅ, କଳାମାଣିକ, ଚମ୍ପାଗୁଣ୍ଡା, ବଉଳମାଳା, ତାରେଣୀ ସୂତା, ଗଜମୁକ୍ତା, କନକଲତା ।" ଏହି ଅନର୍ଗଳ ଦନ୍ତତା-କର୍କଶତା-ଲଳନା-ଧ୍ୱନି ଅନ୍ତଃପ୍ରମଗତରେ ଗୁଞ୍ଜୁଥାନ୍ତା ;

Digitized by srujanika@gmail.com

କିନ୍ତୁ ଇତିମଧ୍ୟରେ କଳାମେଘରେ ବିଜୁଳି ପରି କଳାଝିଙ୍ଗିଟି ଶାଢ଼ୀ ଖଣ୍ଡିଏ ପିନ୍ଧି କନକ-ପ୍ରତିମା-ସଦୃଶ କନକଲତା ସେଠାରେ ପହଞ୍ଚି ବୀଣା-ବିନିନ୍ଦିତ ସ୍ୱରରେ କହିଲେ, "ନୂଆବହୂ, ଦେଖିଲ କିମିତି ପାଠ ମୋତେ ଇଙ୍ଗିତ କରୁଛି।" ନୂଆବୋହୂମାନେ ଯଥେଷ୍ଟ ମୃଦୁଆନନ୍ଦ ଅନୁଭବ କରି ମନମୁଖରେ ହସିଲେ। ଅହ୍ଲରସ୍ତା ପାନ କହିଲା, "ତୁ ତ ଗୁହାରି କରୁଛୁ ଯାହାକୁ, ମୁଁ ତ ଜୁଆଁଇ କରୁଛି ତାହାକୁ।" ପାଠ କହିଲା, "କାହିଁକି, ଇଙ୍ଗିତ କରିବି କାହିଁକି। ତମକୁ ମୁଁ ଇଙ୍ଗିତ କରିବି ? ଯେ ଇଙ୍ଗିତ କଲା ସେ ତମଠୁଁ ଝାଡ଼ୁ ଝୁଡ଼ୁ ନେଉ।" ଏହା ଶୁଣି ସମସ୍ତେ ହସି ଉଠିଲେ। ଅପ୍ରଗଲ୍‌ଭ୍ ବାଳିକା କନକଲତା ସେ ହାସ୍ୟଲହରୀରେ ଭାସିଗଲା। ହାରିଯାଇ ତୁନି ହୋଇ ରହିଲା। ତେଣେ ମା ଅନ୍ତରାଳରେ ରହି ଏ କଥା ଶୁଣିଲେ। ସେ ସବୁଆଡ଼େ ଥାନ୍ତି, ସବୁ ଦେଖନ୍ତି। ଚରକା ପରି ଉପର ଖଞ୍ଜା, ମଝି ଖଞ୍ଜା, ତଳ ଖଞ୍ଜା ନିମିଷକେ ବୁଲିଦେଇ ଆସନ୍ତି। ଯେଉଁଠାରେ କିଛି କହିବାର ବା କରିବାର ଥାଏ, ତାହା ଦେଖିଲେ ବୋଲି ଦେଖାନ୍ତି। ପିଲାପିଲିଙ୍କର ଛୋଟ ଛୋଟ କଥା ଦେଖି ନ ଦେଖିଲା ପରି ଚାଲିଯାନ୍ତି। ସେ ଜାଣନ୍ତି କନକ ବଡ଼ କୋମଳପ୍ରାଣା। ଟିକିଏ କିଛି ହେଲେ ଝର ଝର ତା ଆଖିରୁ ଲୁହ ଗଡ଼ିପଡ଼େ। ସପ୍ତରଥୀ ଅଭିମନ୍ୟୁଙ୍କୁ ଘେରିଲା ପରି ଭାଉଜବୋହୂ ଓ ଚୁଆ ବାବଦୁକା ପାଠ କୋମଳପ୍ରାଣା କନକଲତାକୁ ବେଢ଼ିଥିବାର ଜାଣିପାରି ସେଠାରେ ଆସି ଠିଆ ହୋଇଗଲେ। କହିଲେ, "କିଲୋ ପାଠ, ବାସନ ମାଜୁଥିବୁ କି ? ଆଜି ଘର, କୋଠା, ଦୁଆର ସବୁ ଲିପାପୋଛା ହେବ, ବିଛଣାବିଛୁଣି ଧୁଆ ହେବ, ଅଣ ବଛା ହେବ, କେତେ କାମ ପଡ଼ିଛି। ତୁ ବାସନ ପାଖରେ ଦାନ୍ତଯାକି ବସିଥିବୁ କି ?" ପାଠ ହାତ ଚହଲ ଚହଲ କରି କହିଲା, "ନାହିଁ ମା, ସରିଲାଣି। ଯାଉଛି ଚାଲ। ମା, ଆଜି କନକ ଠାକୁର ପାଖକୁ ଯିବ।" କଥା ଶେଷ ନୋହୁଣୁ ସମାର୍ଜ୍ଜନୀହସ୍ତା ପାନର ଆଖି ଅହ୍ଲରସ୍ତୁ ଗଙ୍ଗଶିଉଳୀ ଗଛମୂଳରେ ପଡ଼ିଲା। ସେ ପାଟିକରି ଦଉଡ଼ିଯାଇ ବଡ଼ ମଝିଆଣୀଙ୍କ ତିନି ବର୍ଷର ଶିଶୁ ଅଭିରାମ ଓରଫ୍ ଡାକନାମ ଟୁଆଁ ମାଟି ଖାଉଥିବାର ଦେଖି ସଙ୍ଗେ ସଙ୍ଗେ ଗିରଫ କରି ଆଣିଲା। ମୁକ୍ତା, ରମା, ଉମା ପ୍ରଭୃତି ପିଲାମାନେ ଲମ୍ଫପ୍ରଦ ଅଣି ଟୁଆଁ ପାଟିରେ ଗୁଞ୍ଜିଦେଲେ। ଟୁଆଁ ଆଖି ଅଧେ ବୁଜି ଥୁ ଥୁ କରି, ମୁହିଁ ବିଗୁଡ଼ାଇ ସେମାନଙ୍କୁ ଛମୁଟିବାକୁ ଚେଷ୍ଟା କଲା। ନ ପାରି ଶେଷରେ ବାଳକର ଅମୋଘ ଅସ୍ତ୍ର 'ରୋଦନ'

Digitized by srujanika@gmail.com

ଆରମ୍ଭ କଲା । ଇତିମଧ୍ୟରେ ତା ମା ଆସି ତାକୁ କାଖ କଲେ । ଏତିକି-ବେଳେ ଧାନକୁଟୁଣୀ ଚମ୍ପୀ ଆସି ପହଞ୍ଚିଲାରୁ ପାଠ କହିଲା, "ହେଇ ଚମ୍ପୀଅପା ତ ଆସିଲାଣି । କି ଲୋ ଏତେବେଳ କାହିଁକି ହେଲା ?"

ଚମ୍ପୀ—ଶୁଣି ନା କି ? କାଲିରାତିରେ ପରା ବାଘ ଆସିଥିଲା । ସକାଳେ ଗୁଡ଼ିଆସାହିରେ ସେଇ କଥା ପଡ଼ିଥିଲା । ମୁଁ ଆସୁ ଆସୁ ଟିକିଏ କାନ ଡେରି ଦେଲି । ଫକୀର ମା ଛେଳିଛୁଆକୁ ନେଇଯାଇଛି ।

ପାଠ—ଯାଅ ମ, ବାଘ ଆସୁଥିଲା ! ବିଲୁଆ କି ଶିଆଳ ନେଇ ଯାଇଥିବ ମ !

ଚମ୍ପୀ— ନାହିଁ ଲୋ, ମହାବଳ ବାଘ ଆସିଥିଲା ପରା । ଘାଟକୂଳେ ବାଲିରେ ତା ପାଦୁଲର ଚିହ୍ନ ପଡ଼ିଛି ।

ପାଠ—ପାଦୁଲରେ କଣ ମହାବଳ ବାଘ ନାଁ ଲେଖାଅଛି ? କଲରାପତରିଆ ବାଘ ନୋହିଥିବ କାହିଁକି ? ହୁଣ୍ଡାବାଘ ହୋଇଥିବ । ଫେରଣ୍ଡା, କନ୍ଥାସ କି ଭୂଆଁ ବିରାଡ଼ିର ପାଦୁଲ ପଡ଼ିଥିବ । କଥାରେ କହନ୍ତି, "ବାଘ ନ ଦେଖିଲେ ବିରାଡ଼ି ଦେଖ, ଶୂଦ୍ର ନ ଦେଖିଲେ, ବଣିଆ ଦେଖ ।"

ଚମ୍ପୀ—କଲେ, ମତେ ବଣିଆଣୀ ଦେଖିଲୁ ପରା । "ବ୍ରାହ୍ମଣ ରଜା, ଶୂଦ୍ର ପରଜା, ଉଷ୍ଣ ଉଷ୍ଣ ଅମ୍ବିଳ, ଶୀତଳ ଭଜା । ସଖି, ଏ ବଡ଼ ମନ୍ଦ ।" ତୁ ମତେ କଣ ଅଟେ ନା କି ? ବିଧାତା ମତେ ନିରମାଣୀ କଲା ବୋଲି ଯୋଉଲା ପରବାସୀ ବି ଖୁଣିବେ । ଆମ ବଣିଆ ଜାତିରେ ସେ କଥା ନାହିଁ ବୋଲି ମୁଁ ବାଳୁତ ବିଧବା ହୋଇ ବି ଦୁଃଖଧନ୍ଦା କରି ଖାଇ କୁଡ଼ିଆଖଣ୍ଡିକରେ ପଡ଼ିଥାଏଁ । ହଳିଆ ପାଣିକି ଗୋଡ଼ ବଢ଼ାଏ ନାହିଁ । ତେବେ ବି ପଦେ ଶୁଣିବି ? କି କାହିଁକି ? ନୋହିଲା । ଏ ଘରଟା ନୋହିଲା । କୋଳ ଖାଇ କୋଳ ମଞ୍ଜି ପୋତିଛି କି କିଏ ? ଇତ୍ୟାଦି ଏହିସବୁ କଥା ଚମ୍ପୀ ଅନର୍ଗଳ ଅବିରାମଭାବରେ କିନ୍ତୁ ଟିକିଏ ଅନୁନାସିକ ସ୍ୱରରେ କହିଗଲା । ଆଖିରୁ ଦୁଇଟୋପା ଲୁହ ମଧ୍ୟ ତାହାର ସୁନ୍ଦର ସ୍ଥୂଳ ଗଣ୍ଡଦେଶ ଉପରେ ପ୍ରବାହିତ ହୋଇଗଲା । ଏପରି ସ୍ତ୍ରୀମାନେ ଅଜେୟା । କାରଣ ସେମାନେ ପଦକୁ ଦଶ ପଦ କହିବେ, ତହିଁ ଉପରେ କାନ୍ଦିବେ । ଏଥିକି ବଳ କାହାର ?

Digitized by srujanika@gmail.com

ଇତ୍ୟବସରେ ପଦ୍ମାବତୀ ଆସି ଚମ୍ପାକୁ ଡାକିନେଇ ଗୋଟିଏ କାର୍ଯ୍ୟରେ ଲଗାଇ ଦେଲେ। ପାଠକୁ କପଟ ଭର୍ତ୍ସନା କରି କହିଲେ, "ତୁ ଭାରି କଳିହୁଡ଼ୀ। କଣ୍ଟାବାଡ଼ରେ ଲୁଗା ପକାଇବୁ, ଗୁଳୁଗୁ ଶଗଡ଼ରେ ହାତ ଦେବୁ।" ପାଠ ମା'ଙ୍କୁ କିଛି କହେ ନାହିଁ। ଯୁବତୀମାନେ ଲଢ଼େଇପାଲା ଶୁଣିବା ସୁଖରୁ ବଞ୍ଚିତ ହୋଇ ପରସ୍ପର ମୁହଁ ଚାହାଁଚାହିଁ ହୋଇ ହସି ଦେଲେ ଓ ମୁହଁ ଶୁଖାଇ ଚାଲିଗଲେ। କଳିକଜିଆ ଶୁଣିବାକୁ ତା ମଧ୍ୟସ୍ଥ ହୋଇ ଭାଙ୍ଗିବାକୁ ମନୁଷ୍ୟର ସ୍ୱତଃ କୌତୂହଳ ହୁଏ କାହିଁକି? କେବେ କଳହ କରି ଅପେ ଅନ୍ୟ ଚକ୍ଷୁରେ କୃପାପାତ୍ର ହୋଇ ମଧ୍ୟସ୍ଥର ଅଶ୍ରୟ ନିଅନ୍ତି କାହିଁକି?

ଏହି କଥାବାର୍ତ୍ତା ଅଭିରାମ ଓରଫ୍ ଟୁଅଁ ବାବୁ ମନଦେଇ ଶୁଣୁଥିଲା। କଥାବାର୍ତ୍ତାର ପ୍ରଥମ ଅଂଶରେ ନାନାପ୍ରକାର ବାଘ ନାମ ଶୁଣି ସେ ମାଙ୍କ ଲୁଗାକୁ ସପ୍‌ଟେଇ ଧରି ମାତୃକୋଡ଼ରେ ଅଭୟ ଆଶ୍ରୟ ନେଇଥିଲା। ପରେ ଶେଷାଂଶରେ ତାର ପ୍ରିୟ ଖାଦ୍ୟ "ଅମ୍ବିଳ" କଥା ଶୁଣି ତା ପାଟିରୁ ତରଳ ପଦାର୍ଥବିଶେଷ ନିର୍ଗତ ହେଲା ଏବଂ ସେ "ଅମ୍ବୁଲ ଦେ, ଅମ୍ବୁଲ ଦେ" ବୋଲି କଟାଳିଲା। ବଧୂ ଦମୟନ୍ତୀ ପାଠ ଓ ଚମ୍ପାକୁ କହିଲେ, "ନିଅ, ସମ୍ଭାଳ। ସବାଖାଇଏ ଚିକିଣାଳେ ଢେଙ୍କାନାଳ କଥା ଆଣି ପକାଇବେ। ବାଘ କଥାକୁ ଆଣି ଅମ୍ବିଳରେ ରଖିଲେ। ମୁଁ ଏବେ ଅଚ୍ଛା ଅଡ଼ନାଟରେ ପଡ଼ିଲି। କରିବି କଅଣ? ସେ କଣ ଅଜ ପିଲା ହେଇଚ। ବାପ ଯେପରି ପୁଅ ସେହିପରି। ଯୋଉ ନଟ ଧରିଛି ସେହି ନଟ ଧରିଥିବ।"

ଏହି ସମୟରେ ଗୋଟିଏ ନେଉଳ ବାଡ଼ମୂଳେ ଦେଖାଗଲା। ଅଦୂରରେ କନକଲତା ଗୁଡ଼ୁଚାରେ ଗଙ୍ଗଶିଉଳୀ ଫୁଲଗୁଡ଼ିକ ସାଜୁଥିଲେ। ଭାଉଜଙ୍କ ବିପଦ ଦେଖି ପୂର୍ବ ଶତ୍ରୁତା ଭୁଲି କହିଲେ, "ହଇରେ ଟୁଅଁ, ନେଉଳ ଦେଖ୍।" ନେଉଳ ଦେଖି ଟୁଅ ଅମ୍ବିଳ ଭୁଲିଲା। ମା କୋଳରୁ ଓହ୍ଲାଇ ନେଉଳକୁ ବାଡ଼େଇବି ବୋଲି ବାଡ଼ି ଧରି ଦୌଡ଼ିଲା। ବିବର୍ତ୍ତନବାଦୀମାନେ କହନ୍ତି, "ପଶୁପକ୍ଷୀମାନେ ମାନବର ପୂର୍ବପୁରୁଷ। ପଶୁପକ୍ଷୀ ଦେଖିଲେ ମାନବଶିଶୁ ସୁଦ୍ଧା ତତ୍ପ୍ରତି ଆକୃଷ୍ଟ ହୁଅନ୍ତି।" ଏହି ଆକର୍ଷଣ ବା ବିପ୍ରକର୍ଷଣ କି ସେହି ଆଦିମ ସମ୍ପର୍କର ନିଦର୍ଶନ ପିଲାମାନଙ୍କ ସଙ୍ଗେ ମାଙ୍କଡ଼ମାନଙ୍କର ଏତେ ବିବାଦ ବା ସାମଞ୍ଜସ୍ୟ ଚାହିଁକି? ସେ

Digitized by srujanika@gmail.com

ଯାହାହେଉ ଏହି ପ୍ରସଙ୍ଗରେ ନାଗ୍ମ ମହଲରେ ପଡ଼ିଗଲା ନେଉଳପ୍ରସଙ୍ଗ । ପାଠ କହିଲା, "ନେଉଳ ମୁହଁ ଗୃହିଁଲେ ଯଶ ହୁଏ । ଯେଉଁ କାମକୁ ଯାଉଥିବ ସେ କାମ ହାସଲ ହୁଏ । ଗାଧୋଇସାରି ନେଉଳ ମୁହଁ ଗୃହିଁ ପଣ୍ଡିଏ ନୂଆବୋହୂ ଅଭିକୁ ପାଇଥିଲେ । ନେଉଳ ନିମ୍ବ୍ଳୀ ମୂଳ ଦେଇ ସାପକାମୁଡ଼ା ମଲା ମଣିଷକୁ ବଞ୍ଚାଏ । ସେଥିପାଇଁ ସାପ ନେଉଳକୁ ଭାରି ଡରେ ।" ନେଉଳକୁ ଦେଖି ରତ୍ନମଞ୍ଜରୀନାମ୍ନୀ ଅଭିରମର ଦୁଇ ବର୍ଷ ବୟସ୍କା ସାନ ଭଉଣୀଟି ତାକୁ ଧରିବାକୁ ହାତ ବଢ଼ାଇ "ଅ, ଅ" କରୁଥିଲା । ତାହାର ଅନ୍ତର୍ଦ୍ଧାନ ଦେଖି କାନ୍ଦି ଉଠିଲା । କନକଲତା ତାକୁ କୋଳରେ ଧରି ତାହାର ଚନ୍ଦ୍ରବଦନ ଚୁମ୍ବନ କଲେ । କହିଲେ, "ତୋ ନାଁ ଆଜିଠାରୁ ହେଲା "ନେଉଳୀ" । ତୁ ନେଉଳ ଦେଖି କାନ୍ଦୁ । ନେଉଳୀ କହିଲା, "ଦେଈ, ବମାଡେ ହଦା ।" ଦେଈ ତାକୁ ହଲାଇ ହଲାଇ ଗାଇଲେ, "ମୋ ଦେଈ ରାହା ହେବ କଦଳୀପାଡ଼ୀ, ବାଜା ବଜିଥିବ ଧାଡ଼ିକି ଧାଡ଼ି ।" ନେଉଳୀ କହିଲା, "ବାଜା କାଇଁ ? ମୁଁ ଦେକିବି ।" ଯୋଗକୁ ଏହି ସମୟରେ ଗୋଟିଏ ଯୋଗୀ ଦାଣ୍ଡରେ କେନ୍ଦରା ବଜାଇ ଗୋବିନ୍ଦଚନ୍ଦ୍ର ଗୀତ ଆରମ୍ଭ କଲା । ପିଲାମାନେ ଦଉଡ଼ି ଗଲେ । ନେଉଳୀକୁ ନେଇ କନକଲତା ମଧ୍ୟ ଯାଇ ଦାଣ୍ଡ କୋଠାଘର ଯାଉଁଳି କବାଟକୁ ଆଉଜି ଠିଆ ହୋଇ ଗୀତ ଶୁଣିଲେ ।

ଏହି ଯୋଗିଗୀତର ଭିନ୍ନ ଭିନ୍ନ ଗ୍ରାହକଙ୍କର ଗ୍ରାହକତାର କାରଣ ବିଭିନ୍ନ । ପିଲାମାନଙ୍କର ପ୍ରଧାନ ଆକର୍ଷଣ କେନ୍ଦରା । ସେ ବଡ଼ ମଜାରେ କୁଁ କୁଁ ବାଜୁଛି । କନକଲତା ବଡ଼ କୋମଳପ୍ରାଣା । ଏହି ଗୀତ ଶୁଣି ଅଜ୍ଞାତ "ଗୋବିନ୍ଦଚନ୍ଦ୍ର"ଙ୍କ ଦୁଃଖରେ ତାଙ୍କ ପ୍ରାଣ ବିକଳ ହୋଇଉଠିଲା । ଆହା ! କିଏ କାହାକୁ କିପରି କରି ଯୋଗୀ ହୋଇଗଲା ? କଥା ଅଛି, "ତୁଳସୀ ଦୁଇ ପତ୍ରରୁ ବାସେ, ବଢୁଅଛି ଦୁଇ ପତ୍ରରୁ କୁଣ୍ଢେଇ ହୁଏ ।" ପୁଣି ଏହି ଗୀତର ବିଶିଷ୍ଟତମ ଶ୍ରୋତା ହରଚନ୍ଦନଙ୍କ କନିଷ୍ଠପୁତ୍ର ରାଜେନ୍ଦ୍ର । ଆଜି ଏ କି ବିପରୀତ ? ଏହି ରାଜେନ୍ଦ୍ର କଟକ କଲେଜରେ ବି. ଏ. ପଢ଼ନ୍ତି । ଏ ସ୍ତ୍ରେଣେ ସମାଜ-ସଂସ୍କାରକ, ସ୍ୱଦେଶ-ହିତୈଷୀ, କବିତା-ରଚକ, ପ୍ରବନ୍ଧ-ଲେଖକ । ଏ ଯୋଗିମାନଙ୍କୁ ଭିକ୍ଷା ଦେବା କଥାର ସମ୍ପୂର୍ଣ୍ଣ ବିରୋଧୀ । ତାଙ୍କର ମତ ଯୋଗିଗୁଡ଼ାକ ଅଳସୁ, "ଲାଗି ନ ଖାଇ ମାଗି ଖାଇବାର" ପ୍ରୟାସୀ । ନିଜ ମତର ସମର୍ଥନ କରି କହନ୍ତି, "ଭାରତର ଦାରିଦ୍ର୍ୟତା ଏହି

Digitized by srujanika@gmail.com

ମାଗିଖିଆ ଯୋଗୀ, ଚେଲା, ବୈଷ୍ଣବ, ଭିକ୍ଷୁକ, ବ୍ରାହ୍ମଣ, ନାଗା, ସନ୍ନ୍ୟାସୀମାନଙ୍କ ଯୋଗୁଁ । ଏମାନଙ୍କୁ ଦେବା ଅଧର୍ମ । କାରଣ ଏହାଦ୍ୱାରା ଆଳସ୍ୟ, ପ୍ରବଞ୍ଚନା, ଚୌର୍ଯ୍ୟକୁ ପ୍ରଶ୍ରୟ ଦିଆଯାଏ । ଅନେକ ଯୋଗୀ ଦିନରେ ଭିକ ମାଗି ରାତିରେ ଚୋରି କରନ୍ତି ।'' କେତେକ ବୈଷ୍ଣବ "ରାଧେଶ୍ୟାମ" କହୁଁ କହୁଁ ଭଦ୍ର ପରିବାରରୁ ଯୁବତୀଙ୍କୁ ଭୁଲାଇ ନେଇଥିବାର ରାଜେନ୍ଦ୍ର ଦୁଇଟି ଗୋଟିଏ ଦୃଷ୍ଟାନ୍ତ ଦିଅନ୍ତି । ପୁଣି "ଦରିଦ୍ରାନ୍ ଭର କୌନ୍ତେୟ ମାପ୍ରଯଚ୍ଛେଶ୍ୱରେ ଧନଂ" ଶ୍ଳୋକମଧ୍ୟ ଅଜଣା ନୁହନ୍ତି । ତାଙ୍କର ମତ ଏହି, କାର୍ଯ୍ୟକ୍ଷମ ଭିକ୍ଷୁକଙ୍କୁ ଭିକ୍ଷା ନ ଦେଇ କାର୍ଯ୍ୟ ଦେବା ଭଲ । ପାଶ୍ଚାତ୍ୟ ଦେଶପରି ବଡ଼ ବଡ଼ କାରଖାନା ହେବା ଉଚିତ । ଆଜି କିନ୍ତୁ ରାଜେନ୍ଦ୍ର ଉତ୍କର୍ଣ୍ଣ ହୋଇ ଗୋପୀଚନ୍ଦ୍ର ଗୀତ ଶୁଣୁଛନ୍ତି । ଏହାର ବିଶେଷ ହେତୁ ଅଛି । ସମସ୍ତ ଗୀତଟି ଶୁଣି ତାଙ୍କର ଏହି ମତ ହୋଇଅଛି ଯେ ଗୋପୀଚନ୍ଦ୍ର ଗୀତରେ କୌଣସି ବୌଦ୍ଧଶ୍ରମଣର ପ୍ରାଚୀନ ଇତିହାସ ପ୍ରଚ୍ଛନ୍ନଭାବରେ ନିହିତ ଅଛି । ସେ ଏହି ବିଷୟରେ ଗୋଟିଏ ପ୍ରବନ୍ଧ ଲେଖି କଲେଜ ସଭାରେ ପଢ଼ି ପରେ କୌଣସି ମାସିକ ପତ୍ରିକାରେ ପ୍ରକାଶ କରିବାର ମନସ୍ଥ କରିଅଛନ୍ତି । ଆମ୍ଭମାନଙ୍କର ତା ସହିତ ସମ୍ପର୍କ କଣ ? ଅଦାବେପାରିର ଜାହାଜ ଖବର ନେବାରେ କି ପ୍ରୟୋଜନ ? ରାଜେନ୍ଦ୍ରଙ୍କ ପ୍ରବନ୍ଧଚିନ୍ତାରେ ଗୋଟିଏ ବାଧା ପଡ଼ିଥିଲା । ମୁଷ୍ଟିଭିକ୍ଷା ଛଡ଼ା ରାଜେନ୍ଦ୍ର ଯୋଗୀକୁ ପ୍ରତିଭାର ପୁରସ୍କାରସ୍ୱରୂପ କିଛି ତାମ୍ରମୁଦ୍ରା ଦେଇ ପଠାଇଥିଲେ । ଏହି ଅପୂର୍ବ ପରିବର୍ତ୍ତନ ଦେଖି କନକଲତାର ଭାରି ଆନନ୍ଦ । ଏହି ବିଷୟ ଦେଇ ଭାଇ ଭଉଣୀ ଦୁଇଜଣମାନଙ୍କ ମଧ୍ୟରେ କେତେଥର ବାଦାନୁବାଦ ହୋଇଥିଲା । କନକ ବଡ଼ ଏକେ ଲଜ୍ଜକୁଳୀ, ବେଶୀ କଥା କହେ ନାହିଁ । ତହିଁରେ ପୁଣି, ନବ୍ୟଶିକ୍ଷିତ କଲେଜପଢ଼ୁଆ ଭାଇର ଅନର୍ଗଳ ବକ୍ତୃତା ଶୁଣି ତାର ବୁଦ୍ଧି ହଜିଯାଏ । ସେ ତୁନି ହୋଇଯାଏ । ଆଜି ତାର ଜୟ । ସେ ମନେ ମନେ ଭାରି ଖୁସି ହୋଇ ଭାଇ ପାଖକୁ ଯାଇଁ କହିଲା, "ଭାଇ ନେଉଳୀକି ନିଅ, ଛବି ଦେଖା" । ଇତିମଧ୍ୟରେ ପାଠ ଯୋଗୀକୁ ମୁଠାଦେଇ ଫିବାବେଳେ ସାନ ବାବୁ ଗୁରୁବର ହାତରେ ଯୋଗୀକୁ ପଇସା ଦେଇଥିବା କଥା ଚାହିଁ ସ୍ତ୍ରୀମହଲରେ ଜୟଢକ୍କା ବଜାଇ ଦେଲା । ନୂଆ ବୋହୂମାନେ ଅସି କହିଲେ, "କି ଯୋଗୀ କଣ ପ୍ରେମଉଚ୍ଚାଟ ଆଣିଥିଲା କି ? ଏତେ ଟାଣ କୁଆଡ଼େ ଗଲା ?'' ରାଜେନ୍ଦ୍ର ତୁଣ୍ଡ ଅଙ୍କ ନେଉଳୀକୁ ଛବି ଦେଖାଉଁ

ଦେୱାଣୀଜୀ ହସି ହସି କହିଲେ, "ଏଥିର ବିଶେଷ କାରଣ ଅଛି ! ଯେଉଁମାନେ କିଛି ଭଲ ଗୀତ ବୋଲି ବା ବାଦ୍ୟ ବଜାଇ ସମାଜର ଉପକାର କରିବେ, ସେମାନଙ୍କ କଥା ଭିନ୍ନ । ରାଜସ୍ଥାନର ଚାରଣମାନେ ସତୀ ଓ ବୀରମାନଙ୍କର ପୂଣ୍ୟ ଚରିତ ଓ ଯଶ ବନ୍ଦନା ଗାଇ ଗାଇ ଦେଶର ଅନେକ କଲ୍ୟାଣ କରିଥିଲେ । ସ୍ତ୍ରୀମାନେ କେତେକ ବୁଝିଲେ, କେତେକ ନ ବୁଝିଲେ । ପରସ୍ପର ମୁହଁ ଚାହାଁଚାହିଁ ହୋଇ ତଳ ଖଣ୍ଡାକୁ ଚାଲିଯାଇ ମନ ଇଚ୍ଛା ଠାନେ ହସିଲେ । ବାଲେଶ୍ୱରର ଝିଅ ପାନପତିଆଣୀ କହିଲା, "ଆଲୋ ସେ କସ ? ଜ୍ଞାନପାଗଲ ନା କସ ?" "କସ" ଉପରେ ଠାନେ ହେଲା ହସ । "ଚେଲୁଡ ମନ ଗଣ୍ଡିରେ" । ସ୍ୱଦେଶ୍ ଜାଣନ୍ତି, "ଏ ସମାଜତତ୍ତ୍ୱ ଅଳ୍ପଶିକ୍ଷିତା ସ୍ତ୍ରୀମାନଙ୍କର ବୋଧଗମ୍ୟ ନୁହେ । ପରେ ସମ୍ମିଳିତ ହାସ୍ୟର ତୀବ୍ର କର୍ଣ୍ଣପଟହରେ ଆଘାତ କରନ୍ତେ ମନେ ମନେ ଖେଦୋକ୍ତି କଲେ, ଏମାନଙ୍କୁ ମନୁଷ୍ୟ କରି ଶିକ୍ଷିତ ଯୁବକମାନଙ୍କର ସହଧର୍ମିଣୀ କରିବା କାଠିକର ପାଠନି ଗୋଟିଏ ଗଭୀର ସମସ୍ୟା ! ଏହା ଭାବୁଁ ଭାବୁଁ ନିଜର ଭବିଷ୍ୟତ୍‌ଚିନ୍ତା ମନରେ ଜାଗ୍ରତ ହେଲା । ନିଜର ବିବାହ ସମସ୍ୟା ତ ସମ୍ମୁଖରେ । କଠୋର ପରୀକ୍ଷା । ନିରକ୍ଷରା ବା ଅଳ୍ପଶିକ୍ଷିତା ଯୁବତୀଟିଏ ଆଣି କେବଳ ଶାସ୍ତ୍ରର ସମ୍ପର୍କ ରକ୍ଷା କରି ପାଶବ ଜୀବନଯାପନ କରିବା ତାଙ୍କୁ ଅସହ୍ୟ ବୋଧହେଲା । ପୁଣି ହଳଦୀ ଲଗାଇ ସୋଲର ଦୋଳମୁକୁଟ ମୁଣ୍ଡରେ ପିନ୍ଧି, ନଈଁ ନଈଁ ଚାଲି, ଦୁବ୍ରଘାସ ବାହାରେ ବାନ୍ଧି, ବର ଚୁଡ଼ଳ ବାନ୍ଧିବା, କଉଡ଼ି ଖେଳିବା, ବେଦୀପାଖରେ ବସି ଅର୍ଦ୍ଧମୂର୍ଖ ପୁରୋହିତଙ୍କ ଅଶୁଦ୍ଧ ସଂସ୍କୃତ ଶ୍ଳୋକ ଶୁଣିବା ମରଣାଧିକ କଷ୍ଟକର ବୋଲି ପ୍ରତୀୟମାନ ହେଲା । ଏଣେ ପିତାମାତା ଓ ସମାଜ ତ୍ୟାଗ କରି ବ୍ରାହ୍ମ ବିବାହ କରିବା ଦୁଃସାହସିକ କାର୍ଯ୍ୟ । ତାଙ୍କ ସମଧର୍ମୀ କିଏ ଅଛି ବା ସେପରି ଦଳ କେଉଁଠି ସଂଗଠିତ ହୋଇଅଛି ଯେ ସେ ଉଭୟ ଆଡ଼ ରକ୍ଷା କରି ଜୀବନ-ତରଣୀ ଚଳାଇ ନେବେ ? ଅନେକ ଚିନ୍ତା ପରେ ଏହି ଶେଷ ମୀମାଂସାରେ ଉପନୀତ ହେଲେ ଯେ ସେ କୌମାର୍ଯ୍ୟ ଅବଲମ୍ବନ କରିବେ । ତାଙ୍କ ମନର ଭାବ ଏହି—"ସମସ୍ତେ ଯେ ବିବାହିତ ହେବେ, ଏହାର ଅର୍ଥ କଣ ? ଜଗତରେ କି ଉଚ୍ଚତର ମହତ୍ତର ବ୍ରତ କିଛି ନାହିଁ ? ସମାଜରେ ଅଜ୍ଞାନ, ଅଶିକ୍ଷା, ରୋଗ, ଦୁର୍ଭିକ୍ଷ, କେତେ ଶତ୍ରୁ କରାଳ ମୁଖବ୍ୟାଦାନ କରି ଭାରତର ଶୋଣିତ ଶୋଷଣ କରୁଅଛନ୍ତି । ବିଧବା ବାଳିକା ଓ ଯୁବତୀମାନଙ୍କ ଆର୍ତ୍ତନାଦରେ ହିମାଳୟ, ବିନ୍ଧ୍ୟାଚଳ,

Digitized by srujanika@gmail.com

ପଶ୍ଚିମଘାଟ, ପୂର୍ବଘାଟ, ମାଲ୍ୟଗିରି, ମେଘାସନର ଉଚ୍ଚତମ ଶୃଙ୍ଗମାନ ପ୍ରତିଧ୍ୱନିତ ହେଉଅଛୁ । ସମାଜରେ ଜାତିଭେଦ, ପୌରହିତ୍ୟ, ବିବାହପଣ, ବୃଦ୍ଧବିବାହ, ଶିଶୁବିବାହ, ବାଳକାର ଚିରବୈଧବ୍ୟ ପ୍ରଭୃତି ଦୁର୍ନୀତ୍ୟ, ଦ୍ୱେଷ, ନରଶୋଣିତଶୋଷଣକାରୀ କୁସଂସ୍କାରମାନର ଘୋର ପ୍ରାଦୁର୍ଭାବ । ମୁଁ କୌଣସି ଗୋଟିଏ କାର୍ଯ୍ୟରେ ଜୀବନ ଅର୍ପଣ କରି ଚିରକୁମାରବ୍ରତ ଅବଲମ୍ବନ କରିବି । ଅନ୍ତତଃ ଯେ ପର୍ଯ୍ୟନ୍ତ ଗୋଟିଏ ଦଳ ସଂଗଠିତ ନ ହୋଇଛି, ସେ ପର୍ଯ୍ୟନ୍ତ ଅବିବାହିତ ରହିବି । ତାହାହେଲେ ପିତା ତର୍ଜ୍ଜନ ଗର୍ଜ୍ଜନ କରିବେ କିମ୍ବା ଗୃହରୁ ବହିଷ୍କୃତ କରି ସମ୍ପତ୍ତିରୁ ବଞ୍ଚିତ କରିବେ, ମୋର ତ ହେବଅ ଲେଡ଼ା । କିନ୍ତୁ ମାତାଙ୍କର ଲୋତକପାତ କିପରି ସହିବ ?" ଏହା ନିବଦ୍ଧମନରେ ଭାବୁଁ ଭାବୁଁ ଦେଖିଲେ ମା କନକଦୁର୍ଗା ପରି ନିକଟରେ ଠିଆ ହୋଇ ମୁଣ୍ଡରେ ହାତ ବୁଲାଇ କହୁଛନ୍ତି, 'ରାଜୁ ! ତୁ କଣ ନାସ୍ତା ହୋଇଯିବୁ ? ଏତେବେଳ ହେଲା, ବସି କଣ ଗୁଡ଼ାଏ ଭାବୁଛୁ ? ମୁଁ ଡାକୁଛି, ଶୁଣୁନାହୁଁ ? ନେ ବାପା, ତେଲ ନେ ଲଗା, ଗାଧୋଇ ଯା ।" "ହଁ ଯାଉଛି" କହି ଗଜେନ୍ଦ୍ର ସ୍ୱପ୍ନରୁ ଜାଗ୍ରତ ହେଲେ ।

ଦ୍ୱିତୀୟ ପରିଚ୍ଛେଦ

ଆଖଣ୍ଡଳମଣି ଦର୍ଶନ

ବେଳ ପ୍ରହରେ । ହରିଚନ୍ଦନଙ୍କ ଉଆସ ଭିତରେ ଅଳ୍ପ ମହା-କୋଳାହଳ, ହୁରି, ଡକା ପଡ଼ୁଛି । କନକଲତାର ଜନ୍ମଦିନ ଉପଲକ୍ଷରେ ସ୍ତ୍ରୀମାନେ ଗ୍ରାମର ଇଷ୍ଟଦେବତା ଅଖଣ୍ଡଳମଣି ମହାଦେବଙ୍କ ଦର୍ଶନକୁ ସଜ ହେଉଛନ୍ତି । ସମସ୍ତେ କୃତସ୍ନାନା ହୋଇ ପେଡ଼ିଲୁଗା ପିନ୍ଧି ବୃଷ୍ଟି-ଜଳଧୌତ ଗୋଲାପ, ମଲ୍ଲିକା, ପଦ୍ମ, ମନ୍ଦାର ପରି ଶୋଭା ପାଉଛନ୍ତି । ବ୍ରହ୍ମପୁରୀ, ବସ୍ତ୍ରପୁରୀ ପାଟ, କ୍ଷୀରୋଦ୍ରୀ ଶାଢ଼ୀ, ବଡ଼ାମ୍ବା, ଖଣ୍ଡପଡ଼ା, ସମ୍ବଲପୁରର ମଠାଶାଢ଼ୀ, ମାଣିଅବନ୍ଧୀ, ଗୁଲନଗରୀ ବା ପେଣ୍ଠଶାଢ଼ୀ ଏଧୁପରି ପାଟ-ପୀତାମ୍ବରୀ, ମଠା, ଶାଢ଼ୀ, ଅଣ୍ଡୁଅ, ଉଡ଼ୁଣୀ ପ୍ରଭୃତି ପରିଚ୍ଛଦରେ ଦଣ୍ଡ ଝଲମଲ ଦିଶିଲା । ମୁଦି, ଝୁଣ୍ଟିଆ, ପାହୁଡ଼, ବଳା,

Digitized by srujanika@gmail.com

ଘୁଙ୍ଗୁର, ପାଉଁଜୁଡ଼ୀ, ପା-ପଦ୍ମ, ପଞ୍ଚମ, ଚନ୍ଦ୍ରହାର, ସାପୁଆ, ଜଞ୍ଜିରିଆ, ଅଣ୍ଟାସୂତା, ପଇଁଚି, ଅଙ୍ଗୁଳି, ଖାଡ଼ୁ, ବାଜୁ, ତେର୍ଜିରିଆ, ଚନ୍ଦ୍ରକ, ମଲ୍ଲିକଢ଼ୀ, ବାଉଳୀ, ସୀରବାଲୀ, ଝାପ, ନଥ, ଦଣ୍ଡୀ, ଗରଣୀ, ଫୁଲ, ଘୁନାମାଳି, ବେଶର, ଅଳକା, ମଥାମଣି, ଟିକା, ଚଉଁରିସୁମ୍ପ୍ରୀ, ଘୁନାଗୁଦ ପ୍ରଭୃତି ମଧ୍ୟବିତ୍ତଗୃହ ସ୍ତ୍ରୀମାନଙ୍କ ବ୍ୟବହୃତ ଅଳଙ୍କାରର ରୁଣୁଝୁଣୁ ଶବ୍ଦରେ ଦାଣ୍ଡ କମ୍ପିଲା । ସମସ୍ତେ ମିଳି ଠାକୁର ପାଖକୁ ଗଲେ । ମା କହିଲେ, "ରାଜୁ, କନକର ଆଜି ଜନ୍ମ-ଦିନ, ମହାଦେବ ଦର୍ଶନ କରି ଆସିବୁ ଚାଲ । ତୋର ପାସ୍ ଖବର ହେବାପାଇଁ ମୁଁ ମିଶ୍ରଙ୍କୁ ବରଣୀ କରି ପାଠ ଗୁଣାଗୁଣି କରାଉଛି । ସେ ମହିମ୍ନ ପଢ଼ି ଲକ୍ଷେ ବମ୍ବା ଚଢ଼ାଇବେ । ରାଜେନ୍ଦ୍ର ମନେ ମନେ ଭାବିଲେ "ଆଜି ମହାଦେବ ! ଆଜିକାଲି ସ୍ୱୟଂ ମାଲିକଙ୍କୁ ନେଇ ଟଣାଟଣି, କାଠ ପଥରକୁ ପଚାରେ କିଏ ? ସ୍ତ୍ରୀମାନେ କହନ୍ତି, "ଶିଳ ଶିଳପୁଆ ଗଗନେ ଉଡ଼ୁଛି, ଶିମିଳୀତୁଳା ଡୁବୁଛି ମନ୍ତେ ରଖ ।" ମିଲ୍ ସ୍ପେନ୍‌ସର ଆଜ ବାଙ୍କ ରଖିଛନ୍ତି ; ଠାକୁରଙ୍କ ଗମ୍ଭୀରୀ ଦେଇ ତାଙ୍କର ଦଫା ରଫା କରସାରିଛନ୍ତି ।" ପ୍ରକାଶ୍ୟରେ କହିଲେ, "ନାହିଁ ମା, ମୁଁ ଠାକୁରପାଖକୁ ଯିବି ନାହିଁ । ଗାଧୋଇ ଆସି ଗୀତା ଅଧ୍ୟାୟେ ପଢ଼ିବି ।" ମା କହିଲେ, "ହଉ, ମନ ଉଠୁ କଲେ ଗଡ଼ିଆ ଗଙ୍ଗା । ତତେ ଅଖଣ୍ଡଳମଣି ଏହିପରି ସୁବୁଦ୍ଧି ଦେଇଥାନ୍ତୁ ।" ଏହା କହି ପଣତ ବେକରେ ଗୁଡ଼ାଇ ଅଖଣ୍ଡଳମଣିଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣାମ କଲେ । ମା ଚାଲିଗଲାରୁ ରାଜେନ୍ଦ୍ର ଭାବିଲେ "କି ଜୀବନ୍ତ ଏକନିଷ୍ଠ ବିଶ୍ୱାସ ଏମାନଙ୍କର ! ହାୟ, ଅମ୍ଭେମାନେ ତ ମୂଳଜମା ହରାଇ ବସିଲୁଁ ! ଯାହା ଥିଲା ତାହା ତ ଗଲା । ତାହା ସ୍ଥାନରେ ନୂତନ ଭକ୍ତି ନିଷ୍ଠା ତ କିଛି ଆସିଲା ନାହିଁ । ମହା ବୌଦ୍ଧଶୂନ୍ୟତା ଓ ଶୁଷ୍କଜ୍ଞାନ ଯୋଗେ କିପରି ଧର୍ମଜୀବନ ଲାଭ ହେବ ?" ଏହିପରି ଭାବି ଭାବି ସ୍ନାନକୁ ଗଲେ ।

ହରଚନ୍ଦନଙ୍କ ପିଲାମାନେ ସୁଅରରେ ଯିବେ ବୋଲି କଥା ପଡ଼ିଥିଲା । କିନ୍ତୁ ପଡ଼ୋଶୀ କୁଟୁମ୍ବୀ ପିଲାକବିଲାମାନେ କନକର ଜନ୍ମଦିନରେ ଦେବଦର୍ଶନକୁ ଯିବାକୁ ଅଗ୍ରହ ପ୍ରକାଶ କରିବାରୁ ସେ ପ୍ରସ୍ତାବ ରହିଲା । କାରଣ ୩୦।୪୦ ଟଣ୍ଡ ସୁଅରଙ୍କୁ ପଇସା ଦେଲେ ମଧ୍ୟ ୦୦ ଖୁଣ୍ଟ ଗଙ୍ଗକୁ

Digitized by srujanika@gmail.com

ମିଳିବେ ନାହିଁ । ନିଜର ଝିଅବୋହୂଙ୍କୁ ସୁଅରରେ ଚଢ଼ାଇ କୁଟୁମ୍ବୀ ପିଲାଙ୍କୁ ଚଲାଇ ନେବାଛି । ହରଚନ୍ଦନ ଓ ପଦ୍ମାବତୀ ତାହାର ମନକୁ ରୋଚିଲା ନାହିଁ । ଗାଁ ଝିଅମାନଙ୍କ ପାଇଁ ବଳଦଗାଡ଼ି ଭଡ଼ା ଦେବାର କଥା ମଧ୍ୟ ପଡ଼ିଥିଲା । କିନ୍ତୁ ଏତେ ଅଳ୍ପବାଟ ଚାଲି ନ ଯାଇଁ ବଳଦଗାଡ଼ିରେ ଧଡ଼ ଧଡ଼ ପଡ଼ି ଭରି, ଧୂଳିରେ ଲୁଗାପଟା ମଇଳା କରି ବୁଲୁଣି ବାଟରେ ଯିବାକୁ ସ୍ତ୍ରୀମାନଙ୍କ କଥାରେ "ନିହାତି କରମ କୋଡ଼ି" ଛଡ଼ା ଆଉ କେହୁ ରାଜି ହେବେ ନାହିଁ । ବିଶେଷତଃ ସେପରି ଗଲେ କଥାବାର୍ତ୍ତା, ପାଣସୁଖ କିଛି ହୋଇପାରିବ ନାହିଁ । ଯେଉଁମାନେ ଗାଡ଼ି ଭିତରେ ବନ୍ଦୁଯିବେ, ସେମାନେ ନିର୍ମଳ ପବନ ଓ ବାହାରର ଶୋଭା ଦର୍ଶନରୁ ବଞ୍ଚିତ ହେବେ । ସର୍ବୋପରି ମିଶ୍ରେ କହିଲେ; "ମହାଦେବଙ୍କ ଦର୍ଶନକୁ ଯାନବାହନ ଚଢ଼ି ଗଲେ ସେ ନିଜେ ଅସନ୍ତୁଷ୍ଟ ହୋଇ ଅନିଷ୍ଟ କରିପାରନ୍ତି । ଏହି ହେତୁରୁ ପୂର୍ବେ ସଙ୍ଗତିସମ୍ପନ୍ନ ଲୋକେ ମଧ୍ୟ ଜଗନ୍ନାଥ-ଦର୍ଶନକୁ ଚାଲି ଯାଉଥିଲେ । ଅତି ଭକ୍ତମାନେ "ଦଣ୍ଡବତୀ" ଉର୍ଦ୍ଧ୍ୱବାହୁ ହୋଇ ଯାଉଥିଲେ । ଏବେ ରେଳ ହୋଇ ସବୁ ମାରିଦେଲା । ସାଧନ ଯେପରି ସିଦ୍ଧି ବି ସେହିପରି । କିଏ କହିଲା ପରି "ଗୋସେଇଁ ଦଣ୍ଡବତ୍. ନା, ତୋହର ମନ ତୋତେ ଫଳୁ ।" "ଟଙ୍କା ଯିବୁ ଯେତିକି, ଫଳ ପାଇବୁ ସେତିକି ।" ଚକୁଳିଆ ପଣ୍ଡା କହେ "ଦେଇଥିଲେ ପାଇ, ପଢ଼ିଥିଲେ ଗାଇ, ପଡ଼ିଆ ବାରରେ ଗୋଧନ ଚରାଇ"—ଏହିପରି ନାନା ଚର୍ଚ୍ଚାପଟ୍ରେ ସ୍ଥିର ହେଲା ପିଲାମାନେ ଚାଲିଯିବେ । ମିଶ୍ରେ ଆଗେ ଆଗେ ଚାଲିଲେ; ପଛେ ଭଗୀରଥ ପଛରେ ଗଙ୍ଗାପରି ପୁରନାରୀମାନେ ଚାଲିଲେ । ପ୍ରଭେଦ ଭଗୀରଥଙ୍କ ପଛରେ ଗୋଟିଏ ଗଙ୍ଗା—ମିଶ୍ରଙ୍କ ପଛରେ ତିରିଶ ଚାଳିଶ ଗଙ୍ଗା । ସହରରେ ଯାହାହେଉ, ମଫସଲରେ ଯାନିଯାତ୍ରା, ଦେବଦର୍ଶନ ପ୍ରଭୃତିରେ ନାରୀମାନେ ବାହାରର ମୁକ୍ତବାୟୁ ଟିକିଏ ପାଇପାରନ୍ତି ।

ରାଜେନ୍ଦ୍ର ବାବୁଙ୍କ ଏକପ୍ରକାର ପିଲା । ପ୍ରତିକଥାରେ ପ୍ରକୃତିତତ୍ତ୍ୱ, ସମାଜତତ୍ତ୍ୱ ସଂସ୍କାର ଅଡ଼ିକୁ ତାଙ୍କର ମତଲବର ଦୌଡ଼ । ଏହି ବାତୁଳତା ତାଙ୍କର ଅଛି । ପାଠକମାନଙ୍କ ମଧ୍ୟରୁ କାହାର କି କୌଣସି ବିଷୟରେ ଟିକିଏ ଏକାନ୍ତର ଝୁଙ୍କ ଅଧିକ ନାହିଁ ? ଏହା ଯେବେ ବାତୁଳତା ହୁଏ, ଅମ୍ଭେମାନେ କହୁଁ ଏ ବାତୁଳତା ଅଳ୍ପାଧିକ ଅନେକଙ୍କର ଅଛି । ସୁଅରି, ଗାଡ଼ି ବିଷୟରେ ତର୍କ ଦେଖି ରାଜେନ୍ଦ୍ର ମନେ କଲେ "ଦେଖ, ଇଉରୋପୀୟ ମହିଳାମାନେ

Digitized by srujanika@gmail.com

ଲୋପର ସ୍ୱାଧୀନ ସ୍ୱଚ୍ଛନ୍ଦଭାବରେ ଗିର୍ଜ୍ଜାକୁ ଯାଇ ଗୀତ ଗାଇ ଈଶ୍ୱରାରାଧନାରେ ଯୋଗ ଦଅନ୍ତି । ମାତ୍ର ଅଳୀ ସ୍ତ୍ରୀମାନେ ମଧ୍ୟ ଗୀତ ଗାଇ କଟକ ରାସ୍ତା କମ୍ପାଇ ଦଅନ୍ତି । ରେଳରେ ମଧ୍ୟ "ଠାକୁର ଭଲେ ବସିଛୋ ହୋ, ଓଡ଼ିଶାମେ ଜଗନ୍ନାଥ" ଗାଇ ଗଗନ ପ୍ରତିଧ୍ୱନିତ କରନ୍ତି । ଓଡ଼ିଆଣୀମାନେ ଏପରି ନାହିଁକି ? ଅଦ୍ଭୁତ ଗୋଟିଏ କଥା । ଏମାନେ ଦେବତା ପୂଜା କରିବାକୁ ମିଳେ । ଇଷ୍ଟଦେବତାଙ୍କୁ ଛୁଇଁବାର ଅଧିକାର ନାହିଁ । କାରଣ ଏମାନେ ଅପବିତ୍ର ଅଟନ୍ତି ସେହି ଲୋଭୀ ପଣ୍ଡା ପବିତ୍ରାତ୍ମା ! ସେ ଠାକୁରଙ୍କୁ ଛୁଇଁପାରେ । ପୁଣି ଏମାନଙ୍କର ନିଜର ହୃଦୟବେଦନା, ପ୍ରାର୍ଥନା ଠାକୁରଙ୍କୁ ଜଣାଇବାର ଅଧିକାର ନାହିଁ । ସେହି ପଣ୍ଡା ଜଣାଇବ । ପାଦୁକ ନାମରେ ପଗୁଜଳ ଆଣିଦେବ । ତାହା ତ ନାନା ଜୀବାଣୁର ଘର । ଯାହାର ଯେ ପାପ ଥାଉ ତାକୁ ପିଇଦେଲେ ସ୍ୱର୍ଗପ୍ରାପ୍ତି ! ସର୍ବୋପରି ଦେବତା ଙ୍କ ବୀଭତ୍ସ ! ଶକ୍ତିରେ ଲିଙ୍ଗର ଅବସ୍ଥାନ ! ଛି ଛି ! କି ବୀଭତ୍ସ ! କି ବୀଭତ୍ସ ! ସୁଖର କଥା, ସରଳ ଅଶିକ୍ଷିତ ଲୋକମାନେ ଏହା ଜାଣନ୍ତି ନାହିଁ । ରକ୍ଷା ହୋଇଛି । ରକ୍ଷା ବା କାହିଁ ? ଜଗନ୍ନାଥ ମନ୍ଦିର ଓ ଗୁଣ୍ଡିଚା ଘରକୁ ଗଲେ ତ ସବୁ ଦିଶନ୍ତି, କିଛି ଅବୁଝା ରହେ ନାହିଁ । ହାୟ ! ଏମିତି କିଏ କାହିଁକି କଲା ?" ବ୍ୟାରିଷ୍ଟର ରାଜେନ୍ଦ୍ର ହିନ୍ଦୁଘର ପିଲା ହୋଇ ଏପରି ଦେବତା-ବ୍ରାହ୍ମଣ-ବୈଷ୍ଣବ-ଭକ୍ତ ପିତାମାତାଙ୍କଠାରୁ ଜାତ ହୋଇ, ଏପରି କାହିଁକି ହେଲା କିଏ କହିବ ? ରାଜେନ୍ଦ୍ର କହନ୍ତି, "ମୁଁ ମୋର ପିତାମାତାଙ୍କ ନିଷ୍ଠା ପାଇଅଛି ବୋଲି ତ ମୋର ନିଜ ବିଶ୍ୱାସରେ ଏତେ ନିଷ୍ଠା ।" ମିଶ୍ରେ ପାଦୁକ ଆଣି ରାଜେନ୍ଦ୍ରଙ୍କୁ ଯାଚିଲେ ସେ କହେ "ଆପଣ ବାପାଙ୍କୁ ବା ଘରେ ମା'ଙ୍କୁ ଦଅନ୍ତୁ ।" ମିଶ୍ରେ କହନ୍ତି, "ସାନ ବାବୁ ବଡ଼ ଭଲ, କିନ୍ତୁ ଅନେକ ବିଦ୍ୟା ପଢ଼ି ଟିକିଏ ଛିନ-ପାଗଳା ହୋଇଯାଇଅଛନ୍ତି ।" ବାସ୍ତବିକ ଯେ ଅଧିକାଂଶ ଲୋକଙ୍କ ମତାନୁଯାୟୀ ନ ଚଳେ, ସେ ଭଲ ହେଲେ ମଧ୍ୟ ପାଗଳ । ସକ୍ରେଟିସ୍, ଗାଲିଲିଓ, ଲୁଥର, ପାର୍କର, ଏପରିକି ଖ୍ରୀଷ୍ଟ, ଚୈତନ୍ୟ ସମସାମୟିକ ସମାଜରେ ପାଗଳ ବିବେଚିତ ହୋଇଥିଲେ । ଅନ୍ୟେ ପରେ ବା କଥା !

ତୃତୀୟ ପରିଚ୍ଛେଦ

ଅବିମିଶ୍ର ସୁଖ ଏ ସଂସାରରେ ଦୁର୍ଲ୍ଲଭ । ପ୍ରାଚୁର୍ଯ୍ୟ ସଙ୍ଗେ ସଙ୍ଗେ ଅଭାବ ଜଡ଼ିତ ହୋଇ ରହିଅଛି । ଯେଉଁ ଗ୍ରାମରେ ଏତେଗୁଡ଼ିଏ ଧନାଢ୍ୟ ପରିବାର ଅଛନ୍ତି ଏବଂ ଏତେ ଅଳଙ୍କାର ବସ୍ତ୍ର ସୀମନ୍ତିନୀମାନଙ୍କ କମନୀୟ କାନ୍ତିକୁ ଅଧିକତର କମନୀୟ କରୁଅଛି, ସେହି ଗ୍ରାମରେ ଦୀନଦୁଃଖିନୀ ଆମ୍ଭମାନଙ୍କର ପୂର୍ବପରିଚିତା ଚମ୍ପାର ଘର । ସେ ଦିନର ହରିଚନ୍ଦନଙ୍କ ଘରେ ଧାନକୁଟା ସାରି ଖୁଦଗୁଣ୍ଡିଲ ଦିଓଟି କାନିରେ ବାନ୍ଧି ତାର କୁଡ଼ିଆ ଘରକୁ ଫେରିଲା । କନକର ଜନ୍ମଦିନ, ତାକୁ ଆଜି ଦିଓଟି ବେଶୀ ଗୁଣ୍ଡିଲ ମିଳିଛି, କିଛି ପଣାପରିବା ମଧ୍ୟ ମିଳିଛି । ଫେରିବା ବେଳେ ମା କହିଲେ, "ଚମ୍ପା, ପଛେ ଆସିବୁ, ପିଠା, ସତ୍ୟନାରାୟଣ-ପୂଜା ଭୋଗ ନେଇଯିବୁ ।" ଚମ୍ପା କହିଲା, "ମୁଁ ତ ଲୋ ମା, ହାଡ଼ିଅଘର ଝିଅ, ପାଟକ ଜାତି, କଥା-କଥାରେ ବାଛନ୍ତି । କିଏ କାଳେ କହିବ, ଦେଖ ତାଙ୍କ ଘରେ ଖାଇଲା । ପୂଜା ହେଉ ହେଉ ରାତି ହେବ । ମୁଁ ଆଉ ମା' ଆସି ପାରିବି ନାହିଁ ।" ପଦ୍ମାବତୀ କହିଲେ, "ହେଉ ଯା, ମୁଁ ପାନ ହାତରେ ପଠେଇ ଦେବି ।" ଯିବାବେଳେ ଏକାନ୍ତରେ କନକ ଗୁନ୍ ଗୁନ୍ ହୋଇ କହିଲା, "ଚମ୍ପା, ଚାଲ୍ ଠାକୁର ପାଖକୁ ଯିବୁ । ଗାଧୋଇ ପଡ଼ି ଆ, ମୁଁ ଲୁଗା ଦେବି । ମୋର ନାଲିକା ଲୁଗା ଅଛି ।" ଚମ୍ପା କହିଲା, "ବୁଢ଼ୀଟିଏ ହୋଇଥା ମା ! ମୋର ଆଉ ପୋଡ଼ିଗଲା ଛଅଣରେ ସୁଆଦ ଅଛି ? ମୁଁ ଆଉ ଶାଢ଼ୀ ପିନ୍ଧିବି ? ତମର ଆଜି ଶୁଭଦିନ ଟିଏ, ତମେ ସବୁ ଯାଅ । ମୁଁ ସୋମବାର ଦିନ ଯାଇଥିଲି, ଆଜି ଯିବି ନାହିଁ ।" ଚମ୍ପା ଫେରୁ ଫେରୁ ବାଟରେ ଗୀତ ପକାଇ ଗାଇଲା :—

"ଜଗନ୍ନାଥଙ୍କର ବଡ଼େଇ
କାହାକୁ ଦିଅନ୍ତି ପାଟପୀତାମ୍ବର
କାହାକୁ ଦିଅନ୍ତି ଗଡ଼େଇ ।"

ଗାଇଲାବେଳେ ତା ଆଖିରୁ ଟୋପାଏ ଲୁହ ଗଡ଼ିପଡ଼ିଲା । ରାଜେନ୍ଦ୍ର ନଦୀସ୍ନାନରୁ ଫେରିଲାବେଳେ ଚମ୍ପାକୁ ଦେଖିଲେ । ଏହି ସୁନ୍ଦରୀ ଯୁବତୀର ଦୁର୍ଦ୍ଦଶାରେ ସେ ଏକାନ୍ତ ଆନ୍ତରିକ ବେଦନା ଅନୁଭବ କଲେ ।

Digitized by srujanika@gmail.com

ମନେ କଲେ, "ଏମନ୍ତ ଯୁବତୀ ବିଧବାଙ୍କର ପୁନର୍ବିବାହ ପ୍ରଚଳନ କଲେ କଣ କ୍ଷତି ହୁଅନ୍ତା ? କଲିକତାରେ କି ବିଦ୍ୟାସାଗର ଜନ୍ମିବେ ନାହିଁ ? କଥା ତ ତେବେ ହୋଇଅଛି, କାର୍ଯ୍ୟରେ କିଛି କରିପାରି ପାରେ କି ? କିନ୍ତୁ ବିଘ୍ନ ତ ଅନେକ । ପ୍ରଥମ କଥା, ବରପାତ୍ର ମିଳିବ କାହୁଁ ? ଦ୍ୱିତୀୟ କଥା, ଏହାର ସ୍ୱଜାତୀୟ ଛଡ଼ା ଅନ୍ୟ ବର ସହିତ ଏହାର ବିବାହ କେଉଁ ଆଇନ-ଅନୁସାରେ ଚଳିବ ? ତୃତୀୟ କଥା, ଏ ସ୍ତ୍ରୀ ସମ୍ମତ ହେବ କି ନାହିଁ ? ଚତୁର୍ଥ କଥା, ଏ ଗ୍ରାମରେ ଏ ଦମ୍ପତି କିପରି ବୃଦ୍ଧ ସମାଜରେ ଚଳିବେ ? ଏହିପରି ସୁନ୍ଦରୀ ଯୁବତୀ ଅରକ୍ଷିତା ହୋଇ ଶେଷ ପର୍ଯ୍ୟନ୍ତ ପବିତ୍ର ନିଷ୍କଳଙ୍କ ଭାବରେ ରହିବା ବଡ଼ ଦୁରୂହ । ଦୁଷ୍ଟଲୋକେ ଏହାକୁ ବିପଥଗାମିନୀ କରାଇ ପାରନ୍ତି । ସମାଜରେ ଦୁର୍ବୃତ୍ତ ପୁରୁଷଙ୍କୁ ସାତଖୁଣ ମାଫ୍—କୌଣସି ଦଣ୍ଡ ବା ସାମାଜିକ ପ୍ରତ୍ୟବାୟ କିଛି ନାହିଁ । ସ୍ତ୍ରୀମାନଙ୍କର ଉପରେ କିନ୍ତୁ ସମସ୍ତେ ଖଡ଼୍ଗହସ୍ତ । ଟିକିଏ ହଲଚଲ ହେଲେ ସପ୍ତପାତାଳରେ ପଡ଼ିଲେ—ଆଉ ରକ୍ଷା ନାହିଁ । ଚିରଜୀବନ ସେମାନେ ଜଘନ୍ୟ, ହେୟ, ଘୃଣିତ, ଲାଞ୍ଛିତ ହୋଇ ରହିଲେ । ପୁଣି ଘୃଣିତ ଲୋକଦ୍ୱାରା ଘୃଣ୍ୟ କାର୍ଯ୍ୟ ସମ୍ପାଦିତ ହେବା ସହଜ ହୋଇପଡ଼େ । ଜଣକୁ ଯଦି ତୁମେ କହ 'ତୁମେ ଭଲ, ତୁମେ ସତୀ' ସେ ନିଜକୁ ତଦନୁଯାୟୀ ଉଚ୍ଚ ମଣେ । ତାହାର ଆତ୍ମସମ୍ମାନ ବଢ଼େ । କିନ୍ତୁ ଜଣକୁ ଯେବେ ତୁମେ ସର୍ବଦା କହ 'ତୁ ବଡ଼ ମନ୍ଦ, ଦୁଷ୍ଟ, ପିଶାଚୀ' ସେ ଶେଷକୁ ପିଶାଚୀ ହୁଏ । କାରଣ ପାପର ପଥ ବଡ଼ ପିଚ୍ଛିଳ । ପ୍ରଲୋଭନର ହସ୍ତ ଏଡ଼ିବା ଅସାଧାରଣ ନୈତିକ ବଳସାପେକ୍ଷ । ଘୃଣିତ ଲୋକ ମନେକରେ, ଯାଅମ, ମତେ ତ ମନ୍ଦ ବୋଲି ସମସ୍ତେ କହନ୍ତି—ଭଲ ହେଲେ ବି ତ ପୁରସ୍କାର ନାହିଁ ; ତେବେ ବୃଥାରେ କଷ୍ଟ ସହିବି କାହିଁ ? ଫଳତଃ ଆଧୁନିକ ସମାଜର ନିୟମ ଏତାଦୃଶ ଲୋକମାନଙ୍କର ଚରିତ୍ର ଗଠନ ବା ଆଚରଣଶୁଦ୍ଧିର ଅନୁକୂଳ ନୁହେ । ପାଦ୍ରୀଙ୍କ ବନ୍ଧୁମାନଙ୍କ ସହିତ ପରାମର୍ଶ କରି କିମ୍ବା ଗ୍ରାମର ଶାଖାସଭା ବା ସହରର କେନ୍ଦ୍ରସଭାରେ ବିଷୟଟି ଆଲୋଚନା କରି ଏହାକୁ ସତ୍ପାତ୍ରନ୍ୟସ୍ତା କିମ୍ବା ଦୁଷ୍ଟମାନଙ୍କ ହସ୍ତରୁ ରକ୍ଷା କରିବାକୁ ହେବ ।" ଏହିପରି ଭାବୁ ଭାବୁ ଘରେ ପହଞ୍ଚିଲେ ଏବଂ ଯଥାବିଧି ଏକ ଅଧ୍ୟାୟ ଗୀତା-ପାଠ ସମାପନ କଲା ପରେ ବଡ଼ ନଅବୋହୂ ଥାଳିରେ ମଣ୍ଡୁଚକୁଲି, ଛୁଞ୍ଚିପତ୍ରର, କାକରା ପ୍ରଭୃତି ପିଠା ଘେନି ପହଞ୍ଚିଲେ । ରଜେନ୍ଦ୍ର କହିଲେ, "ନାହିଁ, ଭଜମ ତ

ଜାଣ ମୁଁ ପିଠାପଣା ଭଲ ପାଏ ନାହିଁ । ଭାତ ଅଣିଲେ ଭଲ ହୁଅନ୍ତା ।" ନୂଆବୋହୂ କହିଲେ, "ହଉ, ଅଳ୍ପ ସାନ ଗେଣ୍ଡୁଲା ଭଉଣୀର ଜନ୍ମଦିନ । ସବୁ ଚକୁଳି ଖଣ୍ଡେ ଖାଇଥାଅ । ଏ ତ ଠାକୁର-ଭୋଗ କି ମହାପ୍ରସାଦ ନୁହେଁ ଯେ, କାଯ୍ୟ ଅପବିତ୍ର ହେବ । ତମେ ବସ, ଖଣ୍ଡେ ଦି'ଖଣ୍ଡ ଖାଅ । ମୁଁ ଭାତ ଅଣୁଛି । ଭିଉଜମାନେ ତମକୁ ସବା ଆଗେ ପିଠା ଖୋଇବେ ବୋଲି ଏତେ ତରତରରେ ଷଠିକୁଛୁଙ୍କି ଲଗି କରିଛନ୍ତି । ନ ଖାଇଲେ ସେମାନଙ୍କୁ ବାଧିବ ।"

ବ୍ରଜେନ୍ଦ୍ର—'ସେମାନଙ୍କୁ ବାଧିବ' ଯେପରିକି ସ୍ୱୟଂ ବକ୍ତା କେହି ନୁହନ୍ତି । ଅଚ୍ଛା ତମେ ଯେ ଏହିକ୍ଷଣି କହିଲ, ଠାକୁର ଭୋଗ ନୁହେଁ, ପୁଣି କହୁଛ ଷଠିକୁଛୁଙ୍କ ପାଖରେ 'ଲଗି' ହୋଇଛି ; କେଉଁଟି ସତ ?

ସାବିତ୍ରୀ—ତମ ସାଙ୍ଗରେ କଥାରେ ଆମେ ପାରିବୁଁ ? ଭଲ, ଯି କଥାରେ ଏତେ ଧରିଲେ ଆମେ ଚଳିବୁଁ କପରି ? ଅଚ୍ଛା ଦେଖିବା ନୂଆବୋହୂଟି କେତେ ଜଗି ଚଳିବ । ଯେ ବାଜନ୍ତି, ସେ କେବଳ ହରିବାଣରେ ପଡ଼ନ୍ତି । ତମେ ଯେ ସେ ଦିନ କହୁଥିଲ ଠାକୁର ସମସ୍ତଙ୍କର ; ବ୍ରାହ୍ମଣ ବୈଷ୍ଣବମାନେ ଅନ୍ୟ ଜାତିମାନଙ୍କୁ ତଡ଼ି ନିଜେ ଠାକୁରଙ୍କୁ ଛୁଇଁ ଭୋଗ ଦିଅନ୍ତି । ଅଳ୍ପ ନିଠା ତ ବ୍ରାହ୍ମଣ 'ଭୋଗ' କରି ନାହାନ୍ତି । ଆମେମାନେ ନିଜେ ଅଜ 'ଲଗି' କରିଛୁଁ । ଅତଏବ ତମକୁ ଖାଇବାକୁ ହେବ । ଆଜି କାହା ରାଣ ନ ମାନ, ସାନ ନୂଆବୋହୂଟି ରାଣ ।

ବ୍ରଜେନ୍ଦ୍ର—'ଶିରୋନାସ୍ତି ଶିରଃ ପୀଡ଼ା' । ଅସାମୀ କାହିଁ ?

ସାବିତ୍ରୀ—"କେଉଁଟି ତ ହେଲେ ଅଛି । ମୁଁ ମନେ କରୁଛି, ମୋର ଗୋଟିଏ ଧାନଭଉଣୀ ଅଛି । ତାକୁ ସାନ ଯା କରିବି । କିନ୍ତୁ ତାକୁ କୁଣ୍ଡି ପିନ୍ଧାଇ ଶ୍ରୀହସ୍ତାମା ସଜାଇବ ନାହିଁ ତ ? ଅଚ୍ଛା, ବୋହୂଠାରେ ଲୋଭ ନାହିଁ ତ ତମ 'ଗୀତା ପୋଥି ରାଣ' ।" ବ୍ରଜେନ୍ଦ୍ରଙ୍କର ଭଗବଦ୍‌ଗୀତା ପ୍ରତି ପକ୍ଷପାତିତା ଲକ୍ଷ୍ୟ କରି ସାବିତ୍ରୀ ଏ କଥା କହିଥିଲେ । ବ୍ରଜେନ୍ଦ୍ର ଇତିମଧ୍ୟରେ ଅନୁରୋଧ ରକ୍ଷା କରିବାକୁ ବସିଲେ । ପ୍ରିୟ ଗ୍ରନ୍ଥ 'ଗୀତା'ର 'ଦେବୀବଧୂ' କାହା ରାଣ ରକ୍ଷା ହେଲା ? ବ୍ରଜେନ୍ଦ୍ର ଭୋଜନରେ ବସି ଭାବିଲେ, "ବାସ୍ତବିକ, ଦେବର ଭ୍ରାତୃଜାୟା ମଧ୍ୟରେ ସମ୍ବନ୍ଧଟା ଆମ ଦେଶରେ

Digitized by srujanika@gmail.com

ଅନୁମୋଦନୀୟ ନୁହେ । ଜ୍ୟେଷ୍ଠଭ୍ରାତା ପିତାସମ । ଜ୍ୟେଷ୍ଠ ଭ୍ରାତୃଜାୟା ମାତୃବତ୍ । ତେବେ ଥଟ୍ଟା ତାମାସା କିପରି କରନ୍ତି ? ଏ ଦେଶରେ ଏ ସମ୍ବନ୍ଧରେ ଟିକିଏ ଶିଥିଳତା ଦେଖାଯାଏ କାହିଁକି ? ପୁଣି ସମାଜ ଏହା ଅନୁମୋଦନ କରେ କିପରି ? କନିଷ୍ଠ ଭ୍ରାତୃଜାୟା ସମ୍ପର୍କ ଉତ୍ତମ— କିଞ୍ଚିତ୍ ଅସ୍ୱାଭାବିକ ହେଲେହେଁ ପବିତ୍ର । କିନ୍ତୁ ଦେବର-ଭ୍ରାତୃଜାୟା-ସମ୍ପର୍କ ବିଷୟରେ ସଂସ୍କାର ଆବଶ୍ୟକ ।" ଏ ତ ଅଛି ସମ୍ପାଦକ । ଖାଇଲା ବେଳେ ବି ସଂସ୍କାର ଚର୍ଚ୍ଚା । ଏହାର ପରିଣାମ କିପରି ଦେଖାଯାଉ ।

ଚତୁର୍ଥ ପରିଚ୍ଛେଦ

"ଶୁଭଚକ୍ଷୁ ପ୍ରାନ୍ତେ ପୀରତିମେଳ"

ଋଷି ଇମର୍ସନ୍ କହିଅଛନ୍ତି, "କାବ୍ୟ ଲେଖ, ନାଟକ ଲେଖ, ଉପନ୍ୟାସ ଲେଖ, କବିତା ଲେଖ, ଯେ ପର୍ଯ୍ୟନ୍ତ ଶୁଭଟି ଚକ୍ଷୁରେ ପ୍ରୀତିର ଆଦାନପ୍ରଦାନ ନ ହୋଇଛି, ସେପର୍ଯ୍ୟନ୍ତ ପାଠକର ମନ କଦାପି ଉନ୍ମତ୍ତ, ବିହ୍ୱଳ ହୋଇପାରେ ନାହିଁ ।" ଆମ୍ଭେମାନେ ତିନୋଟି ପରିଚ୍ଛେଦ ଲେଖି ଗଲୁଣି । ଏପରି ଶୁଭଦୃଷ୍ଟିର କଥା ଲେଖି ନାହୁଁ । ନ ଜାଣି ଗଳ୍ପର ଦଶା ଇତିମଧ୍ୟରେ କଣ ହେଲାଣି । ତେବେ ଯେଉଁ ପାଠକମାନେ ରାଜେନ୍ଦ୍ରଙ୍କ ଶୁଷ୍କ ସମାଜତତ୍ତ୍ୱର ବ୍ୟୂହ ଭେଦ କରି ଏପର୍ଯ୍ୟନ୍ତ ପଢ଼ି ଆସିଛନ୍ତି, ସେମାନେ ସ୍ୱ ସ୍ୱ ଧୈର୍ଯ୍ୟର ପୁରସ୍କାରସ୍ୱରୂପ ଏହିପରି ଗୋଟିଏ ମିଳନ ସମ୍ମୃତ ଦେଖିବେ ।

ଯୋଗକୁ ବ୍ରହ୍ମା ଖଣ୍ଡନ୍ତି ନାହିଁ । ଯେଉଁଦିନ ହରିଚନ୍ଦନଙ୍କ ପିଲାମାନେ ଅଖଣ୍ଡଳମଣି ଦର୍ଶନକୁ ଯାଇଥିଲେ, ସେ ଦିନ ମୋତିଝରର ଇନ୍ଦ୍ରଜିତ୍ ପାଇକରାଙ୍କର ସ୍ତ୍ରୀଲୋକମାନେ ଅଖଣ୍ଡଳମଣିଙ୍କ ଅସ୍ଥାନକୁ ଆସିଥିଲେ । ଗଙ୍ଗା-ଯମୁନା, ସିନ୍ଧୁ ମହୋଦଧିର ସଙ୍ଗମ ପରି ଦୁଇ କୂଳର ପୁରସ୍ତ୍ରୀମାନଙ୍କର ମିଳାମିଶା, କଥାବାର୍ତ୍ତା ହେଲା । ସଦ୍‌ବଂଶୀୟମାନଙ୍କର ସଦାଚରଣ ହେବାର କଥା । ଅଖଣ୍ଡଳମଣିଙ୍କ ବିଜେ-ଅସ୍ଥାନ ହରିଚନ୍ଦନଙ୍କ ଜମିଦାରିରେ । ତେଣୁ ତାଙ୍କ ବଂଶର ଆଗେ ବେଲପତ୍ରୀ ପାଦୁକ ପାଇବାର ଦାବି । ଦିକାଧିକାର କୋଡ଼ପତ୍ର ଅର୍ପିଲେ ମଧ୍ୟ ଆଗ ପାଉଣା ହରିଚନ୍ଦନଙ୍କର ।

Digitized by srujanika@gmail.com

ଅଛି ହରିଚନ୍ଦନବଂଶୀୟମାନଙ୍କୁ ଦେଲପରି ଆଣି ବଡ଼ପଣ୍ଡା ଦେବା ବେଳକୁ ପଦ୍ମାବତୀ କହିଲେ ପାଇକରାୟଙ୍କ ପୁଅକୁ ଆଗେ ଦେଇ ଅସ । ସ୍ବଜାତୀୟ ସନାତନ ରାୟ ଗୁମାସ୍ତା ଏଥିରେ ଟିକିଏ ବିରକ୍ତି ପ୍ରଦର୍ଶନ କଲେ । ହେଲେ ହରିଚନ୍ଦନ ହୋଇଥିଲେ ମନ୍ତ୍ରୀପଣିଆ କରିପାରିଥାନ୍ତେ । କିନ୍ତୁ ପଦ୍ମାବତୀଙ୍କୁ କିଛି କହିପାରିଲେ ନାହିଁ । ନିଜେ ହରିଚନ୍ଦନ ପଦ୍ମାବତୀଙ୍କ ସଙ୍ଗରେ ବଡ଼ ବଡ଼ ସଙ୍କଟରେ ପରାମର୍ଶ କରି ଚଳନ୍ତି । ଏହା ଗୁମାସ୍ତାଙ୍କୁ ଅଜ୍ଞାତ ନୁହେ । ବଡ଼ପଣ୍ଡା ଗୁମାସ୍ତାଙ୍କ ମୁହଁକୁ ଚାହିଁଦେଇ ସେଠାରୁ କିଛି ଇଙ୍ଗିତ ନ ପାଇ ଷଡ଼ାଞ୍ଜଳି ଲଡ଼ୁସ୍ତଃ କରି ଅଦୂରସ୍ଥ ପ୍ରସ୍ତର ବେଦୀଉପରେ ମୃଦାସୀନ ହୋଇ ବସିଥିବା ଧନଞ୍ଜୟଙ୍କୁ ପାଦୁକ ଦେଇ ଅସିଲେ । ଇତିମଧ୍ୟରେ ପ୍ରଖରବୁଦ୍ଧି-ସମ୍ପନ୍ନା ପଦ୍ମାବତୀ ବୁଝିପାରିଲେ ଯେ ବଡ଼ପଣ୍ଡା ଓ ଗୁମାସ୍ତାଙ୍କ ମନକୁ ଏ କଥା ଘେନିଲା ନାହିଁ । ଦୟାପରବଶ ହୋଇ କୌଳିକ ପ୍ରଥାର ବା ବଂଶଗୌରବର ହାନିକର କାର୍ଯ୍ୟ କରିବାରୁ ସେମାନେ କ୍ଷୁଣ୍ଣ ହେଲେ ପଛି ! କିନ୍ତୁ ପଦ୍ମାବତୀଙ୍କ ସଙ୍ଗେ ବାଦାନୁବାଦ ଚଳିବ କି ? ପଦ୍ମାବତୀଙ୍କ ମନର ଭାବ ଏହିପରି । ଏହିପରି କୌଳିକପ୍ରଥା ପୁରୁଷମାନଙ୍କର ରକ୍ଷଣୀୟ । ଏଠାକୁ ମୋର ସ୍ୱାମୀ ବା ପୁତ୍ର କେହି ଅସିନାହାନ୍ତି । କେହି ଆସିଥିଲେ ନିଶ୍ଚୟ ଅଗ ପାଇଥାନ୍ତେ । ଅମ୍ଭେମାନେ ସ୍ତ୍ରୀ, ଅମ୍ଭମାନଙ୍କର ଅସାର ଜୀବନ । ମୋ ପୁଅଟି ମୋର ଯେପରି, ଏହି ପୁଅଟି ତାର ମା ବାପର ସେହିପରି । ପାଇକରାୟଙ୍କ ବଂଶ ସଙ୍ଗରେ ତାଙ୍କର ଦୂର ସମ୍ପର୍କ ଥିଲା । ପିଲାଟିର ସଦ୍‌ଗୁଣ ଓ ଯୋଗ୍ୟତା ବିଷୟରେ ସେ ପୂର୍ବରୁ ଅନେକ କଥା ଶୁଣିଥିଲେ । ଅଜ ତାଙ୍କୁ ଦେଖି ସେ ପୁତ୍ରବତ୍ ସ୍ନେହ ନ କରି ରହି ପାରିଲେ ନାହିଁ । ଏହା ଉପରେ ଅଉ କିଛି ଅଛି । ତାହା କ୍ରମଶଃ ପ୍ରକାଶ୍ୟ । ପୁରୁଷମାନେ ଯୁକ୍ତି-ତର୍କ-ବିଚାର-ସିଦ୍ଧାନ୍ତରେ କାର୍ଯ୍ୟ କରନ୍ତି । ସ୍ତ୍ରୀମାନେ ଗୋଟିଏ ନୈସର୍ଗିକ ଶକ୍ତି ବା ସହଜ ବୁଦ୍ଧିରେ ହଠାତ୍ ବିଷୟଟି ବୁଝି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି । ହୋଇପାରେ କେତେକ ସ୍ଥଳରେ ଭ୍ରାନ୍ତ ହୁଅନ୍ତି, କିନ୍ତୁ ଅଧିକାଂଶ ସ୍ଥଳରେ ସେମାନେ କୃତକାର୍ଯ୍ୟ ହୁଅନ୍ତି । ପୁରୁଷ ଏତେ ଯୁକ୍ତିତର୍କ କରି କଣ ଭ୍ରାନ୍ତିରେ ପଡ଼େ ନାହିଁ ? ପୁରୁଷ ଅନେକ ପର୍ଯ୍ୟବେକ୍ଷଣ ଓ ପ୍ରମାଣ ସଂଗ୍ରହ କରି ନାରୀଚରିତ୍ର କିମ୍ବା ଅନ୍ତର୍ଭାବର ତତ୍ତ୍ୱ ଯାହା ନ ବୁଝେ, ନାରୀ ତାହାର ସହଜ ବୁଦ୍ଧି ଦ୍ୱାରା ତାହା ଝଟ୍ ବୁଝି ନେଇପାରେ । ଏହାର କାରଣ ଯାହାହେଉ, କଥାଟି ସାଧାରଣତଃ ସତ୍ୟ । ଯାହାର ଘଣ୍ଟା ଅଛି, ତାକୁ

Digitized by srujanika@gmail.com

ସମସ୍ତ ପଗ୍ଭରଲେ, ସେ ଘଣ୍ଟା ଦେଖି କହେ । ଦୈବାତ୍ ଘଣ୍ଟା ପାଖରେ ନ ଥିଲେ ସେ ସମୟ କଳପାରେ ନାହିଁ । ଯାହାର ଘଣ୍ଟା ଦେଖିବା ଅଭ୍ୟାସ ନୁହେ, ସେ ଅନୁମାନ କରି ସମୟ ଠିକ୍ କରି କହିଦଏ । ଅନେକ ସମୟରେ ତାହା ଠିକ୍ ହୁଏ । କେତେକ ସମୟରେ ଭୁଲ୍ ହୁଏ, ଘଣ୍ଟା କି ସବୁବେଳେ ଠିକ୍ ରହେ ? ପୁରୁଷମାନେ ପ୍ରମାଣ ଭୂୟୋଦର୍ଶନ ଉପରେ ନିର୍ଭର କରନ୍ତି । ଗୃହନିବଦ୍ଧା ନାରୀମାନଙ୍କର ସେ ସୁବିଧା ବା ଅଭ୍ୟାସ ନ ଥାଏ । ସ୍ୱାମୀ, ପୁତ୍ର, ପୁତ୍ରବଧୂ, କନ୍ୟାର କଥା ନାରୀ ଯେପରି ଜାଣେ, ପୁରୁଷ ବୋଧହୁଏ ନିଜର ସ୍ତ୍ରୀ ପୁତ୍ରାଦିଙ୍କ କଥା ସେତେ ସହଜରେ ଜାଣିପାରେ ନାହିଁ । ଏହାର ଆଉ ଗୋଟିଏ କାରଣ ଅଛି । ଯେ ଯାହାକୁ ଆନ୍ତରିକ ସ୍ନେହ ବା ପ୍ରେମ କରେ, ତାହାର ହୃଦୟର ଭାବ ସେ ନିଜ ହୃଦୟରେ ସ୍ୱଚ୍ଛଭାବରେ ପ୍ରତିଫଳିତ ଦେଖେ । ନାରୀର ହୃଦୟର ସ୍ନେହ-ବୃତ୍ତି ପୁରୁଷ ଅପେକ୍ଷା ଅଧିକ ନୁହେଁ କି ? ଅମ୍ଭେମାନେ ପ୍ରସଙ୍ଗକ୍ରମେ ଏହି ସାମାନ୍ୟ ବିଷୟରେ ଅଧିକ କହିଲୁଁ ।

ଯେଉଁ ଯୁବକଙ୍କ ପ୍ରତି ହରଚନ୍ଦନଙ୍କ ଗୃହିଣୀ ପଦ୍ମାବତୀ ଏତେ ଆକୃଷ୍ଟ ହେଲେ, ତାହାଙ୍କ ନାମ ଧନଞ୍ଜୟ । ପାଇକରାୟଙ୍କ ପୁଅ ମାନଧାତା. ମାନଧାତାଙ୍କ ପୁଅ ପାଇକରାୟ, ଏହିପରି ଏହାଙ୍କର କୁଳବିଧି । ଧନଞ୍ଜୟ କିନ୍ତୁ ନିଜକୁ ମାନଧାତା ନ କହି ପାଇକରାୟ କହନ୍ତି । କାରଣ ସେ ଜଣେ କୃତବିଦ୍ୟ ବ୍ୟକ୍ତି । ପ୍ରେସିଡେନ୍‌ସି କଲେଜରୁ ପ୍ରଶଂସାସହକାରେ ଏମ ଏ. ପାସ୍ କରିବା ପରେ ବି. ଏଲ୍. ପାସ୍ କରି ଓକିଲାତି ଆରମ୍ଭ କରିଅଛନ୍ତି । ନାନା କାରଣରୁ ଉକ୍ତ ବ୍ୟବସାୟ ଏହାଙ୍କ ମନୋନୀତ ନୁହେ । ଇଚ୍ଛା ମୁନସଫ ବା ପ୍ରଫେସର ହେଲେ ଯିବେ । ଯତ୍ନ ମଧ୍ୟ କରିଅଛନ୍ତି, ଫଳ ପ୍ରତୀକ୍ଷାରେ ରହି, କିଛିଦିନ ଅବସର ଗ୍ରହଣ କରି ଗ୍ରାମରେ ଅଛନ୍ତି । ଏ ବିଷୟରେ ମଧ୍ୟ ସେ ପିତାଙ୍କର ଆଜ୍ଞାନୁବର୍ତ୍ତୀ । ପିତା ତାଙ୍କର ବିବାହ ବୟସ ଜାଣି ଡକାଇଛନ୍ତି । ଧନଞ୍ଜୟ ବିଦେଶରେ ରହି ପଢ଼ିବାର କାରଣ ଏହି ଯେ, ତାଙ୍କର ପିତୃବ୍ୟ ପୁରଞ୍ଜୟ ପାଇକରାୟ ବିଦେଶରେ ରହି ରେଲ୍‌ବାଇ ଇଲାକା କଣ୍ଟ୍ରାକ୍ଟରୀ କାର୍ଯ୍ୟରେ ଯଥେଷ୍ଟ ଅର୍ଥ ଉପାର୍ଜ୍ଜନ କରିଥିଲେ । ସେ ତାଙ୍କର ସଙ୍ଗରେ ଶୈଶବରୁ ଯାଇଁ ସେହିଆଡ଼େ ଶିକ୍ଷାଲାଭ କରିଅଛନ୍ତି । ଏହିପରି କେତେକ ଜ୍ଞାତୀୟ ବିଦେଶରେ ଅଛନ୍ତି ।

Digitized by srujanika@gmail.com

ଲାହୋରରେ ତାଙ୍କର ଜଣେ ଉତ୍କଳୀୟ ବନ୍ଧୁ ଅଧ୍ୟାପକ । ସେ ତାଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି । ଉତ୍କଳ ପଣ୍ଡିତ ବୋଲି କିଏ କେଉଁଆଡ଼େ ଅଛି, ଜଣା ପଡ଼ୁ ନାହିଁ । ଥରେ ଉତ୍କଳ ଜାଗ୍ରତ ହେଲେ ତାହାର ପରିଚୟଧ୍ୱଜା ତଳେ କେତେ କିଏ ଆଶ୍ରୟ ନେବେ ! ଏପରି ଅନେକ ବ୍ୟକ୍ତି ଅଛନ୍ତି, ସେମାନେ ଉତ୍କଳୀୟ ନାମରେ ପରିଚୟ ଦେବାକୁ କୁଣ୍ଠିତ ! ଅନ୍ୟ ଭାଷା କିମ୍ବା ଅନ୍ୟ ଜାତିର ବାହୁଚ୍ଛାୟା ତଳେ ଆଶ୍ରୟ ନେଇଅଛନ୍ତି । ସେମାନଙ୍କର ଦୋଷ ଅଛି—ଅବସ୍ଥା ମଧ୍ୟ ସେହିପରି । ବର୍ତ୍ତମାନ ଏ ବିଷୟରେ କିଛି ପରିବର୍ତ୍ତନ ଦେଖାଗଲାଣି । ଓଡ଼ିଆ ନାମରେ ଗୌରବ ଅନୁଭବ କରିବା ଶିକ୍ଷିତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଅଛି । କିନ୍ତୁ ଅକାଳ କୁଷ୍ମାଣ୍ଡର ମଧ୍ୟ ଏକାନ୍ତ ଅଭାବ ନାହିଁ । ଯାହା-ହେଉ ଆମ୍ଭମାନଙ୍କର ଏହି ଧନଞ୍ଜୟ ପାଇକରାୟ ସେପରି ନୁହନ୍ତି । କେବଳ ଏତିକି ଯେ ସ୍କୁଲରେ ନାମ ଲେଖାଇବାବେଳେ ଶିକ୍ଷକ ପାଇକରାୟର ପାଇକ ପଦ କାଟି ରାୟ ଲେଖିଥିଲେ । ତାହା ରହିଯାଇଅଛି ।

ଏହି ଧନଞ୍ଜୟ ରାୟଙ୍କୁ ପଦ୍ମାବତୀ (ନିଜ ବିଶ୍ୱାସ ଅନୁଯାୟୀ) ଆୟୁର୍ଯଶ-ବୃଦ୍ଧିକର ଦେବପ୍ରସାଦ ଦେବାକୁ ବଡ଼ପଣ୍ଡାଙ୍କୁ କହିଥିଲେ । ହରଚନ୍ଦନ ପଦ୍ମାବତୀଙ୍କ ମନ କଥା ସବୁ ବୁଝିପାରିଥିଲେ, ସେଇଆ କରି ନ ଥାନ୍ତେ କି ? ତେବେ ଏତେ ଚଞ୍ଚଳ ହୋଇ ନ ଥାନ୍ତା ପରି ! ପଦ୍ମାବତୀଙ୍କ ସଙ୍ଗରେ ପରାମର୍ଶ ଲୋଡ଼ା ହୁଅନ୍ତା । ଧନଞ୍ଜୟଙ୍କ ଜନନୀ ଅନ୍ନପୂର୍ଣ୍ଣାଙ୍କ ସହିତ ପଦ୍ମାବତୀଙ୍କର ସାକ୍ଷାତ୍, ପରିଚୟ, ଆଳାପ ହେଲା ପରେ "ସେ ପୁଅଟି କିଏ" ହୂରନ୍ତୁ ଧନଞ୍ଜୟଙ୍କୁ ଲକ୍ଷ୍ୟ କରି ପଚାରନ୍ତେ "ମୋ ପୁଅ, କଲ୍ୟାଣ କର" କହି ଅନ୍ନପୂର୍ଣ୍ଣା ଧନଞ୍ଜୟଙ୍କ ନିକଟକୁ ତାଙ୍କ ଝିଅ ଜମାକୁ ପଠାଇଲେ । ଜମା ଯାଇଁ ଭାଇଙ୍କୁ ଡାକି ଆଣିଲା । ଧନଞ୍ଜୟ ମାତାଙ୍କ ମୁଖ ଅଡ଼କୁ ଟିକିଏ ଚାହିଁ ପଦ୍ମାବତୀଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ତାଙ୍କ ଆଶୀର୍ବାଦ ଗ୍ରହଣପୂର୍ବକ ଇତସ୍ତତଃ ଚକ୍ଷୁସଞ୍ଚାଳନ କରିଦେଇ ଚାଲିଗଲେ । ପଦ୍ମାବତୀ ଧନଞ୍ଜୟଙ୍କ ମୁଖରୁ ଆଖି ଉଠାଇ ନେଇ କନକଲତା ଅଡ଼କୁ ଅନାଇ ଦେଇ ଚକ୍ଷୁ ଅପସାରିତ କଲେ । ବିଦ୍ୟୁଦ୍‌ଗତିରେ ବଜ୍ରଶବ୍ଦ-ସହକାରେ ଗୋଟିଏ ଭାବ ତାଙ୍କ ହୃଦୟ ଆଲୋଡ଼ିତ କଲା । ମାନବର କୌଣସି କାର୍ଯ୍ୟ ବୃଥା ହୁଏ ନାହିଁ । ପଦ୍ମାବତୀଙ୍କର ଇଷ୍ଟଦେବ-ନିଷ୍ଠା

Digitized by srujanika@gmail.com

ଅସଲଫଳପ୍ରସବା ହେଲ କି ? ଠାକୁର ବଡ଼ ହଟିଅ, କେଉଁ ସୂତ୍ରରେ କଣ ଘଟାନ୍ତି, କିଏ ବୁଝିବ !

ପଦ୍ମାବତୀ ସ୍ୱଭାବତଃ ସ୍ନେହଶୀଳା । ଭଗବାନ ତାଙ୍କୁ ଦେବବାଞ୍ଛିତ ସ୍ୱାମୀ, ପୁତ୍ର, କନ୍ୟା, ପୁତ୍ରବଧୂ, ପୌତ୍ର, ପୌତ୍ରୀ ଦେଇ ତାଙ୍କର ସ୍ନେହକୁ ସଫଳ, ସଜୀବ, ବର୍ଦ୍ଧିତ, ଉନ୍ନତ କରିଅଛନ୍ତି । କଥା ଅଛି, "ଖାଇଲା ପୁଅ ହିଁଅ ରଙ୍କ ।" ଯେ ସ୍ନେହ ଦିଏ ତାକୁ ସ୍ନେହ ମିଳେ । ଗୃହର ପୁଅ, ତନ୍ମଧ୍ୟରେ ରାଜେନ୍ଦ୍ର ପରି ପୁଅ ଅଛି । ତଥାପି ଧନଞ୍ଜୟଙ୍କୁ ଦେଖି "ଏଇଟି ମୋ ପୁଅ ହୋଇଥାନ୍ତା କି" ବୋଲି ପ୍ରାଣ ଡାକିଲା । ମନେ ମନେ କହିଲେ "ଅଖଣ୍ଡଲନନ୍ଦିନି ! ତମ ମନରେ କଣ ଅଛି ? ସତେ କି ଏପରି ପୁଅ ମୋର ହେବ ? ବିଧାତା କନକ କପାଳରେ କଣ ଲେଖିଛି ?"

ଆହା କାର୍ତ୍ତିକେୟ ପରି ପୁଅ, କି ସୁନ୍ଦର ଗମ୍ଭୀରମୂର୍ତ୍ତି, ସ୍ଥିରଦୃଷ୍ଟି, ଧୀର ବିନମ୍ର ଗମନ । ଏହାଙ୍କୁ ଦେଖି ପୁତ୍ରସ୍ନେହରେ ପଦ୍ମାବତୀଙ୍କ ହୃଦୟରୁ ସ୍ନେହଧାର ପ୍ରବାହିତ ହେଲା । ଅମଳମୁଖ ଚୁମ୍ବନ କରିବାକୁ ଇଚ୍ଛା ହେଲା । ଯେତେବେଳେ ସେ ଆସି ଗୋଡ଼ତଳେ ପଡ଼ିଲେ, ଇଚ୍ଛା ହେଲା, ଗାଢ଼ ଆଲିଙ୍ଗନ କରି କୋଳରେ ଲୁଚାନ୍ତେ । କେବଳ ମୁଣ୍ଡଟି ହାତରେ ପୋଛି ଦେଇ, ସାଷ୍ଟାଙ୍ଗପ୍ରଣାମର ଚରଣଧୂଳି ପଣତକାନିରେ ପୋଛିଦେଇ କହିଲେ, "ବାପା ! ବୁଢ଼ାଟିଏ ହୋଇଥା, ପାଲିଙ୍କ ପାଟଛତା ହେଉ, ପୁଅ ଝିଅ, ନାତି ନାତୁଣୀ, ଧନ ଜନ, ଗୋପଲକ୍ଷ୍ମୀ ମାଡ଼ି ଯାଉନ୍ତୁ ।" ଶୁଣି ଯୁବକର ମୁଖମଣ୍ଡଳ ଲଜ୍ଜା ଆନନ୍ଦ ଓ ଆତ୍ମ-ପ୍ରସାଦରେ ଅରକ୍ତ ଓ ଅପୂର୍ବ ଭାବଦ୍ୟୋତକ ହୋଇ ଉଠିଲା । ସେ ପ୍ରାୟ ସର୍ବଦା ମୁଖ ତଳକୁ କରିଥାନ୍ତି, ତାଙ୍କର ଦୃଷ୍ଟି ପ୍ରାୟଶଃ ଧରଣୀତଳାବଲଗ୍ନ ଥିଲା; କାରଣ ଅନ୍ତଃପୁରରେ ଅନେକଗୁଡ଼ିଏ ଯୁବତୀ ଥିଲେ, ଥରେ ସେମାନଙ୍କୁ ଚାହିଁଦେଲେ, କେତେ ପରିବର୍ତ୍ତନ ହୋଇଯାଉଥିଲା । ଯୁବତୀମାନେ ଯୁବକଟିକୁ ଦେଖୁଥିଲେ । କିନ୍ତୁ ଯୁବକ ଥରେ ସେମାନଙ୍କ ଆଡ଼କୁ ଚାହୁଁଥିଲେ ସେମାନେ ଲଜ୍ଜାରେ ମୁଖ ଅନ୍ୟ ଆଡ଼େ ଫେରାଇ ନେଇ, ଓଢ଼ଣା ଟାଣି, ଚୁଡ଼ି କାଚ ହାତମୁଦି ଝାମ୍‌ଝାମ୍ କରି ଗୋଟିଏ ତୁମୁଳ କୋଳାହଳ କରି ଯେପରିକି ଯୁବକଙ୍କୁ ତାଙ୍କର ଅନ୍ୟାୟ ଆଚରଣ ନିମିତ୍ତ ତିରସ୍କାର କରୁଥିଲେ । ପୁରୁଷମାନଙ୍କୁ ଦେଖିବାରେ ତ ସେମାନଙ୍କର ବିଧିପ୍ରତିପାଦିତ ଅଧିକାର ଅଛି; କବାଟ-

Digitized by srujanika@gmail.com

କୋଣରୁ, ଖଣ୍ଡିଏ ବାଟେ, ପରଦା ଓହାଡ଼ରେ ସବୁବେଳେ ତ ସେମାନେ ତାହା କରିଆସିଛନ୍ତି, କରନ୍ତି, କରିବେ । ନ୍ୟାଯ୍ୟ ହେଉ ବା ଅନ୍ୟାଯ୍ୟ ହେଉ, ବାର ବର୍ଷ ବାହିଁକି ବାରଶ ବର୍ଷ ହେଲା ଏ ଦଖଲସ୍ୱତ୍ୱ ସେମାନଙ୍କର "ସ୍ଥିତିବାନ୍" ସ୍ୱତ୍ୱରେ ପରିଣତ ହେଲାଣି । ପୁରୁଷଙ୍କୁ ଦେଖିବାରେ ମଧ୍ୟ ସେମାନଙ୍କର ଦେହସୁହା ହୋଇଗଲାଣି । କିଛି ଅନିଷ୍ଟର ଆଶଙ୍କା ନାହିଁ । କି ଅକ୍ଷୟକବଚ ସେମାନଙ୍କଠାରେ ଅଛି, ସେମାନେ ଜାଣନ୍ତି । କିନ୍ତୁ ତୁମ୍ଭେ ତ ଯୁବକ, ତୁମ୍ଭର ତ ଏ ବଡ଼ ଧୃଷ୍ଟତା ! ତୁମ୍ଭେ ସେମାନଙ୍କୁ ଅନାଇ ଏତେ ହତଶ୍ରୀ କରିବ ! ଅତଏବ ଆମ୍ଭେମାନେ ଉପଦେଶ ଦେଉଁ ପୁରୁଷ, ବିଶେଷତଃ ଯୁବକ, ଏକୁଟିଆ ହୋଇ କେବେହେଁ ଯୁବତୀ ଦହଲକୁ ଯିବ ନାହିଁ କି ଯୁବତୀ ବ୍ୟୂହର ସମ୍ମୁଖୀନ ହେବ ନାହିଁ । ହେଲେ ସେମାନେ ନିଜ ସଂଖ୍ୟାର ଦ୍ୱିଗୁଣ ଚକ୍ଷୁଦ୍ୱାରା ତୁମ୍ଭଙ୍କୁ ଆକ୍ରମଣ କରିବେ । ତୁମ୍ଭର ଦୁଇଟି ଚକ୍ଷୁରୁ ତ ବେଶୀ ନୁହେଁ । ଆକ୍ରମଣ କାଳମାନେ ଠୁଣ୍ଠୁଣୁ କଣିକଣି ଆଦି ଶବ୍ଦଦ୍ୱାରା ତୁମ୍ଭଙ୍କୁ ଅପଦସ୍ଥ କରିଦେବେ । ଅନେକ ପୁରୁଷ ଏକ ସଙ୍ଗରେ ଗଲେ ଅବ୍ୟାବଧ ଫଳ । ଅର୍ଥାତ୍ ବିନା ଯୁଦ୍ଧେ ଛତ୍ରଭଙ୍ଗ, ଓଢ଼ଣୀତଳେ ଆଶ୍ରୟ ଗ୍ରହଣ । ଯାହାହେଉ ଆମ୍ଭମାନଙ୍କୁ ଏସବୁ ବିଷୟ ଲେଖିବାକୁ ଏତେ ସମୟ ଲାଗିଲା । କିନ୍ତୁ କଟାକ୍ଷରେ ସବୁ ସମ୍ପାଦିତ ହେଲା । ଧନଞ୍ଜୟ ନିଜ ମାତାଙ୍କ ସଙ୍କେତାନୁଯାୟୀ ପଦ୍ମାବତୀଙ୍କୁ ପ୍ରଣାମ କରି ଇତସ୍ତତଃ ଚକ୍ଷୁ ବୁଲାଇ ଶୀଘ୍ର କିଞ୍ଚିତ୍ ଦୂରକୁ ଯାଇ ନାରିକେଳ-ଗୁବାକ-ବିଲ୍ୱବୃକ୍ଷ ବହୁଳ ଐଶାନ୍ୟକୋଣସ୍ଥ ଚଉତରା ଉପରେ ବସି ନାନା ବିଷୟ ଚିନ୍ତା କଲେ । ନାରୀମାନଙ୍କ ସ୍ୱଚ୍ଛନ୍ଦଗତି ଓ ଅବାଧ ଦେବଦର୍ଶନ ନିମିତ୍ତ ସେ ପୂର୍ବାସ୍ୟ ହୋଇ ବସିଲେ । ଏଥିଠାରେ ମିଶ୍ରେ ତାଙ୍କୁ ବିଲ୍ୱପତ୍ର ପାଦୋଦକ ଦେଇ ଆସିଥିଲେ । ଧନଞ୍ଜୟ ମଧ୍ୟେ ମଧ୍ୟେ ଉଠି ନାରୀମାନଙ୍କ ଠାରୁ ଦୂରରେ ବହୁ ଦେଉଳ ପ୍ରାଚୀରର ଭଗ୍ନାବସ୍ଥା, ମନ୍ଦିରର ଭାସ୍କର୍ଯ୍ୟ ଆଦି ଦେଖି ତାହାର ସମୟାଦି ନିରୂପଣ କରିବାକୁ ଚେଷ୍ଟା କରୁଥିଲେ । କେବେ କେବଳ ଚକ୍ଷୁ ଯେ ଅନାୟତ୍ତ ହେଉ ନ ଥିଲା, ତାହା ନୁହେ । ବିଜେନ୍ଦ୍ର ଆସିଥିଲେ କିପରି ହୋଇଥାନ୍ତା ? ପ୍ରତ୍ନତତ୍ତ୍ୱ, ପଣ୍ୟତତ୍ତ୍ୱ, ପରିଣୟତତ୍ତ୍ୱ, ବୁଝିବାରେ ସୁବିଧା ହୋଇ ନ ଥାନ୍ତା କି ? ବାସ୍ତବିକ ବିଜେନ୍ଦ୍ରଙ୍କର ଆସିବାର ଉଚିତ ଥିଲା । କିନ୍ତୁ ଏ ଜଗତରେ କି ସବୁବେଳେ ସବୁ ଉଚିତ କାର୍ଯ୍ୟ ହୋଇଥାଏ ?

Digitized by srujanika@gmail.com

ହରଚନ୍ଦନ ଓ ପାଇକରାୟ ଦୁଇ ବଂଶର ପୁରମହିଳାମାନେ ଏକତ୍ର ମିଳାମିଶି ହସିଖୁସି ହୋଇ ଏକତ୍ର ବସି ଭୋଗ ପାଇ ମହାନନ୍ଦରେ ଖିରିବେଳଟା କଟାଇଲେ । ଏହାର ମଧ୍ୟରେ ଦୁଇଟି ପ୍ରାଣରେ ଘୋର ବିପ୍ଳବ ଘଟିଗଲା । ଏହାର ଧକ୍କା ସ୍ନେହମୟୀ ପଦ୍ମାବତୀଙ୍କ ହୃଦୟରେ ଲାଗିଥିଲା । ତାହାର ସଙ୍କେତ ବୁଦ୍ଧିମାନ୍ ପାଠକ ପାଇଅଛନ୍ତି । ଯେତେବେଳେ ଧନଞ୍ଜୟ ପଦ୍ମାବତୀଙ୍କ ପଦତଳୁ ଉଠିଲେ ଓ ପଦ୍ମାବତୀ ଯେତେବେଳେ ତାଙ୍କ ମୁଣ୍ଡ ଆଉଁଷି କପାଳରୁ ଧୂଳି ଝାଡ଼ି ଦେଇ ଆଶୀର୍ବାଦ କଲେ "ଧନଜନ ଗୋପଲକ୍ଷ୍ମୀ ମାଡ଼ିଯାଉନ୍ତୁ" ଠିକ୍ ସେତିକିବେଳେ ତାଙ୍କର ଚତୁର୍ଥ ଆଶୀର୍ବାଦଟି ମୂର୍ତ୍ତିମନ୍ତ ହୋଇ ଧନଞ୍ଜୟଙ୍କୁ ପ୍ରାପ୍ତ ହେଲା କି ? ଧନଞ୍ଜୟ ଚକ୍ଷୁ ଫେରାଇନେଲା ବେଳେ ତାଙ୍କର ଚକ୍ଷୁ ଜନନୀଙ୍କ ପଶ୍ଚାତରେ ଦଣ୍ଡାୟମାନା ଜନନୀଙ୍କ ଅନୁରୂପା କନକଲତାଙ୍କ ଚକ୍ଷୁ ସହିତ ମିଳିତ ହୋଇ କଟାକ୍ଷରେ ଅପସାରିତ ହେଲା । ସେହି ନିମେଷମାତ୍ର ଅପାଙ୍ଗ-ମିଳନ ସଙ୍ଗେ ସଙ୍ଗେ ବିଦ୍ୟୁତ୍-ପ୍ରଭାବ ଉଭୟଙ୍କ ସମଗ୍ର ଶରୀର ଆଲୋଡ଼ନ କଲା । ସେ ବିଦ୍ୟୁତ୍-ବେଗ ପଲକପାତ-ସମୟରୁ ଅଧିକ ସହିବା ଶକ୍ତି କାହାର ? ତେଣୁ ସବଳେ ସ୍ୱତଃ ଦୁଇ ଚକ୍ଷୁଯୁଗ୍ମ ପରସ୍ପରଠାରୁ ଅପହୃତ ହେଲା । କିନ୍ତୁ ଏ ବିଦ୍ୟୁତର ନୈସର୍ଗିକ ଶକ୍ତି ଏହି ଯେ, ଏହା ଦୃଷ୍ଟିକି ଅଲଗା କରାଇ ଦେଇ ପୁଣି ଓଟାରେ । ତେଣୁ ପ୍ରଣୟୀ ପ୍ରଣୟିନୀ ଧରା ପଡ଼ିଯାଆନ୍ତି । ଅପାଙ୍ଗର ପୁନର୍ମିଳନ ହେବ କି ନ ହେବ ଜାଣୁ ଧନଞ୍ଜୟ ସ୍ନାନାଗାରକୁ ଗଲେ । ସେହି ଅପାଙ୍ଗ ସଙ୍ଗେ ସଙ୍ଗେ ଦୁହେଁ ଦୁହିଁଙ୍କି ପ୍ରାଣ ବିକିଲେ । ଦୁହିଁଙ୍କର ଏପରି ଚମକିତ ଭାବ ଦେଖି ପୁରମହିଳାମାନଙ୍କ ମଧ୍ୟରେ ଆଖି ଠାରଠାରି ଫୁସୁରଫାସର ହେଲା । ଏହି ଅପାଙ୍ଗସଞ୍ଚାଳନ ଗୋଟିଏ ଝଡ଼ ପରି ସମସ୍ତଙ୍କ ମନଃପ୍ରାଣକୁ ଆଲୋଡ଼ିତ କରିଦେଇଗଲା । ସମସ୍ତେ ଯେପରି ସେ ଆନ୍ଦୋଳନ ହୃଦୟର ଅନ୍ତସ୍ଥଳରେ ଅନୁଭବ କଲେ ଏବଂ ଅଜ୍ଞାତସାରରେ ବଳାତ୍କାରରେ ଅନୁମୋଦନ କଲେ । ଏହା ଏପରି ପବିତ୍ର, ସୁନ୍ଦର, ସ୍ୱାଭାବିକ, ସର୍ବଜନପ୍ରିୟ ଯେ ଯେପରି ପ୍ରକୃତିର ବା ସ୍ୱୟଂ ଅଖିଳବ୍ରହ୍ମାଣ୍ଡନାୟିକାଙ୍କ କରଣି ପରି ବୋଧହେଲା । କେ[illegible] ପାର୍ବତୀ-ପ୍ରଣୟାକୁଣ୍ଠ-ନୀଳକଣ୍ଠଙ୍କ ବୈରାଗ୍ୟାଗ୍ନି-ପ୍ରଜ୍ୱଳିତ-ତୃତୀୟନୟନର ପ୍ରତିମୂର୍ତ୍ତି ସଦୃଶ ପାଇକରାୟଙ୍କ ବିଧବା ଭଉଣୀ ତୁଳସୀ ଦେଈ ବିରକ୍ତ ହୋଇ କହିଲେ, "ହାଇ ରେ ! ଏ କଳିକାଳ ଟୋକାଟୋକିଙ୍କ କି ଅଶାଳୀନତା !

Digitized by srujanika@gmail.com

ଚଲ୍ ଚଲ୍ କରି ମଣିପୁଅଙ୍କ ମୁହଁକୁ ଅନାଉଛନ୍ତି, ଖୋଡ଼ୀପରି ହସୁଛନ୍ତି । ଆମ ପିଲାବେଳେ କାନ କାଟିଲେ ବଚନ ବାହାରୁ ନ ଥିଲା ।" ଏଥିପାଇଁ ଧନଞ୍ଜୟ କନକଙ୍କ କାର୍ଯ୍ୟଠାରୁ ସ୍ତ୍ରୀମାନଙ୍କ ହୃଦୟ ଅଧିକ ଦାୟୀ । କାରଣ ଇଚ୍ଛା ଚିନ୍ତାର ଜନନୀ । ସମସ୍ତଙ୍କ ମନରେ ଯୁଗପତ୍ ଏହି ଚିନ୍ତା ହେଲା "କେମନ୍ତ ଯୋଡ଼ା, ଯେପରି ଷଠିଜୁଛି ଏକକୁ ଅନ୍ୟପାଇଁ ଗଢ଼ିଛି ।" ଏଥି ପାଇଁ କି ଧନଞ୍ଜୟ କନକଲତା ଦୋଷୀ ? ସେମାନେ ପରସ୍ପରକୁ ଅନାସ୍ୱାଦ ଭାବରେ ଗ୍ରହିଁ ଦେଲେ ବୋଲି ଅନ୍ୟାୟ କଲେ ? ଯାହାହେଉ ସମସ୍ତଙ୍କ ମନକଥା ମନରେ ରହିଲା । କେବଳ ପଦ୍ମାବତୀ ଠାକୁରଙ୍କ ଶ୍ରୀଅଙ୍ଗ-ଚନ୍ଦନ ଟିକିଏ ନେଇ ଅନ୍ନପୂର୍ଣ୍ଣାଙ୍କ ପାଟିରେ ଗୁଞ୍ଜିଦେଇ କହିଲେ, "ଭଉଣି, ତୁମେ ଆଜିଠାରୁ ମୋ ମହାପ୍ରସାଦ ହେଲ । ମୋର ସୁଖ ଦୁଃଖ ତୁମର ସୁଖ ଦୁଃଖ ସଙ୍ଗେ ସମାନ ।" ପରେ ତୁନି ତୁନି କାନରେ କଣ କହି କହିଲେ, ତୁମଙ୍କୁ ତ ଆଜି ସତ୍ୟ କରିବାକୁ ହେବ ନ ହେଲେ ମୁଁ ଛାଡ଼ିବି ନାହିଁ । ପ୍ରେମଗର୍ବିଣୀ ଅନ୍ନପୂର୍ଣ୍ଣା ହସି ହସି ନିଜର ଉଦ୍ଦାମ ଆନନ୍ଦବେଗ ଦମନ କରି କହିଲେ, "ହଉ ମୁଁ ତାଙ୍କୁ କହିବି, ଆମେ ଯେତେ ହେଲେ ମାଇପିଲୋକ, ମୁଁ ନିଶ୍ଚେ ଜଂଟ କରିବି ।" ପରେ ପଦ୍ମାବତୀ ପୁଣି କହିବାରୁ କନକଲତା ଆଡ଼କୁ ଥରେ ଅନାଇ ଦେଇ କହିଲେ, "ହଁ ସତ୍ୟ କଲି, ଅଟଣ୍ଡ୍ରଲମଣି ଜାଣନ୍ତି । ଭଉଣି, ମୁଁ ବି ତ ଝିଅ ଜନ୍ମ କରିଛି, ବିଧାତା ସିନା କପାଳ ପୋଡ଼ିଦେଲା ।" ସାଶ୍ରୁପୂର୍ଣ୍ଣଲୋଚନରେ ଏହି ଶେଷକଥା କେତୋଟି ସେ ଉମାକୁ ଲକ୍ଷ୍ୟ କରି କହିଲେ । ଏହାର ରହସ୍ୟ ପାଠକ ପରେ ଜାଣିବେ । ଗଲାବେଳେ ସେ କନକକୁ କୋଳକୁ ଆଣି ଚାପି ଅଉଁଷି ଦେଇ ତାହାର ନବନୀତକୋମଳ-ଅଙ୍ଗ, ପଦ୍ମଗନ୍ଧ ମୃଦୁନିଃଶ୍ୱାସ, ମିଳନାନନ୍ଦୀ କୁଞ୍ଚିତ ଚକ୍ଷୁର ଶୋଭା ସ୍ପର୍ଶନ, ଆଘ୍ରାଣ ଓ ଦର୍ଶନ କରି ପ୍ରାଣକୁ ଶୀତଳ କଲେ । ସ୍ନେହ-ସମ୍ଭାଷଣ ପରେ ଦୁଇଦଳ ପରସ୍ପରଠାରୁ ବିଦାୟ ନେଲେ । ଏ ଜଗତରେ କେତେ ଅଭାବନୀୟ ପରିବର୍ତ୍ତନ ଘଟି ଯାଉଅଛି । ଯେ ଯେପରି ଆସିଥିଲେ, କିଞ୍ଚିତ୍ ଅଭିଜ୍ଞତା ଓ ଦର୍ଶନସୁଖ ନେଇ ସେହିପରି ବାହୁଡ଼ିଗଲେ । ଯୋଡ଼ିଏ ପ୍ରାଣରେ କି ଅପ୍ରତ୍ୟାଶିତ ଘୋର ପରିବର୍ତ୍ତନ ଘଟିଗଲା । ଏ ପରିବର୍ତ୍ତନ ସୁଖର ନା ଦୁଃଖର ? ଆମ୍ଭେମାନେ କହୁଁ, ଉଭୟର । କିନ୍ତୁ ଏ ସୁଖ ହଳାହଳମୟ । ଏ ଦୁଃଖ ଅମୃତମୟ । ହା, କନକଲତା ଧନଞ୍ଜୟ ! ତୁମ୍ଭେମାନେ କେବେ ଜାଣିଥାନ୍ତ, ପ୍ରଣୟର ପଥ

Digitized by srujanika@gmail.com

କପଟ କଣ୍ଟକାକୀର୍ଣ୍ଣ ତୁମ୍ଭେମାନେ କି ଏ ପଥରେ ପାଦ ଦେଇଥାନ୍ତ ? ଅଥବା ତୁମ୍ଭମାନଙ୍କର ବା ଏଥିରେ କି ଅପୂର୍ବ ଥିଲା ?

ପଞ୍ଚମ ପରିଚ୍ଛେଦ

ଗଙ୍ଗା-ଯମୁନା

ଦୁଇଦଳ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ସ୍ୱ ସ୍ୱ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରୁଁ କରୁଁ ପରସ୍ପର ଦଳସ୍ଥ ବ୍ୟକ୍ତିମାନଙ୍କର ରୂପଗୁଣାଲୋଚନାରେ ପ୍ରବୃତ୍ତ ହେଲେ । ହରିଚନ୍ଦନଦଳରେ ଧନଞ୍ଜୟଙ୍କ ରୂପଗୁଣ ଓ ଧୀରବିନମ୍ର ବ୍ୟବହାର, ବିଧବା ଉମାର ସଧବା ପରି ହସି ଖେଳି ବୁଲିବା ଓ କେତେକ ଅଳଙ୍କାର ପିନ୍ଧିବାର ଅନୌଚିତ୍ୟ, ତୁଳସୀ ଦେଈର ଅଯଥା ଅସ୍ୱାଭାବିକ କଠୋରତା ଓ ରୁକ୍ଷସ୍ୱଭାବ ନେଇ ନାନା ଆଲୋଚନା ହେଲା । ପାଇକରାୟଙ୍କ ଦଳରେ ଅନ୍ୟାନ୍ୟ ସମସ୍ତ ବିଷୟ ଅପେକ୍ଷା କନକଲତା ବିଷୟରେ ସମାଲୋଚନା ଅଧିକ । ଉମା କହିଲା, "କନକ ପଦ୍ମିନୀ ପରି, ଗୋଟିଏ ଗୁଡ଼ିକରେ ଗଢ଼ା । ଭାଇଙ୍କ ଅଚ୍ଛା ହୁଅନ୍ତା ।"

ଅନ୍ନପୂର୍ଣ୍ଣା—ଅଚ୍ଛା ଝିଅଟିଏ । କଳାହାଣ୍ଡୀ ନୁହେଁ । ଆଖିଦିଓଟିରେ ଜୁଳୁ ଜୁଳୁ ଅନାଉଅଛି । ତାକୁ କଳିକଣ୍ଟିଆ ଅସେ ନାହିଁ । ତୁଳସୀ ଦୁଇ ପଦରୁ ବାସେ ।

ତୁଳସୀ ଦେଈ—ଲକ୍ଷ୍ମୀପିତୁଳା ଅଣି କଣ କରିବ ? କୁଠାଖଣ୍ଡିକ ତ ଦାଖଣ୍ଡ କରିବ ନାହିଁ । ଢଙ୍ଗରୁ ଦେଖାଗଲା ତା' ଦେଇ ଶାଗ ସିଝିବ ନାହିଁ । ବାଘ ପରି ଝୁଣ୍ଟେଇ ଘୋଟେଇ କାମ କଲେ ସିନା ଘରଣୀ । ଘରେ ଆସି ଖଟ ଉପରେ ଗୋଡ଼ ଲମ୍ବେଇ ବସିଲେ ନାଁ' ବାହାରିବ ? ତୁଚ୍ଛାକୁ ଆଖି ଛଳଛଳ । ସତେ ଯେମିତି ସବୁବେଳେ ଲୁହ ବୋହୁ ଅଛି । ମା ଲୋ ତା ଦେହରେ କି ପଦେ କଥା ଚଳିବ ? ଘରଦ୍ୱାର ଲୁହରେ ଭସେଇଦେବ ।

ଉମା—ତୁଳସୀଦେଈ କଥାରେ କଣ ଅଛି ? ସେ ତ ସବୁବେଳେ ରଗ ରଗ । ତା କଥା ସେହିପରି । ଘରକାମ ସିନା ଯତନ ଯାତନ କରି କରିବ, ବାଘ ପରି କଣ କରିବ ? ଲଢ଼େଇ କରିବ ନା କୋଢ଼ ହାଣିବ ?

Digitized by srujanika@gmail.com

ମୋଟ୍‌ଦାମ ଦରବାକୁ କଣ ପୋଇଲା ପରବାଗ୍ ନାହାନ୍ତି ? ମା ! କନକକୁ ଅମର ନୁଅବୋହୂ କର ଅଣାଦେନ୍ତ । ସେ ବହୁତ ପାଠ ପଢ଼ିଛି । ତାଙ୍କ ଗାଁ ଇସ୍କୁଲରେ ପାସ କରିଛି । ପଛେ ବି ତା ଭାଇଠାରୁ ଅନେକ ବହି ଆଣି ପଢ଼ିଛି । ମୁଁ ତ ତା ପାଖରେ ହାରିଗଲି ।

ଅନ୍ନପୂର୍ଣ୍ଣା—ତୁମେ ସବୁ ବସି ଏଇଆ କରୁଥିଲ ପରା ! କେତେ ବେଳେ ଏତେ କଥା ହେଲା ?

କୁନ୍ତୀମା—ମଲା, ତମେ ତ କନକମା ସଙ୍ଗରେ ବସି କଥା କହୁଲ । ଜମା ଆଉ କନକ ଜଡ଼ାତେଲ ଟେମଣ୍ଟିବାଲ, କ୍ଷୀର ନୀର ପରି ମିଶିଗଲେ । ପାଠ, ବହି, ଲେଖାପଢ଼ା କଥା କଥାବାର୍ତ୍ତା ହେଉଥିଲେ ପରା !

ଜମା—କନକ କେଶବ କୋଇଲି, କାନ୍ତ କୋଇଲି, ବାରମାସୀ କୋଇଲି, ଦେଉଳ-ତୋଳା, ଲକ୍ଷ୍ମୀପୁରାଣ, କପଟପାଶା, ମଥୁରାମଙ୍ଗଳ, ଲବଣ୍ୟବତୀ, ପ୍ରେମତରଙ୍ଗିଣୀ, ବଇଦେହୀଶବିଳାସ, ରାମାୟଣ, କେତେ କେତେ ବହି ପଢ଼ିଛି । ଅଉ ଛନ୍ଦମାଳା, ଚିଲିକା, ପୁଷ୍ପମାଳା, ରାମବନବାସ, ଛ ମାଣ ଅଠ ଗୁଣ୍ଠ, ସୀତାବନବାସ ଅଉ କେତେ ନୂଆ ନୂଆ ବହି ବି ପଢ଼ିଛି ।

ତୁଳସୀ ଦେଈ— ହୁଁଃ ! ତୁ ଯେମିତି ପଢ଼ିଛୁ ! ତମେ ସବୁ ଦାପୋଟି କାଲଟର ହେବ ! କୁଳ ଉଦ୍ଧାର କରିବ ! କାଳ ଭାଣ୍ଡି ହେଲା । ଘୋର କଳିକାଳ ପରା ! ତମେ କଣ କରିବ ? ଆଗେ ଗୀତ ଭାଗବତ ବୋଲୁ-ଥିଲେ । ଏବେ ତା' ତ ନାହିଁ । ଏଣୁ ତେଣୁ କଣ ବହିଗୁଡ଼ାଏ ପଢ଼ୁଛି ।

କୁନ୍ତୀମା ଓ ମନ୍ଥୁଅମା ଲେଖାରେ ଧନଞ୍ଜୟଙ୍କର ଭାଉଜ ହେବେ । ସେମାନେ କଥାବାର୍ତ୍ତା ହେଲେ ।

ମନ୍ଥୁଅମା—ଏକା ଧନୁଙ୍କର ମନ ଅଛି । କନକକୁ ଗୁରୁବେଇ ଗୁରୁବେଇ ଅନାଉଥାନ୍ତି । ସେ ତ ସବୁବେଳେ ତଳକୁ ମୁଣ୍ଡ ପୋତି ବାଟ ଗୁଲନ୍ତି । ବାହାକୁ ଦେଖିଲେ ଦୂରରୁ ବାଟ ଅଡ଼େଇହୋଇଯାନ୍ତି । କନକ ମନକୁ ଯାଇ ନ ଥିଲେ ଏତେ ଗୁରୁଗୁହାଣୀରେ ଅନାନ୍ତେ କାହିଁକି ? ପହିଲୁ ତ ଦେଖି ଚମକି ପଡ଼ିଲେ ।

କୁନ୍ତୀମା—'ଯା ମନ ଯାହାକୁ ବସେ, ତା'ପର ତାକୁ ଆନ ନ ଦିଶେ ।'

ଜମା—କନକର ବି ଭାରି ମନ ଅଛି ।

Digitized by srujanika@gmail.com

ତୁଳସୀ—ହାଇରେ ଦଇବ ! ସେ କଥା ବ କଥାବାର୍ତ୍ତା ! କି କାଳ ହେଲା ଅସି ! ମା ବସୁଧା ! ତୁ ଫାଟି ଯା, ମୁଁ ତହିଁରେ ପଶିଯାଏଁ ।

ଜମା—କି ତୁ ଏମିତ କାହିଁକି ହଉଚୁ ? ସହି ପାରୁନାହୁଁ ନା କଣ ? ସେ ମୋତେ କହିଲା ବୋଲି ମୁଁ କେତେବେଳେ କହିଲି ?

ମନୁଅ ମା—ଆଜି ତମେ ତା ମନକଥା କେମିତି ଜାଣିଲ ?

ଜମା—କି ତମେ କମିତି ଜାଣିଲ, ଭାଇଙ୍କର ମନ ଅଛି ? ମୁଁ ସେମିତି ଜାଣିଲି, ଜନକର ମନ ଅଛି ।

ମନୁଅମା—ମୋ ଧଣ, ଜମା, ସତେ ସତେ କମିତି ଜାଣିଲ କହ । ସେ କଣ କହୁଥିଲା ? ସେ ତ ତେବେ ଭାରି ଅଣଲକେଇ ? ଆମେ କହୁଥିଲୁଁ, ଭଲ ପିଲଟିଏ ! ପୋଡାମୁହିଁ ମଣିଷ ବଡ ଖରାପ, ଧୂଳିଅ-କନ୍ଦା ପର । ଥିର ଗୁଲି, ପିମ୍ପୁଡ଼ି ମରିବ ନାହିଁ, ଅଖି ଦଣ୍ଡେଟି ତଳ ତଳ, ଗୁଲି ଚଳଣି ସୁନ୍ଦର, ଉପରେ ଦେବକନ୍ୟା, ଭିତରେ ଏତେ କଥା ! ପୁରୁଷପୁଅକୁ ଦେଖିଲାକ୍ଷଣି ପାଟିରୁ ଲାଳ ବହି ପଡ଼ିଲା । ସମ୍ଭାଳ ନାହିଁ, ସବୁରତ୍ ନାହିଁ, ସବୁ କଥା ଖୋଲି କହିଦେଲା ।

କୁନ୍ତୀମା—ଆଲୋ ସେ ମୁହିଁ ଫିଟାଇ କମିତି କହିଲା ? ତା ଛାତି ଫାଟିଗଲା ନାହିଁ ?

ଜମା— କାହିଁକି ପରଝିଅକୁ ଏତେ ନିନ୍ଦା କରୁଛ ? ଅଦୋଷୀକି ଦଣ୍ଡ ଦେଉଚ ? ମୁଁ ସବାଖାଇ କାହିଁକି କନକକଥା କହିଲି ?

ମନୁଅମା —ସତେ ଜମା, ତମ ଭାଇରାଣ । ସତ କଥା କହ ।

ଜମା—ଭାଇରାଣ କାହିଁକି ପକେଇଲ ? ତାଙ୍କଠୁଁ ସମସ୍ତେ ଆମେ ହାଡ଼ଜୁଡ଼ ନେଉଁ । ଜନକ ଖାଲି ଛନ ଛନ ହେଉଥାଏ, ଭାଇଙ୍କ ଆଡ଼କୁ ଅନେଇ ଦେଉଥାଏ । ଭାଇ ଯେତେବେଳେ ମା'ଙ୍କୁ ଓଳକି ହୋଇଗଲେ, ସେତେବେଳେ ଜନକର ଗୋଟା ହାଳ ବୋଧୁଗଲା । ଦେହ ହାତ ଥରୁଥାଏ । ତମେ ସବୁ ଏଣେ ଥାଅ । ଆମେ ଦୁ'ଜଣ ହାତ ଧରାଧରି ହୋଇ କଥାବାର୍ତ୍ତା ହେଉଥିଲୁ ।

ତୁଳସୀ—ସତେ ! ଏତେ କଥା ଜାଣୁ ତ ? ଆଜକୁ ଏଡ଼େ, ପାଣି ପଡ଼ିଲେ ହବୁ କେଡ଼େ ! ଛୁଇଁ ଲେ ଛତୁ, ମେଘ ବରଷିଲେ ଭେଟେ ପୁଟନ୍ତୁ ! ଏଡ଼େ ଅଣଲକେଇ ! କାଶ୍ମୀର ନେଇ ନଈ ମଝିରେ କଲାଣି, ମନ ଘର ଧରୁନାହିଁ ।

Digitized by srujanika@gmail.com

ଉମା ଆଉ ସହି ପାରିଲା ନାହିଁ । ଆଖିରୁ ଝର ଝର ଲୁହ ଗଡ଼ିଲା, ବିରାମ ନାହିଁ । କହିଁ କହିଁ କାନ୍ଦି କାନ୍ଦି ଆଉ କଥା କହି ପାରିଲା ନାହିଁ । ଯେ ଯେତେ ବୁଝା କଲେ, ଆଉ ବୁଝି ହୋଇ ପାରିଲା ନାହିଁ । ଘରେ ଯାଇ କବାଟ କିଳି ଶୋଇ ରହିଲା । ଉମାର ସ୍ୱଭାବ, ହସୁଛି ଯଦି ହସୁଛି, କେହି ତାକୁ ସହଜରେ କନ୍ଦାଇ ପାରିବେ ନାହିଁ । ଯେବେ ଥରେ କାନ୍ଦିଲା, ଆଉ ସହଜରେ ବୁଝା ହେବ ନାହିଁ । ଯେପରି ବସୁଧା ସହଜରେ ତାତିଯାଏ, ସହଜରେ ଶୀତଳ ହୋଇଯାଏ, କିନ୍ତୁ ସିନ୍ଧୁ ସହଜରେ ତାତେ ନାହିଁ । କିନ୍ତୁ ଥରେ ତାତିଲେ ସହଜରେ ଶୀତଳ ହୁଏ ନାହିଁ । ମନୁଷ୍ୟ ମଧ୍ୟରେ ସେହିପରି ସିନ୍ଧୁ ବସୁନ୍ଧରା-ଧର୍ମାକ୍ରାନ୍ତ ଦୁଇ ଶ୍ରେଣୀର ବ୍ୟକ୍ତି ଅଛନ୍ତି । କେହି କେହି ସହଜରେ ରାଗନ୍ତି ନାହିଁ, କିନ୍ତୁ ଥରେ ରାଗିଲେ ଆଉ ରକ୍ଷା ନାହିଁ । ପୁଣି କେହି କେହି କ୍ଷଣକୋପୀ ବ୍ୟକ୍ତି କ୍ଷଣକେ ତାତି ଯାଇ କ୍ଷଣକେ ଥଣ୍ଡା ହୋଇଯାନ୍ତି । ସେମାନଙ୍କର ମନର ସେ ଭାବ, ବରଡ଼ା ପତ୍ର ନିଆଁ ପରି ବା କଦଳିଫୁଲର ଦୀପ୍ତି ପରି । ଯେଉଁ ପୁଷ୍ପ ଶୀଘ୍ର ଫୁଟିଉଠେ ସେ ଶୀଘ୍ର ମଉଳିଯାଏ । ଏହା ପ୍ରକୃତିର ଧର୍ମ । ତେଣୁ ସଦା ଉତ୍ଫୁଲ୍ଲ-ପ୍ରାଣା ଉମାର ଆଜି ଅସହ୍ୟ ଯାତନା ହୋଇଅଛି । ମା ଦେଖିଶୁଣି କିଛି କହିଲେ ନାହିଁ, ନୀରବରେ ନିର୍ଜନରେ ଅଶ୍ରୁ ବିସର୍ଜନ କଲେ । ତୁଳସୀ ଦେଈ ମୁରବୀ । ବିଧବା ଝିଅକୁ ଆକଟ ନ କଲେ କେତେବେଳେ କେଉଁ କଥା । ପାଇକବି ତୁଳସୀ ଦେଈଙ୍କୁ ବଡ଼ ମାନନ୍ତି । ସେ ବାଳବିଧବା, ପିଲାଦିନୁ ପାଇକବିଙ୍କ ଘରେ ଅଛନ୍ତି । ସେ ସମସ୍ତଙ୍କର "ତୁଳସୀ ଦେଈ", ସମସ୍ତଙ୍କର ମୁରବୀ । ଅନ୍ୟାୟ ଦେଖିଲେ ପଦେ କହିବେ, ହରି ବ୍ରହ୍ମା ଶଙ୍କର ହେଲେ ବି ଛାଡ଼ି ଦିବେ ନାହିଁ—ଖାଣ୍ଡିଆ ମୁହଁ । ଏହି ତୁଳସୀ ଦେଈଙ୍କ ସଙ୍ଗରେ ଅଭାଗିନୀ ଉମାର ଭାଗ୍ୟ ଅଜ୍ଞାତସୂତ୍ରରେ ସଂଯୁକ୍ତ ହୋଇଅଛି । ଉମାର ଜୀବନ-ନାଟିକା ତୁଳସୀ ହସ୍ତରେ । ନିୟତିର ସେହି ପରିଣତ ଅଙ୍କକୁ ଶନୈଃ ଶନୈଃ ଉମା ଓ ତୁଳସୀ ଅଗ୍ରସର ହେଉଅଛନ୍ତି । ତରଳହାସ୍ୟମୟୀ ଉମା କେତେବେଳେ ବିଲୋଳହାସ୍ୟମୟୀ କ୍ଷଣପ୍ରଭା, କେତେବେଳେ ବିଷାଦଗମ୍ଭୀର ଘୋର କୃଷ୍ଣଘନ । ନିର୍ମମ ତୁଳସୀ ଦେଈର ସ୍ଥୈର୍ଯ୍ୟ ଅଟଳ ଅଚଳ । ନିୟତି ! କି ଉଦ୍ଦେଶ୍ୟରେ ଉଭୟଙ୍କୁ ଏପରି ଏକ ସୂତ୍ରରେ ବାନ୍ଧିଲୁ ? ଉଭୟଙ୍କ ଜୀବନରେ କି ସାମ୍ୟ, ପୁଣି କି ବୈଷମ୍ୟ ? କାହିଁକି ଏପରି ସେମାନେ

Digitized by srujanika@gmail.com

ପବିତ୍ର ଗଙ୍ଗା-ସଂସ୍ପର୍ଶରେ ବିକାରଗ୍ରସ୍ତ ହୁଅନ୍ତି ? ଉମା ! ତୁ କଣ ଜାଣୁନାହିଁ, ତୁଳସୀ ତୋହରି ପରି ଅଭାଗିନୀ ହୋଇ କି କଠୋର ଦାରୁଣ ନିର୍ମମ ବୈରାଗ୍ୟରେ ନିଜର ସୁଖକୁ ଜଳାଞ୍ଜଳି ଦେଇ ଚିର ବ୍ରହ୍ମଚାରିଣୀ ହୋଇ ରହିଅଛି ? ସମାଜରେ ତାହାର କି ସମ୍ମାନ ! ନିବୃତ୍ତିର ପନ୍ଥା ପରିଣାମରେ କି ପରିମାଣରେ ଶାନ୍ତିପ୍ରଦ ! ତୁଳସୀ ! ତୁ କଣ ଉମାର ନିର୍ଦ୍ଦୋଷ କୁମାରୀହୃଦୟ ଦେଖି, ଦେଖୁନାହୁଁ ? ତୁ ତ ନାରୀ, ତୋର କଣ ନାରୀହୃଦୟ ନାହିଁ ? ଉମାର କି ବୟସ, କି ରୂପ ? ତୁ କଣ ସେହି ଉଦ୍ଦାମ ଯୌବନର କଥା ସମ୍ପୂର୍ଣ୍ଣ ବିସ୍ମୃତ ହୋଇଅଛୁ ? ମାନବ ଚରିତ୍ରର ପରିବେଷ୍ଟନୀ ଓ ପ୍ରାକୃତିକ ଓ ସାମାଜିକ ଅବସ୍ଥାର ଦାସ । ସେ କାଳର ଯେଉଁ ପାରିବାରିକ ଶାସନ, ସାମାଜିକ କଠୋର ଶୃଙ୍ଖଳ ତୋର ଲୌହମୟ ଚରିତ୍ରକୁ ଗଠନ କରିଥିଲା, ଆଜି ତାହା କାହିଁ ? ଅଥବା ତୋର ସେ ବିଚାରଶକ୍ତି ନାହିଁ । ତୁ ସମସ୍ତ ଦୋଷ ଅଭାଗୀ ଉମା ଉପରେ ଢାଳିଦେଇ ତାକୁ ବିଷବତ୍ ଦେଖୁଅଛୁ । ତାହାର ଅକପଟ କୁମାରୀହୃଦୟର ଉଦ୍ଦାମ ଉଚ୍ଛ୍ୱାସ, ଆନନ୍ଦକୁ ତୁ ଚପଳା ଯୁବତୀର ବିଳାସ-ଚେଷ୍ଟା ବା ଭାବ-ସଙ୍କଟ ହେତୁ ମଣି ପ୍ରାଚୀନ ସମାଜର ସ୍ତ୍ରୀୟ ବ୍ରହ୍ମଚର୍ଯ୍ୟର ତୁଳାଦଣ୍ଡରେ ଓଜନ କରି ପୂର୍ଣ୍ଣ ଦଣ୍ଡବିଧାନର ପ୍ରୟାସିନୀ ହୋଇଅଛୁ । ମାନବହୃଦୟର ଦୁର୍ବଳତା, ବୟସର ସ୍ୱାଭାବିକତା, ସାମାଜିକ ଅବସ୍ଥାନ୍ତରର ଫଳ ପ୍ରତି ଭ୍ରୂକ୍ଷେପ କରୁନାହୁଁ ଅଥବା କରିପାରୁ ନାହୁଁ । ହାୟ ! ଏପରି ଅବସ୍ଥାରେ ନିଶ୍ଚୟ ଲୋମହର୍ଷଣକାରୀ ବିଷାଦମୟ ସୁଦୂର ପରିଣାମ ଅନିବାର୍ଯ୍ୟ । ତୁମ୍ଭମାନଙ୍କ ମଧ୍ୟରେ ତାପସୀ କିଏ—ବ୍ୟଭିଚାରିଣୀ ନା ବ୍ରହ୍ମଚାରିଣୀ ? ଦେଖାଯାଉ, ତୁମ୍ଭମାନଙ୍କ ଜୀବନର ସେହି ପଟ ଉନ୍ମୀଳିତ ହେଉ ।

ନିୟତିର କି କୁଟିଳା ଗତି ! କେତେ ସୁନ୍ଦର ଦିବସ ପରେ କି କରାଳ ରାତି ! କେତେ ସୁଖରେ ହରଚନ୍ଦନ ଓ ପାରିକାରିଙ୍କ ପିଲାମାନେ ଦିନ କଟାଇଲେ । କିପରି କଥାଉଁ କଥା ତାହାର ପରିଣାମ ଏପରି ଶୋଚନୀୟ ହେଲା ! ଯାହାହେଉ ଯେ ଯାହାର ମୂକ ଦୁଃଖ ଘେନି ନିଜ ନିଜ ଘରେ ଯାଇଁ ରହିଲେ । ଅତି କଷ୍ଟରେ ଜନନୀ ଅନ୍ନପୂର୍ଣ୍ଣା ଅଭାଗୀ କନ୍ୟା ଉମାକୁ ନାନା ପ୍ରବୋଧ ଦେଇ ସତକୁ ଭାତ ଦିଓଟି ଖୋଇଲେ । ତୁଳସୀ ଦେଈଙ୍କୁ ଏବେ ଭୟଙ୍କର ପ୍ରାଣପ୍ରତିମ କନ୍ୟାର

Digitized by srujanika@gmail.com

ଏତେ ଦୁଃଖ ସତ୍ତ୍ୱ ମଧ୍ୟ ପରେ ଶୁଣିଲେ—"ଏହାପରି ମୂର୍ତ୍ତି ଦେଲେ କୁଳରେ ଦାଗ ଲାଗିବ, ଚନ୍ଦ୍ରମାରେ କଳଙ୍କ ଲାଗିବ ।" ଅନ୍ନପୂର୍ଣ୍ଣା ରାତ୍ରିର ଶେଷର ନୀରବରେ ଅଞ୍ଚଳରେ ପୋଛୁ ଉପବାସ ରହିଲେ । ସେ ଦିନ ଆଉ ପାଇକରାଙ୍କ ଆଗରେ ପଦ୍ମାବତୀଙ୍କ ଇଚ୍ଛା ପ୍ରକାଶ କରି ପାରିଲେ ନାହିଁ । ହିଁଅ କଥା ଯେମିତ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଅଭ୍ୟାସଗତ ମତାନ୍ତର ହେଲା । ପାଇକରା ତୁଳସୀ ପକ୍ଷ ନେଲେ ।

ପାରିବାରିକ ଆକାଶ କିଞ୍ଚିତ୍ ମେଘ-ନିର୍ମୁକ୍ତ ହେବାରୁ ଅନ୍ନପୂର୍ଣ୍ଣା କେତେକ ଦିନ ପରେ କଥା ପ୍ରସଙ୍ଗରେ ପାଇକରାଙ୍କୁ ପଦ୍ମାବତୀଙ୍କ ପ୍ରସ୍ତାବ ଜଣାଇଲେ । ପାଇକରା କହିଲେ, "ଅଚ୍ଛା ହେଉ, ଦେଖାଯିବ, ସେ ପଯ୍ୟନ୍ତ ପଠାନ୍ତୁ । ଦବା ନବା ଠିକ୍ ହେଲେ ଜବାବ ଦିଆଯିବ ।" ଅନ୍ନପୂର୍ଣ୍ଣା ଆଉ କିଛି ନ କହି ତୁନି ହେଲେ । ସ୍ୱାମୀଙ୍କଠାରେ ତାଙ୍କର "ଉଦ୍‌ଯୋଗ" ଏହିଠାରେ ଶେଷ ହେଲା । ଅନ୍ନପୂର୍ଣ୍ଣା ଆଉ କିଛି କହିବାକୁ ଚାହୁଁଥିଲେ, ପାଇକରା କାର୍ଯ୍ୟାନ୍ତରରେ ବ୍ୟସ୍ତ ଥିବାରୁ ଚାଲିଗଲେ । ଆମର ବାଲବୈଧବ୍ୟ ଏହି ଦମ୍ପତିଙ୍କର ବିଷଣ୍ଣଭାବ ଓ ମନୋମାଳିନ୍ୟର ଗୋଟିଏ ହେତୁ ନୁହେଁ କି ? ତେଣୁ କହୁଥିଲୁଁ, ମନୁଷ୍ୟ ଅବସ୍ଥାର ଦାସ ।

ଅନ୍ନପୂର୍ଣ୍ଣା କାହିଁକି ଏପରି ଭାବ ଦେଖାଇଲେ ? ସେ କଣ ପଦ୍ମାବତୀଙ୍କୁ ମିଥ୍ୟା କହିଥିଲେ ? ନାହିଁ । ତେବେ ନିଜ ସ୍ୱାମୀଙ୍କୁ ଫେଡ଼ି କହି କାର୍ଯ୍ୟଟି କରି ନେଇପାରିଲେ ନାହିଁ କାହିଁକି ? "ଗଲି ଅଇଲି, ଯା ଦେଖିଲି ତା କହିଲି" ଏହି ରୀତିରେ ପରେ କହିଦେଇ ତୁନି ହେଲେ । ଏହି କି ତାଙ୍କର ସ୍ୱାମୀ ନିକଟରେ 'ଉଦ୍‌ଯୋଗ' ? ଏହାର ମୂଳ କଥା ଜାଣିବାକୁ ହେଲେ ପାଠକପାଠିକାମାନଙ୍କର ପାଇକରା ପରିବାରର ଭିତର କଥା ଜାଣିବାର ପ୍ରୟୋଜନ । ଭିତର କଥା ଅର୍ଥ କାଣର ଛିଦ୍ର ନୁହେଁ, ପରିବାରର ବିବରଣ ।

ପାଇକରା ପରିବାର ହରିଚନ୍ଦନ ପରିବାରଠାରୁ ସମ୍ପୂର୍ଣ୍ଣ ବିଭିନ୍ନ । ହରିଚନ୍ଦନ-ପଦ୍ମାବତୀଙ୍କର ଏକ ଅସ୍ଥି । ସେମାନଙ୍କର ଏକ କଥା, ଏକ ମନ, ଏକ କାର୍ଯ୍ୟ । ହରିଚନ୍ଦନଙ୍କ ହୃଦୟରେ ଆଘାତର ତରଙ୍ଗ ଉଠିଲେ, ପଦ୍ମାବତୀଙ୍କ ହୃଦୟରେ ଆଘାତ ହୁଏ । ଉଭୟଙ୍କ ମଧ୍ୟରେ ତଡ଼ିଦ୍ୟୁତିକ ସମ୍ବାଦ ପ୍ରେରିତ ହୁଏ । ପ୍ରେମରୂପ ତଡ଼ିତର ଦୀର୍ଘକାଳବ୍ୟାପୀ

Digitized by srujanika@gmail.com

ଘାତ-ପ୍ରତିଘାତରେ ଉଭୟଙ୍କ ମନ ଅସ୍ଥା ହୃଦୟ ଏକୀଭୂତ ହୋଇଯାଇଅଛି । ପଦ୍ମାବତୀଙ୍କର ନିଜର ହୋଇ କିଛି ମତ ପ୍ରଥମେ ନ ଥିଲା । ଯାହା ସ୍ୱାମୀଙ୍କର ଆଦେଶ, ତାହା ତାଙ୍କର ଶିରୋଧାର୍ଯ୍ୟ । ସେ ବିଶ୍ୱସ୍ତ ଭାବରେ ସର୍ବାନ୍ତଃକରଣରେ ଅକ୍ଷରେ ଅକ୍ଷରେ ସ୍ୱାମୀଙ୍କର ଆଦେଶ ପାଳନ କରୁଥିଲେ । ଏହାର ପରିଣାମ ଏହି ହେଲା ଯେ, ପରିଣତ ଜୀବନରେ ହରଚନ୍ଦନ ଏକାନ୍ତ ପଦ୍ମାବତୀଙ୍କ ସ୍ନେହାଧୀନ, ଆଜ୍ଞାଧୀନ ହୋଇପଡ଼ିଲେ । ଶେଷରେ ପଦ୍ମାବତୀ ହିଁ ଗୃହକର୍ତ୍ତ୍ରୀ ହେଲେ । ହରଚନ୍ଦନ ସମସ୍ତ ଭାର ତାଙ୍କ ଉପରେ ନ୍ୟସ୍ତ କରିଦେଇ ପଦ୍ମାବତୀଙ୍କ ଇଚ୍ଛାକୁ ନିଜର ଇଚ୍ଛା, ତାଙ୍କର କାର୍ଯ୍ୟକୁ ନିଜର କାର୍ଯ୍ୟ ବୋଲି ମନେ କଲେ । ମନେ କଲେ କାହିଁକି, କାର୍ଯ୍ୟତଃ ତାହାହିଁ ଥିଲା । ପଦ୍ମାବତୀ ସ୍ୱାମୀଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ତାଙ୍କର ଅପ୍ରକାଶିତ ଇଚ୍ଛାର ଅନୁଗାମିନୀ ହୋଇ ତାଙ୍କର ସହଧର୍ମିଣୀରୂପେ ସମସ୍ତ କର୍ତ୍ତବ୍ୟ ପାଳନ କରୁଥିଲେ । ସ୍ୱାମୀ ସ୍ତ୍ରୀଙ୍କର ବିରୋଧ ବିଚ୍ଛେଦ ବିବାଦ କେହି କେବେ ଶୁଣି ନାହାନ୍ତି । କିନ୍ତୁ ଏହି ଯୋଗ ଦୀର୍ଘକାଳବ୍ୟାପୀ ସଂଯତ ତପସ୍ୟାର ଫଳ । ଗୃହାଶ୍ରମରେ ଏହି ତାପସଯୁଗଳ ଲୋକଲୋଚନର ଅଗୋଚରରେ ଅଜ୍ଞାତସାରେ ସ୍ୱୀୟ ସହଜ ସ୍ୱଭାବ, ସୁବୁଦ୍ଧି ଓ କର୍ମଫଳଦ୍ୱାରା ପରିଚାଳିତ ହୋଇ ଗୃହସ୍ଥର ଆଦର୍ଶଜୀବନ ଲାଭ କରିଥିଲେ । ତେଣୁ ହରଚନ୍ଦନଙ୍କୁ ନ ପଚାରି ପଦ୍ମାବତୀ ଧନଞ୍ଜୟଙ୍କ ସହିତ କନକଲତାର ବିବାହ ପ୍ରସ୍ତାବ ଅକୁଣ୍ଠିତ-ନିଃଶଙ୍କ-ଭାବରେ ଅନୁମୋଦନ କରିପାରିଥିଲେ । ମାନବ ! ଯେବେ କର୍ତ୍ତୃତ୍ୱ କରିବାକୁ ଇଚ୍ଛା କର, ତେବେ ଦାସତ୍ୱ କରିବାକୁ ଶିକ୍ଷା କର । ଆଜ୍ଞା ପାଳନ କରି ଜାଣିଲେ ଆଜ୍ଞା ପାଳିତ ହୁଏ । ଭଗବାନ୍ କରନ୍ତୁ, ହରଚନ୍ଦନ ପଦ୍ମାବତୀଙ୍କ ପରି ଦମ୍ପତୀ ଉତ୍କଳର ଗୃହେ ଗୃହେ ବିରାଜମାନ ହେଉନ୍ତୁ ।

ପକ୍ଷାନ୍ତରେ ଏହି ଆଦର୍ଶଜୀବନର ଅଭାବରେ ଅନ୍ନପୂର୍ଣ୍ଣା ସ୍ନେହଶୀଳା ହୋଇ ମଧ୍ୟ ସ୍ୱାମୀଙ୍କ ଉପରେ ସମ୍ପୂର୍ଣ୍ଣ ଭାର ଦେଇ କହୁଥିଲେ, "ଆମେ-ମାନେ ଯେତେ ହେଲେ ମାଈପି ଜାତି !" ଏହି ଆତ୍ମଗ୍ଲାନିଦ୍ୱାରା "ଏବଂ-ବିଧେ କାର୍ଯ୍ୟେ ପୁରନ୍ଧ୍ରୀଣାଂ ଏବ ପ୍ରଗଲ୍‌ଭତା" ଏହି କବି-ବାଣୀ ସେ ବ୍ୟର୍ଥ କଲେ ଓ ନାରୀର ନ୍ୟାଯ୍ୟ ଓ ଜନନୀର ପ୍ରାପ୍ୟ ଅଧିକାରରୁ ନିଜକୁ ବଞ୍ଚିତା କଲେ । ତାଙ୍କର ବା ବର୍ତ୍ତମାନ କି ଅଧିକ ଅଛି ? ସେ ହି

Digitized by srujanika@gmail.com

ବହୁ ପୂର୍ବରୁ ସେ ଅଧିକାର କରି ବସିଛନ୍ତି । ପାଇକରି ପରିବାରର ସମବେତ ଜୀବନ ତାଙ୍କୁ ସେହିପରି ଗଠିତ କରିଅଛନ୍ତି । କିନ୍ତୁ ଅବଶ୍ୟ ମୂଳରୁ ସେ ମଧ୍ୟ ଦାୟୀ—ଅର୍ଥାତ୍ ତାଙ୍କର ସ୍ୱଭାବ, ଶିକ୍ଷା, ବ୍ୟବହାର ଏହିପ୍ରକାର ପାରିବାରିକ ଜୀବନର ଗୋଟିଏ କାରଣ ।

ଯୁବତୀ ଅନ୍ନପୂର୍ଣ୍ଣା ଜୀବନ-ବସନ୍ତରେ ସ୍ୱାମୀସୁହାଗିନୀ ଥିଲେ—ସ୍ୱାମିଙ୍କୁ ବଶ କରିବାକୁ ସଦା ଅଧ୍ୟାସବତୀ । ପିଲାଦିନେ ନୀଚସ୍ୱଭାବ ସ୍ତ୍ରୀମହଲର ଗଳ୍ପ ଗୁଜବରୁ ସେ ଏହି କୁଶିକ୍ଷା ପାଇଥିଲେ । ସ୍ୱାମୀ ଗୋଟିଏ କଥା କହିଲେ ଯୁବତୀ ଅନ୍ୟ ପ୍ରକାର କରନ୍ତି । ଜାଣନ୍ତି, ପ୍ରଣୟୀ ସ୍ୱାମୀ ତାଙ୍କୁ କ୍ଷମା ଦେବେ । ସ୍ୱାମୀଙ୍କର ଏହି କ୍ଷମା ଓ ସହିଷ୍ଣୁତାରେ ସେ ଗର୍ବ ଅନୁଭବ କରୁଥିଲେ ଏବଂ ବେଳେ ବେଳେ ତାହା ପ୍ରକାଶ କରୁଥିଲେ । ଏହି ତୁଳାଦଣ୍ଡ ବା ମାପକାଠିରେ ସେ ନିଜପ୍ରତି ସ୍ୱାମୀଙ୍କ ସ୍ନେହ ପ୍ରେମ ଓଜନ ବା ପରିମାଣ କରୁଥିଲେ । ରୂପଗର୍ବିତା ସ୍ୱାମିସୁହାଗିନୀ ଯୁବତୀ ଜାଣି ପାରୁ ନ ଥିଲେ, ଏତଦ୍ଦ୍ୱାରା ସେ ସ୍ୱାମିଙ୍କ ପ୍ରେମ-ଭଣ୍ଡାର ବୃଦ୍ଧି ନ କରି ଶନୈଃ ଶନୈଃ ହ୍ରାସ କରୁଥିଲେ, ପ୍ରଣୟିଙ୍କର ପ୍ରଣୟସୁଧାସ୍ର କ୍ଷିପ୍ର ନ କରି ଧୀର କରାଇ ଦେଉଥିଲେ । ପରିଣାମରେ ଏପରି ହେଲା ଯେ, ସ୍ୱାମୀ ସ୍ତ୍ରୀ ପରସ୍ପର ବିପରୀତ ପଥବର୍ତ୍ତୀ ହୋଇ ନିଜ ନିଜକୁ ସୁଖୀ ମଣିଲେ । ଜଣକର ବାଁ ହେଲେ ଅନ୍ୟର ଡାହାଣ, ଜଣକର ହରି ହେଲେ, ଅନ୍ୟର ହର । ପ୍ରଥମ ଯୌବନର ଉଦ୍ଦାମ ପ୍ରେମାବେଗ, ରହସ୍ୟମୟ ପ୍ରେମମୋହ କଟିଗଲାରୁ ଦୈନନ୍ଦିନ ଜୀବନର କ୍ଷୁଦ୍ର କ୍ଷୁଦ୍ର ବିଷୟରେ ସେମାନେ ପରସ୍ପର ବିରୋଧୀ ହୋଇଉଠିଲେ । ଉଭୟେ ଭଦ୍ରଘରେ ଜାତ, ଲୋକଲଜ୍ଜା ଓ କୁଳମର୍ଯ୍ୟାଦାଜ୍ଞାନ ଉଭୟଙ୍କର ଥିଲା । ତେଣୁ ସବୁ କାର୍ଯ୍ୟ ଚାଲିଗଲା । କିନ୍ତୁ ଉଭୟଙ୍କର ଜୀବନରେ ଗୃହସ୍ଥାଶ୍ରମ ସଫଳ ହେଲା ନାହିଁ—ସେ ଆଦର୍ଶଯୋଗ, ସ୍ୱାମୀ ସ୍ତ୍ରୀ ଉଭୟଙ୍କର ମନ, ଜ୍ଞାନ, ଧ୍ୟାନ, ଭାଷା, ଭାବ, କର୍ମର ଯୋଗ ସେମାନଙ୍କ ଜୀବନରେ ସଂସ୍ଥାପିତ ହୋଇପାରିଲା ନାହିଁ । ସେମାନଙ୍କ ହୃଦୟ ମନ ପରସ୍ପର ନିକଟରୁ ନିକଟତର, ନିକଟତମ ନ ହୋଇ ବରଂ ଦୂରତର ହେଲା । ଅଥଚ ସ୍ଥୂଳ ଭାବରେ ବିଚାର କରିବାକୁ ଗଲେ ଉଭୟଙ୍କର ପାରିବାରିକ ଜୀବନ ସଫଳ—ପୁତ୍ର-କନ୍ୟା, ଦାସ-ଦାସୀ, ଧନ-ସମ୍ପଦ ସବୁ ବିଷୟରେ ପାଇକରି ପରିବାର

Digitized by srujanika@gmail.com

ସମୃଦ୍ଧିମନ୍ତ । ଦମ୍ପତୀଙ୍କର ପାରିବାରିକ ଜୀବନ ସଂଗଠନରେ ଏହିପରି ଭ୍ରମ ଦୁର୍ଯୋଗ ବିଧିପ୍ରେରିତ ବା ଦୈବଦୁର୍ବିପାକ ବୋଲିବାକୁ ହେବ । କାରଣ, ଏ ବିଷମ ଘଟଣାକ୍ରମେ ଯାହା ହେବାର ହୋଇଥାଏ । କେହି ଏତେ କଥା ଭାବି ଏ ବିଷୟରେ ଅପ୍ରୟୋଜନ ବା ଯତ୍ନ କରନ୍ତି ନାହିଁ । ପାରିବାରିକ ଜୀବନରେ ଚରିତ୍ର ସଂଗଠନ ଯେ କି ଗୁରୁତର କାର୍ଯ୍ୟ—ଗୃହ ଯେ ଆଶ୍ରମବିଶେଷ—ଚତୁରାଶ୍ରମ ମଧ୍ୟରେ ଶ୍ରେଷ୍ଠ ଆଶ୍ରମ—ଏହା କେହି ହୃଦୟଙ୍ଗମ କରନ୍ତି ନାହିଁ । ସତ୍ୟ କହିବାକୁ ଗଲେ, ପୂର୍ବେ କଣ ଥିଲା କେଜାଣି, ଆଧୁନିକ ହିନ୍ଦୁ ସମାଜରେ ପାରିବାରିକ ବ୍ରତ ପାଳନ କରିବା ନିମିତ୍ତ ଶିକ୍ଷା ଦୀକ୍ଷା ଆଦୌ ନାହିଁ କହିଲେ ଚଳେ । ମାତା ମନେ କରେ, କନ୍ୟା କିପରି ଧନୀ ପରିବାରସ୍ଥା ହୋଇ ଧନଧାନ୍ୟବତୀ ଓ ଅଳଙ୍କୃତା ହେବ । ପିତା ମନେ କରେ, କନ୍ୟା କିପରି ବିଦ୍ୱାନ୍ ବ୍ୟକ୍ତିର ପାଣି ଗ୍ରହଣ କରୁ । ବନ୍ଧୁ କୁଟୁମ୍ବମାନଙ୍କ ମତରେ କନ୍ୟା ସତ୍କୁଳନ୍ୟସ୍ତା ହେଲେ ହେଲା । ଇତରଜନମାନେ ମିଷ୍ଟାନ୍ନ ଖାଇ ବ୍ୟଞ୍ଜନ ଦେଖି ସନ୍ତୁଷ୍ଟ ହୁଅନ୍ତି । କନ୍ୟା ଘୋର ଅନ୍ଧକାର ମଧ୍ୟରେ ଥାଇ ଭାବୀ ସ୍ୱାମୀଙ୍କ କାର୍ତ୍ତିକେୟ ତୁଲ୍ୟ ମୂର୍ତ୍ତି କଳ୍ପନା କରି କରି ଶେଷରେ ଯେବେ କୁରୂପ ବା ଅନଭିପ୍ରେତ ସ୍ୱାମୀ ହସ୍ତରେ ପଡ଼େ, ଚିରଜୀବନ ଅଶାନ୍ତି-ବହ୍ନି ହୃଦୟରେ ପ୍ରଜ୍ୱଳିତ କରି ରଖେ । ପୁରୁଷ ପକ୍ଷରେ ଅନ୍ୟ ବ୍ୟବସ୍ଥା । ଅବଶ୍ୟ ସେ ଚମ୍ପକଗୌରୀ, ପଦ୍ମପଳାଶାକ୍ଷୀ, ଘନକୃଷ୍ଣ-ଚିକୁର-ଶୋଭିନୀ ରମ୍ଭା ଉର୍ବଶୀ ପରି ଜଣଙ୍କୁ କଳ୍ପନା କରିନିଏ । ପାଇଲେ ଭଲ, ନଚେତ୍ ଅନେକ ସ୍ଥଳରେ ତାହାର ଏଥିରେ ଭାବନା କଣ ? ଅବଶ୍ୟ ଯୌବନର ମୋହ କଟିଗଲେ ସ୍ୱାମୀ ସ୍ତ୍ରୀ ଉଭୟେ ପରସ୍ପରର ଗୁଣପକ୍ଷପାତୀ ଓ ଗୁଣସ୍ୟମୁଗ୍ଧ ହୁଅନ୍ତି ।

ଯାହାହେଉ ଦୈବଦୁର୍ବିପାକରୁ ହେଉ ବା ଶିକ୍ଷା ଅଭାବରୁ ହେଉ, ଯାଇକରି ଦମ୍ପତୀ ଜୀବନତରଣୀ ସୁପଥରେ ଚାଳିତ କରିପାରି ନାହାନ୍ତି । ସେଥିରେ ତାଙ୍କର ବିଶେଷତ୍ୱ ନାହିଁ । ଶିକ୍ଷାଦୀକ୍ଷା ଅଭାବରେ ହିନ୍ଦୁ-ସଂସାର-ସମୁଦ୍ରରେ ବହୁ ତରଣୀ ଏହିପରି ଉଦାସୀନ ଭାବରେ ପରିଚାଳିତ କନ୍ୟା ଗୋଟିଏ ବଂଶରକ୍ଷା ଓ ଜୀବନଯାତ୍ରାର ଗୋଟିଏ ଯନ୍ତ୍ର-ସ୍ୱରୂପ । ପାଠକପାଠିକା କ୍ଷମା କରିବା ହେବେ । ଏହାଙ୍କୁ ନାୟକର

Digitized by srujanika@gmail.com

କୁହା ନ ମଣି ସ୍ୱୀୟ ବଂଶଧରମାନଙ୍କ ପ୍ରତି ଦୁରାକାଙ୍କ୍ଷା କୋଳ୍ ଭାବିବେ । ଗୃହକର୍ତ୍ତା ଓ ଗୃହିଣୀଙ୍କ ମଧ୍ୟରେ ହୃଦୟର ଏତାଦୃଶ ବ୍ୟବଧାନ ଏହି ପରିବାରର ଆଦର୍ଶ ଶାନ୍ତି ସୁଖ ଅଭାବର ହେତୁ । ଏହାଛଡ଼ା ତୁଳସୀ ଦେଈଙ୍କର ପ୍ରଥମ ଯୌବନରୁ ବୈଧବ୍ୟ ଓ ଏହି ପରିବାରରେ ବାସ, ପୁଣି ତଦୁପରି ଉମାର ବାଲବୈଧବ୍ୟ ଯୋଗୁଁ ପରିବାରଟି ଅତି ସଂଯମ ଓ କଠୋରତାର ସ୍ଥାନ ହୋଇପଡ଼ିଲା । ଜୀବନର ସ୍ଫୂର୍ତ୍ତି, ଜୀବନର ସମ୍ଭୋଗ, ଜୀବନର ନିର୍ଦ୍ଦୋଷ ସୁଖ ପରିବାରଟିରୁ ଅନ୍ତର୍ହିତପ୍ରାପ୍ତ ହେଲା । ଏହି ଅତି-ସଂଯମ ଓ ଅତ୍ୟଧିକ ନିବୃତ୍ତି ଫଳରେ ପରିବାରଟି ସଙ୍କୀର୍ଣ୍ଣତା ଓ ରକ୍ଷଣଶୀଳତାର, ଏମନ୍ତକି ସ୍ୱାର୍ଥପରତାର ଦୁର୍ଭେଦ୍ୟ ଦୁର୍ଗରେ ପରିଣତ ହେଲା । ଯେଉଁ ପରିବାରର ବ୍ୟକ୍ତିମାନଙ୍କ ମଧ୍ୟରେ ପରସ୍ପରପ୍ରତି ଅନୁକମ୍ପା, କ୍ଷମା, ବାତ୍ସଲ୍ୟ ନାହିଁ, ତାହାର ଅନ୍ୟପ୍ରତି ସେସବୁ କିପରି ହେବ ? ଏ ପ୍ରଭାବରୁ ଦୁଇଟି ପ୍ରାଣୀ ରକ୍ଷା ପାଇଥିଲେ । ଧନଞ୍ଜୟଙ୍କ ଜୀବନ ଅଶୈଶବ ପିତୃବ୍ୟ ସଙ୍ଗରେ ବା ବିଦେଶରେ ବୋର୍ଡିଂଘରେ ଅନ୍ୟ ପ୍ରକାରେ ଗଠିତ ହେଲା । ତଥାପି ଧନଞ୍ଜୟ ଅତି ସଂକୀର୍ଣ୍ଣ ଓ ରକ୍ଷଣଶୀଳତା ହସ୍ତରୁ ଏକାବେଳକେ ରକ୍ଷା ପାଇ ନାହାନ୍ତି । ଉମା ମାତୁଳାଳୟକୁ ଯାଇଁ ଥରେ ମାତୁଳାଳୟର ସ୍ନେହସୁଧା ପାନ କରି ତୁଳସୀ-ପ୍ରଭାବିତ ଏହି କଠୋର ସଂସାରକୁ ବିଷବତ୍ ମଣି ଭୀତ ସଙ୍କୁଚିତ ହୋଇ ଆଉ ଆସିଲା ନାହିଁ । ବିବାହ ପୂର୍ବରୁ କେତେକ ମାସ ମାତ୍ର ଘରେ ଥିଲା । ପୁଣି ବିବାହ ପରେ ଯେତେବେଳେ ଆଉ ତାହାକୁ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନ ମିଳିଲା, ଅଗତ୍ୟା ପିତୃଗୃହରେ ଆଶ୍ରୟ ନେଲା । ସୁଖବେଳେ ମାମୁଘରେ ସୁଖ ଥାଏ । କପାଳ ପୋଡ଼ିଗଲେ ସବୁ ପିତା ହୋଇଯାଏ । ଏ ଗୃହରେ ତାହାର ମାତା ଅପେକ୍ଷା ତୁଳସୀ ପ୍ରଧାନ । କାରଣ ପିତା ପାଇକରି ତାହାର କଥାକୁ ଅଧିକ ଘେନନ୍ତି । ରକ୍ଷଣଶୀଳ ସମାଜରେ କୁଳପୁରୋହିତଙ୍କ ଦ୍ୱାରା, ବୈଷ୍ଣବ ଗୁରୁଗୋସାଇଁଦ୍ୱାରା, ଗ୍ରାମର ବୃଦ୍ଧ-ବୃଦ୍ଧା, ବିଧବା, ପ୍ରୌଢ଼ାମାନଙ୍କଠାରେ ସର୍ବତ୍ର ତୁଳସୀ ପ୍ରଶଂସିତା । ପରିବାର ଓ ସମାଜ ତାହାର ଅକ୍ଷୁଣ୍ଣ ପ୍ରତିପତ୍ତି, ପ୍ରଭାବ ବିଦ୍ୟମାନ । ଏହାର କାରଣ ତାହାର ନିଷ୍କଳଙ୍କ ଚରିତ୍ର, କଠୋର ବ୍ରହ୍ମଚର୍ଯ୍ୟ, ଏକନିଷ୍ଠ ଦେବଭକ୍ତି, ସେବାପୂଜା ଓ ଦାନ ଦକ୍ଷିଣା । ଏହି କଠୋର ଶାସନରେ ଉମା ଆଶୈଶବ ବର୍ଦ୍ଧିତ ହୋଇଥିଲେ ସେ ଅନ୍ୟ ପ୍ରକାର ହୋଇଥାନ୍ତା—ବୋଧହୁଏ ଶିର ଦୁଃଖିନୀର ସହବର୍ତ୍ତୀ

Digitized by srujanika@gmail.com

ଜୀବନରେ ଯାହା ଘଟିଲା, ତାହା ପକ୍ଷରେ ଏ ଜୀବନ, ଏ ଶାସନ ସ୍ୱାଭାବିକ ହୋଇଥାନ୍ତା । କିନ୍ତୁ ଜଗତ୍‌ଟା ଅନ୍ୟପ୍ରକାର ସୃଷ୍ଟ ହୋଇଥିଲେ କଣ ହୋଇଥାନ୍ତା କିଏ ଜାଣେ ? ଏତିକି କହିପାରୁଛୁ, ସେପରି ହୋଇନାହିଁ । ଏତେବେଳେ ଜମା ଜମା, ତୁଳସୀ ତୁଳସୀ । ଏକ ଅନ୍ୟର ସମଧର୍ମୀହାନ୍ତା ହେବା ଅସମ୍ଭବ । ତାହା ଏ ବୟସର କାର୍ଯ୍ୟ ନୁହେ । ଶୈଶବ ସେ ଶିକ୍ଷାର ଉପଯୁକ୍ତ କାଳ । କଞ୍ଚା ହାଣ୍ଡିରେ ଯେଉଁ ଦାଗ ଲାଗିଲା, ଯେପରି ଥରେ ଆକାର ଫୁଟିଲା, ହାଣ୍ଡି ଭାଙ୍ଗି ନ ଗଲେ ଆଉ ତାହା ବଦଳିବ ନାହିଁ ।

ହରିଚନ୍ଦନ ପରିବାର ଓ ପାଇକରାୟ ପରିବାର ଏହିପରି ବିଭିନ୍ନ ସରଞ୍ଜାମ, ବିଭିନ୍ନ ପ୍ରଣାଳୀରେ ସଂଗଠିତ ହୋଇଅଛି । ତାହାର ଫଳସ୍ୱରୂପ ଦୁଇ ପରିବାରର ବୈଲକ୍ଷଣ୍ୟ ସ୍ପଷ୍ଟ । ହରିଚନ୍ଦନ ପରିବାର ହର୍ଷୋଲ୍ଲସିତ, ପାଇକରାୟ ପରିବାର ବିଷାଦମଳିନ । ଏକ ଉଦାରତାର ଆଶ୍ରୟଭୂମି, ଅନ୍ୟଟି ରକ୍ଷଣଶୀଳତାର ଦୁର୍ଭେଦ୍ୟ ଦୁର୍ଗ । ଏକ ଜୀବନର ନିର୍ଦ୍ଦୋଷ ଆମୋଦ ପ୍ରମୋଦକୁ ପ୍ରଶ୍ରୟ ଦେଇ ଜୀବନକୁ ସଂପ୍ରସାରିତ, ସରସ, ଉନ୍ମୁକ୍ତ କରିବାର ଉପଯୋଗୀ, ଅନ୍ୟଟି ଅତି ସଂଯମ ଓ ଅଯଥା ବୈରାଗ୍ୟ ଓ ନିବୃତ୍ତିର କଠୋରତାରୂପ ଶୃଙ୍ଖଳରେ ଆବଦ୍ଧ କରି ଜୀବନକୁ ସଂକୀର୍ଣ୍ଣ, ସ୍ୱତ୍ୱଧାନ, ସ୍ୱାର୍ଥପର କରିଦେବାର ଉପଯୋଗୀ । ଏକ ରସମୟ ବେଦମନ୍ତ୍ର, ଅନ୍ୟଟି ରହସ୍ୟପୂର୍ଣ୍ଣ ଗୂଢ଼ ଗାରୁଡ଼ିମନ୍ତ୍ର । ଏକ ଜାହ୍ନବୀର ପୁଣ୍ୟ ପୀୟୂଷ, ଅନ୍ୟଟି ଗମ୍ଭୀର ଗହ୍ୱର କୃଷ୍ଣନୀର ଯମୁନା । ଏକ ସରସ ଫଳପୁଷ୍ପଶୋଭି ସୁରମ୍ୟ ଉଦ୍ୟାନ, ଅନ୍ୟଟି ଶୁଷ୍କମରୁମୟ ପ୍ରଦେଶ—କେବଳ ଧନଞ୍ଜୟ ଓ ଜମା ତହିଁରେ ଓଏସିସ୍ ।

ଆଶା କରୁଁ, ଅମ୍ଭମାନଙ୍କର ଅଖଣ୍ଡଳମଣିଙ୍କ ପବିତ୍ର ବେଢ଼ାମଧ୍ୟରୁ ବିବାହ ନିବନ୍ଧର ଅପ୍ରତ୍ୟାଶିତ ଫଳର ଦୀର୍ଘ କୈଫିୟତ ଅମ୍ଭମାନଙ୍କ ସ୍ୱଳ୍ପସଂଖ୍ୟକ ପାଠକ-ପାଠିକାମାନଙ୍କଠାରେ ଗୃହୀତ ହେବ । ପାଇକରାୟଙ୍କ "ଅଚ୍ଛା ହେଉ, ଦେବା ନେବା ଠିକ୍ ହେଲେ ଜବାବ ଦଅଯିବ" ଏହି କଥାରୁ ତାଙ୍କର ବିବାହ ବିଷୟକ ଆଦର୍ଶ ଜଣା ଯାଉଅଛି । ଏହା ପାଇକରାୟ କାହିଁକି, ଭାରତରେ ସାଧାରଣ ଗୃହସ୍ଥର ଏହାହିଁ ଆଦର୍ଶ । ବରକନ୍ୟାଙ୍କର ପ୍ରଣୟ ଓ ତଦୀୟ ଉପଯୁକ୍ତତା କଥା ନିବନ୍ଧର ଅନ୍ୟାନ୍ୟ

Digitized by srujanika@gmail.com

ସକଳ ଉପଯୋଗିତା କେବଳ ଏହି ଯୌତୁକପିଶାଚର ସର୍ବଗ୍ରାସୀ ପ୍ରଭାବର ଫୁତ୍କାରେ ଉଡ଼ି ଯାଇଅଛି । ପ୍ରାଚୀନ ଓ ନବୀନ, ଅଶିକ୍ଷିତ ଓ ଶିକ୍ଷିତ, ଦରିଦ୍ର ଓ ଧନାଢ୍ୟ ପରିବାର ସର୍ବତ୍ର ଏହି ହୃଦୟହୀନ ବ୍ୟାପାରର ପ୍ରାଦୁର୍ଭାବ । କୁଳମର୍ଯ୍ୟାଦା ଥରେ ମାନଦଣ୍ଡ ଥିଲା, ଏବେ ଧନ ବା ଯୌତୁକ ପରିମାଣ ତାହାର ସ୍ଥାନ ଅଧିକାର କରି ବସିଅଛି । ହାୟ ! ଧନଞ୍ଜୟ-କନକଲତା, ତୁମ୍ଭମାନଙ୍କ ପ୍ରଣୟର ସ୍ଥାନ କେଉଁଠାରେ ? ସମାଜରୂପ ସିଦ୍ଧାଶ୍ରମରୁ ଏହି ତାଡ଼କା-ସୁବାହୁଙ୍କୁ ବିନାଶ କରିବା ପାଇଁ ବିଶ୍ୱାମିତ୍ର ଓ ରାମଲକ୍ଷ୍ମଣ କେଉଁଠାରେ ଅଛନ୍ତି ?

ଷଷ୍ଠ ପରିଚ୍ଛେଦ

ମଧ୍ୟସ୍ଥ

ହରିଅ ଚାକର ଗୋରୁମାନଙ୍କୁ ଗୁହାଳରୁ ନେଇ ଦାଣ୍ଡରେ ବାନ୍ଧିଲାଣି । "ଦାଣ୍ଡରୁ ସୁନ୍ଦର ଗୋରୁ, ଘରକୁ ସୁନ୍ଦର ଜୋରୁ ।" ରାଜେନ୍ଦ୍ର କିନ୍ତୁ କହନ୍ତି, ଦାଣ୍ଡରେ ଗୋରୁ ବାନ୍ଧି ତାହାକୁ ଦୁର୍ଗନ୍ଧମୟ ଓ ଅସ୍ୱାସ୍ଥ୍ୟକର କରିବା, ଘର ସାମନାରେ ଗୁହାଳ ଓ ଗୋବରଗଦା କରିବା ଅଧମ ବର୍ବରତାର ନିଦର୍ଶନ । ସେ ଯାହାହେଉ, ଦାମୁଡ଼ି ଓ ବାଛୁରିମାନେ ଭାବୀ ସ୍ୱାମିଙ୍କର ଉକ୍ତ ସମାଜତତ୍ତ୍ୱ ପ୍ରତି ଭ୍ରୂକ୍ଷେପ ନ କରି ପଦାରେ କଅଁଳ ଖରାରେ ଶୋଇଛନ୍ତି । ଗୋଟାଏ ଲମ୍ୱକାଲ ହୋଇ ପଡ଼ିଛି, ଦେଖିଲେ ମରିପଡ଼ିଲା ପରି ଦିଶୁଛି । ଦୁଇଟା ଚାକର ଲଗିଯାଇ ତାହାର ଆଖିକୋଣ, ପିଠି, ଲାଞ୍ଜ, ଗୋଡ଼, ଖୁରା ଖୁମ୍ପି ସାଫ୍ କରି ଦେଉଛନ୍ତି । ଗୋରୁଟି ଆରାମରେ ପଡ଼ିଛି । ବିଚରା ଗୋରୁକୁ ତ ଆଉ ଧୋବା ଭଣ୍ଡାରୀ ମିଳିବେ ନାହିଁ । ଏହି ଚାକର ତାର ଧୋବା ଭଣ୍ଡାରୀ ।

ଚହାଙ୍ଗୀଏ ନାସ ସୁଙ୍ଘି ସୁଙ୍ଘି ଆସି ସଂସ୍କୃତ ଶ୍ଳୋକ ଆଉଡ଼ାଇଲେ, "କାକଚେଷ୍ଟା ବକଧ୍ୟାୟୀ ଶ୍ୱାନନିଦ୍ରା ତଥୈବଚ" । ହରିଅ ପଣ୍ଡିତଙ୍କୁ ଓଳଗି ହୋଇ କହିଲା, "ପଣ୍ଡିତେ ଅପଣେ ! ଏ ଶ୍ଳୋକର ଅର୍ଥ କଣ ?" ପଣ୍ଡିତେ ତା ବାପପରି ଗୋଟିଏ ଖରାପ କଥା ପ୍ରୟୋଗ କରି କହିଲେ, "ତୁ ବାପୁଡ଼ା ଶୋକ ଅର୍ଥ କଣ ବୁଝିବୁ ରେ ? ସ୍ତ୍ରୀ ଶୂଦ୍ରଙ୍କୁ ଶାସ୍ତ୍ର

Digitized by srujanika@gmail.com

ନିଷେଧ ।" ରାଜେନ୍ଦ୍ର ଇଂରେଜୀପଢ଼ୁଆ, ଶୁଣି କହିଲେ, "ପଣ୍ଡିତେ ଇଂରେଜମାନେ କଣ ? ସେମାନେ ଶାସ୍ତ୍ର ପଢ଼ିଅଛନ୍ତି ।" ଏତିକିବେଳେ ହରଚନ୍ଦନ ସେଠାରେ ସ୍ୱୟଂ ଉପସ୍ଥିତ ହୋଇ ପୁଅ ଅଡ଼କୁ ଟିକିଏ କଟାକ୍ଷ କଲେ । ଉଦ୍ଦେଶ୍ୟ—"ବୃଦ୍ଧ ବ୍ରାହ୍ମଣ ହଇତ ତର୍କ ?" ପ୍ରକାଶ୍ୟରେ କହିଲେ, "ତ୍ରିପାଠିଏ, ଓଳିକ ।" "ମଙ୍ଗଳାନି ଭବନ୍ତୁ" କହି ତ୍ରିପାଠିଏ ଦୁଇ ହାତ ଅଞ୍ଜଳିବଦ୍ଧ କରି ଅଟକୁ ବଢ଼ାଇଦେଲେ । ହରଚନ୍ଦନେ ହାତ ପତେଇ ଦଅନ୍ତେ ପ୍ରସାଦରୂପୀ ନସ୍ୟ ତାଙ୍କ ବାମହସ୍ତ ଉପରେ ଓଜାଡ଼ ହୋଇ ପଡ଼ିଲା । ହରଚନ୍ଦନ ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଷ୍ଠ ଓ ମଧ୍ୟମା ସାହାଯ୍ୟରେ ଟିପେ ନାସ ଗୋଟେଇ ନାକରେ ଗୁଞ୍ଜି ଦେଲେ ଓ ତାକୁତାକୁ ଉଠାଇ ନେଲେ । ତତ୍ପରେ ବାମହସ୍ତକୁ ଝୁଣ୍ଟାଡ଼ି ଦେଇ, ବାକୀ ନାସକୁ ଫୋପାଡ଼ି ଦେଇ କହିଲେ, "ତ୍ରିପାଠିଏ ! କଣ ହେଲା ?" ତ୍ରିପାଠିଏ ଦାନ୍ତବିହୀନ ତୁଣ୍ଡରେ ହସି ହସି କହିଲେ, "ଆଜ୍ଞା, ଝିଅର ଜାତକ । ମୋତିଙ୍କର ପାଇକରାଙ୍କ ପୁଅ ବିଷୟରେ ଯାଇଥିଲି । ଜାତକ ପଢ଼ିଲୁ । ସାବିତ୍ରୀ ସତ୍ୟବାନଙ୍କ ପରି ଯୋଗ !" ଅର୍ଦ୍ଧମୂର୍ଖ ଘଟକଙ୍କର ଅଙ୍କତାପୂରକ ବାକ୍ୟ ଶୁଣି ହରଚନ୍ଦନ ଚମକି ପଡ଼ିଲେ । ଯାହାହେଉ ସେ ଯାହା ଶୁଣିଥିଲେ, ଦେଖିଥିଲେ, ସେଥିରୁ ସେ ମୃତକ ପରି ଗୁହିଁ ରହିଥିଲେ । ଦଣମେଳକ ଘଟିଥିବାର ଶୁଭସମ୍ବାଦ ପାଇ ସେ ଦୀର୍ଘନିଶ୍ୱାସ ତ୍ୟାଗପୂର୍ବକ "ନାରାୟଣ" ଶବ୍ଦ ଉଚ୍ଚାରଣ କରି ହୃଦୟରେ ଅପାର ଆନନ୍ଦ ଅନୁଭବ କଲେ । କହିଲେ, "ତ୍ରିପାଠିଏ ! ମୋତେ ଏ କନ୍ୟାଦାୟରୁ ରକ୍ଷା କରନ୍ତୁ ।"

ଅଦୂରସ୍ଥ ରାଜେନ୍ଦ୍ର ମନେ ମନେ କହିଲେ—"ବର୍ତ୍ତମାନ ସମାଜରେ କି ଘୋର ମୂର୍ଖତା ରାଜତ୍ୱ କରୁଅଛି ! ଗୁଣମୁଗ୍ଧା ସାବିତ୍ରୀ ତ ସତ୍ୟବାନଙ୍କୁ ସ୍ୱାଧୀନ ଭାବରେ ବରଣ କରିଥିଲେ ! ଦଣମେଳକ କେଉଁଠି ହୋଇଥିଲା ? ଜାତକ କେଉଁଠି ଦେଖା ହୋଇଥିଲା ?" ପୁଣି ଭାବିଲେ, "କନ୍ୟାଦାୟ ମହାଦାୟ ! ରାଜପୁତାନାରେ କନ୍ୟାହତ୍ୟା ପ୍ରଥା ପ୍ରଚଳିତ ଥିଲା । ତାହାର କାରଣ ଏବେ ମଧ୍ୟ ସମାଜରୁ ତିରୋହିତ ହୋଇନାହିଁ । ସମାଜରେ ସ୍ୱାଧୀନ ପ୍ରଣୟ ଓ ନିର୍ବାଚନପ୍ରଣାଳୀ ପ୍ରବର୍ତ୍ତିତ ନ ହେଲେ ଏ ଦୁରବସ୍ଥା ଘୁଞ୍ଚିବ ନାହିଁ ।"

Digitized by srujanika@gmail.com

ସପ୍ତମ ପରିଚ୍ଛେଦ

“ଚମ୍ପାଫୁଲଟିଏ ପାଇଲି ବନ ହଳଦୀ ଗାଏ
ଶିବଦରଶନ କରିବି କାନ୍ତ ଅମିନାଯାଏ ।”

କନକଲତାର ବିବାହପ୍ରସଙ୍ଗ ପଡ଼ିବାରୁ ସେ ଚୈରଣୀ ପରି ହୋଇ ତାହାର ତରଳ ଏଣୀନୟନ-ଭଙ୍ଗିକୁ ତରଳତର କଲା । ଶୁଣିବାକୁ ଇଚ୍ଛା ଥାଏ, ଏଣେ ବିଷମ ଲଜ୍ଜା ଆସି ସେକଥା କହିଇ ଦିଏ ନାହିଁ । ଭୟ, କାଳେ କିଏ ଶୁଣିବାର ଦେଖି ପଚାରିବ ! ମନେ ମନେ ବିଚାର କଲା, ହେ ମହାପ୍ରଭୁ ! ଏ ଅଭାଗୀର କପାଳରେ କଣ ଶରଦୁଃଖ ଲେଖି-ଅଛ ? ମାଉସୀ (ପାଇକରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ପଦ୍ମାବତୀଙ୍କ ମହାପ୍ରସାଦ) ଯାହା କହିଲେ, କଲେ ନାହିଁ କି ? ମାଙ୍କ ସାଙ୍ଗରେ ସେଦିନ ଯେଉଁ ଭିନ ଭିନ କଥା ହେଉଥିଲା, ସେ ମତେ ଲାଗେ ନିଶ୍ଚେ ସେଇ କଥା । ଅଥବା ମୁଁ ଭୁଲ ବୁଝିଛି । ଆପଣା କଥା ବୋଲି ସେପରି ଲାଗୁଛି । ନା, ନା, ସେ ନିଶ୍ଚେ ସେଇ କଥା । କେବେ ତାଙ୍କ କଥା ଶୁଣାଶୁଣି ନାହିଁ ଚାହିଁକି ? କାହା ସାଙ୍ଗରେ କଥା ପଡ଼ିଛି ? କାହାକୁ ପଚାରିବି ? କିଏ କହିବ ? କେତେ ଜାଗାରୁ ତ ଭଲ ଲୋକ ଆସୁଛନ୍ତି । କାଳେ ଅନ୍ୟ କେଉଁଠି ଘଟିବ । ମୋର ଦଶା କଅଣ ହେବ ? ସଂସାର ସଉଦା ଏହିଠାରୁ ସରିବ ସିନା ! ନା, ମା କଣ ପାଷାଣୀ ? ସେ କଣ ମୋ ମନକଥା ଜାଣିନ୍ତି ନାହିଁ ? ହଁ ! ମୁଁ ସେ ଦିନ ଅଖଣ୍ଡଳମଣିଙ୍କ ପାଖକୁ ଚାହିଁକି ଗଲି ? ନ ଯାଇଥାନ୍ତି ବା କେମିତି ? ମା କଣ ଛାଡ଼ନ୍ତେ ? ସେହିଦିନୁଁ ମୋ ମନ ଘୁଣ ଖାଇଲା ପରି ଖାଉଛି । ଆଗେ ତ କିଛି ଜାଣି ପାରୁ ନ ଥିଲି । ତାଙ୍କୁ ଦେଖିଲାଦିନୁଁ ମନ ବିକଳ । ମନଚୋର ମନ ଚୋରି କରିନେଲେ । ମତେ କି ନିରାଶ କରିବେ ? ଜଳନ୍ତା ଜୁଇକୁ ପେଲି ଦେବେ ? ମୁଁ କଣ ତାଙ୍କୁ ପାଇବି ? ମୋର କି ଧର୍ମବଳ ଅଛି ? ପୁଣି ତାଙ୍କୁ ନ ପାଇଲେ ମୁଁ କଣ ବଞ୍ଚିବି ? ଭାତ ତ ରୁଚୁ ନାହିଁ, ନିଦ ତ ମାଡ଼ୁ ନାହିଁ । ଆଉ ମାଳତୀ, ମଲ୍ଲୁଅହେବରକାଙ୍କ ସାଙ୍ଗରେ କଉଡ଼ି ଖେଳିବାକୁ, ତାସ ଖେଳିବାକୁ କି ବହି ପଢ଼ିବାକୁ ମନ ହେଉନାହିଁ, ଅସ୍ନା ଗୃହୁନାହିଁ । ମା ତ ସବୁବେଳେ କହୁଲେ, “କନକ ମୋର ଦିହୁଁଗଲାଣି । କଣ ତାର ହେଲା ?” କାଳେ ମନ କଥା ଜାଣି ପାରିଥିବେ ! ବଡ଼ ଲାଜ ମାଡ଼ୁଛି । ପୁଣି ସେ

Digitized by srujanika@gmail.com

ନ ଜାଣିଲେ ଅବା କଏ ଦୁଃଖ ନେବ ? ବଡ଼ ନୂଆବୋହୂ ଭାଇ ସିଅଣିଅଁ । ସେ ଜାଣି ପାରିଛନ୍ତି । ଭାଇଙ୍କ ଆଗରେ କହିବେ ବୋଲି କହୁଥିଲେ । ଛି, ଛି ! ଭାଇ ଜଣ ମତନ କରିବେ ! ମୁଁ ନ ମଲି କାହିଁକି ? ବାପା, ଭାଇ ଜାଣି କଣ ମନେ କରିବେ ! ତାଙ୍କ ପାଖକୁ ଯିବାକୁ ମୋତେ ଲାଜ ମାଡୁଛି । ମୁଁ ତ କଳଙ୍କିନୀ ହୋଇଗଲି ! ଯାହାଙ୍କ ଦକାରେଣ ଏତେ କଥା, ଏତେ କଷଣ, ତାଙ୍କ ମନରେ ମୁଁ କଣ ଅଛି ? ସେ ବା ମୋ ମନ କଥା କିପରି ବୁଝିବେ ? ଗୃହାଣୀରୁ ମନକଥା ଜଣାପଡ଼େ କି ? ସେ ବା କାହିଁକି ମତେ ପସନ୍ଦ କରିବେ ? ମୋର କି ଗୁଣ ଅଛି ? ସେ ତ କେତେ ପାଠ ପଢ଼ିଛନ୍ତି —ସାନଭାଇଙ୍କଠୁଁ ବେଶି । ସାନ ଭାଇ ଯେମିତି, ସେ ବି ସେମିତି । ଶିକ୍ଷିତମାନଙ୍କୁ ପସନ୍ଦ କରୁଥିବେ । ମୋର କି ଦଶା ହେବ ?—ଏହିପରି ଭାବୁଛନ୍ତି—ମାଳତୀ, ମନୁଆ, ଚଞ୍ଚଳା ହାତ ଧରାଧରି ହୋଇ ହସି ହସି ଆସି ପହଞ୍ଚିଲେ । ମାଳତୀ କହିଲା, "ମୁଁ ଜାଣିଥାଏଁ ନାନୀପାଇଁ, ନାନୀ ଆଖିରେ ଲୁହ ଟୋପାଏ ନାହିଁ ।" କନକ ନିଦ୍ରୋତ୍ଥିତା ପରି ଚମକିପଡ଼ି ସେମାନଙ୍କୁ ବସାଇ କଥାବାର୍ତ୍ତା କଲା । ମନୁଆ ବଡ଼ ବୁଦ୍ଧିମନ୍ତୀ । କନକର ମଳିନ ମୁଖ ଦେଖି ତାହାର କଷ୍ଟ ବୁଝିବାକୁ ବାକୀ ରହିଲା ନାହିଁ । ମାଳତୀର ବୟସ କିଛି ଊଣା, ସେ ଏତେ କଥା ବୁଝି ନାହିଁ । କହିଲା, "କନକ ନାନୀ, ଏମିତି କାହିଁକି ବସିଛୁ ? ଚାଲ୍ ଦ ବାଜି ତାସ ଖେଳିବା ।" ମନୁଆ—"ତାସ ଭଲ ହବ ଲୋ ? ଖେଳିବ ତ ଦ ବାଜି ପଶା ଖେଳ ।" କନକକୁ ଯନ୍ତ୍ରପୁତ୍ତଳୀବତ୍ ଯେ ଯେଉଁଆଡ଼େ ଚଳାଏ, ସେହିଆଡ଼େ ଚଳେ—ଯେ ଯାହା କହେ, କରେ । ଖେଳିବାକୁ ବସିଲା । କନକର ଇଚ୍ଛା, କେହି ତା ମନକଥା ଜାଣି ନ ପାରୁ । ମନୁଆର ଇଚ୍ଛା, କନକକୁ ଅନ୍ୟମନସ୍କା କରାଇବ । ମାଳତୀର ଇଚ୍ଛା, କିଏ କାହାକୁ ହରାଇବ, ସେ ଦେଖିବ, ଆଉ ଖେଳଟା ଭଲକରି ଶିଖିନେବ । ଚଞ୍ଚଳାର ଇଚ୍ଛା, ଖେଳ ସଙ୍ଗେ ସଙ୍ଗେ ମଝିରେ ମଝିରେ ସରସ କଥାବାର୍ତ୍ତା କରି ହସଖୁସିରେ ସମୟଟା କଟାଇନେବ । ବାସ୍ତବରେ ଏ ସଂସାରଟା କି ବିଚିତ୍ର ! କିଏ କି ଉଦ୍ଦେଶ୍ୟରେ ପରିଚାଳିତ ହେଉଛି ! ଜଣେ ଯାହାକୁ ଅତି ଆବଶ୍ୟକ କାର୍ଯ୍ୟ ବୋଲି ମଣୁଛି, ଆଉ ଜଣେ ତାକୁ ଅତି ଅକିଞ୍ଚିତ୍କର କାର୍ଯ୍ୟ ବୋଲି ଭାବୁଛି । କନକଲତାର ମନକଥା କିଏ ବୁଝୁଛି ? "ବନ ପୋଡ଼ିଲେ ସମସ୍ତେ ଜାଣନ୍ତି, ମନ ପୋଡ଼ିଗଲେ କେହି ନ ଜାଣେ ।" ସୁନ୍ଦରୀମାନେ

Digitized by srujanika@gmail.com

ବସି ଦୁଇ ଗୁରୁ ବାଜି ଖେଳୁଛନ୍ତି, ପାଠ ଆସି କହିଲା, "ତମେସବୁ ଖେଳୁଛ କଣ ? ଆଜି ପାଇକରାଙ୍କ ଗାଁରୁ ଭଲଲୋକ ଆସିବେ । ତାଙ୍କର ଚର୍ଚ୍ଚା ହବ । ମା କହିଲେ, ତମେମାନେ ପତର କମ କର କାଠ, ନଡ଼ିଆ କୋର, ପୁଆ, ମାଲପୁଆ, କାକରା ଗୁଣି ଜଳଖିଆ ସଜାଇ କର । ମଝିଅଣୀ ବୋହୂ ସବୁ କଲେ । ମଝିଆଁ ଭାଇ ତ ତାଙ୍କୁ ରଖିଥୋଇ ଦେଲେ ନାହିଁ । ସେ ବହୁତ ହେବାରୁ ତାଙ୍କ ଦେହ ଭାର । ଆଜି ଯୋଗକୁ ସବୁ ଘଟିଛି । ସାନ ନୂଆବୋହୂ ଯାହା କଷ୍ଟ କରନ୍ତେ ତାଙ୍କର ଦେହସଭାବ । ବଡ଼ ନୂଆବୋହୂ ତ ଅଗରୁ ଅଲଗା । ଛି ଲୋ ଛତଅ ! ଶିଖାଶିଖି ହୋଇଛନ୍ତି କି ଅଣଲୋକେଇମାନେ ! ଅଚ୍ଛା ଯୋଗରେ ଏକା ପାଇକରା ଘରୁ ଭଲଲୋକ ଆସୁଛନ୍ତି । ଯୋଗ ପାଗ ସାଙ୍ଗରେ ଯେମ ଆସିଛନ୍ତି ।" କହୁଁ କହୁଁ କଥା ବନ୍ଦ କରି ଛିଡ଼ା ଝାମୁଣ୍ଡ ପକାଇ ହଠାତ୍ କହିଲା, "ହେଇ ମା ଆସୁଛନ୍ତି ।" ଏ କଥା ଶୁଣି ସମସ୍ତେ ଉଠିଲେ । କନକ ବଗିଚା ଲଜରେ ସାଙ୍କୁଳ ଯାଇଁ କାନ୍ଥ ଆଡ଼କୁ ମୁହଁ କରି ଠିଆହେଲା । କି ଆଶ୍ଚର୍ଯ୍ୟ ! ମନ ଯାହା ଏତେ ଦିନ ଲୋଡ଼ୁଥିଲା, ଯାହା ଯୋଗୁଁ ଅନ୍ନଜଳ ରୁଚୁ ନ ଥିଲା, ସେହି ଅଭିପ୍ରେତ ମୁହୂର୍ତ୍ତ ନିକଟତର ହେଲାରୁ ହୃଦୟ ଏପରି ଅସ୍ଥିର ହେଉଛି କାହିଁକି ? ଏ ଆନନ୍ଦ ଅତି ତୀବ୍ର । ଏ ମଧୁର ଲଜ୍ଜା ସ୍ୱାଭାବିକ, ସୁନ୍ଦର । ଶିକ୍ଷାଗୁଣରେ ବା ଦୋଷରେ, ସମାଜର ଅବସ୍ଥା ଅନୁସାରେ ଏହାର ଅଳ୍ପତା ବା ଆଧିକ୍ୟ ହୋଇଥାଏ । ସତେନ୍ଦ୍ର ଏହାକୁ ଦୋଷ ମନେ କରନ୍ତି । ଧନଞ୍ଜୟ ଏହାକୁ ଗୁଣ ମନେ କରନ୍ତି । ଇଉରୋପରେ ଭ୍ରାତା ଭଗିନୀ ଜନକ ଜନନୀଙ୍କ ସମ୍ମୁଖରେ ଯୁବକଯୁବତୀଙ୍କର ପ୍ରେମଚର୍ଚ୍ଚାକୁ ମଧ କେହି ଦୋଷ, କେହି ଗୁଣ ମନେ କରନ୍ତି । "ନଈକେ ବାଙ୍କ୍ ଦେଶକେ ପାଙ୍କ୍ ।" ସତ୍ୟ କେଉଁଠାରେ ? ଉଭୟ ମଧ୍ୟରେ କି ?

ସେମାନେ ଚାଲିଯିବାରୁ ପାଇକରା ଘର ନାଁ ଶୁଣି କନକର ଛାତି ଦୁଲୁ ଦୁଲୁ ଉଠିଲା ପଡ଼ିଲା ! ସେ ଆଉ ସମ୍ଭାଳି ପାରିଲା ନାହିଁ । ହୃଦୟରୁ କୋହ ଉଠିଲା । କ୍ରନ୍ଦନର ଛଡ଼ା ଆଉ ବିରାମ ନାହିଁ । ଚକ୍ଷୁ ଲୋତକପୂର୍ଣ୍ଣ ହେଲା । କାଳେ କିଏ ଆସି କ୍ରନ୍ଦନର କାରଣ ପଚାରିବ, ଏହି ଆଶଙ୍କାରେ ସେ କୋଠରୀର କବାଟ ଖିଲି ଲଗାଇ ଦେଇ ତକିଆରେ ମୁହଁ ମାଡ଼ି

Digitized by srujanika@gmail.com

ଶୋଇପଡ଼ିଲ । ଝରଝରଗଳିତ-ଧାରରେ ନୟନାଶ୍ରୁ ପ୍ରବାହିତ ହେଲା । ଏ କି ଅଶ୍ରୁ ? ଗଭୀର ଶୋକ ଦୁଃଖରେ ଯେଉଁପରି ଅଶ୍ରୁ ବହେ, ଆନନ୍ଦରେ ମଧ୍ୟ ସେହିପରି ବହେ । ଅବିଶ୍ରାନ୍ତ-ଧାରରେ ଆନନ୍ଦାଶ୍ରୁ ବହାଇ କନକଲତା ମନେ ମନେ କହିଲା, "ହେ ଅଖଣ୍ଡବ୍ରହ୍ମମଣି ! ତୁମ୍ଭେ କି ଏ ଦାସୀର ମନ ଜାଣି ଏହା କଲ ? ଯେଉଁଦିନ ତୁମ୍ଭର ଅସ୍ଥାନରେ ତାଙ୍କୁ ଦେଖିଲି, ମନେ ମନେ ତାଙ୍କୁ ବରିଲି । ସେ ଯେତେବେଳେ ମାଙ୍କୁ ଦଣ୍ଡବତ୍ କରି ଉଠିଲେ ଓ ତାଙ୍କ ଅଙ୍ଗ ମୋ ଅଙ୍ଗ ସଙ୍ଗରେ ମିଳିଲା, ମନ ପ୍ରାଣ ସବୁ ତାଙ୍କୁ ବିକିଦେଲି । ପୁଣି ଆଉ ତାଙ୍କୁ ଅନାଇ ପାରିଲି ନାହିଁ, ଲାଜରେ ମରିଗଲି । ତେବେ ବି ପୋଡ଼ା ମନ ତାଙ୍କୁ ଦେଖିବାକୁ ଦଉଡ଼ୁଥାଏ । ଆହା, ସେ କି ଅମୂଲ୍ୟ ନିଧି ! ସେହିଦିନୁଁ ତାଙ୍କୁ ହୃଦୟରେ ପୂଜା କରୁଛି । ମୋ ଆଶା କି ସତରେ ପୂରିବ ? ମୋ ତୃଷା ମେଣ୍ଟିବ ? ମୁଁ ତାଙ୍କ ପାଦତଳେ ବସିବି ?—" ହା କନକଲତେ ! ଅର୍ଜବର ପ୍ରତିମୂର୍ତ୍ତି, ପୂତୋ୍ୟପ୍ରତିମା, କାହିଁକି ଏ ଅକୂଳ ସମୁଦ୍ରକୁ ଡେଇଁଲ ? କିପରି ଉଦ୍ଧାର ପାଇବ ?

କିଛିକ୍ଷଣ ପରେ କନକର ଦୁଇ ଭାଉଜ ଓ ସାନ୍ତ୍ୱନା ଆସି କବାଟରେ ଧକ୍କା ମାରିଲେ । ସାନ୍ତ୍ୱନା ପାଟି କରି କହିଲେ, "କନକ ଦେଈ, ଏମିତି କାହିଁକି ବସିଛୁ ? ତ୍ରିପାଠୀ ବୁଢ଼ା ତ ଜାତକ ଘେନି ଆସିଲଣି । ଜାତକ ତ ପଢ଼ୁଛି । ଆଜି ତ ଉଲ୍ଲେଖ ଆସିବେ, ନିର୍ବନ୍ଧ ହେବ । ଆଉ ତୋର ଭାବନା କଣ ? ଅଳ୍ପଦିନେ ଶାଶୁଘରକୁ ଯିବୁ ।"

ଦମୟନ୍ତୀ—ସତେ ଦେଈ ! ଆମକୁ ପାସୁରି ପକାଇବ ନାହିଁ ତ ? ଦେଈ ବର ତ ଭାରି ପାଠୁଆ, ଭାରି ରସିକ, ତାଙ୍କୁ ପାଇ ଆଉ ଦେଈ ଆମକୁ ମନେ କରୁଛନ୍ତି ?

କନକ ତତ୍‌ଉଠି ଦୁଇ ହାତରେ ସ୍ୱାମୀ ସୁ ମନ୍ତ୍ରୀଙ୍କ ପାଟି ବୁଜାଇ ତୁନି ତୁନି କହିଲା, "ତମକୁ ମୋ ରାଣ ଟି, ଜଗନ୍ନାଥଙ୍କ ଦୋହି, ତମକୁ ତମ ଭାଇ ରାଣ, ତମେ ଏତେ ପାଟି କରି ଏସବୁ କଥା କହ ମତେ ଲାଜ ଦିଅ ନାହିଁ । ଭାଇ ଗଞ୍ଜା ଭିତରକୁ ଆସି ଶୁଣିଲେ କଣ କହିବେ ? ଛି, ଛି ! ମୁଁ ମରିଯାନ୍ତି କି ?

ସାନ୍ତ୍ୱନା—ତୁ ଏବେ ଏତେ ଲାଜ ନାଚ ମୂଚ ହେଉଛୁ କାହିଁକି ?

Digitized by srujanika@gmail.com

ତମ ଘରେ ତ ତୋ ଭାଇ ତମ ନୂଆବହୂ ମାଷ୍ଟରେ ଦାନରେ କଥାବାର୍ତ୍ତା କରନ୍ତି । ତାଙ୍କୁ ପାଠ ପଢ଼ାନ୍ତି । ମା ଖୁଡ଼ୀ ସବୁ ପହିଲୁ ପହିଲୁ ସେ ଖଞ୍ଜାକୁ ଯଳେଇ ଅସୁଥିଲେ । ଜାଗାକୁ ଜାଗା ଦେଖି ବସେଇ ନାଶାଚ କରୁଥିଲେ । ଏବେ ଦାହ ସହିଗଲେଣି । ସେହି ଖଞ୍ଜାରେ ଖିଅପିଆ ଦାଆନିଆ ଲାଗିଥାଏ । ଭାଇ ଓ ନୂଆବହୂ ସେ ଘରେ ବସି କଥାଭାଷା, ହସଖୁସି, ପଢ଼ାଶୁଣା କରୁଥାନ୍ତି । ଭଲ ତ ସେହିପରି ହେଲଣି । ଏବେ ତ କଟକରେ ସବୁ ଗେରସ୍ତ ଭାରିଯା ଯୋଡ଼ ଯୋଡ଼ ହୋଇ ବାଜିଆ ଖାଉଛନ୍ତି । ତୋ ଟଳ ତ ଇଂରେଜପନିଆ ! ତୋର ଏତେ ଲାଜ କୁଆଡ଼େ ଗୁସିଯିବ ଯେ ! ତେବେ ତ ସେ ମେମ୍ ସାଜିଇ ବଗିରେ ବସେଇ ବଜାରରେ ବୁଲିବ ।

କନକ—ତେବେ ତୋ ଭାଇ ଶୁଣ । ତୁ ତୁନି ହୋ । ତାଙ୍କର ବାହାଘର ହେଲଣି, ସେମାନେ କଥାଭାଷା ହେଲେ ।

ଦମୟନ୍ତୀ—ତମେ ବୁଝିପାରୁ ନାହିଁ, କଥା କେଉଁଠି ସନ୍ଧିରେ କହା ହେଉଛି । 'ଆମେ ସବୁ ବାହାହେଲୁଣି, ଆମର କଥାଭାଷା ହେବୁଁ । ସେ ବାହା ହେଲେ କଥାଭାଷା ହେବ ନା ।' ମଜନମୁହାଁ ଭାରି ଜଣେ ।

ସାବିତ୍ରୀ—ଯେ ଯେତିକି ଲାଜକୁଳୀ ଥାନ୍ତି, ସେ ପୁଣି ସେତିକି ଅଣ୍ଟାଳିକେଇ ହୁଅନ୍ତି । ବାଇଅଫଳ ଖାଇଲେ କାହାର କାଣ୍ଡୁ ଠିକଣା ଠଜର ରହେ ନାହିଁ । ତମେ ଫେର ଦେଖିବ, କନକ ଆମର ଏମିତି ଗେରସ୍ତବଙ୍କୁଣୀ ହେବେ ଯେ ସମସ୍ତଙ୍କୁ ବଳିଯିବେ ।

ସାନ୍ତମା—ଅଜିକାଲି ଅନ୍ୟ ପୁରୁଷ କଥା କହୁଛୁ ? ଶାଶୁ ଶଶୁର ଯା ନଣନ୍ଦ ସମସ୍ତେ ପର । ଅପେ, ଆପଣା ଭାରିଯାଟି, ଆପଣା ପୁଅଝିଅଙ୍କୁ ଘେନି ଘରକରଣା । କେଉଁଠୁ ଆସିଲ, କେମିତି ହେଲ, ଖୋଇପେଇ ବଢ଼େଇଲ କିଏ ! ପରପୁ… ନରହିଁଅ, ଏ… ଦିନକେ ଝୀରମାର ବାନ୍ଧବ ହେଲ ! ଆପଣାର ରକ୍ତ, ଗୃହଲପର ଯେ ଏତେଦିନ ଅନେଇଛନ୍ତି, ସେ କୁଆଡ଼େ ଉଡ଼ିଗଲେ !

"ଝିଅକୁ ମାରି ବହୂକୁ ଶିଖାଇବା" ନୀତି ଅବଲମ୍ବନ କରି ସାନ୍ତମା ଏ କଥାଗୁଡ଼ାକ କହିଲେ ।

କିଛିକ୍ଷଣ ପରେ ପାଇକବାର ସ୍ନେହଭାଜନ ମଧ୍ୟସ୍ଥମାନେ ଆସି ହରଚନ୍ଦନଙ୍କ ଚୌପାଢ଼ୀ, ବଗିଚା ଆଦି ଦର୍ଶନ କରି ପରସ୍ପର ମଧ୍ୟରେ ନାନାପ୍ରକାର

Digitized by srujanika@gmail.com

ଶ୍ଲୋକ ମୁଖସ୍ଥ ଆବୃତ୍ତି, ଲୀଳାବତୀମୂଳ ପ୍ରଭୃତି ଗାଣିତିକ ପ୍ରହେଳିକାର ଚର୍ଚ୍ଚା, ମହାନାୟକ ଶ୍ରୀରାମୃତନାନନ୍ଦଙ୍କର ଷଡ଼ିସୂତ୍ର ପ୍ରତିପାଦକସୂଚକ ସମ୍ବାଦ ପୁରାଣରୁ ଦୃଷ୍ଟାନ୍ତ ଉଦ୍ଧାର ପ୍ରଭୃତି ବିବିଧ ଚର୍ବ୍ୟ ଚୋଷ୍ୟ ଲେହ୍ୟ ପେୟର ସଦ୍‌ବ୍ୟବହାରପୂର୍ବକ ବିବାହଉତ୍ସବରେ କଥାବାର୍ତ୍ତା କଲେ । ସାମନ୍ତମର୍ଯ୍ୟାଦା ଇତ୍ୟାଦିରେ କିଛି ଆପତ୍ତି ରହିଲା ନାହିଁ । ଅଳଙ୍କାର, ବାସନ, ଧେନୁ, ଭୂମି ଇତ୍ୟାଦି ବିଷୟରେ ଜବାବ ହୋଇଗଲା । କେବଳ ଗୋଟିଏ ବିଷୟରେ ପ୍ରଧାନ ମଧ୍ୟସ୍ଥ ହରିଚନ୍ଦନଙ୍କୁ ନୈପଥ୍ୟରେ ଗୋପନୀୟ ଭାବରେ କିଛି କହିବାରୁ ହରିଚନ୍ଦନଙ୍କ ମୁଖ ଗମ୍ଭୀର ଚିନ୍ତାରେ ମଳିନ ହେଲା ଏବଂ ସେ ଏ ବିଷୟ ବିବେଚନା କରି ପରେ କହିବେ ବୋଲି କହିଲେ ।

ଇତିମଧ୍ୟରେ ମାନଚରଣଙ୍କ ମାତାଙ୍କର ପରଲୋକପ୍ରାପ୍ତି ହେବାରୁ ବିବାହାଦି ଶୁଭକର୍ମାନୁଷ୍ଠାନ ପ୍ରଥମ ସାମ୍ବତ୍ସରିକ ପୂର୍ବରୁ ଅକର୍ତ୍ତବ୍ୟ ବିବେଚିତ ହେବାରୁ ଅଗତ୍ୟା ଏ ଶୁଭାନୁଷ୍ଠାନଟି ଏକ ବର୍ଷପର୍ଯ୍ୟନ୍ତ ସ୍ଥଗିତ ରହିଲା । "ଶ୍ରେୟାଂସି ବହୁ ବିଘ୍ନାନି" ସବୁ କାଳରେ ଅଛି । ରାଜେନ୍ଦ୍ର ହିନ୍ଦୁସମାଜର ଏତାଦୃଶ "କୁସଂସ୍କାର" ବିରୁଦ୍ଧରେ ବହେ ବ୍ୟାଖ୍ୟାନ କଲେ । ସେ କହିଲେ, "ଜନ୍ମ ମରଣ ତ ସ୍ୱାଭାବିକ ପ୍ରକ୍ରିୟା, ତନିମିତ୍ତ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନରେ ବାଧା ହେବ କାହିଁକି ? ବାର, ତିଥି, ଯୋଗିନୀ ଇତ୍ୟାଦି ଜ୍ୟୋତିଷଶାସ୍ତ୍ରର ଅତ୍ୟାଗ୍ରହ, ସୂତକ, ମୃତାଶୌଚ ନିଷ୍ଠାଦି ସାମାଜିକ ବ୍ୟାପାରାଦିର ବିଘ୍ନ ପ୍ରଭୃତି ବହୁ କୁସଂସ୍କାରରେ ସମାଜ ନିଷ୍ପୀଡ଼ିତ ହେଉଅଛି । ମାସ, ଚୈତ୍ରିକାଦିର ବାଧାଦ୍ୱାରା ନାନା ଅସୁବିଧା ହେଉଅଛି । ବିବାହ, ପୁନର୍ବିବାହ, କନ୍ୟା ବିଦାୟାଦି ମାଙ୍ଗଳିକ କାର୍ଯ୍ୟରେ ବିଘ୍ନ ଜାତ ହେଉଅଛି । ଦ୍ୱିକାଳାନ୍ତରେ ସ୍ୱାମୀ ସ୍ତ୍ରୀ ମିଳନ କାର୍ଯ୍ୟରେ ମଧ୍ୟ ସାମାଜିକ କୁପ୍ରଥା ବାଧା ଦେଉଅଛି । ଶିକ୍ଷା ଓ ସଂସ୍କାର ଦ୍ୱାରା ଏ କୁପ୍ରଥା-ଗୁଡ଼ିକ ସମାଜରୁ ବହିଷ୍କୃତ ହେବା ଉଚିତ । କିଛିଦିନ ପରେ ସେ ଗୋଟିଏ ପ୍ରସିଦ୍ଧ ସାମୟିକ ପତ୍ରିକାରେ ଗୋଟିଏ ପ୍ରବନ୍ଧ ଲେଖିଲେ । ସେଥିରେ ସେ ପ୍ରତିପାଦନ କରିଥିଲେ ଯେ, ଏପରି କୁପ୍ରଥାମାନଙ୍କଦ୍ୱାରା ହିନ୍ଦୁସମାଜର ଜନସଂଖ୍ୟାର ହ୍ରାସ ହୋଇ କାଳେ ତାହା ଧରାପୃଷ୍ଠରୁ ବିଲୁପ୍ତ ହେବ । କାରଣ, ସାମାଜିକ କୁପ୍ରଥାମାନ ବଂଶବୃଦ୍ଧିକ୍ଷମ ପୁରୁଷ ଓ ସ୍ତ୍ରୀମାନଙ୍କୁ ବଞ୍ଚିତ

Digitized by srujanika@gmail.com

ରହି ହିନ୍ଦୁସମାଜର ଜନସଂଖ୍ୟାର ହ୍ରାସ କରୁଅଛି । ଶାସ୍ତ୍ର ବୈଧବ୍ୟଦ୍ୱାରା ବଂଶବୃଦ୍ଧିକ୍ଷମ ଯୁବତୀଗଣ ସନ୍ତାନଉତ୍ପାଦନରେ ଅକ୍ଷମ । ସ୍ତ୍ରୀମାନଙ୍କର ସ୍ୱାମୀ ସହ ବିଦେଶଗମନ ନିଷେଧ ବିଧି, ଜ୍ୟୋତିଷଶାସ୍ତ୍ରର ନାନା କଠିନ ନିୟମ ଯୋଗୁଁ ନବବଧୂଯାତ୍ରାଦିର ନିଷେଧ ପ୍ରଭୃତି ହିନ୍ଦୁସମାଜର କ୍ଷତି କରୁଅଛି ।

ରାଜେନ୍ଦ୍ରଙ୍କର ସମାଜସଂସ୍କାର ପ୍ରବନ୍ଧ, ଧନଞ୍ଜୟ ଓ କନକଲତାର ବିଚ୍ଛେଦଜନିତ ବିଷାଦକାତର ପ୍ରାଣ, ହରଚନ୍ଦନ, ପଦ୍ମାବତୀ, ଅନ୍ନପୂର୍ଣ୍ଣାଙ୍କର ଅଧୈର୍ଯ୍ୟପୂର୍ଣ୍ଣ ବିମର୍ଷଭାବପ୍ରତି ଭ୍ରୂକ୍ଷେପ ନ କରି କାଳ ଅତି ମନ୍ଥର-ଗତିରେ ଗମନ କଲା । ଇତିମଧ୍ୟରେ ସ୍ୱଚ୍ଛଅବଦାତ କୌମୁଦୀସ୍ନାତ ନଭୋମଣ୍ଡଳ ତଳେ କାଶକୁସୁମଶୋଭିତା ଶରତ୍-ସୁନ୍ଦରୀ ଗହଣରେ ମହିଷାସୁର-ଧୂମ୍ରଲୋଚନ-ଚଣ୍ଡ-ମୁଣ୍ଡ-ରକ୍ତବୀଜ-ଶୁମ୍ଭ-ନିଶୁମ୍ଭବିନାଶିନୀ-ସୁରଥ-ସମାଧି-ରାମଚନ୍ଦ୍ରାଦି ଭକ୍ତମନମୋହିନୀ, ସ୍ୱୀୟ ଭକ୍ତମାନଙ୍କୁ ଧର୍ମ-ଅର୍ଥ-କାମ ମୋକ୍ଷ-ଚତୁର୍ବର୍ଗଫଳଦାୟିନୀ, ସିଂହବାହିନୀ, ଜଗଦ୍ଧାତ୍ରୀ ଦୁର୍ଗା ପୁଣି ବର୍ଷକ ପରେ ଆନନ୍ଦକୋଳାହଳ ମଧ୍ୟରେ ଭକ୍ତ-ମାନସ-ହାରିଣୀ ରୂପରେ ଧରଣୀପୃଷ୍ଠରେ ଅବତରଣ କଲେ ।

ଅଷ୍ଟମ ପରିଚ୍ଛେଦ

ଧନଞ୍ଜୟ ଦଶହରାକୁ ଗ୍ରାମକୁ ଯାଇଅଛନ୍ତି । ରାଜେନ୍ଦ୍ର ସେ ଅଞ୍ଚଳର ଉଚ୍ଚଶିକ୍ଷିତ ଯୁବକ ଧନଞ୍ଜୟ ରାୟଙ୍କୁ ସେ ବର୍ଷ ଗ୍ରାମର ମହାନାୟକସମିତିର ବାର୍ଷିକ ଅଧିବେଶନର ସଭାପତି ନିର୍ବାଚନ କରି ନିମନ୍ତ୍ରଣ କଲେ । ଏହି ଉତ୍ସବର ନାନାପ୍ରକାର ପ୍ରାଚୀନ ଅସ୍ତ୍ରକ୍ରୀଡ଼ା, ଗ୍ରାମ ବିଦ୍ୟାଳୟର ବାଳକ-ବାଳିକାମାନଙ୍କ କବିତା ଆବୃତ୍ତି, ଗ୍ରାମ ଥିଏଟରରେ ଅଭିନୟ ପ୍ରଭୃତି ହୋଇ ସର୍ବଶ୍ରେଷ୍ଠ ଖେଳାଳୀ, ଆବୃତ୍ତିକାରୀ ଓ ଅଭିନେତାମାନଙ୍କୁ ପୁରସ୍କାର ଦିଆଯାଏ । ଏହା ବ୍ୟତୀତ ଗ୍ରାମର ଯେବେ କେହି ବର୍ଷକ ମଧ୍ୟରେ ତୀବ୍ର ବିଷଧର ବୃହତ୍ ସର୍ପ, ଜଲୁଉ ଶୃଗାଳ, କୁକୁର ପ୍ରଭୃତି ପ୍ରାଣନାଶକ ଜୀବଜନ୍ତୁ ବା ନିକଟସ୍ଥ ପାହାଡ଼ ବା ବନରୁ ଗ୍ରାମକୁ ଆସିଥିବା ବ୍ୟାଘ୍ର ଭଲ୍ଲୁକ ପ୍ରଭୃତି ମାରିଥାଏ, ତାହାକୁ ମଧ୍ୟ ଏହି ଉତ୍ସବରେ ପ୍ରଶଂସାପତ୍ର ବା ପୁରସ୍କାର

Digitized by srujanika@gmail.com

ପ୍ରଦତ୍ତ ହୁଏ । ଗ୍ରାମ ବିଦ୍ୟାଳୟର କେହି କୌଣସି ପରୀକ୍ଷାରେ ଉଚ୍ଚସ୍ଥାନ ଲାଭ କରିଥିଲେ, କୌଣସି ଭଲ ପୁସ୍ତକ ପ୍ରଣୟନ ବା ପ୍ରବନ୍ଧ ରଚନା କରି କୌଣସି ପତ୍ରିକାରେ ପ୍ରକାଶ କରିଥିଲେ ସେମାନେ ମଧ୍ୟ ପୁରସ୍କାର ପାଇଥାନ୍ତି । କୌଣସି ତନ୍ତୁବାୟ, କର୍ମକାର, କୁମ୍ଭକାର, ସ୍ଥପତି, ଭାସ୍କର, ମାଳାକାର, ବାଣକାର କେହି କୌଣସି ପ୍ରକାର ଭଲ କାର୍ଯ୍ୟ କରିଥିଲେ ତାହା ଏହି ସଭାରେ ପ୍ରଦର୍ଶିତ ଓ ପୁରସ୍କୃତ ହୁଏ । ଏମନ୍ତ କି ଭଲ ବାଣ ପ୍ରସ୍ତୁତ କରି ସଭା ସମୟରେ ମାରିଥିବାରୁ ବିଦ୍ୟାଧର ଦାସ ତାଙ୍କ ଅବେଦନମତେ ମହାପାତ୍ର ପଦ ଏବଂ ପରମାନନ୍ଦ ସାହୁ ବେପାରି ଭଲ ବେପାର କରିଥିଲା ବୋଲି ପ୍ରଶଂସା-ପତ୍ର ପାଇଥିବାର କିମ୍ବଦନ୍ତୀ ଅଛି । ସଭାରେ ଗ୍ରାମର କଳହ, ବିବାଦ, ମନୋମାଳିନ୍ୟ ଭାଙ୍ଗିବା ନିମିତ୍ତ ଦିନ ସ୍ଥିର ହୋଇ ସେସବୁ ମୀମାଂସିତ ହୁଏ । ନିସ୍ପତ୍ତି ବିଷୟରେ ମତାନ୍ତର ଉପସ୍ଥିତ ହେଲେ ଅଧିକାଂଶ ସଭ୍ୟମାନଙ୍କ ମତଦ୍ୱାରା ବିବାଦ ନିଷ୍ପତ୍ତି ହୁଏ । ଏହି ସଭାର ସଭ୍ୟ ଏଫ. ଏ., ବି. ଏ. କ୍ଲାସର ଛାତ୍ରମାନେ ଭାଙ୍ଗିଯାଇଥିବା ନଈ ବନ୍ଧରେ ନିଜ ନିଜ ମୁଣ୍ଡରେ ମାଟି ବୋହି ପକାଇଥିଲେ । ସଭାଟି ଏପରି ଜନପ୍ରିୟ ହୋଇଅଛି ଯେ, ପ୍ରତିବର୍ଷ ସହସ୍ର ସହସ୍ର ଦର୍ଶକ ସେଠାରେ ଉପସ୍ଥିତ ହୁଅନ୍ତି । ନାଚ, ସଂକୀର୍ତ୍ତନ, ଗଜଣୀ ଦଳ ପ୍ରଭୃତିର ମଧ୍ୟ ଏଠାରେ ପ୍ରଦର୍ଶନୀ ହୁଏ । ଏବଂବିଧ ସଭାର ସଭାପତିରୂପେ ଆହୂତ ହୋଇ ଧନଞ୍ଜୟ ରାୟ ଆନନ୍ଦରେ ସମ୍ମତ ହେଲେ । ବିଶେଷତଃ ମହାଦେବମନ୍ଦିରସ୍ଥ ଘଟନାର ସ୍ମୃତି ଏ ନିମନ୍ତ୍ରଣକୁ ମଧୁମୟ କରିଦେଲା । ସଭାରେ ସେବର୍ଷ ହରିଶ୍ଚନ୍ଦ୍ର ଓ କାଞ୍ଚିକାବେରୀ ନାଟକଦ୍ୱୟର ଆଂଶିକ ଅଭିନୟ ହୋଇଥିଲା । ଅନ୍ୟାନ୍ୟ ଅବୃତ୍ତି ମଧ୍ୟରେ 'ମହାଯାତ୍ରା'ର ଅମର୍ଷୀଙ୍କ ଉତ୍ସାହବାଣୀ, ଚିଲିକାର ଶ୍ଳେଷପଂକ୍ତିଚୟ, ବୈଦେହୀଶବିଳାସର ରାମଚନ୍ଦ୍ରଙ୍କର ଶିବଧନୁ-ଭଙ୍ଗ ଛାନ୍ଦ ଏବଂ କବି ବିଶ୍ୱମ୍ଭରଙ୍କ ବିଚିତ୍ରରାମାୟଣର ସୀତାଙ୍କର କରୁଣ ରସୋଦ୍ଦୀପକ ସନ୍ଦେଶ ବାଣୀ "କହ ହନୁ ମୋର କାନ୍ତର କୁଶଳ" ଛାନ୍ଦ ଉଲ୍ଲେଖଯୋଗ୍ୟ । ନବ ରଚିତ ପ୍ରବନ୍ଧ ଓ କବିତାନିଚୟ ମଧ୍ୟରୁ ଉତ୍କଳରେ କପାଳୁଷ ଓ ଉତ୍କଳରେ ବୌଦ୍ଧଧର୍ମର ଅଭ୍ୟୁଦୟ ଓ ଅବସାନ ପ୍ରଭୃତି କେତୋଟି ପ୍ରଧାନ । ତାହାଛଡ଼ା ଜନୈକ ବାଳକାରଚିତ 'ପଦ୍ମାବତୀ-ପରିଣୟ' ନାମକ ନିମ୍ନଲିଖିତ କବିତାଟି ଦୁଇ ଜଣ ବାଳିକା ସମସ୍ୱରରେ ଗାଇଥିଲେ ।

Digitized by srujanika@gmail.com

—୧—

କାଞ୍ଚି-ନୃପତି ଉତ୍କଳ-ନୃପେ
କରଅଛୁ ଅବମାନନା,
ସମର-ସଜ୍ଜା ଲଗିଲୁ ଉତ୍କଳେ
ବାଜୁଛୁ ଯୁଦ୍ଧ ବାଜଣା ।
ନଗର ନଗର ବୁଲିଣ ଡଗର
କରଇ ସମର ଘୋଷଣା,
ଦୁର୍ଗେ ଦୁର୍ଗେ ଅର୍ପିଲ୍ ଦୂତ
ସାମନ୍ତଗଣଙ୍କୁ ଅର୍ଚ୍ଚନା ।
ପଲ୍ଲୀ ପଲ୍ଲୀ ମିଳିଣ ପ୍ରଧାନ
ହକାରେ ପାଇକବାହିନୀ,
ଡମ୍ବଡମ୍ ବାଜେ ଘୋଷିତ ଡିଣ୍ଡିମ,
ରକ୍ତେ ନଚାଇ ଧମନୀ ।
କାଞ୍ଚି-ନୃପତି ଉତ୍କଳ ନୃପେ
କରଅଛୁ ଅବମାନନା,
ସମର-ସଜ୍ଜା ଲଗିଲୁ ଉତ୍କଳେ
ବାଜୁଛୁ ସଗ୍ରାମ ବାଜଣା ।

—୨—

ଖଣ୍ଡା ଘେନିଣ ଖଣ୍ଡା ପୂଜିଣ
ଉଲ୍ଲଭ ବୀରଗୌରବେ,
ଚଣ୍ଡୀ ପୂଜିଣ ବୀର ବାମାଗଣ
ହୁଳହୁଳି ଦେଲେ ସରବେ ।
ଅସ୍ତ୍ର-ଝଣ୍ଝଣ୍ ହସ୍ତି-ବୃଂହଣ
ଅଶ୍ୱର ହେଷା ଚଞ୍ଚଳ,
ଢାଲ୍ ଝଳୁଅଳ ନରମୁଣ୍ଡମାଳ
ଝୋଟି ଉଡ଼େ ଧୂଳି ପଟଳ ।
ଛବି ଉରସ ଝୋଟି ଧ୍ୱଜାବଳୀ
ଫର୍‌ଫର୍ ଉଡ଼େ ପବନେ,
"ଜୟ ଜଗନ୍ନାଥ" ଗୁରୁଗର୍ଜ୍ଜନ
ତ୍ରାସଇ ଶତ୍ରୁ ଗର୍ଜ୍ଜନେ ।

Digitized by srujanika@gmail.com

କାଞ୍ଚି-ନପତି ଉତ୍କଳ-ନପେ
କରିଅଛି ଅବମାନନା,
କରୁଛି ବାଦନା ଯୁଦ୍ଧବାଦ୍ୟ
ବାଜୁଛି ସଂଗ୍ରାମ ବାଜଣା ।

—୩—

କାଞ୍ଚି-ନପତି ଉତ୍କଳ-ନପେ
କରିଅଛି ଅବମାନନା,
କରୁଛି ବାଦନା ଯୁଦ୍ଧବାଦ୍ୟ
ଶୁଭୁଛି ସଂଗ୍ରାମ ବାଜଣା ।
ପଡ଼ିଲା ଚ୍ଛଣ୍ଡ କମ୍ପେ ବ୍ରହ୍ମାଣ୍ଡ
ମହାଦେପେ ପାନ୍ତି ବାହାରି,
ଚତୁରଙ୍ଗ ସେନା ସହ ଉତ୍କଳେଶ
"ଜୟ ଜଗନ୍ନାଥ" ଡକାରି ।
ଭକ୍ତବତ୍ସଳ ପ୍ରଭୁ ଜଗନ୍ନାଥ
ଲୁଚି ଲୁଚି ସଙ୍ଗେ ଚଳିଲେ,
ପ୍ରଥମେ ହାରିଲେ ପୁରୁଷୋତ୍ତମ,
ଭକ୍ତକୁ ପ୍ରଭୁ ବଢ଼ିଲେ ।
କାଞ୍ଚି-ନୃପତି ଉତ୍କଳ-ନୃପେ
କରିଥିଲା ଅବମାନନା,
ସମରେ ହରାଇ ଲଜ୍ଜା ସେ ଦେଲା
ନୀରବ ସମର ବାଜଣା ।

—୪—

"ହେ ପୁରୁଷୋତ୍ତମ ସାହା ହୁଅ ମମ
ଭାତରେ କରେଁ ମୁଁ ମିନତି
ମାନରେଁ ଅବା ମରେଁ ନାହିଁ ଅନ ସାହା
ମୁଁ ପୁରୁଷୋତ୍ତମ ନୃପତି ।"

Digitized by srujanika@gmail.com

ରକ୍ତ ପ୍ରସାଦେ ଫିଙ୍ଗି ବିଷାଦେ
ହୁଙ୍କାର ସିଂହ ଗର୍ଜନେ,
କାଞ୍ଚି ଫଉଜେ ଜିଣି ପାଠି
ପେଷିଲେ ଶମନ ସଦନେ ।
କାଞ୍ଚି-ହରଣୀ ହରିଣନୟନା
ପଦ୍ମାବତୀ ରାଜକୁମାରୀ,
ବନ୍ଦୀ କରି ଓଡ୍ର କେଶରୀ
କହନ୍ତି ମନ୍ତ୍ରୀଙ୍କୁ ହକାରି—
"ଚଣ୍ଡାଳ-କରେ ଚଣ୍ଡୀ ଅରପ
ଦେଣ୍ଟ ମୋ ଅବମାନନା,
ଯୋଗ୍ୟେ ଯୋଗ୍ୟା ଯୋଜନ କରିଅ
ଦୂରେ ଯାଉ ଯୁଦ୍ଧଯାତନା ।"
"ଯେ ଆଜ୍ଞା ଶୀଘ୍ରମ୍" ବୋଲିଣ ମନ୍ତ୍ରୀ
ଚିନ୍ତା-ଭ୍ରୂକୁଟୀ-ଲୋଚନେ,
ସମ୍ଭ୍ରମଭରେ ରାଜସ୍କନ୍ଧାବାରେ
ରଖିଲେ ତେହାଙ୍କୁ ନିର୍ଜନେ ।

— ୫ —

କାଞ୍ଚି-ନୃପତି ଉତ୍କଳ-ନୃପେ
କରିଥିଲ ଅବମାନନା,
ଯୁଦ୍ଧେ ବିଜୟୀ ଉତ୍କଳ-ସାଇଁ
ପୂରିଅଛି ମନସ୍କାମନା ।
ସ୍ୱର୍ଣ୍ଣ-ମାର୍ଜନୀ ହସ୍ତେ ନୃପତି
କରୁଥିଲେ ଛେରା ପହଁରା,
ପଦ୍ମାବତୀଙ୍କୁ ମନ୍ତ୍ରୀ-ଆଦେଶେ
ଆଣି ଉଭାକଲା ଡଗରା ।
ମନ୍ତ୍ରୀ କହନ୍ତି, "ଗଜପତି ଆଜ୍ଞା
ଟଳିନାହିଁ କେବେ ଭୁବନେ,
ହସ୍ତୀର ଦନ୍ତ ଉଲଟି ହସ୍ତୀ—
ମୁଖେ ପଶି ନାହିଁ ଯେସନେ ।

Digitized by srujanika@gmail.com

ନୃପତି-ନଦେଶେ ଚଣ୍ଡାଳବେଶୀ
ନୃପେ କଲ୍ ଜେମା ଅର୍ପଣ;”
“ଜୟ୍ ଜଗନ୍ନାଥ” “ଧନ୍ୟ ହେ ମନ୍ତ୍ରୀ”
ବଡ଼ଦାଣ୍ଡେ ଶୁଭେ ବଚନ ।
ଚଣ୍ଡାଳ କରେ ଚଣ୍ଡୀ ଅର୍ପିତା
ମେଣ୍ଟିଲା ଅବମାନନା,
ଯୋଗେ୍ୟ ଯୋଗ୍ୟା ହେଲେ ସଯୁକ୍ତା
ହୁଡେ ଗଲା ଯୁଦ୍ଧ ଯାତନା ।

ରଚୟିତ୍ରୀର ନାମ ନ ଥିଲେ ମଧ୍ୟ ସଭାରେ ତାହାର ନାମ ଗୁପ୍ତ ରହିଲା ନାହିଁ ଏବଂ ସଭାପତିଙ୍କ ତତ୍‌ସମ୍ବନ୍ଧୀୟ ଅତି ସଂକ୍ଷିପ୍ତ ମନ୍ତବ୍ୟ ତାଙ୍କର ମନୋଭାବ ଗୋପନ କରିବା ପରିବର୍ତ୍ତରେ ବିଶେଷ ଭାବରେ ପ୍ରକଟିତ କରିଦେଲା । କାରଣ, ସେ ବିଶ୍ୱସ୍ତସୂତ୍ରରେ ରଚୟିତ୍ରୀଙ୍କ ନାମ ଜାଣିଥିଲେ । ସଭାପତିଙ୍କୁ ଧନ୍ୟବାଦ ଦେବା ଅବସରରେ ଗ୍ରାମ ବାଳିକାବିଦ୍ୟାଳୟର ବୃଦ୍ଧ ପଣ୍ଡିତ ମହାଶୟ କହି ପକାଇଲେ, “ଆମ୍ଭେ ସଭାପତିମହୋଦୟଙ୍କୁ ଆଶୀର୍ବାଦ ଧନ୍ୟବାଦ ଦେଉଅଛୁଁ ; କିନ୍ତୁ ସେ ବାଳିକା କନକଲତା ପ୍ରତି ଯତ୍‌ପରୋନାସ୍ତି ଅନ୍ୟାୟ କରିଅଛନ୍ତି । ଆଜିକାଲି ଇଂରେଜୀ ପଢ଼ି ଏ ଦେଶୀୟ ଶିକ୍ଷିତ ସମ୍ପ୍ରଦାୟ ଯେଉଁ ସନ୍ଦର୍ଭ; କବିତାଦି ରଚନା କରୁଅଛନ୍ତି, ତାହା ଆଇର୍‌ଲ୍ୟାଣ୍ଡ ବା କାମାସ୍କଟକାଦେଶୀୟ, ଉତ୍କଳଭାବାପନ୍ନ ; ଏ ଦେଶର ଜଳବାୟୁ, ସମାଜିକ, ପାରିବାରିକ, ପୌରାଣିକ ବିଷୟ ବା କିମ୍ବଦନ୍ତୀକୁ ଆଶ୍ରୟ ନ କରି ବିଦେଶୀୟ ଛାଞ୍ଚରେ ଢଳା ହେଉଅଛୁ, କିନ୍ତୁ ବାଳିକା କନକଲତାର କବିତାଟି ଉତ୍କଳପ୍ରାଣର ପ୍ରିୟତମ ଓ ଗୌରବାବହ କାଞ୍ଚି-ବିଜୟ ବିଷୟକ ଥିବାରୁ ଅତି ସ୍ୱାଭାବିକ ଓ ଏହି ମହାନାୟକ ସମିତିର ଅତ୍ୟନ୍ତ ଉପଯୋଗୀ ହୋଇଅଛୁ । ସଭାପତି ମହାଶୟ ତାହାର ପ୍ରଶଂସାରେ କୁଣ୍ଠା ପ୍ରଦର୍ଶନପୂର୍ବକ ସ୍ୱଳ୍ପ ମନ୍ତବ୍ୟ ପ୍ରକାଶ କରିଥିବାରୁ ଆମ୍ଭେ ଠିକ୍ ଏ ପ୍ରକଟିତ କରିଦେଲୁଁ ।” ରଚୟିତ୍ରୀ ଅତି ସନ୍ତର୍ପଣରେ ସ୍ୱୀୟ ନାମ ଗୋପନ କରିଥିଲେ ; କିନ୍ତୁ ପଦ୍ୟଟି ସଙ୍ଗରେ କନକଲତାର ନାମଟି ସ୍ପଷ୍ଟ କରିଦେଇ ସରଳଚିତ୍ତ ପଣ୍ଡିତ ମହାଶୟ ପଦାରେ ହାଣ୍ଡି ଭାଙ୍ଗିଲେ । ଏଥିରେ ସଭାସ୍ଥ ସମସ୍ତେ ହସି ପକାଇଲେ ଏବଂ ପଣ୍ଡିତ ମହାଶୟ ସ୍ୱୀୟ

Digitized by srujanika@gmail.com

ଗ୍ରାମୀର ଗୌରବରେ ନିଜକୁ ଗୌରବାନ୍ୱିତ ମଣିଲେ । କିନ୍ତୁ କଟକସ୍ଥ ଗୃହରେ ଥିବା କନକଲତା ବଡ଼ ଲଜ୍ଜିତା ହୋଇ ରମା, କମା, ପ୍ରମିଳା, ଊର୍ମିଳା, ଦୁର୍ଗା, ଲବଙ୍ଗଲତା ପ୍ରଭୃତି ସଖୀମାନଙ୍କ ଠାରୁ, ଟିକିଏ ଏଡ଼ି ପଳାଇଗଲେ । ଅଜ କିଛି ଦିନ ପୂର୍ବେ ଘଟଣା ହୋଇଥିଲେ ସେ ପଣ୍ଡିତଙ୍କ ନାସଦାନି ଭାଙ୍ଗି ଥାଆନ୍ତା ; କିନ୍ତୁ ସେ ସମୟ ଅଜ ତାହାର ନାହିଁ ।

ଧନଞ୍ଜୟ ସଭାର କାର୍ଯ୍ୟ ସାଙ୍ଗକରି ରାଜେନ୍ଦ୍ରଙ୍କ ଗ୍ରାମ ଦେଖିବାକୁ ଗଲେ, ଗ୍ରାମଟିର ସଂସ୍ଥାନ ଅତି ସୁନ୍ଦର । ଦୂର ଦିଗ୍‌ବଳୟ ସୀମାରୁ ନୀଳାଭ୍ରମାନ ପର୍ବତଶ୍ରେଣୀର ରୁଚିର ଶୋଭା, କଳକଳନାଦିନୀ ଗିରିନଦୀର ମନୋହର ନାଦ, ଦିଗନ୍ତବ୍ୟାପୀ ଈଷତ୍ ପକ୍ୱଶସ୍ୟକେଦାର-ପନ୍ତି, ପକ୍ଷୀପଣ୍ଡନ୍ତବତ୍ ଶୋଭମାନ ଗ୍ରାମ, ତରୁଲତାକୁଞ୍ଜର ଛାୟା, ଦିଗ୍‌ବଧୂର ମୃଦୁ ନିଶ୍ୱାସବାତ ସଦୃଶ ମୃଦୁଳ ପବନ, ଶାରଦୀୟ ଗଗନର ମନୋ-ମୁଗ୍‌ଧକର ଶୋଭା, ସ୍ୱଚ୍ଛୋଦ ସରସୀରେ ପ୍ରସ୍ଫୁଟିତ ସୁରଭି ଶତଦଳ, କୋକନଦର ଉଦ୍‌ଭ୍ରାନ୍ତକାରୀ ବର୍ଣ୍ଣଲାବଣ୍ୟ, ତାହାଠାରୁ ବଳି ସ୍ନାନାକାଙ୍କ୍ଷୀ ସ୍ଫୁଟନୋନ୍ମୁଖୀ ପଦ୍ମସଙ୍କାଶ ଲାବଣ୍ୟମୟୀ ପଲ୍ଲୀସୀମନ୍ତିନୀକୁଳ, ପୁଷ୍କରିଣୀରେ ସନ୍ତରଣକାରୀ ହଂସମରାଳକାଦମ୍ବକୁଳାକୁଳିତ ପକ୍ଷୀପ୍ରକୃତି ଧନଞ୍ଜୟଙ୍କର କଳ୍ପନାପ୍ରଧାନ ମନକୁ କି ଏକ ଅଲୌକିକ ଲୋକଲୋକାନ୍ତର, ଦେଶ-ଦେଶାନ୍ତର, ଯୁଗଯୁଗାନ୍ତରର ସ୍ୱପ୍ନରାଜ୍ୟକୁ ନେଇଗଲା । ସେ ଜାଣି ପାରିଲେ ନାହିଁ ଯେ, ସେ ନିଜ ଗ୍ରାମକୁ ଛାଡ଼ି ଆସି ତାଙ୍କର ପ୍ରିୟତମ ରାଜେନ୍ଦ୍ରଙ୍କର ଅତିଥି ହୋଇଅଛନ୍ତି । ତାଙ୍କ ହୃଦୟରେ ଆନନ୍ଦ-ଇନ୍ଦୁ ଶାରଦାକାଶର ପୂର୍ଣ୍ଣେନ୍ଦୁବତ୍ ଉଜ୍ଜ୍ୱଳରୂପେ ସୁଧା ବର୍ଷଣ କଲା । ସେହି ଆକାଶର ଧ୍ରୁବତାରା, ସେହି ମନ୍ଦିରପ୍ରାଙ୍ଗଣର ପ୍ରଫୁଲ୍ଲ ପ୍ରସୂନ, ବିଷାଦ-ଭାରାବନତଲୋଚନା ସେହି ବିଷାଦପ୍ରତିମା କବିତାର ରଚୟିତ୍ରୀ କନକଲତା—ସେ ଦେଖୁଁ ଦେଖୁଁ ସମଗ୍ର ହୃଦୟ ମନ ଆକାଶ ପୃଥିବୀ ଦିବାରାତ୍ରି ସମସ୍ତ ଦେଶକାଳକୁ ତନ୍ମୟ ଏକାକାର କରିଦେଲା । ଆକାଶ ନୀଳିମାରେ ଯୁବକ ଧନଞ୍ଜୟ ସେହି ବାଳିକାର ନେତ୍ର-ନୀଳିମା ସନ୍ଦର୍ଶନ କଲେ । ସେ ନେତ୍ର ଗାଢ଼ତା, ସୌନ୍ଦର୍ଯ୍ୟ ଓ ସଂସ୍ଥିତିରେ ଅନନ୍ତ ଆକାଶକୁ ଅତିକ୍ରମ କଲା । ହାୟ ବିଧି ! ତୁମ୍ଭ ସୃଷ୍ଟିର ଏ କି ଲୀଳା ! ହେ ଲୀଳାମୟ ! ବଡ଼ କିଏ, ସାନ କିଏ ? ଧନଞ୍ଜୟ ଚତୁର୍ଦ୍ଦିଗବ୍ୟାପୀ ଅନନ୍ତ ଆକାଶକୁ ଏଡ଼ି ପାରନ୍ତି, କିନ୍ତୁ ସେହି ଗମ୍ଭୀର ନୀଳ ନିର୍ମଳ ଯମୁନା ଜଳବତ୍

Digitized by srujanika@gmail.com

ଚଳଚଳ ସେହି ନୟନ ଯୁଗଳକୁ ଏଡ଼ି ପାରିବାର ଶକ୍ତି ତାଙ୍କର କାହିଁ ? ଉଜ୍ଜ୍ୱଳ ଶରଦଚନ୍ଦ୍ର ବିଭାରେ ସେ ସେହି କମନୀୟ ଚମ୍ପକଗୌରୀ ପଦ୍ମପଲାଶ-ନେତ୍ରୀ ସୁନ୍ଦରୀର ଅଙ୍ଗ ଶୋଭା ଦର୍ଶନ କରନ୍ତି । ବନ୍ଧୁପୁଷ୍ପ ଓ କୋକ-ନଦରେ ତାହାର ବିମ୍ବାଧର, ଶୁକ୍ଳକାଶକୁସୁମର ମଧୁର ହିଲ୍ଲୋଳରେ ଓ ହଂସପଦ୍ମରେ ଶୁଭ୍ର ଅବଦାତ କଳ୍ପିତ-ହାସ୍ୟ କ୍ରୀଡ଼ା, ସୁକଣ୍ଠ ମନୋରମ ସଙ୍ଗୀତରେ ତାହାର କଣ୍ଠସ୍ୱର, ସୁରଭି କୁସୁମରେ ତାହାର ସୁରଭି ନିଶ୍ୱାସ ଅନୁଭବ କଲେ । ଭିତରେ ଭଗିନୀକୁ ଲକ୍ଷ୍ୟ କରି ବାହାରେ ଭ୍ରାତାକୁ ପ୍ରଶଂସା କରି କହିଲେ, "ଏପରି ସୁନ୍ଦରୀ ପ୍ରକୃତ କବିଜନନୀ ହେବା ସ୍ୱାଭାବିକ ।" ମନର ଭାବ ମନରେ ଗୋପନ କରିବାକୁ ଚେଷ୍ଟା କରି ଚତୁର ଧନଞ୍ଜୟ ଚତୁରତର ରାଜେନ୍ଦ୍ରଙ୍କର ଗୂଢ଼ ଉପହାସର ବିଷୟୀଭୂତ ହେଲେ । ହେ ରାଜେନ୍ଦ୍ର ! ପ୍ରେମ ଏକ ମନୋହର ଫାଶିଅଟେ । ତୁମ୍ଭର ଦିନ ଆସୁଛି । ପ୍ରବାଦ ଅଛି, "ଜଳ ବରଡ଼ା ଖାଉଛି, ମହି ବରଡ଼ା ହସୁଛି, ଉପର ବରଡ଼ା ଥାଇ କହୁଛି ମୋ ଦିନକାଳ ଆସୁଛି ।" ଯାହାହେଉ ଧନଞ୍ଜୟ ବିଷାଦମୟ ଆନନ୍ଦରେ ରାଜେନ୍ଦ୍ରଙ୍କ ଗ୍ରାମରେ ଦିବସଚତୁଷ୍ଟୟ ଅବସ୍ଥାନାନ୍ତର ସ୍ୱଗ୍ରାମକୁ ବାହୁଡ଼ି ଗଲେ । ଯିବାବେଳେ ତାଙ୍କର ମନ ଓ ଶରୀରର ଯୁଗ୍ମତା ସ୍ପଷ୍ଟରୂପେ ପ୍ରତିପାଦିତ ହେଲା । ଧନଞ୍ଜୟ ମନେକଲେ, ରାଜେନ୍ଦ୍ର ଯେପରି ମନୋବୃତ୍ତି ମଧ୍ୟରେ ବୁଦ୍ଧି ଏବଂ କନକଲତା ଯେପରି କୋମଳ ଭାବବୃତ୍ତି. ରାଜେନ୍ଦ୍ର ବ୍ରହ୍ମପୁତ୍ର, କନକଲତା ପତିତପାବନୀ ଗଙ୍ଗା; ରାଜେନ୍ଦ୍ର ମରୀଚମାଳୀ ସୂର୍ଯ୍ୟରଶ୍ମି, କନକଲତା ଶରଦଚନ୍ଦ୍ରର କୌମୁଦୀରାଶି । ରାଜେନ୍ଦ୍ର କନକଙ୍କ ଜନନୀ ରତ୍ନଗର୍ଭା । ଅହା ! ଜନନୀଙ୍କର କି ସ୍ନେହ ମମତା, କି ଉଦାର ସରଳ ହୃଦୟ ! ଏ ବଂଶରେ ସମସ୍ତେ ସୁନ୍ଦର ସୌମ୍ୟକାନ୍ତ । ଯେଉଁମାନେ ବିପଥଗାମୀ, ସେମାନେ ମଧ୍ୟ ଧନଞ୍ଜୟଙ୍କୁ ଅତି ମାତ୍ରାରେ ଜୀବନୀ ଶକ୍ତିଶାଳୀ ବୋଲି ବୋଧ ହେଲେ । ପରିବାରର ଶିଶୁଗୁଡ଼ିକ ଯେପରି ପ୍ରସ୍ଫୁଟିତ ପୁଷ୍ପ, ଜୀବନ୍ତ ସ୍ନେହଶୀଳ ସୁନ୍ଦର, ବିଶ୍ୱସ୍ରଷ୍ଟାଙ୍କର ଅପରୂପ ସୃଷ୍ଟି । ହେ ଧନଞ୍ଜୟ, କଣିକ ଲାଗି ପିନା ତୁମ୍ଭେ ସମସ୍ତଙ୍କୁ ସୁନ୍ଦର ମଣୁଅଛ, ନୋହିଲେ ଅନ୍ୟ ପରିବାରରେ କଣ ସେହିପରି ନରନାରୀ ଶିଶୁ ନାହାନ୍ତି । ଯାହାହେଉ ଧନଞ୍ଜୟ ଏହି ପରିବାରଟିର ବିକଶିତ ସାହସ ମୂର୍ତ୍ତିସଙ୍ଗରେ ନିଜ ପରିବାରର ବୈରାଗ୍ୟନିଷ୍ପନ୍ଦିତ କଠୋର ଝପଟ ମୂର୍ତ୍ତିଟିର ତୁଳନା କରି କୌତୂହଳ ଓ ବିସ୍ମୟରେ ବିହ୍ୱଳ ହେଲେ । ଧନଞ୍ଜୟଙ୍କ ପ୍ରକୃତ

Digitized by srujanika@gmail.com

କେବଳ ସ୍ତ୍ରୀପୁ ପୈତୃକ ଅବସ୍ଥାଉଅବେ ଗଠିତ ନୁହେ । ସେ ଦେଶ ବିଦେଶରେ ଭ୍ରମଣ କରି ପ୍ରାଚୀନ ଓ ନବୀନ, ସ୍ୱଦେଶୀୟ ଓ ବିଦେଶୀୟ ଗ୍ରନ୍ଥମାନ ପାଠକରି ଏକ ଅଭିନବ ଜୀବନ ଓ ପ୍ରକୃତି ଲାଭ କରିଅଛନ୍ତି । ସୁତରାଂ ନିଜ ପରିବାରିକ ପ୍ରକୃତିର ସମାଲୋଚନା କରିବାର ଶକ୍ତି ତାଙ୍କର ଜାଗ୍ରତ ହୋଇଅଛି । ସେ ମନେ କଲେ, ଯେପରି ହରିଚନ୍ଦନଙ୍କ ପରିବାର ପ୍ରଫୁଲ୍ଲ ପଦ୍ମପୁଷ୍କରଣୀ ଓ ତାଙ୍କ ସ୍ତ୍ରୀପୁ ପରିବାର ଗୋଟିଏ ତୁଳସୀ କୁଞ୍ଜ । କେହି କାହାରିକୁ ଊଣା ନୁହନ୍ତି ।

ଅଦୂର ଗୋଟିଏ କଥା ଧନଞ୍ଜୟ ଦେଖି ପାଇଥିଲେ । ତାହା ହରିଚନ୍ଦନଙ୍କ ଘର ଚଉଡ଼ା । ଏହାର ପରିମାଣଫଳ ବାଇଶି ମାଣ ବାଇଶି ଗୁଣ୍ଠ ବାଇଶି ବିଶ୍ୱା ବୋଲି ଶୁଣିଲେ । ତଳ ଉପର ହୋଇ ତିନି ଖଞ୍ଜା । ପ୍ରତି ସାହାଲରେ ପାଞ୍ଚବଖୁରିଆ ଘର ଗୁରିଟା ଲେଖାଏଁ—ତେଣୁ ମୋଟରେ ବାର ଖଞ୍ଜା କୁହାଯାଇ ପାରେ । ଘରଗୁଡ଼ିକ ଦକ୍ଷିଣଦ୍ୱାରୀ ହୋଇ ଧାଡ଼ି ଧାଡ଼ି ତୋଳା । ମଧ୍ୟସ୍ଥ ପ୍ରାଙ୍ଗଣଗୁଡ଼ିକ ପ୍ରଶସ୍ତ । ସୂର୍ଯ୍ୟାଲୋକ ଓ ବାୟୁସଞ୍ଚାଳନର ଅନୁକୂଳ । ପୂର୍ବ ପଶ୍ଚିମରେ ପାଚେରି । କେଉଁ କେଉଁ ଖଞ୍ଜାରେ ଧାଡ଼ିକୁଣ୍ଡୀ ଅଛି । ଦକ୍ଷିଣ ସାହାଲଟି ପକ୍କା ପଥର କୋଠା । ସ୍ୱୟଂ ହରିଚନ୍ଦନ, ତତ୍ପୁତ୍ରଗଣ ଓ କୁଣିଆ ମୈତ୍ରଙ୍କ ଭିତର ଓ ବାହାର ବୈଠକଖାନା ନିମିତ୍ତ ବିଭିନ୍ନ କୋଠରୀରେ ବିଭକ୍ତ । ଏହିସବୁ ଘରେ ଖଟ, ମେଜ, ଚେଉକିଲ ଖଣ୍ଡି ଚୌକି ଓ ବେଞ୍ଚ ପଡ଼ିଅଛି । ବନ୍ଧୁବାନ୍ଧବଙ୍କ ବିଶ୍ରାମ ନିମିତ୍ତ ମଶାରି ବିଛଣା ପ୍ରଭୃତି ସର୍ବଦା ପ୍ରସ୍ତୁତ । ଏହି ଘରର ଉତ୍ତରକୁ ଦୁଇ ଧାଡ଼ି ପାଞ୍ଚବଖୁରିଆ ପାଞ୍ଚଶେଣିଆ ଧୂଳିଆ ଘର । ଖଞ୍ଜାର ପୂର୍ବ ଧାଡ଼ିରେ ଭାଗବତଗାଦୀ ଗୋସାଇଁଙ୍କ ଠୁଙ୍ଗୀ । ତତ୍‌ସଂଲଗ୍ନ ଦୁଇଟି କୋଠରୀ ଠାକୁରଙ୍କ ଭୋଗଭୋଇ ଘର ଓ ମାଲଖାନା ଘର । ଭଣ୍ଡାର ଘରେ ଠାକୁରଙ୍କର ଛତୀ ଛତ୍ରସ ଅଡ଼ାଣୀ ପ୍ରଭୃତି ରଖା ହୋଇଥାଏ । ଦୋଳକୁ ଠାକୁର ବାହାରିଲେ ଏଗୁଡ଼ିକ ବାହାରେ । ଝାଞ୍ଜ, ମୃଦଙ୍ଗ ପ୍ରଭୃତି ଏହି ଘରେ ଥାଏ । ପୂର୍ଣ୍ଣିମା, ଅମାବାସ୍ୟା ବା ସଂକ୍ରାନ୍ତି ପ୍ରଭୃତି ପର୍ବ-ପର୍ବାଣୀରେ କେବେ କେବେ ଆସି ଭାଗବତ ଘରେ ବଜା ହୁଏ । ଏହାର ଉତ୍ତରକୁ ଯେଉଁ ଦୁଇ ଖଞ୍ଜା ଘର ତଳ ଉପରକୁ ଅଛି, ସେସବୁ ଶୟନାଗାର । ଧାନ କୋଠି ବା ଅମାରରେ ରହେ । ଗୃହର ତୈଳଅ, ବାସନ, ରବାରଧାଣ

Digitized by srujanika@gmail.com

ଭୋଠି ପାଖ ଘରେ ରହେ । ଖ୍ରବଥୋର ଯାହା ଥସେ, ପର୍ବାପର୍ବ ଜିନିଷାଦ ସେହି ମାଲଖାନା ଘରମାନଙ୍କରେ ରହେ । ଗୃହ ବୋଝୁ ପୁଅମାନଙ୍କ ପାଖରେ ଦାୟିତ୍ୱଜ୍ଞାନ, ଶ୍ରମବିଭାଗ ଓ ଯୋଗ୍ୟତା ବିବେଚନାରେ ରହେ । ପୁତ୍ରମାନଙ୍କୁ ଆତ୍ମନିର୍ଭରଶୀଳତା ଶିକ୍ଷା ଦେବା ଉଦ୍ଦେଶ୍ୟରେ ହରଚନ୍ଦନଙ୍କ କଲେଜଛାତ୍ର ରାଜେନ୍ଦ୍ର ଛଡ଼ା ଅନ୍ୟ ପୁତ୍ରଙ୍କୁ ମୂଳଧନ ଦେଇ ବିଭିନ୍ନ ବ୍ୟବସାୟ ଅବଲମ୍ବନରେ ତାହା ବୃଦ୍ଧି କରିବାକୁ ସୁବିଧା ପ୍ରଦାନ କରିଥାନ୍ତି । ସୁନ୍ଦର ବନ୍ଦୋବସ୍ତ ଯୋଗେ କାର୍ଯ୍ୟ ଭଲ ପରି ଚଳେ । ସାଧାରଣ ହିସାବରେ ଯେ ଯେତେ କାର୍ଯ୍ୟ କରନ୍ତି, ପରିଶ୍ରମ, ବୁଦ୍ଧି ବିଚକ୍ଷଣତା ତୁଳନାରେ ପୁରସ୍କାର ବା ବେତନ ଯାହା କିଛି ପାଆନ୍ତି । ପୁଅମାନଙ୍କ କାର୍ଯ୍ୟରେ ସାଆନ୍ତ ନିଜେ ଓ ବୋହୂମାନଙ୍କ କାର୍ଯ୍ୟରେ ସାନ୍ତାଣୀ ଉପଦେଶ ଦାନ ଓ ତତ୍ତ୍ୱାବଧାନଦ୍ୱାରା ସାହାଯ୍ୟ କରନ୍ତି । ମାସ ଶେଷରେ ସବୁ ହିସାବ ସମସ୍ତେ ଥାଇ ବୁଝିଯାଏ । ଗୁମାସ୍ତା ହିସାବ ଲେଖନ୍ତି । ପ୍ରତି ସନ୍ଧ୍ୟାରେ ଭାଗବତ, ରାମାୟଣ ବା ମହାଭାରତ ପାଠରେ ବୋଲାହୁଏ । ପୁରସ୍ତ୍ରୀମାନେ ଅସି ଅମାର ପାଖରେ ବସନ୍ତି । ପୁରୁଷ-ମାନେ କେହି ମେଲରେ, କେହି ଭିତରର ଘରେ ବା ପିଣ୍ଡାରେ ବସନ୍ତି ଏବଂ ଭଲ ଭଲ ଗଣ୍ଡିସ୍ଥଳମାନଙ୍କରେ ଢୁଆ ଧରି ଥନି ଗୃହପର ଅବୃତ୍ତି କରନ୍ତି । ଯେମନ୍ତେ :—

ପ୍ରଥମରେ—ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମଂ,
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟମୁଦୀରୟେତ୍ ।
ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିଂ
ଯତ୍ କୃପା ତମହଂ ବନ୍ଦେ ପରମାନନ୍ଦ ହେ ମାଧବ ।

ପରମାନନ୍ଦ ହେ ମାଧବ
ପୂରି ରହିଛ ସର୍ବ ଜୀବ
ଗୋବିନ୍ଦ ଗୋବିନ୍ଦ ଗୋସାଇଁ
ତୋ ବିନୁ ଅନ୍ୟ ଗତି ନାହିଁ
ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ
ପଦ୍ମେ ଗନ୍ଧୁଛି ମକରନ୍ଦ

Digitized by srujanika@gmail.com

ସେ ମକରନ୍ଦ କରି ପାନ
ହେଲେ ତରିଲେ ସାଧୁଜନ
ସେ ସାଧୁଜନଙ୍କ ପୟରେ
ମନ ମୋ ବନ୍ଧୁ ନିରନ୍ତରେ
ମନ ମୋ ନିରନ୍ତରେ ଥାଉ
ହା କୃଷ୍ଣ ବୋଲି ଜୀବ ଯାଉ ।

ମଧ୍ୟରେ—ଏ ଦେହ ଥିଲେ ସର୍ବ ପାଇ
ଜଳେ ଯେସନ ଚନ୍ଦ୍ର ଛାଇ
ତୁ କୃପା କଲେ ନରହରି
ପଙ୍ଗୁହିଁ ଲଙ୍ଘେ ପାରେ ଗିରି
ଅସ୍ମାକୁଶଳେ ସର୍ବସିଦ୍ଧି
ତରନ୍ତି ସଂସାର-ଜଳଧି
ଯେ ପକ୍ଷୀ ଉଡ଼େ ଯେତେଦୂର
ସେ ଜାଣେ ତାହାର ବେଗଭାର
ପ୍ରାଣୀର ଭଲ ମନ୍ଦ ବାଣୀ
ମରଣ କାଳେ ତାହା ଜାଣି
ତୋହର ମନ ତୋତେ ଗୁରୁ
ଉଦ୍ଧବ କେତେଦେଁ ପଶୁରୁ ।

ଏବଂ ଶେଷରେ—ସମସ୍ତେ ବୋଲ ହର ହର
ହର ଭବରେ ତରୁଁ ପାର
ହର ଭବରେ ତରୁଁ ପାର
ନାଶିବେ ଅବନୀର ଭାର ।

ଏହିପରି ଗୀତ ହେଉଥିବାବେଳେ ରାଜେନ୍ଦ୍ର ଧନଞ୍ଜୟଙ୍କୁ କହିଲେ, ଏ ବାଲୁଅ ଧର୍ମ । ଗୋଟିଏ ବାଲୁଅ କହିଉଠେ ତୁମେ ହୋ—ସମସ୍ତେ ସେହିତା କରନ୍ତି । ଧନଞ୍ଜୟ କିନ୍ତୁ କହିଲେ, "ରାଜେନ୍ଦ୍ର, ତୁମର ଏପରି କହିବା ଉଚିତ ନୁହେ । ପରସ୍ପର ମଧ୍ୟରେ ଗୋଟାଏ ଭାବ ଜାଗ୍ରତ ହେବାବେଳେ ସମସ୍ତେ ସମସ୍ୱରରେ ଗାଇ ଉଠନ୍ତି । ଭଗବାନ କହିଅଛନ୍ତି, "ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନଚ । ମଦ୍‌ଭକ୍ତା ଯତ୍ର

Digitized by srujanika@gmail.com

ଗାସ୍ତନ୍ତେ ତବ ତଷ୍ଟାପି ନାରବ ।" Esprit de corps ବା sympathy of numbers ଗୋଟିଏ ବଡ଼ ଜିନିଷ । ତଦ୍ଦ୍ୱାରା Centre of force ବା କେନ୍ଦ୍ରୀଭୂତ ଶକ୍ତି ଜାତ ହୁଏ । ବ୍ରାହ୍ମ ଓ ଖ୍ରୀଷ୍ଟାନମାନେ ମଧ୍ୟ ଏହିପରି କରନ୍ତି । ସେମାନଙ୍କୁ ବଲ୍‌ଅଧର୍ମୀ କହିବାର ସାହସ ଅଛି କି ?

ସଦର ଦରଜାର ଡାହାଣ ପାଖକୁ ଦାଣ୍ଡରେ ଗୋଟିଏ ପଥର ଚଉରା ଅଛି । ତାହାର ଚାରିପାଖରେ ପଥର ଚଟାଣ । ଏଠାରେ ପ୍ରତ୍ୟହ ଭଖୁଡ଼ା କଦଳୀ ଭୋଗ ଦିଆଯାଏ । ପ୍ରତି ସଂକ୍ରାନ୍ତିରେ ଘିଅ ପୋଡ଼ାଯାଏ । ପ୍ରତି ସନ୍ଧ୍ୟାରେ କନକ ସଞ୍ଜବତୀ ଜାଳି ଓଳଗି ହୁଏ । ମନରେ କଣ ବାଞ୍ଛା କରେ କିଏ ଜାଣେ ?

ଦାଣ୍ଡ ପୂର୍ବ ପାଖକୁ କଚେରୀଘର ଓ ପଶ୍ଚିମ ପାଖକୁ ଚାକରମାନଙ୍କର ଶୋଇବା ଘର । ଦକ୍ଷିଣକୁ ମେଲା । ଏହି ପ୍ରଶସ୍ତ ମେଲା ଦାଣ୍ଡର ଅଗ୍ନେୟ-କୋଣକୁ ଗୋଟିଏ ସାତଶେଣିଆ ଧୂଳିଆ ପ୍ରକାଣ୍ଡ ଖୋଲା ନାଟମନ୍ଦିର ଅଛି । ଦୋଳ, ଦଶହରା, ସୁନିଆଁ, ଚନ୍ଦ୍ରା ଓ ପୁଷ୍ୟାଭିଷେକ ପ୍ରଭୃତି ଯାନି-ଯାତ୍ରାରେ ମନ୍ଦିରଟି ଚନ୍ଦ୍ରାତପଶୋଭିତ ହୋଇ ନୃତ୍ୟବାଦ୍ୟାଦିରେ ପ୍ରତିଧ୍ୱନିତ ହୁଏ । ଗ୍ରାମର ରାସ୍ତା ଦାଣ୍ଡ ଦକ୍ଷିଣରେ ଚାଲିଯାଇଅଛି । ଏହି ରାସ୍ତା ଉପରେ ଘନ ନିବିଡ଼ ପଲ୍ଲବଚ୍ଛାୟାପ୍ରଦ ତମାଳ ବୃକ୍ଷଟିଏ ଅଛି । ତାହା ମୂଳରେ ଗୋଟିଏ ପୀଠ ବା ଚୌତରା ଅଛି । ରାଜେନ୍ଦ୍ର କେବେ କେବେ ଏହି ଚୌତରାରେ ବସି ଖବରକାଗଜ ପଢ଼ନ୍ତି ବା ବିଶ୍ରାମ ସମୟ କାଟନ୍ତି । ରାସ୍ତା ଦକ୍ଷିଣରେ ପୁଷ୍ପବାଟିକା—ମଲ୍ଲୀ, ଚଗଡ଼, ମନ୍ଦାର, ଚମ୍ପା, କାଠଚମ୍ପା ଓ ରାଜେନ୍ଦ୍ରଙ୍କ ରୋପିତ ହେନା, କାମିନୀ, ନବମଲ୍ଲିକା, ସୁଗନ୍ଧରାଜ, କ୍ରୋଟନ, ଗୁଇନା, କାମ୍ବରେଜ, ମାର୍ଶେଲନିଲ୍, ସାର୍‌ଓ୍ୟାଲ୍‌ଟର୍, ସ୍କଟ୍ ପ୍ରଭୃତି ଗୋଲାପଗଛ ଅଛି । ପୁଷ୍ପବାଟିକାରେ ଥିବା ପୋଖରୀ ଚାରିପାଖରେ ନଡ଼ିଆ ଗୁଆ ଘନସନ୍ନିବିଷ୍ଟ ହୋଇ ପବନକୁ ଶୀତଳ କରୁଅଛି । ପୂର୍ବପାଖ କଚେରୀଘରକୁ ଲଗାଇ ପାଠଶାଳାଘର । ପଶ୍ଚିମ ପାଖରେ ଚାକରମାନଙ୍କ ଶୋଇବା ଘରକୁ ଲଗାଇ ସୁଆରୀ ପାଲିଙ୍କି ରଖିବା ଘର ଓ ଗୋରୁମାନଙ୍କ ପାଇଁ କୁଣ୍ଡା ଅମାର ଓ ବିରି କୋଳଥ ଓଳିଆ ଘର । ତାହା ପାଖକୁ ଗୋରୁ ଗୁହାଳ ଓ ଘୋଡ଼ାପାଗା ବା ଅସ୍ତାବଲ । ଅସ୍ତାବଲରେ ଗୋଟିଏ ପଞ୍ଚକଲ୍ୟାଣୀ ଘୋଡ଼ା ବନ୍ଧା ଥାଏ । ଏହା ହରଚନ୍ଦନଙ୍କ ଦ୍ୱିତୀୟ ପୁତ୍ର ଚନ୍ଦ୍ରମାଧବଙ୍କର

Digitized by srujanika@gmail.com

ପ୍ରିୟ ବାହନ । ଏହି ଅଶ୍ୱରେ ଆରୋହଣ କରି ସେ ଦଳବଳ ସହ ଚତୁଃପାର୍ଶ୍ୱ ଜାନପଦ ଅଭିଯାନରେ ବହିର୍ଗତ ହୁଅନ୍ତି । ବେଳେ ବେଳେ ବନ୍ଧୁକ ସହ ନିକଟବର୍ତ୍ତୀ ଜଙ୍ଗଲକୁ ଶୀକାର କରି ଯାଆନ୍ତି । ଏହାଙ୍କ ଯୋଗୁଁ ଏ ଅଞ୍ଚଳରୁ ବ୍ୟାଘ୍ରଭୟ ପ୍ରାୟ ଦୂର ହୋଇଅଛି ।

ଭିତର ବଗିଚାଟି ବାଇଶି ମାଣ ବାଇଶି ଗୁଣ୍ଠ ବାଇଶି ବିଶ୍ୱାର ଅଧିକାଂଶ । ବଗିଚାରେ ସଜନାଗଛ, ବାଉଁଶ ଝାଡ଼, ଛାଲ, କଦଳୀ, ଆମ୍ବ, ପଣସ, ବଉଳ, ନାରଙ୍ଗ, କଇଥ, କାଗିଜିଲେମ୍ବୁ, ଓଉ, ସାହାଡ଼ା, ଗଙ୍ଗଶିଉଳି, ମାଳତୀ, ମଧୁମାଳତୀ, ପିଅଶ୍ୱି, କନିଅର, ଗୋଡ଼ବାଣ ପ୍ରଭୃତି ଆବଶ୍ୟକ ଓ ଅନାବଶ୍ୟକ ନାନାପ୍ରକାର ଗଛଲତା ଅଛି । ପିଅଶ୍ୱି ଲତାରେ ରଜରେ ପିଲାମାନେ ଦୋଳି ଖେଳନ୍ତି । ଏହି ବଗିଚାରେ ଥିବା ଗଙ୍ଗଶିଉଳି ଗଛ ପାଠକପାଠିକାମାନଙ୍କର ପରିଚିତ । ଏଥିରେ ଗୋଟିଏ ପୋଖରୀରେ ଯଥେଷ୍ଟ ମାଛ ଥାଆନ୍ତି । ପୋଖରୀକୂଳରେ ଘାଟ ନିକଟରେ ଗୋଟିଏ ବଉଳ ଗଛ ଅଛି । ଏହା ମୂଳରେ ଗୋଟିଏ ଚୌତରା ବନ୍ଧା ହୋଇଅଛି । ପୁରନ୍ଧ୍ରୀମାନେ ଏହି ପୀଠ ଉପରେ ବସି ତେଲ, ହଳଦୀ ଲଗାନ୍ତି କିମ୍ବା ଦନ୍ତଧାବନ କରନ୍ତି—କେହି ବା ପଥର ପାହାଚରେ ଜଳକାର୍ଯ୍ୟମାନ ସମ୍ପାଦନ କରନ୍ତି । ଏହି ପୁଷ୍କରିଣୀ ଦର୍ଶନରେ କବିବର୍ଣ୍ଣିତ ସର ଧନଞ୍ଜୟଙ୍କ ସ୍ମୃତିପଥାରୂଢ଼ ହେଲା ।

"କି ନୀଳ ଶାଢ଼ୀ ହଂସାବଳୀ ରଙ୍ଗ ଧଡ଼ି ହୋଇଛି ।
ଅବନୀ ବନିତା ବସ୍ତ୍ରରେ କିବା କଣିବା ଇଚ୍ଛି ।"

ପୋଖରୀକୂଳରେ ଗୋଟିଏ କଇଥ ଗଛରେ ଶଙ୍ଖଚିଲଟିଏ ବସା କରିଛି । ଧନଞ୍ଜୟ ତାକୁ ବଡ଼ ଭାଗ୍ୟବାନ୍ ବୋଲି ପ୍ରଶଂସା କଲେ ।

ନେଉଟିଆ, ଖଡ଼ା, କୋଶଳା, ଶିମ୍ବ, ମଟର, ଲାଉ, କଖାରୁ, ସାରୁ, ବାଇଗଣ ଯେଉଁ ଋତୁରେ ଯେଉଁ ଫସଲ ତାହା ଏହି ବାଡ଼ ଭିତରେ ହୁଏ ଏବଂ ବର୍ଷର ଅଧିକାଂଶ ଦିନ ପରିବାର କାର୍ଯ୍ୟରେ ଲାଗେ । ପରିବା ବେଳେ ବେଳେ ହାଟରୁ ମଧ୍ୟ ଆସେ । ପୋଖରୀରେ କୁମ୍ଭୀ,ମଚ ହୋଇ ମାହାଳି ବା ମାଲ ଲତା ହୋଇ ପାଣି ବୁହା ହୁଏ ।

ଯେଉଁ ଦାଣ୍ଡ ମେଲଘରର କଥା ଲେଖା ହେଲା, ସେହି ଘର କାନ୍ଥରେ ଶିବଧନୁର୍ଭଙ୍ଗ, ମର୍କଟ୍ୟମବିଜୟ, ସ୍ୱମାଭିଷେକ, ଅଶ୍ୱମେଧ ଯଜ୍ଞ,

Digitized by srujanika@gmail.com

ରାମବନବାସ ଦୃଶ୍ୟ, ବକବଧ ଦୈତ୍ୟ, ବସ୍ତ୍ରଧବଧ, ରାମରାବଣ ଯୁଦ୍ଧ, ହରପାର୍ବତୀ, ସୁଭଦ୍ରାର୍ଜ୍ଜୁନ, ରୁକ୍ମିଣୀହରଣ, ଅଭିମନ୍ୟୁବଧ, ଭୀଷ୍ମଙ୍କ ଶରଶଯ୍ୟା, ଦୁର୍ଯ୍ୟୋଧନର ଘୋଷଯାତ୍ରା, ରାଜସୂୟ ଯଜ୍ଞ, ବ୍ୟାସଙ୍କ ବଦରିକାଶ୍ରମ, ପ୍ରଭାସମିଳନ, ଲକ୍ଷ୍ମଣଙ୍କ ଶକ୍ତିଶେଳ, ଅଶୋକବନେ ସୀତା, ସମୁଦ୍ରମନ୍ଥନ, ଅନନ୍ତଶୟନ, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକେୟ, ଦଶାବତାର ପ୍ରଭୃତି ନାନାପ୍ରକାର ପୌରାଣିକ ମୂର୍ତ୍ତି ଚିତ୍ରିତ ହୋଇଅଛି । ଏହା ଛଡ଼ା ଅନ୍ତଲିପି, ବହିଲିପି, ଗୋମୂତ୍ରଛନ୍ଦ, ରଥବନ୍ଧ, ନାଗବନ୍ଧ, ପଦ୍ମବନ୍ଧ, ପ୍ରଭୃତି ବିବିଧ ଚିତ୍ରବନ୍ଧ ଦର୍ଶକର ନୟନ ମନ ହରଣ କରୁଅଛି ଏବଂ ଏହି ଉତ୍କଳୀୟ ଖାନ୍‌ଦାନ୍ ଘରର ଶିଳ୍ପକଳାଭିରୁଚି ଓ ପ୍ରାଚୀନ ସାହିତ୍ୟଚର୍ଚ୍ଚାର ପରିଚୟ ପ୍ରଦାନ କରୁଅଛି । ଦୁଃଖର କଥା, ଏହି ପ୍ରାଚୀନ ରୁଚି ଅଧୁନା କ୍ରମଶଃ ଲୟପ୍ରାପ୍ତ ହେଉଅଛି । କକ୍ଷାନ୍ତରରେ ରବି ବର୍ମାଙ୍କର ନାନା ଚିତ୍ର, ଉତ୍କଳସମ୍ମିଳନୀ ଉପଲକ୍ଷରେ ରଚିତ ସଦୁକ୍ତିରଙ୍ଗ ରାଜେନ୍ଦ୍ରଙ୍କ ନୂତନ ବୈଠକଖାନାର ବିଚିତ୍ରତା ସମ୍ପାଦନ କରୁଅଛି ।

ବ୍ରାହ୍ମମୁହୂର୍ତ୍ତରେ ପ୍ରାଙ୍ଗଣସ୍ଥ ସାରିକା ଗାଇ ଉଠେ—
"କନକଲତା ଗୋ କନକଲତା
ଉଠ ମୋହ ସଙ୍ଗେ କହ ଗୋ କଥା,
ରାତି ପାହିଲାଣି କାକ ରାବିଲାଣି
ଉଠିଲେଣି ରମା ଉମା ମୁକୁତା ।"

ମାଟି ଓ ମହିଅଣୀ ବଧୂ ଦମୟନ୍ତୀଙ୍କ ଶିକ୍ଷାଗୁଣରେ ସାରିକାର ଏ ଅଭୃତ୍ତି । ଏହି ପରିବାରରେ ମଧୁର ଲୀଳା ଧନଞ୍ଜୟଙ୍କ ସ୍ମୃତିରେ ଏକ ସ୍ୱପ୍ନରାଜ୍ୟର ଛବି ଚିତ୍ରିତ କରିଦେଲା । କନକଲତା ସଙ୍ଗରେ ତାଙ୍କର ବିବାହ ସମ୍ବନ୍ଧର ଅଭିସମାପ୍ତି ହୋଇଥିଲା । ସ୍ଥିର ବା କାର୍ଯ୍ୟ ପରିଣତ ହୋଇଥିଲେ ଏତେ ଆନନ୍ଦ ହୁଅନ୍ତା କି ? ଭୁକ୍ତ ଆନନ୍ଦ ତ ଶାନ୍ତ । ଆନନ୍ଦର ଆଶା ଅନନ୍ତ—ନାଳେ ସୁଖମସ୍ତି ।

ଏହି ପରିବାରରେ ପ୍ରାଚୀନକୁ ନବୀନ ସାହସରେ ସମ୍ବର୍ଦ୍ଧନା କରୁଅଛି । କଠୋର କର୍ତ୍ତବ୍ୟ ଓ ପୂର୍ଣ୍ଣ ପାରିବାରିକ ଆନନ୍ଦ, ସଂଯମ ଓ ନିର୍ଦ୍ଦୋଷ ଆମୋଦ, କର୍ମ ଓ ଭକ୍ତି, ବୈରାଗ୍ୟ ଓ ଭୋଗ ପରସ୍ପରର ହସ୍ତ ମର୍ଦ୍ଦନ କରୁଅଛନ୍ତି । ହରିଚନ୍ଦନ ଓ ତଦୀୟ ସହଧର୍ମିଣୀ ସେବାଧର୍ମ

Digitized by srujanika@gmail.com

ଓ କର୍ତ୍ତବ୍ୟପରାୟଣତାର ଜ୍ୱଳନ୍ତ ପ୍ରତିମୂର୍ତ୍ତି । ପରିବାରସ୍ଥ ଯୁବକ ଯୁବତୀମାନଙ୍କ ଚରିତ୍ରରେ କର୍ତ୍ତା ଓ କର୍ତ୍ତ୍ରୀଙ୍କର ଶାସନ ଓ ସଂଯମର ଛାୟା ପଡ଼ିଥିଲେହେଁ ଯୌବନସୁଲଭ ଆମୋଦପ୍ରମୋଦ ହାସ୍ୟ-କୌତୁକର ଅଭାବ ନାହିଁ । ଏଠାରେ କବିଙ୍କର ନିମ୍ନୋକ୍ତ ଆଦର୍ଶ ପ୍ରତିଫଳିତ ହୋଇଅଛି :—

"I slept and dreamt that life was beauty,
I woke and found that life was duty."

ନବମ ପରିଚ୍ଛେଦ

ପୂର୍ବ ପରିଚ୍ଛେଦରେ ଆମ୍ଭେମାନେ ହରିଚନ୍ଦନଙ୍କ ଗୃହ ଓ ସାଧାରଣ ଚରିତ୍ର ବର୍ଣ୍ଣନା କରିଅଛୁଁ । ଏହି ଗୃହସ୍ଥ ମନୁଷ୍ୟମାନଙ୍କର ରୂପ ଗୁଣ ଚରିତ୍ରର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନାର ଅଭାବ ଚିନ୍ତାଶୀଳ ପାଠକପାଠିକା ଅନୁଭବ କରୁଥିବେ । ନିସର୍ଗଲାବଣ୍ୟ ମନୋହର ସନ୍ଦେହ ନାହିଁ ; କିନ୍ତୁ ମାନବହୃଦୟର ସରସ ବୃତ୍ତି ତାହା ଅପେକ୍ଷା କୋଟିଗୁଣରେ ମନୋହର । ଏମନ୍ତ କି, ମାନବମନର ଅନ୍ତର ସୌନ୍ଦର୍ଯ୍ୟ ହିଁ ପ୍ରକୃତିର ସୌନ୍ଦର୍ଯ୍ୟକୁ ଶତଗୁଣିତ କରିଦିଏ । ମନର ସମାବେଶ ବ୍ୟତୀତ ନିସର୍ଗ-ଲାବଣ୍ୟର ଅନୁଭୂତି ହିଁ ଅସମ୍ଭବ । ବାସସ୍ଥାନଦ୍ୱାରା ମାନବ ବା ପ୍ରାଣୀର ରୂପ ଗୁଣ ଅବଧାରିତ ହୁଏ । ସାହାରାର ସିଂହ ମରୁଭୂମିର ବାଲୁକାମୟ ବର୍ଣ୍ଣ, ନାଗଡଙ୍କ ସାପ ହରିଦ୍‌ବର୍ଣ୍ଣ । ତଦ୍ୱାରା ସେମାନଙ୍କର ଖାଦ୍ୟ ସଂଗ୍ରହର ସୁବିଧା ମଧ୍ୟ ହୁଏ । ପ୍ରକୃତିର ଏହି ନିୟମ । ଭଗ୍ନ ଇଷ୍ଟକସ୍ତୂପ ମଧ୍ୟରେ ଧୂସର ଗୋଖୁର ରହେ । ଅପରିଷ୍କୃତ କର୍ଦ୍ଦମମୟ ସ୍ଥାନରେ ବିଷମକ୍ଷିକା, ମଶକ ପ୍ରଭୃତି ଜନ୍ମ ହୋଇ ରହନ୍ତି । ଢାବୁଅ ପାଣିରେ ଧଣ୍ଡସାପ ରହେ । ପର୍ବତର ପ୍ରସ୍ତରମୟ ଗହ୍ୱର ସିଂହ, ଶାର୍ଦ୍ଦୂଳଙ୍କଦ୍ୱାରା ଅଧ୍ୟୁଷିତ । ରସାଳକୁଞ୍ଜରେ କୋକିଳର ବାସ । ଅନ୍ଧକାରମୟ ତେନ୍ତୁଳି ଗଛରେ ପେଚା, ବାଦୁଡ଼ି ପ୍ରଭୃତି ବସା କରନ୍ତି । ମାଛ ପୋଖରୀକୂଳରେ, ଘନସାନ୍ଦ୍ର ଚୂତକାନନରେ ଶଙ୍ଖଚିଲ ବାସ କରେ । ପୂତିଗନ୍ଧମୟ କଂସେଇଖାନା

Digitized by srujanika@gmail.com

ପାଖରେ ମାଟିଅଶଲ୍, ଗୃଧ୍ର ପ୍ରଭୃତି ବାସ କରନ୍ତି । ସୁନ୍ଦର ସୁରଭି ମୁକୁଳରେ ରସାଳ ଫଳେ, ସୁତୁଙ୍ଗ ସୁନ୍ଦର ଶାଖାବହୁଳ ବୃକ୍ଷ ଉପରେ ନାରିକେଳର ଜନ୍ମ । ପଦ୍ମରାଗ ଖଣିରେ ପଦ୍ମରାଗମଣି ଜନ୍ମେ । ଢେଳା କୁଣ୍ଡଅରେ ଢେଳା ପିଲର ଜନ୍ମ । ଡାଇପାଣି ମଧ୍ୟରେ ଯେଉଁମାନେ ବଢ଼ନ୍ତି, ସେମାନଙ୍କର ମନ ବୃତ୍ତି ସାଧାରଣତଃ ସେହିପରି ହୁଏ । ହରଚନ୍ଦନଙ୍କ ପରିବାରର ବହିଃସ୍ୱରୂପ ଯେପରି, ସେମାନଙ୍କ ଅନ୍ତର୍ଜୀବନ ସେହିପରି । ଖଡକୁଡ଼ରେ ପଦ୍ମ, ଶ୍ମଶାନ ତୁଳସୀ ଏହି ଗୁଡ଼ିକରେ ନିଷେଧ ବିଧିକୁ ପ୍ରମାଣିତ କରେ । ପ୍ରତ୍ୟେକ ବିଧିର ବ୍ୟତିକ୍ରମ ଅଛି । ଅନ୍ଧକାର ବିନା ଆଲୋକ ଅସମ୍ଭବ । ଭଲ ମନ୍ଦ ହାତ ଧରାଧରି ହୋଇ ସୃଷ୍ଟିର ଲୀଳା ସମ୍ଭବ କରିଅଛନ୍ତି ।

ପାଠକମାନେ ଜାଣନ୍ତି, ହରଚନ୍ଦନଙ୍କର ଗୃହ ପୁଅ ଓ ତିନି ବୋହୂ । ରାଜେନ୍ଦ୍ର ଅବିବାହିତ । ଜ୍ୟେଷ୍ଠ ଇନ୍ଦ୍ରମାଧବ ପିତୃଗୁଣସମ୍ପନ୍ନ, ବିଚକ୍ଷଣ, ସ୍ୱଜନବତ୍ସଳ, ଉଦ୍ରାସ୍ତି, ବିଷୟୀ, ମିତାଚୃଷ୍ଣ, ମିତଭାଷୀ । ଦ୍ୱିତୀୟ ଚନ୍ଦ୍ରମାଧବ ଅତି ସାହସୀ, ଅମିତାଚୃଷ୍ଣ, ଦୁର୍ଦ୍ଧର୍ଷ, ଅଫପଡ, ପିତାଙ୍କର କଣ୍ଠିତ୍ ଅବାଧ୍ୟ ; କିନ୍ତୁ ଏହାଙ୍କର କେତେକ ସଦ୍‌ଗୁଣ ଲୁକ୍କାୟିତ । ଏ ଲୋକପ୍ରିୟ, ଗୋଟିଏ ଦଳ ଗଠନ କରିଥାନ୍ତି । ରୋଗୀର ଶୁଶ୍ରୂଷା, ଶବସଂସ୍କାର, ବିପନ୍ନ ଅତ୍ୟାଗୃହୀତର ସାହାଯ୍ୟ କରନ୍ତି । କେତେବେଳେ ସଙ୍ଗୀତିନ ଅଖଡ଼ା, କେତେବେଳେ ଖଜଣୀମାଡ଼, କେତେବେଳେ ବନମହୋତ୍ସବ କରି କାଳକ୍ଷେପ କରନ୍ତି । ପ୍ରଥମ ଯୌବନରେ ଧାନ-ଗଦାରୁ, ଅମାରରୁ, ସିନ୍ଦୁକରୁ ପିତାଙ୍କ ଜ୍ଞାତସାରରେ ବା ଅଜ୍ଞାତରେ ଧନ ନେଇ ସଙ୍ଗୀ ଗାୟକ ଓ ଲାଠିଆଳମାନଙ୍କ ଉଦର ମନର ତୃପ୍ତି ସାଧନ କରିବାରେ କଦାପି କୁଣ୍ଠା ପ୍ରକାଶ କରିନାହାନ୍ତି । ଥରେ ହରଚନ୍ଦନ କ୍ରୁଦ୍ଧ ହୋଇ ତିରସ୍କାର କରି କହିଲେ, "ତୁ ଜାଣୁ, ମୁଁ ନାଗ ସାପ ।" ପୁତ୍ର ତତ୍‌କ୍ଷଣାତ୍ ଉତ୍ତର ଦେଲେ, "ଅପଣ ତ ଜାଣନ୍ତି, ମୁଁ ନାଗବଇଁ ।" ହରଚନ୍ଦନଙ୍କ ଗୃହିଣୀ ସେହିକ୍ଷଣି ଆସି ସ୍ୱାମୀଙ୍କ କୋପ ଶାନ୍ତ କରି ଅବୋଧ ପୁତ୍ରକୁ ପିତୃ-ଅଭିଶାପରୁ ରକ୍ଷା କଲେ । ଏହି ପୁଣି ବିପଦ-ଆପଦ, ରୋଗ-ମୃତ୍ୟୁ ଘଟଣାରେ ବୀର ପରି କାର୍ଯ୍ୟ କରନ୍ତି । ଯେତେବେଳେ ଯାହାର ଗୃହଦାହ ହେଲା ଦେଖିବ, ଦଳବଳ ନେଇ

Digitized by srujanika@gmail.com

ସେଠାରେ ଉପସ୍ଥିତ ହୋଇ ଜୀବନର ଆଶାରେ ଜଳାଞ୍ଜଳି ଦେଇ ମହା-ଉତ୍ସାହରେ ସାହାଯ୍ୟ କଲେ । ଅଗ୍ନିନିର୍ବାପନାନ୍ତେ ହାତରୁ କିଛି ଦେଇ ବିପନ୍ନଙ୍କୁ ସାହାଯ୍ୟ କରି ଗଲେ । କେହି ଶବସତ୍କାର କରିପାରୁ ନାହିଁ, ସେହି ଶବସତ୍କାର କରିଦେଇ ବିପନ୍ନର କୁଳ ମାନ ରକ୍ଷା କରନ୍ତି । ଯେଉଁଠାରେ ଦୁର୍ଦ୍ଦାନ୍ତ ଅତ୍ୟାଚାରୀ ଜମିଦାର ପ୍ରଜା ଉପରେ ଅତ୍ୟାଚାର କରେ ସେଠାରେ ସେନାନୀରୂପେ ତାହାର ରକ୍ଷାକର୍ତ୍ତା ହୋଇ ଦଣ୍ଡାୟମାନ । ତଦାୟ ଦଳର ଉପରେ କେହି ଆଉ ଅଗ୍ରସର ହୋଇ ପାରନ୍ତି ନାହିଁ । ମୂଳତଃ ହରଚନ୍ଦନଙ୍କ ଛଡ଼ା ଏହି ପୁରୁଷପୁଙ୍ଗବଙ୍କଦ୍ୱାରା ଆଉ କାହାର କ୍ଷତି ହୁଏ ନାହିଁ, ବରଂ ଲାଭ । ହରଚନ୍ଦନଙ୍କ ତୃତୀୟ ପୁତ୍ର ବୀରେନ୍ଦ୍ର କ୍ରୂର, କୃପଣ, କଣ୍ଟିତ୍ ମାଂସାଶୟ, ସ୍ୱାର୍ଥପର, ଘୋର ସଂସାରୀ, କୌଶଳୀ, ଲମ୍ପଟ । ପୂର୍ବକଥିତା ଚମ୍ପାକୁ ବିପଥଗାମିନୀ କରିଥିଲେ; କିନ୍ତୁ ରାଜେନ୍ଦ୍ର ତାକୁ ରକ୍ଷା କଲେ । ଲମ୍ପଟତାର ଫଳସ୍ୱରୂପ ଅପୁତ୍ରକତା । ବିଧାତାବିଧାନ ପୂର୍ଣ୍ଣ ନ୍ୟାୟାନୁମୋଦିତ । ଯାହାର ଯେପରି ଦୋଷ, ଦଣ୍ଡ ତଦନୁରୂପ । ଏହି ଲମ୍ପଟ ଅଶ୍ଳୀଳ ଉପଦଂଶାଦି ରୋଗରେ ଭଗ୍ନ । ଅର୍ଶ, ମେହ ନାନା ରୋଗର ଖଣି ଏ । ଗୁଣାନୁଯାୟୀ ପୁରସ୍କାର ମଧ୍ୟ ପାଇଅଛନ୍ତି । ସଞ୍ଚୟୀପଣରୁ ଥିବାରୁ ଅର୍ଥର ସଦ୍‌ବ୍ୟବହାର କରି ଖୁବ୍ ଲାଭବାନ୍ ହୋଇଅଛନ୍ତି । ଅଳ୍ପ ଧନରେ ଅତି ସୁନ୍ଦରରୂପେ ସୁକୌଶଳରେ ଅନେକ କାର୍ଯ୍ୟ କରିପାରନ୍ତି । କେତେକ ଦିନ କୌଣସି ସ୍ଥାନରେ ଜମିଦାରୀ ଶାସକ ବା ନାଏବ କାର୍ଯ୍ୟ କରୁଥିଲେ; କିନ୍ତୁ ପ୍ରଜାମାନେ ବିଦ୍ରୋହୀ ହୋଇ ଅତ୍ୟାଚାର କରିବାରୁ ପଳାୟମାନ ହୋଇ ପ୍ରାଣ ରକ୍ଷା କଲେ । ଗୃହ ଓ ଜମିଦାରୀ ସୁନ୍ଦର ବୁଝିପାରନ୍ତି । ନିଜକୁ ପର ସ୍ଥାନରେ ବସାଇ ତାହାର ଅସୁବିଧାଟିକ ବୁଝି ପାରନ୍ତି ନାହିଁ । ଅନ୍ୟଠାରୁ ଯାହା ଆଶା କର, ଅନ୍ୟପ୍ରତି ସେହିପରି ବ୍ୟବହାର କର, ଏହାଙ୍କ ଜୀବନରେ ଏହି ଧର୍ମନୀତିର ବୈପରୀତ୍ୟ ଲକ୍ଷିତ ହୁଏ ।

"ପୂର୍ବଜନ୍ମାର୍ଜ୍ଜିତା ବିଦ୍ୟା ପୂର୍ବଜନ୍ମାର୍ଜ୍ଜିତଂ ଧନଂ ।
ପୂର୍ବଜନ୍ମାର୍ଜ୍ଜିତା କନ୍ୟା ଅଗ୍ରେ ଧାବତି ଧାବତି ।"

ସ୍ତ୍ରୀ ସ୍ୱାମିଙ୍କ ସମଧର୍ମିକାନ୍ତା—ମୁଖରା, ନିଷ୍ଠୁରସ୍ୱଭାବା, କଠୋରଭାଷିଣୀ, କୃପଣା, ଗର୍ବିତା । କାହାର କିଛି ନେବାକୁ ଗୃହାନ୍ତି ନାହିଁ । କାହାରକୁ କିଛି ଦେବାକୁ ନାରାଜ । ଅଦାନପ୍ରଦାନ ଯେ ଜଗତର ନିୟମ, ଏହା

Digitized by srujanika@gmail.com

ସେ ବୁଝନ୍ତି ନାହିଁ । ସ୍ୱାମୀ ସ୍ତ୍ରୀ କେତେକ ବର୍ଷ ଏକତ୍ର ରହିଲେ ପରସ୍ପରର ଦୋଷ ଗୁଣର ଅଧିକାରୀ ହୁଅନ୍ତି । ବିଧାତା ସେମାନଙ୍କୁ ସମାନ ପ୍ରକୃତିର କରିଥିବାରୁ ଏମାନଙ୍କ ଚରିତ୍ରରେ ପରସ୍ପରର ଦୋଷଗୁଣ ଦୃଢ଼ୀଭୂତ ହେଲା । ବୃକ୍ଷ ରୋପଣ କଲେ ଫଳ ନ ଖାଇ ଯିବ କୁଆଡ଼େ ? ଏହି ଦମ୍ପତୀ ଜନପ୍ରିୟ ନୁହନ୍ତି ଏବଂ ପୂର୍ବୋକ୍ତ ନାନା କାରଣରୁ ଅସୁଖୀ । କେବଳ କୌଶଳ ଯଥେଷ୍ଟ ଥିବାରୁ ସାଂସାରିକ ହିସାବରେ ଚଳି ଯାଉଥାନ୍ତି ।

ହରିଚନ୍ଦନଙ୍କ ଜ୍ୟେଷ୍ଠା ପୁତ୍ରବଧୂ ସାବିତ୍ରୀ ସୁଗୃହିଣୀ, ସରଳ-ପ୍ରକୃତିକା କିନ୍ତୁ କିଞ୍ଚିତ୍ କଳହପ୍ରିୟା । ସେ କଳହ ବେଶି ବେଳ ସ୍ଥାୟୀ ହୁଏ ନାହିଁ । ପରକ୍ଷଣରେ ମିଳିମିଶି ଯାଆନ୍ତି । ଗୃହକର୍ମରେ ସଦା ତତ୍ପରା । କ୍ଷୁଦ୍ର କାର୍ଯ୍ୟ, ଯାହାକୁ ଅନ୍ୟମାନେ ନୀଚ ବୋଲି ଭାବିବେ ଓ ଦାସୀ କରିବା ଉଚିତ ବୋଲି ଭାବିବେ, ଏ ଅବଲୀଳାକ୍ରମେ ଅବିକୃତଚିତ୍ତରେ ତାହା ସମ୍ପାଦନ କରିବେ । କନିଷ୍ଠା ଶାରଦା କୃପଣା; ମାତ୍ର ନିଜେ ଭୋଗବିଳାସିନୀ । କିନ୍ତୁ ଜ୍ୟେଷ୍ଠା ମଧୁମକ୍ଷିକାବତ୍ ସଞ୍ଚୟପରାୟଣା । ସ୍ୱକୀୟ ପରକୀୟ ଉଭୟ ପକ୍ଷରେ କୃପଣା । ବିଳାସବାସନା ଆଦୌ ନାହିଁ । ଜୀବନକଲତା ଏହାଙ୍କୁ ବେଳେ ବେଳେ କହେ, “ନୂଆବୋହୂ, ଭାଗବତରେ ପଢ଼ି ଶୁଣିଥିଲି—

“ଦୁଃଖେ ଅର୍ଜିତ ଯେତେ ଧନ,
ସେ ନୋହେ ସୁଖେ ପ୍ରୟୋଜନ ।”

ଜ୍ୟେଷ୍ଠା ଉତ୍ତର ଦିଅନ୍ତି, “ଦେ ଲୋ ଭଉଣି, କଳିକଠାରୁ ତ ବୁଢ଼ି ଭାଗ ଗଲିଣି, ସୁଖ ଆଉ କଣ ? ତମ ଭାଇଙ୍କ ଆଗରେ ଗଲେ ସେହି ମୋର ସୁଖ ।”

ପ୍ରକୃତ ପକ୍ଷରେ ହରିଚନ୍ଦନ ପରିବାରର ଗୃହଲକ୍ଷ୍ମୀ ମଧ୍ୟମା ବଧୂ ଦମୟନ୍ତୀ । ପରିବାରର ଦୈନନ୍ଦିନ ଭାର ଏହାଙ୍କ ଉପରେ ବିଶେଷ ଭାବରେ ନ୍ୟସ୍ତ । ଭଦ୍ରଲୋକ, ବନ୍ଧୁବାନ୍ଧବ ଯେ ଯେତେବେଳେ ଆସିବେ, ସେମାନଙ୍କୁ ପାନ ତମାଖୁ ହେଉ ବା ଜଳଖିଆ ପାକ ବା ଅନ୍ନବ୍ୟଞ୍ଜନ ପାକ ହେଉ ସମସ୍ତ ସେହି ବୁଝିବେ । ବନର ମାଳତୀ ଦେଖା ନ ପଡ଼ିଲେ ମଧ୍ୟ ଯେପରି ତାହାର ସୌରଭ ଆପେ ମହକୁଥାଏ, ସେହିପରି ଏହି ମିତଭାଷିଣୀ ନୀରବ ନିସ୍ୱାର୍ଥ କର୍ମପରାୟଣା ନାରୀଙ୍କର ସେବାଧର୍ମର ଯଶଃସୌରଭ ବନ୍ଧୁକୁଟୁମ୍ବ ସର୍ବତ୍ର ମହକି ଉଠିଅଛି । ଅନ୍ୟେ କାହାକୁ କହନ୍ତି, ଏ ଜାଣନ୍ତି ନାହିଁ । ସ୍ୱଜନ ବାନ୍ଧବ ଗୁରୁଗୁର୍ବୀ

Digitized by srujanika@gmail.com

ସମସ୍ତଙ୍କର ସେବା କର ଦାସଦାସୀ, ପୋଷ୍ୟ ଜୀବଜନ୍ତୁ ସମସ୍ତଙ୍କର ଅାହାର ପାନର ବ୍ୟବସ୍ଥା କର ଭଗବତଙ୍କ ଜଳତୁଳସୀ ଓ ଶାଶୁ ଶଶୁରଙ୍କ ପଦୋଦକ ପାଇ ଯତ୍ନକଣ୍ଠିତ୍ ଭୋଜନପୂର୍ବକ ବାଅଁଣା ଗୁଣ୍ଡା ବୁଣିବା, ମୋଜା କମ୍ପର୍ଟ ସିଲାଇ କରିବା, ଜନକ ସହିତ ଭଗବତ ରାମାୟଣ ପଢ଼ିବା ଶୁଣିବାକୁ ସମୟ ପାଇଥାନ୍ତି । ଦାଣ୍ଡଘରର ଖିଆଦ ଅଧିକାଂଶ ଏହାଙ୍କର ଓ ଜନକର ସମବେତ ଚେଷ୍ଟାର ଫଳ ।

ବଡ଼ ଭାଇଙ୍କର ଦଶଟି କନ୍ୟା ଓ ଗୋଟିଏ ପୁତ୍ର ସନ୍ତାନ । ମଧ୍ୟମଙ୍କର ଦୁଇଗୋଟି ପୁତ୍ର ଓ ଦୁଇଗୋଟି କନ୍ୟା ଏବଂ କନିଷ୍ଠଙ୍କର ସନ୍ତାନାଦି ନ ଥିବାରୁ ମଧ୍ୟମଙ୍କଠାରୁ ଗୋଟିଏ ପୋଷ୍ୟପୁତ୍ର କରିନେଇ ଅଛନ୍ତି । ହରିଚନ୍ଦନଙ୍କର ଇଚ୍ଛା, କନକଲତା ଓ ବ୍ରଜେନ୍ଦ୍ରଙ୍କ ହାତକୁ ଦୁଇହାତ କରିଦେଇ ସେ ତୀର୍ଥପର୍ଯ୍ୟଟନ କରି ଯିବେ । ଭାଗବତର—

"ପୁତ୍ର ଜିବେଷି ପତ୍ନୀ ପାଶେ,
ଅଥବା ଚଳିବ ସନ୍ନ୍ୟାସେ ।"

ତାଙ୍କ ମନକୁ ବହୁବାର ଅାନ୍ଦୋଳିତ କଲାଣି ।

ବ୍ରଜେନ୍ଦ୍ର ପିଲା । ତାଙ୍କ ଚରିତ୍ର ବିଶ୍ଳେଷଣ କରିବାର ସମୟ ହୋଇନାହିଁ । ସୁଧୀ ପାଠକ କାର୍ଯ୍ୟରୁ ଚରିତ୍ର ଜାଣିନେବେ । ବ୍ରଜେନ୍ଦ୍ର କିନ୍ତୁ ବଡ଼ ଏକଜିଦିଆ । ଏମ୍. ଏ. ପାସ୍ ନ ହେଲେ ସେ ବିବାହ କରିବ ନାହିଁ । ଲୋକେ ସନ୍ଦେହ କରନ୍ତି, ସେ ବ୍ରାହ୍ମଧର୍ମ ବା ଖ୍ରୀଷ୍ଟଧର୍ମ ଗ୍ରହଣ କରି ସେହି ସମାଜରେ ବିବାହ କରିବ । ସେ କହେ, "ମନୁଷ୍ୟ ଯାହାକୁ ସାରା ଜୀବନର ସଙ୍ଗିନୀ କରିବ, ତାହାକୁ ନ ଦେଖି ନ ଶୁଣି ପର କଥାରେ କୁଣ୍ଢାଇ ବିବାହ ପରି ଗଳାରେ ଛନ୍ଦି ହୋଇ ଚିରଜୀବନ ମନସ୍ତାପ ଭୋଗ କରିବା ରୂପ ବିଡ଼ମ୍ବନାଠାରୁ ଚିରଜୀବନ ବ୍ରହ୍ମଚର୍ଯ୍ୟ ବ୍ରତ ଗ୍ରହଣ କରିବା ବରଂ ଶ୍ରେୟସ୍କର । ଏ କଥା ସେ ଅଧିକ ଲୋକଙ୍କୁ କହେ ନାହିଁ । ଯେଉଁ ଚିନ୍ତାମଣି ଶତପଥୀଙ୍କୁ ନିଜେ ହରିଚନ୍ଦନ ପିତୃବତ୍ ମାନନ୍ତି, ତାଙ୍କର ଅାଗରେ ବ୍ରଜେନ୍ଦ୍ର ଏହିପରି କହେ । ସେ ତାହା ଶୁଣି ବ୍ରଜେନ୍ଦ୍ରକୁ ବାୟା ବୋଲି କହନ୍ତି ଏବଂ କହନ୍ତି, "ତୁ କଣ ସ୍ୱୟମ୍ବର ସଭାରେ ବରିତ ହେବାକୁ ଲୋଡ଼ୁ ?" ମନେ ମନେ କହନ୍ତି, "ଏତ ଠିକ୍ କଥା କହୁଛି । ପ୍ରାଚୀନ କାଳରେ ରାମ, ଅର୍ଜ୍ଜୁନ, ଶ୍ରୀକୃଷ୍ଣ ସମସ୍ତେ ତ ଭାର୍ଯ୍ୟା

Digitized by srujanika@gmail.com

ସହଧର୍ମିଣୀଙ୍କୁ ଦେଖି ବିବାହ କରିଥିଲେ; କିନ୍ତୁ ଦେଶରେ ତ ଆଜି ସେ ବିଧି ପ୍ରଚଳିତ ନାହିଁ । ଏ ଦୋଷାକ୍ରାର ହେବ କିଅଣ ?” ହରିଚନ୍ଦନଙ୍କୁ ପ୍ରବୋଧ ଦିଅନ୍ତି, “ବୟସବେଳେ ଏହିପରି ହୋଇଥାଏ । କିନ୍ତୁ ଦିନ ପଢ଼ି । ଜ୍ଞାନ ପରିପକ୍ୱ ହେଲେ ଆପେ ନମ୍ର ହୋଇଯିବ । ଗୋଟିଏ ସୁଶ୍ରୀ କନ୍ୟାଠାରୁ ଗୋଟିଏ ଯୋଡ଼ିଏ ବାଳବଚ୍ଛା ହେଲେ ମନ ଘର ଧରିଯିବ ଯେ ।”

କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏହି ଛଅଟି ପ୍ରକୃତି ମାତ୍ରାନୁସାରେ ଦୋଷ ଗୁଣରେ ପରିଣତ ହୁଅନ୍ତି । ସତ୍ତ୍ୱ, ରଜ, ତମୋଗୁଣ ଭେଦରେ ଏମାନେ ପୁଣି ଭିନ୍ନରୂପ ଧାରଣ କରନ୍ତି । କାମପ୍ରଣୋଦିତ ହୋଇ କେହି ଅର୍ଥ, କେହି ବିଦ୍ୟା, କେହି ଧର୍ମ, କେହି ମୋକ୍ଷ କାମନା କରେ । କେହି ଅତତାୟୀ ବା ଅତ୍ୟାଗ୍ରହୀ ଉପରେ କ୍ରୁଦ୍ଧ ହୋଇ ତାହାକୁ ବିନାଶ କରି ସୃଷ୍ଟିଲୀଳାରେ ସହାୟତା କରେ । କେହିବା ସାମାନ୍ୟ ସ୍ୱାର୍ଥ-ହାନିରେ ଅଯଥା କ୍ରୁଦ୍ଧ ହୋଇ ପରିବାରକୁ ନୀଚ କରେ । କେହି ସାମାନ୍ୟ ଅର୍ଥଲୋଭ, କେହି ବିଦ୍ୟାର ଲୋଭ, କେହିବା ପରର ପୁଣ୍ୟ ଦେଖି ଲୋଭାନ୍ୱିତ ହୋଇ ସତ୍‌ପଥାନୁବର୍ତ୍ତୀ ହୁଏ । ହରିଚନ୍ଦନଙ୍କ ବିଶାଳ ହୃଦ୍-ହ୍ରଦସ୍ଥରେ ଏପରି ଲୋଭନୀୟ ତରଙ୍ଗର ବିକାଶ ସାଧିତ ହୋଇଥିଲା ଏବଂ ତଦୀୟ ସହଧର୍ମିଣୀଙ୍କ ପୁଣ୍ୟ ପ୍ରଭାବ ସଙ୍ଗେ ତାହା ଗଙ୍ଗା ଯମୁନା ସଙ୍ଗମବତ୍ ଏତାଦୃଶ ପରିପୁଷ୍ଟି ଲାଭ କରିଥିଲା ଯେ, ତଦ୍ୱାରା ସମସ୍ତ ପରିବାର ଅଲ୍ପାଧିକ ପ୍ରଭାବିତ ହୋଇଥିଲା । ତେଣୁ ତଦୀୟ ପୁତ୍ର ଓ ପୁତ୍ରବଧୂମାନେ ସ୍ୱକୀୟ ପ୍ରକୃତି ଦିନକୁ ଦିନ ପରିମାର୍ଜିତ କରି ଉନ୍ନତିପଥରେ ଅଗ୍ରସର ହେଉଥିଲେ । ସାଂସାରିକ ଦୁଃଖ ଶୋକ ରୋଗ ଯନ୍ତ୍ରଣା ସେହି ପଥରେ ସେମାନଙ୍କର ସହାୟତା କରୁଥିଲା । ଦେବପୂଜା, ଶାସ୍ତ୍ରପାଠ, ସର୍ବଦା କର୍ତ୍ତବ୍ୟପାଳନ, ସର୍ବୋପରି ସ୍ୱ ସ୍ୱ ଜୀବନର ଜୀବନ୍ତ ଜ୍ୱଳନ୍ତ ଦୃଷ୍ଟାନ୍ତଦ୍ୱାରା ଏହି ଦମ୍ପତି ସ୍ୱ ସ୍ୱ ପୋଷ୍ୟ ଓ ପ୍ରତିବାସିବର୍ଗଙ୍କ ଚରିତ୍ରକୁ ଅଜ୍ଞାତସାରରେ ସୁଗଠିତ, ମାର୍ଜିତ ଏବଂ ପବିତ୍ରୀକୃତ କରି ଉନ୍ନତି ମାର୍ଗରେ ଅଗ୍ରସର କରାଉଥିଲେ । ଜ୍ଞାନ ଅପେକ୍ଷା କର୍ମ ଚରିତ୍ରୋନ୍ନତିର ଉତ୍କୃଷ୍ଟତର ପନ୍ଥା । ମାନବର ଇହସଂସାରରେ ଶ୍ରେଷ୍ଠ କର୍ତ୍ତବ୍ୟ ଅସ୍ତ୍ରୋନ୍ନତି, ସ୍ୱାର୍ଥତ୍ୟାଗ, ପରାର୍ଥପରତା । ନାନା ବିଷୟୁଲୀଳା ମଧ୍ୟରେ ଏହିତା ମନୁଷ୍ୟତା ।

Digitized by srujanika@gmail.com

ଦଶମ ପରିଚ୍ଛେଦ

ଧନଞ୍ଜୟ ଗୁପ୍ତଙ୍କ ଓକାଲତି

ଏ ଜଗତରେ ଯେ ଯାହା ଲୋଡ଼େ, ସବୁବେଳେ ସେ ତାହା ପାଏ ନାହିଁ । ଜୀବନରେ ସ୍ୱାଧୀନ ଇଚ୍ଛା ଓ ସାଧନାର ଫଳ ଅଛି ସତ୍ୟ ମାତ୍ର ଅନେକ ସମୟରେ ଦେଖାଯାଏ, ମାନବଶକ୍ତିର ଅତୀତ ଅନ୍ୟ ଗୋଟିଏ ଶକ୍ତି କାର୍ଯ୍ୟ କରୁଅଛି । ସୂକ୍ଷ୍ମଭାବରେ ପର୍ଯ୍ୟାଲୋଚନା କଲେ ଦେଖାଯାଏ, ପରିଣାମରେ ସେହି ଶକ୍ତି ହିଁ ଜୟଯୁକ୍ତ ହୋଇଅଛି । ମାନବଶକ୍ତି ଯେତିକି ପରିମାଣରେ ସେହି ଶକ୍ତିର ଅନୁଗାମିନୀ, ସେତିକି ପରିମାଣରେ ତାହା ଜୟଯୁକ୍ତ । ପୁଣି ଦେଖାଯାଏ, ଏହି ଶକ୍ତି ଯେ କେବଳ ପ୍ରବଳପରାକ୍ରାନ୍ତ, ଅନତିକ୍ରମଣୀୟ, ଦୁର୍ଦ୍ଧର୍ଷ, ସର୍ବତୋମୁଖୀ, ତାହା ନୁହେ; ପରନ୍ତୁ ଏହା ମଙ୍ଗଳମୟ । ଏହି ଶକ୍ତିକୁ ଅନୁଧ୍ୟାନ କରି ତତ୍ସହିତ ଯୋଗଯୁକ୍ତ ହୋଇ ସାଧୁ ମହାତ୍ମାଗଣ କୃତକୃତ୍ୟ ହୁଅନ୍ତି । ଏହାର ଦର୍ଶନ ଯେ ପାଆନ୍ତି ସେହି ଦ୍ରଷ୍ଟା, ଏହା ଯେ ସାଧନ କରନ୍ତି ସେହି ସାଧକ, ଏଥିର ଯେ ପାରଦର୍ଶୀ ସେହି ସିଦ୍ଧ, ମହାପୁରୁଷ । କିନ୍ତୁ ସାଧାରଣ ମାନବର ବୁଦ୍ଧି, ଇଚ୍ଛା, ଅନୁଭବ ସୀମାବଦ୍ଧ । ତେଣୁ ତାହାର ଜ୍ଞାନ-କର୍ମ-ପ୍ରେମ ସାନ୍ତ । ଅନେକ ସମୟରେ ମନୁଷ୍ୟ ତାହାର ବାଞ୍ଛିତ ଫଳ ନ ପାଇ ଅଧୀର ଭାବରେ "ହା ହତୋସ୍ମି" କରି ବିଧାତାଙ୍କର ଦୋଷ ଦିଏ । ସାନ୍ନିପାତିକ ରୋଗୀ ଜଳ ଲୋଡ଼େ, ହିତାକାଂକ୍ଷୀ ବୈଦ୍ୟ ସେତେବେଳେ ତାକୁ ଜଳ ଦିଏ ନାହିଁ । ଯାହା ଅନିଷ୍ଟକର, ବିକୃତ ଅବସ୍ଥାରେ ତନିମିତ୍ତ ପ୍ରବଳ ଆକାଂକ୍ଷା ହୁଏ । କୁଷ୍ଠରୋଗୀମାନେ ଅମ୍ଳ ଓ ଆମିଷ ନିମିତ୍ତ ଲୋଲଜିହ୍ୱ ହୁଅନ୍ତି । ଅଥଚ ଏହି ଅମ୍ଳ ଓ ଆମିଷ ସେମାନଙ୍କର ଅନିଷ୍ଟକାରୀ । ବିଶ୍ୱଚକ୍ଷୁ ସର୍ବଦର୍ଶୀ ମଙ୍ଗଳମୟ ପ୍ରଭୁ ବୋଧହୁଏ ତେଣୁ ଅଜ୍ଞାନ ମାନବର ବାଞ୍ଛିତ ବିଷଫଳକୁ ତାହା ହସ୍ତରୁ ଛଡ଼ାଇ ନିଅନ୍ତି । ମାନବର ଯେତେ ବୟୋବୃଦ୍ଧି ହୁଏ ଏବଂ ତାହାର ଜ୍ଞାନ ଯେତେ ପରିପକ୍ୱ ହୁଏ, ନିଜ ଶକ୍ତିରେ ତାହାର ବିଶ୍ୱାସ ସେତେ ଊଣା ହୁଏ ସେ ସ୍ପଷ୍ଟ ହୃଦୟଙ୍ଗମ କରିପାରେ, ଗୋଟିଏ ଅଜ୍ଞାତ ଅଜ୍ଞେୟ ଶକ୍ତି କି ଏକ ଗୂଢ଼ ଉଦ୍ଦେଶ୍ୟରେ ମାନବକୁ କି ଏକ ମହାଲକ୍ଷ୍ୟ ଆଡ଼କୁ ନେଇ ଯାଉଅଛି । ମାନବସମାଜର ବହୁଦର୍ଶିତା ଏହି

Digitized by srujanika@gmail.com

ଭାବକୁ ନାନା ଭାବରେ ଶ୍ଳୋକନିବଦ୍ଧ କରିଅଛି । ବୃଦ୍ଧଲୋକେ କହନ୍ତି, "ଦଇବ ଦାଉଡ଼ି ମନୁଷ୍ୟ ଗାଈ, ଯେଣିକି ଟାଣଇ ତେଣିକି ଯାଇ ।"

"ସମୁଦ୍ର ମନ୍ଥନେ ଲେଭେ ହରିର୍ଲକ୍ଷ୍ମୀଂ ହରୋ ବିଷଂ ।
ଭାଗ୍ୟଂ ଫଳତି ସର୍ବତ୍ର ନ ବିଦ୍ୟା ନ ଚ ପୌରୁଷଂ ।"

ବୟସଗୁଣରେ ବା ଦୋଷରେ ଅଦୃଷ୍ଟବାଦିତା ଅଳ୍ପ ସତ୍ୟ, ମାତ୍ର ଉଦ୍ଦାମ ଯୌବନରେ ମାନବର ଆତ୍ମନିର୍ଭରଶୀଳତା ସ୍ୱାଭାବିକ । ଆମ୍ଭମାନଙ୍କ ଧନଞ୍ଜୟ ବାବୁଙ୍କର ଗୃହକର୍ମ ଯୋଗାଡ଼ ହୋଇ ପାରୁନାହିଁ । ଇଚ୍ଛା ବିରୁଦ୍ଧରେ ଓକାଲତି କରୁଥିଲେହେଁ ଗୃହକର୍ମ ବିଷୟରେ ନିର୍ଗୁଣ ନ ହୋଇ ଭିତରେ ଭିତରେ ଯୋଗାଡ଼ଯତ୍ନ କରିବାରେ ତ୍ରୁଟି କରି ନାହାନ୍ତି । କିନ୍ତୁ ଗୃହକର୍ମ କିମ୍ବା ଅର୍ଥାଗମ ଅପେକ୍ଷା ସେ ପରୋପକାର, ସାମାଜିକ ବା ରାଜନୈତିକ ଜୀବନ ପ୍ରତି ଅଧିକ ଆସ୍ଥାବାନ୍ । ଯେଉଁଠାରେ ଅଗ୍ନିଦାହ ହେଲା, ସେଠାରେ ଦେଖିବ ଧନଞ୍ଜୟ । ଭାଇ ଭାଇ ବା ପ୍ରତିବାସୀଙ୍କ ମଧ୍ୟରେ କଳହ ବିବାଦ ହେଲେ ସେ ଦଶ କୋଶ ଯାଇ ସେମାନଙ୍କ ବିବାଦ ମେଣ୍ଟାଇବାରେ କୁଣ୍ଠିତ ହୁଅନ୍ତି ନାହିଁ । ଏହା ନିଜ ବ୍ୟବସାୟର ବିରୋଧୀ । ବିଶେଷତଃ ଟାଉଟରଣୀ ମୋହରିର-ମାନଙ୍କ ମତରେ ଏହା ମର୍ଯ୍ୟାଦାହାନିକର ଏବଂ ଅର୍ଥହାନିକାରକ, ଏଥିରେ ସଂଶୟ ନାହିଁ । କାରଣ ନିଜେ ଓକିଲ, ବାଦୀ ପ୍ରତିବାଦୀମାନଙ୍କ ଘରକୁ ଯାଇ କୋମଳ କଥା କହି ଅତ୍ୟାଗ୍ରହରେ ବିବାଦ ମୀମାଂସା ବା ରଫା କଲେ ଟାଉଟରଣୀଙ୍କୁ ମାନୁଛି କିଏ ? ଏହି ଟାଉଟରଣୀମାନେ ଅଧିକାଂଶ ନିମ୍ନପ୍ରାଥମିକ ବିଦ୍ୟାଳୟର ପାଠ ସମାପ୍ତ କରିବା ପୂର୍ବରୁ କାନରେ କଲମ ଖୋସି, ଟେରି କାଟି, ପାନରେ ମୁହଁ ଲାଲ୍‌କରି, ଲମ୍ବା କାମିଜ ପିନ୍ଧି, ଅଧୁନିକ ଫେସନରେ ଦୁଇ ଚାରୋଟି ଇଂରାଜୀ ମିଶା କଥା କହି ଦେଶରେ ମାଲିମକଦ୍ଦମାର ସୃଷ୍ଟି ବା ବୃଦ୍ଧି କରି ସମାଜର ସର୍ବନାଶ ସାଧନ କରୁଅଛନ୍ତି । ଧନଞ୍ଜୟ ଏମାନଙ୍କ ଗର୍ବ, ଅସାଧୁତା, ଚରଣଚାଟିଆ ଭାବ ଦେଖି ଏମାନଙ୍କୁ ଅନ୍ତରରେ ଘୃଣା କରନ୍ତି । କିନ୍ତୁ ଉଦ୍ଧାର ସେ ନିଜେ କ୍ଷତିଗ୍ରସ୍ତ ହୁଅନ୍ତି, କାରଣ ଏହି ଚତୁର ଟାଉଟରଣୀଦଳ କେତେକ ଭଲ ଭଲ ଓକିଲଙ୍କଠାରୁ ଛପଣି ଆଦାୟ କରି ମୋକଦ୍ଦମା ଯୋଗାନ୍ତି । ଅନ୍ତରଙ୍ଗ ବନ୍ଧୁମାନଙ୍କୁ ଧନଞ୍ଜୟ କଥାପ୍ରସଙ୍ଗରେ କହନ୍ତି, "ଏ ବ୍ୟବସାୟ ମୋପାଇଁ ନୁହେଁ ଅଥବା ମୁଁ ଏ ବ୍ୟବସାୟ-

Digitized by srujanika@gmail.com

ଉପଯୁକ୍ତ ନୁହେ ।” ଈଷତ୍ ହାସ୍ୟ କରି କଲ୍ୟାଣୀ ଉତ୍ତର କରି କହନ୍ତି, “ମୋ ଜୀବନ ତଥା ଅନ୍ୟ ଉପାଦାନେ ।” ଅଙ୍କୁର କହନ୍ତି, “ଅବଧୂତଙ୍କ ଚବିଶ ଗୁରୁମାନଙ୍କ ମଧ୍ୟରୁ ପିଙ୍ଗଳା ଗୋଟିଏ । ଅଧୁନାତନ କାଳର କେତେକ ଯୁବାଅରି ଓକିଲଙ୍କୁ ପାଇଥିଲେ, ଅବଧୂତ ଆଉ ପିଙ୍ଗଳାଙ୍କୁ ଗୁରୁ ବା ଗୁର୍ବୀ କରି ନ ଥାନ୍ତେ । ଅନିଶ୍ଚିତତା ଏ ବ୍ୟବସାୟର ଗୋଟିଏ ପ୍ରଧାନ ଦୋଷ । ଅଶାନ୍ତ, ଅସ୍ଥିରତା, ଅଶିକ୍ଷିତ ଲୋକମାନଙ୍କ ସହିତ ସର୍ବଦା ବ୍ୟବହାର ଅନ୍ୟତମ ଦୋଷ । ଅନେକ ସମୟରେ ଭଲ ମନ୍ଦ ନ୍ୟାୟ ଅନ୍ୟାୟ ନ ବୁଝି ନ ସୁଝି କେବଳ ବ୍ୟବସାୟ ହିସାବରେ ମକଦ୍ଦମା ନେବାକୁ ହୁଏ । ଅବଶ୍ୟ ଏ ବ୍ୟବସାୟରେ ଅନେକ ଶିଖିବାର, ଜାଣିବାର, କରିବାର ଅଛି । ବୁଦ୍ଧି ବିକଶିତ ହେବା ପକ୍ଷରେ, ଦୁଃସ୍ଥ ଦରିଦ୍ରଙ୍କ ସାହାଯ୍ୟ କରିବା ବିଷୟରେ, ଦେଶର ଉପକାର କରିବା ବିଷୟରେ, ଏ ବ୍ୟବସାୟ ବଡ଼ ସୁଯୋଗ ପ୍ରଦାନ କରେ । ତଥାପି କେଜାଣି କାହିଁକି, ଏ ବ୍ୟବସାୟ ମୋତେ ଭଲ ଲାଗୁ ନାହିଁ ।”

ଧନଞ୍ଜୟଙ୍କ ପ୍ରତିବାସୀ ଘନଶ୍ୟାମ ଭାରି ହସାସ୍ତି, ଚତୁର ବ୍ୟବସାୟୀ । ସେ ଧନଞ୍ଜୟଙ୍କ ପରି ଜଜ୍ ବା ସବ୍‌ଜଜ୍‌ଙ୍କ ମିସଲରେ ବସି ରହି ବଡ଼ ମକଦ୍ଦମା ଓ ଭଲ ଭଲ ପ୍ରବୀଣ ଓକିଲଙ୍କ ଜେରା ଓ ଯୁକ୍ତି ଶୁଣି 'ସମୟ ବୃଥା ନଷ୍ଟ' କରନ୍ତି ନାହିଁ । ଅଣ୍ଟା ଲଭ ଆଶାରେ ଜଜ୍ କୋର୍ଟ ମକଦ୍ଦମା ନେଇ ବେଶ୍ ଗୁରୁପଇସା ଲାଭ କରି ନିଅନ୍ତି । ଇତ-ମଧ୍ୟରେ କଟକରେ ଖଣ୍ଡିଏ କୋଠା ଆରମ୍ଭ ହେଲଣି । ଗ୍ରାମରେ ଜମିବାଡ଼ି କଣା ହେଉଅଛି । ଗ୍ରାମରେ ଦନେ ତାଙ୍କର ପିତା ଅପାର ଆନନ୍ଦ ଓ ଶରୁପ୍ରସାଦ ସମ୍ଭୋଗ କରି କହିଲେ, “ଘନ ଆମର କୁଳପାବନ ସତ୍ପୁତ୍ର, ସେ ଏକା ମୁଖିଅ ଓକିଲଟାଏ ହେବ । ତା ଜାତକ ଦେଖି ସୁବଳ ନାୟକେ କହିଅଛନ୍ତି, “ସେ ରାଜଚକ୍ରବର୍ତ୍ତୀ ହେବ ।”

ଅନନ୍ତା ଗୃହର ବେଙ୍ଗଳା ପକାଇ ପକାଇ କହିଲା, “ସାନ୍ତେ, ବାବୁ ତ ଆଖିରୁ କଳା କାଢ଼ି ନେବେ । ମେଜ ବାଡ଼େଇ ଗର୍ଜନ କରି ଜବାବ ସୁଆଲ କରି ସତକୁ ମିଛ, ମିଛକୁ ସତ କରିଦେବେ । ହାକିମ ନ ମାନିଲେ ତା ହାତର କଲମ ଧରି ଲେଖା ବନ୍ଦ କରିଦେବେ । ତାଙ୍କ ଜବାବ ସୁଆଲ ଜେଉଁରେ ଖୁସି ହୋଇ ଦୁଇ ପକ୍ଷର ମୁନ୍ଦେ ମୁଦାଲି

Digitized by srujanika@gmail.com

ତାଙ୍କୁ—" ବୁଢ଼ା ଶେଷ କଥା ଅଣାଙ୍କା କର ଛାଡ଼ ତାମୁଡ଼ ଖୁଣ୍ଟରଙ୍କୁ ଥକଟି ମେଜ ପାଖରୁ କୁଣ୍ଠା ଅଲଗାଇ ଦେବାକୁ କହିଲେ ।

ଏହି ଘନଶ୍ୟାମ ବାବୁଙ୍କ ମନକୁ ଧନଞ୍ଜୟଙ୍କ କଥା ଆସେ ନାହିଁ । ସେ କହନ୍ତି, ନିଜର ଦୋଷ ନ ଧରି ବ୍ୟବସାୟର ଦୋଷ ଧରିବା ଉଚିତ ନୁହେ ।

ନିପାଠୀ ବୁଢ଼ାଙ୍କ ଉଦ୍ଭଟ ଶ୍ଳୋକ ଉଦ୍ଧାର କରି କହନ୍ତି—

"ଅକର୍ମୀ ଭୂମି ନିନ୍ଦନ୍ତି, ଜଳ ନିନ୍ଦନ୍ତି ରୋଗିଣଃ ।
ଗଣିକା ପୁଚ ନିନ୍ଦନ୍ତି, ଚୌର ନିନ୍ଦନ୍ତି ଚନ୍ଦ୍ରମା ।"

ନ କରି ପାରିବ ତ ଯାଅ ଅବଧାନୀ—ସ୍କୁଲ୍ମାଷ୍ଟରି କର । ବ୍ୟବସାୟକୁ ନିନ୍ଦୁଚ କାହିଁ ? ଅଚ୍ଛା କହ ତ ଭଲା, ଆଉ କେଉଁ ବ୍ୟବସାୟରେ ଲାଟ ସାହେବଙ୍କ ସଙ୍ଗେ କରମର୍ଦ୍ଦନ କରିଯାଇ ପାରେ ? ଓକାଲତି କର, ଗୁଣ ଦେଖାଅ, ପଇସା ଜମାଅ, ମ୍ୟୁନିସିପାଲଟି କମିଶନର ହୁଅ, ଲୋକେଲ ବୋର୍ଡ଼, ଡିଷ୍ଟ୍ରିକ୍ଟ ବୋର୍ଡ଼ ମେମ୍ବର, ଭାଇସ୍-ଚେୟାରମାନ୍ ବା ଚେୟାରମାନ୍ ହୁଅ—ଦେଶ ଭିତରେ ଜଣେ ମୁଖିଆ ମନୁଷ୍ୟ ହେବ, ବ୍ୟବସାୟର ସୁବିଧା ଓ ଧନ ମାନର ବୃଦ୍ଧି ସଙ୍ଗେ ସଙ୍ଗେ ନିଜେ ଲାଟ୍ ଗଭର୍ଣ୍ଣର୍ ଦିନେ ତୁମ୍ଭ ସଙ୍ଗରେ ହସି ହସି କଥା କହିବେ; ହସି ଖାନା ଖାଇବାର ତ ଅଧିକ କଥା । କଲେକ୍ଟର କମିଶନରଙ୍କୁ ପଚୁରେ କିଏ ? ସେ ତ ଘରକା ମୁର୍ଗି ଡାଲ୍ ବରାବର୍, ଇତ୍ୟାଦି ଇତ୍ୟାଦି ।

ଘନଶ୍ୟାମଙ୍କ ବକ୍ତୃତା ଶୁଣି ଧନଞ୍ଜୟ ମୁରୁକି ମୁରୁକି ହସି କହନ୍ତି, "ଆରେ ଘନ, ତୋ ବକ୍ତୃତା ସ୍ରୋତ ବନ୍ଦ କର । 'ରାମ' କହ, 'କୃଷ୍ଣ' କହ, ଭଲ କଥା କହ, ମୁଁ ତ ନିଜେ ମାନୁଛି ମୋର ଦୋଷ । ତୋର ଏତେ ବକାବକି କରିବାର ଦରକାର କଣ ?" ମନେ ମନେ ତୁଳସୀ ଦାସଙ୍କ ଦୁହା ଆଉଡ଼ାଇ କହନ୍ତି—

"ସବ୍‌ମେ ରସିଏ ସବ୍‌ମେ ବସିଏ ସବ୍‌କା ଲିଜିଏ ନାମ,
ହାଁଜି ହାଁଜି କରତେ ରହିଏ ବଇଠେ ଆପନା ଠାମ ।"

ହୃଦୟରେ ଜୀବନର ଗୋଟିଏ ମହତ୍ ଉଦ୍ଦେଶ୍ୟ ପୋଷଣ କରି ତାହା କାର୍ଯ୍ୟରେ ପରିଣତ କରିବା ଆଶାରେ ବ୍ୟାକୁଳ ଥାଆନ୍ତି । ଧନଞ୍ଜୟଙ୍କ ମୁଖରେ ବିଷାଦର ଛାୟା ପଡ଼ିଥାଏ । ତାହାର କାରଣ କଣ ଅଛି ବୈଷୟିକ ଉନ୍ନତିର ଅଭାବ ? ସେ ତ ନିଜେ ଇଚ୍ଛାପୂର୍ବକ ଅଳ୍ପ ଲାଭକୁ

Digitized by srujanika@gmail.com

ତ୍ୟାଗ କରିଅଛନ୍ତି । ତାହାଙ୍କ ଘନଶ୍ୟାମଙ୍କ ପତ୍ନୀ ତାଙ୍କ ନିମିତ୍ତ ମଧ୍ୟ ଉନ୍ମୁକ୍ତ । ଏହାର ବିଷାଦ-କାଳିମାର ଅନ୍ୟ କାରଣ ଥିଲାପରି ବୋଧହୁଏ । ଅୟସ୍କାନ୍ତ ମଣି ଯେପରି ସମସ୍ତ ଅବସ୍ଥାରେ ମେରୁ-ଉନ୍ମୁଖ ହୋଇଥାଏ, ଧନଞ୍ଜୟ ତାଙ୍କର ସକଳ ସୁଖ ଦୁଃଖ ବିଷୟ ଜଞ୍ଜାଳ ମଧ୍ୟରେ ନୀଳାବ୍ଜ-ଯୁଗ୍ମ-ଶୋଭିତ ଲାବଣ୍ୟସରସୀ ସଙ୍କାଶ ଗୋଟିଏ ଦେବକନ୍ୟାର (?) ମୁଖପଦ୍ମକୁ ଧ୍ରୁବତାରା ସଦୃଶ ହୃଦୟରେ ଧାରଣ କରିଥାନ୍ତି । ସେ ସ୍ୱର୍ଣ୍ଣପଦ୍ମ ଲାଭାଶା ସୁଦୂରପରାହତ, ତେଣୁ ବିଷାଦ । ସେ ମୁଖପଦ୍ମ କାହାର ? ପାଠକ ଆଖଣ୍ଡଳମଣିଙ୍କ ପବିତ୍ର ବେଢ଼ାମଧ୍ୟରେ ସଂଘଟିତ ବିଷୟ ସ୍ମରଣ କରନ୍ତୁ । ଜଣାଇବ ଏକାନ୍ତ ଉଦ୍‌ଗତ ଭାବନାର ସ୍ପୃହା ଅନ୍ୟ ପ୍ରାଣରେ ପତିତ ହୁଏ କି ?

ଏକାଦଶ ପରିଚ୍ଛେଦ

ପାଇକରାଙ୍କ ମାତୃକ୍ରିୟାର ଏକ ବର୍ଷ ଅନ୍ତେ ବିବାହ ବିଷୟରେ ଉଭୟ ପକ୍ଷର ସ୍ୱୀକାର ସମ୍ମତ ଆଦାନପ୍ରଦାନର ଆୟୋଜନ ହେଲା । ଅଳଙ୍କାର, ଯାନବାହନ, ଗୋ, ଭୂମି ସମସ୍ତ ଦେବାନେବା ବିଷୟ ସ୍ଥିର ହୋଇଥିଲା । କେବଳ ଗୋଟିଏ ବିଷୟରେ ମତାନ୍ତର ହେଲା । ପାଇକରାଙ୍କ ଭାଇ ପୂରଞ୍ଜମ୍ କହିଲା ଯେ ଆଖଣ୍ଡଳମଣିଙ୍କ ବିଜେ ଅସ୍ଥାନକୁ ଗୃହପଣ ଯୌତୁକ ଦେବାକୁ ହେବ । ଏହା ବିଷୟ ଶୁଣି ହରିଚନ୍ଦନ ବିଷଣ୍ଣ ହେବାର ପାଠକେ ଜାଣିଅଛନ୍ତି । ଏଥିରେ କନ୍ୟାପକ୍ଷ ସମ୍ମତ ହେଲେ ନାହିଁ । କାରଣ, ବିଜେ ଅସ୍ଥାନ ହରିଚନ୍ଦନ ବଂଶର ସେ ଖଣ୍ଡମଣ୍ଡଳରେ ବଶିଷ୍ଟତାର ହେତୁ । ଏଥିନିମିତ୍ତ ପାଇକରାଙ୍କ ବଂଶ ସହିତ ବହୁ ମାଲିମକଦ୍ଦମା ଲାଗି ପ୍ରିଭି କାଉନ୍‌ସିଲ ପର୍ଯ୍ୟନ୍ତ ଯାଇ ମୀମାଂସା ହୋଇ-ଅଛି । ଏଥିରେ ବଂଶର ଗୌରବହାନି ଓ ତହିଁରେ କଳଙ୍କ କାଳିମା ଲେପନ କରିବାକୁ ବଂଶର କେହି ରାଜି ହେଲେ ନାହିଁ । କନକଲତା ମୁହଁକୁ ଅନାଇ ବଡ଼ ଦୁଇ ଭାଇ କିଛି କହିପାରିଲେ ନାହିଁ । ହରିଚନ୍ଦନ ନ ଯଯୌ ନ ତସ୍ଥୌ ହୋଇ ତଟସ୍ଥ ହେଲେ । କେବଳ ରାଜେନ୍ଦ୍ର ଯେ କି ଉପନ୍ୟାସସୁଲଭ କଳ୍ପନା ପ୍ରଭାବରେ ଜଗତକୁ ଦେଖୁଥିଲେ, ସେ ଏ ବିଜେ ଅସ୍ଥାନକୁ ମାଗିବା ଲୋକର ଓ ଦେବାକୁ କୁଣ୍ଠିତ ହେବା ଲୋକର ଦୁର୍ବୁଦ୍ଧିମତ୍ତାକୁ କୃପାଦୃଷ୍ଟିରେ ଅନାଇଲେ । ବିବାହକୁ କେବଳ ପ୍ରେମପରିଣତି

Digitized by srujanika@gmail.com

ନ କର ଗୋଟିଏ କସ୍ତୁବସ୍ତୁ ବ୍ୟାପାର କରିବା ପ୍ରତି ତାଙ୍କର କ୍ଷୋଭ ଓ ଘୃଣା ଶାର୍ଦ୍ଦୂଳବତ୍ ଗର୍ଜନ କଲା । ହରିଚନ୍ଦନଙ୍କ କ୍ରୋଧ ପ୍ରକ ପଣ କଲେ, ଯେବେ ବିକେ ଅସ୍ଥାନରୁ କପର୍ଦ୍ଦକ ଯୌତୁକସ୍ୱରୂପ ପ୍ରଦତ୍ତ ହୁଏ, ତେବେ ସେ ଗୃହରେ ଅଗ୍ନିସଂଯୋଗ କରିବେ, ଆତ୍ମହତ୍ୟା କରିବେ କମ୍ବା ଦେଶତ୍ୟାଗୀ ହେବେ । ତୃତୀୟଟି ପର ନିର୍ଦ୍ଦୋଷ ନିର୍ବାଚନ ଥିବା ସ୍ଥଳେ ପ୍ରଥମ ଦୁଇଟିର, ବିଶେଷତଃ ଉଭୟବିଧ ଦ୍ୱିତୀୟ ପ୍ରସ୍ତାବର ନାମୋଲ୍ଲେଖ ଯେ କାହିଁକି କଲେ, ତାହା ସେହି ଜାଣନ୍ତି । ସ୍ୱଭାବୋ ମୂର୍ଦ୍ଧ୍ନି ବର୍ତ୍ତତେ । ଯାହାହେଉ କନକଲତାର କପାଳ ଫାଟିଲା । ବିବାହ ପ୍ରସଙ୍ଗ ଭାଙ୍ଗିଗଲା । ପାଇକରା ପ୍ରତିଜ୍ଞା କଲେ, ନିକଟତମ ଲଗ୍ନରେ ପୁତ୍ରର ବିବାହ ଅନ୍ୟତ୍ର ଦେବେ । ତାଙ୍କର ଯୋଗ୍ୟପୁତ୍ରପ୍ରତି ସେ ଅଞ୍ଚଳର ବହୁ ଧନାଢ଼୍ୟ ଓ କୁଳୀନ କନ୍ୟାଦାୟଗ୍ରସ୍ତ ବ୍ୟକ୍ତି ସତୃଷ୍ଣନୟନରେ ଅନାଇ ରହିଥିଲେ । ବ୍ରିଟିଶ ଅଶାନ୍ତିରେ କଟାଇ ପ୍ରାତଃକାଳରେ ଉଠି ପୁତ୍ର ସହିତ ସାକ୍ଷାତ୍ ଓ ବିବାହ ବିଷୟରେ ପ୍ରସ୍ତାବ କରିବାକୁ ଇଚ୍ଛା କରନ୍ତେ, ଶୁଣିଲେ ଚନ୍ଦ୍ରଲା, ବାବୁ ପୁଣି ଗଲେଣି । ସ୍ୱପ୍ନରୁ ପାହାନ୍ତିଆ କରିବାକୁ ପିତାଙ୍କ ନିଦ୍ରାଭଙ୍ଗ କରି ଦେଖା କରିପାରିଲେ ନାହିଁ । ପାଇକରା କହିଲେ, "ହା କଳିକାଳ ! ଟୋକାଟା ବିଗିଡ଼ି ଗଲା । ବଂଶମର୍ଯ୍ୟାଦା ଜ୍ଞାନ ହେଲା ନାହିଁ ।" ପାଇକରା ଗୃହିଣୀ ଅନ୍ତରାଳରେ ଥାଇ କାହୁନି କାନ୍ଦି ଉଠିଲେ । କାହୁନାର ବିଷୟ ଏହି—"ପୁଅର ମନରେ ସୁଖ ନାହିଁ, ଏତେ ଧନ ଅପେକ୍ଷା କରି ବୋହୂମୁହଁ ଦେଖିବି ଆଶା କରିଥିଲି । ଅକାଳରେ ସବୁ ଆଶା ଭାଙ୍ଗିଗଲା । ଚନ୍ଦ୍ରମା ପରି ବୋହୂର ମୁହଁ, ଚମ୍ପାଫୁଲ ପରି ଦେହର ରଙ୍ଗ । କଜଳପାତି ପରି ଚକ୍ଷୁର ବର୍ଣ୍ଣ ଓ ଆକାର, ଲକ୍ଷ୍ମୀପରି ରୂପଗୁଣବତୀ । ଏପରି କନ୍ୟାରତ୍ନ ହରାଇ ବସିଲେ । ଟଙ୍କାକଉଡ଼ି ଜମି ବାଡ଼ି କଣ ହେବ ? ପୁଅ ଥିଲେ କେତେ କମେଇବ । ଇତ୍ୟାଦି, ଇତ୍ୟାଦି ।" ଏପରି କବିତା ଛନ୍ଦରେ ବର୍ଣ୍ଣନା ଦୁର୍ଯ୍ୟୋଧନଙ୍କ ଉଆସରେ ମହାଭାରତ ଯୁଦ୍ଧର ଭାନୁମତୀଙ୍କ ତୀବ୍ର ସମାଲୋଚନାବତ୍ ପାଇକରାଙ୍କୁ ଶେଳବିଦ୍ଧ କଲା । ସେ ସେଠାରେ ନ ରହି ଅଶ୍ରୁଉତ୍ସୂଚକ ବିଳାପ ବନ୍ଦ କରିବାର ଆଦେଶ ପ୍ରଚ୍ଛର କରି ଅନ୍ୟତ୍ର ଗମନ କଲେ । ସେ ମନେ କଲେ, ପୁରୁଷର ଦୃଢ଼ପ୍ରତିଜ୍ଞା-ବନ୍ଧକୁ ନାରୀଜାତିର ବିଳାପରୂପ ଜଳପ୍ରବାହ ବିରୁଦ୍ଧରେ ଦୃଢ଼ତର କରିବାକୁ ହେବ । ହାୟ ! ହରିଚନ୍ଦନଙ୍କ ପରିବାରର

Digitized by srujanika@gmail.com

ସ୍ତ୍ରୀ ସ୍ୱାମୀ ପରାମର୍ଶର ଅଭାବ ଏ ପରିବାରରେ ସ୍ପଷ୍ଟ ଲକ୍ଷିତ ହୁଏ । ଏଠାରେ ସତୀ ଗୃହଲକ୍ଷ୍ମୀ ଗୃହକର୍ତ୍ତାଙ୍କର ସହଧର୍ମିଣୀ ନୁହନ୍ତି, ଗୃହର ରକ୍ଷିଣୀ ମାତ୍ର । ବାସ୍ତବ୍‌, ଏପରି ଯୌତୁକ ଦାବୀ ଯେ ଅନ୍ୟାୟ, ଏହା ସମସ୍ତେ ବେଶ ବୁଝିପାରିଲେ । କେବଳ ବିଷକୁମ୍ଭ ପୟୋମୁଖ ତୋଷାମୋଦକାରୀ ଦଳ ମାର୍କଣ୍ଡଙ୍କ ପୋଷକତା କଲେ । ସେମାନେ ଯେବେ ଅପ୍ରତିବାଚ୍ୟଦ୍ୱାରା କେହିହେଲେ ମାର୍କଣ୍ଡଙ୍କୁ ନ୍ୟାୟପଥ ପ୍ରଦର୍ଶନ କରିଥାଆନ୍ତେ, ତାହାହେଲେ ତଦମ୍ବ ପରିବାର କେତେ ଅଶାନ୍ତିରୁ ରକ୍ଷା ପାଇ ନ ଥାନ୍ତେ ! ଅହୋ ! ଏହି ବିବାହପଣ କେତେ ଅଜ୍ଞାନ ବୁଝୁଛି ! ଧିକ୍ ତୁ କାଞ୍ଚନ ! ତୁ କି ସ୍ନେହ ମମତା, ଜାତି, ଧର୍ମ, ଭଦ୍ରତା, ଶିଷ୍ଟତା, ପ୍ରେମପ୍ରଣୟ ସମସ୍ତଙ୍କ ମସ୍ତକରେ ପଦାଘାତ କରିପାରୁ ? ଧିକ୍ ଯୌତୁକ ! କେବେ ତୋ କବଳରୁ ଲୋକେ ମୁକ୍ତି ଲଭିବେ ? ତୁ ଯେ ବିଷବୃକ୍ଷ । ଦିନକୁ ଦିନ ମୂଳ ବିସ୍ତାରପୂର୍ବକ ସମାଜର ଭିତ୍ତିକୁ ଦୃଢ଼ରୁ ଦୃଢ଼ତରରୂପେ ଅଚ୍ଛାଦନ, ଆକର୍ଷଣ କରି ବିକଳ, ବିକୃତ ଓ ହୃଦୟହୀନ କରି ଦେଉଅଛୁ । ହାୟ କନକଲତା ! ତୁମ୍ଭର ଦଶା କଣ ହେବ ? ହେ ଧନଞ୍ଜୟ ! ତୁମ୍ଭର ଶିକ୍ଷା କି ଏ କ୍ଷେତ୍ରରେ ଅକାରଣ ? ସବଳା ଅବଳା କୁଳବାଳାକୁ ମର୍ମାନ୍ତିକ ଦୁଃଖ ଶୋକ ଏମନ୍ତ କି ମୃତ୍ୟୁର କରାଳ କବଳରୁ ରକ୍ଷା କରିବାକୁ କି ତୁମ୍ଭେ ସମର୍ଥ ହେବ ନାହିଁ ?

ହରିଚନ୍ଦନ ଜନ୍ମନ । ତାଙ୍କ ଗୃହିଣୀ ଆହାର ନିଦ୍ରା ପରିତ୍ୟାଗ କରି ଦିନକୁଦିନ ଦୁର୍ବଳ ହେଲେ । ତୃଣାମ୍ବୁ ମୁନି କଠୋର ଦୃଢ଼ପ୍ରତିଜ୍ଞ ହୋଇ କନକଲତାର ବିବାହର ଯୋଗାଡ଼ ଅନ୍ୟତ୍ର କରିବାରେ କୃତସଂକଳ୍ପ ହେଲେ । ଏଣେ କନକଲତା କୃଷ୍ଣପକ୍ଷର ଶଶିକଳା ପରି ଅନୁଦିନ ମଳିନା ହୋଇଗଲା । ଶିଶିରର ମୃଣାଳଲତା ପ୍ରାୟ ଦିନକୁଦିନ ଝାଉଁଳିଗଲା । ଶେଷରେ ଉତ୍କଟ ଜ୍ୱର ଓ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟିନୀ ହେଲା । ତାହାକୁ ଦେଖିବାକୁ ଆସି ବୃଦ୍ଧ ଶତପଥୀଏ ଶ୍ଳୋକ ଆବୃତ୍ତି କଲେ :—

ଯଚ୍ଚିନ୍ତିତଂ ତଦିହ ଦୂରତରଂ ପ୍ରୟାତି
ଯଚ୍ଚେତସା ନ ଗଣିତଂ ତଦିହାଭ୍ୟୁପୈତି ।
ପ୍ରାତର୍ଭବାମି ବସୁଧାଧିପ୍‌ ଚକ୍ରବର୍ତ୍ତୀ
ସୋହଂ ବ୍ରଜାମି ଗହନଂ ଜଟିଳସ୍ତପସ୍ୱୀ ।”

ସ୍ୱୟଂ ମହାପୁରୁଷ ଜୀବନରେ ନ ଏପରି ହେଲା, ଅନ୍ୟେ ପରେ

Digitized by srujanika@gmail.com

ଙ୍କ କଥା । ସଖୀମାନେ ମନେ କଲେ, ବ୍ରହ୍ମଣ ପଣ୍ଡିତ କଲ୍ୟାଣ କରିଗଲେ—କନକର ଦେହ ଭଲ ହୋଇଯିବ । କିନ୍ତୁ କନକର ରୋଗ ଯେ ଦେହରେ ନୁହେଁ, ମନରେ । ଶେଷରେ ରାଜେନ୍ଦ୍ର ଏ ଦୃଶ୍ୟ ସହ୍ୟ ନ ପାରି ପିତାଙ୍କୁ କହିଲେ, "ବିଟେଜ ଅସ୍ଥାନରେ ମୋର ଯେଉଁ ଅଂଶ ତାହା କନକଙ୍କୁ ଯୌତୁକ ଦିଅଯାଉ ।" ଜନନୀ ଆଶୀର୍ବାଦ କଲେ, "ବାବାରେ ତୋର କୋଟି ପରମାୟୁ ହେଉ । ଅକ୍ଷୟକୀର୍ତ୍ତି ଅର୍ଜନ କର ।" ତାସ୍ପୁରର ଅର୍ଜୁନ ବାବୁ ଡାକ୍ତର ଆସି ଆନୁପୂର୍ବିକ ବିବରଣ ଶୁଣି ସମୁଦ୍ର ହାଉଆରେ କିଞ୍ଚିତ୍ ରୋଗୋପଶମ ହୋଇପାରେ କହି ରୋଗୀକୁ ପୁରୀ ପରିବର୍ତ୍ତନ କରିବାକୁ ଉପଦେଶ ଦେଲେ । [illegible] କର୍ମ ବାଧୀଯୁଛି ।

ଦ୍ୱାଦଶ ପରିଚ୍ଛେଦ

ଗରୁଡ଼ସ୍ତମ୍ଭ ନିକଟରେ ହରଚନ୍ଦନ ପରିବାର ଦଣ୍ଡାୟମାନ । କାହା ମନରେ କେଉଁ ଭାବ । "କୃପାସିନ୍ଧୁ ବଦନ କରି ଅବଲୋକନ କେଉଁ କରମହୀନ ଜନ" ରଜଭଣା ବୋଲି ହରଚନ୍ଦନଙ୍କ ଦୁଇ ଚକ୍ଷୁରୁ ଦରବିଗଳିତ ଧାରା ବହିଯାଉଅଛି । ରାଜେନ୍ଦ୍ରଙ୍କ ମନୋମଧ୍ୟରେ ଯୁଗଯୁଗାନ୍ତବ୍ୟାପୀ ଏହି ମନ୍ଦିରର ଇତିହାସର ଛାୟା ପତିତ ହୋଇ ତାଙ୍କୁ ବିସ୍ମୟବିହ୍ୱଳ କରିଦେଇଅଛି । ସେ ବିସ୍ମୟବିସ୍ଫାରିତ ନେତ୍ରରେ ସେହି ଅମ୍ବରଚୁମ୍ବୀ ମନ୍ଦିରଶିଖର ବିଷୟ ଚିନ୍ତା କରୁଅଛନ୍ତି । "ବଡ଼ ଦେଉଳ, ବଡ଼ ଦାଣ୍ଡ, ବଡ଼ ପାହାଚ, ବଡ଼ ପଣ୍ଡା, ଏଠାରେ ସବୁ ବଡ଼ । ଏଠାରେ ଶ୍ମଶାନ ସ୍ୱର୍ଗଦ୍ୱାର । ଧନ୍ୟ ହେ ନୃପତି ଇନ୍ଦ୍ରଦ୍ୟୁମ୍ନ ! ଧନ୍ୟ ଧନ୍ୟ ସମ୍ରାଟ୍ ଅନଙ୍ଗଭୀମଦେବ । ଧନ୍ୟ ତୁମ୍ଭର କୀର୍ତ୍ତିମୟ ଜୀବନ ! ସହସ୍ର ସହସ୍ର ବର୍ଷ କାଳର କରାଳ ଦନ୍ତ ତୁମ୍ଭର କୀର୍ତ୍ତିକୁ ବିନଷ୍ଟ କରିପାରି ନାହିଁ । କି ମହାବିରାଟ କଳ୍ପନା ଘେନି ଏହି ମହାବ୍ୟାପାରର ଅନୁଷ୍ଠାନ କରିଥିଲ ! ଏହି ପବିତ୍ର ସଙ୍କଳ୍ପ ଆରବ୍ଧ କରିଥିଲ ! ଯୁଗଯୁଗାନ୍ତବ୍ୟାପୀ ଦେଶଦେଶାନ୍ତବ୍ୟାପୀ ଉତ୍ତରରେ ତୁଷାରକିରୀଟ ହିମାଦ୍ରିଠାରୁ ଦକ୍ଷିଣରେ ସିନ୍ଧୁନୀରଧୌତ କନ୍ୟାକୁମାରୀ, ପୂର୍ବରେ

Digitized by srujanika@gmail.com

ବ୍ରହ୍ମଦେଶରୁ ପଶ୍ଚିମରେ ପଞ୍ଚନଦ ପର୍ଯ୍ୟନ୍ତ ଦିଗ୍‌ଦେଶବ୍ୟାପୀ ଜନପଦରୁ କୋଟି କୋଟି ନରନାରୀ, ଶଙ୍କର, କବୀର, ଚୈତନ୍ୟାଦି କେତେ କେତେ ମହାପୁରୁଷ ଅସି ଯାଣୀ ଶକ୍ତିର କେନ୍ଦ୍ରସ୍ଥଳ ଏହି ଶ୍ରୀକ୍ଷେତ୍ରରେ ଲୀଳା କରିଗଲେ । ହିନ୍ଦୁ-ବୌଦ୍ଧ-ଶୈବ-ବୈଷ୍ଣବ-ବୈଦିକ-ପୌରାଣିକ-ଧର୍ମମାନଙ୍କର ମହାସମନ୍ୱୟ-ସ୍ଥଳୀ ଏହି ପୁଣ୍ୟକ୍ଷେତ୍ରର କି ମହାସ୍ପର୍ଶୀ ଶକ୍ତି ! ଧନ୍ୟ ଏହି ବାଲୁକାମାଳାଶୋଭିତ ମହୋଦଧିବିଧୌତ ପୁଣ୍ୟସ୍ଥଳୀ ! ମର୍ତ୍ତ୍ୟ ବୈକୁଣ୍ଠ !" କନକଲତା ମନରେ କି ଏକ ଅପୂର୍ବ ଶକ୍ତିର ସଞ୍ଚାର ହେଲା । ଜଗନ୍ନାଥ ସକଳ ଦୁଃଖର ହରଣକର୍ତ୍ତା । ହରି ତାଙ୍କର ନାମ । ଦେବଦର୍ଶନ କରି ହରିଚନ୍ଦନ ବେଢ଼ା ପରିକ୍ରମଣପୂର୍ବକ ପୂର୍ବ-ନିର୍ଦ୍ଦିଷ୍ଟ ଗୃହରେ ବାସ କଲେ ।

ପ୍ରତିଦିନ ସକାଳୁ ଏହି ଯାତ୍ରିମାନେ ସମୁଦ୍ର ସ୍ନାନ କରନ୍ତି । ଦିନେ କନକଲତା ଦେଖିଲା—ସମୁଦ୍ରକୂଳରେ ଏ କିଏ ! ଦୃଷ୍ଟିରେ ଚକ୍ଷୁ ମିଳିତ ହେଲା । ହଠାତ୍ ପ୍ରଣୟର ଗୋଟିଏ ବୈଦ୍ୟୁତିକ ଧାରା ତାହା ଧମନୀ ମଧ୍ୟରେ ସଞ୍ଚାରିତ ହେଲା । ଏ ହେଉ ମିଳନ ଯାହା ଥରେ ଅଖଣ୍ଡଳମଣି ବେଢ଼ାରେ ହୋଇଥିଲା । ରୂପର କି ପରିବର୍ତ୍ତନ ! ଏହାଙ୍କ ମନରେ ବି ଏହିପରି ଦୁଃଖ-କୀଟ ପ୍ରବେଶ କରିଅଛି ! ମୋ ପ୍ରୀତିପାଇଁ ଏତେ କଷଣ ସହିଲେ ? ଧନଞ୍ଜୟ ରାଜେନ୍ଦ୍ର ପରସ୍ପରଙ୍କୁ ଆଲିଙ୍ଗନ କଲେ । କନକଲତା ସେ ଆଲିଙ୍ଗନ ଅନୁଭବ କଲା । ତାହାର ଧମନୀ ଭିତରେ ବି ସେହି ହରିଚନ୍ଦନ ରକ୍ତଧାରା ପ୍ରବାହିତ ହେଉଅଛି । ଧନଞ୍ଜୟ ମଧ୍ୟରେ ମଧ୍ୟ ସେହି ବୈଦ୍ୟୁତିକ ଧାରା ପ୍ରବାହିତ ହୋଇ ତାଙ୍କର ପ୍ରେମାର୍ଘ୍ୟ ସମାଦନ କଲା । ଯେପରି ବନ୍ଧୁ ହେଉ ପରସ୍ପରର ଆଲିଙ୍ଗନରେ ପୌରୁଷ ଅନୁଭୂତ ଅସମ୍ଭବ । ଏଥିରେ ବନ୍ଧୁ ବନ୍ଧୁର ଆଲିଙ୍ଗନ ଛଡ଼ା ଆଉ କିଛି ଥିଲା । ଧନଞ୍ଜୟ ଦୂରରେ ଦଣ୍ଡାୟମାନ ହରିଚନ୍ଦନଙ୍କୁ ପ୍ରଣାମ କରି ରାଜେନ୍ଦ୍ରଜନନୀଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣତ ହେଲେ । ସେହି ପରିଚିତ ଧନ-ଜନ-ଗୋପ-ଲକ୍ଷ୍ମୀ ଆଶୀର୍ବାଦଧାରା । କିନ୍ତୁ ଏଥର ସେ ଧାରା ପଛରେ ଦରବିଗଳିତ ନୟନାଶ୍ରୁଧାରା ପ୍ରବାହିତ ହେଲା । ସେ ଅଶ୍ରୁ-ବିନ୍ଦୁ ଯେପରି ପ୍ରଜ୍ୱଳିତ ତରଳାଗ୍ନି ବତ୍ ଅନୁତପ୍ତ ଧନଞ୍ଜୟର ହୃଦୟ ବିଦ୍ଧ କଲା । ସେ ମାଷ୍ଟାଙ୍ଗ ପ୍ରଣିପାତ କରି କହିଲେ, "ମା !

Digitized by srujanika@gmail.com

ମୋର ସମସ୍ତ ଦୋଷ ମାର୍ଜନା କର । ଏବେ ପିତୃବାକ୍ୟ ଦେଖେ ବଡ଼େଙ୍କର ବୃଷ୍ଟିକଦଂଶନ ସହ୍ୟ ସହ୍ୟ ମୁଁ ଅନ୍ତଃସାରଶୂନ୍ୟ ହୋଇଅଛି ।” ରାଜେନ୍ଦ୍ର ଜନନୀ ଆଉ ସହି ନ ପାରି ସେହି ବାତବିକ୍ଷୁବ୍ଧ ସମୁଦ୍ର ତଟକୁ ବିକଳ-ବିଳାପଦ୍ୱାରା କ୍ଷଣେ ପ୍ରତିଧ୍ୱନିତ କଲେ । ହରିଚନ୍ଦନ ଏଥିରେ ବାଧା ଦେଇ ଧନଞ୍ଜୟଙ୍କୁ ସଙ୍ଗରେ ଘେନି ସୁବାସାଭିମୁଖରେ ପ୍ରତ୍ୟାବୃତ୍ତ ହେଲେ । ବହୁଦିନର ବିଚ୍ଛେଦ କଷ୍ଟ କ୍ଷଣକରେ ଅଶ୍ରୁନୀରରେ ଢେଉଁ-ଅଡ଼େ ଭାସିଗଲା । ନୂଆବୋହୂମାନେ ଧନଞ୍ଜୟଙ୍କୁ ପରିହାସ-ସ୍ରୋତରେ ଭସାଇ ଦେଲେ । ଧନଞ୍ଜୟ ଶିଶୁମାନଙ୍କୁ କୋଳରେ ଘେନି ପ୍ରଚୁର ଆନନ୍ଦ ଉପଭୋଗ କଲେ । ଆଉ ଚିରଦୁଃଖିନୀ କନକଲତା, ତାହା କଥା କଣ କହିବୁଁ ? ତାହା ବର୍ଣ୍ଣନାଠାରୁ କଳ୍ପନାର ଅଧିକ ଉପଯୁକ୍ତ । ସେ ଯେତେବେଳେ ଅନ୍ୟାନ୍ୟ ସ୍ତ୍ରୀମାନଙ୍କ ସଙ୍ଗରେ ଗାଡ଼ିରେ ବସାକୁ ଫେରୁଥିଲା ଗାଡ଼ିର ଛିଦ୍ରବାଟେ ଅନବରତ ସେହି ଚିର ପିପାସିତ ନୟନରେ ସେହି ପ୍ରଣୟପ୍ରଫୁଲ୍ଲ ବିଷାଦମ୍ଲାନ ମୁଖପଦ୍ମକୁ ନିରୀକ୍ଷଣ କରୁଥିଲା । ଚିରତୃଷାର୍ତ୍ତ ଚାତକ ଯେପରି ନବବାରିଧାରାକୁ ସମ୍ଭାଷଣ କରେ, ସେ ସେହିପରି ନୀରବ ସମ୍ଭାଷଣ କରି ହୃଦୟ ମନ ଶୀତଳ କଲା । ସେହି ବାରିଦବାରି ପାନ କରି ତାହାର ଚିରଦଗ୍ଧ ପ୍ରାଣ ଯେପରି ଶୀତଳ ହେଲା । ଯେପରି ତାହାର ଧମନୀରେ ରୁଧିରଧାରା କ୍ଷିପ୍ରତର ଗତ କଲା । ଯେପରି ତାହାର ନିଦ୍ରିତ ସଂଜ୍ଞା ଉଦ୍‌ବୋଧିତ ହେଲା । ଦର୍ଶନରେ ତ ଏତେ, ମିଳନରେ କଣ ନ ହୁଅନ୍ତା ! ବୋଧହୁଏ ବିରହବିଧୁରା ମୁମୂର୍ଷୁ ତାକୁ ଆଜି ବଞ୍ଚି ଉଠନ୍ତା ପରି !

ଯାଇକରିଙ୍କ ବାଞ୍ଛିତ ଯୌତୁକ ରାଜେନ୍ଦ୍ର ତ ଦାନ କରିବାକୁ ପ୍ରସ୍ତୁତ ଥିଲେ । କେବଳ ଧନଞ୍ଜୟଙ୍କ ଦେଶତ୍ୟାଗ ବିବାହରେ ବାଧା ଘଟାଇଥିଲା । ସେ ପିତାଙ୍କର ଏତାଦୃଶ ପ୍ରସ୍ତାବରେ ଲଜ୍ଜା ଏବଂ ଦୁଃଖରେ ମ୍ରିୟମାଣ ହୋଇଥିଲେ ଏବଂ ପ୍ରତିଜ୍ଞା କରିଥିଲେ, ଏପରି ବିକ୍ରୟମୂଳ ବିବାହ ସେ କଦାପି କରିବେ ନାହିଁ । କିନ୍ତୁ କନକର ଏତାଦୃଶ ଅବସ୍ଥା ଦେଖି ସେ ଅଧିକତର ଲଜ୍ଜିତ ଓ ଅନୁତପ୍ତ ହେଲେ । ତାଙ୍କ ଦର୍ଶନରେ କନକର ରୋଗୋପଶମ ସ୍ପଷ୍ଟ ଅନୁଭବ କରି ରୋଗର ନିଦାନ ବିଷୟରେ ଆଉ ତାହାର ସଂଶୟ ରହିଲା ନାହିଁ । ସମସ୍ତ

Digitized by srujanika@gmail.com

ସ୍ୱଦେଶକୁ ଫେରିଗଲେ ଏବଂ ଅଳ୍ପଦିନ ମଧ୍ୟରେ ଚିରଈପ୍ସିତ ବିବାହ ସମ୍ପନ୍ନ ହେଲା । ଏକମାତ୍ର ପୁତ୍ର—ସୁଯୋଗ୍ୟ, ଧୀର, ଗୁଣବାନ୍ । ତାହାର ମନରେ ଚିରକାଳ କଷ୍ଟ ଦେଇ ଜମି ଖଣ୍ଡେ ନେବା ଯେ କେତେଦୂର ହୀନତାବ୍ୟଞ୍ଜକ, ତାହା ପାଇକରି ବୁଝିପାରିଲେ । ତେଣୁ ତାହା ହେଲା ନାହିଁ । ପରେ ଜନକର ପୁତ୍ରସନ୍ତାନ ହେଲେ ତାହା ନାମରେ ସେ ବିଲ ଅସ୍ଥାନ ଲେଖା ହେବାର ସ୍ଥିର ହେଲା । ଯେତେବେଳେ ବେଦରେ ନବକନ୍ୟା ବସିଥାନ୍ତି ଓ ବ୍ରାହ୍ମଣମାନେ ମନ୍ତ୍ରୋଚ୍ଚାରଣ କରୁଥାନ୍ତି, ବାଳିକା ସ୍କୁଲର ଶିକ୍ଷକ ବୃଦ୍ଧ ପଣ୍ଡିତ କ୍ଷେତ୍ରବାସୀ ଶତପଥୀଙ୍କ କଣ୍ଠୋଚ୍ଚାରିତ ମନ୍ତ୍ର ସର୍ବୋପରି ଶ୍ରୁତ ହେଉଥାଏ । ସେ କି ଉତ୍ସାହ ଆବେଗମୟ ସ୍ୱରରେ ବୋଲୁଥିଲେ :—

ଓଁ ଯଥେନ୍ଦ୍ରସ୍ୟେନ୍ଦ୍ରାଣୀ
ଯଥା ରାମଦେବସ୍ୟ ସୀତା
ଯଥା ରାବଣସ୍ୟ ମନ୍ଦୋଦରୀ
ଯଥା ଧୃତରାଷ୍ଟ୍ରସ୍ୟ ଗାନ୍ଧାରୀ
ଯଥା ଶାନ୍ତନୋର୍ଗଙ୍ଗା
ଯଥା ନଳସ୍ୟ ଦମୟନ୍ତୀ
ଯଥା ସୌଦାସସ୍ୟମଦୟନ୍ତୀ
ଯଥା ପୁରୁରବସ୍ୟ ଉର୍ବଶୀ
ଯଥା ଜନକଚନ୍ଦ୍ରସ୍ୟ ଗୌରୀ
ଯଥା ଚନ୍ଦ୍ରସ୍ୟ ରୋହିଣୀ
ଯଥା ଅଦିତ୍ୟସ୍ୟ ଛାୟା
ଯଥା ବଶିଷ୍ଠସ୍ୟାରୁନ୍ଧତୀ
ଯଥା ସୁଗ୍ରୀବସ୍ୟ ତାରା
ଯଥା ଗୌତମସ୍ୟାହଲ୍ୟା
ଯଥା ଅର୍ଜ୍ଜୁନସ୍ୟ ସୁଭଦ୍ରା
ଯଥା ଯୋଗେଶ୍ବରସ୍ୟ ମୈତ୍ରେୟୀ
ଯଥା ବ୍ରହ୍ମଣଃ ସାବିତ୍ରୀ
ଯଥା ବିଷ୍ଣୋ ରୁକ୍ମିଣୀ
ଯଥା ଉମା ପଶୁପତେରେବଂ
ତୁଭ୍ୟମହଂ ।

ତ୍ରୟୋଦଶ ପରିଚ୍ଛେଦ

ବିବାହାନ୍ତେ

ଏ ଜଗତର ସ୍ରଷ୍ଟା ମଙ୍ଗଳମୟ । ସେ ଯାହା କରନ୍ତି, ମନୁଷ୍ୟର ମଙ୍ଗଳ ନିମିତ୍ତ କରନ୍ତି । ଧନଞ୍ଜୟଙ୍କର କନକଲତା ସହିତ ଯେ ବିଚ୍ଛେଦ ତାହା ଆପାତତଃ ବିଷାଦମୟ ଓ ଯନ୍ତ୍ରଣାଦାୟକ ହେଲେହେଁ ପରିଣାମରେ ଶୁଭକର ହେଲା । ସୁଦୀର୍ଘ ବିଚ୍ଛେଦ ପରେ ମିଳନ ବଡ଼

Digitized by srujanika@gmail.com

ମଧୁମୟ । ଯାହାପାଇଁ ମନୁଷ୍ୟ ଯେତେ ଅଧିକ ଦୁଃଖ କଷ୍ଟ ସହିଥାଏ, ତାକୁ ସେ ସେତେ ଅଧିକ ମୂଲ୍ୟବାନ୍ ମଣେ । ଦର୍ଶନ ଓ ମିଳନ ପ୍ରଣୟର ଜନକ ହେଲେହେଁ ବିଚ୍ଛେଦ ଓ ଅଦର୍ଶନ ତାହାର ବୃଦ୍ଧିକାରକ । ଅପ୍ରାପ୍ତିର ଆଶଙ୍କା ଯେତିକି ବଳବତ୍ତର ହୁଏ, ପାଇବାର ଇଚ୍ଛା ସେତିକି ବଳବତୀ ହୁଏ, ଏହାହିଁ ପ୍ରକୃତ ପ୍ରଣୟର ଲକ୍ଷଣ । ଯାହା ସହଜରେ ମିଳିଯାଏ, ତାକୁ ମାନବ ଅକିଞ୍ଚିତ୍କର ହେୟ ମଣେ । ବିଚ୍ଛେଦରୂପ ଅନଳରେ ଯେଉଁ ପ୍ରଣୟକାଞ୍ଚନ ପରୀକ୍ଷିତ ଓ ପବିତ୍ରୀକୃତ ତାହା ହିଁ ଅମୂଲ୍ୟ । ସୁତରାଂ ଧନଞ୍ଜୟଙ୍କ ବିବାହ-ପ୍ରସ୍ତାବରେ ବିଘ୍ନ ଓ ବିଳମ୍ବ ତାଙ୍କର ବିବାହିତ ଜୀବନକୁ ମଧୁରତର କରିଦେଲା । ଦୁଃଖ ଯେତେବେଳେ ଆସେ, ସେ ଗହଣରେ ଅନ୍ୟ କେତେଗୁଡ଼ାଏ ଦୁଃଖ ଘେନି ଆସେ । ପୁଣି ସୁଖ ଯେତେବେଳେ ଆସେ, ସେ ତ ଏକାକୀ ଆସେ ନାହିଁ । ଧନଞ୍ଜୟଙ୍କ ବିରହବିଷାଦ ତାଙ୍କର ଗୃହଶ୍ରୀ ଅଭାବଜ ଦୁଃଖକୁ ଶତଗୁଣିତ କରିଥିଲା । ବିବାହ ସଙ୍ଗେ ସଙ୍ଗେ ଗୃହଶ୍ରୀ ମଧ୍ୟ ଯୁଟିଗଲା । ତେଣୁ ପରବର୍ତ୍ତୀ ଜୀବନରେ ଧନଞ୍ଜୟ କନକଲତାକୁ କୌତୁକରେ କହନ୍ତି, "ତୁମ୍ଭ ସହିତ ଗୃହଶ୍ରୀଟିକୁ ମୋର ଭଣ୍ଡ ରଖିଥିଲ, ସଙ୍ଗେ ସଙ୍ଗେ ଘେନି ଆସିଲ ।" ଅନ୍ନପୂର୍ଣ୍ଣା ସବୁବେଳେ କହନ୍ତି, "ବୋହୂଟି ମୋର ମା ଜଗଦ୍ଧାତ୍ରୀ, ଆସି ଗୋଡ଼ ଦେଇ ଦେଇ ପୁଅର ଗୃହଶ୍ରୀ ହେଲା । ଉଷୁନା ଧାନ ଗଜା ହେଲା । ଗୃଳଗଲେ ଫୁଲ ଫୁଟିଲା । ମୋର ଘର ଉଜ୍ଜ୍ୱଳ ଓ କୁଳ ପବିତ୍ର ହେଲା । ମା ବାପ ମୋର ଘରପାଇଁ ଏ ଲକ୍ଷ୍ମୀଟିକୁ ବଢ଼ାଇଥିଲେ ।" ହରଚନ୍ଦନ ପଦ୍ମାବତୀ ଏ କଥା ଶୁଣିଲେ ତାଙ୍କ ଛାତି କୁଣ୍ଢେ ମୋଟ ହୁଏ । ତାଙ୍କ ଦେହରେ ଚନ୍ଦନ ବୋଳା ହେଲା ପରି ମଣନ୍ତି । ମାସି ରାଜେନ୍ଦ୍ର ଶୁଣି ଆକ୍ଷେପ କରନ୍ତି, "ହାୟ ! ଏହି କାକତାଳୀୟ ନ୍ୟାୟରେ କେତେ ନିର୍ଦ୍ଦୋଷ ନିରୀହ ବାଳିକା କେତେ ନିଗ୍ରହ ଭୋଗ କରନ୍ତି । ବିବାହ ପରେ କିଛି ଦୁର୍ଘଟନା ଘଟିଲେ ନବବଧୂମାନଙ୍କୁ ଅଲକ୍ଷ୍ମୀ ଓ ଦୁର୍ଯ୍ୟୋଗର ମୂଳ ହେତୁ ମଣି ଶ୍ୱଶୁରଘର ନିର୍ଯ୍ୟାତନ କରନ୍ତି ।" ଯାହାହେଉ ଧନଞ୍ଜୟଙ୍କର ଅଖଣ୍ଡଲମଣି ବେଢ଼ା ମଧ୍ୟରେ ନିଜ ଶାଶୁଙ୍କ "ଧନ-ଜନଗୋପଲକ୍ଷ୍ମୀ" ଆଶୀର୍ବାଦ କଥା ସବୁଦିନେ ମନେ ଥାଏ । କନକଲତା ଯେତେବେଳେ ଦୁଃଖ କରି କହେ, "ହାଇ ରେ ! ମୋ ପରି ଛାର ପ୍ରାଣୀ ପାଇଁ ତମେ କେତେ କଷ୍ଟ ସହିଲ ।" ଧନଞ୍ଜୟ କେବେ ସସ୍ନେହ ଚୁମ୍ବନ, କେବେ କିଞ୍ଚିତ୍ କେଶ ଆକର୍ଷଣ, କେବେ ଗଣ୍ଡଦେଶରେ ଅଙ୍ଗୁଳି

Digitized by srujanika@gmail.com

ସୁର୍ଶାଦପୂର୍ବକ କହନ୍ତି, "ଯାଅ ହେ, ସେତେବେଳେ ତ ଗଣ୍ଡେ ଶଠି, ଗୋଟାଏ ଖବର ସୁଦ୍ଧା କିଛି ଟିକିଏ ସଙ୍କେତ ପଠାଇଲ ନାହିଁ । ଏତେବେଳେ ସେକଥା କହୁଲେ କଣ ହେବ ?"

କନକ—ମୁଁ ସ୍ତ୍ରୀଲୋକ, ମୁଁ ଫେରେ କଣ କରନ୍ତି ?

ଧନଞ୍ଜୟ—କାହିଁକି ଗୋଟାଏ ହଂସ, ଗଣ୍ଡେ ମେଘ, ଗୋଟାଏ ପାର ସୁଦ୍ଧା କୌଣସି ଦୂତ ପାଇଲ ନାହିଁ ?"

କନକ—ହାଇ ରେ କଳିକାଳ ! ଓଲଟା କଥା କିଏ କହୁବ ? ମେଘଙ୍କୁ ମର ଯକ୍ଷ ପଠାଇଥିଲ ?

ଧନଞ୍ଜୟ—ସାଧାରଣ କଥା ତ ସାଧାରଣ । ଓଲଟା କଥା ତ ଅତି ସ୍ନେହର ଲକ୍ଷଣ ।

ଏହିପରି ରଙ୍ଗହାସ୍ୟରେ କାଳ ଅତି ରଙ୍ଗିଳ ବିତିଗଲା । ବିବାହ ପରେ ଧନଞ୍ଜୟ ଚାକିରି ଉପଲକ୍ଷରେ ବିଦେଶ ଗଲେ । ସେ ପୂର୍ବରୁ ଦେଖି ଚାକିରିର ହାକିମୀରେ ମୁଗ୍ଧ ହୋଇଥିଲେ । ଏବେ ଚାକିରିରୂପ ଦିଲ୍ଲୀକା ଲଡୁ ନିଜେ ଚାଖି ତାହାର ପ୍ରକୃତ ସ୍ୱାଦ ଜାଣିଲେ । ସେ ଦୋଦୁଲ୍ୟମାନଚିତ୍ତ ହେଲେ । କନକଲତାର ଯୁକ୍ତି ତାଙ୍କୁ ସାହାଯ୍ୟ କଲା । ଧନଞ୍ଜୟ ଓକାଲତିରେ ଅପୂର୍ବ ଅନିଶ୍ଚିତତା ଓ ଚାକିରିର ପରାଧୀନତା ଭାବି ଇତସ୍ତତଃ କରୁଥିଲେ । କନକ କହିଲା, କୌଣସି କାର୍ଯ୍ୟ ବା ଜୀବିକା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବା ପୂର୍ଣ୍ଣଦୋଷଯୁକ୍ତ ନୁହେ । ଓକାଲତିର ଅସ୍ଥିରତା, ପରମୁଖାପେକ୍ଷିତା, ସାକ୍ଷୀ ପ୍ରସ୍ତୁତ କରିବାରୂପ ପ୍ରଲୋଭନାଦି ପରି ଚାକିରିର ପରାଧୀନତା, ସ୍ଥାନ ପରିବର୍ତ୍ତନ ପ୍ରଭୃତି ଅସୁବିଧା ଓ ବିବିଧ ପ୍ରଲୋଭନ ମଧ୍ୟ ଅଛି । ସମ୍ପୂର୍ଣ୍ଣ ନିର୍ଦ୍ଦୋଷ କେହି ନୁହେ । ପରନ୍ତୁ ଆଇନବ୍ୟବସାୟଦ୍ୱାରା ବିପନ୍ନର ସହାୟତା, ସ୍ୱଦେଶର ଉନ୍ନତି, ଏକସ୍ଥାନରେ ରହିବା ସୁବିଧାଜନିତ କାୟ-ମନର ସ୍ଥିରତା ଓ ଶାନ୍ତି ଲୋଭନୀୟ ଅଟେ । ଧନଞ୍ଜୟଙ୍କର ଧନର ଏକାନ୍ତ ଅଭାବ ନାହିଁ । ତେଣୁ ଚାକିରିର ପ୍ରୟୋଜନୀୟତା ଅଳ୍ପ । ଧନଞ୍ଜୟଙ୍କର ଦୋଦୁଲ୍ୟମାନଚିତ୍ତ ଏହି ବୁଦ୍ଧିମତୀ ବାଳିକାର ସ୍ଥିରନିଶ୍ଚିତ ଉପଦେଶଦ୍ୱାରା ସୁମୀମାଂସିତ ହୋଇଗଲା । ଧନଞ୍ଜୟ ବିସ୍ମିତ ହେଲେ । କନକ ଏତେ ବୁଦ୍ଧି କାହୁଁ ପାଇଲା ? ପୁଣି ମନେ କଲେ, "ଲୋକେ କହନ୍ତି ସ୍ତ୍ରୀମାନେ ପ୍ରଖରବୁଦ୍ଧିସମ୍ପନ୍ନା । ପୁଣି କନକ ତ ହରିଚନ୍ଦନ ପଦ୍ମାବତୀଙ୍କ କନ୍ୟା, ରାଜେନ୍ଦ୍ରଙ୍କ ଭଗିନୀ ।" ଉମା କହିଲା, ନଅବୋଉ, ଏକା ଭାଇଙ୍କି ଆପଣା

Digitized by srujanika@gmail.com

ପାଲଟରେ ପକାଇ ତାଙ୍କ ସଙ୍ଗରେ ସବୁଦିନେ ରହିବାର ଇଚ୍ଛା ପ୍ରକଟ କଲ ।" କନକ କହିଲା, "ନା ଭଉଣି, ପରାଧୀନତା ମାତ୍ର ହିଁ ଦୁଃଖ । ସ୍ତ୍ରୀଲୋକଙ୍କ କେଉଁଠି ପୁଣି ସ୍ୱାଧୀନତା ? ତଥାପି ଗୃହକର୍ତ୍ତୀଠାରୁ ଭଲ । ମୋ ଭାଇ କଣ୍ଟୁଦନ ଗୋଟିଏ ଗୃହକର୍ତ୍ତୀ କରିଥିଲେ, ଦିନ ଗତ ଶନ୍ତା, ପରିବର୍ତ୍ତନର ଅସୁବିଧା ବିଷୟ ସେମାନେ ସବୁବେଳେ ଆକ୍ଷେପ କରିବାର ମୁଁ ଶୁଣିଛି ।" ଧନଞ୍ଜୟ କଣ୍ଟୁଦନ ଗ୍ରାମରେ ରହି ପୁଣି ଗଲେ । କନକଲତାକୁ ସେ ସାମୟିକ ବିଚ୍ଛେଦ ବଡ଼ ବାଧେ । ପରିବାର ସଙ୍ଗରେ ନେବାର ପାଇଁକର ବଡ଼ ବିରୋଧୀ ହେବେ । ତା ପୁଣି ଏତେ ଚଞ୍ଚଳ ଉପରେ ହେବ ? ପୁଣି ଶାଶୁ ଅନ୍ନପୂର୍ଣ୍ଣାଙ୍କ ମନରେ ତାହିଁରୁ ଅଧିକ କଷ୍ଟ ହେବ । ସେ ସଙ୍ଗରେ ଗଲେ ଶ୍ୱଶୁରଙ୍କର କଷ୍ଟ ହେବ । କାରଣ, ତାଙ୍କ ଅଣ୍ଟାବନ୍ଧା ରୋଗରେ ଶାଶୁ ସହାୟ । ତେଣୁ ପରିବାରର ସୁଖ ସୁବିଧା ନିମିତ୍ତ କନକ ନିଜର ସୁଖ ସୁବିଧାକୁ ବିସର୍ଜନ କଲେ । କନକଲତା ଆସିବା ଦିନରୁ ଏ ଘରର କେତେ କଥା ବଦଳିଲଣି । ତୁଳସୀ ପରିବର୍ତ୍ତରେ ଅନ୍ନପୂର୍ଣ୍ଣା ସ୍ୱାମୀଙ୍କୁ ପରିବେଷଣ କରନ୍ତି । ସ୍ୱାମୀଙ୍କର ଅଣ୍ଟା ଚିପି ସାରି ଗଳ୍ପ ଆସିବା ବନ୍ଦ ହୋଇଗଲାଣି । କନକ ନିଜ ବାପ ମାଙ୍କ ଦୃଷ୍ଟାନ୍ତ ଦେଇ ଶାଶୁ-ଶ୍ୱଶୁରଙ୍କ ମଧ୍ୟରେ ଆଦର୍ଶ ଦାମ୍ପତ୍ୟ ପ୍ରେମ ଓ ସସ୍ନେହ ବ୍ୟବହାରର ଅବତାରଣା କରିଅଛି । ଉଭୟେ ଏହି ଜଗଦ୍ଧାତ୍ରୀରୂପିଣୀ ବଧୂଟିର ଅପୂର୍ବ ପ୍ରଭାବ ଅଳ୍ପ ଦିନରେ ବୁଝିଲେଣି । ସମସ୍ତେ କହୁଥିଲେ, "ଧନ୍ୟ କନକଲତା ! ଦୁହିତା ଦୁଇ କୂଳକୁ ହିତା ଅବା ପିତା ।" ପାଇକରାଙ୍କଠାରୁ ଏ ବିଷୟ ପତ୍ର ପାଇ ହରିଚନ୍ଦନ ଓ ପଦ୍ମାବତୀ ଉଭୟେ କୃତକୃତ୍ୟ ଓ ପରମାନନ୍ଦିତ ହେଲେ । ଉମାର ବାଲବୈଧବ୍ୟ କନକର କୋମଳ ପ୍ରାଣରେ ଶୋକବହ୍ନି ଜଳ୍ପର ହୋଇଅଛି । କିଅଣ କଲେ ଉମା ନିଜର ଦୁଃଖ ପାସୋରି ପାରିବ, କନକ ତାହାର ଅଶେଷବିଧ ଯତ୍ନ କରିଅଛି । ଏପରି କି ଉମାପାଇଁ ସେ ନିଜେ ଭଲ ଭଲ ପୋଷାକ ବା ଅଳଙ୍କାର ପିନ୍ଧି ନାହିଁ । ଭାଗବତ, ରାମାୟଣ, ମହାଭାରତ ଆଦି ସଦ୍‌ଗ୍ରନ୍ଥ ଦୁହେଁ ପଢ଼ନ୍ତି । ନାନା ସାଧୁବାଣୀ, ସିଲେଇ କରି ଫ୍ରେମ୍‌ରେ ବନ୍ଧାଇ ଟଙ୍ଗାଇ ଦେଇଅଛନ୍ତି । ଉମା କନକଲତାକୁ ଦେବକନ୍ୟାରୂପେ ମଣେ ଓ ନିଜର ବିଷାଦମୟ ଜୀବନର ଦୁଃଖଭାର ଲଘୁ କରିବାକୁ ସ୍ୱର୍ଗରୁ ଆସିଥିବା ଦେବଦୂତରୂପେ ମନେ ମନେ ପୂଜା କରେ । ଯେପରି କଲେହେଁ ସେ ଗଭୀରତମ କୂପରୁ ଉଦ୍ଧାର କରିବା

Digitized by srujanika@gmail.com

କନକ ବ୍ୟର୍ଥଚେଷ୍ଟା ବୋଲି ମଣେ । କେବଳ ଅଶ୍ରୁପୂର୍ଣ୍ଣଲୋଚନରେ ପ୍ରଭୁଙ୍କ ନିକଟରେ ବଦ୍ଧାଞ୍ଜଳି ହୋଇ ପ୍ରାର୍ଥନା କରେ, "ହେ ପ୍ରଭୁ ! ତୁମ୍ଭର ଲୀଳା ବୁଝିବା ମନୁଷ୍ୟ ପକ୍ଷରେ କଠିନ । କେଉଁ ଉଦ୍ଦେଶ୍ୟରେ ତୁମ୍ଭେ କଅଣ କର ମନୁଷ୍ୟ କଣ ବୁଝିବ ? ସତ୍‌ପଥ ପ୍ରଦର୍ଶନ କର । ତୁମ୍ଭର ଇଚ୍ଛା ପୂର୍ଣ୍ଣ ହେଉ ।" ସ୍ୱକେନ୍ଦ୍ରର ଦୈନିକ ଉପାସନା ଓ ସ୍ୱ ପରିବାରର ବ୍ୟକ୍ତିମାନଙ୍କ ନିକଟରେ ସଦ୍‌ଗ୍ରନ୍ଥପାଠ ଏବଂ ଭଗବଦ୍‌ଭକ୍ତରେ ଦୈନିକ ଶାସ୍ତ୍ରପାଠ ବୁଦ୍ଧିମତୀ କନକଲତାର ଭାବପ୍ରବଣ ହୃଦୟ ଉପରେ କାର୍ଯ୍ୟ ନ କରି ରହି ନାହିଁ । ପାଠକପାଠିକାମାନେ ତରୁଣୀ କନକଲତାର ଏତାଦୃଶ ବ୍ୟବହାରରେ ବିସ୍ମିତ ହେବେ ନାହିଁ ।

ଏହିପରି ଦିନ ଯାଉଥାଏ । ଧନଞ୍ଜୟ ଏପର୍ଯ୍ୟନ୍ତ ଗୃହବାସ ଛାଡ଼ି ନାହାନ୍ତି । ଅସ୍ଥାୟୀ ମୁନସଫିର ଘନ ଘନ ପରିବର୍ତ୍ତନ କଷ୍ଟ ଅସହ୍ୟ । କାର୍ଯ୍ୟ ଦାୟିତ୍ୱରୁ ଅବ୍ୟାହତି ପାଇଲେ ପୁଣି ଓକାଲତି କରିବେ, ଏହି ଇଚ୍ଛା । ଧନଞ୍ଜୟ ଥରେ ଗ୍ରାମକୁ ଆସି ଦୁଇ ଚାରି ଦିନ ରହି ନୂତନ କାର୍ଯ୍ୟ-ସ୍ଥାନକୁ ରମାନା ହେଲେ । ପାଇକରି ପାହାନ୍ତିରି କରିଇ ନାରିଙ୍କୁ ସ୍ମରଣ କରି ପୁଅକୁ ରେଲ ଚଢ଼ାଇ ଦେଇ ଆସିଲେ । କନକଲତା ପୁଣି ନିର୍ଜ୍ଜନ ନିଶୀଥରେ "ଚମ୍ପା ଫୁଲଟିଏ ପାଇଲି ବନ ହଳଦୀ ପ୍ରାଏ । ଶିବ ଉପାସନା କରିବି ଭାନ୍ତ ଅସିବାପାଏ ।" ଗୀତ ଆଉଡ଼େଇଲା । ମୁଣ୍ଡ ବାନ୍ଧେ ନାହିଁ—ପଚାରିଲେ କହେ ନଡ଼ିଆତେଲ ଲଗାଇବାରୁ ତାହାର ମୁଣ୍ଡ ବିନ୍ଧେ । ଗହଣା ବାକ୍ସରେ, ଲୁଗା ଅଲମାରିରେ ବନ୍ଦ ହୋଇ ରହେ । ପଚାରିଲେ କହେ—ନାକ କାନ ପଚିସ ହୋଇଯାଉଅଛି, ଗହଣା ନାଇ ହେଉନାହିଁ । ଲୁଗା ପିନ୍ଧି ହେଉନାହିଁ, ଝାଳ ବହୁଅଛି । ଫୁଲସ୍ତେଲ ପୁରୁଣା ହୋଇଯିବାରୁ ତୈଳ ପରି ବାସୁଅଛି । ବେଳେ ବେଳେ ନିର୍ଜ୍ଜନରେ ବସି ବାଲ୍ୟକାଳରୁ ଅଭ୍ୟସ୍ତ କବିତା ରଚନା କରେ । ବିଚ୍ଛେଦ କବିତାର ଅନୁକୂଳ ନୁହେ କି ? ହାଟପାଳକୁ ଗୃହକ ପରି ଅନାଇଥାଏ । ଶଠେ ଶବ୍ଦେ ପାଇଲେ ଶହେ ଥର ହଜାର ଥର ପଢ଼େ । ଏତେ ତେଣେ ଅନାଇ ଦେଇ ମୁଣ୍ଡରେ ଛାତିରେ ଲଗାଇ ଦେଇ ବାକ୍ସରେ ରଖିଦିଏ । ହନୁମାନବାହିତ ରତ୍ନମୁଦ୍ରା ଓ ସୀତାଙ୍କଠାରୁ ଆଣିଥିବା ମଥାମଣି କଥା ତା'ର ମନେ ପଡ଼େ । ଏଣେ ତେଣେ

Digitized by srujanika@gmail.com

ବୁଲିଅସି ନିର୍ଜ୍ଜନ ଦେଖି ପୁଣି ଖୋଲି ପଢ଼େ । ଉମା ବଡ଼ ସିଆଣିଆ । ଧନେ ଘନେ ଦୂରରୁ ଝିଟ୍ ଦେଖିନିଏ । ପାଖକୁ ଆସି ପଚାରେ, "ନୂଆବୋଉ, ଏତେ କଣ ପଢ଼ୁଛ ? ସେଥିରୁ କଣ ପାଉଛ ?" କନକ ଲାଜରେ ସଢ଼ିଯାଏ । କହେ, "ନାହିଁ, ଅକ୍ଷର ପଢ଼ାଯାଉ ନାହିଁ ।"

ଉମା—ହିଁ, ସତ କଥା ଏକା । ଭାଇଙ୍କ ଅକ୍ଷର ନା ? ସେ ତ ଛପା ଅକ୍ଷର ପରି । ସେ କଥା ମିଛ । ଆଉ କଅଣ ଅଛି କୁହ ।

କନକ—ଆଉ କଣ ? ଉମା, ତମେ ଭାରି ଖରାପ ହେଲଣି ।

ଉମା—ଏଠିଠାରୁ ତୁମେ ଏତେ ରସ କଣ ପାଅ ?

କନକ—ଅଳ୍ପଦିନେ ଜାଣିବ । ବିଦ୍ୟାସାଗରଙ୍କର ଅନେକ ରେଲ ବାହାରିଲେଣି । ତମ ଦୁଃଖ ଯିବ ଯେ ! ଅଚ୍ଛା, ଭାଇଙ୍କ ପାଖକୁ ଏ କଥା ଲେଖିବି ?

ଉମା—ନୂଆବୋଉ, ମୋ ରାଣ ତ । ମୋ ମୁଣ୍ଡ ଖାଅ ତ, ତମ ଭାଇ ରାଣ । ମୁଁ ଲାଜରେ ମରିଯିବି । ତମ ଗୋଡ଼ତଳେ ପଡ଼ୁଛି ।

କନକ—କି ପେଟଭିତରେ ଏତେ କଥା ! ଉପରେ ଭାଇ ବହନ୍ତି, ଆମ ଭଉଣୀଟି କିଛି ଜାଣେ ନାହିଁ, ଋଷିକନ୍ୟା । ତଳମୁହାଁ, ମଜନମୁହାଁ ପଣିତ, ଧୂଳିଆଜନାଙ୍କୁ ବିଶ୍ୱାସ ନାହିଁ ।

ଉମା—ଛି । ତମେ ଏତେ ରାଣ ମାନିଲ ନାହିଁ । ଆଉ ତମକୁ ବିଶ୍ୱାସ ନାହିଁ । ତମକୁ ଯେ ମନ କଥା କହିବ ସେ—

କନକ—ରହ, ରହ, ବଡ଼ ନିଯୁମଠାଏ କର ନାହିଁ । ଅର୍ଜ୍ଜୁନ ଏହିପରି ପ୍ରତିଜ୍ଞା କରି କିପରି ବିଳମ୍ବଣାରେ ପଡ଼ିଥିଲେ ମନେ ନାହିଁ ? ସେ ଦିନ ମହାଭାରତରେ ପଢ଼ୁଥିଲି ପରା !

ଉମା—ସତେ ନୂଆବୋଉ, ଏ ମହାପ୍ରସାଦ ଛୋଥଲା ଛୁଇଁ କହୁଛି ଲେଖିବ ନାହିଁ ।

କନକ—ତମେ କଣ ବାମ୍ଭୁଣୀ ହେଲ ? ଏ କଥା କି ଲେଖାଯାଏ । ଏତେ ବ୍ୟସ୍ତ ହୁଅନ୍ତି କି ? ମୁଁ କଣ ସତେ ଲେଖୁଚି ? ଲେଖିଲେ ଭାଇ ନିଜେ ମୋତେ କଣ କହିବେ ?

Digitized by srujanika@gmail.com

ଜମା କନକର କଣ୍ଠ ଦୃଢ଼ ଆଲିଙ୍ଗନ କରି ଗଣ୍ଡଦେଶରେ ଗାଢ଼ ଚୁମ୍ବନ ଦେଲା । ଦୁହେଁ ଦୁହିଙ୍କି ଚୁମା ଦିଆଦେଇ ହୋଇ ଦୁହେଁ ଦୁହିଙ୍କି "ମୋ ସୁନାଭଉଣୀଟା ପରି" କହି ମନମୁକ୍ତାବଳ ଭାବେ ହସିଲେ ।

ଭାଉଜବୋହୂ ଭାଇଙ୍କ ପାଖକୁ ଗୁପ୍ତରେ ପଠାଇ ଚିଠି ଦେବା ରୂପ ଉପସ୍ଥିତ ବିପଦରୁ ରକ୍ଷା ପାଇ ଜମାର ମନ କୌତୂହଳପୂର୍ଣ୍ଣ ହେଲା । ସେ ସମ୍ମୁଖସ୍ଥ ଚିଠିଖଣ୍ଡକୁ ସତୃଷ୍ଣ ଦୃଷ୍ଟି ନିକ୍ଷେପ କରୁଥିବାର ଦେଖି କନକଲତା ଚିଠି ଖଣ୍ଡିକ ଜମା ଆଡ଼କୁ ବଢ଼ାଇ ଦେଲା । ଜମା ମୂଳରୁ କେତେକ ଧାଡ଼ି ପଢ଼ିସାରି ଶେଷକୁ ଦେଖିଲା—"କନକ ! ଯୌବନ ବଡ଼ ବିପଦ କାଳ । ସବୁବେଳେ କାର୍ଯ୍ୟରେ ମନ ଦେବ । ପରିଶ୍ରମ ମନୁଷ୍ୟର ସର୍ବଶ୍ରେଷ୍ଠ ତପସ୍ୟା । ତୁମେ ଲେଖିଛ, ବିଚ୍ଛେଦ ବଡ଼ ଦାରୁଣ । ହଁ, ନବୀନ ବିଚ୍ଛେଦ ଦୁର୍ବିସହ ସତ୍ୟ, କିନ୍ତୁ ସେହି ବିଚ୍ଛେଦ ହିଁ ମିଳନକୁ ମଧୁର କରେ । ଗୋଟିଏ କଥା ଅଛି, ମିଳନ ପ୍ରୀତି ବଢ଼ାଏ, ବିଚ୍ଛେଦ ପ୍ରୀତିକୁ ଦୃଢ଼ କରେ । ମୁଁ ଦଶହରାକୁ ଗ୍ରାମକୁ ଯିବି । କୌଣସି ସ୍ଥାନରେ ସ୍ଥାୟୀ ହୋଇ ରହିଲେ ତୁମକୁ ନେଇ ଆସିବି ।"

ଜମା—ନୂଆବୋଉ, ମୋତେ ସାଙ୍ଗରେ ନେବ ନା ?

କନକ—ତମକୁ ନ ନେଇ ମୁଁ ପ୍ରବାସରେ ଚଳିବି କିପରି ? ଭାଇ କଟେସ୍ୱରକୁ ଗଲେ ଏକୁଟିଆ ବଡ଼ କଷ୍ଟ ହେବ ।

ଜମା—ତମର ତ ଅବସର ମେଣ୍ଟାଇବା ପାଇଁ ମୁଁ ଦରକାର । ମୋର ଭଉଣି, କିନ୍ତୁ ଆଶ୍ରୟ ନାହିଁ, ମୁଁ ଆଉ କାହା ମୁହଁ ଚାହିଁ ରହିବି ! ତମେ ଅତି ଖତକୁଡ଼ରେ ପଦ୍ମ ଫୁଟିଛ । ମୋ ପକ୍ଷରେ ତମେ ଏ ଘରେ ଶ୍ମଶାନ-ତୁଳସୀ ପରି ।

କନକ ଶରତ୍‌ହାସ୍ୟମୟୀ ଜମାର ସବୁ କଥାରେ ଉତ୍ତର ଦଏ । ଜମା ଯେତେବେଳେ ଗମ୍ଭୀର ହୋଇ ତାହାର ଛିନ୍ନ ମୃଣାଳ, ଦଗ୍ଧ ପଦ୍ମବନ, ରାମହୀନ ଅଯୋଧ୍ୟା, କୃଷ୍ଣଶୂନ୍ୟ ଗୋପପୁର ସଦୃଶ ସ୍ତ୍ରୀୟୁ ଜୀବନ ଆଲୋଚନା କରେ, କନକ ବଡ଼ ଭୟ କରେ, ଏବଂ ତାକୁ ଅନ୍ୟ କଥାରେ ଭୁଲାଏ ଏବଂ ସ୍ୱରଚିତ ବିବିଧ କବିତା ଶୁଣାଇ ତାକୁ ଅନ୍ୟମନସ୍କ କରାଏ । କନକ ଜମାର ଜାଗ୍ରତ ଦୁଃଖ ବହ୍ନିକୁ ନିର୍ବାପନ କରିବା ଉଦ୍ଦେଶ୍ୟରେ ଅନ୍ୟ କୌଣସି କଥା କହି ଅନ୍ତରର ଏକ

Digitized by srujanika@gmail.com

ଅଂଶପ୍ରତି ତାହାର ଦୃଷ୍ଟି ଆକର୍ଷଣ କରି କହିଲା, "ଉମା, ତମ ଭାଇ ଲେଖିଛନ୍ତି ପରିଶ୍ରମ ମନୁଷ୍ୟର ସର୍ବଶ୍ରେଷ୍ଠ ପ୍ରହରୀ, ଏହା କଣ ସତ୍ୟ ?" ଉମା କନକର ବୁଦ୍ଧିକୁ ଶତବାର ପ୍ରଶଂସା କରି ନିଜ ଜୀବନରେ ଏହି ଅପ୍ରକାଶ୍ୟର ପ୍ରୟୋଜନୀୟତା ଉପଲବ୍ଧି କରି କହିଲା, "ସତେ ନୂଆବୋଉ, ଭାଇ ଠିକ୍ ସତ କଥା ଲେଖିଛନ୍ତି । ସୀତା ବନବାସ ବେଳେ କାର୍ଯ୍ୟରେ ମନ ଦେଇ ବନବାସ କଷ୍ଟ ଭୁଲିଥିଲେ ।"

କନକ— ଅଣ ତ ଭଉଣୀ, ସୀତାବନବାସ ବୋଲିବା ।
ଉମା ସୀତା ବନବାସ ଆଣି ପଢ଼ିଲା—
"ଘନ ବର୍ଷା ଋତୁ ସାନ୍ଦ୍ର ତରୁ ଗିରି ବନ,
ଝୁହାଇ ଝୁହାଇ ବାରି ବରଷଇ ଘନ ।
ପତ୍ରେ ପଲ୍ଲବରେ ନୀର ଟପ ଟପ ସ୍ୱନେ,
ଆନ୍ଦୋଳିତ ତରୁଲତା ରହିଲେ ପବନେ ।
ନିସ୍ତବ୍ଧ ନିଶୀଥେ ସର୍ବେ ଘୋର ନିଦ୍ରାଗତ,
ଏକାକିନୀ ରାମନାରୀ ଥାଆନ୍ତି ଜାଗ୍ରତ ।"
ଇତ୍ୟାଦି ।

ଉମା—ନୂଆବୋଉ, 'ପଲ୍ଲବ' ଅର୍ଥ କଣ ?
କନକ—ଏଠାରେ କଅଁଳ ପତ୍ର ।
ଉମା—ଠିକ୍ କହିଲ ଭଉଣୀ ! ଅଚ୍ଛା, ନିରୁଟିଆ ଘରେ କାଳିଆଣି ହୋଇଥିଲେ ମନ ଉଦାସ ଉଦାସ ହୁଏ, ସେ କଥା ବାଲ୍ମୀକି ଲେଖିଗଲେ କି ନାହିଁ ?

ଚତୁର୍ଦ୍ଦଶ ପରିଚ୍ଛେଦ

କନକଲତାର ବିବାହ ପରେ ରାଜେନ୍ଦ୍ର ଥରେ ତା ଶାଶୁଘରକୁ ଯାଇଥିଲେ । ଦେଶପ୍ରଚଳିତ ବିଧି ଅନୁସାରେ ଧନଞ୍ଜୟଙ୍କ ଭଉଣୀ ଉମା ରାଜେନ୍ଦ୍ରକୁ ଉତ୍ତ୍ୟକ୍ତ କରିବାକୁ ଯତ୍ନବତୀ ହେଲେ । ଯେପରି :— ପାନଖିଲିରେ ଲଙ୍କାମରିଚ ମଞ୍ଜି ଦେବା, ଖାଇବାବେଳେ ଶାଗଭଜା ସଙ୍ଗରେ ଠିକ୍ ଏ କଅଁଶାଗ ମିଶାଇଦେବା, ମାଇଞ୍ଜି ଉପରେ ଲଙ୍କା ଘଷି ତାକୁ

Digitized by srujanika@gmail.com

ପିଚ୍ଛିଳ କରଦେବା, ଗୋଟିଏ ଜୁଆଁପନ୍ତି ଉପରେ ଖଣ୍ଡେ ସରୁ କନା ମଡ଼ାଇ ଦେବା, ରାଜେନ୍ଦ୍ର ଯିବା ରାସ୍ତାରେ ପାଚିଲାକଦଳୀ ଚୋପା ପକାଇଦେବା ଇତ୍ୟାଦି । ଏତେ ଷଡ଼ଯନ୍ତ୍ରରୁ ଚନ୍ଦ୍ରକାନ୍ତ ଭାଇଙ୍କୁ ଏବେ କେତେ ରକ୍ଷା କରିବ ? ଯଥାସାଧ୍ୟ ଯତ୍ନ କରି ମଧ୍ୟ ରାଜେନ୍ଦ୍ରବାବୁଙ୍କୁ ଉପରର ଷଡ଼ଯନ୍ତ୍ରରୁ ରକ୍ଷାକରି ପାରି ନ ଥିଲି । ଯେତେବେଳେ ରାଜେନ୍ଦ୍ରବାବୁ ଜୁଆଁପନ୍ତି ବୋଲି କନା ଚୋବାଇଲେ ବା କଞ୍ଚା ସଜନାଶାଗ ଖାଇ ଥୁ ଥୁ କରୁଥିଲେ, ଗାବାକ୍ଷରନ୍ଧ୍ରରୁ ପୁରନ୍ଧ୍ରୀମାନଙ୍କର ଚନ୍ଦ୍ରହାର ଝଣ୍ ଝଣ୍ ଶବ୍ଦ ଓ ରୁଦ୍ଧହାସ୍ୟର ରୋଳ ଶୁଣାଯାଉଥିଲା ଏବଂ ରାଜେନ୍ଦ୍ରବାବୁଙ୍କ ମୁହଁ ଶୁଖିଯାଉଥିଲା । ଓହୋ ! କି ଘୋର ଅଧମ ବର୍ବରତା ! କିନ୍ତୁ ରାଜେନ୍ଦ୍ର ଆଉ ପୂର୍ବ ରାଜେନ୍ଦ୍ର ନ ଥିଲେ । କୁମାରୀ କାମାଖ୍ୟା ଦେଶରେ ଯେପରି ମନୁଷ୍ୟ ମେଣ୍ଢା ପାଲଟିଯାଏ, ଏଠାକୁ ଆସି ଏ ସେହିପରି ଉପରର ଅନିନ୍ଦ୍ୟସୁନ୍ଦର ସୁଗୋଲ ସୌଷ୍ଠବାନ୍ୱିତ ବପୁ ଦେଖି ଆତ୍ମବିକ୍ରୟ କରିସାରିଥିଲେ । ହରଚନ୍ଦ୍ରଙ୍କ ସନିର୍ବନ୍ଧ ଅନୁରୋଧାତିଶଯ୍ୟ, ଜନନୀଙ୍କ ସାଶ୍ରୁନୟନ, ଶତପଥୀଙ୍କ ପୌରାଣିକ ଉପାଖ୍ୟାନ, ଭଗିନୀମାନଙ୍କ ଉପହାସ-ବାକ୍ୟବାଣ ଯାହା କରିପାରି ନ ଥିଲା, ଦୁଇ ଦିନରେ ଏହି ପରିହାସମୟୀ ଚଞ୍ଚଳା ହାସ୍ୟକୌତୁକପ୍ରିୟା ତରୁଣୀ ତାହା କରିପାରିଥିଲା । କେତେକ ଲୋକ କହନ୍ତି, ଚକ୍ଷୁର ଏକ ବୈଦ୍ୟୁତିକ ଶକ୍ତିଦ୍ୱାରା ମାନବ ଅନ୍ୟମାନଙ୍କୁ ବଶ କରିପାରେ । ଏହା ସତ୍ୟ ହେଲେ ଉପରର ନୟନର ବୈଦ୍ୟୁତିକ ଶକ୍ତି ରାଜେନ୍ଦ୍ରର ଶକ୍ତିଠାରୁ ବହୁଗୁଣରେ ଅଧିକ । କାରଣ, ମାର୍ଜାରର ନିକଟରେ ମୂଷିକବତ୍ ଉପା ନିକଟରେ ଦୁର୍ଦ୍ଧର୍ଷ ରାଜେନ୍ଦ୍ର ! ଶେଷରେ ଲଜ୍ଜାର ମସ୍ତକ ଭକ୍ଷଣ କରି ଇଂରେଜୀଶିକ୍ଷିତ ଧର୍ମ.ଜସଂସ୍କାରକ ରାଜେନ୍ଦ୍ର ଧନଞ୍ଜୟଙ୍କଠାରେ ସ୍ୱାଭିପ୍ରାୟ ବ୍ୟକ୍ତ କଲେ । ଧନଞ୍ଜୟ ଏହି ସମାଜବିରୋଧୀ କାର୍ଯ୍ୟରେ ପ୍ରଥମେ ମତ ଦେଇପାରିଲେ ନାହିଁ । କହିଲେ, ବଙ୍ଗଦେଶରେ ପୁଣ୍ୟଶ୍ଳୋକ ବିଦ୍ୟାସାଗର ବିଧବାବିବାହ ଶାସ୍ତ୍ରସିଦ୍ଧ, ଯୁକ୍ତିସିଦ୍ଧ ଓ ସମାଜର ମଙ୍ଗଳ-କାରୀ ଏହା ସୁପ୍ରମାଣିତ ଓ କାର୍ଯ୍ୟରେ ପରିଣତ କରିଯାଇଥିଲେହେଁ ଆମ୍ଭମାନଙ୍କ ଦେଶରେ, ଅପିଚ ବଙ୍ଗଦେଶରେ ଉଚ୍ଚ ଜାତୀୟମାନଙ୍କ ମଧ୍ୟରେ ପ୍ରଚଳିତ ହେବାର ଆଶା ସୁଦୂରପରାହତ । ତୁମ୍ଭେ ଏ କାର୍ଯ୍ୟରୁ ବିରତ ହୁଅ; କାରଣ, ବରକର୍ତ୍ତା ଓ କନ୍ୟାକର୍ତ୍ତା ଉଭୟ ଏଥିରେ ଅସ୍ୱୀକୃତ ହେବେ ଓ ପ୍ରାଣାନ୍ତ ପ୍ରତିବନ୍ଧକ ଦେବେ । ବଂଶ ଓ ସମାଜରେ ଘୋର

Digitized by srujanika@gmail.com

ବିପ୍ଳବ ସଂଘଟିତ ହେବ । ଦୂର ଭବିଷ୍ୟତରେ ଯାହାହେଉ, ବର୍ତ୍ତମାନ ଏପରି ସାମାଜିକ ଅନୁଷ୍ଠାନ ଅବିଧେୟ—"ଯଦ୍ୟପି ଶୁଦ୍ଧଂ ଲୋକବିରୁଦ୍ଧଂ ନାଦରଣୀୟଂ ନାଚରଣୀୟଂ ।" ବ୍ରଜେନ୍ଦ୍ରଙ୍କ ଚରିତ୍ରରେ ଗୋଟିଏ ବିପ୍ଳବକାରୀ ସାମଗ୍ରୀ ଥିଲା । ସେ ଯାହା ବିବେକାନୁମୋଦିତ ମନେକରୁଥିଲେ ତାହା ଲୋକବିରୁଦ୍ଧ ହେଲେହେଁ ତାହା ସର୍ବ ସମୟରେ ସମ୍ପାଦନ କରିବାରେ ଆନନ୍ଦ ଓ ଗର୍ବ ଅନୁଭବ କରୁଥିଲେ । ଶତପଥୀଏ ଭାବୁଥିଲେ, ତୁଳାରାଶିକ ଲୋକଙ୍କର ଏହା ଗୋଟିଏ ଲକ୍ଷଣ । ବ୍ରଜେନ୍ଦ୍ରଙ୍କର ତୁଳା ରାଶି ଥିଲା । ଧନଞ୍ଜୟ ଯେତେ ବିଘ୍ନ ପ୍ରଦର୍ଶନ କଲେ, ବ୍ରଜେନ୍ଦ୍ର ସେତେ ବିଦ୍ରୋହୀ ହୋଇଉଠିଲେ । କହିଲେ—"ଛି ଧନଞ୍ଜୟ, ତୁମେ ବୟସରେ ବଡ଼ ହୋଇ ସଂସାର-ସୁଖ ଉପଭୋଗ କରିବ, ଅଥଚ ତୁମର କନିଷ୍ଠା ଭଗିନୀ ଯେ କି ଅକ୍ଷତଯୌବନା, ବିବାହ କଣ ଜାଣେ ନାହିଁ, ତାହାକୁ ଚିରବୈଧବ୍ୟ ଯନ୍ତ୍ରଣାରେ ଦୀକ୍ଷିତ କରାଇବ । ତୁମେ ତୁମର ପିତାମାତାଙ୍କ ଭୟ ଦେଖାଉଅଛ ! ସେମାନେ ଯୌବନର ପ୍ରାନ୍ତରେ ଉପନୀତ ହୋଇ ବିଷୟସୁଖରୁ ନିଜକୁ ନିବୃତ୍ତ କରିପାରୁ ନାହାନ୍ତି, ଅଥଚ ଅପରିଚିତ ମୃତ ପୁରୁଷ ନିମନ୍ତେ ଚିରବୈଧବ୍ୟ ଯନ୍ତ୍ରଣାରେ ସରଳା ଯୁବତୀକୁ ନିଯନ୍ତ୍ରିତ କରିବାକୁ ଦୃଢ଼ପ୍ରତିଜ୍ଞ ହୋଇଅଛନ୍ତି । ଧିକ୍ ଏପରି ଭ୍ରାତାକୁ, ଶତସହସ୍ର ଧିକ୍ ସେହି ପିତାମାତାଙ୍କୁ ! ସେମାନେ ପିତାମାତା ରୂପରେ ରାକ୍ଷସରାକ୍ଷସୀ । ଜାଣନ୍ତି ଯେବେ ଯୁବତୀ ନିଜ ଇଚ୍ଛାରେ ଚିର-ବୈଧବ୍ୟବ୍ରତ ନିର୍ବାଚନ କରି ବ୍ରହ୍ମଚର୍ଯ୍ୟରେ ଯୌବନକୁ ଅତିବାହିତ ପ୍ରଦାନ କରିପାରନ୍ତା, ତେବେ କୌଣସି ଆପତ୍ତି କରନ୍ତି ନାହିଁ । ସୁଦୀର୍ଘ ଜୀବନ-ପଥ ତାହା ସମ୍ମୁଖରେ ବିଦ୍ୟମାନ । ପାପପଥ ପିଚ୍ଛିଳ । ପୁଣ୍ୟପଥ କଣ୍ଟକାକୀର୍ଣ୍ଣ । ଏପରି ସୁସ୍ଥ ସବଳ ହାସ୍ୟମୟୀ ଯୁବତୀ କିପରି ନିର୍ଦ୍ଦୋଷ ନିଷ୍କଳଙ୍କ ଭାବରେ ଜୀବନ ଯାପନ କରିବ ଆଶା କର ? ଆମ୍ଭେମାନେ ଶାସ୍ତ୍ରପାଠ, ବିଦ୍ୟାଧ୍ୟୟନ କରି ଚରିତ୍ର ନିର୍ମଳ ରଖିବା ଦୁରୂହ ମଣୁ ନାହୁଁ କି ? ଏମାନେ ଅଶିକ୍ଷିତ ପଶୁପ୍ରକୃତି ଲୋକଙ୍କ କବଳରୁ କିପରି ଆତ୍ମରକ୍ଷା କରିପାରିବେ ? ଏହାର ଅପରୂପ ଲାବଣ୍ୟ ଏବଂ ସରଳ ସୁନ୍ଦର ଚାଣି ମୋର ହୃଦୟ ଅଧିକାର କରିଅଛି । ମୁଁ ତୁମର ସ୍ୱଜାତୀୟ, ବିଶେଷତଃ ସୁପାତ୍ର । ଏହାର ଦୁଃଖରେ ଦୁଃଖିତ । ମୋତେ ଦେବା ଭଲ, ନା ଏହାର ଚରିତ୍ର କଳଙ୍କିତ କରାଇ ଭ୍ରୂଣ ହତ୍ୟାର ପ୍ରଶ୍ରୟ ଦେବା ଉଚିତ ମନେ

Digitized by srujanika@gmail.com

କର ? ତୁମେ ଈଶ୍ୱରସୃଷ୍ଟ ମାନବ, ଏ ସେହି ହସ୍ତସୃଷ୍ଟା ମାନବୀ । ତୁମେ ଭାରତୀୟ ଶିକ୍ଷିତ ଯୁବକ, ଏ ଭାରତୀୟା ହିନ୍ଦୁ ବାଳିକା । ତୁମେ ସହୋଦର ଭ୍ରାତା, ଏ ସହୋଦରା ଭଗିନୀ । ବକ୍ଷରେ ହସ୍ତ ଦେଇ ଈଶ୍ୱରଙ୍କୁ ସାକ୍ଷୀ କରି ନିରପେକ୍ଷ ହୋଇ କହ ତ ଭାଇ ଧନଞ୍ଜୟ, ଏହାକୁ ଧର୍ମପଥରେ ରକ୍ଷିବାର କେଉଁଟି ସଦୁପାୟ—ମୁଁ ଏହାର ପ୍ରେମଭିକ୍ଷାର୍ଥୀ, ଏ ମୋର ରୂପଗୁଣମୁଗ୍ଧା—ମୋ ହସ୍ତରେ ଅର୍ପଣ କରିବା ଉଚିତ, ନା ନରକର ପଥରେ ପରିତ୍ୟାଗ କରିବା ଉଚିତ ?” ନିର୍ମମ ନିର୍ଦ୍ଦୟ ଧର୍ମଧ୍ୱଜୀ ପଚାର ମନ ଯାହା ନେଉ ସ୍ୱୀୟ ସହୋଦରା ଭଗିନୀର ଦଶାରେ ଭ୍ରାତାର ହୃଦୟ ବିଗଳିତ ହେଲା । ସେ କହିଲେ, “ଭାଇ ରାଜେନ୍ଦ୍ର ! ନିଷ୍କଳଙ୍କ ଚନ୍ଦ୍ରମାବତ୍ ରାଜେନ୍ଦ୍ର ! ନିର୍ଭୀକ ସରଳପ୍ରାଣ ରାଜେନ୍ଦ୍ର ! ତୁ କଣ ଦେବଦୂତ ?” ରାଜେନ୍ଦ୍ର କହିଲେ, “ନା ଭାଇ ଧନଞ୍ଜୟ ! ମୁଁ ତୋରପରି ପାପତାପକଳିତ ମନୁଷ୍ୟ ମାତ୍ର । କିନ୍ତୁ ଚିରଜୀବନ ମୁଁ ମୋର ହୃଦୟରେ ଏହି ଆଶା ପୋଷିଛି ଯେ, ଦେଶର ଅଳ୍ପ ଅଳ୍ପରେ ପ୍ରପୀଡ଼ିତା ବିଧବାମାନଙ୍କର କିଛି ହେଲେ ଉପକାର କରିବି । ପରକୁ ଉପଦେଶ ଦେବା ସହଜ, କିନ୍ତୁ ନିରର୍ଥକ, ଅକାରଣ । ନିଜେ ସ୍ୱାର୍ଥତ୍ୟାଗ କରି ଦୃଷ୍ଟାନ୍ତ ଦେଖାଇବା ହିଁ ସୁପନ୍ଥା । ଏଠାରେ ମୋର ସ୍ୱାର୍ଥତ୍ୟାଗ କାହିଁ ? ମୋତେ ତ ପିତାମାତା ବିବାହ କରିବାକୁ ଆଦେଶ ଦେଇଅଛନ୍ତି । ଏ ତ ମୋର ସ୍ୱଜାତୀୟା ରୂପଗୁଣବତୀ ଯୁବତୀ । ତେବେ ସାମାନ୍ୟ ଲୋକେ ମିଥ୍ୟା ଅପବାଦତା ବାହାନାକୁ ପଦାହତ କରି ସ୍ୱକର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ । ମୁଁ ଆଜିଯାଏ ନାନା ପୁସ୍ତକ ପାଠ କରି ସଭା ସମିତିରେ ଯୋଗ ଦେଇ ସାଧୁ ସଜ୍ଜନ ସଙ୍ଗ କରି ନିଜ ଅନ୍ତରରେ ସ୍ପଷ୍ଟ ଅନୁଭବ କରୁଅଛି ଯେ, ଏ କନ୍ୟାଟି ବାଳବିଧବା ହୋଇ ଥିବା ଯୋଗୁଁ ଅପବିତ୍ରା ବା ଅସ୍ପୃଶ୍ୟା ହୋଇନାହିଁ । ପ୍ରାଚୀନ ଭାରତରେ, ବର୍ତ୍ତମାନ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କରେ, ଗ୍ରନ୍ଥାଦିରେ ଏପରି କନ୍ୟା ଗ୍ରହଣର ନିଦର୍ଶନ ସହସ୍ର ସହସ୍ର ରହିଅଛି । ଅତଏବ ଏ କାର୍ଯ୍ୟ ମୋର କରଣୀୟ । ଭାରତର ଜଣେ ଶ୍ରେଷ୍ଠ ବ୍ୟବସ୍ଥାପକ ପରାଶର ମୁନିଙ୍କ ‘ନଷ୍ଟେ ମୃତେ ପ୍ରବ୍ରଜିତେ କ୍ଲୀବେ ଚ ପତିତେ ପତୌ ପଞ୍ଚସ୍ୱାପତ୍ସୁ ନାରୀଣାଂ ପତିରନ୍ୟୋ ବିଧୀୟତେ’ ତୁମ ମନେ ଥିବ ।” କନକଲତା ଅନ୍ତରାଳରେ ଥାଇ ଏ କଥାଗୁଡ଼ିକ ଶୁଣୁଥିଲା । ତାହାର ସହଜ ସରଳ ବିଶ୍ୱାସକୁ ଏହା ଠେଲିଲା । ସେ ଯେତେବେଳେ ଦ୍ୱେଷପ୍ରଚଳିତ ପ୍ରସ୍ତାବ

Digitized by srujanika@gmail.com

ଓ ସ୍ୱଚ୍ଛମାଣ ଅଙ୍ଗକୁ ଅନାଏ, ତାହାର ବୁଦ୍ଧିଭ୍ରଂଶ ହୁଏ, କିନ୍ତୁ ଯେତେ-ବେଳେ ସବଳ ସତ୍ସାହସୀ ସଚ୍ଚରିତ୍ରବନ୍ତ ଚିତ୍ତର ଯୁକ୍ତିରସ୍ତ ଅନୁଧାବନ କରେ, ତାହାର କିଛି କ୍ଷଣସୁ ରହେନାହିଁ । ସେ ବାତବିକ୍ଷିପ୍ତା କମଳିନୀ ପରି ଧନଞ୍ଜୟ କୋଡ଼ରେ ମୁଖ ଲୁଚାଇ ତାଙ୍କର ଉପରେ ନିର୍ଭର କରି ରହିଲା । ଘର ଭଉଣୀଠାରୁ ବହୁ ଦୂରରେ । ସ୍ୱାମୀ ଉଚ୍ଚଶିକ୍ଷିତ ହେଲେହେଁ ସ୍ତ୍ରୀର ନିକଟରେ । ଅଧିକନ୍ତୁ, ସ୍ୱାଧୀନ ଚିନ୍ତା ଓ ଆଲୋଚନା ନୋହିଲେ କେବଳ ଉଚ୍ଚଶିକ୍ଷା ନିରର୍ଥକ । ବିଶ୍ୱବିଦ୍ୟାଳୟର ଏପରି ଉଚ୍ଚ ଉପାଧିଧାରୀ ଓ ପଲ୍ଲୀନାରୀ ମଧ୍ୟରେ ପ୍ରଭେଦ କେତେ ? ଯାହାହେଉ ସେମାନଙ୍କ ମନରେ ଗୋଟିଏ ଧାରଣା ହେଲା ଯେ, ସମୟରେ ଏହି ବିବାହ ସମ୍ଭବପର ହୋଇପାରେ । ରାଜେନ୍ଦ୍ରଙ୍କର ଉମାପ୍ରତି ଗଭୀର ପ୍ରଣୟ ଜନ୍ମିଥିବାର ସ୍ପଷ୍ଟ ଅନୁଭବ କରି ଶେଷରେ ଧନଞ୍ଜୟ କହିଲେ, "ଭାଇ, ଏ ପ୍ରସ୍ତାବ ଗୁରୁତର । ଏ ଘୋର ଅଶାନ୍ତିର ବୀଜ ହଠାତ୍ ଉପ୍ତ କରିବାରେ ମୁଁ ସାହସୀ ହେଉନାହିଁ । ତେବେ ତୁମର ସଦ୍‌ବ୍ୟବହାର, ସଦାଳାପ ପ୍ରଭୃତି ନାନା ସଦ୍‌ଗୁଣ ଦେଖି ଏ ସ୍ଥାନର ସମସ୍ତ, ବିଶେଷତଃ ମୋର ପରମାରାଧ୍ୟ ପିତାମାତା ତୁମ ପ୍ରତି ସନ୍ତୁଷ୍ଟ ହୋଇଅଛନ୍ତି । ତୁମର ସ୍ନେହମୟୀ ଭଗିନୀ ମଧ୍ୟ ଏ ବିଷୟରେ ପକ୍ଷପାତିନୀ ହୋଇଥିବାର ଦେଖା-ଯାଏ । ଏପରି ଅବସ୍ଥାରେ ତୁମେ ଯେବେ ଛ ମାସ ଅପେକ୍ଷା କର, ତେବେ ମୁଁ ଏ ବିଷୟରେ ମତ ପ୍ରକାଶ କରିବି । ତୁମମାନଙ୍କର ବାହ୍ୟ ଶାରୀରିକ କାମନା କିମ୍ବା ପ୍ରକୃତ ନିଃସ୍ୱାର୍ଥ ପ୍ରେମ ଜନ୍ମିଅଛି, ତାହା ମୁଁ ଜାଣିବାକୁ ପ୍ରୟାସୀ । ଏ ବିଷୟରେ ଗୋଟିଏ ସୂଚନା ଓ ଜନବାଦ ଅବରୁଦ୍ଧ ହେଲା । ଲୋକଙ୍କର ଏହା ସହ୍ୟ ହୋଇଗଲେ ପ୍ରତିବନ୍ଧକ କେତେ ଉତ୍କଟ ନ ହୋଇପାରେ । ସହିଷ୍ଣୁତା ଦର୍ଶନ ଯେପରି, ଏଠାରେ ମଧ୍ୟ ସେହିପରି ସୁଫଳପ୍ରଦ ହୋଇପାରେ ।" ଏହି ପରାମର୍ଶ ପରେ ରାଜେନ୍ଦ୍ର ଉମାଠାରେ ପ୍ରାଣ ଅର୍ପଣକରି ସ୍ୱଗ୍ରାମକୁ ପ୍ରତ୍ୟାଗତ ହେଲେ । ଜଣ ଜଣଙ୍କର ଏପରି ସ୍ୱଭାବ ଯେ, ସେମାନେ ଏକ ସମୟରେ ଏକାଧିକ ବିଷୟରେ ମନୋନିବେଶ କରି ପାରନ୍ତି ନାହିଁ । ସମସ୍ତ ମାନସିକ ଶକ୍ତି ଏକ ବିଷୟରେ କେନ୍ଦ୍ରୀଭୂତ କରନ୍ତି । ରାଜେନ୍ଦ୍ର ସେହି ଶ୍ରେଣୀର ବ୍ୟକ୍ତି । ଏବେ ଉଦ୍ଦାମ ଯୌବନ, ଉମାର ଅଲୋକସାମାନ୍ୟ ସୌନ୍ଦର୍ଯ୍ୟ, ବିଧାତାଙ୍କ ସୁରସାଣିତ ଅତୁଳ୍ୟ ଲାବଣ୍ୟ, ବର୍ଦ୍ଧିତୋନ୍ମୁଖ ନବାନୁରାଗବତ୍ ଏବଂ ନୀଳାବ୍ଜ-ନିନ୍ଦ ଲୋଚନଯୁଗ,

Digitized by srujanika@gmail.com

କର ? ତୁମେ ଈଶ୍ୱରସୃଷ୍ଟ ମାନବ, ଏ ସେହି ହସ୍ତସୃଷ୍ଟା ମାନବୀ । ତୁମେ ଭାରତୀୟ ଶିକ୍ଷିତ ଯୁବକ, ଏ ଭାରତୀୟା ହିନ୍ଦୁ ବାଳିକା । ତୁମେ ସହୋଦର ଭ୍ରାତା, ଏ ସହୋଦରା ଭଗିନୀ । ବକ୍ଷରେ ହସ୍ତ ଦେଇ ଈଶ୍ୱରଙ୍କୁ ସାକ୍ଷୀ କରି ନିରପେକ୍ଷ ହୋଇ କହ ତ ଭାଇ ଧନଞ୍ଜୟ, ଏହାକୁ ଧର୍ମପଥରେ ରକ୍ଷିବାର କେଉଁଠି ସଦୁପାୟ—ମୁଁ ଏହାର ପ୍ରେମଭିକାରୀ, ଏ ମୋର ରୂପଗୁଣମୁଗ୍ଧା —ମୋ ହସ୍ତରେ ଅର୍ପଣ କରିବା ଉଚିତ, ନା ନିର୍ଦ୍ଦୟ ପଥରେ ପରିତ୍ୟାଗ କରିବା ଉଚିତ ?" ନିର୍ମଳ ନିର୍ଦ୍ଦୟ ଧର୍ମଧ୍ୱଜୀ ପରର ମନ ଯାହା ହେଉ ସ୍ୱୀୟ ସହୋଦରା ଭଗିନୀର ଦଶାରେ ଭ୍ରାତାର ହୃଦୟ ବିଗଳିତ ହେଲା । ସେ କହିଲେ, "ଭାଇ ରାଜେନ୍ଦ୍ର ! ନିଷ୍କଳଙ୍କ ଚନ୍ଦ୍ରମାବତ୍ ରାଜେନ୍ଦ୍ର ! ନିର୍ଭୀକ ସରଳପ୍ରାଣ ରାଜେନ୍ଦ୍ର ! ତୁ କଣ ଦେବଦୂତ ?" ରାଜେନ୍ଦ୍ର କହିଲେ, "ନା ଭାଇ ଧନଞ୍ଜୟ ! ମୁଁ ତୋରପରି ପାପତାପମଳିନ ମନୁଷ୍ୟ ମାତ୍ର । କିନ୍ତୁ ଚିରଜୀବନ ମୁଁ ମୋର ହୃଦୟରେ ଏହି ଆଶା ପୋଷିଛି ଯେ, ଦେଶର ଅନ୍ଧ ଆଚାରରେ ପ୍ରପୀଡ଼ିତା ନନ୍ଦନାମାନଙ୍କର କିଛି ହେଲେ ଉପକାର କରିବି । ପରକୁ ଉପଦେଶ ଦେବା ସହଜ, କିନ୍ତୁ ନିରର୍ଥକ, ଅକାରଣ । ନିଜେ ସ୍ୱାର୍ଥତ୍ୟାଗ କରି ଦୃଷ୍ଟାନ୍ତ ଦେଖାଇବା ହିଁ ସୁପନ୍ଥା । ଏଠାରେ ମୋର ସ୍ୱାର୍ଥତ୍ୟାଗ କାହିଁ ? ମୋତେ ତ ପିତାମାତା ବିବାହ କରିବାକୁ ଆଦେଶ ଦେଉଅଛନ୍ତି । ଏ ତ ମୋର ସ୍ୱଜାତୀୟା ରୂପଗୁଣବତୀ ଯୁବତୀ । କେବଳ ସାମାନ୍ୟ ଗୋଟିଏ ମିଥ୍ୟା ଅପବିତ୍ରତା ତାହାକୁ ପଦାହତ କରି ସ୍ୱକର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ । ମୁଁ ଆଜିଯାଏ ନାନା ପୁସ୍ତକ ପାଠ କରି ସଭା ସମିତିରେ ଯୋଗ ଦେଇ ସାଧୁ ସଜ୍ଜନ ସଙ୍ଗ କରି ନିଜ ଅନ୍ତରରେ ସ୍ପଷ୍ଟ ଅନୁଭବ କରୁଅଛି ଯେ, ଏ କନ୍ୟାଟି ବାଳବିଧବା ହୋଇ ଥିବା ଯୋଗୁଁ ଅପବିତ୍ରା ବା ଅସ୍ପୃଶ୍ୟା ହୋଇନାହିଁ । ପ୍ରାଚୀନ ଭାରତରେ, ବର୍ତ୍ତମାନ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କରେ, ଗ୍ରନ୍ଥାଦିରେ ଏପରି କନ୍ୟା ଗ୍ରହଣର ଆଦର୍ଶନ ସହସ୍ର ସହସ୍ର ରହିଅଛି । ଅତଏବ ଏ କାର୍ଯ୍ୟ ମୋର କରଣୀୟ । ଭାରତର ଜଣେ ଶ୍ରେଷ୍ଠ ବ୍ୟବସ୍ଥାପକ ପରାଶର ମୁନିଙ୍କ 'ନଷ୍ଟେ ମୃତେ ପ୍ରବ୍ରଜିତେ କ୍ଲୀବେ ଚ ପତିତେ ପତୌ ପଞ୍ଚସ୍ୱାପତ୍ସୁ ନାରୀଣାଂ ପତିରନ୍ୟୋ ବିଧୀୟତେ' ତୁମ ମନେ ଥିବ ।" କନକଲତା ଅନ୍ତରାଳରେ ଥାଇ ଏ କଥାଗୁଡ଼ିକ ଶୁଣୁଥିଲା । ତାହାର ସହଜ ସରଳ ବିଶ୍ୱାସକୁ ଏହା ଦୋହଲାଇଲା । ସେ ଯେତେବେଳେ ଦେବକ୍ଷିପ୍ରଚଳିତ ପ୍ରଥାର

Digitized by srujanika@gmail.com

ଓ ସ୍ଥିତମାତ୍ର ଅଢ଼କୁ ଅନାଏ, ତାହାର ବୁଦ୍ଧିଭ୍ରଂଶ ହୁଏ, କିନ୍ତୁ ଯେଉଁ-ମାନେ ସରଳ ସତ୍ସାହସୀ ପରହିତରତ ତାହାର ସ୍ୱରୂପ ଅନୁଧାବନ କରେ, ତାହାର କିଛି ସଂଶୟ ରହେନାହିଁ। ସେ ବାତବିକ୍ଷିପ୍ତା କମଳିନୀ ପରି ଧନଞ୍ଜୟ କୋଡ଼ରେ ମୁଣ୍ଡ ଲଚ୍ଚ ତାଙ୍କର ଉପରେ ନିର୍ଭର କରି ରହିଲ। ଭାଇ ଉତ୍ତଣୀଠାରୁ ବହୁ ଦୂରରେ। ସ୍ୱାମୀ ଉଚ୍ଚଶିକ୍ଷିତ ହେଲେହେଁ ସ୍ତ୍ରୀର କିଛିଟରେ। ଅଧ୍ୟୟନ, ସ୍ୱାଧୀନ ଚିନ୍ତା ଓ ଆଲୋଚନା ନୋହିଲେ କେବଳ ଉଚ୍ଚଶିକ୍ଷା ନିରର୍ଥକ। ବିଶ୍ୱବିଦ୍ୟାଳୟର ଏପରି ଉଚ୍ଚ ଉପାଧିଧାରୀ ଓ ପଲ୍ଲୀନାରୀ ମଧ୍ୟରେ ପ୍ରଭେଦ କେତେ? ଯାହାହେଉ ସେମାନଙ୍କ ମନରେ ଗୋଟିଏ ଧାରଣା ହେଲା ଯେ, ସମୟରେ ଏହି ବିବାହ ସମ୍ଭବପର ହୋଇପାରେ। ସୁରେନ୍ଦ୍ରଙ୍କର ଉମାପ୍ରତି ଗଭୀର ପ୍ରଣୟ ଜନ୍ମିଥିବାର ସ୍ପଷ୍ଟ ଅନୁଭବ କରି ଶେଷରେ ଧନଞ୍ଜୟ କହିଲେ, "ଭାଇ, ଏ ପ୍ରସ୍ତାବ ଗୁରୁତର। ଏ ଘୋର ଅଶାନ୍ତିର ବୀଜ ହଠାତ୍ ଉପ୍ତ କରିବାକୁ ମୁଁ ସାହସୀ ହେଉନାହିଁ। ତେବେ ତୁମର ସଦ୍‌ବ୍ୟବହାର, ସଦାଳାପ ପ୍ରଭୃତି ନାନା ସଦ୍‌ଗୁଣ ଦେଖି ଏ ସ୍ଥାନର ସମସ୍ତେ, ବିଶେଷତଃ ମୋର ପରମାରାଧ୍ୟ ପିତାମାତା ତୁମ ପ୍ରତି ସନ୍ତୁଷ୍ଟ ହୋଇଅଛନ୍ତି। ତୁମର ସ୍ନେହମୟୀ ଭଗିନୀ ମଧ୍ୟ ଏ ବିଷୟରେ ପକ୍ଷପାତିନୀ ହୋଇଥିବାର ଦେଖା-ଯାଏ। ଏପରି ଅବସ୍ଥାରେ ତୁମେ ଯେବେ ଛ ମାସ ଅପେକ୍ଷା କର, ତେବେ ମୁଁ ଏ ବିଷୟରେ ମତ ପ୍ରକାଶ କରିବି। ତୁମମାନଙ୍କର ବାହ୍ୟ ଶାରୀରିକ କାମନା କିମ୍ବା ପ୍ରକୃତ ନିଃସ୍ୱାର୍ଥ ପ୍ରେମ ଜନ୍ମିଅଛି, ତାହା ମୁଁ ଜାଣିବାକୁ ପ୍ରୟାସୀ। ଏ ବିଷୟରେ ଗୋଟିଏ ସୂଚନା ଓ ଜନବାଦ ଆରମ୍ଭ ହେଲା। ଲୋକଙ୍କର ଏହା ସହ୍ୟ ହୋଇଗଲେ ପ୍ରତିବନ୍ଧକ କେତେ ଉତ୍କଟ ନ ହୋଇପାରେ। ସହିଷ୍ଣୁତା ଦଣ୍ଡ ଯେପରି, ଏଠାରେ ମଧ୍ୟ ସେହିପରି ସୁଫଳପ୍ରଦ ହୋଇପାରେ।" ଏହି ପରାମର୍ଶ ପରେ ସୁରେନ୍ଦ୍ର ଉମାଠାରେ ପ୍ରାଣ ଅର୍ପଣକରି ସ୍ୱଗ୍ରାମକୁ ପ୍ରତ୍ୟାଗତ ହେଲେ। ଜଣ ଜଣଙ୍କର ଏପରି ସ୍ୱଭାବ ଯେ, ସେମାନେ ଏକ ସମୟରେ ଏକାଧିକ ବିଷୟରେ ମନୋନିବେଶ କରି ପାରନ୍ତି ନାହିଁ। ସମଗ୍ର ମାନସିକ ଶକ୍ତି ଏକ ବିଷୟରେ କେନ୍ଦ୍ରୀଭୂତ କରନ୍ତି। ସୁରେନ୍ଦ୍ର ସେହି ଶ୍ରେଣୀର ବ୍ୟକ୍ତି। ଏବେ ଉଦ୍ଦାମ ଯୌବନ, ଉମାର ଅଲୋକସାମାନ୍ୟ ସୌନ୍ଦର୍ଯ୍ୟ, ବିଷାଦମାଧୁରୀ ବିମିଶ୍ରିତ ଅତୁଳ୍ୟ ଲାବଣ୍ୟ, ତଡ଼ିତ୍ସ୍ପର୍ଶୀ ... ଚକିତ ନୀଳ ... ନୀଳୋତ୍ପଳ-ନିନ୍ଦି ଲୋଚନଯୁଗ,

Digitized by srujanika@gmail.com

ସୁଗଠିତ ପୂର୍ଣ୍ଣାବୟବ ଯୌବନଦୌପ୍ତ ଚମ୍ପକଗୌର ଷୋଡ଼ଶୀ ମୂର୍ତ୍ତି, ତାହାପ୍ରତି ସମାଜର ଅତ୍ୟାଚାର ଏହି ସମାଜସଂସ୍କାରପ୍ରୟାସୀ ଯୁବକର ହୃଦୟ ତନ୍ମୟ କରିଦେଲା । ତା ପକ୍ଷରେ ଜଗତ୍ ସଂସାର ଉମାମୟ ହୋଇଗଲା । ଉମା-ଲାଭ ଜୀବନର ଶ୍ରେଷ୍ଠ ବ୍ରତ ହେଲା । ସୁରେନ୍ଦ୍ର ଅନୁଦିନ ଅନ୍ୟମନସ୍କ, ଶୁଷ୍କକାୟ, କ୍ଷୀଣ, ବିଷଣ୍ଣ ହେବାକୁ ଲାଗିଲେ ।

ସୁରେନ୍ଦ୍ରର ବିଦାୟ ସଙ୍ଗେ ସଙ୍ଗେ ଉମାର ଶୃଙ୍ଖଳା, ଚପଳତା, ପରିହାସ, ରସିକତା ସମସ୍ତ ଅନ୍ତର୍ହିତ ହେଲା । ଆଗେ ଉମା ପରିଚିତ ଆତ୍ମୀୟ ପୁରୁଷ ସଙ୍ଗରେ ଅବାଧରେ ନିଃସଙ୍କୋଚରେ ମିଶୁଥିଲା । ମା ଓ ଉଦ୍ଧୋଧିତ ପିତ୍ତସୀ ତୁଳସୀର ବାକ୍ୟବାଣ ପ୍ରତି ସେ ଭ୍ରୂକ୍ଷେପ କରୁ ନ ଥିଲା; କିନ୍ତୁ କ ମନ୍ତ୍ର ସୁରେନ୍ଦ୍ର ପଢ଼ିଲା, ଆଜି ସେ ପୁରୁଷ ଛାଇ ମାଡ଼ିଲା ନାହିଁ । ହସ ଆଜି ତା ମୁହଁରେ କେହି ଦେଖି ନାହିଁ । ଗୋଟିଏ ଗୋଟିଏ ଚରିତ୍ର ଅଛି, ସେ ପ୍ରହେଳିକାମୟ । ସେ ପାଣି ନୁହେଁ, କ୍ଷଣେ ଭିନ୍ନ ହୋଇ କ୍ଷଣେ ମିଶିଯିବ । ସେ ପଥର ପରି ଟାଣ, ସହଜରେ ଭାଙ୍ଗେ ନାହିଁ । ଥରେ ଭାଙ୍ଗିଲେ ଆଉ ଯୋଡ଼ି ହେବା କଠିନ । ଉମାର ଚରିତ୍ର ସେହିପରି । ପରିହାସମୟୀ ବାଳିକା କେତୋଟି ଦିନରେ ନାରୀତ୍ୱର ଗୌରବ, ଗୁରୁତା, ଗାମ୍ଭୀର୍ଯ୍ୟ ଅନୁଭବ କରି ତହିଁରେ ନତ ହୋଇଗଲା । ତାହାର ଜୀବନର ଗୋଟାଏ ମହତ୍ ଲକ୍ଷ୍ୟ ତା ସମ୍ମୁଖରେ ପ୍ରତିଭାତ ହୋଇଅଛି ।

ସୁରେନ୍ଦ୍ର ପ୍ରତି ଉମାର ଭାବ ତୁଳସୀର ଅଜ୍ଞାତ ରହିଲା ନାହିଁ । ସେ ତାହାର କଥାରୁ ତାହାର ହୃଦୟର ଗଭୀରତମ ପ୍ରଦେଶର ଭାବ ଜାଣି ନେଲା । ମାନବଜୀବନରେ ଏପରି ଏକ ସମୟ ଆସେ, ଯେତେବେଳେ ଉଦ୍‌ବୁଦ୍ଧ, ଜାଗ୍ରତ, ନବୀନ ପ୍ରେମକୁ ସେ ଆଉ ରୋଧ କରି ରଖିପାରେ ନାହିଁ । ପ୍ରଥମ ଆଷାଢ଼ରେ ନିଃସୃତ ପ୍ରଖର ସ୍ରୋତ ଯେପରି ତୀରତରୁବ୍ରଜ ଉତ୍ପାଟନପୂର୍ବକ କ୍ଷିପ୍ର ଧୂର୍ଜଟୀଗତି ପ୍ରଧାବିତ ହୋଇ ସିନ୍ଧୁ ସଙ୍ଗରେ ମିଳିତ ହେବାକୁ ଉନ୍ମତ୍ତ ହୁଏ, ସେହିପରି ମାନବ ନବୀନ ଉଦ୍ଦାମ ପ୍ରେମଧାରା ପ୍ରିୟତମଠାରେ ସମର୍ପଣ କରିବାକୁ ଉତ୍କଣ୍ଠିତ ହୁଏ । ଚିରପରିଚିତ ସ୍ନେହମୟ ସଖୀଗଣ ଆଉ ତାହାର ହୃଦୟର ସେ ମହାଶୂନ୍ୟ ପୂରଣ କରି ପାରନ୍ତି ନାହିଁ, ସେ ମହା ଅଭାବ ମୋଚନ କରି ପାରନ୍ତି ନାହିଁ, ଅଶାନ୍ତ ହୃଦୟ ତୁଷ୍ଟ କରି ପାରନ୍ତି ନାହିଁ । ସେତେବେଳେ ମାନବ କଳ୍ପନାନିର୍ମିତ

Digitized by srujanika@gmail.com

ସ୍ୱପ୍ନରାଜ୍ୟରେ ଭୁଲି ଦୂରସ୍ଥ ଅପରିଚିତ ସ୍ୱୀୟ ବାସନାରାଜ୍ୟବାସୀ ପ୍ରିୟତମଙ୍କୁ ଅନନ୍ତ ଆକାଶରେ—ବିଶାଳ ଧରଣୀରେ ଲୋଡ଼ି ତାଙ୍କର ଶ୍ରୀଚରଣ-ସରୋଜରେ ପ୍ରାଣ ସମର୍ପଣ କରିବାକୁ ପ୍ରୟାସୀ ହୁଏ । ସେହି ଚରିତ ସୁଖମୟ ଦୁର୍ବିଷହ ହଳାହଳପୂର୍ଣ୍ଣ ଅମୃତମୁହୂର୍ତ୍ତି ରାଜେନ୍ଦ୍ର ଓ କୁମାର ଜୀବନରେ ଉପସ୍ଥିତ ହୋଇଅଛି । ଯୁବକ ଯୁବତୀ ! ଏ ବଡ଼ ବିଷମ ସମୟ, ବିଷମ ଅବସ୍ଥା, ଧର୍ମ କେବଳ ଏ ବେଳର ସହାୟ । ପୂର୍ବକାଳରେ ଜଣେ ଭୁବନ-ବିଖ୍ୟାତ ବୀରଙ୍କ ଜୀବନର ସନ୍ଧିସ୍ଥଳରେ ଏହି ସମସ୍ୟା ଉପସ୍ଥିତ ହୋଇ-ଥିଲା । ସେ ତାହାର ସୁନ୍ଦର ମୀମାଂସା କରିଥିଲେ । କଥିତ ଅଛି ସେ ଦିନେ ଗନ୍ତବ୍ୟପଥରେ ଅଗ୍ରସର ହେଉ ହେଉ ଗୋଟିଏ ତେମୁହାଣୀ ଛକରେ ଉପସ୍ଥିତ ହେଲେ । ଯୁବକ ବୀର ଏକାକୀ, ସମ୍ମୁଖରେ ଦୁଇ ରମଣୀ ମୂର୍ତ୍ତି ଦଣ୍ଡାୟମାନା । ତନ୍ମଧ୍ୟରୁ ଜଣେ ମନୋମୋହିନୀ, କୁଞ୍ଚିତକୁନ୍ତଳା, ଅଳକଭ୍ରୂଲତାଶୋଭିନୀ, ମଦାଳସା; ଅଧରପଲ୍ଲବ ଯତିଜନମନୋହର—ଦରହାସର କନକକିରଣମୟୂଖରେ ଉଦ୍ଭାସିତ; ଆକର୍ଣ୍ଣବିସ୍ତୃତ ମଦଘୂର୍ଣ୍ଣଳାଲସ-ଲୋଚନରେ ଅପୂର୍ବ ଅପାଙ୍ଗ ଲୀଳା ଖେଳା କରୁଅଛି । ସେ ଦେବବାଞ୍ଛିତା-ରମ୍ଭୋରୁ କାମିନୀ ଶୁଭ୍ର ଶଙ୍ଖସଙ୍କାଶ ଗ୍ରୀବା, କନକ ବକ୍ଷ, କଟୀତଟ ଓ ସୁଗଠିତ ସର୍ବାଙ୍ଗରେ ଯଥୋପଯୁକ୍ତରୂପେ ନାନା ରତ୍ନାଳଙ୍କାରସମନ୍ୱିତା । ତ୍ରିଭଙ୍ଗଠାଣିରେ ଠିଆ ହୋଇ ଏହି ତ୍ରିଭୁବନବିଜୟିନୀ ରମଣୀ ଯୁବକଙ୍କୁ କଟାକ୍ଷସହକାରେ ବୀଣା-ବିନିନ୍ଦିତସ୍ୱରରେ କହିଲେ, "ଯୁବକ ! ଆସ, ମୋ ସଙ୍ଗରେ । ସୁଖର ଅକ୍ଷୟ ଉତ୍ସ ତୁମ୍ଭ ନିକଟରେ ଉଦ୍‌ଘାଟିତ ହେବ ; ସମସ୍ତ ଇନ୍ଦ୍ରିୟର ଭୋଗ୍ୟ ଅନନ୍ତ ଐଶ୍ୱର୍ଯ୍ୟ ଲାଭ କରିବ; ଆସ ଏହି ମୋର ପଥ କୁସୁମାସ୍ତରଣଶୋଭିତ, ଏହି ଫୁଟନ୍ତ ଯୌବନ ତୁମ୍ଭର ଉପଭୋଗ୍ୟ । ନିଅ, ଭୋଗ କର । ଏହାକୁ ଅକାରଣ ବିନଷ୍ଟ କର ନାହିଁ । ବୃଥା ସମୟ କ୍ଷେପ ନ କର ।" ଯୁବକ ସ୍ତମ୍ଭିତ । ଅନ୍ୟ ମୂର୍ତ୍ତି ସରଳା, ସ୍ଥିରଦୃଷ୍ଟିଶୀଳା, ଆଲୁଳାୟିତକୁନ୍ତଳା, ଚକ୍ଷୁ ଉଜ୍ଜ୍ୱଳ, ସ୍ଥିର, ଦୃଢ଼ତାବ୍ୟଞ୍ଜକ ; ଧୀର ବିନମ୍ର ସରଳ ଅଙ୍ଗଯଷ୍ଟି ଦିବ୍ୟ ବିଭାଯୁକ୍ତ; ନେତ୍ରପ୍ରଭା ସହିତ କରୁଣା, ପବିତ୍ରତା, କାତରତା ମିଶ୍ରିତ । ଦେବୀ ଧୀର ପ୍ରଶାନ୍ତ ଭାବରେ କହିଲେ, "ମୋର ପଥ କଣ୍ଟକପୂର୍ଣ୍ଣ, ଅସିଧାରବତ୍ ସଙ୍କୀର୍ଣ୍ଣ । ଦୃଢ଼, ଧୀର, ସାବଧାନ ଭାବରେ ଅଗ୍ରସର ନ ହେଲେ ମହା ବିପଦର ସମ୍ଭାବନା । ମୋର ପଥ ସଂଯମର ପଥ, ନିବୃତ୍ତିର ପଥ, ପବିତ୍ରତାର ପଥ, ତପସ୍ୟାର ପଥ, ସ୍ୱାର୍ଥତ୍ୟାଗର

Digitized by srujanika@gmail.com

ପଥ, କିନ୍ତୁ ପରିଣାମରେ ଭୂମାନନ୍ଦ ଦେବଦୁର୍ଲଭ ସୁଖ ଶାନ୍ତି । ହେ ଯୁବକ ! ସାହସ, ସଂଯମ ଓ ମନୁଷ୍ୟତା ଯେବେ ଥାଏ, ତେବେ ଅସ ମୋ ସଙ୍ଗରେ ।” ଯୁବକ ବୀର ଅବିଚଳିତ ଭାବରେ ଶେଷୋକ୍ତ ସ୍ୱର୍ଗଦୂତଙ୍କ ସଙ୍ଗରେ ଯାଇ ଜଗତରେ ଅକ୍ଷୟ କୀର୍ତ୍ତି ଲାଭ କଲେ । ବିଳାସର ପଥ ନରକର ପଥ । କର୍ତ୍ତବ୍ୟର ପଥ ସ୍ୱର୍ଗର ପଥ । ହେ ରାଜେନ୍ଦ୍ର, ଉମା, ଏହି ଆଦର୍ଶ କି ତୁମ୍ଭମାନଙ୍କ ଜୀବନକୁ ପରିଚାଳିତ କରିବ ନାହିଁ ?

କିଛିଦିନ ପରେ ରାଜେନ୍ଦ୍ର ଶୁଣିଲେ ଯେ, ଉମା ଆଉ ଇହସଂସାରରେ ନାହିଁ । ବସନ୍ତରୋଗରେ ତୁଳସୀ ଦେଈ ସହିତ ଉମା ପ୍ରାଣତ୍ୟାଗ କରିଅଛି । ତାହାର ବିଷାଦମୟ ଜୀବନକୁସୁମ ଅକାଳରେ କୀଟଦଷ୍ଟ ହୋଇଅଛି । ସେ ବାଳେଣୀ ବୀଣାର ତାର ଅକାଳରେ ଛିଣ୍ଡି ଯାଇଅଛି । ଅକାଳରେ ସେ ଇନ୍ଦୁକଳା ନଷ୍ଟ ହୋଇଅଛି । ହାୟ ! ଉମାର ମୃତ୍ୟୁର ପ୍ରକୃତ କାରଣ ରାଜେନ୍ଦ୍ରଙ୍କର ଆଉ ବୁଝିବାକୁ ବାକି ରହିଲା ନାହିଁ । ସେହିଦିନୁ ଆଉ କେହି ରାଜେନ୍ଦ୍ରଙ୍କୁ ଦେଖିନାହିଁ । ଉଚ୍ଛୃଙ୍ଖଳ ଉନ୍ମତ୍ତବତ୍ ଯୁବକ ନିରୁଦ୍ଦିଷ୍ଟ ହେଲେ । ହରିଚନ୍ଦନ କଟକ, ପୁରୀ, କଲିକତା ଆଦି ନାନା ସ୍ଥାନ ଖୋଜାଇ ହୁଲିଆ ଦେଇ ନିରସ୍ତ ହେଲେ ।

ପଞ୍ଚଦଶ ପରିଚ୍ଛେଦ

ଧନଞ୍ଜୟ ପୁରୀରେ ଓକିଲାତି କରି ସ୍ଥାୟୀ ଜୀବନ ଆରମ୍ଭ କରିଅଛନ୍ତି । ଉମାର ଅପ୍ରତ୍ୟାଶିତ ଅନ୍ତର୍ଦ୍ଧାନ ଫୁଲିଂଗ୍ରାମ୍ କନକ ପକ୍ଷରେ ଅସହ୍ୟ କରିଦେଲା । ସେ ନରକପୁରୀ ସଦୃଶ ସେ ପାପପୁରୀକୁ ପରିତ୍ୟାଗ କରି ପୁରୀ ଯିବାକୁ ଉତ୍କଣ୍ଠିତା ହେଲା । ଧନଞ୍ଜୟ ଅଗତ୍ୟା ତାକୁ ପୁରୀ ନେଲେ । ଅନ୍ନପୂର୍ଣ୍ଣା ଓ ପାଇକରା ମଧ୍ୟ ସକଳଗୁଣାଧାର ପୁତ୍ର ପୁତ୍ରବଧୂ ସଙ୍ଗରେ ରାମ-ସୀତାହୀନ ଅଯୋଧ୍ୟା ପରି ସ୍ୱଗ୍ରାମ ପରିତ୍ୟାଗ କରି ପୁରୀବାସ କଲେ । ଲକ୍ଷ୍ମୀସ୍ୱରୂପିଣୀ କନକର ପୁଣ୍ୟ ବଳରେ ହେଉ ବା ନିଜର ଧୀଶକ୍ତି ଓ ଅଧ୍ୟବସାୟ ବଳରେ ହେଉ ଅଥବା ଉଭୟର ସମ୍ମିଳିତ ଫଳରୁ ହେଉ ଧନଞ୍ଜୟଙ୍କ ଧନ, ମାନ, ଯଶ, କୀର୍ତ୍ତି ସର୍ବତୋଭାବରେ ଉତ୍ତରୋତ୍ତର ଉନ୍ନତ ହେଲା । ସେ ନାନା ଦେଶହିତକର ଓ ସମାଜହିତକର କାର୍ଯ୍ୟରେ

Digitized by srujanika@gmail.com

ପୂର୍ବବର୍ତ୍ତୀ ହୋଇ ରାଜସରକାର ଓ ଜନସମାଜ ଉଭୟଙ୍କ ଯଶସ୍ୱୀ ହେଲେ । ସମୁଦ୍ରକୂଳରେ ପ୍ରକାଣ୍ଡ ଅଟ୍ଟାଳିକା ପ୍ରସ୍ତୁତ ହେଲା ଏବଂ ନାନା ସତ୍କାର୍ଯ୍ୟରେ ତାଙ୍କର ସଦୁପାର୍ଜିତ ଅର୍ଥ ବ୍ୟୟିତ ହେଲା । ସେ ଅବଲମ୍ବରେ ରାଜଦ୍ୱାରରେ ସମ୍ମାନିତ ହେଲେ । ଏତେ ସମ୍ପଦ ମଧ୍ୟରେ ଥାଇ ମଧ୍ୟ ସେମାନେ ନିର୍ଲିପ୍ତ ନିଷ୍କାମ ଭାବରେ ସ୍ୱକର୍ତ୍ତବ୍ୟମାନ ପାଳନ କରି ଧର୍ମପଥରେ ଅଗ୍ରସର ହେଉଅଛନ୍ତି । "ବ୍ରହ୍ମନିଷ୍ଠୋ ଗୃହସ୍ଥଃ ସ୍ୟାତ୍ ତତ୍ତ୍ୱଜ୍ଞାନପରାୟଣଃ । ଯତ୍ ଯତ୍ କର୍ମ ପ୍ରକୁର୍ବୀତ ତଦ୍ବ୍ରହ୍ମଣି ସମର୍ପୟେତ୍ ।" ଏହା ସେମାନଙ୍କ ଜୀବନରେ ସାର୍ଥକ ହୋଇଅଛି । କନକ ବହୁସନ୍ତାନର ଜନନୀ ହୋଇ ମଧ୍ୟ ଶୃଙ୍ଖଳା ଓ କାର୍ଯ୍ୟକାରିତାଦ୍ୱାରା ଆଦର୍ଶ ଗୃହିଣୀ ହୋଇପାରିଅଛି । ଅଥଚ ଅବାଲ୍ୟ ନିୟମିତ ଅଭ୍ୟାସ ଯୋଗୁଁ ନାନା ସଦ୍ଗ୍ରନ୍ଥ ପାଠ ଏବଂ ପାକପ୍ରଣାଳୀ, ଗାର୍ହସ୍ଥ୍ୟବିଧାନ, ଶିଶୁପାଳନ, ତଥା ବିବିଧବିଷୟକ କବିତା, ଗଳ୍ପ ଓ ଜୀବନଚରିତ ରଚନା କରି ଦେଶରେ ଖ୍ୟାତି ଲାଭ କରିଅଛି । ରାଜେନ୍ଦ୍ରର ଗୀତାଧର୍ମ ସେ ସାଧନା କରିବାକୁ ଯତ୍ନ କରିଅଛି । ପ୍ରବୀଣ ପଣ୍ଡିତ ସାହାଯ୍ୟରେ ସ୍ୱାମୀ ସ୍ତ୍ରୀ ଗୀତାଧର୍ମ ଅନୁଶୀଳନ କରିଅଛନ୍ତି ଓ ଗୀତାର ନିଃସ୍ୱାର୍ଥ ଧର୍ମ ଗୃହସ୍ଥାଶ୍ରମରେ ପ୍ରୟୋଗ କରୁଅଛନ୍ତି । "ସସ୍ତ୍ରୀକୋ ଧର୍ମମାଚରେତ୍" ଏହି ଦମ୍ପତିଠାରେ ସାର୍ଥକ ହୋଇଅଛି । ଏକ ଆତ୍ମା, ଏକ ଉପାସ୍ୟ, ଏକ ଉଦ୍ଦେଶ୍ୟ । ଏକର ଭାବ ଅନ୍ୟର କାର୍ଯ୍ୟରେ ପ୍ରକଟିତ ହେଉଅଛି । ସବୁ କରନ୍ତି, କାହିଁରେ ଲିପ୍ତ ନ ଥାନ୍ତି । ପାଇକରି ଯଥାସମୟରେ ପୌତ୍ର-ପୌତ୍ରୀମାନଙ୍କ ମୁଖାରବିନ୍ଦ ଚୁମ୍ବନ ଓ ବାଳଗୋପାଳଙ୍କର ପଦଧୂଳି ସ୍ପର୍ଶରେ ଧନ୍ୟମନ୍ୟପୂର୍ବକ ଅପୂର୍ବ ସୁଖଶାନ୍ତି ସମ୍ଭୋଗ କଲେ । ପୁରାତନ ଗୁମାସ୍ତା ଉଦ୍ଧବ ମଲ୍ଲ ଜମିଦାରୀ ଆଦର ସୁବ୍ୟବସ୍ଥା କରି ବିଷୟ ସମ୍ପତ୍ତି ଅତି ସୁନ୍ଦରରୂପେ ପରିଚାଳନା କଲେ । ଭଗବାନଙ୍କ କରୁଣା ହେଲେ ନାରିକେଳଫଳାମ୍ବୁବତ୍ ନାନା ଅପ୍ରତ୍ୟାଶିତ ଭାବରେ ଅର୍ଥାଗମ ଓ ଅଭ୍ୟୁଦୟ ହୁଏ । ତଦ୍ବ୍ୟତିରେକେ "ଗଜଭୁକ୍ତକପିତ୍ଥବତ୍" ଦେଖୁଅଛେ ଅନ୍ତର୍ହିତ ହୁଏ । ହରଚନ୍ଦନ ସପରିବାରରେ ଆସି କେତେ ଥର କନକଲତାକୁ ଦେଖି ଗଲେଣି ଓ ତାର ସନ୍ତାନାଦି ହେବା ପରେ ନାତି ନାତୁଣୀଙ୍କୁ ଦେଖି ଗଲେଣି । ତାଙ୍କର ସୁଖ ବା ଦୁଃଖ ଯାହା କହନ୍ତୁ କନକର ଚାରୋଟି ପୁଅ ଓ ଚାରୋଟି ଝିଅ ବୁଢ଼ାଙ୍କ ଉପରେ ଚଢ଼ି ତାଙ୍କ ନିଶ ଟାଣି ଅଭିମନ୍ୟୁଙ୍କୁ ସପ୍ତରଥୀ ବେଢ଼ିଲାପରି ଅସ୍ତବ୍ୟସ୍ତ କରନ୍ତି । ପଦ୍ମାବତୀ

Digitized by srujanika@gmail.com

ଏ ସୁଖ ଦେଖି ମନେ କରନ୍ତି—"ବ୍ରଜେନ୍ଦ୍ର ଯୋଗୁଁ ପିତା ଜନନୀର ଏତେ ସୁଖ ।" "ହାୟ୍ ଗଙ୍କ ପୁଅ ବାହୁଡ଼ି ନଇଲ ଲେ ବୋଇଲି" ପ୍ରାନ୍ତରେ ପ୍ରତିଧ୍ୱନିତ ହୁଏ । ଝୁଅଁ ବାବୁ ଓରଫ ଅଭିରାମ ଏହି ସ୍ଥାନରେ ଜନୈକ ଡେପୁଟୀରୂପେ ଅବସ୍ଥିତ । ସରକାରୀ ଓକିଲ ଧନଞ୍ଜୟ ରାୟ ଯେତେବେଳେ ଝୁଅଁ ବାବୁଙ୍କ ମିଶିଲରେ ଠିଆ ହୋଇ 'ହଜୁର' ସମ୍ବୋଧନ କରି କହନ୍ତି, ସେତେବେଳେ ଜାଣିବା ଲୋକେ ହାସ୍ୟ ସମ୍ବରଣ କରି ପାରନ୍ତି ନାହିଁ । ଏହି ପାପର ପ୍ରାୟଶ୍ଚିତ୍ତ କରିବା ଉଦ୍ଦେଶ୍ୟରେ ଝୁଅଁ ବାବୁ ଘରେ ଅପି ପିତୃସ୍ୱସାଙ୍କ ପଦଧୂଳି ମସ୍ତକରେ ଗ୍ରହଣ କରନ୍ତି । ରତ୍ନମଞ୍ଜରୀ ସତୀତ୍ୱ ସତୀ କେନ୍ଦ୍ରାପଡ଼ାନିବାସୀ ଜଣେ ବାଲିଟରେ ପ୍ରେମଚନ୍ଦ୍ରା ପ୍ରଫେସରଙ୍କ ଅଙ୍କ ଶୋଭିତ କରିଅଛନ୍ତି । ସଂକ୍ଷେପତଃ ଏହି ବର୍ଦ୍ଧିଷ୍ଣୁ ପରିବାର ଧଓଟି ଦେଶବିଖ୍ୟାତ ହୋଇଅଛନ୍ତି । ଏମାନଙ୍କ ଯତ୍ନରେ ଅଳ୍ପଦିନ ପୂର୍ବେ ଗୋଟିଏ ବାଲବିଧବା ବ୍ରାହ୍ମଣ-ବାଲିକାର ବିବାହ ହୋଇଯାଇଅଛି । ଶୀତଳ ଜଳର ଗମ୍ଭୀର ପ୍ରଦେଶରେ ବାଡ଼ବାନଳ ସଦୃଶ ଏହି ହାସ୍ୟମୟ ପରିବାରରେ "ବ୍ରଜେନ୍ଦ୍ର-ଇନ୍ଦିରା" ବିଷୟକ ଗମ୍ଭୀରତମ ବିଷାଦ କାହାଣୀର ସ୍ମୃତି ପ୍ରଜ୍ୱଳିତ ହେଉଥାଏ । ହାୟ୍ ! କେବେ କେଉଁ ଯୁଗରେ ବ୍ରଜେନ୍ଦ୍ର-ଇନ୍ଦିରା ମିଳନ ହେବ ? ହେବ କି ?

ଷୋଡ଼ଶ ପରିଚ୍ଛେଦ

ଦିନେ ଶୁଣାଗଲା ଯେ ଜଗନ୍ନାଥ ମନ୍ଦିର ବେଢ଼ାରେ ହରିଦ୍ୱାରରୁ ଆଗତ ଜଣେ ଭାରତବିଖ୍ୟାତ ସନ୍ନ୍ୟାସୀ ଗୀତାର ନିଷ୍କାମଧର୍ମ ବିଷୟରେ ବକ୍ତୃତା ଦେବେ । ପୁରୀର ତାବନ୍ତୀୟ ଭଦ୍ରବ୍ୟକ୍ତି ଉପସ୍ଥିତ ହେଲେ । ଧନଞ୍ଜୟ ପରିବାର ମଧ୍ୟ ଅଭ୍ୟସ୍ତ ସାନ୍ଧ୍ୟ ଦର୍ଶନସୂତ୍ରରେ ବକ୍ତୃତା ଶୁଣିଲେ । ବକ୍ତା ଅନର୍ଗଳ ପ୍ରାଞ୍ଜଳ ସଂସ୍କୃତ ସଙ୍ଗେ ସଙ୍ଗେ ବିଶୁଦ୍ଧ ଇଂରେଜୀ ଅନୁବାଦ କରି ସ୍ୱୀୟ ବକ୍ତବ୍ୟ ମନୋହରଭାବରେ ପ୍ରକାଶ କରୁଥିଲେ । ତଦୀୟ ପରିପକ୍ୱ ଜ୍ଞାନ, ଗଭୀର ସାଧନା, ନିରହଙ୍କାର ଭାବ, ଅପୂର୍ବ ବ୍ୟକ୍ତିତ୍ୱ ସନ୍ଦର୍ଶନ କରି ଶ୍ରୋତୃମଣ୍ଡଳୀ ମନ୍ତ୍ରମୁଗ୍ଧବତ୍ ଶ୍ରବଣ କରୁଥିଲେ । ସ୍ୱପ୍ନଦୃଷ୍ଟବତ୍ ବକ୍ତାଙ୍କର ସୌମ୍ୟମୂର୍ତ୍ତି ଦର୍ଶନ କରି

Digitized by srujanika@gmail.com

କନକଲତାଙ୍କର ଲୋକଭକ୍ତିଧାରା ବଦଳାଇଥିଲା । ଧନଞ୍ଜୟ କନକର ସଂସ୍କୃତ-ଚର୍ଚ୍ଚା, ବିଶେଷତଃ ଗୀତାନୁଶୀଳନ ଅବଗତ ଥିବାରୁ ଏଥିରେ ବିସ୍ମିତ ହେଲେ ନାହିଁ । କନକର କ୍ରନ୍ଦନର କାରଣ କିନ୍ତୁ ଭିନ୍ନ । ସେ ଏ ସନ୍ନ୍ୟାସୀଙ୍କୁ ରାଜେନ୍ଦ୍ର ବୋଲି ଚିହ୍ନିଥିଲା ।

ପ୍ରକୃତ ପ୍ରେମ କେବେ ବୃଥା ହୁଏ ନାହିଁ । ରାଜେନ୍ଦ୍ର ଉମାଙ୍କୁ ହରାଇ ଉଦ୍‌ଭ୍ରାନ୍ତବତ୍ ଭାରତର ନାନା ତୀର୍ଥ ନଗର ଗିରିକନ୍ଦର ପରିଭ୍ରମଣପୂର୍ବକ ନାନା ସାଧୁ ସନ୍ନ୍ୟାସୀଙ୍କ ସାହଚର୍ଯ୍ୟ ଲଭି କରି ପ୍ରକୃତ ଆତ୍ମୋନ୍ନତି ସାଧନ କରିଅଛନ୍ତି । ନାନା ସ୍ଥାନରେ ସମାଜହିତକାରୀ ସମ୍ପ୍ରଦାୟ ସଙ୍ଗରେ ମିଳିମିଶି ପ୍ରାଣମନ ସମର୍ପଣ କରି ଜନହିତକର କାର୍ଯ୍ୟ ସମ୍ପାଦନ ଓ ଦରିଦ୍ରନାରାୟଣଙ୍କ ସେବାନୁଷ୍ଠାନପୂର୍ବକ ଜ୍ଞାନ, କର୍ମ ଓ ଭକ୍ତି ନିୟୋଗ ସାଧନ କରି ପ୍ରାଣକୁ ପବିତ୍ର ଓ ହୃଦୟକୁ ଗମ୍ଭୀର କରିଅଛନ୍ତି । ବାଲ୍ୟକାଳର ଗୀତାଭକ୍ତି କାଳେ ଗୀତା-ଧର୍ମସାଧନ ଓ ତାହାଙ୍କର ସିଦ୍ଧିରେ ପରିଣତ ହେଲା । ନିଜେ ସାଧକ ଦଳ ଗଠନ କରି ମହାମଣ୍ଡଳୀର ଅଧିନାୟକ ନିର୍ବାଚିତ ହେଲେ । ସର୍ବୋପରି ସେବା ତହିଁର ଦଳର କର୍ତ୍ତବ୍ୟ ହେଲା । କାଶୀ, ଦ୍ୱାରକା, ହରିଦ୍ୱାର, ରାମେଶ୍ୱର ପ୍ରଭୃତିରେ ତାହାଙ୍କ ଦଳ ବିପନ୍ନ ସାହାଯ୍ୟ, ଦରିଦ୍ର-ସେବା ପ୍ରଭୃତି ନିମିତ୍ତ ଖ୍ୟାତି ଲଭିଲେ । ବହୁକାଳ ପରେ ଶେଷରେ ପୁରୀରେ ପହଞ୍ଚିଲେ । କନକଲତା ପରିବାର ସହିତ ତାଙ୍କର ପ୍ରଭାସ-ମିଳନ ସଦୃଶ ଆହ୍ଲାଦଜନକ ମିଳନ ହେଲା । ଯୋଗକୁ ହରିଚନ୍ଦନ ପରିବାର ମଧ୍ୟ ସେ ସମୟକୁ ପୁରୀ ଆସିଥିଲେ । କିନ୍ତୁ ହାୟ ! ‘ଦୁର୍ଗାପ୍ରତିମା’ ପଦ୍ମାବତୀଙ୍କୁ ଆଜି ରାଜେନ୍ଦ୍ର ଦେଖିଲେ ନାହିଁ । ସେ ପ୍ରିୟତମ କନିଷ୍ଠ ଭ୍ରାତାର ବିଚ୍ଛେଦଦ୍ୱାରା ଦଗ୍ଧୀଭୂତା ହୋଇ କିଛିକାଳ ପୂର୍ବେ ଇହଲୀଳା ସମ୍ବରଣ କରିଥିଲେ । ଶେଷ ମୁହୂର୍ତ୍ତରେ ‘ହା ରାଜେନ୍ଦ୍ର’ କହିବା ପରେ ତାଙ୍କର ଅମର ପବିତ୍ର ଆତ୍ମା ଦେହପଞ୍ଜର ପରିତ୍ୟାଗ କରି ଅମରଧାମକୁ ମହା-ପ୍ରସ୍ଥାନ କରିଥିଲା । ଏହି ସମ୍ବାଦ ଶୁଣି “ଦୁଃଖିନୀ ଜନନୀ” ଜିତାରଣି କରି ଦୀର୍ଘକାଳବ୍ୟାପୀ କଠୋର ନିବୃତ୍ତି-ପନ୍ଥା-ପଥିକ କୌପୀନଧାରୀ ସେହି ବୈରାଗୀଙ୍କ ନେତ୍ରପ୍ରାନ୍ତରେ ଅଶ୍ରୁବିନ୍ଦୁ ଦେଖା ଦେଲା । ସେ ଗମ୍ଭୀର ସମାଧିରେ ନିମଜ୍ଜିତ ହେଲେ । ତାହାଙ୍କ ଆତ୍ମା ପରମାତ୍ମାଙ୍କଠାରେ

Digitized by srujanika@gmail.com

ଜନନୀଙ୍କୁ ଦେଖିଲ କି ? ପଦ୍ମାବତୀଙ୍କ ପ୍ରତିମୂର୍ତ୍ତି କନକଲତା ଯେତେବେଳେ ପ୍ରିୟ ସହୋଦରଙ୍କ ଶରୀର ଅନ୍ୱେଷଣ କରୁଥିଲେ, ସେତେବେଳେ ଭିତରେ ତାହାରି ଜନନୀଙ୍କୁ ଦେଖି ଅର୍ଦ୍ଧନିମିଳିତଲୋଚନ ବୈରାଗୀ ଉଚ୍ଚାରଣ କଲେ, "ମା, କି ଅପରମଦାୟୀ ତୋର ସ୍ପର୍ଶ !" ଅହା, ଜଗତକୁ ପ୍ରଥମ ଆଗମନ ଓ ଜଗତର ଶେଷ ମେଲାଣି ବେଳେ ମା ଜନନୀ ଜଗଦ୍ଧାତ୍ରୀ ହେ ନାଥ ! ପ୍ରାଣୀକୁ ଆରାମ ଓ ଶାନ୍ତି ଦେବା ନିମିତ୍ତ ତୋତେ କି କାରୁଣିକ ବାର୍ଦ୍ଧି ପ୍ରେରଣ କରିଅଛନ୍ତି ? ଭାରତର ନାନା ଦିଗ୍‌ଦେଶପର୍ଯ୍ୟଟକ ସନ୍ନ୍ୟାସି-ସମ୍ପ୍ରଦାୟ-ଲବ୍ଧ ପ୍ରଖ୍ୟାତ ଜଗନ୍ନାଥ ଦାସଙ୍କର ଏବମ୍ଭୂତ ବାଲକୋଚିତ ଭାବ ଦେଖି ଶିଷ୍ୟବର୍ଗ ବିସ୍ମିତ ହେଲେ ।

ଗୁଣ କେବେ ଲୁଚି ରହେ ନାହିଁ । ସନ୍ନ୍ୟାସିଙ୍କ ଗୁଣ ମହତ୍ତ୍ୱ ଫୁଟିଲା । ସହରର ବିଶିଷ୍ଟତମ ଭଦ୍ରବ୍ୟକ୍ତିମାନଙ୍କ ଅନୁରୋଧରେ ଏହି ଜଗନ୍ନାଥ ଦାସ ପୁରୀରେ କିଛୁଦିନ ଅବସ୍ଥାନପୂର୍ବକ ବିବିଧ ବିଷୟରେ ବକ୍ତୃତା କରି ନାମସଙ୍କୀର୍ତ୍ତନ, ଦରିଦ୍ରଭୋଜନ, କୁଷ୍ଠାଶ୍ରମ ସ୍ଥାପନ ପ୍ରଭୃତି କେତେକ ଅନୁଷ୍ଠାନ କରି ପୁଣି ଦେଶାଟନରେ ବହିର୍ଗତ ହେଲେ ।

ଯାଅ ସନ୍ନ୍ୟାସି, ଯାଅ ! ତୁମ୍ଭ ପରି ପରହିତରତ ସାଧୁଜନଙ୍କଦ୍ୱାରା ଦେଶ ପବିତ୍ର ଓ ଧନ୍ୟ ହେଉ ଏବଂ ପୃଥିବୀ ସ୍ୱର୍ଗରେ ପରିଣତ ହେଉ । ବାହାରେ ରାଜେନ୍ଦ୍ର ଓ ଭିତରେ କନକ ସେହି ଏହି ଧର୍ମ ପାଳନ କରୁଅଛନ୍ତି । କନକ ପରିବାର ଭିତରେ ଥାଇ ବନ୍ଧୁ ବାନ୍ଧବ, ଅତିଥି ଅଭ୍ୟାଗତ, ସ୍ୱାମୀ ପୁତ୍ର, ଶ୍ୱଶୁର ଶାଶୁ, ଦାସ ଦାସୀ ପ୍ରଭୃତିଙ୍କ ସେବା କରୁଅଛି ଏବଂ ରାଜେନ୍ଦ୍ର ଦେଶବିଦେଶ ପରିଚିତ ଅପରିଚିତ ସ୍ୱଧର୍ମୀ ଅନ୍ୟଧର୍ମୀ ସ୍ଥୂଳତଃ ବିଶ୍ୱପରିବାର ମଧ୍ୟରେ "ସେବାଧର୍ମ" ପାଳନ କରୁଅଛନ୍ତି । ଏକ ଲତାରେ ଦୁଇଟି ପୁଷ୍ପ ପ୍ରସ୍ଫୁଟିତ ହୋଇଥିଲେ । ଉଭୟେ ବିଶ୍ୱପିତାଙ୍କ ଶ୍ରୀଚରଣସରୋଜରେ ଶୋଭା ପାଉଅଛନ୍ତି, ସୌନ୍ଦର୍ଯ୍ୟ ଓ ସୌରଭ ବିକୀରଣ କରି ବିଶ୍ୱଜନଙ୍କ ମନ ମୋହିତ କରୁଅଛନ୍ତି ଏବଂ ନିଜର ସତ୍ତା ସଫଳ ସାର୍ଥକ କରୁଅଛନ୍ତି । ରାଜେନ୍ଦ୍ର ଓ କନକଲତା; ଧନ୍ୟ ତୁମ୍ଭମାନଙ୍କର ଜନକ ଜନନୀ ! ଧନ୍ୟ ତୁମ୍ଭମାନଙ୍କର ଜୀବନ !

Digitized by srujanika@gmail.com

ଲକ୍ଷ୍ମୀ

(ସତ୍ୟ ଘଟଣାମୂଳକ ଗଳ୍ପ)

ଲକ୍ଷ୍ମୀ ସତକୁ ସତ ଲକ୍ଷ୍ମୀ । ନୋହିଲେ କି ତା’ ବାପଘରେ ନାମକୁ ସାତଶ ଟଙ୍କା ମିଳନ୍ତା ? ଲକ୍ଷ୍ମୀର ବୟସ ୧୪ ବର୍ଷ—ଏତେ ବଡ଼ ଝିଅ ବ୍ରାହ୍ମଣ ଘରେ କିପରି ରହନ୍ତା ? ତା’ ବାପର ସେ ଏକମାତ୍ର ଝିଅ । ସାନ୍ତୁଏ ଝିଅକୁ ବଡ଼ ଯତ୍ନରେ ପାଳୁଥିଲେ । ଭଲ ଖାଇବାକୁ, ପିନ୍ଧିବାକୁ ଦେଉଥିଲେ । ତାଙ୍କ ବନ୍ଦୋବସ୍ତ ଅନୁସାରେ ଲକ୍ଷ୍ମୀ ଗାଁ ସ୍ତ୍ରୀମାନଙ୍କଠାରେ ମୁଣ୍ଡ ବନ୍ଧାଇ ଆସେ । ଅନ୍ୟମାନେ ତେଲପାଣି, କଳା ଲଗାଇ ଦେହକୁ ବିକୃତ କରନ୍ତି । ଲକ୍ଷ୍ମୀ ପିତାଙ୍କ ଇଚ୍ଛାନୁସାରେ ଗ୍ରାମର ବାଳିକା ବିଦ୍ୟାଳୟକୁ ଆସିଥିବା ମିଷ୍ଟ୍ରେସଠାରୁ ଲୁଗାପିନ୍ଧା ଓ ମୁଣ୍ଡବନ୍ଧା ଶିଖିଛି । ମାନୁଥିବାରୁ ଏ ବିଷୟରେ ପୁରୁଣାଖିଆଳରେ ବିକୃତ ହେବାକୁ ତାକୁ କେହି ଅଟକ କରୁ ନ ଥିଲେ । ସୁତରାଂ ସେ ବନର ମାଳତୀ ପ୍ରାୟ ସ୍ୱଭାବ ହସ୍ତରେ ପ୍ରତିପାଳିତ ହୋଇ ବଢ଼ୁଥିଲା ।

ବଳରାମ ଗୋତ୍ରୀ ବ୍ରାହ୍ମଣମାନେ ସମସ୍ତେ ଧନୀ । ଅନନ୍ତପୁର ଗ୍ରାମର ଦୁଃଖୀ ଖୁବ୍ ଗୁଣୀ । ଏମାନଙ୍କ ମଧ୍ୟରେ ଝିଅର ଯେତେ ବୟସ ଓ ସୁନ୍ଦରପଣ, ସେତେ ଅଧିକ ଟଙ୍କାରେ ବିକାଯାଏ । ତେଣୁ ଲକ୍ଷ୍ମୀ ବାପଘରରେ ଏତେ ଡେରି । ଲକ୍ଷ୍ମୀର ବାପ ଧନୀ ମିଶ୍ର ଲକ୍ଷ୍ମୀର ବୟସ ଗଣି ୧୨୦୦୯ ଟଙ୍କା ହାଙ୍କି ଅଛନ୍ତି । ତାହା ଶୁଣି ଅନେକ ବାହୁଡ଼ିଗଲେଣି । କେହି ୩୦୦ କେହି ୫୦୦ ଯାଏଁ ଗଲେ । ରୂପ, କୁଳ, ଗୁଣ—କିଛି ସାନ୍ତୁଏ ପକ୍ଷରେ ପଡ଼ାଇଲେ ନାହିଁ । କେବଳ ଟଙ୍କା ଯେ ଦେବ ସେ ଲକ୍ଷ୍ମୀକି ନେବ । କେହି ଗରାଖର ଆଗ୍ରହ ନ ଦେଖି ସାନ୍ତୁଏ ଏବେ କିଛି ନରମିଲେଣି । ମନର ଭାବ— କେତେ ... ନ ଅଛି ଖୋଇବ ? ରଖୁଁ ରଖୁଁ ମରିଗଲେ ମୂଳରୁ ଯିବ ।

ନାରାୟଣର ବୟସ ବତେଇ ଗଲାଣି । ଅଦ୍ୟାବଧି ଭୂତ ପରି ଏକୁଟିଆ । ଲକ୍ଷ୍ମୀ ପରି ପାଣିଟିଏ ଅଞ୍ଜ ମିଳନ୍ତା ନାହିଁ । ତେଣୁ ୭୦୦ ଟଙ୍କା ଦେବାକୁ ଜବାବ ଦେଲା । କିନ୍ତୁ କାର୍ଯ୍ୟତଃ ଦେଲାବେଳେ ବଡ଼ କଷ୍ଟ ହେଲା । ଘରଅଡ଼ ଅନ୍ଧାର । କାହୁଁ ଏତେ ଟଙ୍କା ଆଣିବ ? ସବୁ ଟଙ୍କା

୧୯୨୩ ମସିହା ‘ମୁକୁର’ ୭ମ ଭାଗରୁ ସଂଗୃହୀତ ।

Digitized by srujanika@gmail.com

ହେଲା । ବାକି ଟ ୩୦୯ ଊଣା । ଫଳହଣ ବଳଦ ବିକିଦେଲା । ଏ ଟଙ୍କା ମହାଜନ ଘରୁ ଘରଭିଟ ବନ୍ଧାଦେଇ ଆଣିଲା । ପିତୃପିତାମହଙ୍କ ଭିଟାମାଟିର ମାୟା, ଗୃହର ଫନ୍ଦ—ସବୁ ମାୟା ଲକ୍ଷ୍ମୀ ମୁହଁକୁ ଛାଡ଼ିଲା ।

ଲକ୍ଷ୍ମୀର ବରଟି ଖୁବ୍ ପାଠୁଆ । ନାମ ନାରାୟଣ । ହେଲେ କଣ ହେବ, ଟିକିଏ ଅଡ଼ୁବାୟା, ଜ୍ଞାନପାଗଳା ଭଳିଆ ଚାଲି ଗ୍ରାମରେ ସ୍ପଷ୍ଟ । ତହିଁରେ ସେ ତ ଏକୁଟିଆ—ଘରେ କେହି ନାହିଁ । ପିଲାଟିଦିନୁ ମା' ବାପ ଛେଉଣ୍ଡ । ଜଣେ ବାବୁ ସଙ୍ଗରେ ବ୍ରେଷେଇ ଭରୁ କରୁ ବିଦେଶ ବାହାରିଯାଇ ଅନେକ ଦିନ ବିଦେଶ ବୁଲି ତୀର୍ଥ କରି ଅନେକ ଇଂରାଜୀ, ଦେବନାଗିରୀ ପାଠ ପଢ଼ି ଆସିଛି । କିନ୍ତୁ ଚାକିରି ନ କରି ବ୍ୟବସାୟ କରିବାକୁ ଇଚ୍ଛା କରି ପ୍ରଥମେ ଗୋଟିଏ ଛୋଟ ଗୋଦାମ କରିଅଛି । ଛୋଟ କଣିକା ପାଇଁ ଗାଁ ଗାଁ ବୁଲି ବୁଲି ଲକ୍ଷ୍ମୀକୁ ଦେଖି ବିଭା ହେବାକୁ ଇଚ୍ଛା କରିବାରୁ ତା'ବାପ ନାରାୟଣଙ୍କୁ ଏକୁଟିଆ ଦେଖି, ଲକ୍ଷ୍ମୀକୁ ଦରିଆରେ ଭସାଇଦେବାକୁ ଇଚ୍ଛା ନ କରି ୧୪୦୦ ଟଙ୍କା ମାଗିଲେ । ଅନିଚ୍ଛା କେବଳ ବାହାନା । ଟଙ୍କା ଦେଲେ ପିଶାଚ ହାତରେ ମଧ୍ୟ ସେ କନ୍ୟାକୁ ଦେବାର ଲୋକ । ନାରାୟଣ ତ ସତ୍‌ପାତ୍ର । ପ୍ରଜାପତି ଘଟସୃବ । ଲକ୍ଷ୍ମୀର ବାପ ୧୪ ବର୍ଷକୁ ୧୪୦୦ ଟଙ୍କା ଧରିଥିଲେ । ଭଲ ଲୋକ ୧୪ ବର୍ଷକୁ ୭୦୦ ଟଙ୍କା ଭାଙ୍ଗିଦେଲେ । ନାରାୟଣ ନିଜର କଷ୍ଟ ଉପାର୍ଜିତ ସମସ୍ତ ସଞ୍ଚିତ ୭୦୦ ଟଙ୍କା ଦେବାକୁ ରାଜି ଅଛନ୍ତି । ତାଙ୍କର ଛୋଟ କାରବାରରେ ବାଧା ହେବ । ଯେହେତୁ କି କିଛି ଧାର ହେବ । ଋଣ ମହାବିଷମ । ବଢ଼ୁଁ ବଢ଼ୁଁ କାହିଁ ଉଠିବ—କିଏ ଜାଣେ ? ନାରାୟଣଙ୍କ ଏତେ ଟଙ୍କା ଦେବା କାରଣ କ'ଣ ? ଲକ୍ଷ୍ମୀର ବୟସ ବେଶୀ । ଗୃହଯୋଗ୍ୟ ହୋଇଛି । ଘରେ ପଶିଲାକ୍ଷଣି ଘର ସମ୍ଭାଳି ନେବ । କିନ୍ତୁ ଏଇଟା ଖାଲି କଥା ନୁହେଁ । ଘରକରଣା କ'ଣ ତାଙ୍କର ଲେଖାଯୋଖା ; ବିଧବା ପିଉସୀ ଚଳାଇ ନେଉ ନ ଥିଲେ କି ? ଅସଲ କାରଣ, ନାରାୟଣ ଲକ୍ଷ୍ମୀର ଚନ୍ଦ୍ରମାପରି ମୁହଁକୁ ଦେଖି ତାଙ୍କ ଆଖି ଲାଖି ଯାଇଛି । ତା'ପରେ ତାଙ୍କୁ ଆଉ କେହି ଦିଶୁନାହାନ୍ତି । ସେ ଆଉ ସେ ମୁହଁଟି ଭୁଲି ପାରୁନାହିଁ । ସେ ମୁହଁଟି ତା ଗୃହପ୍ରାଙ୍ଗଣ ଉଜ୍ଜ୍ୱଳ କରିବା ଆଗରୁ ତା' ପ୍ରାଣାକାଶ ଉଦ୍ଭାସିତ କରିଅଛି । ଆହା ! କି ସୁନ୍ଦର, କେତକୀଗୌର, ଚମ୍ପକାଞ୍ଚନନିଭ ବର୍ଣ୍ଣ, ସ୍ୱର୍ଣ୍ଣଜାଲ ସଦୃଶ ମସୃଣ ଦେହକାନ୍ତି, ତହିଁରେ

Digitized by srujanika@gmail.com

ଫୋଟୁଥିବା ତରଙ୍ଗାୟିତ-ସ୍ୱପ୍ନାବେଶପୂର୍ଣ୍ଣ ଭ୍ରୂଭଙ୍ଗୀ, ଅକର୍ଣ୍ଣବିସ୍ତୃତ ନୀଳାବ୍ଜ-ସଙ୍କାଶନେତ୍ରଯୁଗଳ, ଅମଳଗଣ୍ଡସ୍ଥଳଶୋଭି ଚୂର୍ଣ୍ଣକୁନ୍ତଳ, ରକ୍ତାଭ ଅଧରୋଷ୍ଠ, ଶଙ୍ଖସଦୃଶ କଣ୍ଠ, ଚମ୍ପକକଳିକାପରି ଅଙ୍ଗୁଳି, ଧୀର ବିନମ୍ର ଦୃଷ୍ଟି, ସୁକୁମାର ଅଙ୍ଗଯଷ୍ଟି, ଶୃଙ୍ଖଳିତବର୍ତ୍ତୁଳ ଗଠନ, କି ସେ ଅପରୂପ ଲାବଣ୍ୟ ! ଏ ଯେ ତରୁଣୀଲଳାମ ଅନ୍ତର୍ନିହିତ ରମଣୀରତ୍ନ ! ସାତଶ ଟଙ୍କା କି ଛାର ! ନାରାୟଣ ସର୍ବସ୍ୱ, ପ୍ରାଣପର୍ଯ୍ୟନ୍ତ ଦେଇପାରନ୍ତେ । କେବଳ ଏତିକି ନୁହେଁ । ନାରାୟଣ ଲକ୍ଷ୍ମୀର କେବଳ ରୂପ ଦେଖିନାହାନ୍ତି, ଗୁଣ ମଧ୍ୟ ଅନୁଭବ କରିଅଛନ୍ତି । ନାରାୟଣ ଯେତେବେଳେ ଫୋଟ ବିକିବାପାଇଁ ଗାଁ ଗାଁ ବୁଲୁଥିଲେ, ସେତେବେଳେ ଲକ୍ଷ୍ମୀ ଅକୁଣ୍ଠିତଚିତ୍ତରେ ତାଙ୍କ ସହିତ କଥା କହୁଥିଲା । ପିତା ବାଧା ଦେଲେ ନାହିଁ । କାରଣ ସେ ଜାଣନ୍ତି, ଅର୍ଥଗୃଧ୍ନୁ ପିଶାଚର ସକଳ କାଣ୍ଡ ପୈଶାଚିକ । ଲକ୍ଷ୍ମୀ ସରଳା, ସେ ତ ଅଭି ଜାଣି ନ ଥିଲା ଯେ ନାରାୟଣ ଗୋଟାଏ ବାଘ, ସାପ, ଅର୍ଥାତ୍ ତା ବର । ଲାଜ କରିବ ବା କାହିଁକି ? ସମସ୍ତଙ୍କ ଆଗରେ ଯେପରି ହୁଏ, ଫୋଟବାଲା ଆଗରେ ମଧ୍ୟ ସେପରି । ଲକ୍ଷ୍ମୀଘର କିଛି ନଲଜା କରିଥିଲେ । ନାରାୟଣ ତାଙ୍କ ଘରକୁ ଫୋଟ ନେବାକୁ ଆସି ଲକ୍ଷ୍ମୀର ଘରକରଣା ପାଇଟି, ପାନଭାଙ୍ଗିବା ଢଙ୍ଗ ସବୁ ଦେଖିଥିଲେ । ଦିନେ ଦୂରରୁ ଆସି କ୍ଲାନ୍ତ ହୋଇଥିବାରୁ ଲକ୍ଷ୍ମୀର ପଡ଼ଶା ଆନନ୍ଦ ମିଶ୍ରଙ୍କ ଘରେ ଜଳଖିଆ କରି ଲକ୍ଷ୍ମୀ-ହାତ-ପରଷା ପୁରି, କାକରା, ଛୁଞ୍ଚିପତ୍ର ମଧ୍ୟ ଖାଇ ଯାଇଥିଲେ । ସେହି ସ୍ନେହ-ସୁଧା ପାନ କରି ସେ ଆଉ ଭୁଲି ପାରିଲେ ନାହିଁ । ତେଣୁ ଅବଶେଷରେ ଧନୀ ମିଶ୍ରଙ୍କୁ ୭୦୦ ଟଙ୍କା ଦେଇ ଲକ୍ଷ୍ମୀକୁ ନେବାକୁ ରାଜି ହେଲେ । ଦେଖୁଁ ଦେଖୁଁ ସ୍ୱୀକାର ଗଲା । ସମ୍ମତି ଆସିଲା । ଧନୀ ମିଶ୍ରର ପିତ୍ତସୀ ବାହୁନି କାନ୍ଦିଲେ । ଲକ୍ଷ୍ମୀର କିନ୍ତୁ ବେଶୀ କାନ୍ଦ ନାହିଁ । ଗାଁସ୍ତ୍ରୀମାନେ କଥାବାର୍ତ୍ତା ହେଲେ ।

୧ମ—ଆ, ଏ କି ଝୁଅଟା ଲୋ ! ଏ କଥା ତ କେବେ ଦେଖା ନ ଥିଲା । ଏଡ଼େ ଝୁଅଟା ଆଖିରେ ଲୁହ ନାହିଁ ନା ତୁଣ୍ଡରେ କଥା ନାହିଁ । କି କଲିକାଳ ହେଲା ଲୋ !

୨ୟ—ସେ ଝିଅଟା ତ ସବୁଦିନେ ଏହିପରି । ମୁହଁରେ ଓଢ଼ଣା ଦେବ ନାହିଁ । ତାଙ୍କୁ ଓପରେ ଲୁଗା ଥିବ । ବାଟରେ ମିଶିପକ୍କୁ ଦେଖିଲେ

Digitized by srujanika@gmail.com

ପକେଇ ଲୁଗବ, କ'ଣ ନା ମୁହଁକୁ ଉଳକୁ ହାଣିଦେଇ ଦଶହଜାରପର ଗୁଳ୍‌ଯାଉଥିବ । ମୋ ଝିଅଟା ମିଣିପଙ୍କୁ ଦେଖି ଖଇପର ଦାନ୍ତ ଝଡ଼ିପିବ । ସେତେବେଳେ ତା' ଦେହରେ କ'ଣ ଲୁଗା ରହିବ !

୩ୟ—ସେ ବାପ ବି ସେହିପର । ପିଲାଙ୍କୁ ଅଳଟ ସିନା ଭଲ । ସେ ତ ତାକୁ କିଛି ନ କହି ଗେହ୍ଲା କରେ । ଝିଅର ସୁନ୍ଦରପଣ ଦେଖେଇ ହୁଏ । ତେଣୁ ତା' ମନ ବଢ଼ିଯାଇଛି । ସେହିପର ବୋଲଣା ହେବ, "ଦୁହିତା ଦୁଇ କୁଳକୁ ହିତା ନୋହିଲେ ପିତା ।"

୨ୟ—ସେ କାହର କାହିଁକି ? ସେଠ ବାବୁ ତ ତା'ର ଶଳା ! ସେ ତ ତାକୁ ଖାଇବାକୁ ଦେଇଛି । ଜରସମନ ବଢ଼ିବ ବୋଲି ବର କନ୍ୟାର ପରୀକ୍ଷା ହୋଇଯାଇଛି ।

୧ମ—ତାକୁ ବି କ'ଣ ଝିଅ ମିଳିଲା ନାହିଁ ? ଏଇ ଅଣ୍ଡିରଚଣ୍ଡୀକୁ ୭୦୦ ଟଙ୍କା ଦେଇ ନେଲା !

୨ୟ—ପ୍ରଜାପତି ଘଟସୂନ । ସେ ଯାହା ହାଣ୍ଡିରେ ଗୁଳ ପକାଇଛି ନା ।

ଢୋଲ୍ ବାଇଦ କୋଶେ, ତୁଣ୍ଡ ବାଇଦ ସହସ୍ର କୋଶ । ନାରାୟଣ ଏ କଥା ଶୁଣିଲେ । ଶୁଣି ଲକ୍ଷ୍ମୀର ସରଳତା, ସ୍ୱାଭାବିକତା, ତାଙ୍କପ୍ରତି ଆସକ୍ତି ଓ ତାଙ୍କ ଗୃହକୁ ଆସିବାର ଇଚ୍ଛା ଜାଣିପାରି ସେ ଆନନ୍ଦିତ ହେଲେ । ଯେଉଁ ବାଳିକା ଗୁଣ୍ଡାଏ ବନେଇ ଚୂନେଇ ଅନର୍ଗଳ ବାହୁନିପାରେ ସେ ଧୂର୍ତ୍ତ ବୋଲି ସେ ମନେ କଲେ । ଲକ୍ଷ୍ମୀକୁ ସେ ସ୍ୱର୍ଗର ଦେବୀ ବୋଲି ମନେ କଲେ ଏବଂ ପୂର୍ବପଠିତ କବିତା ତା' ଉଦ୍ଦେଶ୍ୟରେ ଆବୃତ୍ତି କଲେ ।

"କେବଣ ଅଜ୍ଞାତଲୋକେ ଗୋ ସୁରସୁନ୍ଦରୀ
ଦେଖିଥିଲି ତୋ' ଲାବଣ୍ୟ ବେନି ନେତ୍ର ଭରି !
ନୀଳ ନଭେ କୃଷ୍ଣଘନେ ଲୋଳ ସୌଦାମିନୀ—
ରୂପେ, ଦେଖିଥିଲି ତୋତେ ହେ ରୂପ-ଗର୍ବିଣୀ !
କ୍ଷୀରୋଦ ଚନ୍ଦ୍ରିକାଧୌତ ଅନ୍ତରୀକ୍ଷ ଦେଶେ
ଜ୍ୱଳୁଥିଲୁ ବରାଙ୍ଗୀ ରେ ଜ୍ୟୋତ୍ସ୍ନାଶୁଭ୍ର ବେଶେ !

Digitized by srujanika@gmail.com

କାଳକ୍ରମେ ଆଗମିଲା ମଧୁର ଯୌବନ
ବହିଲା ହୃଦୟ ବନେ ଦକ୍ଷିଣା ପବନ ।
କାହୁଁ କେଉଁଆଡ଼ୁ ଆସି ତୁ ରେ ବସନ୍ତ-କୋକିଳ
ସେ ବନେ କଲୁ ତୋ' ସ୍ୱନେ ଆନନ୍ଦ-ଆକୁଳ !"

ଆଜି ହର୍ଷରେ ବିଷାଦ ! ହୁଳହୁଳିରେ ବିବାହ କିମ୍ବା ମହାବିଡ଼ମ୍ବନା । ଅନୁଷ୍ଠାନ ତ ନୁହେଁ, ଲଙ୍କାପୋଡ଼ି । କଥାରେ କହନ୍ତି, "ବାହାଘର ନୁହେଁ, ଭୁହାଘର ।" "ଏବଂବିଧେ କାର୍ଯ୍ୟେ ପୁରନ୍ଧ୍ରୀଣାଂ ଏବ ପ୍ରାଗଲ୍‌ଭତା ।" ସ୍ତ୍ରୀଗୁଡ଼ାକ ସଂସାରର ଆବର୍ଜନା । ମାଇପିଜାତି, ନାକ ନ ଥିଲେ ଖାଆନ୍ତି । ଗୋଳମାଳ, କୋଳାହଳ, ଦଅନାଅ, ଖିଆପିଆ ଇତ୍ୟାଦି । ବିଶେଷତଃ ନାରାୟଣଙ୍କ ଘରେ ନିଜର କେହି ସ୍ତ୍ରୀ ନାହାନ୍ତି । ପରଦ୍ୱାରା କାର୍ଯ୍ୟ । ତେଣୁ କେହି କିଛି କଲେ ଅନ୍ୟ ଜଣେ ସ୍ତ୍ରୀ ସଫେଇ ହୋଇ କହେ, "ଦୁଧ ଗୁଡ଼ ନେଇ ଲିମ୍ବ ମୂଳେ ଦେଲେ ଲିମ୍ବ କି ମଧୁର ହୋଇବ ।" ଅର୍ଥାତ୍, "ହେ ନାରାୟଣ ! ଅନ୍ୟମାନେ ତୁମ୍ଭର ସବୁ ନଷ୍ଟ କରୁଛନ୍ତି । ମୁଁ କେବଳ ନିଜର ।" ଏହାଶୁଣି ଅନ୍ୟମାନେ ରାଗିଯାଆନ୍ତି । ଗୋଟାଏ ତୁମୁଳ କାଣ୍ଡ ହୁଏ, ପୁଣି କେତେ ସାଧ୍ୟସାଧନାରେ ବନ୍ଦ ହୁଏ । ନାରାୟଣ ମନେ କରିଥିଲେ ଲକ୍ଷ୍ମୀ ଆସି ଗୃହରେ ପାଦ ଦେଲେ ସମସ୍ତ ଦୁଃଖ ଯିବ । ଗୃହ ଆଲୋକିତ ହେବ, ସେଠାରେ ପୁଷ୍ପବୃଷ୍ଟି ହେବ । ସକଳ ପରିଶ୍ରମ, ତ୍ୟାଗ ସ୍ୱୀକାରର ପୁରସ୍କାର ହେବ । "ଚକୋର ଦେଖିବ ଆଜି ଚନ୍ଦ୍ରମା ବଦନ ।" କିନ୍ତୁ ହାୟ ! ଈଶ୍ୱର ଯାହା ବିପକ୍ଷରେ, ତାହା ଲଲାଟରେ ସୁଖ କାହିଁ ? ନବବଧୂକୁ ବନ୍ଦାପନା କରି ହୁଳହୁଳି ଦେଇ ପୁରନ୍ଧ୍ରୀମାନେ ଗୃହ ଭିତରକୁ ଘେନିଗଲେ । ଯେତେବେଳେ ତାହାର ଅସ୍ୱାଭାବିକ ଗଠନ ଓ ଶରୀରବୃଦ୍ଧିର ସ୍ଥୂଳତା ଦେଖି ପରସ୍ପର ମୁହାଁ ମୁହିଁ ହୋଇ କଣା କଣି କରି ନିଜ ନିଜ ଘରକୁ ଚାଲିଗଲେ । ଯେତେବେଳେ ଥୋକେ ବିକୃତ ହସ ହସିଲେ । ଥୋକେ କେତେଟା ଡଗ ପକାଇଲେ । କେତେଜଣ ପ୍ରବୀଣା "ହା କପାଳ" ବୋଲି ବ୍ୟାକୁଳ ଭାବରେ ମୁହଁ ଶୁଖାଇ ଗଲେ । ନାରାୟଣ କିଛି ନ ବୁଝିପାରି ନିଜର ଜଣେ ଲେଖାପୋଖା ଚଳନ୍ତି ମଣିଷକୁ ଡାକି ପଚାରିଲେ, "କଥା କଣ ?"

ସ୍ତ୍ରୀ—କଥା ମୋ ମୁଣ୍ଡ ! ଗୌରୀଏ ଟଙ୍କା ଦେଇ କଳଙ୍କ ବୋଝଟେ କିଣି ଆଣିଛ । ଏହା କହି ଘରକୁ ଚାଲିଗଲା ।

Digitized by srujanika@gmail.com

ଗୃହ ଶୂନ୍ୟ । ନାରାୟଣ ମୁଣ୍ଡରେ ବଜ୍ର ପଡ଼ିଲା । ନିର୍ଜ୍ଜନରେ ବ୍ୟାକୁଳ ହୋଇ ବସିଲେ । ଲକ୍ଷ୍ମୀ ! ହା ଲକ୍ଷ୍ମୀ ! ମୁଁ ତତେ ଦେବୀ ବୋଲି ମନେ-କରିଥିଲି । ତୁ ପିଶାଚୀ ! ତୋ' ମୁଖମଣ୍ଡଳ ଦେଖି ତ ସେପରି ବୋଧ ହେଉ ନ ଥିଲା !

"କେଉଁ ମହାପାପୀ ନାରକୀ ତୋର ମା
କଲା ଏ ଘୋର ଦୁର୍ଗତି
ଏ ଘୋର ଅନୀତି କେମନ୍ତେ ସହିଲେ
ବିଶ୍ୱଧାତ୍ରୀ ବସୁମତୀ ।"

ଇତିମଧ୍ୟରେ ଘରଭିତରେ ଲକ୍ଷ୍ମୀ ବ୍ୟାକୁଳ ହୋଇଉଠିଲେ । ମନେ କଲେ ସ୍ୱାମୀ ମନରେ ସଂଶୟ ଜନ୍ମାଇବା ଅନୁଚିତ । ପରିଣାମ ବିଷମ ହୋଇପାରେ । କିନ୍ତୁ କ'ଣ କରିବେ ? ଘର ଶୂନ୍ୟ ନ ହେଲେ ତ କିଛି ହେବ ନାହିଁ । ପରେ ସମସ୍ତେ ବାହାରିଯିବାରୁ ଅଳଙ୍କାର ରଣଝଣ କରି ଲକ୍ଷ୍ମୀ ସ୍ୱାମୀଙ୍କୁ ଆସିବାର ସଙ୍କେତ ଦେଲେ । ନାରାୟଣ ମନେକଲେ ଗୃହ-ସଂସାର ଛାଡ଼ି ବୈରାଗୀ ହୋଇଯିବେ । ପୁଣି ମନେ କଲେ, ଲକ୍ଷ୍ମୀକୁ ଯେ ପିଶାଚୀ, କଳଙ୍କିନୀ କରାଇଲା, ତାକୁ ହତ୍ୟା କରି ଫାଶିକାଠରେ ଝୁଲିବେ । ପୁଣି ମନେ କଲେ, ପର ପାପରେ ନିଜକୁ କଳଙ୍କିତ କରିବା ଉଚିତ କି ? ରେ ବିଦୀର୍ଣ୍ଣ ହୃଦୟ ! ଧୈର୍ଯ୍ୟ ଧର । ପୁଣି ମନେ କଲେ, ସମାଜର ସ୍ୱେଚ୍ଛାପୂର୍ବ କଳଙ୍କ ମୋଚନାର୍ଥ ସେ ସ୍ୱଜୀବନ ଅର୍ପଣ କରିବେ । କିନ୍ତୁ ଲକ୍ଷ୍ମୀ ତ ଏଣିକି ଅରକ୍ଷିତା, ସମାଜ-ପରିତ୍ୟକ୍ତା, କୁଳକଳଙ୍କିନୀ, ତାହାର ଜୀବନ ସଂଶୟ ଉପସ୍ଥିତ । 'ବସନ୍ତଗାଥା'ର ଅମୃତମୟ ଦେବବାଣୀ ସ୍ମୃତିପଥରେ ଆରୂଢ଼ ହେଲା ।

"ହେ ଗୃହିଁବ ଗୃହୁଁ ତୋତେ ଗର୍ବ ଅବଜ୍ଞାରେ
କିନ୍ତୁ ଲୋ ଭଗିନୀ ! ମୁହିଁ ତୋ' ଦୁଃଖେ କାତର ।"

ହୃଦୟକୁ ଲୌହମୟ କରି, ଜୀବନର ସକଳ ସୁଖ ସମ୍ଭୋଗର ଆଶା ବିସର୍ଜନ କରି ପତିତା-ଉଦ୍ଧାର-ବ୍ରତୀ ହୋଇ ସେ ଅଲକ୍ଷ୍ମୀମୂର୍ତ୍ତି ଲକ୍ଷ୍ମୀ ନିକଟକୁ ଗଲେ । କିଛିଦୂର ଅଗ୍ରସର ହୋଇଛନ୍ତି, ବକ୍ଷ ସ୍ପନ୍ଦିତ ହେଲା । ନାରାୟଣ ଅଗ୍ରସର ହୋଇ ନ ପାରି ଦଣ୍ଡାୟମାନ ହେଲେ । ଲକ୍ଷ୍ମୀ ଲଜ୍ଜାବନତ, ଈଷତ୍ ହାସ୍ୟଯୁକ୍ତ ମୁଖରେ ହସ୍ତଠାରି ନାରାୟଣଙ୍କୁ ଡାକିଲା ।

Digitized by srujanika@gmail.com

ସେ ସଲଜ୍ଜହାସ୍ୟ ଦେଖି ନାରାୟଣ ପଞ୍ଚାଜଙ୍ଗାରରୂପ ପବନ କରୁଣ କର୍ତ୍ତବ୍ୟ ବୁଦ୍ଧି କ୍ଷଣକାଳ ବିସ୍ମୃତ ହେଲେ । କ୍ରୋଧ, ଲଜ୍ଜା, ଘୃଣା ତାଙ୍କୁ ସହସ୍ର ଫଣା କାଳୀୟବତ୍ ଦଂଶନ କଲା । ସେ କର୍ତ୍ତବ୍ୟଭ୍ରଷ୍ଟ, ବୁଦ୍ଧିଚ୍ୟୁତ, କ୍ରୋଧାନ୍ଧ, ଭୂତାବିଷ୍ଟ ସ୍ୱରୂପ ହୋଇ ଅଧର ଦଂଶନ କଲେ । ପୁଣି ଅଶ୍ରୁସମ୍ବରଣପୂର୍ବକ ଉଚ୍ଚୈସ୍ୱରରେ କହିଲେ, "ହୃଦୟ, ଧୈର୍ଯ୍ୟ ଧର ।" ସେ ପ୍ରଳୟ ମୂର୍ତ୍ତି ଦେଖି ଲକ୍ଷ୍ମୀ କିଞ୍ଚିତ୍ ଶଙ୍କିତା ହେଲେ । କିନ୍ତୁ ଏପରିସ୍ଥଳରେ ପୁରୁଷ ଅପେକ୍ଷା ନାରୀର ଧୈର୍ଯ୍ୟ, ସହିଷ୍ଣୁତା, ସଂଯମ ସହସ୍ର ଗୁଣରେ ଶ୍ରେଷ୍ଠ । ତା ନ ହୋଇଥିଲେ, ରମଣୀ ବିଶ୍ୱବିଜୟିନୀ ହୋଇଥାଆନ୍ତେ କି ? ପୁରୁଷ ମିଥ୍ୟା ବଡ଼େଇ କରେ । ଜଗତରେ ନାରୀର ବିଜୟପତାକା ଉଡ୍ଡୀୟମାନ । ସୀତାରାମ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ୍, ସର୍ବତ୍ର ନାରୀ ବିଜୟିନୀ । ଲକ୍ଷ୍ମୀ ନାରାୟଣଙ୍କୁ କରୁଣନୟନରେ ଅନାଇ ପୁଣି ହସ୍ତ ସଙ୍କେତ କଲେ । ନାରାୟଣ ପାଖକୁ ଆସନ୍ତେ ଲକ୍ଷ୍ମୀ କମରରେ ଗୁଞ୍ଜା ହୋଇଥିବା ୨୦୦ ଟଙ୍କାର ଥଳିଅଟି କାଢ଼ି ତାଙ୍କ ପାଦତଳେ ଥୋଇ ଦେଇ ପ୍ରଣାମ କରି ପଦଧୂଳି ଗ୍ରହଣ କଲେ । ନାରାୟଣ କହିଲେ, "ଏ କି ଟଙ୍କା ?" ଲକ୍ଷ୍ମୀ କହିଲେ, "ଏ ତୁମ୍ଭ ନିଜର ଟଙ୍କା ଯାହା ବାପାଙ୍କୁ ଦେଇଥିଲ, ନିଅ ।" ଏହି କଥା କହି ଠିଆ ହୋଇ ଏପରି ଭଙ୍ଗୀ ଦେଖାଇଲେ ଯେ ତାହାଙ୍କର ସ୍ୱାଭାବିକ କ୍ଷୀଣ, ଉପବାସ ଓ ପିତୃବିଚ୍ଛେଦରେ କ୍ଷୀଣତର କଟି ଦେଖି ନାରାୟଣଙ୍କର ସକଳ ସନ୍ଦେହ ଦୂର ହେଲା ।

ପରଦିନ ଲକ୍ଷ୍ମୀର ବାପ ଟଙ୍କା ଥଳୀ ନ ପାଇ କ୍ଷିପ୍ତବତ୍ ହୋଇ ସମସ୍ତଙ୍କୁ ପଚାରିଲେ । ଲକ୍ଷ୍ମୀର ସଖୀ ରମ୍ଭା କହିଲା, "ଲକ୍ଷ୍ମୀ ନେଇଯାଇଛି । 'ଖୋଜିଲେ କହିବୁ' ବୋଲି ମୋତେ କହିଯାଇଛି ।" ଲକ୍ଷ୍ମୀର ବାପ ବିଜୁଳି ପରି ଧାଇଁଯାଇ ଲକ୍ଷ୍ମୀକୁ ପଚାରିବାରେ ଲକ୍ଷ୍ମୀ ସ୍ମିତହାସ୍ୟ ହସି କହିଲା, "ଯାହାର ଟଙ୍କା ତାଙ୍କୁ ଦେଲି । ଛି ବାପା, ମତେ ବିକି ଟଙ୍କା ଖାଇଥିଲେ ତୁମ୍ଭର ଭଲ ହୋଇଥାନ୍ତା ? ତୁମ୍ଭର ପୁଅ ନାହିଁ । ମୁଁ ତୁମ୍ଭର ପୁଅଟିଏ । ଚିରକାଳ ତୁମ୍ଭଙ୍କୁ ପୋଷିବି । ଉପବାସ ଶୋଇ ତୁମ୍ଭ ମୁହଁରେ ଗୁଡ଼କୁଣ୍ଡା ଦେବି । ତୁମ୍ଭର ଏତେ ଟଙ୍କା ଅଛି, ମତେ ବିକି ଆଉ ଏ ଟଙ୍କା ନିଅନାହିଁ ।" ଏହା କହି ପଣତ କାନି ଗଳାରେ ପକାଇ ପିତାଙ୍କ ଚରଣକୁ ଧରି ଅଶ୍ରୁଜଳରେ ଭସାଇ ଦେଲେ । ପିତା ଶତଭର୍ତ୍ସନାଠାରୁ ତୀବ୍ରତର ଲିମ୍ବଫଳବତ୍ କନ୍ୟାଠାରୁ ମଧୁର କଥା ଶୁଣି କନ୍ୟାର ମସ୍ତକରେ ପଦାଘାତ

Digitized by srujanika@gmail.com

ଭରି ନବୀନ ହୃଦୟରେ ଢେଉଁକୁଁ ଅଧର ଶୂନ୍ୟ ଗୃହକୁ ଫେରିଗଲେ । ଲକ୍ଷ୍ମୀ ଦେବପ୍ରସାଦବତ୍ ସେହି ପିତୃପଦଧୂଳିକୁ ମସ୍ତକରେ ବହନ କରି ଧୀରେ ଧୀରେ କହିଲେ, "ବାପା ଭାରି ରାଗିଛନ୍ତି । ତାଙ୍କ ରାଗ କେଣିଦିନ ରହିବ ନାହିଁ ।"

ନାରାୟଣଙ୍କ ଗୃହ ଅଜି ଲକ୍ଷ୍ମୀ ଅଲୋକିତ କରିଛନ୍ତି । ସମସ୍ତ କଷ୍ଟ ଦୂର ହୋଇଛି । ଶୋଭା ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ମୂର୍ତ୍ତିମତୀ ଲକ୍ଷ୍ମୀ ଅଜି ତାଙ୍କ ଘରେ । ଲେଶମାତ୍ର ଦୁଃଖ, ଦୈନ୍ୟ, ଅଭାବ, ଅପୂର୍ଣ୍ଣତା ତାଙ୍କ ଜୀବନରେ ନାହିଁ । ନାରାୟଣଙ୍କ ପ୍ରାଣ, ମନ, ହୃଦୟ, ଆଶା, ଗୃହ, ସଂସାର ଅଜି ପରିପୂର୍ଣ୍ଣ । ନିତ୍ୟକର୍ମ ସମାପନାନ୍ତେ ଶଯ୍ୟା ପ୍ରସ୍ତୁତ ହେଲା । ନିର୍ଜନ ଗୃହରେ ସ୍ନିଗ୍ଧ ଦୀପାଲୋକରେ ସ୍ୱାମୀ ସ୍ତ୍ରୀ କଥାବାର୍ତ୍ତା ହେଲେ । ଲକ୍ଷ୍ମୀର ବିଲୋଳ କଟାକ୍ଷ, ସହାସ ମଧୁର ମୁଖ, ବୀଣାବିନିନ୍ଦିତ ବାଣୀ ନାରାୟଣଙ୍କ ନିକଟରେ ଗଭୀର ଅପୂର୍ବ ପ୍ରହେଳିକାବତ୍ ପ୍ରତୀୟମାନ ହେଲା । ଯେତେ ଦେଖିଲେ, ସେତେ ଅପ୍ରସ୍ତୁତ ହୋଇଗଲେ । ଲକ୍ଷ୍ମୀର ବୟସ କେତେ ? କଳିବା ତ ସହଜ ନୁହେଁ । ବାଳିକାର ଅଳ୍ପତ୍ୱ, ପ୍ରୌଢ଼ାର ଗାମ୍ଭୀର୍ଯ୍ୟ, ଯୁବତୀର ଲାବଣ୍ୟ ଏକାଧାରରେ ସମାବିଷ୍ଟ ।

ନାରାୟଣ ପଚାରିଲେ—ଲକ୍ଷ୍ମୀ ! ମୋତେ ଭଲ ପାଅ ?

ଲକ୍ଷ୍ମୀ—କ'ଣ ମନେ କର ?

ନାରାୟଣ—ଭଲରୂପେ ଜାଣେ ନାହିଁ । ବୋଧହୁଏ ଭଲ ପାଅ ।

ଲକ୍ଷ୍ମୀ—ସନ୍ଦେହ କାହିଁକି ?

ନାରାୟଣ—ଜାଣେ ନାହିଁ, ତୁମ୍ଭର ସ୍ନେହ ବୋଧହୁଏ ମୋ ପକ୍ଷରେ ଏତେ ମୂଲ୍ୟବାନ୍ ଯେ ମୁଁ ବିଶ୍ୱାସ କରିପାରୁନାହିଁ ଯେ ସେ ଅମୂଲ୍ୟ ନିଧି ମୋର ହୋଇଅଛି ।

ଲକ୍ଷ୍ମୀ—ପୁଣି ଭଲ ପାଏ ବୋଲି ବୋଧହୁଏ କିପରି ?

ନାରାୟଣ—ତୁମ୍ଭର ଗୃହାଣି ଭଙ୍ଗୀରୁ, ତୁମ୍ଭର ଗୃହଚାଳନରୁ ବିଶେଷତଃ ତୁମ୍ଭର ସ୍ନେହପ୍ରବଣ ହୃଦୟରୁ । ଏଡ଼େ ସୁନ୍ଦର ମୂର୍ତ୍ତି ! ଏହା କି ସ୍ନେହବିହୀନ ହୋଇପାରେ ?

ଲକ୍ଷ୍ମୀ—ସୁନ୍ଦରୀ ପିଶାଚୀ କି ନାହାନ୍ତି ?

Digitized by srujanika@gmail.com

ନାରାୟଣ—ଅଛନ୍ତି । କିନ୍ତୁ ତୁମ୍ଭେ ଯେପରି—ଏହା ମୋର ବିଶ୍ୱାସ ନୁହେଁ । ବିଶ୍ୱାସ ହେଲେ ମୁଁ ବଞ୍ଚି ପାରିବି ନାହିଁ । ମୋର ଜୀବନ ଅସାର, ସୁଖହୀନ, ଜୀବନ୍ମୃତ୍ୟୁରେ ପରିଣତ ହେବ ।

ଲକ୍ଷ୍ମୀ—ତେବେ ଯେଉଁଟା ବିଶ୍ୱାସ କଲେ ତୁମ୍ଭ ମନରେ ସୁଖ ହୁଏ, ସେହିଟା ବିଶ୍ୱାସ ନ କରି ଏତେ ପଗ୍ଭରୁଛ କାହିଁକି ?

ନାରାୟଣ—କେଜାଣି କାହିଁକି ତୁମ୍ଭ ତୁଣ୍ଡରୁ "ଭଲପାଏ", ଏ କଥା ଶୁଣିଲେ ପ୍ରାଣ ସୁଧାସିକ୍ତ ହେବ ।

ଲକ୍ଷ୍ମୀ—ମୁଁ କହିଲେ ବିଶ୍ୱାସ କରିବ ?

ନାରାୟଣ—ହଁ, ବିଶ୍ୱାସ କରିବି । କିନ୍ତୁ ପ୍ରାଣର ଅନ୍ତଃସ୍ଥଳରେ କି ଏକ ଅଦ୍ଭୁତ ରହସ୍ୟପୂର୍ଣ୍ଣ ବିରାଟ ଶୂନ୍ୟ ଅଛି, ସେଠାରୁ ଅନନ୍ତ ଜିଜ୍ଞାସା ବାହାରୁଅଛି । କୋଟିବାର ଶୁଣିଲେ ମଧ୍ୟ ସେହି କଥା ପଗ୍ଭରିବାକୁ ଇଚ୍ଛା ହୁଏ ।

ଲକ୍ଷ୍ମୀ—ଯେବେ 'ନାହିଁ' କହେ ।

ନାରାୟଣ—ସମ୍ଭବତଃ ଥଟ୍ଟାରେ 'ନାହିଁ' କହୁଛ—ମନେ କରିବି । ସ୍ତ୍ରୀମାନଙ୍କ 'ନାହିଁ' ଅନେକ ସମୟରେ 'ହଁ' ସଙ୍ଗେ ସମାନ ବୋଲି ରସିକମାନେ କହନ୍ତି । ତୁମ୍ଭେ ପ୍ରକୃତରେ 'ନାହିଁ' କହିଲେ ମୋର ଦାରୁଣ ଯନ୍ତ୍ରଣା ହେବ ସତ୍ୟ, କିନ୍ତୁ ଏକାବେଳକେ ନିରାଶ ହେବି ନାହିଁ । କାରଣ ଏପରି ହୋଇପାରେ, ତୁମ୍ଭେ ନିଜ ହୃଦୟ ନ ବୁଝି 'ନାହିଁ' କହୁଅଛ । ଆଉ ଗୋଟିଏ କଥା । ମୋର କି ଯୋଗ୍ୟତା ଅଛି ଯେ ମୁଁ ତୁମ୍ଭର ଷୋଳଣା ସ୍ନେହ ପାଇବି ? ମୋତେ କ୍ଷୁଦ୍ରରୁ ବିନ୍ଦୁଏ ଯଥେଷ୍ଟ । ତୁମ୍ଭେ ସତୀ, ଲକ୍ଷ୍ମୀ ଦେବୀ । ତୁମ୍ଭର କୃପା କଣିକାଏ ମୋ ଜୀବନକୁ ଅମୃତମୟ କରିଦେବ । ସମୟରେ ମୋର ସେବା, ସ୍ୱାର୍ଥତ୍ୟାଗ ଇତ୍ୟାଦି ଦେଖି ଷୋଳଣା ଭଲ ପାଇପାର ।

ଲକ୍ଷ୍ମୀ—ନୂଆବେଳେ ଯେବେ ନାହିଁ, ପୁରୁଣା ହେଲେ ତାହା କିପରି ହେବ ?

ନାରାୟଣ—ଲକ୍ଷ୍ମୀ ! ସ୍ତ୍ରୀର ମନ ବୁଝିବା ଅସାଧ୍ୟ । କେହି ପାରିନାହିଁ । କିନ୍ତୁ ତୁମ୍ଭେ ହିନ୍ଦୁନାରୀ, ହିନ୍ଦୁମାନେ ସ୍ୱାମୀଙ୍କୁ ଦେବତା ଜ୍ଞାନ କରନ୍ତି । ମୁଁ ତୁମ୍ଭପାଇଁ ପ୍ରାଣ ଦେଇପାରେ । ତୁମ୍ଭଙ୍କୁ ଗୃହର ମଧ୍ୟ ଅନାଇ ଅଛି । ତୁମ୍ଭେ ମୋର ସର୍ବସ୍ୱ । କୃପା କରି ଭଲ ପାଅ । କିନ୍ତୁ ହାୟ, ମୁଁ ଜାଣେ କୃପା

Digitized by srujanika@gmail.com

ଯେଉଁଠାରେ ଥାଏ, ପ୍ରେମ ସେଠାରେ ନ ଥାଏ । କୃପାପାତ୍ର ପ୍ରଣୟପାତ୍ର ହେବା ଅସ୍ୱାଭାବିକ । ଅଚ୍ଛା। ମୋତେ ବିବାହ କରି ପ୍ରେମରୁ ବଞ୍ଚିତ କରିବା ନ୍ୟାୟ କି ?

ଲକ୍ଷ୍ମୀ—କ୍ଷମା କରିବ । ମୁଁ ଯେବେ ଭର୍ତ୍ସନାରେ କହେଁ, ତୁମ୍ଭେ ମୋ ଶରୀରକୁ କିଣିଛ, ତାହା ସମ୍ଭୋଗ କର । ପ୍ରେମ କେବେ ହେଲ ? ତୁମ୍ଭର ମୋର ତ କଥାବାର୍ତ୍ତା ନାହିଁ ।

ନାରାୟଣ—ମୁଁ ଅଳ୍ପ ଭାବି ପାରିବି ନାହିଁ । ତୁମ୍ଭର ପ୍ରେମହୀନତା ମୋ ପକ୍ଷରେ ଅସହ୍ୟ । ମୁଁ ତୁମ୍ଭ ଶରୀର ସଙ୍ଗେ ସଙ୍ଗେ ମନ, ହୃଦୟ ପାଇବା ଆକାଙ୍‌କ୍ଷୀ । ମୋର ହୃଦୟ ସାକ୍ଷୀ, ତୁମ୍ଭେ ମୋତେ ଭଲପାଅ । ନିଜ ପାଇଁ ପିତାଙ୍କୁ ବଞ୍ଚିତ କରିବା ତୁମ୍ଭ ପକ୍ଷରେ ଅସମ୍ଭବ ।

ଲକ୍ଷ୍ମୀ—ମୋତେ ଏତେବଡ଼ ମହତ୍ ଭାବିବାର ଯଥେଷ୍ଟ କାରଣ ନାହିଁ ? ବରଂ କୃତଘ୍ନତାର କାର୍ଯ୍ୟ କରିଅଛୁ । ଲୋକେ ଆପଣା ପରି ଜଗତକୁ ମଣନ୍ତି । ମୁଁ ମହତ୍ ହେଲେ ମଧ୍ୟ କେବଳ ନ୍ୟାୟ ବୁଦ୍ଧିରେ ଚାଳିତ ହୋଇ ତୁମ୍ଭ ଟଙ୍କା ତୁମ୍ଭଙ୍କୁ ଦେଇଥିବି ।

ନାରାୟଣ—ମୋ’ ଟଙ୍କା ତ ନୁହେଁ । ମୁଁ ପଣ ଅନୁସାରେ ପ୍ରତିଜ୍ଞାବଦ୍ଧ ହୋଇଥିଲି ।

ଲକ୍ଷ୍ମୀ—ବିବାହ ତ ହେଲା ପରସ୍ପର ଆଦାନପ୍ରଦାନ । ଟଙ୍କା ନେବା ଉଚିତ ନୁହେଁ, ଏ କଥା ମୁଁ ଖଣ୍ଡେ କାଗଜରେ ପଢ଼ିଥିଲି । ସ୍କୁଲରେ ପଢ଼ିବା ସମୟରେ ମିସିବାବା ମଧ୍ୟ ମତେ ଏସବୁ କଥା ବୁଝାଇ ଦେଇଥିଲେ ।

ନାରାୟଣ—କିନ୍ତୁ ତାହା ଉପର କଥା । ଭିତରେ ପ୍ରବେଶ କରି ଦେଖିଲେ ବୁଝିପାରିବ ଯେ, ଯେତେଦିନ ସ୍ୱାଧୀନ ପ୍ରଣୟ ବା ସ୍ୱୟମ୍ବର ନ ହେବ ସେତେଦିନ ଧନ କମ୍ବା ଜାତି, କିଛି ହେଲେ ପଣର ବିଷୟ ରହିଥିବ ।

ଲକ୍ଷ୍ମୀ—ଟଙ୍କା ଦେଇ ମୋତେ କିଣିଥିଲେ ମୋ ପ୍ରତି ତୁମ୍ଭର ଘୃଣା ହୁଅନ୍ତା ।

ନାରାୟଣ—ମୋ ପ୍ରତି ପ୍ରଣୟ ନ ଥିଲେ ମୋ ଘୃଣାରେ କ୍ଷତି କ’ଣ ?

ଲକ୍ଷ୍ମୀ—ଗ୍ରାମରେ ଲୋକେ କ’ଣ କହନ୍ତେ ? ଲୋକଲଜ୍ଜା ତ ଅଛି ।

Digitized by srujanika@gmail.com

... ... ନଷ୍ଟ ଯାଉଛି । ତୁମ୍ଭେ ତ ବାହାରକୁ ଟଙ୍କା ଦେଖାଉଛ ... ... ଗୋଟିଏ ଅଧିକତର ଭୟଙ୍କର ଲୋକନିନ୍ଦା ବହନ କରି ମୋତେ ... ଲାଭରେ ଟଙ୍କା ଦେଲ ।

ଲକ୍ଷ୍ମୀ—ତାହା ତୁମ୍ଭଙ୍କୁ ଭୁଲାଇବାକୁ ହୋଇପାରେ । କହୁଥିଲ ପର ସ୍ତ୍ରୀମାନେ ବଡ଼ ଚତୁର, କପଟଶୀଳା । କିମ୍ବା ତୁମ୍ଭପ୍ରତି ଦୟାର୍ଦ୍ର ହୋଇ ଏପରି କରିପାରିଥାଏଁ । ବାପାଙ୍କର କେହି ନାହିଁ । କିଏ ଖାଇବ ? ଭୁଷ୍ଣଲେକେ ନିଅନ୍ତେ । ଏଣେ ତୁମ୍ଭର ବଡ଼ କଷ୍ଟ ହୁଅନ୍ତା । ତେଣୁ ଦୟା କରିଥିବି ଏବଂ ତୁମ୍ଭେ କହୁଥିଲ ଦୟା ପ୍ରେମର ବିରୋଧୀ ।

ନାରାୟଣ—ତୁମ୍ଭର ପ୍ରଖର ବୁଦ୍ଧିରେ ମୁଁ ସ୍ତବ୍ଧ, ଚକିତ, ପରାସ୍ତ । କିନ୍ତୁ ବୁଦ୍ଧିରୁ କି ପାଇବି ? ମୁଁ ପ୍ରେମପ୍ରବଣ ହୃଦୟ ଚାହେଁ । ପ୍ରାଣର ଏ ଆଶା କି ପୂର୍ଣ୍ଣ ହେବନାହିଁ ? ହା ! ଅମୃତ ନଦୀତଟରେ ବସି ତୃଷାରେ ପ୍ରାଣ ଯିବ ?

ପ୍ରେମମୟ ସ୍ୱାମୀଙ୍କର ଆଗ୍ରହପୂର୍ଣ୍ଣ ବିଷଣ୍ଣ ମୁଖମଣ୍ଡଳ ଦେଖି ପ୍ରେମମୟୀ ଲକ୍ଷ୍ମୀ ଆଉ ରହିପାରିଲେ ନାହିଁ । ତାଙ୍କର ସମଗ୍ର ହୃଦୟ ପ୍ରିୟତମଙ୍କ ହୃଦୟରେ, ଦେହ ଦେହରେ ମିଶିବାକୁ ଅଥୟ ହେଲା । ଯେପରି ତରଙ୍ଗିଣୀ ସିନ୍ଧୁର ଅମ୍ବୁବିସର୍ଜନ ଦିଏ, ଲକ୍ଷ୍ମୀ ପ୍ରିୟତମଙ୍କ ବକ୍ଷରେ ମୁଖ ଲୁଚାଇ ... ପ୍ରେମାଶ୍ରୁ ବର୍ଷଣ କଲେ । ନାରାୟଣଙ୍କ ସକଳ ଦ୍ୱିଧାଭାବ ବାହିଁ ... ... ହୃଦୟ-ପ୍ରତିମା-ସତୀର ଅଶ୍ରୁସିକ୍ତ କପୋଳରେ ଚୁମ୍ବନ କରି ... ଦୁଃଖ ଦୂର କଲେ । ଯେଉଁ ଲାବଣ୍ୟ ପ୍ରତିମାକୁ ପାଇ ଗୃହ ପୂର୍ଣ୍ଣ ହୋଇଥିଲା, ତାହାଙ୍କୁ ପୁଣି ହୃଦୟରେ ପ୍ରେମ-ପ୍ରତିମାରୂପେ ପାଇ ପ୍ରାଣ ପୂର୍ଣ୍ଣ ହେଲା, ହୃଦୟ ତୃପ୍ତ ହେଲା । ବୃନ୍ତହୀନ ପୁଷ୍ପ ସମ ଏହି ଅଭୁତ ପ୍ରାଣୀ ଦୁଇଟିର ଯୁଗଳ ଆତ୍ମାର ମିଳନ, ପ୍ରକୃତ ବିବାହ ଏତେଦିନେ ସମ୍ପନ୍ନ ହେଲା ।

Digitized by srujanika@gmail.com

ଆଧୁନିକ ଉତ୍କଳ-ସାହିତ୍ୟ ସମାଲୋଚନା

କବି ରାଧାନାଥ

ଓ

ତଦୀୟ କବିତା

ସମାଲୋଚନା କାବ୍ୟ-ସାହିତ୍ୟର ଗୋଟିଏ ପ୍ରଧାନ ଓ ପ୍ରକୃଷ୍ଟ ଅଙ୍ଗ । ଉତ୍କଳ-ସାହିତ୍ୟ-ଭଣ୍ଡାରରେ ଏହି ଶ୍ରେଣୀର ପ୍ରବନ୍ଧ ବିଶେଷ ନାହିଁ । ସମାଲୋଚକର କାର୍ଯ୍ୟ ଗୁରୁ ଦାୟିତ୍ୱପୂର୍ଣ୍ଣ । କୌଣସି ଗ୍ରନ୍ଥ ସମସ୍ତ ପାଠକ ମନକୁ ସମାନ ଭାବରେ ଆକର୍ଷଣ କରେନାହିଁ । ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ରୁଚି ଭିନ୍ନ ଭିନ୍ନ । ଏପରିସ୍ଥଳରେ ଜଣେ ସମାଲୋଚକକୁ ଯାହା ମଧୁର ବୋଧ ନ ହେଲା ତାହା ଯେ ଏକାବେଳକେ ଅସାର ଏପରି ମଣିବା ଭ୍ରାନ୍ତି । ସମାଲୋଚକର ଉଚିତ, ସଂଯତ ଭାବରେ ନିରପେକ୍ଷରୂପେ ତାହାର ମନୋଭାବ ବ୍ୟକ୍ତ କରିବା । ଏ କ୍ଷେତ୍ରରେ ସ୍ୱାଧୀନତା ମଧ୍ୟ ଆବଶ୍ୟକ । ପାଠକଗଣ ବିଭିନ୍ନ ରୁଚିର ସମାଲୋଚକଙ୍କୁ ତୋଷାମୋଦକାରୀ ବା ଶତ୍ରୁତାପ୍ରଣୋଦିତ ମନେ କରିବା ହୀନତା ବ୍ୟତୀତ ଅନ୍ୟ କ'ଣ ହୋଇପାରେ ? ଲେଖକମାନଙ୍କର ମଧ୍ୟ ଗୁରୁତର କର୍ତ୍ତବ୍ୟ ଅଛି । ସେମାନଙ୍କର ଉଚିତ, ସହିଷ୍ଣୁତା ଅବଲମ୍ବନ କରି ସମାଲୋଚକର କଥାରେ କିଛି ସତ୍ୟ ଅଛି କି ନାହିଁ, ତାହା ମନୋଯୋଗପୂର୍ବକ ପରୀକ୍ଷା କରିବେ । ଯଦି କିଛି ସତ୍ୟ ଥାଏ, ତେବେ ତାହା ଭବିଷ୍ୟତ୍‌ର ସ୍ୱ-ରଚନା ମଧ୍ୟରେ ଗ୍ରହଣ କରିବେ । ଅବଶିଷ୍ଟାଂଶ ମତାନ୍ତରବାଦୀର ବ୍ୟକ୍ତିଗତ ଭ୍ରାନ୍ତ ବିଶ୍ୱାସ ବୋଲି ନୀରବରେ ପ୍ରତ୍ୟାଖ୍ୟାନ କରିବେ । ପାଠକ ଓ ଲେଖକଙ୍କୁ ଏହି ନିବେଦନ କରି ଆମ୍ଭେମାନେ ପ୍ରଥମେ ଆଧୁନିକ ଉତ୍କଳସାହିତ୍ୟକୁ ଧାରାବାହିକରୂପେ ଯଥାସାଧ୍ୟ ସମ୍ୟକ୍ ଆଲୋଚନା କରିବୁଁ । ଆମ୍ଭମାନଙ୍କର ଭ୍ରାନ୍ତି ଥିଲେ ଲେଖକ ବା ପାଠକ ବୃଥା ଦୋଷାରୋପ ନ କରି ସରଳଭାବରେ ସେମାନଙ୍କ ମତ ବ୍ୟକ୍ତ କରିପାରନ୍ତି । ତଦ୍ଦ୍ୱାରା ଉପକାର ଛଡ଼ା ଅପକାର ନାହିଁ ।

ମାଘ ୧୩୧୦ ସନ 'ଉତ୍କଳସାହିତ୍ୟ' ୭ମ ଭାଗରୁ ସଂଗୃହୀତ ଏବଂ ତତ୍କାଳୀନ କଟକ ଆଲୋଚନାସଭାରେ ପଠିତ ।

Digitized by srujanika@gmail.com

ସର୍ବପ୍ରଥମେ ଆମ୍ଭେମାନେ ଆଧୁନିକ ଉତ୍କଳସାହିତ୍ୟ-ମନ୍ଦିରର ଶ୍ରେଷ୍ଠ ପୂଜାରୀ କବି ରାଧାନାଥଙ୍କ କବିତାର ସଂକ୍ଷିପ୍ତ ଆଲୋଚନା କରିବୁଁ । ତହିଁ ଉତ୍ତାରୁ ଅନ୍ୟାନ୍ୟ ପ୍ରଧାନ ଲେଖକଙ୍କ ଗ୍ରନ୍ଥ ସମାଲୋଚନାରେ ହସ୍ତକ୍ଷେପ କରିବୁଁ ।

ଉକ୍ତ କବିଙ୍କ ସମସ୍ତ କାବ୍ୟାବଳୀ "ରାଧାନାଥଗ୍ରନ୍ଥାବଳୀ" ନାମରେ ପ୍ରକାଶିତ ହୋଇଅଛି । ଉତ୍କଳସାହିତ୍ୟ-ସଂସାରରେ ଶୁଭ ସମ୍ବାଦ ପ୍ରଚାରିତ ହେଲା । ସାହିତ୍ୟ-ଜଗତ୍‌ରେ ଜୟଧ୍ୱନି ହେଲା ।

ଗ୍ରନ୍ଥାବଳୀର ସଂକ୍ଷିପ୍ତ ସମାଲୋଚନା କରିବାପୂର୍ବରୁ କବି ଏବଂ ପାଠକ ଉଭୟଙ୍କ ନିକଟରେ ଆମ୍ଭମାନଙ୍କର ଏହି କଥା ବକ୍ତବ୍ୟ ଅଛି ଯେ, ସଂସ୍କୃତସାହିତ୍ୟରେ ଆମ୍ଭମାନଙ୍କର ସମ୍ୟକ୍ ପ୍ରବେଶ ନାହିଁ । ଅବାଲ୍ୟ ଇଂରାଜୀସାହିତ୍ୟ ଅଲୋଚନା କରିଅଛୁଁ । ତେଣୁ ସେମାନେ ସଂସ୍କୃତ ଅଳଙ୍କାରିକମାନଙ୍କ ଆଦର୍ଶାନୁଯାୟୀ ସମାଲୋଚନା ପ୍ରତ୍ୟାଶା ନ କରି କାବ୍ୟାବଳୀ ପାଠବେଳେ ଆମ୍ଭମାନଙ୍କ ମନରେ ଯେଉଁ ଭାବରାଜି ସମୁତ୍‌ଥିତ ହେଲା ତାହାର ସରଳ ଅଭିବ୍ୟକ୍ତି ଶୁଣି ତୃପ୍ତ ରହିବେ ।

ପଣ୍ଡିତବର୍ଗ କାବ୍ୟକୁ ତିନି ଭାଗରେ ବିଭକ୍ତ କରିଅଛନ୍ତି — ଗୀତକାବ୍ୟ (Lyrical Poetry), ଶ୍ରାବ୍ୟକାବ୍ୟ (Epic Poetry) ଏବଂ ଦୃଶ୍ୟକାବ୍ୟ ବା ନାଟକ (Dramatic Poetry)। ଯେଉଁ କବିତାରେ କବିଙ୍କର ହୃଦୟର ଉଦ୍ଦାମ ଉଚ୍ଛ୍ୱାସ ପ୍ରକାଶିତ ହୁଏ ଏବଂ ଯାହା ସଙ୍ଗୀତ ରୂପରେ ସ୍ୱରଲୟବାଦ୍ୟସହକାରେ ସୁଗେୟ, ତାହା ଗୀତ-କବିତା । ଯେମନ୍ତ ଜୟଦେବଙ୍କ ଗୀତଗୋବିନ୍ଦ, ଇଂରାଜୀକବି Robert Burnsଙ୍କ ପ୍ରଣୟ ଗୀତ । ସ୍ୱର୍ଗୀୟ କବିଙ୍କ ଛନ୍ଦମାଳା ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଗତ । ମହାଜନବୃନ୍ଦଙ୍କ ବୀର୍ଯ୍ୟ, ପ୍ରୀତି, ଉଦାରତା, ସ୍ୱଦେଶଭକ୍ତିବିଶିଷ୍ଟତା ପ୍ରଭୃତିକୁ ସାଲଙ୍କାର ଛନ୍ଦୋବନ୍ଧ କରି କ୍ରମିକ ବର୍ଣ୍ଣନା କରିବା ଦ୍ୱିତୀୟ ଶ୍ରେଣୀର ଅନ୍ତର୍ଭୁକ୍ତ । ରାମାୟଣ, ମହାଭାରତ, ରଘୁବଂଶ, କୁମାରସମ୍ଭବ Paradise Lost ପ୍ରଭୃତି ଗ୍ରନ୍ଥ ଏହି ଶ୍ରେଣୀୟ କାବ୍ୟ । ପ୍ରୋକ୍ତ ଦୁଇ ପ୍ରକାର କାବ୍ୟରେ ପ୍ରଧାନତଃ କବି ନିଜେ (subjectively) ସବୁ ବୃତ୍ତାନ୍ତ ପ୍ରକାଶ କରନ୍ତି । ତୃତୀୟ ଶ୍ରେଣୀର କାବ୍ୟକଳାପରେ ନିଜେ ଦୃଷ୍ଟି ଅବଲମ୍ବନ କରି ନାୟକନାୟିକାବୃନ୍ଦଙ୍କ କାର୍ଯ୍ୟକଳାପ, କଥୋପକଥନ

Digitized by srujanika@gmail.com

ସ୍ୱ ସ୍ୱ ବା ପରସ୍ପର ଚରିତ୍ର ଚିତ୍ରୋନ୍ମେଷ କରନ୍ତି । ଶକୁନ୍ତଳା, ଉତ୍ତର ରାମଚରିତ, ମୃଚ୍ଛକଟିକ, Hamlet, Romeo and Juliet, The Tempest, Faust, ଜାତୀୟ ପ୍ରଭୃତି ଗ୍ରନ୍ଥ ଶେଷୋକ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ ।

ରାଧାନାଥବାବୁ ଦ୍ୱିତୀୟ ଶ୍ରେଣୀର କବି । ତାଙ୍କର ଗୀତ-କବିତା (Lyrical pieces) ଅଛି । କିନ୍ତୁ ତାଙ୍କ କବି-ଯଶର ଶ୍ରେଷ୍ଠ ହେତୁଭୂତ ଉଷା, ନନ୍ଦିକେଶ୍ୱରୀ, କେଦାରଗୌରୀ, ଯଯାତିକେଶରୀ ମହାଯାତ୍ରା ପ୍ରଭୃତି ଶ୍ରାବ୍ୟ-କାବ୍ୟ ।

ପାଶ୍ଚାତ୍ୟ ପଣ୍ଡିତବର୍ଗ କାବ୍ୟକୁ ଅନ୍ୟ ଦୁଇ ଶ୍ରେଣୀରେ ବିଭକ୍ତ କରିଅଛନ୍ତି, ସମ୍ଭ୍ରାନ୍ତ କବିତା (Poetry of Aristocracy) ଏବଂ ସାଧାରଣୀ କବିତା (Poetry of Democracy) । ପ୍ରଥମୋକ୍ତ ଶ୍ରେଣୀ କାବ୍ୟକଳାପରେ ବୃହତ୍ ବିଖ୍ୟାତ ଘଟନା, ପ୍ରଖ୍ୟାତଯଶା ବୀର, ଶକ୍ତିଶାଳୀ ରାଜା, ଗୁଣବାନ୍ ରାଜପୁତ୍ର, ରୂପଲାବଣ୍ୟବତୀ ରାଜକନ୍ୟା, ସଂଗ୍ରାମ ଓ ଯଜ୍ଞାଦିର ବର୍ଣ୍ଣନା ଥାଏ । ଅମ୍ଭମାନଙ୍କ କବି ଏହି ଶ୍ରେଣୀସ୍ଥ କାବ୍ୟର କବି । ଦ୍ୱିତୀୟ ପ୍ରକାର କାବ୍ୟରେ ସାଧାରଣ ଦୈନନ୍ଦିନ ବିଷୟ—ଦରିଦ୍ର କୃଷକ, ଭିକ୍ଷୁକ, ପଶୁ, ପକ୍ଷୀ, ତୃଣ, ପଲ୍ଲବ, ଯାହାକି ଚକ୍ଷୁ ସମକ୍ଷରେ ପ୍ରତିନିୟତ ଉପସ୍ଥିତ ହେଉଅଛି, ଏହିପରି ବିଷୟ ଥାଏ । ମାର୍କିନ ଦେଶୀୟ କବି Whitman ଏବଂ କବି ଫକୀରମୋହନ ଏହି ଶ୍ରେଣୀସ୍ଥ କବି । ରାଧାନାଥଙ୍କ ଉଷା, ଧାବକ ଓ କଣ୍ଢେଇ ପରି Whitmanଙ୍କ Grass Blade ସେନାପତିଙ୍କ ନେତଗାଇ, ସାରଥି ଛନ୍ଦିଅଣୀ, ଗୋବରଧୂଳି ଦାଣ୍ଡ, ଚୋରିଲନାଗ, ବେଙ୍ଗଲୁଇ ଜାତୀୟ-ସାହିତ୍ୟର ଚିରସଞ୍ଚିତ ଧନ ହୋଇଅଛି ।

ପ୍ରାକୃତ (Realistic) ଏବଂ ଆଦର୍ଶ (Idealistic) ଉପନ୍ୟାସ ପରି କାବ୍ୟ ମଧ୍ୟ ଏହି ଦୁଇ ଶ୍ରେଣୀରେ ବିଭକ୍ତ ହୋଇପାରେ । ପ୍ରାକୃତ କାବ୍ୟରେ ଯାହା ସଂସାରରେ ଘଟେ, ତାହାର ବର୍ଣ୍ଣନା ଥାଏ । ଘଟନାର ଗୁଣ ଦୋଷ ବିଷୟର ଦାୟିତ୍ୱ କବି ଗ୍ରହଣ କରନ୍ତି ନାହିଁ । ପ୍ରକୃତି ବା ସମାଜ ତନ୍ନିମିତ୍ତ ଦାୟୀ । ଏ ଶ୍ରେଣୀର କବି ଅଭିସାର, ନରହତ୍ୟା, ନଗ୍ନ ରମଣୀ ମୂର୍ତ୍ତି ମଧ୍ୟ ଚିତ୍ର କରିବାର ସ୍ୱାଧୀନତା ନେଇ ... ରେ

Digitized by srujanika@gmail.com

ଆଦର୍ଶ କାବ୍ୟରେ ଅନୁକରଣୀୟ ମହଚ୍ଚରିତ୍ର ନାୟକନାୟିକାଙ୍କ ଶତ ଅଁଏ । ସାମାଜିକବୃନ୍ଦଙ୍କ ମନ ଯହିଁରେ ଉନ୍ନତ ହେବ, ଚରିତ୍ର ପବିତ୍ର ରହିବ, ପ୍ରୀତି ଗମ୍ଭୀରତର ହେବ, କବି ତହିଁପ୍ରତି ଦୃଷ୍ଟି ରଖନ୍ତି । ଧର୍ମର ଜୟ ପାପର ପରାଜୟ ଘୋଷଣା କରିବା ଆଭିସନ୍ଧି କବିଙ୍କର ଥାଏ ।

କବି ରାଧାନାଥଙ୍କର ଆଦର୍ଶ କାବ୍ୟ ନାହିଁ, ଏପରି ନୁହେଁ; କିନ୍ତୁ ସେ ପ୍ରଧାନତଃ ପ୍ରକୃତବାଦୀ (Realistic) ଶବକର । ଏମନ୍ତ ଯେ ସେ ସେକ୍ସ୍‌ପିୟରଙ୍କ ସଦୃଶ ଜନକ ଓ ତନୟାର ପାପ-ପ୍ରଣୟକୁ ଇତିହାସରୁ ନିର୍ବାଚନ କରି ସ୍ୱୀୟ କାବ୍ୟର ବିଷୟୀଭୂତ କରିଅଛନ୍ତି । ତାଙ୍କ କବିତା Humanism ଉପରେ ପ୍ରତିଷ୍ଠିତ । କବି ସ୍ୱର୍ଗର ideal ଆଣି ସମାଜ ସମ୍ମୁଖରେ ରଖି ନାହାନ୍ତି । ପୃଥିବୀ ଉପରେ ଦଣ୍ଡାୟମାନ ହୋଇଅଛନ୍ତି, କିନ୍ତୁ ତାଙ୍କର ଦୃଷ୍ଟି କେଉଁଠାରେ ସ୍ଥାପିତ ବା ତାଙ୍କର ଆଦର୍ଶ କଣ, ତାହା ମୁଁ ବର୍ତ୍ତମାନ କହିବି ନାହିଁ ।

କାବ୍ୟାବଳୀ ଉପଦେଶଗର୍ଭିତ (Didactic) ଏବଂ ସୌନ୍ଦର୍ଯ୍ୟ-ତତ୍ତ୍ୱମୂଳକ (Artistic)—ଏହି ଦୁଇ ଶ୍ରେଣୀରେ ମଧ୍ୟ ବିଭକ୍ତ । ପ୍ରଥମୋକ୍ତ ପ୍ରକାର କାବ୍ୟରେ ଉପଦେଶ ଥାଏ । କବି ଉପଦେଷ୍ଟା ବା ଗୁରୁ ରୂପରେ ସ୍ପଷ୍ଟତଃ ପାଠକରୂପୀ ଅନ୍ତେବାସୀଙ୍କୁ ନୈତିକ ବକ୍ତୃତା ପ୍ରଦାନ କରନ୍ତି । ଦ୍ୱିତୀୟ ପ୍ରକାର କବି ବାହ୍ୟ ଓ ଅନ୍ତର ପ୍ରକୃତିର ନିସର୍ଗମାଧୁରୀ ବର୍ଣ୍ଣନ କରି ଭୁଲିଯାନ୍ତି । ଉପଦେଶ ଦେବାର ବାହାନା ଆଦୌ ତାଙ୍କର ନ ଥାଏ । କବି ରାଧାନାଥଙ୍କର ଖଣ୍ଡେ ଅଧେ ଉପଦେଶଗର୍ଭିତ କାବ୍ୟ (ତୁଳସୀ ସ୍ତବକ) ଥିଲେହେଁ ସେ ସାଧାରଣତଃ ସୌନ୍ଦର୍ଯ୍ୟସ୍ରଷ୍ଟା (Artistic) କବି । ତୁଳସୀସ୍ତବକ ଉପଦେଶଗର୍ଭିତ ହେଲେହେଁ ତାହା ବିଶିଷ୍ଟ ଦୃଷ୍ଟାନ୍ତ-ମାଳାରେ ମିଶ୍ରିତ । ଏହା ସବୁ ଉପଦେଶମୂଳକ କାବ୍ୟରେ ନ ଥାଏ ।

କବିତା (Abstract) ବ୍ୟକ୍ତିତ୍ୱହୀନ ଏବଂ (Concrete) ବ୍ୟକ୍ତିତ୍ୱଯୁକ୍ତ । ଏହି ଦୁଇକିଲ ହୋଇପାରେ । ରାଧାନାଥ ବାବୁଙ୍କ କବିତା ପ୍ରାୟ ଶେଷୋକ୍ତ ପ୍ରକାରର । ମଧୁବାବୁଙ୍କ ଆଶା, ନବଯୁଗର ଅଭିଷେକ, ଇଂରାଜୀ କବି Spenserଙ୍କ 'Fairy Queen', କବି Collinsଙ୍କ 'The Passions' ପ୍ରଥମ ପ୍ରକାର କବିତା ।

Digitized by srujanika@gmail.com

କାବ୍ୟ ମିଳନାନ୍ତ (Comedy) ଏବଂ ବିୟୋଗାନ୍ତ (Tragedy) ଏହି ଦୁଇ ଶ୍ରେଣୀରେ ବିଭକ୍ତ ହୋଇଥାଏ । କବି ରାଧାନାଥଙ୍କ ଯଯାତି-କେଶରୀ ବ୍ୟତୀତ ସମସ୍ତ କାବ୍ୟ ଦ୍ୱିତୀୟ ଶ୍ରେଣୀସ୍ଥ । ରାଧାନାଥ ଶୋକ ଦୁଃଖର କବି । କିନ୍ତୁ ଦୁଃଖରେ କହିବାକୁ ପଡୁଅଛି ଯେ, ଏହା Le Miserablesର ବାଷ୍ପ ଶ୍ରେଣୀସ୍ଥ ନୁହେଁ । ଉପକ୍ରମଣିକାରୁ ଉପସଂହାର ପର୍ଯ୍ୟନ୍ତ ଯେଉଁଠାରେ ସୁବିଧା ପାଇଅଛନ୍ତି, କବି ସେଠାରେ ସଂସାରର ଅସାରତ୍ୱ, ଧନ,ଜନ ଗୌରବର ନଶ୍ୱରତ୍ୱ ବିଷୟରେ ସାକ୍ଷ୍ୟପ୍ରଦାନ କରିଅଛନ୍ତି । ପୃଥିବୀରେ ଯେବେ କିଛି ସାର ଥାଏ ତେବେ ତାହା ସୌନ୍ଦର୍ଯ୍ୟ ଏବଂ ପ୍ରୀତି, ଏହାହିଁ ରାଧାନାଥଙ୍କ ଅନ୍ତରସ୍ଥ ବିଶ୍ୱାସ । କବି Keatsଙ୍କ ପରି ତାଙ୍କ କାବ୍ୟରେ religion ବା ଧର୍ମ ସମ୍ବନ୍ଧ, ବିଶେଷତଃ ପାର୍ବତୀର, କଞ୍ଚୁକୀର ଅସ୍ପଷ୍ଟତାରେ ପାଠକ ଏହାର ନିଦର୍ଶନ ପାଇବେ । ପାର୍ବତୀର ନାୟିକା ପାର୍ବତୀ ଓ ମହାଯାତ୍ରାର ଯୁଧିଷ୍ଠିର ବିଷାଦାକ୍ରାନ୍ତ । ଯୁଧିଷ୍ଠିର ସ୍ୱଦେଶର ଦୁଃଖରେ ଦୁଃଖୀ । ଅନ୍ୟ ନାୟକନାୟିକା ସ୍ୱାର୍ଥପର ବିଷାଦ ବା ନୈରାଶ୍ୟରେ ଅକ୍ରାନ୍ତ ।

ପୃଥିବୀର କବିବୃନ୍ଦ ମଙ୍ଗଳବାଦୀ (Optimist) ଏବଂ ଦୁଃଖବାଦୀ (Pessimist), ଏହି ଦୁଇଶ୍ରେଣୀରେ ବିଭକ୍ତ । ପ୍ରଥମୋକ୍ତ ଶ୍ରେଣୀର କବି ପୃଥିବୀର ଯାବତୀୟ ଘଟନାରେ ବିଶ୍ୱବିଧାତାଙ୍କ ମଙ୍ଗଳହସ୍ତ, ଶୁଭ ଉଦ୍ଦେଶ୍ୟ ଲକ୍ଷ୍ୟ କରନ୍ତି ଏବଂ ସ୍ୱ ସ୍ୱ କାବ୍ୟରାଜିରେ ତାହାର ସ୍ପଷ୍ଟ ବା ଅସ୍ପଷ୍ଟ ଆଭାସ ଦେଇଥାନ୍ତି । କବି ମିଲ୍‌ଟନ୍ "to justify the ways of God to man" ସ୍ୱକାବ୍ୟର ଉଦ୍ଦେଶ୍ୟ କରିଥିଲେ । କବି ଟେନିସନ୍ ଜଗତ୍ ସଂସାରସ୍ଥ ନିୟମ ଓ ଶୃଙ୍ଖଳା (Law and order) ସ୍ୱୀୟ ଗ୍ରନ୍ଥ-ରାଜିରେ ପ୍ରତିଫଳିତ କରିଯାଇଅଛନ୍ତି । ଦ୍ୱିତୀୟ ଶ୍ରେଣୀସ୍ଥ କବି ଜଗତର ଦୁଃଖଭାରରେ ଅନବଚ୍ଛିନ୍ନ ହୃଦୟ ହୁଅନ୍ତି । ଅଯୁତ ଅଯୁତ ରୁଗ୍‌ଣ, ଦରିଦ୍ର, ଦୁଷ୍ଟ, ଦୁର୍ଭାଗ୍ୟ, ପାତକୀ ବ୍ୟକ୍ତିଙ୍କ ଶୋକକୁ ନିଜ ଶୋକ ଦୁଃଖ ବୋଲି ମଣି ସ୍ୱୀୟ ଦୟାର୍ଦ୍ର ଓ କୋମଳ ହୃଦୟରୁ ରୁଧିରଧାରା ବର୍ଷଣ କରନ୍ତି । ଅସ୍ମମାନଙ୍କ କବି ରାଧାନାଥ ଏହି ଶ୍ରେଣୀସ୍ଥ କବି । ସେ ନିଜେ ବାହ୍ୟତଃ ସାଂସାରିକ ସୁଖସ୍ୱାଚ୍ଛନ୍ଦ୍ୟରେ ଥାଇ, ଧନୀ ବୃତ୍ତୀଶ୍ୱରବୃନ୍ଦଙ୍କ ମିତ୍ରତା ଲଭିକରି ମଧ୍ୟ "ଦୁଃଖ ଗୁରୁଙ୍କର ପଟ୍ଟଶିଷ୍ୟ" । ତାଙ୍କର ଜୀବନ ହରି-ହାହା-ପୂର୍ଣ୍ଣ । ଚିଲିକା ପଢ଼ିଯାଇ ଦେଖନ୍ତୁ ।

Digitized by srujanika@gmail.com

ସଂସାରେ ଥାଇ ମୁଁ ସଦା ଉଦାସୀନ
ଉଦାସୀନ ପ୍ରାୟେ କଟାଇଲି ଦିନ ।
ସଂସାରୀ ସଙ୍ଗତେ ସଙ୍ଗୀ ହେବାପାଇଁ
କେବେହେଁ ମୋହର ମନ ବଳେ ନାହିଁ ।
ହସି ଖେଳି ସେହୁ ଗମନ୍ତି ସମସ୍ତ
ଜୀବନ ମଣନ୍ତି ମହୋତ୍ସବମୟ ।
ଛାର ଭାଗ୍ୟ ମୋର ବିଦ୍ୱତ ପାଷାଣେ
ମୋ' ଜୀବନ ଗଢ଼ା ଅନ୍ୟ ଉପାଦାନେ ।
ଚିର ହାହାମୟ ଏ ଛାର ଜୀବନ
ଜୀବନ ନୁହଇ ଜୀବନ୍ତ-ମରଣ !
ଚିରଦିନ ଦୁଃଖ ତାପରେ ଜର୍ଜର
ପଞ୍ଚଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର
ଦୁଃଖଦତ୍ତ ଜ୍ଞାନଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ଅଦମ୍ୟ ସତତ ।
ସୁଖ ବୋଲି ଯାକୁ ବୋଲଇ ସଂସାର
କରୁଥାଇଁ ତାକୁ ଦୂରୁ ମୁଁ ଜୁହାର ।
ସୁଖରୂପେ ଯାହା ଜନନେତ୍ରେ ଦିଶେ
ତାଳେ ଅଛେ, ହାତୁଁ ପଡ଼ିବାପାଇଁ ନସ୍ପ ।
ବସ୍ତୁ ନୁହଇ ସେ ଅଟଇଟି ଧୂମ
ଅନ୍ୟ ନାମ ତାର ଆକାଶ-କୁସୁମ ।

କବି ରାଧାନାଥ ବିଷାଦବାଦୀ ହେଲେହେଁ ତାଙ୍କ ରଚିତ କାବ୍ୟରେ ବିଶେଷତଃ ପ୍ରକୃତି ବର୍ଣ୍ଣନରେ ନୂତନ ଅସ୍ୱାଭାବିକ ଭାବ ନାହିଁ । ତାଙ୍କ ଅରାଧ୍ୟା ଭାରତୀ ସନ୍ତାପପୀଡ଼ିତା କଙ୍କାଳମାତ୍ରାବଶିଷ୍ଟା ନୁହନ୍ତି । ସେ ବାହ୍ୟ ପ୍ରକୃତିର ଯେଉଁ ଲାବଣ୍ୟ ଚିତ୍ର ଅଙ୍କିତ କରିଅଛନ୍ତି, ତାହା ଚିରପୁଷ୍ଟ, ସବଳ, ଚିରରସିକତାପୂର୍ଣ୍ଣ । କିନ୍ତୁ ମାନବାତ୍ମାର ଦିବ୍ୟ ସୌନ୍ଦର୍ଯ୍ୟ-ଚିତ୍ର କବିଙ୍କଠାରୁ ଆମ୍ଭେମାନେ ପାଉନାହୁଁ । ସମାଜରେ ତ ନାହିଁ, ସମାଜ-ଚିତ୍ରକର କବି କାହୁଁ ପାଇବେ ? କିନ୍ତୁ ସାହିତ୍ୟ ଯେପରି ସମାଜ-ଜୀବନର ଦର୍ପଣସ୍ୱରୂପ, ସେହିପରି ସମାଜର ଗୁରୁ । ଏ ବିଷୟ ଶେଷରେ ଆଲୋଚିତ

Digitized by srujanika@gmail.com

ହେବ । ସ୍ଥାନେ ସ୍ଥାନେ ବିପଥଗାମୀ ହେଲେହେଁ କବି ରାଧାନାଥଙ୍କ କାବ୍ୟରେ ପ୍ରୀତି ଅଛି । ସେ ପ୍ରୀତି ବିଷାଦ-ସଂଯତ । ରୂପ ମଧ୍ୟ ଉଦ୍ଧତ । ଅନ୍ନପୂର୍ଣ୍ଣା ସୁନ୍ଦରୀ—

କେଉଁ ସୁକୁମାର ବପୁ ଏତେ ଅବା ମଙ୍ଗଳ ଯିବ ପରଶେ
ହସ୍ତ ନ ଲଗାଇ ଗଢ଼ିଲେ କି ବିଧି କେବଳ ଚିନ୍ତା ମାନସେ ?

ସେ ଅନ୍ତର ସୁନ୍ଦରୀ ଯେଣୁ—

ରସାଣିଛି ପୁଣି ଶୋକ ସେ ମୂରତି
ମଧୁର ସ୍ନିଗ୍ଧ ରସାଣେ ।

ମିଲ୍‌ଟନ୍‌ଙ୍କ କାବ୍ୟରେ ଯେପରି **sublime, grand, great** ଆଦି ଶବ୍ଦ, ସେକ୍ସପିୟରଙ୍କ କାବ୍ୟରେ ଯେପରି **beauty, sweet, dear, love** ଆଦି ଶବ୍ଦ, ଏଡ୍‌ମଣ୍ଡ ବର୍କଙ୍କ ଗ୍ରନ୍ଥରେ ଯେପରି **night, justice, freedom** ପ୍ରଭୃତି ଶବ୍ଦ, ରବି କବିଙ୍କ ଗ୍ରନ୍ଥରେ ଯେପରି ସତ୍ୟ, ଶିବ, ସୁନ୍ଦର, ଅପାର, ଅନନ୍ତ, ମହାନ, ଭୂମାଦି ଶବ୍ଦ, ପଦେ ପଦେ ବର୍ତ୍ତମାନ ସେହିପରି ଆମ୍ଭମାନଙ୍କ କବି ରାଧାନାଥଙ୍କ କାବ୍ୟାବଳୀରେ ମଧୁର, ସୁନ୍ଦରୀ, ପ୍ରେମ, ଲାବଣ୍ୟ, ଶୋକ, ଦୁଃଖ, ବିଷାଦ ଆଦି ଶବ୍ଦର ବାହୁଲ୍ୟ ଦୃଷ୍ଟ ହୁଏ । ରାଧାନାଥ ବୈରାଗୀ ଅଥଚ ଶବରସିକ । ଜୀବନରେ ଯେପରି, କାବ୍ୟରେ ସେହିପରି । ରାଧାନାଥ ପ୍ରୀତିର କବି । ସେ ପ୍ରୀତି ବିଷାଦ-ସଂଯତ ।

ତାଙ୍କର ଉପମା ଓ ରୂପକମାନ ବୈଚିତ୍ର୍ୟପୂର୍ଣ୍ଣ—ମାନବସମାଜର ନାନା ବିଭାଗରୁ, ନୈସର୍ଗିକ ଦୃଶ୍ୟାବଳୀରୁ, ଗଗନସ୍ଥ ଜ୍ୟୋତିଷ୍କଜଗତରୁ, ଦୈନନ୍ଦିନ କ୍ଷୁଦ୍ର ଘଟଣାମାନଙ୍କରୁ ଏବଂ ମାନସିକ ପ୍ରବୃତ୍ତି ଓ କ୍ରିୟା-ମାନଙ୍କରୁ ସଂଗୃହୀତ ହୋଇଅଛି । ଦିବ୍ୟଦୃଷ୍ଟି ଓ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତିର ପରିଚୟ ତାଙ୍କର କାବ୍ୟାବଳୀରେ ପଦେ ପଦେ ମିଳଇ ।

ଫାଟି ଯାଇଅଛି ଯାହା ଶୋକତପ୍ତ ହୃଦ,
ବୃଦ୍ଧ ରଜାଙ୍କର ସେହି ଦାରୁଣ ସମ୍ବାଦେ ।
ତପ୍ତ ଲୌହଖଣ୍ଡ ଯଥା ଅୟୋଘନ ଘାତେ
ମୂର୍ଚ୍ଛିତ ଭୂପତି ଶ୍ୱାସ-ଶୋକ ଅସମ୍ଭାଳେ
ମୁହୁର୍ମୁହୁଃ ସଦ୍ୟ ଧୃତ କୁଞ୍ଜର ଯେସନେ ।

Digitized by srujanika@gmail.com

କୈକେୟୀ ଛଡ଼ା ସମସ୍ତ ରାଣୀ ଦଶରଥଙ୍କୁ ସେବା କରୁଅଛନ୍ତି
କହନ୍ତି :—

ମାଣ ସେହୁ ଜପର୍ଣ୍ଣରେ ରହଇ ଅଧିକେ
ଦୁଷ୍ଟ ରାଜାଙ୍କର ଧାମ; ବଜ୍ରାନଳ ଶିଖା
ଜଳଇ ଦ୍ୱିଗୁଣେ ଯେବେ ବୃଷ୍ଟିଜଳ ପାତେ,
ଶ୍ରୀରାମର ଶୋକ ଶତମୂନା ଶଙ୍କୁପରି
ଫୁଟିଅଛି ଏ ହୃଦୟେ ଶିରା ପ୍ରଶିରାରେ
ସର୍ବାଙ୍ଗେ ସୌଧର ଭେଦେ ଅଦୃଶ୍ୟେ ଯେସନେ
ଅଶ୍ୱତ୍ଥର ଚେର ଶାଖା ପ୍ରଶାଖା ବିସ୍ତାର ।
ଜନ୍ମ ହୋଇ ଦେଖଇ ମୁଁ ପଛକୁ ଅନାଇ
ଏହି ଜୀବନର ଛବି ସ୍ପଷ୍ଟର ଫଳକେ,
ଛଳ ଚଞ୍ଚଳିତ ପାପ ପୁଣ୍ୟର ବରନେ,
ସ୍ୱପନେ ଯେସନେ, ଦେବ, ଦେଖନ୍ତି ପ୍ରାଣୀଏ
ସୁଦୀର୍ଘ କାଳର କଥା ପଲକ ମାତରେ ।

ଋଷିକୁମାର ବକ୍ଷରେ ଶରଭେଦ ହୋଇଅଛି । ସେ କହୁଅଛନ୍ତି :—
ଶର ସ୍ରୋତସ୍ୱ ଯଥା କୋରେ ଅବାରତେ,
ଦୁର୍ଗ ନଦୀତଟମୂଳ ନାଲ୍କବା, ତେସନେ
ଏ ଦାରୁଣ ଶଲ୍ୟ ମୋର ମର୍ମେ ଲଗ୍ନ ହୋଇ
କର୍ଦ୍ଦମ କରଇ ମୋତେ ଅସହ୍ୟ ଯନ୍ତ୍ରଣେ ।

ଋଷିକୁମାରଙ୍କୁ ମାରି ଦଶରଥ କହୁଅଛନ୍ତି :—
ହାସେ ଧଡ଼ଧଡ଼ ମୋର କମ୍ପୁଥିଲା ହୃଦ୍ୟା
ଘୋର ଅପରାଧୀ ଯଥା ଧର୍ମାସନ ଆଗେ ।

ପ୍ରତ୍ୟେକ ଜଗତରେ ଏ ଦୃଶ୍ୟ ଦେଖାଯାଏ । ପାପ କରିଲେ
ଲୋକେ ନାହିଁ, ସମସ୍ତେ ବାହାରେ । କପର କବ କହୁଅଛନ୍ତି :—
ଦୁଷ୍କୃତ କୁହୁକୁଥାଏ ଅଲକ୍ଷିତେ ଦେବ,
ସଂସାରର ନୈନନ୍ଦନ ଲୀଳାଖେଳାତଳେ,

Digitized by srujanika@gmail.com

ଭାଳେ ସେ ବାହାରେ ପୁଷ୍ଟି, ବାହାରେ ଯେସନେ
ପ୍ରଚଣ୍ଡ ବିକମେ ନୀଳ ଅମ୍ବୁରାଶି ଭେଦ
ବିଶ୍ୱଗ୍ରାସୀ ବାଡ଼ବର ନଭସ୍ପର୍ଶୀ ଶିଖା ।
ଅପଥ୍ୟ ସେ ବୀର ଦେହେ କମେ ଦୂର ହୋଇ
ଆଲକ୍ଷିତେ ଘୋର ବ୍ୟାଧି ପଡ଼ଇ ତାହାର
ପଦାକୁ ସହସା ଯଥା ।
କାହିଁ ଅବା ଶିଶୁ ଶୈଳ ଆବରେ ଜଡ଼ାଳେ,
ପୃଷ୍ଟେ ସୁବିଶାଳ ଗିରି, ଜୀବନେ ଯେସନ—
କପଟ୍ଟିତ ଦୁଃଖ ଅହା ଅବରେ ନସୃନୁ
ଭାବ ଘୋରତର ଦୁଃଖ-କଗ୍ରଳମୂରତି ।

ଏହା ଦୈନନ୍ଦିନ ଜୀବନର ସତ୍ୟକଥା ଯେ, ଶିକ୍ଷକଙ୍କ ନେତୃତ୍ୱାଧୀନ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ଦୁଃଖକୁ ଘୋଡ଼ାଇ ଦିଏ ।

ଭାରତର ଚଳ ବ୍ରାହ୍ମଣ କ୍ଷତ୍ରିୟଙ୍କ ଅବନତିରେ ଭାରତ ବୈଦେଶିକଙ୍କ ଅଧିକୃତ ହେବ । କବି ତାହାର ଦୃଷ୍ଟାନ୍ତ ଦେଇଅଛନ୍ତି । ଭାରତଭୂମି ଫଣିନୀ :—

ଫଣିନୀର ଶିରୋମଣି କାଢ଼ିନେବା ପାଇଁ
ନ ଲୋଡ଼େ କେ ? ମାତ୍ର ତାର ବିଷଦନ୍ତ ଦେଖି
କୃତାନ୍ତର ଦୂତ ମଣି, କିଏ ପଶିବାକୁ
ଭରସି ପାରେ କି କେହି ? ରାଜନ୍ୟ ବ୍ରାହ୍ମଣେ
ଥିଲେ ଅତୁଳରୂପ ରତନ କୁନ୍ତଳା—
ଭାରତ ଭୁଜଙ୍ଗୀର ଏ ଥିଲେ ସିନା ବେଣି
ବିଷଦନ୍ତ ସବୁ ଅଗ୍ରେ ଭାଙ୍ଗିବ ତା' କଲି;
ନିର୍ବିଷ ଭାରତେ ଦେଖି, ଆସିବେ ଧାଇଁ
ହୁଲୁ ବୈଦେଶିକଗଣ ଶିରୋମଣି ଲୋଭେ
ପଲେ ପଲେ, ଶସ୍ୟକ୍ଷେତ୍ରେ ଶଲଭ ଯେପରି
ବସିକେ ଯାବତ ବୀର ମୋ' ତେଜ ଅଙ୍ଗାରେ
ମାଝେ କି ପରଶି କେହି ? ହେଲେ ତା' ନିର୍ବାଣ

Digitized by srujanika@gmail.com

ଅବଙ୍ଗରେ ଯେବେ ତାହା ଚଳନ୍ତି ଚରଣେ ।
ଦ୍ୱିଜାତିର ତେଜଃପୁଞ୍ଜ ଲଭିଲେ ସେରୂପେ
ଏ ଆର୍ଯ୍ୟସମାଜ ତଥା ଦଳି ବୈଦେଶିକେ
ଅକ୍ଷମ ପତିର ରୂପବତୀ ନାରୀ ପରି
ସୁଯୋଗ୍ୟଙ୍କରେ ନିଜ ଭୋଗେ ଭାରତ-ଅବନୀ ।
ଶକ୍ତିରେ ସିଂହାର ଯାହା, ଶକ୍ତି ଗଲେ ମୂଳ
ସାର୍ଥ, ସେ ସିଂହାର ହୁଏ ଅନର୍ଥର ହେତୁ ।
ଅନର୍ଥର ହେତୁ ତେଣୁ ହେବ କଳିଯୁଗେ
ଭାରତଭୂମିର ଏହି ଅନୁପମ ଶୋଭା ।

ବୌଦ୍ଧଧର୍ମ ପତିତ ଭାରତରେ ପ୍ରଚଳିତ ହେବ କିନ୍ତୁ ପୁଣି ସ୍ୱାର୍ଥପର ଦ୍ୱିଜାତି ତାହାର ବିଲୋପ ସାଧନ କରିବେ । ସେ ବିଷୟର କବି କହୁଅଛନ୍ତି :—

ଜରାଜୀର୍ଣ୍ଣ ଦେଉଳର ତାମସ ଗରଭେ
ଅସ୍ଥିର ସଙ୍କାଶେ ଯେବେ ଜାଳିବ ସ୍ଥାପିତ
ଦଜଦ୍ଧ, ତା' ଶିଖା ଯେବେହେଁ ଧାଅନ୍ତି ନିଭିବ
ନେତଣା ବାନ୍ଧି ଶବ ତମଃସଙ୍ଘାତ୍ରୀ ତମସି
ପଲ ପଲ ବାହାର ନେ ଦେଉଳ ସଙ୍ଗରୁ,
ସେହିରୂପେ ଏହି ଜ୍ଞାନ-ପ୍ରଦୀପର ଶିଖା
ନିଭାଇ ଦେବେଟି ବେଗେ ସ୍ୱାର୍ଥାନ୍ଧ ଦ୍ୱିଜାତି ।
ଗୃହସ୍ଥ ଅରଣ୍ୟଠୁ ଯତନେ ସମ୍ପାଦ
ସମ୍ପତ୍ତିଙ୍କ ତୂଳକର ରଣି ଅଚ୍ଛାଦରେ
ନିଶ୍ଚିନ୍ତ ରହଇ ଅଗ୍ନି-ଭୟ ମନେ ମନେ
ଦୈବେ ଯେବେ ଦେଖେ ବହ୍ନି ଅଚ୍ଛ ମଣ୍ଡଳେ
ଗୃହପତି, କାତର ସେ ହୁଅଇ ଯେସନେ,
ବାପ୍ପ, ଝଞ୍ଜନିପୁର ଭାବୀ ଅବନତି ଶୁଣି,
ତାତର ଜେସନ ହେଲେ କୌଣ୍ଡିନ୍ୟ ସୁମତି !

× × ×

Digitized by srujanika@gmail.com

ଭବିତବ୍ୟ ଯାହା ଅବଶ୍ୟ ଘଟିବ
କିଏ ତା କରିବ ଆନ
କିଏ ଅବା ଏଡ଼େ ଜ୍ୟୋତିଷ୍କ ଗତ
ରୋଧିବାକୁ ବଳବାନ ?

× × ×

ସ୍ନାତ ଶଶୀ ଦେଖ ତରୁକୁ ତୁଳାଇ
ବାରିଜେ ନଭୋମଣ୍ଡଳେ
ଏଡ଼ୁ ଦଣ୍ଡେ ଧାତା ତଳିଲନ୍ତି ଅବା
ନଭୋଚର୍ଯ୍ୟ ମସ୍ତିଷ୍କଳେ ।

× × ×

ମର୍ତ୍ତ୍ୟର କାନନ ଅନ୍ଧାରିତ ପଥେ
ଅପୂର୍ଚ୍ଛନ୍ନ ବସ୍ତ୍ରଧାର
ସିନ୍ଧୁମୁଖେ ଅବା ଅଗ୍ନେୟ ଶଇଳୁଁ
ବହେ ଧାତୁ ଦ୍ରବଧାର ।

× × ×

ଝଟିଯାଏ ଯଥା ପ୍ରଭାତୀ ତାରା ରବିକିରଣେ
ମିଶିଯାଏ ଯଥା ଜୀବାତ୍ମା ବିଷ୍ଣୁ ଆତ୍ମା ଚରଣେ
ମିଶିଗଲା ତଥା ଅବନୀ ସେହୁ ନୀଳ ତରଙ୍ଗେ ।

× × ×

ଘନ ଥାଇଁ ଥାଇଁ ତହିଁ ମହା ଶୈଳସ୍ତୂପ
ବ୍ୟାପି ଜଳେ ସ୍ଥଳେ ନଦୀ ପୁଲିନେ କାନନେ
ଜନ୍ମାଏ ମନେ ସନ୍ଧ୍ୟା-ଆଗମର ଭ୍ରମ,
ତୁଟଇ ଯେ ଭ୍ରମ ଦେଖି ହୃଦେ ପୃଷ୍ଠଭାଗେ
(ଅସୁଖିର, ଆହା ପୂର୍ବ ପୁଣ୍ୟସ୍ମୃତି ପରି ।)
ଉତ୍ତ୍ରାତପେ ଉଦ୍ଭାସିତ ତୁଙ୍ଗ ଶୃଙ୍ଗାବଳୀ ।

× × ×

Digitized by srujanika@gmail.com

ଶିଖରାଗ୍ରୁ ତନୁଁ ଓହ୍ଲାଇଲେ ରବି-
ପୁରଙ୍କେମା ରବିହାସ,
ସନ୍ଧ୍ୟା ମେଘୁଁ ତବା ଭଳି ରାହାବଳୀ
ବହାଯୂପେ ଭାବ୍ୟଭାସ ।

× × ×

ଦୃଶ୍ୟମାନ ବନ୍ତ-ବନ-ବନ୍ଧ ଦେଖି
ଏ ଭାବ ଅସେ ଅନ୍ତରେ,
ଦରଣ୍ଡ ରଜତ ସୁବର୍ଣ୍ଣ ବ୍ରହ୍ମାଣ୍ଡ
ଭାସଇ କବା ସାଗରେ ?

× × ×

କବା ଜଳନିଧି- ଶାୟୀ ମଧୁରିପୁ
ନାଭିନାଳେ ଅରବିନ୍ଦ
ଅବା ଦଗ୍‌ବଳୟ- ରୂପୀ ବଳୟର
ଅନୁରୂପ କୁରୁବିନ୍ଦ ।

× × ×

କୁବେ ସମଗ୍ର ଦଣ୍ଡ ରଜତର
ଆସ୍ତରଣ ପରି ଦଶେ
ଦଗ୍‌ବଳୟେ ନୀଳ ଚନ୍ଦ୍ରାଙ୍କି ଭାବ
ଦାଢ଼େ ଅଙ୍କ-ରେଖା କଣେ ?

× × ×

ଧବଳର ଶୃଙ୍ଗ ଚନ୍ଦ୍ରାତପ ପ୍ରାୟେ
ଊର୍ଦ୍ଧ୍ୱେ ହୋଇ ଲମ୍ବମାନ
ଧବଳ-ତରଳ- ଛାରକା ଗ୍ରୁମ୍ଫିତ
ସୁନୀଳ ନଭ ଶୀଳଣି ।

× × ×

Digitized by srujanika@gmail.com

ସରମାନ୍ତେଁ ଉଡ଼ି ସୁଖେ ଭାସି ଭାସି
ତରଳ ଶଶି ମୟୂଖେ
ନଭେ ଯତ୍ର ତତ୍ର ଯାଉଛନ୍ତି ଚକ୍ରେଶ୍ୱର
ସୁନୀଳ ଚଳ୍‌କାମୁଖେ ।

କବି ରାଧାନାଥଙ୍କର ବର୍ଣ୍ଣନା ଅତ୍ୟନ୍ତ ମନୋମୁଗ୍ଧକର । ତାଙ୍କର ପାର୍ବତୀ, ଯଯାତିକେଶରୀ, ଚିଲିକା ପ୍ରଭୃତି ଗ୍ରନ୍ଥର ଊଷା, ମଧ୍ୟାହ୍ନ, ସନ୍ଧ୍ୟା ବର୍ଣ୍ଣନା ମିଲ୍‌ଟନଙ୍କ Paradise Lost, Book V ଓ ସେକ୍‌ସ୍‌ପିୟରଙ୍କ Cymbeline ପ୍ରଭୃତିର ପ୍ରଭାତ ବର୍ଣ୍ଣନାଠାରୁ ନିକୃଷ୍ଟ ନୁହେଁ ବରଂ ନିଜ ଭାଷା ବୋଲି କୋଟି ଗୁଣ ମଧୁରତର ଜଣାଯାଏ । ଏଠାରେ ଚନ୍ଦ୍ରଭାଗାର ସନ୍ଧ୍ୟାବର୍ଣ୍ଣନା ଦୁଇ ଧାଡ଼ି ଉଦ୍ଧାର କଲି :—

ମଧୁର ପ୍ରଦୋଷ ସମୟ ସ୍ୱର୍ଣ୍ଣକିରଣବୋଳା
କାଦମ୍ବିନୀ ଖେଳେ ଗଗନେ ଧୀର ସମୀର ଦୋଳା ।
ଶୋଭିଲା ଗଗନ ସୁରଙ୍ଗ ଦଶେ ଶତ ବରଣେ
ଶତ ମନୋରଥ ଫଳିବେ ଯେସନ୍ତେ ଅଶାକାନନେ ।
କଇଁସାରଇତା-ଶ୍ୟାମଳ ବାଲିସ୍ତୂପର ଛାୟା
ଧରା ଅବସାନ ଦେଖିଣ ନମେ ବିସ୍ତାରେ କାୟା ।
ବାରୁଣୀ ଦର୍ପଣ ପରିଚେ ଝଟେ ସର ସଲିଳ
ସୁବର୍ଣ୍ଣ ଲହରୀ ସୃଜଇ ତହିଁ ମନ୍ଦ ଅନିଳ ।

'ଝୁବଣୀ'ରେ କବି ଶୀତ, ବସନ୍ତ ଋତୁର ବର୍ଣ୍ଣନ କରଅଛନ୍ତି :—

ଅତି ମନୋହର କାଳ, ଶୀତ ଋତୁ—
ଧରି ଛାଡ଼ି ଛାଡ଼ ନାହିଁ,
ଘଞ୍ଚର ପାଟଳ ମଧୁ ଋତୁସାଥ
ଧରି ମାଡ଼ି ମାଡ଼ି ନାହିଁ ।
ନଦୀ ତୀର ସ୍ୱର୍ଣ୍ଣ ବର୍ଣ୍ଣ ସମ ଶୀଳା
ସର୍ଷପ କୁସୁମେ ଦଣେ
ଯହେଁ ନୀରବେଣୀ ସନ୍ଧ୍ୟା ମେଘ ରଙ୍ଗେ
ଝଳନତ ରେଖା ତ ସେ ।

Digitized by srujanika@gmail.com

ଥରେ ଥରେ ଗ୍ରୈଷ୍ମ ମଳୟ ଗ୍ରୈଷ୍ମର
ଅସି ଚୁମ୍ବିଯାଏ ଧରା,
ଛାୟାରେ ଲାଗଇ ଶୀତ ପୁଣି ଗଲେ
ଖରାକୁ ଲାଗଇ ଖରା ।

ଉଦ୍ଧାର କରବସିଲେ ଦୂର ହବ ଶତ ପୃଷ୍ଠା ଉଦ୍ଧାର ହେବ । ତାଙ୍କର ବର୍ଷାଗମନର ଭୟଙ୍କର ଦୃଶ୍ୟ, ପ୍ରକୃତର ରୁଦ୍ରସୁନ୍ଦର ଦୃଶ୍ୟ ବର୍ଣ୍ଣନା, ମାନବ ଚରିତ୍ରର ସୂକ୍ଷ୍ମ ବିଶ୍ଳେଷଣ ଯେକୌଣସି ଜଳନ୍ତ ସାହିତ୍ୟର ଉପଯୁକ୍ତ ।

ତାଙ୍କ ରଚନାରେ ସାଧୁ, ସଂସ୍କୃତ ଓ ପ୍ରଚଳିତ ସହଜ ଶବ୍ଦାବଳୀର ବିଚିତ୍ର ସମାବେଶ ହୋଇଅଛି । ଅନେକେ ଏହାକୁ ଦୋଷ ବୋଲି ମଣନ୍ତି, କିନ୍ତୁ ମୁଁ ଏହାକୁ ଗୁଣ ଓ ଭାଷାର ସଜୀବତାର ଲକ୍ଷଣ ବୋଲି ମନେକରେ । ଏ ବିଷୟରେ ଉତ୍କଳ-ସାହିତ୍ୟ ପତ୍ରିକାରେ ବିସ୍ତୃତ ଆଲୋଚନା ଏଥିପୂର୍ବେ ମୁଁ କରିଥିଲି । ଏଠାରେ ପୁନରୁକ୍ତି ନିଷ୍ପ୍ରୟୋଜନ । ଏଠାରେ କେବଳ ତାଙ୍କ ନବ ପ୍ରକାଶିତ 'ଦଶରଥ-ବିୟୋଗ'ରୁ ଗୋଟିଏ ଗୋଟିଏ ଉଦାହରଣ ଉଦ୍ଧାର କରିଦେଲି । ଶ୍ରୀ ରାମଚନ୍ଦ୍ରଙ୍କ ବନବାସ ଶୁଣନ୍ତୁ—

ଶୂନ୍ୟ ରାଜୋଦ୍ୟାନ ଯହିଁ ବେଶଭୂଷାଧାରୀ
ମଉଜେ ବିହରୁଥିଲେ ନାଗରିକ ଯୁବା ।

ଏହି 'ମଉଜ' ଶବ୍ଦ ପାଠକଙ୍କୁ ଶୂନ୍ୟ ରାଜୋଦ୍ୟାନରୁ ବୃନ୍ଦାଗୌରବ ପରି ଛକରେ ମଜଲି ଯୁବକମାନଙ୍କ ନିକଟକୁ ନେଇଯାଏ ।

—ଶୁଭେ କେବେ କେବେ
ନାଦାରୁଣ ନିଦୃତର ଚୁରିଧ୍ୱନି ପରି
ନଗରର ଉପକଣ୍ଠେ ବିଲ୍‌ଥିର ରଡ଼ି ।

"ଭୋ ଉପରେ ବିଲ୍‌ଅ ଭୁକୁ" ଏହା ଶବ୍ଦ ପ୍ରତି ବିଷମ ଅଭିଶାପ :—
ବନପଶୁ କେବେ ହେଲେ ଓହ୍ଲାଇବେ କିନେ
ଏହି ପାଞ୍ଚ ମନେ ବହି ରହିଲି ମୁଁ ଲଭ
ଲଇଁ ଉଲ୍ଲଳିତାମୂର୍ତ୍ତି ତନ ଅନ୍ତରାଳେ ।

× × ×

Digitized by srujanika@gmail.com

ତେଜି ନ୍ୟାୟ ଏହା ? ମୁହିଁ କାଶୀହପରାଣୀ
ତାହା ଲୋଡ଼ା ଥିଲା ହା ହା ମୋର ଏ ପରାଣେ !

ତେବେ ରାଧାନାଥ ଶିକ୍ଷାଗୁରୁ, ସମାଜସଂସ୍କାରକ । ଜାତିଭେଦ, ଅସହିଷ୍ଣୁତା, ଭାରତୀୟ ଭିନ୍ନ ଭିନ୍ନ ପ୍ରଦେଶସ୍ଥ ନୃପତିବର୍ଗଙ୍କ ମଧ୍ୟରେ ହିଂସା ବା ବିଦ୍ୱେଷ ବୁଦ୍ଧି କିପରି ଭାରତକୁ ନାରଖାର କଲା, ତାହା ତାଙ୍କର 'ମହାଯାତ୍ରା'ରେ ସେ ସୁସ୍ପଷ୍ଟରୂପେ ବ୍ୟକ୍ତ କରିଅଛନ୍ତି । ଜୟଚନ୍ଦ୍ର ଓ ପୃଥ୍ୱୀରାଜଙ୍କ ବିବାଦ ପ୍ରସଙ୍ଗରେ ଯୁଧିଷ୍ଠିର କହୁଛନ୍ତି :—

ଶତଭ୍ରାତ କୁରୁ, ପଞ୍ଚପାଣ୍ଡବ ସହିତେ
ଥିଲେହେଁ ବିବାଦେ ରତ, ଦେଶବୈରୀ ସହ
ଯୁଝୁଥିଲୁଁ ଅମ୍ଭେ ହୋଇ ପଞ୍ଚୋତ୍ତର ଶତ,
ଏହି ନୀତି ଅନୁସରି, ସର୍ବେ ଏକମନେ
ଗନ୍ଧର୍ବବାହିନୀ ସଙ୍ଗେ ଯୁଝି ଏକମେଳେ
ଛଡ଼ାଇଲୁ ଅରି ହସ୍ତୁଁ ହେଲେ ସୁଯୋଧନେ;
ଅନ୍ତରେ କର୍ଜର ଭାବ ନିରନ୍ତର ବହି,
ସହିତ ମହିଷ ଶୃଙ୍ଗ ଶତ୍ରୁ ଭେଦେ ଯଥା,
ସାମାନ୍ୟ ବିପଦେ ଗୃହବିଗ୍ରହ ବିସ୍ମରି
ଯୁଝନ୍ତି ତେସନେ ଅର୍ଯ୍ୟେ ଦେଶବୈରୀ ସହ
ଆର୍ଯ୍ୟର ଏ ଚିର ନୀତି ବିସ୍ମରି କି ସତେ
ବାଲ୍ମୀକିବଂଶର ଧର୍ମ ଭକ୍ତି କର୍ମଯୋଗେ
ଏହିରୂପେ ଆର୍ଯ୍ୟ ଅହା ଯିବେ ରସାତଳେ !

କଳିର ବ୍ରାହ୍ମଣମାନଙ୍କ ବିଷୟରେ ଅଗ୍ନିଦେବ କହୁଅଛନ୍ତି :—

କଳି ଶିଷ୍ୟ କୁଟିମ୍ବର ଦ୍ୱିଜାତି-ଦୁଷ୍କୃତ—
ଯୋଗେ ନାରଖାର ହେବ ଅଚିରେ ଏ ସଙ୍ଘ ।
ବ୍ରହ୍ମଚର୍ଯ୍ୟ ତେଜି ବିପ୍ରେ ହେବେ କଳିଯୁଗେ
ଲୋଭ-ମୋହ-କାମେ ମତ୍ତ ଅବାଧ୍ୟ-ସେବକ ।
ଅକର୍ମଣ୍ୟ ଦ୍ୱିଜାତିର ହେତୁ ଅବଶେଷେ,
ଶୂଦ୍ର ଧର୍ମେ ଷଷ୍ଠ କର୍ମେ ଏକମାତ୍ର ବ୍ରତ ।

Digitized by srujanika@gmail.com

ତପ, ଜପ, ନିତ୍ୟସାଧ୍ୟ ସନ୍ଧ୍ୟା ଦୂରେ ଯାଇ
ଏକମାତ୍ର ଯଜ୍ଞସୂତ୍ର ଗୁଚ୍ଛା ଥିବ ଗୁଚ୍ଛେ
ଧର୍ମକୁ କରିବେ ବିପ୍ରେ ଜୀବନ-ଜୀବିକା ।
ଭାରତବାସିଙ୍କି ଦୃଢ଼ କର୍ମକାଣ୍ଡ ଜାଲେ
ଛନ୍ଦିବେ, ସେ ଜାଲେ ପୁଣି ନିଜେ ହେବେ ଛନ୍ଦ
ସେ କଠିନ କର୍ମକାଣ୍ଡ ହୋଇ ବିଜଡ଼ିତ
ଧର୍ମର ଯେ ସାର, ତାକୁ ଦୃଢ଼ ଅର୍ଯ୍ୟସୂତେ
ଯାପିବେ ଜୀବନ ଧର୍ମ-ତୁଷେ ତୁଷ୍ଟ ହୋଇ ।
ଯଜମାନ ପାଇଁ ଗାତ ଖୋଳିଣ ରଖିବେ
ତହୁଁ ଯଜମାନଙ୍କର ବିରାଟ ସମ୍ପାତେ ।
ବାଟ ନ ପାଇବେ ନିଜେ ପଳାଇବା ପାଇଁ,
ଯଜମାନ ସଙ୍ଗେ ହେବେ ପ୍ରୋଥିତ ସେ ଗାତେ ।
ଅକ୍ଷୁଣ୍ଣ ରଖିବା ପାଇଁ ସ୍ୱଜାତି ପ୍ରଭୁତ୍ୱ ।
ଯଜମାନ ଜାତିଙ୍କର ଐକ୍ୟ ଭାଙ୍ଗି ଦେଇ
ଶତ ଶତ ଉପଜାତି ସୃଜିବେ ବ୍ରାହ୍ମଣେ
ଭେଦବୁଦ୍ଧି ଜାଗାଇ ମାନବେ ମାନବେ;
ସମାଜେ ଏ ହୀନ ଭାବ ଘୂଣରୂପେ ପଶି
ଅସ୍ଥି ମଜ୍ଜା ଶୋଷି ତାକୁ କରିବ ଜର୍ଜ୍ଜର,
ଏକ ଅପରକର ସ୍ପର୍ଶେ ମଣିବ ଅଶୁଚି
ଅଘଣାକୁ, ଅନ୍ୱାସ ପଶୁଠାରୁ ପୁଣି,
ହୀନ କରି ମାନବକୁ ମଣିବେ ମାନବେ ।

କଳିର କ୍ଷତ୍ରିୟଙ୍କ ଦଶା ବିଷୟରେ ଅଗ୍ନିଙ୍କ ଭବିଷ୍ୟବାଣୀ :—

ମଦନ, ଆଳସ୍ୟ, ଈର୍ଷା ତିନି ସେନାପତି
ପଶିବେ ରାଜନ୍ୟଗୃହେ କଲି ଆଜ୍ଞାମତେ,
ଅମନ୍ଦ ସାଧନ ସେହୁ ଦୃଢ଼ପ୍ରତିଜ୍ଞତା,
ସେ ସାହସ ତୃଣ-ପ୍ରାଣ ଦେଶରକ୍ଷା ବ୍ରତେ,
ସେ ପ୍ରଭାବ ଦୀପ୍ତିମନ୍ତ ଯେହ୍ନେ ମୋର ଶିଖା,
ବଜ୍ରସାର ସେହୁ ବୀର୍ଯ୍ୟ, ଥିଲା ଅଦ୍ୟଯାଏ

Digitized by srujanika@gmail.com

ଛଡ଼ିବ ମା ପ୍ରିୟ ଧର୍ମ, ସବୁ ଯିବ ଗୁଳ,
ସବୁ ଯାଇଁ ଅଭିମାନ ରହିବ କେବଳ,
ସରସେ କର୍ଦ୍ଦମ ଯଥା ରହେ ଅବଶେଷ
କମଳ କୁମୁଦ ସଙ୍ଗେ ଜଳ ଗଲେ ଶୁଖି ।

କବି ରାଧାନାଥ ସମସାମୟିକ ଅନେକ ବ୍ୟକ୍ତିଙ୍କୁ ଓ ବିଷୟକୁ ସ୍ୱ-କାବ୍ୟର ଅଙ୍ଗୀଭୂତ କରିଛନ୍ତି । ତାଙ୍କର 'ଦରବାର' ଏହାର ନିଦର୍ଶନସ୍ଥଳ ।

କେହୁ ବୋଲେ ମୁହିଁ ଅଟଇ ପୁଲିଶ
ବିନା ମେଘେ ସୃଜି ପାରଇ କୁଳିଶ ।

ଉତ୍କଳଗୌରବ ସାମନ୍ତ ଚନ୍ଦ୍ରଶେଖର ସିଂହଙ୍କୁ ସମ୍ବୋଧନ କରି ସେ ଯାହା କହିଅଛନ୍ତି ତହିଁରୁ ତାଙ୍କର ସ୍ୱଦେଶପ୍ରେମ ଓ ଗୁଣଗ୍ରାହକତାର ନିଦର୍ଶନ ମିଳୁଛି ।

ଗଡ଼ଜାତର ରାଜାମାନଙ୍କ ଚିତ୍ର କି ସୁନ୍ଦର ହୋଇଛି । କିନ୍ତୁ 'ମହାଯାତ୍ରା'ରେ ସେ ଯାହା କରିଅଛନ୍ତି ତାହା ମହାକାବ୍ୟର ଉପଯୁକ୍ତ ହୋଇନାହିଁ ।

ରାଧାନାଥଙ୍କ କାବ୍ୟାବଳୀରେ ପାଣ୍ଡିତ୍ୟ ଓ କବିତ୍ୱ ଉଭୟର ଶୁଭ ସମାବେଶ ମଣିକାଞ୍ଚନ ସଂଯୋଗତୁଲ୍ୟ । ତଦୀୟ କାବ୍ୟକାଞ୍ଚନ ପୌରାଣିକ ଉପାଖ୍ୟାନ ଓ ଦୃଷ୍ଟାନ୍ତ, ଐତିହାସିକ, ଭୌଗୋଳିକ, ବୈଜ୍ଞାନିକ ଉପମା ଓ ରୂପକ, ସମସାମୟିକ ବ୍ୟକ୍ତି ଓ ବିଷୟର ଉଲ୍ଲେଖ ରୂପ ମଣିମାଣିକ୍ୟରେ ଜଡ଼ିତ କାଞ୍ଚି ପରି ସୁଶୋଭିତ । ସେ ସଂସ୍କୃତ ଓ ପାଶ୍ଚାତ୍ୟ କବିବୃନ୍ଦଙ୍କ ଭାବ ଏବଂ ଶ୍ରେଷ୍ଠ ସଂସ୍କୃତ ଓଡ଼ିଆ, ବଙ୍ଗୀୟ କବିଗଣଙ୍କ ଭାଷାର ସମନ୍ୱୟ ସ୍ୱ-ପ୍ରଣୀତ କାବ୍ୟାବଳୀରେ ପ୍ରଦର୍ଶନ କରିଅଛନ୍ତି । ସଂସ୍କୃତ, ଓଡ଼ିଆ, ବଙ୍ଗଳା ଇଂରାଜୀଭାଷାର ଶ୍ରେଷ୍ଠ କାବ୍ୟାବଳୀ ସମାଲୋଚକୋଚିତ ମନୋଯୋଗସହକାରେ ଆଲୋଚନା କରି ପ୍ରତିଭାଶାଳୀ କବି ତାହା ନିଜସ୍ୱ କରି ନୂତନ ଭାବରେ ସ୍ୱ-ରଚିତ କାବ୍ୟାବଳୀରେ ଗଞ୍ଜେଇ ଦେଇଅଛନ୍ତି । ତାଙ୍କ ଭାଷାରେ କାଳିଦାସ, ମୁରାରି, ଉପେନ୍ଦ୍ରଭଞ୍ଜ, ମାଇକେଲ, ସାରଳା ଦାସ, ତୁଳସୀ ଦାସଙ୍କ ଅନୁକରଣ ପ୍ରତିଫଳିତ

Digitized by srujanika@gmail.com

ହୋଇଅଛି ଏବଂ ତାଙ୍କ କାବ୍ୟାବଳୀ ଗ୍ରୀକ୍ କବିବୃନ୍ଦ ଓ ସେକ୍ସ୍‌ପିୟର୍, ବାଇରନ୍ ପ୍ରଭୃତିଙ୍କ ଭାବଦ୍ୱାରା ସମ୍ପୁଷ୍ଟ, ଅନୁରଞ୍ଜିତ, ସୁସଜ୍ଜିତ ହୋଇଅଛି । କିନ୍ତୁ ରାଧାନାଥ ତହିଁରେ ହସ୍ତ ଦେଇଅଛନ୍ତି ତାହାକୁ ନିଜସ୍ୱ କରିଅଛନ୍ତି । 'କେଦାରଗୌରୀ'ରେ Romeo and Juliet, ଯଯାତି-କେଶରୀରେ Twelfth Night or what you will, ପାର୍ବତୀରେ Hamlet, ତୁଳସୀସ୍ତବକରେ ତୁଳସୀରାମାୟଣର ଛାୟା ପଡ଼ିଥିଲେ ମଧ୍ୟ ତାହା ମୌଳିକ କାବ୍ୟରୂପରେ ଉତ୍କଳସାହିତ୍ୟ-ଭଣ୍ଡାରରେ ସଞ୍ଚିତ ରହିଲା । ଯେଉଁମାନେ କହନ୍ତି ଏଭଳି ଗ୍ରହଣ କରି କବି ମୌଳିକତା ହରାଇଅଛନ୍ତି, ସେମାନଙ୍କର ସ୍ମରଣ ରଖିବା ଉଚିତ ଯେ ସେକ୍ସ୍‌ପିୟର ନିଜେ ହଲିନ୍‌ଶେଡ୍ ଆଦିଙ୍କ ପ୍ରଣୀତ ଗ୍ରନ୍ଥାଦିରୁ ଉପକରଣ ଗ୍ରହଣ କରିଥିଲେ । ତାଙ୍କର କେତେକ ନାଟକ ଅନ୍ୟ ରଚିତ ପୁରାତନ ନାଟକ-ମାନଙ୍କର ସୁସଜ୍ଜିତ ସଂସ୍କରଣ ମାତ୍ର । ତଥାପି ଉକ୍ତ ଗ୍ରନ୍ଥମାନ ସେକ୍ସ୍‌-ପିୟରଙ୍କର ନୁହେଁ ବୋଲି କେହି କହେ ନାହିଁ । କାଳିଦାସଙ୍କ ଗ୍ରନ୍ଥାବଳୀର ବିଷୟ ମହାଭାରତ ପ୍ରଭୃତିରୁ ଗୃହୀତ ବୃତ୍ତାନ୍ତର ରୂପାନ୍ତର ମାତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ହିସାବରେ ମିଲ୍‌ଟନ୍ ଓ ମାଇକେଲ୍ ମଧ୍ୟ ମୌଳିକ କବି ନୁହନ୍ତି ଯେହେତୁ ସେମାନଙ୍କ ଗ୍ରନ୍ଥକଳାପର ଭାବ ବାଇବେଲ୍, ଗ୍ରୀସୀୟ ଓ ରୋମୀୟ କବିବୃନ୍ଦ, ବାଲ୍ମୀକିଙ୍କ ଗ୍ରନ୍ଥାଦିରୁ ସଂଗୃହୀତ ଭାବରାଜି ସୁସଜ୍ଜିତ । କବି ନାନାସ୍ଥାନରୁ ପ୍ରସୂନ ଚୟନ କରନ୍ତି ସତ୍ୟ, ହେଲେ ପୁଷ୍ପାବଳୀରେ ଗ୍ରଥିତ ଅପୂର୍ବ, ସୁନ୍ଦର, କୁସୁମମାଳା ତାଙ୍କର ନିଜସ୍ୱ । ପ୍ରକୃତରେ ଶ୍ରେଷ୍ଠ କବିମାନେ ଉଦ୍ଭାବନଠାରୁ ମଣ୍ଡନରେ ବିଶେଷ ପାଟବ ପ୍ରକାଶ କରିଥାଆନ୍ତି । ସେଥିରେ ହିଁ ଜଗତର ମଙ୍ଗଳ । ସାମାନ୍ୟ ଗଳ୍ପ-ଲେଖକ ଏ ବିଷୟରେ ଶ୍ରେଷ୍ଠ କବିଙ୍କୁ ଜିଣନ୍ତି । ଏହି ଉଦ୍ଭାବନ ବିଷୟରେ କବି ସମୟ ଓ ଶକ୍ତି ବ୍ୟୟ କଲେ ବାଭୂଷିତ କରିବେ କେତେବେଳେ ? କେବଳ ଯେତେବେଳେ ଲେଖକ ସମସ୍ତ କଥା ନିଜସ୍ୱ କରି ହୃଦୟରୁ ଲେଖିବେ । ମହାତେତା ଇମର୍ସନ୍ କହିଅଛନ୍ତି :—

"All originality is relative. Every thinker is retrospective. The appeal is to the consciousness of the writer. Is there at least a Delphi whereof to ask concerning any thought or thing whether it be verily

so, yea or nay ? and to have answer and to rely on that ? All the debt which such a man could contract to other wit, would never disturb his consciousness of originality. Thought is the property of him, who can entertain it and him who can adequately place it.

ରାଧାନାଥ ଆଧୁନିକ ଉତ୍କଳ ଭାଷାର ସଂସ୍କାରକ । ସେ ଉତ୍କଳ ଭାଷାକୁ ନବଜୀବନ ପ୍ରଦାନ କରିଅଛନ୍ତି । ତାଙ୍କ ପୁସ୍ତକ ଯେତେ ପଢ଼ିବ ସେତେ ମଧୁରତର ମଣିବ, ପୁନଃ ପଠନେଚ୍ଛା ସେତେ ବଳବତୀ ହେବ । ସ୍ମରଣ-ଶକ୍ତିଶାଳୀ ପାଠକ ଅନେକାଂଶ କଣ୍ଠସ୍ଥ କରି ପକାଇବ । ତାଙ୍କ କାବ୍ୟ-ରସରେ ଯେତେ ଗଭୀରତର ନିମଜ୍ଜିତ ହେବ, ସେତେ ରତ୍ନ ପ୍ରାପ୍ତ ହେବ । ତାଙ୍କ ବର୍ଣ୍ଣିତ ଦୃଶ୍ୟ ଯେତେ ଦର୍ଶନ କରିବ, ତାଙ୍କ ନିସର୍ଗ ବର୍ଣ୍ଣନମାଧୁରୀର ସେତେ ଅଧିକ ଆସ୍ୱାଦନ ପାଇବ । ସେ କେତେବେଳେ ଉତ୍କଳର ଉପଳ ବହୁଳ ଉତ୍ତୁଙ୍ଗ ମହୀଧର ଉପରେ ଦଣ୍ଡାୟମାନ ହୋଇ ଜୀମୂତମନ୍ଦ୍ରବତ୍ ଦୁନ୍ଦୁଭିନାଦରେ ଦିଗନ୍ତବ୍ୟାପୀ ଅରଣ୍ୟାନୀର କନ୍ଦର କୁହରକୁ ନିନାଦିତ କରି କୃପାଣପାଣି ବୀରବୃନ୍ଦଙ୍କୁ ଅପୂର୍ବ ବୀର୍ଯ୍ୟରେ ଉନ୍ମାଦିତ କରୁଅଛନ୍ତି । କେତେବେଳେ ଅବା ସ୍ୱଚ୍ଛସ୍ରୋତା ସ୍ରୋତସ୍ୱିନୀ ପୁଳିନସ୍ଥ ଦୀର୍ଘଶାଖ ତରୁତଳରେ ଉପବିଷ୍ଟ ହୋଇ ସୁମଧୁର ମନୋହର ବଂଶୀଧ୍ୱନି କରି କଳାଦ୍ରିବସନା, ଚମ୍ପକବର୍ଣ୍ଣା, ମୁଗ୍ଧବିଲୋଲନେତ୍ରା, ଘନକୃଷ୍ଣ କୁନ୍ତଳା ପଲ୍ଲୀସୀମନ୍ତିନୀ ସମାଜକୁ ଉତ୍‌ପକ୍ଷ୍ମନେତ୍ରା କରୁଅଛନ୍ତି । ସେ ଉତ୍କଳର ପୁରାତନ ଇତିହାସ କାହାଣୀ ଓ ଉତ୍କଳ ପ୍ରଦେଶସ୍ଥ ପ୍ରକୃତିର କ୍ଷୁଦ୍ର ସୁନ୍ଦର ଦୃଶ୍ୟ ବର୍ଣ୍ଣନ କରି ନବଯୁଗର ନବୋଦ୍ୟମରେ ଉତ୍କଳୀୟ-ମାନଙ୍କ ପ୍ରାଣରେ ଧ୍ୱନିତ ସ୍ୱଦେଶପ୍ରେମକୁ ପ୍ରତିଧ୍ୱନିତ କରିଅଛନ୍ତି । ରାଧାନାଥ ଆଧୁନିକ ଉତ୍କଳର ଜଣେ ଜାତୀୟ କବି । ସେ ନିସର୍ଗ ଲାବଣ୍ୟ ସଙ୍ଗେ ସଙ୍ଗେ ଉତ୍କଳ-ଇତିବୃତ୍ତର ଶ୍ରେଷ୍ଠ ସଙ୍କଟସ୍ଥଳମାନଙ୍କ ଦୃଶ୍ୟ ସ୍ୱୀୟ କାବ୍ୟରୂପ ଚିତ୍ରପଟରେ ଅଙ୍କିତ କରିଅଛନ୍ତି । ପାଶ୍ଚାତ୍ୟ ଶ୍ରେଷ୍ଠ କବିଙ୍କ ଗଳ୍ପାଂଶ (plot) ଗ୍ରହଣ କରି ଓଡ଼ିଶା ଇତିହାସର ପ୍ରଧାନ ପ୍ରଧାନ ଯୁଗର ଘଟଣାବଳୀ ସଙ୍ଗରେ କିପରି ସଂଯୁକ୍ତ କରିଅଛନ୍ତି, ତାହା ଅଭିଜ୍ଞ ବ୍ୟକ୍ତିମାନେ ବୁଝିପାରିବେ । କେଶରୀବଂଶର ପ୍ରାରମ୍ଭ, ପରିଣାମ ଓ ଗଙ୍ଗ ବଂଶର ଆରମ୍ଭ, ଶେଷୋକ୍ତ ବଂଶର ଉତ୍କୃଷ୍ଟତମ ଅବସ୍ଥା, ଉତ୍କଳ ଦେବମୂର୍ତ୍ତି

Digitized by srujanika@gmail.com

ସ୍ଥାପନ ଆଦି ଘଟଣା କାବ୍ୟର ବିଚକ୍ଷଣତାସହକାରେ ନିର୍ବାଚିତ ହୋଇଛି, ତାହା ଯେତେବେଳେ ମୁଁ ସର୍ବପ୍ରଥମେ ଅନୁଧ୍ୟାନପୂର୍ବକ ବିଶ୍ଳେଷଣ କରି ଦେଖିଲି, 'ଧନ୍ୟ ରାଧାନାଥ ରାୟ' ବୋଲି ନ କହି ରହି ପାରିଲି ନାହିଁ । ରାଧାନାଥ ଉତ୍କଳର ଜାତୀୟ କବି । ଏହାର ଅନ୍ୟ ନିଦର୍ଶନ ଏହି ଯେ, ଉତ୍କଳରେ ତାଙ୍କର ବହୁସଂଖ୍ୟକ ଅନୁକରଣକାରୀ ଓ ବହୁସଂଖ୍ୟକ ଶତ୍ରୁ । ଅନେକ ଲୋକ ଶତ୍ରୁ ହେବା ମହତ୍ତ୍ୱ ଓ କବି କୀର୍ତ୍ତିର ଗୋଟିଏ ପ୍ରଧାନ ଲକ୍ଷଣ । ଏହାର କାରଣ ଏହି, କାହାରି କବି-ଉପାର୍ଜିତ ଭୂୟସୀ କୀର୍ତ୍ତି ଅସହ୍ୟ ହୁଏ, କେହି ବା କବି-ପ୍ରକଳ୍ପିତ ନୂତନ ପନ୍ଥା ହୃଦୟଙ୍ଗମ କରିପାରନ୍ତି ନାହିଁ । ଉଭୟଥା ମହତ୍ତ୍ୱ ପ୍ରମାଣିତ ହୁଏ । ଏହି ମହତ୍ତ୍ୱର ଭକ୍ତ ମଧ୍ୟ ଅନେକ ହୁଅନ୍ତି । ବର୍ତ୍ତମାନ ଗ୍ରନ୍ଥାବଳୀର ପ୍ରକାଶକ ଜଣେ କାବ୍ୟକୁଞ୍ଜବିହାରୀ ଉଦାରହୃଦୟ ବ୍ୟକ୍ତି ହେବେ ।

ସାଧାରଣତଃ ପରିଦୃଷ୍ଟ ହୁଏ ପ୍ରତିଭାଶାଳୀ ଗୁଣୀ ମହାଜନବୃନ୍ଦ ଜୀବିତକାଳମଧ୍ୟରେ ସୁଗୃହୀତ ବା ସମ୍ମାନିତ ହୁଅନ୍ତି ନାହିଁ । ସେକ୍‌ସ୍‌ପିୟର, ମିଲ୍‌ଟନ୍‌, ଖ୍ରୀଷ୍ଟ, ଗାଲିଲିଓ, କାଳିଦାସ, ଭବଭୂତି ଏହାର ନିଦର୍ଶନ-ସ୍ଥଳ । ଗୁଣଗ୍ରାହକତା ଆଧୁନିକ ସଭ୍ୟତାର ପ୍ରଧାନ ଲକ୍ଷଣ । ଏହି ଦୀନହୀନ ଅଧଃପତିତ ଲାଞ୍ଛିତ ଉତ୍କଳ ଦେଶ ଉତ୍ତରରେ କପିଶା ତଟିନୀ ତଟରୁ ଦକ୍ଷିଣରେ ବ୍ରହ୍ମପୁର ପର୍ଯ୍ୟନ୍ତ, ପୂର୍ବରେ ନୀଳୋର୍ମିବିକ୍ଷୁବ୍ଧ ମହୋଦଧିଠାରୁ ପଶ୍ଚିମରେ ନର୍ମଦା ନଦୀର ସୂତିକାଗାର ପର୍ଯ୍ୟନ୍ତ ସମସ୍ତ ଶିକ୍ଷିତ ଓଡ଼ିଆ ବ୍ୟକ୍ତି ଜଣେ ବଙ୍ଗଦେଶୀୟ ଓଡ଼ିଆ କବିଙ୍କୁ (ଅର୍ଥରେ ତ ନୁହେଁ) ଅନ୍ତତଃ ଅନ୍ତରର ଭକ୍ତି ପ୍ରୀତି ଅର୍ପଣ କରିପାରିଅଛନ୍ତି, ଏହା ଓଡ଼ିଆଜାତି ପକ୍ଷରେ ଅଳ୍ପ ଆଶା-ବାଞ୍ଛା ବା ଗୌରବ କଥା ନୁହେଁ । ଓଡ଼ିଶାର ସ୍ଥାନ ସଭ୍ୟଜଗତରେ ଅଛି । ଓଡ଼ିଶାର ସୁଦିନ ଆସୁଅଛି । ବର୍ତ୍ତମାନ ମଧ୍ୟ ଦୁର୍ଦ୍ଦିନ-ରାଜ୍ୟ । ତଥାରେ ଯେଉଁ ଉତ୍ସାହ ମିଳେ, ରାଧାନାଥ ବାବୁ ତାହା ଅନେକ ପରିମାଣରେ ପାଇଅଛନ୍ତି । କିନ୍ତୁ ଏ ସଂସାରଟା ମାଟି ଓ ଧାତୁର, ଖାଲି କଥାରେ ତ ନୁହେଁ—ଉତ୍କଳଗୌରବ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହଙ୍କୁ ସମ୍ବୋଧନ କରି କବି କହିଅଛନ୍ତି—

ଗୁଣଜ୍ଞ ଉତ୍କଳକ ଜଣେ କେହି ନାହିଁ,
ଗୁଣୀନ୍ଦ୍ର, ତୁମ୍ଭର ହେବ ଗୁଣଗ୍ରାହୀ ।

Digitized by srujanika@gmail.com

ସଲିଳ ନ ସିଞ୍ଚି ଖାଲି ଦଣ୍ଡବତ
କରିବାକୁ ଛନ୍ତି ଲୋକ ଶତ ଶତ ।
ଶୁଷ୍କ ବନ୍ଧ୍ୟ ଯଶ ସଙ୍ଗେ ଅର୍ଦ୍ଧାଶନ
ପ୍ରତିଭାର ପରି ଲଲାଟ ଲେଖନ ।
ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା
ଦାରିଦ୍ର୍ୟ ତୁମ୍ଭର ସଙ୍ଗୀ ହେଲା ସଦା ।

ସାମନ୍ତଙ୍କ ପରି ଏ ଉକ୍ତି ତାଙ୍କଠାରେ ମଧ୍ୟ ପ୍ରଯୁଜ୍ୟ ।

ସର୍ବଦେଶରେ ସର୍ବକାଳରେ ଏପରି ଦୃଷ୍ଟାନ୍ତ ଏ ଯେ, ଯେତେବେଳେ ସାଧାରଣ ପାଠକମଣ୍ଡଳୀ ସମାଜର କବି ଓ ଲେଖକମାନଙ୍କୁ ପରିପୋଷଣ କରିବାକୁ ପ୍ରସ୍ତୁତ ହୋଇ ନ ଥାନ୍ତି, ସେତେବେଳେ ଦେଶର ଧନୀ, ଭୂମୀଶ୍ୱରମାନେ ସେମାନଙ୍କୁ ସାହାଯ୍ୟ କରି ସାହିତ୍ୟକୁ ଜୀବିତ ଓ ବର୍ଦ୍ଧିତ କରନ୍ତି । ପଚ୍ଚଶ ବର୍ଷ ମଧ୍ୟରେ ଜର୍ମାନ ସାହିତ୍ୟ ପ୍ରକାଣ୍ଡ ଆକାର ଧାରଣ କରିବାର ହେତୁ ଭୂମୀଶ୍ୱରମାନଙ୍କ ଗ୍ରାହକତା । ହା ! ଉତ୍କଳରେ ଜଣେ ମଧ୍ୟ ସେପରି କ୍ଷଣଜନ୍ମା ସୁପୁରୁଷ ଅବିର୍ଭୂତ ହେଲେ ନାହିଁ !

କେହି କେହି ରାଧାନାଥ ବାବୁଙ୍କ ଭାଷାକୁ କର୍କଶ ଓ କେହି କେହି କଠିନ କହନ୍ତି । ରାଧାନାଥ ବାବୁଙ୍କ ଭାଷା କର୍କଶ ନୁହେଁ । ଉତ୍କଳର ପ୍ରାଚୀନ କବିପ୍ରଣୀତ କାବ୍ୟାବଳୀ ଯେଉଁମାନେ ପାଠ କରିଅଛନ୍ତି, ସେମାନେ ଏପରି କଥା କହନ୍ତି ନାହିଁ । କାରଣ ଉପେନ୍ଦ୍ରଭଞ୍ଜ ପ୍ରଭୃତିଙ୍କ ଭାଷା ଅପେକ୍ଷା ରାୟ କବିଙ୍କ ଭାଷା ସହଜତର । ସାଧାରଣ ଅର୍ଦ୍ଧଶିକ୍ଷିତ ପାଠକ ଏବଂ ଯେଉଁମାନେ କେବଳ ଇଂରେଜୀ ସାହିତ୍ୟାଲୋଚନାରେ କାଳକ୍ଷେପଣ କରିଅଛନ୍ତି, ସେହିମାନେ ଏହିପରି କହିପାରନ୍ତି । କିନ୍ତୁ ଏହା ଲେଖକଙ୍କର ଦୋଷ ନୁହେଁ, ପାଠକମାନଙ୍କର । ଆମ୍ଭମାନଙ୍କର ମଧ୍ୟ ପିଲାଦିନେ ଏହିପରି ଧାରଣା ଥିଲା । ଏକ ସମୟରେ କବି ଫକୀରମୋହନ ଓ ରାଓ କବିଙ୍କ ଭାଷାକୁ ଆମ୍ଭେମାନେ ରାୟ କବିଙ୍କ ଭାଷାଠାରୁ ସୁଖପାଠ୍ୟ ମଣୁଥିଲୁଁ । କିନ୍ତୁ କାଳକ୍ରମରେ ରାୟ କବିଙ୍କ ଗ୍ରନ୍ଥମାନ ବାରମ୍ବାର ପଢ଼ି ପଢ଼ି ତନ୍ମଧ୍ୟରୁ ଏପରି ଗୋଟିଏ ମାଧୁର୍ଯ୍ୟ ବାହାରିଲା, ଯାହା ବଚନାତୀତ । ପଦପର୍ଯ୍ୟାୟର ଅଶ୍ରୁତପୂର୍ବ ଝଙ୍କାର ଅଛି । ତାହା କର୍କଶ ନୁହେଁ । କିନ୍ତୁ ରାୟ କବିଙ୍କ ଭାଷା ଟିକିଏ କଠିନ ।

Digitized by srujanika@gmail.com

ଉଚ୍ଚଶ୍ରେଣୀସ୍ଥ ସାହିତ୍ୟର ଭାଷା ଟିକିଏ କଠିନ । ଉଚ୍ଚଶ୍ରେଣୀସ୍ଥ ସାହିତ୍ୟର ଭାଷା ଏତାଦୃଶ ହେବା ସର୍ବଥା ବାଞ୍ଛନୀୟ । ତାହା ନୋହିଲେ ପାଞ୍ଚ ଥର ଦଶ ଥର ପାଠରେ ଭାଷା ପାଠକର ଅଭ୍ୟସ୍ତ ହେଲେ ପୁନଃ ପଠନରେ ବିତୃଷ୍ଣା ଜନ୍ମେ । ଭାଷାରୁ ଅସଲ୍ ମୋହ ଚାଲିଯାଏ । କଠିନ ଶବ୍ଦାଡ଼ମ୍ବର ଭେଦ କରି ପାଠକ ଯେଉଁ ରସ ଲାଭ କରନ୍ତି, ସରଳ ଶବ୍ଦଯୁକ୍ତ ଅନାୟାସଲବ୍ଧ ରସରେ ସେ ତୃପ୍ତି, ଆହ୍ଲାଦ ତାଙ୍କୁ ମିଳେ ନାହିଁ । ଅଯତ୍ନସଲବ୍ଧ ଆନନ୍ଦ ପ୍ରଗାଢ଼ତର । ସରଳହୃଦୟା ବାଳିକାର ତରଳ ଚଞ୍ଚଳ ବପୁଠାରୁ ଅତଳ ଗମ୍ଭୀର ପଣୟବତୀ ପୂର୍ଣ୍ଣ ଯୁବତୀର ଧୀର ସ୍ଥିର ମୂର୍ତ୍ତି ବେଶି ଅଧିକ ଆନନ୍ଦଦାୟିନୀ । ଏହି କାରଣରୁ ରାଧାନାଥ ଭାଷାରେ (ଭାବ-ମାଧୁରୀ ଛାଡ଼ିଦେଲେ ମଧ୍ୟ) କପରି ଗୋଟିଏ ମୋହ ଅଛି । ତାହା ଅସରନ୍ତା ଭଣ୍ଡାର, ଅପୂର୍ବ ଚମତ୍କାର ! ଏତଦ୍ବାରା କେହି ଏପରି ବୁଝିବେ ନାହିଁ ଯେ, ସରଳ ଭାଷାର ସ୍ଥାନ ସାହିତ୍ୟରେ ନାହିଁ । ଜୀବନ୍ତ, ଉନ୍ନତ, ସର୍ବାଙ୍ଗସୁନ୍ଦର ସାହିତ୍ୟରେ ବହୁ ଭଙ୍ଗୀ (style) ଯୁକ୍ତ ଭାଷା ଥାଏ । ଏମାନ ନିଜ ନିଜ ରାଜ୍ୟରେ ନିଜେ ନିଜେ ଶ୍ରେଷ୍ଠ, ସୁନ୍ଦର । ପ୍ରସିଦ୍ଧ କବି ଶେଲିଙ୍କ "Love's Philosophy" ଓ କଲରିଜଙ୍କ Ancient Marier ପଢ଼ି ଶତ ଶତ ପଦ୍ୟର ଭାଷା କି ଭଳି ସରଳ ! ଅଥଚ ଏମାନ କେଉଁ ଇଂରାଜୀସାହିତ୍ୟରସିକଙ୍କ କଣ୍ଠସ୍ଥ ନାହିଁ ? ପ୍ରଣୟୀର ନିକଟବର୍ତ୍ତୀ ହେଲେ ତାହା ପ୍ରାଣରେ—

> Nothing in the World is single,
> All things by a low divine
> In one another's being mingle,
> Why not I with thine ?"

ଏହି ପଂକ୍ତିଗୁଡ଼ିକ ପ୍ରତିଧ୍ୱନିତ ନ ହୁଏ ? ସରଳ ଭାଷାର ସ୍ଥାନ ସାହିତ୍ୟଜଗତରେ ଅଛି । ସରଳା ବାଳିକାମୂର୍ତ୍ତିର ମାଧୁରୀର ଗ୍ରାହକଭଳି ତାହାର ମଧ୍ୟ ଗ୍ରାହକ ଅଛନ୍ତି । ମଧୁସୂଦନଙ୍କ ଛନ୍ଦମାଳା, ଫକୀରମୋହନଙ୍କ ଉପହାର, ପୁଷ୍ପମାଳା, ରାଧାନାଥଙ୍କ ମହାଯାତ୍ରା, ପାର୍ବତୀ ଓ ମେଘେଶ୍ୱରଙ୍କ ଇନ୍ଦୁମତୀ ବା ବର୍ତ୍ତଙ୍କ ବସନ୍ତଗାଥା ସଙ୍ଗେ ସଙ୍ଗେ ଉତ୍କଳସାହିତ୍ୟ-ଭଣ୍ଡାରକୁ ଉଜ୍ଜ୍ୱଳ କରୁଥିବ । ଯେଉଁମାନେ ବାଳିକାର ସରଳତାଭୋଳା ମୂର୍ତ୍ତି ଦେଖି ମୋହିତ ନ ହୁଅନ୍ତି ସେମାନେ ଅନ୍ଧ । କବି କହୁଅଛନ୍ତି :—

Digitized by srujanika@gmail.com

ଦୃଷ୍ଟପୂର୍ବ ହୋଇ ଅଦୃଷ୍ଟ ପ୍ରତୀତ
ସୁନ୍ଦରପଣର ଏ ରହସ୍ୟ ଗୀତ ।
ସୁନ୍ଦରେ ତୃପ୍ତିର ଅବସାଦ ନାହିଁ,
ଯେତେ ଦେଖିଲେ ସେ ନୂଆ ଦିଶୁଥାଇ ।

—"A thing of beauty is a joy for ever"—
ସେ ସରଳା ବାଳିକା ହେଉ ବା ପୂର୍ଣ୍ଣାଙ୍ଗୀ ଯୁବତୀ ହେଉ ।

ରାଧା କବିଙ୍କ ଗୁଣ କଥା କହିଲି । ଦୋଷ କଥା ବେଶି କହିବି ନାହିଁ । କାରଣ "କୃତସ୍ୟ କରଣଂ ନାସ୍ତି ।" କିନ୍ତୁ କିଛି ନ କହିଲେ ଅନ୍ୟାନ୍ୟ ଲେଖକଙ୍କୁ ପ୍ରଶ୍ରୟ ପ୍ରଦାନ ହେବ, ସତ୍ୟର ଅପଳାପ ହେବ । ବର୍ତ୍ତମାନ ବହୁ ଲେଖକ ରାଧା କବିଙ୍କ ଅନୁକରଣ କରି ବନ୍ଧାଭାଷା (Conventional style) ଓ ନୈତିକ-ଦାୟିତ୍ୱବିହୀନ ଭାବସମ୍ବଳିତ କାବ୍ୟ ଲେଖୁଅଛନ୍ତି । ସେମାନଙ୍କ ମତରେ ବ୍ୟତିରେକୀ ଅଳଙ୍କାର, ଅନୁପ୍ରାସ ଓ ଯମକ—ଗୁପ୍ତ ପ୍ରେମ ଓ ସମାଜବିରୁଦ୍ଧ ସମ୍ଭୋଗ ନୋହିଲେ କାବ୍ୟ ହେଲା ନାହିଁ । ତେଣୁ କବି ରାଧାନାଥ ଆମ୍ଭମାନଙ୍କର ଭକ୍ତିଭାଜନ ଗୁରୁତୁଲ୍ୟ ହେଲେହେଁ ସତ୍ୟ କହିବୁଁ ।

କବି ରାଧାନାଥଙ୍କ ରଚିତ ଅନେକ ନାୟକନାୟିକାଙ୍କ ପ୍ରୀତି ରୂପଜ, ଶାରୀରିକ ସୌନ୍ଦର୍ଯ୍ୟଜ ପାର୍ଥିବ ପ୍ରଣୟ, ମାନସିକ ଲାବଣ୍ୟପ୍ରସୂତ ନିର୍ମଳ ନିଃସ୍ୱାର୍ଥ ପ୍ରୀତି ନୁହେଁ । ତାହା ପୃଥିବୀର, ସ୍ୱର୍ଗର ନୁହେ । ତାହା କାମ, ପ୍ରେମ ନୁହେଁ । ତାହା କବି ମିଲ୍‌ଟନ୍‌ଙ୍କ ଭାଷାରେ 'Frivolous cupid; celestial cupid' ବା 'Fair Eros' who unites all the discordant elements of the Universe' ନୁହେଁ । ମାଇକେଲ୍ ରାମଙ୍କୁ ଯେଉଁପରି ଭୀରୁ ଓ ଇନ୍ଦ୍ରଜିତ୍ ଭଞ୍ଜ ତାଙ୍କୁ ଯେପରି କାମୁକ ରୂପରେ ଅଙ୍କିତ କରିଅଛନ୍ତି, ରାଧାନାଥ ତାହା ନ କରିଥିଲେହେଁ ତାଙ୍କର ଅନେକ ନାୟକନାୟିକାଙ୍କ ଚରିତ୍ର ଆଦର୍ଶୋଚିତ ହୋଇନାହିଁ, ଅପିଚ ସମାଜ-ବିରୋଧୀ ହୋଇଅଛି । ଅବଶ୍ୟ 'ସୀତାଙ୍କ ଚରିତ୍ରର ଉତ୍କର୍ଷ ପ୍ରଦର୍ଶନାର୍ଥ ସୂର୍ପଣଖାର ଓ ରାମଙ୍କ ଚରିତ୍ରୋତ୍କର୍ଷ ପ୍ରଦର୍ଶନାର୍ଥ ରାବଣର ଚରିତ୍ରରେ କବି କଳଙ୍କ ଲେପନ କରି 'Law of contrast'ର ସାହାଯ୍ୟ ନେଇ ପାରନ୍ତି । କିନ୍ତୁ ଦୈନନ୍ଦିନ ଘଟଣା ହୁଏଥାଉ, ଯାହା ଶତ ସହସ୍ର ବର୍ଷରେ ଥରେ

Digitized by srujanika@gmail.com

ଘଟି ଜନସମାଜରେ ଘୋଷିତ ହୁଏ କି ନାହିଁ, ସେପରି ଘଟଣାକୁ ଲେଖକ ଅମର ଜୀବନ ଦାନ କରିବାର ଅଧିକାର ଅଛି କି ନାହିଁ, ଏଣସ୍ବର ପ୍ରଶ୍ନ । କବି ସେକ୍‌ସ୍‌ପିୟର ତାହା କରିଅଛନ୍ତି । କିନ୍ତୁ ସେ କଳଙ୍କ କାଣ୍ଡକୁ ଶତପତ୍ରର ଅନ୍ତରାଳରେ ରଖି ପାପର ଭୀଷଣ ଦଣ୍ଡକୁ ଉଜ୍ଜ୍ୱଳ ଅକ୍ଷରରେ ଚିତ୍ରିତ କରିଅଛନ୍ତି । କବି ରାଧାନାଥ ସେପରି କରିବାକୁ ସମର୍ଥ ହୋଇଅଛନ୍ତି କି ନାହିଁ, ତାହା କହିବାର ସାହସ ମୋର ନାହିଁ । ପାର୍ବତୀ କାବ୍ୟରେ କଳଙ୍କକାଣ୍ଡ ଅଭିନୀତ ହୋଇଅଛି, କିନ୍ତୁ ପାପର ଦଣ୍ଡ ପଢ଼ିଲୁ କି Negative ଶିକ୍ଷା ହୁଅନ୍ତା, ତାହା ବର୍ଣ୍ଣିତ ହୋଇନାହିଁ । କବି ଯେପର୍ଯ୍ୟନ୍ତ 'ପାର୍ବତୀ'କୁ ଅସମ୍ପୂର୍ଣ୍ଣ ରଖିବେ, ସେତେଦିନଯାଏ ତାଙ୍କର ଶ୍ରେଷ୍ଠ ପ୍ରଶଂସାକାରୀମାନେ ମଧ୍ୟ ତାଙ୍କ କାବ୍ୟର କଳଙ୍କ କାଳିମା ଅପନୋଦନ କରିବାକୁ ସମର୍ଥ ହେବେ ନାହିଁ ।

ରାଧାନାଥଙ୍କ ନାୟକନାୟିକାଙ୍କ ପ୍ରେମ ତାଙ୍କର ଭାଷାରେ "ରୂପଜ" । ସେ ଏମନ୍ତ ଶିକ୍ଷା ଉତ୍କଳକୁ ଦେଇପାରି ନାହାନ୍ତି ଯାହାଦ୍ୱାରା ଓଡ଼ିଆ ଜାତି ନବଯୁଗର ନବ ଆଦର୍ଶପ୍ରତି ଆକୃଷ୍ଟ ହେବ, ନବୀନ ଉଦ୍ୟମରେ ମାତି ପୃଥିବୀର ଉନ୍ନତ ଜାତିମାନଙ୍କ ସହ ଉନ୍ନତି-ପଥରେ ଜ୍ଞାନ, ପ୍ରୀତି ଓ କର୍ମର ଧ୍ୱଜା ହସ୍ତରେ ଧାରଣ କରି ଅଗ୍ରସର ହେବ । ନିଃସ୍ୱାର୍ଥ ପ୍ରୀତି ଭୀରୁକୁ ସାହସୀ କରାଏ, ସ୍ୱଦେଶ ଓ ସ୍ୱଜାତିପାଇଁ ଜୀବନ ଉତ୍ସର୍ଗ କରାଏ । ଲଳିତା ଓ ନନ୍ଦିକା ଯାହା କଲେ, ଆଧୁନିକ ରାଜକନ୍ୟା ତାହା କଲେ ଜଗତ୍ କ'ଣ କହିବ ? ନନ୍ଦିକା ତ ମୃତା ହେଲା । ଏଥିରେ Negative ଶିକ୍ଷା ହେଲେ ହୋଇପାରେ । ନନ୍ଦିକାର ମୃତ ଶବ ଦେଖି ପାଠକ ଲୋତକ ବିସର୍ଜନ କରିପାରନ୍ତି । ଅପରନ୍ତୁ ଉଦ୍ଧାର ନାୟକର ଚରିତ୍ରୋତ୍କର୍ଷ ସମ୍ପାଦିତ ହୋଇଛି । କିନ୍ତୁ ଲଳିତା ତ ଘରଦ୍ୱାର କଲା । ସେ ତ ସମାଜକୁ ଫାଙ୍କି ଦେଇଅଛି । ଦୁଷ୍ମନ୍ତ ଶକୁନ୍ତଳା ସମାଜକୁ କିଅଁଉ୍ ଅଗ୍ରାହ୍ୟ-କରିଥିଲେ । କିଅଁଉ୍ କାହିଁକି ନା, ଏକାଧିକ ଗାନ୍ଧର୍ବ ବିଧାନ ସମାଜ ଗ୍ରହଣ କରିଥିବାର ପ୍ରମାଣ ମିଳେ । ତଥାପି କବିକୁଳପତି କାଳିଦାସ ହାତେ ହାତେ ତାହାର ଦଣ୍ଡ ନାୟକନାୟିକାଙ୍କୁ ଦେଇଅଛନ୍ତି । ଲଳିତା ଓ ପଯାତି କିନ୍ତୁ ଅଲୌକିକ ଉପାୟରେ, ଦୈବ ସହାୟତାରେ ଉଦ୍ଧାର ପାଇଅଛନ୍ତି । ଯାହା ଲୌକିକ ଭାବରେ ଅପରାଧ, ତାହାର ପ୍ରାୟଶ୍ଚିତ୍ତ ଅଲୌକିକ

Digitized by srujanika@gmail.com

ଭାବରେ ହେଲେ ଅଧୁନିକ ସମାଜରେ ତାହା ଗୃହୀତ ହେବକି ? ଯେବେ ଦେବତା ଥାନ୍ତି ତେବେ ସେ ସତ୍ୟ, ନ୍ୟାୟ, ପୁଣ୍ୟର ସହାୟ; ପାପର ଦଣ୍ଡଦାତା । ପାପ କରି ପ୍ରାୟଶ୍ଚିତ ନ କରି ଦେବତା ସାହାଯ୍ୟରେ ଉଦ୍ଧାର ପାଇଯିବା ବିଧି ଖ୍ରୀଷ୍ଟିୟାନମାନଙ୍କ atonement ପଦ୍ଧତି ଅନୁସାରେ ସମ୍ଭବ ହେଲେହେଁ ତାହା ବର୍ଜିମାନ ହେୟ ।

କବି ରାଧାନାଥଙ୍କର ରୂପଜ ପ୍ରେମର ଅସାରତା ଉପଲବ୍ଧି କରିବାର ଶକ୍ତି ଅଛି । କାରଣ ତାଙ୍କର ନୈତିକ ଜୀବନ ବାଇରନଙ୍କ ଜୀବନଠାରୁ ସ୍ୱତନ୍ତ୍ର । ତାଙ୍କର 'ଦଶରଥବିୟୋଗ'ରେ ସେ ରୂପଜ ପ୍ରେମର ଅସାରତା ପ୍ରଦର୍ଶନ କରିଅଛନ୍ତି । ବୃଦ୍ଧ ବୟସରେ ମୁମୂର୍ଷୁ ଦଶରଥଙ୍କ ବର୍ଣ୍ଣନ ବଡ଼ ସଜୀବ ହୋଇଅଛି ।

ଅନ୍ତିମକାଳରେ ମୋର ମାଗୁଣି ଏତିକି,
ରୋଷ ନ କରିବ ମୋର ଅପରାଧ ସ୍ମରି ;
ଅଲଙ୍ଘ୍ୟ ନିୟତିବଳ, ଅଲଙ୍ଘ୍ୟ ଜଗତେ,
କର୍ମଫଳ, ଗୁରୁ ତହିଁ ନାହିଁଟି କାହାର ;
ଯେ ଯା ବୁଣେ କାଟେ ତାହା, ବିଧିର ଏ ବିଧି
ପଳାଶର ରମ୍ୟ କାନ୍ତି ଦେଖି କେହି ଯେବେ
ସନ୍ନିହିତ ମୁକୁଳିତ ଚୂତ ତରୁ ଛେଦି
ସିଞ୍ଚଇ ସୁଫଳ ଆଶେ ପଳାଶେ ଯତନେ ;
ନୋହିବ କି ଗ୍ଲାନି କି ସେ ଫଳଲାଭ ବେଳେ ?
ରୂପଜ ମୋହରେ ମୁହିଁ ମାତି ଯତନେ
ବରିଲି କୈକେୟୀ ମୋର ନିୟତି-ରୂପିଣୀ,
ରୂପଜ ମୋହରେ ଯିମା ପତଙ୍ଗ ଏପରି—
ପଡ଼େ ମହୋଲ୍ଲାସେ ଯାଇଁ ଦୀପଶିଖାନଳେ,
ରୂପଜ ମୋହରେ ମୁହିଁ ପୁଷ୍ପମାଳା ଭ୍ରମେ
ଗଳାମାଳା କଲି ଏହି କାଳ-ଭୁଜଙ୍ଗିନୀ,
ଯମ ଚକ୍ରରୂପି ନକ୍ର ଗର୍ଭେ ଗୂଢ଼େ ବହି
ପଲ୍ଲବର ଅହା ଅବଗାହକେ ଯେସନେ
ସ୍ୱଚ୍ଛହ୍ରଦ ସୁମଞ୍ଜୁଳ ପୁଷ୍ପ ଭୋକନଦେ,

Digitized by srujanika@gmail.com

ମାୟାବତୀ ମାୟାପ୍ରେମ କୁହୁକ ଲଗାଇ,
ସାଧିଲା କାମନା ମୋତେ ସଂହାରି ଜୀବନେ ;
ଜାଣି ତ ନ ଥିଲି ପୁଷ୍ପରାଶି ତଳେ ଅହି,
ଭସ୍ମରାଶି ତଳେ ଥିଲା ଅନଳ ଗୁପତେ,
ହୁଡ଼ି ତୃଣାଚ୍ଛନ୍ନ ଗାତେ ପଡ଼ଇ ଯେସନେ
ମାତଙ୍ଗ, ପଡ଼ିଲି ମୂଢ଼ି କୈକେୟୀର ଜାଲେ ।

କିନ୍ତୁ ଏହି ରୂପଜ ପ୍ରେମ କି ତାଙ୍କର ଅନେକ ନାୟକ-ନାୟିକାଙ୍କ ଚରିତ୍ରର ପ୍ରଧାନ ସମ୍ବଳ ନୁହେଁ ?

'ମହାଯାତ୍ରା'ର ଭିନ୍ନ ଭିନ୍ନ ସର୍ଗ ଉଚ୍ଚଭାବସମନ୍ୱିତ ହେଲେହେଁ ସମଗ୍ର ଭାବରେ କାବ୍ୟରେ ଚରିତ୍ରଚିତ୍ରଣ ବା ଗଠନଶକ୍ତିର (**characterisation or constructive power**) ପ୍ରଦର୍ଶିତ ହୋଇ ନାହିଁ । ପ୍ରତ୍ୟେକ ନାୟକନାୟିକାଙ୍କ ଚରିତ୍ରର ସ୍ୱାତନ୍ତ୍ର୍ୟ ଉନ୍ମେଷିତ ହୋଇନାହିଁ ।

କବିର ଲେଖନୀ କଣ ନ କରିପାରେ ? ତାହା ନିର୍ଜୀବକୁ ଜୀବନ ଦିଏ, ନରକ-କୀଟକୁ ସ୍ୱର୍ଗର ଦେବତା କରାଏ । କବି ସବୁ କରିପାରନ୍ତି । ରାଧାନାଥ ଜଙ୍ଗଲକୁ ମାର୍ଜିତ କବିତାମୟୀ ଭାଷା ଦେଇଅଛନ୍ତି । କିନ୍ତୁ ହାୟ ! ରାଧାନାଥଙ୍କ ବିଷୟନିର୍ବାଚନ ଅଧିକାଂଶ ସ୍ଥାନରେ ସମୁଚିତ ହୋଇନାହିଁ ।

ପରିଶେଷରେ ମାତୃଭୂମିର ଏହି ପ୍ରିୟ କବିଙ୍କୁ ନମସ୍କାରପୂର୍ବକ ହୃଦୟର ଗଭୀରତମ ଭକ୍ତି, ପ୍ରୀତି ସମର୍ପଣ କରି ବିଦାୟ ଗ୍ରହଣ କରୁଅଛୁ । ଅଳ୍ପ କେବଳ ତାଙ୍କର ବୃହତ୍ ଗ୍ରନ୍ଥାବଳୀ ବିଷୟରେ ସାଧାରଣ ଭାବରେ ଦୁଇ ଚାରି କଥା କହିଲି । ଅବକାଶ ହେଲେ ପ୍ରତ୍ୟେକ କାବ୍ୟ ସ୍ୱତନ୍ତ୍ର ରୂପରେ ସମାଲୋଚନା କରିବି ।

Digitized by srujanika@gmail.com

ରାୟ ମଧୁସୂଦନ ରାଓ ବାହାଦୁର

ଇଂରେଜୀ ଶାସନ ଓ ଅଇନ ଓ ପ୍ରତୀଚ୍ୟ ସାହିତ୍ୟ, ବିଜ୍ଞାନ ଓ ସଭ୍ୟତା ରୂପ ମନ୍ଦରଗିରି ସାହାଯ୍ୟରେ ବହୁପ୍ରସୂ ଭାରତ ସମୁଦ୍ରର ମନ୍ଥନରେ ପ୍ରତ୍ୟେକ ପ୍ରଦେଶରେ କେତେଗୁଡ଼ିଏ ରତ୍ନର ଆବିର୍ଭାବ ହେଲା । ବଙ୍ଗଦେଶରେ ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, କେଶବ ଚନ୍ଦ୍ର ସେନ୍, ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ, ମାଇକେଲ୍ ମଧୁସୂଦନ ଦତ୍ତ, ରେଭରେଣ୍ଡ କେ. ଏମ୍. ବାନାର୍ଜି; ବୋମ୍ବାଇ ପ୍ରଦେଶରେ ଗୋବିନ୍ଦ ମହାଦେବ ରାନାଡେ, ବାଳଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖେଲ, ଚନ୍ଦ୍ରବର୍କର ପ୍ରଭୃତି; ପଞ୍ଜାବ ପ୍ରଦେଶରେ ଦୟାନନ୍ଦ ସରସ୍ୱତୀ ପ୍ରଭୃତି ଏହି ପ୍ରାଚ୍ୟପ୍ରତୀଚ୍ୟ ସମ୍ମିଳନର ଫଳ ।

ବିଚ୍ଛିନ୍ନ, ବିଭିନ୍ନ, ଖଣ୍ଡୀକୃତ, ଖର୍ବୀକୃତ ଉତ୍କଳ ଆକାର, ଜନସଂଖ୍ୟା ଉର୍ବରତା ଅନୁଯାୟୀ ଉକ୍ତ ସିନ୍ଧୁମନ୍ଥନର ଫଳରୁ ଏକାବେଳକେ ବଞ୍ଚିତ ହୋଇନାହିଁ । ଗଡ଼ଜାତର ନିବିଡ଼ ଗିରିଗୁହାବାସୀ ଇଂରାଜୀ-ଜ୍ଞାନବର୍ଜିତ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ବୋଧହୁଏ ଏ ମିଳନପ୍ରସୂତ ନୁହନ୍ତି । ତାହାଙ୍କୁ ଛାଡ଼ିଦେଲେ ମିଷ୍ଟର ଏମ୍. ଏସ୍. ଦାସ, ସି. ଆଇ. ଇ., ରାୟ ନନ୍ଦକିଶୋର ଦାସ ବାହାଦୁର, ରାୟ ରାଧାନାଥ ରାୟ ବାହାଦୁର, ରାୟ ମଧୁସୂଦନ ରାଓ ବାହାଦୁର, କବି ଫକୀରମୋହନ ସେନାପତି, ଗୌରୀଶଙ୍କର ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ ଏହି ମଣିକାଞ୍ଚନ ସଂଯୋଗର ଫଳ । ଏହି ଦଳଟି ଆବିର୍ଭୂତ ହୋଇ ଉତ୍କଳର ଭିନ୍ନ ଭିନ୍ନ କେତେକ ବିଭାଗରେ ଯାହା କଲେ, ତାହା ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ମହାନ୍ ନ ହୋଇପାରେ, କିନ୍ତୁ ଓଡ଼ିଶାରେ ସଂସ୍କାରଯୁଗପ୍ରବର୍ତ୍ତକ । ଦେଶର ଏହି କୃତୀ ପୁତ୍ରମାନଙ୍କ ସ୍ଥାନର ପୂରଣ ନିକଟ ଭବିଷ୍ୟତରେ ହେବାର ସମ୍ଭାବନା ନାହିଁ । ବର୍ତ୍ତମାନ ତାହା

ଉତ୍କଳ ସାହିତ୍ୟ ୧୬ଶ ଭାଗ ୧୦ମ ସଂଖ୍ୟାରୁ ସଂଗୃହୀତ ।

Digitized by srujanika@gmail.com

ଜଣାପଡ଼ିନାହିଁ । ଏମାନଙ୍କ ପରେ ଯେଉଁ ଅନ୍ଧକାର ଆସୁଅଛି, ତାହା ସମ୍ପୂର୍ଣ୍ଣ ଅପସରିଲେ, ଏହି ଯୁଗଟି ସୁବର୍ଣ୍ଣଯୁଗରୂପେ କିଛିକାଳ ସମ୍ମାନିତ ହେବ । ଏହି ଯୁଗର ଏକତମ ବିଶିଷ୍ଟ ପୁରୁଷ ରାଏ୍ ମଧୁସୂଦନ ରାଓ ବାହାଦୁରଙ୍କ ସମ୍ବନ୍ଧରେ ଏ ପ୍ରବନ୍ଧରେ କିଛି ଆଲୋଚନା କରିବି । ଏହା ଧାରାବାହିକ ସୁଶୃଙ୍ଖଳ ପ୍ରବନ୍ଧ ନୁହେଁ । ମହାମନା ଭକ୍ତକବିଙ୍କ ସମ୍ବନ୍ଧରେ କତିପୟ ବିଷୟର ଅବତାରଣା ମାତ୍ର ।

ମଧୁସୂଦନଙ୍କ ବିଶେଷତ୍ୱ ଏହି ଯେ, ସେ ଏକାଧିକ କର୍ମକ୍ଷେତ୍ରରେ କାର୍ଯ୍ୟ କରି କୃତିତ୍ୱ ଲାଭ କରିଥିଲେ । ତାଙ୍କର ପ୍ରଧାନ କର୍ମକ୍ଷେତ୍ର ଥିଲା ଧର୍ମ ସାଧନ ଓ ଧର୍ମର ପ୍ରଚାର, ଗୃହଧର୍ମ ପାଳନ ଓ ଅତିଥିସତ୍କାର, ଜ୍ଞାନାର୍ଜନ ଓ ସାହିତ୍ୟସେବା, ଶିକ୍ଷାବିସ୍ତାର ଓ ସମାଜସଂସ୍କାର, ନିଯୋଗ-ସାଧନ ଓ ବିଶ୍ୱଜନୀନ ଜୀବନ ଲାଭ । ଏହି ପ୍ରତ୍ୟେକ ବିଭାଗରେ ସେ ଯାହା ଯାହା କରିଯାଇଛନ୍ତି, ତହିଁରୁ ଗୋଟି ଗୋଟିକଦ୍ୱାରାହିଁ ସେ ସମାଜର ଉଚ୍ଚସ୍ଥାନ ଲାଭ ପାରିଥାନ୍ତେ । ପରନ୍ତୁ ଏହିସବୁ ଗୁଣଗୁଡ଼ିକ ଏକତ୍ର ସମାବିଷ୍ଟ ହୋଇଥିବାରୁ, ତାଙ୍କ ଜୀବିତକାଳ ମଧ୍ୟରେ ହିଁ ସେ "ଋଷି", "ଆଦର୍ଶପୁରୁଷ", "ଭକ୍ତକବି" ପ୍ରଭୃତି ଆଖ୍ୟା ଲାଭ କରିଥିଲେ । ତାଙ୍କର ତିରୋଧାନଦ୍ୱାରା ଉତ୍କଳର ଅନେକ ସ୍ଥାନ ଶୂନ୍ୟ ହୋଇଗଲା । ତାହା କେବେ ପୂର୍ଣ୍ଣ ହେବ, ସେହି ନିତ୍ୟାନନ୍ଦ ନାରାୟଣଙ୍କୁ ଜଣା । ଉତ୍କଳର କୌଣସି ବ୍ୟକ୍ତିଙ୍କ ସମ୍ବନ୍ଧରେ ଏ କଥା କୁହାଯାଇ ନ ପାରେ । ତେଣୁ ଉତ୍କଳର ମୁଖପତ୍ର "ଉତ୍କଳଦୀପିକା" ଓ "ନବଭାରତ" ସହିତ ଏକମତ ହୋଇ ତାଙ୍କୁ 'ମହାତ୍ମା' ଅଭିଧାନ ପ୍ରଦାନପୂର୍ବକ ହୃଦୟରେ ଆଦର୍ଶ ପୁରୁଷ-ରୂପେ ପ୍ରତିଷ୍ଠିତ କରିବାକୁ ଇଚ୍ଛା ହେଉଅଛି । ଏ ଆଦର୍ଶଟି ଉଣା ନୁହେଁ । ବୁଦ୍ଧଦେବଙ୍କ କର୍ମଯୋଗ, ଶ୍ରୀ ଚୈତନ୍ୟଙ୍କ ଭକ୍ତିଯୋଗ, ଈଶାଙ୍କ ସରଳ ପ୍ରେମ-ଯୋଗ, ମହମ୍ମଦଙ୍କ ନିର୍ମଳ ଏକେଶ୍ୱରବାଦର ସୁନ୍ଦର ସମାବେଶ ଆମ୍ଭମାନଙ୍କ ଚକ୍ଷୁ ସମ୍ମୁଖରେ ହୋଇଅଛି । ଆମ୍ଭେମାନେ ଭାଗ୍ୟବାନ୍, ଯେହେତୁ ଜଣେ ପ୍ରକୃତ ମହାପୁରୁଷ, ମହାପ୍ରାଣ ମହାତ୍ମା, ଭକ୍ତ, ପ୍ରେମିକ, ଜ୍ଞାନୀ, କର୍ମବୀର ଆମ୍ଭମାନଙ୍କ ସମାଜରେ ଉତ୍କଳଜନନୀଙ୍କ କୋଳରେ ଅବତୀର୍ଣ୍ଣ ହୋଇ ଏହି ସମାଜରେ ସ୍ୱ-ଜୀବନର ପ୍ରଭା ବିସ୍ତାର କରି ତିରୋହିତ ହେଲେ । ଉତ୍କଳ-ଜନନୀଙ୍କ ପବିତ୍ର ଅଙ୍କ ମହାପୁରୁଷପୋଷଣାର ଅନୁକୂଳ । ଏହିଠାରେ କର୍ମଯୋଗୀ ଗୌତମବୁଦ୍ଧଙ୍କ ମହାଧର୍ମ ଦୁଇ ସହସ୍ର ବର୍ଷ ଲୀଳାକର

Digitized by srujanika@gmail.com

ଆରତରୁ ଷୋଡ଼ଶ ଶତାବ୍ଦୀରେ ସର୍ବଶେଷ ଲୁପ୍ତ ହେଲା । ଲୁପ୍ତ ହୋଇ ଲୁପ୍ତ ହୋଇନାହିଁ । ଏବେ ମଧ୍ୟ ଶ୍ରୀକ୍ଷେତ୍ରରେ, ଖଣ୍ଡଗିରିରେ, ଉଦୟଗିରିରେ, ଲଳିତଗିରିରେ, କଜଗଡ଼ରେ, ଗ୍ରାମେ ଗ୍ରାମେ ସତ୍ପନ୍ଥୀ ଦଳରେ ବୌଦ୍ଧ-ଧର୍ମର ପ୍ରଭାବ ରହିଅଛି । ଏହିଠାରେ ଶଙ୍କର, କବୀର ପ୍ରଭୃତି ଧର୍ମପ୍ରଚାରକ-ମାନେ ଧର୍ମ ପ୍ରଚାର କରିଥିଲେ । ଶ୍ରୀଚୈତନ୍ୟ ଏହି ସ୍ଥାନକୁ ସ୍ୱୀୟ ପ୍ରେମଧର୍ମର ସାଧନ ଓ ପ୍ରଚାରର ଅନୁକୂଳ ସ୍ଥାନ ଜାଣି ଶେଷ ଜୀବନ ଯାପନ କଲେ । ଏହି ଦେଶରେ ବୌଦ୍ଧ, ଶାକ୍ତ, ଶୈବ, ବୈଷ୍ଣବ ଓ ବ୍ରାହ୍ମଧର୍ମର ସମନ୍ୱୟ ହୋଇଅଛି । ପୁଣ୍ୟଭୂମିର ଅଧିବାସୀ ଉତ୍କଳୀୟମାନଙ୍କ ପ୍ରଶାନ୍ତ, ଧୀର, ସନ୍ତୁଷ୍ଟ ସ୍ୱଭାବ ପାଶ୍ଚାତ୍ୟ ଲୋକମାନଙ୍କ ଦ୍ୱାରା ବା ପାଦ୍ରୀ ପୌତ୍ତଳିକମାନଙ୍କ ଦ୍ୱାରା ଘୃଣିତ ହେଲେ ମଧ୍ୟ ତାହା ଧର୍ମସମନ୍ୱୟର ବିଶେଷତଃ ବୌଦ୍ଧଧର୍ମର ଫଳ ବୋଲି ଅନୁମିତ ହୁଏ । ପଲ୍ଲୀଗ୍ରାମର ମୂର୍ଖ ବୃଦ୍ଧ କୃଷକମାନଙ୍କଠାରୁ ମଧ୍ୟ ଦର୍ଶନର ଶ୍ରେଷ୍ଠ ତତ୍ତ୍ୱମାନଙ୍କ ସୁନ୍ଦର ମୀମାଂସା ଶୁଣାଯାଏ । ଏହି ଉତ୍କଳ ମଧୁସୂଦନଙ୍କର ଉପଯୁକ୍ତ କର୍ମକ୍ଷେତ୍ର ।

ଧର୍ମସାଧନ ଓ ଧର୍ମପ୍ରଚାର :—ମଧୁସୂଦନ ସ୍ୱଭାବତଃ ସାଧକ ଋଷି । ଅତି ଶୈଶବକାଳରୁ ତାଙ୍କ ପ୍ରାଣ ଭଗବତ୍‌ଲାଭେଚ୍ଛୁ ହୋଇ ବ୍ୟାକୁଳ ହୋଇଥିଲା । ସେ ଏ ସମ୍ବନ୍ଧରେ ପ୍ରସଙ୍ଗକ୍ରମେ କେତେକ କଥା କହୁଥିଲେ । ବାଲ୍ୟକାଳରେ ପ୍ରତିଭାବାନ୍ ପୁରୁଷଙ୍କ ମନରେ ବ୍ୟାକୁଳତା ଜାତ ହୁଅନ୍ତେ, ମନେ ମନେ କହୁଲେ, "ହେ ଈଶ୍ୱର ! କେଉଁଠାରେ କପର ଅଛ ମୋତେ ସ୍ୱୟଂ ଦେଖାଦିଅ । ପଥ ପ୍ରଦର୍ଶନ କର ; ଏ ଯେ ଘୋର ସଂସାର ଅରଣ୍ୟ ! କାହିଁ ଯିବି ? ନାନା ମୁନିଙ୍କର ନାନା ମତ । କେଉଁଟି ଗ୍ରହଣୀୟ ?" ଏହିପରି ମାନସିକ ଅବସ୍ଥାରେ ଦିନେ ରାତ୍ରରେ ଯୁବକ ସ୍ୱପ୍ନ ଦେଖିଲେ—ଜ୍ୟୋତ୍ସ୍ନାବିଧୌତ ଆକାଶମଣ୍ଡଳ, ତଳେ ଉତ୍ତାଳ ତରଙ୍ଗମୟ ଗମ୍ଭୀରଗର୍ଜନକାରୀ ଘୋର ସମୁଦ୍ରତଟରେ ସେ ସମାସୀନ । ଦେଖୁଁ ଦେଖୁଁ ସ୍ଥାନଟି ଜଳଶୂନ୍ୟ ହୋଇଗଲା । ଭୟ ଅସି ପ୍ରାଣକୁ ଗ୍ରାସ କଲା । ନିଃଶବ୍ଦ ନିଶୀଥ ସମୟରେ ନିର୍ଜନ ମରୁଭୂମିତୁଲ୍ୟ ବେଳାଭୂମିରେ ଯୁବକ ଆତଙ୍କରେ ଡାକିଲେ, "ହେ ପ୍ରଭୋ ! ମୋତେ ରକ୍ଷା କର । ଅହରେ ବିଭୂତିଭୂଷିତ ଜଟାମଣ୍ଡିତ ଦୀର୍ଘକାୟ ବିରାଟ ପୁରୁଷ ଉଭା ହୋଇ ହସ୍ତସଙ୍କେତରେ ଯୁବକଙ୍କୁ ଅନୁସରଣ କରିବାକୁ ଆଦେଶ ଦେଲେ । ବିଶ୍ୱାସୀ

Digitized by srujanika@gmail.com

ସ୍ୱରର ନିର୍ଦ୍ଦେଶରେ ଆଶ୍ୱାସପ୍ରାପ୍ତ ହୋଇ ଅଗ୍ରସର ହେଲେ । ଶେଷରେ ଦୀର୍ଘାକାର ପୁରୁଷ ତଡ଼ିଦେହଜଳରେ ମିଶି ଏକାକାର ହୋଇଗଲେ । ଯୁବକ ମଧୁସୂଦନଙ୍କର ନିଦ୍ରା ଭଗ୍ନହେଲା । ସେ ବିଚାର କଲେ, ଏ କି ସ୍ୱପ୍ନ ? ଏହାର ସଙ୍କେତ କଣ ? ଏ ଜୀବନ ମରୁଭୂମିରେ ଏ ଭବ ସମୁଦ୍ରରେ ଏକା ସେହି ଭୂମା ଜଗତ୍‌କର୍ତ୍ତା ପରମେଶ୍ୱର ମାନବର ଆଶ୍ରୟସ୍ଥଳ । ଏହି ବିଶ୍ୱାସରେ ଅନୁପ୍ରାଣିତ ହୋଇ ସେ ଧର୍ମଜୀବନ ଆରମ୍ଭ କଲେ । ପ୍ରକୃତ-ପକ୍ଷରେ ଧର୍ମଜୀବନର ଉନ୍ମେଷ ହୋଇଥିଲା । ଶୈଶବ ସୀମାନ୍ତରେ, ଯୌବନ ପ୍ରଭାତରେ ଯାହାଙ୍କ ସ୍ୱପ୍ନ ମଧ୍ୟ ଭକ୍ତର ସ୍ୱପ୍ନ ଥିଲା, ତାହାଙ୍କ ଭକ୍ତ-ଜୀବନ ଅବଶ୍ୟମ୍ଭାବୀ । "ତୁଳସୀ ଦୁଇ ପତ୍ରରୁ ବାସେ । ତୁଳସୀ ବୃକ୍ଷପରି ମଧୁସୂଦନ ପବିତ୍ର ପ୍ରଭାବ ବିସ୍ତାର କରିଯାଇଅଛନ୍ତି ।

ତାଙ୍କ ଜୀବନର ଏହି ଅବସ୍ଥାର ଅନ୍ୟ ଗୋଟିଏ ସ୍ୱପ୍ନର ବୃତ୍ତାନ୍ତ ତାଙ୍କଠାରୁ ମୁଁ ଶୁଣିଅଛି । ଦିନେ ସେ ଦେଖିଲେ, ଜଣେ ସଂସ୍କୃତଜ୍ଞ ବିଖ୍ୟାତ ପଣ୍ଡିତ ପ୍ରକାଣ୍ଡ ଜ୍ୱଳନ୍ତ କାଷ୍ଠଖଣ୍ଡ ସ୍କନ୍ଧରେ ଘେନି ବଡ଼ଦାଣ୍ଡରେ ଦଉଡ଼ୁ-ଅଛନ୍ତି । ଯତ୍‌ପରୋନାସ୍ତି ଯତ୍ନସତ୍ତ୍ୱେ କାଷ୍ଠଖଣ୍ଡ ତାଙ୍କ ସ୍କନ୍ଧଚ୍ୟୁତ ହେଉନାହିଁ । ଯାହାକୁ ପଥରେ ଦେଖୁଛନ୍ତି, ତାହା ଉପରେ ତାହା ନିକ୍ଷେପ କରୁଛନ୍ତି । ଅନେକେ ପ୍ରାଣଭୟରେ ପଳାଉଅଛନ୍ତି । ଯେ ନିକଟରେ ରହୁଛନ୍ତି, ସେ ପୋଡ଼ି ମରୁଅଛନ୍ତି । ଶେଷରେ ପଣ୍ଡିତ ନରେନ୍ଦ୍ରରେ ନିମଗ୍ନ ହେଲେ । ସ୍ୱପ୍ନ ଭାଙ୍ଗିଗଲା । କିଛିକାଳପରେ ଉକ୍ତ ପଣ୍ଡିତ ପ୍ରକୃତରେ ଅଗ୍ନିରେ ଦଗ୍ଧ ହୋଇ ପ୍ରାଣତ୍ୟାଗ କଲେ । ସ୍ୱପ୍ନର ଅର୍ଥ କ'ଣ ? ଉକ୍ତ ପଣ୍ଡିତ ନାସ୍ତିକ ଥିଲେ । ଜ୍ୱଳନ୍ତ କାଷ୍ଠଖଣ୍ଡ ତାଙ୍କର ନାସ୍ତିକତା । ନାସ୍ତିକର ପ୍ରାଣ ସର୍ବଦା ପ୍ରଜ୍ୱଳିତ, କ୍ଲିଷ୍ଟ, ଅଶାନ୍ତିମୟ । ନାସ୍ତିକ ସମ୍ପର୍କରେ ରହିଲେ ମାନବପ୍ରାଣ ଦଗ୍ଧ, ଅଶାନ୍ତିମୟ ହୋଇଯାଏ । ପରିଣାମରେ କୃପାମୟଙ୍କ କୃପାବାରିରେ ଚିର ବିଶ୍ରାମ ମିଳେ । ମଧୁସୂଦନଙ୍କର ଉଦ୍ଦାମ ଯୌବନରେ ଏହିପରି ଧର୍ମଜୀବନର ଭିତ୍ତି ସ୍ଥାପିତ ହୋଇଥିଲା । ଆହା କି ଅମୃତମୟ ଜୀବନ ! ଯେଉଁ ସଙ୍କଟମୟ ବିଷମ ଯୌବନରେ ମାନବ ରିପୁବିତାଡ଼ିତ ହୋଇ, ପାପାନୁଷ୍ଠାନ କରି, ବାର୍ଦ୍ଧକ୍ୟକୁ ଧର୍ମଜୀବନର ଉପଯୁକ୍ତ କାଳ ବୋଲି ମଣେ, ସେହି ବିଷମ ଯୌବନରେ କି ଧର୍ମପ୍ରବଣ ପୁଣ୍ୟଜୀବନର ସୂତ୍ରପାତ ହେଲା !

Digitized by srujanika@gmail.com

ତାଙ୍କର ସମବୟସ୍କ ସମଧର୍ମୀ ବହୁ ଜଣ ବନ୍ଧୁ ଥିବାର ସେ ଅନେକ ଥର କହୁଥିଲେ । ଏକାନ୍ତକମୀର ପ୍ରତିଷ୍ଠାତା, ଐତିହାସିକ, ବକ୍ତା, ଗାନ୍ଧୁ ସ୍ୱର୍ଗୀୟ ପ୍ୟାରୀମୋହନ ଅଗ୍ରୱାଲ, ଡେପୁଟୀ ଇନ୍‌ସ୍‌ପେକ୍ଟର ଶ୍ରୀଯୁକ୍ତ ଭଗବତୀଚରଣ ଚଟ୍ଟୋପାଧ୍ୟାୟ, ନାଳଗମାବୃଣ ର କବି ଶ୍ରୀଯୁକ୍ତ ବଳରାମ ଦାସ, ବ୍ରହ୍ମପୁରର ବିଖ୍ୟାତ ଓକିଲ ଶ୍ରୀଯୁକ୍ତ ବିପ୍ରଚରଣ ଚଟ୍ଟୋପାଧ୍ୟାୟ । ଏହି ବହୁ ଜଣ ଏକପ୍ରାଣରେ ସ୍ୱଦେଶର ଦୁର୍ଦ୍ଦଶା ଦୂର କରିବାରେ ବଦ୍ଧପରିକର ହୋଇଥିଲେ । ସମସ୍ତଙ୍କ ପ୍ରାଣରେ ବ୍ରହ୍ମଭକ୍ତି, ସାହିତ୍ୟସେବା, ସ୍ୱଦେଶପ୍ରୀତିର ଉଚ୍ଛ୍ୱାସ ଜାଗ୍ରତ ହୋଇଥିଲା । ଅନ୍ୟମାନେ ନିଜ ନିଜ ରୀତି ଅନୁସରି ସମାଜରେ ପ୍ରତିଷ୍ଠା ଲଭିଲେ । ମଧୁସୂଦନ ଓ ପ୍ୟାରୀମୋହନ ନବନାରାୟଣ ସଦୃଶ ଅଭେଦାତ୍ମା ହୋଇ ଶେଷ ପର୍ଯ୍ୟନ୍ତ ବ୍ରହ୍ମୋପାସନା, ସାହିତ୍ୟସେବା, ଶିକ୍ଷାବିସ୍ତାରରେ ନିବିଷ୍ଟମନା ହୋଇଥିଲେ ।

ଏଫ୍. ଏ. ପାଶ୍ କରି ସେ ଯାଜପୁର ବିଦ୍ୟାଳୟରେ ଯେତେବେଳେ ପ୍ରଧାନଶିକ୍ଷକ ସ୍ୱରୂପ ଚାର୍ଜ କରୁଥିଲେ, ସେତେବେଳେ ତାଙ୍କର ପୂର୍ଣ୍ଣ ଯୌବନ । ଏହି ପୂର୍ଣ୍ଣ ଯୌବନରେ ହିଁ ତାଙ୍କର ଧର୍ମପିପାସା ପୂର୍ଣ୍ଣରୂପେ ଜାଗ୍ରତ ହୋଇଥିଲା । ଗମ୍ଭୀର ନିର୍ଜନ ନିଶୀଥରେ ସେ ଅନନ୍ତ ଆକାଶକୁ ଅନାଇ ପ୍ରାଣେଶ୍ୱରଙ୍କୁ ବ୍ୟାକୁଳ ଭାବରେ ଅନ୍ୱେଷଣ କରୁଥିଲେ । ତାଙ୍କ ନୟନରୁ ଦର ଦର ଧାରରେ ବିଚ୍ଛେଦାଶ୍ରୁ ପ୍ରବାହିତ ହେଉଥିଲା । ସେହି ଅଶ୍ରୁପାତର ଜଣେମାତ୍ର ସାକ୍ଷୀ ଅଛନ୍ତି ବୋଲି ସେ ଥରେ କହୁଥିଲେ । ସେ ସାକ୍ଷୀ ତାଙ୍କର ଚତୁର୍ଦ୍ଦଶବର୍ଷୀୟା ସହଧର୍ମିଣୀ । କି ଗଭୀର ଧର୍ମପିପାସା, କି ଅପୂର୍ବ ଅସାଧାରଣ ଈଶ୍ୱର-ପ୍ରୀତି ! ଧ୍ରୁବ, ପ୍ରହ୍ଲାଦ କଳିକାଳରେ ପଥ ଦେଖାଇଅଛନ୍ତି । ଏହାପରେ କ୍ରମଶଃ ପଡ଼ି ମାର୍ଟିନୋ, ଥିଓଡ଼ର ପାର୍କର ପ୍ରଭୃତିଙ୍କ ଗ୍ରନ୍ଥ, ପାଶ୍ଚାତ୍ୟ ଦର୍ଶନଶାସ୍ତ୍ର, ଉପନିଷତ୍. ଗୀତା, ପଞ୍ଚଦଶୀ ପ୍ରଭୃତି ସଂସ୍କୃତ ଦର୍ଶନ, ରାମମୋହନ, ଦେବେନ୍ଦ୍ରନାଥ, କେଶବଚନ୍ଦ୍ର ପ୍ରଭୃତି ମହାପୁରୁଷଙ୍କ ଜୀବନଚରିତ ଓ ଉପଦେଶାମୃତ ପ୍ରାପ୍ତହୋଇ ମଧୁସୂଦନ ସ୍ୱୀୟ ଧର୍ମଜୀବନକୁ ଦୃଢ଼ ଭିତ୍ତି ଉପରେ ସଂସ୍ଥାପନପୂର୍ବକ ବହୁବର୍ଷବ୍ୟାପୀ ସାଧନାଦ୍ୱାରା ନିଜ ମନରେ ଏବଂ ବହୁବର୍ଷବ୍ୟାପୀ ପ୍ରଚାରଦ୍ୱାରା ଉତ୍କଳରେ ବ୍ରାହ୍ମଧର୍ମକୁ ପ୍ରତିଷ୍ଠିତ କରିଯାଇଅଛନ୍ତି । ତାଙ୍କର ଜୀବନର ସୁନ୍ଦର ପବିତ୍ର, ଉଦାର ଆଦର୍ଶ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ତଦୀୟ

Digitized by srujanika@gmail.com

ଉପାସନା, କବିତା, ପ୍ରବନ୍ଧ, ସଙ୍ଗୀତ, ଆଳାପ—ନାନା ଭାବରେ ଅନେକ ପ୍ରାଣକୁ ସ୍ପର୍ଶ କରିଅଛି । ଭଗବାନ କରନ୍ତୁ, ସେହି ସୃଷ୍ଟ ଜପ୍ତ ବୀଜ କାଳକ୍ରମେ ମହାଦ୍ରୁମରେ ପରିଣତ ହେଉ । ଜୀବନ କେବେ ବୃଥା ଦୁଏନାହିଁ । ଏତେ ବଡ଼ ସାଧୁଜୀବନ କି କେବେ ବୃଥା ହେବ ? ବ୍ରାହ୍ମସମାଜଦ୍ୱାରା ହେଉ, ବା ତତ୍‌ସୃଷ୍ଟ ସୁସଂସ୍କୃତ ସାହିତ୍ୟ ସାହାଯ୍ୟରେ ହେଉ, ତାଙ୍କ ଜୀବନର ଫଳ ବହୁଦୂରବ୍ୟାପୀ ହେବ, ଏହା ଅସ୍ମମାନଙ୍କର ବିଶ୍ୱାସ ଏବଂ ଆଶା । ମଧୁସୂଦନଙ୍କ ଜୀବନର ଫଳସ୍ୱରୂପ, ତାଙ୍କର ଜୀବନବ୍ୟାପୀ କାର୍ଯ୍ୟର ସଫଳତା ସ୍ୱରୂପ ତାଙ୍କର ଉପଯୁକ୍ତ ଶିଷ୍ୟ ବିଶ୍ୱନାଥ କରଙ୍କୁ ସେ କାର୍ଯ୍ୟକ୍ଷେତ୍ରରେ ରଖି ଯାଇଅଛନ୍ତି । ବ୍ରାହ୍ମସମାଜକୁ ଉତ୍କଳର ନିଜସ୍ୱ (an institution of the soil) କରିବା ମଧୁସୂଦନଙ୍କ ଜୀବନର ପ୍ରଧାନ ଆକାଂକ୍ଷା ଥିଲା । ଏହି ଆଶା କେବଳ ବିଶ୍ୱନାଥଙ୍କ ଜୀବନରେ ଫଳବତୀ ହୋଇଅଛି ଓ ହେବ । ସେ ଯାହା କହନ୍ତୁ ବା କରନ୍ତୁ ବ୍ରାହ୍ମସମାଜ ଉତ୍କଳରେ ବର୍ତ୍ତିକାସ୍ୱରୂପ ଥାଇ ଖଣ୍ଡ ଖଣ୍ଡ ସଂସ୍କାରକ ସମାଜ ବା ଦଳର ଆଦର୍ଶସ୍ୱରୂପ କାର୍ଯ୍ୟ କରୁଅଛି ।

ଶିକ୍ଷା ବିସ୍ତାର :—ଶିକ୍ଷା ବିସ୍ତାରାର୍ଥେ ମଧୁସୂଦନ ଚିରଜୀବନ ସଚେଷ୍ଟ ଥିଲେ । ସକଳ ଉନ୍ନତିର ମୂଳ ଶିକ୍ଷା । ଶିକ୍ଷା ବିସ୍ତାର ହେଲେ ସମାଜସଂସ୍କାର ସହଜ ହେବ । ଏକପ୍ରାଣ ସଖା ପ୍ୟାରୀମୋହନ ଯେତେବେଳେ ଏକାଡେମୀ ସ୍ଥାପନ କଲେ, ମଧୁସୂଦନ ତାଙ୍କର ଦକ୍ଷିଣ ହସ୍ତ ଥିଲେ । ପ୍ରଥମେ ଏକାଡେମୀ ବ୍ରାହ୍ମସମ୍ପୃକ୍ତ ବିଦ୍ୟାଳୟ ଥିଲା । ବିପିନଚନ୍ଦ୍ର ପାଲ ପ୍ରଭୃତି ତିନି ଜଣ ଉତ୍ସାହୀ ବ୍ରାହ୍ମ ଯୁବକ ଏହି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତ ହୋଇଥିଲେ । ଏବେ ସେହି ବିପିନଚନ୍ଦ୍ର ପାଲ ଭାରତବିଖ୍ୟାତ ବକ୍ତା । ଅକାଳରେ ପ୍ୟାରୀମୋହନଙ୍କ ତିରୋଧାନ ହେତୁ ଉକ୍ତ ବିଦ୍ୟାଳୟ ବ୍ରାହ୍ମମାନଙ୍କ କର୍ତ୍ତୃତ୍ୱାଧୀନତାରୁ ଗଲା । ପ୍ରଥମରୁ ବ୍ରାହ୍ମମାନଙ୍କର ମାଘୋତ୍ସବ ଦିନ ଏକାଡେମୀ ବନ୍ଦ ହେଉଥିଲା । ପରେ କୌଣସି କାରଣରୁ ବନ୍ଦ ନ ହେବାରୁ ରାଓ ଦିନେ କ୍ଷୋଭ ପ୍ରକାଶ କରୁଥିବାର ଶୁଣିଥିଲୁ । କିନ୍ତୁ ପ୍ୟାରୀମୋହନଙ୍କ ଏକାଡେମୀ ପ୍ରତି ରାଓଙ୍କର ଚିରସ୍ନେହ ଥିଲା । ଟାଉନ ସ୍କୁଲ ଅରେ ଏଣ୍ଟ୍ରାନ୍ସ ସ୍କୁଲରେ ପରିଣତ ହୋଇ ପ୍ରଥମ ଶ୍ରେଣୀ ଏକାଡେମୀରେ ସମ୍ମିଳିତ ହୋଇଯାଇଥିଲା । ପ୍ରବଳ

Digitized by srujanika@gmail.com

ପୁଣି ଏଣ୍ଟ୍ରାନ୍ସ୍ ସ୍କୁଲକୁ ଉନ୍ନୀତ ହୋଇଅଛି । ପ୍ୟାରୀମୋହନଙ୍କ ଜୀବିତ-କାଳରେ ଓ ପ୍ରାଣାନ୍ତେ ତାଙ୍କ ପ୍ରତି ମଧୁସୂଦନ ଚିରକାଳ ଗଭୀର ପ୍ରୀତି ପୋଷଣ କରୁଥିଲେ । ବସନ୍ତଗାଥାରେ କବି ସଖାଙ୍କ ପ୍ରତି ତାଙ୍କର ମନୋଭାବ ପ୍ରକାଶ କରିଅଛନ୍ତି । ଅଲୌକିକ ସ୍ୱାର୍ଥତ୍ୟାଗପୂର୍ବକ ପ୍ୟାରୀମୋହନ ଏକାଡେମୀ ଚଳାଉଥିଲେ । ତାଙ୍କର ଅକାଳମୃତ୍ୟୁରେ ଏକାଡେମୀ ଅରକ୍ଷିତ ହେଲା । ତତ୍ପୂର୍ବରୁ ସ୍ୱୀୟ ଅପ୍ରିୟ ସ୍ପଷ୍ଟବାଦିତାବଶତଃ ପ୍ୟାରୀମୋହନଙ୍କ ସହିତ କଣ୍ଟେ ଇନ୍ସ୍‌ପେକ୍ଟର ରାଧାନାଥଙ୍କର ମନୋମାଳିନ୍ୟ ହୋଇଥିଲା । କିନ୍ତୁ ଅକପଟ ସ୍ୱାର୍ଥତ୍ୟାଗ କେବେହେଁ ବୃଥା ହୁଏନାହିଁ । ପରମ ସ୍ନେହପାତ୍ର ମଧୁସୂଦନଙ୍କ ପୁଣ୍ୟ ଚରିତ୍ରିନାରେ ଉଦାରଚେତା ରାଧାନାଥ ସର୍ବପ୍ରକାର ମନୋମାଳିନ୍ୟ ପରିତ୍ୟାଗ କରି ଏପରି ରିପୋର୍ଟ କଲେ ଯେ, ତଦ୍ଦ୍ୱାରା ଏକାଡେମୀ ସରକାରୀ ସାହାଯ୍ୟ ପାଇଲା ଏବଂ ଅଳ୍ପପର୍ଯ୍ୟନ୍ତ ପାଇ ଦିନକୁ ଦିନ ବର୍ଦ୍ଧିଷ୍ଣୁ ହୋଇ ବର୍ତ୍ତମାନ ଅବସ୍ଥା ପ୍ରାପ୍ତ ହୋଇଅଛି । ଓ଼ାଜନ ସ୍କୁଲକୁ ମଧୁସୂଦନ ବହୁ ଯତ୍ନ ଓ ସ୍ୱାର୍ଥତ୍ୟାଗପୂର୍ବକ ରକ୍ଷା କରି ଶେଷରେ ତାହାକୁ ଏଣ୍ଟ୍ରାନ୍ସ ସ୍କୁଲରେ ପରିଣତ କଲେ ଏବଂ ଜରାଜୀର୍ଣ୍ଣ ରୁଗ୍ଣ ଶରୀରରେ ନାନା ସ୍ଥାନ ପରିଭ୍ରମଣପୂର୍ବକ ଅର୍ଥ ସଂଗ୍ରହ କରି ଏବଂ ନିଜେ ଅନେକ ଅର୍ଥ ଦାନ କରି ବିଦ୍ୟାଳୟର ଗୋଟିଏ ସୁନ୍ଦର ଅଟ୍ଟାଳିକା ନିର୍ମାଣ କରାଇଦେଇ ଅଛନ୍ତି । ସେ ଅନେକ ସମୟରେ ନାନା କାର୍ଯ୍ୟ ମଧ୍ୟରେ ଏହି ବିଦ୍ୟାଳୟ ସନ୍ଦର୍ଶନ କରୁଥିଲେ ଏବଂ ଅନେକ ସମୟରେ ନିଜେ ଶିକ୍ଷା ଦେଇ ଶିକ୍ଷକମାନଙ୍କୁ ଆଦର୍ଶ ପ୍ରଦର୍ଶନପୂର୍ବକ ଛାତ୍ରବୃନ୍ଦର ମହୋପକାର ସାଧନ କରୁଥିଲେ । ଈଶ୍ୱରାରାଧନା, ଧର୍ମୋପଦେଶ ପ୍ରଦାନ, ନୈତିକ ଗଳ୍ପ-କଥନପୂର୍ବକ ନୀତିଶିକ୍ଷା ପ୍ରଦାନ, ବହୁ ଛାତ୍ରଙ୍କୁ ଅବୈତନିକ ଭାବରେ ଶିକ୍ଷା ପ୍ରଦାନ ଏହି ବିଦ୍ୟାଳୟର ବିଶେଷତ୍ୱ । ସରକାରୀ ସାହାଯ୍ୟ ନେଲେ ସରକାରୀ ନିୟମର କଠୋର ଜାଲରେ ଆବଦ୍ଧ ହୋଇ ଉକ୍ତ କାର୍ଯ୍ୟଗୁଡ଼ିକ ବନ୍ଦ କରିବାକୁ ହେବ, ଏହି ଭୟରେ ସେ ସରକାରୀ ସାହାଯ୍ୟ ନେଉ ନ ଥିଲେ । ବହୁ ସମ୍ପ୍ରଦାୟପୂର୍ଣ୍ଣ ଭାରତର ନ୍ୟାୟଶୀଳ ଇଂରେଜରାଜ ନିରପେକ୍ଷ ନୀତି (**Neutral Policy**) ଅବଲମ୍ବନ କରିବାକୁ ବାଧ୍ୟ ହୋଇଅଛନ୍ତି, ତାହା ଉତ୍ତମ ହୋଇଅଛି । ସରକାରୀ ବିଦ୍ୟାଳୟରେ ଧର୍ମଶିକ୍ଷାର ଉପାୟ ନାହିଁ, ଅଥଚ ଲୋକେ ପଢ଼ୁ ରାଜା ମହାରାଜା ମଧ୍ୟ ସରକାରୀ ସାହାଯ୍ୟ ନେଉ, ଏହି ନିୟମର କଠୋର ଅଙ୍ଗୀକାରରେ ଗ୍ରହଣ କରୁଅଛନ୍ତି—

Digitized by srujanika@gmail.com

ସେମାନଙ୍କର ତାହାର ପ୍ରୟୋଜନ ନାହିଁ । ଏପରି ସ୍ଥଳରେ ଜଣେ ଉଚ୍ଚ ସରକାରୀ କର୍ମଚାରୀ ବାରମ୍ବାର ପ୍ରାର୍ଥିତ ହୋଇ ମଧ୍ୟ ସରକାରୀ ସାହାଯ୍ୟ ନ ନେବାର କି ଅପୂର୍ବ ଆଦର୍ଶ । ସରକାର ତାଙ୍କର ପ୍ରାର୍ଥନା ରଖିଲେ । ଏବେ ଦେଶବାସୀ ନିଜ ସନ୍ତାନମାନଙ୍କ ଶିକ୍ଷାଭାର ନିଜେ ଗ୍ରହଣ କରନ୍ତୁ । ପ୍ରତି କଥାରେ ସରକାରଙ୍କ ମୁଖାପେକ୍ଷୀ ହେଉଅଛ କାହିଁକି ? ଏହି ଉଚ୍ଚ ଆଦର୍ଶ ଓଡ଼ିଆ ଭିକ୍‌ଟୋରିଆ ସ୍କୁଲ ପ୍ରଥମେ ପ୍ରଦର୍ଶନ କରିଅଛି । ଧନ୍ୟ ମଧୁସୂଦନ ! ଏହି ସ୍କୁଲ ସମ୍ପର୍କରେ ଗୋଟିଏ ଛାତ୍ରାବାସ ଓ କ୍ରୀଡ଼ାଭୂମି ସ୍ଥାପନ କରିବା ତାଙ୍କର ଅଭିପ୍ରେତ ଥିଲା । ଦେଶବାସୀ ବା ତାଙ୍କର ସୁଯୋଗ୍ୟ ଭ୍ରାତା ଓ ପୁତ୍ରମାନେ ତାହା କରିବେ କି ?

ରେଭେନ୍‌ସା ହିନ୍ଦୁ ବାଳିକା ବିଦ୍ୟାଳୟ ଓ ଦେବୀ ରାୟଙ୍କ ଆଦର୍ଶ ବାଳିକା ବିଦ୍ୟାଳୟରେ ମଧୁସୂଦନ ଯଥାସାଧ୍ୟ ସାହାଯ୍ୟ ଦାନ କରିଥିଲେ । ବିଦ୍ୟାଳୟ ସଂସ୍ଥାପନ ବ୍ୟତୀତ ସାମୟିକ ପତ୍ରିକାର ପ୍ରବର୍ତ୍ତନ, ପୁସ୍ତକ ପ୍ରଣୟନ ଓ ମଫସଲ ଗସ୍ତ ସମୟରେ ନାନା ଉପଦେଶ ପ୍ରଦାନଦ୍ୱାରା ମଧୁସୂଦନ ଶିକ୍ଷା ବିସ୍ତାରରେ ସାହାଯ୍ୟ କରିଅଛନ୍ତି । ବିଦ୍ୟାଳୟର ବହୁ ପୁସ୍ତକ ତାଙ୍କଦ୍ୱାରା ବା ତଦୀୟ ତତ୍ତ୍ୱାବଧାନରେ ପ୍ରଣୀତ ହୋଇଅଛି । ନାନା ସାମୟିକ ପତ୍ରିକା ତାଙ୍କ ପ୍ରବର୍ତ୍ତନା ବା ସହାୟତାରେ ପ୍ରକାଶିତ ହୋଇଥିଲା ।

ପାରିବାରିକ ଧର୍ମ ପାଳନ ଓ ଅତିଥିସତ୍କାର :—ମାନବ ଧର୍ମ୍ମ ସାର୍ବ । ତାହା ବନ୍ଧୁ ଦଳରେ ନିୟୋଜିତ ହୋଇପାରେ ନାହିଁ । ମଧୁସୂଦନ ଜାଗ୍ରତ ଗୃହସ୍ଥାଶ୍ରମୀ । ପୁତ୍ରକନ୍ୟାମାନଙ୍କର ଚରିତ୍ର ସଂଗଠନରେ ସେ ତାଙ୍କର ହସ୍ତମୁଦ୍ରା ସୁସ୍ପଷ୍ଟ । ସନ୍ତାନମାନଙ୍କୁ ବିଦ୍ୟାଳୟକୁ ପଠାଇ ନିଶ୍ଚିନ୍ତ ନ ହୋଇ ସେ ନିଜେ ଶିକ୍ଷା ଦେଉଥିଲେ । ପରିବାରକୁ ଘେନି ନିୟମିତ ଉପାସନା କରୁଥିଲେ । ଅନେକଥର ଦିବା ୯ ଘଣ୍ଟା ସମୟରେ ଦେଖା କରିବାକୁ ଯାଇ ବନ୍ଧୁମାନଙ୍କୁ ବାହାରରୁ ଗମ୍ଭୀର ବ୍ରହ୍ମୋପାସନା ବା ମଧୁର ବ୍ରହ୍ମସଙ୍ଗୀତ ଶୁଣି ପ୍ରତ୍ୟାଗତ ହେବାକୁ ହେଉଥିଲା । ପୁତ୍ର, କନ୍ୟା-ମାନଙ୍କ ଶିକ୍ଷାରେ ଅଜସ୍ର ଅର୍ଥ ବ୍ୟୟ କରିବାକୁ ସେ କୁଣ୍ଠା ପ୍ରକାଶ କରୁ ନ ଥିଲେ । ତାହାର ଫଳ ଫଳିଅଛି । ସୁନ୍ଦର ବ୍ରାହ୍ମ ପରିବାରଧାରା ଉତ୍କଳରେ ପ୍ରବାହିତ ହେଉଅଛି—"ପବିତ୍ର ସଲିଳା ଯେପରି ରେବା

ସରସ୍ୱତୀ’, ଉତ୍କଳର ଜଣେ ପ୍ରଧାନ ନାଟ୍ୟକବି ଏହି ବଂଶରେ ଜନ୍ମଗ୍ରହଣ କରିଅଛନ୍ତି । ଭ୍ରାତୃସ୍ନେହ, ପିତୃମାତୃଭକ୍ତି, ଏକପତ୍ନୀବ୍ରତ, ସନ୍ତାନବାତ୍ସଲ୍ୟ ସର୍ବ ବିଷୟରେ ସେହି ପରିବାର ଆଦର୍ଶସ୍ଥାନୀୟ । କେତେ ଉଦାର ହୃଦୟକୁ ପବିତ୍ର କରେ । ଦିନକର କଥା, ଦିନେ ବୃଦ୍ଧ ଜଗୁ ସମ୍ମୁଖରେ ବସି ହାତଯୋଡ଼ି କହୁଛନ୍ତି, “ଜଗୁ ! ତୁମ୍ଭେ ବୟସରେ ବଡ଼ । କାର୍ଯ୍ୟରେ ହେଳା କରିଥିବାରୁ ରଗିଯାଇ ଗାଳି ଦେଲି । ତୁମ ମନରେ କଷ୍ଟ ହୋଇଥିବ । ତୁମ୍ଭେ ମୋତେ କ୍ଷମା ଦିଅ ।” ଜଗୁ ତ ନୀରବ । ଏ କି କଥା ! ମୋର ତ ଭୁଲ୍ । ଗାଳି ଦେଲେ ତ କ’ଣ ହେଲା ? କିନ୍ତୁ ତାହା କହିଲେ କ’ଣ ହେବ ? କାମ କଲେ ତ ଭୁଲ୍ ହୁଏ । ଗାଳି ଦେବା ଯେ ଅନ୍ୟାୟ ! ଜଗୁ ! ମୋତେ କ୍ଷମା ଦେବାକୁ ହେବ ! ହାୟ ! ଏ ସଂସାରରେ ସ୍ୱର୍ଗର ଚିତ୍ର କିଏ ଦେଖାଇଲା ? ଏ ଯେ କଳ୍ପିତ ସ୍ୱର୍ଗୀୟ ଚିତ୍ରବତ୍ ପ୍ରତୀୟମାନ ହୁଏ । ଦପ୍ତରି, ଚପରାସି, ଚୌକିଦାର, ମେହେନ୍ତର ପରିବର୍ତ୍ତେ ଭୃତ୍ୟମାନଙ୍କୁ ସେ ନାମଧରି ଡାକୁଥିଲେ । ଦୋଷ ଦେଖି ଜୋରିମାନା କରି ଅନେକ ସମୟରେ ତାହା ହାତରୁ ଦେଉଥିଲେ । ଦାନ ଦେଲେ କର୍ମଚାରୀଙ୍କ ମନରେ କଷ୍ଟ ହେବ ବୋଲି ଧାର ଦେଇ ପାସୋରି ପକାଉଥିଲେ । କି ଆଦର୍ଶ ! **Plain living high thinking** ତାଙ୍କ ଜୀବନରେ ସୁନ୍ଦରରୂପେ ପ୍ରଦର୍ଶିତ ହୋଇଥିଲା । ସେ ନିଜେ ପକ୍ଷୀର ଆହାର କରୁଥିଲେ । ତାଙ୍କ ଗୃହ ସର୍ବଦା ଅବାରିତ-ଦ୍ୱାର ଥିଲା । କଲିକତା ପ୍ରଭୃତି ନାନା ସ୍ଥାନରୁ ଅତିଥି ଆସି ସେହି ପରିବାରକୁ ଜନକ ରାଜର୍ଷିଙ୍କ ତପୋବନମଠସ୍ୱରୂପ ମଣି ତହିଁରେ ଆଶ୍ରୟ ନେଉଥିଲେ । ଅତିଥିସେବା ଓ ଦାନ ନିମିତ୍ତ ଋଣଗ୍ରସ୍ତ ହୋଇମଧ୍ୟ ସେହି ଏହି ଧର୍ମ ପାଳନ କରୁଥିଲେ ।

ସମାଜସଂସ୍କାର :—ମଧୁସୂଦନ ଉଦ୍ଦାମ ମୂଳୋତ୍ପାଟକ ବିପ୍ଳବକାରୀ ନ ଥିଲେ, ଅଥବା ଅନ୍ଧ ବନ୍ଧନକାରୀ ଉଭୟ କୁଳରକ୍ଷାକାରୀ ନ ଥିଲେ । ସେ ଯାହା ସତ୍ୟ ବୁଝିଥିଲେ, ତାହା ଧ୍ରୁବରୂପେ, ଦୃଢ଼ରୂପେ ପ୍ରାଣରେ ଧାରଣପୂର୍ବକ କାର୍ଯ୍ୟରେ ପରିଣତ କରୁଥିଲେ । ବେଳେ ବେଳେ ଆବଶ୍ୟକ ହେଲେ ସିଂହବିକ୍ରମରେ ସ୍ୱୀୟ ଅନ୍ତର୍ନିହିତ ଉତ୍ସାହ, ବିଶ୍ୱାସ, ସଂସ୍କାର ବୁଦ୍ଧି ବିଷୟରେ ସାକ୍ଷ୍ୟ ପ୍ରଦାନ କରୁଥିଲେ । ପରନ୍ତୁ ତାହାର

Digitized by srujanika@gmail.com

ମନରେ କଦାପି ବୃଥା କଷ୍ଟ ଦେଉ ନ ଥିଲେ। ମହମ୍ମଦଙ୍କ ତେଜ ଓ ଈଶାଙ୍କ ନମ୍ରତା ତାଙ୍କଠାରେ ଏକାଧାରରେ ସନ୍ନିବିଷ୍ଟ ଥିଲା। ମୂଳତଃ ଆରିଷ୍ଟଟଲଙ୍କ ସୁବର୍ଣ୍ଣ ପନ୍ଥାକୁ (Aristotle's Golden mean) ସେ ଜୀବନର ଅଙ୍ଗୀଭୂତ କରିଥିଲେ। ଥରେ ଜଣେ ଉତ୍ସାହୀ ଯୁବକ କହିଲେ, "ଆମ୍ଭଙ୍କର ଦେଶୀୟତାର ପ୍ରତିକାରସ୍ୱରୂପ ଇଂରେଜଙ୍କ ବୈଦେଶିକତା ସଂସ୍ଥାପନ ହେଲେ ପରିଣାମରେ ସାମଞ୍ଜସ୍ୟ ଆସିବ।" ରାଓ ମହୋଦୟ ଧୀର ଭାବରେ କହିଲେ, "ସତ୍ୟର ଜୟ ଅବଶ୍ୟମ୍ଭାବୀ। ଯାହା ପ୍ରକୃତ ଲକ୍ଷ୍ୟ, ତାହାର ହିଁ ପ୍ରତିଷ୍ଠା କର। ଅଧିକ ନୁହେଁ, କି ଅଳ୍ପ ନୁହେଁ।" ସେ ସଂସ୍କାରକମାନଙ୍କର ବୃଥା ଉଚ୍ଛୃଙ୍ଖଳତାପ୍ରତାଡ଼ିତ ହୋଇ ଲୋକଙ୍କ ପ୍ରାଣରେ ଆଘାତ ଦେବାର ପକ୍ଷପାତୀ ନ ଥିଲେ। ଯାହା ସ୍ୱଦେଶର ସାର ଓ ସୁନ୍ଦର ତାହା ରକ୍ଷା କର। ଯାହା ବିଦେଶର ସାର, ଗ୍ରହଣୀୟ, ଆଦର୍ଶ ତାହା ଗ୍ରହଣ କର। ଖ୍ରୀଷ୍ଟଙ୍କ ସରଳ ଧର୍ମଜୀବନକୁ ସେ ଶ୍ରେଷ୍ଠ ମଣୁଥିଲେ। ସ୍ୱଦେଶର ହେଲେ ମଧ୍ୟ ଶ୍ରୀକୃଷ୍ଣଙ୍କର ଗୋଲମାଳିଆ ବୈଷ୍ଣବୀୟ ଆଦର୍ଶ ବିଷୟରେ ସ୍ୱୀୟ କଥୋପକଥନ ବା ରଚନାଦିରେ ତୃଷ୍ଣୀମ୍ଭାବ ଅବଲମ୍ବନ କରିଯାଇଅଛନ୍ତି। ଯାହା ନୈତିକ ଭାବରେ ଅସୁନ୍ଦର, ତାହା କାବ୍ୟକଳା ହିସାବରେ ଯେତେ ସୁନ୍ଦର ହେଉପଛେ, ସେ ତାହାର ଆଶ୍ରୟ କଦାପି ଗ୍ରହଣ କରିନାହାନ୍ତି। ତାହା ବିଷବତ୍ ପରିତ୍ୟାଗ କରିଅଛନ୍ତି। ତାଙ୍କର ସମାଜସଂସ୍କାରର ଏହି ଆଦର୍ଶର ଫଳ ଫଳିଅଛି। ସୂକ୍ଷ୍ମଭାବରେ ପର୍ଯ୍ୟାଲୋଚନା କଲେ ସ୍ମରଣୀୟ କାଳମଧ୍ୟରେ କେତେ ପରିବର୍ତ୍ତନ ହୋଇଗଲା, ଭାବି ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ। ପ୍ରଚାର ନାହିଁ, ବକ୍ତୃତା ନାହିଁ, ବିରୋଧ ନାହିଁ, ଗଣ୍ଡଗୋଳ ନାହିଁ, ସାମାଜିକ ଅତ୍ୟାଚାର ପ୍ରପୀଡ଼ନ, ଗୃହ ବହିଷ୍କରଣ ନାହିଁ, ଅଥଚ ନୀରବରେ ଧୀରେ ଧୀରେ ସମାଜରେ, ସାହିତ୍ୟରେ, ନଗରରେ, ପଲ୍ଲୀରେ, ପ୍ରାଚୀନ ପଣ୍ଡିତମଣ୍ଡଳୀରେ, ନବ୍ୟ ଶିକ୍ଷିତମଣ୍ଡଳୀରେ ଉଦାର ବିଶ୍ୱଜନୀନ ଭାବ, ସୁସଂସ୍କୃତ ଜ୍ଞାନୋଜ୍ଜ୍ୱଳ ଧର୍ମବିଶ୍ୱାସ ପ୍ରଚୁରିତ, ପରିଗୃହୀତ, ଦୈନନ୍ଦିନ ଜୀବନର ଅଙ୍ଗୀଭୂତ ହୋଇଯାଉଛି। ଗୋଟିଏ ମାତ୍ର ଦୃଷ୍ଟାନ୍ତ ଦିଆଯାଉ। ସମଗ୍ର ଉତ୍କଳର ସମଗ୍ର ସଂପ୍ରଦାୟରେ ଆଦୃତ ମୁଖପତ୍ର "ଉତ୍କଳଦୀପିକା" ଜଣେ ବ୍ରାହ୍ମ ଆଚାର୍ଯ୍ୟଙ୍କୁ ମୁନି ଆଖ୍ୟା ପ୍ରଦାନପୂର୍ବକ ତାଙ୍କ ସମ୍ବନ୍ଧରେ କି ଉଚ୍ଚ ମନ୍ତବ୍ୟ ଦେଇଅଛନ୍ତି, ତାହା ପରିଶିଷ୍ଟରେ ପାଠ କରନ୍ତୁ। "ବିଗତ କତିପୟ ବର୍ଷ ମଧ୍ୟରେ ଏହି

Digitized by srujanika@gmail.com

ପଡ଼ିବା ପୌତ୍ତଳିକ ହିନ୍ଦୁଧର୍ମ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ମଧ୍ୟ ପୂର୍ବବତ୍ ଅଦ୍ଭୁତ ହୋଇଅଛିଅଛି । ବ୍ରାହ୍ମସମାଜର ବହୁ ବର୍ଷ ଜଙ୍ଗଲରେ ଅବସ୍ଥିତ କି ଏହା ମୂଳରେ ପରୋକ୍ଷଭାବରେ ରହି କାର୍ଯ୍ୟ କରି ନାହିଁ ?" ସେ ଅନେକ ସମୟରେ କହୁଥିଲେ "Life is never barren," "Life begets life"—ଜୀବନ ବୃଥା ନଷ୍ଟ ହୁଏ ନାହିଁ, ଜୀବନରୁ ଜୀବନ ଉତ୍ପନ୍ନ ହୁଏ ମାନବଜୀବନର ଗାମ୍ଭୀର୍ଯ୍ୟ, ମହାମୂଲ୍ୟତା, ଦାୟିତ୍ୱ ସେ ସର୍ବଦା ଜାଗ୍ରତ ଭାବରେ ଉପଲବ୍ଧି କରୁଥିଲେ । ତଦୀୟ "ଜୀବନଚିନ୍ତା"ର ପ୍ରଥମରେ ଅଛି—

"ହେ ଅସ୍ୱନ୍! ନିଦ୍ରା ପରିହରି
ଫେଡ଼ି ଚିନ୍ତାର ଲୋଚନ   କରି କରି ନିରୀକ୍ଷଣ,
ନିଃଶବ୍ଦେ ଜୀବନ-ସ୍ରୋତ ଧାଇଁଛି କପରି
ଭେଟିବାକୁ ମୃତ୍ୟୁ-ସିନ୍ଧୁ-କରାଳ-ଲହରୀ ।"

"ଅଗୀତମାଳା"ର ପ୍ରଥମରେ ଅଛି :—

"ଏ ଜୀବନ ନୁହେଁ ବୃଥା ଖେଳା,
ଶଲ୍ୟରେ ବହନ ଗଲ୍ପ ବେଳା,
ପ୍ରତି ନିମେଷରେ   ଯାଉଅଛି ଗୁଳି
ଧରିରେ ନ କରି ଲବେ ହେଳା ।"

ମହାତ୍ମାଙ୍କ ଜୀବନ ବୃଥା ହୁଏନାହିଁ । ଏ ଜଗତ୍‌ରେ କିଛି ହିଁ ନଷ୍ଟ ହୁଏନାହିଁ । ଅସାର ଜଡ଼ ମଧ୍ୟ ନଷ୍ଟ ହୁଏନାହିଁ । ବିଦ୍ୟାଳୟର ଛାତ୍ରମାନେ ପଢ଼ନ୍ତି—Matter is indestructible—ପ୍ରାଣ, ମନ, ଆତ୍ମା ତ ଜଡ଼ଠାରୁ ଶ୍ରେଷ୍ଠତର ସୃଷ୍ଟି, ତାହା କପରି ନଷ୍ଟ ହେବ ? ମହାପ୍ରାଣ ମଧୁସୂଦନଙ୍କ ଜୀବନ ଫଳବାନ୍ ହୋଇଅଛି ଓ ହେବ ! ସେ ଅନେକ ସମୟରେ ଖୋଭ ପ୍ରକାଶ କରୁଥିଲେ, ଓଡ଼ିଆମାନେ ବୁଦ୍ଧିରେ ହୀନ ନୁହନ୍ତି, ଏହା ମୋର ଦୃଢ଼ ବିଶ୍ୱାସ । ମୁଁ ଏ ବିଷୟରେ ଅକୁଣ୍ଠିତ ସାକ୍ଷ୍ୟ ଦେଇପାରେ କିନ୍ତୁ ମୋର ମନେହୁଏ, ଉତ୍କଳରେ ସେପରି କୌଣସି ଧର୍ମପ୍ରାଣ ମହାପୁରୁଷଙ୍କର ଆବିର୍ଭାବ ହୋଇନାହିଁ । ପଞ୍ଚସଖାଙ୍କ (ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ଜଗନ୍ନାଥ, ବଳଦେବ) କଥା ଶୁଣି କହୁଥିଲେ, "ସେମାନଙ୍କ ମଧ୍ୟରୁ କେହି ସର୍ବଜନସମ୍ମତ, ସର୍ବଜନ ସ୍ୱୀକୃତ ଆଦର୍ଶରୂପେ ଗୃହୀତ

Digitized by srujanika@gmail.com

ମହାପୁରୁଷ ଓ ମହାଗୁରୁରୂପେ ସ୍ୱୀକୃତ ହୋଇଅଛନ୍ତି କି ?” ଶ୍ରୀଚୈତନ୍ୟ ଓ ବ୍ରହ୍ମାନନ୍ଦ ସ୍ୱାମୀ ଓଡ଼ିଆ ବୋଲି ସର୍ବତ୍ର ସ୍ୱୀକୃତ ନୁହନ୍ତି । ଏପରି ମହାପୁରୁଷଙ୍କ ଆବିର୍ଭାବ ଉତ୍କଳରେ କେବେ ହେବ ?

ତତ୍‌ପରେ ଉତ୍କଳର ଯୁବକମଣ୍ଡଳୀ—ପ୍ରଥମେ ଯେଉଁ ଶିକ୍ଷିତ ଦଳ ବାହାରିଲେ, ବଙ୍ଗଦେଶ ପରି ଏଠାରେ ମଧ୍ୟ ସେମାନେ ବର୍ତ୍ତମାନ ଦଳ ଅପେକ୍ଷା ବିଦ୍ୟା, ବୁଦ୍ଧି, ଯଶରେ ଶ୍ରେଷ୍ଠ ହେଲେହେଁ କେତେକଙ୍କର ଚରିତ୍ରଦୋଷ ଓ ମାନଦୋଷ ଥିଲା ବୋଲି ଜଣାଯାଏ । ଚରିତ୍ରଦୋଷ ଉତ୍ତରାଧିକାରସୂତ୍ରରେ ପ୍ରାପ୍ତ ଓ ପାନଦୋଷ ବିଦେଶାଗତ । କିନ୍ତୁ ଆଧୁନିକ ଦଳ ସେ ଦୋଷରହିତ ବୋଲି କାହାରି କାହାରି ମତ । ଗୋପବନ୍ଧୁ ଦାଶ ପ୍ରମୁଖ ଯୁବକମଣ୍ଡଳୀ ଉତ୍କଳରେ ନବଯୁଗର ଓ ନବଜୀବନର ସନ୍ନିପାତ ଓ ସୂଚନା କରିଅଛନ୍ତି । ଜୀବନର କାର୍ଯ୍ୟର ଫଳ ବହୁଦୂର ବିସ୍ତୃତ ହୁଏ । କେଉଁ ସୂତ୍ରରେ ଭଗବାନ କି କାର୍ଯ୍ୟ ସାଧନ କରନ୍ତି କିଏ ଜାଣେ ? ମଧୁସୂଦନଙ୍କ ସ୍ୱଳ୍ପସଂପନ୍ନ ଗଦ୍ୟପଦ୍ୟମୟ ସାହିତ୍ୟ ଓ ତାଙ୍କର ଦୀର୍ଘକାଳବ୍ୟାପୀ ଶିକ୍ଷକ ଜୀବନ କି ଏହି ଯୁବକମଣ୍ଡଳୀ ମଧ୍ୟରେ ଏହି ନବଜୀବନର, ନବ ଯୁଗର ସୂଚନାରେ କିଛି କାର୍ଯ୍ୟ କରିନାହିଁ ? ସେ ଆଧୁନିକ ଉତ୍କଳର ଗୁରୁ । ଅନୁସନ୍ଧାନ କଲେ ଦେଖାଯିବ, ପ୍ରତ୍ୟେକ ଉତ୍କଳୀୟ ଯୁବକଙ୍କ ପାର୍ଶ୍ୱରେ ତାଙ୍କର ଉତ୍ସାହ ଓ ଆଦର୍ଶ କାର୍ଯ୍ୟ କରୁଅଛି ।

ଜ୍ଞାନାର୍ଜନ :—ଅତି ଶୈଶବକାଳରୁ ମଧୁସୂଦନଙ୍କ ପ୍ରତିଭା ପ୍ରତିଭାତ ହୋଇଥିଲା । ସେ ଅନେକ ସମୟରେ କହୁଥିଲେ, “ମଧୁସୂଦନ ତା ଜୀବନରେ ବର୍ଣ୍ଣାଶୁଦ୍ଧି କରିନାହିଁ କିମ୍ବା ଦୈନିକ ପାଠ ପ୍ରସ୍ତୁତ ନ କରି ଶ୍ରେଣୀରେ ଅପ୍ରସ୍ତୁତ ହୋଇନାହିଁ ।” ପ୍ରଥମେ ଯେବେ ରାଧାନାଥଙ୍କ ସଙ୍ଗେ ମିଳନ ହେଲା, ତାହା ତାଙ୍କ ଜୀବନରେ ଶୁଭ ମୁହୂର୍ତ୍ତ । ରାଧାନାଥ ପୁରୀ ଜିଲ୍ଲା ସ୍କୁଲର ତୃତୀୟ ଶିକ୍ଷକ, ମଧୁସୂଦନ ପ୍ରଥମ ଶ୍ରେଣୀର ଛାତ୍ର । ମଣିକାଞ୍ଚନର ସଂଯୋଗ ହେଲା । ଦିନେ ପୀଡ଼ିତ ମଧୁବାବୁଙ୍କୁ ଦେଖିବାକୁ ଯାଇ ରାଧାନାଥ ତାଙ୍କ ସହିତ କଥାବାର୍ତ୍ତା କରି ପୂର୍ବବତ୍ “ଆପଣ” ବ୍ୟବହାର କରୁଥିଲେ । ମଧୁସୂଦନ କହିଲେ, “ମୋତେ ଆପଣଙ୍କର “ଆପଣ” କହିବା ଅସୁନ୍ଦର । ଆପଣ ଏହା ଛାଡ଼ନ୍ତୁ ।” ଯେଉଁ ରାଧାନାଥ

Digitized by srujanika@gmail.com

୮ମ ଶ୍ରେଣୀର ଛାତ୍ରଙ୍କୁ "ଆପଣ" ବୋଲି କହୁଥିଲେ, ସେ ସେହିଦିନରୁ "ମଧୁ ତୁମ୍ଭେ" ଆରମ୍ଭ କଲେ । ଦିନେ ରାଧାନାଥ ପଚାରିଲେ, "ମଧୁ ! ଏପରି ସୁନ୍ଦର ଇଂରାଜୀ କିପରି ଶିଖିଲ ?" ଅନୁସନ୍ଧାନ କରି ଜାଣିଲେ ଯେ ଛତ୍‌ପୂର୍ବରୁ ସମସ୍ତ ପ୍ରବେଶିକା ପରୀକ୍ଷା ପାଠ୍ୟ ଇଂରାଜୀ ପୁସ୍ତକଗୁଡ଼ିକ ମଧୁସୂଦନ ପଢ଼ି ସାରିଥିଲେ । ଏହି ଇଂରାଜୀ ରଚନାରେ ରାଧାନାଥ ଏପରି ସନ୍ତୁଷ୍ଟ ହୋଇଥିଲେ ଯେ ପରବର୍ତ୍ତୀକାଳରେ କର୍ମକ୍ଷେତ୍ରରେ ଅଧିକାଂଶ ପ୍ରାଦେଶିକ ରିପୋର୍ଟର ଡ୍ରାଫ୍‌ଟ୍‌ ମଧୁସୂଦନଙ୍କ ଦ୍ୱାରା କରାଇ ନେଉଥିଲେ ଏବଂ ସ୍ୱୀୟ ପ୍ରାଦେଶିକ ରିପୋର୍ଟରେ ମଧୁସୂଦନଙ୍କ ଲିଖିତ ରିପୋର୍ଟର ଉତ୍କୃଷ୍ଟ ଅଂଶମାନ ଉଦ୍ଧାରପୂର୍ବକ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ମଧୁସୂଦନଙ୍କ ଅସାଧାରଣ ଯୋଗ୍ୟତା ଓ ଦକ୍ଷତାପ୍ରତି ଆକର୍ଷଣ କରୁଥିଲେ । ମଧୁସୂଦନ କଟକ କଲେଜରୁ ଏଫ୍. ଏ. ପାସ୍ କରି ମାସିକ ଟ ୨୦୲ ବୃତ୍ତି ଲାଭ କରିଥିଲେ । କିନ୍ତୁ ତାଙ୍କର ପିତା କଲିକତା ଯାଇ ବି. ଏ. ପଢ଼ିବାକୁ ଛାଡ଼ି ନ ଦେବାରୁ ଛାତ୍ରଜୀବନ ସେହିଠାରୁ ସାଙ୍ଗ ହେଲା । ସେ ପରବର୍ତ୍ତୀକାଳରେ କ୍ଷୋଭ ପ୍ରକାଶ କରି ଅନେକଥର କହୁଥିଲେ, "ମୁଁ ଯେବେ କଲିକତା ଯାଇଥାନ୍ତି, ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଉପାଧି ସଙ୍ଗେ ସଙ୍ଗେ କର୍ମମୟ ଭାରତ ରାଜଧାନୀର ଉତ୍ସାହ, କର୍ମଠତା, ସଂସର୍ଗ ଓ ସଦ୍‌ଦୃଷ୍ଟାନ୍ତ ଅନୁକରଣ କରି ବିଶେଷତଃ ମହର୍ଷି ଦେବେନ୍ଦ୍ରନାଥ ଓ କେଶବଚନ୍ଦ୍ରଙ୍କ ସାନ୍ନିଧ୍ୟ ଲାଭ କରି ଜୀବନକୁ ବଡ଼ କରିପାରିଥାନ୍ତି ।" କିନ୍ତୁ ଛାତ୍ରଜୀବନ ଶେଷ ହେବା ସଙ୍ଗେ ସଙ୍ଗେ ତାଙ୍କର ପ୍ରକୃତ ଗ୍ରନ୍ଥାଧ୍ୟୟନ ଓ ଜ୍ଞାନାର୍ଜନ ଆରମ୍ଭ ହେଲା । ପ୍ରତିଭାଶାଳୀ, ସୁପଣ୍ଡିତ, ଜ୍ଞାନଲିପ୍ସୁ ରାଧାନାଥଙ୍କ ସଙ୍ଗେ ମିଶି ଇଂରାଜୀ, ସଂସ୍କୃତ, ବଙ୍ଗଳା ଓ ଓଡ଼ିଆର ବହୁମାନ ଲାଭ କଲେ । ଅଧ୍ୟୟନାଧିକ୍ୟ ଯୋଗୁ ତାଙ୍କ ଚକ୍ଷୁର ଜ୍ୟୋତି କିଞ୍ଚିତ୍ ହ୍ରାସ ହୋଇଥିଲେ ମଧ୍ୟ ଅଧ୍ୟୟନ-ତୃଷ୍ଣା ଦମିତ ହୋଇ ନ ଥିଲା । ଯାହା ପାଉଥିଲେ ତାହା ପଢ଼ୁ ନ ଥିଲେ । ବାଛି ବାଛି ସାର ଗ୍ରନ୍ଥମାନ ପଢ଼ୁଥିଲେ । କିନ୍ତୁ ଯାହା ପଢ଼ୁଥିଲେ, ସେଥିରେ ଅଳ୍ପ କିଛି ମଳଧିଲା ସଂଶୟ ରହୁ ନ ଥିଲା । ଓତଃପ୍ରୋତ ଭାବରେ ପୁଙ୍ଖାନୁପୁଙ୍ଖ ପଢ଼ି ନଖଦର୍ପଣରୂପେ ହୃଦୟସ୍ଥ କରି ରଖୁଥିଲେ । ସାହିତ୍ୟ, ଗଣିତ, ଭାଷାତତ୍ତ୍ୱ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନ, ଅଧ୍ୟାପନାପଦ୍ଧତି ଓ ଶିକ୍ଷାବିଭାଗୀୟ ଗ୍ରନ୍ଥମାନ ଗଭୀର ଅଭିନିବେଶସହକାରେ ଅଧ୍ୟୟନ କରୁଥିଲେ । କିନ୍ତୁ ତାଙ୍କର ସର୍ବଶ୍ରେଷ୍ଠ ଆଦରର ଧନ ଥିଲା ଧର୍ମଗ୍ରନ୍ଥ । ଉପନିଷଦ୍, ବାଇବେଲ,

Digitized by srujanika@gmail.com

ପଞ୍ଚଦଶୀ, ମାର୍ଟିନୋ, ଥିଓଡ଼ର ପାର୍କର, ଇମର୍ସନ୍, କେଶବଚନ୍ଦ୍ର, ଦେବେନ୍ଦ୍ରନାଥ, ରାମମୋହନଙ୍କ ଲେଖାବଳୀ ତାଙ୍କର ବଡ଼ ପ୍ରିୟ ଥିଲା। ଟେନିସନ୍, କାଳିଦାସ, ଭବଭୂତି, ଡାଭ୍ ଡେନ୍ସ୍, ସେକ୍ସ୍‌ପିୟର ପ୍ରଭୃତି ତାହା ତଳେ ସ୍ଥାନ ପାଇଥିଲା।

ସାହିତ୍ୟସେବା :—ଏତେ ଅଧ୍ୟୟନାସକ୍ତ ହେଲେହେଁ ସେ ହୃଦୟର ଶ୍ରେଷ୍ଠ ଭାବରାଶିକୁ ମାତୃଭାଷାରେ ପୁନର୍ଜୀବନ ଦାନପୂର୍ବକ ସ୍ୱଦେଶୀୟ ସାହିତ୍ୟ ସୃଷ୍ଟି କରିବାରେ ତ୍ରୁଟି କରି ନ ଥିଲେ। ରାଜକୀୟ, ପାରିବାରିକ, ସାମାଜିକ ନାନା କାର୍ଯ୍ୟରେ ବ୍ରତ ଥିବାରୁ ଯଥେଷ୍ଟ ଲେଖିପାରୁ ନ ଥିଲେହେଁ ତାଙ୍କର ଅଧୀତ ଗ୍ରନ୍ଥପରି ତାଙ୍କର ରଚନା ମଧ୍ୟ ଛଙ୍କା ଛଙ୍କା। ଅନର୍ଗଳ, ଅବାରିତ ଲେଖକ ହେବାକୁ ସେ ପସନ୍ଦ କରୁ ନ ଥିବା ପରି ବୋଧହୁଏ। ବାସ୍ତବିକ୍ ସେକ୍ସ୍‌ପିୟର ଓ ରବୀନ୍ଦ୍ରନାଥ ବହୁ ସାରବାନ୍ ଗ୍ରନ୍ଥ ଲେଖିଛନ୍ତି ସତ୍ୟ, କିନ୍ତୁ ତାହା ଅସାଧାରଣ ପ୍ରତିଭା-ସାପେକ୍ଷ। ଗ୍ରେ, ଲଙ୍ଗ୍‌ଫେଲୋ, ଗ୍ରିମାନ୍‌ସ୍ ପ୍ରଭୃତି ଅତି ଅଳ୍ପ ଲେଖିମଧ୍ୟ ବଡ଼ ହୋଇଅଛନ୍ତି। ମଧୁସୂଦନ ଯାହା ଲେଖୁଥିଲେ, ତାହା ଅନେକଥର ମାଠୁଥିଲେ। ତାଙ୍କର ଗୁରୁଗମ୍ଭୀର ରଚନାବଳୀ ବହୁଯତ୍ନର ଫଳ। ସେ ଥରେ କହୁଥିଲେ, "I have the honour to state, ଏହି ଗ୍ରାମରେ ଅନର୍ଗଳ, ଅବାରିତ କବିତା ଲେଖିବାକୁ ମୁଁ ଅସମର୍ଥ।" ସୁକବିତା ରଚନା ପାଇଁ ଅନୁକୂଳ ଅବସ୍ଥା ଲୋଡ଼ା। ଏହି ଭାବଦ୍ୱାରା ପ୍ରଭାବିତ ହୋଇ ସେ ଉତ୍କଳକୁ ଅନେକ ଲେଖାରୁ ବଞ୍ଚିତ କଲେ। ନଚେତ୍ କବି ବାଇରନ୍‌ଙ୍କ ପରି ବ୍ୟାଘ୍ରଝମ୍ପ ରୀତିରେ ଲେଖୁଥିଲେ ଅନେକ ଜିନିଷ ତାଙ୍କଠାରୁ ଆମ୍ଭେମାନେ ପାଇଥାନ୍ତୁ। କବି ବାଇରନ୍ କହୁଥିଲେ, "ବ୍ୟାଘ୍ର ପହିଲି ଦଫା ଝମ୍ପ ମାରେ। ଯାହା ପଡ଼ିଲା ତାହା। ମୁଁ ସେହିପରି ପ୍ରଥମେ ଯାହା ଲେଖେ, ତାକୁ ବଦଳାଇବା ମୋର କର୍ମ ନୁହେଁ।" କବି ମଧୁସୂଦନ କବି ରାଧାନାଥଙ୍କ ପରି ଏ ଶ୍ରେଣୀର ଲେଖକ ନ ଥିଲେ। ସେମାନେ ଲେଖାକୁ ମାଠୁଥିଲେ। କବି ମଧୁସୂଦନଙ୍କ ସାହିତ୍ୟ ଉତ୍କର୍ଷ ବା ଅପକର୍ଷ, ସମାଲୋଚନାର ସ୍ଥାନ ଏ ନୁହେଁ। ତାହା ତଦୀୟ ଗ୍ରନ୍ଥ ସମାଲୋଚନା ସମ୍ବନ୍ଧରେ ଲେଖକ କେତେକ ଲେଖିଅଛି। କିନ୍ତୁ ଏତିକି କହିଲେ ଯଥେଷ୍ଟ ହେବ ଯେ, "ଛନ୍ଦମାଳା" ପରି ସରଳ, ପ୍ରାଞ୍ଜଳ ଲେଖା ବାହାରି ନ ଥିଲେ ଅଧୁନିକ

Digitized by srujanika@gmail.com

ଅନେକ ଲେଖକ, କବିଙ୍କର ବର୍ଣ୍ଣନ ମିଳୁ ନ ଥାନ୍ତା । "Life begets life"—ଜୀବନରୁ ଜୀବନର ଉତ୍ପତ୍ତି ହୁଏ ବୋଲି ଭକ୍ତକବି ଯାହା କହୁଥିଲେ ତାହା ଏ କ୍ଷେତ୍ରରେ ମଧ୍ୟ ସତ୍ୟ । ମହାଯାତ୍ରା, ଋଷିପ୍ରାଣେ ଦେବାବତରଣ, ଭାରତଭାବନାର ଗୁରୁଗମ୍ଭୀର ଘୋର ଘର୍ଘର ଗର୍ଜ୍ଜନ ଶୁଣି ଆମ୍ଭେଦ୍ଭାଗ୍ରି ସ୍ତ୍ରସ୍ତ, ଅବସନ୍ନ ଅଭ ହତୋତ୍ସାହ ହୋଇଯାଇପାରେ । "ସ୍ମୃତିମାଳା" ସେହିମାନଙ୍କୁ ସଖାରୂପେ ହାତ ବଢ଼ାଇ ଗ୍ରହଣ କରେ । ଯେପରି ତୃଷାର୍ତ୍ତଛନ୍ନ ଉତ୍କୁଙ୍ଗ ହିମାଦ୍ରି ଚିତ୍ତବିଷାଦକାରୀ ଓ ଚଳିକା ଆନନ୍ଦଦାୟିନୀ, ସେହିପରି ଏ କବିତା । କବି ମଧୁସୂଦନଙ୍କ ବିଶେଷତ୍ୱ ପ୍ରବନ୍ଧ ଓ ଧର୍ମସଙ୍ଗୀତରେ । ତଦୀୟ ପ୍ରବନ୍ଧମାଳା ବହୁକାଳ ପ୍ରତିଦ୍ୱନ୍ଦ୍ୱୀବିହୀନ ହୋଇ ସାହିତ୍ୟ-ରାଜ୍ୟରେ ବିରାଜିତ ଥିବ । ଅଚ୍ୟୁତ, ଅନନ୍ତ ପ୍ରଭୃତିଙ୍କ ଭଜନ ଛାଡ଼ିଦେଲେ ଉତ୍କଳରେ ସଙ୍ଗୀତ ବିଳାସର ସାମଗ୍ରୀ ବା ଆଦିରସର ଉତ୍ସ ଥିଲା । ଭକ୍ତକବି ମଧୁସୂଦନ ଆଧୁନିକ ଉତ୍କଳରେ ପ୍ରଥମେ ସଙ୍ଗୀତକୁ ବାରନାରୀଆବାସ ଓ ବିକୃତ ରୁଚି ନାଟ ଆଖଡ଼ାରୁ ବିମୁକ୍ତ କରି ବ୍ରହ୍ମମନ୍ଦିରରେ ସ୍ଥାନ ଦେଇଅଛନ୍ତି । ସାହିତ୍ୟକ୍ଷେତ୍ରରେ ରୁଚି ପରିବର୍ତ୍ତନ ମଧୁସୂଦନଙ୍କ ଜୀବନର ଅନ୍ୟ ଗୋଟିଏ ବିଶେଷତ୍ୱ । ରାଧାନାଥ ଭାଷା-ସଂସ୍କାରକ ସତ୍ୟ, କିନ୍ତୁ ରୁଚି-ସଂସ୍କାରକ ମଧୁସୂଦନ ଓ ଫକୀରମୋହନ ।

ଅଳ୍ପଦିନ ପୂର୍ବେ ଜଣେ ଉଦୀୟମାନ ଲେଖକ ଓ ସୁକବି ଲେଖିଥିଲେ ଯେ, ସର୍ବଦା ଯତ୍ରତତ୍ର ଉତ୍କଳୀୟ ଯୁବକମାନଙ୍କ ମୁଖରୁ "ରେ ଅସ୍ମନ୍ ! ନିଦ୍ରା ପରିହର" ପ୍ରଭୃତି ମହାଗମ୍ଭୀରଭାବସମ୍ପନ୍ନ ଉଦ୍ଦୀପ୍ତ ବଚନ ଶୁଣି ବ୍ୟଥିତ ହୁଅନ୍ତି । ସେ ଯୁବକସୁଲଭ ପ୍ରେମସଙ୍ଗୀତ ଶୁଣିବାକୁ ଲୋଡ଼ନ୍ତି । ଏହା ଯେବେ ସତ୍ୟ ହୁଏ, ଆମ୍ଭେମାନେ କହୁଁ, ଧନ୍ୟ ମଧୁସୂଦନ ! ଯେଉଁ ଦେଶର ପ୍ରାଚୀନ ସାହିତ୍ୟ ଆଦିରସପ୍ଲାବିତ, ଯେଉଁ ଦେଶର ଆଧୁନିକ ଶ୍ରେଷ୍ଠ ଲେଖକ ତାହାର ପ୍ରଭାବକୁ ଅତିକ୍ରମ କରି ନ ପାରି ପିତା-କନ୍ୟା, ଭ୍ରାତା-ଭଗିନୀର ପବିତ୍ର ଅମୃତମୟ ସମ୍ବନ୍ଧକୁ ମଧ୍ୟ ବିକୃତ କଲେ, ସେହି ଦେଶରେ ତୁମ୍ଭେ ସୁରୁଚି ଓ ସଂଯମର ମହିମା ପ୍ରଚାର କରି ବଜ୍ରଗମ୍ଭୀର-ସ୍ୱରରେ ପବିତ୍ରତାର ଜୟ ଘୋଷଣା କରିଗଲ । ଏ ସଙ୍ଗୀତର ଅବତାରଣା କିଏ କଲା ? କାହା ପ୍ରାଣରେ ନବଯୁଗର ଭେରୀ ନିନାଦିତ ହେଲା ?

Digitized by srujanika@gmail.com

କଏ ଗାଇଲା "ଶୁଣ ନରେ ନବସମ୍ବାଦ ବାରେ ତୋର ଶ୍ରବଣ ।" ବୀରରସ ଉଦ୍ଭାବରେ ରାଧାନାଥ ସିଦ୍ଧହସ୍ତ ।

ମଧୁସୂଦନ ଗାଇଥିଲେ :—

"ଯେ ଅଛୁ ଏ ବୀର ମଧ୍ୟେ କାପୁରୁଷ ଭୀରୁ
ଏହିକ୍ଷଣି ପଳାଅ ସେ ଏ ବୀର-ଶିବିରୁ ।"

କିନ୍ତୁ "ମହାଯାତ୍ରାର" ସପ୍ତମ ସର୍ଗର ବୀରରସର ଅକ୍ଷୟ ଉତ୍ସ ନିକଟରେ ଏହା କ୍ଷୀଣସ୍ରୋତା ନିର୍ଝରଧାରା !

ସ୍ୱଦେଶପ୍ରେମର ସଙ୍ଗୀତ ରାଧାନାଥ ଗାଇଥିଲେ :—

"ପାହିଲାଣି ଏବେ ବିଷାଦ ଯାମିନୀ
ଫୁଟିବ ଉତ୍କଳ-ଭାଷା-କମଳିନୀ ।"

ମଧୁସୂଦନ ମଧ୍ୟ ଉତ୍କଳର ମୋହନରୂପରେ ମୁଗ୍ଧ ହୋଇ ଗାଇଥିଲେ :—

ମହାନଦୀ ବ୍ରାହ୍ମଣୀସେବିତ,
ସୁବର୍ଣ୍ଣରେଖା ଋଷିକୁଲ୍ୟା
ଅଟବୀ, ଅଚଳ ରତ୍ନଧାରା
ଉତ୍କଳ ସୁଷମା ଅତୁଲ୍ୟା ।"

କିନ୍ତୁ ସେ ଏ ବିଷୟରେ ରାଧାନାଥଙ୍କର ଶିଷ୍ୟ । ମୌଳିକତା ରାଧାନାଥଙ୍କର । ବୈରାଗ୍ୟର ସଙ୍ଗୀତରେ ମଧ୍ୟ ରାଧାନାଥଙ୍କର ଦାବୀ ଅଗ୍ରଗଣ୍ୟ ।

"କେହୁ ରହୁନାହିଁ ରହିବେ ନାହିଁଟି
ଭବରଙ୍ଗ ଭୂମିତଳେ,
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ ।"

ମଧୁସୂଦନ ମଧ୍ୟ ଗାଇଅଛନ୍ତି :—

"ଯାହାର ସ୍ମରଣେ ନର ଶୋକୋଚ୍ଛ୍ୱାସ ଟାଳି
ଅତୀତକୁ ଉଦ୍‌ବୋଧଇ ବୃଥା ଭଲି ଭଲି ।"

ଏ ବିଷୟରେ ମଧ୍ୟ ସେ ରାଧାନାଥଙ୍କର ଶିଷ୍ୟ । କିନ୍ତୁ ଗୋଟିଏ ବିଷୟରେ ମଧୁସୂଦନ ରାଧାନାଥଙ୍କଠାରୁ ଶ୍ରେଷ୍ଠ । ନବଯୁଗର, ନବ ଜୀବନର, ଧର୍ମମୟ

Digitized by srujanika@gmail.com

ସଙ୍ଗୀତର, ସଂଯମର, କର୍ମଜୀବନର ପ୍ରଧାନ ଗାୟକ ମଧୁସୂଦନ । **ଅଧୁନାର** ଜଡ଼ତାକୁ କର୍ମମୟ ରଣ ଚତ୍ୱରକୁ ବଳ୍‌ଗା ଧାରଣ କରି **ଟାଣିବା** ବିଷୟରେ ସେହି ପ୍ରଥମ । ଜନସେବା ଓ ଭଗବତ୍ ଭକ୍ତିର ପ୍ରଚାରକ ମଧୁସୂଦନ, ଜୀବନରେ ଯେପରି, ସାହିତ୍ୟରେ ସେହିପରି । ରାଧାନାଥ ବୈରାଗ୍ୟବିଷାଦମୟ ସଙ୍ଗୀତର ଗାୟକ । ଜଗତ୍ ନଶ୍ୱର, ମାୟା, ସ୍ୱପ୍ନ । ସାର କେବଳ ପ୍ରେମ । ସେ କେଉଁ ପ୍ରେମ ? ଏକପ୍ରକାର ସଙ୍କୀର୍ଣ୍ଣ ପ୍ରେମ ! ଜୀବନର ଉଦ୍ଦେଶ୍ୟ, ପରିଣାମ, କର୍ତ୍ତବ୍ୟ, ଲକ୍ଷ୍ୟ, ଜୀବନ ପ୍ରହେଳିକା ବା ସମସ୍ୟାର ପୂରଣ ବିଷୟରେ ରାଧାନାଥ କ'ଣ କହିଅଛନ୍ତି ? କି ମୀମାଂସାରେ ଉପନୀତ ହୋଇଅଛନ୍ତି ? ଗ୍ରନ୍ଥାବଳୀ ଖୋଜିବାକୁ ହେବ, ମିଳିଲେ ମିଳିପାରେ । ମଧୁସୂଦନଙ୍କ ବିରଳ ପଦାବଳୀ ଭିତରେ ଅନ୍ୱେଷଣ କର । ଯଥାର୍ଥ ଜୀବନର ମୀମାଂସା ପାଇବ ।

"ବିଳାସ, ଆଳସ୍ୟ ପରିହରି
ମହାଜନ ମାର୍ଗ ଅନୁସରି
ଜଗତର ସେବା   କର ପ୍ରାଣପଣେ
ସ୍ମରି ହରି ପାଦପଦ୍ମ ଭେଳା ।
ଅତୀତର ବୃଥା ଭାବନାରେ
ଅବା ଭବିଷ୍ୟର ଛଳନାରେ
ନ ଭୁଲ ରେ ଭାଇ,   ବର୍ତ୍ତମାନେ ଥାଇ
ଲକ୍ଷ୍ୟ ସ୍ଥିର କର ଫେଡ଼ି ଡୋଳା ।"

ସମନ୍ୱୟ :—ବହୁ ମଧ୍ୟରେ ଏକର ଦର୍ଶନ ଓ ଗ୍ରହଣ ମହତ୍ତ୍ୱର ଲକ୍ଷଣ । ମଧୁସୂଦନ ପ୍ରାଚ୍ୟ ଓ ପ୍ରତୀଚ୍ୟର ସୁନ୍ଦର ମିଳନ ସଂଘଟିତ କରିଥିଲେ । ପ୍ରାଚୀନ ଆର୍ଯ୍ୟଋଷି, ବୁଦ୍ଧ, ଚୈତନ୍ୟଙ୍କ ସଙ୍ଗେ ଈଶା, ମୂଷା, ମହମ୍ମଦ, ଲୁଥର—ସମସ୍ତଙ୍କର ଆଦର୍ଶ ସେ ପ୍ରାଣରେ ଧରି ତାହାକୁ ମୂର୍ତ୍ତିମାନ୍ କରିଥିଲେ । ସେ ନିଷ୍ଠାପର ହିନ୍ଦୁ ବ୍ରାହ୍ମଣ, ଖ୍ରୀଷ୍ଟୀୟ ଧର୍ମଯାଜକ ଓ ମହମ୍ମଦୀୟ ମୌଲବୀ ସମସ୍ତଙ୍କର ପ୍ରିୟପାତ୍ର ଓ ଘନିଷ୍ଠ ବନ୍ଧୁ ଥିଲେ । ସମସ୍ତେ ତାଙ୍କୁ ନିଜର ବୋଲି ମଣୁଥିଲେ । ନିରାମିଷଭୋଜୀ, ସଂଯତାହାରୀ, ଉପାସନାସକ୍ତ ଥିବାରୁ ହିନ୍ଦୁମାନେ ମଧ୍ୟ ତାଙ୍କୁ ନିଷ୍ଠାପର ମୁନି, ଋଷି ବୋଲି ମନେ କରୁଥିଲେ । ତାଙ୍କ ଜ୍ୟେଷ୍ଠପୁତ୍ରଙ୍କ ବିବାହୋତ୍ସବ ଦିନ ବ୍ରାହ୍ମଣ,

Digitized by srujanika@gmail.com

ବୈଦ୍ୟ, କାୟସ୍ଥ, କରଣ, ମହାନାୟକ—ଓଡ଼ିଆ, ବଙ୍ଗାଳୀ ସମସ୍ତେ ଏକାସ୍ଥାନରେ ବସି ଭୋଜନ କଲେ । ତାହା "ଉତ୍କଳ-ଦୀପିକା"ରେ ପ୍ରକାଶିତ ଓ ପ୍ରଶଂସିତ ହୋଇଥିଲା । ଆଦି, ସାଧାରଣ ଓ ନବବିଧାନ—ସମସ୍ତ ଶାଖାରେ ସେ ନିଜର ବୋଲି ଗୃହୀତ ହୋଇଥିଲେ । ଉକ୍ତ ସଂପ୍ରଦାୟଗତ ପ୍ରଭେଦ ତାଙ୍କ ବିଶାଳ ହୃଦୟରେ ସ୍ଥାନ ପାଇ ନ ଥିଲା । ସେ ନିଜର ପୁତ୍ରକନ୍ୟାମାନଙ୍କ ବିବାହସୂତ୍ରରେ ସମସ୍ତ ଦଳର ନେତୃସ୍ଥାନୀୟମାନଙ୍କ ସଙ୍ଗେ ମିଳିତ ହୋଇଥିଲେ । କଟକରେ ଉକ୍ତ ଦଳଗତ ବୈଷମ୍ୟର ଚିହ୍ନମାତ୍ର ନାହିଁ । ଜ୍ଞାନ, କର୍ମ, ଭକ୍ତି—ତିନୋଟି ମାନବର ସ୍ୱାଭାବିକ ଧର୍ମ ହେଲେହେଁ, ତାହାର ସମନ୍ୱୟ ଅତ୍ୟଳ୍ପ ସ୍ଥଳରେ ଦୃଷ୍ଟ ହୁଏ । କେହି କର୍ମୀ, କେହି ଜ୍ଞାନୀ, କେହି ଭକ୍ତ । ମଧୁସୂଦନଙ୍କ ଚରିତ୍ରରେ ତିନୋଟିର ଭାବ ସମନ୍ୱିତ ହୋଇଥିଲା । ତାଙ୍କର ଭକ୍ତି ଜ୍ଞାନ-ମୂଳକ, ତାଙ୍କର ଜ୍ଞାନ ଭକ୍ତିସମ୍ବଳିତ, ତାଙ୍କର କର୍ମ ପ୍ରେମାନୁପ୍ରାଣିତ ଥିଲା । କିନ୍ତୁ ଉଚ୍ଚ ଭାବବୃତ୍ତି ବା ହୃଦୟର ଔଦାର୍ଯ୍ୟ ତାଙ୍କ ଚରିତ୍ରର ପ୍ରଧାନ ଲକ୍ଷଣ ଥିଲା ।

ନ୍ୟାୟ, ଦୟାର ସୁନ୍ଦର ସମାବେଶ ତାଙ୍କ ଚରିତ୍ରରେ ହୋଇଥିଲା । ତାଙ୍କର ପ୍ରାଣ କରୁଣା କୋମଳ ଅଥଚ ଅନ୍ୟାୟ, ଅଧର୍ମର ବିସୀମା ସ୍ପର୍ଶ କରି ନ ଥିଲା ।

ପ୍ରକୃତିରେ ଯେପରି ସୌନ୍ଦର୍ଯ୍ୟ ସନ୍ଦର୍ଶନ କରି ସେ ମୁଗ୍‌ଧ ହେଉଥିଲେ, ଆତ୍ମାର ଅନ୍ତରତମ ପ୍ରଦେଶରେ ନିମଜ୍ଜିତ ହୋଇ ସେ ସେହିପରି ପରମାତ୍ମାଙ୍କୁ ଉପଲବ୍‌ଧି କରି ତାଙ୍କ ସହିତ ଏକୀଭୂତ ହେଉଥିଲେ । ବିଶାଳ ମାନବସମାଜର ଯୁଗଯୁଗାନ୍ତବ୍ୟାପୀ ଉନ୍ନତିରେ ସେ ମଙ୍ଗଳମୟଙ୍କ ଦର୍ଶନ ପାଉଥିଲେ । ତାଙ୍କ ଉପାସନାରେ, ଉପଦେଶରେ, କବିତାରେ ଓ ସଙ୍ଗୀତରେ ସେ ସତ୍ୟ, ଶିବ, ସୁନ୍ଦର, ସଚ୍ଚିଦାନନ୍ଦ, ଜ୍ଞାନ, କର୍ମ, ପ୍ରେମ, ବୁଦ୍ଧି, ଇଚ୍ଛାଭାବର ସମନ୍ୱୟ ଅନୁଭବ କରୁଥିଲେ ।

ବିଜ୍ଞାନ ଓ ସାହିତ୍ୟ, ଜଡ଼ ଓ ଆତ୍ମା, ସଂସାର ଓ ଧର୍ମ—ସମସ୍ତ ବିଭାଗରେ ବସ୍ତୁ ମଧ୍ୟରେ ସେ ଏକର ଦର୍ଶନ ପାଇଥିଲେ । ନବଯୁଗର ଅଦ୍ୱୈତ ଦର୍ଶନ କରି ସେ ସମସ୍ତ ଏକାକାର ଦେଖିଥିଲେ ।

Digitized by srujanika@gmail.com

ଆତ୍ମଚେଷ୍ଟା ଓ ଈଶ୍ୱରକୃପା କେଉଁଟି ସତ୍ୟ ବୋଲି ପ୍ରଶ୍ନ କରନ୍ତେ ସେ କହିଲେ ଉଭୟ ସତ୍ୟ । କୃଷକ ପରିଶ୍ରମ କରିବ, ବିଭୁକୃପାରୁ ବର୍ଷା ହେବ, ଉଭୟ ଆବଶ୍ୟକ । ମହାଭାରତକାର ଢୋକାଗର ପର୍ବାଧ୍ୟାୟ ଶେଷରେ ଏହି ମୀମାଂସାରେ ଉପନୀତ ହୋଇଅଛନ୍ତି ।

ସେ ଯେପରି ବାଳକତୁଲ୍ୟ ସରଳ ଓ ସହାସ, ସେହିପରି ଜ୍ଞାନବୃଦ୍ଧ, ଧୀର, ଗମ୍ଭୀର ପ୍ରଶାନ୍ତ । ଯେଉଁ ଡେପୁଟୀ ଇନ୍‌ସ୍‌ପେକ୍ଟରମାନଙ୍କର ପରୀକ୍ଷା ଭୟରେ କର୍ମଗୁରୁମାନେ ଲୁଚନ୍ତି ସେହି ପୁଣି ଛୁଇଁ ଖାଇ ଖାଇ ବାଲରେ ହସି ହସି ଦଉଡ଼ନ୍ତି । ଜଗୁକୁ ଡାକି କହନ୍ତି, "ଜଗୁ ମୁହଁରେ ଟିକିଏ ନିଆଁ ଦିଅ ।" ଜଗୁ ହୁକା ଆଣିଲେ କହନ୍ତି, "ହେଇ, ଜଗୁ ମୁହଁରେ ନିଆଁ ଦେବାକୁ ଆସିଲେଣି ।" ଉପସ୍ଥିତ ବୁଦ୍ଧି ଓ ପରିହାସଦ୍ୱାରା ସେ ଲୋକଙ୍କୁ ମୋହିତ କରିପାରୁଥିଲେ । ଥରେ କେନ୍ଦ୍ରାପଡ଼ା ହାଇସ୍କୁଲକୁ ଏକ୍‌ଟିଂ ଇନ୍‌ସ୍‌ପେକ୍ଟରରୂପେ ପାଇଥିଲେ । ପଚାରିଲେ, " 'ତରୁ' ଶବ୍ଦର ସପ୍ତମୀ ବିଭକ୍ତିରେ କଣ ହୁଏ ?" ଜଣେ କହିଲା "ତରୁୟାଂ" । ଚମକି ପଡ଼ି ମୁଣ୍ଡ ଅଉଁସି କହିଲେ, 'ତରୁଅଲ' ? ହାଣିବ ନା କଣ ?' ସମସ୍ତେ ହସିଉଠିଲେ । କ୍ଲାସ ଗୃହପାଖ ବୁଲି ବୁଲି ପୁରାତନ ଖାତା ଦେଖୁଁ ଦେଖୁଁ ଦେଖିଲେ ଧର୍ମଭୀରୁ ହୃଷୀକେଶ ନିଜ ଖାତା ଉପରେ ଲେଖିଛନ୍ତି, "God help me" ତତ୍‌କ୍ଷଣାତ୍ ତାହାର ତଳେ ଲେଖିଦେଲେ, "God helps those who help themselves". ନିଜର ଭୟଙ୍କର ରୋଗଯନ୍ତ୍ରଣା ସମୟରେ ମଧ୍ୟ ଥରେ ଜଣେ ଗୃହସ୍ଥଙ୍କ ଗୃହକୁ ରୋଗୀ ଦେଖିବାକୁ ଯାଇ କାନ୍ଥରେ ଖଣ୍ଡେ କାଠ ପୋତା ହୋଇଥିବାର ଦେଖି କହିଲେ, "ଏ ଖଣ୍ଡିକ କଅଣ ଲୋକଙ୍କ ମୁଣ୍ଡରେ ବାଜିବାକୁ ପୋତା ହୋଇଛି ?" ରୋଗୀର ଏହିପରି ହାସ୍ୟଚତୁରତା ଦୁର୍ଲ୍ଲଭ । ଥରେ ବୋର୍ଡିଂକୁ ଯାଇ ଦେଖିଲେ ଯେ, ଅନେକ ଛାତ୍ର ମିଶି ପାକ କରୁଅଛନ୍ତି । ଦେଖି କହିଲେ, "ତୁମ୍ଭେମାନେ ଅଯଥା ଅଧିକ ଲୋକ ମିଶି ଗୋଳମାଳ କରୁଅଛ, ଭିନ୍ନ ଭିନ୍ନ ପାକ କଲେ ସୁବିଧା ହୁଅନ୍ତା ନାହିଁକି ?" ଜଣେ ଛାତ୍ର କହିଲେ, "ଆଜ୍ଞା, ଅନେକ ମିଶି ଏକ ପାକ କଲେ ଖର୍ଚ୍ଚ ଊଣା ହୁଏ ।" ଶୁଣି ହସି କହିଲେ, "ଆଚ୍ଛା ହିସାବ କରି କହ ଭଲା, କେତେ ଲୋକ ମିଶି ରନ୍ଧି ଖାଇଲେ ଆଦୌ ଖର୍ଚ୍ଚ ପଡ଼ିବ ନାହିଁ ?" ସମସ୍ତେ ହସିଉଠିଲେ ।

Digitized by srujanika@gmail.com

ଥରେ ଜଣକୁ ପଚାରିଲେ, "ରାଧାନାଥବାବୁଙ୍କ ପାଖକୁ ଯାଇଥିଲ । କ'ଣ କହୁଥିଲେ ?" ସେ କହିଲେ, "କହୁଥିଲେ ଯେ ଶବାହର ଗଣ୍ଡଗୋଳରେ କିଛି ଲେଖାପଢ଼ା ହୋଇପାରୁ ନାହିଁ । ବାସ୍ତବିକ୍ ସ୍ତ୍ରୀପୁତ୍ରାଦି ସଂସାରରେ ଅବର୍ଜନା ।" ଶୁଣି ହଠାତ୍ କହିଉଠିଲେ, "ସେଇଅକ୍ଳୁତ ସାରାଜୀବନ କରୁଛନ୍ତି ସର୍ଜନା ।" ଆଉ ଦିନେ ଜଣେ ଭଦ୍ରଲୋକ ତାଙ୍କୁ କହିଲେ, "ଆପଣଙ୍କ ପୂର୍ବ ଚେହେରା ଆଉ ନାହିଁ । ସୁନ୍ଦର କେତକୀ ଗୌରବର୍ଣ୍ଣ, ଉଜ୍ଜ୍ୱଳ ଚକ୍ଷୁ କେଉଁଆଡ଼େ ଗଲା ?" ସେ କେବଳ ଏତିକି କହିଲେ, "ନଃ ଶରଂ ଧନ ଯୌବନଂ ।" ବାସ୍ତବିକ୍ ଜୀବନରେ କିଛି ହିଁ ଚିର ନୁହେଁ । ମଧୁସୂଦନ ଆଜି ନାହାନ୍ତି । ଦୀର୍ଘ ଜୀବନରେ କେହି ତାଙ୍କର ଶତ୍ରୁ ନାହିଁ । ସଦାଳାପୀ, ମଧୁରଭାଷୀ ଅସୂୟାରହିତ ହୃଦୟ, ପରୋପକାରୀ ମଧୁସୂଦନ ବୁଝିଥିଲେ—ସତ୍ୟଂ ବ୍ରୂୟାତ୍ ପ୍ରିୟଂ ବ୍ରୂୟାତ୍, ମା ବ୍ରୂୟାତ୍ ସତ୍ୟମପ୍ରିୟଂ । ପ୍ରିୟଂ ଚ ନାନୃତଂ ବ୍ରୂୟାତ୍, ଏଷ ଧର୍ମଃ ସନାତନଃ । ଆମ୍ଭେମାନେ ତାଙ୍କର ଅନେକ ରୂପ ଦେଖିଅଛୁଁ । କିନ୍ତୁ ଗୋଟିଏ ରୂପ ଚିରକାଳ ହୃଦୟରେ ଲାଗି ରହିଅଛି । ବ୍ରହ୍ମମନ୍ଦିର ନାନା ଲତାପୁଷ୍ପଦ୍ୱାରା ମଣ୍ଡିତ । ଲତାକୁଞ୍ଜ ମଧ୍ୟରେ ଋଷି-ପ୍ରତିମ ତେଜସ୍ୱୀ ଗମ୍ଭୀର ପୁଣ୍ୟାତ୍ମା ମଧୁସୂଦନ ବସି ଯେଉଁ ବ୍ରହ୍ମମନ୍ତ୍ର ପାଠ କରିଥିଲେ, ତାହା ହୃଦୟସ୍ପର୍ଶକାରୀ—

"ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା
ଯେଧାମାନି ଦିବ୍ୟାନି ଆତସ୍ଥୁଃ ।
ବେଦାହମେତଂ ପୁରୁଷଂ ମହାନ୍ତ
ମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।
ତମେବ ବିଦିତ୍ୱାତିମୃତ୍ୟୁମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।"

Digitized by srujanika@gmail.com

ଉତ୍କଳ-କବି ଫକୀରମୋହନ

ଇତିପୂର୍ବେ 'କବି ରାଧାନାଥ ଓ ତଦୀୟ କବିତା' ଶୀର୍ଷକ ପ୍ରବନ୍ଧ ମୋ ଦ୍ୱାରା ରଚିତ ହୋଇ "କଟକ ଆଲୋଚନା ସଭା"ରେ ପଠିତ ଓ "ଉତ୍କଳ-ସାହିତ୍ୟ" ପତ୍ରିକାରେ ପ୍ରକାଶିତ ହୋଇଥିଲା ଏବଂ କବି ଶ୍ରୀଯୁକ୍ତ ମଧୁସୂଦନ ରାଓବାହାଦୁରଙ୍କ ରଚିତ ପ୍ରଥମ ଭାଗ "ଛନ୍ଦମାଳା" ଓ ଦ୍ୱିତୀୟ ଭାଗ "ଛନ୍ଦମାଳା"ର ସମାଲୋଚନା ସମ୍ବନ୍ଧୀୟ ଦୁଇଟି ପ୍ରବନ୍ଧ ଉକ୍ତ ସଭାରେ ପଠିତ ଓ "ମୁକୁର" ଓ "ଉତ୍କଳ-ସାହିତ୍ୟ"ରେ ପ୍ରକାଶିତ ହୋଇଥିଲା ।

ବର୍ତ୍ତମାନ ମୁଁ କବି ଫକୀରମୋହନଙ୍କ କବିତା ଆଲୋଚନା କରିବାକୁ ପ୍ରବୃତ୍ତ ହୋଇଅଛି । କବିତା ଆଲୋଚନା କରିବା ପୂର୍ବରୁ ମୋର କିଛି ବକ୍ତବ୍ୟ ଅଛି । ଇଂଲଣ୍ଡ ପ୍ରଭୃତି ଦେଶମାନଙ୍କରେ କବିମାନଙ୍କର ଜୀବନଚରିତ ପ୍ରକାଶିତ ହୋଇ ଆଲୋଚିତ ହୁଏ । ଏମନ୍ତ କି ସେମାନଙ୍କ ଜୀବନର କ୍ଷୁଦ୍ର କ୍ଷୁଦ୍ର ଘଟଣାଟିମାନ ଜାତୀୟ-ସାହିତ୍ୟରେ ସ୍ଥାନ ପାଇଅଛି । ଭବିଷ୍ୟତ୍ ଜୀବନଚରିତ ଲେଖକଙ୍କ ପଥ ସୁଗମ କରିବା ନିମିତ୍ତ କବି ଚରିତ ସାମୟିକ ପତ୍ରିକାମାନଙ୍କରେ ଆଲୋଚନା କଲେ କୌଣସି କ୍ଷତି ନାହିଁ । ଏହି ବିଶ୍ୱାସରେ ମୁଁ ଲବ୍ଧପ୍ରତିଷ୍ଠ ବୃଦ୍ଧ କବି ଫକୀର-ମୋହନଙ୍କର ବଂଶାବଳୀସମ୍ବଳିତ ସଂକ୍ଷିପ୍ତ ଜୀବନଚରିତ ସଂଗ୍ରହ କରିଅଛି । ପରଲୋକଗତ ରାଧାନାଥ ରାୟ ବାହାଦୁରଙ୍କ ଅତି ସଂକ୍ଷିପ୍ତ ଜୀବନଚରିତ ତଦୀୟ ଗ୍ରନ୍ଥାବଳୀରେ ପ୍ରକାଶିତ ହୋଇଅଛି । ମୋର କ୍ଷୁଦ୍ର ବିବେଚନାରେ ସମସ୍ତ କବି ଓ କୃତୀ ପୁରୁଷଙ୍କର ଜୀବନଚରିତ ପ୍ରକାଶ କରିବା ଉଚିତ । ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ, ଶ୍ରୀଯୁକ୍ତ ମଧୁସୂଦନ ଦାସ, ରାୟ ନନ୍ଦକିଶୋର ଦାସ ବାହାଦୁର, ରାୟ ମଧୁସୂଦନ ରାଓ, ପ୍ୟାରୀମୋହନ ଆଚାର୍ଯ୍ୟ, ଗୌରୀଶଙ୍କର ରାୟ ପ୍ରଭୃତିଙ୍କର ଜୀବନଚରିତ ପ୍ରକାଶିତ ହେବା ଉଚିତ । ଜୀବନଚରିତ ଅଭାବରେ ପ୍ରାଚୀନ ଭାରତର ଓ ପ୍ରାଚୀନ ଉତ୍କଳର ଭକ୍ତ, କବି, ବୀରମାନଙ୍କର ଯଥାଯଥ ବିବରଣୀ ଆମ୍ଭେମାନେ ଜାଣିପାରୁ

"ମୁକୁର" ୩ୟ ଭାଗ ପ୍ରଥମ ସଂଖ୍ୟାରୁ ସଂଗୃହୀତ ।

Digitized by srujanika@gmail.com

ନାହିଁ । କାଳ ଗଣ୍ଡଗଲେ ଅଧୁନାତନ କୃତୀ ବ୍ୟକ୍ତିମାନଙ୍କ ଜୀବନବୃ ଘଟଣାବଳୀ ମଧ୍ୟ ବିସ୍ମୃତିର ଅନ୍ଧକାର ଗର୍ଭରେ ଲୁଚିଯିବ ।

ବାଲେଶ୍ୱରବାସୀ ମଲ୍ଲବଂଶଦ୍ୱୟଙ୍କର ଅର୍ଥାତ୍ ସେନାପତି ଓ ଚୌଧୁରୀ ବଂଶଙ୍କର ଏ ପ୍ରକାର ପରସ୍ପର ଘନିଷ୍ଠ ସମ୍ବନ୍ଧ ଯେ, ଗୋଟିଏ ବଂଶର ବିବରଣ ଲେଖିବାକୁ ହେଲେ ଉଭୟ ବଂଶର ବିବରଣ ଏକ ସଙ୍ଗରେ ଲେଖିବାକୁ ହୁଏ । ଉତ୍କଳର ସ୍ୱାଧୀନ ରାଜାଙ୍କ ଅଧିକାର ସମୟରୁ ବ୍ରିଟିଶ ଅଧିକାର ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଅନ୍ତର୍ଗତ କୁଶିଦା ନାମକ ଗ୍ରାମରେ ଗୋଟିଏ ପ୍ରଧାନ ମହାନାୟକ ଖଣ୍ଡାୟତ ଗୌପାଢ଼ୀ ଥିଲା । ମଲ୍ଲବଂଶ ସେଥିରେ ଗଡ଼ନାୟକ ଥିଲେ । ଅନେକଗୁଡ଼ିଏ ନିଷ୍କର ଭୂସମ୍ପତ୍ତି ଓ ଅନେକଗୁଡ଼ିଏ ପାଇକ ଗଡ଼ନାୟକଙ୍କର ଅଧୀନ ଥିଲେ । ମରହଟ୍ଟାମାନେ ମଧ୍ୟ ମଲ୍ଲବଂଶ ଉପରେ ହସ୍ତକ୍ଷେପ ନ କରି ପୂର୍ବବତ୍ ଅଧିକାର ଅକ୍ଷୁଣ୍ଣ ରଖିଥିଲେ । ଅଧୁନା ସେହି ମଲ୍ଲଗୋଷ୍ଠୀର ବଂଶଧରମାନେ ବର୍ତ୍ତମାନ ଥିଲେହେଁ ସେମାନଙ୍କ ସମ୍ପତ୍ତି ଓ ଆଧିପତ୍ୟ ଏକାବେଳକେ ନଷ୍ଟ ହୋଇଅଛି ।

୧୮୦୦ ଖ୍ରୀଷ୍ଟାବ୍ଦର କିଞ୍ଚିତ୍ ପୂର୍ବେ ଉକ୍ତ ମଲ୍ଲବଂଶର କୁନ୍ଦନ ମଲ୍ଲ ନାମକ ଜଣେ ଯୁବକ ଗ୍ରାମ୍ୟ ବିବାଦ ହେତୁରୁ ଗୋଟିଏ ନରହତ୍ୟା କରି ଭୟରେ ବାଲେଶ୍ୱରକୁ ପଳାଇ ଆସିଥିଲେ । ସେ ସମୟରେ ସମଗ୍ର ଉତ୍କଳ ମରହଟ୍ଟାମାନଙ୍କର ଅଧିକାରରେ ଥିଲା । ବାଲେଶ୍ୱରସ୍ଥ ମରହଟ୍ଟା ଫୌଜଦାର ମହାବାଜୁ ପଳାତକ ଯୁବକର ସୁନ୍ଦର ଗଠନ ଓ କର୍ମଠତା ଦେଖି ଆପଣା ଅଧୀନରେ ଗୋଟିଏ କର୍ମରେ ନିଯୁକ୍ତ କଲେ । ଉକ୍ତ କୁଶିଦା ଗ୍ରାମସ୍ଥ ଅନ୍ୟତମ ମଲ୍ଲବଂଶର ଗୋବିନ୍ଦ ମଲ୍ଲ ବା ହନୁମାନ ମଲ୍ଲ ନାମକ ଅନ୍ୟ ଜଣେ ଯୁବକ ମରହଟ୍ଟା ଫୌଜରେ ନିଯୁକ୍ତ ହେଲେ । ମରହଟ୍ଟା ସେନାପତି ଭାସ୍କର ପଣ୍ଡିତଙ୍କ ବାଲେଶ୍ୱର ଅବସ୍ଥାନକାଳରେ ଉକ୍ତ କୁନ୍ଦନ ମଲ୍ଲ ଓ ହନୁ ମଲ୍ଲ ମଧ୍ୟରେ ପ୍ରଣୟ ଜାତ ହେଲା ଏବଂ ଦୁହେଁ ଚିରସ୍ଥାୟୀରୂପେ ବାଲେଶ୍ୱରରେ ବାସ କରିବାକୁ ଲାଗିଲେ । ଅବଶେଷରେ ହନୁ ମଲ୍ଲ ମରହଟ୍ଟା ସେନାପତି ଭାସ୍କର ପଣ୍ଡିତଙ୍କଠାରୁ ୯୦୦ ମାଣ ନିଷ୍କର ଭୂମି ସହିତ ସେନାପତି ପଦ ପ୍ରାପ୍ତହୋଇ ବାଲେଶ୍ୱରରେ ଘଟିଅଳ ପଦରେ ନିଯୁକ୍ତ ହେଲେ । ହନୁ ମଲ୍ଲ ଅଧୀନରେ କେତେ ଜଣ ପାଇକ ମଧ୍ୟ ନିଯୁକ୍ତ ହେଲେ । ପାଇକମାନଙ୍କ ବ୍ୟୟଭାର ହନୁ ମଲ୍ଲଙ୍କୁ ବହନ କରିବାକୁ ହେଉଥିଲା । ମାତ୍ର ସେ ନିଜେ ନଗଦ ଟଙ୍କା ନ ଦେଇ ପ୍ରାପ୍ତ ଜାଗିରର କେତେକ ଅଂଶ ସେମାନଙ୍କୁ ବାଣ୍ଟି ଦେଇଥିଲେ ।

Digitized by srujanika@gmail.com

୧୮୦୩ ମସିହାରେ ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ସୈନ୍ୟମାନେ ବାଲେଶ୍ୱର ନଦୀ ମୁହାଣ ବଲରାମଗଡ଼ ନାମକ ସ୍ଥାନରେ ଉପସ୍ଥିତ ହୁଅନ୍ତେ, ମରହଟ୍ଟା ପକ୍ଷର ସମସ୍ତ କର୍ମଚାରୀ ସହରଛାଡ଼ ପଳାଇଲେ । ସେମାନଙ୍କ ସହିତ ହରି ମଲ୍ଲଙ୍କ ପୁତ୍ର କୃଷ୍ଣ ସେନାପତି ପଳାଇ ଯାଇଥିଲେ । ସେ ମୁର୍ଶିଦାବାଦ ନବାବ ସରକାରରେ ପଦାତିକ ଭାବରେ ଅନେକଦିନ ପର୍ଯ୍ୟନ୍ତ ରହିଲେ । ସେ ଶିଥିଳ ଚରିତ୍ର ଲୋକ ଥିବାରୁ ଅପଣା ପରିବାରର ସମ୍ପର୍କ ଏକାବେଳକେ ଛାଡ଼ି ଯାଇଥିଲେ ।

ଇଷ୍ଟଇଣ୍ଡିଆ କମ୍ପାନୀ ଫୌଜ ବଲରାମଗଡ଼ଠାରେ ଉପସ୍ଥିତ ହୁଅନ୍ତେ, କୁରୁନ୍ଦ ମଲ୍ଲ ସେମାନଙ୍କୁ ସହର ମଧ୍ୟକୁ ଡକାଇଆଣି ରସଦ ପ୍ରଭୃତି ପ୍ରୟୋଜନୀୟ ଦ୍ରବ୍ୟ ଯୋଗାଇବାରୁ କାପ୍ତାନ ସାହେବ କଲିକତାସ୍ଥ ଗଭର୍ଣ୍ଣର ସାହେବଙ୍କ ଆଜ୍ଞା ଅନୁସାରେ ତାହାଙ୍କୁ କେତେକ ସହସ୍ର ନଗଦ ମୁଦ୍ରା ଓ ସହରର ଚୌଧୁରୀ ପଦ ପ୍ରଦାନ କଲେ । ସେ ସମୟରେ ଚୌଧୁରୀ ପଦ ନଗରର କଟୁଆଲ ପଦସ୍ୱରୂପ ଥିଲା । ସହରର ଦେଓ୍ୱାନୀ ଓ ସାମାନ୍ୟ ଫୌଜଦାରୀ ମକଦ୍ଦମା ବୁଝିବାର ଭାର ତାହାଙ୍କ ଉପରେ ଥିଲା । କୁରୁନ୍ଦ ମଲ୍ଲଙ୍କ ଉତ୍ତାରେ ତାହାଙ୍କ ପୁତ୍ର ଜଗବନ୍ଧୁ ମଲ୍ଲ ଚୌଧୁରୀ କେତେକ ବର୍ଷ ସେହି ଅଧିକାର ଭୋଗ କଲେ । ତହିଁ ଉତ୍ତାରେ ଇଂରେଜ ଅଧିକାର ଦୃଢ଼ରୂପେ ସ୍ଥାପିତ ହେବାରୁ ଉକ୍ତ ପଦ ଉଠିଗଲା ।

ଇଂରେଜ ଅଧିକାରର କେତେକ ବର୍ଷ ଉତ୍ତାରେ ଜାଗିର ଜମି ବିଷୟ ତଦନ୍ତ ହେବା ନିମନ୍ତେ ପ୍ରଧାନ ପ୍ରଧାନ ଜାଗିରଦାରମାନଙ୍କୁ ସରକାରଙ୍କ ପକ୍ଷରୁ ତଲବ ହେଲା । ସେ ସମୟକୁ ଜାଗିରଦାର କୃଷ୍ଣ ସେନାପତି ବିଦେଶରେ ପ୍ରାଣତ୍ୟାଗ କରିଥିଲେ । ଘରେ କେବଳ ବିଧବା ସ୍ତ୍ରୀ ଓ ଦୁଇଗୋଟି ଶିଶୁସନ୍ତାନ ରହିଥିଲେ । ସରକାରୀ ପିଅଦା ତଲବ ପରୱାନା ଧରି ଦ୍ୱାରରେ ଉପସ୍ଥିତ ହେବାରୁ ଜାଗିରଦାରମାନଙ୍କୁ ନେଇ ଫିରିଙ୍ଗୀ ହାଣି ପକାଇବ, ଏହିପରି ମିଥ୍ୟା ଆଶଙ୍କା କରି କୃଷ୍ଣ ସେନାପତିଙ୍କ ବିଧବା, ଶିଶୁସନ୍ତାନ ଦୁଇଟିକୁ ଘର ମଧ୍ୟରେ ଲୁଚାଇ ରଖି ସେନାପତି ବଂଶର କେହି ନ ଥିବାର ସମ୍ବାଦ ଦେଲେ । ସୁତରାଂ ଜାଗିର ବାଜ୍ୟାପ୍ତ ହୋଇଗଲା । ସେହି ସମୟରେ ସେନାପତି ବଂଶର ବଡ଼ ଦୁରବସ୍ଥା ଓ ତହିଁ ଉତ୍ତାରେ ଓଡ଼ିଶା ବନ୍ଦୋବସ୍ତ ସମୟରେ ସରକାର ପୂର୍ବ ବୃତ୍ତାନ୍ତ ଅବଗତ ହୋଇ ସେନାପତି ବଂଶକୁ ବିଶେଷ ଅନୁଗ୍ରହ ପ୍ରକାଶପୂର୍ବକ

Digitized by srujanika@gmail.com

୯୦ ମାଣ ଜମି ପାଇକ ସରଦାର ଜାଗିରସ୍ୱରୂପ ପ୍ରଦାନ କରିଥିଲେ । ଏହି ଜାଗିରର ଭୂମି ସେନାପତି ବଂଶ ବହୁଦିନ ପର୍ଯ୍ୟନ୍ତ ଭୋଗ କରିଥିଲେ । ଅବଶେଷରେ ରାଧାମୋହନ ସେନାପତି ବାଲେଶ୍ୱର ଜିଲ୍ଲା କଲେକ୍ଟର ସାହେବଙ୍କର କିଛି ଅପ୍ରୀତିକର କାର୍ଯ୍ୟ କରିବାରୁ ସାହେବ ମହୋଦୟ ଜାଗିର ଜମି ବେଦଖଲ୍ କରିଦେଲେ ।

ରାଧାମୋହନ ସେନାପତି ନିଜେ କମିଶନର ସାହେବଙ୍କଠାରୁ ଅପିଲ୍ କରିବାକୁ ଯାଇ ବିଦେଶରେ ଜବାଙ୍କନ ଭାବରେ ପ୍ରାଣତ୍ୟାଗ କରିବାରୁ ଜମି ସହିତ ପୂର୍ବ ସନନ୍ଦମାନ ବିନଷ୍ଟ ହୋଇଅଛି ।

ଉତ୍କଳ-ଭୂମି ବ୍ରିଟିଶ ଅଧିକାରଭୁକ୍ତ ହେବା ଦିନଠାରୁ ସେନାପତି ଓ ଚୌଧୁରୀ ବଂଶ ସରକାରୀ ନାନା ବିଭାଗରେ କର୍ମ କରିଅଛନ୍ତି ।

ଫକୀରମୋହନଙ୍କ ବଂଶ ଖସଡ଼ା :—

- ଗୋବିନ୍ଦ ମଲ୍ଲ (ମରହଟ୍ଟା ସଟିଆଲ)
  - କୃଷ୍ଣ ସେନାପତି (ଜାଗିରଦାର)
    - ପୁରୁଷୋତ୍ତମ ସେନାପତି (ପାଇକ ସରଦାର)
      - ନିତ୍ୟାନନ୍ଦ ସେନାପତି (ସିରସ୍ତାଦାର)
        - ଲାଲମୋହନ (ସ୍କୁଲ୍ ମାଷ୍ଟର)
          - ବିରଜମୋହନ
          - ଅଧିରାଜମୋହନ
          - ରାଜମୋହନ
      - ରାଧାମୋହନ ସେନାପତି (ସ୍କୁଲ୍ ମାଷ୍ଟର)
        - ଲଳିତମୋହନ (କ୍ଳର୍କ)
        - ସୁନ୍ଦରମୋହନ (କ୍ଳର୍କ)
    - ଲକ୍ଷ୍ମଣ ସେନାପତି (ଠିକାଦାର)
      - ଫକୀରମୋହନ ସେନାପତି (ଗଡ଼ଜାତ ମ୍ୟାନେଜର)
        - ମୋହିନୀମୋହନ ସେନାପତି (ସବ୍‌ଡେପୁଟି କଲେକ୍ଟର)

Digitized by srujanika@gmail.com

ବାଲେଶ୍ୱର ଜିଲାରେ ସମସ୍ତ ବିଦ୍ୟାଶିକ୍ଷା ଓ ଅନ୍ୟାନ୍ୟ ଉନ୍ନତିର କାର୍ଯ୍ୟ ସେନାପତି ଓ ଚୌଧୁରୀ ବଂଶରୁ ପ୍ରଥମ ଆରମ୍ଭ ହୋଇଅଛି । ୧୮୩୮ ମସିହା ପୂର୍ବେ ସରକାର ବାହାଦୁର ଚୌଧୁରୀଙ୍କର ନିଜ ଗୃହରେ ଗୋଟିଏ ଇଂରାଜୀ ସ୍କୁଲ ସ୍ଥାପନ କରିଥିଲେ । ସ୍ଥାନ ଅଭାବରୁ ଗୃହ ବର୍ଷ ଭିତରେ ସେହି ସ୍କୁଲ ଉଠିଗଲା । ତହିଁର କେତେକ ବର୍ଷ ଭିତରେ ବାଲେଶ୍ୱରର ବର୍ତ୍ତମାନ ଗଭର୍ଣ୍ଣମେଣ୍ଟ ସ୍କୁଲ ସ୍ଥାପିତ ହେଲା । ୧୮୬୮ ମସିହାରେ ଚୌଧୁରୀଙ୍କ ନିଜଗୃହରେ ପ୍ରଥମେ ବାଳିକା ବିଦ୍ୟାଳୟ ସ୍ଥାପିତ ହେଲା । ସେନାପତି ଓ ଚୌଧୁରୀବଂଶର ବାଳିକାମାନେ କେବଳ ସେହି ବିଦ୍ୟାଳୟର ଛାତ୍ରୀ ଥିଲେ । ଏହି ବାଳିକା ବିଦ୍ୟାଳୟ ସ୍ଥାପିତ ହେବାରୁ ସହର ମଧ୍ୟରେ ଅନେକଦିନ ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା । ସେଥି-ସକାଶେ ସେନାପତି ଓ ଚୌଧୁରୀ ବଂଶକୁ ବିଶେଷ ଲାଞ୍ଛନା ଓ ନିନ୍ଦା ଭୋଗ କରିବାକୁ ପଡ଼ିଥିଲା । ୧୮୭୦ରେ ଚୌଧୁରୀଙ୍କ ନିଜ ଗୃହରେ ସ୍ତ୍ରୀମାନଙ୍କ ଜନାନା ଶିକ୍ଷା ଓ ଶିଳ୍ପଶିକ୍ଷା ଆରମ୍ଭ ହେଲା । ସେଥିସକାଶେ ମଧ୍ୟ ଦୁଇ ବଂଶକୁ ଲାଞ୍ଛନା ଭୋଗ କରିବାକୁ ପଡ଼ିଥିଲା ।

ସେନାପତି ବଂଶଙ୍କ ଯତ୍ନରୁ ବାଲେଶ୍ୱରରେ ପ୍ରଥମେ ଛାପାଖାନା ସ୍ଥାପିତ ଓ "ସମ୍ବାଦବାହିକା" ନାମକ ସାପ୍ତାହିକ ପତ୍ରିକା ପ୍ରକାଶିତ ହୁଏ । "ବାହିକା"ର ବର୍ତ୍ତମାନ ଦ୍ୱିଚତ୍ୱାରିଂଶତ୍ ଭାଗ ଚଳୁଛି । ବାଲେଶ୍ୱରର ପ୍ରସିଦ୍ଧ ଜମିଦାର ରାଧାଚରଣ ଦାସ ତାହାର ପୃଷ୍ଠପୋଷକ ଅଟନ୍ତି ।

ପୂର୍ବେ ବାଲେଶ୍ୱରରେ ଜାହାଜର ବିଶେଷ କାରବାର ଥିଲା । ଲକ୍ଷ୍ମଣ ସେନାପତି ଜାହାଜ ନିର୍ମାଣରେ ଜଣେ ଠିକାଦାର ଥିଲେ । ଫକୀରମୋହନ ତାହାଙ୍କ ଦ୍ୱିତୀୟ ପୁତ୍ର ଅଟନ୍ତି । ପ୍ରଥମ ପୁତ୍ର ଚୈତନ୍ୟଚରଣ ବାଲ୍ୟକାଳରେ ପ୍ରାଣତ୍ୟାଗ କରିଅଛନ୍ତି । ଲକ୍ଷ୍ମଣ ସେନାପତି ପୂର୍ଣ୍ଣ ଯୌବନ ସମୟରେ ଭୁବନେଶ୍ୱରରେ ପ୍ରାଣତ୍ୟାଗ କଲେ । ତାର ଛଅ ମାସ ପରେ ତାଙ୍କ ସ୍ତ୍ରୀ ମଧ୍ୟ ପ୍ରାଣତ୍ୟାଗ କଲେ । ସେ ସମୟରେ ଫକୀରମୋହନଙ୍କ ବୟସ ଦେଢ଼ବର୍ଷ ମାତ୍ର । ତାଙ୍କର ପିତାମହୀଙ୍କ ଦ୍ୱାରା ସେ ପ୍ରତିପାଳିତ ହୋଇଥିଲେ । କିନ୍ତୁ ପ୍ରଥମ ବୟସରେ ତାହାଙ୍କୁ ଦାରୁଣ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥିଲା । ଛ ବର୍ଷଠାରୁ ଦଶ ବର୍ଷ ପର୍ଯ୍ୟନ୍ତ ପୀଡ଼ିତ ହୋଇ ରୋଗାଗତ ଥିଲେ । ସେ ସମୟରେ ବାଲେଶ୍ୱର ଜିଲାରେ ଅବଧାନ

Digitized by srujanika@gmail.com

ଗୁରୁଶାଳୀ ଓ ପାରସ୍ୟ ବିଦ୍ୟା ଶିଖିବା ନିମନ୍ତେ ଅଖୁଞ୍ଜି ମକ୍ତବ ଥିଲା । ବାଲେଶ୍ୱର ସହରରେ କେବଳ ଗୋଟିଏ ପାରସ୍ୟ ବିଦ୍ୟାଳୟ ଥିଲା । ଫକୀରମୋହନ ପ୍ରଥମେ ଅବଧାନ ଗୁରୁଶାଳୀରେ ଓଡ଼ିଆ ପଢ଼ି ପାରସ୍ୟ ବିଦ୍ୟାଳୟରେ କିଛୁଦିନ ପଢ଼ିଥିଲେ । ତାଙ୍କର ଚଉଦ ବର୍ଷ ବୟସ ସମୟରେ ପାରସ୍ୟ ବିଦ୍ୟାଳୟ ଉଠିଯାଇ ବାଲେଶ୍ୱର ଜିଲାର ବର୍ତ୍ତମାନ ଗଭର୍ଣ୍ଣମେଣ୍ଟ ଇଂରାଜୀ ସ୍କୁଲ ଓ ଗୋଟିଏ ବଙ୍ଗଳା ବିଦ୍ୟାଳୟ ସ୍ଥାପିତ ହେଲା । ଫକୀରମୋହନ କିଛୁଦିନ ସେଠାରେ ବଙ୍ଗଳା ପଢ଼ି, ସେଠାରେ ଶିକ୍ଷକତା କରିଥିଲେ । ଶିକ୍ଷା ବିଭାଗରେ ପ୍ରାୟ ୧୨।୧୩ ବର୍ଷ କାର୍ଯ୍ୟ କରି ବାଲେଶ୍ୱର ଜିଲାର ମିଶନ ସ୍କୁଲ ହେଡ୍‌ମାଷ୍ଟର ପଦ ପର୍ଯ୍ୟନ୍ତ ଯାଇ ପାରିଥିଲେ । ମଧ୍ୟରେ କେତେକ ମାସ ବାଲେଶ୍ୱର ଜିଲାର କଲେକ୍ଟରୀ ସିରସ୍ତାରେ ମୁନ୍‌ସି କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । କିନ୍ତୁ ସେ କର୍ମ ଭଲ ନ ଲଗିବାରୁ ତାହା ପରିତ୍ୟାଗ କରି ପୁନର୍ବାର ଶିକ୍ଷକତାରେ ନିଯୁକ୍ତ ହୋଇଥିଲେ । ଶିକ୍ଷା ବିଷୟରେ ତାହାଙ୍କର ପ୍ରଗାଢ଼ ଅନୁରକ୍ତି ଥିବାରୁ ଶିକ୍ଷକତା ତାଙ୍କ ଉଦ୍ଦେଶ୍ୟ ସାଧନ ପକ୍ଷରେ ବିଶେଷ ଅନୁକୂଳ ହୋଇଥିଲା । ସେ ଶିକ୍ଷକ ଥିବା ସମୟରେ ବଙ୍ଗଳା, ହିନ୍ଦୀ, ଇଂରାଜୀ ଭାଷା ଶିଖିଥିଲେ । କିନ୍ତୁ ଇଂରାଜୀ ଶିଖିବା ପାଇଁ ତାଙ୍କର ଶ୍ରଦ୍ଧା ବା ସୁଯୋଗ ନ ଥିଲା । କବିବର ରାଧାନାଥ ରାୟ ସେନାପତିଙ୍କର ପ୍ରତିବାସୀ, ବାଲ୍ୟବନ୍ଧୁ, ଏବଂ ସଂସ୍କୃତ ସହପାଠୀ । ସେନାପତି ଅମରକୋଷ ଅଭିଧାନର କେତେକ ବର୍ଗ ପଢ଼ି ରାଧାନାଥଙ୍କ ସହିତ ବାଲେଶ୍ୱରର ସୁପ୍ରସିଦ୍ଧ ପଣ୍ଡିତ ସଦାଶିବ ନନ୍ଦଙ୍କ ନିକଟରେ ରଘୁବଂଶ ପଢ଼ିବାକୁ ଆରମ୍ଭ କଲେ । କିନ୍ତୁ ରାଧାନାଥଙ୍କର ବୁଦ୍ଧିବୃତ୍ତି ଏପରି ତେଜସ୍ୱିନୀ ଥିଲା ଯେ ସେନାପତିଙ୍କର ଏକ ସର୍ଗ ପାଠ ଶେଷ ହେବା ପୂର୍ବରୁ ସେ ଛଅ ସର୍ଗ ଆବୃତ୍ତି କରି ପକାଉଥିଲେ । ସୁତରାଂ ଉଭୟ ଭିନ୍ନ ଭିନ୍ନ ପ୍ରକାର ଗ୍ରନ୍ଥ ଅଧ୍ୟୟନ କରିବାକୁ ଲାଗିଲେ ଓ ଶିକ୍ଷା ବିଭାଗରେ ନିଯୁକ୍ତ ଥିବାରୁ ଉଭୟ ବିଦ୍ୟୋନ୍ନତି କରିବାକୁ ସୁଯୋଗ ପାଇଲେ । ଉତ୍କଳଭାଷାର ଦୁରବସ୍ଥା ଅବଲୋକନ କରି ଏହାର ଉନ୍ନତି ନିମନ୍ତେ ଅଳ୍ପବୟସରୁ ଉଭୟେ ଯତ୍ନଶୀଳ ହୋଇଥିଲେ । ପ୍ରଥମେ ଉତ୍କଳର ସ୍ଥାନେ ସ୍ଥାନେ ଯେତେବେଳେ ସ୍କୁଲ ସ୍ଥାପିତ ହେବାର ଆରମ୍ଭ ହୁଏ, ସେତେବେଳେ ଲୋକଙ୍କର ମାତୃଭାଷା ଶିକ୍ଷା ପ୍ରତି ତାଦୃଶ ଯତ୍ନ ନ ଥିଲା ଓ ବିଦ୍ୟାଳୟରେ ସେଥିନିମନ୍ତେ ବନ୍ଦୋବସ୍ତ ମଧ୍ୟ ନ ଥିଲା, ସ୍କୁଲମାନଙ୍କରେ ସମସ୍ତ ବିଷୟ ବଙ୍ଗଳାରେ ପଠିତ ହେଉଥିଲା ।

Digitized by srujanika@gmail.com

ବାଲେଶ୍ୱର ଜିଲ୍ଲାରେ ସମସ୍ତ ବିଦ୍ୟାଶିକ୍ଷା ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ସେନାପତି ଓ ଚୌଧୁରୀ ବଂଶରୁ ପ୍ରଥମ ଆରମ୍ଭ ହୋଇଅଛି । ୧୮୩୮ ମସିହା ପୂର୍ବେ ସରକାର ବାହାଦୂର ଚୌଧୁରୀଙ୍କର ନିଜ ଗୃହରେ ଗୋଟିଏ ଇଂରାଜୀ ସ୍କୁଲ ସ୍ଥାପନ କରିଥିଲେ । ଗ୍ରନ୍ଥ ଅଭାବରୁ ଦୁଇ ବର୍ଷ ଭିତରେ ସେହି ସ୍କୁଲ ଉଠିଗଲା । ତହିଁର କେତେକ ବର୍ଷ ପରେ ବାଲେଶ୍ୱରର ବର୍ତ୍ତମାନ ଗଭର୍ଣ୍ଣମେଣ୍ଟ ସ୍କୁଲ ସ୍ଥାପିତ ହେଲା । ୧୮୬୮ ମସିହାରେ ଚୌଧୁରୀଙ୍କ ନିଜଗୃହରେ ପ୍ରଥମେ ବାଳିକା ବିଦ୍ୟାଳୟ ସ୍ଥାପିତ ହେଲା । ସେନାପତି ଓ ଚୌଧୁରୀବଂଶର ବାଳିକାମାନେ କେବଳ ସେହି ବିଦ୍ୟାଳୟର ଛାତ୍ରୀ ଥିଲେ । ଏହି ବାଳିକା ବିଦ୍ୟାଳୟ ସ୍ଥାପିତ ହେବାରୁ ସହର ମଧ୍ୟରେ ଅନେକଦିନ ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା । ସେଥି-ସକାଶେ ସେନାପତି ଓ ଚୌଧୁରୀ ବଂଶକୁ ବିଶେଷ ଲାଞ୍ଛନା ଓ ନିନ୍ଦା ଭୋଗ କରିବାକୁ ପଡ଼ିଥିଲା । ୧୮୭୦ରେ ଚୌଧୁରୀଙ୍କ ନିଜ ଗୃହରେ ସ୍ତ୍ରୀମାନଙ୍କ ଜନାନା ଶିକ୍ଷା ଓ ଶିଳ୍ପଶିକ୍ଷା ଆରମ୍ଭ ହେଲା । ସେଥିସକାଶେ ମଧ୍ୟ ଦୁଇ ବଂଶକୁ ଲାଞ୍ଛନା ଭୋଗ କରିବାକୁ ପଡ଼ିଥିଲା ।

ସେନାପତି ବଂଶଙ୍କ ଯତ୍ନରୁ ବାଲେଶ୍ୱରରେ ପ୍ରଥମେ ଛାପାଖାନା ସ୍ଥାପିତ ଓ "ସମ୍ବାଦବାହିକା" ନାମକ ସାପ୍ତାହିକ ପତ୍ରିକା ପ୍ରକାଶିତ ହୁଏ । "ବାହିକା"ର ବର୍ତ୍ତମାନ ଦ୍ୱିଚତ୍ୱାରିଂଶତ୍ ଭାଗ ଚଳୁଛି । ବାଲେଶ୍ୱରର ପ୍ରସିଦ୍ଧ ଜମିଦାର ରାଧାଚରଣ ଦାସ ତାହାର ପୃଷ୍ଠପୋଷକ ଅଟନ୍ତି ।

ପୂର୍ବେ ବାଲେଶ୍ୱରରେ ଜାହାଜର ବିଶେଷ କାରବାର ଥିଲା । ଲକ୍ଷ୍ମଣ ସେନାପତି ଜାହାଜ ନିର୍ମାଣରେ ଜଣେ ଠିକାଦାର ଥିଲେ । ଫକୀରମୋହନ ତାହାଙ୍କ ଦ୍ୱିତୀୟ ପୁତ୍ର ଅଟନ୍ତି । ପ୍ରଥମ ପୁତ୍ର ଚୈତନ୍ୟଚରଣ ବାଲ୍ୟକାଳରେ ପ୍ରାଣତ୍ୟାଗ କରିଅଛନ୍ତି । ଲକ୍ଷ୍ମଣ ସେନାପତି ପୂର୍ଣ୍ଣ ଯୌବନ ସମୟରେ ଭୁବନେଶ୍ୱରରେ ପ୍ରାଣତ୍ୟାଗ କଲେ । ତାର ଛଅ ମାସ ପରେ ତାଙ୍କ ସ୍ତ୍ରୀ ମଧ୍ୟ ପ୍ରାଣତ୍ୟାଗ କଲେ । ସେ ସମୟରେ ଫକୀରମୋହନଙ୍କ ବୟସ ଦେଢ଼ବର୍ଷ ମାତ୍ର । ତାଙ୍କର ପିତାମହୀଙ୍କ ଦ୍ୱାରା ସେ ପ୍ରତିପାଳିତ ହୋଇଥିଲେ । କିନ୍ତୁ ପ୍ରଥମ ବୟସରେ ତାହାଙ୍କୁ ଦାରୁଣ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥିଲା । ଛ ବର୍ଷଠାରୁ ଦଶ ବର୍ଷ ପର୍ଯ୍ୟନ୍ତ ପୀଡ଼ିତ ହୋଇ ଶଯ୍ୟାଗତ ଥିଲେ । ସେ ସମୟରେ ବାଲେଶ୍ୱର ଜିଲ୍ଲାରେ ଅଳ୍ପଧାନ

Digitized by srujanika@gmail.com

ଓଡ଼ିଆରେ କେବଳ ସାହିତ୍ୟ ସାମାନ୍ୟଜ୍ଞାନରେ ପଠିତ ହେଉଥିଲା । ସେ ସମୟରେ ପ୍ରାୟ ସମସ୍ତ ସ୍କୁଲରେ ଶିକ୍ଷା ବିଭାଗରେ ପ୍ରଧାନ ପ୍ରଧାନ ପଦରେ ବଙ୍ଗବାସୀମାନେ ନିଯୁକ୍ତ ଥିବାରୁ ଓଡ଼ିଆଭାଷାର ଉନ୍ନତିକଳ୍ପେ କେହି ଯତ୍ନ କରୁ ନ ଥିଲେ । ସେ ସମୟରେ ଓଡ଼ିଆଭାଷାରେ କେବଳ ନୀତିକଥା, ଛାନ୍ଦଭାଗ ଓ ହିତୋପଦେଶ ଓ ଧରଣୀଧର ଗୀତଗୋବିନ୍ଦ—ଏଇ କେଇଖଣ୍ଡି ମାତ୍ର ମୁଦ୍ରିତ ହୋଇଥିଲା । ସେ ସମୟରେ ଓଡ଼ିଶାବାସୀ ବିଶେଷତଃ ବାଲେଶ୍ୱରବାସୀ ବଙ୍ଗାଳୀ କର୍ମଚାରୀମାନେ ଏକତ୍ର ହୋଇ ଓଡ଼ିଆ-ଦେଶର ସ୍କୁଲମାନଙ୍କରୁ ଓଡ଼ିଆଭାଷା ଏକାବେଳକେ ଉଠାଇ ଦେବାକୁ ଯତ୍ନଶୀଳ ହୋଇଥିଲେ ଏବଂ ବଙ୍ଗଦେଶର ଦକ୍ଷିଣ-ପଶ୍ଚିମ ବିଭାଗର ସ୍କୁଲ ଇନ୍‌ସ୍‌ପେକ୍ଟର ମିଃ ମାର୍ଟିନ୍ ସାହେବଙ୍କୁ ହସ୍ତଗତ କରି ଏକପ୍ରକାର କୃତକାର୍ଯ୍ୟ ହୋଇଥିଲେ । ସମଗ୍ର ଓଡ଼ିଆପକ୍ଷରୁ କଟକବାସୀ ବାବୁ ଗୌରୀଶଙ୍କର ରାୟ ଓ ବାଲେଶ୍ୱରରୁ ଫକୀରମୋହନ ଏ ବିଷୟରେ ପ୍ରତିବାଦ ଓ ଘୋର ଆନ୍ଦୋଳନ କରିଥିଲେ । ଫକୀରମୋହନ ବାଲେଶ୍ୱରବାସୀ ପ୍ରଧାନ ପ୍ରଧାନ ଲୋକମାନଙ୍କୁ ଘେନି ଗୋଟିଏ ସଭା ଗଠନ କଲେ ଓ ସେହି ସଭା ଗଭର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ଆବେଦନ କରିବାରୁ ବାଲେଶ୍ୱର ଜିଲାର ତତ୍କାଳୀନ କଲେକ୍ଟର ମିଃ ବିମ୍‌ସ୍ ଓ ଓଡ଼ିଶାର କମିଶନର ମିଃ ରେଭେନ୍‌ସା ମହୋଦୟଙ୍କ ସହାୟତାରେ ସମସ୍ତ ସ୍କୁଲରୁ ବଙ୍ଗଭାଷା ଏକାବେଳକେ ଉଠିଗଲା । ସେହି ସମୟରେ ଓଡ଼ିଆ ଭାଷାର ଶିକ୍ଷାର ସୂତ୍ରପାତ ହେଲା । ସରକାରଙ୍କ ସହାୟତାରେ ନାନା ବିଷୟରେ ଓଡ଼ିଆଭାଷାରେ ଗ୍ରନ୍ଥ ଅନୁବାଦିତ ଓ ରଚିତ ହେବାକୁ ଲାଗିଲା । ଫକୀର-ମୋହନ କେତେଖଣ୍ଡ ପୁସ୍ତକ ପ୍ରଣୟନ କରି ସରକାରଙ୍କ ଠାରୁ ଏକ ସହସ୍ର ଟଙ୍କା ପୁରସ୍କାର ପାଇଲେ । ବାଲେଶ୍ୱର ଜିଲାରୁ ସର୍ବପ୍ରଥମ ସମ୍ବାଦ ପତ୍ରିକା ପ୍ରକାଶ ଓ ଗ୍ରନ୍ଥ ପ୍ରଣୟନ ଫକୀରମୋହନ ସେନାପତିଙ୍କ ଦ୍ୱାରା ହୋଇଥିଲା ।

ବାଲେଶ୍ୱର ଜିଲାର ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପନ ଓ ବାଳିକା ଶିକ୍ଷା ବିସ୍ତାର, ନାନା ବିଷୟକ ଗ୍ରନ୍ଥ ଅଧ୍ୟୟନ ଓ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ପ୍ରକାଶ ନିମନ୍ତେ ନିମ୍ନଲିଖିତ ବ୍ୟକ୍ତିମାନେ ମିଳିତ ହୋଇ ଗୋଟିଏ ସଭା ସ୍ଥାପନ କରିଥିଲେ ।

Digitized by srujanika@gmail.com

୧ । ରାଧାନାଥ ରାୟ, ୨ । ଫକୀରମୋହନ ସେନାପତି, ୩ । ବୈକୁଣ୍ଠନାଥ ଦେ, ୪ । ନିତ୍ୟାନନ୍ଦ ସେନାପତି, ଓ ୫ । ଭୋଳାନାଥ ସାମନ୍ତରାୟ ଇତ୍ୟାଦି ।

ଏହି ସଭା "ପି. ଏମ୍. ସେନାପତି ଏଣ୍ଡ କୋ" ନାମକ ଗୋଟିଏ କମ୍ପାନୀ ଗଠନ କରି ଗୋଟିଏ ଛାପାଖାନା ସ୍ଥାପନ କରିଥିଲେ । କେତେକ ବର୍ଷ ଉତ୍ତାରେ କମ୍ପାନୀ ଉଠିଯିବାରୁ ଛାପାଖାନାର ସମସ୍ତ ଦ୍ରବ୍ୟ ରାଜା ବୈକୁଣ୍ଠନାଥ ଦେ ବାହାଦୁର କ୍ରୟ କରିଅଛନ୍ତି । ବର୍ତ୍ତମାନ ଉକ୍ତ ମହୋଦୟଙ୍କ ତତ୍ତ୍ୱାବଧାନରେ ପ୍ରେସ ଚାଲୁଛି । "ଉତ୍କଳ" ଓ "ନବ ସମ୍ବାଦ ପତ୍ରିକା" ସେହି ପ୍ରେସରୁ ପ୍ରକାଶିତ ହୁଏ ।

୨୯ ବର୍ଷ ବୟସରେ ଫକୀରମୋହନ ଶିକ୍ଷାବିଭାଗର କର୍ମ ପରିତ୍ୟାଗ କରି ଗଡ଼ଜାତ କର୍ମରେ ପ୍ରବେଶ କଲେ । କେତେକ ଗଡ଼ଜାତରେ ଦେୱାନ୍, ମ୍ୟାନେଜର ଓ ଅସିଷ୍ଟାଣ୍ଟ ମ୍ୟାନେଜର କର୍ମ କରିଥିଲେ ।

ଅସ୍ମେମାନେ ପୂର୍ବେ ପ୍ରକାଶ କରିଅଛୁ, ସେନାପତି ମହୋଦୟ ବାଲ୍ୟକାଳରୁ ମାତୃଭାଷାର ଉନ୍ନତି ସକାଶେ ଯତ୍ନଶୀଳ ଥିଲେ । ସେ ବିଷୟରେ ତାଙ୍କର ଏମନ୍ତ ପ୍ରଗାଢ଼ ଅନୁରାଗ ଥିଲା ଯେ, ପୀଡ଼ା ବା ଶୋକ ବିପଦ ସମୟରେ ପୁସ୍ତକ ପ୍ରଣୟନ ବା କବିତା ରଚନାଦ୍ୱାରା ଅନନ୍ୟମନସ୍କ ହୋଇ ଶାନ୍ତି ଓ ସାନ୍ତ୍ୱନା ଲାଭ କରୁଥିଲେ । ସେ ନିମ୍ନଲିଖିତ ଗ୍ରନ୍ଥମାନ ଅନୁବାଦ ଓ ପ୍ରଣୟନ କରିଅଛନ୍ତି । ଏତଦ୍‌ଭିନ୍ନ ବାଲେଶ୍ୱର 'ସମ୍ବାଦବାହିକା' ପାକ୍ଷିକ ପତ୍ରିକା ଓ 'ବୋଧଦାୟିନୀ' ମାସିକ ପତ୍ରିକା ତିନି ବର୍ଷ ପର୍ଯ୍ୟନ୍ତ ଅନ୍ୟର ସାହାଯ୍ୟ ବିନା ଚଳାଇଥିଲେ । ଏତଦ୍‌ଭିନ୍ନ ଅନ୍ୟାନ୍ୟ ସାମୟିକ ପତ୍ରିକାମାନଙ୍କରେ ବହୁସଂଖ୍ୟକ ପଦ୍ୟ ଓ ପ୍ରବନ୍ଧ ପ୍ରକାଶ କରିଅଛନ୍ତି । ଫକୀରମୋହନଙ୍କର ସମସ୍ତ ଜୀବନ ବିବିଧ, ବିଚିତ୍ର ଘଟଣାବଳୀପୂର୍ଣ୍ଣ ଓ ଘୋର ବିପଦସଂକୁଳ ଅଟେ । ସେ ପୁନଃପୁନଃ ବହୁବାର ଘୋର ବିପଦ, ଉତ୍କଟ ବ୍ୟାଧି, ଦାରିଦ୍ର୍ୟରେ ପଡ଼ି ଈଶ୍ୱର-ପ୍ରସାଦାତ୍ ସେଥିରୁ ମୁକ୍ତିଲାଭ କରିଥିଲେ । ଈଶ୍ୱରଙ୍କ ପ୍ରତି ତାହାଙ୍କର ଦୃଢ଼ ବିଶ୍ୱାସ ଓ ଉତ୍କଳ ଭାଷା ଆଲୋଚନାରେ ବିଶେଷ ନିବିଷ୍ଟ ଥିବାରୁ ସମସ୍ତ ପ୍ରକାର ଆପଦବିପଦକୁ ତୁଚ୍ଛ ଜ୍ଞାନ କରୁଥିଲେ । ସେ ଅନେକ ଥର ଘୋର ପ୍ରାଣାନ୍ତକରୂପେ ବିପଦରେ ପଡ଼ି ଅଶ୍ଚର୍ଯ୍ୟରୂପେ ରକ୍ଷା ପାଇଅଛନ୍ତି ।

Digitized by srujanika@gmail.com

ତାଙ୍କଦ୍ୱାରା ଅନୂଦିତ ଓ ପ୍ରଣୀତ ଗ୍ରନ୍ଥାବଳୀ

୧ । ଅଷ୍ଟାଦଶ ପର୍ବ ମହାଭାରତ, ୨ । ବାଲ୍ମୀକି ରାମାୟଣ, ୩ । ଗୀତ-ମନୋହରା ୪ । ଭଗବଦ୍‌ଗୀତା ୫ । ମୋହମୁଦ୍‌ଗର, ୬ । ଜୀବନଚରିତ, ୭ । ସରଳ ବ୍ୟାକରଣ, ୮ । ଭାରତବର୍ଷ ଇତିହାସ, ୯ । ଅଙ୍କମାଳା, ୧୦ । ପୁଷ୍ପମାଳା, ୧୧ । ଉତ୍କଳ-ଭ୍ରମଣ, ୧୨ । ଉପହାର, ୧୩ । ପ୍ରାର୍ଥନା, ୧୪ । ଅବସରବାସରେ, ୧୫ । ରେବତୀ, ୧୬ । ଛମାଣ ଆଠଗୁଣ୍ଠ, ୧୭ । ଅପୂର୍ବ ମିଳନ, ୧୮ । ବୌଦ୍ଧାବତାର, ୧୯ । ଉପନିଷଦ, ୨୦ । ଖିଲହରିବଂଶ, ୨୧ । ବିଷ୍ଣୁପର୍ବ, ୨୨ । ଭବିଷ୍ୟତ୍ ପର୍ବ, ୨୩ । ଉତ୍କଳଖଣ୍ଡ, ୨୪ । ପାତଞ୍ଜଳୀ ଦର୍ଶନ-ବ୍ୟାଖ୍ୟା, ୨୫ । ଚୈତନ୍ୟଦେବଚରିତ । ୨୬ । ମାମୁଁ, ଓ ୨୭ । ପ୍ରାୟଶ୍ଚିତ୍ତ ଚରିତ ।

(ଉକ୍ତ ଶ୍ରୀଯୁକ୍ତ ଫକୀରମୋହନଙ୍କ ଜୀବନଚରିତ ସଂଗ୍ରହରେ ତାଙ୍କ ପୌତ୍ର କଟକ କଲେଜର ଛାତ୍ର ଶ୍ରୀମାନ୍ ବ୍ରଜମୋହନ ସେନାପତି ମୋତେ ସାହାଯ୍ୟ କରିଅଛନ୍ତି ।)

Digitized by srujanika@gmail.com

ଛନ୍ଦମାଳା

୧ମ ଭାଗ (ସମାଲୋଚନା)

(କଟକ ଆଲୋଚନା ସଭାରେ ପଠିତ)

ପ୍ରଥମେ ଅମ୍ଭେମାନେ ସହଜ, ସରଳ, ସର୍ବଜନପ୍ରିୟ "ଛନ୍ଦମାଳା"ର ଆଲୋଚନା କରିବୁଁ । ଅମ୍ଭେମାନେ ଅତି ଶୈଶବକାଳରୁ ଏହି କବିତା ପୁସ୍ତକଖଣ୍ଡିର ସହିତ ପରିଚିତ । ଏହାର ଅଧିକାଂଶ କବିତା ଆମ୍ଭମାନଙ୍କ କଣ୍ଠସ୍ଥ (ମୋ ଠାରେ ବର୍ତ୍ତମାନ "ଛନ୍ଦମାଳା" ନାହିଁ । ଏହି ସମାଲୋଚନା ବାର ତେର ବର୍ଷ ପୂର୍ବେ ସଞ୍ଚିତ ସ୍ମୃତିର ଭଗ୍ନାବଶେଷରୁ ସଙ୍କଳିତ ହୋଇ-ଅଛି) । ଅମ୍ଭେମାନେ ସର୍ବପ୍ରଥମ ଏହି ବାଲ-ବନ୍ଧୁଟିକୁ ସାଦର ସମ୍ଭାଷଣ କରିବା ଅନ୍ୟାନ୍ୟ ପୁସ୍ତକର ସମାଲୋଚନା କରିବୁଁ । ସମାଲୋଚନା ପୂର୍ବରୁ କେତେକ ସମ୍ବନ୍ଧୀୟ କେତେକ ସାଧାରଣ ବିଷୟର ଆଲୋଚନା କରିବୁଁ ।

ସୌନ୍ଦର୍ଯ୍ୟାତ୍ମକ କବିତା ଓ ଉପଦେଶାତ୍ମକ କବିତା

ପାଶ୍ଚାତ୍ୟ ପଣ୍ଡିତଗଣ କବିତାକୁ ଦୁଇ ଶ୍ରେଣୀରେ ବିଭକ୍ତ କରନ୍ତି ; ଯଥା :— ଉପଦେଶାତ୍ମକ (Didactic) କବିତା ଏବଂ ସୌନ୍ଦର୍ଯ୍ୟାତ୍ମକ (Artistic) କବିତା । କେହି କେହି କହନ୍ତି, ପ୍ରଥମ ଶ୍ରେଣୀର କବିତା ନୀରସ, ନୀତିମୂଳକ ଏବଂ ଏମନ୍ତ କି ତାହା କବିତା ହିଁ ନୁହେଁ, ନୀତିଶାସ୍ତ୍ର । ଉପଦେଶ ଦେବା ନୀତିଶାସ୍ତ୍ରର କାର୍ଯ୍ୟ, କାବ୍ୟର କାର୍ଯ୍ୟ ସୌନ୍ଦର୍ଯ୍ୟସୃଜନ । ଅନ୍ୟ କେହି କେହି କହନ୍ତି, ଦ୍ୱିତୀୟ ଶ୍ରେଣୀର କବିତା ସାହିତ୍ୟର ବିଳାସ ବା ପ୍ରାଚୁର୍ଯ୍ୟ (Luxury of language) । ଉପଦେଶାତ୍ମକ କବିତାରେ ମଧ୍ୟ ସୌନ୍ଦର୍ଯ୍ୟ ଅଛି । ଯଦିବା ତାହା ଶାରୀରିକ ବା ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ତାହା ଆନ୍ତରିକ ବା ନୈତିକ ସୌନ୍ଦର୍ଯ୍ୟ । ଯେବେ କବିତା ପଢ଼ି ପାଠକ କିଛି ନୀତି ଉପଦେଶ ଲାଭ ନ କଲା, ତେବେ ସେ କବିତାରେ ଉପକାର କ'ଣ ? ଏତଦୁତ୍ତରରେ ସୌନ୍ଦର୍ଯ୍ୟାତ୍ମକ କବିତା-ସପକ୍ଷ ଦଳ କହନ୍ତି, ଅମ୍ଭମାନଙ୍କ କବିତାରେ ମଧ୍ୟ ଉପକାର ହେବ, କିନ୍ତୁ ଗୌଣ-ଭାବରେ ହେବ । କାବ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେବ ଜଡ଼ ବା ମାନବ ପ୍ରକୃତିର ସୌନ୍ଦର୍ଯ୍ୟ-ସୃଜନ । ତହିଁରେ ଶିକ୍ଷା ବା ଉପଦେଶର ବାହାନା ବା

Digitized by srujanika@gmail.com

ପ୍ରକାଶ୍ୟ ଅବସର ମିଳୁ ନ ଥିବ । କିନ୍ତୁ ଯେପରି ପ୍ରକୃତ ସନ୍ଦର୍ଶନରେ ସେହିପରି କାବ୍ୟ ପଠନରେ ପାଠକ ମନ ଉଲ୍ଲସିତ, ବିସ୍ମିତ ଓ ମୁଗ୍ଧହୋଇ ଯଦିବିଚାର ଉର୍ଦ୍ଧ୍ୱରେ ଗ୍ରାମକୁ ଉତ୍‌ଥିତ ହେବ । ଏହା ଯେବେ ଉପକାର ନୁହେଁ ତେବେ ତା' କଣ ? ଏହିକଳି କବିତ ପ୍ରୋକ୍ତ ଦୁଇ ଶ୍ରେଣୀ ମଧ୍ୟରେ ପଡ଼ିଥାଏ । କିନ୍ତୁ ପ୍ରକୃତରେ କହିବାକୁ ଗଲେ ଉଭୟ ଶ୍ରେଣୀର କବିତାର ସ୍ଥାନ ସାହିତ୍ୟ-ଜଗତ୍‌ରେ ଅଛି ଏବଂ ଯଦିବା ଉପଦେଶାତ୍ମକ କବିତା ନିକୃଷ୍ଟ ଶ୍ରେଣୀସ୍ଥ ତଥାପି ଶକ୍ତିଶାଳୀ ଲେଖକହସ୍ତସ୍ପର୍ଶରେ ଏହା ମଧ୍ୟ ପାଠକଠାରେ ଆଦର ପାଇପାରେ । ଟେନିସନ୍‌ଙ୍କ (In Memorium) "ଇନ୍ ମେମୋରିୟମ୍" ପାଠରେ ଯଦି ପାଠକ ମୋହିତ ହୁଏ, ତଥାପି ତାଙ୍କର (The Princess) "ପ୍ରିନ୍‌ସେସ୍" ମଧ୍ୟ ଆଦର ନ ପାଏ, ଏମନ୍ତ ନୁହେଁ । ରାଧାନାଥବାବୁଙ୍କ "ପାର୍ବତୀ", "ନନ୍ଦିକେଶ୍ୱରୀ", "ଉଷା" ସଙ୍ଗେ ସଙ୍ଗେ ତାଙ୍କର "ତୁଳସୀସ୍ତବକ" ମଧ୍ୟ ପାଠକର ପୁସ୍ତକକୋଷରେ ସ୍ଥାନ ପାଏ ।

ଅତଏବ ମଧ୍ୟ ବିଜ୍ଞାନ-ସପକ୍ଷ କେହି କେହି ଶୁଷ୍କମନା ବ୍ୟକ୍ତି କହନ୍ତି, କାହିଁକି ବୃଥା ସୌନ୍ଦର୍ଯ୍ୟ ସୃଷ୍ଟି କରି ଆଳସ୍ୟରେ କାଳ କଟାଉଅଛ ? ବିଜ୍ଞାନ ଚର୍ଚ୍ଚା କର । କଳ୍ପନା ଓ ଭାବୁକତାର ଗହ୍ୱରରେ ପଶି କାହିଁକି ବୃଥା ଜୀବନ ନଷ୍ଟ କରୁଅଛ ? ଏହାର ଉତ୍ତରରେ ଏହି କଥା କୁହାଯାଇପାରେ ଯେ, କବି ତହିଁପାଇଁ ଦାୟୀ ନୁହନ୍ତି । ସୃଷ୍ଟିକର୍ତ୍ତା ବନପ୍ରିୟକୁ କହିଅଛନ୍ତି, "ତୁ ନବବସନ୍ତାଗମନରେ ସହକାରଶାଖାରେ ବସି ପଞ୍ଚମ ତାନରେ 'କୁହୁ' 'କୁହୁ' ରବ କରୁ ।" ପିକ ତାହାହିଁ କରେ ଏବଂ ଭାବୁକ ଉତ୍କର୍ଣ୍ଣ, ଉଦ୍‌ଗ୍ରୀବ, ଉନ୍ମନ ହୋଇ ତାହା ଶ୍ରବଣ କରେ । ଏହା ଯେବେ ବିଳାସ ହୁଏ ତେବେ ଏ ବିଳାସରେ କି ପ୍ରୟୋଜନ ନାହିଁ ? ମାନବଠାରେ ପଶୁ ଓ ଦେବ ଭାବର ସମାବେଶ ଅଛି । ବିଜ୍ଞାନ ପଶୁଜୀବନର ସ୍ୱାଚ୍ଛନ୍ଦ୍ୟ ସମାଧାନ ପାଇଁ ବଦ୍ଧପରିକର । କବି ଦେବଜୀବନର ଉନ୍ମେଷ ଓ ଉନ୍ନତି ପାଇଁ ସଚେଷ୍ଟ । ବିଜ୍ଞାନ ଓ କବିତା ଉଭୟର ସ୍ଥାନ ମାନବଜୀବନରେ ଅଛି । କଥା ଅଛି—"Man does not live by bread alone."

ମାନବ ମନରେ ବୁଦ୍ଧି ଓ ଭାବବୃତ୍ତିର ସମାବେଶ । ବୁଦ୍ଧିର କାର୍ଯ୍ୟ ଜ୍ଞାନ, ଭାବର କାର୍ଯ୍ୟ ପ୍ରୀତି । ବୁଦ୍ଧିର ଚରମ ଲକ୍ଷ୍ୟ ସତ୍ୟଲାଭ, ଭାବର ଚରମ ଲକ୍ଷ୍ୟ ସୌନ୍ଦର୍ଯ୍ୟୋପଭୋଗ । ଉଭୟ ମାନବଜୀବନରେ ଆବଶ୍ୟକ । ବିଜ୍ଞାନ ଓ

Digitized by srujanika@gmail.com

ତାହା ଉଭୟର ସ୍ଥାନ ହିଁ ମାନବ ମନରେ, ମାନବୀୟ ଜଗତ ଶାସ୍ତ୍ରରେ ଅଛି । ତେବେ ବୃଥା ଗଣ୍ଡଗୋଳ, ବୃଥା ତର୍କବିତର୍କ, ବୃଥା ବାଡ଼ାବାଡ଼ି କାହିଁକି ?

ଅସ୍ମମାନଙ୍କର ବକ୍ତବ୍ୟର ସାରମର୍ମ ଏହି ଯେ, **Artistic** ଏବଂ **Didactic** ଉଭୟବିଧ କବିତାର ସ୍ଥାନ ସାହିତ୍ୟରେ ଅଛି । ସମାଲୋଚ୍ୟ ପୁସ୍ତକରେ କବି କାର୍ଯ୍ୟତଃ ଏହି ମତାବଲମ୍ବୀ ହୋଇଅଛନ୍ତି । "ଗ୍ରନ୍ଥମାଳା"ରେ ପ୍ରଭାତ, ସନ୍ଧ୍ୟା, ଷଡ଼୍‌ଋତୁ ବର୍ଣ୍ଣନା, ପୃଥ୍ୱୀପ୍ରତି, ଜନ୍ମଭୂମି, ମୋ ଜନନୀ ଓ ସ୍ମୃତିଶୀର୍ଷକ ଚାରିଗୋଟି କବିତା ସୌନ୍ଦର୍ଯ୍ୟାତ୍ମକ ଏବଂ ନାମମନ୍ତ୍ର, ଉପଦେଶ, ଶ୍ରୀବେଦବ୍ୟାସ, ସତ୍ୟବ୍ରତ, ଜନ୍ମମରଣ, ପରିବାର, ସଙ୍ଗ, ଅଦୃଷ୍ଟ, ଚିନ୍ତା, ସୁଶୀଳତା ଶୀର୍ଷକ ଦଶଗୋଟି ପଦ୍ୟ ଉପଦେଶାତ୍ମକ ।

ପାଣ୍ଡିତ୍ୟ ଓ କବିତ୍ୱ

ଅନେକ ଲୋକ ପାଣ୍ଡିତ୍ୟକୁ କବିତା ବୋଲି ମନେ କରିଥାଆନ୍ତି । କିନ୍ତୁ କେତେକ ବ୍ୟକ୍ତିଙ୍କ ଅଭିଧାନରେ 'କବି' ଓ 'ପଣ୍ଡିତ' ପ୍ରତି ଶବ୍ଦବାଚକ ହେଲେ ମଧ୍ୟ ଉଭୟ ମଧ୍ୟରେ ଅକାଶ-ପାତାଳ ପ୍ରଭେଦ । ଅଗାଧ ପଣ୍ଡିତ ହୋଇ ମଧ୍ୟ ବ୍ୟକ୍ତିବିଶେଷ ପ୍ରଧାନ କବି ନ ହୋଇପାରନ୍ତି । ପାଣ୍ଡିତପ୍ରବର ଜନ୍‌ସନ୍ ପ୍ରଧାନ କବି ନ ଥିଲେ । କେତେକ କବି ଚେଷ୍ଟା କରି ପାଣ୍ଡିତ୍ୟ ପରିତ୍ୟାଗ କରନ୍ତି । ଦୀନକୃଷ୍ଣ ଦାସଙ୍କ ପାଣ୍ଡିତ୍ୟ ଉପେନ୍ଦ୍ରଭଞ୍ଜଙ୍କ ପାଣ୍ଡିତ୍ୟ ଅପେକ୍ଷା ଗମ୍ଭୀରତର ହେଲେ ମଧ୍ୟ ଶେଷୋକ୍ତ କବିଙ୍କର କବିତା ସଂସ୍କୃତ ଶବ୍ଦପ୍ରଧାନ ଓ ସ୍ଥାନେ ସ୍ଥାନେ କ୍ଲିଷ୍ଟ ଏବଂ ଦୀନକୃଷ୍ଣଙ୍କ କବିତା ଅପେକ୍ଷାକୃତ ସରଳ, ପ୍ରାଞ୍ଜଳ ଏବଂ ଆଡ଼ମ୍ବରଶୂନ୍ୟ ପରି ଲାଗେ । ଇଂରାଜୀ କବି (**Gray**) ଗ୍ରେ ଅଗାଧ ପଣ୍ଡିତ ଥିଲେ ମଧ୍ୟ ତାହାଙ୍କ କବିଖ୍ୟାତିର ପ୍ରଧାନ ହେତୁଭୂତ (**Elegy**) ଏଲିଜି ପ୍ରକୃତ କବିତା ଅତି ସରଳ ଓ ସାଧାରଣ ଭାବ ଓ ଭାଷାସମ୍ବଳିତ । ଏହା ହେବା ମଧ୍ୟ ସ୍ୱାଭାବିକ କାରଣ ପ୍ରକୃତର ପ୍ରିୟ ପଦାର୍ଥକୁ ମନଶ୍ଚକ୍ଷୁସମ୍ମୁଖରେ ଉଜ୍ଜ୍ୱଳରୂପେ ପ୍ରତିଭାତ କରିବା ହିଁ କବିପ୍ରତିଭାର ପ୍ରଧାନ ଲକ୍ଷଣ । ଏଥିପାଇଁ ନୂତନ ତତ୍ତ୍ୱ ଅବିଷ୍କାର ବା ପାଣ୍ଡିତ୍ୟର ପ୍ରୟୋଜନ ହୁଏ ନାହିଁ । ଏଥିପାଇଁ ସମାଲୋଚ୍ୟ ପୁସ୍ତକରେ ପାଣ୍ଡିତ୍ୟ ନ ଥିଲେହେଁ କବିତ୍ୱର ଅଭାବ ନାହିଁ ।

Digitized by srujanika@gmail.com

କାବ୍ୟର ତିନଗୋଟି ଗୁଣ

ପ୍ରକୃତ ଅମର କବିତାର ତିନଗୋଟି ଲକ୍ଷଣ ଥାଏ । ପ୍ରାକୃତିକ ଶୋଭା ସନ୍ଦର୍ଶନ ଓ ସମ୍ଭୋଗରେ ଅସାଧାରଣ ଶକ୍ତି । ବିଷୟର ଉପଯୁକ୍ତ କବିତାମୟୀ ଭାଷା ଏବଂ ବର୍ଣ୍ଣିତ ବା ଚିନ୍ତିତ ବିଷୟରେ ଭାବୁକ କବିଙ୍କର ହୃଦୟ ବା ଜୀବନ ଭାବ ପ୍ରତିଫଳନ । ସମାଲୋଚ୍ୟ ପୁସ୍ତକରେ ଏହି ତିନୋଟି ଲକ୍ଷଣ ହିଁ ବିଦ୍ୟମାନ । ପ୍ରୋକ୍ତ ତିନଗୋଟି ଗୁଣ ବିଦ୍ୟମାନ ଥିଲେ ବର୍ଣ୍ଣିତ କବିତା ଅନୁକୃତ ନା ବର୍ଣ୍ଣିତ ସ୍ଥାନର ନିକୃଷ୍ଟତମ ହୁଏ ଏବଂ ଉକ୍ତ ମୂଳ ପଦାର୍ଥଟିକୁ ବାରମ୍ବାର ଦର୍ଶନ କଲେ ଯେପରି ଭାବୁକ ହୃଦୟରେ ପ୍ରଭୂତ ଅହ୍ଲାଦ ଉଦ୍ଭୂତ ହୁଏ ଉକ୍ତ କବିତା ବା ଚିତ୍ରରେ ମଧ୍ୟ ତାହା ହୁଏ; ବରଂ ଅଧିକତର ଆନନ୍ଦ ଉପଲବ୍ଧି ହୁଏ । କାରଣ ପ୍ରତ୍ୟକ୍ଷରେ; ବର୍ତ୍ତମାନ ବା ଦୃଶ୍ୟମାନ ପଦାର୍ଥ ଅପେକ୍ଷା ତାହାର ପରୋକ୍ଷ ବର୍ଣ୍ଣନ ଅଧିକ ଆନନ୍ଦପ୍ରଦ—ଏହା ଜଗତର ଗୋଟିଏ କୌତୁହଳଜନକ ସତ୍ୟ; ଅତଏବ ମଧ୍ୟ କବିତାରେ କବିଙ୍କର ଭାବୁକତା ବୋଲା ହୋଇଥାଏ । ପ୍ରକୃତରେ ତାହା ନ ଥାଏ । ଏହି କାରଣରୁ ଦୈନନ୍ଦିନ ଜୀବନରେ ପ୍ରେମ ଘଟଣାଠାରୁ ନାଟକ, ଉପନ୍ୟାସ ବର୍ଣ୍ଣିତ ପ୍ରେମ ମଧୁରତର । କିନ୍ତୁ ଗଭୀର ଦୁଃଖର ବିଷୟ ଯେ, ଆଧୁନିକ ଉତ୍କଳରେ ରାଶି ରାଶି ଗଦ୍ୟ ପଦ୍ୟମୟ ରଚନା ମଧ୍ୟରେ ଭାବମୟ ପ୍ରାଣରେ ଉଜ୍ଜୀବିତ ପ୍ରକୃତ କବିତା ବିରଳ ଲକ୍ଷିତ ହୁଏ । କେବଳ ରଚନାକୌଶଳ, ଶବ୍ଦଗୁମ୍ଫ ବା ଅଳଙ୍କାର ପ୍ରୟୋଗଦ୍ୱାରା କବିତା ହୁଏ ନାହିଁ । ଜୀବନବିହୀନ ମୃତ-ସୁନ୍ଦର ଶରୀରକୁ ପୁଷ୍ପଦ୍ୱାରା ଭୂଷିତ କଲେ କଅଣ ହେବ ?

ରଚନା ତିନ ଭାଗରେ ବିଭକ୍ତ

ସମସ୍ତ ରଚନାକୁ ସାଧାରଣତଃ ପ୍ରକୃତିଶୋଭା ବର୍ଣ୍ଣନାତ୍ମକ (Descriptive), ଘଟଣା ବର୍ଣ୍ଣନାତ୍ମକ (Narrative) ଏବଂ ଭାବପ୍ରକାଶାତ୍ମକ (Reflective) ଏହି ତିନି ଭାଗରେ ବିଭକ୍ତ କରାଯାଏ । କିନ୍ତୁ ସମ୍ପୂର୍ଣ୍ଣରୂପେ ଅବିମିଶ୍ର ଏକଶ୍ରେଣୀ ରଚନା ଅବାଞ୍ଛନୀୟ ଓ ଦୁର୍ଲଭ । ପରସ୍ପର ମିଳିମିଶି ପ୍ରୋକ୍ତ ତିନିପ୍ରକାର ରଚନା ପ୍ରାୟ ଦୃଷ୍ଟିଗୋଚର ହୁଏ କିନ୍ତୁ ଯେଉଁ ଉପାଦାନ ଅଧିକ ଓ ବିଶିଷ୍ଟ ଭାବରେ ଯେଉଁ ରଚନାରେ ଥାଏ ତାହାକୁ ସେହି ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଏ । ଏମାନଙ୍କ ମଧ୍ୟରୁ ବର୍ଣ୍ଣନାତ୍ମକ

Digitized by srujanika@gmail.com

ରଚନା ହିଁ ସହଜତମ ଓ ଅରମ୍ଭବାସ୍ତ୍ରୀମାନଙ୍କର ବୋଧଗମ୍ୟ । ସମାଲୋଚ୍ୟ ପୁସ୍ତକର ଅଧିକାଂଶ କବିତା ଏହି ଶ୍ରେଣୀଭୁକ୍ତ ।

ଜାତୀୟ-ସାହିତ୍ୟ

ଅନ୍ୟାନ୍ୟ ସାହିତ୍ୟଶାଳୀ ଦେଶମାନଙ୍କ ପରି ଅସ୍ମମାନଙ୍କର ଏହି ଉତ୍କଳଭୂମିରେ ରଚନାର ଭାଷା ସମ୍ବନ୍ଧରେ ଦୁଇଟି ବିଭିନ୍ନ ମତବାଦୀ ଦଳ ଅଛନ୍ତି । ଏକ ଶ୍ରେଣୀର ବ୍ୟକ୍ତିମାନଙ୍କ ମତ ଏହି ଯେ, ଦେଶୀୟ ପ୍ରଚଳିତ ଶବ୍ଦମାନଙ୍କ ସହିତ ସଂସ୍କୃତ ଶବ୍ଦମାନଙ୍କୁ ସମାନ ଅଧିକାର ଦେଇ ରଚନା (ବିଶେଷତଃ କବିତା) କଲେ ସେ ରଚନା ଜୀବନ୍ତ, ମଧୁର, ସର୍ବଜନବୋଧଗମ୍ୟ ଏବଂ ଭାବସଙ୍ଗ (**Association of ideas**) ସ୍ୱଭାବକୁ ମୋହଜନକ (**Pathetic**) ହୁଏ । ଅନ୍ୟ ଦଳ କହନ୍ତି, ସଂସ୍କୃତ ଓ ଦେଶ ପ୍ରଚଳିତ ଶବ୍ଦକଳାପର ଏକତ୍ର ବିନ୍ୟାସ ଶ୍ରୁତିକଟୁ ଦୋଷରେ ଦୁଷ୍ଟ ହୁଏ । ସେମାନଙ୍କ ମଧ୍ୟରୁ କେହି କେହି ଚିନ୍ତାଶୀଳ ସ୍ୱଦେଶହିତୈଷୀ ଭାବୁକ ଏ କଥା କହନ୍ତି, ଅସ୍ମମାନଙ୍କର ମାତୃଭୂମି ଏହି ଭାରତବର୍ଷରେ ଆର୍ଯ୍ୟମାନଙ୍କ ମଧ୍ୟରେ ସଂସ୍କୃତ ଭାଷା ପ୍ରଚଳିତ ଥିଲା । ପରେ ପ୍ରାକୃତ ଭାଷାରେ କଥୋପକଥନ ଚଳିଲା । କାଳକ୍ରମେ ଆର୍ଯ୍ୟମାନେ ସିନ୍ଧୁ ଓ ପଞ୍ଜାବ ଚଉହଦୀ ପ୍ରଦେଶ ପରିତ୍ୟାଗ କରି ଭାରତର ନାନା ଅଂଶରେ ଉପନିବେଶ ସ୍ଥାପନ କଲେ । ତତ୍ ତତ୍ ପ୍ରଦେଶର ଜଳବାୟୁଦ୍ୱାରା ପ୍ରଭାବିତ ହୋଇ ଓ ପ୍ରଚଳିତ ଅନାର୍ଯ୍ୟ ଭାଷା ସହ ମିଶ୍ରଣ ଯୋଗୁଁ ଉକ୍ତ ପ୍ରାକୃତ ଭାଷା ହିନ୍ଦୀ, ବଙ୍ଗଳା, ମରହଟ୍ଟୀ, ଓଡ଼ିଆ ଇତ୍ୟାଦି ନାନା ପ୍ରାଦେଶିକ ଭାଷାରେ ପରିଣତ ହୋଇଯାଇଅଛି । ତଥାପି ପ୍ରାୟ ପ୍ରତ୍ୟେକ ଭାଷାରେ ତତ୍ସମ ଓ ତଦ୍ଭବ ଅସଂଖ୍ୟ ଶବ୍ଦ ପ୍ରଚଳିତ ଅଛି । ଗୋଟିଏ ଦେଶର ଉନ୍ନତି କରିବାକୁ ଗଲେ ଶାସନ, ଧର୍ମ ଓ ଭାଷାରେ ଏକତ୍ୱ ଏକାନ୍ତ ଆବଶ୍ୟକ । ବର୍ତ୍ତିମାନ ଭାରତବର୍ଷ ଏକ ରାଜଶାସନରେ ବନ୍ଧି, ଏକ ଈଶ୍ୱରବାଦମୂଳକ ଧର୍ମ ଆଡ଼କୁ ଅଗ୍ରସର ହେଉଅଛି । କିନ୍ତୁ ଭାଷା ବିଷୟରେ ଭାରତରେ ଭେଦ ଲକ୍ଷିତ ହୁଏ । ପରନ୍ତୁ ବର୍ତ୍ତିମାନ କାଳର ଲେଖକମାନେ ପ୍ରାଦେଶିକ ଶବ୍ଦ ବ୍ୟବହାର ପକ୍ଷପାତୀ ହେଲେ ଏହି ଭେଦ ଦିନକୁ ଦିନ ବର୍ଦ୍ଧିତ ହେବ । ସୁତରାଂ ଭିନ୍ନ ଭିନ୍ନ ପ୍ରଦେଶରେ ପ୍ରଚଳିତ ଭିନ୍ନ ଭିନ୍ନ ଭାଷାରେ ସମ୍ପୂର୍ଣ୍ଣ

Digitized by srujanika@gmail.com

ବିଭିନ୍ନତା ଯୋଗୁଁ ସମସ୍ତ ଭାରତବାସୀ ପରସ୍ପର ସାହିତ୍ୟର ଭାଷା ବୁଝି ପାରିବେ ନାହିଁ ଏବଂ ପରସ୍ପର ଚିନ୍ତା ଓ ଭାବ ଆଦାନପ୍ରଦାନ କରିପାରିବେ ନାହିଁ । ସୁତରାଂ ସମସ୍ତ ଭାରତରେ ଭାଷାବିଚ୍ଛେଦ ଓ ଏକଜାତୀୟ ସାହିତ୍ୟ ଅଭାବରୁ ସମଗ୍ର ଭାରତବାସୀ ଏକ ଶକ୍ତିଶାଳୀ ଜାତିରେ ପରିଣତ ହୋଇପାରିବେ ନାହିଁ । ପକ୍ଷାନ୍ତରେ ଯେବେ ଭାରତର ସମସ୍ତ ପ୍ରଦେଶବାସୀ ବିଶେଷତଃ ବିହାର, ବଙ୍ଗ, ଓଡ଼ିଶା ଓ ଆସାମବାସୀ ସ୍ୱ ସ୍ୱ ଭାଷା ମଧ୍ୟରେ ଥିବା ସାମାନ୍ୟ ଭେଦ ଭୁଲିଯାଇ ପ୍ରଦେଶୀୟ ପ୍ରଚଳିତ ଗ୍ରାମ୍ୟଶବ୍ଦସକଳକୁ ପରିତ୍ୟାଗପୂର୍ବକ ତତ୍‌ପରିବର୍ତ୍ତିରେ ସଂସ୍କୃତ-ଶବ୍ଦ ସମସ୍ତଙ୍କୁ ନିଜ ନିଜ ଜାତୀୟସାହିତ୍ୟରେ ଯଥାସମ୍ଭବ ସ୍ଥାନ ଦିଅନ୍ତି ତେବେ ପ୍ରୋକ୍ତ ପ୍ରଦେଶବାସୀ ଓ ସମସ୍ତ ଭାରତର ସଂସ୍କୃତଭାଷାଭାଷୀବୃନ୍ଦ ପରସ୍ପର ସାହିତ୍ୟ ପାଠକରି ସ୍ୱ ସ୍ୱ ଚିନ୍ତାରେ ଆଦାନପ୍ରଦାନ କରିପାରିବେ ଏବଂ ପ୍ରତ୍ୟେକ ପ୍ରାଦେଶିକ ଭାଷା ସଂସ୍କୃତ ନିକଟ ଓ ନିକଟତର ହୋଇ ଏକତା ଅଭିମୁଖରେ ଅଗ୍ରସର ହେବ ଏବଂ ବିଭିନ୍ନ ପ୍ରଦେଶମାନଙ୍କର ପ୍ରଚଳିତ ଭାଷା ବିଭିନ୍ନ ରହିଲେହେଁ ବିଶ୍ୱଭାରତର ଏକ ଅଦ୍ୱିତୀୟ "ଜାତୀୟ ସାହିତ୍ୟ"ର ସମ୍ଭାବନା ହେବ । ଅବଶ୍ୟ ପ୍ରଶ୍ନ ହୋଇପାରେ କେଉଁ ଅକ୍ଷରରେ ତାହା ଲେଖାଯିବ । ଏ ବିଷୟରେ ଯୋଉଏ ଉତ୍ତର ଅଛି । ଏକ ଇଂରେଜୀ ଭାଷା ଦୁଇ ପ୍ରକାର ଅକ୍ଷର (Type)ରେ ଲେଖାଯାଏ । ଅତଏବ ସକଳ ଭାଷା ସ୍ୱ ସ୍ୱ ପ୍ରଚଳିତ ଅକ୍ଷରରେ ଲିଖିତ ହେଲେ ମଧ୍ୟ କୌଣସି କ୍ଷତି ନାହିଁ । ଅପରନ୍ତୁ ଦେବନାଗର ଅକ୍ଷରରେ ଲେଖିବାକୁ ଆରମ୍ଭ କଲେ ଅଧିକ ସୁବିଧାଜନକ ହୋଇପାରେ । ଯେତେ ହେଉ ତଥାପି ବିଭକ୍ତି ଇତ୍ୟାଦିର ପ୍ରଭେଦ ରହିବ ହିଁ ରହିବ । ଏହି କାରଣରୁ ଭାରତବର୍ଷରେ ଗୋଟିଏ ଜାତୀୟ-ସାହିତ୍ୟ ପ୍ରଚଳନରେ ପକ୍ଷପାତୀ କେତେକ ବ୍ୟକ୍ତି କହନ୍ତି, ସମସ୍ତ ପ୍ରାଦେଶିକ ଭାଷା ଛାଡ଼ି ତନ୍ମଧ୍ୟରୁ ବିଶିଷ୍ଟ ଗୋଟିଏ ଭାଷା ଗ୍ରହଣ କଲେ ଭାରତର ଜାତୀୟ ସାହିତ୍ୟ ଏକ ହେବ । ଅବଶ୍ୟ କେଉଁ ଭାଷା ଗ୍ରାହ୍ୟ ଏ ବିଷୟରେ ମତଦ୍ୱୈଧ ହୋଇପାରେ କାରଣ ବଙ୍ଗାଳୀମାନେ ବଙ୍ଗଳା ଭାଷା, ମରହଟ୍ଟାମାନେ ମରହଟ୍ଟୀ ଭାଷା, ଓଡ଼ିଆମାନେ ଓଡ଼ିଆ ଭାଷା—ଏହିପରି ସମସ୍ତେ ନିଜ ନିଜ ଭାଷାକୁ ଭାରତ ଜାତୀୟ-ସାହିତ୍ୟର ଭାଷା କରିବାକୁ ଚେଷ୍ଟିତ ହେବେ । ଏ ବିଷୟରେ ହିନ୍ଦୀଭାଷୀମାନଙ୍କର ଦାବୀ

Digitized by srujanika@gmail.com

ସର୍ବୋତ୍କୃଷ୍ଟ, କାରଣ ହିନ୍ଦୀଭାଷୀ ସଂଖ୍ୟା ହିଁ ସର୍ବାଧିକ ଏବଂ ଭାରତର ସର୍ବତ୍ର ହିନ୍ଦୀ ଅଳ୍ପାଧିକ ପ୍ରଚଳିତ । ଉର୍ଦ୍ଦୁ ହିନ୍ଦୀ ମିଶ୍ରିତ ଭାଷା ହୋଇଥିବା ଯୋଗୁଁ ହିନ୍ଦୀ ହିନ୍ଦୁ ଓ ମୁସଲମାନମାନଙ୍କୁ ଏକ କରିପାରନ୍ତି କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ (Practical) ତାହା ସନ୍ଦିଗ୍ଧ । କାରଣ ନିଜ ନିଜ ପ୍ରାଦେଶିକ ସାହିତ୍ୟ ସବୁ କିଏ ପରିତ୍ୟାଗ କରିବ ? ପକ୍ଷାନ୍ତରେ ସଂସ୍କୃତ ଆଡ଼କୁ ଅଗ୍ରସର ହେଲେ ମଧ୍ୟ ହିନ୍ଦୁ ଓ ମୁସଲମାନଙ୍କ ସାହିତ୍ୟ ଭିନ୍ନ ରହିବ । ବାସ୍ତବିକ୍ ଭାରତର ଜାତୀୟ-ସାହିତ୍ୟର ସମସ୍ୟା ଗୋଟିଏ ଗୁରୁତର ସମସ୍ୟା ଏବଂ ସାହିତ୍ୟ-ଜଗତର ଶ୍ରେଷ୍ଠ ଚିନ୍ତାଶୀଳବ୍ୟକ୍ତିବୃନ୍ଦଙ୍କ ଧୀର ବିବେଚନାର ଗୋଟିଏ ବିଷୟ । କିନ୍ତୁ କଠିନ ସମସ୍ୟା ବୋଲି ନିଶ୍ଚେଷ୍ଟ ହୋଇ ରହିଲେ ଚଳିବ ନାହିଁ । ଏଣୁ କେତେକ ଲେଖକ ଅଛନ୍ତି ସେମାନେ ପ୍ରାଦେଶିକ, ଗ୍ରାମ୍ୟ ଏବଂ ପ୍ରଚଳିତ ବାକ୍ୟାଳାପ ବିବର୍ଜ୍ଜନ କରି ସାଧୁ ସଂସ୍କୃତ ଶବ୍ଦ ସ୍ୱୀୟ ରଚନାରେ ବ୍ୟବହାର କରନ୍ତି । ଉଦ୍ଦେଶ୍ୟ ଏହି ଯେ, ଯଦି ପ୍ରତ୍ୟେକ ପ୍ରଦେଶବାସୀ ଏହିପରି କରିବେ ତେବେ ଅନ୍ତତଃ ସଂସ୍କୃତ-ମୂଳକ ଭାଷାଭାଷୀବୃନ୍ଦଙ୍କ ମଧ୍ୟରେ ଏକତା କାଳେ ସ୍ଥାପିତ ହେବ । ଅନ୍ତତଃ ପରସ୍ପର ପରସ୍ପରଙ୍କ ସାହିତ୍ୟକୁ ପଢ଼ି ବୁଝିପାରିବେ । ମଧୁବାବୁ ଏହି ଶ୍ରେଣୀର ଲେଖକ । ତାଙ୍କ ଲେଖାରେ ସାଧୁ ସଂସ୍କୃତ ଅଥଚ ସହଜବୋଧ୍ୟ ଶବ୍ଦର ବ୍ୟବହାର ପ୍ରାୟ ସର୍ବତ୍ର ଦେଖାଯାଏ । ସମାଲୋଚ୍ୟ ପୁସ୍ତକରେ ତାହା ମଧ୍ୟ ହୋଇଅଛି ।

କବି ବା ମାନବର ଯେପରି ଶରୀର ଓ ମନ ଅଛି, କବିତାର ମଧ୍ୟ ତାହା ଅଛି । ଭାଷା କବିତାର ଶରୀର ଏବଂ ଭାବ ତାହାର ପ୍ରାଣ । ପ୍ରକୃତ ଉତ୍କୃଷ୍ଟ ଶ୍ରେଣୀ କବିତାରେ ବର୍ଣ୍ଣନାମାଧୁରୀ ଓ ଭାବସୌନ୍ଦର୍ଯ୍ୟ ଉଭୟ ଥାଏ । "ଛନ୍ଦମାଳା"ରେ ଏହା ବହୁଳ ପରିମାଣରେ ଅଛି । ପାଠକ ହୁଏତ "ଛନ୍ଦମାଳା"ପରି କ୍ଷୁଦ୍ର ସରଳ ପୁସ୍ତକର ଏତାଦୃଶ ପ୍ରଶଂସାକୁ ଅତିରିକ୍ତ ମଣି ପାରନ୍ତି । ଏପରି ହେବା ସ୍ୱାଭାବିକ । କାରଣ ଯେଉଁ କାରଣରୁ ପ୍ରାକୃତିକ ଜଗତ୍‌ରେ ପୁରାତନ ଦୃଶ୍ୟରାଜି ଆମ୍ଭମାନଙ୍କ ଦୃଷ୍ଟିକୁ ଆକର୍ଷଣ କରେ ନାହିଁ, ସେହି କାରଣରୁ ଏହି ପୁରାତନ ଅବାଲ୍ୟପଠିତ ପୁସ୍ତକ ଖଣ୍ଡି କେତେକ ପାଠକଙ୍କୁ ନୀରସ ବୋଧ ହୋଇପାରେ । ଅତି ପରିଚୟରେ ଗୌରବ ନଷ୍ଟ ହେବା କଥା ନୂତନ ନୁହେଁ । ଯେଉଁମାନେ ଏହି ଶ୍ରେଣୀର ପାଠକ

Digitized by srujanika@gmail.com

ସେମାନଙ୍କ ନିମନ୍ତେ ଏ ସମାଲୋଚନା ଲିଖିତ ହୋଇନାହିଁ । ସେମାନଙ୍କୁ ଏହା ପାଠ କରିବାକୁ ଅନୁରୋଧ କରୁନାହିଁ । କାରଣ ସକଳ ବିଷୟ ଯେ ସମସ୍ତ ବ୍ୟକ୍ତିଙ୍କୁ ପ୍ରୀତିକର ହେବ, ଏହା କଦାପି ଆଶା କରା ଯାଇ ନ ପାରେ । "ଭିନ୍ନରୁଚିର୍ହି ଲୋକଃ"—ଉକ୍ତି ଅତୀବ ସତ୍ୟ । ଅସ୍ମେମାନେ ସାଧାରଣ ଭାବରେ ଦୁଇ ଚାରି କଥା କହିଲୁଁ । ବର୍ତ୍ତମାନ ପଦ୍ୟଗୁଡ଼ିକ ସ୍ୱତନ୍ତ୍ର ଭାବରେ ସମାଲୋଚନା କରି ସ୍ୱ କର୍ତ୍ତବ୍ୟ ଶେଷ କରିବୁଁ ।

ମୋର ବାଲ୍ୟକାଳ

"ଛାନ୍ଦମାଳା" ସମାଲୋଚନା କରିବାକୁ ବସି ମୋର ତାହା ସହିତ ପ୍ରଥମ ପରିଚୟ କଥା ମନେ ପଡ଼ୁଅଛି । ଅପ୍ରାସଙ୍ଗିକ ହେଲେ ମଧ୍ୟ ମୁଁ ଆପଣମାନଙ୍କୁ ତାହା କହିବି । ମୋର ସ୍ମରଣ ଅଛି, ଚଟ୍ଟପାଢ଼ୀ ଚାଟଶାଳୀରେ ମଧ୍ୟାହ୍ନରୁ ନିଶୀଥ ପର୍ଯ୍ୟନ୍ତ ପ୍ରବାହିତ ସେ ସ୍ୱର୍ଗୀୟ ସୁଧାର ସ୍ରୋତ— "କମଳ ଲୋଚନ ଶ୍ରୀହରି କରେଣ ଶଙ୍ଖ ଚକ୍ରଧାରୀ ।" "କଳା କଳେବର ଉହ୍ଲାଇ ସଙ୍ଗେ ବେହୁଣୀ ସୂତ୍ର । କରନ୍ତି ବିଜୟ ମଥୁରା ଦାଣ୍ଡେ ଦେଖି ସଙ୍ଗାତ ।" "ବୋଇଲା କେଶବ ଯେ ମଥୁରାକୁ ଗଲ । ତାହା ହୋଇଲେ ଗଲ ପୁଣି ବାହୁଡ଼ି ନଇଲ ଲୋ ।" "ବୋଇଲା କାନ୍ତ ମୋର ଛଳେ ମୃଗ ମାରି । କପଟେ ରାବଣ ମୋତେ ନେଇଅଛି ଧରି ଲୋ ।" "ବିନଶା ନାସା ଶ୍ରବଣେ", "ବିଭୂଷା କଣ୍ଠ ମୁକୁଟ", "ଚକ୍ରେ ବସିଥିଲ ଧ୍ରୁବ ଉପରେ," "ବିଭୂଷଣ ପୃଷ୍ଠେ ଯା କାନ୍ତି ଜାଣି," "ଶିଂଶପା ବୃକ୍ଷର ଡାଳେ ହନୁ," "ଭାବେ କଉଶଲ୍ୟା ଦେଇ । ତାହା ବୋଲେ ଗଲ ବନ ମାଧୋଇ ରେ ମୋତେ ସେ କାହାକୁ ଦେଇ, ମୋ ରାମ ରେ !" "ବାଣ ବାଜିବାରେ ହାତ୍ରୁ ଲକ୍ଷ୍ମଣ ଶବଦ । ବିରଚନେ ରାମ ରାମ ହୋଇଲେ ସ୍ତବଧ । ବହିଲ ତ ନରବାଣୀ ବିପଦ ନ ପୁଣି ଉପସ୍ଥିତ ହୁଏ ପୁଣି ।" "ବୋଲ ସୁଗ୍ରୀବ ରାମ କ୍ଲେଶ ଭାଷା । ଦେଖିକିନେ ପଡ଼ିଛୁ ଏକ ଦଶା * * * ବୀର ଏମନ୍ତ ମୋ ସଙ୍ଗରେ ଅଛୁ । ବାଳଭାନୁ ଜନ୍ମୁ ଡେଇଁ ଧରିଛୁ ।" "ବନ ଘନେ ରଘୁମଣି । ବିପଥ ପଥ ନ ଜାଣି", "ଜୟ ରଘୁପତି ଅଯୋଧ୍ୟା ନୃପତି ତୁମ୍ଭ ପାଦେ ମୋର ପୂଜା * * * ଦଶରଥ ରାଜା ରାମଙ୍କୁ ହକାରି ବୋଲନ୍ତି ତୁ ବନ ଯା ଯା । ତୁମ୍ଭ ବନେ ଗଲେ ଭ୍ରାତ ସୁତ ମୋର ଅଯୋଧ୍ୟାରେ ହେବ ରାଜା", "କହେ ଭାନୁମତୀ ଶୁଣ କୁରୁପତି । କର୍ପା ପାଣ୍ଡବେ କରୁଛ ଅପ୍ରୀତି * * * * ଖେଳାଇ ଖେଳାଇ

Digitized by srujanika@gmail.com

ସର୍ପ ଦଂଶି ଦେଲେ ତାହାକୁ ଦେବ କେ ଦୋଷ ।” “ବିଠଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ ହୃଦରେ ଶୂଳି ବିଷ ତାପ ଗୁଚ୍ଛ ଧାରି ସେ”, “ବିଦିତ ମିଥିଳା ନୃପତି ନାମ ଜନକ ତାର । ବିଦିଗ ଦିଗରେ ହୋଇଛି ଖ୍ୟାତ ଯଶ ଯାହାର ।” “ଯସ୍ୟ ଜ୍ଞାନ ଦୟା ସିନ୍ଧୁଃ” ଅନ୍ତ ନାହିଁ, ଅନନ୍ତ ସ୍ରୋତ ଚଳୁଥିଲା । ସେ ସ୍ରୋତ କେଉଁ ବିଧି ବିଡ଼ମ୍ବନାରେ ବନ୍ଦ ହେଲା । ସେ ଧନ ଚିରକାଳ ପାଇଁ ଅସ୍ତମିତ ହେଲା । ଆଜି କି କେବେ ସେ ଧନ ଫେରିବ ନାହିଁ ? ବର୍ତ୍ତମାନ ବୈଦେଶିକ ଭାଷାର ପ୍ରବଳ ସ୍ରୋତ ମାଡ଼ି ଆସୁଅଛି । ଓଡ଼ିଆ ଅସଭ୍ୟ, ଭୀରୁ, ବେହେବା, ଫେଣ୍ଟା ଓଡ଼ିଆ—ସେ ସ୍ରୋତରେ ଭାସିଯାଉଅଛି । ହେ ଜାତିପତି ପ୍ରଭୋ, ଜାତୀୟତା ଛଡ଼ାଇ ନେବାର ଯେବେ ଇଚ୍ଛା ଥିଲା ତେବେ ଏ ଜନ୍ମ ଦେଇଥିଲ କାହିଁକି ?

ଏହାପରେ ପୂର୍ବାହ୍ଣରେ ଖଡ଼ିପାଠ—ସତର ଫଳା, ମାନା, ବନା, ଚିଠି ନାମ ଲେଖା, ପଣକିଆ, ସୋଢ଼ି ଓଡ଼ାଙ୍କ, ମେଲାଙ୍କ, ହରଗୁଣ, ଫେଡ଼ାମିଶା, ଅଙ୍କ ଗୁଣା (ସାଧା, କାଣି, ଦସ୍ତି, ସମ, ବିଷମ, ଇଞ୍ଜିରିଦ) ନଳ, ଭିଅଣ, କୁଠା, ଦସ୍ତୁ ବିଦସ୍ତୁ, ଜମା ବନ୍ଧୁରଣୀ, ଅସଲ ହରୁ, ଲେଖା ଯୋଖା ବାଟ, ଲୀଳାବତୀ ସୂତ୍ର ପଢ଼ି ମଧ୍ୟାହ୍ନରେ ତାଳପତ୍ରରେ ପୁରି, ଉର୍ଦ୍ଧିରିଆ, ରକବା, ଭିଅଣ ଆଦି ଲେଖି ଅପରାହ୍ଣରେ ରସକଲ୍ଲୋଳ, ଲକ୍ଷ୍ମୀପୁରାଣ, ଦାର୍ଢ୍ୟତାଭକ୍ତି, ଭାଗବତ, ଅମରକୋଷ ଅଭିଧାନ ପଢ଼ି, ସନ୍ଧ୍ୟାବେଳେ ଫଳା ବୋଲି, କଷ କଷୋଟ ହିସାବ କରିବାକୁ ହେଉଥିଲା । କେବେ କେବେ ବା ଭାଗବତ ମନ୍ଦିରରେ ରାମାୟଣ, ମହାଭାରତ, ହରିବଂଶ, ବିଷ୍ଣୁପୁରାଣ ଆଦି ଶୁଣାଯାଉଥିଲା । କେବେ କେବେ ଗ୍ରାମ ବଟଗଛମୂଳେ ସତପନ୍ଥୀମାନଙ୍କ ମେଳା ‘ମଜଛବ’କୁ ଯାଇ “କହଇ ମନ ଆରେ ମୋ ବୋଲି କରି, କଳା ଶ୍ରୀମୁଖ ବାରେ ଦେଖିବା ଚାଲ”, “କର ତୁ କୃଷ୍ଣନାମ ଲୟେ, ତାଲେ ନ ଥିବ ଯମ ଭୟେ । ଛୁଦ୍ର ତୁ ପାପ ବୁଦ୍ଧି ଛାଡ଼, ଖଗପତି ଚରଣେ ପଡ଼ ।” ଇତ୍ୟାଦି ଶୁଣୁଥିଲି । ପାହାନ୍ତାରେ “ପ୍ରଭାତଅବକାଶ” ବୋଲି ରାବ ଶେଷ ହେଉଥିଲା; ପ୍ରତ୍ୟୁଷରେ ପୁନରାୟ ସେହି କାର୍ଯ୍ୟ । ଏହାପରେ ଚାଟଶାଳୀ ପାଠ ସାଙ୍ଗ କରି ଜମିଦାରୀ ସିରସ୍ତାରେ କିଛୁଦିନ ଲେଖିଅଛି । ପ୍ରବାସାଗତ ଭ୍ରାତା ଗ୍ରାମୀୟ ଭଦ୍ରବ୍ୟକ୍ତିମାନଙ୍କ ସଙ୍ଗେ ପରାମର୍ଶ କରି ଗୋଟିଏ

Digitized by srujanika@gmail.com

କଲ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କଲେ । ଯଥାସମୟରେ ଆମ୍ଭେମାନେ ସେଥିରେ ଭର୍ତ୍ତି ହେଲୁଁ । ନବଜୀବନ ଅର୍ଥ କଣ ? କାହିଁ ସେ ଫିକ ବର୍ଗୀୟା ବା ସ୍ଲେଟ କରଣୀ ହରଫରେ "ଥାନେ ଆଲମଗିର ଯଗନେ ଅଲଙ୍ଘ ।" କାହିଁ ଗୋଲ ଗୋଲ ଅକ୍ଷରରେ 'ବାସ'=ବ ଆକାର ଦନ୍ତ୍ୟ ସ=ବାସ । ବାଶ ବା ବାଷ ହୋଇଗଲେ ଭୁଲ ହୋଇଗଲା । ଜଳାଶୟ=ବର୍ଗ୍ୟ ଜ ଲ ଆକାର ତାଲବ୍ୟ ଶ ଅନ୍ତ୍ୟସ୍ଥ ୟ=ଜଳାଶୟ । ବିଷମ ବ୍ୟାପାର । ହର୍ଷ ବିଷାଦରେ ରଥଙ୍କ ବର୍ଣ୍ଣବୋଧକ ଶେଷ କରି "ଉଡ଼ାଇ ନେଉଛି ମେଘ ବହନ" ଆରମ୍ଭ ହେଲା । ଆମ୍ଭେମାନେ କପାଳ ଆଦର ନୂଆ ବହିକୁ ଭଲ ପାଇଲୁଁ । ନାରୀମାନେ ଘୋର ରକ୍ଷଣଶୀଳା । ଜନନୀ ସ୍ୱଭିରେ ଘରେ ଈଶର କରି ସେ "କୃପାସିନ୍ଧୁ ବଦନ କରି ଅବଲୋକନ କେଉଁ କରମ-ହୀନ ଜନ । କାକୁସ୍ତତର ହୋଇ କରଯୋଡ଼ି କହଇଁ" ବୋଲୁଥାନ୍ତି । ନୂଆ ବହି ତାଙ୍କ ମନକୁ ଗଲା ନାହିଁ । ଏହି ସମୟରେ ନୂତନ ଖଣ୍ଡିଏ ବହିର ଆମଦାନୀ ହେଲା । ମୂଳରେ ଲେଖାଅଛି—"ହେ ମହାପ୍ରଭୁ ମହେଶ୍ୱର । ଅନନ୍ତ ମହିମା ତୋହର । ନମଇ ମୁହିଁ ମୂଢ଼ମତି । ତୋର ପଦ୍ମରେ ବିଶ୍ୱପତି । କୋଟିବ୍ରହ୍ମାଣ୍ଡ ତୋ ଚରଣ । ବନ୍ଦନ୍ତି ପ୍ରଭୁ ଅନୁକ୍ଷଣ ।

ଗାଏ ପବନ ଭକତସ୍ୱନରେ
ତୋ ନାମ ପଙ୍କତି ଛନ୍ଦରେ ।
ଭକ୍ତ ହୃଦୟ ମୂଳକରେ
ତୋ ନାମ ସଙ୍କୀର୍ତ୍ତନ କରେ ।
ତୁ ଅନ୍ନଦାତା ଜଗଦ୍‌ଗୁରୁ
ଭକ୍ତର ବାଞ୍ଛାକଳ୍ପତରୁ ।
ତୁହି ବିଧାତା ଦୟାମୟ
ତୋ ପାଦେ ମିଳଇ ଅଭୟ ।"

ଏ ତ ମନ୍ଦ ନୁହେଁ । ଏକାଦଶ ସ୍କନ୍ଧ ଭାଗବତରେ ଏହିପରି କଥା ଅଛି । କଣାଣ ପରେ 'ପ୍ରଭାତ'ରେ ଚକ୍ଷୁ ପଡ଼ିଲା ।

ପ୍ରଭାତ— ଧରଣୀ କୋଳରେ ଜୀବଜନ୍ତୁଗଣ,
ନିଦ୍ରାମାୟା ବଳେ ଥିଲେ ଅଚେତନ ।

Digitized by srujanika@gmail.com

ପୂର୍ବ ଅକାଶରେ ବାଞ୍ଛିଲା ଜ୍ୟୋତି,
କ୍ଷଣକେ ଜାଗିଲା ସର୍ବ ବସୁମତୀ ।

ପ୍ରଭାତ ପରେ ଦିନ ଶୀଘ୍ର ଶୀଘ୍ର ଗଲା । ସନ୍ଧ୍ୟା ଆସିଲା ।

ସନ୍ଧ୍ୟା— ଧୂଳି ଉଡ଼ାଇଣ ଦାଣ୍ଡେ କରି ହମ୍ବାରଡ଼ି
ଯାଉଛନ୍ତି ଗୋରୁପଲ ଗୋଠରୁ ବାହୁଡ଼ି ।
ହଳବାମ ସାରି ଚଷା ମହା ଆନନ୍ଦରେ,
ନାନା ରଙ୍ଗେ ଗୀତ ଗାଇ ବାହୁଡ଼ଇ ଘରେ ।

ପାଶ୍ଚାତ୍ୟ ଆଳଙ୍କାରିକଗଣ କବିତାକୁ ଦୁଇ ଶ୍ରେଣୀରେ ବିଭକ୍ତ କରିଅଛନ୍ତି । ସମ୍ଭ୍ରାନ୍ତ କବିତା (Poetry of Aristocracy) ଏବଂ ସାଧାରଣ କବିତା (Poetry of Democracy) ପ୍ରଥମୋକ୍ତ କବିତା ରାଜାଧିରାଜ, ବୀରଶୂର, ରାଜକନ୍ୟା ଇତ୍ୟାଦି ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ବିଷୟର ଅବତାରଣା କରାଏ । ଆଧୁନିକ ଉତ୍କଳ-ସାହିତ୍ୟରେ ରାଧାନାଥ ବାବୁ ସମ୍ଭ୍ରାନ୍ତ କାବ୍ୟର କବି । ସାଧାରଣ କବିତାରେ ସାଧାରଣ ବିଷୟ—ଗୋରୁଟିଏ, ଗାଈଟିଏ, ଚଷାଟିଏ—ଏହିପରି ବ୍ୟକ୍ତିଙ୍କର କଥା ଥାଏ । ଫକୀରମୋହନ ବାବୁ ଏହି ଶ୍ରେଣୀର କବି । ମଧୁବାବୁଙ୍କ "ଛନ୍ଦମାଳା" ଏହି ଶ୍ରେଣୀର କବିତା । ପ୍ରଭାତ ଓ ସନ୍ଧ୍ୟା ପିଲାଦିନେ ଯେତେ ଭଲ ଲାଗିଥିଲା, ପରେ ଯୌବନରେ ତଦପେକ୍ଷା ଅଧିକ ପ୍ରୀତିକର ହେଲା । ମାଆଙ୍କ ଆଗରେ ଗାଉଥିଲାବେଳେ ଯାହା ଭଲ ଲାଗିଥିଲା, ପରେ — କୁ ପଢ଼ାଇବାବେଳେ ତାହା ଆହୁରି ଭଲ ଲାଗିଲା । ତାହାର କାରଣ, "ଅନୁମାନ ପଦ୍ମାକର ମାନେ, ଏଥି ଅନୁଭବହିଁ ଭଜନ ।" କବି କେତେକ ନୂତନ ପଂକ୍ତି ସଂଯୁକ୍ତ କରିଦେଇଅଛନ୍ତି । ତାହା ଅତି ସୁନ୍ଦର ହୋଇଅଛି ।

କାଅ କାଅ ଡାକେ ଘରେ ଘରେ ବୁଲି,
କୁଆଏ ରହନ୍ତି ଜଗତେ ଡକାଇ ।

× × ×

ଦିନ ଶ୍ରମ ଅନ୍ତେ ଆସି ନିଜ ନିଜ ଘରେ
ବିଶ୍ରାମ ଲଭନ୍ତି ସର୍ବେ ଆକୁଳ ଅନ୍ତରେ ।

Digitized by srujanika@gmail.com

“ଅକୁଳ ଅନ୍ତରେ” କାହିଁକି ? ଏହା ଭକ୍ତକବିଙ୍କର ନିଜର ଆକୁଳ ଅନ୍ତର ଓ ବ୍ୟାକୁଳତାପୂର୍ଣ୍ଣ ବ୍ରହ୍ମୋପାସନା ସ୍ମରଣ କରାଇ ଦିଏ ନାହିଁ କି ?

“ଘନମାଳା”ର ଷଡ଼୍‌ଋତୁ ବର୍ଣ୍ଣନା କବିକୁଳଗୁରୁ କାଳିଦାସଙ୍କ “ଋତୁସଂହାରଃ” ଓ ଦୀନକୃଷ୍ଣ ଦାସଙ୍କ ଋତୁ ବର୍ଣ୍ଣନ ସଙ୍ଗରେ ତୁଳନା କରି ଦେଖିବା, ଅଧିରସ ଓ ଅନ୍ୟାନ୍ୟ କେତେକ ବିଷୟରେ ଅବଶ୍ୟ ସାଦୃଶ୍ୟ ମିଳିବ ନାହିଁ ।

ବସନ୍ତ ବର୍ଣ୍ଣନାରେ କବି କହିଅଛନ୍ତି :—

ଆଦୀପ୍ତ ବହ୍ନି ସଦୃଶୈ ର୍ମରୁତା ବଧୂତୈଃ
ସର୍ବତ୍ର କିଂଶୁକ ବନୈଃ କୁସୁମାବନମ୍ରୈଃ ।
ସଦ୍ୟୋ ବସନ୍ତ ସମୟେ ସମୁପାଗତେଽସ୍ମି,
ରକ୍ତାଂଶୁକା ନବବଧୂରିବ ଭାତି ଭୂମିଃ ।

“ରକ୍ତ କାନ୍ତି ରମ୍ୟ ପଳାଶ ବନ
ଦୂରରୁ ହରଇ ନୟନ ମନ ।”

କିଏ କହେ ସୁଗନ୍ଧ ହିଁ ପୁଷ୍ପର ଭୂଷଣ, ଚରମ ଲକ୍ଷ୍ୟ, ଉତ୍କର୍ଷ-ହେତୁ । ଗନ୍ଧହୀନ ପୁଷ୍ପ ଗୁଣହୀନ ନରତୁଲ୍ୟ । ବୃଥା କଥା । ମନୋବିଜ୍ଞାନ ମତରେ ଇନ୍ଦ୍ରିୟଜଗତ୍‌ରେ ଚକ୍ଷୁର ସ୍ଥାନ ଜିହ୍ୱା ଛଡ଼ା ସର୍ବନିମ୍ନ, ନିର୍ମଳ ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଉପଭୋଗ ବିଷୟରେ ଚକ୍ଷୁର ସମକକ୍ଷ କିଏ ? ରକ୍ତକାନ୍ତି ରମ୍ୟ ପୁଷ୍ପ, ନୀଳକାନ୍ତ ଗଗନ, ଲାବଣ୍ୟବୋଳା ଯୁବତୀର ଅପଘନ-କାନ୍ତି, ଅର୍ଜବ-ବିଧୌତ ଶିଶୁର ସୁଧାଂଶୁ-ବଦନ ସଙ୍ଗେ କେଉଁ ଫୁଲଗନ୍ଧ, କେଉଁ ଅମୃତ ରସାବଳୀର ସ୍ୱାଦ ସମାନ ହେବ ? ହା, ଚକ୍ଷୁହୀନର ଏ ସଂସାରରେ କଣ ଅଛି !

ପୂର୍ବଦୃଷ୍ଟ ପଳାଶ ବନକୁ ନ ଯାଇ ଚିନ୍ତାଶୀଳ ପାଠକ ଏହି ଦୁଇ ପଂକ୍ତିକୁ ଅନାଅ । ଦେଖ, ରକ୍ତକାନ୍ତି ନୟନ ମନ ହରୁଛି କି ନାହିଁ । ପଳାଶ ବନକୁ ଗଲେ ତ ନିକଟ ହୋଇଯିବ । ‘ଦୂରରୁ’ ଶବ୍ଦଟି ମନୋରମ । “ଦୂର ପର୍ବତ ସୁନ୍ଦର, ଦୂର ବନ୍ଧୁ ସୁନ୍ଦର ।” କଳ୍ପନା ନେତ୍ରରେ ଦେଖିଲେ ପ୍ରାକୃତିକ ଦୃଶ୍ୟାବଳି ମଧୁରତର, ସୁନ୍ଦରତର ବୋଧହୁଏ । ଦୂର ପ୍ରବାସରୁ ପ୍ରେୟସୀର ପ୍ରୀତିସ୍ମୃତି କି ମାୟା ମୋହମୟୀ !

Digitized by srujanika@gmail.com

ଏହା ସୌନ୍ଦର୍ଯ୍ୟାତ୍ମକ (Artistic) କବିତା । କୌଣସି ନୀତି ଉପଦେଶ ଏହାର ସମତୁଲ୍ୟ ହେବ ! ଏହି ଦୁଇ ପଂକ୍ତି ପାଠକ ମନକୁ ଯେଉଁ ପବିତ୍ରତାର, ଉଚ୍ଚତାର ଗ୍ରାମକୁ ନେଇ ଯାଉଅଛି, ଧର୍ମପୁସ୍ତକବ୍ୟାପୀ ନୀତି ଉପଦେଶ ତାହା ପାରିବ କି ନାହିଁ ସନ୍ଦେହ ।

ଗ୍ରୀଷ୍ମ—ମୂଳ ପଙ୍କ୍ତି ପ୍ରସିଦ୍ଧ କବି ଦୀନକୃଷ୍ଣ ଦାସଙ୍କ ଗ୍ରୀଷ୍ମ-ବର୍ଣ୍ଣନା ସ୍ମରଣ କରାଇଦିଏ । "କ୍ରମେ ମଧୁଶେଷ ହୁଅନ୍ତେ ପ୍ରବେଶ ହୋଇଲା ଗ୍ରୀଷମ ସମୟ ।" ଦୀନକୃଷ୍ଣ କହୁଅଛନ୍ତି :—

କୁଞ୍ଜ ଭିତରେ ପକ୍ଷମାନେ,
କେବଳ ଯୋଗୀ ଯୋଗଧ୍ୟାନ ପରାୟେ
ନିଶ୍ଚଳେ ରହିଲେ ମଉନେ ।

ନବ କବି—ନୀରବ ନିଶ୍ଚଳ ବିହଙ୍ଗନିକର ଉପର ତରୁର ଡାଳେ ।
(ଘୁନଷ୍ଟ) ବିଚଣା ପବନେ କେହୁବା ଚନ୍ଦନେ ଶୀତଳନ୍ତି ସ୍ୱଶରୀର ।

ଦୀନକୃଷ୍ଣ— ସୁଜନେ, କେଉଁ ଈଶ୍ୱର ଅନୁଗ୍ରହୀ ।
କର୍ପୂର ଚନ୍ଦନ ଅଙ୍ଗେ ବୋଳି ହୋଇ
ଧାରାମଣ୍ଡିତ ଗୃହେ ରହି ।
କେ ଡରେ, ନାଉଛା ବାହାର ।
ନିଜ ନଶ୍ୱର ଉପରେ କରଗତୁ ତାଳବୃନ୍ତ ନ କରନ୍ତି ବାହାର ।

ଦୀନକୃଷ୍ଣ କହୁଅଛନ୍ତି :—

କୁରଙ୍ଗନୟନା ବଲ୍ଲ ମୃଗାତୃଷ୍ଣ ଦେଖିଲେ,
କେଉଁ ପଥିକା ତାପ ବଳେ ।
ତରନ୍ତେ ଗମନ ଶ୍ରମ ପାଇ ଯାଇ ବସନ୍ତି ତରୁ ବାଦ ତଳେ ।

ନବ କବି କହନ୍ତି—

ତଳ ଭୂମିରକୁ ଛାଣି ନୀଳମାନେ ଧାଇଁଣ ମୃଗତୃଷ୍ଣା ଜଳ ।
ଧାଅନ୍ତେ ପଥିକ ଅଦୃଶ୍ୟ ହୁଅଇ ପଥିକ ଅଶା ବିଫଳ ।

ପ୍ରୋକ୍ତ ଦୁଇ ପଂକ୍ତିରେ ଯେ କେବଳ କଳ୍ପନାର କ୍ରୀଡ଼ା, ଶବ୍ଦାବେଶ, ମୋହମୟୀ ଭାଷା, ସୂକ୍ଷ୍ମ ଶବ୍ଦଚିତ୍ର (Word Painting)

Digitized by srujanika@gmail.com

ଅଛି ତାହା ନୁହେଁ । ପକ୍ଷାନ୍ତରେ ଗୋଟିଏ ପ୍ରେମାବେଶ, ସମବେଦନା, ତନ୍ମୟତା ଅଛି । କବି, ପଥିକ ଅବସ୍ଥାରେ ନିଜକୁ ପଣ୍ଡିତ କରିଅଛନ୍ତି । "ଗ୍ରୀଷ୍ମ"ରେ ଏହିପରି ପଂକ୍ତି ଅନେକ ଅଛି । ଯଥା :—

ପର୍ବତ କାନନେ ମହାଭୟଙ୍କର ସଞ୍ଚରଇ ଦାବାନଳ
ପ୍ରବଳ ବେଗରେ ପୋଡ଼ି ବନଦେଶ ନାଶଇ ଜୀବ ସକଳ ।

ଅନ୍ୟ ଜଣେ କବି କହିଅଛନ୍ତି :—

ଜ୍ୱଳତି ପବନ ବୃଦ୍ଧଃ ପର୍ବତା ନାଂ ଦରୀଷୁ ।
ସ୍ଫୁଟତି ପଟୁ ନିନାଦୈଃ ଶୁଷ୍କ ବଂଶ ସ୍ଥଳୀଷୁ ।
ପ୍ରସରତି ତୃଣ ମଧ୍ୟେ ଲବ୍ଧ ବୃଦ୍ଧିଃ କ୍ଷଣେନ
ଗ୍ଲପୟତି ମୃଗବର୍ଗଂ ପ୍ରାନ୍ତ ଲଗ୍ନୋ ଦାବାଗ୍ନିଃ ।

ବିଦଗ୍ଧମାଧୁରୀର କବି ବିଶ୍ୱମ୍ବରଙ୍କ ଗ୍ରୀଷ୍ମବର୍ଣ୍ଣନ ଶୁଣନ୍ତୁ :—

ବସନ୍ତ ଅନ୍ତେ ତପତ ଋତୁ ପରବେଶ
ତପତ ଅନିଳ ପ୍ରକାଶିଲା ଦଶଦେଶ ।
ତପନ ତାପନର ବନ ହୋଇଲା ଦହନ
ଶୁଭୁଅଛି ନିରନ୍ତରେ ଝିଙ୍କପକ୍ଷି ସ୍ୱନ ।
ଶୁଷ୍କ ହେଲା ସରୋବର ସକଳ ସଲିଳ
ସଲିଳ ନ ପାଇ ଜୀବେ ହୋଇଲେ ବିକଳ ।
ଛଟକିଯାଇ ପକ୍ଷୀ ଝାଡ଼ି ପଡ଼ିଲେ ଧରଣୀ
"ମହାଜନୋ ଯେନ ଗତଃ ସ ପନ୍ଥା ।"

ବର୍ଷା—

ନୀଳମେଘ ଦର୍ଶନେ ଆନନ୍ଦଭରେ
ମୟୂର ନୃତ୍ୟ କରେ ଚିର ବନରେ ।
ଜଳ ନିକଟେ ଉଠେ ଡାକଇ ଭେକ
ମଣ୍ଡି ହରଷଭରେ ଡାକେ ଡାହୁକ ।
ଜଳେ ପୂରିଛି ନଦୀ ବିଲ ପୋଖରୀ
ଶୁଭଇ କୃଷକର ଗୀତ ଲହରୀ ।

ଏଠାରେ ସେହି ତନ୍ମୟତା, ସମବେଦନା, ଭାବାବେଶ ସଙ୍ଗେ ସଙ୍ଗେ ପ୍ରେମାବେଶ । କବି ହୃଦୟ ମୟୂର, ଡାହୁକ ଓ କୃଷକ ସଙ୍ଗେ ନୃତ୍ୟ କରୁଅଛି ଓ ଗାୟନ କରୁଅଛି ।

Digitized by srujanika@gmail.com

ବିଶ୍ୱପ୍ରକୃତି ବକ୍ଷରେ ଯେଉଁ ଉଦାର ସୌନ୍ଦର୍ଯ୍ୟ ନିରନ୍ତର କ୍ରୀଡ଼ା କରୁଅଛି ତାହା ଉପଭୋଗ କରିବା ଏବଂ ତନ୍ମୟ, ତଦ୍‌ଭାବାପନ୍ନ ଓ ତାହାର ଅଂଶୀଭୂତ ହୋଇଯିବା ଜୀବନର ଗୋଟିଏ ସାର ସୁଖ । କାବ୍ୟରସସଂଯୁକ୍ତ କଳ୍ପନାମୃତମିଶ୍ର ନିସର୍ଗ ଲାବଣ୍ୟ ସମ୍ଭୋଗ ଶତଗୁଣ ମଧୁରତର। ଭୁକ୍ତଭୋଗୀ କବି କହିଅଛନ୍ତି :—

"ସଂସାର ବିଷ ବୃକ୍ଷସ୍ୟ ଦ୍ୱେ ଏବ ରସବତ୍ ଫଳେ
କାବ୍ୟାମୃତ ରସସ୍ୱାଦଃ ସଜ୍ଜନୈର୍ବ ସହ ।"

ଜଗତ୍‌ର ସକଳେ ମଧ୍ୟ ଏ ସୁଖଠାରୁ ବଞ୍ଚିତ ନୁହେଁ । କିନ୍ତୁ ବିଶ୍ୱବିଧାତା ସମସ୍ତଙ୍କୁ ସମପରିମାଣରେ ଏହି ସୁଖ ସମ୍ଭୋଗ ଶକ୍ତି ପ୍ରଦାନ କରିନାହାନ୍ତି । ଧନ୍ୟ ସେହି ଭାବୁକ, ଯେ ପ୍ରକୃତିରୂପିଣୀ ତରୁଣୀର ଅପରୂପ ଲାବଣ୍ୟ ବିଭୂତି ପ୍ରଦର୍ଶନ କରନ୍ତି । ଏହି ଶକ୍ତି ଅଭାବରେ ଅସଂଖ୍ୟ ବିଦ୍ୱନ୍‌ମଣ୍ଡଳୀ ପ୍ରକୃତ ସତ୍ କବିତା ବୁଝିବାକୁ ଅସମର୍ଥ ହୋଇ ତଣ୍ଡୁଳ ଛାଡ଼ି ତୁଷ ଗ୍ରହଣ କଲା ପରି ଭାଷାର ସମାବେଶ, ଯମକ, ଅଳଙ୍କାର ଦେଖି ବୃଥା ବାକ୍‌ବିତଣ୍ଡା କରନ୍ତି । ଏତାଦୃଶ ଦୁର୍ଭାଗ୍ୟ ବ୍ୟକ୍ତି କବିତା ଲେଖିବାକୁ ପ୍ରବୃତ୍ତ ହେଲେ ଜଗତ୍‌ର ବିଡ଼ମ୍ବନା । ଏପରି ଶୁଷ୍କ ହୃଦୟ ବ୍ୟକ୍ତି ସମାଲୋଚକ ହେଲେ କବି ଓ ପାଠକର ବିଡ଼ମ୍ବନାର ଶେଷ ନ ଥାଏ ଏବଂ ସେ ଆତଙ୍କିତ ହୃଦୟରେ ପ୍ରାର୍ଥନା କରେ, "ଅରସିକେଷୁ ରସସ୍ୟ ନିବେଦନ ଶିରସି ମାଲିଖ ମାଲିଖ ମାଲିଖ ।"

ନିନ୍ଦୁକର ପ୍ରକୃତି ନିନ୍ଦା କରିବା, ତାହା ସେ କରୁ, କିନ୍ତୁ, ଅମ୍ଭେମାନେ ବର୍ଷାକୁ ପ୍ରଶଂସା କରୁ । କାରଣ,

ବରଷା କାଳ ଅଟେ ମଙ୍ଗଳକାରୀ
ପାଳଇ ପରଜାକୁ ବରଷି ବାରି ।
ବହୁ ଗୁଣୋ ରମଣୀୟୋ ଯୋଷିତାଂ ରତିହାସ୍ୟ
ତରୁ, ବିଟପ, ଲତାନାଂ ବାନ୍ଧବୋ ନିର୍ବିକାରଃ
ଜଳଦ ସମୟ ଏଷଃ ପ୍ରାଣିନାଂ ପ୍ରାଣ ଭୂତୋ
ଦିଶ ତୁ ତବ ହିତାନି ପ୍ରାୟୃଶୋ ବାଞ୍ଛିତାନି ।

ଶରତ—ଧରନ୍ତି ଅଗସ୍ତି କୁସୁମ ମଞ୍ଜରୀ
ବଙ୍କିମ ଦଶଇ ଯାହା କାଳଇନ୍ଦୁ ସରି ।

Digitized by srujanika@gmail.com

କି ସୁନ୍ଦର ଉପମା ! ବୈଜ୍ଞାନିକର ନୂତନ ସତ୍ୟ ଆବିଷ୍କାର ଯେପରି ଶ୍ରେଷ୍ଠ କାର୍ଯ୍ୟ; ସୁସଙ୍ଗତ ଉପମା ଓ ରୂପକ ସଙ୍ଗଠନ ସେହିପରି ପ୍ରକୃଷ୍ଟତମ କାବ୍ୟଶ୍ରୀ । ଶରତ୍‌ବର୍ଣ୍ଣନାରେ କବିକୁଳପତି କାଳିଦାସ କହିଅଛନ୍ତି —

କହ୍ଲାର ପଦ୍ମ କୁମୁଦାନି ମୁହୁର୍ବିଧୂନ୍ୟ
ତତ୍‌ସଙ୍ଗମାଦଧିକ ଶୀତଳତାମୁପେତଃ ।
ଉତ୍କଣ୍ଠୟତ୍ୟ ତିତରାଂ ପବନଃ ପ୍ରଭାତେ
ପତ୍ରାନ୍ତ ଲଗ୍ନ ତୁହିନାମ୍ବୁ ବିଧୂନ୍ୱାନଃ ।

ଆମ୍ଭମାନଙ୍କ କବି କହିଅଛନ୍ତି—

ପ୍ରଫୁଲ୍ଲ କୁସୁମ ବନୁ ପୁଷ୍ପଗନ୍ଧ ହରି
ଶୀତଳ ସୁରଭି ପଦ୍ମ କାନନେ ସଞ୍ଚରି ।
ନଚାଇ ତରଙ୍ଗେ ନଦୀ ସରୋବର ନୀର
ନାଚଇଣ ଶସ୍ୟାବଳୀ ବହଇ ସମୀର ।

ଏହାକୁ ହିଁ ପାଶ୍ଚାତ୍ୟ ଆଲଙ୍କାରିକଗଣ ଶବ୍ଦ ଚିତ୍ର (Word Painting) କହନ୍ତି । ଚାରି ଧାଡ଼ି କବିତା ରୂପ ପୁଷ୍ପକ ବିମାନରେ କବି ବର୍ଣ୍ଣନା ପରିପାଟ୍ୟବଳରେ ପାଠକକୁ ପବନ ସଙ୍ଗରେ ନେଇଯାଇ କେତେ କେତେ ପୁଷ୍ପବନ, ପଦ୍ମକାନନ, ନଦୀ, ସରୋବର, ଶସ୍ୟକ୍ଷେତ୍ର ଭ୍ରମଣ କରାଇ ଆଣିଲେ । ଏହି ପଂକ୍ତିଗୁଡ଼ିକ ସୁଦୂର ଶୈଶବକାଳରୁ ମୋର ହୃଦୟରେ ସୁବର୍ଣ୍ଣାକ୍ଷରରେ ମୁଦ୍ରିତ ହୋଇ ରହିଯାଇଅଛି ଏବଂ ନିର୍ଜନ ଭ୍ରମଣରେ ପବନ ହିଲ୍ଲୋଳ ସହିତରେ ସେହି ଶୈଶବୀୟ ପାଠଶାଳାରୁ କେତେଥର ବହିଆସି କଳ୍ପନା-କର୍ଣ୍ଣରେ ପ୍ରତିଧ୍ୱନିତ ହୋଇଅଛି । ଧନ୍ୟ କବି, ତୁମ୍ଭେ କଣ ନ କରିପାର !

ଧାନ୍ୟକ୍ଷେତ୍ରେ ପକ୍ୱଶାଳୀ ଦିଶଇ ସୁନ୍ଦର
ଦରଶନେ ଆନନ୍ଦିତ ମନ କୃଷକର ।

କୃଷକ ତ ଧାନ ଅମଳ କରିବ ବୋଲି ଆନନ୍ଦିତ । କବି ଧାନ୍ୟକ୍ଷେତ୍ରର ଅବ୍ୟକ୍ତ ହାସ୍ୟ ଦେଖି ଆନନ୍ଦିତ । ଏହାକୁ କହନ୍ତି 'ପର ଘରେ ମଙ୍ଗଳବାର' । କବିମାନଙ୍କର ଏପରି ମଙ୍ଗଳବାର କରିବାର ଅଭ୍ୟାସ ଅଛି । ତେଣୁ କବି

Digitized by srujanika@gmail.com

ଗୃହିଣୀଠାରୁ ମଧ୍ୟ ଉତ୍ତମ ଦଧମ ପାଇଥାନ୍ତି । ଭାଗ୍ୟକୁ ଆମ୍ଭମାନଙ୍କର କବି ମାସକୁ ମାସ ଦୁଇ ତିନି ଶହ ଟଙ୍କା ଦେଇ ଗୃହିଣୀକୁ ସନ୍ତୁଷ୍ଟ କରନ୍ତି । ନଚେତ୍ ତାଙ୍କର ମଧ୍ୟ ହେମ ସେପରି ଦଶା ନ ହୁଅନ୍ତା, କିଏ କହିପାରେ ?

ଉଜ୍ଜ୍ୱଳ ନକ୍ଷତ୍ରମାଳୀ ଚନ୍ଦ୍ର ସଙ୍ଗତରେ
ଶୋଭନ୍ତି ପ୍ରଫୁଲ୍ଲ ପୁଷ୍ପ ସହିଏ ଅମ୍ବରେ

ଅଳଙ୍କାରିକମାନେ ଦୋଷ ଦେଖାଇ କହିବେ ସ୍ୱର୍ଗର ପଦାର୍ଥକୁ ଉପମେୟ କରି ପୃଥିବୀର ପଦାର୍ଥକୁ ଉପମାନ କରି କବି ଭୁଲ୍ କଲେ । ଆମ୍ଭେମାନେ କହୁଁ, କବି ଏପରି ଭୁଲ୍ ଖୁବ୍ କରନ୍ତୁ । କବି ଓ୍ୱାର୍ଡସ୍‌ୱର୍ଥ କହିଅଛନ୍ତି :—

When all at once I saw a crowd
A host of golden daffodils
Continues as the stars that shine
And twinkle on the milky way
They stretched in never ending line
Along the margin of the bay.

ରଜନୀରେ କୁମାରୀଏ ମହା ଆନନ୍ଦରେ
ମଣ୍ଡିଣ ସୁନୀଳ କେଶ ଶୁଭ୍ର କୁସୁମରେ
ତାରକାମଣ୍ଡିତ ନୀଳ ଗଗନକୁ ଚାହିଁ
ହରନ୍ତି ମାନସ ନାନାରଙ୍ଗେ ଗୀତ ଗାଇ ।

ବାସ୍ତବରେ କି ମୋହିନୀ ଶକ୍ତି ରମଣୀର ସେହି ସୁନୀଳ କେଶରେ ଜଡ଼ିତ କରି ରଖିଦେଇଅଛନ୍ତି । କେତେ କବି, କବୀନ୍ଦ୍ର ବର୍ଣ୍ଣନା କରିଗଲେ । ସେ ଅସରନ୍ତା ଭଣ୍ଡାର ସରିଲା ନାହିଁ । କବି Keats କହିଅଛନ୍ତି :—"A thing of beauty is a joy for ever."

ତୁଚ୍ଛ ନୁହଁ ହୋଇ ଅଦୃଷ୍ଟ ପ୍ରତୀତ,
ସୁନ୍ଦରପଣର ଚିରନ୍ତନ ସ୍ଥିତି,
ସୁନ୍ଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେ ସେ ନୂଆ ଦିଶୁଥାଇ ।

Digitized by srujanika@gmail.com

ତରୁଣୀର ତନୁ ଅପେକ୍ଷା ସୁନ୍ଦରତର ସୃଷ୍ଟି କି ସଂସାରରେ ଅଛି ? ବୋଧହୁଏ ନାହିଁ । କିନ୍ତୁ ହା ! ସେ ସୌନ୍ଦର୍ଯ୍ୟର ଅପଚୟ ଦେଖେ !

ନଦୀ ପୁଷ୍କରିଣୀ ଜଳ ଏବେ ସୁନିର୍ମଳ,
କ୍ରୀଡ଼ନ୍ତି ହରଷେ ତହିଁ ଧଳା ହଂସଦଳ ।

ରମଣୀ ରୂପଲାବଣ୍ୟରେ ଅବିଳତା ଥାଇପାରେ । ତାହା ଲାବଣ୍ୟର ଦୋଷ ନୁହେଁ । ଦୋଷ ଦର୍ଶକର । କଳଙ୍କିତ ପ୍ରାଣ ଭାବ-ଯୋଗ (Association of ideas) ଦ୍ୱାରା ସ୍ୱର୍ଗ ସଙ୍ଗରେ ନରକକୁ ସଂଯୋଗ କରେ । କିନ୍ତୁ ଧର୍ମ ଜଗତର ପଥିକ କୈଳାସର ମାନସରୋବର, ତ୍ରିଦିବଧାମର ମନ୍ଦାକିନୀ ନୀରରେ କ୍ରୀଡ଼ା କରେ । ପାପ ସ୍ପର୍ଶ କରିପାରିବ ନାହିଁ । ମନ ପ୍ରାଣ ଧଳା ହଂସ ପରି ଧବଳ, ଅନାବିଳ, ନିର୍ମଳ ପବିତ୍ର ହୋଇଯିବ ।

କାଳିଦାସ କହିଅଛନ୍ତି :—

ହେମନ୍ତ ଓ ଶୀତ—ବହୁ ଗୁଣ ରମଣୀୟୋ ଯୋଷିତାଂ ଚିତ୍ତହାରୀ
ପରିଣତ ବହୁଶାଲି ବ୍ୟାକୁଳ ଗ୍ରାମ ସୀମଃ
ସତତମତି ମନୋଜ୍ଞ କ୍ରୌଞ୍ଚମାଳା ପରୀତଃ
ପ୍ରଦିଶତୁ ହିମଯୁକ୍ତଃ କାଳ ଏଷଃ ସୁଖଂବଃ ।

ଦୀନକୃଷ୍ଣ କହିଅଛନ୍ତି :—

କ୍ରୀଡ଼ା କାଳେ ଗୋପେ ପୀତବାସ
କିଏ ହୃଦ ଉତ୍ତୁ କହାଏ ପ୍ରବେଶ ।
କାହା ଧବଳକୁ ଅତି କିଶୋର
କହୁଁ କହୁଁ ପୋଡ଼ିଲି ପଦ୍ମବନ ।
କହୁଁ କହୁଁ ଜାଡ଼ ମାଡ଼ିପଡ଼ିଲା
କମ୍ପ ଗାତରେ କେ ଭରି ଯୋଡ଼ିଲା ।
କେହୁ ହୃଦୟେ କରି ଯୁଗ ଛନ୍ଦ
କହେ ଶୀତକୁ କଡ଼ ଚରି ନିନ୍ଦ ।
କେହି ମନ୍ଦର ଭେଦ କାଶୋରିଲା,
ତାଙ୍କର ଯତ୍ନେ ବନ୍ଧୁତ ବାଢ଼ିଲା ।

Digitized by srujanika@gmail.com

ଅନ୍ୟମାନଙ୍କ କବି—

ଗୃହୁଁ ଗୃହୁଁ ହେଲା ହେମନ୍ତ ପରବାସ ଶିଶିରେ
ଘୋର ଜାଡ଼ ମାଡ଼ି ପଡ଼ିଲା ଜନ୍ତୁଁ ଜନ୍ତୁଁ ମଧ୍ୟରେ ।
ଦିନ କ୍ରମେ ହେଲା ନ୍ୟୂନ ରାତ୍ରି ବଢ଼ିଲା କ୍ରମେ
ଦିନକର ତେଜ କମିଲା ହିମଋତୁ ଆଗମେ ।
ଖେଳା କରି ଗ୍ରାମସୀମାରେ ଧାନ ଅମଳ କରି,
ଗୃହକୁ ନିଅନ୍ତି ଆନନ୍ଦେ ବାନ୍ଧି ଦମ୍ବା ସୁନ୍ଦର ।
ପବିତ୍ର ପ୍ରଭାତ ସମୟେ ନରେ ଭକତଭରେ
ସ୍ନାନ କରି ମତ୍ତ ପ୍ରଭୁଙ୍କ ନାମ ସଂକୀର୍ତ୍ତନରେ ।

ଋତୁ ସଂହାରର ହେମନ୍ତ-ଶୀତ ବର୍ଣ୍ଣନ ପ୍ରୀତିପୂର୍ଣ୍ଣ; ଛନ୍ଦମାଳାର ହେମନ୍ତ-ଶିଶିର ପୂର୍ବସ୍ମୃତି-ବିଜଡ଼ିତ ।

କବି ଦୀନକୃଷ୍ଣ—କେହୁ ମଞ୍ଜିଷ୍ଠା ରଙ୍ଗେ କରି ସଙ୍ଗ
କଲା ତୂଳୀ ସୁପାଟୀ ଅଙ୍ଗସଙ୍ଗ ।

ଛନ୍ଦମାଳା— ଧନବନ୍ତ ଜନ ଅଙ୍ଗରେ ଶୀତବସ୍ତ୍ର ବାନ୍ଧିଲେ ।
ଦରିଦ୍ରେ ଭାଗ୍ୟକୁ ଆଦରି ଶୀତକଷ୍ଟ ସହିଲେ ।

ଏଠାରେ କବି କି କୌଶଳରେ ମାନବପ୍ରୀତି ମାନବର ପ୍ରେମ ଉଦ୍ରିକ୍ତ କରୁଅଛନ୍ତି ! କବିଙ୍କ ପ୍ରେମନେତ୍ର କାହା ଆଡ଼କୁ ବିସ୍ଫାରିତ ହୋଇଅଛି ? ଶାଲ ଦୋଶାଲରେ ଆବୃତ ଧନୀ ଆଡ଼କୁ, ନା ଯେଉଁ ଦେଶର ସହସ୍ର ଦୁର୍ଭାଗ୍ୟପ୍ରପୀଡ଼ିତ ବ୍ୟକ୍ତିପୁଞ୍ଜ ପଲ୍ଲୀରେ, ଜନତାପୂର୍ଣ୍ଣ ନଗରୀରେ ବୃକ୍ଷମୂଳେ, ପର୍ଣ୍ଣକୁଟୀରରେ, ବିଜନ ପଥପାର୍ଶ୍ୱରେ ଘୋର ଅରଣ୍ୟରେ ଭାଗ୍ୟକୁ ଆଦରି ଶୀତ କଷ୍ଟ ସହୁଅଛନ୍ତି ? ଯାହାର ଚକ୍ଷୁ ଅଛି ସେ ଦେଖୁ ।

ଅଖୁ କ୍ଷେତ ଦଣେ ଯତନ ଅଖୁଶାଳରେ ବସି
ଗ୍ରାମକଥା ଗ୍ରାମବାସି ଏ ଗଳ୍ପ କରନ୍ତି ବସି ।
ଅଖୁ ଭାଙ୍ଗି ରସ ମଧୁର ପିଇ ବାଳକଗଣ
ଭୁଲନ୍ତି ଶୈତ୍ୟରେ ହରଷେ ପୂରିଅଛି ବଦନ ।
ଛଡ଼ିବ ଗୁଡ଼ ବଢ଼ାଇ ସ୍ୱାଦୁଶାଳୀ ପୁରମାନ
ପ୍ରବଳ ସୁରଭି କେଳିକୀର୍ତ୍ତି ଦର୍ପଧର୍ମ

Digitized by srujanika@gmail.com

ପ୍ରିୟଜନ ବହୃତାନାଂ ବୃତ୍ତ ସନ୍ତାପ ହେତୁଃ
ଶିଶିର ସମୟ ଏଷଃ ପ୍ରେୟସେ ବୋଽସ୍ତୁ ନିତ୍ୟଂ ।

"ଶୀତ ଅନ୍ତେ ପୁଣି ଆସିବ ମଧୁମୟ ବସନ୍ତ,
ଧନ୍ୟ ଧନ୍ୟ ବିଶ୍ୱକାରଣ ତୋର ଦୟା ଅନନ୍ତ ।"

କାଳିଦାସଙ୍କ ଭାବ ପୃଥିବୀର, ଓଡ଼ିଆ କବିଙ୍କ ଭାବ ସ୍ୱର୍ଗୀୟ ନୁହେଁ କି ? "ଶୀତ ଅନ୍ତେ ତ ମଧୁମୟ ବସନ୍ତ ଆସିବ" କିନ୍ତୁ ଛାନ୍ଦମାଳା ପରି ମଧୁର କବିତା ଆଉ କବିଙ୍କ ଲେଖନୀରୁ ବାହାରିବ କି ?*

ଛାନ୍ଦମାଳା

୨ୟ ଭାଗ (ସମାଲୋଚନା)

ଦ୍ୱିତୀୟ ଖଣ୍ଡ ଛାନ୍ଦମାଳା ଉତ୍କଳବିଖ୍ୟାତ କବି ମଧୁସୂଦନ ରାଓଙ୍କ କୃତ । ଏହି ପୁସ୍ତକରେ ଧ୍ରୁବ, ଶ୍ରୀରାମବନବାସ, ନଦୀସ୍ରୋତ, ଶୋଭା, ଧ୍ୱନି, ପ୍ରଭୃତି ଅନେକଗୁଡ଼ିଏ କବିତା ସନ୍ନିବେଶିତ ହୋଇଅଛି । ଉକ୍ତ କବିତାଗୁଡ଼ିକ ପାଠକଲାବେଳେ ମୋ ମନରେ ଯେଉଁ ଭାବ ଉଦୟ ହୋଇଥିଲା, ତାହା ମୁଁ ନିମ୍ନରେ ବିବୃତ କଲି ।

(୧) ଧ୍ରୁବ :—ଧର୍ମବହୁ ପୁରୁଷ ପ୍ରଭୁ ପରମେଶ୍ୱରଙ୍କ ପୂଜାରେ ହସ୍ତୋତ୍ତୋଳନ କରିବା ଓ ସାକ୍ଷାତ୍ ଭାବରେ ଅସ୍ତିତ୍ୱ ଉପଲବ୍ଧି କରି ତାଙ୍କର ସମ୍ମୁଖରେ ବସି ସଂସାରର ଉତ୍ତେଜନାରେ ଉତ୍ତେଜିତ ଓ ଦୁଷ୍ପ୍ରବୃତ୍ତିନାରେ କଳଙ୍କିତ ପ୍ରାଣକୁ ପବିତ୍ରୀକୃତ କରିବା ଯଦିବା ମନୁଷ୍ୟତ୍ୱର ପ୍ରକୃତ ଲକ୍ଷଣ ତଥାପି ତାହା କରିବାର ଅଧିକାର ସମସ୍ତଙ୍କର ନ ଥାଏ । ବିଶେଷତଃ ବର୍ତ୍ତମାନର ଶିକ୍ଷିତ ବ୍ୟକ୍ତିମାନଙ୍କର ତାହା ଗୋଟିଏ ବିଶେଷ ଅଭାବ । ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ହୃଦୟ ଧର୍ମପ୍ରବଣ ନୁହେଁ ।

---

* ପ୍ରଥମ ଓ ଦ୍ୱିତୀୟ ଭାଗ "ଛାନ୍ଦମାଳା" ସମାଲୋଚନା—ଉତ୍କଳ-ସାହିତ୍ୟ ୧୩୦୭ ସାଲ ୨ୟ ଭାଗ ୧୧ଶ ଓ ୧୨ଶ ସଂଖ୍ୟା ଏବଂ ୩ୟ ଭାଗ ୧୦ମ ସଂଖ୍ୟାରୁ ଯଥାକ୍ରମେ ସଂଗୃହୀତ ।

Digitized by srujanika@gmail.com

ଯଦବା ଅସ୍ମମାନଙ୍କ ମଧ୍ୟରେ ପ୍ରକୃତ ନାସ୍ତିକର ଅସ୍ତିତ୍ୱ ବିରଳ ତଥାପି ସନ୍ଦେହବାଦୀ, ପ୍ରାର୍ଥନାବିରୋଧୀ ତାର୍କିକଙ୍କର ଅଭାବ ନାହିଁ । ମନୁଷ୍ୟ ଚରିତ୍ର ଯଦବା ସ୍ୱଭାବତଃ ଧର୍ମପ୍ରବଣ ତଥାପି ଶିକ୍ଷା ଓ ସହବାସର ଅଭାବରୁ ଅନେକଙ୍କ ଚରିତ୍ରରେ ଧର୍ମପ୍ରବଣତା ଗୁଣର ବିକାଶ ଏମନ୍ତ କି ଅଭାବ ମଧ୍ୟ ଦେଖାଯାଏ । 'ସ୍ତବ' କବିତାର କବିଙ୍କ ହୃଦୟରେ ଧର୍ମପ୍ରବଣତା ଗୁଣ ପରିବର୍ଦ୍ଧିତ । ତାଙ୍କର ପ୍ରାର୍ଥନାରେ ଜୀବନ ଅଛି । ପ୍ରକୃତ ଧାର୍ମିକର ହୃଦୟୋଚ୍ଛ୍ୱାସ ଧର୍ମପିପାସୁର ଅନ୍ତଃକରଣରେ ଅଧିକନ୍ତୁ ତାହା ଅତି କଠିନ ହୃଦୟରେ ମଧ୍ୟ ବଜ୍ରବେଗରେ ଅଘାତ କରେ ଏବଂ ସେ ହୃଦୟକୁ ପବିତ୍ର ଓ ସ୍ୱର୍ଗାଭିମୁଖୀନ କରିଦଏ ।

(୨) ଶ୍ରୀରାମବନବାସ :—କରୁଣ ରସପ୍ରଧାନ ରାମାୟଣର କରୁଣ ରସର ଚୂଡ଼ାନ୍ତ ଉଦାହରଣ । ମୁଗ୍ଧ ଅଯୋଧ୍ୟାନିବାସୀ ନିଖିଳ ମାନବପ୍ରାଣରୁ ଉତ୍‌ଥିତ ବିଷମ ଶୋକର ଚମତ୍କାର ବହ୍ନିସ୍ଫୁର୍ତ୍ତି । ଅନ୍ୟାନ୍ୟ ରସ ବର୍ଣ୍ଣନରେ କବି ମଧୁସୂଦନ ସିଦ୍ଧହସ୍ତ ହେଲେହେଁ ତାଙ୍କର କବିତା କରୁଣରସପ୍ରଧାନ । ଏବେ ତ ଶବ୍ଦସୃଷ୍ଟି କାରୁଣ୍ୟପୂର୍ଣ୍ଣ, ତହିଁରେ କବିଙ୍କର ଲଳିତ ପଦବିନ୍ୟାସ ଓ ଭାବଲାପନତାର ସମାବେଶ ମଣିକାଞ୍ଚନର ସଂଯୋଗ ସଦୃଶ ସୁନ୍ଦର ହୋଇଅଛି ।

ଦୁଃଖେ ସୁଖେ ଧୀରତା ରାମଚନ୍ଦ୍ରଙ୍କ ଚରିତ୍ରର ସର୍ବପ୍ରଧାନ ଲକ୍ଷଣ । ନାୟକର ପ୍ରଧାନ ଗୁଣକୁ ଏରୂପ ବର୍ଣ୍ଣନ କରିବା ଉଚିତ, ଯହିଁରେ କି ଅନ୍ୟାନ୍ୟ ଗୁଣଗୁଡ଼ିକ ବିକାଶ ସୂଚିତ ନ ହେବ । କିନ୍ତୁ ସବୁ କବି ଏହା କରିପାରନ୍ତି ନାହିଁ । "ଶ୍ରୀରାମବନବାସ"ର କବି ଯେରୂପଭାବରେ ଲକ୍ଷ୍ମଣଙ୍କ ବ୍ୟବହାର ବର୍ଣ୍ଣନ କରିଅଛନ୍ତି, ତାହା ପଠନମାତ୍ରକେ ହୃଦୟ ମୋହିତ ହୁଏ । କାରଣ କବି କରୁଣରସ ସଙ୍ଗରେ ବୀରରସର ସଂପାତ କରି ରସଭଙ୍ଗ କରିନାହାନ୍ତି ।

(୩) ନଦୀପ୍ରତି :—ଏ ପଦ୍ୟଟି ବିଶେଷ ଅଯ୍ତ୍ନାସସହକାରେ ଲିଖିତ ହୋଇଅଛି । ଏ କବିତାରେ "ତୁହଦ୍ଦ", "ଗୁହାଳୀ", "ନକୁଡ଼", "ଭ୍ରମହୋ", "ଦ୍ୱାଡ଼" ଇତ୍ୟାଦି ସହଜ ପ୍ରଚଳିତ ଅଥଚ କବିତ୍ୱପୂର୍ଣ୍ଣ ଶବ୍ଦକଳାପ ବ୍ୟବହାର କରାଯାଇଛି ।

Digitized by srujanika@gmail.com

କବିତାଟିର ଭାଷା ନଦୀସ୍ରୋତର ଗତିର ପ୍ରତିଧ୍ୱନିସ୍ୱରୂପ ।

“ବିଶାଳ ଶିଳାରାଶି   ବେଢ଼ିଲି ବାଟେ ଆସି
ରୁନ୍ଧି ତୋ' ପଥ ସେ ବାଧାରେ
ଝମ୍ପା
ମେଘ ମନ୍ଦ୍ର ଅନ୍ତର   ଧ୍ୱନିଲା ଆକାଶରୁ
ତୋ' ପ୍ରାଣ ଆବେଗ ବଢ଼ାଇ
ତୋ'ସଙ୍ଗେ ବର୍ଷାବାରି   ସୁମଧୁର ଝଙ୍କାରି
ପଡ଼ିଲା ତୋ' ବକ୍ଷରେ ଯାଇଁ ।

ନଦୀତଟର ହାଟ, ଘାଟ, ବନ, ଗ୍ରାମର ଶବ୍ଦ ଅତି ସ୍ୱାଭାବିକ ଅଥଚ ମୋହମଦିରତାମୟ । ଦୃଶ୍ୟମାନ ବିଶ୍ୱସଂସାରର ଯାବତୀୟ ପଦାର୍ଥ ଅହରହ ପରିଦୃଷ୍ଟ ହେବାରୁ ସେମାନଙ୍କ ପ୍ରାଥମିକ ନୂତନତ୍ୱ ଓ ମୋହ ଦୃଷ୍ଟିରୁ କ୍ରମଶଃ ଅନ୍ତର୍ହିତ ହୋଇଥାଏ । କବି ପ୍ରତିଭା ସ୍ୱୀୟ ମହତୀ କଳ୍ପନାଶକ୍ତି ବଳରେ ପ୍ରୋକ୍ତ ନୂତନତ୍ୱକୁ ପୁନରାନୟନ କରି ନିତ୍ୟ-ଲକ୍ଷିତ ପଦାର୍ଥସକଳର ଚତୁର୍ଦ୍ଦିଗରେ ଅପୂର୍ବ ମୋହାବରଣୀ ବେଷ୍ଟିତ କରାଇଦିଏ । ସେ ମୋହରେ କେତେ ସୁଖ । ତାହାହିଁ ସତ୍ୟକାଳର ପ୍ରଭାବ । ଯେଉଁ ସତ୍ୟକୁ ଚକ୍ଷୁମଠରୁ ଅପସାରିତ କରିଥାଏ କବିପ୍ରତିଭା ମାନବକୁ ପୁଣି ସେହି ସତ୍ୟ-ଧନର ଅଧିକାରୀ କରେ । ଆମ୍ଭମାନଙ୍କର ନିତ୍ୟଦୃଷ୍ଟ ପଦାର୍ଥ କିରୂପ ସ୍ୱପ୍ନରାଜ୍ୟ ସଦୃଶ ବୋଧ ହୋଇପାରେ ଏବଂ କବିପ୍ରତିଭା କିରୂପ ପୁରାତନ ପଦାର୍ଥକୁ ଚିର ନୂତନ ବେଶରେ ସଜାଇ ଦିଏ, ତାର ଉଦାହରଣସ୍ୱରୂପ କେତେକ ପଂକ୍ତି ଉଦ୍ଧାର କଲୁ ।

କାହିଁ ନଉଡ଼ି ଧରି   ଚରାଏ ଗୋ ବାଳୁଙ୍ଗୀ
ଗଉଡ଼ ମୁରଲି ବଜାଇ,
କାହିଁ ଧାନ ଅମଳ   କରଇ କୃଷିବଳ
ଖଳାରେ ବେଙ୍ଗଳା ପକାଇ,
କାହିଁବା ତଟ କାନନରେ
ଭୀଷଣ ଶାର୍ଦ୍ଦୂଳ ବିଚରେ,
କାହିଁ ଭୀମ ଶ୍ମଶାନେ   ଗୃଧ୍ର ଶୃଗାଳ ଶ୍ୱାନେ
ଭୁଞ୍ଜନ୍ତି ବିକଟ ନାଦରେ ।

Digitized by srujanika@gmail.com

କବି ଏଠାରେ ଯାହା ବର୍ଣ୍ଣନ କରିଅଛନ୍ତି, ତତ୍ପୋଷକ 'ବହୁ ବିଷୟ ପାଠକ ମନରେ ଉଦିତ ହୁଏ । ଏଠାରେ ସେସବୁ ହୋଇଅଛି ।

ଯେଉଁମାନେ ବଙ୍ଗକବି ରବୀନ୍ଦ୍ରନାଥ ଠାକୁରଙ୍କ "ନିର୍ଝରେର ସ୍ୱପ୍ନଭଙ୍ଗ" ନାମକ କବିତା ପାଠ କରିଅଛନ୍ତି, ସେମାନେ ଉକ୍ତ କବିତାଟି ସହିତ "ନଦୀପଥ" କବିତାକୁ ତୁଳନା କରି ଦେଖିଲେ ଦେଖିପାରିବେ ଯେ, ସମଗ୍ର ଶେଷ ପଦ୍ୟଟିରେ ପ୍ରଥମର ଛାୟା ପତିତ ହୋଇଅଛି । କିନ୍ତୁ ରବୀନ୍ଦ୍ର ବାବୁଙ୍କ ପଦ୍ୟ ଟେନିସନ୍ ସାହେବ ଓ ମଧୁବାବୁ ଉଭୟଙ୍କ ପଦ୍ୟ ଅପେକ୍ଷା ସୁନ୍ଦରତର ଓ ଗମ୍ଭୀରତର ।

(୪) ଶୋଭା :—ନିତ୍ୟଦୃଷ୍ଟ ସଂସାର ଅଭ୍ୟାସବଶତଃ ନୀରସ ବୋଧହୁଏ । କିନ୍ତୁ ସୁଦକ୍ଷ ଚିତ୍ରକରଙ୍କ କୁଶଳ ମନୋମୋହନ ତୁଳିକା ଉନ୍ମେଷିତ ଚିତ୍ର ଓ ସତ୍କବିର ସତ୍କବିତା ପାଠ କଲେ ପ୍ରାଣ ଏକ ଅପୂର୍ବ ଭାବରସରେ ଜଡ଼ିତ ଓ ଆର୍ଦ୍ର ହୋଇଯାଏ । ସେତେବେଳେ ମନେହୁଏ, ଅହା ! ଏ ବିଶ୍ୱସଂସାର କି ନୂତନ, କି ମଧୁମୟ ! ପାଠକ ଏ ଉକ୍ତିର ସତ୍ୟତା ଉପଲବ୍ଧି କରିବା ନିମିତ୍ତ "ଶୋଭା" ସଂଗୀତ ପଢ଼ିବେ ।

(୫) ପଦ୍ମ :— ଏହି କବିତାଟିର ଭାବରୂପ ଜୀବନ ଆମୂଳଚୂଳ ଅତି ମୃଦୁ ଓ ସୂକ୍ଷ୍ମ । ପଢ଼ିଲେ ମନେହୁଏ ଯେ କବି ଭାବ ଦେହରେ ଆଘାତ ନ ଲଗିବା ସକାଶେ ବିଶେଷ ସାବଧାନ । କେତେ ଥର ପଦ୍ମ ଦେଖି ଆମ୍ଭମାନଙ୍କର ହୃଦୟ ଭାବରସରେ ଆର୍ଦ୍ର ହୋଇଛି । କିନ୍ତୁ ଭାବୁକ ହୃଦୟର ଗୋଟିଏ ଅଭାବ ଉପଯୁକ୍ତ ଭାଷା ବଳରେ କବିତାଟିର ପ୍ରକାଶଦ୍ୱାରା ଅତି ପୂରଣ ହେଲା । ଭାଷାର ଲାଳିତ୍ୟ ବିଷୟରେ କବି କିପରି ମନୋଯୋଗୀ ତାହା ଅଳ୍ପ ମନୋଯୋଗପୂର୍ବକ ଅନୁଧାବନ କଲେ ପରିଦୃଷ୍ଟ ହେବ । ଦେହର ପ୍ରତିଶବ୍ଦସୂଚକ ଅଙ୍ଗ, ଅପଘନ ଇତ୍ୟାଦି କେତେ ଶବ୍ଦ ଅଛି । କିନ୍ତୁ ତନ୍ମଧ୍ୟରୁ "ତନୁ" ଶବ୍ଦଟି କି ମଧୁର ଓ କବିତ୍ୱପୂର୍ଣ୍ଣ ! କବି ସେହି ଶବ୍ଦଟି ହିଁ ବାଛିଛନ୍ତି ।

ଟଳ ଟଳ ସୁନୀଳ ସରସୀ ଜଳ
ଢଳ ଢଳ ଶ୍ୟାମଳ ନଳିନୀ ଦଳ
ଝଳ ଝଳ ଭାସ୍ୱର ରଶ୍ମି ଉଜ୍ଜ୍ୱଳ
ତା' ମଧ୍ୟେ ଟଳ ଟଳ ତନୁ କମଳ ।

Digitized by srujanika@gmail.com

ଏହି ଅନୁପ୍ରାସବହୁଳ ସଂକ୍ତିକଳାପ ଭେତର ବ୍ୟବହାର୍ଯ୍ୟ ଶବ୍ଦନିଚୟର ବିଶେଷ ସମାବେଶ । ଏଠାରେ "ଭାସ୍କର" ଶବ୍ଦଟିର ଗୋଟିଏ ବିଶେଷ ଅର୍ଥ ଅଛି ।

କର୍ଣ୍ଣବଧ :—ଯେଉଁମାନଙ୍କର ଧାରଣା ଯେ, ମଧୁବାବୁଙ୍କର କବିତା କେବଳ ଶାନ୍ତ, କରୁଣାରସପ୍ରଧାନ, "କର୍ଣ୍ଣବଧ" ପାଠ କଲେ ସେମାନଙ୍କର ସେ ଧାରଣା କପୂରପରିମାଣରେ ବଦଳିପାରେ । "ମହାଯାତ୍ରା"ର ସପ୍ତମ ସର୍ଗ ସଦୃଶ ବୀରରସ ଯେଉଁ ସାହିତ୍ୟକ୍ଷେତ୍ରରେ ବିରଚିତ, ସେ ସାହିତ୍ୟ ପକ୍ଷରେ ଏହା ନୂତନ ନ ହୋଇପାରେ, ତଥାପି ଏଥିରେ ରୁଧିର-ଉତ୍ତପ୍ତକାରୀ ଉପାଦାନ ବିଦ୍ୟମାନ ରହିଛି ।

ସମଗ୍ର ପୁସ୍ତିକା ପାଠରୁ ଆମ୍ଭେମାନେ କବିଙ୍କର ନିମ୍ନୋକ୍ତ ଗୁଣର ପରିଚୟ ପାଇଅଛୁଁ ।

୧ । କବିଙ୍କ ଭାଷାରେ ଏମନ୍ତ ମୋହ ଅଛି, ଯାହାକୁ ପାଠକମାନଙ୍କେ ପାଠକ ମନରେ ଅପୂର୍ବ ମାୟାଜାଲ ବିସ୍ତାରିତ ହୁଏ ।

୨ । କବି ଶବ୍ଦ ନିର୍ବାଚନ ବିଷୟରେ ଅତି ସାବଧାନ ହୋଇ-ଅଛନ୍ତି ।

୩ । ତାଙ୍କ ଭାଷା ଲଳିତ, ମଧୁର ଏବଂ ସରଳ, ଅଥଚ ସର୍ବତ୍ର ଯେ ସହଜ, ଏପରି ନୁହେଁ ।

୪ । କୌଣସି କୌଣସି ସ୍ଥାନରେ କବି ସାଧାରଣ ବ୍ୟବହୃତ ଶବ୍ଦ ଗ୍ରହଣ କରିଛନ୍ତି । ଯେମନ୍ତ ନଜର, କଞ୍ଜାଳ, ବେଙ୍ଗଳା ଇତ୍ୟାଦି ।

୫ । କବିଙ୍କର ଭାଷା ଅନୁପ୍ରାସବହୁଳ । ସମଗ୍ର ପୁସ୍ତିକାର ନାନା ଅଂଶରେ ଏହାର ନିଦର୍ଶନ ମିଳିବ ।

୬ । ତାଙ୍କର ଭାଷା ଭାବାନୁଗାମିନୀ ।

୭ । ତାଙ୍କର ପଦ୍ୟସକଳ ପୁରାତନ ପ୍ରଥାନୁଯାୟୀ ରାଗିଣୀଯୁକ୍ତ ହୋଇଥିବାରୁ ପାଠକମାନଙ୍କର ସୁଗେୟ ଓ ମନୋମୋହନ ହୋଇଛି ।

୮ । କବି ସମଗ୍ର ପୁସ୍ତିକାରେ ସୁନ୍ଦର ବର୍ଣ୍ଣନାତ୍ମକ କ୍ଷମତା ପ୍ରଦର୍ଶନ କରିଅଛନ୍ତି ।

୯ । ମଧୁସୂଦନଙ୍କ କବିତା ସ୍ୱାଭାବିକ । କବିଙ୍କ ପ୍ରାଣରେ ନୈସର୍ଗିକ ଆବେଗ ଅଛି ।

Digitized by srujanika@gmail.com

୧୦ । କବି ପ୍ରକୃତିର ଜ୍ୟୋତିର୍ମୟୀ ଲାବଣ୍ୟମୟୀ ମୂର୍ତ୍ତି ଦର୍ଶନ କରିଅଛନ୍ତି । ତାଙ୍କର କବିତା ନିଷ୍ପାପ । ତାଙ୍କ ବର୍ଣ୍ଣିତ ଭାବ ପବିତ୍ର ଓ ପ୍ରେମ ସ୍ୱର୍ଗୀୟ । ତାଙ୍କର ଉପମା ଓ ରୂପକଗୁଡ଼ିକ ଉଦାର ଓ ବିଶ୍ୱଜନୀନ । ସମଗ୍ର ପୁସ୍ତକରେ ଉପଦେଶାତ୍ମକ ବାକ୍ୟମାନ ବିକୀର୍ଣ୍ଣ ହୋଇପଡ଼ିଅଛି ।

୧୧ । କବିଙ୍କ ଚରିତ୍ରଚିତ୍ରଣ ଅତି ଦକ୍ଷତାର ସହିତ ସମ୍ପାଦିତ ହୋଇଛି ।

ଅମ୍ଭେମାନେ କବିଙ୍କର ଗୁଣଗୁଡ଼ିକ ନିର୍ଦ୍ଦେଶ କଲୁଁ । ତାଙ୍କର କେତେକ ଦୋଷ ମଧ୍ୟ ଦେଖାଯାଏ ।

୧ । ଯେଉଁଠାରେ କବି ଶାନ୍ତ ଓ କରୁଣରସର କବିତା ଲେଖି- ଅଛନ୍ତି ସେଠାରେ ସେ ଉଦ୍ଭାବନ କରିଅଛନ୍ତି । କିନ୍ତୁ ତାଙ୍କ ବୀରରସାତ୍ମକ ରଚନାରେ ସେ ଅନୁକରଣ କରିଅଛନ୍ତି ।

୨ । ତାଙ୍କର କେତେକ କବିତା ବ୍ୟକ୍ତିତ୍ୱହୀନ ଥିବାରୁ ତାହା ସାଧାରଣ ପାଠକଙ୍କ ମନୋମୋହନ ହୋଇପାରେ । କିନ୍ତୁ ଏଥିପାଇଁ ପାଠକଙ୍କର କବିତ୍ୱ ଦରକାର । ଉପରୋକ୍ତ ବିଷୟଟି ଦୋଷ ନ ହୋଇ ଗୁଣ ହୋଇପାରେ ।

୩ । କବିଙ୍କର ଉପମା ଓ ରୂପକରେ ବୈଚିତ୍ର୍ୟ ନାହିଁ । କବି ମଧୁସୂଦନ ଓ କବି ରାଧାନାଥ, ଉଭୟ ପ୍ରକୃତିର ଶୋଭା ସନ୍ଦର୍ଶନ କରିଅଛନ୍ତି । କିନ୍ତୁ ରାଧାନାଥ ଯେଉଁ ପ୍ରକୃତିର ଶୋଭାକୁ ଚିରସଧବା ପୂର୍ଣ୍ଣଯୌବନା ନାରୀରୂପେ ଦେଖନ୍ତି, ମଧୁବାବୁ ତାହାକୁ ଚିରକୁମାରୀ ରୂପରେ ଦେଖନ୍ତି । ଉଭୟ କବିଙ୍କ ଭାଷାରେ ମଧ୍ୟ ତଦନୁରୂପ ପାର୍ଥକ୍ୟ ଲକ୍ଷିତ ହୁଏ । ରାଧାନାଥବାବୁଙ୍କ ଭାରତୀ-ଗୃହିଣୀ ଦୋଷଗୁଣ, ରୁଢ଼ତା, କୋମଳତା ସଙ୍ଗରେ ଯେଉଁ ଘରକରଣା କରନ୍ତି ଓ କବିଙ୍କ ନିକଟରେ କେତେବେଳେ ଅଟ୍ଟହାସ୍ୟ, କେତେବେଳେ ବିଳାପ କରନ୍ତି । ପକ୍ଷାନ୍ତରେ ମଧୁବାବୁଙ୍କ ଭାରତୀ ସଙ୍କୁଚିତା, ଈଷତ୍ ଲଜ୍ଜିତା ଓ ମୃଦୁସ୍ୱରସମ୍ପନ୍ନା । ସେ ସୁଖରେ ଈଷତ୍ ମୃଦୁହାସ୍ୟ ଏବଂ ଦୁଃଖତାପରେ ବିଷଣ୍ଣ ମୁଖଭଙ୍ଗୀରେ ଅପ୍ରତିଭଭାବରେ ସ୍ୱୀୟ ମନୋଭାବ ପ୍ରକାଶ କରନ୍ତି ।

Digitized by srujanika@gmail.com

ଆମ୍ଭେମାନେ ବିନୀତ ଭାବରେ ସ୍ୱୀୟ ମନୋଭାବ ପ୍ରକାଶ କଲୁଁ । ପାଠକମାନଙ୍କୁ ନିବେଦନ ଯେ, ସେମାନେ କ୍ଷୁଦ୍ର ପୁସ୍ତିକାର ଏତାଦୃଶ ବିସ୍ତୃତ ସମାଲୋଚନାର କାରଣସ୍ୱରୂପ ନିମ୍ନୋଦ୍ଧୃତ ଋଷିବଚନ ଗ୍ରହଣ କରିବେ ।

"କୌଣସି ଲେଖକଙ୍କର କବିତା ଯେ ସକଳ ପାଠକଙ୍କୁ ଭଲ ଲାଗିବ, ଏଭଳି ଦୁରାଶା କେହି କରିପାରିବେ ନାହିଁ । କିନ୍ତୁ ଯେ ଶ୍ରଦ୍ଧାର ସହିତ ତାହାର ମର୍ମ ଗ୍ରହଣରେ ପ୍ରବୃତ୍ତ ହୁଏ ଏବଂ ଉପଭୋଗର ଆନନ୍ଦ ମୁକ୍ତଭାବରେ, ପ୍ରକାଶ କରେ ତାହାର ଉତ୍ସାହ ଲେଖକଙ୍କ କାବ୍ୟ-କାନନରେ ବସନ୍ତର ଦକ୍ଷିଣ ସମୀରଣ ତୁଲ୍ୟ କାର୍ଯ୍ୟ କରେ ।"

ପରିଶେଷରେ କବିବରଙ୍କ ନିକଟରେ କ୍ଷୁଦ୍ରବୁଦ୍ଧି ଲେଖକର ପ୍ରାର୍ଥନା ଏହି ଯେ, ସେ ତାହାର ଲେଖାକୁ ସମାଲୋଚନାସ୍ୱରୂପ ଗ୍ରହଣ ନ କରି ପୁସ୍ତକ ପ୍ରାପ୍ତିସ୍ୱୀକାରରୂପେ ଗ୍ରହଣ କରି ତାହାର ଧୃଷ୍ଟତା ମାର୍ଜନା କରିବେ ।

Digitized by srujanika@gmail.com

ଭାରତର ଭବିଷ୍ୟତ୍ ଭାଷା

ବିଶ୍ୱ-ଭାରତରେ ଏକତା ପ୍ରତିଷ୍ଠିତ ନ ହେଲେ ଭାରତବାସୀଗଣ ଗୋଟିଏ ମହତ୍ ଜାତିରେ ପରିଣତ ହୋଇପାରିବେ ନାହିଁ ଏବଂ ପୃଥିବୀର ଅନ୍ୟାନ୍ୟ ଜାତି ସଙ୍ଗେ ମନୁଷ୍ୟତ୍ୱରେ ସମକକ୍ଷ ହୋଇପାରିବେ ନାହିଁ ।

ତିନିଗୋଟି ଉପାୟରେ ମନୁଷ୍ୟ-ମନୁଷ୍ୟ ମଧ୍ୟରେ ଏକତା ହୁଏ ଏବଂ ସେମାନେ ଏକଜାତିଭୁକ୍ତ ହୁଅନ୍ତି, (୧) ଧର୍ମ (**Unity in Religion**), (୨) ଶାସନ (**Unity in Government**), (୩) ଭାଷା (**Unity in Language**) ।

ପ୍ରଥମ

ଧର୍ମ ବିଷୟରେ ଏକତାର ଆଶା ଭାରତବର୍ଷ ପରି ବହୁ ଧର୍ମାବଲମ୍ବୀ ସମ୍ପ୍ରଦାୟ-ଅଧ୍ୟୁଷିତ ଦେଶରେ ସୁଦୂରପରାହତ । ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ପାଶ୍ଚାତ୍ୟ ସାମାଜ-ସଂରକ୍ଷଣ ସମୁଦ୍ଭୂତ ଏକୀକରଣର ଭାବ ଭାରତବାସୀର ହୃଦୟରେ ଆଘାତ ଦେଇଅଛି ଏବଂ ତାହାର ଅଲକ୍ଷିତ ବା ଲକ୍ଷିତ ଫଳସ୍ୱରୂପ ଉତ୍ତରପଶ୍ଚିମାଞ୍ଚଳରେ ଦୟାନନ୍ଦ ସରସ୍ୱତୀଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜ, ବଙ୍ଗଦେଶର ରାମମୋହନ ରାୟଙ୍କ ପ୍ରତିଷ୍ଠିତ ବ୍ରାହ୍ମସମାଜ ପ୍ରମୁଖ ସଂସ୍କାରକ ସମ୍ପ୍ରଦାୟ ସମଗ୍ର ଧର୍ମଚିନ୍ତାର ଏକୀକରଣ ବିଷୟରେ ପ୍ରୟାସୀ ହୋଇଛନ୍ତି । ଏତଦ୍‌ବ୍ୟତୀତ ଇଂରେଜୀ ଶିକ୍ଷା, ପାଶ୍ଚାତ୍ୟ ବିଜ୍ଞାନ ଓ ଦର୍ଶନ ଅଧ୍ୟୟନ, ଭ୍ରମଣ କିମ୍ବା ବାଣିଜ୍ୟଉପଲକ୍ଷରେ ଏ ଦେଶବାସୀଙ୍କର ବିଦେଶ ଗମନ ଏବଂ ବୈଦେଶିକମାନଙ୍କର ଏତଦ୍ଦେଶ ଗମନ, ଖ୍ରୀଷ୍ଟୀୟ ଧର୍ମଯାଜକବୃନ୍ଦଙ୍କର ଧର୍ମ ଆନ୍ଦୋଳନ, ଆଧୁନିକ ଶିକ୍ଷା-ପ୍ରସୂତ ବିଭିନ୍ନ ଧର୍ମ ସମ୍ପ୍ରଦାୟର ପରସ୍ପର ମଧ୍ୟରେ ସ୍ୱ ସ୍ୱ ଭାବର ଆଦାନ-ପ୍ରଦାନ ଏକତାବନ୍ଧନର ଅଭିମୁଖରେ ଭାରତ-ପୋତର ଗତି ପରିଚାଳିତ କରୁଛନ୍ତି ।

'ଉତ୍କଳମାଧୁରୀ' ୬ଷ୍ଠ ଭାଗ, ୧୨ ସଂଖ୍ୟା ୧୩୨୭ ସାଲରୁ ଉଦ୍ଧୃତ ।

Digitized by srujanika@gmail.com

ଅପିଚ ଭାରତବାସୀଙ୍କ ମଧ୍ୟରେ ଧର୍ମବିଷୟକ ଏକତା ଯେ ଆଦୌ ନାହିଁ, ଏ କଥା ମନେ କରିନେବା ଗୋଟିଏ ଭ୍ରାନ୍ତି । ହିମାଦ୍ରିଠାରୁ ସେତୁବନ୍ଧ ପର୍ଯ୍ୟନ୍ତ ଏକ ବେଦ, ଏକ ରାମାୟଣ, ଏକ ପୁରାଣ, ସେହି ସଂହିତା ଶାସ୍ତ୍ର ରୂପେ ଗୃହୀତ ହୋଇଅଛି ଏବଂ ଅଚଳଅଟଳ, ତୁହିନଧବଳ, ଚିର ପୁରାତନ ହିମଗିରିର ପାଦଦେଶରେ ଯେଉଁ "ସୀତାରାମ" ପ୍ରେମିକ ଭକ୍ତର ହୃଦୟକୁ ରସାର୍ଦ୍ର କରିଦେଉଅଛି ସେହି "ସୀତାରାମ" ମଧ୍ୟଭାରତର ନଗେନ୍ଦ୍ରବିମୁକ୍ତ ଅରଣ୍ୟାନୀରେ ଭକ୍ତର କ୍ରନ୍ଦନକୁ ପ୍ରତିଧ୍ୱନିତ କରୁଅଛି । ଏହା ଯେବେ ଏକତା ନୁହେଁ, ତେବେ ତାହା ଯେ କମାନ୍ତର ବସ୍ତୁ ତାହା ଆମ୍ଭଙ୍କୁ ଅଜ୍ଞାତ । ସମଗ୍ର ଭାରତରେ ସେହି ମନୁ, ସେହି ବସ୍ତୁ ପୁରାଣ, ସେହି ଏକ ବ୍ରହ୍ମନାମ ହରଦ୍ୱାର, ଦ୍ୱାରକା, ଶ୍ରୀକ୍ଷେତ୍ର, ରାମେଶ୍ୱର ଭକ୍ତ ହୃଦୟ ଆପ୍ଳୁତ କରୁଅଛି । ଏହା ଯେବେ ଏକତାରେ ନୁହେଁ ତେବେ ତାହା ଆକାଶ-କୁସୁମ ହେଉ ।

ନାନା ଦିଗ୍‌ଦେଶରେ ନାନା ସାଧୁସଜ୍ଜନ ଯୁଗେ ଯୁଗେ ଏକତ୍ୱ ଆଡ଼କୁ ଭାରତକୁ ଅଭିମୁଖୀନ କରାଇ ଯାଇଅଛନ୍ତି । କେତେ କେତେ କ୍ଷୁଦ୍ର, ବୃହତ୍ ଗୌତମ ବୁଦ୍ଧ, ଚୈତନ୍ୟ ଏଥିପାଇଁ ଦେହପାତ କରିଅଛନ୍ତି ଏବଂ ପାଶ୍ଚାତ୍ୟ ସଭ୍ୟତା ସେହି କାରଣରୁ ହିଁ ପ୍ରଜ୍ୱଳିତ ଅଗ୍ନିରେ ଘୃତ ନିକ୍ଷେପବତ୍ ଏହି ମହତ୍ କର୍ମ ସାଧନରେ କିୟତ୍‌ପରିମାଣରେ କୃତକାର୍ଯ୍ୟ ହେଉଛି । ନଚେତ୍ କାହାର ସାଧ୍ୟ କଣ ଥିଲା ଯେ ଏଡ଼େ ବୃହତ୍ ମହାଦେଶର ଲୋକମାନଙ୍କୁ ଏତେଶୀଘ୍ର ଏକଆଡ଼କୁ ଦେଖାଇବାକୁ ସମର୍ଥ ହୁଅନ୍ତା । ପାଶ୍ଚାତ୍ୟ ସଭ୍ୟତା ଓ ଶିକ୍ଷା କେବଳ ଏତିକି କରିଅଛି ଯେ, ଏହା ଆମ୍ଭମାନଙ୍କର ସେହି ପୁରାତନ ଏକତ୍ୱ ଆଡ଼କୁ ଚକ୍ଷୁରୁନ୍ମୀଳନ କରାଇଅଛି । ଏତଦ୍‌ବ୍ୟତୀତ ତାହା ଅନ୍ୟ କିଛି କରିପାରେ ନାହିଁ । ଆମ୍ଭେମାନେ ଏକ ହେବା, ହିନ୍ଦୁରୂପେ, ଭାରତବାସୀ ରୂପେ ବା ଖ୍ରୀଷ୍ଟାନ୍‌ରୂପେ ନୁହେଁ ସ୍ୱଦେଶୀୟ ଭାବାପନ୍ନ ଏକ ମହତ୍ ଜାତିରୂପେ ବୈଦେଶିକ ଭାବାପନ୍ନ ଜାତିରୂପେ ନୁହେଁ । କିନ୍ତୁ ଆମ୍ଭେମାନେ ପ୍ରଥମରୁ ହିଁ କହୁଅଛୁ, ଏହି ଆଶାର ଫଳ ସୁଦୂର ଭବିଷ୍ୟତର ଗମ୍ଭୀର ସୁଗମ୍ଭୀର ଗର୍ଭରେ ନିହିତ ଅଛି ।

ଦ୍ୱିତୀୟ (ଶାସନର ଏକତ୍ୱ)

ମଙ୍ଗଳମୟ ଜଗତ୍‌ସ୍ରଷ୍ଟା କେଉଁ ସୂତ୍ରରେ କେଉଁ କାର୍ଯ୍ୟ ସମ୍ପାଦିତ କରାନ୍ତି ତାହା ମନୁଷ୍ୟବୁଦ୍ଧିର ଅଜ୍ଞାତ । ଇଷ୍ଟଇଣ୍ଡିଆ କମ୍ପାନୀ ଯାକୀ

Digitized by srujanika@gmail.com

ଏଲିଜାବେଥଙ୍କ ଠାରୁ ଭାରତ ବାଣିଜ୍ୟର ଆଜ୍ଞା ଗ୍ରହଣ କରି ଶୁଭକ୍ଷଣରେ ଭାରତରେ ପଦାର୍ପଣ କରିଥିଲେ । ସେମାନଙ୍କ ବାଣିଜ୍ୟସୂତ୍ରରେ କମ୍ପା ଅନ୍ୟ ସୂତ୍ରରେ ରାଜ୍ୟ ଶାସନ କାର୍ଯ୍ୟରେ ହସ୍ତକ୍ଷେପଣ ଓ ପ୍ରାଥମିକ ଶାସନ ନିତାନ୍ତ ନିର୍ଦ୍ଦୋଷ ନ ହେଲେହେଁ ପରବର୍ତ୍ତୀ ଘଟଣା ସେ କ୍ଷତିକୁ ଯଥେଷ୍ଟରୂପେ ପୂରଣ କରିଛି । ବର୍ତ୍ତମାନ ଆମ୍ଭେମାନେ ସମଗ୍ର ଭାରତବାସୀ ଏକ ରାଜଶକ୍ତିର ଛାୟାତଳେ ବାସ କରୁଛୁ । ସତ୍ୟକଥା ଯେ ଅଶୋକ, ବିକ୍ରମାଦିତ୍ୟ ଓ ଅକବରଙ୍କ ଅଧୀନରେ ଭାରତ କିଛି କାଳପାଇଁ ଏକ ହୋଇଥିଲା । କିନ୍ତୁ ତାହା କେତେକ ବିଷୟରେ ମାତ୍ର । ବର୍ତ୍ତମାନ ଭାରତର ଏକ ସୀମାରେ ଅଘାତ ଲାଗିଲେ ଅପର ସୀମାରେ ସ୍ପନ୍ଦନ ଉତ୍ପାଦିତ ହେଉଛି । ମହାରାଷ୍ଟ୍ର ଉପରେ ବିପଦ୍‌ପାତ ହେଲେ ବଙ୍ଗବାସୀର ପ୍ରାଣରେ ଅଘାତ ଲାଗୁଛି । ଏକ ରାଜପୁରୁଷଙ୍କ ପ୍ରସାଦ ସମଗ୍ର ଭାରତବାସୀ ସାନନ୍ଦଚିତ୍ତରେ ଉପଭୋଗ କରୁଅଛନ୍ତି । ଏକ ରାଜପୁରୁଷଙ୍କ ନିର୍ଦ୍ଦୟତା ଫଳରେ ସମସ୍ତେ ବ୍ୟଥିତ ହେଉଛନ୍ତି ଏବଂ ଅପାତତଃ କୌଣସି ରାଜପୁରୁଷଙ୍କ ଭ୍ରମପ୍ରମାଦ ବା ନିର୍ଦ୍ଦୟତାର ଫଳରେ ସମଗ୍ର ଭାରତବାସୀ କ୍ଷତିଗ୍ରସ୍ତ ନ ହେଉନ୍ତୁ, ତଥାପି ଭବିଷ୍ୟତ୍ ବିପଦ୍‌ପାତର ସମ୍ଭାବନାରେ ସେ ସ୍ୱଦେଶବାସୀ ପକ୍ଷ ସ୍ୱଭାବତଃ ଅବଲମ୍ବନ କରୁଅଛି । କାରଣ ସେ ମନେ କରୁଛି, ଆଜି ତାହା ଭାଇର କ୍ଷତି ହେଲା । କାଲିକି ତା’ର ହେବ ! କାରଣ ସମଗ୍ର ଭାରତ ଏକ ନୀତିରେ ପରିଗୃହୀତ ।

ଭାରତର ପ୍ରାଚୀନ, ବର୍ତ୍ତମାନ ଓ କାଳ୍ପନିକ ଭବିଷ୍ୟତର ଚିତ୍ର କି ବୈଚିତ୍ର୍ୟପୂର୍ଣ୍ଣ ! ପୁରାତନ ଭାରତର ରାଜଧର୍ମ ଥିଲା ଓ ରାଜନୀତି ଥିଲା, ସାହସ ଓ ବୀରତ୍ୱ ଥିଲା, ଶକ୍ତି ଓ ସାମର୍ଥ୍ୟ ଥିଲା । ନ ଥିଲା କେବଳ ଏକତା । ବିସ୍ତୀର୍ଣ୍ଣ ଭାରତ-ସାମ୍ରାଜ୍ୟ ଅସଂଖ୍ୟ ଖଣ୍ଡରାଜ୍ୟରେ ବିଭକ୍ତ ହୋଇ ଅଗଣ୍ୟ ଭୂପତିଗଣଙ୍କ ଦ୍ୱାରା ଶାସିତ ହେଉଥିଲା ଏବଂ ଅଧିକାଂଶ ସମୟରେ ଭିନ୍ନ ଭିନ୍ନ କ୍ଷୁଦ୍ର ରାଜ୍ୟସକଳ ପରସ୍ପର ମଧ୍ୟରେ କଳହରେ ଲିପ୍ତହୋଇ ବହିଃଶତ୍ରୁର ଆକ୍ରମଣକୁ ସହଜସାଧ୍ୟ କରିଦେଉଥିଲେ । ପ୍ରଥମେ ଅନାର୍ଯ୍ୟ, ପରେ ଦ୍ରାବିଡ଼, ତା’ପରେ ଆର୍ଯ୍ୟ, ତା’ପରେ ଅଫଗାନ, ପଠାଣ, ମୋଗଲ ଏବଂ ଶେଷରେ ଇଉରୋପୀୟ ଜାତିବୃନ୍ଦ ଭାରତକୁ ଆସି ଏହି ଦେଶକୁ ପୃଥିବୀର miniature microcosm ଦେଶ କରି ଦେଇଅଛନ୍ତି । କାହାର ଶକ୍ତି ଅବିମିଶ୍ର ଭାବରେ ରକ୍ଷିତ ହୋଇନାହିଁ ଅଥଚ ସମସ୍ତେ ନିଜ ନିଜର ଜାତି ଓ ରକ୍ତ ଗଉରବ ଗର୍ବିତ । କେହିଁ ଏହାକୁ ଭୁଲୁ, ଆଧୀନରେ ଧାଡ଼ୁରାଜା

Digitized by srujanika@gmail.com

ପ୍ରତାପାନ୍ୱିତ ଥିଲେ, ତତ୍ପରେ କୋଶଳ, କାଶୀ, ଶେଷରେ ମଗଧ ସେ କ୍ଷମତା ଲାଭ କଲେ । ତତ୍ପରେ ରାଜପୁତଗଣ ନିଜକୁ କ୍ଷତ୍ରିୟ ନାମରେ ପରିଚିତ କରାଇ ଦେଶଦେଶାନ୍ତ ବୀରାଗ୍ରଗଣ୍ୟ ହୋଇଥିଲେ । କିନ୍ତୁ ପ୍ରବଳପ୍ରତାପୀ ପଠାଣ ଓ ମୋଗଲଙ୍କ ଶକ୍ତି ନିକଟରେ ପରିଶେଷରେ ସେମାନେ ମସ୍ତକ ଅବନତ କଲେ । ମଧ୍ୟରେ ମହାରାଷ୍ଟ୍ର ପ୍ରତାପ ମସ୍ତକ ଉତ୍ତୋଳନ କରିଥିଲା । କିନ୍ତୁ ଭାରତ ସେମାନଙ୍କଠାରୁ ଯାହା ଆଶା କରିଥିଲା, ତାହା ପ୍ରାପ୍ତ ହୋଇ ନ ଥିଲା ଏବଂ କାଳର କରାଳଗର୍ଭରେ ସେ ଅତ୍ୟୁଗ୍ର ପ୍ରତାପ ଲୀନ ହୋଇଗଲା । ଭାରତ ଲାଗି ନାନା ଇଉରୋପୀୟ ଜାତିମଧ୍ୟରେ ବିଷମ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା । ଶେଷରେ ବ୍ରିଟିଶ କେଶରୀଙ୍କର ଜୟ ବୈଜୟନ୍ତୀ ଭାରତାକାଶରେ ଉଡ୍ଡୀନ ହେଲା । ବିଧାତାଙ୍କ ଶୁଭଇଚ୍ଛା ପୂର୍ଣ୍ଣ ହେଲା । ଆଜି ଭାରତ ଅପେକ୍ଷାକୃତ ସୁଖଶାନ୍ତିରେ ବାସ କରୁଅଛି । ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ଅତ୍ୟାଚାର କଥା ଇଂରାଜୀ ମନୀଷୀଗଣ ସ୍ୱୀକାର କରିଯାଇଅଛନ୍ତି । ଯଦିବା ନାନା ଉପାୟରେ ବହିର୍ବାଣିଜ୍ୟଦ୍ୱାରା ଭାରତ ଧନକୁବେର ନିର୍ଦ୍ଧନ ହୋଇଯାଉଅଛି, ଯଦିବା କୌଣସି କୌଣସି ରାଜପୁରୁଷଙ୍କର ଭାରତବାସୀମାନଙ୍କ ପ୍ରତି ଅବଜ୍ଞା ଓ ଅତ୍ୟାଚାର କଥା ନିର୍ଦ୍ଦିଷ୍ଟରୂପେ ସତ୍ୟ, ଯଦିବା ହୀନଚରିତ୍ର ଇଂରେଜମାନଙ୍କ ହସ୍ତରେ ଭାରତ ଲଳନାର ପବିତ୍ର ରତ୍ନ ସତୀତ୍ୱ ସମୟ ସମୟରେ ଲୁଣ୍ଠିତ ହେଉଛି, ତଥାପି ନ୍ୟାୟଶୀଳ ବ୍ରିଟିଶ ସିଂହାସନର ଛତ୍ରଛାୟାତଳେ ଭାରତବାସୀ ଅପେକ୍ଷାକୃତ ନିରାପଦଭାବରେ ସ୍ୱୀୟ ଘର୍ମ ବିନିମୟରେ ଉପାର୍ଜିତ ଅର୍ଥ ଓ ପ୍ରାଣ ବିନିମୟରେ ବିବାହିତା ବନିତାକୁ ଉପଭୋଗ କରୁଅଛନ୍ତି ଓ ଇଂରେଜ ରାଜଶକ୍ତିର ଛତ୍ରଛାୟାତଳେ ଉପବିଷ୍ଟ ହୋଇ ସମାଜ, ଧର୍ମ, ସାହିତ୍ୟ, ବିଜ୍ଞାନ ଇତ୍ୟାଦି ମନୁଷ୍ୟ-ସଭ୍ୟତାର ନାନା ଉପାଦାନରେ ସମ୍ୟକ ଉନ୍ନତିଲାଭ କରିବାକୁ ସୁବିଧା ଓ ଅବକାଶ ପାଇଅଛନ୍ତି । ପୁରାତନ କୁସଂସ୍କାରକୁ ବିସର୍ଜନ ଦେଇ ନବ ଭାବକୁ ଆଲିଙ୍ଗନ କରିବାକୁ ଶିକ୍ଷା କରୁଅଛନ୍ତି । ଇଂରେଜ ରାଜତ୍ୱ ବାସ୍ତବିକ୍ ଭାରତବାସୀପ୍ରତି ବିଧାତାଙ୍କର ଗୋଟିଏ ଶୁଭାଶୀର୍ବାଦ ।

ତୃତୀୟ (ଭାଷାରେ ଏକତ୍ୱ)

ଭାରତରେ ଅନ୍ତତଃ ହିନ୍ଦୁ ଆର୍ଯ୍ୟମାନଙ୍କ ମଧ୍ୟରେ ଭାଷା ସମ୍ବନ୍ଧରେ ଏକତ୍ୱ ଥିଲା । ପ୍ରଥମେ ସଂସ୍କୃତ ଓ ପରେ ସଂସ୍କୃତ, ପ୍ରାକୃତ ଲିଖିତ ଓ

Digitized by srujanika@gmail.com

କଥିତ ଭାଷା ଥିଲା । କାଳକ୍ରମେ 'ପ୍ରାକୃତ' ନାନା ଅନାର୍ଯ୍ୟ ଭାଷା ସହିତ ସମ୍ମିଳିତ ହୋଇ ହିନ୍ଦୀ, ବଙ୍ଗଳା, ମହାରାଷ୍ଟ୍ରୀ, ଓଡ଼ିଆ ଇତ୍ୟାଦି ଭାଷାର ଆକାର ଧାରଣ କରିଅଛି । ଉକ୍ତ ଭାଷାକୁ କଥିତ ଭାଷାରୂପେ ବ୍ୟବହାର କରି ସେମାନଙ୍କ ମଧ୍ୟରୁ କୌଣସି ଗୋଟିଏ ଭାଷାକୁ ଲିଖିତ ଭାଷାରୂପେ ସମଗ୍ର ଦେଶରେ ବ୍ୟବହାର କରିବାର ଆବଶ୍ୟକତା ଢେରଢକ ଚିନ୍ତାଶୀଳ ଲୋକ ଅନୁଭବ କରୁଅଛନ୍ତି ଏବଂ ତାହାର ଆବଶ୍ୟକତା ମଧ୍ୟ ସ୍ପଷ୍ଟ । ଭାରତ ବ୍ରିଟେନଠାରୁ ଯେଉଁସବୁ ସୁଖସ୍ୱାଚ୍ଛନ୍ଦ୍ୟ ଲାଭ କରିଅଛି, ସମୟ ସମୟରେ ସେହି ସୁଖସ୍ୱାଚ୍ଛନ୍ଦ୍ୟରେ ମଧ୍ୟ ପ୍ରତିବନ୍ଧକ ଉପସ୍ଥିତ ହୁଏ । ପ୍ରଜାର ସକଳ ଦୁଃଖ ରାଜାଙ୍କୁ ଜଣାଇବା ଅଭିପ୍ରାୟରେ ରାଷ୍ଟ୍ରୀୟ ମହାସମିତି (National Congress) ସମଗ୍ର ଭାରତୀୟ ଏବଂ କତିପୟ ଇଉରୋପୀୟ ମନୀଷୀଦ୍ୱାରା ପ୍ରତିଷ୍ଠିତ ହୋଇ ଆଜକୁ ପ୍ରାୟ ପଞ୍ଚଦଶ ବର୍ଷ ହେଲା ସ୍ୱ କାର୍ଯ୍ୟ ନିର୍ବାହ କରିବାକୁ ଚେଷ୍ଟା କରିଆସୁଅଛି । ସମଗ୍ର ଦେଶରେ, ନାନାସ୍ଥାନରେ ଏହାର ସମର୍ଥକଦଳ ସୃଷ୍ଟ ଓ ପୁଷ୍ଟ ହୋଇଆସୁଛନ୍ତି । ପ୍ରତିବର୍ଷ ପ୍ରତି ପ୍ରଦେଶରୁ ବିଶିଷ୍ଟ ବ୍ୟକ୍ତିମାନେ ଆଗମନ କରି ଏକ ଅପୂର୍ବ ମିଳନ ସଙ୍ଘଟନ କରିଅଛନ୍ତି । ଏହାର ଯୋଗୁଁ ଏ ଅଭାବ ଅତିଶୀଘ୍ର ପୂରଣ ହେବା ବିଷୟରେ ପ୍ରତ୍ୟେକ ଶୁଭାକାଂକ୍ଷୀଙ୍କର ମସ୍ତିଷ୍କ ଆଘୂର୍ଣ୍ଣିତ ହେଉଅଛି । ଏହା ବର୍ତ୍ତମାନ ପରି ନାନାସ୍ଥାନରେ ଅନୁଷ୍ଠିତ ନ ହୋଇ କୌଣସି ଗୋଟିଏ ସ୍ଥାନରେ ଅନୁଷ୍ଠିତ ହେଲେ ଏତେ ବ୍ୟୟସାପେକ୍ଷ ହୁଅନ୍ତା ନାହିଁ ଏବଂ ସମିତିର ଆଲୋଚନାର ଭାଷା ଇଂରାଜୀ ନ ହୋଇ କୌଣସି ଗୋଟିଏ ଦେଶୀୟ ଭାଷାରେ ହେଲେ ଅଧିକସଂଖ୍ୟକ ସାଧାରଣ ଲୋକ ସମିତିରେ ସହଜରେ ଯୋଗ ଦେଇପାରନ୍ତେ । ବିଗତ ବର୍ଷଠାରୁ ସମିତିରେ ଦେଶୀୟ ଭାଷାର ପ୍ରବର୍ତ୍ତନ ହୋଇଛି । ରାଷ୍ଟ୍ରୀୟ ମହାସମିତିର କାର୍ଯ୍ୟ ନିର୍ବାହୋଦ୍ଦେଶ୍ୟରେ ଭାରତବାସୀଙ୍କୁ ପ୍ରାଣର ଏକତାସୂତ୍ରରେ ବନ୍ଧନ କରି ସମଗ୍ର ଭାରତକୁ ଏକ କରିବା ଉଦ୍ଦେଶ୍ୟରେ କେଉଁ ଭାଷା ଭାରତର ଭାବୀ ବିଶିଷ୍ଟ ଭାଷା ହେବା ବାଞ୍ଛନୀୟ ?

ଅବଶ୍ୟ ଏହା ସ୍ୱାଭାବିକ ଯେ, ଭାରତରେ ପ୍ରତ୍ୟେକ ପ୍ରଦେଶର ଅଧିବାସୀବୃନ୍ଦ ସ୍ୱ ସ୍ୱ ଭାଷାକୁ ସେହି ବିଶିଷ୍ଟ ଭାଷାର ସ୍ଥାନରେ ଅଧିଷ୍ଠିତ କରିବାକୁ ଆକାଂକ୍ଷା କରିବେ । କିନ୍ତୁ ଯାହା ସ୍ୱାଭାବିକ ତାହା ସର୍ବଦା ସମୀଚୀନ ନ ହୋଇପାରେ ।

Digitized by srujanika@gmail.com

ଇତିମଧ୍ୟରେ କେତେକ ବଙ୍ଗୀୟ ଲେଖକ ନିଜ ଭାଷାକୁ ଭାରତର ଭାବୀ ଭାଷାସ୍ୱରୂପ ବିଜୟଘୋଷଣାରେ ମୁକ୍ତହସ୍ତତାର ପରିଚୟ ଦେଉ-ଯାଉଅଛନ୍ତି । ସେମାନେ ଅସାମୀ, ଓଡ଼ିଆ ଏବଂ ଏପରିକି ବିହାରୀ-ମାନଙ୍କୁ ସ୍ୱ ସ୍ୱ ଭାଷା ବିସର୍ଜନ ଦେଇ ବଙ୍ଗଳାକୁ ମାତୃଭାଷାରୂପେ ଗ୍ରହଣ କରିବାକୁ ଉପଦେଶ ଦେଉଛନ୍ତି । ସେମାନଙ୍କର ଯୁକ୍ତି ପରମ୍ପରାର ଔଚିତ୍ୟାନୌଚିତ୍ୟ ଅନ୍ୟକ ବିଚାର୍ଯ୍ୟ । କିନ୍ତୁ ମୋର କ୍ଷୁଦ୍ର ବିବେଚନାରେ ହିନ୍ଦୀ ଭାଷା ହିଁ ଭାରତର ଭାବୀ ଭାଷା ହେବାପାଇଁ ଉପଯୁକ୍ତ । ପ୍ରାଦେଶିକ ଭାଷା ସମସ୍ତର ଅସ୍ତିତ୍ୱ ଲୋପ କରିବା ଆମର ଉଦ୍ଦେଶ୍ୟ ନୁହେଁ । ସର୍ବପ୍ରଥମ ଓ ସର୍ବପ୍ରଧାନ କାରଣ ଭାରତରେ ହିନ୍ଦୀଭାଷୀମାନଙ୍କର ଓ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ବ୍ୟବହାର କରୁଥିବା ଲୋକମାନଙ୍କର (୧୮୯୧ ମସିହାର ସେନ୍‌ସସ୍‌ର ନିର୍ଦ୍ଧାରିତ) ସଂଖ୍ୟା ଉଦ୍ଧାର କଲି; ନିରପେକ୍ଷ ପାଠକମାନେ ଚିନ୍ତା କଲେ ଜାଣିପାରିବେ ଓ ମୋ ମତାବଲମ୍ବୀ ହେବେ ।

ସମଗ୍ର ଭାରତର ଲୋକସଂଖ୍ୟା ୨୮ କୋଟି ୭ ନିୟୁତ ।

(କ) ସଂସ୍କୃତମୂଳକ :—

(୧) ବଙ୍ଗଭାଷାଭାଷୀ ୪ କୋଟି, (୨) ଓଡ଼ିଆଭାଷୀ ୭ ନିୟୁତ, (୩) ଅସାମୀଭାଷୀ ୨ ନିୟୁତ, (୪) ହିନ୍ଦୀଭାଷୀ ୮ କୋଟି, (୫) ପଞ୍ଜାବୀଭାଷୀ ୧ କୋଟି ୭ ନିୟୁତ, (୬) ସିନ୍ଧୀଭାଷୀ ୨ ନିୟୁତ, (୭) ମହାରାଷ୍ଟ୍ରୀଭାଷୀ ୧ କୋଟି ୭ ନିୟୁତ, (୮) ଗୁଜରାଟୀଭାଷୀ ୧ କୋଟି, (୯) ଉର୍ଦ୍ଦୁଭାଷୀ ୨ କୋଟି ୫ ନିୟୁତ ।

(ଖ) ଦ୍ରାବିଡ଼ୀୟମୂଳକ :—

ତାମିଲଭାଷାଭାଷୀ ୧ କୋଟି ୩ ନିୟୁତ, ମାଲୟାଲମଭାଷୀ ୫ ନିୟୁତ, କାନାଡ଼ୀଭାଷୀ ୯ ନିୟୁତ, ତେଲୁଗୁଭାଷୀ ୧ କୋଟି ୭ ନିୟୁତ, ଗଣ୍ଡଭାଷୀ ୨ ନିୟୁତ ।

(ଗ) ବ୍ରହ୍ମଦେଶୀୟ ଭାଷାମୂଳକ :—

ଉପରୋକ୍ତ ହିସାବରୁ ଆମ୍ଭେମାନେ ଜାଣିପାରୁଛୁ ଯେ ହିନ୍ଦୀଭାଷୀ ଏବଂ ହିନ୍ଦୀପ୍ରସୂତ ହିନ୍ଦୁସ୍ଥାନୀଭାଷୀ ଭାରତୀୟଙ୍କ ସଂଖ୍ୟା ୧୦ କୋଟିରୁ ଊର୍ଦ୍ଧ୍ୱ ।

Digitized by srujanika@gmail.com

ଏତଦ୍‌ବ୍ୟତୀତ ହିନ୍ଦୀର ଦାବୀ ଅନ୍ୟାନ୍ୟ କାରଣ ପରମ୍ପରା ବଳରେ ମଧ୍ୟ ସର୍ବପ୍ରଧାନ । ସନ୍ନ୍ୟାସୀ ପ୍ରଭୃତି ଦେଶପର୍ଯ୍ୟଟକମାନେ ଅଧିକାଂଶ ପଶ୍ଚିମବାସୀ । ସେମାନଙ୍କ ଯୋଗୁଁ ଭାରତର ପ୍ରାୟ ସର୍ବତ୍ର ହିନ୍ଦୀଭାଷାର ଅଳ୍ପାଧିକ ପ୍ରଚଳନ ଅଛି । ଏହା ସେହି ପଲିତକେଶା ମାତାମହୀ ସଂସ୍କୃତ ଭାରତୀଙ୍କର ଜ୍ୟେଷ୍ଠା ପୌତ୍ରୀ । ଏହା ଭାରତୀୟ ଆର୍ଯ୍ୟମାନଙ୍କର ଆଦିମ ଅଧିବାସ ଆର୍ଯ୍ୟାବର୍ତ୍ତର ଭାଷା । ଅଥଚ ପଞ୍ଜାବ ଇତ୍ୟାଦି ଅଞ୍ଚଳର ଭାଷା ସଦୃଶ ଦୁର୍ବୋଧ ନୁହେଁ । ଏହା ବିଦେଶୀୟମାନଙ୍କର ସୁବୋଧ । ଦୃଷ୍ଟାନ୍ତ ସ୍ୱରୂପ ଅଧିକାଂଶ ଭାରତପ୍ରବାସୀ ଇଂରେଜ ପୁରୁଷ ଏବଂ ମହିଳା ହିନ୍ଦୀଭାଷା କଥନ ସମର୍ଥ । କିନ୍ତୁ ଅନ୍ୟ କୌଣସି ଭାଷା ଏତେ ସହଜରେ ବ୍ୟବହାର କରିବାକୁ ସେମାନେ ସମର୍ଥ ହୁଅନ୍ତି ନାହିଁ । ଉର୍ଦ୍ଦୁ ହିନ୍ଦୀମିଶ୍ରିତ ଭାଷା ଥିବାରୁ ହିନ୍ଦୀର ପ୍ରଚଳନ ଭାରତର ଚିରପ୍ରତିଦ୍ୱନ୍ଦ୍ୱୀ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଏକତା ଓ ସୌହାର୍ଦ୍ଦ୍ୟ ସଂସ୍ଥାପିତ କରି ଭାରତର ପ୍ରକୃତ ଉନ୍ନତିର ପଥ ପରିଷ୍କାର କରିଦେବ । ହିନ୍ଦୀ ଏକଅଙ୍ଗରେ ଯେପରି ଓଜଃପୂର୍ଣ୍ଣ ଅନ୍ୟଅଙ୍ଗରେ ସେପରି ମଧୁର । କିନ୍ତୁ ବଙ୍ଗଳାଭାଷାରେ ପୂର୍ବୋକ୍ତ ଗୁଣ ନାହିଁ । ଉକ୍ତ କାରଣରୁ ବୋଧହୁଏ ବଙ୍ଗାଳୀମାନେ ରୁଷ୍ଟ ହେଲେ ହିନ୍ଦୀ ସ୍ୱତଃ ସେମାନଙ୍କ ମୁଖରୁ ନିଃସୃତ ହୁଏ । ହିନ୍ଦୀ ଭାଷା ମଧ୍ୟ ଅତ୍ୟନ୍ତଗୁଣ ସୌନ୍ଦର୍ଯ୍ୟ ଓ ଗାମ୍ଭୀର୍ଯ୍ୟର ଗନ୍ଧମାନରେ ସମ୍ମାନାର୍ହ । ଜଗତ୍ ବିଖ୍ୟାତ ସୁରକବି ଓ ତୁଳସୀ ଦାସ ପ୍ରଭୃତି ମହାତ୍ମାବୃନ୍ଦ ଏହି ହିନ୍ଦୀ ଭାଷାରେ ସେମାନଙ୍କ ଅମର ସଙ୍ଗୀତ ବୀଣା ବଜାଇ ଗାନ କରିଯାଇଅଛନ୍ତି । ଅତଏବ ଯେବେ ଭାରତରେ ଏକ ଭାଷା ପ୍ରଚଳିତ ହେବାର ଏକାନ୍ତ ଏବଂ ଅଲଙ୍ଘ୍ୟ ପ୍ରୟୋଜନୀୟତା ଥାଏ, ତେବେ ସେ ଭାଷା ହିନ୍ଦୀ ଛଡ଼ା ଅନ୍ୟ କୌଣସି ଭାଷା ହୋଇ ନ ପାରେ । ଅତଏବ ବଙ୍ଗୀୟ ସ୍ୱଦେଶହିତୈଷୀମାନଙ୍କର ଉଚିତ ଯେ, ନିଜ ସ୍ୱାର୍ଥ ବିସର୍ଜନ କରି ମାତୃଭୂମିର ପ୍ରକୃତ ଉନ୍ନତି ସାଧନ କରନ୍ତୁ । ତା ନ ହେଲେ "ପରୋପଦେଶେ ପାଣ୍ଡିତ୍ୟ" ସର୍ବଥା ଏବଂ ସର୍ବଦା ସହଜସାଧ୍ୟ ।

ବଙ୍ଗଭାଷୀ କହନ୍ତି କି ସେମାନେ ନିଜ ସାହିତ୍ୟକୁ ଅତି ଉନ୍ନତ କରିଅଛନ୍ତି । କିନ୍ତୁ ବାସ୍ତବିକ୍ ଇଉରୋପୀୟ ଓ ସଂସ୍କୃତ ସାହିତ୍ୟର ତୁଳନାରେ ଏପରି କି ଉନ୍ନତ ହୋଇଅଛି ଯେ ତାହାର ଖାତିରରେ ମାତୃଭୂମିର ଏକତ୍ୱ ସାଧନ ଓ ଦୁଃଖମୋଚନ ରୂପ ମହତ୍‌କାର୍ଯ୍ୟରେ

Digitized by srujanika@gmail.com

ବଙ୍ଗବାସୀ ସଦୃଶ ସ୍ୱଦେଶଭକ୍ତଙ୍କୁ ବାଧା ଦେବ ? ଅପରନ୍ତୁ ବଙ୍ଗବାସୀ ଅତି ବିଚକ୍ଷଣ ଓ ବୁଦ୍ଧିମାନ୍ । ଅଳ୍ପଦିନ ମଧ୍ୟରେ ସେ ହିନ୍ଦୀ ପରି ଗୋଟିଏ ଉନ୍ନତ ଭାଷାକୁ ଅଧିକ ଉନ୍ନତତର କରିପାରିବେ ଏବଂ ତାହା ସେ ସହଜରେ କରିପାରନ୍ତି । "ମୁକୁଳ" ନାମକ ମାସିକ ପତ୍ରିକାର ୩ୟ ଭାଗ, ୧ମ ସଂଖ୍ୟାରେ ଆମ୍ଭେମାନେ ପଢ଼ିଥିଲୁଁ ଯେ, ସୁନାମଧନ୍ୟ ସ୍ୱର୍ଗୀୟ ନବୀନଚନ୍ଦ୍ର ଗୁପ୍ତ ହିନ୍ଦୀ-ଭାଷାରେ ବ୍ୟାକରଣାଦି ନାନା ପୁସ୍ତକ ରଚନା କରି ଉତ୍ତର-ପଶ୍ଚିମାଞ୍ଚଳର ମହତ୍ ଉପକାର କରିଯାଇଅଛନ୍ତି । ଆମ୍ଭେମାନେ ଆଶା କରୁଁ, ସକଳ ପ୍ରତିଭାବାନ୍ ବଙ୍ଗବାସୀ ହେମ୍ବପରି ସ୍ୱୀୟ ନାମ ଧନ୍ୟ କରି କ୍ଷୁଦ୍ର ବଙ୍ଗ ପରିବର୍ତ୍ତେ ବିଶାଳ ଭାରତକୁ ଉନ୍ନତ କରିପାରିବେ ଏବଂ ପ୍ରତିଭାବାନ୍ ମହାରାଷ୍ଟ୍ରୀୟବୃନ୍ଦ ଓ ଭାରତର ପ୍ରତ୍ୟେକ ପ୍ରଦେଶର ଅଧିବାସୀବୃନ୍ଦ ସ୍ୱଦେଶର କଲ୍ୟାଣ ପାଇଁ ସେମାନଙ୍କ ସହାୟ ହେବେ ଏବଂ ଆର୍ଯ୍ୟାବର୍ତ୍ତର ଲଳିତ ଏବଂ ଓଜସ୍ୱିନୀ ଭାଷା 'ହିନ୍ଦୀ' ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଦେଶନିବାସୀ ପ୍ରତ୍ୟେକ ହୃଦୟକୁ ସଂଯୋଗ କରିବ ।

Digitized by srujanika@gmail.com

ସାମାଜିକ ଯତ୍କିଞ୍ଚିତ୍

(୧) ସମାଜ ସଂସ୍କାର

ସୁଖର କଥା ଗଞ୍ଜାମ ଜିଲ୍ଲାର ଜଣେ ଶିକ୍ଷିତ ଯୁବକ ସମାଜସଂସ୍କାର-ପ୍ରୟାସୀ ହୋଇ "ଯୁବତୀ ବିବାହ" ଶୀର୍ଷକ ଗୋଟିଏ ପ୍ରବନ୍ଧ ପ୍ରକାଶ କରିଛନ୍ତି । ସେ କେତେ ଦିବସ ହେଲା "ଉତ୍କଳସାହିତ୍ୟ" ପତ୍ରିକାରେ ଉତ୍କଳୀୟ ନାରୀମାନଙ୍କ ଶୋଚନୀୟ ଅବସ୍ଥା ବିଷୟରେ ମଧ୍ୟ ଗୋଟିଏ ସନ୍ଦର୍ଭ ପ୍ରକାଶ କରିଥିଲେ । କିଛିଦିନ ପୂର୍ବରେ ସେ ବିଶାଳ ଭାରତର ସାର୍ଦ୍ଧ ଦୁଇକୋଟି ବିଧବାଙ୍କ ଦୁଃଖରେ ଦୁଃଖିତ ହୋଇ "ବାଳବିଧବା ବିବାହ" ସମାଜରେ ପ୍ରଚଳନ କରିବା ବିଷୟରେ ମଧ୍ୟ ପ୍ରସ୍ତାବ କରି ରାଜା, ଜମିଦାର ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ଅନୁମୋଦନ ପାଇଁ ପ୍ରାର୍ଥନା କରିଥିଲେ । କିନ୍ତୁ କେହି କିଛି ଉତ୍ତର ନ ଦେବାରୁ ନିରାଶ ହୋଇ ଉକ୍ତ ପ୍ରସ୍ତାବକୁ ପରିମାର୍ଜିତ କରି ବ୍ରାହ୍ମଣ ସମାଜରେ "ଯୁବତୀ ବିବାହ" ପ୍ରସ୍ତାବ କରି ସାମାଜିକମାନଙ୍କ ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ଲେଖକ ମହାଶୟଙ୍କ ଉଦ୍ଦେଶ୍ୟ ମହତ୍ ଏବଂ ସେ ଯେ ଜଣେ ସ୍ୱଦେଶହିତୈଷୀ, ଏଥିରେ ସଂଶୟ ନାହିଁ । କାରଣ ଏହି ଉତ୍କଳରେ କେତେ ଶିକ୍ଷିତ ବ୍ୟକ୍ତି ଅଛନ୍ତି । ସେମାନେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ! ସମାଜର ଦୁଃଖ, ଦୁର୍ଗତି ଆଡ଼କୁ କାହାରି ଦୃଷ୍ଟି ନାହିଁ । ସେ କାହିଁକି ପ୍ରସ୍ତାବ ଉପରେ ପ୍ରସ୍ତାବ କରୁଅଛନ୍ତି ? ସେ ଦେବାନୁଗୃହୀତ ବ୍ୟକ୍ତି, ସମାଜର ମଙ୍ଗଳ-ବିଧାନାର୍ଥ ଭଗବାନଙ୍କ ଦ୍ୱାରା ଆହୂତ ଏବଂ ଆମ୍ଭମାନଙ୍କର ନମସ୍ୟ । କିନ୍ତୁ ଆମ୍ଭମାନଙ୍କର ମଧ୍ୟ ସମାଜସଂସ୍କାର ବିଷୟରେ କେତେକ ଅଭିମତ ଅଛି । ଉକ୍ତ ପ୍ରବନ୍ଧ ପାଠ କରି ଆମ୍ଭମାନଙ୍କ ମନରେ ନାନା ଚିନ୍ତା ଉଦିତ ହେଲା । ସଂସ୍କାର ବିଷୟରେ ମତ ସମାନ ହେଲେହେଁ ଉପାୟ ବିଷୟରେ ସମାନ ନୁହେଁ । ମୂଳତଃ ପ୍ରସ୍ତାବକଙ୍କ ଉପାୟ ଅଯଥେଷ୍ଟ ପରି ଲାଗିଲା । ତାହା ଅପୂର୍ଣ୍ଣ (half measure) । ତଦ୍ୱାରା ମହତ୍‌କାର୍ଯ୍ୟ ସଂସାଧିତ ହୋଇ-ପାରିବା ପରି ଲାଗୁ ନାହିଁ । ଏବଂବିଧ ପ୍ରସ୍ତାବ ଓ ମତ ଯେବେ ବ୍ୟକ୍ତିଗତ

"ଉତ୍କଳ-ସାହିତ୍ୟ" ୧୩୧୦ ସାଲ ୭ମ ଭାଗ, ୮ମ ସଂଖ୍ୟାରୁ ସଂଗୃହୀତ ।

Digitized by srujanika@gmail.com

ହୋଇଥାଆନ୍ତା ତେବେ ଅମ୍ଭେମାନେ ନୀରବରେ ଅବହେଳା କରନ୍ତୁ । କିନ୍ତୁ ଏହା ଦଳଗତ ମତ ଓ ପ୍ରସ୍ତାବ । କେତେଦିନ ପୂର୍ବରେ କତିପୟ ବ୍ରାହ୍ମଣ ପଣ୍ଡିତ ମିଳି ବାଳିକାମାନଙ୍କର ବିବାହ ବୟସ କିଞ୍ଚିତ୍ ବଢ଼ାଇବାର ପ୍ରସ୍ତାବ କରିଥିଲେ । ତାହା କଥାରେ ହିଁ ଶେଷ ହେଲା । ଏହିପରି କଥା ସମସ୍ତ ସମୟରେ ଶୁଣାଯାଉଥିବାରୁ ବୋଧ ହେଉଛି ସମାଜରେ ସଂସ୍କାରର ଆବଶ୍ୟକତା ଅନୁଭୂତ ହୋଇଅଛି । ଅମ୍ଭେମାନେ ନିଜମତ ନିମ୍ନରେ ବିବୃତ କଲୁଁ । ଯେବେ ସଂସ୍କାରକ ଭ୍ରାତାମାନଙ୍କର କିଛି ଉପକାର ହୋଇପାରେ ତାହା ସେମାନେ ଧୀର ଭାବରେ ଅନୁଧାବନ କରିବେ । ମତ ଭିନ୍ନ ହୋଇପାରେ । "ଭିନ୍ନରୁଚିର୍ହି ଲୋକଃ" ।

ସଂସ୍କାରକଙ୍କର ପ୍ରଥମ କର୍ତ୍ତବ୍ୟ ଦେଶ କାଳ ପାତ୍ର ବିଚାର କରିବା । ଅଧୁନା ଏ ଦେଶରେ ସଙ୍କଟ କାଳ ଉପସ୍ଥିତ । ଭାରତରେ ଇଂରେଜ ପର ଜନସାଧାରଣଙ୍କର ଅପ୍ରତିହତ ଶକ୍ତି ନ ଥିଲା ବା ନାହିଁ । ଏଠାରେ "ମାରେ ସିପାହୀ ନାମ ସର୍ଦ୍ଦାରକା" ବିଶେଷ ନିୟମ । ଜୀବନରେ ହେଉ, କାବ୍ୟରେ ହେଉ, ରାଜା ଓ ବିଶିଷ୍ଟ ବ୍ୟକ୍ତି ହିଁ ସବୁ । ଜନସାଧାରଣ ନ ଥିଲେ ଚଳେ । ଆଧୁନିକ ଆଦର୍ଶ ସମ୍ପୂର୍ଣ୍ଣ ବିପରୀତ । କିନ୍ତୁ କାର୍ଯ୍ୟ ପୂର୍ବପରି ନୁହେ ନା ଆଦର୍ଶାନୁଯାୟୀ ନୁହେଁ । ସମାଜ ତ୍ରିଶଙ୍କୁ ପରି ମଧ୍ୟସ୍ଥଳରେ ଅବସ୍ଥିତ । ଏ ବିଷୟରେ ଭାରତର ଜଣେ କୃତୀ ପୁରୁଷ କହିଅଛନ୍ତି, "ଅମ୍ଭେମାନେ ଚିରକାଳ ପରାଧୀନ, ଅର୍ଥାତ୍ ଏ ଭାରତରେ ମାନବର ଆତ୍ମସତ୍ତ୍ୱ ବୁଦ୍ଧି କେବେହେଁ ଉଦ୍ଦୀପିତ ହେବାର ଶକ୍ତି ତାକୁ ପ୍ରଦତ୍ତ ହୋଇନାହିଁ । ଏହି ଭାରତରେ କୌଲିନ୍ୟ ପ୍ରଥାରୁ ଆରମ୍ଭ କରି ଭୋଜ୍ୟାଭୋଜ୍ୟ ପର୍ଯ୍ୟନ୍ତ ସମସ୍ତ ବିଷୟ ରାଜା ହିଁ ନିର୍ଦ୍ଧାରଣ କରୁଥିଲେ । ପାଶ୍ଚାତ୍ୟ ଦେଶରେ ପ୍ରଜାମାନେ ନିଜେ ସବୁ କରନ୍ତି । ଅଧୁନା ଏ ଦେଶରେ ରାଜା ସାମାଜିକ କୌଣସି କାର୍ଯ୍ୟରେ ହାତ ଦିଅନ୍ତି ନାହିଁ । ଅଥଚ ଭାରତୀୟ ଜନମାନଙ୍କ ଆତ୍ମନିର୍ଭର ତେଣେ ଥାଉ, ଆତ୍ମପ୍ରତ୍ୟୟ ପର୍ଯ୍ୟନ୍ତ ବର୍ତ୍ତମାନ ସୁଦ୍ଧା ଅଣୁମାତ୍ରାରେ ହୋଇନାହିଁ । ଏହି ହେତୁରୁ ପାଶ୍ଚାତ୍ୟ ପ୍ରଣାଳୀ ଅର୍ଥାତ୍ ପ୍ରଥମତଃ ଉଦ୍ଦିଷ୍ଟ ବିଷୟର ଆନ୍ଦୋଳନ, ତହିଁ ଉତ୍ତାରୁ ସମସ୍ତେ ମିଳି କର୍ତ୍ତବ୍ୟ ସାଧନ, ଏ ଦେଶରେ ଫଳଦାୟକ ହେଉନାହିଁ । ତେଣୁ ଅମ୍ଭେମାନେ ବିଜାତୀୟ ରାଜାଧୀନରେ ଏତେ ସ୍ଥିତିଶୀଳ ବୋଲି ପ୍ରତୀତ ହେଉଁ । ଅତଏବ ସାଧାରଣ ଆନ୍ଦୋଳନଦ୍ୱାରା କୌଣସି ମହତ୍କାର୍ଯ୍ୟ ସାଧନ

Digitized by srujanika@gmail.com

କରିବା ଚେଷ୍ଟା ବୃଥା । 'ଶିରୋନାସ୍ତି ଶିରୋବ୍ୟଥା' । ସାଧାରଣ କାହିଁ ? ଇହିଁ ଉପରେ ପୁଣି ଅମ୍ଭେମାନେ ଏତେ ସ୍ୱାର୍ଥହୀନ ଯେ, କୌଣସି ବିଷୟରେ ଆନ୍ଦୋଳନ କରିବାକୁ ଗଲେ ସେଥିରେ ଅମ୍ଭମାନଙ୍କର ଚଳ ନାଃନଶେଷ ହୋଇଥାଏ ! କାର୍ଯ୍ୟ ପାଇଁ କିଛି ମାୟା ବାକି ନ ଥାଏ । ଏଣୁ ଅମ୍ଭେମାନେ ଏ ଦେଶରେ ସତତ "ବହ୍ୱାରମ୍ଭେ ଲଘୁକ୍ରିୟା" ପ୍ରତ୍ୟକ୍ଷ କରୁଁ । ଭାରତୀୟ ଧର୍ମାନ୍ଦୋଳକଙ୍କଠାରୁ ମୋର ଆଦୌ ଆଶା ନାହିଁ । ଏକମାତ୍ର ଆଶା ଯୁବକ ସମ୍ପ୍ରଦାୟଙ୍କ ମଧ୍ୟରେ କାର୍ଯ୍ୟ କରିବା ହିଁ ଉଚିତ । ପ୍ରାଚୀନ ଭାରତରେ ସମାଜପୃଷ୍ଠରେ ଯୋଡ଼ିଏ ଶକ୍ତି ବିଦ୍ୟମାନ ଥିଲା । ପୌରୋହିତ୍ୟ ଓ ରାଜଶକ୍ତି ହିନ୍ଦୁସମାଜକୁ ନିୟନ୍ତ୍ରିତ କରୁଥିଲା । ବର୍ତ୍ତମାନ ହୋଲି ଦୁଇ ଶକ୍ତି ସମାଜପୃଷ୍ଠରୁ ଅନ୍ତର୍ହିତ ହୋଇଅଛି । ବୈଦେଶିକ ମ୍ଲେଚ୍ଛ ରାଜା ନ୍ୟାୟତଃ ସାମାଜିକ ବିଷୟରେ ହସ୍ତକ୍ଷେପ କରୁନାହାନ୍ତି । ପ୍ରାଚୀନ ଶ୍ରେଣୀସ୍ଥ ବ୍ରାହ୍ମଣଙ୍କ ନବଭାରତ ଭ୍ରୂକ୍ଷେପ କରୁନାହିଁ । ତେବେ ପିଣ୍ଡଶ୍ରାଦ୍ଧ, ବିବାହ ବ୍ରତରେ ବ୍ରାହ୍ମଣଙ୍କୁ ନ ଡାକିଲେ ନ ଚଳେ । ତେଣୁ ସେମାନେ କିଛି ଗଉଡ଼ଲ, କଦଳୀ ପାଆନ୍ତି । ଏହା ଉପରୁ "ସଦାଘଡ଼ା, କାମ ସରିଲେ ଚଡ଼ଗଡ଼ା ।" ଏହାଛଡ଼ା ବ୍ରାହ୍ମଣର ବ୍ରାହ୍ମଣରୂପରେ ସମାଜ ଉପରେ କିଛି ଶକ୍ତି ନାହିଁ । ବ୍ରାହ୍ମଣର ଏହି ପ୍ରଭାବ କେବଳ ନାରୀମହଲରେ ବିଦ୍ୟମାନ । ତାହା ପୁଣି ଦିନକୁ ଦିନ ଅନ୍ତର୍ହିତ ହେଉଛି । ଭାରତରେ ଯେପରି ପୌରୋହିତ୍ୟ ଓ ରାଜଶକ୍ତି କାର୍ଯ୍ୟକାରୀ ଥିଲା, ପାଶ୍ଚାତ୍ୟଦେଶରେ ସେହିପରି ସାଧାରଣ ଶକ୍ତି ବଳବତ୍ତର ଅଟେ । ଭାରତରେ ଏହି ସାଧାରଣ ଶକ୍ତିର ଅଭାବ କଥା ପୂର୍ବେ ଉକ୍ତ ହୋଇଅଛି । ଜନସାଧାରଣର ଶକ୍ତି ନାହିଁ ; ଯେଉଁମାନେ ଜନସାଧାରଣ ବୋଲି କଥିତ ହୁଅନ୍ତି, ସେମାନେ ଅଧିକାଂଶ ସଂସ୍କାରପ୍ରୟାସୀ ନୁହନ୍ତି, ହେବା ଅସମ୍ଭବ । ଯେଉଁମାନେ ସଂସ୍କାରର ଆବଶ୍ୟକତା ବୁଝିଅଛନ୍ତି ସେମାନେ ଅକର୍ମଶୀଳ, ଉଦାସୀନ, ସଙ୍କୁଚିତ । ଏହାର କାରଣ ଅନଭ୍ୟାସ । "ମାଗି ଖାଇବ ଯେ, ଲାଗି ନ ଖାଇବ ସେ ।" ଆବହମାନକାଳରୁ ପ୍ରୋକ୍ତ ଜନଗଣଙ୍କ ତାହାପାଇଁ ଅନ୍ୟଦ୍ୱାରା ପ୍ରସ୍ତୁତ ହେଉଥିଲା । ସେ ନିଶ୍ଚିନ୍ତ ମନରେ ଚେଙ୍ଗେମାଲି ପାଉଥିଲା । ସେ କିପାଂ ଅନଭ୍ୟସ୍ତ କଥାରେ ଶରୀରର ଶୋଣିତପାତ କରି ଅଜ୍ଞ ଭ୍ରାତାମାନଙ୍କଦ୍ୱାରା ଘୃଣିତ, ଅପଦସ୍ଥ ହେବ ? ଏହାପରେ ଉତ୍ତର ସମାଜର ଧର୍ମମାନେ । ଯାହା ସାଧାରଣ ବ୍ୟକ୍ତିପକ୍ଷରେ ଅସମ୍ଭବ, ତାହା କ ଧର୍ମାନ୍ଦୋଳକଦ୍ୱାରା ସମ୍ଭବ ?

Digitized by srujanika@gmail.com

ମହର୍ଷି ଈଶା କହିଅଛନ୍ତି, "ସୂଚୀଛିଦ୍ର ମଧ୍ୟରେ ଉଷ୍ଟ୍ରର ଗମନ ବରଂ ସମ୍ଭବ, ଧନୀ ପକ୍ଷରେ ଧର୍ମସାଧନ ସହଜ ନୁହେ ।" ସମାଜସଂସ୍କାର ବିଷୟରେ ମଧ୍ୟ ଏହା ସତ୍ୟ । ସାଧାରଣ ଜଣେ ଲୋକ ଘୃଣା ଓ ଅପମାନ ଭୟରେ ଯାହା ନ କରି ଦଶ ଜଣ ସଙ୍ଗରେ ଜଣେ ହେବାକୁ ବ୍ୟଗ୍ର ହୋଇ କରେ :—

ଯଦ୍ୟପି ସିଦ୍ଧଂ ଲୋକ ବିରୁଦ୍ଧଂ
ନାଦରଣୀୟଂ ନାଚରଣୀୟଂ ।

ଯଶୋଲିପ୍ସୁ ଧନୀଠାରୁ ତାହା ପ୍ରତ୍ୟାଶା କରିବା ନିର୍ବୋଧତା । ଏଥିଯୋଗୁଁ ଏହି ଭାରତବର୍ଷରେ ଯେବେ ସମାଜର ବୈଷମ୍ୟ ଓ କୁସଂସ୍କାରରେ କାହାର ଅସ୍ଥା ବିକଳ ହୁଏ ତେବେ ସେ ସମାଜ ପରିତ୍ୟାଗ କରି ସନ୍ନ୍ୟାସାଶ୍ରମ ଅବଲମ୍ବନ କରେ ଓ ନିଶ୍ଚିନ୍ତ ମନରେ ସ୍ୱାଧୀନ ଜୀବନଯାତ୍ରା ନିର୍ବାହ କରେ । ସମାଜରେ ରହି ସ୍ୱୀୟ ଆଦର୍ଶାନୁଯାୟୀ ସମାଜକୁ ଗଢ଼ିବାକୁ ସଚେଷ୍ଟ ହେବା ଓ ତନ୍ନିମିତ୍ତ ଜୀବନ ବିସର୍ଜନ କରିବା ପ୍ରଧାନତଃ ପାଶ୍ଚାତ୍ୟ ଆଦର୍ଶ, କିନ୍ତୁ ସେ ଆଦର୍ଶରେ କାର୍ଯ୍ୟ କରିବାର ଶକ୍ତି କାହିଁ ? ଅତଏବ ଦେଖାଗଲା ଯେ, ଆଧୁନିକ କାଳରେ ସମାଜ ସଂସ୍କାର ବ୍ରାହ୍ମଣ, ରାଜା, ଜନସାଧାରଣ ବା ଧନୀମାନଙ୍କ ଦ୍ୱାରା ସଂସାଧିତ ହେବ ନାହିଁ । ବାକି ରହିଲେ ପାଶ୍ଚାତ୍ୟଶିକ୍ଷାପ୍ରାପ୍ତ ଭାରତବାସୀ । କିନ୍ତୁ ଏମାନେ କି ସମସ୍ତେ ସଂସ୍କାରପ୍ରୟାସୀ ? ଏମାନଙ୍କ ମଧ୍ୟରୁ କେହି ନ ବୁଝି, କେହି ବୁଝି ମୂର୍ଖତା ଭୀରୁତାରେ ବା ଔଦାସୀନ୍ୟରେ ସଂସାରର ଘୋରବିଦ୍ୱେଷୀ । ଅବଶିଷ୍ଟ ରହିଲେ ଯେଉଁ କତିପୟ ଶିକ୍ଷିତ ଯୁବକ, ସେମାନଙ୍କ ସଂଖ୍ୟା କେତେ ? ତେବେ କି ଭାରତରେ ସଂସ୍କାରର ଆଶା ଆଦୌ ନାହିଁ ? ଅଛି । ତାହା ଏପରି ନୁହେ ଯେ, ସଂସ୍କାରପ୍ରୟାସୀ ଉଚ୍ଚସ୍ୱରରେ ଚିତ୍କାର କରିବେ, 'ଅୟି ହେ ରାଜା, ଜମିଦାର, ବ୍ରାହ୍ମଣ ପଣ୍ଡିତଗଣ, ଆମ୍ଭେମାନେ ବିଧବାବିବାହ, ଯୁବତୀବିବାହ ପ୍ରଚଳନ ନିମିତ୍ତ ସଭା କରିବା ଏବଂ ଯେଉଁ ଲୋକ ବିଧବା ବିବାହ ନ କରିବ ବା ବାଲବିବାହ ନ କରିବ, ତାକୁ ଏକଘରିକିଆ କରିବା ।' ଆଜି ରାଜା, ଜମିଦାର, ବ୍ରାହ୍ମଣମାନେ ଦଳକୁଦଳ ସମ୍ମାନ, ପ୍ରତିପତ୍ତି, ପୁରାତନ ସଂସ୍କାର ପରିତ୍ୟାଗ କରି ଦିନକରେ ସଂସ୍କାରକ ହୋଇ ବସିବେ । ଜଗତ୍‌ର ଇତିହାସରେ କି ଏମନ୍ତ ଦୃଷ୍ଟାନ୍ତ ମିଳେ ? ନା । ହେ ସଂସ୍କାରକ, ମହାଜନାଚରିତ ସେହି କଠିନ ପନ୍ଥା ଅବଲମ୍ବନ କରିବାକୁ

Digitized by srujanika@gmail.com

ହେବ, ହୃଦୟର ଶୋଣିତ ବିନ୍ଦୁ ବିନ୍ଦୁ ଅର୍ପଣ କରିବାକୁ ହେବ । ନିନ୍ଦା, ନିର୍ଯାତନା, ଉପହାସ, ବିଦ୍ରୂପ, ସାଂସାରିକ କ୍ଷତି ଗ୍ଲାନି ପଡ଼େଇ ସହିବାକୁ ହେବ । ତେବେ ସମାଜର କିଛି ଉପକାର ହେବ—କୋଟି କୋଟି ନର-ନାରୀଙ୍କ ଦୁଃଖ ଦୁର୍ଦ୍ଦିନର ଅବସାନ ହେବ । ଏ ସଂସାର ବଡ଼ କଠିନ ସ୍ଥାନ । ଏହି ଯେ "ବିଧବାବିବାହ" "ଯୁବତୀବିବାହ" "ଜାତିଭେଦପ୍ରଥା ନାଶ" ପ୍ରସ୍ତାବ ଅମ୍ଭେମାନେ କରୁଥାଉଁ, ଏହା କେତେ ସଂସ୍କାରକଙ୍କ ଆତ୍ମୋତ୍ସର୍ଗର ଫଳ । କେତେକ ବର୍ଷ ପୂର୍ବରେ ଏହି କଥା କହିଲେ ଲୋକ ନିର୍ଯାତନ ଭୋଗ କରୁଥିଲେ । ସମୟ ଥିଲା, ଯେତେବେଳେ କେଶ-କର୍ତ୍ତନ, ଡାକ୍ତରି ସ୍କୁଲରେ ପଠନ ପ୍ରଭୃତି ପାଇଁ ଲୋକ ଜାତିଚ୍ୟୁତ ହେଉଥିଲେ । କିନ୍ତୁ ତାହା ଏ ଦେଶରେ ନୁହେ । ବଙ୍ଗ ପ୍ରଭୃତି ଦେଶର ସୁସନ୍ତାନମାନେ ଯନ୍ତ୍ରଣା ସହି ଆମ୍ଭମାନଙ୍କୁ ଏ ଅଧିକାର ଦେଇଯାଇଅଛନ୍ତି । ଅମ୍ଭେମାନେ ସେମାନଙ୍କ ପରିଶ୍ରମର ଫଳ ଭୋଗ କରୁଅଛୁଁ । କିନ୍ତୁ ପର ପରିଶ୍ରମରେ କେହି ମହତ୍ ହୁଏ ନାହିଁ, ପର ଦେଶର ଅନୁକରଣରେ ସ୍ୱଦେଶ ଉନ୍ନତ ହୁଏ ନାହିଁ । ସମାଜକୁ ଉନ୍ନତ କରିବାକୁ ଇଚ୍ଛାଥିଲେ ନିଜେ ପରିଶ୍ରମ କରିବାକୁ ହେବ । ପୂର୍ବବର୍ତ୍ତୀ ସଂସ୍କାରକମାନଙ୍କ ପ୍ରବୃତ୍ତି ମଧ୍ୟର ମାନସିକବୃତ୍ତି ର ଚର୍ଚ୍ଚିତ ବର୍ଣ୍ଣ । ଉତ୍କଳର ଅବସ୍ଥା, ଜନସାଧାରଣ, ସାମାଜିକ ରୀତିନୀତି ବଙ୍ଗଦେଶଠାରୁ କିଞ୍ଚିତ୍ ଭିନ୍ନ । ଯେ ଦେଶରେ ଯେମିତ ସମାଜସଂସ୍କାରକ ଦଳ ଉତ୍ଥିତ ହୋଇଥିଲେ ଏ ଦେଶରେ ପୁଣି ସେ ଅଭିନୟ ହେବା ବାଞ୍ଛନୀୟ । ନଚେତ୍ ସମାଜର ସ୍ଥିତିଶୀଳତା ଘୁଞ୍ଚିବ ନାହିଁ । ବରଂ ଉଚ୍ଛୃଙ୍ଖଳତା ଭଲ ତଥାପି ସ୍ଥିରତା ଭଲ ନୁହେଁ । ସମାଜର ନିୟମ ଏହି ଯେ, ପ୍ରତି ଦେଶରେ ପ୍ରଥମେ କୁସଂସ୍କାର ଓ ଦୁର୍ନୀତିର ଘୋର ବିରୋଧୀ ସମ୍ପୂର୍ଣ୍ଣ ସଂସ୍କାରକ ଦଳ (Radical Reformer) ଉତ୍ଥିତ ହୁଅନ୍ତି । ସାଧାରଣତଃ ଦେଖାଯାଏ, ଏମାନେ ଉଦ୍ଦାମ ଉତ୍ସାହରେ ଉଚ୍ଛୃଙ୍ଖଳ ହୋଇଉଠନ୍ତି । ସେଥିଯୋଗୁଁ ଏମାନଙ୍କୁ ସଞ୍ଜତ ରଖିବାକୁ ଘୋର ରକ୍ଷଣଶୀଳ (Conservative) ଦଳ ମହା-କୋଳାହଳ ଉତ୍ଥାନ କରନ୍ତି । ସମାଜ ରକ୍ଷାରେ ଘୋର ସ୍ଥିତିଶୀଳ ଦଳର ମଧ୍ୟ ଆବଶ୍ୟକତା ଅଛି । ସେମାନେ ନ ଥିଲେ ସମାଜ ବିପର୍ଯ୍ୟସ୍ତ ହୋଇଯାଆନ୍ତା । ବିପ୍ଳବ (Revolution) ଦ୍ୱାରା ପ୍ରକୃତ ଉନ୍ନତି ହୁଏନାହିଁ—ତାହା ଉନ୍ନତିର ଗତି ଓ ବେଗକୁ ବ୍ୟାହତ କରିଦିଏ ମାତ୍ର । ଘୋର ଉଚ୍ଛୃଙ୍ଖଳ କର୍ମଶୀଳତା ଭିତରୁ ପ୍ରତିକ୍ରିୟା (Reaction) ଆରମ୍ଭ ହୁଏ ।

Digitized by srujanika@gmail.com

ସମାଜ ପୁଣି ପୂର୍ବ ସ୍ଥାନକୁ ଲେଉଟିଗଲପ୍ରାୟ ଲାଗେ । କିନ୍ତୁ ବିଧାତାଙ୍କ ମଙ୍ଗଳ କାର୍ଯ୍ୟ ଅସମାପ୍ତ ରହେ ନାହିଁ । ଧୀର ଗତିରେ କ୍ରମୋନ୍ନତି (**Evolution**) ଆରମ୍ଭ ହୁଏ । ଏହାହିଁ ଜଗତର ନିୟମ । କି ରାଜନୈତିକ, କି ଧର୍ମନୈତିକ, କି ସମାଜନୈତିକ ସର୍ବ ବିଭାଗରେ **Thesis, Antithesis** ଏବଂ ତତ୍ପରେ **Synthesis** ଆସେ । ତାହା ନ କରି ଯେଉଁମାନେ ଏକ ବା ଦୁଇ ସୋପାନ ଅତିକ୍ରମ କରି ଅନ୍ୟ ଦେଶର ଇତିହାସ ପଢ଼ି ସ୍ୱଦେଶରେ ପ୍ରୋକ୍ତ ଦେଶର ଉପଯୁକ୍ତ ବିଧି ଖଟାନ୍ତି, ସେମାନଙ୍କର ବିଳାପ ହିଁ ସାର ହେବ । ଇତିହାସ ପାଠ କଲେ ଜଗତର ଉକ୍ତ ସୋପାନକ୍ରମ ସ୍ପଷ୍ଟୀକୃତ ହେବ । ଇଂଲଣ୍ଡର ନୃପତିମାନେ ଯଥେଚ୍ଛାଚାରୀ ହେବାରୁ ରାଜନୈତିକ ସଂସ୍କାର ଆବଶ୍ୟକ ହେଲା । ପ୍ରଜାମାନେ ସଂସ୍କାରପ୍ରୟାସୀ ହୋଇ କେତେ ସିମ୍‌ ହାମ୍‌ଡେନ୍‌, ଇଲିଅଟ୍‌, କେତେ ଯନ୍ତ୍ରଣା ସହିଲେ । ରାଜଶକ୍ତିଦ୍ୱାରା ପ୍ରପୀଡ଼ିତ ହେଲେ । କିନ୍ତୁ ରାଜଶକ୍ତି ଅପ୍ରତିହତ ବେଗରେ ଉଚ୍ଛୃଙ୍ଖଳତା ଅଭିମୁଖରେ ଅଗ୍ରସର ହେଲା । ଶେଷକୁ ପ୍ରଜାଶକ୍ତି ହସ୍ତରେ ରାଜମସ୍ତକ କର୍ତ୍ତିତ ହୋଇ ଭୂଲୁଣ୍ଠିତ ହେଲା । ପ୍ରାୟ ଦଶ ବର୍ଷ ପର୍ଯ୍ୟନ୍ତ ରାଜାବ୍ୟତିରେକେ ଇଂଲଣ୍ଡର କ୍ରମ୍‌ୱେଲଙ୍କ ନେତୃତ୍ୱରେ **Common-wealth** ସଂସ୍ଥାପିତ ହେଲା । କିନ୍ତୁ **Puritan** ସମ୍ପ୍ରଦାୟର ଅସ୍ୱାଭାବିକ ଆତିଶଯ୍ୟ ଚିରକାଳ ରହିବା ବିଧାତାଙ୍କ ଇଚ୍ଛା ନୁହେଁ । ନିହତ ରାଜା ପ୍ରଥମ ଚାର୍ଲସଙ୍କ ପୁତ୍ର ଦ୍ୱିତୀୟ ଚାର୍ଲସ୍‌ଙ୍କ ପୁନରାଗମନ (**restoration**)ରେ ପ୍ରତିକ୍ରିୟା ଆରମ୍ଭ ହେଲା । ଘୋର ଅମିତାଚାର, ଅସତ୍ୟାଚାର ଦ୍ୱିଗୁଣ ସ୍ଥିତିଶୀଳତା ଖଳପଣା କଲା । କିନ୍ତୁ ଅସତ୍ୟ, ଅନ୍ୟାୟ, ବ୍ୟଭିଚାର, ଅପଚୟ କୌଣସି ସମାଜରେ ଚିରଦିନ ରହି ନ ପାରେ । ହୁଏତ ସମାଜ ଉଚ୍ଛନ୍ନ, କିମ୍ବା ଉକ୍ତ ଦୋଷ ସଂଶୋଧିତ ହୁଏ । ଇଂଲଣ୍ଡ କ୍ରମେ ସକଳ ବିଭାଗରେ ଉନ୍ନତି ଲାଭ କଲା । ଏ ଦେଶରେ ମଧ୍ୟ ଉଦାହରଣର ଅପ୍ରତୁଳତା ନାହିଁ । ଏହି ଭାରତ-ବର୍ଷରେ ଯେତେବେଳେ ମହାଭୟଙ୍କର କ୍ରିୟାକାଣ୍ଡ ଯାଗଯଜ୍ଞରେ ପ୍ରକୃତ ଧର୍ମବହ୍ନି କେବଳ ଧୂମରାଶିଦ୍ୱାରା ଆଚ୍ଛନ୍ନ ହୋଇ ଲୋକଚକ୍ଷୁର ଅନ୍ତରାଳରେ ରହିଲା, ଭାରତବାସୀ କେବଳ ବାହ୍ୟ ଅନୁଷ୍ଠାନରେ ତୃପ୍ତ ହୋଇ ଉଚ୍ଛୃଙ୍ଖଳ ପରବର୍ତ୍ତୀ ଚକ୍ଷୁରେ ତୁଷ୍ଟ ରହିଲେ । ପଶୁରକ୍ତରେ ମେଦିନୀ ପ୍ଳାବିତ ହେଲା । ଧର୍ମ ନାମରେ କେତେ କୁତ୍ସିତ କାଣ୍ଡ ଅଭିନୀତ ହେଲା । ସେତେବେଳେ ଗୌତମ ବୁଦ୍ଧଙ୍କ କଠୋର ସଂଯମ ଭାରତ ବ୍ୟାପିଗଲା ।

Digitized by srujanika@gmail.com

କିନ୍ତୁ କଠୋରମିଶ୍ର ଭୋଜନଠାରୁ ନିର୍ବାଣ ଲାଭ ପର୍ଯ୍ୟନ୍ତ ସମସ୍ତ ବୌଦ୍ଧଧର୍ମ **Puritanism** ଅପେକ୍ଷା ବହୁଗୁଣ କଠିନତର । ଏହାର ପ୍ରତିକ୍ରିୟା ସ୍ୱରୂପ ଘୋର ତାନ୍ତ୍ରିକ ଅନାଚାର, ସାମାଜିକ ସ୍ୱେଚ୍ଛାଚାର, ବୈଷ୍ଣବ ଧର୍ମର ପରକୀୟା ପ୍ରୀତି, ପୌରାଣିକ ଭାରତ ସମାଜକୁ ପଙ୍କିଳ କଲା । ଏହିପରି ଶତ ଶତ ଉଦାହରଣ ଦିଆଯାଇପାରେ ।

କିନ୍ତୁ ଏହି **synthesis** ମୂଳରୁ ଆରମ୍ଭ କଲେ ହେବ ନାହିଁ । ବିଷର ମହୌଷଧ ବିଷ । ଘୋର ଦୁରାଚାରର ପ୍ରତିକାରର ଉପାୟ ସଂସ୍କାର ବିପ୍ଳବ । ତାହା ଅସ୍ତ୍ରତ୍ୟାଗୀ ଦିଗ୍‌ବିଜୟୀ ବୀରର କାର୍ଯ୍ୟ, କୃପାଭିକ୍ଷୁକର କାର୍ଯ୍ୟ ନୁହେଁ ।

ଆମ୍ଭେମାନେ ଏ ବିଷୟରେ ଏତେ ବାହୁଲ୍ୟ କରିବୁ ନାହିଁ । କିନ୍ତୁ ଆମ୍ଭମାନେ ଅଧିକାଂଶ **Prudence** ଦ୍ୱାରା ଚାଳିତ ହୋଇ "ପୁଅ ମୁଣ୍ଡରେ ହାତ, ତେଲଘଡ଼ିରେ ହାତ" ବିଧିରେ ସମାଜର ସଂସ୍କାର କରିବାକୁ ପ୍ରୟାସୀ । କିନ୍ତୁ ଏହା ପ୍ରକୃଷ୍ଟ ପ୍ରଣାଳୀ ନୁହେଁ । କହିଲେ କିଛି ହେବ ନାହିଁ । କାର୍ଯ୍ୟ କର, ଦେଖାଅ ଯେ ଏପରି କରି ମଧ୍ୟ ସମାଜ ରହିପାରେ । ନଦୀରେ ସନ୍ତରଣ କରି ଚାଲିଯାଅ । ଅନ୍ୟ ଲୋକେ ଦେଖି ସନ୍ତରଣ କରିବେ । ତାହା ନ କରି "ଆସ ହେ ଗଣ୍ୟମାନ୍ୟ ଲୋକେ ପହଁରିବା" ବୋଲି ଡାକିଲେ କେହି ଆସିବେ ନାହିଁ ।

"From calmness to calmness there is no motion" ଅତଏବ ହେ ସଂସ୍କାରକ ଭ୍ରାତଃ ! ବସ୍ତୁତଃ ଯେବେ ପ୍ରାଣରେ ଉଚିତର ସତ୍ୟ ପାଇଥାଅ, ବିଷାଦମୟ ଘନ ମୋହାନ୍ଧକାର ମଧ୍ୟରେ ପ୍ରକୃତରେ ଯେବେ ଉଜ୍ଜ୍ୱଳତର ଆଲୋକ ତୁମ୍ଭ ନୟନପଥରେ ପଡ଼ିଥାଏ, ସତ୍ୟ ସତ୍ୟ ଯେବେ ହାହାକାରପୂର୍ଣ୍ଣ ଜୀବନ ଦେଖି ନୀରବରେ ଲୋତକପାତ କରିଥାଅ, ତେବେ ପ୍ରକୃତ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହୁଅ । ଜଗତର ଦୁଃଖ ଦୂର ହେବ, ନିଜ ଜୀବନ ଧନ୍ୟ ହେବ । ନୋହିଲେ ତୁମ୍ଭପରି ମୁଁ ମଧ୍ୟ ଅନେକ କଥା କହିଅଛୁ, ତାହିଁ କିଛି ତ ହେଲା ନାହିଁ । କାହିଁକି ବା ହେବ ? ଆନ୍ତରିକତା ନାହିଁ, ସ୍ୱାର୍ଥତ୍ୟାଗ ନାହିଁ, ସତ୍ୟର ଉପରେ ଦୃଢ଼ବିଶ୍ୱାସ ନାହିଁ, ଧର୍ମପ୍ରାଣତା ନାହିଁ । କୁହ ଆଜି ମୋ ଦ୍ୱାରା ବିଧାତାଙ୍କର ଏପରି ପବିତ୍ର କାର୍ଯ୍ୟ ହୋଇପାରିବ ? ମହାପୁରୁଷ ଇଶା କହିଛନ୍ତି, "ସର୍ଷପ କଣା ପରି ବିଶ୍ୱାସ ଯେବେ ହୃଦୟରେ ଥାଏ, ତେବେ ବିଶ୍ୱାସୀ ପର୍ବତକୁ କହିବ,

Digitized by srujanika@gmail.com

ପର୍ବତ ! ସ୍ଥାନାନ୍ତରିତ ହୋ । ପର୍ବତ ସ୍ଥାନାନ୍ତରିତ ହେବ ।" ବିଶ୍ୱାସୀ ଇଷ୍ଟ-ଦେବତାଙ୍କ ବଳରେ ବଳୀୟାନ୍ ହେଲେ ଅସମ୍ଭବ ସମ୍ଭବ ହୁଏ । ମାନବ ଅଳ୍ପଶକ୍ତି ସତ୍ୟ, କିନ୍ତୁ ମାନବ ମଧ୍ୟସ୍ଥ ବ୍ରହ୍ମଶକ୍ତି ଅନନ୍ତ । ଭକ୍ତ କହି-ଅଛନ୍ତି :—

"ତୋହର ଅଙ୍ଗରେ ପର୍ବତ
ଜଳେ ଭାସଇ ସୋଲ ବତ ।
ତୁ କୃପା କଲେ ଦେବ ହରି
ପଙ୍ଗୁ ହିଁ ଲଙ୍ଘି ପାରେ ଗିରି ।"

ବାସ୍ତବ ପଙ୍ଗୁ କି ଗିରି ଲଙ୍ଘେ ନାହିଁ ? କେତେ କ୍ଷୁଦ୍ର ବ୍ୟକ୍ତିଙ୍କ ଦ୍ୱାରା କେଡ଼େ କେଡ଼େ ମହତ୍ ବ୍ୟାପାରମାନ ସମାଧିତ ହେଉଅଛି । ଦରିଦ୍ର, ନୀରକ୍ଷର ସୂତ୍ରଧରର ଉଦ୍ଭାବିତ, ଦଶ ବାର ଜଣ ଧୀବରଙ୍କ ପ୍ରଚାରିତ ଧର୍ମ ଅଦ୍ୟ ପୃଥିବୀବ୍ୟାପୀ, ଦୋର୍ଦ୍ଦଣ୍ଡ ପ୍ରତାପ, ମହାମହିମାନ୍ୱିତ ରୋମର ପୋପ୍, ଯାହାଙ୍କ ଅଙ୍ଗୁଳି ଅଗ୍ରର ଇଙ୍ଗିତମାତ୍ରକେ ଇଉରୋପର ପ୍ରବଳପ୍ରତାପ ସମ୍ରାଟ୍‌ଙ୍କ ମସ୍ତକ ମୁକୁଟହୀନ ଏବଂ ଶତ ଶତ ହୀରକଖଚିତ ମୁକୁଟମଣ୍ଡିତ ମସ୍ତକ ଯାହାଙ୍କର ପଦପ୍ରାନ୍ତରେ ଅବଲୁଣ୍ଠିତ, ତାଙ୍କର ବିରୁଦ୍ଧରେ ଜର୍ମାନୀର ଜଣେ ସମ୍ବଳହୀନ ସାମାନ୍ୟ ସନ୍ନ୍ୟାସୀ ଦଣ୍ଡାୟମାନ ! ଆଶ୍ଚର୍ଯ୍ୟ ! କିନ୍ତୁ ଅଧିକତର ବିସ୍ମୟକର ବ୍ୟାପାର ଏହି ଯେ, ପୋପଙ୍କର ନୁହେଁ, ସେହି ସଂସ୍କାରକ ଲୁଥରଙ୍କର ଇଙ୍ଗିତରେ ଇଉରୋପୀୟ ସମାଜ—ଅଧିକାଂଶ ଧରିତ୍ରୀ ପରିଚାଳିତ । ପଙ୍ଗୁ କି ଗିରି ଲଙ୍ଘନ କରେ ନାହିଁ ? ଇତିହାସର ପୃଷ୍ଠା ଉଦ୍‌ଘାଟନ କଲେ, ଏବଂ ପ୍ରକୃତିପୃଷ୍ଠସ୍ଥ ଘଟନାନିଚୟ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟତଃ ଦେଖାଯାଏ, ପଙ୍ଗୁ ଗିରି ଲଙ୍ଘନ କରେ । ଜଗତ୍‌ପିତାଙ୍କ ବିଶେଷ ଲୀଳା ଯେ, ସେ ପଙ୍ଗୁଦ୍ୱାରା ଗିରି ଲଙ୍ଘନ କରାନ୍ତି । ବୋଧହୁଏ ସବଳ ଲୋକଦ୍ୱାରା ମହତ୍‌କାର୍ଯ୍ୟ ସମାଧିତ ହେଲେ କାଳେ ଲୋକେ ମାନବ ହସ୍ତ ଦେଖି ସନ୍ତୁଷ୍ଟ ହେବେ, ତେଣୁ କ୍ଷୁଦ୍ର ଘଟନାରୁ କ୍ଷୁଦ୍ର ବ୍ୟକ୍ତିଦ୍ୱାରା ବଡ଼ କାର୍ଯ୍ୟ ହୁଏ । କିନ୍ତୁ ମନୁଷ୍ୟ ବଡ଼ ଅବିଶ୍ୱାସୀ, ସଂସାରାସକ୍ତ, ସନ୍ଦିଗ୍ଧ । ବିଶ୍ୱାସୀ କହନ୍ତି ଓ ବିଶ୍ୱାସ କରନ୍ତି—"ଯତୋ ଧର୍ମ ସ୍ତତୋ ଜୟ" । ସେ ଦେଖନ୍ତି ପରିଦୃଶ୍ୟ-ମାନ ଜଗତ୍ ସଂସାରରେ ବାହ୍ୟତଃ ମନ ଉପରେ ଦେହର, ଚେତନ ଉପରେ ଜଡ଼ର, ସୂକ୍ଷ୍ମ ଉପରେ ସ୍ଥୂଳର କ୍ଷଣିକ ସାମୟିକ ଜୟ ହେଉଥିଲେହେଁ,

Digitized by srujanika@gmail.com

ପରକ୍ଷଣମରେ ଏହାର ଯଥାର୍ଥ ଶପଗ୍ରାଭ ସଂଘଟନ କେଉଁଅଛି । ସ୍ଥିର ଗମ୍ଭୀର ଭାବରେ ଅନୁଧାବନ କଲେ ପରିଦୃଷ୍ଟ ହେବ ଯେ, ଜଗତ୍ ସଂସାର ପ୍ରହେଳିକାପୂର୍ଣ୍ଣ ବାହ୍ୟ ଜଗତର ଅନ୍ତସ୍ଥଳରେ ପରାଜୟ ଛକ ରହୁଛି । ଯାହା ସ୍ଥୂଳ ଦୃଷ୍ଟିରେ ହେୟ, ସୂକ୍ଷ୍ମ ଦୃଷ୍ଟିରେ ତାହାହିଁ କାଂକ୍ଷ୍ୟମାନ ସତ୍ୟ ଏବଂ ଅବଶେଷରେ ତାହାହିଁ ପୁଣି ଜୟଶ୍ରୀବିମଣ୍ଡିତ ହୋଇ ଧୀର ପଦବିକ୍ଷେପରେ ବିଶ୍ୱବ୍ରହ୍ମାଣ୍ଡ-ମାନସ-ସିଂହାସନରେ ଅଧିରୋହଣ କରୁଅଛି । ଏହି ମଙ୍ଗଳ ସୃଷ୍ଟିର ପ୍ରଭାବଭୂଷିତ କପୋଳ ଲଲାଟରେ ସୌଦାମିନୀପ୍ରଭ ଅକ୍ଷରଗୁଚ୍ଛରେ ଲିଖିତ ଅଛି "ଯତୋଧର୍ମ ସ୍ତତୋ ଜୟ ।"

ଆମ୍ଭମାନଙ୍କ ଭୀରୁ ମନ କହୁଅଛି, "ହିଁ ସବୁ କରିବାକୁ ହେବ, କିନ୍ତୁ ଅଳ୍ପେ ଅଳ୍ପେ ଲୋକଙ୍କୁ ମଣେଇ ନେବାକୁ ହେବ । ସନ୍ଧି କରି ସମସ୍ତଙ୍କୁ ସଙ୍ଗରେ ଘେନିଯିବାକୁ ହେବ । ନଚେତ୍ ସମାଜ ବିଶୃଙ୍ଖଳ, ବିପର୍ଯ୍ୟସ୍ତ ହୋଇ ଛାରଖାର ହୋଇଯିବ । ସତ୍ୟଦ୍ୱାରା କି କେବେ ସମାଜ ଛାରଖାର ହୁଏ ? ଅସତ୍ୟ, ଅନ୍ୟାୟ, ଅତ୍ୟାଚାର ସଙ୍ଗରେ ସନ୍ଧି ସ୍ଥାପନ ରୂପ ଅସ୍ୱ-ପ୍ରବର୍ତ୍ତନାରେ କେଉଁ କିଛି ମହତ୍‌କାର୍ଯ୍ୟ ସମାଧାନ କରିଅଛି ? ସତ୍ୟ ଆମ୍ଭମାନଙ୍କୁ କ'ଣ ରକ୍ଷିବ ? ଆମ୍ଭେମାନେ ବରଂ ସତ୍ୟକୁ ରକ୍ଷା କରିବାକୁ-ଯେପରି ସତ୍ୟସ୍ୱରୂପ ଜଗତ୍‌କର୍ତ୍ତା ଗୃହାନ୍ତ ସଂସାରଟା ବିନଷ୍ଟ ହୋଇଯାଉ । ଅଧିକ ବୁଦ୍ଧିମାନ୍ ମନୁଷ୍ୟ ଯେପରି ଉନ୍ନତ ପଶୀକୁ ଘଣ୍ଟି ଘୋଡ଼ାଇଲା ଭଳି ଜଗତ୍ ସଂସାରଟାକୁ ଘଣ୍ଟି ଘୋଡ଼ାଇ ରଖିବାକୁ ଚେଷ୍ଟା କରେ । ଏହା ଦେଖି ଭକ୍ତଙ୍କ ଓ ଜଗତ୍‌ପ୍ରଭୁ ହସନ୍ତି । କହନ୍ତି, ନିର୍ବୋଧ ! ଜଗତର ପ୍ରବଣତା ଯେବେ ଧ୍ୱଂସ ଆଡ଼କୁ, ପାପ ଆଡ଼କୁ ହୁଅନ୍ତା, ତୋର ସାଧ୍ୟ କଣ ତୁ ତାକୁ ବାଧା ଦେଇ ଧରି ରଖନ୍ତୁ । ପ୍ରାବୃଟ କାଳୀନ କ୍ଷୁଦ୍ର ସ୍ରୋତସ୍ୱତୀର ଜଳପ୍ରବାହକୁ ବାଧା ଦେବାର ତୋର ସାଧ୍ୟ ନୁହେଁ । ତୁଅଚଞ୍ଚଳ ଗ୍ରହ-ଉପଗ୍ରହ-ଜ୍ୟୋତିଷ୍କମଣ୍ଡିତ ଅନନ୍ତ ବିଶ୍ୱବ୍ରହ୍ମାଣ୍ଡ ସମ୍ଭାଳିବାକୁ ଭାବୁଛ ? ଛି, ଛି ! ତୋ' କର୍ମ ତା' ନୁହେଁ । ଦେଖ, ଜୟନ୍ତ, ମଙ୍ଗଳ, ସତ୍ୟର ଧ୍ୱଜା ବିଶ୍ୱବ୍ରହ୍ମାଣ୍ଡର ଶାଶ୍ୱତ ଗଗନରେ ଉଡ୍‌ଡୀୟମାନ ହେଉଅଛି—

"Throughout the ages one increasing purpose runs
"And the minds of men are widened
'Through the process of the Suns"   —Tennyson

Digitized by srujanika@gmail.com

ଜଣେ ସମାଜ-ସଂସ୍କାରକଙ୍କ କଥା ପଢ଼ିଲୁ । ସେ ବାଳବିଧବା ବିବାହ ପ୍ରଚଳନ କରିବା ନିମନ୍ତେ ବଦ୍ଧପରିକର ହେଲେ । ପୁଣି କିଛୁଦିନ ପରେ ନୈରାଶ୍ୟରେ ତାହା "ଅଧୁନା ପରିତ୍ୟାଗ" କରି "ପରିମାର୍ଜିତ" ଆକାରରେ "ଯୁବତୀବିବାହ" ପ୍ରଚଳନ କରିବାର ପ୍ରସ୍ତାବ କରିଅଛନ୍ତି । ଆମ୍ଭମାନଙ୍କର ଭୟ ହେଉଛି, ଏ ବିଷୟରେ ମଧ୍ୟ ସେ ବୃଥା ଅର୍ଥ ବ୍ୟୟ କରି କାଗଜପତ୍ର ଛପାଇବେ । ରାଜା, ଜମିଦାର, ଧନୀ, ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବଣ୍ଟନ କରିବେ ଏବଂ ତହିଁରେ କିଛି ଉତ୍ତର ନ ପାଇ ନୈରାଶ୍ୟରେ ମଗ୍ନ ହେବେ । ବାସ୍ତବିକ କାହିଲେ କେହି ଶୁଣିବ ନାହିଁ । ତୁମ୍ଭେ କାହିବ ବୋଲି ଲୋକେ କି ନିଜର ଚିରପ୍ରଚଳିତ ବିଶ୍ୱାସ, ଲୋକାଚାର, ଅର୍ଥ ଓ ସାଂସାରିକ ଲାଭ ପରିତ୍ୟାଗ କରି ତୁମ୍ଭ ମତାବଲମ୍ବୀ ହେବେ ? ଗୀତୋକ୍ତ "ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ"—ଉକ୍ତି କି ସେମାନଙ୍କ କର୍ଣ୍ଣଗତ ନାହିଁ ? ତୁମ୍ଭର ଯେବେ ନୂତନ ବିଶ୍ୱାସ ହୋଇଥାଏ, ତେବେ ସମଧର୍ମୀ ଭ୍ରାତାଭଗିନୀମାନଙ୍କ ସଙ୍ଗରେ ଯୋଗ ଦିଅ ବା ନୂତନ ମଣ୍ଡଳୀ ସଂଗଠନ କର । ରାଜା, ଜମିଦାର, ଧନୀମାନଙ୍କୁ ଛାଡ଼—ସେମାନେ ତାଙ୍କ ମାନ ତୁମ୍ଭଙ୍କୁ ଏତେ ସହଜରେ ଦେବେ ନାହିଁ ! ତୁମ୍ଭେ ଲେଙ୍ଗୁଟିଆ, ବିପଦଭଞ୍ଜଣା ସହି ସମାଜ ସଂସ୍କାର କରିବ, ସେ ବେଢ଼ମାଲି ଦେଖି କରିବେ । ତାଙ୍କର ସଂସାର ଗୋଲାପଜଳସିଞ୍ଚିତ, କଣ୍ଟକକନ୍ତାବୃତ ନୁହେଁ ।

ଭାଇ ! ଆପଣ ତ ବାଳବିଧବା ବିବାହ ଛାଡ଼ିଲେ ! ଯୁବତୀବିବାହ ମାତ୍ର କି ଆପଣଙ୍କର ଅଭିପ୍ରେତ ? କାହିଁ ଆପଣଙ୍କ ପ୍ରବନ୍ଧରେ ତାହା କହୁନାହିଁ ? ପଚାରେ, କେବଳ ଯୁବତୀବିବାହ ହେଲେ କି ଆପଣଙ୍କ କୋଉ ଅସୁବିଧା ଦୂରୀଭୂତ ହେବ ? ହେଲା, ଅଷ୍ଟମ ବର୍ଷ ପରିବର୍ତ୍ତରେ ଚତୁର୍ଦ୍ଦଶ ବା ତଦୂର୍ଦ୍ଧ୍ୱ ବର୍ଷରେ ବାଳିକାବିବାହ କରିବ । କିନ୍ତୁ "ନିର୍ବାଚନ" କିପରି ହେବ ? ଦୁରାଗ୍ରହୀ ବାଳକ ଓ ସୁଶୀଳା ବାଳିକା, ସୁଶିକ୍ଷିତ ସ୍ୱାମୀ ଓ ଅଶିକ୍ଷିତା ସ୍ତ୍ରୀ, ଇତ୍ୟାଦି ବିଷମ ବିବାହ କେମନ୍ତ ନିବାରିତ ହେବ ? ତେବେ ଆପଣ ଗୃହାନ୍ତ ଅନ୍ତତଃ ଓଡ଼ିଶାରୁ "ଅବରୋଧ" ପ୍ରଥା ଉଠାଇବାକୁ ? ନଚେତ୍ ସମଗ୍ର ଉତ୍କଳୀୟ ବ୍ରାହ୍ମଣ କିପରି ଯୋଗ ଦେବେ ? ପୁଣି ଏହି ମତଭେଦ କାରଣରୁ ଆପଣମାନେ ଅଳ୍ପସଂଖ୍ୟକ ବ୍ରାହ୍ମଣ ବନ୍ଧୁ

Digitized by srujanika@gmail.com

ହେବେ । ଅନ୍ୟାନ୍ୟ ଜାତିମାନଙ୍କ ସହିତ ଆଦାନପ୍ରଦାନ ନ କଲେ ଆପଣମାନଙ୍କର ବିବାହ ପରିସର (circle) ର ଅଳ୍ପତା ହେତୁଁ ମହା ବିଭ୍ରାଟରେ ପଡ଼ିବାକୁ ହେବ । ଏହା ଅନାବଶ୍ୟକ ବୋଧ ହେଲେହେଁ କାର୍ଯ୍ୟତଃ (practically) ଅପରିହାର୍ଯ୍ୟ ହେବ । ଅତଏବ ସମସ୍ତେ ଜାତିଭେଦ ଶୃଙ୍ଖଳ ମଧ୍ୟ ଭାଙ୍ଗିବାକୁ ହେବ । କିନ୍ତୁ ହାୟ ! ଏପରି ଗୁରୁତର ପରିବର୍ତ୍ତନମାନ କି ଏପରି ସହଜ ଉପାୟରେ ସମାଧିତ ହୋଇପାରେ ? ଆପଣ କହିପାରନ୍ତି, ବର୍ତ୍ତମାନ ନ ହେଉ । "ବାଲବିଧବା ବିବାହ" ପ୍ରସ୍ତାବ ପରି ଏହା ମଧ୍ୟ ପରିତ୍ୟକ୍ତ ହେବ କିନ୍ତୁ କାଳକ୍ରମରେ ସିଦ୍ଧ ହୋଇଯିବ । କିନ୍ତୁ ସମୟ ନିକଟ କେବେଁ ଆସେ ନାହିଁ, ତାର କେଶାକର୍ଷଣ କରି କ୍ଷଣଜନ୍ମା ପୁରୁଷମାନେ ଆଣନ୍ତି ଏବଂ ସମସାମୟିକ ସାମାଜିକମାନଙ୍କ ଦ୍ୱାରା ଦଣ୍ଡିତ ହୁଅନ୍ତି । ଇତିହାସପ୍ରତି ଦୃଷ୍ଟିନିକ୍ଷେପ କର । ମହାତ୍ମା ସକ୍ରେଟିସ୍, ଖ୍ରୀଷ୍ଟ, ଲୁଥର, ଥିଓଡର ପାର୍କର, ଗାଲିଲିଓ ପ୍ରଭୃତି ମହାତ୍ମାଙ୍କ ସମକ୍ଷରେ କି ସମୟ ଆସିଥିଲା । ସେମାନଙ୍କ ସମସାମୟିକ ବ୍ୟକ୍ତିମାନେ କି ସେମାନଙ୍କ ପ୍ରଚାରିତ ସତ୍ୟ ନିର୍ବିବାଦରେ ଗ୍ରହଣ କରିଥିଲେ ? ନା, ସେମାନେ ନିଜେ ଯନ୍ତ୍ରଣା ପାଇ ସ୍ୱ ସ୍ୱ ପ୍ରାଣ ଉତ୍ସର୍ଗ କରି ସମୟକୁ ଦ୍ରୁତଗାମୀ କରାଇଥିଲେ, ପୃଥିବୀକୁ ସତ୍ୟପଥରେ ପ୍ରଧାବିତ କରାଇଥିଲେ । ସମାଜରେ ଘୋର ଅତ୍ୟାଚାର ଅସତ୍ୟର ପ୍ରାଦୁର୍ଭାବ ହେଲେ ପରମେଶ୍ୱର ଉକ୍ତ ସମାଜକୁ ନୂତନ ସତ୍ୟ ପ୍ରେରଣ କରନ୍ତି । କିନ୍ତୁ ସମସ୍ତ ସାମାଜିକବର୍ଗ ସେ ସତ୍ୟାଲୋକ ଦର୍ଶନ କରିପାରନ୍ତି ନାହିଁ । କେବଳ ଦୂରଦର୍ଶୀ କତିପୟ କ୍ଷଣଜନ୍ମା ପୁରୁଷଙ୍କ ଚକ୍ଷୁ ସମୀପରେ ପ୍ରୋକ୍ତ ସତ୍ୟାଲୋକ ଉଦ୍ଭାସିତ ହୁଏ । ସେମାନେ ତାହା ସ୍ୱୀୟ ଜୀବନରେ ବୀରୋଚିତ ଭାବରେ ପ୍ରମାଣିତ କରନ୍ତି । ଲୋକେ ତାଙ୍କୁ ବିଦ୍ରୂପ କରନ୍ତି, କିନ୍ତୁ ବିଦ୍ରୂପକାରୀ ରାଜା, ଧନୀ, ଜ୍ଞାନୀ, ପଦସ୍ଥ କେଉଁଆଡ଼େ ଯାଆନ୍ତି । ଶେଷକୁ ସେହି ମହାତ୍ମାମାନଙ୍କର ଜୟ ହୁଏ । ଶ୍ରୀବତ୍ସ ବାବୁ ପଦସ୍ଥ, ଜ୍ଞାନୀ, ମାନୀ ନ ହେଲେହେଁ ଯେପରି ଯଥାସାଧ୍ୟ ଚେଷ୍ଟାରେ ଲବ୍ଧ ଜ୍ଞାନ ପ୍ରଚାର କରୁଅଛନ୍ତି ତହିଁପାଇଁ ତାଙ୍କୁ ଆମ୍ଭେମାନେ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛୁଁ । କିନ୍ତୁ ଭାଇ ! ପ୍ରଚାର ଦିନ ଗଲାଣି । ଆମ୍ଭେମାନେ ଅନେକ ବୁଝିଥାଉଁ, ଆମ୍ଭ ସମାଜରେ ଅନେକ କୁସଂସ୍କାର ଅଛି । କେଉଁ ସମାଜରେ ନ ଥିଲା ବା ନାହିଁ ? ଚାଲ ଆମ୍ଭେମାନେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ପ୍ରଭୃତି ଭେଦବୁଦ୍ଧି ଛାଡ଼ି ସମସ୍ତେ ସମାଜର ମଙ୍ଗଳବିଧାନ ପାଇଁ ଚେଷ୍ଟିତ

Digitized by srujanika@gmail.com

ହେବ । କଥା ଅଛି, "ଛଟାଙ୍କିଏ କାର୍ଯ୍ୟ ମହଣେ ଉପଦେଶ ଅପେକ୍ଷା ଶ୍ରେଷ୍ଠ ।" ବର୍ତ୍ତମାନ କାର୍ଯ୍ୟର ଯୁଗ, କଥା ତ ଅନେକ କହୁଗଲେଣି, ସେଥିରେ ନୂତନତ୍ୱ କିଛି ନାହିଁ । **Half measure**ରେ ଆଉ କାର୍ଯ୍ୟ ଚଳିବ ନାହିଁ, ସମ୍ପୂର୍ଣ୍ଣ ସତ୍ୟକୁ ଆପଟି ଧରିବାକୁ ହେବ । ଏହି ସମ୍ପୂର୍ଣ୍ଣ ସତ୍ୟ କଣ ଏବଂ ତାହା କିପରି କାର୍ଯ୍ୟରେ ପରିଣତ କରିବାକୁ ହେବ ? ପାଶ୍ଚାତ୍ୟ ଶିକ୍ଷା ପାଇ ଆମ୍ଭମାନଙ୍କର ଅନେକ ବିଶ୍ୱାସ ପରିବର୍ତ୍ତିତ ହୋଇଛି । ବର୍ତ୍ତମାନ ଜରାଗ୍ରସ୍ତ ସମାଜର ରୀତିନୀତିରେ ଆମ୍ଭମାନଙ୍କ ମନ ମାନୁନାହିଁ । ଆମ୍ଭେମାନେ ମନ ଅନୁଯାୟୀ ସମାଜ ଦେଖିବାକୁ ଇଚ୍ଛୁକ । କିନ୍ତୁ ସେ ଆଦର୍ଶସମାଜ ଗଢ଼ିବ କିଏ ? ତାହା ଆୟାସସାଧ୍ୟ । ଇଂରାଜି ଶିକ୍ଷା ଯେତେ ବିସ୍ତୃତ ହେବ ଲୋକଙ୍କ ମନରେ ସେତେ ସାମାଜିକ କୁସଂସ୍କାର ପ୍ରତିହତ ହେବ । କିନ୍ତୁ ଏହା ବିନାଶ (**destructive**) କାର୍ଯ୍ୟ, ଗଠନକାର୍ଯ୍ୟ; ଏକ ଇଂରାଜି ଶିକ୍ଷାର କାର୍ଯ୍ୟ ନୁହେଁ । ଯେତେବେଳେ ବଙ୍ଗଦେଶରେ ଏହି ବିନାଶ କାର୍ଯ୍ୟ ପ୍ରବଳ ବେଗରେ ସମ୍ପାଦିତ ହେଉଥିଲା, ନବ୍ୟଶିକ୍ଷିତ ସମ୍ପ୍ରଦାୟ, ଘୋର ନିରୀଶ୍ୱର ଓ ଉଚ୍ଛୃଙ୍ଖଳ ହୋଇପଡ଼ିଲେ, କେହିବା ନିଜ ଧର୍ମ-ପିପାସା ନିବାରଣ କରିବା ପାଇଁ ଖ୍ରୀଷ୍ଟାନ୍ ହୋଇଗଲେ, ସେତିକିବେଳେ ବଙ୍ଗଦେଶରେ ଏକେଶ୍ୱରବାଦ ପ୍ରଚାରକ ଓ ସମାଜସଂସ୍କାରକ ରାମମୋହନ ରାୟଙ୍କ ଦ୍ୱାରା ବ୍ରାହ୍ମସମାଜ ସ୍ଥାପିତ ହେଲା । ସେହିପରି ପଞ୍ଜାବରେ ମଧ୍ୟ ଦୟାନନ୍ଦ ସରସ୍ୱତୀଙ୍କ ସ୍ଥାପିତ ଆର୍ଯ୍ୟସମାଜ ସୃଷ୍ଟି ହେଲା । ଆମ୍ଭମାନଙ୍କର ବିଶ୍ୱାସ, ଏହି ଉତ୍କଳରେ ମଧ୍ୟ ଗଠନର ସମୟ ଉପସ୍ଥିତ ହୋଇଛି । ଅନେକ ନବ୍ୟଶିକ୍ଷିତ ଯୁବକ ପୁରାତନ ରୀତିନୀତିରେ ବିଶ୍ୱାସୀ ନୁହନ୍ତି । ଅଥଚ ଭାରତବର୍ଷରେ ସେମାନଙ୍କ ଆଦର୍ଶାନୁଯାୟୀ କୌଣସି ସଂସ୍କୃତ ସମାଜ ନାହିଁ । ଏପରିସ୍ଥଳରେ ସେମାନଙ୍କ ମନରେ **Construction** ବା ଗଠନର ଚିନ୍ତା ଉଦିତ ହେଉଅଛି । ସେମାନଙ୍କ ସ୍ୱ ସମାଜପ୍ରତି ଗୁରୁତର କର୍ତ୍ତବ୍ୟ ଅଛି । ଉତ୍କଳରେ ଯେ ସଂସ୍କାରକ ଦଳର ଅଭାବ ଅଛି, ଏହା ସ୍ପଷ୍ଟ । କାରଣ ବ୍ୟକ୍ତିବିଶେଷଦ୍ୱାରା ଏପରି କାର୍ଯ୍ୟ ହେବା ଅସମ୍ଭବ । କିନ୍ତୁ ଏ ଦେଶର ବିଶେଷ ଅଭାବ କ'ଣ କ'ଣ—କେଉଁ କେଉଁ ସାମାଜିକ ପରିବର୍ତ୍ତନ ଆବଶ୍ୟକ, ତାହା କେଉଁ ଆଦର୍ଶରେ କାର୍ଯ୍ୟରେ ପରିଣତ ହେବା ଉଚିତ, ଏ ବିଷୟ ଗୁରୁତର । ତାହା ପ୍ରବନ୍ଧାନ୍ତରରେ ଆଲୋଚନା କରିବାକୁ ଇଚ୍ଛା ରହିଲା ।

Digitized by srujanika@gmail.com

ସାମାଜିକ ଯତ୍କିଞ୍ଚିତ୍

(୧) ଜାତି ଓ ଉନ୍ନତି

ଅଧୁନିକ ଉତ୍କଳ-ସମାଜକୁ ବ୍ରାହ୍ମଣ, ଖଣ୍ଡାୟତ, କରଣ, ଚଷା ଓଡ଼, ଗୁଡ଼ିଆ ଏବଂ ଅସ୍ପର୍ଶୀୟ ଜାତି ଏହିପରି କେତେଗୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ପୂର୍ବ ବିଭାଗର କ୍ରମ ସାମାଜିକ ଗୌରବ ବିବେଚନାରେ ହୋଇଅଛି ବୋଲିବାକୁ ହେବ । ମାତ୍ର ପ୍ରକୃତପକ୍ଷେ କରଣ ମଣ୍ଡଳୀ ହିଁ ଅଧୁନିକ ପାଶ୍ଚାତ୍ୟ ଶିକ୍ଷା, ରାଜକାର୍ଯ୍ୟ ଇତ୍ୟାଦିରେ ଉତ୍କଳର ଅଗ୍ରଗଣ୍ୟ । ଅନ୍ୟାନ୍ୟ ଜାତିମାନଙ୍କ ମଧ୍ୟରେ ବ୍ରାହ୍ମଣ ଓ ଖଣ୍ଡାୟତମାନେ ଆଧୁନିକ ବିଦ୍ୟାଚର୍ଚ୍ଚାରେ ଓ ରାଜକାର୍ଯ୍ୟାଦିରେ ସେତେ ଅଗ୍ରସର ହୋଇ-ପାରି ନାହାନ୍ତି । ଯଦିବା ପୁରାତନ ସମାଜରେ ବ୍ରାହ୍ମଣମାନେ ନିର୍ବିବାଦରେ ଉଚ୍ଚତମ ସୋପାନ ଅଧିକାର କରି ବସିଥିଲେ ଏବଂ ଖଣ୍ଡାୟତମାନେ କେବଳ ବ୍ରାହ୍ମଣଙ୍କଠାରୁ ନିମ୍ନତର ପାବଚ୍ଛ ଏବଂ ଅନ୍ୟାନ୍ୟ ଜାତିମାନଙ୍କଠାରୁ ଉଚ୍ଚତର ସୋପାନ ଅଧିକାର କରିଥିଲେ ତଥାପି ସୂକ୍ଷ୍ମଭାବରେ ବିବେଚନା କଲେ ଦେଖାଯିବ ଯେ, କରଣମାନେ ତୃତୀୟ ପାବଚ୍ଛରୁ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଅଛନ୍ତି । ନାନା କାରଣରୁ ଏପରି ଘଟିଅଛି । ଆମ୍ଭେମାନେ ଅଦ୍ୟ ଏହି ବିଷୟରେ କିଞ୍ଚିତ୍ ଆଲୋଚନା କରି ସ୍ୱୀୟ ଅପକ୍ୱ ମତ ବ୍ୟକ୍ତ କରିବୁ । ଯୋଗ୍ୟତର ବ୍ୟକ୍ତିବୃନ୍ଦ ଏ ବିଷୟରେ ହସ୍ତକ୍ଷେପ କଲେ ଉତ୍କଳର ପ୍ରକୃତ ସମାଜତତ୍ତ୍ୱ ପ୍ରକାଶିତ ହେବ । ସମାଜତତ୍ତ୍ୱ କବି କହୁଛନ୍ତି :—

"The old order changeth yielding place to new
And God fulfils himself in many ways
Lest one good custom should corrupt the age."
—Tennyson.

ଯାଏ ପ୍ରିୟ ପୁରାତନ   ଆସଇ ନବ୍ୟ ନୂତନ
ବିଧିର ଏ ନିତ୍ୟ ଶୁଭବିଧି ।

Digitized by srujanika@gmail.com

ବ୍ରାହ୍ମଣ ଭିକ୍ଷା କରେ । ଏହା କି ଉପଯୁକ୍ତ ? ଶାସ୍ତ୍ର କହେ, "ଭିକ୍ଷାଂ ନୈବଚ ନୈବ ଚ" । କଥାରେ କହନ୍ତି, "ମାଗିଲାଠାରୁ ହୀନ ନାହିଁ, ଦେଲାଠାରୁ ପୁଣ୍ୟ ନାହିଁ ।"

ଉତ୍କଳୀୟ କ୍ଷତ୍ରିୟ ବଂଶଧର ବା ମହାନାୟକବୃନ୍ଦ କାୟିକ ପରିଶ୍ରମ ନ କରି କେବଳ ପ୍ରତିବେଶୀ ପୀଡ଼ନରୁ ଅନେକ ସମୟରେ ଜୀବିକା କରନ୍ତି । ଏହା "କି ଦୁଷ୍ଟନିବାରଣ ଓ ସନ୍ଥପାଳନ" ଖଣ୍ଡାୟତଙ୍କ ପକ୍ଷରେ ଘୋର ନିନ୍ଦା ଓ ଖଳଙ୍କର କଥ ନୁହେଁ ? କବି କାଳିଦାସ କହିଛନ୍ତି—ଯାହାର ଓଡ଼ିଆ ଅନୁବାଦ "ବିପଦରୁ ତ୍ରାଣକାରୀ ପ୍ରକୃତ କ୍ଷତ୍ରିୟ" ।

ବୈଶ୍ୟ ଓ ଶୂଦ୍ରବୃନ୍ଦ ନିଜ ବୁଦ୍ଧିରେ ଉନ୍ନତ ନ ହେଲେ ଉପରି ଦୁଇ ଜାତି ସେମାନଙ୍କୁ ସ୍ୱେଚ୍ଛାକ୍ରମେ ସେମାନଙ୍କ ସମକକ୍ଷ ହେବାକୁ ଦେବେ ନାହିଁ । କିନ୍ତୁ ସାବଧାନ ଔଦ୍ଧତ୍ୟ ମାତ୍ରାଧିକ ଦମ୍ଭ ଏବଂ ଅଧଃପତନର ନିଶ୍ଚିତ କାରଣ । ତାହା ପ୍ରକୃତ ସାହସ ନୁହେଁ । ବରଂ ବିନମ୍ରତା ଓ ନମ୍ରୀ କେବଳ ପୂଜା ପାଏ । ଖ୍ରୀଷ୍ଟୀୟ ଧର୍ମଶାସ୍ତ୍ରରେ ଅଛି—

"Blessed are the humble in spirit."

ପୁରାତନ ଉତ୍କଳୀୟ ସମାଜରେ ବ୍ରାହ୍ମଣ, କ୍ଷତ୍ରିୟ ଏବଂ କରଣ ଏହି ତିନି ଜାତି ସମ୍ଭ୍ରାନ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ । ଭାରତରେ ତଥା ଓଡ଼ିଶାରେ ଇଉରୋପ ସଦୃଶ ଧନ ମର୍ଯ୍ୟାଦାର ମାନଦଣ୍ଡ ନୁହେଁ । ତାହା ହୋଇଥିଲେ ବୈଶ୍ୟ, ଶୂଦ୍ରାଦି ମଧ୍ୟ ମର୍ଯ୍ୟାଦା ପାଇଥାନ୍ତେ । ପୁରାତନ ସମାଜରେ ମର୍ଯ୍ୟାଦାର ମାନଦଣ୍ଡ, ବଂଶ, ସାହସ, ଦାନ ଇତ୍ୟାଦି । ବର୍ତ୍ତମାନ ସମାଜରେ ଧନ, ବିଦ୍ୟା ଓ ଚାକିରି ସମ୍ମାନର ମାନଦଣ୍ଡ ହୋଇଛି ।

ବର୍ତ୍ତମାନ ଦେଖାଯାଏ, କରଣମାନେ ଆଧୁନିକ ଉତ୍କଳରେ ସମ୍ଭ୍ରାନ୍ତମାନଙ୍କ ଶୀର୍ଷସ୍ଥାନୀୟ ବ୍ରାହ୍ମଣ ଏବଂ କ୍ଷତ୍ରିୟମାନଙ୍କଠାରୁ ଉନ୍ନତର ହୋଇ ମଧ୍ୟ ସେମାନଙ୍କ ମଧ୍ୟରେ କାହିଁକି ନବଯୁଗର ଉନ୍ନତ ଓ ସଭ୍ୟତା ପ୍ରବେଶ କରୁନାହିଁ ତାହା ଆଲୋଚନା କରାଯାଉ ।

କୌଣସି ଗୋଟିଏ ସମାଜରେ ହଠାତ୍ କୌଣସି କାରଣରୁ ପରିବର୍ତ୍ତନ ବା ବିପ୍ଳବ ଘଟିଲେ ଉକ୍ତ ସମାଜର ନେତା ଓ ଅଧିନାୟକଗଣ ସ୍ୱପକ୍ଷପାତୀ ପୂର୍ବ ଅବସ୍ଥାକୁ ସହଜରେ ତ୍ୟାଗ କରିବାକୁ କୁଣ୍ଠିତ ହୋଇ ଭବିଷ୍ୟତ୍‌କାଳ ନିମିତ୍ତ ସ୍ୱୀୟ ମହତ୍ତ୍ୱ ସଂରକ୍ଷଣ ନିମିତ୍ତ ଉତ୍ତରୋତ୍ତର

Digitized by srujanika@gmail.com

ପ୍ରତିକୂଳରେ ଦଣ୍ଡାୟମାନ ହୋଇ ସ୍ରୋତ ସ୍ରୋତର ଗତିବାଧା ରଚଣା କରିବାକୁ ଚେଷ୍ଟା କରନ୍ତି । କାଳକ୍ରମେ ସେ ଚେଷ୍ଟା ବ୍ୟର୍ଥ ହେବାର ଦେଖିଲେ ପୁନରାୟ ନୂତନ ନିୟମ ଅନୁସାରେ କାର୍ଯ୍ୟ କରି ନବ ନିୟମକୁ ଆଶ୍ରୟ କରନ୍ତି । ଯଦିଓ ନୈସର୍ଗିକ ମହତ୍ତ୍ୱ ଓ ଶ୍ରେଷ୍ଠତା ବଳରେ ସେମାନେ ପୁଣି ପୂର୍ବ ପ୍ରାଧାନ୍ୟ ଲାଭ କରିପାରନ୍ତି, ତଥାପି ପ୍ରଥମାବସ୍ଥାରେ ସେମାନେ ନୂତନ ସମାଜପଦ୍ଧତିରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିପାରନ୍ତି ନାହିଁ । ପକ୍ଷାନ୍ତରେ ଅପରାପର ଜାତିମାନେ ସାଧାରଣ ନିୟମାନୁଯାୟୀ ପୁରାତନ ସମାଜରେ ସ୍ୱୀୟ ଅପକୃଷ୍ଟ ସ୍ଥାନ ପରିତ୍ୟାଗ କରି ନିଜର ସୁବିଧା ନିମିତ୍ତ ନୂତନ ସମାଜର ନିୟମାନୁଯାୟୀ ଗୃହୀତ ହୋଇ ଉକ୍ତ ସମାଜର ଉତ୍କୃଷ୍ଟ ସ୍ଥାନ ଅଧିକାର କରନ୍ତି । କିନ୍ତୁ ପୁରାତନ ସମାଜରେ ସେମାନଙ୍କର ଏ ସ୍ଥାନ ପାଇବା ଅସମ୍ଭବ ଥିଲା, କାରଣ ସେ ଶ୍ରେଷ୍ଠତାର ମାନଦଣ୍ଡ ଭିନ୍ନ ଥିଲା । ଦୃଷ୍ଟାନ୍ତ ସ୍ୱରୂପ ପୁରାତନ ଜଙ୍ଗଲି ସମାଜରେ ଶ୍ରେଷ୍ଠତାର ମାନଦଣ୍ଡ ଥିଲା ବଳ ବା ବଂଶ ଗରିମା ବା ସାହସ । ବର୍ତ୍ତମାନ ସେ ସ୍ଥାନକୁ ବିଦ୍ୟା, ଧନ, ଗୁଣକର୍ମ ଅଧିକାର କରିଛି । ଏହି ନିୟମ ସ୍ୱାଭାବିକ; ବିଶେଷତଃ ଯେଉଁଠାରେ ଆଧୁନିକ ସମାଜର ଗଠନ ପୁରାତନ ସମାଜକୁ ଆଦୌ ଅପେକ୍ଷା ନ କରେ, ସେଠାରେ ଏ ନିୟମ ପ୍ରବଳ ଭାବରେ କାର୍ଯ୍ୟ କରେ ।

ବର୍ତ୍ତମାନ ଦେଖାଯାଉ, ଏହି ନିୟମ ଉତ୍କଳୀୟ ସମାଜରେ କିପରି କାର୍ଯ୍ୟ କରିଛି । ପୂର୍ବେ କ୍ଷତ୍ରିୟମାନେ ଦେଶ ଶାସନ କରୁଥିଲେ । ବ୍ରାହ୍ମଣମାନେ ସଂସ୍କୃତ ଶାସ୍ତ୍ରାଲୋଚନା କରି ଓ ବିଧି ବ୍ୟବସ୍ଥା ପ୍ରଣୟନ କରି, ଦେଶ ଶାସନରେ ରାଜାଙ୍କୁ ସାହାଯ୍ୟ କରି ରାଜାମାନଙ୍କଠାରେ ଆଦର, ସମ୍ମାନ ଓ ଜାଗିର—ବ୍ରହ୍ମୋତ୍ତର, ଦେବୋତ୍ତର ପାଉଥିଲେ । କରଣମାନେ ସାଧାରଣତଃ ରାଜକାର୍ଯ୍ୟ କରୁଥିଲେ । ଏହା ସ୍ପଷ୍ଟ ଯେ, କ୍ଷତ୍ରିୟ ବ୍ରାହ୍ମଣମାନଙ୍କ କାର୍ଯ୍ୟ ନୂତନ ସମାଜରେ ଜାତିଗତ ନ ହୋଇ ସ୍ୱତନ୍ତ୍ର ନିୟମ ହୋଇ ଚଳିଲା । ନୂତନ ସମାଜ ପୁରାତନ ରୀତିରେ ବ୍ରାହ୍ମଣ, କ୍ଷତ୍ରିୟଙ୍କ କାର୍ଯ୍ୟ ଆବଶ୍ୟକ କଲା ନାହିଁ । କିନ୍ତୁ କରଣମାନଙ୍କ କାର୍ଯ୍ୟ ପୂର୍ବବତ୍ ରହିଲା ଏବଂ ଅନ୍ୟ ଦୁଇ ଜାତି ସେମାନଙ୍କ ନିଜ ନିଜ ଜାତିଗତ ଜୀବିକାକୁ ବହୁକାଳ ପରେ ପରିତ୍ୟାଗ କରି କରଣମାନଙ୍କ ଜୀବିକା ହିଁ ଆଶ୍ରୟ କଲେ । ସ୍ୱାଭାବିକ ନିୟମାନୁଯାୟୀ କରଣମାନେ ଶ୍ରେଷ୍ଠସ୍ଥାନ ପ୍ରାପ୍ତ ହେଲେ ।

Digitized by srujanika@gmail.com

ବ୍ରାହ୍ମଣ, କ୍ଷତ୍ରିୟମାନେ ଜାତିଭେଦ ଓ ବର୍ଣ୍ଣମର୍ଯ୍ୟାଦା ଯେଣି ବ୍ୟସ୍ତ ହୋଇ ଅଧୁନିକ ଉନ୍ନତି ସ୍ରୋତରେ ନିଜକୁ ଭାସମାନ କଲେ ନାହିଁ । କେବଳ ପୂର୍ବାବସ୍ଥାକୁ ସ୍ମରଣ କରି ସମାଜକୁ ଭ୍ରୂକ୍ଷେପ ନ କଲେ ମଧ୍ୟ ନିଜର କଳ୍ପିତ ଶ୍ରେଷ୍ଠତାରେ ସ୍ଫୀତ ହେଲେ । ବର୍ତ୍ତମାନ ଜାତି-ଗର୍ବ ଅନ୍ତର୍ହିତ ହେଉଅଛି । ବ୍ରାହ୍ମଣ, କ୍ଷତ୍ରିୟମାନେ ନିଜକୁ ଶ୍ରେଷ୍ଠତାର ସର୍ବଶ୍ରେଷ୍ଠ ମାନଦଣ୍ଡ କରି ନିଜ ନିଜ ମଧ୍ୟରେ ପାର୍ଥକ୍ୟ ଦର୍ଶନ କରନ୍ତି ଏବଂ କିଏ ଉତ୍କୃଷ୍ଟ ବ୍ରାହ୍ମଣ, କିଏ ଉତ୍କୃଷ୍ଟ କ୍ଷତ୍ରିୟ ଏହା ଯେଣି ବୃଥା ଗଣ୍ଡଗୋଳ କରନ୍ତି । କରଣମାନେ ସେଣିକି ମନ ନ ଦେଇ ପରସ୍ପରକୁ ସାହାଯ୍ୟ କରୁଥିବାର ଶୁଣାଯାଏ ।

କରଣ ଉପ୍ରାନ୍ତ, ସନ୍ତୁଷ୍ଟ, ଏବଂ କାର୍ଯ୍ୟକୁଶଳ । କ୍ଷତ୍ରିୟ ଅସନ୍ତୁଷ୍ଟ, ଦୁଃସାହସୀ ଏବଂ ନିର୍ଭୀକ । ଗୋଟିଏ କରଣ ବାଳକ ଯେଉଁ ସ୍ଥଳରେ ବିଦେଶରେ ବହୁକଷ୍ଟ ସହ୍ୟ କରି, ଅପମାନ ପାଇ ବିଦ୍ୟା ଅଧ୍ୟୟନ କରେ, ଗୋଟିଏ କ୍ଷତ୍ରିୟ ବାଳକ ସେହି ସ୍ଥଳରେ କଳହ କରି ଗୃହକୁ ଧାବିତ ହୁଏ । ଅବଶ୍ୟ ଏ ନିୟମର ବ୍ୟତିକ୍ରମ ଅଛି । କିନ୍ତୁ ଅନେକ ସ୍ଥଳରେ ଏହା ପରୀକ୍ଷିତ । ଅବଶ୍ୟ ଆତ୍ମସମ୍ମାନ ବୋଧ ମନୁଷ୍ୟତ୍ୱର ଲକ୍ଷଣ କିନ୍ତୁ ଆତ୍ମସମ୍ମାନବୋଧ ଓ କଳହପ୍ରିୟତା ବିଭିନ୍ନ ପଦାର୍ଥ । ଏତଦ୍ଦ୍ୱାରା ଆମ୍ଭେମାନେ କ୍ଷତ୍ରିୟର ଅତୁଳ ଗୁଣଟିକୁ ବିସର୍ଜନ ଦେବାକୁ କହୁନାହୁଁ ।

ବ୍ରାହ୍ମଣ, କ୍ଷତ୍ରିୟମାନଙ୍କର ଅନ୍ୟ ଜୀବିକା ଅଛି, ବ୍ରାହ୍ମଣର ଭିକ୍ଷା ଓ ପୌରୋହିତ୍ୟ ଏବଂ କ୍ଷତ୍ରିୟର କୃଷି ଓ ଲାଠି । କିନ୍ତୁ କରଣ ପ୍ରାୟ ବୃତ୍ତି-ହୀନ । ଉପରୋକ୍ତ କାରଣମାନଙ୍କରୁ ପୁରାତନ ସମାଜରେ ବ୍ରାହ୍ମଣ ପ୍ରଥମ, କ୍ଷତ୍ରିୟ ଦ୍ୱିତୀୟ ଏବଂ କରଣ ତୃତୀୟ ସ୍ଥାନ ଅଧିକାର କରିଥିଲେ । ନିରପେକ୍ଷଭାବରେ ବିଚାର କଲେ ଏହା ସ୍ପଷ୍ଟ ଦେଖାଯିବ ।

ଉପସଂହାରରେ ଆମ୍ଭେମାନେ ଏତିକି କହୁଁ ଯେ, ଜାତି ଗଲାଣି, ଯାଉଛି ଓ ଯିବ । ଯାହା ଯିବ ତାହା ସପକ୍ଷରେ ଦଣ୍ଡାୟମାନ ହୋଇ ବୃଥା ଉଦ୍ୟମ, ଉତ୍ସାହ ନଷ୍ଟ କରିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ । ପ୍ରକୃତି ଯାହାର ବିରୋଧୀ, କାହାର ସାଧ୍ୟ ତାକୁ ରକ୍ଷା କରିବ ? ଇତିହାସ ପାଠକମାନେ ଜାଣନ୍ତି ଯେ, ଜାତି ଈଶ୍ୱରସୃଷ୍ଟ ନୁହେଁ । କୌଣସି ବିଶେଷ ଯୁଗର ସାମାଜିକ ଶୃଙ୍ଖଳା ନିମିତ୍ତ ମାନବୀୟ ଉଦ୍ଭାବନ ମାତ୍ର । ସକଳ ଯୁଗରେ

Digitized by srujanika@gmail.com

ଏହା ପ୍ରଯୁଜ୍ୟ ନୁହେଁ । ଅଳି ଯାହା ଉପକାରୀ, କାଲି ସେ କେବଳ ଅନୁପକାରୀ, ତାହା ନୁହେଁ; ଅନେକ ସ୍ଥଳରେ ତାହା ଅନିଷ୍ଟକାରୀ । ବର୍ତ୍ତମାନ ଜାତିପ୍ରଥା ତାହାହିଁ ହୋଇଛି । ସମାଜତତ୍ତ୍ୱବିଦ୍ କହୁଛନ୍ତି :—

> "Ring out the slowly dying cause
> And ancient forms of party strife
> Ring in the nobler modes of life
> With sweeter manners and purer laws."

---

(୩) ବିଧବାବିବାହ ଓ ସତୀତ୍ୱ

ଅତି ଅକ୍ଷେପର ବିଷୟ ଯେ, ଅଦ୍ୟାବଧି ଓଡ଼ିଶାର କେତେକ ବିଧବା-ବିବାହକାରୀ ଜାତିମଧ୍ୟରେ ବିଧବାବିବାହ ଧନକୁଧନ ଘୃଣିତ ହେଉଅଛି । ବିଧବାବିବାହ ବିପକ୍ଷରେ ଗୋଟିଏ ଅପତ୍ତି ଏହି ଯେ, ଏହା ପ୍ରଚଳିତ ଥିଲେ ସ୍ତ୍ରୀମାନଙ୍କ ସତୀତ୍ୱ ନଷ୍ଟ ହେବ । ଅମ୍ଭେମାନେ କହୁଁ ଠିକ୍ ବିପରୀତ । ଗୋଟିଏ ନାରୀ ଯୌବନୋଦୟ ପୂର୍ବରୁ କିମ୍ବା କିଞ୍ଚିତ୍ ପରେ ବିଧବା ହେଲେ, ତାହାର କୌଣସି ଜଣକୁ ଆଶ୍ରୟ କରି ଚଳିବା ଉଚିତ ନା ଋଷିପ୍ରଦ ନାମରେ ସମାଜକୁ କଳଙ୍କିତ କରି ସୁନାର ସଂସାର ଚୂନା କରିବା ଶ୍ରେୟସ୍କର ? କଥାରେ କହନ୍ତି, 'ସଣ୍ଢ', 'ରାଣ୍ଡ' । ତହିଁରେ ପୁଣି ଯଦି ଯୌବନ ଥାଏ । ଅବଶ୍ୟ ସର୍ବତ୍ର ଯେ ଏପରି ହୁଏ, ତାହା ଅମ୍ଭେମାନେ ଜାଣୁନା । କିନ୍ତୁ ଅଧିକାଂଶ ସ୍ଥଳରେ ଏହା ସତ୍ୟ । ତରୁଣୀ ସନ୍ତାନହୀନା ବିଧବା ନିଜ ଚରିତ୍ରକୁ ଘୃଣିତ କରି ସମାଜକୁ କଳଙ୍କିତ କରି କେତେ ପରିବାରରେ ଅନିଷ୍ଟ ଘଟାଏ ।

ପୁନଶ୍ଚ ବୟୋବୃଦ୍ଧ ମୃତପତ୍ନୀକ ତାହାର ସମବୟସ୍କାକୁ ବିବାହ କଲେ ଉଭୟେ ସୁଖରେ ରହିବାର ସମ୍ଭାବନା । କିନ୍ତୁ ଅଧିକାଂଶ ମୃତପତ୍ନୀକମାନଙ୍କ ସମବୟସ୍କା ଅବିବାହିତା କନ୍ୟା ହିନ୍ଦୁ ସମାଜରେ ଅପ୍ରାପ୍ୟ । ତେଣୁ ଯୁବତୀ ପିତୃବୟସ୍କ ଲୋକକୁ ବିବାହ କରି ଯୌବନସୁଲଭ ସ୍ୱାଭାବିକ ରୂପତୃଷ୍ଣା ନିବାରଣ କରି ନ ପାରି କଳଙ୍କିନୀ ହେବା ବିଚିତ୍ର ନୁହେଁ । ବରଂ ନ ହେବା ଆଶ୍ଚର୍ଯ୍ୟର ବିଷୟ । କଥା ଅଛି, "ଗାଁ ଶେଷଘର ଗୈରିକୁ, ବୁଢ଼ାର କନିଆ

ମରକୁ ।" ଏହାର ଗମ୍ଭୀର ବେଦବାକ୍ୟ ସତ୍ୟକୁ ହୃଦୟଙ୍ଗମ କର ହେ ବୃଦ୍ଧ ! ଯଦି ପୁଅ ଏବଂ ଯଦ ସଂସାରର ସୁଖସ୍ୱାଚ୍ଛନ୍ଦ୍ୟମାଇଁ ବିବାହ କର, ତେବେ ବିଧବାବିବାହ କର । ଗୋଟିଏ ନିର୍ଗୁଣ ଅମ୍ଭା ତୁମ୍ଭଙ୍କୁ ପାଇ ସାନନ୍ଦ ଏବଂ କୃତଜ୍ଞ ହୋଇ ତୁମ୍ଭପ୍ରତି ଆସକ୍ତା ହେବ । ତୁମ୍ଭର ଜୀବନ ମଧୁମୟ ହେବ । ସେ ସୁଖୀ ନୁହେଁ ଯେ ଭାର୍ଯ୍ୟାପ୍ରତି ଅସକ୍ତ ବରଂ ସେହି ସୁଖୀ ଯାହାର ଭାର୍ଯ୍ୟା ତା'ପ୍ରତି ଆସକ୍ତ ଓ ପତିପରାୟଣା । ପୁନଶ୍ଚ ମୃତ-ପତ୍ନୀକଗଣ ବିଧବାବିବାହ କଲେ ସେମାନଙ୍କ ଅଧିକ ବୟସ ହେତୁ ମୃତ୍ୟୁପରେ ସେମାନଙ୍କ ଅଳ୍ପବୟସ୍କା ଭାର୍ଯ୍ୟାଗଣଙ୍କୁ କଷ୍ଟ ଭୋଗ କରିବାକୁ ପଡ଼ିବ ନାହିଁ ।

ପୃଥିବୀରେ ଯାବତୀୟ ପ୍ରବଳପରାକ୍ରାନ୍ତ ଜାତିମଧ୍ୟରେ ବିଧବା-ବିବାହ ଚଳିଲାଣି । ହେ ଅଧୁନିକ ହିନ୍ଦୁ ! ତୁମ୍ଭର ପ୍ରବଳପରାକ୍ରାନ୍ତ ରାଜା ଇଂରେଜ ଜାତି ଯାହାଙ୍କର ଉପାସନା କରିବା ତୁମ୍ଭର ସୁଭଗ କାର୍ଯ୍ୟ, ସେମାନେ ବିଧବାବିବାହ କରନ୍ତି; ସେମାନେ ସମସ୍ତେ କି ଅସତୀପୁତ୍ର ? ଆଉ ତୁମ୍ଭେ ସମସ୍ତେ ସାଧ୍ୱୀ ସନ୍ତାନ ! ପରାଜିତା ଛଡ଼ା କହନ୍ତି ନାହିଁ । ଇଂରାଜ କହନ୍ତି । ବିଶ୍ୱାସ କର । ଇଂରେଜମାତା ସାଧ୍ୱୀ । ଅବଶ୍ୟ ସାଧାରଣ ନିୟମରେ ବ୍ୟତିକ୍ରମ ଘଟେ । ତୁମ୍ଭମାନଙ୍କ ମଧ୍ୟରେ କି ଘଟେ ନାହିଁ ?

ସ୍ମରଣ କର, ବୈଦିକକାଳର ଋଷିବୃନ୍ଦଙ୍କୁ । କେଉଁ ମୁଖରେ କହିବ, ବୈଦିକ ଋଷି ଅପେକ୍ଷା ତୁମ୍ଭେ ଶ୍ରେଷ୍ଠତର ? ସେମାନେ ତ ବିଧବା-ବିବାହ କରୁଥିଲେ ! ଇତିହାସ ଦେଖ । ତୁମ୍ଭର ପିତାମହ କରିଥିଲେ । ତୁମ୍ଭେ କାହିଁକି ଉଲ୍ଟେ ବ୍ୟୋଡା-ଗହ୍ୱରକୁ ପ୍ରଧାବିତ ହେଉଛ ? ପ୍ରକୃତ ଯେବେ ବଂଶର ଗୌରବ ଏବଂ ରକ୍ତର ବିଶୁଦ୍ଧତା ଥାଏ, ତେବେ କାର୍ଯ୍ୟରେ ଦେଖାଅ । "ଫଳେନ ପରିଚୀୟତେ ।" ଆଉ ତୁମ୍ଭେ ଯେବେ ପ୍ରକୃତରେ ଅପକୃଷ୍ଟ ହୋଇଥାଅ, ତେବେ "କାକ କାକ; ପିକ ପିକ;" ବିଧବାବିବାହ କର ବା ନ କର "କାଚ କାଚ ; ମଣି ମଣି ।"

ଉଚ୍ଚ ବଂଶର ପରିଚୟ ସ୍ୱରୂପ ଉପବୀତସୂତ୍ର, ବ୍ରତାଦି ଅନୁଷ୍ଠାନ ଅଛି । ବିଧବାବିବାହ ତହିଁରେ କୌଣସି ବାଧା ଦେବ ନାହିଁ । ମନୁ, ପରାଶରାଦି ମନ୍ଥନ କରି ପୁଣ୍ୟଶ୍ଳୋକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବିଧବା-ବିବାହ ବିଧି ସଂକଳନ କରିଅଛନ୍ତି । ବିଧବାବିବାହ ଶାସ୍ତ୍ରସମ୍ମତ ।

Digitized by srujanika@gmail.com

ଶାସ୍ତ୍ରବାଦୀ ହିନ୍ଦୁ ଏ ବିଷୟରେ କିପାଁଇ ପଶ୍ଚାତ୍‌ପଦ ଏବଂ ଶାସ୍ତ୍ରରେ ସୀତଣ୍ଡକ ? ତାରା, ମନ୍ଦୋଦରୀ ଦ୍ୱିତୀୟ ବିବାହ କରିଥିଲେ । ସେମାନେ ସତୀ କାରଣ "ଯଥା ରାବଣସ୍ୟ ମନ୍ଦୋଦରୀ ।"

ଇଂରେଜ ଗଭର୍ଣ୍ଣମେଣ୍ଟ ବିଧବାବିବାହକୁ ଆଇନସଙ୍ଗତ କରିଅଛନ୍ତି । ଇଂରେଜ ଗଭର୍ଣ୍ଣମେଣ୍ଟ ଅନୁଚିତ ସାମାଜିକ ଆଇନ ବିଧିବଦ୍ଧ କରନ୍ତି ନାହିଁ ।

ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ, ଓଡ଼ିଶାରେ ଯେଉଁ ଯେଉଁ ଜାତିମାନଙ୍କ ମଧ୍ୟରେ ବିଧବାବିବାହ ପ୍ରଚଳିତ ଥିଲା, ସେମାନେ ବର୍ତ୍ତମାନ ତାହା ଘୃଣ୍ୟ ବିବେଚନା କରି ପରିତ୍ୟାଗ କରୁଅଛନ୍ତି । ଏହା ଅବଶ୍ୟ ଦୁଃଖର କଥା । କିନ୍ତୁ କିଞ୍ଚିତ୍ ବିବେଚନା କଲେ ଜଣାଯିବ ଯେ, ଏହା ସର୍ବଶ୍ରେଣୀରେ ବିଧବାବିବାହ ପୁନଃ ପ୍ରଚଳିତ ହେବାର ପୂର୍ବାଭାସ । କାରଣ ସମସ୍ତେ ଚେଷ୍ଟା କରୁଅଛନ୍ତି ଯେ, ବିଧବାବିବାହ ପ୍ରଥା ଉତ୍ପାଟନ କରି ଉଚ୍ଚତର ଜାତ୍ୟନ୍ତର୍ଭୁକ୍ତ ହେବେ । ପ୍ରଥାଟା ଉତ୍ପାଟିତ ହେଲେ ସମସ୍ତେ ଉଚ୍ଚ ହେବେ, ଅର୍ଥାତ୍ ଏ ବିଷୟରେ ଆଉ ଉଚ୍ଚତା ବା ନୀଚତାର ତାରତମ୍ୟ ରହିବ ନାହିଁ । ଅତଏବ ଯେପରି ଏକଜାତୀୟ ପରିଚ୍ଛଦ "ଫେସନ" ହୋଇ ଉଠିଲେ ମେହନ୍ତର ମଧ୍ୟ ତାହା ପରିଧାନ କରନ୍ତି ଏବଂ ନିଜକୁ ଭଦ୍ର ବୋଲି ପରିଚୟ ଦିଅନ୍ତି । ତତ୍‌ପରେ ଯାହା ହେବାର ହୁଏ । ସେ ଫେସନ୍ ଉଠିଯାଏ । ଏ ବିଷୟରେ ତାହାହିଁ ହେବ । ବିଧବା-ବିବାହ ପ୍ରଥାର ଉତ୍ପାଟନ ରହିତ ହେବ ଅର୍ଥାତ୍ ତାହା ପୁନଃପ୍ରବର୍ତ୍ତିତ ହେବ । କାରଣ Perfection is followed by fall.

Digitized by srujanika@gmail.com

କର୍ମ

(କଟକ ଆଲୋଚନା ସଭାରେ ପଠିତ)

ଏହି ବିଶ୍ୱସଂସାର ବିଧାତାଙ୍କ ଲୀଳାଭୂମି । ଏଠାରେ ଅବିଶ୍ରାନ୍ତ କାର୍ଯ୍ୟ ଲାଗିଅଛି । କି ଚେତନ କି ଅଚେତନ ସମସ୍ତେ ନିଜ ନିଜ କର୍ମରେ ବ୍ୟସ୍ତ । ବିଶାଳତମ ଗ୍ରହଠାରୁ କ୍ଷୁଦ୍ରତମ କୀଟାଣୁ ପର୍ଯ୍ୟନ୍ତ ପ୍ରତ୍ୟେକେ କ୍ରିୟାଶୀଳ । ଜ୍ଞାନୀଶ୍ରେଷ୍ଠ ମହାପଣ୍ଡିତ ଗମ୍ଭୀରଚିନ୍ତାରେ ଅଭିନିବିଷ୍ଟ ହୋଇ ସୃଷ୍ଟିର ଅଦ୍ଭୁତ ତତ୍ତ୍ୱସକଳର ଆବିଷ୍କାରରେ ଶରୀରମନ ନିୟୋଜିତ କରି ସ୍ୱକର୍ମ ସାଧନ କରୁଅଛନ୍ତି । ଆଉ ଅତି କ୍ଷୁଦ୍ର ବାଲୁକାକଣା ମଧ୍ୟ ତାହାର ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରି ନିଜର ଅସ୍ତିତ୍ୱର ସାର୍ଥକତା ପ୍ରମାଣ କରୁଅଛି ।

ସାମାନ୍ୟ ଆଲୋଚନା କଲେ ଆମ୍ଭେମାନେ ଦେଖିପାରିବା ଯେ, ସୃଷ୍ଟିର ପ୍ରତ୍ୟେକ ବସ୍ତୁ କୌଣସି ଏକ କର୍ମରେ ନିଯୁକ୍ତ ଅଛି ।

ସୌରଜଗତ୍‌ର ପ୍ରତ୍ୟେକ ଗ୍ରହ ଗତିଶୀଳ । ପୃଥିବୀ ନିଜ ମେରୁଦଣ୍ଡର ଚତୁଃପାର୍ଶ୍ୱରେ ଅବିଶ୍ରାନ୍ତ ଘୂର୍ଣ୍ଣିତ ହେଉଅଛି । ପୁଣି ଏହା ଚନ୍ଦ୍ରାଦି ଗ୍ରହମାନଙ୍କ ସହିତ ସୌରଜଗତ୍‌ରେ କେନ୍ଦ୍ରସ୍ୱରୂପ ସୂର୍ଯ୍ୟକୁ ପ୍ରଦକ୍ଷିଣ କରୁଅଛି । ସୂର୍ଯ୍ୟ ମଧ୍ୟ ନିଶ୍ଚେଷ୍ଟ ନୁହେଁ । ଏହା ନିଜ ମେରୁଦଣ୍ଡର ଚତୁର୍ଦ୍ଦିଗରେ ଘୂର୍ଣ୍ଣାୟମାନ ଏବଂ ଏପରି ମଧ୍ୟ ହୋଇପାରେ ଯେ, ସୂର୍ଯ୍ୟ ସମଗ୍ର ସୌରଜଗତ୍‌କୁ ସଙ୍ଗରେ ଘେନି ପୁଣି ସେ ଅଦୃଶ୍ୟ ନକ୍ଷତ୍ରର ଚତୁର୍ଦ୍ଦିଗରେ ଧାବମାନ ହେଉଅଛି । ଏହା ଛଡ଼ା ସେମାନଙ୍କର ପ୍ରତ୍ୟେକଙ୍କର ସ୍ୱତନ୍ତ୍ର ସ୍ୱତନ୍ତ୍ର ଅସଂଖ୍ୟ ଅଭ୍ୟନ୍ତରୀଣ କାର୍ଯ୍ୟ ଅଛି । ବିଶ୍ୱବ୍ରହ୍ମାଣ୍ଡର କଥା ପରେ । ଆଜି କେବଳ ଏହି କ୍ଷୁଦ୍ର ପୃଥିବୀର ବିଷୟ ଭାବିଲେ ଆମ୍ଭେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଉଁ । ପୂର୍ବକଥିତ ସୂର୍ଯ୍ୟ ପ୍ରଦକ୍ଷିଣ ଏବଂ ମେରୁଦଣ୍ଡର ଚତୁଃପାର୍ଶ୍ୱରେ ଗତି ଛଡ଼ା ପୃଥିବୀ ଅଭ୍ୟନ୍ତରକ ଅଗଣନ କାର୍ଯ୍ୟ କରୁଅଛି ।

ଏହି ବିଶାଳ ଧରାପୃଷ୍ଠରେ ପ୍ରତ୍ୟେକ ବସ୍ତୁ କି ଜଡ଼ କି ଉଦ୍ଭିଦ, କି ଚେତନ କି ଅଚେତନ ସମସ୍ତେ ଆପଣା ଆପଣା କାର୍ଯ୍ୟରେ ନିଯୁକ୍ତ ।

"ସମ୍ବଲପୁର ହିତୈଷିଣୀ"ର ୧୮୯୫ ମସିହା ଡିସେମ୍ବର ୨୫ ତାରିଖ ବୁଧବାର ସଂଖ୍ୟାରୁ ସଂଗୃହୀତ ।

Digitized by srujanika@gmail.com

ସମଗ୍ର ଭୂପୃଷ୍ଠ ସମାନ ଭାବରେ ସୂର୍ଯ୍ୟ ଉତ୍ତାପରେ ଉଦ୍ଦୀପିତ ହୋଇ ନ ଥିବାରୁ ବାୟୁ କେତେବେଳେ ପୃଥିବୀର ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ, ଜଳ ଓ ସ୍ଥଳର ତାପଗ୍ରାହକତା ଶକ୍ତିର ତାରତମ୍ୟ ଥିବାରୁ ଏହା କେତେବେଳେ ସ୍ଥଳଭାଗରୁ ଜଳଭାଗ ଅଭିମୁଖରେ, କେଉଁ ସମୟରେ ଊର୍ଦ୍ଧ୍ୱରୁ ଅଧଃଦିଗକୁ, କେଉଁ କେଉଁ ସମୟରେ ଅଧୋଦେଶରୁ ଊର୍ଦ୍ଧ୍ୱଦେଶକୁ ବହମାନ ହେଉଅଛି । ସେହିପରି ଜଳ ସ୍ଥାନରୁ ସ୍ଥାନାନ୍ତରିତ ଏବଂ ଏକ ଆକାରରୁ ଅନ୍ୟ ଆକାରକୁ ପରିବର୍ତ୍ତିତ ହେଉଅଛି । ଆମ୍ଭମାନଙ୍କ ସମ୍ମୁଖସ୍ଥ ପଦାର୍ଥ ପରସ୍ପର ପ୍ରତିନିୟତ ଆକର୍ଷଣ କରୁଅଛନ୍ତି କିନ୍ତୁ ସେମାନଙ୍କର ଆକର୍ଷଣ ସମତା ଉତ୍ପାଦିତ ହେବାରୁ ସେମାନେ ସ୍ୱ ସ୍ୱ ସ୍ଥାନରେ ଅବସ୍ଥାନ କରିବାକୁ ସମର୍ଥ ହୋଇଅଛନ୍ତି । ଉଦ୍ଭିଦଜଗତ୍ ମଧ୍ୟ ସ୍ୱକର୍ମରେ ବ୍ରତୀ ଅଟେ । ସେମାନଙ୍କ କାର୍ଯ୍ୟପ୍ରଣାଳୀ ଅତି ରହସ୍ୟପୂର୍ଣ୍ଣ ଅଟେ । କ୍ଷୁଦ୍ର ପ୍ରାଣୀମାନେ ଯେ ଅଧ୍ୟବସାୟ ଓ ତୀକ୍ଷ୍ଣ ବୁଦ୍ଧିରେ ସ୍ୱକର୍ମ ନିର୍ବାହ କରନ୍ତି, ତାହା ଆଲୋଚନା କଲେ ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ପିପୀଲିକା, ମଧୁମକ୍ଷିକା ଏବଂ ସାମୁଦ୍ରିକ ଜନ୍ତୁମାନଙ୍କ କାର୍ଯ୍ୟତତ୍ପରତା ଅତି ବିସ୍ମୟଜନକ ଅଟେ । ପଶୁପକ୍ଷୀମାନେ ମଧ୍ୟ କର୍ମ୍ମପରାୟଣ ଜୀବନର ତାବତୀୟ କାର୍ଯ୍ୟ ସାଧନରେ ସେମାନେ ସଦା ତତ୍ପର ।

ଯେତେବେଳେ ବିଶ୍ୱ ସଂସାରରେ ସମସ୍ତେ ସ୍ୱ ସ୍ୱ କର୍ମ୍ମରେ ନିଯୁକ୍ତ, ସେତେବେଳେ ସୃଷ୍ଟିର ଶ୍ରେଷ୍ଠ ଜୀବ ମାନବ ପକ୍ଷରେ ନିସ୍ପୃହାସୀନତା ଅସମ୍ଭବ । କାରଣ ମନୁଷ୍ୟର ଅଭାବ ସର୍ବାଧିକ, ତାହା ଅତି ଗୁରୁତର ଏବଂ ସୁବିଧା ଅତି ଅଳ୍ପ । ପଶୁ ପକ୍ଷ୍ୟାଦି ପ୍ରାଣୀମାନେ ପ୍ରକୃତିଠାରୁ ଅନେକ ସୁବିଧା ପ୍ରାପ୍ତ ହୁଅନ୍ତି । ସେମାନଙ୍କୁ ଖାଦ୍ୟ ଆହରଣ, ରନ୍ଧନ, ବସ୍ତ୍ର ବୟନ, ଗୃହ ନିର୍ମାଣ ଆଦି ଅନେକ କାର୍ଯ୍ୟ କରିବାକୁ ହୁଏନାହିଁ, ଯାହାକି ମନୁଷ୍ୟ ପକ୍ଷରେ ଅତି ପ୍ରୟୋଜନୀୟ । ସେମାନେ ମଧ୍ୟ ଏପରି ଭାବରେ ସୃଷ୍ଟ ଯେ, ବିନାଶିକ୍ଷାରେ ଆବଶ୍ୟକୀୟ ସକଳ କର୍ମ କରିପାରନ୍ତି । କିନ୍ତୁ ମନୁଷ୍ୟ ପକ୍ଷରେ ସେ ସମସ୍ତ ଶିକ୍ଷାସାପେକ୍ଷ । ପଶୁପକ୍ଷୀମାନେ ସ୍ୱଭାବଦ୍ୱାରା ପରିଚାଳିତ ହୋଇ ସକଳ କାର୍ଯ୍ୟ ସମ୍ପାଦନ କରନ୍ତି । ଅଜ ଅମ୍ଭେମାନେ ସ୍ୱାଧୀନ ଭାବରେ ବୁଦ୍ଧି, ବଳ, କୌଶଳ ପ୍ରୟୋଗ କରି ସ୍ୱ କାର୍ଯ୍ୟ ସାଧନ କରୁଁ ଏବଂ ସେମାନଙ୍କ ଅପେକ୍ଷା ସହସ୍ରାଧିକ ଜୀବନର ଅଭାବ ମୋଚନ କରୁଁ । ତଥାପି ଉନ୍ନତିଶୀଳ ମାନବ

Digitized by srujanika@gmail.com

ଜଗତ୍ ଏବଂ ପାଶବ-ଜଗତ୍ ଉପରେ ଏକାଧିପତ୍ୟ ସ୍ଥାପନ କରି ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଅଛି । କିନ୍ତୁ ମାନବ ଚିରକାଳ ଅଳସ୍ୟରେ ଅତିବାହିତ କରି ଏ ଅଧିକାର ପ୍ରାପ୍ତ ହୋଇନାହିଁ । ତାହାର ସୃଷ୍ଟିର ଆଦ୍ୟରୁ ଏହାପାଇଁ ସେ କାର୍ଯ୍ୟ କରିଆସୁଅଛି । ନିଜ ରୁଧିର ବ୍ୟୟ କରି ଅନନ୍ତ ଉନ୍ନତିଶୀଳ ମାନବର ଜୀବନ କାର୍ଯ୍ୟ କରୁ, ଏହାହିଁ ବିଧାତାଙ୍କ ଆଦେଶ ।

ଏହି ପୃଥିବୀ ଧନଧାନ୍ୟପୂର୍ଣ୍ଣ ହେଲେହେଁ କର୍ମାଭାବରେ ଅମ୍ଭମାନଙ୍କର ଅସ୍ତିତ୍ୱ ଏଠାରେ ଅସମ୍ଭବ । କର୍ମ କଲେ ଯେ ଅମ୍ଭେମାନେ ଉଦର ପୂର୍ଣ୍ଣ କରିବା, ଏପରି ନୁହେଁ । କର୍ମ ସାଧନା ଅମ୍ଭମାନଙ୍କୁ ଇହସଂସାରରେ ଅପାର ସୁଖଶାନ୍ତି ଉପଭୋଗ କରିବାକୁ ଏବଂ ଉତ୍ତରୋତ୍ତର ଉନ୍ନତି ଲାଭ କରିବାକୁ ପାରଗ କରାଇ ଅଦୃଶ୍ୟ ଭବିଷ୍ୟତର ଅନନ୍ତ ଜୀବନ ସକାଶେ ପ୍ରେରିତ କରାଇବ । ଏହି ଜୀବନ ଭାର ଗୋଟିଏ ଗୁରୁତର ଭାର । ଏହା ଅମ୍ଭମାନଙ୍କର ଉପରେ ସମ୍ପୂର୍ଣ୍ଣ ନ୍ୟସ୍ତ । ଏହାର ସଦ୍‌ବ୍ୟବହାର କିମ୍ବା ଅସଦ୍‌ବ୍ୟବହାର ପାଇଁ ଅମ୍ଭେମାନେ ସମ୍ପୂର୍ଣ୍ଣ ଦାୟୀ । ଅତଏବ ଅମ୍ଭମାନଙ୍କର ଉଚିତ ଯେ, ମାନବଜୀବନର ସମସ୍ତ କାର୍ଯ୍ୟ ସାଧ୍ୟାନୁସାରେ ଯଥାଯଥରୂପେ ସମ୍ପାଦନ କରିବା ଏବଂ ଜୀବନର ଏକ ମୁହୂର୍ତ୍ତି ସୁଦ୍ଧା ବୃଥାରେ ଯେପରି ନଷ୍ଟ ନ ହୁଏ ତତ୍ପ୍ରତି ବିଶେଷ ଦୃଷ୍ଟି ରଖିବା କର୍ତ୍ତବ୍ୟ ।

ଅମ୍ଭମାନଙ୍କର ନିତ୍ୟବ୍ୟବହାର୍ଯ୍ୟ ପ୍ରତ୍ୟେକ ପଦାର୍ଥ ସକାଶେ କେହି ଅବଶ୍ୟ କର୍ମ କରିଅଛନ୍ତି । ପ୍ରତ୍ୟେକ ମନୁଷ୍ୟ ନିଜ ଜୀବନର ତାବତୀୟ ପ୍ରୟୋଜନୀୟ ବସ୍ତୁ ଆହରଣ କରିବ, ଏହା ଅସମ୍ଭବ ଅଟେ । ଉକ୍ତ କାରଣରୁ ଅମ୍ଭେମାନେ ସମାଜବଦ୍ଧ ହୋଇ ବାସ କରୁଁ । ଏହି ସମାଜପ୍ରିୟତା ମନୁଷ୍ୟ ପକ୍ଷରେ ସ୍ୱାଭାବିକ । ଏହା ନ ହୋଇଥିଲେ ଏହି ପୃଥିବୀରେ ମନୁଷ୍ୟର ଅସ୍ତିତ୍ୱ ଅସମ୍ଭବ ହୁଅନ୍ତା । ସେ ହେତୁ ମନୁଷ୍ୟ ପ୍ରକୃତିଦ୍ୱାରା ଏପରି ସୃଷ୍ଟ ଯେ ସେ ସର୍ବଦା ମିଳନ ଅନୁସନ୍ଧାନରେ ଥାଏ ଏବଂ ମିଳିତ ହୋଇ କର୍ମ କରିବାକୁ ସୁଖ ମଣେ ଏବଂ ମିଳନ ପ୍ରଭାବରୁ ହିଁ ସେ ପ୍ରାଣ ଧାରଣ କରିବାକୁ ସମର୍ଥ ହୋଇଅଛି । କୃଷକ ଶସ୍ୟ ଉତ୍ପାଦନ କରୁଅଛି, ତନ୍ତୁବାୟ ବସ୍ତ୍ର ବୟନ କରୁଅଛି, କର୍ମକାର ଅସ୍ତ୍ର ନିର୍ମାଣ କରୁଅଛି; ସୂତ୍ରଧର ଗୃହ

Digitized by srujanika@gmail.com

ନିର୍ମାଣ କରୁଅଛି, ରଜା ରାଜ୍ୟ ଶାସନ କରୁଅଛି, ଶିକ୍ଷକ ବିଦ୍ୟାଶିକ୍ଷା ଦେଉଅଛି; ଏହିପରି ପ୍ରତ୍ୟେକେ ସ୍ୱ ସ୍ୱ କର୍ମ ସାଧନ ଦ୍ୱାରା ଜୀବନ ସାର୍ଥକ କରୁଅଛନ୍ତି । ଏ ସମାଜ-ବନ୍ଧନ ଗୋଟିଏ ପବିତ୍ର ବନ୍ଧନ । ଏହାର ଅନୁରୋଧରେ କି ଧନୀ କି ଦରିଦ୍ର, କି ଜ୍ଞାନୀ କି ମୂର୍ଖ, କି ଛୋଟ କି ବଡ଼, ସମସ୍ତେ କର୍ମ କରିବାକୁ ଅଧୀନ । ଆଳସ୍ୟରେ ସମୟାତିପାତ କରିବାରେ କାହାରି ଅଧିକାର ନାହିଁ । ରୋଗ, ଶୋକ କିମ୍ବା ଶାରୀରିକ ଦୌର୍ବଲ୍ୟାଦି କାରଣରୁ ଯେଉଁମାନେ କର୍ମହୀନ ହୁଅନ୍ତି ସେମାନେ କ୍ଷମାର ଯୋଗ୍ୟ । ଭିକ୍ଷା ସେମାନଙ୍କର ଜୀବିକା ହୋଇପାରେ । କିନ୍ତୁ ହୃଷ୍ଟପୁଷ୍ଟ ଶରୀରରେ ନିଶ୍ଚେଷ୍ଟ ଭାବରେ କାଳକ୍ଷେପ କରି ପରୋପାର୍ଜିତ ଅର୍ଥକୁ ଆତ୍ମସାତ୍ କରିବା ଅବାଞ୍ଛନୀୟ । ତାହାର ଅଧିକାର ନାହିଁ । ଗ୍ରୀସ୍ ଦେଶର ଜଣେ ପଣ୍ଡିତ କହୁଥିଲେ, "He that does not work is a robber." ବାସ୍ତବିକ ସାମର୍ଥ୍ୟ ଥାଉଁ ଥାଉଁ ପରାର୍ଜିତ ଅର୍ଥରେ କାଳାତିପାତ କରିବା ନିତାନ୍ତ ଅଧର୍ମର କାର୍ଯ୍ୟ ।

ଜଗତ୍‌କର୍ତ୍ତା କାର୍ଯ୍ୟକୁ ଆନନ୍ଦ ଭଣ୍ଡାରସ୍ୱରୂପ କରିଅଛନ୍ତି । କର୍ମ କଲେ ମନରେ ଯେଉଁପ ବିମଳ ଆନନ୍ଦର ଉପଲବ୍ଧି ହୁଏ, ତାହା ସଙ୍ଗରେ ଅନ୍ୟ କାହାରି ତୁଳନା କରାଯାଇ ନ ପାରେ । କର୍ମପରାୟଣ ମନୁଷ୍ୟ ସଦା ପ୍ରଫୁଲ୍ଲ । ନୈରାଶ୍ୟ ତାହାର ହୃଦୟରେ ସ୍ଥାନ ପାଏ ନାହିଁ । ଦୁଃଖ, ଶୋକ ତାହାକୁ କେବେ ଅଭିଭୂତ କରିପାରନ୍ତି ନାହିଁ । ଅବସାଦ ତାହା ଜୀବନରେ ପ୍ରବେଶ କରିପାରେ ନାହିଁ । ଯଦି କରେ, ତେବେ ତାହା ଅଳ୍ପକାଳ ସ୍ଥାୟୀ ହୁଏ ।

ଆଳସ୍ୟପରାୟଣ ଲୋକ ସଦା ବିମର୍ଷ । ଜୀବନ ତାହାକୁ ନିରର୍ଥକ ବୋଧହୁଏ । ପୃଥିବୀ ତାହା ନିକଟରେ ଶୂନ୍ୟମୟ । ସକଳ ପଦାର୍ଥ ତାହା ନିକଟରେ ନୀରସ । ତାହାର ଚିତ୍ତ କୌଣସିଠାରେ ଶାନ୍ତିଲାଭ କରିପାରେ ନାହିଁ । ଅତି କୋମଳ ପୁଷ୍ପମଣ୍ଡିତ ଶଯ୍ୟା ତାହାର ଅତୁଳ ବିଭବ, ପିତାମାତା ଓ ପୁତ୍ରକନ୍ୟାମାନଙ୍କର ମଧୁମୟ ସ୍ନେହ, ସ୍ତ୍ରୀର ସୁମଧୁର ପ୍ରୀତି-ଭେଦ ତାହାର ଚିତ୍ତପ୍ରସାଦ ବିଧାନ କରିବାକୁ ସମର୍ଥ ହୁଅନ୍ତି ନାହିଁ । ସେହି ହେତୁରୁ ଜଣେ ଜ୍ଞାନୀଲୋକ କହିଅଛନ୍ତି :—"ଆଳସ୍ୟରେ ଦିନ କାଟିବାଠାରୁ କର୍ମରେ ନିଯୁକ୍ତ ହେବା ଅତି ସହଜ"—There is nothing so laborious as not to labour.

Digitized by srujanika@gmail.com

ମନୁଷ୍ୟ ମନ ସଦା କ୍ରିୟାଶୀଳ, ଏପରିକି ନିଦ୍ରାରେ ମଧ୍ୟ ଏହା କାର୍ଯ୍ୟ କରୁଥାଏ । ଯେ ଯେଉଁପ୍ରକାର କର୍ମରେ ନିଯୁକ୍ତ ଥାଆନ୍ତି ସ୍ୱପ୍ନରେ ତାଙ୍କ ମନରେ ସେହିରୂପ କଳ୍ପନାର ଉଦୟ ହୁଏ । ଆମ୍ଭେମାନେ ଯଦି ସାଧୁ କାର୍ଯ୍ୟରେ ମନୋନିବେଶ ନ କରୁଁ, ନାନାଦି କୁଚିନ୍ତା ଆସି ମନମଧ୍ୟରେ ପ୍ରବେଶ କରି ହୃଦୟକୁ କଳୁଷିତ କରେ । ସେହି କୁଚିନ୍ତାବଶତଃ ଆମ୍ଭମାନଙ୍କର ବଦଭ୍ୟାସ ହୋଇପାରେ ଯାହାକି ଚିରଜୀବନ ଆମ୍ଭମାନଙ୍କୁ ଯନ୍ତ୍ରଣା ଦେଇପାରେ ।

ବିଶ୍ୱବିଧାତା ପୃଥିବୀକୁ ସୁଖଶାନ୍ତିର ଆକର କରି ଆମ୍ଭମାନଙ୍କ ହସ୍ତରେ କର୍ମସୂତ୍ର ପ୍ରଦାନ କରିଅଛନ୍ତି । ଆମ୍ଭେମାନେ ଏହାକୁ ପ୍ରସ୍ତୁତ କରି ନିଜନିଜର ସକଳ ସୁଖସ୍ୱାଚ୍ଛନ୍ଦ୍ୟତା ଲାଭ କରି ମହା ଆନନ୍ଦରେ ଜୀବନାତିପାତ କରିପାରୁଁ କିନ୍ତୁ ବିନା କର୍ମରେ ଆମ୍ଭେମାନେ କୌଣସି ସୁଖର ଅଧିକାରୀ ହୋଇ ନ ପାରୁଁ । କାରଣ—

> "ଉଦ୍ୟମେନହି ସିଦ୍ଧ୍ୟନ୍ତି କାର୍ଯ୍ୟାଣି ନ ମନୋରଥୈଃ
> ନହି ସୁପ୍ତସ୍ୟ ସିଂହସ୍ୟ ପ୍ରବିଶନ୍ତି ମୁଖେ ମୃଗାଃ ।"

ଆମ୍ଭେମାନେ ଅନେକ ସମୟରେ କପାଳକୁ ଦୋଷ ଦେଇଥାଉଁ । ପ୍ରକୃତରେ ଏହା କେତେକ ଲୋକମାନଙ୍କର ଅର୍ଥଲାଭ ହୁଏନାହିଁ । ଶନିଙ୍କ ଦଶାକୁ ବଦଖୀଲସ୍ୱର ଅନେକ ଗ୍ରହ ପକ୍ଷରେ ଦାୟୀ କରିଥାଆନ୍ତି ନାହିଁ । ଏହା ସମ୍ପୂର୍ଣ୍ଣ ଭ୍ରାନ୍ତି । ପଣ୍ଡିତଶିରୋମଣି ବିଷ୍ଣୁଶର୍ମା କହିଅଛନ୍ତି :—

> "ଉଦ୍ୟୋଗିନାଂ ପୁରୁଷ ସିଂହମୁପୈତି ଲକ୍ଷ୍ମୀଃ
> ଦୈବେନ ଦେୟମିତି କାପୁରୁଷା ବଦନ୍ତି ।"

କେତେକ ଲୋକ କହନ୍ତି, ଶୁଭକାର୍ଯ୍ୟକୁ ଶୁଭଦିନରେ କରିବାକୁ ହେବ । ଏପରି କରିବା ଭଲ ନୁହେଁ । କାରଣ "ଶୁଭସ୍ୟ ଶୀଘ୍ରଂ ।" ମଙ୍ଗଳମୟ ବିଧାତାଙ୍କ ରାଜ୍ୟରେ ସକଳ ସମୟ ଶୁଭକର । କେବଳ ଆମ୍ଭମାନଙ୍କୁ ଉତ୍ତମରୂପେ କାର୍ଯ୍ୟର ଶୁଭାଶୁଭ ଚିନ୍ତା କରିବା ଉଚିତ । କାରଣ—

> "ସୁଚିନ୍ତ୍ୟ ଚୋକ୍ତଂ ସୁବିଚାର୍ଯ୍ୟ ଯତ୍କୃତଂ
> ସୁଦୀର୍ଘ କାଳେପି ନ ଯାତି ବିକ୍ରିୟାଂ"

Digitized by srujanika@gmail.com

ବିଧାତା ଆମ୍ଭମାନଙ୍କୁ ବୁଦ୍ଧି, ବିବେକ, ଜ୍ଞାନ, ବଳ ଇତ୍ୟାଦି ସକଳ ପ୍ରୟୋଜନୀୟ ବସ୍ତୁ ପ୍ରଦାନ କରିଅଛନ୍ତି । ଏହି ରମଣୀୟ ଧରାପୃଷ୍ଠ ଧନରତ୍ନ ସୁଖ ସୁବିଧାରେ ପୂର୍ଣ୍ଣ ହୋଇଅଛି । ସେ ସମସ୍ତ ଅନ୍ୱେଷଣ କରିବାର ସକଳ ସୁବିଧା ଆମ୍ଭେମାନେ ପ୍ରାପ୍ତ ହୋଇଅଛୁଁ । କାର୍ଯ୍ୟସିଦ୍ଧି କଣ୍ଟକବେଷ୍ଟିତ ପୁଷ୍ପ ସଦୃଶ ପରିଶ୍ରମସାପେକ୍ଷ । ଏହାର ତ୍ରୁଟି କଲେ ସେ ଅପରାଧରେ ଆମ୍ଭେମାନେ ନିଜେ ଅପରାଧୀ; ଅଦୃଷ୍ଟ ସେଥିପାଇଁ ଦାୟୀ ନୁହେଁ ।

ଇଂରାଜ କବି ସେକ୍ସପିୟର କହିଅଛନ୍ତି, "The fault is not in our stars but is ourselves."

ପ୍ରତ୍ୟେକ ମନୁଷ୍ୟ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ କାର୍ଯ୍ୟ କଲେ ତାହାକୁ ଆମ୍ଭେମାନେ କର୍ତ୍ତବ୍ୟ ନାମରେ ଅଭିହିତ କରୁଁ । ଏହି କର୍ତ୍ତବ୍ୟମାନ ଯଥାଯଥରୂପେ ସମ୍ପନ୍ନ ହେଲେ ସେମାନେ ଆମ୍ଭମାନଙ୍କୁ ଅନନ୍ତ ଉନ୍ନତି ଅଭିମୁଖେ ନେଇ ଯାଆନ୍ତି । ତାହାର ପୁରସ୍କାର ଆମ୍ଭେମାନେ ଇହପର ଉଭୟତ୍ର ଭୋଗ କରୁଁ । କିନ୍ତୁ ସ୍ୱ କର୍ତ୍ତବ୍ୟ ଲଙ୍ଘନ କଲେ ଆମ୍ଭମାନଙ୍କର ଦୁଃଖ ଦାରିଦ୍ର୍ୟ, ଶୋକ, ଅନୁତାପ ଅନିବାର୍ଯ୍ୟ ହୁଅଇ । ବାଗ୍ମୀଶ୍ରେଷ୍ଠ ବିଷ୍ଣୁଶର୍ମା କହିଥିଲେ :—

"ରୋଗଶୋକ ପରିତାପ ବନ୍ଧନ ବ୍ୟସନାନିଚ,
ଆତ୍ମାପରାଧ ବୃକ୍ଷାଣାଂ ଫଳାନ୍ୟେତାନି ଦେହିନାଂ ।"

ଆମ୍ଭମାନଙ୍କ କର୍ତ୍ତବ୍ୟ କର୍ମ ନାନାବିଧ । ଆମ୍ଭମାନଙ୍କ ନିଜପ୍ରତି କର୍ତ୍ତବ୍ୟ ଅଛି । ନିଜ ନିଜର ଶାରୀରିକ, ମାନସିକ, ନୈତିକ ଏବଂ ଆଧ୍ୟାତ୍ମିକ ଉନ୍ନତି ସାଧନ କଲେ ଆମ୍ଭମାନଙ୍କର ନିଜପ୍ରତି କର୍ତ୍ତବ୍ୟ କର୍ମ ସମ୍ପାଦିତ ହୁଏ । ଶରୀର, ମନ ଏବଂ ଆତ୍ମା ଏମାନଙ୍କର ପରସ୍ପର ମଧ୍ୟରେ ଏପରି ସମ୍ବନ୍ଧ ଅଛି ଯେ, ଗୋଟିକ ବ୍ୟତୀତ ଅନ୍ୟଟିର ଉନ୍ନତି ହୁଏ ନାହିଁ ।

"ଶରୀରମାଦ୍ୟଂ ଖଳୁ ଧର୍ମ ସାଧନଂ ।"

ଆତ୍ମାର ବାସଭୂମି ଏହି ମାନବ ଦେହକୁ ଅତି ଯତ୍ନପୂର୍ବକ ରକ୍ଷା କରିବା ଆମ୍ଭମାନଙ୍କ ପବିତ୍ର କର୍ତ୍ତବ୍ୟ । ଶରୀର ସୁସ୍ଥ ନ ଥିଲେ କି ମାନସିକ, କି ନୈତିକ, କି ଆଧ୍ୟାତ୍ମିକ କୌଣସି ଉନ୍ନତି ସମ୍ପୂର୍ଣ୍ଣରୂପେ ସାଧିତ ହୋଇ ନ ପାରେ । ଜୀବନର ସକଳବିଧ ଉନ୍ନତିର ମୂଳାଧାର ଏହି ଶରୀର ଉପରେ ଅତ୍ୟାଚାର କରିବାର ଆମ୍ଭମାନଙ୍କର କୌଣସି ଅଧିକାର ନାହିଁ ।

Digitized by srujanika@gmail.com

ପୂର୍ବକାଳରେ ଅନେକ ସ୍ୱବଣୀପ୍ସ ଋଷି ନାନାପ୍ରକାରରେ ଏହି ନରକଳେବରକୁ ଯନ୍ତ୍ରଣା ପ୍ରଦାନ କରୁଥିଲେ । ସେମାନେ ମନେ କରୁଥିଲେ ଶରୀର ହିଁ ମନୁଷ୍ୟମାତ୍ରର ସକଳ ଅନିଷ୍ଟର ମୂଳ । ଜିତେନ୍ଦ୍ରିୟ ହେବା ଉଦ୍ଦେଶ୍ୟରେ ସେମାନେ ଶରୀରକୁ ନାନା କଷ୍ଟ ପ୍ରଦାନ କରୁଥିଲେ । କେହି ମୌନବ୍ରତ ଅବଲମ୍ବନ କରୁଥିଲେ, କେହି ପ୍ରଚଣ୍ଡ ସୂର୍ଯ୍ୟରଶ୍ମିରେ ପଞ୍ଚାଗ୍ନି ସନ୍ଥାନ କରୁଥିଲେ, କେହି ମର୍ମଭେଦୀ ଶୈତ୍ୟରେ ଜଳରେ ଅବସ୍ଥାନ କରୁଥିଲେ । ଆଜିକାଲି ମଧ୍ୟ ସେହି ପ୍ରଥାର ଭଗ୍ନାବଶେଷ ଦେଖାଯାଏ; କିନ୍ତୁ ମହାତପୀ ଜିତେନ୍ଦ୍ରିୟ ହେବାକୁ ପଡ଼ିଲେ ଏପରି ଅବୈଧ ଉପାୟରେ ଧର୍ମ ଉପାର୍ଜନ କରିବା ବୋଧହୁଏ ଧର୍ମାନୁମୋଦିତ ନୁହେଁ । "ହିତୋପଦେଶ"ରେ ଗୋଟିଏ ଶ୍ଳୋକ ଅଛି—

"ଧର୍ମାର୍ଥ କାମ ମୋକ୍ଷାଣାଂ ପ୍ରାଣାସଂସ୍ଥିତି ହେତବଃ
ତାନ୍ନିଘ୍ନତା କିଂ ନ ହତଂ ରକ୍ଷତା କିନ୍ନ ରକ୍ଷିତଂ ।"

ତେବେ ଅଧର୍ମ କିମ୍ବା ଅସତ୍ୟ ସାହାଯ୍ୟ ନେଇ ଶରୀରକୁ ରକ୍ଷା କରିବା କୌଣସିରୂପେ ନ୍ୟାୟାନୁମୋଦିତ ନୁହେଁ ।

ଶରୀରକୁ ସୁସ୍ଥ ରଖିବାକୁ ହେଲେ ପରିମିତ ଆହାର, ନିର୍ମଳ ବାୟୁ ସେବନ, ନିର୍ମଳ ଜଳ ପାନ, ସ୍ନାନ, ସ୍ୱାସ୍ଥ୍ୟକର ସ୍ଥାନରେ ବାସ, ପରିଷ୍କାର ପରିଚ୍ଛଦ ଧାରଣ, ଯଥେଷ୍ଟ ନିଦ୍ରା, ଉପଯୁକ୍ତ ବିଶ୍ରାମ ଏବଂ ବ୍ୟାୟାମାଦି ଅତି ଆବଶ୍ୟକ ଅଟେ । ଶାରୀରିକ ସ୍ୱାସ୍ଥ୍ୟ ଲାଭ କରି ଯେବେ ମନୁଷ୍ୟ ମାନସିକ ଉନ୍ନତି ଲାଭ ନ କରେ ତେବେ ତାହାର ଜୀବନ ବ୍ୟର୍ଥ ଏବଂ ପଶୁଜୀବନ ମାତ୍ର । ମନୁଷ୍ୟକୁ ଯେ ଅନନ୍ତ ଉନ୍ନତିଶୀଳ ଜୀବ ବୋଲାଯାଏ ତାହା ଶରୀରର ଉନ୍ନତି ଯୋଗୁଁ ନୁହେଁ । ଶାରୀରିକ ଉନ୍ନତି ଅନନ୍ତ ହୋଇ ପାରେନା ।

ପୃଥିବୀ ଯେ ନିୟତ ଉନ୍ନତି ପଥରେ ଧାବିତ ହେଉଅଛି, ତାହା ମାନସିକ ଉନ୍ନତି ପ୍ରଭାବରେ । ମନୁଷ୍ୟର ସକଳ ସୁଖ ସୁବିଧା, ସକଳ ଜ୍ଞାନ ବିଜ୍ଞାନ ମାନସିକ ଉନ୍ନତି ଉପରେ ନିର୍ଭର କରେ । ପୂର୍ବେ ଯେଉଁ କାର୍ଯ୍ୟ ଅନେକ ସମୟରେ ଅତି ଆୟାସସହକାରେ ଅନେକ ଲୋକଙ୍କ ଦ୍ୱାରା ସମ୍ପାଦିତ ହୋଇପାରୁ ନ ଥିଲା ବର୍ତ୍ତମାନ ତାହା ଅତି ସୁବିଧାରେ ଅତ୍ୟଳ୍ପ କାଳମଧ୍ୟରେ ସମ୍ପାଦିତ ହେଉଅଛି । ଏବଂ ପୂର୍ବେ ସ୍ୱପ୍ନ ସୁଦ୍ଧା ଯାହା କଳ୍ପନା

Digitized by srujanika@gmail.com

କରିପାରୁ ନ ଥିଲା, ବିଜ୍ଞାନାଲୋକରେ ଆଲୋକିତ ଆଜି ଏହି ଉନବିଂଶ ଶତାବ୍ଦୀର ସଭ୍ୟତା ନିକଟରେ ତାହା ପ୍ରତିଭାତ ହୋଇଅଛି । ଏହିସବୁ ଉନ୍ନତି କେବଳ ମାନସିକ ଉନ୍ନତିର ଫଳ ଏବଂ ଏହି ମାନସିକ ବୃଦ୍ଧି-ବୃତ୍ତି ଏବଂ ଜ୍ଞାନର ପ୍ରଭାବ ଯେ ମାନବଜାତିକୁ କେଉଁ ଉନ୍ନତ ଜଗତକୁ ନେଇ ଯାଇପାରିବ ତାହା ସେହି ଅଦୃଶ୍ୟ ସୁଦୂର ଭବିଷ୍ୟତ୍ ଗର୍ଭରେ ନିହିତ ଅଛି । ସେ ସତ୍ୟ ଅବଧାରଣ କରିବା ବର୍ତ୍ତମାନ ମାନବର ଆୟତ୍ତାଧୀନ ନୁହେଁ । ଆମ୍ଭମାନଙ୍କୁ ଏହି ମାନସିକ ଉନ୍ନତି ସାଧନ କରିବାକୁ ହେବ । ଶିକ୍ଷା ଏହାର ପ୍ରଧାନ ଉପାଦାନ । ଶିକ୍ଷା ଅନେକରୂପେ ହୁଏ । ଅନୁକରଣ ଓ ଶାସ୍ତ୍ରାଧ୍ୟୟନ ଇତ୍ୟାଦି ଦ୍ୱାରା ଶିକ୍ଷା ହୁଏ ସତ୍ୟ କିନ୍ତୁ ନିର୍ଜନ ଚିନ୍ତାଦ୍ୱାରା ପ୍ରକୃତିରୂପ ମହାଶାସ୍ତ୍ର ଆଲୋଚନାରୁ ହିଁ ପ୍ରକୃତ ଶିକ୍ଷା ହୁଏ । ଏହି ଶିକ୍ଷା ଉପରେ ସମସ୍ତ ଉନ୍ନତି ନିର୍ଭର କରେ । ପ୍ରତ୍ୟେକ ବୈଜ୍ଞାନିକ ସତ୍ୟ ଏହି ଶାସ୍ତ୍ରମଧ୍ୟରୁ ଆବିଷ୍କୃତ ହୋଇଅଛି । ଏହି ଶାସ୍ତ୍ର ଅଧ୍ୟୟନ ସକାଶେ ଆମ୍ଭମାନଙ୍କୁ ପୂର୍ବୋକ୍ତ ଶିକ୍ଷା କରିବାକୁ ହୁଏ । କିନ୍ତୁ ଶେଷୋକ୍ତ ଶିକ୍ଷା ହିଁ ଆମ୍ଭମାନଙ୍କର ଉଦ୍ଦେଶ୍ୟ ।

ମନୁଷ୍ୟ ମଧ୍ୟରେ କେତେଗୁଡ଼ିଏ ଈଶ୍ୱରନିହିତ ପ୍ରବୃତ୍ତି ଅଛି । କିନ୍ତୁ ସେ ପଶୁପକ୍ଷୀମାନଙ୍କ ସଦୃଶ ସେମାନଙ୍କର ସର୍ବଦା ଆଜ୍ଞାନୁବର୍ତ୍ତୀ ହୋଇ କର୍ମ କରିବାକୁ ସୃଷ୍ଟ ହୋଇନାହିଁ । ଦୈହିକ କ୍ରିୟାକଳାପରେ ପଶୁ ମନୁଷ୍ୟ ମଧ୍ୟରେ ବିଶେଷ କୌଣସି ପ୍ରଭେଦ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ପଶୁପକ୍ଷୀମାନେ ସମ୍ପୂର୍ଣ୍ଣରୂପେ ବୁଦ୍ଧିବୃତ୍ତିବିହୀନ ଏପରି ବୋଧ ହୁଏ ନାହିଁ । ଅତଏବ ମାନସିକ ଜଗତରେ ମଧ୍ୟ ମାନବ ଅତି ଉନ୍ନତ ପଶୁବିଶେଷ । କିନ୍ତୁ ନୈତିକ ଉନ୍ନତି ପଶୁ ନିକଟରେ ସମ୍ପୂର୍ଣ୍ଣ ଅଜ୍ଞାତ । ଈଶ୍ୱରଦତ୍ତ ପ୍ରବୃତ୍ତିମାନଙ୍କୁ ନିଜ ଅଧୀନସ୍ଥ କରି ସେମାନଙ୍କୁ ସ୍ୱାଧୀନ ଭାବରେ ସ୍ୱ କର୍ମ ସାଧନରେ ନିୟୋଗ କରି ଉତ୍ତରୋତ୍ତର ନୈତିକ ଉନ୍ନତି ସାଧନ କରିବା ହିଁ ମନୁଷ୍ୟର ଶ୍ରେଷ୍ଠତ୍ୱ । ଏହିଠାରେ ମନୁଷ୍ୟ ପଶୁତ୍ୱ ବିସର୍ଜନ କରିଅଛି । କିନ୍ତୁ ଏହି ସ୍ୱାଧୀନତା ମାନବର ଦାୟିତ୍ୱ ବର୍ଦ୍ଧନ କରିଅଛି । ଗୋଟିଏ କଥା ଅଛି :—"**To whom more has been given, of him more is required.**"

ଆମ୍ଭମାନଙ୍କ ଅନ୍ତର୍ନିହିତ ପ୍ରବୃତ୍ତିମାନଙ୍କୁ ସ୍ୱ କର୍ତ୍ତୃତ୍ୱାଧୀନରେ ରଖି ଯେବେ ଆମ୍ଭେମାନେ ସେମାନଙ୍କର ସଦ୍ବ୍ୟବହାର କରିବା ସେମାନେ

Digitized by srujanika@gmail.com

ବିଶ୍ୱସ୍ତଭୃତ୍ୟରୂପେ ଅମ୍ଭମାନଙ୍କୁ ଚିର ଜୀବନ ଖଟିବେ । ଯଦି ଉତ୍‌ପ୍ରବୃତ୍ତି ଅମ୍ଭେମାନେ ସେମାନଙ୍କର ଦାସତ୍ୱ ସ୍ୱୀକାର କରି କେବଳ ସେମାନଙ୍କ ଉତ୍ତେଜନାରେ ସକଳ କର୍ମ କରୁଁ ତେବେ ସେମାନେ ଜୀବନର ଘୋର ଅନିଷ୍ଟକାରୀ ଶତ୍ରୁରୂପେ ଦଣ୍ଡାୟମାନ ହୁଅନ୍ତି । ଅତଏବ ଅମ୍ଭମାନଙ୍କୁ ସାବଧାନ ହେବାକୁ ହେବ । କାରଣ ଥରେ ଅଭ୍ୟାସର ବଶବର୍ତ୍ତୀ ହେଲେ ଆଉ ଉପାୟ ନାହିଁ । ତଦଭ୍ୟାସ ଦୋଷରୁ ଚରିତ୍ର ଅସତ୍ ହୁଏ । ଅସତ୍‌ଚରିତ୍ର ମନୁଷ୍ୟ ସର୍ବତ୍ର ଘୃଣ୍ୟ ଏବଂ ଈଶ୍ୱରଅସନ୍ତୋଷର ପାତ୍ର ହୁଏ ।

କାମ, କ୍ରୋଧ, ଲୋଭ, ସ୍ୱାର୍ଥବୃଦ୍ଧି, ଘୃଣା, କଠୋରତା, ସ୍ନେହ, ଦୟା, କ୍ଷମା, ବିନୟ ଇତ୍ୟାଦି ପ୍ରତ୍ୟେକ ଗୁଣ ବା ପ୍ରବୃତ୍ତି ମନୁଷ୍ୟର ମଙ୍ଗଳ ଉଦ୍ଦେଶ୍ୟରେ, କିନ୍ତୁ ଏସବୁର ଅସଦ୍‌ବ୍ୟବହାର କଲେ ସେମାନେ ଘୋର ଅମଙ୍ଗଳର କାରଣ ହୁଅନ୍ତି । ପ୍ରକୃତ ନୈତିକ ଉନ୍ନତିସାଧନ କରିବାକୁ ହେଲେ ତିନିଗୋଟି ବିଷୟ ଅତ୍ୟନ୍ତ ପ୍ରୟୋଜନୀୟ—ଆତ୍ମ-ଅନୁଶୀଳନ, ଆତ୍ମସମ୍ମାନ ଏବଂ ଆତ୍ମସଂଯମ । ଆତ୍ମଅନୁଶୀଳନଦ୍ୱାରା ଅମ୍ଭେମାନେ ବୁଝିପାରୁଁ କେଉଁ କେଉଁଠାରେ ଅମ୍ଭମାନଙ୍କର ଦୁର୍ବଳତା ଅଛି । ଆତ୍ମସମ୍ମାନ ଅମ୍ଭମାନଙ୍କୁ ଅନେକ ସମୟରେ ନୀଚ ପ୍ରବୃତ୍ତି ଏବଂ କଦଭ୍ୟାସର ହସ୍ତରୁ ରକ୍ଷା କରେ । ଏବଂ ଆତ୍ମସଂଯମ ଅମ୍ଭମାନଙ୍କୁ ବୀର ବିକ୍ରମରେ କୁପ୍ରବୃତ୍ତି, ପାପ କାମନା ଏବଂ ଦୁଶ୍ଚିନ୍ତା ସବୁକୁ ସଦା ଆଜ୍ଞାନୁବର୍ତ୍ତୀ କରାଇ ପ୍ରକୃତ ସ୍ୱାଧୀନତା ଲାଭ କରିବାକୁ ସମର୍ଥ କରେ ।

ତତ୍‌ପରେ ଆଧ୍ୟାତ୍ମିକ ଉନ୍ନତି । ଅବିନାଶୀ ମାନବାତ୍ମା ପରମାତ୍ମାଙ୍କ ଅଂଶ । ଅନନ୍ତକାଳ ଏହାର ତାହାଙ୍କ ସଙ୍ଗେ ଦୁର୍ଚ୍ଛେଦ୍ୟ ସମ୍ବନ୍ଧ । ପରମାତ୍ମା ଆତ୍ମାର ଆଦର୍ଶ । ସଂସାର ଏହାର ପରୀକ୍ଷା ଭୂମି । ଇହକାଳ କୃତ ଅଶୁଭ କର୍ମର ପରିଣାମ ଏହାକୁ ପରକାଳରେ ଭୋଗ କରିବାକୁ ହେବ ଏବଂ ଏହି ପୃଥିବୀରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ନିଶ୍ଚୟ ଥରେ ସମ୍ପୂର୍ଣ୍ଣ କରିବାକୁ ହେବ । ଅତଏବ ଅମ୍ଭମାନଙ୍କୁ ଶାରୀରିକ, ମାନସିକ ଏବଂ ନୈତିକ ଉନ୍ନତି ସହିତ ଆତ୍ମାର ଉନ୍ନତି ସାଧନ କରିବା ମଧ୍ୟ ଉଚିତ ।

ଆତ୍ମାର ଉନ୍ନତି ସାଧନ କରିବାକୁ ହେଲେ ଅମ୍ଭମାନଙ୍କର ଧର୍ମସାଧନ କରିବା ଆବଶ୍ୟକ । ଧର୍ମସାଧନର କେତେଗୁଡ଼ିଏ ସୋପାନ ଅଛି । ସେମାନେ ବିଶ୍ୱାସ, ଜ୍ଞାନ, ଭୟ, ଭକ୍ତି, ପ୍ରେମ ଏବଂ ଯୋଗ ଏହି

Digitized by srujanika@gmail.com

କ୍ଷଣିକ ଭାବରେ ବିଭକ୍ତ ହୋଇଯାଇଛନ୍ତି । ସୃଷ୍ଟିର ଅନ୍ତରାଳରେ ଯେଉଁ ଜ୍ଞାନମୟ ଏବଂ ଇଚ୍ଛାମୟ ପୁରୁଷ କାର୍ଯ୍ୟ କରୁଅଛନ୍ତି, ତାହାଙ୍କ ଠାରେ ମାନବାତ୍ମାର ଅବିନାଶିତ୍ୱ ଏବଂ ପରକାଳର ଅସ୍ତିତ୍ୱରେ ଅଟଳ ବିଶ୍ୱାସ ଧର୍ମସାଧନର ମୂଳ-ଭିତ୍ତି । ଈଶ୍ୱର ଅନ୍ୱେଷଣ ଏବଂ ଈଶ୍ୱରଙ୍କ ସମ୍ବନ୍ଧରେ ଯଥାସମ୍ଭବ ଜ୍ଞାନ ଧର୍ମ ସାଧନ-ରୂପ ପଥରେ ଅମ୍ଭମାନଙ୍କର ଚକ୍ଷୁ ସ୍ୱରୂପ ।

ପାପର ଦଣ୍ଡବିଧାତା, ଅନନ୍ତ ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱର, ସର୍ବଦର୍ଶୀ ଏବଂ ସର୍ବଶକ୍ତିମାନ୍ ଈଶ୍ୱରଙ୍କଠାରେ ଭୟ ଧର୍ମସାଧନର ବାଲ୍ୟାବସ୍ଥା—"The fear of the Lord is the beginning of religion."

ଆତ୍ମାର ମୁକ୍ତିଦାତା, ସୃଷ୍ଟିର ମଙ୍ଗଳବିଧାତା, ଅନନ୍ତ ଜ୍ଞାନର ଆଧାର ପରମେଶ୍ୱରଙ୍କ ଠାରେ ଭକ୍ତି ଧର୍ମସାଧନର କିଶୋର ଅବସ୍ଥା । ମାନବାତ୍ମାର ପ୍ରିୟତମ ବନ୍ଧୁ, ଅନ୍ତର୍ଯାମୀ ଏବଂ ଅନନ୍ତକାଳର ସହାୟ ଦୟାମୟ ପିତାଙ୍କଠାରେ ପ୍ରେମ ଧର୍ମ ସାଧନର ଯୌବନାବସ୍ଥା । ନିଜର କାମନାକୁ ସଂଯତ କରି ମଙ୍ଗଳମୟ ବିଶ୍ୱବିଧାତାଙ୍କ ଶୁଭଇଚ୍ଛା ସଙ୍ଗେ ଶୁଭ ସଂଯୋଗ ଆତ୍ମାର ଚରମାବସ୍ଥା ବୋଲି ସ୍ଥୂଳତଃ ବୋଲିଯାଇ ପାରେ ।

କିନ୍ତୁ ଏହି ସମସ୍ତ ଧର୍ମସାଧନ କରି ଆତ୍ମାର ଉନ୍ନତି କରିବା ମୋହଗ୍ରସ୍ତ ମାନବ ପକ୍ଷରେ ଅତି ଦୁଃସାଧ୍ୟ । ଏଠାରେ ନିଜ ଶକ୍ତି ସାମର୍ଥ୍ୟର ପରାଭବ ଅତି ସମ୍ଭବ । ସେଥିପାଇଁ ଧର୍ମସାଧନ ପକ୍ଷରେ ସଦ୍‌ଗ୍ରନ୍ଥ ପଠନ ଏବଂ ସାଧୁସଙ୍ଗ ଅତି ପ୍ରୟୋଜନୀୟ । କାରଣ ସଂସାରରେ ପାପ, ପ୍ରଲୋଭନ, ଅସତ୍ୟ ଏବଂ ପ୍ରତାରଣା ଇତ୍ୟାଦି ସଂସର୍ଗରେ ଅସି ଅମ୍ଭମାନଙ୍କର କ୍ଷୁଦ୍ର ହୃଦୟ ଅନେକ ସମୟରେ ନୈରାଶ୍ୟ, ନାସ୍ତିକତା, ଅନାଚାର ଏବଂ ଅପ୍ରେମରେ ଜର୍ଜରିତ ହୁଏ ।

"ହିତୋପଦେଶ"ରେ ଗୋଟିଏ ଶ୍ଳୋକ ଅଛି :—

> "ସଂସାର ବିଷବୃକ୍ଷସ୍ୟ ଦ୍ୱେଏବ ରସବତ୍ ଫଳେଃ
> କାବ୍ୟାମୃତ ରସାସ୍ୱାଦଃ ସଙ୍ଗମଃ ସଜ୍ଜନୈଃସହ" ।

ଶଙ୍କରାଚାର୍ଯ୍ୟଙ୍କ ସେହି ଶ୍ଳୋକଟି ମଧ୍ୟ ସମସ୍ତଙ୍କୁ ଜଣାଅଛି :—

> "ନଳିନୀ ଦଳଗତ ଜଳମତି ତରଳଂ
> ତଦ୍‌ବଜ୍ଜୀବନମତିଶୟ ଚପଳଂ
> କ୍ଷଣମିହ ସଜ୍ଜନ ସଙ୍ଗତିରେକା
> ଭବତି ଭବାର୍ଣ୍ଣବ ତରଣେ ନୌକା ।"

Digitized by srujanika@gmail.com

କିନ୍ତୁ ମହାତ୍ମାମାନଙ୍କର ମଧ୍ୟ ଅପପୂର୍ଣ୍ଣତା ଅଛି । ନିର୍ଜନରେ ଏକ୍ବୁ ସହ ବାସ ଅର୍ଥାତ୍ ଧ୍ୟାନ ଏବଂ ପ୍ରାର୍ଥନା ହିଁ ଧର୍ମସାଧନର ଶ୍ରେଷ୍ଠତମ ଉପାୟ । ନୈତିକ ଉନ୍ନତି ସମ୍ବନ୍ଧେ ଅଗ୍ନସଂଯମ ଯେରୂପ, ମାନସିକ ଉନ୍ନତିବିଧାନ ପକ୍ଷେ ଶିକ୍ଷା ଯେରୂପ ଏବଂ ଦୈହିକ ସ୍ୱାସ୍ଥ୍ୟ ନିମିତ୍ତ ଅହାର ଯେରୂପ ଅତ୍ୟାବଶ୍ୟକୀୟ, ଅତ୍ମାର ଉନ୍ନତି ପଥରେ ପ୍ରାର୍ଥନା ସେହିପରି ପ୍ରୟୋଜନୀୟ । ନିଜପ୍ରତି କର୍ତ୍ତବ୍ୟ ବିଷୟରେ ବକ୍ତବ୍ୟ ଶେଷ ହେଲା ।

ଦ୍ୱିତୀୟତଃ, ସମଗ୍ର ସଂସାରପ୍ରତି ଅମ୍ଭମାନଙ୍କର କର୍ତ୍ତବ୍ୟ । ସ୍ୱ ସ୍ୱ ପରିବାରସ୍ଥ ସକଳ ମନୁଷ୍ୟମାନଙ୍କ ପ୍ରତି ଅମ୍ଭମାନଙ୍କର ଭିନ୍ନ ଭିନ୍ନ କର୍ତ୍ତବ୍ୟ କର୍ମ ଅଛି । ଯେଉଁ ପିତାମାତାଙ୍କ ଅପାରିତ ସ୍ନେହ ନିଃସହାୟ ଶୈଶବାବସ୍ଥାରେ ଅମ୍ଭମାନଙ୍କୁ ରକ୍ଷା କରିଥିଲା, ଯେଉଁମାନଙ୍କ ... ପରିଶ୍ରମ ବ୍ୟତିରେକେ ଅମ୍ଭମାନଙ୍କ ବିନାଶ ଅନିବାର୍ଯ୍ୟ ହୋଇ ଥାନ୍ତା, ଯେଉଁମାନଙ୍କ କାରୁଣିକ ହସ୍ତ ସମସ୍ତପ୍ରକାର ଅମ୍ଭମାନଙ୍କୁ ମୃତ୍ୟୁମୁଖରୁ ଉଦ୍ଧାର କରିଅଛି, ଯେଉଁମାନଙ୍କ ଅବିଶ୍ରାନ୍ତ ଶୁଶ୍ରୂଷା ଅମ୍ଭମାନଙ୍କୁ ରୋଗଶଯ୍ୟାରୁ ଉଦ୍ଧାର ହେବାରେ ସମର୍ଥ କରାଏ, ଯେଉଁମାନଙ୍କ ଦୟା ଏବଂ ସ୍ନେହ ଜଗତ୍‌ରେ ଅତୁଳନୀୟ, ସଂକ୍ଷେପତଃ ଯେଉଁମାନଙ୍କ ନିମନ୍ତେ ସ୍ୱାର୍ଥତ୍ୟାଗ ଅମ୍ଭମାନଙ୍କୁ ଏହି ଜଗତ୍‌ରେ ସମ୍ଭବ କରିଅଛି, ଦୟାର ଅବତାର ସେହି ପିତାମାତାଙ୍କ ପ୍ରତି ଚିରଜୀବନ କୃତଜ୍ଞତା, ଭକ୍ତି ଏବଂ ସମ୍ମାନ ପ୍ରଦର୍ଶନ, କାୟମନୋବାକ୍ୟେ ସେମାନଙ୍କ ସନ୍ତୋଷବିଧାନ, ଚରମାବସ୍ଥାରେ ସେମାନଙ୍କର ସେବା ଶୁଶ୍ରୂଷା ଅବଶ୍ୟ ଅମ୍ଭମାନଙ୍କର କର୍ତ୍ତବ୍ୟ ।

ଯେଉଁ ଭ୍ରାତାଭଗିନୀମାନଙ୍କର ନିସ୍ୱାର୍ଥ ସ୍ନେହ ଜୀବନକୁ ମଧୁମୟ କରେ ସେମାନଙ୍କର ସଦାମଙ୍ଗଳାକାଙ୍କ୍ଷୀ ହେବା, ସେମାନଙ୍କ ପ୍ରତି ସଦ୍‌ବ୍ୟବହାର କରିବା ଏବଂ ସମସ୍ତ କାର୍ଯ୍ୟରେ ସେମାନଙ୍କର ସହାୟ ହେବା ଅମ୍ଭମାନଙ୍କର ଉଚିତ ।

ଯେଉଁ ସ୍ତ୍ରୀ ଜୀବନର ପ୍ରିୟତମ ବନ୍ଧୁ, ଯାହାର ସୁକୋମଳ ବ୍ୟବହାର ଦୁଃଖ ଏବଂ ନୈରାଶ୍ୟଜର୍ଜରିତ ହୃଦୟକୁ ଅଶ୍ୱାସ ପ୍ରଦାନ କରେ, ଯାହାର ନିଃସ୍ୱାର୍ଥ ପ୍ରେମ ଶୋକପ୍ରପୀଡ଼ିତ ହୃଦୟରେ ଶାନ୍ତିବାରି ବର୍ଷଣ କରି ଜୀବନକୁ ସୁମିଷ୍ଟ କରେ, ଯାହାର ସକଳବିଧ ଉନ୍ନତିର ଭାର ସମ୍ପୂର୍ଣ୍ଣରୂପେ ଅମ୍ଭମାନଙ୍କ ଉପରେ ନ୍ୟସ୍ତ ହୋଇଅଛି, ଯେଉଁ ଧର୍ମଜନ୍ମ ଅମ୍ଭମାନଙ୍କ

Digitized by srujanika@gmail.com

ଅର୍ଦ୍ଧାଙ୍ଗ ନାମରେ ଅଖ୍ୟାତ ଯାହା ସମ୍ମୁଖରେ ହୃଦ୍‌ସ୍କର ଗଭୀରତମ ପ୍ରଦେଶର ବେଦନା ସବୁ ମନୁଷ୍ୟ ପ୍ରକାଶ କରେ, ଯେଉଁ ନାରୀ ଜୀବନର ପ୍ରଧାନ ସାହାଯ୍ୟକାରିଣୀ, ସେହି ସହଧର୍ମିଣୀପ୍ରତି ଅସ୍ମମାନଙ୍କ ଠିକ୍ ଉଦ୍ଦେଶ୍ୟ ବ୍ୟବହାର କରି ତତ୍‌ପ୍ରତି ସମସ୍ତ କର୍ତ୍ତବ୍ୟ ସମାଧାନ କରିବା ଉଚିତ ।

ଯେଉଁ ପୁତ୍ରକନ୍ୟାମାନଙ୍କର ଜୀବନ, ମୃତ୍ୟୁ, ଭବିଷ୍ୟତ୍ ଓ ଶୁଭାଶୁଭ ଅସ୍ମମାନଙ୍କ ହସ୍ତରେ, ସେମାନଙ୍କୁ ଲାଳନପାଳନ ଓ ସଦ୍‌ଶିକ୍ଷା ପ୍ରଦାନ କରି ସଂସାରରେ ପ୍ରବେଶ କରାଇ ପିତୃଋଣରୁ ମୁକ୍ତ ହେବା ଅସ୍ମମାନଙ୍କର ଜୀବନର ଗୁରୁତର କର୍ତ୍ତବ୍ୟ ।

ଏହିପରି ସମସ୍ତ ପରିବାରପ୍ରତି ଯଥାକର୍ତ୍ତବ୍ୟ ସମ୍ପାଦନ କରିବା ଅସ୍ମମାନଙ୍କର ଉଚିତ, କାରଣ ପରିବାରର ବାସସ୍ଥାନହିଁ ଗୃହ । ଏହି ଗୃହ, ଶିକ୍ଷାର ପ୍ରଥମ ସ୍ଥାନ । ମନୁଷ୍ୟର ଭବିଷ୍ୟତ୍ ଗୃହରେ ଅନେକ ପରିମାଣରେ ନିର୍ଭର କରେ, ଆହୁରି ମଧ୍ୟ ଅନେକାନେକ ଗୃହରେ ମମଷ୍ଟିହିଁ ସମାଜ । ଅତଏବ ପ୍ରତ୍ୟେକ ପରିବାରର ଉନ୍ନତି ଉପରେ ସୁପ୍ରକାଣ୍ଡ ସମାଜ ତଥା ଦେଶର ଉନ୍ନତି ନିର୍ଭର କରେ ।

ପରିବାର ବହିର୍ଗତ ସଂସାରପ୍ରତି ମଧ୍ୟ ଅସ୍ମମାନଙ୍କର କର୍ତ୍ତବ୍ୟ ଅଛି । ଯେଉଁ ବନ୍ଧୁମାନଙ୍କ ସହିତ ନିଜର ଦୁର୍ଚ୍ଛେଦ୍ୟ ସମ୍ବନ୍ଧ, ଯେଉଁ ବନ୍ଧୁ ଦୁଃଖ ଏବଂ ବିପଦର ସହାୟ, ଯେଉଁ ସ୍ୱଭାବ ବନ୍ଧୁମାନେ ଅସ୍ମମାନଙ୍କ ଦୁଃଖରେ ଦୁଃଖୀ ଏବଂ ସୁଖରେ ସୁଖୀ, ସେମାନଙ୍କ ପ୍ରତି ପ୍ରକୃତ ବନ୍ଧୁତ୍ୱର ପରିଚୟ ଦେବା ଉଚିତ । ଏହି ବନ୍ଧୁ ପରିବାର ମଧ୍ୟରେ ଗଣନୀୟ । ଯେଉଁ ପ୍ରଭୁଙ୍କର ଅର୍ଥ ସାହାଯ୍ୟରେ ଅସ୍ମେମାନେ ଜୀବିକାନିର୍ବାହ କରୁଁ, ବିଶ୍ୱସ୍ତଭାବରେ ତାଙ୍କର କାର୍ଯ୍ୟ କରିବା ଅସ୍ମମାନଙ୍କର ବିଶେଷ କର୍ତ୍ତବ୍ୟ— ଏହାର ଲଙ୍ଘନ ଅକ୍ଷମଣୀୟ । ନିଜର ଆଶ୍ରିତ ଅନୁଚରବର୍ଗଙ୍କ ପ୍ରତି ସର୍ବଦା ଦୟା କରିବା କର୍ତ୍ତବ୍ୟ ।

ଅସ୍ମମାନଙ୍କ ଅପେକ୍ଷା ବିଶେଷ ଜ୍ଞାନୀ ଏବଂ ଉତ୍କୃଷ୍ଟ ତଥା ବୟୋବୃଦ୍ଧ ଲୋକମାନଙ୍କୁ ସମ୍ମାନ କରିବା ମଧ୍ୟ ଅସ୍ମମାନଙ୍କର କର୍ତ୍ତବ୍ୟ କର୍ମ । ଆହୁରି ମଧ୍ୟ ଜଗତ୍‌ର ପ୍ରତ୍ୟେକ ନରନାରୀ ଭ୍ରାତୃଭଗିନୀସୂତ୍ରରେ ଆବଦ୍ଧ । ଅତଏବ

Digitized by srujanika@gmail.com

ପ୍ରତ୍ୟେକ ଲୋକ ପ୍ରତି ଅମ୍ଭମାନଙ୍କର ଯଥୋପଯୁକ୍ତ ସରଳ ବ୍ୟବହାର କରିବା କର୍ତ୍ତବ୍ୟ । ଈଶ୍ୱରସୃଷ୍ଟ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କ ପ୍ରତି ହିଂସା ନ କରିବା ମାନବ କର୍ତ୍ତବ୍ୟର ଅନ୍ତର୍ଗତ । ଏହାଛଡ଼ା ଅମ୍ଭମାନଙ୍କର ସ୍ୱଜାତି ଓ ସ୍ୱଦେଶ ପାଇଁ ନିଃସ୍ୱାର୍ଥ ଭାବରେ କର୍ମ କରିବା ଉଚିତ ।

ତୃତୀୟତଃ, ଈଶ୍ୱରଙ୍କ ପ୍ରତି କର୍ତ୍ତବ୍ୟ କର୍ମ । ଏହି ଅସୀମ ବ୍ରହ୍ମାଣ୍ଡ ଯାହାଙ୍କ ଦ୍ୱାରା ସୃଷ୍ଟ ହୋଇଅଛି, ଯାହାଙ୍କ କୃପାରୁ ଅମ୍ଭେମାନେ ଏହି ସୁନ୍ଦର ମାନବ ଜୀବନ ଲାଭ କରିଅଛୁଁ, ଯାହାଙ୍କ କରୁଣା ମାନବ ଭୂମିଷ୍ଠ ହେବା ପୂର୍ବରୁ ତାହା ନିମିତ୍ତ ଖାଦ୍ୟାଦିର ସନ୍ଧାନ କରେ, ଯାହାଙ୍କ ପ୍ରସାଦରୁ ଅମ୍ଭେମାନେ ପିତା, ମାତା, ଭାଇ, ଭଗିନୀ, ବନ୍ଧୁ, ପରିଜନ, ଧନ, ବସ୍ତ୍ର, ଖାଦ୍ୟ, ପାନୀୟ ଇତ୍ୟାଦି ମନୁଷ୍ୟର ସୁଖଶାନ୍ତିବର୍ଦ୍ଧନକାରୀ ସକଳ ପଦାର୍ଥମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଅଛୁଁ, ଯାହାଙ୍କ ଅପାର କରୁଣା ଅମ୍ଭମାନଙ୍କ ଚକ୍ଷୁ କର୍ଣ୍ଣ ଆଦି ବିଭିନ୍ନ ଇନ୍ଦ୍ରିୟମାନ ପ୍ରଦାନ କରି ଲାବଣ୍ୟମୟୀ ନାରୀର ମୁଖପଦ୍ମ, କୁସୁମର ପରମ ସୌନ୍ଦର୍ଯ୍ୟ, ଶିଶୁର ସ୍ୱର୍ଗୀୟ ଶୋଭା, ପ୍ରକୃତିର କମନୀୟ ଛବି, ସୁଦୂର ବିସ୍ତୃତ ଆକାଶର ଗାଢ଼ ନୀଳିମା, ବିଦ୍ୟୁତ୍‌ର ସ୍ଫୁରଣ, ନାନା ରଙ୍ଗରେ ରଞ୍ଜିତ ପକ୍ଷବିଶିଷ୍ଟ ବିହଙ୍ଗର ମୋହନ ସଙ୍ଗୀତର ମନୋମୁଗ୍ଧକର ସ୍ୱର, ନଦୀର କଳ କଳ ଧ୍ୱନି, କୋକିଳର କୁହୁରବ, ମୟୂରର ଉନ୍ମାଦକାରୀ କେକା ଶବ୍ଦ, ମନ୍ଦବାୟୁସଞ୍ଚାଳିତ ପୁଷ୍ପ ସୌରଭ ଇତ୍ୟାଦି ଉପଭୋଗ କରି ମହା ଆନନ୍ଦରେ ଦିନାତିପାତ କରିବାର ସୁବିଧା ପ୍ରଦାନ କରିଅଛି, ସେ ମୁକ୍ତିଦାତା ମାନବାତ୍ମାର ଚିରସଙ୍ଗୀ ଏବଂ ଅନନ୍ତ କାଳର ସହାୟ, କୃତଜ୍ଞ ଚିତ୍ତରେ ହୃଦଗତ ଭକ୍ତି-ସହକାରେ ତାଙ୍କଠାରେ ପ୍ରୀତି ଏବଂ ତାଙ୍କର ପ୍ରିୟ ସାଧନ କରିବା ଅମ୍ଭମାନଙ୍କ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ।

ଜୀବନର ଅଶେଷବିଧ କର୍ମମାନ ଯଥାଯଥରୂପେ ସମ୍ପାଦନ କରିବାକୁ ହେଲେ ଅମ୍ଭମାନଙ୍କର ଅନେକଗୁଡ଼ିଏ ଗୁଣର ପ୍ରୟୋଜନ । ସେଥିମଧ୍ୟରୁ ନିମ୍ନଲିଖିତ ଗୁଣଗୁଡ଼ିକ ଅତ୍ୟାବଶ୍ୟକ ।

ଆଶା—ସତ୍‌କର୍ମର ପରିଣାମ ଅବଶ୍ୟ ମଙ୍ଗଳକର ଏବଂ ପରିଶ୍ରମର ଫଳ ଅବଶ୍ୟ ମିଳିବ, ଜ୍ଞାତସାରେ ହେଉ ବା ଅଜ୍ଞାତସାରେ ହେଉ

Digitized by srujanika@gmail.com

ପ୍ରତ୍ୟେକ କର୍ମ-ସାଧକର ଏହି ଆଶା ଥାଏ । ତାହା ନ ଥିଲେ କେହି କୌଣସି କର୍ମରେ ହସ୍ତକ୍ଷେପ କରନ୍ତେ ନାହିଁ ।

ଉଚ୍ଚ ଲକ୍ଷ୍ୟ—କି ଉଦ୍ଦେଶ୍ୟରେ ବା କି ଉପାୟରେ କର୍ମ ସାଧନ କରିବାକୁ ହେବ ଏହା ଯେଉଁ ବ୍ୟକ୍ତି ନିର୍ଦ୍ଧାରଣ କରିପାରିଲା ତାହାର କୃତକାର୍ଯ୍ୟ ହେବା ସମ୍ଭବପର ।

ଜଗତ୍‌ରେ ପ୍ରାୟ ପ୍ରତ୍ୟେକ ମହତ୍ ଲୋକ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିପାରନ୍ତି । ସାଧାରଣ ଲୋକ ତାହା କରି ନ ପାରିବାରୁ ଅନ୍ଧାନୁକରଣରେ ଅଗ୍ରସର ହେଉଥାନ୍ତି ଏବଂ ସେମାନଙ୍କୁ ଅଜ୍ଞାତସାରରେ ଜୀବନର ଲକ୍ଷ୍ୟ ସାଧନ କରିବାକୁ ହୁଏ । କିନ୍ତୁ ଆମ୍ଭମାନଙ୍କ ଯଥାଯଥ ଲକ୍ଷ୍ୟ ସ୍ଥିର କରିବା ବାଞ୍ଛନୀୟ ଏବଂ ଏହା ଉଚ୍ଚ ହେବା ଶ୍ରେୟସ୍କର । କୃଷକ ହେଉ, ବଣିକ ହେଉ, ରାଜା ହେଉ, ଶିକ୍ଷାର୍ଥୀ ହେଉ, ଯାହାଙ୍କ ଲକ୍ଷ୍ୟ ଯେତେ ଉଚ୍ଚ ତାହାର ଉନ୍ନତି ତେତେ ଅଧିକ ।

ଗଭୀର ଚିନ୍ତା—ପ୍ରତ୍ୟେକ କର୍ମ କରିବା ପୂର୍ବରୁ କିମ୍ବା ପ୍ରତ୍ୟେକ କଥା କହିବା ପୂର୍ବରୁ ଉତ୍ତମରୂପେ ଚିନ୍ତା ଏବଂ ଗଭୀର ଆଲୋଚନା ପ୍ରୟୋଜନ । ଅପରିଣାମଦର୍ଶିତାର ଫଳ ବିଷମୟ । ବିନା ଚିନ୍ତା କର୍ମରେ ପ୍ରବୃତ୍ତ ହୋଇ ଅକୃତକାର୍ଯ୍ୟ ହେଲେ ମଧ୍ୟ ଅନୁତାପ କରିବାକୁ ହୁଏନାହିଁ ।

ସାହସ—ଆଶାପୂର୍ଣ୍ଣ ହୃଦୟରେ ଲକ୍ଷ୍ୟ ସ୍ଥିର କରି କରଣୀୟ କର୍ମର ଶୁଭାଶୁଭ ସ୍ଥିରଭାବରେ ଆଲୋଚନା କରି ସାହସସହକାରେ କର୍ମ ଆରମ୍ଭ କରିବା ଉଚିତ । ଭୟରେ କିମ୍ବା କର୍ମର କଠିନତା ଦେଖି ସତ୍କର୍ମରୁ ବଞ୍ଚିତ ହେବା ଲୋକମାନଙ୍କର ଉଚିତ ନୁହେଁ । ସାହସ ବ୍ୟତିରେକେ ସଂସାରର କୌଣସି କର୍ମ ସାଧିତ ହୋଇ ନ ପାରେ ।

ଧୈର୍ଯ୍ୟ—ଅନେକ ସମୟରେ ଆମ୍ଭେମାନେ ଆପାତତଃ ଅକୃତକାର୍ଯ୍ୟ ହେଉଁ ତଥାପି ଧୈର୍ଯ୍ୟଚ୍ୟୁତ ହୋଇ ନିରାଶହୃଦୟରେ ଗୃହପ୍ରତ୍ୟାଗମନ କଦାପି ଉଚିତ ନୁହେଁ । ଜଗତ୍‌ରେ ଅନେକପ୍ରକାର ମନୁଷ୍ୟମାନଙ୍କ ସଙ୍ଗେ ଏବଂ ନାନା ପ୍ରକାର ଅବସ୍ଥାରେ ଆମ୍ଭମାନଙ୍କୁ କାର୍ଯ୍ୟ କରିବାକୁ ହୁଏ । ଧୈର୍ଯ୍ୟ ନ ଥିଲେ ଅନେକ ସମୟରେ ଆମ୍ଭେମାନେ ଅକୃତକାର୍ଯ୍ୟ ହେଉଁ ।

ଅଧ୍ୟବସାୟ—ଧନ, ବିଦ୍ୟା, ଯଶ, ଜ୍ଞାନ ଯେତେ ବିଷୟରେ ହେଉ ଅଧ୍ୟବସାୟୀ ନ ହେଲେ ଆମ୍ଭେମାନେ କଦାପି କୃତକାର୍ଯ୍ୟ ହୋଇ

Digitized by srujanika@gmail.com

ନ ପାରୁ । ବ୍ୟକ୍ତିଗତ କିମ୍ବା ଜାତିଗତ ହେଉ ଶୁଭ ଫଳ ଯେଉଁଠାରେ ଦେଖାଯାଏ ତାହାର ମୂଳଦେଶରେ ନିଶ୍ଚୟ ଅଧ୍ୟବସାୟ ଥିବ । ଜଗତର ପ୍ରତ୍ୟେକ ମହତ୍ ଲୋକ ଅଧ୍ୟବସାୟୀ । ଇଂରେଜ, ଫରାସୀ, ରୁଷିୟାନ-ମାନଙ୍କ ଏତେ ଉନ୍ନତି ଏବଂ ସଭ୍ୟତାର କାରଣ କି ? ନିଶ୍ଚୟ ଅଧ୍ୟବସାୟ । ବୈଜ୍ଞାନିକ ପଣ୍ଡିତମାନେ ଅହୋରାତ୍ର ପରିଶ୍ରମ କରି ବୈଜ୍ଞାନିକ ସତ୍ୟ ସକଳ ଆବିଷ୍କାର କରୁଅଛନ୍ତି । ଅତ୍ୟାଗ୍ରହୀ ରାଜା ବିରୁଦ୍ଧରେ ଶତ ଶତ ସ୍ୱଦେଶହିତୈଷୀ ସ୍ୱଦେଶ ଓ ସ୍ୱଜାତିର ସ୍ୱାଧୀନତା ପାଇଁ କାରାଗୃହର ନିର୍ଜନ ମୃତ୍ୟୁକୁ ସମାଦର କରିଅଛନ୍ତି । ଏପରି ଦିନକୁ ଦିନ ସେମାନେ ଉନ୍ନତି ପଥରେ ଅଗ୍ରସର ହୋଇଅଛନ୍ତି । ଗୋଟିଏ କଥା ଆମ୍ଭମାନଙ୍କର ସ୍ମରଣ ରଖିବା ଉଚିତ । **Perseverance overcome every difficulty.** "ଧୈର୍ଯ୍ୟ ଏବଂ ଅଧ୍ୟବସାୟ ସକଳ ବାଧାବିଘ୍ନ ଅତିକ୍ରମ କରିପାରେ ।

ଆତ୍ମନିର୍ଭରଶୀଳତା ବା ସ୍ୱାଧୀନତା—କଥାରେ କହନ୍ତି, ଆପଣା ବୁଦ୍ଧିରେ ଯୋଗୀ ହେବ ପର ବୁଦ୍ଧିରେ ରାଜା ହେବ ନାହିଁ । କଥାଟି ବଡ଼ ସୁନ୍ଦର । ସର୍ବଦା ପ୍ରତ୍ୟେକ କାର୍ଯ୍ୟରେ ପରମୁଖାପେକ୍ଷୀ ହେଲେ କୌଣସି କର୍ମ ସାଧିତ ହୋଇପାରେ ନାହିଁ । ଜଗତର ସମସ୍ତ ମନୁଷ୍ୟଙ୍କର ସମାନ ମତ ନୁହେଁ । କେହୁ ଯେବେ ଗୋଟିଏ କାର୍ଯ୍ୟ କରିବାକୁ ଉଦ୍ୟତ ହୁଏ କେତେ ଲୋକ ତାର ସପକ୍ଷରେ ମତ ଦିଅନ୍ତି ଓ ଅଉ କେତେ ଲୋକ ତାର ବିରୋଧୀ ହୁଅନ୍ତି । ଏହା ପ୍ରାୟ ସର୍ବଦା ଏବଂ ସର୍ବତ୍ର ଘଟିଥାଏ । ନିଜର ସ୍ୱାଧୀନ ମତ ସ୍ୱାଧୀନ ବିଚାର ନ ଥିଲେ ଏପରି ଘଟଣାରେ କର୍ତ୍ତବ୍ୟ ଅବଧାରଣ କରିବା ଅତି ଦୁରୂହ । ଜଗତର ପ୍ରତ୍ୟେକ ମହାଜନ ସ୍ୱାଧୀନ-ଚେତା ଏବଂ ଆତ୍ମନିର୍ଭରଶୀଳ । ପୃଥିବୀର ପ୍ରତ୍ୟେକ ଉନ୍ନତ ଏବଂ ସଭ୍ୟଜାତି ସ୍ୱାଧୀନତାପ୍ରିୟ । ଇତିହାସର ପୃଷ୍ଠା ଉଦ୍‌ଘାଟନ କଲେ ଆମେ ଦେଖିପାରୁ, ଏ ସ୍ୱାଧୀନପ୍ରିୟତାଦ୍ୱାରା ପୃଥିବୀ କେତେ ଉପକୃତ ଏବଂ ଉନ୍ନତ ହେଉଅଛି ।

ପ୍ରତିଜ୍ଞା—ଦୃଢ଼ପ୍ରତିଜ୍ଞା ଅସାଧ୍ୟ ସାଧନ କରେ । ଦୃଢ଼-ପ୍ରତିଜ୍ଞ ମନୁଷ୍ୟକୁ ବାଧାବିଘ୍ନ, ବିପଦ ଆପଦ, ଲୋକଭୟ, ଅକୃତ-କାର୍ଯ୍ୟତା କେହି କାର୍ଯ୍ୟରୁ ବିରତ କରିପାରନ୍ତି ନାହିଁ ।

Digitized by srujanika@gmail.com

ନିୟମାନୁଯାୟୀ କାର୍ଯ୍ୟକାରିତା—ସମସ୍ତ ଜଳସ୍ରୋତ ସଦୃଶ ଚାଲି ଯାଉଅଛି । କି ଧନୀ, କି ଦରିଦ୍ର, କି ରାଜା, କି ପ୍ରଜା, କି ଜ୍ଞାନୀ, କି ମୂର୍ଖ, କି ଜଡ଼, କି ଜୀବ—କାହାରି ପାଇଁ ଅପେକ୍ଷା କରେ ନାହିଁ । ଜୀବନର କର୍ତ୍ତବ୍ୟ କର୍ମ ନାନାବିଧ । ଯଥାସମୟରେ କର୍ମ ନ କଲେ ଆମ୍ଭେମାନେ ଅନେକ ସମୟରେ ଅସୁବିଧାରେ ପଡ଼ି ବିଡ଼ମ୍ବନାଗ୍ରସ୍ତ ହେଉଁ ।

ସତ୍ୟପ୍ରିୟତା ଓ ସାଧୁତା—ନିର୍ଭୟରେ ସ୍ୱାଧୀନ ଭାବରେ କର୍ମ ସାଧନ କରିବାକୁ ଗଲେ ଆମ୍ଭମାନଙ୍କର ସତ୍ ଏବଂ ସାଧୁ ହେବା ଆବଶ୍ୟକ । ସତ୍ୟପ୍ରିୟ ଲୋକ କାହାକୁ ଭୟ କରେ ନାହିଁ । ତାହାର ବିବେକ-ଅନୁମୋଦିତ ପ୍ରତ୍ୟେକ କାର୍ଯ୍ୟ ସେ କାହାପ୍ରତି ଦୃକ୍‌ପାତ ନ କରି ସମାପନ କରେ । ପ୍ରଥମେ ତାହାକୁ ଅନେକ ହିଂସା କରନ୍ତି ଏବଂ ଶତ୍ରୁତା ଆଚରଣ କରନ୍ତି କିନ୍ତୁ ଶେଷରେ ସାଧୁତାର ଜୟ ହୁଏ । ଏହାର ସଂଖ୍ୟାତୀତ ଜ୍ୱଳନ୍ତ ଦୃଷ୍ଟାନ୍ତ ଅଛି ।

ଶୃଙ୍ଖଳା—ପ୍ରତ୍ୟେକ କାର୍ଯ୍ୟରେ ହସ୍ତକ୍ଷେପ କରିବା ପୂର୍ବରୁ କି କି କାର୍ଯ୍ୟ କରିବାକୁ ହେବ ଏହା ସ୍ଥିର କରିବା ଏବଂ ସେହି ନିୟମାନୁଯାୟୀ କାର୍ଯ୍ୟ କରିବା ଅତି ପ୍ରୟୋଜନୀୟ । ଶୃଙ୍ଖଳା ବ୍ୟତୀତ କୌଣସି କାର୍ଯ୍ୟ ସୁସମ୍ପାଦିତ ହୋଇ ନ ପାରେ ।

ସନ୍ତୋଷ—ଜୀବନର ତାବତୀୟ କାର୍ଯ୍ୟ ଉତ୍ତମରୂପେ ସଂସାଧିତ କଲେ ମଧ୍ୟ ଆମ୍ଭେମାନେ ପ୍ରକୃତ ସୁଖ ପାଇପାରୁ ନା, ଯେବେ ହୃଦୟରେ ସନ୍ତୋଷ ନ ଥାଏ । ସମସ୍ତେ କିଛି ସମାନ ଭାବରେ ଜୀବନଯାପନ କରୁ ନାହାନ୍ତି । ଅପକ୍ଷପାତୀ ବିଶ୍ୱବିଧାତା ପ୍ରତ୍ୟେକକୁ ତା'ର ଉପଯୁକ୍ତ ସ୍ଥାନ ଦେଇଅଛନ୍ତି ।

କାର୍ଯ୍ୟ ସମ୍ବନ୍ଧରେ ଅନେକ କଥା ଲେଖାଯାଇପାରେ । ଆମ୍ଭେମାନେ ସଂକ୍ଷିପ୍ତ ଭାବରେ କାର୍ଯ୍ୟ ସମ୍ପର୍କରେ ଆମ୍ଭମାନଙ୍କ ବକ୍ତବ୍ୟ ପ୍ରାୟ ଶେଷ କଲୁଁ । ଉପସଂହାର ସ୍ଥଳରେ ଅଉ ଗୋଟିଏ କଥା କହିବୁ । ତାହା ଏହି ଜୀବନର ଅନନ୍ତ ଏବଂ ଅସୀମ କାର୍ଯ୍ୟକ୍ଷେତ୍ର ଆମ୍ଭମାନଙ୍କ ସମ୍ମୁଖରେ ବର୍ତ୍ତମାନ । କିନ୍ତୁ ଆମ୍ଭମାନଙ୍କର ଜୀବନ ଅତି ଅଳ୍ପକ୍ଷଣସ୍ଥାୟୀ । ପୂର୍ଣ୍ଣ ଜୀବନ ସମ୍ଭୋଗ ପୁଣ ସମସ୍ତଙ୍କ ଭାଗ୍ୟରେ ଘଟେ ନାହିଁ । ବିଧାତାଙ୍କର କି ଉଦ୍ଦେଶ୍ୟରେ କେଜାଣି

Digitized by srujanika@gmail.com

ଅନେକଙ୍କୁ ମାନବଜୀବନର କର୍ତ୍ତବ୍ୟର ଅସମ୍ପୂର୍ଣ୍ଣାବସ୍ଥାରେ ଅକାଳରେ ମୃତ୍ୟୁମୁଖରେ ପତିତ ହୋଇ ଇହସଂସାରରୁ ଚିର ଜୀବନ ପାଇଁ ବିଦାୟ ନେବାକୁ ହୁଏ । ଅଧିକ ଅକ୍ଷେପର ବିଷୟ ଏହି ଯେ, ଜୀବନର ବିଦ୍ୟମାନତା ସତ୍ତ୍ୱେ ଅମ୍ଭେମାନେ ରୋଗ, ଶୋକ, ବିପଦ, ଆପଦଦ୍ୱାରା ଜୀବନର କର୍ତ୍ତବ୍ୟ ସାଧନରୁ ଅନେକ ସମୟରେ ବଞ୍ଚିତ ହେଉ । ଜୀବନର ଅବଶିଷ୍ଟ ଅଂଶ ତାହା ଅତି ଅଳ୍ପ ତଥାପି ଯେବେ ମଣିଷ ଆଳସ୍ୟରେ କିମ୍ବା ଅସତ୍ କର୍ମ ସମ୍ପାଦନରେ ଏହି ବହୁମୂଲ୍ୟ ସମୟ ଅପବ୍ୟୟ କରେ ପରିଣାମରେ ସେ ଘୋର ନିରୟଗାମୀ ହୁଏ ।

ଅତଏବ ଅମ୍ଭେମାନେ ଆଶାପୂର୍ଣ୍ଣ ହୃଦୟରେ ସାହସସହକାରେ ସର୍ବଶକ୍ତିମାନ୍ ଏବଂ ଦୟାମୟ ଈଶ୍ୱରଙ୍କଠାରେ ଦୃଢ଼ବିଶ୍ୱାସ ସ୍ଥାପନ କରି ସୃଷ୍ଟିର ଅନ୍ତରାଳରେ ତାଙ୍କର ମଙ୍ଗଳମୟ ଉଦ୍ଦେଶ୍ୟ ଉଜ୍ଜ୍ୱଳରୂପେ ଅନୁଭବ କରି ମାନବ ଜୀବନର ଭୀଷଣ ସମରରେ ପ୍ରବୃତ୍ତ ହେଉ ଏବଂ ଜୀବନର ପ୍ରତ୍ୟେକ କର୍ତ୍ତବ୍ୟକାର୍ଯ୍ୟ ଯେପରି ତାଙ୍କରି ପାଇଁ ସମ୍ପାଦନ କରୁ ତାହାହେଲେ ଅମ୍ଭମାନଙ୍କୁ ରୋଗର ତୀବ୍ର ଯାତନା ସଙ୍କଟରୁ ଚିତ୍ତୋଦ୍ବିଗ୍ନ-କାରୀ ଭୀତି ଏବଂ କାଳର କରାଳମୂର୍ତ୍ତିରେ ଭୀତ ହେବାକୁ ହେବ ନାହିଁ । ବିଶ୍ୱକର୍ତ୍ତାଙ୍କ ମୁଖକୁ ଅନାଇ ସକଳ ଯନ୍ତ୍ରଣା ସହ୍ୟ କରିବାକୁ ଅମେ ସମର୍ଥ ହେବୁଁ । ଛଦ୍ମବେଶଧାରୀ ମୃତ୍ୟୁ ଅମ୍ଭମାନଙ୍କ ଅତି ନିକଟରେ ଗୁପ୍ତ ଭାବରେ ବିଚରଣ କରୁଅଛି । ଧନ, ଜନ, ସମ୍ମାନ, ରାଜସିଂହାସନ ମଧ୍ୟରୁ ଅସତର୍କ-ମାନବକୁ ନିର୍ଦ୍ଦୟ ଭାବରେ ନାନା ଯନ୍ତ୍ରଣା ପ୍ରଦାନ କରି ନେଇଯାଉଅଛି । ମୋହମାୟାଗ୍ରସ୍ତ, ସଂସାର କୀଟ ଅଜ୍ଞ ମାନବ କି ଏଡ଼େ ନିର୍ବୋଧ ଯେ ପ୍ରତିଦିନ ସହସ୍ର ସହସ୍ର ଦୃଷ୍ଟାନ୍ତ ଦେଖିଶୁଣି ସୁଦ୍ଧା ମନେ କରୁଅଛି, ମୃତ୍ୟୁ ଅନେକ ଦୂରରେ । କେବେ ମରିବାକୁ ହେବ ? କିନ୍ତୁ ଏହା କି ଆଜି ସମ୍ଭବପର ନୁହେଁ ଯେ ଅଳ୍ପକ୍ଷଣମଧ୍ୟ ସେ ଧନ ଛଡ଼ାଇପାରେ ? ମୃତ୍ୟୁର ତ କାଳାକାଳ ନାହିଁ, ଭେଦାଭେଦ ନାହିଁ । ମୃତ୍ୟୁ ତ କହେ ନାହିଁ "ଅମୁକ ଲୋକ ପୂର୍ଣ୍ଣଯୁବା ବା ଯୁବତୀ ।"

ଈଶ୍ୱର କରନ୍ତୁ ଅମ୍ଭେମାନେ ପ୍ରତିନିୟତ ମୃତ୍ୟୁକୁ ସମ୍ମୁଖରେ ରଖି ଜୀବନର ସକଳ କର୍ତ୍ତବ୍ୟ ନିର୍ଲିପ୍ତଭାବରେ ସୃଷ୍ଟିକର୍ତ୍ତାଙ୍କ ଶୁଭଇଚ୍ଛାର

Digitized by srujanika@gmail.com

ଅନୁକୂଳରେ ସତ୍ୟ ଏବଂ ସାଧୁତାର ଜୟ ଘୋଷଣା କରନ୍ତୁ ଏବଂ ଫଳ ବିଷୟରେ ଉଦ୍ବିଗ୍ନ ନ ହୋଇ କେବଳ ତାଙ୍କର ଶ୍ରୀହସ୍ତ ପ୍ରତି ସନ୍ତୁଷ୍ଟ-ନୟନରେ ଅନାଇ ସେହି ଅମରକବିଙ୍କର ଅମରସଙ୍ଗୀତରେ ଯୋଗଦାନ କରନ୍ତୁ ।

Let us, then, be up and doing,
With a heart for any fate,
Still achieving, still pursuing
Learn to labour and to wait.

Digitized by srujanika@gmail.com

ସଂଗ୍ରାମ ଓ ଜୀବନ

"ଜୀବନ" ଏହି ଶବ୍ଦଟି ଉଚ୍ଚାରିତ ହେବା ସଙ୍ଗେ ସଙ୍ଗେ "ସଂଗ୍ରାମ" ଏହି ଶବ୍ଦଟି ମଧ୍ୟ ସ୍ମରିତ ହୁଏ । ଏହି ଦୁଇ ଶବ୍ଦ ଆମ୍ଭମାନଙ୍କ ମନରେ ଭାବସଙ୍ଗରୂପ ସୂତ୍ରଦ୍ୱାରା ଏକତ୍ର ଗ୍ରଥିତ । ଜଡ଼ଠାରୁ ଆରମ୍ଭ କରି ଉଦ୍ଭିଜ୍ଜ ପଶୁପକ୍ଷ୍ୟାଦି ସମସ୍ତ ବସ୍ତୁନିଚୟ ସଂଗ୍ରାମରେ ବ୍ୟସ୍ତ । ଯାହାର ସଂଗ୍ରାମ ନାହିଁ, ତାହାର ଅସ୍ତିତ୍ୱ ନାହିଁ, ଜୀବନ ତ ଦୂରେ ଥାଉ । ଏହି ଯେ ଜଡ଼ପଦାର୍ଥ-ସକଳ ଯେଉଁମାନଙ୍କୁ ଆମ୍ଭେମାନେ ବାହ୍ୟତଃ ନିଶ୍ଚଳ ଏବଂ ସ୍ଥିର ଦେଖୁଁ, ସେମାନେ ସ୍ୱୀୟ ଅସ୍ତିତ୍ୱ ନିମିତ୍ତ ଚତୁର୍ଦ୍ଦିଗସ୍ଥ ପଦାର୍ଥମାନଙ୍କ ସହିତ ପ୍ରତିମୁହୂର୍ତ୍ତ ଅବିରତ ଭାବରେ ସଂଗ୍ରାମଶୀଳ । ପ୍ରତ୍ୟେକ ପରମାଣୁ ବିଶ୍ୱସାଗରର ଅନ୍ୟାନ୍ୟ ଜାତୀୟ ପରମାଣୁଦ୍ୱାରା ଆକର୍ଷଣ ଓ ବିପ୍ରକର୍ଷଣ ବଳରେ ଆକୃଷ୍ଟ ଏବଂ ବିତାଡ଼ିତ । କିନ୍ତୁ ସେମାନଙ୍କ ଆକର୍ଷଣ-ବିପ୍ରକର୍ଷଣ ବଳର ସମତା ହେତୁ ପଦାର୍ଥମାନଙ୍କର ଦୃଶ୍ୟମାନ ନିଶ୍ଚେଷ୍ଟତା ଉତ୍ପାଦିତ ହୁଏ । ଯେପରି ଦୁଇ ବ୍ୟକ୍ତି ପରସ୍ପରକୁ ଟାଣିଲେ ସେମାନଙ୍କ ଶକ୍ତି ଯେବେ ସମାନ ଥାଏ, ତେବେ ସେମାନେ ନ ଘୁଞ୍ଚି ପୂର୍ବ ସ୍ଥାନରେ ନିଶ୍ଚେଷ୍ଟଭାବରେ ଦଣ୍ଡାୟମାନ ରହିଲପରି ବୋଧହୁଏ, କିନ୍ତୁ ବସ୍ତୁତଃ ସେମାନେ ସମସ୍ତ ଶକ୍ତି ପ୍ରୟୋଗ କରି ସଂଗ୍ରାମରେ ବ୍ୟସ୍ତ ଥାନ୍ତି । ସେହିପରି ଉଦ୍ଭିଦ-ଜଗତର କାର୍ଯ୍ୟକଳାପ ପର୍ଯ୍ୟବେକ୍ଷଣ କଲେ ଆମ୍ଭେମାନେ ଦେଖିପାରିବୁ, ସେଠାରେ ମଧ୍ୟ ନିଭୃତ ସଂଗ୍ରାମ ଲାଗିଅଛି । ବୀଜ ଭୂମିରେ ପ୍ରୋଥିତ ହେଲା ମୁହୂର୍ତ୍ତଠାରୁ ତାହାକୁ କେତେ ବାଧାବିଘ୍ନ ଅତିକ୍ରମ କରି କେତେ ଶତ୍ରୁଙ୍କୁ ପରାସ୍ତ କରି ସ୍ୱୀୟ ଅସ୍ତିତ୍ୱ ରକ୍ଷା କରିବାକୁ ହେଉଅଛି । ପ୍ରାଣି-ଜଗତରେ କୀଟପତଙ୍ଗ, ପଶୁପକ୍ଷୀ ଜୀବଗଣଙ୍କୁ ମଧ୍ୟ ସ୍ୱ ସ୍ୱ ଜୀବନର ରକ୍ଷା ନିମନ୍ତେ ନିରନ୍ତର ଘୋର ସଂଗ୍ରାମରେ ବ୍ୟାପୃତ ରହିବାକୁ ହେଉଅଛି । ଏହିପରି ସମସ୍ତେ ପ୍ରତିନିୟତ ଜୀବନ-ସଂଗ୍ରାମରେ ବ୍ୟସ୍ତ । ଏହି ସଂଗ୍ରାମରେ ଯୋଗ୍ୟତମର ଜୟ (Survival of the fittest) ଅବଶ୍ୟମ୍ଭାବୀ । ଦୁର୍ବଳ ପରାସ୍ତ ହୋଇ ପ୍ରବଳକୁ ପଥ ପ୍ରଦାନ କରୁଅଛି ଏବଂ ନିଜେ ପରିପିଷ୍ଟ

କଟକ ଯୁବକସମାଜର ଷାଣ୍ମାସିକ ଉତ୍ସବ ଉପଲକ୍ଷେ ଲିଖିତ ଓ ପଠିତ ।

Digitized by srujanika@gmail.com

ହୋଇ ଚରମରେ ବିନଷ୍ଟ ହୋଇଯାଉଅଛି । ଅପରନ୍ତୁ ଯାହାର ଜୀବନ ଯେତେ ଜଟିଳ ଏବଂ ଉତ୍କୃଷ୍ଟ, ତାହାର ଜୀବନ-ସଂଗ୍ରାମ ସେତେ କଠିନ ଏବଂ ଦୁରୂହ । ଏହାପର ସୃଷ୍ଟିର ଯାବତୀୟ ବସ୍ତୁ ବା ପ୍ରାଣୀ ଯେତେବେଳେ ଯୁଦ୍ଧଦ୍ୱାରା ସ୍ୱୀୟ ଅସ୍ତିତ୍ୱ ରକ୍ଷା ବା ଜୀବନଧାରଣ କରୁଅଛନ୍ତି, ସୃଷ୍ଟିର ଶ୍ରେଷ୍ଠ ଜୀବ ମାନବ ପକ୍ଷରେ ସେହି ନିୟମର କାହିଁକି ବ୍ୟତିକ୍ରମ ହେବ ? ବରଂ ମାନବଜୀବନର ଯେତିକି ପରିମାଣରେ ଶ୍ରେଷ୍ଠତା, ତାହାର ସଂଗ୍ରାମ ସେତିକି ପରିମାଣରେ କଠିନ ହେବାର ସମ୍ଭାବନା ଏବଂ ତାହାହିଁ କାର୍ଯ୍ୟତଃ ଘଟୁଅଛି ।

ପଶୁପକ୍ଷ୍ୟାଦି ଇତର ପ୍ରାଣୀଗଣ ପ୍ରକୃତିଦତ୍ତ ପ୍ରବୃତ୍ତି (Instinctive impulses) ଦ୍ୱାରା ପରିଚାଳିତ ହୋଇ ସ୍ୱୀୟ ଜୀବନ ପରିଚାଳନ କରୁଅଛନ୍ତି । ହରିଣଶାବକ ବା ପଶୁଛୁଆ ଜନ୍ମର କତିପୟ କ୍ଷଣ ଉତ୍ତାରେ ନିଜ ଚରଣୋପରି ଶରୀରର ଭାର ବିନ୍ୟସ୍ତ କରି ଧରଣୀପୃଷ୍ଠରେ ଦଣ୍ଡାୟମାନ ବା ଶୂନ୍ୟମାର୍ଗରେ ଉଡ୍ଡୀୟମାନ ହେବାକୁ ସମର୍ଥ ହୁଏ, କିନ୍ତୁ ମାନବଶିଶୁ ପକ୍ଷରେ ଏହି କାର୍ଯ୍ୟ କେଡ଼େ କଠିନ ! ତାହା ପକ୍ଷରେ ଏହା ଶିକ୍ଷାସାପେକ୍ଷ ଏବଂ ଦୀର୍ଘକାଳବ୍ୟାପୀ ସାଧନର ଫଳ । ପଶୁ ନିମିତ୍ତ ପାନାହାର ପ୍ରସ୍ତୁତ ହୋଇ ରହିଅଛି । ଦିଗନ୍ତବିସ୍ତାରୀ ହରିତ୍‌ପ୍ରାନ୍ତରଶ୍ରେଣୀ ସମ୍ମୁଖରେ ବିସ୍ତୃତ । କିନ୍ତୁ ମାନବର ଖାଦ୍ୟ ବହୁ ଅୟାସଲବ୍ଧ । ପଶୁପକ୍ଷୀ ନିଜ ନିଜ ଅଙ୍ଗପ୍ରତ୍ୟଙ୍ଗ ସଂଚାଳନ କରି ଖାଦ୍ୟ ଗ୍ରହଣ କରନ୍ତି । ମନୁଷ୍ୟ ତନିମିତ୍ତ ଅସ୍ତ୍ରଶସ୍ତ୍ର ଆବଶ୍ୟକ କରେ । ପ୍ରତ୍ୟେକ ପଶୁର ଶିର ଶରୀର ତୁଳନାରେ ଅଳ୍ପ ଭାରବିଶିଷ୍ଟ । ସୁତରାଂ ସନ୍ତରଣ ସମୟରେ ଶିର ଜଳୋପରି ଭାସମାନ ହେବାରୁ ପଶୁ ପକ୍ଷରେ ସନ୍ତରଣ ସହଜ ଓ ସ୍ୱାଭାବିକ । କିନ୍ତୁ ମାନବ ମସ୍ତକ ଶରୀରର ତୁଳନାରେ ବିଶେଷ ଭାରବିଶିଷ୍ଟ । ତେଣୁ ମାନବ ପକ୍ଷରେ ସନ୍ତରଣ ଅୟାସକର । ଏ ବୃତ୍ତିରେ ମାନବର ଅବସ୍ଥା ସ୍ୱଭାବରେ ପ୍ରତିବନ୍ଧ ହେବାକୁ ହୁଏ । ମନୁଷ୍ୟ ଦେହ ସହସ୍ରହସ୍ତ ପ୍ରସୂତ, ଆଶ୍ଚର୍ଯ୍ୟଜନକ ଅଟକାଳୀ (Wonderful pudding) ପ୍ରତିଦିନ ଭୋଜନ କରୁଅଛି । ମାନବ ଅତି ଦୁର୍ବଳ, ତାହାର ଅଭାବ ସର୍ବାପେକ୍ଷା ଅଧିକ । କିନ୍ତୁ ତାହାକୁ ଜଗତସ୍ରଷ୍ଟା ଦେଇଛନ୍ତି ଅନନ୍ତ ଉନ୍ନତିଶୀଳ ମାନସିକ ଶକ୍ତି

Digitized by srujanika@gmail.com

ପ୍ରଦାନ କରିଅଛନ୍ତି ତତ୍ ସାହାଯ୍ୟରେ ଏହିସବୁ ଅସୁବିଧା ସତ୍ତ୍ୱେ ସେ ଯେ କେବଳ ତାହାର ଜୀବନର ଅଭାବସକଳ ମୋଚନ କରିପାରିଅଛି ତାହା ନୁହେଁ, ଅଧିକନ୍ତୁ ତାହାର ଅତୁଳ୍ୟ ଉନ୍ନତି ସାଧନପୂର୍ବକ ଜଡ଼ୀୟ ଏବଂ ପାଶବ-ଜଗତ୍ ଉପରେ ଆଧିପତ୍ୟ ସଂସ୍ଥାପନ କରିଅଛି । ଉନ୍ନତି-ପରାୟଣତା ହିଁ ମାନବତ୍ୱ ଏବଂ ଅନନ୍ତ ଉନ୍ନତି ଅର୍ଥ ଅନନ୍ତ ସଂଗ୍ରାମ ।

କିନ୍ତୁ ଏହାହିଁ କି ମାନବର ଶ୍ରେଷ୍ଠତା ? ବୈଷୟିକ ବୁଦ୍ଧି, ବାହ୍ୟ ଆଧିପତ୍ୟ ଇତ୍ୟାଦି ଉନ୍ନତିଶୀଳ ମାନବକୁ ମାନବେତର ପ୍ରାଣିଗଣଙ୍କ ମଧ୍ୟରେ ପ୍ରାଧାନ୍ୟ ପ୍ରଦାନ କଲେ ସୁଦ୍ଧା ତାହାର ସ୍ୱାତନ୍ତ୍ର୍ୟ ଏବଂ ଶ୍ରେଷ୍ଠତାର କାରଣ ବାହାରେ ନୁହେଁ, ଭିତରେ । ଅନନ୍ତ ଉନ୍ନତିଶୀଳ ମାନବ ମନ ହିଁ ତାହା ପକ୍ଷରେ ବିଶ୍ୱବିଧାତାଙ୍କର ଶ୍ରେଷ୍ଠ ଆଶୀର୍ବାଦ । ଏହି ଦୈବଦାନ ହିଁ ମାନବର ଗୁରୁତ୍ୱ ସଙ୍ଗେ ସଙ୍ଗେ ଦାୟିତ୍ୱ ବର୍ଦ୍ଧିତ କରିଅଛି । ମହାଜନୋକ୍ତି ଅଛି—ଯାହାକୁ ବିଶେଷ ଶକ୍ତି ପ୍ରଦତ୍ତ ହୋଇଅଛି, ତାହାର ବିଶେଷ ଦାୟିତ୍ୱ ଅଛି ।

ମନୁଷ୍ୟ ମଧ୍ୟରେ ପାଶବ, ମାନବୀୟ ଏବଂ ଦୈବ—ଏହି ତ୍ରିବିଧ ଭାବର ସମାବେଶ । ଯେଉଁ ମନୁଷ୍ୟଗଣ କେବଳ ଆହାର, ବିହାର ଓ ନିଦ୍ରାଦିରେ ଜୀବନ ଅତିବାହିତ କରନ୍ତି, ସେମାନେ ମାନବଦେହଧାରୀ ପଶୁମାନ । ପାନାହାର ନିମନ୍ତେ ପଶୁପକ୍ଷୀ ମଧ୍ୟ ବନ ପର୍ବତରେ ସଂଗ୍ରାମ କରନ୍ତି । ଏଥିରେ ମନୁଷ୍ୟର ପ୍ରାଧାନ୍ୟ ଥାଇପାରେ କିନ୍ତୁ ସ୍ୱାତନ୍ତ୍ର୍ୟ ନାହିଁ । ଏ ବିଷୟରେ ମନୁଷ୍ୟକୁ ପ୍ରଧାନ ପଶୁ ବୋଲିଯାଇପାରେ ।

ମାନବର ମାନବତ୍ୱ ମନରେ, ଅନ୍ତର ସଂଗ୍ରାମରେ । ମାନବ-ମନ ଜ୍ଞାନ, କର୍ମ ଏବଂ ପ୍ରେମର ହେତୁଭୂତ ବୁଦ୍ଧି ଇଚ୍ଛା ଓ ଭାବର ସମାବେଶ ।

ତରବୋଽପି ହି ଜୀବନ୍ତି ଜୀବନ୍ତି ମୃଗପକ୍ଷିଣଃ
ସଜ୍ଜୀବତି ମନୋ ଯସ୍ୟ ମନନେନ ହି ଜୀବତି ।

ଜଗତ୍‌ର ଇତିହାସ ପାଠ କଲେ ଦେଖାଯାଏ ଯେ, ଜ୍ଞାନପିପାସୁ ମାନବ କେତେ ବାଧାବିଘ୍ନ, ଦୁଃଖଦାରିଦ୍ର୍ୟ ପ୍ରତିକୂଳ ଅବସ୍ଥା ସଙ୍ଗରେ ସଂଗ୍ରାମ କରି ଅସାଧ୍ୟ ସାଧନ କରିପାରିଅଛନ୍ତି । ଯେଉଁ ରୁଷୋଙ୍କ ତେଜୋମୟୀ ଲେଖନୀସମ୍ଭୂତ ଅଗ୍ନିମୟୀ ବାଣୀ ପରମ୍ପରା ସମଗ୍ର ଜଗତ୍‌ରେ

Digitized by srujanika@gmail.com

ନବଯୁଗର ଆବିର୍ଭାବକାରୀ ପ୍ରଳୟସଙ୍କାଶ ମହାପ୍ରସବୀ ରାଷ୍ଟ୍ରବିପ୍ଳବର ଏକତମ ହେତୁ, ସେହି ପୂର୍ବୋକ୍ତ ମିଛ ଗାଡ଼ୱିନ୍ ନିବାସୀ ଥିଲେ । ଇଂଲଣ୍ଡର ସୁସନ୍ତାନ ଜନ୍‌ସନ୍ ଏବଂ ସାଭେଜ୍ ଯେତେବେଳେ ଏକ ସଙ୍ଗରେ ଲଣ୍ଡନ ନଗରୀକୁ ଆଗମନ କରିଥିଲେ, ସେମାନଙ୍କୁ ଉକ୍ତ ମହାନଗରୀର ମସ୍ତକ ରଖିବାକୁ ସ୍ଥାନ ମିଳି ନ ଥିଲା । ଦୁଇ ବନ୍ଧୁ ସମସ୍ତ ରଜନୀ ରାଜପଥରେ ଭ୍ରମଣ କରି ରାଜପଥର ଆଲୋକ ସାହାଯ୍ୟରେ ଗ୍ରନ୍ଥ ଅଧ୍ୟୟନ କରି ପ୍ରାଣର ଅଦମ୍ୟ ଜ୍ଞାନପିପାସା ନିବାରଣ କରିଥିଲେ ।

ସୁପ୍ରସିଦ୍ଧ ଗାର୍ଫିଲ୍ଡଙ୍କ ଜୀବନକାହାଣୀ ଆମ୍ଭେମାନେ ସମସ୍ତେ ଜାଣୁଁ । ଆମ୍ଭମାନଙ୍କ ଏହି ଦେଶରେ ବିଦ୍ୟାସାଗର ଦାରିଦ୍ର୍ୟ ଓ ପ୍ରତିକୂଳ ଅବସ୍ଥା ବିରୁଦ୍ଧରେ ମହାସମର ଘୋଷଣା କରିଥିଲେ । ତାହାର ତୂର୍ଯ୍ୟନିନାଦ ଏପର୍ଯ୍ୟନ୍ତ ଏହି ଦେଶବାସୀର କର୍ଣ୍ଣପଟହରେ ପ୍ରତିଧ୍ୱନିତ ହେଉଅଛି । ଏହିପରି ଜ୍ଞାନପିପାସୁ ମାନବ ନିରନ୍ତର ସେହି ଅସୀମ ଜ୍ଞାନାକାଶର ଚକ୍ରବାଳ ନିକଟକୁ ଅଗ୍ରସର ହେଉଅଛି । କିନ୍ତୁ ତାହାର ସୀମା ନାହିଁ । ମନୁଷ୍ୟ ଯେତେ ଅଗ୍ରସର ହେଉଅଛି, ଜ୍ଞାନରାଜ୍ୟର ପରିସର ସେତେ ବର୍ଦ୍ଧିତ ହୋଇଯାଉଅଛି ଏବଂ ସଂଗ୍ରାମ ଭୀଷଣତର ଆକାର ଧାରଣ କରୁଅଛି । ତଥାପି ଜ୍ଞାନପିପାସୁ ମହାବୀର କବିଙ୍କ ଭାଷାରେ କହୁଅଛନ୍ତି :—

" I will drink life to the less………
I am a part of all that I have met Yet all
experience is an arch wherethro
Gleams that untravelled world, whose margin fades
For ever and for ever when I move.
How dull it is to pause, to make an end
To rust unburnished, not to shine in use!
As to breathe were life. Life piled on life
Were all to little, and of one to me
Little remains. But every hour is saved.
From that eternal silence, something more
A bringer of new things; and vile it were

Digitized by srujanika@gmail.com

For some three suns to store and hard myself
And this gray spirit yearning in desire
To follow knowledge like a sinking star
Beyond the utmost bound of human life.

ଅପରନ୍ତୁ ଜଗତର ଇତିହାସରେ କେତେ ହାନିବଲ୍, ସିଜର୍, ପମ୍ପି, ସେକନ୍ଦର, ସୁଲିମାନ୍, ନେପୋଲିୟନ୍ ଅବତୀର୍ଣ୍ଣ ହୋଇ ଅଦ୍ଭୁତ ସଂଗ୍ରାମ କରିଯାଇଛନ୍ତି । ଜଗତରେ ଯଶୋପାର୍ଜନ ସେମାନଙ୍କର ଉଦ୍ଦେଶ୍ୟ ଥିଲା । ଏମାନେ ମହାଯଶସ୍ୱୀ ହେଲେ ମଧ୍ୟ ଏମାନଙ୍କ ଶକ୍ତି ନିକଟରେ ଅମ୍ଭେମାନେ ବିସ୍ମୟାବିଷ୍ଟଚିତ୍ତରେ ସ୍ତମ୍ଭିତ ହୋଇପାରୁ, କିନ୍ତୁ ଏମାନଙ୍କୁ ହୃଦୟର ଭକ୍ତି ଶ୍ରଦ୍ଧା ଅର୍ପଣ କରିପାରୁ ନାହିଁ । ଏ ଜଗତରେ ଧର୍ମଯୁଦ୍ଧ ଓ ଅଧର୍ମଯୁଦ୍ଧ ଦୁଇ-ପ୍ରକାର ସଂଗ୍ରାମ ଅଛି । ପକ୍ଷାନ୍ତରରେ ଏହି ପୃଥିବୀରେ କେତେ କର୍ମବୀର ସ୍ୱଦେଶପାଇଁ, ଧରିତ୍ରୀବକ୍ଷରେ ସତ୍ୟ, ନ୍ୟାୟ, ଶାନ୍ତି ଏବଂ ସ୍ୱାଧୀନତା ପ୍ରତିଷ୍ଠିତ କରିବା ପାଇଁ ନିଜ ନିଜର ଧନ ମାନ, ସ୍ୱାସ୍ଥ୍ୟ ସାମର୍ଥ୍ୟ ଏପରିକି ଜୀବନ ପର୍ଯ୍ୟନ୍ତ ବିସର୍ଜନ ଦେଇ ଯାଇଅଛନ୍ତି । ଗାଲିଲିଓ, ହାମ୍ପଡେନ୍, ଇଲିଅଟ୍, ୱାସିଂଟନ୍ ଆଦି ବୀରମାନଙ୍କ ପ୍ରତି ଅମ୍ଭମାନଙ୍କ ହୃଦୟର ସମ୍ମାନ ସ୍ୱତଃ ପ୍ରଧାବିତ ହୁଏ, କାରଣ ଏମାନେ ନିଃସ୍ୱାର୍ଥ ଭାବରେ ଧର୍ମଯୁଦ୍ଧରେ ମନପ୍ରାଣ ଅର୍ପଣ କରିଥିଲେ ।

ଏପର୍ଯ୍ୟନ୍ତ ଅମ୍ଭେମାନେ ଯେଉଁ ସଂଗ୍ରାମ ବିଷୟରେ ଆଲୋଚନା କଲୁଁ, ତାହା ମାନବକୁ ପଶୁତ୍ୱ ଅତିକ୍ରମ କରାଇ ମାନବତ୍ୱର ଊର୍ଦ୍ଧ୍ୱତର ଗ୍ରାମକୁ ନେଇଯାଏ । ଧର୍ମବୀରଗଣ ମନୁଷ୍ୟର ଆଦର୍ଶର ଅଭିମୁଖରେ ବହୁଦୂର ଅଗ୍ରସର । ଅପିଚ ମାନବମଧ୍ୟରେ ଯେ ଦେବତ୍ୱର ବୀଜ ନିହିତ ଅଛି, ତାହାକୁ ପ୍ରତିକୂଳ ଅବସ୍ଥା ମଧ୍ୟରେ ଅନୁଶୀଳନପୂର୍ବକ ବିକଶିତ କରାଇବା ହିଁ ମାନବଜୀବନର ଶ୍ରେଷ୍ଠତମ ସଂଗ୍ରାମ । ଶାକ୍ୟସିଂହ, ଈଶା, ମହମ୍ମଦ ଇତ୍ୟାଦି ମହାପୁରୁଷମାନେ ମାନବସମାଜର ପାପ-ତାପ-କୁସଂସ୍କାର-ଦୁର୍ବଳ-ମୋହ-ଅନ୍ଧକାର ଇତ୍ୟାଦି ବିନାଶ ଉଦ୍ଦେଶ୍ୟରେ ଏହି ସଂଗ୍ରାମରେ ଜୀବନ ବିସର୍ଜନ ଦେଇ ଜୟଲାଭପୂର୍ବକ ଜଗତ୍ରେ ଇତିହାସର ଗତି ପରିବର୍ତ୍ତିତ କରି ମାନବସମାଜକୁ ପୂର୍ଣ୍ଣ ମଙ୍ଗଳ ରୂପ ମହାନ୍ ଆଦର୍ଶାଭିମୁଖରେ ପରିଚାଳିତ କରିଯାଇଅଛନ୍ତି । ଅବଶ୍ୟ ଅମ୍ଭେମାନେ ସମସ୍ତେ ବୁଦ୍ଧ ବା

Digitized by srujanika@gmail.com

ସ୍ପୃଷ୍ଟ ହୋଇପାରିବା ନାହିଁ । ତଥାପି ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଅନନ୍ତ ସମ୍ଭାବନାର ବୀଜ ନିହିତ ଅଛି । ଆମ୍ଭମାନଙ୍କ ପ୍ରତ୍ୟେକଙ୍କୁ ସେହି ଅଙ୍କୁରକୁ ମହାଦ୍ରୁମରେ ପରିଣତ କରିବାର ଶକ୍ତି ସୁବିଧା ପ୍ରଦତ୍ତ ହୋଇଅଛି । କିନ୍ତୁ ହାୟ ! ଆମ୍ଭମାନଙ୍କର ଇଚ୍ଛା ନାହିଁ, ପ୍ରବୃତ୍ତି ନାହିଁ । ଅନେକମାନେ ମ୍ରିୟମାଣ ହୋଇ ପଡ଼ିରହିଅଛୁଁ ଏବଂ ମାନବର ପ୍ରଧାନ ଆଶୀର୍ବାଦ ଏବଂ ପଶୁଠାରୁ ଶ୍ରେଷ୍ଠତା ପ୍ରଦର୍ଶନକାରୀ ଯେ ସ୍ୱାଧୀନତା, ତାହାର ଅପବ୍ୟବହାର କରି ସାଂସାରିକ ଅସାର ମୃଣ୍ମୟ ସମ୍ମାନ, ଏବଂ ଯୌବନର ଆପାତମଧୁର କ୍ଷଣସ୍ଥ ଇନ୍ଦ୍ରିୟସୁଖରେ ଜଳାଞ୍ଜଳି ଦେଉଅଛୁଁ । ଏହା ଜୀବନ ନୁହେଁ, ଏହା ମରଣରୁ ନିକୃଷ୍ଟତର ଜୀବନ୍ମୃତ୍ୟୁ । କବି କହୁଅଛନ୍ତି, "**Better not be at all than not be noble.**"

ଚରିତ୍ରହୀନ ବ୍ୟକ୍ତି ସମାଜର ଘୋର କଳଙ୍କ । ଯେଉଁ ସମାଜ ନୀତିଜ୍ଞାନବିବର୍ଜିତ ସ୍ୱାର୍ଥପରତାବିଜଡ଼ିତ ସାମାଜିକଗଣଙ୍କ ଦ୍ୱାରା ପୂର୍ଣ୍ଣ ହୁଏ, ସେ ସମାଜର ଗତି କେଉଁଆଡ଼କୁ ହୁଏ ? ଆମ୍ଭେମାନେ ନିଜେ କି ଏହା ଶ୍ରେଷ୍ଠରୂପ ମଣିବା ? କୌଣସି ଲୋକ ଦୁର୍ବୃତ୍ତ ହେଲେ ଅମ୍ଭେମାନେ ତାହାକୁ ଘୃଣା କରୁଁ । ସେହିପରି ଅମ୍ଭେମାନେ ସ୍ୱ ସ୍ୱ ଚରିତ୍ର କଳଙ୍କିତ କଲେ ଅନ୍ୟ ଲୋକେ ଅମ୍ଭମାନଙ୍କୁ ନିନ୍ଦା କରିବେ । ଏହାହିଁ ସାମାଜିକ ଦଣ୍ଡ । ସମାଜ ଯେତେ ପତିତ ହେଉପଛକେ ପାପୀପ୍ରତି ଘୃଣା ଅନିବାର୍ଯ୍ୟ । ଅମ୍ଭେମାନେ ଯେବେ ଅନ୍ୟଠାରୁ ପୁଣ୍ୟଶୀଳତା ଆଶା କରୁଁ ତେବେ ଅମ୍ଭମାନଙ୍କର ମଧ୍ୟ ପୁଣ୍ୟଶୀଳ ଓ ସଚ୍ଚରିତ୍ର ହେବା ଉଚିତ । ଏହାହିଁ ଆଦାନପ୍ରଦାନର ଶ୍ରେଷ୍ଠ ନିୟମ । "**Do to others as you would wish do to you**" କିନ୍ତୁ ସଚ୍ଚରିତ୍ରତା ଲାଭ କରିବାକୁ ହେଲେ କାମ କ୍ରୋଧାଦିର ଉତ୍ତେଜନା ଏବଂ ଆଳସ୍ୟ, ଔଦାସୀନ୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ହେବ ।

ପ୍ରତ୍ୟେକ ମନୁଷ୍ୟର ଜୀବନରେ ଏପରି ଗୋଟିଏ ସମୟ ଉପସ୍ଥିତ ହୁଏ, ଯେତେବେଳେ ମହାବୀର ହରକ୍ୟୁଲିସଙ୍କ ପରି ତାହା ସମ୍ମୁଖରେ ଶ୍ରେୟଃ ଓ ପ୍ରେୟ ଦୁଇ ରମଣୀ ଉପସ୍ଥିତ ହୁଅନ୍ତି । ପ୍ରେୟର ପଥ ସାଂସାରିକ ଆମୋଦପ୍ରମୋଦ ହର୍ଷକୋଳାହଳ ଆପାତମଧୁର ଇନ୍ଦ୍ରିୟସୁଖ; କିନ୍ତୁ ପରିଣାମରେ ହାହାକାର, ଅନୁତାପ, ଦୁଃଖ ଏବଂ ନୈରାଶ୍ୟ । ପକ୍ଷାନ୍ତରେ

Digitized by srujanika@gmail.com

ଶ୍ରେୟଃର ପଥ ପ୍ରଥମରେ ଦୁର୍ଗମ ହେଲେହେଁ ଚରମରେ ଆନନ୍ଦ-ସୁଖ-ଶାନ୍ତି-ପ୍ରଦ ! ସ୍ୱଦେଶୀ ଭ୍ରାତୃବୃନ୍ଦ ! ଅମ୍ଭମାନଙ୍କ ସମ୍ମୁଖରେ ଏକ ଆଡ଼େ ଯୌବନ ସୁଖ, ସାଂସାରିକ ଆମୋଦ, ଦଶ ଜଣଙ୍କ ସଙ୍ଗରେ ଜଣେ ହେବାର ଆକାଂକ୍ଷା ଏବଂ ଅନ୍ୟଆଡ଼େ କଠିନ ସାଧନ, ଇନ୍ଦ୍ରିୟନିଗ୍ରହ, ବ୍ରହ୍ମଚର୍ଯ୍ୟ, ନୀରବ ପ୍ରାର୍ଥନା ଏବଂ ମନ୍ଦ ଲୋକମାନଙ୍କ କୁଟିଳକଟାକ୍ଷ ଓ ଉପହାସ ବିଦ୍ରୂପ ଉପସ୍ଥିତ । ଅମ୍ଭେମାନେ କେଉଁଟି ବାଛିନେବା ? ଭଗବାନ କରନ୍ତୁ, ଅମ୍ଭେମାନେ ସେହି ମହାବୀରରୂପୀ ଅବର୍ଣ୍ଣ ମନୁଷ୍ୟତ୍ୱର ପଥ ଅନୁସରଣ କରୁଁ । କିନ୍ତୁ ଏହି ପଥ ସଂଗ୍ରାମର ପଥ । ଅନ୍ତର ଏବଂ ବାହ୍ୟ ଶତ୍ରୁ ସଙ୍ଗରେ ନିରନ୍ତର ସଂଗ୍ରାମ କରିବାକୁ ପଡ଼ିବ । ଅବଶ୍ୟ ଅମ୍ଭମାନଙ୍କ ପଦସ୍ଖଳନ ହେବ । କିନ୍ତୁ ଅକୃତକାର୍ଯ୍ୟତା ପରେ ନିରୁତ୍ସାହ ହେବା ନାହିଁ । ସଂଗ୍ରାମ ହିଁ ତ ଜୀବନ । ଅମ୍ଭେମାନେ ପଡ଼ିବା ଏବଂ ଉଠିବା; ନିରାଶ ହେବା ନାହିଁ । ଶେଷରେ ସମସ୍ତ ସାଧୁ ମହାତ୍ମାମାନଙ୍କପରି ଅମ୍ଭେମାନେ ପାପକୁ ଜୟ କରିବା ଏବଂ ସେତେବେଳେ ଅମ୍ଭମାନଙ୍କ ସୁଖର ସୀମା ରହିବ ନାହିଁ । ସଂଗ୍ରାମରେ ଜୟଲାଭ କରିବାର ସୁଖର ତୁଳନା ନାହିଁ । ଅତଏବ କଠିନ ହେଲେହେଁ ଅମ୍ଭେମାନେ ଏହି ଦେବତ୍ୱର ପଥରେ ଅଗ୍ରସର ହେବା । ଏହି ପଥରେ ପଥିକ ହେବାକୁ ହେଲେ ପ୍ରଥମରେ ଭିତରୁ ସଂଗ୍ରାମ ଆରମ୍ଭ କରିବାକୁ ହେବ । ଅପବିତ୍ରତା, କ୍ରୋଧ, ଲୋଭ, ମିଥ୍ୟାବାଦିତା, ଘୃଣା ପ୍ରଭୃତି ଅମ୍ଭମାନଙ୍କର ପ୍ରଧାନ ଶତ୍ରୁ; ସେହିମାନେହିଁ ଅମ୍ଭମାନଙ୍କ ଗନ୍ତବ୍ୟ ପଥ ବଳପୂର୍ବକ ରୋଧ କରନ୍ତି । ଅମ୍ଭେମାନେ ଯେବେ ଅଭ୍ୟନ୍ତରୀଣ ଶତ୍ରୁମାନଙ୍କୁ ବିନାଶ କରି ବିଶୁଦ୍ଧତା, ସହିଷ୍ଣୁତା, ମହତ୍ତ୍ୱ, ସତ୍ୟପରାୟଣତା, ସମଦର୍ଶିତା ଇତ୍ୟାଦି ଲାଭ ନ କରିବା, ତେବେ ଗୃହରେ ବିବାଦ ବହିଯିବ ଏବଂ ବହିଃଶତ୍ରୁର ଆକ୍ରମଣରୁ ନିଜ ନିଜକୁ ରକ୍ଷା କରିପାରିବା ନାହିଁ । ନିଜ ଗୃହକୁ ସୁରକ୍ଷିତ କରି ଅମ୍ଭମାନଙ୍କୁ ବାହାରର ଅନ୍ୟାୟ, ଅସାମ୍ୟ, ଅତ୍ୟାଚାରର ବିରୁଦ୍ଧରେ ଦଣ୍ଡାୟମାନ ହେବାକୁ ହେବ । ଏହି ସଂଗ୍ରାମରେ ତିନୋଟି ଅସ୍ତ୍ର ଆବଶ୍ୟକ । ତାହା ଆତ୍ମସଂଯମ, ଆତ୍ମସମ୍ମାନ ଏବଂ ଆତ୍ମଜ୍ଞାନ ।

"Self-reverence, self-knowledge, self-control, these three alone lead life to sovereign power. Yet

Digitized by srujanika@gmail.com

not for power (Power of herself would come uncalled for) but to live by law. Acting the law we live by without fear. And because right is right, to follow right. Love wisdom in the scorn of consequence."

ଇଂରାଜୀୟ ଶିକ୍ଷିତ ଯୁବକର ଦାୟିତ୍ୱ ଗରୀୟାନ୍ । ଅଭିଭାବକବୃନ୍ଦଙ୍କ ଉଦ୍ଦେଶ୍ୟ, ସନ୍ତାନଗଣ ବୈଷୟିକ ଜ୍ଞାନାର୍ଜନ କରି ପଦମର୍ଯ୍ୟାଦା ଲାଭ କରନ୍ତେ । ବିଶ୍ୱବିଦ୍ୟାଳୟ ବାହ୍ୟତଃ ତାହାହିଁ କରିଦେଉଅଛି । ଏତଦପେକ୍ଷା ଅବସ୍ଥା ବିବେଚନାରେ ବିଶେଷ କିଛି ଆଶା କରାଯାଇ ନ ପାରେ । ଭିନ୍ନ ଭିନ୍ନ ଧର୍ମସମ୍ପ୍ରଦାୟଭୁକ୍ତ ଘରସମ୍ପୃକ୍ତ ସ୍କୁଲ କଲେଜରେ ନୀତିର ମୂଳକାରଣ ଧର୍ମବିଶ୍ୱାସ ସମ୍ବନ୍ଧରେ ଉପଦେଶ ଦେବା ଶିକ୍ଷକଗଣ କର୍ତ୍ତବ୍ୟର ବହିର୍ଭୂତ କାର୍ଯ୍ୟ ବୋଲି ମଣନ୍ତି । ପୁଣି ସେ ସମ୍ବନ୍ଧରେ ସାମର୍ଥ୍ୟ ବା କେତେ ଜଣ ଶିକ୍ଷକଙ୍କର ଥାଏ ? ଏଣେ ପାଶ୍ଚାତ୍ୟ ଜ୍ଞାନାର୍ଜନ କରୁଁ କରୁଁ ଯୁବକମାନଙ୍କ ପୁରାତନ ସଂସ୍କାର ଓ ବିଶ୍ୱାସ ଦୂରୀଭୂତ ହୋଇଯାଉଅଛି । ରାଜପ୍ରଦତ୍ତ ନବ ଶିକ୍ଷା ନବୀନ ପାଶ୍ଚାତ୍ୟ ଜ୍ଞାନ ପ୍ରଦାନଦ୍ୱାରା କେବଳ ବିନାଶ କାର୍ଯ୍ୟଟି ସମ୍ପାଦନ କରିଦେଉଅଛି । କିନ୍ତୁ ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ରାଜାଙ୍କ ପକ୍ଷରେ ଗଠନ କାର୍ଯ୍ୟରେ ହସ୍ତକ୍ଷେପ କରିବା ଅସମ୍ଭବ । ତେଣୁ ଶୂନ୍ୟ ସ୍ଥାନରେ କିଛି ଦେଇପାରୁ ନାହାନ୍ତି । ତେଣେ ଗୃହ ପରିବାରରେ ଆଧୁନିକ ଆଦର୍ଶାନୁଯାୟୀ ଜୀବନ ଗଠନ କରିବାର ଚେଷ୍ଟା ନା ଉପକରଣର ଅଭାବ । ବରଂ ନାନା ବାଧାବିଘ୍ନ ରହିଅଛି, ଯାହାକି କାପଟ୍ୟ ଏବଂ ମିଥ୍ୟାକୁ ପ୍ରଶ୍ରୟ ଦେଉ !

ତେଣୁ ଯୁବକଗଣଙ୍କ କାର୍ଯ୍ୟ ଓ ବିଶ୍ୱାସ ମଧ୍ୟରେ ସାମ୍ୟ ରହିପାରୁ ନାହିଁ । ସେମାନେ ଭିତରେ ଏକପ୍ରକାର, ବାହାରେ ଅନ୍ୟପ୍ରକାର । ଭିତରେ ପାଶ୍ଚାତ୍ୟ ଜ୍ଞାନ ସମସ୍ତ ପୁରାତନ କୁସଂସ୍କାର, ତାହା ସଙ୍ଗେ ସଙ୍ଗେ ଈଶ୍ୱରବିଶ୍ୱାସକୁ ମଧ୍ୟ ବିତାଡ଼ିତ କରିଦେଇଅଛି । ବାହାରେ ଅଭିଭାବକ, ପରିବାର, ଗୋଷ୍ଠୀ ଏବଂ ସମାଜର ମନୋରକ୍ଷା ନିମିତ୍ତ ସେମାନେ ସକଳ କାର୍ଯ୍ୟ କରିଯାଉଅଛନ୍ତି, ଯହିଁରେ କି ସେମାନଙ୍କର ତିଳେମାତ୍ର ବିଶ୍ୱାସ ନାହିଁ । ଏହା ଘୋର କାପଟ୍ୟ ଛଡ଼ା ଅନ୍ୟ କଣ ହୋଇପାରେ ? ଯେଉଁମାନେ ସରଳସ୍ୱଭାବ, ସେମାନେ ଏହା ସ୍ୱୀକାର କରୁଅଛନ୍ତି ।

Digitized by srujanika@gmail.com

କେହି କେହି ଏପରି ଉଦାସୀନ ଯେ, ଏପରି ବିପଦସଙ୍କୁଳ ଅବସ୍ଥା ବୁଝିପାରୁ ନାହାନ୍ତି, ଏବଂ ଯେଉଁମାନେ କୁଟିଳତା ଅଙ୍କୁ ବିଶେଷ ଅଗ୍ରସର ହୋଇଅଛନ୍ତି, ସେମାନେ ଏହା ଅସ୍ୱୀକାର କରି ଆର୍ଯ୍ୟତ୍ୱର ଆସ୍ଫାଳନ କରୁଅଛନ୍ତି । କିନ୍ତୁ ସେମାନଙ୍କ କାର୍ଯ୍ୟକଳାପ ସେମାନଙ୍କ କଥାର ପ୍ରତିବାଦ କରୁଅଛି । ଏହି ଅବସ୍ଥାରେ ସ୍ୱୀୟ ବିଶ୍ୱାସ ଅନୁଯାୟୀ କାର୍ଯ୍ୟ କରିବାକୁ ହେଲେ ସଂଗ୍ରାମ ଅବଶ୍ୟକ । ପୁରାତନ ଶ୍ରେଣୀର ବ୍ୟକ୍ତିବୃନ୍ଦଙ୍କ ଇଚ୍ଛା ଯେ, ନବଶିକ୍ଷିତ ଯୁବକବୃନ୍ଦ ତାଙ୍କର ପଦାଙ୍କ ଅନୁସରଣ କରନ୍ତୁ । ସେମାନଙ୍କ ଅପରାଧ ନାହିଁ । କାରଣ ସେମାନେ ନିଜ ନିଜ ବିଶ୍ୱାସାନୁଯାୟୀ ଜୀବନ ଯାପନ କରି ପୁତ୍ରପୌତ୍ରାଦିଙ୍କୁ ତାହାହିଁ କରିବାକୁ ଇଚ୍ଛା କରୁ-ଅଛନ୍ତି । ତାହା ସ୍ୱାଭାବିକ । କିନ୍ତୁ ଭାରତରେ ଯୁବକର ଘୋର ପରିବର୍ତ୍ତନ, ତଦନୁଯାୟୀ ଆଚାରର ପରିବର୍ତ୍ତନ ହେବା ଅବଶ୍ୟକ । ନଚେତ୍ କପଟତା ଚରିତ୍ରକୁ ଅନ୍ତଃସାରଶୂନ୍ୟ କରିବ ଏବଂ ମାନବ ନିସ୍ତେଜ ହୋଇ କେବଳ ପଶୁଜୀବନଯାତ୍ରା ନିର୍ବାହ କରିବ ।

"The old order changeth yielding place to new,
And God fulfils himself in many ways,
Lest one good custom should corrupt the age."

ଅତଏବ ସ୍ୱଦେଶର ଯାହା ମଙ୍ଗଳଜନକ, ଯାହା ସୁନ୍ଦର, ତାହା ବହୁମୂଲ୍ୟ ପୈତୃକ-ଧନରୂପେ ରକ୍ଷା କରି ଯାହା ଅସତ୍ୟ, ଯାହା ଅନ୍ୟାୟ, ଯାହା ଅସୁନ୍ଦର ତାହା ବିସର୍ଜନ କରିବାକୁ ହେବ । କିନ୍ତୁ ପୁରାତନ ସମାଜ ଓ ଶକ୍ତିହୀନ ନିସ୍ତେଜ ବ୍ୟକ୍ତି ବା ଯେଉଁମାନଙ୍କର ସ୍ୱାର୍ଥହାନି ହେବ, ସେମାନେ ଏହି ପରିବର୍ତ୍ତନର ବିରୋଧୀ ହେବେ । କଠୋର ସାଧନ ଓ ଅଟଳ ସାହସସହକାରେ ସଂଗ୍ରାମ କରିବାକୁ ହେବ । ନିସ୍ତେଜତା, ଔଦାସୀନ୍ୟରେ କେବେ କିଛି ସଂସାଧିତ ହୋଇନାହିଁ । ସ୍ଥିରତାରୁ ସ୍ଥିରତାକୁ ଗତି ନାହିଁ ।

କି ଅନ୍ତର ସଂଗ୍ରାମ କି ବହିଃସଂଗ୍ରାମ ଉଭୟରେ ଶକ୍ତି ଅବଶ୍ୟକ । କିନ୍ତୁ ମନୁଷ୍ୟ ଦୁର୍ବଳ । ଅତଏବ ଶକ୍ତି ସଞ୍ଚୟ କରିବାକୁ ହେଲେ ମୁକ୍ତଚିନ୍ତା, ସାଧୁଜୀବନଚରିତପାଠ, ସଦ୍‌ଗ୍ରନ୍ଥ ପଠନ, ସାଧୁସଙ୍ଗ କରିବା ଅବଶ୍ୟକ । କିନ୍ତୁ ପୂର୍ଣ୍ଣ ମଙ୍ଗଳ, ପୂର୍ଣ୍ଣ ସତ୍ୟ ଏବଂ ପୂର୍ଣ୍ଣ ପବିତ୍ରତାର ଆଧାର ଭଗବାନଙ୍କଠାରେ

Digitized by srujanika@gmail.com

ବିଶ୍ୱାସ ହିଁ ପ୍ରଧାନ ଉପାୟ । ତାଙ୍କୁ ପାଇବାକୁ ହେଲେ ଭିତରକୁ ଯିବାକୁ ହେବ ନାହିଁ । ସେ ଅମ୍ଭମାନଙ୍କ ଅନ୍ତରରେ ପ୍ରଜ୍ଞା ବା ବିବେକରୂପରେ ବିରାଜିତ ଅଛନ୍ତି । ତେବେ ଯେଉଁମାନେ ଦୀର୍ଘକାଳ ଏହି ଧର୍ମବୁଦ୍ଧି, ନୀତିଜ୍ଞାନ, ପ୍ରଜ୍ଞା ବା ବିବେକକୁ ଅତିକ୍ରମ କରି ରିପୁସେବାରେ ନିଯୁକ୍ତ ରହିଅଛନ୍ତି, ସେମାନଙ୍କ ବିବେକବାଣୀ କିଞ୍ଚିତ ଅସ୍ପଷ୍ଟ, କିନ୍ତୁ ନିଷ୍କପଟ ହୃଦୟରେ ଅନୁତପ୍ତ ହୋଇ ପୁନରାୟ ଦୃଢ଼ପ୍ରତିଜ୍ଞ ହୋଇ ବିବେକପ୍ରଦର୍ଶିତ ପଥରେ ପରିଚାଳିତ ହେଲେ ତାହା ଦିନକୁଦିନ ଉଜ୍ଜ୍ୱଳତର ହେବ ଏବଂ ପୂର୍ବତନ କୁଅଭ୍ୟାସସକଳ ଦୁର୍ବଳ ହୋଇପଡ଼ିବ, ଧର୍ମବୃତ୍ତିସବୁ ବିକଶିତ ହୋଇ ଉଠିବେ, ସାହସ ବର୍ଦ୍ଧିତ ହେବ, ଆନନ୍ଦ, ଶାନ୍ତି ପ୍ରାଣକୁ ଦିବ୍ୟ ସୁଖ ପ୍ରଦାନ କରିବେ । ଧର୍ମଜନିତ ସୁଖ ହିଁ ପ୍ରକୃତ ସ୍ଥାୟୀ ସୁଖ । ଅନ୍ୟ ସମସ୍ତ ସୁଖରେ ଗ୍ଳାନି ଅଛି, ଅବସାଦ ଅଛି, ନୈରାଶ୍ୟ ଅଛି କିନ୍ତୁ ପାପ ବିରୁଦ୍ଧରେ ଅନନ୍ତ ପୁଣ୍ୟ ସଂଗ୍ରାମରେ ଅନନ୍ତ ସୁଖ । ନୈତିକ ଚରିତ୍ରର ଉନ୍ନତିସାଧନଦ୍ୱାରା ଆତ୍ମାରେ ସଚ୍ଚିଦାନନ୍ଦସ୍ୱରୂପ ଶ୍ରୀହରିଙ୍କ ଦର୍ଶନ ମିଳେ । ଅତଏବ ଯାହା ଅମଙ୍ଗଳ, ଯାହା ଅସୁନ୍ଦର, ଯାହା ଅଜ୍ଞାନତାର ଅନ୍ତର୍ଜଗତରେ କି ବହିର୍ଜଗତରେ ତାହା ବିରୁଦ୍ଧରେ ନିରନ୍ତର ସଂଗ୍ରାମ କରିବା ହିଁ ପ୍ରକୃତ ଶାଶ୍ୱତ ଜୀବନଲାଭର ଉପାୟ । ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ ।

ଉତ୍କଳ-ସାହିତ୍ୟ

ଅନେକଙ୍କ ମତରେ ଆଜିକାଲି ଉତ୍କଳରେ ନବଯୁଗର ଆବିର୍ଭାବ ହୋଇଅଛି । ସେମାନେ କହନ୍ତି ଯେ, ସ୍ୱଦେଶ ଓ ସ୍ୱଜାତିର ଉନ୍ନତି ଅଡ଼କୁ ଉତ୍କଳ-ସନ୍ତାନମାନଙ୍କର ଚକ୍ଷୁ ଉନ୍ମୀଳିତ ହୋଇଅଛି । କିନ୍ତୁ ଏହି ପ୍ରତୀୟମାନ ଘଟଣା ସ୍ଥାୟୀ ଉନ୍ନତିର ବାସ୍ତବ ସଙ୍କେତ କିମ୍ବା ଆଶାୟୀ ବ୍ୟକ୍ତିର କପୋଳକଳ୍ପିତ ଭ୍ରାନ୍ତ ମୂର୍ତ୍ତିବିଶେଷ, ସେ ବିଷୟରେ ଗମ୍ଭୀର ସନ୍ଦେହ ରହିଅଛି । ଏହି ଊନବିଂଶ ଶତାବ୍ଦୀର ଶେଷଭାଗରେ ପୃଥିବୀର ଚତୁର୍ଦ୍ଦିଗରେ ଆଶା ଓ ଉନ୍ନତିର ଲକ୍ଷଣ ଦୃଷ୍ଟ ହେଉଅଛି । ବିଜ୍ଞାନୋଦ୍ଭାସିତ ସଭ୍ୟତା ସମୁଜ୍ଜ୍ୱଳ ବିଂଶ ଶତାବ୍ଦୀର ପ୍ରଭାତ ଗଗନକୁ ଚାହିଁ ଆଶାୟୀ ଉତ୍କଳ-ସନ୍ତାନ ମନେ କରୁଅଛି, ତାହାର ଚିରଦୁର୍ଦ୍ଦଶାଗ୍ରସ୍ତ ଜନ୍ମଭୂମିର ନିଦ୍ରା ଭଙ୍ଗ ହୋଇଅଛି କି ? ଏହା ତାହା ପକ୍ଷରେ ସ୍ୱାଭାବିକ । ଏଥିପାଇଁ ସେ କ୍ଷମଣୀୟ ।

କିନ୍ତୁ ବାସ୍ତବିକ ଉତ୍କଳର ମୋହନିଦ୍ରା କି ଭାଙ୍ଗିଅଛି ? ଉତ୍କଳର ଅଭ୍ୟନ୍ତରୀଣ ଅବସ୍ଥା ପର୍ଯ୍ୟାଲୋଚନା କରି କେଉଁ ମୁଖରେ କିଏ କହିବ ଯେ, ଉତ୍କଳୀୟ ସନ୍ତାନବର୍ଗ ଆଳସ୍ୟ ଓ ଔଦାସୀନ୍ୟ ପରିତ୍ୟାଗ କରି ପ୍ରକୃତ ଜାତୀୟ ଉନ୍ନତିପଥରେ ଅଗ୍ରସର ହେବାକୁ ବଦ୍ଧପରିକର ହୋଇଅଛନ୍ତି ? ଉନ୍ନତ ସାହିତ୍ୟ ଉନ୍ନତ ଜାତିର ଗୋଟିଏ ପ୍ରଧାନ ଲକ୍ଷଣ । ଅଦ୍ୟ ଆମ୍ଭେମାନେ କଥଞ୍ଚିତ୍ ଉତ୍କଳସାହିତ୍ୟର ବିଷୟ ପର୍ଯ୍ୟାଲୋଚନା କରିବା ।

ଜାତୀୟ ସାହିତ୍ୟ ଦ୍ୱିଅର୍ଥବୋଧକ । ପ୍ରଥମତଃ ଗଣିତ, ବିଜ୍ଞାନ ଇତ୍ୟାଦି ବିଭାଗମାନଙ୍କ ପରି ଏହା ମଧ୍ୟ ଶିକ୍ଷାର ଗୋଟିଏ ବିଭାଗ । ଏହା ସାହିତ୍ୟର ସଙ୍କୀର୍ଣ୍ଣତର ଅର୍ଥ । ଦ୍ୱିତୀୟ ଅର୍ଥ ଅପେକ୍ଷାକୃତ ଉଦାର ଏବଂ ବିସ୍ତୃତ । ଏହି ଅର୍ଥରେ ଗଣିତ ଓ ବିଜ୍ଞାନ, ଦର୍ଶନ ଓ ଇତିହାସ, ଭୂଗୋଳ ଓ ଖଗୋଳ, ଧର୍ମଶାସ୍ତ୍ର ଓ ଜୀବନବୃତ୍ତାନ୍ତ, ରାଜନୀତି ଓ ସମାଜନୀତି ସକଳ

"ଉତ୍କଳସାହିତ୍ୟ" ୧୩୦୭ ସାଲ ୭ମ ସଂଖ୍ୟାରୁ ସଂଗୃହୀତ ।

Digitized by srujanika@gmail.com

ବିଷୟ ସାହିତ୍ୟର ଉଦାର ଗର୍ଭର ଅନ୍ତର୍ଭୁକ୍ତ । ଜାତୀୟ ସାହିତ୍ୟ ସାଧାରଣତଃ ଦ୍ୱିତୀୟ ଓ ଉଦାରତର ଅର୍ଥରେ ବ୍ୟବହୃତ ହୁଏ । ପ୍ରୋକ୍ତ ସକଳ ଅଙ୍ଗଗୁଡ଼ିକ ଅଳ୍ପାଧିକଭାବରେ ପର୍ଯ୍ୟାଲୋଚିତ ହେଲେ ସାହିତ୍ୟ ହୃଷ୍ଟପୁଷ୍ଟ, ସର୍ବାଙ୍ଗସୁନ୍ଦର ଓ ସମୁନ୍ନତ ବୋଲି ବିବେଚିତ ହୁଏ । ଏହି ଆଦର୍ଶକୁ ସମ୍ମୁଖରେ ରଖି ଆମ୍ଭେମାନେ ଯେବେ ଉତ୍କଳସାହିତ୍ୟର କ୍ଷେତ୍ର ପରିଦର୍ଶନ କରିବୁ, ତେବେ ତାହା କେତେ ହୀନ ବୋଧ ହେବ । ଏହା ବିବିଧ ଶସ୍ୟକେଦାରରେ ଉର୍ବର ନ ହୋଇ ପ୍ରଧାନତଃ କବିତା-ଲତାରେ ପରିପୂର୍ଣ୍ଣ । ଅଧିକ ଆକ୍ଷେପର ବିଷୟ ଏହି ଯେ, ଏହି କବିତା ପ୍ରଧାନତଃ ଗୋଟିଏ ସଙ୍କୀର୍ଣ୍ଣ ସୀମାରେ ଆବଦ୍ଧ ।

ପାଶ୍ଚାତ୍ୟ ପଣ୍ଡିତବର୍ଗ କବିତାକୁ ମୂଳତଃ ଦୁଇ ଭାଗରେ ବିଭକ୍ତ କରନ୍ତି । ସେମାନଙ୍କ ମଧ୍ୟରୁ କେତେକ କହନ୍ତି ଯେ, କବିତା ଶିକ୍ଷା ଓ ଉପଦେଶଦ୍ୱାରା ପାଠକମାନଙ୍କର ନାନାବିଧ ଉପକାର ସାଧନ କରେ । ଏରୂପ କବିତାକୁ ସେମାନେ Didactic ଆଖ୍ୟା ପ୍ରଦାନ କରନ୍ତି । ଅନ୍ୟ କେତେକ ପଣ୍ଡିତଙ୍କ ମତରେ କବିତା କେବଳ ସୌନ୍ଦର୍ଯ୍ୟଚିତ୍ରଣରେ ଆବଦ୍ଧ ରହିବ । ଏହା Realistic ବା Artistic କବିତା ନାମରେ ଅଭିହିତ ହୁଏ । ପୂର୍ବୋକ୍ତ ଉଭୟ ଦଳର ପଣ୍ଡିତବର୍ଗ ସ୍ୱ ସ୍ୱ ମତ ସମର୍ଥନ କରିବା ପାଇଁ ଘୋର କନ୍ଦଳରେ ପ୍ରବୃତ୍ତ ହୋଇଥାନ୍ତି ।

ପ୍ରଥମୋକ୍ତ ଦଳ କହନ୍ତି, କବିତାର ଉଦ୍ଦେଶ୍ୟ ଶିକ୍ଷା । କେବଳ ସୌନ୍ଦର୍ଯ୍ୟ ବର୍ଣ୍ଣନ ସାହିତ୍ୟର ପ୍ରାଚୁର୍ଯ୍ୟ (Luxury) ସ୍ୱରୂପ । ଇଂରେଜ କବି Milton କହିଛନ୍ତି, କବିତାର ଉଦ୍ଦେଶ୍ୟ—

"To assert eternal providence and justify the way of God to man."

ଶେଷୋକ୍ତ ଦଳ କହନ୍ତି ଯେ, ଉପଦେଶଗର୍ଭକ ପଦ୍ୟ ପ୍ରକୃତ କବିତା ପଦବାଚ୍ୟ ନୁହେଁ । ଉପଦେଶ ଦେବା କଠୋର ନୀତିଶାସ୍ତ୍ରର କାର୍ଯ୍ୟ । ଅତଏବ ଅବ୍ୟୟ ଶୋଭାର ଆଧାର ବାସ୍ତବସାର ଚିର ଉପଭୋଗ୍ୟ, ବସ୍ତୁ । ନିସର୍ଗର ଲାବଣ୍ୟମୟୀ ମୂର୍ତ୍ତିବର୍ଣ୍ଣନରୁ ଆପାତତଃ କୌଣସି ନୀତିଗର୍ଭକ ଉପଦେଶ ମିଳି ନ ପାରେ କିନ୍ତୁ ତଥାପି ତାହା ପ୍ରକୃତ କବିତା । ସେମାନଙ୍କ ମତରେ ସେହି କବିତା ହିଁ ପ୍ରକୃତ କବିତା—

Digitized by srujanika@gmail.com

"Which grasps the poetry of human life and not which treats all incidents as a mere frame-work on which ethical and political moralisings may be hung."

ସ୍ଥୂଳତଃ କହିବାକୁ ଗଲେ ପ୍ରଥମୋକ୍ତ ଦଳର ମତରେ କବିତାର ଉଦ୍ଦେଶ୍ୟ ଶିକ୍ଷାଦାନ ଏବଂ ଶେଷୋକ୍ତ ଦଳର ମତରେ ତାହା ଆନନ୍ଦଦାନ । ପ୍ରଥମ ଶ୍ରେଣୀର Didactic କବିତା ଦେଖାଏ ମାନବଚରିତ୍ରର କି ରୂପ ହେବା ଉଚିତ । ଏହା Practical ଏବଂ ଶେଷୋକ୍ତ ଶ୍ରେଣୀର କବିତା ଦେଖାଏ ମାନବଚରିତ୍ର କିରୂପ ହୋଇଅଛି ବା କିରୂପ ହୋଇପାରେ । ଏହା Theoretical । ଶେଷୋକ୍ତ ଭାବରୁ ସୌନ୍ଦର୍ଯ୍ୟବର୍ଣ୍ଣନାତ୍ମକ କବିତା ବେଶୀ ହୃଦୟସ୍ପର୍ଶୀ ହୁଏ । ପ୍ରଥମୋକ୍ତ କବିତା ନୀତିଶିକ୍ଷା ଓ ଉପଦେଶ ସ୍ପଷ୍ଟତଃ ଆଲୋଚନା କରିଥାଏ । ଏଣୁ ତାହା ପାଠକର ନୈତିକ ଉନ୍ନତିର ସମ୍ଭାବନା ଥାଇପାରେ । ଶେଷୋକ୍ତ କବିତା ଯେ ତାହା ନ କରେ ଏରୂପ ନୁହେଁ । ବାହ୍ୟତଃ ତାହାର ସେରୂପ କୌଣସି ଅଭିସନ୍ଧି ଥିବାର ଲକ୍ଷିତ ହୁଏ ନାହିଁ । ଏହା କେବଳ ଭାବ ଓ କଳ୍ପନା ବଳରେ ସୌନ୍ଦର୍ଯ୍ୟ-ପିପାସୁ ହୃଦୟକୁ ଆନନ୍ଦ ରସରେ ଆର୍ଦ୍ର କରେ ଏବଂ ଅଲକ୍ଷ୍ୟ ଭାବରେ ତାହାକୁ ଉନ୍ନତ, ଉଦାର ଓ ସନାତନ ଜଗତ୍‌ର ଉର୍ଦ୍ଧ୍ୱତର ଗ୍ରାମକୁ ଘେନିଯାଏ । କିନ୍ତୁ ଏଭଳି କବିତା ବିଶେଷ ଦକ୍ଷତାର ସହିତ ଲିଖିତ ନ ହେଲେ ଆଦୌ ହୃଦୟଗ୍ରାହୀ ହୋଇପାରେ ନାହିଁ । ହେଲେ ଏହା ଅତି କୃତ୍ରିମ ହେବ । ନଚେତ୍ ଅତି ନୀରସ ଓ କୁତ୍ସିତ ହେବ । ମହର୍ଷି ଆରିଷ୍ଟଟଲଙ୍କର "ହେମ ମଧ୍ୟଭୂମି" (Golden mean) ଏଠାରେ ଆଦୌ ପ୍ରଯୁଜ୍ୟ ନୁହେଁ । ପକ୍ଷାନ୍ତରରେ ଉପଦେଶଗର୍ଭକ କବିତା ଭାଷା ଓ ଭାବବୈଚିତ୍ର୍ୟରେ ଯେତେ ନିକୃଷ୍ଟ ହେଲେହେଁ ନୀତିର ଆବରଣ ତଳେ ରହି ସ୍ୱୀୟ ମର୍ଯ୍ୟାଦା ରକ୍ଷାକରିପାରେ । ଆମ୍ଭମାନଙ୍କ ସମ୍ବାଦପତ୍ରରେ ପ୍ରକାଶିତ ସହସ୍ର ସହସ୍ର ପଦ୍ୟ ଏହାର ଉଦାହରଣସ୍ଥଳ । ସୌନ୍ଦର୍ଯ୍ୟ-ବର୍ଣ୍ଣନାତ୍ମକ କବିତାରେ ମଧ୍ୟ ଅପଚୟ ଘଟିପାରେ । ନୀତିପ୍ରତି ଆଦୌ ଦୃଷ୍ଟି ନ ରଖି କେବଳ ଯଥେଚ୍ଛଭାବରେ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାର ଅବଶ୍ୟମ୍ଭାବୀ ପରିଣାମ ଆଦୌ ବାଞ୍ଛନୀୟ ନୁହେଁ । ଜ୍ଞାନୀ ସଙ୍କେତିସ୍

Digitized by srujanika@gmail.com

କହୁଥିଲେ, ସୌନ୍ଦର୍ଯ୍ୟ ଅପେକ୍ଷିତ ମଙ୍ଗଳ ଛଡ଼ା ଅନ୍ୟ କିଛି ନୁହେଁ । ତାଙ୍କ ମତରେ ସ୍ୱୀୟ ଉଦ୍ଦେଶ୍ୟ ସଂସାଧନୋପଯୋଗୀ ଗୋଟିଏ ପୁଷ୍ପାଧାର କିଞ୍ଚିତ୍ ତ୍ରୁଟିଯୁକ୍ତ ଅସମ୍ପୂର୍ଣ୍ଣ କାଞ୍ଚନ ପ୍ରତିମାଠାରୁ ଉତ୍କୃଷ୍ଟ । ଉକ୍ତ ମତ ସର୍ବବାଦୀସମ୍ମତ ନ ହେଲେହେଁ ଏହା ନିଶ୍ଚିତ ଯେ, ଯାହା ଉତ୍ତମ ଓ ମଙ୍ଗଳଜନକ ତାହା ସୁନ୍ଦର ଏବଂ ଯାହା ମାନବସମାଜର ଅନିଷ୍ଟକାରୀ ତାହା ଆପାତତଃ ସୁନ୍ଦର ହେଲେ ମଧ୍ୟ ସାଧୁମାନଙ୍କ ମତରେ ଅସୁନ୍ଦର ଓ ହେୟ । ଭାବସଙ୍ଗର ନିୟମାନୁସାରେ (Law of Association) ନିସର୍ଗ ଲାବଣ୍ୟମୟୀ ମୂର୍ତ୍ତି ମଧ୍ୟ ଅଭ୍ୟନ୍ତରୀଣ କଳଙ୍କ ସଙ୍ଗରେ କଳଙ୍କିତ ହୋଇପାରେ । ଲଳିତ ପ୍ରାଞ୍ଜଳ ଭାଷାରେ ଲିଖିତ ନିସର୍ଗ ସୁନ୍ଦର ଈଷସକଳର କୁଶଳ ବର୍ଣ୍ଣନ ମଧ୍ୟ ସମାଜ ପକ୍ଷରେ ଅନିଷ୍ଟକାରୀ ହେଲେ କେବଳ ସେହି କାରଣରୁ ହିଁ ସୁଧୀବର୍ଗଙ୍କ ଦ୍ୱାରା ନିନ୍ଦନୀୟ ହୁଏ । କବି ଏପରି ବିଷୟରେ ହସ୍ତକ୍ଷେପ କରିବେ, ଯାହାକି ପ୍ରକୃତ ସୁନ୍ଦର ଓ ସମାଜର ମଙ୍ଗଳକାରୀ ଏବଂ ମାନବମନର ସାଧୁ ପ୍ରବୃତ୍ତି-ସକଳର ଉତ୍ତେଜକ ହେବ ।

ଅସ୍ମଦେଶୀୟ ପୁରାତନ ଅଳଙ୍କାରିକମାନଙ୍କ ଦ୍ୱାରା କଥିତ ବୀର, କରୁଣ, ଶୃଙ୍ଗାର ଇତ୍ୟାଦି ନବରସ ଦୃଷ୍ଟିରେ ନବ ଭାଗରେ ବିଭକ୍ତ ହୋଇଅଛି । ପ୍ରାଚୀନ ଉତ୍କଳ-ସାହିତ୍ୟର କବିତା ବିଶେଷ ଭାବରେ ଆଦିରସର । ଆଦିରସ ଯେ ଉପେକ୍ଷଣୀୟ ଏ ମତ ଆମ୍ଭମାନଙ୍କର ନୁହେଁ, କିନ୍ତୁ ଅନ୍ୟାନ୍ୟ ରସ ତୁଳନାରେ ଏଭଳି କବିତା ଅନେକ ହୋଇଅଛି । ବର୍ତ୍ତମାନ ଉତ୍କଳର କବିମାନଙ୍କର ଉଚିତ ଯେ, ଯୁଗରୁଚିର ଅନୁସରଣ କରି ଅନ୍ୟାନ୍ୟ ରସର କବିତାଦ୍ୱାରା ସ୍ୱୀୟ ସାହିତ୍ୟଭଣ୍ଡାର ପରିପୂର୍ଣ୍ଣ କରି ନିଜ ଜାତୀୟ ସାହିତ୍ୟକୁ ଏବଂ ସଙ୍ଗେ ସଙ୍ଗେ ନିଜ ଜାତିକୁ ଜୀବନ-ସଂଗ୍ରାମରେ ଜୟୀ କରାଇବେ ।

ଆଦିରସ କବିତାର ବିଷୟ ପ୍ରେମ ବର୍ଣ୍ଣନ । ପ୍ରେମର ସାଧାରଣ ଅର୍ଥ କାମ । ସହଜସାଧ୍ୟ ଓ ସାଧାରଣ ବୋଧଗମ୍ୟ ହେଲେହେଁ କାମର ଉତ୍ତେଜକ କବିତା ସମାଜର ଉନ୍ନତିପାଇଁ ପ୍ରୟୋଜନୀୟ ନୁହେଁ । କାମ-ପ୍ରବୃତ୍ତି ମାନବ-ମନର ଗୋଟିଏ ପ୍ରବଳ ବୃତ୍ତି । ଏକା କ୍ଷୁଧାକୁ ଛାଡ଼ିଦେଲେ ଏହା ମନର ପ୍ରବଳତମ ବୃତ୍ତି ବୋଲି କେତେକ ପଣ୍ଡିତ ଅବଧାରଣା କରିଛନ୍ତି ।

Digitized by srujanika@gmail.com

କବି ଉପେନ୍ଦ୍ର ଏହାକୁ ଅଗୁରୁବିଦ୍ୟା ଅଭିଧା ପ୍ରଦାନ କରିଛନ୍ତି । ଏହି ରୁଚିର ସମ୍ୟକ ଫଗ୍ଡ଼ଳନର ନୀତିରାଜ୍ୟରେ ସ୍ଥାନ ଥିଲେ ମଧ୍ୟ ତାହାର ଅପରୀଭ୍ରଂଶ ଫଗ୍ଡ଼ଳନ ଜନିତ ସମାଜର ଘୋର ଅନାସ୍ଥାବାସ୍ତି । ବୈଷ୍ଣବୀୟ ଆଦର୍ଶରେ ରାଧାକୃଷ୍ଣ ଉପାଖ୍ୟାନ ଅବଲମ୍ବି କରି ଯେଉଁ କେତେକ ଅପରିଣାମ-ଦର୍ଶୀ ଲେଖକ ପରକୀୟା ପ୍ରୀତିର ବର୍ଣ୍ଣନ କରି ସମାଜକୁ ଜଘନ୍ୟ ପାପ-ପଙ୍କରେ ନିମଜ୍ଜିତ କରିଛନ୍ତି, ସେମାନେ ପ୍ରକୃତ କବି ପଦବାଚ୍ୟ ନୁହନ୍ତି । ସାମୟିକ ବିକୃତ ରୁଚିର ଶକ୍ତିରେ ସେମାନଙ୍କର ବିଷମୟୀ କବିତା ଅଳ୍ପକାଳସ୍ଥାୟୀ ହେଲେ ମଧ୍ୟ ଭବିଷ୍ୟତ୍ ବଂଶ ନିଶ୍ଚୟ ଘୃଣା ଏବଂ ଲଜ୍ଜାରେ ଉକ୍ତବିଧ କବିତାରେ ନିଶ୍ଚୟ ପଦାଘାତ କରିବ । ବର୍ତ୍ତମାନ ସମୟରେ ମଧ୍ୟ ସେ ସମସ୍ତ ସମାଜଦ୍ୱାରା ଘୃଣିତ ହୁଅନ୍ତି । କିନ୍ତୁ କବି ବୁଝି ପାରନ୍ତି ନାହିଁ ଯେ, ଘୋର ଲମ୍ପଟ ମଧ୍ୟ ପାପପ୍ରଶ୍ରୟଦାୟୀ କୁଳଟାର ଚରିତ୍ରକୁ ସମ୍ମାନ କରେ ନାହିଁ ଯଦିବା ସାମୟିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଇନ୍ଦ୍ରିୟ-ଚରିତାର୍ଥତା ଉଦ୍ଦେଶ୍ୟରେ ସେ ତାହାକୁ ସ୍ତ୍ରୀ ଅପେକ୍ଷା ଶ୍ରେଷ୍ଠତର ସତୀର ଆସନରେ ବସାଏ ! ସାମୟିକ ରୁଚିକୁ ଲକ୍ଷ୍ୟ ନ କରି ଯାହା ବିଶ୍ୱଜନୀନ, ଯାହା ଉଦାର, ଯାହା ମାନବ ମନର ଶ୍ରେଷ୍ଠତର ପ୍ରବୃତ୍ତିର ଉତ୍ତେଜକ ତାହାହିଁ ଆଲୋଚନା କରିବା ପ୍ରତ୍ୟେକ ଲେଖକଙ୍କର ବିଧେୟ । ତେବେ ଲେଖକ ଆକାଂକ୍ଷିତ ସ୍ଥାୟୀ ଯଶ ଲାଭ କରିପାରିବ ।

"There is no eye as the world's eye." ଅତଏବ କାମୁକତା ରୂପ ନୀଚ ଓ ପ୍ରବଳ ପ୍ରବୃତ୍ତିର ଉତ୍ତେଜନାରେ କବିଙ୍କର କବି-ତ୍ୱରିତ୍ୱ ବିନଷ୍ଟ କରିବା ବାଞ୍ଛନୀୟ ନୁହେଁ । ତେବେ ଦାମ୍ପତ୍ୟ ପ୍ରେମ ସହିତ କାମର ଦୃଢ଼ ସମ୍ବନ୍ଧ ଥିବାରୁ କାମ (Lust) ଏବଂ ପ୍ରେମ (Love) ଏକରୂପରୂପେ ପ୍ରତୀୟମାନ ହୁଅନ୍ତି । ଅଦ୍ୟାବି ମଧ୍ୟ ପୂର୍ବତନ କବିବୃନ୍ଦ ପୁରାତନ ଆଦର୍ଶାନୁଯାୟୀ ଆଦିରସକୁ ବିଶେଷ ପ୍ରଶ୍ରୟ ଦେଇଥିବାରୁ ବର୍ତ୍ତମାନ କବି ମଧ୍ୟ ସେହି ଆଦର୍ଶ ଅନୁକରଣ କରୁଅଛନ୍ତି । କିନ୍ତୁ ଅଶ୍ଳୀଳ ସମ୍ବନ୍ଧରେ ଅସ୍କାର୍ ୱାଇଲ୍ଡଙ୍କ ପୁରାତନ ମତ ପୋଷଣ କରିବା ଏହି ଊନବିଂଶ ଶତାବ୍ଦୀର ଶେଷଭାଗରେ ଯେରୂପ ବୈଜ୍ଞାନିକ ପକ୍ଷରେ ହାସ୍ୟାସ୍ପଦ, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନଙ୍କର ପଦାନୁସରଣ କରିବା ମଧ୍ୟ ବର୍ତ୍ତମାନ ଯୁଗର କବିପକ୍ଷରେ ସେହିରୂପ ହେୟ ।

Digitized by srujanika@gmail.com

କିନ୍ତୁ କବିପ୍ରତିଭା ସର୍ବଦା ଯଶଃଲୋଲୁପ । କବିର କାବ୍ୟ ରଚନା ମାଦକସେବୀର ମାଦକ ସେବନ ସ୍ୱରୂପ । ଜନସାଧାରଣର ରୁଚିକୁ ଅନୁସରଣ କରିବାକୁ ଯଶଃଲୋଲୁପ କବି ସାଧାରଣତଃ ପ୍ରଲୁବ୍ଧ ହୋଇଥାଆନ୍ତି । ଅତଏବ ସାଧାରଣ ରୁଚି ପରିମାର୍ଜିତ ନ ହେଲେ ଉଚ୍ଚତର କାବ୍ୟସକଳର ଆବିର୍ଭାବ ଓ ଆଦର ଅସମ୍ଭବ । ଉତ୍କଳର ଜନସାଧାରଣରେ "ବୋହୂଚୁଆଁଙ୍କ", "ଚନ୍ଦ୍ରାବଳୀହରଣ" ପରି ପୁସ୍ତକସକଳର ଚଳନ ପ୍ରଚୁର ଏବଂ ଆଦର ଏବଂ "ପୁଷ୍ପମାଳା", "ଗନ୍ଧମାଳା", "ତୁଳସୀସ୍ତବକ" ଆଦି ପୁସ୍ତକସକଳର ଅଭାବ ଓ ଅନାଦର ଘୋର କୁରୁଚିର ପ୍ରମାଣ । କିନ୍ତୁ କବିଙ୍କର ହତାଶ ହେବାର କାରଣ ନାହିଁ । ଜୀବନ-ସଂଗ୍ରାମରେ ସତ୍ୟ ଓ ଶୁଭର ଜୟ ହେବ ଏବଂ ପୁରାତନ ନୂତନକୁ ନିଶ୍ଚୟ ସ୍ଥାନ ଦେବ ! ପକ୍ଷାନ୍ତରରେ ଗତକଳ୍ପ ନୀତ କବିତା ବର୍ତ୍ତମାନ ମଧ୍ୟ କବିକାଂକ୍ଷିତ ଫଳ ଲାଭ କରେ ନାହିଁ । କାରଣ "Though it makes the unskilful laugh cannot but make the judicious grieve, the censure of which one must weigh a whole theatre of others."—Hamle.

ପୂର୍ବେ ଉକ୍ତ ହୋଇଅଛି ଆଦରସର ବିଷୟ ପ୍ରେମ ବର୍ଣ୍ଣନ । ଏହି ପ୍ରେମ କାମଠାରୁ ସ୍ୱତନ୍ତ୍ର । ପ୍ରେମ ନାନା ରୂପ ଧାରଣ କରି ମାନବ ମନୋଜଗତ୍‌ରେ ଅବସ୍ଥାନ କରୁଅଛି । ସନ୍ତାନବାତ୍ସଲ୍ୟ, ସୋଦରସ୍ନେହ, ପିତୃମାତୃଭକ୍ତି, ବନ୍ଧୁସଖ୍ୟ, ଦାମ୍ପତ୍ୟ ପ୍ରେମ, ଭଗବଦ୍‌ଭକ୍ତି ଇତ୍ୟାଦି ନାନା ରୂପରେ ସେହି ଏକ ଶକ୍ତି ମାନବ ମନରେ କାର୍ଯ୍ୟ କରୁଅଛି । ଅନେକଙ୍କ ମତରେ ଦାମ୍ପତ୍ୟ-ପ୍ରେମ ହିଁ ସର୍ବୋତ୍କୃଷ୍ଟ । ପାଶ୍ଚାତ୍ୟ ଧର୍ମଶାସ୍ତ୍ରରେ ଲେଖାଅଛି :—

"Adam said, this is my bone of bones and flesh of my flesh ...." "Therefore shall a man leave his father and mother and shall cleave unto his wife and they shall be one flesh."

ଅସ୍ମମାନଙ୍କ ଦେଶର ପୂର୍ବତନ ଋଷିବୃନ୍ଦ ମଧ୍ୟ ସ୍ତ୍ରୀକୁ ପୁରୁଷର ଅର୍ଦ୍ଧାଙ୍ଗ ବୋଲି ଅଭିହିତ କରିଛନ୍ତି । ବସ୍ତୁତଃ ଦାମ୍ପତ୍ୟପ୍ରେମ ସର୍ବୋତ୍କୃଷ୍ଟ ନ ହେଉ, ସନ୍ତାନବାତ୍ସଲ୍ୟ ଇତ୍ୟାଦିଠାରୁ ନିକୃଷ୍ଟ ନୁହେଁ । ଏରୂପ

Digitized by srujanika@gmail.com

ଦାମ୍ପତ୍ୟପ୍ରେମକୁ କେବଳ ଲିଙ୍ଗ୍ଗତର ଭାବ ଅର୍ଥରେ ବୁଝିବା ଓ ବର୍ଣ୍ଣନ କରିବା ଅମ୍ଭମାନଙ୍କର ଗୋଟିଏ ବିଶେଷ ଭ୍ରମ । ଏହା ଅନନ୍ତ ସୌନ୍ଦର୍ଯ୍ୟର ଆଧାର ଓ ପ୍ରେମିକ କବିଙ୍କର ପ୍ରଧାନ ସମ୍ବଳ । କବିବର ଟେନିସନ୍ଙ୍କ ଦାମ୍ପତ୍ୟ ପ୍ରେମର ଆଦର୍ଶ କି ଗମ୍ଭୀର ଭାବପୂର୍ଣ୍ଣ ।

> "Now folds the lily and all her sweetness up
> And slips into the bosom of her lake
> So fold thyself, my dearest thou and slip
> Into my bosom and be lost in me."
>
> —Princess.

ଏହି ମଧ୍ୟରେ ଅନ୍ୟର ଏରୂପ ତନ୍ମୟୀଭୂତ ହେବା ପ୍ରେମିକ ଦମ୍ପତି ବ୍ୟତୀତ ଅନ୍ୟ ଏ ସଂସାରର କାହା ପକ୍ଷରେ ସମ୍ଭବପର ହୋଇପାରେ ? ଅସ୍ମଦ୍ଦେଶୀୟ ବୈଷ୍ଣବ ଯୋଗୀବୃନ୍ଦ ଏହି କାରଣରୁ ହିଁ ଜୀବାତ୍ମା ଓ ପରମାତ୍ମା ମଧ୍ୟରେ ଦାମ୍ପତ୍ୟପ୍ରେମର ସମ୍ବନ୍ଧକୁ ପ୍ରେମର ଚରମ ସୀମାରୂପେ ନିର୍ଦ୍ଦେଶ କରିଥିଲେ । ଉତ୍କଳୀୟ କବିଚିତ୍ତ କି ଏହି ଉଚ୍ଚ ଆଦର୍ଶକୁ ଗ୍ରହଣ କରି ଉତ୍କଳ-ସାହିତ୍ୟକୁ ଉନ୍ନତ କରିବ ନାହିଁ ? ଚିରକାଳ କି ସେହି ପ୍ରାଚୀନଙ୍କୁ ଅନୁସରଣ କରି ନିମ୍ନ ପଶ୍ଚାତ୍‌ଦେଶକୁ ଦୃଷ୍ଟି ଫେରାଇ ଭବିଷ୍ୟତ୍‌ରେ ଆଶା ଓ ଉନ୍ନତିର ଉଜ୍ଜ୍ୱଳ ଗଗନପ୍ରାନ୍ତ ଅନାଇ ଚାହିଁବ ନାହିଁ ? ପ୍ରାଚୀନ କବିକୁଳ ଅମ୍ଭମାନଙ୍କର ନମସ୍ୟ । କାରଣ ସେମାନେ ଯୁଗ ଧର୍ମରେ ପ୍ରେରିତ ହୋଇ ସ୍ୱ ସ୍ୱ ପ୍ରତିଭା ଅନୁଯାୟୀ କାର୍ଯ୍ୟ କରିଯାଇ-ଅଛନ୍ତି ଏବଂ ଅମ୍ଭମାନଙ୍କୁ ଉନ୍ନତିର ପଥ ଦେଖାଇ ଯାଇଛନ୍ତି । ସେମାନଙ୍କ ପ୍ରତିଭାର ସହାୟତା ବିନା ଆଜି ଉତ୍କଳ-ଭାରତୀ "ପ୍ରାଚୀନ ସାହିତ୍ୟଶାଳିନୀ" ଆଖ୍ୟା ପାଇ ପାରି ନ ଥାନ୍ତା । କିନ୍ତୁ ଆମ୍ଭେମାନେ ଯେବେ ସେମାନଙ୍କ ପ୍ରଦର୍ଶିତ ପଥ ଅନୁସରଣ କରି ନିଜ ଯୁଗର ଆଦର୍ଶାନୁଯାୟୀ ଲିଖିତ କାର୍ଯ୍ୟଦ୍ୱାରା ସାହିତ୍ୟଭଣ୍ଡାରକୁ ଅଳଙ୍କୃତ ନ କରି କେବଳ ସେମାନଙ୍କ ଅସାର ପ୍ରଶଂସାରେ ମତ୍ତ ରହୁ ତେବେ ଅମ୍ଭେମାନେ ଉକ୍ତ କବିକୁଳର ମାନସିକ ବଂଶଧର ହେବାର ଉପଯୁକ୍ତ ନୋହୁଁ ।

ପୂର୍ବେ ଉକ୍ତ ହୋଇଅଛି ଯେ ପ୍ରେମ ସୋଦରସ୍ନେହ, ଗୁରୁଭକ୍ତି, ଭଗବଦ୍‌ଭକ୍ତି ନାନା ଆକାରରେ ମନୁଷ୍ୟ ମନ ଅଧିକାର କରିଅଛି ।

Digitized by srujanika@gmail.com

ନିତ୍ୟଶୋଭାମୟ ଓ ନୂତନତ୍ୱର ଅକ୍ଷୟ ଉତ୍ସ ପ୍ରେମର ନିସର୍ଗ ସୁନ୍ଦର ଚିତ୍ର ଅଙ୍କନରେ ହସ୍ତପଟୁତା ପ୍ରଦର୍ଶନ କରି ସ୍ୱୀୟ ମହତ୍ତ୍ୱ ସ୍ୱତ୍ୱ ଓ ପବିତ୍ର ପ୍ରତିଭାକୁ ଚିରଜୀବିତ କରିବା କବିଙ୍କର କର୍ତ୍ତବ୍ୟ ଅଟେ । ତା'ହେଲେ କବି ସ୍ୱକର୍ତ୍ତବ୍ୟ ସାଧନ କରି ଧନ୍ୟ ହେବେ ଏବଂ ଜାତୀୟସାହିତ୍ୟ ଜୀବନସଂଗ୍ରାମରେ ଜୟ ଲାଭ କରି ବିଦ୍ରୂପ ଓ ଅତ୍ୟାଚାରରୁ ରକ୍ଷାପାଇ ନିତ୍ୟ-ଜୀବନ ଲାଭ କରିବ ।

ଉକ୍ତ ହୋଇଅଛି ଯେ, ଅଦ୍ଭୁତ ନବରସରୁ ଗୋଟିଏ । ଅଦ୍ଭୁତ, ବୀର ପ୍ରଭୃତି ରସର ଉଦ୍ରେକ ପ୍ରଚୁର ହେବା ବାଞ୍ଛନୀୟ । ଉତ୍କଳର ପ୍ରାକୃତିକ ଶ୍ୟାମକାନ୍ତ ଦୃଶ୍ୟ ଅତି ବିଶାଳ ଓ ବିଚିତ୍ର । ଏରୂପ ସୌଭାଗ୍ୟ ସକଳ ଦେଶର କବିମାନଙ୍କୁ ମିଳେ ନାହିଁ । ଉତ୍କଳର ପ୍ରାଚୀନ ଗୌରବକାହାଣୀ କବି-ପ୍ରତିଭାର ପ୍ରଧାନ ସହାୟ । ଓଡ଼ିଆଜାତି ବୀରଜାତି । ଏହା ଅନଙ୍ଗ, ପୁରୁଷୋତ୍ତମ ପ୍ରଭୃତି ବୀରପୁରୁଷଙ୍କର ରଙ୍ଗଭୂମି ଥିଲା । ଏହି ପ୍ରଦେଶର ଶୌର୍ଯ୍ୟ, ବୀର୍ଯ୍ୟ ସମକ୍ଷରେ ପ୍ରବଳପ୍ରତାପ ମୋଗଲ ଫୌଜର ଶତଚେଷ୍ଟା ବିଫଳ ହୋଇଥିଲା । ଉତ୍କଳ ବୀରଜନନୀ ! ବୀର ସଙ୍ଗୀତ ଉତ୍କଳ ପକ୍ଷରେ ସୁଲଭ ନ ହେଲେହେଁ ଉତ୍କଳ ନାନା ଧର୍ମର ଲୀଳାଭୂମି, ଏହି ଦେଶର ଗିରି-ଶୃଙ୍ଗରେ ବୌଦ୍ଧ ବୈଜୟନ୍ତୀ ଉଡ୍ଡୀୟମାନ ହୋଇଥିଲା । ଶାକ୍ତ, ବୈଷ୍ଣବ ଇତ୍ୟାଦି ସମ୍ପ୍ରଦାୟ ବିଭିନ୍ନ ଯୁଗରେ ଏଠାରେ ଲୀଳା କରିଯାଇଅଛନ୍ତି । ଏଠାରେ ବିଭିନ୍ନ ଧର୍ମର ସମନ୍ୱୟ ଘଟିଅଛି । ପୌରାଣିକ ଧର୍ମର ପ୍ରଧାନ ଇଷ୍ଟଦେବତାଙ୍କର ଅଧିଷ୍ଠାନ ଭୂମି ଶ୍ରୀକ୍ଷେତ୍ରରେ ଗୌତମବୁଦ୍ଧଙ୍କର ଅମର କୀର୍ତ୍ତି ବର୍ତ୍ତମାନ ମଧ୍ୟ ବିଦ୍ୟମାନ । ଜାତୀୟ ସଂହତି ଜାତୀୟ ସାହିତ୍ୟରେ ପ୍ରତିଫଳିତ ହେବା ସ୍ୱାଭାବିକ । ଉତ୍କଳୀୟ କବିବୃନ୍ଦଙ୍କର କାବ୍ୟରେ ବିଶ୍ୱଜନୀନ ଉଦାର ଭାବ ପରିବର୍ତ୍ତରେ ସଂକୀର୍ଣ୍ଣ ସାମ୍ପ୍ରଦାୟିକ ଭାବ ସ୍ଥାନ ପାଇବା ଆକ୍ଷେପର ବିଷୟ ହେବ ।

କବିତା କେବଳ ଛନ୍ଦୋବଦ୍ଧ ପଦ୍ୟ ନୁହେଁ । ଓଜଃ, ପ୍ରସାଦ, ମାଧୁର୍ଯ୍ୟପୂର୍ଣ୍ଣ, ପବିତ୍ର ବିଚିତ୍ର ମନୋହର ଭାବାନୁପ୍ରାଣିତ ପଦ୍ୟ ଓ ଗଦ୍ୟ ଉଭୟ କବିତା ନାମର ଯୋଗ୍ୟ । କାବ୍ୟ, ନାଟକ, ଉପନ୍ୟାସ, ସଙ୍ଗୀତ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ।

Digitized by srujanika@gmail.com

ପୂର୍ବେ ଉକ୍ତ ହୋଇଅଛି ଯେ, ସାହିତ୍ୟର ଅର୍ଥ କବିତା ନୁହେଁ । ଗଣିତ, ବିଜ୍ଞାନ, ଉଦ୍ଭିଦତତ୍ତ୍ୱ, ପ୍ରାଣୀତତ୍ତ୍ୱ, ନ୍ୟାୟ, ଦର୍ଶନ, ଇତିହାସ, ଜୀବନଚରିତ ଇତ୍ୟାଦି ସକଳ ବିଷୟର ଉନ୍ନତି ହେଲେ ଜାତୀୟ ସାହିତ୍ୟର ଉନ୍ନତି ଘଟେ । ଏ ସକଳ ବିଷୟ ଏରୂପ ଜଟିଳ ଓ ଦୁଃସାଧ୍ୟ ଯେ ପୃଥିବୀର ଶ୍ରେଷ୍ଠତମ ପ୍ରତିଭା ମଧ୍ୟ ସକଳ ବିଷୟରେ ସମ୍ୟକ ଜ୍ଞାନଲାଭ କରିପାରିନାହିଁ । ଜ୍ଞାନ ଅନନ୍ତ, ଜୀବନ ଅଚିରସ୍ଥାୟୀ । ସମସ୍ତ ସମୟରେ ଜଣେ ଜଣେ କ୍ଷଣଜନ୍ମା ପୁରୁଷ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇ ଗୋଟିଏ ଗୋଟିଏ ବିଶେଷ ବିଭାଗର ଉନ୍ନତିସାଧନ କରନ୍ତି । ସାଧାରଣ ବୁଦ୍ଧି ମଧ୍ୟ ସେମାନଙ୍କର ପଦାଙ୍କ ଅନୁସରଣ କରି ଜ୍ଞାନପିପାସା ଚରିତାର୍ଥ କରିବ । ଏଥିରେ ବିଶେଷତ୍ୱ କିଛି ନାହିଁ । ତେବେ ସକଳ ବିଷୟ ପରିତ୍ୟାଗ କରି ଗୋଟିଏ ବିଷୟ ଘେନିବସିଲେ କେବଳ ଯେ ଅନ୍ୟ ସକଳ ବିଷୟରେ ଅଜ୍ଞ ହୋଇ ରହିବାକୁ ହେବ, ତାହା ନୁହେଁ । ପକ୍ଷାନ୍ତରରେ ସକଳ ବିଷୟରେ ଜ୍ଞାନୀ ହେବାକୁ ଚେଷ୍ଟା କଲେ କୌଣସିଟିରେ ବିଶେଷ ପଟୁତା ଲାଭ ହେବ ନାହିଁ । ଏଣୁ ଉଭୟ ପରାକାଷ୍ଠା ବର୍ଜନ କରି ମଧ୍ୟ ପନ୍ଥା ଅନୁସରଣ କରି ନିଜ ସାମର୍ଥ୍ୟ ଅନୁଯାୟୀ ଅଚ୍ଛେଦ୍ୟ ସମ୍ବନ୍ଧରେ ସଂଯୁକ୍ତ କେତୋଟି ବିଷୟ ଆଲୋଚନା କରିବା ଓ ସେମାନଙ୍କ ମଧ୍ୟରୁ କୌଣସି ଗୋଟିକରେ ବିଶେଷ ପଟୁତା ଲାଭ କରିବାକୁ ଚେଷ୍ଟା କରିବା ବର୍ତ୍ତମାନ ଶିକ୍ଷାପ୍ରଣାଳୀର ଉଦ୍ଦେଶ୍ୟ ହୋଇଅଛି । ତେବେ ବହୁ ବିଷୟ ବ୍ୟାପକତା ପ୍ରତିଭାର ପ୍ରମାଣ ସ୍ଥଳ । ଜ୍ଞାନରାଜ୍ୟରେ ଗଭୀରତା ଓ ବ୍ୟାପକତା ପରସ୍ପରବିରୋଧୀ । ଉଭୟ ଅଙ୍ଗ ରକ୍ଷା କରି ସାଧାରଣ ବୁଦ୍ଧିକୁ ଚମତ୍କୃତ କରିବା ପ୍ରତିଭା ସୁବର୍ଣ୍ଣର ନିକଷଚିହ୍ନ ।

ଉତ୍କଳର ଯୁବକବୃନ୍ଦ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଲାଭ କରନ୍ତି । ସେମାନେ ଯେବେ ଉପଯୁକ୍ତ ପନ୍ଥା ଗ୍ରହଣ କରି ନିଜ ମାତୃଭାଷାକୁ ଅଳଙ୍କୃତ କରନ୍ତେ ତେବେ ଉତ୍କଳସାହିତ୍ୟର ବିଷୟ-ସଙ୍କୀର୍ଣ୍ଣତା ଦୂର ହୁଅନ୍ତା । ଅବଶ୍ୟ ସମସ୍ତେ ଅରିଷ୍ଟଟଲ ବା ନିଉଟନ୍ ହୋଇପାରିବେ ନାହିଁ । କିନ୍ତୁ ପାଶ୍ଚାତ୍ୟ ଦର୍ଶନ, ବିଜ୍ଞାନ ପର୍ଯ୍ୟାଲୋଚନା କରି ତାହା ନିଜ ଗ୍ରନ୍ଥରେ ଟାଣି ସାହିତ୍ୟଭଣ୍ଡାରର ଶ୍ରୀବୃଦ୍ଧି ସାଧନ କରିବା ଅଧିକାରରୁ କେହି ବଞ୍ଚିତ ନୁହନ୍ତି । ଏ କାର୍ଯ୍ୟରେ ମଧ୍ୟ କୌଶଳର ପ୍ରୟୋଜନ । କାରଣ ଆମ୍ଭେମାନେ ଚୋରିର ବ୍ୟବହାର କଥା କହୁ ନାହୁଁ ।

Digitized by srujanika@gmail.com

(୨)

ମାତୃଭାଷା ସମୁନ୍ନତିର ଆକାଂକ୍ଷା ନେଇ କେତେକ ବଙ୍ଗୀୟ ଭ୍ରାତା ଆମ୍ଭମାନଙ୍କୁ ଓଡ଼ିଆ ଭାଷା ଛାଡ଼ି ବଙ୍ଗଭାଷା ଗ୍ରହଣ କରିବାକୁ ଉପଦେଶ ଦେଇଥାନ୍ତି । ଭାରତବାସୀର ଏକତାସାଧନ ରୂପ ମହତ୍ ଉଦ୍ଦେଶ୍ୟ ନିମିତ୍ତ ପୂର୍ବୋକ୍ତ ଜ୍ଞାନୀମାନଙ୍କୁ ଆମ୍ଭମାନଙ୍କର ଧନ୍ୟବାଦ ଦେବା ଉଚିତ । ଏପରି ଉପଦେଶ ନୂତନ ନୁହେଁ । "ଇନ୍ଦ୍ରଧନୁ"ର ପାଠକବୃନ୍ଦ ଯୁବତୀ ବଙ୍ଗଭଗିନୀ ଓ ଶିଶୁ ଉତ୍କଳର ଆଦର ଅଭ୍ୟର୍ଥନାର କଥଞ୍ଚିତ୍ ଆଭାସ ପାଇଅଛନ୍ତି । ଦୁଃଖର ବିଷୟ ଉତ୍କଳୀୟ ଶିକ୍ଷିତମଣ୍ଡଳୀ ମଧ୍ୟରୁ କେତେକ ବ୍ୟକ୍ତି ମାତୃଭାଷାର ଜଳାଞ୍ଜଳି ଦେବାକୁ ବସି ଅଛନ୍ତି । ସୁଖର ବିଷୟ ଯେ ଏମାନଙ୍କ ସଂଖ୍ୟା ଅଳ୍ପ । ଯଦିବା ଉତ୍କଳର ପୁରାତନ ସାହିତ୍ୟ ସଙ୍କୀର୍ଣ୍ଣ ସୀମାରେ ଆବଦ୍ଧ, ଯଦିବା ଉତ୍କଳର ଗ୍ରାମେ ଗ୍ରାମେ ହିନ୍ଦୀ, ଉର୍ଦ୍ଦୁ ଓ ମିଶ୍ର ବଙ୍ଗଳା ପ୍ରଚଳିତ, ଯଦିବା ନିୟତିର କୁଟିଳ ଗତିରେ ଅସଂଖ୍ୟ ଓଡ଼ିଆ ମାନ୍ଦ୍ରାଜ ଓ ମେଦିନୀପୁର ବିଭାଗର ଅନ୍ତର୍ଭୁକ୍ତ, ଯଦିବା ଇଂରେଜ ସରକାରଙ୍କର ନିର୍ଦ୍ଦୟଭାବଶତଃ ସମ୍ବଲପୁର ଅଞ୍ଚଳର ରାଜଦରବାରରେ ହିନ୍ଦୀ ଭାଷା ପ୍ରଚଳିତ ହେଲା, ତଥାପି ଓଡ଼ିଆ ନିରୁତ୍ସାହ ଓ ଅଧ୍ୟବସାୟବିହୀନ ହୋଇ ନିଜ ନାମ ଓ ପୁରାତନ ଉତ୍କଳର ମୁଖରେ ଭସ୍ମ ନିକ୍ଷେପ କରି ବିସ୍ମୃତିର ବିଶାଳ ଗର୍ଭରେ ଯାବଚ୍ଚନ୍ଦ୍ରାର୍କ ପତିତ ହେବ, ଏହା କି ସମ୍ଭବପର ? ଏତେ ବଡ଼ ଗୋଟାଏ ପ୍ରକାଣ୍ଡ ଜାତିର ସାହିତ୍ୟର ଅସ୍ତିତ୍ୱ ବିଲୁପ୍ତ ନ ହେଉ, ତଥାପି ଭାରତ ଏକତା ସୂତ୍ରରେ ଗ୍ରଥିତ ହେଉ, ଏହାହିଁ ବାଞ୍ଛନୀୟ । ବହୁତାରେ ଏକତା (**Unity in diversity**) ର ନିୟମ ଏଠାରେ ମଧ୍ୟ ପ୍ରଯୁଜ୍ୟ ହୋଇପାରେ ।

ଓଡ଼ିଶାର ଚତୁର୍ଦ୍ଦିଗରେ କେବଳ ଆଳସ୍ୟର ଚିହ୍ନ ପରିଲକ୍ଷିତ ହୁଏ । ବିଶ୍ୱବିଦ୍ୟାଳୟରେ ଶିକ୍ଷିତ ଅନେକ ବ୍ୟକ୍ତି ଓଡ଼ିଆଭାଷା ଅନୁଶୀଳନକୁ ଘୃଣା ଓ ଅବଜ୍ଞାର ଚକ୍ଷୁରେ ଦେଖନ୍ତି । ଯେଉଁମାନେ ସାହିତ୍ୟୋନ୍ନତିକୁ ନିଜ କର୍ତ୍ତବ୍ୟ ମଧ୍ୟରେ ପରିଗଣିତ କରନ୍ତି, ସେମାନେ ମଧ୍ୟ ଅନ୍ୟାନ୍ୟ ସାଂସାରିକ ବିଷୟର ତୁଳନାରେ ଏହାକୁ ହୃଦୟର ଗୋଟିଏ ସଙ୍କୀର୍ଣ୍ଣ କୋଣରେ ସ୍ଥାନ ଦେଇଥାନ୍ତି । ପୁରାତନ ଅନେକ ଗ୍ରନ୍ଥ ମୁଦ୍ରିତାବସ୍ଥାକୁ

Digitized by srujanika@gmail.com

ଅସିନାହିଁ ! ଉତ୍କଳର ଅସଂଖ୍ୟ ରଜା, ଜମିଦାର, ଧନୀ, ମାନୀ ବ୍ୟକ୍ତି ଉକ୍ତ ଗ୍ରନ୍ଥମାନଙ୍କୁ ପ୍ରକାଶ କରି ଖାଲିକରର ପନ୍ଥା ପରିତ୍ୟାଗ କରି ଅନ୍ୟାନ୍ୟ ନାନା ଉପାୟରେ ଯଶୋଲାଭର ଚେଷ୍ଟା କରୁଛନ୍ତି । ଉତ୍କଳର ଜନସାଧାରଣଙ୍କର ରୁଚି ପରିଦର୍ଶନ କରି ସେମାନଙ୍କଠାରୁ କଅଣ ବା କି ଆଶା କରିବା ! "ଚନ୍ଦ୍ରାବଳୀହରଣ", "ଦଅବଗୁଜଜ ଝାବ", ଶାସ୍ତ୍ରବୋଧ୍ୟ ବଳି" ପଠନ ଶ୍ରବଣ ସେମାନଙ୍କର ଚରମୋନ୍ନତି । ଗ୍ଲଦମାଳା, କବିତାବଳୀ ସ୍ମରନା ନିତାନ୍ତ ଅସାର ; ପାର୍ବଣୀ, ମହାଯାତ୍ରା, ଇନ୍ଦୁମତୀ, କବିତାମଞ୍ଜରୀର ଭଥା କି'ଣ କହିବା ! ସେମାନଙ୍କର ବୋଧଗମ୍ୟ ପୁସ୍ତକ ମଧ୍ୟ ବହୁଳ ଓ ସୁଲଭ ନୁହେଁ ଓ ପ୍ରଗୃହର କପାୟ ସମ୍ବାଦପତ୍ରର ଅଳ୍ପତା ସଙ୍କୀର୍ଣ୍ଣ କରିଅଛି । ଦୁଃଖର କଥା ହି'ମାଣ ଅଠଗୁଣ୍ଠ ଓ ବେବଗୀ ଉପନ୍ୟାସ ଏ ଅଭାବ ପୂରଣ କରିବ । ପ୍ରତ୍ୟେକ ଜାତିର ଏପରି ଏକ ସମୟ ଅସିଥାଏ, ଯେବେ ଜନସାଧାରଣ ଲେଖକମାନଙ୍କୁ ପରିପୋଷଣ କରିପାରେ ନାହିଁ । ଏରୂପ ସମୟରେ ଲେଖକଗଣ ଧନୀବ୍ୟକ୍ତିଙ୍କ ଅନୁକମ୍ପାରେ ଉତ୍ସାହିତ ହୋଇ ମାତୃଭାଷାର ଉନ୍ନତି କରିଥାଅନ୍ତି । କବି ଜନ୍‌ସନ୍‌ଙ୍କ ପୂର୍ବେ ଇଂଲଣ୍ଡରେ ଏହି ରୀତି ଅବ୍ୟାହତରୂପେ ଚଳୁଥିଲା । ଆମ ଦେଶର ରଜା, ଜମିଦାର-ମାନେ ଅନୁକମ୍ପା ପ୍ରଦର୍ଶନ କଲେ ଉତ୍କଳସାହିତ୍ୟର ଉନ୍ନତି ଅସିବ । ତା ନ ହେଲେ "ସବୁ ଘୃତ ଖାଇ ବଣିଜ ଶିଖିବ କଏ !"

ବଂଗଳା ହାଇଦରବାଦରେ ଓ ଜମିଦାରୀ ସିରସ୍ତାରେ ଓଡ଼ିଆ ଭାଷାର କି ଶୋଚନୀୟ ଅବସ୍ଥା । ଏ ବିଷୟରେ ସଂସ୍କାର ଆଶା ଯେତେଣେ ଥାଉ ବହୁଳ ପାଣି କାଦୁ ଭାଷା ଅନେକଙ୍କୁ ଶିକ୍ଷା କରିବାକୁ ହୁଏ । ଦେଶୀୟ ଖ୍ରୀଷ୍ଟାନ୍‌ମାନେ ଯେଉଁ ସାଧୁଭାଷାର ସୃଷ୍ଟି କରିଅଛନ୍ତି, ତାହା ଶୁଣିଲେ ଭଦ୍ରଲୋକ ମଧ୍ୟ ହାସ୍ୟ ସମ୍ବରଣ କରିପାରିବେ ନାହିଁ ।

ସାପ୍ତାହିକ ଓ ମାସିକ ପତ୍ରିକାର କାର୍ଯ୍ୟକାରିତା ଜାତୀୟ ଜୀବନର ଗୋଟିଏ ପ୍ରଧାନ ନିଦର୍ଶନ । ଏ ବିଷୟରେ ଅଲୋଚନା ନିଷ୍ପ୍ରୟୋଜନ । ନୈତିକ ସାହସ ଓ ନାନା ବିଷୟରେ ଅଭିଜ୍ଞତା ଯେତେଦିନ ଅମ୍ଭମାନଙ୍କର ଅସିନାହିଁ ତେତେଦିନ ପର୍ଯ୍ୟନ୍ତ ଅମ୍ଭମାନଙ୍କର ଏହି ବିପଦସଙ୍କୁଳ ଦୁର୍ଦ୍ଦିନରେ ରାଜନୀତି ଅଲୋଚନା କରିବା ଆଶା ବୃଥା । ନିର୍ଭୀକହୃଦୟ,

Digitized by srujanika@gmail.com

ସମ୍ପାଦକବୃତ୍ତି ସ୍ୱୀକୃତ ବ୍ୟକ୍ତିର ସେ ଦୁଃଖ କେହି ଘୁଞ୍ଚାଇ ପାରିବେ ନାହିଁ । ପତ୍ରିକାମାନଙ୍କର ସଂଖ୍ୟାର ଅଳ୍ପତା ଓ କାର୍ଯ୍ୟବିମୁଖତା ଏହାର କାରଣ ।

ସମାଲୋଚନା ସାହିତ୍ୟର ଗୋଟିଏ ପ୍ରଧାନ ଅଙ୍ଗ । ଏହା ଦୁର୍ବୋଧ ଉଚ୍ଚତତ୍ତ୍ୱକୁ ଜ୍ଞାନପିପାସୁଠାରେ ସୁବୋଧ କରିଦିଏ ଏବଂ କବି ଓ ଲେଖକଙ୍କୁ ଉତ୍ସାହିତ କରେ । ଉତ୍କଳର ସମାଲୋଚକମଣ୍ଡଳୀ ମନେ କରନ୍ତି, ସମାଲୋଚନା ଅର୍ଥ କେବଳ ପ୍ରଶଂସା ବା ନିନ୍ଦା । ସମାଲୋଚକର ଆସନ ଅତି ପବିତ୍ର ଓ ଉଚ୍ଚ । ଗ୍ରନ୍ଥକାର ସଙ୍ଗେ ସଙ୍ଗେ ସମାଲୋଚକ ମଧ୍ୟ ଅମରକୀର୍ତ୍ତି ଲାଭ କରେ ।

—"Paint me as I am" said Oliver Cromwell while sitting before young Lely, "if you leave out the scars and wrinkles I will not pay you a shilling". ସମାଲୋଚକ ଏବଂ କବି ଉଭୟଙ୍କ ପକ୍ଷରେ ଅମୂଲ୍ୟ ଶିକ୍ଷା ।

ପରିଶେଷରେ ବର୍ତ୍ତମାନ "ଉତ୍କଳ-ସାହିତ୍ୟ" ବିଷୟରେ ଦୁଇଟି ଗୋଟିଏ କଥା କହି ଆମ୍ଭେମାନେ ଏହି ନୀରସ ପ୍ରବନ୍ଧ ଶେଷ କରିବୁ । ବିଷୟ-ବୈଚିତ୍ର୍ୟ ସମ୍ବନ୍ଧରେ "ଉତ୍କଳ-ସାହିତ୍ୟ" ଅତି ହୀନ । ତେବେ ଏହା କୁହାଯାଇପାରେ ଯେ "ମଧୁପ" ଓ "ଦର୍ପଣ" ଛଡ଼ା ଉତ୍କଳରେ ଏରୂପ ସୁନ୍ଦର ପତ୍ରିକା କେବେ ପ୍ରକାଶିତ ହୋଇନାହିଁ । କିନ୍ତୁ ଏହାର ଆର୍ଥିକ ଅବସ୍ଥା ଅତି ଶୋଚନୀୟ । ଯେଉଁସବୁ ପ୍ରବନ୍ଧରେ ନୂତନତ୍ୱ ଅଛି ସେସବୁ ପ୍ରବନ୍ଧର ଲେଖକମାନଙ୍କର ଅନେକ ସମୟରେ ଦେଖା ମିଳୁନାହିଁ । ଏହା ଅବଶ୍ୟ ପତ୍ରିକାର ଦୁର୍ଭାଗ୍ୟ ବୋଲିବାକୁ ହେବ । ବୈଜ୍ଞାନିକ ଓ ଐତିହାସିକ ପ୍ରବନ୍ଧର ଶୋଚନୀୟ ଅଭାବ ପରିଲକ୍ଷିତ ହୁଏ । ପ୍ରକାଶ ଥାଉକି ଉର୍ବଶୀ, ହେମମାଳା, ସାହିତ୍ୟସନ୍ଦର୍ଭ, ଚମ୍ପାତି ଅଠଗଡ଼ ପ୍ରଭୃତି ପ୍ରବନ୍ଧମାନ ଆମ୍ଭମାନଙ୍କୁ ଯେରୂପ ଆନନ୍ଦ ଦାନ କରିଅଛି, ଅପରପକ୍ଷେ ଭୂଗୋଳବିଦ୍ୟା, ଜ୍ୟୋତିଷଚର୍ଚ୍ଚା, ଖାଦ୍ୟଦ୍ରବ୍ୟ ସହିତ ମାନବ ଜୀବନର ସମ୍ବନ୍ଧ, ଜାନକୀବଲ୍ଲଭ ସେନଶର୍ମା, ଦେଶୀୟ ଦ୍ରବ୍ୟର ବ୍ୟବହାର ଇତ୍ୟାଦି ପ୍ରବନ୍ଧ ମଧ୍ୟ ଆମ୍ଭମାନଙ୍କୁ ସେହିରୂପ ଶିକ୍ଷା ଦେଇଅଛି । ଏହିଭଳି ପ୍ରବନ୍ଧ ଯେତେ ପ୍ରକାଶିତ ହୁଏ, ପତ୍ରିକା ସେତେ ଉନ୍ନତ ହେଲା ବୋଲିବାକୁ ହେବ ।

Digitized by srujanika@gmail.com

ଚିଠିର ଉତ୍ତର

(ସମାଲୋଚନା)

କିଛି ଦିନ ପୂର୍ବେ ଅଧୁନିକ ଉତ୍କଳର ଶ୍ରେଷ୍ଠ କବି ତାଙ୍କର ଖଣ୍ଡିଏ ପତ୍ରରେ ଲେଖିଥିଲେ, "କେବଳ କୃତଜ୍ଞତା ସ୍ୱୀକାର କଲେ ଅତି ସସ୍ତାରେ ଉତ୍ସାହ ଦିଆଯାଏ । ଏହା ସୁଖ କି ଅପଣଙ୍କ ଭାଗ୍ୟରେ ଘଟିନାହିଁ । ଏ ସମ୍ବାଦ ସତ୍ୟ ହେଲେ ଏଥିରେ ଦୁଃଖିତ ହେବାର ଯଥେଷ୍ଟ କାରଣ ଅଛି । ମାତ୍ର ଆଶ୍ଚର୍ଯ୍ୟାନ୍ୱିତ ହେବାର କାରଣ ନାହିଁ । କାରଣ ଓଡ଼ିଶା ଇଟାଲି କିମ୍ବା ଜର୍ମାନୀ ନୁହେଁ ।" ଏପରି ଶସ୍ତା ଉତ୍ସାହ ମଧ୍ୟ କେତେକ ଭଦ୍ରବ୍ୟକ୍ତି ଦାନ ମହତର ମନେ କରନ୍ତି । ବିଶେଷ ଏହି ଯେ, ଏମାନେ ଅନ୍ଧକାରାବୃତ ଉତ୍କଳର ଅଳୋକ ସ୍ୱରୂପ ସମ୍ବାଦବାହକ ପତ୍ରମାନଙ୍କ ସମ୍ପାଦକ ! ସେଟି ଯୁଝ୍ ।!

"କର୍ତ୍ତବ୍ୟବୋଧିନୀ ସମିତି"ର ପ୍ରତିନିଧିଙ୍କ ପତ୍ର ପାଇ ମୁଁ ଆନନ୍ଦିତ ଓ ଉତ୍ସାହିତ ହୋଇଅଛି । ସ୍ୱଦେଶର ଆଶାଭରସାର ସ୍ଥଳ ସ୍ଥାନୀୟ କଲେଜର ବି. ଏଲ., ଏମ୍. ଏ, ବି. ଏ., ଏବଂ ଏଫ୍. ଏ. ଶ୍ରେଣୀର ପ୍ରାୟ ସମୁଦାୟ ଓଡ଼ିଆ ଛାତ୍ରଙ୍କ ଦ୍ୱାରା ଯେଉଁ ସମିତି ଗଠିତ, ଯାହା ଯତ୍ନରେ କିଛି ଦିନ ପୂର୍ବରେ ହୀନ ଦୁର୍ଦ୍ଦଶାଗ୍ରସ୍ତ ଉତ୍କଳ ଭାଷା ସ୍ୱୀୟ ସ୍ୱତ୍ୱ ଓ ସ୍ୱାତନ୍ତ୍ର୍ୟ ପ୍ରଦର୍ଶନାର୍ଥ ସିଣ୍ଡିକେଟ୍ ଗୃହଦ୍ୱାରରେ ଉପସ୍ଥିତ ହୋଇଥିଲା ଏବଂ ଯାହାର ସଭ୍ୟମାନଙ୍କ ମଧ୍ୟରୁ କେତେକ ଲେଖକଶ୍ରେଣୀଭୁକ୍ତ, ସେ ସମିତିର ଉତ୍ସାହବାକ୍ୟ ବାସ୍ତବ ସମ୍ମାନାର୍ହ ।

ଗୋଟିଏ ବିଷୟରେ କିନ୍ତୁ ସମିତିଙ୍କ ନିକଟରେ ମୋର କିଛି କର୍ତ୍ତବ୍ୟ ଅଛି । ସଂସ୍କୃତ ଓ ଦେଶୀୟ ଶବ୍ଦମାନଙ୍କ ଏକତ୍ର ସମାବେଶକୁ ମୁଁ ଦୋଷ ନ ଗଣି ଗୁଣ ବିବେଚନାରେ ଇଚ୍ଛାପୂର୍ବକ (ଅସତର୍କତା ପ୍ରଯୁକ୍ତ ନୁହେ) ମୋ ରଚନାରେ ସ୍ଥାନ ଦେଇଥାଏଁ । ତେବେ ପ୍ରକୃତ ଗ୍ରାମ୍ୟ ଅଥବା ପ୍ରାଦେଶିକତା ପରିହାର୍ଯ୍ୟ—ଏହା ମୋର ମତ । କିନ୍ତୁ ପ୍ରତ୍ୟେକ ସରଳ ସହଜ ଦେଶୀୟ ଶବ୍ଦ ଗ୍ରାମ୍ୟ ନୁହେଁ ।

Digitized by srujanika@gmail.com

କିଛି ଦିନ ପୂର୍ବେ ଓଡ଼ିଶାର ଶ୍ରେଷ୍ଠ ଗଦ୍ୟ ଲେଖକ ଏବଂ ଜଣେ ସୁକବିଙ୍କ ସହିତ ଏହି ବିଷୟରେ କଥାବାର୍ତ୍ତା ହୋଇଥିଲା । ବୟୋବୃଦ୍ଧ ପ୍ରବୀଣ ଲେଖକ କହିଲେ, "ସଂସ୍କୃତ ଓ ଦେଶୀୟ ଶବ୍ଦର ଏକତ୍ର ବ୍ୟବହାର ବିଷୟରେ ଏ ପର୍ଯ୍ୟନ୍ତ ମୋର ମତ ସ୍ଥିର କରିନାହିଁ । ତେବେ ମୋ ଲେଖାରେ ମୁଁ ତାହା ପରିହାର କରିବାକୁ ଚେଷ୍ଟା କରେଁ । କିନ୍ତୁ ରାଧାନାଥ-ବାବୁ ତାହା କରନ୍ତି ନାହିଁ । ମୋ ବିବେଚନାରେ ଏପରି ସମାବେଶ ଭାଷାର ସଜୀବତାର ଲକ୍ଷଣ ଓ ଆଦୌ ଦୂଷ୍ୟ ନୁହେଁ ।"

ଏ ବିଷୟରେ ଉତ୍କଳରେ କାହିଁକି, ପ୍ରତ୍ୟେକ ସାହିତ୍ୟଶାଳୀ ଦେଶରେ ଦୁଇ ବିଭିନ୍ନ ମତବାଦୀ ଦଳ ଅଛନ୍ତି । ଗୋଟିଏ ଦଳର ଇଚ୍ଛା ଯେ ଶୁଦ୍ଧ ସଂସ୍କୃତ ଭାଷା ହିଁ ଏକମାତ୍ର ବ୍ୟବହାର୍ଯ୍ୟ । ଅଳ୍ପଦିନ ପୂର୍ବରେ ଜଣେ ସୁପଣ୍ଡିତ ଏବଂ ସୁଲେଖକ ଉତ୍କଳୀୟ ରାଜା ମୋତେ ଏ ବିଷୟରେ ଉପଦେଶ ଦେଇ କହିଥିଲେ, "ସାଧୁ ସଂସ୍କୃତ ଭାଷାରେ ପରିପାଟୀ ରଚନା ଆମ୍ଭେ ତୁମ୍ଭପରି କୃତବିଦ୍ୟ ଯୁବକଙ୍କ ହସ୍ତରୁ ଆଶା କରୁଁ । ପ୍ରଚଳିତ ଭାଷାରେ ତ ଯେକୌଣସି ବ୍ୟକ୍ତି ଲେଖି ପାରିବ ଏବଂ ଅନେକ ଲେଖୁ-ଅଛନ୍ତି । ତାହାର ପାଠକ ସାଧାରଣ ଜନମଣ୍ଡଳୀ ଓ ଶିଶୁବୃନ୍ଦ । କିନ୍ତୁ ଏପରି ଅନ୍ତତଃ ଖଣ୍ଡେ ପୁସ୍ତକ ଲେଖ, ଯାହାକି ବିଦ୍ୱାନ୍‌ବ୍ୟକ୍ତିମାନଙ୍କ ଅନୁଶୀଳନର ଯୋଗ୍ୟ ହେବ ।" ରାଜାମହୋଦୟଙ୍କ ବାକ୍ୟରେ ପ୍ରଥମେ ମୁଁ ଅଶ୍ଚର୍ଯ୍ୟାନ୍ୱିତ ହେଲି । ମୋର ଲେଖା କି ଶିକ୍ଷିତ ଲୋକମାନଙ୍କ ଆଲୋଚନାର ଆଦୌ ଯୋଗ୍ୟ ନୁହେଁ ? ପରକ୍ଷଣରେ କାଳିଦାସଙ୍କ ଉକ୍ତି ମନେ ପଡ଼ିଲା "ଭିନ୍ନ ରୁଚିର୍ହି ଲୋକଃ" ଏବଂ ମୋର ଆଶା ଫେରିଆସିଲା । ମନେ କଲି "କାଳଃ ନିରବଧିଃ ବିପୁଳାଚ ପୃଥ୍ୱୀ" । ତାହାର ପ୍ରମାଣ ସମିତିଙ୍କ ଉତ୍ସାହ-ବାକ୍ୟ । ସରଳ ରଚନା ମଧ୍ୟ ଶିକ୍ଷିତମାନଙ୍କ ପାଠ୍ୟ । ତାହା ନୋହିଥିଲେ ବର୍ଣ୍ଣସ, ଗୋଲ୍‌ଡ୍‌ସ୍ମିଥ୍, ସ୍କଟ୍, ଓ୍ୱାର୍ଡ୍‌ସ୍‌ଓ୍ୱାର୍ଥ ଇତ୍ୟାଦି କବିମାନେ ଯେଉଁମାନେକି ପ୍ରାକୃତିକ ରଚନା ଭଙ୍ଗି (Natural style)ରେ କବିତା ଲେଖିଯାଇଛନ୍ତି ସେମାନଙ୍କ ଆଶା କେଉଁଠାରେ ? ସରଳ ରଚନାର ଆଦର ନ ଥିଲେ ସମିତିର ସଭ୍ୟମାନେ ସେକ୍ସପିୟର, ମିଲ୍ଟନ ପଢ଼ି ମୋ ରଚନାର ପ୍ରଶଂସା କରନ୍ତେ ନାହିଁ ।

କଥା ପ୍ରସଙ୍ଗରେ ଅନେକ ଦୂର ଆସିଗଲି । କହୁଥିଲି ଏକ ଶ୍ରେଣୀର ଲୋକ ସାଧୁ ସଂସ୍କୃତ ଭାଷାରେ ରଚନାର ପକ୍ଷପାତୀ । ଦ୍ୱିତୀୟ

Digitized by srujanika@gmail.com

ଶ୍ରେଣୀର ଲୋକେ ଲେଖନ୍ତି, ତାହାହେଲେ ମାତୃଭାଷାର ପ୍ରାଚୁର୍ଯ୍ୟ ଏବଂ ସ୍ୱାଭାବିକତା ନଷ୍ଟ ହେବ ଏବଂ ତାହା ଦିନକୁ ଦିନ ପ୍ରଚଳିତ ଭାଷାଠାରୁ ଦୂରରୁ ଦୂରତର ହୋଇ ଶେଷରେ ଓଡ଼ିଆ ବିଭକ୍ତିବିଶିଷ୍ଟ ସଂସ୍କୃତ ଭାଷାରେ ପରିଣତ ହେବ । ଏପରି ହେଲେ କବିତାରେ ମୋହ (Pathos) ରକ୍ଷା କରିବା ସୁକଠିନ ହେବ । ଏପରି ଭାଷାରେ ପଦ୍ୟରଚକ ଇଂରେଜ କବି ଜନ୍‌ସନ୍‌ଙ୍କ ଦଶା ପ୍ରାପ୍ତ ହେବେ ।

ମୋର ମନେ ଅଛି ଥରେ କଟକ କଲେଜର ପ୍ରିନ୍‌ସିପାଲ କହୁଥିଲେ, "ଯେବେ ଇଂରେଜୀ ଭାଷାର ଅଧିକାର ଜାଣିବାର ଇଚ୍ଛା ଅଛି, ତେବେ ବାଇବେଲ ଏବଂ ସେକ୍‌ସ୍‌ପିୟର ପଢ଼ । ବିଖ୍ୟାତ ଓଡ଼ିଆ ଲେଖକ "ଧୂର୍ଜ୍ଜଟି" ଦିନେ ମତେ କହିଲେ ଯେବେ ଓଡ଼ିଆ ଭାଷା ଶିଖିବାକୁ ଇଚ୍ଛା କର ତେବେ ଜଗନ୍ନାଥ ଦାସଙ୍କର "ଭାଗବତ" ଏବଂ ଉପେନ୍ଦ୍ର ଭଞ୍ଜଙ୍କ "ଲାବଣ୍ୟବତୀ" ପାଠ କର । କଥା ଅଛି "ବଡ଼ ସିହାନ୍ତା ଏକ ବୋଲି" । ଧୂର୍ଜ୍ଜଟି ଏବଂ ପ୍ରିନ୍‌ସିପାଲ ସାହେବ ଦୁହିଁଙ୍କ କଥା ମିଳିଗଲା । "ଭାଗବତ" ଓଡ଼ିଆଙ୍କ "ବାଇବେଲ୍" । ଉପେନ୍ଦ୍ର ଭଞ୍ଜ ତ ଓଡ଼ିଶାର ସେକ୍‌ସ୍‌ପିୟର । ଉଭୟ ଗ୍ରନ୍ଥ ଖୋଲି ଦେଖିଲି ସଂସ୍କୃତ ଓ ଦେଶୀୟ ଶବ୍ଦର ବିଶେଷ ଖେଚୁଡ଼ି । "ମହାଜନୋ ଯେନ ଗତଃ ସ ପନ୍ଥା" ।

ଏ ବିଷୟରେ ଜଣେ ପ୍ରବୀଣ ବଙ୍ଗୀୟ ସମାଲୋଚକଙ୍କର ସମାଲୋଚନାରୁ କେତେକ ପଙ୍‌କ୍ତି ଉଦ୍ଧାର କଲି :—

ଶବ୍ଦ ନିର୍ବାଚନ ସମ୍ବନ୍ଧରେ ଆମ୍ଭମାନଙ୍କ ଭାଷାପରି ଇଂରାଜୀରେ ମଧ୍ୟ ବୋଧହୁଏ ପ୍ରାଚୀନ ତର୍କ ଏବଂ ମତ ବୈଚିତ୍ର୍ୟ ଅଛି । ଆମ୍ଭମାନଙ୍କ ଭାଷାରେ ଯେପରି କେହି ଦେଶୀୟ ପ୍ରଚଳିତ ଶବ୍ଦ ଏବଂ କେହି ବା ସଂସ୍କୃତ ଶବ୍ଦ ବ୍ୟବହାରର ପକ୍ଷପାତୀ, ଇଂରେଜୀ ଭାଷାରେ ମଧ୍ୟ ତାହାର ଅନୁରୂପ ଲାଟିନ ଏବଂ ଗ୍ରୀକ୍ ଧାତୁମୂଳକ ଶବ୍ଦ ଅଡ଼କୁ ଏବଂ ତାହାରଦା ସାକ୍ସନ ଶବ୍ଦ ଅଡ଼କୁ । ଏ ବିଷୟରେ ଅନ୍ୟ ସକଳ ବିଷୟପରି ଯେ ଏକଦେଶଦର୍ଶିତା, ସେହି ଭ୍ରାନ୍ତ । ଆମ୍ଭମାନଙ୍କ ଭାଷାରେ ଯେପରି ସଂସ୍କୃତ ଏବଂ ଦେଶଜ ଉଭୟ ଶ୍ରେଣୀ ଶବ୍ଦ ତୁଲ୍ୟ, ପ୍ରୟୋଜନ ଏବଂ ଏକମୂଲ୍ୟ, ଇଂରେଜୀ ଭାଷାରେ ମଧ୍ୟ ସେହିପରି । ଏକଅଡ଼େ ଗ୍ରୀକ୍ ଏବଂ ଲାଟିନ୍ ଶବ୍ଦ ଏବଂ ଅନ୍ୟ ଅଡ଼େ ଖାଣ୍ଟି

Digitized by srujanika@gmail.com

ଇଂରେଜୀ ଶବ୍ଦର ଭୂମ୍ନା, ପ୍ରୟୋଜନ ଓ ଏକ ମୂଲ୍ୟ । ତାହାହେଲେ ମଧ୍ୟ ଇଂରେଜୀରେ ଓ ଅମ୍ଭମାନଙ୍କ ଭାଷାରେ ଏପରି ମଧ୍ୟ ଖିଅଲି ଲେଖକ ଅଛନ୍ତି ଯାହାଙ୍କର ଅନୁରାଗ କେବଳ ଏକଶ୍ରେଣୀର ଶବ୍ଦପ୍ରତି । ଅମ୍ଭମାନଙ୍କ ଜାତୀୟ ସାହିତ୍ୟରେ ଏପରି ଲେଖକ ଦେଖିଅଛୁ ଯେଉଁ କେବଳ ଅସଂଯୁକ୍ତ ବର୍ଣ୍ଣରେ ଗ୍ରନ୍ଥ ପ୍ରଣୟନ କରି ସାହିତ୍ୟ ଦରବାରରେ ତାହା ଜାହିର କରିବାକୁ ଉତ୍ସୁକ । ସାହିତ୍ୟରେ କିନ୍ତୁ ଏପରି ପହଲବାନୀ, କସରତ୍ ବା କୁସ୍ତିଗିରିର ସ୍ଥାନ ନାହିଁ । ଭାବ ପ୍ରକାଶରେ ସର୍ବାଙ୍ଗୀନ ପଟୁତା ହିଁ ପରିଣତ ଭାଷାର ଲକ୍ଷଣ । ଯେଉଁ ଶ୍ରେଣୀର ଶବ୍ଦ ଯେଉଁ ଭାବ ପ୍ରକାଶ ପକ୍ଷରେ ବିଶେଷ ଉପଯୋଗୀ, ସେହି ଭାବ ପ୍ରକାଶ ନିମନ୍ତେ ସେହି ଶ୍ରେଣୀର ଶବ୍ଦ ହିଁ ଅବଲମ୍ବନୀୟ—ସର୍ବଥା ଅବଲମ୍ବନୀୟ ଏବଂ ନିଃସଙ୍କୋଚରେ ଅବଲମ୍ବନୀୟ । ତାହା ନ କରି ଲେଖକ ଯେବେ ତାଙ୍କର ଝୁଙ୍କି ବା ଖିଅଲର ଅନୁଗାମୀ ହୁଅନ୍ତି, ତାହାହେଲେ ରଚନାର ବୈଚିତ୍ର୍ୟ ଏବଂ ସର୍ବାଙ୍ଗୀନ ଉତ୍କର୍ଷ ଅସମ୍ଭବ । ଭାବର ସ୍ୱରଗ୍ରାମ ସହିତ ଭାଷାର ସ୍ୱରଗ୍ରାମର ମିଳନ ବାଞ୍ଛନୀୟ ।"

ଉତ୍କଳୀୟ ଅଧୁନିକ କବିମାନଙ୍କ ମଧ୍ୟରେ ରାଧାନାଥ ବାବୁଙ୍କ ରଚନା ଭଙ୍ଗୀ (Style) ସୁନ୍ଦର, ମଧୁର, ସମଗ୍ର ଉତ୍କଳ ମଧ୍ୟରେ ସର୍ବଜନୀନ ଏବଂ ସର୍ବତ୍ର ଆଦୃତ । ଅଥଚ ନିମ୍ନୋଦ୍ଧୃତ ଉଦାହରଣ-ମାନଙ୍କରୁ ଏହା ସ୍ପଷ୍ଟ ଯେ, ତାଙ୍କର ପରିପକ୍ୱ ରଚନାରେ ଏବଂ ଶ୍ରେଷ୍ଠ ଗ୍ରନ୍ଥମାନଙ୍କର ସଂସ୍କୃତ ଓ ଦେଶୀୟ ଶବ୍ଦମାନଙ୍କର ସମାବେଶ ବହୁଳ ଲକ୍ଷିତ ହୁଏ ।

ପୁରାତନ ଓଡ଼ିଆ କବିମାନଙ୍କ ଗ୍ରନ୍ଥରୁ ଉଦ୍ଧାର କରିବା ବୃଥା । ତାହା ଅଦ୍ୟୋପାନ୍ତ ସାଧୁ ଓ ପ୍ରଚଳିତ ଶବ୍ଦକଳାପର ବିଚିତ୍ର ସମାବେଶ ମାତ୍ର । ମୋର ସ୍ୱଗ୍ରାମର ନିକଟବର୍ତ୍ତୀ ବାଲିଅର ବଣ୍ୟାଡ଼ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚିତ "ବିଦଗ୍ଧଚିନ୍ତାମଣି"ରେ ଏପରି ରୀତି ସୁସ୍ପଷ୍ଟ ।

ଓଡ଼ିଆ ଭାଷା ସଂସ୍କୃତର ପୌତ୍ରୀ ହେଲେହେଁ ତାହା ଠିକ୍ ସଂସ୍କୃତ ନୁହେଁ । କୌଣସି ଜାତୀୟ ସାହିତ୍ୟର ପ୍ରଥମାବସ୍ଥାରେ ଅନ୍ୟ ଭାଷାରୁ ଶବ୍ଦ ଉଧାର ଆଣିବା ରୀତି ଅନିବାର୍ଯ୍ୟ । କିନ୍ତୁ ପୁରାତନ ପରିଣତ ଜାତିର ସାହିତ୍ୟରେ, ସ୍ୱଦେଶୀୟ ସରଞ୍ଜାମ ବ୍ୟବହାର କରିବା ନିହାର କଥା

Digitized by srujanika@gmail.com

ନୁହେଁ, ଗୌରବର କଥା । ଅମ୍ଭେମାନେ ବାକ୍ଯତ ଭାବରେ ସଭ୍ୟ । କେହି ସଂସ୍କୃତ ପଢ଼ି କେହି ବା ଇଂରେଜୀ ପଢ଼ି ମାତୃଭାଷାକୁ ଘୃଣା କରିବାକୁ ଶିଖିଅଛୁଁ । ଜଣେ ପଣ୍ଡିତ ମତ ଦେଉଥିଲେ, "କୁମାରସମ୍ଭବ ଓଡ଼ିଆରେ ପାଠ କଲେ ମତେ ଲଜ୍ଜା ବୋଧହୁଏ ।" ଅମ୍ଭମାନଙ୍କ ମୌଳିକ ଚିନ୍ତା ଅଧୌ ନାହିଁ, ସୁତରାଂ ସରଳ ସହଜ ମାତୃଭାଷାର ଆଦର ଏବଂ ବ୍ୟବହାର ନାହିଁ । ସ୍ୱର୍ଗତ କବି ବର୍ଣ୍ଣସ୍ ତାହାଙ୍କ ଇଂରେଜୀରେ କବିତା ନ ଲେଖି ସ୍ୱୀୟ ପ୍ରାଦେଶିକ ଭାଷାରେ ଲେଖିଲେ । କଥା (ଏବଂ ଲେଖା) ମଣିଷ ଚିନ୍ତା (thinking loud) ଛଡ଼ା ଆଉ କିଛି ନୁହେଁ ଏବଂ ଲେଖା କାଗଜ ସାହାଯ୍ୟରେ କଥା ମାତ୍ର । ଯେଉଁ ଜାତିର ମୌଳିକ ଚିନ୍ତା ଏବଂ ଜ୍ଞାନ ଅଛି ସେହି ଜାତିର ମାତୃଭାଷା ଜାତୀୟ ସାହିତ୍ୟରେ ସ୍ଥାନ ପାଏ—ଏମନ୍ତ କି କେତେ ଜ୍ଞାନପିପାସୁ ବୈଦେଶିକମାନେ ମଧ୍ୟ ସେ ଭାଷାର ଚର୍ଚ୍ଚା କରନ୍ତି । ଗଣିତ ଓ ଦର୍ଶନ ପାଠ କରନ୍ତି କେତେ ବିଷୟକ ଜ୍ଞାନପିପାସୁ ବ୍ୟକ୍ତିମାନେ ଜର୍ମାନ ଭାଷା ପଢ଼ନ୍ତି । ଖ୍ରୀଷ୍ଟ ଧର୍ମତତ୍ତ୍ୱଜିଜ୍ଞାସୁମାନେ ହେବ୍ରୁ ପଢ଼ନ୍ତି । କହିବାର କିଛି ହେବ ନାହିଁ । ବଙ୍ଗଳା ଭାଷା ଆଧୁନିକ କତିପୟ ବ୍ୟକ୍ତିମାନଙ୍କ ଉପାସନାର ଧନ ହୋଇପଡ଼ିଅଛି ।

ଆଧୁନିକ ଇଂଲଣ୍ଡୀୟ କବି ଓ ଲେଖକମାନେ ଲାଟିନ୍ ଓ ଗ୍ରୀକ୍ ଶବ୍ଦ ସହିତ ପୁରାତନ ସାକ୍ସନ୍ (Saxon) ଶବ୍ଦର ଏକତ୍ର ବିନ୍ୟାସ କରିବାକୁ ଯଥାସାଧ୍ୟ ଚେଷ୍ଟା କରୁଅଛନ୍ତି । କବି ଟେନିସନ୍ ଏଥିପାଇଁ ମାତୃଭୂମିର ପ୍ରିୟ ହୋଇଥିଲେ ।

ବିଷୟଟି ଗୁରୁତର । ପ୍ରବନ୍ଧ ବଢ଼ି ଯିବା ଭୟରେ ଏହିଠାରେ ଇତି କଲି । ଯେବେ ସମିତିର କୌଣସି ସଭ୍ୟ କୌଣସି ସାଧାରଣ ପତ୍ରିକାରେ ଏ ବିଷୟ ଆଲୋଚନା କରିଥାନ୍ତେ ତେବେ ଉପକାରର ସମ୍ଭାବନା ଥିଲା । କାରଣ ଏପରି ମତ ବ୍ୟକ୍ତିଗତ ନୁହେଁ ଦଳଗତ ।

ନିମ୍ନରେ ରାଧାନାଥ ବାବୁଙ୍କର ରଚନାରୁ କେତେକ ଉଦାହରଣ ଉଦ୍ଧାର କଲି ।

ସେ ନଗରେ, ଗୁଲ୍ଫେଁ ଗୁଲ୍ଫେଁ ଅତି ସାବଧାନେ
ଖାଦ ତା ଗୋଡ଼, ଦୁଷ୍ଟ ପଦ୍ମଙ୍କ କରୁଣ
ଉଠାନେ, ବାହୁଡ଼ ତେଣୁ ଗଳ୍ପ ଅପମାନେ ।

Digitized by srujanika@gmail.com

ଦେଖ ଏବେ ଅସିଲଣି ଧ୍ୱଜ ମେରୁ ବୁଲି ·
ମେରୁ ନଭେ ସପ୍ତର୍ଷିର ସୁବର୍ଣ୍ଣ ଦେଙ୍ଗଳା ।
ଲଙ୍ଗୁଳ ସଙ୍କୋଚ ଶ୍ୱାନ ପଳାଏ ନେମପନେ
ଅଇଁଠା ଗୋଇଠାଚୋରୀ ସେଥୁ ଶ୍ୱାନ ପର
ପ୍ରସାଦାର୍ଥ ହୁଅ ଯାଇଁ ପବନ ଦୁଆରେ ।

—"ମହାଯାତ୍ରା"

ରଥାଗ୍ରି ସେ ସଜ ସରୋଜ-ନନ୍ଦନ
ଶୋକେ ନୋଇଅଛି ଚିତା ।
ରଚ୍ଛନ୍ତି ଦାର୍ମିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ-ଡୋର ।
ଯରେ ନବପଞ୍ଚ ପରବାସ୍ତୁ ଏବେ
ବାହୁଡ଼ିବେ ନିଜାଳୟ ।
ଝିପାଢାଠି ପୃଷ୍ଠେ ଭରଙ୍ଗ ନୋଲଅ!
ଗାଏ, "ଜୟ ଗଙ୍ଗେଶ୍ୱର" ।
ତାଂରଣୀ ପ୍ରାନ୍ତେ ରବ ରଣ୍ଟିକଣୀ
ଅସୁଥିଲା ଛିଦ୍ରପଥେ ।
ଘୂର୍ଣ୍ଣିର ଚଞ୍ଚଳ ହୁଟିଛ ଅଳଗା
ହୋଇଗଲେ ଯଥା ଦଣେ ।

—"ପାଙ୍ଗଣି"

କୁଟକେ ଉପାଡ଼ନ୍ତି ବାଳୁଙ୍ଗା ଟେଷରୁଁ
ସାଧୁ ଯେସନେ ଅସ୍ଥଚରମା ଟେରୁଁ ।
ଦାଟୋଇ ଠାବେ ଠାନେ ଅଟକା ବନେ
ଇନ୍ଦ୍ରସୁ ଯଥା ଦବ୍ୟ ଜ୍ଞାନ ଉଦୟେ ।
ଷଠଣି ନିବାଡ଼ ତମ ଗ୍ରାସର ଧସ
କ୍ଷଣେ ଉପୁଜେ ପୁଣି ପ୍ରଚଣ୍ଡ ଖର ।
ବାଜଲେ ସବୁଁ ସବୁଁ ଊର୍ଦ୍ଧ୍ୱେ ଉଡ଼୍‌ଡୀନ
ଉତ୍ସଙ୍କ ଶିଶୁଙ୍କି ଦେଇ ଗଲାଣି ।

Digitized by srujanika@gmail.com

ସନ୍ତୋଷ ଭକ୍ତେ ଯଥା ଲୋଭକୁ ତେଜଲେ ।
ଧରମ ଦାଣ୍ଡିକ ସେ ପାପ କର୍ମରେ ।

—"ତୁଳସୀ ସ୍ତବକ"

ଏବେ ଯା ନଗରୀ ଥିଲା ଅଗେ ତାହା
ମହା କାନ୍ତାରିକ ସ୍ଥଳ,
ଶ୍ୱଦଙ୍କ ସଙ୍ଗରେ ପୂର୍ଣ୍ଣ ନାନା ଜାତ
ତରୁ ଲତାରେ ଗହଳ ।
କଣ୍ଟଫେଡ଼-କଣ୍ଟ- ଲାନପୁର ଉର୍ଦ୍ଧି
ବାଜୁଥାଇ ପନଯାଙ୍କ ।
ସାଗ୍ୱ, ଶୁଆ, ଶ୍ୟାମା ତୁଣ୍ଡ, ଚଷା ଘୁଅ,
ଦପ୍ତାତ୍ତୁ ପୁଣି ମୁନିଆ,
ନେନୋହୁବ କର୍ଣ୍ଣେ— ସ୍ତବ ବଦୁଥିଲେ
ସେ ବଣେ ହୋଇ କୁଣିଅ ।
ନଦୀକଳ ବନ୍ଧୁ ସୁଖେ ବସା ଦାଣ୍ଡି
ନଦୀ-କୂଳ-ତରୁ-ଡାଳେ
ସରକା ଦେବୀଙ୍କ ବୈତାଳିକ ରୂପେ
ଗାଉଥାଇ ଯଥାକାଳେ ।
ଝିଙ୍କାରିଅ ଯୁସ୍ତା ତରୁ ମଞ୍ଜୁ କୁଞ୍ଜେ
ଝୁଙ୍କୁଥାଇ ଅନୁକ୍ଷଣ
ବନଦେବୀଙ୍କର ଝୁଣ୍ଟିଆ ପରାଏ
ଝିଙ୍କାରି ଝଙ୍କାର ସ୍ୱନ ।
କି ଅତା ମନ୍ଦିରୁ ଅସିନ୍ତୁ ଓଙ୍କାର
ଅଲକାପୁରୁ ବୈଭବ ?
ଅବା ଗନ୍ଧାଗର ଗୃହପତେ ରଖିଛୁ
ପୁଷ୍ପାକର ଉତ୍ସବକ ?
ମାତ୍ର ଏ ତୁଳନା ଅଶୋଭନ ସିନା
ଯେସନ ଶ୍ରୀଫଳେ ରଣା ।

Digitized by srujanika@gmail.com

ଅଶ୍ରୋତ ଅପୂର୍ବ   ଥୋଇ ଅଚନାରେ
ଓଳଗି ହେଲେ ଅବଳା ।
କ୍ଷୁଭେର ଘଟେ ସେ   ଗଢନ ଝରାଲେ
ବୈଦୂର୍ଯ୍ୟଛଟା ଯଥା ସଘନେ ।
କନ୍ଦ୍ର ଶନାଗିତ   ପଦ୍ମେ ଉଜ୍ଜ୍ୱଳ—
ଧରଣୀ-ରମା-ରଞ୍ଜନ୍ତ ।
ଏକାଠି ଦେଖିବାକୁ   ଗୁରୁ ନେତ୍ର କେମା
ଦୟାରେ ପୋଛିଲା ମଥା
ଲୌହଭାର ଖଣ୍ଡ —   ଅସି ପ୍ରାପ୍ୟେ ସ୍ୱପ୍ନ
କ୍ଷଣେ ସୁଖମଧୁ ଜଳେ ।
ମାଧ୍ୱୀକାନ୍ତ ଚୁମ୍ବ   ଯୋଗୁଁ ତା କପୋଳ
କଲ୍ମଷ ଉଠିଲା କ୍ଷଣେ
ପ୍ରେମା ହେଉଥିଲା   ତାହା ଅହା ସେହୁ
ବିଷାଦର ଜାଗରଣେ ।
ଜାଗି ଦେଖୁଥିଲା   ଶୂନ୍ୟରୁ ଅକଟେ
ଉଦ୍ଦଣ୍ଡ ସିନା ବସ୍କା ।
ଜାଗି ଦେଖୁଥିଲା   କରମାଣ୍ଡେ ମାନ
କୁଣ୍ଡାଇଛନ୍ତି ଭ୍ରାନ୍ତ ମୁଖେ ।
ଏ ଲ୍ଲ ପଟପଟା   ଉଂଘଇଲା ଅହା
କଟିଥ କେଳଡପଞ୍ଚ ।
ନୈରାଶ୍ୟ ତରଙ୍ଗରେ   ଲଷେ ବହୁଲା ସେ,
ବାଲୁପାତଟିଣୀ   ତଣ୍ଡ୍ରେ ପଠାଗୁର
ରଥାଙ୍ଗ ବଧୂ ବିଳାପେ ।
ବାହୁନି ବାହୁନି   ଡାହିଲା ଏରୂପେ
ନାରାୟଣଙ୍କେ ଚନ୍ଦ୍ରାନନା,
ନ ଶୁଭିବା ଯାଏ   ବିଲ୍ ବଂଶରିଥ
ଭବରଥ ବଂଶୀ ଧ୍ୱନି ।
ଜଯମ ଅପଟେ   ଏହିରୂପେ ରହି
ନିପଟରଙ୍କ ସମ୍ବେ

Digitized by srujanika@gmail.com

ଅନଳ-ଲିପ୍ସାରୁ ତୁଳା ବାହାରଇ
ଜଗତ୍ପ୍ରମେଦନୀ ଅଙ୍ଗେ
ଲଣ୍ଡା ଉନ୍ମୁ ସନ୍ଧି ବର୍ଷରେ ଧରେଇ
ହେଜଣ ଥାନ୍ତି ଝଡ଼ଙ୍ଗେ ।
—"ସସାଉ କେଶରୀ" ।

ପ୍ରାପ୍ତିସ୍ୱୀକାର ପତ୍ର

ପ୍ରିୟ ନନ୍ଦକିଶୋର ବାବୁ,

ଆପଣଙ୍କ ପ୍ରଣୀତ "ପଲ୍ଲୀଚିତ୍ର" ଓ "ନଇଁବଣୀ" ନାମକ କବିତା-ପୁସ୍ତକଦ୍ୱୟ ଉପହାର ପ୍ରାପ୍ତ ହୋଇ ସମିତି ଅତ୍ୟନ୍ତ ଅପ୍ୟାୟିତ ହୋଇଅଛନ୍ତି ଏବଂ ସେଥିପାଇଁ ଆପଣଙ୍କୁ ଆନ୍ତରିକ କୃତଜ୍ଞତା ଅର୍ପଣ କରୁଅଛନ୍ତି । ସଭ୍ୟଗଣ ପୁସ୍ତକଦ୍ୱୟ ପାଠରେ ବିଶେଷ ଆଦର ପ୍ରକାଶ କରିଅଛନ୍ତି ଓ ଭୂମିକାରେ ଉତ୍କଳର ଆଧୁନିକ କବିକୁଳ-ନାୟକ ଶ୍ରୀଯୁକ୍ତ 'ରମ୍ଭ' ଓ 'ମାଡ' ମହୋଦୟଙ୍କ ମନ୍ତବ୍ୟ ଓ ଉତ୍ସାହବାଣୀ ପାଠ କରି ସଭ୍ୟମାନଙ୍କର ଆଶା, ଉତ୍ସାହ ଓ ସହାନୁଭୂତି ବର୍ଦ୍ଧିତ ହୋଇଅଛି ।

ଏହି ପ୍ରାପ୍ତିସ୍ୱୀକାର ପତ୍ରରେ ସୂକ୍ଷ୍ମ ସମାଲୋଚନାର ଅସମ୍ଭବ । ତେବେ ସ୍ଥୁଳରେ ଏତିକି ମାତ୍ର କୁହାଯାଇପାରେ ଯେ ଆପଣ ପ୍ରଥମ ଉଦ୍ୟମରେ ଆଶାତୀତ କୃତିତ୍ୱ ଲାଭ କରିଅଛନ୍ତି । କବିତାଗୁଡ଼ିକ ଅତୀବ ସ୍ୱାଭାବିକ ସୁନ୍ଦର, ଚିନ୍ତାପୂର୍ଣ୍ଣ । ଅତଏବ ହୃଦୟସ୍ପର୍ଶୀ ଓ ପବିତ୍ର ଭାବୋଦ୍ଦୀପକ ହୋଇଅଛି ଏବଂ ପ୍ରକୃତିଦର୍ଶନ (Observation of nature)ରେ ଆପଣଙ୍କର ଦାର୍ଯ୍ୟଦୃଷ୍ଟି ଥିବାର ପରିଚୟ ଦେଉଅଛି । ଭାବ ଓ ଭାଷାର ସ୍ୱାଭାବିକତା ହେତୁ ପୁସ୍ତକଦ୍ୱୟ ଆବାଳବୃଦ୍ଧ ସମସ୍ତଙ୍କର ସୁଖପାଠ୍ୟ ଓ ସୁଖବୋଧ୍ୟ ହେବାପରି ବୋଧ ହେଉଅଛି । ଭାବଗତ ଦୋଷ ଯାହାକି ଥାଇ ଭଳି ଅଛି—ଏମନ୍ତରେ କିଛି କହିବାକୁ ବର୍ତ୍ତମାନ କେହି ପ୍ରସ୍ତୁତ ନାହାନ୍ତି । କିନ୍ତୁ ଭାଷାର ଗୋଟିଏ ପ୍ରଧାନ ଦୋଷ ଅନେକେ ଅନୁଭବ କରିଅଛନ୍ତି, ତାହା ସଂସ୍କୃତ ଓ ଗ୍ରାମ୍ୟ ଶବ୍ଦମାନଙ୍କର ଏକତ୍ର ସମାବେଶ ଓ ଏକତ୍ର ବ୍ୟବହାର । ଏଥିପ୍ରତି ଆପଣ ଭବିଷ୍ୟତରେ ସତର୍କ ହେବାପାଇଁ ପ୍ରତ୍ୟେକ ସଭ୍ୟଙ୍କର ବିନୀତ ଅନୁରୋଧ । ଅବଶ୍ୟ, ପ୍ରଥମ ଚେଷ୍ଟାରେ

Digitized by srujanika@gmail.com

ଦୋଷ ଅଭଣ୍ୟଥା, କିନ୍ତୁ ଗୁଣମାନଙ୍କ ନୂତନ ଦୋଷଗୁଡ଼ିକ ସାମାନ୍ୟ ଓ ଅଧିକନ୍ୟ ଏବଂ ଏହା ନିଃସନ୍ଦେହ ଯେ ଆପଣଙ୍କର ଏହି ଗ୍ରନ୍ଥ-ଦ୍ୱୟ ଉତ୍କଳ-ସାହିତ୍ୟ-ଭଣ୍ଡାରରେ ଉଜ୍ଜ୍ୱଳ ରତ୍ନରାଜି ରୂପେ ଶୋଭାପାଇବ ।

ଆପଣଙ୍କର ନବ ଲେଖନୀପ୍ରସୂତ ଉକ୍ତ ରଚନାଦ୍ୱୟ ପୁସ୍ତକଦ୍ୱୟ ଦର୍ଶନ କରି ଏବଂ "ନର୍ତ୍ତକୀ" ପଣ୍ଡିତଙ୍କଠାରୁ "ଗୃହଦାହ" ଓ "ବସନ୍ତ-କୋକିଳ" ନାମକ ଅନ୍ୟ ଦୁଇଖଣ୍ଡି ପୁସ୍ତକ ଯନ୍ତ୍ରସ୍ଥ ଥିବାର ଅବଗତ ହୋଇ ସମିତିର ସଭ୍ୟମାନଙ୍କ ମନରେ ଉତ୍କଳସାହିତ୍ୟର ଭବିଷ୍ୟତ୍ ସମ୍ବନ୍ଧରେ ଉଜ୍ଜ୍ୱଳ ଆଶାର ସଞ୍ଚାର ହୋଇଅଛି ଏବଂ ଏହା ସେମାନଙ୍କର ଦୃଢ଼ ବିଶ୍ୱାସ ଯେ ଉକ୍ତ ଆଶା କଦାପି ଅପୂର୍ଣ୍ଣ ରହିବ ନାହିଁ ।

ଅବଶ୍ୟ ବର୍ତ୍ତମାନ ସମୟରେ ଉତ୍କଳ ତୁଲ୍ୟ ସ୍ଥାନରେ ସାହିତ୍ୟସେବା ମାର୍ଗ ଅତୀବ ବିଘ୍ନସଙ୍କୁଳ ଓ ବିଶେଷ ସ୍ୱାର୍ଥତ୍ୟାଗସାପେକ୍ଷ, କିନ୍ତୁ ଏହି ବିଘ୍ନରାଶି ପଦତଳରେ ପଦାଘାତ କରି ସ୍ୱୀୟ କର୍ତ୍ତବ୍ୟ ମାର୍ଗରେ ଅଗ୍ରସର ହେବା ହିଁ ବୀରତ୍ୱର ଲକ୍ଷଣ ଏବଂ ଆପଣ ଏହି ବୀରତ୍ୱ ମନରେ ପୋଷିତ ହୋଇଅଛନ୍ତି । ଏହାର ପ୍ରମାଣ ଆପଣ ନିଜେ 'ନର୍ତ୍ତକୀ'ର ଉପରକ୍ତ ପଙ୍କ୍ତି ଚତୁଷ୍ଟୟରେ ପ୍ରଦାନ କରିଅଛନ୍ତି ।

"ଯଥାକୁ ଲକ୍ଷ୍ମୀବିଳାସ ବାବେଷ କଲ୍ପଗଣ" ଇତ୍ୟାଦି ମାତାଙ୍କର ମୂର୍ଚ୍ଛନା, କୌଣସି ପ୍ରକାରେ ବିଘ୍ନ ବିପଦର ଭୀଷଣ ଅଶ୍ରୁମାନ ଷତ କରିପାରିବ ନାହିଁ । ଆପଣଙ୍କର ଏହି ଦୃଢ଼ ସଙ୍କଳ୍ପ ଓ ଅଦମ୍ୟ ଉତ୍ସାହ ଦିନକୁ ଦିନ ବର୍ଦ୍ଧିତ ହେଉ, ସର୍ବଦା ବାଗ୍‌ଦେବୀଙ୍କ ଚରଣସେବାରେ ଅନୁରକ୍ତ ଥାଇ ଉତ୍ତରୋତ୍ତର ଉତ୍ତମ ଉତ୍ତମ ଗ୍ରନ୍ଥରାଜି ପ୍ରଣୟନଦ୍ୱାରା ମାତୃଭାଷା ଓ ମାତୃଭୂମିର ଗୌରବ ସମ୍ବର୍ଦ୍ଧନରେ ବ୍ରତୀ ହେଉନ୍ତୁ ଏବଂ କ୍ରମଶଃ ଯଶ-କଣ୍ଠହାରଧାରଣପୂର୍ବକ ଉତ୍କଳୀୟ ଶାଶ୍ୱତ କବିବୃନ୍ଦ ମଧ୍ୟରେ ଉଚ୍ଚାସନ ଅଧିକାର କରି ସ୍ୱଦେଶର ସନାତନ ପ୍ରୀତିଭାଜନ ହେଉନ୍ତୁ, ଏହାହିଁ ସମିତିର ବିଭୁପାଦପଦ୍ମରେ ଆନ୍ତରିକ ପ୍ରାର୍ଥନା ।

ଭବଦୀୟ

ଶ୍ରୀ ଆନନ୍ଦ ଚନ୍ଦ୍ର ଘୋଷ

ସମ୍ପାଦକ, କର୍ତ୍ତବ୍ୟବୋଧିନୀ ସମିତି

Digitized by srujanika@gmail.com

ମହାରାଜ ଚନ୍ଦ୍ରଗୁପ୍ତ

ଅନନ୍ତ ଘଟନା ପରମ୍ପରାନୁକ୍ରମରେ ଯେଉଁ ବିହାର ସଙ୍ଗରେ ଭାରତବର୍ଷର ଭାଗ୍ୟ ସଂହତି ହେବାକୁ ବସିଲା, ପ୍ରାଚୀନ କାଳରେ ତାହାର ନାମ ମଗଧ ଥିଲା। ପାଟଳୀପୁତ୍ର ମଗଧ ରାଜ୍ୟର ରାଜଧାନୀ ଥିଲା । ପ୍ରାୟ ୨୨୦୦ ବର୍ଷ ପୂର୍ବେ ନନ୍ଦବଂଶୀୟ ମହାପଦ୍ମନନ୍ଦ ମଗଧ ପ୍ରଦେଶର ଉଦ୍ଧାମାନ୍ତନ ନରପତି ଥିଲେ । ତଦୀୟ ଦୁର୍ଗରେ ଚନ୍ଦ୍ରଗୁପ୍ତ ନାମକ ତାଙ୍କର ଜନୈକ ସ୍ୱଦର କ୍ଷତ୍ରିୟ ଯୁବକ ଥିଲେ । ଚନ୍ଦ୍ରଗୁପ୍ତଙ୍କ ପିତା କ୍ଷତ୍ରିୟ କିନ୍ତୁ ମାତା ମୁରା ନାମ୍ନୀ ଶୂଦ୍ରା ଥିଲେ । କୌଣସି କାରଣରୁ ଏହି ଯୁବକ ମଗଧପତି ମହାପଦ୍ମନନ୍ଦଙ୍କ ବିରାଗଭାଜନ ହେଲେ ଏବଂ ମଗଧ ଦୁର୍ଗରୁ ପଳାୟନ-ପୂର୍ବକ ସ୍ୱଜୀବନ ରକ୍ଷା କରିପାରିଲେ । ତାଙ୍କର ଏହି ନିର୍ବାସନ କାଳ ମଧ୍ୟରେ ଦିଗ୍ବିଜୟୀ ଗ୍ରୀସୀୟ ବୀର ସେକନ୍ଦର ଭାରତ ଆକ୍ରମଣାର୍ଥେ ତକ୍ଷଶିଳାଠାରେ ଶିବିର ସଂସ୍ଥାପନପୂର୍ବକ ଅବସ୍ଥାନ କରୁଥିଲେ । ସାହସୀ ହିନ୍ଦୁ ଯୁବକ ଚନ୍ଦ୍ରଗୁପ୍ତ ମହାବୀର ସେକନ୍ଦରଙ୍କ ସହିତ ସାକ୍ଷାତ୍ କରି ଐଶ୍ୱର୍ଯ୍ୟଶାଳୀ ହୀନବୀର୍ଯ୍ୟ ମଗଧରାଜଙ୍କ ରାଜ୍ୟ ଆକ୍ରମଣର ଓ ନିଜର ସିଂହାସନାରୋହଣର ପ୍ରସ୍ତାବ କଲେ । ମଗଧାକ୍ରମଣ ପ୍ରସ୍ତାବ ଜିଗୀଷୁ ସେକନ୍ଦରଙ୍କ ମନକୁ ଘେନିଲା କିନ୍ତୁ ଉଚ୍ଚାଭିଳାଷୀ ରାଜକୁମାରଙ୍କ ଦୁଃସାହସିକତାରେ ସେ ଅସନ୍ତୁଷ୍ଟ ହେଲେ ଏବଂ ଚନ୍ଦ୍ରଗୁପ୍ତ ଜୀବନରକ୍ଷାର୍ଥେ ତକ୍ଷଶିଳାର ଗ୍ରୀସୀୟ ଶିବିରରୁ ପଳାୟନ କଲେ ।

ସେକନ୍ଦର ସମୃଦ୍ଧିଶାଳୀ ମଗଧରାଜ୍ୟ ଆକ୍ରମଣ କରିବାକୁ ବାସନା କରିଥିଲେ, କିନ୍ତୁ ତାଙ୍କର ସେନା ଅନିଚ୍ଛୁକ ହେବାରୁ ସେ ଅଧିକୃତ ପଞ୍ଜାବ ପ୍ରଦେଶରେ ନିଜର ଶାସନକର୍ତ୍ତାଙ୍କୁ ରଖି ସ୍ୱଦେଶକୁ ବାହୁଡ଼ି ଗଲେ ଏବଂ ଦୁଇ ବର୍ଷ ମଧ୍ୟରେ ତାଙ୍କର ମୃତ୍ୟୁ ହେଲା । ଏଥିଅନ୍ତରରେ ନିର୍ବାସିତ ଚନ୍ଦ୍ରଗୁପ୍ତ ସୀମାନ୍ତବାସୀ ଦୁର୍ଦ୍ଦାନ୍ତ ଜାତୀୟ ଲୋକଙ୍କୁ ନେଇ ଗୋଟିଏ ସେନା ସଂଗଠନ-ପୂର୍ବକ ପଞ୍ଜାବ ପ୍ରଦେଶରୁ ଗ୍ରାମବାସୀମାନଙ୍କୁ ବିତାଡ଼ିତ କରି ତାହା ନିଜେ ଅଧିକାର କଲେ । ତତ୍ପରେ ସେ ମଗଧ ଆକ୍ରମଣପୂର୍ବକ ନନ୍ଦବଂଶୀୟ ଶେଷ ନୃପତିଙ୍କୁ ରାଜ୍ୟଚ୍ୟୁତ କରି କୁଟିଳରାଜନୀତିଜ୍ଞ ଚାଣକ୍ୟ ପଣ୍ଡିତଙ୍କ

'ମୁକୁର' ୧୩୧୯ ସାଲ ୭ମ ଭାଗ—୮ମ ଓ ୯ମ ସଂଖ୍ୟାରୁ ସଂଗୃହୀତ ।

Digitized by srujanika@gmail.com

ସମ୍ଭବତଃ ଖ୍ରୀଷ୍ଟପୂର୍ବ ୩୨୧ ଅବ୍ଦରେ ମଗଧ ରାଜସିଂହାସନରେ ଅଭିଷିକ୍ତ ହେଲେ । ଯେଉଁ ଚାଣକ୍ୟଙ୍କର ମନ୍ତ୍ରଣା ବଳରେ ଚନ୍ଦ୍ରଗୁପ୍ତ ମଗଧ ରାଜସିଂହାସନ ଅଧିରୋହଣ କଲେ ତାଙ୍କ ସମ୍ବନ୍ଧରେ ନାନା ପ୍ରବାଦ ଓ ଗଳ୍ପ ପ୍ରଚଳିତ ଅଛି । ତନ୍ମଧ୍ୟରୁ ଗୋଟିଏ ଏଠାରେ ବର୍ଣ୍ଣିତ ହେଉଛି । ଏକଦା ଚାଣକ୍ୟ ନବୀନ କୁଶାଙ୍କୁର ମୂଳରେ କିଞ୍ଚିତ୍ ଦଧି ସଂଯୋଗ କରୁଥିବାର ଦେଖାଗଲା । କାରଣ ପଚାରିବାରୁ ଜଣାଗଲା ଯେ, କୁଶାଙ୍କୁରଦ୍ୱାରା ଚାଣକ୍ୟଙ୍କର ପଦକ୍ଷତ ହୋଇଥିଲା । ତେଣୁ ସେ ଦଧି ସଂଯୋଗ କରୁଥିଲେ । କାରଣ ଦଧି ସୁବାସଦ୍ୱାରା ଆକୃଷ୍ଟ ହୋଇ ପିପୀଲିକାମାନେ ଆସି କୁଶାଙ୍କୁର ବିନଷ୍ଟ କରିବେ । ଏତାଦୃଶ ଅଧ୍ୟବସାୟୀ କର୍ମବୀର ରାଜନୀତିଜ୍ଞ ମନ୍ତ୍ରୀଙ୍କ ସାହାଯ୍ୟରେ ଯେ ଚନ୍ଦ୍ରଗୁପ୍ତ ମଗଧ ରାଜ୍ୟ ଲାଭ କରିବାକୁ ସମର୍ଥ ହେଲେ ଏଥିରେ ଚନ୍ଦ୍ରଗୁପ୍ତଙ୍କର ଲୋକଚରିତ୍ରଜ୍ଞତାର ପରିଚୟ ମିଳେ ।

ଚନ୍ଦ୍ରଗୁପ୍ତ ତାଙ୍କର ସେନାକୁ ବୃଦ୍ଧି କରି ୩୦୦୦୦ ଅଶ୍ୱାରୋହୀ, ୯୦୦୦ ଗଜାରୋହୀ, ୬୦୦୦୦୦ ପଦାତିକ ସଂଗଠନ କଲେ । ତାଙ୍କର ବହୁସଂଖ୍ୟକ ରଥ ଥିଲା । ସେ ଏକେ ଏକେ ମଗଧ, କୋଶଳ, କାଶୀ ଓ ଅଙ୍ଗ ପ୍ରଦେଶମାନ ହସ୍ତଗତ କଲେ ଏବଂ ତାଙ୍କର ରାଜ୍ୟର ସୀମା ପୂର୍ବ ପଶ୍ଚିମରେ ସମୁଦ୍ର ପର୍ଯ୍ୟନ୍ତ ଏବଂ ଉତ୍ତରରେ ସିନ୍ଧୁନଦୀଠାରୁ ଦକ୍ଷିଣରେ ନର୍ମଦାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

ତାଙ୍କର ରାଜତ୍ୱକାଳରେ ଶକ୍ତିଶାଳୀ ଗ୍ରୀକ୍ ସେନାପତି ସେଲ୍ୟୁକସ୍ ଭାରତଆକ୍ରମଣ କରିଥିଲେ । କିନ୍ତୁ ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ପରାଜିତ ହୋଇ ତାଙ୍କୁ କାବୁଲର ଦକ୍ଷିଣସ୍ଥ କତିପୟ ପ୍ରଦେଶ ସହିତ ସ୍ୱୀୟ କନ୍ୟାକୁ ସମର୍ପଣ କଲେ । ମହାରାଜ ଚନ୍ଦ୍ରଗୁପ୍ତ ଶ୍ୱଶୁରଙ୍କୁ ୫୦୦ ହସ୍ତୀ ପ୍ରଦାନପୂର୍ବକ ନିଜ ରାଜଧାନୀରେ ଗ୍ରୀସୀୟ ଦୂତ ମେଗାସ୍ଥେନିସ୍‌ଙ୍କୁ ଗ୍ରହଣ କଲେ । ଏହି ଗ୍ରୀକ୍‌ଦୂତ ଚନ୍ଦ୍ରଗୁପ୍ତ ଏବଂ ତାଙ୍କର ସମସାମୟିକ ନାନା ବିଷୟର ବିବରଣ ଲେଖି ଯାଇଅଛନ୍ତି । ଚନ୍ଦ୍ରଗୁପ୍ତଙ୍କ ରାଜ୍ୟ ବର୍ତ୍ତମାନ ହିନ୍ଦୁକୁଶ ଓ ହିମାଳୟଠାରୁ ଦକ୍ଷିଣରେ ନର୍ମଦାତୀର, ପଶ୍ଚିମରେ ଆରବସାଗର ତଟଦେଶରୁ ପୂର୍ବରେ ବଙ୍ଗୋପସାଗର ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

ଚନ୍ଦ୍ରଗୁପ୍ତ ସ୍ୱଭାବତଃ ପ୍ରଜା ଓ ବୀରଙ୍କର ଶକ୍ତି ସେନା ଜାଣିଥିଲେ । ଏହା ଲକ୍ଷ୍ୟ କରି ଓ ନବାଗତ ଯୁବକ ସ୍ୱୀୟ ନୈତିକ ଶକ୍ତି ଓ ପ୍ରତିଭାବଳରେ

Digitized by srujanika@gmail.com

ଗ୍ରୀକୀୟ ସେନାଙ୍କୁ ବିତାଡ଼ିତ, ସୁଖ୍ୟାତ ଓ ଶକ୍ତିଶାଳୀ ସେନାପତି ସିଲ୍ୟୁକସଙ୍କୁ ପରାସ୍ତ ଓ ଅପଦସ୍ଥ କରି ଆର୍ଯ୍ୟାବର୍ତ୍ତର ଓ ଗାନ୍ଧାର ଦେଶର ଏକଚ୍ଛତ୍ର ଅଧୀଶ୍ୱର ହୋଇଲେ । ଏହି ଗାନ୍ଧାର ବା କାବୁଲ ପ୍ରଦେଶ ଭାରତର କୌଣସି ସମ୍ରାଟ୍ ଏମନ୍ତ କି ଦୁର୍ଦ୍ଦାନ୍ତ ମୋଗଲ ଅଧୀଶ୍ୱରଗଣ ସୁଦ୍ଧା ରାଜ୍ୟଭୁକ୍ତ କରିପାରି ନାହାନ୍ତି । ଚନ୍ଦ୍ରଗୁପ୍ତ ପୃଥିବୀର ଶ୍ରେଷ୍ଠ ଓ ପ୍ରବଳତମ ସମ୍ରାଟ୍‌ବୃନ୍ଦଙ୍କ ମଧ୍ୟରେ ଏକତମ କହିଲେ ଅଦୌ ଅତ୍ୟୁକ୍ତି ହେବ ନାହିଁ ।

ଚନ୍ଦ୍ରଗୁପ୍ତଙ୍କ ରାଜଧାନୀ ପାଟଳୀପୁତ୍ର ଦୈର୍ଘ୍ୟରେ ୪½ କୋଶ (୯ ମାଇଲ), ପ୍ରସ୍ଥରେ ପ୍ରାୟ ଏକ କୋଶ (୧½ ମାଇଲ) ଥିଲା । ତାହା ଚତୁର୍ଦ୍ଦିଗରେ ଉଚ୍ଚ ସୁଦୃଢ଼ କାଷ୍ଠନିର୍ମିତ ପ୍ରାଚୀରଦ୍ୱାରା ପରିବେଷ୍ଟିତ ଥିଲା । ଏଥିରେ ୬୪ଟି ଫାଟକ ଏବଂ ୫୭୦ ସ୍ତମ୍ଭ ଥିଲା । ପ୍ରାଚୀରଟି ଚତୁର୍ଦ୍ଦିଗରେ ଗଭୀର ଓ ପ୍ରଶସ୍ତ ପରିଖାଦ୍ୱାରା ସୁରକ୍ଷିତ ଥିଲା । ମହାରାଜ ଚନ୍ଦ୍ରଗୁପ୍ତଙ୍କ ରାଜପ୍ରାସାଦ ମହାଆଡ଼ମ୍ବରପୂର୍ଣ୍ଣ ଓ ବହୁଐଶ୍ୱର୍ଯ୍ୟଶାଳୀ ଥିଲା । ଏହାର ସୁବର୍ଣ୍ଣଖଚିତ ସ୍ତମ୍ଭମାନ ସ୍ୱର୍ଣ୍ଣନିର୍ମିତ ଦ୍ରାକ୍ଷା ଏବଂ ରଜତନିର୍ମିତ ପକ୍ଷୀମାଳାଦ୍ୱାରା ବିଭୂଷିତ ହୋଇଥିଲା । ଷଡ଼ହସ୍ତ ରତ୍ନଖଚିତ ସ୍ୱର୍ଣ୍ଣନିର୍ମିତ ଭୋଜନପାତ୍ର, ତାମ୍ରନିର୍ମିତ ଜଳପାତ୍ର ଅନ୍ତଃପୁରର ଉଜ୍ଜ୍ୱଳତା ବୃଦ୍ଧି କରୁଥିଲା । ରତ୍ନଖଚିତ କାଷ୍ଠାସନ ଓ ମାଣିକ୍ୟଖଚିତ ପରିଚ୍ଛଦମାନ ନୟନମନ ହରଣ କରୁଥିଲା ।

ମହାରାଜ ଚନ୍ଦ୍ରଗୁପ୍ତ କେତେବେଳେ ଅଶ୍ୱପୃଷ୍ଠରେ, କେତେବେଳେ ହସ୍ତୀପୃଷ୍ଠରେ, କେତେବେଳେ ଅବା ରଥୋପରେ ଆରୋହଣ କରି, କେତେବେଳେ ଅବା ରତ୍ନଖଚିତ ସୁବର୍ଣ୍ଣ ଶିବିକାରେ ବସି ଦୁର୍ଗରୁ ବହିର୍ଗତ ହେଉଥିଲେ । ସେ ମନୁଷ୍ୟମାନଙ୍କ ଓ ଜନ୍ତୁମାନଙ୍କ ଦ୍ୱନ୍ଦ୍ୱଯୁଦ୍ଧ, ବୃଷମାନଙ୍କ ଧାବନ ଇତ୍ୟାଦି ଦର୍ଶନ କରି ମନବିନୋଦନ କରୁଥିଲେ । ସେ ଅସ୍ତ୍ରଶସ୍ତ୍ର ସଜ୍ଜିତ ନାରୀସୈନିକମାନଙ୍କଦ୍ୱାରା ପରିବୃତ ହୋଇ ମୃଗୟାକୁ ଗମନ କରୁଥିଲେ । ଯେତେବେଳେ ସେ ଯୋଦ୍ଧୃବେଶଧାରିଣୀ ରମଣୀ ଓ ପୁରୁଷ ଅଙ୍ଗରକ୍ଷକମାନଙ୍କ ଦ୍ୱାରା ପରିବୃତ ହୋଇ ଶୁଦ୍ଧାନ୍ତଚାରିଣୀ ରାଜମହିଳାମାନଙ୍କ ସମଭିବ୍ୟାହାରରେ ଦୁର୍ଗରୁ ବହିର୍ଗତ ହେଉଥିଲେ, ତୂରୀ, ଭେରୀ, ଶଙ୍ଖ ନିନାଦିତ ହେଉଥିଲା ଏବଂ ନଗରର ଜନତା ସେହି ରମଣୀୟ ଦୃଶ୍ୟ ଉତ୍ଫୁଲ୍ଲ ନେତ୍ରରେ ଦର୍ଶନ କରୁଥିଲେ ।

ମହାରାଜ ଚନ୍ଦ୍ରଗୁପ୍ତ ପ୍ରତିଦିନ ଅନ୍ତତଃ ଥରେ ହେଲେ ଧର୍ମାଧିକରଣରେ ଉପସ୍ଥିତ ହୋଇ ଆବେଦନ ପତ୍ରାଦି ଗ୍ରହଣ କରୁଥିଲେ । ମେଗାସ୍ଥିନିସ

Digitized by srujanika@gmail.com

ବର୍ଣ୍ଣନା କରିଅଛନ୍ତି ଯେ, ସେତେବେଳେ ଗ୍ରୀକ ଜଣ ପରିଚାରକ ତାଙ୍କର ଶରୀର ମର୍ଦ୍ଦନ କରୁଥିଲେ ।

ସେ ତାଙ୍କର ଶାସନକର୍ତ୍ତା, ପରିଦର୍ଶକ, ଇଞ୍ଜିନିୟର (ପୂର୍ତ୍ତ ବିଭାଗର କର୍ତ୍ତୃପକ୍ଷ), ଚିକିତ୍ସକ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ କାର୍ଯ୍ୟର ତତ୍ତ୍ୱାବଧାନ କରୁଥିଲେ । ପ୍ରଜାମାନଙ୍କୁ ସନ୍ତୁଷ୍ଟ କରିବାକୁ ଯତ୍ନ କରୁଥିଲେ । ତାଙ୍କର ରାଜସଭା ପଣ୍ଡିତମଣ୍ଡଳୀଦ୍ୱାରା ଅଳଙ୍କୃତ ଥିଲା । ସେ ନିଜ ନାମାଙ୍କିତ ମୁଦ୍ରା ସ୍ୱରାଜ୍ୟରେ ପ୍ରଚଳିତ କରାଇଥିଲେ । ମୁଦ୍ରାର ଏକପାର୍ଶ୍ୱରେ 'ମହାରାଜାଧିରାଜ ଶ୍ରୀ ସିଂହ ବିକ୍ରମ' ଏହି କଥାଗୁଡ଼ିକ ଓ ଅନ୍ୟ ପାର୍ଶ୍ୱରେ ରାଜା ସିଂହକୁ ଶରବିଦ୍ଧ କରୁଥିବାର ଚିତ୍ର ଅଙ୍କିତ ଥିଲା ଏବଂ ରାଜନୀତିଜ୍ଞ ସତର୍କ ଚାଣକ୍ୟଙ୍କ ବୁଦ୍ଧି ଓ କୌଶଳ ପ୍ରଭାବରୁ ସେ ସମସ୍ତ ଷଡ଼ଯନ୍ତ୍ରରୁ ପ୍ରାଣରକ୍ଷା କରିପାରିଥିଲେ । ଦୃଢ଼ତା ଓ ଦୟା ତାଙ୍କଠାରେ ଏକାଧାରରେ ସନ୍ନିବିଷ୍ଟ ଥିଲା । ସେ ଚବିଶ ବର୍ଷ ରାଜତ୍ୱ କରିଥିଲେ ଏବଂ ତାଙ୍କରି ମାତା ମୁରାଙ୍କ ନାମାନୁଯାୟୀ ମୌର୍ଯ୍ୟବଂଶ ସ୍ଥାପନା କରିଥିଲେ । ପ୍ରବଳ ପ୍ରତାପ ମହାରାଜ ଚନ୍ଦ୍ରଗୁପ୍ତ କଳିଙ୍ଗବିଜୟୀ ପୁଣ୍ୟଶ୍ଳୋକ ବୌଦ୍ଧ ସମ୍ରାଟ୍ ଅଶୋକଙ୍କର ପିତାମହ । ଆକରେ ପଦ୍ମରାଗାଣାଂ, ଜନ୍ମ କାଚମଣେଃ କୁତଃ ?” ଯେଉଁ କୌଟିଲ୍ୟ ବା ଚାଣକ୍ୟ ପଣ୍ଡିତ ପ୍ରାକ୍ ଭୂଖଣ୍ଡର ମାକିଅ-ଭେଲ୍ ନାମରେ ଅଖ୍ୟାତ ଏବଂ ଯାହାଙ୍କର ନୀତିଶ୍ଳୋକାବଳୀ ହିମାଳୟ ପଦପ୍ରାନ୍ତରୁ ବାରିବିଧୌତ କନ୍ୟାକୁମାରୀ ପର୍ଯ୍ୟନ୍ତ ଅଦ୍ୟାପି ପ୍ରତିଧ୍ୱନିତ ହୋଇ ନୀରକ୍ଷର ଭାରତବାସୀ ମୁଖରୁ ମଧ୍ୟ ଅନୁସ୍ୱାର ବିସର୍ଗ ସଂଯୁକ୍ତ ହୋଇ ଶ୍ରୋତାର ଯୁଗପତ୍ ହର୍ଷ ବିଷାଦ ଜାତ କରାଉଅଛି, ସେହି ତେଜସ୍ୱୀ ଦୃଢ଼ବ୍ରତ ଦୂରଦର୍ଶୀ ପଣ୍ଡିତ ମହାରାଜ ଚନ୍ଦ୍ରଗୁପ୍ତଙ୍କୁ ଆଶ୍ରୟ ଦେଇ ତାଙ୍କର ବାହୁଚ୍ଛାୟା ତଳେ ଆଶ୍ରୟ ଗ୍ରହଣ କରିଥିଲେ । କାହାନ୍ତି ଚନ୍ଦ୍ରଗୁପ୍ତ, କାହିଁ ତାଙ୍କର ମଣିମୟୀ ହର୍ମ୍ୟଶାଳିନୀ ପାଟଳିପୁତ୍ର ! କିନ୍ତୁ ଚାଣକ୍ୟଙ୍କ ଲିପିମୟୀ କୀର୍ତ୍ତି ବିଲୁପ୍ତ ହୋଇନାହିଁ ।

"ବିଦ୍ୱତ୍ୱଞ୍ଚ ନୃପତ୍ୱଞ୍ଚ ନୈବତୁଲ୍ୟଂ କଦାଚନ
ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ ।"

Digitized by srujanika@gmail.com

ରାଓଙ୍କ ସ୍ମୃତି

ରାଓଙ୍କ ସ୍ମୃତି ମୋ ଜୀବନ ସହିତ ଜଡ଼ିତ । ତେଣୁ ନିଜର କଥାର ଉଲ୍ଲେଖ ଦେଖି ପାଠକମାନେ କ୍ଷମା କରିବେ । ବାଲ୍ୟଜୀବନର ସ୍ମୃତି ମୋର ମୂଳଧନ ହୋଇଅଛି ।

୧୯୧୦ ଖ୍ରୀଷ୍ଟାବ୍ଦର କଥା । ମୁଁ ସେତେବେଳେ ନିଜ ଗ୍ରାମ କୁସୁପୁର ଉଃ ପ୍ରାଃ ସ୍କୁଲରେ ପଢୁଥିଲି । ସେ ସମୟର ଅଧିକାଂଶ ଘଟଣା ମୁଁ ବିସ୍ମୃତ ହୋଇଅଛି । ଗୋଟିଏ କଥା ଉଜ୍ଜ୍ୱଳ ଭାବରେ ଏବେ ଯାଏ ଜାଗ୍ରତ ରହିଅଛି କାହିଁକି ? ଦାର୍ଶନିକ ପଣ୍ଡିତମାନେ କହନ୍ତି କୌଣସି ଇନ୍ଦ୍ରିୟ ଜ୍ଞାନ ହେଲେ ମସ୍ତିଷ୍କରେ ରେଖାମାତ୍ର ହୁଏ । ପ୍ରାବଲ୍ୟ, ପୁନରୁକ୍ତି ହେତୁ ଯୋଗୁ ଯେଉଁ ରେଖା ଯେତେ ଗଭୀର ହୁଏ, ତାହା ସେତେ ସ୍ଥାୟୀ ହୁଏ । କିନ୍ତୁ ପ୍ରଥମ ରେଖା ପ୍ରଖର ହୁଏ କାହିଁକି ? ତାହାରକୁ ଅନେକମାନେ ଦେଖି ପ୍ରାଣର ଉତ୍କଣ୍ଠିତ ହୃଦୟସ୍ପନ୍ଦନମାତ୍ରେ ଗ୍ରହଣ କରିବାକୁ ଇଚ୍ଛା ହୁଏ । ସେହି ପ୍ରଶ୍ନ—କାହିଁକି ? ଜନ୍ମାନ୍ତରୀଣ ସଂସ୍କାର ଯୋଗୁ ହୋଇଥିଲେ ହୋଇପାରେ । ସେ ସ୍ମୃତିଟି ଏହି :—

ଶିକ୍ଷକ କହିଲେ, ଆଜି ଡେପୁଟି ଇନ୍ସପେକ୍ଟର ସ୍କୁଲ ଦେଖି ଆସିଛନ୍ତି । ଏହି ବାଟେ ବାଲଟଗିର ଯିବେ । କେତେ ଦେଖି ସବାରୀ ଆସି ପହଞ୍ଚିଲା । ପିଲାମାନେ ଉତ୍କଣ୍ଠ ହୋଇ ଶୁଣିଲୁ । ବାବୁଙ୍କୁ ଦେଖିବାକୁ ଉତ୍କଣ୍ଠାପୂର୍ବରେ ରହିଲୁ । ଅଳ୍ପକ୍ଷଣପରେ ବାବୁ ସ୍କୁଲଗୃହରେ ପ୍ରବେଶ କଲେ । ଏ ତ ମନୁଷ୍ୟ ନୁହନ୍ତି । "ଅଗ୍ନିମୂର୍ତ୍ତି" ସ୍ୱର୍ଗୀୟ ଦେବପ୍ରତିମା, ଜ୍ୟୋତିର୍ମୟୀ—ଭଣ ବୋଲି ବର୍ଣ୍ଣନା କରିବି ? ମୋର ଶିଶୁ ହୃଦୟରେ ସେ ମୂର୍ତ୍ତି କିପରି ପ୍ରତିଫଳିତ ହୋଇଥିଲା । ଚକ୍ଷୁରରେ ସେ ମୂର୍ତ୍ତି କିପରି ଅନ୍ତର୍ହିତ ହେଲା ।

ସେ ମୂର୍ତ୍ତି ବିସ୍ମୃତ ହୋଇନାହିଁ—ହୋଇପାରିବ ନାହିଁ । ସେହି ଶୈଶବ ସ୍ମୃତି ଏବେ ତାଳ ହୃଦୟରେ ବିରାଜିତ ଅଛି । ସେହି ଡେପୁଟି ଇନ୍ସପେକ୍ଟର ମଧୁସୂଦନ ରାଓ—ଯାହାଙ୍କ ନିକଟରେ ସବ୍‌ଇନ୍‌ସ୍‌ପେକ୍ଟର,

---

କବିଙ୍କ ଲିଖିତ ଡାଏରୀରୁ ସଂଗୃହୀତ ।

Digitized by srujanika@gmail.com

ଇନ୍‌ସ୍‌ପେକ୍ଟର୍‌ଙ୍କ ପଣ୍ଡିତ, ହେଡ୍‌ମାଷ୍ଟର, ସହକାରୀ ଶିକ୍ଷକ ସମସ୍ତେ ଯନ୍ତ୍ର, ଚାଳିତ ପୁତ୍ତଳିକାବତ୍‌। କାହିଁକି? ଯେବେ କହନ୍ତି, ସେ ପିଲାମାନଙ୍କୁ ପରୀକ୍ଷା କରନ୍ତି କହନ୍ତି ବର୍ଣ୍ଣସ୍ୱର, ଶିକ୍ଷକ ସମସ୍ତଙ୍କ ବାଧ୍ୟ ପରୀକ୍ଷା କରନ୍ତି। କାହାକୁ ନଳ, କାହାକୁ ଭଗ୍ନାଂଶ, କାହାକୁ ସରଳସମାସ, କାହାକୁ କ୍ଷେତ୍ରତତ୍ତ୍ୱ ଅନୁଶୀଳନ, କାହାକୁ ମୂଳଶବ୍ଦ ବା ପ୍ରକୃତିପ୍ରତ୍ୟୟ, କାହାରକୁ ଇତିହାସ, ଭୂଗୋଳ ପରୀକ୍ଷା କରି ସ୍ଥିର ଶଙ୍କିତ କରାନ୍ତି। ବୋଧହୁଏ କେବଳ ଚେତକ ନୁହେଁ—ଅନ୍ତର୍ନିହିତ ଚରିତ୍ର ବଳ, ନୈତିକ ବୃଦ୍ଧି, ଆଧ୍ୟାତ୍ମିକ ତେଜପୁଞ୍ଜ ଏହି ଭୟଭକ୍ତିର ହେତୁ କି? ଏହି ମଧୁସୂଦନଙ୍କ ସହିତ ଧୂଳିରୁ ମୃତ୍ତିକା ଜ୍ଞାନବଳ।

ମୁଁ ଏଠି ପ୍ରାଇମେରୀ ପାସ୍ କରି ମଧୁବାବୁଙ୍କ ଟାଉନ ସ୍କୁଲରେ ପଢ଼ିଲି। ସେତେବେଳେ ମଧୁବାବୁଙ୍କ ବାସଗୃହ ସଂଲଗ୍ନରେ ଟାଉନ ସ୍କୁଲ-ଗୃହ ଥିଲା। ବର୍ତ୍ତମାନ ସେଠାରେ ରାଧାନାଥ ବାବୁଙ୍କ ଘର। ମଧ୍ୟେ ମଧ୍ୟେ ମଧୁବାବୁ ଆସି ନୀତିଉପଦେଶ ଦେଇଯାଆନ୍ତି। ଏହି ଖେଳ ମଧ୍ୟେ ଶିକ୍ଷାର କିପରି ମିଳନ!

ମାଇନର ଟେଷ୍ଟ୍ ପରୀକ୍ଷାରେ ମଧୁବାବୁ ମାଡ଼ଗାଁ ପରୀକ୍ଷକ। ଗୋଟିଏ ଅପୂର୍ବ ପ୍ରଶ୍ନ ଯାହାକି କୌଣସି ପୁସ୍ତକରେ ନାହିଁ କି ଶିକ୍ଷକ ଜଣେ ପଢ଼ାଇ ନାହାନ୍ତି :—

ମଞ୍ଜୁଳପକ୍ଷୀର ପକ୍ଷ ନାହିଁ ଶୋଭନ
୦ ଦଶଚନ୍ଦ୍ର ପୂର୍ଣ୍ଣ କ୍ଷୀଣ ଅଚେତନ।

ଏହି କାବ୍ୟଶିଳ୍ପକୁ ଛାତ୍ରଟିକୁ ଯେପରି ବୁଝିବେ ପାର ପ୍ରକାଶ କର। ମୁଁ ସେହି ପ୍ରକାରେ ପ୍ରକାଶ କରିଥିଲି। ହେଡ୍ ମାଷ୍ଟର ବିଶ୍ୱନାଥ ବାବୁଙ୍କଠାରୁ ଶୁଣିଲି ମଧୁବାବୁ ଉତ୍ତର ପଢ଼ି ଖୁବ ଖୁସି ହେଲେ—ରାଧାନାଥବାବୁଙ୍କ 'ଅଙ୍ଗରେ ମଧ୍ୟ କଥାଟି ପଡ଼ିଲା। ଏହା ଶୁଣି ମୋର ଖୁବ ଆନନ୍ଦ ହୋଇଥିଲା। ସେତେବେଳେ ରାଧାନାଥବାବୁ, ମଧୁବାବୁ, ରାମନାରାୟଣ ଦାସ, ବିଶ୍ୱନାଥବାବୁ, ବ୍ରଜସୁନ୍ଦରବାବୁ ପ୍ରଭୃତିଙ୍କର ପ୍ରତିଦିନ ଦେଖାସାକ୍ଷାତ, ଭ୍ରମଣ ଓ ସାହିତ୍ୟ ଚର୍ଚ୍ଚା ହେଉଥିଲା। ଏ ଦଳର କେନ୍ଦ୍ରସ୍ଥଳ ରାଧାନାଥ, ମଧୁସୂଦନ। ଶୁଣିଲି ପୋଷ୍ଟ ପ୍ରଶ୍ନ ପଞ୍ଚସ୍ତୂପସ୍ଥ ଯେଉଁ ପୁସ୍ତକରୁ ଉଦ୍ଧୃତ ତାହା ଉତ୍ତରଦାତା ଛାତ୍ରମାନଙ୍କର ଅଗୋଚରରେ

Digitized by srujanika@gmail.com

ଥିଲା । ଏପରି ସାହିତ୍ୟିକ ଦଳ ବା ସାହିତ୍ୟ ଚର୍ଚ୍ଚା ଓଡ଼ିଶାରେ ଏବେ ଆଉ ଅଛି କି ?

ଥରେ ପୁରସ୍କାର ବିତରଣରେ ମଧୁବାବୁଙ୍କ ଅନୂଦିତ ଉତ୍ତର-ଚରିତର ଋଷିକୁମାରଦ୍ୱୟର କଥୋପକଥନ ହୋଇଥିଲା । ସେଥିରେ "ମମ ସୁକୁମାରୀ ନନ୍ଦନସ୍ୟ ଚଞ୍ଚଳତାପ୍ରିୟତା" ଥିଲା । ପ୍ରାଚୀନ ଅର୍ଯ୍ୟଗୃହିମାନଙ୍କ ଜାଲଚାଲ ବିଲ୍ଲଭ ଅଗୃହବ୍ୟବହାର ବିଷୟରେ ଅସ୍ମମାନଙ୍କର ପ୍ରଥମ ପରିଚୟ ଏହିପରି ।

ସେହି ସମୟରେ ମଧୁବାବୁଙ୍କ ଅନୂଦିତ "ଜୀବନ-ସଙ୍ଗୀତ" ସାଧୁବାବୁ ଓ ବିଶ୍ୱନାଥବାବୁ କଣ୍ଠସ୍ୱର ମିଳାଇ ଦଣ୍ଡାୟମାନ ହୋଇ ଗାଇଥିବାର ମନେଅଛି । ଏହା ଗୀର୍ଜାଘରେ ଖ୍ରୀଷ୍ଟିୟାନମାନଙ୍କଦ୍ୱାରା ଗୀତ ସଙ୍ଗୀତର ଅନୁକରଣ ନା ଦେଶୀ ସ୍ୱର ?

ମୁଁ ଡବଲ ପ୍ରମୋଶନଦ୍ୱାରା ଦୁଇ ବର୍ଷରେ ମାଇନର ପାସ୍ କରି ଯୋଡ଼ିଏ ବୃତ୍ତି ପାଇଲି । ମଧୁବାବୁ ସେତେବେଳକୁ କଲେଜିଏଟ୍ ସ୍କୁଲର ହେଡ୍‌ମାଷ୍ଟର । ଦିନେ ଡକାଇ ପଠାଇବାରୁ ବିଶ୍ୱନାଥବାବୁ ମୋତେ ନେଇଗଲେ । ଯାଇଁ ଦେଖିଲି ମଧୁବାବୁ ଖଣ୍ଡେ ଥାନଫଡ଼ା ଧୋତି ପିନ୍ଧି ତାହାର ଅଧେ ଦେହରେ ବୁଲାଇ ପକାଇ ଅଛନ୍ତି । ଖୋଳଟି ପରିଷ୍କୃତ, କଚାରା ନାହିଁ, ପାଦରେ ଜୋତା ମୋଜା କିଛି ନାହିଁ । ତାଙ୍କର ମଧ୍ୟମ ପୁଅ ପଣୀକୁ (ପ୍ରଶାନ୍ତ ସେତେବେଳେ ଖୁବ୍ ସାନ) ଅଙ୍କ ଗଣାଇ ଶିଖାଉ ଅଛନ୍ତି—

ଏକ, ଧ ବେଙ୍ଗ (ପିଲା ବେଙ୍ଗ ଧରୁଅଛି)
ଦୁଇ, ବୋଲ ସେ ଭୁଇ ।
ତିନ, ବାଜେ ଟିନ୍ ଟିନ୍
ଚାରି, ବୋଲ ବ୍ରହ୍ମଚାରୀ ।

ସେ ଆଜକୁ ଏକୋଇଶ ବର୍ଷ ପୂର୍ବର କଥା । ସେତେବେଳକୁ କିଣ୍ଡରଗାର୍ଟେନ୍‌ର ନାମଗନ୍ଧ ଏ ଦେଶରେ ନାହିଁ । କିନ୍ତୁ ସେ ସେହି ପଦ୍ଧତି ଅନୁସାରେ ଏହି ଶିକ୍ଷା ଦେଉଥିଲେ । (ଏହି ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୁଁ ସବ୍‌ଇନ୍‌ସ୍‌ପେକ୍ଟର ଥିବାବେଳେ ବାରଦା ଉ: ପ୍ରା: ବିଦ୍ୟାଳୟର ବହୁବର୍ଷ ପୂର୍ବର ମନ୍ତବ୍ୟ ଓଲଟାଇ ଦେଖିଲି ଯେ, ତହିଁରେ

Digitized by srujanika@gmail.com

ମଧୁବାବୁ ଫଳପୁଷ୍ପ, ବୃକ୍ଷଲତା, ପଶୁପକ୍ଷୀ ପ୍ରଭୃତି ଅସ୍ମମାନଙ୍କ ଚତୁର୍ଦ୍ଦିଗସ୍ଥ ପଦାର୍ଥମାନଙ୍କ ବିଷୟରେ ଶିକ୍ଷା ଦେବାକୁ ଶିକ୍ଷକମାନଙ୍କୁ ଉପଦେଶ ଦେଇଅଛନ୍ତି । ଅଥଚ ସେ ସମୟର ପାଠ୍ୟ ତାଲିକାରେ ପଦାର୍ଥ ପାଠ ବା "ବସ୍ତୁବର୍ଣ୍ଣନ"ର ଅନ୍ତର୍ଭୁକ୍ତ ନ ଥିଲା ।)

ମତେ **Royal Reader Number VI** ସାହାଯ୍ୟ ମସ୍କିରା ନେଇ କଲେଜିଏଟ୍ ସ୍କୁଲର ୩ୟ ଶ୍ରେଣୀଭୁକ୍ତ କରାଇଦେଲେ । ଏରୂପେ ତାଙ୍କ କୃପାରେ ଡବଲ ପ୍ରମୋଶନଦ୍ୱାରା ମୁଁ ଟେକ୍ସ୍‌ବୁକ୍ ଅବସ୍ଥାର ପାଞ୍ଚ ବର୍ଷରେ ଏଣ୍ଟ୍ରାନସ୍ ପାସ୍ କରିବାକୁ ସମର୍ଥ ହୋଇଥିଲି ।

ଟାଉନ ସ୍କୁଲରେ ଭର୍ତ୍ତି ହୋଇଥିବା ଜଣେ ଗ୍ଲାସର ଅଭିଭାବକ ଜମିଦାର ଥିବାରୁ ଥରେ ଘିଅ ଓ ଫଳାଦ ମଧୁବାବୁଙ୍କ ଘରକୁ ପଠାଇ ଦେଇଥିଲେ । ସେ ତାହା ଫେରାଇ ଦେଇ ଦୁଃଖ ପ୍ରକାଶ କରିଥିଲେ ।

କଲେଜିଏଟ୍ ସ୍କୁଲରେ ସେ ଯେପରି ଶାସନରକ୍ଷା କରୁଥିଲେ ତାହା ଅନୁକରଣୀୟ । ନ୍ୟାୟ ଓ ଦୟାର ଅପୂର୍ବ ସମାବେଶର ଆଦର୍ଶ ସେ ପ୍ରଦର୍ଶନ କରିଅଛନ୍ତି । ଥରେ ଅନେକଗୁଡ଼ିଏ ଦୁଷ୍ଟ ଲୋକ ମିଳି ସ୍କୁଲ ହତା କାନ୍ଥ ଭାଙ୍ଗିଥିଲେ । ପ୍ରିନ୍‌ସିପାଲ୍ ତାଙ୍କୁ ଦୁଷ୍ଟ ପିଲାମାନଙ୍କର ଗୋଟିଏ ତାଲିକା ଦେବାକୁ ଆଦେଶ ଦେଲେ । ସେ ଧୀର ଓ ଦୃଢ଼ ଭାବରେ କହିଲେ, "ଦୁଷ୍ଟ ପିଲା ଥାଇପାରନ୍ତି କିନ୍ତୁ ସେହି ଦୁଷ୍ଟ ପିଲା ଯେ ଏହି ଦୁଷ୍କର୍ମ କରିଅଛନ୍ତି ତାହାର ପ୍ରମାଣ ମିଳନାହିଁ, ଏପରି ସ୍ଥଳେ ମୁଁ ସେମାନଙ୍କ ନାମ ତାଲିକା ଦେଇ ନ ପାରେଁ ।" ପ୍ରିନ୍‌ସିପାଲ ରାଗିଯାଇ ତାଙ୍କର ବଦଳିର ପ୍ରସ୍ତାବ ସମେତ ରିପୋର୍ଟ କଲେ । ତଥାପି ସେ ଅଟଳ । ତାଙ୍କୁ ପୁଣି ଡେପୁଟି ଇନସ୍‌ପେକ୍ଟର ହୋଇ ଚାଲି ଯାଇ ହେବାକୁ ହେଲା । କିନ୍ତୁ ଚରିତ୍ର ନିର୍ମଳ ରହିଥିଲା ।

ମୁଁ ଜଗନ୍ନାଥ ନାମ ତାଠରେ ତଥାର ଏହି କଥା କହିବାରୁ ଓ ବ୍ରାହ୍ମଧର୍ମ ପୁସ୍ତକାଦି ପଢ଼ିବାରୁ ଅଭିଭାବକମାନେ ଆଶଙ୍କା କରି କଲେଜିଏଟ୍‌ରୁ ମୋର ନାମ କାଟିନ କରାଇ କେନ୍ଦ୍ରାପଡ଼ା ଘେନିଗଲେ । ଖଣ୍ଡିଏ ପତ୍ର ତାଙ୍କୁ ଲେଖିଥିଲି । ମନ ନ ମାନିବାରୁ କହାଇଲେ, "ଭଲ ଇଂରେଜୀ ଲେଖିବାକୁ ଚେଷ୍ଟା କର ।" ମୋର ମନ ଲାଗିଲା । ପରେ ଦ୍ୱିତୀୟ ଶ୍ରେଣୀରେ ପଢ଼ୁଥିବା-

Digitized by srujanika@gmail.com

ଦେଲେ "ସମ୍ପାଦକ ଓ ଇଂରେଜୀ ଲେଖା ନିୟମ" ହୋଇଥିବାର ପତ୍ର ପାଇ କୃତାର୍ଥ ହୋଇଥିଲି ।

"ଉତ୍କଳ-ସାହିତ୍ୟ"ରେ (କଟକରେ ପଢୁଥିବାବେଳେ) ମୋର ପ୍ରଥମ ପ୍ରକାଶିତ ପଦ୍ୟ ଦେଖି ମନ ନ ମାନିବାରୁ ବିଶ୍ୱନାଥ ବାବୁଙ୍କୁ ଦେଖାଇ କହିଲେ ପଦ୍ୟ ଅପେକ୍ଷା ଗଦ୍ୟର ଅଧିକ ପ୍ରୟୋଜନ, ଗଦ୍ୟ ଲେଖ । କିଛିଦିନ ପରେ "ସାହିତ୍ୟ" ରେ ପ୍ରକାଶିତ ମୋର ଗୋଟିଏ ଗଦ୍ୟ ଦେଖି ଆନନ୍ଦରେ ଗଦ୍‌ଗଦ ହୋଇ ନିଜେ ରାଗିଣୀ ଧରି ବୋଲିଥିଲେ । ପରେ "ସେମାନଙ୍କ ପଦ୍ୟ ଓଡ଼ିଆ ଏମନ୍ତକି ବଙ୍ଗଳାରେ ମଧ୍ୟ ମୁଁ ପଢ଼ିନାହିଁ", ଏହା କହି ଦଶ ହଜାର ଖଣ୍ଡ ଛପାଇବାକୁ ଆଦେଶ କଲେ ଏବଂ ପ୍ରକାଶ ପରେ ଅପ୍ରତ୍ୟାଶିତରୂପେ ସ୍ୱତଃପ୍ରବୃତ୍ତ ହୋଇ ମୋର ଅଜ୍ଞାତରେ ତାହା ଭଂଜନ ଟ୍ରେନିଂ ସ୍କୁଲର ଉଚ୍ଚତର ଶ୍ରେଣୀର ପାଠ୍ୟରୂପେ ମନୋନୀତ କଲେ । ତାହା ତାଙ୍କର ଜିଲ୍ଲା ସ୍କୁଲରେ କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ପ୍ରାୟ ଆଠ ବର୍ଷକାଳ ପାଠ୍ୟପୁସ୍ତକରୂପେ ଥିଲା । ଅବସର ସମୟରେ ପ୍ରଚଳିତ ଶବ୍ଦ ବିଷୟରେ ମୋ ସହିତ ସେ ଆଲୋଚନା କରୁଥିଲେ ।

ତାଙ୍କ ସ୍ଥାପିତ "ଆଲୋଚନା ମଣ୍ଡଳୀ"କୁ ମୁଁ କଲେଜରେ ପଢ଼ିଲାବେଳେ ଯାଉଥିଲି । ତହିଁରେ ପଠିତ ପ୍ରବନ୍ଧର ଉଦାର ସମାଲୋଚନା ଶୁଣି ମୋର ରଚନା ସ୍ପୃହା ଉତ୍ତରୋତ୍ତର ବଳବତୀ ହୋଇଥିଲା । ମୋର ରଚନା ଜୀବନରେ ତାଙ୍କର ଓ ରାଧାନାଥଙ୍କର ଉତ୍ସାହବାଣୀ ଓ ପୁଣ୍ୟ ପ୍ରେରଣା ବସନ୍ତର ଦକ୍ଷିଣ ସମୀରଣ ତୁଲ୍ୟ କାର୍ଯ୍ୟ କରିଅଛି । ମୋର ପ୍ରଥମ ପୁସ୍ତକ "ମଞ୍ଜୀରକ" ରଚନାପାଇଁ ମୁଁ ତାଙ୍କର ନିକଟରେ ଋଣୀ । ତାହା ପତ୍ରିକାର ଭୂମିକାରେ ଉଲ୍ଲେଖ କରିଅଛି ।

ମୋର "ବସନ୍ତକୋକିଳ" ପଢ଼ିସାରି ସେ ଯେତେବେଳେ ମୋତେ କହିଲେ, "କେତେଗୋଟି କବିତା ପଢ଼ି ମୋର ଦସ୍ତୁରମତ ଈର୍ଷା ହେଲା ।" ମୁଁ ତାହା ଶୁଣି କୃତାର୍ଥ ହେଲି ।

ନାନା ସମୟରେ ନାନା ସ୍ନେହ ଆଦର ପାଇ ମୁଁ ତାଙ୍କ ନିକଟରେ ଅପରିଶୋଧ୍ୟ ଋଣରେ ଆବଦ୍ଧ । ହାୟ, ଶେଷ ମୁହୂର୍ତ୍ତରେ ହେଲେ ଶ୍ରୀଚରଣରେ ପ୍ରାଣର କୃତଜ୍ଞତା ଅର୍ପଣ କରିପାରି ଥାଆନ୍ତି ! ସେ ଦୁଃଖ

Digitized by srujanika@gmail.com

ଚିରକାଳ ରହିଗଲା । ଥରେ ଅସହ୍ୟ ରୋଗଯନ୍ତ୍ରଣାରେ ଦୁଇ ମାସକାଳ-ବ୍ୟାପୀ ଜ୍ୱରର "ଦାହ"ରେ ଚଳଚଳ ହୋଇ ଲୋଟୁଅଛୁ । କେହି ସ୍ଥିର କରିପାରୁ ନାହାନ୍ତି । ବିଶ୍ୱନାଥବାବୁଙ୍କ ସଙ୍ଗେ ମଧୁବାବୁ ପହଞ୍ଚିଲେ । ପାଖରେ ବସି ମସ୍ତକରେ ହାତ ବୁଲାଇ କହିଲେ, "ବାବା, ଶରୀର ଈଶ୍ୱରଙ୍କ ଦାନ । ତଳେ ଗଡ଼ିଲେ ରୋଗ ବଢ଼ିବ । ସ୍ଥିର ହୁଅ ।" ସେହି କୋମଳ କଥା ସେହି ଶୀତଳ ମଧୁମୟ ସ୍ପର୍ଶରେ ସକଳ ରୋଗଯନ୍ତ୍ରଣାର ଉପଶମ ହେଲା । ଆଉଥରେ କଠିନ ବ୍ୟାଧିରେ ସେହି ବିଶ୍ୱନାଥବାବୁଙ୍କ ସଙ୍ଗରେ ଯାଇଁ କହିଆସିଲେ, "ସ୍ଥାନ ପରିବର୍ତ୍ତନ କର ।" ପର ଦିନ ନଗରକୁ ଗଲି । ସେହିଦିନ ଆରୋଗ୍ୟ । ଘରଜୀବନରେ ସଂସାରରେ ନିଜର, ସ୍ୱଜନଙ୍କର, ଶିଶୁମାନଙ୍କର ପୀଡ଼ାରେ ମୁଁ ତାଙ୍କୁ ଶଯ୍ୟାପାର୍ଶ୍ୱରେ ଦଣ୍ଡାୟମାନ ଦେଖି ଆଶ୍ୱାସବାଣୀ ଶୁଣିଅଛୁ । ହାୟ, ମୁଁ ତାଙ୍କର କଷ୍ଟ କରିଥାଆନ୍ତି । ରୋଗଯନ୍ତ୍ରଣାରେ ଅନେକ ସମୟରେ କେତେ କେତେବେଳେ ସେ ହୃଦୟବିଦାର୍ଣ୍ଣକାରୀ କଥା କହନ୍ତି । ଥରେ କହିଲେ, "ହାୟ, ଘରେ ପଡ଼ି ପଡ଼ି ଛଟପଟ ହୋଇ ଆଉ ସହି ପାରୁନାହିଁ । ବୁଲିଆସିଲେ କିଛି ଉପଶମ ହୁଏ । ଟିକିଏ ସଙ୍ଗରେ ବୁଲିବାକୁ କେହି ନାହିଁ ।" ମୁଁ କହିଲି, "ଚାଲନ୍ତୁ ମୁଁ ଆପଣଙ୍କ ସଙ୍ଗରେ ଯିବି ।" କହିଲେ, "ଚାଲ, ତୁମେ ସିନା ଆଜିଦିନକ ଯିବ ।" ଇଚ୍ଛାହେଲା "ସବୁଦିନେ ଯିବି" ବୋଲି ପ୍ରତିଜ୍ଞା କରେଁ । ପୁଣି "ପାରିବି କି ନାହିଁ" ଆଶଙ୍କା କରି ତୁନି ହୋଇ ରହିଲି । ହାୟ ! ଆମ୍ଭେମାନେ ନିଜ ନିଜ ଦୁଃଖରେ ବ୍ୟସ୍ତ ହୋଇ ଧାଁ ଦଉଡ଼ କରୁଥାଉଁ । କିଏ କାହାକୁ ଦେଖୁଅଛୁ ? ବିଶେଷତଃ 'ଚିରରୁଗ୍ଣ' ଆମ୍ଭମାନଙ୍କର ପ୍ରାଣର ପ୍ରିୟତମ ଜନ ବଞ୍ଚିଥିଲାବେଳେ ଆମ୍ଭେମାନେ ପୂର୍ଣ୍ଣରୂପେ କର୍ତ୍ତବ୍ୟ ସାଧିପାରୁ ନାହୁଁ । ଅନନ୍ତ ଅଭାବ ମାନବର କେବେହେଁ ପୂର୍ଣ୍ଣ ହୋଇପାରେ ? ସେହି ପ୍ରିୟତମ ଚିରମେଲାଣି ନେଇ ପାଖରୁ ଗଲେ ଆମ୍ଭେମାନେ କହୁଁ —

ବନ୍ଧୁ ମୋର ଥିଲେ ମୋର ପାଶେ ଯେତେବେଳେ
ସମସ୍ତ ପରାଣ ତାଙ୍କୁ ଦେଇଥାନ୍ତି ହେଲେ ।

ମୁଁ ନାନା ଭାବରେ ତାଙ୍କ ନିକଟରେ ଋଣୀ । ତାଙ୍କର ପ୍ରତିଷ୍ଠିତ ବିଦ୍ୟାଳୟରେ ଶିକ୍ଷିତ, ତାଙ୍କର ଗ୍ରନ୍ଥ, ତାଙ୍କର "ଛନ୍ଦମାଳା", "ପ୍ରବନ୍ଧମାଳା", ଓ କବିତାବଳୀ ବାଲ୍ୟକାଳରୁ ଅଭ୍ୟାସ କରି ଶିକ୍ଷିତ ହୋଇଅଛି । ଯେତେ ଅନୁପଯୁକ୍ତ ହେଲେହେଁ ତାଙ୍କର ଧର୍ମୋପଦେଶର ଉପଦେଷ୍ଟା ।

Digitized by srujanika@gmail.com

ତାଙ୍କର ସ୍ନେହର ଦାନଗୁଡ଼ିକ କି ମଧୁମୟ । ......ଗ୍ରନ୍ଥମାଳା ଉପରେ ଲେଖିଦେଇ ଅଛନ୍ତି—"Presented to dear Nandakishore with Madhusudan's" । ବସନ୍ତଗାଥା ଉପରେ ଲେଖିଦେଇ ଅଛନ୍ତି—"ଅପୂଷ୍ଟରେ ଶ୍ରୀମତ୍ ଭବତ୍ୟେ ଶ୍ରୀ ନନ୍ଦକିଶୋରାୟ କୃପାସୂଜା କୃତା ।" "ଶ୍ରୀ ମଧୁସୂଦନେନ ।" ଏ କି ମଧୁମୟ ଅମୂଲ୍ୟ ଦାନ ! ଚିର ଜୀବନର ସମ୍ବଳ ।

ଦେବାକୁ ଯେପରି ନେବାକୁ ସେହିପରି ଇଚ୍ଛା । ଥରେ କହିଲେ, "ତୁମ୍ଭେ ମୋତେ 'ବସନ୍ତକୋକିଳ' ଉତ୍ସର୍ଗ କରି ସେଥିରେ ମୋର ବ୍ରାହ୍ମ ସମାଜ ସମ୍ପର୍କର ନାମୋଲ୍ଲେଖ କରିନାହିଁ । ଓଡ଼ିଶାରେ 'ପ୍ରଚଳିତ Ballad ଓ Lyrics ଗୁଡ଼ିକ ମୋର ବଡ଼ ପ୍ରିୟ । ତାକୁ ସଂଗ୍ରହ କରି "ନିର୍ଝରିଣୀ" ଏହିପରି ଗୋଟିଏ ମଧୁର ନାମ ଦେଇ ମୋ ନାମରେ ଉତ୍ସର୍ଗ କରନ୍ତୁ କି ! ସେ ଉତ୍ସର୍ଗରେ ମୁଁ ବ୍ରାହ୍ମ ସମାଜରେ ଯେ କାର୍ଯ୍ୟ କରିଅଛି କେବଳ ସେତିକି ଥାଆନ୍ତା ।" ଏ କି ଅଦ୍ଭୁତ ବାସନା ! କିପରି ଶିଶୁସୁଲଭ ସରଳତା ! କି ଧର୍ମପ୍ରାଣତା ! ଇନ୍‌ସ୍‌ପେକ୍‌ଟର ନୁହେଁ, କବିବର ନୁହେଁ, ପରୋପକାରୀ, ଦେଶହିତୈଷୀ ନୁହେଁ, ବ୍ରାହ୍ମ ସମାଜର ଅଗ୍ରଣୀ ଏହି ନାମରେ ଅଧିକତମ ପ୍ରୟାସ । ହାୟ ! ଆଳସ୍ୟପରବଶ ହୋଇ ଏହି ଆଶା ପୂରଣ କରିବା ପୂର୍ବେ ହେ ଦେବ ! କେଉଁଦେଶକୁ ଗଲ ? ସେ ଦେଶରେ କଣ ମୋର ଶୋକାଶ୍ରୁବାରିସିକ୍ତ-ଭକ୍ତିଚନ୍ଦନଚର୍ଚ୍ଚିତ ନୈବେଦ୍ୟ ତୁମ୍ଭର ଶ୍ରୀଚରଣ ସ୍ପର୍ଶ କରିବ ନାହିଁ ? ତୁମ୍ଭେ ଭାବଗ୍ରାହୀ । ମୁଁ ତୁମ୍ଭର ଚିରଭକ୍ତ—ଏହା କି ତୁମ୍ଭେ ବୁଝିଥିଲ ? ତେଣୁ ଇଚ୍ଛା ପରି କହିଥିଲ ।

ମୁଁ ଯେତେବେଳେ ଟାଉନ ସ୍କୁଲରେ କାର୍ଯ୍ୟ କରିଥିଲି । ମୋର ନିଯୁକ୍ତି ବେଳେ କେହି କେହି କହିଥିଲେ ଜଣେ ବ୍ରାହ୍ମ ରଖିଲେ ଭଲ ହୁଅନ୍ତା । ସ୍ୱର୍ଗତ କହିଥିଲେ, "For practical purposes we are all Brahmos."

ମୋର ବ୍ରାହ୍ମଧର୍ମପ୍ରତି ଅବାଧ ଶ୍ରଦ୍ଧା ଓ ସହାନୁଭୂତି ଥିଲେହେଁ କେତେଗୁଡ଼ିଏ ବିଷୟରେ ମୋର ସନ୍ଦେହ ନିରସନ ହୋଇଅଛି । ସେ କଥା ଶୁଣି ଅନେକ ବ୍ରାହ୍ମ ବନ୍ଧୁ ମୁଦ୍ଗର ଯୁକ୍ତି ପ୍ରଦର୍ଶନ କରନ୍ତି । କେହି କେହି ବିଦ୍ରୂପ କରନ୍ତି । କିନ୍ତୁ ସ୍ୱର୍ଗତ ସର୍ବଦା ସେ ବିଷୟରେ ମୋ ସହିତ ସହାନୁଭୂତି

Digitized by srujanika@gmail.com

ପ୍ରଦର୍ଶନ କରୁଥିଲେ । ସେଥିରୁ ସନ୍ଦେହ ମଧ୍ୟରୁ ଗୋଟିଏ ହେଉଛନ୍ତି ଭାଷା । ବ୍ରାହ୍ମସମାଜ ଓଡ଼ିଶାରେ ସ୍ଥାପିତ ଓ ବିସ୍ତୃତ ହେଲେ ଓଡ଼ିଆ ଭାଷାର କି ଦଶା ହେବ ? ରାଧାନାଥ, ମଧୁସୂଦନ, ଫକୀରମୋହନ, ବିଶ୍ୱନାଥ ସମସ୍ତେ ବ୍ରାହ୍ମ-ଭାବାନୁପ୍ରାଣିତ ହୋଇ ସାହିତ୍ୟ ସୃଷ୍ଟି କରିଅଛନ୍ତି ସତ୍ୟ କିନ୍ତୁ ସେମାନଙ୍କ ବାସ୍ତବଜୀବନ ଓଡ଼ିଆ ଭାଷାନୁକୂଳ ବ୍ରାହ୍ମସମାଜର ବଙ୍ଗଳା-ଉପାସନା, ବଙ୍ଗଳା ପୁସ୍ତକ ପଠନ, ବଙ୍ଗାଳୀମାନଙ୍କ ସହିତ ବୈବାହିକ ମିଳନ, ସର୍ବଦା ବଙ୍ଗଳାରେ ଅଳାପ, ପତ୍ରାଦି ଲିଖନ, ପରିବାରରେ ସ୍ୱର, ଦେଈ ବା ଅପା, ନନା, ନାନୀ ପରିବର୍ତ୍ତେ ଦାଦା, ଦିଦି ସମ୍ବୋଧନ ବଙ୍ଗଳା ପ୍ରଭାବ, ଏସବୁର ପରିଣାମ ଫଳ କି ଓଡ଼ିଆ ଭାଷାର ଅନୁକୂଳ ?

ଅନ୍ୟ ଗୋଟିଏ କଥା । ଇଂରେଜୀ ଶିକ୍ଷା ସଭ୍ୟତା ଫଳରେ ବ୍ରାହ୍ମସମାଜ ବଙ୍ଗଦେଶରୁ ଜାତ ହୋଇ ବଙ୍ଗଳାର ଜଳବାୟୁରେ ବର୍ଦ୍ଧିତ ହୋଇଅଛି । ଓଡ଼ିଶାର natural growth ନୁହେଁ । ଭିନ୍ନ ପ୍ରଦେଶାଗତ ସାହିତ୍ୟପର ଧର୍ମକୁ ଅବିକଳ ଗ୍ରହଣ କରିବା ଭଲ ନା ତାହାକୁ ସ୍ୱଦେଶର ଜଳବାୟୁ, ପୂର୍ବ ପ୍ରଚଳିତ ଧର୍ମଜ୍ଞାନର ସହଯୋଗରେ, ସମନ୍ୱୟରେ, ନିଜ ଛାଞ୍ଚରେ ଢାଳି ନେବା ଉଚିତ । ମଧୁସୂଦନ ଦାସ ରାଜନୈତିକ କ୍ଷେତ୍ରରେ ଓଡ଼ିଶାକୁ ତାହାର ଓଳିତଳେ ଠିଆ କରେଇ ନାହାନ୍ତି । ଧର୍ମ ସମ୍ପ୍ରଦାୟ ବିଷୟରେ ମଧ୍ୟ ଓଡ଼ିଶା କି ନିଜ ପଦ ଉପରେ ନିର୍ଭର କରି ତାହାର ନିଜର ନିଶାଣି ଉଡ଼ାଇ ପାରିବ ନାହିଁ ? ପଞ୍ଚସଖା ପ୍ରଚାରିତ ଧର୍ମ ପ୍ରଭୃତି ନାନା ଏକେଶ୍ୱରବାଦମୂଳକ ଧର୍ମକୁ ଏକ କରି ଓଡ଼ିଶାର ନିଜସ୍ୱ କିଛି ହୋଇପାରେ କି ? ଏହା କରିବା ଉଚିତ ନା ବୋମ୍ବାଇ ମାନ୍ଦ୍ରାଜ ପନ୍ଥ ବଙ୍ଗାଳୀମାନଙ୍କଠାରୁ ଏହା ନେବା ଉଚିତ ?

ଏ ଦୁଇଟି ସନ୍ଦେହ ମୁଁ କଥାବାର୍ତ୍ତାରେ ଓ ମତ୍ ଲିଖିତ "ସାମାଜିକ ଯଜ୍ଞକୁଣ୍ଡର"ରେ ଅଲୋଚନା କରି ଧୀରେନ୍ଦ୍ରବାବୁ ପ୍ରଭୃତିଙ୍କ ଦ୍ୱାରା ଉପହସିତ ହୋଇଥିଲି । କିନ୍ତୁ ଗୁରୁ ମୋ ମନର କଥା ବୁଝି ସହାନୁଭୂତି ପ୍ରଦର୍ଶନ କରୁଥିଲେ । ଏହା ତାଙ୍କ ଉଦାରତାର ପରିଚାୟକ । ପ୍ରତ୍ୟକ୍ଷ ଭାବରେ "ବ୍ରାହ୍ମ ଦୂତ" ବୋଲି କହିବା ତାହାଙ୍କ ସ୍ୱଭାବବିରୁଦ୍ଧ ଥିଲା । କିନ୍ତୁ କେତେ ଥର କହୁଥିଲେ, "ଦେଖ ଅମ୍ଭମାନଙ୍କ ଦେଶର କେତେ ଦୁଃଖ ଦୁର୍ଦ୍ଦଶା, କେତେ ଅବିଶ୍ୱାସ, ଅନାଚାର ! ଏ ସବୁର ପ୍ରତିକାର କିପ

ହେବ ? ମୋର ବିବେଚନାରେ ବ୍ରାହ୍ମଧର୍ମ ହିଁ ଏସବୁର **solution.** ଉତ୍କଳରେ ବ୍ରାହ୍ମସମାଜ ଏତେଦିନ ଥାଇ ତାହା ଦେଶର ନିଜସ୍ୱ **an institution of the soil** ହୋଇପାରି ନାହିଁ । ତୁମ୍ଭେ ଓ ବାବୁ (କୃଷ୍ଣପ୍ରସାଦ) ଆବାଲ୍ୟ ବ୍ରାହ୍ମଧର୍ମପ୍ରତି ଅନୁରକ୍ତ । ଏବେ ଲୋକ କେହି ଅସୁ ନାହାନ୍ତି । ତୁମ୍ଭେମାନେ ତନ୍ତୁବତ୍ ସଂପର୍କ ରଖିଅଛ । ଏଥିରୁ ହୃଦୟଙ୍ଗମ କର ତୁମ୍ଭେମାନେ ଅଦ୍ଭୁତ । ବ୍ରହ୍ମଙ୍କର ଶ୍ରୀହସ୍ତର ସଙ୍କେତ ଅନୁଭବ କର । ଜୀବନର ଗାମ୍ଭୀର୍ଯ୍ୟ ଓ ଦାୟିତ୍ୱ ଉପଲବ୍ଧି କର ।” ତାଙ୍କର ଏହି ବାଣୀ ଦୈବବାଣୀ ସଦୃଶ କେତେଥର ପ୍ରାଣକୁ ଉଦ୍‌ବୁଦ୍ଧ କରିଅଛି । କିନ୍ତୁ ତଥାପି ଘୋର ଅବସାଦ ନିଦ୍ରା ଭାଙ୍ଗିଲା ନାହିଁ । ତଥାପି ଆଜି ସେ ଇହସଂସାରରେ ନାହାନ୍ତି । ସେ ଅମୃତମୟ ଉପଦେଶବାଣୀ ଆଉ ଶୁଣାପଡ଼ି ନାହିଁ । କିନ୍ତୁ ଆଜି ତାହାଙ୍କ ହୃଦୟ ଉଦ୍‌ବେଳିତ ହେଉଅଛି, ଝର ଝର ଧାରରେ ଅଶ୍ରୁ ପ୍ରବାହିତ ହେଉଅଛି ? ଏହାର କି ଶୁଭ ପରିଣାମ ହେବ । ମୋହର ପରି କେତେ ପ୍ରାଣ ଏହିପରି କାନ୍ଦୁଥିବ ! ହେ ଗୁରୁଙ୍କର ଗୁରୁ ପରମଗୁରୁ ପରାତ୍ପର ପରମେଶ ! ସୁବୁଦ୍ଧି ଦିଅ, ତୁମ୍ଭର ଇଚ୍ଛା ଏ କ୍ଷୁଦ୍ର ଜୀବନରେ ପରିପୂର୍ଣ୍ଣ ହେଉ ।

Digitized by srujanika@gmail.com

କଟକ ସତୀଚଉରାରେ କବିଙ୍କର ସମାଧି ମନ୍ଦିର ।

Digitized by srujanika@gmail.com

ପତ୍ରାବଳୀ

(୧)

ଜଗତପଡ଼ା, କଟକ
୪ । ୧ । ୧୯୦୮

ଶ୍ରୀଚରଣକମଳେଷୁ,

ମହାଶୟ,

ଗତ ଦଶ ବାର ଦିନ ନିହାଳ ଗ୍ରାମରେ ଥିଲି । ଆପଣଙ୍କ ପତ୍ର କଟକରେ ପହଞ୍ଚି ପ୍ରେରିତ ନ ହେବାରୁ ପାଇ ଉତ୍ତର ଦେଇ ପାରିଲି ନାହିଁ । କ୍ଷମା କରିବା ହେବେ । ବେନାମି ଇଂରାଜି ପତ୍ରର ଲେଖକ ମୁଁ ନୁହେଁ କିମ୍ବା ମୁଁ ଲେଖକଙ୍କୁ ଜାଣେନା । ଆପଣଙ୍କର ଅସାଧାରଣ ସୌଜନ୍ୟ, ଗ୍ରାହକତା, ଦୟା ଇତ୍ୟାଦି ଗୁଣରେ ଯେପରି ବିସ୍ମିତ ଓ ମୋହିତ ହୋଇଛି, ତାହା ପତ୍ରରେ କିପରି ପ୍ରକାଶ କରିବି ? ଆପଣ ଯେବେ ବିରକ୍ତ ହୋଇଥାଆନ୍ତି, ତେବେ ତାହାପାଇଁ ମୁଁ ଆପଣଙ୍କ ନିକଟରେ ବିନୀତ ଭାବରେ କ୍ଷମା ପ୍ରାର୍ଥନା କରୁଅଛି । ମୁଁ ଆପଣଙ୍କୁ ଜାତୀୟ-କବି ଓ ଗୁରୁ, ନିଜକୁ ଉପାସ୍ୟ ପାଠକ ଓ ଶିଷ୍ୟ ହିସାବରେ ଦେଖେ । ଆପଣଙ୍କର ଓ ମୋହର ଅବସ୍ଥା ମଧ୍ୟରେ ଯେଉଁ ଅଲଙ୍ଘ୍ୟ ବ୍ୟବଧାନ ଅଛି, ତାହା ଅନେକ ସମୟରେ ବିସ୍ମୃତ ହୋଇଯାଏ । ଏଥିପାଇଁ କେତେକ ପରିମାଣରେ ଆପଣ ଦାୟୀ । କାରଣ ଆପଣ ଅତିଶୟ ସାଧୁ ଏବଂ ଆଡ଼ମ୍ବର-ଶୂନ୍ୟ । ହୃଦୟର ଅକୃତ୍ରିମ ଭକ୍ତି ଓ ପ୍ରେମ ଏବଂ ଅତିଶୟ ଭୟ ଜଣାଇବା ପ୍ରାପ୍ୟ ନୁହେଁ ଭାବି ମୋତେ କ୍ଷମା କରିବା ହେବେ । ମୋର ରଚନାରେ ଅନେକ ଭୁଲ ଥିବ, ଏ ଆଶଙ୍କା ମୋର ଅଛି । ଦୁଃଖର କଥା ଯେ, ମୁଁ ଉପଯୁକ୍ତ ସମୟରେ ଆପଣଙ୍କ ସାହାଯ୍ୟରୁ ବଞ୍ଚିତ ହେଲି । ଆପଣଙ୍କ ସ୍ଥାନାନ୍ତର ଗମନରେ ମୁଁ ଯେ କ୍ଷତିଗ୍ରସ୍ତ ହେଲି ଏବଂ ତାହା ଯେ ବିଶେଷ ଗଭୀରେ ମୁଁ ଅନୁଭବ କରୁଅଛି, ଏ କଥା ମୁଁ ନିଷ୍କପଟ ଭାବରେ କହିପାରେ । ଆପଣଙ୍କ ସମୟ ଅତି ବହୁମୂଲ୍ୟ ହେଲେହେଁ ମୁଁ ତାହା କେତେକ ପରିମାଣରେ ଲୁଣ୍ଠନ କରିବାକୁ ଇଚ୍ଛା ନ ଥାନ୍ତି; କିନ୍ତୁ ଈଶ୍ୱର ତାହା କରାଇ ଦେଲେ ନାହିଁ । ମୋର ବିଶ୍ୱାସ ଯେ କବିତା ରଚନା କରିବା

କବିବର ରାଧାନାଥ ରାୟଙ୍କୁ ଲିଖିତ ।

Digitized by srujanika@gmail.com

ସ୍ୱପ୍ନପୁରେ ମୁଁ ଆପଣଙ୍କ ନିକଟରେ କେତେକ ପରମାଣରେ ଋଣୀ । ମହାଯାତ୍ରା, ପାର୍ବତୀ, ଯଯାତିକେଶରୀ, ନନ୍ଦିକେଶ୍ୱରୀ, ଉଷା, ଚିଲିକା, ଚନ୍ଦ୍ରଭାଗା, କେଦାରଗୌରୀ, ତୁଳସୀସ୍ତବକ, କବିତାବଳୀ ପ୍ରଭୃତି ଅମର ସଙ୍ଗୀତାବଳୀର ଭାସ୍ୱର ଉତ୍କଳପୃଷ୍ଠରେ ଅବତୀର୍ଣ୍ଣ ହୋଇ ଯେବେ ଉତ୍କଳୀୟ ଗିରିଶିଖରରେ ଦଣ୍ଡାୟମାନ ହୋଇ କେବେ ବା ଉତ୍କଳୀୟ ତରୁ କୋଟରେ ସମାସୀନ ହୋଇ, ଯେବେ ଭେରୀ ଓ ତୂରୀଧ୍ୱନି, କେବେ ବୀଣା ଓ ବଂଶୀ ଧ୍ୱନି କରି ନ ଥିଲେ, ଉତ୍କଳ ସାହିତ୍ୟକ୍ଷେତ୍ରରେ ଏଠାରେ ଗୋଟିଏ "ପଲ୍ଲୀଚିତ୍ର" ସେଠାରେ ଗୋଟିଏ "ନିର୍ଝରିଣୀ" ଯେ ଦେଖାଯାଇ ଥାଆନ୍ତା, ତାହା କିଏ କହିପାରେ ? ମୋ ପ୍ରତି ଯେ ବାଗ୍‌ଦେବୀ ପ୍ରସନ୍ନା—ଆପଣଙ୍କ କଥା ତାହାର ଗୋଟିଏ ପ୍ରମାଣ । ମୋ ନିଜର ଏ ବିଶ୍ୱାସ ଦୂରୀଭୂତ ହୋଇ ନାହିଁ । ଇତି ।

ଆପଣଙ୍କର
ସ୍ନେହାଭିଳାଷୀ
ଶ୍ରୀ ନନ୍ଦକିଶୋର

---

(୨)

ସମ୍ବଲପୁର
୧୯୧୧

ପ୍ରିୟତମ ଗଙ୍ଗାଧର ବାବୁ,

ଆପଣଙ୍କ ପରି ସୁକବିଙ୍କର କବିତା ପାଠ ସୌଭାଗ୍ୟ ବୋଲି ମଣିଲି । "ଚନ୍ଦ୍ରରଜନୀ" ପ୍ରଭୃତି କବିତାଗୁଡ଼ିକ ପଢ଼ିଥିଲି । ସେଗୁଡ଼ିକ ପୂର୍ବାବଧି "କୀଚକବଧ"ର କନିଷ୍ଠ ସ୍ଥାନୀୟ ହେଲେହେଁ ତନ୍ମଧ୍ୟରେ ଗଙ୍ଗାଧରଙ୍କ ରଙ୍ଗାଜୀବପଣର ନିଦର୍ଶନ ମିଳେ । "ବେଦବ୍ୟାସ"ର ରଚନାପରିପାଟୀ ବିଶେଷ ଭାବରେ ପ୍ରଶଂସାର୍ହ ।

ଅଦ୍ୟ "ପ୍ରଣୟାଙ୍କୁର" ପାଇ ଏକାସନରେ ଶେଷ ନ କରି ରହି ପାରିଲି ନାହିଁ । ଏହା କବି ଗଙ୍ଗାଧରଙ୍କ ପ୍ରତିଭାର ଉପଯୁକ୍ତ ହୋଇଅଛି ।

'ନବଭାରତୋଳ' ମୁଖବନ୍ଧରୁ ସଂଗୃହୀତ ।

Digitized by srujanika@gmail.com

"ଶକୁନ୍ତଳା"ର ପ୍ରଥମ ସର୍ଗ ଅବଲମ୍ବନରେ ରଚିତ ହୋଇଥିଲେହେଁ ଭାଷାର ସୌନ୍ଦର୍ଯ୍ୟ ଓ ନିର୍ବାଚନ କୌଶଳ କବିଙ୍କ ନିଜସ୍ୱ ।

କବି ଗଙ୍ଗାଧର ଏହା ସମ୍ବଲପୁରର ନାହିଁକି ଉତ୍କଳର ରତ୍ନସ୍ୱରୂପ । କିନ୍ତୁ ଉତ୍କଳରେ ରତ୍ନର ଆଦର ହେଉ ନାହିଁ । ଏହା କବିଙ୍କର ତଥା ଉତ୍କଳର ଦୁର୍ଭାଗ୍ୟ ।

ଗଙ୍ଗାଜଳ ଯେପରି ସର୍ବ ସ୍ଥାନକୁ ପବିତ୍ର କରିଦିଏ, ସେହିପରି ଶକ୍ତିଶାଳୀ କବି ଗଙ୍ଗାଧର ଯେକୌଣସି ବିଷୟରେ ହସ୍ତକ୍ଷେପ କରିଅଛନ୍ତି, ତାହାକୁ ସୁନ୍ଦର କରିପାରିଛନ୍ତି । ତାଙ୍କର "କୀଚକବଧ" "ଇନ୍ଦୁମତୀ" ପରି ତତ୍‌ପ୍ରଣୀତ "ପ୍ରଣୟାଙ୍କୁର", "ଅଯୋଧ୍ୟା ଦୃଶ୍ୟ", "ବେଦବ୍ୟାସ" ପ୍ରଭୃତି ଖଣ୍ଡକବିତା ମଧ୍ୟ ପ୍ରସାଦମାଧୁର୍ଯ୍ୟଗୁଣରେ ପାଠକର ମନୋହାରିଣୀ ହୋଇଅଛି । ତାଙ୍କର ରଚନା ଯେପରି ପ୍ରାଞ୍ଜଳ ସେପରି ଅଳଙ୍କୃତ । ଅଧିକନ୍ତୁ ଭାବ ଓ ସଂସ୍କୃତ ସାହିତ୍ୟସୁଲଭ ଭଙ୍ଗୀର ସୁନ୍ଦର ମଣିକାଞ୍ଚନ ସଂଯୋଗ ହୋଇଅଛି, ପ୍ରତ୍ୟେକ ପାଠକ ତାହା ହୃଦୟଙ୍ଗମ କରିପାରିବେ । ପ୍ରକୃତ କଥା କହିବାକୁ ଗଲେ ଗଙ୍ଗାଧରଙ୍କ ଶକ୍ତି କେବଳ ସ୍ଥାନ ବର୍ଣ୍ଣନାରୁ କାହାଣୀ ଘଟଣାର ବର୍ଣ୍ଣନାରେ, ନିସର୍ଗ ସୌନ୍ଦର୍ଯ୍ୟ ବର୍ଣ୍ଣନାରୁ ମାନସ ସୌନ୍ଦର୍ଯ୍ୟ ଚିତ୍ରଣରେ ଅଧିକତର ପରିପୁଷ୍ଟ ହୁଏ । ଯୁବକମାନଙ୍କ ମଧ୍ୟରେ ସୁଦ୍ଧା ଏହା ଗୋଟିଏ ଦୁର୍ଲ୍ଲଭ ଶକ୍ତି । ମୋର ଆଶା ଏହି ଯେ, କବି ତାଙ୍କର ଏହି ଶକ୍ତିକୁ ଅନୁଭବ କରି ନିସର୍ଗ ନିର୍ଦ୍ଦେଶ ଅନୁସରଣପୂର୍ବକ ନାନା କାବ୍ୟ ପ୍ରଣୟନଦ୍ୱାରା ସ୍ୱଜୀବନକୁ ସଫଳ କରିବେ ଏବଂ ଉତ୍କଳସାହିତ୍ୟକୁ ମହିମାନ୍ୱିତ କରିବେ ।

ଆଉ ଗୋଟିଏ କଥା ନ କହି ରହିପାରିଲି ନାହିଁ । ଉତ୍କଳ-ସାହିତ୍ୟରେ ଆଦର୍ଶ ଚରିତ୍ରଚିତ୍ରଣ ନାହିଁ କହିଲେ ଚଳେ । କବିବର ରାଧାନାଥଙ୍କ ରତ୍ନାବଳୀର ଭଣ୍ଡାର ଗ୍ରନ୍ଥାବଳୀରେ ଯେଉଁ ଅଶ୍ଳୀଳ ରହିଯାଇଛି ତାହାର ପ୍ରବୃତ୍ତି କିପରି ହେବ ? "କୀଚକବଧ" ଯୁବକ ଯୁବତୀମାନଙ୍କ ହସ୍ତରେ ଦିଆଯିବା ପକ୍ଷରେ କାହାର ଆପତ୍ତି ହୋଇପାରେ । ତହିଁରେ ପ୍ରଣୟ, ପାପ ପ୍ରଣୟ ବର୍ଣ୍ଣନା ସଙ୍ଗେ ତଜ୍ଜନିତ ବିଷମୟ ଫଳର ବର୍ଣ୍ଣନା ଥିଲେହେଁ, ପଦେ ପଦେ ଅପରିପକ୍ୱ ତରୁଣ ଓ ଅକଠୋର ମନରେ

Digitized by srujanika@gmail.com

ବିଚାରର୍ ଅବିର୍ଭାବ କିମ୍ବା ଗ୍ରସ୍ତୀପାତ ହୋଇପାରେ । ନାରୀ ପ୍ରଣୟ ବ୍ୟତୀତ ମାନବ ଚରିତ୍ରର ଅନ୍ୟ ମହତ୍ ଭାବ କିମ୍ବା ନିର୍ମଳ ସଂଯତ ପ୍ରଣୟ ଉତ୍ସଦ୍ୱାରା ପରିଣୀକୃତ କାବ୍ୟର ଅଭାବ ଉତ୍କଳସାହିତ୍ୟରେ ଅଛି । "ଚିଲିକା", "ମହାଯାତ୍ରା"ରେ ଯେପରି ଉନ୍ନତ ଚରିତ୍ରର ପରାକାଷ୍ଠା ପ୍ରଦର୍ଶିତ ହୋଇଅଛି, ସେହିପରି ମାନବ ଚରିତ୍ରର ଉଚ୍ଚ ଆଦର୍ଶ କିଏ ପୂରଣ କରିବ ? କବି ଗଙ୍ଗାଧର ଶକ୍ତିର ସ୍ପଷ୍ଟ ଉନ୍ମେଷ "କୀଚକବଧ"ରେ ପ୍ରଦର୍ଶନ କରିଅଛନ୍ତି । ତାହା ପରିସ୍ଫୁଟ ହେବ କି ?

ଶ୍ରୀ ନନ୍ଦକିଶୋର ବଳ ।

---

(୩)

ସମ୍ବଲପୁର ହାଇ ସ୍କୁଲ
୧୩ । ୩ । ୧୯୧୨

ସ୍ନେହାସ୍ପଦ ଶଶିଭୂଷଣବାବୁ ଓ ରଜନୀଭୂଷଣବାବୁ,

ତା ୧୦ । ୩ । ୧୯୧୨ ରେ ଲିଖିତ ଆପଣମାନଙ୍କ ପୂଜ୍ୟପାଦ ପିତୃଦେବ ମହୋଦୟଙ୍କ ପ୍ରତିମୂର୍ତ୍ତିର ଆବରଣୋନ୍ମୋଚନ ଅନୁଷ୍ଠାନରେ ଯୋଗଦାନ କରିବାର ସାଦର ନିମନ୍ତ୍ରଣ ଏହିକ୍ଷଣି ପାଇ ନିଜକୁ ଗୌରବାନ୍ୱିତ ମଣିଲି । ଦେଶକାଳର ଦାରୁଣ ପ୍ରତିବନ୍ଧକ ନିବନ୍ଧନ ଏହି ପବିତ୍ର କର୍ତ୍ତବ୍ୟାନୁଷ୍ଠାନରୁ ବଞ୍ଚିତ ହୋଇ ନିଜକୁ କ୍ଷୀଣପୁଣ୍ୟ ମଣୁଅଛି । କିନ୍ତୁ ଏହି ପୁଣ୍ୟ ଅନୁଷ୍ଠାନରେ ମୋର ସମ୍ପୂର୍ଣ୍ଣ ସହାନୁଭୂତି ଓ ସହୃଦୟତା ଗ୍ରହଣ କରନ୍ତୁ । ଉତ୍କଳରେ କିଏ ବା ଏ ସତ୍କାର୍ଯ୍ୟରେ ଯୋଗ ନ ଦେବ ?

କବିବରଙ୍କ ଦ୍ୱାରା ମୁଁ ଉପକୃତ, ଏ କଥା କହିଲେ ଧୃଷ୍ଟତା ହେବ । ପୁଣି ତାହା ସ୍ୱୀକାର ନ କଲେ କୃତଘ୍ନତା ହେବ । ଧୃଷ୍ଟତା ଦୋଷ, କୃତଘ୍ନତା ପାପ । ପାପକୁ ଛାଡ଼ି ଦୋଷକୁ କିଏ ନିର୍ବାଚନ କରିବ ? ଏପରି ଧୃଷ୍ଟତାଦୁଷ୍ଟ ଅନେକ ବାହାରିବେ । ପ୍ରକୃତରେ ରାଧାନାଥଙ୍କ ପଦାଙ୍କ ଅନୁସରଣ କରିବା ବ୍ୟକ୍ତି ଉତ୍କଳରେ ବିରଳ । କିନ୍ତୁ ମହଜ୍ଜୀବନ ବୃଥା ଯାଏନାହିଁ । କାଳେ ରାଧାନାଥଙ୍କ ରହସ୍ୟ ପ୍ରଭାବଦ୍ୱାରା ଉତ୍କଳ ପ୍ରଭାବିତ ହେବାର ଆଶା କରାଯାଏ । ଏହି

ଶ୍ରୀଯୁକ୍ତ ଶଶିଭୂଷଣ ରାୟଙ୍କୁ ଲିଖିତ ।

Digitized by srujanika@gmail.com

ପ୍ରତିମୂର୍ତ୍ତି ସ୍ଥାପନ କରିବାଦ୍ୱାରା ଆପଣମାନେ ଉତ୍କଳର ଶୋଭା ଓ ଗୌରବ ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ଉତ୍କଳର ଭବୀ ଆଶା ଭରସାସ୍ଥଳୀ ଯୁବକ-ମାନଙ୍କ ଅନ୍ତରରେ ମହାଜୀବନ ଉଦ୍‌ବୋଧନ ଓ ସେମାନଙ୍କ ପ୍ରାଣରେ ନବଜୀବନର ଅବିର୍ଭାବ କରାଇବାର ଗୋଟିଏ ଉପାୟ କରିବାଦ୍ୱାରା, ଉକ୍ତ ଆଶା ଫଳବତୀ ହେବାର ଦ୍ୱାର ଉଦ୍‌ଘାଟନ କରିଦେଲେ । ଆପଣମାନେ ବାସ୍ତବ ଗୋଟିଏ ମହଦନୁଷ୍ଠାନ କଲେ ।

ଲକ୍ଷ୍ମୀ-ସରସ୍ୱତୀଙ୍କର ଚିର ବିବାଦ । ଏହିପରି ସଦନୁଷ୍ଠାନ ଯେ ଶୀଘ୍ର ସମାହୃତ ହେବ, ଏପରି ଆଶା ନ ଥିଲା । ଆପଣମାନଙ୍କ ପିତୃଭକ୍ତି ଓ କର୍ତ୍ତବ୍ୟନିଷ୍ଠା ଧନ୍ୟ । ଆପଣମାନଙ୍କଠାରୁ ସମ୍ବାଦ ପାଇ ମୋର ସ୍ମରଣ ହେଲା ଉତ୍କଳର ଶିରୋମଣିମାନେ ଏକତ୍ର ହୋଇ ରାଧାନାଥଙ୍କ ସ୍ମୃତିମନ୍ଦିର ସଂସ୍ଥାପନର ନିର୍ଦ୍ଧାରଣ କରିଥିଲେ । 'ହଂସ ମଧ୍ୟେ ବକୋ ଯଥା' କାର୍ଯ୍ୟ-ନିର୍ବାହକା ସମିତିର ମୁଁ ଜଣେ ସମ୍ପାଦକ ଥିଲି । ଏହା ସ୍ମରଣ ହୋଇ ଅସ୍ମମାନଙ୍କ ନିଶ୍ଚେଷ୍ଟତା ଓ ଅକୃତକାର୍ଯ୍ୟତାରେ ଯେପରି ଲଜ୍ଜା ଓ କ୍ଷୋଭ ହେଲା, ଆପଣମାନଙ୍କ କୃତକାର୍ଯ୍ୟତାରେ ତହିଁବଳି ଆନନ୍ଦ ହେଉଛି ।

ଦୂରରେ ଅବସ୍ଥିତ ଥିବାରୁ ମୁଁ ଆପଣମାନଙ୍କ ସହିତ ମିଳିତ ହୋଇ ମହାତ୍ମାଙ୍କ ପ୍ରତି ଭକ୍ତିପ୍ରୀତିପ୍ରଦର୍ଶନ କରିବାର ବଳବତୀ ଇଚ୍ଛା ସଙ୍ଗେ ସେହି ଅବେଗ ମିଶ୍ରିତ ଆକାଂକ୍ଷା ମନେପଡ଼େ ।

"Ye God, annihilate space and time.

ବାହ୍ୟ ଭାବରେ ଏହି ଆକାଂକ୍ଷାର ପ୍ରପୂର୍ତ୍ତି ଅସମ୍ଭବ ହେଲେହେଁ କଳ୍ପନାରେ ମୁଁ ଦେଶକାଳର ବ୍ୟବଧାନ ବିସ୍ମୃତ ହୋଇ ଆପଣଙ୍କ ସହିତ ଯୋଗଦେବି ।

ଯେଉଁ ଅବସରକୁ ରାଧାନାଥ କେତେ ଥର ଡାକ୍ତନେଇ ଉତ୍କଳର ନାନା ସ୍ଥାନରେ ବୁଲି "କବିମାନଙ୍କ ଦରିଦ୍ରତା"ର କଥା ମଧୁରଭାଷାରେ କହୁଥିଲେ

ମୁଁ ସେହି
ନନ୍ଦକିଶୋର

(୪)

ଓଗରପଡ଼ା, କଟକ
୦୨ । ୩ । ୧୯୧୭

ପ୍ରିୟତମ ପଦ୍ମଚରଣ,

ତୁମ କଥା ଅନେକ ସମୟରେ ସ୍ମରଣ ହୁଏ । ଆଜି ବିଶେଷ ଭାବରେ ମନ ତୁମ୍ଭ ଅଭିମୁଖେ ଆକୃଷ୍ଟ ହେବାରୁ ପତ୍ର ଲେଖିଲି । ଆତ୍ମା ଆତ୍ମା ମଧ୍ୟରେ ପ୍ରକୃତିସୂତ୍ର ଆକର୍ଷଣ ବିପ୍ରକର୍ଷଣ ଠିକ୍ ଜଡ଼ଜଗତର ଗତି ପରି ଘଟିଥିବ ନାହିଁକି ? ନା ଭିନ୍ନ ପ୍ରକାର ?

"ନବୀନ ତପସ୍ୱୀ" ସର୍ବଶ୍ରେଷ୍ଠ ହେଲେ ଶୁଣି ଖୁସୀ ହେଲି । ତୁମ୍ଭେ ଓକିଲ, ସେ ଡେପୁଟୀ, ଯାହାଲାଗି ସଂସାରର ଲୋକେ ଲାଳାୟିତ । ଯେଉଁ ଉଦ୍ଦେଶ୍ୟରେ ଓଡ଼ିଶାର ମୁରବୀମାନେ ପିଲାଙ୍କୁ ସ୍କୁଲରେ ଭର୍ତ୍ତି କରନ୍ତି ତାହା ଏବେ ତୁମ୍ଭ ଦୁଇ ଭାଇଙ୍କ ଜୀବନରେ ସଫଳ ହେଉ—ଭଲ କଥା । ସଂସାର ମଧ୍ୟ ଭଗବାନଙ୍କ ଲୀଳା—ଅବହେଳାର ଜିନିଷ ନୁହେଁ ; କିନ୍ତୁ ତୁମ୍ଭର ବଂଶ ଡେପୁଟୀ ଓକିଲ ବଂଶ ବୋଲି ଯେତେ ପ୍ରତିଷ୍ଠା ଲଭୁ, କବିବଂଶ ବୋଲି ତହୁଁ ଅଧିକ ଗୌରବ ଲାଭ କରୁ ଏବଂ ତୁମ୍ଭମାନଙ୍କର ଜନନୀ ରତ୍ନଗର୍ଭା ଆଖ୍ୟା ଲାଭ କରିବେ, ଏପରି ଦିନ ଆସୁଛି । ତାହା ଯେପରି ଶୀଘ୍ର ଘଟିବ, ଦୁଇ ଭାଇ ଯତ୍ନବାନ୍ ହୁଅ ।

"ନାନାବାୟା ଗୀତ" ଖଣ୍ଡିଏ ଉପହାର ଦେଇଥିଲି । ଭଲ ନ ଲାଗିଥିବାର ଶଙ୍କା ନୀରବତା । ସବୁ କବିତା ସବୁ ଅବସ୍ଥାରେ ଭଲ ଲାଗେ ନାହିଁ । ତୁମର ଯେତେବେଳେ ସନ୍ତାନସନ୍ତତି ହେବେ, କେତୋଟି ପଦ୍ୟ ଭଲ ଲାଗିପାରେ । କାରଣ ଶିଶୁଚକ୍ଷୁରେ ନ ଦେଖିଲେ ସେଥିରେ ପ୍ରଣିଧାନର ଉପଯୁକ୍ତ ବିଷୟ କିଛି ନାହିଁ । "ଶର୍ମିଷ୍ଠା" ମୁଁ ତୁମ୍ଭଙ୍କୁ "ନାନାବାୟା" ସହିତ ଦେଇଥିଲି କି ? ଠିକ୍ ସ୍ପଷ୍ଟ ମନେ ପଡୁନାହିଁ । ଯେବେ ନ ପାଇଥାଅ, ଲେଖିବ । ଲୋକନାଥ ବାବୁ ଡେପୁଟୀ ଇନ୍‌ସ୍‌ପେକ୍ଟରଙ୍କ ନିକଟକୁ ପଠାଇ ଦେବି ।

କବି ଶ୍ରୀ ପଦ୍ମଚରଣ ପଟ୍ଟନାୟକଙ୍କୁ ଲିଖିତ ; 'ସହକାର' ୧୩୪୮ ସାଲ ଚୈତ୍ର ସଂଖ୍ୟାରୁ ସଂଗୃହୀତ ।

Digitized by srujanika@gmail.com

ତାଙ୍କୁ ମୋର ବିଶ୍ୱାସ ନ ଥାଏ । କାରଣ ଅନେକ ସମୟରେ ବହି ହଜେ । ତେଣୁ ମୁଁ ଡାକରେ କାହାରକୁ ବହି ପଠାଏ ନାହିଁ । ଗଙ୍ଗାଧର ମେହେର ମହାଶୟ ଏପର୍ଯ୍ୟନ୍ତ ସେହି କାରଣରୁ 'ଶର୍ମିଷ୍ଠା' ବା "ନାନାବାୟା" ପାଇ ନାହାନ୍ତି । ପୁଣି ମୋର ନିଜ ବହି ସମ୍ବନ୍ଧରେ ଏପରି ସଙ୍କୋଚ ଭାବ ଥାଏ ଯେ, ତାହା ଯେମିତି ଗୋଟିଏ ଅତ୍ୟନ୍ତ ଲଜ୍ଜାପୂର୍ଣ୍ଣ ଜପହାସ୍ୟ ବସ୍ତୁ ପଠାଇବାରୁ ମୁଁ ସର୍ବଦା ବିରତ ଥାଏ । "ବସନ୍ତକୋକିଳ" ପ୍ରଭୃତି ବହି ବହୁ ଦିନରୁ ନିଃଶେଷ ହେଲାଣି । ଦ୍ୱିତୀୟ ଭାଗ "ପଲ୍ଲୀଚିତ୍ର" ପ୍ରଭୃତିର ପ୍ରକାଶର ଆଶା ଏ କାଗଜଦୁର୍ଭିକ୍ଷ ଯୁଗରେ ସୁଦୂରପରାହତ ପରି ଜଣାଯାଏ । ତୁମର ବହି କେବେ ବାହାରିବ ? "ଶୂନ୍ୟସେତୁ" କିମ୍ବା ସେହିପରି ନାମ ଦେଇ ତୁମର ଖଣ୍ଡିଏ କବିତା ପୁସ୍ତକ ପ୍ରକାଶ କର । ଯାହା କରିପିବ ତାହା ହେଲା ବୋଲି ଜାଣିବ । ଯାହା ହେବ, ତାହା ତ ଭବିଷ୍ୟତର ଅନ୍ଧକାର ଗର୍ଭରେ । ଭିତରୁ ମନୁଷ୍ୟ ତାହାର ଅନ୍ତରୁ ବର୍ଦ୍ଧିତ ଓ ବିକଶିତ ହୁଏ । ଏହା ଯେପରି ସତ୍ୟ, ବାହାରର ଅନୁଷ୍ଠାନାଦି ମାନସିକ ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରେ, ଏହା ମଧ୍ୟ ସେହିପରି ସତ୍ୟ । ତୁମର ପୁସ୍ତକ ପ୍ରକାଶ ତୁମର ରଚନାକୁ ପ୍ରଭାବିତ କରିପାରେ । ଘରଦ୍ୱାରମୂର୍ଦ୍ଧିରେ ତୁଳସୀଚଉରା ପରି ସେ ତୁମ ଦୃଷ୍ଟି ଆଗରେ ସବୁବେଳେ ପଡ଼ି ତୁମର ସାହିତ୍ୟିକ ଜୀବନର ଗତି ନିରୂପଣ କରିବ । ଏ ଜୀବନ ଗୋଟିଏ ବିସ୍ମୟକର ବ୍ୟାପାର । ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ଓ ତାହାର ଶେଷଫଳ ଅନୁଧ୍ୟାନ କଲେ ମନୁଷ୍ୟ ସ୍ତମ୍ଭିତ ହୋଇଯାଏ ।

ତୁମର ସନ୍ତାନାଦି କଣ ? ମଦନର ବିବାହ ହୋଇଛି କି ? ତୁମ୍ଭେମାନେ କେତେ ଭାଇ, ପିତା ମାତା ଅଛନ୍ତି କି ? ମୁଁ ଏତେଦିନ ତୁମର ଏସବୁ ବିଷୟ ନ ଜାଣିବା ଲଜ୍ଜାର କଥା; କିନ୍ତୁ ଆଜିକାଲି ଆମ ସମାଜ ଏହିପରି ହୋଇଯାଇଛି । ସବୁ ବିଷୟରେ ପଲ୍ଲବଗ୍ରାହିତା ବଢ଼ୁଛି; ଗଭୀର ଦୃଷ୍ଟି କାହିଁରେ ନାହିଁ । ବର୍ତ୍ତମାନ ରାତି ୧୨ଟା । ଟିକିଏ ଅବସର (?) ପାଇ କଣ ଗୁଡ଼ିଏ ଲେଖିଲି । ତୁମ୍ଭେ ତ ଓକିଲ ମଣିଷ ।'' Time is money —ଏହି ଧାରଣାର ଛାୟା ଦିନକୁଦିନ ତୁମର ମାନସିକ ବୈଠକଖାନା ଦ୍ୱାରରେ ପଡ଼ିବା ସ୍ୱାଭାବିକ । ପଢ଼ିଥିଲେ ମୋର ଏ ପତ୍ର ଠିକ୍ ମୋର "ନାନାବାୟା ଗୀତ"ର ଦଶା ଲଭିବ । କିନ୍ତୁ ଆଶା ମଧ୍ୟ ଅଛି । ତୁମ୍ଭେ

Digitized by srujanika@gmail.com

ଯେତେ ଏକେଲା ହୁଅ, ତୁମ୍ଭେ କବି ! କବିର ହୃଦୟବଳ ଓ ତୁମ୍ଭ ଚରିତ୍ରର ମଧ୍ୟ ସ୍ୱାଭାବିକ କୋମଳତା ଓ ମହତ୍ତ୍ୱ ଜୀବନସଂଗ୍ରାମରେ ମଧ୍ୟ ଅକ୍ଷୁଣ୍ଣ ରହିବ ।

ବର୍ତ୍ତମାନ କଅଣ ଲେଖୁଅଛ ? ନବ ବସନ୍ତର ଆଗମନରେ କବି-ହୃଦୟ ନାଚେ । ତା'ର ଫଳ କାହିଁ ? ମୋର ଆଜ ସେ ବସନ୍ତର କୋକିଳ ନାହିଁ ! ଉଦ୍ଦାମ ଉଚ୍ଛ୍ୱାସ କେଣେ ଯାଇଅଛି । ତୁମ୍ଭମାନଙ୍କ ଆଡ଼କୁ ଆମ୍ଭେ-ମାନେ ଆଶା ନେତ୍ରରେ ଅନାଇ ଅଛୁଁ । ସେ ସ୍ୱର୍ଗର ବାଣୀ, ଦେବୀ ବୀଣା, ଆଶାର କଥା, ଅପୂର୍ବ ଗାଥା ଶୁଣାଇବ, ଉତ୍କର୍ଣ୍ଣ, ଉତ୍କଣ୍ଠ, ଉତ୍ସୁକ ହୋଇ ଅପେକ୍ଷା କରିଅଛୁଁ । ମୋର ଝିଅଟି ନିମ୍ନ ପ୍ରାଥମିକ ବୃତ୍ତି ପାଇଅଛି । ଏଥର ତାକୁ Ravenshaw Hindu Girls' Schoolରେ ଦେବି । ମୋର ତୃତୀୟ ପୁତ୍ର ଓ ପଞ୍ଚମ ଶିଶୁର ଜନ୍ମ ଉପଲକ୍ଷରେ ପିଲାମାନେ ଗ୍ରାମରେ ଅଛନ୍ତି । ତୁମର ସ୍ତ୍ରୀ କେଉଁଠାରେ ?

ଶୁଭାନୁଧ୍ୟାୟୀ
ଶ୍ରୀ ନନ୍ଦକିଶୋର

Digitized by srujanika@gmail.com